କବି ସମ୍ରାଟ

# ଉପେନ୍ଦ୍ର ଭଞ୍ଜ

# ଗ୍ରନ୍ଥାବଳୀ

## ତୃତୀୟ ଖଣ୍ଡ

ବୈଦେହୀଶ ବିଳାସ

ପ୍ରଥମ, ୨ୟ, ୩ୟ, ୪ର୍ଥ ଖଣ୍ଡ

ନୂତନ ମୁଦ୍ରଣ

ପ୍ରକାଶକ - ଧର୍ମଗ୍ରନ୍ଥ ଷ୍ଟୋର

ପ୍ରୋ: ପ୍ରା:—ଶ୍ରୀ ବିଦ୍ୟାଧର ସାହୁ

ଅଲିଶା ବଜାର, କଟକ-୨

ଫୋନ ନମ୍ବର ୨୪୭୯୭

ମୂଲ୍ୟ : ପଚିଶି ଟଙ୍କା ମାତ୍ର

ମହାକବି ଉପେନ୍ଦ୍ର ଭଞ୍ଜ ବିରଚିତ

ସଚିତ୍ର

# ବୈଦେହୀଶ ବିଳାସ

## ପ୍ରଥମ ଖଣ୍ଡ

[ ବିଜୟ ବୈଜୟନ୍ତୀ ଟୀକା ସହ ]

ସମ୍ପାଦକ ଓ ଟୀକାକାର:—

ଶ୍ରୀ ଉଦୟ ନାଥ ଷଡ଼ଙ୍ଗୀ

ପ୍ରକାଶକ:—

ନାରାୟଣ ପୁସ୍ତକାଳୟ

ସ୍ୱଦେଶୀ ବ୍ଲୌକ,

କଟକ

୩ୟ ସଂସ୍କରଣ

ମୂଲ୍ୟ—ତିନିଟଙ୍କା ପଚିଶ ପଇସା

# ଭୂମିକା

ମହାକାବ୍ୟ 'ବୈଦେହୀଶବିଳାସ' ଅମର କବି ଉପେନ୍ଦ୍ର ଭଞ୍ଜଙ୍କର ଶ୍ରେଷ୍ଠ ଅବଦାନ । ଭାବର ଗାମ୍ଭୀର୍ଯ୍ୟରେ, ଭାଷାର ମାଧୁର୍ଯ୍ୟରେ, ଛନ୍ଦର ଲାଳିତ୍ୟରେ, ଅପରୂପ ଶବ୍ଦ ବିନ୍ୟାସ ଓ ଆଲଙ୍କାରିକ ଶୈଳୀରେ ଏହା ପ୍ରାଚୀନ ଉତ୍କଳ ସାହିତ୍ୟର ଏକ ଅମୂଲ୍ୟରତ୍ନ । ଏକା ଉତ୍କଳ ସାହିତ୍ୟ କାହିଁକି, ବିଶ୍ୱ ସାହିତ୍ୟରେ ଯେ ଏହାର ସ୍ଥାନ ଅତି ଉଚ୍ଚରେ,—ଏହା ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିବେ ।

କବିଙ୍କର ଦୁର୍ଭାଗ୍ୟ ଯେ, ସେ ଆମ ଉତ୍କଳ ପ୍ରଦେଶରେ ଜନ୍ମ ଗ୍ରହଣ କରିଥିଲେ । ପାଶ୍ଚାତ୍ୟ ଦେଶ ତାଙ୍କର ଜନ୍ମଭୂମି ହୋଇଥିଲେ ସେ ବର୍ତ୍ତମାନ ଯେ କୌଣସି ବିଶ୍ୱବିଖ୍ୟାତ କବିଙ୍କର ସମାନ ଆସନରେ ପୂଜା ପାଉଥାନ୍ତେ;—ଏହା ଗତ 'ବିଜୁଳି' 'ଇନ୍ଦ୍ରଧନୁ' କଳହ ସମୟରେ ତାଙ୍କର ନିତାନ୍ତ ଶତ୍ରୁପକ୍ଷ ମଧ୍ୟ ସ୍ୱୀକାର କରି ଯାଇ ଅଛନ୍ତି । ଆଧୁନିକ ତଥାକଥିତ ଶିକ୍ଷିତ ତାଙ୍କର କେତେକ ଲେଖାରେ ଅଶ୍ଳୀଳତାର ଦୋଷ ଦେଖାଉଥାନ୍ତି, ମାତ୍ର 'ବୈଦେହୀଶବିଳାସ'ଏ ଦୋଷରୁ ଏକାବେଳକେ ମୁକ୍ତ ।

ଏହି କାବ୍ୟର ଛାନ୍ଦମାନ ଅନେକ ସ୍ଥଳରେ ସହଜବୋଧ ନ ହେଲେ ମଧ୍ୟ ଗାଆଁଗଣ୍ଡାର ଅର୍ଦ୍ଧଶିକ୍ଷିତ, ଅଶିକ୍ଷିତଙ୍କ ମନକୁ ଏପରି ଅଧିକାର କରି ରଖିଛି ଯେ, ଗାଈଜଗୁଆଳ ପିଲା ମୁଖରୁ ବି 'ବିତଳକୁ ଆଲିଙ୍ଗନ' ଛାନ୍ଦ ବହୁତ ସମୟରେ ଶୁଣାଯାଏ; ଛାନ୍ଦମାନଙ୍କର ମନ ମୋହନ କରିବାର କ୍ଷମତା ଏଥିରୁ ବେଶ୍ ସୂଚିତ ହେଉଅଛି ।

ଏହା ପୂର୍ବରୁ ସଟୀକ ବୈଦେହୀଶବିଳାସ କେତେଖଣ୍ଡ ପ୍ରକାଶିତ ହୋଇଥିଲା, ମାତ୍ର ତାହାର ଟୀକା ପୂର୍ଣ୍ଣତା ପ୍ରାପ୍ତ ନୁହେଁ କିମ୍ବା ଛାନ୍ଦର ମାଧୁର୍ଯ୍ୟ ଠିକ୍ ରଖାଯାଇ ନାହିଁ । ଅନେକ ସ୍ଥାନରେ ମଧ୍ୟ ଛାନ୍ଦର ଭାବକୁ ଅଯଥା ପୀଡ଼ିତ ଓ ବିକଳାଙ୍ଗ କରାଯାଇଅଛି । ଏହିସବୁ ଅଭାବ ଦେଖି, ଉତ୍କଳ-ସାହିତ୍ୟରେ ଧୁରୀଣ ନ ହୋଇଥିଲେ ମଧ୍ୟ ଏହି କାବ୍ୟର ଯଥାସାଧ୍ୟପୂର୍ଣ୍ଣ ଯେତେଦୂର ସମ୍ଭବ ଦୋଷ ରହିତ ଟୀକା କରିବାକୁ ମୁଁ ଚେଷ୍ଟା କରିଛି । ଆହୁରି ମଧ୍ୟ ଏହାକୁ ଚିତ୍ତରଞ୍ଜନ ଓ ସର୍ବାଙ୍ଗସୁନ୍ଦର କରିବା ପାଇଁ କେତେଗୋଟି ମନୋହର ଛବି ଏବଂ ଛାନ୍ଦ ନିହିତ ବନ୍ଧମାନଙ୍କର ସୁଗମ ପରିଚୟ ଦେବାପାଇଁ ବନ୍ଧର ନକ୍ସାମାନ ଏଥିରେ ଦିଆଯାଇଛି । ଏହାଦ୍ୱାରା ଏ ମହାକାବ୍ୟର ଉପାଦେୟତା ଯେ କେତେ ବଢ଼ିଯାଇଛି, ତା ପାଠକମାନେ ବିବେଚନା କରିବେ ।

ପରିଶେଷରେ ନିବେଦନ, ଯେତେ ପ୍ରକାର ଚେଷ୍ଟା ଓ ପରିଶ୍ରମ କରାଗଲେ ମଧ୍ୟ 'ବୈଦେହୀଶବିଳାଶ' ପରି ମହାକାବ୍ୟର ଟୀକା କରିବାରେ ଯେ ତ୍ରୁଟି ନ ରହିବ, ଏହା ଦୃଢ଼ତାର ସହିତ କୁହାଯାଇ ନ ପାରେ । ତେଣୁ ଏଥିରେ ସ୍ଥାନେ ସ୍ଥାନେ ଦୋଷ ରହିଯାଇଥିବା ଅସମ୍ଭବ ନୁହେଁ । ସହୃଦୟ ରସଜ୍ଞ ପାଠକମାନେ ଦୟା କରି ତ୍ରୁଟିମାନ ଦର୍ଶାଇ ଦେଲେ, ଉପଯୁକ୍ତ ବିବେଚିତ ହେଲେ ପର ସଂସ୍କରଣରେ ତାହା ସଂଶୋଧନ କରିଦେବି ।

**ଶ୍ରୀ ଉଦୟନାଥ ଷଡ଼ଙ୍ଗୀ**

# ସୂଚୀ ପତ୍ର

(ପ୍ରଥମ ଖଣ୍ଡ)


| ଛାନ୍ଦ | ବିଷୟ | | ପୃଷ୍ଠା |
|---|---|---|---|
| ପ୍ରଥମ ଛାନ୍ଦ | ବନ୍ଦଇ ଦୀନବାନ୍ଧବ ହରି | ... | ୧ |
| ଦ୍ୱିତୀୟ ଛାନ୍ଦ | ବିଦୁଷ ! ଦୂଷଣ ବିବର୍ଜିତ | ... | ୧୯ |
| ତୃତୀୟ ଛାନ୍ଦ | ବିଦୁଷ ହେ ଶୁଣ ରଞ୍ଜନ ରସ | ... | ୨୪ |
| ଚତୁର୍ଥ ଛାନ୍ଦ | ବୁଦ୍ଧି ଉତ୍ତମ ଯାହାର ବାକ୍ୟ ଅଭିଧାନେ | ... | ୪୩ |
| ପଞ୍ଚମ ଛାନ୍ଦ | ବିଭାକର ବଂଶୀ ଶୁଣି ପୁଲକ ବନ୍ଧ | ... | ୬୦ |
| ଷଷ୍ଠ ଛାନ୍ଦ | ବୁଧେ ସାବଧାନେ ଏହୁ ଗୀତର | ... | ୮୦ |
| ସପ୍ତମ ଛାନ୍ଦ | ବଡ଼ୋଜା ସୁଧାଂଶୁ ଗୁରୁ ସଙ୍ଗତ ସମାନ | ... | ୯୫ |
| ଅଷ୍ଟମ ଛାନ୍ଦ | ବିଜୟୀଶ୍ୱର ! ବିଜୟ କର | ... | ୧୦୯ |
| ନବମ ଛାନ୍ଦ | ବିତଳକୁ ଆଳିଙ୍ଗିତ କରି ଜାହ୍ନବୀ ଶୋଭନ | ... | ୧୨୩ |
| ଦଶମ ଛାନ୍ଦ | ବିଭୂଷଣ ପୃଷ୍ଟେ ଯା କାନ୍ତି ଜାଣ | ... | ୧୪୬ |
| ଏକାଦଶ ଛାନ୍ଦ | ବେଳ ଶୁଭଦରେ ପ୍ରବେଶ ଆବେଶ | ... | ୧୫୫ |
| ଦ୍ୱାଦଶ ଛାନ୍ଦ | ବିଶ୍ରବର ସାର ବିଳମ୍ବ ଶୁଣି | ... | ୧୬୪ |
| ତ୍ରୟୋଦଶ ଛାନ୍ଦ | ବସିଛନ୍ତି ଦଶରଥ ସଭା ମଧ୍ୟେ | ... | ୧୬୩ |

# ବୈଦେହୀଶବିଳାସ

## (ପ୍ରଥମ ଖଣ୍ଡ)

### ପ୍ରଥମ ଛାନ୍ଦ

( ରାଗ—ପାହାଡ଼ିଆ କେଦାର )

ବନ୍ଦଇ ଦୀ(ଦେ)ନବାନ୍ଧବ ହରି          ଯେ ତମଚକ୍ର ଖଣ୍ଡନକାରୀ
ସଦା କମଳାନନ୍ଦ ବିସ୍ତାରି ସ୍ୱଭାବେ ଶ୍ରୀନ ଯେ ।

---

୧ମ ପଦ—( **ବିଷ୍ଣୁଙ୍କ ପକ୍ଷରେ** ) ଦୀନବାନ୍ଧବ—ଦରିଦ୍ରର ବନ୍ଧୁ (ବିଷ୍ଣୁ) । ତମ—ରାହୁ । ଚକ୍ର ଖଣ୍ଡନକାରୀ—ଯେ ରାହୁକୁ ଚକ୍ରଦ୍ୱାରା ଛେଦନ କରିଥିଲେ । (ଅନ୍ୟାର୍ଥ—ଯେ ଶୋକ ସମୁହକୁ ଛେଦନ କରନ୍ତି) । କମଳାନନ୍ଦ ବିସ୍ତାରି—ଯେ ଲକ୍ଷ୍ମୀଙ୍କର ଆନନ୍ଦ ବଢ଼ାନ୍ତି । ଶ୍ରୀନ (ଶ୍ରୀ = ଲକ୍ଷ୍ମୀ—ଲକ୍ଷ୍ମୀପତି । ଅନନ୍ତ-ଅଙ୍କ-ବିହାରୀ—ଅନନ୍ତ ନାଗର କୋଳରେ ଯେ ବିହାର କରୁଥାନ୍ତି ।

---

୧ମ ପଦ—( **ବିଷ୍ଣୁଙ୍କ ପକ୍ଷରେ** ) ଯେଉଁ ଦରିଦ୍ରର ବନ୍ଧୁ ବିଷ୍ଣୁ, ରାହୁକୁ ଚକ୍ରଦ୍ୱାରା ଛେଦନ କରିଥିଲେ ( ଯେ ଶୋକ ସମୁହକୁ ଦୂର କରନ୍ତି ବା ଅଜ୍ଞାନତା ବିନାଶ କରନ୍ତି ) ଯେ ଲକ୍ଷ୍ମୀଙ୍କର ଆନନ୍ଦ ବଢ଼ାନ୍ତି, ଯେ ଲକ୍ଷ୍ମୀପତି (ଶୋଭାର ଆଧାର), ଯେ ଅନନ୍ତ ନାଗର କୋଳରେ ବିହାର କରନ୍ତି, ଯାହାର ବାହୁ ପରାକ୍ରମରେ ଅସୁରମାନଙ୍କ ଆନନ୍ଦ ହରଣ ହୋଇଥାଏ, ଯାହାଙ୍କୁ

ବିଭୁ ଅନନ୍ତ-ଅଙ୍କ-ବିହାରୀ    କର ପ୍ରତାପ ଯାର ସଞ୍ଚର

ନିଶାଚରଙ୍କ ଉଲ୍ଲାସ ହର ପୂଜେ ସୁମନ ଯେ ।

ବଇନତେୟ ଯାହା ଅଗ୍ରତେ, ସ୍ଥିତ ଯେ ।

ବଇକୁଣ୍ଠ-ପକ୍ଷକ-ଲୋକ ତୋଷିତ ଯେ ।

---

କର ପ୍ରତାପ—ବାହୁ ପରାକ୍ରମ । ନିଶାଚରଙ୍କ—ରାକ୍ଷସମାନଙ୍କର । ସୁମନ—ଦେବତା । ବଇନତେୟ—ଗରୁଡ଼ । ବଇକୁଣ୍ଠ—ପକ୍ଷକ ଲୋକ—ବିଷ୍ଣୁଭକ୍ତ ଲୋକ । ଅଖଣ୍ଡିତ ମଣ୍ଡଳେ—ସମସ୍ତ ବ୍ରହ୍ମାଣ୍ଡରେ । ସିଂହ ଶର୍ବରେ—ନୃସିଂହ ଅବତାରରେ । ଭବେ—ସଂସାରରେ । ତରଣୀ—ନୌକା । ମଞ୍ଜୁଳ—ସୁନ୍ଦର । ଗିରି ଉଦିତ—ନୀଳଗିରିରେ ପ୍ରକାଶିତ ।

( **ସୂର୍ଯ୍ୟଙ୍କ ପକ୍ଷରେ** ) ଦିନବାନ୍ଧବ—ଦିନର ବନ୍ଧୁ ( ସୂର୍ଯ୍ୟ ) । ତମ-ତନ୍ଦ୍ରଖଣ୍ଡନକାରୀ—ଯେ ଅନ୍ଧାରସବୁକୁ ନାଶ କରନ୍ତି । କମଳାନନ୍ଦ ବିସ୍ତାରି—ପଦ୍ମ ଫୁଲର ଆନନ୍ଦ ବଢ଼ାଇ । ଇନ—ସୂର୍ଯ୍ୟ । ଅନନ୍ତଙ୍କ ବିହାରୀ—ଆକାଶ କୋଳରେ ଯେ ବିହାର କରେ । କରପ୍ରତାପ—ତେଜ ପରାକ୍ରମ । ନିଶାଚରଙ୍କ—ପେଚକଙ୍କର । ସୁମନ—ପଣ୍ଡିତ ଲୋକ । ବୈନତେୟ—ଅରୁଣ । ବୈକୁଣ୍ଠପକ୍ଷକ ଲୋକ—ଇନ୍ଦ୍ର ଯାହାଙ୍କର ସାହାଯ୍ୟକାରୀ । ଅଖଣ୍ଡିତ ମଣ୍ଡଳେ

---

ଦେବତାମାନେ ପୂଜା କରନ୍ତି, ଯାହାଙ୍କ ଆଗରେ ଗରୁଡ଼ ସର୍ବଦା ଅବସ୍ଥାନ କରିଥାଏ, ଯେ ବିଷ୍ଣୁଭକ୍ତ ଲୋକମାନଙ୍କୁ ତୋଷ କରନ୍ତି, ଯେ ସମସ୍ତ ବ୍ରହ୍ମାଣ୍ଡରେ ପ୍ରକାଶିତ ହୋଇ ଅଛନ୍ତି, ଯେ ନୃସିଂହ ଅବତାରର ସମ୍ମୁଖରେ ବିହାର କରିଥିଲେ, ଯେ ସଂସାରରୂପ ସାଗରରେ ନୌକା ସ୍ୱରୂପ ଅଟନ୍ତି, ଯେ ନୀଳଗିରିରେ [ଶ୍ରୀକ୍ଷେତ୍ରରେ] ପ୍ରକାଶିତ ହୋଇଅଛନ୍ତି, ସେହି ବିଷ୍ଣୁଙ୍କୁ ବନ୍ଦନା କରେ ।

( **ସୂର୍ଯ୍ୟଙ୍କ ପକ୍ଷରେ** ) ଦିବସର ବନ୍ଧୁ ଯେଉଁ ସୂର୍ଯ୍ୟ ·ଅନ୍ଧକାର ସମୂହକୁ ନାଶ କରନ୍ତି, ଯେ ସର୍ବଦା ପଦ୍ମର ଆନନ୍ଦ ବଢ଼ାନ୍ତି,ଯେଉଁ ସୂର୍ଯ୍ୟ (ଇନ) ସ୍ୱୀୟ କିରଣରେ ଚତୁର୍ଦ୍ଦିଗକୁ ଉଜ୍ଜ୍ୱଳ କରନ୍ତି, ଯେ ଅନନ୍ତ ଆକାଶ କୋଳରେ ବିହାର କରନ୍ତି, ଯାହାଙ୍କର ତେଜପ୍ରଭାରେ ପେଚକଙ୍କ ଆନନ୍ଦ ଦୂର ହୁଏ, ପଣ୍ଡିତମାନେ ଯାହାଙ୍କୁ ପୂଜା କରନ୍ତି, ଯାହାଙ୍କ ଆଗରେ ଅରୁଣ ସର୍ବଦା ବିଦ୍ୟମାନ, ଇନ୍ଦ୍ର ଯାହାଙ୍କର ସାହାଯ୍ୟକାରୀ, ଯାହାଙ୍କ ଦର୍ଶନରେ ଲୋକମାନେ ସନ୍ତୋଷ ଲାଭ କରନ୍ତି, ଯେ ପୂର୍ଣ୍ଣ ଗୋଲାକାର ରୂପରେ ବିଦ୍ୟମାନ, ସିଂହମାସରେ

ବିକାଶ ଅଖଣ୍ଡିତ-ମଣ୍ଡଳେ ସିଂହଭାବରେ ବିହିତ କାଳେ
ଭବେ ତରଣି ହୋଇ ମଞ୍ଜୁଳେ ଗିରି ଉଦିତ ଯେ । ୧ ।
ବନ୍ଦିତ ଯେହୁ ଶୋଭିତମୂର୍ତ୍ତି ଶ୍ରୁ (ସ୍ମୃ)ତି ରଞ୍ଜନକାରକ ଅତି,
ହଂସ ହୋଇଣ ଯାହା ପ୍ରଶସ୍ତି ଅଛି ପ୍ରବର୍ତ୍ତି ଯେ ।
ବିରାଜ ରୂପ ଯାହାର ପୁଣି ଦ୍ୱିଜଚୟ ଯା ଦର୍ଶନ ଗୁଣି,
ଆତ୍ମଭୂପର ସଂସାରେ ଭଣି କ ଶୁଭ୍ରକାନ୍ତି ଯେ ।

---

ପୂର୍ଣ୍ଣ ଗୋଲାକାର ଭାବରେ । ସିଂହ—ସିଂହ ରାଶିରେ । ଭାବରେ—ଶ୍ରେଷ୍ଠ ଜ୍ୟୋତି ( ସ୍ୱ-ଜ୍ୟୋତି ) । ତରଣି—ସୂର୍ଯ୍ୟ । ଗିରିଉଦିତ – ଉଦୟ ଗିରିରେ ପ୍ରକାଶିତ ।

୨ୟ ପଦ—(**ବିଷ୍ଣୁଙ୍କ ପକ୍ଷରେ**) ବନ୍ଦିତ – ବନ୍ଦନ କରେ । ଶୋଭିତ ମୂର୍ତ୍ତି—ଶୋଭିତ ମତ୍ସ୍ୟ ସ୍ୱରୂପ । ଶ୍ରୁତି-ରଞ୍ଜନକାରକ—ବେଦର ମଣ୍ଡନକାରୀ । ହଂସ—ପରମାତ୍ମା । ପ୍ରଶସ୍ତି—ଯଶ, ପ୍ରସିଦ୍ଧ । ବିରାଜ ରୂପ—ବିରାଟ ରୂପ । ଦ୍ୱିଜଚୟ—ବ୍ରାହ୍ମଣ ସମୂହ । ଆତ୍ମଭୂ—ବ୍ରହ୍ମା, କନ୍ଦର୍ପ । ପର—ଶ୍ରେଷ୍ଠ । ବୁଧଜନକ ( ଚନ୍ଦ୍ର )-ଶିର ଭୂଷଣ – ଚନ୍ଦ୍ର ଶିରରେ ଭୂଷିତ ଯାହାର ଅର୍ଥାତ୍ ମହାଦେବ । ଦ୍ୱିପ—ହାତୀ । ଧର୍ମ ସ୍ୱରୂପତ୍ରାହୀ—ଧାର୍ମିକର ରକ୍ଷାକର୍ତ୍ତା । କ ସ୍ତୁତି ଚହିଁ—ସେଠାରେ କ ସ୍ତୁତି କରିବ ? ଅର୍ଥାତ୍ ସ୍ତୁତି କରି ହେବ ନାହିଁ ।

---

ଯାହାଙ୍କ ତେଜ ଶ୍ରେଷ୍ଠତ୍ୱ ଲଭଥାଏ, ଯେ ସଂସାରରେ ତରଣି ନାମରେ ପ୍ରସିଦ୍ଧ, ଯେ ପ୍ରତ୍ୟହ ଉଦୟ ପର୍ବତରେ ଉଦିତ ହୁଅନ୍ତି, ସେହି ସୂର୍ଯ୍ୟଦେବଙ୍କୁ ବନ୍ଦନା କରେ ।

୨ୟ ପଦ—(**ବିଷ୍ଣୁଙ୍କର ପକ୍ଷରେ**) ଯେଉଁ ବିଷ୍ଣୁ ଶୋଭିତ ମତ୍ସ୍ୟର ରୂପ ଧାରଣ କରିଥିଲେ, ବେଦରେ ଯେ ପରମାତ୍ମା ବୋଲି ଖ୍ୟାତି ଲାଭ କରି ଅଛନ୍ତି ଯେ ବିରାଟ ରୂପବାନ୍, ବ୍ରାହ୍ମଣମାନେ ଯାହାଙ୍କ ଦର୍ଶନ ପାଇବା ପାଇଁ ସର୍ବଦା ଗୁଣି ହେଉଛନ୍ତି, ଯେ କନ୍ଦର୍ପଠାରୁ ବେଶି ରୂପବାନ୍ (ଅଥବା ବ୍ରହ୍ମାଙ୍କ-ଠାରୁ ଉତ୍କୃଷ୍ଟ), (ଯାହାଙ୍କର କୀର୍ତ୍ତିସମୂହ ଶୁଭ୍ରବର୍ଣ୍ଣ, ମହାଦେବ ଯାହାଙ୍କ ସହିତ ସମ୍ମତ ଭାବରେ କଥାବାର୍ତ୍ତା କରନ୍ତି, ଯାହାଙ୍କଠାରୁ ବ୍ରହ୍ମାଣ୍ଡରେ ବଳବାନ୍ ଆଉ କେହି ନାହାନ୍ତି, ଯେ ଗଜକୁ ଆନନ୍ଦ ପ୍ରଦାନ କରିଥିଲେ ( କୁମ୍ଭୀର ମୁଖରୁ ରକ୍ଷା କରି ), ଯେ ଧାର୍ମିକର ରକ୍ଷାକର୍ତ୍ତା, ଏପରି ଯେ ବିଷ୍ଣୁ ତାଙ୍କୁ କେଉଁ ବାକ୍ୟରେ ବା ସ୍ତୁତି କରିବ ?

ବୁଧଜନକ-ଶିରଭୂଷଣ ଯେହୁ ଯେ ।
ବିନସ୍ତୁରୁ ଯେ ଆନ ବାଣୀ ନ କହୁ ଯେ ।
ବଳି ଯାହାକୁ ସର୍ବଦା ନାହିଁ ଦ୍ୱୀ(ଦ୍ୱି)ପ ପ୍ରସନ୍ନ କରତା ସେହି,
ପୁନତ ଧର୍ମ ସ୍ୱରୂପଗ୍ରାହ୍ମୀ କ ସ୍ତୁତି ତହିଁ ଯେ । ୨ ।
ବିଷ୍ଟରଶ୍ରବା ବ୍ରହ୍ମାଣ୍ଡେଶ୍ୱର ପରମ ପଦ ଭଜିଲି ନର,
ଲଭେ ଏ ବେନି ଗ୍ରନ୍ଥ ଆଦ୍ୟର ଭାବିତ ତାଙ୍କୁ ଯେ ।
ବଂଶ ଯାହାରଠାରୁ ଉତ୍ପତ୍ତି କବି ବିଶ୍ୱରେ ସେ ଦେବେ ସ୍ତୁତି,
ବିଧାନ କରି ଅତି ସୁମତି ଆଣି ମନକୁ ଯେ ।

---

**(ସୂର୍ଯ୍ୟଙ୍କ ପକ୍ଷରେ)** ରୋହିତ—ରକ୍ତବର୍ଣ୍ଣ । ସତି—ବାଟ । ହଂସ—ସୂର୍ଯ୍ୟଙ୍କ ଅପର ନାମ । ଦ୍ୱିଜ—ପକ୍ଷୀ । ଚକ୍ର—ଚକ୍ରବାକ ( ଚକୁଆ ) ବୁଧଜନ—ପଣ୍ଡିତବ୍ୟକ୍ତି । କ-ଭୂଷଣ ଶିରୋମଣି । ଦ୍ୱୀପପ୍ରସନ୍ନକରତା - ସପ୍ତ ଦ୍ୱୀପର ଉଜ୍ଜ୍ୱଳକର୍ତ୍ତା । ଧର୍ମ ସ୍ୱରୂପ ଗ୍ରାହ୍ମୀ-ଯେ ଧର୍ମ ନାମରେ ଅଭିହିତ ।

ଅନ୍ୟ ପଦ -- ବିଷ୍ଟରଶ୍ରବା -( ବିଷ୍ଟର—କୁଶମୁଷ୍ଟି, ଶ୍ରବା—ଶ୍ରବଣ ଯାହାର ) ବିଷ୍ଣୁ । ବ୍ରହ୍ମାଣ୍ଡେଶ୍ୱର—ଜଗତ୍‌କର୍ତ୍ତା । ପରମପଦ ବୈକୁଣ୍ଠ । ସୁମତି —ପଣ୍ଡିତ ବ୍ୟକ୍ତି । ଶ୍ଳେଷ—ଦୁଇ ଅର୍ଥ ପ୍ରକାଶକ ଅଳଙ୍କାର ।

---

**( ସୂର୍ଯ୍ୟଙ୍କ ପକ୍ଷରେ )** ଯେଉଁ ସୂର୍ଯ୍ୟ ରକ୍ତବର୍ଣ୍ଣ ମୂର୍ତ୍ତି ଧାରଣ କରନ୍ତି, ଯେ ମାର୍ଗରେ ଶୋଭା ବଢ଼ାନ୍ତି, ଯାହାଙ୍କର ନାମ ହଂସ, ଯାହାଙ୍କର ବିରାଜମାନ ରୂପକୁ ଦର୍ଶନ କରିବା ପାଇଁ ଚକ୍ରବାକ ସର୍ବଦା ଗୁଣି ହେଉଥାଏ, ଯେହୁ ଶ୍ରେଷ୍ଠ ବ୍ରହ୍ମ ବୋଲି ଖ୍ୟାତ, ଯାହାଙ୍କର କିରଣ ଅତ୍ୟନ୍ତ ଶୁଭ୍ର, ପଣ୍ଡିତ-ମାନେ ଯାହାଙ୍କୁ ସର୍ବଦା ବିନସ୍ତୁ ହୁଅନ୍ତି, ଯାହାଙ୍କର ତେଜକୁ ବଳି ଶ୍ରେଷ୍ଠ ତେଜସ୍ୱୀ ଆଉ କେହି ନାହିଁ, ଯେ ସପ୍ତଦ୍ୱୀପର ଉଜ୍ଜ୍ୱଳକର୍ତ୍ତା । ପୁଣି ଯେ ଧର୍ମ ନାମରେ ଅଭିହିତ, ଏପରି ଯେ ସୂର୍ଯ୍ୟଦେବ, ତାଙ୍କୁ କିପରି ବା ସ୍ତୁତି କରିବ ?

ଅନ୍ୟ ପଦ—ଜଗତ୍‌କର୍ତ୍ତା ବିଷ୍ଣୁଙ୍କୁ ଭଜନ କରିବା ବ୍ୟକ୍ତି ବୈକୁଣ୍ଠ ପ୍ରାପ୍ତ ହୁଏ । ଆଉ ମଧ୍ୟ ସୂର୍ଯ୍ୟଦେବଙ୍କଠାରୁ ସୂର୍ଯ୍ୟବଂଶର ଉଦ୍ଭବ ହୋଇଛି । ତେଣୁ ବିଷ୍ଣୁ ଓ ସୂର୍ଯ୍ୟଙ୍କ ସ୍ତୁତି କରି ଗ୍ରନ୍ଥ ଆରମ୍ଭ କରିବ । ହେ ବୁଦ୍ଧିମାନ୍ ପଣ୍ଡିତମାନେ ! ଏ ବିଷୟ ମନକୁ ଆଣ । ବର୍ଣ୍ଣିର ଅଭଙ୍ଗ ଓ ସଭଙ୍ଗ ଦୁଇ ଅର୍ଥବୋଧକ ଶ୍ଳେଷ ଅଳଙ୍କାରରେ ସ୍ଥାନେ ସ୍ଥାନେ ଏହା ପ୍ରକାଶ କରିବ । ସବୁବେଳେ କବିତା ଲେଖିବାକୁ ମନ ବଳାଇଥିଲି । ଭାଗ୍ୟକୁ ରାମତାରକ ମନ୍ତ୍ର ଗ୍ରହଣ କଲି ।

ବର୍ଣ୍ଣି ଅଭଙ୍ଗସଭଙ୍ଗରେ ଏ ଶ୍ଳେଷ ଯେ ।
ବୁଝ ସ୍ଥାନ ସ୍ଥାନକେ କରି ପ୍ରକାଶ ଯେ ।
ବଳାଇ ଚିତ୍ତ ଅନବରତ                    ଭାଗ୍ୟ ଗ୍ରହଣ ତାରକ ମନ୍ତ୍ର,
ସୀତା ଶ୍ରୀରାମ ଚରିତ ଗୀତ କୁହେ ଲାଳସ ଯେ । ୩ ।
ବାଲ୍ମୀକ, ବ୍ୟାସ, କବି ଯହିଁରେ                    ମହାକାବ୍ୟ କେ ପୁରାଣ କରେ,
ମହାନାଟକ ବାତସୁତରେ ହେଲେ ରଚିତା ଯେ ।
ବିରଚିଲେ କାବ୍ୟ ଯେ କାଳିଦାସେ                    ଚମ୍ପୂ ରଚନା ଭୋଜନରେଶେ,
କୃପାସିନ୍ଧୁ ଏ ଗୀତ ପ୍ରକାଶେ ଛାଡ଼ିଲି ଚିନ୍ତା ଯେ ।
ବିବେକହିଁ ଉଦୟ ଏମନ୍ତ ଧରି ଯେ ।
ବ୍ୟୋମେ ତାରକା ଯେବେ ଝଲକୁଥାଇ ଯେ ।
ବିଭାବରୀରେ ଜ୍ୟୋତିରିଙ୍ଗଣ—                    ଗଣ ଜ୍ୟୋତିକି ଦେଖାନ୍ତି ପୁଣ ।
ସୁଜନେ ସାବାଧାନରେ ଶୁଣ ଛାନ୍ଦ ରଚଇ ଯେ । ୪ ।

---

୪ର୍ଥ ପଦ—ବାତସୁତ—ହନୁମାନ । କୃପାସିନ୍ଧୁ—ସିଦ୍ଧକବି ବଳରାମ ଦାସ । ବ୍ୟୋମ ଆକାଶ । ବିଭାବରୀ—ରାତି । ଜ୍ୟୋତିରିଙ୍ଗଣଗଣ—ଜୁଳୁ-ଜୁଳା ପୋକ ସବୁ ।

---

ସେହି ମନ୍ତ୍ର ପ୍ରସାଦରୁ ମୋହର କବିତ୍ୱର ସ୍ଫୂର୍ତ୍ତି ହେଲା, ତେଣୁ ସୀତା ରାମଙ୍କ ଚରିତମାନ ଗୀତରେ ରଚନା କରିବାକୁ ଅଭିଳାଷ ହେଲା ।

୪ର୍ଥ—ଯେଉଁ ରାମସୀତାଙ୍କ ବିଷୟ ନେଇ ବାଲ୍ମୀକ ରାମାୟଣ, ବ୍ୟାସ-ଦେବ'ମଧ୍ୟାତ୍ମ୍ୟ ରାମାୟଣ, ହନୁମାନ ମହାନାଟକ, କାଳିଦାସ ରଘୁବଂଶ କାବ୍ୟ, ଭୋଜରାଜ ଚମ୍ପୂ, ସିଦ୍ଧି କବି ବଳରାମ ଦାସ ଦାଣ୍ଡି ରାମାୟଣ ପ୍ରଭୃତି ଗ୍ରନ୍ଥ ରଚନା କରିଯାଇ ଅଛନ୍ତି, ମୁଁ ବା ଅଧିକା ଆଉ କଣ ଲେଖିବି ? ତେଣୁ ମୁଁ ତାହା ରଚନା କରିବା ପାଇଁ ବଡ଼ ସଙ୍କୁଚିତ ହେଉଥିଲି । ମାତ୍ର ରାତିରେ ଉଜ୍ଜ୍ୱଳ ତାରକାଗଣ ଆକାଶରେ ବର୍ତ୍ତମାନ ଥିଲେହେଁ, ଜୁଳୁଜୁଳା ପୋକମାନେ ସେମାନଙ୍କର ଜ୍ୟୋତି ପ୍ରକାଶ କରିଥାନ୍ତି, ଏହି କଥା ଭାବି ମୁଁ ଗ୍ରନ୍ଥ ରଚନା କରିବାକୁ ମନ ବଳାଇଛି । ହେ ସୁଜନମାନେ, ସାବଧାନରେ ଶୁଣ ।

ବିଦ୍ୟୁତକେଶ ବଂଶରେ ଜାତ, ସୁମାଳୀ ମାଳୀ ଯେ ମାଲ୍ୟବନ୍ତ,
ସ୍ୱର୍ଗ ଲୁଣ୍ଠନେ ଅହି ଅହିତ ଧିଆନ କରି ଯେ ।
ବିଧୁ-ସମରେ ଜ୍ୟୋତି ଜ୍ୱଳିତ ବିଧୂ ସମରେ ହେଲେ ଆଗତ
ଯେ ଆରୋହିତ ଅହି-ଅହିତ ଗଦାବ୍ଜ ଧରି ଯେ ।
ବଜାଇଣ ଶଙ୍ଖାରି କରିଣେ ଘାତ ଯେ ।
ବଧ କଲେ ଶଙ୍ଖାରି ଦ୍ୱିଶସ୍ତ୍ର ଭ୍ରାତ ଯେ ।
ବଡ଼ଖି ଲଭି ପାତାଳେ ଲୁଚି ଲଙ୍କା ବଡ଼ଭପୁରକୁ ମୁଞ୍ଚି
ଲଙ୍କା ଯେ ଦଣ୍ଡ ପାଣିରେ ରଚି ଭୟ ଯେମନ୍ତ ଯେ । ୫ ।
ବାହାର ପୁଣ୍ୟଜନେ ହୋଇଲେ ବିହାର ପୁଣ୍ୟଜନେ ବହିଲେ,
ରଞ୍ଜନ ପୁଣ୍ୟଜନ କୁବେରରେ ସେ ପାପ୍ତିମାନ ଯେ ।

---

୫ମ ପଦ—ଅହି-ଅହିତ—( ଅହି—ବୃତ୍ର ସୁର, ତାହାର ଯେ ଅହିତାଚରଣ କରିଥିଲେ ) ଇନ୍ଦ୍ର । ବିଧୁ-ସମରେ—ଚନ୍ଦ୍ର ସମାନରେ । ଜ୍ୟୋତିଜ୍ୱଳିତ—ଦେଦୀପ୍ୟମାନ । ବିଧୂସମରେ—ଦେବ ଯୁଦ୍ଧରେ । ଅହି-ଅହିତ—ଗରୁଡ଼ [ଅହି—ସର୍ପ, ଯେ ସେମାନଙ୍କର ଅହିତାଚରଣ କରେ] । ଗଦାବ୍ଜ—ଗଦାପଦ୍ମ । ଶଙ୍ଖାରି—ଶଙ୍ଖ ଓ ଚକ୍ର । ଶଙ୍ଖାରି—(ଶଙ୍ଖ + ଅରି) ଅର୍ଥାତ୍ ଶଙ୍ଖ ନାମକ ରାକ୍ଷସର ଶତ୍ରୁ, ବିଷ୍ଣୁ । ଦଣ୍ଡପାଣି—ଦଣ୍ଡୁ ଆସି ।

୬ଷ୍ଠ ପଦ—ପୁଣ୍ୟଜନେ—ରାକ୍ଷସମାନେ । ପୁଣ୍ୟଜନେ—ଉତ୍ତମ ଲୋକମାନେ । ପୁଣ୍ୟଜନ—ଯକ୍ଷଗଣ । ବାସ ନଗର—ଲଙ୍କାପୁର । ପାଣ-

---

୫ମ ପଦ—ବିଦ୍ୟୁତକେଶ ରାକ୍ଷସବଂଶରେ ମାଳୀ, ସୁମାଳୀ ଓ ମାଲ୍ୟବନ୍ତ ନାମରେ ତିନିପୁଅ ଜାତ ହୋଇଥିଲେ । ସେମାନେ ସ୍ୱର୍ଗ ଲୁଟି କରନ୍ତେ ଇନ୍ଦ୍ର ବିଷ୍ଣୁଙ୍କୁ ଧ୍ୟାନ କଲେ । ଚନ୍ଦ୍ର କିରଣ ପରି ଜ୍ୟୋତିର୍ମୟ ବିଷ୍ଣୁ ଗରୁଡ଼ ଆରୋହଣ କରି, ଗଦା ପଦ୍ମ ହସ୍ତରେ ଧରି ଦେବାସୁର ଯୁଦ୍ଧରେ ଉପସ୍ଥିତ ହେଲେ । ସେ ଚକ୍ରାଘାତରେ ମାଳୀ ଓ ମାଲ୍ୟବନ୍ତ ରାକ୍ଷସଙ୍କୁ ବଧ କରି ଶଙ୍ଖନାଦ କଲେ । ତାହା ଦେଖି ସୁମାଳୀ ଅତ୍ୟନ୍ତ ଭୀତ ହୋଇ ବଟପୀ ସ୍ତ୍ରୀ ରାଜଦଣ୍ଡ ଆସିବୁ ଡରି ଲୁଚିଲା ପରି, ଲଙ୍କାଗଡ ତ୍ୟାଗ କରି ପାତାଳରେ ଲୁଚିଲା ।

୬ଷ୍ଠ ପଦ—ରାକ୍ଷସମାନେ ଲଙ୍କାପୁରରୁ ବାହାର ହୋଇଗଲେ, ଉତ୍ତମ ଲୋକମାନେ ଆସି ତହିଁରେ ବିହାର କଲେ, କୁବେର ଯକ୍ଷମାନଙ୍କ ସହିତ

ବାସ ନଗର ପାଶ ନଗର        ନଗର ତଳେ କରି ସଭାରି,
ଜଗତତାତ-ସୁତ-କୁମର କଲେ ସେ ସ୍ଥାନ ଯେ ।
ବନ୍ଧୁ ସମସ୍ତ ଅନ୍ତେ ଏହି ପ୍ରକାରେ ଯେ ।
ବାର୍ତ୍ତା ପାଇ ସୁମାଳୀ ଏମାନ ସ୍ବରେ ଯେ ।
ବିଶ୍ରବାଋଷିର ସନ୍ନିଧିକ        ନେଲା ଦୁହିତା ରସନିଧିକ
ଶୋଭାରେ କରେ ସେ ଧିକ ଧିକ ନାରୀମାତରେ ଯେ ।୭।
ବାଙ୍କେ ଅନାଇଁ ଅଙ୍କେ ପକାଇଁ        ସେ ପଙ୍କେରୁହ ଶରକୁ ନେଇ
ଶଙ୍କେ ମଦନ ଆତଙ୍କେ ତହିଁ ମୁନିଉତ୍ତମ ଯେ ।
ବୋଲେ ସୁନ୍ଦରୀ କୋଳେ ମୋ ବସ        ତୁଲେ ମନ୍ତ୍ର ତୋ ହୋଇବ ତୋଷ
ଭୁଲେ ତୋ ରୂପେ ମୋର ମାନସ ପ୍ରକାଶ ପ୍ରେମ ରେ ।

---

ନଗର—ପାଖରେ ଥିବା ପର୍ବତ, ସୁବଳ । ନଗର ତଳେ—ବୃକ୍ଷ ମୂଳରେ ଜଗତ-ତାତ-ସୁତ-କୁମର—( ଜଗତ ତାତ—ବ୍ରହ୍ମା, ତାଙ୍କ ସୁତ ପୁଲସ୍ତ୍ୟ, ତାଙ୍କ କୁମର ) ବିଶ୍ରବା ଋଷି । ଧିକ ଧିକ କରେ—ନିନ୍ଦାକରେ ।

୭ମ ପଦ—ଅଙ୍କ—କୋଡ଼ । ପଙ୍କେରୁହ—ପଦ୍ମ । ମଦନ ଆତଙ୍କେ—କନ୍ଦର୍ପ ଭୟରେ । ରକ୍ଷଶରୀରେ—ଅସୁର ଦେହରେ । ସନ୍ଧ୍ୟାମଣ୍ଡୀ—ସ୍ୱର୍ଣ୍ଣିରଶ୍ମି, ରାକ୍ଷସୀ ।

---

ସେଠାରେ ବାସ କରିବାରୁ ତାହା ଅଶେଷ ଶୋଭା ଧାରଣ କଲା । ଲଙ୍କା ନଗରର ଅଦୂରରେ ଥିବା ସୁବଳ ପର୍ବତର ନିମ୍ନଦେଶରେ ଗୋଟିଏ ବୃକ୍ଷ ମୂଳକୁ ଭଲ ସ୍ଥାନ ମନେ କରି ବିଶ୍ରବା ଋଷି ସେହିଠାରେ ବାସ କଲେ । କେତେକ ଦିନପରେ ସୁମାଳୀ ଏ ସମସ୍ତ ବିଷୟ ଗୁପ୍ତଚରଦ୍ୱାରା ଶୁଣିପାରି, ଶୃଙ୍ଗାର ରସର ନିଧି ଅଟେ ଯେ ଦୁହିତା ( ନିକଷା ) ତାହାକୁ ବିଶ୍ରବା ଋଷିଙ୍କ ନିକଟକୁ ନେଲା । ସେହି କନ୍ୟା ନିଜର ଶୋଭାରେ ସମସ୍ତ ନାରୀଙ୍କୁ ଧିକ୍କାର କରୁଥିଲା ।

୭ମ ପଦ—ସେହି କନ୍ୟା ଋଷିଙ୍କି ବଙ୍କଭାବରେ ଅନାଇ, ତାଙ୍କ ଉପରେ ନିଜର ଶର ରୂପ ପଦ୍ମନେତ୍ର ନିକ୍ଷେପ କଲା (କଟାକ୍ଷ ପାତ କଲା); ତେଣୁ ମୁନିଶ୍ରେଷ୍ଠ ବିଶ୍ରବା କନ୍ଦର୍ପ ଭୟରେ ଭୀତ ହୋଇ କହିଲେ, "ହେସୁନ୍ଦରୀ ! ମୋ କୋଳରେ ବସ ତୋ ସହିତ ମନ୍ତ୍ର ମୁଁ ସନ୍ତୁଷ୍ଟ ହେବି । ତୋହର ରୂପ ଶୋଭା ଦେଖି ମୋ ମନ ଭୁଲି ଗଲା, ତୁ ପ୍ରେମ ପ୍ରକାଶ କର ।" ଋଷି ଏହା କହିବାରୁ କନ୍ୟା ତାଙ୍କୁ ଉଲଗ୍ନି ହୋଇ

ବାମା ଓଳଗି ସନମତ କରାଇ ଯେ ।
ବହ୍ନି ସାକ୍ଷିରେ ବିଭାଭାବ ବଢ଼ାଇ ଯେ ।
ବେଗେ ସୁରତ ରତ ସନ୍ଧ୍ୟାରେ  ସନ୍ଧ୍ୟାମଣ୍ଡୀ ସେ ତାର ଗର୍ଭରେ
ଜାତ ହୋଇଲେ ରକ୍ଷ ଶରୀରେ ସୁତ ତନୟୀ ଯେ । ୭ ।
ବିଂଶତିଭୁଜ ଦଶାନନରେ  କି ଦଶା ଦେବ ଦେବ କନ୍ଦରେ,
ନର ନାଗରେ ଧରଣୀ ଥରେ ହେଉଁ ପତନ ଯେ ।
ବିକଟରୂପ ପ୍ରକଟ ଅତି  ରକତପରି ବ୍ୟଞ୍ଜିତ କାନ୍ତି,
ଘଟଣ ଘଟ ସଦୃଶ ଶ୍ରୁତି ଭୈରବ ସ୍ୱନ ଯେ ।
ବଧିରତା ନିକଟ ଶୁଣିଲ ଜନ ଯେ ।
ବିଗତ ଯେ ଘୃଷଣେ ତିନି ନନ୍ଦନ ଯେ ।
ବୋଇଲେ ସେ ଦଶ ବଦନ,  କୁମ୍ଭ-ଶ୍ରବଣ ଯେ ବିଭୀଷଣ
ନନ୍ଦନୀ ସୂର୍ପଣଖାର ନଖ ସୂର୍ପସମାନ ଯେ । ୮ ।

---

୮ମ ପଦ—ନର ନାଗରେ – ନର ଲୋକରେ ଓ ନାଗ ଲୋକରେ । ଘଟସଦୃଶ—ମାଠିଆପରି । ଘଟଣ—ଗଢ଼ଣ । ଶ୍ରୁତି—କର୍ଣ୍ଣ । ଭୈରବ—ଭୟଙ୍କର । ବିଗତ—ରହିତ । ସୂର୍ପସମାନ—କୁଲାପରି ।

---

ସମ୍ମତି ପ୍ରକାଶ କଲା । ଋଷି ଅଗ୍ନି ସାକ୍ଷିକରି ବିବାହକାର୍ଯ୍ୟ ବଢ଼ାଇଲେ । ସନ୍ଧ୍ୟା ସମୟରେ ତାହା ସହିତ ସୁରତରେ ରତ ହେଲେ । ସେ ତ ରାକ୍ଷସୀ, ତେଣୁ ତାହା ଗର୍ଭରୁ ରାକ୍ଷସ ଶରୀରରେ ପୁତ୍ର ଓ କନ୍ୟା ଜାତ ହେଲେ । ୭ ।

୮ମ ପଦ—କୋଡ଼ିଏ ହାତ, ଦଶମୁଖ ବିଶିଷ୍ଟ ପୁତ୍ରର ଗର୍ଭରୁ ପତନ ହୁଅନ୍ତେ 'ଦେବ କନ୍ଦର ନର ନାଗ ଲୋକଙ୍କୁ କି ଦଶା ଦେବ ?'—ଏହା ଭାବି ଧରଣୀ କମ୍ପିଲା । ଅତି ବିକଟାଳ ରୂପବିଶିଷ୍ଟ, ରକ୍ତବର୍ଣ୍ଣ କାନ୍ତି, ମାଠିଆ ପରି କାନକୁ ଧାରଣ କରି ଦ୍ୱିତୀୟ ପୁତ୍ର ଜାତ ହେଲା । ତାହାର ଶବ୍ଦରେ ନିକଟରେ ଥିବା ଲୋକମାନେ ବଧିର ହୋଇଗଲେ । ଘୃଷଣ ରହିତ (ଅର୍ଥାତ୍ ସୁନ୍ଦର) ତୃତୀୟ ପୁତ୍ର ଜାତ ହେଲା । ସେମାନେ ଦଶାନନ, କୁମ୍ଭକର୍ଣ୍ଣ, ବିଭୀଷଣ ନାମରେ ଖ୍ୟାତ ହେଲେ । ଯେଉଁ କନ୍ୟା ଜାତ ହେଲା, ତାହାର ନଖସବୁ କୁଲାପରି ଥିବାରୁ ତାହାର ନାମ ସୂର୍ପଣଖା ହେଲା ।

ବୃଦ୍ଧି ଯତନ ଧନକୁ ଧନୁ, ଗିରି ସମରେ ଦିଶିଲା ତନୁ,
ଗ୍ରୀଷ୍ମସମୟର ଏ ଅନୁମାନୁ ନୁହଇ ଆନ ଯେ ।
ବିଶାଳ ମହାଶାଳ କି କର, ସାନୁ ସମାନେ ଉନ୍ନତ ଶିର,
କୃଶାନୁପରି ତେଜନକର ଜ୍ୱଳିତ ଦେହ ଯେ ।
ବିଦ୍ୟମାନ କୋଟର ତଥା ଲୋଚନ ଯେ ।
ବର୍ଦ୍ଧମାନକରନ୍ତି ଜୀବ ଶୋଚନ ଯେ ।
ବୁଲିଲେ ପୁରେ ପୁରେ ସ୍ୱଚ୍ଛନ୍ଦେ ମାଡିଲେ ନାନାଦ୍ରବ୍ୟ ଭକ୍ଷରେ
ଗଲା ଦ୍ୱାଦଶ ସମ୍ବତ୍ସରରେ ଯେ କୁମ୍ଭକର୍ଣ୍ଣ ଯେ ।୯।
ବହୁତ ଜନ ଜୀବନ ନେଇ ଉତ୍ତରକୁରୁ ପ୍ରଦେଶେ ଯାଇ
ଉତ୍ତର ନିଷ୍ଠୁରତର ନ ସହି ଇନ୍ଦ୍ରେ ନ ମାନି ଯେ ।
ବଜ୍ରାଘାତକୁ ମଣି ଇତର ଉପାଡି ଦନ୍ତ ଐରାବତର
ପ୍ରହାରେ ମୋହ ସୁରଈଶ୍ୱର ପଳାଇ ଦେଲ ଯେ ।

---

୯ମ ପଦ :— ଗିରି— ପର୍ବତ । ତନୁ — ଦେହ । କର— ହାତ । ସାନୁ — ଶୃଙ୍ଗ । କୃଶାନୁ— ଅନଳ । କୋଟର କନ୍ଦର । ଶୋଚନ — ଶୋକ ।

୧୦ମ ପଦ :– ଉତ୍ତରକୁରୁ ପ୍ରଦେଶ— ସ୍ୱର୍ଗ । ନିଷ୍ଠୁରତର – କର୍କଶ, ନିଷ୍ଠୁର । ଉତ୍ତର ପ୍ରତିବାକ୍ୟ । ଇତର— ତୁଚ୍ଛ । ସୁରଈଶ୍ୱର— ଇନ୍ଦ୍ର । ଶ୍ୱଶୁର-ସ୍ଥାନ— ବାପର ଶଶୁର ଘର, ସୁମାଳୀର ବାସଭବନ, ପାତାଳ । ବିଶାସ୍ୟ --

---

୯ମ ପଦ :— ପୁତ୍ରମାନେ ଯତ୍ନରେ ଧନକୁ ଧନ ବଢ଼ିଲେ । ସେମାନଙ୍କର ଦେହ ଗ୍ରୀଷ୍ମକାଳର ପର୍ବତପରି ଦେଖାଗଲା । ଏହା ଅନୁମାନରୁ ଆନ ନୁହେ । ତାହାଙ୍କର ହାତ ମହାଶାଳ ପରି ବିଶାଳ, ଶିର ପର୍ବତ, ନେତ୍ର କନ୍ଦରର ଆକାର ଧାରଣ କଲା ଏବଂ ଦେହର ତେଜ ଅଗ୍ନି ସମାନ ପ୍ରଚଣ୍ଡ ଉଠିଲା । ସେମାନେ ସମସ୍ତ ପ୍ରାଣୀଙ୍କର ଶୋକ ବଢ଼ାଇଲେ । ମନ ଇଚ୍ଛାରେ ପୁରିଆଡ଼େ ବୁଲି ନାନାପ୍ରକାର ଦ୍ରବ୍ୟ ସବୁ ଖାଇଲେ । ଏହିପରି ବାରବର୍ଷ ବିତିଗଲା; ତତ୍ପରେ କୁମ୍ଭକର୍ଣ୍ଣ—

୧୦ମ ପଦ — (ତତ୍ପରେ କୁମ୍ଭକର୍ଣ୍ଣ) ବାଟରେ ବହୁତ ପ୍ରାଣୀ ବିନାଶ କରି ସ୍ୱର୍ଗକୁ ଯାଇ ନାନା ଉପଦ୍ରବ କଲା । ଇନ୍ଦ୍ରଙ୍କୁ ନ ମାନି ତାଙ୍କୁ ନିଷ୍ଠୁର କଥାମାନ କହିଲା । ଇନ୍ଦ୍ରଙ୍କ ବଜ୍ର ପ୍ରହାରକୁ ତୁଚ୍ଛ ମନେ କରି ଐରାବତ ହସ୍ତୀର ଦନ୍ତକୁ ଉପାଡ଼ି ଇନ୍ଦ୍ରଙ୍କୁ ପ୍ରହାରନ୍ତେ, ଇନ୍ଦ୍ର ଅଚେତନ ହେଲେ । ଐରାବତ ତାହାଙ୍କୁ

*

ବିଭୀଷଣ ପକ୍ଷରେ ଦ୍ୱନ୍ଦ୍ୱ ରଚିତ ଯେ ।
ବସ୍ତ୍ରାଶ୍ମଶ୍ମର ସ୍ଥାନେ ଦଶାସ୍ୟ ଗତ ଯେ ।
ବିରଜା ମଣ୍ଡଳରେ ତପସ୍ୟା ଜଗଜ୍ଜୟରେ କରି ମନୀଷା
ଅଶନହୀନେ ଦିବସ ନିଶା କାଳ ବଞ୍ଚିତ ଯେ ।୧୦।
ବିଖନ ଭାଲ ଲେଖନବର୍ଣ୍ଣ ମୁଣ୍ଡ ପ୍ରଚଣ୍ଡାନଳେ ଦହନ
କରିଣ କଲା ଜ୍ୟେଷ୍ଠ ପଠନ କଷ୍ଟ ଅତ୍ୟନ୍ତ ଯେ ।
ବଲ୍ଲକୀ ରଚି ଭୁଜ ମୂର୍ଦ୍ଧାରେ ଯେ ଦଣ୍ଡ ତୁମ୍ବୀ ଭାବେ ଶ୍ରଦ୍ଧାରେ
ଧମନୀ ଗୁଣ କରି ବେଧାରେ ବିନୟୀ ଗୀତ ଯେ ।
ବାଜିଁ ଗାଇଁ ହୋଇଲେ ଆସି ପ୍ରସନ୍ନ ଯେ ।
ବର କାମନାପୂର୍ଣ୍ଣେ କଲେ ପ୍ରଦାନ ଯେ ।
ବଞ୍ଚିବୁ ଯୁଗ ଛପନଗଣ୍ଡା ବରଣୀ ହେବ ବ୍ରହ୍ମାଣ୍ଡେ ଖଣ୍ଡା
ସୀତା ହରଣ ନିଶ୍ଚେ ମରଣ କାରଣ ଜାଣ ରେ ।୧୧।

---

ରାବଣ । ବିରଜାମଣ୍ଡଳରେ— ଦେବୀ ପୀଠରେ । ମନୀଷା— ଇଚ୍ଛା । ଅଶନହୀନେ— ଅନାହାରରେ ।

୧୧ଶ ପଦ :— ବିଖନ  ବିଧାତା । ଭାଲ — କପାଳ । ଲେଖନବର୍ଣ୍ଣ ମୁଣ୍ଡ —ଅକ୍ଷର ଲେଖାଥିବା ମୁଣ୍ଡ । ଜ୍ୟେଷ୍ଠ—ରାବଣ । ବଲ୍ଲକୀ - ବୀଣା । ଧମନୀ— ଶିରା । ବେଧାରେ— ବ୍ରହ୍ମାଙ୍କୁ । ବରଣୀ ହେବ— ପୂଜା ପାଇବ ।

---

ନେଇ ପଳାଇ ଗଲା । ବିଭୀଷଣ ପକ୍ଷ ଲୋକରେ ଯୁଦ୍ଧ ଆରମ୍ଭ କଲା । ରାବଣ ପାତାଳ ପୁରକୁ ଜୟ କରିବାକୁ ଗଲା । (ଏହାପରେ ତିନିଭାଇଙ୍କୁ ତିନିପୁରରେ ଯୁଦ୍ଧ କରି ସାରି) ଜଗତ୍ ଜୟ କରିବା ଇଚ୍ଛାରେ ବିରଜା ଦେବୀଙ୍କ ପୀଠରେ ଅନାହାରରେ ଦିନ ରାତି ତପସ୍ୟା କରିବାକୁ ଲାଗିଲେ ।

୧୧ ପଦ :—(ଜ୍ୟେଷ୍ଠ) ରାବଣ ଆପଣାର ମୁଣ୍ଡମାନଙ୍କୁ ପ୍ରଚଣ୍ଡ ଅନଳରେ ଦଗ୍ଧ କରି ଲଲାଟରେ ଥିବା ବିଧାତା ଲିଖିତ ଅକ୍ଷରମାନଙ୍କୁ ଅତି କଷ୍ଟରେ ପାଠ କଲା । (ନିଜ ଲଲାଟରେ ଭଲ ଲେଖା ନାହିଁ—ଏହା ଜାଣି) ସେ ନିଜ ଭୁଜକୁ ଦଣ୍ଡ ମୁଣ୍ଡକୁ ତୁମ୍ବୀ, ଶିରାକୁ ତାର କରି ସେହି ବୀଣାରେ ବିନୟରେ ବ୍ରହ୍ମାଙ୍କର ସ୍ତବ ଗାନ କଲା । ବ୍ରହ୍ମା ପ୍ରସନ୍ନ ହୋଇ ଆସି କହିଲେ, "ତୁ ଛପନଗଣ୍ଡା ଯୁଗ ଯାଏ ବଞ୍ଚି ରହିବୁ । ତୋହର ଖଣ୍ଡା ସମସ୍ତ ଜଗତରେ ପୂଜା ପାଇବ (ତୁ ଜଗତଜୟୀ ହେବୁ) । ମାତ୍ର ସୀତା ହରଣ ତୋହର ମରଣ କାରଣ ଅଟେ—ଏହା ମନେ ରଖ ।"

ବେଭାରେ ସୀତା ବହୁ ଯୋଷିତା          ଯେ ହୋଇଥିବ ଜନକସୁତା
ବହୁତ ରାମ ପରକାଶିତା ଯେ ଦାଶରଥି ଯେ ।
ବାକ୍‌ଦେବୀ ଆସି ବସିଲେ ଗଳେ          କୁମ୍ଭକର୍ଣ୍ଣର ବରଦକାଳେ
ନିଦ୍ରା ମୁଁ ଯିବ ବୋଲି ଚପଳେ ମାଗିଲା ତହିଁ ଯେ ।
ବର୍ଷରେକ ନ ପୂରୁ ଉଠିବୁ ଯେବେ ରେ ।
ବଧ ଅବଶ୍ୟ ହେବ ତୋହର ତେବେ ରେ ।
ବିଷ୍ଣୁ ଭକତ ହୋଇ ଅମର          ଜଗତ ମଧ୍ୟେ କର ବିହାର
ଗତ ପଦ୍ମଜ ଦେଇ ଏ ବର ସାନୁଜେ ଜବେ ଯେ । ୧୨ ।
ବାହୁଡ଼ି ତହୁଁ ପାତାଳେ ବିଜେ          ନିକଷାତ୍ମଜପୁଞ୍ଜଙ୍କୁ ସାଜି
ବେଢ଼ିଲେ ଲଙ୍କା କୁବେର ତେଜି ଗଲା ସେ ପୁର ଯେ ।
ବିମାନେ ନେଲା ସର୍ବ ସମ୍ପତ୍ତି          ଦ୍ୱି-ମାନେ ଯଥା ଗଗନେ ଗତି
ସେ ମନୋରଥ ରଥ ପ୍ରାପତ ଇନ୍ଦ୍ର ସମର ଯେ ।

---

୧୨ଶ ପଦ :—ବେଭାରେ—ଜଗତରେ । ଯୋଷିତା—ସ୍ତ୍ରୀ । ବାକ୍‌ଦେବୀ,—ସରସ୍ୱତୀ । ବରଦକାଳେ - ବରଦେବା ସମୟରେ । ଚପଳେ - ଶୀଘ୍ର । ପଦ୍ମଜ—ବ୍ରହ୍ମା । ସାନୁଜ—ବିଭୀଷଣ । ଜବ—ଶୀଘ୍ର ।

୧୩ଶ ପଦ :—ବିଜେ - ଶୋଭିତ ହୋଇ । ନିକଷାତ୍ମଜପୁଞ୍ଜଙ୍କୁ—ଅସୁରଗଣଙ୍କୁ । ସାଜି - ସଜ କରି । ଦ୍ୱି-ମାନେ— ପକ୍ଷୀମାନେ । ମନୋରଥ—(ମନ

---

୧୨ଶ ପଦ :—ଜଗତରେ ବହୁତ ସ୍ତ୍ରୀ ଲୋକ ସୀତା ନାମ ବହିଛନ୍ତି; ରାମ ନାମରେ ବହୁତ ଲୋକ ଥାଇ ପାରନ୍ତି, ମାତ୍ର ଯେଉଁ ସୀତା ଜନକରାଜାଙ୍କର କନ୍ୟା ହୋଇଥିବେ, ତାହାଙ୍କୁ ହରିଲେ, ଦଶରଥଙ୍କର ପୁତ୍ର ରାମଚନ୍ଦ୍ର ତୋତେ ମାରିବେ । କୁମ୍ଭକର୍ଣ୍ଣଙ୍କୁ ବରଦେବା ସମୟରେ ସରସ୍ୱତୀ ଆସି ତାହା କଣ୍ଠରେ ବସିଲେ । ତେଣୁ ସେ ତରତରରେ 'ମୁଁ ନିଦ୍ରା ଯିବି' ବୋଲି ବର ମାଗି ଦେଲା । ତାହା ଶୁଣି ବ୍ରହ୍ମା ବର ଦେଲେ "ବର୍ଷେ ପୂର୍ଣ୍ଣ ନ ହେଉଣୁ ଯେବେ ନିଦ୍ରାରୁ ଉଠିବୁ, ତାହା ହେଲେ ଅବଶ୍ୟ ତୋର ବିନାଶ ହେବ ।" "ବିଷ୍ଣୁଭକ୍ତ ଓ ଅମର ହୋଇ ଜଗତରେ ବିହାର କରିବୁ"—ଏହି ବର ସାନ ଭାଇ ବିଭୀଷଣଙ୍କୁ ଦେଇ ବ୍ରହ୍ମା ବେଗରେ ସେଠାରୁ ଚାଲିଗଲେ ।

୧୩ଶ ପଦ (ସେ ତିନିଭାଇ ବ୍ରହ୍ମାଙ୍କଠାରୁ ବର ପାଇଲା ପରେ) ସେଠାରୁ ବାହୁଡ଼ି ପାତାଳ ପୁରରେ ବିରାଜିତ ହେଲେ । ଅସୁରମାନଙ୍କୁ ସଜ୍ଜୀଭୂତ କରି ଲଙ୍କାକୁ ଯାଇ ଚଢ଼ାଉ କଲେ । କୁବେର ପୁଷ୍ପକଯାନରେ ବସି ସମସ୍ତ ସମ୍ପତ୍ତି ନେଇ ପକ୍ଷୀମାନେ ଆକାଶରେ ଉଡ଼ିଗଲାପରି ଲଙ୍କାପୁର ଛାଡ଼ି ଚାଲିଗଲେ । ରାବଣ

ବିଶେଷ ଉଲଙ୍ଘପ୍ରଶ୍ନ ପ୍ରକଟ କରି ଯେ ।
ବିଧୂ ନୁଦ ବିଧୂକୁ ଗ୍ରାସିଲା ପରି ଯେ ।
ବିଶ୍ୱ କେତୁରେ ହୋଇ ଅଦମ୍ୟା ଶୋଭା ଆରମ୍ଭ ରମ୍ଭା ସୁରମ୍ଭା
ଉରୁକୁ ହରି ହୋଇଲା ବିଭା ମୟକୁମାରୀ ଯେ । ୧୩ ।
ବୃଷସଦୃଶ ସୁରଭିଆଳୀ ଗୋଷ୍ଠ କୋଷ୍ଠିରେ କଲା ସେ କେଳି
ପ୍ରଜାପତିଙ୍କ ସମାନେ ଝଲ ଅନେକ ସୁତ ଯେ ।
ବର୍ଣ୍ଣିବା କିସ ଜ୍ୟେଷ୍ଠକୁମାର ଜାତ ରଡ଼ିକ ଶୁଣି କୁମାରଙ୍କ
ଗ୍ଲାନି ସେ ମେଘନାଦ ଉପରି ପଡ଼ି ଅଚେତ ଯେ ।

---

ଅନୁସାରେ ଯେଉଁ ରଥ ଗତି କରେ ) ପୁଷ୍ପକବିମାନ । ବିଧୂନ୍ତୁଦ ରାହୁ
ବିଶ୍ୱକେତୁ—କନ୍ଦର୍ପ । ଅଦମ୍ୟା—ଦମ୍ଭହୀନ । ଶୋଭା ଆରମ୍ଭା—(ଶୋଭାରେ ଯେ
ପ୍ରଥମ) ଅତି ସୁନ୍ଦରୀ । ସୁରମ୍ଭା—ଉତ୍ତମ କଦଳୀଗଛ । ମୟକୁମାରୀ-ମୟଦୈତ୍ୟର
କନ୍ୟା ମନ୍ଦୋଦରୀ ।

୧୪ଶ ପଦ :— ସୁରଭି—କାମଧେନୁ । ଆଳୀ—ସଖୀ (ଏଠାରେ ସ୍ତ୍ରୀ) ।
ଗୋଷ୍ଠରେ - ସମୂହରେ । କୋଷ୍ଠି ଘର । ପ୍ରଜାପତି - ବ୍ରହ୍ମା । କୁମାର—
କାର୍ତ୍ତିକେୟ । ମେଘନାଦ—ମୟୂର । ବନ ବେଷ୍ଟିତ ସ୍ଥାନ - ଜଳବେଷ୍ଟିତ ସ୍ଥାନ
ଅର୍ଥାତ୍ ଲଙ୍କା । ପିଶିତ—ମାଂସ ।

---

ମନ ଜାଣି ଗତି କରୁଥିବା ପୁଷ୍ପକବିମାନ ପାଇବା ଇଚ୍ଛାରେ କୁବେରଙ୍କ ସଙ୍ଗରେ ଯୁଦ୍ଧ କରିବାକୁ ଗଲା ଓ ବିମାନକୁ ବଳାତ୍କାରରେ ତାଙ୍କଠାରୁ ହରାଇ ଆଣିଲା । ରାହୁ ଚନ୍ଦ୍ରମାଙ୍କୁ ଗ୍ରାସ କଲାପରି ସେ ଭୟଙ୍କର ତେଜ ପ୍ରକାଶ କରି ସମଗ୍ର ସଂସାରକୁ ଗ୍ରାସ କଲା ( ଜୟ କଲା ) କନ୍ଦର୍ପ ପୀଡ଼ାରେ ଅସ୍ଥିର ହୋଇ ସେ ପରମାସୁନ୍ଦରୀ ରମ୍ଭୋରୁବିଶିଷ୍ଟା ରମ୍ଭା ଅପ୍ସରାକୁ ହରଣ କଲା ଓ ମୟଦୈତ୍ୟକୁମାରୀ ମନ୍ଦୋଦରୀକୁ ବିବାହ କଲା ।

୧୪ଶ ପଦ — ବୃଷଭ ଯେପରି ଗାଈ ଗୋଠରେ କେଳି କରେ, ସେହିପରି ସେ ରାବଣ ଗୃହରେ ବୃଷଭ ପରି ସୁନ୍ଦରୀ ସ୍ତ୍ରୀମାନଙ୍କ ସହିତ କେଳି କଲା । ସେହି-ମାନଙ୍କଠାରୁ ଦକ୍ଷଙ୍କ ସମାନ ପାର୍ଥିମାନ ପୁତ୍ର ସବୁ ଜାତ ହେଲେ । ସେମାନଙ୍କ କଥା କିଏଣ ବା ବର୍ଣ୍ଣନା କରିବ ? ଜ୍ୟେଷ୍ଠ ପୁତ୍ରର ଜନ୍ମ ସମୟର ରଡ଼ିକୁ ଶୁଣି କାର୍ତ୍ତିକେୟ ମୟୂର ପିଠିରୁ ତଳେ ପଡ଼ିଯାଇ ଅଚେତନ ହେଲେ । ତାହାର ଶବ୍ଦ

ବଳେ ମେଘନାଦରୁ ତାହାର ସ୍ୱନ ବଳେ ।
ବଢ଼େ ସେ ମେଘନାଦ ନାମ ପ୍ରଧାନ ଗଣେ ।
ବନ-ବେଷ୍ଟିତ ସ୍ଥାନରେ ରହି ସିଂହ ଶାର୍ଦ୍ଦୂଳ ବଳସ୍ଥେ ହୋଇ,
ବଇରି-ମୃଗ ପିଶିତ ଧାୟି ଆଉ ନନ୍ଦନ ଯେ । ୧୪ ।
ବାମ କରରେ ହୋଇଣ ବାମ ବାମଦେବର ଗିରି କୁସୁମ,
ପରି ଉପାଡ଼ି ଧରନ୍ତେ କ୍ଷମ ହେବା କାଳରେ ଯେ ।
ଯାହାର ଦରବଶେ ଏ ସ୍ୱର ଈଶ୍ୱରଠାରୁ ରାବଣେଶ୍ୱର,
ଦେଖିଲେ ପଞ୍ଚଦ୍ୱିଗୁଣ ଶିର ସେ ବହୁବାର ଯେ ।
ବିଶେଷତ ଦେଖିଲେ ଇକ୍ଷଣ କରି ଯେ ।
କଳାପରୁ ଦୈତ୍ୟର ସ୍ୱର୍ଣ୍ଣନଗର ଯେ ।
ଝଟଳିକ ରୌପ୍ୟନଗରେ ସ୍ଥିତ ଉପୁଜି ଯାଇ ଏ ହୃଣା ଯତ
ଭୋଗ ତ ବେନଜନେ ବିଭୂତି ଆନ ପ୍ରକାର ଯେ । ୧୫ ।

---

୧୫ଶ ପଦ—ବାମ—ବିପକ୍ଷ । ବାମଦେବର ଗିରି – ମହାଦେବଙ୍କର ଗିରି, କୈଳାସ ପର୍ବତ । ଦରବଶେ – ଭୟରେ । ଈକ୍ଷଣ—ଚକ୍ଷୁ । ବିଭୂତି—ଐଶ୍ୱର୍ଯ୍ୟ ।

---

ମେଘଧ୍ୱନିରୁ ବଳି ଥିବାରୁ ତାହାର ପ୍ରଧାନ ନାମ ମେଘନାଦ ହେଲା । ତତ୍ପରେ ଆଉ ଯେତେ ପୁତ୍ର ସେମାନେ ସିଂହ ବ୍ୟାଘ୍ରଙ୍କ ପରି ବଳିଷ୍ଠ ହୋଇ ଶତ୍ରୁ ରୂପ ମୃଗର ମାଂସକୁ ଧ୍ୟାନ କରି ଜଳବେଷ୍ଟିତ ଲଙ୍କାପୁରରେ ରହିଲେ । ( ସିଂହ ବ୍ୟାଘ୍ରମାନେ ମୃଗ ମାଂସ ଖାଇବା ଆଶାରେ ବନ ମଧ୍ୟରେ ରହିଥାଆନ୍ତି ) ।

୧୫ଶ ପଦ—ରାବଣ ପ୍ରତିକୂଳ ହୋଇ ବାମହସ୍ତରେ ଶିବଙ୍କର ଗିରି କୈଳାସକୁ ଫୁଲପରି ଉପାଡ଼ି ଧରିବାକୁ ଗଲାବେଳେ, ଭୟ ପାଇ ମହାଦେବ ତାଙ୍କୁ ଦେଖି ଏହା କହିଲେ —"ମୁଁ ଈଶ୍ୱର, ଏ ରାବଣେଶ୍ୱର, ମୋହର ପଞ୍ଚବଦନ, ଏହାର ଦଶବଦନ । ବିଶେଷରେ ଗଣନା କରି ଜାଣିଲେ, ମୋହର ପନ୍ଦର ଆଖି, ଏହାର କୋଡ଼ିଏ ଆଖି । ମୁଁ ରୌପ୍ୟମୟ କୈଳାସକନ୍ଦରରେ ବାସ କରେ, ଏ ସ୍ୱର୍ଣ୍ଣମୟ ଲଙ୍କାପୁରରେ ବାସ କରୁଛି । ଭୋଗ ବିଷୟରେ ମୋହର ବିଭୂତି (ଭସ୍ମ) ଭୋଗ ଓ ତାହାର ବିଭୂତି ବିଶେଷ ଐଶ୍ୱର୍ଯ୍ୟ ଭୋଗ । ଅତଏବ ଏହାଠାରୁ ମୁଁ ସବୁ ଗୁଣରେ ଊଣା ।" (ଏପରି ଭ୍ରାନ୍ତି ତାଙ୍କ ମନରେ ଜାତ ହେଲା) ।

ବାରବୃଣି ଏ ତରଳ-ତର ଅଧୀର ଥିଲା ଅତି ମାତର,
ଯାହା ପ୍ରତାପେ ହୋଇ କାତର ସେ ତରତର ଯେ ।
ବ୍ୟାକୁଳ ଜାତ ପାଞ୍ଚ ପାଞ୍ଚର ଆମ୍ଭେ ସ୍ୱଭାବେ ଏହା ଆହାର,
ବେନ ଶେନଲେ ହୃଦଭିତର ଏହି ବିଚାର ଯେ ।
ବାହୁ ନ ପୁଣ ଯାଇ ମୀନଙ୍କୁ ଖାଇ ଯେ ।
ବଡ଼ ବଂଶତଭୁଜ ବଢ଼ିବା ଗୁହିଁ ଯେ ।
ବନ୍ଧୁଭାବରେ ସେ ଶାନ୍ତ କାନ୍ତ ନାମେ ସମର୍ପି ଦ୍ରବ୍ୟ ସୁବନ୍ତ,
ସ୍ୱନାମ କଲେ କୋଷେ ତା ସ୍ଥିତ ରତ୍ନକୁ ଦେଇ ଯେ । ୧୬ ।
ବନ୍ଧୁ କୃପାଣ ସାଧନ କରେ ଛେଦର ଶଙ୍କା ଜମ୍ବୁ ପ୍ଲକ୍ଷରେ,
ଆରମ୍ଭ, ହୋମ କର୍ମ କୁଶରେ ବନ୍ଧନ ଭ୍ରାନ୍ତି ଯେ ।
ବାନ୍ଧୁଳ ଧରୁ କ୍ରୌଞ୍ଚ ଚମକେ ଭୋଜନକାଳେ ଭୟଦ ଶାକେ,
ଶଯ୍ୟନେ ଭୂକୀ କରଣେ ଶଙ୍କେ ଶାଲ୍ମଳୀ ନତ ଯେ ।

---

୧୬ ଶ ପଦ—ବାରବଣି—ସାଗର । କୋଷ—ଭଣ୍ଡାର ।

୧୭ଶ ପଦ—କୃପାଣ—ଖଡ୍ଗ । ଜମ୍ବୁ—ଜମ୍ବୁଦ୍ୱୀପ, ଜାମୁଗଛ । ପ୍ଲକ୍ଷ—ପ୍ଲକ୍ଷଦ୍ୱୀପ, ଓଲୁଳ ବୃକ୍ଷ । କୁଶ—କୁଶଦ୍ୱୀପ, କୁଶ । କ୍ରୌଞ୍ଚ—କ୍ରୌଞ୍ଚଦ୍ୱୀପ,ବକପକ୍ଷୀ ।

---

୧୬ଶ ପଦ—ସମୁଦ୍ର ସବୁ ଅତିଶୟ ତରଳ, ତେଣୁ ଅଳ୍ପ ଚଞ୍ଚଳ ଥିଲା,ମାତ୍ର ରାବଣ ପ୍ରତାପରେ ଅତ୍ୟନ୍ତ ଭୀତ ହୋଇ ବର୍ତ୍ତମାନ ତରଙ୍ଗଯୁକ୍ତ ହୋଇଅଛି । ତା ମଧ୍ୟରୁ ପଞ୍ଚସମୁଦ୍ର [ଇକ୍ଷୁ, ସୁରା,ସର୍ପି, ଦଧି, ଦୁଗ୍ଧ ସମୁଦ୍ର] ପାଞ୍ଚିଲେ,"ଆମ୍ଭେ ସ୍ୱଭାବରେ ଏହାର ଭକ୍ଷ ପଦାର୍ଥ । ଆମ୍ଭଙ୍କୁ ଖାଇଯିବ ନାହିଁ ତ ?" ଏହା ଭାବ ତାଙ୍କର ଭୟ ଜାତ ହେଲା । ବେନ ସମୁଦ୍ର [ଲବଣ ଓ ଜଳସମୁଦ୍ର] ହୃଦୟମଧ୍ୟରେ ବିଚାର କଲେ, 'ଏ ବଡ଼ ବଡ଼ ବଂଶ ବାହୁକୁ ବଢ଼ାଇ ମୀନମାନଙ୍କୁ ଖାଇବା ଆଶାରେ ଆମ ଜଳସବୁକୁ ବୁହାଇ ଦେବ ନାହିଁ ତ ? ସମସ୍ତେ ଏହା ବିଚାର କରି କାନ୍ତ ନାମରେ ଗୋଟିଏ ଦ୍ରବ୍ୟ ଯୁବତୀକ ତାଙ୍କୁ ସମର୍ପି ଓ ତାହାର ଶାନ୍ତ ପାଇ ବହୁତ ରତ୍ନ ଦାନ କରି ତାହାର ଭଣ୍ଡାରକୁ ନିଜ ନାମରେ ଅଙ୍କିତ କଲେ (ଭଣ୍ଡାରର ନାମ ରତ୍ନାକର ଦେଲେ ) ।

୧୭ଶ ପଦ—ସାଧନ କରିବା ପାଇଁ ଖଡ୍ଗର ବନ୍ଧିବାରୁ ଜମ୍ବୁଦ୍ୱୀପଓ ପ୍ଲକ୍ଷଦ୍ୱୀପ ଶଙ୍କା କଲେ ଯେ, ଏ ଆମ୍ଭଙ୍କୁ ଜାମୁଗଛ ଓ ଓଲୁଳ ଗଛ ଭାବି ହାଣି ପକାଇବ କି ? କୁଶ ଦ୍ୱୀପର ଭୟ ଜାତ ହେଲା ଯେ, ମୋତେ କୁଶ ଭାବି ଏ ହୋମ କାର୍ଯ୍ୟରେ ଲଗାଇବ କି ? ବାନ୍ଧୁଳ ଧରିବାରୁ କ୍ରୌଞ୍ଚଦ୍ୱୀପ ଭୟରେ ଚମକି ବସୁଥିଲା,

ବିନ୍ଧୁଁ ଦେବପୂଜନ ପୁଷ୍କରେ ଭସ୍ମ ଯେ ।
ବଳେ ଉପାଡ଼ି ନେବ ହୋଏ ଉଦସ୍ମ ଯେ ।
ବିଭୋଗ କର ପ୍ରତାପେ କର    କରାଇ ହେଲେ ପ୍ରଜାଆକାର
ପୃଥ୍ବୀମଣ୍ଡଳ ରାଜାନକର ମହାଦୁର୍ଜ୍ଜୟ ଯେ । ୧୭ ।
ବନ୍ଦୀ ବଳୀର ଫେଡ଼ିନେ ଯାର    ଭରସାକୃତ ରସାତଳର
କୋଟିଏ ସିଂହ ବଳ ବାଳର ଧରଣେ ଇଚ୍ଛି ଯେ ।
ବିକଳଭାବ ନୋହିଲା ଲବ    ପାଇଁ ନିବଡ଼ ଭଡ଼ ପ୍ରାଭବ,
କେମନ୍ତ ମଲ୍ଲ କୋବିଦେ ଭାବ ତୁଲ କି ଅଛି ଯେ ।

---

ଶାକ—ଶାକଦ୍ୱୀପ, ଶାଗ । ତୁଳା—ତୁଳାଶେଯ । ଶାଳ୍ମଳୀ—ଶାଳ୍ମଳ ଦ୍ୱୀପ, ଶିମିଳୀ ତୁଳା ।

୧୮ଶ ପଦ : - ଭରସାକୃତ—ସାହସପୂର୍ବକ । ରସାତଳ—ପାତାଳ । କୋବିଦ—ପଣ୍ଡିତ । ସହସ୍ରଭୁଜ—ସହସ୍ରାର୍ଜ୍ଜୁନ ।

---

ମୋତେ ବଗ ପକ୍ଷୀ ମନେ କରି ବାନ୍ଧିଲ ମାରିବ କି ? ଭୋଜନ ସମୟରେ ଶାକଦ୍ୱୀପ ଭସ୍ମ କଲ୍ଲ, ମୋତେ ଶାଗ ଭାବି ଖାଇ ଦେବ ନାହିଁ ତ ? ପ୍ରତିଦିନ ଶୟନ ସମୟରେ ଶାଳ୍ମଳୀଦ୍ୱୀପ ଶଙ୍କା ମନରେ ଭାବିଲ୍ଲ, ମୋତେ ଶିମୁଳୀ ତୁଳା ମନେ କରି କାଳେ ଶଯ୍ୟା କରିବ । ଦେବପୂଜା କରିବାବେଳେ ପୁଷ୍କର ଦ୍ୱୀପ ଭସ୍ମ କଲ୍ଲ, ମୋତେ ପଦ୍ମଫୁଲ ବରିର କାଳେ ଉପାଡି ନେବ । ପୃଥ୍ୱୀ ମଣ୍ଡଳରେ ଯେତେ ରାଜାସବୁ ଥିଲେ; ତାଙ୍କୁ ପ୍ରଜାପରି କରି, ନିଜର ବାହୁ ପ୍ରତାପରେ ତାଙ୍କଠାରୁ କର ଆଦାୟ ପୂର୍ବକ ବିଶେଷ ଭାବରେ ଭୋଗ କଲ୍ଲ । ପ୍ରତାପରେ ତାଙ୍କଠାରୁ କର ଆଦାୟ ପୂର୍ବକ ବିଶେଷ ଭାବରେ ଭୋଗ କଲ୍ଲ । ଏଣୁ ସମସ୍ତଙ୍କର ଅଜେୟ ହୋଇ ରହିଲା । ପୃଥିବୀର ସମସ୍ତ ରଜା ତାହାର ପ୍ରଜା ହେଲେ ।

୧୮ଶ ପଦ :— ଯେଉଁ ରାବଣର ପାତାଳରେ ଥିବା ବଳି ରାଜାର ବନ୍ଧନ ଫେଡ଼ିବାକୁ ସାହସ ହେଲ୍ଲ, କୋଟିସିଂହ ପରାକ୍ରମ ବାଳିକୁ ଧରିବାକୁ ଇଚ୍ଛାହେଲ୍ଲ, ସେ ବାଳିଠାରୁ ବହୁତ ପରାଭବ ପାଇଲେ ହେଁ ଲେଶ ମାତ୍ର ବିକଳ ହେଲା ନାହିଁ, ପଣ୍ଡିତମାନେ ମନରେ ଭାବ, ସେ କପରି ବୀର; ତାକୁ ଆଉ କେହି ସରିସମ ନାହାନ୍ତି । ନର୍ମଦା ନଦୀ ଓଲଟି ବହିବାର ଦେଖି ସହସ୍ରାର୍ଜ୍ଜୁନ ସହିତ ବିବାଦ ହେଲ୍ଲ । ସେଠାରେ ବନ୍ଧନରେ ପଡ଼ିଲା (ସହସ୍ରାର୍ଜ୍ଜୁନ ଦ୍ୱାରା ବନ୍ଦୀ ହେଲା) ସହସ୍ରାର୍ଜ୍ଜୁନ ତାକୁ ଖଡ୍ଗରେ ହାଣନ୍ତେ ଛିଡ଼ିଲା ନାହିଁ, ଅନଳରେ ପୋଡ଼ନ୍ତେ ଦଗ୍ଧ ହେଲା ନାହିଁ, ଜଳରେ ପକାନ୍ତେ ବୁଡ଼ି ନ ଯାଇ ରହିଲା । ମରିବା

ବାହୁଁ ସହସ୍ରଭୁଜେ ହୋଇଲା ବାଧା ଯେ ।
ବହିବାରୁ ପାଲଟି ନର୍ମଦାନଦୀ ଯେ ।
ବନ୍ଧନେ ପଡ଼ି ଖଡ୍‌ଗେ ନ ଛିଡ଼ି, ଅନଳଯୋଗେ ନ ଗଲା ପୋଡ଼ି,
ଜଳେ ନ ବୁଡ଼ି ସଂଶୟ ଛାଡ଼ି ବରେ ପ୍ରମୋଦ ଯେ । ୧୮ ।
ବେଦମଣିରେ ମନ ବଳାଇ ଦେଲା ସେ କନ୍ୟା ତନୁ ଜଳାଇ
ମୋ ହେତୁ ମୃତ୍ୟୁ ଏ ଶାପ ପାଇ ତହୁଁ ଚପଳେ ଯେ ।
ବୋଲି ମର୍କଟ ନିନ୍ଦି ନନ୍ଦୀରେ ଆନନ୍ଦ ହର ତଳପ୍ରହାରେ
ବୋଲେ ସେ ହେଉ ପ୍ରାଭବ ତୋରେ ବାନରେ ନରେ ଯେ ।
ବଧିଲା ଅନରଣ୍ୟଙ୍କୁ ଅଯୋଧ୍ୟା ପୁରେ ଯେ ।
ବରାହବରେ ଅନ୍ତ ମାୟାଯୁଦ୍ଧରେ ଯେ ।
ବଂଶେ ମୋ ନାଶ ଯିବୁ ଅବଶ୍ୟ ନର ଅବଜ୍ଞା କଲୁ ରାକ୍ଷସ,
କହିଲା ତହିଁ ସେହି ମହୀଶ ହତକାଳରେ ଯେ ।୧୯।

---

୧୯ଶ ପଦ:—ନନ୍ଦୀ—ଶିବଙ୍କ ଦ୍ୱାରପାଳ । ତଳ ପ୍ରହାରେ—ଗୋଇଠାରେ । ବରାହବରେ—ପ୍ରଧାନ ଯୁଦ୍ଧରେ । ମହୀଶ—ରାଜା ।

---

ବିଷୟରେ କୌଣସି ସନ୍ଦେହ ନ ରହିବାରୁ, ବ୍ରହ୍ମା ବରରେ ଆନନ୍ଦିତ ହେଲା । (ଅନ୍ୟାର୍ଥ—କାହିଁରେ ନ ମରିବାର ଦେଖି ସହସ୍ରାର୍ଜୁନ ମନରୁ ସନ୍ଦେହ ଦୂର ହେଲା ଯେ, ଏ ବ୍ରହ୍ମା ବର ବଳରେ ଆଦୌ ମରିବ ନାହିଁ ।)

୧୯ଶ ପଦ—ବେଦବତୀ କନ୍ୟାଠାରେ ମନ ବଳାଇ ତାକୁ ବଳାତ୍କାର କରିବାରୁ ସେ କନ୍ୟା 'ମୋ ଯୋଗୁ ତୋହର ମରଣ ହେଉ' ଏହି ଶାପ ଦେଇ ନିଜ ଦେହକୁ ଅଗ୍ନିରେ ପୋଡ଼ି ପକାଇଲା । ସେଠାରୁ ଏପରି ଶାପପାଇ କୈଳାସ ଶୀଘ୍ର ଯାଇ ନନ୍ଦୀକୁ ମର୍କଟ ବୋଲି ନିନ୍ଦା କଲା ଓ ଗୋଇଠା ମାରି ତାହାକୁ ଦୁଃଖ ଦେଲା । ନନ୍ଦୀ କହିଲା, "(ମୋତେ ମର୍କଟ ବୋଲି ନିନ୍ଦା କଲୁ) ତୁ ମର୍କଟ ଓ ମନୁଷ୍ୟଙ୍କ ଦ୍ୱାରା ଅଶେଷ ଦୁଃଖ ପାଇବୁ ।" ତହୁଁ ଅଭିଶାପ ପାଇ ଯାଇ ଅଯୋଧ୍ୟାରେ ଅନରଣ୍ୟ ରାଜାଙ୍କୁ ଭୟଙ୍କର ଯୁଦ୍ଧରେ ମାୟା ସମର କରି ବଧ କରନ୍ତେ, ସେ ମଲାବେଳେ ଶାପ ଦେଲେ, "ରେ ରାକ୍ଷସ, ତୁ ନର ବୋଲି ଆମ୍ଭମାନଙ୍କୁ ଅବଜ୍ଞା କଲୁ, ତୁ ମୋ ବଂଶର ରାଜା ହସ୍ତରେ ବିନାଶ ହେବୁ ।"

ବିବୁଧାଳୟ ଆଖିରଗ୍ରାମ ପରି ସୁରଭି ଲୁଣ୍ଠନେ କ୍ଷମ
ସୁମନବ୍ରଜେ ସେ ଦଣ୍ଡ କ୍ରମ କ୍ରମଶେ ଦେଇ ଯେ ।
ବାନ୍ଧିଲା ଅଧିକାରିକ ସୁତ ଯାହା ଆଜ୍ଞାରେ ସେ ଇନ୍ଦ୍ରଜିତ
ଶାଢ଼ୀ ପାଇଲା ଜଗତତାତ ବଧିରେ ତହିଁ ଯେ ।
ବଳସଦ୍ମ ପକ୍କଣ ପ୍ରାୟକ କଲା ଯେ ।
ବାଜୁଁ ଝମକ ତାଙ୍କୁ ଚମକ ଦେଲା ଯେ ।
ଲୁଞ୍ଚିଲେ ଲୁଚ ସେ ମଦଭର ନାଗେଶବର ଗୋପ୍ୟ ସ୍ଥାନର
ମଣି ଦିହୁଡ଼ି ଦେଖାଇବାର ସମ୍ମତ ହେଲା ଯେ । ୨୦ ।
ବଇଜୟନ୍ତି ଯାହା ଜଗତି ବଇଜୟନ୍ତ ଚଞ୍ଚଳେ ଖ୍ୟାତି
ମୋତେ ଏ ବାନ୍ଧି ନେବାକୁ ଗତି କରେ ନଭରେ ଯେ ।

---

୨୦ଶ ପଦ:—ବିବୁଧାଳୟ—ସ୍ୱର୍ଗ । ଆଖିରଗ୍ରାମ—ଗୌଡ଼ସାହି । ସୁରଭି—କାମଧେନୁ । ସୁମନ—ଦେବତା । ବ୍ରଜ—ସମୂହ । ବଳସଦ୍ମ—ପାତାଳ । ପକ୍କଣ—ଶବରପଲ୍ଲୀ । ମଦଭର-ନାଗେ—ଗର୍ବିତ ନାଗସମୂହ ।

୨୧ଶ ପଦ:—ବଇଜୟନ୍ତି—ପତାକା । ଜଗତି—ଅଟ୍ଟାଳିକା । ବଇଜୟନ୍ତ—ଇନ୍ଦ୍ରଙ୍କର ଅଟ୍ଟାଳିକା । ବିକର୍ତ୍ତନ—ସୂର୍ଯ୍ୟ । ବେନି ଅୟନ—ଦୁଇ ମାର୍ଗ

---

୨୦ଶ ପଦ – ରାବଣ ସ୍ୱର୍ଗକୁ ଗଉଡ଼ ସାହି ବୋଲି ମନେ କଲା । ସେ ସ୍ଥାନ ସ୍ୱର୍ଣ୍ଣଧେନୁ ଗାଈପରି ହେଲେ । ସେ ତାହା ଲୁଟିକରି ଗୋପାଳଙ୍କୁ ଦଣ୍ଡ ଦେଲା ପରି ଦେବତାମାନଙ୍କୁ ବହୁତ ଦଣ୍ଡ ଦେଲା । ତାହା ଆଜ୍ଞାରେ ତାହାର ପୁତ୍ର ଇନ୍ଦ୍ରଙ୍କୁ ବାନ୍ଧି ବିଧାତାଙ୍କଠାରୁ ଇନ୍ଦ୍ରଜିତ ନାମରେ ଶାଢ଼ୀ ପାଇଲା । ରାବଣ ପାତାଳ ପୁରକୁ ଶବର ସାହି ପରି କଲା । ଝମକ ବାଜିଲେ ଶବରମାନେ ଯେପରି ଚମକନ୍ତି, ତାଙ୍କୁ ସେହିପରି ଚମକ ଦେଲା । ସେ ସ୍ଥାନର ଅତି ଗର୍ବୀ ଶ୍ରେଷ୍ଠ ନାଗମାନେ ଗୋପନୀୟ ସ୍ଥାନରେ ଲୁଚି ପ୍ରାଣରକ୍ଷା କରିବାକୁ ଭାବିଲେ; ମାତ୍ର ଲୁଚି ପାରିଲେ ନାହିଁ । କାରଣ ତାଙ୍କ ମସ୍ତକରେ ଥିବା ମଣି ଦିହୁଡ଼ି ପରି ଜଳି ତାଙ୍କୁ ଚିହ୍ନାଇ ଦେବାରୁ ସେମାନେ ରାବଣକୁ ଅନ୍ଧାରରେ ମଶାଲ ଦେଖାଇବେ ବୋଲି ରାଜି ହୋଇ ତାର ଦାସତ୍ୱ ସ୍ୱୀକାର କଲେ ।

୨୧ଶ ପଦ—ରାବଣ ଅଟ୍ଟାଳିକାର ପତାକା ପବନରେ ଫରଫର ଉଡ଼ିବାରୁ ଇନ୍ଦ୍ରଙ୍କ ପ୍ରାସାଦ ମନରେ ଭୟ କଲା, 'ମୋତେ ବାନ୍ଧି ନେବା ପାଇଁ ସେ ଆକାଶରେ ଗତି କରୁଅଛି କି ?' ସୂର୍ଯ୍ୟ ମଧ୍ୟ ଆକାଶରେ ଗତି କଲାବେଳେ

ବିକର୍ତ୍ତନର ରଥ ହାଟବାଡ଼ ଭଗନେ ମଧ୍ୟ ଗଗନ ଛାଡ଼ି
ବେନି ଅୟନ ଚଳନେ ଜଡ଼ ଚିତ୍ତ ନିର୍ଭରେ ଯେ ।
ବୃଥା ଏ କଥା ନୋହେ ବୁଝ ବିବୁଧ ଯେ ।
ବୋଲାଇଛି ସେ ମେଘଦଣ୍ଡ ପାଚେରି ଯେ ।
ବାଇଧିପୂର ଦୁର୍ଗମଦୁର୍ଗ ଟହିଁ ପରିଖା ସାଗର ଆଗ
ଏପରି ହୋଇ ପାତାଳ ସ୍ୱର୍ଗ ହେ ଧିକ କରି ଯେ । ୨୧ ।
ବଳୀ ଏକରେ ସେ ତ ରୁଚିର, ବହୁତ ବଳୀ ଛନ୍ତି ଏଥିର,
ସେ ଗୁରୁ ଶେଷରଙ୍ଗେ ଏ ଚିର, ଅଶେଷ ରଙ୍ଗେ ଯେ ।
ବସଇ ସୁନାସୀରେକ ତହିଁ ଏ କେତେ ସୁନାସୀରରେ ଶୋହି
ଏପରି ହୋଇ ଚିତ୍ରରଥହିଁ କେବଳ ବର୍ଗ ଯେ ।

---

(ଉତ୍ତରାୟଣ ଓ ଦକ୍ଷିଣାୟନ) । ପୂର - ସମୁଦ୍ର । ଦୁର୍ଗମ ଦୁର୍ଗ—ଅଗମ୍ୟ ଗଡ଼ । ପରିଖା - ଗଡ଼ଖାଇ ।

୨୨ଶ ପଦ :—ରୁଚିର—ଶୋଭନୀୟ । ବଳୀ—ବଳବାନ୍‌ବ୍ୟକ୍ତି । ଗୁରୁ-ସୁନ୍ଦର । ସୁନାସୀର—ଇନ୍ଦ୍ର । ସୁନାସୀର—ପ୍ରଧାନଯୋଦ୍ଧା । ବର୍ଗ—ଅନେକ । ନୀଳାଦ୍ରି ଚନ୍ଦ୍ର—ଜଗନ୍ନାଥ ।

---

କାଳେ ରାବଣ ଅଟ୍ଟାଳିକାରେ ରଥ ବାଜ ଚୂନା ହୋଇ ଯିବ ଏହି ଭୟରେ ସେ ଉତ୍ତରାୟଣ ଓ ଦକ୍ଷିଣାୟନରେ ଗତି କରି ନିଶ୍ଚିନ୍ତ ହେଲେ । ବିବୁଧ ବୁଝ (ହେ ପଣ୍ଡିତେ ) ଏହା ମିଛ ନୁହେ । ଯାହାର ପାଚେରି ମେଘଦଣ୍ଡ (ପାଚେରି ଏତେ ଉଚ୍ଚ ଯେ ମେଘମାନେ ଆକାଶରେ ଗତି କଲାବେଳେ ସେଥିରେ ବାଜି ନଷ୍ଟ ହୋଇଯାନ୍ତି), ଗଡ଼ ଶତ୍ରୁଙ୍କ ଦ୍ୱାରା ଦୁର୍ଭେଦ୍ୟ ଓ ଗଡ଼ର ଖାଇରୂପେ ଗୁରିଆଡ଼େ ସମୁଦ୍ର ବିଦ୍ୟମାନ - ଏହିପରି ଯେ ଲଙ୍କା ସେ ପ୍ରଥମ ସ୍ଥାନ ପାଇ ସ୍ୱର୍ଗ ଓ ପାତାଳକୁ ନିନ୍ଦା କରୁଅଛି ।

୨୨ଶ ପଦ - ପାତାଳ ପୁର ଗୋଟିଏ ମାତ୍ର ବଳୀ (ବଳୀରାଜା) ଦ୍ୱାରା ଶୋଭା ପାଉଛି, ମାତ୍ର ଏ ଲଙ୍କାପୁରରେ ବହୁତ ବଳୀ (ବଳବାନ୍ ବୀର) ବିଦ୍ୟମାନ ଅଛନ୍ତି । ପାତାଳ ଶେଷଦେବଙ୍କ ରଙ୍ଗରେ (ତେଜରେ) ସୁନ୍ଦର, ମାତ୍ର ଏ ଲଙ୍କାପୁର ଅଶେଷ ରଙ୍ଗରେ ( ବହୁତ ବର୍ଣ୍ଣରେ ) ସୁନ୍ଦର । ସ୍ୱର୍ଗରେ ଗୋଟିଏ ମାତ୍ର ସୁନାସୀର (ଇନ୍ଦ୍ର) ବସେ, ମାତ୍ର ଏଠାରେ କେତେ ସୁନାସୀର (ସେନାପତି) ଶୋଭା ପାଉଛନ୍ତି । ସ୍ୱର୍ଗ ଏକ ମାତ୍ର ଚିତ୍ରରଥ (ଚିତ୍ରରଥ ନାମକ ଗନ୍ଧର୍ବ) ଦ୍ୱାରା ଶୋଭିତ, ମାତ୍ର ଏଠାରେ ଚିତ୍ରରଥବର୍ଗ ( ବହୁତ ଚିତ୍ରିତ ରଥ ସବୁ) ବିଦ୍ୟମାନ । ବଡ଼ ବଡ଼ ଦାନବମାନେ ପୂର୍ବରେ ଥିଲେ, କିନ୍ତୁ ରାବଣ

ବଡ଼ବଡ଼ ଦାନବ ପୂର୍ବରେ ଥିଲେ ଯେ ।
ବଡ଼ାଇକି ଏରୂପେ କରି ନ ଥିଲେ ସେ ।
ଭଣଇ ବୀରବର ଉପେନ୍ଦ୍ର- ଭଞ୍ଜ ସ୍ୱଚ୍ଛନ୍ଦେ ବିଚିତ୍ର ଛାନ୍ଦ
ଚିତ୍ତ ନିଶ୍ଚିନ୍ତ ନୀଳାଦ୍ରି ଚନ୍ଦ୍ର ଧ୍ୟାନ ସଫଳେ ହୋଇ । ୨୨ ।

—*—

## ଦ୍ୱିତୀୟ ଛାନ୍ଦ

( ରାଗ—ମଙ୍ଗଳ ଗୁଜ୍ଜରୀ )

ବିବୁଧ ! ଦୂଷଣ ବିବର୍ଜିତ ଗୀତେ ରସ ।
ବିଷ୍ଣୁ ଚରିତ ତ୍ୱରିତ କରିବ ହରଷ ଯେ । ୧ ।
ବାମଦେବ ଦେବରାଜ ଗୁରୁ ସଙ୍ଗତରେ ।
ଅମନେ ସୁମନେ ଗଲେ କ୍ଷୀରସିନ୍ଧୁତୀରେ ଯେ । ୨ ।
ବ୍ରହ୍ମାଣ୍ଡ କ୍ଷୋଭିତେ ଭୀତେ ବ୍ରହ୍ମା ପ୍ରମୁଖରେ ।
ବିଶ୍ୱମ୍ଭର ଭରସାରେ ସ୍ତୁତି କଲେ ଖରେ ଯେ । ୩ ।

---

୧ମ ପଦ :—ବିବୁଧ—ପଣ୍ଡିତ । ଦୂଷଣବର୍ଜିତ—ଦୋଷଶୂନ୍ୟ । ତ୍ୱରିତ—ଶୀଘ୍ର ।

୨ୟ ପଦ :—ବାମଦେବ—ଶିବ । ଦେବରାଜ—ଇନ୍ଦ୍ର । ଗୁରୁ—ବୃହସ୍ପତି । ସୁମନେ—ଦେବଗଣ ।

୩ୟ ପଦ :—କ୍ଷୋଭିତ—ସନ୍ତ୍ରସ୍ତ । ଭୀତେ—ଭୟରେ । ବ୍ରହ୍ମା ପ୍ରମୁଖରେ—ବ୍ରହ୍ମାଙ୍କ ଅଗ୍ରଣୀରେ । ବିଶ୍ୱମ୍ଭର—ବିଷ୍ଣୁ ।

---

ପରି ଏତେ ବଡ଼ାଇ କରି ନ ଥିଲେ । ବୀରବର ଉପେନ୍ଦ୍ର ଭଞ୍ଜ ସ୍ୱଚ୍ଛନ୍ଦରେ ଓ ନିଶ୍ଚିନ୍ତରେ ନୀଳାଚଳନାଥଙ୍କ ଧ୍ୟାନରେ ସଫଳତା ଲଭି ଏ ବିଚିତ୍ର ଛାନ୍ଦ ରଚନା କଲେ ।

—*—

## ଦ୍ୱିତୀୟ ଛାନ୍ଦ

୧ମ ପଦ—ହେ ପଣ୍ଡିତମାନେ ! ଦୋଷ ରହିତ ଗୀତରେ ଅନୁରକ୍ତ ହୁଅ । କାରଣ ଏ ବିଷ୍ଣୁ ଚରିତ ଶୀଘ୍ର ହର୍ଷ ପ୍ରଦାନ କରିବ ।

୨ୟ ଓ ୩ୟ ପଦ—ବ୍ରହ୍ମାଣ୍ଡ ଅସ୍ଥିର ହେବାରୁ ମହାଦେବ, ଇନ୍ଦ୍ର, ବୃହସ୍ପତି ଆଦି ଓ ଅନ୍ୟ ଦେବତାମାନେ ବ୍ରହ୍ମାଙ୍କ ସଙ୍ଗରେ ଯାଇ କ୍ଷୀରସିନ୍ଧୁ ତୀରରେ ବିଶ୍ୱମ୍ଭରଙ୍କୁ (ସମସ୍ତ ବ୍ରହ୍ମାଣ୍ଡର ଧାରଣ କର୍ତ୍ତାଙ୍କୁ) ସ୍ତୁତି କଲେ ।

ବହିତ ଲୀଳା ରୋହିତ ରୋହିତ ମୂରତି ।
ବେଗେ ଦରଦୈତ୍ୟ ଦରଦାନେ ହେଲ ରତି ହେ ।୪।
ବହି ଅମନ୍ଦମନ୍ଦର କୂର୍ମ ନମୋନମ ।
ବାରିଧିଅମୃତ ମନ୍ଥି ଅମୃତ ଜନମ ଯେ । ୫ ।
ବିପକ୍ଷେ ଦେବାରି ବାରି ପରଶିଲ ସୁଧା ।
ବିଶ୍ୱମୋହିତ ମୋହିନୀରୂପରେ ବିଶୁଦ୍ଧା ଯେ । ୬ ।
ବରାହବର ବରାହବର ସୁପଣ୍ଡିତ ।
ବଲ୍ଲଭମହୀର ହିରଣ୍ୟାକ୍ଷକୁ ଖଣ୍ଡିତ ଯେ । ୭ ।
ବପୁବନ୍ତ ହରି ହରି ପ୍ରହ୍ଲାଦ ପୁଣ୍ୟକୁ ।
ବିଦାରିଲ କରିପରି କରି ହିରଣ୍ୟକୁ ଯେ । ୮ ।

---

୪ର୍ଥ ପଦ—ରୋହିତ—ଲାଲବର୍ଣ୍ଣ । ରୋହିତ—ରୋହିମାଛ । ଦରଦୈତ୍ୟ—ଶଙ୍ଖାସୁର । ଦରଦାନ—ଭୟ ଛେଦନ ।

୫ମ ପଦ—ଅମନ୍ଦ ମନ୍ଦର—ବୃହତ୍ ମନ୍ଦର ପର୍ବତ । ବାରିଧିଅମୃତ—ସାଗର ଜଳ ।

ଷଷ୍ଠ ପଦ—ଦେବାରି—ରାକ୍ଷସ । ବାରି—ନିଷେଧ କରି । ବିଶୁଦ୍ଧ—ନିଷ୍କଳଙ୍କ ।

୭ମ ପଦ—ବରାହବର—ଶ୍ରେଷ୍ଠ ବରାହ । ବରାହବର—ଭୟଙ୍କର ଯୁଦ୍ଧ । ବଲ୍ଲଭମହୀର—ଚକ୍ରବର୍ତ୍ତୀ ।

୮ମ ପଦ—ବପୁବନ୍ତହରି—ନୃସିଂହ ମୂର୍ତ୍ତିଧାରୀ [ ନାରାୟଣ ] । ପଣ—ପ୍ରତିଜ୍ଞା । କରି—ହାତୀ ।

---

୪ର୍ଥ ପଦ—ହେ ଭଗବାନ ! ଲୀଳାରେ ଲୋହିତ ବର୍ଣ୍ଣ ରୋହି ମତ୍ସ୍ୟର ମୂର୍ତ୍ତି ଧରି ଶଙ୍ଖାସୁରର ଭୟରୁ ରକ୍ଷା କରିଥିଲ (ଶଙ୍ଖାସୁରକୁ ବିନାଶ କରିଥିଲ) ।

୫ମ ଓ ୬ଷ୍ଠ ପଦ—ତୁମ୍ଭେ ବୃହତ୍ ମନ୍ଦର ପର୍ବତକୁ ବହନ କରି ସମୁଦ୍ରଜଳ ମନ୍ଥନ କରାଇ ଅମୃତ ଜନ୍ମାଇଥିଲ । ପୁଣି ବିଶ୍ୱମୋହିନୀ ମୋହିନୀ ରୂପ ଧାରଣ କରି ଶତ୍ରୁ ଭାବରେ ଅସୁରମାନଙ୍କୁ ଦୂରେ ରଖି ଆମ୍ଭମାନଙ୍କୁ ଅମୃତ ପରଶିଲ । ଏପରି ଯେ କୂର୍ମ ଅବତାର, ତୁମ୍ଭଙ୍କୁ ନମସ୍କାର ।

୭ମ ପଦ—ହେ ବରାହଶ୍ରେଷ୍ଠ ! ଯୁଦ୍ଧ ପଣ୍ଡିତ ପୃଥ୍ୱୀପତି ହିରଣ୍ୟାକ୍ଷ ଦୈତ୍ୟକୁ ଶ୍ରେଷ୍ଠ ଯୁଦ୍ଧରେ ବିନାଶ କରିଅଛ ।

୮ମ ପଦ—ହେ ହରି ! ପ୍ରହ୍ଲାଦର ପୁଣ୍ୟ ଫଳରେ ନରସିଂହ ରୂପ ଧରିଲ ଓ ହିରଣ୍ୟକୁ ହାତୀପରି ବିଦାରଣ କଲ ।

ବାମନ ମନମୋହନ ହୋଇ ଭୂଦାନରେ ।
ବଳଷ୍ଟ ବଳିକି ଚୁପି ଅଧୋଭୁବନରେ ଯେ । ୯ ।
ବିଭୁ ଭୃଗୁବଂଶପର ପରଶୁଧାରଣ ।
ବାହୁଜ ବାହୁସହସ୍ର ବାରଣ କାରଣ ହେ । ୧୦ ।
ବିଂଶକର କରଣୀକି ନାହିଁ ସରି ରକ୍ଷ ।
ବିନତି ଉନ୍ମତିହୀନେ ଆମ୍ଭେ, ପ୍ରଭୁ । ରକ୍ଷ ହେ । ୧୧ ।
ବୁଧ ବିବୁଧଙ୍କ ସ୍ତୁତି ଯେନ କମ୍ବୁଧର ।
ବଶୀଭୂତ ହେଲେ ବସି ଗରୁଡ଼କନ୍ଧର ଯେ । ୧୨ ।
ବୋଇଲେ ପ୍ରବରବର ଦୁଃଖ କାହିଁପାଇଁ ।
ବୈଭବରେ ତ୍ରିପୁରଭ୍ରର ଦୈତ୍ୟେ ଜାଣ ନାହିଁ ହେ । ୧୩ ।

---

୯ମ ପଦ—ଭୂଦାନ—ଭୂମିଦାନ । ଅଧୋଭୁବନ—ପାତାଳ ।

୧୦ମ ପଦ—ଭୃଗୁବଂଶପର—ଭୃଗୁବଂଶ ଶ୍ରେଷ୍ଠ । ବାହୁଜ – କ୍ଷତ୍ରିୟ । ବାହୁ ସହସ୍ର—ସହସ୍ରାର୍ଜ୍ଜୁନ । ବାରଣ—ନିଷେଧ ।

୧୧ଶ ପଦ—ବିଂଶକର—ରାବଣ । କରଣୀ—ପ୍ରତାପ । ସରି—ସମାନ । ରକ୍ଷ—ରାକ୍ଷସ ।

୧୨ଶ ପଦ—ବୁଧ ବିବୁଧଙ୍କ—ବିଜ୍ଞ ଦେବତାମାନଙ୍କ । କମ୍ବୁଧର—ଶଙ୍ଖଧାରୀ ( ବିଷ୍ଣୁ ) ।

୧୩ଶ ପଦ ପ୍ରବର ବର—ଉତ୍କୃଷ୍ଟ ବର । ତ୍ରିପୁର—ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ।

---

୯ମ ପଦ—ସୁନ୍ଦର ବାମନ ମୂର୍ତ୍ତି ଧାରଣ କରି ଭୂମିଦାନ ନେବା ସମୟରେ ବଳବାନ୍ ବଳୀକୁ ପାତାଳରେ ଚୁପିଥିଲ ।

୧୦ମ ପଦ—ହେ ହରି ! ଭୃଗୁକୁଳ ଶ୍ରେଷ୍ଠ (ପର୍ଶୁରାମ) ରୂପରେ ପରଶୁ ( କୁଠାର ) ଧରି କ୍ଷତ୍ରିୟର କାର୍ତ୍ତବୀର୍ଯ୍ୟର ବିନାଶର କାରଣ ହେଲ ।

୧୧ଶ ପଦ—ଏବେ ରାବଣର ପ୍ରତାପକୁ ସମାନ ହେବାପରି ରାକ୍ଷସ ଆଉ ନାହିଁ । ତେଣୁ ( ତାହାର ପ୍ରତାପରେ ) ଆମେ ନିସ୍ତେଜ ହୋଇ ପଡ଼ିବାରୁ ତୁମ୍ଭଙ୍କୁ ବନ୍ଦନା କରୁଅଛୁ । ହେ ପ୍ରଭୋ ! ରକ୍ଷା କର ।

୧୨ଶ ଓ ୧୩ଶ ପଦ—ଶଙ୍ଖଧାରୀ ବିଷ୍ଣୁ ବିଜ୍ଞ ଦେବତାଙ୍କ ସ୍ତୁତିରେ ବଶୀଭୂତ ହୋଇ ଗରୁଡ଼ କନ୍ଧରେ ବସି ଆସି କହିଲେ, "କାହିଁକି ଏପରି ଉତ୍କୃଷ୍ଟ ବର ଦୁଃଖ ? ବୈଭବରେ ଦୈତ୍ୟମାନେ ତ୍ରିପୁରର ଶତ୍ରୁ; ଏହା କଣ ଜାଣ ନାହିଁ କି ?

ବୋଇଲ ଯେ ପୂର୍ବ ପୂର୍ବଦେବେ ବଳେ ସାର ।
ବିନାଶରେ କୀନାଶ ପ୍ରକାର ସଂସାର ଯେ । ୧୪ ।
ବିଧି ବିହିଲେ ଶୁଣି ତା କ ଭକ୍ତିବଚନ ।
ବର କରୁଁ ଉଚିତେ ଏ ତତ୍ତ୍ୱେ ବିରଚନ ଯେ । ୧୫ ।
ବିଲୋକନ ହେବ ନବ ନବ ଅବତାର ।
ବିଧୁର ମଧୁରଲୀଳା ହୋଇବ ବିସ୍ତାର ଯେ । ୧୬ ।
ବୃଷଭାସନେ ବୃଷଭାଷଣେ ଅତ୍ତର୍ର ।
ବିଭୋ ତାର ଯେଉଁ ନାମ ତାରକ ମନ୍ତ୍ର ଯେ । ୧୭ ।
ବିହି ସେହି ମୂରତି ରତୀଶକୋଟି ଜିତ ।
ବାଞ୍ଛା ପୂରୁ ହେ ପୁରୁଷୋତ୍ତମ ! ମୁଁ ଭାବିତ ହେ । ୧୮ ।

---

୧୪ଶ ପଦ—ପୂର୍ବଦେବ—ରାକ୍ଷସ । କୀନାଶ—ଯମ ।

୧୫ଶ ପଦ—ବିଧି—ବ୍ରହ୍ମା । ବିହିଲେ—କହିଲେ ।

୧୬ଶ ପଦ—ବିଲୋକନ ହେବ—ଦେଖାଯିବ । ବିଧୁର—ବିଷ୍ଣୁଙ୍କର । ମଧୁରଲୀଳା—ମନୋହର କ୍ରୀଡ଼ା ।

୧୭ଶ ପଦ—ବୃଷଭାସନ—ଶିବ । ବୃଷଭାଷଣ—ଉଚ୍ଚସ୍ୱର । ଅତ୍ତର—ଅତି ଶୀଘ୍ର । ତାର—ତ୍ରାଣକର ।

୧୮ଶ ପଦ—ରତୀଶକୋଟିଜିତ—କୋଟିକନ୍ଦର୍ପଜିତ ।

---

୧୪ଶ ପଦ—'ରାକ୍ଷସମାନେ ଖୁବ୍ ବଳବାନ୍ ଓ ସଂସାର ବିନାଶ କରିବାରେ ଯମ ସଦୃଶ । ତୁମ୍ଭେ କହୁଛ ଯେ, ରାବଣ ଏମାନଙ୍କ ଅପେକ୍ଷା ମଧ୍ୟ ଶ୍ରେଷ୍ଠ । (ତେବେ ଏପର ବର ଦେଲ କାହିଁକି) ?"

୧୫ ଓ ୧୬ଶ ପଦ—ବିଷ୍ଣୁଙ୍କର ବଚନ ଶୁଣି ବିଧାତା ଭକ୍ତିଭରେ କହିଲେ, "ଆପଣଙ୍କର ନୂଆ ନୂଆ ଅବତାର ଦର୍ଶନ ଓ ନାନା ଲୀଳାର ବିଶ୍ଳେଷଣ ହେବ । ହୃଦୟରେ ଏହି ଚିନ୍ତା କରି ଆମେ ଉଚିତରେ ବର ପ୍ରଦାନ କରୁଁ ।"

୧୭ଶ ଓ ୧୮ଶ ପଦ—ତାହା ପରେ ମହାଦେବ ଶୀଘ୍ର ଯାଇ ଉଚ୍ଚସ୍ୱରରେ କହିଲେ, 'ହେ ବିଭୋ ! ହେ ପୁରୁଷୋତ୍ତମ ! ଯେଉଁ ତାରକ ମନ୍ତ୍ର ଯାହି କୋଟି କାମଦେବଙ୍କୁ ଜୟ କରିଛି, ସେ ରାମ ମୂର୍ତ୍ତି ଧାରଣ କର । ମୁଁ ସେ ମୂର୍ତ୍ତି ଦେଖିବା ପାଇଁ ଚିନ୍ତିତ ଅଛି, ମୋର ମନୋବାଞ୍ଛା ପୂର୍ଣ୍ଣ ହେଉ ।"

ବିରୂପାକ୍ଷ ବୋଲିବାରେ ବାରେ କି ଶୋଚନ ।
ବୀକ୍ଷଣ ଲୋଭେ ଈକ୍ଷଣ ତିନି ମୁଁ ରଚନ ହେ । ୧୯ ।
ବକ୍ତ୍ର ପାଞ୍ଚ ପାଞ୍ଚ ଏହି ବନ୍ଧି ସ୍ତୁତିକୁତେ ।
ବହନ ବହ ସେ ରୂପ ମୋହର ସୁକୃତେ ହେ । ୨୦ ।
ବାସ୍ତୋଷ୍ପତି ପତିତ ଅଛନ୍ତି କେତେ ଭାଷି ।
ବହ ସେ ରୂପ ସ୍ୱରୂପେ ନ ଯାନ୍ତୁ ସେ ଭାସି ହେ । ୨୧ ।
ବିଶ୍ୱକସେନ ସେନେହି କରି ଏ ଭକ୍ତିରେ ।
ବିଧୁ-କାଶ-କୃତ ହାସ ପ୍ରକାଶି ସର୍ବରେ ସେ । ୨୩ ।
ବହିବି ନାହିଁ ମୁଁ ଅରି ଅରିମାଣରେ ।
ବିରାଜମାନ ବି ରାଜ ନ ଚଢ଼ି ରଣରେ ସେ । ୨୩ ।
ବନୌକା ପ୍ରବଳ ବଳ ସଙ୍ଗ ହେବେ ହେଲେ ।
ବୋଲିଣ ଅନ୍ତର ସେ ଅନ୍ତର୍ଯ୍ୟାମୀ ହେଲେ ସେ । ୨୪ ।

---

୧୯ଶ ପଦ—ବିରୂପାକ୍ଷ—ଅସୁନ୍ଦର ଆଖି । ବୀକ୍ଷଣ—ଦେଖିବା । ଈକ୍ଷଣ—ଚକ୍ଷୁ ।

୨୦ଶ ପଦ—ବକ୍ତ୍ର ପାଞ୍ଚ—ପଞ୍ଚମୁଖ ।

୨୧ଶ ପଦ—ବାସ୍ତୋଷ୍ପତି—ଇନ୍ଦ୍ର । ପତିତ—ପାପୀ ।

୨୨ଶ, ୨୩ଶ ଓ ୨୪ଶ ପଦ—ବିଶ୍ୱକ୍‌ସେନ—ବିଷ୍ଣୁ । ବିଧୁ—ଚନ୍ଦ୍ର । କାଶ—କାଶତଣ୍ଡିଫୁଲ । ଅରି - ଚକ୍ର । ଅରିମାରଣରେ - ଶତ୍ରୁ ବିନାଶକାଳରେ । ବି-ରାଜ—ଗରୁଡ଼ । ବନୌକା—ବାନର ।

---

୧୯ଶ ଓ ୨୦ଶ ପଦ ମୋତେ ବିରୂପାକ୍ଷ (ମୋର ତିନି ଆଖି ଥିବାରୁ) କହନ୍ତି, ସେଥିରେ ମୋର ଭଲେ ହେଲେ ଶୋଚନା ହୁଏ ନାହିଁ । ବିଶେଷ ଭାବରେ ସେହି ରାମ ରୂପ ଦେଖିବା ପାଇଁ ମୁଁ ତିନି ଆଖି ବହିଛି । ବହୁତ ମୁଖରେ ସ୍ତୁତି କରିବି; ଏହା ପାଇଁ ପାଞ୍ଚ ମୁଁ ପଞ୍ଚମୁଖ ବହନ କରିଛି । ମୋହର ସୁକୃତ ଲାଗି ସେହି ରାମ ରୂପ ଧାରଣ କର ।"

୨୧ଶ ପଦ—ଇନ୍ଦ୍ର କହିଲେ "ପାପୀ ଲୋକମାନେ ସଂସାରରେ ଅଛନ୍ତି, ସେମାନେ ଯେପରି ଭାସି ନ ଯାନ୍ତୁ । ତୁମ୍ଭେ ରାମ ରୂପ ଧାରଣ କର । (ତୁମ୍ଭଙ୍କୁ ଦେଖିଲେ ସେମାନଙ୍କ ପାପ ଦୂର ହେବ ଓ ସେମାନେ ମୁକ୍ତିଲାଭ କରିବେ ) ।

୨୨ଶ, ୨୩ଶ ଓ ୨୪ଶ ପଦ—ବିଷ୍ଣୁ ଦେବତାଙ୍କର ଭକ୍ତିର ସୃଷ୍ଟି ଚନ୍ଦ୍ର ଓ କାଶତଣ୍ଡିଫୁଲକୁ ମଳିନ କରୁଥିବା ସ୍ନେହ ମିଶ୍ରିତ ପ୍ରକାଶ କରି କହିଲେ, ଶତ୍ରୁ ବିନାଶ କରିବାରେ "ମୁଁ ଚକ୍ର ବହିବି ନାହିଁ, ସମର କ୍ଷେତ୍ରରେ ଗରୁଡ଼ଙ୍କ

ବୈଧାତ୍ର କଥିତ ସ୍ଥିତ ଏମାନ ପ୍ରସଙ୍ଗେ ।
ବିଧିରେ ସାଧିରେ ଗଙ୍ଗାକୂଳେ ଋଷି ସଙ୍ଗେ ଯେ । ୨୫ ।
ବିବେକ ସୁମନ୍ତ୍ର ସୁମନ୍ତ୍ରର ଥିଲି ଯାଇ ।
ବିଚାରିଲି ପଚାରିଲି ଭାବ ଉପୁଜାଇ ଯେ । ୨୬ ।
ବୈଜୟନ୍ତୀମାଳାଧର ଧରଣୀକରତା ।
ବର୍ଷ ଧରି କେଉଁ ଧରଣୀଶ କୁଳେ ରତା ଯେ । ୨୭ ।
ବିଭ୍ରାଜିତ ଭୁବନରେ ବନରେ ହୋଇବେ ।
ବାତ୍ସଲ୍ୟରସବତ୍ସଳ ହୋଇଣ ଦଇବେ ଯେ ? ୨୮ ।
ବିକଶିତ ଶୀତକର ଧବଳ ପକ୍ଷରେ ।
ବିହାୟସେ ଯଥା ବିହାର ସେ ଏ ଲକ୍ଷରେ ଯେ । ୨୯ ।

---

୨୫ଶ ପଦ—ବୈଧାତ୍ର—ସନତ୍କୁମାର ।

୨୬ଶ ପଦ—ବିବେକ—ବିଚାରବନ୍ତ । ସୁମନ୍ତ୍ର—ବିଚାରଜ୍ଞ, ସୁମନ୍ତ୍ରମନ୍ତ୍ରୀ । ସୁମନ୍ତ୍ରର—ଉତ୍ତମ ମନ୍ତ୍ର ।

୨୭ଶ ପଦ—ବୈଜୟନ୍ତୀମାଳା—ବିଷ୍ଣୁଙ୍କର ସୁନାମପ୍ରସିଦ୍ଧ ମାଳା । ଧରଣୀକରତା—ସୃଷ୍ଟିକର୍ତ୍ତା । ବର୍ଷ – ଦେହ । ଧରଣୀଶ—ରାଜା ।

୨୮ଶ ପଦ—ବିଭ୍ରାଜିତ—ପ୍ରକାଶିତ ।

୨୯ଶ ପଦ—ଶୀତକର—ଚନ୍ଦ୍ର । ଧବଳପକ୍ଷ—ଶୁକ୍ଳପକ୍ଷ । ବିହାୟସ—ଆକାଶ ।

---

ଉପରେ ନ ବସି ବିରାଜମାନ ହେବ । ଅସଂଖ୍ୟ ବାନରବଳ ସଙ୍ଗରେ ଧରି ଅବହେଳେ ଶତ୍ରୁନାଶ କରିବ ।" ଏହା କହି ଅନ୍ତର୍ଯାମୀ ଅନ୍ତର ହୋଇଗଲେ ।

୨୫ଶ ପଦ—ଗଙ୍ଗାକୂଳରେ ଋଷିଗଣ ପରିବେଷ୍ଟିତ ସନତ୍କୁମାରଙ୍କଠି କଥା ପ୍ରସଙ୍ଗରେ ଏହି ବିଷୟମାନ କହିଲେ ।

୨୬ଶ ପଦ—ବିବେକବନ୍ତ ଓ ଉତ୍ତମ ବିଚାରକ ସୁମନ୍ତ୍ର ମନ୍ତ୍ରୀ ସେଠାକୁ ଯାଇଥିଲେ । ସେ ଏହି ସବୁ କଥା ବିଚାରିଲେ ଓ ମୁନିଙ୍କୁ ଭକ୍ତି କରି ପଚାରିଲେ ।

୨୭ଶ ପଦ—"ବୈଜୟନ୍ତୀ ମାଳା ଧାରଣକାରୀ ଜଗତର କର୍ତ୍ତା (ନାରାୟଣ) କେଉଁ ରାଜାର ବଂଶରେ ଦେହ ଧରି ଜାତ ହେବେ ।"

୨୮ଶ ପଦ—"ଦୈବ ବଳରେ ବାତ୍ସଲ୍ୟରସରେ ଅନୁପ୍ରାଣିତ ହୋଇ ସେ ରାଜପୁରରେ ପ୍ରକାଶିତ ହେବେ ନା ବନରେ ଜାତ ହେବେ ?"

ବନ୍ଧୁବର୍ଗ ଜୀବଞ୍ଜୀବ ନୟନ ତୋଷିବେ ।
ବ୍ୟକ୍ତେ ଭକ୍ତସରବ-କୈରବ ଉଲ୍ଲାସିବେ ଯେ ? ୩୦ ।
ବୈରି-ପଦ୍ମଙ୍କର କର ହେବ ଆମୋଦିତ ।
ବିଧୁ ନାମହିଁ ଏଣୁ କି ମହୀରେ ଉଦିତ ଯେ ? ୩୧ ।
ବୋଲେ ପ୍ରସନ୍ନେ ସନତକୁମାର ପେଶଳେ ।
ବଞ୍ଚିବେ ଯେ ଉତ୍ତରକୋଶଳେ ସେ କୁଶଳେ ଯେ । ୩୨ ।
ବୋଲାଇବେ ଦାଶରଥି ରଥିଶ୍ରେଷ୍ଠ ହରି ।
ବର୍ଣ୍ଣିବେ କବିଏ କବି ନେବେ ଚିତ୍ତ ହରି ଯେ । ୩୩ ।
ବାହୁଡ଼ି ସଚିବ ଶଚୀବରଭୂତି ଲଭେ ।
ବନ୍ଦନ ଅଜନନ୍ଦକ କୌଶଲ୍ୟାବଲ୍ଲଭେ ଯେ । ୩୪ ।

---

୩୦ଶ ପଦ :—ଜୀବଞ୍ଜୀବ—ଚକୋର । କୈରବ—କଇଁଫୁଲ ।

୩୧ଶ ପଦ :—କର—କିରଣ, ବାହୁ । ବିଧୁ—ବିଷ୍ଣୁ, ଚନ୍ଦ୍ର ।

୩୨ଶ ପଦ :—ପେଶଳେ—କୋମଳ ଭାବରେ । ଉତ୍ତର-କୋଶଳ — ଅଯୋଧ୍ୟା ।

୩୩ଶ ପଦ :—ରଥିଶ୍ରେଷ୍ଠ—ଉତ୍ତମ ଯୋଦ୍ଧା ।

୩୪ଶ ପଦ :—ସଚିବ—ମନ୍ତ୍ରୀ, ( ସୁମନ୍ତ୍ର ) । ଶଚୀବରଭୂତି—ଇନ୍ଦ୍ର ସମ୍ପତ୍ତି । ଅଜନନ୍ଦନ କୌଶଲ୍ୟାବଲ୍ଲଭ—ଦଶରଥ ।

---

୨୯ଶ ଓ ୩୦ଶ ପଦ—"ଶୁକ୍ଳପକ୍ଷରେ ଚନ୍ଦ୍ର ଆକାଶରେ ଉଦିତ ହୋଇ ଯାହାର କଳାପରି ବିଷ୍ଣୁ ପ୍ରକାଶିତ ହୋଇ ଚକୋର ରୂପ ବନ୍ଧୁବର୍ଗଙ୍କୁ ତୋଷ କରିବେ ଓ କୁମୁଦ ରୂପ ଭକ୍ତମାନଙ୍କୁ ଉଲ୍ଲାସ କରିବେ କି ?"

୩୧ଶ ପଦ—"ପଦ୍ମ ସଦୃଶ ଶତ୍ରୁମାନଙ୍କର ବିନାଶକାରୀ ହୋଇ ଚନ୍ଦ୍ର ନାମକୁ ସାର୍ଥକ କରି ମହୀରେ ଉଦିତ ହେବେ କି ?"

୩୨ଶ ପଦ – (ସୁମନ୍ତ୍ର ଏମନ୍ତ ପଚାରିବାରୁ) ସନତ୍‌କୁମାର ପ୍ରସନ୍ନ ହୋଇ କହିଲେ, "ସୌନ୍ଦର୍ଯ୍ୟପୂର୍ଣ୍ଣ ଅଯୋଧ୍ୟାରେ ସେ କୁଶଳରେ ଜୀବନ ଧାରଣ କରିବେ ।"

୩୩ଶ ପଦ—"ରଥିଶ୍ରେଷ୍ଠ ହରି ଦାଶରଥି ବୋଲାଇବେ (ଦଶରଥଙ୍କର ପୁତ୍ର ହେବେ) କବିମାନେ ତାଙ୍କ ଚରିତକୁ ବର୍ଣ୍ଣନା କରି ନାନା କବିତାରେ ଚିତ୍ତ ହରଣ କରିବେ ।"

୩୪ଶ ଓ ୩୫ଶ ପଦ ସୁମନ୍ତ୍ର (ଏହା ଶୁଣି) ଇନ୍ଦ୍ର ସମ୍ପତ୍ତି ଲାଭ କରି ସେଠାରୁ ବାହୁଡ଼ି ଗଲେ । ଦଶରଥଙ୍କୁ ବନ୍ଦନ କରି 'ହରି ତୁମ୍ଭର ପୁତ୍ର ହୋଇ

ବୃତ୍ତାନ୍ତ ତାତପର୍ଯ୍ୟରେ ସବୁ ଜଣାଇଲା ।
ବୃଦ୍ଧକାଳେ ସୁଭାଗ୍ୟତା ପ୍ରବୃଦ୍ଧ ହୋଇଲା ଯେ । ୩୫ ।
ସକଳ କଳନା ହୋଇ କରୁଥିଲା ରଙ୍ଗ ।
ବନଦନନନ୍ଦ କବା ଶୁଣିଲା ସାରଙ୍ଗ ଯେ । ୩୬ ।
ବାମଦେବ, ଜାବାଲ, ଯା-ବାଳୀ ଅରୁନ୍ଧତୀ ।
ବେଗେ ମିଳନ୍ତି ଲଳିତ ଜଟାବର ଧୃତି ଯେ । ୩୭ ।
ବିମଳ ନଳିନ-ଲୀନ ଲପନେ ମନାଇ ।
ବିସୁମତୀଶ ଅଛି ସହରଷ, ଅନାଇ ଯେ । ୩୮ ।
ବୋଲୁଅଛନ୍ତି ଛତିଶ କୁଳୀନ ଯମର ।
ବଧ ଶୁଣିଲ ଜାଣିଲୁଁ ପରଶୁରାମର ଯେ । ୩୯ ।

---

୩୬ଶ ପଦ:—ରଙ୍ଗ—କେଳି, କ୍ରୀଡ଼ା । ବନଦନନନ୍ଦ—ମେଘଧ୍ୱନି । ସାରଙ୍ଗ—ଚାତକାର ।

୩୭ଶ ପଦ:—ଯା-ବାଳୀ ଅରୁନ୍ଧତୀ—ଯା.ହାଙ୍କର ସ୍ତ୍ରୀ ଅରୁନ୍ଧତୀ (ବଶିଷ୍ଠ) । ଲଳିତ। ମନୋହର ।

୩୮ଶ ପଦ:—ବିମଳ ନଳିନ—ପ୍ରସ୍ଫୁଟିତ ପଦ୍ମ । ଲପନ—ମୁଖ । ବସୁମତୀଶ—ରାଜା (ଦଶରଥ) ।

୩୯ଶ ପଦ:—ଛତିଶ କୁଳୀନ—ସମସ୍ତ ବର୍ଣ୍ଣ ମଧ୍ୟରେ ଶ୍ରେଷ୍ଠ 'ବ୍ରାହ୍ମଣ) ।

---

ଜାତ ହେବେ'—ଏହା କହି ସମସ୍ତ ବୃତ୍ତାନ୍ତ ସଂକ୍ଷେପରେ ଜଣାଇଲେ ଓ କହିଲେ, "ବୃଦ୍ଧକାଳରେ ଆପଣଙ୍କ ସୌଭାଗ୍ୟ ବୃଦ୍ଧି ପ୍ରାପ୍ତ ହେଲା ।"

୩୬ଶ ପଦ—ତୃଷାର୍ତ୍ତ ଚାତକ ମେଘଧ୍ୱନି ଶୁଣି ଖୁସିହେଲା ପରି ସୁମନ୍ତ୍ର ବଚନ ଶୁଣି ଆକୁଳିତ (ସନ୍ତାନ ନ ଥିବା ଯୋଗୁ) ଦଶରଥ ଆନନ୍ଦିତ ହେଲେ ।

୩୭ଶ ପଦ—ମନୋହର ଜଟା ବନ୍ଧନ କରିଥିବା ଋଷି ବାମଦେବ, ଜାବାଳ ଆଉ ଯାହାଙ୍କର ସ୍ତ୍ରୀ ଅରୁନ୍ଧତୀ ଅର୍ଥାତ୍ ବଶିଷ୍ଠ, ଏ ତିନିଜଣ ସେଠାରେ ପ୍ରବେଶ କଲେ ।

୩୮ଶ ଓ ୩୯ଶ ପଦ—ଦଶରଥରାଜା ଖୁସି ହେଉଥିବାର ଦେଖି ସେ ଋଷିମାନେ ମୁଖ-ପଦ୍ମରେ ନିର୍ମଳ ଆନନ୍ଦ ପ୍ରକାଶ କରି କହିଲେ, ଯମ ସଦୃଶ "ଭଗୁଙ୍କର ବ୍ରାହ୍ମଣ ପରଶୁରାମର ବଧବାର୍ତ୍ତା ଶୁଣିଲ କି ? ତୁମର ହର୍ଷ ଦେଖି ଏହା ଜଣା ଯାଉଅଛି ।"

ବାରିଧି ମନ୍ଦ ମନ୍ଦର ନୃପଗଣେଶ୍ୱର ।
ବିରଚିଲ ବଚନ ଆନନ୍ଦମୟ ସ୍ୱର ଯେ । ୪୦ ।
ବୃହଦ୍‌ଭାନୁ ଭାନୁରୁ ମୁଁ ଶୀତଳ ପାଇବି ।
ବିନ୍ଧ୍ୟପରବତ ହସ୍ତ ଉପରେ ଥୋଇବି ଯେ । ୪୧ ।
ବିଧୁଙ୍କୁ ମନେ କରେଁ କରେ ଧରିବାକୁ ।
ବାୟୁକୁ ପାଶେ ପକାଇ ପାଶେ ରଖିବାକୁ ଯେ । ୪୨ ।
ବଶିଷ୍ଠ ଶିଷ୍ଟଉକ୍ତିକ ତହିଁ ପ୍ରକାଶିଲେ ।
ବିଷୟ କି ? ସଂଶୟ କି ସୁମନ୍ତ୍ର ଭାଷିଲେ ଯେ । ୪୩ ।
ବୁଝି ମୁନି ହସି ହସି ସମ୍ମତିକୁ ଇଚ୍ଛି ।
ବାଲ୍ମୀକି ଭବିଷ୍ୟ ପୁରାଣକୁ ପୁଚ୍ଛି ଇଚ୍ଛି ହେ । ୪୪ ।

---

୪୦ଶ ପଦ:—ବାରିଧି—ସାଗର । ମନ୍ଦ—ଶନୈଶ୍ଚର । ନୃପଗଣେଶ୍ୱର — ନୃପଗଣଶ୍ରେଷ୍ଠ (ଦଶରଥ) ।

୪୧ଶ ପଦ:—ବୃହଦ୍‌ଭାନୁ—ଅଗ୍ନି । ଭାନୁ—ସୂର୍ଯ୍ୟ ।

୪୨ଶ ପଦ—ବିଧୁଙ୍କୁ—ଚନ୍ଦ୍ରଙ୍କୁ । ପାଶ—ଫାନ୍ଦ । ପାଶ—ନିକଟ ।

୪୩ଶ ପଦ:—ଶିଷ୍ଟଉକ୍ତି—ମହତ୍‌ ବାକ୍ୟ ।

---

୪୦, ୪୧, ୪୨ଶ ପଦ—ଶନି ଗ୍ରହ ସାଗରର ମନ୍ଥନକାରୀ ମନ୍ଦର ପର୍ବତ ସଦୃଶ ନୃପଶ୍ରେଷ୍ଠ ଦଶରଥ ଆନନ୍ଦମୟ ସ୍ୱରରେ କହିଲେ, "ଅଗ୍ନି ଓ ସୂର୍ଯ୍ୟଙ୍କଠାରୁ ମୁଁ ଶୀତଳଗୁଣ ପାଇବି ଏବଂ ବିନ୍ଧ୍ୟ ପର୍ବତକୁ ହସ୍ତଉପରେ ରଖିବି । ଆଉ ମଧ୍ୟ ଚନ୍ଦ୍ରଙ୍କୁ ହାତରେ ରଖିବାକୁ ଓ ବାୟୁକୁ ଫାଶରେ ବାନ୍ଧି ପାଖରେ ରଖିବାକୁ ମୁଁ ମନେ କରେ ।"

୪୩ଶ ପଦ—( ଦଶରଥ ଏପରି ଅସମ୍ଭବ କଥାମାନ କହିବାରୁ ) ବଶିଷ୍ଠ ଧୀର ଭାବରେ (ସଂଶୟ ଚିତ୍ତରେ) ପଚାରିଲେ—କଥା କଣ ? ସୁମନ୍ତ୍ର ସମସ୍ତ କଥା କହି ଶେଷରେ) କହିଲେ—ସଂଶୟ ନାହିଁ ।

୪୪ଶ ପଦ - ସୁମନ୍ତ୍ରଙ୍କ କଥା ବୁଝି ପାରି ବଶିଷ୍ଠ ହସି ହସି ସମ୍ମତି ପ୍ରଦାନ କରି କହିଲେ, "ବାଲ୍ମୀକି ମୁନି ଭବିଷ୍ୟ ପୁରାଣରେ ପୂର୍ବରୁ ଏହା ଲେଖି ଅଛନ୍ତି ।"

ବୈକୁଣ୍ଠ ବୈକୁଣ୍ଠପୁର ଶୂନ୍ୟ ପୂର୍ଣ୍ଣ ମୂର୍ତ୍ତି ।
ବିଶେଷତ ଶ୍ରୁତି ଅଛି ଶ୍ରୁତି ଯେ ସ୍ମୃତି ଯେ । ୪୫ ।
ବାଞ୍ଛା ସେ ଅନୁସରଣ ଶରଣ ବିହିତ ।
ବୈବସ୍ୱତକୁଳେ ସ୍ୱତଃ ଆମ୍ଭେ ପୁରୋହିତ ଯେ । ୪୬ ।
ବେଳୁ ବେଳ ନୃପତି ଚିତ୍ତକୁ ଦ୍ରବାଇଲା ।
ବିଧୁଶିଳ ପରି ବିଧୁ ସେ ବାଣୀ ହୋଇଲା ଯେ । ୪୭ ।
ବିତ୍ତ ବିତରଣ ସେହିଦିନୁ ସେ କାମରେ ।
ବ୍ରତ ସର୍ଜିତ ପୂଜିତ ଅପୂଜ୍ୟ ଅମରେ ଯେ । ୪୮ ।
ବୈଷ୍ଣବେ ଭୂସୁରେ ସୁରେ କରାଇ ମୋଦକୁ
ବ୍ରହ୍ମଚର୍ଯ୍ୟ କର୍ମ ବ୍ରତ କର୍ମଶୁଭଦକୁ ଯେ । ୪୯ ।

---

୪୫ଶ ପଦ – ବୈକୁଣ୍ଠ – ବିଷ୍ଣୁ । ଶ୍ରୁତିଅଛି – ଶୁଣାଅଛି । ଶ୍ରୁତି— ବେଦ । ସ୍ମୃତି (ସ୍ମୃତି) – ମନୁ ପ୍ରଭୃତି ଧର୍ମଶାସ୍ତ୍ର ।

୪୭ଶ ପଦ —ବିଧୁଶିଳ - ଚନ୍ଦ୍ରକାନ୍ତମଣି ।

୪୮ଶ ପଦ—ବ୍ରତ ସର୍ଜିତ - ବ୍ରତୀ ହୋଇ । ଅମରେ—ଦେବତାମାନଙ୍କୁ ।

୪୯ଶ ପଦ – ଭୂସୁର - ପଣ୍ଡିତ । ସୁର—ଦେବତା । ମୋଦ—ଆନନ୍ଦ ।

---

୪୫ଶ ପଦ—"ବିଷ୍ଣୁ ବୈକୁଣ୍ଠ ପୁରକୁ ଶୂନ୍ୟ କରି ପୂର୍ଣ୍ଣାବତାର ହେବେ ଏହା ବେଦ ଶାସ୍ତ୍ରରେ ବିଶେଷ ଭାବରେ ଶୁଣାଅଛି ।

୪୬ଶ ପଦ—ସେହି ବିଷ୍ଣୁଙ୍କର ଶରଣ ନେବା ଇଚ୍ଛାରେ ଆମ୍ଭେ ସ୍ୱଇଚ୍ଛାରେ ବୈବସ୍ୱତ ମନୁ ବଂଶରେ (ସୂର୍ଯ୍ୟବଂଶରେ ପୁରୋହିତ ହୋଇଅଛୁ ।"

୪୭ଶ ପଦ—ଚନ୍ଦ୍ର ଯେପରି ଚନ୍ଦ୍ରକାନ୍ତ ମଣିକୁ ତରଳାଇ ଦିଏ, ସେହିପରି ମୁନିଙ୍କ ବାକ୍ୟ ଚନ୍ଦ୍ର ପରି ହୋଇ ରାଜାଙ୍କର ଚିତ୍ତରୂପ ଚନ୍ଦ୍ରକାନ୍ତ ମଣିକୁ ବେଳକୁ ବେଳ ତରଳାଇଲା ।

୪୮ଶ ପଦ—ସେହିଦିନୁ ସେ ବିଷ୍ଣୁ ପୁତ୍ର ହେବା ଇଚ୍ଛାରେ ଦ୍ରବ୍ୟ ବିତରଣ କଲେ, ବ୍ରତ ଆଚରଣ କଲେ, ଅପୂଜା ରହିଥିବା ଦେବତାମାନଙ୍କୁ ପୂଜା କଲେ ।

୪୯ଶ ପଦ—ବୈଷ୍ଣବ ବ୍ରାହ୍ମଣ, ଦେବତାମାନଙ୍କୁ ପୂଜା କରି ସେମାନଙ୍କର ହର୍ଷ ବଢ଼ାଇଲେ । ଏ ସବୁ କର୍ମ ଶୁଭପ୍ରଦ ହେବାପାଇଁ ନିଜେ ବ୍ରହ୍ମଚର୍ଯ୍ୟ ବ୍ରତରେ ବ୍ରତୀ ହେଲେ ।

ବିବେଚନାମାନ ମାନସରେ କରେ ନିତ୍ୟ।
ବ୍ୟବସ୍ଥିତେ ରଜନୀରେ ସୁସ୍ୱପ୍ନ ଜନିତ ଯେ। ୫୦।
ବିତପନ ତପନବଂଶୀ ସେ ନୃପୋତ୍ତମ।
ବିନାଶଇ ଦିନକୁଦିନ ସେ ଚିନ୍ତାତମ ଯେ। ୫୧।
ବୋଲେ ଉପଇନ୍ଦ୍ର ଭଞ୍ଜ ଭଞ୍ଜନେ ଦୁରିତ।
ବାନପଦରେ ଆଦରେ ରଚିତ ଚରିତ ଯେ। ୫୨।

—*—

## ଦ୍ୱିତୀୟ ଛାନ୍ଦ

( ରାଗ – ରାମକେରୀ )

[ ଆଦ୍ୟଯମକ ]

ବିଦୁଷ ହେ ଶୁଣ ରଞ୍ଜନରସ ମନକୁ ଦେଇ।
ବିଦୁଷଣ ରାଜସମାନେ ଧର୍ମସ୍ୱରୂପୀ ସେହି। ୧।

---

୫୦ଶ ପଦ—ବ୍ୟବସ୍ଥିତେ—ଯଥାସମୟରେ।
୫୧ଶ ପଦ – ବିତପନ—ସୂର୍ଯ୍ୟ। ତପନବଂଶୀ—ସୂର୍ଯ୍ୟବଂଶୀୟ।

ଦ୍ୱିତୀୟ ଛାନ୍ଦ

୧ମ ପଦ – ବିଦୁଷ – ପଣ୍ଡିତ। ରଞ୍ଜନ – ମନୋହର। ବିଦୁଷଣ— ପାପରହିତ।

---

୫୦ ଓ ୫୧ଶ ପଦ—ସୂର୍ଯ୍ୟପରି ତେଜସ୍ୱୀ ସୂର୍ଯ୍ୟବଂଶୀୟ ରାଜା ଦଶରଥ ପ୍ରତ୍ୟହ ମନରେ ଏହି ଚିନ୍ତା କରିବାରୁ ରାତିରେ ସେହି ଶୁଭ ସ୍ୱପ୍ନମାନ ଦେଖିଲେ। ଦିନକୁ ଦିନ ଚିନ୍ତାରୂପକ ଅନ୍ଧକାର ବିନାଶ ଲଭିଲା।

୫୨ଶ ପଦ—ପାତକ ବିନାଶ ନିମନ୍ତେ ଏ ଚରିତ ବର୍ଣ୍ଣନା କରି ଉପେନ୍ଦ୍ର ଭଞ୍ଜ ବାଣନପଦରେ ଏହା ରଚନା କଲେ।

—*—

ଦ୍ୱିତୀୟ ଛାନ୍ଦ

୧ମ, ୨ୟ, ୩ୟ ପଦ — ହେ ପଣ୍ଡିତମାନେ! ଅନୁରାଗ ବର୍ଦ୍ଧକ ଏହି ରସକୁ ମନ ଦେଇ ଶୁଣ। ରାଜାମାନଙ୍କ ମଧ୍ୟରେ ନିଷ୍ପାପ ଧାର୍ମିକ ମିଥିଳାର ଅଧିପତି

ବିଦିତ ମିଥିଳା ନୃପତି ନାମ ଜନକ ତାର ।
ବିଦିଗଦିଗରେ ହୋଇଛି ଖ୍ୟାତ ଯଶ ଯାହାର । ୨ ।
ବିଦଗଧ ଯଜ୍ଞକର୍ମରେ ସର୍ବଦାରେ ସେ ଅତି ।
ବିଦଗଧଚିତ୍ତ ପ୍ରାପତ ନୋହିବାରେ ଦୁହିତି । ୩ ।
ବୃଷାଳ ମଖଶାଳ କୃତେ ଦିନେ ଚଷୁଁ ଅବନୀ ।
ବୃଷାଶାପୁଁ ମୁକ୍ତ ପାଇଣ ମେନା ନାମେ କାମିନୀ ।୪।
ବସି ବିମାନରେ ଗଗନେ କରୁଅଛି ଗମନ ।
ବଶୀଭୂତ ଶୋଭାପ୍ରଭାରେ ହେବେ ଜନନୟନ । ୫ ।
ବୁଧଜନକ କି କଳଙ୍କହୀନେ ପୂର୍ଣ୍ଣ ସମ୍ପଦେ ।
ବୁଧଜନ କରେ ପରତେ ନଭେ ଦିବସେ ଉଦେ । ୬ ।
ବୃଷଭାସ୍ୟା ସେ ମଣ୍ଡିବାରେ ଚିତ୍ତ ଅତି ଉଦବେଗ
ବୃଷଭାଷା ଏହି ଚରଙ୍ଗେ ଭାଳିବାରେ ଅପାଙ୍ଗ । ୭ ।

---

୨ୟ ପଦ—ବିଦିଗ ଦିଗରେ – ଚତୁର୍ଦ୍ଦିଗରେ ।
୩ୟ ପଦ—ବିଦଗଧ—ପଣ୍ଡିତ । ବିଦଗ୍ଧ—ଆକୁଳିତ, ଦୁଃଖିତ ।
୪ର୍ଥ ପଦ—ବୃଷାଳ—ବିସ୍ତୀର୍ଣ୍ଣ । ମଖଶାଳା —ଯଜ୍ଞଶାଳା—ବୃଷାଶାପୁଁ—ଇନ୍ଦ୍ରଶାପରୁ । ମେନା—ମେନକା ନାମ୍ନୀ ଅପ୍ସରା ।
୬ଷ୍ଠ ପଦ —ବୁଧଜନକ—ଚନ୍ଦ୍ର ।
୭ମ ପଦ —ବୃଷଭାସ୍ୟା— ଇନ୍ଦ୍ରପୁରୀ । ବୃଷଭାଷା—ମନୋହର ଉକ୍ତି ।
୮ମ ପଦ—ବିହରିତରେ —ଚତୁର୍ଦ୍ଦିଗରେ । ସୁଧା – ଚନ୍ଦ୍ରିକା ।

---

ଜନକଙ୍କ ଯଶ ଚତୁର୍ଦ୍ଦିଗରେ ଖ୍ୟାତ ଅଛି । ସେ ସର୍ବଦା ଯଜ୍ଞ କାର୍ଯ୍ୟରେ ଅତି ତତ୍ପର । ଗୋଟିଏ କନ୍ୟା ନ ହେବାରୁ ତାଙ୍କ ଚିତ୍ତ ଅତିଶୟ ଦଗ୍ଧ ହେଉଥାଏ ।

୪ର୍ଥ, ୫ମ ପଦ—ବଡ଼ ଯଜ୍ଞଶାଳା କରିବା ନିମିତ୍ତ ଦିନେ ଭୂମି ଚଷି କରୁ କରୁ ଇନ୍ଦ୍ରଙ୍କ ଶାପରୁ ମୁକ୍ତ ହୋଇ ମେନକା ଅପ୍ସରା ବିମାନରେ ବସି ଗଗନରେ ଗମନ କରୁଥିବାର ଦେଖିଲେ; ତାହାର ( ମେନକାର ) ଶୋଭା ପୁଞ୍ଜରେ ଜନ ନୟନ ମୋହିତ ହୁଏ ।

୬ଷ୍ଠ ପଦ—( ମେନକାକୁ ଦେଖି ) ପଣ୍ଡିତମାନଙ୍କର ପ୍ରତୀତି ହେଲା—କଳଙ୍କବିହୀନ ପୂର୍ଣ୍ଣଚନ୍ଦ୍ର ଦିନରେ ଆକାଶରେ ଉଦେ ହୋଇଅଛନ୍ତି କି ?

୭ମ ଓ ୮ମ ପଦ—ମେନକା ସ୍ୱର୍ଗ ପୁରକୁ ଯାଉଥିବାରୁ ତାହାର ଚିତ୍ତ ବଡ଼ ଚଞ୍ଚଳ ଥିଲା । ତେଣୁ ଏହି ସୁନ୍ଦର ଉକ୍ତି ପ୍ରତୀୟମାନ ହୁଏ, ଚକୋରପକ୍ଷୀ ଚନ୍ଦ୍ର କିରଣ ପାନ କରି ବାରମ୍ବାର ବିହାର କରୁଅଛି କି ?

ବିହରନ୍ତି ପୁନଃପୁନ କି ସୁଧା ପିଇ ଚକୋର ।
ବିହରନ୍ତରେ ଯେ ବହିଛି କଣ୍ଠେ ଏ ମନୋହର । ୮ ।
ବଳାରାତିପୁରମଣ୍ଡନା ଶୋଭା ଜନକ ଗୃହିଁ ।
ବନାଇଲେ ଚିତ୍ତ ମୋ ସୁତା ପୁଣ ହୁଅନ୍ତା ଏହି । ୯ ।
ବାଳରୁଣାଧରା କହିଲା ଜାଣି ତାହାଙ୍କ ଚିତ୍ତ ।
ବାଳାଏ ଏକ୍ଷଣି ଅଦ୍ଭୁତେ ହୋଇ ସିନା ପ୍ରାପତ । ୧୦ ।
ବଳାହକୁଁ ଜନ୍ମ ହୋଇଲା ପରା ଈଶ୍ବରଖରୁ ।
ବଳାହକେ ବିଦ୍ୟୁତ୍ ପ୍ରକାଶ ପ୍ରାପ୍ତେ ଗନ୍ଧବତୀରୁ । ୧୧ ।
ବାଣୀ ଯେ ଏପରି ଲାଙ୍ଗଳ ଅଗ୍ରେ ଜାତ ମଞ୍ଜୁଷେ ।
ବାଣିଜ୍ୟ ରତ୍ନସଂପୁଟକ ଲଭ୍ୟ ଭରା ମଞ୍ଜୁଷେ । ୧୨ ।

---

୯ମ ପଦ—ବଳାରାତିପୁରମଣ୍ଡନା—ସ୍ବର୍ଗପୁର ମଣ୍ଡନକାରିଣୀ (ମେନକା)।

୧୦ମ ପଦ—ବାଳାରୁଣାଧରା—ଯେଉଁ ସ୍ତ୍ରୀର ଓଷ୍ଠ ନବୋଦିତ ସୂର୍ଯ୍ୟଙ୍କର ବର୍ଣ୍ଣପରି ।

୧୧ଶ ପଦ—ବଳାହକୁଁ—ପର୍ବତରୁ । ଈଶ୍ବରଖରୁ—ଆକାଶ । ବଳାହକେ—ମେଘରେ । ଗନ୍ଧବତୀରୁ—ପୃଥିବୀରୁ ।

୧୨ଶ ପଦ—ମଞ୍ଜୁଷ—ପେଡ଼ି । ରତ୍ନସଂପୁଟକ—ରତ୍ନ ପଟୁଆ ।

---

ତା ଅପାଙ୍ଗଚାଳନ ଦିଗ ବିଦିଗକୁ ବିଶେଷ ଭାବରେ ମନୋହର କରୁଅଛି ( ନେତ୍ର ସହିତ ଚକୋର, ମୁଖ ସହିତ ଚନ୍ଦ୍ର ଓ ମୁଖର ଶୋଭା ସହିତ ଚନ୍ଦ୍ର କିରଣ ଉପମିତ ) ।

୯ମ ପଦ—ଇନ୍ଦ୍ରପୁର (ସ୍ବର୍ଗପୁର) ମଣ୍ଡନ କାରିଣୀ ମେନକାର ଶୋଭାକୁ ଦେଖି ଜନକ ଋଷି ମନରେ ଭାବିଲେ—'ଏ ମୋର କନ୍ୟା ହୁଅନ୍ତା କି ?'

୧୦ମ ପଦ—ବାଳସୂର୍ଯ୍ୟପରି ଯାହାର ଅଧର ଶୋଭା ପାଏ, ଏପରି ଯେ ମେନକା, ସେ ଜନକ ଋଷିଙ୍କ ଚିତ୍ତ ଜାଣି କହିଲା, "ଏହିକ୍ଷଣି ଗୋଟିଏ ବାଳିକା ଅକସ୍ମାତ୍ ପ୍ରାପ୍ତ ହେବ ।"

୧୧ ପଦ—"ପର୍ବତରୁ ପାର୍ବତୀ ଜାତ ହେଲା ପରି, ମେଘରେ ବିଦ୍ୟୁତ୍ ପ୍ରକାଶ ପାଇଲା ପରି, ପୃଥ୍ବୀରୁ ସେ କନ୍ୟା ଜନ୍ମ ହେବ ।

୧୨ଶ ପଦ—ଏହି ବାଣୀ ଶୁଣିଲା ସମୟରେ ବଣିକକୁ ରତ୍ନ ପଟୁଆ ପ୍ରାପ୍ତ ହେଲା ପ୍ରାୟ ଲଙ୍ଗଳ ଅଗ୍ରରୁ ଗୋଟିଏ ମନୋହର ପେଡ଼ି ଜାତ ହେଲା ।

ବିଶ୍ୱମୋହିନୀଏ ତା ମଧ୍ୟେ ଦେଖି ମହା ହରଷ ।
ବିଶ୍ୱକର୍ମା କୃତ କୃତ୍ରିମପୁତ୍ରୀ କି କଳବଶ । ୧୩ ।
ବସୁନ୍ଧରାଭବା ଜନକ କୋଳ କରି ସ୍ୱଭାବ ।
ବସୁ ଧରାଇଲା କୃପଣେ କି କୃପାଳୁ ଦଇବ ? ୧୪ ।
ବିଶ୍ୱସୃଜ ଏକ କରିଛି ଧରି ଶୋଭାଚୟକୁ ।
ବିଶ୍ୱକେତୁ କେତୁ ବାନ୍ଧିଲା ଜାଣି ଜଗଜ୍ଜୟକୁ । ୧୫ ।
ବହୁ ଋଷି ତାଙ୍କ ସଙ୍ଗତେ ମେଳ ହୋଇ ଯେ ଥିଲେ ।
ବହୁ ସୀତାନାମ ଏ ସୀତା ଯୋଗେ ଜାତ ବୋଇଲେ । ୧୬ ।
ବିଧି ସନମତ ପୃଥିବୀଭବା ପାର୍ଥିବୀ ଏହି ।
ବିଧିରେ ମିଥିଳା ଉତ୍ସବକାରୀ ମୈଥିଳୀ କହି । ୧୭ ।

---

୧୩ଶ ପଦ—ବିଶ୍ୱମୋହିନୀଏ—ସଂସାରମୋହିନୀ କନ୍ୟାଟିଏ । ବିଶ୍ୱକର୍ମା—ଦେବଶିଳ୍ପୀ । କୃତ୍ରିମପୁତ୍ରୀ—କୁଣ୍ଢେଇ । କଳବଶ—କଳଦ୍ୱାରା ।

୧୪ଶ ପଦ—ବସୁନ୍ଧରାଭବା—ପୃଥିବୀସମ୍ଭୂତା । ବସୁ - ରତ୍ନ ।

୧୫ଶ ପଦ—ବିଶ୍ୱସୃଜ—ବ୍ରହ୍ମା । ବିଶ୍ୱକେତୁ—ମଦନ, କନ୍ଦର୍ପ । କେତୁ—ପତାକା ।

୧୬ଶ ପଦ - ସୀତା—ଲଙ୍ଗଳର ଅଗ୍ର । ୧୭ଶ ପଦ ବିଧି – ବ୍ରହ୍ମା ।

---

୧୩ଶ ପଦ—ସେ ପେଡ଼ି ମଧ୍ୟରେ ସଂସାରମୋହିନୀ କନ୍ୟାଟିକୁ ଦେଖି ଜନକ ମହା ହର୍ଷ ହୋଇ ବିଚାରିଲେ, 'ବିଶ୍ୱକର୍ମା ଏହି କୁଣ୍ଢେଇଟିକୁ ଯନ୍ତ୍ରଦ୍ୱାରା ଗଢ଼ି ଅଛନ୍ତି କି ?' (ଯନ୍ତ୍ର ନିର୍ମିତ କୁଣ୍ଢେଇ ହସ୍ତ ନିର୍ମିତ କୁଣ୍ଢେଇ ଅପେକ୍ଷା ସୁନ୍ଦର ହୁଏ) ।

୧୪ଶ ପଦ—କୃପାଳୁ ବିଧାତା କୃପଣକୁ ରତ୍ନ ଧରାଇଲା ପରି ଜନକଋଷି ଆନନ୍ଦ ମନରେ ପୃଥ୍ୱୀରୁ ଜାତ କନ୍ୟାକୁ—ପିତା ଦୁହିତାକୁ କୋଳ କଲା ପ୍ରାୟେ କୋଳରେ ଧଇଲେ ।

୧୫ ପଦ—ବ୍ରହ୍ମା ସମସ୍ତ ଶୋଭାକୁ ଏକତ୍ରିତ କରି ଏ କନ୍ୟା ଗଢ଼ିଅଛି । କନ୍ଦର୍ପ ଏହାଦ୍ୱାରା ଜଗତ ଜୟ କରିବ,—ଏହି ଆଶାରେ ପତାକା ଉଡ଼ାଇଲା ।

୧୬ଶ ପଦ—ଜନକଙ୍କ ଏକତ୍ରିତ ବହୁତ ଋଷି ରୁଣ୍ଡ ହୋଇଥିଲେ । ସେମାନେ କହିଲେ, "ଏ ସୀତା ଯୋଗେ ( ଲଙ୍ଗଳ ଅଗ୍ରରୁ ) ଜାତ ହୋଇଅଛି, ତେଣୁ ଏହା ନାମ ସୀତା ହେଉ ।"

୧୭ଶ ପଦ—"ଏ ପୃଥିବୀରୁ ସମ୍ଭୂତ ହୋଇ ଅଛି, ତେଣୁ ବିଧାନରେ ଏହାର ନାମ ପାର୍ଥିବୀ ହେଲା । ପୁଣି ଦୈବବଶେ ମିଥିଳା ପୁରର ଉତ୍ସବକାରିଣୀ ଯୋଗୁ ଏ ମୈଥିଳୀ ନାମ ପାଇବ ।"

ବଦେହଜାୟା କୋଟିଏକ ହେଲେ ସମ କି ଆଉ ?
ବଦେହଦେଶରେ ଉଦ୍ଭବ ବଇଦେହୀ ବୋଲାଉ । ୧୮ ।
ବଦୁଷ ଜନକ ପାଳନେ ବୋଲାଇବ ଜାନକୀ ।
ବଦୂଷଣ ଶୋଭା ଜେମାର ଆଉ ସମ ଆନ କି । ୧୯ ।
ବାସରେ ଉତ୍ପଳ କି ଲକ୍ଷ ପାରିଜାତକ ତୁଚ୍ଛ ।
ବାସରେ ବହଟେ ଯୋଜନଗନ୍ଧା ନାମହିଁ ସ୍ୱଚ୍ଛ । ୨୦ ।
ବଡ଼ଭି ଉପରେ ଦୋଳିରେ ରଖି ଧାଈ ପାଳିତ ।
ବଡ଼-ଶ୍ରୀ ଉପମାମାନଙ୍କ ଅପମାନରୁ ଜାତ । ୨୧ ।
ବନନ୍ତ କି ହେମ ଶୟନେ ଦୁର୍ଗୀ ରୂପା-ପଲଙ୍କେ ।
ବନର୍ଗତ ଆନ ଉପମା ସେହି କାଳେ ପଲକେ । ୨୨ ।

---

୧୮ଶ ପଦ - ବଦେହଜାୟା—କନ୍ଦର୍ପର ପତ୍ନୀ, ରତି ।
୧୯ଶ ପଦ - ବଦୁଷ —ପଣ୍ଡିତ । ବଦୂଷଣ—ନିଷ୍କଳଙ୍କ ।
୨୦ଶ ପଦ - ଉତ୍ପଳ—ପଦ୍ମ । ଲକ୍ଷ—ତୁଲ୍ୟ । ଯୋଜନ—ଚାରିକ୍ରୋଶ ।
୨୧ଶ ପଦ—ବଡ଼ଭି - ଚନ୍ଦ୍ରଶାଳାପୁର । ବଡ଼-ଶ୍ରୀ—ଅତି ଭୟ ।
୨୨ଶ ପଦ—ହେମ - ସୁବର୍ଣ୍ଣ । ପଲକ—ଚକ୍ଷୁର ପକ୍ଷ୍ମପାତ ।

---

୧୮ଶ ପଦ—"କୋଟି କୋଟି ରତି ଏକ ହେଲେ ଏହାଙ୍କୁ ସମ ହେବେନି କି ? ( ସମ ହେବେ ନାହିଁ ) । ବିଦେହ ଦେଶରେ ଏ ଉଦ୍‌ଭବ ହୋଇଅଛି, ତେଣୁ ବୈଦେହୀ ନାମ ପାଉ ।"

୧୯ଶ ପଦ—"ପଣ୍ଡିତ ଜନକ ଋଷିଙ୍କ ପାଳନ ଯୋଗେ ଏହାର ନାମ ଜାନକୀ ହେବ । ଓଦାଷରହିତ ଏହି ଜେମାର ଶୋଭାକୁ ତୁଳନା ଦେବାକୁ ଆଉ କିଛି ଅଛି କି ? ( ଆଉ କିଛି ନାହିଁ ) ।"

୨୦ଶ ପଦ—'ସେହି କନ୍ୟାର ବାସନାକୁ ପଦ୍ମ ବାସନା ବା କି ଲକ୍ଷ ଦେବା ? ପାରିଜାତ ବାସନା ମଧ୍ୟ ତୁଚ୍ଛ ହୋଇଯିବ । ଦେହ ସୌରଭ ଯୋଜନେ ପର୍ଯ୍ୟନ୍ତ ବହନ୍ତୁଥିବାରୁ (ଏହାର ଯୋଜନଗନ୍ଧା ନାମ ସାର୍ଥକ ହେଲା ।'

୨୧ଶ ପଦ—ପାଳୁଥିବା ଧାଈମାନେ ଚନ୍ଦ୍ରଶାଳା ପୁରରେ ଦୋଳିରେ ଝୁଲାଇଲା ବେଳେ ଯେଉଁ ସୌନ୍ଦର୍ଯ୍ୟ ସୃଷ୍ଟି ହେଲା, ତା ସହିତ ଆଉ କୌଣସି ଉପମା ସମାନ ନ ହୋଇ ବଡ଼ ଭୟ ପାଇଲେ ।

୨୨ଶ ପଦ—ଦୋଳିରେ ଶୋଇଥିବା ବେଳେ ଅନୁମିତ ହେଲା । ସ୍ୱର୍ଣ୍ଣ ଦୁର୍ଗା ରୌପ୍ୟ ପଲଙ୍କରେ ଶୟନ କରିଛନ୍ତି କି ? ସେହି ସମୟରେ କନ୍ୟା । ପଲକ ପକାଇବାରୁ ଅନ୍ୟ ଉପମାସବୁ ବାହାର ପଡ଼ିଲେ ।

ବାଳକଙ୍କ ଲୀଳା କଉତୁକେ ଅନ୍ତଃପୁରସ୍ଥା ମୋହି ।
ଧାଳି କି ଶୈବାଳ କମଳକୋଷ ଉପରେ ଶୋହି ।୨୩।
ବାଡ଼ବର ଚନ୍ଦ୍ରପ୍ରତିମା ପରି ଧରି ତା ଉଭା ।
ବାଡ଼ବର ମଧ୍ୟେ ପକାଅ ଆନ ସମାନ ଶୋଭା । ୨୪ ।
ବିଡମ୍ବ ନୂତନ ମଞ୍ଜରୀ ଚଳିତ କି ପବନେ ।
ବିଡମ୍ବଣ ଅନ୍ୟ ଦୃଷ୍ଟି ସେ ଟଳ ଟଳ ଗମନେ । ୨୫ ।
ବଚକୁ ବାଚକେ ନ କହୁଁ ପୁଣି ଶୁଣି ଉତ୍ସାହୀ ।
ବଚକୁ ପିଇଲା ପଡ଼ିଲା ଶୁକ ମୂକରେ ରହି ।୨୬।

---

୨୩ଶ ପଦ - ବାଳକଙ୍କ ଲୀଳା - ବାଲ୍ୟାବସ୍ଥାର କ୍ରୀଡ଼ା କୌତୁକ । ଶୈବାଳ — ଶିଉଳି । କମଳକୋଷ ପଦ୍ମକଢ଼ ।

୨୪ଶ ପଦ - ବାଡ଼ବର - ଉତ୍ତମ କାନ୍ଥ । ବାଡ଼ବରେ—ସମୁଦ୍ର ମଧ୍ୟସ୍ଥ ଅଗ୍ନିରେ ।

୨୫ଶ ପଦ ବିଡମ୍ବ - ବିଲମ୍ବ ବା ଯାହା ଲମ୍ବିଅଛି । ନୂତନ ମଞ୍ଜରୀ—ନୂଆ ଲତା । ବିଡମ୍ବଣ—ନନ୍ଦିତ, ବୃଥା ।

୨୬ଶ ପଦ - ବଚକୁ—କଥାକୁ । ବାଚକେ—ବଚନରେ । ମୂକ—ମୌନ ।

---

୨୩ଶ ପଦ— ବାଳକାଳର କ୍ରୀଡ଼ା କୌତୁକରେ ସେ କନ୍ୟା ଅନ୍ତଃପୁରରେ ଥିବା ରମଣୀମାନଙ୍କୁ ମୋହିଲେ । ପଦ୍ମ କଢ଼ ଉପରେ ଶିଉଳୀ ଶୋଭିତ ହେଲାପରି ତାଙ୍କ ମୁଣ୍ଡରେ ଥିବା ବାଳସବୁ ଶୋଭା ପାଇଲା ।

୨୪ଶ ପଦ — କାନ୍ଥକୁ ଧରି ଆଉଜି ଉଭା ହେଲାବେଳେ ସେ କାନ୍ଥରେ ଲେଖାଥିବା ଚନ୍ଦ୍ରପ୍ରତିମା ପ୍ରାୟ ଶୋଭା ଦିଶିଲେ । ସେହି ଶୋଭା ସହିତ ତୁଳନା କରିବାକୁ ଆଉ ଯେତେ ଉପମାସବୁ ଅଛି, ତାକୁ ବାଡ଼ବାଗ୍ନିରେ ପକାଇ ଦିଅ । (ଏହା ସହିତ ଉପମିତ ହେବାକୁ ଆଉ କେହି ସମ ନୁହନ୍ତି) ।

୨୫ଶ ପଦ—ସୀତାଙ୍କ ଟଳ ଟଳ ଗମନ [ଭଲ ରୂପେ ଚାଲି ଜାଣି ନ ଥିବା ହେତୁ] ପବନରେ ଦୋହଲୁଥିବା ନୂତନ ଲତିକା ସଦୃଶ ଦେଖାଯାଏ । ତାଙ୍କ ଗଲାବେଳେ ଅନ୍ୟ ଆଡ଼କୁ ଦୃଷ୍ଟି ପାତ କରିବା ବୃଥା; (ତାଙ୍କ ଗତିର ସୌନ୍ଦର୍ଯ୍ୟରେ ଅନ୍ୟ ସମସ୍ତ ଜଗତର ସୌନ୍ଦର୍ଯ୍ୟ ଲୁଚି ଯାଏ) ।

୨୬ଶ ପଦ — ସେ କଥାକୁ ବାକ୍ୟରେ ପ୍ରକାଶ କରୁ କରୁ ଶୁଣିବା ଲୋକେ ପୁଣି ଶୁଣିବାକୁ ଉତ୍ସାହିତ ହେଲେ । ଶୁକ୍କ [ସୀତାଙ୍କ ସ୍ୱର ସହିତ ସମାନ ହେବା ପାଇଁ ? ବଚ ଖାଇ ପଡ଼ିଲା, ତଥାପି ସମାନ ନ ହେବାରୁ ମୂକ ହୋଇ ରହିଲା ।

ବାଳୀ ସେ ଖେଳିଲା ଶିଶୁଙ୍କ ସଙ୍ଗେ କ୍ରମ କ୍ରମରେ ।
ବାଳଗଣେ ଲକ୍ଷିବେ ସେ କାଳେ ରମ୍ଭା ରମା ସମରେ । ୨୭ ।
ବେଣୀ ଗୁନ୍ଥ ଶିରେ ଶୁକଳ ରଙ୍ଗପୁଲ ଯତନ ।
ବେଣୀ ତ୍ରିପୂର୍ବ କ ନଭରୁ ହୋଉଛନ୍ତି ପତନ । ୨୮ ।
ବଲମ୍ବିତ କର୍ଣ୍ଣେ କୁଣ୍ଡଳ କ ସେ ଶାଙ୍କୁଳୀ ବଳା ?
ବଳମ୍ବିତ ଦମ୍ଭ ଚିତ୍ତରେ ଦେବ ଗୃହ୍ମ ନୋହିଲା । ୨୯ ।
ବୟ କଲା କାହିଁ ଏ ଗୁଣମାନ ସୁନ୍ଦରୀମଣି ।
ବୟସନ୍ଧିତ କ ପ୍ରକାଶି ଆନ ପ୍ରକାରେ ଆଣି । ୩୦ ।

---

୨୭ଶ ପଦ—ବାଳଗଣେ—ମୂର୍ଖମାନେ ।

୨୮ଶ ପଦ—ବେଣୀ ତ୍ରିପୂର୍ବ ଅର୍ଥାତ୍ ତ୍ରିବେଣୀ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀତ୍ରୟର ସଙ୍ଗମସ୍ଥାନ । ନଭରୁ—ଆକାଶରୁ ।

୨୯ଶ ପଦ—ବଳମ୍ବିତ ଦମ୍ଭଚିତ୍ତରେ – ଧୈର୍ଯ୍ୟଶାଳୀ ବ୍ୟକ୍ତିମାନଙ୍କୁ ।

୩୦ଶ ପଦ —ବୟସନ୍ଧିତ—ଯୌବନର ପ୍ରଥମ ଅବସ୍ଥା ।

---

୨୭ଶ ପଦ—ସେ ସୀତା କ୍ରମଶଃ ଶିଶୁଙ୍କ ସହିତ ଖେଳିବାକୁ ଆରମ୍ଭ କଲେ । ସେତେବେଳର ଶୋଭାକୁ ଦେଖି କେବଳ ମୂର୍ଖମାନେ ରମ୍ଭା ଓ ଲକ୍ଷ୍ମୀଙ୍କ ସହିତ ସମାନ ବୋଲି କହିବେ ( ରମ୍ଭା ଓ ଲକ୍ଷ୍ମୀଙ୍କ ଶୋଭା ମଧ୍ୟ ସେ ଶୋଭା ସହିତ ତୁଳନୀୟ ହୋଇ ନ ପାରେ )

୨୮ଶ ପଦ— ବେଣୀଦ୍ୱାରା ଶୋଭିତ ମସ୍ତକରେ ଧଳା ଓ ଲାଲ ରଙ୍ଗର ଫୁଲ ଯତ୍ନରେ ମଣ୍ଡନ କଲେ; ତାହା ଦେଖି ମନେ ହୁଏ ତ୍ରିବେଣୀ – ଗଙ୍ଗା, ଯମୁନା, ସରସ୍ୱତୀ ଆକାଶରୁ ଖସି ପଡ଼ୁଅଛନ୍ତି କି ? ( ଗଙ୍ଗାର ପାଣି ଧଳା, ଯମୁନା ପାଣି ଗାଢ଼ କଳା ଓ ସରସ୍ୱତୀର ପାଣି ଲାଲ ବର୍ଣ୍ଣ ଦେଖାଯାଏ ) ।

୨୯ଶ ପଦ - କର୍ଣ୍ଣରେ କୁଣ୍ଡଳ ଝୁଲୁଥିବାର ଦେଖିଲେ ତାହା ଶାଙ୍କୁଳ-ପରି ଆଖିକୁ ବନ୍ଧ କରେ । ଧୈର୍ଯ୍ୟଶାଳୀ ଲୋକ ହେଲେ ମଧ୍ୟ ଚାହିଁଲେ ତାର ଆଖି ସେ ଫେରାଇ ପାରିବ ନାହିଁ ।

୩୦ଶ ପଦ —ସେ ସୁନ୍ଦରୀଶିରୋମଣି ସୀତା ଏ ବାଳ ସୁଲଭ ଗୁଣମାନଙ୍କୁ ଶେଷକରି ପ୍ରଥମ ଯୌବନ ସମୟର ଉପଯୁକ୍ତ ଗୁଣମାନ ପ୍ରକାଶ କଲେ ।

ବାଲ୍ୟକାଳେ ନାରୀ ଯେମନ୍ତେ କନ୍ୟାଳଙ୍କାର ମୁଞ୍ଚି
ବାଞ୍ଛିବନା ହେଲା ତହିଁରେ ନବବିଳାସ ରଞ୍ଚି ।୩୧।
ବସନ୍ତଦୂତ ଧ୍ୱନି କଲାବେଳେ କେତେ ଇଙ୍ଗିତ ।
ବସନ୍ତ ରାଗରେ ଆଳାପ ତହିଁ କରଇ ଗୀତ । ୩୨ ।
ବସନ୍ତ ବସନେ ଗଣ୍ଠି କି ଦେଇ କନ୍ଧେ ପକାଇ ।
ବସନ୍ତ ବସନ ମୋହିବ ଏହି ଗୁମାନ ବହି । ୩୩ ।
ବନ୍ଦନ କରେ ନାନା ଛନ୍ଦେ ମାରୀ ସେ ପୁନଃ ପୁନଃ ।
ବନ୍ଧଚିତ୍ରପଟ ଏକାନ୍ତେ ଚାହିଁବାରେ ସୁମନ । ୩୪ ।
ବନ୍ଦ୍ୟ ଯାହାକୁ ବନ୍ଦ ବୋଲି ସୌନ୍ଦର୍ଯ୍ୟ ଧରାରେ ।
ବନ୍ଦୀପରି ହୋଇ ରହିଲା ଅବରୋଧେ ଧରାରେ । ୩୫ ।

---

୩୨ଶ ପଦ  ବସନ୍ତଦୂତ— କୋକିଳ । ବସନ୍ତ—ରାଗବିଶେଷ ।

୩୩ଶ ପଦ—ବସନ୍ତ ବସନେ—ହଳଦିଆ ଲୁଗାରେ । ବସନ୍ତ ବସନ—ପୀତାମ୍ବର, କୃଷ୍ଣ ।

୩୪ଶ ପଦ - ମାରୀ—କନ୍ଦର୍ପ । ବନ୍ଧଚିତ୍ରପଟ—ଚଉଷଠି ବନ୍ଧ ଚିତ୍ରିତ ଚିତ୍ରପଟ ।

୩୫ଶ ପଦ—ବନ୍ଦ୍ୟ—ବନ୍ଦନା କରି । ଅବରୋଧେ—ଅନ୍ତଃପୁରରେ ।

---

୩୧ଶ ପଦ  ବାଲ୍ୟକାଳରେ ନାରୀ ଯେପରି ପିଲାଦିନର ଅଳଙ୍କାରସବୁ ଛାଡ଼ି ଅନ୍ୟ ଅଳଙ୍କାରକୁ ଇଚ୍ଛା କରେ, ସେହିପରି ଯୌବନ କାଳରେ ପୁରାତନ କ୍ରୀଡ଼ା ଛାଡ଼ି ନୂତନ କ୍ରୀଡ଼ା କରିବାକୁ ସେ ମନ ବଳାଇଲେ ।

୩୨ଶ ପଦ—କୋକିଳ ଧ୍ୱନି କଲାବେଳେ ସୀତା ସେ ସ୍ୱନକୁ ଉପହାସ କରି ବସନ୍ତ ରାଗରେ ଗୀତ ବୋଲୁଥିଲେ । ( ସୀତାଙ୍କ ସ୍ୱନ କୋକିଳ ସ୍ୱନଠାରୁ ଉତ୍କୃଷ୍ଟତର ) ।

୩୩ଶ ପଦ—ସୀତା ହଳଦିଆ ଲୁଗା ପିନ୍ଧି ତାର କାନିରେ ଗଣ୍ଠି ଦେଇ କାନ୍ଧରେ ପକାଉଥିଲେ । ସେଥିରୁ ଜଣା ଯାଉଥିଲା, ସେ ରାମଚନ୍ଦ୍ରଙ୍କୁ ଦିନେ ନିଶ୍ଚୟ ମୋହିତ କରିବେ,—ଏହି ଗୁମାନରେ ଯେପରି କାନ୍ଧରେ ଗଣ୍ଠି ପକାଇ ରଖିଅଛନ୍ତି ।

୩୪ଶ ପଦ—ସେ ସୀତା ନାନାପ୍ରକାର ଛନ୍ଦରେ ମାରୀ ବାରମ୍ବାର ବନ୍ଦନା କଲେ । ଚଉଷଠି ବନ୍ଧ ଚିତ୍ରକୁ ଏକାନ୍ତରେ ଦେଖିବାକୁ ମନ ବଳାଇଲେ ।

୩୫ଶ ପଦ—ବ୍ରହ୍ମାଣ୍ଡରେ ସୌନ୍ଦର୍ଯ୍ୟପଣରେ ଶ୍ରେଷ୍ଠ ସ୍ଥାନ ଦିଆଯାଇ ଯାହାକୁ ବନ୍ଦନା କରାଯାଏ, ଏପରି ଯେ ସୀତା, ସେ ଯୌବନକାଳ ହେବାରୁ ଅନ୍ତଃପୁରରେ ବନ୍ଦୀ ହୋଇ ରହିଲେ ।

ବତ୍ସର ନବରୁ ଦିନକୁଦିନ ପ୍ରଭା ବଢ଼ାଇ ।
ବକ୍ଷରେ କୁଚ ଅଙ୍କୁରିତ, ଏହି ଉତ୍ପ୍ରେକ୍ଷା ହୋଇ । ୩୬ ।
ବର୍ଣ୍ଣମାଳୀପରି ରୋମାଳି କି ସେ ସରଘାପନ୍ତି ।
ବର୍ଣ୍ଣମାପୂ ଏହି, କରନ୍ତି କି ସେ ଊର୍ଦ୍ଧ୍ୱକୁ ଗତି ? ୩୭ ।
ବିକଳନା କରି ସଞ୍ଚନ୍ତି ମଧୁ କଳ୍ପଦ୍ରୁମରେ ।
ବିକଳ୍ପ, ଫଳ ଅଙ୍କୁରୁ ଉଠେ ବୃଦ୍ଧିକ୍ରମରେ । ୩୮ ।
ବିଜୟ ହୋଇଲା କ୍ରମୁକଠାରୁ ତାଳସରିକି ।
ବିଜୟ ହୃଦରେ ସ୍ୱୟମ୍ଭୁ ରୂପେ କଲେ ଶମ୍ଭୁ କି । ୩୯ ।
ବଳିଶ୍ରେଷ୍ଠ କାମ ତାହାଙ୍କ ବାମ କଲା ପ୍ରହାର ।
ବଳ ବାଟୁଳିକ ସ୍ତନାଗ୍ରରୂପେ ସେ ମନୋହର । ୪୦ ।

---

୩୬ଶ ପଦ—ବତ୍ସରନବରୁ—ନଅବର୍ଷଠାରୁ । ବକ୍ଷରେ—ଛାତିରେ ।
୩୭ଶ ପଦ—ବର୍ଣ୍ଣମାଳୀ—ଅକ୍ଷରମାଳା ।
୩୮ଶ ପଦ—ସରଘାପନ୍ତି—ମଧୁମକ୍ଷିକାଗଣ ।
୩୯ଶ ପଦ—ବିକଳପ - କଳ୍ପନା । କ୍ରମୁକ—ଗୁଆ ।

---

୩୬ଶ ଓ ୩୭ଶ ପଦ—ନଅ ବର୍ଷ ହେବାରୁ ଦିନକୁ ଦିନ (ସୀତାଙ୍କ) ପ୍ରଭା ବଢ଼ିଲା । ବକ୍ଷସ୍ଥଳରେ କୁଚ ଅଙ୍କୁରିତ (ହେବାରୁ ଏହି ଉତ୍ପ୍ରେକ୍ଷା ବର୍ଣ୍ଣନ କଲା—ବର୍ଣ୍ଣମାଳା ପ୍ରାପ୍ତ ଯେଉଁ ରୋମାବଳୀ, ସେ ମଦ୍ଧୁମାଛି ହେଲା । ସେହି ମଦ୍ଧୁମାଛି ଉପରକୁ ଗତି କରୁଅଛି କି ? ଏହାହିଁ ବର୍ଣ୍ଣନ ଯୋଗ୍ୟ ।

୩୮ଶ ଓ ୩୯ଶ ପଦ—ସ୍ତନ୍ୟରୂପ କଳ୍ପଦ୍ରୁମରେ (ରୋମାବଳୀ ରୂପ ମଦ୍ଧୁମାଛିମାନେ) ମଧୁ ସଞ୍ଚୁ ଅଛନ୍ତି - ଏହା ବିଶେଷ ଭାବରେ ଅନୁମାନ କରିବାର କଥା । ଅଥବା ସେ କଳ୍ପଦ୍ରୁମରେ ଫଳ ଫଳ କ୍ରମଶଃ ଗୁବାକଠାରୁ ତାଳ ଫଳ ସଦୃଶ ବୃଦ୍ଧି ପ୍ରାପ୍ତ ହେଲା କି ? କମ୍ବା ସ୍ୱୟମ୍ଭୁ (ଯେ ସ୍ୱୟଂ ବର୍ଦ୍ଧିତ ହୁଅନ୍ତି) ଶିବ-ଲିଙ୍ଗ ହୃଦୟରେ ବିଜୟ କଲେ କି ?

୪୦ଶ ପଦ—ମହାବଳୀ କନ୍ଦର୍ପ ଶିବଙ୍କର ଶତ୍ରୁ ଅଟେ । ତେଣୁ ସେ ସଦ୍ୟବାଟୁଳି ବଳ ପ୍ରହାର କଲା କି ? ସେହି ବାଟୁଳି କୁଚାଗ୍ର ରୂପରେ ମନୋହର ଦିଶୁଅଛି (ବାଟୁଳି ବାଜ ଝିଙ୍କି ଖସିବାର କଥା, ମାତ୍ର ଏ ବାଟୁଳି ସଙ୍ଗେ ସଙ୍ଗେ ଭିଆରି ହୋଇଥିବାରୁ ଓଦା ଥିଲା ଓ କଳା ଦିଶୁଥିଲା । ସେହି କଳା ଓ ଓଦା ବାଟୁଳି ମହାଦେବଙ୍କ ଶିରରେ ବାଜ ଲାଗି ରହିଅଛି କି ?)

ବାସରେ ଘଟନେ ଘୋଡ଼ାଇ ଚୋଳ କବଚ ଦେଇ ।
ବାସଅଙ୍ଗୀ ସ୍ମର ଭୟରୁ ରତି ସେବନେ ସ୍ନେହୀ । ୪୧ ।
ବନଧବକୁ ଯେ ଜିଣିଲା କଟୀ କୃଶତା ହୋଇ ।
ବନଧରକେଶୀ କିଙ୍କିଣୀ ଜୟବାଦ୍ୟ ବଜାଇ । ୪୨ ।
ବଳାହଂସକ ନାଦେ ଗତି ବଡ଼ାଇକି ଶୁଣାଇ ।
ବଳାଢ଼୍ୟାରେ ମନ୍ଦ ସରଣେ ଗଜ ହଂସ ଜିଣାଇ । ୪୩ ।
ବ ରଣବୃଷା ଗର୍ବ ଖର୍ବ କରି ଊରୁ ଧାପିତ ।
ବାରଣଦନ୍ତ କୁନ୍ଦା ସ୍ତମ୍ଭ କି କୁଙ୍କୁମ ଲେପିତ । ୪୪ ।

---

୪୧ଶ ପଦ—ବାସରେ—ଲୁଗାରେ । ଚୋଳ—କାଞ୍ଚୁଲା । କବଚ—ସାଞ୍ଜୁ ।

୪୨ଶ ପଦ—ବନଧବ - ସିଂହ । ବନଧକେଶୀ—ମେଘର ବର୍ଣ୍ଣପରି ଯାହାର କେଶର ବର୍ଣ୍ଣ ସୀତା) ।

୪୩ଶ ପଦ - ହଂସକ—ନୂପୁର । ମନ୍ଦ ସରଣେ - ମନ୍ଦଗତିରେ ।

୪୪ଶ ପଦ - ବାରଣବୃଷା – କଦଳୀ ବୃକ୍ଷ । ଊରୁ—ଜାନୁ । ଧାପିତ—ଶୋଭିତ । ବାରଣଦନ୍ତ - ହସ୍ତୀଦନ୍ତ ।

---

୪୧ଶ ପଦ—ଗୌରାଙ୍ଗୀ ସୀତା କାମ ଭୟରୁ ସ୍ତନଶମ୍ଭୁଙ୍କୁ ରକ୍ଷା କରିବାପାଇଁ ତାଙ୍କୁ କାଞ୍ଚୁଲା ରୂପ କବଚରେ ଆଚ୍ଛାଦନ କରି ତା ଉପରେ ଲୁଗା ଘୋଡ଼ାଇଲେ । ଆଉ ମଧ୍ୟ ରତି ସେବା କଲେ ।ରତି ସେବା କଲେ ରତିଙ୍କ ସ୍ୱାମୀ କାମଦେବ ସନ୍ତୁଷ୍ଟ ହେବେ; ଅର୍ଥାତ୍ ରତି ରସରେ ଶତ୍ରୁ ମଜ୍ଜିଲା) ।

୪୨ଶ ପଦ—ସୀତାଙ୍କର କଟୀ କ୍ଷୀଣତାରେ ସିଂହକୁ ଜୟ କଲା । ତେଣୁ ସେହି ଜଳଧରକେଶୀ ସୀତା କିଙ୍କିଣୀରୂପ ଜୟବାଦ୍ୟ ବଜାଇଲେ ।

୪୩ଶ ପଦ - ସୀତାଙ୍କର ଗମନ ଗଜ ଓ ହଂସର ଗତିକୁ ବଳି ପଡ଼ିବାରୁ ସେ ଧୀରେ ଗତି କଲାବେଳେ ବଳା ଓ ନୂପୁର ନାଦରେ ଗମନର ବଡ଼ିମାକୁ ଶୁଣାଇଲେ । (ତାଙ୍କ ଗତି ହଂସ ଓ ଗଜର ଗତିଠାରୁ ମଧ୍ୟ ମନ୍ଥର ହେଲା) ।

୪୪ଶ ପଦ —ତାଙ୍କ ଊରୁଦ୍ୱୟ କଦଳୀ ବୃକ୍ଷର ଗର୍ବକୁ ଖର୍ବ କରି ତେଜ ପ୍ରକାଶ କଲା । (ତାହା ଦେଖି ମନେ ହେଲା) କୁନ୍ଦା ହୋଇଥିବା ହସ୍ତୀ-ଦନ୍ତର ସ୍ତମ୍ଭରେ କୁଙ୍କୁମ ବୋଳା ହୋଇଛି କି ?

ବାହୁ ଶୋଭା ଗୃହିଁ ମୃଣାଳ କଣ୍ଟକକୁ ବହିଲା ।
ବାହୁଟି ତାଡ଼ରେ ଜାଣିଲ ସେ ପୂଜାକୁ ପାଇଲା । ୪୫ ।
ବ୍ରହ୍ମାଣ୍ଡରେ ନାହିଁ ସେ ହସ୍ତତୁଳ କହିବା ତର୍କେ ।
ବ୍ରହ୍ମା ତେଣୁ ଦେଲା ଅତୁଳ କର ନାମ କଙ୍କଣେ । ୪୬ ।
ବିଭୂଷଣ ଭୂଷାନିଚୟ ସର୍ବ ସୁନ୍ଦରୀଙ୍କରେ ।
ବିଭୁ ସେ ଜାନକୀ ଅତୁଲ ତାଙ୍କୁ ଆମ୍ଭେ ଏଠାରେ । ୪୭ ।
ବନ୍ଦିଆମଣ୍ଡନେ ଶ୍ରବଣେ ତାଳପତ୍ର ପଲଟି ।
ବନ୍ଦିଆ ନୋହିବ କ ସେ ଯିବ, ଯେଉଁ ନୟନ ପଡ଼ି । ୪୮ ।

---

୪୫ଶ ପଦ—ମୃଣାଳ—ପଦ୍ମନାଡ଼ ।
୪୭ଶ ପଦ ବିଭୂଷଣ ମଣ୍ଡନ । ଭୂଷାନିଚୟ ଅଳଙ୍କାର ସମୂହ ।

---

୪୫ଶ ପଦ—ବାହୁର ସୌନ୍ଦର୍ଯ୍ୟ ଦେଖି ପଦ୍ମନାଡ଼ (ଅସମାନ ହେବାରୁ) ଦେହରେ କଣ୍ଟା ବହନ କଲା । ତହିଁରେ ବାଜୁବନ୍ଧ ଓ ତାଡ଼ ବାଆ ଯିବାରୁ ମନେ କରୁଛି,—ସେ ଦୁହେଁ (ବାହୁକୁ) ପୂଜା କରୁଅଛନ୍ତି କି ? କିମ୍ବା—ବାଜୁବନ୍ଧ ଓ ତାଡ଼ ଦୁହେଁ ବାହୁରେ ଲାଗିବାରୁ ନିଜେ ନିଜେ ବାହୁଯୋଗୁ (ପୂଜ୍ୟ ହେଲେ) ଆଦର ଲଭିଲେ ।

୪୬ଶ ପଦ—ସୀତାଙ୍କ ସହିତ ତୁଲ୍ୟ ହେବାକୁ ବ୍ରହ୍ମାଣ୍ଡରେ ଆଉ କିଛି ନାହିଁ । ତେଣୁ ମନେ ହୁଏ, ବ୍ରହ୍ମା ସେ ହସ୍ତରେ ଥିବା କଳସୂର ନାମ ଅତୁଲ୍ୟ ରଖିଅଛନ୍ତି ।

୪୭ଶ ପଦ—ପୃଥିବୀର ସମସ୍ତ ସୁନ୍ଦରୀ ନାନା ଅଳଙ୍କାରରେ ଭୂଷିତ ହୋଇ ସୁଦ୍ଧା ସୀତାଙ୍କ ସହିତ ସମକକ୍ଷ ହେବେ ନାହିଁ । ତେଣୁ ସେମାନେ ମନେ (ଅଳଙ୍କାରମାନେ) କଲେ— ସୀତା ଆମ୍ଭମାନଙ୍କର ପ୍ରଭୁ । ଆମ୍ଭେ ତାଙ୍କୁ ସମକକ୍ଷ ନୋହୁ । (ଅଳଙ୍କାର ସବୁ ସୁନ୍ଦରୀମାନଙ୍କର ଭୂଷଣ । ମାତ୍ର ସେହି ଅଳଙ୍କାରମାନ ସୀତାଙ୍କୁ ଦେଖି ମନେ କଲେ, ସୀତା ଆମର ପ୍ରଭୁ, ଆମେ ତାଙ୍କର ଭୂଷଣ ହେବା ତ ଦୂରେ ଥାଉ, ତାଙ୍କ ସମକକ୍ଷ ମଧ୍ୟ ହୋଇପାରିବୁ ନାହିଁ) ।

୪୮ଶ ପଦ – ସେ ତଡ଼ିକାକୁ ବଦଳାଇ ତା ପରିବର୍ତ୍ତିରେ ବନ୍ଦିଆ (କର୍ଣ୍ଣାଳଙ୍କାର ବିଶେଷ) ଶ୍ରବଣରେ ମଣ୍ଡନ କଲେ । ତହିଁରେ ଯେଉଁ ଆଖି ପଡ଼ିବ, ସେ ବନ୍ଦୀ ନ ହୋଇ ଲୁଆଡ଼େ ଯିବ ? (ସେହି ବନ୍ଦିଆଠାରେ ଅଖି ଟାଣି ହୋଇ ରହିବ ।

ବାଳୀ ଝଲକାଦି ସୁଫୁଲ ମଲ୍ଲୀକଢ଼ୀ ବିଶେଷେ ।
ବାଳୀ ଝଲକାଇ ଯେମନ୍ତ ନୋହିବ ଶେଷେ । ୪୯ ।
କଳା ସୁମନରେ କୁଢ଼ା ଯେ ଧୈର୍ଯ୍ୟ ଉଜୁଡ଼ା ସେହି
ବନ୍ଧା ସୁମନକୁ ପକାଇ ନେବ କେ ମୁକୁଳାଇ ? । ୫୦ ।
ବିଶେଷେ ଚଞ୍ଚଳ ଈକ୍ଷଣ ବାଣ ଯେ ଗତାଗତ ।
ବିଷେ ସେ ଯୁକ୍ତ କି ଅଞ୍ଜନେ ଯେଣୁ ଅତି ଜ୍ୱଳିତ । ୫୧ ।
ବାଜିବାର ଭୟେ କୁରଙ୍ଗ ମୀନ ବନେ ପଳାଇ ।
ବାଜୀବାର ଗତାଗତ ସେ ଟେକି ଶିଖିବା ପାଇଁ । ୫୨ ।

---

୪୯ଶତ ପଦ—ବାଳୀ—ସୀତା, କର୍ଣ୍ଣାଳଙ୍କାର ବିଶେଷ । ଶେଷେ—ଶେଷଦେବଙ୍କଦ୍ୱାରା, ଅନନ୍ତଦ୍ୱାରା ।

୫୦ତ ପଦ ସୁମନରେ—ଫୁଲରେ ।

୫୧ଶତ ପଦ—ଈକ୍ଷଣ—ନେତ୍ର । ଗତାଗତ—ଗମନାଗମନ । ଅଞ୍ଜନ—କଜ୍ଜଳ । ଜ୍ୱଳିତ—ଉଜ୍ଜ୍ୱଳ ।

୫୨ଶତ ପଦ—କୁରଙ୍ଗ—ମୃଗ । ମୀନ—ମତ୍ସ୍ୟ । ବନେ—ଅରଣ୍ୟରେ, ଜଳରେ । ବାଜୀବାର—ଘୋଟକ ସମୂହ, ପକ୍ଷୀମାନେ ।

---

୪୯ଶତ ପଦ—ସୀତା ବାଳୀ, ଝଲକଫାଶିଆ, କାନଫୁଲ ଓ ମଲ୍ଲୀକଢ଼ୀ ( ମଲକଢ଼ୀ ) ପ୍ରଭୃତି କର୍ଣ୍ଣଭୂଷଣରେ ଭୂଷିତ ହୋଇ ଯେଉଁ ଅନିର୍ବଚନୀୟ ଶୋଭା ଧାରଣ କରିଥିଲେ, ତାହା ଶେଷଦେବ ସହସ୍ରମୁଖରେ ସୁଦ୍ଧା ବର୍ଣ୍ଣନା କରି ପାରିବେ ନାହିଁ ।

୫୦ଶତ ପଦ—ତାହାଙ୍କର ନାନାଜାତି ଫୁଲରେ ମଣ୍ଡିତ ହୋଇଥିବା କୁଢ଼ା ଦର୍ଶକମାନଙ୍କର ଧୈର୍ଯ୍ୟ ଲୋପକାରୀ ଥିଲା । ଏଣୁ ଥରେ ମାତ୍ର ତାହାକୁ ଦେଖିଲେ, ସେହି ଶୋଭା ଦର୍ଶନରୁ ମନକୁ ଫେରାଇ ଆଣିବା କଷ୍ଟକର ହେଉଥିଲା ।

୫୧ ଓ ୫୨ଶତ ପଦ --ମୃଗସମୂହ ଓ ମୀନସମୂହ ଅତିଶୀଘ୍ର ଗମନାଗମନ କରୁଥିବାରୁ ସୀତାଙ୍କର ଆଖିକୁ ଶର ଏବଂ ସେଥିରେ ଅତି ଉଜ୍ଜ୍ୱଳ କଜ୍ଜ୍ୱଳ ଲାଗିଥିବାରୁ ବିଷଟବାଳା ( ଶର ) ବୋଲି ଭାବି କେଜାଣି ଆମ ଦେହରେ ବାଜିବ, ଏହି ଆଶଙ୍କାରେ ଅରଣ୍ୟ ଓ ଜଳରେ ପ୍ରବେଶ କଲେ । କିନ୍ତୁ ଘୋଡ଼ା ଓ ପକ୍ଷୀମାନେ ତାହାଙ୍କ ନେତ୍ରରେ ଗତି ସହିତ ସମାନ ହେବାପାଇଁ ଶୀଘ୍ରଗତିର ଅଭ୍ୟାସରେ ଲାଗିଲେ । ( ଅର୍ଥାତ୍ ମୃଗ, ମୀନ, ଘୋଟକ ଓ ପକ୍ଷୀମାନଙ୍କର ଗତିଠାରୁ ତାଙ୍କ ନେତ୍ରର ଗତି ବଳି ପଡ଼ୁଥିଲା ) ।

ବର୍ତ୍ତୁଳ ମୁକୁତା ଭଳିତ ନାସା ପୁଡ଼ା ଯେ ଫୁଲେ ।
ବର୍ତ୍ତୁକେ ତା ଶ୍ୱସିଁ ଆଜନ୍ମ ବ୍ରହ୍ମଗ୍ରସ୍ତ ହୋଇଲେ । ୫୩ ।
ବନ୍ଧୁ କରିବାର ଇଚ୍ଛିଲା ଯେଣୁ ଅଧର ଭୁଲେ ।
ବନ୍ଧୁକ ନାମହିଁ ରହିଲା ତେଣୁ ରକ୍ତକ ଫୁଲେ । ୫୪ ।
ବନ୍ଧୁଲୀ ଅଧର ବୋଲିବା ଯୁକ୍ତ ଅର୍ଥରେ ଆନ ।
ବନ୍ଧୁ କରେ ତହିଁ ଉପରେ ହାସ ପ୍ରକାଶମାନ । ୫୫ ।
ବଭର୍ତ୍ତି ମୌକ୍ତିପଙ୍କ୍ତି ଦନ୍ତ ଓଷ୍ଠ ମାଣିକ୍ୟପାଟେ ।
ବିଭବ ଶୋଭାର କେ କହୁ ଯେ ବିରାଜ ବଟନେ । ୫୬ ।

---

୫୩ଶତ ପଦ—ବର୍ତ୍ତୁଳ—ଗୋଲ । ଫୁଲେ—ଫୁଲି ଉଠୁଥିବା । ଆଜନ୍ମ—ପିଲାଦିନରୁ ।

୫୪ଶତ ପଦ—ରକ୍ତର ଫୁଲ—ବନ୍ଧୁଲୀ ଫୁଲ । ଅଧର—ଓଠ ।

୫୫ଶତ ପଦ—ବନ୍ଧୁ—ବୋହୂ, ଏଠାରେ ସୀତା । ଅଧର—ନ୍ୟୁନ ।

୫୬ଶତ ପଦ—ମୌକ୍ତ—ଶୁକ୍ଳ ହୀରା । ମାଣିକ୍ୟ—ପଦ୍ମରାଗମଣି । ବିଭବ—ସମ୍ପତ୍ତି, ଏଠାରେ ଉତ୍କର୍ଷ ।

---

୫୩ଶତ ପଦ—ପିଲାଦିନରୁ ବ୍ରାହ୍ମଗ୍ରସ୍ତ ହୋଇଥିଲେ ସୁଦ୍ଧା ( ନିଶ୍ୱାସ ନେବା ସମୟରେ ) ଫୁଲି ଉଠୁଥିବା ତାହାଙ୍କ ନାକପୁଡ଼ା ନିକଟରେ ଦୋହଲୁଥିବା ଗୋଲ ମୁକ୍ତାକୁ ଦେଖି କେଉଁ ଲୋକ ବର୍ତ୍ତିବ ?

୫୪ଶତ ପଦ - ବନ୍ଧୁଲୀ ଫୁଲ [ ସାତପଟଆ ଫୁଲ । ସୀତାଙ୍କର ଓଷ୍ଠ ସହିତ ବନ୍ଧୁତା କରିବାକୁ ଇଚ୍ଛା କରିବାରୁ, ତାହାର ନାମ ବନ୍ଧୁକ ହେଲା । ( ଅର୍ଥାତ୍ ତାଙ୍କର ଓଷ୍ଠ ବନ୍ଧୁଲୀ ଫୁଲ ପରି ରକ୍ତବର୍ଣ୍ଣ ଅଟେ ) ।

୫୫ଶତ ପଦ—ସୀତାଙ୍କର ଓଷ୍ଠ ବନ୍ଧୁଲୀର ସମାନ ଥିବାରୁ ତାହାଙ୍କୁ ବନ୍ଧୁଲୀଅଧରା କହିବା ଉପଯୁକ୍ତ ହେଲେ ମଧ୍ୟ ସେପରି ଅର୍ଥ କରିବା ଠିକ୍ ନୁହେଁ, ଯେହେତୁ ସୀତା ସେହି ବନ୍ଧୁଲୀ-ଅଧର ଓଷ୍ଠ) ଉପରେ ହାସ ପ୍ରକାଶ କରନ୍ତି । (ଅର୍ଥାତ୍ ବନ୍ଧୁଲୀକୁ ଉପହାସ କରନ୍ତି) ଅତଏବ 'ବନ୍ଧୁଲୀ' ରକ୍ତକ ଫୁଲ ତାହାଙ୍କର ଓଷ୍ଠଠାରୁ 'ଅଧର' ନ୍ୟୁନ ଅଟେ ।

୫୬ଶତ ପଦ—ସୀତାଙ୍କର ଓଷ୍ଠରୂପୀ ପଦ୍ମରାଗ ମଣିର ଭାବ ଦନ୍ତରୂପୀ ହୀରା ସମୂହକୁ ଧାରଣ କରିଅଛି (ଅର୍ଥାତ୍ ତାହାଙ୍କର ଅତି ସ୍ୱଚ୍ଛ ଦନ୍ତପଂକ୍ତି ଓଷ୍ଠର ଲାଲିମାଦ୍ୱାରା ସମସ୍ତ ସମୟରେ ରଞ୍ଜିତ ହେଉଅଛି) । ଏଣୁ ମନେ ହୁଏ, ସେଇଁ ଶୋଭାର ଉତ୍କର୍ଷ ବଦନରେ ଦେଖାଇ ହେବ ନାହିଁ, ତାହାକୁ କିଏ ବର୍ଣ୍ଣନା କରିବ ?

ବିଭୂଷଣ ନାନାପ୍ରକାରେ ଯେତେ କରନ୍ତି ନିତି ।
ବିଭୂଷଣ ଶୋଭା ତାହାଙ୍କ ଦିଶେ ସୁନ୍ଦରୀ ଜ୍ୟୋତି । ୫୭ ।
ବଦନରେ ଚନ୍ଦ୍ର ଦର୍ପଣ ପଦ୍ମ ନିଉଛାଳିବା ।
ବଦନରେ ଏହି ଉକ୍ତିକ ଆନ କି ଲକ୍ଷ ଦେବା ? ୫୮ ।
ବରବର୍ଣ୍ଣିନୀ ରସଲତା ନବ ପୁଷ୍ପବତୀ ସେ ।
ବରଣ କରିବା ଜନକ କହେ ଯତିଙ୍କ ପାଶେ । ୫୯ ।
ବାଣିଲେ ବାଲ୍ମୀକି ଟେକିବ ଯେହୁ ଶିବରୂପକୁ ।
ବାରିଜଗନ୍ଧାକୁ ପ୍ରଦାନ ନିଶ୍ଚେଁ କରିବା ତାକୁ । ୬୦ ।
ବୋଧି ଜନକ ହରଧନୁ ସ୍ୱୟମ୍ବର ରଚିତ ।
ବୋଧକର ମୁଖେ ବିଖ୍ୟାତ, ନୃପଗଣେ ଆଗତ । ୬୧ ।

---

୫୮ତମ ପଦ—ବଦନ ମୁଖ । ଲକ୍ଷ—ଉପମା ।

୫୯ତମ ପଦ—ବରବର୍ଣ୍ଣିନୀ—ପୀତବର୍ଣ୍ଣା । ରସଲତା—ଶୃଙ୍ଗାରରସରୂପ ଲତା । ପୁଷ୍ପବତୀ—କୁସୁମବତୀ, ସୁବତୀ ।

୬୦ତମ ପଦ—ବାଣିଲେ—କହିଲେ । ଶିବରୂପ—ଶିବଧନୁ । ବାରିଜଗନ୍ଧା—ପଦ୍ମଗନ୍ଧା ।

୬୧ତମ ପଦ—ବୋଧକର—ଭାଟ ।

---

୫୭ତମ ପଦ—ସୀତା ପ୍ରତିଦିନ ଯେଉଁସବୁ ଅଳଙ୍କାର ଧାରଣ କରନ୍ତି, ତାହାଙ୍କର କାନ୍ତି ସେହି ଅଳଙ୍କାରମାନଙ୍କର ଅଳଙ୍କାର ପରି ଦେଖାଯାଏ । (ଅର୍ଥାତ୍ ସୀତା ଅଳଙ୍କାରର ଅଳଙ୍କାର ଅଟନ୍ତି) ।

୫୮ତମ ପଦ—ଆନନ୍ଦଦାୟକ ଗୁଣରେ ଚନ୍ଦ୍ର, କାନ୍ତିରେ ଦର୍ପଣ ଓ ସୁଗନ୍ଧରେ ପଦ୍ମ, ସୀତାଙ୍କ ମୁଖଠାରୁ ଊଣା ଅଟନ୍ତି । ଅତଏବ ଅନ୍ୟ କୌଣସି ବସ୍ତୁର ନାମ ମୁଖରେ ଉଚ୍ଚାରଣ କରି ଉପମା ଦେବା ଠିକ୍ ନୁହେଁ ।

୫୯ତମ ପଦ—ସେହି ସୁନ୍ଦରୀ ସୀତା ଯୌବନରେ ପଦାର୍ପଣ କରିବାରୁ 'ତାହାଙ୍କର ସ୍ୱୟମ୍ବର ନିମିତ୍ତ ରାଜାମାନଙ୍କୁ ନିମନ୍ତ୍ରଣ କରିବା, ଏହି କଥା ଜନକ ଋଷିମାନଙ୍କ ନିକଟରେ ପ୍ରକାଶ କଲେ ।

୬୦ତମ ପଦ—ଏହା ଶୁଣି ବାଲ୍ମୀକି ମୁନି କହିଲେ, "ଯେ ଶିବଧନୁ ଟେକିବାକୁ ସମର୍ଥ ହେବ, ତାହାକୁ ପଦ୍ମିନୀ ସୀତାଙ୍କୁ ପ୍ରଦାନ କରିବା ।"

୬୧ତମ ପଦ—ଜନକ 'ହରଧନୁ' ଟେକିବା ପଣରେ ସ୍ଥିରହୋଇ ସ୍ୱୟମ୍ବର ସମ୍ଭାର ସମସ୍ତ ଯୋଗାଡ଼ କରି ଖ୍ୟାତନାମ ଭାଟମାନଙ୍କ ଦ୍ୱାରା ରାଜାମାନଙ୍କ ନିକଟକୁ ନିମନ୍ତ୍ରଣ ପଠାଇଲେ ।

ବାସ କରନ୍ତୁ ସେହି ସୀତାଲୀଳା ସଦା ମୋ ହୃଦ ।
ବାଷଠୀପଦେ ଉପଇନ୍ଦ୍ର ଭଞ୍ଜ କହେ ଏ ଛାନ୍ଦ । ୬୨ ।

---

## ଚତୁର୍ଥ ଛାନ୍ଦ

ରାଗ—ମାଳବଗଉଡ଼ା

ବୁଦ୍ଧି ଉତ୍ତମ ଯାହାର କାବ୍ୟ ଅଭିଧାନେ ।
ବୃଜନନାଶ ଚରିତ ଶୁଣ ସାବଧାନେ ହେ । ୧ ।
ବୃଷ୍ଟିହୀନ ଦ୍ୱାଦଶ ବରଷ ଚମ୍ପାବତୀ ।
ବଡ଼ ଚିନ୍ତା ଲଭି ଲୋମପାଦ ନରପତି ଯେ । ୨ ।
ବରଷା କରିବ ଋଷ୍ୟଶୃଙ୍ଗ ଆଗମନେ ।
ବ୍ରହ୍ମଜ୍ଞାନ ପରି ଯେହ୍ନେ ଯୋଗୀନ୍ଦ୍ର ସମାନେ ଯେ । ୩ ।

---

୧ମ ପଦ—ବୃଜନ ନାଶ—ପାପ କ୍ଷୟକର ।
୨ୟ ପଦ—ବୃଷ୍ଟିହୀନ—ବର୍ଷାଶୂନ୍ୟ । ନରପତି—ରାଜା ।
୩ୟ ପଦ ଯୋଗୀନ୍ଦ୍ର—ତପସ୍ୱୀ ଶ୍ରେଷ୍ଠ ।

---

୬୨ତମ ପଦ - ସେହି ସ୍ୱୟମ୍ବରା ସୀତାଙ୍କର ଲୀଳା ସଦା ମୋ ହୃଦୟରେ ଜାଗିଉଠୁ । ଉପେନ୍ଦ୍ରଭଞ୍ଜ ଏହିକଥା କହି ବାଷଠି ପଦରେ ଏ ଛାନ୍ଦ ଶେଷ କଲେ ।

---

## ଚତୁର୍ଥ ଛାନ୍ଦ

୧ମ ପଦ ଯେଉଁମାନଙ୍କର କାବ୍ୟ ଓ ଅଭିଧାନରେ ଉତ୍ତମ ପ୍ରବେଶ ଅଛି, ସେମାନେ ପାପ କ୍ଷୟକର ଏହି ଚରିତକୁ ମନ ଦେଇ ଶୁଣନ୍ତୁ ।

୨ୟ ପଦ—ଚମ୍ପାବତୀ ନଗରୀରେ ବାରବର୍ଷ ପର୍ଯ୍ୟନ୍ତ ବର୍ଷା ନ ହେବାରୁ ଲୋମପାଦ ରାଜା (ଚମ୍ପାବତୀର ରାଜା) ଅତ୍ୟନ୍ତ ଚିନ୍ତିତ ହେଲେ ।

୩ୟ ପଦ—ଯୋଗୀମାନେ ବ୍ରହ୍ମଜ୍ଞାନକୁ ସତ୍ୟ ମନେ କଲା ପରି, ଲୋମପାଦ 'ଋଷ୍ୟଶୃଙ୍ଗ ଆସିଲେ ବର୍ଷା ହେବ' ଏହି କଥାକୁ ସତ୍ୟ ମନେ କରୁଥିଲେ ।

ବୁଲାଇ ନିଜ ନଗରେ ପଞ୍ଚରତ୍ନସ୍ଥାଳୀ ।
ବଜ୍ର ଧରି ଶତମନ୍ୟୁ ପରାଏ ସେ ଝଳ ଯେ । ୪ ।
ବିକାଶରେ ପଦ୍ମରାଗ ସବିତା ପ୍ରତିଭା ।
ବହୁଛି ସେ ମାରକଣ୍ଠି ହୋଇ ରତି ଶୋଭା ଯେ । ୫ ।
ବିଦ୍ରୁମେ ମହାଉଜ୍ଜ୍ୱଳ ଅଟବୀ ସଦୃଶ ।
ବହି ଗର୍ଭେ ମୋତି ଶୁକ୍ତି, ଏ ତ୍ରିବିଧ ଶେଷ ଯେ । ୬ ।
ବେଶ୍ୟାସାର ଜରତୀ ତା ରତା ହୋଇ ନେଲା ।
ବନୁଁ ଆଜନ୍ମତପସ୍ୱୀ ଆଣିବି ବୋଇଲା ଯେ । ୭ ।

---

୦ର୍ଥ ପଦ—ବଜ୍ର - ଇନ୍ଦ୍ରଙ୍କ ଅସ୍ତ୍ର, ହୀରା । ଶତମନ୍ୟୁ – ଇନ୍ଦ୍ର ।

୫ମ ପଦ—ପଦ୍ମରାଗ—ମରକତମଣି, ପଦପ୍ରତି ସ୍ନେହ । ସବିତା—ହୂର୍ଯ୍ୟ । ମାରକଣ୍ଠି  ମରକତ ସମ୍ବନ୍ଧୀ, କନ୍ଦର୍ପର ନିକଟବର୍ତ୍ତୀ ।

୬ଷ୍ଠ ପଦ - ବିଦ୍ରୁମେ – ପୋହଳାରେ, ନୂତନ ପତ୍ରରେ । ଅଟବୀ—ଅରଣ୍ୟ । ମୋତି—ମୁକ୍ତା । ଶୁକ୍ତି —ଶାମୁକା ।

୭ମ ପଦ—ରତା  ଆଗ୍ରହାନ୍ୱିତା । ଆଜନ୍ମତପସ୍ୱୀ  ଆଜନ୍ମବ୍ରହ୍ମଚାରୀ ।

---

୪ର୍ଥ ପଦ—(ଲୋମପାଦ ରାଜା , ଇନ୍ଦ୍ର ନିଜର ଅସ୍ତ୍ର ବଜ୍ରକୁ ଧରିଥିବାରୁ ଯେପରି ତେଜସ୍ୱାନ୍ ଅଟନ୍ତି, ସେହିପରି 'ବଜ୍ର' ହୀରା ଥିବାରୁ ଅତି ତେଜସ୍ୱାନ୍ ଦେଖାଯାଉଥିବା ପଞ୍ଚରତ୍ନ ଥାଳୀ (ଲୋମପାଦ ରାଜା) ନିଜ ନଗରରେ ବୁଲାଇଲେ ।

୫ମ ପଦ—ସେ ଥାଳୀ ପଦ୍ମରାଗ ମଣିର ତେଜରେ ରଞ୍ଜିତ ହୋଇ ସୂର୍ଯ୍ୟଙ୍କପରି ଦେଖାଯାଉଛି । ତାହା ଦେଖି ମନେ ହୁଏ—ସୂର୍ଯ୍ୟ ପଦ୍ମଠାରେ ସ୍ନେହ କରି ତାହାର ବିକାଶ ନିମିତ୍ତ ନିଜର ତେଜକୁ ତାହା ଉପରେ ନିକ୍ଷେପ କରନ୍ତି (ଅର୍ଥାତ୍ ସୂର୍ଯ୍ୟକିରଣ ପଡ଼ିଲେ ପଦ୍ମ ଫୁଟେ) । ଅତଏବ ଏହି ଥାଳୀରେ 'ପଦ୍ମ ରାଗ' ପଦ୍ମ ପ୍ରତି ଥିବା ସ୍ନେହ ଥିବାରୁ ଥାଳୀଟି ସୂର୍ଯ୍ୟଙ୍କ ପରି ତେଜସ୍ୱାନ୍ ହୋଇଅଛି । ଆଉ ମଧ୍ୟ ସେହି ଥାଳୀ ରତିଙ୍କପରି ସୁନ୍ଦର ଦେଖାଯାଉଛି, କାରଣ ରତି ସବୁବେଳେ କନ୍ଦର୍ପର ନିକଟରେ ଥାନ୍ତି । ଏହି ଥାଳୀ ମଧ୍ୟ "ମାରକଣ୍ଠି" ମରକତ ମଣିର ସମ୍ବନ୍ଧକୁ ପାଇଛି; ଅର୍ଥାତ୍ ପଦ୍ମରାଗ ମଣି ଏଥିରେ ଅଛି ।

୬ଷ୍ଠ ପଦ –ସେହି ଥାଳୀ ମଧ୍ୟରେ ଅତି ଉଜ୍ଜ୍ୱଳ ପୋହଳା ଥିବାରୁ ନବପଲ୍ଲବ ଧାରଣ କରି ଅତି ମନୋହର ଦେଖାଯାଉଥିବା ଅରଣ୍ୟପରି ଦିଶୁଅଛି । ଆଉ ମଧ୍ୟ ଏହା ମଧ୍ୟରେ ମୁକ୍ତା ଥିବାରୁ, ମୁକ୍ତାଗର୍ଭ ଶାମୁକାପରି ଶୋଭା ପାଉଛି । ଏହିପରି ଏ ତିନ ପଦରେ ଶ୍ଳେଷାର୍ଥ ରହିଛି ।

୭ମ ପଦ—ବେଶ୍ୟାଶ୍ରେଷ୍ଠା ଜରତୀ ସେହି ପଞ୍ଚରତ୍ନ ଥାଳୀକୁ ଆଗ୍ରହ ସହିତ ନେଇ ବନରୁ ଆଜନ୍ମ ବ୍ରହ୍ମଚାରୀ ସେହି ଋଷ୍ୟଶୃଙ୍ଗଙ୍କୁ 'ଆଣିବି' ବୋଲି କହିଲା ।

ବୃଷଭ ଗୋଡ଼ାଇ ଧେନୁ ପଛରେ ଯେମନ୍ତ ।
ବେଦାଧ୍ୟୟନ ଛଡ଼ାଇ ଆଣିବି ତେମନ୍ତ ଯେ । ୮ ।
ବର୍ଦ୍ଧକୀ ଡ଼କାଇ ସଜଡ଼ାଇ ଦିଅ ନାବ ।
ବେଶ୍ମ ପରି ମହାମନୋରମ ହୋଇଥିବ ଯେ । ୯ ।
ବିବିଧ ପଦାର୍ଥ ଭର୍ତ୍ତି କରିଦିଅ ତହିଁ ।
ବନ ଉପବନାକ୍ଷି ହୋଇଥିବ, ଭୂପେ କହି ଯେ । ୧୦ ।
ବଚସ୍କର ନୃପତି ସାମନ୍ତେ ଭୃତ୍ୟପରି ।
ବାର ବାରନାରୀ ଗଲେ ଅନୁକୂଳ କରି ଯେ । ୧୧ ।
ବସିଲେ ତରଣୀ ଅଙ୍କେ ଛାୟା ପରି ହୋଇ ।
ବିରାଜିବା ପୁଷ୍କର ଗମନେ ସେ ଯୋଗାଇଲେ ଯେ । ୧୨ ।

---

୯ମ ପଦ—ବର୍ଦ୍ଧକୀ—ବଢ଼େଇ । ବେଶ୍ମ—ଘର । ମହାମନୋରମ—ଅତି ସୁନ୍ଦର ।

୧୧ଶ ପଦ—ବଚସ୍କର—ଆଜ୍ଞାବହ । ନୃପତି—ରାଜା । ସାମନ୍ତ—ମନ୍ତ୍ରୀ । ଭୃତ୍ୟ—ଚାକର । ବାରନାରୀ—ବେଶ୍ୟା ।

୧୨ଶ ପଦ—ତରଣୀ—ନୌକା, ସୂର୍ଯ୍ୟ । ଅଙ୍କେ—କୋଳରେ, ମଧ୍ୟରେ । ଛାୟା—ସୂର୍ଯ୍ୟଙ୍କ ସ୍ତ୍ରୀ ।

---

୮ମ ପଦ—"ଷଣ୍ଢ ଯେଉଁ ପରି ଗାଈର ପଛେ ପଛେ ଗୋଡ଼ାଇ ଆସେ, ମୁଁ ସେହିପରି ତାଙ୍କୁ ବେଦ ପଢ଼ା ଛଡ଼ାଇ ମୋର ପଛେ ପଛେ ଦୌଡ଼ାଇ ଆଣିବି ।"

୯ମ ପଦ—"ବଢ଼ାଇ ଡକାଇ ଅତି ସୁନ୍ଦର ଘରପରି ଗୋଟିଏ ନୌକା ସଜାଇ ଦିଅ ।"

୧୦ମ ପଦ—"ତହିଁରେ ନାନାପ୍ରକାର ଜିନିଷ ରଖି ଅବିକଳ ଗୋଟିଏ ଜଙ୍ଗଲପରି କରିଦିଅ । ଏହି କଥା ଜରତୀ ରାଜାଙ୍କୁ କହିଲା ।

୧୧ଶ ପଦ—ଭୃତ୍ୟମାନେ ତାଙ୍କ ସାମନ୍ତଙ୍କର ଆଜ୍ଞାବହ ହେଲା ଭଳି, ଲୋମପାଦ ରାଜା ତାହାର ଆଜ୍ଞା ପାଳନ କରିଥିଲେ ! ଜରତୀ ବାରଜଣ ବେଶ୍ୟାଙ୍କ ସହ ଅନୁକୂଳ କରି ବାହାରିଲା ।

୧୨ଶ ପଦ—ସେହି ବେଶ୍ୟାମାନେ ସୂର୍ଯ୍ୟଙ୍କ କୋଳରେ ଛାୟାଦେବୀ ବସିଲାପରି ନୌକାର ମଧ୍ୟରେ ବସିଲେ ଏବଂ ସିବା ସମସ୍ତରେ ଗତି କରୁଥିବା ପଦ୍ମପରି ଦେଖା ଗଲେ ।

କଖ୍ୟାତ ଉଡ଼ୁପ ନାମ ଯୁକ୍ତ ତାରାଳରେ ।
କ୍ୟଗ୍ରବନ୍ତ ଗତି କରେ ନିତି ଦିବସରେ ଯେ । ୧୩ ।
ବେନିକୂଳେ ମହାରଣ୍ୟ ସତ୍ୟବାକେ ଶୂନ ।
ବଘନ ପଶୁ ସମୂହେ ସତ୍ୟବାକେ ପୂର୍ଣ୍ଣ ଯେ । ୧୪ ।
ବାଜି-ଗମ୍ୟ ସ୍ଥାନ ନୋହେ ସର୍ବ ସମୟରେ ।
ବାଜୀରାଜ କ୍ରୀଡ଼ା କରେ ବିଗତଭୟରେ ଯେ । ୧୫ ।
ବିଶ୍ରାମ ଆଶ୍ରମ କେତେଦୂରେ ନାବ କରି ।
କାମାକ୍ଷୀ କାମମୋହିନୀ ଯେନି ବାରନାରୀ ଯେ । ୧୬ ।
ବାହାରେ ରଖି ଜରତୀ ଭ୍ରମରକେଶୀଙ୍କ ।
ବିଲୋକି ଏମନ୍ତ ବନ, ଏମନ୍ତ ଋଷିଙ୍କି ଯେ । ୧୭ ।
ବିପଥୁଁ ପଲାଶୀରେ ପଲାଶୀରେ ଘନ ।
କନାତପ ପ୍ରଭୃତପ ପ୍ରଭାରେ ପ୍ରଧାନ ଯେ । ୧୮ ।

---

୧୩ଶ ପଦ—ଉଡ଼ୁପ—ନୌକା, ଚନ୍ଦ୍ର । ତାରାଳ—ସୁନ୍ଦରୀ ସ୍ତ୍ରୀଗଣ, ତାରାସମୂହ । ବ୍ୟଗ୍ରବନ୍ତ—ଶୀଘ୍ର ।

୧୪ଶ ପଦ—ସତ୍ୟବାକ—କାକ । ବଘନ—ପୂର୍ଣ୍ଣ । ସତ୍ୟବାକେ—ଋଷିମାନଙ୍କଦ୍ୱାରା ।

୧୫ଶ ପଦ—ବାଜୀ—ଅଶ୍ୱାରୋହୀ, ବାଣୁଆ, ପକ୍ଷୀ ।

---

୧୩ଶ ପଦ—ଚନ୍ଦ୍ର ତାରାଗଣରେ ବେଷ୍ଟିତ ହୋଇ ଉଡ଼ୁପ ନାମରେ ଖ୍ୟାତି ଲାଭ କରି କେବଳ ରାତ୍ରିରେ ଗମନ କରନ୍ତି; ମାତ୍ର ନୌକା 'ତାରାଳ' ସୁନ୍ଦରୀ ବେଶ୍ୟା ସମୂହ ଦ୍ୱାରା ବେଷ୍ଟିତ ହୋଇ ଦିନ ଓ ରାତିରେ ଅତି ଶୀଘ୍ର ଗତି କରୁଅଛି ।

୧୪ଶ ପଦ—ଯେଉଁ ନଦୀରେ ସେହି ନୌକା ଚଳୁଅଛି, ତାହାର ଉଭୟ କୂଳ କାକ ଶୂନ୍ୟ, ଋଷି ପୂର୍ଣ୍ଣ ଓ ପଶୁ ସଂକୁଳ ମହାରଣ୍ୟ ଅଟେ ।

୧୫ଶ ପଦ—ସେହି ଅରଣ୍ୟ ଏପରି ନିବିଡ଼ ଯେ, ସେଥିରେ ଅଶ୍ୱାରୋହୀ ଶିକାରୀ ପ୍ରବେଶ କରିବା ତ ଦୂରର କଥା, ଶର ସୁଦ୍ଧା ପ୍ରବେଶ କରି ପାରେ ନାହିଁ । ଏଣୁ ପକ୍ଷୀମାନେ ଭୟଶୂନ୍ୟ ହୋଇ କ୍ରୀଡ଼ା କରନ୍ତି ।

୧୬—୨୧ଶ ପଦ - ବାମାକ୍ଷୀ, କାମମୋହିନୀ ପ୍ରଭୃତି ବେଶ୍ୟାମାନେ ଜରତୀ ଓ ଭ୍ରମରକେଶୀ ସହିତ ନାବକୁ ଆଶ୍ରମର କିଛି ଦୂରରେ ରଖି, ତପୋବନରେ

ବିଭୂତି ବାଞ୍ଛିକ ନୋହି, ବିଭୂତି ବାଞ୍ଛିକ ।
ବର୍ଜିତ କାମ ହୃଦୟ, କାମ ହୃଦୟକ ଯେ । ୧୯ ।
ବଲ୍ଲରୀ ଅନ୍ତରେ ଯାଇଁ ଆରମ୍ଭିଲେ ଗୀତ ।
ବଲ୍ଲକୀ ବଜାଇ କଲେ ସପ୍ତସ୍ୱର ଜାତ ଯେ । ୨୦ ।
ବର୍ଦ୍ଧିବ ରାଗ ସରାଗ ମୁନିର ଜନ୍ମାଇଁ ।
ବୃଦ୍ଧି ପଞ୍ଚଶରଙ୍କୁ ପଞ୍ଚମସ୍ୱର ଦେଇଁ ଯେ । ୨୧ ।
ବିଟପୀକି ମୁନିମଣି ଆଉଜି ଯେ ଥିଲେ ।
ବିଟପୀଙ୍କି ମୁନିମଣି ସମ୍ଭାବନା କଲେ ଯେ । ୨୨ ।
ବସାଇ ଆସନେ ପୁଚ୍ଛନ୍ତି କାହିଁ ତପିଗଣ ।
ବସ ମଠ କରି, କହ ମଠ ନ କରିଣ ହେ । ୨୩ ।
ବଖାଣ କି କି ମନ୍ତ୍ରକୁ ଜପ କରି ଜାଣ ।
ବିମ୍ବ ଶିବ ସେବା କାହା ଭାବରେ ନିପୁଣ ହେ ? ୨୪ ।

---

୧୮ଶ ପଦ – ବିପର୍ଯ୍ୟସ୍ତ – ଶୂନ୍ୟ । ପଲଶୀ – ମାଂସଭୋଜୀ ପ୍ରାଣୀ, ବୃକ୍ଷ । ଆତପ—ସୂର୍ଯ୍ୟକିରଣ । ପ୍ରଭା—ତେଜ । ତପ—ତପସ୍ୟା ।

୧୯ଶ ପଦ—ବିଭୂତି—ଧନ, ଭସ୍ମ । କାମ କନ୍ଦର୍ପ, ଅଭିଳାଷ ।

୨୦ଶ ପଦ—ବଲ୍ଲରୀ—ଲତା । ବଲ୍ଲକୀ—ବୀଣା ।

୨୧ଶ ପଦ—ପଞ୍ଚଶର—କନ୍ଦର୍ପ ।

୨୨ଶ ପଦ—ବିଟପୀ—ବୃକ୍ଷ, ବେଶ୍ୟା । ସମ୍ଭାବନା – ଆଦର ।

---

ପ୍ରବେଶ କରି ଦେଖିଲେ ଯେ, ସେହି ବନ ସିଂହ, ବ୍ୟାଘ୍ର ପ୍ରଭୃତି ହିଂସ୍ରଜନ୍ତୁ ଶୂନ୍ୟ, ବୃକ୍ଷ ସଂକୁଳ ହୋଇଥିବାରୁ ସୂର୍ଯ୍ୟକିରଣ ଶୂନ୍ୟ ଓ ଋଷିମାନଙ୍କର ତପଃ ପ୍ରଭାବରେ ପ୍ରଜ୍ୱଳିତ ଅଛି । ସେହି ବନରେ ବାସ କରୁଥିବା ଋଷିମାନେ ଧନ ପ୍ରତି ଅନିଚ୍ଛା ପ୍ରକାଶ କରି, ଭସ୍ମ ବୋଳି ହୋଇ, ସମସ୍ତ ଇନ୍ଦ୍ରିୟସୁଖ ପରିତ୍ୟାଗ ପୂର୍ବକ ମୁକ୍ତିକାମନା କରୁଅଛନ୍ତି । ଏଣୁ ସେମାନେ ଋଷ୍ୟଶୃଙ୍ଗଙ୍କୁ ନିଜ ନିଜ ପ୍ରତି ଆକୃଷ୍ଟ କରାଇବା ନିମିତ୍ତ ଲତାନ୍ତରାଳରେ ରହି ସପ୍ତସ୍ୱରରେ ବୀଣା ବଜାଇ ଗୀତ ଗାନ କଲେ । କାରଣ ସେମାନେ ଭାବି ସ୍ଥିର କଲେ, ଗୀତର ରାଗ ମୁନିଙ୍କ ହୃଦୟରେ ଆତ୍ମପ୍ରତି ଅନୁରାଗ ବଢ଼ାଇବ ଓ ପଞ୍ଚମସ୍ୱର କାମ ଶକ୍ତିକୁ ବୃଦ୍ଧି କରିବ ।

୨୨—୨୪ଶ ପଦ - ମୁନିଶ୍ରେଷ୍ଠ ଋଷ୍ୟଶୃଙ୍ଗ ସେହି ତପୋବନରେ କୌଣସି ବୃକ୍ଷକୁ ଆଉଜି ବସିଥିଲେ । ସେ ଏହି ବେଶ୍ୟାମାନଙ୍କୁ ଦେଖି ଋଷି, ମନେ କରି ଆଦର ପୂର୍ବକ ଡାକି ବସିବା ପାଇଁ ଆସନ ଦେଇ କହିଲେ, "ବିଳମ୍ବ ନ କରି ଶୀଘ୍ର କହନ୍ତୁ; ଆପଣମାନଙ୍କ ମଠ କେଉଁଠାରେ ? କି ମନ୍ତ୍ର ଜପ କରନ୍ତି ? ଶିବ କି ବିଷ୍ଣୁଙ୍କୁ ଉପାସନା କରନ୍ତି ?"

ବିକାଶି ହାସ କଟାକ୍ଷ ଭାଳଣ ରସିକା ।
ବୋଇଲେ ବେଗନ୍ତ ହୋଇ ଫୁଲାଇ ନାସିକା ଯେ । ୨୫ ।
ବନେ ତୁମ୍ଭେ ଭ୍ରମ, ଆମ୍ଭେ ବଣାରେ ବଳସୁଁ ।
ବନୌକା ତୁମ୍ଭେ, ବନତା ଆମ୍ଭେଟି ଏ ବଣ୍ଣୁ ଯେ । ୨୬ ।
ବୋଲିବାରେ ଗ୍ରାମମନ୍ତ୍ର ଆଦ୍ୟବର୍ଣ୍ଣ ଭିନ୍ନ ।
ବିସର୍ଗ ଚତୁର୍ଥ ବର୍ଣ୍ଣ ଏକ କର ଚେନ ଯେ । ୨୭ ।
ବସନ୍ତି ଆମ୍ଭ ଦେବତା ଶମ୍ଭୁ-ହୃଦସ୍ଥଳ ।
ବକ୍ଷେ ତୁଙ୍ଗ ଉରେ ଯୋଡ ଶୀଘ୍ରେ କଲେ କୋଳ ଯେ । ୨୮ ।
ବିଭୂତି ଆମ୍ଭ ଦେଶରେ ବୋଲି ତତପର ।
ବୋଳିଦେଲେ ତୂରେ କାମମୋହିନୀ କର୍ପୂର ଯେ । ୨୯ ।
ବାସାନ୍ତର କରି ଋଷି ଦେଖି ପୟୋଧର !
ବୋଇଲେ ହେ ହର ହର ! ମୋତେ କୃପା କର ହେ । ୩୦ ।

---

୨୬ଶ ପଦ -- ବଣା—ଉପବନ । ବନୌକା—ବନବାସୀ (ଏଠାରେ ଋଷି)
୨୮ଶ ପଦ—ଶମ୍ଭୁ—ଶିବ । ବକ୍ଷୋତୁଙ୍ଗ—ସ୍ତନ । ଉର—ସ୍ତମ୍ଭ ।
୩୦ଶ ପଦ—ବାସାନ୍ତର କରି—ବସ୍ତ୍ର ଫେଇ । ପୟୋଧର - ସ୍ତନ । ହର—ମହାଦେବ ।

---

୨୫—୨୭ଶ ପଦ—ଋଷିଙ୍କର ଏହି କଥା ଶୁଣି ବେଶ୍ୟାମାନେ ନାକ ଫୁଲାଇ ବେଗେଇ ହୋଇ କହିଲେ, "ତୁମ୍ଭେ ବନରେ ବାସ କରୁଥିବାରୁ ଯେପରି ବନୌକା ନାମରେ ପରିଚିତ ହୋଇଅଛ, ଆମ୍ଭେ ସେହିପରି ବଣାରେ (ଉପବନରେ) ବାସ କରୁଥିବାରୁ ବନତା ନାମରେ ଖ୍ୟାତି ଲାଭ କରିଅଛୁଁ । ତୁମ୍ଭେ ଗ୍ରାମ ମନ୍ତ୍ର (ଗ୍ରାମାୟ ନମଃ) ଜପ କର । ଆମ୍ଭେମାନେ ମଧ୍ୟ ସେହି ମନ୍ତ୍ର ଜପ କରୁଁ ମାତ୍ର ଏତିକି ପ୍ରଭେଦ, ଆରମ୍ଭ 'ଗ୍ରା' ସ୍ଥାନରେ 'କା' ହୁଏ । (ଅର୍ଥାତ୍ ଆମ୍ଭେମାନେ 'କାମାୟ ନମଃ' ଏହି ମନ୍ତ୍ର ଜପ କରୁଁ) । ଚତୁର୍ଥ ବର୍ଣ୍ଣ 'କା'କୁ ଛାଡ଼ି ବିସର୍ଗ ଏହି ଅନ୍ୟ ସ୍ୱରଗୋଟି ବର୍ଣ୍ଣ ଏକ ପରି ଜାଣ ।

୨୮ଶ ପଦ—ଅନନ୍ତର କାମମୋହିନୀ "ଆମ୍ଭମାନଙ୍କର ଆରାଧ୍ୟ ଦେବତା ଶିବ ଆମ୍ଭମାନଙ୍କର ବକ୍ଷ ସ୍ଥଳରେ ବିରାଜମାନ" ଏହା କହି ଋଷିଙ୍କୁ କୋଳ କଲେ ।

୨୯ଶ ପଦ—ତତ୍ପରେ କର୍ପୂରକୁ ତୂରେ "ଏହା ଆମ୍ଭ ଦେଶର ଭସ୍ମ" ବୋଲି କହି ଋଷିଙ୍କ ଦେହରେ ବୋଳି ଦେଲେ ।

୩୦ଶ ପଦ—ଋଷି ଲୁଗା ଫିଟାଇ ସ୍ତନକୁ ଦେଖିବା ସଙ୍ଗେ ସଙ୍ଗେ "ହେ ମହାଦେବ ! ମୋତେ ଦୟାକର", ବୋଲି କହିଲେ ।

ବିଲ୍ଲୀନ ବେଦନ ଅର୍ଥକୁ ବିନ୍ଦୁଁ ସେ ବଚନେ ।
ବଧାନ କଲା ମୁଖରେ ଚୁମ୍ବନେ ଚୁମ୍ବନେ ଯେ । ୩୧ ।
ବନ୍ୟାଫଳ କହି ପକ୍ୱ କଦଳୀ ଭୁଞ୍ଜାଇ ।
ବାଣ ପୟଃପେଟୀ ପୟଃ ପାନ ସେ କରାଇ ଯେ । ୩୨ ।
ବୋଧି ଚିତ୍ତ ଏ ଆମ୍ଭ ନିର୍ଝର ନୀର କହି ।
ବୃକ୍ଷ୍ୟକ ଖା କାମବୀଜ ଅଧାମ ପୂରାଇ ଯେ । ୩୩ ।
ବାଢ଼ିଲେ ଯେ ଘୃତପକ୍ୱ ଅମିକ୍ଷା ଅଗ୍ରତେ ।
ବର୍ଣ୍ଣି ପୁଚ୍ଛେ କି, ଭୋଜନ କର ସେ ବୋଲନ୍ତେ ଯେ । ୩୪ ।
ବିପ୍ର ତୁମ୍ଭେ, ଆମ୍ଭେ ଯାହା ବୋଲଉଁ ତା ଶୁଣ ।
ବିପ୍ରଲବ୍‌ଧା ଯେଉଁ ଅଷ୍ଟ ଜାତିରେ ନିପୁଣ । ୩୫ ।

---

୩୧ଶ ପଦ—ବିଲ୍ଲୀନ—ଅତିଗୁପ୍ତ । ବେଦନ ଅର୍ଥକୁ—ଦ୍ୱିଶାପ୍ୟ ଅର୍ଥକୁ ।
୩୨ଶ ପଦ—ବାଣପୟଃ ପେଟୀ—ବାଣପଇଡ଼ । ପୟଃ—ଜଳ ।
୩୩ଶ ପଦ – ବୃକ୍ଷ୍ୟକାଖ—ବଳକର ।
୩୪ଶ ପଦ ଆମିକ୍ଷା—ଛେନା ।

---

୩୧ଶ ପଦ—"( ହର ହର ) ମହାଦେବଙ୍କ ଧୈର୍ଯ୍ୟ ଲୋପକାରୀ କନ୍ଦର୍ପ ମୋତେ ରକ୍ଷାକର " ଋଷି ଏହି ଦ୍ୱିଶାପ୍ୟ ଅର୍ଥ ଗୁପ୍ତଭାବରେ ରହିଥିବା କଥା କହିବାରୁ, କାମମୋହିନୀ ସେହି ଦ୍ୱିଶାପ୍ୟ ଅର୍ଥକୁ ପ୍ରକୃତ ଅର୍ଥ ମନେକରି ତାହାଙ୍କର ମୁଖରେ ବାରମ୍ବାର ଚୁମ୍ବନ ପ୍ରଦାନ କଲା । (ପଣ୍ଡିତମାନେ ଗୁପ୍ତକଥା ଶ୍ଳେଷରେ କହିବାକୁ ଉପଦେଶ ଦେଇଅଛନ୍ତି ।

୩୨ଶ—୩୪ଶ ପଦ—ତତ୍ପରେ ବେଶ୍ୟାମାନେ ବଣଫଳ ବୋଲି କହି ଋଷିଙ୍କୁ ଖାଉଲା କଦଳୀ ଖାଇବାକୁ ଏବଂ ଆମ ଦେଶର ଝର ପାଣି ବୋଲି କହି ବାଣ ପଇଡ଼ ପାଣି ପିଇବାକୁ ଦେଇ କିଛିକ୍ଷଣ ପରେ ବଳକର ଓ କାମୋ-ଦ୍ଦୀପକ ଅଧାମ, ଛେନା ପ୍ରଭୃତି ବାଢ଼ି ଋଷିଙ୍କୁ ଖାଇବା ନିମିତ୍ତ ଅନୁରୋଧ କରିବାରୁ, ଋଷି ସେମାନଙ୍କୁ ଜାତି ପଚାରିଲେ ।

୩୫ଶ ପଦ—ବେଶ୍ୟାମାନେ କହିଲେ, "ତୁମ୍ଭେ 'ବିପ୍ର' ବ୍ରାହ୍ମଣ; ଆମ୍ଭେମାନେ ବିପ୍ରଲବ୍‌ଧା ପ୍ରଭୃତି ଆଠପ୍ରକାର ନାୟିକା ଜାତିରେ ପ୍ରଧାନ ଅଟୁଁ ।"

ବାଳକାଏ ବୋଲୁଁ ମୁନି ଭୁଞ୍ଜି ସ୍ୱାଦ ପାଇ ।
ବଟୁ ! ତୁମ୍ଭ ତମ ଧନ୍ୟ ବୋଲି ପ୍ରଶଂସଇ ଯେ । ୩୬ ।
ବଟୁ ଯାହା ହୋଇଲୁ ପ୍ରମାଣ ଅନୁସ୍ୱାରେ ।
ବାତ୍ସ୍ୟାୟନଶାସ୍ତ୍ର ପଢ଼ା ଗୁରୁ ଛନ୍ତି ଦୂରେ ଯେ । ୩୭ ।
ବେଳାସ୍ତ ହେବାର ଜାଣି, ମେଲଣି ହେଲୁଟି ।
ବାର ମୁଟଖ ଋଷି ଉଠୁଁ, ଗଲେ ସେ ପାଚ୍ଛୋଟି ଯେ । ୩୮ ।
ବାଟେ ରହ ରହ କହି ଗଲେ ବାରାଙ୍ଗନା ।
ବାହୁଡ଼ିବା ହେଉ ଆମ୍ଭେ କାଲି ଆସୁଁ ସିନା ଯେ । ୩୯ ।
ବନ୍ଦ୍ୱଳତ ଆସିବାରେ କରାଇ ନିୟମ ।
ବାହୁଡ଼ିଲେ ଋଷ୍ୟଶୃଙ୍ଗ ଆପଣା ଆଶ୍ରମ ଯେ । ୪୦ ।
ବନ୍ଧବଶ୍ରେଷ୍ଠତମ ନାବେ ପ୍ରବେଶ ନାଗରୀ ।
ବ୍ୟବସାୟ ଚୟ କହି ବ୍ୟବସ୍ଥିତ କରି ଯେ । ୪୧ ।

---

୩୭ଶ ପଦ—ବଟୁ—ବ୍ରାହ୍ମଣ । ବାତ୍ସ୍ୟାୟନଶାସ୍ତ୍ର—କାମଶାସ୍ତ୍ର ।
୪୧ଶ ପଦ - ବନ୍ଧବଶ୍ରେଷ୍ଠତମ—ବୋଇତ ଭୁଲି ସୁନ୍ଦର । ବ୍ୟବସାୟ ଚୟ - ବ୍ୟବହାର ସମୂହ ।

---

୩୬ଶ ପଦ—ବେଶ୍ୟାମାନେ ଏହିପରି କହୁ କହୁ ମୁନି ସ୍ୱାଦ ପାଇ ସମସ୍ତ ଖାଦ୍ୟ ଖାଇବାରେ ଲାଗିଲେ ଏବଂ ସେମାନଙ୍କୁ ସମ୍ବୋଧନ କରି କହିଲେ, "ହେ 'ବଟୁ' ବ୍ରାହ୍ମଣମାନେ ! ତୁମ୍ଭର ଜୀବନ ଧନ୍ୟ ଅଟେ ।"

୩୭ଶ ପଦ—ଋଷିଙ୍କର ଏହିପରି କଥା ଶୁଣି ବେଶ୍ୟାମାନେ କହିଲେ, "ଆମ୍ଭଙ୍କୁ 'ବଟୁ' ବୋଲି ଯାହା ସମ୍ବୋଧନ କଲ ତାହା ଅନୁସ୍ୱାର ଯୋଗ କଲେ ପ୍ରମାଣିତ ହେବ (ଅର୍ଥାତ୍ ଆମ୍ଭେମାନେ ପୁରୁଷଙ୍କୁ 'ବଟୁଂ' ଠକୁ) । କାମଶାସ୍ତ୍ରରେ କିନ୍ତୁ ଆମ୍ଭମାନଙ୍କର ଗୁରୁ ଏହି ସ୍ଥାନରୁ ଦୂରରେ ଅଛନ୍ତି ।"

୩୮—୪୦ଶ ପଦ - ଏହି ସମୟରେ ସୂର୍ଯ୍ୟ ଅସ୍ତ ହେବାର ଜାଣି, ବେଶ୍ୟାମାନେ ବିଦାୟ ମାଗି ବାହାରିବାରୁ ଋଷି ସେମାନଙ୍କୁ ପାଚ୍ଛୋଟି ଗଲେ । ସେମାନେ ଋଷିଙ୍କୁ କହିଲେ, "ଆପଣ ଫେରିଯାନ୍ତୁ, ଆମ୍ଭେ କାଲି ଆସିବୁଁ ।" ଋଷି ସେମାନଙ୍କୁ ନିଶ୍ଚୟ ଆସିବାପାଇଁ ନିୟମ କରାଇ ଆଶ୍ରମକୁ ଫେରିଗଲେ ।

୪୧ଶ ପଦ—ବେଶ୍ୟାମାନେ ବୋଇତ ପରି ସୁନ୍ଦର ସେହି ନୌକାରେ ପ୍ରବେଶ କରି ଋଷିଙ୍କ ସହ ସେମାନଙ୍କର ଯାହା ଯାହା ଘଟିଥିଲା, ସେ ସମସ୍ତ ଜରତୀକୁ କହିଲେ ।

ବିଭାଣ୍ଡକ ଆସି ପୁତ୍ରେ ଜାନୁରେ ବସାଇ ।
ବିଷାଣ-ଋଷ୍ୟ ଅଙ୍ଗରୁ ସୁବାସକୁ ପାଇ ଯେ । ୪୨ ।
ବକତା ସକଳ କଥା, କତବେ ଭାଷିତ ।
ବାଘବଶା-ଚଣ୍ଡ ସେ ଭକ୍ଷନ୍ତି ତପିସୁତ ଯେ । ୪୩ ।
ବ୍ୟବହାର କଲେ ନଷ୍ଟେଁ ତାହାଙ୍କ ସଙ୍ଗରେ ।
ବାବୁ ହେବୁ ଅଗ୍ନି ପ୍ରୀତି ପତଙ୍ଗ ପ୍ରକାରେ ଯେ । ୪୪ ।
ବିରୋଧୋକ୍ତି ଜନକର ନ ଧେନଲେ ଲବ ।
ବୁଝିଲେ ନେଣ ସ୍ୱପନେ ଦେଖେ ସେହି ଭାବ ଯେ । ୪୫ ।
ବିଭାବରୀ ଅନ୍ତ ତାତ ତପସ୍ଥାନେ ଗତ ।
ବଶ କରିଥିଲେ ରମା ଛନ୍ଦ ମୁନିସୁତ ଯେ । ୪୬ ।
ବିପ୍ରଲମ୍ଭ ଶୃଙ୍ଗାର ଯେ ଉଦୟ ମାନସ ।
ବାଞ୍ଛି ପୁନଃ ପୁନଃ ରମା ଚୁମ୍ବନ ଆଶ୍ଳେଷ ଯେ । ୪୭ ।

---

୪୩ଶ ପଦ—କତବେ—କପଟରେ । ବାଘବଶାଚଣ୍ଡ   ରାକ୍ଷସୀ ।

୪୫ଶ ପଦ—ବିରୋଧୋକ୍ତି—ବିପରୀତ କଥା । ଜନକ—ପିତା । ଲବ—ଲେଶମାତ୍ର ।

୪୭ଶ ପଦ—ବିପ୍ରଲମ୍ଭ ଶୃଙ୍ଗାର—ମିଳିତ ହୋଇ ପାରି ନ ଥିବା ସ୍ତ୍ରୀ ପୁରୁଷମାନଙ୍କର ମିଳନ ଇଚ୍ଛା । ରମା—ସୁନ୍ଦରୀ ସ୍ତ୍ରୀ । ଆଶ୍ଳେଷ—ଆଲିଙ୍ଗନ ।

---

୪୨ଶ ପଦ—ବିଭାଣ୍ଡକ ଋଷି ତପସ୍ୟା ସ୍ଥାନକୁ ଫେରିଆସି 'ଋଷି-ବିଷାଣ' ଋଷ୍ୟଶୃଙ୍ଗଙ୍କୁ କୋଳରେ ବସାଇ ତାଙ୍କ ଦେହ ବାସୁଥିବାରୁ ତାହାର କାରଣ ପଚାରିଲେ ।

୪୩, ୪୪ଶ ପଦ—ଋଷ୍ୟଶୃଙ୍ଗ ସମସ୍ତ କଥା ତାଙ୍କ ଆଗରେ କହିବାରୁ ବିଭାଣ୍ଡକ କପଟରେ କହିଲେ, 'ସେମାନେ ରାକ୍ଷସୀ, ଋଷି ପିଲାମାନଙ୍କୁ ମାରି ଖାଆନ୍ତି । ସେମାନଙ୍କ ସହିତ ବ୍ୟବହାର କଲେ, ଅଗ୍ନିରେ ପତଙ୍ଗ ପରି ପଡ଼ି ମରିବୁ ।"

୪୫, ୪୬ଶ ପଦ—ନିଜେ ଭଲ ମନେ କରି କରୁଥିବା କାର୍ଯ୍ୟର ଓଲଟା କଥା ଜନକ କହିବାରୁ, ସେ ସେକଥା କ୍ଷଣକପାଇଁ ସୁଝା ଭାବିଲେ ନାହିଁ । ଶୋଇଲା ବେଳେ ସେହିମାନଙ୍କୁହିଁ ସ୍ୱପ୍ନ ଦେଖିଲେ । ସକାଳୁ ଉଠି ଋଷି ତପସ୍ୟା ସ୍ଥାନକୁ ଚାଲିଯିବାରୁ ପ୍ରୀତିବଶ ସେହି ଋଷିପୁତ୍ରଙ୍କର ମନ ଚଞ୍ଚଳ ହେବାକୁ ଲାଗିଲା ।

ବାରବାର ଆଶ୍ଳେଷରେ ନ ଆଟପ ଚୁଂକାର ।
ବନପ୍ରିୟ ତାଙ୍କୁ କଣ୍ଠେ ଠେକଇ ସତ୍ୱର ଯେ । ୪୮ ।
ବାହ ପ୍ରାୟ ଗତି କରି ପୁଣି ଲେଉଟଇ ।
ବାଳବର୍ଦ୍ଦ ଯଥା ରତ୍ତୁ ଧେନୁକୁ ଇଚ୍ଛଇ ଯେ । ୪୯ ।
ବଳାଧ୍ୱନି କରି ତେଜନ ଝିଙ୍କାରି ଝଙ୍କାର ।
ବାତାୟୁ ତାଳଦଣ୍ଡିରେ ବଶ ପରକାର ଯେ । ୫୦ ।
ବନ୍ଧିବା ଆରମ୍ଭି ଆଶୁ ମନୋଜ ପୁଳନ୍ଦ ।
ବାତୂଳ ପ୍ରାୟ ଜନମ ହେଉଛୁ ଉନ୍ମାଦ ଯେ । ୫୧ ।
ବାଢ଼ିବାରୁ ବେଜୁଁ ବେଳ ପ୍ରେମନଦୀ ତହିଁ ।
ବୁଡ଼ି ନାହିଁ ଚେତା ତୃଣ ପରାୟେ ଭାସଇ ଯେ । ୫୨ ।

---

୪୮ଶ ପଦ – ବନପ୍ରିୟ – କୋକିଳ ।

୪୯ଶରୁ ପଦ -- ବାହ – ଘୋଡ଼ା । ଧେନୁ – ଗାଈ ।

୫୦ଶରୁ ପଦ ବାତାୟୁ – ମୃଗ । ତାଳଦଣ୍ଡି – କାଷ୍ଠଦଣ୍ଡି (ଟିପା) ।

୫୧ଶରୁ ପଦ – ମନୋଜ ପୁଳନ୍ଦ – କନ୍ଦର୍ପ ଶବର । ବାତୂଳ – ପାଗଳ । ଉନ୍ମାଦ – ଚିତ୍ତଭ୍ରମ ।

---

୪୮ଶ ପଦ – ଋଷିଙ୍କ ମନରେ ବାରମ୍ବାର ଆଲିଙ୍ଗନର ଭାବ ବଢ଼ି ଉଠିବାରୁ ଚୁମ୍ବନ ଦେବା ସମୟରେ ଶବ୍ଦ ଉଚ୍ଚାରିତ ହେଲା ନାହିଁ । ସେ କୋକିଳର ରାବ ଶୁଣି ସେମାନେ (ବେଶ୍ୟାମାନେ) ତାଙ୍କଠାରେ କ ବୋଲି କାନ ଡେରୁଥିଲେ ।

୪୯ଶରୁ ପଦ – ସେମାନେ ଯାଇଥିବା ରାସ୍ତାରେ ଋଷି ଘୋଡ଼ା ପରି କିଛି ଦୂର ଦୌଡ଼ି ଯାଇ ପୁଣି ଫେରି ଆସୁଥିଲେ ଏବଂ ବଳଦ ଋତୁମତୀ ଧେନୁକୁ ପାଇବା ଆଶାରେ ଇତସ୍ତତଃ ହେଲା ପରି ସେ ଏ ପାଖ ସେ ପାଖ ହେଉଥିଲେ ।

୫୦ଶରୁ ପଦ – ମୃଗମାନେ କାଷ୍ଠଦଣ୍ଡିର ଶବ୍ଦକୁ ମନ ଦେଇ ଶୁଣିଲା ପରି, ଋଷି ଝିଙ୍କାରି ଶବ୍ଦକୁ ସେମାନଙ୍କର ବଳାଧ୍ୱନି ମନେ କରି ଆଗ୍ରହରେ ଶୁଣୁଥିଲେ ।

୫୧ଶରୁ ପଦ – କନ୍ଦର୍ପଶବର ଋଷିଙ୍କ ପ୍ରତି ଶର ମାରିବାରୁ ଠିକ୍ ପାଗଳାମାନଙ୍କ ପରି ତାହାଙ୍କର ଚିତ୍ତ ବିଭ୍ରମ ଘଟିଲା ।

୫୨ଶରୁ ପଦ – ତେଣୁ ଋଷିଙ୍କ ମନରେ ଥିବା ସେମାନଙ୍କ ପ୍ରତି ସ୍ନେହ ନଦୀରୂପ ଧାରଣ କରି ବେଳକୁବେଳ ବଢ଼ିବାରୁ ତହିଁରେ ତାଙ୍କର ଚେତା ବୁଡ଼ି ନ ଯାଇ ଘାସ ପରି ଭାସି ଉଠିଲା (ଅର୍ଥାତ୍ ସେ କାମ ବାଧାରେ ଅଚେତନ ନ ହୋଇ ଚେତନ ଥିଲେ) ।

ବିଳମ୍ବ କାହିଁକି ବେଗେ ଆସ ବେଗେ ଆସ ।
ବେଳ ବଳିଗଲେ ମିଥ୍ୟା ହେଉଛୁଟି ଭାଷ ଯେ । ୫୩ ।
ବୋଲି ବୋଲି ଆଶ୍ରମ ପ୍ରାନ୍ତକୁ ସେ ଯେ ଗଲେ ।
ବୃକ୍ଷାରୂଢ଼େ ଆସିବାର ପଥ ନିରୀକ୍ଷିଲେ ଯେ । ୫୪ ।
ବ୍ୟଥିତ ହେବାର ତପୋଧନ ପୁଣ୍ୟ ଆସି ।
ବରତରୁଣୀ ଦେଖନ୍ତି କୁଞ୍ଜୋଦରେ ପଶି ଯେ । ୫୫ ।
ବିସ୍ମୟ ଚିତ୍ତୁ ଚେତିଲେ ଗୃହିଁ ବଶହେବା ।
ବାରଣ ଘଟରେ ତସ୍ୱ ଟୋପେ ପକାଇବା ଯେ । ୫୬ ।
ବୋଧିଦ୍ରୁମଦଳ ତୁଲ୍ୟ ତନୁଭୋଗ ଦେଇ ।
ବିକ୍ରୟ କରିବା ନୃପତିରେ ଧନ ପାଇ ଯେ । ୫୭ ।
ବାହାରିଲେ ପାଞ୍ଚ ତରୁଣୀଏ ଲତା ମଧ୍ୟୁଁ ।
ବଲ୍କଳ ପାଶେ ମିଳିଲେ ସେ ଆଜନ୍ମ ସାଧୁ ଯେ । ୫୮ ।

---

୫୫ଶତ ପଦ — ବ୍ୟଥିତ—ଦୁଃଖିତ । କୁଞ୍ଜୋଦର — ଲତାଭ୍ୟନ୍ତର ।

୫୬ଶତ ପଦ — ବିସ୍ମୟ — ଆଶ୍ଚର୍ଯ୍ୟ । ବଶ — ଅଧୀନ । ବାରଣ — ହସ୍ତୀ । ଟୋପ — ଖୋଲ ।

୫୭ଶତ ପଦ — ବୋଧିଦ୍ରୁମଦଳ – ଅଶ୍ୱତ୍ଥ ପତ୍ର । ତନୁ — ଦେହ ।

---

୫୩ ଓ ୫୪ଶତ ପଦ —(ଋଷି କାମଶରାଘାତରେ ପାଗଳ ପରି ହୋଇଥିବାରୁ କେତେବେଳେ କହିଉଠିଲେ, "ବିଳମ୍ବ କାହିଁକି କରୁଛ ? ଶୀଘ୍ର ଆସ; କଣ୍ଟବେଳ ଗଡ଼ିଗଲେ ତୁମ୍ଭେମାନେ ମିଥ୍ୟାବାଦୀ ହେବ ଯେ ।" ଏହା କହି ଆଶ୍ରମର ଶେଷଭାଗକୁ ଯାଇ ଗଛ ଉପରେ ଚଢ଼ି ସେମାନଙ୍କର ଆସିବା ବାଟକୁ ଗୃହିଁବାକୁ ଲାଗିଲେ ।

୫୫ଶତ ପଦ—ଏହି ସମୟରେ ବେଶ୍ୟାମାନେ ଋଷିଙ୍କର ଧର୍ମବଳରୁ ଆସି ସେଠାରେ ପହଞ୍ଚିଲେ ଓ ଲତା ଉହାଡ଼ରେ ରହି ତାଙ୍କର ଦୁଃଖ ଦେଖିଲେ ।

୫୬ ଓ ୫୭ଶତ ପଦ — ଋଷ୍ୟଶୃଙ୍ଗ ଏପରି ହେବାର ଦେଖି ବେଶ୍ୟାମାନେ ମନେ ମନେ ଅଶ୍ଚର୍ଯ୍ୟ ନ ହୋଇ 'ଋଷି ଆମ୍ଭର ଅଧୀନ ହୋଇ ପଡ଼ିଛନ୍ତି' ବୋଲି ନିଶ୍ଚୟ କରି ଭାବୁଥିଲେ 'ହାତୀକୁ ହାତୀଧରାଳି ଖାଲରେ ପକାଇ ଅଶ୍ୱତ୍ଥପତ୍ର ଖାଇବାକୁ ଦେଇ ବାନ୍ଧି ନେଇ ବିକ୍ରୟ କଲାପରି ଆମ୍ଭେମାନେ ଏହାଙ୍କୁ ନୌକା ରୂପକ ଖୋଲରେ ପକାଇ ଅଶ୍ୱତ୍ଥପତ୍ର ତୁଲ୍ୟ ଆମ୍ଭମାନଙ୍କର ଦେହକୁ ଭୋଗ ନିମିତ୍ତ ଦେଇ ଧନ ପାଇ ରାଜାଙ୍କୁ ବିକ୍ରୟ କରିଦେବା ।"

୫୮ ଓ ୫୯ତମ ପଦ ଏହା ଭାବି ଯୁବତୀମାନେ ଲତା ଉହାଡ଼ରୁ ବାହାରି ହେଲେ । ସେହି ଆଜନ୍ମବ୍ରହ୍ମଚାରୀ ଋଷ୍ୟଶୃଙ୍ଗଙ୍କ ପାଖକୁ ଦେଖି ନିକଟକୁ

ବାହୁ ଛନ୍ଦାଛନ୍ଦ କାମମୋହିନୀ ସଙ୍ଗର ।
ତକାର ଅଧକେ ଚୁମ୍ବ ପୁଲକ ସଗ୍ଭର ଯେ । ୬୯ ।
ବୋଇଲେ ଜାରତା ଗୁରୁ ଲୋଭନ ଦର୍ଶନେ ।
ଖଜେ କର ଥରେ ଉଟଜକୁ କୃପାମନେ । ୭୦ ।
ବ୍ରହ୍ମବଶ ରତିଶାସ୍ତ୍ର ତାଠାରୁ ଜାଣିବ ।
ବନ୍ଧନେ ସମ୍ମତ କରି ଚଳିଲେ ସେ ଜବ ଯେ । ୭୧ ।
ବହମି ନଉକାରେ ପ୍ରବେଶ ହେବା ରହିଁ ।
ବାରି ଭରି ଝରି ପାଦ ଧୋଇ ଭୂମ୍ୟୀ କହି ଯେ । ୭୨ ।
ବଲ୍‌କଳ ବୋଲି ପିନ୍ଧାଇ କୌଶେୟ ବସନ ।
ବ୍ୟାଘ୍ରଚର୍ମ ଭ୍ରମରେ ସିନ୍ଦୁଆ ଶଯ୍ୟାମାନ ଯେ । ୭୩ ।

---

୭୦ତମ ପଦ—ଉଟଜକୁ—କୁଟୀରକୁ ।

୭୧ତମ ପଦ – ବ୍ରହ୍ମବଶ ରତିଶାସ୍ତ୍ର—ଆନନ୍ଦଦାୟକ ରତିଶାସ୍ତ୍ର । ଜବ — ଶୀଘ୍ର ।

୭୨ତମ ପଦ - ବହମି — ଯାଇ । ବାରି – ଜଳ । ଭୂମ୍ୟୀ - ଲାଉଭୂମ୍ବା ।

୭୩ତମ ପଦ —ବଲ୍‌କଳ – ଗଛର ବକଳ । କୌଶେୟ ବସନ— ପାଟଲୁଗା । ସିନ୍ଦୁଆ ଡୋରିଯୁକ୍ତ ।

୭୪ ତମ ପଦ — ଅଶନ - ଭୋଜନ । ପାଦପ—ବୃକ୍ଷ ।

---

ଆସିଲେ । ତତ୍ପରେ କାମମୋହିନୀ ସହିତ ବାହୁ ଛନ୍ଦାଛନ୍ଦ କରି ତାହାଙ୍କୁ ଚୁମ୍ବନ ଦଅନ୍ତେ ଋଷିଙ୍କର ଦେହ ରୋମାଞ୍ଚିତ ହେଲା ।

୭୦ତମ ପଦ - ବେଶ୍ୟାମାନେ ଋଷିଙ୍କୁ କହିଲେ, 'ଆମ୍ଭମାନଙ୍କର ଗୁରୁ ଜରତା ଆପଣଙ୍କୁ ଦେଖିବା ନିମିତ୍ତ ଶ୍ରଦ୍ଧା ପ୍ରକାଶ କରୁଛନ୍ତି । ଆପଣ ଦୟାକରି ଥରେ ମାତ୍ର ଆମ୍ଭମାନଙ୍କର ଖଜେ କରନ୍ତୁ ।"

୭୧ତମ ପଦ—"ଆମ୍ଭମାନଙ୍କର ଗୁରୁଙ୍କଠାରୁ ମହାନନ୍ଦଦାୟକ ରତିଶାସ୍ତ୍ର ଶିକ୍ଷା କରିବେ ।" ଋଷି ତାହାଙ୍କର ଏହି କଥାରେ ଭୋଳ ହୋଇ ତାଙ୍କ କଥା ମାନି ତାଙ୍କ ସଙ୍ଗରେ ଗଲେ ।

୭୨ତମ ପଦ - ଋଷି ନୌକାରେ ପ୍ରବେଶ ହେବାର ଦେଖି ବେଶ୍ୟା-ମାନେ ଜଳପୂର୍ଣ୍ଣ ଝରି ଆଣି ତାହାଙ୍କର ପଦ ଧୋଇ ଦେଇ ସେହି ଝରିକୁ ଦେଖାଇ କହିଲେ—'ଏ ଆମ୍ଭର ଲାଉ ଭୂମ୍ବା ।"

୭୩, ୭୪ ଓ ୭୫ତମ ପଦ – ଜରତା ଋଷିଙ୍କୁ ନମସ୍କାର କରି ବକ୍କଳ ବୋଲି ପାଟଲୁଗା ପିନ୍ଧାଇ ଦେଲା ଏବଂ ବାଘଚମ ବୋଲି କହି ସୁନ୍ଦର ଡୋରିଆ

ବିବିଧ ସ୍ୱାଦୁ ପଦାର୍ଥ କରାଇ ଅଶନ ।
ବସାଇ ଚର୍ଚ୍ଚି କୁସୁମେ ଚନ୍ଦନ ଲେପନ ଯେ । ୬୪ ।
ବସିଲା ଓଳଗି ପାଶେ ଜରତା ସୁମୁଗ୍ଧା ।
ବେଷ୍ଟିତା ଲତା ପାଦପେ ପରି କୋଳ ବନ୍ଧି ଯେ । ୬୫ ।
ବିଜ୍ଞା ସେ ପ୍ରଥମରସେ ଚନ୍ଦ୍ର ଗୃଳ ଦେଲା ।
ବିଜ୍ଞାନେ ଋଷିକୁମାର ଉତ୍ତାନେ ଶୋଇଲା ଯେ । ୬୬ ।
ବିଧୂନନ ଆରମ୍ଭିଲା ପୁରୁଷାୟିତରେ ।
ବନପତି ଉପରେ ହରିଣୀ ଲୀଳା କରେ ଯେ । ୬୭ ।
ବୈଶ୍ୱାନର ପରେ ନୃତ୍ୟ କରେ ଶୁଭ୍ରାପାଙ୍ଗୀ ।
ବିଷମ ସମସ୍ୟାକୁଁ ପୂରଣ ଶ୍ଳେଷଭଙ୍ଗୀ ଯେ । ୬୮ ।

---

୬୬ତମ ପଦ – ବିଜ୍ଞା – ପଣ୍ଡିତା । ପ୍ରଥମରସ – ଆଦ୍ୟରସ । ଚନ୍ଦ୍ର ଗୃଳନ— ଭିନ୍ନ ଭେଦରେ ଦେହରେ ଅଂଶ ବିଶେଷକୁ ଗୃଳନ କରି କାମୋଦ୍ଦୀପନ କରିବାର ଉପାୟ । ବିଜ୍ଞାନେ—ଅଚେତନ ହୋଇ । ଉତ୍ତାନେ – ଚିତ୍ତ ହୋଇ ।

୬୭ତମ ପଦ – ବିଧୂନନ – ରତି । ପୁରୁଷାୟିତ—ବିପରୀତ ରତି । ବନପତି – ସିଂହ, ଋଷି, ବିଷ୍ଣୁ । ହରିଣୀ—ମୃଗୀ, ହରିଣାକ୍ଷୀ (ଯେକୌଣସି ସ୍ତ୍ରୀ)

୬୮ତମ ପଦ—ବୈଶ୍ୱାନର – ଅଗ୍ନି, ଯେ କୌଣସି ତେଜସ୍ୱୀ ପୁରୁଷ । ଶୁଭ୍ରାପାଙ୍ଗୀ – ମୟୂରୀ, ଯେ କୌଣସି ସ୍ତ୍ରୀ ।

---

ଶେଯରେ ବସାଇ ନାନାବିଧ ସ୍ୱାଦୁ ପଦାର୍ଥ ଖାଇବାକୁ ଦେଲା ଏବଂ ଜୁଡ଼ାଦେହରେ ଫୁଲମାଳ ବାନ୍ଧି ଚନ୍ଦନ ବୋଳି ଦେଇ ଗଛ ଦେହରେ ଲତା ଗୁଡ଼ାଇ ହେଲାପରି ତାହାଙ୍କ ବେକରେ ଦୁଇ ବାହୁକୁ ଛନ୍ଦି ଅର୍ଥାତ୍ କୋଳ କରି ବସିଲା ।

୬୬ତମ ପଦ କେଳିପ୍ରବୀଣା ଜରତା ଚନ୍ଦ୍ର ଗୃଳଦେବାରୁ, ଋଷି ମୋହିତ ହୋଇ ଚିତ୍ତ ଭାବରେ ଶୋଇଲେ ।

୬୭ ଓ ୬୮ତମ ପଦ – ଜରତା ବିପରୀତ ରତି ଆରମ୍ଭ କରି ଋଷିଙ୍କ ଉପରେ କ୍ରୀଡ଼ା କଲାବେଳେ, ବିଷ୍ଣୁଙ୍କ ଉପରେ ଲକ୍ଷ୍ମୀ କ୍ରୀଡ଼ା କଲାପରି, ସିଂହ ଉପରେ ମୃଗୀ କ୍ରୀଡ଼ା କଲା ପରି ଅଗ୍ନିଙ୍କ ଉପରେ ସ୍ୱାହା ଦେବୀ କ୍ରୀଡ଼ା କଲା ପରି କିମ୍ବା ମୟୂରୀ ନୃତ୍ୟ କଲା ପରି ଦେଖା ଗଲା । ଏହି ଦୁଇ ପଦରେ କବି ଶ୍ଳେଷ ଛଟାରେ ବିଷମ ସମସ୍ୟା ପୂରଣ କଲେ ।

ବସୁଁ ଚେତା, ଲଭେ ଅନଅନୁଭଶ ସୁବା ।
ବିବୁଧାଳୟ ସୁଖ ସେ ସେହି ଏହି ଅବା ଯେ । ୬୯ ।
ବାଜଣୀ କଙ୍କିଣୀ ବାଦ୍ୟ ତାଳ ତାଳ ସ୍ୱନ ।
ବ୍ୟାଖ୍ୟାନ ଧ୍ୱନି ଶ୍ଳେଷ ସେ କରଇ ପ୍ରଧାନ ଯେ । ୭୦ ।
ବିବୃଦ୍ଧ ହୁଅଇ ସେହି ସୁରନାମା ହୃଦେ ।
ବାଦେ ବେଣୀ ହାର ନାଚେ ନିଷ୍ଟୁସ୍ତ ସେ ବାଦ୍ୟେ ଯେ । ୭୧ ।
ବାହିଲେ ସଲିଳରଥ କୈବର୍ତ୍ତେ ସେକାଳେ ।
ବାହୁକ ପ୍ରାୟେ ସେ ଦଣ୍ଡଧାରଣେ ଦିଶିଲେ ଯେ । ୭୨ ।

---

୬୯ତମ ପଦ—ଅନନୁଭଶ—ଅଙ୍ଗ । ବିବୁଧାଳୟ ସୁଖ—ସ୍ୱର୍ଗ ସୁଖ ।

୭୦ତମ ପଦ—କଙ୍କିଣୀ—କଟୀନିବଦ୍ଧ କ୍ଷୁଦ୍ର ଘଣ୍ଟି । ତାଳ—ହାତକୁ ହାତ ବାଜି ଉଠୁଥିବା ଶବ୍ଦ । ତାଳ ସ୍ୱନ—କରତାଳ (ଗିନି) ଶବ୍ଦ । ବ୍ୟାଖ୍ୟାନ ଧ୍ୱନି—କରୁଥିବା ଶବ୍ଦ ।

୭୧ତମ ପଦ—ସୁରନାମା—କନ୍ଦର୍ପ ।

୭୨ତମ ପଦ—କୈବର୍ତ୍ତେ—କେଉଟମାନେ । ସଲିଳ ରଥ—ନୌକା, ଜଳଗାମୀ ରଥ । ବାହୁକ—ସାରଥି । ଦଣ୍ଡ—କାତ ।

---

୬୯ ଓ ୭୦ତମ ପଦ—ଯୁବକ ଋଷି ଚେତନା ପାଇ କେବେତ ଅନୁଭବ କରି ନ ଥିବା ସେହି ରତିସୁଖକୁ 'ଏହାହିଁ ସ୍ୱର୍ଗ ସୁଖ' ବୋଲି ମନେ କଲେ ଏବଂ କଙ୍କିଣୀ ନାଦକୁ ବାଦ୍ୟ ଧ୍ୱନି, କର ତାଡ଼ନ ଶବ୍ଦକୁ କରତାଳ ଶବ୍ଦ ଓ ଜରତା ପ୍ରକାଶ କରୁଥିବା ହୁଁ ହୁଁ ଶବ୍ଦକୁ ସଙ୍ଗୀତ ଆରମ୍ଭକାଳୀନ ତାନ ବୋଲି ମନେ କଲେ ।

୭୧ତମ ପଦ—ଋଷିଙ୍କ ହୃଦୟରେ କନ୍ଦର୍ପ ବିକାର ବେଳକୁବେଳ ବୃଦ୍ଧି ପାଇଲା ଏବଂ କଙ୍କିଣୀ ବାଦ୍ୟ ବାଜିବାରୁ ଜରତାର ବେଣୀ ଓ ହାର ଦୁହେଁ ବିବାଦ କରି ନାଚିଲେ । ଅର୍ଥାତ୍ ଜରତା ଗାଢ଼ ରତିରେ ମଜ୍ଜିବାରୁ ବେଣୀ ଓ ହାର ଖୁବ ଜୋରରେ ଦୋହଲିଲେ ।

୭୨ତମ ପଦ—କେଉଟମାନେ ସେହି ସମୟରେ ନୌକା ରଥ ବାହିବାକୁ ଲାଗିଲେ; ମାତ୍ର ଯେତେବେଳେ ସେମାନେ କାତ ହାତରେ ଧରିଲେ, ସେତେବେଳେ ସାରଥିପରି ଦେଖାଗଲେ । (ନୌକାକୁ ଜଗନ୍ନାଥଙ୍କ ରଥ ସହିତ ତୁଳନା କରି ଯାଇଛି, ଏଠାରେ ରଥଯାତ୍ରା ବର୍ଣ୍ଣନା କରୁଥିବାରୁ କେଉଟମାନଙ୍କୁ ଜଗନ୍ନାଥଙ୍କ ରଥର ଖାଲି ବସି ରହିଥିବା ସାରଥି ପରି ବର୍ଣ୍ଣନା କଲେ) ।

ସାତ ରଜ୍ଜୁ ମୀନ କୂର୍ମ ଝିଙ୍କାଜନ ଘୋଷେ ।
ବେନରୋଧେ ମୃଗ ମୃଗୀ ନର ନାରୀ ଦେଖେ ଯେ । ୭୩ ।
ବସ୍ତ୍ରକୁଞ୍ଜ ଶଗଳ ଭ୍ରମରେ ସେ ମଣ୍ଡନ ।
ବସ୍ତୁତ ଭୂପଙ୍କ ରଥଯାତ୍ରାର ସମାନ ଯେ । ୭୪ ।
ବାସର ନଶ ହେବାର ଜଣା ନୋହେ ତହିଁ ।
ବାମା ଦ୍ୱାଦଶେ ଖଟନ୍ତି ରତିରସେ ମୋହି ଯେ । ୭୫ ।
ବେଳାରେ ଲାଗିଲା ନାବ ଚମ୍ପାବତୀ ପୁରେ ।
ବରଷିଲା ବୃଷ୍ଟି ଝରମାର ଲୋଡ଼ିବାରେ ଯେ । ୭୬ ।
ବହିଲା ପ୍ରବାହ, ପୂର୍ଣ୍ଣ କେଦାର ହୋଇଲେ ।
ବସୁଣ୍ଡିକ ପୁରପାଶେ ଲୋମପାଦ ମିଳେ ଯେ । ୭୭ ।

---

୭୩ତମ ପଦ—ସାତ—ଲହରୀ । ରଜ୍ଜୁ—ଦଉଡ଼ି । ବେନରୋଧ—ଦୁଇପାଖ କୂଳ ।

୭୪ତମ ପଦ - ଶଗଳ—ପତାକା ।

୭୬ତମ ପଦ—ବେଳା—କୂଳ ।

୭୭ତମ ପଦ —ପ୍ରବାହ—ସ୍ରୋତ । କେଦାର—କିଆରୀ ।

---

୭୩—୭୫ତମ ପଦ—ଜଗନ୍ନାଥଙ୍କ ରଥରେ ଦୌଡ଼ି ଲାଗିଥାଏ । ଏହି ରଥରେ ସେହିପରି ଲହରୀମାନେ ଦୌଡ଼ି ହୋଇ ଲାଗିଲେ । ତାଙ୍କ ରଥକୁ ଯେପରି ବହୁତ ଲୋକ ଟାଣୁଥାନ୍ତି, ସେହିପରି ଏହି ରଥକୁ ମାଛ ଓ କଇଁଛମାନେ ଟାଣିଲେ ଓ ତାଙ୍କ ରଥକୁ ଯେପରି ବହୁ ନର ନାରୀ ଦେଖୁଥାନ୍ତି, ଏହି ରଥକୁ ସେହିପରି ଉଦୟ କୂଳବର୍ତ୍ତୀ ମୃଗ, ମୃଗୀ, ନର, ନାରୀମାନେ ଦେଖିଲେ । ତାଙ୍କର ରଥ ଯେପରି ଭ୍ରମର ପ୍ରଭୃତିଦ୍ୱାରା ମଣ୍ଡିତ, ଏ ରଥ ସେହିପରି ଭ୍ରମର ମଣ୍ଡିତ ଅଟେ । ତାଙ୍କ ରଥଯାତ୍ରା ସମୟରେ ଦିନରାତି ଜଣାଯାଏ ନାହିଁ । ଏ ରଥଯାତ୍ରାରେ ମଧ୍ୟ ଜରତା ପ୍ରଭୃତି ବାରଜଣ ସ୍ତ୍ରୀ ରତି ରସରେ ମୋହିତ କରୁଥିବାରୁ ଦିନ, ରାତି ଜଣାଯାଇ ନ ଥିଲା । (ସୁତରାଂ ଏ ନୌକା ଯାତ୍ରା ସେ ରଥଯାତ୍ରାର ସମାନ)

୭୬, ୭୭ତମ ପଦ—ଚମ୍ପାବତୀ ପୁର ଘାଟରେ ନୌକା ଲାଗିଲା; ଋଷି ଝର ଜଳ ଖୋଜିବାରୁ ବର୍ଷା ହେଲା । ଧାନ କିଆରୀସବୁ ପାଣିରେ ପୂର୍ଣ୍ଣ ହୋଇଗଲା; ସ୍ରୋତଆଡ଼େ ସୁଅ ଛୁଟିଲା । ଏହା ଦେଖି ଋଷ୍ୟଶୃଙ୍ଗ ଆସିଲେ ବୋଲି ଜାଣିପାରି ଲୋମପାଦ ରାଜା ଋଷିଙ୍କ ନିକଟକୁ ଆଗମନ କଲେ ।

ବରଟଲେ ଲକ୍ଷ ଗିରି ସଙ୍ଗେ ଋଷ୍ୟଶୃଙ୍ଗ ।
ବଘାତ ବଜ୍ର-ସୁହାସ ଯୋଗେ ଦମ୍ଭ ଭଙ୍ଗ ଯେ । ୭୮ ।
ବସ୍ତୁ ବୁଝାଉଁ ଯୋଷା ମହାତପୋବନ୍ତେ ।
ବାଞ୍ଛ କଲ୍ୟାଣ ବସାଇ ରଜା ଦଣ୍ଡବତେ ଯେ । ୭୯ ।
ବିମଳ ଚିତ୍ତେ ମନ୍ଦିରେ ଯାଇ ତାର ପୂଜା ।
ବରଦାତା ପୁତ୍ରଦାନେ ହେମାରମ୍ଭ କର ଯେ । ୮୦ ।
ବାକକଲ୍ୟାଣିଏ ଶୁଣି ଦଶରଥେ କହି ।
ବେଶ୍ୟା ଜରତା ପ୍ରମୁଖ୍ୟା ଜାଙ୍ଗଳିକା ହୋଇ ଯେ । ୮୧ ।
ବିବର ପର୍ଣ୍ଣକୁଟୀରେ ଥିଲେ ମୁନିନାଗ ।
ବଜାଇ ସପ୍ତକ୍ଷା ନାଗେଶ୍ୱର ବାଦ୍ୟ ବେଗ । ୮୨ ।
ବିଭେଦିତ-କୃତଚିତ୍ତ ରସଗୀତ ଗାଇ ।
ବଧୂଚୂର୍ଣ୍ଣ ମନ୍ଦଧୂଳି ପକାଇ ପକାଇ ଯେ । ୮୩ ।

---

୮୧ତମ ପଦ—ବାକକଲ୍ୟାଣୀ—ବ୍ରାହ୍ମଣୀ । ପ୍ରମୁଖ୍ୟା—ଶ୍ରେଷ୍ଠା । ଜାଙ୍ଗଳିକ - ବିଷବୈଦ୍ୟ ।

୮୨ତମ ପଦ—ବିବର—ଗର୍ତ୍ତ । ସପ୍ତକ୍ଷା - ବୀଣା ।

୮୩ତମ ପଦ—ବିଭେଦିତ କୃତ ଚିତ୍ତ - ହୃଦୟକୁ ତରଳାଇ । ବଧୂଚୂର୍ଣ୍ଣ—କର୍ପୂରଗୁଣ୍ଡ ।

୮୫ତମ ପଦ - ବାରବାମା — ବେଶ୍ୟା । ଭୋଗିମା - ସର୍ପିଣୀ, ସମ୍ଭବାସ-ଯୋଗ୍ୟା । ବିଗରତ - ବିଷଶୂନ୍ୟ, କ୍ରୋଧଶୂନ୍ୟ । ଭୋଗୀ ଭୋଗଶାଳୀ, ସାପ ।

---

୭୮ତମ ପଦ—ଲୋମପାଦ ଋଷ୍ୟଶୃଙ୍ଗଙ୍କୁ ଦେଖି ତାଙ୍କୁ ପର୍ବତ ସଙ୍ଗେ ତୁଳନା କଲେ । କାରଣ ପର୍ବତର ଯେପରି ଶୃଙ୍ଗ ଅଛି, ଏହାଙ୍କର ମଧ୍ୟ ସେହିପରି ଶୃଙ୍ଗ ଅଛି । ବଜ୍ରାଘାତ ପାଇ ପର୍ବତମାନେ ଦମ୍ଭ ହରାଇଥିଲେ, ଏ ମଧ୍ୟ ବେଶ୍ୟା-ମାନଙ୍କ ମନ୍ଦ ହାସରେ ଦମ୍ଭ ହରାଇ ଅଛନ୍ତି ।

୭୯, ୮୦ତମ ପଦ—ବେଶ୍ୟାମାନେ ସମସ୍ତ ବିଷୟ ଋଷିଙ୍କୁ ବୁଝାଇବା ବେଳେ ଲୋମପାଦ ତାହାଙ୍କୁ ପ୍ରଣାମ କଲେ । ଋଷି ତାହାଙ୍କୁ କଲ୍ୟାଣ କରି ନିକଟରେ ବସାଇଲେ । ତତ୍ପରେ ରାଜମନ୍ଦିରରେ ପ୍ରବେଶ ହୋଇ 'ତୁମ୍ଭର ପୁତ୍ର ପ୍ରାପ୍ତି ହେଉ' ଏହି ବର ଦାନ କଲେ ଓ ସେ ଉଦ୍ଦେଶ୍ୟରେ ପୁତ୍ରେଷ୍ଟିଯଜ୍ଞ ଆରମ୍ଭ କଲେ ।

୮୧—୮୫ତମ ପଦ— ବ୍ରାହ୍ମଣମାନେ ଏହି କଥା ଶୁଣି ଆସି ଦଶରଥଙ୍କୁ କହିଲେ, "ବେଶ୍ୟାଶ୍ରେଷ୍ଠା ଜରତା ବିଷବୈଦ୍ୟା ଅର୍ଥାତ୍ କେଳୁଣୀ ବା ଗୁଣିଆଣୀ

ବାହାରକୁ ଆଣି ନାବ ପେଡ଼ାରେ ମୁଦିଲ ।
ବିଳାସ ବଶ କରଣ ପୁଣି ଖେଳାଇଲ ଯେ । ୮୪ ।
ବାରବାମା ବାର ଯୋଗିମାରେ ସେହି ଯୋଗୀ ।
ବିଗତେତ ଏଣିକ ସେ ବୋଲାଇବେ ଭୋଗୀ ଯେ । ୮୫ ।
ବହି ନାଗରେ ଈଶ୍ୱରପର ଚମ୍ପାପୁରେ ।
ବସନ୍ତ କୃପାକୁ ହୋଇ କୁମାର ଦାନରେ ଯେ । ୮୬ ।
ବାର୍ତ୍ତା ଶୁଣି ତୋଷ ଭବ ହୋଇ ସୂର୍ଯ୍ୟବଂଶୀ ।
ବଳ ସଙ୍ଗ କରି ଚମ୍ପାପୁରେ ମିଳେ ଆସି ଯେ । ୮୭ ।
ବାହୁଁ ଲୋମପାଦ ନେଇ ଋଷିଙ୍କି ଭେଟାଇ ।
ବିକଶିତହାସ କରି କଲ୍ୟାଣେ ବସାଇ ଯେ । ୮୮ ।

---

୮୬ତମ ପଦ -- ନାଗରେ ରସିକମାନେ । ଈଶ୍ୱର — ଶିବ । ଚମ୍ପାପୁରେ - ଚମ୍ପାଫୁଲରେ, ଚମ୍ପାବତୀ ପୁରରେ । କୃପାକୁ — ଦୟାକୁ । କୁମାର — କାର୍ତ୍ତିକେୟ, ; ପୁତ୍ର ।

---

ସାଜ କୁଡ଼ଆଘର ରୂପ ଗାତରେ ଥିବା ମୁନିରୂପୀ ନାଗସାପକୁ ନାଗେଶ୍ୱର ରୂପ ବୀଣା ବାଦ୍ୟ ବଜାଇ, ଆଦରସଭର ଗୀତ ଗାଇବାଦ୍ୱାରା ତାହାଙ୍କର ଚିତ୍ତକୁ ଚହଲାଇ ମନ୍ତ୍ରଧୂଳ ରୂପ କର୍ପୂର ଗୁଣ୍ଡ ତାଙ୍କ ଉପରେ ବାରମ୍ବାର ପକାଇ ବାହାରକୁ ଆଣି, ନୌକାରୂପ ପେଡ଼ାରେ ବନ୍ଦୀ କରି ରଖିଲ ଏବଂ ତାଙ୍କୁ ନାନାବିଧ ରସ କ୍ରୀଡ଼ାରେ ବଶ କରି ଖେଳାଇଲା । ସେହି 'ଯୋଗୀ' ମୁନିନାଗ ସହବାସ ଯୋଗ୍ୟା ବାରଗୋଟି ବେଶ୍ୟାଙ୍କଦ୍ୱାରା 'ବିଗତେତ' ବିକ୍ଷଣ୍ଣନ୍ୟ ଅର୍ଥାତ୍ କ୍ରୋଧଶୂନ୍ୟ ହେଲେ । ଏଣିକ ଭୋଗୀ ଅର୍ଥାତ୍ ଭୋଗଶାଳୀ ( ରସିକ ) ବୋଲାଇବେ ।

୮୬ତମ ପଦ—ରସିକ ଓ ଶିବ ଚମ୍ପାଫୁଲକୁ ଆଦର କଲା ପରି ଋଷି ଚମ୍ପାବତୀପୁରକୁ ଆଦର କରି, ସେହି ପୁରର ରାଜାଙ୍କୁ ପୁତ୍ରଦାନ ଦେବା ପାଇଁ ଶିବ କାର୍ତ୍ତିକେୟଙ୍କୁ ଦୟା କଲା ପରି ଦୟା ପ୍ରକାଶ କରିଛନ୍ତି ।

୮୭ତମ ପଦ—ଏହି କଥା ଶୁଣି ସୂର୍ଯ୍ୟବଂଶୀୟ ରାଜା ଦଶରଥ ସସୈନ୍ୟେ ଚମ୍ପାବତୀପୁରରେ ପ୍ରବେଶ ହେଲେ ।

୮୮ତମ ପଦ—ଲୋମପାଦ ଦଶରଥଙ୍କୁ ବାହୁରୁ ନେଇ ଋଷିଙ୍କ ସହ ସାକ୍ଷାତ କରାଇ ଦେଲେ । ଋଷି ମନ୍ଦହାସ ପ୍ରକାଶ କରି ତାଙ୍କୁ ଆଶୀର୍ବାଦ ପୂର୍ବକ ନିକଟରେ ବସାଇଲେ ।

ବିପ୍ରୋତ୍ତମ ପୁଚ୍ଛେ ତବ ସର୍ବମଙ୍ଗଳ କି ?
ବୋଲେ ବିକଳ୍ପି ପୁଚ୍ଛିଲ ସର୍ବଜ୍ଞ ତରକ ଯେ । ୮୯ ।
ବ୍ୟଥା ଜନମୁଁ ବିନତ ହୋଇଣ ତଦର୍ଥୀ ।
ବରରୂପାଜୀବା ଅଛି କହିଦେଲା ଏଥି ଯେ । ୯୦ ।
ବରାଙ୍ଗନା ସୁନ୍ଦରୀରତନ ତବ ସୁତା ।
ବିବାହ କର ଯତୀନ୍ଦ୍ରେ ହେବେ ସୁତଦାତା ଯେ । ୯୧ ।
ବୀରବର ଉପଇନ୍ଦ୍ର ଭଞ୍ଜ କହେ ରସ ।
ବିଘ୍ନାଣୋଇ ପଦରେ ଏ ଛାନ୍ଦ ହେଲା ଶେଷ ଯେ । ୯୨ ।

—*—

---

୮୯ତମ ପଦ—ବିପ୍ରୋତ୍ତମ—ବ୍ରାହ୍ମଣଶ୍ରେଷ୍ଠ । ବିକଳ୍ପି—ତର୍କ କରି । ସର୍ବଜ୍ଞତର—ସର୍ବଜ୍ଞଶ୍ରେଷ୍ଠ ।

୯୦ତମ ପଦ—ତଦର୍ଥୀ—ପୁତ୍ରାର୍ଥୀ । ବରରୂପାଜୀବା—ବେଶ୍ୟାଶ୍ରେଷ୍ଠା ।

୯୧ତମ ପଦ—ବରାଙ୍ଗନା—ସ୍ତ୍ରୀଶ୍ରେଷ୍ଠା । ଯତୀନ୍ଦ୍ର—ମୁନିଶ୍ରେଷ୍ଠ । ସୁତଦାତା—ପୁତ୍ରଦାତା ।

---

୮୯ତମ ପଦ – ବ୍ରାହ୍ମଣଶ୍ରେଷ୍ଠ ଋଷ୍ୟଶୃଙ୍ଗ ଦଶରଥଙ୍କୁ "ତୁମ୍ଭର ସମସ୍ତ ମଙ୍ଗଳ ତ ?" ବୋଲି ପଚାରିବାରୁ ସେ ତର୍କ କରି କହିଲେ, "ଆପଣ ସର୍ବଜ୍ଞଶ୍ରେଷ୍ଠ, ଏପରି କାହିଁକି ପଚାରୁଛନ୍ତି ?"

୯୦ – ୯୨ତମ ପଦ—ଦଶରଥ ପୁତ୍ରାର୍ଥୀ ହୋଇ ଆସି ଥିବାର ଜାଣି ଋଷି ଦୁଃଖିତ ହେଲେ । ଏହି ସମୟରେ ବେଶ୍ୟାଶ୍ରେଷ୍ଠା ଜରତା ଦଶରଥଙ୍କୁ କହିଲା, "ଆପଣଙ୍କର ସୁନ୍ଦରୀଶିରୋମଣି ସ୍ତ୍ରୀ ଶ୍ରେଷ୍ଠା କନ୍ୟା ଶାନ୍ତାଙ୍କୁ ଏହି ପ୍ରଧାନ ଋଷିସହ ବିବାହ ଦିଅନ୍ତୁ । ସେ ଆପଣଙ୍କୁ ପୁତ୍ରପ୍ରାପ୍ତି ବର ପ୍ରଦାନ କରିବେ । ବୀରବର ଉପେନ୍ଦ୍ର ଭଞ୍ଜ ବିଘ୍ନାଣୋଇ ପଦରେ ଏହି ରସପୂର୍ଣ୍ଣ ଛାନ୍ଦ ଶେଷ କଲେ ।

—*—

## ପଞ୍ଚମ ଛାନ୍ଦ

ରାଗ—ମଙ୍ଗଳଗୁଜ୍ଜରୀ

ବିଭାକରବଂଶୀ ଶୁଣି ପୁଲକ ବହି ।
ବିଭା କର ଲଗ୍ନ ବୁଝି ବଶିଷ୍ଠେ କହି । ୧ ।
ବିନ୍ୟାଏ କଲେ ସେ ବାଣୀ ସନ୍ଧ୍ୟାବସାନେ ।
ବସାଇବା ମଣ୍ଡପରେ କନ୍ୟା ସୁମନେ । ୨ ।
ବିଜନ ସ୍ଥାନଲେ ବସି ବେନି ନୃପତି ।
ବିବିଧ ସମ୍ଭାର କରି ନଗ୍ର ମନ୍ତ୍ରାନ୍ତି । ୩ ।
ବାସଙ୍ଗରସ ନବାନୁଭବୀ ଭ୍ରମର ।
ବାରିଜବାସ ଲଭି କି ନୋହେ ଆତୁର । ୪ ।
ବାରସ୍ତ୍ରୀକି ପୁଚ୍ଛି ଏକାନ୍ତରେ ତା କାନ୍ତ ।
ବର୍ଦ୍ଧନ ଅର୍ଥେ କ୍ରମେ ସେ ଶୋଭା କଥିତ । ୫ ।

---

## ପଞ୍ଚମ ଛାନ୍ଦ

୧ମ ପଦ—ସୂର୍ଯ୍ୟବଂଶୀୟ ରାଜା ଦଶରଥ ଜରତାଠାରୁ ଏହି କଥା ଶୁଣି ବଶିଷ୍ଠଙ୍କୁ କହିଲେ, "ଲଗ୍ନ ବୁଝି ବିଭା କରାଅ ।"

୨ୟ ପଦ—ଏହା ଶୁଣି ବଶିଷ୍ଠ କହିଲେ, "ସନ୍ଧ୍ୟାପରେ ଉତ୍ତମରୂପେ ବିଶୃର କରି କନ୍ୟାଙ୍କୁ ବିବାହ ମଣ୍ଡପରେ ବସାଇବା ।"

୩ୟ—୫ମ ପଦ—ଦଶରଥ ଓ ଲୋମପାଦ ରାଜା ଦୁହେଁ ଏକାନ୍ତରେ ବସି ନଗରମଣ୍ଡନ କରାଇଲେ । ନୂଆ କରି ବାସଙ୍ଗ ଫୁଲରୁ ମଧୁ ଆସ୍ୱାଦନ କରୁଥିବା ଭ୍ରମର ପଦ୍ମଗନ୍ଧ ପାଇ ଆତୁର ହେଲା ପରି ଅର୍ଥାତ୍ ବେଶ୍ୟାରତ ଋଷି ରାଜକନ୍ୟା ରତିର ଆଶାରେ ଆତୁର ହୋଇ ବେଶ୍ୟା ଜରତାକୁ 'ତା କାନ୍ତ' ସେ କପରି ସୁନ୍ଦରୀ ବୋଲି ପଚାରିଲେ । ସେ ବେଶ୍ୟା ଋଷିଙ୍କର ସ୍ନେହ ବଢ଼ାଇବା ପାଇଁ ଶାନ୍ତାଙ୍କର ସୌନ୍ଦର୍ଯ୍ୟ ବିଶେଷ ଭାବରେ ବର୍ଣ୍ଣନା କରିବାକୁ ଲାଗିଲା ।

ବଳଶ ପାଶ ପାଟଳୀ ସାରସ ପାଳ ।
ବାହୁ ଶ୍ରବଣ ଉଦର ଗଣ୍ଡରେ ଦଳ । ୬ ।
ବକ୍ଷୋଜ ନତମ୍ବ ଚକ୍ରେ ପକାଇ ଡକା ।
ବିଭ୍ରମ ଭ୍ରମରେ ଲକ୍ଷ ନାଭି ଅଳକା । ୭ ।
ବିସ୍ତୀର୍ଣ୍ଣରେ ଶୋଭା ରମ୍ଭା ପ୍ରଭାକୁ ଗଞ୍ଜି ।
ବୃଶାଳ ଉରୁଯୁଗଳ ଚରମ ରାଜି । ୮ ।

---

୬ଷ୍ଠ ପଦ—ସାରସ—ପଦ୍ମ । ପାଳ—ଖଣ୍ଡାର ମୁଠା । ଗଣ୍ଡ—ଗାଲ ।

୭ମ ପଦ—ବକ୍ଷୋଜ—ସ୍ତନ । ଚକ୍ର—ଚକ୍ରବାକ, ରଥଚକ । ବିଭ୍ରମ—ଜଳଭଉଁରୀ । ଭ୍ରମରେ—ଭଅଁରସବୁ, ଭ୍ରାନ୍ତିରେ ।

୮ମ ପଦ—ବିସ୍ତୀର୍ଣ୍ଣରେ— ବିଶେଷ ଭାବରେ । ରମ୍ଭା—କଦଳୀବୃକ୍ଷ, ରମ୍ଭା ନାମକ ସ୍ୱର୍ଗ ବେଶ୍ୟା । ପ୍ରଭା —କାନ୍ତି । ବୃଶାଳ—ଉନ୍ନତ । ଉରୁଯୁଗଳ—ଜାନୁଦ୍ୱୟ । ଚରମରାଜି—ଜାନୁର ନିମ୍ନ ଅଂଶଗୁଡ଼ିକ ।

---

୬ଷ୍ଠ ପଦ—"ପାଶ, ପାଟଳ ଫୁଲ, ପଦ୍ମ, ଖଡ଼୍‌ଗପାଳ ଏମାନଙ୍କୁ ଶାନ୍ତାଙ୍କର ବାହୁ, ଶ୍ରବଣ, ଉଦର ଓ ଗଣ୍ଡଦେଶ ସହିତ ଗାଢ଼ଦୃଷ୍ଟି ଦେଇ ତୁଳନା କଲେ ଜଣାଯାଏ, ଉପର ଲିଖିତ ବସ୍ତୁମାନଙ୍କର ଶୋଭା ତଳ ଲିଖିତ ଅବୟବମାନଙ୍କର ଶୋଭାଦ୍ୱାରା ଦଳି ହୋଇ ଯାଇଅଛି ।"

୭ମ ପଦ —"ତାହାଙ୍କର ସ୍ତନ ସହିତ ଚକ୍ରବାକ ପକ୍ଷୀ ଓ ନିତମ୍ବ ସହ ରଥର ଚକ ସୌନ୍ଦର୍ଯ୍ୟରେ ସମାନ ନ ହେବାରୁ ଡକା ପକାଉଅଛନ୍ତି ଅର୍ଥାତ୍ ଚକ୍ରବାକ ପକ୍ଷୀ ଓ ଚକ (ଗମନ ସମୟରେ) କେଁ କେଁ ଶବ୍ଦ ପ୍ରକାଶ କରୁଅଛନ୍ତି ଏବଂ ତାହାଙ୍କର ନାଭି ସହିତ ଜଳଭଉଁରୀ ଓ ଅଳକା ସହିତ ଭ୍ରମରମାନଙ୍କୁ ତୁଳନା କରିବା ତୁଳନାକାରୀର ଭ୍ରମ ମାତ୍ର ।"

୮ମ ପଦ—"ତାହାଙ୍କର ବିଶାଳ ଜାନୁଦ୍ୱୟ ବିଶେଷଭାବରେ କଦଳୀ ବୃକ୍ଷର ଶୋଭାକୁ ଗଞ୍ଜୁଅଛି ଏବଂ ଜାନୁର ନିମ୍ନଅଂଶ ଜଙ୍ଘ ଓ ପାଦପ୍ରଭୃତି ରମ୍ଭା ବେଶ୍ୟାର ସେହି ସେହି ଅଂଶର ଶୋଭାକୁ ଗଞ୍ଜୁଅଛି ଅର୍ଥାତ୍ ଧିକ୍‌କାର କରୁଅଛି । (କେହି କେହି 'ଚରମରାଜି' ପୃଷ୍ଠଦେଶ 'ପ୍ରଭାକୁ' ଦୁର୍ଗାଙ୍କ ଶୋଭାକୁ ଧିକ୍‌କାର କରୁଅଛି, ଏହା କହନ୍ତି) ।

ବଘଟିତ ହରି ଓଷ୍ଟେ ପ୍ରାତୋଦୟରେ ।
ବଶୀର୍ଣ୍ଣ କଣ୍ଠୀ ନାସିକା ମଧୁର ଗିରେ । ୯ ।
ବଲକ୍ଷିତ ଚନ୍ଦ୍ରହାସେ ତନୁ ଶୀତଳେ ।
ବର୍ଣ୍ଣ ସୁଲପନ ରୋମାବଳୀର ତୁଲେ । ୧୦ ।
ବାଳଭ୍ରୂଲତା ଲୋଚନ ଗମନ ଗଜା ।
ବପୁ ସୁଗନ୍ଧେ ସାରଙ୍ଗେ ନୋହିବେ ତୁଳା । ୧୧ ।
ବଧାତା ଶୋଭା ବଧାନେ ଶାନ୍ତ ସେ ଶାନ୍ତା ।
ବୋଲି ମଣ୍ଡନ ହୋଇଲା ବାରବନିତା ।

---

୯ମ ପଦ—ବଘଟିତ—ତୁଳିତ । ହରି—ସୂର୍ଯ୍ୟ, ସିଂହ, ଶୁକପକ୍ଷୀ, କୋକିଳ । ପ୍ରାତୋଦୟରେ—ଉଦୟ ହେଉଥିବା ସମୟରେ । ବଶୀର୍ଣ୍ଣ—କ୍ଷୀଣ ।

୧୦ମ ପଦ—ଚନ୍ଦ୍ର—କର୍ପୂର, ଜଳ, ଚନ୍ଦ୍ରିକା, ସୁବର୍ଣ୍ଣ, ଚନ୍ଦନ, ଜହ୍ନ ଓ ଅଳଇତ ।

୧୧ଶ ପଦ—ସାରଙ୍ଗ - ମେଘ, ଧନୁ, ଚକୋର, ହଂସ ବା ହସ୍ତୀ, ଶଙ୍ଖ ଓ ପଦ୍ମ ।

---

୯ମ ପଦ—"ତାହାଙ୍କର ଓଷ୍ଠସହ ଉଦୟକାଳୀନ ସୂର୍ଯ୍ୟ, କ୍ଷୀଣ କଟୀସହ ସିଂହକଟୀ, ନାସିକା ସହ ଶୁକ ଚଞ୍ଚୁ ଓ ମଧୁର ବଚନସହ କୋକିଳର ସ୍ୱର ତୁଳନୀୟ ନୁହେଁ ।"

୧୦ମ ପଦ—"ତାହାଙ୍କର ହାସ ସହ ଚନ୍ଦ୍ରିକା, ଶରୀରର ଶୀତଳତା ସହ କର୍ପୂର, ଜଳ କିମ୍ବା ଚନ୍ଦନ, ବର୍ଣ୍ଣସହ ସୁବର୍ଣ୍ଣ, ମୁଖସହ ଚନ୍ଦ୍ର ଏବଂ ରୋମାଳିସହ ଅଳେଇତଲତା ତୁଳନୀୟ ନୁହେ ।"

୧୧ଶ ପଦ—"ତାହାଙ୍କର କେଶଗୁଚ୍ଛସହ ମେଘ, ଭ୍ରୂଲତାସହ ଧନୁ, ଚକ୍ଷୁସହ ଚକୋର, ଗତିସହ ହସ୍ତୀ, କଣ୍ଠସହ ଶଙ୍ଖ ଓ ଦେହର ଗନ୍ଧସହ ପଦ୍ମ ତୁଳନୀୟ ନୁହନ୍ତି ।"

୧୨ଶ ପଦ—'ବିଧାତା ଏହାଙ୍କର ଶୋଭା ରଚନା କରି ଶାନ୍ତ ହେବାରୁ ଅର୍ଥାତ୍ ବିଧାତାର ସୁନ୍ଦରୀ ନିର୍ମାଣ ଇଚ୍ଛା ଏହିଠାରୁ ଶାନ୍ତି ଲାଭ କରିବାରୁ ଏହାଙ୍କ ନାମ ଶାନ୍ତା ହୋଇଅଛି ।' ଏଣିକିମାସ କହି ବେଶ୍ୟା ମଣ୍ଡନ ହେଲା ।

ବିଧୂନ୍ତୁଦପ୍ରାପ୍ତ ହୋଇ ସନ୍ଧ୍ୟା ଆସିଲା ।
ବିବସ୍ୱାନ ଗ୍ରାସୀ ରଙ୍ଗଭେଦ ଦିଶିଲା । ୧୩ ।
ବାଳୀ ସେ କାଳୀ ପିଧାଣ କି ପାଟଶାଢ଼ୀ ।
ବହିଲେ କି ସରସ୍ୱତୀ କାଳନ୍ଦୀ ଜଡ଼ି । ୧୪ ।
ବନଜାରକର କରୁ ଆସିଲା ଦିଶି ।
ବାରୁଣୀ ତ୍ରିବେଣୀ ଘାଟେ ପଡ଼ିଲା ଘୋଷି । ୧୫ ।
ବସ୍ତୁତ ପକ୍ଷେ ଦିବାନ୍ଧ ପ୍ରମୁଖ ଦ୍ୱିଜେ ।
ପ୍ରକାଶି ଶ୍ଳୋକ ବାଣୀକି ବିହାରେ ମଜ୍ଜେ । ୧୬ ।

---

୧୩ଶ ପଦ—ବିଧୂନ୍ତୁଦପ୍ରାପ୍ତ—ରାହୁପରି । ବିବସ୍ୱାନଗ୍ରାସୀ—ସୂର୍ଯ୍ୟଙ୍କୁ ଗ୍ରାସ କରି ।

୧୪ଶ ପଦ – ବାଳୀ—ସ୍ତ୍ରୀ । ପିଧାଣ—ପିନ୍ଧା ।

୧୫ଶ ପଦ—ବନଜାରକର—ଚନ୍ଦ୍ରକିରଣ । ବାରୁଣୀ—ପ୍ରସିଦ୍ଧ ସ୍ନାନ ଯୋଗ । ତ୍ରିବେଣୀଘାଟ—ଗଙ୍ଗା, ଯମୁନା, ସରସ୍ୱତୀର ସଙ୍ଗମସ୍ଥଳ ।

୧୬ଶ ପଦ—ଦିବାନ୍ଧ ପ୍ରମୁଖ ଦ୍ୱିଜେ—ରାତ୍ରିଚର ପକ୍ଷୀମାନେ, । ଅନ୍ୟପକ୍ଷ୍ୟରେ, ପ୍ରମୁଖ ଦ୍ୱିଜେ—ଶ୍ରେଷ୍ଠ ବ୍ରାହ୍ମଣମାନେ । ବିହାର—କ୍ରୀଡ଼ା ।

---

୧୩ଶ ପଦ—ଅନନ୍ତର ସନ୍ଧ୍ୟାକାଳ ରାହୁପରି ମାଡ଼ି ଆସି ସୂର୍ଯ୍ୟଙ୍କୁ ଘୋଡ଼ାଇ ପକାଇଲା ଏବଂ ନାଲବର୍ଣ୍ଣ ଦେଖାଗଲା ।

୧୪ଶ ପଦ—ସଙ୍ଗେ ସଙ୍ଗେ ଅନ୍ଧକାର ମାଡ଼ିଆସିବାରୁ ବୋଧହୁଏ, ସେହି ସନ୍ଧ୍ୟାରମଣୀ କଳା ଶାଢ଼ୀ ପିନ୍ଧିଛି କି ? ଅଥବା ସରସ୍ୱତୀ ନଦୀ ଯମୁନା ସହିତ ମିଶି ବହିଲା କି ? (କାରଣ ସରସ୍ୱତୀ ଜଳ ଶୁକ୍ଳ ଓ ଯମୁନାର ଜଳ କୃଷ୍ଣ ଅଟେ) ।

୧୫ଶ ପଦ—ଏହି ସମୟରେ ଚନ୍ଦ୍ର ଉଦୟ ହେବାରୁ ତାହାଙ୍କର ଉଦୟ କାଳୀନ ଆରକ୍ତ କିରଣ ସେହି ସନ୍ଧ୍ୟାକାଳୀନ ଶୋଭାରେ ମିଶିଗଲା । ତାହା ଦେଖି ମନେ ହେଲା, ତ୍ରିବେଣୀ ଘାଟରେ ବାରୁଣୀ ସ୍ନାନ ଯୋଗ ପଡ଼ିଲା କି ?

୧୬ଶ ପଦ—ବ୍ରାହ୍ମଣମାନେ ତ୍ରିବେଣୀ ଘାଟରେ ଗଙ୍ଗାସ୍ତୋତ୍ର ପାଠ କରି ଜଳରେ ମଗ୍ନ ହେଲା ପରି, ଦିନରେ ଅନ୍ଧ ହୋଇ ରହିଥିବା ପେଚା ଅନ୍ୟ ରାତ୍ରିଚର ପକ୍ଷୀମାନଙ୍କର ନେତା ହୋଇ ପକ୍ଷ ବିସ୍ତାର ପୂର୍ବକ ଚତୁର୍ଦ୍ଦିଗରେ ବୁଲି କ୍ରୀଡ଼ା କରିବାକୁ ଲାଗିଲେ ।

ବଜଘୋଷ ଆଦି ବାଦ୍ୟ ବାଜେ ଏକାଳେ ।
ବର କନ୍ୟା ଋଷ୍ୟଶୃଙ୍ଗ ଶାନ୍ତାଙ୍କୁ କଲେ । ୧୭ ।
ବାରି ତୋଳି ଦେଲେ ଶଙ୍ଖେ ଶଙ୍ଖେ ରତନ ।
ବସ୍ତ୍ରାସହ ଧେନୁ କଉଶେୟ ବସନ । ୧୮ ।
ବନଜାସନ ପାବଶୀ ପ୍ରାପ୍ତ ହସିଲେ ।
ବନୋଦେ ଶର୍ବରୀରେ ଏକାନ୍ତେ ରସିଲେ । ୧୯ ।
ବାହୁଳେୟ ପ୍ରାପ୍ତେ ହେଲା ପ୍ରୀତି ଉତ୍ପତ୍ତି ।
ବଭ୍ରାଜ ତାରକା-ସୁର ପ୍ରମୋଦ ଅତି । ୨୦ ।
ବଭ୍ରାଜ ଉଜ୍ଜ୍ୱଳ ଶକ୍ତି ମନ୍ତରେ ସେହି ।
ବହାଗ୍ନି ହୋଇ କ୍ରମଶେ ଷଷ୍ଠୀରେ ସ୍ନେହୀ । ୨୧ ।

---

୧୭ଶ ପଦ—ବଜଘୋଷ   ଢକା ତୁଲ୍ୟ ବାଦ୍ୟ ବିଶେଷ ।

୧୮ଶ ପଦ—ଶଙ୍ଖେ—ଏକଶଙ୍ଖ ପରିମିତ । କୌଶେୟ-ବସନ—ପଟ୍ଟବସ୍ତ୍ର ।

୧୯ଶ ପଦ—ବନଜାସନ—ବ୍ରହ୍ମା । ବନୋଦେ—ଆନନ୍ଦରେ ।

୨୦ଶ ପଦ—ବାହୁଳେୟ—କାର୍ତ୍ତିକେଶ୍ୱର । ତାରକା—ତାରା, ତାରକାସୁର । ସୁର ସୂର୍ଯ୍ୟ ।

୨୧ଶ ପଦ—ଶକ୍ତିମନ୍ତର—ଅତି ପରାକ୍ରମୀ, ଶକ୍ତିଧାରୀ । ଷଷ୍ଠୀ—ଦୁର୍ଗା ।

---

୧୭ଶ ଓ ୧୮ଶ ପଦ—ଏହି ସମୟରେ ବଜଘୋଷ ପ୍ରଭୃତି ବାଦ୍ୟ ବାଜିଲା । ଋଷ୍ୟଶୃଙ୍ଗ ଓ ଶାନ୍ତାଙ୍କୁ ବିବାହ ବେଶରେ ସଜ୍ଜିତ କରି ମଣ୍ଡପ ଉପରକୁ ନେଇ, ହସ୍ତଗଣ୍ଠି ପଡ଼ିବା ପରେ ଦଶରଥ ଶଙ୍ଖରେ ପାଣି ଟେକି ଦେଇ ଏକ ଶଙ୍ଖ ରତ୍ନ, ସବତ୍ସା ଧେନୁ ଓ ପାଟ ଯୋଡ଼ ପ୍ରଭୃତି ଯଉତୁକ ଦେଲେ ।

୧୯ଶ ପଦ—ଋଷି ଓ ଶାନ୍ତା ବ୍ରହ୍ମା ପାବଶୀଙ୍କ ପରି ଦେଖାଗଲେ; ଅନନ୍ତର ରାତିରେ ଏକାନ୍ତରେ ଶୃଙ୍ଗାର ରସରେ ମଜ୍ଜିଲେ ।

୨୦ଶ ପଦ—ଉପରେ କାର୍ତ୍ତିକେୟ ଜନ୍ମ ହୋଇ ତାରକାସୁରକୁ ମାରି ଦେବତାମାନଙ୍କୁ ଆନନ୍ଦ ଦେଲା ପରି ପ୍ରଭାତ ଉପସ୍ଥିତ ହୋଇ ତାରାମାନଙ୍କୁ ଲୁପ୍ତପୂର୍ବକ ସୂର୍ଯ୍ୟଙ୍କୁ ପ୍ରକାଶିତ କରିବାରୁ ଜଗତରେ ଅତିଶୟ ଆନନ୍ଦ ଖେଳି ଉଠିଲା ।

୨୧ଶ ପଦ—ଯେପରି କାର୍ତ୍ତିକେୟ ଅତି ଉଜ୍ଜ୍ୱଳ ଶକ୍ତି ନାମକ ଅସ୍ତ୍ର ଧାରଣ କରି ଅଥବା ଅତିଶୟ ଶକ୍ତିଶାଳୀ ହୋଇ ବିହାର କରି କ୍ରମେ ଦୁର୍ଗାଙ୍କଠାରେ ଅନୁରକ୍ତ ହୋଇଥିଲେ, ସେହିପରି ପ୍ରଭାତ ଉଜ୍ଜ୍ୱଳ ସୂର୍ଯ୍ୟ କିରଣ ବିସ୍ତାର ପୂର୍ବକ କ୍ରମେ କ୍ରମେ ଜଗତକୁ ଆଲୋକିତ କଲା ଏବଂ ଷାଠିଏ ଦଣ୍ଡ ପର୍ଯ୍ୟନ୍ତ ରହିଲା ।

ବାରକରେ ଖ୍ୟାତ ଶିବପୁରେ ଉତ୍ସବେ ।
ବାଦନ ଯେ ଶଙ୍ଖମାଳ ଗଣହିଁ ଭାବେ । ୨୨ ।
ବଗତ ନନ୍ଦା ଏକାଳେ ଦଶରଥର ।
ବସାଇ ଜାମାତା ଘେନିଗଲେ ରଥର । ୨୩ ।
ବପ୍ର ଙ୍ଗି ପରବେଶ ଅଯୋଧ୍ୟା ଦୁର୍ଗେ ।
ବ୍ରତ ଆଚରଇ ତହିଁ ମହର୍ଷୀବର୍ଗେ । ୨୪ ।
ବୀତିହୋତ୍ର ସ୍ଥାପି ଯଜ୍ଞକୁଣ୍ଡେ ସତ୍ତରେ ।
ବ୍ରହ୍ମବେତ୍ତା ହୋମ କଲେ ପୁତ୍ର ଅର୍ଥରେ । ୨୫ ।
ବ୍ୟାପୀ ତହୁଁ ଧୂମାବଳ ଊର୍ଦ୍ଧ୍ୱେ ଚପଳେ ।
ବପୁତରେ ଜଳଧର ପ୍ରାୟେ ଦିଶିଲେ । ୨୬ ।

---

୨୨ଶ ପଦ – ବାରକରେ – ବାରଗୋଟି ହାତରେ, କୌଣସି ଗୋଟିଏ ବାରରେ । ଶିବପୁର – କୈଳାସ । ଶଙ୍ଖମାଳୀ – ଶଙ୍ଖ ସମୂହ । ଗଣ – ଶିବଗଣ ।

୨୪ଶ ପଦ – ବପ୍ର – ଗଡ଼ପ୍ରାଚୀର ।

୨୫ଶ ପଦ – ବୀତିହୋତ୍ର ଅଗ୍ନି ।

୨୬ଶ ପଦ – ବପୁତରେ – ଆକାଶରେ ।

---

୨୨ଶ ପଦ – କାର୍ତ୍ତିକେୟ ବାରଗୋଟି ହସ୍ତ ଧାରଣ କରି ଯେତେବେଳେ ଜନ୍ମ ହେଲେ, ସେହି ସମୟରେ କୈଳାସରେ ଉତ୍ସବ ହୋଇଥିଲା, ଶିବଗଣମାନେ ଅନେକ ଶଙ୍ଖ ବଜାଇଥିଲେ; ସେହିପରି ପ୍ରଭାତ ରବି, ସୋମ ପ୍ରଭୃତି କୌଣସି ଏକ ବାରରେ ଖ୍ୟାତ ହେଲା ଏବଂ ସେହି ସମୟରେ ମାଳୀମାନେ ଶିବ ମନ୍ଦିରରେ ଶଙ୍ଖ ବଜାଇଲେ ।

୨୩ଶ ପଦ – ଏହି ସମୟରେ ଦଶରଥଙ୍କ ନନ୍ଦା ଆସିଲା । ସେ ଜାମାତାଙ୍କୁ ରଥରେ ବସାଇ ନେଇଗଲେ ।

୨୪ଶ – ୨୬ଶ ପଦ – ଅଳ୍ପକ୍ଷଣ ପରେ ସେମାନେ ଗଡ଼ର ପାଚେରୀ ଲଙ୍ଘି ଅଯୋଧ୍ୟା ଦୁର୍ଗରେ ପ୍ରବେଶ ହେଲେ । ବ୍ରହ୍ମଜ୍ଞାନୀ ଋଷି ଶ୍ରେଣୀମାନଙ୍କୁ ବ୍ରତ କରାଇ ପୁତ୍ରେଷ୍ଟି ଯଜ୍ଞ ନିମିତ୍ତ ହୋମକୁଣ୍ଡରେ ଅଗ୍ନି ସ୍ଥାପନ କଲେ । ହଠାତ୍ ହୋମକୁଣ୍ଡରୁ ଉପରକୁ ଧୂଆଁ ଉଠି ଆକାଶରେ ବ୍ୟାପି ଯିବାରୁ ତାହା ମେଘପରି ଦେଖାଗଲା ।

ବିଜୁଳି ଲକ୍ଷ ବଡ଼ଭି ରଙ୍ଗକେତନ ।
ବରହ ଟେକ ଅନାର କେକୀ ନର୍ତ୍ତନ । ୨୭ ।
ସ୍ଥିରଚିତ୍ତ ତୃଷାର୍ତ୍ତୀ ଯେତେ ସାରଙ୍ଗ ।
ସାଥୀ ସାଥୀ ହୋଇ କଲେ ନିକଟେ ରଙ୍ଗ । ୨୮ ।
ବାଦ୍ୟନାଏ ଦୁନ୍ଦୁଭି ବଜାଇ ହରଷେ ।
ଶବ୍ଦନାଦ ସ୍ତନିତ କି ପ୍ରତେ ମାନସେ । ୨୯ ।
ଶବେକ ମଧୁ ସ୍ୱର ଭେକ ଦାତ୍ୟୂହ କଙ୍କ ।
ବର୍ଷାଭୂ ଚମକ ଯହିଁ ଉଚ୍ଚନାଦକ । ୩୦ ।
ବଳାକାପ୍ରକାର ନଭେ ତିଗ୍ମଳମାନ ।
ବଂଶେ ଉଡ଼ୁଛନ୍ତି ହୋଇ ଅତି ରଞ୍ଜନ । ୩୧ ।

---

୨୭ଶ ପଦ—ବଡ଼ଭି—ପ୍ରାସାଦ । ରଙ୍ଗକେତନ—ଲାଲପତାକା । ବରହ—ପୁଚ୍ଛ । କେକୀ—ମୟୂର ।

୨୮ଶ ପଦ—ସ୍ଥିରଚିତ୍ତ—ଅସ୍ଥିର ହୃଦୟ । ସାରଙ୍ଗ—ଚାତକ । ସାଥୀ ସଥୀ ହୋଇ—ଦଳ ଦଳ ହୋଇ ।

୨୯ଶ ପଦ—ବାଦ୍ୟନାଏ—ବାଦକମାନେ । ସ୍ତନିତ—ଘଡ଼ଘଡ଼ ଶବ୍ଦ ।

୩୦ଶ ପଦ—ଦାତ୍ୟୂହ—ଡାହୁକ । ବର୍ଷାଭୂ—ବେଙ୍ଗ ।

୩୧ଶ ପଦ—ବଳାକା ପ୍ରକାର—ବକଶ୍ରେଣୀ ପରି । ତିଗ୍ମଳ—ପତାକା ।

---

୨୭ଶ ପଦ—ରାଜାଙ୍କର କୋଠା ଉପରେ ଉଡୁଥିବା ଲାଲ ପତାକାକୁ ବିଜୁଳି ମନେ କରି ମୟୂରମାନେ ପୁଚ୍ଛ ଟେକି ନୃତ୍ୟ କଲେ ।

୨୮ଶ ପଦ—ତୃଷାର୍ତ୍ତ ଅସ୍ଥିର ହୃଦୟ ଚାତକମାନେ ଦଳ ଦଳ ହୋଇ ଆସି (ସେହି ମେଘକୁ ଦେଖି) ଆନନ୍ଦରେ ନୃତ୍ୟ କଲେ ।

୨୯ଶ ପଦ—ବାଦକମାନେ ଏହି ସମୟରେ ଆନନ୍ଦରେ ଦୁନ୍ଦୁଭି ବଜାଇଲେ । ସେହି ଧ୍ୱନି ମେଘର ଘଡ଼ଘଡ଼ି ଧ୍ୱନି ବୋଲି ମନେ ହେଲା ।

୩୦ଶ ପଦ—ମହୁମାଛି ଓ ଭେକର ସ୍ୱର ଡାହୁକ ଓ କଙ୍କପକ୍ଷୀର ସ୍ୱର ପରି ଏବଂ ଅତି ଉଚ୍ଚ ଚମକ ଧ୍ୱନି ବେଙ୍ଗ ରଡ଼ିପରି ପ୍ରତୀତ ହେଲା ।

୩୧ଶ ପଦ—ବାଉଁଶର ଅଗ୍ରଭାଗରେ ଧାଡ଼ି ଧାଡ଼ି ହୋଇ ଉଡ଼ୁଥିବା ଅତି ଶୁକ୍ଳ ପତାକାଗୁଡ଼ିକ ବକପନ୍ତି ପରି ଦେଖାଗଲେ ।

ବରଷିବେ କୃପାଜଳ ଉଦୟେ ହରି ।
ବହ୍ନିକୁଣ୍ଡ ନଭ ଅବଲମ୍ବନ କରି । ୩୨ ।
ବଶିଷ୍ଠାଦି ଋଷ୍ୟଶୃଙ୍ଗ ସେଠାରେ ଥିଲେ ।
ବର୍ଦ୍ଧନ ନମିଷ ଯେ ସେମାନେ ନମିଲେ । ୩୩ ।
ବରୁଣାଳୟ କରୁଣାକର ବୋଇଲେ ।
ବଗ୍ରଜ କମ୍ବୁ ଚକ୍ର ଗଦାରେ ମଞ୍ଜୁଳ । ୩୪ ।
ବଧୃତ କର ମକର ଲକ୍ଷଣମାନ ।
ବୁଡ଼ାନ୍ତି ମହୋଦଧିଯୋଗେ ନୟନ-ମୀନ । ୩୫ ।

---

୩୨ ପଦ ହରି—ଇନ୍ଦ୍ର, ବିଷ୍ଣୁ । ଅବଲମ୍ବନ—ଆଶ୍ରୟ ।

୩୩ଶ ପଦ—ବର୍ଦ୍ଧନ ନମିଷ—ଅପଲକ ଚକ୍ଷୁ ।

୩୪ଶ ପଦ—ବରୁଣାଳୟ—ସମୁଦ୍ର । କରୁଣାକର—ଦୟା ସମୁଦ୍ର । କମ୍ବୁ—ଶଙ୍ଖ । ଚକ୍ର—ଚକ୍ରବାକ ପକ୍ଷୀ, ଜଳଭଉଁରି, ଅସ୍ତ୍ର ବିଶେଷ । ଗଦା—ଅସ୍ତ୍ର ବିଶେଷ, ସମୂହ । ଅବ୍ଜ—ପଦ୍ମ, ଚନ୍ଦ୍ର ।

୩୫ଶ ପଦ—ମହୋଦଧି—ବଡ଼, ମହୋଦଧି ନାମକ ଯୋଗ । ଲକ୍ଷଣମାନ—ଲକ୍ଷ ଲକ୍ଷ ପରିମିତ, ଚିହ୍ନମାନ । କର—ହସ୍ତ ।

---

୩୨ଶ ପଦ ମେଘ ଉଦୟ ହେଲେ ଇନ୍ଦ୍ର ଯେପରି ତାହାକୁ ଆଶ୍ରୟ କରି ବର୍ଷା କରାନ୍ତି ସେହିପରି ବିଷ୍ଣୁ ଅଗ୍ନିକୁଣ୍ଡ ରୂପକ ମେଘକୁ ଆଶ୍ରୟ କରି କୃପା ରୂପ ଜଳବର୍ଷଣ କରିବେ ।

୩୩ଶ ପଦ—ହୋମକୁଣ୍ଡ ନିକଟରେ ଥିବା ବଶିଷ୍ଠ, ଋଷ୍ୟଶୃଙ୍ଗ ପ୍ରଭୃତି ଋଷିମାନେ ସେହି ହୋମ କୁଣ୍ଡରେ ଆବିର୍ଭୂତ ବିଷ୍ଣୁଙ୍କୁ ଅପଲକ ଦୃଷ୍ଟିରେ ଦେଖି ନମସ୍କାର କଲେ ।

୩୪ଶ ପଦ ଋଷିମାନେ କହିଲେ, "ହେ କରୁଣାକର ଦୟା ସମୁଦ୍ର ! ତୁମ୍ଭେ ପ୍ରକୃତରେ ସମୁଦ୍ର ଅଟ । କାରଣ ସମୁଦ୍ର ଯେଉଁପରି ଶଙ୍ଖ, ଭଉଁରି ବା ଚକ୍ରବାକ ପକ୍ଷୀ ସମୂହ ଏବଂ ଚନ୍ଦ୍ରଙ୍କୁ ଧାରଣ କରି ଶୋଭା ପାଉଛନ୍ତି, ତୁମ୍ଭେ ସେହିପରି ପାଞ୍ଚଜନ୍ୟ ଶଙ୍ଖ, ସୁଦର୍ଶନ ଚକ୍ର, ଗରୁଡ଼, କୌମୋଦକୀ ଗଦା ଏବଂ ପଦ୍ମ ଧାରଣ କରି ଶୋଭା ପାଉଅଛ ।"

୩୫ଶ ପଦ—"ସମୁଦ୍ର ଯେଉଁପରି ଲକ୍ଷ ଲକ୍ଷ ଜଳଚର ଜୀବମାନଙ୍କୁ ଧାରଣ କରିଅଛି, ତୁମ୍ଭେ ସେହିପରି ନିଜ କରରେ ମୀନ, ମକର ପ୍ରଭୃତି ଚିହ୍ନମାନଙ୍କୁ ଧାରଣ କରିଅଛ । ଲୋକମାନେ ମହୋଦଧି ନାମକ ଯୋଗରେ ସମୁଦ୍ରରେ ନିମଗ୍ନ ହେଲା ପରି ବଡ଼ ବଡ଼ ଭକ୍ତମାନଙ୍କର ନୟନ ତୁମ୍ଭ ହୃଦୟରେ ନିମଗ୍ନ ହେଉଅଛି ।"

ବୋଇତଆଳ ଯେ ଦଶରଥ ନୃପତ୍ତ ।
ବାଞ୍ଛି ବ୍ରାରେ କର ତାରେ ରତ୍ନ ପ୍ରାପତ୍ତ । ୩୬ ।
ବଡ଼ବାନଳେ ପକାଅ ରାକ୍ଷସଗଣ ।
ବ୍ୟତକେ ଏଥିରୁ ନାହିଁ ଆନ ମାର୍ଗଣ । ୩୭ ।
ବ୍ୟାକୋଷ କୁସୁମ-ହାସ ମୁଖେ ଧଇଲେ ।
ବୋଲି ଅସ୍ତୁ ଗୃହ ଚରୁରୂପେ ଦଶିଲେ । ୩୮ ।
ବ୍ୟଞ୍ଜଳି କରନ୍ତେ କର ଯେ ଋଷ୍ୟଶୃଙ୍ଗ ।
ବ୍ରହ୍ମରୂପୀ ପରବେଶ ହୋଇଲେ ବେଗ । ୩୯ ।
ବ୍ରାହ୍ମଣଶ୍ରେଷ୍ଠ ତା ରାଜା ହସ୍ତରେ ଦେଲେ ।
ବାଣ୍ଟି ସବ ମହିଷୀରେ ଦଅ ବୋଇଲେ । ୪୦ ।
ବାତ ମଳୟାଦ୍ରିରୁ ଯେ ବହଇ ସେନ ।
ବଂଶକର୍ମେ ନାହିଁ ଯଥା ହେବା ଚନ୍ଦନ । ୪୧ ।

---

୩୮ଶ ପଦ – ବ୍ୟାକୋଷ କୁସୁମ—ପ୍ରସ୍ଫୁଟିତ ପୁଷ୍ପ । ଚରୁ – ପକ୍ୱାନ୍ନ ।

---

୩୬ଶ ଓ ୩୭ଶ ପଦ—"ହେ ପ୍ରଭୋ ! ସମୁଦ୍ରରେ ବୋଇତଆଳମାନେ ବୋଇତ ବାହି ଯେପରି ଇପ୍‌ସିତ ରତ୍ନଲାଭ କରନ୍ତି, ସେହିପରି ଆପଣଙ୍କ ରୂପ ସମୁଦ୍ରରେ ବୋଇତଆଳ ହୋଇଥିବା ଅର୍ଥାତ୍ ଆପଣଙ୍କୁ ପୁତ୍ର ପ୍ରାପ୍ତିର ସ୍ଥାନ ମନେ କରିଥିବା ଦଶରଥଙ୍କୁ ପୁତ୍ରରୂପ ରତ୍ନ ପ୍ରଦାନ କରନ୍ତୁ ଏବଂ ସମୁଦ୍ର ବଡ଼-ବାଗ୍ନିରେ ରାକ୍ଷସମାନଙ୍କୁ ପକାଇଲାପରି ଆପଣ ନିଜର ବଡ଼ବାଗ୍ନି ତୁଲ୍ୟ କ୍ରୋଧରେ ରାକ୍ଷସମାନଙ୍କୁ ପକାନ୍ତୁ । ଏହା ବ୍ୟତୀତ ଆଉ କିଛି ମାଗୁନାହୁଁ ।"

୩୮ଶ ପଦ—ଏହା ଶୁଣି ଭଗବାନ୍ ପ୍ରସ୍ଫୁଟିତ ପୁଷ୍ପ ତୁଲ୍ୟ ମନୋରମ ହାସ ପ୍ରକାଶ କରି, 'ତାହା ହେଉ' କହି ଗୃହଗୋଟି ଚରୁରୂପରେ ଦେଖା ଦେଲେ ।

୩୯ଶ ପଦ—ଏହା ଦେଖି ଋଷ୍ୟଶୃଙ୍ଗ ହାତ ଅଞ୍ଜଳି କରିବାରୁ, ବ୍ରହ୍ମରୂପୀ ଭଗବାନ ତାହାଙ୍କ ହସ୍ତରେ ଶୀଘ୍ର ପ୍ରବେଶ କଲେ ।

୪୦ଶ ପଦ—ତପସ୍ୱୀ ଋଷ୍ୟଶୃଙ୍ଗ ସେହି ପକ୍ୱାନ୍ନ ଦଶରଥଙ୍କୁ ଦେଇ କହିଲେ, "ରାଣୀମାନଙ୍କୁ ବାଣ୍ଟି ଦଅ ।"

ଭୁକ୍ତ ନୋହି ସାତଶତ ସତର୍ବଳକ୍ଷୀ ।
ବାମା ଅଙ୍ଗନ୍ତି କୌଶଲ୍ୟା କୈକେୟୀ ଭଣି । ୪୨ ।
ବିରକ୍ତେ ନୃପତି ଦୁଇଭାଗ ତା କଲେ ।
ବିଦ୍ରଳେ ସେ ଦୁହିଙ୍କର ପାଣିରେ ଦେଲେ । ୪୩ ।
ବିମଳହୃଦୟା ଭଣି କଲ ଅବହେଳା ।
ବେନ ବେନ ଭାଗ ଦେଲେ ସନ୍ତୋଷ ରାଜା । ୪୪ ।
ବିଶ୍ୱଗର୍ଭ ସେ ଅଶନେ ଗର୍ଭରେ ରହି ।
ବରଷେ ସେ ସ୍ୱାତୀଜଳ ଭକ୍ଷଣ କହି । ୪୫ ।
ବହଇ ଉଦରେ ମୋତି ଶୁକ୍ତି ଯେମନ୍ତ ।
ବିଘ୍ନ ନୋହି ଏ କଥାହିଁ ହେଲ ତେମନ୍ତ । ୪୬ ।

---

୪୫ଶ ପଦ—ବିଶ୍ୱଗର୍ଭ—ବିଷ୍ଣୁ । ଅଶନ—ଭକ୍ଷଣ । ବରଷେ—ମେଘ ବରଷିବା ସମୟରେ ।

୪୬ଶ ପଦ – ଶୁକ୍ତି – ଶାମୁକା ।

---

୪୧—୪୩ଶ ପଦ – କୌଶଲ୍ୟା ଓ କୈକେୟୀ ( ରାଜାଙ୍କୁ ଚରୁ ଘେନି ଆସିବାର ଦେଖି ) କହିଲେ, "ତୁମ୍ଭର ସାତସହ ସତର୍ବଳାଣ ରାଣୀ ଭୁକ୍ତ କରି ନାହାନ୍ତି ।" ପବନ ମଳୟ ପର୍ବତରୁ ବହିଲେ ଯେଉଁପରି ବାଉଁଶର ଭାଗ୍ୟରେ ଚନ୍ଦନ ହେବାର ସୁଯୋଗ ଘଟେ ନାହିଁ, ସେହିପରି ଏହି କଥା ଶ୍ରବଣରେ ରାଜା ବିରକ୍ତ ହୋଇ ମଳୟର ଗୁଣ ରୂପୀ ସେହି ଚରୁକୁ ସେ ଦୁହିଁଙ୍କର ହାତରେ ଦେଲେ ।

୪୪ଶର ପଦ – ନିର୍ମଳହୃଦୟା ରାଣୀ ଦୁହେଁ କହିଲେ, "ଆପଣ ଅବିଚାର କଲେ, ( କାରଣ ଆପଣଙ୍କର ସାତସହ ପଞ୍ଚାଶ ରାଣୀଙ୍କ ମଧ୍ୟରୁ ଉପରୋକ୍ତ ସଂଖ୍ୟକ ରାଣୀ ଭୁକ୍ତ କରି ନାହାନ୍ତି ବାକି ତିନିଜଣ ଭୁକ୍ତ କରିଛନ୍ତି ଆପଣ ସେ ତିନିଜଣଙ୍କୁ ସୁଦ୍ଧା ଦେଲେ ନାହିଁ ) ଏହା କହି ଭୁକ୍ତମାଙ୍କୁ ( ସୁମିତ୍ରାଙ୍କୁ ) ଦୁଇଭାଗ ଦେବାରୁ ରାଜା ସନ୍ତୁଷ୍ଟ ହେଲେ ।

୪୫—୪୬ଶ ପଦ—ସ୍ୱାତୀନକ୍ଷତ୍ରରେ ମେଘ ବରଷିଲେ ସେହି ଜଳକୁ ଭକ୍ଷଣ କରି ଶାମୁକା ମୁକ୍ତାକୁ ଗର୍ଭରେ ଧାରଣ କରେ; ସେହିପରି ରାଣୀମାନେ ଚରୁ ଭକ୍ଷଣ କରି ବ୍ରହ୍ମାଣ୍ଡ ଯାହାଙ୍କ ଗର୍ଭରେ ରହିଅଛି, ସେହି ବିଷ୍ଣୁଙ୍କୁ ଗର୍ଭରେ ଧାରଣ କଲେ ।

ବୈଶ୍ରବଣକ କାନ୍ତା ସେନ ସ୍ୱବନେ ଗତ ।
ବାସରକୁ ବାସର ରାଣୀଏ ଅଶକ୍ତ । ୪୭ ।
ବର୍ଦ୍ଧିତ ଲତିକା ମେରୁ ଏଥି ଉଗ୍ରରୁ ।
ବଚିତ୍ର ନୋହିଲା ଅଶକତ ହେବାରୁ । ୪୮ ।
ବର୍ଣ୍ଣି ସୁବର୍ଣ୍ଣ ଦୋହଦ ରୂପ୍ୟରେ କଣି ।
ବକ୍ଷୋଜ ଦନ୍ତସମ୍ପୁଟେ ରଖଣ ମଣି । ୪୯ ।
ବୃଦ୍ଧିହେବା କଟୀ ପୃଥୁ ଅଧିକ ନୋହି ।
ବଧିପୂର୍ବେ ସିଂହ ଲକ୍ଷ ଗ୍ରାସିଛି ଯେହି । ୫୦ ।
ବକାଣ୍ଡି ମଧୁରସରେ ଉଦରପଥ ।
ବମନ ହେବା ଚଞ୍ଚ କି ଆନ ପଦାର୍ଥ । ୫୧ ।

୪୭ଶ ପଦ - ବିଭାଣ୍ଡକ—ଋଷ୍ୟଶୃଙ୍ଗ । ବାସରକୁ ବାସର—ଦିନକୁଦିନ ।

୪୯ଶତ୍ର ପଦ—ଦୋହଦ—ଗର୍ଭ । ବକ୍ଷୋଜ—ସ୍ତନ । ଦନ୍ତସମ୍ପୁଟ—ହାତୀଦନ୍ତ ତିଆରି ଫରୁଆ ।

୫୧ଶତ୍ର ପଦ—ମଧୁରସରେ—ମିଠାରସରେ, ନାରାୟଣଙ୍କ ମାଧୁର୍ଯ୍ୟରେ । ଉଦରପଥ—କଣ୍ଠଦେଶ ।

୪୭ଶ ପଦ—ଅନନ୍ତର ଋଷ୍ୟଶୃଙ୍ଗ ପ୍ରିୟା ଶାନ୍ତାଙ୍କୁ ନେଇ ସ୍ୱୀୟ ତପୋବନକୁ ଗମନ କଲେ ଏବଂ ରାଣୀମାନେ ଗର୍ଭ ଭାରରେ ଦିନକୁ ଦିନ ଅଶକ୍ତ ହେଲେ ।

୪୮ଶତ୍ର ପଦ—ଲତା ତୁଲ୍ୟ ସୁକୁମାରୀ ରାଣୀମାନେ ମେରୁ ପର୍ବତ ତୁଲ୍ୟ ଉନ୍ନତଗର୍ଭ ଧାରଣ କରି ଅଶକ୍ତ ହେବା ବିଚିତ୍ର ନୁହେ ।

୪୯ଶତ୍ର ପଦ—ଗର୍ଭ ରାଣୀମାନଙ୍କର ସୁବର୍ଣ୍ଣ ତୁଲ୍ୟ ଦେହର କାନ୍ତିକୁ ରୁପା ମୂଲ୍ୟରେ କିଣି ସ୍ତନ ରୂପ ହାତୀଦନ୍ତ ଫରୁଆରେ ରଖିଛି କି ? ( ଏହିପରି ଦର୍ଶକର ମନେ ହୁଏ । ଗର୍ଭ ଲକ୍ଷଣ ପ୍ରକାଶ ହେଲେ ଗର୍ଭିଣୀର ଶରୀରର କାନ୍ତି ପାଣ୍ଡୁବର୍ଣ୍ଣ ହୁଏ । ସ୍ତନ ଅଧିକ ଶୋଭା ଧାରଣ କରେ, ଏଣୁ ଏପରି ଉତ୍ପ୍ରେକ୍ଷା ହେଲା ) ।

୫୦ଶତ୍ର ପଦ—ସେମାନଙ୍କ କଟିଦେଶ ବେଶି ଉନ୍ନତ ହେଲା, ଏହା କହିବା ଅଧିକ ବିଚିତ୍ର ନୁହେ । କାରଣ ଏଥିପୂର୍ବରୁ ଏହି କଟି ସିଂହକଟିକୁ ଗ୍ରାସ କରିଥିଲା (ଜିଣିଥିଲା) । ଯେ ଯାହାକୁ ଗ୍ରାସ କରେ, ସେ ତାଠାରୁ ନିଶ୍ଚୟ ପୃଥୁଳ ଅଟେ ।

୫୧ଶତ୍ର ପଦ—ରାଣୀମାନଙ୍କର କଣ୍ଠ ପ୍ରଦେଶ ମିଠା ରସରେ ଏବଂ 'ମଧୁର ରସ' ନାରାୟଣ ମାଧୁର୍ଯ୍ୟରେ ପୂର୍ଣ୍ଣ ହେବାରୁ ଅନ୍ୟ କଟୁ, ତିକ୍ତ ପ୍ରଭୃତି

ବସନ୍ତ ମଧୁ ମାସରେ ନବମୀ ଖ୍ୟାତ ।
ବିପତ୍ତିଧ୍ୱଜ ବହିଲେ ଚତୁର୍ଦ୍ଧାମୂର୍ତ୍ତି । ୫୨ ।
ବ୍ୟୁତ୍ପତ୍ତି ଏ କୌଶଲ୍ୟା କୈକେୟୀ ସୁମିତ୍ରା ।
ବାସବଦିଗଦ୍ରି ତନଶୃଙ୍ଗ ଶୋଭିତା । ୫୩ ।
ବିଧୁ ଗୁରୁ ଭାର୍ଗବ ଅଙ୍ଗିର ଉଦିତ ।
ବିନାଶ୍ୟତ ଧାତ୍ରୀ ରାତ୍ରି ନିବିଡ଼ ଧ୍ୱାନ୍ତ । ୫୪ ।
ବଧାଇ ଲଭିଲେ ନୃପେ ନାଶ୍ୱଏ କହି ।
ବାର୍ତ୍ତାବହେ ରାଜ୍ୟାନ୍ତରେ ଗମିଲେ ତହିଁ । ୫୫ ।
ବାରତା କହି ସାମନ୍ତ ପାବେ ଭଣିତ ।
ବେତ୍ରକେ କଟକ କୁଣ୍ଡଳରେ ମଣ୍ଡିତ । ୫୬ ।

---

୫୨ଶର ପଦ—ମଧୁମାସ—ଚୈତ୍ରମାସ । ବିପତ୍ତିଧ୍ୱଜ—ଗରୁଡ଼ାସନ (ବିଷ୍ଣୁ) । ଚତୁର୍ଦ୍ଧାମୂର୍ତ୍ତି—ଚତୁଃପ୍ରକାର ଦେହ ।
୫୩ଶର ପଦ—ବାସବଦିଗଦ୍ରି—ଉଦୟ ପର୍ବତ ।
୫୪ଶର ପଦ—ବିଧୁ—ଚନ୍ଦ୍ର । ଗୁରୁ—ବୃହସ୍ପତି । ଭାର୍ଗବ ଶୁକ୍ର । ଅଙ୍ଗିର—ମଙ୍ଗଳ । ଧାତ୍ରୀ ରାତ୍ରି - ପୃଥିବୀରୂପା ରାତ୍ରି । ଧ୍ୱାନ୍ତ—ଅନ୍ଧକାର, ଚିନ୍ତା ।
୫୫ଶର ପଦ - ବଧାଇ—ପୁରସ୍କାର । କାର୍ତ୍ତାବହ—ଦୂତ ।
୫୬ଶର ପଦ - ବେତ୍ରକ—କଞ୍ଚୁକୀ । କଟକ—ବାଲି ।

---

ଭସ୍ମ ଭକ୍ଷଣ କରନ୍ତେ ଶାନ୍ତ ହେଲା । ଏଥିରେ ଆଶ୍ଚର୍ଯ୍ୟ କଣ ? (ଅଲୁଅ ସେମାନଙ୍କୁ ଆକ୍ରମଣ କଲା ଏହାହିଁ ଫଳିତାର୍ଥ ) ।

୫୨ ର ପଦ—ବସନ୍ତ ଋତୁରେ ଚୈତ୍ରମାସର ଶୁକ୍ଳ ନବମୀ ପ୍ରସିଦ୍ଧ ଅଟେ । ସେହିଦିନ ବିଷ୍ଣୁ ଚାରିଗୋଟି ଦେହ ଧାରଣ କଲେ ।

୫୩ଶର ପଦ—ଏହି ସମୟରେ କୌଶଲ୍ୟା ଆଦି ତିନିରାଣୀ ଉଦୟାଚଳର ତିନିଗୋଟି ଶୃଙ୍ଗପରି ଦେଖାଗଲେ ।

୫୪ଶର ପଦ—ଯେପରି ଚନ୍ଦ୍ର, ବୃହସ୍ପତି, ଶୁକ୍ର, ମଙ୍ଗଳ ଉଦୟ ହୋଇ ରାତ୍ରିର ଗାଢ଼ ଅନ୍ଧକାରକୁ ନାଶ କରନ୍ତି, ସେହିପରି ରାଣୀମାନଙ୍କ ଗର୍ଭରୁ ଚାରିଗୋଟି ପୁତ୍ର ଜନ୍ମ ହୋଇ ପୃଥିବୀର ଗାଢ଼ ଚିନ୍ତାକୁ ନାଶ କଲେ ।

୫୫ଶର ପଦ— ଅନ୍ତଃପୁରରେ ଥିବା ସ୍ତ୍ରୀମାନେ ରାଜାଙ୍କୁ ଏହି କଥା କହି ପୁରସ୍କାର ପାଇଲେ ଏବଂ ଦୂତମାନେ ଏହି ବାର୍ତ୍ତା ନେଇ ଅନ୍ୟାନ୍ୟ ରାଜ୍ୟକୁ ଗଲେ ।

୫୬ଶର ପଦ—କଞ୍ଚୁକୀମାନେ ସାମନ୍ତ ଓ ମନ୍ତ୍ରୀମାନଙ୍କୁ ଏହି କଥା ଜଣାଇ ବାଲି ଓ କୁଣ୍ଡଳ ପ୍ରଭୃତି ଅଳଙ୍କାର ପିନ୍ଧିଲେ ।

ବାଟ ହାଟ ଜୁରି ତୁରି ବାଜେ ଅସଂଖ୍ୟ ।
ବିଦୂଷକ କାତ୍ୟାୟନୀ ହୃଷ୍ଟ ଅଲେଖ । ୫୭ ।
ବୃନ୍ଦ ବୃନ୍ଦ ହୋଇ ତହିଁ ଜନନୀମାନେ ।
ବସୁଧାପତି ଦେଖିଲେ ସୂନୁ ସୁମନେ । ୫୮ ।
ବନଜନାଭ ପଦକୁ ସାର୍ଥ କରଇ ।
ବିଲମ୍ବିତ ନାଡ଼ି ନାଭିମଣ୍ଡଳେ ଶୋହି । ୫୯ ।
ବିଚ୍ଛେଦନ କଲେ ନାଭି ହୃଦୟହୃଦେ ।
ବିଗ୍ରହ ସୁବାସ ଯେଣୁ କସ୍ତୁରୀ ବନ୍ଦେ । ୬୦ ।

---

୫୭ଶତ୍ ପଦ - ବିଦୂଷକ—ହାସ୍ୟକାରୀ । କାତ୍ୟାୟନୀ—ଅର୍ଦ୍ଧବୃଦ୍ଧା ବିଧବା ସ୍ତ୍ରୀ ।

୫୮ଶତ ପଦ—ସୂନୁ—ପୁତ୍ର ।

୫୯ଶତ୍ ପଦ – ବନଜନାଭ – ପଦ୍ମନାଭ (ବିଷ୍ଣୁ) ।

୬୦ତମ ପଦ—ବିଗ୍ରହ—ଦେହ ।

---

୫୭ଶତ୍ ପଦ—ଏହି ଉତ୍ସବରେ ବାଟ, ହାଟ ସବୁ ଲୁଟି ହେଲା, ତୁରୀ ପ୍ରଭୃତି ଅସଂଖ୍ୟ ବାଦ୍ୟ ବାଜିଲା, ହାସ୍ୟକାରୀ ଓ ବିଧବା ସ୍ତ୍ରୀମାନେ ଆନନ୍ଦିତ ହେଲେ ।

୫୮ଶତ୍ ପଦ—ଯେତେବେଳେ ଦଳ ଦଳ ହୋଇ ଅନ୍ୟ ରାଣୀମାନେ ସୂତିକା ଘରେ ରୁଣ୍ଡ ହେଲେ, ସେହି ସମୟରେ ରାଜା ସୂତିକା ଘରେ ଉପସ୍ଥିତ ହୋଇ ଆନନ୍ଦ ମନରେ ପୁତ୍ରଙ୍କୁ ଦେଖିଲେ ।

୫୯ତମ ପଦ—ଦଶରଥ ପୁତ୍ରର ନାଭିରୁ ଲମ୍ବିଥିବା ନାଡ଼ିକୁ ଦେଖି, ବିଷ୍ଣୁଙ୍କର ପଦ୍ମନାଭ ନାମକୁ ସାର୍ଥକ ମନେ କଲେ । (ଅର୍ଥାତ୍ ରାମଙ୍କର ନାଭି ବିଲମ୍ବିତ ନାଡ଼ି ମୃଣାଳଯୁକ୍ତ ପଦ୍ମ ପରି ଦେଖାଯାଉଥିଲା) ।

୬୦ତମ ପଦ—ଏହି ସମୟରେ ପୁତ୍ରମାନଙ୍କର ନାଡ଼ି ଛେଦନ କରିବାରୁ ସେମାନଙ୍କ ଦେହରୁ କସ୍ତୁରୀର ଗନ୍ଧ ବାହାରିଲା । ତେଣୁ ମନେହେଲା ପୁତ୍ରମାନଙ୍କର ଦେହ ସୌରଭ କସ୍ତୁରୀର ବନ୍ଦନୀୟ (କସ୍ତୁରୀଠାରୁ ଉତ୍କୃଷ୍ଟ) ହୋଇଥିବାରୁ ଦାସୀମାନେ ମୃଗନାଭି ଭ୍ରମରେ ଛେଦନ କଲେ କି ?

ବ୍ୟକତ ସୂତିକା ଗୃହ କାରୁଣ୍ୟମୟ ।
ବିସ୍ତୀର୍ଣ୍ଣ ଅନନ୍ତ ଶୋଭା ଶଯ୍ୟା ନିଶ୍ଚୟ । ୭୧ ।
ଘାତ ଚନ୍ଦ୍ରାତପ କୁଞ୍ଜାବାସ ରଚଇ ।
ବିବେକୀ ଶୁଆଇ ସଦା ନିଦ୍ରା ଛଡ଼ାଇ । ୭୨ ।
ବ୍ରୀହି ଆଦି ପଞ୍ଚଖାଜ ପଞ୍ଚୁଆଣ୍ଠ ଯେ ।
ବ୍ୟାନ ସହ ପଞ୍ଚବାୟୁ ତୋଷକ ସେ ଯେ । ୭୩ ।
ବନଜନ୍ମା ଲକ୍ଷ୍ୟ ନାରୀ ଷଷ୍ଠୀଧରଙ୍କୁ ।
ବରାଟକେ ମଣ୍ଡି କଲେ ମନୋହରଙ୍କୁ । ୭୪ ।
ବିଯୋଗ ନିଦ୍ରାରେ କାମମଧୁରେ ବାଦ ।
ବିରଚି ଏ ପାଞ୍ଚ ଉଠିଆରି ସମ୍ପାଦ । ୭୫ ।

---

୭୧ତମ ପଦ—କାରୁଣ୍ୟମୟ—କ୍ଷୀର ସମୁଦ୍ର । ଅନନ୍ତ ଶେଷଦେବ ।

୭୨ତମ ପଦ - ଘାତ - ଲହରୀ । ଚନ୍ଦ୍ରାତପ—ଚାନ୍ଦୁଆ । ବିବେକୀ—ଚତୁରୀ, ସରସ୍ୱତୀ ।

୭୪ତମ ପଦ—ବନଜନ୍ମା—ପଦ୍ମିନୀ । ବରାଟକ—କଉଡ଼ି ।

୭୫ତମ ପଦ - କାମ - ଇଚ୍ଛା, କନ୍ଦର୍ପ । ମଧୁର - ମଧୁରାକ୍ଷସ, ବସନ୍ତକାଳ ।

---

୭୧ତମ ପଦ - ସୂତିକାଗୃହ କ୍ଷୀରସମୁଦ୍ର ପରି ଓ ସେହି ଗୃହରେ ବିଛାଇ ଦିଆଯାଇଥିବା ଶଯ୍ୟା ବିଷ୍ଣୁଙ୍କର ଅନନ୍ତ ଶଯ୍ୟାପରି ଦେଖାଯାଉଥିଲା ।

୭୨ ତମ ପଦ - ସେହି ସୂତିକା ଗୃହରେ ବନ୍ଧା ଯାଇଥିବା ଚାନ୍ଦୁଆର 'କୁଞ୍ଜାବାସ' ଝାଲରସବୁ କ୍ଷୀର ସମୁଦ୍ରର ଲହରୀପରି ଏବଂ କୁମାରଙ୍କର ପ୍ରବୋଧକାରିଣୀ ଚତୁରୀ ଦାସୀ ବିଷ୍ଣୁଙ୍କର ପ୍ରବୋଧକାରିଣୀ ସରସ୍ୱତୀଙ୍କ ପରି ଦେଖା ଯାଉଥିଲେ ।

୭୩ତମ ପଦ—ପଞ୍ଚୁଆଣ୍ଠି ଦିନ ବରି ପ୍ରସ୍ତୁତ ପଞ୍ଚଶସ୍ୟ ମିଶ୍ରିତ ଗୁଡ଼ଜଳ ଭକ୍ଷଣକାରୀମାନଙ୍କର ପଞ୍ଚପ୍ରାଣକୁ ସନ୍ତୋଷ କଲା ।

୭୪ତମ ପଦ—ଷଷ୍ଠଦିନ ଲକ୍ଷେ ପଦ୍ମିନୀ ସ୍ତ୍ରୀ ବହୁସଂଖ୍ୟକ କଉଡ଼ିରେ ଷଷ୍ଠୀଧରଙ୍କୁ ମଣ୍ଡନ କଲେ ।

୭୫ତମ ପଦ - ଭଗବାନ ଯୋଗନିଦ୍ରାରେ ଅଭିଭୂତ ଥିବାବେଳେ ଯେପରି ମଧୁଦୈତ୍ୟ ସହ ବିବାଦ କରିବା ଇଚ୍ଛା ପୋଷଣ କରି ଉଠିଥିଲେ, ସେହିପରି ଏହି ପୁତ୍ରମାନେ ସୁନ୍ଦରତାରେ କନ୍ଦର୍ପ ଓ ବସନ୍ତକାଳ ସହ ବିବାଦ କରିବା ପାଇଁ ସପ୍ତମ ଦିବସରେ ଉଠିଆରି କାର୍ଯ୍ୟ ସମ୍ପାଦନ କଲେ କି ?

ବଂଶ ଏକବଦନେ ଦୋଳଶୟନ କରି ।
ବଟପତ୍ର ସୁପ୍ତ ବାଳ ମୁକୁନ୍ଦ ପରି । ୬୬ ।
ବଢ଼ାନ୍ତେ ସେ ଦଶରଥ ଶୃଙ୍ଗନେ କର
ବାହୁଊର୍ଦ୍ଧ୍ୱେ ମାର୍କଣ୍ଡେୟ ଥିବା ପ୍ରକାର । ୬୭ ।
ବ୍ରହ୍ମଋଷି ନାମ ବହି ଶ୍ରୀରାମ ରାମ ।
ବୋଲେ ଚନ୍ଦ୍ର ଭଦ୍ର ହେଉ ଏ ପଛେ ରମ୍ୟ । ୬୮ ।
ବଂଶେ ରଘୁ ରାଘବ ଏ ସେ ନାଥ ଭଣି ।
ବୋଲାଇବେ ରାବଣାରି ରାଜେନ୍ଦ୍ର ପୁଣି । ୬୯ ।
ବସ୍ତା ଦଶରଥ ରାଜା ଯେଣୁ ସ୍ୱଭାବେ ।
ବହନ୍ତୁ ଏ ଦାଶରଥି ନାମକୁ ଏବେ । ୭୦ ।
ବହିଲେ ଭରତ ନାମ କୈକେୟୀ ସୁତେ ।
ବୋଇଲେ ସଦା ବର୍ତ୍ତିବ ଏ ଶୁଭ ରତେ । ୭୧ ।
ବେନି ସୁତ ସୁମିତ୍ରାର ଦେଖି ହରଷ ।
ବିଚକ୍ଷଣ ଲକ୍ଷଣମାନଙ୍କେ ପ୍ରକାଶ । ୭୨ ।

---

୬୬ତମ ପଦ—ବିଷ୍ଣୁ ବଟପତ୍ରରେ ଶୋଇଲାପରି, ଏମାନେ ଏକୋଇଶ ଦିନ ଦୋଳରେ ଶୋଇଲେ ।

୬୭ତମ ପଦ – ଦଶରଥ ଯେତେ ଦୋଳି ଦୋହଲାଇବା ପାଇଁ ହାତ ବଢ଼ାନ୍ତେ ଊର୍ଦ୍ଧ୍ୱବାହୁ ମାର୍କଣ୍ଡଙ୍କ ପରି ଦେଖାଗଲେ ।

୬୮ତମ ପଦ—ବ୍ରହ୍ମର୍ଷି ବଶିଷ୍ଠ ଜ୍ୟେଷ୍ଠ ପୁତ୍ରଙ୍କର ନାମ ଶ୍ରୀରାମ ଓ ରାମ ଦେଇ କହିଲେ, "ଏହି ନାମ ପଛରେ ଚନ୍ଦ୍ର ଓ ଭଦ୍ର ଶବ୍ଦ ଯୁକ୍ତ ହୋଇ ରମଣୀୟ ହେଉ ଅର୍ଥାତ୍ ଶ୍ରୀ ରାମଚନ୍ଦ୍ର, ଶ୍ରୀ ରାମଭଦ୍ର, ରାମଚନ୍ଦ୍ର, ରାମଭଦ୍ର ହେଉ ଆଉ ମଧ୍ୟ ରଘୁବଂଶରେ ଜନ୍ମ ହୋଇଥିବାରୁ ଏହାଙ୍କର ନାମ ରଘୁନାଥ, ରାଘବ ହେବ । ପରେ ରାବଣକୁ ମାରି ରାବଣାରି ଏବଂ ରାଜା ହୋଇ ରାଜେନ୍ଦ୍ର ନାମ ଧାରଣ କରିବେ ।"

୭୦ତମ ପଦ—"ଆଉ ମଧ୍ୟ ଦଶରଥ ଏହାଙ୍କର ପିତା ହୋଇଥିବାରୁ ଏ ଦାଶରଥି ନାମକୁ ଧାରଣ କରନ୍ତୁ ।"

୭୧ତମ ପଦ—କୈକେୟୀପୁତ୍ରଙ୍କୁ ଦେଖି କହିଲେ, "ଏ ସଦା ଶୁଭ କାର୍ଯ୍ୟରେ ରତ ହୋଇ ଜୀବନ ଯାତ୍ରା ନିର୍ବାହ କରିବ; ଏଣୁ ଏହାର ନାମ ଭରତ ହେଉ ।"

ବହୁ ଲକ୍ଷ୍ମଣ ନାମକୁ ଅଗ୍ରଜ ସୁତ ।
ବୋଲବାର କୁମାର ଏହାକୁ ଉଚିତ । ୭୩ ।
ବଡ ଶକ୍ତିମନ୍ତ ନ ଗଣିବ ଆନରେ ।
ବୃଦ୍ଧି ହେବ ମେଘନାଦ ତୋଷ ଦାନରେ । ୭୪ ।
ବିଶିଷ୍ଟ ଯେଣୁ ଶତ୍ରୁଘ୍ନ ହେବ ସହଜେ ।
ବିଦିତ ଏଣୁ ଶତ୍ରୁଘ୍ନ ନାମ ଅନୁଜେ । ୭୫ ।
ବିଧାନ ସୁମିତ୍ରାସୁତା ଦୁହେଁ ସୌମିତ୍ରୀ ।
ବୋଲନ୍ତୁ ବୋଲି ବିଗତ ତହୁଁ ସେ ଯତ୍ରୀ । ୭୬ ।
ବଢ଼ି ସୁତେ ଦିନୁ ଦିନୁ ପ୍ରଭା ଉଦୟେ ।
ବଳକ୍ଷପକ୍ଷରେ କଳାକର ପର୍ଯ୍ୟୟେ । ୭୭ ।

---

୭୪ତମ ପଦ—ମେଘନାଦ – ମୟୂର, ଇନ୍ଦ୍ରଜିତ । ଦାନ— ଦେବା, ଛେଦନ କରିବା ।

୭୭ତମ ପଦ—ବଳକ୍ଷପକ୍ଷ – ଶୁକ୍ଳପକ୍ଷ ।

---

୭୨—୭୪ତମ ପଦ—ବଶିଷ୍ଠ ସୁମିତ୍ରାଙ୍କର ପୁତ୍ର ଦୁହିଙ୍କୁ ଦେଖି କହିଲେ, "ଏ ଦୁହିଙ୍କ ମଧ୍ୟରୁ ଜ୍ୟେଷ୍ଠଠାରେ ସ୍ପଷ୍ଟ ଭାବରେ ସୁଲକ୍ଷଣମାନ ଦେଖା ଯାଉ ଥିବାରୁ ସେ ଲକ୍ଷ୍ମଣ ନାମରେ ଅଭିହିତ ହେଉ, ଆଉ ମଧ ତାହାର ନାମ କୁମାର ହେବା ଉଚିତ । କାରଣ କୁମାର (କାର୍ତ୍ତିକେୟ) ଯେପରି ଶକ୍ତି ଧାରଣ କରି ଅନ୍ୟ ଶକ୍ତିଶାଳୀ ତ୍ରିଭୁବନ ବିଜୟୀ ତାରକ ପ୍ରଭୃତିଙ୍କୁ ଗଣନା କରି ନଥିଲେ, ଏ ସେହିପରି ଶକ୍ତି ଧାରଣ କରି ଅନ୍ୟ ବୀରମାନଙ୍କୁ ଗଣନା କରିବେ ନାହିଁ ଏବଂ କାର୍ତ୍ତିକେୟ ଯେପରି ମୟୂରକୁ ସନ୍ତୋଷ ଦାନ କରିବାରେ ବ୍ରତୀ ଅଟନ୍ତି, ଏ ସେହିପରି 'ମୟୂର' ଇନ୍ଦ୍ରଜିତକୁ ତୋଷ ଦାନ କରିବେ ଅର୍ଥାତ୍ ତାହାର ଶିର ଛେଦନ କରି ଚିରକାଳକୁ ଶାନ୍ତ କରି ଦେବେ ।"

୭୫ତମ ପଦ—ଲକ୍ଷ୍ମଣଙ୍କର ସାନ ଭାଇଙ୍କୁ "ଏ ଅତି ସହଜ ଉପାୟରେ ବହୁ ଶତ୍ରୁଙ୍କୁ ନାଶ କରି ଖ୍ୟାତିଲାଭ କରିବେ"—ଏହା କହି ଶତ୍ରୁଘ୍ନ ନାମ ଦେଲେ ।

୭୬ତମ ପଦ—"ଏ ଦୁହେଁ ସୁମିତ୍ରାଙ୍କଠାରୁ ଜନ୍ମ, ଏଣୁ ସୌମିତ୍ରୀ ନାମ ଧାରଣ କରନ୍ତୁ"—ଏହା କହି ଋଷି ସେଠାରୁ ପ୍ରସ୍ଥାନ କଲେ ।

୭୭ତମ ପଦ—ପୁତ୍ରମାନେ ଶୁକ୍ଳପକ୍ଷ ଚନ୍ଦ୍ର ପରି ଦିନକୁ ଦିନ ତେଜଶାଳୀ ହୋଇ ବଢ଼ିବାକୁ ଲାଗିଲେ ।

ବାଡ଼ ଧରି ଉଣ୍ଡା ଶୋଭା କେବା କହିବ !
ବଡ଼ କବି ଯହିଁ ଜଡ଼ ହୋଇ ରହିବ । ୭୮ ।
ବହାର ଉଚଲେ କ୍ରମେ କ୍ରମେ ଚଉରେ ।
ବ୍ୟଗ୍ରଗତି ଶିଶୁ ସଙ୍ଗେ ରଙ୍ଗେ ସଉଚରେ । ୭୯ ।
ବାଲ୍ୟେ ଜଗତ୍ତ୍ରି ନୋହେ ବସୋର ।
ବାଲୁକାରେ ସର୍ଜନା ସେ ସେହି ପ୍ରକାର । ୮୦ ।
ବ୍ରତବିଧାନ ସମସ୍ତ ତହିଁ ହୋଇଲା ।
ବନ୍ଦୀକାରେ ନରନାରାୟଣ ସେ ଲୀଳା । ୮୧ ।
ବରହୀ ସ୍ବତ ସୃଷ୍ଟିରେ ଶିଖଣ୍ଡ ଧରେ ।
ବହାରେଲେ ନଗର ଭ୍ରମଣ ଇଚ୍ଛରେ । ୮୨ ।

---

୮୦ତମ ପଦ—ଜଗତ୍ତ୍ରି ରଚନା—ସୃଷ୍ଟି ରଚନା ।

୮୨ତମ ପଦ ବରହୀ – ମୟୂର । ସ୍ବତଃ – ବିଧାତା ଦତ୍ତ । ସୃଷ୍ଟିରେ — ସଂସାରରେ । ଶିଖଣ୍ଡ—ଚୂଳ, ଶିଖା (ଚୁଟି) । ନଗର—ପର୍ବତର, ବୃକ୍ଷର, ସହର । ଅନ୍ୟାର୍ଥରେ – ବର ଶ୍ରେଷ୍ଠ । ହୀଁ ନିର୍ମ୍ମିତ । ସ୍ବତଃ ପ୍ରକୃତରେ ।

---

୭୮ତମ ପଦ—ପୁତ୍ରମାନେ କାନ୍ଥ ବାଡ଼ ଧରି ଠିଆ ହେବା ସମୟର ଶୋଭା କିଏ ବର୍ଣ୍ଣନା କରିବ ? ବଡ଼ କବିମାନେ ଅଥବା 'ବଡ଼ କବି' ବ୍ରହ୍ମା ସୁଦ୍ଧା ଏହା ବର୍ଣ୍ଣି ନ ପାରି ମୂକ ହୋଇ ରହିବେ ।

୭୯ତମ ପଦ—ପୁତ୍ରମାନେ କ୍ରମେ କ୍ରମେ ଅନ୍ୟ ଶିଶୁମାନଙ୍କ ସଙ୍ଗ 'ଚଉରେ ଅଗଣାରେ ଗୋଡ଼ଆ ହୋଇ ଖେଳିବାକୁ ଲାଗିଲେ ।

୮୦ତମ ପଦ ଭଗବାନ ବର୍ତ୍ତମାନ ରାମରୂପ ଧାରଣ କରି ବାଳକ ହୋଇଥିଲେ ସୁଦ୍ଧା ସ୍ରଷ୍ଟା ରୂପରେ ପୂର୍ବେ କରିଥିବା ସୃଷ୍ଟିର ରଚନା କୌଶଳ ଭୁଲି ନ ଥିଲେ । ଯାହା କି ସେ ସେହିପରି ବାଲିରେ ନାନା ପ୍ରକାର ରଚନା କରିବାକୁ ଲାଗିଲେ ।

୮୧ତମ ପଦ—ବନ୍ଦୀକାଶ୍ରମରେ ଯେପରି ନର ନାରାୟଣଙ୍କର ଲୀଳା ହୋଇଥିଲା, ସେହିପରି ଉପନୟନ ସମସ୍ତ ଉପସ୍ଥିତ ହେବାରୁ ଅଯୋଧ୍ୟାରେ ଲୀଳା ହେଲା ।

୮୨ତମ ପଦ—ଏହି ସଂସାରସ୍ଥ ପ୍ରାଣୀମାନଙ୍କ ମଧ୍ୟରୁ ମୟୂର ଯେପରି ବିଧାତା ଦତ୍ତ ଚୂଳ ଧାରଣ କରି ପର୍ବତ, ବୃକ୍ଷମାନଙ୍କରେ ନିଜ ଇଚ୍ଛାନୁସାରେ ବୁଲେ, ସେହିପରି ଏହି ସଂସାରରେ ସମସ୍ତଙ୍କଠାରୁ ବାସ୍ତବିକ୍ ଉତ୍କୃଷ୍ଟ ଅଟନ୍ତି ଯେଉଁ ସ୍ରଷ୍ଟା, ସେ ଶିଖା (କେଶଗୁଚ୍ଛ) ଧାରଣ କରି ଇଚ୍ଛାନୁସାରେ ନଗରରେ ବୁଲିବାକୁ ଲାଗିଲେ (ଉପନୟନ ପରେ ଶିଖା ଧାରଣ କ୍ଷତ୍ରିୟଙ୍କର କୁଳାଚାର) ।

ବାଳକିଶୋର ଭାବକୁ ପ୍ରକାଶ ଯହିଁ ।
ବାଜିଗ୍ରୀବ ହୋଇଥିଲେ ପୂର୍ବରେ ଯେହି । ୮୩ ।
ବୃଷ ଧନୁ ଯୁକ୍ତ ରାମଚନ୍ଦ୍ର ସହଜେ ।
ବନ୍ଦାରୁ ସେ ଶ୍ରୁତିରୂପ ବିଦ୍ୟାଧର ଯେ । ୮୪ ।
ବିନୟୀ ଦାସ ପ୍ରକାରେ ଶାରଦା ଯାର ।
ବିଣା କେଉଁ ବିଦ୍ୟାଆଦି ସୁମୂର୍ତ୍ତି ସାର । ୮୫ ।
ବିଭ୍ରାଣରୁ ଦୁକୂଳ ମନକୁ ଆଣିଲ ।
ବଡ଼ ସ୍ନେହ ପୀତାମ୍ବର ନାମେ ଜାଣିଲ । ୮୬ ।

---

୮୩ତମ ପଦ - ବାଜିଗ୍ରୀବ—ହୟଗ୍ରୀବ ।

୮୪ତମ ପଦ—ବୃଷ - ବୃଷରାଶି, ଶ୍ରେଷ୍ଠ । ଧନୁଯୁକ୍ତ—ଧନୁରାଶିଯୁକ୍ତ, ଧନୁର୍ଦ୍ଧାରୀ । ରାମଚନ୍ଦ୍ର—ମନୋହର ଚନ୍ଦ୍ର । ଶ୍ରୁତି - ବେଦ । ବନ୍ଦାରୁ ବନ୍ଦନୀୟ । ବିଦ୍ୟାଧର—ଦେବତା ବିଶେଷ, ବିଦ୍ୟାଭ୍ୟାସୀ ।

୮୫ତମ ପଦ—ଶାରଦା—ସରସ୍ୱତୀ । ସୁମୂର୍ତ୍ତିସାର—ସୁମୂର୍ତ୍ତିଶ୍ରେଷ୍ଠ ।

---

୮୩ତମ ପଦ—ଯେଉଁ ବିଷ୍ଣୁ ପୂର୍ବେ ହୟଗ୍ରୀବ ରୂପକୁ ଧାରଣ କରିଥିଲେ, ସେହି ବିଷ୍ଣୁ ବାଲ୍ୟପରେ କିଶୋର ଅବସ୍ଥାକୁ ପ୍ରକାଶ କଲେ । (ଅର୍ଥାତ୍ ସେ ଇଚ୍ଛାନୁସାରେ ନାନାରୂପ ଧାରଣ କରି ପାରନ୍ତି, ସେ ରାମ ରୂପ ଧାରଣ କରି ବାଲ୍ୟାବସ୍ଥାରୁ କିଶୋର ଅବସ୍ଥାକୁ ପ୍ରାପ୍ତ ହେଲେ ) ।

୮୪ତମ ପଦ—ମନୋହର ଚନ୍ଦ୍ର ଯେଉଁପରି ବୃଷ ରାଶି କିମ୍ବା ଧନୁରାଶିସହ ଅନାୟାସରେ ଯୁକ୍ତ ହୁଅନ୍ତି, ସେହିପରି ସର୍ବଜନବନ୍ଦନୀୟ ରାମ ଅନାୟାସରେ ଅତି ଉତ୍କୃଷ୍ଟ ଧନୁ ଧାରଣ କରି, ( ଧନୁର୍ବିଦ୍ୟା ଶେଷ କରି ) ବେଦ ବିଦ୍ୟାକୁ ଧାରଣ କଲେ ଅର୍ଥାତ୍ ବେଦ ପଢ଼ା ଆରମ୍ଭ କଲେ ।

୮୫ତମ ପଦ—ସରସ୍ୱତୀ ବିନୀତା ଦାସୀ ପରି ସବୁବେଳେ ଯାହାଙ୍କ ନିକଟରେ ରହିଅଛନ୍ତି, ସେ ମନୁ ପ୍ରଭୃତି ଶାସ୍ତ୍ର ବିଦ୍ୟାରେ କାହିଁକି ବା ବିଣାହେବେ ?

୮୬ତମ ପଦ—ରାମଚନ୍ଦ୍ର ପୀତବସ୍ତ୍ର ପରିଧାନ କରୁଥିବାରୁ ଜଣାଯାଏ, ତାଙ୍କର ପୀତବସ୍ତ୍ରରେ ଅଧିକ ଅଧିକ ସ୍ନେହ ଅଛି । ସୁତରାଂ କୌଣସି ଅବତାରେ ମଧ୍ୟ ତାହାକୁ ତ୍ୟାଗ କରୁ ନାହାନ୍ତି ।

ବିଟସୋର ହୋଇ କୃପଣ ଧନର ଭାବ ।
ବସ୍ତ୍ରା ମାତାମାନଙ୍କର ମାନସୁଁ ଲବ । ୮୭ ।
ବଡ଼ କି ଏ ନଗର ଜନଙ୍କ ଏ ଭାବ ।
ବଖାଣି ହୋଇଲେ ଏକା ସେହି ପ୍ରସ୍ତାବ । ୮୮ ।
ବର୍ଦ୍ଧିତ ସେ ବାଣିଜ୍ୟ ଧନର ପ୍ରକାର ।
ବିଦେଶେ ହୋଇଲା ଦିନୁଁ ଦିନୁଁ ପ୍ରଚୁର । ୮୯ ।
ବଳୀବର୍ଦ୍ଦ ସନ୍ଧିଁ ଜନମୁଖ ହୋଇଲେ ।
ବିକ୍ରୟ ସ୍ଥାନ ସ୍ଥାନକେ ବହି ସେ କଲେ । ୯୦ ।
ବାତ୍ସଲ୍ୟ ରସବର୍ଣ୍ଣନେ ରାମଭଦ୍ରର ।
ବଚନ ମନ ପବିତ୍ର ହୋଇଲା ମୋର । ୯୧ ।
ବୀରବର ଉପଇନ୍ଦ୍ର ଭଞ୍ଜ ମୋ ନାମ ।
ବସ୍ତ୍ରାଣୋଇ ପଦେ କଲା ଏ ଛାନ୍ଦ ରମ୍ୟ । ୯୨ ।

—*—

---

୮୭ତମ ପଦ—କୃପଣ ଯେପରି ଧନ ସଞ୍ଚୟ କରିବାକୁ କ୍ଷଣେ ମାତ୍ର ପାଶୋରେ ନାହିଁ, ସେହିପରି ପିତାମାତା ଦଣ୍ଡେ ମାତ୍ର ତାହାଙ୍କୁ ମନରୁ ଅନ୍ତର କରୁ ନ ଥିଲେ ।

୮୮ତମ ପଦ—ଅଯୋଧ୍ୟାର ଲୋକମାନେ 'ଏହି ଜଗତରେ ସବୁ ଗୁଣରେ ବଡ଼ କିଏ ?' ଏହି ପ୍ରଶ୍ନ ନିଜ ନିଜ ମଧ୍ୟରେ ଉଠାଇ ରାମଙ୍କ ନାମ ପ୍ରସ୍ତାବ କରିବାକୁ ଲାଗିଲେ । (ଅର୍ଥାତ୍ ରାମ ସମସ୍ତଙ୍କଠାରୁ ବଡ଼ ବୋଲି ସ୍ଥିର କଲେ) ।

୮୯ତମ ପଦ—ବାଣିଜ୍ୟରେ ଧନ ଲଗାଇଲେ ତାହା ଯେପରି ଦିନକୁ-ଦିନ ବଢ଼େ, ସେହିପରି ଏହି ପ୍ରସ୍ତାବ ଦିନୁ ଦିନ ବିଦେଶରେ ବ୍ୟାପିଲା ।

୯୦ତମ ପଦ—ବେପାରୀ ଯେପରି ଜିନିଷ ପତ୍ର ବଳଦ ଉପରେ ଲଦି ସ୍ଥାନାନ୍ତରକୁ ନେଇ ବିକ୍ରୟ କରେ, ସେହିପରି ଲୋକମାନଙ୍କର ମୁଖ ରୂପ ବଳଦ ଏହି ପ୍ରସ୍ତାବକୁ ବୋହି ନେଇ ନାନା ସ୍ଥାନରେ ବିକ୍ରୟ କଲା । (ଅର୍ଥାତ୍ ଏହି ବାର୍ତ୍ତା ଲୋକମାନେ ସବୁଆଡ଼େ କହି ବୁଲିଲେ) ।

୯୧ ଓ ୯୨ତମ ପଦ—ରାମଚନ୍ଦ୍ରଙ୍କର ବାତ୍ସଲ୍ୟ ରସ ବର୍ଣ୍ଣନା କରି ମୋର ମନ ଓ ବଚନ ପବିତ୍ର ହେଲା । ମୋର ନାମ ଉପେନ୍ଦ୍ର ଭଞ୍ଜ, ଏ ଛାନ୍ଦକୁ ବସ୍ତ୍ରା-ଣୋଇ ପଦରେ ପୂର୍ଣ୍ଣ କଲି ।

—*—

## ଷଷ୍ଠ ଛାନ୍ଦ

ରାଗ—ମାଳବ ଗୌଡ଼ାବାଣୀ

ବୁଧେ ସାବଧାନେ ଏହୁ ଗୀତର । ବାକରତ୍ନଭୁକ୍ତିକ ବସ୍ତ୍ରର କର ।
ବଶୁଦ୍ଧ ସିଦ୍ଧବନେ ମୁନଯାଗ । ବସିଦ୍ଧ କରନ୍ତେ ରାକ୍ଷସବର୍ଗ । ୧ ।
ବଦିତ ହୋଇ ସୁବାହୁ ମାରୀଚେ । ବଚନ ଶୂନ୍ୟରୁ ଶୁଭିଲା ଉଚେ ।
ବକୁକ୍ଷବଂଶେ ଜାତ ରାମ ଅଣ । ବୈବସ୍ୱତ ଏ ଗଣେ ତା ମାର୍ଗଣ । ୨ ।
ବଶ୍ୱାମିତ୍ର ଶୁଣି ଉଠି ଗମିଲେ । ବେଗେ କୋଶଳଦେଶ ସେ ଦେଖିଲେ ।
ବାରସ୍ୱଷ୍ଟି ଛବ ଅଯୋଧ୍ୟା ପୁରୀ । ବ୍ରହ୍ମ ଆକାରବନ୍ତ ଯେଣୁ ଧରି । ୩ ।
ବରଣେ ଶୋଭା ବନ୍ୟ କନ୍ୟା ପରି । ବର ଖୋଜଅଛି ସମାନ କରି ।
ବନ୍ଧିଅଛି ପୁଣି ସୁମନ ମାଳା । ବପଞ୍ଚିବାଦିନୀ ଆଳୀରେ ମେଳା । ୪ ।

---

୧ମ ପଦ – ବସିଦ୍ଧକରଣ—ବିଘ୍ନକରିବାକୁ ।

୨ୟ ପଦ ବକୁକ୍ଷି ବଂଶ—ସୂର୍ଯ୍ୟବଂଶ । ବୈବସ୍ୱତ—ଯମ । ମାର୍ଗଣ—ଶର ।

୩ୟ ପଦ—ବାରସ୍ୱଷ୍ଟି ବ୍ରହ୍ମଲୋକ ।

୪ର୍ଥ ପଦ – ବରଣ—ବରଣ କରିବା, ପ୍ରାଚୀର ( ବାଡ଼ା ) । ବନ୍ୟ—ଅପୂର୍ବ । ସୁମନମାଳା – ବରଣ ପୁଷ୍ପମାଳା ( ପଣ୍ଡିତ ସମୂହ ) । ବପଞ୍ଚିବାଦିନୀ—ବୀଣାବାଦିନୀ, ବୀଣାଜିତ କଣ୍ଠି । ଆଳୀ—ସଖୀ ।

---

## ଷଷ୍ଠ ଛାନ୍ଦ

୧ମ ଓ ୨ୟ ପଦ –ହେ ପଣ୍ଡିତଗଣ ! ସାବଧାନ ହୋଇ ଏହି ଗୀତରେ ଥିବା ବଚନ ରତ୍ନଭୁକ୍ତିକୁ ବସ୍ତ୍ରର କରନ୍ତୁ । ଋଷିମାନେ ପବିତ୍ର ସିଦ୍ଧବନରେ ଯଜ୍ଞ କରୁଥିବା ସମୟରେ ସୁବାହୁ, ମାରୀଚ ପ୍ରଭୃତି ଖ୍ୟାତନାମା ରାକ୍ଷସମାନେ ସେଠାରେ ଯଜ୍ଞ ବିଘ୍ନ କରିବାକୁ ଲାଗିଲେ । ଏହି ସମୟରେ ଶୂନ୍ୟବାଣୀ ହେଲା, 'ସୂର୍ଯ୍ୟ-ବଂଶରେ ଜନ୍ମଗ୍ରହଣ କରିଥିବା ରାମଚନ୍ଦ୍ରଙ୍କୁ ଏଠାକୁ ଆଣ; ତାଙ୍କର ବାଣ ଏମାନଙ୍କର ଯମ ଅଟେ ।' ( ଅର୍ଥାତ୍ ତାଙ୍କର ବାଣର ଆଘାତରେ ଏମାନେ ମରିବେ ) ।

୩ୟ ପଦ – ବିଶ୍ୱାମିତ୍ର ସେହି ବାଣୀ ଶୁଣିବା ସଙ୍ଗେ ସଙ୍ଗେ ଉଠି କୋଶଳ ଦେଶକୁ ଗମନ କଲେ । ସେ କୋଶଳର ରାଜଧାନୀ ଅଯୋଧ୍ୟାରେ ପହଞ୍ଚି ଦେଖିଲେ ଯେ, ସେହିପୁରୀ ବ୍ରହ୍ମଲୋକର ଶୋଭା ଧାରଣ କରିଅଛି, କାରଣ ନିଜେ ବ୍ରହ୍ମ ସେଠାରେ ଶରୀର ଧାରଣ କରିଅଛନ୍ତି ।

୪ର୍ଥ ଓ ୫ମ ପଦ—ଆଉ ମଧ୍ୟ ବିଶ୍ୱାମିତ୍ର ସେହି ନଗରୀକୁ ଦେଖି ସ୍ୱୟଂବର ସଜ୍ଜିତ ଗୋଟିଏ ସ୍ୱୟମ୍ବର କନ୍ୟା ବୋଲି ଭାବିଲେ । କାରଣ—

ବରଳ ମୁଖର-ଡିଣ୍ଡିମ ଶ୍ରୁତଭ । ବିମୋହିତ କରେ ଜଗତ ଶ୍ରୁତେ ।
ବହୁମୂଲ୍ୟ ବାସ ଅଙ୍ଗୀକାରୀ ସେ । ବିଦେହ ନୃପର ମୋଦକୁ ବିଶେଷେ ।୫।
ବିଷ୍ଣୁ ପରାୟେ ଲକ୍ଷ୍ମୀ ଆଲିଙ୍ଗନ । ବିହାର ଚତୁର କରେ ରଞ୍ଜନ ।
ବିନାୟକରେ ସଦା ଯୁକ୍ତ ସେହି । ବହୁଳ ଭକ୍ତଭାବ ଖ୍ୟାତ ସହି ।୬।
ବାସ୍ତବ୍ୟ ଆପଣ ପରି କେ ଅଛି । ବଇଲେ ପଦାର୍ଥ ନ ତୁଟେ କଛି ।
ବଣିଜାର ହସ୍ତ ହର୍ଷ ପ୍ରଖ୍ୟାତ । ବିଶ୍ବାବସୁ ଛନ୍ତି ସବୁ ଜାଣନ୍ତି ।୭।

୬ଷ୍ଠ ପଦ—ଲକ୍ଷ୍ମୀ – ଲକ୍ଷ୍ମୀ ଦେବୀ, ସମ୍ପତ୍ତି । କର—ହସ୍ତ, ପୁରୁଷ । ବିନାୟକ—ଗରୁଡ଼, ବିଶିଷ୍ଟ ଲୋକ । ଭକ୍ତ—ଭକ୍ତଲୋକ, ଭାତ ।

୭ମ ପଦ—ଆପଣ—ଦୋକାନ । ବଣିଜାର—ବଣିକ । ବିଶ୍ବାବସୁ—ଗନ୍ଧର୍ବ, ବିଶ୍ବା ପ୍ରଭୃତି ପରିମାପକ ଶବ୍ଦ ।

ସ୍ୱୟମ୍ବରା କନ୍ୟା ଯେପରି ଅପୂର୍ବ ବେଶ ଧାରଣ କରି ବୀଣା ଜଣାକର୍ଣ୍ଣୀ ସଖୀମାନଙ୍କ ସହ ବରଣ ଫୁଲମାଳ ହାତରେ ଧରି, ନିଜ ସମାନ ବର ଖୋଜି ବୁଲୁଥାଏ ଏବଂ ଶୁଭବାଦ୍ୟ ସେହି ସଭା ସ୍ଥଳରେ ବାଜୁଥାଏ ଅଥବା ହୁଳହୁଳି ପଡ଼ୁଥାଏ, ସେହି ସ୍ଥାନସ୍ଥ ଶୁଭ୍ର ସଭାମଣ୍ଡପ ବହୁମୂଲ୍ୟ ବସ୍ତ୍ରରେ (ଚାନ୍ଦୁଆ ପ୍ରଭୃତିରେ) ଆଚ୍ଛାଦିତ ହୋଇ ଦର୍ଶକମାନଙ୍କର ମନ ଓ ନିମନ୍ତ୍ରିତ ରାଜାମାନଙ୍କର ମନକୁ ଆନନ୍ଦିତ କରୁଥାଏ; ସେହିପରି ଏହି ନଗରୀ ପ୍ରାଚୀର ପରିବେଷ୍ଟିତା ହୋଇ ବୀଣା ବାଦ୍ୟନିପୁଣା ସ୍ତ୍ରୀମାନଙ୍କ ସହ ମିଳି ପଣ୍ଡିତମାନଙ୍କୁ ନିଜ ବକ୍ଷରେ ସ୍ଥାନ ଦେଇ, ନିଜର ଅନୁରୂପ ବର ରାମଚନ୍ଦ୍ରଙ୍କୁ ଖୋଜୁଛି ଅର୍ଥାତ୍ ତାହାଙ୍କର ରାଜତ୍ୱ ସମୟକୁ ଚାହିଁ ରହିଛି ଏବଂ ଏହାର ମଧ୍ୟଭାଗ ଅନବରତ ମଙ୍ଗଳବାଦ୍ୟ ନାଦରେ ସଂସାରସ୍ଥ ଲୋକମାନଙ୍କୁ ବିମୋହିତ କରି ବହୁମୂଲ୍ୟ ଚକ୍‌କାଧର ଓ ପଟ୍ଟବସ୍ତ୍ର ପ୍ରଭୃତିରେ ପୂର୍ଣ୍ଣହୋଇ ଅର୍ଥାତ୍ ଅତ୍ୟନ୍ତ ସମୃଦ୍ଧିଶାଳିନୀ ହୋଇ ରାଜା ଦଶରଥଙ୍କର ଆନନ୍ଦ ବର୍ଦ୍ଧନ କରୁଅଛି ।

୬ଷ୍ଠ ପଦ—ଆଉ ମଧ୍ୟ ନଗରୀକୁ 'ବିଷ୍ଣୁ କି ?' ବୋଲି ମନେ କଲେ, କାରଣ, ବିଷ୍ଣୁ ଯେପରି ଲକ୍ଷ୍ମୀଙ୍କୁ ଆଲିଙ୍ଗନ କରନ୍ତି, ଚତୁର୍ଭୁଜ ଧାରଣ କରି ଗରୁଡ଼ ଉପରେ ବିହାର କରନ୍ତି ଏବଂ ଭକ୍ତମାନଙ୍କ ନିକଟରେ ନିଜର ମନୋଗତ ଭାବ ପ୍ରକାଶ କରିଥାନ୍ତି; ସେହିପରି ଏହି ନଗରୀ ସମ୍ପତ୍ତିକୁ ଆଲିଙ୍ଗନ କରିଅଛି (ଅର୍ଥାତ୍ ବହୁ ଧନରେ ପୂର୍ଣ୍ଣ ହୋଇଅଛି) । ଅନେକ ଚତୁରଲୋକ ଏଠାରେ ବିହାର କରୁଅଛନ୍ତି, ଏହା ବିଶିଷ୍ଟ ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ଖ୍ୟାତ ହୋଇଅଛି ଏବଂ ପ୍ରଚୁର ଅନ୍ନଦାନ ଏଠାରେ ହେଉଅଛି ।

୭ମ ପଦ—ବାସ୍ତବିକ୍ ଅଯୋଧ୍ୟାର ଦୋକାନମାନଙ୍କ ପରି ଦୋକାନ ଅନ୍ୟ କୌଣସିଠାରେ ନାହିଁ, କାରଣ, ଦୋକାନମାନେ ଯେତେ ପଦାର୍ଥ

ବନ୍ଧୁକୁମୁଦର କି ତନୁବାସୁ । ବଶଦ ମାଳ ଅମ୍ବର ଉଦସୁ ।
ବଳ୍ଗୁନିକର ଜାହ୍ନବୀ ଲକ୍ଷଣେ । ବିଶୁଦ୍ଧ ପୟୁ ଉଦସୁ କାରଣେ ।୮।
ବଣିକ ପସରା କି କଇଳାସ । ବିରାଜେ ଶିବା କପର୍ଦ୍ଦୀ ଆଶ୍ଳେଷ ।
ବଳସଦ୍ମ ପରି ନାଗରେ ସ୍ଫୁରୁ । ବ୍ୟୋମା କି ଚନ୍ଦ୍ର ତାରାଳି ସଙ୍ଗରୁ ।୯।

---

୮ମ ପଦ—କୁମୁଦର ବନ୍ଧୁ ଚନ୍ଦ୍ର । ତନୁବାସୁ - ତନ୍ତ୍ରୀ । ବଶଦ— ବସ୍ତ୍ରୀର୍ଣ୍ଣ, ଶୁଭ୍ର । ଅମ୍ବର—ଆକାଶ, ବସ୍ତ୍ର । ବ୍ଳଜନକର - ଗଉଡ଼ମାନେ । ଜାହ୍ନବୀ —ଗଙ୍ଗା । ପୟୁ—ଜଳ, ଦୁଧ ।

୯ମ ପଦ—ଉମା—ହଳଦୀ, ହରିଡ଼ା । କପର୍ଦ୍ଦୀ—ଶିବ, କଉଡ଼ି । ବଳସଦ୍ମ—ପାତାଳ । ନାଗରେ - ସାପରେ, ଶୁଣ୍ଠିରେ, ସୀଂସାରେ । ଚନ୍ଦ୍ର— କର୍ପୂର, ସୁବର୍ଣ୍ଣ । ତାରାଳି—ତାରାସମୂହ, ଶୁଦ୍ଧ ମୁକ୍ତା ସମୂହ ।

---

ବନ୍ଦସ୍ତୁ କଲେ ମଧ୍ୟ ଦୋକାନରୁ ପଦାର୍ଥ ଶେଷ ହେଉ ନାହିଁ ଏବଂ ଦୋକାନମାନଙ୍କ ହାଟକୁ ଦେଖିଲେ ତାହା ସ୍ୱର୍ଗ ପରି ବୋଧ ହେଉଛି । ଯେହେତୁ ସ୍ୱର୍ଗରେ ବିଶ୍ୱାବସୁ ପ୍ରଭୃତି ଗନ୍ଧର୍ବମାନେ ସବୁବେଳେ ବାସ କଲା ପରି ସେମାନଙ୍କ ହାଟରେ ବିଶ୍ୱା ପ୍ରଭୃତି ( ଧନ ଦ୍ରବ୍ୟ ଓଜନ କରିବା ପାଇଁ ) ବଟକରା ସର୍ବଦା ରହିଅଛି ।

୮ମ ପଦ—ସେଠାକାର ତନ୍ତୀମାନଙ୍କୁ ଦେଖି ଚନ୍ଦ୍ର ବୋଲି ମନେ କଲେ କାରଣ, ଚନ୍ଦ୍ର ଯେପରି ବସ୍ତ୍ରୀର୍ଣ୍ଣ ମାଳ ଆକାଶରେ ଉଦସୁ ହୁଅନ୍ତି, ତନ୍ତୀମାନେ ସେହିପରି ଶୁକ୍ଳ ଓ ମାଳ ବସ୍ତ୍ର ବୁଣୁଥିଲେ । ଗୌଡ଼ମାନଙ୍କୁ ମଧ୍ୟ ଗଙ୍ଗାନଦୀ ତୁଲ୍ୟ ମନେ କଲେ, ଗଙ୍ଗା ନଦୀରୁ ଯେପରି ବିଶୁଦ୍ଧ ଜଳ ମିଳେ; ଏମାନଙ୍କଠାରୁ ସେହିପରି ଖାଣ୍ଟି ଦୁଧ ମିଳେ ।

୯ମ ପଦ—ବେପାରିମାନଙ୍କ ପସରାକୁ ଦେଖି କୈଳାସ ପର୍ବତ ବୋଲି ମନେ କଲେ । କାରଣ—ସେହି ପର୍ବତରେ ଶିବ ପାର୍ବତୀଙ୍କୁ ଆଲିଙ୍ଗନ କରି ବିରାଜିତ ହୋଇଥାନ୍ତି । ଏଠାରେ କଉଡ଼ି ଓ ହରିଡ଼ା ଏକତ୍ର ଜମାହୋଇ ଅଛନ୍ତି ଆଉ ମଧ୍ୟ ପାତାଳ ବୋଲି ଭାବିଲେ, ଯେହେତୁ ସେଠାରେ ବହୁତ ନାଗସାପ ଥାନ୍ତି, ଏଠାରେ ମଧ୍ୟ ବହୁତ ଶୁଣ୍ଠି ଜମା ହୋଇଅଛି ଅଥବା ସୀଂସା ରଖାଯାଇ ଅଛି । ଆକାଶ ବୋଲି ମଧ୍ୟ ମନେ କଲେ, ଯେହେତୁ ଆକାଶ ତାରାବଳରେ ମଣ୍ଡିତ ହେଲା ପରି ପସରାରେ ବହୁତ ମୁକ୍ତା ରଖାଯାଇ ଅଛି ।

ବାରଧିକୁମାରୀ ପରି ମାଳମା । ବସ୍ତାର ସୁମନା-ଭଦ୍ର ଶ୍ରୀଦାମା ।
ବେଷ୍ଟନେ ପାବଗଣ ସାବଧାନେ । ବସେ କଂସାର ରାଜନ ଯେସନେ ।୧୦।
ବଲୋକ ବଲୋକ ମୁନ ଯେ ଗଲେ । ବାରଣ ବପୁଦ୍ୱାରେ ଯାଇଁ ହେଲେ ।
ବେଦହସ୍ତ ପ୍ରତିହାରୀ ଜଣାଇ । ବରାଟ ଶ୍ରେଷ୍ଠଙ୍କୁ ଭେଟାଇ ନେଇ ।୧୧।
ବ୍ରହ୍ମାଙ୍କୁ ଇନ୍ଦ୍ର ସ୍ତୁତି କଲାପରି । ବନୟୀ ଦଶରଥ ଦଣ୍ଡଧାରୀ ।
ବେଦାନ୍ତକାରୀ ସାବତ୍ରୀ ସେବନ । ବଶେଷ ନେହ ସୁଖଦ ବଜନ ।୧୨।

---

୧୦ମ ପଦ—ବାରଧି କୁମାରୀ—ଲକ୍ଷ୍ମୀ । ସୁମନା—ଇଚ୍ଛାବତୀ ସ୍ତ୍ରୀ, ମାଳତୀ ପୁଷ୍ପ । ଭଦ୍ର—ଚନ୍ଦନ । ସୁମନା ଭଦ୍ର—ଦେବଶ୍ରେଷ୍ଠ । ଶ୍ରୀଦାମା—ସୌନ୍ଦର୍ଯ୍ୟ ଦାତ୍ରୀ । ପାବଗଣ—କଂସାତାଟିଆ ପ୍ରଭୃତି, ମନ୍ତ୍ରୀସମୂହ ।

୧୧ଶ ପଦ—ବାରଣ ବପୁଦ୍ୱାର—ସିଂହଦ୍ୱାର । ବରାଟଶ୍ରେଷ୍ଠ—ଋଷିଶ୍ରେଷ୍ଠ ।

୧୨ଶ ପଦ—ବଶେଷ ନେହ—ବହୁ ନେହ । ସୁଖଦ—ସୁଖଦାତା । [ଅନ୍ୟପକ୍ଷ]—ବଶେଷ ନେହ ସୁଖଦ—ନୟନାଭିରାମ ( ସର୍ବଜନ ଦର୍ଶନୀୟ ) । ବଜନ—ଏକାନ୍ତ ।

---

୧୦ମ ପଦ—ପୁଷ୍ପ, ଚନ୍ଦନ ଓ କର୍ପୂର ପ୍ରଭୃତି ଦେଉଥିବା ମାଳୁଣୀମାନଙ୍କୁ ଦେବଶ୍ରେଷ୍ଠ ବସ୍ତୁଙ୍କର ଶୋଭା ବୃଦ୍ଧିକାରିଣୀ ଲକ୍ଷ୍ମୀ ଓ କଂସା ଲୋଟା ପ୍ରଭୃତି ବାସନ ପରିବେଷ୍ଟିତ କଂସାରୀମାନଙ୍କୁ ମନ୍ତ୍ରୀଗଣ ପରିବେଷ୍ଟିତ ରାଜା ପରି ମନେକଲେ ।

୧୧ଶ ପଦ – ବିଶ୍ୱାମିତ୍ର ଏହିପରି ଦେଖି ଯାଉଁ ଯାଉଁ ରାଜାଙ୍କର ସିଂହଦ୍ୱାରରେ ପ୍ରବେଶ ହେଲେ । ବେତ୍ରହସ୍ତ ପ୍ରତିହାରୀ ରାଜାଙ୍କୁ ଜଣାଇଁ ତାଙ୍କ ନିକଟରେ ଋଷିଙ୍କୁ ଉପସ୍ଥିତ କରାଇଲା ।

୧୨ଶ ପଦ ସହସ୍ରଲୋଚନଧାରୀ ସମସ୍ତଙ୍କର ସୁଖଦାତା ଇନ୍ଦ୍ର ଏକାନ୍ତରେ ବିନୟୀ ହୋଇ ବେଦର ଉଦ୍ଭବକର୍ତ୍ତା ସାବିତ୍ରୀଦେବୀଙ୍କ ଦ୍ୱାରା ସେବିତ ବ୍ରହ୍ମାଙ୍କୁ ସ୍ତୁତି କଲା ପରି, ସର୍ବଜନ ଦର୍ଶନୀୟ (ରାଜା ଓ ସୁନ୍ଦର ହେତୁ) ଶାସନକର୍ତ୍ତା ଦଶରଥ ଏକାନ୍ତରେ ବିନୟୀ ହୋଇ ବେଦାନ୍ତଶାସ୍ତ୍ରକର୍ତ୍ତା ସାବିତ୍ରୀ ମନ୍ତ୍ରୋପାସକ ବିଶ୍ୱାମିତ୍ରଙ୍କୁ ସ୍ତୁତି କରିଥିଲେ ।

ବନବାସୀ ବରସଭା ଲୋକନ । ବରାହମୂର୍ତ୍ତି କି ଜାବାଳୀ ଯୁକ୍ତ ।
ବାମଦେବ ଯେନ କୈଳାସ ସ୍ଥାନ । ବେଦ କି ସୁମନ୍ତ୍ରରେ ବିଦ୍ୟମାନ ।୧୩।
ବଶିଷ୍ଠ ପୁଚ୍ଛନ୍ତେ କିମର୍ଥେ ଆଗତ । ବ୍ୟକତ କଲେ ଗାଧିରାଜ ସୁତ ।
ବୃତ୍ତ ରାକ୍ଷସେ ହୋଇ ଯଜ୍ଞକୃତେ । ବିଧ୍ୱଂସି ସୁନ୍ଦ ଉପସୁନ୍ଦ ସୁତେ ।୧୪।
ବିହାୟସୁଁ ରାମବାଣୀ ଶ୍ରବଣ । ବଧି ରକ୍ଷଗଣ ହେବ ରକ୍ଷଣ ।
ବଦାନ୍ୟ ଏ ରାଜା ଧର୍ମ ଉଦ୍‌ବେଗୀ । ବିଶେଷେ ଏ ଆସିଛୁଁ ରାମକୁ ମାଗି ।୧୫।
ବଜ୍ରୀ ହେଉଛ ମୁନି ! ରାଜା କହି । ବସୁଧାଭୃତ ତ ସ୍ୱଭାବେ ମୁହିଁ ।
ବଚ-ଦମ୍ଭୋଳି ମାରି ଦମ୍ଭ-ଶୃଙ୍ଗ । ବିନା ଅପରାଧେ କରୁଛ ଭଙ୍ଗ ।୧୬।

---

୧୩ଶ ପଦ—ବନବାସୀ—ଋଷି (ବିଶ୍ୱାମିତ୍ର) । ଜାବାଳି—ପୃଥ୍ୱୀଦେବୀ, ଦଶରଥଙ୍କର ମନ୍ତ୍ରୀ । ବାମଦେବ—ଶିବ, ଅନ୍ୟମନ୍ତ୍ରୀ । ସୁମନ୍ତ୍ର—ଉତ୍ତମ ମନ୍ତ୍ର, ଅପର ମନ୍ତ୍ରୀ ।

୧୬ଶ ପଦ - ବଜ୍ରୀ - ଇନ୍ଦ୍ର । ବସୁଧାଭୃତ—ରାଜା, ପର୍ବତ । ଦମ୍ଭୋଳି — ବଜ୍ର ।

---

୧୩ଶ ପଦ—ବିଶ୍ୱାମିତ୍ର ରାଜାଙ୍କର ବିରାଟ ସଭାକୁ ଦେଖି, ଏହା ବରାହ ମୂର୍ତ୍ତି, କୈଳାସ ପର୍ବତ ଓ ବେଦର ସମକକ୍ଷ ବୋଲି ମନେ କରିଥିଲେ । କାରଣ – ବରାହ ମୂର୍ତ୍ତିରେ ପୃଥିବୀ, କୈଳାସରେ ଶିବ ଏବଂ ବେଦରେ ଉତ୍ତମ ମନ୍ତ୍ରମାନ ଥିଲାପରି, ଏହି ସଭାରେ ଜାବାଳି, ବାମଦେବ ଓ ସୁମନ୍ତ୍ର ପ୍ରଭୃତି ମନ୍ତ୍ରୀମାନେ ଉପସ୍ଥିତ ହୋଇ ଅଛନ୍ତି ।

୧୪—୧୫ଶ ପଦ—ବଶିଷ୍ଠ ବିଶ୍ୱାମିତ୍ରଙ୍କୁ ଆଗମନର କାରଣ ପଚାରିବାରୁ ସେ କହିଲେ, "ସୁନ୍ଦ ଉପସୁନ୍ଦ ଏହି ଦୁଇ ରାକ୍ଷସଙ୍କର ପୁତ୍ର ସୁବାହୁ ଓ ମାରୀଚ ଅନ୍ୟାନ୍ୟ ରାକ୍ଷସମାନଙ୍କ ସହ ଆସି, ମୋର ଯାଗ ଧ୍ୱଂସ କରିବା ସମୟରେ ଆକାଶରୁ ଶୁଣାଗଲା ରାମଙ୍କୁ ଆଣ, ସେ ଏହି ରାକ୍ଷସମାନଙ୍କୁ ମାରି ଯାଗ ରକ୍ଷା କରିବେ । ଏହି ରାଜା ଅତିଶୟ ଧାର୍ମିକ ଓ ଦାତା ଅଟନ୍ତି, ଏଣୁ ରାମଙ୍କୁ ମାଗିବାକୁ ଆସିଅଛି ।"

୧୬ଶ ପଦ—ଏହା ଶୁଣି ଦଶରଥ କହିଲେ, "ହେ ମୁନି ! ମୁଁ ପ୍ରକୃତରେ ରାଜା ଅଟେ; ଇନ୍ଦ୍ରଙ୍କ ପରି ଆପଣ ମୋତେ ପର୍ବତ ବୋଲି ଭାବି ବିନା ଅପରାଧରେ ବଚନରୂପ ବଜ୍ର ମାରି ମୋର ଧୈର୍ଯ୍ୟରୂପ ଶୃଙ୍ଗକୁ ଚୂନା କରୁଛନ୍ତି । (ଇନ୍ଦ୍ର ବଜ୍ର ମାରି ପର୍ବତମାନଙ୍କର ପକ୍ଷ ଛେଦନ କରିଥିଲେ) ।

ବାଟୀ କ୍ରୀଡ଼ାକୁ ଛାଡ଼ି ନାହିଁ ଯେହୁ । ବାଣ ଧନୁ ଯେ କାଂଶିକାରେ ବନ୍ଧୁ ।
ବେଶ୍ମେ ରହିବାକୁ ଏକା ଡରଇ । ବାଣମନେ ଦୈତ୍ୟ ନାଶିବ କେହ୍ନ ।୧୭।
ବୋଲ ମୁଁ ସୈନ୍ୟ ସଜ କରି ଯିବ । ବାଦ ରଚି ତୁମ୍ଭ ଯାଗ ରଖିବ ।
ବୁଝିଛୁ ଯୋଦ୍ଧାପଣ ମୁହିଁ ଭଣି । ବାମା କବଚ କି କରିବୁ ପୁଣି ।୧୮।
ବାଳକ ନ ବୋଲ ରାମଙ୍କୁ ବୁଦ୍ଧି । ବହ୍ନି କ୍ଷୁଦ୍ର ଭସ୍ମ ଆଚ୍ଛନ୍ନେ ଥାଇ ।
ବଢ଼ାଏ ପ୍ରଭା ସେ ପାଇ ଇନ୍ଧନ । ବଧିବେ ଦୈତ୍ୟ ଶଲଭ ଯେସନ ।୧୯।
ବାମନ କେଡ଼େ ବଳୀ ଅଧୋଗତ । ବଶ୍ୱିଷ୍ଠଙ୍କ ବସୁରି ତୋ ମତ ।
ବସ୍ତୁ ସେ ବୋଇଲେ ଅଜନନ୍ଦନ । ବୋଲେ ଋଷି ଏବେ ମନରେ ଘେନ ॥

---

୧୭ଶ ପଦ — ବାଟୀକ୍ରୀଡ଼ା — ଗୋଲି ଖେଳ । କାଂଶିକା— କାଉଁଶ । ବେଶ୍ମ—ଘର । ବାଣ - ବସୁରି ।

୧୮ଶ ପଦ—ବାମା କବଚ—ସ୍ତ୍ରୀ ରକ୍ଷିତ ।

୧୯ଶ ପଦ—ବହ୍ନି କ୍ଷୁଦ୍ର—ଅଗ୍ନି କଣା । ଭସ୍ମ ପାଉଁଶ । ଇନ୍ଧନ—କାଷ୍ଠ । ଶଲଭ—ପତଙ୍ଗ ।

---

୧୭ଶ ପଦ— ପୁନର୍ବାର ରାଜା କହିଲେ, "ଯେ ଏ ପର୍ଯ୍ୟନ୍ତ ବାଟୀ ଖେଳ ଛାଡ଼ି ନାହିଁ, କାଉଁଶର ଧନୁଶର ଧରି ବୁଲୁଛି ଏବଂ ଏକାକୀ ଘରେ ରହିବାକୁ ଡରୁଛି; ସେ କପରି ଅସୁରଙ୍କୁ ମାରିବ ? ଏହା ବିଚାର କର ।"

୧୮ଶ ପଦ—ପୁଣି କହିଲେ, "ଆପଣ କହିଲେ ମୁଁ ସୈନ୍ୟସହ ଯାଇ ରାକ୍ଷସମାନଙ୍କ ସଙ୍ଗରେ ଯୁଦ୍ଧ କରି ଯାଗ ରକ୍ଷା କରିବି ।" ଏହା ଶୁଣି ଋଷି କହିଲେ, "ମୁଁ ତୁମ୍ଭର ଯୋଦ୍ଧାପଣ ଭଲ କରି ଜାଣେ । ତୁମ୍ଭେ ବାମା-କବଚ ଅଟ । ଅର୍ଥାତ୍ ତୁମ୍ଭ ସ୍ତ୍ରୀ ତୁମ୍ଭଙ୍କୁ ପର୍ଶୁରାମଙ୍କ ଭୟରୁ ରକ୍ଷା କରିଥିଲେ । (ଅତଏବ ତୁମ୍ଭେ ଯାଇ କଣ କରିବ ? )

୧୯ଶ ପଦ—"ହେ ରାଜା ! ତୁମେ ରାମଙ୍କୁ ବାଳକ ମନେ କର ନାହିଁ । ଅଗ୍ନି କଣା ଯେପରି ପାଉଁଶ ଭିତରେ ରହିଥାଏ, ମାତ୍ର କାଠ ପାଇଲେ ନିଜର ତେଜକୁ ବଢ଼ାଇ ପତଙ୍ଗମାନଙ୍କୁ ନାଶ କରେ, ସେହିପରି ରାମ ରାକ୍ଷସମାନଙ୍କୁ ନାଶ କରିବେ ।"

୨୦ଶ ପଦ—"ହେ ରାଜା ! ତୁମ୍ଭେ ବିଚାରକର । ବାମନ କେଡ଼େ ଛୋଟ, ସେ ପୁଣି ବଳିକୁ ପାତାଳରେ ଚାପିଲେ ।" ଏହା ଶୁଣି ଦଶରଥ କହିଲେ, "ସେ ବସ୍ତୁ ।" ଋଷି କହିଲେ, "ତାଙ୍କୁ ଓ ଏହାଙ୍କୁ ଏକ ବୋଲି ଜାଣ ଅର୍ଥାତ ଏ ହେଁ ବସ୍ତୁ ।"

ବ୍ୟୁତ୍ପତ୍ତି କର ଯେ ଉତ୍ପତ୍ତି ହୋଇ । ବନପତି ଶିଶୁ ଗଜ ମାରଇ ।
ବାରବରଷର ଷର୍ବିଂସ୍ତୁ ସୁତ । ବ୍ୟାଜ ନ କର ରାମ ବେଦ ଭୂତେତ ।୨୧।
ବୋଲ୍ୟୁଁ କଉଶିକ ରାଘବ ଆସି । ବେଦହରଣ ସିନ୍ଧୁରେ ଯାଏ ବଶି ।
ବୀତର ଲୀଳାରେ ମହାରଞ୍ଜନ । ବ୍ୟଥିତ ତମିରେ ଗ୍ରସ୍ତ ରାଜନ ।୨୨।
ବବେକ ସ୍ୱୟମ୍ଭୁ ଆତ୍ମଭୁ ଶମ୍ଭେ । ବଧାନ ମୁନି ରାମର ଉଚିତେ ।
ବପେ ମାନ୍ୟ କରି ଆଶିଷ ପାଇ । ବୋଲି ରାମ ଯାନ୍ତି କୌଶିକ କହି ।୨୩।

---

୨୧ଶ ପଦ—ବ୍ୟୁତ୍ପତ୍ତି କର ଜ୍ଞାନ କର (ହେଜ) । ବନପତି ଶିଶୁ—ସିଂହ ଛୁଆ । ବ୍ୟାଜ— କପଟ ।

୨୨ଶ ପଦ - କଉଶିକ—ବିଶ୍ୱାମିତ୍ର । ରାଘବ— ରାମ; ରାଘବ ମାଛ । ସିନ୍ଧୁ—ସମୁଦ୍ର । ବୀତର— ଲହରୀ, ଅଲକ୍ଷଣ । ତମିର—ଅନ୍ଧକାର; ତମି ମାଛର ।

୨୩ଶ ପଦ – ବବେକ – ବିଚାରିଲେ (ମନେ କଲେ) । ସ୍ୱୟଂଭୁ— ବ୍ରହ୍ମା । ଆତ୍ମଭୁ —କନ୍ଦର୍ପ ।

---

୨୧ଶ ପଦ—'ସିଂହ ଛୁଆ ଜନ୍ମ ହେବାର ଅଳ୍ପଦିନ ପରେ ହାତୀକୁ ମାରେ, ଏହି କଥା ମନରେ ହେଜ । ଅତଏବ ବାରବରଷର କ୍ଷତ୍ରୀୟ ପୁତ୍ର ରାମଙ୍କୁ ସାଧାରଣ ବାଳକ ତୁଲ୍ୟ ନ ଭାବି କପଟ ତେଜି, ଶୀଘ୍ର ଦିଅ ।

୨୨ଶ ପଦ - ବିଶ୍ୱାମିତ୍ର ଏହିପରି କହୁ କହୁ ରାଘବ ମାଛ ସମୁଦ୍ରରେ ଦେଖା ଦେଲା ପରି ସମୁଦ୍ର ତୁଲ୍ୟ ଅତି ବିସ୍ତୀର୍ଣ୍ଣ ବେଦହରଣ ମଣ୍ଡପ ଉପରେ ରାମଚନ୍ଦ୍ର ଦେଖା ଦେଲେ । ରାଘବ ଲହରୀରେ ଖେଳ ବୁଡ଼ିଗଲେ ତମି ମାଛ (ତାହାର ଖାଦ୍ୟ, ଯେପରି ଦୁଃଖଗ୍ରସ୍ତ ହୁଏ; ସେହିପରି ଦଶରଥ ବେଦହରଣ ମଣ୍ଡପ ଉପରେ କ୍ରୀଡ଼ା କରୁଥିବା ରାମଙ୍କୁ ଦେଖି 'ତମିର ଗ୍ରସ୍ତ' ଘୋର ଅନ୍ଧକାର ନିପତିତ ଲୋକ ପରି ଦୁଃଖ ଅନୁଭବ କଲେ ।

୨୩ଶ ପଦ—ରାମଚନ୍ଦ୍ର ମୁନିଙ୍କୁ ବ୍ରହ୍ମ ଓ ମୁନି ରାମଙ୍କୁ କନ୍ଦର୍ପ ବୋଲି ମନେ କଲେ । ରାମ ମୁନିଙ୍କୁ ଯଥୋଚିତ ମାନ୍ୟ କରି ଆଶୀର୍ବାଦ ପାଇ ବସିଲେ ଏବଂ ବିଶ୍ୱାମିତ୍ର ରାମଙ୍କୁ ସଙ୍ଗରେ ନେଇ ଯିବାପାଇଁ ଅନୁମତି ମାଗିଲେ ।

ବାଚଂଯମଭୂତ ନୃପ ପାଇଲେ । ବାହୁଳ ପ୍ରାୟେ ତପସ୍ୱୀ ଜଳଲେ ।
ବିରୋଚନ ଏ ବଶିଷ୍ଠ ମନକୁ । ବୋଇଲେ ଏ ଋଷି ନେଉ ରାମକୁ ।୨୪।
ବକ୍ତ୍ରବିକାରରୁ ନୃପର ଘେନି । ବାହାରିଲେ ରାମ ଲକ୍ଷ୍ମଣ ବେନି ।
ବିଳମ୍ବ ନ କରି ସରଯୂ ପାରି । ବିଗମ୍ୟ ଅରଣ୍ୟ ମଧ୍ୟେ ବିହରି ।୨୫।
ବୋଲଇ ତାମସୀ ଯେ ସେ ବାହାର । ବଢ଼ାଇ ଦେଇ ସନ୍ଧ୍ୟାଛଳେ କର ।
ବାରୁଣୀ କୁଣ୍ଡେ ବୁଡ଼ାଇ ଇନକୁ । ବିନାଶ କରିବା ଇଚ୍ଛି ଦିନକୁ ।୨୬।
ବାଳ ଧରି ଜବା ନେଇ ଆକର୍ଷି । ବାୟସଚୟ ଯିବା ତଥା ଦର୍ଶି ।
ବୋଲିଦେଲି ପକ୍ଷିନାଦ ଛଳରେ । ବଦନେ କାଳି ପଡ଼ିଲା ଦିଗରେ ।୨୭।

୨୪ଶ ପଦ—ବାଚଂଯମଭୂତ—ମୌନୀ, ତୁନି । ବାହୁଳ—ଅଗ୍ନି । ବିରୋଚନ - ଅରୁଚିକର ।

୨୫ଶ ପଦ—ବକ୍ତ୍ର ବିକାର—ମୁଖ ଭଙ୍ଗୀ । ବିଗମ୍ୟ—ଅଗମ୍ୟ ।

୨୬ଶ ପଦ—ତାମସୀ—ରାତ୍ରି । ବାରୁଣୀକୁଣ୍ଡ—ପଶ୍ଚିମଦିଗ ରୂପ କୁଣ୍ଡ । ଇନ—ସୂର୍ଯ୍ୟ ।

୨୭ଶ ପଦ—ବାୟସଚୟ—କାକସମୂହ ।

୨୪ଶ ପଦ—ବିଶ୍ୱାମିତ୍ରଙ୍କ କଥା ଶୁଣି ରାଜା ତୁନି ହୋଇ ରହିଲେ । ଋଷି କ୍ରୋଧରେ ଅଗ୍ନିପରି ଜଳି ଉଠିଲେ । ରାଜାଙ୍କର ଏପରି ଆଚରଣ ବଶିଷ୍ଠଙ୍କୁ ଭଲ ନ ଲାଗିବାରୁ, 'ରାମଙ୍କୁ ବିଶ୍ୱାମିତ୍ର ନଅନ୍ତୁ' ବୋଲି ରାଜାଙ୍କୁ କହିଲେ ।

୨୫ଶ ପଦ—ବଶିଷ୍ଠଙ୍କ କଥାରେ ରାଜା ସ୍ୱୀକାର କରିବାର ତାଙ୍କ ମୁଖ ଭଙ୍ଗିରୁ ଜାଣିପାରି ବିଶ୍ୱାମିତ୍ର ରାମ, ଲକ୍ଷ୍ମଣ ଦୁହିଙ୍କୁ ସଙ୍ଗରେ ଘେନି ବାହାରିଲେ ଏବଂ ଅଳ୍ପ ସମୟ ମଧ୍ୟରେ ସରଯୂନଦୀ ପାରି ହୋଇ ଅଗମ୍ୟ ଜଙ୍ଗଲରେ ପ୍ରବେଶ କଲେ ।

୨୬ଶ ପଦ—ଏହି ସମୟରେ ରାତ୍ରି ସନ୍ଧ୍ୟା ଛଳରେ ହାତ ବଢ଼ାଇ ସୂର୍ଯ୍ୟଙ୍କୁ ଧରି ପଶ୍ଚିମ ଦିଗ ରୂପ କୁଣ୍ଡରେ ବୁଡ଼ାଇ ଦିନକୁ ନାଶ କରିବାକୁ ଇଚ୍ଛା କଲା (ଅର୍ଥାତ୍ ସୂର୍ଯ୍ୟ ଅସ୍ତହେବାରୁ ସନ୍ଧ୍ୟାକାଳ ଉପସ୍ଥିତ ହେଲା) ।

୨୭ଶ ପଦ—କାକମାନେ ରାବ ଦେଇ ନିଜ ନିଜର ବସାକୁ ଉଡ଼ିଯିବାକୁ ଲାଗିଲେ । ସେମାନଙ୍କୁ ଦେଖି ମନେ ହେଲା, ରାତ୍ରି ଦିବସର ବାୟସରୂପ କେଶକୁ ଟାଣି ତାକୁ ବାହାର କରି ଦେଉଥିବାରୁ ସେ କାନ୍ଦୁଛି କି ? ତତ୍ପରେ ଅନ୍ଧାର ଚତୁର୍ଦ୍ଦିଗରେ ବ୍ୟାପିଗଲା । ତାହା ଦେଖି ମନେ ହେଲା, ଦିବସ ଏହିପରି ରାବରେ ବିତାଡ଼ିତ ହେବାରୁ ଦିଗମାନଙ୍କ ମୁଖ କଳା ପଡ଼ିଗଲା କି ?

| | |
|---|---|
| ବିକଟ କାଳକୁ ପଦ୍ମୁଁ ଦର୍ଶନ | । ବୁଜିଲା ପଦ୍ମିନୀ ପଦ୍ମ ନୟନ । |
| ବସା ତେଜି ନିଶାଚର ପ୍ରକଟ | । ବର୍ଜି ତର୍ଜି କଲେ ହୁଁ ହୁଁ ହୁଁ ରଟ । |
| ବିରସ ତେଜି ବାହାର ଭୁଜଙ୍ଗେ | । ବିକୃତ ଭୟଙ୍କର ହେଲା ଭୁଙ୍ଗେ । |
| ବେନି ଭ୍ରାତା ମୁନି ସକାଳେ ରହି | । ବଞ୍ଚିଲେ ପ୍ରଭାତ ପ୍ରବେଶ ହୋଇ । |
| ବାସବଦିଗ ଅଭ୍ରମୁକରଣୀ | । ବ୍ୟଞ୍ଜନ କଲା ରକ୍ତ ପିଣ୍ଡ ଜାଣି । |
| ବିମ୍ବ ସବିତାର ଦିଶି ଆସିଲା | । ବିଞ୍ଚେ କର୍ଣ୍ଣେ ଶୀତ ବାତ ସେ ହେଲା । |

---

୨୮ଶ ପଦ—ବିକଟ—ଭୟଙ୍କର । ପଦ୍ମିନୀ—ପଦ୍ମଲତା ।

୨୯ଶ ପଦ—ଭୁଜଙ୍ଗେ—ସାପମାନେ, ଜାରପୁରୁଷମାନେ । ଭୁଙ୍ଗ—ଅତିଶୟ ।

୩୦ଶ ପଦ—ବାସବଦିଗ ଅଭ୍ରମୁକରଣୀ—ପୂର୍ବଦିଗର ଅଭ୍ରମୁ ନାମକ ହସ୍ତିନୀ (ଐରାବତର ସ୍ତ୍ରୀ) । ସବିତା—ସୂର୍ଯ୍ୟ । ବିମ୍ବ—ମଣ୍ଡଳ ।

---

୨୮ଶ ପଦ  ଏହିପରି ଭୟଙ୍କର କାଳକୁ ଦେଖି ପଦ୍ମିନୀ ତାହାର ପଦ୍ମରୂପ ଆଖିକୁ ବୁଜିଦେଲା (ଅର୍ଥାତ୍ ପଦ୍ମଫୁଲ ଗୁଡ଼ିକ ମୁଦି ହୋଇଗଲେ) ଏବଂ ପେଚକ ପ୍ରଭୃତି ଜୀବମାନେ ବସା ତ୍ୟାଗ କରି ଗୁପ୍ତ ଭାବରେ ବାହାରି ହୁଁ ହୁଁ ଶବ୍ଦ ପ୍ରକାଶ କଲେ ।

୨୯ଶ ପଦ —ଏହି ସମୟରେ ସାପମାନେ ଆନନ୍ଦରେ ବାହାରିଲେ । ବନସ୍ଥଳୀ ବିକୃତାକାର ଧାରଣ କରି ଅତିଶୟ ଭୟଙ୍କର ବୋଧହେଲା । ରାମ ଓ ଲକ୍ଷ୍ମଣ ଦୁଇ ଭାଇ ବିଶ୍ୱାମିତ୍ରଙ୍କ ସହ ସେହି ଜଙ୍ଗଲ ମଧ୍ୟରେ ରହି ରାତି ଯାପନ କଲେ । ପରେ ପ୍ରଭାତ ହେଲା ।

୩୦ଶ ପଦ —ସୂର୍ଯ୍ୟମଣ୍ଡଳ ଦେଖା ଦେଲା ଅର୍ଥାତ୍ ସୂର୍ଯ୍ୟ ଉଇଁବାକୁ ଲାଗିଲେ ଓ ଶୀତଳ ପବନ ବହିଲା । ଏହା ଦେଖି ଦର୍ଶକର ମନେ ହେଲା ପୂର୍ବଦିଗର ହସ୍ତିନୀ ଅଭ୍ରମୁ ରକ୍ତପିଣ୍ଡ ଜନ୍ମ କରି ବିଞ୍ଚୁଛି କି ? ଏଠାରେ ସୂର୍ଯ୍ୟ, ରକ୍ତପିଣ୍ଡ ଓ ପ୍ରଭାତ ବାୟୁ ହସ୍ତିନୀର କର୍ଣ୍ଣ ସଞ୍ଚାଳନ ବାୟୁରୂପରେ ଉତ୍ପ୍ରେକ୍ଷିତ ହେଲା । (ହାତୀ ପ୍ରଥମେ ରକ୍ତପିଣ୍ଡ ଜନ୍ମକରି ପରେ ତାକୁ କାନରେ ବିଞ୍ଚି ଶାବକ ବାହାର କରେ ।)

ବିଚ୍ଛେଦନ କରି ତମକୁ କି ସେ । ବିଲେପିତ ଚକ୍ର ନିକର ବଣେ ।
ବଞ୍ଚିଲେ ଭୟେ ଲୁଚି ରାତ୍ରିଚର । ବିନାଶକାଳ ଆରମ୍ଭ ଆମ୍ଭର ।*୧।
ବର୍ଣ୍ଣନା ସିଦ୍ଧିକି ଆଣିଲ ସେହି । ବିଶ୍ୱାମିତ୍ର ରାମଚନ୍ଦ୍ରଙ୍କୁ କହି ।
ବାବୁ ଏ ବନେ ତାଡ଼କା ନିବାସ । ବାଟ ଭାଙ୍ଗିଯିବା ବିହିବ ତ୍ରାସ ।*୨।
ବୋଇଲେ ରାମ ଏକ ରାକ୍ଷସୀ ଡରେ । ବାଟ ଭାଙ୍ଗି ଗଲେ ବହୁତ ବାରେ ।
ବାଧା ହେବା କେହ୍ନେ ମଖ ରକ୍ଷଣେ । ବୋଲଣ ଆଗ ହୋଇଲେ ଆପଣେ ।
ବିଶ୍ୱାମିତ୍ର ମଧ୍ୟେ ପଛେ ଲକ୍ଷ୍ମଣ । ବିପିନ ଦେଖନ୍ତି ଅତି ଭୀଷଣ ।
ବିରୋଚନକର ପଶଇ ନାହିଁ । ବିଭାବରୀ ସ୍ଥାନ ସର୍ବଦା ସେହି ।*୪।

---

*୧ଶ ପଦ — ତମ — ଅନ୍ଧକାର, ରାହୁ । ରାତ୍ରିଚର—ପେଚ୍ଚ ପ୍ରଭୃତି, ରାକ୍ଷସ । ବିନାଶକାଳ—ମରଣସମୟ, ଲୁଚିବା ସମୟ । ଚକ୍ର—ମଣ୍ଡଳ, ସୁଦର୍ଶନଚକ୍ର ।

*୪ଶ ପଦ — ବିରୋଚନକର — ସୂର୍ଯ୍ୟକିରଣ । ବିଭାବରୀ — ରାତ୍ରି ।

---

*୧ଶ ପଦ — 'ସୁଦର୍ଶନ ଚକ୍ର ରାହୁର ଶିରଃଛେଦନ କରି ରକ୍ତ ଜର୍ଜରିତ ହୋଇଅଛି, ଅତଏବ ଆମ୍ଭମାନଙ୍କର ମରଣକାଳ ଉପସ୍ଥିତ ହେଲା" ଏହା ଭାବି ରାକ୍ଷସମାନେ ଭୟରେ ଲୁଚିଲେ । ଅଥବା, ପେଚ୍ଚ ପ୍ରଭୃତି ରାତ୍ରିଚରମାନେ ଭାବିଲେ, ଏହି 'ଚକ୍ର' ସୂର୍ଯ୍ୟମଣ୍ଡଳରୂପ ଚକ୍ର ଅନ୍ଧକାରକୁ ଛେଦନ କରି ରକ୍ତବର୍ଣ୍ଣ ହୋଇଅଛି ( ଅର୍ଥାତ୍ ଅନ୍ଧାର ପରେ ଆଲୋକ ଆସିବାର ସୂଚନା ଦେଉଛି ) ଏତଏବ ଆମ୍ଭମାନଙ୍କର ଲୁଚିବା ସମୟ ହେଲା,—ଏହା ଭାବି ଦିବାଚରମାନଙ୍କୁ ଭୟ କରି ଲୁଚିଲେ ।

*୨ଶ ପଦ—ଏହିପରି ପ୍ରଭାତ ବର୍ଣ୍ଣନା ଶେଷ ହେଲା । ପ୍ରଭାତ ହେବାରୁ ବିଶ୍ୱାମିତ୍ର ରାମଙ୍କୁ କହିଲେ, "ବାବୁ, ଏହି ବନରେ ତାଡ଼କା ବାସ କରେ, ଚାଲ ବାଟ ଭାଙ୍ଗି ଯିବା । ନ ହେଲେ ସେ ଆମ୍ଭଙ୍କୁ ଭୟ ଦେଖାଇବ ।

*୩ଶ ପଦ—ଏହା ଶୁଣି ରାମଚନ୍ଦ୍ର କହିଲେ, ଅନେକ ଥର ଏହି ରାକ୍ଷସୀ ଗୋଟାକୁ ଭୟ କରି ବାଟ ଭାଙ୍ଗି ଗଲେଣି । ଆମେ ଯଦି ବାଟ ଭାଙ୍ଗି ଯିବା, ତେବେ ବହୁତ ରାକ୍ଷସଙ୍କ ସଙ୍ଗେ ବିବାଦ ହୋଇ ଯାଗ ରକ୍ଷା କରିବା କିପରି ? ଏହା କହି ସେ ନିଜେ ଆଗୁଆ ହେଲେ ।

*୪ଶ ପଦ—ବିଶ୍ୱାମିତ୍ର ମଧ୍ୟରେ ଓ ଲକ୍ଷ୍ମଣ ପଛରେ ରହି ଗଲେ । ସେହି ଜଙ୍ଗଲ ଅତି ଭୟଙ୍କର ଦେଖାଯାଉଥିଲା । କାରଣ—ସେହି ଜଙ୍ଗଲରେ କେବେ ହେଲେ ସୂର୍ଯ୍ୟକିରଣ ପଡ଼େ ନାହିଁ । ଏଣୁ ରାତ୍ରି ସବୁବେଳେ ସେଠାରେ ବାସ କରିଥାଏ । (ଅର୍ଥାତ୍ ବୃକ୍ଷ ଗହଳ ହେତୁ ସର୍ବଦା ଅନ୍ଧାର ଘୋଟି ରହୁଥାଏ)

ବାଚକ ଏ ଯୋନ ପେଚକପନ୍ତ । ବଲୋକନ ନୋହେ ମେଚକକାନ୍ତ ।
ବିନୋଦ ସ୍ୱଚ୍ଛେ କରନ୍ତି ଗଣ୍ଡକ । ବଲ୍ମୀକ ବଦାରୁଛନ୍ତି ଭଲ୍ଲୁକ । ୩୫ ।
ବିବିହ ପ୍ରଶାନ୍ତ ସ୍ୱାନରୁ ଜାଣି । ବିଡ଼ାଳଆଦି ଯିପ୍ରାକ୍ଷରୁ ଆଣି ।
ବାଣ ହୋଏ ଗଜ ଦଶନ ଦେଖି । ବିଡ଼ାନ୍ତେ ପାଦ ନ ଦିଶେ ଅବନୀ ।୩୬।
ବୃକ୍ଷ ବଲ୍ଲୀ ପତ୍ର ଯାଞ୍ଚରୁ କରି । ବାୟୁ ଯେ ମଶକ ମଶାରି ସରି ।
ବିସ୍ମିର ରାଘବ ରାକ୍ଷସୀ ଆସୁ । ବିଧାନ ଗୁଣ ଟଙ୍କାର ଏ ବଶୁଁ ।୩୭।
ବଜ୍ର ଉପରେ କି ବଜ୍ର ପଡ଼ିଲା । ବିଶ୍ରାମସ୍ଥାନ ତାଡ଼କା ଛାଡ଼ିଲା ।
ବିକମି ଆସିଲା ମନରୁ ବେଗେ । ବିଡ଼ମେଘଖଣ୍ଡ କି ବାୟୁ ଯୋଗେ ।୩୮।

---

୩୫ଶ ପଦ—ବାଚକ—କଥକ । ମେଚକ କାନ୍ତି—କାଳିଆ ଜନପସବୁ । ବିନୋଦ—କ୍ରୀଡ଼ା । ବଲ୍ମୀକ—ଉଇ ହୁଙ୍କା ।

୩୬ଶ ପଦ—ସ୍ୱନରୁ—ଶବ୍ଦରୁ । ଦଶନ—ଦାନ୍ତ । ଯିପ୍ରାକ୍ଷ—ଉଜ୍ଜଳ ଚକ୍ଷୁ । ଅବନୀ—ପୃଥିବୀ ।

୩୭ଶ ପଦ—ବୃକ୍ଷବଲ୍ଲୀ—ଗଛଲତା ।

---

୩୫ଶ ପଦ—ସେହି ବନ ସର୍ବଦା ଅନ୍ଧକାରଛନ୍ନ ହୋଇଥିବାରୁ ଦିନରାତ୍ର ପେଚକମାନେ ବୋବାଉଛନ୍ତି, କାଳିଆ ପଦାର୍ଥ ସବୁ ବାରି ହେଉ ନାହିଁ, ଗଣ୍ଡାମାନେ ସ୍ୱଚ୍ଛନ୍ଦରେ କ୍ରୀଡ଼ା କରୁଛନ୍ତି ଓ ଭାଲୁମାନେ ଉଇହୁଙ୍କା ବିଦାରୁଛନ୍ତି ।

୩୬ଶ, ୩୭ଶ ପଦ—ଶବ୍ଦ ଦ୍ୱାରା ବିବିଧ, ଆଖିର ତେଜଦ୍ୱାରା ବିରାଡ଼ି ପ୍ରଭୃତି ହିଂସ୍ରଜନ୍ତୁମାନେ ଓ ଦାନ୍ତକୁ ଦେଖି [ ଯେ ଉଜ୍ଜ୍ୱଳ ଦେଖା ଯାଉଥିବାରୁ ହାତୀ ବୋଲି ଜଣା ଯାଉ ଅଛନ୍ତି । ପାଦ ପକାଇବାକୁ ସ୍ଥାନ ଦେଖା ଯାଉ ନାହିଁ । ବୃକ୍ଷଲତାମାନଙ୍କର ପତ୍ର ଦ୍ୱାରା ସେହି ବନ ଏପରି ଆଚ୍ଛାଦିତ ହୋଇଛି ଯେ, ମଶା ଯେପରି ମଶାରିରେ ପଶି ପାରେ ନାହିଁ, ସେହିପରି ବାୟୁ ତାହା ମଧ୍ୟରେ ପ୍ରବେଶ କରି ପାରୁ ନାହିଁ । ତାଡ଼କା ଆସୁ, ଏହା ଭାବି ରାମ ଧନୁରେ ଗୁଣ ଦେଇ ଟଙ୍କାର କରିବାକୁ ଲାଗିଲେ ।

୩୮ଶ ପଦ—ତାଡ଼କା ସେହି ଶବ୍ଦ ଶୁଣି, ବଜ୍ର ଉପରେ ବଜ୍ର ପଡ଼ିଲା ବୋଲି ଭାବି ନିଜର ରହିବା ସ୍ଥାନ ଛାଡ଼ି ମନଠାରୁ ଅଧିକ ବେଗରେ ଦୌଡ଼ି ଆସିଲା । ସେହି ସମୟରେ ତାକୁ ଦେଖି ମନେ ହେଲା, କଣ୍ଠେ ବଡ଼ ମେଘ ପବନ ବେଗରେ ଭାସି ଆସୁଛି କି ?

ବିଳ ପରା ନାସା ସର୍ପ ଫୁତ୍କାର । ବାତହିଁ ବହୁଛି ନିଶ୍ୱାସ ତାର ।
ବସୁନ୍ଧରାଧର ଶୃଙ୍ଗ କି ହନୁ । ବହେ କି ଝର ଝାଳ ତଥା ତନୁ ।୩୯।
ବିସ୍ତୃତ ମୁଖ ଗହ୍ୱର ସଦୃଶ । ବ୍ୟାଘ୍ର କଲା ପ୍ରାୟେ ସେ ମଧ୍ୟେଘୋଷ ।
ବିସ୍ତାରେ ରେ ରେ କାର ଶୁଭୁଅଛି । ବହ୍ନିଯୋଗ ପ୍ରାୟେ ଜିହ୍ୱା ଜଳୁଛି ।୪୦।
ବିଭତ୍ସରୂପା ଆସି ପରବେଶ । ବୃକ୍ଷ ପ୍ରହାରେ ବହି ମହାରୋଷ ।
ବୋଇଲା ମୋ ଦାନ୍ତ ଲଙ୍ଗଳ ଈଶ । ବପ୍ର ତୁମ୍ଭେ ହେବ କରିବି କୃଷ ।୪୧।
ବ୍ୟାନ ସହ ପ୍ରାଣ କର୍କଟ ବତ । ବାହାରି ହୋଇବେ ମନ୍ଦ ଆୟତ୍ତ ।
ବୋଲି ସେ ତଳ ଭଞ୍ଜାଇବା ବେଳେ । ବିଧୁ ଅର୍ଦ୍ଧଶର ପ୍ରୟୋଗ କଲେ ।୪୨।

---

୩୯ଶ ପଦ—ବିଳ—ଗାତ । ଫୁତ୍କାର—ଫୁଉଁ ଫୁଉଁ ଶବ୍ଦ । ବାତ—ପବନ । ବସୁନ୍ଧରାଧର—ପର୍ବତ । ହନୁ—ଗାଲ । ତନୁ - ଦେହ ।

୪୦ଶ ପଦ—ଗହ୍ୱର—ଗୁମ୍ଫା । ଘୋଷ—ଶବ୍ଦ । ବହ୍ନିଯୋଗପରି—ନିଆଁ ଜଳିଲା ପରି ।

୪୧ଶ ପଦ—ବିଭତ୍ସ ରୂପା—ଭୟଙ୍କର ଦେହା । ବପ୍ର—କ୍ଷେତ ।

୪୨ଶ ପଦ—କର୍କଟ—କଙ୍କଡ଼ା । ମନ୍ଦ—କାକ । ତଳ—କରତଳ (ତୁଡ଼ି) । ବିଧୁ ଅର୍ଦ୍ଧଶର—ଅର୍ଦ୍ଧଚନ୍ଦ୍ର ବାଣ ।

---

୩୯ଶ ପଦ—ତାର ନାକ ଦୁଇଗୋଟା ବଡ଼ ବଡ଼ ଗାତ ପରି ଦେଖା ଯାଉଥିଲା ଓ ସେଥିରୁ ସାପ ଫୁଁ ଫୁଁ କଲାପରି ଫୁଁ ଫୁଁ ଶବ୍ଦ ସହ ନିଶ୍ୱାସ ବାୟୁ ବହୁଥିଲା । ତାର ଗାଲ ଦୁଇଟା ପର୍ବତ ଶୃଙ୍ଗ ପରି ଦେଖା ଯାଉଥିଲା ଓ ଦେହରୁ ଝରଣା ପରି ଝାଳ ବହୁଥିଲା ।

୪୦ଶ ପଦ—ତାର ମୁଖ ଗୋଟାଏ ଗୁମ୍ଫା ପରି ହୋଇଅଛି ଓ ବାଘ ଗର୍ଜନ କଲାପରି ସେହି ମୁଖ ମଧ୍ୟରୁ ଅତି ଘୋର ରେ ରେ କାର ଶବ୍ଦ ଶୁଣାଯାଉଛି । ତାର ଜିଭରେ ନିଆଁ ଜଳୁଥିବା ପରି ଦେଖାଯାଉଛି ।

୪୧ଶ ପଦ—ସେହି ବିକଟାଳ ଦେହା ତାଡ଼କା ରାମଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଅତି କ୍ରୋଧରେ ଗୋଟାଏ ବୃକ୍ଷ ପ୍ରହାର କରି କହିଲା, "ମୋ ଦାନ୍ତ ଈଶ ସୂକ୍ଷ୍ମ ଲଙ୍ଗଳ ଅଟେ । ମୁଁ ସେଥିରେ ତୁମର ଶରୀର ରୂପ କିଆରିକୁ ଚଷିବି । ( ଅର୍ଥାତ୍ ତୋତେ ଖାଇବି ) ।

୪୨ଶ ପଦ—ପୁନର୍ବାର କହିଲା, "କଙ୍କଡ଼ାମାନେ କୁଆର ଅଧୀନ ହେଲା ପରି (କୁଆ ସେମାନଙ୍କୁ ମାରିଲା ପରି) ବ୍ୟାନ ବାୟୁସହ ତୁମର ପ୍ରାଣମାନେ ମୋର ଆୟତ୍ତ ହେବେ (ମୁଁ ତୁମର ପଞ୍ଚପ୍ରାଣ ନେବି) ।" ଏହା କହି ତୁଡ଼ି ଭଞ୍ଜାଇବା ବେଳେ ରାମ ଅର୍ଦ୍ଧଚନ୍ଦ୍ର ବାଣକୁ ମାରିଲେ ।

ବିଶାଳ ତୁଙ୍ଗ ଶାଳ ମହୀରୁହ । ବିଚ୍ଛେଦିଲି ପ୍ରାୟେ ପଡ଼ିଲା ଦେହ ।
ବାହାର ତହୁଁ ଦିବ୍ୟ ରୂପ ହେଲା । ବିମାନ ଆରୋହି ସ୍ୱର୍ଗକୁ ଗଲା ।୪୩।
ବୃଷ୍ଟି କଲେ ପୁଷ୍ପ ବାଦ୍ୟ ବଜାଇ । ବିବୁଧ ନିକର ଆକାଶେ ରହି ।
ବିନ ଯେ କାଳିକା ଦେବୀ ଆକାର । ବାହୁରୁ ତାଡ଼ କି ଭାଙ୍ଗିଲା ତାର ।୪୪।
ବେଦ ବଂଶର ବିନାଶ ଉଦ୍‌ବେଗ । ବିଧ୍ୱଂସି ଦୈତ୍ୟ ରକ୍ଷିବ ମୋ ଯାଗ ।
ବିଗଳିତ ତାପ ହୋଇଲା ଆଗ । ବୃଜିନୀ ଗଲା ବରି ସ୍ୱର୍ଗ ଭୋଗ ।୪୫।
ବିପକ୍ଷ ପକ୍ଷ ନାହିଁ ମୋକ୍ଷ ଦାୟୀ । ବିଷ୍ଣୁ ଏ ସ୍ୱୟଂ ଅବତୀର୍ଣ୍ଣ ମହୀ ।
ବପୁରେ ଲୀନ ଅବତାର ମାନ । ବସନ୍ତି ସୁ ରୂପଲକ୍ଷଣେ ମୀନ ।୪୬।

---

୪୩ଶ ପଦ—ବିଶାଳ—ସ୍ଥୂଳ । ତୁଙ୍ଗ—ଅତି ଉଚ୍ଚ । ଶାଳ ମହୀରୁହ—ଶାଳୁଆ ଗଛ । ବିଚ୍ଛେଦିଲି—କାଟିଲି ।

୪୪ଶ ପଦ—ବିବୁଧ ନିକର—ଦେବତା ସମୂହ ।

୪୫ଶ ପଦ—ବେଦ ବଂଶର—ବିଶ୍ୱାମିତ୍ରର । ବୃଜିନୀ—ପାପିନୀ ।

୪୬ଶ ପଦ—ବିପକ୍ଷ—ଶତ୍ରୁ । ବପୁ—ଶରୀର ।

---

୪୩ଶ ପଦ—ଅତି ମୋଟା ଏବଂ ଅତି ଉଚ୍ଚା ଶାଳ ଗଛ କାଟିଲେ ଯେପରି ପଡ଼େ, ତାଡ଼କାର ଦେହ ସେହିପରି ପଡ଼ିଲା ଏବଂ ସେହି ଦେହରୁ ଗୋଟିଏ ଅତି ସୁନ୍ଦର ରୂପ ବାହାରି ବିମାନ ଆରୋହଣ କରି ସ୍ୱର୍ଗକୁ ଗଲା ।

୪୪ଶ ପଦ—ଦେବତାମାନେ ଆକାଶରେ ରହି ଏହା ଦେଖି ବାଦ୍ୟ ବଜାଇ ପୁଷ୍ପ ବୃଷ୍ଟି କଲେ । ବୋଧହୁଏ, ଏହି ନବକାଳିକା ଦେବୀ ଅଟେ; ତାଡ଼କା ମରିବାରୁ ମନେ ହୁଏ, ତାର ବାହୁରୁ ତାଡ଼ (ଅଳଙ୍କାର) ଭାଙ୍ଗି ଗଲା କି ?

୪୫ଶ ପଦ—ତାଡ଼କା ମରିବାରୁ ବିଶ୍ୱାମିତ୍ରଙ୍କ ମନରୁ ଉଦ୍‌ବେଗ କମିଗଲା ସେ ଭାବିଲେ, "ଏହି ରାମ ଅସୁରମାନଙ୍କୁ ମାରି ମୋର ଯାଗ ରକ୍ଷା କରିବେ । ଆଜଠାରୁ ମୋ ମନରୁ ଭୟ ଗଲା ଏବଂ ଏହି ପାପିନୀ ସ୍ୱର୍ଗ ଭୋଗ କରିବାକୁ ଗଲା ।"

୪୬ଶ ପଦ—"ଏ ସ୍ୱୟଂ ବିଷ୍ଣୁ, ପୃଥିବୀରେ ଅବତୀର୍ଣ୍ଣ ହୋଇଅଛନ୍ତି; ଯେ ହେତୁ ଶତ୍ରୁ ମିତ୍ର ନ ବିଚାରି ସମସ୍ତଙ୍କୁ ମୁକ୍ତି ଦାନ କରୁଅଛନ୍ତି । ଦଶଅବତାର ଯାକ ଏହାଙ୍କ ଦେହରେ ଗୁପ୍ତ ହୋଇ ରହିଅଛି । ମୀନ ମହାପୁରୁଷର ଲକ୍ଷଣ ହୋଇ ଥିବାରୁ ଦେଖା ଯାଉଅଛି ।"

ବିଖ୍ୟାତ ହେଲେ ମନ୍ଦର ତାଡ଼ନେ । ବରାହବରେ ଏ ନିପୁଣ ଗୁଣେ ।
ବସନ ହିରଣ୍ୟ-ପ୍ରଭା ଗଞ୍ଜନ । ବଳୀ ଶିରେ ପାଦ ଦେଇ ଗମନ ।୪୭।
ବିଜିତ ତେଜରେ ସହସ୍ରକର । ବର୍ଣ୍ଣରେ କୃଷ୍ଣ କରି ଅଙ୍ଗୀକାର ।
ବଳ ସଙ୍ଗ ହୋଇଅଛି ସହଜେ । ବୁଦ୍ଧତ୍ୱ ବୁଦ୍ଧିରେ ପୁଣ ଉପୁଜେ ।୪୮।

---

୪୭ଶ ପଦ—ମନ୍ଦର—ପର୍ବତ ବିଶେଷ, ବିଘ୍ନ, ଦୁଷ୍ଟର ବା ଖଳର । ବରାହବର - ବରାହ ଶ୍ରେଷ୍ଠ, ପ୍ରଧାନ ଯୁଦ୍ଧ । ହିରଣ୍ୟ-ପ୍ରଭା – ହିରଣ୍ୟକଶିପୁ, ସୁବର୍ଣ୍ଣ । ବଳୀ—ବଳିରାଜା, ବଳବାନ୍ ।

୪୮ଶ ପଦ—ସହସ୍ରକର—ସୂର୍ଯ୍ୟ କାର୍ତ୍ତବୀର୍ଯ୍ୟ । କୃଷ୍ଣ – ନନ୍ଦନନ୍ଦନ, କଳା । ବର୍ଣ୍ଣରେ—ଶରୀର କାନ୍ତିରେ । ଅଙ୍ଗୀକାର—ସ୍ୱୀକାର । ବଳ —ପରାକ୍ରମ,

---

୪୭ଶ ପଦ—କୂର୍ମ ଅବତାରେ ବିଷ୍ଣୁ ମନ୍ଦର ପର୍ବତ ଦ୍ୱାରା ତାଡ଼ିତ ( ଆଘାତ ପ୍ରାପ୍ତ ) ହୋଇ ବିଖ୍ୟାତ ହୋଇଥିଲେ । ବର୍ତ୍ତମାନ ରାମରୂପୀ ବିଷ୍ଣୁ "ମନ୍ଦର ତାଡ଼ନ" ବିଘ୍ନମାନଙ୍କୁ ଦୂର କରି ( ଅର୍ଥାତ୍ ରାକ୍ଷସମାନଙ୍କୁ ମାରି ) ବିଖ୍ୟାତ ହେବେ, ଅଥବା "ମନ୍ଦର" ଦୁଷ୍ଟ ତାଡ଼କାର ମରଣ ବିଧାନକରି ବିଖ୍ୟାତ ହେଲେ । ବିଷ୍ଣୁ ବରାହରୂପରେ ଗୁଣରେ (ସୌନ୍ଦର୍ଯ୍ୟାଦି ଗୁଣରେ) ଶ୍ରେଷ୍ଠ ହୋଇ ଖ୍ୟାତିଲାଭ କରିଥିଲେ । ବର୍ତ୍ତମାନ ରାମ ମହାଯୁଦ୍ଧ କରିବା ପାଇଁ ଯେପରି ବୀରତ୍ୱ ଥିବା ଆବଶ୍ୟକ ସେଥିରେ ନିପୁଣ ବୋଲି ଖ୍ୟାତ ହୋଇ ଅଛନ୍ତି । (ନଚେତ୍ ଦୈବବାଣୀ ଏହାଙ୍କ ନାମ ପ୍ରକାଶ କରନ୍ତା କାହିଁକି ?) ବିଷ୍ଣୁ ନୃସିଂହ ରୂପରେ ହିରଣ୍ୟାକ୍ଷର ଦର୍ପ ଗଞ୍ଜନ କରିଥିଲେ, ବର୍ତ୍ତମାନ ଏହି ରାମ ନିଜର ବସ୍ତ୍ର ତେଜ ଦ୍ୱାରା ସୁବର୍ଣ୍ଣର ତେଜକୁ ପରାସ୍ତ କରିଅଛନ୍ତି । ବିଷ୍ଣୁ ବାମନ ରୂପରେ ବଳିରାଜାର ମସ୍ତକରେ ପାଦ ଦେଇଥିଲେ, ବର୍ତ୍ତମାନ ରାମ ବଳଶାଳୀମାନଙ୍କର ମୁଣ୍ଡରେ ପାଦ ଦେଇ ଗମନ କରୁଛନ୍ତି ( ଅର୍ଥାତ୍ ବୀର ଶ୍ରେଷ୍ଠ ହୋଇ ଅଛନ୍ତି) ।

୪୮ଶ ପଦ—ପର୍ଶୁରାମ ରୂପରେ ନିଜର ବଳଦ୍ୱାରା ସହସ୍ରାର୍ଜ୍ଜୁନଙ୍କୁ ପରାସ୍ତ କରିଥିଲେ, ବର୍ତ୍ତମାନ ଏହି ରାମ ରୂପରେ ସୂର୍ଯ୍ୟଙ୍କୁ ସ୍ୱୀୟ ତେଜ ଦ୍ୱାରା ପରାସ୍ତ କରିଛନ୍ତି ଏବଂ ନିଜ ଶରୀର କାନ୍ତିରେ କଳା ବର୍ଣ୍ଣକୁ ସ୍ୱୀକାର କରି ଅର୍ଥାତ୍ ନବଦୁର୍ବାଦଳ ଶ୍ୟାମଳ ତନୁ ଧାରଣ କରି, ନନ୍ଦନନ୍ଦନ କୃଷ୍ଣ ବୋଲି ସ୍ୱୀକାର କରୁଅଛନ୍ତି । ସେହି କୃଷ୍ଣାବତାରରେ ବଳରାମ ଭାଇ ଭାବରେ । ଭାଇ ହୋଇ) ସାଙ୍ଗରେ ଥିଲେ । ବର୍ତ୍ତମାନ ଏହି କାଳିଆ ଶରୀରରେ ପରାକ୍ରମ ସାଙ୍ଗ ହୋଇଅଛି ଅର୍ଥାତ୍ ମହାବଳିଷ୍ଠ ଅଟନ୍ତି । ବୁଦ୍ଧ ରୂପରେ ଯେପରି "ବୁଦ୍ଧତ୍ୱ" ଜ୍ଞାନ

ବିଭ୍ରାଜମାନ ସାୟକରେ ଅତି । ବିଦିତ କରୁଛୁ ଗନ୍ଧର୍ବଗତି ।
ବର୍ତ୍ତମାନ ଭୂତ ଭବିଷ୍ୟ ଯେନ । ବିଷ୍ଣେ ଅବତାରୀ ଏହି ଚିହ୍ନି ।୪୯।
ବପ୍ତା ଭାଗ୍ୟ ଦଶରଥ ନୃପତି । ବିଦ୍ୟାଗୁରୁ ହୋଇ ରହୁ ମୋ କୀର୍ତ୍ତି ।
ବିବେକୀ ଋଷି ସ୍ନାନବିଧି ସାରି । ବିଜୟା ଜୟା ମନ୍ତ୍ର ଦାନ କରି ।୫୦।
ବିଶାଳ କଣ୍ଟକ ସୀମାରେ ସ୍ଥିତ । ବିସ୍ମରୁ ଅସ୍ତ୍ର ଶସ୍ତ୍ର ଉପଗତ ।
ବୀତରଶ୍ମିର ରାମ ପଚ୍ଚରୁ ସତ । ବଦନ୍ତି ମୁନି ସେ ଦେଶ ଚରିତ ।୫୧।

---

କଳରାମ । ସହଜେ—ଭାଇରେ, ସହଜରେ । ବୁଧଭୂ—ପଣ୍ଡିତଭୂ, ବୁଦ୍ଧାବତାର ଭାବ ।

୪୯ଶ ପଦ ସାୟକ—ଖଡ୍ଗ, ଶର । ଗନ୍ଧର୍ବ—ଦେବଯୋନି ବିଶେଷ, ଘୋଟକ ।

---

ଲାଭ କରିଥିଲେ, ବର୍ତ୍ତମାନ ମଧ୍ୟ ବୁଦ୍ଧର ଅବତାର ହେଉଛୁ ସେହିପରି ପାଣ୍ଡିତ୍ୟ ଲାଭ କରିଅଛନ୍ତି ।

୪୯ଶ ପଦ—କଳ୍କି ରୂପରେ ଯେପରି ଅତି ତୀକ୍ଷ୍ଣ ଖଡ୍ଗ ଧରି ଘୋଡ଼ା ଉପରେ ଚଢ଼ି ବୁଲିବା ଦ୍ୱାରା ଜଗତରେ ବିଖ୍ୟାତ ହୋଇଥିଲେ, ଏବେ ସେହିପରି ଅତି ତୀକ୍ଷ୍ଣ ଶରମାନଙ୍କୁ ଧରି (ବଧର ପଛେ ପଛେ) ଅଶ୍ୱପରି ଅତି ଶୀଘ୍ର ଦୌଡ଼ିବାରେ ଖ୍ୟାତି ଲାଭ କରିଅଛନ୍ତି, ଅର୍ଥାତ୍ ପ୍ରଧାନ ଧାନୁଷ୍କ ଅଟନ୍ତି । ଋଷି ଏହିପରି ବର୍ତ୍ତମାନ, ଭୂତ, ଭବିଷ୍ୟତର ଚିହ୍ନ ସବୁ ଦେଖି, ରାମଙ୍କୁ ଅବତାରୀ ବିଷ୍ଣୁ ବୋଲି ଚିହ୍ନିଲେ ।

୫୦ଶତ ପଦ—ତତ୍ପରେ ଚତୁର ଋଷି 'ରାଜା ଦଶରଥ ଭାଗ୍ୟବଶରୁ ପିତା ହୋଇ ଯେପରି କୀର୍ତ୍ତି (ପୃଥିବୀରେ) ରଖି ଅଛନ୍ତି, ସେହିପରି ବିଦ୍ୟାଗୁରୁ ହେବାଦ୍ୱାରା ମୋର କୀର୍ତ୍ତି ରହିବ'—ଏହି କଥା ନିଶ୍ଚୟ ପୂର୍ବକ ସ୍ନାନବିଧି ସମାପ୍ତ କରି ରାମଙ୍କୁ ଜୟା ଓ ବିଜୟାନାମକ ଦୁଇଗୋଟି ମନ୍ତ୍ର ପ୍ରଦାନ କରିଥିଲେ ।

୫୧ଶତ ପଦ—ତତ୍ପରେ ରାମ 'ବିଶାଳ କଣ୍ଟକ' ବିଶାଳ ନାମକ ନଗରର ନିକଟରେ ଉପସ୍ଥିତ ହୋଇ ଋଷି ଦେଇଥିବା ମନ୍ତ୍ରକୁ (ମନେ ମନେ) ବିସ୍ମରନ୍ତେ ଅର୍ଥାତ୍ ସ୍ମରଣ କରନ୍ତେ; ଅସ୍ତ୍ର, ଶସ୍ତ୍ର ସବୁ ସେଠାରେ ଉପଗତ ହେଲେ । ଏହା ଉତ୍ତାରୁ ରାମ ମୁନିଙ୍କୁ ବିଶାଳ ନଗରର କଥା ପଚ୍ଚରିବାରୁ ସେ ସମସ୍ତ କଥା କହିଲେ ।

ବାସର ନିଶିଏ ତହିଁରେ ରହି । କହିଲେ ପ୍ରଭାତ ହରଷ ହୋଇ ।
ବାନପଦେ ଏ ଛାନ୍ଦ ମନୋହର । ବରରେ ଉପଇନ୍ଦ୍ର ବୀରବର ।୫୨।

—✻—

## ସପ୍ତମ ଛାନ୍ଦ

ରାଗ—ପଞ୍ଚମବରାଡ଼ି

ବଜ୍ରୋଜା ସୁଧାଂଶୁ ଗୁରୁ ସଙ୍ଗତ ସମାନ ।
ବେନଭ୍ରାତା ମୁନି ସଙ୍ଗେ ଦେଖେ ସିଦ୍ଧବନ । ୧ ।
ବୃକ୍ଷତତି ଋଷିପନ୍ତି ତହିଁ ଏକାକୃତି ।
ବଲ୍‌କଳ ପିଧାନ କରି ଜଟା ଧରିଛନ୍ତି । ୨ ।
ବେଦି ସାର ମୂଳ ସଦା ସୁମନା ଫଳଦ ।
ବାସ କୃତ ପୂର୍ଣ୍ଣିତସ୍ୟ ଅତି ସ୍ଥିର ହୃଦ୍ୟ । ୩ ।

---

୧ମ ପଦ—ବଜ୍ରୋଜା - ଇନ୍ଦ୍ର । ସୁଧାଂଶୁ—ଚନ୍ଦ୍ର । ଗୁରୁ—ବୃହସ୍ପତି ।

୩ୟ ପଦ—ବେଦିସାର—ଶ୍ରେଷ୍ଠ ବେଦୀ, ଯାଜ୍ଞିକ । ସୁମନା—ପୁଷ୍ପ, ନିର୍ମଳମନା । ଫଳଦ—ଫଳଦାତା, ବରଦାତା (ବାଞ୍ଛିତ ଫଳ ଦାତା) । ପୂର୍ଣ୍ଣିତସ୍ୟ—ପତ୍ର ସମୂହ । ସ୍ଥିରହୃଦ—ଶାନ୍ତଚେତା । ବାସ—ରହିବା ସ୍ଥାନ, ବସ୍ତ୍ର ।

---

୫୨ଶର ପଦ—"ସେମାନେ ସେହି ନଗରୀରେ ଏକ ଅହୋରାତ୍ର ରହି, ସକାଳୁ ଅନ୍ୟତ୍ର ଗମନ କଲେ । ବୀରବର ଉପେନ୍ଦ୍ର ଏ ଛାନ୍ଦକୁ ବାଉନ ପଦରେ ଅତି ସୁନ୍ଦରଭାବରେ ରଚନା କଲେ ।

—✻—

## ସପ୍ତମ ଛାନ୍ଦ

୧ମ ଓ ୨ୟ ପଦ - ଚନ୍ଦ୍ର ଓ ବୃହସ୍ପତି ଇନ୍ଦ୍ରଙ୍କ ସହ ମିଳିତ ହେଲା ପରି ରାମ ଓ ଲକ୍ଷ୍ମଣ ଦୁଇ ଭାଇ ବିଶ୍ୱାମିତ୍ରଙ୍କ ସହ ମିଳି ସିଦ୍ଧବନ ନାମକ ତପୋବନ ଦେଖିବାକୁ ଲାଗିଲେ । ସେମାନେ ଦେଖିଲେ, ସେହି ତପୋବନରେ ଥିବା ବୃକ୍ଷଗୁଡ଼ିକ ଓ ଋଷିମାନେ ଏକାକାର ଦେଖା ଯାଉଅଛନ୍ତି । ସେ ହେତୁ ବୃକ୍ଷମାନେ ଋଷିମାନଙ୍କ ପରି ଜଟା ଓ ବକଳରେ ମଣ୍ଡିତ ହୋଇ ଅଛନ୍ତି ।

୩ୟ ପଦ—ସେହିସବୁ ବୃକ୍ଷମାନଙ୍କ ମୂଳରେ ବଡ଼ ବଡ଼ ବେଦୀ (ପିଣ୍ଡି) ନିର୍ମିତ ହୋଇଅଛି ଏବଂ ସେମାନେ ସର୍ବଦା ଋଷିମାନଙ୍କୁ ବା ବନବାସୀମାନଙ୍କୁ ଫୁଲ ଓ ଫଳ ଦାନ କରି ବହୁପତ୍ର ଧାରଣ ପୂର୍ବକ ଅତି ସ୍ଥିର ଭାବରେ ନିଜ ନିଜ ସ୍ଥାନରେ ରହି ବନର ଶୋଭା ବିସ୍ତାର କରୁଅଛନ୍ତି । ସେହିପରି ଋଷିମାନେ ବେଦର ସାର ତପଃ, ଯଜ୍ଞ, ଧ୍ୟାନ ଏମାନଙ୍କୁ ମୂଳ କରି ସର୍ବଦା ଆନନ୍ଦ ମନରେ

ବନାଧାର ପ୍ରାୟେ ଲତାତଳ ମନୋହର ।
ବିଶ୍ରମିଛନ୍ତି କମଳ ହଂସ ତାପ ଦୂର । ୪ ।
ବିଘଟିତ ଘନ ପୁଷ୍ପ ଭ୍ରମରେ ସବୃତ ।
ବିନୋଦ ଜନମାନଙ୍କ ହରୁଅଛି ଚିତ୍ତ । ୫ ।

---

୪ର୍ଥ ପଦ — ବନାଧାର — ଜଳାଶୟ । କମଳ — ପଦ୍ମ, ମୃଗ । ହଂସ — ସୂର୍ଯ୍ୟ, ରାଜହଂସ ।

୫ମ ପଦ — ଘନ ପୁଷ୍ପ — ଜଳ, ପୁଷ୍ପାଚ୍ଛାଦିତ । ଭ୍ରମରେ — ଆବର୍ତ୍ତ (ଭଉଁରି) ରେ, ଭ୍ରମରମାନଙ୍କ ଦ୍ୱାରା ।

---

ପ୍ରାର୍ଥନାକାରୀଙ୍କୁ ପ୍ରାର୍ଥିତ ଫଳ (ଇଚ୍ଛାବର) ପ୍ରଦାନ କରି, ମନୋହର ପର୍ଣ୍ଣକୁଟୀରରେ ସ୍ଥିର ଚିତ୍ତରେ ବାସ କରୁ ଅଛନ୍ତି । (କୌଣସି କୌଣସି ଅର୍ଥକାରମାନେ ଏହି ପଦର "ଅତି ସ୍ଥିର ହୃଦୟ" ଏହି ସ୍ଥଳରେ "ସ୍ଥି" ସ୍ଥାନରେ 'ସ୍ୱ' ଏହି ଅକ୍ଷରକୁ ରଖି ନିମ୍ନଲିଖିତ ପ୍ରକାରେ ଅର୍ଥ କରନ୍ତି) । ଯଥା - ଯେଉଁ ବୃକ୍ଷମାନେ ଯେପରି ବେଦୀକୁ ମୂଳରେ ଅର୍ଥାତ୍ ବେଦୀ ଉପରେ ରହି ସବୁବେଳେ ପୁଷ୍ପ ଫଳ ଦାନ କରୁଅଛନ୍ତି ଏବଂ ଅତଏବ ଆରାମଦାୟକ 'ବାସ' ସୁଗନ୍ଧଯୁକ୍ତ ପତ୍ର ସମୂହରେ ମଣ୍ଡିତ ହୋଇ ଅଛନ୍ତି ସେହିପରି ଋଷିମାନେ ବେଦୀ ଓ 'ସାର' ଯଜ୍ଞ ଏ ଦୁହିଙ୍କୁ 'ମୂଳ' ପ୍ରଧାନ ଭାବରେ ଆଶ୍ରୟ କରି (ଯଜ୍ଞ ବେଦୀ ଉପରେ ବସି) ଅଥବା ସର୍ବଦା ସେହି ବୃକ୍ଷ ମୂଳସ୍ଥ 'ବେଦିସାର' ଶ୍ରେଷ୍ଠ ବେଦୀ ଅର୍ଥାତ୍ ପରିଷ୍କୃତ ପିଣ୍ଡି ଉପରେ ବସି ନିର୍ମଳମନା ଭକ୍ତମାନଙ୍କୁ ସେମାନଙ୍କ ଈପ୍ସିତ (ବାଞ୍ଛିତ) ଫଳ ଦାନ କରୁଅଛନ୍ତି ଏବଂ 'ଅତିସ୍ୱର' ଅତି ସ୍ଥିର 'ହୃଦୟ' ହୃଦୟରେ ପର୍ଣ୍ଣକୁଟୀରରେ ବାସ କରୁଅଛନ୍ତି ।

୪ର୍ଥ ପଦ — ସେହି ବନରେ ଥିବା ଲତାମାନଙ୍କ 'ତଳ' ମୂଳ ପ୍ରଦେଶ ଅର୍ଥାତ୍ ଜଳପୂର୍ଣ୍ଣ ମନୋଜ୍ଞ ପୁଷ୍କରିଣୀ ପରି ମନୋହର ହୋଇଅଛି । କାରଣ ପୁଷ୍କରିଣୀରେ ପଦ୍ମ ଥାଏ ଏବଂ ହଂସମାନେ ତହିଁରେ ସନ୍ତରଣ କରି ନିଜ ନିଜର କଷ୍ଟ ଦୂର କରୁଥାନ୍ତି । ସେହିପରି ଏହି ଲତାମାନଙ୍କର ତଳ ପ୍ରଦେଶରେ ମୃଗମାନେ ବିଶ୍ରାମ କରିଅଛନ୍ତି ଏବଂ ସେହି ସ୍ଥାନଟି ଛାୟା ଓ ଜଳଯୁକ୍ତ ହୋଇଥିବାରୁ ସୂର୍ଯ୍ୟତାପ ଦୂର କରୁଅଛି ।

୫ମ ପଦ — ଯେପରି ଜଳାଶୟ ଜଳ ତଟପ୍ରଦେଶରେ ବାଜି ଭଉଁରି ଜାତ ହେଲେ, ତାହାର ଶୋଭା ସେହି ଜଳାଶୟ କୂଳରେ ବିହାର କରୁଥିବା ଲୋକମାନଙ୍କର ଚିତ୍ତକୁ ହରଣ କରେ, ସେହିପରି ଏହି ତପୋବନ ବୃକ୍ଷ ଓ ଲତାମାନଙ୍କର ଭ୍ରମର ଚୁମ୍ବିତ ସାନ୍ଦ୍ର ପୁଷ୍ପ ରାଶିରେ ବିମଣ୍ଡିତ ହୋଇ ସେହି ବନରେ ବିହାର କରୁଥିବା ଲୋକମାନଙ୍କର ଚିତ୍ତକୁ ହରଣ କରୁଅଛି ।

ବନର କେଉଁ ପ୍ରଦେଶ ଆଦିତି ପ୍ରକାର ।
ବନ୍ଧୁକ ଅନୁଭାବରେ ଶିଖୀ ଶୋଭାକର । ୬ ।
ବରୁଣ ଦେବବଲ୍ଲଭ ଉଦୟ କରନ୍ତି ।
ବନ୍ଧୁ ସୁମନା ସନ୍ତୋଷକର ହୋଇଅଛି । ୭ ।
ବନର କେଉଁ ପ୍ରଦେଶ ଦିତି ଛବି ଧରି ।
ବଳନତ ଦୈତ୍ୟ ଗଣ-ରୂପ ଅଛି ଧରି । ୮ ।

---

୬ଷ୍ଠ ପଦ—ଅଦିତି—ଦେବମାତା । ବନ୍ଧୁକ—ପୁତ୍ର, ଗିରିମଲ୍ଲିକା (ବଣମଲ୍ଲୀ) । ଅନୁଭାବ—ତେଜ । ଶିଖୀ—ବୃକ୍ଷ, ମୟୂର, ଅଗ୍ନି ।

୭ମ ପଦ—ବରୁଣ—ଜଳାଧିପତି ଦେବତା, ବରୁଣ ବୃକ୍ଷ । ଦେବବଲ୍ଲଭ—ଇନ୍ଦ୍ର, ପୁନ୍ନାଗ ବୃକ୍ଷ । ସୁମନା—ଦେବତା, ପୁଷ୍ପ ।

୮ମ ପଦ – ଦିତି—ରାକ୍ଷସ ମାତା । ଦୈତ୍ୟ – ରାକ୍ଷସ, କଣ୍ଟାଗଛ ।

---

୬ଷ୍ଠ ପଦ—ସେହି ତପୋବନର କୌଣସି ଅଂସ ଦେବମାତା ଅଦିତିଙ୍କ ପରି ଦେଖା ଯାଉଅଛି । କାରଣ ଦେବମାତା ଯେପରି ପୁତ୍ର ଅଗ୍ନିଙ୍କର ତେଜରେ ତେଜସ୍ୱିନୀ ( ମନୋହରା) ଦେଖାଯାନ୍ତି, ଏହି ବନ ସେହିପରି ଗିରିମଲ୍ଲିକାର ସୌନ୍ଦର୍ଯ୍ୟରେ ସୌନ୍ଦର୍ଯ୍ୟାନ୍ୱିତ ବୃକ୍ଷମାନଙ୍କ ଦ୍ୱାରା ସୁଶୋଭିତ ହୋଇଅଛି, ଅର୍ଥାତ୍ ବଣମଲ୍ଲୀ ଗୁଡ଼ିକ ବୃକ୍ଷ ଉପରେ ମାଡ଼ି ସଦ୍ୟ ପ୍ରସ୍ଫୁଟିତ କୁସୁମରେ ମଣ୍ଡିତ ହୋଇ ଥିବାରୁ ବନର କେଉଁ କେଉଁ ଅଂଶ ମନୋହର ଦେଖା ଯାଉଅଛି ।

୭ମ ପଦ—ଆଉ ମଧ୍ୟ ଦେବମାତା ଯେପରି ବରୁଣ ଓ ଇନ୍ଦ୍ରଙ୍କୁ ଜନ୍ମ କରି ଦେବତାମାନଙ୍କର ଅସୀମା ସନ୍ତୋଷ ବିଧାନ କରିଅଛନ୍ତି, ସେହିପରି ଏହି ବନର କୌଣସି କୌଣସି ଅଂଶରେ ବରଣ ଓ ପୁନ୍ନାଗ ବୃକ୍ଷମାନେ ଜନ୍ମି ବନ୍ଧୁ ପୁଷ୍ପରେ ମଣ୍ଡିତ ହୋଇଥିବାରୁ ବନସ୍ଥଳୀ ଦର୍ଶକମାନଙ୍କର ସନ୍ତୋଷ ବିଧାନ କରୁଅଛି ।

୮ମ ଓ ୯ମ ପଦ—ସେହି ବନର କେଉଁ ପ୍ରଦେଶ ଦୈତ୍ୟମାତା (ଦିତି) ଙ୍କର ଛବି ଧାରଣ କରିଅଛି । କାରଣ ଦୈତ୍ୟମାତା ଯେପରି ଦୈତ୍ୟ (ରାକ୍ଷସ) ମାନଙ୍କୁ ଜନ୍ମ କରିଅଛନ୍ତି, ଏ ସେହିପରି 'ଦୈତ୍ୟଗଣରୂପ' ରାକ୍ଷସମାନଙ୍କ ତୁଲ୍ୟ ଅତି ଭୀଷଣ 'ଦୈତ୍ୟ' ମୁରାମାଂସୀ ପ୍ରଭୃତି କଣ୍ଟା ବୃକ୍ଷମାନଙ୍କୁ ଜନ୍ମ କରିଅଛି ଏବଂ ଦିତି ଯେପରି ମନୋହର କଶ୍ୟପ ଋଷିଙ୍କର ପୁଷ୍ପାରେ ଥିବାବେଳେ ଅତି ଅଧିକ ଭାବରେ ପୁତ୍ର ପବନକୁ ଖେଳାଉଥିଲେ । ଅର୍ଥାତ୍ ଦିତି

କମ୍ପାଉଛି ପବନଲୀଳାକୁ ନିରନ୍ତର ।
ବିଟଶଷତ ମୁନି ନଗରେ ସେ ମନୋହର । ୯ ।
ବନର କେଉଁପ୍ରଦେଶ ରଞ୍ଜନେ ରଞ୍ଜନ ।
ବିନତା ପ୍ରାୟେ ଅରୁଣ ସୁପର୍ଣ୍ଣ ସୁମନ । ୧୦ ।
ବନର କେଉଁ ପ୍ରଦେଶ କଦ୍ରୁ ଛବି ବହି ।
ବିହୁଷ୍ଟହର ହୋଇଛି ନାଗଈଶ୍ୱରହିଁ । ୧୧ ।

---

୯ମ ପଦ—ମୁନି ନଗରେ—କଶ୍ୟପଙ୍କ ନଗରେ, ଅଗସ୍ତି ବୃକ୍ଷରେ ।

୧୦ମ ପଦ – ରଞ୍ଜନେ—ରକ୍ତଚନ୍ଦନ ବୃକ୍ଷରେ । ରଞ୍ଜନ—ଅନୁରାଗଜନକ ଅର୍ଥାତ୍ ଶୋଭିତ । ବିନତା—ଗରୁଡ଼ଙ୍କ ମାତା । ଅରୁଣ—ସୂର୍ଯ୍ୟଙ୍କ ସାରଥି, ଈଷତ୍ ରକ୍ତବର୍ଣ୍ଣ । ସୁପର୍ଣ୍ଣ—ଗରୁଡ଼, କୋମଳ ପତ୍ର । ସୁମନ—ଆନନ୍ଦ ମନ, ପୁଷ୍ପ ।

୧୧ଶ ପଦ—କଦ୍ରୁ—ନାଗମାତା । ନାଗେଶ୍ୱର—ନାଗଶ୍ରେଷ୍ଠ, ନାଗେଶ୍ବର ବୃକ୍ଷ ।

---

କଶ୍ୟପଙ୍କର ଜ୍ୟେଷ୍ଠା ପତ୍ନୀ, ତାଙ୍କର ପୁତ୍ର ଅସୁରମାନେ କନିଷ୍ଠା ଅଦିତିଙ୍କ ପୁତ୍ର ଦେବତାମାନଙ୍କଠାରୁ ଭୟ ପାଇ ପିଲାଦିନୁ ଘର ଛାଡ଼ି ଚାଲି ଯାଉଥିବାରୁ ଦିତି ପୁତ୍ରମାନଙ୍କୁ ଖେଳାଇ ପାରି ନ ଥିଲେ । ପବନ ଦେବତା ହୋଇ ତାଙ୍କଠାରୁ ଜନ୍ମ ହୋଇଥିବାରୁ, ଦେବତାମାନଙ୍କୁ ଭୟ ନ କରି ପିଲାଦିନେ ଘରେ ରହିଥିଲେ ଓ ଦିତିଙ୍କ ଦ୍ୱାରା ଅତି ଆଦରରେ ଲାଳିତ ପାଳିତ ହୋଇଥିଲେ) । ସେହିପରି ପବନ ଏହି ବନର ମନୋହର ଅଗସ୍ତି ବୃକ୍ଷ ସଂକୁଳ କେଉଁ ପ୍ରଦେଶରେ ଅନ୍ୟାନ୍ୟ ପ୍ରଦେଶ ଅପେକ୍ଷା ଅତି ଅଧିକ ଭାବରେ ସବୁବେଳେ କ୍ରୀଡ଼ା କରୁଅଛି । (ଅର୍ଥାତ୍ ଅଗସ୍ତି ବୃକ୍ଷ ଗୁଡ଼ିକ ଅତିଶୟ ଡେଙ୍ଗା ହୋଇ ଥିବାରୁ ଅତି ଧୀର ପବନରେ ମଧ୍ୟ ଦୋହଲୁ ଅଛନ୍ତି ।

୧୦ମ ପଦ—ସେହି ବନର ଅନ୍ୟ କେଉଁ ପ୍ରଦେଶ ରକ୍ତଚନ୍ଦନ ବୃକ୍ଷମାନଙ୍କ ଦ୍ୱାରା ଶୋଭିତ ହୋଇଥିବାରୁ ଗରୁଡ଼ ମାତା ବିନତାଙ୍କ ପରି ଦେଖା ଯାଉଛି । କାରଣ ବିନତା ଯେପରି ଅରୁଣ ଓ ଗରୁଡ଼ ଦୁଇ ପୁତ୍ରଙ୍କ ଦ୍ୱାରା ଶୋଭିତ ହୋଇଥାନ୍ତି, ଏହି ବନର ରକ୍ତଚନ୍ଦନ ବୃକ୍ଷସଂକୁଳ ପ୍ରଦେଶ ମଧ୍ୟ ଈଷତ୍ ରକ୍ତବର୍ଣ୍ଣ କୋମଳ ପତ୍ରମାନଙ୍କୁ ଧାରଣ କରିଅଛି ଓ ପୁଷ୍ପ ମଣ୍ଡିତ ହୋଇଅଛି ।

୧୧ଶ ପଦ—ସେହିପରି ଅନ୍ୟ କେଉଁ ପ୍ରଦେଶ ନାଗମାତାଙ୍କର ଶୋଭାକୁ ଧାରଣ କରିଅଛି । କାରଣ ନାଗମାତା ଯେପରି ନାଗଶ୍ରେଷ୍ଠମାନଙ୍କ ଦ୍ୱାରା ଶୋଭିତ ହୋଇଥାନ୍ତି, ସେ ପ୍ରଦେଶ ସେହିପରି ନାଗେଶ୍ୱର ବୃକ୍ଷମାନଙ୍କ ଦ୍ୱାରା ଶୋଭିତ ହୋଇଅଛି ।

ବନ କେଉଁ ପ୍ରଦେଶ ସଙ୍ଗୀତର ଶାଳା ।
ବ୍ୟୋମଲସିକା ନର୍ତ୍ତନେ ହୋଇଅଛି ମେଳା । ୧୨ ।
ବିରଳ ଗନ୍ଧର୍ବଗାନେ ଖ୍ୟାତ ସାତସ୍ୱର ।
ବିତାନ ହୋଇଣ ରାଗ ଜାତ ମନୋହର । ୧୩ ।
ବସନ୍ତ ବାସ କରନ୍ତି କେଦାରହିଁ ମେଳ ।
ବିଚଳିତ ସର୍ବହିଁରେ ସଦା ସୁମରଦଳ । ୧୪ ।
ବର୍ଣ୍ଣୁଥିଲେ ସରବାର ବୁଝିହେ ଏ ଚରିତ ।
ବିଶ୍ରାମ କଲେ କୌଶିକମଠେ ରଘୁ ସୁତ । ୧୫ ।

---

୧୨ଶ ପଦ—ପ୍ରଦେଶ—ଅଂଶ । ବ୍ୟୋମଲସିକା—ଶୂନ୍ୟନର୍ତ୍ତକୀ, ଭରଦ୍ୱାଜ ପକ୍ଷୀ ।

୧୩ଶ ପଦ—ବିରଳ—ନିର୍ମଳ । ଗନ୍ଧର୍ବ – ଗାୟକ, କୋକିଳ । ରାଗ—ଗୀତର ରାଗ, ସ୍ନେହ ।

୧୪ଶ ପଦ—ବସନ୍ତ - ବସନ୍ତ ରାଗ, ହଳଦୀବସନ୍ତ ପକ୍ଷୀ । କେଦାର—ରାଗ ବିଶେଷ । ଆଳବାଳ —ମନ୍ଦ । ସୁ-ମରଦଳ— ଉତ୍ତମ ମର୍ଦ୍ଦଳ, ପୁଷ୍ପ ।

---

୧୨—୧୪ଶ ପଦ—ବନର କେଉଁ ଅଂଶ ସଙ୍ଗୀତଶାଳା ପରାୟେ ହୋଇଅଛି । ସଙ୍ଗୀତଶାଳା ସ୍ୱର୍ଗ ନର୍ତ୍ତକୀର ନୃତ୍ୟରେ ରଂଜିତ ହେଲା ପରାୟେ ଏହା ଭରଦ୍ୱାଜ ପକ୍ଷୀର ନୃତ୍ୟରେ ଶୋଭିତ ହୋଇଅଛି । ଗନ୍ଧର୍ବଙ୍କ ପରି ଗାନ କରୁଥିବା ସୁଗାୟକମାନଙ୍କର ସୁନ୍ଦର ରାଗ ଓ ତାଳ ବିଶିଷ୍ଟ ସପ୍ତସ୍ୱର ଗାନରେ ସଙ୍ଗୀତଶାଳା ମୁଖରିତ ହେଲା ପରି (ବନର କେଉଁ ଅଂଶ କୋକିଳର ଅନୁରାଗ ଜଡ଼ିତ ସପ୍ତସ୍ୱରରେ (ସାତ = ସୂକ୍ଷ୍ମ; ସୂକ୍ଷ୍ମ ସ୍ୱର ମଧ୍ୟ ହେବ) ମୁଖରିତ ହେଉଅଛି । (ସଙ୍ଗୀତଶାଳାରେ ତାଳ ଲୟ ବିଶିଷ୍ଟ ସଙ୍ଗୀତ ଗାନ ହୁଏ) ବନ ପ୍ରଦେଶରେ ମଧ୍ୟ ତାଳଗଛ ବିଶେଷ ଭାବରେ ବିଦ୍ୟମାନ ଥାଏ । ସଙ୍ଗୀତ ଶାଳାରେ ବସନ୍ତ ରାଗ ବାସ କରିଥାଏ, କେଦାର ରାଗ ମଧ୍ୟ ମିଳିତ ହୋଇଥାଏ, ସେଥିପାଇଁ ଉତ୍ତମ ମର୍ଦ୍ଦଳମାନ ବାଜୁଥାଏ । ସେହିପରି ବନ ପ୍ରଦେଶରେ ବସନ୍ତପକ୍ଷୀ (ହଳଦୀ ବସନ୍ତ) ଓ ବୃକ୍ଷମୂଳର ମନ୍ଦା ସବୁ ରହିଅଛି, ଆଉ ମଧ୍ୟ ଫୁଲର ପାଖୁଡ଼ା ସବୁ (ସୁମ—ଫୁଲ, ଦଳ ପାଖୁଡ଼ା) ପବନରେ ବିଚଳିତ ହେଉଅଛନ୍ତି ।

୧୫ଶ ପଦ—ସେହି ମନ କଥା ବର୍ଣ୍ଣନା କରୁଥିଲେ ସୁଦ୍ଧା ସରବାର ନୁହେଁ । ସେ ବନରେ ଥିବା ବିଶ୍ୱାମିତ୍ରଙ୍କ ମଠରେ ରାମ ଲକ୍ଷ୍ମଣ ବିଶ୍ରାମ କଲେ ।

ବାନପ୍ରସ୍ଥ ବ୍ରହ୍ମମାନେ ଭରତେ ମିଳିଲେ ।
ବ୍ରହ୍ମବ୍ରତୀ ଦଣ୍ଡୀ ଆସି ଆଶିଷ ବହିଲେ । ୧୬ ।
ବୋଧି ବିବିଧ ଅଶନେ ମନ ତାହାଙ୍କର ।
ବସିଲେ ରାସରେ ଚନ୍ଦ୍ରକରେ ଅଙ୍ଗଣର । ୧୭ ।
ବିଗତ ଭୟ ହୋଇଣ ରାକ୍ଷସଙ୍କ ହେତୁ ।
ବୋଇଲେ ରଘୁନନ୍ଦନ ଆରମ୍ଭ ହେ କ୍ରତୁ । ୧୮ ।
ବଚ ପ୍ରକାଶରୁ ଋଷି ଆନନ୍ଦ ହୋଇଲେ ।
ବିବିଧ ବିଧି ସମିଧେ ଯଜ୍ଞ ଆରମ୍ଭିଲେ । ୧୯ ।
ବୀତିହୋତ୍ର ପ୍ରିୟା ନାଦ ଶ୍ରବଣେ ଅସ୍ରପେ ।
ବ୍ୟଗ୍ରବନ୍ତେ ପରବେଶ ହୋଇଲେ ସମୀପେ । ୨୦ ।
ବରାୟୁଧ ଧୃତ କ୍ରୋଧେ ପ୍ରଜ୍ୱଳିତ ମୂର୍ତ୍ତି ।
ବିଶ୍ୱକେତୁ ନାମ ପୁନଃ ପୁନଃ ବୋଲୁଛନ୍ତି । ୨୧ ।

---

୧୭ଶ ପଦ – ଅଶନ – ଭୋଜନ । ଅଙ୍ଗଣ – ଅଗଣା ।
୧୮ଶ ପଦ –ବିଗତଭୟ – ନିର୍ଭୟ । କ୍ରତୁ – ଯଜ୍ଞ ।
୧୯ଶ ପଦ—ସମିଧ—ହୋମକାଷ୍ଠ ।
୨୦ଶ ପଦ – ବୀତିହୋତ୍ର ପ୍ରିୟା – ସ୍ୱାହା ଦେବୀ । ଅସ୍ରପେ – ରାକ୍ଷସମାନେ ।
୨୧ଶ ପଦ—ବିଶ୍ୱକେତୁ—ମାର ।

---

୧୬ଶ ପଦ—(ରାମଚନ୍ଦ୍ର ଆସିବାର ଖବର ପାଇ ) ବ୍ରହ୍ମମାନେ ଓ ବାନାପ୍ରସ୍ଥାଶ୍ରମୀମାନେ ଆସି ଭରତେ ମିଳିଲେ । ତାହାପରେ ବ୍ରହ୍ମବ୍ରତୀମାନେ ଓ ଦଣ୍ଡିମାନେ ଆସି ଆଶୀର୍ବାଦ କଲେ ।

୧୭ଶ ପଦ—ତପରେ ବିଶ୍ୱାମିତ୍ର ନାନା ପ୍ରକାର ଭୋଜନରେ ତାହାଙ୍କର ମନକୁ ବୋଧ କରି ରାତ୍ରରେ ଚନ୍ଦ୍ର କିରଣରେ ଅଗଣା ମଧ୍ୟରେ ବସିଲେ ।

୧୮ଶ ପଦ – ରାମ କହିଲେ, "ହେ ମୁନିଶ୍ରେଷ୍ଠ ! ରାକ୍ଷସମାନଙ୍କଠାରୁ ତୁମ୍ଭେ ନିର୍ଭୟ ହୋଇ ଯାଗ ଆରମ୍ଭ କର ।"

୧୯ଶ ପଦ —ରାମ ଏହି ବଚନ ପ୍ରକାଶ କରନ୍ତେ, ବିଶ୍ୱାମିତ୍ର ଆନନ୍ଦ ହୋଇ ନାନାପ୍ରକାର ଯଜ୍ଞୋପକରଣ ଜିନିଷ ଓ ହୋମ କାଷ୍ଠରେ ଯାଗ ଆରମ୍ଭ କଲେ ।

୨୦ଶ ପଦ—ରାକ୍ଷସମାନେ ଅଗ୍ନିଙ୍କର ପ୍ରିୟ ସ୍ୱାହା ଶବ୍ଦ ଶୁଣି ଖର-ତରରେ ଆସି ଯଜ୍ଞ ସମୀପରେ ପ୍ରବେଶ ହେଲେ ।

୨୧ଶ ପଦ—ସେ ରାକ୍ଷସମାନେ ଖଡ୍ଗ ଧରି ଅଛନ୍ତି ଓ କ୍ରୋଧରେ ଅତି ପ୍ରଜ୍ୱଳିତ ହୋଇ ମାର ମାର ବୋଲି ଥରକୁ ଥର କହୁଅଛନ୍ତି ।

ବ୍ୟାଘ୍ରଗନ୍ଧ ଆଘ୍ରାଣେ ଗୋ ପରି ପଳାଇତ ।
ବୋଲି ବେଦଅର୍ଥେ ରକ୍ଷ ରକ୍ଷ ଋଷିବ୍ରାତ । ୨୨ ।
ବାଣ ଧନୁ ଦୃଢ଼େ ଧରି ଶ୍ରୀରାମ ଲକ୍ଷ୍ମଣ ।
ବୀରୁଁ ଅନ୍ତରୁ ବାହାରି ଏ ରବ ଶ୍ରବଣ । ୨୩ ।
ବୋଲି ଏକାନ୍ତ ସ୍ଥଳର ନାମ ପୁନଃ ପୁନଃ ।
ବାହିନୀ ଦୁହିଙ୍କି ଦେଖି ତୃଣରେ ସମାନ । ୨୪ ।
ବାତାସ୍ତ୍ରେ ମାରୀଚ ଲକ୍ଷେ ଯୋଜନେ ପକାଇ ।
ବହ୍ନିବସୁ ଅସ୍ତ୍ରେ ଦେଲେ ସୁବାହୁ ଜଳାଇ । ୨୫ ।
ବିଚ୍ଛେଦିଲେ ଲକ୍ଷ୍ମଣ ସମସ୍ତ ସୈନ୍ୟ-କରୀ ।
ବଂଶଭ୍ରବୁଁ ତାଙ୍କୁ ସେ କୁଠାରପାଣି ପରି । ୨୬ ।

---

୨୨ଶ ପଦ—ଋଷିବ୍ରାତ—ମୁନି ସମୂହ ।

୨୩ଶ ପଦ—ବୀରୁ—ଲତା ମଧ୍ୟରୁ ।

୨୪ଶ ପଦ—ଏକାନ୍ତ ସ୍ଥଳର ନାମ—'ରହ' । ବାହିନୀ—ସେନା ।

୨୫ଶ ପଦ—ବାତାସ୍ତ୍ରେ—ପବନାସ୍ତ୍ରରେ । ବହ୍ନିବସୁ ଅସ୍ତ୍ର—ଆଗ୍ନେୟାସ୍ତ୍ର ।

୨୬ଶ ପଦ—କୁଳର ଗୋଟିଏ ପ୍ରତିଶବ୍ଦ 'ବଂଶ' ଶୁଣି ବଂଶର ଅନ୍ୟ ନାମ ବାଉଁଶ, ଅତଏବ 'ବଂଶଭ୍ରବୁ' ଅର୍ଥାତ୍ ସେମାନଙ୍କର କୁଳକୁ ବାଉଁଶ ମନେକରି । କୁଠାରପାଣି—ଶବର ।

---

୨୨ଶ ପଦ—ଗୋରୁସବୁ ବ୍ୟାଘ୍ରଗନ୍ଧ ଗ୍ରହଣରେ ପଳାୟନ କଲାପରି ମୁନିମାନେ "ରାକ୍ଷସ ରାକ୍ଷସ" କହି ପଳାଇଗଲେ ।

୨୩ଶ ପଦ—(ମୁନିଙ୍କର) ଏପରି ଶବ୍ଦ (ରକ୍ଷ ରକ୍ଷ ଶବ୍ଦ) ଶ୍ରବଣ କରି ରାମ ଓ ଲକ୍ଷ୍ମଣ ଦୁହେଁ ବାଣ ଓ ଧନୁକୁ ଦୃଢ଼ରି ସହିତ ଧରି ଲତା ଅନ୍ତରାଳରୁ ବାହାରି ହେଲେ ।

୨୪ଶ ଓ ୨୫ଶ ପଦ—ସେ ଦୁହେଁ 'ରହ ରହ' ବୋଲି କହି ଆସିଲେ । ମାରୀଚ ଓ ସୁବାହୁ—ଏ ଦୁଇ ସେନାପତିଙ୍କୁ ତୃଣ ସମାନ ମନେ କରି ପବନାସ୍ତ୍ରରେ ମାରୀଚ ଦୈତ୍ୟକୁ ଲକ୍ଷ ଯୋଜନ ପର୍ଯ୍ୟନ୍ତ ଉଡ଼ାଇ ଦେଲେ ଓ ଅଗ୍ନି ଅସ୍ତ୍ରରେ ସୁବାହୁ ରାକ୍ଷସକୁ ପୋଡ଼ିଦେଲେ ।

୨୬ଶ ପଦ—ରାକ୍ଷସମାନଙ୍କୁ ବାଉଁଶ ଗଛ ମନେ କରି ଶବର କୁଠାର ଦ୍ୱାରା ବାଉଁଶ ଗଛ ନିର୍ମୂଳ କଲାପରି ନ୍ୟାୟ ଲକ୍ଷ୍ମଣ ରାକ୍ଷସ ବଂଶ ବିଶେଷ ଭାବରେ ବିନାଶ କଲେ । (କଂସ ବଂଶ ଭ୍ରବୁଁ—ଗଜାସୁର ବଂଶଧର ବୋଲି ଭାବି ଲକ୍ଷ୍ମଣ ମହାଦେବଙ୍କ ପରି ସମସ୍ତଙ୍କୁ ବିନାଶ କଲେ) ।

ବହୁତକାଳୁଁ ଅପୂଜା ପୃଥ୍ୱୀଦେବୀ ଥିଲେ ।
ବହ୍ନି ରଙ୍ଗ ଶୋଣିତେ କି ମଦ୍ଧାର ପୂଜିଲେ । ୨୭ ।
ବାଷ୍ପ ଖଣ୍ଡା ଖସାଇଲା ନେତ୍ରୁଁ ଚିନ୍ତାକୁଳେ ।
ବିଷ୍ଟି ହେଲା ଅଜୁଁ ମୋ ପୁଂଙ୍କ ଅନୁକୂଳେ । ୨୮ ।
ବସାଇଲେ ଅଧଃସ୍ୱର୍ଗେ ହଠରେ ତ୍ରିଶଙ୍କୁ ।
ବାହୁଡ଼ି ସେ ଆରମ୍ଭିଲେ ଯଜ୍ଞକୁ ନିଃଶଙ୍କୁ । ୨୯ ।
ବାସବାଦି ଦେବେ ହବି ଭୁଞ୍ଜି ତୋଷ ହେଲେ ।
ବାହୁଡ଼ୁଁ ପୁରକୁ ରାମଭଦ୍ର ପଚାରିଲେ । ୩୦ ।
ବିପୁଳ କାମ୍ୟକ ବନେ ଥରେ ଭ୍ରମିଯିବା ।
ବୋଲି ବାହାରିଲେ ମୁନି ଘେନି ବେନି ଯୁବା । ୩୧ ।
ବାଟେ ସେ ବନରେ ପଡ଼ିଥିଲା ଦିବ୍ୟଶିଳା ।
ବିଶୋଉଁ ରାମଚରଣ ଲାଗି ସେ ଅବଳା । ୩୨ ।

---

୨୮ଶ ପଦ—ବିଷ୍ଟି—ଅଶୁଭ । ବାଷ୍ପ—ଲୋତକ । ଖଣ୍ଡା—ରାକ୍ଷସମାତା ତାଡ଼କା ।

୩୨ଶ ପଦ—ବିଶୋଉଁ—ବିଶ୍ରାମ କରୁଁ ।

---

୨୭ଶ ପଦ—ପୃଥ୍ୱୀଦେବୀ ବହୁ କାଳରୁ ଅପୂଜା ଥିଲେ । (ରାକ୍ଷସମାନେ) ଯାଗ ନଷ୍ଟ କରି ଦେଉଥିବାରୁ ଯଜ୍ଞାଦିକର୍ମ ହୋଇ ପାରୁ ନ ଥିଲା । ରାମ ଲକ୍ଷ୍ମଣ ପୃଥ୍ୱୀକୁ ରାକ୍ଷସଙ୍କ ରକ୍ତରେ ରଙ୍ଗ କରିଦେଲେ । ଏହା ଦେଖି ମନେ ହେଲା, ସେ ମନ୍ଦାର ପୁଷ୍ପରେ ପୃଥ୍ୱୀ ଦେବୀଙ୍କୁ ପୂଜା କଲେ କି ?

୨୮ଶ ପଦ—ରାକ୍ଷସ ମାତା ଚିନ୍ତାରେ ଆକୁଳ ହୋଇ ନେତ୍ରରୁ ଲୋତକ ବୁହାଇଲା । ( ସେ ଭାବିଲା ) ଆଜଠାରୁ ମୋ ପୁତ୍ରଙ୍କର ଅନୁକୂଳରେ ଅଶୁଭ ହେଲା ।

୨୯ଶ ପଦ—କୌତୁକରେ ତ୍ରିଶଙ୍କୁ ରାଜାଙ୍କୁ ଅର୍ଦ୍ଧସ୍ୱର୍ଗରେ ଯେଉଁ ବିଶ୍ୱାମିତ୍ର ବସାଇଥିଲେ, ସେ ନିର୍ଭୟରେ ବାହୁଡ଼ି ପୁଣି ଯଜ୍ଞ ଆରମ୍ଭ କଲେ ।

୩୦ଶ ପଦ—[ଯାଗ ହେବାରୁ] ଇନ୍ଦ୍ରାଦି ଦେବତାମାନେ ଯଜ୍ଞଭାଗ ପାଇ ତୋଷ ହେଲେ ଅର୍ଥାତ୍ ଯଜ୍ଞ ଶେଷ ହେଲା । ତାହା ପରେ ରାମଚନ୍ଦ୍ର ବିଶ୍ୱାମିତ୍ରଙ୍କୁ ପଚାରିଲେ, "ଆମେ ଅଯୋଧ୍ୟାକୁ ବାହୁଡ଼ି ଯାଉଛୁଁ ।"

୩୧ଶ ପଦ—ଏହା ଶୁଣି ବିଶ୍ୱାମିତ୍ର 'ବଡ଼ କାମ୍ୟକ ବନକୁ ଥରେ ବୁଲିଯିବା' ଏହା କହି ରାମ ଲକ୍ଷ୍ମଣଙ୍କୁ ସଙ୍ଗରେ ଘେନି ବାହାରିଲେ ।

୩୨ଶ ପଦ—ସେ କାମ୍ୟକ ବନକୁ ଯିବା ବାଟରେ ଗୋଟିଏ ସୁନ୍ଦର ପଥର ପଡ଼ିଥିଲା । ବିଶ୍ରାମ କରିବା ବେଳେ ରାମଙ୍କ ଚରଣ ଲାଗି ସେ ପଥର ସ୍ତ୍ରୀ ହୋଇଗଲା ।

ବିସ୍ମୟ ହୋଇ ଅନାଇଁ ଭାବେ ରଘୁପତି ।
ବନୀତାର ବନତାର ପ୍ରଭା ଏକାକୃତି । ୩୩ ।
ବନପ୍ରିୟ ତୋଷଦ ମା ରମଣୀ ଏ ଲୋକେ ।
ବନପ୍ରିୟ ତୋଷଦାମା ରମଣୀଏ ଲୋକେ । ୩୪ ।
ଖରାଜି ବର-କନକ-କଦମ୍ବ ରୁଚିରେ ।
ଖ-ରାଜିବର କନକ କଦମ୍ବ ରୁଚିରେ । ୩୫ ।
ବାସରେ ଆଚ୍ଛନ୍ନ ଶୋଭା ତୁଙ୍ଗ ପୟୋଧରେ ।
ବାସରେ ଆଚ୍ଛନ୍ନ ଶୋଭା ତୁଙ୍ଗ ପୟୋଧରେ । ୩୬ ।

---

୩୩ଶ ପଦ ବନୀତାର—ପୁଷ୍ପବାଟିକାର । ବନତା—ରମଣୀ । ପ୍ରଭା—ଦ୍ୟୁତି ବା କାନ୍ତି ।

୩୪ଶ ପଦ—ବନପ୍ରିୟ—ଗୌତମ ମହର୍ଷି (ବନ ପ୍ରିୟ ଯାହାଙ୍କର) ଲୋକେ ଅବଲୋକନ ଦ୍ୱାରା । ବନପ୍ରିୟ—କୋକିଳ । ରମଣୀ—ସ୍ତ୍ରୀ, କମନୀୟା ।

୩୫ଶ ପଦ ବର-କନକ-କଦମ୍ବ—ଉତ୍ତମବର୍ଣ୍ଣ ବିଶିଷ୍ଟ ସୁବର୍ଣ୍ଣସମୂହ । ରୁଚିରେ—ମନୋହର ଭାବରେ । ଖ-ରାଜି—ପକ୍ଷିସମୂହ ।

୩୬ଶ ପଦ—ବାସରେ—ବସ୍ତ୍ରଦ୍ୱାରା, ସୁଗନ୍ଧଦ୍ୱାରା । ଆଚ୍ଛନ୍ନ ଆବୃତ, ପରିପୂର୍ଣ୍ଣ । ତୁଙ୍ଗ—ସମୁନ୍ନତ, ଉନ୍ନତ । ପୟୋଧର—ସ୍ତନ, ନାରିକେଳ ବୃକ୍ଷ ।

---

୩୩ଶ ପଦ – ରାମ ବିସ୍ମୟ ହୋଇ ତାଙ୍କୁ ଅନାଇ ଭାବିଲେ, 'ଏ କାମ୍ୟକ ବନର ଦୀପ୍ତି ଓ ଏ ବାମାର ଶୋଭା ଏକାଭଳି ହୋଇଅଛି ।'

୩୪ଶ ପଦ—'ଏ ବନ କୋକିଳଙ୍କର ଆନନ୍ଦଦାୟକ ଓ ସୁଧୀମାନଙ୍କ ମନୋରମ ଅଟେ । ଏ ବନତା ମଧ୍ୟ ମୁନିଙ୍କର ଆନନ୍ଦଦାୟିକା ଓ ଲୋକଙ୍କ ମଧ୍ୟରେ କମନୀୟା ଅଟେ ।'

୩୫ଶ ପଦ—'ଏ ବନ ପକ୍ଷିମାନଙ୍କ ଦ୍ୱାରା ମଣ୍ଡିତ, ବର, ପଲାଶ, କଦମ୍ବ ବୃକ୍ଷରେ ଶୋଭିତ ହୋଇଅଛି; ସେହିପରି ଏ ବନତାଶ୍ରେଷ୍ଠ ଶୁଦ୍ଧ ସୁବର୍ଣ୍ଣର ଦୀପ୍ତିରେ ଦେଦୀପ୍ୟମାନ ।'

୩୬ଶ ପଦ – 'ଏ ବନ ପୁଷ୍ପ ସୌରଭରେ ଆମୋଦିତ ଓ ଅତି ଉଚ୍ଚ ନାରିକେଳ ବୃକ୍ଷମାନଙ୍କ ଦ୍ୱାରା ଆଚ୍ଛାଦିତ ହୋଇଅଛି । ଏ ବନତା ମଧ୍ୟ ତଦ୍ରୂପ ଉନ୍ନତ ସ୍ତନ ଦ୍ୱୟକୁ ଲୁଗାରେ ଆଚ୍ଛାଦନ କରି ଶୋଭା ପାଉଅଛି ।'

ବେଣୀ କେଶରେ ରଞ୍ଜନ ସିନ୍ଦୂର ଛଟାରେ ।
ବେଣୀ କେଶରେ ରଞ୍ଜନ ସିନ୍ଦୂର ଛଟାରେ । ୩୭ ।
ବଳା, ମଲ୍ଲି କଡ଼ି, ଫୁଲ ମଣ୍ଡନ ଅଭୁଲ ।
ବଳା, ମଲ୍ଲି କଡ଼ି, ଫୁଲ ମଣ୍ଡନ ଅଭୁଲ । ୩୮ ।
ବିଲୋକି ବିଲୋକ ପୁଚ୍ଛା କଲେ ଦାଶରଥି ।
ବରାଙ୍ଗନା ହେଲା ଶିଳା କି ବିଷୟୁ ଏଥି ? ୩୯ ।
ବିଶ୍ୱାମିତ୍ର ବୋଲେ ଆହେ ମିତ୍ରବଂଶୀ ଶୁଣ ।
ବିଧାତା ଭଗ୍ନ ଉର୍ବଶୀ ସୁନ୍ଦରିମା ଟାଣ । ୪୦ ।
ବିଧାତା ସର୍ବଲାବଣ୍ୟଧାମ କରି କରୁଁ ।
ବୃନ୍ଦାର ଭାନୁ ମାଗିଲେ ଦେଖି ଏହା ଗୁରୁଁ । ୪୧ ।

---

୩୭ଶ ପଦ —ବେଣୀ—ଦେବତାଡ଼ ବୃକ୍ଷ । କେଶର—ନାଗେଶ୍ୱର ବୃକ୍ଷ । ରଞ୍ଜନ —ରକ୍ତଚନ୍ଦନ ବୃକ୍ଷ । ସିନ୍ଦୂରଛଟା— ରକ୍ତବର୍ଣ୍ଣ ବୃକ୍ଷ ବିଶେଷ ।

୩୮ଶ ପଦ—ଅଭୁଲ—ଉପମାହୀନ ।

୪୦ଶ ପଦ —ମିତ୍ରବଂଶୀ— ସୂର୍ଯ୍ୟବଂଶୀୟ । ସୁନ୍ଦରିମାଟାଣ—ସୌନ୍ଦର୍ଯ୍ୟର ଗର୍ବ ।

୪୧ଶ ପଦ —ବୃନ୍ଦାର —ଇନ୍ଦ୍ର । ଭାନୁ—ସୂର୍ଯ୍ୟ ।

---

୩୭ଶ ପଦ—'ଏ ବନ ଦେବତାଡ଼, ନାଗେଶ୍ୱର, ସିନ୍ଦୂର, ରକ୍ତଚନ୍ଦନ ବୃକ୍ଷରେ ରଂଜିତ ହୋଇଅଛି । ଏ ବନିତା କେଶରେ ପଡ଼ିଥିବା ବେଣୀ, ସିନ୍ଦୂର ଓ ତିଳକ ଛଟାରେ ଶୋଭିତ ହୋଇଅଛି ।'

୩୮ଶ ପଦ —'ଏ ବନ ବାଡ଼ଅଁଳା ଗଛ ଏବଂ ଅଭୁଳନୀୟ କଡ଼ ଓ ଫୁଲରେ ଶୋଭିତ ମଲ୍ଲୀ ଗଛରେ ମଣ୍ଡିତ ହୋଇଅଛି । ଏ ବନିତା ବଳା, ମଲ୍ଲି କଡ଼ୀ କାନଫୁଲ, ଅଭୁଲ ପ୍ରଭୃତି ଅଳଙ୍କାର ଦ୍ୱାରା ଭୂଷିତ ହୋଇଅଛି ।'

୩୯ଶ ପଦ – ରାମ ସେ ବନିତାକୁ ଗୁରୁଙ୍କୁ (ମୁନିଙ୍କୁ) ପଚାରିଲେ, 'ପାଷାଣ ଦ୍ରବ୍ୟ ସ୍ତ୍ରୀ ହେଲା; ଏଥିର କାରଣ କଣ ?'

୪୦ଶ—୪୧ଶ ପଦ – ବିଶ୍ୱାମିତ୍ର କହିଲେ, 'ହେ ସୂର୍ଯ୍ୟବଂଶୀ ରାମଚନ୍ଦ୍ର ! ଶୁଣ । ବିଧାତା ଉର୍ବଶୀର ସୌନ୍ଦର୍ଯ୍ୟଗର୍ବ ଭଗ୍ନ କରିବା ନିମିତ୍ତ ସର୍ବଲାବଣ୍ୟ ନିଧାନ୍ନୀ ସ୍ତ୍ରୀ (ଏହି ଅହଲ୍ୟା) ନିର୍ମାଣ କଲେ । ତାହାର ଶୋଭା ଦେଖି ଇନ୍ଦ୍ର ଓ ସୂର୍ଯ୍ୟ ଦୁହେଁ (ତାହାକୁ ନେବା ନିମିତ୍ତ) ମାଗିଲେ ।'

ବୁଲି ଧରଣୀ ଯେ ଆଗେ ଆସିବ ତପନେ ।
ବାମଲୋଚନା ତାହାକୁ ପ୍ରାପତ୍ତ ବୋଇଲେ । ୪୨ ।
ବଚ ଶୁଣୁଁ ଭ୍ରମିଗଲେ ଦୁଇ ଦେବୋତ୍ତମ ।
ବ୍ୟଜନ ଚାଳନ କରୁଥିଲେ ଗଉତମ । ୪୩ ।
ବୋଇଲେ ତୁମ୍ଭେ ନ ଗଲ କିମ୍ପା ଏ ନିମିତ୍ତେ ।
ବ୍ରହ୍ମ ପ୍ରଦକ୍ଷିଣ କରି ସେ କର ଯୋଡ଼ନ୍ତେ । ୪୪ ।
ବିଭା କରୁଛନ୍ତି ତାଙ୍କୁ ହୋଇ ପୁରୋହିତ ।
ବଡ଼ ଅଭିମାନ ପାଇ ରବି ପୁରୁହୂତ । ୪୫ ।
ବ୍ରାହ୍ମଣ ଜାୟା ହେବାରୁ ତପନ ନିବର୍ତ୍ତି ।
ବିରହ ସେହି ବିଷୟେ ମହେନ୍ଦ୍ର ପ୍ରବର୍ତ୍ତି । ୪୬ ।
ବଶୀକରଣ ମନ୍ତ୍ରକୁ ସେଦିନୁ ଜପିଲେ ।
ବାଞ୍ଛାବଟ ତଳେ ରାମା ସଙ୍ଗ ମନାସିଲେ । ୪୭ ।

---

୪୬ଶ ପଦ – ତପନ – ସୂର୍ଯ୍ୟ । ମହେନ୍ଦ୍ର—ଇନ୍ଦ୍ର ।
୪୭ଶ ପଦ—ବାଞ୍ଛାବଟ – ପ୍ରୟାଗସ୍ଥିତ ସ୍ୱନାମ ପ୍ରସିଦ୍ଧ ବଟବୃକ୍ଷ ।

---

୪୨ଶ ପଦ—"ବିଧାତା କହିଲେ,—ଯେ ଧରଣୀକୁ ଶୀଘ୍ର ବୁଲି ଆଗ ଆସିବ, ତାହାକୁ ଏ ବାମଲୋଚନା ପ୍ରାପ୍ତ ହେବ ।"

୪୩ଶ ପଦ "ବ୍ରହ୍ମାଙ୍କ ମୁଖରୁ ଏହି ବାଣୀ ଶୁଣିବାରୁ ଇନ୍ଦ୍ର ଓ ସୂର୍ଯ୍ୟ ଧରଣୀ ବୁଲିବାକୁ ଗଲେ । ( ସେତେବେଳେ ) ଗୌତମ ଋଷି (ବିଧାତାଙ୍କ ପାଖରେ) ପଙ୍ଖା ପକାଉଥିଲେ ।"

୪୦ଶ ଓ ୪୫ଶ ପଦ –"ବ୍ରହ୍ମା ଗୌତମଙ୍କୁ କହିଲେ,—ଏ କନ୍ୟାପାଇଁ ତୁମ୍ଭେ ନ ଗଲ କିଆଁ ? ଏହା ଶୁଣି ଗୌତମ ବ୍ରହ୍ମାଙ୍କ ଚାରି ପାଶ ବୁଲି ଆସି କରଯୋଡ଼ ଠିଆ ହୁଅନ୍ତେ (ବ୍ରହ୍ମାଙ୍କ ଚାରିପାଖ ବୁଲିବା ଅର୍ଥ ବ୍ରହ୍ମ ଗର୍ଭରେ ସ୍ଥିତ ଭୂମଣ୍ଡଳକୁ ବୁଲିବା) ବ୍ରହ୍ମା ନିଜେ ପୁରୋହିତ ହୋଇ ତାଙ୍କୁ (ଗୌତମ ଓ ସେ କନ୍ୟା ଅହଲ୍ୟାଙ୍କୁ) ବିବାହ କରୁଅଛନ୍ତି, ସେତିକିବେଳେ ସୂର୍ଯ୍ୟ ଓ ଇନ୍ଦ୍ର (ପୃଥ୍ୱୀ ପର୍ଯ୍ୟଟନରୁ ଫେରି ବିବାହ କାର୍ଯ୍ୟ ଦେଖି) ବଡ଼ ଅପମାନିତ ହେଲେ ।"

୪୬ଶ ପଦ "ସେହି ସ୍ତ୍ରୀ ବ୍ରାହ୍ମଣର ସ୍ତ୍ରୀ ହେବାରୁ ସୂର୍ଯ୍ୟ ନିବୃତ୍ତ ରହିଲେ, ମାତ୍ର ଇନ୍ଦ୍ର ତାଙ୍କ ବିଷୟରେ ପ୍ରବର୍ତ୍ତିବାରମ୍ଭୀ ହୋଇଥିଲେ ।"

୪୭ଶ ପଦ –"ସେହିଦିନୁ ଇନ୍ଦ୍ର ବଶୀକରଣ ମନ୍ତ୍ର ଜପିଲେ, ପୁଣି ବାଞ୍ଛାବଟ ତଳରେ ରାମା ସଙ୍ଗ ମାନସ କଲେ ।"

ବସନ୍ତ, କୋକିଳ, ଅନଙ୍ଗଙ୍କୁ ଉଚ୍ଚାଟନେ ।
ବରଗିଲେ ଅତି ଯତ୍ନ କରି ଏହି ବନେ । ୪୮ ।
ବାଡ଼ବେୟଠାରୁ ପାଲଟାଇ ମନୋହର ।
ବକ୍ତ୍ରବିକ ରକ୍ଷୁ ମାତ୍ର କରଣ ଅନ୍ତର । ୪୯ ।
ବିନତି ଏକାନ୍ତେ ଦେଖି ଯେତେ ଭାବେ ହେଲେ ।
ବିସମ୍ମତି ସମ୍ମତିକି କିଛି ନ ଜାଣିଲେ । ୫୦ ।
ବରବେଶ ବହି ରସେ ମାନସ ଉଲ୍ଲାସୁଁ ।
ବୃଷଦଂଶ ରୂପ ପଳାୟିତ ଋଷି ଆସୁଁ । ୫୧ ।
ବଳପର ବନସ୍ଥୀ ଗୌତମ ପରୁରନ୍ତେ ।
ବିଗ୍ରହେ ସହସ୍ରଭଗ ବିହ ଲିଙ୍ଗ ହତେ । ୫୨ ।

---

୪୮ଶ ପଦ—ବାଡ଼ବେୟ—ଅଶ୍ୱିନୀକୁମାର ।
୪୯ଶତ ପଦ—ବକ୍ତ୍ରବିକାର—ମୁଖବିକୃତି ।
୫୧ଶତ ପଦ—ବୃଷଦଂଶ—ବିରାଡ଼ି ।
୫୨ଶତ ପଦ—ବଳପର—ଇନ୍ଦ୍ର । ବିଗ୍ରହ—ଦେହ ।

---

୪୮ଶ ପଦ—"ଅହଲ୍ୟାଙ୍କୁ ଉଚ୍ଚାଟନ କରିବାପାଇଁ ଇନ୍ଦ୍ର ବସନ୍ତଋତୁ, କୋକିଳ ଓ କନ୍ଦର୍ପଙ୍କୁ ଅତି ଯତ୍ନକରି ଏହି କାମ୍ୟକ ବନକୁ ପେଷିଲେ ।"

୪୯ଶତ ପଦ—"ଇନ୍ଦ୍ର ବିକୃତି ମୁଖକୁ ଛାଡ଼ି (ଘୋଡ଼ା ପରି ମୁହଁ ହୋଇଥିବାରୁ) ଅନ୍ୟ ସମସ୍ତ ସୁନ୍ଦର ରୂପକୁ ଅଶ୍ୱିନୀକୁମାରଙ୍କଠାରୁ ବଦଳ କରାଇଲେ ।"

୫୦ଶତ ପଦ—"ଅହଲ୍ୟାଙ୍କୁ ଏକାକୀ ଦେଖି ଇନ୍ଦ୍ର ଯେତେ ଭାବରେ ବିନୟ କରି କହିଲେ ସୁଦ୍ଧା ତାହାଙ୍କର ସମ୍ମତି ବା ଅସମ୍ମତି କିଛି ଜାଣିପାରିଲେ ନାହିଁ ।"

୫୧ଶତ ପଦ – "ଗୌତମଙ୍କ ବେଶ ପରି ବେଶ ଧରି ଶୃଙ୍ଗାର ରସରେ ଅହଲ୍ୟାଙ୍କ ମନକୁ ଉଲ୍ଲାସ କରିବା ସମୟରେ ଋଷି ତପସ୍ୟାରୁ ଫେରିଲେ । ତାଙ୍କୁ ଦେଖି ଇନ୍ଦ୍ର ମାର୍ଜାର ରୂପ ଧରି ପଳାଇଗଲେ ।"

୫୨ଶତ ପଦ—"ଗୌତମ (ଧ୍ୟାନ ବଳରେ ଜାଣିପାରି) ଇନ୍ଦ୍ରଙ୍କୁ ପଚାରନ୍ତେ, ସେ ବିନୟ ପ୍ରକାଶ କଲେ । ମୁନି କ୍ରୋଧରେ ଶାପ ଦେଲେ,— ତୁମ୍ଭର ଲିଙ୍ଗ ଭଗ୍ନ ହେଉ, ଦେହରେ ଶହସ୍ର ଯୋନି ବନ୍ଧନ କରୁ ।"

ବୋଲି ଋଷାଣ ହେମାଙ୍ଗୀ ପାଷାଣ କରାଇ ।
ହିମମ୍ବରା-ଧର-ରାଜେ ବାସ କଲେ ଯାଇ । ୫୩ ।
ହାଜ ତବ ପଦ-ଗନ୍ଧ ଲଭିଲା ସୁଗନ୍ଧ ।
ବନ୍ଦିଲା ଶ୍ରୀରାମେ ଶୁଣି ସେ ମୁନି ଆରନ୍ଧ । ୫୪ ।
ବନ୍ଦିତ ପଦରେ ହୋଇ ଉଦିତ ସ୍ନେହେଣ୍ଠା ।
ବିଶ୍ୱାମିତ୍ର ପୁଣି ହସ ହସ ହୋଇ କହ୍ନି । ୫୫ ।
ବିଶ୍ୱମୋହିନୀ-କନ୍ୟା ଏ ଦେଖିଲେ ଯେତେକ ରମ୍ୟ ।
ବିଦେହ ଦେଶେ ଧରାରୁ ସୁନ୍ଦରୀଏ ଜନ୍ମ । ୫୬ ।
ବିଜ୍ଞ ହିହ୍ନ ଥିଲି ଶିଳା ଏହାକୁ କରାଇ ।
ବିତର୍କି ଏ ସୀତାର ଚରଣଦାସୀ ଏହି । ୫୭ ।
ବର ସମେ ସୁଷମେ ଜଗତେ ନାହିଁ ଯେଣୁ ।
ବ୍ୟୋମକେଶ ଧନୁଭଗ୍ନ ସ୍ୱୟମ୍ବର ତେଣୁ । ୫୮ ।

---

୫୩ଶତ ପଦ—ହିମମ୍ବରା-ଧରା-ରାଜେ ହିମାଳୟ ପର୍ବତରେ ।
୫୮ଶତ ପଦ—ସୁଷମେ—ଶୋଭାରେ । ବ୍ୟୋମକେଶ - ମହାଦେବ ।

---

୫୩ଶତ ପଦ—"ଇନ୍ଦ୍ରଙ୍କୁ ଏହା କହି ବିଶୁଦ୍ଧ ସ୍ୱର୍ଣ୍ଣବର୍ଣ୍ଣା ଅହଲ୍ୟାଙ୍କୁ ପାଷାଣ କରି ଋଷି ଯାଇ ହିମାଳୟ ପର୍ବତରେ ବାସ କଲେ ।"

୫୪ଶତ ପଦ—"ଅହଲ୍ୟାଠି ତୁମ୍ଭ ପାଦ ବାଜିବାରୁ ଉତ୍ତମଗନ୍ଧ ଅର୍ଥାତ୍ ପାପ ଶରୀରରୁ ମୁକ୍ତ ପାଇଲେ ।" ବିଶ୍ୱାମିତ୍ରଙ୍କର ଏ କଥା ଶୁଣି ଅହଲ୍ୟା ଶ୍ରୀରାମଙ୍କ (ଏ ସାକ୍ଷାତରେ ବିଷ୍ଣୁ ଜାଣି) ବନ୍ଦାପନା କଲେ ।

୫୫ଶତ ପଦ—ସେ ଅହଲ୍ୟା ଗୌତମଙ୍କ ପାଖକୁ ଯିବାପାଇଁ ଆଗ୍ରହ ପ୍ରକାଶ କଲେ ଓ ଯାଇ ପତିଙ୍କର ସ୍ନେହପାତ୍ରୀ ହେଲେ । ପୁଣି ବିଶ୍ୱାମିତ୍ର ହସ ହସ ହୋଇ ରାମଙ୍କୁ କହିଲେ—

୫୬ଶତ ଓ ୫୭ଶତ ପଦ—"ଏହି ଜଗତ୍‌ମୋହିନୀ କନ୍ୟାକୁ ଯେତେ ସୁନ୍ଦର ଦେଖିଲ, ମିଥିଳାରେ (ଏହାଠାରୁ ବଳି) ଏକ ସୁନ୍ଦରୀ କନ୍ୟା ପୃଥ୍ୱୀ ମଧ୍ୟରୁ ଜନ୍ମ ହୋଇଛି । ବିଶେଷରେ ଜ୍ଞାମ ବିଧା . । ସେ ସୀତାଙ୍କର ଚରଣଦାସୀ ପଥର କରିବ—ଏହି ଯୁକ୍ତିରେ ଏହାକୁ (ଏ ଅହଲ୍ୟାକୁ) ପଥର କରାଇଥିଲି ।"

୫୮ଶତ ପଦ—ଯେ ହେତୁରୁ ବ୍ରହ୍ମାଣ୍ଡରେ ତାହାର ଶୋଭା ସମାନରେ ବର ନାହିଁ, ତେଣୁ ମହାଦେବଙ୍କ ଧନୁର୍ଭଙ୍ଗ ପଣରେ ସ୍ୱୟମ୍ବର ହେଲା । (ଅର୍ଥାତ୍ ଶିବଧନୁ ଯେ ଭାଙ୍ଗିବ, ସେ କନ୍ୟାକୁ ବିବାହ କରିବ—ଏହି ପଣ ରଖି ସ୍ୱୟମ୍ବର କରାଗଲା) ।

ଶାରଧି ପ୍ରକାଶ ତବ ହେଉ ଅତିଶୟ ।
ବଲ୍ଲଭ ହୁଅ ତା ଇଷ୍ଟ ଫଳୋଦୟେ । *୫୯ ।
ବିଭାକରବଂଶୀ ବୋଲେ ଅଛି ପରମ୍ପରା ।
ବ୍ରହ୍ମାଣ୍ଡ ସାର-ସୁନ୍ଦରୀ ରମ୍ଭା ଅପସରା । ୬୦ ।
ବିଭାତି ଜ୍ୟୋତିରିଙ୍ଗଣ ରାତ୍ରରେ ଦେଖାଇ ।
ବିଲୁପ୍ତ ପ୍ରଭାତ ପ୍ରଭା ଯେମନ୍ତ କରଇ । ୬୧ ।
ବୈଦେହୀ ଜାତରୁ ରମ୍ଭା ତଥା କହେ ଋଷି ।
ବାଷଠି ପଦେ ଏ ଛାନ୍ଦ ଉପଇନ୍ଦ୍ର ଭାଷି । ୬୨ ।

—*—

*୫୯ତମ ପଦ—ଶାରଧି—ଶାରଙ୍ଗ ।
୬୦ତମ ପଦ—ବିଭାକର ବଂଶୀ—ସୂର୍ଯ୍ୟବଂଶୀୟ (ରାମଚନ୍ଦ୍ର) ।
୬୧ତମ ପଦ—ବିଭାତି—ପ୍ରଭା । ଜ୍ୟୋତିରିଙ୍ଗଣ—ଜୁଳୁଜୁଳିକା ପୋକ ।

*୫୯ତମ ପଦ—"ତୁମ୍ଭର ଶାରଙ୍ଗ ଖୁବ୍ ଭଲ ଭାବରେ ପ୍ରକାଶିତ ହେଉ । (ସୁବାହୁ, ମାରୀଚ ଇତ୍ୟାଦି ରାକ୍ଷସଙ୍କୁ ମାରିବାରୁ ଯେ ଶାରଙ୍ଗ ଜଣା ଯାଇଛି; ତା ଧନୁର୍ଭଙ୍ଗରେ ଅତିଶୟ ପ୍ରକାଶିତ ହେବ ) । ଆମ୍ଭ ଯାଗ ଇଷ୍ଟ କରିବାର ଫଳ ସ୍ୱରୂପ ତୁମ୍ଭେ ସେ ସୀତାଙ୍କର ସ୍ୱାମୀ ହୁଅ ।"

୬୦ତମ ପଦ—(ବିଶ୍ୱାମିତ୍ରଙ୍କ ବାଣୀ ଶୁଣି) ରାମ କହିଲେ, "ପୂର୍ବରୁ ପ୍ରସିଦ୍ଧି ଅଛି ପରା—ରମ୍ଭା, ଅପ୍ସରା ବ୍ରହ୍ମାଣ୍ଡରେ ସାର ସୁନ୍ଦରୀ । (ସୀତା କ'ଣ ତାଙ୍କଠାରୁ ବଳି ସୁନ୍ଦରୀ ? )"

୬୧ ଓ ୬୨ତମ ପଦ—ଋଷି କହିଲେ, "ଜୁଳୁଜୁଳା ପୋକ ରାତ୍ରରେ ତେଜ ଦେଖାଇ ଯେପରି ପ୍ରଭାତରେ ନିଜ ନିଜ ଜ୍ୟୋତି ଲୁପ୍ତ କରନ୍ତି, ସୀତା ଜାତ ହେବାରୁ ରମ୍ଭା ସେହିପରି ହେଲାଣି ।" ଉପେନ୍ଦ୍ରଭଞ୍ଜ ଏ ଛାନ୍ଦକୁ ବାଷଠି ପଦରେ ରଚନା କଲେ ।

—*—

## ଅଷ୍ଟମ ଛାନ୍ଦ

ରାଗ—କାଳୀ

ବିଜୟୀ-ବୀର ! ବିଜୟ କର ଯିବା ମିଥିଳାପୁର ।
ବାହାର ହୋଇ ବିହାର ତହିଁ କରନ୍ତି ମୁନିବର ।
ବଇଦେହୀ ଯେ ସୁନ୍ଦରୀବ୍ରଜେ ଅମୂଲ୍ୟ ଚୂଡ଼ାମଣି ।
ବର୍ତ୍ତମାନ ସେ ଭୂତ ଭବିଷ୍ୟେ ନାହିଁ ହୋଇବ ପୁଣି । ୧ ।
ବଶୀକରଣ ମୂର୍ତ୍ତି ଧାରଣ ଉଚ୍ଚାଟନ ତା ରୂପୁ ।
ବିଧିସୁନ୍ଦରୀ ସେ ପୁରନ୍ଦରୀ ତାହାକୁ ବୋଲିବାରୁ ।
ବିହିଲ ବିହି ପ୍ରଭା ଏ କାହିଁ ଶୋଭାସଂଗ୍ରହ ପାଇ ।
ବଣା ବିବେକ ପଣ୍ଡିତ ଲୋକମାନଙ୍କୁ କରି ଦେଇ । ୨ ।

---

୧ମ ପଦ—ସୁନ୍ଦରୀ ବ୍ରଜେ—ସୁନ୍ଦରୀ ସମୂହରେ । ଚୂଡ଼ାମଣି—ଶିରୋମଣି ।

୨ୟ ପଦ—ବଶୀକରଣ ମନ୍ତ୍ର—ଯେଉଁ ମନ୍ତ୍ର ଜପ କଲେ ସମସ୍ତେ ବଶ ହୁଅନ୍ତି । ସୁନ୍ଦରୀପୁରନ୍ଦରୀ—ସୁନ୍ଦରୀ ଶିରୋମଣି । ପ୍ରଭା—କାନ୍ତି ।

---

## ଅଷ୍ଟମ ଛାନ୍ଦ

୧ମ ପଦ—"ହେ ବିଜୟୀ ବୀର ! ଚାଲ ମିଥିଳା ପୁରକୁ ଯିବା ।" ବିଶ୍ୱାମିତ୍ର ଏହା କହିବାରୁ ଉଭୟେଁ ବାହାର ହୋଇ ଗଲେ । ବାଟରେ ମୁନିବର କହିଲେ, 'ସୀତା ସୁନ୍ଦରୀମାନଙ୍କ ମଧ୍ୟରେ ଶିରୋମଣି ଅଟନ୍ତି । ତାଙ୍କପରି ସୁନ୍ଦରୀ ବର୍ତ୍ତମାନ କାଳରେ ଆଉ କେହି ନାହାନ୍ତି, ଅତୀତ କାଳରେ ନ ଥିଲେ ବା ତା ଭବିଷ୍ୟତରେ ହେବେ ନାହିଁ ।"

୨ୟ ପଦ—"ସେ ସୀତା ବଶୀକରଣ ମନ୍ତ୍ରର ମୂର୍ତ୍ତି ଧାରଣ କରିଅଛନ୍ତି (ତାଙ୍କୁ ଦେଖିଲେ ଯେ କୌଣସି ଲୋକ ବଶୀଭୂତ ହେବ) । ପୁଣି ତାଙ୍କର ମନୋହର ରୂପ ଦେଖି ସମସ୍ତେ ଉଚ୍ଚାଟ ହେବେ । ବିଧାତା ନିର୍ମିତ ସୁନ୍ଦରୀମାନଙ୍କ ମଧ୍ୟରେ ସେ ସର୍ବଶ୍ରେଷ୍ଠା; ଏହା କହିଲେ ମଧ୍ୟ ଯଥେଷ୍ଟ ହେବ ନାହିଁ । ବିହି କାହୁଁ ଏତେ ଶୋଭାମାନ ସଂଗ୍ରହ କରି ସେ ରୂପ ଗଢ଼ିଲା ? ଏହି ପ୍ରଶ୍ନ ପଣ୍ଡିତମାନଙ୍କର ବିବେକକୁ ବଣା କରି ଦେଉଅଛି । (ପଣ୍ଡିତମାନେ କିଛି ସ୍ଥିର କରି ନ ପାରି ବଣା ହେଉଅଛନ୍ତି) ।

ବିଗ୍ରହକାନ୍ତି କି ଝଟକନ୍ତି କନକ ଅନାଇଲା ।
ବାନ ବଢ଼ାଇ ଅଗ୍ନିରେ ଦହି ଶିଳେ କଷାଇ ହେଲା ।
ବଣିକଶ୍ରେଣୀ ଅସମ ଜାଣି ହେଲେ ପ୍ରହାରଦାନୀ ।
ବସାଇ ତୁଳେ ରତିଏ ବୋଲେ ତେତିକି ଲକ୍ଷ ଘେନି । ୩ ।
ବିଟର ଜ୍ୟୋତି ଲଭି ସେ ଖ୍ୟାତି ବିଦ୍ୟୁ ଲକ୍ଷଣ ଏତେ ।
ବୁଜ ଈକ୍ଷଣ ହୋଏ ତକ୍ଷଣ ଯାହା ଦର୍ଶନ ମାତ୍ରେ ।
ବଢ଼ାଇ ହୀନ କଣ୍ଟକପର୍ଣ୍ଣ ମଧ୍ୟର ଦରେ ଲୁଚି ।
ବାସ ସମେଳ କେତକୀ ଫୁଲ କେତେ ମନକୁ ରୁଚି । ୪ ।
ବାହ୍ଲୀକ ଚୂର୍ଣ୍ଣ କରି ସେବନ ମନକୁ ମନାଇଲା ।
ବରବର୍ଣ୍ଣିନା ଜଗଦ୍‌ବନ୍ଦନା ଏଣୁ କି ବୋଲାଇଲା ?

---

୩ୟ ପଦ ବିଗ୍ରହକାନ୍ତି—ଦେହଶୋଭା । କନକ—ସୁନା । ବାନ—କାନ୍ତି ବା ଶୋଭା ।

୫ମ ପଦ ବାହ୍ଲୀକ ଚୂର୍ଣ୍ଣ—କୁଙ୍କୁମ ଚୂର୍ଣ୍ଣ । ସ୍ମରପ୍ରିୟା—ରତି । ସ୍ମର — ସ୍ମରଣ କର ।

---

୩ୟ ପଦ—"ତାହାଙ୍କ ଶରୀରର ଅନବଚ୍ଛିନ୍ନ ଶୋଭାକୁ ଦେଖି ସୁବର୍ଣ୍ଣ (ମୁଁ ଏହିପରି ହେବି ମନେ କରି) ଅଗ୍ନିରେ ନିଜ ଅଙ୍ଗକୁ ଦଗ୍ଧ କଲା, କଷଟି ପଥରରେ ନିଜକୁ ଘଷାଇଲା । ତେବେ ସୁଦ୍ଧା ବଣିଆମାନେ ସୀତାଙ୍କ କାନ୍ତିକୁ ସମାନ ନ ହେବାର ଜାଣି ତାକୁ ପ୍ରହାର କଲେ । ତୁଳ ପାତ୍ରରେ ବସାଇ ତୁଳି ରତିଏ ପ୍ରମାଣ ହେବାର ଲକ୍ଷ୍ୟ କଲେ । (ସୀତାଙ୍କ କାନ୍ତି ତୁଳନାରେ ଏ ରତିଏ ମାତ୍ର ଅଟେ) ।"

୪ର୍ଥ ପଦ—"ବିଜୁଳିର ଜ୍ୟୋତିକୁ ଚାହିଁଲାମାତ୍ରେ ଚକ୍ଷୁ ବୁଜି ହୋଇଯାଏ । ସେ ବିଜୁଳି (ସୀତାଙ୍କ ରୂପ ଦେଖି) ଭୟ ପାଇ ଦେଖାଦେବା ମାତ୍ରେ ଲୁଚି ଯାଉଅଛି । (ବିଜୁଳିର ଶୋଭା କ୍ଷଣସ୍ଥାୟୀ, ମାତ୍ର ସୀତାଙ୍କ ଶୋଭା ଚିରସ୍ଥାୟୀ; ବିଜୁଳିକୁ ଦେଖିଲେ ଆଖି ବୁଜି ହୋଇଯାଏ, ସୀତାଙ୍କ କାନ୍ତିକୁ ଚାହିଁଲେ ଆଉ ବେଶିବେଳ ଦେଖିବାକୁ ମନ ହୁଏ । ତେଣୁ ସୀତାଙ୍କ କାନ୍ତିଠାରୁ ଉତ୍କୃଷ୍ଟତର) । କେତକୀ ଫୁଲ ନିଜ ଦେହ ଶୋଭା ଓ ସୁବାସକୁ ସୀତାଙ୍କ ଶୋଭା ଓ ବାସନାଠାରୁ ହୀନ ଦେଖି ଭୟରେ କଣ୍ଟାପତ୍ର ମଧ୍ୟରେ ଲୁଚି ରହିଲା ।"

୫ମ ପଦ – "ସୀତାଙ୍କ କାନ୍ତିକୁ ସମାନ ହେବ ବୋଲି କୁଙ୍କୁମ ଚୂର୍ଣ୍ଣହୋଇ ତାଙ୍କୁ ସେବା କରି ମନ ମନାଇଲା । ତେଣୁ ଜଗଦ୍‌ବନ୍ଦନୀୟା ସୀତା କୁଙ୍କୁମବର୍ଣ୍ଣା

ବରବର୍ଣ୍ଣିନୀ କହିଗୋରଚନା ବୋଲାଇ ତର୍କ ହୋଏ ।
ବିଲକ୍ଷ ସ୍ମର ପ୍ରିୟାକୃତି ସ୍ମର ରତି ନାମକୁ ପାଏ । ୫ ।
ବହୁଁ ସମୁଦ୍ର ମନ୍ଥନୁ ଚନ୍ଦ୍ର ଜନମ ଯେଉଁକାଳେ ।
ବିହୀନ କ୍ଷୀଣ କଳଙ୍କେ ଜାଣ ନିର୍ମଳ ହୋଇଥିଲେ ।
ବଦନେ ଜାନକୀର ସମାନ ମନ ଜାଣିକି ବିଧି ।
ବିମ୍ବବେଷ୍ଟନ କୋହ୍ଳ ବର୍ତ୍ତି ଗ୍ରୀବେଢି କାଟିଦେଇ । ୬ ।
ବନଜ ଆଦରଶ କି ବାଦ ରଚି ହୁଅନ୍ତେ ଯୋଖ ।
ବିସ୍ତାର ଆହା କି ଝଳ ଆହ୍ଲାଦ ସୁବାସ ମୁଖ ।
ବିଲୋଳ ଚଳ ସୁଧା କଲ୍ଲୋଳ ଲାବଣ୍ୟ ସରିତରେ ।
ବିକାଶ ହାସ କରଇ ହାସ-ହୀରକୁ ନିରନ୍ତରେ । ୭ ।

---

୭ମ ପଦ ବନଜ ପଦ୍ମ । ଆଦରଶ –ଦର୍ପଣ । ବିଲୋଳ—ଚଞ୍ଚଳ ।

---

ଆଖ୍ୟା ପାଇଲେ । ଶ୍ରେଷ୍ଠ ବର୍ଣ୍ଣବିଶିଷ୍ଟ ଗୋରଚନା (ତାଙ୍କ କାନ୍ତିକୁ ସମାନ ନ ହୋଇ) ସୀତାଙ୍କର ମୂର୍ତ୍ତି ବ୍ୟାଜରେ ରତ ହେଲା । ସୀତାଙ୍କ ଶୋଭାକୁ ଲକ୍ଷ୍ୟ ନ ହେବାରୁ କାମଦେବର ସ୍ତ୍ରୀ ରତି ନାମକୁ ଧାରଣ କଲା । (ଅର୍ଥାତ ସୀତାଙ୍କ ଶୋଭା ସହିତ କାମଦେବ ପତ୍ନୀର ଶୋଭା ତୁଳନା କଲେ ରତିଏ ପ୍ରମାଣ ହେବ ।)

୬ଷ୍ଠ ପଦ—"ଦେବତା ଅସୁର ମିଶି ସମୁଦ୍ର ମନ୍ଥନ କରିବାରୁ ଯେତେବେଳେ ଚନ୍ଦ୍ର ଜନ୍ମ ହେଲେ, ସେତେବେଳେ ସେ ପୂର୍ଣ୍ଣ ଓ କଳଙ୍କ ବିହୀନ (ନିଷ୍କଳଙ୍କ) ହୋଇଥିଲେ । (ମୁଁ ଜାନକୀର ବଦନ ସହିତ ସମାନ ହେଲି) ଏହା ମନେ କରିବାରୁ ବିଧାତା ମୁଣ୍ଡିକାକାଟି ଚନ୍ଦ୍ରକୁ ଭୁଲ ବୋଲି ଜଣାଇଦେଲେ । (ନିଷ୍କଳଙ୍କ ପୂର୍ଣ୍ଣଚନ୍ଦ୍ର ମଧ୍ୟ ସୀତାଙ୍କ ବଦନକୁ ସମାନ ହେଲା ନାହିଁ, ବର୍ତ୍ତମାନ ଚନ୍ଦ୍ରରେ ତ କଳଙ୍କ ଓ କ୍ଷୀଣତା ପ୍ରକାଶ ପାଉଛି; ସେ ବା କିପରି ସମାନ ହେବ ? ମୁଁ ସୀତାଙ୍କ ବଦନ ସହିତ ସମାନ ହେଲି,—ଚନ୍ଦ୍ର ବୃଥାରେ ଏହି ଗର୍ବ କରିବାରୁ ତାର ଗର୍ବ ଭାଙ୍ଗିବାପାଇଁ ବିଧାତା ତାକୁ ମୁଣ୍ଡିକା ମଧ୍ୟରେ ଅର୍ଥାତ ଚନ୍ଦ୍ର ମଣ୍ଡଳ ଭିତରେ ରଖିଲେ) ।"

୭ମ ପଦ—"ପଦ୍ମ ଓ ଦର୍ପଣ ଏ ଦୁହେଁ ବାଦ କରି ସୀତାଙ୍କ ମୁଖ ସହିତ ସମାନ ହୁଅନ୍ତେ କି ? (ସମାନ ହେଲେ ନାହିଁ) । ଲାବଣ୍ୟ ତରଙ୍ଗିଣୀରେ ଚଞ୍ଚଳ ଓ ଢଳ ଢଳ ଅମୃତମୟ ତରଙ୍ଗପରି ହୀରାକୁ ଦାସ କରି ରଖିଥିବା ଯେଉଁ ହାସ ବିଶିଷ୍ଟ ମୁଖ,—ସେଥିରେ ସୌରଭ ଓ ଆହ୍ଲାଦ ଉଭୟ ବିଦ୍ୟମାନ । (ପଦ୍ମରେ କେବଳ ସୌରଭ ଓ ଦର୍ପଣରେ କେବଳ ଆହ୍ଲାଦ ଗୁଣ ଅଛି, ମାତ୍ର ସୀତାଙ୍କ ବଦନରେ ଉଭୟ ଥିବାରୁ, ସେମାନେ ତୁଳନୀୟ ନୁହନ୍ତି) ।"

ବିଧୁ ବିଧୁର ଗର୍ବରୁ ଚୂର ସବାସ ଦ୍ରବ୍ୟ ଦର୍ଭ ।
ବିକଶିତରେ ଯେ ଈଷିତରେ ନ ଲଭିଲା ସନ୍ଦର୍ଭ ।
ବିକଶିତ ଯେ କୁମୁଦପୁଞ୍ଜେ ହସନେ ସଙ୍କୋଚ ବହି ।
ବୁଡ଼ିଣୀଗାରେ ପଡ଼ି ଲାଜରେ ଦୃଢ଼ ଆୟୁଷୁଁ ଗାଇଁ । ୮ ।
ବିସ୍ଫାରିତ ତା ଲୋଚନ ଗତାଗତ କରଇ ଢୋଳା ।
ବିଲଜ୍ଜଭୃଙ୍ଗ ସରୋଜେ ସଙ୍ଗ ହୋଇ ଶିଖେ ସେ ଲୀଳା ।
ବାତେ ଚଳଇ ମାଳୋପୃଳଙ୍କୁଁ ସେ ଛବି ଲକ୍ଷ ହେଜ ।
ବାଳକ କରେ ସାରେଣୀ କରେ ଖେଳା ତରୁଣ ତେଜ । ୯ ।

---

୮ମ ପଦ—ବିଧୁ—କର୍ପୂର । ବିଧୁର—କାତର । ଦର୍ଭ—କୁଶ । ସନ୍ଦର୍ଭ—ଶ୍ରେଷ୍ଠତା, ଏଠାରେ ପୂର୍ଣ୍ଣତା ।

୯ମ ପଦ—ବିସ୍ଫାରିତ—ବିସ୍ତାରିତ । ବିଲଜ୍ଜଭୃଙ୍ଗ—ନିର୍ଲଜ୍ଜ ଭ୍ରମର । ସରୋଜ—ପଦ୍ମ । ତରୁଣ—ଯୁବକ । ଶାଳତ—ଚଳିତ । ସାରେଣୀ—ନଟୁ ବା ନଟୁ ଜାତୀୟ ଖେଳନା ।

---

୮ମ ପଦ—"ସୀତାଙ୍କ ହାସକୁ ସମ ବୋଲି ଗର୍ବ କରିବାରୁ କର୍ପୂର ବିଶେଷ ଭାବରେ ଚୂର୍ଣ୍ଣ ହେଲା । ସବାସଦ୍ରବ୍ୟ କୁଶ ପ୍ରସ୍ଫୁଟିତ କୁସୁମରେ ସୀତାଙ୍କ ହାସ ପରିପାଟୀକୁ ଲେଶମାତ୍ର ସରି ହେଲା ନାହିଁ । କୁମୁଦମାନେ ସୀତାଙ୍କ ହାସଛଟାକୁ ହସନେ ହେଲେ ସମାନ ନ ହେବାରୁ ଲଜ୍ଜିତ ହୋଇ ମରିବା ଇଚ୍ଛାରେ ପାଣିରେ ବୁଡ଼ିଲେ, ମାତ୍ର ଆୟୁଃବଳ ଥିବାରୁ ନ ମରି ବଞ୍ଚି ରହିଲେ । (ସୀତାଙ୍କ ହାସ ଛଟାକୁ କର୍ପୂର, କୁଶ ଫୁଲ ଓ କୁମୁଦ ମଧ୍ୟ ସମାନ ନୁହନ୍ତି । ’

୯ମ ପଦ—ସୀତାଙ୍କ ବିସ୍ଫାରିତ ଲୋଚନରେ ଗତାଗତ କରୁଥିବା ଢୋଳାକୁ ଚାହିଁ ନିର୍ଲଜ୍ଜ ଭ୍ରମର ପଦ୍ମର ସଙ୍ଗ ହୋଇ ସେ ଢୋଳା ଲୀଳାକୁ ଶିଖୁଅଛି । ତାହା ସେ କାହିଁ ପାଇବ ? ମଳୋପୃକ ପବନଦ୍ୱାରା ଚାଳିତ ହେବା ଛବି ସେ ନେତ୍ର ଢୋଳାର ଗତାଗତ ଛବିକୁ ମଧ୍ୟ ଲକ୍ଷ୍ୟ ନୁହେଁ । ସେ ନେତ୍ର ଢୋଳାର ଚଞ୍ଚଳତାକୁ ନ ପାଇ ସାରେଣୀ ଯୁବକ ଦ୍ୱାରା ତ୍ୟାଜ୍ୟ ହୋଇ ବାଳକ ମାନଙ୍କ ହସ୍ତରେ ଖେଳା କରୁଅଛି । (ଢୋଳାର ଚଞ୍ଚଳତାକୁ ସମାନ ନ ହେବାରୁ ଯୁବକମାନେ ସାରେଣୀକୁ ତ୍ୟାଗକଲେ, ମାତ୍ର ଅଜ୍ଞାନ ବାଳକମାନେ କିଛି ଜାଣି ପାରୁ ନ ଥିବାରୁ ସାରେଣୀ ତାଙ୍କ ହସ୍ତର କ୍ରୀଡ଼ନକ ହେଲା) ।”

ବଙ୍କ ଭ୍ରୂଲତା ନିକଟେ ସ୍ଥିତା ଗୃହୀ କମାଣେ ରହି ।
ବିଶିଖ ଗତି କରୁଅଛନ୍ତି ପକ୍ଷ୍ମପକ୍ଷକୁ ବହି ।
ବର୍ଣ୍ଣ ନିବିଧୁଁ ଶାଳିତ ସାଧ ହିଙ୍ଗୁଳ କଳା ଶଙ୍ଖେ ।
ବହୁରୂପ ଏ ଆନ ପରାୟେ ସଥା ଆପଣ ସୁଖେ । ୧୦ ।
ବିପିନ ଘନେ ପଶି ବହନେ ଚଞ୍ଚଳେ ହରି ମୃଗ ।
ବଂଶରେ କେହି ସେ ସମ ଧ୍ୟାୟୀ ମଣ ଚନ୍ଦ୍ରରେ ଯୋଗ ।
ବାଞ୍ଛିତ୍ର କର୍ମହୀନର ଶ୍ରମ କଲେ ପ୍ରାପତ କାହିଁ ?
ବିମଳ ପଦାର୍ଥକୁ ସର୍ବଦା ସମଳ କଲା ସହିଁ । ୧୧ ।
ବସିଲେ ଭୁଜେ ଦଇବ ବଳେ ଗୁଞ୍ଜା କି ରତ୍ନ ପ୍ରାୟେ ?
ବିନମିଷେ ଯେ ମୀନସମାଜେ, ଖଞ୍ଜନ କର୍ମେ ଭୟେ ।

---

୧୦ମ ପଦ—କମାଣ—ଧନୁ । ବିଶିଖ—ଶର । ଶାଳିତ—ଶଣିତ ।

୧୨ଶ ପଦ—ଗୁଞ୍ଜା—କାଇଁଚ । ନିମିଷ—ପକ୍ଷ୍ମପାତ ଶୂନ୍ୟ । ବାନୀ—ସୀତାଦେବୀ ।

---

୧୦ମ ପଦ—ସୀତାଙ୍କ ନେତ୍ର ଲୋମକୁ ବହି ବଙ୍କ ଭ୍ରୂଲତା ନିକଟରେ ରହିଅଛି । ତାହାକୁ ଦେଖି ମନେ ହୁଏ, ପକ୍ଷଯୁକ୍ତ ଶର ଧନୁରେ ରହି ନେତ୍ରର ଗତି ଶିକ୍ଷା କରୁଅଛି କି ? ବହୁରୂପୀ ନୃତ୍ୟକରମାନେ ନିଜ ଇଚ୍ଛାରେ ଭିନ୍ନରୂପେ ଶଣିତ ହେଲା ପ୍ରାୟ ସେ ଲୋଚନଶର ରକ୍ତ, କୃଷ୍ଣ ଓ ଶୁକ୍ଳବର୍ଣ୍ଣ ଧାରଣ କରିଅଛି । (ନେତ୍ରର ଉପରେ ଲୋମ ଥାଏ ଓ ପାଖରେ ବଙ୍କ ଭ୍ରୂଲତା ଥାଏ । ଶର ନେତ୍ର ଗତି ସହିତ ସମାନ ହେବା ପାଇଁ ମୂଳରେ ପକ୍ଷ ଧାରଣ କଲା ଓ ବଙ୍କ ଧନୁରେ ଅବସ୍ଥାନ କଲା, ନେତ୍ର ନିବର୍ଣ୍ଣ ଧାରଣ କଲାପରି ଶର ମଧ୍ୟ ନିବର୍ଣ୍ଣ ହେଲା ତଥାପି ସେ ସମାନ ହୋଇ ପାରିଲା ନାହିଁ । କାରଣ ସେ ପର ଦ୍ୱାରା ଚାଳିତ ହୁଏ, ମାତ୍ର ନେତ୍ରଶର ସ୍ୱଇଚ୍ଛାରେ ଚଳେ) ।

୧୧ଶ ପଦ—ସୀତାଙ୍କ ନେତ୍ରର ଚଞ୍ଚଳତାରେ ମୃଗର ଗତି ହାରି ଯିବାରୁ ମୃଗ ଗହନ ବନରେ ପଶି ଲୁଚିଲା । ସେହି ମୃଗ ବଂଶରେ କେହି ସୀତାଙ୍କ ନେତ୍ରର ଚଞ୍ଚଳତା କଥା ଚିନ୍ତା କରି ମଲା ଓ ଚନ୍ଦ୍ରରେ ଯାଇ ଅବସ୍ଥାନ କଲା । ନିଜେ ତ ସମାନ ହେଲା ନାହିଁ, ଯାହା ନିର୍ମଳ ଚନ୍ଦ୍ରଙ୍କୁ କଳଙ୍କିତ କଲା ଏହିମାତ୍ର ଫଳ ହେଲା । କର୍ମହୀନ ଲୋକ ଯେତେ ଶ୍ରମ କଲେ ସୁଦ୍ଧା ମନୋରଥକୁ ପାଇଥାଏ କି ? (କେବେହେଲେ ପାଏ ନାହିଁ) ।

୧୨ଶ ପଦ—ଦୈବ ବିଧାନରେ କାଇଁଚ ଭୁଜ ପାଖରେ ବସିଲେ ସୁଦ୍ଧା ସୁବର୍ଣ୍ଣ ସହିତ ସମାନ ହୁଏ କି ? ସେହିପରି ଚନ୍ଦ୍ର ଅଙ୍କରେ ଶଶୀ ବସି ମଧ୍ୟ ସୀତାଙ୍କ

ବୁଡ଼ାଇ ରାଗକୁଣ୍ଡରେ ବେଗ ବେଗ ଅପାଙ୍ଗ ଜାଳ ।
ବଢ଼ଶ ପରି ନଏ ଓଟାରି ମନ ମୀନକୁ ବାଳୀ । ୧୨ ।
ବିଲୋକ କରି ଅଳକ ଫଣି ଏଥିକି ସମ ନୋହି ।
ବେତାଳ ବଇଭବକୁ ଧାଇଁ ଖଡ୍‌ଗ ପ୍ରହାର ବହି ।
ବାସ ଲଲାଟ ପଛରେ ପଟ ଆଉ ତା କି ଲକ୍ଷିବା ?
ବିଗଳିତାଙ୍କ ଅର୍ଦ୍ଧଶଶାଙ୍କ ଯୋଖିବା ନ ଯୋଖିବା । ୧୩ ।
ବିଫଳ ହେବ ତୋଷିବା ଶିବ ତପସ୍ୟା ଗଙ୍ଗାକୂଳ ।
ବଚନେ ନାହିଁ ସର୍ବାଙ୍ଗେ ଯହିଁ ଦେବା ଉପମା ତୁଲ ।
ବିସୋରିଥିଲେ ଉରଜ ଭଳ ନୋହେ ସେ ଶମ୍ଭୁ ଅଙ୍ଗେ ।
ବିଷ୍ଣୁପଦୀ ତ ହୋଇ ଲଜ୍ଜିତ ହାରନ୍ତି ହାର ସଙ୍ଗେ । ୧୪ ।

---

୧୩ଶ ପଦ – ଅଳକ—କୁଞ୍ଚିତ କୁନ୍ତଳ । ବିଗଳିତାଙ୍କ — କଳଙ୍କହୀନ ।

---

ନେତ୍ର ଚାଞ୍ଚଲ୍ୟକୁ ସମାନ ହେଲେ ନାହିଁ । ମାଛମାନେ ନେତ୍ରର ସମାନ ନ ହୋଇ ନିର୍ନିମେଷ ହେଲେ, ଖଞ୍ଜନ ପକ୍ଷୀ ଭୟରେ କମ୍ପିତ ହେଲେ । ସୀତାଙ୍କର ଅନୁରାଗ ରଂଜିତ ଚଞ୍ଚଳ କଟାକ୍ଷପାତ ବଡ଼ଶି କଣ୍ଟା ପରି ପୁରୁଷର ମନରୂପ ମୀନକୁ ଓଟାରି ନଏ ।

୧୩ଶ ପଦ—ଲଲାଟକୁ ଦେଖି ଫଣି ତାହାକୁ ସମାନ ନ ହୋଇ ବେତାଳ ଭୈରବ ଦୁହିଙ୍କୁ ଧାଇ ମଧ ଖଡ୍‌ଗ ପ୍ରହାର ସହ୍ୟକଲେ । ଯେଉଁପଟ ଲଲାଟର ପଶ୍ଚାଦ୍ ଭାଗରେ ଅବସ୍ଥାନ କରିଅଛି, ତାହାକୁ ସେହି ଅଳକା ସହିତ କାହିଁକି ବା ଲକ୍ଷ ଦେବା ? ନିଷ୍କଳଙ୍କ ଅର୍ଦ୍ଧଚନ୍ଦ୍ରକୁ ଲଲାଟ ସହିତ କାହିଁକି ବା ସମ କରିବା ? (ତାହା ସମାନ ହେବାର ଅନୁପଯୁକ୍ତ) ।

୧୪ଶ ପଦ—(ସୀତାଙ୍କ ଅଳକା ସହିତ ଉପମା ନ ଦେଲେ) ଚନ୍ଦ୍ରର ଗଙ୍ଗା କୂଳରେ ତପସ୍ୟା କରି ଶିବଙ୍କୁ ତୋଷ କରିବାର ପରିଶ୍ରମ ବିଫଳ ହେବ । (କବି ଏହା କହିସାରି ପୁଣି କହୁଛନ୍ତି) ମୁଁ ପାଟଶାର ଦେଇଥିଲି ଯେ ଶମ୍ଭୁ ତ ନିଜେ ସୀତାଙ୍କ ଅଙ୍ଗରେ ଥିବା ସ୍ତନ ସହିତ ସମାନ ନୁହନ୍ତି । ଗଙ୍ଗା ଲଜ୍ଜିତ ହୋଇ ତାଙ୍କ ହାର ସହିତ ହାର୍ ମାନି ରହିଛନ୍ତି । (ନିଜେ ଶିବ ସମାନ ନୁହନ୍ତି, ଗଙ୍ଗା ମଧ ସମାନ ନୁହନ୍ତି, ତେବେ ଯେଉଁ ଚନ୍ଦ୍ର ଗଙ୍ଗା କୂଳରେ ଶିବଙ୍କୁ ପୂଜା କରି ବଡ଼ ହେବାକୁ ଭାବନ୍ତି, ସେ ବା କିପରି ସମାନ ହେବେ ?)

ବଢ଼ିମା-ତତ୍ତ୍ୱ ଶୋଭାର ଶ୍ରୁତି ବିଶ୍ରାମ ଖଟ ଦୋଳି ।
ବୋଲି ପାଟଳି ପା ବୋଲୁଁ ଟଳିଲାର ଉପମା ଝଳି ।
ବର୍ଜିତ ସାର ଦୀର୍ଘ ଝକାର ହ୍ରସ୍ୱ ତ ସାନ ହେଲା ।
ବୁଦ୍ଧିକି ପାଶ କରନ୍ତେ ପାଶ ଗର୍ଭରେ ବୁଡ଼ିଗଲା । ୧୫ ।
ବ୍ୟତିରିକ୍ତ ଏ ଦୃଷ୍ଟିତ ନୁହେ ଖଣ୍ଡି ଉପମା ରୁଣ୍ଡ ।
ବିମ୍ବ ନିର୍ମଳ କୁତମଣ୍ଡଳ-ଖଣ୍ଡ ମଣ୍ଡଳ ଗଣ୍ଡ ।
ବୋଲିଉଅଛୁ ଦର୍ପଣ ଛୁ ଛୁ କର କଳଙ୍କେ ସେହୁ ।
ବନ୍ଦ୍ୟ କି ଖଡ଼୍‌ଗପାଳି ପଦଗ କରେ କଳଙ୍କ ବହୁ । ୧୬ ।
ବରାରୋହାର ନାସାଡ଼ମ୍ବର ଇଚ୍ଛା କଲାକୁ ଶୁକ ।
ବିନା ଦୋଷରେ ଶିକୁଳି ଛନ୍ଦେ ଶାଙ୍କୋଳି ଦିଏ ଲୋକ ।

---

୧୭ଶ ପଦ—ବରାରୋହା—ପରମା ସୁନ୍ଦରୀ । ଉନ୍ମତା—ଉଦ୍‌ବିଗ୍ନା ବା ଉତ୍କଣ୍ଠିତା । ବିନତାସୁତ—ଗରୁଡ଼ । ଖଗେନ୍ଦ୍ର—ପକ୍ଷିରାଜ ।

---

୧୫ଶ ପଦ—ଶୋଭାସମୂହର ଆଧାର ଯେଉଁ ଶ୍ରବଣ ଯୁଗଳ, ତାକୁ ପାଟଳୀଫୁଲର ଉପମା କିପରି ଦେବା ? (ଉପମାକୁ ପା, ଏହା କହୁ କହୁ) ସେ ଟଳିପଡ଼ିଲା । ଦୀର୍ଘ ଝକାରର ଶୀର କଟିଗଲେ ହ୍ରସ୍ୱ ହେଲା । ହ୍ରସ୍ୱ ଅର୍ଥ ସାନ—ସେ ବା କିପରି ଶ୍ରବଣକୁ ଲକ୍ଷ୍ୟ ହେବ ? ପୁଣି ପାଶକୁ କର୍ଣ୍ଣ ସହିତ ଉପମା ଦେବାପାଇଁ ବୁଦ୍ଧି ଖେଳାନ୍ତେ ତାହା ଗର୍ଭରେ ବୁଡ଼ିଗଲା । (ଅର୍ଥାତ୍ ପାଶ ମଧ୍ୟ ଉପମାଯୋଗ୍ୟ ନୁହେଁ ।)

୧୬ଶ ପଦ—ସୀତାଙ୍କ ନିର୍ମଳ ଗଣ୍ଡମଣ୍ଡଳ ଉପମା ସମୂହକୁ ଖଣ୍ଡନ କରି ରହିଅଛି; ଏହା ଅତିଶୟୋକ୍ତି ନୁହେ । ଚନ୍ଦ୍ରମଣ୍ଡଳ ସେହି ଗଣ୍ଡମଣ୍ଡଳକୁ ଦେଖି ପରାଜିତ । (ଚନ୍ଦ୍ରମଣ୍ଡଳରେ କଳଙ୍କ ବିଦ୍ୟମାନ, ମାତ୍ର ସୀତାଙ୍କ ଗଣ୍ଡମଣ୍ଡଳ ନିଷ୍କଳଙ୍କ); ଦର୍ପଣ ବି ସେ ଗଣ୍ଡମଣ୍ଡଳକୁ ତୁଲ୍ୟ ହେବ ନାହିଁ—କାରଣ ଦର୍ପଣ ହାତରେ ଥିବା ମଇଳାର ସଂସର୍ଗରେ କଳଙ୍କିତ ହୁଏ । ଖଡ଼୍‌ଗ ମଧ୍ୟ ସେ ଗଣ୍ଡମଣ୍ଡଳକୁ ଉପମିତ ହୋଇ ନ ପାରେ—କାରଣ ପାଇକର କରରେ ରହି ତାହା କଳଙ୍କିତ ।

୧୭ଶ ପଦ—ସେ ଶ୍ରେଷ୍ଠା ସୁନ୍ଦରୀ ସୀତାଙ୍କ ନାସିକା ସହିତ ଉପମିତ ହେବାପାଇଁ ଶୁକପକ୍ଷୀ ଇଚ୍ଛା କରିବାରୁ ଲୋକେ ବିନା ଦୋଷରେ ତାକୁ ଶିକୁଳିବନ୍ଧ କରୁଛନ୍ତି । ସେ ଛାର ପକ୍ଷୀ (ବୁଦ୍ଧିହୀନ), ତନ୍ମୟ ହୋଇ ହିତ କଥା ଜାଣି ପାରିଲା

ବିହଗ ସିନା ହୋଇ ତୁଳନା ପାରିଲୁ ନାହିଁ ପାଞ୍ଚ ।
ବିନତାସୁତ ସିଦ୍ଧି ଉନ୍ନତ ରୁହିଁ ଖଗେନ୍ଦ୍ର ରତି । ୧୭ ।
ବୁଝାଇ ତିଳ ଅସମେ ତିଳସୁମନ ବିହି ନାମେ ।
ବିଧିକ ତୂଣ ଉପମା ପୁଣ ନିର୍ମାଣ ପଶୁଚର୍ମେ ।
ବେଣୁ ବରୁଣ ଘେନିଣ ଜାଣ ସମୁଦ୍ର ମଧ୍ୟେ ପଶେ ।
ବ୍ୟାଳ ଗ୍ରାସିତ ମଳୟ ବାତ ତୁଳା ହେଲାରୁ ଶ୍ୱାସେ । ୧୮ ।
ବାଳା ଅଧର ଅରୁଣ ସାର ଛବି ବହିବା ସ୍ମରି ।
ବାଳ ଅରୁଣ ଯେହ୍ନ ଅରୁଣ ପଦାନୁରାଗେ ପୂରି ।
ବିରଙ୍ଗ ସେହି ଦଣ୍ଡକେ ହୋଇ ସନ୍ତାପ ବିଭୂଷଣ ।
ବହେ ସନ୍ଧ୍ୟାରେ ମାଣିକ୍ୟ ଧାରେ, ଜ୍ୟୋତିକି କରି ଗୁଣ ।୧୯।

---

୧୮ଶ ପଦ—ତୂଣ—ଶର ରଖିବାର ମୁଣା । ବ୍ୟାଳମାନେ - ସର୍ପମାନେ

୧୯ଶ ପଦ—ଅରୁଣ—ରକ୍ତବର୍ଣ୍ଣ, ସୂର୍ଯ୍ୟସାରଥି, ସୂର୍ଯ୍ୟ । ବିରଙ୍ଗ—ବିବର୍ଣ୍ଣ ।

---

ନାହିଁ ( ତେଣୁ ଦଣ୍ଡ ପାଉଅଛି ) । ଗରୁଡ଼ ଉନ୍ନତ ନାସିକାକୁ ରହିଁ ସ୍ତବ କରିବାରୁ ପକ୍ଷୀରାଜ ହେଲା । ଅର୍ଥାତ୍ ନାସିକା ଶୁକ ନାସିକାଠାରୁ ସୁନ୍ଦର ଓ ଗରୁଡ଼ ନାସିକାଠାରୁ ଉନ୍ନତତର ଅଟେ ) ।

୧୮ଶ ପଦ—ତିଳ ପୁଷ୍ପ ସୀତାଙ୍କ ନାସିକାକୁ ସମାନ ନ ହେବାରୁ ବିଧାତା ତାକୁ ତିଳ ନାମ ଦେଇଅଛି । ପଶୁ ଚର୍ମରେ ନିର୍ମିତ ତୂଣ (ଶର ରହିବା ମୁଣା)କୁ ତାହା ସହିତ ଉପମା ଦେବା ବିଧିସଙ୍ଗତ ନୁହେଁ । ବଂଶୀ ନାସା ସହିତ ସମାନ ନ ହେବାରୁ, ବରୁଣ ବଂଶୀକୁ ଘେନି ସମୁଦ୍ର ମଧ୍ୟରେ ପଶିଲା । ମଳୟ ପବନ ତାହାଙ୍କ ନିଶ୍ୱାସ ସହିତ ସମାନ ନ ହେବାରୁ ସର୍ପଦ୍ୱାରା ଭକ୍ଷିତ ହେଲା ।

୧୯ଶ ଓ ୨୦ଶ ପଦ—ସେହି ବାଳାର (ସୀତାଙ୍କର) । ରକ୍ତବର୍ଣ୍ଣ ଅଧରକୁ ସ୍ମରଣ କରି ବାଳ ସୂର୍ଯ୍ୟ ରକ୍ତବର୍ଣ୍ଣ ହୋଇ (ସାରଥି) ଅରୁଣକୁ ସଙ୍ଗରେ ଘେନି ପଦ୍ମର ଅନୁରାଗଭାଜନ ହେଲେ, ତଥାପି ସେ ସମାନ ନ ହେବାରୁ ଦଣ୍ଡକ ମଧ୍ୟରେ ବିରଙ୍ଗ ହୋଇ ସନ୍ତାପିତ ହେଲେ । ଅଗ୍ନିମୟ ତେଜରେ ଦଗ୍ଧୀଭୂତ ହେଲେ । ପୁଣି ସନ୍ଧ୍ୟା ସମୟରେ ମାଣିକ୍ୟଠାରୁ ଜ୍ୟୋତିକୁ ଧାରି ଆଣି ନିଜ ଅଙ୍ଗରେ ବହନ କଲେ, ମାତ୍ର ସମାନ ହୋଇ ନ ପାରିବାରୁ ସମୁଦ୍ରରେ ବୁଡ଼ିଗଲେ । ଯେପରି ବାଳକ ଓ ବୃଦ୍ଧଙ୍କର ଦିନ ଦିନକର କଥା ଆର ଦିନକୁ ମନେ ରହେ ନାହିଁ, ସେହିପରି ତାଙ୍କର ଏ କଥା ମନେ ନ ରହିବାରୁ ସେ ସୂର୍ଯ୍ୟ

ବଢ଼ୁଣ ତେବେ ମକ୍ଷି ଅର୍ଣ୍ଣବେ ପୁଣିହିଁ ସେ ବ୍ୟବସ୍ଥା ।
ବାଳ ବୁଦ୍ଧିର ଯଥା ପାସୋର ଦିନ ଦିନକ କଥା ।
ବୋଲିବା କାହିଁ ମନ୍ଦାର ଆଉ ଧରିଛି ମନ୍ଦ କାଳି ।
ବୈରାଗୀ ହେବ ବହୁର ବମ୍ବ ଭସ୍ମ ହେଲି କ ବୋଲି ? ୨୦ ।
ବିଦ୍ରୁମ ଯହିଁ କୁଞ୍ଚ ମରଇ ସୂଚିବା ବ୍ୟାଜେ ହୃଦ ।
ବନ୍ଧୁଜୀବ ଯେ ଅଳ୍ପକେ ଭଜେ ମଳିନ ନ ସମ୍ବାଦ ।
ବୈଭବ ଶୁଭେ ଲଲାଟେ ଶୋଭେ ନାରୀର ଯେ ସିନ୍ଦୂର ।
ବହିଲା ସେ ତ ପରେ ଦଳିତ ଗୁପତ ସମ୍ପୁଟର । ୨୧ ।
ବଜ୍ର ଦଶନ କଷ୍ଟି ପ୍ରସନ୍ନ ହରଣେ କରୁଁ ଚିନ୍ତା ।
ବସାଇ ଶାଣେ କର୍ଣ୍ଣପ୍ରମାଣେ ଦିଣ୍ଡ ଦିଅଇ ଧାତା ।

---

୨୦ଶ ପଦ—ଅର୍ଣ୍ଣବ—ସମୁଦ୍ର । ବମ୍ବ—କଇଞ୍ଚକାକୁଡ଼ି ।

୨୧ଶ ପଦ—ବିଦ୍ରୁମ—ପ୍ରବାଳ । ବନ୍ଧୁଜୀବ—ବଧୂଲି ପୁଷ୍ପ । ସମ୍ପୁଟ—ଫରୁଆ ।

---

ପ୍ରତିଦିନ ସେହି ବ୍ୟବସ୍ଥାକୁ କଲେ । (ପ୍ରତିଦିନ ଲଜ୍ଜିତ ହେଉଥିଲେ ମଧ୍ୟ ସେ କଥା ମନେ ନ ରହିବାରୁ ପୁଣି ପରଦିନ ଉଦୟ ଓ ଅସ୍ତ ହେଉଅଛନ୍ତି) । ସେଉଁ ଅଧରକୁ ବାଳସୂର୍ଯ୍ୟ ସମାନ ହେଲି ନାହିଁ, ତା ସହିତ ମନ୍ଦାର ପୁଷ୍ପକୁ ତୁଳନା କରିବା ବା କାହିଁକି ? ମନ୍ଦାର 'ମନ୍ଦ' ଏହି କଳମାକୁ ବହନ କରିଅଛି, (ତେଣୁ ସେ ଉପମିତ ହୋଇ ନ ପାରେ) । କଇଞ୍ଚକାକୁଡ଼ି ବାଳାର ଅଧର ସହିତ ସମାନ ନ ହେବାରୁ ଅଭିମାନରେ ବୈରାଗୀ ହୋଇଯିବ ବୋଲି ବହୁର ଦେହରେ ପାଉଁଶ ବୋଳି ହେଲି କି ?

୨୧ଶ ପଦ—ପୋହଳା ତାଙ୍କ ଅଧରକୁ ସମାନ ହୋଇ ନ ପାରି ଅପମାନ ଅପେକ୍ଷା ମରଣ ଶ୍ରେୟସ୍କର, ଏହି ବହୁରରେ ହୃଦୟରେ କୁଞ୍ଚିତ କରାଇ-ଅଛି । ବଧୂଲି ଫୁଲ ଅଳ୍ପ ସମୟ ମଧ୍ୟରେ ମଳିନ ହୋଇଯାଏ, ତେଣୁ ତାକୁ ଖୋଜିବା ଦରକାର ନାହିଁ ( ତାକୁ ତୁଳନା କରିବା ଧୃଷ୍ଟତା ମାତ୍ର ) । ନାରୀର ଲଲାଟପଟରେ ମଙ୍ଗଳ କାର୍ଯ୍ୟରେ ଶୋଭିତ ହେଉଥିବା ସିନ୍ଦୂର ସେ ଅଧରକୁ ସମାନ ହେବାକୁ ଯାଇ ଅନ୍ୟଦ୍ୱାରା ଦଳିତ ହେଲି, ମାତ୍ର (ସମାନ ନ ହେବାରୁ) ଫରୁଆ ମଧ୍ୟରେ ଲୁଚି ରହିଲି ।

୨୧ଶ ପଦ—ହୀରା ତାଙ୍କ ଦନ୍ତର ସାମାନ୍ୟ ତେଜକୁ ହରଣ କରିବାକୁ ଚିନ୍ତା କରିବାରୁ ବିଧାତା ଜାଣି କରତ ସମାନ ଶାଣରେ ତାକୁ ବସାଇ

ବୋଧାଇ ଶୁକ୍ତିଭବ ଉଦ୍ଧରି ନୋହୁ ମୁଁ ଦନ୍ତଦାସ ।
ବିମୁକ୍ତ ହୋଇ ମୁକ୍ତା ବୋଲାଇ ତାର କ ହେଲା ନାଶ ? ୨୨ ।
ବାଳକା ରଦ ଖେଦଦ କୁନ୍ଦକଳକା ହୃଦ ଫୁଟି ।
ବୀଜ ଦେଖାଇ ସମାନ ନୋହି ଦାଡ଼ିମ୍ବଫଳ ଫାଟି ।
ବୃକ୍ଷରେ ଲମ୍ବେ ଲପନ ନମ୍ରେ ଏତିକି ଲଭ ଲାଭ !
ବ୍ୟର୍ଥ ହେଲା ତଣ୍ଡୁଳମାଳା ନାହିଁ ଝଳକପ୍ରଭା । ୨୩ ।
ବନ୍ଦାଇ ମିତ ଶାରଦା ନତ ହୋଇ ବଚନ ଭୁଲେ ।
ବାଣୀ ଭାରତୀ ସେ ସରସ୍ୱତୀ ହୁଦ୍ଧିଙ୍କି ଲୋକେ ବୋଲେ ।

---

୨୨ଶ ପଦ—ବଜ୍ର—ହୀରା । ପ୍ରସନ୍ନ—ନିର୍ମଳକାନ୍ତି । ଶୁକ୍ତିଭବ—ମୁକ୍ତା ।

୨୩ଶ ପଦ—ରଦ - ଦନ୍ତ । ଖେଦଦ—ଦୁଃଖଦାୟକ । ଦାଡ଼ିମ୍ବଫଳ—ଡାଳିମ୍ବ ।

୨୪ଶ ପଦ ଶାରଦା—ସରସ୍ୱତୀ । ବଲ୍ଲକୀ—ବୀଣା । ବନପ୍ରିୟ—କୋକିଳ ।

---

ଦଣ୍ଡ ଦେଉଅଛି । ମୁକ୍ତା ଜନ୍ମହେବା ପୂର୍ବରୁ 'ମୁଁ ଦନ୍ତର ଦାସ' ଏପରି କହିବାରୁ (ଶାମୁକା ବନ୍ଧନରୁ) ବିମୁକ୍ତ ହେଲା; (ଲୋକେ ତେଣୁ ତାକୁ ମୁକ୍ତା କହିଲେ) । ଏହାଦ୍ୱାରା ମୁକ୍ତାର କିଛି କ୍ଷତି ହେଲା କି ? [ହୀରା ଗର୍ବ କରି ଦଣ୍ଡ ପାଇଲା, ମୁକ୍ତା ଦାସତ୍ୱ ସ୍ୱୀକାର କରି ସୁଦ୍ଧା 'ମୁକ୍ତା' ନାମ ବହିଲା, ଅର୍ଥାତ୍ ହୀରା କି ମୁକ୍ତା କେହି ସମାନ ହୋଇ ନ ପାରନ୍ତି] ।

୨୨ଶ ପଦ—ସୀତାଙ୍କ ଦନ୍ତପଂକ୍ତି କୁନ୍ଦକଢ଼ିର ସନ୍ତାପପ୍ରଦ ହେଲା [କୁନ୍ଦକଢ଼ି ଦନ୍ତ ପଂକ୍ତିକୁ ଦେଖି ମନଦୁଃଖ କଲା] । ତେଣୁ ତାହାର ହୃଦୟ ଫୁଟିଗଲା । ପୁଣି ପାଚିଲା ଡାଳିମ୍ବ ତାଙ୍କ ଦନ୍ତକୁ ସମାନ ହେବା ଆଶାରେ [ଫାଟିଯାଇ] ମଂଜ ସବୁକୁ ସଦାକୁ ଦେଖାଇଲା, ମାତ୍ର ସମାନ ନ ହେବାରୁ [ଲଜ୍ଜାରେ] ଅଧୋମୁଖରେ ବୃକ୍ଷରେ ଲମ୍ବିରହିଲା । ତାହାର ଏତିକି ମାତ୍ର ଲାଭ ହେଲା, ଅଧୋମୁଖରେ ଦୋଳାୟମାନ ହୋଇ ତପସ୍ୟା କଲେ କେବେ ଅବା ସମାନ ହୋଇ ପାରିବ । ତଣ୍ଡୁଳସବୁ ବ୍ୟର୍ଥ ହେଲା, କାରଣ ତହିଁରେ ଦନ୍ତର ପ୍ରାୟ ଉଜ୍ଜ୍ୱଳପ୍ରଭା ନାହିଁ, ତେଣୁ ତାହା ଉପମାଯୋଗ୍ୟ ନୁହେଁ ।

୨୪ଶ ପଦ—ସରସ୍ୱତୀ ବିନୟ ପ୍ରକାଶ କରି ସୀତାଙ୍କ ବଚନ ସହିତ ମିତ ହେଲେ, ତେଣୁ ବଚନ ଓ ବାଗ୍‌ଦେବୀ ଉଭୟଙ୍କୁ ଲୋକେ ବାଣୀ ନାମ

ବଲ୍ଲକୀ ତାର ଭୁଲ କି ସ୍ୱର ପରବଶେ ସେ ଜାତ ।
ବନପ୍ରିୟଙ୍କୁ କୁହୁ ଯା କହ୍ନି ଅନ୍ଧାର ଦଶି ସତ । ୨୫ ।
ବଡ଼ ମଧୁର ଦ୍ରାକ୍ଷାରୁ ଗର ସେହି ସୁଭୁଗ୍ଧ ସ୍ଥାନ ।
ବର୍ଣ୍ଣି ଥିଲେ ତା ଭୁଣ୍ଡକୁ ପିତା ଆନ ଚରଚମାନ ।
ବବୁଧାଶନ ଅମୃତ ପାନ ହୋଏ କେବଳ ମୁଖେ ।
ବବେକ ! ଯେନ ଶ୍ରବଣେ ପାନ ଯାହା କରନ୍ତି ସୁଖେ । ୨୫ ।
ବଭଙ୍ଗି ରସସାର ବଶେଷ ଶବୁକ ଦବ୍ୟପାଟ୍ର ।
ବଧାତାଙ୍ଗୁଳ ଚହ୍ନରେ ଝଳ ନାରଙ୍ଗ କେତେପାତ୍ର ।
ବହ୍ନି ତିରେଖା ତିପୁରେ ଦେଖା କଣ୍ଠକୁ ନାହିଁ ଲକ୍ଷେ ।
ବ୍ରତ ବାଞ୍ଛିତ୍ର କପୋତବ୍ରାତ ଖଜୁ ଶିଳାକୁ ଭକ୍ଷେ । ୨୭ ।

---

ଦେଇଅଛନ୍ତି । ବୀଣାସ୍ୱର ସରସ୍ୱତୀଙ୍କ ବଚନର ସମାନ ହେବ ନାହିଁ । କାରଣ ପର ହସ୍ତରେ ବୀଣାର ସ୍ୱର ପ୍ରକାଶିତ ହୁଏ (ମାତ୍ର ସୀତାଙ୍କ ବଚନ ସ୍ୱତଃ ପ୍ରକାଶିତ ହୁଏ) ସୀତାଙ୍କ ସ୍ୱର ଶୁଣି କୋକିଳକୁ ଚତୁର୍ଦ୍ଦିଗ ଅନ୍ଧକାର ଦଶିବାରୁ ସେ 'କୁହୁ' 'କୁହୁ' ଅନ୍ଧାର ଯାହା କହୁଅଛି ତା ସତ ଅଟେ ।

୨୫ଶ ପଦ—ସୀତାଙ୍କ ବଚନ ଦ୍ରାକ୍ଷାରସଠାରୁ ବଡ଼ ମଧୁର ଓ ସୁଭୁଗ୍ଧପୂର୍ଣ୍ଣ ଅଟେ । ତାକୁ ବର୍ଣ୍ଣନା କରି ବସିଲେ ଆନ ଚରିତମାନ ଭୁଣ୍ଡକୁ ପିତା ଲାଗେ । ଦ୍ରାକ୍ଷାରସ ଖାଇଲେ ଅନ୍ୟ କୌଣସି ସ୍ୱାଦ ଯେପରି ଭଲ ଲାଗେ ନାହିଁ, ସେହିପରି ତାଙ୍କ ବଚନ ଶୁଣିଲେ, ଅନ୍ୟର ବଚନ ସୁଖକର ହୁଏ ନାହିଁ । ଯେଉଁ ଅମୃତ ଦେବତାମାନଙ୍କର ଭୋଜନ ଅଟେ, ତାହା କେବଳ ମୁଖରେ ପାନ କରାଯାଏ, ମାତ୍ର ସୀତାଙ୍କ ବଚନାମୃତ ଶ୍ରୁତିମୁଖରେ ଲୋକେ ପାନ କରନ୍ତି । ହେ ବବେକବନ୍ତ ଲୋକ ! ସୀତାଙ୍କ ବଚନ ଯେ ଅମୃତଠାରୁ ଶ୍ରେଷ୍ଠ ଏହା ବଚାର କର ।

୨୭ଶ ପଦ—ବଧାତା ଉତ୍ତମ ପାତ୍ରରେ ଶ୍ରେଷ୍ଠରସମାନ ପୂରାଇଲାବେଳେ ତାଙ୍କର ଅଙ୍ଗୁଳ ଚହ୍ନ ଧାରଣ କରିଛି କି ? — ଏପରି ଯେଉଁ ଶବୁକ (ଅର୍ଥାତ୍ ଖୁବ୍ କୋମଳ ଶବୁକ) ତାକୁ ନାରଙ୍ଗ ଉପମାଯୋଗ୍ୟ ହେବାକୁ କେତେମାତ୍ର । (ଅର୍ଥାତ୍ କୌଣସି ପ୍ରକାରେ ତାହାର ଯୋଗ୍ୟ ହୋଇ ନ ପାରେ) । ସେ ତ ନାରଙ୍ଗ—ଯାହାର ରଙ୍ଗ ନାହିଁ । ସୀତାଙ୍କ କଣ୍ଠକୁ ଉପମା ଦେବାକୁ ତିନ ଲୋକରେ ଆଉ କିଛି ନାହିଁ, ତେଣୁ ତାହା ତିରେଖା ଧାରଣ କରିଅଛି (ଏହାଦ୍ୱାରା କମ୍ବୁଗ୍ରୀବାର ସୂଚନା ମିଳୁଛି) । କପୋତସବୁ ତାହାଙ୍କ କଣ୍ଠକୁ ସମାନ ହେବେ ବୋଲି ଇଚ୍ଛା କରି ଗୋଡ଼ି ଭକ୍ଷଣ କରୁଅଛନ୍ତି । (କଠୋର ତପସ୍ୟାକାରୀ ଗୋଡ଼ି ଭକ୍ଷଣ କରି ତପସ୍ୟା କରିଥାଏ) ।

ବ୍ୟକ୍ତ ଲକ୍ଷଣାମାନଙ୍କ ଗୁଣ ମୁଖମଣ୍ଡଳେ କରୁଁ ।
ବିଳାପି ଶିଖୀ ଚମରୁ ଦେଖି କହନ୍ତି କେଶ ଗୁରୁ ।
ବରହୀ ଏଣୀ ପୁଚ୍ଛକୁ ଆଣି ଉପାଟି ଛେଦ ଜନେ ।
ବିକି ଏତିକି ମୂଲ୍ୟ ବୋଲି କି ଦେଖାନ୍ତି ଏ ଭୁବନେ । ୨୭ ।
ବିବେକୀ ଯେହ୍ନ ସେ ନଉଁଗୁର ଡ଼ାଳିବା ବ୍ୟାଜେ କେଶେ ।
ବ୍ୟୋମଧୂମକୁ ତାହା ସମକୁ ଲକ୍ଷିବା କି ମାସେ ?
ବିରାବ କରି ନୋହେ ମୁଁ ସରି ବୋଲି ଉଦୟ କାଳେ ।
ବିଷ୍ଣୁ ଯେ ରାହୁ ଉପମା ସହୁଁ ଚକ୍ରରେ ଛେଦିଦେଲେ । ୨୮ ।
ବିକର୍ତ୍ତନଜା ସେ ସମେ ମଜ୍ଜା ଖାଳ କୁଞ୍ଚିତ ସ୍ନେହୀ ।
ବିଷ ଯେ କଳା ସଙ୍ଗମେ ମେଳା କାଳେ କାଳୀୟ ବହି ।

---

୨୭ଶ ପଦ—ବିଳାପି—କାନ୍ଦ । ଶିଖୀ—ମୟୂର । ବରହୀ—ମୟୂର ।
୨୮ଶ ପଦ—ବ୍ୟୋମଧୂମ—ମେଘ । ବିରାବ—ବିଶେଷ ଶବ୍ଦ ।
୨୯ଶ ପଦ—ବିକର୍ତ୍ତନଜା—ସୂର୍ଯ୍ୟକନ୍ୟା (ଯମୁନା) । ଖାଳ  ଲହରୀ । ବିଷ—ଜଳ । ଆବଳପ୍ରଦା—ଗୋଳକାରୀ । ତମସ - ଅନ୍ଧକାର ।

---

୨୭ଶ ପଦ—ସୀତାଙ୍କ ମୁଖମଣ୍ଡଳରେ ଥିବା ମନୋହର କେଶ ଉପମାମାନଙ୍କୁ ନ୍ୟୂନ କରେ । (ସମସ୍ତ ଉପମା ମୁଖମଣ୍ଡଳ ନିକଟରେ ହାରି ମାନନ୍ତି । ତେଣୁ ମୟୂର ଓ ଚମରୀମୃଗ ( ଉପମିତ ହୋଇ ନ ପାରି) ବିଳାପ କରି କହିଲେ, "ଆମ ପୁଚ୍ଛ ସୀତାଙ୍କ କେଶ ସହିତ ତୁଳନୀୟ ହୋଇ ପାରିଲା ନାହିଁ ।" ଲୋକେ ମୟୂର ଓ ଚମରୀ ମୃଗଙ୍କ ପୁଚ୍ଛ ଉପାଡ଼ି ଆଣି ସଂସାରରେ ବିକି 'ଏତିକି ମୂଲ୍ୟ' ବୋଲି ଦେଖାଇ ଦେଉଛନ୍ତି । ଅର୍ଥାତ୍ ମୟୂର ପୁଚ୍ଛ ଓ ଚମରୀ ମୃଗ ପୁଚ୍ଛର ମୂଲ୍ୟ ଅଛି; ମାତ୍ର ସୀତାଙ୍କ କେଶ ଅମୂଲ୍ୟ ) ।

୨୮ଶ ପଦ - ବିବେକବାନ୍ ଲୋକ ମୟୂରପୁଚ୍ଛ ଓ ମୃଗ ପୁଚ୍ଛ ଦୁହିଙ୍କି ( ଚାମର କରି )ଡ଼ାଳି ସୀତାଙ୍କ କେଶକୁ ବନ୍ଦନା କରୁଅଛନ୍ତି । ମେଘକୁ ସୀତାଙ୍କ କେଶ ସହିତ କେଉଁ ମନରେ ବା ତୁଳନା କରିବା । ସେ ମେଘ ଉଦୟ କାଳରେ 'ମୁଁ ସମାନ ନୁହେଁ' ଏହି କଥା କହି ମହାଶବ୍ଦ କରୁଅଛି । ରାହୁ ସୀତାଙ୍କ କେଶ ସହିତ ତୁଳନୀୟ ନ ହେବାରୁ ବିଷ୍ଣୁ ତାକୁ ଚକ୍ରରେ ଛେଦି ଦେଲେ ।

୨୯ଶ ପଦ—ଯମୁନା ସୀତାଙ୍କ କୁଞ୍ଚିତ ଘନକେଶ ସହିତ ସମାନ ହେବା ଇଚ୍ଛାରେ ଦେହରେ ଲହରୀ ଖେଳାଇଲା ସମୟରେ କାଳୀୟ ସର୍ପକୁ ହୃଦୟରେ

ବିନାଶେ ଆଶା ପ୍ରବେଶ ଆଷାଢ଼ ଯେ ଆଖିଳପ୍ରଦା ।
ବିଶ୍ୱଲୋକନ-ରୋଚନ ହେବ ତମସ ନୋହେ କଦା । ୨୯ ।
ବିବର୍ଣ୍ଣ ତୁଲ ତମାଳଦଳ ବୋଲି କି ପୁରସ୍କାର ।
ବେଖରେ ପରିଣତ ସେ ଧରି ଝଡ଼ଇ ବାରମ୍ବାର ।
ବିଷ୍ଣୁପଦନ୍ଧି ନୀଳତା ବହି ଚିକୁର ତୁଳ ସ୍ନେହେ ।
ବିହେ ତା ଧୂଳିଧୂସର କରି ବାତ କି ଗର୍ଜେ ନୋହେ ।୩୦।
ବହିଲେ ନୀଳ ଗଳେ ସେ ତୁଳ ବାଞ୍ଛାରେ ମହାଦେବେ ।
ବିଶ୍ବର ଉମା ନୋହେ ସେ ସମା ବେଢ଼ାଇ ବାହୁ ଶିବେ ।

---

୩୦ଶ ପଦ —ବିବର୍ଣ୍ଣ—ମଳିନ । ପରିଣତ—ପକ୍ୱ । ବିଷ୍ଣୁପଦ—ଆକାଶ । ଚିକୁର—କେଶ ।

---

ଧରି ତାହାର ବିଷ ସହିତ ମିଶିଲା (ସମୁଦ୍ରା ପାଣି କଳା, କାଳୀସାପର ବିଷ ମଧ୍ଯ କଳା) । ମାତ୍ର ଆଷାଢ଼ ମାସ ପ୍ରବେଶ କଲାରୁ ( ବର୍ଷା ହେଲାରୁ ) ସେ ଗୋଳିଆ ହୋଇଗଲା, ତେଣୁ ତାହାର ଆଶା ବିନାଶ ହେଲା । ଅନ୍ଧକାର ତ ସଂସାରରେ ଲୋକଙ୍କ ଚକ୍ଷୁର ବଡ଼ ଅପ୍ରୀତିକର; ତାକୁ କଦାପି କେଶ ସହିତ ତୁଳନା କରାଯାଇ ନ ପାରେ ।

୩୦ଶ ପଦ—( ସୀତାଙ୍କ କେଶ ତୁଳନାରେ ) ମଳିନ ପତ୍ରକୁ କେଶ ସହିତ ଉପମା ଦେବାର ବା କି ଲାଭ ? (ଉପମା ଦିଆ ଯାଇ ନ ପାରେ) । କାରଣ ତମାଳ ପତ୍ରର ସ୍ୱଭାବ, ସେ ପାଚିଯାଇ ଥରକୁ ଥର ଝଡ଼ି ପଡ଼େ । [ସୀତାଙ୍କ କେଶ ନ ଝଡ଼ି ସବୁଦିନେ ରହିଥାଏ, ତେଣୁ କ୍ଷଣସ୍ଥାୟୀ ତମାଳ ପତ୍ରଠାରୁ ସେ ଉତ୍କୃଷ୍ଟତର] । ସୀତାଙ୍କ କେଶ ସହିତ ତୁଳନା ହେବା ଇଚ୍ଛାରେ ଆକାଶ ନୀଳିମା ଧାରଣ କଲା, [ମାତ୍ର ତାହା ସମାନ ନ ହେବାରୁ] ପବନ ଧୂଳି ରାଶିରେ ତାକୁ ପାଣ୍ଡୁର ବର୍ଣ୍ଣ କରି ଦେଲା ଓ ଗର୍ଜନସହ କହିଲା, "ଏହା କେଶ ସହିତ ସମାନ ନୁହେଁ ।"

୩୧ଶ ପଦ—ମହାଦେବ ସେହି କେଶ ସହିତ ତୁଳନା ହେବା ଇଚ୍ଛାରେ କଣ୍ଠରେ ନୀଳବର୍ଣ୍ଣ ଧାରଣ କଲେ, ମାତ୍ର ସମାନ ହେଲା ନାହିଁ ଭାବି ପାର୍ବତୀ ନିଜ ବାହୁଦ୍ୱୟ ତାଙ୍କ ଗଳାରେ ଗୁଡ଼ାଇ ଦେଲେ [କଣ୍ଠର ନୀଳିମା ସମାନ ନ ହେବାରୁ ତାକୁ ଲୁଚାଇ ଦେଲେ] । 'ସୀତାଙ୍କ ସହିତ ସୌନ୍ଦର୍ଯ୍ୟରେ ମୁଁ ପରାଜିତ

ବିଜିତ ସେ ଯେ ସୀତା ସୌନ୍ଦର୍ଯ୍ୟେ ଏମନ୍ତ ଯେନ ତତ୍ତ୍ୱ ।
ବନ୍ଦେ ଗଉରୀପଦରେ କରି ସୁନ୍ଦରୀମଣି ମିତ । ୩୧ ।
ବାରିତ ସୀମା ବାଡ଼ି ଉପମା ଅଳକା ମୁଖ କେଶେ ।
ବେଳାରେ ବ୍ୟାପୀ ଗଙ୍ଗାର ତପୀ ମୁକ ତରିବା ଆଶେ ।
ବୋଧ ରାଘବେ ଏ ଦେଖି ଥିବେ ଏତିକ ବାତାୟନେ ।
ବିତିଶ ପଦେ ଏ ଛାନ୍ଦ ଉପେନ୍ଦ୍ର ତୋଷମନେ । ୩୨ ।

—*—

୩୨ଶ ପଦ—ଅଳକା—ଚୂର୍ଣ୍ଣକୁନ୍ତଳ । ବେଳାରେ—କୂଳରେ । ବାତାୟନ—ଗବାକ୍ଷ ବା ଝରକା ।

ହେବ'—ପାର୍ବତୀ ଏହି କଥା ଚିତ୍ତରେ ଭାବି ଗୌରୀ ନାମ ବହି ସେହି ସୁନ୍ଦରୀ ଶିରୋମଣି ସୀତାଙ୍କର ମିତ ହୋଇ ବନ୍ଦିତ ହୋଇଅଛନ୍ତି । ( ସୀତା ପିଲାଦିନେ ଗୌରୀ—ଅଷ୍ଟବର୍ଷା ଭବେତ୍ ଗୌରୀ – ଥିଲେ, ତେଣୁ ପାର୍ବତୀ ଗୌରୀ ନାମ ଧାରଣ କରି ତାଙ୍କର ମିତ ହେଲେ ) ।

୩୨ଶ ପଦ—ମୁଖ ଓ କେଶ ମଧ୍ୟରେ ଅଳକା ( ମୁଣ୍ଡରେ ପିନ୍ଧାଯିବା ଅଳଙ୍କାର ବିଶେଷ ) ସୀମାବାଡ଼ ସଦୃଶ ଅଟେ [କେଶ ଓ ମୁଖର ସୀମାକୁ ଚିହ୍ନାଉଥିବା ବାଡ଼ ପରି ଅଟେ] । ସୀତାଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା କରୁ କରୁ ବିଶ୍ୱାମିତ୍ର ଗଙ୍ଗାତଟରେ ପ୍ରବେଶି ଗଙ୍ଗା ପାରି ହେବା ଆଶାରେ ଭୁମା ହେଲେ । [ଅନ୍ୟାନ୍ୟ ଅଙ୍ଗର ବର୍ଣ୍ଣନା କଲେ ନାହିଁ] । ରାମଚନ୍ଦ୍ର ଭାବିଲେ, 'ମୁନି କେବଳ ଏତିକ [ମସ୍ତକ ଭାଗ] ଝରକାରେ ଦେଖିଥିବେ; [ସର୍ବାଙ୍ଗ ଦେଖି ନାହାନ୍ତି] । ଉପେନ୍ଦ୍ର ଭୋଷ ମନରେ ଏ ଛାନ୍ଦକୁ ବିତିଶ ଛାନ୍ଦିଲେ ।

—*—

## ନବମ ଛାନ୍ଦ

ରାଗ—ଚୋଖି

ବିତଳକୁ ଆଲିଙ୍ଗନ                କରି ଜାହ୍ନବୀ ଶୋଭନ
ହରେ ସୁର-ବର ତାପ ସୁରୁଧାରା ସେ ।
ବଢ଼େ ମକର-କେତନ                ଉଚ୍ଛନ୍ନ ରତି ସମାନ
ପୂରିତ ହୋଇଛି ପୁଣି ଅଶେଷ ରସେ ।
ତଦ୍ୟ ହୈମବତୀ ପଦରେ ।
ବିଷକଣ୍ଠ ତୋଷଦାୟୀ ବେନି ମତରେ ।୧।
ବିଷ୍ଣୁପଦୀ ବିଷ୍ଣୁପଦ                ଈକାର ଭେଦ ଶବଦ
ତରଣୀର ଗତାଗତ ତହିଁ ଉଚିତ ।

---

୧ମ ପଦ—ବିତଳ—ସପ୍ତ ପାତାଳର ଦ୍ୱିତୀୟ ପାତାଳ । ସୁରୁଧାରା—ଶଚୀ, ମନୋହର ପ୍ରବାହ । ହୈମବତୀ—ପାର୍ବତୀ, ଗଙ୍ଗା । ବିଷକଣ୍ଠ—ମହାଦେବ ।

---

## ନବମ ଛାନ୍ଦ

୧ମ ପଦ—(ବିଶ୍ୱାମିତ୍ର ରାମ ଓ ଲକ୍ଷ୍ମଣଙ୍କ ସହିତ ଗଙ୍ଗାକୂଳରେ ପହଞ୍ଚି ଦେଖିଲେ) ବିତଳକୁ ଆଲିଙ୍ଗନ କରି ଗଙ୍ଗା ଶୋଭା ପାଉଅଛି (ଏହାଦ୍ୱାରା ଗଙ୍ଗାର ଗମ୍ଭୀରତା ସୂଚିତ ହେଉଛି) । ଶଚୀ ଯେପରି ଇନ୍ଦ୍ରଙ୍କର ସୁରତାପ ହରଣ କରନ୍ତି, ସେ ଗଙ୍ଗା ସେହିପରି ମନୋହର ପ୍ରବାହରେ ସୂର୍ଯ୍ୟ ତାପକୁ (ସ୍ନାନାଦି ଦ୍ୱାରା) ହରନ୍ତି । ପୁଣି ସେ ରତି ସମାନ ଅଟନ୍ତି; ରତି ଯେପରି କନ୍ଦର୍ପର ଉଚ୍ଛନ୍ନ ବିଧାନ କରେ, ବସ୍ତୁତ (ଶୃଙ୍ଗାର ରସରେ ପୂର୍ଣ୍ଣ ଅଟେ, ଗଙ୍ଗା ସେହିପରି ମକର ଜଳଚର ଜନ୍ତୁ ବିଶେଷର ବୃଦ୍ଧି ହୋଇଅଛି ଓ ଉଦ୍‌ବେଗ ବର୍ଦ୍ଧନ କରିଅଛି । ସେ ଅପରିମିତ ଜଳରେ ମଧ୍ୟ ପୂର୍ଣ୍ଣ ଅଟେ । 'ହୈମବତୀ' ପାର୍ବତୀ 'ବିଷକଣ୍ଠ' ମହାଦେବଙ୍କର ତୋଷ ବିଧାନ କଲା ପରି ଓ ବିଷତାପ ଝରିଲା ପରି 'ହୈମବତୀ' ଗଙ୍ଗା (ଗଙ୍ଗା ହିମାଳୟରୁ ଜାତ, ତେଣୁ ହୈମବତୀ) ହଂସ ପ୍ରଭୃତି ଜଳଚର ପକ୍ଷୀମାନଙ୍କର ଆହାର ବିହାରରେ ତୋଷ ବିଧାନ କରନ୍ତି । ଗଙ୍ଗା ବକ୍ଷରେ ଜଳଚର ପକ୍ଷୀମାନେ ବିହାର କରି କ୍ଷୁଧା ତାପ ଓ କନ୍ଦର୍ପ ତାପ ଉଭୟ ହରଣ କରନ୍ତି ।

୨ୟ ପଦ—ବିଷ୍ଣୁପଦୀ ଓ ବିଷ୍ଣୁପଦ ଏ ଦୁଇ ଶବ୍ଦର ଈକାର ମାତ୍ର ପ୍ରଭେଦ ଅଛି, ଆଉ ସବୁ ସମାନ । ତେଣୁ 'ବିଷ୍ଣୁପଦରେ' ଆକାଶରେ ତରଣି

ବିଶାରଦ ସେ ସାମନ୍ତ ମଉରେ-ଦାସ ସେବିତ
ତାଙ୍କୁ ନ ଶୁଣନ୍ତେ ରଘୁନାଥ କଥିତ ।
ବିଷଧର ପ୍ରାୟେ କି ତୁହି ।
ବେଳେ ନେଇ ତ଼ାଳ ଶୁଣ ଉଦାର ନୋହି । ୨ ।
ବଧିର ନୁହଇ ବୀର ବୋଇଲା ତହିଁ ଧୀବର
ଶୁଣିଲଣି ପଥରେ ପଥର ଅବଳା ।
ବାଲି ପଡ଼ି ତୋ ଚରଣୁ ଅଶଙ୍କା ଉପୁଜଇ ଏଣୁ
ନଉକା ନାୟିକା ହେଲେ ବୁଡ଼ିବ ଭେଳା ।
ବୃତ୍ତି ଏ ମୋ ପୋଷେ କୁଟୁମ୍ବ ।
ବସାଇ ନ ଦେବି ପାଦ ନ ଧୋଇ ନାବ । ୩ ।
ବଢ଼ାଇ ଦେଲେ ପସୂର ଭାବଗ୍ରାହୀ ରଘୁବୀର
ପସୂରେ କ୍ଷାଳିତ କରି ବସନେ ପୋଛି ।

---

୨ୟ ପଦ—ବିଷ୍ଣୁପଦୀ—ଗଙ୍ଗା । ବିଷ୍ଣୁପଦ—ଆକାଶ । ତରଣୀ [ଣି]—ନୌକା, ସୂର୍ଯ୍ୟ । ବିଶାରଦ—ନିପୁଣ ବା ଦକ୍ଷ । ମଉରେ—ଗର୍ବରେ । ଦାସ—ଭୃତ୍ୟ । ବିଷଧର—ସାପ ।

---

ସୂର୍ଯ୍ୟ ଗତାଗତ କଲା ପରି 'ବିଷ୍ଣୁପଦୀ' ଗଙ୍ଗାରେ ତରଣୀ 'ନୌକାସବୁ ଗତାଗତ' କରିବା ଉଚିତ । ସେ ନୌକାସାମନ୍ତ ପଦବାଚ୍ୟ । ସାମନ୍ତମାନେ ଯେପରି 'ଦାସ' ଚାକରଙ୍କର ସେବ୍ୟ, ନୌକା ସେହିପରି 'ଦାସ' କୈବର୍ତ୍ତମାନଙ୍କର ସେବ୍ୟ । ସେହି [ଦାସ] ଧୀବରକୁ ବିଶ୍ୱାମିତ୍ର ଡାକନ୍ତେ ସେ ଶୁଣିଲା ନାହିଁ । ତହୁଁ ରଘୁନାଥ କହିଲେ, "ତୁ ସର୍ପ ପ୍ରାୟ କି ? [ସର୍ପର କାନ ନାହିଁ । ସେ ଚ ନେତ୍ରରେ ପଦସବୁ ଶୁଣେ, ତୁ ସେହିପରି ଉଦାସ ନ ହୋଇ ନେଇ ତ଼ାଳ ଥରେ ହେଲେ ଶୁଣ୍ ।"

୩ୟ ପଦ—ସେ ଧୀବର କହିଲା, "ହେ ବୀର ! ମୁଁ ବଧିର ନୁହେ । ଶୁଣିଲଣି ତୋହର ଚରଣରୁ ଧୂଳି ପଡ଼ିବାରୁ ବାଟରେ ପଥର ଅବଳା ହେଲା । ଏଣୁ ଭୟ ଜାତ ହେଉଅଛି, ଏ ନୌକା ସ୍ତ୍ରୀ ହେଲେ ମୋର ଭେଳା ବୁଡ଼ିଯିବ [ସମ୍ପତ୍ତି ସରିଯିବ] । ଏ ନୌକା ମୋର ବୃତ୍ତି [ଜୀବନ ପୋଷିବାର ଉପାୟ] ଏହାଦ୍ୱାରା ମୁଁ କୁଟୁମ୍ବ ପୋଷୁଅଛି । ତେଣୁ ତୁମ୍ଭର ପାଦ ନ ଧୋଇଲେ ନାବରେ ବସାଇ ଦେବି ନାହିଁ । [ କାଷ୍ଠପାଷାଣରେ ପ୍ରଭେଦ କିଛି ନାହିଁ, ପଥର ନାୟିକା ହୋଇଥିବା ସ୍ଥଳେ, ନୌକା ନାୟିକା ହେବା ଅସମ୍ଭବ ନୁହେ ] ।"

୪ର୍ଥ ପଦ—ଧୀବରର ଏହିପରି ଭାବଗର୍ଭକ ବଚନ ଶୁଣି ଭାବଗ୍ରାହୀ ରାମଚନ୍ଦ୍ର ପାଦ [ଧୋଇବା ପାଇଁ ] ବଢ଼ାଇ ଦେଲେ । ତାହା ଦେଖି ଧୀବର ସ୍ନେ

ବ୍ରହ୍ମାରେ ଧୌତ ଯେ ପଦ                    ନୋହିଲା ଶିବ ବିଷାଦ
ନ ପାଇ ଚରଣାମୃତ ପାନକୁ ଇଚ୍ଛି ।
ବିଜ୍ଞମା କୈବର୍ତ୍ତ ଧୋଇଲା ।
ବିଶ୍ୱେ ପତିତପାବନ ନାମ ରହିଲା । ୪ ।
ବିଷ୍ଣୁ ପଲ୍ଲବ ନାବରେ                    ପଦ ବିକଳ୍ପ ମନରେ
ପ୍ରତିହାସ ପଟରେ ମଣାଇ ବସାଇ ।
ବିଶ୍ୱାମିତ୍ରଙ୍କୁ ଶ୍ରୀରାମ                    ପଚାରିଲେ ଗଙ୍ଗା ନାମ
ଭାଗୀରଥୀ କମ୍ପା ହେଲା କହ ଗୋସାଇଁ ।
ବିଷ୍ଣୁ ନଖକୋଣେ ଏ ଥିଲା ।
ବାମନାବତାରେ ଭଗୀରଥ ଆଣିଲା । ୫ ।
ବିଧିପୂର୍ବ କରି ଋଷି                    ସମସ୍ତ ଚରିତ ଭାଷି
ତରି ତ ତ୍ୱରିତ ଯାଇ ଲଗେ କୂଳରେ ।

---

୪ର୍ଥ ପଦ—ପୟରେ—ଜଳରେ । ବିଜ୍ଞମା—ମୂର୍ଖ ବା ପାପୀ ।
୫ମ ପଦ—ବିକଳ୍ପ—କଳ୍ପନା, ସନ୍ଦେହ ବା ସଂଶୟ ।

---

ପଦକୁ ଜଳଦ୍ୱାରା ଧୌତ କରି ନିଜ ବସନରେ ପୋଛିଦେଲା । ଚରଣାମୃତ ପାନ କରିବାକୁ ଇଚ୍ଛା କରିଥିବା ବ୍ରହ୍ମାଙ୍କଦ୍ୱାରା ଯେଉଁ ପାଦ ଧୌତ ହୋଇ ନାହିଁ, ଶିବ ଯେଉଁ ପାଦ ଧୌତ କରିବାକୁ ନ ପାଇ ବିଷାଦିତ ହୋଇଅଛନ୍ତି, ଏପରି ଯେ ବିଷ୍ଣୁଙ୍କ ପାଦ, ତାକୁ ଅଜ୍ଞାନ କେଉଟ ଧୋଇଲା । ସେହି ହେତୁ ସଂସାରରେ ପତିତପାବନ ନାମ ଖ୍ୟାତ ହେଲା ।

୫ମ ପଦ—(ଧୋଇବା ଦ୍ୱାରା ପଦ ରେଣୁ ପଡ଼ିବ ନାହିଁ ସତ, ମାତ୍ର କାଳେ ପାଦ ଲାଗି ନୌକା ସ୍ତ୍ରୀ ହୋଇଯିବ, ଏହିପରି) କଳ୍ପନା କରି ସେ ଧୀବର ନାବରେ କୋମଳ ପତ୍ର ବିଛାଇ ପ୍ରତିହାସ ପରି ମଣାଇ ସେ ତିନିଜଣଙ୍କୁ ନେଇ ନାବରେ ବସାଇଲା । ତାହା ପରେ ରାମଚନ୍ଦ୍ର ବିଶ୍ୱାମିତ୍ରଙ୍କୁ ପଚାରିଲେ, "ହେ ଗୋସାଇଁ, ଗଙ୍ଗାଙ୍କ ନାମ ଭାଗୀରଥୀ କାହିଁକି ହେଲା ?—କହନ୍ତୁ । (ବିଶ୍ୱାମିତ୍ର ଉତ୍ତର ଦେଲେ) ଏ ଗଙ୍ଗା ବାମନାବତାରରେ ବିଷ୍ଣୁଙ୍କ ନଖ କୋଣରେ ଥିଲେ । ଭଗୀରଥ ତାହାଙ୍କୁ ଆଣିଲେ (ଭଗୀରଥ ତୁମ୍ଭର ପୂର୍ବ ପୁରୁଷ, ସେ ଆଣିଥିବାରୁ ଏହାର ନାମ ଭାଗୀରଥୀ) ।

୬ଷ୍ଠ ପଦ—ଋଷି ବିଧିପୂର୍ବକ ଗଙ୍ଗା ମର୍ତ୍ତ୍ୟକୁ ଆସିବା ଚରିତମାନ କହିଲେ । ଏହି ସମୟରେ ନୌକା ଶୀଘ୍ର ଯାଇ କୂଳରେ ଲାଗିଲା । ଯାହାଙ୍କ

ବିହାରି ହେଲେ ମାର୍ଗରେ   ମାର୍ଗଣ କମାଣଧର
ମାର୍ଗଣ ଶୋଭା ଲେଶକୁ କନ୍ଦର୍ପ ଯାର ।
ବିଦେହମଣ୍ଡଳେ ପ୍ରବେଶ ।
ବାରବେନ ପୁର ସାର ମୋହନ ପୁଂସ ।୬।
ବିପଣିରେ ଥିଲେ ଜନେ   ଭାବନା କଲେ ଦର୍ଶନେ
ଆଗତ କି ଧାତା ହର ମଧ୍ୟରେ ହରି ।
ବିଭଞ୍ଜନ ଶିବଧନୁ   କରି ମରକତ ତନୁ
ବିଭା ହେବେ ସୀତା ନିଷ୍ଟେ ଜନ୍ମିଛି ଶିରୀ ।
ବଶ ଏ ରମ୍ୟରେ ମାନସ ।
ବିଜେ ରାମ ଅଦଭୁତେ ଶୁଭେ ଏ ଘୋଷ ।୭।
ବିଭ୍ରମ ଏ ଶବ୍ଦ ଶ୍ରୋତ୍ରେ   ରା କା ହୋଇଗଲା ଶ୍ରୁତେ
ନାରୀଏ ଭାଳିଲେ କେହ୍ନେ ସେ ରୂପବନ୍ତ ।

---

୬ଷ୍ଠ ପଦ—ବିଧିପୂର୍ବ—ଯଥାବିଧି । ତରୀ—ନୌକା । ମାର୍ଗ—ପଥ । ମାର୍ଗଣ—ଶର । ମର୍ଗଣ—ମାଗିବା । କମାଣ—ଧନୁ । ବାର ବେନ ପୁର-ସାର—ଚତୁର୍ଦ୍ଦଶ ଭୁବନରେ ଶ୍ରେଷ୍ଠ ।

---

ଶୋଭାର ସାମାନ୍ୟ ଅଂଶକୁ କନ୍ଦର୍ପ ମାଗିନେବାକୁ ମନ କରୁଅଛି, ସେହି ଚତୁର୍ଦ୍ଦଶ ପୁରର ଶ୍ରେଷ୍ଠ ମୋହନ ପୁରୁଷ ଧନୁଶରଧାରୀ ରାମ [ନୌକାରୁ ଓହ୍ଲାଇ] ପଥରେ ଗମନ କରି ବିଦେହ ମଣ୍ଡଳରେ ପ୍ରବେଶ କଲେ ।

୭ମ ପଦ—(ବିଦେହର) ଦୋକାନରେ ଥିବା ଲୋକମାନେ ବିଶ୍ୱାମିତ୍ର, ରାମ ଲକ୍ଷ୍ମଣଙ୍କୁ ଦର୍ଶନ କରି ମନରେ ଭାବନା କଲେ, "(ଆଗରେ) ବିଧାତା, (ପଛରେ) ମହାଦେବ ଓ ମଧ୍ୟରେ ବିଷ୍ଣୁ ଆଗତ କଲେ କି ? ମରକତକାନ୍ତିଧାରୀ ବିଷ୍ଣୁ ଶିବଧନୁ ଭଗ୍ନ କରି ଲକ୍ଷ୍ମୀ ସ୍ୱରୂପା ସୀତାଙ୍କୁ ବିବାହ ହେବେ ।" ରାମଙ୍କ ସୌନ୍ଦର୍ଯ୍ୟରେ ଲୋକମାନଙ୍କ ମାନସ ବଶ ହେଲା । ରାମ ବିଜେ କଲେ ଏ ଶବ୍ଦ ଅଦ୍‌ଭୁତରେ ଶୁଣାଗଲା ।

୮ମ ପଦ—'ରାମ ବିଜେ କଲେ' ଏ ଶବ୍ଦ ଶୁଭନ୍ତେ ଭ୍ରମବଶରେ ସମସ୍ତଙ୍କ ଶ୍ରୋତ୍ରରେ 'ରା' 'କା' ହୋଇଗଲା [ରାମ ନ ଶୁଭି କାମ ଶୁଭିଲା] । ନାରୀମାନେ ଭାଳିଲେ, ସେ କାମ ରୂପବନ୍ତ କିପରି ହେଲା ? [ସେ ତ ଅରୂପ, ଅନଙ୍ଗ] । କବି ମନରେ ଭାବିଲେ, ନାମ ପଛରେ ତ ଚନ୍ଦ୍ର ପ୍ରକାଶ ପାଇଅଛି [ରାମଚନ୍ଦ୍ର], ତେଣୁ ବିକା ହୋଇଗଲା ଅର୍ଥାତ୍ ନିଶ୍ଚୟ ପୂର୍ଣ୍ଣଚନ୍ଦ୍ର ହେଲା ।

ବଳର ଜବ ମାନସ ନାମ ପଡୁଛି ତ ପ୍ରକାଶ
ଅଖଣ୍ଡଚନ୍ଦ୍ର ଏ ହୋଇବାର ଉଚିତ ।
ବୋଧିବେ ନୟନ ଚକୋରୀ ।
ବିଶେଷେ ଶୋଭା ପୀୟୂଷ ପାନ ବିସ୍ତାରି । ୮ ।
ବିଷୟ କରି ଅନ୍ତର ସେ ଭ୍ରାନ୍ତ ହତ ପ୍ରକାର
ମଣି ରମଣୀ ବାହାର ଛନ୍ଦ ଦ୍ୱିଗୁଣ ।
ବିନାଶି ଗୁରୁ ଗୌରବ ତାହାଙ୍କର ସେହି ଭାବ
ଉଦ୍ଧତରୁ କରି ନ ପାରିଲେ ବାରଣ ।
ବେଶେ ଥିଲେ ଯେତେକ ନାରୀ ।
ଚିହ୍ନେ କେ ନେହେ କଜ୍ଜ୍ୱଳ ଛଳେ କସ୍ତୁରୀ । ୯ ।
ବକ୍ଷସ୍ଥଳେ କେଉଁ ବାଳା କିଙ୍କିଣୀକି ଲମ୍ବାଇଲା
ଗୁପସରିକ ଖଞ୍ଜିଲା ମଧ୍ୟଦେଶରେ ।

---

୮ମ ପଦ—ରା କା ହୋଇଗଲା ଅର୍ଥାତ୍ 'ରାମ' 'କାମ' ବୋଲି ଶୁଭିଲା । ରାକା—ପୂର୍ଣ୍ଣିମା । ଅଖଣ୍ଡଚନ୍ଦ୍ର—ପୂର୍ଣ୍ଣଚନ୍ଦ୍ର । ପୀୟୂଷ—ଅମୃତ ।

୧୦ମ ପଦ—ଚିକୁର—କେଶ । କଙ୍କତିକା—ପାନିଆ ।

---

ସେହି ପୂର୍ଣ୍ଣଚନ୍ଦ୍ର ଶୋଭା ରୂପ ପୀୟୂଷରାଶିପାନକୁ ବିସ୍ତାରି କରି ଜନମାନଙ୍କ ନୟନ ରୂପ ଚକୋରୀକୁ ବୋଧ କରିବେ । (ଚକୋରୀ ପୂର୍ଣ୍ଣଚନ୍ଦ୍ରର ଜୋତ୍ସ୍ନାକୁ ଦେଖି ତୋଷ ହେବ) ।

୯ମ ପଦ—ରମଣୀମାନେ 'ବିଷୟ' କାମଧନ୍ଦାକୁ ତ୍ୟାଗ କରି, ତାକୁ ଶବ୍ଦର ଶେଷ ଅକ୍ଷର 'ୟ'କୁ ନାଶ କରି (ଅର୍ଥାତ୍ ବିଷୟରୁ ଗଲେ ବିଷ ରହିଲା) ତାକୁ ବିଷପରି ମଣି ବାହାରି ହେଲେ । ସେମାନେ ଦ୍ୱିଗୁଣରେ ଚଞ୍ଚଳ ହେଲେ (କାମ ବଚନ ଶୁଣି ଚଞ୍ଚଳ ହୋଇଥିଲେ । ବର୍ତ୍ତମାନ ରାମ ବଚନ ଶୁଣି ଦ୍ୱିଗୁଣ ଚଞ୍ଚଳ ହେଲେ) ସେମାନେ ଗୁରୁଜନଙ୍କ ଗୌରବକୁ ବିନାଶକଲେ । ଗୁରୁଜନମାନେ ମଧ୍ୟ ଚଞ୍ଚଳ ହୋଇଥିବାରୁ ସେମାନଙ୍କୁ ବାରଣ କରି ପାରିଲେ ନାହିଁ । ଯେଉଁ ନାରୀମାନେ ବେଶ ହେବାରେ ରତ ଥିଲେ, ତାଙ୍କ ମଧ୍ୟରୁ କେହି କଜ୍ଜ୍ୱଳ ଛଳରେ କସ୍ତୁରୀ ନେଇ ଆଖିରେ ଲଗାଇଲା ।

୧୧ମ ପଦ—କେଉଁ ଷୋଡ଼ଶୀ ଭ୍ରମ ହେତୁରୁ ବକ୍ଷରେ କିଙ୍କିଣୀକୁ ଲଗାଇଲା, ଗୁପସରିକୁ କଟିରେ ଖଞ୍ଜିଲା । କେଉଁ ନାୟିକାର ବେଣୀକାରିଣୀ

ବେଣୀକାଣ୍ଡି କେ କାହାର          ସିନ୍ଦୂର ଦେଲା ପୟର
ଚିତା ଲଲାଟରେ ଲେଖେ ଲାକ୍ଷାରସରେ ।
ବିଗନ୍ଧି କରି କେ ଚିକୁର ।
ବେଗେ କଙ୍କତିକାରେ ଶାମଳେ ଭ୍ରମର । ୧୦ ।
ବସିଥିଲା ପତିକୋଳ          କେ ଦେନି ପଣ୍ଡିତ ମେଳ
ଗତି କରି ଯୁବା ଦେଖା ଗତି ସେ କରି ।
ବିପରୀତ କାହା ପାଇଁ          ମାଗୁଁ ଦେଖିବା ଆଶାୟୀ
ରାତି ଦୁଇ ଯୁଂସେ ଭାବେ ପୁଷ୍ପେ ସଞ୍ଚରି ।
ବଳା ଖଞ୍ଜୁ କେ ମାନ ଭାଷି ।
ବଲ୍ଲଭେ ଭୁଲାଇ କେବେ ନୁହଇ ଦୋଷୀ । ୧୧ ।
ବୟସୀଏ ଗୀତ ଗାଇ          କେ ରାମା ବୀଣା ବଜାଇ
ଥୋଇଅଛି ଧାବି ଗୃହେଁ କୁଚ ରୋମାଳୀ ।

---

୧୨ଶ ପଦ—ବୟସୀଏ—ସଖିସମୂହ । ରାଗରେ—ଅନୁରାଗରେ, ସ୍ନେହରେ ।

---

ସିନ୍ଦୂରକୁ ଅଳତା ରସ ମନେ କରି ପାଦରେ ଦେଲା । ଅଳତା ନେଇ ଲଲାଟରେ ଚିତା ଲେଖିଲା । କେଉଁ ରମଣୀ କେଶ ମୁକୁଳିତ କରି ବେଗରେ ଭ୍ରମରକୁ ବାଳ ବୋଲି ପାନିଆରେ ଚିକ୍କଣ କଲା ।

୧୧ଶ ପଦ—କେଉଁ ରମଣୀ ପତି କୋଳରେ ବସିଥିଲା, ମାତ୍ର ତାହାକୁ ତୁଚ୍ଛ ମନେ କରି ଯୁବା ରାମଚନ୍ଦ୍ରଙ୍କ ଦର୍ଶନରେ ମୁକ୍ତି ମିଳିବ, ଏହା ଭାବି (ପତିକୁ ତ୍ୟାଗ କରି ରାମ ଦର୍ଶନକୁ) ଗମନ କଲା । କାହାର ସ୍ୱାମୀ ବିପରୀତ ରତି ମାଗନ୍ତେ ରାମଚନ୍ଦ୍ରଙ୍କ ଦର୍ଶନାକାଂକ୍ଷିଣୀ ରମଣୀ ( ପୁରୁଷ ବିପରୀତ ରତି ମାଗୁଛି ଏ ଲୋଭ ଓ ରାମଚନ୍ଦ୍ର ଦର୍ଶନ ଲୋଭ ଏ ଦୁଇ ଲୋଭରୁ ରାମ ଦର୍ଶନ ଲୋଭ ପ୍ରବଳ ହେବାରୁ) ପୁରୁଷକୁ ଭୁଲାଇ କହିଲା, ମୁଁ ପୁଷ୍ପବତୀ ହୋଇଅଛି ।” କାହାର ସ୍ୱାମୀ ରମଣୀର ପାଦରେ ବଳା ଖଞ୍ଜିବାରୁ ସେ ସ୍ତ୍ରୀ ସ୍ୱାମୀକୁ ଭୁଲାଇ କହିଲା, “ମୁଁ ତ ଦୋଷୀ ନୁହେଁ । (ସ୍ତ୍ରୀମାନେ ବଡ଼ ଅଳଙ୍କାର ପ୍ରିୟ, ତଥାପି ରାମଚନ୍ଦ୍ରଙ୍କ ଦର୍ଶନ ଆଶା ଏପରି ବଳବତ୍ତର ହୋଇଥିଲା ଯେ, ସେ କହିଲା, ଦୋଷୀକୁ ସିନା ଗୋଡ଼-କଡ଼ି ଦିଆଯାଏ, ମୁଁ ତ ଦୋଷୀ ନୁହେ, ମୋତେ କାହିଁକି ଗୋଡ଼କଡ଼ି ଦେଉଛ) ।”

୧୨ଶ ପଦ—ସଖୀମାନେ ଗୀତ ଗାଉଥିଲେ, କେଉଁ ରମଣୀ ବୀଣା ବଜାଉଥିଲା । (ରାମଚନ୍ଦ୍ରଙ୍କ ଦର୍ଶନ ପାଇଁ) ସେ ବୀଣା ଥୋଇ ଧାଇଁଗଲା । ରାମଚନ୍ଦ୍ରଙ୍କୁ ଦେଖିବା ପାଇଁ ସଖୀମାନେ ଧାଇଁ ଯିବା ସମୟରେ ନିଜ କୁଚକୁ

ବାଜତ କଙ୍କିଣୀ ସ୍ୱର ମଣିତ ଧାଉଁ ପ୍ରସ୍ୱର
ଆନ୍ଥଠାରେ ହେଲ ଭ୍ରାନ୍ତି ଗମିଲ ଆଳୀ ।
ବସୋର ଟଙ୍ଗ ରାଗରେ ରାଗ ।
ବୋଲୁଥିଲେ ରାମକେଶ ର ଳ ସଂଯୋଗ । ୧୨ ।
ବାନ୍ଧବ ବାନ୍ଧବୀ ରଞ୍ଜି ପରସ୍ପରେ ଭୁଞ୍ଜାଭୁଞ୍ଜି
ପାନ ଭୁଞ୍ଜା କର ହଥାଦେଇ ହୋଇଲେ ।
ବାହୁ ବାହୁ ଆଲିଙ୍ଗନ ଲତିକା ତରୁ ସମାନ
ତରୁଣ ତରୁଣୀ ଥିଲେ ତେଜ ଧାଇଁଲେ ।
ବାମା କେହୁ ହରିଦ୍ରା ଘେନେ ।
ବଚ୍ଛିତ ଦେଖାଇ ଗଲ ନ ପୋଛୁ ସ୍ନାନେ । ୧୩ ।
ବଧୂ ପାତ୍ର ସାମନ୍ତଙ୍କ ଶ୍ରବଣେ ଅତି ଉତ୍ସୁକ
ଜଗତି ଗଡକ ଦେଖି ସଖୀଏ ଭାଷେ ।

---

୧୩ଶ ପଦ—ବଚ୍ଛିତ—ଭଙ୍ଗି ।

୧୪ଶ ପଦ—ପାତ୍ର—ମନ୍ତ୍ରୀ । ଜଗତି—ଅଟ୍ଟାଳିକା । ବଡ଼ଭି—ଅଟ୍ଟାଳିକା । ବଡ଼ଖି—ଅତିଶୟ ଭୟ । ଉଶୀର—ବେଣା । ଶିଶିରକର—ଚନ୍ଦ୍ରକିରଣ, କର୍ପୂର ।

---

ଦେଖି ବାଣୀ, ଚରମସବୁକୁ ବାଣାଚାର ବୋଲି ଭାବିଲେ, ଯିବା ସମୟରେ କଙ୍କିଣୀ ସ୍ୱରକୁ ବୀଣାସ୍ୱର ଭାବ ମନେ କଲେ; 'ସଖି ଆମ ହାତରେ ବୀଣା ଦେଇ ଗଲ କି ?' ରାମଚନ୍ଦ୍ରଙ୍କୁ ଦର୍ଶନ କରିବାପାଇଁ ଯେ ଅନୁରାଗ ଜାତ ହେଲା, ତଦ୍ଦ୍ୱାରା ପୂର୍ବେ ବୋଲୁଥିବା ଗୀତର ରାଗ ବିସ୍ମରଣ ହୋଇଗଲା । ରାମକେଶ ରାଗ ବୋଲୁଥିଲେ, ତହିଁରେ 'ର' ସ୍ଥାନରେ 'ଳ' ସଂଯୋଗ ହେଲା ରାମକେଶ ହୋଇ ରାମକେଳୀ ହେଲା) ।

୧୩ଶ ପଦ—କେହିଁ ନାୟକ ନାୟିକା ପରସ୍ପରରେ ଅନୁରାଗର ସହିତ ପାନ ଭୁଞ୍ଜାଭୁଞ୍ଜି ହେଉଥିଲେ; ରାମ ଦର୍ଶନ ଆଶାରେ ବିଚଳିତ ହୋଇ ଖାଲି ହାତ ହଥା ଦେଇ ହେଲେ । ତେଣୁ ତରୁଣ ତରୁଣୀ ବୃକ୍ଷ ଲତା ପ୍ରାୟ ବାହୁ ବାହୁକୁ ଛନ୍ଦାଛନ୍ଦ ହୋଇଥିଲେ, ସେ ତାହା ତ୍ୟାଗ କରି ରାମଙ୍କ ଦର୍ଶନ ପାଇଁ ଧାଇଁଲେ । କେହିଁ ରମଣୀ ଦେହରେ ହଳଦୀ ଲଗାଉଥିଲା । ସ୍ନାନ କରି ମାତ୍ର ପୋଛି ନ ହୋଇ ଅଙ୍ଗର ଛଟା ଦେଖାଇ ରାମଙ୍କ ଦର୍ଶନକୁ ଦୌଡ଼ିଲା ।

୧୪ଶ ପଦ—ପାତ୍ର, ମନ୍ତ୍ରୀ ଓ ସାମନ୍ତଙ୍କର ସ୍ତ୍ରୀମାନେ ରାମ ବିଜେ କରିବା ଶ୍ରବଣ କରି ତାଙ୍କୁ ଦେଖିବା ନିମନ୍ତେ ଉତ୍ସୁକ ହୋଇ ଅଟ୍ଟାଳିକା ଉପରକୁ ଯିବାରୁ

ବଡ଼ଭି ଲଭିଲ ନାହିଁ      ବଡ଼ଶ୍ରୀ ଲଭିବ କହିଁ
ଜଗତ ଗତି ଦାତାଙ୍କୁ ଅନଙ୍ଗ ବଶେ ।
ବାଟି ଶ୍ରମିହେବୁଁ ଉଶୀର ।
ବାଧିବ ସଶିବ ବେନି ଶିଶିରକର । ୧୪ ।
ବିଗ୍ରହ ଜ୍ୱରୀ ଆରମ୍ଭେ      ସୁନ୍ଦର ଦର୍ଶନ ଲୋଭେ
ପ୍ରଭଞ୍ଜନ-ପଥ ପ୍ରଭଞ୍ଜନ ହୋଇବ ।
ବିଶ୍ୱସ୍ତେ ଜାତ ଏତେକ      ଲଭି ହୃଦ ସମ୍ପୁଟକ
ମଧ୍ୟରେ ସେ ମନୋରମ-ମଣି ଥୋଇବ ।

---

୧୫ଶ ପଦ — ବିଗ୍ରହ — ଦେହ । ପ୍ରଭଞ୍ଜନପଥ — ଗବାକ୍ଷ ବା ଝରକା । ପ୍ରଭଞ୍ଜନ—ବିଶେଷରେ ଭଗ୍ନ ହେବା । ହୃଦସମ୍ପୁଟକ—ହୃଦୟରୂପ ଫରୁଆ ।

---

କୌଣସି ସଖି କହିଲା,—'ତୁମେ ବଡ଼ଭି ଲଭିଲ ନାହିଁ' ତୁମ୍ଭେ କୋଠା ଉପରକୁ ଗଲନାହିଁ ଯେ, ଜଗତର ଗତି ମୁକ୍ତିଦାତା ରାମଙ୍କୁ କହିଁ କନ୍ଦର୍ପ ବଶରେ ବଡ଼ ଭୟ ଲଭ କରିବାକୁ ଗଲ । ଆମ୍ଭେମାନେ ଉଶୀରବେଣା ବାଟିବାରେ ଶ୍ରମୀ ହେବୁଁ । ବେନି ଶିଶୁରକର ବାଧିବ ଅର୍ଥାତ୍ ଚନ୍ଦ୍ର କିରଣ ତୁମ୍ଭଙ୍କୁ କଷ୍ଟକର ଜଣାଯିବ ଓ କର୍ପୂର ଜଗତରୁ ଶେଷ ହେବ । (ତୁମ୍ଭେ ରାମଙ୍କୁ ଦେଖି ବିରହ ଜ୍ୱାଳାରେ ତାପିତ ହେବ । ତୁମ୍ଭଙ୍କୁ ଥଣ୍ଡା କରିବାକୁ ଯାଇ ଆମେ ଉଶୀର ବେଣା ବାଟି ବାଟି ଥକିତ ହେବୁ, କର୍ପୂର ଚୂର୍ଣ୍ଣ ଜଗତରୁ ଶେଷ ହୋଇଯିବ, ଚନ୍ଦ୍ର କିରଣ ବିଷପରି ବୋଧହେବ ) ।

୧୫ଶ ପଦ—"ତୁମ୍ଭେମାନେ ଯେଉଁ ରାମଙ୍କର ମନୋହର ରୂପ ଦେଖିବା ନିମିତ୍ତ ବ୍ୟଗ୍ର ହୋଇ ଝରକା ନିକଟକୁ ଧାଉଁଅଛ, ସେହି ରାମଚନ୍ଦ୍ର ତୁମ୍ଭମାନଙ୍କ ହୃଦୟ ରୂପ ଫରୁଆରେ ତାହାଙ୍କର ସୌନ୍ଦର୍ଯ୍ୟ ରୂପ ମଣିକି ଥୋଇ ତୁମ୍ଭଙ୍କୁ କେବଳ ଚିନ୍ତା ଦେବେ । ( ତୁମ୍ଭେମାନେ ତାହାଙ୍କର ସୌନ୍ଦର୍ଯ୍ୟ ଦେଖି ମୁଗ୍ଧ ହେବ ଓ ସବୁଦିନ ତାଙ୍କୁହିଁ ଭାବନ କରୁଥିବ, ମାତ୍ର ତାଙ୍କୁ କଦାପି ପାଇ ପାରିବ ନାହିଁ ) । ତୁମ୍ଭେ ସେହି ବିରହ ଚିନ୍ତାରେ ଅସ୍ଥିର ହେଲାବେଳେ ( ପବନ ତୁମ୍ଭଙ୍କୁ ଅପ୍ରୀତିକର ଲାଗିବାରୁ ) ଏହି ଝରକାଗୁଡ଼ିକ ( ଯାହା ପାଖକୁ ତୁମ୍ଭେ ରାମଙ୍କୁ ଦେଖିବାପାଇଁ ଆଗ୍ରହରେ ଦଉଡ଼ି ଯାଉଛ) ଭଗ୍ନ ହେବେ । ସେ ରାମ ତୁମ୍ଭର କଦାପି ହୋଇ ପାରିବେ ନାହିଁ । ଦୈବ ସେଥିରୁ ତୁମ୍ଭଙ୍କୁ ବଞ୍ଚିତ କରିଅଛି । [ତୁମ୍ଭେ ବହୁକାଳରୁ ବିବାହିତ] ।" ସେମାନେ [ରାଜ, ମନ୍ତ୍ରୀ ଓ ସାମନ୍ତଙ୍କ ସ୍ତ୍ରୀମାନେ]

ବୋଲେ ସେ ଭ୍ରମର ନୋହିବ ?
ବଞ୍ଚନା କଲଣି କେତେ କାନ୍ତ ଦଇବ । ୧୫ ।
ବସୁଧାଳୟ ଜଗତ୍ରି                ସ୍ଥିତ ନାରୀ ସୁରଭ୍ରାନ୍ତି
ସୁମନା ମନ ମୋହନ ଛବି ଯାହାର ।
ବନ୍ତୁଁ ବାହାରିଲୁ ପରି                ନାଗ-ନାରେ଼ୀ ସୁଭୂରି
ମଣି-ଭୂଷଣୀ ମଧ୍ୟରୁ ଯେତେ ବାହାର ।
ବେଭାରେ ତମାନବୀ ସଙ୍ଗେ ।
ବିଶୁଦ୍ଧ ତ୍ରିପୁର ଲୀଳା ତହିଁ ସମ୍ଭବେ । ୧୬ ।
ବାମା କାଳ ଭାନୁ ବାମା                ପ୍ରସବ ସୂନୁ ସୁଷମା
ଲକ୍ଷିତ ହୁଅନ୍ତା ଆନ ଆନନ ପ୍ରଭା ।

---

୧୬ଶ ପଦ—ବସୁଧାଳୟ—ସ୍ୱର୍ଗ ବା ମେରୁ ପର୍ବତ । ନାରୀ ସୁରୀ—ଦେବ ସ୍ତ୍ରୀ ବା ଅପ୍ସରା । ସୁମନା—ଦେବତା, ପଣ୍ଡିତ । ନାଗ-ନାରେ଼ୀ—ନାଗସ୍ତ୍ରୀ ବିଶ୍ୱଧାତ୍ରୀ, ଧରଣୀ ।

୧୭ଶ ପଦ—ବାମା କାଳେ—ରୂପ ଧରିଲାବେଳେ । ଭାନୁ-ବାମା—ସୂର୍ଯ୍ୟ ପତ୍ନୀ, ସଞ୍ଜ୍ଞା ଓ ଛାୟା । ସୂନୁ—ପୁତ୍ର । ସୁଷମା—ଶୋଭା । ଆନନ—ମୁଖ । ସ୍ମର କନ୍ଦର୍ପ । ମଧୁ—ବସନ୍ତ ।

---

କହିଲେ, "ଭ୍ରମର କଣ ବିରହ ଯନ୍ତ୍ରଣା ହେଉ ନାହିଁ କି ?" ସଖୀ ଉତ୍ତର ଦେଲା, "ଦଇବ ବହୁତ ଦିନୁ ଆମ୍ଭଙ୍କୁ ସେଥିରୁ ବଞ୍ଚିତ କରିଅଛି ।"(ଆମ୍ଭେ ବୃଦ୍ଧା ହୋଇ ଗଲୁଣି) ।

୧୬ଶ ପଦ—ମେରୁ ସଦୃଶ ଅଟ୍ଟାଳିକା ଉପରେ ଥିବା ନାରୀମାନେ ଦେବ ସ୍ତ୍ରୀ ପରି ଶୋଭା ପାଉଛନ୍ତି । ଦେବସ୍ତ୍ରୀ ମାନଙ୍କର ଛବି ଦେବତାମାନଙ୍କର ମନ ମୋହନ କଲାପରି ଅଟ୍ଟାଳିକା ଉପରେ ଥିବା ନାରୀମାନଙ୍କର ଛବି ପଣ୍ଡିତ-ମାନଙ୍କର ମନ ମୋହନ କରୁଅଛି । (ଏହାଦ୍ୱାରା ସ୍ୱର୍ଗପୁରର ସୂଚନା ଦିଆଗଲା) । ପୁରରୁ ବାହାରିବା ମଣିଭୂଷିତା ସ୍ତ୍ରୀମାନେ ନାଗ କନ୍ୟା ନାଗକନ୍ୟାବିଳରୁ ବାହାରନ୍ତି ଓ ତାଙ୍କ ମସ୍ତକରେ ମଣି ଥାଏ) ପ୍ରାୟ ଦେଖାଗଲେ । ଏହାଦ୍ୱାରା ପାତାଳ ପୁରର ସୂଚନା ମିଳିଲା । ପ୍ରକୃତରେ ସମସ୍ତେ ମାନବୀ (ମର୍ତ୍ତ୍ୟର ସ୍ତ୍ରୀ - ଏହାଦ୍ୱାରା ମର୍ତ୍ତ୍ୟ ସୂଚିତ ହେଲା) । ସେହି ମିଥିଲା ପୁରରେ ଏହି ତିନି ପୁରର ଲୀଳା (ସ୍ୱର୍ଗ ମର୍ତ୍ତ୍ୟ ପାତାଳ) ସମ୍ଭବ ହେଲା ।

୧୭ଶ ପଦ—ସୂର୍ଯ୍ୟ ପତ୍ନୀ ସଞ୍ଜ୍ଞା ଘୋଟକୀ ହେବା କାଳରେ ଯେଉଁ ପୁତ୍ର ପ୍ରସବ କରିଥିଲେ, ସେହି ଅଶ୍ୱିନୀ କୁମାରଙ୍କର ଶୋଭା ଏହାଙ୍କ ସହିତ (ରାମ

ବରନ ବସନ ଧରେ ନୀଳ ପୀତ ପରସ୍ପରେ
ସ୍ମର ମଧୁ ଆଲିଙ୍ଗନ ବହିଲା ଶୋଭା ।
ବହ୍ନିଳତ ଦମ୍ଭ ଅନାଇ ।
ବାସ କଲା ତତ୍ତ୍ୱ ରାମ ଲକ୍ଷ୍ମଣେ ଯାଇଁ । ୧୭ ।
ବାଲ୍ଲେ ଯେ ଆଉଜି ରହି ଚିତ୍ର ପ୍ରତିମା କି ସେହି
ନିରବଲମ୍ବିନୀ କି ଇନ୍ଧନ ପିତୁଳା ।
ବନ୍ଧକୀ ସ୍ୱଭାବ ଲୁଟି ପତିବ୍ରତା କଲେ ହଟି
ପ୍ରମୃତି ମତ୍ତତ ସୃଷ୍ଟି ତାଙ୍କ ରଖିଲା ।
ବୋଲନ୍ତି କି କାହା ଶୁଣନ୍ତି ।
ବଞ୍ଚିତ ନୋହେ ମାଦକୀ ଚେତା ଆକୃତି । ୧୮ ।

---

୧୮ଶ ପଦ—ବନ୍ଧକୀ – ଅସତୀ । ମାଦକୀ – ମଦ୍ୟପ ।

---

ଲକ୍ଷ୍ମଣଙ୍କ ସହିତ) ଉପମିତ ହୋଇପାରଥାନ୍ତା, ଯଦି ଅଶ୍ୱିନୀ କୁମାରଙ୍କର ମୁଖ ଅନ୍ୟ ପ୍ରକାର ହୋଇଥାନ୍ତା, (ଅଶ୍ୱିନୀ କୁମାରଙ୍କ ମୁଖ ଘୋଡ଼ାମୁଖ ପରି । ଏ ଦୁହେଁ (ରାମ ଲକ୍ଷ୍ମଣ) ପରସ୍ପରରେ ନୀଳବର୍ଣ୍ଣ ଓ ପୀତବର୍ଣ୍ଣ ବସନ ପିନ୍ଧିଅଛନ୍ତି ଅର୍ଥାତ୍ ନୀଳବର୍ଣ୍ଣ ରାମ ପୀତ ବସନ ପିନ୍ଧିଛନ୍ତି ଓ ପୀତବର୍ଣ୍ଣ (ଗୌର) ଲକ୍ଷ୍ମଣ ନୀଳ ବସନ ପିନ୍ଧି ଅଛନ୍ତି; ତେଣୁ କନ୍ଦର୍ପ ଓ ବସନ୍ତର ଆଲିଙ୍ଗନରେ ଯେଉଁ ଶୋଭା ହେବ ସେହି ଶୋଭା ଏମାନେ ଧାରଣ କରି ଅଛନ୍ତି । ସେ ଶୋଭାକୁ ଚାହିଁ ଧୈର୍ଯ୍ୟ ବିଚଳିତ ହେଲା; ତତ୍ତ୍ୱ ଯାଇ ରାମ ଲକ୍ଷ୍ମଣଙ୍କଠାରେ ବାସ କଲା ।

୧୮ଶ ପଦ—ଯେଉଁ ସ୍ତ୍ରୀ କାନ୍ଥକୁ ଆଉଜି ଠିଆ ହୋଇଥିଲା, (ରାମଙ୍କ ଦର୍ଶନରେ କାମ ବିକାର ଜାତ ହେବାରୁ ସେ ନିଶ୍ଚଳ ହୋଇ ଠିଆ ହେଲା) ସେ କାନ୍ଥରେ ଚିତ୍ରିତ ହୋଇଥିବା ଚିତ୍ର ପ୍ରତିମା ପରି ଦିଶିଲା । ଯେଉଁ ସ୍ତ୍ରୀ ବିନା ଆଶ୍ରୟରେ ଠିଆ ହୋଇଥିଲା, ସେ କାଠ କଣ୍ଢେଇ ପରି ଦେଖାଗଲା । ପତିବ୍ରତା-ମାନେ ଅସତୀମାନଙ୍କ ସ୍ୱଭାବକୁ ଲୁଟି କଲେ [ଅସତୀ ଯେପରି ପର ପୁରୁଷ ଦେଖିଲେ ହାବ ଭାବ ଦେଖାନ୍ତି ବା ବିଚଳିତ ହୁଅନ୍ତି, ପତିବ୍ରତାମାନେ ସେହିପରି ହେଲେ], ମାତ୍ର ଜଡ଼ତା ସେମାନଙ୍କ ମହତ୍ତ୍ୱ ରକ୍ଷାକଲା । [ସେମାନେ ଜଡ଼ ହୋଇ ଠିଆ ହୋଇ ଥିବାରୁ କିଛି କରି ପାରିଲେ ନାହିଁ, ନ ହେଲେ ରାମ ଲକ୍ଷ୍ମଣଙ୍କୁ ଭୁଣ୍ଡାଇ ପକାଇଥାନ୍ତେ] । ମାଦକ ଦ୍ରବ୍ୟ ଖାଇଥିବା ଲୋକଙ୍କ ପରି ପତିବ୍ରତାମାନେ କାମ ବିକାରରେ ବିହ୍ୱଳ ହୋଇ] କଣ କହୁଛନ୍ତି ବା କଣ କରୁଛନ୍ତି କିଛି ଜାଣି ପାରିଲେ ନାହିଁ ।

ବୈଦେହୀ ବିମଳଦେହୀ　　　　କମଳ କେଶରେ ନାହିଁ
ସଖୀ ସଙ୍ଗତରେ ଥିଲେ ମଣ୍ଡି ଅଟ୍ଟାଳୀ ।
ବିହି ଲୋକନେ ପ୍ରଶଂସା　　　　କଳାଙ୍ଗେ କଲେ ଲାଳସା
ଗୌରରେ ଗୌରବତା ନେତ୍ର ନ ଢାଳି ।
ବର ଦେବରେ ଯେ ମନାସେ ।
ବରଦେବର ହେବାକୁ ମାନସେ ତୋଷେ । ୧୯ ।
ବାମଲୋଚନ ସ୍ଫୁରିତା　　　　ବାମମୋଚନ ବିଧାତା
ପାଞ୍ଚୁ ପୁଲକ ପୁଲକ କପୋଳେ ଦଶି ।
ବୃଦ୍ଧବୟୁଃ ସଙ୍ଗୀବାର　　　　ଭାଙ୍ଗିବ ଏ ଧନୁବର
ମନରେ ଏମନ୍ତ କରି ତା ଜାଣି ଭାଷି ।
ବ୍ୟକତ ଏମନ୍ତ ବଚନ ।
ବିଶ୍ୱାସ ନିଃଶ୍ୱାସ ହାସ ନାଶା ଆନନ । ୨୦ ।

---

୨୦ଶ ପଦ—ବୃଦ୍ଧବୟୁଃ ସଙ୍ଗୀବାର—ବଡ଼ ସଖୀସମୂହ ।

---

୧୯ଶ ପଦ — କମଳ କେଶରଠାରୁ ବେଶୀ ସୁନ୍ଦରୀ ନିର୍ମଳଦେହୀ ବୈଦେହୀ ସୀତା ସଖୀଙ୍କ ସଙ୍ଗରେ ଅଟ୍ଟାଳିକାକୁ ମଣ୍ଡନ କରି ବସିଥିଲେ [ସେ ବସିଥିବାରୁ ଅଟ୍ଟାଳିକା ସୁନ୍ଦର ଦିଶୁଥିଲା] । ସେ ରାମ ଲକ୍ଷ୍ମଣଙ୍କୁ ଦେଖି ପ୍ରଶଂସା କଲେ । 'କଳାଙ୍ଗ' ରାମଙ୍କଠାରେ ଅଭିଳାଷ କଲେ, 'ଗୌରଅଙ୍ଗ' ଲକ୍ଷ୍ମଣଙ୍କ ଠାରେ ଗୌରବ ଅନୁଭବ କରି ନେତ୍ର ପକାଇଲେ । [ସୀତା ନିଜେ ଗୌରବର୍ଣ୍ଣ, ତେଣୁ ସେ ଶ୍ୟାମଳ ବର୍ଣ୍ଣ ପ୍ରତି ଆକୃଷ୍ଟ ହେଲେ] । ବର ଓ ଦିଅର [ରାମ ଲକ୍ଷ୍ମଣଙ୍କୁ] ହେବା ପାଇଁ ମନରେ ଇଚ୍ଛା କଲେ, ସେ ମହାଦେବଙ୍କୁ ମାନସିକ କଲେ ଅଥବା ବର ଦାତାଙ୍କଠାରେ ବର ମନାସିଲେ ।

୨୦ଶ ପଦ - [ସୀତା ମନରେ ଏପରି ବିଚାର କରିବା ସମୟରେ] ତାଙ୍କ ବାମ ଆଖି ଡେଇଁବାରୁ ବିଧାତା ମୋର ପ୍ରତିକୂଳତାକୁ ମୋଚନ କଲେ [ମୋର ସମସ୍ତ ବାଧା ଏଡ଼ିଦେଲେ],—ଏହା ପାଞ୍ଚିଲେ । ସେତେବେଳେ ତାଙ୍କ ଗଣ୍ଡସ୍ଥଳରେ ରୋମୋଦ୍‌ଗମ ହେଲା । ବୟୋଜ୍ୟେଷ୍ଠ ସଖୀମାନେ ତାଙ୍କର ନେତ୍ର ଓ ଗଣ୍ଡସ୍ଥଳର ବିକାଶ ଦେଖି କହିଲେ, "ହେ ସୀତା ! ଏ ପୁରୁଷ ଧନୁଶ୍ରେଷ୍ଠ ଶିବଧନୁକୁ ଭାଙ୍ଗିବେ । ଏହା ଠିକ୍ ରୂପେ ଜାଣ ।" ଏହି କଥା ଶୁଣନ୍ତେ ସୀତାଙ୍କ ନାସିକାରୁ [ଅତି ଆନନ୍ଦ ହେତୁ] ନିଃଶ୍ୱାସ ଓ ମୁଖରୁ ହାସ୍ୟ ପ୍ରକାଶିତ ହେଲା [ଏହା ଶୁଭ ସୂଚକ], ତେଣୁ ସୀତା ସଖୀଙ୍କ କଥାରେ ବିଶ୍ୱାସ କଲେ ।

ବିପ୍ରଳାପ ଥାଇ ସ୍ପଷ୍ଟ           ମନମାସ୍ଥା ଯେ ରଭସେ
ଏ ଯୋଗ ତୋର କର୍ମରେ ଅଛି ହେନ ରେ ।
ବ୍ୟଳୀକ ଏ କି ? ଜନକ           ନାରିକେଳ ସଦୃଶକ
ଧନୁ ସ୍ୱୟମ୍ବର କୃତ ତୋଷଦାନରେ ।
ବିଦଗ୍ଧତା ଚିତ୍ତେ ଯେନଲେ ।
ବୟସ୍ୟାଗଣ ପ୍ରମାଣ ପ୍ରମାଣ ବୋଲେ । ୨୧ ।
ବୃକୋଦର ବାସବର           ଦିଗଦନ୍ତୀ ମନୋହର
ବିହରି ମଖଶାଳାରେ ପ୍ରବେଶକଲେ ।
ବଂଶିକ ରାଜା ମାନସ           ମଧ୍ୟରୁ ଧୈର୍ଯ୍ୟ ସାରସ
ଅସ୍ପରଶେ ଦରଶନେ ଉତ୍ପାଟି ନେଲେ ।
ବିଚିତ୍ର-କର୍ମାଙ୍କ ଆଲୋକେ ।
ବିଦେହରାଜ କୌଶିକେ ପୁଚ୍ଛିଲେ ଏ କେ ? ୨୨ ।

---

୨୧ଶ ପଦ—ରଭସେ—ବ୍ୟଗ୍ରହୋଇ । ବିପ୍ରଳାପ—ବିରୋଧୋକ୍ତି !

୨୨ଶ ପଦ—ବୃକୋଦର—ଯମ । ବାସବ—ଇନ୍ଦ୍ର । ମଖଶାଳା—ଯଜ୍ଞଶାଳା । ବଂଶିକ—କୁଳୀନ । ସାରସ—ପଦ୍ମ ।

---

୨୧ଶ ପଦ—ସୀତାଙ୍କର ଆଗ୍ରହ ଦେଖି ମନମାସ୍ଥା ନାମକ ସଖୀ ବିରୋଧୋକ୍ତି ଥାଇ ବେଗରେ କହିଲା, "ହେ ସଖି ! ଏ ପୁରୁଷଙ୍କୁ ବର ହେବା ଯୋଗ ତୋ କର୍ମରେ ଅଛି । ଏ ଯୋଗ ନାହିଁ ବୋଲି ମନରେ ଆଣ ନାହିଁ । ତୁମ୍ଭ ପିତା ଜନକଋଷି ନାରିକେଳ ସଦୃଶ ବାହାରେ କଠିନ ଓ ଭିତରେ ବହୁ ରସଯୁକ୍ତ ଏ ଯେଉଁ ଧନୁ ସ୍ୱୟମ୍ବର କଲେ, ତାହା ଅପ୍ରିୟ ହୁଅନ୍ତା କି ? ଚତୁରା ସୀତା ତାହା ବୁଝି ପାରିଲେ ଓ ସଖୀମାନେ ତାହା ଶୁଣି ସତ୍ୟ ସତ୍ୟ ବୋଲି କହିଲେ ।

୨୨ଶ ପଦ—ଯମ ଓ ଇନ୍ଦ୍ର ଅବସ୍ଥାନ କରୁଥିବା ଦୁଇ ଦିଗର ହସ୍ତୀ ଅଞ୍ଜନ ଓ ଐରାବତ ପରି ମନୋହର ରାମ ଲକ୍ଷ୍ମଣ ଯାଗଶାଳାରେ ପ୍ରବେଶ କରି କୁଳୀନ ରାଜାମାନଙ୍କ ମାନସ ସରୋବରକୁ ଧୈର୍ଯ୍ୟ ପଦ୍ମକୁ ସ୍ପର୍ଶ ନ କରି ଦର୍ଶନ ମାତ୍ରକେ ଉପାଡି ପକାଇଲେ । ( ଅଞ୍ଜନ ଓ ଐରାବତ ଦ୍ୱାରା ମାନସସରୋବରର ପଦ୍ମନାଡ଼ ଉତ୍ପାଟିତ ହେଲା ପରି ରାମ ଲକ୍ଷ୍ମଣଙ୍କୁ କେବଳ ଦେଖିଲାକ୍ଷଣି କୁଳୀନ ରାଜାମାନଙ୍କର ଧୈର୍ଯ୍ୟ ଲୋପ ପାଇଲା ) । ଅଦ୍‌ଭୁତକର୍ମା ରାମ ଲକ୍ଷ୍ମଣଙ୍କ ଦର୍ଶନରେ ବିଦେହ ରାଜା ଜନକ ବିଶ୍ୱାମିତ୍ରଙ୍କୁ ପଚାରିଲେ, "ଏ କିଏ ?"

ବଲଗିଲେ ମୁନି କୁଶିକ        ଦଶରଥ ନନ୍ଦନସୁତ
ବଚନେ ତାଡ଼କା ହନାଣି ରଖି ମୋ ଯାଗ ।
ବିନ୍ୟସ୍ତ କରି ଚରଣ        ଗୌତମ-ନାରୀ ତାରଣ
ଶିବ ରୂପ ଦେଖିବାକୁ ଏବେ ଉଦ୍‌ବେଗ ।
ବୋଇଲେ ଦେଖିଲେ ଦେଖନ୍ତୁ ।
ବାଳ କୁମାରେ କି ହେବ ଏହାଙ୍କ ହେତୁ ? ୨୩ ।
ବାଳି ବଳିଷ୍ଠରେ ସାର        ବଳ କୋଟିଏ ସିଂହର
ଭାଞ୍ଜିବା ଥାଉ ହାରିଲେ ଶୁଣି ଛଳିତ ।
ବିହଙ୍ଗିରେ ଗଣ୍ଡଭେରଣ୍ଡେ        ଗଜକୁ ଟେକନ୍ତି ଉଡ଼େ
ଡାଳେ ବସେ, ଭାରଷାରେ ଭର ବହିତ ।

---

୨୩ଶ ପଦ—ବଲଗିଲେ—କହିଲେ ।

୨୪ଶ ପଦ—ବିହଙ୍ଗିରେ—ପକ୍ଷୀମାନଙ୍କ ମଧ୍ୟରେ ।

---

୨୩ଶ ପଦ—( ଜନକଙ୍କ ପ୍ରଶ୍ନ ଶୁଣି ) ବିଶ୍ୱାମିତ୍ର ମୁନି କହିଲେ, “ଏ ଦଶରଥ ରାଜାଙ୍କର ଦୁଇପୁଅ ବନରେ ତାଡ଼କା ରାକ୍ଷସୀକୁ ମାରି ମୋ ଯାଗରକ୍ଷା କରିଅଛନ୍ତି କାମ୍ୟକ ବନରେ ଚରଣ ବିନ୍ୟସ୍ତ କରି ଅହଲ୍ୟାଙ୍କୁ ପାଷାଣରୂପରୁ ତାରିଅଛନ୍ତି, ଏବେ ଶିବଧନୁ ଦେଖିବାକୁ ଉଦ୍‌ବେଗ ହୋଇ ଆସିଅଛନ୍ତି ।” (ବିଶ୍ୱାମିତ୍ରଙ୍କ ବଚନ ଶୁଣି) ଜନକ କହିଲେ, “ଦେଖିଲେ ଦେଖନ୍ତୁ, ଏ ବାଳକ କୁମାର ମାତ୍ର, ଏହାଙ୍କ ଦ୍ୱାରା କଣ ହେବ ?” (ଅର୍ଥାତ୍ ଏ ଧନୁ ଭାଙ୍ଗିପାରିବେ ନାହିଁ ) ।

୨୪ଶ ପଦ—“କୋଟିସିଂହ ପରାକ୍ରମୀ ବଳିଷ୍ଠଙ୍କ ମଧ୍ୟରେ ଶ୍ରେଷ୍ଠ ଏପରି ଯେ ବାଳି, ସେ ଧନୁ ଭାଙ୍ଗିବା କଥା ଦୂରେ ଥାଉ, ମାତ୍ର ଧନୁ ଦେଖି ହାରିଗଲା । (ଜନକ ଏପରି କହିବାରୁ) ବିଶ୍ୱାମିତ୍ର ଛଳ କରି ଉତ୍ତର ଦେଲେ, ପକ୍ଷୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ଗଣ୍ଡଭେରୁଣ୍ଡ ଚଢ଼େଇ ଗଜକୁ ନେଇ ଉଡ଼େ, ପୁଣି ବୃକ୍ଷଡ଼ାଳରେ ବସେ, କିନ୍ତୁ ଡାଳ ଭାଙ୍ଗିଯାଏ ନାହିଁ, ମାତ୍ର ଭରତଆ ପକ୍ଷୀ ଡାଳରେ ବସିଲେ ଡାଳ ଭାଙ୍ଗିଯାଏ ।” [ଦୈବଯୋଗରେ ଅସମ୍ଭବ ସମ୍ଭବ ହୁଏ, ବାଳି ସିନା ଧନୁ ଦେଖି ହାରିଗଲା; ମାତ୍ର ଏ ଧନୁ ଭାଙ୍ଗିପାରିବେ] । ପୁଣି ଜନକ କହିଲେ, “ପରଶୁରାମ ପୂଜା କଲେ [ଧନୁ ଧରି ନ ପାରି] ।” ବିଶ୍ୱାମିତ୍ର ଉତ୍ତର

ବୋଲେ ପଶୁ'ରାମ ପୂଜିଲେ ।
ବ୍ୟଭଗୁର କ୍ଷତ୍ରି ଧର୍ମ ବିପ୍ର ବୋଇଲେ । ୨୫ ।
ବାଣାସୁର କାର୍ତ୍ତବୀର୍ଯ୍ୟ ସହସ୍ର ଭୁଜରେ ହେଜ
ଟେକି ନ ପାରିଲେ ତହୁଁ କଲେ ଉତ୍ତର ।
ବୃଷ୍ଟିକ କର୍କଟପରି ସିନା ତାହାଙ୍କ ମାଧୁରୀ
ନାଗ ବ୍ୟତୀତେ କେ ଆନ ଧରଣୀ ଧର ।
ବିଂଶକର କହିବା ନୋହୁ ।
ବାଳି ଅର୍ଜୁନରେ ଧରା ଯାଇଛୁ ଯେହୁ । ୨୭ ।
ବିଘ୍ନରାଜ ମହାସେନ ଲବଣ ଆଦି ରାଜନ
ପ୍ରଭା ଦେଖାଇ ମଳିନ ଭାବ ଭଜିଲେ ।

---

୨୭ଶ ପଦ—ବିଘ୍ନରାଜ – ଗଣେଶ । ମହାସେନ—କାର୍ତ୍ତିକେୟ । ବଲ୍ଲିକ – ବିଲୁଆ ।

---

ହେଲେ, "ସେ ବିପ୍ର ହୋଇ ବ୍ୟଭଗୁର ହେତୁ କ୍ଷତ୍ରିୟ ହୋଇଅଛନ୍ତି, (ବିପ୍ରର ପୂଜା କରିବା ବିଧି—ତେଣୁ ସେ ପୂଜା କଲେ ।)

୨୫ଶ ପଦ—ତତ୍ପରେ ଜନକ କହିଲେ, "ବାଣାସୁର ଓ ସହସ୍ରାର୍ଜୁନ ସହସ୍ର ହାତରେ ଧନୁକୁ ଟେକିପାରିଲେ ନାହିଁ—ଏ କଥା ମନରେ ଭାବ ।". ତାହା ଶୁଣି ବିଶ୍ୱାମିତ୍ର ଉତ୍ତର କଲେ, "ବିଚ୍ଛା, କଙ୍କଡ଼ାଙ୍କପରି ସିନା ତାଙ୍କର ହସ୍ତ ସଂଖ୍ୟା ବେଶୀ [ବିଚ୍ଛା ଓ କଙ୍କଡ଼ାଙ୍କର ସିନା ହାତ ବହୁତ, ମାତ୍ର ପରାକ୍ରମ ବା କେତେ] ? ମାତ୍ର ନାଗ ବିନା ଆନ କେହି ଧରଣୀକି ଧରିପାରେ କି ?" ଜନକ ପୁଣି କହିଲେ, "ରାବଣ" ( ରାବଣ ଧନୁ ଦେଖି ହାରି ଯାଇଅଛି ) । ବିଶ୍ୱାମିତ୍ର କହିଲେ, "ତା କଥା କହ ନାହିଁ, ବାଳି ଓ ସହସ୍ରାର୍ଜୁନଙ୍କ ହାରା ବନ୍ଦୀ ହେଲାଦିନୁ ତା ବଳ ଜଣା ଯାଇଅଛି ।"

୨୭ଶ ପଦ—ଜନକ ପୁନର୍ବାର କହିଲେ, "ଗଣେଶ, କାର୍ତ୍ତିକ, ଲବଣଦୈତ୍ୟ ଆଦି ରାଜାସବୁ ପ୍ରଥମେ ଗର୍ବ ଦେଖାଇ ପରେ ମଳିନ ହୋଇଅଛନ୍ତି, [ପ୍ରଥମରେ ତେଜଦେଖାଇ ଆସି, ଧନୁ ଦେଖି ଭୟକରି ପଳାଇ ଯାଇଅଛନ୍ତି] ।" ଏହାର ଉତ୍ତରରେ ବିଶ୍ୱାମିତ୍ର କହିଲେ, "ବିଲୁଆ ପ୍ରଥମେ ମୁଖରେ ଅନଳ ଦେଖାଇ ପରେ ଭୟ ପାଇଲେ ସେ ଅନଳ ଲିଭାଇ ଦିଏ, [ସେହିପରି ଏ

ବିଞ୍ଚକ ପରାପେ ତେବେ     ମୁଖରେ ଅନଳେ ଜବେ
ଦେଖାଇ ନାଣି ଖାତୁକ ହେଲେ ଦୁଷିଲେ ।
ବିବୋଧ ନୁହ ହେ ଜନକ !
ବିଶ୍ୱତେ ଦେଖିବେ ଏ ଅଣାଅ ପିନାକ । ୨୬ ।

ବିତପନ କଲେ ନେଇ     ତପନବଂଶିକ ଭଞ୍ଜି
ସଭାରେ ଲୋଭି ଅନାଇ ନୃପ ସକଳ ।
ବିଦର୍ଭ, କର୍ଣ୍ଣାଟ, ଭୋଟ,     ସଉରାଷ୍ଟ୍ର, ମରହଟ୍ଟ
କୁନ୍ତଳ, କେରଳ, ଶୈଳ, ସିନ୍ଧୁ, ଉତ୍କଳ ।
ବାହ୍ଲିକ, ଭୁରଷ୍କ, ନିଷେଧ ।
ବଙ୍ଗ, ଅଙ୍ଗ, କଳିଙ୍ଗ, ଶୈଡ଼ଙ୍ଗ, ମଗଧ । ୧୭ ।

ବେଦ, ଚେଦି, ମଦ୍ର, ମତ୍ସ୍ୟ,     ଦ୍ରାବିଡ଼, ଗଉଡ଼, ମ୍ଲେଚ୍ଛ,
ଆରବ, ମାଳବ, କଚ୍ଛ, କୁରୁ ସଞ୍ଚାଳ ।
ବନାଉଜ, କନାଉଜ,     କାଶ୍ମୀର, କାମେଶ୍ୱ, କୁଞ୍ଜ,
ଗଳ, ଡାହାଳ, ଲୋମଶ ପୁଣ୍ଡ୍ର, କୋଶଳ ।
ବେଲାଉଳ ଆଦି ଏ ଠିକ ।
ବିଶେଷି କହିବା କେତେ କହେ ଜନକ । ୨୮ ।

---

ବୀରମାନେ ପ୍ରଥମେ ତେଜ ଦେଖାଇ ପରେ ଏ ଧନୁ ଦର୍ଶନରେ ସେ ତେଜକୁ ହରାଇଅଛନ୍ତି) । ହେ ଜନକ ! ତୁମ୍ଭେ ଅବୋଧ ହୁଅ ନାହିଁ । ହରଧନୁ ଅଣାଅ, ଏ ନିର୍ଭୟରେ ତାହା ଦେଖିବେ ।”

୨୭ଶ ଓ ୨୮ଶ ପଦ—ବିଶ୍ୱାମିତ୍ରଙ୍କ କଥା ଶୁଣି ଜନକ ରାମ ଲକ୍ଷ୍ମଣଙ୍କୁ ନେଇ ରାଜ ସଭାରେ ପ୍ରବେଶ କରାଇଲେ । ରାମ ଲକ୍ଷ୍ମଣଙ୍କ ଶୋଭା ଦେଖି ରାଜ ସଭାରେ ବସିଥିବା ନୃପତିମାନେ ଲୋଭିତ ହେଲେ । (ତାଙ୍କ ଶୋଭାକୁ ଏକ ଧ୍ୟାନରେ ଚାହିଁ ରହିଲେ) । ଜନକ କହିଲେ,—ବିଦର୍ଭ, କର୍ଣ୍ଣାଟ; ଭୋଟ, ସୌରାଷ୍ଟ୍ର, ମରହଟ୍ଟ, କୁନ୍ତଳ, କେରଳ, ଶୈଳ, ସିନ୍ଧୁ, ଉତ୍କଳ, ବାହ୍ଲିକ, ତୁରଷ୍କ, ନିଷେଧ, ବଙ୍ଗ, କଳିଙ୍ଗ, ଶୈଡ଼ଙ୍ଗ, ମଗଧ, ବେଦ, ଚେଦି, ମଦ୍ର, ମତ୍ସ୍ୟ, ଦ୍ରାବିଡ଼, ମ୍ଲେଚ୍ଛ, ଆବର ମାଳବ, କଚ୍ଛ, କୁରୁ, ପାଞ୍ଚାଳ, ବନାଉଜ, କନାଉଜ, କାଶ୍ମୀର, କାମେଶ୍ୱ, କୁଞ୍ଜଗଳ, ଡାହାଳ, ଲୋମଶ, ପୁଣ୍ଡ୍ରକ, କୋଶଳ, ବେଲାଉଳ ଆଦି ଯେ ରାଜାମାନେ ଠୁଳ ହୋଇଅଛନ୍ତି, ତାହା ବିଶେଷ କରି କେତେ ଅବା କହିବା ?

ଖ୍ୟାତନାମ୍ୟ ଭୂପତିମାନେ — ବହୁଦିନୁ ଅଭିମାନେ
ବସ କି କାରଣେ ଧନୁ ଆଣ ନ କହ ।
ବ୍ୟାଜ ଦମ୍ଭ ଦର୍ପ ପ୍ରତେ — ଏବେ ଦଶରଥ ସୁତେ
ଆସିଛନ୍ତି ଦେଖିବାକୁ ବଳାଇ ସ୍ନେହ ।
ବୋଇଲେ ଆଣିବା ସେ ଚାପ ।
ବଦନ୍ତେ ଅଣାଅ କହେ ନୃପକଳାପ । ୨୯ ।
ବଳବନ୍ତ ଏକୁଁ ଏକ — ଆଜ୍ଞାକୁ ମଲ୍ଲ ଅନେକ
ଯତନ୍ତେ ଓଟାରି ଆଣିଲେ ମଞ୍ଜୁଷଗୋଟି ।
ବ୍ରହ୍ମାଣ୍ଡଯାକ ଧଇଲେ — ଚଳନ୍ତା ନାହିଁ ଯେ ତିଳେ
ଚକ୍ର କଟ୍‌କଟ୍ ହୁଁକାର ନଭେ ପ୍ରକଟି ।
ବାକ୍ ଗୃହଭୁଜ ମଇଥିଳର ।
ବାଣାସନ ଆସିଲା ବିଳମ୍ବ ନ କର । ୩୦ ।

---

୨୯ଶ ପଦ—'ହେ ଖ୍ୟାତନାମା ନରପତିମାନେ ! ତୁମ୍ଭେ ବହୁ ଦିନରୁ ଧନୁ ଭାଙ୍ଗିବା ଅଭିମାନରେ ବସିଅଛ । ମାତ୍ର କି ହେତୁରୁ ଧନୁକୁ ଆଣ ବୋଲି ଆମ୍ଭଙ୍କୁ କହୁନାହିଁ ? ଏଥିରୁ ତୁମ୍ଭର ଦମ୍ଭ ଓ ଦର୍ପ କେବଳ ଛଳନା ପ୍ରାୟ ପ୍ରତେ ହେଉଛି (ତୁମ୍ଭର ଦମ୍ଭ ଓ ଦର୍ପ ଥିଲା ପ୍ରାୟ ଜଣାଯାଉ ନାହିଁ) । ଏବେ ଦଶରଥ ରାଜାଙ୍କ ସୁତ ସ୍ନେହ ବଳାଇ ଧନୁ ଦେଖିବାକୁ ଆସିଅଛନ୍ତି । ତୁମ୍ଭେମାନେ କହିଲେ ଶିବଧନୁକୁ ଅଣାଇବା ।'' ଜନକ ଏହା କହନ୍ତେ, "ରାଜାମାନେ କହିଲେ ଧନୁ ଅଣାଅ ।''

୩୦ଶ ପଦ—ଜଣକୁ ଜଣ ବଳବନ୍ତ ଅଟନ୍ତି ଯେଉଁ ମାନେ, ସେମାନେ ଜନକ ରାଜାଙ୍କ ଆଜ୍ଞାପାଇ, ବ୍ରହ୍ମାଣ୍ଡଯାକ ଧଇଲେ ତିଳ ପ୍ରମାଣେ ଚଳିବ ନାହିଁ ଏପରି ଯେ ଶିବଧନୁ, ତାକୁ ପେଡ଼ାମଧ୍ୟରେ ଯତ୍ନରେ ଥିବା ହେତୁ ଓଟାରି ଆଣିଲେ । ସେ ପେଡ଼ାରେ ଲଗିଥିବା ଚକର କଟ୍‌କଟ୍ ଶବ୍ଦ ଓ ମଲ୍ଲମାନଙ୍କର ହୁଁ ହୁଁ କାର ରବ ଯାଇ ଆକାଶରେ ସମ୍ଭେଇଲା । ସେ ସମୟରେ ଜନକ ଗୃହଭୁଜ କରି କହିଲେ, "ଧନୁ ଆସିଲା ଆଉ ବିଳମ୍ବ କର ନାହିଁ । (ଶୀଘ୍ର ଆସି ଦେଖ) ।''

ବଳବାନେ ଅଧିକ କେ          ଜାଣୁ କଷଟୀ କାର୍ମୁକେ
ସମ୍ମୁଖୀନ ହୋଇଲେ ସିନା ସୁବର୍ଣ୍ଣ ସବେ ।
ବଇଦେହିକ ଯେ ଆମ୍ଭେ          ଭୂଷଣ କର୍ମ ଆରମ୍ଭେ
କନ୍ୟାରତ୍ନ ସଙ୍ଗେ ଯୋଗ କରିବୁଁ ତେବେ ।
ଏତ ଶ୍ରୋତେ ଗଲେ ସମସ୍ତ ।
ବ୍ୟାଘ୍ର ପତନ ଯନ୍ତ୍ରାକୁ ଚାହିଁଲା ମତ । ୩୧ ।
ବିଭାବସୁ ବିଭାବସୁ          ଏକସ୍ଥାନେ ଏ କି ବସୁଁ
ଭାବି ନେଇ ବୃଷ ମୁଖ ପଛକୁ କଲେ ।

---

୩୧ଶ ପଦ—କାର୍ମୁକ—ଧନୁ । ସୁବର୍ଣ୍ଣ—ଉତ୍ତମ ଜାତି, ସୁନା । ବଇଦେହିକ—ବଣିକ, ବିଦେହର ରାଜା ।

୩୨ଶ ପଦ—ବିଭାବସୁ—ସୂର୍ଯ୍ୟ । ବିଭାବସୁ—ଅଗ୍ନି । ବିଳ—ଗର୍ତ୍ତ । ହରି—ସିଂହ । ହରି—ସର୍ପ । ବୃଷ—ମୂଷା, ଷଣ୍ଢ ।

---

୩୧ଶ ପଦ—'ତୁମ୍ଭେ ସମସ୍ତେ ଉତ୍ତମ କ୍ଷତ୍ରିୟ ଜାତି ଅଟ । ତେଣୁ ତୁମ୍ଭେ ସୁବର୍ଣ୍ଣ ହେଲ । ତୁମ୍ଭର ବଳ ସୁବର୍ଣ୍ଣର ତେଜ ହେଲା । ଆମ୍ଭେ ବିଦେହରାଜ ରୂପ ବଣିକ ଧନୁ ରୂପ କଷଟୀ ପଥରରେ ତୁମ୍ଭର ବଳରୂପ ବିଶୁଦ୍ଧତାକୁ କଷି ତେଜସ୍ୱାନ୍ ହୋଇଥିବା ବୀରଙ୍କ ସହିତ କନ୍ୟାରୂପୀ ରତ୍ନ ଯୋଗ କରିବୁ । (ସୁବର୍ଣ୍ଣ କଷଟି ପଥରରେ କଷି ହୋଇ ବିଶୁଦ୍ଧ ବୋଲି ଜଣାଗଲେ, ସେଥିରେ ରତ୍ନ ଯୋଗ କରି ତାହାର ସୌନ୍ଦର୍ଯ୍ୟ ବଢ଼ାନ୍ତି । ସେହିପରି ତୁମ୍ଭେ ଶିବଧନୁ ଦ୍ୱାରା ବଳବାନ ବୋଲି ନିର୍ଣ୍ଣିତ ହେଲେ, ଆମ୍ଭେ ସୀତାଙ୍କୁ ତୁମ୍ଭଙ୍କୁ ବିବାହ ଦେଇ ତୁମ୍ଭର ମର୍ଯ୍ୟାଦା ବଢ଼ାଇବୁ) ।" ଜନକଙ୍କର ଏ କଥାମାନ ଶୁଣି ରାଜାମାନେ ପାଖକୁ ଯାଇ ବ୍ୟାଘ୍ର ପଡ଼ିଥିବା ଯନ୍ତାକୁ ଚାହିଁଲା ପ୍ରାୟ ଧନୁପେଡ଼ାକୁ ଚାହିଁଲେ ।

୩୨ଶ ପଦ—ସୂର୍ଯ୍ୟ ଓ ଅଗ୍ନି ଙ୍କ କାରଣରୁ ଏକତ୍ର ଅବସ୍ଥିତ ହୋଇଅଛନ୍ତି ରାଜାମାନେ ଏପରି ମନରେ ଭାବି ନେଇ ବୃଷ ପଛକୁ ମୁହଁ ବୁଲାଇଲେ (ଧନୁକୁ ଚାହିଁ ପାରିଲେ ନାହିଁ । ଗୁହାରେ ନିଦ୍ରା ଯାଇଥିବା ସିଂହକୁ ଦେଖି ଷଣ୍ଢ, ଗର୍ତ୍ତରେ ନିଦ୍ରା ଯାଇଥିବା ସର୍ପକୁ ଦେଖି ମୂଷ ଯେପରି ପଳାନ୍ତି, ସେପରି ରାଜାମାନେ ଧନୁକୁ

ବନେ ନିଦ୍ରା ହରି ବୃଷ ବନେ ନିଦ୍ରା ହରି ବୃଷ
ଦେଖି ଯଥା ପଳାଯିତ ତଥା ହୋଇଲେ ।
ବାସେ ଟାଇ କେତକୀ ପାଶେ ।
ବସେ ପଲାଶେ ଭୃଙ୍ଗାଳି କି ସ୍ଵଭାବୁଁ ସେ ।୩୨।
ବୈରାଗ୍ୟ ଆକୁଳ କୂଳେ ଭାସିଲେ ଭୂମିପକୁଳେ
ଭାଷିଲେ ଜନକ ରାମ ଶ୍ରୀରାମ ବେଗେ ।
ବତାଇ ସୁମିତ୍ରା ବତ୍ସ ନାହିଁ ସୁମିତ୍ରାର ସ୍ଵଚ୍ଛ
ନମ୍ରେ ଧଇଲେ ବାଚ୍ଛିବେ ଲୁପେ ଓଳଗେ ।
ବିଶ୍ଵାମିତ୍ର ନେତ୍ରରୁ ଜାଣି ।
ବାହାରିଲେ ଶସ୍ତ ଦେଇ ଲକ୍ଷ୍ମଣ ପାଣି ।୩୩।

---

୩୩ଶ ପଦ—ବୈରାଗ୍ୟ—ବିରକ୍ତି, ବିବେକ । ଭୂମିପକୁଳେ—ରାଜା-ସମୂହ । ସୁମିତ୍ରାର—ପ୍ରଧାନ ଶତ୍ରୁ । ସୁମିତ୍ରା—ଉତ୍ତମ ମିତ୍ର । ପାଣି—ହସ୍ତ ।

---

ଦେଖି ପଳାଇଲେ । ଭ୍ରମରମାନେ ବାସ ହେତୁରୁ କେତକୀ କୁସୁମର ପାଖକୁ ଯାଇ କଣ୍ଟକରେ ପକ୍ଷ ଛିଡ଼ିଯିବା ଭୟ ହେତୁ ରହି ନ ପାରି ପଳାନ୍ତି, ମାତ୍ର ପଲାଶରେ ଯାଇ ବସନ୍ତି ( କେତକୀରେ ବାସ ଥାଏ ତା ସଙ୍ଗେ ସଙ୍ଗେ କଣ୍ଟା ମଧ୍ୟ ଥାଏ । ଭ୍ରମର କଣ୍ଟାକୁ ଭୟ କରି ସେ ବାସ ଉପଭୋଗ କରି ପାରେ ନାହିଁ । ମାତ୍ର କଣ୍ଟକଶୂନ୍ୟ ଓ ସୁବାସ ହୀନ ପଲାଶରେ ଯାଇ ବସେ, ସେହିପରି ଖାଲୁ ରାଜାମାନେ ହେଲେ ) ।

୩୩ଶ ପଦ—ବିରକ୍ତିଜନିତ ଆକୁଳତା ରୂପ ଜଳରେ ରାଜାମାନେ ଭାସମାନ ହେଲେ, (ସୀତାଙ୍କୁ ପାଇବା ପାଇଁ ପ୍ରବଳ ଆକାଂକ୍ଷା ଥିଲେ ସୁଦ୍ଧା ଧନୁ ଯୋଗୁ ପାଇ ପାରୁ ନାହାନ୍ତି—ତେଣୁ ବିରକ୍ତ ହେଉଛନ୍ତି) । ତତ୍ପରେ ଜନକ କହିଲେ,'ହେ ଶ୍ରୀରାମ ! ତୁମ୍ଭେ ଶୀଘ୍ର ଯାଅ, [ଧନୁ ଟେକିବା ପାଇଁ ଚେଷ୍ଟାକରିବାକୁ ଯାଅ] ।' ଏହା ଶୁଣି ଲକ୍ଷ୍ମଣ ରାମଙ୍କୁ କହିଲେ, 'ଆମ୍ଭର ଏଠାରେ ଭଲ ମିତ୍ରଲୋକ କେହି ନାହାନ୍ତି, ଶତ୍ରୁ ସବୁ ଅଛନ୍ତି । ମୁଣ୍ଡ ନୁଆଇଁ ଧନୁକୁ ଧଇଲେ, ଧନୁକୁ ଓଳଗୁଛି ବୋଲି ସେମାନେ କହିବେ ମୁଣ୍ଡ ନୁଆଇଁ ଧନୁ ଧରିବ ନାହିଁ ।' ଏହି ସମୟରେ ବିଶ୍ଵାମିତ୍ର ଆଖି ଠାରି ଦେବାରୁ ରାମଚନ୍ଦ୍ର ଲକ୍ଷ୍ମଣଙ୍କ ହସ୍ତରେ ନିଜ ଧନୁ ଦେଇ ବାହାରି ହେଲେ ।

ବିକ୍ରମ ଗତିକି ବହି ଶରଧା ରୂପକୁ ଚାହିଁ
କେଶରୀ ଗିରି ମଧ୍ୟରୁ ଯେହ୍ନେ ସ୍ୱଭାବେ ।
ବିରାଜ ମୂର୍ତ୍ତି ଯେ ଧୃତ ମଞ୍ଜୁ ମଞ୍ଜୁଷରୁ ସତ
ଧନୁ ଆକର୍ଷି ଆଣିଲେ ପନ୍ନଗ ଭାବେ ।
ବକପୁଷ୍ପ ମାଳା ମାଳିକ ।
ବିକସ୍ଥଳକୁ ଭୃଙ୍ଗଡ଼ାରୁ ଟେକିଲା ଦୂରକ । ୩୪ ।
ବକ୍ତ୍ରେ ଗଳି ରାଜନ୍ୟଙ୍କ ବକ୍ତ୍ରେ ଜନକ ଜନକ
ଏହି ଗିରି ଶରଭେଦ ହୃଦୟ କରେ ।
ବିଜୟୀ ଏ ତ୍ରିପୁରର ବିଜୟୀ ଏ ତ୍ରିପୁରର
ଧଇଲା ଧଇଲା ଧନୁ ଅନାୟାସରେ ।
ବିଦ୍ରାବକୁ ଲଜ୍ଜାରେ ଭାଳି ।
ବିପଲକେ ଅନାଇଲେ ନ ପାରି ଚଳି । ୩୫ ।

---

୩୪ଶ ପଦ—ବିକ୍ରମଗତି—ସାହସପୂର୍ବକ ଗମନ । କେଶରୀ—ସିଂହ । ବିରାଜମୂର୍ତ୍ତି—ବିରାଟମୂର୍ତ୍ତି, ଗରୁଡ଼ । ମଞ୍ଜୁ—ସୁନ୍ଦର, ମନୋହର । ମଞ୍ଜୁଷ—ପେଡ଼ି । ପନ୍ନଗ—ସର୍ପ । ବକପୁଷ୍ପମାଳା—ଗଇଣଫୁଲମାଳା ।

୩୫ଶ ପଦ—ବକ୍ତ୍ର—ସାଞ୍ଜୁ । ବକ୍ତ୍ର—ମୁଖ । ତ୍ରିପୁର—ଉକ୍ତ ନାମଧାରୀ ରାକ୍ଷସ । ବିଦ୍ରାବ—ପଳାୟନ ।

---

୩୪ଶ ପଦ—ପର୍ବତ ଗୁହାରୁ ବାହାରି ସିଂହ ଯେପରି ବିକ୍ରମ ଭାବରେ ଗତି କରେ, ସେହିପରି ରାମଚନ୍ଦ୍ର ରାଜସଭାରୁ ଯାଇ ଧନୁକୁ ଦେଖିବାକୁ ଶ୍ରଦ୍ଧା କଲେ । ଯଥେଷ୍ଟ ମୂର୍ତ୍ତି ଧରିଥିବା ରାମଚନ୍ଦ୍ର ଗରୁଡ଼ ରୂପରେ ସୁନ୍ଦର ପେଡ଼ିରୂପ ଗର୍ତ୍ତରୁ ଧନୁ ରୂପ ସର୍ପକୁ ଉଠାଇ ଆଣିଲେ । (ଗରୁଡ଼ ଗର୍ତ୍ତରୁ ସର୍ପ ଉଠାଇ ଆଣିଲା-ପରି ରାମଚନ୍ଦ୍ର ପେଡ଼ିରୁ ଧନୁକୁ ଉଠାଇ ଆଣିଲେ) । ମାଳ ଗଇଣଫୁଲ ମାଳକୁ ବିକବା ପାଇଁ ଭୃଙ୍ଗଡ଼ାରୁ ଟେକିଲା ପ୍ରାୟ ଟେକିଲେ । (ରାମଚନ୍ଦ୍ର ଧନୁକୁ ଅକ୍ଳେଶରେ ଟେକି ଧଇଲେ) ।

୩୫ଶ ପଦ—"ତ୍ରିପୁରାସୁର ବିଜୟୀ ଶିବଙ୍କର ଧନୁକୁ ଏ ଅନାୟାସରେ ଧଇଲେ; ତେଣୁ ଏ ତ୍ରିପୁର ବିଜୟୀ ଅଟନ୍ତି"—ଏହି ବାଣୀ ଶର ପ୍ରାୟ ଜନକ ରାଜାଙ୍କ ମୁଖରୁ ଜାତ ହେଲା । ସେ ବଚନ-ଶର ରାଜାମାନଙ୍କର ସାଞ୍ଜୁ ଭେଦ କରି ହୃଦରେ ବିଦ୍ଧ ହେଲା । ସେମାନେ ଲଜ୍ଜାପାଇ ପଳାଇବାକୁ ଭାବିଲେ, ମାତ୍ର ଯାଇ ନ ପାରି ଚଞ୍ଚଳ ହୋଇ ଅପଲକ ନେତ୍ରରେ ଚାହିଁ ରହିଲେ ।

ବସୁକାବସୁଙ୍ଗୀ ସୀତା    ବସୁକ କରଇ ଚିନ୍ତା
ଜୀବନ ଯାଉ ନୋହିଲେ ହେଲେ ଏ ବର ।
ବିମଳିତ ନେତ୍ର ଫିଟେ    ମୁଦ୍ରିତ କଞ୍ଜ କି ଫୁଟେ
ପ୍ରମୋଦଦାୟକ ପରଭୃତଙ୍କ ସ୍ୱର ।
ବ୍ୟଳୀକତା କେ ବୋଲିଥିଲା ।
ମଧୁର ସେ ଦି(ଦୀ)ନବନ୍ଧୁ ଦର୍ଶନେ ହେଲା । ୩୬ ।
ବୃନ୍ଦାରକ-ବୃନ୍ଦାରକେ    ସେ ଯେ ପୁଚ୍ଛିଲେ ଜନକେ
ଦେବା ଶିଞ୍ଜିନୀ ଉତ୍ତମ ବୋଲି ସେ କହି ।

---

୩୬ଶ ପଦ—ବସୁକାବସୁଙ୍ଗୀ—ତପ୍ତକାଞ୍ଚନ ବର୍ଣ୍ଣା । ବସୁକ—ଶିବ । କଞ୍ଜ—ପଦ୍ମ । ପରଭୃତ—କୋକିଳ, ଭୃତ୍ୟ । ବ୍ୟଳୀକତା—ଅପ୍ରିୟକର କାର୍ଯ୍ୟ । ଦି(ଦୀ)ନବନ୍ଧୁ—ସୂର୍ଯ୍ୟ, ରାମଚନ୍ଦ୍ର ।

୩୭ଶ ପଦ—ବୃନ୍ଦାରକ—ଦେବଶ୍ରେଷ୍ଠ । ବୃନ୍ଦାରକ—ରାଜା । ଶିଞ୍ଜିନୀ—ଧନୁର ଗୁଣ । ଅଷ୍ଟନାଗ—ଅଷ୍ଟ ଦିଗ୍‌ଗଜ, ଅଷ୍ଟକୁଳାନାଗ । ହୁନ—ଧନୁର ଅଗ୍ରଭାଗ ।

---

୩୬ଶ ପଦ—ଉଜ୍ଜ୍ୱଳ ସ୍ୱର୍ଣ୍ଣବର୍ଣ୍ଣା ସୀତା ଚକ୍ଷୁ ବୁଜି ମହାଦେବଙ୍କୁ ଚିନ୍ତା କରି କହିଲେ, "ଏ ମୋର ବର ନୋହିଲେ ଜୀବନ ଯାଉ, ଏ ମୋର ବର ହେଲେ ଜୀବ ନ ଯାଉ ।" ଏପରି ସମୟରେ 'ଧନୁ ଧରିଲେ'—ଭୃତ୍ୟମାନଙ୍କର ଏ ଶବ୍ଦ ତାଙ୍କର ପ୍ରମୋଦଦାୟକ ହେଲା, ତେଣୁ ନିର୍ମଳ ନେତ୍ରପଦ୍ମ ବିକଶିତ ହେଲା । (ରାତି ପାହିଲେ କୋକିଳ ସ୍ୱର ଶୁଣି ଲୋକମାନେ ଚକ୍ଷୁ ଫିଟାଇ ଉଠନ୍ତି—ଏଠାରେ ସୀତାଙ୍କର ଚିନ୍ତା ରୂପକ ରାତି ଯାଇ ଶୁଭ ଦିନର ସକାଳ ହେଲା) । ଲୋକମାନେ କହିଲେ, "କିଏ କହୁଥିଲା ଯେ ଧନୁର୍ଭଙ୍ଗପଣ ସୀତାଙ୍କର ଅପ୍ରିୟକର ? ସୂର୍ଯ୍ୟରୂପୀ ରାମଚନ୍ଦ୍ରଙ୍କର ଦର୍ଶନରେ ସୀତାଙ୍କ ହର୍ଷପଦ୍ମ ବିକଶିତ ହେଲା । (ଅନ୍ୟାର୍ଥ—ପଦ୍ମର ମୁଦ୍ରିତ ଦୋଷ କିପରି ଗଲା ? ରାମଙ୍କୁ ଚନ୍ଦ୍ର ବୋଲି ବୋଧ ହେବାରୁ ପଦ୍ମ ମୁଦ୍ରିତ ହୋଇଥିଲା, ମାତ୍ର ଦୀନବନ୍ଧୁ ଜଣା ଯିବାରୁ ଅର୍ଥାତ୍ ସୂର୍ଯ୍ୟ ରୂପେ ବୋଧ ହେବାରୁ ପଦ୍ମ ବିକଶିତ ହେଲା) ।

୩୭ଶ ପଦ – (ଧନୁକୁ ପେଡ଼ିରୁ ଆଣି ଧରିଲା ପରେ) ଦେବଶ୍ରେଷ୍ଠ ରାମଚନ୍ଦ୍ର ରାଜା ଜନକଙ୍କୁ ପଚାରିଲେ, "ଧନୁରେ ଗୁଣ ଦେବି କି ?" ଜନକ କହିଲେ, "ଭଲ କଥା [ଗୁଣ ଦିଅ] ।" ସେହି ସମୟରେ ଲକ୍ଷ୍ମଣ କହିଲେ,

ବୀର୍ଯ୍ୟ ଦମ୍ଭ ବେନ ଯୋଗେ ଅଷ୍ଟନାଗେ ଅଷ୍ଟନାଗେ
ଧର ଧରଣୀକି ବୋଲେ ଲକ୍ଷ୍ମଣ ତହିଁ ।
ବିକଳରେ ପୃଥିବୀ ଭାଳେ ।
ବସୁ ଦ୍ଧନ ପାଦଅନ୍ତେ ପଡ଼ିବ ତଳେ । ୩୭ ।
ବୃଦ୍ଧାଙ୍ଗୁଳି ପରେ ପଦେ ରାମ ରଖିଲେ ସମଦେ
ଜାଣିଲେ ତା ଅତ୍ୟନ୍ତ ଅଧୈର୍ଯ୍ୟ ହେବାର ।
ବାସୁକି କି ବନ୍ଧେ କୂର୍ମ ବନ୍ଧିଲି ସେ ମନୋରମ
ଗୁଣବନ୍ତ ଗୁଣ ଦତ୍ତ କଲେ ସତ୍ବର ।
ବୈନାଶିକ ନାଡ଼ୀ ମୋ ହେଲି ।
ବାମେ ଇନ୍ଦ୍ର ଅଜଗବ ବଦ୍ଧର କଲି । ୩୮ ।
ବିଗୂଢ଼ବଶେ ଓଟାରେ ପ୍ରଚଣ୍ଡ ମଲ୍ଲ ହସ୍ତରେ
ଏରଣ୍ଡ ଦଣ୍ଡ ପଡ଼ିଲି ପରି ଭାଙ୍ଗିଲି ।
ବ୍ରହ୍ମାଣ୍ଡ ଭାଣ୍ଡ ପୂରିତ ପ୍ରଳୟକାଳେ ଏକତ୍ର
ସ୍ବରମେଘ ଗର୍ଜିଲି ଶବଦ ଗର୍ଜିଲି ।

୩୯ଶ ପଦ—ବିଗୂଢ଼ ବଶେ—ବଳ ପୂର୍ବକ । ଏରଣ୍ଡଦଣ୍ଡ—ଗବ ଗଛର କାଣ୍ଡ । ବିବୁଧେ—ଦେବତାମାନେ ।

"ହେ ଅଷ୍ଟଦିଗର ହସ୍ତୀସବୁ, ହେ ଅଷ୍ଟକୁଳନାଗେ ! ବଳ ଓ ଧୈର୍ଯ୍ୟର ସହିତ ଧରଣୀକି ଧର ।" ପୃଥ୍ୱୀ ବିକଳ ଭାବରେ ଭାବଲେ, "ପଦ ପ୍ରାନ୍ତସ୍ଥିତ ଧନୁର୍ଦ୍ଧନ ମୋ ଉପରେ ରଖାଗଲେ, ମୁଁ ପାତାଳକୁ ପଶିଯିବି ।"

୩୮ଶ ପଦ—ପୃଥିବୀ ଅତ୍ୟନ୍ତ ଅଧୈର୍ଯ୍ୟ ହେବାର ରାମ ଜାଣିପାରି ପଦର ବୃଦ୍ଧାଙ୍ଗୁଳି ଉପରେ ଗବଂଭରେ ଧନୁର୍ଦ୍ଧନକୁ ରଖିଲେ । କୂର୍ମ ବାସୁକିକି ବନ୍ଧନ କଲି ପ୍ରାୟ ତାହା ମନୋହର ଦେଖାଗଲା । ଗୁଣବନ୍ତ ରାମ ତତ୍ପର ହୋଇ ଧନୁରେ ଗୁଣ ଦେଲେ । ସେ ସମୟରେ ଶିବଧନୁ ରାମଙ୍କର ବାମହସ୍ତରେ ଇନ୍ଦ୍ର ବଦ୍ଧର କଲା, "ମୋର ବୈନାଶିକ ନାଡ଼ ହେଲା ।" (ଏହିକ୍ଷଣି ବିନାଶ ହେବ—ଅଜଗବ କୃତ୍ତିକା ନକ୍ଷତ୍ର ଦାଶରଥୀ ପୂର୍ବଭାଦ୍ର ପଦ; ତେଣୁ ବୈନାଶିକ ନାଡ଼ ହେଲା) ।

୩୯ଶ ପଦ—ବଳପୂର୍ବକ ଗାଢ଼ କରି ଧରି ଧନୁକୁ ଓଟାରି ଦିଅନ୍ତେ, ପ୍ରଚଣ୍ଡ ମଲ୍ଲ ହାତରେ ଗବଗଛ ପଡ଼ି ଯେପରି ଭାଙ୍ଗିଯାଏ, ସେହିପରି ସେ ଭାଙ୍ଗିଗଲା । ସେହି ଶବ୍ଦ ( ଧନୁ ଭଗ୍ନ ହେବା ଶବ୍ଦ ) ବ୍ରହ୍ମାଣ୍ଡରେ ପୂର୍ଣ୍ଣ ହୋଇ ପ୍ରଳୟ କାଳରେ ସ୍ବରମେଘ ( ଆବର୍ତ୍ତିକ, ସମ୍ବର୍ତ୍ତିକ, ଦ୍ରୋଣ, ପୁଷ୍କର ), ଏକତ୍ରିତ ହୋଇ ଗର୍ଜିଲେ ଯେଉଁ ଶବ୍ଦ ହୁଏ, ତାଠାରୁ ବଳିଗଲା । ଦେବତାମାନେ ମୂର୍ଚ୍ଛିତ ହେଲେ; ପରେ ଚେତାପାଇ ବିଚାର କଲେ; "ଅମୃତ ଆମ୍ଭର ପ୍ରାଣ

ବିବୁଧେ ମୂର୍ଚ୍ଛିତ ଚେତାରେ ।
ବେଳେ ପ୍ରାଣ ଅମୃତ ରଖିଲା ବିଗୁରେ । ୭୯ ।

ବସୁଧାଭୃତେ ଟଳିଲେ ବସୁଧାଭୃତେ ଚଳିଲେ
ସେଥୁଁ ତରଳିତ ଧାତୁ ଧାରା ହୋଇଛି ।
ବଳ-ବର-ବଳୀ ବର ଆନ କି ହୋଇବ ମୋର
ଭାବେ ଶତକୋଟି ଶତକୋଟି ତ ବୃଷ୍ଟି ।
ବିଚିତ୍ର କି ନରେ କିନ୍ନରେ ?
ବିଚେତନ ହେଲେ ଯହିଁ ନାରକ ନରେ । ୮୦ ।

ବିଭ୍ରଷ୍ଟ ଯେ ବ୍ରହ୍ମଗୃହୀ ଧ୍ୟାନ ତହିଁକି ବିଗୁର
ବିଭ୍ରଷ୍ଟ ଯେ ବ୍ରହ୍ମ ଚାରିମୁଖୁଁ ବେଦହିଁ ।

---

୮୦ଶ ପଦ — ବସୁଧାଭୃତେ — ରାଜାମାନେ । ବସୁଧାଭୃତେ — ପର୍ବତ ମାନେ । ବଳ-ବର-ବଳୀ — ସୁରେନ୍ଦ୍ର ବଳ । ଶତକୋଟି — ବଜ୍ର । ନାରକ ନରେ — ନରକ ପତିତ ଲୋକମାନେ ।

୮୧ଶ ପଦ — ଚଣ୍ଡୀ — କୁପିତା ରମଣୀ । ଈଶ — ପତି । ଚଣ୍ଡୀ — ଦୁର୍ଗା । ଈଷ — ଶିବ । ବିରବ — ବିଶେଷ ଶବ୍ଦ, ଭୟଙ୍କର ଶବ୍ଦ ।

---

ଏତେବେଳେ ରଖିଲା । (ଅମୃତ ଖାଇଥିବାରୁ ଆମ୍ଭେ ଜୀବନରେ ରହିଗଲୁ, ନ ହେଲେ ଏ ଶବ୍ଦରେ ନିଶ୍ଚୟ ପ୍ରାଣ ହାରିଥାନ୍ତୁ ) ।

୮୦ଶ ପଦ — ସେ ଶବ୍ଦ ଶୁଣି ରାଜାମାନେ ଢଳି ପଡ଼ିଲେ, ପର୍ବତ ସବୁ କମ୍ପିତ ହେଲେ । ତହିଁରୁ ତରଳ ଗୈରିକ ଧାତୁ ଧାରା ଛଳରେ ପ୍ରବାହିତ ହେଲା । ବଳିଶ୍ରେଷ୍ଠ ବଳ ଭାବିଲା, 'ଶତକୋଟି ବଜ୍ର ଏକାବେଳକେ ବୃଷ୍ଟି ହେଲା ପରା; ମୋହର ( ସିରଂଶାଙ୍କ ହେବା ) ବର ଅନ୍ୟଥା ହେବ କି ? । ମୁଁ ବର୍ତ୍ତମାନ ବିନାଶ ହେବି, ଏହି ଆଶଙ୍କା ହେଲା, — ଏହି ଶବ୍ଦ ସ୍ୱର୍ଗ ଓ ପାତାଳ ଭେଦ କରିବାର ସୂଚନା ଦିଆଗଲା) । ଯେଉଁ ଶବ୍ଦରେ ନରକରେ ଥିବା ପାପୀମାନେ ଅଚେତନ ହୋଇଗଲେ, ସେ ଶବ୍ଦରେ ନର କିନ୍ନରମାନେ ଅଚେତନ ହେବାରେ ବିଚିତ୍ର ବା କଣ ଅଛି ।

୮୧ଶ ପଦ — ସେ ଶବ୍ଦରେ ବ୍ରହ୍ମଗୃହୀମାନଙ୍କର ଧ୍ୟାନ ଭଗ୍ନହେଲା, ସେ କଥା ବା କଣ ବିଗୁର କରିବା । ବ୍ରହ୍ମାଙ୍କ ଚାରି ମୁଖରୁ ବେଦ ସୁଦ୍ଧା ବିଭ୍ରଷ୍ଟ

ବିଖଣ୍ଡନ ଚଣ୍ଡିମାନ ଇଣରେ ସ୍ନେହୀ ନ ହେବ

ବିଖଣ୍ଡନ ଚଣ୍ଡୀମାନ ଇଣରେ ସ୍ନେହୀ ।
ବାହାରନ୍ତେ ବ୍ରହ୍ମାଣ୍ଡ ଫୁଟି ।
ବିରବ ସମସ୍ତଙ୍କର ଜ୍ଞାନ ପ୍ରକଟି । ୪୧ ।

ବୀରେଶ୍ୱର କରି ପୂଜା କଲା ସେ ମିଥିଳା ରାଜା
ବସାଇ ରଘୁତ୍ତମଙ୍କୁ ସିଂହାସନରେ ।

ବିହାୟସେ ଦେବେ ଆସେ ରାମ ଦର୍ଶନ ଲାଳସେ
ଶବ୍ଦ ଶୁଣି ରାବଣ ମିଳିଲା ସେଠାରେ ।
ବୀର ସେ ବାହୁଡ଼େ ବିରସେ ।
ବିସ୍ମାଳଣ ପଦେ ଛାନ୍ଦ ଉପେନ୍ଦ୍ର ଭାଷେ । ୪୨ ।

—*—

ହୋଇଗଲା (ବ୍ରହ୍ମା ବେଦପାଠ କରି ପାରିଲେ ନାହିଁ) । କୋପିନୀ ସ୍ତ୍ରୀର ମାନ ଖଣ୍ଡନ ହେବାରୁ ସେ ନାୟକଠାରେ ସ୍ନେହ ବଳାଇଲା—ଏ ବା କି ବଡ଼ କଥା; ଉପରେ ପାର୍ବତୀଙ୍କର ମାନ ଖଣ୍ଡନ ହୋଇ ଯିବାରୁ ସେ ମହାଦେବଙ୍କଠାରେ ସ୍ନେହଯୁକ୍ତ ହେଲେ । ସେ ଶବ୍ଦ ବ୍ରହ୍ମାଣ୍ଡ ଫୁଟି ବାହାରନ୍ତେ ସମସ୍ତଙ୍କର ଜ୍ଞାନଲାଭ ହେଲା ।

୪୨ଶ ପଦ—(ଧନୁଭଙ୍ଗ କରିବାରୁ) ମିଥିଳାର ରାଜା ରାମଚନ୍ଦ୍ରଙ୍କୁ ସିଂହାସନରେ ବସାଇ ବୀରଶ୍ରେଷ୍ଠ ବୋଲି ପୂଜାକଲେ । ସେହି ସମୟରେ ରାମଚନ୍ଦ୍ରଙ୍କ ଦର୍ଶନ ଆଶାରେ ଦେବତାମାନେ ଆକାଶମାର୍ଗରେ ଆସିଲେ । ଧନୁର୍ଭଙ୍ଗ ଶବ୍ଦ ଶୁଣି ରାବଣ ସେଠାରେ ମିଳିଲା, ମାତ୍ର [ରାମଚନ୍ଦ୍ର ଧନୁ ଭାଙ୍ଗିବାର ଶୁଣି] ସେ ବୀର ବିରସମନରେ ଫେରିଗଲା । ଏ ଛାନ୍ଦକୁ ବିସ୍ମାଳଣ ପଦରେ ଉପେନ୍ଦ୍ର କହିଲେ ।

—*—

## ଦଶମ ଛାନ୍ଦ

ରାଗ—ଋଷିକୁଲ୍ୟା

ବିଭୂଷଣ ପୁଷ୍ପେ ଯା କାନ୍ତି ଜାଣ । ବିଭୂଷଣ କର କନ୍ୟାକୁ ଆଣ ।
ବାରଣଶିରେ ପଦ ଦେଇ ଆସୁ । ବରଣ କର ରାମ ମନ ତୋଷୁ ସେ ।
ବୋଲି ଦେଲେ କଉଶିକ ଯେ ।
ବୋଳ ଦେଲା ପ୍ରାୟେ ଗୋଳ ଚନ୍ଦନକୁ ହୋଇଲେ ରଘୁବଂଶିକ ଯେ ।୧।
ବିଧାନ ହୋଇଛି ଯା ନାମ ସୀତା । ବର୍ଣ୍ଣନେ ଶୋଭା ଅତି ମଧୁରତା ।
ବୁଡ଼ ନୈତ୍ର ଆଜ ହେବ ପବିତ । ବିଶେଷେ କର୍ଷି ଦେଇ ହୃଦ କ୍ଷେତ ।
ବୁଣିଲାଣି ସ୍ନେହ-ବୀଜ ଯେ ।
ବଚନୁ ଏମନ୍ତ ଜନକ ସମ୍ମତ ଶୁଣିଲେ ସଖୀ ସମାଜ ଯେ । ୨ ।

---

୧ମ ପଦ – ଷଣପୁଷ୍ପ—ଛଣପଟ ଗଛର ଫୁଲ । ବିଭୂଷଣ କର— ବିଶେଷରେ ମଣ୍ଡନ କର । ବାରଣ – ବ୍ୟତିପାତ ଆଦି ଯୋଗ । ବାରଣଶିର— ଗଣେଶ । କଉଶିକ – ବିଶ୍ୱାମିତ୍ର ।

୨ୟ ପଦ – ସୀତା—ସୀତାଦେବୀ, କନ୍ଦ ବା ନବାତ, ସ୍ୱର୍ଗଙ୍ଗାର ଶାଖା-ନଦୀ ବିଶେଷ, ଲଙ୍ଗଳ ପଦ୍ଧତି ।

---

## ଦଶମ ଛାନ୍ଦ

୧ମ ପଦ —“ଯେଉଁ ସୀତାଙ୍କ କାନ୍ତି ଛଣ ପୁଷ୍ପର କାନ୍ତିପରି, ସେହି କନ୍ୟାଙ୍କୁ ବିଶେଷ ଭାବରେ ମଣ୍ଡନ କରି ଆଣ । ଅଶୁଭ ବିନାଶ ପାଇଁ ଗଣେଶଙ୍କ ପଦାର୍ଥମାନ ଅର୍ପଣ କରି (ବିଘ୍ନ ବିନାଶ ପାଇଁ ପ୍ରତ୍ୟେକ ଶୁଭ କାର୍ଯ୍ୟରେ ଆଗ ଗଣେଶଙ୍କର ପୂଜା କରାଯାଏ) ସେ ଆସୁ ଓ ବରଣ କରି ରାମଚନ୍ଦ୍ରଙ୍କ ମନକୁ ତୋଷ କରୁ ।” ବିଶ୍ୱାମିତ୍ର ଏହି କଥା ଜନକଙ୍କୁ କହନ୍ତେ, ରାମଚନ୍ଦ୍ର ଚନ୍ଦନକୁ ଗୋଳି ଦେହରେ ବୋଳିଲା ପ୍ରାୟ ମନେ କଲେ । (ଚନ୍ଦନ ଦେହରେ ବୋଳିଲେ ମନ ଖୁସି ହୋଇଯାଏ, ସେହିପରି ବିଶ୍ୱାମିତ୍ରଙ୍କ ବାକ୍ୟ ରାମଙ୍କ ମନକୁ ଆନନ୍ଦିତ କଲା ।

୨ୟ ପଦ—ରାମଚନ୍ଦ୍ର ମନରେ ଭାବିଲେ, “ଯାହାର ନାମ ବିଧାନରେ ସୀତା ହୋଇଅଛି, ତାହାର ଶୋଭା ବର୍ଣ୍ଣନରେ ଅତ୍ୟନ୍ତ ସୁନ୍ଦର ଅଟେ । ସୀତା = ଶର୍କରା, ଶର୍କରା ଖୁବ୍ ମଧୁର, ସୀତାଙ୍କ ନାମ ସେହିପରି ମଧୁର) । ଯେ ଗଙ୍ଗାରେ ବୁଡ଼େ ସେ ପବିତ୍ର ହୁଏ, ମୋର ନେତ୍ର ସୀତାଙ୍କ ଶୋଭା ଦର୍ଶନ କରି ପବିତ୍ର ହେବ । ବିଶେଷରେ ମୋ ହୃଦୟ ରୂପ କ୍ଷେତ୍ରକୁ ସେ (ସୀତା = ଲଙ୍ଗଳ ଅଗ୍ର) କର୍ଷଣ କରି ସ୍ନେହ ବୀଜ ବୁଣିଲାଣି ।” ରାମଚନ୍ଦ୍ର ଏହା ବିଚାର କରୁଥିଲେ ଜନକ ବିଶ୍ୱାମିତ୍ରଙ୍କ କଥା ଶୁଣି ସମ୍ମତି ଦେବାରୁ ସୀତାଙ୍କ ସଖୀମାନେ ଶୁଣିପାରିଲେ ।

ଚ୍ବେଶକାରୀ ତାକ ପୀଠେ ବସାଇ । ବେଶ ବଳ୍ପିଲେ ଚିତ୍ତ ରସାଇ ।
ବିମ୍ବ ଦେଖାଇଲେ ସମ୍ମୁଖରେ କେହ୍ବ । ବିମ୍ବାଧରୀ ଆଡ଼ମ୍ବରଙ୍କୁ ବହ୍ବ ସେ ।
ବିବନ୍ଧ କଲେ କୁନ୍ତଳ ଯେ ।
ଦ୍ବରଶ ମଣି ମୀଳମଣି ପ୍ରତିଭା ଊର୍ଦ୍ଧ୍ବ ପ୍ରକାଶିତ ତଳ ଯେ । ୩ ।
ଦ୍ବଲେପି ଅଳ୍ପ ତଇଳ ଶାମଳ । ବାରଣଦନ୍ତ ପ୍ରସାଧନୀ ଗ୍ଲନ ।
ବଗ୍ରବସୁଜା କଲ୍ଲୋଳରେ ଭାସେ । ବିକଶି ଅସିଲ୍ଲ କୁମୁଦ ବସେ ସେ ।
ବାନ୍ଧିଲେ ଚୂଡ଼ା ଯତନେ ଯେ ।
ବନ୍ଦୀ ହୋଇଲ ମର୍କତ କୁବେଣୀରେ ବଖ ହେବେ ମନ-ମୀନେ ଯେ ।୪।
ବଭୁଜ ମଥାମଣି ମାଣିକ୍ୟର । ବସ୍ରାଗ ସୀମନ୍ତ ସିନ୍ଦୂରଗାର ।
ବନ୍ଦବସ୍ତ୍ରେ ଭଡ଼ ପାଟ ସୂତ୍ରରେ । ବାଧି ନୂକ ଗଳ ମିଶ ହସ୍ତରେ ସେ ।

---

୩ୟ ପଦ—ପୀଠ—ପୀଢ଼ା ବା ଆସନ । ବିମ୍ବ—ଦର୍ପଣ । କୁନ୍ତଳ—କେଶ ।

୪ର୍ଥ ପଦ—ବାରଣଦନ୍ତ—ହସ୍ତୀଦନ୍ତ । ପ୍ରସାଧନୀ—ପାନିଆ । ବଗ୍ରବସୁଜା—ଯମୁନା । ମର୍କତ କୁବେଣୀ—ମର୍କତମଣି ନିର୍ମିତ ଖାଜୋଇ ।

---

୩ୟ ପଦ— ସୀତାଙ୍କୁ ବେଶ କରିବା ନିମିତ୍ତ ସଖୀମାନେ ବେଶକାରିଣୀମାନଙ୍କୁ ଡାକି ସୀତାଙ୍କୁ ଆସନରେ ବସାଇ, ତାହାଙ୍କ ଚିତ୍ତକୁ ରସାଇ ବେଶ କଲେ । କେହ୍ବ ସଖୀ ତାଙ୍କ ସମ୍ମୁଖରେ ଦର୍ପଣ ଦେଖାଇଲେ । ସେହ୍ବି ଦର୍ପଣ ସୀତାଙ୍କ ପ୍ରତିବିମ୍ବ ଧାରଣ କରି ବେଶି ସୁନ୍ଦର ଦିଶିଲା । ତତ୍ପରେ କେଶକୁ ଫିଟାଇଲେ । କେଶ ଫିଟି ପୃଷ୍ଠରେ ପଡ଼ି ତଳକୁ ଲମ୍ବିବାରୁ ଜଣାଗଲା, ନୀଳକାନ୍ତ ମଣିର ପ୍ରଭା ଉପରୁ ତଳକୁ ଲମ୍ବିଅଛି କି ? (ନୀଳକାନ୍ତ ମଣିର ପ୍ରଭା ତଳୁ ଉପରକୁ ଉଠିଥାଏ, ମାତ୍ର ଏ କେଶ ନୀଳକାନ୍ତ ମଣି ଉପରୁ ତଳକୁ ଆସିଛି) ।

୪ର୍ଥ ପଦ—ବେଶକାରିଣୀମାନେ କେଶରେ ଅଳ୍ପ ତେଲ ଲଗାଇ ଶୋଇଁଲା ଦେଲେ । ତତ୍ପରେ ହସ୍ତୀଦନ୍ତ ପାନିଆରେ କୁଣ୍ଡାଇଦେଲେ । ପାନିଆକୁ ଚଳାଇଲାବେଳେ ଜଣାଗଲା, ଯମୁନାର ତରଙ୍ଗରେ ବିକାଶୋନ୍ମୁଖ କୁମୁଦ ଭାସୁଛି କି ? (ଯମୁନାର ଜଳ ଗାଢ଼ କୃଷ୍ଣବର୍ଣ୍ଣ, କେଶ ଗାଢ଼ କୃଷ୍ଣବର୍ଣ୍ଣ ଓ ତେଲ ପରି କୁଞ୍ଚିତ, ତା ମଧ୍ୟରେ କୁମୁଦ ପରି ଶୁଭ୍ର ଓ ସୁନ୍ଦର ପାନିଆ ଚଳିତ ହେଉଥାଏ) । ତାହା ପରେ ଯତ୍ନପୂର୍ବକ ଜୂଡ଼ା ବାନ୍ଧିଲେ । ସେ ଜୂଡ଼ା ରୂପ ମର୍କତମଣିର ଖାଜୋଇରେ ଦର୍ଶକଙ୍କ ମନ ମୀନ ବନ୍ଦୀ ହେବେ ।

୫ମ ପଦ—ତତ୍ପରେ ସୂନ୍ଥାରେ ସିନ୍ଦୂର ଗାର ଦେଲେ ଓ ଭୁଜଙ୍ଗ ରଞ୍ଜିତ ମାଣିକ୍ୟର ମଥାମଣି ଦେଇ ପାଟସୂତାରେ ଜୂଡ଼ା ମୂଳକୁ ବାନ୍ଧିଦେଲେ ।

ବିଧିବଶେ କିବା ପଡ଼ି ଯେ ।
ବକୁଳ ଗର୍ଭକ ସୁଧା ଉଦ୍‌ଗାରୁଛି ଭୟରୁ ନ ଦେଇ ଗ୍ରାସ ଯେ । ୫ ।
ବିଭୂଷି କଆପଟୀ ମୋତିଜାଲି । ବିପିନେ ତମାଳର କିବା ଝଲି ।
ବନ୍ଧନ କୃତ ପାଶ ଜାଲ ଦୁଇ । ବିଶିଖ ଝିରିକାଠିକି ଦେଖାଇ ସେ ।
ବନ୍ଧ ଚଉଁରୀ ହିଁ ଧନୁ ଯେ ।
ବଧିବ ଧୈର୍ଯ୍ୟ-ମୃଗକୁ ବନ୍ଦିବାକୁ ଏଠାରେ କରେ ଅତନୁ ଯେ । ୬ ।
ବିବିଧ କୁସୁମମାଳା ଖଞ୍ଜନ । ବ୍ୟୋମେ ଇନ୍ଦ୍ରଧନୁ ଦର୍ପ ଗଞ୍ଜନ ।
ବିହୁଁ ଚନ୍ଦ୍ରଝୁମ୍ପି ଝିଲମିଲିକା । ବିଭାବରୀ-ପ୍ରାନ୍ତ ସ୍ଥିତ ଅଳକା ସେ ।
ବେନି ସପ୍ତଋଷି ଶଶୀ ଯେ ।
ବିମୋହିତ କରେ ମନ ଏକାବେଳେ ପଡ଼ିଲି ପରାୟେ ଖସି ଯେ । ୭ ।

---

୫ମ ପଦ—ବିତୂଳ—ଅତୁଲ୍ୟ । ସୀମନ୍ତ—ମସ୍ତକର ମଧ୍ୟରେଖା, ସୂନ୍ଥା । ବିଧୁନ୍ତୁଦ—ରାହୁ । ମିତ୍ର—ସୂର୍ଯ୍ୟ ।

୬ଷ୍ଠ ପଦ—କଆପଟୀ ଓ ମୋତି ଜାଲି—ମସ୍ତକ ଭୂଷଣ ବିଶେଷ । ବିଶିଖ—ଶର । ବନ୍ଧ ଚଉଁରୀ—ଶିରୋଭୂଷା । ଅତନୁ—କନ୍ଦର୍ପ ।

---

ତା ଦେଖି ମନେ ହେଲା ସୂର୍ଯ୍ୟଙ୍କ କବଳରେ ରାହୁର ଗଳା ଦୈବବଶେ ପଡ଼ିଗଲା କି ? ତେଣୁ ସେ ଭୟ ହେତୁ ଗ୍ରାସ ନ ଦେବାକୁ କେଶ ମଧ୍ୟରେ ଥିବା ବକୁଳମାଳ ରୂପ ଅମୃତକୁ ବାନ୍ତି କରୁଅଛି । (ରାହୁ କଳା, କେଶ ଜୂଡ଼ା କଳା, ସୂର୍ଯ୍ୟ ଲାଲ ଓ ପାଟ ଡୋର ଲାଲ । ପାଟ ଡୋର ରୂପ ସୂର୍ଯ୍ୟ ରାହୁ ରୂପ ଜୂଡ଼ାକୁ କବଳ କରିବାରୁ ସେ ରାହୁଜୂଡ଼ା ବକୁଳଫୁଲ ମାଳ ରୂପ ଅମୃତ ବାନ୍ତି କରି ପକାଇଲା) ।

୬ଷ୍ଠ ପଦ—ତତ୍ପରେ ସ୍ୱର୍ଣ୍ଣ କଆପଟୀ ଓ ମୁକ୍ତାଜାଲି ନାମକ ଅଳଙ୍କାରକୁ ଭୂଷିତ କଲେ । (ସେଥିରେ ଏହି ଉତ୍‌ପ୍ରେକ୍ଷା ହେଲା) କନ୍ଦର୍ପ ସେ କେଶରୂପ ତମାଳ ବନରେ ଧୈର୍ଯ୍ୟ ରୂପ ମୃଗକୁ ଉପରୋକ୍ତ ଅଳଙ୍କାର ଦୁଇ ସଦୃଶ ଫାସ ଜାଲରେ ବାନ୍ଧି ବନ୍ଧ ଚଉଁରୀରୂପ ଧନୁରେ ଝିରିକାଠି ରୂପ ଶର ଯୋଚି ତାକୁ ଏଠାରେ ବଧିବା ପାଇଁ ଏପରି କରିଅଛି କି ?

୭ମ ପଦ—ତାହାପରେ ନାନାରଙ୍ଗର କୁସୁମଦ୍ୱାରା ନିର୍ମିତ ମାଳମାନଙ୍କୁ ଖଞ୍ଜିଲେ । ସେହି ଶୋଭା ଆକାଶରେ ପଡ଼ିଥିବା ଇନ୍ଦ୍ରଧନୁର ଶୋଭାକୁ ଖର୍ବ କଲା । ତହୁଁ ଚନ୍ଦ୍ର ଝୁମ୍ପି ଓ ଝିଲମିଲ ମାଳୀ ଦିଅନ୍ତେ, ତାହା କୁଞ୍ଚିତ କେଶର ଶେଷ ଭାଗରେ ପଡ଼ି, ନିଶା ଅବସାନରେ ସପ୍ତର୍ଷି ଓ ଚନ୍ଦ୍ର ଦୁହେଁଯାକ ଏକାବେଳକେ ପଡ଼ିଲାପରି ମନକୁ ବିଶେଷ ଭାବରେ ମୋହିତ କଲା । ( କେଶ ରୂପ ଅନ୍ଧକାରର ଶେଷ ଭାଗରେ ଚନ୍ଦ୍ର ଝୁମ୍ପି ରୂପ ଚନ୍ଦ୍ର ଓ ଝିଲମିଲି ମାଳୀ ରୂପ ସପ୍ତର୍ଷି—ମରୀଚ୍ୟାଦି ସପ୍ତଋଷି—ଉଜ୍ଜଳ ବର୍ଣ୍ଣରେ ଉଦିତ ହେଲେ କି ? )

ବେଣୀଲା ଶ୍ରବଣେ ସଖୀ ଖଞ୍ଜିଲେ । ବଜ୍ରେ ବ୍ୟାକୁଳ ଅଗ୍ନି ଜାତ କଲେ ।
ବହିତ ଫୁଲ ତହିଁ ଫୁଟି କରି । ବାଳୀକି ଭଜ ବୋଲି ବାଳୀ ଠାରି ସେ
ବନ୍ଧଆ ଚନ୍ଦ୍ର ଭଙ୍ଗୁର ଯେ ।
ବଚ୍ଛେଦ ବୁଡ଼ାଇଦେବ ଯୋଗୀ ଯୋଗ ଯନ୍ତ୍ରିତ ଦୁଇ ପ୍ରକାର ଯେ । ୮ ।
ବଧାପ୍ତକ ଚିତ୍ର ଭାଲପଟରେ । ବର୍ତ୍ତିକ ଛଳେ କସ୍ତୁରୀ ସିନ୍ଦୂରେ ।
ବଶ୍ୱକୁ ତିଳକେ କରିବ ବଶ । ବଧିତ ଏ ଯେନ ତିଳକ ଭାଷ ସେ ।
ବେନ ହୀରା ଅବତଂସ ଯେ ।
ବର୍ଣ୍ଣି ଆସୁଁ ମୂକ କବା ଗୁରୁ କବ ସେହି ଚିତ୍ରକର ଯଶ ଯେ । ୯ ।
ବୟସୀ ମାଣିକ୍ୟ ଗୁଣା ମୁକୁତା । ବେନପୂଟେ ଦେଉଁ ନାସା ଶୋଭିତା ।
ବଦନକୁ ଗୃହି ଚନ୍ଦ୍ରକୁ ଗୃହିଁ । ବିମଳ ଏହି ତ ସମଳ ସେହି ଯେ ।

---

୧୦ମ ପଦ—ବ୍ୟଭିଗ୍ରହ—କୁଳଟା ସ୍ତ୍ରୀ । ଆରଦ୍ରା – ଦ୍ରବୀଭୂତା, ନକ୍ଷତ୍ର ବିଶେଷ ।

---

୮ମ ପଦ—ତତ୍ପରେ ସଖୀମାନେ ସୀତାଙ୍କ ଶ୍ରବଣରେ ମଲ୍ଲୀକଢ଼ି ଖଞ୍ଜିଲେ । ସେହି ମଲ୍ଲୀକଢ଼ି ବଜ୍ର ଠାରେ ବ୍ୟାକୁଳତା ରୂପ ଅଗ୍ନି ଜାତ କରାଇଲା । (ବଜ୍ରର ଶୋଭା ସେ ଶୋଭା ସହିତ ସମାନ ନ ହେବାରୁ ବଜ୍ର ସନ୍ତାପାଗ୍ନିରେ ଦଗ୍ଧ ହେଲା) । ତଦନନ୍ତର କଢ଼ ଫୁଟିଲେ ସେ ଫୁଲ ହୁଏ — ଏହା ଜଣାଇବା ପାଇଁ, ସଖୀମାନେ ଯେ କର୍ଣ୍ଣଫୁଲ ଖଞ୍ଜିଲେ ତା ଉଚିତ ହେଲା । ତହିଁପରେ ବାଳିଗୁଣା ଦେଲେ ନାହିଁ ଯେ, ଏ ବାଳାକୁ ଭଜ ଏହି ସଙ୍କେତ ଦେଲେ । ତଦନନ୍ତର ବନ୍ଧଆକୁ କର୍ଣ୍ଣର ତଳଭାଗରେ ଦେଲେ । ସେ ବନ୍ଧଆ ଚନ୍ଦ୍ର ପରି ଯୋଗୀମାନଙ୍କର ଯୋଗକୁ ଛେଦନ କରି 'ଚନ୍ଦ୍ର' ପାଣିଭଳିଆ ପରି ସେମାନଙ୍କ ମନକୁ ବୁଡ଼ାଇ ଦେବ କି ?

୯ମ ପଦ—ସଖୀମାନେ ସୀତାଙ୍କ ଲଲାଟପଟରେ କନକ କସ୍ତୁରୀ ଓ ସିନ୍ଦୂରର ଚିତା ଦେଲେ । ସେହି ଚିତା ସଂସାରକୁ ତିଳମାନକେ ବଶ କରିବ । ସେହି ହେତୁରୁ ସେ ତିଳକ ନାମ ବହନ କରୁଛି । ସୀତାଙ୍କ କର୍ଣ୍ଣରେ ଥିବା ହୀରକଯୁକ୍ତ କର୍ଣ୍ଣଭୂଷଣ ହସ୍ତୁ ଦେଖିଲେ ମନେହୁଏ, ବୃହସ୍ପତି ଓ ଶୁକ୍ର ସେ ତିଳକ ଚିତ୍ରର ଶୋଭାକୁ ବର୍ଣ୍ଣନା କରିବାକୁ ଆସି (ବର୍ଣ୍ଣନା କରି ନ ପାରି) ମୂକ ହେଲେ କି ? (ମୂକ ହୋଇ କର୍ଣ୍ଣର ଦୁଇପାଖରେ କର୍ଣ୍ଣଭୂଷଣ ରୂପେ ରହିଲେ) ।

୧୦ମ ପଦ – ସମବୟସୀ ସଖୀମାନେ ମାଣିକ୍ୟର ଗୁଣା, ମୁକ୍ତାର ନଥ, ନାକଚଣା ନାସାର ବେନ ପୁଡ଼ାରେ ଦେବାରୁ ନାସିକା ସୁନ୍ଦର ଦିଶିଲା । ସୀତାଙ୍କ

ବ୍ୟଭିଚରିଣୀ ହେଲେ ପରା ସେ ।
ବଧିରେ ଆରକ୍ତା-ଶତ୍ରୁରେ ଆରକ୍ତା ରୋହିଣୀ ଏ ବେନି ତାରା ଯେ । ୧୦ ।
ବଲ୍ଲଭ ରଥେ ଯା କେତୁ ମକର । ବଲ୍ଲଭା ରଥେ ତା ମକରୀକର ।
ବିବେକୀ ସଜନୀ ସୌନ୍ଦର୍ଯ୍ୟ ଗୋଳେ । ବଳେ ଛଡ଼ାଇ ଦେଖାଇ କପୋଳେ ସେ
ବିନ୍ଦୁ ଏ ମୃଗମଦରେ ଯେ ।
ବିନ୍ଦେ କେ ଚିବୁକେ ମଧୁମକ୍ଷିକାଏ ସ୍ଖଳିତ ସଙ୍ଗ ଭଙ୍ଗରେ ଯେ । ୧୧ ।
ବିଡ଼ଶ ସାରଣୀ ଲକ୍ଷ ସେ ନେତ୍ର । ବିଲମ୍ବିତ କଲେ ଅଞ୍ଜନସୂତ୍ର ।
ବାହାର ପକ୍ଷ୍ମପେଡ଼ାରୁ ପଳାଇ । ବଳ-ଶ୍ରୋତ୍ରେ କି ଦନ୍ତଦଂଶ ଅଛି ସେ ।

---

୧୧ଶ ପଦ – ବଲ୍ଲଭ—ପ୍ରିୟ ବା କନ୍ଦର୍ପ । ବଲ୍ଲଭା—ପ୍ରିୟା ବା ପତ୍ନୀ । ମୃଗମଦ—କସ୍ତୁରୀ ।

---

ମୁଖକୁ ଓ ଚନ୍ଦ୍ରକୁ ଗ୍ରହିଁଲେ ଧାରଣା ହୁଏ, ସୀତାଙ୍କ ମୁଖ ନିଷ୍କଳଙ୍କ; ମାତ୍ର ଚନ୍ଦ୍ର କଳଙ୍କଯୁକ୍ତ । ତେଣୁ ଆର୍ଦ୍ରା ଓ ରୋହିଣୀ ଏ ତାରା ଦୁହେଁ ଆର୍ଦ୍ରଚିତ୍ତ ହୋଇ ବ୍ୟଭିଚାରିଣୀ ହେଲେ ପରା । ( ଆର୍ଦ୍ରା ଓ ରୋହିଣୀ ଚନ୍ଦ୍ରଙ୍କୁ ସକଳଙ୍କ ଦେଖି ତାଙ୍କୁ ତ୍ୟାଗ କରି ସୀତାଙ୍କ ନିଷ୍କଳଙ୍କ ବଦନରେ ଶୋଭିତ ହୋଇ ବ୍ୟଭିଚାରିଣୀ ହେଲେ । ଆର୍ଦ୍ରା ରକ୍ତବର୍ଣ୍ଣ, ରୋହିଣୀ ଶୁକ୍ଳବର୍ଣ୍ଣ, ଏଠାରେ ମାଣିକ୍ୟର ଗୁଣା ରକ୍ତବର୍ଣ୍ଣ, ମୁକ୍ତାର ନଥ ଶୁକ୍ଳବର୍ଣ୍ଣ ) ।

୧୧ଶ ପଦ -- ଯେଉଁ କନ୍ଦର୍ପର ରଥରେ ମକର ଚିହ୍ନିତ ପତାକା ଥିବାରୁ ସେ ପ୍ରିୟ ହୋଇ ପାରିଅଛି, ତାହାର ପ୍ରିୟା ରୂପ ରଥ (ଏଠାରେ ସୀତା ସ୍ତ୍ରୀ ରୂପ ରଥ ହେଲେ) ଦେହରେ ମକରୀ ଚିତ୍ର ଲେଖ । ଏପରି କୁହାକୁହି ହୋଇ ମକରୀ ଚିତ୍ର ଲେଖିବାକୁ ଗଲାବେଳେ ସୌନ୍ଦର୍ଯ୍ୟ ସମ୍ବନ୍ଧରେ ଗୋଳ ଉଠିଲା । (ଅର୍ଥାତ୍ ସଖୀମାନେ ପରସ୍ପର କୁହାକୁହି ହେଲେ, ତୁ ଭଲ କରି ଲେଖି ଜାଣୁ ନାହିଁ – ମୁଁ ତୋ ଅପେକ୍ଷା ଭଲ ଜାଣେ । ସେହି ଗୋଳମାଳ ଭିତରେ କେହି ବିବେକବତୀ ସଖୀ ବଳେ ତୁଳିକା ଛଡ଼ାଇ ନେଇ ସୀତାଙ୍କ ଗଣ୍ଡସ୍ଥଳରେ ମକରୀ ଚିତ୍ର ରଚନା କଲା । ତାହା ପରେ କେଉଁ ସଜନୀ କସ୍ତୁରୀରେ ଗୋଟିଏ ବିନ୍ଦୁ ଚିବୁକରେ ଦେଲା । ତା ଦେଖି ମନେ ହୁଏ ଗୋଟିଏ ମହୁମାଛି ସଙ୍ଗଭ୍ରଷ୍ଟ ହୋଇ ନିଶ୍ଚଳ ଭାବରେ ଏଠାରେ ରହିଅଛି କି ?

୧୨ଶ ପଦ – ଅନନ୍ତର ତାହାଙ୍କ ନେତ୍ରରେ କଜ୍ଜଳ ଦେବାରୁ, ତାହା ବଡ଼ଶି ଓ ସାରେଣୀ ସହିତ ଲକ୍ଷ ଦେଲା । ପୁଣି ସେହି କଜଳର ଲମ୍ବା ଦେଖି ମନେହୁଏ ନେତ୍ରଲୋମ ରୂପ ପେଡ଼ାରୁ ବାହାରି କର୍ଣ୍ଣରୂପ ବିଳକୁ ଦନ୍ତ

ବଟେ କି ନ ଜାଣି ତତ୍ତ୍ୱ ଯେ ।
ବକାଶ ମୀନରାଶି ବେନି ପାରୁଶେ ହେଲ ବେନି ଧୂମକେତୁ ଯେ । ୧୨ ।
ବିତରଣରେ ମୋତି ଗୁପସରି । ବିତକ ଉର୍ଦ୍ଧ୍ୱରେ ବେଗେ ପ୍ରସରି ।
ବିଞ୍ଚି ତଣ୍ଡୁଳବତ ପାରାବତ । ବନ୍ଦୀ ହେଲା ପରା ପାଶରେ ସତ ସେ ।
ବନ୍ଧୁଳ ମାଳକ ରଞ୍ଜି ଯେ ।
ବର୍ଣ୍ଣିନା ଅଛି ଶଙ୍ଖ ବୋଲି ଯାହାକୁ କେ ତାହା ପାରିବ ଭାଞ୍ଜି ଯେ । ୧୩ ।
ବ୍ୟବସ୍ଥା କଲେ ବାହୁଦଣ୍ଡ ବିଧି । ବିନତ ସ୍କନ୍ଧ ଛତି ପ୍ରତିନିଧି ।
ବଳୟ ତାଡ଼ସାରକୁ ନିଯୋଗି । ବକ୍ଷୋଜ ଭୂମି୍କା ଥିବାରୁ ଲାଗି ସେ ।
ବିମୂଳ ବାହୁଯୁଗଳ ଯେ ।
ବାହୁବନ୍ଧ ଦେଇ ମୁଦ୍ରି ଦେଲେ ତାକୁ ନୋହିଲା ଲକ୍ଷ ସକଳ ଯେ । ୧୪ ।

---

୧୨ଶ ପଦ – ଅଞ୍ଜନସୂତ୍ର— କଜ୍ଜଳସୂତ୍ର । ବିଳ-ସ୍ରୋତେ— କର୍ଣ୍ଣରୂପକ ଗର୍ତ୍ତରେ । ଦନ୍ତ-ଦଂଶ-ଅନ୍ଧ—ଧୈର୍ଯ୍ୟ ଦଂଶକ ସର୍ପ ।

---

ଦ ଶନକାରୀ ଲଞ୍ଜିରୂପ କୃଷ୍ଣସର୍ପ ପଳାଇ ଯାଉଛି କି ? ଅଥବା ନେତ୍ରରୂପ ମୀନ ରାଶିର ଦୁଇପାଖରେ ବୋଧହୁଏ ଦୁଇ ଧୂମକେତୁ ପ୍ରକାଶିତ ହେଲା । (ମୀନରାଶିର ଦୁଇପାଖରେ ଧୂମକେତୁ ଦେଖାଗଲେ ଉତ୍ପାତ ଘଟେ । ଏଠାରେ ଯୁବକ ଧୈର୍ଯ୍ୟ ଧ୍ୱଂସ ହୋଇ ଉତ୍ପାତ ଘଟାଇବା ପାଇଁ ଏପରି ହୋଇଛି କି ?) ଏ ବିଷୟରେ କି ତତ୍ତ୍ୱ ଅଛି—ତା ଜଣାଯାଉ ନାହିଁ ।

୧୩ଶ ପଦ - ତଦନନ୍ତରେ ସଖିମାନେ କଣ୍ଠରେ ମୋତି ଗୁପସରି ଦେଲେ । ତାହା ଦେଖି ଉତ୍ପ୍ରେକ୍ଷା ହେଲା, କପୋତ ମୋତିକୁ ତଣ୍ଡୁଳ ପରାୟେ ମନେକରି ଖାଇବାକୁ ଯାଇ ପାଶରେ ବନ୍ଦୀ ହୋଇଛି କି ? ଏହା ମିଥ୍ୟା ନୁହେ । ପୁଣି ବନ୍ଧୁଳ ମାଳରେ ରଞ୍ଜିତ କଣ୍ଠକୁ ଯାହା ଶଙ୍ଖ ବୋଲି ବର୍ଣ୍ଣନା କରାଯାଇଛି ତାହା କିଏ ବା ଅନ୍ୟଥା କରିବ ? ( ଅନ୍ୟଥା କରିପାରିବ ନାହିଁ । ( ଶଙ୍ଖ ବନ୍ଧୁଳ ମାଳାକାରକୁ ରଞ୍ଜିତ କରେ, କଣ୍ଠ ବନ୍ଧୁଳ ମାଳରେ ରଞ୍ଜିତ ହେଲା ।)

୧୪ଶ ପଦ ସଖୀମାନେ ଭୁଜନ୍ତ ବୀଣାଦଣ୍ଡ ବିଧିରେ ବ୍ୟବସ୍ଥା କଲେ । ଆନତ ସ୍କନ୍ଧଦେଶ ବୀଣାଛତିର ପ୍ରତିନିଧି ହେଲା । ବାହୁରେ କଙ୍କଣ ଓ ତାଡ଼ ଲଗାଇବାରୁ ତାହା ବୀଣାର ସାର ସଦୃଶ ହେଲା । ସ୍ତନ ସେହି ବାହୁଦଣ୍ଡର ଭୁମ୍ବୀ ହେଲା । ତତ୍ପରେ ସେହି ବିଶାଳ ବାହୁଦ୍ୱୟରେ ବାଜୁବନ୍ଧ ଓ ଆଙ୍ଗୁଠିରେ ମୁଦି ଖଞ୍ଜି ଦେଲେ । ଏହିପରି ଅଳଙ୍କାରମାନଙ୍କଦ୍ୱାରା ମଣ୍ଡିତ ହେବାରୁ ବୀଣାଦଣ୍ଡ ଖୋଳ ମଧ୍ୟସ୍ଥ ହେଲେ ଯେପରି କିଛି ଦେଖାଯାଏ ନାହିଁ, ବାହୁର ସେହିପରି କୌଣସି ଅଂଶ ଦେଖାଗଲା ନାହିଁ ।

ବଲ୍ଲୀପରି ଗିରି ଲକ୍ଷରୁ ମାତ୍ର । ବିଦୃଷ୍ଟ ସ୍ଥାନରେ କି ସୃଷ୍ଟି ଚିତ୍ର ।
ବିଭୂଷି ସ୍ୱର୍ଣ୍ଣଜରି ନୀଳଚୋଳୀ । ବିଳସାଇ ହାର ବିଚିତ୍ର ଝଳ ସେ ।
ବିନ୍ଧ୍ୟ ମନ୍ଦର ଘୋଡ଼ାଇ ଯେ ।
ବିଦ୍ୟୁଧାରକେ ଘନଧାରେ ବଳାକାପନ୍ତି ଏ ମିଳି କି ରହିଁ ସେ । ୧୫ ।
ବଳା ଭୂଳାକୋଟି ଖଞ୍ଜିଲେ ପାଦେ । ବୋଲିବ ଭୂଳାକୋଟି ଭୁଞ୍ଜନାଦେ ।
ବିଗୁଡ଼ ହଂସକ ହରେ ଗମନ । ବିଗୁଡ଼-ସ୍ୱନ ହଂସକ ମଣ୍ଡିଲ ସେ ।
ବନ୍ଧୁର ମାର୍ଗ ଜଣାଉଁ ଯେ ।
ବର୍ଣ୍ଣଭେଦ ସିନା ଝୁଣ୍ଟିଆ ଖୁଣ୍ଟିଆ ପ୍ରପଦେ ରଖିଲେ ତହୁଁ ସେ । ୧୬ ।

---

୧୫ଶ ପଦ—ବଲ୍ଲୀ—ଲତା । ବିଦୃଷ୍ଟ—ଯାହା ଦେଖାଯାଏ ନାହିଁ । ନୀଳଚୋଳୀ—ନୀଳକାଞ୍ଚୁଳି । ବଳାକାପନ୍ତି—ବକଶ୍ରେଣୀ ।

୧୬ଶ ପଦ—ଭୂଳାକୋଟି—ନୂପୁର । ଭୂଳାକୋଟି—ଉପମାସମୂହ । ବିଗୁଡ଼—ନିନ୍ଦିତ । ବିଗୁଡ଼ସ୍ୱନ—ଗୁପ୍ତସ୍ୱନ । ଖୁଣ୍ଟିଆ—ବନ୍ଧୁର ପଥ । ପ୍ରପଦେ—ପଦାଗ୍ରରେ ।

---

୧୫ଶ ପଦ—ତତ୍ପରେ ସ୍ତନ ଦ୍ୱୟରେ ସଖୀମାନେ ଉତ୍ତମ ଚିତ୍ରମାନ (କସ୍ତୁରୀର ପତ୍ରାବଳୀ) ଲେଖିଲେ । ସ୍ତନଦ୍ୱୟ ଗିରି ସଦୃଶ ହେଲା, (ପର୍ବତରେ ଲତା ପତ୍ର ମାଡ଼ିଥାଏ, ଏଠାରେ ଲତା ପତ୍ର ଚିତ୍ରିତ ହେଲା) ତତ୍ପରେ ତାହାକୁ ସ୍ୱର୍ଣ୍ଣ ଜରିଯୁକ୍ତ ନୀଳବର୍ଣ୍ଣ କାଞ୍ଚୁଳିରେ ବିଭୂଷିତ କଲେ । ପୁଣି ସେହି କାଞ୍ଚୁଳି ଉପରେ ମୁକ୍ତାମାଳା ଲମ୍ବାଇଲେ, ତେଣୁ ତାହା ବିଚିତ୍ର ଶୋଭା ଧାରଣ କଲା । ତାହା ଦେଖି ମନେହୁଏ, ବିନ୍ଧ୍ୟ ଓ ମନ୍ଦର ପର୍ବତ ଦ୍ୱୟ ନୀଳମେଘରେ ଢାଙ୍କି ହୋଇଅଛି ଓ ସେ ନୀଳମେଘ କୋଳରେ ବିଜୁଳି ଖେଳୁଛି ଏବଂ ବଗସବୁ ଧାଡ଼ି ଧାଡ଼ି ଉଡ଼ି ଯାଉଛନ୍ତି ।

୧୬ଶ ପଦ—'କୋଟି କୋଟି ଉପମାକୁ ଭୁକ୍ତ କରୁଛି'—ଛଳରେ ଏହା କହିବା ପାଇଁ ସଖୀମାନେ ସୀତାଙ୍କ ପାଦରେ ବଳା ଓ ନୂପୁର ଖଞ୍ଜି ଦେଲେ । ପୁଣି 'ସୀତାଙ୍କ ଗମନ ହଂସମାନଙ୍କର ଗତିକୁ ନିନ୍ଦା କରୁଛି'–ଏହି ସ୍ୱନ କରିବା ନିମିତ୍ତ ପାଦରେ ହଂସକ ନାମକ ଅଳଙ୍କାରକୁ ମଣ୍ଡନ କଲେ । ଖୁଣ୍ଟିଆର ଅର୍ଥ ଉଚ୍ଚ ନୀଚ ପଥ । ଝୁଣ୍ଟିଆ ସହିତ ତାହାର ଗୋଟିଏ ବର୍ଣ୍ଣର ଯାହା ପ୍ରଭେଦ ଅଛି । ଖର ଛଳରେ ଉଚ୍ଚନୀଚ ପଥ ଜଣାଇ ଦେବାପାଇଁ ସଖୀମାନେ ପାଦ ଆଗରେ ଝୁଣ୍ଟିଆ ଖଞ୍ଜିଦେଲେ ।

ବେଢ଼ରେ ପାଦରେ ଲେଖିଲେ ଲାକ୍ଷା । ବାର୍ ହେଲା ବେନିରଙ୍ଗ କି ଦକ୍ଷା ।
ବିକଶିତ କୋକନଦ ମଧ୍ୟର । ବେଢ଼ି ଭ୍ରମେ କି ସରସ୍ୱତୀ ନୀର ଯେ
ବାଁଶନଳରେ ଥିବାର ଯେ ।
ବାନ୍ଧୁ ପିନ୍ଧି ଦୁର୍ବାଦଳ-ନୀଳ ଚେଳ କୋଳ ଇଚ୍ଛି ଶ୍ରୀରାମର ଯେ । ୧୭ ।
ବସନାଞ୍ଚଳ ଯେ ଚଳଲେ ବେଗେ । ବସ ନା ଠାରେ ସେ ଯୋଗିଙ୍କି ଯୋଗେ
ବିଭଙ୍ଗେ ତାହା ଆଗେ କୁଞ୍ଚା ରଞ୍ଚି । ବ୍ୟକ୍ତ ନୋହୁ ଉରୁ ପୁଟି ଏ ପାଞ୍ଚିଲେ ।
ବାନ୍ଧ କଟିରେ କଙ୍କିଣୀ ଯେ ।
ବାଜ କଣିକଣି ଚିତ୍ତ ନେବ କଣି ଶୁଣିଲେ ନୟନ ଏଣୀ ଯେ । ୧୮ ।

---

୧୭ଶ ପଦ—ଲାକ୍ଷା—ଅଳତା । କୋକନଦ—ରକ୍ତପଦ୍ମ ।

୧୮ଶ ପଦ—ବସନାଞ୍ଚଳ—ପଣନ୍ତ ବା ଲୁଗାକାନି । ଉରୁ—ଜାନୁ । ଏଣୀ—ମୃଗୀ ।

---

୧୭ଶ ପଦ—ତତ୍ପରେ ପାଦର ବେଢ଼ରେ ଅଳତା ଦେଲେ । ପାଦ ରଙ୍ଗ ଓ ଅଳତା ରଙ୍ଗ କୁଶଳର ସହିତ ଜଣା ପଡୁଥିଲା (ଏକବର୍ଣ୍ଣ ହୋଇ ସୁଦ୍ଧା କେହି କାହା ସହିତ ମିଶିଲା ନାହିଁ) ଯେପରି ଫୁଟିଥିବା ରକ୍ତପଦ୍ମର ଗୁଣ ପାଖରେ ସରସ୍ୱତୀର ରକ୍ତବର୍ଣ୍ଣ ଜଳ ବେଢ଼ି ରହିଅଛି । (ପାଦ ରକ୍ତପଦ୍ମ ଓ ଅଳତା ସରସ୍ୱତୀର ରକ୍ତବର୍ଣ୍ଣ ଜଳ ରୂପେ ଉପମିତ) । ତାହା ପରେ ବାଉଁଶ ନଳୀ ଭିତରେ ଥିବା ଅତିଶୟ ସୂକ୍ଷ୍ମ ଦୁର୍ବାଦଳବର୍ଣ୍ଣ ବିଶିଷ୍ଟ ନୀଳ ଶାଢ଼ୀ ବାନ୍ଧୁ ପିନ୍ଧାଇଲେ । ଦୁର୍ବାଦଳବର୍ଣ୍ଣ ରାମ ଏହିପରି କୋଳ କରିବେ —ଏହି ଇଚ୍ଛାରେ ନୀଳବର୍ଣ୍ଣ ଶାଢ଼ୀ ସୀତାଙ୍କ ଦେହରେ ଜଡ଼ାଇ ଦେଲେ କି ?

୧୮ଶ ପଦ—ଲୁଗା ପିନ୍ଧାଇ ଦେଲା ପରେ ଲୁଗାର ପଣନ୍ତ ପବନରେ ଚଳିତ ହେବାରୁ ଜଣାଗଲା, ଯେପରି ସେ ପଣନ୍ତ ଯୋଗୀଙ୍କ 'ଯୋଗରେ ବସ ନାହିଁ, ଏପରି ଠାରି କହୁଛି । (ସେ ଚପଳ ଚଳିତ ଅଞ୍ଚଳର ଦର୍ଶନରେ ଯୋଗୀଙ୍କର ଯୋଗ ସୁଦ୍ଧା ଭ୍ରଷ୍ଟ ହୋଇଯିବ) । ପୁଣି ସୀତାଙ୍କ ସମ୍ମୁଖ ଭାଗରେ ସ୍ତନ ଦ୍ୱୟ ପୁଟି ନ ଦିଶୁ'—ଏହା ଭାବି ଲୁଗାକୁ ନାନାପ୍ରକାର ଭଙ୍ଗ କରି କୁଞ୍ଚ ଦେଲେ । କଟିରେ କଙ୍କିଣୀ ବାନ୍ଧିଲେ; ତାହା କଣି କଣି ବାଜ ଦେଖିବା ଲୋକଙ୍କ ନୟନ ମୃଗର ଚିତ୍ତକୁ କଣି ନେବ । (ଘଣ୍ଟି ଶବ୍ଦ ଶୁଣିଲେ ଅରଣ୍ୟରେ ମୃଗ ମୃଗୀମାନେ ବଶ ହୁଅନ୍ତି) ।

ବେଳା ଜାଣିବାକୁ ସଖୀ ବସାଇ । ବାଟିକା ନାଗବଲ୍ଲୀର ଭୁଞ୍ଜାଇ ।
ବିଡ଼ମ୍ବ ନୋହିଲା ଅତିଶୟରେ । ବାଳ ରବି ଦ୍ୟୋତକବା କି ଧରେ ସେ
ବତିଶଲକ୍ଷଣା ପୁଷ୍ଟି ଯେ ।
ବିଧାନୀ ଉପମା ଗୀତ ଶୁଭୁଷିକି ଲକ୍ଷ ଲକ୍ଷ ଦାଣ କରି ଯେ । ୧୯ ।
ବିଭୂଷା ହେମରତ୍ନ ଯେତେ କହି । ବାଳାମଣି ଶାଣ ରସାଣ ତହିଁ ।
ବିଦଳ ଅଞ୍ଜନ କସ୍ତୁରୀ ନିଶି । ବିଧୁ ବିଧିବଶୁଁ ଉଜ୍ଜ୍ୱଳ ଦିଶି ସେ ।
ବିଦେହଜା ପଦ ଗୁଣି ଯେ ।
ବିଂଶତି ପଦେ ଏ ଛାନ୍ଦ ଉପଇନ୍ଦ୍ର ଭଞ୍ଜ ବୀରବର ଭଣି ଯେ । ୨୦ ।

—*—

୧୯ଶ ପଦ—ବାଟିକା—ପାନ ଖିଲ । ନାଗବଲ୍ଲୀ—ପାନ । ବିଡ଼ମ୍ବ—ଉପହାସ ।

୧୯ଶ ପଦ—ଏହିପରି ବେଶ ରଚନା ସରିଲା ପରେ ବରଣ ସମସ୍ତ ନିକଟବର୍ତ୍ତୀ ହେବାର ଜାଣି ସଖୀମାନେ ସୀତାଙ୍କୁ ବସାଇ ପାନ ଖିଲ ଭୁଞ୍ଜାଇଲେ ରକ୍ତବର୍ଣ୍ଣ ବିଶିଷ୍ଟ ଅଧର ପାନ ବୋଳରେ ଦ୍ୱିଗୁଣିତ ହୋଇଗଲା, କିନ୍ତୁ ତାହା ଉପହାସିତ ବା କୃଷ୍ଣବର୍ଣ୍ଣ ହେଲା ନାହିଁ (ରକ୍ତବର୍ଣ୍ଣରେ ରକ୍ତବର୍ଣ୍ଣ ମିଶିଲେ କୃଷ୍ଣବର୍ଣ୍ଣ ହୋଇଯାଏ), ମାତ୍ର ଜବାବର୍ଣ୍ଣ ବାଳ ସୂର୍ଯ୍ୟରେ ଜ୍ୟୋତିକୁ ଧାରଣ କଲା ପ୍ରାୟ ଦେଖାଗଲା । ସୀତା ବତିଶ ଲକ୍ଷଣାର ସ୍ଥଳ ରୂପେ ନିର୍ଣ୍ଣିତ ହୋଇଅଛନ୍ତି, ଗୀତ ଶୁଭୁଷି ଛଳରେ ଉପମାମାନଙ୍କୁ ସିନା ଦିଆଗଲା । (ମାତ୍ର କୌଣସି ଉପମା ତାଙ୍କର ଶୋଭାକୁ ଯୋଗ୍ୟ ନୁହନ୍ତି) ।

୨୦ଶ ପଦ—ଯେତେ ସ୍ୱର୍ଣ୍ଣ ଓ ରତ୍ନର ଅଳଙ୍କାର କଥା କୁହାଗଲା, ସେ ସବୁ ସୀତାଙ୍କ ଅଙ୍ଗ ରୂପ ରସାଣ ପଥର ଯୋଗରେ ଉଜ୍ଜ୍ୱଳ ଦେଖାଗଲେ । (ରତ୍ନ ଓ ସ୍ୱର୍ଣ୍ଣ ରସାଣ ପଥରରେ ଲାଗିଲେ ବେଶି ଉଜ୍ଜଳ ଦିଶନ୍ତି, ସେହିପରି ଏଠାରେ ସେମାନେ ସୀତାଙ୍କୁ ସୁନ୍ଦର କଲେ ନାହିଁ ଯେ, ସୀତାଙ୍କ ଯୋଗେ ନିଜେ ସୁନ୍ଦର ଦେଖାଗଲେ) । ମର୍ଦ୍ଦିତ କଜ୍ଜ୍ୱଳ ଓ କସ୍ତୁରୀ ରୂପ ରାତ୍ରି ସୀତା ରୂପୀ ଚନ୍ଦ୍ର ଯୋଗେ ଉଜ୍ଜ୍ୱଳତର ଦିଶିଲେ । ସେହି ବିଦେହ ରାଜକନ୍ୟା ସୀତାଙ୍କ ପାଦପଦ୍ମକୁ ସ୍ମରଣ କରି ବୀରବର ଉପେନ୍ଦ୍ରଭଞ୍ଜ ଏ ଛାନ୍ଦକୁ କୋଡ଼ିଏ ପଦରେ ଭଣିଲେ ।

—*—

## ଏକାଦଶ ଛାନ୍ଦ

ରାଗ—ବସନ୍ତବରାଡ଼ି

ବେଳ ଶୁଭଦରେ ପ୍ରବେଶ ଆବେଶ ବେଶ ସଖୀଏ ସାରିଥିଲେ
ବସ୍ତରେ ସୁମନା ଶ୍ରୀ-କରେ ସୁମିନା-ସୁମନା-ମାଳା ନେଇ ଦେଲେ ।
ବୋଇଲେ, ବଶକ ଏ କଳାଭୃଙ୍ଗର ।
ବସି ଦଶରଥ-ସୁତ-ଜାନୁ-ରଥ ଯେ ମନୋରଥ ସାର୍ଥ କର । ୧ ।
ବେଷ୍ଟିତତର ତରଳାକ୍ଷୀକି ତାର ତାର ପରିଧି କି ବିଧୂରେ ।
ବିଧିରେ ମଙ୍ଗଳବିଧିରେ କେ ହୁଳହୁଳିକି ବହିଲେ ବିଧୀରେ ।
ବାଞ୍ଛନ୍ତି, ବିଧୂଚୂର୍ଣ୍ଣ କେହୁ ଆଗରେ ।
ବଜାଇ ହେଜାଇ ମାର୍ଗ କେ ପ୍ରବୀଣା ବୀଣା ଧରି ଅନୁରାଗରେ । ୨ ।

---

୧ମ ପଦ—ସୁମନା—ସୁଚଭୂଷି, ପୁଷ୍ପମାଳା ।

୨ୟ ପଦ—ବେଷ୍ଟିତତର—ଅତି ଘନଭାବରେ ବେଢ଼ିବା । ତରଳାକ୍ଷୀ—ଚଞ୍ଚଳାକ୍ଷୀ । ତାର ତାର—ଉଜ୍ଜ୍ୱଳ ତାରକା । ପରିଧି—ମଣ୍ଡଳ । ବିଧୀରେ—ଉଚ୍ଚରେ । ବିଧୂଚୂର୍ଣ୍ଣ—କର୍ପୂରଗୁଣ୍ଡ ।

---

## ଏକାଦଶ ଛାନ୍ଦ

୧ମ ପଦ—ବରଣ କରିବା ପାଇଁ ଶୁଭ ସମୟ ପ୍ରବେଶ ହେଲା । ପୂର୍ବରୁ ସଖୀମାନେ ବେଶକାର୍ଯ୍ୟ ଶେଷ କରିଥିଲେ । ସଖୀମାନେ ବସ୍ତୁର କରି ଆନନ୍ଦମନା ହୋଇ ସୀତାଙ୍କ ଶ୍ରୀହସ୍ତରେ ଫୁଲମାଳ ନେଇ ଦେଲେ । ଅନ୍ୟାର୍ଥ—ଇଷ୍ଟ-ଦେବତାଙ୍କୁ ସ୍ମରଣ କରି ଲକ୍ଷ୍ମୀ ରୂପୀ ସୀତାଙ୍କ ହସ୍ତରେ ଉତ୍ତମମନା ହୋଇ ପୁଷ୍ପମାଳା ଦେଲେ । କହିଲେ, "ଏ ଫୁଲମାଳ କଳାଭ୍ରମର ରୂପ ରାମଚନ୍ଦ୍ରଙ୍କୁ ବଶ କରିବ । ଦଶରଥ ସୁତ ରାମଙ୍କ ଜାନୁ ରୂପ ରଥରେ ବସି ତୁମ୍ଭ ମନକାମନା ପୂର୍ଣ୍ଣ କର ।"

୨ୟ ପଦ—(ରାମଙ୍କୁ ବରଣ କରିବା ନିମିତ୍ତ ସୀତାଙ୍କ କରରେ ପୁଷ୍ପମାଳା ଦେଇ) ଚଞ୍ଚଳାକ୍ଷୀ ସଖୀମାନେ ଚଉଦିଗରେ ଘନଭାବରେ ବେଢ଼ି ରହିଲେ, ତାହା ଦେଖି ବୋଧ ହେଲା—ଉଜ୍ଜ୍ୱଳ ତାରାସମୂହ ଚନ୍ଦ୍ରଙ୍କର ଚଉପାଶରେ ଘେରି ରହିଅଛନ୍ତି କି ? ତାଙ୍କ ମଧ୍ୟରୁ କେହି ମଙ୍ଗଳ ବିଧାନର ସୂଚନା ସ୍ୱରୂପ ଉଚ୍ଚସ୍ୱରରେ ହୁଳହୁଳି ଦେଲେ । କେଉଁ ସଖୀ ଆଗରେ କର୍ପୂର ଧୂଳି ବିଞ୍ଚିଲେ । କେଉଁ ପଣ୍ଡିତା ସଖୀ ଯିବାବେଳେ ପଥ ଜଣାଇଦେବା ଉଦ୍ଦେଶ୍ୟରେ ବୀଣା ଧରି ଅନୁରାଗରେ ବଜାଇଲେ ।

ବ୍ୟଜନ ରଞ୍ଜନ କରି କେ ଗୁଳନ୍ତି ଢାଳନ୍ତି କେ ଖଣ୍ଡ ଚାମର ।
ବଳ୍ଗା ମହିମା ମହିମା ପଦରେ କେ ଅଣିମାଦିଦାୟିନୀ ଛାମୁର ।
ବାରିଧି, ବାରିମଧ୍ୟୁଁ ବେଢ଼ି ରମ୍ଭାଦି ।
ବଜେ କରାନ୍ତି ଉପ୍ତତ୍ତିସ୍ଥାନେ ସୁରାସୁର ଆଗେ ଶ୍ରୀକ ସମ୍ପାଦି । ୩ ।
ବିତାନ-ଚିର ଧରିଛନ୍ତି ଉପରି ବୀଚିର ରୁଚିର ସେହିତ ।
ବଳାନନାଦ ସ୍ତବାଳ ଅବଳାଙ୍କ ଶୁକ୍ତି ଉକ୍ତିକି ସେ ମୋହିତ ।
ବାସୁକି, ବାହୁ କି ଉରଜ ମନ୍ଦର ।
ବିଚଳିତ ସ୍ୱତଃ ଲଳିତ କଳିତ ଅଛି ହାସ ସୁଧା ସମ୍ଭର । ୪ ।

---

୩ୟ ପଦ—ବ୍ୟଜନ—ବିଞ୍ଚଣା । ଐଶ୍ୱର୍ଯ୍ୟଦାୟିନୀ—ଯେ ଅଣିମାଦି ଅଷ୍ଟୈଶ୍ୱର୍ଯ୍ୟ ଦିଏ । ଶ୍ରୀକ—ଲକ୍ଷ୍ମୀଙ୍କି ।

୪ର୍ଥ ପଦ—ବିତାନ ଚିର—ଚାନ୍ଦୁଆ ଲୁଗା । ବୀଚି-ଲହଡ଼ି । ରୁଚିର—ମନୋହର । ଶୁକ୍ତି—ଶାମୁକା । ଉରଜ—ସ୍ତନ ।

---

୩ୟ ପଦ—କେହି ଆଲଟ ପଙ୍ଖା ପକାଇଲେ, କେହି ଖଣ୍ଡ ଚାମର ଢାଳିଲେ । ଅଣିମାଦି ଅଷ୍ଟଐଶ୍ୱର୍ଯ୍ୟଦାୟିନୀ ସୀତାଙ୍କ ଛାମୁରେ କେହି କେହି ମହିମା ମହିମା ଡାକ ଦେଲେ । ତାହା ଦେଖି ମନେ ହୁଏ, ସମୁଦ୍ରର ଜଳ ମଧ୍ୟରୁ ଉଠିଥିବା ରମ୍ଭା ଆଦି ଅପ୍‌ସରାମାନେ ବେଢ଼ି ଦେବତା ଓ ଅସୁରମାନଙ୍କ ଆଗତରେ ଉପ୍ତତ୍ତି-ସ୍ଥାନ ଲକ୍ଷ୍ମୀଙ୍କର ଶୋଭା ସମ୍ପାଦନ କରାଇ ନାରାୟଣଙ୍କ ସମୀପକୁ ବଜେ କରାଉଅଛନ୍ତି କି ? ଲକ୍ଷ୍ମୀ ସମୁଦ୍ରରୁ ଉତ୍ପନ୍ନ, ମାତ୍ର ସୀତା ଉପ୍ତତ୍ତିସ୍ଥାନ । ସେଠାରେ ସୁରାସୁର ଅର୍ଥ ଚାରି ଓ ଖୀରୁ) ।

୪ର୍ଥ ପଦ—ସୀତାଙ୍କ ଉପରେ ଧରା ଯାଇଥିବା ଚାନ୍ଦୁଆ ଲୁଗା ସମୁଦ୍ରର ଲହରୀ ପ୍ରାୟ ସୁନ୍ଦର ଦିଶୁଅଛି । 'ଅବଳାମାନଙ୍କର' ସଖୀମାନଙ୍କର ପାଦର ସ୍ତବଳ ବଳାଶବ୍ଦ ସମୁଦ୍ରର ଶାମୁକା ଶବ୍ଦକୁ ମୋହିତ କରୁଅଛି । ବାହୁ ରୂପ ବାସୁକି ସ୍ତନ ରୂପ ମନ୍ଦର ପର୍ବତକୁ ବିଚଳିତ କରି ସେ ସମୁଦ୍ରକୁ ମନ୍ଥନ କରିବାରୁ ମନୋହର ହାସ-ସୁଧା ସେଥିରୁ ଉତ୍ପନ୍ନ ହେଉଅଛି । (ନୀଳସାଗର ମନ୍ଦର ପର୍ବତ ଓ ବାସୁକି ସର୍ପଦ୍ୱାରା ମନ୍ଥିତ ହେବାବେଳେ ଶାମୁକା ପ୍ରଭୃତିଙ୍କର କଳକଳ ସ୍ୱନ ଓ ଅମୃତ ଉଦ୍ଭବ ହୋଇଥିଲା, ଏଠାରେ ନୀଳବର୍ଣ୍ଣ ଚନ୍ଦ୍ରାତପ ସାଗରର ତରଙ୍ଗ, ସ୍ତନ ମନ୍ଦର, ବାହୁ ବାସୁକି, ବଳାଶବ୍ଦ ଶାମୁକାର ସ୍ୱନ, ଆନନ୍ଦ ହାସ ଅମୃତ ସହିତ ଉପମିତ) ।

ବଳସି ବଳସି ଗର୍ଭାଳସୀ ହଂସୀ ମନ୍ଥର ମନ୍ଥନ ଗତିରେ ।
ବର ସନ୍ନିଧିଙ୍କ ସେ ଶୋଭାନିଧିଙ୍କ ନେଇଁ ଧିକ ଧିକ ରତିରେ ।
ବନ୍ଧିଲେ, ବସୁମଣ୍ଡଳପତି ସକଳେ ।
ବିଧାତା ବିଧାଣ ଉଚାଟ ନିଧାନ ନୋହେ ସାବଧାନ ହୋଇଲେ । ୫ ।
ବିଘ୍ନରାଜ ପତି ଉପମାରାଜିତ ରାଜିତମାନ କରି ଲୋଡ଼ି ।
ବନ୍ଧଭୁଣ୍ଡ ହେଲେ ବର୍ଣ୍ଣି ଆଣୁ ଯେଣୁ ସେମାନେ ସେ ମାନେ ବାହୁଡ଼ି ।
ବିବେକ, ବର୍ଜ୍ଜନ ଏ କଦା ନୁହନ୍ତ ।
ବୃହତ୍କୁକ୍ଷି ତୂର୍ଣ୍ଣେ ସେ ପୂର୍ଣ୍ଣ ହୋଇଲେ ଧନ୍ୟ ସୀତା ମାଳେ ଜପନ୍ତ ॥
ବିପୁଷ୍ଟି ଦୃଷ୍ଟି ସୃଷ୍ଟି ଯହିଁ ଭଣନା ଏକଦୃଷ୍ଟି କବି ବୋଲଇ ।
ବଣା ହେବାରେ ଲକ୍ଷଣା ବାରେ ବାରେ ଗଣା ତା କରିବା କପାଇଁ ।

---

୫ମ ପଦ - ବସୁମଣ୍ଡଳ ପତି—ରାଜା । ଉଚାଟନିଧାନ—ଚିତ୍ତ ଉଦ୍ଦୀପନ-କାରିଣୀ । ସାବଧାନ ହେଲେ—ବିଚାରପୂର୍ବକ ଯୁକ୍ତାଯୁକ୍ତ କଥା କହିଲେ ।

୬ଷ୍ଠ ପଦ—ବିଘ୍ନରାଜ—ଗଣେଶ । ରାଜିତମାନ—ଶୋଭମାନ ବା ଦେଦୀପ୍ୟମାନ । ବୃହତ୍ କୁକ୍ଷି—ବଡ଼ ପେଟ । ତୂର୍ଣ୍ଣି—ଶୀଘ୍ର ।

---

୫ମ ପଦ—ଗର୍ଭଭରରେ ଧୀର ଗତି କରୁଥିବା ହଂସୀ ପରି ସର୍ବଶୋଭାର ଭଣ୍ଡାର ସୀତାଙ୍କୁ ମନ୍ଥର ଗତି କରାଇ ରାମଙ୍କ ସମୀପକୁ ନେଲାବେଳେ, ସେ ଶୋଭା ଗତିକି ମଧ୍ୟ ଧିକ୍କାର କଲା । ତାହା ଦେଖି ରାଜାମାନେ ସାବଧାନରେ ବିଚାର କଲେ, 'ଚିତ୍ତ ଉଚାଟନକାରିଣୀ ସୀତା ବିଧାତାଙ୍କ ଦ୍ୱାରା ନିର୍ମିତ ହୋଇ ନାହାନ୍ତି କି ? (ସୀତାଙ୍କ ଶୋଭା ଯାବତୀୟ ବିଧିସୃଷ୍ଟ ଶୋଭାଠାରୁ ବଳି ମନୋହର, ତେଣୁ ସେ ସ୍ୱୟଂ ସୃଷ୍ଟ ବୋଲି ବୋଧ ହେଲା) ।

୬ଷ୍ଠ ପଦ ବିଘ୍ନରାଜ ଗଣେଶ ଉତ୍କୃଷ୍ଟ ଉପମାମାନ ଲୋଡ଼ି, ସେମାନଙ୍କ ସହିତ ସୀତାଙ୍କର ସୌନ୍ଦର୍ଯ୍ୟ ତୁଳନା କରିବାକୁ ଯାଇ ଅକୃତକାର୍ଯ୍ୟ ହୋଇ ବନ୍ଧତୁଣ୍ଡ ହେଲେ । ସେ ଉପମା ସମୂହ ଅପମାନିତ ହୋଇ ବାହୁଡ଼ ଯିବାକୁ ବସିଲେ । ସେମାନଙ୍କୁ ବର୍ଜନ କରାଯାଇ ନ ପାରେ,—ଏହା ଭାବି ଗଣେଶ ଉପମାମାନଙ୍କୁ ଚଞ୍ଚଳ ଆଣି ନିଜ ଗର୍ଭରେ ରଖିବାରୁ ଲମ୍ବୋଦର ହୋଇଅଛନ୍ତି ତଥାପି ବର୍ଣ୍ଣି ନ ପାରି 'ଧନ୍ୟ ସୀତା' 'ଧନ୍ୟ ସୀତା' ମାଳା ଯୋଗେ ଏହି ଜପ କରୁଅଛନ୍ତି ।

୭ମ ପଦ—ସୀତାଙ୍କର ସୌନ୍ଦର୍ଯ୍ୟ ସହିତ ଉପମାମାନଙ୍କୁ ଲକ୍ଷ୍ୟ ଦେବା ଉଦ୍ଦେଶ୍ୟରେ ଶୁଦ୍ଧ ବାରମ୍ବାର ଦୃଷ୍ଟି ଦେଇ ମଧ୍ୟ ବଣା ହେଲେ । ଅବଶେଷରେ

ବାଳାରେ, ବିଲେପ କରି ତୋ ଶୋଭିତ ।
ବିହିଲେ ଅନନ୍ତ ଅନନ୍ତ ଲପନ ବର୍ଣ୍ଣି ଆଣନ୍ତେ ଲଜ୍ଜାସ୍ମିତ । ୭ ।
ବିଦ୍ୟାବିଶାରଦା ଶାରଦା ଶାରଦା ବିନମ୍ରୀ ଧରାତନୟୀ ! ହେଲେ ତୋତେ
ବିଡ଼ମ୍ବା ରକ୍ଷଣେ ସୁଷମା ଅସମା ଉପମା ଅଙ୍ଗୀକାର କୃତେ ।
ବାଳାରେ, ବତ୍ସଳା ହେଲେ ଭକ୍ତିଯୁକ୍ତେ ।
ବିନ୍ୟାସ କରନ୍ତି କବିଙ୍କ ସୂକ୍ତିକି କବି ସମ୍ମତେ ମତିମତେ । ୮ ।
ବିସ୍ରମ୍ଭ ପଦର ଗମନେ ଆଦର କରି କେ ସୁମନେ ଭ୍ରାଜଇ ।
ବିଶାଳ ଉରୁ କରେ ବୃରୁ ଯୌବନ-କରୀ କୋକନଦ ସ୍ଫୁଲଇ ।

---

୭ମ ପଦ—ଉଶନା—ଶୁକ୍ର । ଅନନ୍ତ – ଶେଷଦେବ । ଅନନ୍ତ ଲପନ—ବହୁସଂଖ୍ୟକ ମୁଖ ।

୮ମ ପଦ—ବିଦ୍ୟାବିଶାରଦା - ସମସ୍ତ ବିଦ୍ୟାରେ ପଣ୍ଡିତା । ଶାରଦା—ସରସ୍ୱତୀ । ଧରାତନୟୀ—ସୀତା । ସୁଷମା – ପରମାଶୋଭା । ବତ୍ସଳା—ସ୍ନେହଯୁକ୍ତା । ମତିମତେ—ଇଚ୍ଛାନୁସାରେ ।

୯ମ ପଦ—ବିସ୍ରମ୍ଭ—ଗୁପ୍ତକଥା । କୋକନଦ—ରକ୍ତପଦ୍ମ ।

---

ଏକଦୃଷ୍ଟି କବି ( ଶୁକ୍ରଙ୍କର ଗୋଟିଏ ଚକ୍ଷୁ ) ବୋଲାଇଲେ । ତାଙ୍କୁ ଅବା କାହିଁକି କବି ମଧ୍ୟରେ ଗଣନା କରିବା ? ଗୋ ସୀତେ ! ତୁମ୍ଭର ଶୋଭାକୁ ବର୍ଣ୍ଣନା କରିବା ନିମିତ୍ତ ଶେଷଦେବ ଅସଂଖ୍ୟ ମୁଖ ଧାରଣ କଲେ, ତଥାପି ତୁମ୍ଭ ଶୋଭାକୁ ବର୍ଣ୍ଣିବାକୁ ଯିବା ସମୟରେ ମୁଖ ଲଜ୍ଜାଯୁକ୍ତ ହେବାରୁ ବର୍ଣ୍ଣି ପାରିଲେ ନାହିଁ ।

୮ମ ପଦ—ହେ ସୀତେ ! ସର୍ବ ବିଦ୍ୟାରୂପିଣୀ ଶାରଦା 'ତୁମ୍ଭର ପରମା ଶୋଭା ସହିତ ସମସ୍ତ ଉପମା ଅସମାନ ଅଟନ୍ତି—ଏହା ଅଙ୍ଗୀକାର କରିବାକୁ ଯାଇ ତୁମ୍ଭ ପାଖରେ ବିନମ୍ରୀ ହେଲେ । ଏହାଦ୍ୱାରା ତାଙ୍କର ବିଡ଼ମ୍ବା ରକ୍ଷା ପାଇଲା । (ବିନମ୍ରୀ ହେଲେ ମଧ୍ୟ ବିଡ଼ମ୍ବା ଊଣା ନ ହୋଇ ବର୍ଦ୍ଧିତ ହେଲା) । ହେ ଭକ୍ତବତ୍ସଳେ ସୀତେ ! ତୁମ୍ଭେ ତାଙ୍କର ଭକ୍ତିଯୁକ୍ତ ବାକ୍ୟରେ ସନ୍ତୁଷ୍ଟ ହେବାରୁ କବିମାନେ ଇଚ୍ଛାନୁସାରେ କବିଙ୍କ ସୂକ୍ତିକି ନାନାପ୍ରକାରେ ପ୍ରକାଶ କରୁଅଛନ୍ତି । [କବିମାନେ ସରସ୍ୱତୀଙ୍କ ବର ପୁତ୍ର] ।

୯ମ ପଦ – ସୀତାଙ୍କ ଗମନ ସମୟରେ ତାଙ୍କ ପାଦ ବିନ୍ୟାସକୁ କେହିଁ କେଉଁ ରାଜା ସୁଚିତ୍ତରେ ଭାବୁଅଛି, ମନୋହର ଯୌବନ ହସ୍ତୀ ବିଶାଳ

ବାଳାର, ବୋଲେ କେ ନିରେଖି ଅଙ୍ଗୁଳି ।
ବାଳିକା ମଣ୍ଟି ମାଳିକା କରି ତହିଁ ଅଶୋକକଳିକାରୁ ଝଳି । ୯ ।
ବିହେଠନ ମୁଖ ପୟୋଧର ଶିଖ ଦେଖି କେତେ ଯୋଖି ଉପମା ।
ବିଷମସନ୍ତାପ ଦମ୍ଭୁତେ ଶମ୍ଭୁର ଶୂନ୍ୟୁ ଖସି ଆସି ଚନ୍ଦ୍ରମା ।
ବାଳାର, ବିଗତ ହେଉଁ କୋଣେ ଡୋଳା ।
ବିଧିର ହରିଣ କି ବିଷଧାରଣ ବେନି ପଶୁ ଉଯୁଜିଲା । ୧୦ ।
ବିଘଟନା ଲକ୍ଷକୁତେ କେତେ ଦକ୍ଷ ରୁହିଁ ଦେଇ ଚ୍ଚୂର୍ଣ୍ଣ ଅଳକ ।
ବିଲୋମଲୋମ ବର୍ଣ୍ଣସ୍ତୋମ ଏ କାମଦରକୁ କରତା ତାରକା ।

---

୧୧ଶ ପଦ – ଦକ୍ଷ—ନିପୁଣ ବା ପ୍ରବୀଣ । ବର୍ଣ୍ଣସ୍ତୋମ—ବର୍ଣ୍ଣସମୂହ । ଶାସ୍ତ୍ରକ—ଖଡ୍‌ଗ । ବିଶ୍ୱକେତୁ—କନ୍ଦର୍ପ । ଧନ୍ୱୀ—ଧନୁର୍ଦ୍ଧର । ଫରକ—ପ୍ରଭେଦ ।

---

ଉତୁରୂପ ଥୋରହସ୍ତରେ ରକ୍ତପଦ୍ମକୁ ଧରିଅଛି କି ? ତାଙ୍କ ପଦାଙ୍ଗୁଳିକୁ ନିରେଖି କେଉଁ ରାଜା କହିଲେ,—ଅଶୋକ କଢ଼ିଠାରୁ ବେଶି କାନ୍ତିଯୁକ୍ତ ପଦାଙ୍ଗୁଳିରେ ମାଳା ନିର୍ମାଣ କରି ଏ କନ୍ୟା ମଣ୍ଡୁଛି କି ?

୧୦ମ ପଦ – ଲଜ୍ଜ୍ୟା ହେତୁରୁ ସୀତାଙ୍କର ମୁଖ ଅଧୋଗତ ହୋଇ ସ୍ତନର ଅଗ୍ରଭାଗରେ ନିହିତ ଥିବାର ଦେଖି କେଉଁ କେଉଁ ନୃପତି ଉପମା ଦେଲେ, ମହାଦେବଙ୍କର ଅଙ୍ଗଶ୍ରୁ ଗରଳ ତାପ ଜାତ ହେବାରୁ, ସନ୍ତାପ ଶାନ୍ତ ନିମିତ୍ତ ଶୂନ୍ୟରୁ ଚନ୍ଦ୍ରମା ଖସି ଆସୁଅଛନ୍ତି କି (ସ୍ତନ ଶମ୍ଭୁ ସହିତ ଓ ମୁଖ ଚନ୍ଦ୍ରମା ସହିତ ଉପମିତ) । ତାଙ୍କର ଡୋଳା ଚକ୍ଷୁ କୋଣରେ ଗତାଗତ ହେଉଥିବାରୁ ବୋଧହେଲା, ଚନ୍ଦ୍ରଙ୍କ ଦେହରେ ମୃଗ ବିହାର କରୁଅଛି କି ? ଅବା ଶିବଙ୍କ ବିଷଜ୍ୱାଳା ଅପସାରିତ ହୋଇ ଚାଲିଯାଉଅଛି କି ? ଏହିପରି ଦୁଇଟି ସନ୍ଦେହ ମନରେ ଜାତ ହେଲା ।

୧୧ଶ ପଦ—ମନୋହର ଚୂର୍ଣ୍ଣ କୁନ୍ତଳକୁ (କୁଞ୍ଚିତ କେଶକୁ) ଚାହିଁଦେଇ କେତେକ ଚତୁର ରାଜା ଲକ୍ଷ୍ୟକଲେ ଯେ, ଏହା 'ଲୋମ ବିଲୋମ' ଓଲଟପାଲଟ ହୋଇ ରହିଥିବା ଅକ୍ଷର ଶ୍ରେଣୀ । ଆଉ ମଧ୍ୟ ଏହା କନ୍ଦର୍ପ ଭୟର କାରକ ଓ କନ୍ଦର୍ପ ଭୟର ତାଣକର୍ତ୍ତା ଅଟେ । (କେହି କେହି ଏହାକୁ ଦେଖି କନ୍ଦର୍ପ ପୀଡ଼ିତ ହେବ, ଆଉ ମଧ୍ୟ କାହାର କନ୍ଦର୍ପପୀଡ଼ା ଦୂର ହେବ) । କନ୍ଦର୍ପ ଦେବଯୋଗରେ ଧନୁର୍ଦ୍ଧର, ମାତ୍ର ସୀତାଙ୍କର ଆଶ୍ଚର୍ଯ୍ୟ ଅଳକ ଖଡ୍‌ଗ ପରି

ବାଳାର, ବିଟହ୍ର ତିଳକ ଶାୟକ ।
ବିଶ୍ୱକେତୁଙ୍କୁ ଧନ୍ୱୀ ବୋଲ ଦଇବେ ହୋଇବ କ ଏବେ ଫଳକ ।୧୧।
ବୁଧାନେ ଉପମା ବିଧାନେ ଆଣିଲେ କେଶ-ବେଶ-ଜାଲ ସିନ୍ଦୂରେ ।
ବିପ୍ରଚିତ୍ତିସୁତ ମଧ ପାଟସୂତ୍ର ସିଁଥାରୁ ଭୂଷିତ ଟୋପରେ ।
ବାଳାର, ବଣୀର୍ଣ୍ଣ ଝିଲମିଲମାଳ ।
ବିଜୃମ୍ଭିତବଶେ ଜମ୍ଭାବି ଦନ୍ତାଳ ଉତ୍ତଂସ ଯେଣୁ ଦିଶେ ଝଳ । ୧୨ ।
ବିଲକ୍ଷିତ କଲେ କ୍ଷିତିକ୍ଷିତିଙ୍କୁନେ ପ୍ରଦୀପ୍ତ ତାଟଙ୍କ ଅନାଇ ।
ବିଶ୍ୱକେତୁତମ ଦ୍ୟୋତିତ ଜନରେ ପ୍ରସନ୍ନ ଦରଶନ ପାଇଁ ।
ବାଳା ଯେ, ବିଳମ୍ବାଇ ବେନି ପ୍ରଦୀପ ।
ବିଜ୍ଜ୍ୱଳିତକାଶ୍ମ ରତନ ଝୁଣାରେ ଯତନ ଦିଶଇ ସ୍ୱରୂପ । ୧୩ ।

---

୧୨ଶ ପଦ—ବୁଧାନେ—ପଣ୍ଡିତମାନେ । ବିପ୍ରଚିତ୍ତିସୁତ—ରାହୁ । ବିଜୃମ୍ଭିତବଶେ—ହାଇମାରିବା ଦ୍ୱାରା ।

୧୩ଶ ପଦ—କ୍ଷିତିକ୍ଷିତିଙ୍କୁନେ—ରାଜାମାନେ । ବିଶ୍ୱକେତୁ—କନ୍ଦର୍ପ । ତମ—ଅନ୍ଧକାର ।

---

ଶୋଭମାନ, ତେଣୁ କେହି ମନେକଲେ, କନ୍ଦର୍ପ ଏବେ ଖଡ୍‌ଗଧାରୀ ହେଲା କି ? (ସୀତା କନ୍ଦର୍ପଠାରୁ ଧନୁଶର ଛଡ଼ାଇ ନେଇ ତାହାର ଚିରନ୍ତନ ଖ୍ୟାତି ଲୋପ କଲେ କି ? ଏଠାରେ ସୀତାଙ୍କର ଲଲାଟପଟ ଫଳ ଓ ତିଳକ ଖଣ୍ଡାରୂପେ କଳ୍ପିତ) ।

୧୨ଶ ପଦ—ପଣ୍ଡିତମାନେ କେଶରେ ମଣ୍ଡିତ ହୋଇଥିବା ମୋତିଜାଲି ଓ ସିନ୍ଦୂର ଗାରକୁ ଦେଖି ଉପମା ଦେଲେ, ରାହୁ ମଧ୍ୟଦେଶ ପାଟସୂତ୍ରଦ୍ୱାରା ସିଆଁ ହୋଇଥିବା ଟୋପିରେ ଭୂଷିତ ହୋଇଅଛି କି ? (କେଶ ରାହୁ ସହିତ, ମୁକ୍ତାଜାଲି ଟୋପି ଓ ସିନ୍ଦୂରଗାର ପାଟସୂତା ସହିତ ଉପମିତ) । ସୀତାଙ୍କର ବିପୁଳ ଝିଲମିଲି ମାଳ ଓ କର୍ଣ୍ଣାବତଂସ ନାମକ ଭୂଷଣ ଦେଖି ମନେ ହେଲା,—ସେହି କେଶ—ରାହୁ ହାଇ ମାରିବା ଛଳରେ ମୁଖ ମଧ୍ୟସ୍ଥିତ ଦନ୍ତର ଶୋଭାକୁ ଦେଖାଉଅଛି କି ?

୧୩ଶ ପଦ—ରାଜାମାନେ ସୀତାଙ୍କ କର୍ଣ୍ଣସ୍ଥିତ ଉଜ୍ଜ୍ୱଳ ତାଟଙ୍କ ହସ୍ତକୁ ଦେଖି ଲକ୍ଷ୍ୟକଲେ,—କନ୍ଦର୍ପର ଅନ୍ଧକାରରେ ଆଚ୍ଛନ୍ନ ହୋଇଥିବା ଲୋକଙ୍କୁ ଆଲୋକ ଦେବାପାଇଁ ସୀତା ତାଙ୍କର କର୍ଣ୍ଣରେ ଦୁଇଟି ପ୍ରଦୀପ ଧାରଣ କରି ତାହାକୁ ରତ୍ନଝୁଣାରେ ପ୍ରଜ୍ଜ୍ୱଳିତ କରୁଅଛନ୍ତି କି ? ସେହି ଆଲୋକରେ ତାଙ୍କ ଶରୀର ସୁନ୍ଦର ଦିଶୁଅଛି ।

ବ୍ୟକ୍ତ ଏ ଓଷ୍ଠ ପଦ୍ମ ତୋର ସୁରଙ୍ଗେ ପରମ୍ପରା ନାହିଁ କେ ଭାଳି ।
ବଳେ ତାମ୍ବୁଳେ କ୍ଷାଳିତ ବୁଢ଼ିବକେ ଦେଲେଟି ତାହା ଦର୍ପ ଦଳି ।
ବାଳାର, ବିମ୍ବ ଗଣ୍ଡଚନ୍ଦ୍ର ଅନାଇଁ ।
ବକ୍ଷତ୍ର ରସ ହରଷ ହାସପୂର୍ଣ୍ଣ ସ୍ଥାନ ଏକେ ଲକ୍ଷ ମଣାଇ । ୧୪ ।
ବଲ୍‌ଗୁ ଚିବୁକେ କସ୍ତୁରୀ ଜାଣି କେହି ସୁମରେ ତିଳ କୁସୁମରେ ।
ବଣରେ ଯାଇଁ ଭ୍ରମର ଶ୍ୱାସବଣେ ପାତକୀ ଲାବଣ୍ୟ ଭ୍ରମରେ ।
ବାଳାର, ବଲମ୍ବମାଳା ଫୁଲ ଦେଖି ।
ବାନ୍ଧା ଚରମ ମନୋରମ ପ୍ରଭାରେ ବନ୍ଧା କି ଏମନ୍ତ କେ ଘୋଷି ।୧୫।
ବାଜନ୍ତ ରସନା ବଳା ବରଜନା ନୂପୁର ପ୍ରଚୁର ମାଧୁର୍ଯ୍ୟ ।
ବୋଲନ୍ତ ଭସ ନା ବଳା ନା ସୁମନା ନିପୁର ଶୋଭନ୍ତି ଏ ହେଜ ।

---

୧୪ଶ ପଦ—ସୁରଙ୍ଗେ—ରକ୍ତିମାରେ । କ୍ଷାଳିତ—ଧୌତ । ବିମ୍ବଗଣ୍ଡ—ଦର୍ପଣ ତୁଲ୍ୟ ଗଣ୍ଡମଣ୍ଡଳ । ରସ—ସ୍ନେହ ।

୧୫ଶ ପଦ—ବଲ୍‌ଗୁ—ସୁନ୍ଦର । ଚରମ—ପୃଷ୍ଠଦେଶ ।

---

୧୪ଶ ପଦ—( ପାନ ବୋଳରେ ରକ୍ତବର୍ଣ୍ଣ ଧାରଣ କରିଥିବା ଅଧରକୁ ଦେଖି ) କେହି ରାଜା ଭାବିଲେ, 'ଏହାଙ୍କ ଅଧର ସମାନ ଗାଢ଼ ରକ୍ତବର୍ଣ୍ଣ ପଦାର୍ଥ ଆଉ କିଛି ନାହିଁ । ତେଣୁ ତାମ୍ବୁଳ ଭକ୍ଷଣର ଛଳନାରେ ଏ ନିଜ ଅଧରକୁ ଧୋଇ ପାନର ଗର୍ବକୁ ଖର୍ବ କରି ଦେଇଛନ୍ତି ।' ତାଙ୍କର ଦର୍ପଣ ପରି ଗଣ୍ଡମଣ୍ଡଳରେ ଅଧିଷ୍ଠିତ ହୋଇଥିବା ମକରୀ ଚିହ୍ନକୁ ଅନାଇ କେଉଁ ରାଜା ବିଚାର କଲା, "ଅନୁରାଗ, ପ୍ରମୋଦ, ହାସ୍ୟ ଏ ତିନିହେଁ ଏକତ୍ରିତ ହୋଇ ଏକାକାର ଧାରଣ କଲେ—ଏ ଲକ୍ଷକୁ ମଧ୍ୟ ସେ ଶୋଭା ଫିଙ୍ଗି ଦେଉଅଛି । (ଏ ତିନିହେଁ ଏକାକାର ହୋଇ ମଧ୍ୟ ତା ସହିତ ସମାନ ନୁହନ୍ତି) ।"

୧୫ଶ ପଦ—ମନୋହର ଚିବୁକରେ ମୃଗମଦ ଭ୍ରମରୀକୁ ଚାହିଁ କେଉଁ ରାଜା ଭାବିଲେ, 'ନାସିକାକୁ ତିଳ ଫୁଲ ମନେ କରି ଭ୍ରମବଶତଃ ଗୋଟିଏ ଭ୍ରମର ତା ପାଖକୁ ଯାଉ ଯାଉ ନିଶ୍ୱାସ ପବନର ଆଘାତରେ ଜଳଭଉଁରୀ ରୂପ ଚିବୁକ ମଧ୍ୟରେ ପଡ଼ିଗଲା କି ?' ପୁଣି ପୃଷ୍ଠ ଭାଗରେ ଲମ୍ବମାନ ଫୁଲ ସବୁ ଦେଖି ମନେ ହେଲା, ପୃଷ୍ଠ ଭାଗର ଶୋଭା ଜଗତରେ ଅନୁପମ ବୋଲି ତହିଁରେ ବାନା ବନ୍ଧା ହୋଇଛି କି ?

୧୬ଶ ପଦ—ସୀତାଙ୍କୁ ସଖୀମାନେ ପଦବ୍ରେ ମଣାଇ ନେବା ସମୟରେ ରସନା, ବଳା ଓ ନୂପୁର ବାଜିବା ଛଳରେ କହୁଅଛନ୍ତି, 'ହେ ରାଜାମାନେ ! ସୀତାଙ୍କଠାରେ ରସନା (ରସ ନାହିଁ)—ଏ ଭଙ୍ଗ ହେଲା । 'ବଳାନା ସୁମନ'—

ବାଳାର, ବପୁସଙ୍ଗରଙ୍ଗ ପଣ୍ଡିତ ।
ବ୍ୟକତ ଭଙ୍ଗାଭଙ୍ଗ ଦଣ୍ଡାକ୍ଷର ଯେ ଚ୍ୟୁତଦଣ୍ଡାକ୍ଷରେ ମଣ୍ଡିତ ।୧୬।
ବୁଝି ଏ ଶବଦ ରାଜନେ ସ୍ତବଧ ବୀରାୟୁଧମାନ ପତନ ।
ବଦାବଦ ଯାଇଥିଲେ ଲଜେ କେହ୍ନେ ଏ ଶୋଭା ସୁଅନ୍ତା ଦର୍ଶନ ।
ବାଳୀ ଯେ, ବରଣମାଳା ଧରିଥିଲେ ।
ବ୍ରୀଡାସଂଯୁତେ ଉତକଣ୍ଠୀ ସୁକଣ୍ଠୀ ରାମ ଗଳାରେ ଲମ୍ବାଇଲେ ।୧୭।
ବର୍ଯ୍ୟା ପ୍ରଭାଙ୍ଗୀ କୋଣିଆଇ ଅନାଇ ସେ ଭଙ୍ଗୀ ଈଶଧୈର୍ଯ୍ୟ ଭଙ୍ଗ ହେଲା ।
ବାହୁଦଣ୍ଡେ ହୃଦଣ୍ଡେ ସେ ପଥରେ ମନ୍ଥରେ ମନ ଖାଲଟ ଭଙ୍ଗ ହେଲା ।

---

୧୭ଶ ପଦ – ବୀରାୟୁଧ—ବୀରମାନଙ୍କର ଅସ୍ତ୍ର ଶସ୍ତ୍ର । ବ୍ରୀଡ଼ା—ଲଜ୍ଜା ।

୧୮ଶ ପଦ – ବର୍ଯ୍ୟା—ସ୍ୱୟଂବରା । ଚମ୍ପାଦାମ—ଚମ୍ପାମାଳା । ଈଶ—ମହାଦେବ, ଶମ୍ଭୁ ।

---

ଉତ୍ତମ କରି ମନକୁ ବଳାଅ ନାହିଁ—(ବଳା ଶବ୍ଦରେ ନା ସୂମନ ଦଣ୍ଡ ହେବାରୁ ଅଭଙ୍ଗ ଦଣ୍ଡାକ୍ଷର ହେଲା ) । ନୂପୁର ଶବ୍ଦର ଆଦ୍ୟବର୍ଣ୍ଣ 'ନୂ' ଚ୍ୟୁତ ହୋଇ 'ନି' ଦତ୍ତ ହେଲା ଓ ପ୍ରାନ୍ତରେ 'ଶୋଭା' ଦତ୍ତ ହୋଇ ନିପୁରଶୋଭା ହେଲା, ତେଣୁ ନୂପୁର କହିଲା, 'ଏ ନିପୁରଶୋଭା' (ଏ ଚ୍ୟୁତ ଦଣ୍ଡାକ୍ଷର) । (ଏହିପରି ରସନା, ବଳା ଓ ନୂପୁର ନାଦ ଛଳରେ ଭଙ୍ଗ, ଅଭଙ୍ଗ, ଦଣ୍ଡାକ୍ଷର ଓ ଚ୍ୟୁତ ଦଣ୍ଡାକ୍ଷରରେ ରାଜାମାନଙ୍କୁ କହୁଅଛନ୍ତି, ଏ ନିପୁର ଶୋଭନା ସୀତାଙ୍କଠାରେ ରସ ନାହିଁ କିମ୍ବା ମନ ବଳାଅ ନାହିଁ) । (ନିର୍ଜୀବ ପଦାର୍ଥ ସବୁ କିପରି କଥା କହିଲେ ?) ସୀତାଙ୍କର ଅଙ୍ଗ ସଙ୍ଗରେ ରହି ସେମାନେ ପଣ୍ଡିତ ହୋଇ ଅଛନ୍ତି; ତେଣୁ ଭଙ୍ଗ, ଅଭଙ୍ଗ, ଦଣ୍ଡାକ୍ଷର, ଚ୍ୟୁତ ଦଣ୍ଡାକ୍ଷରରେ ମଣ୍ଡିତ ବାକ୍ୟମାନ କହିଲେ ।

୧୭ଶ ପଦ – ଏ ଶବ୍ଦ ( ଅଳଙ୍କାରମାନଙ୍କର ବାକ୍ୟଚାତୁରୀ ଛଳରେ ଯେ ଶବ୍ଦ ହେଲା) ବୁଝି ପାରି ରାଜାମାନେ ସ୍ତମ୍ଭୀଭୂତ ହୋଇଗଲେ । ତାହାଙ୍କ ହାତରୁ ବୀରର ଭୂଷଣ ଅସ୍ତ୍ର ଶସ୍ତ୍ର ସବୁ ଖସି ପଡ଼ିଲା । ସେମାନେ ପରସ୍ପରକୁ କୁହାକୁହି ହେଲେ, "ଆମ୍ଭେମାନେ ଲଜ୍ଜାପାଇ ଏଠାରୁ ପଳାଇ ଯାଇଥିଲେ, ଏ ସୀତାଙ୍କ ଶୋଭା କିପରି ଦର୍ଶନ ହୋଇଥାନ୍ତା ?" ବରଣମାଳାଧାରିଣୀ ସୁକଣ୍ଠୀ ସୀତା ଲଜ୍ଜାଯୁକ୍ତ ହୋଇ ଯାଇ ଉଦ୍‌ବେଗ ମନରେ ରହିଥିବା ଶ୍ରୀରାମଙ୍କ ଗଳାରେ ମାଳା ଲମ୍ବାଇ ଦେଲେ ।

୧୮ଶ ପଦ – ସ୍ୱୟଂବରା ଶୋଭାଙ୍ଗୀ ସୀତା ( ବରଣମାଳା ଦେବା ସମୟରେ) କୋଣିଆଇ ଅନାଇବାରେ ଯେ ଭଙ୍ଗୀ ପ୍ରକାଶ କଲେ, ତାହାର

ବାହୁର, ବିମଳ ଚମ୍ପାଦାମ ସ୍ୱଚ୍ଛ ।
ହାତ୍ତୁଣ୍ଡାଇ ଧନ ଈଶ ହେଲା ଚିହ୍ନ ହେବାକୁ ବକ୍ଷରେ ସ୍ୱଚ୍ଛ । ୧୮ ।
ବର୍ତ୍ତୀ ହୋଇ ଗଲା ସୁବର୍ଣ୍ଣରଚନ ନେତ୍ରରୋଗ ଗଲା ନିବର୍ତ୍ତି ।
ବିସ୍ମାପନ ରଚି ଜାଲିକ ଯେମନ୍ତ ଦେଖାଇ ହରଇ ତତ୍କ୍ଷଣ ।
ବାଳାର, କ୍ଷିତିଲୋକନ-ଦେହ ପ୍ରକାର ।
ବିସର୍ଜନେ ସଭା ରାଜନେ ଗମିଲେ ସ୍ଥିତ ରାମ ଆରାମପୁର । ୧୯ ।
ବିଭା ମଙ୍ଗଳ କାଲି ପରି କରିବା ବିଶ୍ୱାମିତ୍ରେ କହେ ଜନକ ।
ବିରୋଧିଲେ ଶୁଣି ସେ ବାଣୀ ଲକ୍ଷ୍ମଣ କ ବିଭା ନ ଜାଣି ଜନକ ।

---

୧୯ଶ ପଦ—ବର୍ତ୍ତୀ—ନେତ୍ରାଞ୍ଜନ ବା ନେତ୍ରରୋଗର ଔଷଧ ବିଶେଷ । ବିସ୍ମାପନ—କୁହୁକ । ଆରାମପୁର—ଉପବନସ୍ଥିତ ଗୃହ ।

---

ରାମଚନ୍ଦ୍ରଙ୍କର ଧୈର୍ଯ୍ୟଭଙ୍ଗ ହେଲା । ବରଣମାଳା ଦେଇ ସାରି ସୀତା ମଣ୍ଡପର ଗର୍ଭରେ ଫେରିଗଲାବେଳେ ପଥ ଭୁଲି ଗଲେ; କାରଣ ସେ ରାମଚନ୍ଦ୍ରଙ୍କୁ ନିଜ ମନ ଦେଇ ସାରିଥିଲେ । (ରାମଚନ୍ଦ୍ରଙ୍କର ଦର୍ଶନରେ ବିହ୍ୱଳ ହୋଇ ପଡ଼ିଲେ) । ସୀତା ଫେରି ଯିବାରୁ ରାମଚନ୍ଦ୍ର ଭାବନା କଲେ—ଉକ୍ତ ଚମ୍ପାମାଳା ସଦୃଶ ବାହୁ ବସ୍ତୁକୁ ମୋ ଗଳାରେ ନ ଦେଇ ଫେରାଇ ନେଲା କାହିଁକି ? ଈଶ୍ୱରଙ୍କୁ ସିନା ଚମ୍ପା ମାଳା ଦିଆଯାଏ, ମୁଁ ଯେଉଁ ଦିନ 'ଈଶ' ସ୍ୱାମୀ ହେବି, ସେହିଦିନ ସୀତା ସେ ମାଳାକୁ ମୋ ଗଳାରେ ଦେବ ।

୧୯ଶ ପଦ—ସୁବର୍ଣ୍ଣରଚନ ସୀତା ନେତ୍ରାଞ୍ଜନ ସ୍ୱରୂପ ହେଲେ, ତଦ୍ୱାରା ରାମଚନ୍ଦ୍ରଙ୍କ ନେତ୍ର ରୋଗ ଦୂର ହେଲା (ସୀତାଙ୍କୁ ଦେଖିବା ପାଇଁ ରାମଙ୍କର ଯେ ବ୍ୟାକୁଳତା ଥିଲା, ତାହା ଦୂର ହେଲା) । ଐନ୍ଦ୍ରଜାଲିକ ଯେପରି କୁହୁକ ରଚନା କରି, କିଛି ଜିନିଷ ଦେଖାଇ ହଠାତ୍ ହରଣ କରି ନିଏ, ସେହିପରି ସୀତାଙ୍କର ଦର୍ଶନ ହେଲା (ସୀତା ହଠାତ୍ ସଭା ମଧ୍ୟକୁ ଆସି ଦେଖା ଦେଇ ପୁଣି ଲୁଚିଗଲେ) । ତତ୍ପରେ ସଭା ଭଗ୍ନ ହେବାରୁ ରାଜାମାନେ ବାହୁଡ଼ି ଗଲେ (ସ୍ୱ ସ୍ୱ ଦେଶକୁ ଫେରିଗଲେ) । ରାମଚନ୍ଦ୍ର ଜନକଙ୍କ ଉପବନରେ ଥିବା ଗୃହରେ ରହିଲେ ।

୨୦ଶ ପଦ—ଜନକ ବିଶ୍ୱାମିତ୍ରଙ୍କୁ କହିଲେ, 'ବିବାହୋତ୍ସବ କାଲି କନ୍ୟା ପଞ୍ଚର ଦାନ କରିବା ।' ସେ କଥାରେ ବାଧା ଦେଇ ଲକ୍ଷ୍ମଣ କହିଲେ, 'ପିତା ନ ଜାଣିଲେ ବିଭାଘର କିପରି ହେବ ?' (ଏହାଦ୍ୱାରା ପିତୃଭକ୍ତିର ପରାକାଷ୍ଠା

ବିହିତୁ, ବିହିନ ଶତାନନ୍ଦ ହେଲେ ।
ବଂଶ ପଦେ ଶେଷ ଶେଷଶାୟୀ ଚିନ୍ତି ଉପଇନ୍ଦ୍ର ଭଞ୍ଜ କହିଲେ । ୨୦ ।

—*—

## ଦ୍ୱାଦଶ ଛାନ୍ଦ

ରାଗ—ବରାଡ଼ୀ, ଆଷାଢ଼ଶୁକ୍ଳବାଣୀ

ବିଭା ବର ସାର ବିଳମ୍ବ ଶୁଣି । ବିଭାବରୀ ହେଉଁ ରମଣୀମଣି ।
ବିଭାବରୀଚରୀ ହୋଇଲା ତ୍ରାସେ । ବିଭାବ ରାତିରୁ ନିଦ୍ରା ନ ଆସେ ।
ବିରହେ ଭାଷେ ସେ ।
ବୀର ହେ ! ଭାଷେ ସେ ତାଡ଼କା ହାସେ । ୧ ।
ବାସରେ ନନ୍ଦେ ସଜସରୋଜ ଯେ । ବାସରେ ତା ପାଶେ ଭ୍ରମ ଉପୁଜେ ।
ବାସରେ ଯୁଗ କରଇ ବିହର । ବାସରେ ଯୁଗ ନୋହୁଁ ପଞ୍ଚଶର ।

୧ମ ପଦ — ବିଭାବରୀ — ରାତ୍ରି । ବିଭାବରୀଚରୀ — ରାତ୍ରିଚରୀ ବା ରାକ୍ଷସୀ ।

ଜଣାଗଲା ) । ( ଏହା ଶୁଣି ଜନକ ରାଜା ଶତାନନ୍ଦଙ୍କୁ ଦଶରଥଙ୍କ ପାଖକୁ ପଠାଇଲେ ) । 'ଶତାନନ୍ଦ' ଗୌତମ ମହର୍ଷିଙ୍କ ପୁତ୍ର ଶୀଘ୍ର ଦୂତ ହୋଇ ଗଲେ । ଉପେନ୍ଦ୍ରଭଞ୍ଜ ନାରାୟଣଙ୍କୁ ଚିନ୍ତା କରି ଏ ଛାନ୍ଦ ବଂଶ ପଦରେ ଶେଷ କଲେ ।

—*—

## ଦ୍ୱାଦଶ ଛାନ୍ଦ

୧ମ ପଦ—ରମଣୀଶ୍ରେଷ୍ଠା ସୀତା ବରଣମାଳା ଦେଇ ସାରିଲା ପରେ ବିବାହ ବିଳମ୍ବରେ ହେବ ବୋଲି ଶୁଣିଲେ । ରାତ୍ରି ହେବାରୁ ସେ ମନେ କଲେ, 'ରାତ୍ରି ରୂପୀ ରାକ୍ଷସୀ ମୋତେ ଗ୍ରାସ କରିବା ପାଇଁ ଆସି ଆକର୍ଷଣ କଲା କି ?'' ଏହାପରେ ବିଶେଷ ଭାବନା କରିବାରୁ ନିଦ ହେଲା ନାହିଁ । ସେ ବିରହ ଜଳରେ ଭାସି କହିଲେ, "ହେ ବୀର, ତୁମ୍ଭେ ତାଡ଼କା ହାସରୁ ମୁନିମାନଙ୍କୁ ରକ୍ଷା କରିଛ, ମୋତେ ଏ ରାତ୍ରି-ରାକ୍ଷସୀ ଭୟରୁ ରକ୍ଷାକର । (ମୋର କାମ ବିକାର ବିନାଶ କର) ।''

୨ୟ ପଦ—ଯାହାଙ୍କର ଅଙ୍ଗ ସୌରଭଦ୍ୱାରା ସଦ୍ୟ ବିକଶିତ ପଦ୍ମ ପରାସ୍ତ ହୁଏ, ସେହି ସୀତା ନିଜର ବଦନକୁ ବିକଚ ରକ୍ତ ପଦ୍ମ ମନେ କଲେ ।

ବନାଶିଲେ ପୁନଃ ।
ବିନା ଗତିରେ ତ ଗଲା ଜୀବନ । ୨ ।
ବିରୋଚନ ହେଲା ସୁଧା ଆହାର । ବିରୋଚନକଣା କର୍ପୂର ଚୂର ।
ବିରୋଚନ ଉଦେ ହୋଇବା ଠାରୁଁ । ବିରୋଚନ କର ନ ଛାଡ଼େ କାହିଁ ।
ବସୁଧୀଙ୍କ ସାର ।
ବସୁଧି ! ମେରୁ ହେଲା ଆମ୍ଭ ପୁର । ୩ ।
ବସନ୍ତ ଋତୁ ବଶୁଁ ମତ୍ତଭରେ । ବସନ୍ତ ରସାଳ ତରୁ ଉପରେ ।
ବସନ୍ତଦୂତ କୁତ ଉଚ୍ଚସ୍ୱରେ । ବସନ୍ତବସନା ଅଗସ୍ତ୍ୟ ସ୍ମରେ ।
ବ୍ୟାଧିଘାତକର ।
ବ୍ୟାଧିଘାତ ଗୁଞ୍ଜି ଉଡ଼ୁ ଭ୍ରମର । ୪ ।

---

୨ୟ ପଦ—ବାସରେ—ସୁଗନ୍ଧରେ । ବାସରେ—ବସ୍ତ୍ରରେ । ବାସରେ—ଦିବସକୁ । ବାସରେ—କେଳିଗୃହରେ । ପଞ୍ଚଶର—କନ୍ଦର୍ପ ।

୩ୟ ପଦ—ବିରୋଚନ—ଅରୁଚି । ବିରୋଚନକଣା—ଅଗ୍ନିକଣା । ବିରୋଚନ—ଚନ୍ଦ୍ର । ବିରୋଚନ କର—ସୂର୍ଯ୍ୟକିରଣ ।

୪ର୍ଥ ପଦ—ରସାଳତରୁ—ଆମ୍ବଗଛ । ବସନ୍ତଦୂତ—କୋକିଳ । ବସନ୍ତ-ବସନା—ପୀତବସନା । ବ୍ୟାଧିଘାତ—ସୁନାରୀଗଛ ।

---

ଦିବସକୁ ଯୁଗ ସମାନ ବିଚାର କଲେ । ପୁଣି ଭାବିଲେ, କେଳି ଗୃହରେ (ରାମଚନ୍ଦ୍ରଙ୍କ ସହିତ) ମିଳନ ନ ହେଉଣୁ କନ୍ଦର୍ପ ମୋତେ ବିନାଶ କଲେ, ବିନା ଗତିରେ ମୋର ଜୀବନ ଯିବ ପିନା ! (ସ୍ତ୍ରୀର ଏକମାତ୍ର ଗତି ସ୍ୱାମୀ) ।

୩ୟ ପଦ—ସୀତାଙ୍କୁ ଅମୃତତୁଲ୍ୟ ଭୋଜନ ଅରୁଚି ହେଲା, କର୍ପୂର ବର୍ତ୍ତି ଅଗ୍ନିକଣା ପରି ବୋଧ ହେଲା । ଚନ୍ଦ୍ର ଉଦିତ ହେବାର ଦେଖି ସୀତା ଜଣେ ବିଶ୍ୱସ୍ତା ସଖୀକୁ କହିଲେ, "ହେ ସଖୀ ! ଆମ୍ଭ ଗୃହ ମେରୁପର୍ବତ ହେଲା କି ? ତେଣୁ ସୂର୍ଯ୍ୟ କିରଣ ସର୍ବଦା ରହିଅଛି । (ମେରୁ ପର୍ବତରେ ସୂର୍ଯ୍ୟ କିରଣ ସର୍ବଦା ରହିଥାଏ । ବିରହବଶରୁ ସୀତା ଚନ୍ଦ୍ରର ସୁଶୀତଳ ଜ୍ୟୋତ୍ସ୍ନାକୁ ସୂର୍ଯ୍ୟର ପ୍ରଖର କିରଣ ପ୍ରାୟ ମନେ କଲେ) ।

୪ର୍ଥ ପଦ—କୋକିଳ ବସନ୍ତକାଳ ହେତୁରୁ ମତ୍ତହୋଇ ଆମ୍ବ ଗଛରେ ବସି ଉଚ୍ଚସ୍ୱରରେ ଶବ୍ଦ କରନ୍ତେ, ବସନ୍ତବସନା ସୀତା ଅଗସ୍ତ୍ୟ ଋଷିଙ୍କୁ ସ୍ମରଣ କଲେ । (ବଜ୍ର ଶବ୍ଦ ହେଲାବେଳେ ଅଗସ୍ତ୍ୟ ଋଷିଙ୍କୁ ସ୍ମରଣ କରାଯାଏ - ବିରହ ହେତୁ କୋକିଳ ରବ ସୀତାଙ୍କୁ ବଜ୍ରଶବ୍ଦ ପ୍ରାୟ ପ୍ରତୀତ ହେଲା) । ଭ୍ରମର ଗୁଞ୍ଜନ କରି ସୁନାରୀ ଫୁଲ ପାଖରେ ଉଡ଼ନ୍ତେ, ତଦ୍ଦ୍ୱାରା ତାଙ୍କର ଯନ୍ତ୍ରଣା ବର୍ଦ୍ଧିତ ହେଲା ।

ବାରେ ବାରେ ଶିବ ଶିବ ସେ ଘୋଷେ । ବାରେ ବାରେ ବ୍ରତମାନ ମନାସେ ।
ବାରେ ବାରେ ନାହିଁ ମୂର୍ଚ୍ଛାରେ ସଖୀ । ବାରେ ବାରେ ଭୟ ସଂଶୟ ରଖି ।
ବନରୁହନାଡ଼ ।
ବନଜାକ୍ଷୀ ଦେଖି ଚିନ୍ତୁ ଗରୁଡ଼ । ୫ ।

ବିଶ୍ୱସ୍ତ ସଖୀଜନଙ୍କୁ କଥିତ । ବିଶ୍ୱସ ଜନେ ବୋଲନ୍ତି ମରୁତ ।
ବହଇ ପୁଣ ବ୍ୟାଧି ନାମ ସେହି । ବହଇ ମନ୍ଦଗୁଣେ ହୋଇ ସ୍ନେହୀ ।
ବିଧିରେ ଅସୁର ।
ବିଧିରେ ସୁର କଲେ ପୁରନ୍ଦର । ୬ ।

---

୫ମ ପଦ—ବାରେ ବାରେ—ପୁନଃ ପୁନଃ । ବାରେ ବାରେ—ରବି ସୋମାଦି ବାରମାନଙ୍କରେ । ବାରେ ବାରେ—ନିବାରଣ ବା ନିଷେଧ କରିବାରେ । ବନରୁହନାଡ଼—ପଦ୍ମନାଡ଼ । ବନଜାକ୍ଷୀ—ପଦ୍ମାକ୍ଷୀ ।

୬ଷ୍ଠ ପଦ—ମରୁତ—ପବନ, ନଷ୍ଟ ହେଉ । ବିଧିରେ—ମୂର୍ଖତା ହେତୁ । ସୁର—ଦେବତା । ପୁରନ୍ଦର—ଇନ୍ଦ୍ର ।

---

୫ମ ପଦ—ଏହି ବିରହ ତାପରୁ ରକ୍ଷାପାଇବା ପାଇଁ ସୀତା ଥରକୁ ଥର ଶିବ ନାମ ଉଚ୍ଚାରଣ କଲେ । ପୁଣି ରବି, ସୋମ ଇତ୍ୟାଦି ବାରମାନଙ୍କରେ [ଦିନାଧିପତିଙ୍କ ସନ୍ତୁଷ୍ଟି ପାଇଁ] ବ୍ରତ ମନାସ କଲେ । ବାରମ୍ବାର ମୂର୍ଚ୍ଛା ହେବାରୁ ସଖୀମାନେ ଭୟ ଓ ସଂଶୟ ଚିତ୍ତରେ ଅସ୍ଥିର ହୋଇ ପଙ୍ଖା କଲେ ଓ ପାଣି ଛିଟି ଚେତା କରାଇଲେ । ପୁଣି କହିଲେ, "ହେ ସଖୀ ! ତୁମ୍ଭେ ପଦ୍ମନାଡ଼କୁ ଦେଖି ସର୍ପ ମନେ କରି ଗରୁଡ଼କୁ ଚିନ୍ତା କରୁଅଛ ।" [ସାମାନ୍ୟ କଥାକୁ ଅତି ବଡ଼ ବୋଲି ମନେ କରୁଅଛ ।]

୬ଷ୍ଠ ପଦ—(ବିରହ ଯନ୍ତ୍ରଣା ଯୋଗୁ ମୃଦୁ ମନ୍ଦପବନ ମଧ୍ୟ ପୀଡ଼ାଦାୟକବୋଧ ହେବାରୁ) ସୀତା ତାଙ୍କର ବିଶ୍ୱାସୀ ସଖୀମାନଙ୍କୁ କହିଲେ, "ସଂସାରର ଲୋକମାନେ 'ମରୁତ' ପବନ ବୋଲି ଯାହା କହନ୍ତି ତାହା 'ମରୁତ'—ନଷ୍ଟ ହେଉ । ପୁଣି ସେ ବାତ ଅର୍ଥାତ୍ ଗୋଟାଏ ବ୍ୟାଧି ନାମକୁ ଧାରଣ କରେ, [ତେଣୁ ସେ ପୀଡ଼ାଦାୟକ ଅଟେ] ଓ ମନ୍ଦ ଗୁଣକୁ ସ୍ନେହରେ ରଖିଅଛି, ମନ୍ଦ ମଧ ଅଟେ । ସ୍ୱଭାବରେ ସେ ଅସୁର ଅଟେ, ଇନ୍ଦ୍ର ତାହାକୁ ମିଛରେ ଦେବତା କଲେ କିନା ! [ଦେବତାମାନେ ଅଦିତି ଗର୍ଭରୁ ଜାତ । ପବନ ଦିତି ଗର୍ଭରୁ ଜନ୍ମ ହୋଇଥିଲେ—ତେଣୁ ଅସୁର, ମାତ୍ର ପବନ ଗର୍ଭରେ ଥିଲାବେଳେ ଇନ୍ଦ୍ର ତାଙ୍କୁ ଅଣଚାଶ ଖଣ୍ଡ କରି ହାଣିଥିଲେ, ପରେ ଦିତିଙ୍କ କୋପକୁ ଡରି ତାଙ୍କୁ ଅମୃତ ଖୁଆଇ ଦେବତା କଲେ ।]

ଦ୍ୱିଜରାଜ କରଇ ଗୋଟାଏ ଆଦର । ଦ୍ୱିଜ (ସ)ଦ ମାର୍ଗରେ ଗମନ କରି ।
ବିଦ୍ୟାଗୁରୁ ପତ୍ନୀ ହରିଲେ ଆଗ । ବିଦ୍ୟାଂଶୁ କଳଙ୍କ ଧରଇ ଅଙ୍ଗ ।
ବିଷର ସୋଦର ।
ବିସୋର ନୁହେ ବାରୁଣୀ ଆଦର । ୭ ।
ବିଗ୍ରହପାକହିଁ ଯାଇଛି ପୋଡ଼ା । ବିଗ୍ରହ ମୋର ସେ ପ୍ରେତର ଲୋଡ଼ା ।
ବାମଲୋଚନା ବୋଲି ଛାଡ଼ ନାହିଁ । ବାମମାର୍ଗରେ ଯୋଗଭଙ୍ଗ ଧାଇ ।
ବିହଗ ଯୋଡ଼ାଏ ।
ବିହଙ୍କ ପୁଣି ଏହାକୁ ପୀଡ଼ାଏ । ୮ ।

---

୭ମ ପଦ—ଦ୍ୱିଜରାଜ—ଚନ୍ଦ୍ର । ଦ୍ୱିଜମାଗ—ଆକାଶମାର୍ଗ । ଦ୍ୱିଜମାର୍ଗ—ଅସନ୍ମାର୍ଗ । ବାରୁଣୀ—ପଶ୍ଚିମଦିଗ, ମଦ୍ୟବିଶେଷ ।

୮ମ ପଦ—ବିଗ୍ରହପାକ—ଶରୀରପାକ । ବିଗ୍ରହ—କଳହ । ପ୍ରେତ—କନ୍ଦର୍ପ । ବାମଲୋଚନ—ସ୍ତ୍ରୀ । ବାମମାର୍ଗରେ—ଅସନ୍ମାର୍ଗରେ । ବିହଗ—ପକ୍ଷୀ ।

---

୭ମ ପଦ—(ଚନ୍ଦ୍ର କିରଣ କଷ୍ଟଦେବାରୁ ଚନ୍ଦ୍ରକୁ ଗାଳିଦେଇ) ପୁଣି କହିଲେ,—ଆକାଶ ମାର୍ଗରେ ଗମନ କରୁ ନାହିଁ ଯେ ସେ ଅସତ୍ ମାର୍ଗରେ ଗମନ କରୁଅଛି । ସେ ବିଦ୍ୟାଗୁରୁ ବୃହସ୍ପତିଙ୍କ ପତ୍ନୀ ତାରାଙ୍କୁ ହରଣ କରିଥିଲେ, (ଏପରି ପାପୀ) ତେଣୁ ନିଜ ଅଙ୍ଗରେ କଳଙ୍କ ଧାରଣ କରିଅଛନ୍ତି । ପୁଣି ବିଷର ଭାଇ ଅଟନ୍ତି (ବିଷ ଓ ଚନ୍ଦ୍ର ଉଭୟେ ସମୁଦ୍ରରୁ ଜାତ)—(ବିଷ ଗୁଣକୁ କିପରି ବା ଛାଡ଼ିବେ ?) ପଶ୍ଚିମ ଦିଗରୂପ ମଦିରାକୁ ଆଦର କରିବାରେ ସେ ସର୍ବଦା ତତ୍ପର (ସେ ମଦୁଆ ଅଟନ୍ତି) ।

୮ମ ପଦ—ସର୍ବାଙ୍ଗ ଦଗ୍ଧ ହୋଇଥିବା କନ୍ଦର୍ପରୂପୀ ପ୍ରେତ ମୋ ସହିତ ଶତ୍ରୁତାଚରଣ କରୁଅଛି । (ମହାଦେବଙ୍କ ଯୋଗଭଙ୍ଗ କରିବାକୁ ଯାଇ କନ୍ଦର୍ପ ଦଗ୍ଧ ହୋଇଥିଲେ) । ସ୍ତ୍ରୀ ବୋଲି ମୋତେ ଜାଣି ସୁଦ୍ଧା (ସ୍ତ୍ରୀ ଅବାଧ୍ୟ) ସେ ମୋତେ ଛାଡ଼ୁ ନାହିଁ । ମନ୍ଦ ମାର୍ଗରେ ଲେ ମୋତେ ସଙ୍ଗୀଛଡ଼ା କରୁଅଛି । ପୁଣି ଯୋଡ଼ାଏ ପକ୍ଷୀ—ଭ୍ରମର ଓ କୋକିଳ ମୋତେ ଏକାକିନୀ ଦେଖି ପୀଡ଼ା ଦେଉଅଛନ୍ତି ।

ବକୁଳ ଆସବ ପାନେ କେ ରଟନ୍ତି । ବ୍ୟାକୁଳଦାତା ଜନିତ କରନ୍ତେ ।
ବମୁଖ କରେ ମଧୁରେ ଧିଆନ । ବ୍ୟସନକେ ପାନ ସେ ନ କରେ ଆନ ।
ବଧ ମୋ ଇଚ୍ଛନ୍ତି ।
ବୃଜିନୀ ପାଞ୍ଚ ପାଞ୍ଚ କରିଛନ୍ତି । ୯ ।
ବୋଧଇ ଆଳୀ ସେ ଏହି ନିମିତ୍ତ । ବିପାକକର୍ମ ପାକ ହେଲା ମିତ ।
ବଳି କର୍ମେ ଅଛି ଇନ୍ଦ୍ର ପଦବୀ । ବାସବ ବଜ୍ର ପ୍ରହାରେ ନ ହୁଡ଼ି ।
ବାମନ ରକ୍ଷଣ ।
ବିମନ ନୋହି ବଗ୍ଭର ତକ୍ଷଣ । ୧୦ ।

---

୯ମ ପଦ—ବକୁଳ ଆସବ—ବକୁଳ ମକରନ୍ଦ ଅର୍ଥାତ୍ ମଦ୍ୟ । କରଟ—କାକ । ମଧୁ—ପୁଷ୍ପରସ ରୂପ ମଦ୍ୟ । ବୃଜିନୀ—ପାପୀ ।

୧୦ମ ପଦ—ବିପାକକର୍ମ—ଦୁର୍ଦ୍ଦଶା । ପାକ—ଶେଷ ।

---

୯ମ ପଦ—କାକ ପାଳିତ କୋକିଳ ଆମ୍ବ ବଉଳର ମଧୁ ପାନ ପୂର୍ବକ ଧ୍ୱନି କରି ମୋତେ ବ୍ୟାକୁଳ କରୁଅଛି । [କାକଦ୍ୱାରା ପାଳିତ ହେବାରୁ ତାର ମନ୍ଦଗୁଣ ବଢ଼ିଅଛି, ପୁଣି ମଦ୍ୟପାନ କରି ଉନ୍ମତ୍ତ ହୋଇଅଛି] । ଭ୍ରମର ପୁଷ୍ପରସ ରୂପକ ମଦ୍ୟ ଅଶ୍ରିତ ଅନ୍ୟ ରସକୁ ପାନ କରେ ନାହିଁ । ତେଣୁ ସେ ସର୍ବଦା ମଦୁଆ ଅଟେ । ସେହି ମଦୁଆ ଭ୍ରମର ମଧ ମୋତେ କଷ୍ଟ ଦେଉଅଛି । ପବନ, ଚନ୍ଦ୍ର, କାମ, କୋକିଳ ଓ ଭ୍ରମର ଏହି ପାଞ୍ଚପାପୀ ମୋତେ ହତ୍ୟା କରିବା ପାଇଁ ପାଞ୍ଚ କରିଅଛନ୍ତି ।

୧୦ମ ପଦ—ସୀତାଙ୍କ ବ୍ୟାକୁଳତା ଦେଖି ବୋଧ ଦେଇ କହିଲା, 'ହେ ସଖି ! ତୁମ୍ଭ ଦୁର୍ଦ୍ଦଶା ଶେଷ ହେଲାଣି । ବଳିରାଜା ଭାଗ୍ୟରେ ଇନ୍ଦ୍ରପଦବୀ ପ୍ରାପ୍ତି ଯୋଗ ଥିବାରୁ ସେ ଇନ୍ଦ୍ରଙ୍କ ବଜ୍ରକୁ ଭୟ କରୁ ନ ଥିଲେ । [ତୁମ୍ଭେ ପବନାଦିମାନଙ୍କୁ ଡରୁଛ କାହିଁକି ? ଅର୍ଥାତ୍ ଡର ନାହିଁ] । ବଳି ବାମନଙ୍କ ଦ୍ୱାରା ରକ୍ଷିତ ହୋଇଥିଲେ, [ତୁମ୍ଭେ ସେହିପରି ରକ୍ଷା ପାଇବ ନାହିଁ କି ?] ବିରସମନା ନ ହୋଇ ଏହା ମୁହୂର୍ତ୍ତେ ମାତ୍ର ସ୍ଥିର କର । [ବଳି ରାଜା ବଜ୍ର ପ୍ରହାରକୁ ନ ଡରି ରହିଥିବାରୁ ବାମନ ତାଙ୍କୁ ରକ୍ଷା କରିଥିଲେ । ତୁମ୍ଭେ ପବନାଦିମାନଙ୍କୁ ନ ଡରି ଧୈର୍ଯ୍ୟ ଧରି ରହିଲେ ରାମଚନ୍ଦ୍ର ଶରୀର ଭୋଗ ରୂପ ଇନ୍ଦ୍ର ସମ୍ପତ୍ତି ଦାନ କରିବେ । ତୁମ୍ଭେ ଅଧୈର୍ଯ୍ୟ ହୁଅ ନାହିଁ] ।

ବୋଧ ହେଲା ଶଙ୍କା ସାତ୍ତ୍ୱିକେ ତାର । ବିଲୋକ ହେଲା କେତେ ହାସ ତାର ।
ବିଗତ ପ୍ରଭା କି ପ୍ରଭାତ ତାର । ବେତନ ପାଣି କେତେ ଯଥା ତାର ।
ବେଦନାରୁ ତାର ।
ବୋଲି ବିହେ ସ୍ତୁତି ସେ ବିଧାତାର । ୧୧ ।
ବଇବର୍ଣ୍ଣ୍ୟ ଦଶା ଅବକାଶର । ବର୍ଣ୍ଣ ଦିଶିଗଲା କେଡ଼େ ଧୂସର ।
ବଇଦେଲା କିଛି କରି କେଶର । ବିନସୁ ପାଦେ ଦେଖି ସାରସର ।
ବନ ନିବାସର ।
ବଞ୍ଛେ ବାହୁଡ଼ାଇ ନେବା ତ୍ରାସର । ୧୨ ।
ବକ୍ଷୋଜରେ ନବ ପାଣ୍ଡୁ ବିଳାସ । ବିଫଳ କି ଶିବ ସେବା ତୁଳାଶ ।
ବଢ଼ାଇ ଆଣିଲା ଗିରି କୈଳାସ । ବେଲ୍ଲୁଁବେଳ ଜାତ କରି ଉଲ୍ଲାସ ।

---

୧୨ଶ ପଦ—ବଇଦେଲା—ବ୍ୟସ୍ତ କଲା । ସାରସ—ପଦ୍ମ । ନିବାସର—ଗୃହର ।

୧୩ଶ ପଦ – ବକ୍ଷୋଜ—ସ୍ତନ । ତୁଳାଶ—ତୁଳନା କରିବା, ଇଚ୍ଛା । ବୁକଲସ—ଏଣ୍ଡୁଅ ।

---

୧୧ଶ ପଦ—ସଖୀମାନେ ଏପରି ସାନ୍ତ୍ୱନା ଦେବାରୁ ସୀତାଙ୍କର ଶଙ୍କା ବୋଧ ହେଲା । ସାତ୍ତ୍ୱିକ ବିକାର ପ୍ରକାଶ ପୂର୍ବକ ସେ ହାସ୍ୟ କଲେ । ପ୍ରଭାତ କାଳରେ ତାରାଗଣ ହୀନପ୍ରଭା ହୋଇ ପ୍ରାୟ ତାହା ଜଣାଗଲା । ଭୃତ୍ୟ ମୁନିବ ନିକଟରେ ଯେପରି ବିନସ୍ତି ପ୍ରକାଶ କରେ, ସେହିପରି ସୀତା ବିଧାତାଙ୍କୁ ଉଚ୍ଚସ୍ୱରରେ ସ୍ତୁତି କରି କହିଲେ, "ମୋତେ ଏ ବେଦନାରୁ ରକ୍ଷାକର ।"

୧୨ଶ ପଦ – ବିରହାବସ୍ଥାର ଶେଷରେ ତାଙ୍କ ଦେହ ଧୂସର ବର୍ଣ୍ଣ ଦେଖାଗଲା । ତାହା ଦେଖି ବୋଧହେଲା,—ପଦ୍ମ ତାଙ୍କ ପାଦ ତଳରେ ବିନସ୍ତି ହେବାରୁ ସେ ଆପଣା ଦେହ କାନ୍ତିରୁ କିଛି ନେଇ ପଦ୍ମକୁ ଦେଲେ କି ? କାଳେ ସୀତା ଦେଇଥିବା କାନ୍ତିକୁ ପୁଣି ଛଡ଼ାଇ ନେବେ—ଏଇ ଭୟରେ ପଦ୍ମ ଯାଇ ଜଳ ମଧ୍ୟରେ ବାସ କରୁଅଛି କି ?

୧୩ଶ ପଦ—ସ୍ତନଦ୍ୱୟ ନୂତନ ପାଣ୍ଡୁରବର୍ଣ୍ଣ ଧାରଣ କରିବାରୁ କୈଳାସ ପର୍ବତ ଦେଖି ଖୁସି ହୋଇ ମନରେ ଗର୍ବ କଲା, 'ମୁଁ (ସ୍ତନ ଯୁଗଳ ସହିତ ସମାନ ହେବ ବୋଲି) ମହାଦେବଙ୍କୁ ଯେଉଁ ସେବା କରିଥିଲି, ତାହା ବିଫଳ ହୁଅନ୍ତା କି ? (ଅର୍ଥାତ୍ ମୁଁ ମହାଦେବଙ୍କ ସେବା କରିବାରୁ ଏହାଙ୍କ

ବସେନ୍ତି ଅଭିଳାଷ ।
ବସ୍ତୁଲେ ରଙ୍ଗ ଲସ କୁଚକଳସ । ୧୩ ।

| | |
|---|---|
| ବଶୀଭୂତ ରାମ ପ୍ରୀତି ଆଦରେ | ବସି ଭୂତପତି-ରିପୁର ଦରେ |
| ବାରବାଣ ହେବ ସୁନ୍ଦରୀ ଖର | ବାରବାଣକୁ ପଞ୍ଚ ବିଶିଖର |

ବି-ଶାଖା ସ୍ୱଭାବେ ।
ବିଶାଖା-ପତି ମୁଖ ଛବି ଭାବେ । ୨୪ ।

| | |
|---|---|
| ବାହୁଲତା ରେ ସମ ନୋହି ଘାନ | ବାହୁଲତାରେ ତାକୁ କେଉଁଦିନ |
| ବାନ୍ଧି ବରିବବି ନ କରି ମଠ | ବାନ୍ଧବେ ! ବୋଲି ଧରିବ ନମଠ |

ବନ୍ଧୁ ମୋ ବିଶୁଦ୍ଧା ।
ବନ୍ଧୁକ ଅଧରୁ ପିଇବ ସୁଧା । ୧୫ ।

---

୧୪ଶ ପଦ—ଭୂତପତି ରିପୁ—କନ୍ଦର୍ପ । ବାରବାଣ—ସାଞ୍ଜୁ । ବାରବାଣକୁ – ବାଣସମୂହକୁ । ପଞ୍ଚ ବିଶିଖ—କନ୍ଦର୍ପ । ବି-ଶାଖା—ପ୍ରିୟ୍ଥାଙ୍ଗୀନ । ବିଶାଖା-ପତି—ଚନ୍ଦ୍ର ।

୧୫ଶ ପଦ—ନମଠ—ଓଷ୍ଠ । ବନ୍ଧୁକ—ବନ୍ଧୁଲି ଫୁଲ ।

---

ସ୍ତନ ଯୁଗଳ ସହିତ ସମାନ ହେଲା) । କିନ୍ତୁ ଏଣ୍ଡୁଅ ପାଚିଲା ବିମ୍ବ ଫଳର ବର୍ଣ୍ଣକୁ ଧାରଣ କରିବାକୁ ଇଚ୍ଛା କଲା ପରି ଏହା ହେଲା । (ଏଣ୍ଡୁଅ ଯେତେ କଲେ ମଧ ବିମ୍ବ ଫଳର ବର୍ଣ୍ଣ ପାଇ ପାରିବ ନାହିଁ—ସେହିପରି କୈଳାସ ପର୍ବତ କେବେ ହେଲେ ସ୍ତନ ଯୁଗଳ ସହିତ ସମାନ ହେବ ନାହିଁ ) ।

୧୪ଶ ପଦ—ରାମଚନ୍ଦ୍ର ସୀତାଙ୍କ ପ୍ରେମରେ ବଶୀଭୂତ ହୋଇ ମହାଦେବଙ୍କ ଶତ୍ରୁ କନ୍ଦର୍ପର ଭୟରେ ଏକାନ୍ତରେ ବସି ଚନ୍ଦ୍ରମୁଖୀ ସୀତାଙ୍କୁ ଭାବନା କରି ବିଚାର କରୁଅଛନ୍ତି, "କନ୍ଦର୍ପପ୍ରେରିତ ବାଣମାନଙ୍କୁ ବାରଣ କରିବା ବିଷୟରେ ସୀତା ସାଞ୍ଜୁ ପ୍ରାୟ ଅଟେ ।" [ସୀତାରୂପୀ ସାଞ୍ଜୁ ମୁଁ ଧାରଣ କଲେ—ସୀତାଙ୍କୁ କୋଳ କଲେ, କନ୍ଦର୍ପର ପୀଡ଼ା ମୋତେ ବାଧିବ ନାହିଁ] ।

୧୫ଶ ପଦ—"କେଉଁଦିନ ମୁଁ ବିଳମ୍ବ ନ କରି ଘାନ ଦୁଃଖୀଙ୍କ ଉପାସୁ ନ ହୋଇ [ଅର୍ଥାତ୍ କୁଣ୍ଠିତ ନ ହୋଇ—ଅବହେଳାରେ] ବାହୁ ଲତାରେ ତାକୁ ବନ୍ଧନ କରିବି ? କେଉଁଦିନ, 'ହେ ବାନ୍ଧବୀ !' ଏହା କହି ତାହାର ଚିବୁକ ଧରିବି ? କେଉଁଦିନ ମୋର ନର୍ମଳ ହୃଦୟା ବାନ୍ଧବୀ ସୀତା ଅଧରରୁ ଅମୃତ ପାନ କରିବି ?"

ବଳାହକକେଶୀ ନେତ୍ର ଶବଳା । ବଳାହକସ୍ତନୀ ସ୍ନେହପ୍ରବଳା ।
ବଳାଇଁ ରତରେ ମନ ଅବଳା । ବଳାର ସୁଖକୁ ହେବ କବଳା ।
ବଳାଇବ ବଳା ।
ବଳ ଜ୍ୱାରେ ମ'ର ହେବ ଦୁର୍ବଳା । ୧୬ ।
ବିଶଲ୍ୟ ରାମା ପ୍ରାପତେ ହବିଷ । ବିଷଯ୍ୟ ଅନ୍ତର ଅଶନ ବିଷ ।
ବିଶ-ପ୍ରଭୁ ପ୍ରେମ-ବାଣିଜ୍ୟେ ବିଷ । ବିଶଦଭାନୁ ଭାନୁ ଏ କଲ୍‌ବିଷ ।
ବିଷଧର ବିଷ ।
ବିଷମତାପ ବିଶ ଏ ଭବିଷ୍ୟ । ୧୭ ।
ବସି ପାରାବତ ହୁଁକୃତ ସ୍ୱନେ । ବଶିଷ୍ଠ ଆଦି ଆସେ ସୁଖାସନେ ।
ବଥିରେ ଶ୍ୟାମଳ କମଳବାସୀ । ସାଥିରେ ଦେଖିବା ଅଯୋଧ୍ୟାବାସୀ ।

---

୧୬ଶ ପଦ—ବଳାହକକେଶୀ – ଘନକେଶୀ । ଶବଳା—ବହୁଧବର୍ଣ୍ଣ-ବିଚିତ୍ରିତା । ବଳାହକସ୍ତନୀ – ପର୍ବତସ୍ତନା । ସ୍ନେହପ୍ରବଳା—ସ୍ନେହମୟୀ । ବଳାର—ଇନ୍ଦ୍ର ।

୧୭ଶ ପଦ—ବିଶ—ଗରୁଡ଼ । ବିଶଦ ଭାନୁ—ଚନ୍ଦ୍ର । କଲ୍‌ବିଷ—ପାପ ।

୧୮ଶ ପଦ—ସୁଖାସନେ—ଯାନରେ । ବଥିରେ—ଅସ୍ଥିର ହୋଇ । ସାଥିରେ—ଏକତ୍ରରେ ।

---

୧୬ଶ ପଦ—"ଘନକେଶୀ, ଶ୍ୱେତ ଓ କୃଷ୍ଣବର୍ଣ୍ଣ ମିଶ୍ରିତ ନୟନା, ପର୍ବତସ୍ତନା, ସ୍ନେହପ୍ରବଣା ସୀତା ଯେତେବେଳେ ରତରେ ମନ ବଳାଇବ, ସେତେବେଳେ ଇନ୍ଦ୍ର ସମ୍ପଦ ମୋର ହସ୍ତଗତ ହେବ । (ସେ କାମାସକ୍ତ ହୋଇ ମୋ ପାଶକୁ ଆସିଲେ, ମୁଁ ତା ସହିତ ବିହାର କରି ଇନ୍ଦ୍ର ସମ୍ପତ୍ତିକୁ ତୁଚ୍ଛ ମନେ କରିବି) । ତାହାର ବଳାଧନ କନ୍ଦର୍ପକୁ ବଳ ଜ୍ୱରରେ ଦୁର୍ବଳ କରି ପକାଇବ । (କନ୍ଦର୍ପ ପରାକ୍ରାନ୍ତ ହୋଇ ପଳାୟନ କରିବ ।"

୧୭ଶ ପଦ—କାମପୀଡ଼ାର ବିଶଲ୍ୟକରଣୀ ଔଷଧପ୍ରାୟ ସୀତାଙ୍କୁ ପାଇବାପାଇଁ ରାମଚନ୍ଦ୍ର ବ୍ରତ ଆଚରଣ ପୂର୍ବକ ହବିଷ ପାଳନ କଲେ । ତାଙ୍କ ମନରୁ ଅନ୍ୟ ସବୁ ଚିନ୍ତା ଅନ୍ତର ହେଲା । ଭୋଜନ ବିଷପ୍ରାୟ ବୋଧ ହେଲା । ଗରୁଡ଼ର ପ୍ରଭୁ ରାମଚନ୍ଦ୍ର ବୈଶ୍ୟ ପରି ପ୍ରେମ ବାଣିଜ୍ୟରେ ମଗ୍ନ ହୋଇ ରହିଲେ । ଚନ୍ଦ୍ରର କିରଣ ତାଙ୍କୁ ସନ୍ତାପ ଦେଲା, ପଦ୍ମର ମୃଣାଳ ବିଷଧର ସର୍ପ ପ୍ରାୟ ପ୍ରତୀତ ହେଲା । ସୀତାଙ୍କ ବିରହରେ ଏପରି ବିପରୀତ କଥାସବୁ ଘଟିଲା ।

୧୮ଶ ପଦ—ଶ୍ୟାମଳବର୍ଣ୍ଣ ପଦ୍ମଗନ୍ଧ ବିଶିଷ୍ଟ ଶରୀର ରାମଚନ୍ଦ୍ର କପୋତ ହୁଁକାର ଧ୍ୱନି କରନ୍ତେ, ବଶିଷ୍ଠାଦି ଅଯୋଧ୍ୟା ପ୍ରଧାନ

ବିତର୍କି ଚିତ୍ତରେ
ବିଚରଣକୃତ ନେତ୍ର କାଡରେ । ୧୮ ।
ବିଭ୍ରାଜ ପଲାଶସ୍ଥାନ ପଳାଶ । ବିଭ୍ରାନ୍ତ ହୁଏ ପଦଗ ବିଳାସ ।
ବଳାକାପନ୍ତ ଯାଉଁ ଉଡ଼ିକସାର । ବଳାନ୍ତ ଚିତ୍ତ ପତାକା ପ୍ରସାର ।
ବଳସେ ସୁମନ ।
ବିଳମ୍ବ ତେଜି କଲେ ତ ଗମନ । ୧୯ ।
ବିରଚିଲେ ଆଦ୍ୟ ଯମକେ ବିଦ୍ୟକ । ବିଭୂଷିତ ଧ୍ୱନି ପ୍ରାନ୍ତ ଯମକ ।
ବିଶ୍ରାମ ଯମକ ଆଦ୍ୟ ପ୍ରାନ୍ତରେ । ବିଶୁଦ୍ଧ ରୂପକ ବଂଶ ପଦରେ ।
ବୀରବର କବି ।
ବାଳଶେ ବିସ୍ମୟ ବୁଧଙ୍କୁ ମୋହି । ୨୦ ।

—*—

ଲୋକମାନେ ଶିବିକାରେ ବସି ଆଇଲେ କି ?' (ଶୀଘ୍ର କପରି ବିଶ୍ୱାସର ହେବ, ସେଥିପାଇଁ ଚିତ୍ତ ଉଦ୍‌ବିଗ୍ନ ଥିବାରୁ ଏପରି ଭ୍ରମ ଜାତ ହେଲା) ଏହା ବିଶ୍ୱାସ ସେମାନଙ୍କୁ ଚଞ୍ଚଳ ଯାଇ ପଥ ମଧ୍ୟରେ ଭେଟିବା ପାଇଁ ଗୁହଆଡ଼େ ନେତ୍ରପାତ କଲେ ।

୧୯ଶ ପଦ—ପତ୍ରବିହୀନ ପଳାଶ ଗଛରେ ଦୃଷ୍ଟି ପଡ଼ନ୍ତେ, ( ବସନ୍ତ ସମୟରେ ପଳାଶ ଗଛରେ ପତ୍ର ନ ଥାଏ, ମାତ୍ର ଲୋହିତବର୍ଣ୍ଣ ଫୁଲରେ ବୃକ୍ଷ ପୂର୍ଣ୍ଣ ହୋଇଥାଏ – ସେହି ଲୋହିତବର୍ଣ୍ଣରେ ରଞ୍ଜିତ ବୃକ୍ଷକୁ ଦେଖି )—ପଦାତିକମାନେ ବିହାର କରି ଆସୁଛନ୍ତି କି ?—ଏହି ଭ୍ରମ ଜାତ ହେଲା । ବଗ ଦଳ ବାଉଁଶ ଗଛରୁ ଉଡ଼ିଯିବାର ଦେଖି ମନେ କଲେ, ( ପଦାତିକମାନେ ଆସୁଥିବାରୁ ) "ପତାକା ଉଡ଼ୁଅଛି ।" ତାଙ୍କର ମନରେ 'ଅଯୋଧ୍ୟା ଲୋକେ ଆସୁଅଛନ୍ତି'— ଏ ଦୃଢ଼ ଧାରଣା ହେବାରୁ ସେ ଶୀଘ୍ର ପଥ ମଧ୍ୟକୁ ଗମନ କଲେ ।

୨୦ଶ ପଦ—ନିର୍ମଳ ଆଦ୍ୟଯମକ ଶୋଭିତ, ଧ୍ୱନି ଓ ପ୍ରାନ୍ତ ଯମକ ବିଭୂଷିତ, ଆଦ୍ୟ ପ୍ରାନ୍ତ ଯମକର ବିଶ୍ରାମକାଶ୍ୱ ପୁଣି ରୂପକାଳଙ୍କାରରେ ମଣ୍ଡିତ ଏହି ଛାନ୍ଦକୁ ଉପେନ୍ଦ୍ର ରଚନା କଲେ । ଏହି ଛାନ୍ଦଶ୍ରବଣରେ ମୂର୍ଖ ଲୋକେ ବିସ୍ମିତ ଓ ପଣ୍ଡିତମାନେ ମୋହିତ ହେବେ ।

—*—

## ତ୍ରୟୋଦଶ ଛାନ୍ଦ

ରାଗ—ଭୂପାଳ

ବସିଛନ୍ତି ଦଶରଥ ସଭା ମଧ୍ୟେ ।
ବେତ୍ର-ହସ୍ତ ଦ୍ୱାଃସ୍ଥ କହେ ଅତିଶ୍ରଦ୍ଧେ । ୧ ।
ବାରଣାର ଦ୍ୱାରେ ହୋଇଛନ୍ତି ସ୍ଥିତ ।
ବହି ଶ୍ରୀରାମବାର୍ତ୍ତା ମିଥିଳା ଦୂତ । ୨ ।
ବେଗେ ରାଜା ଆଣ ବୋଲୁ ନେଲା ମୁନି ।
ବଶିଷ୍ଠରେ ନମି ନୃପମାନ୍ୟ ଘେନି । ୩ ।
ବାର୍ତ୍ତା କହେ ସରୁପକେ ଶତାନନ୍ଦ ।
ବିଶ୍ୱାମିତ୍ରଗୁରୁ ସଙ୍ଗେ ରାମଚନ୍ଦ୍ର । ୪ ।
ବନ-ବ୍ୟୋମେ ଉଦେ କର ପ୍ରଭାକର ।
ବିଧ୍ୱଂସିଲେ ତାଡ଼କା ଘୋରାନ୍ଧକାର । ୫ ।
ବିଚେଷ୍ଟିତ ମାରୀଚ ବାୟସ କରି ।
ବିଟପତି ସୁବାହୁକୁ ସେ ନିବାରି । ୬ ।

---

## ତ୍ରୟୋଦଶ ଛାନ୍ଦ

୧ମ—୩ୟ ପଦ—ଦଶରଥ ସଭା ମଧ୍ୟରେ ବସିଅଛନ୍ତି । ସେହି ସମୟରେ ବେତ୍ରଧାରୀ ଦ୍ୱାରପାଳ ଅତି ଶ୍ରଦ୍ଧାରେ କହିଲା, "ମିଥିଳାପୁରର ଦୂତ ଶ୍ରୀରାମଙ୍କ ବାର୍ତ୍ତା ଆଣି ସିଂହଦ୍ୱାରରେ ବସିଅଛନ୍ତି ।" ତାହା ଶୁଣି "ଶୀଘ୍ର ତାଙ୍କୁ ଆଣ" ରାଜା ଏପରି କହନ୍ତେ ଦ୍ୱାରୀ ଶତାନନ୍ଦ ମୁନିଙ୍କୁ ସଭାକୁ ନେଲା । ସେ ମୁନି ବଶିଷ୍ଠଙ୍କୁ ନମସ୍କାର କଲେ ଓ ଦଶରଥ ରାଜାଙ୍କର ମାନ୍ୟ ଗ୍ରହଣ କଲେ ।

୪ର୍ଥ ପଦ—ଶତାନନ୍ଦ ରୂପକ ସହିତ ବାର୍ତ୍ତା କହିଲେ,—ବିଦ୍ୟାଗୁରୁ ବିଶ୍ୱାମିତ୍ର ବୃହସ୍ପତି ହେଲେ, ତାହାଙ୍କ ସଙ୍ଗରେ ରାମଚନ୍ଦ୍ର ରମଣୀୟଚନ୍ଦ୍ର ହେଲେ ।

୫ମ ପଦ—ଅରଣ୍ୟ ଆକାଶରେ 'ରାମଚନ୍ଦ୍ର' ମନୋହର ଚନ୍ଦ୍ର ଉଦିତ ହୋଇ ନିଜ ହସ୍ତ ପ୍ରଭା ରୂପ କିରଣ ପ୍ରଭାରେ ଘୋର ଅନ୍ଧକାରରୂପା ତାଡ଼କାକୁ ବିନାଶ କଲେ । (ଚନ୍ଦ୍ରର କିରଣରେ ଅନ୍ଧକାର ଦୂର ହେଲାପରି ରାମଚନ୍ଦ୍ରଙ୍କ ବାହୁ ବଳରେ ତାଡ଼କା ମଲା) ।

୬ଷ୍ଠ ପଦ—ମାରୀଚରୂପ ବାୟସକୁ ବିଚେଷ୍ଟିତ ଓ ସୁବାହୁରୂପ ବିଟ ପୁରୁଷକୁ ନିବାରିତ କଲେ । (ଚନ୍ଦ୍ର ଉଦିତ ହେଲେ ବାୟସମାନେ ନିଦ୍ରାରେ ବିଚେଷ୍ଟିତ ହୁଅନ୍ତି ଓ ବିଟପୁରୁଷମାନେ ଭୟରେ ଗମନାଗମନ ବନ୍ଦ କରି ଦିଅନ୍ତି । ସେହିପରି ରାମଚନ୍ଦ୍ର ମାରୀଚକୁ ହତଜ୍ଞାନ କଲେ ଓ ସୁବାହୁ ରାକ୍ଷସକୁ ବିନାଶ କଲେ) ।

ବିକଶିତ ଯେ ସଙ୍ଗ କୁମୁଦ କଲେ ।
ତଧୂଶିଳା ଅହଲ୍ୟାକୁ ଦ୍ରବାଇଲେ । ୭ ।
ବ୍ୟବସ୍ଥିତେ ପୁଣ ସଲକ୍ଷଣ ସେହି ।
ବୈଦେହିକ ଜନ ଚକୋରକୁ ମୋହି । ୮ ।
ବଇଦେଶ ଧୈର୍ଯ୍ୟ ଧନୁ ଅଜଗବ ।
ବିଭଞ୍ଜନ କଲେ ସ୍ପରଶରେ ଜବ । ୯ ।
ବସୁପତି ପଦ୍ମ ମୁଦ୍ରି ଲଜ୍ଜାବଳେ ।
ବସାଇବେ ସୀତା ରୋହିଣୀକି କୋଳେ । ୧୦ ।
ବିଧିରେତ ଜନକ ସାଗର ସତ ।
ବିଭଙ୍ଗର ଛଳେ ତୋଷ ଉଚ୍ଛୁଳିତ । ୧୧ ।

---

୭ମ ପଦ—ରାମଚନ୍ଦ୍ର ସଙ୍ଗରୂପ କୁମୁଦକୁ ବିକାଶ କଲେ ଓ ଅହଲ୍ୟାରୂପ ଚନ୍ଦ୍ରକାନ୍ତମଣିକୁ ତରଳାଇଲେ (ପ୍ରସ୍ତର ତରଳାଇ ନାରୀରୂପ ଦେଲେ) ।

୮ମ ପଦ—ଚିହ୍ନଯୁକ୍ତ ଚନ୍ଦ୍ର ଚକୋରମାନଙ୍କୁ ମୋହିତ କଲାପରି ଲକ୍ଷଣଯୁକ୍ତ ରାମଚନ୍ଦ୍ର ବିଦେହ ଦେଶର ଲୋକମାନଙ୍କୁ ମୋହିତ କଲେ ।

୯ମ ପଦ—ଚନ୍ଦ୍ର ବିଦେଶୀ ଲୋକର ଅର୍ଥାତ୍ ବିରହୀ ଲୋକର ଧୈର୍ଯ୍ୟ ଭଙ୍ଗ କଲାପରି ରାମଚନ୍ଦ୍ର ବିଦେହସ୍ଥ ଅଜଗବଧନୁକୁ ଛୁଇଁଲା ମାତ୍ରକେ ଭଗ୍ନ କଲେ (ଅନାୟାସରେ ଭାଙ୍ଗିଦେଲେ) ।

୧୦ମ ପଦ—ଚନ୍ଦ୍ର ପଦ୍ମକୁ ମୁଦ୍ରିତ କରି ରୋହିଣୀକୁ କୋଳରେ ବସାଇଥିଲେ, ସେହିପରି ରାମଚନ୍ଦ୍ର ପୃଥିବୀର ରାଜାମାନଙ୍କୁ ଲଜ୍ଜା ଦେଇ ଅଛନ୍ତି । ବିବାହ ପରେ ସୀତାଙ୍କୁ କୋଳରେ ବସାଇବେ ।

୧୧ଶ ପଦ—ଦଶରଥ ସଗର ବଂଶରୁ ଜାତ—ତେଣୁ ସେ ସାଗର ହେଲେ । ପୁଣି ଚନ୍ଦ୍ର ସାଗରରୁ ଜନ୍ମିଲେ । ରାମଚନ୍ଦ୍ର ତ ଦଶରଥଙ୍କଠାରୁ ଜାତ । ଏହା ମିଥ୍ୟା ନୁହେ । ଚନ୍ଦ୍ର ନିଜ କିରଣରେ ସମୁଦ୍ରରେ ତରଙ୍ଗ ଉତ୍ପାଦନ କଲା ପରି ରାମଚନ୍ଦ୍ରଙ୍କ ଯଶ କଥା ଶୁଣି ଦଶରଥଙ୍କର ହୃଦୟରେ ସନ୍ତୋଷର ଢେଉ ଖେଳିଗଲା ।

ବେଳା ଅତିକ୍ରମି ହେଲେ ସ୍ନେହ-ବାର ।
ବନ୍ଧରେଲେ ସଙ୍ଗେ ମୀନ ରାଶିବାର । ୧୨ ।
ବାର୍ଦ୍ଧଟ କି ଗଜଯୂଥ ଭେକା ହୟ ।
ବହିତ୍ର କି ରଥ ଭେକ ପତ୍ତିଚୟ । ୧୩ ।
ବାଦ୍ୟନାଦ ଗରଜନ ତହିଁ ଜମେଳ ।
ବଡ଼ ବଡ଼ ଲୋକ ନିଶ୍ଚେ ପୋତମାଳ । ୧୪ ।
ବନ୍ଦର ଯେ ମିଥିଳା ମିଳବେ ଯାଇଁ ।
ବିଲୋକନ୍ତେ କଷି ସୀମା ରତ୍ନ ତହିଁ । ୧୫ ।
ବୋଲିବେ ଯେ କି ଉପମା ଏ ଅମୂଲ୍ୟ ।
ବୁଦ୍ଧିବୃତ୍ତିରେ କରି କଲି ଏତେ ମୂଲ୍ୟ । ୧୬ ।

---

୧୨ଶ ପଦ—ବେଳା—ସମୁଦ୍ରକୂଳ, ଅଶୁଭ ସମୟ । ସ୍ନେହବାର—ସ୍ନେହଜଳ । ମୀନ ରାଶିବାର—ମୀନାଦିରାଶି ଓ ରବ୍ୟାଦି ବାର ସମୂହ ।

୧୩ଶ ପଦ—ବାର୍ଦ୍ଧଟ—କୁମ୍ଭୀର । ହୟ—ଘୋଡ଼ା । ବହିତ୍ର—ବୋଇତ । ପତ୍ତିଚୟ—ପଦାତି ସମୂହ ।

---

୧୨ଶ ପଦ—ସମୁଦ୍ର ଉଦ୍‌ବେଳିତ ହେଲାବେଳେ ମୀନାଦି ଜଳଚର ପ୍ରାଣୀକୁ ଦେହରେ ଧାରଣ କରି ତୀର ପ୍ରଦେଶକୁ ଅତିକ୍ରମ କରେ—ସେହିପରି ଦଶରଥ ଆନନ୍ଦିତ ହୋଇ ବାରବେଳା, କାଳବେଳା ଇତ୍ୟାଦି ଅତିକ୍ରମ କରି (ଶୁଭାଶୁଭ କିଛି ନ ମାନି ମାଛ ଓ ଦହି ଆଦି ଧରି ବାହାରିଲେ ।

୧୩ଶ ପଦ - ସମୁଦ୍ରରେ କୁମ୍ଭୀର, ଭେକା, ବୋଇତ ଓ ବେଙ୍ଗସବୁ ଦେଖାଗଲା ପରି ଦଶରଥଙ୍କ ସହିତ ହସ୍ତୀ, ଅଶ୍ୱ, ରଥ ଓ ପଦାତିକ ସବୁ ଗମନ କଲେ । (ଏହାଦ୍ୱାରା ଚତୁରଙ୍ଗବଳ ଯାଉଥିବାର ସୂଚିତ ହେଲା) ।

୧୪ଶ ପଦ—ସମୁଦ୍ରରେ ଲହଡ଼ିସମୂହ ଗର୍ଜନ କଲାପରି ଏଠାରେ ବାଦ୍ୟନାଦର ଗର୍ଜନ ହେଉଅଛି । ତହିଁରେ ପୋତାଧକ୍ଷମାନେ ଥିଲାପରି ଏଠାରେ ବଶିଷ୍ଠ ସୁମନ୍ତ୍ରାଦି ବଡ଼ ବଡ଼ ଲୋକମାନେ ଅଛନ୍ତି ।

୧୫ଶ ଓ ୧୬ଶ ପଦ—ମିଥିଳା ଦେଶ ବନ୍ଦର ସ୍ୱରୂପ ହେଲା । ଏମାନେ (ଦଶରଥ ଓ ତାଙ୍କ ଦଳବଳମାନେ) ସେଠାରେ ପହଞ୍ଚି ମିଥିଳାର ରମଣୀ-ରତ୍ନମାନଙ୍କୁ ଦେଖିଲାକ୍ଷଣି କହିବେ, 'ଏମାନଙ୍କୁ ଆଉ ଉପମା ନାହିଁ ।' କବି ବହୁତ ଚିନ୍ତା କରି ମଧ୍ୟ ସେ ରତ୍ନମାନଙ୍କର ମୂଲ୍ୟ ନିରୂପଣ କରି ନ ପାରି ତାହାଙ୍କୁ ଅମୂଲ୍ୟ ଆଖ୍ୟା ଦେଲେ । (ପୋତାଧକ୍ଷମାନେ ବନ୍ଦରରେ ପହଞ୍ଚି ମୂଲ୍ୟ ଦେଇ ରତ୍ନ କିଣନ୍ତି । ମାତ୍ର ମିଥିଳା ବନ୍ଦରରେ ଥିବା ରମଣୀରତ୍ନ ସବୁ ଅମୂଲ୍ୟ) ।

ବାଜା ଏ ଦୃଷ୍ଟି ଜନକ ରାଜଋଷି ।
ବାଲମୀକ କୌଶିକ ଗୌତମମିଶି । ୧୭ ।
ବୈଖାନସଗଣ ଯେନ ବାଟେ ମେଳା ।
ବାରାନଧି ସଙ୍ଗମ କ ଋଷିକୁଲ୍ୟା । ୧୮ ।
ବିଶ୍ରାମକ ସୁଖାସନ ଦୂରେ କଚ୍ଛ ।
ବ୍ରହ୍ମସ୍ନେହେକ ପୁରୁଷୋତ୍ତମ ଅଛ । ୧୯ ।
ବ୍ୟାପ୍ତ ଦ୍ରବ୍ୟ କଟକରେ ନେଇ କରି ।
ବସା ନିବାସେ ରଖି ଜନକ ଠାରି । ୨୦ ।
ବିସ୍ମରହିଁ ହୋଇଥିଲେ ଶତାନନ୍ଦ ।
ବଶିଷ୍ଠରେ କହିଲେ ଏ ଗୁରୁପଦ । ୨୧ ।

---

୧୮ଶ ପଦ — ବୈଖାନସଗଣ — ଋଷିମାନେ । ବାରାନଧି — ସମୁଦ୍ର ।
୧୯ଶ ପଦ — ସୁଖାସନ — ଅନନ୍ତ ଶୟନ, ଯାନବାହନ ଇତ୍ୟାଦି ।
୨୦ଶ ପଦ — କଟକ — ନଗର । ସାମୁଦ୍ରିକ — ଲବଣ ।

---

୧୭ଶ ଓ ୧୮ଶ ପଦ — ବହୁତ ଉପନଦୀସହ ଋଷିକୁଲ୍ୟାନଦୀ ଯାଇ ସମୁଦ୍ରରେ ମିଶିଲାପରି ଜନକ, ବାଲ୍ମୀକି, ବିଶ୍ୱାମିତ୍ର, ଗୌତମ ଆଦି ଋଷିମାନଙ୍କୁ ସଙ୍ଗରେ ନେଇ ଯାଇ ଦଶରଥଙ୍କ ସହିତ ମିଳିତ ହେଲେ ।

୧୯ଶ ପଦ — ଯେଉଁ ସମୁଦ୍ରର ବନ୍ଦରରେ ପୋତ ରହେ ତାହାର କିଛିଦୂରରେ ପୁରୁଷୋତ୍ତମ ନାରାୟଣ ଅନନ୍ତ ଶଯ୍ୟାରେ ସୁଖରେ ଶୟନ କରିଥାନ୍ତି ଓ ତହିଁରେ ତରଙ୍ଗ ଥାଏ । ସେହିପରି ମିଥିଳା ରାଜ୍ୟ ସୀମାରେ ଦଶରଥ ସୈନ୍ୟସହ ଉପସ୍ଥିତ ହେଲେ, ତାଙ୍କ ସହିତ ବଶିଷ୍ଠ ରହିଅଛନ୍ତି ଓ ସେହି ସୀମାର କିଛିଦୂରରେ ରାଜଉପବନରେ ପୁରୁଷୋତ୍ତମ ରାମଚନ୍ଦ୍ର ସୁଖରେ ବିରାଜମାନ କରିଅଛନ୍ତି ।

୨୦ଶ ପଦ — ସମୁଦ୍ର ଲବଣରେ ବ୍ୟାପ୍ତ ହୋଇଥିଲାପରି ଦଶରଥ ମିଥିଳା ରାଜଧାନୀରେ ସୈନ୍ୟସହ ପରିବ୍ୟାପ୍ତ ହୋଇଗଲେ । ଜନକଙ୍କ ଇଙ୍ଗିତକ୍ରମେ ଭୃତ୍ୟମାନେ ସେମାନଙ୍କୁ ନେଇ ବସା ଗୃହମାନଙ୍କରେ ରଖିଲେ ।

୨୧ଶ ପଦ — ଶତାନନ୍ଦ ଜନକଙ୍କ ସହିତ ପୂର୍ବରୁ ବିସ୍ମର କରିଥିଲେ । ବର୍ତ୍ତମାନ ସମୟ ଜାଣି ବଶିଷ୍ଠଙ୍କୁ ଏହି ଗୁରୁପଦ କହିଲେ—

ବେଳୁଁ ଶ୍ରୀରାମ ହୋଇଲେ ତ୍ରିପୁରଜେତା ।
ବସୁରଇ ତାଙ୍କ ଧାରଣ କାଶ୍ମୀ ସୀତା । ୨୨ ।
ବାନ୍ଧି ଲକ୍ଷ୍ମଣ ଗମ୍ଭୀର-ଗୁଣଗ୍ରାହୀ ।
ବହୁ ଉର୍ମିଳାବନ୍ୟ କେଳକ ସେହି । ୨୩ ।
ବଦ୍ୟମାନ ଶୁଭରତ ସୁମୂର୍ତ୍ତିକ ।
ବଧି ନ ଦେବା ସୁମନେ ମାଳମାଙ୍କ । ୨୪ ।
ବୈରି-ଘନ ସୁକୀର୍ତ୍ତିରେ ଯୁକ୍ତ ସତ ।
ବଚନରେ ଶତାନନ୍ଦ କଲେ ଜାତ । ୨୫ ।

---

୨୩ଶ ପଦ—ଉର୍ମିଳାବନ୍ୟ—ମନୋହର ଢେଉ, ଉର୍ମିଳା ।

୨୪ଶ ପଦ—ବଦ୍ୟମାନ—ଦେଦୀପ୍ୟମାନ । ସୁମୂର୍ତ୍ତି—ମନୋହର ମୂର୍ତ୍ତି । ସୁମନେ—ନିର୍ମଳ ମନରେ ।

୨୫ଶ ପଦ—ବୈରିଘନ—ଶତ୍ରୁହନ୍ତା ।

---

୨୨ଶ ପଦ—ତ୍ରିପୁର ବିଜୟୀ ମହାଦେବ ଗଙ୍ଗାଙ୍କୁ ଧାରଣ କରିଅଛନ୍ତି । ସେହିପରି ଯେତେବେଳେ ରାମଚନ୍ଦ୍ର ତ୍ରିପୁରଜେତା ବୋଲି ଜଣା ଗଲେଣି, ମୁଁ ବିଚାରୁଛି; ଗଙ୍ଗାରୂପୀ ସୀତାଙ୍କୁ ତାଙ୍କର ଧାରଣ କରିବା ଉଚିତ । (ରାମ ତ୍ରିପୁରବିଜୟୀ ଶିବଙ୍କର ଧନୁ ଭାଙ୍ଗିଲାବେଳୁ ତ୍ରିପୁରଜେତା ବୋଲି ଜଣାଗଲେଣି ।

୨୩ଶ ପଦ—ସୁଗମ୍ଭୀର ସମୁଦ୍ରରେ 'ଉମ' ଢେଉ ଯେପରି ସୁନ୍ଦର କେଳି ରଚନା କରେ, ସେହିପରି ଗମ୍ଭୀର ଓ ଶୌର୍ଯ୍ୟାଦି ଗୁଣ ମଣ୍ଡିତ ଲକ୍ଷ୍ମଣଙ୍କ ହୃଦୟରେ 'ଉର୍ମିଳା' ସୀତାଙ୍କ ଭଗ୍ନୀ ଶୋଭା ବିସ୍ତାର ପୂର୍ବକ କ୍ରୀଡ଼ା କରନ୍ତୁ । (ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରନ୍ତୁ) ।

୨୪ଶ ପଦ—ମଙ୍ଗଳପ୍ରଦ ସୁନ୍ଦର ବିଗ୍ରହଙ୍କୁ ପୁଷ୍ପମାଳା ଦେବା ବିଧି ନୁହେଁ କି ? ସେହିପରି ସୁନ୍ଦର ଓ ଶୌର୍ଯ୍ୟଶାଳୀ ଭରତଙ୍କୁ ମାଳମା (ମାଣ୍ଡବୀ) କନ୍ୟାଙ୍କୁ ଉତ୍ତମ ଶତ୍ତରେ ପ୍ରଦାନ କରିବା ଉଚିତ ।

୨୫ଶ ପଦ—ଶତ୍ରୁହନ୍ତା ଲୋକ ସୁକୀର୍ତ୍ତିଯୁକ୍ତ ହେଲା ପରି ଶତ୍ରୁଘ୍ନ ସୁକୀର୍ତ୍ତି (ଶ୍ରୁତକୀର୍ତ୍ତି)ରେ ଶୋଭିତ ହୁଅନ୍ତୁ (ଶତ୍ରୁଘ୍ନ ଶ୍ରୁତକୀର୍ତ୍ତିଙ୍କୁ ବିବାହ କରନ୍ତୁ । ଶତାନନ୍ଦ ଏହି କଥା ବଶିଷ୍ଠଙ୍କୁ କହିଲେ ।

ବିଖନଙ୍କୁ ପ୍ରଶଂସନ୍ତି ସାଧୁଜନେ ।
ବର ରୁଚିର ରୁଚିର କନ୍ୟା ଏକସ୍ଥାନେ । ୨୬ ।
ବିହିଥିଲୁ ନୋହିଥିଲେ କାହିଁ ବିହି ।
ବାହୁଡ଼ିଲେ ଜନକ ପ୍ରମୋଦ ବହି । ୨୭ ।
ବ୍ୟତିପାତ ବିଷ୍ଟି ବିବର୍ଜିତ ଦିନ ।
ବୁଝି କନ୍ୟା ଦେଖିବାକୁ ଆଗମନ । ୨୮ ।
ବାମଦେବ ଜାବାଳି କଶ୍ୟପ ତିନି ।
ବଶିଷ୍ଠଙ୍କୁ ସୁମନ୍ତ୍ରଙ୍କୁ ସଙ୍ଗେ ଘେନି । ୨୯ ।
ବିଜେ ଜନକମନ୍ଦିରେ ଦଶରଥ ।
ବୋଲେ ଜାମାଙ୍କୁ ଆଣ ଦେଖୁଣି ଅଥ । ୩୦ ।
ବେଶ କରି ହାରିଥିଲେ ଆଗୁ ଜାଣି ।
ବେହରାଏ ସର୍ବ ଶୋଭାପୁଷ୍ପ ପୁଣି । ୩୧ ।

---

୨୬ଶ ପଦ—ବିଖନ – ବିଧାତା ।

---

୨୬ଶ ଓ ୨୭ଶ ପଦ—ଏପରି ରୁଚିରେଷ୍ଟ ବର ପାଇ ସର୍ବାଂଶରେ ଉପଯୁକ୍ତ ରୁଚିର କନ୍ୟା ଏକସ୍ଥାନରେ ଘଟନ ହୋଇଥିବାର ଦେଖି ପଣ୍ଡିତମାନେ (ବଶିଷ୍ଠାଦିମାନେ) ବିଧାତାଙ୍କୁ ପ୍ରଶଂସା କରି କହିଲେ, "ଏହିପରି ଉପଯୁକ୍ତ ବର କନ୍ୟା ବିଧାନ କରୁ ନ ଥିଲେ ସେ ବିଧାତା ନାମ କାହିଁକି ବୋଲାନ୍ତେ ?" ଏଥିରୁ ବଶିଷ୍ଠାଦିଙ୍କର ସମ୍ମତି ପ୍ରକାଶ ପାଇଲା । ତତ୍ପରେ ଜନକ ବୋଧ ହୋଇ ଆନନ୍ଦ ମନରେ ପୁରକୁ ବାହୁଡ଼ିଲେ ।

୨୮ଶ ଓ ୨୯ଶ ପଦ—ବ୍ୟତିପାତ ଓ ବିଷ୍ଟି ବିବର୍ଜିତ ଦିନ (ଶୁଭଦିନ) ବୁଝି କନ୍ୟା ଦେଖିବା ନିମିତ୍ତ ବାମଦେବ, ଯାବାଳି, କଶ୍ୟପ, ଏ ତିନିଜଣ ବଶିଷ୍ଠ ଓ ସୁମନ୍ତ୍ରଙ୍କୁ ସଙ୍ଗରେ ଘେନି ଆଗମନ କଲେ ।

୩୦ଶ ପଦ—ଦଶରଥ ଜନକଙ୍କ ମନ୍ଦିରରେ ବିଜେ କରି କହିଲେ, "ଦେଖିବା ନିମିତ୍ତ ରାଜକନ୍ୟାମାନଙ୍କୁ ଆଣ ।"

୩୧ଶ ପଦ—ପୂର୍ବରୁ ଜାଣି ବେଶକାରିଣୀମାନେ ସୀତା ପ୍ରଭୃତିଙ୍କୁ ବେଶ କରି ସାରିଥିଲେ । 'ବେହରଣକାରୀମାନେ' ଦଶରଥାଦି ଅଯୋଧ୍ୟାର ଲୋକେ ମିଥିଳାର ରାଜକନ୍ୟାଙ୍କୁ ଦେଖି ମନେ କଲେ, ଏ କନ୍ୟା ସର୍ବ ଶୋଭାର ସ୍ଥାନ ଅଟନ୍ତି ।

ବିଦ୍ୟୁକୁନ୍ତଳ ଚମ୍ପାପୁଷ୍ପାଳିଙ୍ଗନ ।
ବିମଳକ ଶ୍ବେତ ମାଳବରେ ପୁନ । ୩୨ ।
ବିଚଳିତ କାଞ୍ଚନ କଟକ କାଞ୍ଚୀ ।
ବେଳେବେଳେ ଖଞ୍ଜିତ ହେବାରୁ ଯାଞ୍ଚି । ୩୩ ।
ବିଭୂଷଣ ରତ୍ନପୁର ଶ୍ରୀନଗର ।
ବିଶାଳରେ କରିଅଛି ସେ ଆଦର । ୩୪ ।
ବାହ୍ଲୀକରେ ଅଙ୍ଗକୁ କରାଇ କୋଳ ।
ବର୍ଦ୍ଧମାନ [illegible]ର ହାସ ମହୋଜ୍ଜ୍ୱଳ । ୩୫ ।
ବଳାଇ ଯେ ପୁରୁଁ ଆଣିବାରେ ଦାସ ।
ବିଶ୍ୱ ଯନ୍ତ୍ର ପିତ୍ତୁଳାପରାପ୍ତ ଦିଶି । ୩୬ ।

---

୩୩ଶ ପଦ – କାଞ୍ଚନ-କଟକ—ସୁବର୍ଣ୍ଣ କଙ୍କଣ, ଲଙ୍କାପୁରୀ । କାଞ୍ଚୀ—କିଙ୍କିଣୀ, କାଞ୍ଚୀନଗରୀ ।

୩୫ଶ ପଦ—ବାହ୍ଲୀକ—କୁଙ୍କୁମ, ନଗର ବିଶେଷ ।

---

୩୨ଶ ପଦ—କନ୍ୟାମାନଙ୍କ କେଶରେ ଚମ୍ପାପୁଷ୍ପ ଭୂଷିତ ହୋଇଥିବାରୁ କୁନ୍ତଳ ପୁରୀ ଓ ଚମ୍ପାପୁରୀ ସୂଚନା ଦେଲା । ପୁଣି ନିର୍ମଳ କାଶ୍ମୀରକୁ ଶ୍ରେଷ୍ଠ ହାର ସବୁ ଆଲିଙ୍ଗନ କରିଥିବା ଦୃଶ୍ୟ ଶ୍ବେତ ପୁରୀ ଓ ମାଳବ ପୁରୀର ଇଙ୍ଗିତ ଦେଲା ।

୩୩ଶ ପଦ ସମସ୍ତ ସମୟରେ ଆନ୍ଦୋଳିତ ହେବ ବୋଲି ଭାବି ସଖୀମାନେ ସୁବର୍ଣ୍ଣ ବଳୟ ଓ କାଞ୍ଚୀ (କଟୀ ଭୂଷଣ ବିଶେଷ) ଖଞ୍ଜି ଥିଲେ (ହସ୍ତ ଚାଳନାରେ ବଳୟ ଓ ଗମନରେ କାଞ୍ଚୀ ବିଚଳିତ ହେବ)—ଏହା ଦ୍ୱାରା ଲଙ୍କାପୁରୀ ଓ କାଞ୍ଚୀପୁର ସୂଚିତ ହେଲା ।

୩୪ଶ ପଦ—କନ୍ୟାମାନେ ନାନାରତ୍ନ ମାନଙ୍କରେ ମଣ୍ଡିତ ହୋଇ ବିଶାଳ ଶୋଭାର ଆଧାର ହୋଇ ଅଛନ୍ତି (ଖୁବ୍ ଶୋଭା ଦିଶୁଅଛନ୍ତି) ଏହାଦ୍ୱାରା ରତ୍ନପୁର ଶ୍ରୀନଗର ଓ ବିଶାଳ ପୁରୀର ସଙ୍କେତ ଦିଆଗଲା ।

୩୫ଶ ପଦ—କନ୍ୟାଗଣ ଶରୀରରେ କୁଙ୍କୁମ ବୋଳି ହୋଇଥିଲେ ଓ ହାସ୍ୟ ପ୍ରକାଶ କରୁଥିଲେ । ଏହା ବାହ୍ଲୀକ ନଗରୀ, ଅଙ୍ଗ ଓ ବର୍ଦ୍ଧମାନର ଭ୍ରମ ଜନ୍ମାଇଲା ।

୩୬ଶ ପଦ—ତତ୍ପରେ ଦାସୀମାନେ ସେମାନଙ୍କୁ ପୁରନ୍ତ ଘେନି ଆସିବା ସମୟରେ ସେମାନେ ବିଧାତାଙ୍କର ଯନ୍ତ୍ର ନିର୍ମିତ ପିତ୍ତୁଳା ପ୍ରାୟ ଦିଶିଲେ । (ବିଧାତା ସ୍ୱହସ୍ତରେ ନିର୍ମାଣ ନ କରି ଯନ୍ତ୍ର ସାହାଯ୍ୟରେ ନିର୍ମାଣ କରି ଅଛନ୍ତି) ।

ବିଲୋକିତ ହେଲେ ସେ ରମଣୀ ସ୍ଥିର ।
ବ୍ୟତିରେକେ ରମଣୀୟା ନାହିଁ ନାରୀ । ୩୭ ।
ବେଧାଶ ବିକଳ୍ପି କର୍ମ ଆରମ୍ଭଣେ ।
ବିଳ କ୍ଷ୍ମାରୁ ଜନ୍ମ ଅନୁପମେ ଜଣେ । ୩୮ ।
ବଳାରାତିର ଅବଳା ଉମା ରମା ।
ବହି ଏକ ମୂରତି ନୋହିବେ ସମା । ୩୯ ।
ବ୍ୟକ୍ତେ ତାଙ୍କୁ ପଦରୁ ଅଧିକ ଧରି ।
ବୋଲାଇଲେ ଏ ସୁନ୍ଦରୀ-ପୁରନ୍ଦରୀ । ୪୦ ।
ବାଣୀ ବିଖ୍ୟାତ ଗଉରୀ ଶିରୋମଣି ।
ବିଦ୍ୟାବନ୍ତେ ଯେ କମଳାସାର ଭଣି । ୪୧ ।

---

୩୮ଶ ପଦ — ବେଧାଶ — ବ୍ରହ୍ମା । କ୍ଷ୍ମାରୁ — ପୃଥିବୀରୁ ।

୩୯ଶ ପଦ — ବଳାରାତିଅବଳା — ଶଚୀ ।

---

୩୭ଶ ପଦ—ଦଶରଥାଦିମାନେ ସେଉଁ ସ୍ଥିର କନ୍ୟାଙ୍କୁ ଦେଖିଲେ, ତାଙ୍କ ପରି ସୁନ୍ଦରୀ ଆଉ ଏ ସଂସାରରେ କେହି ନାହାନ୍ତି, — ଏମନ୍ତ ମନେ କଲେ ।

୩୮ଶ ପଦ - ଦଶରଥ, ବଶିଷ୍ଠାଦିମାନେ ଭାବିଲେ, ବିଧାତା ଏହାଙ୍କୁ ନିର୍ମାଣ କରିବାର ଆରମ୍ଭରେ ମନେ କଲେ, ପୃଥିବୀରେ ଉପମା ରହିତା ସୁନ୍ଦରୀ ହୋଇ ଏମାନେ ଜନ୍ମ ହୁଅନ୍ତୁ । (ଅର୍ଥାତ୍ ଏ ସ୍ଥିରକନ୍ୟାଙ୍କର ଶୋଭାର ତୁଳନା ସାରା ସଂସାରରେ ଅତ୍ୟନ୍ତ ଦୁର୍ଲ୍ଲଭ) ।

୩୯ଶ ପଦ—ଶଚୀ, ପାର୍ବତୀ, ଲକ୍ଷ୍ମୀ ଏ ତିନିଜଣ ଏକ ମୂର୍ତ୍ତି ହେଲେ ସୁଦ୍ଧା ଏହାଙ୍କ (ସୀତାଙ୍କ) ସହିତ ସମାନ ହେବେ ନାହିଁ ।

୪୦ଶ ପଦ ଶଚୀ, ରମା, ଉମାଙ୍କଠାରୁ ଏ କନ୍ୟା 'ସୀତା' ଅଧିକ ଶ୍ରେଷ୍ଠା ଅଟନ୍ତି । ଶଚୀ ଲୋକଙ୍କ ମଧ୍ୟରେ ପୁରନ୍ଦରୀ ବୋଲନ୍ତି, ମାତ୍ର ଏ ସୁନ୍ଦରୀଙ୍କ ମଧ୍ୟରେ ପୁରନ୍ଦରୀ ଅଟନ୍ତି । (ତେଣୁ ଶଚୀଙ୍କଠାରୁ ଶ୍ରେଷ୍ଠା ହେଲେ) ।

୪୧ଶ ପଦ—ଉମାଙ୍କର ଗୌରୀ ନାମ ବଚନରେ ଖ୍ୟାତ ଅଟେ, ମାତ୍ର ଏ ସୀତା ଗୌରୀଶିରୋମଣି ( କନ୍ୟା ଶିରୋମଣି ) ଅଟନ୍ତି । ତେଣୁ ଗୌରୀଙ୍କଠାରୁ ଶ୍ରେଷ୍ଠା । ପଣ୍ଡିତମାନେ ଲକ୍ଷ୍ମୀଙ୍କର ନାମ କମଳା ଦେଇଥାନ୍ତି, ମାତ୍ର ସେହିମାନେ ଏହାଙ୍କୁ କମଳାସାର (ବିରସ୍ତ୍ରୀ ଶ୍ରେଷ୍ଠାସ୍ତ୍ରୀ) କହିଅଛନ୍ତି । (ସେହି ହେତୁରୁ ଲକ୍ଷ୍ମୀଙ୍କରଠାରୁ ଶ୍ରେଷ୍ଠା ହେଲେ) ।

ବନାଇବାରେ ପୁଣି ସେ ପ୍ରତିମାଏ ।
ବପୁବନ୍ତ ହେଲି ଘୁଣେଷର ପ୍ରାୟେ । ୪୨ ।
ବୋଲି ସ୍ତ୍ରିଶ୍ଚ ମଧ୍ୟେ ସାର ଯେଉଁ ରମ୍ଭା ।
ବେଗେ ପାଦଦେଶ କେ ସେ ପରିରମ୍ଭା । ୪୩ ।
ବିଶ୍ୱକର୍ମାଙ୍କୁ ହେନ ଗଢ଼ିଲେ ଦୁଇ ।
ବିଜ୍ଞାଣିଭ୍ର ବିବାଦକୁ ସେ ଦେଖାଇ । ୪୪ ।
ବାଳୀ ଏକ ତିଳେ ତିଳୋତ୍ତମା ହେଲି ।
ବାଳୀ ଏକ ରତି ରତି ତାଙ୍କୁ ଦେଲି । ୪୫ ।
ବିଷ୍ଣୁ ମୋହିନୀରୂପକୁ ଧରିଥିଲେ ।
ବୃଷାସନ ଦମ୍ଭକୁ ହରିଲେ ବଳେ । ୪୬ ।
ବାଦେ ଅଶେଷ ଲାବଣ୍ୟଶ୍ରିୟା ଆଣି
ବହୁକାଳେ ଦେଖାଇଲେ ଶିଶ୍ରି ଆଣି । ୪୭ ।

---

୪୬ଶ ପଦ—ବୃଷାସନ—ମହାଦେବ ।

୪୭ଶ ପଦ – ଲାବଣ୍ୟଶିଶ୍ରି—ଶୋଭାସଂପଦ । ଶିଶ୍ରି—ଲକ୍ଷ୍ମୀ ।

---

୪୨ଶ ପଦ—କାଠ କୀଠ କାଟୁ କାଟୁ ଯେପରି ଅକ୍ଷର ସୃଷ୍ଟି ହୋଇଯାଏ, ସେହିପରି ପ୍ରତିମା ଗଢ଼ୁ ଗଢ଼ୁ ଏ ଊର୍ମିଳା କନ୍ୟା ଶରୀର ଧାରଣ କଲେ କି ?

୪୩ଶ ପଦ—ସ୍ତ୍ରୀମାନଙ୍କ ମଧରେ ଶ୍ରେଷ୍ଠ ବୋଲି ଯେଉଁ ରମ୍ଭା ଖ୍ୟାତ ଅଟନ୍ତି, ସେହି ରମ୍ଭା ଊର୍ମିଳାଙ୍କର ପାଦଦେଶରେ ଶରଣାପନ୍ନ ହୋଇ ଅଛନ୍ତି କି ? ( ତାଙ୍କ ଊରୁ ରମ୍ଭା ବୃକ୍ଷ ସଦୃଶ ଦେଖା ଯାଉଥିଲି) ।

୪୪ଶ ଓ ୪୫ଶ ପଦ—ବ୍ରହ୍ମା ବିଶ୍ୱକର୍ମା ସହିତ ଶିଳ୍ପ ନୈପୁଣ୍ୟରେ (ବିବାଦ ଲଗାଇବା ପାଇଁ (କିଏ ଶ୍ରେଷ୍ଠ ଶିଳ୍ପୀ ଏହା ଦେଖାଇବା ପାଇଁ) ଦୁଇଟି କନ୍ୟା ନିର୍ମାଣ କଲେ । ସେ ଦୁଇ କନ୍ୟା ତିଳୋତ୍ତମା ଓ ରତି । ମାଳିନୀ ତିଳୋତ୍ତମାକୁ ତିଳର ସହିତ ତୁଳନା କଲି । (ମାଳିନୀ ସହିତ ତିଳୋତ୍ତମା ତିଳେ ପ୍ରମାଣରେ ସୁଦ୍ଧା ସମାନ ହେବେ ନାହିଁ) । ଆଉ ବାଳୀ ଶ୍ରୁତକୀର୍ତ୍ତି ରତିକୁ ରତି ପ୍ରମାଣରେ ଗଣନା କଲି । (ମାଳିନୀ ଓ ଶ୍ରୁତକୀର୍ତ୍ତି ତିଳୋତ୍ତମା ଓ ରତିଙ୍କଠାରୁ ବହୁତ ଗୁଣରେ ସୁନ୍ଦରୀ ଅଟନ୍ତି) ।

୪୬ଶ ଓ ୪୭ଶ ପଦ—ବିଷ୍ଣୁ ମୋହିନୀ ରୂପକୁ ଧରି (ସମୁଦ୍ର ମନ୍ଥନ ସମୟରେ) ବଳାତ୍କାରରେ ମହାଦେବଙ୍କ ଧୈର୍ଯ୍ୟକୁ ଧ୍ୱଂସ କରିଥିଲେ । [ତାହାର ପ୍ରତିଶୋଧ ନେବା କାରଣ ମହାଦେବ] ବିଷ୍ଣୁଙ୍କର ଧୈର୍ଯ୍ୟ ଧ୍ୱଂସ କରିବା ପାଇଁ ଅଶେଷ ଲାବଣ୍ୟର ଶୋଭା ଏକାଠି ଠୁଳ କରି ବହୁକାଳ ବସି ଲକ୍ଷ୍ମୀରୂପା ସୀତାଙ୍କୁ ନିର୍ମାଂ କରିଅଛନ୍ତି କି ?

ବାଳା-ଜ୍ୟେଷ୍ଠା ଶ୍ରେଷ୍ଠା କୋଟି ବ୍ରହ୍ମାଣ୍ଡରେ ।
ବିଭୂଷଣା ଆଉ ତିନି ତିନି ପୁରେ । ୪୮ ।
ବିଶ୍ୱମୋହିନୀ ରୂପ ସୀତାଙ୍କୁ ସାଜ ।
ବର ହେଲେ ରାମରୂପେ ବିଷ୍ଣୁ ନେଜ । ୪୯ ।
ବର୍ଣ୍ଣୁଥିଲେ ନବ ସଦ ହୋଇ ଜନ୍ମ ।
ବଇଷ୍ଣବ ଗୁଣେ ଶ୍ରୀରପଦ ଭାବ । ୫୦ ।
ବଧୂ ଦେଖାକୁ ବହୁତ ଅଳଙ୍କାର ।
ବଡ଼ା ହୋଇଥିଲ ତହୁଁ ନରେଶ୍ୱର । ୫୧ ।
ବନିତାରେ ମଥାମଣି ଦେଲେ ତୋଳି ।
ବନିତାରେ ଏ ପଦ ନ ବୋଲି ବୋଲି । ୫୨ ।
ବିଷ୍ଣୁ ଉରସ୍ଥ କୌସ୍ତୁଭ ନୃପମଣି ।।
ବସି ଯେଉଁ ରାମ ନାମ ଗୁଣି ଭଣି । ୫୩ ।

---

୫୩ଶର ପଦ—ନୃପମଣି—ମଣିଶ୍ରେଷ୍ଠ ।

---

୪୮ଶ ପଦ—ଜ୍ୟେଷ୍ଠା କନ୍ୟା ସୀତା କୋଟିବ୍ରହ୍ମାଣ୍ଡରେ ଶ୍ରେଷ୍ଠା ଅଟନ୍ତି । ଅନ୍ୟ ତିନି କନ୍ୟା ତିନିପୁରରେ ( ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳର ) ମଣ୍ଡନ ସ୍ୱରୂପା ଅଟନ୍ତି ।

୪୯ଶର ପଦ—ସୀତା ବିଶ୍ୱମୋହିନୀ ରୂପକୁ ସାଜି ଅଛନ୍ତି ( ଏହା ଦ୍ୱାରା ସାକ୍ଷାତ୍ ଲକ୍ଷ୍ମୀ ବୋଲି ସୂଚନା ଦିଆଯାଉଛି) ଏହା ଜାଣିପାରି ବିଷ୍ଣୁ ମନୋହର ରାମ ରୂପରେ ଅବତୀର୍ଣ୍ଣ ହୋଇ ତାଙ୍କର ବର ହେଲେ ।

୫୦ଶର୍ ପଦ—ରାମ ସୀତାଙ୍କର ଶ୍ରୀରପାଦ ସ୍ମରଣ କରି ତାଙ୍କର ଶୋଭା ବର୍ଣ୍ଣନା କରୁଥିଲେ ବିଷ୍ଣୁ ଭକ୍ତ କବିମାନଙ୍କର ମନରେ ନୂତନ ଭାବମାନ ସ୍ଫୁରିତ ହୁଏ [ଅର୍ଥାତ୍ ଯେତେ ବର୍ଣ୍ଣନା କଲେ ହେଁ ତାହା ଶେଷ ହୁଏ ନାହିଁ । ତେଣୁ ଆଉ ବେଶୀ ବର୍ଣ୍ଣନା କରିବାରୁ ନିବର୍ତ୍ତିଲି] ଅଥବା—ବିଷ୍ଣୁଭକ୍ତ ବ୍ୟକ୍ତି ଏହି ଶ୍ରୀରପଦ ଗୀତ [ବିଷ୍ଣୁ ମୋହିନୀ ରୂପକୁ ଧରିଥିଲେ—ତାହାଁ]ର ଭାବ ଚିନ୍ତା କଲେ ବିଷ୍ଣୁ ପଦକୁ ନିଶ୍ଚୟ ଲାଭ କରିବ ।

୫୧ଶର ଓ ୫୨ଶର୍—ବଧୂମାନଙ୍କ ଦେଖା ନିମିତ୍ତ [ ସେମାନଙ୍କ ମୁହଁ ଦେଖି ଦେବା ନିମିତ୍ତ] ବହୁତ ଅଳଙ୍କାର ଆସି ଥୁଆ ହୋଇଥିଲା । ତା ମଧ୍ୟରୁ ଦଶରଥ ସୀତାଙ୍କୁ ସ୍ତ୍ରୀମାନଙ୍କ ମଧ୍ୟରେ ଏ ଶିରୋମଣି'—ଏହା ବିସ୍ତର କରି ମାତ୍ର ପ୍ରକାଶ୍ୟରେ କିଛି ନ କହି ମଥାମଣି ଅଳଙ୍କାରକୁ ଦେଲେ ।

୫୩ଓ ୫୪ଶ ପଦ—[ଦଶରଥ ସୀତାଙ୍କୁ ମଥାମଣି ଦେବାରୁ ମନେ ହୁଏ] କୌସ୍ତୁଭ ନାମକ ରାଜା ଯୋଗରେ ବସି ବା ଜଡୋଦ୍ଧ୍ୱ ହୋଇ ରାମ

ବିଧୁର କି ହୁଅନ୍ତା ସେ ମୂର୍ତ୍ତି ପ୍ରାପ୍ତେ ।
ବ୍ୟାଜ ଏ ମଣିରୂପେ ପ୍ରବେଶ ଗୁପ୍ତେ । ୫୪ ।
ବକ୍ଷେ ବିହରିବ ପୁଣି କାଳାନ୍ତରେ ।
ବଳେ ଏବେ ସୀତାରାମ ଭାବନାରେ । ୫୫ ।
ବିରାଜିତ ଉପଇନ୍ଦ୍ର ଭଞ୍ଜ ମନେ ।
ବିରଚନା ବିସ୍ତରିବ ସାଧୁଜନେ । ୫୬ ।
ବିଭୂଷିତ କରୁ ଶିରେ ଶିଳ୍ପକାରୀ ।
ବିବିଧରେ ଉତ୍ପ୍ରେକ୍ଷାକୁ ଜାତ କରି । ୫୭ ।
ବିମଳିନ ନଳୋତ୍ପଳଦଳେ ଜଳ ।
ବିପ୍ରୁଷ କି ପଡ଼ିବାରେ ଢଳ ଢଳ । ୫୮ ।

---

୫୪ଶବ୍ଦ ପଦ—ବିଧୁର—ବିଯୁକ୍ତ ।
୫୮ଶବ୍ଦ ପଦ—ଜଳବିପ୍ରୁଷ—ଜଳବିନ୍ଦୁ ।

---

ନାମ କୀର୍ତ୍ତନ କରିବାରୁ କାଳକ୍ରମେ ମଣି ରୂପରେ ବିଷ୍ଣୁଙ୍କର ବକ୍ଷସ୍ଥଳରେ ସ୍ଥାନ ପାଇଲା ।(ତେଣୁ ତାର ନାମ କୌସ୍ତୁଭମଣି ହୋଇଅଛି) । ସେହି ରାମ ବର୍ତ୍ତମାନ ଅବତାର ହୋଇଅଛନ୍ତି । ତାଙ୍କଠାରୁ ବିଚ୍ଛେଦ ନ ହେବା ଛଳରେ ସେ ଗୁପ୍ତ ରୂପରେ ଆସି ଏଠାରେ (ଏ ମଥାମଣି ରୂପରେ) ଉପସ୍ଥିତ ହେଲା କି ?

୫୫ଶବ୍ଦ ପଦ—ପୁଣି କାଳକ୍ରମେ ସେ ମଣି ରାମଙ୍କ ବକ୍ଷରେ ବିହାର କରିବ । (ଲଙ୍କାରୁ ହନୁମାନ ସୀତାଙ୍କର ସଙ୍କେତରୂପେ ଆଣି ରାମଚନ୍ଦ୍ରଙ୍କୁ ଦେଲେ, ରାମ ତାକୁ ବକ୍ଷରେ ଧରି ସୀତାଙ୍କ ବିଚ୍ଛେଦ ଯନ୍ତ୍ରଣା ଭୁଲିବେ) । ଏହା ଭାବି ସେ ବର୍ତ୍ତମାନ ରାମଚନ୍ଦ୍ରଙ୍କୁ ଛାଡ଼ି ସୀତାଙ୍କ ପାଖରେ ରହିଲା ।

୫୬ଶବ୍ଦ ପଦ—ଉପେନ୍ଦ୍ର ଭଞ୍ଜ କବି ମନରେ ( ମଥାମଣି ସମ୍ବନ୍ଧରେ ) ଯେଉଁ ଭାବନା ଖେଳିଲା, ସେ ତାକୁ ପ୍ରକାଶ କଲେ । ସେ କଥା ସାଧୁଜନମାନେ ହୃଦୟରେ ବିସ୍ତାର କରିବେ ।

୫୭ଶ ପଦ—ବେଶକାରିଣୀ ସେ ମଣିକୁ ସୀତାଙ୍କ ଶିରରେ ବିଭୂଷିତ କରନ୍ତେ ତାହା ନାନାପ୍ରକାର ଉପମାକୁ ଜାତ କଲା ।

୫୮ଶବ୍ଦ ପଦ—ନିର୍ମଳ ନୀଳପଦ୍ମର ପାଖୁଡ଼ାରେ ଜଳ ବିନ୍ଦୁ ପଡ଼ି ଢଳ ଢଳ ହେଉଅଛି କି ? (ସୀତାଙ୍କ ମସ୍ତକରେ ସେ ମଣି ହଲୁଥିବାର ଦେଖି ଏ ଭାବନା ଆସିଲା । ଜଳବିନ୍ଦୁ ଶୁକ୍ଳବର୍ଣ୍ଣ ଓ ମଣି ଶୁକ୍ଳବର୍ଣ୍ଣ ।)

ବୃଷା-ନୀଳମଣି-ବୃନ୍ଦ ପ୍ରଭା ଶ୍ରେଣୀ ।
ବକ୍ଷଠାରୁ କରି କିବା କୋଳେ ଧରି । ୫୯ ।
ବିଜ୍ୱଳିତ କାଳୀମଣି କାଳନ୍ଦୀରେ ।
ନୀଚ କୁଞ୍ଚିତ କିବା ଚଞ୍ଚଲ୍ୟ ଧରେ । ୬୦ ।
ବିଦିତ ଯେ ସନ୍ଧ୍ୟାକାଳେ ହେଲା ପରି ।
ବିହାୟସେ ଏକ କାବ୍ୟ ଦିବ୍ୟ ତାରା ।
ବାରିବାହ ଭେଦି ଇନ୍ଦୁ ଉଦେ ଛର୍କି ।
ବାହାରନ୍ତି ଜ୍ୟୋତିଚ୍ଛଳେ କିରଣ କି ? ୬୨ ।
ବାଳା ଅଶେଷ ଶୋଭା କହିବାପାଇଁ ।
ବାର୍ତ୍ତାବହ ହୋଇ ପ୍ରଭା ଯଶ ଯାଇ । ୬୩ ।
ବଧୂ ତିନଙ୍କି ଯେ ସ୍ତ୍ରୀରତ୍ନ ହେନ ।
ବିଲୋଇଲେ ଅମୂଲ୍ୟ ରତନ ତିନ । ୬୪ ।

---

୫୯ତମ ପଦ—ବୃଷା ନୀଳମଣିବୃନ୍ଦ— ଇନ୍ଦ୍ରନୀଳମଣି ସମୂହ । ବକ୍ଷଠାରୁ — ହୃଦୟଠାରୁ ।

୬୧ ତମ ପଦ—ବିହାୟସ—ଆକାଶ । କାବ୍ୟ—ଶୁକ୍ରତାରା ।

୬୨ତମ ପଦ—ବାରିବାହ—ମେଘ । ଇନ୍ଦୁ—ଚନ୍ଦ୍ର ।

---

୫୯ତମ ପଦ—ପୁଣି ମନେ ହୁଏ ଇନ୍ଦ୍ର ନୀଳମଣି ସମୂହ ହୃଦୟଠାରୁ ଜ୍ୟୋତି ବିସ୍ତର କରି ନିଜ କୋଳରେ ଧାରଣ କରି ଅଛନ୍ତି କି ?

୬୦ତମ ପଦ—ଯମୁନାର କୁଞ୍ଚିତ ଉପରେ ପ୍ରଜ୍ୱଳିତ କାଳୀୟ ସର୍ପର ମଣି ଚଞ୍ଚଳ ଗତିରେ ଭାସୁଅଛି କି ? [ସୀତାଙ୍କ କୁଞ୍ଚିତ କେଶଦାମ ସହିତ ଯମୁନାର ଲହରୀ ଓ ମଥାମଣି ସହିତ କାଳୀୟ ସର୍ପର ମଣି ଉପମିତ ।]

୬୧ତମ ପଦ—ଅଦ୍ୱିତୀୟ ଉଜ୍ଜ୍ୱଳ ଶୁକ୍ରତାରା ସନ୍ଧ୍ୟାକାଳୀନ ଆକାଶରେ ପ୍ରକାଶିତ ହେଲା ପ୍ରାୟ ଦିଶିଲା ।

୬୨ତମ ପଦ—ମେଘକୁ ବିଦାରଣ କରି ଚନ୍ଦ୍ର ଉଦିତ ହୋଇଅଛନ୍ତି କି ? [ଗାଢ଼ ନୀଳବର୍ଣ୍ଣ କେଶ ମେଘ ସହିତ ଉପମିତ ହୋଇଅଛି] । ତେଣୁ ଚନ୍ଦ୍ରର ଜ୍ୟୋତ୍ସ୍ନାଚ୍ଛଳରେ ମଣିର ଜ୍ୟୋତି ପ୍ରକାଶିତ ହେଉଅଛି ।

୬୩ତମ ପଦ—କେଶର ଅବର୍ଣ୍ଣନୀୟ ଶୋଭାର ଯଶକୁ ପ୍ରଚାର କରିବା ପାଇଁ, ସେ ନିଜ ପ୍ରଭାକୁ ଦୂତ କରି ପ୍ରେରଣ କରୁଅଛନ୍ତି କି ?

୬୪ତମ ପଦ—ଦଶରଥ ଅନ୍ୟ ବଧୂ ତିନଙ୍କୁ ସ୍ତ୍ରୀରତ୍ନ ମନେ କରି ସେମାନଙ୍କୁ ତିନିଗୋଟି ଅମୂଲ୍ୟ ରତ୍ନ ଦେଲେ ।

ବିଲମ୍ବାଇଲେ ବାମା କାହାର ହୃଦେ ।
ବିନ୍ଧ୍ୟଗିରି ପାଶେ କି ଅଗସ୍ତ୍ୟ ଉଦେ । ୭୫ ।
ବାନ୍ଧି ମଣିବନ୍ଧରେ କାହାର ଆଳୀ ।
ବନରୁହ ନାଡ଼ମୂଳେ କିବା ଅଳି । ୭୬ ।
ବିଭୂଷଣେ କଲେ କାହା କଣ୍ଠ ଶୋଭା ।
ବୋଳ ପାନର ଫୁଟି ଦିଶିଲା ପ୍ରଭା । ୭୭ ।
ବାହୁଡ଼ାଇଲେ କନ୍ୟା ସୈରନ୍ଧ୍ରୀବୃନ୍ଦ ।
ବୋଧିଗଲା ଚକୋର ଦ୍ୱିଷଣ୍ଟୁ ଚନ୍ଦ । ୭୮ ।

---

୭୮ତମ ପଦ—ସୈରନ୍ଧ୍ରୀବୃନ୍ଦ—ବେଶକାରିଣୀମାନେ ।

---

୭୫ତମ ପଦ - ସେହି ତନ୍ନରତ୍ନ ମଧ୍ୟରୁ ସଖୀମାନେ କେଉଁ କନ୍ୟାର ହୃଦୟରେ ଗୋଟିଏ ରତ୍ନ ଲମ୍ବାଇ ଦେଲେ । ତାହା ବିନ୍ଧ୍ୟଗିରି ପାଶରେ ଅଗସ୍ତ୍ୟ ନକ୍ଷତ୍ର ଉଦିତ ହେଲା ପ୍ରାୟ ଦିଶିଲା । (ଅଗସ୍ତ୍ୟ ନକ୍ଷତ୍ର ରକ୍ତବର୍ଣ୍ଣ; ମଣି ତାହା ସହିତ ତୁଳିତ ହୋଇଥିବାରୁ ଏହା ପଦ୍ମରାଗ ମଣି ବୋଲି ଜଣାଯାଉଛି) ।

୭୬ତମ ପଦ—ପୁଣି ସଖୀ କେଉଁ କନ୍ୟାର ମଣିବନ୍ଧରେ ଗୋଟିଏ ରତ୍ନ ବାନ୍ଧିଦେଲା । ତାହା ପଦ୍ମନାଳ ମୂଳରେ ବସିଥିବା ଭ୍ରମରର ଶୋଭାକୁ ଧାରଣ କଲା । (ଭ୍ରମର ନୀଳବର୍ଣ୍ଣ—ତେଣୁ ଏହା ନୀଳମଣି ବୋଲି ଜଣାଯାଏ) ।

୭୭ତମ ପଦ—କେଉଁ କନ୍ୟାର କଣ୍ଠରେ ସଖୀମାନେ ରତ୍ନ ଭୂଷିତ କଲେ । ପାନର ବୋଳ କଣ୍ଠରେ ଫୁଟି ଦେଖାଗଲା ପ୍ରାୟ ତାହା ଶୋଭା ପାଇଲା । (ପାନ ବୋଳ ସହିତ ତୁଳନା ଦିଆଯିବାରୁ ଓ କଣ୍ଠର ଭୂଷଣ ହୋଇଥିବାରୁ ତାହା ପ୍ରବାଳ ବୋଲି ଅନୁମିତ ହୁଏ ।)

୭୮ତମ ପଦ—ରତ୍ନ ଭୂଷିତ କଲା ପରେ ବେଶକାରିଣୀମାନେ ଅନ୍ୟମାନଙ୍କୁ ଅନ୍ତଃପୁରକୁ ବାହୁଡ଼ାଇ ନେଲେ । ଦ୍ୱିଷଣ୍ଟୁ ଚନ୍ଦ୍ର ଚକୋର ପକ୍ଷୀକୁ ବୋଧ ଦେଇଗଲା ପ୍ରାୟ ପ୍ରତୀତ ହେଲା । (ଦ୍ୱୀଷଣ୍ଟୁ ଚନ୍ଦ୍ର ଅଳ୍ପ ସମୟ ଦେଖା ଦେଇ ଲୁଚିଯାଏ । କନ୍ୟାମାନେ ଅଳ୍ପ ସମୟ ରହି ଦର୍ଶକଙ୍କ ନେତ୍ରକୁ ମୋହିତ କରି ପୁଣି ଲୁଚିଗଲେ) ।

ବିଲକ୍ଷିତ ଏହି ଲକ୍ଷ ଦରଶନେ ।
ବିଦ୍ୟୁ ଝଟକିବା କାନ୍ତି ପରସନ୍ନେ । ୬୯ ।
ବିହି ଇକାର ନିଜ ନାମରେ କହି ।
ବଶିଷ୍ଠ ଯେ ସବୁ କନ୍ୟାଗଣେ ଏହି । ୭୦ ।
ବାମଦେବ ଯେ ସଫଳ ହେଲା ବୋଲେ ।
କାମଦେବ ଯା ତ୍ରିନେତ୍ର ବହିଥିଲେ । ୭୧ ।
ବିଚକ୍ଷଣଙ୍କ ମନ ହୋଇଲା ତୋଷ ।
ବାର ଅଧିକ ବିଂଶ ପଦେ ଶେଷ । ୭୨ ।

—*—

୬୯ତମ ପଦ—ସେହି କନ୍ୟାମାନଙ୍କ ଦର୍ଶନରେ ଏହି ଚନ୍ଦ୍ର ଚକୋର ଲକ୍ଷ ଉପମିତ ହେଲା । ବିଦ୍ୟୁତ ପ୍ରାୟ ସେମାନଙ୍କ ଜ୍ୟୋତି ଝଟକ ଅଳ୍ପ ସମୟ ପରେ ଅପସାରିତ ହେଲା । ବିଦ୍ୟୁତ୍ କ୍ଷଣପ୍ରଭା—ସେହିପରି ଏମାନଙ୍କ ଉଜ୍ଜ୍ୱଳ କାନ୍ତି କ୍ଷଣକାଳ ରହି ଦୂର ହୋଇଗଲା) ।

୭୦ତମ ପଦ—ସେ ସମୟରେ ବଶିଷ୍ଠ ନିଜ ନାମରେ ଇକାର ବିଧାନ କରି (ବଶିଷ୍ଟ) କହିଲେ, ସମସ୍ତ କନ୍ୟା ମଧ୍ୟରେ ଏମାନେ ବିଶିଷ୍ଟ ଅର୍ଥାତ୍ ପ୍ରଧାନ ।

୭୧ତମ ପଦ—ବାମଦେବ ଋଷି କହିଲେ, "ମହାଦେବ ଯାହା ତ୍ରିନେତ୍ର ଧାରଣ କରିଅଛନ୍ତି—ତା ସଫଳ ହେଲା । (ସେ ତିନିନେତ୍ରରେ ଦେଖି ସନ୍ତୋଷ ଲଭ କରିବେ—ଅନ୍ୟମାନେ ଦୁଇ ନେତ୍ରରେ ସେପରି ଦେଖି ପାରିବେ ନାହିଁ) ।

୭୨ତମ ପଦ—ସେ କନ୍ୟାଙ୍କ ଶୋଭା ଦେଖି ପଣ୍ଡିତମାନଙ୍କ ମନ ତୋଷ ହେଲା । ଏ ଛାନ୍ଦ ବାଅର ପଦରେ ଶେଷ ହେଲା ।

—*—

କଣିକା ପ୍ରିଣ୍ଟିଂ ପ୍ରେସ—ମଙ୍ଗଳାବାଗ, କଟକ-୨

ମହାକବି ଉପେନ୍ଦ୍ର ଭଞ୍ଜ ବିରଚିତ

ସଚିତ୍ର




# ଦ୍ୱିତୀୟ ଖଣ୍ଡ

( ଶଜୟବୈଜୟନ୍ତୀ ଟୀକା ସହ )

—●—

ସମ୍ପାଦକ ଓ ଟୀକାକାର—

ଶ୍ରୀ ଉଦୟ ନାଥ ଷଡ଼ଙ୍ଗୀ

ପ୍ରକାଶକ—

ନାରାୟଣ ପୁସ୍ତକାଳୟ

ସ୍ୱଦନଚୌକ, କଟକ—୨

* ନବ୍ୟ ସଂସ୍କରଣ *

ମୂଲ୍ୟ ଃ ୩.୦୦ ତିନିଟଙ୍କା ମାତ୍ର

# ସୂଚୀପତ୍ର


୧୪ଶ ଛାନ୍ଦ — ବେଦବରଣ ଭର୍ଗି ଭବାବଦନ ମୂଳ କର ... ୧୮୭
୧୫ଶ ଛାନ୍ଦ — ଭରଦ୍ୱିର ଚଦରେ ଦୋଳଥିଲେ ... ୨୦୨
୧୬ଶ ଛାନ୍ଦ — ବଦେହ ସ୍ୱଜନ ଖେଜ ସମ୍ଭାର ଭଆଇ ... ୨୧୧
୧୭ଶ ଛାନ୍ଦ — ବସି ବଶିଷ୍ଠ ଜାବାଳ ବାମଦେବ ... ୨୨୮
୧୮ଶ ଛାନ୍ଦ — ବନ୍ୟା ଶିଖରର ଭହିଁ ଭସ୍ତଲବ୍ଧା ପ୍ରାପ୍ତ ହୋଇ... ୨୪୭
୧୯ଶ ଛାନ୍ଦ — ଭଗ୍ନରଇ ମାଳ ସମକରେ କଷ ମନେ ... ୨୬୧
୨୦ଶ ଛାନ୍ଦ — ବୋଇଲେ ସୀତା ଶିତା ଶୁମୁଖୀ ଏକଦନେ ... ୨୭୭
୨୧ଶ ଛାନ୍ଦ — ଭଦୂଷଣ ଗୀତ ସୁଜନେ ଶୁଣ ... ୨୮୭
୨୨ଶ ଛାନ୍ଦ — ବାତାପି ସୂଦନ ଆଶ୍ରମ ... ... ୨୯୯
୨୩ଶ ଛାନ୍ଦ — ବୈଦେହୀ ଶ୍ରୀରାମ କ ସେ କରଣୀ କର ... ୩୧୧
୨୪ଶ ଛାନ୍ଦ — ଭନାଶ ନାସା ଶ୍ରବଣ ସୂର୍ପଣଖା ପ୍ରବେଶ ଲଙ୍କାର ୩୨୯
୨୫ଶ ଛାନ୍ଦ — ବାଣୀ ବାଜବାରେ ବାନ୍ଧ ଲକ୍ଷ୍ମଣ ଶବଦ ... ୩୪୯
୨୬ଶ ଛାନ୍ଦ — ବନେ ଘନେ ରଘୁମଣି, ଭପଥ ପଥ ନ ମଣ ... ୩୬୩

# ବୈଦେହୀଶ ବିଳାସ

## ଦ୍ୱିତୀୟ ଖଣ୍ଡ

### ଚତୁର୍ଦ୍ଦଶ ଛାନ୍ଦ

ରାମ—ମଙ୍ଗଳ ଗୁଜ୍ଜରୀ

ବେଦହରଣ ଭଙ୍ଗି ବିଚ୍ଛେଦନ ମୂଳ କରି ।
ବିଶୁଦ୍ଧ ତାର ଲଗ୍ନକୁ ଜ୍ୟୋତିଷେ ବିସ୍ତରି ଯେ । ୧ ।
ବର୍ଦ୍ଧକୀଚୟ କି ମୟ ବିଶ୍ୱକର୍ମା ଗୁରୁ ।
ବେଦିକାମଣ୍ଡପ କଲେ ଅତିଶୟ ଚାରୁ ଯେ । ୨ ।

---

୧ମ ପଦ:—ବେଦହରଣ—ସପ୍ତ । ବିଶୁଦ୍ଧ—ନିର୍ଦ୍ଦୋଷ ବା ଉତ୍ତମ । ତାର—ନକ୍ଷତ୍ର ।

୨ୟ ପଦ:—ବର୍ଦ୍ଧକୀଚୟ—ବଢ଼ାଇମାନେ ।

---

### ଚତୁର୍ଦ୍ଦଶ ଛାନ୍ଦ

୧ମ ପଦ:—କନ୍ୟା ଦେଖା ପରେ ସପ୍ତ ଭଙ୍ଗି ଜ୍ୟୋତିଷମାନଙ୍କ ସହିତ ବିସ୍ତର କରି ବିବାହ ପାଇଁ ଶୁଭ ଲଗ୍ନ, ଶୁଭଚନ୍ଦ୍ର ଓ ଭଲ ଦିନ ସ୍ଥିର କଲେ ।

୨ୟ ପଦ:—ବଢ଼ାଇମାନେ ବେଦୀ ଓ ବିଭାମଣ୍ଡପ ଅତ୍ୟନ୍ତ ସୁନ୍ଦର ରୂପେ ନିର୍ମାଣ କଲେ । ତାହା ଦେଖି ମନେ ହେଲା, ସେମାନେ ମୟଦୈତ୍ୟ ଓ ବିଶ୍ୱକର୍ମା ଏ ଦୁହିଁଙ୍କର ଗୁରୁ ଅଟନ୍ତି କି ? ( ଏ ଦୁହେଁ ପ୍ରସିଦ୍ଧ ଶିଳ୍ପୀ, ମାତ୍ର ମଣ୍ଡପନିର୍ମାତା ବଢ଼େଇମାନଙ୍କ ଅପେକ୍ଷା ନ୍ୟୁନ ଅଟନ୍ତି ) ।

ବଇକୁଣ୍ଠପୁରୁ ରଥ ପଡ଼ିଲା କି ଖସି ।
ବଇକୁଣ୍ଠ-ପୁରସଭା ଶୋଭନକୁ ହସି ଯେ ।୩।
ବିଦରତ ହରିତବସନେ ହୋଇଛନ୍ତି ।
ବିଳଗନ ତଳରେ ଉପରେ ରମ୍ଭା ସ୍ଥିତ ଯେ ।୪।
ବିଭସିଲା ଶତ ସ୍ତମ୍ଭାମଣ୍ଡପକୁ ଚାହିଁ ।
ବେଢ଼ି ରହିଲା କି ସୁରସଭା ଆସି ତହିଁ ଯେ ।୫।
ବିନମ୍ର ତ ସୁମନମାଳାରେ ଅବିରତ ।
ବାଞ୍ଛା-କଳ୍ପଦ୍ରୁମ ପରି ଫଳରେ ପୂରିତ ଯେ ।୬।

---

୩ୟ ପଦ:—ବୈକୁଣ୍ଠପୁର—ସ୍ୱର୍ଗପୁର ବା ବିଷ୍ଣୁପୁର । ବଇକୁଣ୍ଠପୁରସଭା—ସୁଧର୍ମାସଭା ।

୪ର୍ଥ ପଦ:—ହରିତବସନ—ହଳଦିଆ ଲୁଗା, ବସ୍ତ୍ର । ରମ୍ଭା— ରମ୍ଭାନାମ୍ନୀ ସ୍ୱର୍ଗ ବେଶ୍ୟା, କଦଳୀ ଗଛ ।

୫ମ ପଦ:—ସ୍ତମ୍ଭାମଣ୍ଡପ—ଖମ୍ବମୁଣ୍ଡିଆ । ସୁରସଭା—ଦେବସଭା ।

---

୩ୟ ପଦ:—ସେହି ବେଦୀ ଓ ମଣ୍ଡପର ଶୋଭା ଦେଖି ମନେ ହେଲା, ବୈକୁଣ୍ଠ ଭୁବନରୁ ବିଷ୍ଣୁରଥ ମର୍ତ୍ତ୍ୟକୁ ଖସି ପଡ଼ିଲା କି ? ଇନ୍ଦ୍ରଙ୍କର ସୁଧର୍ମାସଭାର ସୌନ୍ଦର୍ଯ୍ୟକୁ ମଧ୍ୟ ସେ ମଣ୍ଡପର ଶୋଭା ଉପହାସ କଲା ।

୪ର୍ଥ ପଦ:—ବିଷ୍ଣୁରଥ ନାରାୟଣଙ୍କ ସହିତ ଶୋଭିତ ହୋଇ ଥାଏ, ସେହିପରି ଏ ବେଦୀ ରାମ ସୀତାଙ୍କସହ ଶୋଭା ପାଇବ । ସୁଧର୍ମାସଭାରେ ଦିଗମ୍ବରମାନେ ବିହାର କରୁଥାନ୍ତି, ଏ ମଣ୍ଡପରେ ବନ୍ଧା ହୋଇଥିବା ହଳଦିଆବର୍ଣ୍ଣ ଲୁଗା ସବୁ ପବନ ଯୋଗେ ଦୋହଲୁ ଅଛନ୍ତି । ସେହି ସଭାରେ ରମ୍ଭା ଅପ୍ସରା ଥାଏ, ସେହିପରି ଏ ସଭାରେ ତଳ ଉପର ହୋଇ କଦଳୀଗଛ ସବୁ ପୋତା ଯାଇଅଛି ।

୫ମ ପଦ:—ଖମ୍ବମୁଣ୍ଡିଆକୁ ଚାହିଁ ଚିତ୍ତରେ ଭ୍ରମ ଜାତ ହେଲା, ମନେ ହେଲା ଦେବସଭା ଆସି ଏଠାରେ ବେଢ଼ି ରହିଲା କି ?

୬ଷ୍ଠ ପଦ:—ଦେବସଭାରେ ଦେବତାମାନେ ଅନବରତ ବିନମ୍ର ବା ନମ୍ର ହୋଇ ଥାନ୍ତି, ସେହିପରି ଏ ସ୍ତମ୍ଭାମଣ୍ଡପରେ ଫୁଲମାଳସବୁ ସର୍ବଦା 'ବିନମ୍ର' ଓହଳି ଝୁଲୁଅଛି । ସେ ସ୍ତମ୍ଭାମଣ୍ଡପ କଳ୍ପଦ୍ରୁମ ସମ ବୋଧ ହେଲା । କଳ୍ପଦ୍ରୁମ ବାଞ୍ଛିତ ଫଳରେ ଯେପରି ପୂର୍ଣ୍ଣ ହୋଇଥାଏ, ଏ ମଣ୍ଡପ ସେହିପରି ଗୁଆ, ନଡ଼ିଆ ଆଦି ଫଳରେ ପରିପୂର୍ଣ୍ଣ ହୋଇଅଛି ।

ବରଣ ବରୁଣାଳୟ ପ୍ରାୟ ବେଷ୍ଟନାରେ ।
ବିଚିତ୍ର ଚିତ୍ର ମକର ଗଙ୍ଗା ଯମୁନାରେ ଯେ ।୭।
ବେନି ନରେଶ୍ୱରଙ୍କର ମଣ୍ଡିତ ନବରେ ।
ବିହାଇଲେ ଗନ୍ଧଷଣ ମହା ଉତ୍ସବରେ ଯେ ।୮।
ବ୍ରାହ୍ମଣୀ ସାତ ସଅଳଙ୍କାର କରି ତହିଁ ।
ବସ୍ତ୍ର ପାଟେ ଲଲାଟେ ସିନ୍ଦୂର ଟିକା ଦେଇ ଯେ ।୯।
ବସୋଗିଲେ ଚନ୍ଦ୍ର ଘଟମାନ କୁମ୍ଭରାଶି ।
ବନ୍ଧୁରତାରେ ଧନିଷ୍ଠା ହୋଇ ପରଶଂସି ଯେ ।୧୦।

---

୭ମ ପଦ:—ବରଣ—ପ୍ରାଚୀର । ବରୁଣାଳୟ—ସମୁଦ୍ର । ଚିତ୍ର—ଚିତଲମାଛ ।

୮ମ ପଦ:—ନବର—ପୁର । ଗନ୍ଧଷଣ—ଚନ୍ଦନ, କର୍ପୂରାଦି ସୁଗନ୍ଧ ଦ୍ରବ୍ୟ ।

୯ମ ପଦ:—ସଅଳଂକାର—ଅଳଙ୍କାରଭୂଷିତ ।

୧୦ମ ପଦ:—ଚନ୍ଦ୍ର—ସୁବର୍ଣ୍ଣ, ଚନ୍ଦ୍ର । କୁମ୍ଭରାଶି—ସ୍ୱର୍ଣ୍ଣଘଟସମୂହ, ରାଶି ବିଶେଷ । ଧନିଷ୍ଠା—ଧନିଷ୍ଠା ନକ୍ଷତ୍ର ।

---

୭ମ ପଦ:—ସମୁଦ୍ର ପୃଥ୍ୱୀକୁ ବେଷ୍ଟନ କରି ରହିଲାପରି ପ୍ରାଚୀର ଏ ସହରକୁ ବେଢ଼ି ରହିଅଛି । ସମୁଦ୍ରରେ ଗଙ୍ଗା ଯମୁନା ନଦୀ ପତିତ ହୋଇ ଅଛନ୍ତି ଓ ମକର, ମତ୍ସ୍ୟ ପ୍ରଭୃତି ଜଳଚର ପ୍ରାଣୀ ତହିଁରେ ବିହାର କରନ୍ତି, ସେହିପରି ପ୍ରାଚୀରରେ ଗଙ୍ଗା ଯମୁନା ଓ ମତ୍ସ୍ୟ ମକର ପ୍ରଭୃତିଙ୍କର ଚିତ୍ର ଅଙ୍କିତ ହୋଇଅଛି ।

୮ମ ପଦ:—ଦଶରଥ ଓ ଜନକଙ୍କର ମଣ୍ଡିତ ପୁରରେ ପରିଚାରିକାମାନେ ମହୋତ୍ସବରେ ଗନ୍ଧଷଣ ବିଧାନଙ୍କୁ ବିହିଲେ ( ଆନନ୍ଦରେ ସମସ୍ତ ଗନ୍ଧଚନ୍ଦନାଦି ଦ୍ୱାରା ପୁରକୁ ସୁବାସିତ କରାଇଲେ ) ।

୯ମ ଓ ୧୦ମ ପଦ:—ତତ୍ପରେ ସାତଜଣ ବ୍ରାହ୍ମଣ କନ୍ୟାଙ୍କୁ ଅଳଙ୍କାର ମଣ୍ଡିତ କରି ଓ ପଟ୍ଟବସ୍ତ୍ର ପିନ୍ଧାଇ ଲଲାଟରେ ସିନ୍ଦୂର ଟିକା ଭୂଷିତ କରାଇ, ସେମାନଙ୍କ କାଖରେ ସ୍ୱର୍ଣ୍ଣ ନିର୍ମିତ ଘଟସବୁ ଦେଲେ । ଯେପରି ଚନ୍ଦ୍ର କୁମ୍ଭ ରାଶିରେ ଯୁକ୍ତ ହୋଇ ଧନିଷ୍ଠା ନକ୍ଷତ୍ର ସହିତ ବନ୍ଧୁତା କଲେ ନିଜକୁ ପ୍ରଶଂସିତ ମନେ କରେ, ସେହିପରି ସେ ସମୟରେ ବନ୍ଧୁ ଲୋକମାନେ ଅନୁରକ୍ତ ହୋଇ ନିଜକୁ ଭାଗ୍ୟବନ୍ତ ବୋଲି ପ୍ରଶଂସା କଲେ ।

ଝଷକେତୁ ସୂର୍ପଯୁକ୍ତ ନାସ୍ୟକେଳଣ୍ଡରେ ।
ଭରହ୍ମଣୀ ପ୍ରାପ୍ତ ଦବାର୍କିର୍ତ୍ତି-ନାସ ଧରେ ଯେ । ୧୧ ।
ଝଙ୍କୁଳିତ ଧାପେ ଯେ ସରିତଈଶ ସହ ।
ବେଶ୍ୟାବାର ସଙ୍ଗୀତମନ୍ଦିର ଶୋଭା ଧରି ଯେ । ୧୨ ।
ବୀଣାକଣ୍ଠ ପୟୋଧର ମର୍ଦ୍ଦଳ ରଞ୍ଜିତ ।
ଷଡ୍ଭାର ନୃତ୍ୟ ନର୍ତ୍ତକୀ ନେତ୍ର ଖ୍ୟାତ ଗୀତ ଯେ । ୧୩ ।
ବାହାନ୍ତେ ଯେ ମୁଖର-ରସନା ସ୍ଵନ କଲେ ।
ଅନ୍ତରେ ଅନ୍ତଃପୁରସ୍ଥା ହୁଳିଧ୍ଵନି ମଙ୍ଗଳେ ଯେ । ୧୪ ।

---

୧୧ଶ ପଦ:—ଝଷକେତୁ—କନ୍ଦର୍ପ । ସୂର୍ପ—କୂଲ । ଦବାର୍କିର୍ତ୍ତିନାସ—ଭଣ୍ଡାରୁଣୀ ।

୧୨ଶ ପଦ:—ସରିତଈଶ—ସମୁଦ୍ର । ବେଶ୍ୟାବାର—ବେଶ୍ୟାସମୂହ ।

୧୩ଶ ପଦ:—ପୟୋଧର—ସ୍ତନ ।

୧୪ଶ ପଦ:—ମୁଖର—ଶବ୍ଦାୟମାନ । ରସନା—କଙ୍କିଣୀ । ମୁଖର ରସନା—ହୁଳହୁଳି ଶବ୍ଦ ।

---

୧୧ଶ ପଦ:—କନ୍ଦର୍ପ ଯେପରି ରତିଦେବୀ ସହିତ ଯୁକ୍ତ ଥାଏ, ସେହିପରି କୂଲ ନଡ଼ିଆ ଓ କାଣ୍ଡଶର ଏ ଦୁଇ ପଦାର୍ଥରେ ଯୁକ୍ତ ହୋଇଅଛି । ଭରହ୍ମଣୀ ନାସ ଯେପରି କାମ କରିବାକୁ ଧରିଥାଏ, ଭଣ୍ଡାରୁଣୀ ସେହିପରି ଏ କୂଳକୁ ଧରିଅଛି ।

୧୨ଶ ପଦ:—ପୁଣି ସେ କୂଳ ସମୁଦ୍ର ପ୍ରାପ୍ତ ହୋଇଅଛି । ସମୁଦ୍ର ଯେପରି ବୀଚିମାନଙ୍କରେ ଶୋଭିତ ହୋଇଥାଏ, କୂଳ ସେହିପରି ପ୍ରକମ୍ପମାନ ଜଳବୀଚିମାନଙ୍କରେ ଶୋଭା ପାଉଅଛି । ବେଶ୍ୟାମାନେ ସଙ୍ଗୀତ ଗୃହର ଶୋଭାକୁ ଧାରଣ କରି ଅଛନ୍ତି ।

୧୩ଶ ପଦ:—ସଙ୍ଗୀତ ଗୃହ ବୀଣା ଆଉ ମର୍ଦ୍ଦଳରେ ମଣ୍ଡିତ ହୋଇଥାଏ, ତଦ୍ରୂପ ଏହି ବେଶ୍ୟାଗଣ ବୀଣା ତୁଲ୍ୟ କଣ୍ଠ ସ୍ଵରରେ ଓ ମର୍ଦ୍ଦଳ ତୁଲ୍ୟ ସ୍ତନ ଯୁଗଳରେ ମଣ୍ଡିତ ହୋଇ ଅଛନ୍ତି । ପୁଣି ସଙ୍ଗୀତ ଗୃହରେ ନର୍ତ୍ତକୀସବୁ ନୃତ୍ୟ କରନ୍ତି । ଏଠାରେ ବେଶ୍ୟାମାନଙ୍କର ଭ୍ରୂଭଙ୍ଗୀ ନେତ୍ର ଚାଳନା ସହିତ ନୃତ୍ୟ ଓ ଗୀତ ଖ୍ୟାତି ଲଭିଅଛି ।

୧୪ଶ ପଦ:—ନର୍ତ୍ତକୀମାନେ ସଙ୍ଗୀତଶାଳାରୁ ବାହାରିବା ବେଳେ ଯେପରି ସେମାନଙ୍କର କଟୀସ୍ଥ କଙ୍କିଣୀର ସ୍ଵନ ଶୁଣାଯାଏ, ସେହିପରି ଏମାନେ ଅନ୍ତଃପୁରରୁ ବାହାରିବା ବେଳେ ସ୍ତ୍ରୀମାନେ ମଙ୍ଗଳ ସୂଚକ ହୁଳହୁଳି ଶବ୍ଦ କଲେ ।

ଦ୍ୱାଃସ୍ଥନ ନଳ ପ୍ରାପ୍ତ ନିଷେଧ ଅଧିପ ।
ବାଜିବାରେ ରାଜି ବାଦ୍ୟ ସାଦିଙ୍କ ସ୍ୱରୂପ ଯେ । ୧୫ ।
ବନ୍ଧୁରାଏ ସ୍ତବ୍ଧଁ ଛନ୍ତି ଘଣ୍ଟିମୃଗ ପରି ।
ବଶିଷ୍ଟଭବନଜନ୍ୟ ଶମ୍ବରକୁ ଧରି ଯେ । ୧୬ ।
ବନ୍ଦିଲେ ଦେବୀ ଦେବଙ୍କୁ ପରସ୍ପରେ ଯାଇ ।
ବର କନ୍ୟା ଗନ୍ଧର୍ଷିଲେ ଗନ୍ଧପୁଷ୍ପ ଦେଇ ଯେ । ୧୭ ।
ବିଯୋଗ ନିଦ୍ରାରେ ଭୃତ୍ୟେ ଦଶା ଥାଉଁ ଯାମେ ।
କୁହୁ କହି ପରଭୃତ ପ୍ରାକୃତ ନାମେ ଯେ । ୧୮ ।

---

୧୫ଶ ପଦ:—ଦ୍ୱାଃସ୍ଥନ—ଦ୍ୱାଃସ୍ଥ । ବାଜିବାରେ—ବାଜିବୃନ୍ଦ, ଅଶ୍ୱମାନଙ୍କରେ । ରାଜି—ସମୂହ, ଶୋଭା ପାଇ । ସାଦି—ଅଶ୍ୱାରୋହୀ ।

୧୮ଶ ପଦ:—ଯାମ—ପ୍ରହର । ପରଭୃତ—କୋକିଳ ।

---

୧୫ଶ ପଦ:—ସେ ସମୟରେ । ଦ୍ୱାରପାଳମାନେ ନଳରାଜାଙ୍କ ପ୍ରାପ୍ତ ହେଲେ । ନଳରାଜା ନିଷଧ ଦେଶର ଅଧିପତି, ସେହିପରି ଦ୍ୱାରପାଳମାନେ ନିଷେଧ ଅର୍ଥାତ୍ ବାରଣ କରିବାରେ ଅଧିପତି ଅଟନ୍ତି । ବାଦ୍ୟସମୂହ ବାଜିବାର ତାହା ଅଶ୍ୱାରୋହୀଙ୍କ ସ୍ୱରୂପ ହେଲା । ଅଶ୍ୱାରୋହୀମାନେ 'ବାଜୀବରେ' ଅଶ୍ୱସମୂହରେ ଶୋଭିତ ହୋଇଥାନ୍ତି—ଏ ବାଜିବାରୁ ଶୋଭିତ ।

୧୬ଶ ପଦ:—ମୃଗମାନେ ବ୍ୟାଧର ଘଣ୍ଟି ଶବ୍ଦ ଶୁଣି ସ୍ତବ୍ଧ ହେଲାପରି ବନ୍ଧୁରାମାନେ ଏ କନ୍ୟାମାନଙ୍କୁ ହୁଳହୁଳି ଶବ୍ଦ ଶୁଣି ସ୍ତବ୍ଧ ଅଛନ୍ତି । ବନରେ ବ୍ୟାଧମାନେ ଅତି ଶୋଭାଯୁକ୍ତ ବନଜାତ ସମ୍ବର, ମୃଗ ଧରିଲାପରି ଏଠାରେ ରମଣୀମାନେ ପ୍ରଧାନ ପ୍ରଧାନ ବସ୍ତୁ ଜଳ ସଂଗ୍ରହ କରି ଧରିଲେ, ( ବାଣ୍ଡୁଆ ପାଣି ଗ୍ରାମରେ କେତେକ ଘରୁ ସଂଗ୍ରହ କରାଯାଇ ଥାଏ । )

୧୭ଶ ପଦ:—ତାହାପରେ ( ଜଳ ତୋଳା ସରିଲାପରେ ) ଜଣେ ଜଣେ ଯାଇ ଦେବଦେବୀମାନଙ୍କୁ ପୂଜା କଲେ ଓ ବର କନ୍ୟାଙ୍କୁ ଗନ୍ଧପୁଷ୍ପ ଦେଇ ମଙ୍ଗୁଳିଲେ ।

୧୮ଶ ପଦ—ଭୃତ୍ୟମାନେ ଶେଷ ପ୍ରହରରେ ଥାଉଁ ନିଦ୍ରା ତେଜି ଉଠି କୋକିଳର ପ୍ରାକୃତ ନାମ କୁହୁକୁ କହିଲେ । ( ବରକନ୍ୟାଙ୍କୁ କୋଇଲି କୁହୁ କରାଇଲେ ।

ବିଜନ ସ୍ଥାନେ ପୂଜାର ଲବଣଚଉଁଶମସ୍ତି ।
ବ୍ରତାଚାରୀ ପରି କରି ସ୍ଥିର ସୁକୁମାରୀ ଯେ । ୧୯ ।
ବେଗେ ଯାଉ ଦିବସ ଏ ବଶ ବର କନ୍ୟା ।
ବିରକ୍ତ ହେଉଁ ଏ ରକ୍ତବନ୍ତେ ଭାନୁ ଧନ୍ୟା ଯେ । ୨୦ ।
ବ୍ୟାସକ୍ତ ଅନୁରାଗରେ ସବିତା ଏକାନ୍ତେ ।
ବଳପୁଷ୍ଟ ବୋଲି ନିଜ ନିବାସକୁ ଚଳେ ଯେ । ୨୧ ।
ବୁଡ଼ାଇ କି ସିନ୍ଧୁଜଳେ ତାମ୍ରପାତ୍ର ରବି ।
ବିଭା ସୀତା ରାମର ନିକଟ ଧାତା ଭାବି ଯେ । ୨୨ ।
ବାତଧ୍ୱଜ ଉଦେ ଅଙ୍କ ଦୂର୍ବାଦଳ ଭରି ।
ବନ୍ଦାଇବ ରୂପାଥାଳୀ ପ୍ରାଚୀନାରୀ ଧରି ଯେ । ୨୩ ।

---

୧୯ଶ ପଦ:—ଲବଣଚଉଁଶମସ୍ତି—ଲବଣଚଉଁଶୀ । ବ୍ରତାଚାରୀ—ବ୍ରତାବଲମ୍ବିନୀ ।
୨୧ଶ ପଦ:—ସବିତା—ସୂର୍ଯ୍ୟ । ବଳପୁଷ୍ଟ—କୁଆ ।
୨୩ଶ ପଦ:—ବାତଧ୍ୱଜ—ଚନ୍ଦ୍ର । ଅଙ୍କ—କଳଙ୍କ । ପ୍ରାଚୀନାରୀ—ପୂର୍ବଦିଗରୂପ ରମଣୀ ।

---

୧୯ଶ ପଦ— ତଦନନ୍ତର ସୀତା ପ୍ରଭୃତି ସ୍ଥିର କୁମାରୀଙ୍କୁ ବ୍ରତାଚରଣୀ ପରି ନିର୍ଜନ ସ୍ଥାନରେ ଲବଣଚଉଁଶୀ ପୂଜାଇଲେ ।

୨୦ଶ ପଦ:—'ଶୀଘ୍ର ଦିନ ଶେଷହେଉ' ଏହି କଥାରେ ବଶ ହୋଇ ବର କନ୍ୟା ବିରକ୍ତ ପ୍ରକାଶ କରନ୍ତେ, ସୂର୍ଯ୍ୟ ତାହା ଜାଣିପାରି ଅସ୍ତ ହୋଇଗଲେ । ତେଣୁ ସେ ବର କନ୍ୟା ପ୍ରଶଂସ୍ୟା ଅଟନ୍ତି । ( ସୂର୍ଯ୍ୟ ମଧ୍ୟ ତାଙ୍କ ମନ କଥା ଜାଣି ଶୀଘ୍ର ଅସ୍ତ ହୋଇଗଲେ ) ।

୨୧ଶ ପଦ:—ସୂର୍ଯ୍ୟ ଅନୁରାଗରେ ରକ୍ତବର୍ଣ୍ଣ ପ୍ରତି ସ୍ନେହ ପ୍ରକାଶ କରିବାର ଦେଖି କାକଗଣ 'ସ୍ନେହରେ ବିଶେଷରେ ଆସକ୍ତ ହୁଅ' ଏହା ସମସ୍ତଙ୍କୁ କହି ନିଜ ନିଜ ବସାକୁ ଉଡ଼ିଗଲେ ।

୨୨ଶ ପଦ:—ସୂର୍ଯ୍ୟ ବୁଡ଼ିଯିବାର ଦେଖି ବୋଧହେଲା, 'ସୀତା ରାମଙ୍କ ବିବାହ ନିକଟ ହେଲା' ଏହା ଭାବି ବିଧାତା ରବି ରୂପ ତାମ୍ରପାତ୍ରକୁ ସମୁଦ୍ରଜଳରେ ବୁଡ଼ାଇଲେ କି ?

୨୩ଶ ପଦ:—ସେହି ସମୟରେ ଚନ୍ଦ୍ର ଉଦିତ ହେଲେ । ତାହା ଦେଖି ମନେହେଲା, ପୂର୍ବଦିଗରୂପା ସ୍ତ୍ରୀ କଳଙ୍କରୂପ ଦୂର୍ବାଦଳକୁ ଭରି ରାମ ସୀତାଙ୍କୁ ବନ୍ଦାଇବ ବୋଲି ରୂପା ଥାଳି ଧାରଣ କରିଅଛନ୍ତି କି ? ( ଚନ୍ଦ୍ର ରୂପାଥାଳି ଓ ତନ୍ମଧ୍ୟସ୍ଥ କଳଙ୍କ ଦୂର୍ବାଦଳ ସହିତ ଉପମିତ ) ।

ବିଭବେ ଉତ୍ସବ ହେଲା ହେନ ରାଜା ଦ୍ୱାରେ ।
ବର୍ଷାଋତୁ ମୂର୍ତ୍ତିମନ୍ତେ କିବା ଅନୁସରେ ଯେ । ୨୪ ।
ବୃନ୍ଦ ବୃନ୍ଦ ଦିଶିଲେ ଜଳଦ କରିବର ।
ବ୍ୟୋମ-ପୂର୍ତ୍ତି ସ୍ତନିତ ପଟ୍ଟହ ନାଦ ତା'ର ଯେ । ୨୫ ।
ବିଗଳିତ ଜଳଧାରା ସଙ୍ଖିଁ ଦାନଜଳ ।
ବଜ୍ରନିର୍ଘୋଷ ନାଗରା ବାଦନ ଚହଳ ଯେ । ୨୬ ।
ବ୍ୟୂହ ଭୟାଳନ୍ତି ଅଶ୍ୱ ଚଞ୍ଚଳ ହୁଅନ୍ତି ।
ବୈଶମ୍ପାୟନଙ୍କ ଚିନ୍ତା ମାଗଧଙ୍କ ସ୍ତୁତି ଯେ । ୨୭ ।

---

୨୫ଶ ପଦ:—ଜଳଦ—ମେଘ । ବ୍ୟୋମ—ଆକାଶ । ସ୍ତନିତ—ମେଘଗର୍ଜନ । ପଟ୍ଟହ—ବାଦ୍ୟ ବିଶେଷ ।

୨୭ଶ ପଦ:—ବ୍ୟୂହ—ସମୂହ । ମାଗଧ—ସ୍ତୁତିପାଠକ ବା ଭାଟ ।

---

୨୪ଶ ପଦ:—ଦଶରଥ ଓ ଜନକଙ୍କ ଦ୍ୱାରରେ ଆଡ଼ମ୍ବର ସହିତ ଉତ୍ସବ ହେଲା । ତାହା ଦେଖି ବୋଧ ହେଲା, ବର୍ଷା ଋତୁ ମୂର୍ତ୍ତିମନ୍ତ ହୋଇ ସେଠାରେ ପ୍ରବିଷ୍ଟ ହେଲା କି ?

୨୫ଶ ପଦ:—ଯୂଥ ଯୂଥ ହୋଇ ଯାଉଥିବା ଶ୍ରେଷ୍ଠ ହସ୍ତୀସବୁ ମେଘମାନଙ୍କପରି ଦେଖାଗଲେ । ମେଘ ଗର୍ଜନ ତୁଲ୍ୟ ପଟ୍ଟହ ପ୍ରଭୃତି ବାଦ୍ୟନାଦରେ ଆକାଶ ପୂର୍ଣ୍ଣ ହେଲା ।

୨୬ଶ ପଦ:—ହସ୍ତିମାନଙ୍କର ଗଣ୍ଡସ୍ଥଳରୁ ଝରୁଥିବା ମଦବାରିସବୁ କିମ୍ବା ବିବାହ ଯୋଗୁ ଦାନ ଦେବାପାଇଁ ବ୍ରାହ୍ମଣମାନଙ୍କ ହାତକୁ ଟେକି ଦେଉଥିବା ଜଳସବୁ ବର୍ଷାଧାରା ପ୍ରାୟ ଦେଖାଗଲା ଏବଂ ବାଜୁଥିବା ନାଗରାର ଚହଳ ବଜ୍ର ନିର୍ଘୋଷପରି ବୋଧ ହେଲା ।

୨୭ଶ ପଦ:—ବଜ୍ର ନିର୍ଘୋଷରେ ଭୟାତୁର ଲୋକମାନେ ଚଞ୍ଚଳ ହେଲାପରି, ବାଦ୍ୟର ଅଦ୍ଭୁତ ନାଦରେ ଘୋଟକସବୁ ଚଞ୍ଚଳ ହେଲେ । ବଜ୍ର ଭୟରୁ ରକ୍ଷା ପାଇବାପାଇଁ ଲୋକେ ବୈଶମ୍ପାୟନଙ୍କୁ ଚିନ୍ତା କଲା ପରି ଏଠାରେ ଭାଟମାନଙ୍କର ସ୍ତୁତିପାଠ ନିର୍ଦ୍ଦିଷ୍ଟ ହେଲା ।

ବାଲ୍ମୀକ ନଜନ ଇନ୍ଦ୍ରକୋଦଣ୍ଡ ହାବେଳି ।
ବହ୍ନିକଣା ଜାତ କି ଖଦ୍ୟୋତ ଦଶେ ଝଳି ଯେ । ୨୮ ।
ଉଦ୍ଧୂତ ଚଞ୍ଚଳ ପୀତ-ଟଗଳ ପ୍ରଚଳ ।
ବିଭ୍ରମେ ଶୁତକପନ୍ତି ଚ୍ୟୁତ ତୋରଣମେଳ ଯେ । ୨୯ ।
ବକ ଶଙ୍ଖ ଦାତ୍ୟୂହ ମଧୁରି କଙ୍କ ଭେରି ।
ବର୍ଷାଭୂ ଟମକ ନାଦେ ଦଣ୍ଡଦଣ ପୂରି ଯେ । ୩୦ ।
ବ୍ୟାଖ୍ୟାନ ଶାମୁକ ନାଦ ଦାସୀ ହୁଳହୁଳି ।
ବିଳସିତା ଇନ୍ଦ୍ରଗୋପ ବେଶ୍ୟା ପାଟଚେଲି ଯେ । ୩୧ ।

---

୨୮ଶ ପଦ:—ବାଲ୍ମୀକ—ସ୍ତୂପମେଘ । କୋଦଣ୍ଡ—ଧନୁ । ଇନ୍ଦ୍ରକୋଦଣ୍ଡ—ଇନ୍ଦ୍ରଧନୁ । ବହ୍ନିକଣା—ଅଗ୍ନିକଣା । ଖଦ୍ୟୋତ—ଜୁଳୁଜୁଳିଆ ପୋକ ।

୩୦ଶ ପଦ:—ଦାତ୍ୟୂହ—ଡାହୁକ । ବର୍ଷାଭୂ—ବେଙ୍ଗ ।

୩୧ଶ ପଦ:—ଇନ୍ଦ୍ରଗୋପ—ସାଧବ ବୋହୂ ବା ଲାଲବର୍ଣ୍ଣ କୀଟ ବିଶେଷ ।

---

୨୮ଶ ପଦ:—ସ୍ତୂପମେଘରୁ ଇନ୍ଦ୍ରଧନୁ ଜାତ ହେଲା ପରି ନଳୀମାନଙ୍କରୁ ହାବେଳୀ ବାଣ ପ୍ରକାଶ ପାଇଲା । ( ଗାଢ଼ ମେଘ କୃଷ୍ଣବର୍ଣ୍ଣ ଓ ଲୁହାନଳୀ କୃଷ୍ଣବର୍ଣ୍ଣ ) । ସେହି ହାବେଳୀରୁ ଜାତ ଅଗ୍ନିକଣାସବୁ ଜୁଳୁଜୁଳିଆ ପୋକପରି ସବୁଦିଗକୁ ଉଜ୍ଜ୍ୱଳ କଲେ । ( ସେହି ବାଣ ଲାଗିବାରୁ ସବୁଦିଗ ଉଜ୍ଜ୍ୱଳ ଦେଖାଗଲା ) ।

୨୯ଶ ପଦ:—ହଳଦିଆ ପତାକାସବୁ ପବନ ଯୋଗେ ଉଡୁଥିବାରୁ ଝଟିକ ବିଜୁଳି ପ୍ରାୟ ଦେଖାଗଲା । ଆମ୍ରପତ୍ରର ତୋରଣ ଶୁତକ ପକ୍ଷୀ ଏଣେ ତେଣେ ଉଡ଼ିଲାପରି ଇତସ୍ତତଃ ଦୋହଲିବାକୁ ଲାଗିଲା ।

୩୦ଶ ପଦ:—ଶଙ୍ଖରୂପ ବଗ, ମହୁରିରୂପ ଡାହୁକ, ଭେରିରୂପ କଙ୍କପକ୍ଷୀ, ଟମକରୂପ ବେଙ୍ଗଙ୍କର ନାଦରେ ଦଶଦିଗ ପୂରିଗଲା । ବର୍ଷାଦିନେ ବଗ, ଡାହୁକ, କଙ୍କ ଓ ବେଙ୍ଗଙ୍କ ଶବ୍ଦରେ ଦଶଦିଗ ପୂରିଉଠେ, ସେହିପରି ଏଠାରେ ଶଙ୍ଖ, ମହୁରି, ଭେରି ଓ ଟମକ ନାଦରେ ଦଶଦିଗ ପୂରି ଉଠିଲା ) ।

୩୧ଶ ପଦ:—ଦାସୀମାନଙ୍କର ହୁଳହୁଳି ରବ ଶାମୁକର ନାଦପରି ଶୁଣାଗଲା ଓ ନୃତ୍ୟଲୀଳା କରୁଥିବା ବେଶ୍ୟାମାନଙ୍କର ପାଟ କାଞ୍ଚୁଲା ସାଧବବୋହୂ ପୋକପରି ଦେଖାଗଲା । ବର୍ଷାଦିନେ ଶାମୁକାନାଦ ଶୁଣାଯାଏ ଓ ବହୁତ ଗାଢ଼ ଲାଲବର୍ଣ୍ଣ ସାଧବବୋହୂ ପୋକ ଦେଖାଯାନ୍ତି । ସେହିପରି ଏଠାରେ ହୁଳହୁଳି ଶବ୍ଦ ଶୁଣାଗଲା ଓ ନୃତ୍ୟକାରିଣୀମାନଙ୍କ ଲାଲବର୍ଣ୍ଣର କାଞ୍ଚୁଲା ସାଧବ-ବୋହୂ ପୋକ ପ୍ରାୟ ପ୍ରତୀୟମାନ ହେଲା ) ।

ଶଦ ଶିଳୀନ୍ଧ୍ର ଛଦ ସହଜେ ଦଶିଲେ ।
ବାଣାଦ ଜାଈ ଯୂଈ ଭ ସବ ଫୁଟିଗଲେ ଯେ । ୩୨ ।
ବରହିଣ ନର୍ତ୍ତକ ନର୍ତ୍ତନ ପ୍ରକାଶିତ ।
ବ୍ୟାବସ୍ତ ଦୁର୍ଦ୍ଦିନ କୁହୁକ ଜାଲକରେ ସତ ଯେ । ୩୩ ।
କର୍ଷୋପଳ ପାତ ଦାତା ରଜତ ପ୍ରଦାନ ।
ବାହାର ପୁର-ଗିରିରୁ ହେଲେ ଝର-ସୈନ୍ୟ ଯେ । ୩୪ ।
ବର୍ଦ୍ଧନ ରାଜମାର୍ଗ ନଦୀ ହେଲା ତହିଁ ।
ଭରଣ ଉଷ୍ଣୀଷ ଡିଣ୍ଡୀରମାନ ଯହିଁ ଯେ । ୩୫ ।

---

୩୨ଶ ପଦ:—ଶଦ—ଶୁକ୍ଳବର୍ଣ୍ଣ । ଶିଳୀନ୍ଧ୍ର—କନ୍ଦଳୀ ।

୩୩ଶ ପଦ:—ବରହିଣ ( ବର୍ହିଣ )—ମୟୂରସମୂହ । ଦୁର୍ଦ୍ଦିନ—ମେଘ ଘୋଡ଼ାଇଥିବା ଦିନ । ଜାଲକ—ଯେ କୁହୁକ ଦେଖାଏ ।

୩୪ଶ ପଦ:—କର୍ଷୋପଳ—କୁଆପଥର ।

---

୩୨ଶ ପଦ:—ଶୁକ୍ଳବର୍ଣ୍ଣର ଛଦସବୁ କନ୍ଦଳୀ ପୁଷ୍ପ ପ୍ରାୟ ଦଶିଲେ । ବାଣ ସବୁ ଫୁଟିବାରୁ ଜାଈ, ଯୂଈ ଫୁଲ ଫୁଟିଲା ପ୍ରାୟ ଦେଖାଗଲା । ( ବର୍ଷା ଦିନେ ) ମାଳବାଣ ପ୍ରଭୃତି ଜାଈ ଯୂଈ ଫୁଲ ଫୁଟନ୍ତି ) ।

୩୩ଶ ପଦ:—ନର୍ତ୍ତକମାନେ ମୟୂର ପ୍ରାୟ ହୋଇ ନୃତ୍ୟ କଲେ । ଇନ୍ଦ୍ରଜାଲିକ ( କୁହୁକ କଲା ବ୍ୟକ୍ତି )ର କୁହୁକ ମେଘାଚ୍ଛନ୍ନ ଦିବସ ପ୍ରାୟ ଅସ୍ପଷ୍ଟ ଦେଖାଗଲା । ( ବର୍ଷାଦିନେ ମୟୂରମାନେ ନୃତ୍ୟ କରନ୍ତି, ମେଘାଚ୍ଛନ୍ନ ହେତୁ ଦିନ ସ୍ପଷ୍ଟ ଦେଖାଯାଏ ନାହିଁ, ସେହିପରି ନର୍ତ୍ତକମାନେ ଏଠାରେ ନୃତ୍ୟ କରୁଛନ୍ତି ଏବଂ ଐନ୍ଦ୍ରଜାଲିକର କୁହୁକ କୌଶଳ ସ୍ପଷ୍ଟ କେହି ବୁଝି ପାରୁ ନାହାନ୍ତି ) ।

୩୪ଶ ପଦ:—ଦାତାମାନଙ୍କର ( ଦଶରଥ ଓ ଜନକ ଦୁଇରାଜାଙ୍କର ) ରୌପ୍ୟ ମୁଦ୍ରା କରକା ପାତ ପ୍ରାୟ ପ୍ରତୀୟମାନ ହେଲା । ନଗର ରୂପ ପର୍ବତରୁ ସୈନ୍ୟମାନେ ଝରଣା ସଦୃଶ ବହିର୍ଗତ ହେଲେ ।

୩୫ଶ ପଦ:—ସେ ସୈନ୍ୟରୂପ ଝରଣା ଦ୍ୱାରା ରାଜପଥରୂପ ନଦୀ ବର୍ଦ୍ଧିତ ହେଲା । ସୈନ୍ୟମାନଙ୍କର ମୁଣ୍ଡର ପାଗ ସବୁ ପାଣିର ଫେଣ ରୂପେ ପୁଞ୍ଜାକାରରେ ଦେଖାଗଲା ।

ସାରତରୁ ପୁଷ୍ପବନ୍ତ ହୋଇ ସମଧୁପ ।
ବେନକୂଳ ବେନପାଶେ ସ୍ଥିତ ବୃକ୍ଷପାପ ଯେ । ୩୬ ।
ସାଚ ବେଗରେ ଗମନ ଲଭିଲା ସେ ଶାନ୍ତ ।
ବନ୍ଧ ସିଂହଦ୍ୱାରରେ ଏମନ୍ତ ବ୍ୟୂତପତ୍ତି ଯେ । ୩୭ ।
ବିଦେଶୀ ପାନ୍ଥପ୍ରଧାନ ଜନତରୀ ଜାନ ।
ବହନ ତେଜି କଲେ ସେ ସଦନ ଗମନ ଯେ । ୩୮ ।
ବେଶ୍ମସ୍ଥା ମୃଦୁସ୍ମୁଲୀକ ନବଞ୍ଝାଇ ଅନ୍ନ ।
ବଣିଲେ ବର ଶାଳକେ ବଣିଲେ ତେସନ ଯେ । ୩୯ ।

---

୩୬ଶ ପଦ:—ସାରତରୁ—ଅର୍ଜୁନ ବୃକ୍ଷ ।
୩୭ଶ ପଦ:—ସାଚ—ଲହରୀ ।
୩୮ଶ ପଦ:—ପାନ୍ଥ—ପଥିକ । ତରୀ—ନୌକା ।
୩୯ଶ ପଦ—ବେଶ୍ମସ୍ଥା—ଗୃହବାସିନୀ ସ୍ତ୍ରୀ ।

---

୩୬ଶ ପଦ:—ବର୍ଷାଦିନେ ଅର୍ଜୁନ ବୃକ୍ଷମାନେ ପୁଷ୍ପବନ୍ତ, ଭ୍ରମରଯୁକ୍ତ ହୋଇ ନଦୀର ବେନି କୂଳରେ ରହିଥାନ୍ତି; ସେହିପରି ଏ ରାଜପଥ ରୂପ ନଦୀର ଉଭୟ ପାର୍ଶ୍ୱରେ ବୃକ୍ଷପାପମାନେ ଫୁଲ ଝାଡ଼ ଶୋଭିତ ଓ ମଦ୍ୟପ ଷିବରିଦ ଯୁକ୍ତ ହୋଇ ଠିଆ ହୋଇ ଅଛନ୍ତି ।

୩୭ଶ ପଦ:—ନଦୀ ତରଙ୍ଗଯୁକ୍ତ ହୋଇ ବେଗରେ ଗମନ କରୁ କରୁ ବନ୍ଧ ପାଇଲେ ସ୍ଥିର ହୋଇଯାଏ । ସେହିପରି ସୈନ୍ୟମାନେ ଅଳ୍ପ ବେଗରେ ଯାଇ (ଶୋଭାଯାତ୍ରାରେ ଯାତ୍ରୀଗଣ ଧୀରେ ଧୀରେ ଯାନ୍ତି) ସିଂହଦ୍ୱାର ରୂପ ବନ୍ଧକୁ ପାଇ ସ୍ଥିର ହୋଇ ରହିଲେ ।

୩୮ଶ ପଦ:—ବିଦେଶୀ ପଥିକମାନେ ନଦୀ ପାର ହୋଇ ଆସିଲେ ନୌକା ଛାଡ଼ି ନିଜ ନିଜ ଗୃହକୁ ଗମନ କରନ୍ତି । ସେହିପରି ବିବାହ ଯାତ୍ରୀ ହୋଇଥିବା ଶ୍ରେଷ୍ଠବ୍ୟକ୍ତିମାନେ ଶବାରି ପ୍ରଭୃତି ଯାନ ସବୁକୁ ତ୍ୟାଗ କରି ନିଜ ନିଜ ବାସ ଗୃହକୁ ଗଲେ ।

୩୯ଶ ପଦ :—ତାହାପରେ ପୁର ମଧ୍ୟରେ ଥିବା ମୃଦୁସ୍ମୁଲୀମାନେ ବରମାନଙ୍କୁ ଅନ୍ନଥାଳୀରେ ବନ୍ଦାପନା କଲେ, ଶାଳକମାନେ ବରଙ୍କୁ ବରଣ କରି ନେଲାବେଳେ ପ୍ରଧାନ ବ୍ୟକ୍ତିମାନଙ୍କୁ ବରଣ କରି ନେଲା ପ୍ରାୟ ଦେଖାଗଲା ।

ବିବାହ ସ୍ଥାନରେ ବରବେଶେ ବସାଇଲେ ।
ବ୍ରହ୍ମା ଆଚାର୍ଯ୍ୟ ବେଦିକେ ଯୁଗଯୁଗ ହେଲେ ଯେ । ୪୦ ।
ବଶିଷ୍ଠ ଶତାନନ୍ଦ, କାଶ୍ୟପ କଉଶିକ ।
ବାମଦେବ ଗଉତମ, ଜାବାଳି ବାଲ୍ମୀକ ଯେ । ୪୧ ।
ବିପ୍ର ବିରଚିତ ଶାଳେ ଧୂଆଇଲେ ପଦ ।
ବିହିତ ଗମନାନଳେ ଚମସ୍ତ ବିନୋଦ ଯେ । ୪୨ ।
ବିଦୃଷ୍ଟି ଅନ୍ତର ପାଟ କୁଜ୍‌ଝଟି ବଶରେ ।
ବିଭାବସୁ ପଦ୍ମିନୀର ହୋଏ ପରସ୍ପରେ ଯେ । ୪୩ ।
ବରଗିଲେ ସୁଯଜ୍ଞୋପବୀତ ଦୂତି ତହିଁ ।
ବିପ୍ରଲବ୍ଧା ହୋଇଥିଲେ ଆଣିଲେ କୋଧାଇ ଯେ । ୪୪ ।

---

୪୦ଶ ପଦ:—ବେଦିକେ—ପ୍ରତିବେଦୀରେ । ଯୁଗ ଯୁଗ—ଦୁଇ ଦୁଇ

୪୩ଶ ପଦ:—ବିଭାବସୁ—ସୂର୍ଯ୍ୟ ।

୪୪ଶ ପଦ:—ବିପ୍ରଲବ୍ଧା—ନାୟିକାବିଶେଷ ଅର୍ଥାତ୍ ଆଠପ୍ରକାର ନାୟିକାଙ୍କମଧ୍ୟରୁ ଗୋଟିଏ, ମାନିନୀ ସ୍ତ୍ରୀ ।

---

୪୦ଶ ପଦ—ତଦନନ୍ତର ବରମାନଙ୍କୁ ବରବେଶରେ ବିବାହ ସ୍ଥାନରେ ବସାଇଲେ, ପ୍ରତି ବେଦୀରେ ବ୍ରହ୍ମା ଓ ଆଚାର୍ଯ୍ୟ ଏହିପରି ଦୁଇ ଦୁଇଜଣ ବରଣ ହେଲେ ।

୪୧ ଶ ପଦ:—ବଶିଷ୍ଠ—ଶତାନନ୍ଦ, କାଶ୍ୟପ—କୌଶିକ, ବାମଦେବ—ଗୌତମ, ଏବଂ ଜାବାଳି—ବାଲ୍ମୀକି ଏହିପରି ପ୍ରତିବେଦୀରେ ବ୍ରହ୍ମା ଓ ଆଚାର୍ଯ୍ୟ ହୋଇ ବସିଲେ ।

୪୨ଶ ପଦ:—ପୁରୋହିତମାନେ ବିଧିବିଧାନ ଅନୁସାରେ ଶାଳକମାନଙ୍କ ଦ୍ୱାରା ବରମାନଙ୍କର ପାଦକୁ ଧୂଆଇଲେ । ଚମସ୍ତମୃତ ପବନରେ କ୍ରୀଡ଼ାରତ ହୋଇ ଆମୋଦ ଲଭିଲା ପରି, ସେ ବରକନ୍ୟାମାନେ ଲବଣ ଚମସ୍ତ ବିଧାନରେ ଆନନ୍ଦ ଉପଭୋଗ କଲେ ।

୪୩ଶ ପଦ:—ବରକନ୍ୟାଙ୍କର ଦେଖା ଦେଖି ନ ହେବାପାଇଁ ପାଟର ଅନ୍ତର ବାଡ଼ ମଧ୍ୟରେ ପକାଇଲେ । କୁହୁଡ଼ି ଯୋଗୁ ସୂର୍ଯ୍ୟ ଓ ପଦ୍ମଙ୍କର ଯେପରି ଦେଖାଦେଖି ହୋଇ ନ ପାରେ, ସେହିପରି ଅନ୍ତର ପାଟ ଯୋଗୁ ସୂର୍ଯ୍ୟବଂଶ ଜାତ ରାମଚନ୍ଦ୍ରଙ୍କର ଓ ପଦ୍ମିନୀ ସ୍ତ୍ରୀ ସୀତାଙ୍କର ଦେଖାଦେଖି ହୋଇ ପାରିଲା ନାହିଁ ।

୪୪ଶ ପଦ:—ଉତ୍ତମ ଯଜ୍ଞସୂତ୍ର (ମନ୍ତ୍ରିତ ହୋଇଥିବା ଅଷାଢ଼ୁଆ ସୂତା) ଦୂତୀରୂପେ ବରମାନଙ୍କଠାରୁ ସଙ୍କେତ ନେଇ କନ୍ୟାମାନଙ୍କ ପାଖକୁ ପଠାଇବାରୁ କନ୍ୟାମାନେ ଆସିଲେ । ସେ କନ୍ୟାମାନେ ବିପ୍ରଲବ୍ଧା ହୋଇଥିଲେ,

ବାଞ୍ଛା କଳ୍ପଦ୍ରୁମ ପାଶେ କାମଧେନୁ ମିଳେ ।
ବାମନେତ୍ରା ଦକ୍ଷିଣ କରାଇ ବସାଇଲେ ଯେ । ୪୫ ।
ବସୁନ୍ଧରା ପ୍ରାପ୍ତେ ସେ ଅଙ୍ଗଣ ନବଖଣ୍ଡେ ।
ଦିବ୍ୟବସ୍ତ୍ର କି ଅମ୍ବରେ ତାରାପନ୍ତି ରୁଣ୍ଡେ ଯେ । ୪୬ ।
ବୃକ୍ଷସ୍ତମ୍ଭେ ରାଜେ ଫଳବନ୍ତ ହୋଇ ସେହି ।
ବାନ୍ଧବ-କୁମୁଦର କି ପ୍ରଭା ସୁଧା ବହି ଯେ । ୪୭ ।

---

୪୬ଶ ପଦ:—ବସୁନ୍ଧରା—ପୃଥିବୀ । ଅଙ୍ଗଣ—ଅଗଣା । ଅମ୍ବର—ଆକାଶ, ବସ୍ତ୍ର । ତାରାପନ୍ତି—ନକ୍ଷତ୍ର ସମୂହ, ମୁକ୍ତାପନ୍ତି ।

୪୭ଶ ପଦ:—ସୁଧା— ଚୂନ, ଅମୃତ ।

---

ତାଙ୍କୁ ବୋଧ କରାଇ ଆଣିଲେ । ( ଦୂତୀମାନେ ମାନିନୀ ନାୟିକାଙ୍କୁ ପ୍ରବୋଧ କରାଇ ସଙ୍କେତସ୍ଥଳକୁ ନେଲାପରି, ଅର୍ଥାତ୍ ଆସୁତା ଯିବାରୁ ସୀତା ପଦ୍ମଶ୍ରମଣାଇ ବେଦୀ ଉପରକୁ ଆସିଲେ ) ।

୪୫ଶ ପଦ:—ବାଞ୍ଛା ପୂର୍ତ୍ତିକାରୀ କଳ୍ପତରୁରୂପ ବରଙ୍କ ନିକଟରେ କାମଧେନୁ ରୂପୀ କନ୍ୟାମାନେ ଆସି ମିଳିତ ହେବାରୁ ପୁରୋହିତମାନେ ବାମଲୋଚନା କନ୍ୟାମାନଙ୍କୁ ଦକ୍ଷିଣଭାଗରେ ବସାଇଲେ ।

୪୬ଶ ପଦ:—ସେହି ଅଗଣା ବସୁନ୍ଧରା ପ୍ରାପ୍ତ ହୋଇଅଛି । ବସୁନ୍ଧରା ନବଖଣ୍ଡ ହେଲା ପ୍ରାପ୍ତ ଅଗଣା ଚାରିଗୋଟି ବେଦୀ ଓ ପାଞ୍ଚଗୋଟି ଅନ୍ତର ସ୍ଥାନ ଯୋଗେ ନବଖଣ୍ଡ ହୋଇଅଛି । ରାତ୍ରରେ ଆକାଶରେ ନକ୍ଷତ୍ର ଶ୍ରେଣୀ ରୁଣ୍ଡ ହୋଇ ଶୋଭା ପାଇଲା ପରି, ସେ ଅଗଣାରେ ଟଣା ହୋଇଥିବା ଚନ୍ଦ୍ରାତପ ସୁନ୍ଦର ଦିଶୁଅଛି । ( ଏଠାରେ ଚନ୍ଦ୍ରାତପ ଆକାଶ ଓ ଚନ୍ଦ୍ରାତପରେ ଖଞ୍ଜି ତ ହୋଇଥିବା ମଣି ମୁକ୍ତାଦି ନକ୍ଷତ୍ର ସହିତ ଉପମିତ ) ।

୪୭ଶ ପଦ —ସେହି ଅଗଣାରେ ପୋତା ହୋଇଥିବା ସ୍ତମ୍ଭସବୁ ବୃକ୍ଷ ହେଲେ । ବୃକ୍ଷ ସବୁ ଫଳଦ୍ୱାରା ଶୋଭିତ ହେଲା ପ୍ରାପ୍ତ ସ୍ତମ୍ଭସବୁ ଗୁଆ ନଡ଼ିଆ ଇତ୍ୟାଦି ଫଳରେ ଭୂଷିତ ହୋଇ ଅଛନ୍ତି । ପୁଣି ସେ ସ୍ତମ୍ଭ ଚୂନଲିପ୍ତ ହୋଇଥିବାରୁ ଅମୃତର ଶୁଭ୍ର ପ୍ରଭା ଧାରଣ କରିଥିବା ଚନ୍ଦ୍ରପ୍ରାପ୍ତ ପ୍ରତୀୟମାନ ହୁଏ ।

ବ୍ରହ୍ମା ଆନନକୁ ସେ ହୋଇଲା ଅନୁରୂପ ।
ବେଦବାକ୍ୟ ପୂର୍ଣ୍ଣ ହୋଇ ଚତୁର ମଣ୍ଡପ ସେ । ୪୮ ।
ବିପ୍ରେ ଲକ୍ଷିତ ହୋଇଲେ ତାଙ୍କ କର ସଙ୍ଗେ ।
କୁଶ ମୁଷ୍ଟି ତାମ୍ର ସୁପାରୀ ଶ୍ରୁବ ଶ୍ରୁଚ ଯୋଗେ ସେ । ୪୯ ।
ବରକନ୍ୟାଙ୍କୁ ବୋଲନ୍ତି ଈଶ୍ୱର ପାର୍ବତୀ ।
ବାନ୍ଧିଲେ ସେ ମୁକୁଟ କରି କି ଏହି ମତି ସେ । ୫୦ ।
ବିଧିତ ପୁଣ ଏ ଗୋତ୍ରବଂଶବର ଖ୍ୟାତ ।
ବିଶୀର୍ଣ୍ଣ ଖ୍ୟାତହିଁ ହୋଏ କାମର ଉଦ୍ଧତ ସେ । ୫୧ ।
ବୈଣୀଲେ ଶୂଳ ଭରମ ଉପୁଜ ତା ଥିବ ।
ବଳା ଡମ୍ବରୁ ନାଦକୁ ଶୁଣି ପଳାଇବ ସେ । ୫୨ ।

---

୫୧ଶତ୍ର ପଦ:— ଗୋତ୍ର ବଂଶବର—'ଗୋତ୍ର' ପର୍ବତମାନଙ୍କ ମଧ୍ୟରେ ପ୍ରଧାନ ଅର୍ଥାତ୍ ହିମାଳୟ ପର୍ବତ, ପ୍ରଧାନ ସୂର୍ଯ୍ୟବଂଶ । ବିଶୀର୍ଣ୍ଣ—ବିପନ୍ନ ଭସ୍ମ ।

---

୪୮ଶ ପଦ:— ସେହି ଚାରିଗୋଟି ମଣ୍ଡପ ବ୍ରହ୍ମାଙ୍କର ଚାରିମୁଖ ସହିତ ସମାନ ହେଲା । ଚତୁରାନନ ବେଦରେ ପୂର୍ଣ୍ଣ ହେଲାପରି ଏ ଚାରିମଣ୍ଡପ ବ୍ରାହ୍ମଣ ମୁଖ ନିଃସୃତ ବେଦବାକ୍ୟରେ ପୂର୍ଣ୍ଣ ହୋଇଅଛି ।

୪୯ଶତ୍ର ପଦ:—ସେହି ବ୍ରହ୍ମାଙ୍କ ହସ୍ତ ସହିତ ବିପ୍ରମାନେ ( ବ୍ରହ୍ମା ଓ ଆଚାର୍ଯ୍ୟମାନେ ) ଲକ୍ଷିତ ହେଲେ । ବ୍ରହ୍ମାଙ୍କ ହସ୍ତରେ କୁଶମୁଷ୍ଟି, ତମ୍ବାପାଣି, ଶ୍ରୁବ, ଶ୍ରୁଚ ବିଦ୍ୟମାନ ଥିଲା ପ୍ରାୟ, ଏହି ବ୍ରାହ୍ମଣମାନଙ୍କ ହସ୍ତରେ କୁଶମୁଷ୍ଟି ତମ୍ବାପାଣି, ଶ୍ରୁବ, ଶ୍ରୁଚ ରହିଅଛି ।

୫୦ଶତ୍ର ପଦ :— ବର କନ୍ୟାଙ୍କୁ ଈଶ୍ୱର ପାର୍ବତୀ କହନ୍ତି ( ଉମା ପାଶୁପତେଃ ); ସେହି ହେତୁରୁ ସେମାନେ ବରକନ୍ୟାଙ୍କ ମସ୍ତକରେ ମୁକୁଟ ବାନ୍ଧିଲେ କି ?

୫୧ଶତ୍ର ପଦ :—ବିବାହ ସମୟରେ ଗୋତ୍ର ବଂଶ ପ୍ରବର କଥିତ ହେବା ବିଧି; ପୁଣି କନ୍ଦର୍ପ ପର୍ବତଶ୍ରେଷ୍ଠ ହିମାଳୟରେ ବାସ କରୁଥିବା ମହାଦେବଙ୍କୁ ଦେଖି ଖ୍ୟାତ ହେଲାପରି ସୂର୍ଯ୍ୟବଂଶରେ ଜାତ ବରମାନଙ୍କୁ ଦେଖି ବିଶେଷଭାବରେ ଭସ୍ମ ପ୍ରାପ୍ତ ହେଲା ।

୫୨ଶତ୍ର ପଦ :—ସେହି କନ୍ଦର୍ପର ବେଣୀ କଣ୍ଠରେ ପୋତା ହୋଇଥିବା ବଣ୍ଟିଶାଳୀ ଦର୍ଶନରେ ମହାଦେବଙ୍କ ଶୂଳ ବୋଲି ଭ୍ରମ ଉପୁଜିଥିବ । ପୁଣି କନ୍ୟାମାନଙ୍କର ବଳା ଶବ୍ଦକୁ ସେ ମହାଦେବଙ୍କ ଡ଼ମ୍ବରୁ ଦେ ବୋଲି ମନେ କରି ନିଶ୍ଚୟ ପଳାଇ ଯିବ ।

ସ୍ୱାନ୍ତହୋତେ ଲାଜା ହୋମ କରୁ ଲଜ୍ଜାବନ୍ତ ।
ବଳରେ ବିଗୁର କାହିଁ ହୋଇବ ସମ୍ଭ୍ରମ ଯେ ।୫୩।
ବନ୍ଧାଇଲେ ଦୁହିଙ୍କର କର ସେ କୌତୁକେ ।
ବାମା ପୁଂସ ଏକ କରି ସେ ଦମ୍ପତି ପଦେ ଯେ ।୫୪।
ବିପ୍ର ଦୁହିତାଏ ତହିଁ ପରବେଶ ହେଲେ ।
ବିପଦପାଶ ଫିଟିଲା ପାଞ୍ଚି ଫିଟାଇଲେ ଯେ ।୫୫।
ବାହାରିଲେ ଗଣ୍ଠିଆଳ ଅଳଂକୃତ ହୋଇ ।
ବିଷ୍ଣୁକେତୁ ରଣାରମ୍ଭେ କି ସେ ଶାଢ଼ୀ ପାଇ ଯେ । ୫୬ ।
ବରାଟକେ ଅନ୍ତଃପୁରେ ଦ୍ୟୂତ ଖେଳାଇଲେ ।
ବଳବନ୍ତ ଅବଳା ଧରସି ନ ପାରିଲେ ଯେ । ୫୭ ।

---

୫୩ଶର୍ ପଦ :—ସ୍ୱାନ୍ତହୋତ୍ର—ଅଗ୍ନି । ଲାଜା—ଲିଆ ।
୫୭ଶର୍ ପଦ :—ବରାଟକ— କଉଡ଼ି ।

---

୫୩ଶର୍ ପଦ :—ଅଗ୍ନିରେ ଲାଜା ହୋମ କରିବାରୁ (ବିବାହବେଳେ ଅଗ୍ନିରେ ଲିଆ ପୋଡ଼ା ଯାଏ, ତାହାକୁ ଲାଜା ହୋମ ବା ଲଜ୍ଜା ହୋମ କହନ୍ତି) ଲଜ୍ଜା ସବୁ ବିଗୁର କଲେ, "ଆମ୍ଭେ ଯାଇ ଆଉ କେଉଁଠି ସମ୍ଭ୍ରାନ୍ତ ହୋଇ ରହିବା ?"

୫୪ଶର୍ ପଦ :—ବରଣ ହୋଇଥିବା ବ୍ରହ୍ମା ଓ ଆଚାର୍ଯ୍ୟ ବର କନ୍ୟା ଦୁହିଙ୍କର ହସ୍ତ ସବୁ ବାନ୍ଧିଲେ (ହାତଗଣ୍ଠି ପକାଇଲେ) । ତାହାପରେ ସେ ବର ଓ କନ୍ୟା ଦୁହିଙ୍କୁ ଦମ୍ପତି (ଜାୟା ଓ ପତି) ପଦରେ ଏକତ୍ର କରି ଦେଲେ ।

୫୫ଶର୍ ପଦ :— ତତ୍ପରେ ବ୍ରାହ୍ମଣ କନ୍ୟାମାନେ ସେଠାରେ ପ୍ରବେଶ ହେଲେ । କାମ ବିପତ୍ତି ରୂପ ଫାସ ଏବେ ଫିଟିଗଲା—ଏହା ପାଞ୍ଚି ସେ ହାତଗଣ୍ଠିକୁ ଫିଟାଇ ଦେଲେ ।

୫୬ଶର୍ ପଦ :—ବର କନ୍ୟା ଗଇଁଠାଳ ବସ୍ତ୍ରରେ ଭୂଷିତ ହୋଇ ବାହାରିଲେ । ତାହା ଦେଖି ମନେ ହେଲା,—କନ୍ଦର୍ପ ସହିତ ଯୁଦ୍ଧାରମ୍ଭ କରିବା ପାଇଁ ଏମାନେ ଶାଢ଼ୀ ପାଇଲେ କି ?

୫୭ଶର୍ ପଦ :— ଅନ୍ତଃପୁରରେ ବର କନ୍ୟାଙ୍କୁ କଉଡ଼ିରେ ଜୁଆ ଖେଳାଇଲେ । ବଳିଷ୍ଠ ଶ୍ରୀରାମଚନ୍ଦ୍ରାଦି ବରମାନେ ଅବଳା କନ୍ୟାମାନଙ୍କୁ ଜୟ କରି ପାରିଲେ ନାହିଁ । (ଅର୍ଥାତ୍ କନ୍ୟାମାନଙ୍କ ହାତରୁ କଉଡ଼ି ଛଡ଼ାଇ ପାରିଲେ ନାହିଁ) ।

ବୃଦ୍ଧି ନଦୀ ତଟତରୁ ଉପାଡ଼ି ଭସାଇ ।
ବେତସ ମଧ୍ୟରେ କିଛି କରି ନ ପାରଇ ଯେ ।୫୮।
ତହୁଁ ପଞ୍ଚଗ୍ରାସୀ ହସ୍ତ ସ୍ଥାଳୀରୁ ନ ଟଳି ।
ବଳୟେ ରାମମୂରତି ଦିଶନ୍ତେ ମୈଥିଳୀ ଯେ ।୫୯।
ବାରି ବିଧୁ ବିମ୍ବେ ଯଥା ଚକୋର ସୁସ୍ନେହୀ ।
ବସି ପତ୍ରାଚ୍ଛନ୍ନ ବୃକ୍ଷେ ଟେକ ନ ଅନାଇଁ ଯେ ।୬୦।
ବଢ଼ିଲା ଏ ବିଧାନ ଶାଶୁଏ ବନ୍ଦାଇଲେ ।
ବିତରଣ ଅମୂଲ୍ୟ ରତନମାନ କଲେ ଯେ ।୬୧।
ସାରବର ଭଞ୍ଜ ସୀତା ରାମଙ୍କୁ ଧ୍ୟାଇଲା ।
ବାଷଠି ପଦେ ଏ ଛାନ୍ଦ ଶେଷକୁ ବହିଲା ଯେ ।୬୨।

---

୫୮ଶତ୍ମ ପଦ :—ବଢ଼ିଥିବା ନଈ ତା'ର ତୀରରେ ଥିବା ବଡ଼ ବଡ଼ ବୃକ୍ଷମାନଙ୍କୁ ଉପାଡ଼ି ଭସାଇ ନିଏ, ମାତ୍ର ମଧ୍ୟରେ ଥିବା ବେତ ବୁଦାର କିଛି କରି ପାରେ ନାହିଁ । (ସେହିପରି ବଳିଷ୍ଠ ବୀରମାନେ ବଡ଼ ବଡ଼ ବୀରଙ୍କୁ ହରାଇ ପାରନ୍ତି, ମାତ୍ର ଅବଳା ନିକଟରେ ହାରିଲେ) ।

୫୯ ଓ ୬୦ତମ ପଦ :—ଯେପରି ଚକୋର ପକ୍ଷୀ ପତ୍ରାଚ୍ଛାଦିତ ବୃକ୍ଷରେ ବସି ଜଳ ମଧ୍ୟରେ ପଡ଼ିଥିବା ଚନ୍ଦ୍ରର ପ୍ରତିବିମ୍ବ ଦେଖିଲେ ତତ୍ ପ୍ରତି ସ୍ନେହୀ ହୋଇ ଆଉ ଉପରକୁ (ଚନ୍ଦ୍ରକୁ) ଅନାଏ ନାହିଁ, ସେହିପରି ସୀତା ପଞ୍ଚଗ୍ରାସୀ ସମୟରେ ହସ୍ତରେ ପିନ୍ଧିଥିବା କଙ୍କଣାଦି ଅଳଙ୍କାରରେ ରାମଙ୍କର ପ୍ରତିମୂର୍ତ୍ତି ଦେଖି ଆନନ୍ଦରେ ଆଉ ହସ୍ତ ଚଳାଇଲେ ନାହିଁ । (ପ୍ରତିମୂର୍ତ୍ତି ଦେଖି ଏପରି ତନ୍ମୟ ହୋଇ ଯାଇଥିଲେ ଯେ, ହାତ ଆଉ ଚଳିଲା ନାହିଁ । କିମ୍ବା ଥାଳୀରୁ ହାତ ଉଠାଇଲେ ଆଉ ରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ଦିଶିବ ନାହିଁ,—ଏ ଆଶଙ୍କା ହେବାରୁ ହାତ ଚଳାଇଲେ ନାହିଁ) ।

୬୧ତମ ପଦ :—ଏ ପଞ୍ଚଗ୍ରାସୀ ଯଥାବିଧିରେ ଶେଷ ହେଲା । ଶାଶୁମାନେ ବର କନ୍ୟାଙ୍କୁ ବନ୍ଦାପନା କଲେ ଓ ଅମୂଲ୍ୟ ରତ୍ନମାନ ବିତରଣ କଲେ ।

୬୨ତମ ପଦ :—ସାରବର ଭଞ୍ଜ ସୀତା ରାମଙ୍କୁ ଧ୍ୟାନ କରି ଏ ଛାନ୍ଦ ବାଷଠି ପଦରେ ଶେଷ କଲେ ।

—*—

## ପଞ୍ଚଦଶ ଛାନ୍ଦ

### ରାଗ—କେଦାର, ଚକ୍ରକେଳି ବାଣୀ

ଖଚିତ ଚିତ୍ରରେ ହୋଇଥିଲେ । ବାମା ମଧୁଶଯ୍ୟାକୁ ମଣ୍ତାଇଲେ
ବସ୍ତ୍ରବନ୍ତରୁ ହୋଇଛି ରଞ୍ଜନ । ବ୍ୟକ୍ତ ସୁନେତ୍ର ରେଖିତ ଖଞ୍ଜନ ।୧।
ଖଟଚଳ ଯେ ପଲଙ୍କ ପଲକ । ବେଣୀ ରତ୍ନପ୍ରଘାପରେ ଅଧିକ ।
ବେଣୀ ଶୋଭା ଅଗୁରୁ ଧୂମ ଧାର । ବହିଅଛି ଅଳକା ମନୋହର ।୨।
ବକ୍ତ୍ର ଦର୍ପଣ ଚନ୍ଦ୍ରାତପେ ଶୋଭି । ବିନୋଦକୁ ପ୍ରକାଶିବାରେ ସ୍ୱେଚ୍ଛୀ ।
ଛନ୍ଦ ପୁରେ ରୂପକ ଶ୍ଳେଷ ଛନ୍ଦ । ତାହେ ଦମ୍ପତି ହେବେ ବନ୍ଧାବନ୍ଧ ॥

---

୧ମ ପଦ :—ଖଞ୍ଜନ—ଭଦଭଦଳିଆ ପକ୍ଷୀ । ବସ୍ତ୍ରବନ୍ତରେ—ଶୋଭାରେ ।
୨ୟ ପଦ :—ପଲକ—ପକ୍ଷ୍ମପାତ । ଅଳକ—ଚୂର୍ଣ୍ଣକୁନ୍ତଳ, କୁବେରଙ୍କ ପୁର ।
୩ୟ ପଦ :—ବକ୍ତ୍ର—ମୁଖ । ଚନ୍ଦ୍ରାତପ—ଚାନ୍ଦୁଆ । ଦମ୍ପତି—ସ୍ୱାମୀ ଓ ସ୍ତ୍ରୀ ।

---

## ପଞ୍ଚଦଶ ଛାନ୍ଦ

୧ମ ପଦ :—ନାନାବର୍ଣ୍ଣ ଚିତ୍ରରେ ଖଚିତ ହୋଇଥିବା ଓ ପଟ୍ଟବସ୍ତ୍ରରେ ଭୂଷିତ ହୋଇଥିବା ମଧୁଶଯ୍ୟା ଗୃହକୁ ମଣ୍ତାଇଲେ । ରମଣୀମାନଙ୍କ ପରି ସେ ମଧୁଶଯ୍ୟା ଗୃହ ନିବର୍ଣ୍ଣବନ୍ତରୁ ଅନୁରାଗ ଜନକ ହୋଇଛି । ତହିଁରେ ଚିତ୍ରିତ ହୋଇଥିବା ରେଖାମାନ, ଖଞ୍ଜନ ପକ୍ଷୀ ମୀନନୟନା ଓ ଖଞ୍ଜନାକ୍ଷୀ ରମଣୀମାନଙ୍କ ଉତ୍ତମ ନେତ୍ର ସଦୃଶ ହୋଇ ଅଛନ୍ତି । ( ବାମାମାନେ ଚନ୍ଦନାଦିରେ ଚର୍ଚ୍ଚିତ ହୋଇଥାନ୍ତି, ବସ୍ତ୍ରାଦିରେ ଭୂଷିତ ହୋଇଥାନ୍ତି ଏବଂ ତାଙ୍କ ନେତ୍ର ମୀନ ଓ ଖଞ୍ଜନ ପକ୍ଷୀର ନେତ୍ରପରି ହୋଇଥାଏ, ସେହିପରି ଏ ବାସର ଗୃହ ଚର୍ଚ୍ଚିତ ହୋଇଅଛି । ନାନାପ୍ରକାର ପଟ୍ଟବସ୍ତ୍ର ଦ୍ୱାରା ଆବୃତ ହୋଇଅଛି ଓ ସେଥିରେ ମୀନ, ଖଞ୍ଜନାଦି ଅଙ୍କିତ ହୋଇ ଅଛନ୍ତି ) ।

୨ୟ ପଦ :—ବାସର ଗୃହରେ ପଡ଼ିଥିବା ପଲଙ୍କ ରମଣୀଙ୍କ ନେତ୍ରର ପଲକ ସଦୃଶ ଅଟେ । ବାମାମାନେ ନାନା ରତ୍ନରେ ବେଶ ଭୂଷା ହୋଇଥିଲାପରି ଏ ଗୃହ ବହୁ ରତ୍ନ ପ୍ରଭାପରେ ଭୂଷିତ ହୋଇଅଛି । ଗୃହର ଅଗୁରୁ ଧୂମର ଶିଖା ବାମାଙ୍କର ବେଣୀର ଶୋଭା ଧାରଣ କରିଅଛି । ଯେପରି ବାମାମାନେ ଅଳକା ଅର୍ଥାତ୍ ଚୂର୍ଣ୍ଣ କୁନ୍ତଳ ଧାରଣ କରିଥାନ୍ତି ସେହିପରି କୁବେର ପୁରୀ ପ୍ରାୟ ସେ ଗୃହ ମନୋହର ହୋଇ ଥିବାରୁ ଅଳକା ପୁରୀ ନାମ ବହିଅଛି ।

୩ୟ ପଦ :—ବାମାମାନଙ୍କ ମୁଖ ଜ୍ୟୋତି ଯେପରି ଦର୍ପଣ ପ୍ରାୟ ଶୋଭପାଏ, ସେହିପରି ଏ ବାସର ଗୃହ ଦର୍ପଣ ଖଚିତ ଚାନ୍ଦୁଆଦ୍ୱାରା ଶୋଭା ପାଉଅଛି । ପୁଣି ବାମାଗଣ ରତିକ୍ରୀଡ଼ାରେ ସ୍ୱେଚ୍ଛା ହେଲାପରି ଏ ଗୃହ ବିନୋଦ

ବସୁ ଚନ୍ଦ୍ର ରାମ ହେଲେ ରାଘବ । ବଧୂରେ ତ ବାସକସଜ୍ଜା ଭାବ ।
ବିଳମ୍ବିତ କାନ୍ତା ସ୍ମରି ଆଗତେ । ବଳି ଚିତ୍ତଦ୍ୱାରେ ରୁହନ୍ତି ଆରତେ ।୪।
ବିରହରେ ଉତ୍କଣ୍ଠିତା ପ୍ରକାଶି । ବିହ୍ୱଳାକୁ ସୁରସ ମାନ ଘୋଷି ।।
ବିମ୍ବାଧରେ ହୋଇବାକୁ ଖଣ୍ଡିତା । ବେଗ ବେଗ ହୋଇଅଛନ୍ତି ମମତା ।୫।
ବହୁବଚନେ ଏଣୁ ସିଦ୍ଧ ତର୍କ । ବ୍ୟାକରଣେ ରାମ ରାମା କରି କ ?
ବିହି ଏଣୁ ଗୀତେ ଯୋଷା ସୁଷମା । ବୋଲନ୍ତି ପାଶ୍ଚାତ୍ୟେ ଶ୍ରୀରାମା ରାମା ।
ବିଲକ୍ଷିତ ହୋଇବ କିପାଁ କଲେ । ବିବେଚନ ମୋହନେ ରମା ହେଲେ ।
ବଧୂସୀଏ ଏକାଳେ ସୁଲକ୍ଷଣୀ । ବିଜେ କରାଇଲେ ବାଜୁଁ କିଙ୍କିଣୀ ।।

---

ଭାବକୁ ସ୍ନେହର ସହିତ ବନ୍ଧିଅଛି ( ମନୋହର ହୋଇଅଛି ) । ସେ ଗୃହରେ ସ୍ତ୍ରୀ ପୁରୁଷ ଦୁହେଁ ବାହୁଦ୍ୱାରା ଛନ୍ଦାଛନ୍ଦ ହେବେ ବୋଲି ଏ ରୂପକ ଶ୍ଳେଷରେ ଗୃହର ବର୍ଣ୍ଣନା ରଚନା କରାଗଲା ।

୪ର୍ଥ ପଦ :—ବାସକସଜ୍ଜା ନାୟିକା କାମାତୁର ହୋଇ ବେଶଭୂଷା ସହିତ ଉଦ୍‌ବିଗ୍ନ ଚିତ୍ତରେ ନିଜର ସ୍ୱାମୀ ଆସିବା ପଥକୁ ଚାହିଁ ବସି ରହିଲା ପରି, ରାମଚନ୍ଦ୍ର ମଧୁଶଯ୍ୟା ଗୃହରେ ବସି କାମାର୍ତ୍ତ ଚିତ୍ତରେ ସୀତାଙ୍କ ଆଗମନ ଅପେକ୍ଷାରେ ଚାହିଁ ରହିଲେ । ( ଏଠାରେ ରାମଚନ୍ଦ୍ର ବାସକସଜ୍ଜା ରମଣୀ ସହିତ ଉପମିତ ) ।

୫ମ ପଦ :—ରାମଚନ୍ଦ୍ର କାନ୍ତାଙ୍କ ବିରହରେ ଆକୁଳିତ ହୋଇ ବିରହୋତ୍କଣ୍ଠିତା ନାୟିକା ପ୍ରାପ୍ୟ ଉତ୍ତମ ରସ କଥାମାନ ଘୋଷ ହେଲେ । (ବିରହୋତ୍କଣ୍ଠିତା ନାୟିକା ଗୁଣ ପ୍ରକାଶ ପାଇଲା) । ପୁଣି ସୀତାଙ୍କର ବିମ୍ବୋଷ୍ଠରେ ଦନ୍ତଶୀଘ୍ର କ୍ଷତ ଦାଗ ଅଙ୍କିତ କରିବା ପାଇଁ ଅସ୍ଥିର ହୋଇ ଉଠିଲେ ( ଖଣ୍ଡିତା ନାୟିକାର ଧର୍ମ ସୂଚିତ ହେଲା ) ।

୬ଷ୍ଠ ପଦ :—ରାମ ବାସଗୃହରେ ବସି ରାମା ହେଲେ; ଏହି ବର୍ଣ୍ଣନା ଅଳୀକ ନୁହେ । ବ୍ୟାକରଣ ଶାସ୍ତ୍ରରେ ରାମ ଶବ୍ଦର ବହୁବଚନରେ ରାମା ହୋଇଥାଏ ( ରାମଃ, ରାମୌ, ରାମାଃ ) । ତେଣୁ ଗୀତରେ ରାମଙ୍କୁ ସ୍ତ୍ରୀ ରୂପରେ ବିଧାନ କରାଗଲା । ପୁଣି ପଶ୍ଚିମ ଅଞ୍ଚଳର ଲୋକମାନେ ଶ୍ରୀରାମା ରାମା ବୋଲି କହିଥାନ୍ତି । ( ତେଣୁ ରାମଙ୍କୁ ସ୍ତ୍ରୀ ଲିଙ୍ଗ କରି ରମା ରୂପେ ବର୍ଣ୍ଣନା କଲେ କ୍ଷତି କଣ ? )

୭ମ ଓ ୮ମ ପଦ :—ରାମ ଶବ୍ଦକୁ ରାମା ବୋଲି ବର୍ଣ୍ଣନା କଲେ ଏହା ଅସଙ୍ଗତ ହେବ ନାହିଁ; କାରଣ, ବିବେଚନ ରାକ୍ଷସଙ୍କୁ ପୂର୍ବେ ମାଳଣୀ କନ୍ୟା ରୂପେ ଏହି ରାମଚନ୍ଦ୍ର ମୋହିତ କରିଥିଲେ । ଏହି ସମୟରେ ସଖୀମାନେ ସୁଲକ୍ଷଣବତୀ ସୀତାଙ୍କୁ ବାସର ଗୃହକୁ ବିଜେ କରାଇଲେ । ସୀତାଙ୍କର ଗମନ

ବଣ୍ଡ ତୃଷାର୍ତ୍ତୀ ଚାତକ ଯେମନ୍ତ । ବାଣବାଦ ଧ୍ୱନି ଶୁଣି ତେମନ୍ତ ।
ବନ୍ଧ୍ୟ ବନ୍ଧ୍ୟରକାନ୍ତି ବଶିଗଲା । ବର୍ଦ୍ଧମାନ ତୋଷ ଅନ୍ତ ହୋଇଲା ।୮।
ବାଳା ରହୁଁ କେଳୀପୁର ସନ୍ନିଧି । ବୟସିକାଏ ଛଳଭାବେ ବୋଧି ।
ବିକର୍ତ୍ତନ ତେଜେ ମୋଦ ପଦ୍ମମା । ବିକର୍ତ୍ତନବଂଶୀ ସେ ତୁ ପଦ୍ମିନୀ ।୯।
ବାକଗୁଭୁଷା କେମନ୍ତ ରହିଲା । ବଲ୍ଲଭରେ ସମର୍ପିବା ହୋଇଲା ।
ବଳାଇଣ ବଳେ ଦ୍ୱାର ଦେହଳୀ । ବାହୁଡ଼ିଲେ କବାଟ କଳ ଆଳୀ ।୧୦।
ବଳେ ବସାଇଁ ଭଳେ କୋଳେ କାନ୍ତ । ବିରାଜିତ ପ୍ରଭାରେ ଦୁର୍ଗା ମତ ।
ବ୍ରୀଡ଼ାବତୀ ଚଞ୍ଚଳ ନ ଛାଡ଼ିଲେ । ବୋଧୁଁ ବଚନପ୍ରେ ଧୀରା ଧୀର ହେଲେ ।

---

୧୧ଶ ପଦ :—ବ୍ରୀଡ଼ାବତୀ--ଲଜ୍ଜାବତୀ । ଧୀରା--ପଣ୍ଡିତା । ଧୀର-ସ୍ଥିର ।

---

ସମୟରେ ପାଦର କିଙ୍କିଣୀ ବାଜିବା ଶବ୍ଦ ଶୁଣି ମହାତୃଷାତୁର ଚାତକପକ୍ଷୀ ମେଘର ଗର୍ଜନ ଶୁଣି ଯେପରି ଆନନ୍ଦିତ ହୁଏ, ରାମଚନ୍ଦ୍ର ସେହିପରି ଆନନ୍ଦିତ ହେଲେ । ସୀତାଙ୍କ ଦେହ କାନ୍ତି ବିଜୁଳି ତେଜକୁ ନିଷ୍ପ୍ରଭ କରି ପ୍ରକାଶିତ ହେଲା, ତେଣୁ ରାମଚନ୍ଦ୍ରଙ୍କ ଆନନ୍ଦ ଅତ୍ୟଧିକ ବର୍ଦ୍ଧିତ ହୋଇଗଲା ।

୯ମ ପଦ :—ସୀତା ବାସରଗୃହ ସମୀପରେ ରହିଯାନ୍ତେ ସମବୟସୀ ସଖୀମାନେ ଛଳ ଭାବରେ ବୋଧ କରି କହିଲେ, "ହେ ସଖୀ ! ସୂର୍ଯ୍ୟ ତେଜରେ ପଦ୍ମ ପ୍ରସ୍ଫୁଟିତ ହୁଏ । ସେ ରାମଚନ୍ଦ୍ର ସୂର୍ଯ୍ୟ ବଂଶଧର, ତୁ ତ ପଦ୍ମିନୀ ରମଣୀ । କାନ୍ତ ସଙ୍ଗମକୁ ଭୟ କରୁଛ କାହିଁକି ?"

୧୦ମ ପଦ :—ସଖୀମାନେ ଯେଉଁ ବକ୍ରୋକ୍ତି କଲେ, ସେଥିରେ ବାକ୍‌ଚାତୁରୀ ପ୍ରକାଶିତ ହେଲା, ପୁଣି କାନ୍ତଙ୍କୁ ସମର୍ପଣ କରିବାର ମଧ୍ୟ ହେଲା । ତାହା ପରେ ବଳାତ୍କାରରେ ଦ୍ୱାରର ଏରୁଣ୍ଡିବନ୍ଧକୁ ବଳାଇ ଦେଇ କବାଟ କଳି ସଖୀମାନେ ଫେରିଗଲେ ।

୧୧ଶ ପଦ :—ନାୟକ ରାମଚନ୍ଦ୍ର ବଳପୂର୍ବକ ସୀତାଙ୍କୁ ନେଇ ଶଯ୍ୟାରେ ନିଜ କୋଳରେ ବସାନ୍ତେ, ସୀତା ଜ୍ୟୋତିରେ ଦୁର୍ଗା ସମାନ ବିରାଜିତ ହେଲେ, (କନକ ଦୁର୍ଗାଙ୍କ ବର୍ଣ୍ଣ ଶୁଦ୍ଧ ସୁବର୍ଣ୍ଣ ପରି; ସେ ନୀଳମଣୀ ପ୍ରଭାରେ ଜଡ଼ିତ ହେଲେ ଯେପରି ଦିଶିବେ ସୀତା ସେହିପରି ଦିଶିଲେ ) । ସେ ଲଜ୍ଜାବତୀ ହେତୁ ଚଞ୍ଚଳତା ଶୀଘ୍ର ଛାଡ଼ି ନ ଥିଲେ । ରାମ ବଚନପ୍ରୂ ବାକ୍ୟରେ ବୋଧ କରନ୍ତେ, କ୍ରମେ ସୀତା ସ୍ଥିର ହେଲେ ।

ବିଦଗଧ ଶ୍ରୀରାମଚନ୍ଦ୍ର କହେ । ବିନ୍ଦୁ ଜୀବନ ଥିବାରେ ଏ ଦେହେ ।
ବିଳାସିନୀ ନ କରିବି ଆନକୁ । ବୋଲି ଛୁଇଁ ପାପ ହୁତାଶନକୁ ।୧୨।
ବଇଦେହୀ କେଶୁଁ କାଢ଼ି କେତକୀ । ବର୍ଣ୍ଣ ଲେଖିତ ପୋଛି କସ୍ତୁରୀକି ।
ବଳି ନାହିଁ ଆନେ ଆଜଯାଏ ତ । ବଳାଇବି ଜନ୍ମେ ଜନ୍ମେ ମୋ ଚିତ୍ତ ।
ବର ମଣ୍ଡପରୁ ଯିବି ବାହୁଡ଼ି । ବାର୍ତ୍ତାବହେ ତୁମ୍ଭଙ୍କୁ ନେବି ଲୋଡ଼ି ।
ବୀରମୁକୁଟେ ପତ୍ର କରି ଦତ୍ତ । ବିନ୍ୟସ୍ତ ଯେ ଗ୍ରୀବାପେ କଲେ ହସ୍ତ ।
ବଇଦର୍ଭୀ ବୃତ୍ତି ପ୍ରକାଶିତ । ବକ୍ଷେ ସଂଯୋଗି ପଢ଼ି ରଘୁସୁତ ।

---

୧୨ଶ ପଦ :—ବିଦଗ୍ଧ--ପଣ୍ଡିତ, ଚତୁର । ବିଳାସିନୀ--ସ୍ତ୍ରୀ ବା ଭାର୍ଯ୍ୟା । ପାପ ହୁତାଶନ--ପାପାଗ୍ନି ।

୧୪ଶ ପଦ :—ବାର୍ତ୍ତାବହ--ଦୂତ । ବୀରମୁକୁଟେ—ବୀରଶ୍ରେଷ୍ଠ ରାମଚନ୍ଦ୍ରଙ୍କୁ ।

---

୧୨ଶ ପଦ :—ତାହା ପରେ ଚତୁର ରାମଚନ୍ଦ୍ର କହିଲେ, "ହେ ପ୍ରିୟେ ! ମୋର ଏ ଦେହରେ ପ୍ରାଣ ଥିବାଯାଏ, ତୋ ବିନା ଅନ୍ୟ ସ୍ତ୍ରୀକୁ ଗ୍ରହଣ କରିବି ନାହିଁ ।" ଏହା କହି ସେ ପାପର ଅଗ୍ନିକୁ ଛୁଇଁ ଶପଥ କଲେ ।

୧୩ଶ ପଦ :—ରାମ ଏପରି ଶପଥ କରିବାରୁ ସୀତା ମୁଣ୍ଡର କେଶରୁ କେତକୀ ପାଖୁଡ଼ା କାଢ଼ି ଚିବୁକରୁ କସ୍ତୁରୀକୁ ପୋଛି ଅକ୍ଷର ଲେଖିଲେ; "ଆଜଯାଏ ତ ମୋର ମନ ତୁମ୍ଭ ବିନା ଅନ୍ୟଠାରେ ବଳି ନାହିଁ । ପର ଜନ୍ମମାନଙ୍କରେ ମଧ୍ୟ ମୋ ଚିତ୍ତ ଅନ୍ୟ ପୁରୁଷଠାରେ ବଳାଇବି ନାହିଁ ।"

୧୪ଶ ପଦ :—"ପରଜନ୍ମରେ ପିତା ବର ବରିଆଣି ବିବାହମଣ୍ଡପରେ ବସାଇଥିବେ, ମାତ୍ର ମୁଁ ରାଜି ନ ହେବାରୁ (ଦ୍ୱାପର ଯୁଗରେ ରୁକ୍ମିଣୀ ଅବତାରର କଥା) ସେ ବର (ଶିଶୁପାଳ) ମଣ୍ଡପରୁ ବାହୁଡ଼ିଯିବ । ମୁଁ ଦୂତଦ୍ୱାରା ତୁମ୍ଭଙ୍କୁ ଖବର ଦେଇ ବରି ନେବି ।" ଏହା ଲେଖି ସୀତା ସେ ପତ୍ର ରାମଙ୍କୁ ପ୍ରଦାନ କରି ଗ୍ରୀବାପରେ ହସ୍ତ ଦେଲେ । (ପ୍ରଶାପ ଛୁଇଁ ଶପଥ କଲେ) ।

୧୫ଶ ପଦ :—ପତ୍ରରେ ପ୍ରକାଶିତ ସୀତାଙ୍କର ବାକ୍ୟବୃତ୍ତିକୁ ( ଅର୍ଥାତ୍ ତୁମ୍ଭେ ଏ ଜନ୍ମରେ ଅନ୍ୟ ସ୍ତ୍ରୀ କରି ନ ପାର; କିନ୍ତୁ ଅନ୍ୟ ଜନ୍ମରେ ମୋ ବ୍ୟତୀତ ଅନ୍ୟ ସ୍ତ୍ରୀ କରି ପାରିବ, ମାତ୍ର ମୁଁ ଜନ୍ମଜନ୍ମାନ୍ତରେ ସୁଦ୍ଧା ତୁମ୍ଭ ବ୍ୟତୀତ ଅନ୍ୟ ପୁରୁଷକୁ ଗ୍ରହଣ କରିବି ନାହିଁ ) ପାଠ କରି ରାମଚନ୍ଦ୍ର ବକ୍ଷଦେଶରେ ନାଭାପୂର୍ଣ୍ଣ ଶ୍ରୀବତ୍ସ ଚିହ୍ନ ବହିଲା ପରି ତାହା ଧାରଣ କଲେ, ମାତ୍ର ପଦାକୁ କିଛି ପ୍ରକାଶ କଲେ ନାହିଁ ।

ବଜ୍ରପାତ ଶଙ୍କା ଥିବ ହୃଦରେ । ବାଟେ ୟେ ନ ଦିଶି ରହିଲେ ଭିତରେ ॥
ବିଶଦତା ଚିତ୍ତ ନଭେ ଉଦୟ । ବିନିର୍ଗତ ହେଲା ଘନ ସଂଶୟ ।
ବିମଳତା ରସ ଖ୍ୟାତ ହୋଇଲା । ବିକାଶକୁ କାଶ ହାସ ପାଇଲା ।୧୬।
ବନଜାକ୍ଷି ଶେଯ ସରେ ରାଜିତା । ବଟିନ୍ନ ପୁଲକରାଜି ପ୍ରଫୁଲ୍ଲିତା ।
ବନ୍ଧ ସର୍ବତୋଭଦ୍ରେ ଗଲା ଦିଶି । ବିଚଳିତ ନିର୍ମଳେ ହେଲା ଶଶୀ ।୧୭।
ବିସ୍ତୃତ ଯେ ହଂସକର ନିଃସ୍ୱନ । ବିତତଘନ ନକ୍ଷତ୍ରମାଳା ପୁନ ।
ବୁଧବୃତ୍ତିରେ ସୁବର୍ଣ୍ଣ ଋତୁମଣି । ବିଧୂନନେ ଶରଦ ହେଲା ଖ୍ୟାତି ॥

---

୧୬ଶ ପଦ :—ବିଶଦତା--ନିର୍ମଳତ । ନଭ—ଆକାଶ । ଘନ--ମେଘ ରସ--ଜଳ, ଶୃଙ୍ଗାର ରସ ।

୧୭ଶ ପଦ :—ବନଜାକ୍ଷି--ପଦ୍ମାକ୍ଷି । ସର—ପୁଷ୍କରିଣୀ, ସରୋବର ।

୧୮ଶ ପଦ :—ହଂସକ--ହଂସ ପକ୍ଷୀ, ନୁପୁର । ନକ୍ଷତ୍ରମାଳା—ତାରକାସମୂହ, ମୁକ୍ତାମାଳା । ବୁଧବୃତ୍ତିରେ—ଜାଣିବାରେ । ବିଧୂନନେ—ରତିକ୍ରୀଡ଼ାରେ ।

---

୧୬ଶ ପଦ :—ଉଭୟେ ଉଭୟଙ୍କର ମନ କଥା ଜାଣି ପାରିବାରୁ ସେମାନଙ୍କ ଚିତ୍ତରୂପ ଆକାଶରୁ ସଂଶୟ ରୂପ ମେଘ ଦୂର ହୋଇଗଲା ଓ ନିର୍ମଳ ଭାବ ଉଦିତ ହେଲା । ବର୍ଷା ଋତୁ ପରେ ଶରତ୍ ଋତୁ ପ୍ରବେଶ କଲେ ଆକାଶ ନିର୍ମଳ ହୁଏ, ଜଳ ସଫା ହୁଏ, କାଶତଣ୍ଡୀ ଫୁଲ ଫୁଟେ; ସେହିପରି ଉଭୟଙ୍କ ମନରୁ ସଂଶୟ ମେଘ ଦୂର ହେବାରୁ ଚିତ୍ତ ନିର୍ମଳ ହେଲା, ଶୃଙ୍ଗାର ରସ ପୂର୍ଣ୍ଣ ଭାବରେ ଖ୍ୟାତ ହେଲା ଏବଂ କାଶ ଫୁଲ ସମ ହାସ ପ୍ରକାଶିତ ହେଲା ।

୧୭ଶ ପଦ :—ସୀତା ପଦ୍ମଫୁଲ ପ୍ରାୟ ହେଲେ, ଶଯ୍ୟା ସରୋବର ପ୍ରାୟ ହେଲା । ଶରତ୍ ସମୟରେ ସରୋବରରେ ପଦ୍ମ ବିକଶିତ ହେଲା ପରି ଶଯ୍ୟାରେ ସୀତା ରୋମାଞ୍ଚିତ ହୋଇ ଶୋଭା ପାଇଲେ । ସରୋବରରୁ ଜଳ ଶୁଖି ଗଲେ ବନ୍ଧମାନ ପ୍ରକାଶିତ ହେଲା ପ୍ରାୟ ଶଯ୍ୟା ସରୋବରରେ ଚତୁଃଷଷ୍ଠି କାମବନ୍ଧ ପ୍ରକାଶିତ ହେଲା । ନିର୍ମଳ ଚନ୍ଦ୍ର ଶରତ୍ କାଳରେ ଦେଖା ଗଲା ପ୍ରାୟ ଏଠାରେ ଉତ୍ତମ ଭାବରେ ଚନ୍ଦ୍ରତୁଳନା ହେଲା ।

୧୮ଶ ପଦ :—ଶରତ୍ କାଳରେ ସରୋବରମାନଙ୍କରେ ହଂସଙ୍କର ଶବ୍ଦ ଶୁଣାଗଲା ପରି, ଏଠାରେ ରତିକ୍ରୀଡ଼ା ଯୋଗୁ ନୂପୁର ସ୍ୱନ ଶୁଣାଗଲା ଏବଂ ନକ୍ଷତ୍ରସବୁ ନିର୍ମଳ ଆକାଶ ଯୋଗୁ ସ୍ପଷ୍ଟ ଦେଖାଗଲା ପ୍ରାୟ କଣ୍ଠ ସ୍ଥିତ ମୁକ୍ତାମାଳା ଦେଖାଗଲା । ସ୍ତ୍ରୀମାନେ ଋତୁମଣି ହୁଅନ୍ତି, ତେଣୁ ସୀତାଙ୍କୁ ଋତୁମଣି ରୂପରେ କରି ତାଙ୍କ ରତିକୁ ଶରତ୍କାଳ ସହିତ ଖ୍ୟାତ କରାଗଲା ।

ସୀତେ ବିଖ୍ୟାତ ତୁ ସାରସଦୃଶା । ବଦନରେ ଜଡ଼କର ପ୍ରଶଂସା ।
ବିମ୍ବାଧରେ ତ ସ୍ୱଦନ ମଧୁର । ବକ୍ଷୋରୁହେ ଗିରିସମ ବନ୍ଧୁର ।୧୯।
ବିଧି ଘନଜଘନା ବୋଲିବାର । ବ୍ୟବହାରୁ ଖ୍ୟାତ ସର୍ବ ସେଠାର ।
ବିନାଶନ ହେଲା ନିଶା ଏକାଳେ । ବେଶ୍ୟା ପ୍ରାପ୍ତେ ଗଗନ ବିରାଜିଲେ ।
ବିଧୁ କୋଳ ଦିଗ ବେଶ୍ୟା ତେଜିଲା । ବେଗେ ସବିତା ଭାବରେ ମଜ୍ଜିଲା ।
ବନଜାଳି ଯେ କୁଳଟା ସ୍ୱଭାବେ । ବିକଶିନ ଉଲ୍ଲି ସେ ଭୃଙ୍ଗ ଚୁମ୍ବେ ।୨୧।

---

୧୯ ଶ ପଦ:—ବିଖ୍ୟାତ—କଥିତ । ସାରସଦୃଶା—ପଦ୍ମଲୋଚନା । ଜଡ଼କର—ଚନ୍ଦ୍ର, ମୃଗ, ଶିଶିର । ମଧୁ—ବସନ୍ତ କାଳ । ବକ୍ଷୋରୁହ—ସ୍ତନ ।

୨୦ଶ ପଦ :—ବେଶ୍ୟା—ବେଶ ହୋଇଥିବା ଲୋକ ।

---

୧୯ଶ ପଦ:—ଶ୍ରୀରାମଚନ୍ଦ୍ର କହିଲେ, "ଗୋ ପଦ୍ମଲୋଚନେ ! ତୁମ୍ଭେ ତୁଷାରସଦୃଶା ଅର୍ଥାତ୍ ହିମ ଋତୁ ପ୍ରାପ୍ତ ଅଛ । ( ତୁମ୍ଭର ଦେହ ତୁଷାର ସଦୃଶ ଶୀତଳ ) । ତୁମ୍ଭର ଯେଉଁ ବଦନ ସର୍ବତ୍ର ତୁଳନାପ୍ରାପ୍ତ ହୋଇ ଚନ୍ଦ୍ର ପ୍ରଶଂସା ପାଇଅଛି, ସେ ବଦନ ଶୀତଳ ହୋଇଥିବାରୁ ତାହା ଶୀତ କାଳ ପ୍ରାପ୍ତ ଅଟେ । ତୁମ୍ଭର ବିମ୍ବାଧର ଅମୃତର ଗୃହ ହୋଇଥିବାରୁ, ତାହା ବସନ୍ତର ସ୍ଥାନ ହୋଇଅଛି । ତୁମ୍ଭର ସ୍ତନଯୁଗଳ ଗିରିସମ ଅର୍ଥାତ୍ ପର୍ବତ ସମାନ ହୋଇଥିବାରୁ ଗିରିଷମର ବନ୍ଧୁର ହେଲା ।" ( ଏଥିରେ ହେମନ୍ତ, ଶୀତ, ବସନ୍ତ ଓ ଗ୍ରୀଷ୍ମଋତୁର ସୂଚନା ଦିଆଗଲା ) ।

୨୦ ଶ ପଦ:—"ଗୋ ସୀତେ ! ତୁମ୍ଭଙ୍କୁ ଘନଜଘନା ବୋଲିବା ଉଚିତ" ( ଏଠାରେ ଘନ ବା ମେଘ ଶବ୍ଦର ବ୍ୟବହାରରେ ବର୍ଷାଋତୁର ସୂଚନା ମିଳଇ) । ବ୍ୟବହାରରେ ସୀତାଙ୍କଠାରେ ଶରଦାଦି ଋତୁସମୂହ ଖ୍ୟାତ ହେଲେ । ଏହି ସମୟରେ ରାତ୍ରି ଶେଷ ହେବାରୁ ଆକାଶ ବେଶ ହୋଇଥିବା ଲୋକ ପ୍ରାପ୍ତ ଶୋଭିତ ହେଲା ।

୨୧ଶ ପଦ :— ପ୍ରଭାତ ହେବାରୁ ପୂର୍ବଦିଗରୂପ ବେଶ୍ୟା ଚନ୍ଦ୍ର ରୂପ ପୁରୁଷ କୋଳକୁ ତ୍ୟାଗ କରି ସୂର୍ଯ୍ୟଙ୍କ ଭାବରେ ମଜ୍ଜିଲା । ( ତେଣୁ ବେଶ୍ୟା-ନାମରେ ଅଭିହିତ ) । ସ୍ୱଭାବରେ ପଦ୍ମିନୀ ଅସତୀ ଅଟଇ, କାରଣ ସୂର୍ଯ୍ୟ ତାକୁ ପ୍ରସ୍ଫୁଟିତ କଲେ; ମାତ୍ର ଭ୍ରମର ବିଟପୁରୁଷ ରୂପରେ ତାକୁ ଚୁମ୍ବନ ଦେଲା । ( ପ୍ରଭାତ ହେବାରୁ ପୂର୍ବଦିଗରେ ସୂର୍ଯ୍ୟ ଉଦିତ ହେଲେ, ପଦ୍ମ ଫୁଟିଲା ଓ ତହିଁରେ ଭ୍ରମରମାନେ ଉଡ଼ି ବସିଲେ ) ।

ବଳଭୁଜ ସତ୍ୟବାକ ରଚନା । ବିବୁଧେ ଯେ ସେ ବେଶ୍ୟାବଶ ସିନା ।
ବାପୁସ ସାଦ୍ଧ ଡାକକୁ ପେଚକ । ବୃକ୍ଷକୋଟେ ଲୁଚେ ହୀନ ଖାତକ ॥
ବିଚକ୍ଷଣା କୁମୁଦ୍ୱତୀ ଦେଖାଇ । ବିସ୍ତାରିତ ମ ଦ୍ରତେ ସତୀ ମୁହିଁ ।
ବସି ନ ପାରି ନ ରସି ଭ୍ରମର । ବ୍ୟର୍ଥ ବାଦ ଦେଇ କରେ ଝଙ୍କାର ॥
ବାୟୁ ମନ୍ଦ ଗୁଣକୁ ଆଶ୍ରେ କରି । ବାସ ପୁଷ୍ପବତୀର ନେଲା ହରି ।
ବିଶ୍ୱେ ସମୀର ହୋଇଲା ରଜକ । ବିଦ୍ୱେ ଅନୁସ୍ୱାରେ ଅଧିକ ।୨୭।

---

୨୨ଶ ପଦ:—ବଳଭୁକ—କାକ । ସତ୍ୟବାକ—ସତ୍ୟ ବଚନ । ବିବୁଧେ—ଦେବତାମାନେ । ବାପୁସ—କାକ ।

୨୩ଶ ପଦ:—ବିଚକ୍ଷଣା—ବୁଦ୍ଧିମତୀ, ପଣ୍ଡିତା । କୁମୁଦ୍ୱତୀ—କଇଁଲତା ।

---

୨୨ଶ ପଦ:—କାକମାନେ ସତ୍ୟବଚନ ପ୍ରକାଶ କରି ଗାଇ ବୁଲିଲେ, "ଦେବତାମାନେ ଯେ ବେଶ୍ୟାସକ୍ତ ଅଟନ୍ତି ଏହା ସତ୍ୟ । ( ଚନ୍ଦ୍ର ଓ ସୂର୍ଯ୍ୟ ବିଶ୍ୱବେଶ୍ୟାରେ ଆସକ୍ତ, ଏହା କାକମାନେ ରବ ଦେଇ କହି ବୁଲିଲେ ) । ପୁଣି କାକ ସାଦ୍ଧ ପ୍ରାପ୍ତ ହେଲେ । ତାଙ୍କ ଡାକକୁ ଶୁଣି ପେଚକମାନେ ହୀନ ଖାତକ-ପ୍ରାପ୍ତ ବୃକ୍ଷ କୋଟରରେ ଲୁଚିଲେ ।

୨୩ଶ ପଦ:—ମୁଁ ଜାଣିପାରୁଛି, କଇଁ ପଣ୍ଡିତା ଅଟେ । ନିଜ କାନ୍ତ ଚନ୍ଦ୍ରର ଉଦୟରେ ସେ ପ୍ରଫୁଲ୍ଲିତ ଓ ଅସ୍ତରେ ମୁଦ୍ରିତ ହୁଏ, ତେଣୁ ସେ ସତୀ । ଭୃଙ୍ଗ କାମୁକପ୍ରବୃତ୍ତି ପ୍ରାପ୍ତ ହୋଇ ତା ପାଖକୁ ଗଲା, ମାତ୍ର ତା ଉପରେ ବସି ନ ପାରି ବୃଥାରେ ଅପବାଦ ଦେଇ ଝଙ୍କାର କରୁଅଛି ।

୨୪ଶ ପଦ:—ଧୀର ପବନ ବହିବାରୁ ଜଣାଗଲା, ପବନର ଯେ 'ମନ୍ଦଗତି' ତାହା ପବନର ମନ୍ଦଗୁଣକୁ ଆଶ୍ରୟ କରିଅଛି । ମନ୍ଦଗୁଣ ବିଶିଷ୍ଟ ପୁରୁଷ ପୁଷ୍ପବତୀ ରମଣୀର ବସନ ହରଣ କଲା ପରି, ମନ୍ଦପବନ ପୁଷ୍ପବତୀ ଲତାଙ୍କୁ ବାସ ( ସୁଗନ୍ଧ ) ହରଣ କରି ନେଉଅଛି । ଆଜି ମଧ୍ୟ ଏ ସଂସାରରେ ସେ ରଜକ ପ୍ରାପ୍ତ ହେଲା । ( ରଜକ ପୁଷ୍ପବତୀର ବାସ ନେଇ ସଫା କରେ ) । ମୁଁ ବିଚାରୁଛି, ରଜକରେ ଅନୁସ୍ୱାର ମାତ୍ର ଅଧିକ ଲାଗି ସେ ରଞ୍ଜକ ହୋଇଅଛି, ( ତେଣୁ ପୁଷ୍ପ ସୌରଭ ନେଇ ସମସ୍ତଙ୍କ ମନ ରଞ୍ଜନ କରୁଥାଏ ) ।

ବଲ୍ଲୀଠାରୁ କାମୁକୀ ବଳ ନାହିଁ । ବିନୋଦକୁ କୁସୁମେ ଯେଣୁ ଦେଇ ।
ବିହରଇ ଯେ ସମ୍ଭୋଗକୁ ମଧୁପ । ବେନି ସବୁ କାଳରେ ଅନୁରୂପ ।୨୫।
ବେଶ୍ମେ ଧୂପ ମଳୟ ହେବା ଗୃହିଁ । ବାହାରିଲେ କାନ୍ତପାଶୁଁ ବୈଦେହୀ ।
ବାମଦେବାରି ଯେ ରଣେ ହାରିଲା । ବିଜୟୁ ତା ରଥ କି ଲେଉଟିଲା ।୨୬।
ବିଳମ୍ବିତ ଗତି ଆନ୍ଦୁ ଛନ୍ଦରେ । ବାରଣ କି ଯୋଡିଥିଲା ଏ ସ୍ଥରେ ।
ବନ୍ଧୁଛିନେ ପୃଷ୍ଠେ ଲୋଟେ ଚିକୁର । ବୈଜୟନ୍ତୀ ଅଧୋଗତି ପ୍ରକାର ।୨୭।
ବଳା ଅଳ୍ପ ଝୁମୁଝୁମୁ ସ୍ୱନିତ । ବାଜେ ପରାଜୟୁ ତୂରି ଯେମନ୍ତ ।
ବହେ ନୟନନ୍ତରେ ମାନୋନ୍ମୀଳ । ବାମ ଦକ୍ଷିଣେ ଶର କି ଚଞ୍ଚଳ ।୨୮।

---

୨୫ଶ ପଦ:—ବଲ୍ଲୀ—ଲତା । କୁସୁମେ—ପୁଷ୍ପକାଳରେ । ବିନୋଦ—ଆନନ୍ଦ ।

୨୬ଶ ପଦ:—ବେଶ୍ମେ—ଘରେ । ବାମଦେବାରି—କନ୍ଦର୍ପ ।

୨୭ଶ ପଦ.—ଆନ୍ଦୁ—ହସ୍ତୀର ପାଦବନ୍ଧନ ଶୃଙ୍ଖଳ, ପାଦଭୂଷଣ । ଚିକୁର—କେଶ । ବନ୍ଧୁଛିନେ—ବନ୍ଧନ ରଜ୍ଜୁ ଛିନ୍ନ ହେବୁ ।

୨୮ଶ ପଦ—ତୂରି—ବାଦ୍ୟବିଶେଷ, ତୁରୀ । ବଳା—ପାଦାଳଙ୍କାର ବିଶେଷ ।

---

୨୫ଶ ପଦ:—ଲତାଠାରୁ ବଳି କାମୁକୀ ଆଉ କେହି ନାହିଁ, କାରଣ, ସେ ପୁଷ୍ପକାଳ ସମୟରେ ମଧ୍ୟ କେଳି କରଏ ଏବଂ ମଧୁପ ସହିତ ସମ୍ଭୋଗ ବିଧାନ କରେ । ମଧୁପ ସ୍ୱଭାବରେ ମଦ୍ୟପ ଅଟେ । କାମୁକୀ ଲତା ଓ ମଦ୍ୟପ ମଧୁପ ଉଭୟେ ସବୁ ସମୟରେ ପରସ୍ପରର ଅନୁରୂପ ଅଟନ୍ତି ।

୨୬ଶ ପଦ:—ଗୃହରେ ଧୂପ ମଳୟ ହେବାର ଦେଖି ସୀତା କାନ୍ତ ପାଶରୁ ବାହାରିଲେ । ତାଙ୍କ ମନ୍ଥର ଗତି ଦେଖି ମନେହୁଏ କନ୍ଦର୍ପ ରଣରେ ହାରିଯିବାରୁ ତାହାର ପରାଜିତ ରଥ ମନ୍ଥରଗତି କରି ଲେଉଟିଲା କି ?

୨୭ଶ ପଦ:—ମନ୍ଥରଗତି ହେବୁ ଏପରି ପ୍ରତୀତି ହୁଏ, କନ୍ଦର୍ପ ସେ ରଥରେ ପାଦ ଶାଙ୍କୁଳ ଦେଇ ହସ୍ତିକୁ ବାନ୍ଧିଥିଲା କି ? ପୁଣି ବନ୍ଧନ ଛିଣ୍ଡି ଯାଇଥିବାରୁ କେଶ ପିଠିରେ ଲୋଟୁଛି । ତା ଦେଖି ମନେ ହୁଏ, କନ୍ଦର୍ପର ପରାଜିତ ପତାକା ଅଧୋଗତି ଲଭିଅଛି କି ? ( ପରାଜିତ ହେବାରୁ ପତାକା ଉପରକୁ ନ ଉଡ଼ି ତଳ ଦିଗକୁ ଲୋଟି ପଡ଼ିଅଛି କି ? )

୨୮ଶ ପଦ:—ପାଦର ବଳା ଅଳ୍ପ ଝୁମୁ ଝୁମୁ ଶବ୍ଦ କରେ, ସେଥିରୁ ମନେହୁଏ, ପରାଜୟୁ ହେବୁ ତୁରୀ ମନ୍ଦ ମନ୍ଦ ବାଜୁଅଛି କି ? ସେହି ସମୟରେ ସୀତା ମନର ଚଞ୍ଚଳତା ହେବୁ ଏ ଦିଗ ସେ ଦିଗକୁ ବାରମ୍ବାର ଚାହୁଁଥିବାରୁ ମନେହୁଏ, କନ୍ଦର୍ପ ମାନୋନ୍ମୀଳ ଶରକୁ ବାମ ଓ ଦକ୍ଷିଣ ଦିଗକୁ ଖରତରେ ଛାଡୁଅଛି କି ?

ବେଢ଼ିଗଲେ ସଙ୍ଗମା ଗୃହପାଶେ । ବିଧାମା ସେ ନୋହିଲେ ପରିହାସେ ।
ବିଚାରିଲେ ଜାଣିମେ ଗୁରୁଜନ । ବେଶ କଲେ ମାଣ୍ଡି ସାର ବଦନ ॥
ବସିଥିଲା ଯେ ଓଷ୍ଠେ ରଦପଦ । ବନ୍ଧୁମରେ ଯେମନ୍ତ କୀଟଭେଦ ।
ବିଶେଷରେ ତାମ୍ବୁଳ ଭୁଞ୍ଜାଇଲେ । ବିଲୋପକୁ ଯେ ତାର ବିଚାରିଲେ ॥
ବିଧ୍ୱଂସିଲେ ସେ ଚିହ୍ନ ଗଣ୍ଡଦେଶୁଁ । ଚିତ୍ର ମକରୀ ଲେଖି ସନ୍ତୋଷୁ ।
ବକ୍ଷୋଜରେ ରାଜିତ ନଖକ୍ଷତ । ବିଧୁ ଅର୍ଦ୍ଧ ଶମ୍ଭୁଶିରେ ଯେମନ୍ତ ।୩୧।
ବେଢ଼ାଇଣ ଚେଳ ତା ଗୁପ୍ତ କରି । ବିଜେ ବାହାରେ ପୁଂସବର ଚାରି ।
ବୋଲେ ଉପେନ୍ଦ୍ର ଭଞ୍ଜ ଏ ରସ । ବୁଝ ବୁଧମାନେ ପଦ ବତିଶ ।୩୨।

---

୩୦ଶ ପଦ:—ରଦପଦ—ଦନ୍ତଚିହ୍ନ । ବନ୍ଧୁମ—ପୋହଳା ।
୩୧ଶ ପଦ:—ବକ୍ଷୋଜ—ସ୍ତନ । ବିଧୁଅର୍ଦ୍ଧ—ଅର୍ଦ୍ଧଚନ୍ଦ୍ର ।
୩୨ଶ ପଦ:—ଚେଳ—କାଞ୍ଚଲା । ବୁଧମାନେ—ପଣ୍ଡିତମାନେ ।

---

୨୯ଶ ପଦ:—ସେହିକାଳରେ ସଖିମାନେ ସୀତାଙ୍କର ଗୃହପାଖରେ ବେଢ଼ିଗଲେ, ସେମାନେ ସୀତାଙ୍କ ଅଙ୍ଗରେ କ୍ଷତ ଚିହ୍ନମାନ ଦେଖି ପରିହାସରେ ସମସ୍ତ ଅଗୋଚର କଲେ ନାହିଁ । ବିଳମ୍ବ ହେଲେ କାଳେ ଗୁରୁଜନମାନେ କ୍ଷତ ଚିହ୍ନମାନ ଦେଖିବେ, ତାହା ଭାବି ସେମାନେ ଶୀଘ୍ର ନିତ୍ୟକର୍ମମାନ ସମାପ୍ତ କରି ସୀତାଙ୍କୁ ବେଶ ଭୂଷା କଲେ । ( ଏହାଦ୍ୱାରା ସଖିମାନଙ୍କର ଚାତୁର୍ଯ୍ୟ ସୂଚିତ ହେଲା ) ।

୩୦ଶ ପଦ:—ପ୍ରବାଳରେ କୀଟର ଦଂଶନ ଜନିତ କ୍ଷତ ଦେଖାଗଲା ପରି ସୀତାଙ୍କ ରକ୍ତିମ ଓଷ୍ଠରେ ଯେଉଁ ଦାଗସବୁ ଦେଖା ଯାଉଥିଲା, ତାହାକୁ ଲୋପ କରିବାପାଇଁ ଚତୁର ସଖିମାନେ ବିଶେଷରୂପେ ତାଙ୍କୁ ପାନ ଭୁଞ୍ଜାଇଲେ ।

୩୧ ଶ ଓ ୩୨ଶ ପଦ:—ପୁଣି ସେହି ସଖୀମାନେ ସୀତାଙ୍କ ସନ୍ତୋଷ ବର୍ଦ୍ଧନ ନିମିତ୍ତ ମକରୀ ଚିତ୍ର ଲେଖି ତାଙ୍କ ଗଣ୍ଡସ୍ଥଳରେ ହୋଇଥିବା କ୍ଷତ ଚିହ୍ନକୁ ଲୋପ କଲେ । ମହାଦେବଙ୍କ ଶିରରେ ଅର୍ଦ୍ଧଚନ୍ଦ୍ର ଯେପରି ଦେଖାଯାଏ, ସେହିପରି ଦେଖାଯାଉଥିବା ସ୍ତନଯୁଗଳୋପରି ନଖକ୍ଷତ ଚିହ୍ନକୁ କାଞ୍ଚଲା ବେଢ଼ାଇ ଲୁଚାଇ ଦେଲେ । ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଏହି ଚାରି ପୁରୁଷଶ୍ରେଷ୍ଠ ବାସର ଗୃହରୁ ଯାଇ ବାହାରେ ବିଜେ କଲେ । ଉପେନ୍ଦ୍ର ଭଞ୍ଜ ଏ ରସକୁ ବତିଶ ପଦରେ କହିଲେ । ହେ ପଣ୍ଡିତମାନେ ! ତାହା ହୃଦୟଙ୍ଗମ କର ।

## ଷୋଡ଼ଶ ଛାନ୍ଦ
### ରାଗ—ନଳିନୀଗୌଡ଼ା

ବିଦେହରାଜନ ଭୋଜ ସମ୍ଭାର ଭିଆଇ ।
ବିଳୋଇଲେ ଦଶରଥ ବନ୍ଧୁବର୍ଗ ନେଇ ଯେ ।୧।
ବସନ ରତ୍ନ ଭୂଷଣ କୁସୁମ ଚନ୍ଦନେ ।
ବନ୍ଦିଲେ ସଭିଙ୍କରେ ଅତି ଆନନ୍ଦିତ ମନେ ଯେ ।୨।
ବସାପୁରେ ବରକନ୍ୟା ଯେନ ଗଲବେଳେ ।
ବସାଇ କୋଳେ ଜନନୀମାନେ ଶିଖାଇଲେ ଯେ ।୩।
ବୀରସୂ ସନ୍ନିଧେ ହେଉଁ ବଧୂ ଆଲୋକରେ ।
ବିରସୁଁ ଉଦ୍ଧର ହେଲେ ଥିଲେ ଏ ଲୋକରେ ଯେ ।୪।
ବରଙ୍କ ସୁଷମା ସମା କନ୍ୟା ଥିବେ କାହିଁ ।
ବିଚାରୁଥିଲୁଇଁ ବିଧି ଭଲ ଥିଲା ବିହି ଯେ ।୫।

୪ର୍ଥ ପଦ :—ବୀରସୂ—ବୀରମାତା ।

## ଷୋଡ଼ଶ ଛାନ୍ଦ

୧ମ ପଦ :—ବିଦେହ ରାଜନ ଜନକ ଭୋଜନ ସାମଗ୍ରୀ ଆୟୋଜନ ପୂର୍ବକ ଦଶରଥଙ୍କ ବନ୍ଧୁମାନଙ୍କୁ ଚର୍ଚ୍ଚା କଲେ ।

୨ୟ ପଦ :—ତଦନନ୍ତର ଆନନ୍ଦିତ ଚିତ୍ତରେ ବନ୍ଧୁମାନଙ୍କୁ ବସନ ଭୂଷଣ କୁସୁମ ଚନ୍ଦନ ଦେଇ ସତ୍କାର କଲେ ।

୩ୟ ପଦ :— ବସାଘରକୁ ବର ଓ କନ୍ୟାମାନଙ୍କୁ ଯେନ ଯିବା ସମୟରେ ଜନନୀମାନେ କନ୍ୟାମାନଙ୍କୁ କୋଳରେ ବସାଇ ବହୁତ ଶିଖାଇ କହିଲେ । (ବହୁତ ସଦୁପଦେଶ ଦେଲେ) ।

୪ର୍ଥ ଓ ୫ମ ପଦ :—ବୀରମାତା କୌଶଲ୍ୟାଦି ରାଣୀମାନଙ୍କ ନିକଟରେ ବଧୂମାନେ ପ୍ରବେଶ ହୁଅନ୍ତେ, ବଧୂମାନଙ୍କର ତେଜଶୋଭା ଦେଖି ସେମାନେ ବିରସ ଭାବକୁ ତ୍ୟାଗ କଲେ ଅର୍ଥାତ ହର୍ଷ ହେଲେ । ( ବଧୂମାନଙ୍କୁ ନ ଦେଖି ବିରସ ହୋଇଥିଲେ; କାରଣ ) ସେମାନେ କୁହାକୋହି ହେଲେ, "ଆମେ ବିଚାରୁଥିଲେ ଯେ, ଆମ ପୁତ୍ରମାନଙ୍କ ଶୋଭା ସମାନରେ କନ୍ୟା କେଉଁଠାରେ ଅବା ଥିବେ ? ମାତ୍ର ବିଧାତା ଉପଯୁକ୍ତ କନ୍ୟାମାନଙ୍କୁ ନିର୍ମାଣ କରିଅଛି ।"

ବର୍ତ୍ତମାନ ଭୂତ ଭବିଷ୍ୟତରେ ଶୋଭସାର ।
ବୋଲିବାର ସମ୍ଭବିଲା ଏହାଙ୍କ ଠାବର ସେ ।୬।
ବସୁମତୀ ଗର୍ଭୁଁ ଗ୍ରହ ଦୈତ୍ୟ ଜାତ ହୋଇ ।
ବିଭୃତ ତା ଗର୍ଭେ ସୀତା ହୋଇଥିଲା କେହ୍ନ ସେ ।୭।
ବାରୁଣୀ ବିଷ ଅମୃତ ଯଥା ସିନ୍ଧୁ ଜାତ ।
ବିଶ୍ୱମ୍ଭରରୁ ଜାନକୀ ଜନିତ ତେମନ୍ତ ସେ ।୮।
ବିଧି ଭଲ ବିଧି ଭଲା ଏ ଜାତ ହେବାକୁ ।
ବୋଲିଥିଲା ଗନ୍ଧବତୀ ରତ୍ନଗର୍ଭା ତାକୁ ସେ ।୯।

---

୭ମ ପଦ :—ବସୁମତୀ—ପୃଥିବୀ । ଗ୍ରହ— ମଙ୍ଗଳଗ୍ରହ । ଦୈତ୍ୟ—ନାରକାସୁର । ବିଭୃତ—ପୋଷଣ ବା ଧାରଣ ।

୮ମ ପଦ :—ବାରୁଣୀ—ମଦ୍ୟ ବିଶେଷ । ବିଶ୍ୱମ୍ଭରାରୁ—ପୃଥିବୀରୁ ।

---

୬ଷ୍ଠ ପଦ :—ବର୍ତ୍ତମାନ, ଭୂତ ଓ ଭବିଷ୍ୟତ—ଏହି ତିନ କାଳରେ ଶୋଭଶ୍ରେଷ୍ଠା ବା ପରମା ସୁନ୍ଦରୀ ବୋଲିବା କେବଳ ଏହି କନ୍ୟାମାନଙ୍କଠାରେହିଁ ସମ୍ଭବ । (ଅର୍ଥାତ୍ ଏହାଙ୍କ ପରି ସୁନ୍ଦରୀ ବର୍ତ୍ତମାନ କାଳରେ ନାହାନ୍ତି, ଅତୀତରେ ନ ଥିଲେ ବା ଭବିଷ୍ୟତରେ ହୋଇ ନ ପାରନ୍ତି ) ।

୭ମ ପଦ :—ଗୁଣୀମାନେ ଭାବିଲେ, ଯେଉଁ ପୃଥିବୀ ଗର୍ଭରୁ ( ବିରୂପ ) ମଙ୍ଗଳଗ୍ରହ ଓ ନାରକାସୁର ଜନ୍ମ ହୋଇଥିଲେ, ସେ ପୃଥିବୀରୁ ଏ ପରମା ସୁନ୍ଦରୀ ସୀତା କିପରି ଜାତ ହେଲେ ?

୮ମ ପଦ :—ମଦ୍ୟ, ବିଷ ଓ ଅମୃତ ଯେପରି ସମୁଦ୍ରରୁ ଜାତ ହେଲେ, ସେହିପରି ପୃଥିବୀରୁ ସୀତା ଉଦିତ ହୋଇ ଅଛନ୍ତି । (ସମୁଦ୍ରରୁ ମଦ୍ୟ ଓ ବିଷ ଜାତ ହେଲା ପରେ ଅମୃତ ଉଦ୍ଭବ ହୋଇଥିଲା; ସେହିପରି ପୃଥିବୀରୁ ମଙ୍ଗଳ ଓ ନାରକାସୁର ଜନ୍ମ ହେବା ପରେ ସୀତା ଜନ୍ମ ହେଲେ—ମନ୍ଦ ସ୍ଥାନରେ ଭଲ ରହିବା ଅସମ୍ଭବ ନୁହେ )

୯ମ ପଦ :—ବିଧାତା ଧନ୍ୟ ଓ ତାହାର ବିଧାନ ମଧ୍ୟ ଧନ୍ୟ । କାରଣ, ସେ ପୃଥିବୀକୁ ଯାହା ଗନ୍ଧବତୀ ଓ ରତ୍ନଗର୍ଭା ନାମ ଦେଇଥିଲେ, ତାହା ଏହି ସୁଗନ୍ଧମୟୀ ସୀତାଙ୍କ ଜନ୍ମ ହେତୁ ସାର୍ଥକ ହୋଇଅଛି ।

ବରବର୍ଣ୍ଣିନୀ ବରଙ୍କ ଚଉଠି ଉତ୍ସବ ।
ବରବର୍ଣ୍ଣିନୀ କ୍ରୀଡ଼ାକୁ ରଚିଲେ ବାନ୍ଧବ ଯେ ।୧୦।
ବନକ ହରିତାକେ କି ପ୍ରଳୟ ହୋଇଲା ।
ବର୍ଣ୍ଣାଞ୍ଜନ ଜନ ହେଲେ ସୁବର୍ଣ୍ଣପିତୁଳା ଯେ ।୧୧।
ବଶିଷ୍ଠପରବଦ୍ଧ ବିଧି ଧାଇଲେ ପର୍ଣ୍ଣିକୁ ।
ବୋଲାଇଲେ ଅଜସୁତ ପୁର ଗମନକୁ ଯେ ।୧୨।
ବିଭରଣ କରି ଆଣି ବୁହାଇ ଜନକ ।
ବଚନାପ୍ୟ କୋଟିହେ ଯେତେ ଦେଲେ ଯଉତୁକ ଯେ ।୧୩।
ବ ତାପ୍ୟୁ ଲୋମଜ କଉଶେୟ ଜରିବସ୍ତ୍ର ।
ବ୍ରହ୍ମାସ୍ତ୍ର ସମାନ କରି ସମର୍ପିଲେ ଅସ୍ତ୍ର ଯେ ।୧୪।

---

୧୦ମ ପଦ :—ବରବର୍ଣ୍ଣିନୀ—ଗୌରାଙ୍ଗୀ କନ୍ୟା । ବରବର୍ଣ୍ଣିନୀ—ହଳଦୀ ଅର୍ଥାତ୍ ହଳଦୀପାଣି ।

୧୧ଶ ପଦ :—ବନକ—ରଙ୍ଗ ।

୧୨ଶ ପଦ :—ଅଜସୁତ—ଦଶରଥ ।

୧୪ଶ ପଦ :—ବାତାପ୍ୟୁ ଲୋମଜ—ମୃଗ ଲୋମରେ ନିର୍ମିତ । କଉଶେୟ—ପଟ୍ଟବସ୍ତ୍ର ।

---

୧୦ମ ପଦ :—ଗୌରବର୍ଣ୍ଣ କନ୍ୟା ଓ ବରମାନଙ୍କର ଚଉଠୀ ଉତ୍ସବରେ ବନ୍ଧୁଜନମାନେ ହଳଦୀ କେଳି କଲେ (ଚଉଠୀ ଦିନ ହଳଦୀ ପାଣି ପକାପକି ହେବାର ବିଧି) ।

୧୧ଶ ପଦ :—ହଳଦୀ ପାଣିରେ ବନ୍ଧୁବାନ୍ଧବମାନେ ରଞ୍ଜିତ ହେବାରୁ ମନେ ହୁଏ, ହରିତାଳ ବର୍ଣ୍ଣ ଜଳରେ ପ୍ରଳୟ ହେଲା କି ? ଶ୍ୟାମଳ ବର୍ଣ୍ଣ ବ୍ୟକ୍ତିମାନେ ହଳଦୀ ପାଣିରେ ରଞ୍ଜିତ ହେବାରୁ ସ୍ୱର୍ଣ୍ଣ ପିତୁଳା ପ୍ରାପ୍ତ ଦେଖାଗଲେ ।

୧୨ଶ ପଦ :—କାଣ୍ଡପର ଆଦି ବିଧାନସବୁ ସମ୍ପୂର୍ଣ୍ଣ ହେଲା । ତାହା ପରେ ଦଶରଥ ଆପଣା ପୁରକୁ ଯିବାପାଇଁ ଜନକଙ୍କ ପାଖକୁ ଖବର ପଠାଇଲେ ।

୧୩ଶ ପଦ :—ଜନକ ରାଜା ପେଟିକା ଭୃତ୍ତରେ ପୂର୍ଣ୍ଣ କରି ବୁହାଇ ଆଣି ଯେତେ ଯଉତୁକ ଦେଲେ—ତାହା ଅକଥନୀୟ (ଅର୍ଥାତ୍ କଥାରେ ବର୍ଣ୍ଣନା କରି ହେବ ନାହିଁ ) ।

୧୪ଶ ପଦ :—ମୃଗଲୋମ ଜାତ ସାଲ, ପାଟବସ୍ତ୍ର, ଜରିବସ୍ତ୍ର ଓ ବ୍ରହ୍ମାସ୍ତ୍ର ସମାନ ଅସ୍ତ୍ର ସବୁ ଯୌତୁକ ସ୍ୱରୂପ ସମର୍ପଣ କଲେ ।

ବୃଷାହ୍ୱୟ ପରି ହୟଚୟ, କରି ତହିଁ ।
ବାସବ-ଗଜ-ତନୟ ନୟ ଉପୁଜାଇ ଯେ ।୧୫।
ବାରାଂନିଧି ଶୂନ୍ୟ କଲା ପରି ରତ୍ନ ଦିଏ ।
ବେଳବୁଝା ପାରିବତ ଜ୍ୟୋତିର୍ବିଦ ପ୍ରାପ୍ତେ ଯେ ।୧୬।
ଛନ୍ଦଗେ ଶୁକ ସାରିକା ଶ୍ଳୋକ ପଢ଼ା ହୋଇ ।
ବିଦ୍ୟାଧରୀ ବିଜିତା ଦାସୀ ତ ଥିଲେ ଦେଇ ଯେ ।୧୭।
ବାହାରିଲେ ଗୁଡ଼ି ଯେ ମିଥିଳା ନରେଶ୍ୱର ।
ବିଜୟେ ସୁଖାସନରେ ଶ୍ୱଶୁର କନ୍ୟା ବର ଯେ ।୧୮।
ବଳ ସାଜି ଗମନ ବାଜନ୍ତେ ବାଦ୍ୟମାନ ।
ବଳପର ଆଦି ଦେବେ କରନ୍ତି ଲୋକନ ଯେ ।୧୯।

---

୧୫ଶ ପଦ :—ବୃଷାହ୍ୱୟ--ଇନ୍ଦ୍ରଙ୍କର ଉଚ୍ଚୈଃଶ୍ରବା ଅଶ୍ୱ । ହୟଚୟ—ଅଶ୍ୱସମୂହ । ବାସବ ଗଜ ତନୟ—ଇନ୍ଦ୍ରଙ୍କ ଐରାବତ ହସ୍ତୀର ପୁଅ । ନୟ—ସଦୃଶ ।

୧୬ଶ ପଦ :—ବାରାଂନିଧି—ସମୁଦ୍ର ।

୧୮ଶ ପଦ :—ସୁଖାସନ—ଯାନ, ଏଠାରେ ପାଲିଙ୍କି ।

୧୯ଶ ପଦ :—ବଳ—ସୈନ୍ୟ । ବଳପର—ଇନ୍ଦ୍ର ।

---

୧୫ଶ ପଦ :—ଉଚ୍ଚୈଃଶ୍ରବା ପରି ଘୋଟକ, ଐରାବତ ସୁତଙ୍କ ସମାନ ଗଜ ସବୁ ଦେଲେ ।

୧୬ଶ ପଦ :—ସମୁଦ୍ର ଶୂନ୍ୟ କଲା ପରି ରତ୍ନସବୁ (ଅପରିମିତ ରତ୍ନ) ପୁଣି ଜ୍ୟୋତିର୍ବିଦସମ କାଳଜ୍ଞ ପାରିମାନଙ୍କୁ ପ୍ରଦାନ କଲେ ।

୧୭ଶ ପଦ :—ଶ୍ଳୋକ ପଢ଼ୁଥିବା ଶୁକ ସାରିକା ପକ୍ଷୀମାନଙ୍କୁ ଦେଲେ ଏବଂ ତତ୍ପୂର୍ବରୁ ବିଦ୍ୟାଧରୀଙ୍କ ଅପେକ୍ଷା ବେଶୀ ସୁନ୍ଦରୀ ଦାସୀ ଦେଇଥିଲେ ।

୧୮ଶ ପଦ :—ଦଶରଥ ଅନୁକୂଳ କରିବାରୁ ମିଥିଳାରାଜ ଜନକ ତାଙ୍କୁ ବିଦାୟ ଦେବାକୁ ବାହାରିଲେ । ଶ୍ୱଶୁର ବର ଓ କନ୍ୟା ପାଲିଙ୍କି ଓ ଶିବିକାରୂପ ସୁଖାସନରେ ବିଜେ କଲେ ।

୧୯ଶ ପଦ :—ଦଶରଥ ସୈନ୍ୟମାନଙ୍କୁ ସଜ କରି ବାଦ୍ୟ ବଜାଇ ଗମନ କରନ୍ତେ, ଇନ୍ଦ୍ର ଆଦି ଦେବତାମାନେ ଶୂନ୍ୟରେ ରହି ତାହା ଦେଖିଲେ ।

ବଖାଣି ଭୂପାଳ ମେଳ ହୋଇଲେ ପଥର ।
ବଂଶେ ମିହିର ଯେ ଜାତ ଶତ୍ରୁ ହୋଇବ ପର ଯେ । ୨୦ ।
ଶୀରବାଦ୍ୟ ଭୃଗୁପତି ଶ୍ୱାସ ଦେବାପାଇଁ ।
ବାସ କଲ ଗିରି ଭୃଗୁ ଚମକନ୍ତେ ତହିଁ ଯେ । ୨୧ ।
ଶାନ୍ତିହୋତ୍ର ପରସ୍ପେ ସ୍ୱଭାବେ ତେଜୋବନ୍ତ ।
ଶୀରତୂର ଘୃତାହୁତି ଲାଗି ପ୍ରଜ୍ୱଳିତ ଯେ । ୨୨ ।
ବହିତ କାଷ୍ଠାବଳରେ ଲାଗି ପାଂଶୁ ବର୍ଷେ ।
ବ୍ୟାକୁଳିତ ଦଶରଥ ହେଲେ ସେହି ତ୍ରାସେ ଯେ ।୨୩।
ବୋଇଲେ ପ୍ରଚଣ୍ଡ ନଳ ଆସୁଅଛି ଜଳ ।
ବୁଦ୍ଧି ନ ଦିଶେ କୁମରେ ହେଲେ ତୃଣାବଳ ଯେ ।୨୪।

---

୨୦ଶ ପଦ:—ଭୂପାଳ—ରାଜା । ମିହିର—ସୂର୍ଯ୍ୟ । ପର—ଶତ୍ରୁ ।
୨୨ଶ ପଦ:—ଶାନ୍ତିହୋତ୍ର—ଅଗ୍ନି ।
୨୩ଶ ପଦ:—କାଷ୍ଠାବଳରେ—ଦିଗମାନଙ୍କରେ, କାଠରେ ।

---

୨୦ଶ ପଦ:—ବଡ଼ ବଡ଼ ରାଜାମାନଙ୍କର ବାଟରେ ଭେଟ ହେଲ । ଯେଉଁ ଦଶରଥ ସୂର୍ଯ୍ୟ ବଂଶରେ ଜାତ, ତାଙ୍କର ଶତ୍ରୁ ବା କିଏ ହେବ ? (ଅର୍ଥାତ୍ ବଡ଼ ବଡ଼ ରାମାମାନେ ତାଙ୍କର ଅଧୀନ ଥିବାରୁ ବାଟରେ ଆସି ଯୋଗ ଦେଇଥିଲେ ) ।

୨୧ଶ ପଦ:—ରାତ୍ର ତୁଲ୍ୟ ସ୍ୱର -( କ୍ଷତ୍ରିୟ ଚନ୍ଦ୍ରମାନଙ୍କର ତ୍ରାସକାରୀ ) ପର୍ଶୁରାମଙ୍କ ନିବାସ ପର୍ବତର ସନ୍ନିକଟ ବାଦ୍ୟ ନାଦରେ ଚମକନ୍ତେ, ସେ କ୍ଷତ୍ରିୟମାନଙ୍କୁ ତ୍ରାସ ଦେବା ପାଇଁ ବାହାର ହୋଇ ପଡ଼ିଲେ ।

୨୨ଶ ପଦ:—ସ୍ୱଭାବରେ ସେ ପର୍ଶୁରାମ ଅଗ୍ନି ପ୍ରାୟ ତେଜସ୍ୱୀ ଅଟନ୍ତି । ଶୀରବାଦ୍ୟ ରୂପ ଘୃତାହୁତି ପାଇ ପ୍ରଜ୍ୱଳିତ ହୋଇ ଉଠିଲେ । ( ବୀରମାନେ ଶୀରବାଦ୍ୟ ଶ୍ରବଣରେ ଉଲ୍ଲସିତ ହୁଅନ୍ତି ) ।

୨୩ଶ ପଦ:—କାଠ ପୋଡ଼ିଗଲା ପରେ ପାଉଁଶ ଉଡ଼ି ଦିଗ ଆଚ୍ଛାଦନ କଲା ପରି ପର୍ଶୁରାମଙ୍କର କ୍ରୋଧୋନ୍ମତ୍ତ ଆଗମନରେ ଧୂଳି ଉଡ଼ି ଦିଗସବୁ ଢାଙ୍କି ହୋଇଗଲା । ସେହି ଭୟରେ ଦଶରଥ ବ୍ୟାକୁଳିତ ହେଲେ ।

୨୪ଶ ପଦ:— ଭୟ ପାଇ ଦଶରଥ କହିଲେ, "ପ୍ରଚଣ୍ଡ ଅଗ୍ନି ଜଳି ଆସୁଅଛି, ମୋତେ ବୁଦ୍ଧି ଦିଶୁ ନାହିଁ । ମୋର ପୁତ୍ରେ ତୃଣ ପରି ହୋଇ ଅଛନ୍ତି । ଅର୍ଥାତ୍ ତୃଣ ପ୍ରାୟ ସେ ପ୍ରଚଣ୍ଡ ଅଗ୍ନିରେ ପୋଡ଼ି ହୋଇଯିବେ ) ।

ବିଶ୍ୱାମିତ୍ର ଶ୍ରବଣରେ କଲେ ପ୍ରତିଘାତ ।
ବିନାଶ ତହିଁ ଉତ୍ପତ୍ତି ଯହିଁରୁ ନ ଘୋଷ ସେ ।୨୫।
ବ୍ୟୋମ ଅଯୋଧ୍ୟାରେ ଉଦେ ମୁଦିର ସୁନ୍ଦର ।
ବହ୍ନି ତପନ କେମନ୍ତେ ରହିବ ତାହାର ସେ ।୨୬।
ବାମଦେବ ବୋଇଲେ କରନ୍ତି ତୋତେ ରକ୍ଷା ।
ବାଞ୍ଛି ପୁତ୍ରଙ୍କ କଲ୍ୟାଣେ ଆସୁଅଛି ଦକ୍ଷା ସେ ।୨୭।
ବଶିଷ୍ଠ ବୋଇଲେ ଗ୍ରହ ମଙ୍ଗଳ ବୋଲାଇ ।
ବିନା ଦାନେ ଶାନ୍ତ ନୋହେ ଅମଙ୍ଗଳଦାୟୀ ସେ ।୨୮।
ବୀରଶାର୍ଦ୍ଦୂଳ ଲୋକନେ ଭଜେ ସୈନ୍ୟମୃଗ ।
ବିନୟୀ ହେଲେ ନୃପତି ଅତ୍ୟନ୍ତ ଉଦ୍‌ବେଗ ସେ ।୨୯।

---

୨୬ଶ ପଦ:—ବ୍ୟୋମ—ଆକାଶ । ମୁଦିର—ମେଘ । ବହ୍ନିତପନ—ଅଗ୍ନିତେଜ ।

୨୯ଶ ପଦ:—ବୀରଶାର୍ଦ୍ଦୂଳ ବୀରଶ୍ରେଷ୍ଠ ।

---

୨୫ଶ ପଦ:—ବିଶ୍ୱାମିତ୍ର ଦଶରଥଙ୍କ ବ୍ୟାକୁଳ ବଚନ ଶୁଣି ପ୍ରତ୍ୟୁତ୍ତର କଲେ, "ଯହିଁରୁ ସେ ଉତ୍ପନ୍ନ, ତହିଁରେ ତାର ବିନାଶ ହୁଏ । ଏ କଥା ବିଚାର କରୁ ନାହିଁ କାହିଁକି ?" ( ଅଗ୍ନି ଜଳରୁ ଉତ୍ପନ୍ନ ହୋଇ ପୁଣି ସେହି ଜଳରେ ବିନାଶ ହୁଏ ) ।

୨୬ଶ ପଦ:—"ଅଯୋଧ୍ୟା ଆକାଶରେ ଘନସୁନ୍ଦର ରାମ ଉଦିତ ହୋଇ ଅଛନ୍ତି । ଅଗ୍ନିତ ମେଘର ଶତ୍ରୁ, ସେ କପରି ରହିବ ? ( ପର୍ଶୁରାମଙ୍କ କ୍ରୋଧରୂପ ଅନଳ ରାମଚନ୍ଦ୍ରରୂପ ମେଘ ଦ୍ୱାରା ବିଲୁପ୍ତ ହେବ ) ।

୨୭ଶ ପଦ :—ତତ୍ପରେ ବାମଦେବ କହିଲେ, "ପର୍ଶୁରାମ ପୂର୍ବେ ତୁମ୍ଭକୁ ରକ୍ଷା କରି ଅଛନ୍ତି । ସେ କଲ୍ୟାଣ କରିବାରେ ଦକ୍ଷ, ତେଣୁ ତୁମ୍ଭ ପୁତ୍ରମାନଙ୍କୁ କଲ୍ୟାଣ କରିବା ଇଚ୍ଛାରେ ଆସୁଅଛନ୍ତି । ( ତେଣୁ ଭୟ କରିବା ଉଚିତ ନୁହେ ) ।

୨୮ଶ ପଦ:—ବଶିଷ୍ଠ ତାହାପରେ କହିଲେ, "ମଙ୍ଗଳ ଗ୍ରହ ମଙ୍ଗଳ ନାମ ବୋଲାଇଲେ ସୁଦ୍ଧା ଅମଙ୍ଗଳକୁ ପ୍ରଦାନ କରେ । ଦାନାଦି ଦ୍ୱାରା ତାହାର ଅମଙ୍ଗଳ ନିବାରିତ ହୋଇଥାଏ । ସେହିପରି ପର୍ଶୁରାମଙ୍କ ତେଜ ଅଶାନ୍ତି—କାରକ, ତାହା 'ଦାନ' ଛେଦନ ନ ହେଲେ ସେ ଶାନ୍ତ ଲଭିବେ ନାହିଁ ।

୨୯ଶ ପଦ—ବୀର ଶାର୍ଦ୍ଦୂଳ ପର୍ଶୁରାମଙ୍କୁ ଦର୍ଶନ କରି ସୈନ୍ୟ ମୃଗମାନେ ପଳାୟନ କଲେ । ତାହା ଦେଖି ନୃପତି ଦଶରଥ ଅତ୍ୟନ୍ତ ବ୍ୟାକୁଳ ମନରେ ପର୍ଶୁରାମଙ୍କ ନିକଟରେ ବିନୟଯୁକ୍ତ ହେଲେ ।

ବୃଦ୍ଧକାଳେ ପୁତ୍ରଦାନ କଲେ ଋଷ୍ୟଶୃଙ୍ଗ ।
ବିବାହ ଉତ୍ସବ କରି ବାହୁଡ଼ୁଛୁ ନଗ୍ର ଯେ ।୩୦।
ବିଜେ କଲ କୃପାରେ ଏଠାକୁ ଭୃଗୁରାଜ ।
ବୃଦ୍ଧି ହେବ ଆୟୁ ତାଙ୍କ ଦିଅ ପାଦରଜ ହେ ।୩୧।
ବିଷ୍ଣୁର ଆବେଶ ଅବତାର ହୋଇ ତବ ।
ପ୍ରଜ୍ୱଳିତ କୋପେ ଭକ୍ତ ଭକ୍ତି ନ ଦେଖିବ ହେ ।୩୨।
ବୋଲନ୍ତୁ ବୋଇଲେ ଯେଉଁ ରାମ ବଡ଼ାଇ ପ୍ରକଟେ ।
ଶରବାଦ୍ୟ ବଜାଇ ଯାଉଛି ମୋ ନିକଟେ ଯେ ।୩୩।
ବିଶ୍ୱେ ନ ଜାଣେ କ୍ଷତ୍ରିୟବିମର୍ଦ୍ଦନବାନା ।
ବସୁଧାରେ ତାର ଶିର ଲୋଟାଇବି ପିନା ଯେ ।୩୪।
ବୋଇଲେ ନୃପ କ୍ଷୀରକଣ୍ଠ ମାରି କେଉଁ ଯଶ ।
ବିକ୍ରମିଣ ଗଲା ସେ ନ ଶୁଣି ରାଜା ଭାଷ ଯେ ।୩୫।

---

୩୦ଶ ପଦ:—ଦଶରଥ ବିନମ୍ର ଭାବରେ କହିଲେ, "ବୃଦ୍ଧ କାଳରେ ଋଷ୍ୟଶୃଙ୍ଗ ମୁନି ଦୟା ପୂର୍ବକ ପୁତ୍ରଦାନ କରି ଅଛନ୍ତି । ତାହାଙ୍କର ବିବାହ ଉତ୍ସବ କରି ମୁଁ ଏବେ ନଗ୍ରକୁ ଫେରି ଯାଉଅଛି ।"

୩୧ଶ ପଦ:— ହେ ଭୃଗୁବଂଶ, ଶ୍ରେଷ୍ଠ ! ଅନୁଗ୍ରହ ପୂର୍ବକ ତୁମ୍ଭେ ଏଠାକୁ ବିଜେ କଲ । ପୁତ୍ରମାନଙ୍କର ଆୟୁ ବୃଦ୍ଧି କାରଣ ସେମାନଙ୍କୁ ପଦଧୂଳି ପ୍ରଦାନ କର ।"

୩୨ଶ ପଦ:—"ତୁମ୍ଭେ ବିଷ୍ଣୁଙ୍କର କଳାବତାର ଅଟ । କ୍ରୋଧାଗ୍ନିରେ ପ୍ରଜ୍ୱଳିତ ହୋଇ ଭକ୍ତର ଭକ୍ତି ଗ୍ରହଣ କରିବ ନାହିଁ କି ?"

୩୩ଶ ଓ ୩୪ଶ ପଦ:—ଦଶରଥ ଏପରି ବିନମ୍ର ବାଣୀ କହିବାରୁ ପଶୁରାମ କହିଲେ, "ଯେଉଁ ରାମ ବଡ଼ାଇ ପ୍ରକଟ କରି ଶରବାଦ୍ୟ ବଜାଇ ମୋ ନିକଟରେ ଯାଉଅଛି, ସେ କଣ ସଂସାରରେ ମୋହର କ୍ଷତ୍ରିୟ ବିମର୍ଦ୍ଦନ ବାନା ଉଡ଼ୁଛି ବୋଲି ଜାଣେ ନାହିଁ ? ତାହାର ଶିର ଆଜି ବସୁଧାରେ ଲୋଟାଇ ଦେବି । ( ତାହାର ମସ୍ତକ ଛେଦନ କରିବି ) ।"

୩୫ଶ ପଦ:—ଏହା ଶୁଣି ଦଶରଥ କହିଲେ, ଏ କ୍ଷୀରକଣ୍ଠ ଶିଶୁକୁ ମାରି କେଉଁ ଯଶ ଲାଭ କରିବ ?" ରାଜାଙ୍କର ଏ ବାଣୀ ନ ଶୁଣି ପଶୁରାମ ବିକ୍ରମ ପ୍ରକାଶ କରି ରାମଙ୍କ ନିକଟକୁ ଗଲେ ।

ବଲ୍ଗା ଲକ୍ଷ୍ମଣ କାହାକୁ ପଚ୍ଚରିଲେ ଭ୍ରାତେ ।
ବାଉଳେ କାହୁଁ ପ୍ରବେଶ ଆମ୍ଭ ସୈନ୍ୟେ ହୁଏ ଯେ ।୩୬।
ବ୍ୟାଳେ ଲେଷ୍ଟୁ ପ୍ରହାରିଲା ଭ୍ରାତେ ଉକ୍ତି କହି ।
ବିଷକଣ୍ଠେ କ୍ଷୀରକଣ୍ଠ ବୋଲୁଥିଲା କେହି ଯେ । ୩୭ ।
ବିଷକଣ୍ଠ ଯେବେ ତବ ଗୁରୁ ହେବା, ସ୍ତବ ।
ବିରତି କି ଆସିଅଛ କହୁଁ କହେ ଜବ ଯେ । ୩୮ ।
ବଂଶଧନୁ କାଷ୍ଠଭେଦ ଥୋଉଁ ଥିଲା ହୋଇ ।
ବିଭଞ୍ଜନେ ତାହା ମହାବୀର ଯେ ବୋଲାଇ ଯେ । ୩୯ ।
ବଧ ଆଗ ତାକୁ ବିଚାରିବା ପଛେ ତୁହି ।
ବୋଲେ ଅନ୍ଧମତେ ଚନ୍ଦ୍ର ସୂର୍ଯ୍ୟ ଯଥା ନାହିଁ ଯେ । ୪୦ ।

---

୩୭ଶ ପଦ:—ବ୍ୟାଳ—ସର୍ପ । ଲେଷ୍ଟୁ—ଢେଲା । ବିଷକଣ୍ଠ—ସର୍ପ । କ୍ଷୀରକଣ୍ଠ—ଶିଶୁ ।

---

୩୬ଶ ପଦ:—ଗର୍ବୋନ୍ମତ୍ତ ଓ କ୍ରୁଦ୍ଧ ପର୍ଶୁରାମଙ୍କୁ ଦେଖି ଲକ୍ଷ୍ମଣ ଅନ୍ୟ କାହାକୁ ପଚାରିଲା ପ୍ରାୟ କହିଲେ, "ପାଗଳଟିଏ କାହୁଁ ଆସି ଆମ୍ଭ ସୈନ୍ୟ ମଧ୍ୟରେ ପ୍ରବେଶ କଲା ?"

୩୭ଶ ପଦ:—ଲକ୍ଷ୍ମଣଙ୍କ ଉପହାସ ବଚନ ଶୁଣି ସର୍ପକୁ ଢେଲା ପକାଇଲା ପ୍ରାୟ ପର୍ଶୁରାମ ଗର୍ଜନ କରି କହିଲେ, "ଏମାନେ ତ ବିଷକଣ୍ଠ (ସର୍ପ) ଅଟନ୍ତି, କଏ ଏହାଙ୍କୁ କ୍ଷୀରକଣ୍ଠ ବୋଲି କହୁଥିଲା ?"

୩୮ଶ ପଦ:—ଲକ୍ଷ୍ମଣ ଉତ୍ତର ଦେଲେ, "ଯେବେ ଆମ୍ଭଙ୍କୁ ବିଷକଣ୍ଠ ବୋଲି କହୁଛ ( ବିଷକଣ୍ଠ ତ ମହାଦେବ ) ତୁମ୍ଭର ଆମ୍ଭେ ଗୁରୁ ହେଲୁଁ । ତେଣୁ ସ୍ତୁତି କରିବାକୁ ଆସି ଅଛ କି ?" ଏହା ଶୁଣି ପର୍ଶୁରାମ ବେଗରେ କହିଲେ;—

୩୯ଶ ଓ ୪୦ ଶ ପଦ:—"ବହୁଦିନରୁ ଥୁଆହୋଇ ରହିଥିବାରୁ କାଉଁଶର ଧନୁ ଫୋକଟ ହୋଇଥିଲା । ତାହାକୁ ଭାଙ୍ଗି ଯେ ମହାବୀର ବୋଲାଉଛି, ତାହାକୁ ଆଗ ବଧ କରିବା, ତୁମ୍ଭ ପରେ ବଧ ହେବୁ ।" ଏହି ଶ୍ରବଣ କରି ଲକ୍ଷ୍ମଣ କହିଲେ, "ଅନ୍ଧ ଯେପରି ମନେ କରେ ଚନ୍ଦ୍ର ସୂର୍ଯ୍ୟ ନାହାନ୍ତି, ସେହିପରି ତୁମ୍ଭେ ଭାବୁଛ ଯେ, ଆଉ ବଳିଷ୍ଠ କେହି ନାହାନ୍ତି । ( ଯେପରି ଅନ୍ଧ ନ ଜାଣିଲେ ହେଁ ଚନ୍ଦ୍ର ସୂର୍ଯ୍ୟ ଅଛନ୍ତି, ସେହିପରି ତୁମ୍ଭେ ଜାଣି ନ ପାରିଲେହେଁ ବଳିଷ୍ଠ ବୀରମାନେ ଅଛନ୍ତି ) ।

ବିଭ୍ରାନ୍ତ ପରଶୁରାମ ଶ୍ରୀରାମ ଭେଟିଲା ।
ବିବାଦ ତାହାଙ୍କୁ ସେହି ସେକାଳେ ଘୋଟିଲା ଯେ ।୪୧।
ବିଷମସମସ୍ୟା ହେବା ପୂରଣ ଏଠାରେ ।
ବିଦିତ ଖଣ୍ଡେନ୍ଦୁ କିବା ପୂର୍ଣ୍ଣେନ୍ଦୁ ଆଗରେ ଯେ ।୪୨।
ବିଧୁ ଅବତାର ଦୁହିଙ୍କର ସେହିପରି ।
ତନ୍ୟସ୍ତ ଦ୍ୱିତୀୟା ଆଗେ ପଛେ ଚକା କରି ଯେ ।୪୩।
ବୋଇଲେ ରଘୁନନ୍ଦନ ଆହେ ଦ୍ୱିଜବର ।
ବାହୁଜ ବୃତ୍ତିରେ କିପାଁ ଆଇଲ ଏଠାର ଯେ ।୪୪।
ବ୍ୟାଜ ଏ ଶବର ପ୍ରାପ୍ୟ କୁଠାରେ ତ ବନ୍ଧ ।
ବୃତ୍ତି କରିଛ ସମିଧ ବିକ୍ରୟ କି କହ ହେ ? ୪୫ ।

---

୪୩ଶ ପଦ :—ବିଧୁ—ଚନ୍ଦ୍ର, ବିଷ୍ଣୁ । ଚକା—ପୂର୍ଣ୍ଣିମା ତିଥି ।
୪୪ଶ ପଦ :—ବାହୁଜ—କ୍ଷତ୍ରିୟ ।
୪୫ଶ ପଦ :—ବ୍ୟାଜ—ଛଳ, କପଟ । ସମିଧ—କାଠ ।

---

୪୧ଶ ପଦ :—ଭ୍ରାନ୍ତିମନ୍ତ ହୋଇ ପରଶୁରାମ ଶ୍ରୀରାମଙ୍କୁ ଭେଟିଲେ । ସେ ସମୟରେ ସେହି ଏକା ତାହାଙ୍କର ବିବାଦ ହେବାର ଦେଖାଗଲା । ( ବିଷ୍ଣୁ ବିଷ୍ଣୁଙ୍କର ବିବାଦ ହେଲେ ) ।

୪୨ଶ ପଦ :—ଏଠାରେ ବିଷମସମସ୍ୟା ପୂରଣ ହେଲା । ପୂର୍ଣ୍ଣଚନ୍ଦ୍ର ଆଗରେ ଖଣ୍ଡଚନ୍ଦ୍ର ପ୍ରକାଶିତ ହେଲା କି ? ( ରାମଚନ୍ଦ୍ର ପୂର୍ଣ୍ଣାବତାର ଓ ପରଶୁରାମ ଅଂଶାବତାର; ତେଣୁ ରାମଚନ୍ଦ୍ର ପୂର୍ଣ୍ଣଚନ୍ଦ୍ର ଓ ପରଶୁରାମ ଖଣ୍ଡଚନ୍ଦ୍ର ) ।

୪୩ଶ ପଦ :—ବିଷ୍ଣୁ ଓ ଚନ୍ଦ୍ର ଦୁହିଁଙ୍କର ଅବତାର ଏକାପରି ହୋଇଅଛି । ଆଗ ଦ୍ୱିତୀୟାଚନ୍ଦ୍ର ଦେଖା ଦେଇ ପରେ ପୂର୍ଣ୍ଣଚନ୍ଦ୍ର ପ୍ରକାଶିତ ହେଲା ପରି ଆଗ ଅଂଶାବତାର ପରଶୁରାମ ଜାତ ପରେ ପୂର୍ଣ୍ଣାବତାର ରାମଚନ୍ଦ୍ର ଜନ୍ମ ଗ୍ରହଣ କଲେ ।

୪୪ଶ ପଦ :—ପରଶୁରାମଙ୍କୁ ସମ୍ମୁଖରେ ଦେଖି ରାମଚନ୍ଦ୍ର କହିଲେ, "ଆହେ ଦ୍ୱିଜଶ୍ରେଷ୍ଠ ! କ୍ଷତ୍ରିୟ ରୂପରେ କାହିଁକି ଏଠାକୁ ଆସିଲ ?" ( ଅର୍ଥାତ୍ ତୁମ୍ଭେ ତ କ୍ଷତ୍ରିୟ ନୁହ ) ।

୪୫ଶ ପଦ :—ପରଶୁରାମ କୁଠାର ଧରିଥିବାର ଦେଖି ବକ୍ରୋକ୍ତି କରି ରାମ କହିଲେ, "ତୁମ୍ଭର କ୍ଷତ୍ରିୟ ବୃତ୍ତି ମଧ୍ୟ ଛଳପୂର୍ଣ୍ଣ । ତୁମ୍ଭେ ଶବର ପ୍ରାୟ କୁରାଢ଼ୀ ବୋଝାଏ ତ ବହିଅଛ । ହୋମ କାଷ୍ଠ ବିକ୍ରୟ କରି ଜୀବିକା ଚଳାଅ କି ? ସତକଥା କହ ।"

ବିଷ୍ଟର କରକ ପାଣୀ ବନ୍ଦିବାକୁ ଦେବା ।
ବ୍ରାହ୍ମଣ୍ୟ ! ଆମ୍ଭେ ତୁମ୍ଭଙ୍କୁ ପୂଜନ କରିବା ହେ ।୪୬।
ବାଲ୍ମୀକ ଖଣ୍ଡବୃତ୍ତିକ ଆଶ୍ରେ କରିଥିଲେ ।
ବନ୍ଦ୍ୟ ଜଗତେ ସେ ସାଧୁ ଦର୍ଶନେ ହୋଇଲେ ଯେ ।୪୭।
ବିପ୍ବର ଏମନ୍ତ ଆସିଥିଲେ ଭଲ କଥା ।
ବ୍ୟଥା ଲଭି ରୈଣୁକେୟ ବୋଇଲେ ଏ ବୃଥା ଯେ ।୪୮।
ବନେ ପଶି ସ୍ତ୍ରିୟଏ ତାଡ଼କ ନାମେ ହାଣି ।
ବହୁତକାଳରୁ ଥୁଆ ଧନୁ ଭଙ୍ଗି ପୁଣି ଯେ ।୪୯।
ସାରଧୂ ପ୍ରକାଶିଅଛୁ ମୋର ଧନୁ ଧର ।
ବିଗ୍ରହ କ ଆରମ୍ଭିବା ଦାଶରଥିଠାରେ ଯେ ।୫୦।

---

୪୬ଶ ପଦ :—ବିଷ୍ଟର—କୁଶାସନ । କରକ—କମଣ୍ଡଳୁ ।
୪୭ଶ ପଦ :—ବନ୍ଦ୍ୟ—ପୂଜ୍ୟ ।
୪୮ଶ ପଦ .—ରୈଣୁକେୟ—ପରଶୁରାମ ।

---

୪୬ଶ ପଦ :—"ହେ ବ୍ରହ୍ମନ୍ ! ଆମ୍ଭେ ତୁମ୍ଭଙ୍କୁ କୁଶ, କମଣ୍ଡଳୁ, ତମ୍ଭା ପାଣୀ ବନ୍ଦନ କରିବାକୁ ଦେବା; ତୁମ୍ଭେ ଏ କୁରାଢ଼ୀ ବନ୍ଦିବା ଛାଡ଼ । ଆମ୍ଭେ ତୁମ୍ଭଙ୍କୁ ବ୍ରାହ୍ମଣ ରୂପେ ପୂଜା କରିବା ।"

୪୭ଶ ଓ ୪୮ଶ ପଦ :—"ପୂର୍ବେ ବାଲ୍ମୀକ ଖଣ୍ଡବୃତ୍ତିକ ଆଶ୍ରୟ କରିଥିଲେ । ସେ ପରେ ସାଧୁଙ୍କ ଦର୍ଶନରେ ସଂସାରରେ ପୂଜନୀୟ ହେଲେ । ତୁମ୍ଭେ ଯଦି ସେହିପରି ଆଶା କରି ଅର୍ଥାତ୍ ଆମ୍ଭ ଦର୍ଶନରେ ପୂଜନୀୟ ହେବ ବୋଲି ଇଚ୍ଛା କରି ଆସିଥାଅ, ତେବେ ଭଲ କଥା ।" ରାମଙ୍କର ଏ ବକ୍ରୋକ୍ତି ଶୁଣି ରେଣୁକା ପୁତ୍ର ପର୍ଶୁରାମ ଦୁଃଖ ଲଭି କହିଲେ, "ଏ ସବୁ ବୃଥା କଥା ।"

୪୯ ଓ ୫୦ଶତ୍ ପଦ !—"ବନରେ ପଶି ତାଡ଼କା ନାମକ ଗୋଟିଏ ସ୍ତ୍ରୀକୁ ହାଣି, ପୁଣି ବହୁଦିନରୁ ଥୁଆ ହୋଇଥିବା ପୋକଖିଆ ଓ ଅସାର ଧନୁ ଭଙ୍ଗି ସାରପଣିଆ ପ୍ରକାଶ କରୁଅଛୁ । ଏବେ ମୋର ଧନୁକୁ ଧାରଣ କର । ତୁ ତ ଦଶରଥର ପୁତ୍ର; ତୋ ସହିତ ବା କଣ କଳହ ଆରମ୍ଭ କରିବା ? ( ମୋର ଦିଗ୍ ବିଜୟ ସମୟରେ ଦଶରଥ ରାଣୀମାନଙ୍କ ପଣତ ତଳେ ଲୁଚିଥିଲେ, ମୁଁ ତାଙ୍କୁ ଖାତିର କରେ ନାହିଁ ତୁ ତ ତାଙ୍କ ପୁଅ, ତୋତେ ବା ପଚୁରେ କିଏ ? ) ଅନ୍ୟାର୍ଥ :—ତୁ ତ ଦାସରଥି ଅର୍ଥାତ୍ କୈବର୍ତ୍ତଶ୍ରେଷ୍ଠ, ତୋ ସହିତ ବିବାଦ କରିବା ଅଶୋଭନୀୟ ।

ବାମକର ବଢ଼ାଇଲେ ରାମ ଶୁଣିକରି ।
ବଢ଼ାଇ ଦେଉଁ ସେ ଧନୁ ବିଷ୍ଣୁ ତେଜ ହରି ଯେ ।୫୧।
ବିମନା ଜାନକୀ ସେ ସପତ୍ନୀ ଭୟ ଗୁଣି ।
ବିଭଞ୍ଜାଇ ଋଷି ଏତ ପୁଣି ରୂପେ ଆଣି ଯେ ।୫୨
ବୋଧିଲେ ବଲ୍ଲଭା କାନ୍ତ କର୍ଣ୍ଣପାଶେ କହି ।
ବଳ କଷେ ବିବାହକାର୍ଯ୍ୟ ଏ ନୋହେ ସହି ଗୋ ।୫୩।
ବସିବାଠାବରେ ଗୁଣ ଦେଇ ସନ୍ଧି ଶର ।
ବନ୍ଧିବା କାହିଁକି ବୋଲି ପଚାରିଲେ ବୀର ଯେ ।୫୪।
ବୋଲେ ପରଶୁରାମ ମୋ ପାପଦ୍ୱାର ଛେଦ ।
ବିଛେଦିଲେ ରାମଚନ୍ଦ୍ର ସେ ହେଲେ ପ୍ରମୋଦ ଯେ ।୫୫।

---

୫୧ଶର ପଦ :—ରାମ ପର୍ଶୁରାମଙ୍କ ବଚନ ଶୁଣି ବାମକର ବଢ଼ାଇଲେ । ପର୍ଶୁରାମ ଧନୁ ବଢ଼ାଇ ଦେବାରୁ ସେ ଧନୁ ସହିତ ତାଙ୍କର ବିଷ୍ଣୁ ତେଜକୁ ହରଣ କରି ନେଲେ ।

୫୨ଶର ପଦ :—ଏହା ଦେଖି ଜାନକୀ ତାଙ୍କର ଆଉ ଏକ ସଉତୁଣୀ ହେବା ଆଶଙ୍କାରେ ଦୁଃଖିତ ହୋଇ ଭାବିଲେ, 'ଜନକ ଋଷିଙ୍କର ଗୋଟିଏ ଧନୁ ଭାଙ୍ଗି ରାମଚନ୍ଦ୍ର ମୋତେ ବିଭା କଲେ । ପୁଣି ଆଉ ଏକ ଋଷି ଗୋଟିଏ ଧନୁ ଆଣି ଭଙ୍ଗାଉ ଅଛନ୍ତି, ତାଙ୍କ ଝିଅଙ୍କୁ ନିଶ୍ଚୟ ବିବାହ ହେବେ ॥'

୫୩ଶର ପଦ :—ସୀତାଙ୍କର ମନ ଦୁଃଖ ଜାଣି ପାରି ରାମଚନ୍ଦ୍ର ପ୍ରିୟାର କାନରେ ଏହା କହି ବୋଧ କଲେ, "ହେ ସଖି ! ଏ ଧନୁର୍ଭଙ୍ଗ ବିବାହ କାର୍ଯ୍ୟ ନୁହେ । ଏହାଦ୍ୱାରା ଏ ଋଷି ଆମ୍ଭର ବଳ ପରୀକ୍ଷା କରୁଅଛନ୍ତି । ତୁମ୍ଭେ ଦୁଃଖିତ ହେବାର କାରଣ କିଛି ନାହିଁ ।"

୫୪ଶର ପଦ :—ବୀର ରାମଚନ୍ଦ୍ର ବସିବା ଅବସ୍ଥାରେ ଧନୁରେ ଗୁଣ ଦେଇ, ତହିଁରେ ଶର ସନ୍ଧାନ କରି ପରଶୁରାମଙ୍କୁ ପଚାରିଲେ, "କାହାକୁ ବିନ୍ଧିବା କହ ।" (ଏହାଦ୍ୱାରା ପର୍ଶୁରାମଙ୍କର ଦର୍ପ ଚୂର୍ଣ୍ଣ ଓ ରାମଚନ୍ଦ୍ରଙ୍କର ଗୌରବ ପ୍ରକାଶ, ଉଭୟ ସୂଚିତ ହେଲା ) ।

୫୫ଶର ପଦ :—ରାମଙ୍କର ବଚନ ଶୁଣି ପର୍ଶୁରାମ ନମ୍ର ହୋଇ କହିଲେ, "ମୋର ପାପଦ୍ୱାରକୁ ଛେଦନ କର ।" ରାମଚନ୍ଦ୍ର ତାଙ୍କର ପାପଦ୍ୱାରକୁ ଶର ବିନ୍ଧି ଖଣ୍ଡନ କଲେ । ପର୍ଶୁରାମ ଆନନ୍ଦ ହେଲେ ।

ବାହୁଡ଼ନ୍ତେ ପ୍ରଦକ୍ଷିଣ କରି ଦେବବୁଦ୍ଧି ।
ବାଜିଲା ବିବିଧ ବାଦ୍ୟ ବିଜେ କୃପାନିଧି ଯେ ।୫୬।
ବଳଗଣ୍ଡି ଠାରେ ରହି ଯଥା ଜଗନ୍ନାଥ ।
ବିଜେ ପୁଣି ଜନକ ସନ୍ତୋଷେ ଚାଳି ରଥ ଯେ ।୫୭।
ବିସ୍ତାରି ତ ଜୟ ରବେ ହେଲା ଦଶଦିଶ ।
ବଡ଼ ଦେଉଳ ସାକେତେ ହେଲେ ପରବେଶ ଯେ ।୫୮।
ବିଧିରେତ ବେନି ମହୋତ୍ସବ ଅବଲୋକ ।
ବୃନ୍ଦାରକେ ଏହା ମିଶକରଣେ ବିବେକ ଯେ ।୫୯।
ବଚନ ନାହିଁ ଯହିଁକି ଉପମା ତାକୁ ସେ ।
ବଇକୁଣ୍ଠ ମର୍ତ୍ତ୍ୟେ ସେହି ଯେ ପୁରେ ବିଳସେ ଯେ ।୬୦।

---

୫୬ଶଲି ପଦ :—ବୈଷ୍ଣବଧନୁ ଧରିବାକୁ ସମର୍ଥ ହେବାରୁ ପର୍ଶୁରାମ ରାମଚନ୍ଦ୍ରଙ୍କୁ ସ୍ୱୟଂ ବିଷ୍ଣୁ ବୋଲି ଜାଣି ପାରି, ତାଙ୍କୁ ପ୍ରଦକ୍ଷିଣ କରି ବାହୁଡ଼ି ଗଲେ । ତତ୍ପରେ ନାନା ପ୍ରକାର ବାଦ୍ୟ ବାଜିଲା, କୃପାନିଧି ରାମ ବିଜେ କଲେ ।

୫୭ଶଲି ପଦ :—ଯେପରି ଜଗନ୍ନାଥ ବଳଗଣ୍ଡି ଠାରେ ରହି ଲୋକମାନଙ୍କର ସନ୍ତୋଷ ବିଧାନ କରି ପରେ ରଥ ଚଳାଇ ବିଜେ କରନ୍ତି; ସେହିପରି ରାମଚନ୍ଦ୍ର କିଛି ସମୟ ରହି ପର୍ଶୁରାମଙ୍କୁ ଜିଣିବାଦ୍ୱାରା ଜନକ ଦଶରଥଙ୍କ ସନ୍ତୋଷ ପ୍ରଦାନ କରି ପରେ ରଥ ଚଳାଇ ଗଲେ ।

୫୮ଶଲି ପଦ :—ଜୟଧ୍ୱନି ଦଶଦିଗରେ ବିସ୍ତାରିତ ହେଲା । ବଡ଼ ଦେଉଳ ସଦୃଶ ଅଯୋଧ୍ୟା ନଗରୀରେ ରାମଚନ୍ଦ୍ର ପ୍ରବେଶ ହେଲେ । (ବାହୁଡ଼ା ସମୟରେ ଜୟଶବ୍ଦ ଦ୍ୱାରା ଦଶଦିଗ ପୂର୍ଣ୍ଣ କରି ଜଗନ୍ନାଥ ବଡ଼ ଦେଉଳରେ ପ୍ରବେଶ କରନ୍ତି । ସେହିପରି ରାମଚନ୍ଦ୍ର ଅଯୋଧ୍ୟା ନଗରୀରେ ଜୟ କୋଳାହଳ ମଧ୍ୟରେ ପ୍ରବେଶ କଲେ ) ।

୫୯ତମ ପଦ :—ଦୈବବଶରେ ଏହି ଦୁଇ ମହୋତ୍ସବ (ଜଗନ୍ନାଥଙ୍କ ବାହୁଡ଼ା ମହୋତ୍ସବ ଓ ରାମଚନ୍ଦ୍ରଙ୍କ ବିବାହ ମହୋତ୍ସବ ) ଦେବତାମାନେ ଓ ଶ୍ରେଷ୍ଠ ଲୋକମାନେ ଦର୍ଶନ କରୁଅଛନ୍ତି । ଅତଏବ ଏ ଦୁଇ ମହୋତ୍ସବର ଯେ ସମାନତା ଅଛି—ଏହା ବିବେଚିତ ହେଉଅଛି ।

୬୦ତମ ପଦ :—ଭଗବାନ ରାମଚନ୍ଦ୍ର ଯେଉଁ ପୁରରେ ବିହାର କରନ୍ତି, ସେହି ମର୍ତ୍ତ୍ୟବୈକୁଣ୍ଠ ରୂପ ଅଯୋଧ୍ୟାର ଶୋଭାକୁ କଥାରେ ବର୍ଣ୍ଣନା କରି ହେବ ନାହିଁ, ତାର ଉପମା କେବଳ ସେହି । (ଯେଉଁ ମର୍ତ୍ତ୍ୟବୈକୁଣ୍ଠ ନୀଳାଚଳରେ ଜଗନ୍ନାଥ ବିହାର କରନ୍ତି, ତାର ଉପମା କେବଳ ସେହି । ତାର ଶୋଭା ବର୍ଣ୍ଣନା କରି ହେବ ନାହିଁ ) ।

ଜଳେ ଛଡ଼ାଇ ଚନ୍ଦ୍ରେ ସେ ସୁଧାକର ପଦ ।
ବିଶଦ ହାସେ ଉଡ଼ାଇ ରଖେ ବିଷ୍ଣୁପଦ ଯେ ।୬୧।
ବିଷ୍ଣୁପଦ ସମ୍ପଦ ଲୁଟିରୁ ରତ୍ନମୟେ ।
ଚଢ଼ାଇ ପତାକା କର ଆଣିଲାର ପ୍ରାପ୍ତେ ଯେ ।୬୨।
ବାଟିକା ଯହିଁର କରେ ନନ୍ଦନ ନିନ୍ଦନ ।
ବଲ୍ଲିକା କୁସୁମ ପାରିଜାତକ ବନ୍ଦନ ଯେ ।୬୩।
ବାଦେ ଜିଣେ କଳ୍ପଦ୍ରୁମ ଯହିଁ ବୃକ୍ଷପନ୍ତି ।
ଅଦୃଶ୍ୟ ଫଳ ସେ ଦୃଶ୍ୟ ଫଳେ ଏ ରାଜନ୍ତି ଯେ ।୬୪।
ବିପୁଳ କ୍ଳେଶ ଲଭ୍ୟ ସେ ଏ ଲଭ୍ୟ ଅକ୍ଳେଶେ ।
ବିଦ୍ୟାଧରୁ ଭଲ ପିକ ସପ୍ତସ୍ୱର ଘୋଷେ ଯେ ।୬୫।

---

୬୧ତମ ପଦ:—ସୁଧାକର—ଚନ୍ଦ୍ର । ବିଶଦ—ଶୁକ୍ଳ । ବିଷ୍ଣୁପଦ—ଆକାଶ ।
୬୩ତମ ପଦ:—ବାଟିକା—ପୁଷ୍ପୋଦ୍ୟାନ । ବଲ୍ଲିକା—ଲତାସମୂହ ।

---

୬୧ତମ ପଦ:—ସେ ନଗରର ଅଟ୍ଟାଳିକାଗୁଡ଼ିକର ଜଳାଧାରରେ ଚନ୍ଦ୍ରଠାରୁ ସୁଧାକର ପଦକୁ ଛଡ଼ାଇ ଆଣିଅଛନ୍ତି ଏବଂ ଶୁଭ୍ର ହାସରେ ଚନ୍ଦ୍ରଙ୍କୁ ଉଡ଼ାଇ ନେଇ ଆକାଶ ମଧ୍ୟରେ ରଖିଅଛନ୍ତି । ( ଅଟ୍ଟାଳିକାଗୁଡ଼ିକ ଚୂନଲିପ୍ତ ହୋଇଥିବାରୁ ଶୁଭ୍ରଭାବରେ ଚନ୍ଦ୍ରର ଜ୍ୟୋତ୍ସ୍ନାକୁ ବଳି ପଡ଼ିଅଛନ୍ତି ) ।

୬୨ତମ ପଦ:—ସେ ପୁର ପତାକା ରୂପ କରକୁ ବଢ଼ାଇ ଯେପରି ସ୍ୱର୍ଗର ସମସ୍ତ ସମ୍ପତ୍ତି ଲୁଟି କରି ଆଣି ନିଜେ ରତ୍ନପୂର୍ଣ୍ଣା ହୋଇଅଛି । ( ପୁରସ୍ଥ ଅଟ୍ଟାଳିକାମାନଙ୍କର ପତାକା ବହୁତ ଉଚ୍ଚରେ ଉଡ଼ୁଅଛି ଓ ସେ ପୁରରେ ବହୁତ ଧନରତ୍ନ ରହିଅଛି ) ।

୬୩ତମ ପଦ:—ଯେଉଁ ପୁରର ପୁଷ୍ପଉଦ୍ୟାନ ସ୍ୱର୍ଗର ନନ୍ଦନବନକୁ ନିନ୍ଦାକରେ ଓ ତନ୍ମଧ୍ୟସ୍ଥ ଲତାମାନଙ୍କରେ ଫୁଟିଥିବା ପୁଷ୍ପ ପାରିଜାତ କୁସୁମ ଦ୍ୱାରା ବନ୍ଦିତ ହୋଇଅଛି, ( ଲତା ପୁଷ୍ପ ପାରିଜାତ ଅପେକ୍ଷା ସୌରଭଯୁକ୍ତ ଓ ସୁନ୍ଦର )

୬୪ତମ ପଦ:—ଯେଉଁ ପୁରର ବୃକ୍ଷସମୂହ ବିବାଦରେ କଳ୍ପଦ୍ରୁମକୁ ଜୟ କରି ଅଛି, କାରଣ କଳ୍ପଦ୍ରୁମସବୁ ଅଦୃଶ୍ୟ ଫଳ ଦ୍ୱାରା ଶୋଭିତ ହୁଅନ୍ତି, ମାତ୍ର ଯେଉଁ ପୁରର ବୃକ୍ଷମାନେ ଦେଖା ଯାଉଥିବା ଫଳରେ ଆନନ୍ଦ ହୋଇ ଅଛନ୍ତି ।

୬୫ତମ ପଦ:—ସେହି କଳ୍ପଦ୍ରୁମର ଫଳ ବଡ଼ କଷ୍ଟରେ ମିଳିଥାଏ, ମାତ୍ର ଏ ନଗରସ୍ଥ ବୃକ୍ଷମାନଙ୍କର ଫଳ ଅକ୍ଳେଶରେ ପ୍ରାପ୍ତ ହୁଏ । ନନ୍ଦନବନରେ ବିଦ୍ୟାଧରମାନେ ସପ୍ତସ୍ୱରରେ ଗାନ କରୁଥାନ୍ତି, ମାତ୍ର ଏ ନଗରସ୍ଥ ଉଦ୍ୟାନରେ ତାଙ୍କଠାରୁ ଶ୍ରେଷ୍ଠ କୋକିଳମାନେ ସପ୍ତସ୍ୱରରେ ଗାନ କରନ୍ତି ।

ବୀଣା ତେଜନ୍ତେ ନାରଦ ଶୁକପଢ଼ା ଶୁଣି ।
ବିହରନ୍ତି ତହିଁ ସୀତା ଘେନ ରଘୁମଣି ଯେ ।୭୬।
ବିଷ୍ଣୁ ଆଣୀକି ଆଣନ୍ତି ଜାନୁରେ ବସାଇ ।
ବାର୍ଦ୍ଧିଗଙ୍ଗା ଛବି ଲଭେ କୋଳାକୋଳି ହୋଇ ଯେ ।୭୭।
ବକ୍ଷେ ଉତ୍ସୁକଭାବରେ କରନ୍ତି ଶୟନ ।
ବିଦ୍ୟୁତକେଳି ଉଜ୍ଜ୍ୱଳ ଜଳଦ ଲୁଣ୍ଠନ ଯେ ।୭୮।
ବନ୍ଧୁକ ଭୃଙ୍ଗ ବନ୍ଧୁତା ଓଷ୍ଠପାନବେଳେ ।
ବୃଷଧ୍ୱଜ ପୂଜନ ଉରଜେ କର ଦେଲେ ଯେ ।୭୯।

---

୭୮ତମ ପଦ :—ବକ୍ଷେ—ବକ୍ଷରେ ।

୭୯ତମ ପଦ :—ବନ୍ଧୁକ—ବଧୂଲିପୁଷ୍ପ । ଭୃଙ୍ଗ—ଭ୍ରମର । ବୃଷଧ୍ୱଜ—ଶିବ ।

---

୭୬ତମ ପଦ :—ଯେଉଁ ପୁରର ବଗିଚାରେ ଥିବା ଶୁକମାନଙ୍କର ପଢ଼ା ଶୁଣିଲେ ନାରଦ ବୀଣାକୁ ତ୍ୟାଗ କରନ୍ତେ, ଏହିପରି ଯେ ଅଯୋଧ୍ୟାପୁରୀ (ସବୁ ଶୋଭାର ଆଧାର) ତହିଁରେ ରାମଚନ୍ଦ୍ର ସୀତାଙ୍କୁ ଘେନି ବିହାର କରନ୍ତି ।

୭୭ତମ :—ରାମଚନ୍ଦ୍ର ସୀତାଙ୍କୁ କୋଳରେ ବସାଇବା ସମୟରେ, ବିଷ୍ଣୁ ଲକ୍ଷ୍ମୀଙ୍କୁ କୋଳରେ ଧାରଣ କରି ଯେପରି ଶୋଭା ପାଆନ୍ତି, ସେହିପରି ଶୋଭାବନ୍ତ ଦେଖାଗଲେ । ପୁଣି ରାମ ସୀତା ପରସ୍ପର ଆଲିଙ୍ଗନ କରିବା ସମୟରେ ସମୁଦ୍ର ଗଙ୍ଗାଙ୍କୁ ଆଲିଙ୍ଗନ କରି ଯେପରି ଦେଖାଯାନ୍ତି, ସେହି ଶୋଭା ଧାରଣ କଲେ ।

୭୮ତମ ପଦ :—ରାମଚନ୍ଦ୍ର ଉତ୍ସୁକ ଭାବରେ ବକ୍ଷସ୍ଥଳରେ ସୀତାଙ୍କୁ ଶୟନ କରାଇଲାବେଳେ, ମେଘରେ ଖେଳ କରୁଥିବା ବିଦ୍ୟୁତର ଉଜ୍ଜ୍ୱଳତାକୁ ଲୁଣ୍ଠନ କଲେ । (ମେଘ ବକ୍ଷରେ ବିଜୁଳି ଚମକିଲେ ଯେପରି ସୁନ୍ଦର ଦିଶେ—ତା ଅପେକ୍ଷା ବେଶି ସୁନ୍ଦର ଦିଶିଲେ) ।

୭୯ତମ ପଦ :—ରାମଚନ୍ଦ୍ର ସୀତାଙ୍କର ଅଧର ଚୁମ୍ବନ କଲାବେଳେ ଭୃଙ୍ଗ ବଧୂଲି ଫୁଲରୁ ମଧୁପାନ କରିବା ଶୋଭାକୁ ଧାରଣ କଲେ । ସୀତାଙ୍କ ସ୍ତନ ମୂଳରେ ହସ୍ତ ଦେଲାବେଳେ ଶମ୍ଭୁଙ୍କୁ ପୂଜା କଲାପ୍ରାୟ ବୋଧ ହେଲା ।

ବନଜେ ନୀଳଉତ୍ପଳ ପବନେ କି ଢଳେ ।
ନିର୍ମଳ ଗଣ୍ଡ ଚୁମ୍ବନେ ସେ ଶୋଭି ବହିଲେ ଯେ ।୭୦।
ବାହୁ କରେ ଧରି ହେଉଁ ଆରାମପ୍ରବେଶୀ ।
ବାରିଦେ ପଶିଲା ପ୍ରାୟେ ଏକ ତାରା ଶଶୀ ଯେ ।୭୧।
ବାଗ୍‌ଦେବୀ ଗଣେଶ କର୍ଣ୍ଣରେ ବାଦକୃତ ।
ବ୍ରତତିରେ ଉକ୍ତି ପ୍ରତିଉକ୍ତିରେ ହେମନ୍ତ ଯେ ।୭୨।
ବିଧାତା ବଶରେ ପିତୃଦିବସ ପ୍ରବେଶ ।
ବନେ ମୃଗୟା ଗମନ ଜନକ ଆଦେଶ ଯେ ।୭୩।
ବଣା ସେ ଖଡ୍‌ଗୀନ ହୋଇ ଖଡ୍‌ଗୀନ ସଙ୍ଗତ ।
ବନ୍ଧାଇଲେ ଗୁହ ଶବରେଶ ସଙ୍ଗେ ମିତ ଯେ ।୭୪।

---

୭୦ତମ ପଦ :— ନୀଳୋତ୍ପଳ—ନୀଳକଇଁ । ବନଜ—ପଦ୍ମ ।

୭୪ତମ ପଦ :— ଖଡ୍‌ଗୀନ—ଗଣ୍ଡା ପଶୁ, ଖଡ୍‌ଗଧାରୀ ।

---

୭୦ତମ ପଦ :— ନୀଳକଇଁ ପବନ ଯୋଗେ ପଦ୍ମ ଉପରେ ଢଳିଲେ ଯେପରି ଦେଖାଯାଏ ରାମଚନ୍ଦ୍ର ସୀତାଙ୍କର ନିର୍ମଳ ଗଣ୍ଡ ଚୁମ୍ବିଲାବେଳେ ସେହିପରି ଦେଖା ଗଲେ । (ରାମଚନ୍ଦ୍ର ନୀଳବର୍ଣ୍ଣ ହେତୁ ନୀଳକଇଁ ସଦୃଶ, ସୀତା ପଦ୍ମ ସଦୃଶ ) ।

୭୧ତମ ପଦ :— ସୀତାଙ୍କ ବାହୁ ହସ୍ତରେ ଧରି ରାମଚନ୍ଦ୍ର ଉପବନ ମଧ୍ୟରେ ପ୍ରବେଶ କଲାବେଳେ, ଚନ୍ଦ୍ର ଗୋଟିଏ ତାରକା ସହିତ ମେଘମଧ୍ୟରେ ପଶିଲା ପ୍ରାୟ ଦେଖାଗଲେ ।

୭୨ତମ ପଦ :— ଉପବନର ଲତା କୁଞ୍ଜରେ ବସି ରାମ ଓ ସୀତା ଉକ୍ତି ପ୍ରତ୍ୟୁକ୍ତି କଲାବେଳେ, ଗଣେଶ ଓ ସରସ୍ୱତୀ ତାଙ୍କ କର୍ଣ୍ଣରେ ବିବାଦ କଲା ପ୍ରାୟ ବୋଧ ହେଲା ।

୭୩ତମ ପଦ :— ଏହିପରି କେତେଦିନ ପରେ ଦୈବଯୋଗରେ ଶ୍ରାଦ୍ଧଦିବସ ପ୍ରବେଶ ହୁଅନ୍ତେ, ରାମଚନ୍ଦ୍ର ପିତାଙ୍କ ଆଦେଶ ପାଇ ମୃଗୟା ନିମିତ୍ତ ବନକୁ ଗମନ କଲେ ।

୭୪ତମ ପଦ :— ଖଡ୍‌ଗଧାରୀ ରାମଚନ୍ଦ୍ର ଖଡ୍‌ଗୀନ ଅର୍ଥାତ୍ ଗଣ୍ଡା ସଙ୍ଗତରେ ବଣା ହୋଇ ଅରଣ୍ୟ ମଧ୍ୟକୁ ଗଲେ ଓ ଗୁହ ନାମକ ଶବରରାଜ ସହିତ ମିତ୍ରତା ସୂତ୍ରରେ ବନ୍ଧା ହେଲେ ।

ବାହୁଡ଼ି ନଗରେ ଶାବେ ଶାବେଶ ହୋଇ ସେ ।
ବିଦେହ ଗମନ କଲେ ଜନକ ଏ ଶେଷେ ଯେ ।୭୫।
ବିଲୋକନ ଅର୍ଥରେ ଭରତ ଶତ୍ରୁଘନ ।
ବପ୍ତା କୈକେୟୀର ନିଆଇଲେ ତୋଷମନ ଯେ ।୭୬।
ବାସିତା-ସୀତାଙ୍କୁ ଦେଖି ସିକାଳ ବଞ୍ଚନ ।
ବିହରନ୍ତି ବିଗନ୍ତରେ କଳକଣ୍ଠ ସ୍ୱନ ଯେ ।୭୭।
ବିରୋଚନ ସୁଖ ଦାନ ଦରଶନ କରେ ।
ବନେ କେଳକୁଳ ଶତ ଆଦର ନିଶାରେ ଯେ ।୭୮।

---

୭୬ତମ ପଦ୍ୟ—ବପ୍ତା—ପିତା ।

୭୭ତମ ପଦ:—ବାସିତା—ସୌରଭଯୁକ୍ତା, ଗୁହିଣୀ, ବସ୍ତ୍ରାଚ୍ଛାଦିତା ।
କଳକଣ୍ଠ—କୋକିଳ, ମୟୂର ବା ହଂସ, କପୋତ ।

୭୮ତମ ପଦ:—ବିରୋଚନ—ଚନ୍ଦ୍ର, ସୂର୍ଯ୍ୟ, ଅଗ୍ନି । ବନ—ଜଳ, ଅରଣ୍ୟ, ଗୃହ । ନିଶା—ହଳଦୀ, ରାତି, ରେଜାଇ ।

---

୭୫ତମ ପଦ:—ରାମଚନ୍ଦ୍ର ମୃଗାଦି ପଶୁଙ୍କଠାରେ ଯମ ସ୍ୱାସ୍ଥ ନାଶକରି ହୋଇ ପୁରକୁ ବାହୁଡ଼ିଲେ । ଶ୍ରାଦ୍ଧବିଧି ଶେଷହୁଅନ୍ତେ ମିଥିଳ ରାଜ ଜନକ, (ଶ୍ରାଦ୍ଧ ପାଇଁ ନିମନ୍ତ୍ରିତ ହୋଇ ଆସିଥିବା) ସ୍ୱଦେଶ ବିଦେହକୁ ଗମନ କଲେ । କିମ୍ବା ରାମଚନ୍ଦ୍ର ଯମ ସଦୃଶ ପର୍ବତରେ ବିହାର କରି ଜୀବମାନଙ୍କୁ 'ବିଦେହ' ବିନାଶ କରି ସେଠାରୁ ବାହୁଡ଼ି ଆସନ୍ତେ 'ଜନକ' ପିତା ଦଶରଥ ଶ୍ରାଦ୍ଧ କର୍ମ ସମାପନ କଲେ ।

୭୬ତମ ପଦ:—କୈକେୟୀଙ୍କ ପିତା ଭରତ ଶତ୍ରୁଘ୍ନ ଦୁଇଭାଇଙ୍କି ଦେଖିବାନିମିତ୍ତ ଆନନ୍ଦମନରେ ନିଜ ନଗରକୁ ନେଇଗଲେ ।

୭୭ତମ ପଦ:—'କଳକଣ୍ଠ' କୋକିଳ ସ୍ୱନ ସର୍ବଦିଗରେ ପୂରିଥିଲା, ଏପରି ଯେ ବସନ୍ତକାଳ; 'କଳକଣ୍ଠ' ହଂସମାନଙ୍କର ସ୍ୱନରେ ସର୍ବ ଦିଗ ପୂର୍ଣ୍ଣ ହୋଇଥିଲା, ଏପରି ଯେ ବର୍ଷାକାଳ ଏବଂ କଳକଣ୍ଠ ପାରାମାନଙ୍କ ସ୍ୱନରେ ଦିଗସମୂହ ପରିପୂର୍ଣ୍ଣ ହୋଇଥିଲା, ଏପରି ଯେ ଶୀତକାଳ;—ଏହି ତିନିକାଳ ଶ୍ରୀରାମଚନ୍ଦ୍ର ଯୋଜନଗନ୍ଧା ସୀତାଙ୍କ ସହିତ ବିହାର କଲେ ।

୭୮ତମ ପଦ:—'ବିରୋଚନ' ଚନ୍ଦ୍ର ଦର୍ଶନରେ ଦର୍ଶକଙ୍କୁ ସୁଖ ଦାନକରେ, ଏପରି ଯେ ବସନ୍ତକାଳ; 'ବିରୋଚନ' ସୂର୍ଯ୍ୟ ଦର୍ଶନ କରିବାରେ

ବିଗ୍ରହ ସୀତାର ଜାତ ହିମ ଜଡ଼େ ଉଷ୍ଣ ।
ବସନ୍ତ ଗ୍ରୀଷମେ ଅତି ଶୀତଳ ତ ବର୍ଷ୍ମ ଯେ ।୭୯।
ବରଷା ଶରଦେ ଦୁଇ ମତ ଥ ଇ ବହ୍ନି ।
ବିଦଗ୍ଧହେମାଙ୍ଗୀ ଗନ୍ଧସାରବାସୀ ସେହୁ ଯେ ।୮୦।
ବ୍ୟାପାର ଋତୁମାନଙ୍କେ ଲୋଡ଼ା ନ କରାଇ ।
ବିମୋହିତ ଋତୁରେ କେବଳ ତାଙ୍କୁ ଦେଇ ଯେ ।୮୧।

---

୭୯ତମ ପଦ :— ବିଗ୍ରହ—ଦେହ ।
୮୦ତମ ପଦ :—ଜଡ଼—ଶୀତକାଳ । ବର୍ଷ୍ମ—ଦେହ ।
୮୧ତମ ପଦ :—ଋତୁରେ—ପୁଷ୍ପବତୀ ସମୟରେ ।

---

ଯେଉଁ ସୂର୍ଯ୍ୟ, ତାକୁ ଦାନ ଅର୍ଥାତ୍ ଛେଦନ କରେ (ଆକାଶ ମେଘାଚ୍ଛନ୍ନ ଥିବାରୁ ସୂର୍ଯ୍ୟ ଦର୍ଶନ ହୁଏ ନାହିଁ) ଏପରି ଯେ ବର୍ଷାକାଳ ଏବଂ 'ହିମେତର' ଅଗ୍ନି ଦର୍ଶନରେ ସୁଖ ପ୍ରାପ୍ତ ହୁଏ, ଏପରି ଯେ ଶୀତକାଳ; ପୁଣି ଉପବନରେ କେଳି କରିବାକୁ ମାନସ ହୁଏ, ନିଶାରେ ହଳସାରେ ଆଦର କରାଏ, ଏପରି ଯେ ବସନ୍ତକାଳ; ଜଳରେ ନୌକାଦିରେ ବିହାର କରିବାକୁ ଇଚ୍ଛା ହୁଏ, ସ୍ୱେଦରେ ସୁଖ ପ୍ରଦାନ କରେ, ଏପରି ଯେ ବର୍ଷାକାଳ; ପୁଣି ଗୃହରେ କ୍ରୀଡ଼ା କରିବାକୁ ଚିତ୍ତ ବଳେ, 'ନିଶାରେ' ତୂଳା ଶେଯରେ ଆଦର କରାଏ, ଏପରି ଯେ ଶୀତକାଳ;—ଏହି ଛଅକାଳ ରାମଚନ୍ଦ୍ର ସୀତାଙ୍କ ସହିତ ବିହାର କଲେ ।

୭୯ ଓ ୮୦ତମ ପଦ :—ସୀତାଙ୍କ ଦେହରୁ ହେମନ୍ତ ଓ ଶୀତ ଏ ଦୁଇକାଳରେ ଉଷ୍ଣ ଜାତ ହୁଏ, ବସନ୍ତ ଓ ଗ୍ରୀଷ୍ମ ଏ ଦୁଇକାଳରେ ତାଙ୍କ ଦେହ ଅତି ଶୀତଳ ହୋଇଥାଏ ଏବଂ ବର୍ଷା ଓ ଶରତ ଏ ଦୁଇକାଳରେ ଦୁଇମତ ଯଥା—ଉଷ୍ଣ ଓ ଶୀତଳ ହୋଇଥାଏ । କାରଣ, ସେ ତପ୍ତସ୍ୱର୍ଣ୍ଣବର୍ଣ୍ଣୀ (ଏହାଦ୍ୱାରା ଉଷ୍ଣତ୍ୱ ସୂଚିତ ହେଲା) ପୁଣି କର୍ପୂର ଓ ଚନ୍ଦନ ସୁବାସିନୀ (ଏହାଦ୍ୱାରା ଶୀତଳତ୍ୱ ପ୍ରକାଶିତ ହେଲା) ଅଟନ୍ତି ।

୮୧ତମ ପଦ :—ଏହିସବୁ କାରଣ ହେତୁ ସୀତାଙ୍କ ଯୋଗୁ ରାମଚନ୍ଦ୍ର ଋତୁମାନଙ୍କ ବ୍ୟାପାର—ଯେଉଁ ଋତୁରେ ଯାହାସବୁ ଦରକାର, ତାହା ଲୋଡ଼ନ୍ତେ ନାହିଁ । କେବଳ ପୁଷ୍ପବତୀ ସମୟରେ ବିରହ ହେତୁ ଯାହା ରାମଚନ୍ଦ୍ର ବ୍ୟଥିତ ହେଉଥିଲେ ।

ବୀରବର ଉପଇନ୍ଦ୍ର ଭଞ୍ଜ କହେ ରସ ।
ବସ୍ଥାଣୀପଦେ ପଣ୍ଡିତେ ଏ ସ୍ୱାଦୁରେ ରସ ହେ ।୮୨.

---

## ସପ୍ତଦଶ ଛାନ୍ଦ

### ରାଗ—ଧନାଶ୍ରୀ

ବସି ବଶିଷ୍ଠ ଜାବାଳ ବାମଦେବ କଶ୍ୟପ ସୁମନ୍ତ୍ର ସେନ ।
ବୋଲେ ଦଶରଥ ମୋର ମନୋରଥ ମଣ୍ଡାଇବ ରାଜଧାନୀ ।
ବୀରବୃନ୍ଦରେ ଇନ୍ଦ୍ର ।
ବସୁ ନୃପପଦେ ରାମଚନ୍ଦ୍ର ।୧।

ବ୍ରହ୍ମା ସର୍ଜନାରେ ବ୍ରହ୍ମାଣ୍ଡେ କାହିଁଛି ଆଉ ମୋ ତନୟ ସର ।
ବାମେ ବାମଦେବ ଧନୁକୁ ଭଙ୍ଗିଲା ବାମେ ଭୃଗୁପତି ହାର ।
ବସୁପତି ସମସ୍ତ ।
ବସୁଁ ସେଇବେ ସେବକ ମତ ।୨।

---

୮୨ତମ ପଦ :—ବୀରବର ଉପେନ୍ଦ୍ର ଭଞ୍ଜ ବସ୍ଥାଣୀ ପଦରେ ଏ ରସ କହିଲେ । ହେ ପଣ୍ଡିତମାନେ ! ଏ ସ୍ୱାଦୁରେ ମଜ୍ଜ ।

—୦—

## ସପ୍ତଦଶ ଛାନ୍ଦ

୧ମ ପଦ :—ବଶିଷ୍ଠ; ଜାବାଳି, ବାମଦେବ, କଶ୍ୟପ, ସୁମନ୍ତ୍ର, ଏମାନଙ୍କୁ ସେନ ସଭାରେ ବସି ଦଶରଥ କହିଲେ, "ମୋର ଇଚ୍ଛା, ବୀରମାନଙ୍କ ମଧ୍ୟରେ ଶ୍ରେଷ୍ଠ ରାମଚନ୍ଦ୍ର ସିଂହାସନରେ ବସୁ; ସେଥିପାଇଁ ନଗର ମଣ୍ଡାଇବା ।"

୨ୟ ପଦ :—"ସଂସାରମଧ୍ୟରେ ବିଧାତା ସର୍ଜନା ଭିତରେ ମୋ ପୁଅ ସମାନରେ ଆଉ କିଏ ଅଛି କି ? (ଆଉ କେହି ନାହିଁ) । ସେ ବାମହସ୍ତରେ ଶିବଧନୁ ଭାଙ୍ଗିଲା, ପର୍ଶୁରାମ ହତବଳ ହୋଇ ତା ପାଖରେ ହାରିଗଲେ । ସେ ନୃପତି ପଦରେ ବସିଲେ, ସମସ୍ତ ରାଜା ସେବକପରି ତାଙ୍କୁ ସେବା କରିବେ ।"

ବୋଇଲେ ସୁମନ୍ତ୍ର ସେ ପୁଣି ଏମନ୍ତ ସୁବେଶିଟି ପିନ୍ଧୁଛନ୍ତି ।
ବଧକାରକ ଅନରଣ୍ୟ ରାଜାର ବଧରେ ହେବେ ନପୁଣ ।
ବେଧାବିଧାନ ପୁଣି ।
ବୈବସ୍ୱତବଂଶୀ ତୋଷ ଶୁଣି ।୩।
ବୁଝିଲେ ଲଗ୍ନ ମଗ୍ନ ହୋଇ ସୁଝିଲେ ମଙ୍ଗଳ ଦାନରେ ତହିଁ ।
ବୃହସ୍ପତି ରାଶି ଅଷ୍ଟମେ ବିଳାସୀ ନୃପତି ହୋଇବେ କେହି ।
ବାମଦେବ ଉତ୍ତର ।
ବକ୍ତା ବଶିଷ୍ଠ ହେବେ ଈଶ୍ୱର ।୪।
ବିଶେଷ କି ପୁଛ ରାଜା ଧାର୍ଯ୍ୟେ କହିଲେ ହେବେ ବିବ୍ୟଭୁକ୍ତି ଭୋଗୀ ।
ବଇ ଶ୍ରବଣକୁ ଜିଣିବେ ପୁଷ୍ପକ ମଣ୍ଡନେ ହୋଇ ସରାଗୀ ।
ବୋଲୁଅଛୁଁ ଏମନ୍ତ ।
ବୋଧ ନରଦେବ ଦେବଚନ୍ତ୍ର ।୫।

---

୫ମ ପଦ :—ବିବ୍ୟଭୁକ୍ତିଭୋଗୀ—ଐଶ୍ୱର୍ଯ୍ୟଭୋଗୀ, ଭସ୍ମଭୋଗୀ । ବଇଶ୍ରବଣ—କୁବେର,ରାବଣ । ପୁଷ୍ପକ—ଦେବଯାନ ବିଶେଷ, ରତ୍ନକଙ୍କଣ । ନରଦେବ—ରାଜା । ଦେବଚନ୍ତ୍ର—ଦେବତାମାନଙ୍କର ଶତ୍ରୁ ।

---

୩ୟ ପଦ :—ସୁମନ୍ତ୍ର ଏହା ଶୁଣିକହିଲେ, "ତୁମ୍ଭ ପୂର୍ବ ପୁରୁଷ ଅନରଣ୍ୟ ରାଜାର ବଧକାରକ ରାବଣକୁ ମାରିବା ପାଇଁ ସେ ପୁଣି ସମର୍ଥ ହେବେ । ଏହିପରି ସେ ପିନ୍ଧୁଛନ୍ତି ସୁଝିବେଟି କି ? ଏ ତ ବିଧାତାର ବିଧାନ ।" ଏହା ଶୁଣି ଦଶରଥ ତୋଷ ହେଲେ ।

୪ର୍ଥ ପଦ :—ସେ ସ୍ଥାନରେ ବସି ବଶିଷ୍ଠାଦି ଋଷିମାନେ ନକ୍ଷତ୍ର ତତ୍ତ୍ୱରେ ଶୁଭ ଲଗ୍ନ ବୁଝିଲେ । ମଙ୍ଗଳ ବ୍ୟୟରେ ଥିବାର ସୁଝିଲେ ( ମଙ୍ଗଳକୁ ଖଣ୍ଡି ବାର ସୁଝିଲେ ) । ରାଶିର ଅଷ୍ଟମରେ ବୃହସ୍ପତି ସ୍ୱେଚ୍ଛା ହୋଇ ରହିଅଛନ୍ତି । ସେ ରାଜା କପରି ହେବେ ? (ରାମଚନ୍ଦ୍ରଙ୍କର ଧନୁରାଶି, ତାହାର ଅଷ୍ଟମ କର୍କଟ ରାଶି, ତହିଁରେ ବୃହସ୍ପତି ଅଛନ୍ତି । ତେଣୁ ଜନ୍ମ ବୃହସ୍ପତି ହେଲା, ଏ ଲଗ୍ନରେ ରାଜା ହୋଇ ପାରିବେ ନାହିଁ) । ବାମଦେବ ଏପରି କହନ୍ତେ, ବଶିଷ୍ଠ ଶ୍ଳେଷରେ ଉତ୍ତର ଦେଲେ, "ସେ ରାଜା ନ ହୋଇ 'ଈଶ୍ୱର' ଜଟା ଜୂଟ ଧାରୀ ଓ ବିଭୂତି ଭୂଷିତ ହେବେ ।"

୫ମ ପଦ :—ବାମଦେବ ଓ ବଶିଷ୍ଠାଦି ଏପରି କଥାବାର୍ତ୍ତା ହୁଅନ୍ତେ ରାଜା ଦଶରଥ ପୁଚ୍ଛାକଲେ, "କଥା କଣ ?" ବଶିଷ୍ଠ ଉଚ୍ଚ ସ୍ୱରରେ କହିଲେ, "ରାମଚନ୍ଦ୍ର ପ୍ରଭୁ ହୋଇ ବିବ୍ୟ ସମ୍ପତ୍ତି ଭୋଗ କରିବେ । ସମ୍ପଦରେ କୁବେରକୁ ଜିଣିପିବେ, ରତ୍ନକଙ୍କଣ ଭୂଷଣରେ ସ୍ୱେଚ୍ଛା ହେବେ ।" ଏହା ଦଶରଥ ବୁଝିଲେ,

ବାର୍ତ୍ତା ପାଇଁ ମାତାମାନେ ହରଷିତା ସୀତା ତୋଷ ନୁହେ କହି ।
ବିଧୁ ଦର୍ଶନେ ଯଥା ସିନ୍ଧୁ କଲ୍ଲୋଳ ଅଧିକରେ ନୋହି ବହି ।
ବେଶ ଅଭିଷେକର
ବେଳେ ଦେଖି ହେବା ସେ ପ୍ରକାର ।୬।
ହସ୍ତିବନ୍ତ ତୁରଙ୍ଗ ରାଉତ ମାହୁନ୍ତ ରଥୀ ପଦାତିଏ ମିଶି ।
ବସିଲେ ରାମ ସିଂହାସନେ ଦ୍ୱିଗୁଣେ ଆମ୍ଭ ଗୁଣେ ଯିବେ ଘଷି ।
ଭବେକ ଏ ପ୍ରକାର ।
ବଡ଼ ସୁଖ ଜନ୍ମୁଛି ଆମ୍ଭର । ୭ ।
ବନ୍ଦୀ କେରଳ ଇତ୍ୟାଦି ଭିକ୍ଷୁ ମେଳ ଭାବ ମାଗି ନ ଜାଣିବା ।
ବ୍ରାହ୍ମଣକୁଳର ଆକୁଳ ତୁଟିଲା ଇଷିତେ ଯାଜ୍ଞିକ ହେବା ।
ରାଜା ପୂଜା ଦେବତା ।
ଭରୁରଲେ ହୋଇବା ପ୍ରଜତା । ୮ ।

୮ମ ପଦ :—ବନ୍ଦୀ—ସ୍ତୁତିପାଠକ ବା ଭାଟ । କେରଳ—କେଳାମାନେ ।

ମାତ୍ର ବଶିଷ୍ଠଙ୍କ କଥାର ମର୍ମ ଅନ୍ୟ ପ୍ରକାର, ଯଥା—ରାମଚନ୍ଦ୍ର ମହାଦେବଙ୍କ ସମାନ ଉତ୍ତମ ଭସ୍ମ ବୋଳା ହେବେ, ରାବଣକୁ ଜିଣିବେ, ପୁଷ୍ପକଯାନରେ ସୀତା ସହିତ ବସିବେ । ବଶିଷ୍ଠଙ୍କ ବାକ୍ୟ ଶୁଣି ପ୍ରଥମ ଅର୍ଥ ବୁଝି ନରପତି ଦଶରଥ ସନ୍ତୁଷ୍ଟ ହେଲେ ଓ ଦ୍ୱିତୀୟ ଅର୍ଥ ବୁଝିପାରି ଦେବତାମାନେ ଆନନ୍ଦିତ ହେଲେ ।

୬ଷ୍ଠ ପଦ :—'ରାମଚନ୍ଦ୍ରଙ୍କ ଅଭିଷେକ ହେବ'—ଏହି ବାର୍ତ୍ତା ପାଇ ମାତାମାନେ ଆନନ୍ଦିତା ହେଲେ । ସୀତାଙ୍କର ହର୍ଷ କଥାରେ କହି ହେବ ନାହିଁ । 'ଚନ୍ଦ୍ର ଦର୍ଶନରେ ଯେପରି ସମୁଦ୍ରର ଲହରୀ ଅଧିକ ଉଚ୍ଛୁଳି ଉଠେ, ସେହିପରି ରାମଙ୍କ ଅଭିଷେକ ବେଳର ବେଶ ଦେଖି ଆମେ ଉଲ୍ଲସିତା ହେବା' ମାତାମାନେ ଏହା ଭାବିଲେ ।

୭ମ ପଦ :—ସେହି ସହରର ଅଶ୍ୱାରୋହୀ, ଗଜାରୋହୀ, ରଥ ରୋହୀ, ପାଦାତିକ ସୈନ୍ୟମାନେ ମିଶି ବିଚାର କଲେ, "ରାମ ସିଂହାସନରେ ବସିଲେ ଆମ୍ଭର ଗୁଣ ଦ୍ୱିଗୁଣ ଦେଖା ଯିବ; (ରାମ ଅତ୍ୟନ୍ତ ଗୁଣଗ୍ରାହକ ହେତୁ ଆମ୍ଭ ଗୁଣକୁ ଭଲ ରୂପେ ଚିହ୍ନି ପାରିବେ" । ପ୍ରଜାମାନେ ବିଚାର କଲେ "ଆମ୍ଭର ଭାରି ଆନନ୍ଦ ହେଉଛି । (ରାମ ରାଜା ହେଲେ ଆମ୍ଭଙ୍କୁ ସୁଖରେ ପାଳିବେ) ।"

୮ମ ପଦ :—ଭାଟ, କେଳା ପ୍ରଭୃତି ଭିକ୍ଷୁକମାନେ ମେଳ ହୋଇ ବିଚାର କଲେ, "ଆମ୍ଭେମାନେ ତ ଆଉ ମାଗି ଜାଣିବା ନାହିଁ, (ରାମଚନ୍ଦ୍ର ମହାଦାତା, ସେ ଯାଚି କରି ଧନ ଦେବେ ) । ବ୍ରାହ୍ମଣମାନେ ଧନ ଅଭାବରୁ ଯଜ୍ଞ କରି ନ ପାରି ଯେଉଁ ନିରାଶ ଭାବ ହୃଦୟରେ ରଖିଥିଲେ, ସେ ବ୍ୟାକୁଳତା ତୁଟିଗଲା । ସେମାନେ

ବଲ୍ଲବେ ପାଞ୍ଚିଲେ ସୁଲଭେ ଧେନୁ ଯେ ହେବେ ଆମ୍ଭ କ୍ଷୀରବନ୍ତ ।
ବାସବାଦି ଦେବେ ଆମ୍ଭ ବାଧା ଏବେ ନାଶ ନୋହିଲା ଏ ମନ୍ତ ।
ବ୍ରହ୍ମା ସମୀପେ ଗଲେ ।
ବିଭ୍ରମ ସେ କୈକେୟୀଙ୍କି କଲେ । ୯ ।
ବିପଣୀରେ ଶୁଣି ରାମରାଜା ବାଣୀ ବାହୁଡ଼େ ମନ୍ଥରା ତ୍ୱରା ।
ବାରି ଭରିଅଛି ନୟନଯୁଗଳେ ଗଳେ ପ୍ରାଣ ଥିଲା ପରା ।
ବୃକ୍ଷ କାଟିଲା ପ୍ରାୟେ ।
ବିପତିତ ତା ଅଗ୍ରତେ ହୁଏ । ୧୦ ।
ବୋଲେ ଦେଖି ଏ କି ଭରତଜନନୀ ? କହୁଅଛି ତହୁଁ ଜବ ।
ବଡ଼ ସୁହାଗୀ ବୋଲାଉ ରେ ଶୋଭାଙ୍ଗି ଭାଙ୍ଗିଗଲା ତୋ ଗରବ ।
ବେର କି ହୁଏ ତୋର ।
ବିଷ ପ୍ରାୟେ ସାରେ ମୋ ଶରୀର । ୧୧ ।

---

୯ମ ପଦ:—ବଲ୍ଲବେ—ଗୋପାଳମାନେ ।
୧୦ମ ପଦ:—ବିପଣୀ—ବଜାର ।
୧୧ଶ ପଦ:—ଜବ—ଶୀଘ୍ର । ବେର—ଶରୀର, ଦେହ ।

---

ଭାବିଲେ, 'ଆମେ ପ୍ରଚୁର ଧନ ପାଇ ଅଳ୍ପକରେ ଯାଜ୍ଞିକ ହୋଇ ପାରିବା ( ଯାଗ କରି ପାରିବା)' । ଅପୂଜ୍ୟଦେବତା ସବୁ ବିଚାର କଲେ, "ଆମେ ପୂଜା ପାଇବା ।" ( ଏହାଦ୍ୱାରା ରାମଚନ୍ଦ୍ର ଧନପ୍ରିୟ, ଦ୍ୱିଜପ୍ରିୟ ଓ ଦେବପ୍ରିୟ ବୋଲି ଜଣାଗଲା ) ।

୯ମ ପଦ:—ଗୋପାଳମାନେ ଭାବିଲେ, "ଆମର ଗାଈମାନେ ବହୁତ ଦୁଧ ଦେବେ ।" ବାସବାଦି ଦେବତାମାନେ ପାଞ୍ଚିଲେ, "ଆମର ଶତ୍ରୁ ରାବଣ ତ ଆଉ ବିନାଶ ହେବ ନାହିଁ ।" ଏହା ପାଞ୍ଚି ସେମାନେ ବ୍ରହ୍ମାଙ୍କ ପାଖକୁ ଗଲେ । ବ୍ରହ୍ମା ବାସବଙ୍କଠାରୁ ସମ୍ବାଦ ଶୁଣି କୈକେୟୀଙ୍କ ଚିତ୍ତ ବିଭ୍ରମ କଲେ ।

୧୦ମ ପଦ:—ରାମ ରାଜା ହେବା ସମ୍ବାଦ ବଜାରରେ ଶୁଣି ମନ୍ଥରା ଶୀଘ୍ର ଫେରି ଆସିଲା । ନେତ୍ର ଦ୍ୱୟରେ ଲୋତକଜଳ ପୂର୍ଣ୍ଣ କରି କଣ୍ଠାଗତପ୍ରାଣ ହୋଇ ଆସି କୈକେୟୀଙ୍କ ଅଗ୍ରତରେ ଛିନ୍ନବୃକ୍ଷ ପ୍ରାୟ ପତିତ ହେଲା ।

୧୧ଶ ପଦ:—ଭରତଜନନୀ କୈକେୟୀ ତାକୁ ଦେଖି ଉଠାଇ କହିଲେ, "କଥା କଣ ?" ଏହା ଶୁଣି ସେ ବେଗରେ କହିଲା, "ରେ ଗୋଭାଙ୍ଗି ତୁ ସାରା ବଜାର ବଡ଼ ସୁଆଗୀ ବୋଲାଉ, ତୋର ସେ ଗର୍ବ (ସେ ସୁଆଗୀ-ପଣ ) ଏବେ ଭାଙ୍ଗିଗଲା । ତୋ ଦେହ କଣ ହୁଏ, ତା ତୁ ଜାଣୁ, ମାତ୍ର ମୋ ଦେହ ବିଷ ଖାଇଲା ପରି ସାରି ହେଉଛି ।"

ବିବେକୀ ଧାର୍ମିକ ଶୋଭା ପ୍ରଶଂସାରେ ସଂସାରେ ଜଣେ ନ ଗଣ ।
ବାଟୁଳ ଯାହାର ବଜ୍ରରୁ ଅଧିକ କି ବର୍ଣ୍ଣିବା ତାର ବାଣ ।
ଭଦଭ ସେ ନନ୍ଦନ ।
ବୋଲିବୁ ବା ବୟସରେ ସାନ । ୧୨ ।
ବଳିଷ୍ଟ ଦାନବେ ପୂର୍ବଦେବ କହି ଅନୁଜ ଦେବତା ଇନ୍ଦ୍ର ।
ବୋଲିଲ ସପତ୍ନୀ ଯେ ଯାହାର ପ୍ରୀତି କେହି ହୋଇ ନାହିଁ ସାନ୍ଦ୍ର ।
ବସା କରି ନୃପତି ।
ବୁଦ୍ଧି ଥିଲେ ବୋଧି କ୍ଷିତିପତି । ୧୩ ।
ବିହ୍ୱଳିତ ମତି କଇତବେ ଅହଲ୍ୟା ଦୂଷଣ ଲଭିଲା ଧରି ।
ବଦନ ମାଡ଼ି ଶୟନ ସଦନରେ ନୟନରେ ପୂରି ବାରି ।
ବିନଜ ନୃପ ଏକାକେ ।
ବନ୍ଧୁ ବନ୍ଧୁ ବୋଲିଣ ଡାକିଲେ । ୧୪ ।

---

୧୩ଶ ପଦ:—ପୂର୍ବଦେବ—ଅସୁରମାନେ । ଅନୁଜ—କନିଷ୍ଠ । କ୍ଷିତିପତି—ରାଜା ।

୧୪ଶ ପଦ:—କଇତବ—କପଟ । ଦୂଷଣ—ନିନ୍ଦା ।

---

୧୨ଶ ପଦ:—"ତୋର ପୁଅ ବିବେକବନ୍ତ, ଧାର୍ମିକ ଅଟେ । ତା ସମାନ ସୁନ୍ଦର ଏ ସଂସାରରେ ଆଉ ଜଣେ ଅଛି ବୋଲି ମୁଁ ଗଣନା କରୁ ନାହିଁ । ଯାହାର ବାଟୁଳି ବଜ୍ରରୁ ବେଶି ଟାଣ, ତାର ଶରକଥା ବା କିଏ ବର୍ଣ୍ଣନା କରିବ ? ସେ ପୁଅ ପ୍ରସିଦ୍ଧି ଲଭିଅଛି । ତୁ ବା କହିବୁ ସେ ବୟସରେ ସାନ ଅଟେ; ମାତ୍ର ତାହା ଯୁକ୍ତିଯୁକ୍ତ ନୁହେ ।"

୧୩ଶ ପଦ:—ବଳିଷ୍ଠ ଦୈତ୍ୟମାନେ ଅଗ୍ରଜ ହେଲେହେଁ ସାନଭାଇ ଦେବତା ଇନ୍ଦ୍ର ଅର୍ଥାତ୍ ସ୍ୱର୍ଗର ରାଜା ହେଲେ । ସେହିପରି ତୋ ପୁଅ ସାନ ହେଲେ ମଧ୍ୟ ରାଜା ହୋଇ ପାରେ । ସଉତୁଣୀମାନେ କେବେହେଲେ ସ୍ନେହର ଗାଢ଼ ବନ୍ଧନରେ ଏକତ୍ର ରହି ପାରନ୍ତି ନାହିଁ । ତୋର ବୁଦ୍ଧି ଥିଲେ ତୁ ରାଜାଙ୍କୁ ମନାଇ ପୁଅକୁ ସିଂହାସନରେ ବସା ।"

୧୪ଶ ପଦ:—ଗୌତମ ପତ୍ନୀ ଅହଲ୍ୟା ଇନ୍ଦ୍ରର ମନ୍ତ୍ରଣାରେ ପଡ଼ି ବିହ୍ୱଳିତ ମତି ହୋଇ ନିନ୍ଦା ପାଇଲା ପ୍ରାୟ, କୈକେୟୀଙ୍କ ବୁଦ୍ଧି ମନ୍ଥରାର ମନ୍ତ୍ରଣାରେ ବିଚଳିତ ହେଲା । ( ପରେ ସେ ନିନ୍ଦା ପାଇବେ) ସେ ଗୃହମଧ୍ୟରେ କ୍ରୋଧକରୁଣ୍ଠି ଚକ୍ଷୁରେ ମୁହଁ ତଳେ ମାଡ଼ି ଶୟନ କଲେ । ସେହି ସମୟରେ ନୃପତି ବିଜେ କରି 'ବନ୍ଧୁରେ ବନ୍ଧୁ' ବୋଲି ଡାକିଲେ ।

ବିଷବୈଦ୍ୟ ପଦ ନ ମାନିଲା ପ୍ରାୟେ ସ୍ଵଭାବେ ଭୋଗିନୀ ସେହି ।
ବହ୍ନି ସ୍ନେହେ ପତଙ୍ଗ ପ୍ରକାରେ ପାଶେ ପରବେଶ ହିଁ ।
ବୋଧେ ଚିବୁକ ଧରି ।
ବିନାଦୋଷେ ପ୍ରଣୟିନୀ ଗୋରି । ୧୫ ।
ବିପ୍ରେ ଇନ୍ଧନଦେବୀ ମନ୍ତ୍ରେ ପୂଜିଲେ ସେ ଯଥା ନ କହେ କଥା ।
ବରଦ ହୋଇଲା ପ୍ରାୟେ ସ୍ଵପନରେ ବସି ନ ଟେକିଲା ମଥା ।
ବାରେ ମୋତେ ତୁ ଚାହିଁ ।
ବନ୍ଧୁ ଦେବି ମୁଁ ମାଗିବୁ ଯାହା । ୧୬ ।
ବୋଲୁଁ ନରପତି ବୋଇଲା ସୁବତି ତିନିବାର ସତ୍ୟ କଲେ ।
ବୃକାସୁର ତାହା କରି ନିଜ ଶିରେ ଯଥା ଦେଲା ହରି ବୋଲେ ।

---

୧୫ଶ ପଦ :—ବିଷବୈଦ୍ୟ—କେଳା । ଭୋଗୀନୀ—ସର୍ପିଣୀ, ପଟ୍ଟମହିଷୀବ୍ୟତୀତ ରାଜାଙ୍କର ଅନ୍ୟ ସ୍ତ୍ରୀ । ବହ୍ନି—ନିଆଁ ।

୧୬ଶ ପଦ :—ଇନ୍ଧନଦେବୀ—କାଷ୍ଠ ନିର୍ମିତ ଦେବୀ ।

---

୧୫ଶ ପଦ :—'ଭୋଗିନୀ' ସର୍ପିଣୀ ସାପୁଆ କେଳାର ମନ୍ତ୍ର ପଦକୁ ନ ଶୁଣିଲା ପରି ସେ 'ଭୋଗିନୀ' ରାଜରାଣୀ କୈକେୟୀ ଦଶରଥଙ୍କ ଡାକ ଶୁଣିଲେ ନାହିଁ । ଅଗ୍ନିକୁ ସ୍ନେହ କରି ପତଙ୍ଗ ବହ୍ନିରେ ପ୍ରବେଶ କଲା ପ୍ରାୟ ରାଜା ତାଙ୍କ ପାଖରେ ପ୍ରବେଶ ହେଲେ । (ପତଙ୍ଗ ଅଗ୍ନିରେ ପଡ଼ି ବିନାଶ ହୁଏ, ରାଜା ଭବିଷ୍ୟତରେ ସେହି କୈକେୟୀ ଯୋଗୁ ବିନାଶ ହେବେ) । ପରେ କୈକେୟୀଙ୍କ ଚିବୁକ ଧରି କହିଲେ, "ହେ ପ୍ରଣୟିନି ! ହେ ଗୋରି ! ବିନା ଦୋଷରେ ଏ ଅଭିମାନ କାହିଁକି ?" (ଅଥବା ହେ ଗୋରି ! ଦୋଷ କରିଥିଲେ ମଧ୍ୟ ତୁ ପ୍ରଣୟିନୀ ହେଉ, ଏବେ ବିନା ଦୋଷରେ ରୁଷ୍ଟା ହେଉଛୁ କାହିଁକି ? )

୧୬ଶ ପଦ :—ବ୍ରାହ୍ମଣମାନେ କାଷ୍ଠର ଦେବୀ ପ୍ରତିମାକୁ ମନ୍ତ୍ର ପଢ଼ି ପୂଜା କଲେ, ସେ ଯେପରି କଥା କହେ ନାହିଁ ଏବଂ ସ୍ଵପ୍ନରେ ବର ଦାନ କରିଥାଏ, ସେହିପରି କୈକେୟୀ ଉଠି ବସିଲା, ମାତ୍ର ମସ୍ତକ ଟେକିଲା ନାହିଁ । ତାହା ଦେଖି ରାଜା କହିଲେ, "ରେ ବନ୍ଧୁ ! ଥରେ ମୋତେ ତୁ ଚାହାଁ । ତୁ ଯାହା ମାଗିବୁ ମୁଁ ତାହା ଦେବି ।"

୧୭ଶ ପଦ :—ଦଶରଥ ଏପରି କହନ୍ତେ, ଯୁବତୀ କୈକେୟୀ କହିଲା, "ସତ୍ୟ କର ।" ନୃପତି ତିନିବାର ସତ୍ୟକଲେ । ଯେପରି ହରିଙ୍କ କଥା ମାନି ବୃକାସୁର ଆପଣା ମସ୍ତକରେ ନିଜର କର ଦେଲା, (ବୃକାସୁର ମହାଦେବଙ୍କଠାରୁ

ବଧି କଲେ ନୃପତି ।
ବିଶ୍ୱମୋହିନୀ ନାରୀଙ୍କ ପ୍ରୀତି । ୧୭ ।
ଚାହିଁଲ ରଥ ସ୍ତିରୀ ହୋଇ ଶମ୍ବର ସମରେ ନାହିଁ କି ମନ ।
ବହିଲ ସତ୍ୟ ସୂତ ହୋଇ ତୋଷିଲୁ ତୋ ସୁତ ହେବ ରାଜନ ।
ବାଳ ବାଲୁକା ଖେଳ ।
ହଟରେ ତ ଆନ ତୁମ୍ଭ ବୋଲ ।୧୮।
ବସୁଧାପତିପଦ ରାମେ ଉଚିତ ନୋହେ ସେ ଜାମାତା ତାର ।
ବନେ ହନ୍ତୁ ଦିନ ଚଉଦବରଷ ପୁତ୍ର ରାଜା ହେଉ ମୋର ।
ବାମା ବଚନ ଶୁଣି ।
ବିଜ୍ଞାନ ସେ ଜ୍ଞାନେ କହେ ବାଣୀ ।୧୯।

---

୧୮ଶ ପଦ :—ସୂତ—ସାରଥି ।

୧୯ଶ ପଦ:—ବସୁଧାପତିପଦ—ରାଜପଦ । ଜାମାତା—ଜ୍ୱାଇଁ । ବିଜ୍ଞାନ—ଜ୍ଞାନଶୂନ୍ୟ । ଜ୍ଞାନେ—ସଂଜ୍ଞା ପାଇ ।

---

ବର ପାଇଥିଲା ଯେ, ସେ ଯାହା ମୁଣ୍ଡରେ ହାତ ଦେବ, ସେ ଭସ୍ମ ହୋଇଯିବ; ବିଷ୍ଣୁଙ୍କ କୌଶଳରେ ନିଜେ ନିଜ ମୁଣ୍ଡରେ ହାତ ଦେଇ ଭସ୍ମ ହୋଇଥିଲା ) କୈକେୟୀ ବୋଲରେ ଦଶରଥ ସେହିପରି କଲେ ( ନିଜେ ମରିବାର ବାଟ କଲେ) ରମଣୀମାନଙ୍କ ପ୍ରୀତି ବିଶ୍ୱମୋହିନୀ ଅଟେ ।

୧୮ଶ ପଦ :—ଦଶରଥ ସତ୍ୟ କରିବାରୁ କୈକେୟୀ କହିଲେ, "ସମ୍ବରାସୁରର ଯୁଦ୍ଧରେ ମୁଁ ସ୍ତ୍ରୀ ହୋଇ ସୁଦ୍ଧା ସୂତରୂପେ ତୁମ୍ଭର ରଥ ଚଳାଇଲି; ତା କଣ ମନେ ନାହିଁ ? ତୁମ୍ଭେ ସେତେବେଳେ ସତ୍ୟ କରିଥିଲ, ତୁ 'ସୂତ' ସାରଥି ହୋଇ ମୋତେ ଖୁସି କରିଅଛୁ, ତୋର 'ସୂତ' ପୁତ୍ର ରାଜା ହେବ । ପିଲାଙ୍କର ଧୂଳିଘର ଖେଳ ସମାନରେ ତୁମ୍ଭ ସତ୍ୟ ଅନ୍ୟଥା ହେଲା । ( ମୋ ପାଖରେ ସତ୍ୟ କରି ରାମଙ୍କୁ ରାଜା କରୁଅଛ ) ।"

୧୯ଶ ପଦ:—"ପୁଣି ମହୀପତି ହେବା ରାମ ପକ୍ଷରେ ଉଚିତ ନୁହେ । କାରଣ, ରାମ ପୃଥିବୀର ଜାମାତା (ସୀତା ପୃଥିବୀରୁ ଜାତ,—ଜ୍ୱାଇଁ ହୋଇ ଶାଶୁର ପତି କିପରି ହେବ ? ) । ସେ ଚଉଦବର୍ଷ ବନରେ ଦିନ କଟାଉ, ମୋର ପୁତ୍ର ରାଜା ହେଉ ।" କୈକେୟୀଙ୍କ ଏହି ବଚନ ଶୁଣି ରାଜା ଅଜ୍ଞାନ ହୋଇ ପଡ଼ିଲେ । ପରେ ଜ୍ଞାନ ଲାଭ କରି କହିଲେ :—

ବିରୋଚନ ନାଶ ଛଦ୍ମେ ହୋଇ ହରି ତା ଜୀବ ଯେମନ୍ତ ହରି ।
ବିଧି ସଧ କରି ମୋର ସେହିରୂପେ ତୁହି ଥିଲୁ ଅବତରି ।
ବୋଲି ଏତେ ମଉନ ।
ଅଭୋଜନେ ହରିଲେ ସେ ଦିନ ।୨୦।
ବେଳାକୁ ନ ଲଙ୍ଘେ ସତ୍ୟେ ପାରାବାର ଯଥା ତାକୁ ନ ଲଙ୍ଘିଲ ।
ବିଷଭକ୍ଷଣେ ବିରୂପାକ୍ଷ ପରାୟେ ମୂକେ ସମ୍ମତ ଦର୍ଶିଲ ।
ବଡ଼ ସନ୍ତୋଷ ରାଣୀ ।
ଆଜ୍ଞା ଶ୍ରୀରାମ ଡକାଇ ଆଣି ।୨୧।
ବହିଲା ପ୍ରଥମେ ପିତାର ସତ୍ୟକୁ ରଖିବ କି ନାହିଁ ସାଧୁ ।
ବଂଶେ ଯାହାର ଭଗୀରଥ ସମ୍ଭବ ଉଦ୍ଧରିଲେ ପିତୃ ଦଗ୍ଧୁଁ ।
ବୋଲେ ରାମ ବଦନ ।
ବିଷୟ କି କର ଅବଧାନ ।୨୨।

---

୨୦ଶ ପଦ :—ଛଦ୍ମେ—କପଟରେ । ସଧ—ଇଚ୍ଛା ବା କାମନା । ଅଭୋଜନେ—ଅନାହାରରେ ।

୧ଶ ପଦ :—ପାରାବାର—ସମୁଦ୍ର । ବେଳା—ତଟଭୂମି । ବିରୂପାକ୍ଷ—ମହାଦେବ ।

---

୨୦ଶ ପଦ :—"ଯେପରି ବିଷ୍ଣୁ କପଟରେ ବିରୋଚନ ରାକ୍ଷସର ନାଶ ହୋଇ ତାଙ୍କ ପ୍ରାଣ ବିନାଶ କରିଥିଲେ, ସେହିପରି ତୁ ମୋର ମୃତ୍ୟୁକୁ ଇଚ୍ଛା କରି ଜନ୍ମ ହୋଇଥିଲୁ ।" ଏତେ କହି ସେ ମୌନ ହେଲେ । ସେ ଦିନ ଉପବାସରେ ରହିଲେ ।

୨୧ଶ ପଦ :—ସମୁଦ୍ର ଯେପରି ସତ୍ୟରେ କୂଳକୁ ଲଙ୍ଘେ ନାହିଁ, ସେହିପରି ରାଜା ସତ୍ୟକୁ ଲଙ୍ଘିଲେ ନାହିଁ । ମହାଦେବ ବିଷ ଭକ୍ଷଣ ସମୟରେ ମୌନ ହୋଇ ରହିଲା ପରି (ମୌନ ରହିବାରୁ ବିଷ ଭକ୍ଷିବାକୁ ସମ୍ମତ ଥିବାର ପ୍ରକାଶ ପାଇଲା) ଦଶରଥ ତୁନି ହୋଇ ରହିବାରୁ ତାଙ୍କର ସମ୍ମତି ପ୍ରକାଶ ପାଇଲା । ରାଣୀ ତାହା ଜାଣିପାରି ବଡ଼ ସନ୍ତୋଷ ହେଲେ ଏବଂ ଆଜ୍ଞା ରାମଚନ୍ଦ୍ରଙ୍କୁ ଡକାଇ ଆଣିଲେ ।

୨୨ଶ ପଦ:—ରାମଚନ୍ଦ୍ର ଆସିବାରୁ କୈକେୟୀ, ପ୍ରଥମରୁ କହିଲେ, "ହେ ସାଧୁ ! ତୁମ୍ଭେ ପିତାଙ୍କ ସତ୍ୟକୁ ରଖିବ କି ନାହିଁ ? ଯାହାର ବଂଶରେ ଭଗୀରଥ ଜାତ ହୋଇ ( କପିଳମୁନିଙ୍କ କୋପ ନଳରେ ) ଦଗ୍ଧ ହୋଇଥିବା ପିତୃଲୋକଙ୍କୁ ଉଦ୍ଧରିଥିଲେ, ତୁମ୍ଭେ ସେହି ବଂଶରେ ଜନ୍ମ ହୋଇଅଛ ।" ଏହି ଶୁଣି ରାମ ତଞ୍ଜନ କହିଲେ, "କଥା କଅଣ ? ମୋତେ କୁହ ।"

ବନେ ତୁମ୍ଭେ ଯିବ ଭରତ ହୋଇବ କୋଶଳପତି ଖୁସିକେ ।
ବେଶକୁ ଇଙ୍ଗୁଦୀ ରୁଦ୍ରାକ୍ଷ ବିଭୂତି ଥୋଇଦେଲା ଆଣି ତଳେ ।
ବାଳଶା ଯେ ମନ୍ଥରା ।
ବେଗେ ଶ୍ରୀରାମ ସମ୍ମତି କର । ୧୩ ।
ବୈଦେହୀ ଲକ୍ଷ୍ମଣ ପ୍ରବେଶ ତକ୍ଷଣ ସଙ୍ଗେ ଯିବାକୁ ଆତୁରେ ।
ବଶିଷ୍ଠ'ାଦି ପାଶେ ପ୍ରବେଶ ହୋଇଣ ଦଶରଥଙ୍କୁ ପଚାରେ ।
ବିଭାବରୀ ପ୍ରାନ୍ତରେ ।
ବିଭୁ ହୁଅନ୍ତେ ପର ରାଜ୍ୟରେ । ୧୪ ।
ବିଭାକରକୁଳେ ନାସତ୍ୟ ହୋଇଲି ସତ୍ୟ କରିବାରେ ମୁହିଁ ।
ବିବେକ ମୋର କୈକେୟୀ ପୂର୍ବଜନ୍ମେ ପିଶାଚୀ ଥିଲା କି ହୋଇ ।
ବାକ୍ୟ ଯେତେ ମୁଖରେ ।
ବୈଶ୍ୱାନରଙ୍କ ଜଳେ ତନ୍ନିଁରେ । ୧୫ ।

---

୧୩ଶ ପଦ :—କୋଶଳପତି—ଅଯୋଧ୍ୟାରାଜା । ଇଙ୍ଗୁଦୀ—ତୈଳପ୍ରସୂ ବୃକ୍ଷ ବିଶେଷ ।

୧୪ଶ ପଦ :—ବିଭାବରୀ—ରାତି । ପ୍ରାନ୍ତରେ—ଶେଷରେ । ବିଭୁ—ରାଜା ।

୧୫ଶ ପଦ :—ବିଭାକରକୁଳେ—ସୂର୍ଯ୍ୟବଂଶରେ । ନାସତ୍ୟ ଅଶ୍ୱିନୀକୁମାର ଅର୍ଥାତ୍ ଘୋଡ଼ାମୁହାଁ ପୁଅ । ବୈଶ୍ୱାନର—ଅଗ୍ନି ।

---

୧୩ଶ ପଦ :— ରାମଙ୍କ ପ୍ରଶ୍ନ ଶୁଣି କୈକେୟୀ ଉତ୍ତର ଦେଲେ, "ତୁମ୍ଭେ ବନକୁ ଯିବ, ଭରତ କୁଶଳରେ ଅଯୋଧ୍ୟାର ରାଜା ହେବ ।" ସେହି ସମୟରେ ପାପିଷ୍ଠା ମନ୍ଥରା ତପସ୍ୱୀ ବେଶ ହେବା ନିମିତ୍ତ ଇଙ୍ଗୁଦୀ ଓ ରୁଦ୍ରାକ୍ଷର ମାଳା, ଭସ୍ମ ଆଣି ତଳେ ଥୋଇଦେଲା । ଶ୍ରୀରାମ ସମ୍ମତି ପ୍ରକାଶ କଲେ ଅର୍ଥାତ୍ ସେ ମାଳା ଓ ଭସ୍ମ ଗ୍ରହଣ କଲେ ।

୧୪ଶ ପଦ :—ରାମଚନ୍ଦ୍ର ବନକୁ ଯିବା ଶୁଣି ସୀତା ଓ ଲକ୍ଷ୍ମଣ ଦୁହେଁ ତାଙ୍କ ସହିତ ବନକୁ ଯିବା ପାଇଁ ବ୍ୟାକୁଳ ଭାବରେ ସେଠାରେ ପ୍ରବେଶ କଲେ । ସେହି ସମୟରେ ବଶିଷ୍ଠାଦି ପାର୍ଷଦମାନେ ପହଞ୍ଚି ଦଶରଥଙ୍କୁ ପଚାରିଲେ, "ରାତ୍ରିର ଶେଷରେ ରାମ ରାଜ୍ୟରେ ପ୍ରଭୁ ହେବେ ପରା ?" (ଏ ତପସ୍ୱୀ ବେଶ କାହିଁକି ହେଲେ) ?

୧୫ଶ ପଦ :—ରାଜା ଉତ୍ତର ଦେଲେ, "ସୂର୍ଯ୍ୟବଂଶରେ ମୁଁ ସତ୍ୟ କରିବାରେ 'ଅଶ୍ୱିନୀକୁମାର' ଅର୍ଥାତ୍ ଘୋଡ଼ାମୁହାଁ ହେଲି (କୁଳ ନାଶ କଲେ ଘୋଡ଼ାମୁହାଁ ପୁଅ ଜାତ) । ମୋର ମନେ ହୁଏ, ପୂର୍ବ ଜନ୍ମରେ କୈକେୟୀ

ବହୁଷେ ଧୀରେ ରଜା ଗିରେ କହିଲେ ଏ କଥା ପ୍ରମାଣ ହେବ ।
କାର୍ତ୍ତିକବ୍ରତ ଫଳତ ଧର୍ମଦତ୍ତ ଦେବ ଦରଶନେ ଥିବ ।
ବଇକୁଣ୍ଠ ପ୍ରତିମା ।
ବସନ୍ତରେ ଦେଖା ହେଲା ଷମ । ୨୬ ।
ବଧିର ପ୍ରାୟେ ଯହିଁ ଲୟ ଆବେଶ ତହିଁ ସେ କାହିଁ ନ ରସେ ।
ବହନ ଗହନଗାମୀ ହେଉ ରାମ ଶିଶୁପାଠ ପରି ଘୋଷେ ।
ବଳଭୁକ ଯେସନ ।
ବନପ୍ରିୟମଧ୍ୟେ କରେ ସ୍ୱନ । ୨୭ ।
ବଂଶନଳୀରେ ରଖି ଚେଲିଖି ବସନ ଦେଲେ ସୀତା ପାଇଁ ଆଣି ।
କହିଲେ ସେ ପାଶ ଲକ୍ଷ୍ମଣ ଇକ୍ଷ୍ୱାକୁକୁଳର ଯେ ଚୂଡ଼ାମଣି ।

---

୨୬ଶ ପଦ :—ବହୁଷେ—ପଣ୍ଡିତମାନେ ।

୨୭ଶ ପଦ :—ଗହନଗାମୀ—ବନଗାମୀ । ବଳଭୁକ—କୁଆ । ବନପ୍ରିୟ—କୋକିଳ ।

---

ପିଶାଚୀ ହୋଇଥିଲା । ପିଶାଚୀ ମୁଖରୁ ଅଗ୍ନି ନିର୍ଗତ ହେଲା ପ୍ରାୟ କୈକେୟୀ ମୁଖରୁ ଯେତେ କଥା ବାହାରେ, ତହିଁରେ ଅଗ୍ନି ଜଳୁଅଛି । ( ସେ କଥା ଅଗ୍ନି ପ୍ରାୟ ଦଗ୍ଧ କରୁଅଛି ) ।"

୨୬ଶ ପଦ :—ରଜାଙ୍କ କଥା ଶୁଣି ପଣ୍ଡିତମାନେ (ବଶିଷ୍ଠାଦି ପାତ୍ରମାନେ) ଧୀର ଭାବରେ କହିଲେ, "ଏ ଯାହା କହିଲ, ତା ପ୍ରମାଣ । ଧର୍ମଦତ୍ତ ବ୍ରାହ୍ମଣ ଦେବ ଦର୍ଶନକୁ ଗଲାବେଳେ କାର୍ତ୍ତିକବ୍ରତ ଫଳ ପିଶାଚୀକୁ ଦାନ କରିଥିଲେ । ବୋଧହୁଏ ସେହି ଫଳ ଲାଭ ହେତୁ କୈକେୟୀ ବୈକୁଣ୍ଠ ସଦୃଶ ଅଯୋଧ୍ୟା ନଗରୀରେ କୁଶଳରେ ବାସ କଲା ।"

୨୭ଶ ପଦ :—ଯେପରି ବଧିର ସ୍ତ୍ରୀର ମନ ଯେଉଁଥିରେ ଲାଗିଥାଏ, ସେ ସେହି ବିଷୟରେ ରତ ଥାଏ, ଆଉ କାହିଁରେ ରସେ ନାହିଁ; ସେହିପରି କୈକେୟୀ 'ରାମ ଶୀଘ୍ର ବନକୁ ଯାଉ' କେବଳ ଏହି କଥା ଶିଶୁ ପାଠ ଘୋଷିଲା ପ୍ରାୟ କାକ ଯେପରି କୋକିଳଙ୍କ ମଧ୍ୟରେ ରବ କରେ ସେହିପରି ସଉତୁଣୀଙ୍କ ମଧ୍ୟରେ ଘୋଷି ହେଲା ।

୨୮ଶ ପଦ :—କୈକେୟୀ ବାଉଁଶ ନଳରେ ରଖି ସୀତାଙ୍କର ପିନ୍ଧିବା ପାଇଁ ଚନ୍ଦ୍ରବର୍ଣ୍ଣ ଲଗି ଲୁଗାମାନ ଆଣି ଦେଲା । ଇକ୍ଷ୍ୱାକୁବଂଶର ଶିରୋମଣି ରାମଚନ୍ଦ୍ର ଓ ଲକ୍ଷ୍ମଣ 'ଇକ୍ଷ୍ୱାକୁପାଶ' ତୁମ୍ବାପାଶ ଓ ଲୁଗାଥିବା ବାଉଁଶ ନଳୀ

ବହାଇଲେ ସେ ଜଳ ।
ବଧୂ ବୋଧନ୍ତି ରାମଜନନୀ । ୨୮ ।
ପଥିକରେ ପୀନଉରଜା ଅପୂର୍ବ ଦ୍ରବ୍ୟ ଦେଖି ନ ମାଗିବୁ ।
ବେନି ସହୋଦର ମଧ୍ୟରେ ଆଦର ବିପଥରେ କରିଥିବୁ ।
ବାଷ୍ପେ ତିନ୍ତିଲା ଉର ।
ବାଣୀ ନ ସ୍ଫୁରେ କଣ୍ଠୁ ତାଙ୍କର ।୨୯।
ବୋଇଲେ ସୁମିତ୍ରା ପୁତ୍ରେ ସେବୁଥିବୁ ଶ୍ରୀରାମ ମାନସ ଜାଣି ।
ଅନିଦ୍ରେ ସର୍ବ ଶର୍ବରୀକି ହରିବୁ ହୋଇ ଧନୁଶରପାଣି ।
ବଧୂ ଯାଉଛନ୍ତି ସଙ୍ଗେ ।
ବଡ଼ ମାୟାବୀ ରାକ୍ଷସପୁଙ୍ଗେ ।୩୦।
ଯାନେ ବସାଇ ନେବାରେ ସୁମନ୍ତ୍ର ଯିବାରେ ଦେଖିଲେ ଜନେ ।
ବିସ୍ମୟ ହୋଇଲେ ପଛେ ଗୋଡ଼ାଇଲେ ନିନ୍ଦା କହିଲେ ବାମାଜନେ ।

---

୨୯ଶ ପଦ :—ପୀନଉରଜା—ପୃଥିବୀ ସମ୍ଭୂତା ।

୩୦ଶ ପଦ :—ଶର୍ବରୀ—ରାତ୍ରି । ମାୟାବୀ— କପଟୀ । ରାକ୍ଷସପୁଙ୍ଗେ—ରାକ୍ଷସ ସମୂହ ।

୩୧ଶ ପଦ :—ବାମା—ସ୍ତ୍ରୀ, ଈର୍ଷ୍ୟା । ଅନୁକମ୍ପା—ଦୟା ।

---

ଧାଇଁଲେ । ରାମ, ଲକ୍ଷ୍ମଣ ଓ ସୀତା ତିନିଜଣ ବନକୁ ଯିବାକୁ ବାହାରିଲେ । ତାହା ଦେଖି ଶ୍ରୀରାମଙ୍କ ମାତା କୌଶଲ୍ୟା ବଧୂ ସୀତାଙ୍କୁ ବୋଧ କରି କହିଲେ,—

୨୯ଶ ପଦ :—"ଗୋ ପୃଥିବୀସମ୍ଭୂତା ସୀତେ ! ଅରଣ୍ୟ ମଧ୍ୟରେ ଅପୂର୍ବ ପଦାର୍ଥ ଦେଖିଲେ ମାଗିବୁ ନାହିଁ । (କୌଣସି ଅପୂର୍ବ ଜିନିଷ ପ୍ରତି ଆଶା କରିବୁ ନାହିଁ ) । ଦୁର୍ଗମ ପଥରେ ଗଲାବେଳେ ରାମ ଓ ଲକ୍ଷ୍ମଣ ବେନି ସହୋଦରଙ୍କ ମଧ୍ୟରେ ଯିବୁ । (ତାଙ୍କ ପାଖରୁ ଅଲଗା ହେବୁ ନାହିଁ ) ।" ଏହା କହୁ କହୁ ଲୋତକରେ ତାଙ୍କର ବକ୍ଷ ତିନ୍ତିଗଲା । ଶୋକରେ ପ୍ରବଳ ହେତୁ ପାଟିରୁ କଥା ବାହାରିଲା ନାହିଁ ।

୩୦ଶ ପଦ :—ସୁମିତ୍ରା ତାଙ୍କ ପୁତ୍ର ଲକ୍ଷ୍ମଣଙ୍କୁ କହିଲେ, "ରାମର ମନ ଜାଣି ସେବୁଥିବୁ । ସମସ୍ତ ରାତ୍ରି ଅନିଦ୍ରାରେ ରହି ଧନୁଶର ଧରି ଜଗି ବସିଥିବୁ । ବଧୂ ସୀତା ସଙ୍ଗତରେ ଯାଉଛନ୍ତି । ବନରେ ବଡ଼ ମାୟାବୀ ରାକ୍ଷସମାନେ ଅଛନ୍ତି । (ତେଣୁ ସର୍ବଦା ଧନୁଶର ଧରି ଜଗି ରହିଥିବୁ ) ।

୩୧ଶ ପଦ :—ତତ୍ପରେ ସୁମନ୍ତ୍ର ମନ୍ତ୍ରୀ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଯାନରେ ବସାଇ ବନକୁ ନିଅନ୍ତେ ଲୋକମାନେ ତାହା ବିସ୍ମିତ ହୋଇ ଦେଖିଲେ । ଦୁଃଖ

ବୁଦ୍ଧ ସମସ୍ତେ କମ୍ପି ।
ବାମାଠାରେ ଏତେ ଅନୁକମ୍ପା । ୩୧ ।
ବୈଶାଖ ହୋଇଲା ମନ୍ଥର ଅଯୋଧ୍ୟା- ଭାଣ୍ଡେ ଥିଲା କ୍ଷୀର ପୂରି ।
ବଲ୍ଲବୀ କୈକେୟୀ ମନ୍ଥନରୁ ନବନୀତ ବିଶେଷ ବାହାରି ।
ବନବାସିଙ୍କି ଦେଇ ।
ବହୁଲୋଚନ ଅଶନ ପାଇଁ । ୩୨ ।
ବାକି ମନ୍ଦପଣ ତକ୍ରଚୟ ଥୋଇ ହୃଦ ପିଞ୍ଜରେ ଆସକ୍ତେ ।
ବ୍ୟକ୍ତ ଲୋକରେ ଶ୍ରବଣେ ପାନ କରି ଛି ଛି ତ କରିବେ ତକ୍ତେ ।
ବୋଲିବୋଲି ଏମନ୍ତ ।
ବିରକତେ ସମସ୍ତ ଶୋକାନ୍ତ । ୩୩ ।

---

୩୨ଶ ପଦ:—ବୈଶାଖ—ଖୁଆଦଣ୍ଡ ବା ମନ୍ଥନ ଦଣ୍ଡ । ବଲ୍ଲବୀ—ଗୋପାଙ୍ଗଣୀ । ନବନୀତ—ଲହୁଣୀ । ଅଶନ—ଭୋଜନ ।

୩୩ଶ ପଦ:—ତକ୍ରଚୟ—ଘୋଳଦହି ସମୂହ ।

---

ପଛରେ ଗୋଡ଼ାଇ ଗୋଡ଼ାଇ ଯାଇ ରାଜାଙ୍କୁ ନିନ୍ଦା କରି କହିଲେ, "ଏ ବୁଢ଼ା ବିନେ ରାଜାର ସ୍ତ୍ରୀଠାରେ ଏତେ ଅନୁଗ୍ରହ କାହିଁକି ହେଲା ?"

୩୨ଶ ପଦ:—'କୈକେୟୀ ଗୋପାଙ୍ଗଣୀ ରୂପରେ ମନ୍ଥର ରୂପ ଖୁଆଦଣ୍ଡ ଦ୍ୱାରା ଅଯୋଧ୍ୟା ଭାଣ୍ଡରେ ଥିବା ସ୍ନେହ ସୌହାର୍ଦ୍ଦ୍ୟରୂପ କ୍ଷୀରକୁ ମନ୍ଥନ କରି ତହିଁରୁ ଉଦ୍ଭବ ରାମ ଲକ୍ଷ୍ମଣ ସୀତା ରୂପ ଲହୁଣୀକୁ ବନବାସୀ ଋଷିମାନଙ୍କୁ ବହୁଲୋଚନରେ ଭୋଜନ କରିବା ନିମିତ୍ତ ଦେଲା । ( ଋଷିମାନେ ବହୁତ ଲୋଚନରେ ଦେଖି ସୁଖୀ ହେବେ; ଏ ଭାଗ୍ୟ ତାଙ୍କର ଅଛି ମାତ୍ର ଅଯୋଧ୍ୟା-ବାସୀଙ୍କର ନାହିଁ ।"

ଅନ୍ୟାର୍ଥ:—'ବହୁଲୋଚନ' ଇନ୍ଦ୍ର, ଶିବ, ବ୍ରହ୍ମାଦି ଦେବତାମାନଙ୍କର 'ଅଶ' ଅମଙ୍ଗଳ ନ ହେବା ପାଇଁ ଅର୍ଥାତ୍ ରାବଣ ବଧ ପାଇଁ ବନକୁ ପଠାଇଲା ।

୩୩ଶ ପଦ:—"ଅବଶିଷ୍ଟ ମନ୍ଦସ୍ୱଭାବରୂପ ଘୋଳ ଦହିକୁ ଅଯୋଧ୍ୟା ଲୋକଙ୍କ ହୃଦସ୍ୱରୂପ ପିତ୍ତଳ ପାତ୍ରରେ ଘୋଡ଼ାଇ ଥୋଇଦେଲେ । ତାହା ପିତ୍ତଳ ପାତ୍ରରେ ରହି ଉଛୁଟି ଯିବା ଦ୍ୱାରା ଲୋକେ ପାନ କଲେ ପିତା ଲାଗିବ । ତେଣୁ ସେମାନେ ତାହା ଛି ଛି କରିବେ । ( ଲହୁଣୀ ବନକୁ ଗଲା, କୈକେୟୀର ଏହି ମନ୍ଦପଣ ଅଯୋଧ୍ୟାରେ ରହିଲା, ଲୋକେ ସବୁ ଦିନ ତାହା ଶୁଣି ତାକୁ ଛି ଛି କରି ଧିକ୍କାରୁଥିବେ ) । ଏମନ୍ତ ବିରକ୍ତ ଭାବରେ ବୋଲିହୋଲି ବୋଲି ସମସ୍ତେ ଶୋକାକୁଳ ହୋଇ ପଡ଼ିଲେ ।

ବୃକ୍ଷରାଜ ପରି ସାକେତ ନଗରୀ କରି ଅଲକ୍ଷ୍ମୀ ଆଶ୍ରିତ ।
ବା'ର ରବିବାର କୈକେୟୀ ଆୟତ୍ତରୁ ଅସ୍ପରଶ ହେଲା ମତ ।
ବଳ ଦଳ ଚଳନ ।
ବଶ ମନ୍ଥରା କରିଣୀ ମନ । ୩୪ ।
ବଳି ତାମସୀ ନଦୀକି ବନେ ପଶି ସେ ଦିନ ତହିଁ ରହିଲେ ।
ବାର୍ତ୍ତା ପାଇ ଶୃଙ୍ଗବେରପତି ମିଳେ ପୃଚ୍ଛୁଁ ସୁମନ୍ତ କହିଲେ ।
ବୋଲେ ଶବରଈଶ ।
ବାଣ୍ଟି ନ ଦେଲେ କପାଇଁ ଦେଶ ? ୩୫ ।
ବାଣ୍ଟିଲେ ଯେ ଛଳେ ଏ ବନ ନଗରେ ଭୁବନ ନଗରେ ସେହି ।
ବ୍ୟକ୍ତ ବ୍ୟକ୍ତ ହୋଇ ସାନୁଜଯୁଗଳ ଅନୁସରଣକୁ ବହି ।

---

୩୪ଶ ପଦ:—ବୃକ୍ଷରାଜ—ଅଶ୍ୱତ୍ଥ । ସାକେତନଗରୀ—ଅଯୋଧ୍ୟାପୁରୀ ।
୩୫ଶ ପଦ:—ଶୃଙ୍ଗବେରପତି—ଗୁହଶବର । ଶବରଈଶ—ଶବରରାଜ ।

---

୩୪ଶ ପଦ:—ଅଯୋଧ୍ୟା ନଗରୀ ଅଶ୍ୱତ୍ଥ ବୃକ୍ଷ ପ୍ରାୟ ହେଲା । ଅଶ୍ୱତ୍ଥ ବୃକ୍ଷରେ ଅଲକ୍ଷ୍ମୀ ଆଶ୍ରୟ କରି ରହିଥିବାରୁ ତାହା ରବିବାର ଦିନ ଅସ୍ପୃଶ୍ୟ ଅଟେ । ସେହିପରି ଅଯୋଧ୍ୟା ନଗରୀକୁ କୈକେୟୀ ରୂପୀ ରବିବାର ଆଶ୍ରୟ କରି ରହି ଥିବାରୁ ତାହା ଅସ୍ପୃଶ୍ୟ ଅଟେ । ( ଅଯୋଧ୍ୟାରେ ଆଉ ରହିବାକୁ କେହି ଇଚ୍ଛା କରୁ ନାହାନ୍ତି,—ରଥ ପଛରେ ଗୋଡ଼ାଉ ଅଛନ୍ତି ) । ଅଶ୍ୱତ୍ଥପତ୍ର ହଲିଲେ ହସ୍ତିନୀ ଯେପରି ବଶ ହୁଏ, ସେହିପରି ରାମଙ୍କ ବନଗମନ ସମୟରେ ସୈନ୍ୟବଳ ସବୁ ଅଯୋଧ୍ୟାରେ ନ ରହି ରଥ ପଛରେ ଗୋଡ଼ାଇବାରୁ ମନ୍ଥରା ଆନନ୍ଦିତା ହେଲା ।

୩୫ଶ ପଦ:—ତମସା ନଦୀକି ବଳି ଯାଇ ସୁମନ୍ତ ରାମ, ଲକ୍ଷ୍ମଣ ଓ ସୀତା ସହିତ ବନରେ ପଶି ସେ ରାତିରେ ସେଠାରେ ରହିଲେ । ଶୃଙ୍ଗବେର ରାଜା ଗୁହ ଶବର ଖବର ପାଇ ଆସି ସେଠାରେ ପହଞ୍ଚିଲେ । ସେ ପଚାରିବାରୁ ସୁମନ୍ତ ସବୁ କଥା ବୁଝାଇ କହିଲେ । ତାହା ଶୁଣି ଶବରରାଜ କହିଲେ, "ରାଜା ଦେଶକୁ ବାଣ୍ଟି ନ ଦେଲେ କାହିଁକି ?" ( ଦେଶ ଭାଇମାନଙ୍କୁ ବାଣ୍ଟି ଦେଇଥିଲେ ରାମ ତ ବନକୁ ଯାଆନ୍ତେ ନାହିଁ ) ।

୩୬ଶ ପଦ :—ସୁମନ୍ତ ଛଳ ବାକ୍ୟରେ ଉତ୍ତର ଦେଲେ, "ରାଜା ଦେଶକୁ ଭାଇମାନଙ୍କ ମଧ୍ୟରେ ବାଣ୍ଟି ଦେଲେ ତ । ରାମଚନ୍ଦ୍ର ପର୍ବତସଙ୍କୁଳ

ବଞ୍ଚିଲେ ସେ ଶର୍ବରୀ ।
ବେଢ଼ି ସୈନ୍ୟ ରାଜଧାନୀପୁର । ୩୬ ।
ବତିଶ ଅବତାରେ ଏକ କପିଳ ମୁଣି ସେ ଛବି ଲମ୍ପଟ ।
ବଟକ୍ଷୀରେ ଜଟ କରି ପରକଟ ପିନ୍ଧିଲେ ବକଳପଟ ।
ବାନ୍ଧେ ଇଙ୍ଗୁଦୀମାଳ ।
ବନ୍ଧେ କର୍ଣ୍ଣେ ରୁଦ୍ରାକ୍ଷ କୁଣ୍ଡଳ । ୩୭ ।
ବୋଳି ହେଲେ ଭସ୍ମ ନର ନାରାୟଣ ପ୍ରାୟ ବେନଭାଇ ଦଶେ ।
ବଦରିକା ବନ ଭାବକୁ ସେ ବନ ସେବନ କଲା ରଭସେ ।
ବିକଳିତ ରଞ୍ଜନ ।
ବିକଳିତ ଦେଖି ହେଲେ ଜନ । ୩୮ ।
ବାହୁଡ଼ ନଗ୍ରକୁ ବୋଲୁଁ ଯେ ଶୁଣିଲେ ବେଢ଼ି ରଥ ଅତି ତ୍ୱରା ।
ବସନ୍ତଗୁଣ୍ଡିଚ୍ଚ ଏକାମ୍ରବନେ କ ଯାଣି ଅକୁଟିଲ ପରା ।

---

୩୮ଶ ପଦ:—ରଭସେ-ଶୀଘ୍ର । ବିକଳିତ-ଯାହା କଳ୍ପନା କରି ହେବ ନାହିଁ ।

---

ଅରଣ୍ୟ ଭାଗରେ ରହିବେ, ଭରତ ଶତ୍ରୁଘ୍ନ ନଗରରେ ରହିବେ । ସାନ ଦୁଇଭାଇ ଅର୍ଥାତ୍ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜଣ ଜଣ ହୋଇ ଦୁହିଁଙ୍କ ପାଖରେ ଅନୁସରଣ କରି ରହିବେ ।” ରାମଲକ୍ଷ୍ମଣାଦି ସେ ରାତି ସେଠାରେ କଟାଇଲେ ଓ ରାଜଧାନୀରେ ସୈନ୍ୟ ବେଢ଼ି ରହିଥିବାପରି ସେଠାରେ ସୈନ୍ୟମାନେ ବେଢ଼ି ରହିଲେ ।

୩୭ଶ ପଦ:—ବିଷ୍ଣୁଙ୍କର ବତିଶ ଅବତାର ମଧ୍ୟରେ କପିଳ ଅବତାର ଗୋଟିଏ । ରାମଚନ୍ଦ୍ର ସେହି ଅବତାରରେ ଅର୍ଥାତ୍ କପିଳ ଋଷିଙ୍କ ବେଶରେ ଆସକ୍ତ ହୋଇ ବଟକ୍ଷୀରରେ ଜଟା ବାନ୍ଧିଲେ ଓ ବୃକ୍ଷର ବଲ୍କଳ ରୂପ ବସ୍ତ୍ର ପିନ୍ଧିଲେ । ଇଙ୍ଗୁଦୀମାଳ ବାହୁରେ ବାନ୍ଧି ରୁଦ୍ରାକ୍ଷ କୁଣ୍ଡଳକୁ କର୍ଣ୍ଣରେ ବନ୍ଧିଲେ ।

୩୮ଶ ପଦ:—ଅନନ୍ତର ରାମଲକ୍ଷ୍ମଣ ବେନ ଭାଇ ଭସ୍ମ ବୋଳି ହେଲେ, ତେଣୁ ନରନାରାୟଣ ଋଷି ପ୍ରାୟ ଦେଖାଗଲେ । ତତ୍କ୍ଷଣାତ୍ ସେ ବନ ବଦରିକାଶ୍ରମର ଭାବକୁ ପ୍ରାପ୍ତ ହେଲା । ( ବଦରିକାଶ୍ରମରେ ନରନାରାୟଣ ଋଷି ଅବସ୍ଥାନ କରିଥାନ୍ତି ) । ରାମ ଲକ୍ଷ୍ମଣଙ୍କର ଶୋଭା ସେ ସମୟରେ କଳ ହେଲା ନାହିଁ (ସେ ଅତ୍ୟନ୍ତ ସୁନ୍ଦର ଦିଶିଲେ; ଲୋକମାନେ ତାହା ଦେଖି ବ୍ୟାକୁଳିତ ହେଲେ ।)

୩୯ଶ ପଦ:—ଶ୍ରୀରାମଚନ୍ଦ୍ର ପ୍ରଜାଙ୍କୁ “ନଗରକୁ ଫେରିଯାଅ” ଏହା କହିବାରୁ, ସେମାନେ ତାହା ଶୁଣିଲେ ନାହିଁ । ରଥକୁ ଘେରି ଚଞ୍ଚଳ ମନରେ

ବିଧୁଚୂଡ଼ ଗଉଡ଼ି ।
ବିରାଜିଲେ ରାମ ସୀତା ଧରି । ୩୯ ।
ବିଲେପନ ଭୂତି ଏଣୁ ଶୁଭ୍ରକାନ୍ତି ଚନ୍ଦ୍ରାର୍ଦ୍ଧ ନିବ ମୁକୁଟ ।
ବରବର୍ଣ୍ଣିମା ନାନାରତ୍ନଭୂଷଣୀ ପାର୍ଶ୍ୱରେ ଝଟ ଝଟ ।
ବାହକ ସେ ସୁମନ୍ତ ।
ବ୍ରହ୍ମଗୃହୀ ଲକ୍ଷ୍ମଣ ବିନତ । ୪୦ ।
ବିଶ୍ରାମନ୍ତେ କତିଦୂରେ କହେ ନଗରେ ବନରେ ରଚିବା ପୁର ।
ବପ୍ତା ଦେଇଛନ୍ତି ଦଣ୍ଡକରେ ପୂର୍ବେ ନ ଥିଲା କି ଦଣ୍ଡଧର ।

---

୩୯ଶ ପଦ:—ବସନ୍ତଗୁଣ୍ଡିଚ୍ଛ—ଚୈତ୍ର ଗୁଣ୍ଡିଚା । ଏକାମ୍ର ବନେ—ଭୁବନେଶ୍ୱରରେ । ବିଧୁଚୂଡ଼ା—ମହାଦେବ । ଗଉରୀ—ପାର୍ବତୀ ବିରାଜି—ଶୋଭି ।

---

ଗମନ କରନ୍ତେ ତାହା ଭୁବନେଶ୍ୱରର ଅଶୋକାଷ୍ଟମୀ ଯାତ୍ରା ପରି ଶୋଭି ଗଲା । (ଅଶୋକାଷ୍ଟମୀ ଯାତ୍ରାରେ ରଥ ଚାଲିଲେ ତାହାର ଚାରିଆଡ଼େ ବହୁତ ଯାତ୍ରୀ ଘେରି ଚାଲିଥାନ୍ତି) । ରାମ ଓ ସୀତା ମହାଦେବ ଓ ପାର୍ବତୀ ପରି ସେ ରଥରେ ଶୋଭା ପାଇଲେ ।

୪୦ ପଦ:—ମହାଦେବ ଶୁକ୍ଳକାନ୍ତି ବିଶିଷ୍ଟ, ଭସ୍ମ ବିଲେପିତ ଓ ଶିରରେ ଅର୍ଦ୍ଧଚନ୍ଦ୍ରର ମୁକୁଟ ଧାରଣ କରିଥାଆନ୍ତି, ସେହିପରି ରାମ ଭସ୍ମ ବୋଳି-ହୋଇ ଥିବାରୁ ଶୁଭ୍ରକାନ୍ତି ବିଶିଷ୍ଟ ହୋଇଅଛନ୍ତି ଓ ତାହାଙ୍କ ଶିରରେ ଅର୍ଦ୍ଧଚନ୍ଦ୍ରାକୃତି ମୁକୁଟ ଶୋଭା ପାଉଅଛି । ସୁବର୍ଣ୍ଣବର୍ଣ୍ଣା ନାନା ରତ୍ନାଳଙ୍କାର-ଭୂଷିତ ପାର୍ବତୀ ଶିବଙ୍କ ପାର୍ଶ୍ୱରେ ଝଟ ଝଟ ହେଲାପରି ଉତ୍ତମବର୍ଣ୍ଣା ବିବିଧ ରତ୍ନାଳଙ୍କାରମଣ୍ଡିତା ସୀତା ରାମଙ୍କ ପାର୍ଶ୍ୱରେ ଶୋଭା ପାଉଅଛନ୍ତି ଶିବଙ୍କ ରଥ-ବାହକ 'ସୁମନ୍ତ' ଅର୍ଥାତ୍ ରଥଚାଳନ ମନ୍ତ୍ରଣାରେ ଦକ୍ଷ ଓ ଏ ରଥ ଚାଳକ ସୁମନ୍ତ ମନ୍ତ୍ରୀ । ଶିବଙ୍କ ପାଶରେ ବ୍ରହ୍ମଗୃହୀମାନେ ଆନତ ହେଲା ପ୍ରାୟ ରାମଙ୍କ ସମୀପରେ ବ୍ରହ୍ମଗୃହୀ ଲକ୍ଷ୍ମଣ ବିଦ୍ୟମାନ ।

୪୧ଶ ପଦ:—କତିଦୂର ଯାଇ ବନରେ ବିଶ୍ରାମ କରିବାରୁ ଲୋକମାନେ କହିଲେ, ''ଏ ବନରେ ନଗର ନିର୍ମାଣ କରିବା । ପୂର୍ବେ ଦଣ୍ଡକାରଣ୍ୟରେ କଣ ରାଜା ନ ଥିଲେ ? (ନିଶ୍ଚୟ ଥିଲେ) ମାତ୍ର ବର୍ତ୍ତମାନ ରାଜା ନ ଥିବାରୁ ତୁମ୍ଭ ପିତା ତୁମ୍ଭଙ୍କୁ ଏ ଅରଣ୍ୟ ଦେଇଅଛନ୍ତି । ତୁମ୍ଭେ ତାଙ୍କ କଥା ମାନ ଏଠାରେ ରାଜା

ବୋଲ ତ'ଙ୍କର ମାନ ।
ବଟିଁ ଆମ୍ଭେ ହୋଇ ପ୍ରଜାଜନ ।୪୧।
ବକ୍ତବ୍ୟ ରାଘବ ଏଥି ଅନୁରୂପ ପ୍ରଜା ଚତୁରଙ୍ଗ ଛନ୍ତି ।
ବସ୍ତ୍ରକସହ ସୁରଭି ପୟୋଧର ବ୍ରଜବ୍ରଜ ଝଟକନ୍ତି ।
ବୃତ ସୁନାଗରପୁ ।
ବିହରନ୍ତି କେତେ ତନ୍ତୁବାପୁ ।୪୨।
ବ୍ୟୁତପନ ରଥ ଗନ୍ଧର୍ବ ଉଟଜେ କରିବାର ବିହାରକୁ ।
ବିଧିରେ ଶାଖୀ ଫଳକଧାରୀ ଶୋଭି ଆମ୍ଭ ପ୍ରତିପାଳନକୁ ।

---

୪୨ଶ ପଦ :—ବସ୍ତ୍ରକ ସହ—ବାନ୍ଧୁଲି ସହିତ, ବଣମଲ୍ଲୀ ସହିତ । ସୁରଭି—ଗାଈ, ଚମ୍ପାଗଛ । ପୟୋଧର—ନଡ଼ିଆ, କ୍ଷୀରଧାରୀ । ବ୍ରଜବ୍ରଜ—ଗୋପାଳସମୂହ । ସୁନାଗରପୁ—ସୁନାରି ଗଛସମୂହ, ବଣିଆସବୁ । ତନ୍ତୁବାପୁ—ତନ୍ତୀ, ବୁଢ଼ୀଆଣି ।

୪୩ଶ ପଦ :—ରଥ—ଯାନବିଶେଷ, ବେତସବୃକ୍ଷ । ଗନ୍ଧର୍ବ—ଘୋଡ଼ା, ମୃଗ । ଉଟଜ—ଓଟ, ପର୍ଣ୍ଣଶାଳା । କରିବାର—ହସ୍ତିସମୂହ, କରିବା ପାଇଁ ଶାଖୀ—ପଦାତି, ବୃକ୍ଷ । ଫଳଧାରୀ—ଖଡ୍‌ଗଧାରୀ; ଫଳବନ୍ତ ।

---

ହୁଅ । ଆମ୍ଭେ ପ୍ରଜା ହୋଇ ଏଠାରେ ରହିବୁ । ତୁମ୍ଭକୁ ଛାଡ଼ି ଆମ୍ଭେ ଅଯୋଧ୍ୟାକୁ ଯିବୁ ନାହିଁ ) ।"

୪୨ଶ ପଦ :—ଲୋକମାନଙ୍କ କଥା ଶୁଣି ରାମଚନ୍ଦ୍ର କହିଲେ, "ଏଠାରେ ବନ ସଦୃଶ ପ୍ରଜା ଓ ଚତୁରଙ୍ଗ ବଳ ଅଛନ୍ତି; ଏଠାରେ 'ବସ୍ତ୍ରକ' ବଣମଲ୍ଲିକାସହ 'ସୁରଭି' ଚମ୍ପକ ଓ ଜାଇଫଳ ବୃକ୍ଷ ରାଜ୍ୟରେ ବହ୍ରାସହ ଧେନୁ ରହିଲାପରି ରହିଅଛନ୍ତି । 'ପୟୋଧରବ୍ରଜ' ନାରିକେଳ ବୃକ୍ଷସମୂହ 'ପୟୋଧର ବ୍ରଜ' ଦୁଗ୍ଧ ବହନକାରୀ ଗୋପାଳଙ୍କ ପରି ବିଦ୍ୟମାନ ଅଛନ୍ତି । ସୁନାରି ବୃକ୍ଷସବୁ ସ୍ୱର୍ଣ୍ଣକାରଙ୍କ ପରି ବନକୁ ବେଢ଼ି ରହିଅଛନ୍ତି । ଏଥିରେ ବହୁତ 'ତନ୍ତୁବାପୁ' ମାକଡ଼ସା ର'ଜ୍ୟର ତନ୍ତୀ ପ୍ରାୟ ବିହାର କରନ୍ତି । (ଏ ବନରେ ସବୁପ୍ରକାର ପ୍ରଜା ଅଛନ୍ତି, ତୁମ୍ଭର ରହିବା ପ୍ରୟୋଜନ ନାହିଁ ) ।"

୪୩ଶ ପଦ :—"ଏଠାରେ ମୋର ବିହାର କରିବା ପାଇଁ 'ଉଟଜ' ପର୍ଣ୍ଣଶାଳା ରୂପ ଓଟ, ହସ୍ତୀସମୂହ, 'ରଥ' ବେତସବୃକ୍ଷରୂପ ରଥସବୁ ବିଦ୍ୟମାନ ଅଛନ୍ତି । ମୋତେ ରକ୍ଷାକରିବା ପାଇଁ ଏଠାରେ ଫଳବନ୍ତ ବୃକ୍ଷସମୂହ ଖଡ୍‌ଗଧାରୀ ପଦାତିକଙ୍କ ପରି ରହିଅଛନ୍ତି ।" (ହସ୍ତୀ, ଅଶ୍ୱ, ରଥ ଓ ପଦାତିକ ଏହି ଚତୁରଙ୍ଗବଳ

ବୋଲି ମଉନ ହେଲେ ।
ବଞ୍ଚାଇ ସେ ପଥ ରହିଁ ଗଲେ ।୪୩।
ବାହି ସୁମନ୍ତ ବିମାନ ରାମ ଆଜ୍ଞାବଶେ ଅଯୋଧ୍ୟା ଗମନ ।
ବାହୁଡ଼ିଲେ ଜନେ ସେ ଚକ୍ରଚିହ୍ନକୁ ଗୋଡ଼ାଇ ହରଷ ମନ ।
ବଣ ମୃଗତୃଷ୍ଣାରେ ।
ବାରି ବୁଝି ଯଥା ମୃଗ କରେ ।୪୪।
ବେଗି ଉଦବେଗୀ ହୋଇ ପରବେଶ ଭରଦ୍ଵାଜ ଅଶ୍ରମରେ ।
ବୀକ୍ଷଣ କରି ସୀତା ରାମ ଲକ୍ଷ୍ମଣ ଲକ୍ଷଣ ସବୁ ପଚ୍ଛରେ ।
ବୋଧି କହିଲେ ଋଷି ।
ବୀରସିଂହ ଅରଣ୍ୟେ ବିଳସ ।୪୫।
ବିରାଜ ତୀକ୍ଷ୍ଣ ନାରଚ କରଜରେ ମହାନ୍ଧକରୀ ଅସୁର ।
ବିମୋହିତ ହେବ ଚିତ୍ରକୂଟ ଗିରି ଦ୍ଵୋଟେ କରିବାରୁ ପୂର ।

---

୪୫ଶ ପଦ :—ବେଗି—ବେଗବନ୍ତ । ଉଦ୍‌ବେଗୀ—ଉଦ୍‌ବିଗ୍ନ ପ୍ରଜାଙ୍କ ଲାଗି ବିଚଳିତ । ବୀରସିଂହ—ବୀରଶ୍ରେଷ୍ଠ ।

୪୬ଶ ପଦ :—ତୀକ୍ଷ୍ଣ ନାରଚ—ମୁନିଆଁ ଶର । କରଜ—ନଖ । ମହାନ୍ଧକରୀ—ମଦମତ୍ତ ହସ୍ତୀ । ପୟସ୍ଵୀ—ଜଳପୂର୍ଣ୍ଣ । ସ୍ଵାଦୀ—ସ୍ଵାଦଯୁକ୍ତ ।

---

ରହିଥିବାର ସୂଚିତ ହେଲା) । ଏହା କହି ରାମଚନ୍ଦ୍ର ମୌନ ହେଲେ । ରାତି ଥାଉଁ ସେହି ବାଟ ଛାଡ଼ି ଅନ୍ୟ ବାଟରେ ଗଲେ ।

୪୪ଶ ପଦ :—ରାମଙ୍କ ଆଜ୍ଞାରେ ସୁମନ୍ତ୍ର ମନ୍ତ୍ରୀ ଅଯୋଧ୍ୟାକୁ ଲେଉଟି ଯିବା ପରି ରଥ ବାହି ନେଲେ । ଲୋକେ ରଥ ଚକ୍ରର ସେ ଚିହ୍ନକୁ ଦେଖି ହର୍ଷ ମନରେ ଗୋଡ଼ାଇ ଅଯୋଧ୍ୟାକୁ ବାହୁଡ଼ିଲେ । ଚକ ଚିହ୍ନ ଅଯୋଧ୍ୟାକୁ ଯାଇଥିବାର ଦେଖି ରାମ ଅଯୋଧ୍ୟାକୁ ଫେରିଗଲେ ଏହା ଭାବି ପ୍ରଜାମାନେ ଫେରିଗଲେ) ।

୪୫ଶ ପଦ :—କାଳେ ପ୍ରଜାମାନେ ପୁଣି ପଛରେ ଗୋଡ଼ାଇ ଆସିବେ, ଏହି ଉଦ୍‌ବେଗରେ ଶୀଘ୍ର ଯାଇ ଭରଦ୍ଵାଜ ଋଷିଙ୍କ ଆଶ୍ରମରେ ପ୍ରବେଶ ହେଲେ । ଋଷି, ରାମ, ସୀତା ଓ ଲକ୍ଷ୍ମଣ ଏହି ତିନି ମୂର୍ତ୍ତିଙ୍କୁ ଦେଖି ତତ୍‌କ୍ଷଣାତ୍ ସବୁକଥା ପଚାରିଲେ । ରାମ ସମସ୍ତ ବୁଝାଇ କହିଲେ । ତାହା ଶୁଣି ଋଷି କହିଲେ, "ହେ ବୀରସିଂହ ! ଅରଣ୍ୟରେ ସିଂହ ସମ ବିହାର କର ।"

୪୬ଶ ପଦ :—"ସିଂହ ମଦମତ୍ତ ହସ୍ତୀକୁ ସୁତୀକ୍ଷ୍ଣ ନଖରେ ବିଦାରି ଭଳି ପର୍ବତ ଗୁହାରେ ବାସ କଲା ପରି ତୁମ୍ଭେ ତୀକ୍ଷ୍ଣ ଶରରେ ଗର୍ବୀ ଅସୁରଙ୍କୁ

ବହେ ପୟସ୍ୱିନୀ ନଈ ।
ଅଶେଷିତ ତର୍ଷ ହୋଇ ସ୍ୱାଦୀ ।୪୬।
ବଞ୍ଚି ସେ ଋଷିକ କନକ ଗଉରୀ ଗଉର ମର୍କତଗାତ୍ର !
ବର୍ତ୍ମରେ ଗମନ ବନ୍ୟନାରୀ ସ୍ତମ୍ଭି ଚକିତ ସ୍ତିମିତ ନେତ୍ର ।
ବର କାଗଜଚଙ୍ଗ ।
ଅବଲୋକନ୍ତି ଯେମନ୍ତ କୌତୁକୀ ।୪୭।
ବୋଲିବୋଲି ହେଲେ ପରମ ସୁନ୍ଦର ବର ଏ ପଥିକ ଦୁଇ ।
ବଲ୍ଲଭୀ ପୁଣି ରମଣୀ ଶିରୋମଣି କାହାର ଥିବଟି ହୋଇ ।
ବୋଲି ନିକଟେ ଗଲେ ।
ବଇଦେହୀଙ୍କି ସେ ପଚାରିଲେ ।୪୮।
ବରରୋହା ଏ ପୁରୁଷ ସାର ଦୁହେଁ ସୋଦର କିବା ତୁମ୍ଭର ।
ବୁଲନ୍ତି ଜଗତେ ଯେଣୁ ସଙ୍ଗତରେ ସୁସମେ ନ ମିଳେ ବର ।
ବୋଲୁଁ ଶିର କମ୍ପାଇ ।
ବର ଦେବର କେ ଯାଅ କହି ।୪୯।

---

ବିନାଶ କରି ଚିତ୍ରକୂଟ ପର୍ବତରେ ଆନନ୍ଦ ମନରେ ବାସ କର । ସେଠାରେ ବହୁଥିବା ପୟସ୍ୱିନୀ ନଦୀର ସୁସ୍ୱାଦୁ ଜଳ ପାନ କରି ପରିତୃପ୍ତ ହେବ ।”

୪୭ଶ ପଦ :—ସ୍ୱର୍ଣ୍ଣବର୍ଣ୍ଣା ସୀତା, ଗୌରବର୍ଣ୍ଣ ଲକ୍ଷ୍ମଣ ଓ ମରକତମଣି ତୁଲ୍ୟ ନୀଳବର୍ଣ୍ଣ ରାମ ସେ ଋଷିକ ଭରଦ୍ୱାଜଙ୍କ ଆଶ୍ରମରେ ରହିଲେ । ପରଦିନ ପ୍ରତ୍ୟୁଷରୁ ସେ ତିନିହେଁ ଅରଣ୍ୟ ପଥରେ ଗମନ କରନ୍ତେ ବନବାସୀ ସ୍ତ୍ରୀମାନେ ତାଙ୍କୁ ଦେଖି ଚକିତ ଓ ସ୍ଥିର ହେଲେ ଏବଂ ଉତ୍କୃଷ୍ଟ କାଗଜଚଙ୍ଗକୁ (ଆକାଶରେ ଉଡୁଥିବା ଗୁଡ଼ିକୁ) ଦେଖି ଯେପରି କୌତୁକୀ ଲୋକମାନେ ଉତ୍ସୁକ ହୁଅନ୍ତି, ସେମାନେ ସେହିପରି ଉତ୍ସୁକ ହେଲେ ।

୪୮ଶ ପଦ :—ବନବାସୀ ନାରୀମାନେ କୁହାକୋହି ହେଲେ, “ଏ ବାଟୋଇ ଦୁହେଁ ସୁନ୍ଦର ପୁରୁଷଙ୍କ ମଧ୍ୟରେ ଶ୍ରେଷ୍ଠ ଅଟନ୍ତି । ଏ ରମଣୀ ଶିରୋମଣି ସେ ଦୁହିଁଙ୍କ ମଧ୍ୟରୁ କାହାର ସ୍ତ୍ରୀ ହୋଇଥିବ ? ଏହା କଥାବାର୍ତ୍ତା ହୋଇ ସେମାନେ ସୀତାଙ୍କ ନିକଟକୁ ଗଲେ ଓ ବୈଦେହୀଙ୍କି ପଚାରିଲେ ।

୪୯ଶରୁ ପଦ :—‘ହେ ଶ୍ରେଷ୍ଠନାରୀ ! ଏ ପୁରୁଷଶ୍ରେଷ୍ଠ ଦୁହେଁ ତୁମ୍ଭର ଭାଇ କି ? ତୁମ୍ଭ ସମାନରେ ଏ ସଂସାର ମଧ୍ୟରେ ବର ନ ମିଳିବାରୁ ସଙ୍ଗେ ସଙ୍ଗେ ଯେଣୁ ବୁଲୁ ଅଛନ୍ତି କି ?” ନାରୀମାନେ ଏପରି ପଚାରନ୍ତେ, ସୀତା ମୁଣ୍ଡ ହଲାଇଲେ (ଭାଇ ନୁହନ୍ତି ବୋଲି କହିଲେ) । ସୀତାଙ୍କ ହଥା ବୁଝିପାରି କେହିଁ

ବିଳମ୍ବ କରନ୍ତେ ପ୍ରଳମ୍ବ କୁନ୍ତଳା ଡାକେ ଲକ୍ଷ୍ମଣ କୁମାର ।
ବାମାଙ୍କୁ ବୋଧିଲେ ଏ ଦେବର ବୋଲି ମନ୍ଥର ଗତି ସଭୁର ।
ବୃଦ୍ଧି କରନ୍ତେ ନୋହି ।
ବରଟା କି ଗର୍ଭାଳସୀ ହୋଇ । ୫୦ ।
ବନରୁହଦଳେ ଗୁଳାଲି ଚରଣେ ପରତେ ଏ ନୋହେ ଛଦ୍ମ ।
ବିନ୍ୟାସ ଚରଣ କଲା ସ୍ଥଳେ ଯହିଁ ଉଲ୍ଲୁଟି ଯାଉଛି ପଦ୍ମ ।
ବସୁଛନ୍ତି ରୋଲମ୍ବ ।
ବାଲଚନ୍ଦ୍ରକୁ ବିଅନ୍ତି ଚୁମ୍ବ ।୫୧।
ବ୍ୟକତ ହୋଇବାଯାଏ ରହି ଥିଲେ ପର୍ଣ୍ଣବାସୀ ଗମିଲେ ।
ବିଜ୍ଞ ଭେଳା ବାଳା ସହୋଦର ମେଳା ଗଙ୍ଗା ପାର ହୋଇ ଗଲେ ।
ଭଜେ ଚିତ୍ରକୂଟର ।
ବାଜପଦେ କହେ ସାରବର ।୫୨।

—*—

୫୦ଶର ପଦ:—ପ୍ରଳମ୍ବକୁନ୍ତଳା—ସୁଦୀର୍ଘକେଶୀ । ବରଟା—ହଂସୀ ।
୫୧ଶର ପଦ:—ବନରୁହଦଳେ- ପଦ୍ମରେ । ଛଦ୍ମ କପଟ । ରୋଲମ୍ବ ଭ୍ରମର ।
ଦାସୀ କହିଲା "ତାହା ହେଲେ ଏହାଙ୍କ ମଧ୍ୟରୁ ବର କିଏ ଓ ଦିଅର କିଏ? ଏହା କହି ଯାଅ ।"

୫୦ଶର ପଦ:—ଦୀର୍ଘକେଶୀ ସୀତା ବନବାସୀ ନାରୀଙ୍କ ସହିତ କଥାବାର୍ତ୍ତା ରହିବା ହେତୁ ବାଟ ଚାଲିବାରେ ବିଳମ୍ବ କରନ୍ତେ, ଲକ୍ଷ୍ମଣ ଡାକ ଦେଲେ (ବିଳମ୍ବ ନ କରି ଆସ-କହିଲେ) । ସେତିକବେଳେ ସୀତା ସେ ନାରୀ-ମାନଙ୍କୁ 'ଏ ଦିଅର' ଏହା କହି ବୋଧ ଦେଲେ ( ଏ ଦେବର ଚିହ୍ନାଇ ଦେବାରୁ ଅପର ଜଣକ ବର ବୋଲି ପ୍ରକାଶ ପାଇଲା) ଓ ଗର୍ଭାଳସୀହଂସୀର ମନ୍ଥର ଗତିକୁ ନିନ୍ଦା କରୁଥିବା ମନ୍ଦ ଗତିକୁ ସେ ବୃଦ୍ଧି କରି ଶୀଘ୍ର ଚାଲିଲେ ।

୫୧ଶର ପଦ:—ଗର୍ଭାଳସୀ ହଂସୀ ପଦ୍ମପତ୍ରରେ ଚାଲିଲା ପ୍ରାୟ ସୀତାଙ୍କ ଗମନ ପ୍ରତୀତ ହେଲା । ଏହା ମିଥ୍ୟା କଥା ନୁହେଁ, କାରଣ ସୀତାଙ୍କ ପଦକ୍ଷେପ ସ୍ଥାନରେ ପଦ୍ମଫୁଟି ଉଠୁଛି (ତାଙ୍କ ପାଦଚିହ୍ନ ପଦ୍ମଫୁଲ ପ୍ରାୟ ଦେଖା ଯାଉଛି) ଓ ସେଥିରୁ ପଦ୍ମଗନ୍ଧ ବାହାରୁ ଥିବାରୁ ଭ୍ରମରମାନେ ତାହା ପଦ୍ମ ଭ୍ରମରେ ଚୁମ୍ବନ କରୁଅଛନ୍ତି ।

୫୧ଶର ପଦ:—ଏମାନେ ଅଦୃଶ୍ୟ ହେବାଯାଏ ଅରଣ୍ୟର କୁଟୀରବାସୀ ନାରୀମାନେ ରହି ଥିଲେ । ଅଦୃଶ୍ୟ ହୋଇଯାନ୍ତେ ସେମାନେ ଫେରି ଗଲେ । ଅନନ୍ତର ସୀତା ଓ ଲକ୍ଷ୍ମଣ ସହିତ ମିଳି ରାମଚନ୍ଦ୍ର ଭେଳା ବାନ୍ଧି ଗଙ୍ଗାନଦୀକୁ ପାରି ହୋଇ ଗଲେ ଓ ଚିତ୍ରକୂଟ ପର୍ବତରେ ଭଜେ କଲେ । ସାରବର ବାଜନ ପଦରେ ଏ ଛାନ୍ଦ କହିଲେ ।

—*—

## ଅଷ୍ଟାଦଶ ଛାନ୍ଦ

### ରାଗ—ବିଭାସଗୁର୍ଜ୍ଜରୀ

ବନ୍ୟା ଶିଖରର ତନ୍ୱୀ ବିପ୍ରଲବ୍ଧା ପ୍ରାପ୍ତ ହୋଇ
ଋଷିବାର ସ୍ତବଣ୍ଡାଇ ଅଛି ଯେ ।
ବିଟପ ସ୍ତକର୍ମକର ସଙ୍ଗତି ସହଚରୀର
ସ୍ମର ଅଭିମୁଖୀ ହୋଇଛି ଯେ । ୧ ।
ବିରସ ଖଣ୍ଡିତା ସେହି ପିକବାଣୀରେ ଛଳଇ
ପ୍ରବୃଦ୍ଧି କରଇ ମଦନକୁ ଯେ ।
ବିସ୍ମରଣ କର ସଙ୍ଗ ପୟୋଧର ଫଳ ତୁଙ୍ଗ
ପୁରୁଷ ପ୍ରକାଶି ରଞ୍ଜନକୁ ଯେ ।୨

---

୧ମ ପଦ:—ବନ୍ୟା—ବନସମୂହ । ଶିଖରୀ—ପର୍ବତ । ଋଷିବାର—ଋଷିସମୂହ । ବିଟପ—ପତ୍ର; ବିଟପୁରୁଷ । ସହଚରୀ—ସଖୀ, ଝିଣ୍ଟିନାମକ ବୃକ୍ଷ-ବିଶେଷ । ସ୍ମର—ସ୍ପୃହ, ଗୁଳ୍ମ ।

୨ୟ ପଦ:—ପୟୋଧର—ନାରିକେଳ, ସ୍ତନ । ତୁଙ୍ଗ—ଉନ୍ନତ । ପୁରୁଷ—ପୁନ୍ନାଗ ବୃକ୍ଷ, ନାୟକ । ରଞ୍ଜନ—ରକ୍ତଚନ୍ଦନ ।

---

### ଅଷ୍ଟାଦଶ ଛାନ୍ଦ

୧ମ ପଦ:—ତ୍ରିକୂଟ ପର୍ବତର ବନସମୂହ ବିପ୍ରଲବ୍ଧା ସ୍ତ୍ରୀ ପ୍ରାପ୍ତ ଶୋଭା ପାଉଅଛି । ବିପ୍ରଲବ୍ଧା ସ୍ତ୍ରୀ 'ଋଷିବାର' ମାନ କରିବାରେ ମଜ୍ଜିଥାଏ, ଏ ବନ ସେହିପରି 'ଋଷିବାର' ଋଷିସମୂହଙ୍କ ଦ୍ୱାରା ମଜ୍ଜିଅଛି । ବିପ୍ରଲବ୍ଧା ନାରୀ ବିଟ ପୁରୁଷଙ୍କୁ ହସ୍ତ ହଲାଇ ନାହିଁ କଲା ପ୍ରାୟ, ଏ ବନ ବୃକ୍ଷର ପତ୍ରମାନଙ୍କୁ ପବନ ଦ୍ୱାରା ଦୋହଲାଉଅଛି । ଆଉ ମଧ୍ୟ ସେ ସଖୀଙ୍କ ସହିତ ଗୃହାଭିମୁଖୀ ହେଲା ପରି ଏ ବନ ଝିଣ୍ଟି ବୃକ୍ଷର ସଙ୍ଗତ ଲାଭ କରିଅଛି, ଗୁଳ୍‌ଗୁଚ୍ଛ ବୃକ୍ଷର ଅଭିମୁଖୀ ହୋଇଅଛି ।

୨ୟ ପଦ:—ପୁଣି ସେହି ବନ ନାୟିକା କୋକିଳଧ୍ୱନି ରୂପ କଥାରେ ଖଣ୍ଡିତା ବଚନ କହି କାମରୂପ ବସନ୍ତ ପବନକୁ ବୃଦ୍ଧି କରୁଅଛି । ଉନ୍ନତ ଓ ହସ୍ତ ଦ୍ୱାରା ସ୍ପର୍ଶ ହୋଇ ନ ଥିବା ସ୍ତନ ରୂପ ନାରିକେଳ ଫଳ ଦେଖାଇ ପୁରୁଷର ଅନୁରାଗକୁ ବଢ଼ାଉଅଛି । ( ଫଳିତାର୍ଥ:—ଉକ୍ତ ବନରେ ସର୍ବଦା ବସନ୍ତ ପବନ ବହୁଛି, କୋକିଳ ବୋବାଉଛି । ଖୁବ୍ ଉଚ୍ଚରେ ଫଳଥିବା ହେତୁ ଉକ୍ତ ବନର ନାରିକେଳ ଅସ୍ପରଶ ହୋଇଅଛି । ଆଉ ମଧ୍ୟ ସେଠାରେ ପୁନ୍ନାଗ, ଚନ୍ଦନ ପ୍ରଭୃତି ବହୁତ ଗଛ ଅଛି ) ।

ଈଦୂର ଲକ୍ଷ୍ମଣ ଯାଇ ପବନ ଭଗ୍ନ ଚନ୍ଦନ
ଦାରୁ ଆଣି ଗୃହବାସ ବନ୍ଧି ଯେ ।
ଈଦ୍ରୁମେ ତାହାର ଛାଇ ବାଡ଼ ନଳବରେ ଦେଇ
କସ୍ତୁରୀ ଗୈରିକେ ଚିତ୍ର ଲିଖି ଯେ । ୩ ।
ବାରଣ ବାରଣ ରଣ— ବଶେ ଯେଉଁ ରଦଚୂର୍ଣ୍ଣ
କ୍ଷୋଦ ଭରି ଅଜିରେ ପକାଇ ଯେ ।
ବୈଦେହୀ ରାଘବ ମିଳି ଇଚ୍ଛନ୍ତି ଏକାନ୍ତ କେଳି
ହରଷେ ଦିବସ ନିଶି ନେଇ ଯେ । ୪ ।
ବୃକଧୂପରେ ଧୂପିତ ସେ ଓକ ଭଲେ ନିରତ
ଦ୍ରାକ୍ଷା ଅଶନରେ ହୋଇ ତୋଷ ଯେ ।
ବସ୍ତ୍ର ସ୍ୱପ୍ନର ନର୍ମ ଶଯ୍ୟା କୃଷ୍ଣସାର ଚର୍ମ
ଏବେ ଶୁଣ ସାଧୁ ଆନ ରସ ହେ । ୫ ।

---

୩ୟ ପଦ:—ଈଦୂର—ଅଲ୍ପଦୂର । ଈଦ୍ରୁମ—କୋମଳ ପତ୍ର ।

୪ର୍ଥ ପଦ:—ବାରଣ—ହସ୍ତୀ । ରଣ—ଯୁଦ୍ଧ । ରଦଚୂର୍ଣ୍ଣ—ଦନ୍ତଚୂର୍ଣ୍ଣ । କ୍ଷୋଦ—ଚୂର୍ଣ୍ଣ ବା ଧୂଳି । ଅଜିରେ—ଅଗଣାରେ ।

୫ମ ପଦ:—ବୃକ ଧୂପରେ—କୃତ୍ରିମ ଧୂପରେ ବା ସରଳ ଧୂପରେ । ଧୂପିତ—ସୁବାସିତ । ଓକ—ଗୃହ ।

---

୩ୟ ପଦ:—ଲକ୍ଷ୍ମଣ ସେହି ବନର ଖୁବ୍ ଦୂରକୁ ଯାଇ ନିବିଡ଼ ବନରୁ ପବନ ଯୋଗେ ଭଗ୍ନ ହୋଇଥିବା ଚନ୍ଦନ କାଷ୍ଠ ଆଣି ସୁନ୍ଦର ଗୃହ ନିର୍ମାଣ କଲେ ଓ ତାହା ବୃକ୍ଷର କୋମଳ ପତ୍ରରେ ଛାଆଣି କରି ବେଣା ତେରର ବାଡ଼ ଦେଲେ ଏବଂ କସ୍ତୁରୀ ଓ ଗେରୁରେ ଚିତ୍ର ଲେଖିଲେ ।

୪ର୍ଥ ପଦ:—ହସ୍ତୀ ହସ୍ତୀଙ୍କ ଯୁଦ୍ଧ ସମୟରେ ଦନ୍ତର ଘର୍ଷଣ ହେତୁ ଯେଉଁ ଦନ୍ତଚୂର୍ଣ୍ଣସବୁ ପଡ଼ିଥିଲା, ତାହା ଆଣି ଗୃହର ଅଗଣାରେ ପକାଇଲେ । ସେହି ଗୃହରେ ରାମଚନ୍ଦ୍ର ଓ ସୀତା ଦୁହେଁ ମିଳି ଆନନ୍ଦରେ ଦିନରାତି ଯାପନ କରି ଏକାନ୍ତରେ କେଳି କଲେ ।

୫ମ ପଦ:—ସେହି ପର୍ଣ୍ଣକୁଟୀରକୁ ସରଳ ଧୂପରେ ସୁବାସିତ କଲେ । ଦ୍ରାକ୍ଷାରସ ଭୋଜନରେ ନିରନ୍ତର ତୋଷ ହୋଇ ମୃଗ ଚର୍ମର ଶଯ୍ୟାରେ ଶୋଇ ଅଯୋଧ୍ୟାର ଖେଳ କୌତୁକ ହାସ ପରିହାସକୁ ଭୁଲିଗଲେ । ହେ ସାଧୁଜନେ ! ଏବେ ଆନ କଥା ଶ୍ରବଣ କର ।

ବାହୁଡ଼ି ସୁମନ୍ତ୍ର ଗଲା ନୃପ ପଚାରନ୍ତେ କହିଲା,
ରାଣୀଗୋଷ୍ଠେ ପାଶେ ତହିଁ ଥିଲେ ଯେ ।
ବନ୍ଧୁ ମୁନିଛାଡ଼ି ବେନି ଜାନକୀ ସଙ୍ଗତେ ଘେନି
ନ କହି ବିପଥେ ରାଏଁ ଗଲେ ଯେ ।୭।
ବନବାସ ଖ୍ୟାତି ଶୁଣି ବନବାସ ନେତ୍ରେ ଆଣି
ହୃଦମଧ୍ୟେ ରାମ ବିହରନ୍ତ ଯେ ।
ଦ୍ୱି-କଳଧ୍ୱନିରେ ଲୋଳ ସୁମନ ଭ୍ରମରେ ମେଳ
ଦଶରଥ ଏମନ୍ତ କହନ୍ତ ଯେ ।୮।
ବ୍ୟାଧ ପ୍ରାପ୍ତ ହୋଇ ମୁହିଁ ଜଳଘାଟେ ଜଗିଥାଇ
ଅନ୍ଧ ତପିସୁତ ନେଉଁ ମାରେ ଯେ ।

---

୭ମ ପଦ:—ରାଣୀଗୋଷ୍ଠେ—ରାଣୀସମୂହ । ବିପଥରେ—ଅବାଟରେ ।
୮ମ ପଦ:—ବନବାସ—ଲୋତକ ଜଳ । ଦ୍ୱି-କଳ ଧ୍ୱନି—ପକ୍ଷୀମାନଙ୍କର ମଧୁର ସ୍ୱନ । ଲୋଳ—ଚଞ୍ଚଳ । ସୁମନ—ପୁଷ୍ପ, ଉତ୍ତମ ମନ ।

---

୭ମ ପଦ:—ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ତମସାତୀରରେ ଛାଡ଼ି ସୁମନ୍ତ୍ର ବାହୁଡ଼ି ଗଲେ । ରାଣୀ ସମୂହ ଓ ପାର୍ଶ୍ୱ ମନ୍ତ୍ରୀଙ୍କ ସନ୍ନିକଟରେ ଥାଇ ରାଜା ଦଶରଥ ପଚାରନ୍ତେ, ସେ କହିଲେ "ରାମ ଓ ଲକ୍ଷ୍ମଣ ଦୁଇଭାଇ ମୁନିବେଶ ଧରି ଜାନକୀଙ୍କୁ ସଙ୍ଗରେ ନେଇ ମୋତେ ନ କହି ରାଏ ଥାଉଁ ଅବାଟରେ ଚାଲିଗଲେ ।"

୮ମ ପଦ :—ରାମ ଲକ୍ଷ୍ମଣଙ୍କର ବନବାସ କଥାମାନ ଶୁଣି ରାଜା ସେହି ବନବାସକୁ ନେତ୍ର ହୃଦୟରେ ସ୍ଥାନ ଦେଲେ, ନେତ୍ରରେ 'ବନ' ଅର୍ଥାତ୍ ଜଳ ବାସ କଲା ( ନେତ୍ରରୁ ଲୋତକ ଝରିଲା ) ବନରେ ମୃଗ ବିହାର କଲାପରି ହୃଦୟରେ ରାମଚନ୍ଦ୍ର ବିହାର କଲେ ( ସେ ସବୁବେଳେ ରାମ ରାମ ହୃଦୟରେ ଜପି ହେଲେ ) ବନ ମଧ୍ୟରେ ପକ୍ଷୀମାନେ ଅବ୍ୟକ୍ତ ମଧୁର ଧ୍ୱନିରେ ଶବ୍ଦ କଲାପରି ରାଜାଙ୍କ ହୃଦୟ ବ୍ୟାକୁଳ ଶବ୍ଦରେ ପୂରି ଉଠିଲା । ବନରେ ପୁଷ୍ପସବୁ ଭୃଙ୍ଗମାନଙ୍କରେ ମିଳିତ ହେଲାପରି ରାଜାଙ୍କର ଉତ୍ତମମନ ଭ୍ରାନ୍ତିରେ ପୂର୍ଣ୍ଣ ହେଲା । ( ପୁତ୍ରଙ୍କ ବନବାସ କଥା ଶୁଣି ଦଶରଥଙ୍କ ନେତ୍ରରୁ ଲୋତକ ଝରିଲା, ସେ ହୃଦୟରେ ରାମ ନାମ ଘୋଷି ହେଲେ । ଚିତ୍ତ ବଡ଼ ବ୍ୟାକୁଳ ହେଲା ଏବଂ ତାଙ୍କର ଅଟଳମନରେ ମଧ୍ୟ ବିଭ୍ରମ ଉପୁଜିଲା । ) ଅନନ୍ତର ଏହିପରି ବ୍ୟାକୁଳିତ ଓ ଅସ୍ଥିର ଚିତ୍ତ ଦଶରଥ କହିଲେ,—

୯ମ ପଦ:—"ପୂର୍ବେ ମୁଁ ବ୍ୟାଧପ୍ରାପ୍ତ ହୋଇ ଜଳ ଘାଟରେ ଜୀବ ବଧ କରିବା ପାଇଁ ଜଗି ବସିଥିଲି । ଏଣେ ଅନ୍ଧ ମୁନିଙ୍କ ପୁତ୍ର ଜଳ ନେବାବେଳେ

ବୁଡ଼ାଉଁ କୁମ୍ଭ ସେ କୁମ୍ଭୀ    ଶବଦ ଭ୍ରମେ ଆରମ୍ଭ
ତାକୁ ହାଣିଲି ହୁଙ୍କାର ଶର ଯେ । ୮ ।
ବ୍ୟଥିତ କହନ୍ତେ ମାତା    ପିତା ଯଥା ପତିବ୍ରତା
ଚିତା କରାଇ ମୋହର କରେ ଯେ ।
ବାୟୁସଖାରେ ପଶିଲେ    ସେକାଳେ ଏ ଶାପ ଦେଲେ
ସୁତ ମୁଖ ନ ଦେଖ ନାଶରେ ଯେ । ୯ ।
ବିଶ୍ରାମନ୍ତି ସେହି କାଳ    ବନ ଯିବାର ମୂଳ
ହେଲା ଅଶୁଭସ୍ୱପ୍ନ ମହିଷୀ ଯେ ।
ବୀର ଗଣେଶ ଶ୍ରୀରାମ    ମୂଷିକ କରଣେ କ୍ଷମ
ଯମକୁ ସେ ହୋଇ ନାହାଁ ପାଶି ଯେ । ୧୦ ।

---

୮ମ ପଦ:—ବ୍ୟାଧ—ଶବର । କୁମ୍ଭ—ମାଠିଆ । କୁମ୍ଭୀ—ହସ୍ତୀ ।
୯ମ ପଦ:—ଚିତା—ଶ୍ମଶାନାଗ୍ନି । ବାୟୁସଖା—ଅଗ୍ନି ।
୧୦ମ ପଦ:—ପାଶି—ପାଖରେ ।

---

କୁମ୍ଭ ଜଳରେ ବୁଡ଼ାନ୍ତେ, ସେ କୁମ୍ଭ 'କୁମ୍ଭୀ' ହସ୍ତୀର ପ୍ରାୟ ଶବ୍ଦ କଲା । (ମାଠିଆ ପାଣିରେ ବୁଡ଼ାଇଲାବେଳେ ଯେ ଶବ୍ଦ ହେଲା, ତା ହାତୀର ଶବ୍ଦପରି ଶୁଭିଲା ) । ମୁଁ ଭ୍ରମବଶତଃ ହସ୍ତୀ ବୋଲି ମନେ କରି ଶର ହୁଙ୍କାର ଦ୍ୱାରା ତାଙ୍କୁ ବିନାଶ କଲି ।”

୯ମ ପଦ:—“ପରେ ଜାଣିପାରି ସେ କଥା ଯାଇ କହିବାରୁ ତାହାର ମାତା ପିତା ବ୍ୟଥିତ ଚିତ୍ତରେ ମୋହ ହସ୍ତରେ ଚିତାଗ୍ନି କରାଇଲେ ଏବଂ ଯେପରି ପତିବ୍ରତା ନାରୀ ପତିର ଚିତାରେ ପ୍ରବେଶ କରେ; ସେହିପରି ସେ ଅଗ୍ନିରେ ପଶିଲେ । ସେତେବେଳେ ମୋତେ ଶାପ ଦେଲେ, ତୋହର ନାଶ ସମୟରେ ତୁ ପୁତ୍ରର ମୁଖ ଦେଖିବୁ ନାହିଁ ।”

୧୦ମ ପଦ:— ସେହି ଶାପର ସମୟ ଆସି ଉପସ୍ଥିତ ହେଲା ( ମୋହର ମୃତ୍ୟୁ ସୁନିଶ୍ଚିତ ) । ମହିଷୀ କୈକେୟୀ ମଇଁଷୀରୂପ ଅଶୁଭ ସ୍ୱପ୍ନ ପରି ହେଲା । ( ମଇଁଷୀ ସ୍ୱପ୍ନ ଦେଖିଲେ ମୃତ୍ୟୁ ହୁଏ ) । ବୀର ଗଣେଶ ଯମକୁ ମୂଷିକ କରିବାକୁ ଏକା ସକ୍ଷମ । ଗଣେଶରୂପୀ ବୀରଶ୍ରେଷ୍ଠ ରାମଚନ୍ଦ୍ର ତ ମୋ ପାଖରେ ନାହାନ୍ତି । ( ଯମ ହାତରୁ ମୋତେ ଆଉ କିଏ ରକ୍ଷା କରିବ ? )

ବଦୁଁ ପ୍ରତିପଦୁଁ ତିଥି  ପକ୍ଷ ବାର ଯୋଗ ହେଇ
ପୂର୍ଣ୍ଣେ ରାଜା କ୍ଷୟାନ୍ତଥି ହେଲେ ଯେ ।
ଖଣ୍ଡିତ ଏଣୁ ସେକ୍ଷଣ  ମାସ ସଦୃଶ ପ୍ରମାଣ
କରଣ ରାଶି ସଞ୍ଚାର ଥିଲ ଯେ ।୧୧।
ବଡ଼ମାହର ମନ୍ଦରେ  ସେ ନୃପ ଯେଣୁ ବିଗ୍ରରେ
ତୈଳପାତ୍ରେ ତେଣୁ କଲେ ଦାନ ସେ ।
ବହଲୁ ଭରତପାଶେ  ପ୍ରେରଣ କଲେ ରଭସେ
ନଷ୍ଟ ବିଦ୍ୟାପ୍ରାପ୍ତ ରଚି ଆନ ସେ ।୧୨।
ବତାସେ ମେଘ ଗମନ  ପ୍ରାପ୍ତେ ଚଳାଇ ବିମାନ
ପ୍ରବେଶ ହୋଇଲେ ଅଯୋଧ୍ୟାର ଯେ ।

---

୧୨ଶ ପଦ :—ବଡ଼ମାହର—ଗଙ୍ଗାହର । ମନ୍ଦ—ଶନିମହାଗ୍ରହ । ବହଲୁ—ଦୂତ ।

୧୩ଶ ପଦ :—ଲକ୍ଷ୍ମଣହୀନ—ଲକ୍ଷଣଶୂନ୍ୟ, ଲକ୍ଷ୍ମଣ ନଥିବାରୁ । ରାମରଙ୍ଗ—ରାମରୂପ ରଙ୍ଗରସ ।

---

୧୧ଶ ପଦ :—ଯେପରି କୃଷ୍ଣ ମାସରେ ପ୍ରତିପଦାଦି ତିଥି, ପକ୍ଷ, ଯୋଗ, ବାର, କରଣ ଓ ରାଶିମାନଙ୍କର ସଞ୍ଚାର ଥାଏ, ସେହିପରି ଏହି କଥା କହୁ କହୁ ତାଙ୍କର ପ୍ରତି କଥାରେ ସ୍ୱରଭଙ୍ଗ ହେଲା ଓ ମୃତ୍ୟୁସମୟରେ ସାତ୍ତ୍ୱିକ ଲକ୍ଷଣମାନ ପ୍ରକାଶ ପାଇଲା । କ୍ରମେ ଇନ୍ଦ୍ରିୟସମୂହ ଶିଥିଳ ହୋଇ ପଡ଼ିଲା । ମୃତ୍ୟୁ ତାହାଙ୍କର ଅତିଥି ରୂପେ ଉପସ୍ଥିତ ହେଲା । ତେଣୁ ଏହି ମୃତ୍ୟୁ ସମୟ ଚନ୍ଦ୍ରମାଙ୍କ ସଦୃଶ ଖଣ୍ଡିତ ହେଲା । (ଚନ୍ଦ୍ର ଯେପରି କ୍ରମଶଃ କ୍ଷୀଣ ହୋଇ ଅମାବାସ୍ୟାରେ କ୍ଷୟ ହୁଏ, ସେହିପରି ରାଜା ଦଶରଥ କ୍ରମଶଃ ଶିଥିଳ ହୋଇ ଶେଷରେ ବିନାଶ ଲଭିଲେ ।

୧୨ଶ ପଦ :—ରାଜା ଦଶରଥ ଯେହେତୁ ଶନିଶ୍ଚରର ବଡ଼ମାକୁ ଖଣ୍ଡ କରିଥିଲେ, ତେଣୁ ପାତ୍ର ମନ୍ତ୍ରୀମାନେ ବିଚାର କରି ତାଙ୍କର ମୃତ ଦେହକୁ ତୈଳ ପାତ୍ରରେ ରଖିଲେ । (ପୁତ୍ରମାନେ ପାଖରେ ନ ଥିବାରୁ ମହାବୀର ଦଶରଥଙ୍କ ମୃତ ଦେହ ତୈଳ ପାତ୍ରରେ ରଖା ଗଲା । ପୁଣି ଶନିଦୃଷ୍ଟି ସମୟରେ ତୈଳପାତ୍ର ଦାନ କରିବା ବିଧି) । ଭରତଙ୍କ ନିକଟକୁ ବେଗରେ ଦୂତ ପ୍ରେରଣ କଲେ । ସେ ଦୂତମାନେ ଐନ୍ଦ୍ରଜାଲିକଙ୍କ ପରି କପଟ କଥାମାନ ଭରତଙ୍କୁ କହିଲେ ।

୧୩ଶ ପଦ :—ଦୂତଙ୍କଠାରୁ କପଟ କଥାମାନ ଶୁଣି ବାୟୁଯୋଗେ ମେଘ ଗମନ କଲା ପ୍ରାୟ ଭରତ ରଥ ଚଳାଇ ଆସି ଅଯୋଧ୍ୟାରେ ପ୍ରବେଶ ହେଲେ;

ବିଧବା ନାରୀ ସମାନ  ଦିଶେ ଯେ ଲକ୍ଷ୍ମଣସ୍ଥାନ
ରାମରଙ୍ଗ ହୋଇବାରୁ ଦୂର ଯେ । ୧୩ ।
ବିମନରେ ନରପନ୍ତି  କୁରଙ୍ଗ ପରି ଝୁରନ୍ତି
ନିଶବଦ ଯଥା ମୁନିଗଣ ଯେ ।
ବର୍ଷ ଋତୁ ପ୍ରକାର  ଅନ୍ତଃପୁରସ୍ଥା ନିକର
ଉର-ଭୂମି ପଙ୍କିଳ କରିଣ ଯେ । ୧୪ ।
ବଣା ଗଣଏଣୀ ପ୍ରାୟେ  ଏଣେ ତେଣେ ଗୁହ୍ଳିଁଦିଏ
ଚିତାପରି ହୃଦେ ଜଳେ ଚିନ୍ତା ଯେ ।
ଭରତ ମାତଙ୍କୁ ଚଣ୍ଡୀ  ଅଗ୍ରେ ଯଥା ସିଂହ ମଣ୍ଡି
ପୁରିଣେ ପୁଚ୍ଛିଲ ପ୍ରାୟେ ଶ୍ରୋତା ଯେ ।୧୫ ।
ବକ୍ତା ହୋଇଲେ ଜନନୀ  ପ୍ରଥମ ଯୁଗ ନ ମାନି
ଜଳ ବର୍ତ୍ତି ବହ୍ନି ତବ ତାତ ଯେ ।
ବହୁଥିଲେ ଅଭିଷେକ  ଶ୍ରୀରାମେ ହୋଇ ଉତ୍ସୁକ
ଉପାୟେ ମୁଁ ତାହା କଲି ହତ ଯେ । ୧୬ ।

---

୧୬ଶ ପଦ :—ପ୍ରଥମଯୁଗ—ସତ୍ୟ । ଜଳ ବର୍ତ୍ତି ବହ୍ନି—ଭ୍ରମରେ ପଡ଼ି ।

---

ଆସି ଦେଖିଲେ, ଅଯୋଧ୍ୟା ରାମ ଓ ଲକ୍ଷ୍ମଣଙ୍କ ବିହୁନରେ 'ରାମରଙ୍ଗ' ଓ 'ଲକ୍ଷ୍ମଣ' ସିନ୍ଦୂରାଦି ଚିହ୍ନ ଶୂନ୍ୟ ବିଧବା ନାରୀ ପ୍ରାୟ ଦେଖା ଯାଉଅଛି ।

୧୪ଶ ପଦ :—ଦୁଃଖ ମନରେ ଲୋକମାନେ କପୋତ ପରି ଝୁରୁଛନ୍ତି ଓ ମୁନିଗଣ ନିଃଶବ୍ଦରେ ଯୋଗ ସାଧନା କଲା ପରି ପୁଣି ନୀରବ ହୋଇଅଛି ବର୍ଷା ଋତୁରେ ଭୂମି କାଦୁଆ ହେଲା ପରି ଅନ୍ତଃପୁରର ସ୍ତ୍ରୀମାନେ ନେତ୍ର ଜଳରେ ବକ୍ଷଦେଶକୁ ତିନ୍ତାଇ ଦେଇ ଅଛନ୍ତି ।

୧୫ଶ ପଦ :—ଯୁଥବଣା ହରିଣୀ ପରି କେଉଁ ସ୍ତ୍ରୀ ଏଣେ ତେଣେ ଘୂରୁଛି । ସମସ୍ତଙ୍କ ହୃଦୟରେ ଚିତା ଅଗ୍ନି ପରି ଚିନ୍ତା ଜଳୁଅଛି । ଏ ସବୁ ଅମଙ୍ଗଳ ମାନ ଦେଖି ଭରତ ମାତାଙ୍କୁ ପ୍ରଣାମ କରି ଦୁର୍ଗାଙ୍କ ଅଗ୍ରତରେ ସିଂହ ଉପବେଶନ କଲା ପ୍ରାୟ ମାତାଙ୍କ ଆଗରେ ବସିଲେ । ପୁଣି ଶ୍ରୋତା ପୌରାଣିକଙ୍କୁ ପଚାରି ସବୁ ବୁଝିଲା ପରି ଅଯୋଧ୍ୟାର କଥା ସବୁ ପଚାରିଲେ ।

୧୬ଶ ପଦ:—ଜନନୀ କୈକେୟୀ ବକ୍ତା ହୋଇ କହିଲେ; "ତୁମ୍ଭର ପିତା ଦଶରଥ ଭ୍ରମବଶତଃ ସତ୍ୟ ଲଙ୍ଘନ କରି ଉତ୍ସୁକ ମନରେ ଶ୍ରୀରାମଙ୍କର ଅଭିଷେକ କରୁଥିଲେ । ମୁଁ ଉପାୟ ଦ୍ୱାରା ତାହା ବିନାଶ କଲି ।"

ବିଶ୍ୱମ୍ଭରା ପତି ହୋଇ ସୀତାବଲ୍ଲଭ ଉତ୍ସାହି
ପଶୁ ବୁଦ୍ଧି ଦେଖି ପେଷି ବନ ଯେ ।
ବିନାଶ ତାମସୀ ମତେ ରାମ ଲକ୍ଷ୍ମଣଙ୍କ ଅସ୍ତେ
ନରପତି ହୋଇଲେ ବିହ୍ୱଳ ଯେ । ୧୭ ।
ବିଳସ ତୁ ଇନ ହୋଇ କରି ଖ୍ୟାତ କର ମସ୍ତି
ଶ୍ରବଣରେ ସେ ଭରତ ଭାଷେ ଯେ ।
ବୋଲିବା କି ମାତା ତୁମ୍ଭେ ରାହୁ ହେଲ ଏ ଆରମ୍ଭେ
ପର୍ବତକାଳେ ବେନିକୁଳ ଗ୍ରାସେ ସେ । ୧୮ ।
ବନ୍ଧ ପକାଇ ମଧିର ବେନିଭାଗ କଲ ନୀର
ଏ ବୁଦ୍ଧି ଶିଖିଲ କାହୁଁ ଏବେ ଯେ ।
ବୋଇଲେ ଧାତ୍ରୀ ମନ୍ଥରା ସୁରଭି ସେ ପରମ୍ପରା
ଗୋପାଳପୁଣେ ଧାଇଁଲେ ଜବେ ଯେ ।୧୯।

---

୧୭ଶ ପଦ:—ବିଶ୍ୱମ୍ଭରା ପତି-ପୃଥିବୀ ପତି । ତାମସୀ--ରାତ୍ରି ।
୧୮ଶ ପଦ:--ଇନ -ସୂର୍ଯ୍ୟ । କର--କିରଣ । ଖ୍ୟାତ—ଉଜ୍ଜଳ ।

---

୧୭ଶ ପଦ:—“ପୃଥିବୀ କନ୍ୟା ସୀତାଙ୍କର ପତି ରାମଚନ୍ଦ୍ର ଶାଶୁ ପୃଥିବୀର ପତି ହେବା ପାଇଁ ଉତ୍ସୁକ ହୋଇଥିଲେ । ତାଙ୍କର ଏହି ପଶୁ ବୁଦ୍ଧି ଦେଖି ତାଙ୍କୁ ମୁଁ ବନକୁ ପେଷିଦେଲି ( ପଶୁ ବନ ମଧ୍ୟରେ ବାସ କରେ ) । ଲକ୍ଷଣଯୁକ୍ତ ମନୋହର ଚନ୍ଦ୍ର ଅସ୍ତ ହେଲେ ଯେପରି ରାତ୍ରି ବିନଷ୍ଟ ହୁଏ, ସେହିପରି ରାମ ଲକ୍ଷ୍ମଣଙ୍କ ବନ ଗମନରେ ରାଜା ଦଶରଥ ବିନାଶ ହେଲେ ।”

୧୮ଶ ପଦ :—“ରାତ୍ରି ଗଲେ ସୂର୍ଯ୍ୟ ନିଜ କିରଣଗୁଡ଼ିକ ଦେଖାଇ ପୃଥିବୀରେ ବିଳସିଲା ପରି ତୁ ରାଜା ହୋଇ ପ୍ରଜାଙ୍କଠାରୁ କର ଆଦାୟ କରି ଅଯୋଧ୍ୟା ପୁରରେ ବିହାର କର ।” ଭରତ ମାତାଙ୍କର ଏହି କଥା ଶ୍ରବଣ କରି କହିଲେ, “ତୁମ୍ଭେ ତ ମାତା, ତୁମ୍ଭଙ୍କୁ ଅଧିକ ବା କଅଣ କହିବି ? ରାହୁ ପ୍ରତିପତ୍‌ଯୁକ୍ତ ଅମାବାସ୍ୟା ଓ ପୂର୍ଣ୍ଣିମାରେ ଚନ୍ଦ୍ର ଓ ସୂର୍ଯ୍ୟ ଉଭୟଙ୍କୁ ଗ୍ରାସ କଲାପରି ତୁମ୍ଭେ ଅଯୋଧ୍ୟାର ଉତ୍ସବ ସମୟରେ ଆମ୍ଭ ଦୁଇକୁଳ (ତୁମ୍ଭ କଥାନୁସାରେ ରାମଚନ୍ଦ୍ର ରୂପୀ ଚନ୍ଦ୍ର ଓ ମୋପରି ସୂର୍ଯ୍ୟକୁଳ ) ଗ୍ରାସ କଲ ।

୧୯ଶ ପଦ :- ଜଳ ମଧ୍ୟରେ ବନ୍ଧ ପକାଇ ଦୁଇ ଭାଗ କରି ଦେଲେ । ଏବେ ଏ ବୁଦ୍ଧି କାହୁଁ ଶିଖିଲ ?, (ଆଗେ ତ ଏ ବୁଦ୍ଧି ନ ଥିଲା ) ।। ଭରତଙ୍କ କଥା ଶୁଣି କୈକେୟୀ କହିଲେ, “ଦାସୀ ମନ୍ଥରା ହିଂସାରେ ମାତୃଭେଦ ଶିଖାଇଲା ।” ଏହା ଶୁଣି ଗୋପାଳ ପିଲା ଗାଈ ପାଖକୁ ଧାଇଁ ଗଲା ପରି ଭରତ ବେଗରେ ମନ୍ଥରା ପାଖକୁ ଦଉଡ଼ି ଗଲେ ।

ବିଷାଣ କେଶ ଧଇଲେ ଲଗୁଡ଼ ପ୍ରହାର କଲେ
ଚରଣକୁ ବାନ୍ଧିଲେ ରଜ୍ଜୁରେ ଯେ ।
ନବନ ହସ୍ତ ଯୋଡ଼ି ଯାଇଁ କୌଶଲ୍ୟା ପାଶେ ବିନୟୀ
ବୋଧିଲେ ସେ ବଚନ ମଞ୍ଜୁରେ ଯେ । ୧୦ ।
ବଶିଷ୍ଠାଦି ଶୁଣି ଆସି ନୃପପତି ହୁଅ ଭଣି
ବୋଇଲେ ସେ କି ବୋଲ କୋବିଦେ ହେ ।
ଗୁଞ୍ଜା ସଙ୍ଗରେ ସ୍ଫଟିକ ସମମୂଲ୍ୟ ଅବିବେକ
ଏତେ ବିବେକ ନ କଲ ହୃଦେ ଯେ ।୧୧।
ବିଧିପୂର୍ବେ ତହୁଁ ଗଲେ ପ୍ରେତବିଧିକୁ ସାରିଲେ
ଆସ୍ଥାନେ ବସିଲେ ପ୍ରାନ୍ତ ଦିନ ଯେ ।
ବେଷ୍ଟନ ଜନସମସ୍ତ ସୁମନ୍ତ୍ରେ ପୃଚ୍ଛେ ଭରତ
କେଉଁ ଦିଗେ ଶ୍ରୀରାମ ଗମନ ହେ ।୧୨।

---

୧୦ଶ ପଦ :—ବିଷାଣ-କେଶ—କେଶରୂପକ ଶୃଙ୍ଗ । ଲଗୁଡ଼—ବାଡ଼ି । ମଞ୍ଜୁରେ—ମନୋହର ଭାବରେ ।

୧୨ଶ ପଦ :—ଆସ୍ଥାନେ—ସଭାରେ । ପ୍ରାନ୍ତ—ଶେଷ ।

---

୧୦ଶ ପଦ :—ଗଉଡ଼ ପିଲା ଗାଈର ଶିଙ୍ଗ ଧଇଲା ପରି ଭରତ ମନ୍ଥରାର କେଶ ଧଇଲେ । ତାକୁ ବାଡ଼ି ଦ୍ୱାରା ପ୍ରହାର କରି ତାହାର ପାଦକୁ ଦଉଡ଼ିରେ ବାନ୍ଧିଲେ । ତତ୍ପରେ କୌଶଲ୍ୟାଙ୍କ ପାଖକୁ ଯାଇ ଦୁଇହାତ ଯୋଡ଼ି ବିନୟ ପ୍ରକାଶ ପୂର୍ବକ ତାଙ୍କୁ ବୋଧ କଲେ ।

୧୧ଶ ପଦ :—ଭରତ ଆସିବାର ଶୁଣି ବଶିଷ୍ଠାଦି ପଣ୍ଡିତମାନେ ଆସି କହିଲେ, "ତୁମ୍ଭେ ରାଜା ହୁଅ" । ଭରତ କହିଲେ, "ହେ ଜ୍ଞାନୀବର୍ଗ ! କି କଥା କହୁଅଛ ? (ଜ୍ଞାନୀ ହୋଇ ଅଜ୍ଞାନଙ୍କ ପରି କହୁଅଛ) ତୁମ୍ଭେ କଣ ହୃଦୟରେ ବିଚାର କରିପାରୁ ନାହଁ ଯେ, କେବଳ ଅବିବେକ ଲୋକ ଗୁଞ୍ଜାର ମୂଲ୍ୟ ସହିତ ସ୍ଫଟିକ ପଥରର ମୂଲ୍ୟକୁ ସମାନ କରିଥାଏ ( ରାମଙ୍କ ସହିତ ମୋତେ ସମାନ କଲେ ତୁମ୍ଭେ ଅବିବେକଙ୍କ ସହିତ ଗଣନା ହେବ ) ।"

୧୨ଶ ପଦ :—ତତ୍ପରେ ଭରତ ସାର ବିଧିପୂର୍ବକ ଶ୍ରାଦ୍ଧାଦି ପ୍ରେତକର୍ମ ସମାପ୍ତ କଲେ । ଶେଷଦିନ ସଭା ମଣ୍ଡପରେ ପାତ୍ରମନ୍ତ୍ରୀଙ୍କ ଦ୍ୱାରା ବେଷ୍ଟିତ ହୋଇ ବସି ସୁମନ୍ତ୍ର ମନ୍ତ୍ରୀଙ୍କି ପଚାରିଲେ, "ଶ୍ରୀରାମ କେଉଁ ଦିଗରେ ଗଲେ କି ?"

ବିନାୟକ ଲମ୍ବୋଦର ହେଲେ ହେଲେ ଗଣେଶ୍ୱର
ତାତ ବୋଲେ ତାତ ତୋତେ ଦେଲେ ଯେ ।
ବାଳତର୍ଯ୍ୟେ ସେ ଅଛନ୍ତି ରାମ ହେଲେ ସେହି ମତ
ହୁଅ ନୃପ ବଶିଷ୍ଠେ ବୋଇଲେ ଯେ ।୨୩।
ବାଣୀରେ ଭରତ ମୋହି ଗଜମୂର୍ଖ ନୋହେ ମୁହିଁ
ଗିରଙ୍କୁଶ ଘାତ କିପାଁ କର ହେ ।
ବିଧୂର ଅଙ୍କିତ ଦୋଷ କଳଙ୍କ ଯଥା ପ୍ରକାଶ
ଧାତା ମାତା ରଖିଲା ମୋଠାର ଯେ ।୨୪।
ବାହାରିଲେ ରାମ ଆଣି ନଗ୍ର ଶୂନ୍ୟ ସେହିକ୍ଷଣି
ବୃଥା ବୋଲି ମନ୍ତ୍ରୀ କହୁଁ ଭଗ୍ନ ଯେ ।
ବିଶୁଦ୍ଧ ସ୍ୱର୍ଣ୍ଣ ପିତ୍ତଳ ମିଶିଛି ଯେବେ ତା ଜାଳ
ପ୍ରତିଉତ୍ତର କଲେ ଶତ୍ରୁଘ୍ନ ଯେ ।୨୫।

---

୨୩ ପଦ:—( ମୁଁ ରାଜା ହେବାକୁ ଅଯୋଗ୍ୟ, ଏହା ଭରତ ପୂର୍ବେ କହିଥିବାରୁ ) ବଶିଷ୍ଠ କହିଲେ "ସାନ ପୁଅ ଗଣେଶ 'ବିନାୟକ' ନାୟକ ପଦର ଅଯୋଗ୍ୟ, ପୁଣି ଲମ୍ବୋଦର ହୋଇ ମଧ୍ୟ ( ଅଯୋଗ୍ୟ ହେଲେ ସୁଦ୍ଧା ) ପିତା ମହାଦେବଙ୍କ ବୋଲରେ ଗଣନାଥ ହୋଇଅଛନ୍ତି । ସେହିପରି ପିତା ଦଶରଥ ତୁମ୍ଭଙ୍କୁ ରାଜପଦ ଦେଇ ଅଛନ୍ତି । କାର୍ତ୍ତିକେୟ ଥାଉଁ ଥାଉଁ ଗଣେଶ ଗଣନାଥ ହେଲା ପ୍ରାପ୍ତ ରାମ ଥିଲେ ସୁଦ୍ଧା ପିତା ବୋଲରେ ତୁମ୍ଭେ ରାଜା ହୁଅ ।"

୨୪ଶ ପଦ:—ବଶିଷ୍ଠଙ୍କ କଥା ଶୁଣି ଭରତ ଉତ୍ତରରେ ମୋହିତ କରି କହିଲେ, "ମୁଁ ଗଜମୁର୍ଖ ନୁହେ, ମୋତେ କାହିଁକି ଏ ବଚନ ରୂପ ଅଙ୍କୁଶରେ ଆଘାତ କରୁଅଛ ? ଯେପରି ବିଧାତା ଅଙ୍କିତ ଦୋଷରେ ( ବିନା ଦୋଷରେ ) ଚନ୍ଦ୍ରଠାରେ କଳଙ୍କ ରହିଲା, ସେହିପରି ମାତା କୈକେୟୀ ମୋଠାରେ ମୋର ଅଜ୍ଞାତରେ ଅପବାଦରୂପ କଳଙ୍କ ରଖିଅଛି ।"

୨୫ଶ ପଦ:—ଏହା କହି ଭରତ ରାମଙ୍କୁ ଆଣିବାପାଇଁ ବାହାରନ୍ତେ ନଗ୍ର ଶୂନ୍ୟ ହୋଇଗଲା, ( ନଗରର ପ୍ରଜାମାନେ ତାଙ୍କ ସହିତ ରାମଙ୍କୁ ଆଣିବାପାଇଁ ବାହାରିଲେ ) । ଏହା ଦେଖି ମନ୍ତ୍ରୀମାନେ 'ଯିବା ବୃଥା' ଏହା କହି ଯିବାପାଇଁ ବାଧା ଦିଅନ୍ତେ, ଶତ୍ରୁଘ୍ନ ପ୍ରତିଉତ୍ତର କଲେ, "ବିଶୁଦ୍ଧ ସ୍ୱର୍ଣ୍ଣରେ ପିତ୍ତଳ ମିଶିଅଛି, ତାକୁ ପୋଡ଼ିଦେବା ଉଚିତ । ( ବିଶୁଦ୍ଧ ସୁବର୍ଣ୍ଣ ଭରତଙ୍କ ସଙ୍ଗରେ ମାତୃ କୁମନ୍ତ୍ରଣା ରୂପ ପିତ୍ତଳ ମିଶିଛି । ରାମଙ୍କୁ ଆଣିଯିବା ରୂପ ଅଗ୍ନିରେ ପୋଡ଼ିଦେଲେ ଭରତଙ୍କ ବିଶୁଦ୍ଧତା ପ୍ରକାଶ ପାଇବ ) ।"

ବାଟରେ ହେଲା ଏମନ୍ତ ଶୃଙ୍ଗବେରେ ଆଡଯାତ-
କର ମହାଧର୍ମାରେ ବିବାଧା ଯେ ।
ବିଧୃତ ଏକ ପଦ୍ଦକା ସେ ନାନାରତ୍ନେ ଶୋଭିକା
ନିର୍ମଳ ହୃଦେ ହେଲା ପ୍ରମୋଦ ଯେ ।୨୬।
ତପିନେ ଭରଦ୍ୱାଜର ସଦନେ ପ୍ରବେଶ ବୀର
ତପୋବଳେ ସମସ୍ତ ତର୍ଚ୍ଚିଲେ ସେ ।
ବିଧୁହାସ୍ୟେ ସୁଧାତୁଲ୍ୟ ଭୋଜନ ଦେଲେ ତତ୍କାଳ
ସୁରପ୍ରାୟେ ସନ୍ତୋଷେ ଭୁଞ୍ଜିଲେ ସେ ।୨୭।
ବ୍ରତପତି ଉତ୍ତରରୁ ଭୋଗ ପ୍ରାପ୍ତ ଦିବ୍ୟଯୋଷ୍ଟୁ
ସେବିଲେ ଫଳଚନ୍ଦନେ ଶୋଭି ଯେ ।
ବିତାନ ତଳେ ଶେଯରେ ବିହରି ମହାସୁଖରେ
କିଛି ନାହିଁ ରାତି ଗଲା ପାହି ଯେ ।୨୮।

---

୨୬ଶ ପଦ :—ଶୃଙ୍ଗବେର—ଅଦା । ଏକପଦ୍ଦକା—ଗୁଆପଣ ।
୨୮ଶ ପଦ :—ଭୋଗ—ସ୍ୱର୍ଗଭୋଗ । ଦିବ୍ୟଯୋଷ୍ଟୁ—ସ୍ୱର୍ଗର ରମଣୀ । ବିତାନ—ଚାନ୍ଦୁଆ ।

---

୨୬ଶ ପଦ :-- ଅଦା ବ୍ୟବସାୟୀ ଗୁଆପଣ କଉଡ଼ି ଧରି ନାନାରତ୍ନରେ ମଣ୍ଡିତ ମହା ଧନବନ୍ତ ଲୋକ ସହିତ ବିବାଧ ହେଲାପରି, ଭରତ ଯାଉଁ ଯାଉଁ ଶୃଙ୍ଗବେରପୁରର ଅଧିପତି ଗୁହକ ଶବର ବହୁସୈନ୍ୟ ପରିବେଷ୍ଟିତ ଭରତଙ୍କ ସଙ୍ଗେ ବିବାଧ ହୋଇ ବାଟରେ ବାଧା ଦେଲା । ମାତ୍ର କଥାବାର୍ତ୍ତା ହେଲାପରେ ଚିହ୍ନାଚିହ୍ନି ହୋଇ ସ୍ୱଚ୍ଛ ହୃଦୟରେ ଆନନ୍ଦ ଅନୁଭବ କଲା ।

୨୭ଶ ପଦ:—ସେଠାରୁ ଯାଇ ବୀର ଭରତ ସୈନ୍ୟ ସହିତରେ ଭରଦ୍ୱାଜ ମୁନିଙ୍କ ଆଶ୍ରମରେ ପ୍ରବେଶିଲେ । ସେ ମୁନି ତପଃପ୍ରଭାବରେ ସେମାନଙ୍କୁ ତର୍ଚ୍ଚା କଲେ । ଚନ୍ଦ୍ର ଦେବତାଙ୍କୁ ଅମୃତ ଦେଲା ପ୍ରାୟେ, ଋଷି ତତ୍କ୍ଷଣାତ୍ ସେମାନଙ୍କୁ ଅମୃତ ସମ ଭୋଜନ ଦେଲେ । ସେମାନେ ଦେବତାଙ୍କ ପରି ସନ୍ତୋଷ ମନରେ ତାହା ଭୁଞ୍ଜିଲେ ।

୨୮ଶ ପଦ:—ଜ୍ଞାନଶ୍ରେଷ୍ଠ ଋଷି ସେମାନଙ୍କୁ ସ୍ୱର୍ଗ ସୁଖ ପ୍ରଦାନ କଲେ । ଦିବ୍ୟ ସ୍ତ୍ରୀମାନେ ଫୁଲ ଚନ୍ଦନରେ ଶୋଭିତ ହୋଇ ଆସି ସେମାନଙ୍କୁ ପୂଜା କଲେ । ଚାନ୍ଦୁଆ ତଳେ ମହାସୁଖରେ ବିହାର କରି ସେମାନଙ୍କର ରାତି ପାହିଗଲା । ପ୍ରଭାତରେ ସେମାନେ ଦେଖିଲେ ଯେ ଆଉ କିଛି ନାହିଁ । ଋଷିଙ୍କର ତପ ପ୍ରଭାବରେ ରାତିରେ ସବୁ ସୁଖ ମିଳିଲା, ମାତ୍ର ପ୍ରଭାତରେ ବିଲୀନ ହୋଇଗଲା ) ।

ବଚସ୍ତର ମୁନି ଯେହ୍ନ ସୁବାହୁବଳେ ସୁବାହୁ
ନାଶି ଭୂତି ବିନା ଭୂତି ଭୂଷା ଯେ ।
ବିହୀନ ଲକ୍ଷ୍ମଣେ ଯେହ୍ନ ସହିତ ଲକ୍ଷ୍ମଣେ ସେହ୍ନ
ଜାନକୀ ନୋହି ଜାନକୀ ଆଶା ଯେ । ୨୯ ।
ବିରକ୍ତ ଚିତ୍ରକଟରେ ବିହରେ ଚିତ୍ରକୂଟରେ
କଟକକୁ ତେଜି କଟକରେ ସେ ।
ଉଦ୍‌ବୋଧାଭାଷ ଶୁଣି ସେ ଗମନ କଲେ ରଭସେ
ପରବେଶ ହୋଇ ନିକଟରେ ସେ । ୩୦ ।
ବ୍ୟାଳସମୂହକୁ ହାସି ହିଂହ କି ଘଉଡ଼ି ଆସି
ଦେଖି ହନ୍ତେ ଉଠି ସୌମିତ୍ରେୟ ଯେ ।
ବିଲୋକିଲେ ପ୍ରଜାପତି ବାଣ ହସ୍ତେ ଧରିଛନ୍ତି
ହସ୍ତି ଚଢି ଆସେ ଚମୂ ଚମୂ ଯେ । ୩୧ ।
ବାହନ କରି ସୁଦନ୍ତୀ କେତେ ବସେ ରଥେ ଗତି
କନ୍ଦଳୀ ଚଳୁଅଛନ୍ତି ଶୂନ୍ୟେ ଯେ ।

---

୨୯ଶ ପଦ:—ମୁନି ଭରଦ୍ୱାଜ ଉଦ୍‌ବୋଧ ବାକ୍ୟରେ କହିଲେ, "ରାମଚନ୍ଦ୍ର, 'ସୁବାହୁ' ଉତ୍ତମ ବାହୁବଳରେ ସୁବାହୁ ଦୈତ୍ୟକୁ ମାରି 'ଭୂତି' ସମ୍ପତ୍ତି ତ୍ୟାଗ କରି 'ଭୂତି' ଭସ୍ମ ବିଭୂଷିତ ହୋଇ ଅଛନ୍ତି । 'ଲକ୍ଷଣେ' ଛତ୍ର ଚାମରାଦି ରାଜଚିହ୍ନ ଶୂନ୍ୟ ହୋଇ ଲକ୍ଷ୍ମଣଙ୍କ ସହିତ ଏବଂ 'ଜାନକୀ' ରଥ ସୁଖ ପରିହାର ପୂର୍ବକ 'ଜାନକୀ' ସୀତାଙ୍କ ସଙ୍ଗରେ ବନରେ ବୁଲୁଅଛନ୍ତି ।"

୩୦ଶ ପଦ:—ଅଯୋଧ୍ୟାର ଅପୂର୍ବ କପଟରେ ବିରକ୍ତ ହୋଇ ସେ ରାମ ଚିତ୍ରକୂଟ ପର୍ବତ ତଳଦେଶରେ ବିହାର କରୁଅଛନ୍ତି ।" ଭରତ ଭରଦ୍ୱାଜ ଋଷିଙ୍କଠାରୁ ଏହିପରି ଉଦ୍‌ବୋଧାଭାଷ ଶୁଣି ସେଠାରୁ ବେଗରେ ଗମନ କଲେ ଓ ଚିତ୍ରକୂଟ ପର୍ବତ ନିକଟରେ ପ୍ରବେଶ ହେଲେ ।"

୩୧ଶ ପଦ:—ଭରତ ସୈନ୍ୟମାନଙ୍କ ସହିତ ଶୀଘ୍ର ଗତିରେ ଆସନ୍ତେ ବନଜନ୍ତୁମାନେ ପଳାଇ ଯିବାରୁ 'ବାଘ, ଭାଲୁ, ଗଣ୍ଡା ପ୍ରଭୃତି ହିଂସ୍ରପଶୁଙ୍କୁ ହିଂସା ଦେଇ ହିଂହ ଘଉଡ଼ି ଆସୁଛି କି ?' ଏହା ବିଚାରି ଲକ୍ଷ୍ମଣ ପର୍ବତ ଉପରେ ଉଠି ଦେଖିଲେ ଯେ, ପଦାତି ଅଶ୍ୱାରୋହୀ ସୈନ୍ୟମାନେ ହସ୍ତରେ ଧନୁଶର ଧରି ଶ୍ରେଣୀବଦ୍ଧ ଭାବରେ ଆସୁଅଛନ୍ତି ।

୩୨ଶ ପଦ:—କେତେକ ସୈନ୍ୟ ଉତ୍ତମ ହସ୍ତୀ ଉପରେ ବସି କେତେକ ରଥରେ ବସି ଆସୁଅଛନ୍ତି । ପତାକା ସମୂହ ଶୂନ୍ୟରେ ଉଡ଼ୁଅଛି

ବିଷ୍ଣୁ ପଦ ଧାଏ ଗିଳି ରଜନୀକରହିଁ ମିଳି
ଲକ୍ଷ୍ମଣ ଚାହିଁ କହେ ବଦନ ଯେ । ୩୨ ।
ବୈମାତ୍ରେୟ ଗୁଣ ଭଳି ଗରୁଡ଼େ ଯେମନ୍ତ କାଳୀ
ବିରୋଗ ଖଣ୍ଡନେ ସାଜ ରଣେ ଯେ ।
ବିବାଦ ଇଚ୍ଛି ତେମନ୍ତ ସସୈନ୍ୟ ହୋଇ ଭରତ
ଗମନ କରିବା ପ୍ରାୟ ମଣେ ଯେ । ୩୩ ।
ବୋଧେ ରାମ ନଦୀ ସର ତଡ଼ାଗ କୂପ ଆବର
ମୂର୍ତ୍ତି ଭିନ୍ନ ସେ ଏକ ଜୀବନ ଯେ ।
ବରଷା କରେ ଆବିଳ ତା ନିଜ ଗୁଣ ନିର୍ମଳ
ଶୀତଳକୁ ନ ଛାଡ଼ନ୍ତି ପୁନ ଯେ । ୩୪ ।
ବିନତି ଯୋଡ଼ିଣ କର ବିନତାସୁତ ପ୍ରକାର
ଦଣ୍ଡ ପ୍ରାୟେ ଦଣ୍ଡେ ମହୀ ଭଜ ଯେ ।

---

( ଏହା ଦ୍ୱାରା ଚତୁରଙ୍ଗ ବଳ ଥିବାର ସୂଚିତ ହେଲା ) । ଧୂଳିରାଶି ଉଡ଼ି ଆକାଶକୁ ଆଚ୍ଛାଦନ କରି ପକାଉଅଛି । (ବିରୋଧାଭାସ—'ରଜନୀ କର' ଚନ୍ଦ୍ର, ବିଷ୍ଣୁଙ୍କ ପାଦକୁ ଗିଳୁଅଛି ) । ଭରତଙ୍କର ସୈନ୍ୟ ବୋଲି ଲକ୍ଷ୍ମଣ ଚାହିଁପାରି ରାମଙ୍କ ଆଗରେ ଆସି କହିଲେ—

୩୩ଶ ପଦ:—"କାଳୀସର୍ପ ବୈମାତ୍ରେୟ ଗୁଣ ବହନ କରି ଗରୁଡ଼ ସହିତ ଯେପରି ଯୁଦ୍ଧ କରିଥିଲା ( କାଳୀ ସର୍ପ କଦ୍ରୁପୁତ୍ର ଓ ଗରୁଡ଼ ବିନତା ସୁତ କଦ୍ରୁ ବିନତାର ସପତ୍ନୀ), ସେହିପରି ଭରତ ବୈମାତ୍ରେୟ ଗୁଣ ଯୋଗୁ ସୈନ୍ୟ ସହିତରେ ଆମ୍ଭମାନଙ୍କ ସହିତ ବିବାଦ କରିବାକୁ ଆସିଲାପରି ମୁଁ ମନେ କରୁଛି ।"

୩୪ଶ ପଦ:—ଲକ୍ଷ୍ମଣଙ୍କର ଏପରି କଥା ଶୁଣି ରାମ ବୋଧଦେଇ କହିଲେ, "ନଦୀ, ହ୍ରଦ, ପୁଷ୍କରିଣୀ ଓ କୂଅର ମୂର୍ତ୍ତି ଭିନ୍ନ, ମାତ୍ର ସେମାନଙ୍କର ଜୀବନ ଏକ ଅର୍ଥାତ୍ ସେ ସବୁଥିରେ ଯେ ପାଣି ରହିଥାଏ ସେ ଅଭିନ୍ନ; ସେହିପରି ଆମ୍ଭ ଚାରିଭାଇଙ୍କର ମୂର୍ତ୍ତି ଭିନ୍ନ ମାତ୍ର ଜୀବନ ଏକ । ବୃଷ୍ଟି ଜଳ ସେ ନଦୀ, ହ୍ରଦ, ପୁଷ୍କରିଣୀ ଓ କୂପର ଜଳକୁ ଗୋଳିଆ କରିଥାଏ, କିନ୍ତୁ ତାଙ୍କର ନିଜ ଗୁଣ ନିର୍ମଳତା ଓ ଶୀତଳତାକୁ ସେ ଛାଡ଼ନ୍ତି ନାହିଁ; ଏହା ମନରେ ହେଜ ।(କୈକେୟୀ ଦ୍ୱାରା କଳୁଷିତ ହେଲେ ମଧ୍ୟ ଭରତ ନିଜର ନିର୍ମଳ ଗୁଣ ଛାଡ଼ିପାରିବ ନାହିଁ) ।"

୩୫ଶ ପଦ:—ଏହି ସମୟରେ ଭରତ ଆସି ଗରୁଡ଼ ପ୍ରକାର ବିନୟରେ କରଦ୍ୱୟ ଯୋଡ଼ିଲେ ( ଜଗନ୍ନାଥଙ୍କ ଆଗରେ ଗରୁଡ଼ ଯେପରି ବସିଥାଏ) ଏବଂ

ବେଗେ ସବୁଗେ ତୋଳିଲେ　　ଶିଷ୍ଟେ ଗୁରୁସ୍ଥାସ୍ତୁ ହେଲେ
　　ବେନଭ୍ରାତ ମନ ରଞ୍ଜାରଞ୍ଜି ଯେ । ୩୫ ।
ବେଢ଼ିଲେ ଜନ ଜନନୀ　　ଗୁରୁ ଚତୁରଙ୍ଗ ସେନ
　　ଦରିଦ୍ର ଧନ ଲଭିଲା ପରି ସେ ।
ବଶିଷ୍ଠ ସବୁ କହିଲେ,　　ଭରତ ପାଦ ଧଇଲେ
　　ଗମନ କରିବା ପାଇଁ ପୁଣି ଯେ । ୩୬ ।
ବୋଲେ ରାମ ସତ୍ୟବାଦୀ　　ତବେ ଅନ୍ୟାର୍ଥ ସମ୍ପାଦି
　　ସମସ୍ତେ ପଣ୍ଡିତ ଗୁଣେ ଆସି ହେ ।
ବଚ ଯେହୁ ଜନକର　　ନ ପାଳେ ସେ କି କୁମର ?
　　ପର୍ଶୁଧର ରେଣୁକାକୁ ନାଶି ହେ । ୩୭ ।
ବୋଇଲେ କୈକେୟୀସୁତ　　ଦୈତ୍ୟମାତାଠାରୁ ଜାତ
　　ହେଲେଁ ବାତ ଇନ୍ଦ୍ର ଘାତ କରି ହେ ।

---

ଦଣ୍ଡେ ପର୍ଯ୍ୟନ୍ତ ଦଣ୍ଡ ପ୍ରାୟ ମସ୍ତକ ଭଜିଲେ ଅର୍ଥାତ୍ ଦଣ୍ଡେ ପର୍ଯ୍ୟନ୍ତ ଭୂମିରେ ଶୋଇ ସାଷ୍ଟାଙ୍ଗ ପ୍ରଣିପାତ କଲେ । ରାମଚନ୍ଦ୍ର ସ୍ନେହର ସହିତ ଗୁରୁ ଶିଷ୍ୟଙ୍କୁ ତେଜି ଧଇଲା ପ୍ରାୟ ତତ୍କ୍ଷଣାତ୍ ତୋଳି ଧଇଲେ । ତାହାପରେ ଦୁଇ ଭାଇ ମନ ଦେନା ଦେନ ହେଲେ ।

୩୬ଶ ପଦ :—ତଦନନ୍ତର ପ୍ରଜାଲୋକେ ଓ ମାତାମାନେ ବଶିଷ୍ଠ, କଶ୍ୟପ, ଜାବାଳି, ବାମଦେବ—ଏହି ଋଷି ଗୁରୁଙ୍କ ସହିତ ଦରିଦ୍ର ଧନ ଲାଭ କଲା ପରି ରାମଚନ୍ଦ୍ରଙ୍କୁ ପାଇ ଆନନ୍ଦରେ ବେଢ଼ିଗଲେ । ବଶିଷ୍ଠ ସବୁ କଥା କହିଲେ । ଅଯୋଧ୍ୟାକୁ ଫେରିଯିବା ପାଇଁ ଭରତ ରାମଚନ୍ଦ୍ରଙ୍କ ପାଦ ଧରି ଅନୁନୟ କଲେ ।

୩୭ଶ ପଦ :—ଅନନ୍ତର ରାମଚନ୍ଦ୍ର କହିଲେ, "ତୁମ୍ଭେ ସମସ୍ତେ ପଣ୍ଡିତ ହୋଇ ସୁଦ୍ଧା ମୋର ପିତୃସତ୍ୟକୁ ଅନ୍ୟଥା କରିବାକୁ ଆସିଅଛ । ଯେଉଁ ପୁତ୍ର ପିତାଙ୍କର ବାକ୍ୟ ନ ପାଳେ ସେ କଣ ପୁତ୍ରରୂପେ ଗଣ୍ୟ ? (ସେ ପୁତ୍ର ହୋଇ ସୁଦ୍ଧା ପୁତ୍ର ନୁହେ ) । ପର୍ଶୁରାମ ପିତାଙ୍କ କଥା ପାଳି ନିଜ ମାତା ରେଣୁକାକୁ ନାଶ କରିଥିଲେ ।"

୩୮ଶ ପଦ :—ଉତ୍ତରରେ ଭରତ କହିଲେ, "ଦୈତ୍ୟମାତା ଦିତିଠାରୁ ଜାତ ହୋଇଥିବା ପବନକୁ ଇନ୍ଦ୍ର ଅଣଚାଶ ଖଣ୍ଡ କରି ହାଣିଥିଲେ ସୁଦ୍ଧା ସେ ଦେବତା ହୋଇ ଇନ୍ଦ୍ରଙ୍କର ବଶ୍ୟ ହେଲେ; କୈମାତେୟ ମରୁଦ୍ଗଣଙ୍କୁ ଧଇଲ

ବିଶ୍ୱାସୀ ତାଙ୍କର ହେଲା ହେବ ହୋଇ ନ ଧଇଲା
ମନ୍ଦଗୁଣ, ମୁହିଁ ସେହିପରି ତହେ ।୩୮।
ବିହରିବା ମାନସର ମଧ୍ୟେ ହଂସକୁ ସୁନ୍ଦର
ଆନ ପକ୍ଷିରେ କପେ ବାଞ୍ଛିତ ଯେ ?
ବିଷମ ବୁଦ୍ଧି ପ୍ରକାଶ କେବେ ନୋହିବ ନହୁଷ
ପ୍ରାୟ ନାଶ ଯିବାକୁ ମୋ ଚିତ୍ତ ଯେ ।୩୯।
ବ ହୁଡ଼ିବାକୁ ସମ୍ମତି ନ କରୁଁ ଜାନକୀପତି
କୁଶେଶୟ ହେଲେ ସଭ୍ରମରେ ଯେ ।
ବିହାୟସୁଁ ଦେବବାଣୀ ତୋ ପ୍ରସୂ ପୃଥ୍ୱୀରକ୍ଷିଣୀ
ଜଣା ଦୋଷା ହୋଇଲା ପ୍ରକାରେ ଯେ ।୪୦।
ବାହୁଡ଼ାଇଲେ ରାଘବ ସୂର୍ଯ୍ୟବଂଶ ବୁଡ଼ିଯିବ
ଶୁଣି ଉଠି ଯନ୍ତବେଶ ବନ୍ଧ ଯେ ।

---

ନାହିଁ । ମୁଁ ସେହିପରି ମାତା ଦୋଷରେ ଦୋଷୀ ସିନା ! ( ମୋତେ ସେହିପରି ବିଶ୍ୱାସ କରନ୍ତୁ ) ।

୩୯ଶ ପଦ:—"ହଂସ ସିନା ମାନସରୋବରରେ ବିହାର କଲେ ସୁନ୍ଦର ଦିଶିବ, ଅନ୍ୟ ପକ୍ଷୀ ତାହା ଇଚ୍ଛା କରିବା କି ? (ଅନ୍ୟ ପକ୍ଷୀ ବିହାର କଲେ କଣ ସୁନ୍ଦର ଦିଶିବ ? ସେହିପରି ଅଯୋଧ୍ୟାରେ ଆପଣ ରଜା ହେଲେ ଯେପରି ସୁନ୍ଦର ଦିଶିବ; ମୁଁ ରାଜା ହେଲେ ସେପରି ଦିଶିବ କି? ) ନହୁଷ ପ୍ରାୟ ନାଶଯିବା ପାଇଁ ମୋ ମନରେ ରାଜା ହେବା ରୂପକ ବିଷମ ବୁଦ୍ଧି କେବେ ହେଲେ ପ୍ରକାଶିତ ହେବ ନାହିଁ ।" (ନହୁଷ ସ୍ୱର୍ଗର ଇନ୍ଦ୍ର ହେବ କୁ ଇଚ୍ଛା କରି ବିନାଶ ହୋଇଥିଲେ, ମୁଁ ସେହିପରି ଅଯୋଧ୍ୟାର ରାଜା ହେବାକୁ ଇଚ୍ଛା କଲେ ବିନାଶ ହେବି ) ।

୪୦ଶ ପଦ :—ସୀତାପତି ରାମଚନ୍ଦ୍ର ଅଯୋଧ୍ୟାକୁ ଫେରି ଯିବାକୁ ସମ୍ମତି ନ ହେବାରୁ ଭରତ ପଦ୍ମ ଭ୍ରମର ଯୁକ୍ତ ହେଲା ପ୍ରାୟ ଭ୍ରମବଶତଃ ଅନଶନ ବ୍ରତ ସହିତ କୁଶଶଯ୍ୟା କଲେ । ସେହି ସମୟରେ ଆକାଶରୁ ଦୈବ ବାଣୀ ହେଲା, "ହେ ଭରତ ! ତୋହର ମାତା ପୃଥ୍ୱୀର ରକ୍ଷାକାରିଣୀ ଅଟନ୍ତି । ବିନା ଦୋଷରେ ରାଣିକୁ ଦୋଷୀ ନାମ ହେଲା ପ୍ରାୟ ସେ ନର୍ଦ୍ଦୋଷରେ ଦୋଷୀ ବୋଲି କଳଙ୍କ କହିଲେ ।"

୪୧ଶ ପଦ :—"ତୁମ୍ଭେ ଏପରି କଠୋର ଅନଶନ ବ୍ରତ କରି ନାଶ ହେଲେ ଆମ୍ଭେ ସବୁ ମରିବୁ; ତେଣୁ ସୂର୍ଯ୍ୟବଂଶ ବୁଡ଼ିଯିବ"—ରାମ ଏହା ବୋଧ ଦେଇ କହି ଭରତଙ୍କୁ ଅଯୋଧ୍ୟା ଫେରିଯିବା ପାଇଁ ବୁଝାଇଲେ । ରାମଙ୍କ କଥା ଶୁଣି କୁଶଶଯ୍ୟାରୁ ଉଠି ଭରତ ଯନ୍ତ ବେଶ ଧରି ମେଲିଲେ । ଉପଙ୍କ

ବନ୍ଦିଲେ ପାଦୁକା ରାଜା ସମ୍ପଦେ କରିଣ ପୂଜା
ନନ୍ଦୀଗ୍ରାମେ ପୁରୀ କରି ରହି ସେ ।୫୧।
ବିଶେଷ କାରୁଣି ହୋଇ କରୁଣାସାଗର ତହିଁ
ତାତବାର୍ତ୍ତା ଶୁଣି କ୍ରିୟା ସାରି ସେ ।
ବସ୍ତୁଲିଙ୍ଗ ପଦେ ଛାନ୍ଦ କହେ ଭଞ୍ଜ ଉପେନ୍ଦ୍ର
ସୀତା ରାମ କାନନବିହାରୀ ସେ ।୫୨।

## ଊନବିଂଶ ଛାନ୍ଦ
## ରାଗ—ପଞ୍ଚମବରାଡ଼ି

ବିସ୍ତରଇ ମାଳଯମକରେ କବି ମନେ ।
ବୁଲେ ରାମ-ରାମ ରାମନେଣୀ ଘେନି ବନେ ସେ ।
ବୃହଦ୍ଭାନୁ ଭାନୁ ଭାନୁ ପ୍ରଭା ତାପ ନାହିଁ ସେ ।୧।
ବୃତ ତମାଳମାଳ ମାଳତୀଲତା ଯହିଁ ସେ ।୧।

---

୧ମ ପଦ :—ରାମ--ରମଣୀୟ, ସୁନ୍ଦର । ରାମ--ରାମଚନ୍ଦ୍ର । ରାମନେଣୀ—ମୃଗନେଣୀ । ବୃହଦ୍ଭାନୁ—ଅଗ୍ନି । ଭାନୁ -ସୂର୍ଯ୍ୟ । ଭାନୁ--କିରଣ । ତମାଳମାଳ—ତମାଳ ବୃକ୍ଷ ସମୂହ ।

---

କଠାଉକୁ ଆଡ଼ମ୍ବର ସହିତ ପୂଜା କରି ରାଜା କଲେ, ନିଜେ ପାଦ ସ୍ପୃଶି ବନ୍ଦନା କଲେ । ନନ୍ଦୀଗ୍ରାମରେ ପୁର ନିର୍ମାଣ କରି ରହିଲେ, (ଅଯୋଧ୍ୟାକୁ ଫେରି ଗଲେ ନାହିଁ) ।

୫୨ଶ ପଦ :—ଭରତ ବାହୁଡ଼ି ଯିବା ପରେ କରୁଣାସାଗର ରାମ ପିତାଙ୍କର ବିନାଶ ବାର୍ତ୍ତା ପାଇଥିବା ହେତୁ ବିଶେଷ ଭାବରେ ରୋଦନ କଲେ । ପ୍ରେତ କ୍ରିୟାମାନ ସମାପ୍ତ କରି ସୀତା ରାମ ବନବିହାରୀ ହେଲେ । ଏ ଛାନ୍ଦକୁ ବସ୍ତୁଲିଙ୍ଗ ପଦରେ ଉପେନ୍ଦ୍ର ଭଞ୍ଜ କହିଲେ ।

## ଊନବିଂଶ ଛାନ୍ଦ

୧ମ ପଦ :—କବି 'ମାଳଯମକରେ' କବିତା କହିବାକୁ ମନରେ ବିସ୍ତାର କରେ । (ମାଳଯମକ ଲକ୍ଷଣ,—ଏକମାତ୍ର ଶବ୍ଦ ଭିନ୍ନାର୍ଥକରେ ଦୁଇରୁ ଅଧିକ ଥର ପ୍ରୟୋଗ ହେଲେ ମାଳ ଯମକ ହୁଏ । ଯଥା,—'ରାମ ରାମ ରାମ ନେଣୀ') ।

ସୁନ୍ଦର ରାମଚନ୍ଦ୍ର ମୃଗନେଣୀ ସୀତାଙ୍କୁ ସଙ୍ଗରେ ଘେନି କାନନରେ ଭ୍ରମଣ କରନ୍ତି । ସେହି ବନରେ ତମାଳ ବୃକ୍ଷମାନଙ୍କ ଦେହରେ ମାଳତୀ ଲତା ଘନ ଭାବରେ ମାଡ଼ିଥିବାରୁ ଅଗ୍ନି ଓ ସୂର୍ଯ୍ୟ କିରଣର ଉତ୍ତାପ ବାଧେ ନାହିଁ ।

ବହଇ ନିର୍ଝର ଝିରଝିର ଅବିରତ ।
ବିଶେଷ ତରଙ୍ଗ ରଙ୍ଗ ରଙ୍ଗଣୀ ଶୋଭିତ ଯେ ।
ବହି ଚନ୍ଦ୍ର ଚନ୍ଦ୍ର ଚନ୍ଦ୍ର ଶୀତଳକୁ ବାତ ।
ବହେ ମନ୍ଦ ମନ୍ଦ ମନ୍ଦସୁତ କରେ ରୁତ ଯେ ।୨।
ବିଞ୍ଚେ ଘନଘନ ଘନ କୁଶକଣ ଯଥା ।
ବୃଷ୍ଟି ମଧୁର ମଧୁର ମଧୁରଜେ ତଥା ଯେ ।
ବିଭ୍ରାଜିତ ଭୃଙ୍ଗ ଭୃଙ୍ଗ ଭୃଙ୍ଗ କରେ କେଳି ।
ବାମା ବାମା ବନିତା କି ପୁଷ୍ପହାସେ ଝଳି ଯେ ।୩।
ବୋଧେ ଶୃଙ୍ଖଳାରେ ରଘୁନାଥ ସୀତା ମତି ।
ବିଷେ ଚିତ୍ରକୂଟ ଯେ କୁଟଜେ ବ୍ରତତି ଯେ ।

---

୨ୟ ପଦ :—ନିର୍ଝର—ଝରଣା । ଚନ୍ଦ୍ର—ଚନ୍ଦନ । ଚନ୍ଦ୍ର—କର୍ପୂର । ଚନ୍ଦ୍ର—ଜଳ । ମନ୍ଦସୁତ—କୋକିଳ । ରୁତ—ଧ୍ୱନି ।

୩ୟ ପଦ :—ଘନ—ମେଘ । କୁଶକଣ—ଜଳକଣା । ମଧୁର—ମହୁଲ ଗଛ । ମଧୁର—ମନୋହର । ମଧୁରଜ—ଫୁଲରେଣୁ । ଭୃଙ୍ଗ—ଗୁଡ଼ତ୍ୱକ୍ ଗଛ । ଭୃଙ୍ଗ—ଭୃଙ୍ଗରାଜ ଗଛ । ଭୃଙ୍ଗ—ଭ୍ରମର । ବନିତା—ସ୍ତ୍ରୀ ।

୪ର୍ଥ ପଦ :—ବ୍ରତତିତତି—ଲତାସମୂହ । ଅତିଭା—ଅତ୍ୟନ୍ତ ଶୋଭା । ବାସନ୍ତୀ—ମାଧବୀଲତା । ବିଷେ—ସୁଶୋଭିତ । କୁଟଜ—ଗିରିମଲ୍ଲିକା । ବ୍ରତତି—ମଣ୍ଡିତ ।

---

୨ୟ ପଦ :— ଝରଣା ସବୁବେଳେ ଝର ଝର ହୋଇ ବହୁଅଛି । ସେହି ଝରଣା ସ୍ରୋତର ଦୁଇ ପାର୍ଶ୍ୱରେ ବିଭିନ୍ନ ରଙ୍ଗର ରଙ୍ଗଣୀ ପୁଷ୍ପ ଫୁଟି ଶୋଭା ପାଉଅଛି । ପବନ ଜଳ, କର୍ପୂର ଓ ଚନ୍ଦନର ଶୈତ୍ୟଗୁଣକୁ ଧାରଣ କରି ଧୀରେ ଧୀରେ ବହୁଅଛି । କୋକିଳ ଅନବରତ ଧ୍ୱନି କରୁଅଛି ।

୩ୟ ପଦ :—ଯେପରି ମେଘ ଖୁବ୍ ଘନଭାବରେ ଜଳକଣାସବୁ ବିଞ୍ଚେ (ମେଘ କୁଣ୍ଡା ଝାଡ଼େ), ସେହିପରି ମହୁଲ ଗଛ ମାଧୁର୍ଯ୍ୟ ଗୁଣ ବା ମହୁ ଓ ଫୁଲର ରେଣୁ ବିଞ୍ଚୁଅଛି । ଶୋଭା ପାଉଥିବା ଭୃଙ୍ଗରାଜ ଓ ଗୁଡ଼ତ୍ୱକ ବୃକ୍ଷରେ ଭ୍ରମରମାନେ କେଳି କରୁ ଅଛନ୍ତି । ସେ 'ବାମା' କାନନ 'ବାମା' ସୁନ୍ଦର ସ୍ତ୍ରୀ ପ୍ରାୟ ପୁଷ୍ପବିକାଶ ଛଳରେ ହାସ ପ୍ରକାଶ କରୁଅଛି । (ସୁନ୍ଦରୀ ସ୍ତ୍ରୀ ହସିଲେ ଯେପରି ଅତ୍ୟନ୍ତ ସୁନ୍ଦର ଦିଶେ, ସେହିପରି କାନନରେ ଫୁଲ ଫୁଟିଥିବାରୁ ବେଶୀ ମନୋହର ହୋଇଅଛି) ।

୪ର୍ଥ ପଦ :—ରାମଚନ୍ଦ୍ର ସୀତାଙ୍କର ମନ ବୋଧ କରିବା ନିମିତ୍ତ ଶୃଙ୍ଖଳାବଦ୍ଧ ନିୟମରେ କହିଲେ, "ଦେଖ, ନାନା ଶୋଭାରେ ଶୋଭିତ ଚିତ୍ରକୂଟ ପର୍ବତ

ବ୍ରତତୀତତ ଜୟନ୍ତୀ ଅତିଭା ବାସନ୍ତୀ
ବାସନ୍ତୀ ସତିରେ ଫୁଲ୍ଲ ଫୁଲରେ ପ୍ରବର୍ତ୍ତି ଯେ । ୪ ।
ବର୍ତ୍ତିକ ଶିକ ଆଳି ଆଳି ଯେ ବିହରନ୍ତି
ବିହରନ୍ତି ମାନ ମ.ନ ଶୁକ ସୁକଣ୍ଠର ଯେ ।
ତବର ତରଳ ନେତ୍ର ନେତ୍ରସୁବାସିନୀ
ବାସିନୀ ସୁଜାତ ଜାତୀ ସ୍ୱଭାବ ଭବନ ଯେ । ୫ ।
ବନସ୍ୱର ସ୍ୱତ ଶୋଭିତ ଧୃତ ବୈଭ୍ରାଜ
ବୈଭ୍ରାଜ ସୁରସା ରସା କରକର ବାଜ ଯେ ।

---

୫ମ ପଦ:—ବର୍ତ୍ତିକ—ବଣିଚଢ଼ାଇ । ଶିକ—ବାୟା ଚଢ଼ାଇ । ଆଳି ଆଳି—ଦଳ ଦଳ । ବାସିନୀ—ସୁଗନ୍ଧଯୁକ୍ତ । ସ୍ୱଭାବ—ସ୍ୱଭାବତଃ । ଭବନ—ଭବବନ୍ତା ।

୬ଷ୍ଠ ପଦ:—ବୈଭ୍ରାଜ—ସ୍ୱର୍ଗଉଦ୍ୟାନ । ବୈଭ୍ରାଜ—ଦେଦୀପ୍ୟମାନ । ରସା—ପୃଥିବୀ । କରକର—ଡାଳିମ୍ବର । ରସବାର—ଅନୁରାଗସମୂହ । ବାରଣ-ବୃଷା—କଦଳୀଗଛ । ପୁର—ଗୁଳୁଗଛ । ପୁର—ଆଗରେ ।

---

ଗିରିମଲ୍ଲିକାରେ ମଣ୍ଡିତ ହୋଇଅଛି, ଲତାସମୂହ ବେଷ୍ଟିତ ଜୟନ୍ତୀ ବୃକ୍ଷସବୁ ଅତି ଶୋଭା ପାଉଅଛନ୍ତି; ରେ ସତି ! ମାଧବୀ ଓ ଯୂଥିକା ଲତା ପ୍ରସ୍ଫୁଟିତ କୁସୁମରେ ଭୂଷିତ ହୋଇଅଛନ୍ତି ।"

୫ମ ପଦ.—"ବଣି ଓ ବାୟାଚଢ଼େଇ ଦଳ ଦଳ ହୋଇ ବିହାର କରୁଅଛନ୍ତି । ( ଅନ୍ୟାର୍ଥ 'କଣ୍ଠ' ଶମୀପରେ 'ବର୍ତ୍ତି' ପ୍ରବର୍ତ୍ତି 'ନ' ମୟୂରମାନେ ଦଳ ଦଳ ହୋଇ ନୃତ୍ୟ କରୁଅଛନ୍ତି ) । ଉତ୍ତମ କଣ୍ଠର ଗାନପରି ଶୁକପକ୍ଷୀର ମନୋହର ଗାନ ମନରୁ ଅଭିମାନକୁ ହରଣ କରୁଅଛି । ରେ ମୃଗମଦସୁଗନ୍ଧିନ ( କସ୍ତୁରୀ ବାସନାପରି ଯାହାର ଦେହର ବାସନା ) ସୀତେ ! ହେ ପ୍ରିୟେ ! ତୁମ୍ଭର ତରଳ ନେତ୍ର ପକାଇ ଦେଖ, ସୁଗନ୍ଧିନୀ ଓ ଉତ୍ତମ ଜାତିପୁ ମାଳତୀ ଲତା କିପରି କୁସୁମବତୀ ହୋଇଅଛି ।"

୬ଷ୍ଠ ପଦ:—"ଏହା ସ୍ୱତଃସିଦ୍ଧ ଯେ, ସ୍ୱର୍ଗଉଦ୍ୟାନର ଶୋଭା ଏ ବନର ଶୋଭାଠାରେ ଧୃତ ହୋଇଅଛି, । ( ଏ ବନର ଶୋଭା ବୈଭ୍ରାଜ ନାମକ ଦେବ ଉଦ୍ୟାନର ଶୋଭାଠାରୁ ବେଶୀ ମନୋହର ) । ହେ ସୁରସା ! ପୃଥିବୀ ଡାଳିମ୍ବ ଫଳର ମଞ୍ଜିରେ ଦେଦୀପ୍ୟମାନ ହୋଇଅଛି ( ଡାଳିମ୍ବ ଫଳ ବୃକ୍ଷରେ ପାଚି ଫାଟି ମଞ୍ଜିସବୁ ତଳେ ପଡ଼ି ସୁନ୍ଦର ଦିଶୁଅଛି) । ହେ ସଖି ! କଦଳୀଗଛ, ବଡ଼ ବଡ଼ ଶାଳ

ବଜନମିତ ମିତ ହରଷ ରସବାର
ବାରନ୍ତ୍ରେଷ୍ଟା ବୃଷାଳସାଳ ସୁନ୍ଦ ସୁର ଯେ । ୬ ।
ବୋଧନ୍ତ ବ୍ରମ ସିଂହାବଲୋକନେ ଅବଳା
ବଳାକାପନ୍ତ୍ରି କରନ୍ତୁ ଧ୍ରୁବକୁ ଧବଳା ଯେ ।
ବଳାଇ ମାନସ ମାନ ଅନା ପ୍ରାଣବନ୍ଧୁ
ବନ୍ଧୁକ ରଞ୍ଜନ ଅତି ରଙ୍ଗ ନିରବନ୍ଧୁ ଯେ ।୭।
ବନ୍ଧୁରପଥଟି ଦେଖ ଦେଇ ପଦ ବଳା
ବଳାଧ୍ୱନ ପ୍ରାପ୍ୟେ ଝିଲ୍ଲୀ ଶବଦ ପ୍ରବଳା ଯେ ।
ବଳାପନ୍ତ୍ରି ଫଳବନ୍ତି ପ୍ରଫୁଲ୍ଲ ସେବନ୍ତି
ବନ୍ତଶଲକ୍ଷଣା ଦେଖ ବିହରେ ପାବନ୍ତି ଯେ । ୮ ।
ବର୍ଣ୍ଣାର୍ଣ୍ଣି ଅପୂର୍ବ ହୋଇ କେତେ ନାଗବଲ୍ଲୀ
ବଲ୍ଲିକା ତଳେ ଶୟନ ଗ୍ରାମସ୍ୱାଆବଳ ଯେ ।

---

୭ମ ପଦ :—ବଳାକାପନ୍ତ୍ରି-ବଗପକ୍ଷିସମୂହ । ଧ୍ରୁବକୁ ଲଣ୍ଡା ଗଛକୁ ।
୮ମ ପଦ :—ବନ୍ଧୁରପଥ—ଖାଲଢ଼ିପ ସ୍ଥାନ । ଝିଲ୍ଲୀ—ଝିଙ୍କାରି ।
ବଳାପନ୍ତ୍ରି—ବାଡ଼ଅଁଳା । ପାବନ୍ତି—ପ୍ରଜାପତି ।

---

ଗଛ, ଗୁଗ୍‌ଗୁଳ ପ୍ରଭୃତି ବୃକ୍ଷମାନେ ଆଗରେ ରହି ହର୍ଷ ଓ ଅନୁରାଗ ସମୂହକୁ ଜାତ କରୁଅଛନ୍ତି । (ଏମାନଙ୍କୁ ଦେଖିଲେ ହର୍ଷ ଓ ଅନୁରାଗ ହୃଦୟରେ ଜନ୍ମୁଅଛି) ।”

୭ମ ପଦ :—ପୁଣି ରାମଚନ୍ଦ୍ର ସିଂହାବଲୋକନ ଲକ୍ଷଣରେ ସୀତାଙ୍କୁ ବୋଧ ଦେଇ କହୁଅଛନ୍ତି, “ରେ ପ୍ରାଣବନ୍ଧୁ ! ମୋ କଥା ମାନ ଥରେ ଗ୍ରୀବାଁ ଦେଖ, ବଗସବୁ ଲୁଣ୍ଡା ଗଛମାନଙ୍କୁ ଧବଳିତ କରି ଅଛନ୍ତି । (ଲୁଣ୍ଡା ଗଛରେ ବହୁତ ବଗ ବସିଥିବାରୁ ତାହା ଧବଳିତ ହୋଇଅଛି) । ବଧୂଲି ପୁଷ୍ପ ଗାଢ଼ ଲାଲରଙ୍ଗ ହେତୁ ଅନୁରାଗଜନକ ହୋଇଅଛି ।”

୮ମ ପଦ :—“ରେ ବନ୍ଧୁ ! ଏ ଖାଲ ଢ଼ିପ ବାଟ, ଏହା ମନେ କରି (ସାବଧାନ ହୋଇ) ପାଦ ପକାଇ ଚାଲ । ତୋର ବଳା ଧ୍ୱନ ପ୍ରାପ୍ୟ ଝିଙ୍କାରି ଶବ୍ଦ ପ୍ରବଳା ହୋଇଅଛି । ବାଡ଼ଅଁଳା ଗଛସବୁ ଫଳବନ୍ତି ହୋଇଅଛନ୍ତି । ସେବନ୍ତି ଲତାରେ ଫୁଲ ଫୁଟିଅଛି । ରେ ଲକ୍ଷଣେବନ୍ତିଶରୀରେ ! ପ୍ରଜାପତି ଝାଟ ତହିଁରେ କିପରି ବିହାର କରୁଛି ଦେଖ ।”

୯ମ ପଦ :—“କେତେ ପାନ ଲତା ‘ଅପୂର୍ବ ବର୍ଣ୍ଣାର୍ଣ୍ଣି’ ଅବର୍ଣ୍ଣେ ହୋଇ-ଅଛି । ଲତାମାନଙ୍କ ତଳରେ ଗ୍ରାମସ୍ୱା ମୃଗସବୁ ଶୟନ କରିଅଛନ୍ତି । ତାହା ଦେଖି

ବଳିବ ଚଇତ୍ରରଥୁଁ ଏମନ୍ତ ଭାବନା
ବନାଳୀ ପ୍ରଭୁ କରିଣ କର ସମ୍ଭାବନା ଯେ ।୯।
ବ୍ୟାଘ୍ରଗଣ୍ଡରେ ସଧୀରେ କହନ୍ତି ବୀର ସେ
ବୀରତରୁ ରେ ତରୁଣୀ କୁସୁମ ବରଷେ ଯେ ।
ବର ଉନ୍ନତ ଉନ୍ନତ ଉପମା ବିହୀନ
ବିହିତ କରିଛି ବିଧି କକୁଭ ବଚନ ଯେ ।୧୦।
ବତ ସହିତରେ ସଖି ପ୍ରକାଶେ ବିଭୂତି
ବିଭୂଷଣ ଚମ୍ପା ଷଣପୁଷ୍ପ ଅବିରତ ଯେ ।
ବିରଳ ଭାରଣ୍ଡ କରି ଭାରଣ୍ଡ ବିହାରେ
ବିହାୟସେ ଲାସ୍ୟ ଉଲ୍ଲାସକୁ ନ ବିସରେ ଯେ ।୧୧।

---

୯ମ ପଦ :—ନାଗବଲ୍ଲୀ—ପାନଲତା । ବଲ୍ଲିକା—ଲତା । ଚୈତ୍ରରଥ କୁବେରଙ୍କ ଉଦ୍ୟାନ । ବନାଳି—ବନସମୂହ ।

୧୦ମ ପଦ :—ବୀରତରୁ—ଅର୍ଜୁନ ଗଛ । ବରଉନ୍ନତ—ଅତି ଉଚ୍ଚ । କକୁଭ—ଦିଗ, ଅର୍ଜୁନବୃକ୍ଷ ।

୧୧ଶ ପଦ :—ବତ—କୋକିଳ । ଭାରଣ୍ଡ—ଭରଣ୍ଡଆ ପକ୍ଷୀ । ବିହାୟସେ—ଆକାଶରେ । ଲାସ୍ୟ—ସ୍ତ୍ରୀମାନଙ୍କର ମଣ୍ଡଳାକୃତି ନୃତ୍ୟ ।

---

ମନରେ ଭାବନା ହେଉଛି, ଏ ବନ କୁବେର ଉଦ୍ୟାନଠାରୁ ମଧ୍ୟ ଅଧିକ ମନୋହର ଅଟେ । ଏ ବନ ବନମାନଙ୍କର ପ୍ରଭୁ—ଏହା ସମ୍ଭାବନା କର ।"

୧୦ମ ପଦ :—ବୀର ରାମଚନ୍ଦ୍ର ତତ୍ପରେ ବ୍ୟାଘ୍ରଗଣ୍ଡ ଲକ୍ଷଣରେ ଧୀରଭାବରେ କହୁଅଛନ୍ତି, "ରେ ତରୁଣୀ ! ଅର୍ଜୁନବୃକ୍ଷ ପୁଷ୍ପମାନଙ୍କୁ ବର୍ଷଣ କରୁଅଛି । ସେ ବୃକ୍ଷ ଖୁବ୍ ଉଚ୍ଚ ଓ ଉପମାବିହୀନ ଅଟେ । ବିଧାତା ଏହାକୁ ଯେଉଁ କକୁଭ ନାମ ଦେଇଅଛି, ତାହା ଉଚିତ ହୋଇଅଛି ।"

୧୧ଶ ପଦ :—"ହେ ସଖି ! ଏହି ଅର୍ଜୁନ ବୃକ୍ଷ ଶୁକପକ୍ଷୀଙ୍କ ସହିତ 'ବିଭୂତି' ପକ୍ଷୀ ରୂପ ଐଶ୍ୱର୍ଯ୍ୟ ପ୍ରକାଶ କରୁଅଛି (ବୃକ୍ଷରେ ବହୁତ ପକ୍ଷୀ ବସିଥିବାରୁ ବୃକ୍ଷ ତାଙ୍କଦ୍ୱାରା ଆଚ୍ଛାଦିତ ହୋଇଅଛି ) ଏବଂ ସର୍ବଦା ଚମ୍ପା ଓ ଷଣପୁଷ୍ପ ଗଛର ଫୁଲ ଦ୍ୱାରା ଏ ବୃକ୍ଷ ଭୂଷିତ ହୋଇଅଛି । (ବୃକ୍ଷ ଉପରେ ଶୁକପକ୍ଷୀ ଏବଂ ତଳେ ଫେର ରହିଥିବା ଚମ୍ପା ଓ ଷଣପୁଷ୍ପଗଛର ଫୁଲ ଯୋଗେ ଶୋଭିତ ହୋଇଅଛି) । ଭରଣ୍ଡଆପକ୍ଷୀ ସୁନ୍ଦର ଗତି କରି ବିହାର କରୁଅଛି । ଉଲ୍ଲାସ ମନରେ ନୃତ୍ୟଛଳରେ ଆକାଶକୁ ଉଡ଼ିଯାଇ ପୁଣି ଆସି ବସୁଛି । (ଭରଣ୍ଡଆପକ୍ଷୀ କୌଣସିଠାରେ ସ୍ଥିର ହୋଇ ବସେ ନାହିଁ । ସେ ଆନନ୍ଦ ମନରେ ଆକାଶରେ ଉଡ଼ୁଛି ପୁଣି ଆସି ସେ ବୃକ୍ଷରେ ବସୁଛି) ।

ଶୁକଦ ମଲ୍ଲିକାକୁଳ ବକୁଳ ବସତି
ବଶରେ ବସନ୍ତ ମଧୁକରେ ଭଜସନ୍ତ ଯେ ।
ଭୁଜଗଯା ଗନ୍ଧସାର ଗନ୍ଧରେ ବନ୍ଦିତ ।
ବିଦିଗ ଦିଗ ଜବନେ ପବନେ ବାସିତ ଯେ । ୧୨ ।
ବସନ୍ତବସନ ବଶ ମହାଯମକରେ ।
ବସନ୍ତ ବସନ୍ତପକ୍ଷୀ ବସନ୍ତଦ୍ରୁମରେ ଯେ ।
ବୀଥୀ ବୀଥୀ ଶୋଭା ଦଶି କୁମୁଦ କୁମୁଦ
ବିଲୋକ ହାସ ପ୍ରକାଶି କୁମୁଦ କୁମୁଦ ଯେ । ୧୩ ।

---

୧୨ଶ ପଦ:—ଶୁକଦ—ଶୁକ୍ଳ । ମଧୁକର—ଭ୍ରମର । ଗନ୍ଧସାର-ଚନ୍ଦନ । ଜବନେ—ଶୀଘ୍ର ।

୧୩ଶ ପଦ:—ବସନ୍ତବସନ—ପୀତାମ୍ବର ( ରାମଚନ୍ଦ୍ର ) । ବସନ୍ତ—ଆସୀନ ବା ଉପବିଷ୍ଟ । ବସନ୍ତପକ୍ଷୀ—ହଳଦୀବସନ୍ତ । ବସନ୍ତଦ୍ରୁମରେ—ଆମ୍ବଗଛରେ । ବୀଥୀ ବୀଥୀ—ଶ୍ରେଣୀ ଶ୍ରେଣୀ । କୁମୁଦ—ରକ୍ତପଦ୍ମ । କୁମୁଦ—କଇଁ । କୁମୁଦ—ବୃଥା ଆନନ୍ଦ ।

---

୧୨ଶ ପଦ:—"ମଲ୍ଲିବୁଦା ବହୁତ ଫୁଲ ଫୁଟିଥିବା ଯୋଗୁ ଶୁକ୍ଳବର୍ଣ୍ଣ ହୋଇଅଛି । ଏ ବନ ବକୁଳ ବୃକ୍ଷରେ ପୂର୍ଣ୍ଣ ହୋଇଅଛି । ( ଅନ୍ୟାର୍ଥ:—ଏ ବାନ ଶୁକ୍ଳ ମଲ୍ଲି ଓ ବକୁଳ ଗଛର ବାସସ୍ଥାନ ହୋଇଅଛି ) । ଭ୍ରମରମାନେ ବଶୀଭୂତ ହୋଇ ଫୁଲମାନଙ୍କରେ ବସୁ ଅଛନ୍ତି । ସୁଗନ୍ଧରେ ମୋହିତ କରୁଥିବା ଚନ୍ଦନ ବୃକ୍ଷମାନଙ୍କରେ ସର୍ପମାନେ ବିହାର କରନ୍ତି । ଦିଗ ବିଦିଗ ସବୁ ପବନ-ଯୋଗେ ଅହରହ ସୁବାସିତ ହେଉଅଛନ୍ତି ।"

୧୩ଶ ପଦ:—ବସନ୍ତବସନ ରାମଚନ୍ଦ୍ର ମହାଯମକରେ ବଶ ହୋଇ କହୁଅଛନ୍ତି, ( ମହାଯମକ ଲକ୍ଷଣ—ପ୍ରତ୍ୟେକ ପାଦରେ ଏକଶବ୍ଦ ଯମକ ନିୟମରେ ରହିଥାଏ ) 'ହେ ସଖୀ ! ହଳଦୀବସନ୍ତ ପକ୍ଷୀ ଆମ୍ବଗଛରେ ବସି ଅଛନ୍ତି । ପୁଷ୍କରିଣୀରେ ରକ୍ତପଦ୍ମ ଓ କଇଁଫୁଲସବୁ ଧାଡ଼ି ଧାଡ଼ି ହୋଇ ଫୁଟି ଶୋଭା ପାଉଅଛନ୍ତି । ତୁମେ ସେମାନଙ୍କୁ ହାସ ପ୍ରକାଶ କରି ଦେଖ ଏବଂ ସେମାନଙ୍କ କୁତ୍ସିତ ପ୍ରକାଶକୁ ମୁଦ୍ରିତ କରି ଦିଅ । ( ତୁମ୍ଭର ହାସ ଦେଖି କଇଁ ଓ ନେତ୍ରର ଶୋଭା ଦେଖି ପଦ୍ମ ଲଜ୍ଜାରେ ମୁଦ୍ରିତ ହୋଇଯିବେ । ) ।

ବିକଶିତ ହୋଇଛନ୍ତି କେଶରୀ କେଶରୀ
ତନସେ ଶାଖାରେ ଦେଖ କେଶରୀ କେ ସଉ ଯେ ।
ବିଦାରି ଯାଉଛି କରିକେଶରୀ କେଶରୀ ।
ବିସ୍ଥାନ ହୋଇଛି ମାତ୍ର କେଶରୀ କେଶରୀ ଯେ । ୧୪ ।
ବାଳାକୁ ହସ୍ତ ଦେଖାଇ ପୁଣି ରଘୁବର
ବାକ୍ୟ ସମ୍ବୋଧନ ଭାଷି ସର୍ବ ଯମକର ଯେ ।
ବଇଦେହି ସୁମନା ସୁମନା ଏ ସୁରଭି
ବଇଦେହି ସୁମନା ସୁମନା ଏ ସୁରଭି ଯେ । ୧୫ ।
ବିତ୍ୟଲୋକରେ ପ୍ରିୟକ ମାଧବୀ ସଙ୍ଗତ
ବିଦ୍ୟ ଲୋକରେ ପ୍ରିୟକ ମାଧବୀ ସଙ୍ଗାତ ଯେ ।

---

୧୪ଶ ପଦ:—କେଶରୀ—ନାଗେଶ୍ୱର । କେଶରୀ—ପୁନ୍ନାଗ । କେଶରୀ—ମର୍କଟ ବିଶେଷ । କରିକେଶରୀ—ଶ୍ରେଷ୍ଠ ହସ୍ତୀ । କେଶରୀ—ସିଂହ । କେଶରୀ—ଘୋଟକ ।

୧୫ଶ ପଦ:—ସୁମନା—ଦେବପୁଷ୍ପ ବା ଲବଙ୍ଗ ବୃକ୍ଷ । ସୁରଭି—ସୁନ୍ଦର । ବଇଦେହି—ପିପ୍ପଳୀ ଗଛ । ସୁମନା—ମନୋରମା । ସୁମନା—ଧୀର । ସୁରଭି—ଜାଇଫଳ ଗଛ ।

---

୧୪ଶ ପଦ:—"ପୁଣି ଏ ବନରେ ପୁନାଗ, ନାଗେଶ୍ୱର ବୃକ୍ଷମାନେ ପୁଷ୍ପିତ ହୋଇଅଛନ୍ତି । ତାଙ୍କ ଡାଳରେ ବାନରମାନେ ରତିକ୍ରୀଡ଼ା କରୁଅଛନ୍ତି । ତାଙ୍କ ରତିକ୍ରୀଡ଼ା ସହିତ ଆଉ କଏ ସମାନ ହେବ ?(ଆଉ କେହି ସମାନ ନୁହନ୍ତି) । ଦେଖ, ଏଠାରେ ସିଂହ ଶ୍ରେଷ୍ଠହସ୍ତୀକୁ ବିଦାରଣ କରି ଯାଉଅଛି । ( ତୁ ମନେ କରିବୁ, ମୁଁ ତ କରିଗମନା ଓ କରିକୁମ୍ଭସ୍ତନୀ; ସିଂହ ମୋତେ କଲେ ବିଦାରିବ । ମାତ୍ର ସେ ଭୟ କର ନାହିଁ । କାରଣ, ସେ ହସ୍ତୀକୁ ବିଦାରଣ କରି ଚାଲି ଯାଉଅଛି—ଏଠାରେ ନାହିଁ) । ଏ ବନ ସହିତ କେହି ସମାନ ହେବେ ନାହିଁ । କମ୍ପା ଏ ବନ କେବଳ ଶ୍ରେଷ୍ଠ ଘୋଟକ ବିସ୍ଥାନ ହୋଇଅଛି । (ଏ ବନରେ ଯେଉଁ ଅଛି ମାତ୍ର ଉତ୍ତମଜାତୀୟ ଅଶ୍ୱ ନାହାନ୍ତି ) ।"

୧୫ଶ ପଦ:—ତତ୍ପରେ ରଘୁବର ସୀତାଙ୍କୁ ସମ୍ବୋଧନ କରି ହସ୍ତ ଦ୍ୱାରା ଦେଖାଇ ଦେଇ ସର୍ବଯମକରେ କହିଲେ, ( ସର୍ବଯମକ ଲକ୍ଷଣ;—ସମସ୍ତ ପାଦ ଭିନ୍ନାର୍ଥରେ ଏକ ଶବ୍ଦ ବିଶିଷ୍ଟ ହେଲେ ସର୍ବଯମକ ହୁଏ) "ହେ ବୈଦେହି ! ହେ ମନୋରମେ ! ହେ ଧୀରେ ! ଦେଖ, ଏ ମାଲତୀ ପୁଷ୍ପ, ଏ ଚମ୍ପାପୁଷ୍ପ, ଏ ପିପ୍ପଳୀ, ବୃକ୍ଷ, ଏ ଲବଙ୍ଗ ବୃକ୍ଷ, ଏ ଜାଇଫଳ ବୃକ୍ଷ ।"

୧୬ଶ ପଦ:— "ହେ ସଙ୍ଗାତ ! ହେ ବାଳେ ! ହେ ଚମ୍ପକବର୍ଣ୍ଣେ ! ଦେଖ, ଏ ଧାମକ ଲୋକଙ୍କର ପ୍ରିୟ ତୁଳସୀ ବୃକ୍ଷ । କଦମ୍ବ ବୃକ୍ଷ ମାଧବୀ ଲତା

ବାଳିକା କନକକାନ୍ତି କନକ କନକ
ବାଳିକା କନକକାନ୍ତି କନକ କନକ ଯେ । ୧୬ ।
ବିଳାସିନି ଏ ସାରଙ୍ଗ ସାର ସଦଙ୍ଗରେ
ବିଳ ସିନି ଏ ସାରଙ୍ଗ ସାରସ ଚଙ୍ଗରେ ଯେ ।
ବରାହ ବରେ ପ୍ରକାଶ ମାନ ଯେ ଦନ୍ତରେ
ବରାହବରେ ପ୍ରକାଶମାନ ଯେ ଦନ୍ତରେ ଯେ । ୧୭ ।
ବୋଲନ୍ତି ଗୋମୂତ୍ରିଚ୍ଛନ୍ଦେ ହସ ହସ ହୋଇ
ଖଣାପ୍ରଭମ୍ବ ରେ ଅନା ତୋଳାକୁ ଖେଳାଇ ଯେ ।

---

୧୬ଶ ପଦ:—ଲୋକରେ—ସଂସାରରେ । ଲୋକ—ଦେଖ । ପ୍ରିୟକ—କଦମ୍ବ ଗଛ । ମାଧବୀ—ତୁଳସୀଗଛ । ସଂଘାତ—ସମୂହ । ବାଳିକା—ବାଳିକେ ବା ବାଳେ ବୋଲି ସମ୍ବୋଧନ । ବାଳକା—ଲଟିପଲ୍ଲଶ । କନକକାନ୍ତି—ସୁବର୍ଣ୍ଣ ଓ ଚମ୍ପକ ପରି କାନ୍ତିବିଶିଷ୍ଟା ସ୍ତ୍ରୀ ।

୧୭ଶ ପଦ:—ବିଳାସିନୀ—ବିଳାସବତୀ ସ୍ତ୍ରୀ । ସାରଙ୍ଗ—ଚନ୍ଦ୍ର, ଭଦ ଭଦଲଆ, ପଦ୍ମ, ଚକ୍ରବାକ, ମତ୍ତହସ୍ତୀ । ସାର—ଶ୍ରେଷ୍ଠ । ସଦଙ୍ଗରେ—ସମୂହରେ । ସାରଙ୍ଗ—ହଂସ । ସାରସ—ସାରସ ପକ୍ଷୀ । ଚଙ୍ଗରେ—ଚକ୍ରବାକ—ପକ୍ଷୀ । ବରାହବରେ—ଶ୍ରେଷ୍ଠ ବରାହମାନେ । ମାନ—ଗର୍ବ । ବରାହବରେ—ପ୍ରଧାନ ଯୁଦ୍ଧରେ । ଦନ୍ତରେ—ପର୍ବତ ଶୃଙ୍ଗରେ ବା ଲତା କୁଞ୍ଜରେ ।

୧୮ଶ ପଦ:—ଖଣାପ୍ରଭମ୍ବ—ବିଦୁ୍ୟତ୍‌ପରି ଗୌରାଙ୍ଗୀ । ବାର ବାର—ପୁନଃପୁନଃ । ତାରତର—ଅତ୍ୟୁଜ୍ଜ୍ୱଳ । ବିରତର—ରତିକ୍ରୀଡ଼ାରେ ବିଶେଷରେ ଆସକ୍ତ । ଏଣୀ ଏଣ—ମୃଗୀ ମୃଗ ।

---

ସମୂହରେ ବେଷ୍ଟିତ ହୋଇ ଶୋଭା ପାଉଅଛୁ । ପୁଣି ନାଗେଶ୍ୱର, ସନାସ୍ଥ, କିଂଶୁକ ଓ ଚମ୍ପା ବୃକ୍ଷ କପରି ଶୋଭା ବିସ୍ତାର କରିଅଛନ୍ତି ।”

୧୭ଶ ପଦ:—“ହେ ବିଳାସିନି ! ଏ ପୁଷ୍କରିଣୀର ଜଳ ଚକ୍ରବାକ ସହିତରେ ଶୋଭମାନ ହୋଇଅଛି । ଏ ଭ୍ରମର ପଦ୍ମ ସମୂହରେ ବିଳାସବତୀ ହୋଇଅଛି । ହେ ବରେ ! ଦେଖ, କପରି ଘୋରତର ଯୁଦ୍ଧରେ ମତ୍ତ ହୋଇ ସ୍ୱାସ୍ଥ୍ୟ ଦନ୍ତ ଦେଖାଇ ଗର୍ବଭରେ ଶୂକରମାନେ ବୁଲୁଅଛନ୍ତି ।”

୧୮ଶ ପଦ:—ପୁଣି ରାମଚନ୍ଦ୍ର ହସ ହସ ହୋଇ ଗୋମୂତ୍ରି ଛନ୍ଦରେ କହନ୍ତି, “ହେ ବିଦୁ୍ୟଦ୍‌ଗୋରି ! ମଣି ପୁଞ୍ଜପରି ସମୁଜ୍ଜ୍ୱଳ ତୋର ଚକ୍ଷୁଦ୍ୱୟର

ବାରବାର ଭାରତର ମଣିଗଣ ଜ୍ୟୋତି
ବିରତର ସୁରତର ଏଣୀ ଏଣ ସ୍ଫୀତି ଯେ । ୧୮ ।
ବଣ ରତ୍ନନିଧି ଗୁଞ୍ଜ ସଙ୍ଗ ଅସନରେ
ବସ ଯନ୍ତୁ ବିଧି କୁଞ୍ଜଭୃଙ୍ଗ ସ୍ୱସନ୍ନରେ ଯେ ।
ବାଘାବାତ ବେଣୁ ଥାଇ ଥାଇ ପ୍ରେମଶୀଳା
ବେଦ୍ଧବତ ମଣୁଥାଇ ପାଇ ରାମ ଶିଳା ଯେ । ୧୯ ।
ବ୍ୟଥା କରିବନ ପାଦ ପ୍ରକାଶି ବସିଲେ
ବସାଇ ଜାନୁରେ ଅନ୍ତଲିପିଏ ଭାଷିଲେ ଯେ ।
ବିହାରସ୍ଥାନ କେ ମୀନମାନଙ୍କ ଅଟଇ (ବନ)
ବାୟସରେ କେହୁ ପ୍ରତିପାଳିତ ହୁଅଇ ଯେ ।୨୦। (ପିକ)
ବିଷବସ୍ତ୍ର ପ୍ରକାଶେ କି କଲେ ପକ୍ଷୀଆଳି (ରୁଦ୍ର)
ବିରୂପାକ୍ଷ ନେବାନକେ କେହୁ ଗଲା ଜଳି ଯେ (ମାର)

---

୧୯ଶ ପଦ:—ଗୁଞ୍ଜ—କାଇଞ୍ଚ । ରାମଶିଳା—ସୁନ୍ଦର ପ୍ରସ୍ତର । ରତ୍ନନିଧି ରତ୍ନସମୃଦ୍ଧ ।

୨୧ଶ ପଦ: —ବିଷବସ୍ତ୍ର—ରାତ୍ରି । ପକ୍ଷିଆଳି—ପକ୍ଷୀସମୂହ । ବିରୂପାକ୍ଷ—ମହାଦେବ ।

---

ତୋଳାକୁ ବାରମ୍ବାର ଖେଳାଇ ନିରୀକ୍ଷଣ କରୁ, ମୃଗୀ ଓ ମୃଗମାନେ କପରି ସୁରତରେ ବିଶେଷଭାବରେ ରତ ହୋଇ କ୍ରୀଡ଼ା କରୁଅଛନ୍ତି ।"

୧୯ଶ ପଦ:—"ଅସନ ବୃକ୍ଷରେ ମାଡ଼ିଥିବା କାଇଞ୍ଚ ଲତାର ଫଳସବୁ ରତ୍ନମାନଙ୍କୁ ସୁଦ୍ଧା ଧିକ୍କାର କରୁଅଛି । ବିଧାତା ନିର୍ମିତ କୁଞ୍ଜମାନଙ୍କରେ ଭ୍ରମରସବୁ ବସି ଅଛନ୍ତି । ହେ ପ୍ରେମଶୀଳେ ! ବାଉଁଶ ଗଛରେ ପବନ ପଶି ତାକୁ କପରି ବାଦନଶୀଳ କରିଅଛି, ଶୁଣ ।" ତତ୍ପରେ ରାମଚନ୍ଦ୍ର ଖଣ୍ଡିଏ ସୁନ୍ଦର ପଥର ପଡ଼ିଥିବାର ଦେଖି ତାକୁ ବେଦୀ ସ୍ୱରୂପ ମନେ କଲେ ।

୨୦ଶ ପଦ:—"ହେ ସୀତେ ! ତୋର ପାଦ ବ୍ୟଥା କରିବଣି ।" ଏପରି କହି ସେ ଶିଳା ଉପରେ ବସିଲେ । ସୀତାଙ୍କୁ ଜାନୁ ଉପରେ ବସାଇ ଅନ୍ତଲିପିରେ କହିଲେ, "ମୀନମାନଙ୍କର ବିହାର ସ୍ଥାନ କଅଣ ? 'ବାୟସ' କାକ ଦ୍ୱାରା କିଏ ପ୍ରତିପାଳିତ ହୁଏ ?"

ବିଷ୍ଣୁ କୋଳେ ସର୍ବକାଳେ କେଉଁ ମନୋହର (ରମା)
ବିଶ୍ୱରେ କରୁଛି କେଉଁ ପର ଉପକାର ଯେ ।୨୧। (ତରୁ)
ବାନରଙ୍କର ପ୍ରସିଦ୍ଧ ନାମ କେ ଜଗତେ (କପି)
ଦଣ୍ଡର ଗ୍ରହଗଣନା ସଂଖ୍ୟା ପୁନଃ କେତେ ଯେ । (ନବ)
ବସ୍ତୁସୀ ସ୍ୱସ୍ୱୟମ୍ବରେ କନ୍ୟାଙ୍କୁ କସ କହ୍ୟ (ବର)
ବୋଲ୍ଲଇ ଜୀବ ମଧ୍ୟରେ ସାରସ୍ୱତ କେଉଁ ଯେ ।୨୨। (ନର)
ବୋଲନ୍ତି ଯବନେ ଇଷ୍ଟଦେବରେ କ ଭାଷ (ପିର)
ବସୁଧାପତି ପ୍ରଜାଙ୍କଠାରୁ ନେବନେ କସ ଯେ । (କର)
ବାମନମୂର୍ତ୍ତି ନନ୍ଦନ ବୋଲାନ୍ତି କାହାର (ସୁର)
ବାଞ୍ଛା ସଂସାରୁ କ ହୋଏ ଗୁରୁଶିଷ୍ୟଠାରେ ଯେ ।୨୩। (ତର)
ବଧିରେ ଯୁଦ୍ଧରେ କେଉଁ ବଚନ ଚହଳ । (ମୋର)
ବସନ୍ତ ହୋଇଲେ କସ କରଇ କୋକିଳ ଯେ । (ରବ)
ବିପ୍ରଲବ୍ଧା ପ୍ରଭୃତେ କ କରେ ଉପକାନ୍ତେ (ମାନ)
ବ୍ରହ୍ମାଣ୍ଡେ ଜୀବନମୁକ୍ତ ଅଟଇ କେ ସତେ ଯେ ।୨୪। (ତପୀ)

---

୨୧ଶ ପଦ:—"ରବି ପ୍ରକାଶ ହୁଅନ୍ତେ ପକ୍ଷୀ ସମୂହ କଣ କରନ୍ତି ? ମହାଦେବଙ୍କ ନେତ୍ରାନଳରେ କିଏ ଜଳିଗଲା ? ସବୁ ସମୟରେ ବିଷ୍ଣୁଙ୍କ କୋଳରେ କିଏ ଶୋଭା ପାନ୍ତି ? ସଂସାରରେ ପରର ଉପକାର କିଏ କରୁଛି ?"

୨୨ଶ ପଦ:—"ଜଗତରେ ବାନରମାନଙ୍କର କେଉଁ ନାମ ପ୍ରସିଦ୍ଧ ? ପୁଣି ଗଣନା କଲେ ଗ୍ରହସଂଖ୍ୟା କେତେ ହେବ ? ବିଷ୍ଣୁର କର, ସ୍ୱୟମ୍ବର କାଳରେ ସଖୀ କନ୍ୟାଙ୍କୁ କଣ କହେ ? ଜୀବମାନଙ୍କ ମଧ୍ୟରେ ଶ୍ରେଷ୍ଠ କିଏ ?"

୨୩ଶ ପଦ:—"ଯବନମାନେ ଇଷ୍ଟଦେବଙ୍କୁ କଣ ବୋଲି କହନ୍ତି ? ରାଜା ପ୍ରଜାଙ୍କଠାରୁ କଣ ନଅନ୍ତି ? ବାମନମୂର୍ତ୍ତି ବିଷ୍ଣୁ କାହାର ପୁତ୍ର ଅଟନ୍ତି ? ଏ ସଂସାରରେ ଗୁରୁ ଶିଷ୍ୟଠାରେ କଣ ହେବାକୁ ଇଚ୍ଛା କରନ୍ତି ?"

୨୪ଶ ପଦ:—"ଘୋର ଯୁଦ୍ଧରେ କି ଚହଳ ବାକ୍ୟ ଶୁଣାଯାଏ ? ବସନ୍ତ ସମୟରେ କୋକିଳ କଣ କରେ ? ବିପ୍ରଲବ୍ଧା କାମିନୀ ନାୟକଠାରେ ପ୍ରଭାତରେ କଣ କରେ ? ସଂସାରରେ ପ୍ରକୃତରେ କିଏ ଜୀବନ୍ମୁକ୍ତ ଅଟେ ?

ବେଦେ କେ ଆଉ ଅଥର୍ବ ଯଜୁଃ ସାମ ତେଜି (ରୁକ୍)
ବସନ୍ତେ କେ କେ ବିଯୋଗୀ ଶତ୍ରୁ କହ ହେଜି ଯେ ।
ବନ ପିକ ରୁତ ମାର ବୋଲେ ବଇଦେହୀ
ବିଶେଷ ତୋଷ ଚୁମ୍ବନ ଆଲିଙ୍ଗନ ବହି ଯେ ।୨୫।
ବହିଲିପି କହି ବେନି ବେନି ବର୍ଣ୍ଣ ଲେଖି
ବାମ ନାଶି ଦକ୍ଷିଣବର୍ଣ୍ଣକୁ ଭଜ ସଖି ଗୋ ।
(ଶିବ) ବନ୍ଦ୍ୟ କେ ଜଗତେ, କେଉଁ ତିଳକର ସ୍ଥାନ (ଭାଲ)
(ସଭା) ବସି ରାଜା କି କରି, ବେଶ୍ୟାର କି ରଞ୍ଜନ ଯେ ।୨୬। (ରୂପ)
(ଚଣ୍ଡୀ) ବ୍ୟୋମକେଶମୋହିନୀ କେ, ଶିଶୁ କେ ପାଳଇ (ମାତା)
(ପଶା) ବଡ଼ ଖେଳରେ କେ ଘେନ, ଘନ କି ମୁଞ୍ଚଇ ଯେ ? (ନୀର)
(କବି) ବଇରେ କେଉଁ ପ୍ରବନ୍ଧ, ଋଷି କି କରନ୍ତି (ଜପ)
(ଗିରି) ବହେ ଉତ୍ତୁଙ୍ଗ ଶୃଙ୍ଗ କେ, ବିପ୍ରେ କି ହୁଅନ୍ତି ଯେ ।୨୭। (ବ୍ରତ)

---

୨୬ଶ ପଦ:—ବ୍ୟୋମକେଶ—ମହାଦେବ । ଘନ—ମେଘ । ଉତ୍ତୁଙ୍ଗ—ଅତି ଉଚ୍ଚ । ବିପ୍ରେ—ବ୍ରାହ୍ମଣମାନେ ।

---

୨୫ଶ ପଦ :—"ଅଥର୍ବ, ଯଜୁ, ସାମବେଦକୁ ଛାଡ଼ି ଆଉ କି ବେଦ ରହିଲା ? ବସନ୍ତକାଳରେ ବିରହୀମାନଙ୍କର ଶତ୍ରୁ କେଉଁମାନେ ? ଏହା ହେଜି କହ । (୧୯ଶ ପଦଠାରୁ ୨୫ଶ ପଦ ପର୍ଯ୍ୟନ୍ତ ରାମଙ୍କ ପ୍ରତ୍ୟେକ ପ୍ରଶ୍ନର ଉତ୍ତର 'ବନ ପିକ ରୁତ ମାର' 'ରମା ତରୁ କପି ନବ' 'ବର ନର ପିର କର' 'ରୁର ତର ମାର ରବ' 'ମାନ ତପୀ ରୁକ' ହେଲା) । ଶେଷରେ ରାମଚନ୍ଦ୍ର ପଚାରିଲେ, ବନସ୍ତରେ ବିରହୀର ଶତ୍ରୁ କିଏ ? ବିରହୀକୁ କେଉଁମାନେ କଷ୍ଟ ଦିଅନ୍ତି ? ) ରାମଙ୍କ ପ୍ରଶ୍ନ ଶୁଣି ବୈଦେହୀ କହିଲେ, "ବନ, ପିକ, ରୁତ ମାର ।" ଏହା ଶୁଣି ରାମ ଖୁବ୍ ଆନନ୍ଦିତ ହୋଇ ତାଙ୍କୁ ଚୁମ୍ବନ ଓ ଆଲିଙ୍ଗନ କଲେ ।

୨୬ଶ ପଦ :—ପୁଣି ବହିର୍ଲିପିରେ ବାକ୍ୟ ପ୍ରକାଶ କରି କହିଲେ, "ଗୋ ସଖି ! ଦୁଇ ଦୁଇ ଅକ୍ଷର ଲେଖି ବାମ ଅକ୍ଷର ନାଶି ଦକ୍ଷିଣ ଅକ୍ଷରକୁ ହେଜୁ କର । ଜଗତରେ ପୂଜ୍ୟ କିଏ ? ତିଳକର ସ୍ଥାନ କିଏ ? ରାଜା କଣ କରି ବସନ୍ତି ? ବେଶ୍ୟାର ରଞ୍ଜନ କଅଣ ?"

୨୭ଶ ପଦ :—"ଶିବଙ୍କର ମୋହିନୀ କିଏ ? ପିଲାଙ୍କୁ କିଏ ପାଳେ ? ଖେଳ ମଧ୍ୟରେ ବଡ଼ କିଏ ? ମେଘ କଣ ତ୍ୟାଗ କରେ ? କିଏ ପ୍ରବନ୍ଧ ରଚନା କରନ୍ତି ? ଉଚ୍ଚ ଶୃଙ୍ଗ କିଏ ବହେ ? ବ୍ରାହ୍ମଣମାନେ କଣ ହୁଅନ୍ତି ?"

[ଗଦା] ବିଷ୍ଣୁ ଆୟୁଧ କେ ଚନ୍ଦ ବିନା, କେ ଅଗମ୍ୟ ? [ବନ]
[ଶ୍ଳୋକ] ବ୍ରହ୍ମା କି ପାଳନ୍ତି, କେହି ରଚନ୍ତି ସଂଗ୍ରାମ ଯେ ? [ଖର]
ବୁଝି ମୈଥିଳୀ ଭଣିତ ଗୁରୁ କରି ନାହିଁ
ବୋଲେ ରାଘବ ଅଗୁରୁବିଦ୍ୟା ସିନା ସେହି ଯେ । ୨୮ ।
ବିକାଶି ମୁଗ୍‌ଧା ପ୍ରକାଶି ଚନ୍ଦନ ବିଶେଷ
ବିଲେପିବେ ଧୂପିବେ କି ବଳନ୍ତି ମାନସ ହେ ।
ବୋଲି ଲୁଚିଯାଇ ଚୋର ଉଦାରପଣକୁ
ହସିଲେ ଲଲାଟେ ଗଇରିକରେ ଟିକଲୁ ଯେ । ୨୯ ।
ବଳୀମୁଖ ମୁଖରନାଦରେ ଯାଉଁ ପାଶେ
ବେଗେ କରେ କରେ କୋଳ ଉରୁମଣି ଶ୍ୱାସ ଯେ ।
ବକ୍ଷେ ସେ ବିଚିତ୍ର ଚନ୍ଦ ଲାଗି ଶୋଭା ପାଇ
ବାରିଦେ କି ଅରୁଣ ଅରୁଣ ଗଲା ଉଇଁ ଯେ । ୩୦ ।

---

୨୮ଶ ପଦ:—ସଂଗ୍ରାମ—ଯୁଦ୍ଧ ।
୩୦ଶ ପଦ:—ବଳୀମୁଖ—ବାନର । କରେ—ହସ୍ତରେ ।

---

୨୮ଶ ପଦ:—"ଚନ୍ଦ ବିନା ବିଷ୍ଣୁଙ୍କର ଆୟୁଧ କଣ ? ଅଗମ୍ୟ କିଏ ? ବ୍ରହ୍ମା କାହାକୁ ପାଳନ୍ତି ? କିଏ ସଂଗ୍ରାମ କରନ୍ତି ? (ରାମଙ୍କର ଏହି ପ୍ରଶ୍ନର ଉତ୍ତର ଷୋଳଗୋଟି ଶବ୍ଦ ଲେଖି ପ୍ରତ୍ୟେକ ପଦର ବାମ ଅକ୍ଷର ଲିଭାଇ ଦେଇ ଡାହାଣ ଅକ୍ଷରମାନ ପଢ଼ିଲେ ହେଲା, 'ବଲଭି ପଣ୍ଡିତା ସାର, ବିପରୀତ ଦାନ କର ।') ଏହା ବୁଝିପାରି ସୀତା କହିଲେ, "ମୁଁ ତ ଗୁରୁ କରି ନାହିଁ । (ମୁଁ ତାହା ଜାଣେ ନାହିଁ) ।" ରାମଚନ୍ଦ୍ର ଉତ୍ତର ଦେଲେ, "ତାହା ଅଗୁରୁ ବିଦ୍ୟା ସିନା ।" [ ସେ ବିଦ୍ୟା ଶିଖିବାପାଇଁ ଗୁରୁର ଦରକାର ନାହିଁ ]।

୨୯ଶ ପଦ:—ରାମଙ୍କ କଥା ଶୁଣି ସୀତା ମୁଗ୍‌ଧାକନ୍ୟା ପ୍ରାୟ ସବୁ ଜାଣି କିଛି ନ ଜାଣିଲାପରି ହୋଇ କହିଲେ, "ଅଗୁରୁ ତ ଚନ୍ଦନ ବିଶେଷ, ତାହା ବୋଳି ହେବାପାଇଁ ବା ଧୂପ ଦେବାରେ ତୁମ୍ଭର ମନ ବଳୁଛି କି ?" "ଏହା କହିବାଦ୍ୱାରା କଣ ଚୋର ଉଦାରପଣ ଲୁଚିଯିବ ?" [ଆହା କିଛି ଯେପରି ଜାଣେ ନାହିଁ; ଉଦାରପଣକୁ ଲୁଚିଯାଏ କିନା ],—ଏହା କହି ରାମ ସୀତାଙ୍କ ଲଲାଟରେ ଗେରୁର ତିଳକ ଦେଲେ ।

୩୦ଶ ପଦ:—ଏହି ସମୟରେ ଗୋଟିଏ ମାଙ୍କଡ଼ ଖିଁ ଖିଁ ଶବ୍ଦ କରି ତାଙ୍କ ପାଖକୁ ଯାଆନ୍ତେ, ଭୟାତୁରଶ୍ରେଷ୍ଠା ସୀତା ଭୟ ପାଇ ରାମଙ୍କୁ ଅତି ଖରେ ହସ୍ତ ଦ୍ୱୟରେ କୁଣ୍ଢାଇ ପକାଇଲେ । ସେ ଗେରୁ ଟିକା ରାମଙ୍କ ଛାତିରେ ଲାଗି ମେଘରେ ଅରୁଣ ବର୍ଣ୍ଣର ସୂର୍ଯ୍ୟ [ବାଳସୂର୍ଯ୍ୟ] ଉଇଁଲା ପ୍ରାୟ ବିଚିତ୍ର ଶୋଭା ଦିଶିଲା ।

ବିଚକ୍ଷଣ କାନ୍ତକାନ୍ତ ବଚନ ପ୍ରକାଶି
ବାଳା ପୁଂସ ସ୍ୱାନ୍ତ ରାଗ ରାଗ ଛଳେ ଦର୍ଶି ଯେ ।
ବାରେ ହସି ମଉନ ଜନକତନୟା ବାଳା
ବିସ୍ତୀର୍ଣ୍ଣ ମଧ୍ୟଯମକ ଏ ଭାବରେ ହୋଇଲା ଯେ । ୩୧ ।
ବାରଣକେଶର ପୁଷ୍ପ ତୋଳନ୍ତେ ପଡ଼ି ରଜ
ବାରି ଜନ୍ମାଉଁ ଅଦ୍ଭୁତେ ନେତ୍ର ସରସିଜ ଯେ ।
ବିସ୍ମରଣ ପ୍ରିୟା ମାନ ପ୍ରିୟ ଚଞ୍ଚଳତ
ବିଲୋମଲୋମ ମେଷଯୁଦ୍ଧରେ ସ୍ତୁତି କୃତ ଯେ । ୩୨ ।
ବରଦ ବିରସାନନ ଯାଉ ବିଦରବ
ବଧ ମାନ କରନ୍ତ ତରଜନ ମାଧବ ଯେ ।

---

୩୧ଶ ପଦ:—ରାଗ—ଅନୁରାଗ ବା ସ୍ନେହ । ରାଗ—ରଙ୍ଗ ।
୩୨ଶ ପଦ:—ବାରଣକେଶର—ନାଗକେଶର । ସରସିଜ—ପଦ୍ମ ।

---

୩୧ଶ ପଦ:—ତାହା ଦେଖି ଚତୁର ରାମମନୋହର ବଚନ ପ୍ରକାଶ କରି କହିଲେ, "ହେ ପ୍ରିୟେ ! ବାଳାର ବିପରୀତରତିରେ ସ୍ନେହ ରଙ୍ଗ ଛଳରେ ଦର୍ଶାଇଲି [ବିପରୀତ ରତିବେଳେ ପୁରୁଷ ସ୍ତ୍ରୀ ଓ ସ୍ତ୍ରୀ ପୁରୁଷ ରୂପେ ବିବେଚିତ ହୋଇଥିବାରୁ ପୁରୁଷଠାରେ ସ୍ତ୍ରୀର ପୁଷ୍ପବନ୍ତର ଗୁଣ ଦେଖାଗଲା] । ଏହା ଶୁଣି ଜନକତନୟା ବାଳୀ ସୀତା ଥରେ ହସି ମୌନ ହେଲେ । ଏହି ଭାବରେ ମଧ୍ୟଯମକ ଲକ୍ଷଣ ସ୍ପଷ୍ଟ ହୋଇ ହେଲା । [୨୯ଶ ପଦଠାରୁ ୩୧ଶ ପଦ ପର୍ଯ୍ୟନ୍ତ ମଧ୍ୟଯମକ । ମଧ୍ୟଯମକର ଲକ୍ଷଣ:—ପାଦର ମଧ୍ୟ ଭାଗରେ ଯମକ ନିୟମ ଅନୁସୃତ ହୋଇଥିଲେ ମଧ୍ୟ-ଯମକ ହୁଏ ] ।

୩୨ଶ ପଦ:—ତାହାପରେ ରାମଚନ୍ଦ୍ର ନାଗେଶ୍ୱରଫୁଲ ତୋଳିବାବେଳେ ଫୁଲର ପରାଗ ସୀତାଙ୍କ ନେତ୍ର ପଦ୍ମରେ ପଡ଼ିବାରୁ ଜଳ ଜନ୍ମି ଅଦ୍ଭୁତ ଦେଖାଗଲା । [ ଜଳରୁ ପଦ୍ମ ଜାତ ହୁଏ, ମାତ୍ର ଏ ନେତ୍ରପଦ୍ମରୁ ଜଳ ଜାତ ହେଉଅଛି, ତେଣୁ ଅଦ୍ଭୁତ ] ତାହା ଦେଖି 'ପ୍ରିୟା ମାନ କଲା କି ?' ଏପରି ବିସ୍ମିତ ରାମଚନ୍ଦ୍ର ଚଞ୍ଚଳ ଲୋମବିଲୋମ ମେଷଯୁଦ୍ଧ ଛନ୍ଦରେ ସ୍ତୁତି କଲେ । [ ଲୋମ ବିଲୋମ ମେଷଯୁଦ୍ଧ ଲକ୍ଷଣ:—ଗୀତର ପ୍ରତ୍ୟେକ ପାଦକୁ ମୂଳରୁ ଶେଷକୁ ପାଠ କଲେ ଯାହା ଶେଷରୁ ମୂଳକୁ ପାଠ କଲେ ତାହା ] ।

୩୩ଶ ପଦ:—"ହେ ପ୍ରିୟେ ! ପ୍ରସନ୍ନା ହୁଅ । ତୁମ୍ଭର ଶ୍ରେଷ୍ଠ ମୁଖରେ ଫୁଟିଥିବା ବିରସ ଭାବକୁ ନାଶ କର, ବିଶେଷରେ ଦୂରୀଭୂତ ହୁଅ [ମାନ ତ୍ୟାଗ

ଛିଦ ମାର ତ ହେବ ବହେ ତର ମାଧବ
ବିହେ ସଦା ତରସ ଶରତ ଦାସ ହେବି ଯେ ।୩୩।
ବକ୍ରୋକ୍ତି ପ୍ରକାଶ କରି ଚକ୍ଷୁରତନ
ବିସ୍ତାରିଛ ନୃତ୍ୟ ଶେଷ କେ କି କହ ମାନ ଯେ ।
ବଲ୍ଲଭ ତହିଁ ମଧୁର ଧ୍ୱନିକ ରଚନା
ବେଣୀ ନାଚିଲେ ନାଚନ୍ତା ଉତ୍‌ଫୁଲ୍ଲ ସୁମନା ଯେ ।୩୪।
ବଦନକୁ ନୁଆଇଁ କହିଲେ ରସବତୀ
ବିସୋରିବ ନାହିଁ ପଦ୍ମ ସେ ସୁରସପତି ଯେ ।

୩୩ଶ ପଦ :—ବରଦ—ପ୍ରସନ୍ନ । ବିରସାନନ—ବିମର୍ଷ ମୁଖ । ବିଦରିବ ବିଶେଷରେ ଦ୍ରବୀଭୂତ । ବଧ—ନାଶ । ଜରତ—ବୃଦ୍ଧ । ତର୍ଜନ—ଭୟ । ମାଧବ—ବସନ୍ତକାଳ । ଛିଦ—ଭେଦନ । ମାର କନ୍ଦର୍ପ ।

କରି) । ବସନ୍ତ ତର୍ଜନ କରି ଆସୁଅଛି । ସେ ତାର ଶର ବିନ୍ଧିବ ଓ ମାରିବ । ବାସନ୍ତୀଲତା ଉଦ୍‌ବେଳିତ ହେଉଅଛି । ଏହା ଦେଖି ମୋ ମନରେ ତ୍ରାସ ଜାତ ହେଉଛି । ତୁ ତୋର ବିଶେଷ ଭାବରେ ବଢ଼ିଥିବା ଏ ମାନକୁ ତ୍ୟାଗ କର । ମୁଁ ସାନୁରକ୍ତ ହୋଇ ତୋର ଦାସ ହେବି । (ବସନ୍ତର ଶୋଭା ଦେଖି ମୋ ମନରେ କନ୍ଦର୍ପର ଭୟ ଜାତ ହେଉଛି । ତୁ ଏତେବେଳେ ମାନ କଲେ କନ୍ଦର୍ପ ମୋତେ ବହୁତ ଦୁଃଖ ଦେବ । ତୁ ମୁଖ ନ ଶୁଖାଇ ପ୍ରସନ୍ନା ହୁଅ, ମୁଁ ତୋର ଦାସ ହେବି ) ।"

୩୪ଶ ପଦ :—ଏହା ଶୁଣି ଚକ୍ଷୁ ରତନ ସୀତା ବକ୍ରୋକ୍ତି ପ୍ରକାଶ କରି କହିଲେ, "କିଏ ନୃତ୍ୟ ବିସ୍ତାର କରୁଥିଲା, ଶେଷ ହେଲା କି ? ମାନ ବୋଲି କଣ କହୁଛ ? (ନୃତ୍ୟ ଶେଷରେ ମାନ ହୁଏ, ଏଠାରେ କେହି ନୃତ୍ୟ କରୁ ନ ଥିଲା; ମାନ ବୋଲି କଣ କହୁଛ ? )" ତାହା ଶୁଣି ରାମଚନ୍ଦ୍ର ମଧୁର ସ୍ୱରରେ ଧ୍ୱନ୍ୟର୍ଥକୁ ରଚନା କରି କହିଲେ, "କେକୀ ଅର୍ଥାତ୍ ମୟୂର 'ସୁମନା' ମାଳତୀ ଫୁଲ 'ଉତ୍‌ଫୁଲ୍ଲ' ଫୁଟିବା ସମୟରେ ନୃତ୍ୟ ବିସ୍ତାର କରେ । ବର୍ଷାଦିନେ ମାଳତୀ ଫୁଲ ଫୁଟେ ଓ ମୟୂର ନୃତ୍ୟ କରେ) । ତୁ ତ ସୁମନା, 'ଉତ୍‌ଫୁଲ୍ଲ' ଉଲ୍ଲସିତ ହେଲେ ତୋ ବେଣୀ ନାଚନ୍ତା ।" (ଅର୍ଥାତ୍ ତୁ ବିପରୀତରତି କଲେ ତୋର ବେଣୀ ନାଚନ୍ତା ସିନା ) ।

୩୫ଶ ପଦ :—ରସବତୀ ସୀତା କାନ୍ତଙ୍କର ବିପରୀତ ରତି ମାଗିବାର ଅଭିପ୍ରାୟ ବୁଝି ଲଜ୍ଜାରେ ମୁହଁ ତଳକୁ ପୋତି କହିଲେ, "ସେ ରସଧାରକୁ

ବିଳସି ବିଳସି ବନେ ପର୍ଣ୍ଣବାସେ ଯାଇ
ବିଦ୍ୟ ଆଦ୍ୟଯମକ ପିଶିତ ଶୁଷ୍କେ ରହିଁ ଯେ । ୩୫ ।
ବଳ ବଳପୁଷ୍ଟ ଝାମ୍ପେ ଆହାର ଲୋଭରେ
ବଳ ବଳଶୋଭନା ତାହାର ନିବାରିତେ ଯେ ।
ବାସ ବାସଅଙ୍ଗୀର ଖସିଲା ପାସ୍ତ ସ୍ତନ
ବିମ୍ବ ବିମ୍ବଅରୁଣର ଯେ ଓଷ୍ଠ ନିନ୍ଦନ ଯେ ।୩୬।
ବିପଦ ବି ପଦ ଚଞ୍ଚୁ ଘାତରେ ବିହନ୍ତେ
ବିରସ ବୀରସତ୍ତମ କାଶଶର କୃତେ ଯେ ।
ବୃନ୍ଦ ବୃନ୍ଦ ମନ୍ଦର ତାଡ଼ିଲା ନେଇ ଦିବେ
ବିଧିରେ ବିଧୀରେ ମଜ୍ଜି ଏକଦୋଷେ ସର୍ବେ ଯେ ।୩୭।

---

୩୬ଶ ପଦ :—ବଳ—ବାରଣ ନ ମାନି । ବଳପୁଷ୍ଟ—କାକ । ବଳଶୋଭନା—ବିବଳୀ ଶୋଭିତା । ବାସ—ବସ୍ତ୍ର । ବାସଅଙ୍ଗୀ—ସୌରଭାଙ୍ଗୀ । ବିମ୍ବ—କଇଞ୍ଚକାକୁଡ଼ି ।

୩୭ଶ ପଦ :—ବିମ୍ବ—ମଣ୍ଡଳ । ବି—ପକ୍ଷୀ । ଚଞ୍ଚୁ—ଥଣ୍ଟ । ରସ—କ୍ରୋଧ । ମନ୍ଦ—କାକ । ଦିବ—ସ୍ୱର୍ଗ ବା ଆକାଶ । ବିଧିରେ—ଦୈବଯୋଗରେ । ବିଧୀରେ—ଧୀରତା ବିହୀନରେ ବା ମୂର୍ଖତାରେ ।

---

ମନକୁ ପାସୋରିବ ନାହିଁ ପରା ? ( ଅନ୍ୟାର୍ଥ—ସେ ସୁରସମ୍ପତ୍ତିକୁ ପାସୋରିବ ନାହିଁ ପରା ) ?" ଏହିପରି ସେ ଦୁହେଁ ବନରେ ବିହାର କରି କରି ପର୍ଣ୍ଣ-କୁଟୀରରେ ପହଞ୍ଚିଲେ । ସେଠାରେ ମାଂସ ଶୁଖାଇବାରେ ଆଦ୍ୟଯମକ ପ୍ରକାଶ ହେଲା । (ଆଦ୍ୟଯମକ ଲକ୍ଷଣ—ପ୍ରତ୍ୟେକ ପାଦର ପ୍ରଥମରେ ଯମକ ଶୃଙ୍ଖଳା ଅନୁସୃତ ହେଲେ ଆଦ୍ୟଯମକ ହୁଏ ) ।

୩୬ଶ ପଦ :—ବଳବାନ୍ କାକ ଆହାର ଲୋଭରେ ଶୁଖୁଥିବା ମାଂସକୁ ଝାମ୍ପନ୍ତେ ସୀତା ତାହା ନିବାରଣ କରିବାକୁ ଗଲାବେଳେ ଯେଉଁ ସୀତାଙ୍କ ଓଷ୍ଠ ବିମ୍ବଫଳକୁ ଓ ସୂର୍ଯ୍ୟମଣ୍ଡଳକୁ ନିନ୍ଦା କରେ, ସେହି ସୌରଭାଙ୍ଗୀ ବିବଳୀ ଶୋଭନା ସୀତାଙ୍କ ଦେହରୁ ଲୁଗା ଖସି ପଡ଼ିଲା । ତେଣୁ ସ୍ତନ ଦେଖାଗଲା ।

୩୭ଶ ପଦ :—କାକପକ୍ଷୀ ପାଦ ଓ ଥଣ୍ଟ ଘାତରେ ସୀତାଙ୍କର ଓଷ୍ଠ ଓ ସ୍ତନକୁ ଆଘାତ କରନ୍ତେ ବୀରଶ୍ରେଷ୍ଠ ରାମଚନ୍ଦ୍ର କାଇଁଶିକାଶର ପ୍ରୟୋଗ କରି ଶୂନ୍ୟରେ ଥିବା ଅସଂଖ୍ୟ କାକଙ୍କର ନେଇ ଉପାଡ଼ି ପକାଇଲେ । ଦୈବ ଯୋଗରେ ଓ ବିଧାନାନୁସାରେ ଗୋଟିକ ଦୋଷରେ ସମସ୍ତେ ମଜ୍ଜିଲେ ।

ବିନମ୍ର ବିନମ୍ର ରହି ଲୋଟନ୍ତେ ସେ ଆଗେ
ବିହଙ୍ଗମେ ବିହ ଗମେ ତ୍ରାହି ସୀତା ମାଗେ ଯେ ।
ବାରେ ବାରେ ଖେଦ ଦେବ ବାଣୀ ଏ ତେମନ୍ତ
ବିଷ ବିଷମ ଯେମନ୍ତ ସନ୍ଧି ପାତେ ହିତ ହେ ।୩୮।
ବିଦ୍ୟ ପ୍ରାନ୍ତ ଯମକେ କହିବା ନେତ୍ରଦାନ
ବକ ଚିହ୍ନ ରହି ମାତ୍ର କଲେ ନେତ୍ର ଦାନ ଯେ ।
ବଢ଼ିଲା ତୋଷ ଅଶେଷ ଲଭି ଖରେ ଗତି ।
ଦୃଷ୍ଟା-ସୁତ ଖଗବର୍ଗ କଲେ ଖ-ରେ ଗତି ଯେ ।୩୯।
ବିଶିଷ୍ଟରେ ଅନୁକୂଳ ପୁଂସ ଜାନକୀବନ୍ଧୁ
ବନୋଦରେ ସଙ୍ଗେ ସେନ ହରେ ଦିନବନ୍ଧୁ ଯେ ।

---

୩୮ଶ ପଦ :—ବି—ପକ୍ଷୀ । ନମ୍ର—ନତ । ବିନମ୍ର—ନମ୍ରତା । ବିହଙ୍ଗମେ—ପକ୍ଷିମାନେ ।

୩୯ଶ ପଦ :—ଖରେ—ବେଗରେ । ଗତି—ଗମନ । ଖ-ରେ—ଆକାଶରେ ।

---

୩୮ଶ ପଦ :—ଆଖି ଫୁଟି ଯିବାରୁ ସେ କାକପକ୍ଷୀମାନେ ବିନମ୍ରରେ ଓ ଶିଷ୍ଟାଚାର ପୂର୍ବକ ସୀତାଙ୍କ ଆଗରେ ଗଡ଼ିଲେ । ତାହା ଦେଖି ସୀତା ପ୍ରାର୍ଥନା କଲେ, "ଏ ପକ୍ଷୀମାନଙ୍କୁ ତ୍ରାଣ କର । ଏମାନଙ୍କର ଚକ୍ଷୁ ପୁଣି ପ୍ରଦାନ କର ।" ରାମଚନ୍ଦ୍ର କହିଲେ, "ଏ ଓଷ୍ଠ ଓ ସ୍ତନର କ୍ଷତଚିହ୍ନ ବାରମ୍ବାର ମୋ ମନରେ ଦୁଃଖ ଦେବ । ତେଣୁ ତାଙ୍କୁ ନିସ୍ତାର ଦେବା ଉଚିତ ନୁହେ ।" ସୀତା ପ୍ରତ୍ୟୁତ୍ତରରେ କହିଲେ, "ଗରଳ ବିଷମ ସନ୍ନିପାତରେ ହିତ, ଏ କ୍ଷତ ଚିହ୍ନ ସେହିପରି ଦିନେ ହେଲେ ହିତପ୍ରଦ ହେବ ।"

୨୯ଶ ପଦ :—ବର୍ତ୍ତମାନ ପ୍ରାନ୍ତଯମକରେ କହିବା । ନେତ୍ର ଖଣ୍ଡନକାରୀ ରାମ ଦୟା ପୂର୍ବକ କେବଳ ମାତ୍ର ବକ ଚିହ୍ନ ରଖି କାକମାନଙ୍କୁ ନେତ୍ର ଦାନ କଲେ । (କାକମାନେ ନେତ୍ର ପାଇଲେ ମାତ୍ର ଟେରା ହେଲେ) । ଏହାପରେ ଗର୍ବ-ଶୂନ୍ୟ କାକମାନେ ନେତ୍ର ପାଇ ଅତ୍ୟନ୍ତ ତୋଷ ହେଲେ । ଓ ଶୀଘ୍ର ଉଡ଼ି ଆକାଶରେ ଗତି କରି ଗଲେ ।

୪୦ଶ ପଦ :—ବିଶେଷ ଭାବରେ ସ୍ତ୍ରୀର ଅନୁଗତ ଜାନକୀବନ୍ଧୁ ରାମଚନ୍ଦ୍ର ପ୍ରିୟା ସୀତାଙ୍କୁ ସଙ୍ଗରେ ଘେନି କେଳି ବନୋଦରରେ ଦିନ କାଟିଲେ । ସେ

ଶୀର ଧ୍ୟାନମାନସେ ଶୀର ସେ ସଖୀ ପଦେ
ବୋଲେ ଭଞ୍ଜ ଉପଇନ୍ଦ୍ର ବେଣବଂଶ ପଦେ ଯେ ।୪୦।

○—○

## ବଂଶ ଛାନ୍ଦ

### ରାଗ—ବଙ୍ଗଳା ଶ୍ରୀ

ବୋଇଲେ ସୀତା ଶିତାଂଶୁ ମୁଖୀ ଏକାନ୍ତେ ଅତି ଖିନହୋଇ ।
ବିହି ବହିଲା ବନବାସ ବାସରେ ନୃପତି ହେବାର ଯାଇ ।
ବିଜସାଇ ପଥ୍ୟା ଅଳକା ଛଡ଼ାଇ ଈଶ୍ୱରଙ୍କୁ ଶମଶାନେ ।
ବିଷ୍ଣୁଙ୍କୁ ରତନପଲଙ୍କ ଛଡ଼ାଇ ଜଡ଼ାଇ ସର୍ପ-ଶୟନେ ।୧।
ବିସୋରି ନ ପାରି ଅବଧି ବିଧିକି କିପାଇଁ ବୋଲାଇ ବିଧି ।
ବସାଇ କୋଳେ ଶ୍ରୀରାମ କହେ ଖେଳେ ରସାଇ ଲାବଣ୍ୟନିଧି ।

---

୧ମ ପଦ :—ଶୀତାଂଶୁମୁଖୀ—ଚନ୍ଦ୍ରବଦନା । ଅତି ଖିନ—ଅତି ଦୁଃଖିତ । ବାସରେ—ଦିନରେ ଅର୍ଥାତ୍ ଅଭିଷେକ ଦିନରେ ।

---

ଶୀର ରାମଚନ୍ଦ୍ର ଓ ସଖୀ ସୀତାଙ୍କ ପାଦରେ ଧ୍ୟାନମନା ହୋଇ ଉପେନ୍ଦ୍ର ଭଞ୍ଜ ଏ ଛାନ୍ଦକୁ ବୃଳଣ ପଦରେ କହିଲେ ।

—○—

## ବଂଶ ଛାନ୍ଦ

୧ମ ପଦ :—ବିଜନେ ଚନ୍ଦ୍ରମୁଖୀ ସୀତା ଅତି ଦୁଃଖଭାବରେ କହିଲେ, "ରବି ପାହିଲେ ରାଜା ହେବାର କଥା ଗଲା । ବିଧାତା ଯେପରି ଶିବଙ୍କୁ ଅଳକା ଭୁବନ ଛଡ଼ାଇ ଶ୍ମଶାନରେ ବୁଲାଇଲା, ବିଷ୍ଣୁଙ୍କୁ ରତ୍ନପଲଙ୍କ ଛଡ଼ାଇ ସର୍ପ ଶଯ୍ୟାରେ ଶୁଆଇଲା, ସେହିପରି ଆମ୍ଭ କପାଳରେ ରାଜ ସୁଖ ଛଡ଼ାଇ ବନବାସ ବିଧାନ କଲା ।"

୨ୟ ପଦ :—" 'ଅବଧି' ଅନୁଚିତ ବିଧାନକୁ ଯେ ପାଶୋରି ନ ପାରେ ସେ କାହିଁକି ବିଧି ନାମ ବହିଛି ?" ଏହା ଶୁଣି ଶ୍ରୀରାମ ଲାବଣ୍ୟନିଧି ସୀତାଙ୍କୁ କୋଳରେ ବସାଇ ପ୍ରେମଖେଳରେ ତାଙ୍କ ମନକୁ ରସାଇ କହିଲେ, "ବିରଞ୍ଚି (ଯେ ବିହିତ ଆଚରଣ କରନ୍ତି) ପାର୍ବତୀଙ୍କ ସଙ୍ଗତରେ ଏକାନ୍ତରେ କେଳି କରିବା-ପାଇଁ ଈଶ୍ୱରଙ୍କୁ ଶ୍ମଶାନରେ ବୁଲାଇଲା, ଲକ୍ଷ୍ମୀଙ୍କ ସଙ୍ଗେ ଏକାନ୍ତରେ ବିହରିବା ପାଇଁ

ବିରଞ୍ଚି ଏକାନ୍ତ କେଳିକି ବିରଚି ଗଭସ୍ତି କମଳା ସଙ୍ଗେ ।
ବିଜନ ସ୍ଥାନ ବୋଲଟି ତୋତେ ମୋତେ ବନେ ବିହାରିଲି ରଙ୍ଗେ ॥
ବିବେକ କର ରସିକ ରସିକାର ଏଥି ଅଛି କି ଉତ୍ସବ ।
ତୃଷଭାସ୍ୟା ତେଜି ମଳୟପର୍ବତେ ବସନ୍ତେ ଆସେ ବାସବ ।
ବ୍ରହ୍ମଲୋକ ଛାଡ଼ି ସେହ୍ନ ପୁଣି ଲୋଡ଼େ ଗନ୍ଧମାଦନ ଶିଖରୀ ।
ବିଭବୁଁ ଆମ୍ଭର ସୁରସପ୍ରସାଣୀ କି ଊଣା ଅଛି କି କହ ? ୩।
ବିହରି ସଉଧ ସଦନେ ବିହରି ସଉଦ୍ଧସଦନେ ଧନ ।
ନେବଢ଼ି ଡ଼ାକୁଥାନ୍ତି କଞ୍ଚୁକିକ ବେଢ଼ି ଡ଼ାକୁଛନ୍ତି କିଞ୍ଚୁକିକ ।

---

୩ୟ ପଦ :—ବାସବ—ଇନ୍ଦ୍ର । ସୁରସପ୍ରସାଣୀ—ରତ୍ନପଣ୍ଡିତା ।

୪ର୍ଥ ପଦ :—ସଉଧ ସଦନେ—କୋଠାଘରେ । ସଉଦ୍ଧ ସଦନେ—ଋଷିଗୃହରେ । କଞ୍ଚୁକିକ—ଯୋଦ୍ଧା ବା ଅନ୍ତଃପୁରସ୍ଥ ନପୁଂସକରକ୍ଷକ । କଞ୍ଚୁକିକ—ସର୍ପ । ଚନ୍ଦ୍ରାତପ—ଚାନ୍ଦୁଆ । ଚନ୍ଦ୍ରାତପ—ଚନ୍ଦ୍ର କିରଣ । ସହଚରୀ—ସଖୀ । ସହଚରୀ—ଝିଣ୍ଟିବୃକ୍ଷ ।

---

ବିଷ୍ଣୁଙ୍କୁ ସାଗର ମଧ୍ୟରେ ସର୍ପ ଶୟନରେ ଶୋଇପାଇଲେ । ଏ ବନ ନିର୍ଜନ ସ୍ଥାନ ବୋଲି ସେ ବିଧାତା ତୋତେ ଓ ମୋତେ ଏକାନ୍ତରେ ନାନାରଙ୍ଗରେ କେଳି କରିବା ପାଇଁ ପଠାଇ ଅଛି ।" (ବିଧାତା ଯାହା କରନ୍ତି ତା ଅବାଧ୍ୟ ନୁହେ, ଉଚିତ କାର୍ଯ୍ୟ କରନ୍ତି । ଏହାଦ୍ୱାରା ରାମଙ୍କର ସୁଖ ଦୁଃଖରେ ସମଧୀରତା ଗୁଣ ସୂଚିତ ହେଲା ) ।

୩ୟ ପଦ :—"ହେ ପ୍ରିୟେ ! ମନରେ ବିଚାର କର, ରସିକ ରସିକାର ଏଥିଁ ବଳି ଆଉ ଆନନ୍ଦ ଅଛି କି ? ଇନ୍ଦ୍ର ଏକାନ୍ତରେ ବିହାର କରିବା ନିମିତ୍ତ ସୁରପୁରୀ ଛାଡ଼ି ବସନ୍ତ କାଳରେ ମଳୟ ପର୍ବତକୁ ଆସନ୍ତି । ସେହି ବିଧାତା ପୁଣି ବ୍ରହ୍ମଲୋକ ଛାଡ଼ି ବିହାର ନିମିତ୍ତ ଗନ୍ଧମାଦନ ପର୍ବତ ଖୋଜି ଆସନ୍ତି । ହେ ରତ୍ନପୂର୍ଣ୍ଣା ! ଆମ୍ଭର ଏଠାରେ ଐଶ୍ୱର୍ଯ୍ୟର କଣ ଊଣା ଅଛି କି ?"

୪ର୍ଥ ପଦ :—"ହେ ଧନ ! ଆମ୍ଭେ ଅଯୋଧ୍ୟାର ରାଜନବରରେ ବିହରୁଥିଲେ, ଏଠାରେ ଋଷିମାନଙ୍କ ଗୃହରେ ବିହରୁ ଥାଇଁ; ସେଠାରେ 'କଞ୍ଚୁକୀ' ପ୍ରତିହାରୀମାନେ ବେଢ଼ି ରକ୍ଷା ଡ଼ାକୁଥିଲେ, ଏଠାରେ 'କଞ୍ଚୁକିନ' ସର୍ପମାନେ ଘେରିଆଡ଼େ ବେଢ଼ି ରକ୍ଷା ଶବ୍ଦ କରୁଅଛନ୍ତି । ସେଠାରେ ଚାନ୍ଦୁଆ ତଳେ ବସୁଥିଲେ, ଏଠାରେ ଚନ୍ଦ୍ର କିରଣ ତଳେ ବସୁଥାଇଁ । ସେଠାରେ ସଖୀ ସମୂହରେ

ବସିଥାଇ ଚନ୍ଦ୍ରାତପ ତଳେ ବସିଥାଉ ଚନ୍ଦ୍ରାତପ ତଳେ ।
ବେଷ୍ଟିତ ଯେ ସହଚରୀକୁଳେ ବେଷ୍ଟିତ ଯେ ସହଚରୀକୁଳେ ।୪।
ବୁଲିବା ଥିଲା ଜଗତୀରେ ବୁଲିବା ଜଗତୀରେ ହେଲା ହେନ ।
ବିଲୋକୁ ଥାଇଁ ଚିତ୍ରଲେଖା ବିଲୋକୁ ଥାଇଁ ଚିତ୍ରଲେଖା ପୁନ ।
ବିକ୍ଷିପ୍ତ ଯେଶେ ରଜନୀକର ଯେଶେ ବିକ୍ଷିପ୍ତ ରଜନକର ।
ବୋଧକ ସୁକବି ଗିର ହେଉଥିଲା ବୋଧକ ଶୁକ-ବି ଗିର ।୫।
ବାରେ ବାରେ ଦେଖି ଭଦ୍ର ଉତ୍ସବକୁ ଭଦ୍ର ଉତ୍ସବକୁ ଦେଖି ।
ବିଶେଷ ଖଦିର ରଚିତ ବିଶେଷ ଖଦିର ରଚିତ ସଖି ।

---

୫ମ ପଦ :—ଜଗତୀ—ଅଟ୍ଟାଳିକା । ଜଗତୀରେ—ପୃଥିବୀରେ । ଚିତ୍ରଲେଖା—ସାରସପକ୍ଷୀ । ରଜନୀକର—କର୍ପୂରଚୂର୍ଣ୍ଣ । ରଜନକର—ଧୂଳିରାଶି । ସୁକବି—ଉତ୍ତମ କବି । ଶୁକ-ବି—ଶୁକପକ୍ଷୀ ।

୬ଷ୍ଠ ପଦ :—ଭଦ୍ରଉତ୍ସବ—ମଙ୍ଗଳ ଉତ୍ସବ । ଭଦ୍ରଉତ୍ସବ—ଭଦଭଦ-ଳିଆପକ୍ଷୀ । ଖଦିର—ଖଇର । ଖଦିର—ବସ୍ତ୍ରନିର୍ମିତ । ଅକ୍ଷଲୀଳା—ପଶାଖେଳ । ଅକ୍ଷଲୀଳା—ଚକ୍ଷୁର ବିଳାସ । ଶାଖୀ—ବୃକ୍ଷ । ସୁଶିଳା—ଭଲ ପଥର ।

---

ବେଷ୍ଟିତ ହୋଇଥିଲେ, ଏଠାରେ ଝିଣ୍ଟିଗଛ ସମୂହରେ ବେଷ୍ଟିତ ହୋଇ ରହିଛେ ।”

୫ମ ପଦ :—“ସେଠାରେ ‘ଜଗତୀରେ’ ଅଟ୍ଟାଳିକାରେ ବୁଲୁଥିଲେ, ଏଠାରେ ‘ଜଗତୀ’ରେ ମର୍ତ୍ତ୍ୟରେ ବୁଲିବାର ହେଲା । ସେଠାରେ କାନ୍ଥମାନଙ୍କରେ ଲିଖିତ ହୋଇଥିବା ଚିତ୍ର ସବୁ ଦେଖୁଥିଲେଇଁ, ଏଠାରେ ଭଲ ପଟରେ ଲେଖା ଯାଉଥିବା ଶିଳକଙ୍କୁ ପରସ୍ପର ପରସ୍ପରର ଦେଖୁଛେଁ । ସେଠାରେ ଶଯ୍ୟାରେ ‘ରଜନୀକର’ କର୍ପୂର ଚୂର୍ଣ୍ଣ ବିଞ୍ଚା ଯାଉଥିଲା, ଏଠାରେ ଶଯ୍ୟାରେ ‘ରଜନକର’ ଧୂଳି ସମୂହ ବିଞ୍ଚା ଯାଉଅଛି । ସେଠାରେ ଉତ୍ତମ କବିଙ୍କର ବାଣୀ ଅର୍ଥାତ୍ କବିତା ଶୁଣି ଶାନ୍ତ ବୋଧ ହେଉଥିଲା, ଏଠାରେ ଶୁକ ପକ୍ଷୀର ଗାନ ଶାନ୍ତ ବୋଧ କରୁଅଛୁ ।”

୬ଷ୍ଠ ପଦ :—“ସେଠାରେ ଥରେ ଥରେ ମଙ୍ଗଳ ଉତ୍ସବକୁ ଦେଖୁଥିଲଇଁ, ଏଠାରେ ‘ଭଦ୍ର’ ଭଦଭଦଳିଆ ପକ୍ଷୀଙ୍କ ଲୀଳା ଖେଳା ଦେଖୁଛେଁ । ହେ ସଖି ! ସେଠାରେ ବହୁତ ଖଦି ବସ୍ତ୍ରମାନଙ୍କର ସୃଜନ ହେଉଥିଲା, ଏଠାରେ ବହୁତ ଖଇରଗଛ ପବନଦ୍ୱାରା ସୃଜିତ ହେଉଅଛି । ସେଠାରେ ପଶାଖେଳ ନିର୍ବିଘ୍ନରେ ହେଉଥିଲା, ଏଠାରେ ‘ଅକ୍ଷଲୀଳା’ ନେତ୍ରରେ ବିଳାସ

ଛନ୍ଦ ନୋହେ ତଥି ଅକ୍ଷଲୀଳା ଏଥି ଛନ୍ଦ ନୋହେ ଅଳ୍ପକା ।
ବସିଥାନ୍ତି ସାକ୍ଷୀ ସୁଶୀଳା ଅଛନ୍ତି ଏବେ ତ ଶାଖୀ ସୁଶିଳା ।୬।
ବଶ କରୁଥିଲ ଶତ୍ରୁ କ୍ଷୀରପାନ ବଶ କରେ କ୍ଷୀରପାନ ।
ବାଳା ଶୁଣୁଥାଇ ଆନକ ସ୍ୱନକୁ ଶୁଣିମା ଆନକସ୍ୱନ ।
ଭିତ୍ତିରେ ଗନ୍ଧର୍ବେ ଗାୟନ କରନ୍ତି ବୋଧନ୍ତି ସୁମନାବାସେ ।
ବଧୀରେ ଗନ୍ଧର୍ବେ ଗାୟନ କରନ୍ତି ବୋଧନ୍ତି ସୁମନାବାସେ ।୭।
ବାନ୍ଧବ ଏଥିରେ ଦେଖାଯାଉ ନାହିଁ ନାଚିବାର ନୃତ୍ୟକାରୀ ।
ବେଣୀ ନାସାମଣି ରମଣୀମଣିରେ ନଚ୍ଚ ଅନୁଗ୍ରହ କରି ।
ବହନ୍ତି ନର୍ତ୍ତନ ନର୍ତ୍ତକବରହିଁ ଅଛୁ ନର୍ତ୍ତକବରହି ।
ବୋଲି ଚଉଷ୍ଟି ନାସାପୁଡ଼ା ଫୁଲାଇ ଶିରସ୍ତାନ ଦେଇ ରହି ।୮।

---

୭ମ ପଦ :—କ୍ଷୀରପାନ—ଦୁଗ୍ଧପାନ । କ୍ଷୀରପାନ—ଜଳପାନ । ଆନକ—ପଞ୍ଚହବାଦ୍ୟ । ଆନକସ୍ୱନ—ସଶବ୍ଦ ମେଘ । ସୁମନା—ପଣ୍ଡିତମାନେ । ବାସେ—ଗୃହରେ । ଗନ୍ଧର୍ବେ—କୋକିଳମାନେ । ସୁମନା—ଫୁଲ ।

---

ନିର୍ବିଘ୍ନରେ ହେଉଅଛି । ସେଠାରେ ସାକ୍ଷୀ ହୋଇ ସୁଶୀଳା ସଖୀମାନେ ବସିଥାନ୍ତି, ଏଠାରେ 'ଶାଖୀ' ବୃକ୍ଷସବୁ ଓ 'ସୁଶିଳା' ଉତ୍ତମ ପଥର ଖଣ୍ଡମାନ ରହିଅଛି ।"

୭ମ ପଦ :—"ସେଠାରେ 'କ୍ଷୀରପାନ' ଦୁଗ୍ଧପାନ ଶତ୍ରୁ ବଶ କରୁଥିଲ, ଏଠାରେ 'କ୍ଷୀର' କ୍ଷୀରଗଛ ଓ 'ପାନ' ପାନ ଲତା—ଏମାନେ ଅଥବା ପବନ ଜଳ ପାନ ଶତ୍ରୁବଶ କରୁଅଛି । ହେ ବାଳା ! ସେଠାରେ, 'ଆନକସ୍ୱନକୁ' ପଞ୍ଚହବାଦ୍ୟ ନାଦକୁ ଶୁଣୁଥିଲେ, ଏଠାରେ 'ଆନକସ୍ୱନ' ମେଘ ଧ୍ୱନିକୁ ଶୁଣିବା । ସେଠାରେ 'ଗନ୍ଧର୍ବମାନେ' ଗାୟକମାନେ ଉଚ୍ଚରେ ଗାନ କରୁଥିଲେ, ଗୃହରେ ସ୍ତ୍ରୀମାନେ ବୋଧ କରୁଥିଲେ ( ଅଥବା ପଣ୍ଡିତମାନେ ବୋଧ କରୁଥିଲେ ), ଏଠାରେ 'ଗନ୍ଧର୍ବେ' କୋକିଳମାନେ ଉଚ୍ଚସ୍ୱରରେ ଗାୟନ କରୁଅଛନ୍ତି ଓ ପୁଷ୍ପମାନେ ବାସନାଦ୍ୱାରା ମନକୁ ତୋଷ କରୁଛନ୍ତି ।"

୮ମ ପଦ :—"ହେ ବାନ୍ଧବ ! ସେଠାରେ ଯାହା ଥିଲ, ତାର ଅନୁରୂପ ସବୁ ଏଠାରେ ଅଛି; କିନ୍ତୁ ସେଠାରେ ନୃତ୍ୟକାରୀମାନେ ଥିଲେ, ମାତ୍ର ଏଠାରେ ନୃତ୍ୟକାରୀମାନେ ନାଚିବାର ଦେଖାଯାଉ ନାହିଁ । ହେ ରମଣୀମଣି ! ଅନୁଗ୍ରହ କରି ବେଣୀ ଓ ନାସାମଣିକି ଥରେ ନଚ୍ଚ ।" (ଏହାଦ୍ୱାରା କପଟରେ ଶୃଙ୍ଗ ମାଗିବାର ଜଣାଗଲା) ଏହା ଶୁଣି ସୀତା କହିଲେ, "ସେଠାରେ ଶ୍ରେଷ୍ଠ ନାଟୁଆମାନେ ନୃତ୍ୟ କରୁଥିଲେ, ଏଠାରେ ନାଟୁଆ ମୟୂରସବୁ ଅଛନ୍ତି"—ଏହା କହି ଚତୁରା ସୀତା ନାସା ପୁଡ଼ା ଫୁଲାଇ ମୁଣ୍ଡ ହଲାଇ ଦେଇ ରହିଗଲେ । (ଏହାଦ୍ୱାରା ନାସାମଣି ଓ ବେଣୀ ଦୁହେଁ ନାଚିଲେ) ।

ବିଶାଳ ପାଳନା ଏତେକ ବୋଲୁଁ ଶୁଣି ମୁଗ୍ଧାକ୍ଷୀବେ ଭାଷେ କସ ।
ବିସ୍ମ ଯାହା ତାହା ସୁଦେହା ସୁସ୍ନେହା ଜାଣି ତ ଥିବୁ ଅବଶ୍ୟ ।
ବିମଳ ଆଦରଶ ପରି ତୋ ହୃଦ ମୋ ବାଞ୍ଛିବା ବିମ୍ବ ଥିବ ।
ବରୁଣ ଦିଗ ତରୁ ଲତା ତରଣୀ ଅନାଇଁ ଅନାଇଁ ଧବ । ୯ ।
ବାଞ୍ଛିଲ ସମ୍ପତ୍ତି ଦଇବରୁ ପରାପତ ପରି ପତି ଭଣି ।
ବଳ ଉଦରେ ଶରଣ ବାମାପଣେ ହୁଡ଼ିଥିଲ ସୁଲକ୍ଷଣି ।
ବୀଣା-କଳକଣ୍ଠ ଜଣାକଣ୍ଠି ! ଗଣ୍ଠିରହ ମନ-କୃପଣର ।
ବଇଦେହି-ନରବର-ଜେମା ତୁ ମୋର ପରାଣ ଯେ ପରାଣର ।୧୦।
ବନ୍ଧୁକଅଧରକାନ୍ତିଅଧରରେ ବନ୍ଧୁ ତୁ ମୋ ରକ୍ଷଣରେ ।
ବର୍ତ୍ତୁଳ ଉରୁ ଭୁଜା କୋଟିବାହନ ପିତୁଳା ମୋ ଈକ୍ଷଣରେ ।

---

୯ମ ପଦ:—ଆଦରଶ—ଦର୍ପଣ । ବରୁଣଦିଗ—ପଶ୍ଚିମଦିଗ । ତରଣୀ—ସୂର୍ଯ୍ୟ । ଧବ—ସ୍ୱାମୀ ।

---

୯ମ ପଦ:—ଏହା ଦେଖି ରାମ କହିଲେ, "ଏ ସ୍ଥଳ ପାଳନା ସିନା, [ମୁଁ ଯାହା କହିଲି—ଏ ସେପରି ନୁହେ] ।" ଏତିକ କହନ୍ତେ ଚତୁରା ସୀତା ପ୍ରେମ ଖେଳରେ ଜାଣି ସୁଦ୍ଧା ନ ଜାଣିଲାପରି କହିଲେ, "କି କଥା ? [ତୁମ୍ଭେ ଆଉ କଣ କହିଥିଲ କି] ?" ରାମ ଉତ୍ତର ଦେଲେ, "ହେ ସୁଦେହା ! ହେ ସୁସ୍ନେହା ! ତୁ ଯାହା କହୁ ଓ କରୁ, ତାହା ତ ଅବଶ୍ୟ ଜାଣିଥିବୁ । ତୋହର ହୃଦୟ ଦର୍ପଣପରି ନିର୍ମଳ, ତେଣୁ ମୋର ମନ କଥା ସେଥିରେ ପ୍ରତିବିମ୍ବିତ ହୋଇଥିବ ନିଶ୍ଚୟ, [ତୁ ହୃଦୟରେ ମୋ କଥା ନିଶ୍ଚୟ ବୁଝିପାରିଅଛୁ] ।" ରାମଙ୍କ ଏହି କଥାରେ ଚତୁରୀ ସୀତା ପଶ୍ଚିମଦିଗ ଓ ତରୁଲତାଙ୍କୁ ଅନାଇଁ ପତିଙ୍କୁ ବୋଧ କଲେ । ସୂର୍ଯ୍ୟ ପଶ୍ଚିମରେ ଅସ୍ତ ଗଲେ ବୃକ୍ଷରେ ଲତା ବେଷ୍ଟିତ ହେଲା ପ୍ରାୟ ମୁଁ ତୁମ୍ଭ ଅଙ୍ଗରେ ବେଷ୍ଟିତ ହେବି, ତୁମ୍ଭ କାମନା ପୂର୍ଣ୍ଣ ହେବ ।"

୧୦ମ ପଦ:—ସୀତାଙ୍କ ସମ୍ମତି ପାଇବାରୁ ରାମଚନ୍ଦ୍ର ଦରିଦ୍ର ଲୋକ ବାଞ୍ଛିତ ଧନ ପ୍ରାପ୍ତ ହେଲା ପ୍ରାୟ ଆନନ୍ଦିତ ହୋଇ କହିଲେ, "ହେ ସୁଲକ୍ଷଣି ! ବାଲ୍ୟପଣରେ ବଳ ତୋହଠାରେ ହାର ମାନି ତ୍ରିବଳୀ ଆକାରରେ ତୋ ଉଦରରେ ଶରଣ ପଶିଅଛି; ମାତ୍ର ମୁଁ ସେ କଥା ହୁଡ଼ି ଯାଇଥିଲି । ହେ ବୀଣାକଣ୍ଠି ! ହେ କୋକିଳକଣ୍ଠି ! ମୋ ମନରୂପ କୃପଣର ତୁ ଗଣ୍ଠି ରହ । ହେ ବୈଦେହି ! ତୁ ଯେ ମୋର ପ୍ରାଣର ପ୍ରାଣ ।"

୧୧ଶ ପଦ:—"ହେ ବନ୍ଧୁକବନ୍ଦିତ ଅଧରି ! [ବନ୍ଧୁଲି ଫୁଲକୁ ରକ୍ତିମାରେ ହରାଇ ଦେଇଛି ଯାହାର ଅଧର ] ହେ ପ୍ରିୟେ ! ମୋତେ

ରତିଦେହପ୍ରେତ ଝାଡ଼ିବାକୁ ଅନ୍ତରଗତୁଁ ତୋ ବାଣୀ ମନ୍ତର ।
ବୈଦ୍ୟ ହୋଇ ଶୃଙ୍ଗାର ରସ ଦାନ ହିତକରଣେ ହରହଜ୍ୱର ।୧୧।
ବାହୁବଲ୍ଲୀ ଗଳାମାଳା କରି ସ୍ମିଷ୍ଟ ହାସରେ ମଣ୍ଡନ କରୁ ।
ବଡ଼ ଦେନାସେନ ସେନା ମନୋରମ ଚରମ ଦେଖାଇ ନାହୁଁ ।
ବକ୍ଷୋଜ ସ୍ୱୟମ୍ଭୁ ଶମ୍ଭୁ କରପଦ୍ମେ ପୂଜ କାଳ ଭୟ ନାହିଁ ।
ହରି ତୁ ମୁଁ ଦାସ ଏହି ରୂପେ ଏକା ହୋଇଥିବୁ ଅନୁରାଗୀ । ୧୨ ।

---

୧୧ଶ ପଦ:— ଉରୁ—ଜଘନ । ଭୁଜାକୋଟି—ନୂପୁର । ଈକ୍ଷଣ—ଚକ୍ଷୁ । ରତିଦେହପ୍ରେତ—କାମଭୂତ ।

୧୨ଶ ପଦ:—ବାହୁବଲ୍ଲୀ—ବାହୁଲତା । ଚରମ—ପୃଷ୍ଠଦେଶ ବା ପିଠି । ସ୍ୱୟମ୍ଭୁଶମ୍ଭୁ—ସ୍ତନରୂପ ସ୍ୱୟମ୍ଭୁ ଶିବ ।

---

ରକ୍ଷା କରିବାରେ ତୁ ଏକମାତ୍ର ମୋର ବନ୍ଧୁ । ( କନ୍ଦର୍ପ ଭୟରୁ ରକ୍ଷିବାରେ ତୁ ଏକମାତ୍ର ବନ୍ଧୁ ) । ହେ ବଣ୍ଡୀକଉରୁ ! ହେ ନୂପୁରବାହିନ ! ତୁ ମୋର ନେତ୍ରପିତୁଳା ଅଟୁ । ମୋର ଅନ୍ତର୍ଗତରୁ କାମ ଭୂତକୁ ଝାଡ଼ିବାପାଇଁ ତୋର ବାଣୀ ମନ୍ତ୍ରପ୍ରାୟ ଅଟେ । ମୋର ବିରହଜ୍ୱରକୁ ନାଶ କରିବାରେ ତୁ ବୈଦ୍ୟ ପ୍ରାୟ ହୋଇ ଶୃଙ୍ଗାର ରସରୂପ ରସାୟନ ( ଜ୍ୱର ନାଶକ ଔଷଧ ) ଦାନ କରୁ ।"

୧୨ଶ ପଦ:—"ତୁ ତୋ ବାହୁଲତାକୁ ଗଳାର ମାଳା ସ୍ୱରୂପ କରି ସ୍ମିଷ୍ଟ ସମ ହାସ ପ୍ରକାଶ ପୂର୍ବକ ମୋ ଗଳାରେ ମଣ୍ଡନ କରୁ । ହେ ପ୍ରିୟେ ! ମୋଠାରେ ତୋର ବଡ଼ ସ୍ନେହ ଥିବା ଥିବାରୁ, ତୁ ଆଜଯାଏ ମୋତେ ତୋର ସୁନ୍ଦର ପୃଷ୍ଠଭାଗ ଦେଖାଇ ନାହୁଁ । ( ଏ ପର୍ଯ୍ୟନ୍ତ ଦିନେ ହେଲେ ସୁଦ୍ଧା ଅଭିମାନରେ ମୋ ଆଡ଼କୁ ପିଠି କରି ଶୋଇ ନାହୁଁ ) । ତୋହର ବକ୍ଷରେ ଥିବା ସ୍ୱୟଂଜାତ ମହାଦେବଙ୍କୁ [ ସ୍ତନଶମ୍ଭୁଙ୍କୁ ] କରପଦ୍ମରେ ପୂଜିବାରୁ ମୋହର ଯମ ରୂପ କାମର ଭୟ ଆଉ ନାହିଁ । ମୁଁ ତୋର ସ୍ତନଶମ୍ଭୁକୁ ପୂଜିବାରୁ ତୁ ପ୍ରଭୁ ଓ ମୁଁ ଦାସ । ଏହିପରି ସବୁଦିନେ ଅନୁରକ୍ତ ରହିଥିବୁ । (ତୁ ସେବ୍ୟ, ମୁଁ ସେବକ ଏହି ଦଶା ଯେପରି ସବୁଦିନ ଥିବ—ଅର୍ଥାତ୍ ତୋର ସ୍ତନ ଶମ୍ଭୁଙ୍କୁ ମୁଁ ଯେପରି ସବୁ ଦିନ କରପଦ୍ମରେ ପୂଜୁଥିବି ) ।"

ବୋଇଲେ ସୁମତି ଏ ସର୍ବ ସମ୍ମତ ପୁଂସ ପ୍ରଭୁ ନାରୀ ଦାସୀ ।
ବୋଲାଇ କେ ଈଶ ବିସ୍ମର ମାନସ ନ ଘେନିମ ହେଲେ ଦୋଷୀ ।
ବେଗେ ଓଳଗି ସରାଗେ ଏତେ କହି ଉପୁଜାଇ କେତେ ଭାବ ।
ବିବାହନବାହେ କେ ଚରଣ ଛୁଇଁ ଉତ୍ତର କଲେ ରାଘବ । ୧୩ ।
ବରବର୍ଣ୍ଣିନ ଅନୁପମା ସୁଷମା ସକଳ ଗୁଣରେ ଝଳ ।
ବାଳ ଅଧର ହାସ ବାସ କୋମଳ ପକାଇଲେ ଗର୍ବ ଦଳ ।
ବିଶୁଦ୍ଧ ଅଞ୍ଜନ ସିନ୍ଦୂର କର୍ପୂର କସ୍ତୁରୀ ଲବଣୀ ଆସି ।
ବୋଧନ୍ତି ତୋ ଚିତ୍ତ ତିଳକ ଲେପନ ହୋଇ କେ କାହିଁରେ ମିଶି ।୧୪
ବାରିଜ ଲକ୍ଷ୍ମୀ ନିଳୟ ତୁ ଲାବଣ୍ୟଲକ୍ଷ୍ମୀ ବୋଲାଉଛୁ ଯେଣୁ ।
ବଦନ ସୁଷମା ସମ ନୋହି ପଦତଳରେ ଶରଣ ତେଣୁ ।

---

୧୫ଶ ପଦ:—ବାରିଜ—ପଦ୍ମ । ନିଳୟ—ଘର । ସୁଷମା—ଶୋଭା ।

---

୧୩ଶ ପଦ:—ଏହା ଶୁଣି ବୁଦ୍ଧିମତୀ ସୀତା କହିଲେ, "ଏହା ସର୍ବସମ୍ମତ ଅଟେ ଯେ, ପୁରୁଷ ପ୍ରଭୁ ଓ ନାରୀ ଦାସୀ । କିଏ ସେବ୍ୟ ଓ କିଏ ସେବକ—ଏ କଥା ମନରେ ବିସ୍ମର କର । ମୁଁ ଦୋଷୀ ହେଲେ ମୋ ଦୋଷ ମନରେ ଧରିବ ନାହିଁ ।" ଏହା କହି ସୀତା ନାନା ରହସ୍ୟ କରି ସ୍ନେହ ଉପୁଜାଇ ଶୀଘ୍ର ଯାଇ ରାମଙ୍କ ଚରଣରେ ପ୍ରଣାମ କଲେ । ( ଏହାଦ୍ୱାରା ରାମ ସେବ୍ୟ ଓ ସୀତା ସେବିକା—ଏହା ସୂଚିତ ହେଲା) । ତାହା ଦେଖି ରାମ ଉତ୍ତର କଲେ, "ବିବାହ କାଳରେ କିଏ ଚରଣ ଛୁଇଁ ? ( ବିବାହ କାଳରେ ପୁରୁଷ ସ୍ତ୍ରୀର ପାଦ ଛୁଏଁ । ତେଣୁ ପୁରୁଷ ସେବକ ଓ ସ୍ତ୍ରୀ ସେବ୍ୟା ) ।

୧୪ଶ ପଦ:—ରାମଚନ୍ଦ୍ର ପୁଣି ପ୍ରଶଂସା କରି କହିଲେ, "ହେ ବରବର୍ଣ୍ଣିନ ! ତୋର ଶୋଭା ସର୍ବପ୍ରକାର ଗୁଣରେ ଝଳ ଅନୁପମ ହୋଇଅଛି । ତୋର କେଶ ବିଶୁଦ୍ଧ ଅଞ୍ଜନର ଗର୍ବକୁ ଦଳି ପକାଉଛି, ତୋର ଓଷ୍ଠ ସିନ୍ଦୂର ଗର୍ବକୁ ଦଳୁଅଛି, ତୋର ହାସ କର୍ପୂରର ଗର୍ବକୁ ଦଳୁଅଛି, ତୋର ଦେହର ବାସନା କସ୍ତୁରୀ ଗନ୍ଧକୁ ଦଳୁଅଛି, ତୋର କୋମଳତା ଲହୁଣୀର ଗର୍ବକୁ ଦଳୁ ଅଛି । ତେଣୁ ବିଶୁଦ୍ଧ ଅଞ୍ଜନ, ସିନ୍ଦୂର, କର୍ପୂର, କସ୍ତୁରୀ, ଲହୁଣୀ ଆସି ଏକ ଅନ୍ୟ ସହିତ ମିଶି ତିଳକ ଓ ଅଙ୍ଗର ଲେପନ ହୋଇ ତୋର ସେବା କରିବା ଦ୍ୱାରା ମନକୁ ବୋଧ କରନ୍ତି । ( ଅଞ୍ଜନ ଓ ସିନ୍ଦୂର ଲହୁଣୀରେ ମିଶି ତିଳକ ହୁଅନ୍ତି, କସ୍ତୁରୀ ଓ କର୍ପୂର ମିଶି ଅଙ୍ଗଲେପ ହୁଅନ୍ତି ) ।"

୧୫ଶ ପଦ:—"ପଦ୍ମ ଲକ୍ଷ୍ମୀଙ୍କର ବାସସ୍ଥାନ ଅଟେ । ସେ ହେତୁରୁ ତୁ ଶୋଭାଲକ୍ଷ୍ମୀ ବୋଲାଉଛୁ, ତେଣୁ ପଦ୍ମ ତୋର ବଦନ ଶୋଭାକୁ ସମ ନ ହୋଇ

ବନ୍ଦନ ବାଣୀ ଆନ ନାରୀମାନଙ୍କେ ରମ୍ଭା ରମ୍ଭ ପର କହି ।
ବଲ୍ଲଭି ନଖକୋଣ କଣ ଶୋଭାକୁ ଲଭିବା ଭାବନ୍ତି ସେହି । ୧୫ ।
ବ ରାଣସୀରେ ଶମ୍ଭୁ ସେବି ଲଭିଛୁ ବୋଲନ୍ତି ନୁହଇ କହୁ ।
ବପୂଳସ୍ତନ ସ୍ୱୟମ୍ଭୁ ଶମ୍ଭୁ ପ୍ରଭୁ ସେ ଶୋଭା ପରେ ହୋଇଛୁ ।
ବେ ଲନ୍ତି ତୋ ସଙ୍ଗ ମନାସି ତନ ଶିଥିଲ ଅଙ୍ଗ ଗଙ୍ଗାମାରେ ।
ବକ୍ଷରେ ସ୍ୱଚ୍ଛରେ ଭଜସିବା ହାରେ ସକଳରୂପେ ସେ ହାରେ ।୧୬।
ବଜ୍ରସିଂହଙ୍କୁ ଜିଣିଛୁ ଅଛୁ ନାହିଁ ଦୁର୍ବଳକଟୀ ବାଧାରେ ।
ବହୁତ ପ୍ରଶଂସାକୁ ମନ୍ଦ ଉଦରେ ପାଏ ଯାହା ପ୍ରସାଦରେ ।

---

ତୋ'ର ପଦତଳରେ ଶରଣ ପଶିଅଛୁ । ଅନ୍ୟ ନାରୀମାନଙ୍କୁ ପ୍ରଶଂସା କଲାବେଳେ ତା'ଙ୍କୁ ରମ୍ଭା ରମ୍ଭ ସ୍ରାପ୍ତ ବୋଲି ଉପମା ଦେଇଥାନ୍ତି । ( ଏ ନାରୀ ରମ୍ଭା ସ୍ୱପ୍ନ ସୁନ୍ଦରୀ ବ ରମ୍ଭ ପରି ସୁନ୍ଦରୀ ବୋଲି କହିଥାନ୍ତି ) । ହେ ବଲ୍ଲଭ ! ସେହି ରମ୍ଭା ଓ ରମ୍ଭ ଦୁହେଁ ତୋର ନଖକୋଣର ଶୋଭାକୁ ସାମାନ୍ୟ ମାତ୍ର ଲଭିବା ପାଇଁ ଭାବି ହେଉଛନ୍ତି ।"

୧୬ଶ ପଦ:—"ବାରଣସୀରେ ମହାଦେବଙ୍କୁ ସେବି ତୋତେ ଲାଭ କରିଛୁ,—ମୁଁ ଏହା ବା କହନ୍ତି, ମାତ୍ର ତାହା ଠିକ୍ ନୁହେ । କାରଣ, ତୋର ସ୍ୱୟମ୍ଭୁ ଶମ୍ଭୁ ରୂପ ସ୍ତନର ଶୋଭା ସେ କାଶୀଶ୍ୱରଙ୍କ ଶୋଭା ଉପରେ ପ୍ରଭୁ ହୋଇଛୁ । [ସ୍ୱୟଂ କାଶୀଶ୍ୱର ତ ତୋ ସ୍ତନ ନିକଟରେ ଲୁଚିଛି, ତେଣୁ ତା'ଙ୍କୁ ସେବି ତୋତେ ପାଇଛୁ—ଏ କଥା କପରି କହିବ ? ) ତୋ ସଙ୍ଗ ପାଇବା ମାନସ କରି ଗଙ୍ଗା ଜଳରେ ମୋ ଦେହ ବନାଶିଥିଲି—ଏହା ବା କହନ୍ତି; ମାତ୍ର ତାହା ମଧ୍ୟ ଭୁଲ । କାରଣ ତୋ ବକ୍ଷରେ ନିର୍ମଳ ଭାବରେ ଝଳଉଥିବା ହାର ଶୀତଳ, ନିର୍ମଳ ଓ ଶୁଭ୍ର ଗୁଣରେ ଗଙ୍ଗାକୁ ହରାଇଅଛି । [ ନିକୃଷ୍ଟକୁ ସେବା କରି ଉତ୍କୃଷ୍ଟ ବସ୍ତୁ ପ୍ରାପ୍ତ ହେବା ଅସମ୍ଭବ ] ।"

୧୭ଶ ପଦ:—"ତୋହର କ୍ଷୀଣକଟୀ ବଜ୍ରକୁ କଠିନତାରେ ଓ ସିଂହକୁ କୃଶତାରେ ଜିଣିଅଛି । ତେଣୁ ତା ସହିତ ଭାବାଧା ହେବାକୁ ଆଉ କିଛି ଅଛି କି ? ଯେଉଁ କଟୀ ପ୍ରସାଦରୁ ଜଠରରେ ମନ୍ଦ ଶବ୍ଦ ମଧ୍ୟ ପ୍ରଶଂସା ପାଇଥାଏ, [ ଯେଉଁ କ୍ଷୀଣକଟୀ ଯୋଗୁ ଉଦରକୁ ପ୍ରଶଂସା କରି ମନ୍ଦୋଦରୀ ବା କ୍ଷୀଣୋଦରୀ କହିଥାନ୍ତି] ତା ପ୍ରସାଦରୁ ଭଲ ଗୁଣ ବା କ ପ୍ରଶଂସା ନ ପାଇବ ? ମୋଠାରେ ଦୟା ପୂର୍ବକ କଟାକ୍ଷପାତ କରି ମୋର ବାମହସ୍ତରେ ହରିଧନୁର

ବହି କୃପା ତଥା ଅଜଗବ ଗର୍ବ ଭଙ୍ଗିଥିଲୁଁ ଭ୍ରୂଭଙ୍ଗୀରେ ।
ବାମେ ଟେକି ତେଣୁ ସେ ଧନୁ ଭଙ୍ଗିଲି ମୁଁ ଧନ୍ୟ ତୋର ସଙ୍ଗରେ ।୧୭।
ବିନତିଗର୍ଭ ଭାରଣ୍ଡ ଶୁଣି ଭଣି ପ୍ରୀତିମନ୍ତ ମନୋହାରୀ ।
ବୃନ୍ଦାଅସୁରୀ ତୁଳସୀ କରି ହର ଶିରେ ଦେନଲର ପରି ।
ବିଧୁ ମଦହଶରୁ ବଡ଼ ତ ନୁହଇ ସେ ମୁକୁଟ କଲା ପ୍ରାପ୍ୟେ ।
ବସୁଧାପରେ ଜନ୍ୟ ଧନ୍ୟ ସେରୂପେ ମୋଠାରେ ପ୍ରଭୁ ସଦୟେ ।୧୮।
ବୋଲବୋଲି ହେଉଁ ସ୍ନେହ ବଚନ ସେ ବିଚିତ୍ର ରଜନୀ ମିଳି ।
ବିରଚିଲା ସେ ରମଣୀରତନେ ଯତନେ ପୁରୁଷ କେଳି ।

---

ଗର୍ବ ତୁ ଭଗ୍ନ କରିଥିଲୁ ( ମୁଁ ତୋର କଟାକ୍ଷପାତରେ ବଳୀ ହୋଇଥିବାରୁ ହରଧନୁ ବାମ ହସ୍ତରେ ଧରି ଭଙ୍ଗିବାକୁ କ୍ଷମ ହୋଇଥିଲି ) । ତେଣୁ ତୋ ସକାଶେ ମୁଁ ଧନ୍ୟ ହୋଇଅଛି ।”

୧୮ଶ ପଦ:—ରାମଙ୍କର ଏହିପରି ବିନୟ ବଚନମାନ ଶୁଣି ଚିତ୍ତହାରିଣୀ ପ୍ରିୟା ସୀତା କହିଲେ, “ବିଷ୍ଣୁ ବୃନ୍ଦାବତୀ ଅସୁରୀକୁ (ବୃନ୍ଦାବତୀ ପ୍ରଥମେ ଜଳନ୍ଧର ଅସୁରର ସ୍ତ୍ରୀ ଥିଲେ) ତୁଳସୀ କରି ଶିରରେ ଦେନଲପରି ଏ ହୋଇଛି । ମୁ ତୁମ୍ଭ ଅନୁଗ୍ରହରୁ ବଡ଼ ହୋଇ ତୁମ୍ଭ କହିବା ମୁତାବକ ଗୁଣମାନ ବହିଅଛି ) । ଶିବଙ୍କଠାରୁ ଚନ୍ଦ୍ର ତ ବଡ଼ ନୁହେଁ, ସେ ଶିବ ଚନ୍ଦ୍ରଙ୍କୁ ମୁକୁଟ ପ୍ରାପ୍ୟ ମସ୍ତକରେ ବହି ଅଛନ୍ତି । ସେହିପରି ମୁଁ ବସୁଧାରୁ ଜାତ ହୋଇଥିଲେ ସୁଦ୍ଧା ତୁମ୍ଭ ଯୋଗେ ଧନ୍ୟ ହୋଇଅଛି । ( ଶିବ ଦୟାପୂର୍ବକ ଚନ୍ଦ୍ରଙ୍କୁ ଶିରରେ ବହନ କରି ତାଙ୍କୁ ଧନ୍ୟ କଲା ପ୍ରାୟ ତୁମ୍ଭେ ଦୟା କରି ମୋତେ ଏପରି ବଡ଼ପଣ ଦେଇ ଧନ୍ୟ କରିଅଛ । ପ୍ରକୃତରେ ମୁଁ ଉପଯୁକ୍ତ ନୁହେଁ ) ।

୧୯ଶ ପଦ:—ସେହି ରାମ ସୀତା ଦୁହେଁ ଏହିପରି ଅନୁରାଗ ମିଶା ବାଣୀ କଥାବାର୍ତ୍ତା ହେଉଁ ହେଉଁ ବିଚିତ୍ର ରାତ୍ରି ଆସି ପ୍ରବେଶିଲା । ( ରାତ୍ରି ବିଚିତ୍ର କାହିଁକି ? ) ସେ ରାତ୍ରି ରମଣୀରତ୍ନ ସୀତାଙ୍କଦ୍ୱାରା ଯତ୍ନ ପୂର୍ବକ ‘ପୁରୁଷ କେଳି’ ବିପରୀତ ରତି ବିରଚନ କଲା ( ସ୍ତ୍ରୀ ପୁରୁଷର ନ୍ୟାୟ କେଳି କରିବାରୁ ରାତ୍ରି ବିଚିତ୍ର ହେଲା ) । ପୁଣି କେଳିର ମଧ୍ୟଭାଗରେ ‘ବ୍ରହ୍ମଶିଖା’ ହର ସମ୍ପତ୍ତି ପ୍ରଦାନ କଲା ଅର୍ଥାତ୍ ଦିଗମ୍ବର କରାଇଲା । ଦିଗମ୍ବର ମହାଦେବ ତାଣ୍ଡବ ନୃତ୍ୟ କଲାବେଳେ ସ୍ୱର୍ଗରେ ମର୍ଦ୍ଦଳ ବାଜେ ଓ ନାରଦ ବୀଣା ବାଦନ କରନ୍ତି, ସେହିପରି ବିପରୀତ ରତି ସମୟରେ ସୀତାଙ୍କର ରସନା ( ଅଳଙ୍କାର ବିଶେଷ )

ବାଜିଲା ରସନା ବାଦ୍ୟ ମରଦଳ ମଧ୍ୟେ ବ୍ରହ୍ମଶିରୀ ଦେଇ ।
ବୀଣାନାଦ ହୁଁ ହୁଁ କୃତ ଜାତ ବଶେ କର୍ଣ୍ଣ ନାରଙ୍ଗ କରାଇ । ୧୯ ।
ବିଚଳିତ ରମ୍ଭା ଉରୁବଶୀ ରମା ଚଞ୍ଚଳ ଶେଷ ଅଂଶୁକ ।
କୁଚ ଅନ୍ତକପରେ ଇନ୍ଦ୍ରିଁ ସନ୍ତକ କାଟିଲେ ଶୋଭେ ରସିକ ।
ବିଭାବରୀ ଅନ୍ତ କଲେ ନର୍ତ୍ୟକୃତ୍ୟ ଚିତ୍ରକୂଟ କେଳି ଶେଷ ।
ବିଂଶପଦେ ଛାନ୍ଦ ଉପେନ୍ଦ୍ର ସାରବର ରଚିବାରେ ତୋଷ । ୨୦ ।

—*—

## ଏକବିଂଶ ଛାନ୍ଦ

### ରାଗ—ଦେଶାକ୍ଷ

ବିଦୂଷଣ ଗୀତ ସୁଜନେ ଶୁଣ । ବିଜ୍ଞାନୀ ଚିତ୍ରକୂଟ ଋଷିଗଣ ।
ବିସ୍ମୃ କରି ଶ୍ରୀରାମଙ୍କୁ ନ ଚିହ୍ନି । ବିଘ୍ନର ଏ ଭସ୍ମ ରାକ୍ଷସ ସେନ ।
ବିନାଶେ ଆମ୍ଭ ଧନ୍ୱୀ ଘୋଷିତ । ବୋଲିବୋଲି ହୋଇ ଛାଡ଼ିଁ ପର୍ବତ ।୧

୧ମ ପଦ:—ଧନ୍ୱୀ—ଧନୁର୍ଦ୍ଧର ।

---

ବାଦ୍ୟ ବାଜିବାରୁ ଓ ହୁଁ ହୁଁ କୃତ ବୀଣାତାନ ଶୁଭିବାରୁ ସେ ରାତ୍ରି 'ବ୍ରହ୍ମଶିରୀ' ସ୍ୱର୍ଗ ସୁଖ ଦାନ କଲା ।

୨୦ଶ ପଦ:—ସ୍ୱର୍ଗରେ ରମ୍ଭା ଓ ଉର୍ବଶୀ ସ୍ୱର୍ଗବେଶ୍ୟା ଦୁହେଁ ନୃତ୍ୟକାଳରେ ବିଚଳିତ ହେବାରୁ ତାଙ୍କ ଲୁଗାର ପଣତ ଚଞ୍ଚଳ ହୋଇଥାଏ । ସେହିପରି ଏ ବିପରୀତ ରତି କାଳରେ ରମ୍ଭୋରୁ ସୀତା ନୃତ୍ୟ କଲା ପ୍ରାୟ ବିଚଳିତ ହେବାରୁ ବସନର ଶେଷ ମଧ୍ୟ ରହିଲା ନାହିଁ । ସେ ସମୟରେ ରସିକ ରାମଚନ୍ଦ୍ର କହ୍ଲାକରେ ଶମ୍ଭୁ ରୂପ ସୀତାଙ୍କ ବର୍ତ୍ତୁଳ ସ୍ତନଯୁଗଳରେ ଯେ ନଖକ୍ଷତ କାଟି ସନ୍ତକ ରଖିଲେ, ତାହା ଇନ୍ଦ୍ରଙ୍କ ଉପରେ ସନ୍ତକ କାଟିଲା ପ୍ରାୟ ହେଲା । ( ରତି ସୁଖ ଯେ ଇନ୍ଦ ସୁଖରୁ ଉତ୍କୃଷ୍ଟତର, ତାହାର ସୂଚନା ରହିବା ପାଇଁ ଏ ସନ୍ତକ କାଟିଲେ ) ରାତ୍ରି ଶେଷରେ ନର୍ତ୍ୟକର୍ମମାନ ଶେଷ କଲେ । ଏଠାରେ ଚିତ୍ରକୂଟ କେଳି ସମାପ୍ତ ହେଲା । କୋଡ଼ିଏ ପଦରେ ଏ ଛାନ୍ଦ ସାରବର ଉପେନ୍ଦ୍ର ରଚନା କରି ତୋଷ ଲଭିଲେ । —*—

### ଏକବିଂଶ ଛାନ୍ଦ

୧ମ ଓ ୨ୟ ପଦ:—ହେ ସାଧୁଜନମାନେ ! ଦୋଷଶୂନ୍ୟ ଏ ଗୀତକୁ ଶ୍ରବଣ କର ! ଚିତ୍ରକୂଟ ପର୍ବତରେ ଥିବା ଅଜ୍ଞାନୀ ଋଷିମାନେ ଶ୍ରୀରାମଙ୍କୁ ବିସ୍ମୃ

ବିବେକୀବର ଶୁଣି ଥାଅ ଋଷି । ବାଳୀ ଭ୍ରାତ ଯେନ ଦଣ୍ଡକେ ପଶି ।
ବରଷାରେ ରସା ତେଜି ମାନସ । ବରଟା ସଖୀ ସଙ୍ଗେ ଯେହ୍ନ ହଂସ ।
ବନଜନାଳ ସମ୍ବଳ କରି । ବାଣ ଶରାସନ ତେସନ ଧରି । ୨ ।
ବୀରାଧିବୀର କେତେ ଦୂର ଚଳେ । ବିରାଧ ଆସୁଛି ଧରିଣ ଶୂଳେ ।
ବରାହ ହରିଣ ଗୁନ୍ଥିଛି ତହିଁ । ବହିବା ରକତ ଦେଉଛି ଲେହି ।
ବିସ୍ତାରୁଁ ତୁଣ୍ଡ ଏମନ୍ତ ଦିଶି । ବିଳେ କି ଭାନୁ କର ଯାଏ ପଶି । ୩ ।

---

୨ୟ ପଦ:—ରସା—ପୃଥିବୀ । ବରଟା—ହଂସୀ । ବନଜନାଳ—ପଦ୍ମନାଡ଼ । ସମ୍ବଳ—ପାଥେୟ, ବାଟଖର୍ଚ୍ଚ । ଶରାସନ—ଧନୁ ।

୩ୟ ପଦ:—ବୀରାଧିବୀର—ବୀରଶ୍ରେଷ୍ଠ । ଲେହି—ଚାଟି । ଭାନୁ—ସୂର୍ଯ୍ୟ । କର—କିରଣ ।

---

ବୋଲି ଚିହ୍ନି ପାରିଲେ ନାହିଁ । ସେ ଭୟ ପାଇ ବିଚାର କଲେ, "ରାକ୍ଷସମାନେ ମନେ କରିବେ, ଆମ୍ଭର ବିନାଶ ପାଇଁ ଋଷିମାନେ ଆଣି ଏ ଧନୁର୍ଦ୍ଧାରୀ ଦୁଇ ବୀରଙ୍କୁ ପୋଷିଅଛନ୍ତି ( ରାକ୍ଷସମାନେ ଏହା ବିଚାରି ଆମ୍ଭଙ୍କୁ ମାରିବେ ) । ଏହି ପରି ପରସ୍ପର କୁହାକୋହି ହୋଇ ଚିତ୍ରକୂଟ ପର୍ବତ ଛାଡ଼ି ଯିବାକୁ ବାହାରନ୍ତେ, ବିବେକୀବର ରାମଚନ୍ଦ୍ର ତାହା ଜାଣିପାରି କହିଲେ, "ତୁମ୍ଭେ ଥାଅ ( ଚିତ୍ରକୂଟ ଛାଡ଼ି ତୁମ୍ଭେ ଯାଅ ନାହିଁ । )" ତତ୍ପରେ ସୀତା ଓ ଭାଇ ଲକ୍ଷ୍ମଣଙ୍କୁ ସଙ୍ଗରେ ନେଇ ଚିତ୍ରକୂଟ ଛାଡ଼ି ଯାଇ ଦଣ୍ଡକାରଣ୍ୟରେ ପ୍ରବେଶ କଲେ । ଯେପରି ବର୍ଷାକାଳରେ ହଂସ ଓ ହଂସୀ ପୃଥିବୀକୁ ଛାଡ଼ି ସାଙ୍ଗ ସାଥୀମାନଙ୍କୁ ସଙ୍ଗରେ ଧରି ପଦ୍ମନାଡ଼କୁ ପାଥେୟ ସ୍ୱରୂପ ନେଇ ମାନସସରୋବରରେ ପଶେ, ସେହିପରି ରାମ ଓ ସୀତା ଚିତ୍ରକୂଟ ତ୍ୟାଗ କରି ଲକ୍ଷ୍ମଣଙ୍କୁ ସାଙ୍ଗରେ ନେଇ ଧନୁବାଣକୁ ସମ୍ବଳ କରି ଦଣ୍ଡକାରଣ୍ୟରେ ପହଞ୍ଚିଲେ । ( ପଥରେ ବଳ ଦେଇ ସବୁ ବିପଦରୁ ରକ୍ଷା କରିବ ବୋଲି ଧନୁବାଣ ସମ୍ବଳ ହୋଇଅଛି ) ।

୩ୟ ପଦ:—ବୀରଶ୍ରେଷ୍ଠ ରାମଚନ୍ଦ୍ର ସେଠାରୁ କିଛି ଦୂର ଚାଲିଯାଆନ୍ତେ ଦେଖିଲେ, ବିରାଧ ନାମକ ରାକ୍ଷସ ଗୋଟାଏ ଶୂଳ ଧରି ଆସୁଅଛି । ସେ ଶୂଳରେ ସେ ରାକ୍ଷସ ବରାହ ମୃଗ ପ୍ରଭୃତି ପଶୁମାନଙ୍କୁ ଗୁନ୍ଥିଛି ଓ ପଶୁମାନଙ୍କଠାରୁ ବୋହି ପଡ଼ୁଥିବା ରକ୍ତକୁ ଚାଟି ପକାଉଛି । ସେ ରାକ୍ଷସ ପାଟି ବିସ୍ତାର କଲାବେଳେ ଗୁହାରେ ସୂର୍ଯ୍ୟ କିରଣ ପଶିଗଲା ପ୍ରାୟ ଦେଖାଯାଉଛି ।

ବଧିରେ ପଲାଶ ରୁଧିର ସଞ୍ଚା । ବିକଶିଲା ପୁଷ୍ପ ପରଦେ ପଞ୍ଚା ।
ବାହୁ ଶାଖାରେ ହୋଇଛନ୍ତି ଧାଟିତ । ଚରଣଚ ଝାଁଳ ମଧୁ ସଂଜାତ ।
ବୁଲାଇ ଡ଼ୋଳା ଦେଉଛନ୍ତି ଘୂର୍ଣ୍ଣି । ବିଶେଷ ଭୃଙ୍ଗ ଚକ୍ରଗତ ବର୍ଣ୍ଣି । ୪ ।
ବିଲୋକିଲେ ସେହୁ ତିନିଜଣଙ୍କୁ । ବିସ୍ମୟମାନ ଆଣିଲେ ମନକୁ ।
ବେନପାର୍ଶ୍ୱରେ ଚମ୍ପା ତମାଳ ତରୁ । ବିକଚପୁଷ୍ପେ କେ ପଦେ କେ ସ୍ୱଚ୍ଛ ।
ବହୁଛନ୍ତି ମଧ୍ୟେ ଲାବଣ୍ୟ ସର । ବାରିଜ କୁମୁଦ କହ୍ଲାରେ ସାର । ୫ ।

---

୪ର୍ଥ ପଦ:—ପଲାଶ—ରାକ୍ଷସ, ପଳାସଗଛ । ଭୃଙ୍ଗ—ଭ୍ରମର ।

୫ମ ପଦ:—ବିକଚ—ପ୍ରସ୍ଫୁଟିତ । ସର—ଜଳ । ବାରିଜ—ପଦ୍ମ । କହ୍ଲାର – ଶ୍ୱେତପଦ୍ମ ।

---

୪ର୍ଥ ପଦ :—ସେ ରାକ୍ଷସ ପ୍ରକୃତରେ ଗୋଟାଏ ପଲାଶ ବୃକ୍ଷପରି ହୋଇ ଅଛି । ତା ଦେହରେ ଲାଗିଥିବା ରକ୍ତଚିହ୍ନସବୁ ପଲାଶ ବୃକ୍ଷରେ ଫୁଲ ଫୁଟିଲା ପ୍ରାୟ ଦେଖା ଯାଉଅଛି । ତାହାର ବାହୁଦ୍ୱୟ ଡ଼ାଳରୂପେ ଶୋଭା ପାଉଅଛି ଓ ଦେହରୁ ବହୁଥିବା ଝାଳ ମଧୁ ପରି ବୋଧ ହେଉଅଛି । ସେ ରାକ୍ଷସ ଡୋଳା ବୁଲାଇ ଘୂର୍ଣ୍ଣି ଦେଲାବେଳେ, ଭ୍ରମର ଚକ୍ରାକାର ଗତିକଲା ପରି ଜଣା ଯାଉଅଛି । (ରାକ୍ଷସ ରୂପ ପଲାଶ ବୃକ୍ଷର ରକ୍ତ ଚିହ୍ନ ରୂପ ପୁଷ୍ପରୁ ସ୍ରବୁଥିବା ଝାଳ ରୂପ ମଧୁ ପାନ କଲେନ୍ତ ଡ଼ୋଳା ରୂପ ଭ୍ରମର ଚକ୍ରାକାରରେ ଭ୍ରମୁ ଅଛି କି ? )

୫ମ ପଦ —ସେ ବିରାଧ ରାକ୍ଷସ ରାମ, ଲକ୍ଷ୍ମଣ ଓ ସୀତା, ଏ ତିନିଜଣଙ୍କୁ ଦେଖି ମନରେ ବିସ୍ମୟ କଲା, ଏକ ପାଖରେ ପ୍ରସ୍ଫୁଟିତ ପୁଷ୍ପ ଶୋଭିତ ଚମ୍ପା ବୃକ୍ଷ ଓ ଅନ୍ୟ ପାଖରେ ମନୋହର ପତ୍ର ଶୋଭିତ ତମାଳ ବୃକ୍ଷ ବିରାଜି ଅଛି ଏବଂ ମଧ୍ୟ ଭାଗରେ ମନୋରମ ଜଳପ୍ରବାହ ବହୁଅଛି । ସେହି ମନୋରମ ଜଳ ପ୍ରବାହ ଫୁଟିଥିବା ପଦ୍ମ, ନୀଳ କଇଁ ଓ କହ୍ଲାର ପୁଷ୍ପ ଯୋଗେ ଶ୍ରେଷ୍ଠତ୍ୱ ଲାଭ କରିଅଛି । (ଏଠାରେ ରାମଚନ୍ଦ୍ର ମନୋହର ତମାଳ ବୃକ୍ଷ ଓ ଲକ୍ଷ୍ମଣ ପୁଷ୍ପିତ ଚମ୍ପକ ବୃକ୍ଷ ରୂପେ କଳ୍ପିତ ହୋଇଅଛନ୍ତି । ଦୁହେଁ ଦୁଇ କଡ଼ରେ ଓ ସୀତା ମଧ୍ୟରେ ଥିବାରୁ ସୀତା ବୃକ୍ଷ ଶୋଭିତ ଦୁଇ ତଟର ମଧ୍ୟରେ ଥିବା ଲାବଣ୍ୟ ଜଳପ୍ରବାହ ରୂପେ ଗତି କରୁଅଛନ୍ତି । ଜଳପ୍ରବାହରେ ପଦ୍ମ ଫୁଟିଲା ପରି ସୀତାଙ୍କର ମୁଖପଦ୍ମ ମନୋହର, ନୀଳୋତ୍ପଳ ପ୍ରାୟ ସୀତାଙ୍କ ନୟନଯୁଗଳେ ଢଳଢଳ ଓ କହ୍ଲାର ପରି ନଖପନ୍ତି ସବୁ ଶୁଭ୍ର ହୋଇଅଛି) ।

ବାଟରେ ଚଳୁଅଛି ନୀଳଉତ୍ପଳ । ଖାଟି ଭୃଙ୍ଗାଳିରେ କି ମନୋଜ୍ଜ୍ୱଳ ।
ବିହାର କରୁଛି ମତ୍ତମରାଳୀ । କୁଚ ଶଇବାଳେ କମଳକଳି ।
ହିଲ୍ଲୋଳ ଘନରସ ପୂରିତ । ବିତର୍କ ସର୍ବ ଶ୍ଳେଷ ଏତେ ମାତ୍ର ।୬।
ବିହମି ଭଲୁଁ ନିକଟକୁ ଗତ । ବିଗ୍ରହବନ୍ତ ଦରଶନେ ନେତ୍ର ।
ବଗିକ ନେତ୍ରେ କାମ ଜଳିଗଲା । ବୃଷ୍ଟି ସୁଧା ଇନ୍ଦୁ ଅସ୍ଥିରେ କଲା ।
ବସନ୍ତ ସଙ୍ଗୀ ବନ୍ଧୁ ସ୍ୱରୂପ । ବଂଶ ଲୋହ ପୁଷ୍ପ କମାଣ ରୋପ ।୭।
ବ୍ରହ୍ମାଣ୍ଡେ ଏକ ସୁନ୍ଦରୀ ଏ ରତି । ବିନା ଏଡ଼େ ଶୋଭା କେଉଁ ଯୁବତୀ ।
ବଳେ ନେଇଥିଲା ଶମ୍ବରପୁରୀ । ବିବାଦେ ଜିଣି କି କରିଛି ଚେରୀ ।
ବିବେକ ଏଥି ଚେଷ୍ଟା ପ୍ରମାଣ । ବନେ ପଶେ ହେବ ଜଟାଧାରଣ ।୮।

---

୬ଷ୍ଠ ପଦ :—ଖାଟି—ଲହରୀ । ଭୃଙ୍ଗାଳି—ଭ୍ରମରସମୂହ । ମରାଳୀ—ହଂସୀ । ହିଲ୍ଲୋଳ—ଚଞ୍ଚଳ । ଘନରସ—ବହୁଜଳ, ଶୃଙ୍ଗାରରସ ।

୭ମ ପଦ :—ବିଗ୍ରହବନ୍ତ—ଦେହବନ୍ତ । ବଗିକ—ମହାଦେବ । ପୁଷ୍ପକମାଣ—ଫୁଲଧନୁ ।

---

୬ଷ୍ଠ ପଦ:—ପବନ ଯୋଗରେ ନୀଳୋତ୍ପଳ ଦୋହଲିବା ପ୍ରାୟ ସୀତାଙ୍କର ନୟନଯୁଗଳ ଢଳ ଢଳ ହେଉଅଛି । ତାହାଙ୍କର ବାହୁଯୁଗଳ ଲହରୀ ସଦୃଶ ଆନ୍ଦୋଳିତ ହେଉଅଛି ଓ ପଦ୍ମଉପରେ ଭ୍ରମରଯିବୁ ବସି ଶୋଭା ପାଇଲାପରି ସୀତାଙ୍କ ମୁଖପଦ୍ମ ଉପରେ ଥିବା କୁଞ୍ଚିତ କୁନ୍ତଳ ସବୁ ଦେଖାଯାଉଅଛି । ତାହାଙ୍କର ଗତି ମତ୍ତହଂସୀର ଗମନ ତୁଲ୍ୟ ହୋଇଅଛି । ପଦ୍ମକଢ଼ି ତୁଲ୍ୟ ସ୍ତନଦ୍ୱୟ ଶୈବାଳ ରୂପ ବସ୍ତ୍ରଦ୍ୱାରା ଆଚ୍ଛାଦିତ ହୋଇ ସୁନ୍ଦର ଦେଖାଯାଉ ଅଛି । ଚଞ୍ଚଳ ପ୍ରବାହ ଜଳରେ ପୂର୍ଣ୍ଣ ହେଲାପ୍ରାୟ ସୀତା ନିବିଡ଼ ଶୃଙ୍ଗାରରସରେ ପୂର୍ଣ୍ଣ ହୋଇଅଛନ୍ତି । ବିରାଧ ରାକ୍ଷସ ତାଙ୍କୁ ଦେଖି ଏହିପରି ଶ୍ଳେଷଭାବରେ ମନରେ ବିଚାର କଲା ।

୭ମ ପଦ :—ତତ୍ପରେ ସେ ରାକ୍ଷସ ପାଦ ନିକ୍ଷେପ କରି ତାଙ୍କ ନିକଟକୁ ଗଲା ଓ ଦେହଧାରୀ ତିନି ମୂର୍ତ୍ତିଙ୍କୁ ଦେଖି ମନରେ ଚିନ୍ତା କଲା, "ଶଙ୍କରଙ୍କ ନେତ୍ରପାତ ଯୋଗେ କନ୍ଦର୍ପ ଜଳି ଯାଇଥିଲା । ତାହାର ଅସ୍ଥିରେ ଇନ୍ଦୁ ଅମୃତ ବୃଷ୍ଟି କରିବାରୁ ବୋଧହୁଏ ସେ କନ୍ଦର୍ପ ନିଜ ରୂପକୁ ଧରି ତାହାର ସଖା ବସନ୍ତକୁ ଓ ସ୍ତ୍ରୀ ରତିକୁ ସଙ୍ଗରେ ନେଇ ଆସୁଅଛି । ପୁଣି ସେ କୁସୁମଧନୁ ଓ ଫୁଲଶର ଛାଡ଼ି ବାଉଁଶଧନୁ ଓ ଲୁହା ଶରକୁ ଧରିଅଛି ।"

୮ମ ପଦ :—"ଏ ସ୍ତ୍ରୀ ବ୍ରହ୍ମାଣ୍ଡମଧ୍ୟରେ ଏକମାତ୍ର ସୁନ୍ଦରୀ ରତିଦେବୀ । ତାହା ବିନା ଏଡ଼େ ସୁନ୍ଦରୀ ଆଉ କେଉଁ ସ୍ତ୍ରୀ ବା ହେବ ? ବଳାତ୍କାରରେ

ବେନି ପୁରୁଷ ଅସ୍ଥି ଖଣ୍ଡ କରି । ବଧି ଭକ୍ଷିବି ଅଗସ୍ତି ସ୍ମରି ।
ବିଜୀର୍ଣ୍ଣ ହେଲେ ଜୀର୍ଣ୍ଣ କରିଦେବି । ବୃଷ୍ଟି ସୁଧା ପିଇ ଅମର ହେବି ।
ବନିତାମଣି ସ୍ଥିର ଯୌବନୀ । ବିପିନେ ବିହରିବି ଏହା ଘେନି ।୯।
ବାସାଙ୍ଗେ ଜଣେ ପାରିଜାତକକୁ । ବୋଲିବି ଯୋଜନଗନ୍ଧା ଏହାକୁ ।
ବିଲୋପ କରି ଦେବି ଉକ୍ତନାମ । ବାଦେ ଜିଣିମାକୁ କେ ମୋତେ କ୍ଷମ ।
ବିଗ୍ଭରି ରାମ ଲକ୍ଷ୍ମଣ ଧରି । ବହି ବେନସ୍କନ୍ଧେ ଗମନ କରି ।୧୦।
ବତାସ ବୃକ୍ଷ ଉପୁଡ଼ି ଉଡ଼ାଇ । ବଲ୍ଲରୀକି ଯଥା ପ୍ରକମ୍ପ ଦେଇ ।
ବର୍ତ୍ତମାନ ଏହି ଲକ୍ଷ ସେଠାରେ । ବାରି ପୁଣ ସୀତା ନୟନୁ ଝରେ ।
ବମନ ମୋତିପନ୍ତି କି କରେ । ବିନମିଷୁଁ ଝସ ଉପମା ଧରେ ।୧୧।

---

୧୦ମ ପଦ:—ବାସାଙ୍ଗେ—ଦେହ ସୌରଭରେ ।

୧୧ଶ ପଦ:—ବଲ୍ଲରୀ—ଲତା । ବମନ—ବାନ୍ତ । ବିନମିଷୁଁ—ପଲକ ନ ପଡ଼ିବାରୁ ।

---

ଶମ୍ବରାସୁର ଏହାକୁ ନିଜ ପୁରମଧ୍ୟକୁ ନେଇଥିଲା । ଏ କନ୍ଦର୍ପ ତା ସହିତ ବିବାଦ କରି କମ୍ବା ରେବଇ ସୁନ୍ଦରୀକୁ ଆଣିଅଛି । ଏ ଯେତେବେଳେ ଜଟା ଧାରଣ କରି ବନ ମଧ୍ୟରେ ଲୁଚି ବୁଲୁଅଛି, ସେଥିରୁ ମନେ ହେଉଅଛି ଯେ, ଏ ନିଶ୍ଚୟ ଚୋରି କରି ଆଣିଅଛି । [ଯୁଦ୍ଧରେ ଜୟ କରି ଆଣିଥିଲେ ବନରେ ଲୁଚି ଲୁଚି ବୁଲନ୍ତା କାହିଁକି ] ?"

୯ମ ପଦ:—"ଏ ଦୁଇ ପୁରୁଷଙ୍କୁ ମାରି ହାଡ଼ ସହିତ ଖାଇବି ଓ ଅଜୀର୍ଣ୍ଣ ହେଲେ ଅଗସ୍ତି ମୁନିଙ୍କୁ ସ୍ମରଣ କରି ଜୀର୍ଣ୍ଣ କରିଦେବି । ପୂର୍ବେ ବୃଷ୍ଟି ହୋଇଥିବା ଅମୃତ [କନ୍ଦର୍ପର ଅସ୍ଥିରେ ଇନ୍ଦ୍ର ଅମୃତ ବୃଷ୍ଟି କରିବାରୁ ଏ ପୁରୁଷ ଜୀବନ ପାଇଅଛି, ସେହି ଅସ୍ଥିରେ ପଡ଼ିଥିବା ଅମୃତ] ପାନ କରି ମୁଁ ଅମର ହେବି ଓ ଏହି ଚିରଯୌବନା ସ୍ତ୍ରୀରତ୍ନକୁ ନେଇ ବନରେ ବିହାର କରିବି ।"

୧୦ମ ପଦ:—"ଏ ସ୍ତ୍ରୀର ଅଙ୍ଗସୌରଭ ପାରିଜାତ ପୁଷ୍ପର ସୌରଭକୁ ଜିଣିଅଛି, ତେଣୁ ଏହାକୁ ଯୋଜନଗନ୍ଧା କହି ଡାକିବି । ଏହାର ଉକ୍ତ ନାମକୁ ଲୁଚାଇଦେବି । ମୋତେ ବିବାଦରେ ଜିଣିବାକୁ ସମର୍ଥ କିଏ ଅଛି ? [ମୋତେ ବିବାଦରେ କେହି ଜିଣି ପାରିବେ ନାହିଁ ]।" ଏହିପରି ବିଗ୍ଭରି କରି ସେ ରାମ ଲକ୍ଷ୍ମଣ ଦୁହିଁଙ୍କି ଦୁଇ କନ୍ଧରେ ବସାଇ ନେଇଗଲା ।

୧୧ଶ ପଦ:—ପ୍ରବଳ ପବନ ବୃକ୍ଷକୁ ଉପାଡ଼ି ଉଡ଼ାଇ ନେଲାବେଳେ ବୃକ୍ଷର ଆଶ୍ରିତ ଲତାକୁ ପ୍ରକମ୍ପିତ କରିବା ଉପମା ଏଠାରେ ବର୍ତ୍ତମାନ ହେଲା ।

ବିଚିତ୍ର ହେଲା ବିଚିତ୍ର ହେବାରୁ । ବନ୍ଧିଲା ତୃଣାଙ୍କୁର ଯେଣୁ ମେରୁ ।
ବାର ପଛେ ଯଥା ହଂସୀ ଗୋଡ଼ାଇ । ବଧିରେ ଯଥା ମାଗଧ ବିନ୍ଦଇ ।
ବିକଳ ଶୁଣି ସୋଦର ଦୁଇ । ବାଳ ଧରି ଡ଼େଇଁ ଲୋଟାଇ ମହୀ ।୧୨
ବିଲୋମ ଲୋମ ଗତାଗତ ବଣେ । ବିରାଧ ବଧ ଖ୍ୟାତ ଖାତକୋଣେ ।
ବିମାନେ ସ୍ୱର୍ଗ ସ୍ତୁତି ଦିବ୍ୟରୂପେ । ବନ୍ଦନା କଲେ ବିବୁଧକଳାପେ ।
ବୈଦେହୀ ମହାସନ୍ତୋଷ ହେଲେ । ବୃକ୍ଷକ ମୂଳେ ସେ ଦିନ ରହିଲେ ।୧୩

---

୧୨ଶ ପଦ :—ବାର—ଘୋଡ଼ା । ମାଗଧ—ଭାଟ ।

---

(ସେ ରାକ୍ଷସ ରାମଲକ୍ଷ୍ମଣଙ୍କୁ କାନ୍ଧରେ ବନ୍ଧି ଉଡ଼ା'ଇ ନେଇଯିବାରୁ ସୀତା ଭୟରେ କମ୍ପିବାକୁ ଲାଗିଲେ) । ପୁଣି ସୀତାଙ୍କ ନିର୍ନିମେଷ ନେତ୍ରରୁ ଲୁହ ବିନ୍ଦୁ ଝରିଲା । ତା ଦେଖି ମନେହୁଏ ମୀନ ମୋତିପନ୍ତି ବମନ କରୁଛି କି ?

୧୨ଶ ପଦ :—ଯେଣୁ ତୃଣାଙ୍କୁର ସଦୃଶ ବିରାଧ ରାକ୍ଷସ ମେରୁ ପର୍ବତ ତୁଲ୍ୟ ରାମ ଲକ୍ଷ୍ମଣଙ୍କୁ ବନ୍ଧନ କରି ବିଚିତ୍ର ଘଟଣା ଘଟାଇ ଦେଲା, ସେହି ହେତୁରୁ ମୀନ ମୋତି ବମନ କରିବା ରୂପ ବିଚିତ୍ର ଦୃଶ୍ୟ ଦେଖାଗଲା । ତତ୍ପରେ ସୀତା ଘୋଟକ ପଛରେ ହଂସୀ ଗୋଡ଼ାଇଲା ପ୍ରାୟ ରାକ୍ଷସ ପଛରେ ଗୋଡ଼ାଇଲେ ଓ ବଧିର ଆଗରେ ଭାଟ ସ୍ତୁତିପାଠ କଲା ପରି ରାକ୍ଷସକୁ ବହୁତ ଅନୁନୟ ବିନୟ କଲେ । (ଯେପରି ସ୍ତୁତି ପାଠ କଲେ ସୁଦ୍ଧା ବଧିର ଯେପରି ନ ଶୁଣେ, ରାକ୍ଷସ ସେହିପରି ସୀତାଙ୍କ ଅନୁନୟ ବିନୟ ଶୁଣିଲା ନାହିଁ) । ରାମ ଲକ୍ଷ୍ମଣ ଦୁଇ ଭାଇ ସୀତାଙ୍କ ବିକଳ କ୍ରନ୍ଦନ ଶୁଣି ରାକ୍ଷସର କେଶ ଧରି କନ୍ଧରୁ ଡେଇଁ ପଡ଼ି ତାକୁ ଭୂମିରେ ଗଡ଼ାଇ ଦେଲେ ।

୧୩ଶ ପଦ :—ସେ ଦୁଇଭାଇ ବିରାଧକୁ ଏଣିକି ତେଣିକି ଘୋଷରା ଘୋଷରି କରିବା ଦ୍ୱାରା ସେ ବଧ ହେଲା । ସେଠାରେ କୋଶକ ପର୍ଯ୍ୟନ୍ତ ଖାଲ ହୋଇ ଯିବାରୁ ତାହା ବିରାଧ ଖାତ ନାମରେ ପ୍ରସିଦ୍ଧି ପାଇଲା । ରାକ୍ଷସ ଦିବ୍ୟରୂପ ଧରି ବିମାନରେ ବସି ରାମ ଲକ୍ଷ୍ମଣଙ୍କ ସ୍ତୁତି କରି ସ୍ୱର୍ଗପୁରକୁ ଗଲା । ଅନନ୍ତର ଦେବତାମାନେ ରାମ ଲକ୍ଷ୍ମଣଙ୍କୁ ବନ୍ଦନା କଲେ । ବିରାଧର ମୃତ୍ୟୁରେ ବୈଦେହୀ ଆନନ୍ଦିତା ହେଲେ । ସେ ଦିନ ଗୋଟିଏ ବୃକ୍ଷ ମୂଳରେ ସେ ତିନିଜଣ ରହିଲେ ।

ବିଧିରେ ପୂର୍ବରୁ ହରି ହରଣୀ । ବସିଲେ ସେହି ଲକ୍ଷ୍ମଣାଙ୍କୁ ଆଣି ।
ବନେ ସବୁଦିନେ ଯିବା ଶୟନ । ବନେ ହରିଲେ ଦିନ ନୋହି ସ୍ଥାନ ।
ବିଶ୍ୱରେ ଖ୍ୟାତ ସୁବର୍ଣ୍ଣରୂପେ । ବନ୍ଦେ ଗତିବଶେ ଦ୍ୱିଜେ ତ ପୁଷ୍ପେ ।୧୪।
ବିଖ୍ୟାତ ସହଜେ ଅତି ରଞ୍ଜନ । ବାୟୁସଖାରେ ହୁଅଇ ପୂଜନ ।
ବାଜଇ ସୀତାର ନୂପୁର ଘଣ୍ଟି । ବଶେ ମୃଗବର୍ଗ ପାଶେ ପ୍ରକଟି ।
ବିଗତ ଭୟ ଦେଖି ପ୍ରକଟ । ବର୍ଦ୍ଧକୀ ନୟନେ ଗଢ଼ିଲା ବତ ।୧୫।

---

୧୪ଶ ପଦ :—ହରି—ନାରାୟଣ, ସିଂହ । ହରଣୀ—ସିଂହୀ, ଲକ୍ଷ୍ମୀ । ବନେ—ଜଳରେ, ଅରଣ୍ୟରେ । ଦ୍ୱିଜେ—ବ୍ରାହ୍ମଣମାନେ, ପକ୍ଷିସମୂହ ।

୧୫ଶ ପଦ :—ବାୟୁସଖା—ଅଗ୍ନି ।

---

୧୪ଶ ପଦ :—ରାମ ଓ ସୀତା ପୂର୍ବଜନ୍ମରେ 'ହରି ହରଣୀ' ନାରାୟଣ ଲକ୍ଷ୍ମୀଙ୍କ ପରି (ଲକ୍ଷ୍ମୀ ନାରାୟଣ ନିର୍ଭୟରେ ସମୁଦ୍ର ଜଳରେ ଅନନ୍ତ ଶୟନ କଲା ପରି) ନିର୍ଭୟରେ ସେହି ଲକ୍ଷଣଙ୍କୁ ବସିଲେ ଅର୍ଥାତ୍ 'ହରି ହରଣୀ' ସିଂହ ସିଂହୀ ନିର୍ଭୟରେ ବନରେ ଭ୍ରମଣ କଲା ପ୍ରାୟ ରାମ ସୀତା ନିର୍ଭୀକ ଚିତ୍ତରେ ସେ ବନରେ ବିହାର କଲେ । ପୂର୍ବେ ସବୁଦିନେ ଯିବା ଜଳରେ ଶୟନ କରୁଥିଲେ, ଏବେ ବନରେ ଦୁଃଖ ଅନୁଭବ ନ କରି ମଧ୍ୟ ଦିନ କଟାଇଲେ । ସଂସାରରେ ସୁବର୍ଣ୍ଣମୟୀ ପ୍ରତିମାଙ୍କୁ ବ୍ରାହ୍ମଣମାନେ ଗତି ମୁକ୍ତି ପାଇବାପାଇଁ ପୁଷ୍ପ ପ୍ରଦାନ କରି ପୂଜା କରିଥାନ୍ତି । ସେହିପରି ହଂସପକ୍ଷୀମାନେ ମନ୍ଦଗମନ ହେତୁ ସ୍ୱର୍ଣ୍ଣ ପ୍ରତିମା ସୀତାଙ୍କୁ ପୂଜା କରୁଅଛନ୍ତି । ଅନ୍ୟାର୍ଥ—ସୀତା ଗମନ ହେତୁ ପାଦ ପକାଇଲେ ବେଳେ ହଂସମାନେ ଓ ପଦ୍ମପୁଷ୍ପମାନେ ତାଙ୍କ ଗମନକୁ ଓ ପାଦକୁ ସମାନ ନ ହେବାରୁ ବନ୍ଦନା କରୁଅଛନ୍ତି ।

୧୫ଶ ପଦ :—ରାମ ଲକ୍ଷ୍ମଣଙ୍କର ତେଜ ଅତି ଉଜ୍ଜ୍ୱଳ ହୋଇଥିବାରୁ ଅଗ୍ନି ଦ୍ୱାରା ପୂଜିତ ହୁଏ । (ଅଗ୍ନିଠାରୁ ଅଧିକ ତେଜ ହେବାରୁ ଅଗ୍ନି ପୂଜା କରେ) । ସୀତାଙ୍କର ନୂପୁର ଘିଣ୍ଟି ପ୍ରାୟ ଶବ୍ଦ କରେ । ରାମ ଲକ୍ଷ୍ମଣଙ୍କ ତେଜ ରୂପ ଅଗ୍ନି ଦେଖି ଓ ସୀତାଙ୍କ ନୂପୁର ଘଣ୍ଟି ଶବ୍ଦ ଶୁଣି ମୃଗମାନେ ବଶ ହୋଇ ଆସି ନିର୍ଭୟ ଚିତ୍ତରେ ପାଖରେ ମିଳିଲେ ଓ ରାମ ପ୍ରଭୃତିଙ୍କୁ ଦେଖି ବଢ଼ାଇ ନିର୍ମିତ କାଷ୍ଠ ପିତୁଳା ପ୍ରାୟ ସ୍ଥିର ଭାବରେ ଠିଆ ହେଲେ ।

ବକୁଳ ଅଶୋକ କଦମ୍ବ ତିନି । ବିକଶି କୁସୁମ ଗନ୍ଧ ବହନ୍ତି ।
ବାମା ବାମପାଦ ଲାଗି ଗମନେ । ବଟିକାଶେଷ ପାନର ରଚନେ ।
ବସୋଇଁ ପଥେ କୋଳ ରଚନେ । ବସ୍ତୁ ସଖୀ ନାମ ସ୍ନେହ ଚୁମ୍ବନେ ।୧୬।
ବଇସେ ଅଳିଆବଳି କାନନେ । ବୋଧ ବିକାଳଫୁଲ ମଧୁପାନେ ।
ବାଞ୍ଛାକଳ୍ପତରୁ ବାନ୍ଧବୀ ନଷ୍ଟେ । ବିବିଧ ଫଳଗର୍ଭ ଦାନ ସଙ୍ଗେ ।
ବେଶରେ ମଧୁସୂଦନ ସେହି । ବଞ୍ଚନ୍ତି କାଳକୁ ବିନୋଦ ବହି । ୧୭ ।
ବିଖ୍ୟାତ ଅନନ୍ତ କୀର୍ତ୍ତିମାନ । ବିନାଶନରେ ଅନୁଜ ସୁମନ ।
ବିନିଦ୍ରବ୍ରତଯୋଗୀ ଯାଷାକୁ କରି । ବାସର ନିଶା ନିତି ନିତି ହରି ।
ବସୁଧା ନ କଲେ ପିଶାଚୀହୀନ । ବୋଲନ୍ତି ଯେଣୁ ପତିତ ପାବନ ।୧୮।

---

୧୭ଶ ପଦ :—ଅଳିଆବଳୀ—ଭ୍ରମରସମୂହ । ମଧୁସୂଦନ—ମଧୁଦୈତ୍ୟ ହନ୍ତା ବା ରାମଚନ୍ଦ୍ର, ମଧୁପ୍ରିୟ ବା ଭ୍ରମର ।

୧୮ଶ ପଦ :—ବିନାଶନରେ—ଅନାହାରରେ । ଅନୁଜ—ସାନଭାଇ । ବସୁଧା—ପୃଥିବୀ ।

---

୧୬ଶ ପଦ :—ସୀତାଙ୍କର ଗମନ ସମୟରେ ତାଙ୍କର ବାମପାଦ ଲାଗି ଅଶୋକ ବୃକ୍ଷରେ, ଚର୍ବଣ ଶେଷ ପାନର ପତନରେ ବଉଳ ଗଛରେ, ପଥ ମଧ୍ୟରେ ଯାଉଁ ଯାଉଁ ଚଢ଼ିବା ମାନସରେ କୋଳ କରିବା ହେତୁ କଦମ୍ବ ଗଛରେ ସହଚରୀ ବୋଲି କହି ସ୍ନେହରେ ଚୁମ୍ବନ ଦେବା ଦ୍ୱାରା ଅଁଳା ଗଛରେ ଫୁଲ ଫୁଟି ସୁଗନ୍ଧ ବହୁଛି ଗଲା । (ଏହା ଦ୍ୱାରା ଦୋହଦ ଲକ୍ଷଣ ସୂଚିତ ହେଲା) ।

୧୭ଶ ପଦ :—ଅସମୟରେ ବକୁଳାଦି ବୃକ୍ଷମାନେ ପୁଷ୍ପିତ ହୁଅନ୍ତେ ଭ୍ରମରମାନେ ସେ ବନରେ ବସିଲେ । ବିକାଳ ଫୁଲ ଅର୍ଥାତ୍ ବର୍ଷା, ବସନ୍ତ ଓ ହେମନ୍ତ ଋତୁର ଫୁଲସବୁ ଏକ ସମୟରେ ଫୁଟିବାରୁ ସେମାନେ ମଧୁପାନ କରି ତୃପ୍ତ ହେଲେ । ଲୋକମାନଙ୍କୁ ବାଞ୍ଛିତ ଫଳ ପ୍ରଦାନ କରି ବାଞ୍ଛାକଳ୍ପତରୁ ବୋଲାଉଥିବା ମଧୁଦୈତ୍ୟହନ୍ତା ରାମଚନ୍ଦ୍ର ଭ୍ରମର ପ୍ରାୟ ବିକାଳପୁଷ୍ପୋପମା ସୀତାଙ୍କ ସହିତ ବିହାର କରି ବିକାଳ କଟାଇଲେ ।

୧୮ଶ ପଦ :—ପ୍ରସିଦ୍ଧ ଓ ଅପରିମିତ କୀର୍ତ୍ତିମନ୍ତ ଅନୁଜ ଲକ୍ଷ୍ମଣ ଅଭୋଜନରେ ବିନିଦ୍ର ରହି ସୁଦ୍ଧା ଆନନ୍ଦ ମନରେ ଦିନ ଓ ରାତି କଟାଇଲେ । ସେ ଯେଣୁ ପତିତର ପବିତ୍ରକାରକ ଆଖ୍ୟା ପାଇଛନ୍ତି, ତେଣୁ 'ପିଶାଚ' ରାକ୍ଷସମାନଙ୍କୁ ନାଶ କରି ସ୍ୱର୍ଗଗତ ଦେବା ଦ୍ୱାରା ପବିତ୍ର କଲେ ।

ବାସତୀର୍ଥରାଜ ତୀରରେ ଯେଣୁ । ବୁଲିଲେ ତୀର୍ଥମାନଙ୍କରେ ତେଣୁ ।
ବାଳା ସ୍ନେହ ସରସ୍ୱତୀକି ପାଳି । ବହନ ସରସ୍ୱତୀରେ ସେ ମିଳି ।
ବାଶିଷ୍ଠୀ ବାସୀସୁବାସୀ ସଙ୍ଗେ । ବିଧୌତକବରୀ କାବେରୀ ଭଙ୍ଗେ ।୧୯।
ବିହରି ନର୍ମଦା ଘେନି ନର୍ମଦା । ବାହୁଦା ପ୍ରବନେ କାନ୍ତ ବାହୁଦା ।
ବୁଡ଼ି ହଂସପରି ହଂସଜାମ୍ଭରେ । ବାରେ ଗମନ ପ୍ରବୃତ୍ତି ରେବାରେ ।
ବିକାଶୀ କାଶୀ ସରିତେ ସ୍ନାୟୀ । ବିନ୍ଧ୍ୟକନ୍ୟାରେ କନ୍ୟା ଘେନିଯାଇ ।
ବେହବନ୍ତୀ ଗତ ଯୁବତୀ ତୋଷି । ବ୍ରାହ୍ମୀ କଲୋଳ-କଲ୍ଲୋଳରେ ପଶି ।
ବେଣୀଶୋଭୀ ନେଇ କୃଷ୍ଣ ବେଣୀକି । ନିକ୍ଷେପି ପାଣିରେ ଶିରେ ପାଣିକି ।
ବେଗରେ ଗମ୍ଯା ପ୍ରୟାଣ କରି । ବିକଶିତା ପୁଷ୍ପେ ସୀତା ମଞ୍ଜରୀ ।୨୧।

---

୧୯ଶ ପଦ :—ତୀର୍ଥରାଜ—ସମୁଦ୍ର । ସରସ୍ୱତୀ—ବାଣୀ ବା ବଚନ । ବାଶିଷ୍ଠୀ—ଗୋମତୀ ନଦୀ । ବାସୀସୁବାସୀ—ସୌରଭ ମୟୀ । କବରୀ—ଖୋସା । ଭଙ୍ଗେ—ତରଙ୍ଗରେ ।

୨୦ଶ ପଦ :—ନର୍ମଦା- ଲୀଳାଦାୟିନୀ । ହଂସଜା--ଯମୁନା । ବିନ୍ଧ୍ୟକନ୍ୟା —ମହାନଦୀ ।

୨୧ଶ ପଦ :—ପାଣିରେ—ହସ୍ତରେ । ପ୍ରୟାଣ—ଗମନ । ମଞ୍ଜରୀ— ଲତା ।

---

୧୯ଶ ପଦ :—ଯେଉଁ ରାମଚନ୍ଦ୍ର ବର୍ତ୍ତମାନ ସମୁଦ୍ର ତୀରରେ ବାସ କରୁଅଛନ୍ତି (ଶ୍ରୀକ୍ଷେତ୍ରରେ ଦାରୁବ୍ରହ୍ମ ରୂପେ ଅବସ୍ଥାନ କରି ଶ୍ରୀକ୍ଷେତ୍ରକୁ ପବିତ୍ର ତୀର୍ଥ କରିଅଛନ୍ତି) ସେହି ରାମଚନ୍ଦ୍ର ସେତେବେଳେ ନାନାତୀର୍ଥରେ ଭ୍ରମଣ କଲେ । ପ୍ରିୟା ସୀତାର ସ୍ନେହପୂର୍ଣ୍ଣ ବାଣୀକୁ ପାଳନ କରି ଶୀଘ୍ର ସରସ୍ୱତୀ ନଦୀ ତୀରରେ ମିଳିଲେ । ତତ୍ପରେ ସୌରଭମୟୀ ଓ ସୁବସନ ପରିହିତା ସୀତା ରାମଙ୍କ ସଙ୍ଗରେ ଯାଇ କାବେରୀ ନଦୀର ତରଙ୍ଗ ଭଙ୍ଗରେ 'କବରୀ' କେଶକୁ ଧୌତ କଲେ ।

୨୦ଶ ପଦ :—'ନର୍ମଦା' ଲୀଳାଦାୟିନୀ ସୀତାଙ୍କୁ ସଙ୍ଗରେ ନେଇ ରାମଚନ୍ଦ୍ର ନର୍ମଦା ନଦୀରେ କ୍ରୀଡ଼ା କଲେ । ବାହୁଦା ନଦୀ ପାର ହେଲା ବେଳେ ସୀତା ରାମଚନ୍ଦ୍ରଙ୍କୁ ବାହୁ ଦାନ କଲେ (ଅର୍ଥାତ୍ ରାମ ସୀତାଙ୍କ ବାହୁ ଧରି ନଦୀ ପହଁରାଇ ନେଲେ) । ଯମୁନା ଜଳରେ ହଂସ ହଂସୀପରି ବୁଡ଼ି ରେବାନଦୀକୁ ସ୍ନାନ ପାଇଁ ଗମନ କଲେ । କାଶୀକ୍ଷେତ୍ର ସମୀପବର୍ତ୍ତୀ ଗଙ୍ଗା ନଦୀରେ ସ୍ନାନ କରି ବିନ୍ଧ୍ୟକନ୍ୟା ମହାନଦୀକୁ ସୀତା ସହ ଗମନ କଲେ ।

୨୧ ପଦ :—ତତ୍ପରେ ବେହବନ୍ତୀ ନଦୀକୁ ଯାଇ ଯୁବତୀ ସୀତାଙ୍କୁ ତୋଷ ପ୍ରଦାନ କଲେ । ବ୍ରାହ୍ମୀ ନଦୀର ଚଞ୍ଚଳ ଲହରୀଯୁକ୍ତ ଜଳରେ (ଅର୍ଥାତ୍

| | |
|---|---|
| ବସିଣ ଫଲ୍‌ଗୁରେ ଫଲ୍‌ଗୁକାମରେ | । ବାଳଗୋଷ୍ଠ ପିଣ୍ଡେ ଗୋତ୍ର ଉଚ୍ଚାରେ । |
| ହସ୍ତାଗ୍ର କର ଦଶରଥ ଚର | । ଉଦାର ଶାପରେ ବାରି ତା ବାର । |
| ବାହାର ହାରଶୋଭମା ହେବନ | । ବସ୍ତ୍ରେ କରନ୍ତି ହପ୍ରଳାପ ଧ୍ୱନ | ୨୨। |
| ବର ହେବନ ଏକ ବରବରମା | । ବଟ ଏ ବଟପୀ ପଳାନ୍ତି ହେବନ । |
| ବଜ୍ର ପଡ଼ି ଯାଉ ମସ୍ତକ ଫାଟି | । ବକ୍ର ଆଦି ରତ୍ନ କରିବା ଲୁଟି । |
| ବାମାକ୍ଷୀ ବାମା ବସନାଞ୍ଚଳ | । ବଳେ ଧରନ୍ତି ଧରଣୀଜା ଆକୁଳ । ୨୩। |

୨୨ଶ ପଦ:—କାମରେ—ଅସାର କାମନାରେ ବା କୌତୁକରେ ।
ବାଲଗୋଷ୍ଠ—ବାଲିରାଶି ।

୨୩ଶ ପଦ:—ବକ୍ର—ହୀରା । ବସନାଞ୍ଚଳ—କାନିପଣନ୍ତ । ଧରଣୀଜା—ସୀତା ।

ଖରସ୍ରୋତା ବ୍ରାହ୍ମୀ ନଦୀର ଜଳରେ ] ପଶି ସ୍ନାନ କଲେ । ବେଣୀଶୋଭା ସୀତାଙ୍କୁ କୃଷ୍ଣବେଣୀ ନଦୀକୁ ନେଇ ତାହା ଜଳକୁ ହସ୍ତରେ ଧରି ମସ୍ତକରେ ଛୁଇଁ ହେଲେ । ସେଠାରୁ ଶୀଘ୍ର ଗୟା ତୀର୍ଥକୁ ଗଲେ । ସେଠାରେ ଲତା ସୃଷ୍ଟି ତା ହେଲି ପ୍ରାପ୍ତ ସୀତା ପୁଷ୍ପବତୀ ହେଲେ ।

୨୨ଶ ପଦ:—ତାହା ପରେ ସୀତା ଫଲ୍‌ଗୁ ନଦୀରେ ବସି ଖେଳ କୌତୁକରେ ବାଲି ସବୁକୁ ପିଣ୍ଡ କରି ଗୋତ୍ର ଉଚ୍ଚାରଣ ପୂର୍ବକ ପ୍ରଦାନ କରନ୍ତେ, ଦଶରଥ ହସ୍ତ ବଢ଼ାଇ ପିଣ୍ଡ ନେଲେ ଓ ମୋକ୍ଷ ହୋଇଗଲେ । [ ଟେଷ୍ଟରେ ରାମ ଆସି ପିଣ୍ଡ ଦେଲାବେଳେ ଦଶରଥ ପିଣ୍ଡ ନେଲେ ନାହିଁ । ରାମଚନ୍ଦ୍ର ଫଲ୍‌ଗୁନଦୀକୁ ଏହାର କାରଣ ପଚାରନ୍ତେ ନଦୀ କିଛି ଉତ୍ତର ନ ଦେବାରୁ ] ରାମଚନ୍ଦ୍ର ଅଭିଶାପ ଦ୍ୱାରା ତା ଜଳକୁ ନିବାରଣ କଲେ । ( ତୁ ନିର୍ଜଳା ହୋଇଯିବୁ କହିବାରୁ ନଦୀର ଜଳ ଶୁଷ୍କ ହୋଇଗଲା ) । ପୁନର୍ବାର ଫଲଗୁ ବିନୟ ପ୍ରକାଶ କରନ୍ତେ ବର ଦେଲେ,—'ତୋ ବାଲିକୁ ଉଦାରଣ କଲେ ଜଳ ଦେଖାଯିବ ।' ସେଠାରୁ ହାରଶୋଭମା ସୀତାଙ୍କୁ ନେଇ ବାହାର ହୋଇ ଯିବା ବେଳେ ତୀର୍ଥର ପୂଜକ ବ୍ରାହ୍ମଣମାନେ ବିରୋଧ ବଚନ ପ୍ରକାଶ କରି କହିଲେ:—

୨୩ଶ ପଦ:—"ଗୋଟିଏ ବରବର୍ଣ୍ଣିମା ସ୍ତ୍ରୀ ସହିତ ଦୁଇଗୋଟି ପୁରୁଷ ଅଛନ୍ତି, ଜଣା ଯାଏ ବଟପୁରୁଷ ଦୁହେଁ ବଟପୀ ସ୍ତ୍ରୀ କୁ ହେବନ ପଳାଇ ଯାଉଛନ୍ତି । ବଜ୍ର ପଡ଼ି ଏମାନଙ୍କର ମସ୍ତକ ଫାଟିଗଲେ, ଏ ସ୍ତ୍ରୀ ପାଖରେ ଥିବା ହୀରା ଆଦି ରତ୍ନ ସବୁ ଆମେ ଲୁଟିକରି ନେଅନ୍ତେ ।" ଏହା କହି ସେ ବ୍ରାହ୍ମଣମାନେ ବାମଲୋଚନା ସୀତାଙ୍କ ଲୁଗା ପଣନ୍ତ ବଳେ ଧରି ଟାଣିବାରୁ ସୀତା ଆକୁଳ ହେଲେ ।

ବୋଲନ୍ତି କହି ଦଣ୍ଡଧର ପାଶେ । ଦିଆଇ ଦଣ୍ଡ ବନ୍ଧାଇବା ପାଶେ ।
ବିଚ୍ଛେଦ ରାମ ରମା ବସ୍ତ୍ର ଖଡ଼୍‌ଗେ । ବେଗ ବେଗ ଯାଇ ଗୋଡ଼ାଇ ସଙ୍ଗେ ।
ବସଉଁ ଚାପେ ତୀକ୍ଷ୍ଣମାର୍ଗଣେ । ବୀର ଲକ୍ଷ୍ମଣ ପଳାନ୍ତି ମାର୍ଗଣେ ।୨୪।
ବ୍ୟାକୁଳ ହିନ ଶେ ନତାନାମଣି । ଭ୍ରାଜ ଚନ୍ଦ୍ରଭାଗାଳିକା ପୁଣି ।
ବିପଥ ଚନ୍ଦ୍ରଭାଗରେ ସଞ୍ଚରି । ବାଲୁକାରେ ଶିବ ଶିବଦ କରି ।
ବିହାନ ଋଷିଜା ଋଷିବାରେ । ବିନୋଦ ଋଷିବାରକୁଲ୍ୟାଘାଟରେ ।
ବନ୍ଦି ଈଶ୍ୱରପଦ ଇକ୍ଷ୍ୱାକୁରେ । ବିଭୁ ଅଟନ୍ତି ସଦା ଇକ୍ଷ୍ୱାକୁରେ ।
ବହନ୍ତେ ପଥ ଅର୍ଚ୍ଚିମତେ ମିଳେ । ବିଧି ହେଲା ଯାହା ଲୋଚନମିଳେ ।
ବର୍ଣ୍ଣିଲେ ସୁକଲ୍ୟାଣ ସୁବୟା । ବଢ଼ିଲ ସୀତା ଦେଖି ଅନସୂୟା ।

---

୨୪ଶ ପଦ:—ଦଣ୍ଡଧର—ରାଜା । ଚାପ—ଧନୁ । ତୀକ୍ଷ୍ଣମାର୍ଗଣେ—ତୀକ୍ଷ୍ଣ ଶରଦ୍ୱାରା ।

୨୫ଶ ପଦ:—ନତାନାମଣି—କାମିନୀଶ୍ରେଷ୍ଠା, ( ସୀତା ) । ଭ୍ରାଜ—ଶୋଭମାନ । ଚନ୍ଦ୍ରଭାଗାଳିକା—ଅର୍ଦ୍ଧଚନ୍ଦ୍ର ସଦୃଶ । ଶିବଦ—ମଙ୍ଗଳପ୍ରଦ । ଋଷିଜା—ଋଷିକନ୍ୟା ।

୨୬ଶ ପଦ:—ଇକ୍ଷ୍ୱାକୁରେ—ସୂର୍ଯ୍ୟବଂଶରେ । ଇକ୍ଷ୍ୱାକୁରେ—ଲାଉ-ଭୂମିରେ ।

---

୨୪ଶ ପଦ:—ବ୍ରାହ୍ମଣମାନେ ସୀତାଙ୍କ ପଣନ୍ତ ଟାଣି କହିଲେ, "ରାଜା ଆଗରେ କହି ତୁମକୁ ଦଣ୍ଡ ଦିଆଇ ଦଉଡ଼ିରେ ବନ୍ଧାଇବୁ ।" ବ୍ରାହ୍ମଣମାନଙ୍କର ଏ ଆଚରଣ ଦେଖି ରାମଚନ୍ଦ୍ର ପ୍ରିୟାର ବସ୍ତ୍ର ଖଡ଼୍‌ଗରେ କାଟି ତରତରରେ ସେଠାରୁ ଚାଲିଯାନ୍ତେ, ବିପ୍ରମାନେ ତାଙ୍କ ପଛରେ ଗୋଡ଼ାଇଲେ । ବୀର ଲକ୍ଷ୍ମଣ ଧନୁରେ ତୀକ୍ଷ୍ଣ ଶରକୁ ବସାଇ ଲକ୍ଷ୍ୟ କରନ୍ତେ, ଯାଚକ ବିପ୍ରମାନେ ଭୟରେ ପଳାଇ ଗଲେ ।

୨୫ଶ ପଦ:—ବ୍ରାହ୍ମଣମାନେ ପଳାଇଯିବାରୁ ସୀତାଙ୍କର ବ୍ୟାକୁଳତା ଦୂର ହେଲା । ଅନନ୍ତର ରାମଚନ୍ଦ୍ର ଅର୍ଦ୍ଧଚନ୍ଦ୍ର ପରି ଶୋଭମାନ ଲଲାଟ ଯାହାର ଏପରି ଯେ ସୀତା, ତାଙ୍କୁ ସଙ୍ଗରେ ଘେନି ଅବାଟରେ ଯାଇ ଚନ୍ଦ୍ରଭାଗା ନଦୀ ତଟରେ ପ୍ରବେଶ ହେଲେ । ମଙ୍ଗଳ କାମନା ପାଇଁ ସେଠାରେ ବାଲୁକାରେ ଶିବ ମୂର୍ତ୍ତି ବସାଇ ପୂଜା କଲେ । ତତ୍ପରେ ବେଷ ବିହୀନା ଋଷିକନ୍ୟା ସୀତାଙ୍କ ସହ ଋଷିକୁଲ୍ୟା ନଦୀତଟକୁ ଯାଇ ରାମଚନ୍ଦ୍ର ସେଠାରେ କେଳି କଲେ ।

୨୬ଶ ପଦ:—ଇକ୍ଷ୍ୱାକୁ ବଂଶର ପ୍ରଭୁ ରାମଚନ୍ଦ୍ର 'ଇକ୍ଷ୍ୱାକୁରେ' ଲାଉ ଭୂମିରେ ଈଶ୍ୱର ମୂର୍ତ୍ତି ଦେଖି ତାଙ୍କୁ ପୂଜା କରି, ପଥରେ ଯାଉ ଯାଉ ଯାହାଙ୍କ

ଦିଲେ ତାହା ଅମ୍ଳାନଶାଢ଼ୀ କି ଶୋଭା । ଅଦ୍ଭୁତପ୍ରଭା ଦୂର କରେ ପ୍ରଭା ।
ବୋଇଲେ ବନେ ତ ରଜକ ନାହିଁ । ବହ୍ନିରେ ଧୌତ ଯେବେ ମ୍ଳାନ ହୋଇ
ବୈଦେହୀ ଚିତ୍ତ ହରଷେ ସାନ୍ଦ୍ର । ବଢ଼ଇ ଆନନ୍ଦ ଶୁଣି ରାମଚନ୍ଦ୍ର ।୨୭।
ବିହରୁ ବିହରୁ ଦଣ୍ଡକାରଣ୍ୟେ । ବୃନ୍ଦ ବୃନ୍ଦ ଋଷି ଦେଖି ସୁପୁଣ୍ୟେ ।
ବଦେହ କୋଟି ଏକଦେହ ବହି । ବୋଲନ୍ତି ଏ ଲକ୍ଷ କାନ୍ତି ନୋହି ।
ବନଦ ଶ୍ୟାମ କାହିଁ ଏ ଥିଲା । ବହିଲା ଏ ରାମା କି ତପ କଲା ।୨୮।
ବିଧାତା ଆମ୍ଭଙ୍କୁ କରନ୍ତା ନାଶ । ବର ହୁଅନ୍ତେ ଏ କୋଦଣ୍ଡଧାରୀ ।
ବ୍ରହ୍ମପଦବୀ ପାଇ ହେବ କିସ । ବହିବା କି କରି କାମିନୀବେଶ ?
ବରୁଛନ୍ତି ପୁଲକିତ ଶରୀରେ । ବେପଥୁ ଜନ୍ମି ଆଉଜି ବୃକ୍ଷରେ ।୨୯।

---

୨୮ଶ ପଦ:—ବଦେହ କୋଟି—କୋଟି-କନ୍ଦର୍ପ । ବନଦଶ୍ୟାମ—ଘନଶ୍ୟାମ ।

୨୯ଶ ପଦ:—ବେପଥୁ—କମ୍ପନ ।

---

ନୟ ମଳରୁ ଚନ୍ଦ୍ର ଜନ୍ମ ହୋଇଥିଲେ, ସେହି ଅତ୍ରି ଋଷିଙ୍କ ମଠରେ ପ୍ରବେଶ ହେଲେ । ସେ ଋଷି ଦୟା ସହିତ କଲ୍ୟାଣ ବାଞ୍ଛିଲେ । ( ରାମ ଲକ୍ଷ୍ମଣ ନମସ୍କାର କରିବାରୁ ଋଷି କଲ୍ୟାଣ କଲେ ) । ଅତ୍ରି ଋଷିଙ୍କ ପତ୍ନୀ ଅନସୂୟାଙ୍କୁ ଦେଖି ସୀତା ତାଙ୍କର ପଦ ବନ୍ଦନା କଲେ ( ନମସ୍କାର କରିଲେ ) ।

୨୭ଶ ପଦ:—ସେ ଅନସୂୟା ସୀତାଙ୍କୁ ଖୁବ୍ ସୁନ୍ଦର ଓ ଅଦ୍ଭୁତପ୍ରଭା ନିନ୍ଦ କାନ୍ତିମାନ୍ ଅମ୍ଳାନ ଶାଢ଼ୀଟିଏ ଦେଇ କହିଲେ, "ବନରେ ତ ଧୋବା ନାହାନ୍ତି । ଯେବେ ଏହା ମଳାଇ ହେବ, ତେବେ ଏହାକୁ ଅଗ୍ନିରେ ଧୌତ କରିନେବ । (ଅମ୍ଳାନ ବସ୍ତ୍ର ଅଗ୍ନିରେ ଧୌତ ହେଲେ, ତାହାର ମଳିନତା ଦୂର-ହୁଏ ଓ ଶୋଭା ବଢ଼େ ) । ଏହା ଶୁଣି ସୀତାଙ୍କ ମନ ହର୍ଷପୂର୍ଣ୍ଣ ହେଲା ଓ ରାମଚନ୍ଦ୍ର ଆନନ୍ଦିତ ହେଲେ ।

୨୮ଶ ପଦ:—ରାମ, ଲକ୍ଷ୍ମଣ ଓ ସୀତା ଏହିପରି ଦଣ୍ଡକାରଣ୍ୟରେ ବୁଲି ବୁଲି ଅସଂଖ୍ୟ ଋଷି ଉତ୍ତମ ପୁଣ୍ୟଫଳରେ ତାଙ୍କୁ ଦର୍ଶନ କରି ମନରେ ବିଚାରିଲେ, 'କୋଟିଏ କନ୍ଦର୍ପ କୋଟିଏ ଦେହ ବହିଅଛନ୍ତି, ଏ ଲକ୍ଷ୍ୟ ଏହାଙ୍କୁ ଦେଲେ ସୁଦ୍ଧା ସମାନ ହେବ ନାହିଁ । [କୋଟି କନ୍ଦର୍ପର ଶୋଭା ମଧ୍ୟ ଏ ଶୋଭାଠାରୁ ନ୍ୟୂନ ହେବ] । ଏ ଘନଶ୍ୟାମ ମୂର୍ତ୍ତି କେଉଁଠାରେ ଥିଲେ ? ପୂର୍ବେ କି ତପ କରିଥିବାରୁ ଏ ସ୍ତ୍ରୀ ତାଙ୍କୁ ପତିରୂପେ ବରଣ କଲେ ?'

୨୯ଶ ପଦ:—'ଯଦି ବିଧାତା ଆମ୍ଭମାନଙ୍କୁ ନାଶ କରିଥାନ୍ତେ ଓ ଏହି କୋଦଣ୍ଡଧାରୀ ଆମର ବର ହୋଇଥାନ୍ତେ, ତେବେ ବ୍ରହ୍ମପଦବୀରେ ଆମର

ବିଭ୍ରମ ଉପୁଜଗଲା ମାନସ । ବୋଇଲେ ସଖୀଙ୍କୁ ସଙ୍ଗି ଗୋ ଆସ ।
ବହିବା ତୁମ୍ବୀକି ଉରରେ ଲଗି । ବକ୍ଷୋତ୍ଥିତ ହେଲା ଭାବରେ ସୁଖୀ ।
ବେଣୀ ଏ ଭାବି ଜଟା ଲମ୍ବାଇ । ବିବିଧ କୁସୁମ ମଣ୍ଡିଲେ ନେଇ ।୩୦।
ବହୁଥିଲେ ଯେ ଆହୁତି ଅଗ୍ନିର । ବିସୋରିଲେ ସ୍ୱାହା ଆଦ୍ୟ ଅକ୍ଷର ।
ବଦନ୍ତେ ଚାହିଁ ତା ପୁନଃ ପୁନଃ କହି । ବିଚେଷ୍ଟା ତାଙ୍କର ରାଘବ ଚାହିଁ ।
ବୈଦେହୀ ଲକ୍ଷ୍ମଣରୁ ଅନ୍ତର । ବାଞ୍ଛା ବରଦାନେ ରଚନ ଗିର ।୩୧।
ବଲ୍ଲବୀ ତୁମ୍ଭେ ହୋଇବ ଦ୍ୱାପରେ । ବ୍ରଜେ ରହିବୁଁ ଆମ୍ଭେ କଂସ ଡରେ ।
ବୃନ୍ଦାବନରେ ହେବ ରାସକେଳି । ବଲ୍ଲଭୀ ଏକା ଏ ଦେହେ ମୈଥିଳୀ ।
ବହିବୁଁ ଗୋପୀନାଥ ନାମକୁ । ବୋଲେ ଉପେନ୍ଦ୍ର ବୋଧିଗଲେ ତାଙ୍କୁ ।୩୨

—*—

୩୨ଶ ପଦ:—ବଲ୍ଲବୀ—ଗୋପାଳୁଣୀ । ବଲ୍ଲଭୀ—ପତ୍ନୀ ।

ଦରକାର କଣ ? ଏବେ ଆମେ କପରି ନାରୀ ବେଶ ଧାରଣ କରିବା ?" ଏହା ଚିନ୍ତରନ୍ତେ ତାଙ୍କ ଶରୀର ରୋମାଞ୍ଚିତ ହେଲା । ବେପଥୁ ଆଦି ଭାବମାନ ଜନ୍ମିବାରୁ ସେମାନେ ବୃକ୍ଷକୁ ଆଉଜି ଠିଆ ହେଲେ ।

୩୦ଶ ପଦ:—ତାଙ୍କମନରେ ଭ୍ରମ ଜାତ ହେବାରୁ ସେମାନେ ସଖୀଙ୍କୁ 'ଗୋ ସଖି ଆସ' ଏହା କହିଲେ । ତାଙ୍କ ହାତରେ ଥିବା ଲାଉ ତୁମ୍ବୀକି ଛାତିରେ ରଖି ଏ ଆମ୍ଭର ସ୍ତନ ବୋଲି ଭାବି ସୁଖୀ ହେଲେ । ନିଜ ନିଜର ଜଟା ଫିଟିକି ପକାଇ ଦେଇ 'ଏ ଆମର ବେଣୀ' ଏପରି ଭାବି ତହିଁରେ ନାନାପ୍ରକାର ଫୁଲ ମଣ୍ଡିଲେ ।

୩୧ଶ ପଦ:—ଯେଉଁ ଋଷିମାନେ ଅଗ୍ନିରେ ଆହୁତି ଦେଉଥିଲେ, ସେମାନେ ସ୍ୱାହାର ଆଦ୍ୟଅକ୍ଷର ଅର୍ଥାତ୍ ସ୍ୱା ଭୁଲିଯାଇ କେବଳ ହା ହା ବାରମ୍ବାର କହି ରାମଚନ୍ଦ୍ରଙ୍କୁ ବଶଭାବରେ ଚାହିଁଲେ । ତାଙ୍କର ଏପରି ବିରହ ଭାବମାନ ଦେଖି ରାଘବ ସୀତା ଓ ଲକ୍ଷ୍ମଣଠାରୁ ଅନ୍ତର ହୋଇ ଯାଇ ସେମାନଙ୍କୁ ମନଇଚ୍ଛା ବରପ୍ରାପ୍ତି ହେବାପାଇଁ ଏହି ବାକ୍ୟ କହିଲେ;—

୩୨ଶ ପଦ:—"ହେ ମୁନିମାନେ ! ଦ୍ୱାପର ଯୁଗରେ ତୁମ୍ଭେମାନେ ଗୋପୀ ହେବ । ମୁଁ କୃଷ୍ଣ ରୂପେ ଜାତ ହୋଇ କଂସ ଭୟରେ ବ୍ରଜପୁରରେ ରହିବି । ବୃନ୍ଦାବନରେ ତୁମ୍ଭର ଓ ମୋର ରାସକେଳି ହେବ । ତେଣୁ ମୁଁ ଗୋପୀନାଥ ନାମକୁ ବହିବି । ଏ ଅବତାରରେ ସୀତା ଏକମାତ୍ର ମୋର ପ୍ରିୟା ।" ଉପେନ୍ଦ୍ର କହେ, ରାମଚନ୍ଦ୍ର ଏହିପରି ଋଷିମାନଙ୍କୁ ବୋଧ ଦେଇ ଗଲେ ।

—*—

# ଦ୍ୱାବିଂଶ ଛାନ୍ଦ

## ଭାଗବତ ବୃତ୍ତେ

| | | |
|---|---|---|
| ବାତାପି ସୂଦନ ଆଶ୍ରମ | । ପଶିଲେ ପ୍ରବେଶ ଶ୍ରୀରାମ | ।୧। |
| ବଇଷ୍ଣ ହିଂସା ତହିଁ ହତ | । ବଇଷ୍ଣ ସନ୍ନିଧି କପୋତ | ।୨। |
| ବାୟସ କଳଙ୍କିକ ମେଳ | । ବସି ଅଛନ୍ତି ଏକ ଡାଳ | ।୩। |
| ବ୍ୟାଳ ଫଣାକୁ ଟେକ ଖେଳ | । ବରହୀ ପାଶେ ନୃତ୍ୟଶାଳୀ | ।୪। |
| ବାରଣ ସିଂହ ଏକ ସ୍ଥାନ | । କରଚି ଅଛନ୍ତି ଶୟନ | ।୫। |
| ବ୍ୟାଘ୍ର କୁରଙ୍ଗ ରଙ୍ଗ ବହି | । ବୃକାଳି ମିଳୁଛନ୍ତି ତହିଁ | ।୬। |
| ବତ୍ସା ଧେନୁଙ୍କ ମହିଷିର | । ବାଧ୍ରେତେ ପାନ କରେ ଷୀର | ।୭। |

---

୩ୟ ପଦ :—ବାୟସ—କାକ । କଳଙ୍କକ—ପେଚ୍ଚ ।
୪ର୍ଥ ପଦ :—ବର୍ହୀ—ମୟୂର । ବ୍ୟାଳ—ସର୍ପ ।
୫ମ ପଦ :—ବାରଣ—ହସ୍ତୀ ।
୬ଷ୍ଠ ପଦ :—କୁରଙ୍ଗ—ହରିଣ । ବୃକାଳୀ—ବିଲୁଆ କୁକୁରସମୂହ ।

---

## ଦ୍ୱାବିଂଶ ଛାନ୍ଦ

୧ମ ପଦ :—ଅନନ୍ତର ଶ୍ରୀରାମ 'ବାତାପିସୂଦନ' ଅଗସ୍ତ୍ୟଋଷିଙ୍କ ଆଶ୍ରମବନରେ ପ୍ରବେଶ କଲେ । (ଅଗସ୍ତ୍ୟଋଷି ବାତାପି ନାମକ ଅସୁରକୁ ଖାଇ ଜୀର୍ଣ୍ଣ କରି ଦେଇଥିଲେ) ।

୨ୟ ପଦ :—ଏହି ବନରେ ଶତ୍ରୁ ପ୍ରତି ହିଂସାଭାବ ନାହିଁ । ତେଣୁ ସଞ୍ଚାଣପକ୍ଷୀ ପାଖରେ କପୋତ ରହିଅଛି ।

୩ୟ ପଦ :—କାକ ଓ ପେଚ୍ଚ ଏକାଠି ଗୋଟିଏ ଡାଳରେ ବସି ଅଛନ୍ତି ।

୪ର୍ଥ ପଦ :—ସର୍ପ ଫଣାକୁ ଟେକ ଖେଳୁଅଛି ଓ ମୟୂର ତାହା ପାଖରେ ନୃତ୍ୟ କରିବାରେ ରତ ହୋଇଅଛି ।

୫ମ ପଦ :—ହସ୍ତୀ ଓ ସିଂହ ଏକସ୍ଥାନରେ ଶୟନ କରିଅଛନ୍ତି ।

୬ଷ୍ଠ ପଦ :—ବ୍ୟାଘ୍ର ଓ ମୃଗ ମିଶି କ୍ରୀଡ଼ା କଲାବେଳେ ବିଲୁଆକୁକୁର ଆସି ତାଙ୍କ ସହିତ ମିଳିତ ହେଉ ଅଛି ।

୭ମ ପଦ :—ଗାଈମାନଙ୍କର ଛୁଆ ସବୁ ଅର୍ଥାତ୍ ବାଛୁରୀମାନେ ନିର୍ଭୟରେ ମଇଁଷୀଠାରୁ ଦୁଧ ଖାଉଅଛନ୍ତି ।

ବକ ପାଶରେ ଜଳଘାଟେ । ଝଷ ଉଳୁଳନ୍ତି ଚହଟେ ।୮।
ବ୍ରାହ୍ମଣ ତପୋବନ ସାର୍ଥ । ବିସ୍ମୟ କଲେ ରଘୁନାଥ ।୯।
ବିଲୋକି ସୀତା ଋଷିଶିଷେ । ବିତର୍କି ଏମନ୍ତ ମାନସେ ।୧୦।
ବୃଦ୍ଧଶ୍ରବାରେ କୋପୀ ପର । ବନେ ଆସିଲା ସ୍ୱସ୍ତୁଧାର ।୧୧।
ବୋଧୁଛନ୍ତି ଗୋଡ଼ାଇ ସଙ୍ଗେ । ବିଦ୍ୟାଧର ଯୁଗଳ ରଙ୍ଗେ ।୧୨।
ବୋଧ ନ ଘେନୁ କି ଅଦମ୍ଭା । ବଳେ ଜାନୁରେ ଯେଉଁ ରମ୍ଭା ।୧୩।
ବନଜପାଦେ ଦେଇ ଦେଖା । ଭଜନ୍ତ ଧରି ଚସ୍ୱରେଖା ।୧୪।

---

୮ମ ପଦ:—ଝଷାଉଳୁଳ—ମୀନ ସମୂହ ।
୧୦ମ ପଦ:—ବୃଦ୍ଧଶ୍ରବା—ଇନ୍ଦ୍ର । ସ୍ୱସ୍ତୁଧାର—ଶଚୀ ।
୧୩ଶ ପଦ:—ଅଦମ୍ଭା—ଅଧୈର୍ଯ୍ୟ ।
୧୪ଶ ପଦ:—ବନଜପାଦେ— ପଦ୍ମପାଦରେ । ଚସ୍ୱରେଖା—ଅଳତା ରେଖା ।

---

୮ମ ପଦ:—ଜଳଘାଟରେ ବଗ ପାଖରେ ମତ୍ସ୍ୟମାନେ ଓଲଟି ପାଲଟି ଖେଳା କରୁଅଛନ୍ତି ।

୯ମ ପଦ:—ଏହା ଦେଖି ରଘୁନାଥ ବିସ୍ମୟ କଲେ, 'ଅଗସ୍ତ୍ୟ ଋଷିଙ୍କ ତପୋବନ ସାର୍ଥକ ଅଟେ ।'

୧୦ମ ପଦ:—ଅଗସ୍ତ୍ୟଙ୍କ ଶିଷ୍ୟମାନେ ସୀତାଙ୍କୁ ଦେଖି ମନରେ ବିସ୍ମୟ କଲେ—

୧୧ଶ ପଦ:—'ଇନ୍ଦ୍ରଙ୍କଠାରେ କୋପ କରି ଶଚୀ ବନକୁ ଆଇଲା କି ?'

୧୨ଶ ପଦ:—'ଦୁଇଟି ବିଦ୍ୟାଧର ସଙ୍ଗରେ ଗୋଡ଼ାଇ ନାନା ରଙ୍ଗରେ ବୋଧ ଦେଉଅଛନ୍ତି ।'

୧୩ଶ ପଦ:—'ଶଚୀ ରୁଷି ଗଲା ଯାଉଥିବାରୁ ସ୍ୱର୍ଗବେଶ୍ୟା ରମ୍ଭା କଦଳୀଗଛ ରୂପ ଧରି ବଳାତ୍କାରରେ ଏହାଙ୍କ ଜାନୁ ସଙ୍ଗେ ଜଡ଼ିତ ହୋଇଅଛି କି ?' ( ପାଦ ଧରି ଅନୁନୟ କରୁଅଛି ) ।

୧୪ଶ ପଦ:—'ପଦ୍ମପାଦରେ ଦେଖା ଯାଉଥିବା 'ଚସ୍ୱରେଖା' ଅଳତା ରେଖା ଦେଖି ମନେ ହୁଏ ସ୍ୱର୍ଗବେଶ୍ୟା ଚସ୍ୱରେଖା ଦୁଇପାଦ ଧରି ଭଜନ୍ତି କରୁଅଛି କି ?'

ବିମଳ ଚିବୁକକୁ ଛୁଇଁ । ବିନୟୀ ଚନ୍ଦ୍ରକଳା ହୋଇ ।୧୫।
ବାମଅଙ୍ଗୀରେ ଆଲିଙ୍ଗନ । ବିଚିତ୍ର କାଳବନ୍ତୀ ବେଶ ।୧୬।
ବିଶିଷ୍ଟ ଯେ ସୁନ୍ଦରୀବୃନ୍ଦ । ବନ୍ଦେ ଏ ପୁରନ୍ଦରୀ ପଦ ।୧୭।
ବାଦ ତହିଁରେ କେହ୍ନେ ହୋଇ । ବିରୋଧୀ କହନ୍ତି କାହିଁପାଇଁ ।୧୮।
ବୋଲେ ସେ ଗୌତମ ଅବଳା । ବୃଷାସଙ୍ଗମୁଁ ଶାପେ ଶିଳା ।୧୯।
ବିକୁକ୍ଷିବଂଶୀ ରାମପଦ । ବାଜି ତା ପୂର୍ବରୂପ ସମ୍ପଦ ।୨୦।
ବଜ୍ରୀର ରସେ ବଡ଼ ପ୍ରୀତି । ବଳାଉଥିବ ପୁଣି ମତି ।୨୧।
ଭଙ୍ଗ ସବୁଙ୍କ ସୁଦକ୍ଷିଣ । ବୋଇଲେ ଶୁଣି ତତକ୍ଷଣ ।୨୨।

---

୧୭ଶ ପଦ:—ପୁରନ୍ଦରୀ—ଇନ୍ଦ୍ରାଣୀ ।
୧୯ଶ ପଦ:—ବୃଷା—ଇନ୍ଦ୍ର । ଶିଳା—ପଥର ।
୨୦ଶ ପଦ:—ବିକୁକ୍ଷିବଂଶୀ—ସୂର୍ଯ୍ୟବଂଶୀୟ ।
୨୧ଶ ପଦ:—ବଜ୍ରୀର—ଇନ୍ଦ୍ରଙ୍କର ।

---

୧୫ଶ ପଦ:—'ଚନ୍ଦ୍ରକଳା' ଚନ୍ଦ୍ର ରେଖା ସଦୃଶ ନିର୍ମଳ ଓଷ୍ଠକୁ ଦେଖି ମନେ ହୁଏ ଚନ୍ଦ୍ରରେଖା ନାମକ ସ୍ୱର୍ବେଶ୍ୟା ବିନୟ ପ୍ରକାଶ କରୁଅଛି କି ?

୧୬ଶ ପଦ:—ବିଚିତ୍ର କଳାବନ୍ତୀ ଶାଢ଼ୀ ଦେହରେ ଜଡ଼ିତ ଥିବାରୁ ଜଣା ଯାଉଛି, କଳାବନ୍ତୀ ନାମ୍ନୀ ସ୍ୱର୍ଗ ବେଶ୍ୟା ତାଙ୍କୁ ଆଲିଙ୍ଗନ କରିଅଛି ।

୧୭ଶ ପଦ:—ସୁନ୍ଦରୀ ସମୂହରେ ଶ୍ରେଷ୍ଠ ହେବାରୁ ଏ ଇନ୍ଦ୍ରାଣୀ ପଦକୁ ବନ୍ଦୁଅଛନ୍ତି ।

୧୮ଶ ପଦ:—ଶିଷ୍ୟମାନଙ୍କ ମଧ୍ୟରୁ କେହି ପ୍ରତିବାଦ କରି କହିଲେ, "ଶଚୀ କାନ୍ତଙ୍କଠାରେ ବିରୋଧୀ ହେବେ କାହିଁକି ?"

୧୯ଶ ପଦ:—ପ୍ରଥମ ଶିଷ୍ୟ କହିଲେ, "ଇନ୍ଦ୍ର ଗୌତମପତ୍ନୀ ଅହଲ୍ୟାଙ୍କ ସହିତ ପ୍ରୀତି କରିବାରୁ ଗୌତମଙ୍କ ଶାପରେ ଅହଲ୍ୟା ପାଷାଣ ହୋଇଥିଲେ ।"

୨୦ଶ ପଦ:—ସୂର୍ଯ୍ୟ ବଂଶରେ ଜନ୍ମ ହୋଇଥିବା ରାମଚନ୍ଦ୍ରଙ୍କ ପଦ ବାଜିବାରୁ ସେ ଅହଲ୍ୟା ପାଷାଣରୁ ମୁକ୍ତ ହୋଇ ପୂର୍ବରୂପ ପାଇଅଛନ୍ତି ।"

୨୧ଶ ପଦ:—"ସୂର୍ଯ୍ୟଙ୍କର ଅହଲ୍ୟାଠାରେ ବଡ଼ ସ୍ନେହ ଥାଏ । ପୁଣି ସେ ଅହଲ୍ୟାଙ୍କୁ ମନ ବଳାଇଥିବେ; ତେଣୁ ଶଚୀ ରୁଷି ଚାଲି ଆସିଛନ୍ତି ।"

୨୨ଶ ପଦ:—ଏହା ଶୁଣି ତ୍ରିକାଳଜ୍ଞ ପଣ୍ଡିତ ସୁଦକ୍ଷିଣ (ଅଗସ୍ତ୍ୟ ଋଷିଙ୍କ ପୁତ୍ର) ତତ୍‌କ୍ଷଣାତ୍ କହିଲେ—

ବିଦ୍ୟାଧର ନୋହେ ଏ ବେନି । ବିଜେ ରାମ ଲକ୍ଷ୍ମଣ ସେନି ।୨୩।
ବିଶ୍ୱମୋହନରୂପ ଦୁଇ । ବିଧୁ ମଦନ ନ ଘଟଇ ।୨୪।
ବହେ କଳଙ୍କ ଏକ ଅଙ୍ଗେ । ବିଦେହ ଏକ ଶୋଭା ଅଙ୍ଗେ ।୨୫।
ବିଦେହ ରାଜସୁତା ସଙ୍ଗେ । ବିହ୍ୱଳ ଲକ୍ଷ୍ୟଙ୍କୁ କି ରଙ୍ଗେ ।୨୬।
ବପୁଏ ହେଲେ ଲକ୍ଷ୍ୟ ଶଚୀ । ବହନ୍ତା କାହିଁ ଏତେ ରୁଚି ।୨୭।
ବର୍ଣ୍ଣନା କବିମାନଙ୍କର । ବିହିବା ସୀତାଠାରେ ସାର ।୨୮।
ବ୍ୟର୍ଥ ଅନ୍ୟ ସ୍ତ୍ରିୟଙ୍କ ଠାବ । ବୋଲିବା ନ ଥିଲା ନୋହିବ ।୨୯।
ବର୍ତ୍ତମାନରେ ଅଛି ଏହି । ବିଶ୍ୱେ ଖୋଜିଲେ ଆଉ ନାହିଁ ।୩୦।

---

୨୪ଶ ପଦ :—ବିଧୁ—ଚନ୍ଦ୍ର । ମଦନ—କନ୍ଦର୍ପ ।
୨୫ଶ ପଦ :—ବିଦେହ—ଦେହହୀନ ।
୨୭ଶ ପଦ :—ରୁଚି—ଶୋଭା ।

---

୨୩ଶ ପଦ :—"ଏ ପୁରୁଷ ଦୁହେଁ ବିଦ୍ୟାଧର ନୁହନ୍ତି, ଲକ୍ଷ୍ମଣଙ୍କୁ ସଙ୍ଗରେ ଧରି ରାମଚନ୍ଦ୍ର ବିଜେ କରିଅଛନ୍ତି ।"

୨୪ଶ ପଦ :—"ଏ ଦୁହିଙ୍କ ରୂପ ଜଗତକୁ ମୋହିତ କରୁଛି । ଚନ୍ଦ୍ର ଓ କନ୍ଦର୍ପର ଶୋଭା ଏହାଙ୍କ ସହିତ ତୁଳନୀୟ ହୋଇ ନ ପାରେ ।"

୨୫ଶ ପଦ :—"ଏହାଙ୍କ ଶୋଭା ଦେଖି ଖିନ୍ନ ହୋଇ ଚନ୍ଦ୍ର ଦେହରେ କଳଙ୍କ ବହିଅଛି ଓ କନ୍ଦର୍ପ ଅଦେହ ହୋଇଅଛି ।"

୨୬ଶ ପଦ :—"ବିଦେହ ରାଜସୁତା ସୀତା ଏହାଙ୍କ ସଙ୍ଗରେ ଅଛନ୍ତି । ତୁମ୍ଭେ କୌତୁକରେ କି ଉପମା ବା ଦେଲ ? (ତୁମ୍ଭେ ଶଚୀ ସହିତ ଯେ ଉପମା ଦେଲ, ସେ କିଛି ନୁହେ । ଶଚୀ ଏହାଙ୍କୁ ଲକ୍ଷ୍ୟ ନୁହନ୍ତି) ।"

୨୭ଶ ପଦ :—"ଲକ୍ଷସଂଖ୍ୟକ ଶଚୀ ଗୋଟିଏ ଶରୀର ବହିଲେ ସୁଦ୍ଧା ଏପରି ଶୋଭା ପାଇବେ କି ?"

୨୮ଶ ପଦ :—"କବିମାନଙ୍କର ବର୍ଣ୍ଣନା (ସୌନ୍ଦର୍ଯ୍ୟ ବର୍ଣ୍ଣନ) କେବଳ ସୀତାଙ୍କଠାରେ ସାର୍ଥକ ହୋଇଅଛି ।"

୨୯ଶ ପଦ :—"ଅନ୍ୟ ସ୍ତ୍ରୀ ମାନଙ୍କଠାରେ ସେ ବର୍ଣ୍ଣନାସବୁ ବୃଥା ଅଟେ । ଅତୀତରେ ନ ଥିଲା କି ଭବିଷ୍ୟତରେ ନ ହେବ ।"

୩୦ଶ ପଦ :—"ବର୍ତ୍ତମାନ କେବଳ ଏହି ଏକା ଅଛନ୍ତି ବିଶ୍ୱସାରା ଖୋଜି ଆସିଲେ ତ ଆଉ ଗୋଟିଏ ମିଳିବ ନାହିଁ ।"

ବନଜାସନା ଯହିଁ ଯେତେ । ବାର ବାର ଜନ୍ମିବ ମର୍ତ୍ତ୍ୟେ ।୩୧।
ବନ୍ଧୁ ନ ଥିବ ନ ବନ୍ଧୁବ । ବିଗ୍ରହେ ଏପରି ସ୍ୱଭାବ ।୩୨।
ବୋଲୁଁ ସେ ଆଶ୍ରମେ ପ୍ରକଟି । ବାରିଧିଚଳୁକଙ୍କୁ ଭେଟି ।୩୩।
ବସାଇ ଋଷିପତ୍ୟ କ୍ଷଣେ । ବାଧିସମ ସେ ସବୁ ଜାଣେ ।୩୪।
ବରଣି ମାନସିକ ପୂଜା । ବୈଦର୍ଭୀ ପାଶେ ଜନକଜା ।୩୫।
ବିରାଜ କହ୍ଲାର ପାଶରେ । ବିକଚ ପଦ୍ମ ଯେ ପ୍ରକାରେ ।୩୬।
ବିବୁଧେ ପ୍ରଶଂସିତ ସଦା । ବଡ଼ ସୁନ୍ଦରୀ ଲୋପାମୁଦ୍ରା ।୩୭।
ବୈଦେହୀ ତା ଲୋପ କରିଏ । ବାନ୍ଧି ଅମୁଦ୍ରା ମୁଦ୍ରା ପ୍ରାୟେ ।୩୮।

---

୩୫ଶ ପଦ:—ବୈଦର୍ଭୀ—ଅଗସ୍ତ୍ୟପତ୍ନୀ । ଜନକଜା—ସୀତା ।
୩୬ଶ ପଦ:—କହ୍ଲାର—କଇଁ । ବିକଚ—ପ୍ରସ୍ଫୁଟିତ ।

---

୩୧ ଓ ୩୨ଶ ପଦ:—"ପଦ୍ମାସନା ଲକ୍ଷ୍ମୀ ମର୍ତ୍ତ୍ୟରେ ବାରମ୍ବାର ଯେଉଁ ସ୍ଥାନରେ ଯେତେଥର ଜନ୍ମିଛନ୍ତି ସେ ଏପରି ଶୋଭା ଧରି ନାହାନ୍ତି, କି ଧରିବେ ନାହିଁ । ( ଲକ୍ଷ୍ମୀ ମଧ୍ୟ ଏପରି ସର୍ବାଙ୍ଗସୁନ୍ଦରୀ ରୂପ ଧରି ନ ପାରନ୍ତି । )"

୩୩ଶ ପଦ:—ସୁତୀକ୍ଷଣ ଋଷି ଏହା କହିବା ସମୟରେ ରାମ, ଲକ୍ଷ୍ମଣ ଓ ସୀତା ଆଶ୍ରମରେ ପ୍ରବେଶ ହୋଇ,'ବାରିଧି ଚଳୁକଙ୍କୁ' ଅଗସ୍ତ୍ୟ ଋଷିଙ୍କୁ ଭେଟିଲେ । ( ଅଗସ୍ତ୍ୟ କମଣ୍ଡଳୁ ମଧ୍ୟସ୍ଥ ପାଣିରୁ ଜନ୍ମି ହୋଇଥିଲେ, ମାତ୍ର ସମୁଦ୍ରକୁ ଗଣ୍ଡୂଷରେ ଚଳୁ ରୂପେ ପାନ କରି ଦେଇଥିଲେ ) ।

୩୪ଶ ପଦ:—ଅଗସ୍ତ୍ୟଙ୍କୁ ନମସ୍କାର କରିବା ସମୟରେ ମୁନି ତାଙ୍କୁ ଆସନରେ ବସାଇଲେ । ସେ ମୁନି ବାଧାରୀ ପରି ସବୁ କଥା ଜାଣିପାରନ୍ତି । [ ବିଷ୍ଣୁ ରାମ ଅବତାରରେ ରାବଣ ବଧ ନିମିତ୍ତ ବନରେ ବୁଲୁ ଅଛନ୍ତି,—ଏ କଥା ସେ ଜାଣି ପାରିଲେ । ]

୩୫ଶ ପଦ:—ତେଣୁ ଅଗସ୍ତ୍ୟ ମନ ମଧ୍ୟରେ ରାମଚନ୍ଦ୍ରଙ୍କୁ ପୂଜା କଲେ । ଅଗସ୍ତ୍ୟ ଋଷିଙ୍କ ପତ୍ନୀ ବୈଦର୍ଭୀଙ୍କ ପାଖରେ ଜାନକୀ ପ୍ରବେଶ ହେଲେ ।

୩୬ଶ ପଦ:—କହ୍ଲାର ପୁଷ୍ପ ପାଖରେ ପ୍ରସ୍ଫୁଟିତ ପଦ୍ମ ଯେପରି ଶୋଭାପାଏ, ଏ ସେହିପରି ଶୋଭା ପାଇଲେ । ବୈଦର୍ଭୀ କହ୍ଲାର ଓ ସୀତା ପ୍ରସ୍ଫୁଟିତ ପଦ୍ମ ) ।

୩୭ଶ ପଦ:—ସବୁକାଳରେ ଲୋପାମୁଦ୍ରା [ ବୈଦର୍ଭୀଙ୍କ ଅନ୍ୟ ନାମ ] ବଡ଼ ସୁନ୍ଦରୀ ବୋଲି ପଣ୍ଡିତମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥାନ୍ତି ।

୩୮ଶ ପଦ:—'ଲୋପାମୁଦ୍ରା ବଡ଼ ସୁନ୍ଦରୀ' ଏହି କଥାକୁ ସୀତା ମୁଦ୍ରା ନ ଥିବା ଅର୍ଥାତ୍ ସନ ନ ଥିବା ଟଙ୍କାକୁ ବାନ୍ଧି ଦେଲା ପ୍ରାୟ ଲୋପ କରି

| | | |
|---|---|---|
| ବିଧାତା ହୃଦ ସଂସୃଷ୍ଟିକୁ | ବୋଲିବା ଲୋପାମୁଦ୍ରା ତାକୁ | ।୩୯। |
| ବପୁକୁ ଗ୍ରହେ ଆପଣାର | ବିଲୋକେ ସୀତା ମନୋହର | ।୪୦। |
| ବିନାଶନ ରୂପଗର୍ବିତା | ବଢ଼ାଇ ଶତ୍ରୁ ହୋଇଲା ତା | ।୪୧। |
| ବାର ବାର ସେ ଲୋଚନାଳି | ବିସ୍ମୟବଲ୍ଲୀ ପରେ ଢାଳି | ।୪୨। |
| ବିମଳ ଜଳ ସ୍ଥଳ ଫୁଲ | ବିଦିତ ଚାରି ଷଟ ମେଳ | ।୪୩। |
| ବପୁରେ ଏହାରେ ରଞ୍ଜିତା | ବାଣୀ ପଦ୍ମ ରସଲତା | ।୪୪। |

୪୨ଶ ପଦ:—ଲୋଚନାଳି—ଭ୍ରମର ।

ହେଲେ । ( ସୀତାଙ୍କ ସୌନ୍ଦର୍ଯ୍ୟ ନିକଟରେ ଲୋପାମୁଦ୍ରାଙ୍କ ସୌନ୍ଦର୍ଯ୍ୟ ମ୍ଳାନପ୍ରଭ ହୋଇଗଲା ) ।

୩୯ଶ ପଦ:—ବିଧାତାଙ୍କ ହୃଦୟସ୍ଥ ରୂପ ସବୁଆରେ ଯେତେ ସୌନ୍ଦର୍ଯ୍ୟ ଥିଲା, ବୈଦର୍ଭୀ ସେ ସବୁ ଲୋପ କରି ଦେଲେ । ତେଣୁ ତାଙ୍କୁ ଲୋପାମୁଦ୍ରା କୁହାଯାଏ । ( ବିଧାତାର ଯେତେ ଶୋଭା ଲାବଣ୍ୟ ଥିଲା, ସେ ସମସ୍ତ ଦେଇ ବିଧାତା ଲୋପାମୁଦ୍ରାଙ୍କୁ ନିର୍ମାଣ କରିଥିଲା ) ।

୪୦ଶ ପଦ:—ସେ ଲୋପାମୁଦ୍ରା ନିଜ ଦେହକୁ ଗ୍ରହି ପୁଣି ସୀତାଙ୍କ ସୌନ୍ଦର୍ଯ୍ୟକୁ ନିରୀକ୍ଷଣ କଲେ ।

୪୧ଶ ପଦ:—ସୀତାଙ୍କ ଶୋଭା ଦେଖି ଲୋପାମୁଦ୍ରାଙ୍କର ସୌନ୍ଦର୍ଯ୍ୟ-ବଡ଼ିମା ମନରୁ ବିନାଶ ହେଲା ।

୪୨ଶ ପଦ:—ସେ ଲୋପାମୁଦ୍ରା ବାରମ୍ବାର ନିଜର ନେତ୍ର ଡୋଳା ରୂପ ଭ୍ରମରକୁ ସୀତା ରୂପ ଆଶ୍ଚର୍ଯ୍ୟ ଲତିକା ଉପରେ ଢାଳିଲେ । ( ସୀତାଙ୍କୁ ବାରମ୍ବାର ଚାହିଁଲେ ) ।

୪୩ଶ ପଦ:—( ସୀତା ଆଶ୍ଚର୍ଯ୍ୟ ଲତା କିପରି ହେଲେ ? ) ନିର୍ମଳ ଜଳ ସମ୍ବନ୍ଧୀୟ ଚାରିଗୋଟି ଓ ସ୍ଥଳ ସମ୍ପର୍କୀୟ ଛଅଗୋଟି ଫୁଲ ଏକତ୍ରିତ ହୋଇ ସେ ବିସ୍ମୟ ଲତାରେ ଅର୍ଥାତ୍ ସୀତାଙ୍କ ଦେହରେ ବିକଶିତ ହୋଇଅଛି । ( ଜଳ ସମ୍ବନ୍ଧୀୟ ଚାରିଗୋଟି ଫୁଲ, ଯଥା—ମୁଖ—ଶ୍ୱେତପଦ୍ମ । ନେତ୍ର—ନୀଳୋତ୍ପଳ, କରତଳ—ରକ୍ତପଦ୍ମ, ହାସ୍ୟ—କହ୍ଲାର । ସ୍ଥଳ ସମ୍ପର୍କୀୟ ଛଅଗୋଟି ଫୁଲ; ଯଥା—ଅଧର—ବନ୍ଧୁଲୀ, ନାସା—ତିଳ ଫୁଲ, ଅଙ୍ଗୁଳି—ଚମ୍ପକ କଳିକା, କାନ୍ତି—କେତକୀ, ଦନ୍ତ—କୁନ୍ଦ କଳିକା, ନଖ—ଜାଈ କଳିକା ) ।

୪୪ଶ ପଦ:—ଲୋପାମୁଦ୍ରା, ସୀତାଙ୍କୁ ଦେଖି ବିଚାର କଲେ, "ମୁଁ ଭାବୁଛି, ଏହି ପଦ୍ମ ନାୟିକାକୁ ରସଲତା ନାମରେ ରଞ୍ଜିତ କରିବା ଉଚିତ ।"

ବିନ୍ଧ୍ୟଭ୍ରମଲୋକ ରାମେ ଭଣ୍ଟିଁ । ବ୍ରହ୍ମାସ୍ତ୍ର ଚାପ ତୂଣ ଦେଇ ।୪୫।
ବୋଲେ ଏ ଶରେ ରାବଣର । ବଧ କରିବ ରଘୁବୀର ।୪୬।
ବଡ଼ବାନଳୁଁ ବଳ ତେଜେ । ବଡ଼ ଏ ନାରାଚସମାଜେ ।୪୭।
ବଧିବା ତ୍ରିପୁରେ କଳ୍ପିଲ । ବୃଷାଙ୍କ ଧନୁ ଜଳିଥିଲ ।୪୮।
ବାଣାସନକୁ ତଥା ସେନ । ବଜ୍ରାଗ୍ନି ଦହଇ କି ଘନ ? ।୪୯।
ବିଜୟ ତୂଣ ଝର ପରି । ବାଣ ବିନ୍ଧୁଥିଲେ ନ ସରି ।୫୦।

---

୪୫ଶ ପଦ:—ବିନ୍ଧ୍ୟଭ୍ରମଲୋକ—ଅଗସ୍ତ୍ୟ । ଚାପ—ଧନୁ । ତୂଣ—ଶରତୂଣୀ ।

---

୪୫ଶ ପଦ:—'ବିନ୍ଧ୍ୟଭ୍ରମଲୋକ' ଅଗସ୍ତ୍ୟ ଋଷି (ବିନ୍ଧ୍ୟ ପର୍ବତ ଦିନକୁଦିନ ବଢ଼ୁଥିବାରୁ ଅଗସ୍ତ୍ୟ ତାକୁ ଭୁଲାଇ ନମ୍ର ଅବସ୍ଥାରେ ରଖି ଦାକ୍ଷିଣାତ୍ୟକୁ ଯାଇଥିଲେ । ସେ ଫେରିଆସିଲେ ବିନ୍ଧ୍ୟ ପୁଣି ବଢ଼ିବାର କଥା ଥିଲା । ମାତ୍ର ସେ ଆଉ ନ ଫେରିବାରୁ ବିନ୍ଧ୍ୟ ବଢ଼ି ନ ପାରି ସେହିପରି ରହିଲା ) ରାମଚନ୍ଦ୍ରଙ୍କୁ ତାଙ୍କ ଆଶ୍ରମରେ ରଖାଇଲେ ଓ ବ୍ରହ୍ମଶର, ଧନୁ, ତୂଣୀର ଦେଇ କହିଲେ;—

୪୬ଶ ପଦ:—"ହେ ରଘୁବୀର ! ଏ ଶର ଦ୍ୱାରା ରାବଣର ବିନାଶ ସାଧନ କର ।"

୪୭ଶ ପଦ:—"ଏ ଶରର ତେଜ ବଡ଼ବାଗ୍ନିର ତେଜଠାରୁ ଅଧିକ ଓ ଏହା ଶରସମୂହରେ ଶ୍ରେଷ୍ଠ ଅଟେ ।"

୪୮ଶ ପଦ:—"ମହାଦେବ ତ୍ରିପୁରାସୁର ବଧ କରିବା ମାନସରେ ଏ ଶରକୁ ଅଜଗବ ଧନୁରେ ବସାନ୍ତେ, ତାହା ଜଳିଗଲା । ତେଣୁ ଶିବ ତାହା ବ୍ରହ୍ମାଙ୍କୁ ଦେବାରୁ ବ୍ରହ୍ମା ତୁମ୍ଭଙ୍କୁ ଦେବା ନିମିତ୍ତ ମୋ ପାଖରେ ରଖାଇ ଥିଲେ ।"

୪୯ଶର ପଦ:—କାଳେ ରାମ କହିବେ, "ଏ ଶର ମହାଦେବଙ୍କ ଧନକୁ ଜାଳି ଦେଇଛି, ମୋର ଏ ଧନୁକୁ ଜାଳି ନ ଦେବ କିଆଁ ?' ସେଥିପାଇଁ ଅଗସ୍ତ୍ୟ କହୁଛନ୍ତି, "ଯେପରି ବଜ୍ରାଗ୍ନି ମେଘରେ ଥାଇ ମେଘକୁ ଦହ୍ୟ କରିପାରେ ନାହିଁ, ସେହିପରି ଏ ଶର ଏ ଧନୁକୁ ପୋଡ଼ିଦେଇ ନ ପାରେ ।"

୫୦ଶର ପଦ:—"ଏ ବିଜୟ ତୂଣରୁ ଯେତେ ଶର ବାହାର କରି ବିନ୍ଧିଲେ ସୁଦ୍ଧା ତା ଝରର ପାଣି ପରି ଶେଷ ହେବ ନାହିଁ ।"

ବନରେ ପଞ୍ଚବଟୀ ସାର । ବେଗେ ତହିଁରେ ଯାଇ ରହ ।୫୧।
ବାଟଦେଖାକୁ ଶିଷ୍ୟେ ଦେଲେ । ବିଜୟ ସେ ସ୍ଥାନରେ କଲେ ।୫୨।
ବିଲୋକି ନଦୀ ଗୋଦାବରୀ । ବାମା କି ଶୁକ୍ଳ ଅଭିସାରୀ ।୫୩।
ବିଶଦ ଫେନ ପାଟ ଶାଢ଼ୀ । ବାନ୍ଧି ହୋଇଛି ଫୁଲ ପଢ଼ି ।୫୪।
ବଶ୍ରୁତ ବଶଃ ସ୍ଥିତ ହୋଇ । ହଂସ କରରୁ ଟେକ ଦେଇ ।୫୫।
ବିକଚ କୁମୁଦ ଛଟକ । ବିରାଜେ ରଜତ କଟକ ।୫୬।
ବୁଡ଼ି ଉଠଇ ଚକ୍ର ବସି । ବାସ ଖସି କି ସ୍ତନ ଦିଶି ।୫୭।

---

୫୧ଶର ପଦ:—ବେଗେ—ଶୀଘ୍ର ।

---

୫୧ଶର୍ ପଦ:—"ବନମାନଙ୍କ ମଧ୍ୟରେ ପଞ୍ଚବଟୀ ବନ ଶ୍ରେଷ୍ଠ ଅଟେ । ତୁମ୍ଭେ ଯାଇ ସେହି ବନରେ ଶୀଘ୍ର ବାସ କରି ରହ ।"

୫୨ଶର୍ ପଦ:—ଅଗସ୍ତ୍ୟ ଏହାଙ୍କୁ ବାଟ ଦେଖାଇ ଦେବାପାଇଁ ଶିଷ୍ୟମାନଙ୍କୁ ତାଙ୍କ ସହିତ ପଠାଇଲେ । ରାମ, ଲକ୍ଷ୍ମଣ, ସୀତା ପଞ୍ଚବଟୀରେ ପହଞ୍ଚିଲେ ।

୫୩ଶର୍.—ସେଠାରେ ଗୋଦାବରୀ ନଦୀକୁ ଦେଖି; 'ଏ ଶୁକ୍ଳାଭିସାରିଣୀ ନାୟିକା କି ?' ଏପରି ମନେ କଲେ [ଗୋଦାବରୀର ଜଳ ଶୁଭ୍ର ଓ ସ୍ୱଚ୍ଛ] ।

୫୪ଶର୍ ପଦ:—ଶୁକ୍ଳାଭିସାରିକା ନାୟିକା ଫୁଲଧଡ଼ି ଯୁକ୍ତ ଶୁକ୍ଳ ପାଟ ଶାଢ଼ୀ ପିନ୍ଧିଥାଏ, ଏ ନଦୀ ତୀରରେ ଥିବା ବୃକ୍ଷମାନଙ୍କର ଫୁଲରୂପ ଧଡ଼ି ପଡ଼ିଥିବା ଶୁକ୍ଳ ଫେନ ରୂପ ପାଟଶାଢ଼ୀ ପିନ୍ଧିଅଛି ।

୫୫ଶର ପଦ:—ଅଭିସାରିଣୀ ନାୟିକା କାମପୀଡ଼ାରେ ଦୁର୍ବଳା ହୋଇଥିବା ହେତୁ ଭୂଷଣ ଭାର ସହି ନ ପାରି ହସ୍ତ ଏପାଖ ସେପାଖ ଦୋହଲି-ଲାପରି ଗୋଦାବରୀ ଢେଉଁରୀ ଖେଳରେ ମାତି ଲହରୀ ରୂପ କରକୁ ଦୋହଲାଉଅଛି ।

୫୬ଶର ପଦ:—ଶୁକ୍ଳାଭିସାରିଣୀ ରୁପା କଙ୍କଣ ସଦୃଶ ଗୋଦାବରୀର କଇଁଫୁଲ ସବୁ ଦିଶୁଅଛନ୍ତି ।

୫୭ଶର୍ ପଦ:—ଚକ୍ରବାକ ପକ୍ଷୀ ଜଳରେ ବୁଡ଼ି ଉଠି ପଡ଼ିଲାବେଳେ ବୋଧ ହେଉଛି, ଅଭିସାରିକା ଶୀଘ୍ର ଗତିରେ ଗମନ କରିବା ହେତୁ ଦେହରୁ ବସ୍ତ୍ର ଖସିଯିବାରୁ ସ୍ତନମଣ୍ଡଳ ଦେଖାଯାଉଅଛି କି ?

ତଥିର ପବନେ ପୁଳୀନ । ଡୁବନ୍ତ ଉଠନ୍ତ ଦରଶନ ।୬୮।
ତୁସ୍ତରେ କ୍ରୀଡନ୍ତି ହଂସଶ୍ରେଣୀ । ବାନ୍ଧିଛନ୍ତି ନିଃସ୍ୱନ କଙ୍କଣୀ ।୬୯।
ବାରିଜନେଏ ଭୃଙ୍ଗ ଖେଳା । ଢଳସେ କି ଚଞ୍ଚଳ ଡୋଳା ।୭୦।
ବଶ ଘନରସରେ ଅତି । ବୁଡ଼ାଇ କୁ(କୂ)ଳ ସଦା ଗତି ।୭୧।
ବିଟପୀମାନେ ବେନି ପାଶେ । ବିରୋଧ କଥା କରିବେ ସେ ।୭୨।
ବିବିଧ ଗୋଷ୍ଠ ଦ୍ୱିଜେ କହ୍ନି । ବୋଲନ୍ତି ଗଉତମୀ ତୁହି ।୭୩।

---

୬୮ଶ ପଦଃ—ପୁଳୀନ—ନଦୀ ମଧ୍ୟସ୍ଥିତ ବାଲିକୁଦ ବା ତଟଦେଶ ।

୬୯ତମ ପଦଃ—ତୁସ୍ତରେ—ନିଃଶବ୍ଦରେ । ନିଃସ୍ୱନ—ସ୍ୱନହୀନ ।

୭୧ତମ ପଦଃ—ଘନରସ—ନିବିଡ଼ ଶୃଙ୍ଗାର ରସ, ବହୁଜଳ ।

୭୩ତମ ପଦଃ—ବିବିଧଗୋଷ୍ଠ—ନାନାଜାତି ବା ନାନାପ୍ରକାର । ଦ୍ୱିଜ—ପକ୍ଷୀ, ବ୍ରାହ୍ମଣ ।

---

୬୮ଶ ପଦଃ—ଶୀଘ୍ର ଗମନ ହେତୁ ଅଭିସାରିକାର ସ୍ଥୂଳ ଜଙ୍ଘ ବେଳେ ବେଳେ ଦେଖାଗଲା ପରି ନଦୀ ମଧ୍ୟସ୍ଥ ବାଲିକୁଦ ପବନ ଯୋଗେ ହେଉଥିବା ଲହରୀଦ୍ୱାରା ବେଳେ ବେଳେ ଆଚ୍ଛନ୍ନ ହୋଇ ପୁଣି ଦେଖାଯାଉଥାଏ ।

୬୯ତମ ପଦଃ—ଅଭିସାରିକା ସ୍ୱନହୀନ କଙ୍କଣୀ କଟିରେ ବାନ୍ଧି ଗମନ କଲା ପରି ନଦୀର ଜଳରେ ହଂସମାନେ ନିଃଶବ୍ଦରେ କ୍ରୀଡ଼ା କରୁଅଛନ୍ତି ।

୭୦ତମ ପଦଃ—ଅଭିସାରିକାର ନେତ୍ରରେ ଡୋଳା ଚଞ୍ଚଳଗତିରେ ଖେଳା କଲାପରି ନଦୀ ଜଳରେ ଫୁଟିଥିବା ପଦ୍ମଫୁଲର ଭ୍ରମରମାନେ ଚଞ୍ଚଳ ଗତିରେ କ୍ରୀଡ଼ା କରୁଅଛନ୍ତି ।

୭୧ତମ ପଦଃ—ଅଭିସାରିକା ନିବିଡ଼ ଶୃଙ୍ଗାର ରସରେ ଅତିଶୟ ବଶ ହୋଇଥିବାରୁ କୁଳ ମର୍ଯ୍ୟାଦା ଲଙ୍ଘନ କରି ନାୟକ ପାଖକୁ ଗମନ କଲା ପ୍ରାୟ, ଗୋଦାବରୀ ବହୁ ଜଳରେ ପୂର୍ଣ୍ଣ ହୋଇ ଉଭୟ କୂଳ ବୁଡ଼ାଇ ସର୍ବଦା ଗତି କରୁଅଛି ।

୭୨ତମ ପଦଃ—ଅଭିସାରିକାକୁ ତା ପାଖରେ ଥିବା ଅସଖି ସଖୀମାନେ ଯେପରି ବାରଣ କରନ୍ତି ନାହିଁ, ସେହିପରି ନଦୀର ଦୁଇ ଘାଟରେ ଥିବା 'ବିଟପି' ବୃକ୍ଷମାନେ ନଦୀର ଗତିକୁ ବାଧା ଦେଉ ନାହାନ୍ତି ।

୭୩ତମ ପଦଃ—ନଦୀ ତୀରସ୍ଥ ବୃକ୍ଷମାନଙ୍କରେ ଥିବା 'ବିବିଧ ଗୋଷ୍ଠ' ବ୍ରାହ୍ମଣ ରୂପ ନାନାପ୍ରକାର ପକ୍ଷୀମାନେ କହୁଅଛନ୍ତି, "ତୁ ଗୌତମୀ—ଗୌତମ ଋଷିଙ୍କର କନ୍ୟା ପରା ?" ( ଅର୍ଥାତ୍ ବ୍ରାହ୍ମଣ କନ୍ୟା ହୋଇ ଅସତ୍ ପଥରେ ଯାଉଅଛୁ ) ।

ବହୁ ରସ ପୂର୍ଣ୍ଣେ ନଭୁଲୁ । ବାର୍ଦ୍ଧି ଲବଣୀସ୍ୱା ନ ଭଜୁ ।୭୪।
ବହୁଲକ୍ଷଣି ତାରେ ପ୍ରୀତି । ବିଧ୍ୱଂସ ହେବ ସ୍ୱାଦୁ ଜାତି ।୭୫।
ବର୍ତ୍ତନା କି ଯେଣବ ତା'ର । ଅଭେଦ୍ୟ କାମ ଶରଜର ।୭୬।
ବୁଧେ ରୂପକଶ୍ଳେଷ ମିଶା । ବୁଝ କବିରଚନା ଭୂଷା ।୭୭।
ବଢ଼ାଇ ତୋଷ ବନ ପୁଣି । ବିଭର୍ତ୍ତି ତରୁ କି ତରୁଣୀ ।୭୮।
ବନ୍ଧ୍ୟା ନୁହନ୍ତି ଫଳବନ୍ତି । ବୋଧି ସମସ୍ତେ କାନ୍ତ ପ୍ରୀତି ।୭୯।

---

୭୪ତମ ପଦ:—ବାର୍ଦ୍ଧି—ସମୁଦ୍ର ।
୭୬ତମ ପଦ:—କାମଶରଜ—ହଂସପକ୍ଷୀ ।

---

୭୪ତମ ପଦ:—"ବହୁଜଳରୂପ ଶୃଙ୍ଗାର ରସରେ ପୂର୍ଣ୍ଣ ହୋଇ ଅତି ସୁରୁଷ ରୂପୀ ସମୁଦ୍ରଠାରେ ଭୁଲ ଯାଉଅଛୁ ? ସମୁଦ୍ର ଲୁଣିଆ—ଏହା ବିଚାର କରୁ ନାହୁଁ ?" ( ତୋର ମଧୁର ଜଳ ନେଇ ସମୁଦ୍ରର ଲବଣ ଜଳରେ ମିଶାଇ ଦେଉଅଛୁ କାହିଁକି ? )

୭୫ତମ ପଦ:—"ତାହା ସହିତ ପ୍ରୀତି କଲାକ୍ଷଣି ତୋହର ମଧୁର ଗୁଣ ରୂପ ଉତ୍ତମ ଜାତି ଅର୍ଥାତ୍ କୁଳ ମର୍ଯ୍ୟାଦା ବିନାଶ ହୋଇଯିବ । ( ତୋର ମଧୁର ଜଳ ଲୁଣିଆ ହୋଇଯିବ ) ।"

୭୬ତମ ପଦ:—ଅଭେଦ୍ୟ ଶରୀର ହୃଦୟ କାମଶରରେ ବିଦ୍ଧ ହୋଇଥାଏ, ତେଣୁ ସେ କାହାର ନିଷେଧ ବାକ୍ୟ ମାନେ ନାହିଁ । ସେହିପରି କାମପକ୍ଷୀ ହଂସବନ୍ଦ ପକ୍ଷୀ ଗୋଦାବରୀର ଜଳକୁ ବିଦ୍ଧ କରି ବିହରୁ ଅଛନ୍ତି ଏବଂ ନଦୀ ପ୍ରତିବନ୍ଧକ ରହିତ ହୋଇ ଗତି କରୁଅଛି ।

୭୭ତମ ପଦ:—ହେ ପଣ୍ଡିତମାନେ ! ରୂପକ ଓ ଶ୍ଳେଷ ମିଶା କବିଙ୍କ ରଚନା ଭୂଷାକୁ ବୁଝ ।

୭୮ତମ ପଦ:—ପଞ୍ଚବଟୀ ଦର୍ଶକର ସନ୍ତୋଷକୁ ବର୍ଦ୍ଧନ କରେ । ତହିଁରେ ପୂରି ରହିଥିବା ବୃକ୍ଷମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ତରୁଣୀ ସ୍ତ୍ରୀ ପରି ।

୭୯ତମ ପଦ:—ତରୁଣୀମାନେ ପୁଷ୍ପବତୀ ହେବା ସମୟରେ ପତିଙ୍କୁ ରତିଦାନ ପୂର୍ବକ ତାଙ୍କର ମନ ସନ୍ତୋଷ କଲେ ଯେପରି ବନ୍ଧ୍ୟା ନ ହୋଇ ପୁତ୍ର ଜନ୍ୟା ପ୍ରସ୍ତୁତ ହୁଅନ୍ତି, ସେହିପରି ତରୁମାନେ ପୁଷ୍ପିତା ହେବା କାଳରେ ( ବସନ୍ତ ଋତୁରେ ) ତାଙ୍କ ପତି ବସନ୍ତ ସମୟର ତୋଷଦାତା ହୋଇ ବନ୍ଧ୍ୟାତ୍ୱ ନ ପାଇ ଫଳବତୀ ହୋଇଅଛନ୍ତି । ( ବସନ୍ତର ସମାଗମରେ ବୃକ୍ଷ ସବୁ ପୁଷ୍ପିତ ଓ ଫଳରେ ଭୂଷିତ ହୋଇ ଅଛନ୍ତି ) ।

ବ୍ୟଭିଚାରୀ ପରାଏ ଶୋଭି । ବଲ୍ଲୀ ଧବ ସମୀପେ ରହି ।୭୦।
ବଞ୍ଚାଇ କୁସୁମ ବିକାଶେ । ବିଳାପେ ସେ ମଧୁପେ ରସେ ।୭୧।
ବାସ ପବନ ଦଣ୍ଡପାଣି । ବଳେ ହରଇ ବୋଲି ଦୋଷୀ ।୭୨।
ବିଦ୍ୟ ଚନ୍ଦନ ନଷ୍ଟଦୁଷ୍ଟ । ବିଦ୍ବେ ସେ ଭୁଜଙ୍ଗରେ ପ୍ରୀତି ।୭୩।
ବିଦେଶୀ ପ୍ର ସୂ ପଶୁପନ୍ତ । ବିଗତ ଆଗତ ହୁଅନ୍ତି ।୭୪।
ବିହିତ ଗୁଳ୍ମ ସ୍ୱୟଂ ଦୂତି । ବିଶ୍ରାମ ଏଠାରେ କରନ୍ତି ।୭୫।
ବସି ଯା କପୋତ ସ୍ୱନ । ବଚନ କରି ତାହା ଯେନ ।୭୬।

---

୭୨ତମ ପଦ:—ଦଣ୍ଡପାଣି—ରାଜା ।
୭୫ତମ ପଦ:—ଗୁଳ୍ମ—କ୍ଷୁଦ୍ର ବୃକ୍ଷ ।

---

୭୦ତମ ପଦ:—ବ୍ୟଭିଚାରିଣୀ ସ୍ତ୍ରୀ ନାୟକ ପାଖରେ ଶୋଭା ପାଇଲା ପରି ଲତାସବୁ ଧବ ବୃକ୍ଷ ନିକଟରେ ଶୋଭା ପାଉ ଅଛନ୍ତି ।

୭୧ତମ ପଦ:—ବ୍ୟଭିଚାରିଣୀ ସ୍ତ୍ରୀ ପୁଷ୍ପବତୀ ହୋଇଛି ବୋଲି କହି ନିଜ ସ୍ୱାମୀକୁ ଠକାଏ ଓ ବିଶେଷ ଆଳାପ କରୁଥିବା ମଦ୍ୟପ ପୁରୁଷଠାରେ ରସେ । ତଦ୍ରୂପ ଲତା ପୁଷ୍ପିତା ସମୟରେ ବସନ୍ତ କାନ୍ତକୁ ଠକାଇ 'ମଧୁପ' ଭୃଙ୍ଗର ଆଳାପରେ ରସି ତା ସଙ୍ଗେ କ୍ରୀଡ଼ା କରୁଅଛି ।

୭୨ତମ ପଦ:—ରାଜା ଯେପରି ଦୋଷୀ ବୋଲି ବ୍ୟଭିଚାରିଣୀର ଗୃହ ଲୁଟିକରି ସମ୍ପତ୍ତିସବୁ ନେଇ ଯାଏ, ପବନ ସେହିପରି ବଳାତ୍କାରରେ ଲତାର ପୁଷ୍ପବାସନାକୁ ହରଣ କରି ନେଉଅଛି ।

୭୩ତମ ପଦ:—ଅସତୀ ଦୁଷ୍ଟ ସଖୀ କାର୍ଯ୍ୟରେ ପ୍ରେରିତ ହୋଇ ସୁଦ୍ଧା ନିଜେ ବିଟପୁରୁଷ ସହିତ ରତି କଲାପରି, ଚନ୍ଦନବୃକ୍ଷ ସର୍ପ ସହିତ ପ୍ରୀତି କରୁଅଛି ।

୭୪ତମ ପଦ:—ପଶୁସମୃଦ୍ଧ ବିଦେଶୀ ଲୋକଙ୍କ ପରି ଗତାଗତ କରୁଅଛନ୍ତି ।

୭୫ ଓ ୭୬ତମ ପଦ:—ସ୍ୱୟଂ ଦୂତୀ ( ଯେଉଁ ନାୟିକା ନିଜେ ଦୂତୀର କାର୍ଯ୍ୟ କରେ ) ଯେପରି ନାୟକକୁ 'ଏଠାରେ ବିଶ୍ରାମକର, ବୋଲି କହନ୍ତି; ସେହିପରି ଗୁଳ୍ମମାନେ ତଦୁପରି ବସିଥିବା କପୋତର ସ୍ୱନ ଛଳରେ ବିଦେଶୀଙ୍କୁ କହୁଅଛନ୍ତି,—ଏଠାରେ ବସ ।

ବିହଙ୍ଗ ସ୍ତନ ତରୁ ବଳି | ବିଘଣ୍ଟ ସଣ୍ଡ ପତ୍ରାବଳୀ |୭୭|
ବିନନ୍ଦ୍ୟ ଦୂତି କ୍ରୋଡ଼ାଗ୍ରତ | ବିକାଶେ ସୁମନ ପ୍ରମୋଦ |୭୮|
ବିଧାନ କରିଣ ଆଶ୍ରମ | ବସନ୍ତେ ଲକ୍ଷ୍ମଣ ସୀତା ରାମ |୭୯|
ବାସବରେ ଯେ ପ୍ରଶଂସିତା | ବିଖ୍ୟାତ ଜଟାୟୁ ନାମ ତା |୮୦|
ବିବସ୍ୱାନବଂଶରେ ପ୍ରୀତ | ବୈଦେହୀ ରକ୍ଷଣେ ସମ୍ମତ |୮୧|
ବସ୍ତ୍ରାଣୀ ପଦେ ଛାନ୍ଦ ପ୍ରାନ୍ତ | ସାରବର ଭଞ୍ଜର କୃତ |୮୨|

—*—

୭୭ତମ ପଦ:—ବିଘଣ୍ଟ—ସାନ୍ଦ୍ର, ନିବିଡ଼ । ପତ୍ରାବଳୀ—କସ୍ତୁରୀ, ଗୈରିକାଦିର ଚିତ୍ର ।

୭୮ତମ ପଦ:—ବିନନ୍ଦ୍ୟ—ପ୍ରଶଂସନୀୟ । ସୁମନ—ପୁଷ୍ପ, ଆନନ୍ଦ ।

୮୦ତମ ପଦ:—ବାସବରେ—ଇନ୍ଦ୍ରଙ୍କ ଦ୍ୱାରା ।

୮୧ତମ ପଦ:—ବିବସ୍ୱାନବଂଶୀ—ସୂର୍ଯ୍ୟବଂଶୀୟ ।

---

୭୭ତମ ପଦ—ସେହି ଗୁଳ୍ମମାନଙ୍କ ଉପରେ ବସିଥିବା ପକ୍ଷୀମାନେ ସ୍ୱୟଂ ଦୂତୀ ନାୟିକାର ସ୍ତନ ଓ ଗୁଳ୍ମମାନଙ୍କର ନିବିଡ଼ପତ୍ର ସମୂହ ସ୍ତନ ଉପରେ ଲିଖିତ ପତ୍ରାବଳୀପରି ଶୋଭା ପାଉଅଛନ୍ତି ।

୭୮ତମ ପଦ:—ଗୁଳ୍ମ ମଧ୍ୟସ୍ଥ ପତ୍ରାଚ୍ଛାଦିତ କୁଞ୍ଜ ସ୍ୱୟଂଦୂତୀର ପ୍ରଶଂସନୀୟ କ୍ରୋଡ଼ପରି ହୋଇଅଛି । ସ୍ୱୟଂଦୂତୀ ଆନନ୍ଦ ହେତୁ ପୁଲକିତ ହେଲାପରି ଗୁଳ୍ମ କଣ୍ଟକପୁ ଓ କଳିକାରେ ରୋମାଞ୍ଚିତ ହୋଇଅଛି ।

୭୯ତମ ପଦ:—ସେ ବନରେ ଆଶ୍ରମ ନିର୍ମାଣ କରି ରାମ, ଲକ୍ଷ୍ମଣ ଓ ସୀତା ରହିଲେ ।

୮୦ ଓ ୮୧ତମ ପଦ:—ସେଠାରେ ବାସ କରୁଥିବା ଇନ୍ଦ୍ର ଦ୍ୱାରା ପ୍ରଶଂସିତ ବିଖ୍ୟାତ ଜଟାୟୁ ପକ୍ଷୀ ସୂର୍ଯ୍ୟବଂଶୀୟ ରାମଙ୍କ ସହିତ ପ୍ରୀତି କଲା ଏବଂ ସୀତାଙ୍କୁ ଜଗି ରହିବା ପାଇଁ ସମ୍ମତ ହେଲା ।

୮୨ତମ ପଦ —ସାରବର ଭଞ୍ଜଙ୍କ କୃତ ଏ ଛାନ୍ଦ ବସ୍ତ୍ରାଣୀ ପଦରେ ଶେଷ ହେଲା ।

## ତ୍ରୟୋବିଂଶ ଛାନ୍ଦ

### ରାଗ—ଚିନ୍ତାଦେଶାକ୍ଷ

ବୈଦେହୀ ଶ୍ରୀରାମ କରୀ କରିଣୀ କଥା ।
ବିନୋଦ ନଦୀରେ କୁଞ୍ଜକୁଟୀରେ କରି ।୧।
ବିହ୍ୱଳ ମାନସ ପ୍ରେମମଦ ଆଳସା ।
ବିରାଜିତ ପଦ୍ମ କରେ ପରାଗଭୂଷା ।୨।
ବିଖ୍ୟାତେ ବନବିହାର ଲଙ୍କା ଭଞ୍ଜନେ ।
ବସନ୍ତି ଶିଳାମାନରେ ଅଙ୍ଗ ରଞ୍ଜନେ ।୩।

---

*୧ମ ପଦ:—କରୀ କରିଣୀ—ହସ୍ତୀ ହସ୍ତିନୀ । ବିନୋଦ—କ୍ରୀଡ଼ା ।*
୩ୟ ପଦ:—ଲଙ୍କା—ବୃକ୍ଷଶାଖା ।

---

## ତ୍ରୟୋବିଂଶ ଛାନ୍ଦ

୧ମ ପଦ.—ହସ୍ତୀ ଓ ହସ୍ତିନୀ ଦୁହେଁ ନଦୀ ଓ କୁଞ୍ଜମଧ୍ୟରେ କେଳି କଲା ପରି ରାମ ଓ ସୀତା କେତେବେଳେ ଗୋଦାବରୀ ନଦୀରେ ଓ କେତେବେଳେ ବନର କୁଞ୍ଜ ମଧ୍ୟରେ କ୍ରୀଡ଼ା କଲେ ।

୨ୟ ପଦ:—ହସ୍ତୀ ଓ ହସ୍ତିନୀ ଯେପରି କେତେବେଳେ ପ୍ରେମ ରସରେ ଲୋଲୁପଚିତ୍ତ ହେବାରୁ ବିହ୍ୱଳ ହୋଇ ଜଳରେ ବୁଡ଼ିବା ଦ୍ୱାରା ଜଳ ବିନ୍ଦୁରେ ଶୋଭିତ ଓ କେତେବେଳେ ଧୂଳିରେ ଗଡ଼ି ଧୂଳି ଭୂଷିତ ହୁଅନ୍ତି; ସେହିପରି ରାମ ଓ ସୀତା ଶୃଙ୍ଗାର ରସ ଲୋଲୁପ ହେବାରୁ ସମାନଭାବରେ ବିହ୍ୱଳ ହୋଇଥାନ୍ତି । ସେମାନଙ୍କ ହସ୍ତରେ ପଦ୍ମ ଚିହ୍ନ ଥିବା ହେତୁ ଶୋଭା ପାଉଥାନ୍ତି ଓ କ୍ରୀଡ଼ା କାଳରେ ପୁଷ୍ପ ରେଣୁରେ ଭୂଷିତ ହେଉଥାନ୍ତି ।

୩ୟ ପଦ.—ହସ୍ତୀ ଓ ହସ୍ତିନୀ ନିର୍ଭୟରେ ବୃକ୍ଷ ଶାଖାମାନ ଭାଙ୍ଗି ଅରଣ୍ୟରେ ବିହାର କରନ୍ତି । ସେହିପରି ରାମ ସୀତା ନିର୍ଭୀକ ଚିତ୍ତରେ ଲଙ୍କାପୁଷ୍ପ ଭାଙ୍ଗିବାପାଇଁ ବନବିହାର କଲେ । ହସ୍ତୀ ହସ୍ତିନୀ ଅଙ୍ଗ ସ୍ନେହରେ ଶିଳା ପ୍ରମାଣରେ ବସନ୍ତି । ତଦ୍ରୂପ ରାମ ସୀତା ଅତ୍ୟନ୍ତ ଅନୁରାଗର ସହିତ ପ୍ରସ୍ତରଖଣ୍ଡମାନଙ୍କ ଉପରେ ବସୁଥାନ୍ତି ।

ବୁଲିଆସି ସୂର୍ପଣଖା ନାମେ ରାକ୍ଷସୀ ।
ବୃକ୍ଷାନ୍ତରେ ରହି ଚାହିଁ ହୋଇଲା ତୋଷୀ । ୪ ।
ବଣା ଧଇର୍ଯ୍ୟ ହୋଇ ସେ ରାମ ବଶରେ ।
ଉଚ୍ଚରଇ ପୁନରୁକ୍ତ ବଦାଭାସରେ । ୫ ।
ବିହି ତଥି ମଦନ କନ୍ଦର୍ପ କରଣ ।
ବର କାନ୍ତ ପତି ମୋର ହୁଅନ୍ତେ ପୁଣ । ୬ ।
ବାସର ଦିବସ ନିଶି ଲବ କରନ୍ତୁ ।
ବଧୂନନ ରତି କରି ମନ ତୋଷନ୍ତୁ । ୭ ।
ବାଳୀକ ନାହିଁ ଭୁବନେ ଲୋକରେ ବଳ । ୮ ।
ବର୍ଣ୍ଣେ କାଞ୍ଚନ କନକ ସୁବର୍ଣ୍ଣ ବଳ । ୮ ।

---

୪ର୍ଥ ପଦ:—ବୃକ୍ଷାନ୍ତରେ—ଗଛ ଉହାଡ଼ରେ ।

୫ମ ପଦ:—ପୁନରୁକ୍ତ ବଦାଭାସ—ଏକ ଶବ୍ଦକୁ ପୁନଃ ପୁନଃ କହିଲାପରି ସମ୍ଭାବନା ।

୬ଷ୍ଠ ପଦ:—ବିହି—ବିଧାନ କରି । ବର—ଅଭୀପ୍ସ । କାନ୍ତ—ସୁନ୍ଦର । ପତି—ସ୍ୱାମୀ ।

୭ମ ପଦ:—ବାସରେ—ଗୃହ ମଧ୍ୟରେ । ବଧୂନନ—ରମଣ ।

୮ମ ପଦ:—ବାଳୀକ—ସ୍ତ୍ରୀକ । କାଞ୍ଚନ—ଚମ୍ପାଫୁଲ । କନକ—ସୁନା । ସୁବର୍ଣ୍ଣ—ଉତ୍ତମ ବର୍ଣ୍ଣ ।

---

୪ର୍ଥ ପଦ:—ସୂର୍ପଣଖା ନାମକ ରାକ୍ଷସୀ ବୁଲି ଆସିଥିଲା । ବୃକ୍ଷଉହାଡ଼ରେ ରହି ରାମ ସୀତାଙ୍କୁ ଦେଖି ସେ ଆନନ୍ଦିତ ହେଲା ।

୫ମ ପଦ:—ସେ ସୂର୍ପଣଖା ରାମଙ୍କ ପ୍ରୀତିବଶରେ ଅଧୈର୍ଯ୍ୟ ହୋଇ ପୁନରୁକ୍ତ ବଦାଭାସ ଅଳଙ୍କାରରେ ଉଚ୍ଚାର କଲା ।

୬ଷ୍ଠ ଓ ୭ମ ପଦ:—ବିଧାତା କାମକୁ ଗର୍ବହୀନ କରିବାପାଇଁ ଏହାକୁ ବିହିଲା କି ? ଏପରି ଶ୍ରେଷ୍ଠ ମନୋହର ପୁରୁଷ ମୋର ପତି ହେଲେ, ମୁଁ ଗୃହ ମଧ୍ୟରେ ସୁରତରେ ପ୍ରୀତି କରି ମନ ତୋଷ କରନ୍ତି ଓ ରାତ୍ରଦିନକୁ ଲବେ ମାତ୍ର ସମାପ୍ତ କରି ଦିଅନ୍ତି ।

୮ମ ପଦ:—ସଂସାର ଲୋକଙ୍କ ମଧ୍ୟରେ ଏ ବାଳାକୁ ବଳି ଅଧିକ ସୁନ୍ଦରୀ ଆଉ ନାହିଁ । ଏହାର ଦେହର କନକଚମ୍ପା କାନ୍ତି ଉତ୍ତମ ସୁବର୍ଣ୍ଣକୁ ନିନ୍ଦା କରୁଅଛି ।

ବିଧୁ ଅବ୍ଜ ଚନ୍ଦ୍ର ଆଦରଶ ନିନ୍ଦନ ।
ବଦନ ଆନନ୍ଦ ଲକ୍ଷ୍ୟ ଶୋଭାସଦନ । ୯ ।
ବଡ଼ ଶୋଭା ରତି ଅଛି ଶମ୍ବରପୁରେ ।
ବିଶ୍ୱ କରିଦେବା ଏହା ଊଣା ତା ଶିରେ । ୧୦ ।
ବିଭୋଗୀ ଏହାରେ ଯେଉଁ ଭବ୍ୟ ପୁରୁଷ ।
ବିହ୍ୱଳିବ ନାହିଁ ପରା ମୋରେ ମାନସ । ୧୧ ।
ବିଚାରିଲା ଭୃଙ୍ଗ ପୁଣି ମାଳତୀ ସ୍ନେହୀ ।
ବାସଙ୍ଗେ ସଙ୍ଗ ହୁଅଇ ସରାଗ ବହ୍ନି । ୧୨ ।
ବିଧାତାଙ୍କୁ ସ୍ତୁତି କଲା କର ସୁଦଶା ।
ବସାଇଲୁ ପ୍ରାୟେ ଚନ୍ଦ୍ର କୋଳରେ ଶଶା । ୧୩ ।
ବନ୍ଧସଂଯୋଗ ଏହାର ମୋର ହୋଇଲେ ।
ବଶ ହୋଇ ଗୋଡ଼ାଇବ ମୋହର ତୁଲେ । ୧୪ ।

---

୯ମ ପଦ:—ବିଧୁ—ଚନ୍ଦ୍ର । ଅବ୍ଜ—ପଦ୍ମ । ଚନ୍ଦ୍ର ଆଦରଶ—ନିର୍ମଳ ଦର୍ପଣ । ବଦନ—ମୁଖ । ଶୋଭା ସଦନ—ସୌନ୍ଦର୍ଯ୍ୟପୂର୍ଣ୍ଣ ଗୃହ ।

୧୪ଶ ପଦ:—ବନ୍ଧ—ଚଉଷଠି ପ୍ରକାର ସୁରତ ବନ୍ଧ ।

---

୯ମ ପଦ:—ଚନ୍ଦ୍ର, ପଦ୍ମ ଓ ସୁବର୍ଣ୍ଣ ନିର୍ମିତ ଦର୍ପଣକୁ ନିନ୍ଦା କରୁଥିବା ପୁଣି ଶୋଭାର ଗୃହପରି ହୋଇଥିବା ଏହାର ମୁଖକୁ ଆଉ ଲକ୍ଷ ନାହିଁ ।

୧୦ମ ପଦ:—ଶ୍ରେଷ୍ଠ ସୁନ୍ଦରୀ ରତିଦେବୀ ଶମ୍ବରପୁରର ଗୃହରେ ଅଛି, ଏହାର ଊଣା ଅଙ୍ଗ ଅର୍ଥାତ୍ ପାଦ ପ୍ରଭୃତି ନିକୃଷ୍ଟ ଅଙ୍ଗ ତାହାର ମସ୍ତକ ସହିତ ତୁଳନା କରିବା ଉଚିତ । ( ରତିର ବଦନ ଶୋଭା ଏହାର ପାଦ ଶୋଭା ସହିତ ସମାନ ହୋଇପାରେ ) ।

୧୧ଶ ପଦ:—ଏ ଯେଉଁ ଭବ୍ୟ ପୁରୁଷ ଏହାକୁ ଉପଭୋଗ କରୁଅଛି, ସେ ମୋ ସହିତ ବିହାର କରିବାକୁ ମନ କରିବ ନାହିଁ ପରା ! ( ସନ୍ଦେହୋକ୍ତି ) ।

୧୨ଶ ପଦ:—ସୂର୍ପଣଖା ପୁଣି ବିଚାରିଲା, ଭ୍ରମର ମାଳତୀ ପୁଷ୍ପରେ ସ୍ନେହୀ ହୋଇଥାଏ; ସେ ପୁଣି ବାସଙ୍ଗ ପୁଷ୍ପରେ ଅନୁରାଗ ବହ୍ନି ସଙ୍ଗ ହୁଏ । (ଏ ସୁନ୍ଦରୀକୁ ଉପଭୋଗ କରୁଥିଲେ ସୁଦ୍ଧା ସେ ପୁରୁଷ ମୋ ପ୍ରତି ଅବା ଅନୁରକ୍ତ ହେବେ ) ।

୧୩ଶ ପଦ:—ସୂର୍ପଣଖା ବିଧାତାକୁ ସ୍ତୁତି କରି କହିଲା, "ମୋର ଉତ୍ତମ ଦଶା ହେଉ । ଚନ୍ଦ୍ର କୋଳରେ ଶଶାଙ୍କୁ ବସାଇଲା ପ୍ରାୟେ ଏ ପୁରୁଷ ମୋତେ କୋଳରେ ଯେପରି ବସାଇବ ।"

୧୪ଶ ପଦ:—ଏହାର ମୋହର ରତି ବନ୍ଧ ଯୋଗେ ସଂଯୋଗ ହେଲେ, ଏ ବଶ ହୋଇ ମୋ ସହିତ ଗୋଡ଼ାଇବ ।

ବେଶ୍ୟା ସଙ୍ଗତ ହୋଇଲେ ରସିକ ପୁଂସ ।
ବିଳାଇ କି ସ୍ୱକାନ୍ତାରେ ସେ ଅଭିଳାଷ ? ।୧୫।
ବଶ କରି ପ୍ରେମେ ଚିତ୍ତ ନ.ଶିବ ସ୍ୱତ୍ତୁ ।
ବିରୋଧୋକ୍ତି ନ ଭାଷିବେ ଅନୁରୋଧରୁ । ୧୬ ।
ବହିଲା ସୁନ୍ଦର ରୂପ ଏମନ୍ତ ଭଳି ।
ବିନାଶିବ ଯୋଗୀଯୋଗ ଚାହିଁଲେ ଭାଳି । ୧୭ ।
ବୈରବୁଦ୍ଧି ଲୋକଜନମାରେ ଉଦ୍ଭବ ।
ବସ୍ତି ଅନୁକୂଳେ ଯୁକ୍ତ ଅଶୁଭ ହେବ । ୧୮ ।
ବାହାର ତରୁ ଅନ୍ତରୁଁ ଗେଲାରୁଁ ଗେଲାଇ ହୋଇ ।
ବାଡ଼େ ନାସିକାର ଦେଉଅଛି ଫୁଲାଇ । ୧୯ ।

---

୧୫ଶ ପଦ:—ସ୍ୱତ୍ତୁ—ସ୍ତ୍ରୀକୁ ।
୧୬ଶ ପଦ:—ବିରୋଧୋକ୍ତି—ବିପକ୍ଷର କଥା ।
୧୯ଶ ପଦ:—ତରୁ ଅନ୍ତରୁ—ଗଛ ଉହାଡ଼ରୁ ।

---

୧୫ଶ ପଦ:—ରସିକ ପୁରୁଷ ବେଶ୍ୟା ସଙ୍ଗମ ପାଇଲେ ଆପଣା ଭାର୍ଯ୍ୟାଠାରେ ଆଉ ମାନସ ବିଳାଏ କି ?

୧୬ଶ ପଦ:—ପ୍ରେମରେ ଏହା ଚିତ୍ତ ବଶ କରି ଏହାର ଭାର୍ଯ୍ୟାକୁ ବିନାଶ କରିବ । ଉପରୋଧ ହେତୁ ସେ ବିରୋଧ ବଚନ କହିବ ନାହିଁ । ( ମୋ ପ୍ରତି ସ୍ନେହ ପ୍ରଗାଢ଼ ହୋଇଗଲେ ଭାର୍ଯ୍ୟାକୁ ମାଇଲେ ସୁଦ୍ଧା ସେ ବିରକ୍ତ ହେବ ନାହିଁ ) ।

୧୭ଶ ପଦ:—ଏହା ବିଚାରି ସେ ସୂର୍ପଣଖା ସୁନ୍ଦର ମୂର୍ତ୍ତି ଧଇଲା । ସେ ନେତ୍ର ଭାଳି ଚାହିଁଲେ ଯୋଗୀର ଯୋଗ ଭଗ୍ନ ହୋଇଯିବ ।

୧୮ଶ ପଦ:—ଯେଉଁଲୋକ ମାତାଠାରେ ଶତ୍ରୁଜ୍ଞାନ ଜାତ କରେ, ତାହାର ଅନୁକୂଳରେ ବସ୍ତି ଯୋଗ ହେଲୁ ଅଶୁଭ ହୁଏ । ସୂର୍ପଣଖା ଲକ୍ଷ୍ମୀରୂପା ସୀତାଙ୍କଠାରେ ଶତ୍ରୁବୁଦ୍ଧି ଜାତ କଲା, ତେଣୁ ତାହାର ଅନୁକୂଳ ବସ୍ତିଯୁକ୍ତ ହେଲା, ଅମଙ୍ଗଳ ନିଶ୍ଚୟ ହେବ ।

୧୯ଶ ପଦ:—ସେ ସୂର୍ପଣଖା ବୃକ୍ଷ ଉହାଡ଼ାରୁ ଗେଲାଇ ହୋଇ ନାସିକାରୁ ଗୋଟାଏ ପୁଡ଼ା ଫୁଲାଇ ଦେଇ ବାହାର ହେଲା ।

ବସାଣୀ ଟେକ ହେବାର କି ମନୋରମ ।
ବସନ୍ତି କରିବ ଯୁବା ଚିତ୍ତରେ ପ୍ରେମ । ୨୦ ।
ବାହୁ ଖଡ୍ଗ ଝାଡ଼ି ମନ-ମୀନକୁ ନେଇ ।
ବାହୁ କୁଚ କୁବେଣୀରେ ଥୋଇ ଲୋଡ଼ଇ । ୨୧ ।
ବନ୍ଧକୀ ଜଙ୍ଘରୁ ଚେଳ ଖୋଲିବା ରଙ୍ଗ ।
ବନ୍ଧନ ସେ ସ୍ତମ୍ଭେ ଇଚ୍ଛେ ମନ ମାତଙ୍ଗ । ୨୨ ।
ବିଶିଷ୍ଟେ ଭ୍ରୂରୁ କମାଣ ତୋଳା ଖେଳାଇ ।
ବିଶିଖକମଣେ ସନ୍ଧି ବନ୍ଧ ନ ଦେଇ । ୨୩ ।
ବଦାଉଛି ମଦନସମରେ ମୁଁ ଏକ ।
ବଦାଇ ଭାଲେ ଟେକିଛି ଖଡ୍ଗ ତିଳକ । ୨୪ ।

---

୨୦ଶ ପଦ:—ବସଣୀ—ନାସିକାର ଅଳଙ୍କାର ବିଶେଷ । ବସନ୍ତି—ବସିବ ।

୨୨ଶ ପଦ:—ବନ୍ଧକୀ—ଅସତୀ । ଚେଳ—ବସ୍ତ୍ର । ମନମାତଙ୍ଗ—ମନରୂପ ମତ୍ତ ହସ୍ତୀ ।

୨୩ଶ ପଦ:—କମାଣ—ଧନୁ । ବିଶିଖ—ଶର ।

୨୪ଶ ପଦ:—ମଦନ ସମରେ—କାମଯୁଦ୍ଧରେ ।

---

୨୦ଶ ପଦ:—ତା ନାକପୁଡ଼ା ଫୁଲିବାରୁ ବସାଣୀ ଟେକ ହୋଇ ଯାଇ କି ସୁନ୍ଦର ଦିଶୁଅଛି ! ତାହା ଦେଖି ଯୁବକଙ୍କ ଚିତ୍ତରେ ପ୍ରେମ ବସନ୍ତି ସ୍ଥାପନ କରିବ ।

୨୧ଶ ପଦ:—ଯେପରି ମତ୍ସ୍ୟଘାତୀ ଜାଲ କାନିକ ଝାଡ଼ି ଦେଇ ମୀନକୁ ନେଇ ଖାଳୋଇରେ ପୂରାଏ, ସେହିପରି ସୂର୍ପଣଖା ଖଡ୍ଗ ବାହୁକୁ ଝାଡ଼ି ଦେବାରେ ଯୁବା ପୁରୁଷର ମନ-ମୀନକୁ ନେଇ କୁଚ ରୂପ ଖାଳୋଇରେ ରଖି ଦେବ । ( ତାର ହାତ ଛଟା ଦେଖି ଯୁବା ତାକୁ ଚାହିଁଲା ମାତ୍ରକେ ଯୁବାର ମନ ତାର ସ୍ତନଠାରେ ଲାଗି ରହିବ ) ।

୨୨ଶ ପଦ:—ଅସତୀ ସୂର୍ପଣଖା ତାର ଜଙ୍ଘରୁ ଥରେ ଥରେ ଲୁଗା କାଢ଼ି ଦେଉଅଛି । ତଦ୍ଵାରା ଜଣା ଯାଉଛି, ସେ ତାର ଦର୍ପ ରୂପ ସ୍ତମ୍ଭରେ ଯୁବା ପୁରୁଷର ମନରୂପ ହସ୍ତୀକୁ ବନ୍ଧନ କରିବାକୁ ଇଚ୍ଛା କରୁଛି କି ?

୨୩ଶ ପଦ:—ସେ ସୂର୍ପଣଖା ଭ୍ରୂଲତାକୁ ଖୁବ୍ ଶୀଘ୍ର ଗତିରେ ଚଳାଇ ତୋଳା ଖେଳାଉଅଛି । ତାହା ଦେଖି ମନେ ହୁଏ, ସେ ଭ୍ରୂଲତା ଧନୁରେ ନେତ୍ରଶର ସନ୍ଧାନ କରି ମାତ୍ର ବନ୍ଧ ନ ଦେଇ ରଖିଅଛି ।

୨୪ଶ ପଦ:—ସେ ଭାଲପଟରେ ତିଳକ ରୂପ ଖଡ୍ଗକୁ ଟେକି ରଖିବା ଦ୍ଵାରା ବୁଝାଉଛି ଯେ, କାମ ଯୁଦ୍ଧରେ ମୋ ବ୍ୟତୀତ ଆଉ କେହି ନାହିଁ । ( ତା ଭାଲ ପଟରେ ଥିବା ତିଳକ ଖଣ୍ଡା ଧାର ପରି ଦେଖା ଯାଉଛି ) ।

ବଳା ଡେଙ୍ଗୁରା ଦେଇ କି ଅପସରସା ।
ବଳାତ୍କାରେ ଶୋଭାଗୁଣେ ଛଡ଼ାଇ ରସା । ୨୫ ।
ବହୁ ରଙ୍ଗ ତାମ୍ବୋଳ ପଢ଼ଇ ଅଧରେ ।
ବହିରଙ୍ଗରୂପା ମିଳେ ରାମ ପାଶରେ । ୨୬ ।
ବୋଲଇ ଅରଣ୍ୟବାସୀ କପାଁ ସୁନ୍ଦର ?
ବୋଳ ଭସ୍ମ ଅଙ୍ଗେ ଶିରେ ଜଟା ତ ଧର । ୨୭ ।
ବହ କାଣ୍ଡ କୋଦଣ୍ଡ କ୍ଷବିସ୍ୱ ପରସ୍ୱ ।
ବଚନ କଥନ କରି ଛେଦ ସଂଶୟ । ୨୮ ।
ବଧୂଏ ସଙ୍ଗେ ଦେନନ୍ତି ରସିକପଣେ ।
ବଧୂନ୍ତି ମୃଗ ଗଣ୍ଡକ ପିତୃ ତୋଷଣେ । ୨୯ ।

---

୨୫ଶ ପଦ:—ଅପସରସା—ଅପ୍‌ସରାମାନେ । ରସା—ପୃଥିବୀ ।
୨୬ଶ ପଦ:—ବହିରଙ୍ଗରୂପା—ବାହ୍ୟରେ ସୁନ୍ଦର ରୂପା ।
୨୮ଶ ପଦ:—କୋଦଣ୍ଡ—ଧନୁ ।

---

୨୫ଶ ପଦ:—ସେ ବଳା ପିନ୍ଧିଅଛି । ଗୁଳଗଲାବେଳେ ସେ ବଳା ଶବ୍ଦରୂପ ଡେଙ୍ଗୁରା ବାଦ୍ୟ ବଜାଇ ଜଣାଇ ଦେଉଛି ଯେ, ଶୋଭାଗୁଣରେ ମୁଁ ଅପ୍‌ସରାମାନଙ୍କୁ ଜୟ କରି ବଳାତ୍କାରରେ ତାଙ୍କୁ ପୃଥିବୀରୁ ତଡ଼ି ଦେଇ ସ୍ୱର୍ଗରେ ରଖିଅଛି ।

୨୬ଶ ପଦ:—ତାହାର ଓଷ୍ଠରେ ପାନ ପିକ ବୋହି ପଡ଼ୁଛି । ବାହାରେ ସୁନ୍ଦରୀ ରୂପ ସାଜିଥିବା ସେହି ରାକ୍ଷସୀ ରାମଙ୍କ ନିକଟରେ ପ୍ରବେଶ କଲା ।

୨୭ଶ ପଦ:—ସୂର୍ପଣଖା ରାମଙ୍କୁ କହିଲା, "ହେ ସୁନ୍ଦର ! ତୁମ୍ଭେ ବନବାସୀ କାହିଁକି ହେଲ ? ଦେହରେ ଭସ୍ମ କପାଁ ବୋଳି ହୋଇଅଛି ? ମସ୍ତକରେ ଜଟା କାହିଁକି ବାନ୍ଧିଅଛ ?"

୨୮ଶ ପଦ:—"ପୁଣି କ୍ଷବିସ୍ୱ ପ୍ରାପ୍ତ ଧନୁଶର ଧରିଅଛ । ଏ କାରଣମାନ ଶୀଘ୍ର କହି ମୋର ସନ୍ଦେହ ନିବାରଣ କର ।"

୨୯ଶ ପଦ:—"ପୁଣି ରସିକ ପରି ଗୋଟିଏ ସ୍ତ୍ରୀ ସଙ୍ଗରେ ନେଇ ଅଛ ଓ ପିତୃ ପୁରୁଷଙ୍କ ସନ୍ତୋଷପାଇଁ ମୃଗ ଗଣ୍ଡା ଆଦି ପଶୁଙ୍କୁ ବଧ କରୁଅଛ ।"

ଶାର ସକଳ ପ୍ରକାଶି ବଚନେ ଆସିବା ।
ବରସଭାବେ ଭାଷିଲ ଶୁଣ ହେ ଯୁବା ।୩୦।
ବଶୀଭୂତ ହୋଇ ତବ ଶୋଭାକୁ ଗୁହିଁ ।
ବସିବାକୁ ତୁମ୍ଭ କୋଳେ ଆସିଛି ମୁହିଁ ।୩୧।
ବନ୍ଧନ କରି ଭୁଜରେ ଜାଣଇ ସବୁ ।
ବନ୍ଧରେ ଯେ ସୁଖଚନ୍ଦ୍ର ପୁରୁଷାୟିତ ।୩୨।
ବଣ୍ଡବାନନ୍ଦନା ମୁଁ ଯେ କୁଳରେ ସାଧ୍ଵୀ ।
ବସ୍ତୁବାଇ ଓଷ୍ଠୁ ପିଅ ମଧୁରମଧୀ ।୩୩।
ବକ୍ଷଜାତ ହରେ ଦେଲେ କମଳକର ।
ବହ୍ଲେ ସେ ଫଳେ ହେବ ରାଜା ସ୍ଵର୍ଗର ।୩୪।
ବାରବେଳପୁରେ ରାଜା ମୋର ସୋଦର ।
ବାରତା ପାଇ ହୋଇବେ ହରଷଭର ।୩୫।

୩୨ଶ ପଦ :—ପୁରୁଷାୟିତ—ବିପରୀତ ରତି ।
୩୩ଶ ପଦ :—ବସ୍ତୁବାଇ—ତରଳାଇ ।
୩୪ଶ ପଦ :—ବହ୍ଲେ—ସ୍ନେହ ଯୁକ୍ତ ହୋଇ ।
୩୫ଶ ପଦ :—ବାରବେଳପୁର—ଚତୁର୍ଦ୍ଦଶ ପୁର । ସୋଦର—ଭାଇ ।

୩୦ଶ ପଦ :—ସୂର୍ପଣଖାର ପ୍ରଶ୍ନ ଶୁଣି ଶ୍ରୀରାମଚନ୍ଦ୍ର ବନକୁ ଆସିବା ଚରିତମାନ ପ୍ରକାଶ କଲେ । ତାହା ଶୁଣି ସୂର୍ପଣଖା ସରସ ଭାବରେ କହିଲା, "ହେ ଯୁବା ! ଶୁଣ"—

୩୧ଶ ପଦ :—"ମୁଁ ତୁମ୍ଭ ସୌନ୍ଦର୍ଯ୍ୟ ଦେଖି ବଶୀଭୂତ ହୋଇ ତୁମ୍ଭ କୋଳରେ ବସିବା ପାଇଁ ଆସିଅଛି ।"

୩୨ଶ ପଦ :—"ଭୁଜ ବନ୍ଧନ ରୂପ ବହୁତ ପ୍ରକାର ଆଲିଙ୍ଗନ ଏବଂ ଚଉଷଠୀ ବନ୍ଧ ମଧ୍ୟରେ ସୁଖଦାୟକ ଚନ୍ଦ୍ର ବନ୍ଧ ଓ ବିପରୀତବନ୍ଧ ମୁଁ ଜାଣେ ।"

୩୩ଶ ପଦ :—"ମୁଁ ବିଶ୍ରବା ଋଷିଙ୍କ କନ୍ୟା, ତେଣୁ ମୋର ଜାତି ଉତ୍ତମ ଅଟେ । ମୋ ଓଷ୍ଠରୁ ସୁମିଷ୍ଟ ମଧୁ ଝରାଇ ପାନ କର ।"

୩୪ଶ ପଦ :—"ମୋହର ବକ୍ଷଜାତ ଶମ୍ଭୁରେ ସ୍ନେହଯୁକ୍ତ ହୋଇ (ସ୍ତନରେ) ହସ୍ତ ପଦ୍ମ ଦେଲେ, ତାହାର ଫଳରେ ତୁମ୍ଭେ ସ୍ଵର୍ଗର ରାଜା ହେବ । [ମୋର ସ୍ତନରେ ହସ୍ତ ଦେଲେ ତୁମ୍ଭେ ସ୍ଵର୍ଗ ସୁଖ ଅନୁଭବ କରିବ]।"

୩୫ଶ ପଦ :—"ମୋର ଭାଇ ଚଉଦ ଭୁବନରେ ରାଜା ଅଟେ । ସେ ଏ କଥା ଶୁଣି ପାଇଲେ ଅତିଶୟ ହର୍ଷ ହେବ, ତା ଫଳରେ ତୁମ୍ଭର ମଙ୍ଗଳ ହେବ ।"

ବିରଞ୍ଚି ଲେଖିଛନ୍ତି ଭାଲପଟେ ତୁମ୍ଭର ।
ବିରଚିବ ନନ୍ଦନବନରେ ବିହାର । ୩୬ ।
ବିନୋଦ ଯେଉଁ ରମାରେ କରିବ ମତି ।
ବିନୋଦ୍ୟ ନୋହୁଁ ଧରିବି ମୁଁ ସେହି ମୂର୍ତ୍ତି । ୩୭ ।
ବୋଇଲେ ରଘୁନନ୍ଦନ ରେ ରମାବର !
ବ୍ରତ ଆଚରଣ ଏକପତ୍ନୀ ମୋହର । ୩୮ ।
ବଡ଼ କୁଳେ ଜାତ ଭୂପ ଭଗିନୀ ତୁହି !
ବୃଷସ୍ୟନ୍ତୀ ଆଚରଣ ଭଲ ତ ନୋହି । ୩୯ ।
ବାସ୍ତୋଷ୍ପତି ଅଧିକାରେ କି କାର୍ଯ୍ୟ ମୋର ?
ବହି ନ ପାରେ ଅଧିକ ନେତ୍ର ଶରୀର । ୪୦ ।
ବିଟଭାବ ଲମ୍ପଟରେ ତେମନ୍ତ ସେହି ।
ବିଅର୍ଥେ ଶିଳାସ୍ୱରୂପ ନ ବହି ତୁହି । ୪୧ ।

---

୩୬ଶ ପଦ:—ବିରଞ୍ଚି—ବିଧାତା ।
୩୯ଶ ପଦ:—ଭୂପ—ରାଜା । ବୃଷସ୍ୟନ୍ତୀ—କାମୁକୀ ।
୪୦ଶ ପଦ:—ବାସ୍ତୋଷ୍ପତି—ଇନ୍ଦ୍ର ।

---

୩୬ଶ ପଦ:—"ବିଧାତା ତୁମ୍ଭ କପାଳରେ ଲେଖିଛନ୍ତି ଯେ, ତୁମ୍ଭେ ସ୍ୱର୍ଗର ନନ୍ଦନ ବନରେ ବିହାର କରିବ । ଏହା ଅନ୍ୟଥା ହୋଇ ନ ପାରେ ।"

୩୭ଶ ପଦ:—"ତୁମ୍ଭେ ଯେଉଁ କାମିନୀ ସଙ୍ଗେ କେଳି କରିବାକୁ ମନ କରିବ, ମୋତେ ବିନୟ ନ ହେଉଣୁ ମୁଁ ସେହି ମୂର୍ତ୍ତି ଧାରଣ କରିବି ।"

୩୮ଶ ପଦ:—ସୂର୍ପଣଖାର ଉତ୍ତରରେ ରାମଚନ୍ଦ୍ର କହିଲେ, "ରେ ରମାବର, ମୁଁ ଏକପତ୍ନୀ ବ୍ରତ ଗ୍ରହଣ କରିଅଛି । ( ଅନ୍ୟ ସ୍ତ୍ରୀ ମୋହର ଦରକାର ନାହିଁ ) ।"

୩୯ଶ ପଦ:—"ତୁ ଉଚ୍ଚବଂଶରେ ଜାତ, ପୁଣି ରାଜାର ଭଉଣୀ ଅଟୁ । ତୋହର ଏ କାମୁକୀ ପରି ଆଚରଣ କରିବା ତ ଭଲ ନୁହେ ।"

୪୦ଶ ପଦ:—"ଇନ୍ଦ୍ରର ସମ୍ପତ୍ତିରେ ମୋର କାର୍ଯ୍ୟ ନାହିଁ । କାରଣ, ମୁଁ ଦେହରେ ବହୁତ ଆଖି ବହି ପାରିବି ନାହିଁ । ( ଇନ୍ଦ୍ର ପର ସ୍ତ୍ରୀ ହରଣ କରି ସହସ୍ର ନେତ୍ର ବହି ଅଛନ୍ତି, ମୁଁ ପର ସ୍ତ୍ରୀ ହରଣ କଲେ ତ ସେହି ଫଳ ପାଇବି ) ।"

୪୧ଶ ପଦ:—"ଇନ୍ଦ୍ର ବିଟଭାବରେ ଲମ୍ପଟୀ ହୋଇ ପର ସ୍ତ୍ରୀ ଅହଲ୍ୟାଠାରେ ଆସକ୍ତ ହେବାରୁ ଏପରି ସହସ୍ର ନେତ୍ର ଧାରଣ କଲେ । ତୁ ବିନା କାରଣରେ ଅହଲ୍ୟା ପରି ପାଷାଣ ରୂପ ହୁଅ ନାହିଁ ।"

ବିନାଶନ ମୋ ବଲ୍ଲଭ ହୋଇଲେ ଚପଳ ।
ଭନାଶନରେ ଅମୃତ କରୁଁ ତ ତ୍ୟାଗ । ୪୨ ।
ବଡ଼ ମାନବୀଠୁ ଯେଣ ଦାନବୀ ବାଳୀ ।
ବସାଇ ହୃଦସ୍ଥ ଭୁଜପାଶରେ ଭୁଞ୍ଜ । ୪୩ ।
ବିଶେଷେ ରତିରେ କେ ହୋଇବ ବିଚାର ।
ବଣିକ ଭାବରେ ତହିଁ ବଣିଜ କର । ୪୪ ।
ବିଷ୍ଣୁପଦୀ ଜଳ କେତେ ନିର୍ମଳ ଯୋଷା ।
ବାରିଦ ଆବିଳ ଜଳେ ଚାତକ ଆଶା । ୪୫ ।
ବହ୍ନି କଣା ଗିଳା ଚକୋର ହେ ନାଗର !
ବିଧୁକର ସ୍ୱାଦୁ ଯେମ ଲୋଭ ତହିଁର । ୪୬ ।

---

୪୨ଶ ପଦ:—ବିନଶନ—ବିନଷ୍ଟ ଅର୍ଥାତ୍ ମୃତ । ବଲ୍ଲଭ—ସ୍ୱାମୀ । ଚପଳ—ଶୀଘ୍ର । ଭନାଶନରେ—ନ ଖାଇ ।

୪୫ଶ ପଦ:—ବିଷ୍ଣୁପଦୀ—ଗଙ୍ଗା । ଯୋଷା—ସ୍ତ୍ରୀ । ବାରିଦ—ମେଘ । ଆବିଳଜଳ—ଗୋଳିଆ ପାଣି ।

୪୬ଶ ପଦ:—ବହ୍ନି କଣା—ନିଆଁ ଫୁଲ । ବିଧୁକର—ଚନ୍ଦ୍ରକିରଣ ।

---

୪୨ଶ ପଦ:—ସୂର୍ପଣଖା ଶୀଘ୍ର କହିଲା, "ମୋର ସ୍ୱାମୀ ମୃତ ହୋଇଅଛି । ଆଜି କିଏ ଶାପ ଦେଇ ମୋତେ ପାଷାଣ କରିବ ? ତୁମ୍ଭେ ଭୋଜନ ନ କରି ( ଉପଭୋଗ ନ କରି ) ମୋ ପରି ଅମୃତକୁ ହସ୍ତରୁ ଫିଙ୍ଗି ଦେଉଛ କାହିଁକି ?"

୪୩ଶ ପଦ:—"ରାକ୍ଷସୀ ସ୍ତ୍ରୀ ମନୁଷ୍ୟ ସ୍ତ୍ରୀ ଠାରୁ ବଡ଼ ଅଟେ । ଏହା ତୁମ୍ଭ ହୃଦସ୍ଥ ଭୁଜ ବନ୍ଧନରେ ବସାଇ ଭୋଜନ କର ।"

୪୪ଶ ପଦ:—"ରତିରେ କିଏ ଅଧିକ ହେବ ତାହା ବିଚାର କର ବଣିକ ଭାବରେ ତାହାଠାରେ ବେପାର କର । ( ବଣିଆ ରତି ପକାଇ ସୁନା ଓଜନ କରେ ଓ ଯେ ଅଧିକ ହୁଏ ତାକୁ କଣି ବେପାର କରେ । ସେହିପରି ତୁମ୍ଭେ ଯାହାକୁ ଅଧିକ ରତିନିପୁଣା ବିଚାରିବ, ତାହା ସହିତ ପ୍ରୀତି କରିବ ) ।"

୪୫ଶ ପଦ:—ରାମଚନ୍ଦ୍ର ଉତ୍ତର କଲେ, "ରେ ରମଣି ! ଗଙ୍ଗାର ଜଳ ଯେତେ ନିର୍ମଳ ହେଲେ ସୁଦ୍ଧା ଚାତକ ପକ୍ଷୀର ଆଶା ତହିଁରେ ନ ଥାଏ । ମେଘର ଗୋଳିଆ ପାଣିକୁ ତାହାର ଆଶା ଥାଏ । ( ସେହିପରି ତୁ ରତିନିପୁଣା ହେଲେ ମଧ୍ୟ ତୋ ପ୍ରତି ମନ ନ ଯାଇ ସୀତା ପ୍ରତି ଆକୃଷ୍ଟ ହେଉଅଛି ) ।"

୪୬ଶ ପଦ:—ସୂର୍ପଣଖା କହିଲା, "ହେ ନାଗର ! ଅଗ୍ନିକଣା ଗିଳୁଥିବା ଚକୋର ପକ୍ଷୀ ଚନ୍ଦ୍ର କିରଣର ସ୍ୱାଦୁ ପାଇଲେ ତହିଁରେ ଲୋଭ

ଉପଭୋଗୀ ଅସ୍ପୃଶ୍ୟା ଏ ତୁଚ୍ଛଜ୍ଞାନ ନ କର ।
ବିଷ୍ଣୁ ବଶ ଜଳନ୍ଧର ମନୋହାରୀର । ୪୭ ।
ଭଜେ କର ଉଠି କୁଞ୍ଜେ କରିବା କେଳି ।
ବକ୍ତା ହେଲେ ରାମ ଗୁଳ ସଞ୍ଚାଳ ବାଳୀ । ୪୮ ।
ବକ୍ରାକ୍ଷି ମନୁଜେ ନାହିଁ ଅନୁଜେ ଗୃହିଁ ।
ବୁଧ ସେ ମୋ ଆଜ୍ଞା କହ ହୋଇବ ନନ୍ଦା । ୪୯ ।
ବାମଲୋଚନା ସଙ୍ଗତ ନାହିଁ ତାହାର ।
ବାମ ନୋହି ତତ୍କାଳ କରିବ ସ୍ୱୀକାର । ୫୦ ।
ବିଲୋକ ସେ ଆଲୋକିତ ସୁନ୍ଦର ରୂପ ।
ବେଗେ ଯାଇ କାମୁକୀ ଲକ୍ଷ୍ମଣ ସମୀପ । ୫୧ ।

---

୪୯ଶର ପଦ:—ବକ୍ରାକ୍ଷ—କୁଟିଳନୟନା । ମନୁଜେ—ମନୁଷ୍ୟମାନଙ୍କ ମଧ୍ୟରେ । ଅନୁଜ—ସାନ ଭାଇ । ବୁଧ—ପଣ୍ଡିତ ।

୫୦ଶର ପଦ:—ବାମଲୋଚନା—ସ୍ତ୍ରୀ ।

---

ହୋଇଥାଏ । (ତୁମ୍ଭେ ମୋ ସହିତ ରତି କଲେ, ବଳେ ବଳେ ମୋ ପ୍ରତି ଆକୃଷ୍ଟ ହେବ ) ।”

୪୭ଶ ପଦ:—“ମୁଁ ଅସ୍ପୃଶ୍ୟା, ତେଣୁ ଭୋଗଯୋଗ୍ୟା ନୁହେଁ,—ଏହା ଭାବି ମୋତେ ତୁଚ୍ଛଜ୍ଞାନ କର ନାହିଁ । ଦେଖ, ଜଳନ୍ଧର ଅସୁରର ଭାର୍ଯ୍ୟା ବୃନ୍ଦାବତୀଠାରେ ବିଷ୍ଣୁ ବଶ ହୋଇଥିଲେ ।”

୪୮ଶ ପଦ:—“ଉଠି କୁଞ୍ଜ ଭିତରକୁ ଭଜେ କର । ସେଠାରେ କେଳି କରିବା ।” ସୂର୍ପଣଖାର ଏ ବଚନ ଶୁଣି ରାମଚନ୍ଦ୍ର କହିଲେ, “ହେ ବାଳ ! କଟାଳ କର ନାହିଁ ।”

୪୯ଶର ପଦ:—“ମୋ ଅନୁଜ ଲକ୍ଷ୍ମଣ ପରି ସୁନ୍ଦର ମନୁଷ୍ୟମାନଙ୍କ ଭିତରେ ଆଉ କେହି ନାହାନ୍ତି । ତାକୁ ବକ୍ର ଦୃଷ୍ଟିରେ ଚାହଁ, ସେ ପଣ୍ଡିତ ଲୋକ, ମୋର ଆଜ୍ଞା ଦେବା କଥା କହିଲେ, ସେ ତୋର ପତି ହେବ ।”

୫୦ଶର ପଦ:—“ସେ ଭାଇର ସ୍ତ୍ରୀସଙ୍ଗମ ନାହିଁ । ତେଣୁ ସେ ତୋଠାରେ ପ୍ରତିକୂଳ ନ ହୋଇ ତୋ କଥା ଶୁଣିବା ମାତ୍ରକେ ରାଜି ହୋଇଯିବ ।”

୫୧ଶର ପଦ:—ରାମଚନ୍ଦ୍ରଙ୍କଠାରୁ ଶୁଣି କାମୁକୀ ସୂର୍ପଣଖା ଲକ୍ଷ୍ମଣଙ୍କର ଅଦୃଷ୍ଟପୂର୍ବ ସୁନ୍ଦର ରୂପ ଦେଖି ଶୀଘ୍ର ତାଙ୍କ ପାଖକୁ ଗଲା ।

ବନସ୍ଥୀ ହୋଇ ନିକଷାତନୟୀ କହ୍ନି ।
ବକ୍ତବ୍ୟ ତରୁଣ ରାମ ସେବକ ମୁହିଁ । ୫୨ ।
ବ୍ରହ୍ମାଣ୍ଡେ ଏକ ରାଜନଭଗ୍ନୀ ହେବ କି ?
ବହୁଁ ଭୂମି-କୃଷ ଜାତ-କନ୍ୟା ସେବକି । ୫୩ ।
ବାସେ ରାଜ ଯୋଗୀ ପ୍ରାପ୍ତ ନିଦ୍ରାକୁ ତେଜ ।
ବାହୁଡ଼ ରେ ବରାଙ୍ଗନା ମୋତେ ନ ଭଜ । ୫୪ ।
ବାହୁଡ଼ିଲା ରେପେ କାମବଶେ ଭାଷିତା ।
ବଳୋହ୍ନ ମୋତେ ଯେମନ୍ତ ନଟଯୋଷିତା । ୫୫ ।
ସାଉଶ୍ରବସରେ ତବ ସ୍ୱାଧୀନଭର୍ତ୍ତା ।
ବଯୋଗ କରିବ ରହି ନ ପାରେ ଧାତା । ୫୬ ।

---

୫୨ଶର ପଦ:—ନିକଷାତନୟୀ—ସୂର୍ପଣଖା । ତରୁଣ—ଯୁବକ ।
୫୫ଶର ପଦ:—ନଟଯୋଷିତା—ନୃତ୍ୟକାରିଣୀ ବେଶ୍ୟା ।

---

୫୨ଶର ପଦ:—ନିକଷାତନୟା ସୂର୍ପଣଖା ଲକ୍ଷ୍ମଣଙ୍କ ପାଖକୁ ଯାଇ ବନସ୍ଥ ଭାବରେ ନିଜ କଥା କହିଲା । ତା କଥା ଶୁଣି ତରୁଣ ଲକ୍ଷ୍ମଣ କହିଲେ, "ମୁଁ ରାମଙ୍କର ସେବକ ଅଟେ ।"

୫୩ଶର ପଦ:—"ବ୍ରହ୍ମାଣ୍ଡମଧ୍ୟରେ ସେ ସର୍ବଶ୍ରେଷ୍ଠ ରାଜାର ଭଗ୍ନୀ, ସେ ଭୂମି ଚଷୁ ଚଷୁ ଜାତ ହୋଇଥିବା କନ୍ୟାର ସେବକା ହେବ କି ? (ତୁମ୍ଭେ ମୋର ସ୍ତ୍ରୀ ହେଲେ ସୀତାଙ୍କର ଦାସୀ ହେବ, ମାତ୍ର ତା ଅନୁଚିତ । କାରଣ ତୁମ୍ଭେ ସର୍ବଶ୍ରେଷ୍ଠ ରାଜାଙ୍କ ଭଗ୍ନୀ ଓ ସୀତା ମାଟିତଳୁ ଜାତ କୃଷକ କନ୍ୟା ) ।"

୫୪ଶର ପଦ:—"ରେ ବରାଙ୍ଗନା ! ମୁଁ ନିଦ୍ରା ନ ଯାଇ ରାତ୍ରରେ ଯୋଗୀ ପ୍ରାପ୍ତ ଜଗି ବସେ । ଏପରି ଅବସ୍ଥାରେ ମୋତେ ମନ ବଳାଇ ତୁ ଫେରିଯାଅ ।"

୫୫ଶର ପଦ:—ଲକ୍ଷ୍ମଣଙ୍କର ନାସ୍ତି ବାକ୍ୟ ଶୁଣି କାମାତୁରା ସୂର୍ପଣଖା ରାଗରେ ଫେରିଯାଇ ରାମଚନ୍ଦ୍ରଙ୍କୁ କହିଲା, "ମୋତେ ବେଶ୍ୟାପରି ତୁ ଅନ୍ୟ ସ୍ଥାନପାଖକୁ ପଠାଉଅଛୁ ।"

୫୬ଶର ପଦ:—"ତୁମ୍ଭର ପ୍ରିୟାବଣ୍ଡ ଭାର୍ଯ୍ୟାକୁ ଶାଉଶ୍ରବସରେ ରକ୍ତ, ମାଂସ ହାଡ଼ ଚିଣ୍ଡି ବିନାଶ କରିବି, ବିଧାତା ଏହା ଅନ୍ୟଥା କରି ନ ପାରେ ।"

ବଢ଼ାଇଁ ହସ୍ତ ସୀତାର ନାଶ ଆଶରେ ।
ବିହି ଲେଖ ଦେଲେ ତାକୁ ଭଷା ଶ୍ଳେଷରେ । ୫୭ ।
ବାବୁ ନାକ ଶିଖି ଦାନ ଯୋଗ୍ୟ ଯୋଷାକୁ ।
ଭହର କାନନ କର ଆଲିଙ୍ଗନକୁ । ୫୮ ।
ବଇଦେହୀଦାସୀ ଏ କ ଯେନ ହୋଇବ ?
ବଧିରେ ଇନ୍ଦ୍ର ପ୍ରଶଂସା ତୁମ୍ଭେ ପାଇବ । ୫୯ ।
ବୋଧ ମତ କାମାନ୍ଧେ ନ ବୁଝି ହସିଲା ।
ବାହୁଡ଼ାଇବେ ନାହିଁ ତ ଆଜ ଭଷିଲା । ୬୦ ।

---

୫୮ଶର୍ ପଦ:—ନାକଶିଖି—ସ୍ୱର୍ଗସୁଖ, ନାସିକା ଶୋଭା । ଦାନ—ଛେଦନ, ଦେବ ।

୫୯ତମ ପଦ:—ବଧିରେ—ବୈଦିକ ଯୋଗରେ; ମୂର୍ଖଙ୍କ ମଧ୍ୟରେ ।

---

୫୭ଶର୍ ପଦ:—ଏହା କହି ସୂର୍ପଣଖା ସୀତାଙ୍କ ବିନାଶ ପାଇଁ ହସ୍ତ ବଢ଼ାନ୍ତେ, ରାମଚନ୍ଦ୍ର ଶ୍ଳେଷୋକ୍ତିରେ ପତ୍ର ଲେଖି ସୂର୍ପଣଖାକୁ ଦେଲେ ।

୫୮ଶର୍ ପଦ:—**ସୂର୍ପଣଖା ବୁଝିବା ଅର୍ଥ**—ରେ ବାବୁ ଲକ୍ଷ୍ମଣ ! ସ୍ୱର୍ଗ ସମ୍ପତ୍ତିକୁ ଦେବାପାଇଁ ଯୋଗ୍ୟ ଏ ଯେଉଁ ରମଣୀ, ଏହାକୁ କୋଳ କରି ବନରେ ଏହା ସହିତ ବିହାର କର ।

**ପ୍ରକୃତ ଅର୍ଥ**—ହେ ବାବୁ ! ଏ କାମିନୀର ନାସିକା ଶୋଭା ଛେଦନ ଯୋଗ୍ୟ ଅଟେ ( ଏହାର ନାକ କାଟିବା ଉଚିତ ) । ଆଲିଙ୍ଗନ ନ କରି ଏହାର କାନକୁ ବିଶେଷଭାବରେ ହରଣ କର ।

୫୯ତମ ପଦ:—**ସୂର୍ପଣଖା ବୁଝିବା ଅର୍ଥ**—ଏ ଜଣେ ପ୍ରଧାନ ଲଙ୍କାର ଭଉଣୀ, ତେଣୁ କାହିଁକି ଏ ସୀତାଙ୍କର ଦାସୀ ହେବ ? ବୈଦିକବଳରେ ତୁମ୍ଭେ ଏହାକୁ ବିବାହ କଲେ ଇନ୍ଦ୍ର ତୁଲ୍ୟ ପ୍ରଶଂସାଲାଭ କରିବା ।

**ପ୍ରକୃତ ଅର୍ଥ**—ଏ ସ୍ତ୍ରୀ କି ଗୁଣ ଯୋଗୁ ସୀତାଙ୍କର ଦାସୀ ହେବ ? (ଦାସୀ ହେବାର ମଧ୍ୟ ଅନୁପଯୁକ୍ତ) । ଏହାକୁ ଗ୍ରହଣ କଲେ, ତୁମ୍ଭେ ମୂର୍ଖଙ୍କମଧ୍ୟରେ ଶ୍ରେଷ୍ଠ, ଏହି ପ୍ରଶଂସା ପାଇବ । (ମୂର୍ଖ ଶ୍ରେଷ୍ଠ ବୋଲି ନିନ୍ଦା ପାଇବ) ।

୬୦ତମ ପଦ:—ସୂର୍ପଣଖା କାମରେ ଅନ୍ଧ ହୋଇଥିବାରୁ ପତ୍ରର ପ୍ରକୃତ ଅର୍ଥ ବୁଝି ନ ପାରି ମନବୋଧ ହୋଇପିବାରୁ ଆନନ୍ଦରେ ହସିଲା । ପୁଣି କହିଲା, "ଆଜ ବାହୁଡ଼ାଇବେ ନାହିଁ ତ ?"

ବୋଲେ ଦାଶରଥି 'ନାହିଁ ନାହିଁ ତକ୍ଷଣ ।
ବେନି ଉତ୍ତର ଦେବାରେ ପଡ଼ି ଲକ୍ଷ୍ମଣ । ୭୧ ।
ବାହୁ ଟେକି ଉଠୁଁ ଚିନ୍ତି କାର୍ଯ୍ୟ ସଫଳ ।
ବାହେ ଯନ୍ତ ଏହିକ୍ଷଣି କରିବ କୋଳ । ୭୨ ।
ବାଳ ଧରୁଁ ବିସ୍ମରିଲା କର୍ଣ୍ଣାଟ ନାରୀ ।
ବନ୍ଧ ସଂଯୋଗ ନାୟକ କୁନ୍ତଳ ଧରି । ୭୩ ।
ବିଲେଖୀ ଏହାଙ୍କ ଦେଶେ ଏରୂପେ ପୁଂସ ।
ବସୁଧାରେ ପାଡୁଁ ଭାଳେ ରକ୍ତ ପ୍ରକାଶେ । ୭୪ ।
ବିଚ୍ଛେଦୁଁ ନାସା ଶ୍ରବଣ ଘୋର୍ଷ ରଟିଲା ।
ବିଧାତ୍ରୁ ସିଂହ ହସ୍ତିନୀ ଲକ୍ଷ୍ୟ ଘଟିଲା । ୭୫ ।

---

୭୧ତମ ପଦ:—ରାମଚନ୍ଦ୍ର ଉତ୍ତର ଦେଲେ, "ନାହିଁ ନାହିଁ । ( ପ୍ରକୃତ ଅର୍ଥ;—ତୁ ଯେ କହିଲୁ ବାହୁଡ଼ାଇବେ ନାହିଁ ? ତହିଁର ନାହିଁ ଶବ୍ଦ ନାହିଁ । ଅର୍ଥାତ୍ ବାହୁଡ଼ାବେ) ।" ରାମଚନ୍ଦ୍ର ଦୁଇ ଅର୍ଥବୋଧକ ପଦ ଲେଖିଥିବାର ପଡ଼ି ଲକ୍ଷ୍ମଣ ପ୍ରକୃତ ଅର୍ଥ ବୁଝିଲେ ।

୭୨ତମ ପଦ:—ଲକ୍ଷ୍ମଣ ବାହୁଦ୍ୱୟ ଟେକି ଉଠିବାରୁ ସୂର୍ପଣଖା ମନରେ ବିଚାରିଲା, "କାର୍ଯ୍ୟ ସଫଳ ହେଲା । ଏ ଯନ୍ତ ଏହିକ୍ଷଣି ବାହୁଦ୍ୱୟରେ ମୋତେ କୋଳ କରିବ ।"

୭୩ତମ ପଦ:—ଲକ୍ଷ୍ମଣ ସୂର୍ପଣଖାର କେଶ ଧରନ୍ତେ, ସେ ବିଚାରିଲା, 'କର୍ଣ୍ଣାଟ ଦେଶୀୟ ନାରୀମାନେ ବନ୍ଧସଂଯୋଗ ସମୟରେ ପୁରୁଷର କେଶ ଧରିଥାନ୍ତି ।'

୭୪ତମ ପଦ:—'ଏହାଙ୍କ ଦେଶର କର୍ଣ୍ଣାଟ ଦେଶୀୟ ସଂଯୋଗ ପରି ପୁରୁଷମାନେ ନାରୀର କେଶ ଧରି ବୋଧ ହୁଏ ସଂଯୋଗ କରନ୍ତି ।' ଲକ୍ଷ୍ମଣ ତାକୁ ମାଟି ତଳେ ପକାଉନ୍ତେ, ସେ ବିଚାରି କଲା, 'ବର୍ତ୍ତମାନ ଏ ରତି କରିବେ ।'

୭୫ତମ ପଦ.—ସିଂହ ହସ୍ତିନୀକ ମାଡ଼ି ବସି ବିଦାରନ୍ତେ, ସେ ଯେପରି ରଡ଼ି ଦିଏ, ଲକ୍ଷ୍ମଣ ସୂର୍ପଣଖାର ନାସା କର୍ଣ୍ଣ ଛେଦନ କରନ୍ତେ ସୂର୍ପଣଖା ସେହିପରି ଶବ୍ଦ କଲା ।

ବିଦାରି ମୃଗୀ ଶାର୍ଦ୍ଦୂଳ ଫିଙ୍ଗିଲା ଯେବ ।
ବିରୂପ କରି ପକାଇ ଦେଲେ ସେ ଜବ । ୬୬ ।
ବିଦ୍ରାବ ହିଁ ଧାରି ରକ୍ତ ବସନ ବୁଡ଼ି ।
ବାତେ ପୁଷ୍ପିତ ମନ୍ଦାର ବୃକ୍ଷ କି ଉଡ଼ି ? । ୬୭ ।
ବାୟୁବେଗେ ଜନପଦେ ମିଳିତ ଯୋଷା ।
ବୋଇଲେ ଖର ଦେଖିକି କେ ଦେଲା ଏ ଦଶା ? ୬୮ ।
ବିକାଳରେ କାଳ ହେବା ଶଙ୍କା ନ କରି ।
ବ୍ୟାଳମୁଖେ ଦେଲା କେହୁ କରକୁ ଭରି ? ୬୯ ।
ବ୍ୟାଳ ବୋଲି ଆନ କି ବାସୁକି ବଦନ ।
ବାଇ ସେ ଏମନ୍ତ ଯତେ କାହିଁ ତା ସ୍ଥାନ ? ୭୦ ।

---

୬୬ତମ ପଦ:—ଶାର୍ଦ୍ଦୂଳ—ବ୍ୟାଘ୍ର ।
୬୭ତମ ପଦ:—ବିଦ୍ରାବ—ବହି ପଡ଼ୁଥିବା ।
୬୯ତମ ପଦ:—ବିକାଳରେ—ସମୟରେ । କାଳ—ମୃତ୍ୟୁ । ବ୍ୟାଳ—ସର୍ପ ।

---

୬୬ତମ ପଦ:—ବ୍ୟାଘ୍ର ମୃଗୁଣୀକୁ ବିଦାରଣ କରି ଫିଙ୍ଗିଦେଲା ପରି ଲକ୍ଷ୍ମଣ ସୂର୍ପଣଖାକୁ ବିରୂପ କରି ବେଗରେ ପକାଇ ଦେଲେ ।

୬୭ତମ ପଦ:—ସୂର୍ପଣଖାର ନାସା ଓ କର୍ଣ୍ଣ ଛେଦନ ହୁଅନ୍ତେ ତାହାର ମୁଖରୁ ଶନଧାରରେ ରକ୍ତ ବହିଲା । ସେ ରକ୍ତରେ ପିନ୍ଧିଥିବା ଲୁଗା ଭିଜି ଗଲା । ସେ ସେଠାରୁ ପଳାଇଲାବେଳେ ମନେ ହେଲା, ଫୁଲ ଫୁଟିଥିବା ମନ୍ଦାର ବୃକ୍ଷ ପବନରେ ଉଡ଼ି ଯାଉଛି କି ?

୬୮ତମ ପଦ:—ପବନ ବେଗରେ ସୂର୍ପଣଖା ପଳାଇ ଯାଇ 'ଜନପଦ' ରାକ୍ଷସଙ୍କ ବାସସ୍ଥାନରେ ମିଳିଲା । ତାହାକୁ ଦେଖି ଖର ଦୈତ୍ୟ କହିଲା, "ରାଜ-ଜେମାଙ୍କୁ ଏ ଅବସ୍ଥା କିଏ ଦେଲା ?"

୬୯ତମ ପଦ:—"ଅକାଳରେ ମୃତ୍ୟୁ ଲଭିବାର ଭୟ ନ କରି କିଏ ସର୍ପ ମୁଖରେ ହସ୍ତ ପୂରାଇଲା ?"

୭୦ତମ ପଦ:—"ସର୍ପ କହିବାରେ ପୁଣି ସାଧାରଣ ସର୍ପ ନୁହେ । ସର୍ପ-ରାଜ ବାସୁକି ମୁହଁରେ ଯେ ହସ୍ତ ପୂରାଇଲା, ସେ ନିଶ୍ଚୟ ପାଗଳ ବୋଲି ପ୍ରତୀତ ହେଉଛି । ସେ କେଉଁଠାରେ ରହିଅଛି ?"

ଦଶାସ୍ୟଭଗିନୀ କହେ ପଞ୍ଚବଟୀରେ ।
ବସା କରିଛନ୍ତି ଦଶରଥ କୁମରେ । ୭୧ ।
ରାମା ଯେଣୁ ବାମ ହେଲେ ମୁହିଁ ଗ୍ରାସନ୍ତେ ।
ଏହି ଦଣ୍ଡ ଦଣ୍ଡକରେ ଦଣ୍ଡିଲେ ମୋତେ । ୭୨ ।
ବଳ ସାଜିଣ ଦୂଷଣ ତ୍ରିଶିର ଖର ।
ବାହାର ବୀର ଡାକରେ ଉଚ୍ଛନ୍ନ ସୁର । ୭୩ ।
ବ୍ୟାକୁଳ ଭୟେ ତ୍ରିଦିବ ଲୁଟିବେ ପରା ।
ବେପଥୁବଶ ହୋଇଲା ସତ୍ୱରେ ଧରା । ୭୪ ।
ବିସର୍ଗେ ନଳୀ ଶୂଳ ସୂର ଭାବନ୍ତି ।
ବଂଶେ ମୋ ବାଧ୍ୟ ମୋତେ କି ଲକ୍ଷ କରନ୍ତି ? ୭୫ ।

---

୭୪ତମ ପଦ:—ତ୍ରିଦିବ—ଦେବତାମାନେ । ବେପଥୁ—କମ୍ପନ । ଧରା—ପୃଥିବୀ ।

୭୫ତମ ପଦ:—ସୂର—ସୂର୍ଯ୍ୟ ।

---

୭୧ତମ ପଦ:—ଖର ରାକ୍ଷସର ଏହି କଥା ଶୁଣି ରାବଣଭଉଣୀ ସୂର୍ପଣଖା କହିଲା, 'ପଞ୍ଚବଟୀ ବନରେ ଦଶରଥ ରାଜାଙ୍କର ଦୁଇ ପୁଅ ବସା କରି ରହିଅଛନ୍ତି ।"

୭୨ତମ ପଦ:—"ସେ ତାଙ୍କ ସ୍ତ୍ରୀକୁ ସଙ୍ଗରେ ନେଇ ରହିଅଛନ୍ତି । ମୁଁ ସେ ସ୍ତ୍ରୀକୁ ଗ୍ରାସ କରିବାକୁ ଯାନ୍ତେ ସେ ପ୍ରତିକୂଳ ହେଲେ । ଦଣ୍ଡକାରଣ୍ୟରେ ଦଣ୍ଡକ ମଧ୍ୟରେ ମୋତେ ଏ ଦଣ୍ଡ ଦେଲେ ।"

୭୩ତମ ପଦ:—ଦୂଷଣ, ତ୍ରିଶିର, ଖର ଏହି ତିନି ଅସୁରେ ସୈନ୍ୟ ସଜ କରି ବାହାର ହେଲେ । ତାଙ୍କ ବୀର ଡାକରେ ଦେବତାମାନେ ଭୀତ ହେଲେ ।

୭୪ତମ ପଦ:—'ଏମାନେ ସ୍ୱର୍ଗ ଲୁଟିକରି ନେବେ ପରା ?'—ଏହା ଭାବି ଦେବତାମାନେ ବ୍ୟାକୁଳ ହେଲେ । ତାଙ୍କ ପାଦଭାରରେ ପୃଥିବୀଦେବୀ ଶୀଘ୍ର କମ୍ପମାନ ହେଲା ।

୭୫ତମ ପଦ:—ଖର ଦୂଷଣାଦିଙ୍କ ସୈନ୍ୟମାନେ ନଳୀରୁ ଶୂଳ ଛାଡ଼ନ୍ତେ ସୂର୍ଯ୍ୟ ଭାବନ୍ତି, 'ମୋ ବଂଶର ରାମଚନ୍ଦ୍ର ବାଧ୍ୟ ହେବାରୁ ଏମାନେ ମୋତେ ଲକ୍ଷ କରୁଅଛନ୍ତି କି ?'

ବନ ଗିରି ପୂରି ଆସୁ ଧୂଳି ଉଡ଼ିଲା ।
ଭାନୁ ଆଚ୍ଛାଦନେ ଶଙ୍କା ତହୁଁ ଛାଡ଼ିଲା । ୭୬ ।
ବସୁଧାସୁତାଙ୍କୁ ସୌମିତ୍ରେୟ ରକ୍ଷିତ ।
ବରାଧବଧ ପଣ୍ଡିତ ଯୁଦ୍ଧକୁ ଗତ । ୭୭ ।
ବର୍ଷୁକ ଘନ ପରାୟେ ରକ୍ଷେ ଘୋଟିଲେ ।
ବାଣଗଣ ଜଳଧାରା ପତନ କରେ । ୭୮ ।
ବଜ୍ରଳି ସେନାମାନେ ଖଡ୍ଗ ଝଲକପ୍ରଭା ।
ବଜ୍ରପାତ ଭୟଙ୍କର ତ୍ରିଶୂଳ ଗଦା । ୭୯ ।
ବଜ୍ରୁଜାତ ତହିଁରୁ ହୁଅଇ ପାବକ ।
ବିଜୟ ଦୁର୍ଗ ପରାୟେ ରଘୁନାୟକ । ୮୦ ।
ବରଣ ତନୁ କବାଟପୃଷ୍ଠ ହୃଦୟ ।
ବାହୁ ସ୍ତମ୍ଭ ଉରୁ ଅର୍ଗଳରେ ଉଦୟ । ୮୧ ।

---

୭୮ତମ ପଦ:—ବର୍ଷୁକ ଘନ—ବର୍ଷଣକାରୀ ମେଘ ।
୮୧ତମ ପଦ:—ବରଣ—ପ୍ରାଚୀର । ତନୁ—ଦେହ ।

---

୭୬ତମ ପଦ:—ସେହି ସୈନ୍ୟ ବନପର୍ବତ ପୂର୍ଣ୍ଣ କରି ଆସିବାରୁ ଧୂଳି ଉଡ଼ିଲା । ସେ ଧୂଳିରେ ସୂର୍ଯ୍ୟମଣ୍ଡଳ ଆଚ୍ଛାଦିତ ହୁଅନ୍ତେ ସୂର୍ଯ୍ୟଙ୍କ ଭୟ ଦୂର ହେଲା ।

୭୭ତମ ପଦ:—ଏହିପରି ରାକ୍ଷସ ସୈନ୍ୟ ଆସିବାର ଦେଖି ବିରାଧଅରି ରାମଚନ୍ଦ୍ର ସୀତାଙ୍କୁ ଲକ୍ଷ୍ମଣଙ୍କ ଦ୍ୱାରା ଜଗାଇ ଯୁଦ୍ଧକୁ ଗଲେ ।

୭୮ତମ ପଦ:—ରାକ୍ଷସ ସୈନ୍ୟମାନେ ବର୍ଷୁକ ମେଘ ପ୍ରାୟ ରାମଚନ୍ଦ୍ରଙ୍କୁ ବେଢ଼ି ଜଳଧାରା ସମାନ ଶରସମୂହ ବୃଷ୍ଟି କଲେ ।

୭୯ ଓ ୮୦ତମ ପଦ:—ସୈନ୍ୟମାନଙ୍କର ଖଡ୍ଗର ଜ୍ୟୋତି ବିଜୁଳି ପ୍ରାୟ ଦେଖାଗଲା ଏବଂ ଗଦା ଓ ଶୂଳ ପ୍ରଭୃତିର ପତନ ଶବ୍ଦ ବଜ୍ର ଶବ୍ଦପରି ଶୁଣାଗଲା । ଅସ୍ତ୍ର ଶସ୍ତ୍ର ଘର୍ଷଣରେ ଅଗ୍ନି ଜାତ ହେଲା, ବିଜୟ ଦୁର୍ଗରେ ବିଦ୍ୟୁତ୍ ବଜ୍ରାଗ୍ନି ନିଷ୍ଫଳ ହେଲାପରି ରାମଙ୍କଠାରେ ଖଡ୍ଗ, ତ୍ରିଶୂଳ, ଗଦା ପ୍ରଭୃତି ଅସ୍ତ୍ର ଶସ୍ତ୍ର ନିଷ୍ଫଳ ହେଲା ।

୮୧ ଓ ୮୨ତମ ପଦ.—ଦୁର୍ଗ ରୂପ ରାମଚନ୍ଦ୍ରଙ୍କର ଦେହ ଗଡ଼ପ୍ରାଚୀର, ବକ୍ଷସ୍ଥଳ କବାଟ ସ୍ଥାନ, ଦୁଇ ଭୁଜ ଦ୍ୱାରବନ୍ଧ, ଉରୁ ଅର୍ଗଳ ପ୍ରାୟ ଅଟେ । ସେହି

ବେଷ୍ଟନରେ ରହି ସହି ବହୁତ ଘାତ ।
ବିଧାୟକ ଶସ୍ତ୍ର କୋପନରେ ପୂରିତ । ୮୨ ।
ବଳ ସିନ୍ଧୁ କବଳକୁ ଅଗସ୍ତ୍ୟ ଶର ।
ବତାଶ ତ୍ରିଶିର ଶିର ତାଳଫଳର । ୮୩ ।
ବିଶୁଦ୍ଧ କବି ହୋଇ ସେ ବନ-କାବ୍ୟରୁ ।
ବିଶୋଧିଲେ ଦୂଷଣକୁ ଗୁଣ ପ୍ରବୃନ୍ତଁ । ୮୪ ।
ବ୍ୟାଘ୍ର ନଖେଷ୍ଟ ବିକ୍ରମିଣ ନାରାଚସାର ।
ବିଦାରି ଭଳେ ପାକାଇ ଇଷିରେ ଖର । ୮୫ ।
ବେଦର ମନ୍ତ୍ରରେ ଯୁକ୍ତ ଗୁଣିଆ ଯେହ୍ନ ।
ବିଦୁର ହୋଇଲା ସୂର୍ପଣଖା ଡାକିଣୀ । ୮୬ ।
ବାହୁଡ଼ାବିଜେ ରାଘବ ପର୍ଣ୍ଣସଦନେ ।
ବିନ୍ଦୁ ବିନ୍ଦୁ ଝାଳ ରହିଅଛି ବଦନେ । ୮୭ ।

---

୮୩ତମ ପଦ:—ବଳସିନ୍ଧୁ—ସୈନ୍ୟସମୁଦ୍ର ।

୮୫ତମ ପଦ:—ନାରାଚ ସାର—ଶ୍ରେଷ୍ଠ ଶର । ଖର—ଗଧ ।

---

ରାମଚନ୍ଦ୍ର ସୈନ୍ୟ ଭିତରେ ରହି ବହୁତ ଘାତ ସହିବା ଯୋଗେ କ୍ରୋଧଯୁକ୍ତ ହୋଇ ଅସ୍ତ୍ର ପ୍ରହାର କଲେ ।

୮୩ତମ ପଦ:—ସୈନ୍ୟରୂପୀ ସମୁଦ୍ରକୁ ରାମଚନ୍ଦ୍ରଙ୍କ ଶର ରୂପ ଅଗସ୍ତ୍ୟ ଗ୍ରାସ କଲା । ତ୍ରିଶିର ରାକ୍ଷସର ଶିର ବତାସରେ ତାଳ ଝଡ଼ିଲା ପ୍ରାୟ ରାମଙ୍କ ଶରରେ ଝଡ଼ି ପଡ଼ିଲା ।

୮୪ତମ ପଦ:—ରାମଚନ୍ଦ୍ର ଶୁଦ୍ଧ କବି ପରି ଦଣ୍ଡକାରଣ୍ୟ ରୂପ କାବ୍ୟରୁ ଦୂଷଣ ରାକ୍ଷସ ରୂପ ଦୋଷକୁ ନିଜ ଶୌର୍ଯ୍ୟ ଗୁଣରେ ବିଶୋଧନ କରି ଦେଲେ । ( ଯେପରି ଦୋଷଜ୍ଞ ପଣ୍ଡିତ କାବ୍ୟରୁ ଦୋଷ କାଟି ଦେଇ କାବ୍ୟକୁ ବିଶୁଦ୍ଧ କରି ଦିଏ, ସେହିପରି ରାମଚନ୍ଦ୍ର ଦୂଷଣକୁ ନାଶ କରି ଦଣ୍ଡକାରଣ୍ୟକୁ ଭୟ ଶୂନ୍ୟ କରି ଦେଲେ )।

୮୫ତମ ପଦ:—ରାମଚନ୍ଦ୍ରଙ୍କ ଶ୍ରେଷ୍ଠ ଶର ବ୍ୟାଘ୍ର ପରି ବିକ୍ରମି ଯାଇ ଗଧଭଳିଆ ଖର ଅସୁରକୁ କଣ୍ଟକ ମାନଙ୍କେ ବିଦାରି ଭଲେ ପକାଇ ଦେଲା ।

୮୬ତମ ପଦ:—ରାମଚନ୍ଦ୍ର ଅସ୍ତ୍ର ପ୍ରୟୋଗରେ ମନ୍ତ୍ର ଯୁକ୍ତ ହୋଇଥିବାରୁ ଗୁଣିଆ ମନ୍ତ୍ର ପାଠ କଲେ ଯେପରି ଡାକିଣୀମାନେ ଅଁ କରି ପଳାଇଯାନ୍ତି, ସେହିପରି ସୂର୍ପଣଖା ପଳାଇଗଲା ।

୮୭ତମ ପଦ:—ଶେଷରେ ରାମଚନ୍ଦ୍ର ପର୍ଣ୍ଣକୁଟିଆକୁ ବିଜେ କରି ଗଲେ । ସେତେବେଳେ ତାଙ୍କ ମୁଖରେ ବିନ୍ଦୁ ବିନ୍ଦୁ ଝାଳ ଲାଗି ରହିଥାଏ ।

ବନରୁହରୁ ଜନମ ହୋଇ ତୁଷାର ।
ବରୋଧୀ ନାହିଁ ଅଧିକେ ବଶି ରୁଚିର । ୮୮ ।
ବର୍ଷ୍ମ ସ୍ୱେଦେ ରକ୍ତପାତେ ପବନବଳେ ।
ବଦ୍ରୁମ ଅଙ୍କୁର ଦେଇ ମର୍କତଶିଳେ । ୮୯ ।
ବଚେଷ କର୍ମକୃତରୁ ଅଦ୍ଭୁତ ହୋଇ ।
ବହାର ଗହ୍ୱରୁ ରାମା ଅନୁଜ ଦୁଇ । ୯୦ ।
ବଖ୍ୟାତ ଓଳଗ ଭକ୍ତ ମହା ସନ୍ତୋଷ ।
ବଧୌତ ଅଙ୍ଗ ସରିତେ ଜାନକୀ-ଈଶ । ୯୧ ।
ବସ୍ମାଣୋଇ ପଦେ ଛାନ୍ଦ ଅତି ମାଧୁରୀ ।
ବୀରବର ଉପଇନ୍ଦ୍ର ଭଞ୍ଜ ବସ୍ତିର । ୯୨ ।

—*—

୮୭ତମ ପଦ:—ପଦ୍ମବଦନ—କୁଣ୍ଡଆଧାର । ବଦନ—ମୁଖ ।
୮୮ତମ ପଦ:—ବନରୁହ—ପଦ୍ମ । ତୁଷାର—ହିମକଣା ।
୮୯ତମ ପଦ:—ବର୍ଷ୍ମ—ଦେହ । ସ୍ୱେଦ—ଝାଳ । ବଦ୍ରୁମ—ପୋହଳା ।

୮୮ତମ ପଦ:—ପଦ୍ମରୁ କାକର ଜାତ ହୋଇ ତାହାର ଶତ୍ରୁ ହୋଇଥାଏ, ମାତ୍ର ସେ ସ୍ୱେଦବିନ୍ଦୁ ରୂପ କାକର ମୁଖପଦ୍ମରୁ ଜାତ ହୋଇ ସୁଦ୍ଧା ଶତ୍ରୁ ହୋଇ ନାହିଁ । ବରଂ ଅଧିକରେ ମନୋହରତା ବଢ଼ାଇଅଛି ।

୮୯ତମ ପଦ:—ଦେହ ଝାଳଯୁକ୍ତ ହୋଇଥିବାରୁ ଓ ତହିଁରେ ବାୟୁଯୋଗେ ଆସି ରକ୍ତବିନ୍ଦୁମାନ ଲାଗିଥିବାରୁ, ତାହା ମରକତ ଶିଳାରେ ପୋହଳା ଗଜୁରିଲା ପ୍ରାୟ ଶୋଭା ଦେଖାଯାଉ ଅଛି ।

୯୦ତମ ପଦ:—ରାମଚନ୍ଦ୍ର ଆଶ୍ଚର୍ଯ୍ୟ କର୍ମ କରିବାରୁ ଯିନା ଏପରି ଆଶ୍ଚର୍ଯ୍ୟ ଘଟନା ଘଟିଲା ! ( ମରକତ ଶିଳାରୁ ପୋହଳା ଗଜୁରିଲା ) । ରାମଙ୍କୁ ଦେଖି ସୀତା ଓ ଲକ୍ଷ୍ମଣ ପର୍ବତ ଗହ୍ୱରରୁ ବାହାରିଲେ ।

୯୧ତମ ପଦ:—ରାମଙ୍କୁ ଦେଖି ସୀତା ଓ ଲକ୍ଷ୍ମଣ ଦୁହେଁ ମହାସନ୍ତୋଷ ହୋଇ ଓଳଗିଲେ । ରାମ ଗୋଦାବରୀ ନଦୀରେ ସର୍ବାଙ୍ଗ ଧୌତ କଲେ ।

୯୨ତମ ପଦ:—ଏହି ଛାନ୍ଦ ବସ୍ମାଣୋଇ ପଦରେ ବୀରବର ଉପେନ୍ଦ୍ର-ଭଞ୍ଜ ଅତି ମାଧୁର୍ଯ୍ୟର ସହିତ ବିରଚନ କଲେ ।

—*—

## ଚତୁର୍ବିଂଶ ଛାନ୍ଦ

### ରାଗ—କୁମ୍ଭୋକାମୋଦୀ

ବିନାଶ ନାସା ଶ୍ରବଣ ସୂର୍ପଣଖା ପ୍ରବେଶ ଲଙ୍କାର ।
ବୃକ୍ଷ ପାଟଳୀରୁ ଫୁଲ ଝାଡ଼ି ଉଡ଼ି ଯାଉଛି କି କୀର ?
ବଦେ ନେତ୍ରୁ ଅଶ୍ରୁ ପତ୍ରୁ କି ପଡ଼ୁଛି ପଡ଼ିଲା ତୁଷାର ।
ବାରକାପୂରେ ଧୈର୍ଯ୍ୟ ମୂଳ ଉପୁଡ଼ି ପଡ଼ିଲା ପ୍ରକାର । ୧ ।
ବିଂଶପାଣି ଆଗେ ପଡ଼ୁଁ ପୁଚ୍ଛି ବେଗେ ଏ ଦଣ୍ଡ କେ ଇଚ୍ଛି ।
ବହ୍ନିଣୀ ତୁ ମୋର ନ ଜାଣି ସଂସାରମଧ୍ୟରେ କେ ଅଛି ?
ବୃଷା ବୃଷାସନ ବାସୁକି ଅଧୀନ ନୋହେ ଏ ଉଚିତେ ।
ବନ୍ଧା ପୁରେ କଇଳାସ ଉପାଡ଼ନ୍ତେ ଜାଣନ୍ତି ସେ ମୋତେ । ୨ ।

---

୧ମ ପଦ:—କୀର—ଶୁକପକ୍ଷୀ ।
୨ୟ ପଦ:—ବିଂଶପାଣି—ରାବଣ । ବୃଷା—ଇନ୍ଦ୍ର । ବୃଷାସନ—ମହାଦେବ ।

---

## ଚତୁର୍ବିଂଶ ଛାନ୍ଦ

୧ମ ପଦ:—ନାସା ଓ ଶ୍ରବଣ ଛେଦନ ହୋଇଥିବା ସୂର୍ପଣଖା ଯାଇ ଲଙ୍କାପୁରରେ ପ୍ରବେଶ ହେଲା । ସେ ଶୀଘ୍ର ଗତିରେ ଗଲାବେଳେ ବୋଧହେଲା, ପାଟଳି ବୃକ୍ଷରୁ ଫୁଲସବୁକୁ ଝଡ଼ାଇ ଦେଇ ଶୁକପକ୍ଷୀ ଉଡ଼ିଯାଉଛି କି ? ସବରେ ପାଟଳପତ୍ରରେ ପଡ଼ିଥିବା କାକର ପତ୍ରରୁ ଖସିପଡ଼ିଲା ପ୍ରାୟ ତା ନେତ୍ରରୁ ଲୋତକ ବହୁଅଛି, ବତାସ ପବନରେ ପାଟଳି ବୃକ୍ଷ ଉପୁଡ଼ି ପଡ଼ିଲା ପରି ସୂର୍ପଣଖାର ଧୈର୍ଯ୍ୟ ବୃକ୍ଷ ଉପୁଡ଼ି ପଡ଼ିଲା । (ସୂର୍ପଣଖାର ଦେହ ପାଟଳି ବୃକ୍ଷ, କର୍ଣ୍ଣ ଓ ନାସିକାରୁ ବନ୍ଦୁ ବନ୍ଦୁ ହୋଇ ଖସି ପଡ଼ୁଥିବା ରକ୍ତ ପାଟଳି ଫୁଲ ସହିତ ଉପମିତ ) ।

୨ୟ ପଦ:—ସୂର୍ପଣଖା ଯାଇ ରାବଣ ଅଗ୍ରତରେ ପଡ଼ିଯାନ୍ତେ, ସେ ଶୀଘ୍ର ପଚାରିଲା, "ତୋତେ ଏ ଦଣ୍ଡ କିଏ ଦେଲା ? ତୁ ମୋର ଭଉଣୀ, ଏହା ସଂସାର-ମଧ୍ୟରେ କିଏ ନ ଜାଣିଛି ? ସ୍ୱର୍ଗର ଇନ୍ଦ୍ର, ମର୍ତ୍ତ୍ୟର ମହାଦେବ, ପାତାଳର ବାସୁକିଙ୍କ ଦ୍ୱାରା ଏହା ଘଟିବା ସମ୍ଭବ ନୁହେ । କାରଣ ମୋ ପୁରଦ୍ୱାରା ବନ୍ଧା ହୋଇଥିବାରୁ ଏବଂ ମୁଁ କୈଳାସ ପର୍ବତ ଉପାଡ଼ନ୍ତେ ଇନ୍ଦ୍ର, ମହାଦେବ ଓ ବାସୁକି ମୋତେ ଜାଣିଛନ୍ତି ।"

ବାଜୀଦଇବତ ଶିଘ୍ର ଆଜ ହତ କରିବି ଅବଧି ।
ବଢ଼ି କି ବେଗ ଏ ଦଶା ହେଲା ବେଗ ନ ଦେଲେ ଔଷଧି ।
ବୋଇଲା ଅନୂଜା ନାଗକାନ୍ତି ରାଜା ଜଗତବଇଶ୍ୱି ।
ବନ୍ଧି କି ହେବ ନେତ୍ର ମଦେ ମୁଦ୍ରିତ ପ୍ରତିଚକ୍ଷୁ ପରି । ୩ ।
ବାର୍ତ୍ତାବହ ସ୍ୱାନ ବସ୍ତୁ ପାଠମାନ ଗୋଚର ହେବାକୁ ।
ବଧି ତ୍ରିଶିର ଦୂଷଣ ଖର ମୋତେ ଏ ଦଣ୍ଡ ଦେବାକୁ ।
ବନୌକା ବେଶେ ନାମ ରାମ ଲକ୍ଷ୍ମଣ ଅଯୋଧ୍ୟା ନରେଶ ।
ବେନକୁମର ବାମା ତାଙ୍କ ସଙ୍ଗର ଦଣ୍ଡକେ ନିବାସ । ୪ ।
ବ୍ରହ୍ମା କୋଟି କନ୍ୟା ପରି ଗୋଟିଏ ଗଢ଼ିବେ କି କରି ।
ବ୍ରହ୍ମାଣ୍ଡ ଲକ୍ଷରେ ଖୋଜିଲେ ଲକ୍ଷ୍ୟରେ ନ ଥିବ ସୁନ୍ଦରୀ ।

---

୩ୟ ପଦ:—ବାଜୀଦଇବତ—ଅଶ୍ୱିନୀକୁମାର ( ସ୍ୱର୍ଗବୈଦ୍ୟ ) । ଶିଘ୍ର—ଦମ୍ପତି । ଅନୂଜ—ସାନ ଭଉଣୀ । ମଦେ—ଗର୍ବରେ ।

୪ର୍ଥ ପଦ:—ବାର୍ତ୍ତାବହ—ଦୂତ । ବନୌକା—ବନବାସୀ, ଋଷି । ବାମା—ସ୍ତ୍ରୀ ।

---

୩ୟ ପଦ:—"ମୁଁ ଆଜ ସ୍ୱର୍ଗବୈଦ୍ୟ ଅଶ୍ୱିନୀକୁମାରଙ୍କ ସମ୍ପତ୍ତି ନଷ୍ଟ କରିଦେବି । କି ବେଗ ହୋଇ ବଢ଼ି ବଢ଼ି ଯେ ଏ ଦଶା ଘଟିଲା; ନାକ କାନ ଛିଣ୍ଡିଗଲା,—ସେଥିପାଇଁ ସେ ଔଷଧି ନ ଦେଲେ କାହିଁକି ?" ଏହା ଶୁଣି ସାନ ଭଉଣୀ ସୂର୍ପଣଖା କହିଲା, "ରାଜାମାନେ ନାଗସର୍ପଙ୍କ ପରି ଜଗତର ଶତ୍ରୁ ଅଟନ୍ତି, ତୁମ୍ଭର ଚକ୍ଷୁ ଥାଇ ବା କଣ ହେବ ? ଗର୍ବରେ ତା ମୁଦ୍ରିତ ହୋଇ ଯାଇଛି । ସେଥିପାଇଁ ତୁମ୍ଭର ପ୍ରତିଚକ୍ଷୁ (ଚଶମା) ଦେବା ଦରକାର ପଡ଼ୁଛି ।"

୪ର୍ଥ ପଦ:—ବୃଦ୍ଧଲୋକ ହେଲେ ପ୍ରତିଚକ୍ଷୁ ଲଗାଇ ଯେପରି ଲୋକେ ପଢ଼ିପାରନ୍ତି, ସେହିପରି ରାଜାମାନେ ଦୂତରୂପ ପ୍ରତିଚକ୍ଷୁ ଦ୍ୱାରା ସଂସାରର କଥାମାନ ଜାଣିପାରନ୍ତି । ତୁମ୍ଭର ଦୂତରୂପ ପ୍ରତିଚକ୍ଷୁ ନ ଥିବାରୁ ତୁମ୍ଭେ କିଛି ଜାଣିପାରୁ ନାହିଁ । ତ୍ରିଶିର, ଦୂଷଣ ଓ ଖର ଏ ତିନି ରାକ୍ଷସଙ୍କୁ ବିନାଶ କରି ମୋତେ ଏ ଦଣ୍ଡ ଦେବାପାଇଁ ଅଯୋଧ୍ୟା ଦେଶର ନରପତି ଦଶରଥଙ୍କ ଦୁଇ ପୁଅ ଗୋଟିଏ ସ୍ତ୍ରୀ ସଙ୍ଗରେ ବେଶ ବନବାସୀ ହୋଇ ଦଣ୍ଡକାରଣ୍ୟରେ ରହିଅଛନ୍ତି ।"

୫ମ ପଦ:—"କୋଟିଏ ବ୍ରହ୍ମା ମିଳିତ ହୋଇ ସେ ସ୍ତ୍ରୀପରି ଆଉ ଗୋଟିଏ ସ୍ତ୍ରୀ ଗଢ଼ି ପାରିବେ ନାହିଁ । ଲକ୍ଷ ସଂଖ୍ୟକ ବ୍ରହ୍ମାଣ୍ଡରେ ଖୋଜିଲେ ସେ ସ୍ତ୍ରୀ ସଦୃଶ ସୁନ୍ଦରୀ ଆଉ ମିଳିବେ ନାହିଁ । ମୁଁ ଦେଖିଛି,—ରମ୍ଭା ଉର୍ବଶୀ ତା ଆଗରେ ଆସି

ଭବେ ନୃତ୍ୟ ଆସି ରମ୍ଭା ଉରୁବଶୀ ତୋ ଆଗେ ଦେଖିଛୁ ।
ବନିତାମଣି ଦାସୀପଣେ ନ ଗଣି ମୋ ମନେ ରଖିଛୁ । ୫ ।
ବଦନ ଓଷ୍ଠ ସୁଷମା କରି ପୁଷ୍ଟ ପୂର୍ଣ୍ଣିମୀ ପ୍ରାଚୀକ ।
ବିଧୁ ବାଳାର୍କ ବ୍ୟାଜେ ରୌପ୍ୟ ମାଣିକ୍ୟ ଥାଳୀକି ରଚ କି ?
ବନ୍ଦାଣ ମ ସକେ ରଚେ କେ ଭକ୍ତ କେ କେ ନିତ୍ୟ ବନ୍ଦାଇ ।
ବିହଙ୍ଗ ଆଳୀ ଦ୍ୱିକାଳେ ହୁଳହୁଳୀ ଛନ୍ଦିକି କ ଦେଇ । ୬ ।
ବଦଇ ଶଙ୍ଖ କୋବିକା ହେବା ଯୋଖ ଏକାଳ ସୁରୁଚ ।
ବାସରମୁଖେ ସନ୍ଧ୍ୟାରେ ଭ୍ରମି ଦୁଃଖେ ଦେଖନ୍ତି ସେ ଲୁଚ ।
ବିଭୂଷା ସୁବର୍ଣ୍ଣ ଯେ ସହସ୍ର ବାନ ପିଞ୍ଜର ଘର ରେ ।
ବର୍ଣ୍ଣିକୁ କଙ୍କନ ବଶେ ଏଟଡ଼ି ବାନ ଥାଇ ତା ଶରୀରେ । ୭ ।

୬ଷ୍ଠ ପଦ:—ସୁଷମା—ପରମା ଶୋଭା ବା ଅତ୍ୟନ୍ତ ଶୋଭା । ପ୍ରାଚୀ—ପୂର୍ବଦିଗ । ବିଧୁ—ଚନ୍ଦ୍ର । ବାଳାର୍କ—ବାଳସୂର୍ଯ୍ୟ । ବିହଙ୍ଗଆଳୀ—ପକ୍ଷୀରୂପ ସଖୀ ।

୭ମ ପଦ:—ସୁରୁଚ—ମନୋହର । ବାସରମୁଖେ—ସକାଳେ । ବିଭୂଷା—ଅଳଙ୍କାର । ପିଞ୍ଜର—ପିତ୍ତଳ । ବାନ—ରେଖ ।

ନୃତ୍ୟ କରନ୍ତି । ମାତ୍ର ସେ ସ୍ତ୍ରୀରତ୍ନର ଦାସୀପଣକୁ ସୁଦ୍ଧା ଏମାନେ ଗଣନା ହୋଇ ପାରିବେ ନାହିଁ ।"

୬ଷ୍ଠ ପଦ:—"ସେ ସ୍ତ୍ରୀର ମୁଖ ଓ ଓଷ୍ଠର ସୌନ୍ଦର୍ଯ୍ୟ ଦେଖି ମନେ ହୁଏ, ମାସକରେ ଥରେ ପୂର୍ଣ୍ଣିମା ପୂର୍ଣ୍ଣଚନ୍ଦ୍ର ରୂପ ରୁପାଥାଳରେ ଓ ପ୍ରତିଦିନ ସକାଳେ ପୂର୍ବଦିଗ ବାଳସୂର୍ଯ୍ୟରୂପ ମାଣିକ୍ୟଥାଳୀରେ ଭକ୍ତିକ ମନରେ ତାଙ୍କ ମୁଖ ଓ ଓଷ୍ଠକୁ ବନ୍ଦାପନା କରନ୍ତି କି ? ପୁଣି ପୂର୍ବଦିଗ ବନ୍ଦାପନା କଲାବେଳେ ପକ୍ଷୀସମୂହ ଦିଗର ସଖୀ ରୂପେ ଦୁଇବେଳା ହୁଳହୁଳି ଦେଉଥାନ୍ତି କି ?"

୭ମ ପଦ:—"ପୂର୍ଣ୍ଣଚନ୍ଦ୍ର ଓ ବାଳସୂର୍ଯ୍ୟ ସକାଳେ ଓ ସନ୍ଧ୍ୟା ସମୟରେ ଅଧିକ ସୁନ୍ଦର ଦେଖା ଯିବାରୁ କାଳେ ମନେ କରିବେ ଯେ, ଆମେ ସେ ସ୍ତ୍ରୀ ମୁଖ ସହିତ ସମାନ, ସେଥିପାଇଁ ପ୍ରାତଃକାଳରେ ଓ ସନ୍ଧ୍ୟା ସମୟରେ ଦେବାଳୟରେ ବାଜୁଥିବା ଶଙ୍ଖ କହି ଦିଏ,—ନା ତୁମ୍ଭେ ତାଙ୍କ ସହିତ ସମାନ ହେବ ନାହିଁ । ଶଙ୍ଖରେ ବୁଝି ପାରି ଚନ୍ଦ୍ର ଓ ସୂର୍ଯ୍ୟ ଦୁଃଖମନରେ ଯଥାକ୍ରମେ ରବି ଯାକ ଓ ଦିନଯାକ ଘୂରି ବୁଲି ସକାଳ ହେଲେ ଓ ସନ୍ଧ୍ୟା ହେଲେ ମୁହଁ ଲୁଚାନ୍ତି । ସେ ସ୍ତ୍ରୀର ଦେହ ରୂପ ଏଡ଼େ ଶୋଭାସ୍ଥାନ ଯେ, ତାହା ଦେହରେ ଥିବା ସହସ୍ର ସ୍ୱର୍ଣ୍ଣ ସୁବର୍ଣ୍ଣର ଅଳଙ୍କାରମାନ ପିତ୍ତଳପ୍ରାୟ ପ୍ରକାଶ ଦେଖା ଯାଉଅଛି ।"

ବଲ୍ଲଭୀ ଯେ ତୋର ସଂସାରର ସାର ତହିଁର ମଧ୍ୟରେ ।
ବଡ଼ ସୁନ୍ଦରୀ ବୋଲାଇ ମନ୍ଦୋଦରୀ କାହିଁକି ବସ୍ତୁରେ ?
ବିଧ୍ୱଂସି ହେଲା ସେ ସଂଶୟ ଉଭସେ ତାହାର ଦର୍ଶନେ ।
ବିଧାତା ଛନ୍ଦ ରଖିଛି ନାମେ ମନ୍ଦ ଏହାର ଯତନେ । ୮ ।
ବର ଦେବତାଙ୍କୁ ମାରି ମୁଁ ତାହାକୁ ଆଣନ୍ତି ତୋ ପାଇଁ ।
ବକ୍ତ୍ରତରୂପେ ଯାଇଁ ତାଙ୍କ ସମୀପେ ଏ ଦଣ୍ଡ ସେ ଦେଇ ।
ବିକ୍ରମି ଲୋକନେ ତ୍ରିଶିର ଦୂଷଣେ ସବଳେ ଖରହିଁ ।
ବିରଚି ସମର ଗଲେ ଯମପୁର ଅଇଲି ମୁଁ କହି । ୯ ।
ବଳଶ୍ରେଷ୍ଠ ଗଣ୍ଡସ୍ଥ ମାନ ଯେବେ ଉଦ୍ଧରି ପାରିବ ।
ବାରିଧି ଜୀବନେ ଜୀବନ ତେଜିବା ତେବେ ମୋ ନୋହିବ ।

---

୧୦ମ ପଦ:—ବଳଶ୍ରେଷ୍ଠ—ମହାପରାକ୍ରମୀ । ଗଣ୍ଡସ୍ଥମାନ—ନାକ କାନ କାଟିବାରୂପ ଗୁରୁତର ଅପମାନ । ବାରିଧି—ସମୁଦ୍ର । ଜୀବନେ—ଜଳରେ । ଜୀବନ—ପ୍ରାଣ । ବଇଶ୍ରବଣ—ରାବଣ । ବିଶ୍ୱପ୍ରପଞ୍ଚରେ—ସମଗ୍ର ସଂସାରରେ ।

---

୮ମ ପଦ:—"ତୁମ୍ଭର ପ୍ରିୟତମାମାନେ ଏ ସଂସାରରେ ଶ୍ରେଷ୍ଠା, ପୁଣି ସେମାନଙ୍କ ମଧ୍ୟରେ ମନ୍ଦୋଦରୀ ବଡ଼ ସୁନ୍ଦରୀ । ମାତ୍ର ତା ନାମ ମନ୍ଦୋଦରୀ କାହିଁକି ହେଲା—ମୁଁ ସେ କଥା ଭାବୁଥିଲି । ସେ ସ୍ତ୍ରୀକୁ ଦେଖିବାରୁ ମୋର ପୂର୍ବର ସଂଶୟ ଶୀଘ୍ର ବିନାଶ ହେଲା । ମନ୍ଦୋଦରୀ ନାମରେ ବିଧାତା କପଟ କରି ମନ୍ଦ ଶବ୍ଦକୁ ଯତ୍ନ ସହିତ ରଖିଅଛି । ( ମନ୍ଦୋଦରୀର ଶୋଭା ସେ ସ୍ତ୍ରୀର ସୌନ୍ଦର୍ଯ୍ୟଠାରୁ 'ମନ୍ଦ' ଅର୍ଥାତ୍ ନ୍ୟୂନ—ସେଥିପାଇଁ ବିଧାତା ତା ନାମ ମନ୍ଦୋଦରୀ ଦେଇଅଛି ) ।"

୯ମ ପଦ:—"ତୋର ସ୍ୱାମୀ ଓ ଦିଅରକୁ ମାରି ମୁଁ ତୁମ୍ଭ ପାଇଁ ସେ ସ୍ତ୍ରୀକୁ ଆଣିବାକୁ ଖର ଭୟଙ୍କର ରୂପରେ ତାଙ୍କ ପାଖକୁ ଯିବା'ରୁ, ସେ ମୋତେ ଏ ଦଣ୍ଡ ଦେଲେ । ମୋର ଏ ଦଣ୍ଡ ଦେଖି ତ୍ରିଶିର, ଦୂଷଣ ଓ ଖର ସୈନ୍ୟ ଘେନି ବିକ୍ରମି ଯାଇ ଯୁଦ୍ଧ କରନ୍ତେ, ଯମପୁରକୁ ଗଲେ । ମୁଁ ତୁମ୍ଭଙ୍କୁ ସେ କଥା କହିବା ପାଇଁ ଆସିଲି ।"

୧୦ମ ପଦ:—"ହେ ମହାପରାକ୍ରମୀ ! ଯେବେ ମୋର ଏ ଗୁରୁତର ଅପମାନକୁ ମୋତେ ଉଦ୍ଧାର କରି ପାରିବ, ତେବେ ସମୁଦ୍ର ଜଳରେ ମୋର ପ୍ରାଣ ତେଜିବା ନ ହେବ । ( ମୋର ଏ ଅପମାନ ନ ମେଣ୍ଟିଲେ, ମୁଁ ସମୁଦ୍ରରେ ବୁଡ଼ି

ବଇଶ୍ରବଣ ଶ୍ରବଣ କରି କହେ ହେବ ସେ ଜାନକୀ ।
ବିଶ୍ୱ ପ୍ରପଞ୍ଚରେ ଏତେ ସୁସଞ୍ଚରେ ସୌନ୍ଦର୍ଯ୍ୟ ଆନ କି ? ୧୦ ।
ବ୍ରହ୍ମର କର କର୍ଣ୍ଣ ନାସା ଚରଣ ନାହିଁ କି ଅବଜ୍ଞା ?
ଜଗତଶୋଚନା ହୁଅ ସୁଲୋଚନା ଦେଖ ମୋ ପ୍ରତିଜ୍ଞା ।
ବଳେ ବା କଇତବେ ତା ଅବଳା ଏବେ ଆଣିବି ମୁଁ ହରି ।
ବନେ ବେନି ଭ୍ରାତ ଝୁରି ହେବେ ହତ ଭକ୍ଷ ତୁ ବିହରି । ୧୧ ।
ବିରସ ଶୁଣି ସକଳ ରାଣୀଶ୍ରେଣୀ ଦୁର୍ଭାଗ୍ୟ ଶଙ୍କାରେ ।
ବିଧବା ହେବାରେ ଡରି ମନ୍ଦୋଦରୀ ବଚନ ଉଚ୍ଚାରେ ।
ବାଚେ ସ୍ୱଲେଖନ ଶ୍ଳୋକେ ଅବଧାନ ନୋହୁଛି କାହିଁ କି ?
ବାରି କି ବାରିଜାକ୍ଷି ଅନୁକୂଳରେ ? ବୋଇଲ ତହିଁ କି । ୧୨ ।

---

୧୧ଶ ପଦ:—ଅବଜ୍ଞା—ଅନାଦର । ଜଗତଶୋଚନା—ଶୋକସ୍ଥାନା । ସୁଲୋଚନା—ସୁନେତ୍ରୀ । କଇତବେ—କପଟରେ ବା ଛଳରେ ।

---

ମରିବା) ।" ରାବଣ,ସୂର୍ପଣଖା କଥା ପାକ ଶୁଣି କହିଲ', "ସେ ନିଶ୍ଚୟ ଜନକକନ୍ୟା ହେବ । ସମଗ୍ର ସଂସାରରେ ଏପରି ସୁନ୍ଦରୀ ସ୍ତ୍ରୀ ଆଉ କେଉଁଠାରେ ନାହିଁ ।"

୧୧ଶ ପଦ:—ରାବଣ ପୁଣି କହିଲା, "ବ୍ରହ୍ମପଦାର୍ଥର ନାକ, କାନ ଓ ହାତଗୋଡ଼ ନାହିଁ—ତଥାପି ସେ ଅବମାନନା ପାଏ କି ? ( ସେହିପରି ତୋର ନାସା କର୍ଣ୍ଣ ନ ଥିଲେ ସୁଦ୍ଧା ତୋତେ ଅବମାନନା କରିବାକୁ କେହି ସାହାସ କରିବେ ନାହିଁ । କାରଣ ତୁ ମୋର ଭଉଣୀ) । ହେ ସୁଲୋଚନା ! ତୁ ଶୋକ କର ନାହିଁ । ଏବେ ମୋର ପ୍ରତିଜ୍ଞା ଦେଖ ! ବଳେ ନ ହେଲେ କପଟରେ ତାହାର ଭାର୍ଯ୍ୟାକୁ ମୁଁ ହରି ଆଣିବି । ତାହା ହେଲେ ବନରେ ସେ ଦୁଇ ଭାଇ ସ୍ତ୍ରୀକୁ ଝୁରି ଝୁରି ମରିବେ । ତୁ ସେ ବନକୁ ଯାଇ ତାଙ୍କୁ ଭକ୍ଷଣ କରିବୁ ।"

୧୨ଶ ପଦ:—ରାବଣର ବଚନ ଶୁଣିପାରି ( ବଳେ ବା କୌଶଳରେ ତାହା ଭାର୍ଯ୍ୟାକୁ ହରି ଆଣିବି ଏହି ବଚନ ) ରାଣୀମାନେ "ଆମେ ଏଣିକି ଆଉ ଆଦୃତା ହେବୁ ନାହିଁ"—ଏହି ଆଶଙ୍କା କରି ବିରସ ହେଲେ । (ରାବଣ ସୀତାଙ୍କୁ ଆଣିଲେ ଆଉ ଆମ୍ଭଙ୍କୁ ପଚାରିବେ ନାହିଁ) । କିନ୍ତୁ ବୁଦ୍ଧିମତୀ 'ମନ୍ଦୋଦରୀ ବିଧବା ହେବା ଭୟରେ କହିଲା, କାନ୍ଥରେ ଆପଣା ହସ୍ତରେ ଲେଖିଥିବା ଶ୍ଳୋକକୁ ଦେଖୁନାହିଁ କାହିଁକି ? [ ରାବଣ କାନ୍ଥରେ ଲେଖି ରଖିଥିଲା ଯେ, ସୀତାହରଣ ରାବଣ ମରଣ ] ।" ତା ଶୁଣି ରାବଣ କହିଲା, "ହେ ପଦ୍ମଲୋଚନେ ! ଅନୁକୂଳ କାଳ ସମୟରେ ନିଷେଧ କରିବା ଉଚିତ କି ? (ନିଷେଧ କର ନାହିଁ ) ।"

ଏମାନେ ଆରୋହି ଅଭିମାନେ ଯାଇ ତପ୍ତରୁ ମାନସେ ।
ବୁଦ୍ଧି ସ୍ଫୁରିଲା ମାରୀଚ ପାଶେ ଗଲା ବିନୋସ୍ମୀ ଗ୍ରହ୍ଣି ସେ ।
ବୋଇଲା ଚାତକ ପ୍ରାପ୍ତ ମୁଁ ଯାଚକ ଆସିଛି ତୃଷାରେ ।
ବାରିଦ ତୁହି ଆଶାରେ ଉଦେ ହୋଇ ରସ ଦେ ଭରିତେ । ୧୩ ।
ବୋଲେ ସୁଦାମ୍ନଜ ତୁ ରାଜାଧିରାଜ କି ଦେବି ତୋତେ ମୁଁ ?
ବଧ ଜନମ ଭ୍ରାତା ମୋ ସୈନ୍ୟ ସେନ ଗଲଛି କି ଧର୍ମେ ।
ବଂଶଭୂଜ ଭଣି ବଇଶ କେ ପୁଣି କହ ମୋରେ ତାକୁ ।
ବାଞ୍ଛା ବନ୍ଧୁ ହୋଇ ନ ଦେଲୁ କପାଇଁ ଶତ୍ରୁ ହେବାକୁ ? ୧୪ ।
ବୁଝି ପାରାବାର ବାଣରେ ସୋଦରଙ୍କୁ ଦେଖାଇ ।
ସାରକେଶ ଧରି ମାରିବାକୁ ଅରି ବାହାର ଡାକଇ ।

---

୧୩ଶ ପଦ:—ବାରିଦ—ମେଘ । ଆଶା—ଦିଗ । ରସ—ଜଳ, ଅନୁରାଗ ।

୧୪ଶ ପଦ:—ସୁଦାମ୍ନଜ—ମାରୀଚ । ରାଜାଧିରାଜ—ମହାରାଜ ।

୧୫ଶ ପଦ:—ପାରାବାର—ସମୁଦ୍ର । ସାରକେଶ—ନଖ । ତାଡ଼କା ନନ୍ଦନ—ମାରୀଚ ।

---

୧୩ଶ ପଦ:—ତପ୍ପରେ ରାବଣ ରଥରେ ବସି ଅଭିମାନଭରେ ମନରେ ବିଚାର କରି ଯାଉ ଯାଉ ଏକ ବୁଦ୍ଧି ଦେଖାଗଲା । ( ମାରୀଚ ପାଖକୁ ଗଲେ କାର୍ଯ୍ୟ ସିଦ୍ଧି ହେବ—ଏହି ବୁଦ୍ଧି । ) ସେ ମାରୀଚ ପାଖକୁ ଯିବାରୁ ମାରୀଚ ତାକୁ ଦେଖି ବିନମ୍ରୀ ହେଲା । ରାବଣ କହିଲା, "ମୁଁ ତୃଷ୍ଣାତୁର ଚାତକ ପକ୍ଷୀ ପ୍ରାପ୍ତ ପ୍ରାର୍ଥୀ ହୋଇ ଆସିଅଛି । ତୁ ମେଘ ପରି ମୋର ପ୍ରାର୍ଥନାରୂପ ଦିଗରେ ଉଦେ ହୋଇ ଅନୁରାଗରୂପ ଜଳକୁ ଶୀଘ୍ର ଦାନ କର ।" ( ମୋର କାମନା ପୂର୍ଣ୍ଣ କରିବାକୁ ତତ୍ପର ହୁଅ ) ।

୧୪ଶ ପଦ:—ରାବଣର କଥା ଶୁଣି ମାରୀଚ ଉତ୍ତର ଦେଲା, "ତୁମ୍ଭେ ରାଜାଧିରାଜ, ତୁମ୍ଭଙ୍କୁ ମୁଁ ବା କଣ ଦେବି ? ମୋ ଜନମ ତାଡ଼କା ଓ ସୈନ୍ୟସହ ଭାଇ ସୁବାହୁ ମଲେ । କେଉଁ ଧର୍ମବଳରୁ ମୁଁ ବଞ୍ଚି ରହିଛି ସିନା !" ଏହା ଶୁଣି ରାବଣ କହିଲା, "ତୋର ପୁଣି ଶତ୍ରୁ କିଏ କହ; ମୁଁ ତାକୁ ବିନାଶ କରିବି । ତୁ ମୋର ବନ୍ଧୁ ହୋଇ ଶତ୍ରୁ ହେବା ପାଇଁ ମୋତେ ଖବର ନ ଦେଲୁ କାହିଁକି ?

୧୫ଶ ପଦ:—ତତ୍ପରେ ରାବଣ ଭ୍ରାତୃଭାବ ଦେଖାଇବା ନିମିତ୍ତ ସମୁଦ୍ରରେ ସ୍ନାନ କରି ଆସି ନଖରେ ହାତ ବୁଲାଇ ଶତ୍ରୁ ମାରିବାପାଇଁ ଗର୍ଜନ କରିଲା; "ଆ, ତୋର ଶତ୍ରୁକୁ ମାରିବା !" ଏହା ଶୁଣି ତାଡ଼କାନନ୍ଦନ ମାରୀଚ

ବୋଇଲା ତାଡ଼କାନନ୍ଦନ ତହିଁକି ବସ ହେ ଭୂପତି ।
ବହ୍ନିକି ଜ୍ୱଳିବା ଭକ୍ଷ ଶାନ୍ତି ହେବା ଉପାୟେ ଅଛନ୍ତି । ୧୫ ।
ବିନା ଉପାୟେ ରାଘବ ଶରଚୟେ ଯମର ସେ ଯମ ।
ବିଷ୍ଣୁ ହେଲେ ହେବ ଆଉ ତ ନ ଥିବ ତାହାକୁ କେ ସମ ?
ବଡ଼ କହିଲୁ ତ ବୋଲେ ଲଙ୍କନାଥ ନ ଡ଼ର ତୁ କହୁ ।
ବାଜି ବିଷ୍ଣୁଚକ୍ର ମୋ ହୃଦେ ପଦକ ପରାୟେ ଲାଗିଛି । ୧୬ ।
ବୋଲୁ ଯେ ରାଘବ ତାହାର ପୂର୍ବପୁରୁଷ ମାରିଛି ।
ବିଧାତା ଘଟନ ତୋର ମୋର ପୁଣ ବଇରୀ ହୋଇଛି ।
ବଧି ତୋ ଜନନୀ ଛେଦିଛି ମୋ ଭଗ୍ନୀ ନାସିକା ଶ୍ରବଣ ।
ବଳ ଭ୍ରାତା ହତ ହେଲେ ଏକମତ ପାଞ୍ଚିବା ମାରଣ । ୧୭ ।
ବକ୍ତ୍ରମାଳୀକି ମାରୀଚ ଛଳକ ତୋ ସାମର୍ଥ୍ୟ ବଡ଼ାଇ ।
ବାନ୍ଧିଲା ଅର୍ଜ୍ଜୁନ ତୋତେ ତା ଛେଦନ ଦର୍ପ ଯେ ଛଡ଼ାଇ ।

---

୧୮ଶ ପଦ:—ବକ୍ତ୍ରମାଳୀ—ରାବଣ । ସାମର୍ଥ୍ୟ—ବଳ । ଦାତ୍ୟୂହ—ଡାହୁକ ।

---

କହିଲା, "ହେ ରାଜା ବସ—କଥା ଶୁଣ । ଅଗ୍ନିରେ ଜ୍ୱଳିଯିବାର, ଭକ୍ଷ ଖାଇ ଶାନ୍ତି କରିବାର ଉପାୟ ଅଛି ।"

୧୬ଶ ପଦ:—ମାତ୍ର ରାମଙ୍କ ବାଣ ସବୁକୁ ଉପାୟ ନାହିଁ । ସେ ରାମ ଯମର ଯମ । ମୁଁ ବିଚାରୁଛି, କେବଳ ବିଷ୍ଣୁ ସେ ରାମଙ୍କୁ ସମ ନ ହୋଇ ପାରେ । [ ମାତ୍ର ଆଉ କେହି ତା ସମାନ ନାହାନ୍ତି ] ।" ମାରୀଚ ଏହା କହନ୍ତେ ରାବଣ ଉତ୍ତର ଦେଲା, "ତୁ ତ ବଡ଼ କଥାଟାଏ କହିଲୁ ? ସେ ବିଷ୍ଣୁ ସଙ୍ଗେ ସମାନ ହେବ ବୋଲି ଯାହା କହିଲୁ, ସେ ବିଷ୍ଣୁଙ୍କୁ ତ ମୁଁ ଡରେ ନାହିଁ । କାରଣ ସେ ବିଷ୍ଣୁର ଚକ୍ର [ସୁଦର୍ଶନଚକ୍ର] ମୋ ବକ୍ଷ ସ୍ଥଳରେ ବାଜି ପଦକ ପରି ରହିଅଛି ।"

୧୭ଶ ପଦ:—'ତୁ ଯେଉଁ ରାଘବକୁ ଏଡ଼େ ବଳିଷ୍ଠ ବୋଲି କହୁଛୁ, ମୁଁ ତାର ପୂର୍ବପୁରୁଷ ଅନରଣ୍ୟ ରାଜାକୁ ମାରିଛି । ଦୈବଯୋଗରେ ସେ ରାଘବ ପୁଣି ତୋ'ର ଓ ମୋର ଶତ୍ରୁ ହୋଇଛି । ସେ ତୋର ମାତାକୁ ବଧ କରିଛି ଓ ମୋ ଭଗ୍ନୀ ସୂର୍ପଣଖାର ନାସା କର୍ଣ୍ଣ ଛେଦନ କରିଅଛି । ତୋହର ଭାଇକୁ ଓ ମୋର ଭାଇ ଖର ଦୂଷଣାଦିଙ୍କୁ ସୈନ୍ୟ ସହ ବିନାଶ କରିଅଛି । ତେଣୁ ଦୁହେଁ ଯାକ ମିଶି ତାର ମରଣ କଥା ବିଚାର କରିବା ।"

୧୮ଶ ପଦ:—ରାବଣର କଥା ଶୁଣି ମାରୀଚ ଛଳ ପୂର୍ବକ କହିଲା, "ତୋ'ର ସାମର୍ଥ୍ୟ କେତେ କି ? ତୋତେ ଯେଉଁ ସହସ୍ରାର୍ଜ୍ଜୁନ ବାନ୍ଧିଥିଲା, ସେହି

ବଂଶ ନ ମରା ବାଗୁରୀଷ୍ଟ ପରା ହୋଇ ବିରୋଧ କରନା ।
ବିମ୍ବ କରି ଅମ୍ବୁ କୂପେ ସିଂହ ପ୍ରାୟ ବୁଡ଼ି ତୁ ମର ନା । ୧୮ ।
ବୋଲୁ ରମାମଣି ରାମାଙ୍କ କେ ଭଣି ବଧୂକୁ ବିଧୁକୁ ।
ବେଗେ ଆମେ ଦୁଇ ରାମ ମଣି କଷ୍ଟି ହୁଅଇ ବଧକୁ ।
ବିରାମ ଆରାମ କହୁଁ ହୋଇ ଭ୍ରମ ପଛକୁ ଅନାଇ ।
ବନ୍ଧବାଠାଣି ପୂର୍ବରୁ ବିଶି ପୁଣି କମ୍ପି ମୁଁ ପଳାଇ । ୧୯ ।
ବିଜନେ ବାସ ଦେଲୁଁ ପୁଣ ତ୍ରାସ ଦେଖିଲ ସ୍ୱପନେ ।
ବିନିଦ୍ର ହୋଇ ତପସ୍ୱୀ ବେଶ ବହି ରହିଛୁ ଏ ସ୍ଥାନେ ।

---

୧୯ଶ ପଦ:—ବଧୂକୁ—ସ୍ତ୍ରୀକୁ । ବିଧୁକୁ—ଚନ୍ଦ୍ରକୁ । ବିରାମ—ବିଶ୍ରାମ । ଆରାମ—ଉପବନ ।

୨୦ଶ ପଦ:—ବିଜନ—ନିର୍ଜନ ସ୍ଥାନ । ତ୍ରାସ—ଭୟ । ବିନିଦ୍ର—ଉଜାଗର । ଦଶମୂର୍ଦ୍ଧା—ରାବଣ । ତପଚରମରା—ତପମୃଗ ।

---

ସହସ୍ରାର୍ଜୁନର ଛେଦନକାରୀ ପର୍ଶୁରାମଙ୍କ ଗର୍ବ ଯେଉଁ ରାମ ଖର୍ବ କରିଅଛନ୍ତି, ଏ ସେହି ରାମ ( ଅର୍ଥାତ୍ ତୋ ଅପେକ୍ଷା ବହୁତ ଗୁଣରେ ବଳିଷ୍ଠ ଅଟନ୍ତି ) । ତୁ ତାହାଙ୍କ ସହିତ ଶତ୍ରୁତା କର ନାହିଁ, ଡାହୁକ ପ୍ରାୟ ବଂଶ ମରାଅ ନାହିଁ । ( ଗୋଟିଏ ଡାହୁକ ଜାଲରେ ପଡ଼ିଲେ ସେ ପ୍ରଲୋଭନ ଦେଖାଇ ଅନ୍ୟ ଡାହୁକମାନଙ୍କୁ ଆଣି ଜାଲରେ ବନ୍ଧନ କରାଏ, ତେଣୁ ଗୋଟିକ ଯୋଗୁ ବଂଶଯାକ ମରନ୍ତି ) । କୂପ ଜଳରେ ନିଜର ପ୍ରତିବିମ୍ବ ଦେଖି ସିଂହ ଗର୍ବରେ ଡେଇଁପଡ଼ି ବୁଡ଼ି ମଲାପରି ତୁ ମର ନାହିଁ ।”

୧୯ଶ ପଦ:—“କେହି ଆପଣା ସ୍ତ୍ରୀକୁ ‘ରାମାମଣି’ ବୋଲି କିମ୍ବା କେହି ଚନ୍ଦ୍ରକୁ ‘ରାମାଙ୍କ’ ବୋଲି କହିବାର ଶୁଣିଲେ, ମୁଁ ଶୀଘ୍ର ଆଗର ଦୁଇ ଅକ୍ଷର ‘ରାମ’କୁ ମନରେ ଆଣି ରାମ ଆଗରୁ ଆସି ବିନାଶ କରିବେ କି ? ଏହି ଭୟରେ ଅସ୍ଥିର ହୋଇ ଉଠେ । (ରାମ ଶବ୍ଦ ଯେ କୌଣସି ପ୍ରକାରରେ ହେଉ ନା କାହିଁକି, ମୋ କାନରେ ପଡ଼ିଲେ, ମୋ ପ୍ରାଣ ଥରି ଉଠେ ) । କେହି ବିରାମ କିମ୍ବା ଆରାମ କହିଲେ, ମୁଁ ଭ୍ରମବଶତଃ ପଛକୁ ଅନାଇଁ ଦିଏ ଏବଂ ପୂର୍ବେ ରାମଙ୍କର ଶର ବିନ୍ଧିବା ଠାଣି ମନରେ ପଡ଼ି ଯିବାରୁ ଭୟରେ ଥରି ମୁଁ ପଳାଇ ଯାଏ । ( ବିରାମ ଓ ଆରାମର ପଛ ଦୁଇ ଅକ୍ଷର ରାମ ହୋଇଥିବାରୁ, ରାମ ପଛରୁ ଆସି ଶର ବିନ୍ଧିଲେ କି ? ଏହି ଭୟ ହୁଏ ) ।”

୨୦ଶ ପଦ:—“ରାମ ଶବ୍ଦ ଶୁଣିବା ହେତୁ ଯେଉଁ ଭୟ ଜାତ ହୁଏ, ସେହି ଭୟ ଯୋଗୁଁ ମୁଁ ନିର୍ଜନ ସ୍ଥାନରେ ବାସ କରୁଅଛି । ( ନିର୍ଜନରେ ରହିଲେ ରାମ ଶବ୍ଦ ମୋ କାନକୁ ଆସିବ ନାହିଁ । ତେଣୁ ମନ ଖରାପ ହେବ ନାହିଁ ) ।

ବୋଲା ଦଶମୂର୍ଦ୍ଧା ନ ଭାଙ୍ଗ ମୋ ଶ୍ରଦ୍ଧା ମାରିବା କପଟେ ।
ବିହର କପଟ ମୃଗସ୍ୱରୂପ ଧରି ତୁ ତାଙ୍କ ନିକଟେ । ୨୦ ।
ବିଦୂରେ ନେଇ ରାମ ଆହା ଲକ୍ଷ୍ମଣ କହି ହୋ ଅନ୍ତର ।
ବଟୁ ବେଶେ ଭିକ୍ଷା ମାଗି ପକ୍ଷ୍ମଳାକ୍ଷୀ ହରଇ ମୁଁ ତାର ।
ବୋଲେ ମାରୀଚ ରାଜା ଏ ଲୋଭ ମୁଞ୍ଚ ତୁ ମଧୁ ସଦୃଶ ।
ବଂଶ ପଦ୍ମବନ କରନ୍ତୁ ବର୍ଦ୍ଧନ ସୁମନ ପ୍ରକାଶ । ୨୧ ।
ହେମନ୍ତରେ ସୀତା ଶୀତ ହେଲେ ମିଳିତା ସେ ରାମ ଲକ୍ଷ୍ମଣ ।
ବରଷି କରନ୍ତୁ ତୁଷାର ଶରକୁ ନାଶିବେ ତକ୍ଷଣ ।
ବୈଦ୍ୟ ସୁବୁଦ୍ଧି ବାଣୀ ତାର ଔଷଧ ନ ରୁଚେ ଭକ୍ଷଣେ ।
ବ୍ୟାଧି ନାଶକାରୀ ଯେବେ ତା ନ କରି ପ୍ରବର୍ତ୍ତେ ମରଣେ । ୨୨ ।

---

ତଥାପି ସ୍ୱପ୍ନରେ ରାମଙ୍କୁ ଦେଖି ବ୍ୟାକୁଳିତ ହେଉଅଛି । ସେଥିପାଇଁ ଅନିଦ୍ରାରେ ରହି ତପସ୍ୱୀ ବେଶ ଧରି, ଏ ସ୍ଥାନରେ ରହିଅଛି । ( ନିଦ୍ରାଗଲେ ସିନା ରାମଙ୍କୁ ସ୍ୱପ୍ନ ଦେଖି ଭୀତ ହେବି) ।" ଏହା ଶୁଣି ରାବଣ କହିଲା, 'ତୁ ମୋ ଶ୍ରଦ୍ଧା ଭାଙ୍ଗ ନାହିଁ, ରାମକୁ କପଟରେ ମାରିବା । ତୁ ତାଙ୍କ ଆଗରେ କପଟ ମୃଗ ହୋଇ ଖେଳା କର ।"

୨୧ଶ ପଦ:—"ତୋ'ର କପଟ ରୂପ ଦେଖି ସେ ତୋତେ ମାରିବାକୁ ବାହାରିଲେ ତୁ ରାମଙ୍କୁ ବହୁତ ଦୂରକୁ ନେଇଯାଇ 'ହେ ଲକ୍ଷ୍ମଣ ଆହା' ଏହା କହି ଅନ୍ତର ହୋଇଯିବୁ । ଲକ୍ଷ୍ମଣ ତୋ ଡାକ ଶୁଣି ଦୂରକୁ ଚାଲିଗଲେ, ପଦ୍ମନୟନା ସୀତାଙ୍କୁ ମୁଁ ବ୍ରହ୍ମଚାରୀ ବେଶରେ ଭିକ୍ଷା ମାଗି ହରଣ କରି ନେଇ ଆସିବି ।" ଏହା ଶୁଣି ମାରୀଚ କହିଲା, "ହେ ରାଜା ! ଏ ଲୋଭ ଛାଡ଼, ତୁ ବସନ୍ତକାଳ ପ୍ରାପ୍ତ ହୋଇ ତୋ ବଂଶକୁ ପଦ୍ମବନ ସଦୃଶ ବଢ଼ାଇଅଛୁ ( ବସନ୍ତକାଳରେ ପଦ୍ମ ବନ ବିଶେଷ ବୃଦ୍ଧି ହୋଇଥାଏ) । ଏବେ ସେ ବଂଶପୁଷ୍ପ ପ୍ରତି ଉତ୍ତମ ମନ ଦେଇ ବିକାଶ କର । ( ଅର୍ଥାତ୍ ନିଜ ବଂଶ ପ୍ରତି ସ୍ନେହ ଦୃଷ୍ଟି ରଖି ତାକୁ ବଢ଼ା—ନଷ୍ଟ କରିବାର ପଥ ଖୋଜ ନାହିଁ ।"

୨୨ଶ ପଦ:—"ବାଧିରେ ସୀତା ଶୀତକାଳ ହୋଇ ଲଙ୍କାରେ ପ୍ରବେଶ କଲେ, ରାମ ଲକ୍ଷ୍ମଣରୂପ ଚନ୍ଦ୍ର ସୂର୍ଯ୍ୟ କରକରଣରୁ ତୁଷାରରୂପ ଶର ବରଷି ତୋର ବଂଶ ପଦ୍ମବନକୁ ବିନାଶ କରିବେ । ପୁଣି ଯେଉଁ ରୋଗୀ ଉତ୍ତମ ବୈଦ୍ୟର ପଥ୍ୟ କଥା ନ ମାନେ ଓ ଔଷଧ ଗ୍ରହଣ ନ କରେ, ତାହାର ରୋଗ ଭଲ ହୁଏ ନାହିଁ, ସେ ବିନାଶ ହୁଏ । (ବୁଦ୍ଧିମାନ ଲୋକର ହିତ କଥା ଯେ ଗ୍ରହଣ ନ କରେ ସେ ମରେ । ମୁଁ ତୋତେ ଯେଉଁ ହିତ କଥା କହୁଛି, ତା ଅବହେଳା କର ନାହିଁ ) ।"

ବୋଲନ୍ତି ମଧୁ ଷକାର ଭେଦେ ପୁଣି ମହୀଶ ଆପଣ ।
ବାର୍ଦ୍ଧିଜା ଦୁର୍ଗା ଲୋଭେ ଯାହା ହୋଇଲେ ତାହା କି ନ ଜାଣ ?
ବଳେ ଯେ ଯାହାରେ ଊଣା ସେ ତାହାରେ ଆରମ୍ଭେ କି ଦ୍ୱନ୍ଦ୍ୱ ।
ବସ୍ତି ଅହଂବୁଦ୍ଧି ମାନ କରୁ ସିଦ୍ଧି ଉପୁଜେ ଯେ ମନ୍ଦ । ୨୩ ।
ବଣ୍ଡ୍ରବାହୁର କୋପରେ ପ୍ରଜ୍ୱଳିତ ଶୁଣି ତା ବଚନ ।
ବିକୋଷ କରିଣ କରବାଳ କର ବାଳରେ ତା ମନ ।
ବୋଇଲା ଅବଜ୍ଞା କରୁ ମୋର ଆଜ୍ଞା ମାନବଭସ୍ମାକ୍ତ !
ବାଳକ ମୁଁ ସତେ ତୁ ବୁଝି ଉ ମୋତେ କେ ତୋତେ ସମ୍ଭାକ୍ତ ? ୨୪ ।
ବସୁରିଲ ତ ଡ଼କେଣୁ ଏ ମାଇଲେ ହୋଇବି ଅମୋଷ ।
ବୈକୁଣ୍ଠ ଗମନ୍ତି ରାମ କରୁ ହତ ଦେଖିଛି ପ୍ରତ୍ୟକ୍ଷ ।

---

୨୩ଶ ପଦ:—ବାର୍ଦ୍ଧିଜା—ଲକ୍ଷ୍ମୀ ।

---

୨୩ ଶ ପଦ:—"ମୁଁ ପୂର୍ବରୁ ତୋତେ ମଧୁ କହିଅଛି, (ପୂର୍ବେ 'ମଧୁ' ବସନ୍ତକାଳ ହୋଇଥିଲା, ବର୍ତ୍ତମାନ ମଧୁଦୈତ୍ୟ ଅର୍ଥ ହେଲା ) ପୁଣି ତୁ ତ 'ମହୀଶ' ରାଜା ଅଟୁ । ଷକାର ଭେଦରେ ମହିଷ ଅର୍ଥାତ୍ ମହିଷାସୁର ହେଲା । ମଧୁଦୈତ୍ୟ ଲକ୍ଷ୍ମୀ ଲୋଭରେ ଓ ମହିଷାସୁର ଦୁର୍ଗାଙ୍କ ଲୋଭରେ ଯାହା ହେଲେ, ତାହା ତୁ କଣ ଜାଣୁ ନାହିଁ ? ( ତୁ ସୀତାଙ୍କଠାରେ ଲୋଭ କଲେ ତାଙ୍କର ପରି ନାଶ ଯିବୁ ) । ଯେ ଯାହାଠାରୁ ବଳରେ ଊଣା, ସେ ତାହାଠାରେ ଶତ୍ରୁତା ଆରମ୍ଭ କରେ କି ? ତୁ ଅହଂଗୁଣରେ ଗର୍ବ ଓ ମର୍ଯ୍ୟାଦାକୁ ବଢ଼ାଉଅଛୁ । ସେଥିରୁ ଯେ ମନ୍ଦଫଳ ଜାତ ହୁଏ, ଏହା ବୁଝିବା ଉଚିତ ।"

୨୪ଶ ପଦ:—ମାରୀଚ କଥା ଶୁଣି ରାବଣ କ୍ରୋଧରେ ଜଳିଉଠି ଖଡ୍ଗକୁ ଖାପରୁ ବାହାର କରି ମାରୀଚ ବାଳକୁ ବାମହସ୍ତରେ ଧରିବାକୁ ମନ କଲା । ପୁଣି କହିଲା, "ରେ ମାନବ ଭସ୍ମାକ୍ତ ! ଛାର ମନୁଷ୍ୟଙ୍କୁ ଭସ୍ମ କରୁ ଅଥବା ମନୁଷ୍ୟ ପରି ଖାନ୍ତୁ) ମୋର ଆଦେଶ ଅବମାନନା କରୁଅଛୁ । ମୁଁ କଣ ବାଳକ ହୋଇଛି ଯେ, ତୁ ମୋତେ ଶିକ୍ଷା ଦେଉଅଛୁ ? ଏବେ ତୋତେ କିଏ ଆସି ରକ୍ଷିବ ?"

୨୫ଶ ପଦ:—ରାବଣର ଏପରି ନିଷ୍ଠୁର ବଚନ ଶୁଣି ମାରୀଚ ଚିନ୍ତିଲା, 'ଏ ରାବଣ ମାରିଲେ, ମୁଁ ଅମୋକ୍ଷ ରହିବି । ମାତ୍ର ରାମ ଯାହାକୁ ବିନାଶ କରନ୍ତି ସେ ବୈକୁଣ୍ଠକୁ ଗମନ କରେ, ମୁଁ ଏହା ସାକ୍ଷାତରେ ଦେଖିଛି । ( ମୋର ମରଣ ତ ନିଶ୍ଚୟ, ରାବଣ ହାତରେ ମଲେ ନରକଗତି ଓ ରାମଙ୍କ ହାତରେ ମଲେ ବୈକୁଣ୍ଠ ପ୍ରାପ୍ତି, ତେବେ ରାମଙ୍କ ହାତରେ ନ ମରିବି କାହିଁକି ) ?' ଅନନ୍ତର ରାବଣକୁ ଆଗଭର ହୋଇ କହିଲା, "ଯେପରି ପୋଖରୀର ପାଣି [illegible]

ବଳଆଇ କହି ଆଗ ମୁହିଁ ତୁହି ମରିବୁ ପଛରେ ।
ବାରି ଭାଣ୍ଡ ଧ୍ୱଂସ ଶୁଣି ଗ୍ରାହବଂଶ ଯେମନ୍ତ କାସାରେ । ୨୫ ।
ଉପାଣି ତୀକ୍ଷଣ ଖୁର ସୁଘଟନ ମାଣିକ୍ୟ ନିର୍ମିତ ।
ଉରସେ ସ୍ୱର୍ଣ୍ଣ ଅଜିନେ ଲୋମପନ୍ତି ମୁକୁତା ମର୍କତ ।
ଉମଳ ସୂକ୍ଷ୍ମ ନୀଳେନ୍ଦ୍ରମଣିବୃନ୍ଦ ପୁଚ୍ଛ କି ଚାମର ?
ଉଚିତ ମୃଗ ହୋଇ ବେଗେ ଉଦିତରେ ରାବଣ ଆଗର । ୨୬ ।
ବସୁ ଲାଭତ କୃପଣ ଧନବନ୍ତ ହୋଇଲା ଅନାଇଁ ।
ବାହିଲା ବିମାନ ପଞ୍ଚବଟୀବନ ବସାଇ ରସାଇ ।
ବେଗେ ମାୟାମୃଗ ଯାନ କରି ତ୍ୟାଗ ଅରଣ୍ୟେ ପଶିଲା ।
ବୈଦେହୀ ତଳରେ ଖେଳନ୍ତେ ସତ୍ୱରେ ଦେଖି ସେ ରସିଲା ।୨୭।
ବାଣୀଭଣୀଭଷୀ ଶ୍ରୀରାମରେ ଭାଷି ଏ ମୃଗେ ମୋ ଶ୍ରଦ୍ଧା ।
ବସନ୍ତ ଅଜିନେ ଅନ୍ତ ସୁରଞ୍ଜନେ ଯିବ କି ଏ ବାଧା ?

---

୨୭ଶ ପଦ:—ତଳିର—ଅଗଣା ।

---

ଆଗ ମୀନସବୁ ଓ ପରେ ପାଣି ଶୁଖିଗଲେ କୁମ୍ଭୀରମାନେ ମରନ୍ତି, ସେହିପରି ଆଗ ମୁଁ ମରିବି, ପଛରେ ତୁ ବିନାଶ ହେବୁ ।"

୨୬ଶ ପଦ:—(ଏହି କହି ମାରୀଚ, ମାୟାମୃଗ ରୂପ ଧାରଣ କଲା ) । ମାଣିକ୍ୟ ନିର୍ମିତ ତୀକ୍ଷ୍ଣ ଶୃଙ୍ଗଦ୍ୱୟ ଓ ଖୁରି ଖୁବ ସୁନ୍ଦର ଦିଶୁଅଛି । ସୁବର୍ଣ୍ଣ ନିର୍ମିତ ଚର୍ମରେ ମୁକ୍ତା ଓ ମରକତ ମଣିର ଲୋମ ସବୁ ବିରାଜୁଅଛି । ନିର୍ମଳ ଇନ୍ଦ୍ରନୀଳମଣି ସଦୃଶ ସୂକ୍ଷ୍ମ ପୁଚ୍ଛ ଚାମର ପ୍ରାୟ ଶୋଭା ପାଉଅଛି । ଏହିପରି ଗୋଟିଏ ସୁନ୍ଦର ମୃଗ ହୋଇ ମାରୀଚ ରାବଣ ଆଗରେ ବିହାର କଲା ।

୨୭ଶ ପଦ:—ରାବଣ ସେ ଉଚିତ ମୃଗକୁ ଦେଖି କୃପଣ ଓ ଦରିଦ୍ର ଲୋକ ଧନ ପାଇଲା ପ୍ରାୟ ଆନନ୍ଦିତ ହେଲା । ତତ୍ପରେ ସେ ମୃଗକୁ ଶ୍ରଦ୍ଧାରେ ରଥରେ ବସାଇ ପଞ୍ଚବଟୀ ଅରଣ୍ୟକୁ ରଥ ଚଳାଇ ନେଲା । ସେଠାରେ ପହଞ୍ଚି ସେ ମାୟା ମୃଗ ଖରତରରେ ବିମାନ ତ୍ୟାଗ କରି ଯାଇ ବନ ମଧ୍ୟରେ ପ୍ରବେଶ କଲା । ସେ ମୃଗ ରାମଚନ୍ଦ୍ରଙ୍କ ପର୍ଣ୍ଣକୁଟୀରର ଅଗଣାରେ ଶୀଘ୍ର ବିହାର କରନ୍ତେ, ସୀତା ତାକୁ ଦେଖି ଶ୍ରଦ୍ଧା ପ୍ରକାଶ କଲେ ।

୨୮ଶ ପଦ:—ବାଣୀଭଣୀଭଷୀ ସୀତା ଶ୍ରୀରାମଙ୍କୁ କହିଲେ, "ଏ ମୃଗଠାରେ ମୋହର ଶ୍ରଦ୍ଧା ହେଉଅଛି । ଏ ମୃଗର ଚର୍ମରେ ମୁଁ ଆନନ୍ଦରେ ସର୍ବଦା ବସନ୍ତି; ଏହାର ମନୋହର ପୁଚ୍ଛକୁ କେଶ ବନ୍ଧନ ପାଇଁ ଚଉଁରୀ କରନ୍ତି ।

ବଲ୍କଳେ କବଣ କରନ୍ତୁ ତହିଁର ଏ ସୁରୁଚି ଚର୍ମର ।
ବାମେ ଧନୁ ଧରି ରାଘବ ଉଚ୍ଚାରି ଏ କେତେ ମାତର ? ୨୮ ।
ବଦନ୍ତି ଲକ୍ଷ୍ମଣ ଏ କପଟୀ ଏଣ ମାରୀଚ ନିଶ୍ଚୟ ।
ବିଲୋକିବା ଥାଉ ଶୁଣିଛ ବାତାୟୁ ସ୍ୱର୍ଣ୍ଣରତ୍ନମୟ ।
ବିନୋଦ ଦେଖାଇ ଦୂରି କରି ନେଇ ନୃପଜମାନଙ୍କୁ ।
ବଧ କରେ ଭୂଙ୍ଗ ଶୃଙ୍ଗରେ ଏ ରଙ୍ଗ ଆସଇ ମନକୁ । ୨୯ ।
ବଧିବି ଅବଶ୍ୟ ମୃଗ ବା ରାକ୍ଷସ ଶ୍ରୀରାମ ବୋଇଲେ ।
ବରାରୋହା ଖିନ୍ନ ନାସ୍ତି କରୁ କରୁ ତା ପଛେ ଧାଇଁଲେ ।
ବୋଇଲେ ଲକ୍ଷ୍ମଣ ସୀତାର ରକ୍ଷଣ ଲାଗଇଟି ତୋତେ ।
ବଡ଼ ମାୟାବୀ ଅସ୍ରପେ ଏ ଅଟବୀ ଭ୍ରମନ୍ତି ନିରତେ । ୩୦ ।

---

୨୮ଶ ପଦ:—ଅଜିନ—ମୃଗ ଚର୍ମ ।

୨୯ଶ ପଦ:—ଏଣ—ମୃଗ । ବିଲୋକିବା—ଦେଖିବା । ବାତାୟୁ—ମୃଗ । ନୃପଜମାନଙ୍କୁ—ରାଜପୁତ୍ରମାନଙ୍କୁ । ଭୂଙ୍ଗ ଉଚ ।

୩୦ଶ ପଦ:—ବରାରୋହା—ପରମାସୁନ୍ଦରୀ । ଖିନ୍ନ—ଭୟାକ୍ରାନ୍ତ । ଅସ୍ରପେ—ରାକ୍ଷସମାନେ । ଅଟବୀ—ବନ ।

---

ଏହାକୁ ବନ୍ଧି ପାରିବ କି ?" ସୀତାଙ୍କ କଥା ଶୁଣି ରାମଚନ୍ଦ୍ର ବାମ ହସ୍ତରେ ଧନୁ ଧରି କହିଲେ, "ଏ ବା କେତେ ମାତ୍ର ? ( ଏହାକୁ ଅକ୍ଳେଶରେ ମାରି ଦେବି )।"

୨୯ଶ ପଦ:—ସେତେବେଳେ ଲକ୍ଷ୍ମଣ କହିଲେ, "ଏ ମାୟା ମୃଗ ନିଶ୍ଚୟ ମାରୀଚ ରାକ୍ଷସ ଅଟେ । ସ୍ୱର୍ଣ୍ଣରତ୍ନମୟ ମୃଗ ଦେଖିବା ତ ଦୂରର କଥା—କେବେ ଶୁଣିଛ କି ? ମାରୀଚ ରାକ୍ଷସ ଏ କପଟରେ ମୃଗ ହୋଇ ରାଜପୁତ୍ରମାନଙ୍କୁ କ୍ରୀଡ଼ା ଛଳରେ ଅନ୍ତର କରି ନିଏ ଏବଂ ପର୍ବତର ଉଚ୍ଚ ଶୃଙ୍ଗରେ ବଧ କରେ—ଏ କଥା ମୋ ମନକୁ ଆସୁଛି ।

୩୦ଶ ପଦ:—ଲକ୍ଷ୍ମଣଙ୍କ କଥା ଶୁଣି ଶ୍ରୀରାମ କହିଲେ, "ଏ ମୃଗ ହେଉ ବା ରାକ୍ଷସ ହେଉ, ନିଶ୍ଚୟ ଏହାକୁ ବଧ କରିବି ।" ଲକ୍ଷ୍ମଣଙ୍କ କଥାରେ ଭୟ ପାଇ ସୀତା ମନା କରୁ କରୁ ରାମଚନ୍ଦ୍ର ମୃଗ ପଛରେ ଧାଇଁଲେ । ସେତେବେଳେ କହିଗଲେ, "ହେ ଲକ୍ଷ୍ମଣ ! ସୀତାଙ୍କୁ ରକ୍ଷା କରିବା ଭାର ତୋତେ ଲଗିଲା । ବଡ଼ ମାୟାବୀ ରାକ୍ଷସମାନେ ନିରନ୍ତର ଏ ବନରେ ବୁଲୁଅଛନ୍ତି ।"

ବିଦୂର ରକ୍ଷ ବିଦ୍ୟୁ ପ୍ରାୟ ପ୍ରତ୍ୟକ୍ଷ ହୁଅଇ ନୁହଇ ।
ବିଦୂରେ ନେଇ ଲକ୍ଷ୍ମଣ ସାହ୍ଣି କହି ତିବାର ଶୁଣାଇ ।
ବଧିରବତ ଧୀର ସୀତା-ଦେବୀଙ୍କ ସେ ଶବ୍ଦ ଶ୍ରୋତାରେ ।
ବସୁମତୀସୁତା ବୋଇଲେ ସୌମିତ୍ରି ଯାଅ ହେ ସତ୍ୱରେ ।୩୧।
ବିପତ୍ତି ପତନ ପନ୍ତି ତବ ନାମ ଧରି ସେ ଡାକନ୍ତି ।
ବିଶ୍ୱେ ଏକ ବୀର ଏ ନିପଟ ଗିର ତାଙ୍କର କି ସତି !
ବୋଲନ୍ତେ ଲକ୍ଷ୍ମଣ ମୈଥିଳୀ ଭଷଣ ଛଟେ କି ଗମନ ?
ବିଲକ୍ଷ କରି ମେ ରେ ଦେବୁ ବିସ୍ତରି ଭରତ ସଦନ ।୩୨।
ବୈଶ୍ୱାନରେ ମୁଁ ଝାସିବି ବୋଲି ଖରେ ସେ ପାଶେ ଉଗିତ ।
ବାତ୍ୟ କରି ଏକ ଆମ୍ଭା ଦୃଷ୍ଟି ହେବ ଲକ୍ଷ୍ମଣ ଭଷିତ ।
ବ୍ୟାଘ୍ର ପରାଏ ଗର୍ଜନ୍ତ ବ୍ୟସ୍ତ କଲେ ହୋଇ ସେ କୁପିତ ।
ବିଜନ ବନ ଶଙ୍କା ଯେନ ଜାନକୀ ହୁଅନ୍ତେ ଗ୍ରସ୍ତ । ୩୩ ।
କହି ଯତିବେଶ ରାବଣ ସେ ଆସ୍ୟ ଭୂଜକୁ ଲୁଚାଇ ।
ବିଭୂତି ଅଙ୍ଗ କରଙ୍କ କରମାଳେ ଶଙ୍କର ଜପଇ ।

---

୩୩ଶ ପଦ:—ଉଗିତ—ଇଚ୍ଛା ।

---

୩୧ଶ ପଦ:—ସେ ରାକ୍ଷସ ଅଳ୍ପ ଦୂରରେ ବିଜୁଳି ପ୍ରାୟ ଦେଖା ଦେଇ ପୁଣି ଅଦୃଶ୍ୟ ହୋଇ ଯାଏ । ଏହିପରି ରାମଙ୍କୁ ବହୁତ ଦୂରକୁ ନେଇଗଲା । ଅବଶେଷରେ ରାମ ଶର ମାରନ୍ତେ, 'ହେ ଲକ୍ଷ୍ମଣ ରକ୍ଷା କର' ! ଏହିପରି ତିନଥର ଶୁଣାଇ ( ସୀତା ଓ ଲକ୍ଷ୍ମଣ ଯେପରି ଶୁଣି ପାରିବେ—ସେହିପରି ଉଚ୍ଚ ଶବ୍ଦରେ ) ଡାକ ଦେଲା । ସେ ଶବ୍ଦ ଶୁଣି ଲକ୍ଷ୍ମଣ ସ୍ଥିର-ଭାବରେ କାଲ ପରି ( ଶୁଣି ନ ଶୁଣିଲା ପ୍ରାୟ ) ହୋଇ ରହିଲେ । ମାତ୍ର ସୀତା କହିଲେ, "ହେ ଲକ୍ଷ୍ମଣ ! ତୁମ୍ଭେ ଶୀଘ୍ର ଯାଅ ।"

୩୨ଶ ପଦ:—"ବିପତ୍ତି ପଡ଼ିବାରୁ ରାମଚନ୍ଦ୍ର ତୁମ୍ଭ ନାମ ଧରି ଡାକୁଛନ୍ତି ।" ସୀତାଙ୍କ ବାଣୀ ଶୁଣି ଲକ୍ଷ୍ମଣ କହିଲେ, "ହେ ସତି ! ସଂସାର ମଧ୍ୟରେ ରାମ ଅଦ୍ୱିତୀୟ ବୀର । ତାଙ୍କଠାରୁ ଏପରି ନିପଟ ବଚନ ବାହାରିବ କି ?" ଲକ୍ଷ୍ମଣ ଏହା କହିବାରୁ ସୀତା ଉତ୍ତର ଦେଲେ, "ତୁ ମୋତେ ଭରତର ଭାର୍ଯ୍ୟା କରି ତା ପାଖରେ ଦେବୁ ବୋଲି ବିସ୍ତରି କପଟରେ ବନକୁ ଆସିଅଛୁ ।"

୩୩ଶ ପଦ:—"ମୁଁ ଯାଉଛି ଅଗ୍ନିରେ ଝାସ ଦେବି" ଏହା କହି ଶୀଘ୍ର ସେ ଅଗ୍ନି ପାଖକୁ ଝାସ ଦେବା ଇଚ୍ଛାରେ ଗଲେ । ତାହା ଦେଖି ଲକ୍ଷ୍ମଣ କହିଲେ,

ବସନ କଷାୟ ଭିକ୍ଷା ଆଣି ଦଅ ଥାଳରେ ବୋଇଲା ।
ବସ କ୍ଷଣେ ଈଶ ଆସନ୍ତୁ ଏ ଶୁଭ ଲକ୍ଷଣ ମଣ୍ଡିତା । ୩୪ ।
ବଂଶପାଣି ଭଣି ଈଶାନ କଲେଣି ଏ ବନେ କି ବସା ?
ବୈଦେହୀ କହି ନ ବୁଝି କି ସେ ନୋହି ଧବରେ ଏ ଭାଷା ।
ବୋଲେ ଲଙ୍କପତି ଏଥି ଗତାଗତି କରନ୍ତି ବୃଷ କି ?
ବଲ୍ଲଭେ କହଇ ରାଘବଟି ସେହି ଭଣିତ ଜାନକୀ । ୩୫ ।
ବଚସ ବାଣୀ ଶୁଣିଲି ବୈଚିତ୍ର୍ୟ ଭଣି ଶୁଣ ତ ମାନୁଷୀ ।
ବାରିଧିବାସୀ ମନୁଷ୍ୟ ସେ ସ୍ଥଳେ ଅସି ତୋ ସଙ୍ଗେ ବିଳସି ।
ବକ୍ର ଉକତି କହୁଛ ହୋଇ ଯତି ବୋଇଲେ ପାର୍ଥିବୀ ।
ବୋଲେ ମୁଁ ଲଙ୍କେଶ ତୋତେ କରି ଆଶ ଆସିଛି ସାଧ୍ୱି ।୩୬।

---

"ଆମ୍ଭେ ଏକ ଆତ୍ମା ଅଟୁଁ । ତୁମ୍ଭେ ଆମ୍ଭଙ୍କୁ ଭିନ୍ନ ମନେ କରୁଅଛ, ତେଣୁ ଦୁଃଖିତ ହେବ ।" ଏପରି କହି ଦୁଃଖି ମନରେ ସେ ଲକ୍ଷ୍ମଣ ବ୍ୟାଘ୍ର ପ୍ରାୟ ଗତି କରି ଖରତରରେ ଗଲେ । ଲକ୍ଷ୍ମଣ ଚାଲିଯିବାରୁ ଜାନକୀ ନିର୍ଜନବନ ହେତୁ ଭୟ କରି ଲୁଚିଲେ ।

୩୪ଶ ପଦ:—ଲକ୍ଷ୍ମଣ ଚାଲିଯିବାରୁ ରାବଣ ନବ ମୁଖ ଓ ଅଠର ଭୁଜକୁ ଲୁଚାଇ, ବ୍ରହ୍ମଚାରୀ ବେଶ ଧରି, ଦେହଯାକ ଭସ୍ମ ବୋଳିହୋଇ । ଜଟାବଳ୍କ ପିନ୍ଧି, ହସ୍ତରେ କମଣ୍ଡଳୁ ଓ ମାଳାଧରି ଶଙ୍କର ନାମକୁ ଜପି ଜପି ଆସି "ଥାଳରେ ଭିକ୍ଷା ଆଣି ଦିଅ" ବୋଲି ଡାକିଲା । ତାହା ଶୁଣି ସୀତା କହିଲେ, "କ୍ଷଣେ ମାତ୍ର ବସ, 'ଈଶ' ସ୍ୱାମୀ ଆସନ୍ତୁ ।"

୩୫ଶ ପଦ:—ଈଶ ଆସନ୍ତୁ ବୋଲି କହିବାରୁ ରାବଣ ବକ୍ରୋକ୍ତିରେ କହିଲା, "ଏ ବନରେ 'ଈଶାନ' ମହାଦେବ ବସା କଲେଣି କି ?" ସୀତା କହିଲେ, 'ଧବ' ପତିଙ୍କୁ ଈଶ କହନ୍ତି, ଏହା କଣ ତୁମ୍ଭେ ବୁଝି ପାରିଲ ନାହିଁ ?" ରାବଣ ପୁଣି ପଚାରିଲା, "ଏ ବନରେ ଧବ ବୃକ୍ଷସବୁ ଯିବା ଆସିବା କରନ୍ତି କି ?" ଜାନକୀ ଉତ୍ତର ଦେଲେ, 'ବଲ୍ଲଭ' ପତିଙ୍କୁ ଧବ କହନ୍ତି, ମୋ ବଲ୍ଲଭଙ୍କ ନାମ ରାଘବ ଅଟେ ।"

୩୬ଶ ପଦ:—ରାବଣ କହିଲା, "ତୋଠାରୁ ଆଶ୍ଚର୍ଯ୍ୟ କଥା ଶୁଣିଲି । ଶୁ ତ ମାନବୀ, ସମୁଦ୍ର ମଧ୍ୟରେ ଥିବା 'ରାଘବ' ମତ୍ସ୍ୟ ସ୍ଥଳକୁ ଆସି ତୋ ସହିତ ବିହାର କରେ କି ?" ସୀତା କହିଲେ "ତୁମ୍ଭେ ଯତି ହୋଇ ଏପରି ବକ୍ରୋକ୍ତିରେ କଥା କହୁଅଛ ?" ଏହା ଶୁଣି ରାବଣ ଉତ୍ତର ଦେଲା, ମୁଁ ଲଙ୍କାର ରାଜା, ହେ ସତି ! ତୋତେ ଆଶା କରି ଆସିଅଛି ।"

ଅଦ୍ଭୁତ କସ କହିବ ମୋର ଦେଶ କନକ ମୃତ୍ତିକା ।
ବିଂଶଭୁଜ ଦଶବଦନ ବିଶେଷ ପଦ୍ମନାସିକା ।
ବନ୍ଧୁପଣେ ବସେ ଇନ୍ଦ୍ର ଦ୍ୱାଃସ୍ଥ ପାଶେ ବିଶୁଦ୍ଧ ଜାତିରେ ।
ବ୍ରହ୍ମାର ଚତୁର୍ଥ ପୁରୁଷ ମୁଁ ସତ ଚିରାୟୁ ତା ବରେ । ୩୭ ।
ବୋଇଲେ ମହୀଜା ଜାତୁଧାନ ଯା ଯା ନୋହୁ ଶିରଚ୍ଛେଦ ।
ବୃଷାଳି ବଞ୍ଚକ ବିରୂପ କି ଠିକ ବଢ଼ାଇ ସମ୍ବାଦ ।
ସାରକେଶରୀ ଜାମ୍ବୁକୁ ଲେଢ଼ୁ ହର ହୋଇଚ୍ଛି କେବେହେଁ ।
ସାର ଅନରଣ୍ୟ ନୃପ ତୋ ପତି ଧନ୍ୟ ହେବ କି ସେ କହେ । ୩୮ ।
ବପ୍ତା ଦଶରଥ ଜଣା ସାମରଥ ଉଗ୍ରଉଁ ଭୃଗୁପ ।
ବୋଲେ ମୈଥିଳୀ ତା ଗର୍ବ ଦଳ ନାଶ ଯିବୁ ରେ କୌଣପ ।

---

୩୮ଶ ପଦ:—ମହୀଜା—ସୀତା । ଜାତୁଧାନ—ରାକ୍ଷସ । ବୃଷ—ମୂଷା । ଅଳି—ଭଙ୍ଗା । ବଞ୍ଚକ—ବାଲୁଆ । ବିରୂପ—ବିକୃତ ରୂପ ।

---

୩୭ଶ ପଦ:—"ମୋର ଐଶ୍ୱର୍ଯ୍ୟ କଥା କଣ ବା କହିବ ? ମୋ ଦେଶର ମାଟିସବୁ ସ୍ୱର୍ଣ୍ଣ ନିର୍ମିତ । ମୋର କୋଡ଼ିଏ ହାତ, ଦଶ ମୁଖ ବିଦ୍ୟମାନ । ମୋର ପଦ୍ମନାଭନାସ୍ତ୍ରୀ ସ୍ତ୍ରୀମାନେ ଅଛନ୍ତି । ମୋ.ର ବନ୍ଧୁପଣେ ହେତୁ ଇନ୍ଦ୍ର ମୋର ଦ୍ୱାରପାଳ ପାଖରେ ଆସି ବସେ । ମୁଁ ବ୍ରହ୍ମାଙ୍କର 'ଚତୁର୍ଥ ପୁରୁଷ' ଅଣନାତି । ( ତେଣୁ ଜ.ତିରେ ବିଶୁଦ୍ଧ ) । ପୁଣି ବ୍ରହ୍ମାଙ୍କ ବରରେ ଦୀର୍ଘାୟୁ ହୋଇଅଛି—ଏହା ମିଥ୍ୟା ନୁହେଁ ।"

୩୮ଶ ପଦ:—ରାବଣର କଥା ଶୁଣି ସୀତା କହିଲେ, "ରେ ରାକ୍ଷସ ! ଶିରଚ୍ଛେଦ ନ ହେଉଣୁ, ତୁ ଏଠାରୁ ଶୀଘ୍ର ପଳାଇ ଯା । ତୁ ମୂଷା, ବଗ୍ଘ, ଭ୍ରମର, ବିକଳାଙ୍ଗ ଓ ବାଲୁଆ ଅଟୁ । ( ତୁ କହିଲୁ ମୋ ଦେଶ କନକମୃତ୍ତିକା—ମୂଷାର ମୃତ୍ତିକାରେ ଆଦର ଥାଏ । ତୁ କହିଲୁ ମୋର ବିଂଶ ଭୁଜ—ବଗ୍ଘର ବହୁତ ଭୁଜ ଥ.ଏ । ତୁ କହିଲୁ ମୋର ପଦ୍ମ ନାସିକା ଅଛନ୍ତି—ଭ୍ରମରର ବହୁତ ପଦ୍ମ ଥାନ୍ତି । ତୁ କହିଲୁ ଦଶମୁଣ୍ଡ—ତେଣୁ ବିକଳାଙ୍ଗ, ତୁ କହିଲୁ ଦୀର୍ଘାୟୁ—ବାଲୁଆ ଦୀର୍ଘାୟୁ ଅଟନ୍ତି ) । ବାଲୁଆ ହୋଇ ତୁ ସାର କେଶରୀ ଭାର୍ଯ୍ୟା ହରିବାକୁ ଇଚ୍ଛା କରୁଅଛୁ,—ଏହା ସମ୍ଭବ ହୋଇଛି କି ?" ସୀତାଙ୍କ କଥା ଶୁଣି ରାବଣ ପୁଣି କହିଲା, "ସାର ଅନରଣ୍ୟ ରାଜାଠାରୁ ( ରାମର ପୂର୍ବପୁରୁଷ ) ତୋ ପତି ବେଶୀ ପ୍ରଶଂସା ର ଯୋଗ୍ୟ କି ? ( ବେଶୀ ବଳଶାଳୀ କି ?—ମୁଁ ତ ତାକୁ ମାରିଛି ) ।

୩୯ ଓ ୪୦ଶ ପଦ:—"ତାହାର ପିତା [ ତୋ ସ୍ୱାମୀର ପିତା ] ଦଶରଥର ଯେପରି ସାମର୍ଥ୍ୟ, ତା ଜଣାଅଛି । ତାକୁ ପର୍ଶୁରାମ ଡରାଇବାରୁ ସେ

ବଂଶୋଦ୍ଭମାନ ଭୁବନରେ ସୁନନ୍ଦନ ସେ ଭାଳ ପ୍ରମାଣ ।
ବହି ନିଜମୂର୍ତ୍ତି ବଳେ ନେବା ସ୍ୱତ ଆରମ୍ଭ ରାବଣ । ୩୯ ।
ବରହ୍ନି ଅନ୍ତରେ ଗୁପତ ସତ୍ୱରେ ନ ଦେଖି ଲଙ୍କେଶ ।
ବେଦମତୀ ମତ ଏହି ହେଲା ସତ ବିସ୍ମରେ ମାନସ ।
ବ୍ୟକ୍ତ ବିଶ୍ୱ ପୁଣି ବଳେ ଧରି ଆଣି ଆଣନ୍ତେ ଅଙ୍ଗଣ ।
ବାତ ସରିତ ସ୍ଥଗିତ ତରଳିତ ହୋଇଲା ପାଷାଣ । ୪୦ ।
ବସୁଧା କମ୍ପିତା ଚକିତ ଦେବତା କି ହେଲା କି ହେଲା ।
ବଚନେ ଶୋଭନେ ଅଶ୍ରୁ ବିମୋଚନେ ଆକାଶ ପୂରିଲା ।
ବରଷିଲା ଠୋପା ଠୋପା ନୀର କର୍ପା ନ ଥାଇ ମୁଦ୍ଗରେ ।
ବିହଙ୍ଗେ ଉସ୍ତୁକେ ଭ୍ରମନ୍ତି ଗୁହଜେ ବାରିଲେ ପାନରେ । ୪୧ ।
ବିବୁଧ ବିବିଧ ବୁଦ୍ଧି କଲେ ସିଦ୍ଧି କେ ବୋଲେ ଏ ସୀତା ।
ବୋଲେ କେ ଛାୟା କେ ବୋଲେ ମାୟା କାୟା ଜାଣଇ ବିଧାତା ।

---

ସ୍ତ୍ରୀମାନଙ୍କ ମଧ୍ୟରେ ଲୁଚି ରହିଲୁ ।" ସୀତା କହିଲେ, "ସେହି ପଶୁର୍ଗମର ଗର୍ବ ରାମଚନ୍ଦ୍ର ଦଳି ଅଛନ୍ତି । ରେ ରାକ୍ଷସ ! ତୁ ନଷ୍ଟପ୍ରାୟ ଜାଣିପିବୁ । ପୂର୍ବପୁରୁଷ ଅନରଣ୍ୟଙ୍କୁ ମାରିଛୁ ବୋଲି ଯେ ଗର୍ବ ଦେଖାଇଲୁ, ସୂର୍ଯ୍ୟ କୁଳର ଅଭିମାନକୁ ଉଦ୍ଧାର କରେ । ବର୍ତ୍ତମାନ ସେ ସମସ୍ତ ଉପସ୍ଥିତ ( ସୂର୍ଯ୍ୟବଂଶଧର ରାମଚନ୍ଦ୍ର, ତୋତେ ମାରି କୁଳ ମର୍ଯ୍ୟାଦା ବଢ଼ାଇବେ) ।" ଏହା ଶୁଣି ରାବଣ ନିଜ ରୂପ ଧରି ବଳପୂର୍ବକ ସୀତାଙ୍କୁ ନେବାକୁ ଆରମ୍ଭ କରନ୍ତେ, ସୀତା ଶୀଘ୍ର ଅଗ୍ନି ମଧ୍ୟରେ ଗୁପ୍ତ ହେଲେ । ରାବଣ ତାଙ୍କୁ ଦେଖି ନ ପାରି ମନ ମଧ୍ୟରେ ବିସ୍ମୟ କଲା, ବେଦମତୀ କନ୍ୟା ପରି ଏ କନ୍ୟା ହେଲା ତା ପୁଣି ସୀତା ପ୍ରକାଶିତ ହୋଇ ଦେଖାଯାନ୍ତେ, [ ମାୟା ସୀତା ପ୍ରକାଶିତ ହୁଅନ୍ତେ] ରାବଣ ପର୍ଣ୍ଣକୁଟୀର ଅଗଣାରୁ ବଳାତ୍କାରରେ ଧରି ଆଣିଲା । ସେତେବେଳେ ବାୟୁ ଓ ଜଳ ସ୍ରୋତ ସ୍ଥିର ହୋଇଗଲେ ଏବଂ ପାଷାଣ ତରଳି ଗଲା ।

୪୧ଶ ପଦ:—ପୃଥିବୀ କମ୍ପିତ ହେଲା, ଦେବତାମାନେ ଚମକ୍କୃତ ହେଲେ । କି ହେଲା, କି ହେଲା ? —ଏହି ଶୋକପୂର୍ଣ୍ଣ ବାକ୍ୟରେ ଆକାଶ ପୂର୍ଣ୍ଣ ହେଲା । ସୀତା ଅଶ୍ରୁପାତ କରିବାରୁ ପକ୍ଷୀମାନେ ଉତ୍ସୁକ ମନରେ ଭାବିଲେ, ମେଘ ନ ଥାଇ ମେଘ ଠୋପାଠୋପା ହୋଇ ବର୍ଷିଲା କପରି ? ଗୃଧ୍ରକ ପକ୍ଷୀମାନେ ତା ପାନ କରିବାରୁ ଜାଣିଲେ, ତାହା ବୃଷ୍ଟି ଜଳ ନୁହେ ।

୪୨ଶ ପଦ:—ଦେବତାମାନେ ନାନାପ୍ରକାର ବିଚାର ଠିକ୍ କଲେ । କିଏ କହିଲା, 'ଏ ସୀତା', କିଏ କହିଲା, 'ଏ ଛାୟା,' କିଏ କହିଲା, "ଏ ମାୟା

ବନ୍ଦୀ ଜାଗୃତରେ ମୃଦଙ୍ଗ ପ୍ରକାରେ ବସାଇ ସ୍ୟନ୍ଦନେ ।
ବନ୍ଦୀ ହୋଇ ସେ ସ୍ତୁତିପାଠ ପଠନେ ବାହୁଲ୍ୟ ବଦନେ ।୪୨।
ବନ ବଳଜା ହା ରାମ ସ୍ୱନେ ପୂର୍ଣ୍ଣ ଜଟାୟୁ ତରକେ ।
ବନପ୍ରିୟକୁ ଶିଖାଇ ଗୀତ ଶୋକବରାଡ଼ୀ ରାଗେ କେ ?
ବଜାଇ ବୀଣାରେ ନାରଦ ରାମରେ ସଙ୍ଖୋଳି ଯାଇ କି ?
ଅଂଶବାହୁ ସୀତା ଏକ ରଥେ ସ୍ଥିତା ଗୃହାନ୍ତେ ବିଲୋକି ।୪୩।
ବେଦପୋଥି କେ ସୁରାପ କରେ ଦେଲା ବୋଲି ସେ ଧାଇଁଲା ।
ବିସ୍ତାରି ତୁଣ୍ଡ ସ୍ୟନ୍ଦନ ଗ୍ରାସ କରି ଉଦ୍‌ଗାରି ଥୋଇଲା ।
ବାର୍ଦ୍ଧି ଅଗସ୍ତି ଉଦରେ ଜୀର୍ଣ୍ଣମନ୍ତ ଏସନି ହୁଅନ୍ତୁ ।
ବୈଦେହୀ ଯାନ୍ତୁ କହି ଦେଇ ଉଦାର ମୁଖ ଫୋଟି ହେଉ ।୪୪।

---

୪୩ଶ ପଦ:—ବନବଳଜା—ବନଭୂମି । ବଳଜା—ବରସ୍ତ୍ରୀ ।
୪୪ଶ ପଦ:—ସୁରାପ—ମଦ୍ୟପ ଅର୍ଥାତ୍ ଯେ ସୁରା ବା ମଦ୍ୟପାନ କରେ ।

---

ସୀତା,’ ଆଉ କିଏ କହିଲା, ‘ସତ କଥା କିଏ ଜାଣେ ।’ ବନ୍ଦୀପରେ ବନ୍ଦୀ ଲୋକକୁ ବନ୍ଦ କରି ରଖିଲା ପରି ସୀତାଙ୍କୁ ରଥରେ ବସାଇ ରାବଣ ଶୀଘ୍ର ରଥ ଚଳାଇ ନେଲା । ସୀତା ସେ ରଥରେ ‘ବନ୍ଦୀ’ ଭାଟ ପ୍ରାୟ ସ୍ତୁତି ପାଠ କରିବାକୁ ଲାଗିଲେ । [ସୀତା ରାମଚନ୍ଦ୍ରଙ୍କ ଗୁଣ ବାଖାଣି କାନ୍ଦିବାକୁ ଲାଗିଲେ] ।

୪୩ଶ ପଦ:—ବନଭୂମି ‘ହା ରାମ’ ସ୍ୱରରେ ପୂର୍ଣ୍ଣ ହୁଅନ୍ତେ [ ଅଥବା ‘ବଳଜା’ ଶ୍ରେଷ୍ଠ ସ୍ତ୍ରୀ ସୀତାଙ୍କ ହା ରାମ ସ୍ୱନରେ ବନ ପୂର୍ଣ୍ଣ ହୁଅନ୍ତେ ] ଜଟାୟୁ ତର୍କ କଲା, ‘କୋକିଳକୁ ଶୋକବରାଡ଼ୀ ରାଗରେ କେଉଁ ଲୋକ ଗୀତ ଶିଖାଇଲା କି ? କିମ୍ବା ନାରଦ ବୀଣାରେ ରାମ ନାମ ବରାଡ଼ୀ ରାଗରେ ଗାଇ ରାମଙ୍କୁ ସଙ୍ଖୋଳିବାକୁ ଯାଉ ଅଛନ୍ତି କି ?’ ଜଟାୟୁ ଏହା ତର୍କର ଉପରକୁ ଗୃହାନ୍ତେ ଦେଖିଲା ଯେ, ରାବଣ ଓ ସୀତା ଏକା ରଥରେ ବସି ଅଛନ୍ତି ।

୪୪ଶ ପଦ:—“ମଦୁଆ ହାତରେ ବେଦପୋଥି କିଏ ଦେଲା ?” ଏହା ଭାବି ଜଟାୟୁ ଧାଇଁଲା । ସେ ଥଣ୍ଟ ବିସ୍ତାର କରି ରଥକୁ ଗିଳିଦେଇ ପୁଣି ବାନ୍ତି କରି ପକାଇଲା । [ରଥରେ ସୀତା ଅଛନ୍ତି, ରଥ ଗିଳିଦେଲେ ସୀତା ପେଟରେ ଜୀର୍ଣ୍ଣ ହୋଇଯିବେ, ଏହା ଭାବି ବାନ୍ତି କଲା] । ରାବଣକୁ ବୁଝାଇ କହିଲା, “ଅଗସ୍ତି-ଋଷିଙ୍କ ପେଟରେ ସମୁଦ୍ର ଜୀର୍ଣ୍ଣ ହେଲା ପ୍ରାୟ ତୁ ଏବେଣି ମୋ ପେଟରେ ଜୀର୍ଣ୍ଣ ହୋଇଯାନ୍ତୁ, ମାତ୍ର ସୀତା ଯୋଗୁ ରକ୍ଷା ପାଇଲୁ ।” ଏହା କହି ନଖ ଚଞ୍ଚୁ ଦ୍ୱାରା ରାବଣକୁ ବିଦାରି ପକାଇଲା ।

ବିମାନକୁ ପକ୍ଷଘାତେ ପକ୍ଷଘାତେ ଭାଙ୍ଗିଲା ଉଦ୍‌ବେଗେ ।
ବାମେ କ୍ଷୀଣକୁକ୍ଷୀ ଦକ୍ଷିଣେ ପକ୍ଷକୁ ଛେଦିଲା ଖଡ୍ଗେ ।
ବସି ପୁଷ୍ପକରେ ଭାବୁଁ ଆସିବାରେ ପୁଷ୍କରେ ଗମନ ।
ବାର୍ତ୍ତା ଦେବାପାଏ ଅଯୋଧ୍ୟାଈଶ୍ୱରେ ଥାଉ ତୋ ଜୀବନ । ୪୫ ।
ବୋଲୁଁ ଠାକୁରାଣୀ ରକ୍ଷ ଛଳ ଭଣି ଅଯୋଧ୍ୟାବର ଯେ ।
ବାରତା ପ୍ରାପତେ କି କରିବ ମୋତେ ପୁଣି ସେ ନାଗରେ ?
ବୋମେ ରଥ ଯାଇ ଋଷ୍ୟମୂକେ ପାଇ ଅବଳା ଦେଖିଲେ ।
ବସିଛନ୍ତି ସୁଗ୍ରୀବ ଘେନଣ ସଚିବ ଭୂଷଣ କାଢ଼ିଲେ । ୪୬ ।
ବସନେ ବାନ୍ଧି ପକାଇ କୃପାନିଧି ପାଇବେ କଳ୍ପିଣ ।
ବାନରେଶ ପାଇ ଦେଲା ଶୂନ୍ୟେ ଗୁହ୍ମିଁ ଜାନକୀ ଭୂଷଣ ।

---

୪୫ଶ ପଦ:—ପୁଷ୍କରେ—ଆକାଶରେ ।

---

୪୫ଶ ପଦ:—ସୀତାଙ୍କୁ ରକ୍ଷା କରିବା ଆଶାରେ ଉଦ୍‌ବେଗ ହୋଇ ସୀତାଙ୍କ ପକ୍ଷ ନେଇ ନିଜର ପକ୍ଷାଘାତ ଦ୍ୱାରା ରାବଣର ରଥକୁ ଭାଙ୍ଗି ପକାଇଲା । ଏହା ଦେଖି ରାବଣ ବାମ ହସ୍ତରେ କ୍ଷୀଣକଟୀ ସୀତାଙ୍କୁ ଧରି, ଦକ୍ଷିଣ ହସ୍ତରେ ଖଡ୍‌ଗ ଧରି ଜଟାୟୁର ପକ୍ଷକୁ ଛେଦନ କଲା । ତତ୍ପରେ ପୁଷ୍ପକ ଯାନକୁ ସ୍ମରଣ କରନ୍ତେ, ସେ ରଥ ଆସିଲା । ରାବଣ ସୀତାଙ୍କୁ ଘେନି ତହିଁରେ ବସି ଶୂନ୍ୟମାର୍ଗରେ ଗମନ କଲା । ସେତେବେଳେ ସୀତା ଜଟାୟୁକୁ କହିଲେ, " 'ଅଯୋଧ୍ୟାବର' ଶ୍ରୀରାମଙ୍କୁ ବାର୍ତ୍ତା ଦେବାପାଏ, ତୋ ଜୀବନ ଥାଉ ।"

୪୬ଶ ପଦ:—ସୀତା ଏହା କହନ୍ତେ, ରାବଣ ଛଳ କରି କହିଲା, "ସେ 'ଅଯୋଧ୍ୟାବର' ଶତ୍ରୁ ସଙ୍ଗେ ଯୁଦ୍ଧ କରିବାକୁ ଅସମର୍ଥ, ତେଣୁ ଅଯୋଧ୍ୟାରାଜ୍ୟକୁ 'ବରଦ' ତ୍ୟାଗ କଲା । ସେ ପୁଣି ମାନବ ମାତ୍ର, ସେ ବାରତା ପାଇଲେ ତା ଶରଦ୍ୱାରା ମୋର କଣ କରିବ ?" ଏହି ସମୟରେ ରଥ ଆକାଶମାର୍ଗରେ ଯାଇ ଋଷ୍ୟମୂକ ଗିରି ସମୀପରେ ପହଞ୍ଚିଲା । ସେ ଗିରିରେ ସୁଗ୍ରୀବ ମନ୍ତ୍ରୀମାନଙ୍କ ସଙ୍ଗତରେ ଘେନି ବସିଛନ୍ତି । ସୀତା ତାହା ଦେଖି ଆପଣା ଦେହରୁ ଅଳଙ୍କାର-ମାନ କାଢ଼ିଲେ ।

୪୭ଶ ପଦ:—'କୃପାନିଧି' ରାମଚନ୍ଦ୍ର ଏହା ପାଇବେ, ସୀତା ଏହିପରି ମନରେ ବିଚାର କରି, ବସନରେ ବାନ୍ଧି ଅଳଙ୍କାରମାନ ପକାଇ ଦେଲେ । ବାନରରାଜ ସୁଗ୍ରୀବ ସେ ଅଳଙ୍କାର ପାଇ ଶୂନ୍ୟକୁ ଗୁହ୍ମି ଦେଲେ । ତା ଦେଖି ଜାନକୀ କହିଲେ, "ରାମଙ୍କୁ ଏ ବାର୍ତ୍ତା କହିବ,—ରାବଣ ମୋତେ ଲଙ୍କା ଗ୍ରାମକୁ

କାଣ୍ଡୀ କନ୍ଦ ଘନେ ମୋତେ ଲଙ୍କାଗ୍ରାମେ ନେଉଛନ୍ତି ରାବଣ ।
ବିସୋରିଲେ ଶତ୍ରୁଁ ମୁଁ ଲଭନ୍ତି ମୋ ମୃତ୍ୟୁ କାହାକୁ ଦୂଷଣ ? ୪୭ ।
ବୋଲନ୍ତାକୁ ରଥ ଗଲା ଏତେ ପଥ ଅଦୃଶ୍ୟ ହୋଇଲା ।
ବିଭୂଷଣମାନ କରିଣ ଯତନ ସୁଗ୍ରୀବ ଥୋଇଲା ।
ବିୟତୁଁ ଖସାଇ ରଥ ପୁରେ ଯାଇ ଅଶୋକ ବିପିନେ ।
ବେଢ଼ାଇ ସହସ୍ର ଅସୁରୀ ଜଗାଇ ତହିଁରେ ପ୍ରଧାନେ । ୪୮ ।
ବେଷ୍ଟରେ ସମର୍ପି ସମର୍ପାକୁ ସଖୀ ବିଜଟା କରାଇ ।
ବୃଦ୍ଧି ହରଷ ଭବନରେ ପ୍ରବେଶ ହସିଲା ହୁଅଇ ।
ବାନ୍ଧଣୀ ଘନର ପାଶବନ୍ଧା ମୃଗୀ ପରାଏ ଭୟରୁ ।
ବହିଲା ଶିଳା ପିତୁଳା ତୁଳା ସିଦ୍ଧି ସୁଶୀଳା ହେବାରୁ । ୪୯ ।
ବିଧାତା ବଚନେ ସୁଧା ଘେନି ବନେ ନାରଦ ମିଳନ୍ତି ।
ବିମୋହିତ କରି ଅସୁରୀମାନଙ୍କୁ କହିଲେ ସଙ୍କେତ ।
ବିଚ୍ଛେଦ ତୁଟିବ ଚତୁର୍ଦ୍ଦଶମାସେ ନ କର ଶୋଚନା ।
ବଧ ରାବଣ ସଗୋଷ୍ଠ ହୋଇ ହେବ ବିମଳଲୋଚନା । ୫୦ ।

---

୪୮ଶ ପଦ:—ବିୟତୁଁ—ଆକାଶରୁ ।

---

ନେଇଯାଉଛନ୍ତି । ସେ ମୋତେ ମନରୁ ପାଶୋରି ଦେଲେ, ନିଶ୍ଚୟ ମୋର ମୃତ୍ୟୁ ହେବ । ଏ ନିନ୍ଦା କାହାକୁ ହେବ ? ( ତାଙ୍କୁହିଁ ଏ ନିନ୍ଦା ହେବ ) ।”

୪୮ ଓ ୪୯ଶର ପଦ:—ସୀତା ଏହି କଥା କହୁ କହୁ ରଥ ଏତେ ଦୂର ଗଲା ଯେ, ଆଉ ଦୃଶ୍ୟ ହେଲା ନାହିଁ । ସୁଗ୍ରୀବ ସୀତା ପକାଇଥିବା ଅଳଙ୍କାରମାନ ଯତ୍ନ କରି ଥୋଇଲେ । ରାବଣ ଆକାଶରୁ ରଥ ଖସାଇ ଆପଣା ପୁରକୁ ଯାଇ ଅଶୋକ ବନରେ ସହସ୍ରେ ଅସୁରୀ ଘେରାଇ ସୀତାଙ୍କୁ ରଖିଲା । ସେମାନଙ୍କ ମଧ୍ୟରେ ପ୍ରଧାନ ସମର୍ପା ରାକ୍ଷସୀକୁ ସୀତାଙ୍କୁ ସମର୍ପଣ କଲା ଏବଂ ବିଜଟା ନାମକ ରାକ୍ଷସୀକୁ ତାଙ୍କ ସଖୀ କରାଇ ଆନନ୍ଦ ବୃଦ୍ଧି ହୋଇଥିବାରୁ ହସ ହସ ହୋଇ ଯାଇ ନିଜ ଗୃହରେ ପହଞ୍ଚିଲା । ସୀତା ଭୟ ପାଇ ପାଶବଦ୍ଧ ହରିଣୀ ପ୍ରାୟ ହେଲେ, ମାତ୍ର ସୁଶୀଳା ହେତୁ ପ୍ରସ୍ତର ମୂର୍ତ୍ତି ପରି ତୁନି ହୋଇ ରହିଲେ ।

୫୦ଶର ପଦ:—ବ୍ରହ୍ମାଙ୍କ ଆଜ୍ଞାରେ ନାରଦ ଅମୃତ ଘେନି ଯାଇ ଅଶୋକବନରେ ମିଳିଲେ,ଅସୁରୀମାନଙ୍କୁ ବିମୋହିତ କରି ସୀତାଙ୍କୁ ସଙ୍କେତ ଦେଇ କହିଲେ,“ଚଉଦ ମାସ ପରେ ତୁମ୍ଭର ବିଚ୍ଛେଦ କଷ୍ଟ ତୁଟିବ, ସେଥିପାଇଁ ଶୋକ କର ନାହିଁ । ହେ ନିର୍ମଳଲୋଚନେ ! ରାବଣ ସବଂଶରେ ବିନାଶ ପ୍ରାପ୍ତ ହେବ ।”

ବାଧା ନ କରିବ କ୍ଷୁଧା ପିପାସା ଏ ସୁଧା କରି ଗ୍ରାସ ।
ବୈଦ୍ୟ ଅଷ୍ଟାଙ୍ଗବ୍ୟାଧିମନ୍ତେ ଔଷଧି ବହିଲା ସଦୃଶ ।
ବିବେକ ହେଲା ପାଇବି ତ ମୁଁ ଧନ୍ୟ ଈଶ୍ୱର ଭରସା ।
ବାହୁଡ଼ିଲେ ଋଷି ଅମୃତକୁ ଗ୍ରାସି ବସିଲେ ସୁଦୃଶା ।୫୧।

ବିମ୍ବୋଷ୍ଠୀ ଅବନୀଦୃଷ୍ଟି ଅନ୍ତ କଷ୍ଟୀ କପୋଳେ ଶ୍ରୀକର ।
ବ୍ୟାକୁଳ କେତେ ନ ଦେଖି ହେବେ ମୋତେ ଭବେ ଏ ଈଶ୍ୱର ।
ବଇଦେହୀଶ ବିଳାସ ନାମ ଗୀତ ବକାରେ ରଚନ ।
ବାମପଦେ ଛାନ୍ଦ ଉପେନ୍ଦ୍ର କୃତ ବୁଝିବେ ସୁମନ ।୫୨।

—*—

୫୧ଶ ପଦ:—"ଏ ଅମୃତ ନେଇ ଗ୍ରାସ କର, ତୁମ୍ଭଙ୍କୁ କ୍ଷୁଧା ତୃଷା ବାଧିବ ନାହିଁ ।" ଅଷ୍ଟାଙ୍ଗ ବ୍ୟାଧି ଘୋଟିଥିବା ରୋଗୀକୁ ବୈଦ୍ୟର ଔଷଧି ଭଲ କଲା ପରି ସୀତାଙ୍କୁ ନାରଦଙ୍କ ବାଣୀ ସୁସ୍ଥ କଲା । ସେ ଈଶ୍ୱର କଲେ, ମୁଁ ରାମଚନ୍ଦ୍ରଙ୍କୁ ପୁନର୍ବାର ପାଇ ଧନ୍ୟ ହେବି । ଏଥିପାଇଁ କେବଳ ମାତ୍ର ଈଶ୍ୱର ଭରସା ।' ତତ୍ପରେ ନାରଦ ଋଷି ବାହୁଡ଼ି ଗଲେ, ସୀତା ଅମୃତ ଖାଇ ବସି ରହିଲେ ।

୫୨ ଶର ପଦ:—ସୀତା ରାମଚନ୍ଦ୍ରଙ୍କ ବିରହରେ ଅତି ମ୍ଳାନ ଭାବରେ ମୁଖ ପୋତି ଭୂମିକୁ ଚାହିଁ ଦକ୍ଷିଣ ହସ୍ତ ଗଣ୍ଡସ୍ଥଳରେ ଦେଇ ଚିନ୍ତା କଲେ, "ରାମଚନ୍ଦ୍ର ମୋତେ ନ ଦେଖି କେତେ ବ୍ୟାକୁଳ ହେବେ । ବୈଦେହୀଶବିଳାସ ନାମକ କାବ୍ୟ ବ ଆଦ୍ୟ ଅକ୍ଷରରେ ରଚିତ ହୋଇଅଛି । ଉପେନ୍ଦ୍ର କୃତ କାବ୍ୟ ପଦର ଏ ଛାନ୍ଦ ପଣ୍ଡିତମାନେ ବୁଝିବେ ।

—*—

## ପଞ୍ଚବିଂଶ ଛାନ୍ଦ

### ରାଗ—ଶଙ୍କରାଭରଣ

ବାଜୀ ବାଜିବାରେ ହାହା ଲକ୍ଷ୍ମଣ ଶବଦ ।
ବିରଚନେ ରାମ ରାମ ହୋଇଲେ ସ୍ତବଧ ।
ଚିନ୍ତିଲେ ନର-ବାଣୀ ;
ବିପଦ ନ ପୁଣ ଉପସ୍ଥିତ ହୁଏ ଶୁଣି । ୧ ।
ବିମଳ କେମନ୍ତ ଚନ୍ଦ୍ର ସେ ନ ମାରୁଁ ମୃଗ ।
ବସିଲା କଳଙ୍କ ହୋଇ ଅଙ୍କେ ସେହିପରି ।
ବଧ ମୋହସ୍ତଯୋଗୁଁ ଏହି ।
ବିଶେଷ କଳଙ୍କ ନ କରୁ ରାମଚନ୍ଦ୍ର ମୁହିଁ । ୨ ।
ବପୁରୁଁ ମାୟାମୃଗର ଜ୍ୟୋତି ବାହାରିଲା ।
ବପୁରେ ସେ ଦୂଷଣରିପୁର ମିଶିଗଲା ।
ବଡ଼ ସୁକୃତ ଶବର ।
ବାହୁଡ଼ିଲେ ଭାର କରି ସୁମନସବର । ୩ ।

---

୧ମ ପଦ:—ବାଜୀ—ଶର । ରାମ—ମୃଗ । ନରବାଣୀ—ମନୁଷ୍ୟ ପରି କଥା ।

୩ୟ ପଦ:—ବପୁରୁଁ—ଦେହରୁ । ବପୁରେ—ଦେହରେ । ଦୂଷଣରିପୁ—ରାମଚନ୍ଦ୍ର । ଶବର—ମୃତଦେହର । ସୁମନସବର—ଦେବଶ୍ରେଷ୍ଠ ବା ପଣ୍ଡିତ ଶ୍ରେଷ୍ଠ ।

---

## ପଞ୍ଚବିଂଶ ଛାନ୍ଦ

୧ମ ପଦ:—ଶର ବାଜିବା ମାତ୍ରକେ କନକମୃଗ 'ହାହା ଲକ୍ଷ୍ମଣ' ଶବ୍ଦ କରିବାରୁ ରାମଚନ୍ଦ୍ର ଚକିତ ହୋଇ ଭାବିଲେ, "ଏ ପଶୁହୋଇ ମନୁଷ୍ୟପରି କଥା କହିଲା । ବିପଦ କିଛି ପଡ଼ିବ ନାହିଁ ତ ?" (ପଶୁ ବଚନ ଶ୍ରବଣରେ ବିପଦ ପଡ଼ିବାର ସମ୍ଭାବନା ।)

୨ୟ ପଦ:—"ଚନ୍ଦ୍ର କିପରି ନିଷ୍କଳଙ୍କ; ସେ ନ ମାରି ମଧ୍ୟ ମୃଗ ନିଜ ଇଚ୍ଛାରେ ମରି ତା କୋଳରେ କଳଙ୍କ ସ୍ୱରୂପ ହୋଇ ବସି ରହିଲା । ଅଥଚ ଏ ମୃଗ ମୋ ହସ୍ତରେ ବଧ ହେଲା । ମୁଁ 'ରାମଚନ୍ଦ୍ର' ମନୋହର ଚନ୍ଦ୍ର । ସଂସାରମଧ୍ୟରେ ଏ ମୃଗ ମୋହର କଳଙ୍କ ସ୍ୱରୂପ ନ ହେଉ ।"

୩ୟ ପଦ:—ମାୟାମୃଗର ଦେହରୁ ଜ୍ୟୋତି ବାହାରିଲା । ସେ ଜ୍ୟୋତି ପାପର ଶତ୍ରୁ ରାମଚନ୍ଦ୍ରଙ୍କ ଦେହରେ ମିଶିଗଲା । ସେ ମୃତଦେହର ବଡ଼ ପୁଣ୍ୟ କାରଣ ଦେବଶ୍ରେଷ୍ଠ ରାମଚନ୍ଦ୍ର ତାକୁ ଭାର କରି କାନ୍ଧରେ ବହି ବାହୁଡ଼ିଲେ ।

ବାଟରେ ଅନୁଜ ଭେଟ ମନ ଭରସିତା
ବୋଲେ ଧର ସୀତା କାହିଁ କଲୁ ତୁ ଏକତା ।
ବକ୍ଷୁଁ ହୋଇଲେ ଅନ୍ତର ।
ବଢଇ ଯେ ଥର ଭୟେ ହୃଦର ପଥର । ୪ ।
ବୋଇଲେ ସୁମିତ୍ରାସୁତ ଶୁଣ ରଘୁବର ।
ବଣାହେଲେ ଜଣାଥାଉଁ ତୁମ୍ଭ ଆରପଣ ।
ବାଣୀ ମୋ ର ନାମେ ଶାନ୍ତ ।
ବକାଶନ୍ତୁ ସରୁମଧ୍ୟା ଖରୁ ଭୟ ବନ୍ତ । ୫ ।
ବୈଦେହୀ ପ୍ରମାଣ ଫଳେ କଷ୍ଟ କର ଜାତ ।
ବଦାରତ ହୃଦକ୍ଷେତ ସୀତା ନାମ ସତ ।
ବନା ଭକ୍ଷଁ ଜନେ ବାମା ।
ବାଣୀ ସୁଧା ବୋଲେ ସୁରମତେ ନେ ହେ ସମା । ୬ ।

---

୪ର୍ଥ ପଦ:—ଅନୁଜ—ସାନଭାଇ । ଥର—କମ୍ପନ । ହୃଦୟପଥରେ—ମନରେ ।

୫ମ ପଦ:—ସରୁମଧ୍ୟା—କ୍ଷୀଣକଟୀ ବଶିଷ୍ଟା ।

୬ଷ୍ଠ ପଦ:—ବୈଦେହୀ—ପିପ୍‌ପଳୀ । ସୀତା—ଲଙ୍ଗଳଲୁହା । ସୁରମତେ—ଦେବତାମାନଙ୍କ ମତରେ ।

---

୪ର୍ଥ ପଦ:—ବାଟରେ ଲକ୍ଷ୍ମଣଙ୍କର ଭେଟ ହେବାରୁ ରାମଚନ୍ଦ୍ରଙ୍କ ମନ ଭରସଯୁକ୍ତ ହେଲା । ସେ କହିଲେ, "ସୀତା କାହିଁ, ତାକୁ ଏକାକିନୀ ଛାଡ଼ି ଆସିଲୁ କାହିଁକି ? ମୋ ବକ୍ଷସ୍ଥଳରୁ ଅନ୍ତର ହେଲେ ସେ ଯେ ମନମଧ୍ୟରେ ଭୟରେ ଥରହର ହୁଏ ।"

୫ମ ପଦ:—ଲକ୍ଷ୍ମଣ କହିଲେ, "ହେ ରଘୁବର ! ଶୁଣ, ତୁମ୍ଭର ଆରପଣ ଜଣାଥିଲେ ମଧ୍ୟ 'ହାହା ଲକ୍ଷ୍ମଣ' ଶବ୍ଦ ଶୁଣାଯିବାରୁ କ୍ଷୀଣକଟୀ ଖରୁ ସୀତା ବଣାହୋଇ ଭୟ କଲେ ।"

୬ଷ୍ଠ ପଦ:—"ତାଙ୍କର ବୈଦେହୀ ନାମ ପ୍ରମାଣିତ ହେଲା । 'ବୈଦେହୀ' ପିପ୍‌ଳୀ ବୃକ୍ଷର ଫଳ ଯେପରି କଷ୍ଟ ପ୍ରଦାନ କରେ, ସୀତା ସେହିପରି ଶେଷରେ ମୋତେ କଷ୍ଟକଥା କହିଲେ । ପୁଣି ତାଙ୍କର ସୀତା ନାମ ସାର୍ଥକ ଅଟେ । 'ସୀତ' ଲଙ୍ଗଳାଗ୍ର କଅଁଶକୁ ଚଷି ଫାଳ ଫାଳ କଲା ପରି ସେ ମୋ ହୃଦୟ କ୍ଷେତ୍ରକୁ ବଦାରି ଦେଲେ । ଲୋକେ ଅମୃତ ଖାଇ ନ ଥିବାରୁ ସ୍ତ୍ରୀଙ୍କ କଥାକୁ ଅମୃତ ସହିତ ତୁଳନା ଦେଇଥାନ୍ତି, ମାତ୍ର ଦେବତାମାନଙ୍କ ମତରେ ତା ଠିକ୍ ନୁହେ । ( ଦେବତାମାନେ ଯେ ଅମୃତ ଖାଇଅଛନ୍ତି ) ।"

ବିଜ୍ଞ ଯେଣୁ ଯୋଗୀ ତେଣୁ ଶ୍ରଦ୍ଧାରେ ନ ଶୁଣି ।
ବୋଇଲେ ରାମ ଶିବନ୍ତୁ କେ ବଡ଼ ଯୋଗୀ ପୁଣି ।
ବହି ଅର୍ଦ୍ଧ ଅବୟବେ ।
ବିଦୂର ଶଙ୍କାରେ ଶୁଣୁଛନ୍ତି ରାବଦବେ ।୭।
ବଚନ ଘାର୍ଦ୍ଦ ରଚନ ସତ୍ୱର ଗମନ ।
ବାଳା ଅନୁସରି ନ ଆସିବା ଦେଖି ଛନ୍ନ ।
ବିସ୍ମରନ୍ତି ସ୍ୱେଦାଧୀନା ।
ବିମାନ ନୋହେ ସଦୋଷେ ଏବେ ଦୋଷ ବିନା ।୮।
ବୃକ୍ଷ କରୁଣାରେ ସେ ନିବଶ ଫଳ ବହି ।
କରି ସ୍ୱାଧୀନଭର୍ତ୍ତୃକା ବୋଲି ଯେବେ ମୁହିଁ ।
ବାଞ୍ଛେ ଲେଖିଥାଇଁ ସ୍ଥିରି ।
ବୋଲୁଥାଇ ଲେଖି ତବାଧୀନଭର୍ତ୍ତା କରି ।୯।

---

୭ମ ପଦ:—ବିଜ୍ଞ—ଜ୍ଞାନୀ । ବିଦୂର—ଅନ୍ତର ।

୯ମ ପଦ:—କରୁଣ—ଦୟା । ସ୍ୱାଧୀନଭର୍ତ୍ତୃକା—ଯେଉଁ ସ୍ତ୍ରୀର ଅଧୀନରେ ସ୍ୱାମୀ ଥାଏ । ଭର୍ତ୍ତା—ସ୍ୱାମୀ ।

---

୭ମ ପଦ:—"ଯୋଗୀମାନେ ବିଶେଷ ଜ୍ଞାନୀ ଅଟନ୍ତି, ତେଣୁ ସ୍ତ୍ରୀଙ୍କ ବଚନରେ ସେମାନେ ଶ୍ରଦ୍ଧାନ୍ୱିତ ହୁଅନ୍ତି ନାହିଁ କି ତା ଶୁଣନ୍ତି ନାହିଁ ।" ଲକ୍ଷ୍ମଣ ଏହା କହିବାରୁ ରାମଚନ୍ଦ୍ର କହିଲେ, "ଶିବଙ୍କଠାରୁ ଆଉ ବଡ଼ ଯୋଗୀ କିଏ ଅଛି ? ସ୍ତ୍ରୀ ଅନ୍ତର ହେବା ଭୟରେ ସେ ଅର୍ଦ୍ଧାଙ୍ଗରେ ନିଜ ସ୍ତ୍ରୀତ ସ୍ତ୍ରୀକୁ ବହନ କରି ସ୍ତ୍ରୀର ବଚନ ଶୁଣୁଅଛନ୍ତି ।"

୮ମ ପଦ:—ରାମଚନ୍ଦ୍ର ଏ କଥା ଆର୍ଦ୍ଧସ୍ୱରରେ ଲକ୍ଷ୍ମଣଙ୍କୁ କହି ଶୀଘ୍ର ଗମନ କଲେ । କୁଟୀର ନିକଟରେ ପ୍ରବେଶ କରି ପ୍ରିୟା ଆସି ବାଟକୁ ଚାହିଁ ନ ଥିବାର ଦେଖି ସେ କାତର ହେଲେ । ପୁଣି ମନ ମଧ୍ୟରେ ବିଚାର କଲେ, ସେ ତ ସ୍ୱେଦାଧୀନା, ମୁଁ କ୍ରୋଧ କରିଥିଲେ ମଧ୍ୟ ମୋଠାରେ ସେ ବିମନା ହୁଏ ନାହିଁ । ଏବେ ବିନା ଦୋଷରେ ବିମନା କାହିଁକି ହେଲା ?'(ସେ କାହିଁକି ଦୁଆର ମୁହଁରେ ମୋ ଆସିବା ବାଟକୁ ଚାହିଁ ଠିଆ ହୋଇ ନାହିଁ ? )

୯ମ ପଦ:—'କରୁଣା ବୃକ୍ଷରେ ନୈରାଶ୍ୟ ଫଳ କେବେ ଫଳେ କି ? ଯେବେ ମୁଁ କାନ୍ଥରେ 'ମୋର ପ୍ରିୟା ସ୍ୱାଧୀନ ଭର୍ତ୍ତୃକା' ମୁଁ ମୋ ପ୍ରିୟାର ଦାସ—ଏହା ଲେଖିଥାଏଁ, ତେବେ ସେ ତାହା ଦେଖି ମୋତେ କହେ 'ତବାଧୀନଭର୍ତ୍ତା'—ତୁମ୍ଭର ମୁଁ ଦାସୀ ବୋଲି ଲେଖ ।'

ବିରହୋତ୍କଣ୍ଠିତା ସାର ନାଗରୀରତନ ।
ବିସ୍ତରି ତ ଥାନ୍ତା ନବ ନବ ଭାବମାନ ।
ବଚନକେ ମୁଁ ତାହାର ।
ବନ୍ଧନେ କବରୀ ଆଣି ଆସିଛୁ ତଉଁସୀ । ୧୦ ।
ବାସକସଜ୍ଜା ହୋଏ ମୁଁ ପାଶୁଁ ଗଲା କ୍ଷଣେ ।
ବେଶ ସାରି ଶଯ୍ୟା କରି ନିରେଖେ ପ୍ରାଙ୍ଗଣେ ।
ବିପ୍ରଲବ୍ଧା ହୋଇ ଧନ ।
ବିକାଶ କୁସୁମକାଳେ ତେଜେ କେଳି ସ୍ଥାନ । ୧୧ ।
ବାର ବାର ଅଭିସାରି ମୋ ପାଶେ ପଣ୍ଡିତା ।
ବିପରୀତ ମାଗିବାରେ ହୁଅଇ ଖଣ୍ଡିତା ।
ବିଧି ପ୍ରୋଷିତଭର୍ତ୍ତୃକା ।
ବାନ୍ଧବାକୁ କରିବାକୁ କରୁଅଛୁ ଡକା । ୧୨ ।

---

୧୨ଶ ପଦ:—ଅଭିସାର—ସଙ୍କେତ ସ୍ଥଳକୁ ଗମନ ।

---

୧୦ମ ପଦ:—'ସେ ନାଗରୀବର ସୀତା ବିରହୋତ୍କଣ୍ଠିତା ନାୟିକାଙ୍କ ମଧ୍ୟରେ ଶ୍ରେଷ୍ଠ । ସେ ମୋର ବିରହରେ ନବ ନବ ଭାବନାମାନ ଚିତ୍ତରେ ବିସ୍ତାରୁଥାନ୍ତା । ମୁଁ ତାହାର ପଦେ କଥାରେ କେଶ ବନ୍ଧନ ପାଇଁ ତଉଁସୀ ଆଣିଅଛି । ( ତେବେ ସେ ବିମନା ହେଲା କାହିଁକି ? )

୧୧ଶ ପଦ:—'ମୋ ପାଖରୁ ଗଲାକ୍ଷଣି ସେ ବାସକସଜ୍ଜା ନାୟିକାପ୍ରାୟ ହୁଏ । ଆପେ ବେଶ ସାରି ଶେଯ ପକାଇ ଅଗଣାରେ ଠିଆ ହୋଇ ମୋତେ ନିରେଖୁ ଥାଏ । ପୁଣି ସେହି ପ୍ରିୟା ମୋର ବିପ୍ରଲବ୍ଧା ନାୟିକା ହୋଇ ପୁଷ୍ପବର୍ଷ ସମୟରେ କେଳି ସ୍ଥାନ ତେଜି ଚାଲିଯାଏ ।' ( ତାହା ତ ହୋଇ ନାହିଁ ଏବେ ନ ଆସେ କାହିଁକି ? )

୧୨ଶ ପଦ:—'ଅଭିସାରିକା ନାୟିକାପରି ସେ ବାରମ୍ବାର ମୋ ପାଖକୁ ଆସିବାରେ ନିପୁଣ ଅଟେ । ମୁଁ ବିପରୀତ ରତି ମାଗିବା ବେଳେ ସେ ଖଣ୍ଡିତା ନାୟିକା ହୁଏ ଅର୍ଥାତ୍ କ୍ରୋଧଯୁକ୍ତ ହୋଇ ମୋ ବାକ୍ୟ ଖଣ୍ଡନ କରେ । ( ଏବେ ମୁଁ ବିପରୀତ ରତି ମାଗି ନାହିଁ—ତେବେ ସେ ବିମନା ହେଲା କାହିଁକି ? ) । ବିଧାତା ମୋର ପ୍ରିୟାକୁ 'ପ୍ରୋଷିତଭର୍ତ୍ତୃକା' କରିବାକୁ [ ମୋ ସହିତ ବିଚ୍ଛେଦ କରିବାକୁ ] ମୁଁ ସବୁବେଳେ ଆଶଙ୍କା କରୁ ଥାଏ । ବର୍ତ୍ତମାନ ସେ ଆଶଙ୍କା ସତ୍ୟ ହେଲା କି ?'

ବହୁଥିବାରେ ଶରୀର ପ୍ରାଣନାଥେଶ୍ୱରୀ ।
ବହିବ ନାହିଁ କଳହାନ୍ତରିତା ସ୍ୱଭୂଷା ।
ବିବର୍ଜିତ ପ୍ରିୟାହୃଦ ।
ବିଚ୍ଛନ୍ଦରେ କେମନ୍ତେ କଲା ଆସପଦ । ୧୩ ।
ବୋଇଲେ ଦେହଳୀ ପାଶେ ମୃଗଭାର ଥୋଇ ।
ବାସ ଦେହରେ କି କରି ନିବାରିବୁ ତୁହି ?
ବିଳମ୍ବେ ମୋ କରି ହଠ ।
ବିଧାନ ଯେ କରିଅଛୁ ଲୁଚିବା କପଟ । ୧୪ ।
ବିଲୋପ ନୋହିବୁ ରସବତି ପୂରି ତମେ ।
ବିଧିରେ ପ୍ରସନ୍ନମୁଖୀ ହାସ ସ୍ଫୁରି ସମେ ।
ବିସ୍ତାରିତ କରି ପାଣି ।
ବେଶ୍ମେ ପଶି କୋଳକୁ ଆସ ରେ ପ୍ରିୟ ଭଣି । ୧୫ ।

---

୧୩ଶ ପଦ:—ବିବର୍ଜିତ—ଶୂନ୍ୟ । ବିଚ୍ଛନ୍ଦରେ—କୌଶଳରେ । ଛନ୍ଦ—କପଟ । ଆସପଦ—ସ୍ଥାନ ।

୧୪ଶ ପଦ:—ଦେହଳୀ—ଏରୁଣ୍ଡୀବନ୍ଧ ।

୧୫ଶ ପଦ:—ବିଲୋପ—ଛପିବା । ତମ—ଅନ୍ଧକାର । ପ୍ରସନ୍ନମୁଖୀ—ହୃଷ୍ଟବଦନା ବା ଚନ୍ଦ୍ରମୁଖୀ । ପାଣି—ହସ୍ତ । ବେଶ୍ମ—ଘର ।

---

୧୩ଶ ପଦ:—'ମୋ ପ୍ରାଣେଶ୍ୱରୀ ଦେହ ଧରି ଥିବ ଯାଏ; କଳହାନ୍ତରିତା ସ୍ୱଭୂଷା ବହିବ ନାହିଁ । ( କଳହ କରି ମୋଠାରୁ ଅନ୍ତର ହେବ ନାହିଁ ) । କାରଣ ମୋର ପ୍ରିୟାର ହୃଦୟ କପଟଶୂନ୍ୟ । ଏବେ କି କୌଶଳରେ 'ଛନ୍ଦ' କପଟ ସେ ହୃଦୟରେ ପାଇଲା ?'

୧୪ଶ ପଦ:—ରାମଚନ୍ଦ୍ର ମନେ ମନେ ଏହା ବିଚାରି ଯାଇ ଦ୍ୱାରମୁହଁ ପାଖରେ ମୃଗଭାର ଥୋଇ ଦେଇ କହିଲେ, "ମୋର ଆସିବାରେ ବିଳମ୍ବ ହେବାରୁ, ତୁ ହଠ କରି କପଟରେ ଲୁଚିଅଛୁ । ମାତ୍ର ତୋହର ଦେହର ବାସନାକୁ କପରି ନିବାରି ତୁ ଲୁଚି ରହି ପାରିବୁ ? ( ତୋର ଦେହର ବାସନାରୁ ମୁଁ ଜାଣିପାରିବି ଯେ, ତୁ କେଉଁଠି ଲୁଚିଅଛୁ । ତେଣୁ ଲୁଚି ଫଳ କିଛି ନାହିଁ ) ।"

୧୫ଶ ପଦ:—ହେ ରସବତି ! ତୁ ଅନ୍ଧକାର ଗୃହରେ ମଧ୍ୟ ଅଦୃଶ୍ୟ ହୋଇ ପାରିବୁ ନାହିଁ । ଦୈବକ୍ରମେ ତୁ ପ୍ରସନ୍ନମୁଖୀ । ତୋର ହାସ୍ୟ ସ୍ଫୁରି ପଡ଼ି ଝଟକିବ ( ତେଣୁ ଅନ୍ଧକାରରେ ମଧ୍ୟ ତୋ ଦେଖା ମିଳିପାରିବ ) ।" ଏହା କହି ରାମଚନ୍ଦ୍ର ଗୃହ ମଧ୍ୟରେ ପ୍ରବେଶ କରି ହସ୍ତ ବଢ଼ାଇ ଡାକିଲେ, "ହେ ପ୍ରିୟା ! ମୋ କୋଳକୁ ଆ ।"

ବୋଲିଥିଲୁ ଆଣ ଏକା ମୃଗଚର୍ମ ପୁଚ୍ଛ ।
ବାଛୁ ବାଛୁ ତୋଳ ଆଣିଅଛୁ ପୁଷ୍ପଗୁଚ୍ଛ ।
ବସ ସେ ଅଜନେ ବେଗେ ।
ବାନ୍ଧିବି ମୁଁ କୁନ୍ତଳ ଭ୍ରମର ଫୁଲଯୋଗେ । ୧୬ ।
ବହିବୁ ଶଙ୍କା ଚଉଁରୀ ଦେଇ ମୋର ହସ୍ତ ।
ବଦାଇବେ ରଚିବାକୁ କ ପ୍ରତ୍ୟୁଷାସ୍ତି ତ ।
ବୋଲିବାକୁ ନାହିଁ ଭାନ୍ତ ।
ବୋଇଲା ବଚନ ଆନ ହୋଇଛୁ ମୋ କାହିଁ ? ୧୭ ।
ବନ୍ଧୁ ତୁହି ଧନ ତୁହି ପ୍ରାଣ ତୁହି ସତେ ।
ବନ୍ଧୁ ଧନ ଦୂର କରି ଆଣିଛୁ ସଙ୍ଗତେ ।
ଜଗତ ତୁ ହେଲେ ରକ୍ଷା ।
ବ୍ରହ୍ମାଣ୍ଡରେ କ ରୂପରେ ଅଛୁ ସୁକଟାକ୍ଷା । ୧୮ ।

---

୧୬ଶ ପଦ:—ପୁଷ୍ପଗୁଚ୍ଛ—ଫୁଲପେଣ୍ଡା । ଅଜନ—ମୃଗଚର୍ମ । କୁନ୍ତଳ—କେଶ । ଭ୍ରମର—ଚଉଁରୀ ।

୧୭ଶ ପଦ:—ପ୍ରତ୍ୟୁଷାସ୍ତି ତ—ତପସ୍ୱୀତ ରଚ ।

୧୮ଶ ପଦ:—ସୁକଟାକ୍ଷା—ସୁଦୃଶା ।

---

୧୬ଶ ପଦ:—"ତୁ କେବଳ ମୃଗଚର୍ମ ଓ ମୃଗପୁଚ୍ଛ ଆଣିବାକୁ କହିଥିଲୁ । ମାତ୍ର ମୁଁ ତାହା ବ୍ୟତୀତ ବାଛୁ ବାଛୁ ଫୁଲପେଣ୍ଡା ସବୁ ତୋଳ ଆଣିଛୁ । ତୁ ଶୀଘ୍ର ଆସି ସେ କନକ ମୃଗଛାଲରେ ବସ । ଫୁଲ ଓ ଭ୍ରମର ଯୋଗେ ମୁଁ ତୋର କେଶ ବାନ୍ଧି ଦେବି ।"

୧୭ଶ ପଦ:—"ହେ ପ୍ରିୟେ ! 'ଚଉଁରୀ ମୋର ହସ୍ତରେ ଦେଇ ତପସ୍ୱୀତ ରଚ କରିବାକୁ କୁହାଇବେ'—ଏହା ଭାବି ତୁ ଭୟ କରୁଛୁ କି ? ତା ମଧ୍ୟ ମୁଁ କହୁ ନାହିଁ । ମୋର କହିବା କଥା କେବେ ଅନ୍ୟଥା ହୋଇଛି କି ?"

୧୮ଶ ପଦ:—"ତୁ ମୋର ବନ୍ଧୁ, ତୁ ମୋର ଧନ, ତୁ ମୋର ପ୍ରାଣ ଅଟୁ, ଏହା ସତ୍ୟ ଅଟେ । ତେଣୁ ବନ୍ଧୁ ଧନ ଦୂର କରି ତୋତେ ସଙ୍ଗରେ ଆଣିଅଛି । ହେ ସୁଦୃଶା ! ତୁ ମୋର ପ୍ରାଣ, ତୁ ଛାଡ଼ି ଗଲେ ମୋର ଆଉ ବ୍ରହ୍ମାଣ୍ଡରେ କପରି ରକ୍ଷା ଅଛି ? ( ପ୍ରାଣହୀନ ଶରୀର ରହିବା ଅସମ୍ଭବ ) ।"

ବସଇ ହୃଦୟେ ଦୟା କଠିନ ଉରଜ ।
ବନ୍ଦ୍ୟ ଜଗତରେ ଜ୍ୟେଷ୍ଠ ଅଟଇ ସହଜ ।
ବିକର୍ମରୁ ମୋର ହେଜ ।
ବରାରୋହା ଏମନ୍ତ ଭାବକୁ ଅଛୁ ଭଜ । ୧୯ ।
ବିନତ ଇଙ୍ଗିତ ଛଳ ବଚନ ପ୍ରକାଶି ।
ବେଳେ ନ ପାରିଲେ ଯହୁଁ ବାଳା ମନ ତୋଷି ।
ବ୍ୟର୍ଥ ବାତୁଳେ ପଣ୍ଡିତ ।
ବୁଝାଇଲା ପ୍ରାୟ ଶାସ୍ତ୍ର ହୋଇଲା ତେମନ୍ତ । ୨୦ ।
ବକ୍ତବ୍ୟ ଲକ୍ଷ୍ମଣେ କ ଜାନକୀ କ୍ଷୀଣକୁକ୍ଷୀ ।
ବିଗ୍ର ହେଲା ରାକ୍ଷସୀ କପଟେ ଗଲା ଭକ୍ଷି ।
ବାଧ ବୋଲି ସ୍ତ୍ରିହତ୍ୟା ।
ବଧ ନ କଲୁ ଶୁଝାଇଲା ବଇରତା । ୨୧ ।

---

୧୯ଶ ପଦ:—ବରାରୋହା—ସୁନ୍ଦରୀ ।
୨୦ଶ ପଦ:—ବାତୂଳ—ବାତୁଳ ବା ବାବଦୂକ ।
୨୧ଶ ପଦ:—କ୍ଷୀଣକୁକ୍ଷୀ—କ୍ଷୀଣୋଦରୀ । ବିଗ୍ର—ନାକକଟା ବ୍ୟକ୍ତି । ବଇରତା—ଶତ୍ରୁତା ।

---

୧୯ଶ ପଦ:—"ତୋ ହୃଦୟରେ ଦୟା ଓ କଠିନ ସ୍ତନଯୁଗଳ ଉଭୟେ ବାସ କରନ୍ତି । ତାଙ୍କ ମଧ୍ୟରେ ଜ୍ୟେଷ୍ଠ ଦୟା ସ୍ୱଭାବରେ ଜଗତରେ ପୂଜ୍ୟ ଅଟେ ( କଠିନ ଗୁଣ ପୂଜ୍ୟ ନୁହେଁ ) । ହେ ପରମାସୁନ୍ଦରୀ ! ମୋର କର୍ମ ବିପାକରୁ ତୁ କନିଷ୍ଠ କଠିନ ଗୁଣକୁ ଧାରଣ କରିଅଛୁ କି ? ( ଏ ଜ୍ୟେଷ୍ଠ ହୋଇ ସୁଦ୍ଧା ପୂଜ୍ୟ ହେଲେ ନାହିଁ, ମାତ୍ର ଭରତ କନିଷ୍ଠ ହୋଇ ପୂଜ୍ୟ ହେଲେ । ଏହି କଥା ହେଜ ତୁ ଜ୍ୟେଷ୍ଠ ଗୁଣ ଦୟାକୁ ଛାଡ଼ି କଠିନ ଗୁଣକୁ ବହିଲୁ କି ? )"

୨୦ଶ ପଦ:—ରାମଚନ୍ଦ୍ର ଏହିପରି ବିନୟ, ପରିହାସ, ଛଳ ପୂର୍ଣ୍ଣ ବାକ୍ୟମାନ ପ୍ରକାଶ କରି ମଧ୍ୟ ସୀତାଙ୍କ ମନ ତୋଷି ପାରିଲେ ନାହିଁ । ବାତୁଳ ଲୋକକୁ ପଣ୍ଡିତ ଶାସ୍ତ୍ର ବୁଝାଇଲା ପ୍ରାୟ ଏ ବଚନ ସବୁ ବ୍ୟର୍ଥ ହେଲା ।

୨୧ଶ ପଦ:—ତତ୍ପରେ ଲକ୍ଷ୍ମଣଙ୍କୁ କହିଲେ, 'କୃଶୋଦରୀ ସୀତାଙ୍କୁ ବିଗତ ନାସିକା ସୂର୍ପଣଖା ରାକ୍ଷସୀ କପଟରେ ଆସି ଖାଇ ଗଲା କି ? ସ୍ତ୍ରୀ ହତ୍ୟା ଦୋଷ ବାଧିବ ବୋଲି ବିଦୁର ତାକୁ ବଧ ନ କରିବାରୁ ସେ ଏହିପରି ଶତ୍ରୁତା ଶୁଝାଇଲା କି ?"

ବିଧାତା ନିର୍ମାଣ କଲା କେ ଆନ କରିବ ।
ବୋଲୁଁ ପିତା ହା ରାମ ରାମ ଗଲା ଜୀବ ।
ବେଳ ପଡ଼ିଲା ଲକ୍ଷ୍ମଣ ।
ବୋଲୁ ହା ରାମା ହା ରାମା ଯିବ ମୋ ପରାଣ । ୨୨ ।
ବିରତ କନ୍ଦୁଣ ତୋତେ କୃପାସିନ୍ଧୁ ମିତ ।
ବୋଲଇ ଯେ ପ୍ରଥମୁଁ ପୀୟୂଷ କରି ଜାତ ।
ବଶ କରି କଲୁ ଶିବ ।
ବିଷ ଜନ୍ମାଇଲୁ ଆନ ଅର୍ଥେ ପାରି ଯିବ । ୨୩ ।
ବୋଲନ୍ତି ଯେ ଚନ୍ଦ୍ର ଶଶୀ କର୍ପୂର ହାଟକ ।
ବାରି ଶଶୀ ମାତ୍ର କରେ ଜଗତ ଆଲୋକ ।

---

୨୩ଶ ପଦ:—କନ୍ଦୁଣ—କ୍ରନ୍ଦନ । ପୀୟୂଷ—ଅମୃତ । ଶିବ—ମଙ୍ଗଳ, ମହାଦେବ ।

୨୪ଶ ପଦ:—ଶଶୀ—ଚନ୍ଦ୍ର । ହାଟକ—ସୁବର୍ଣ୍ଣ । ତମ—ଅନ୍ଧକାର । ବିବେକରତନ—ବିଚାରଚକ୍ଷୁ ।

---

୨୨ଶ ପଦ:—"ହେ ଲକ୍ଷ୍ମଣ ! ବିଧାତାର ବିଧାନ କଥା କିଏ ଅନ୍ୟଥା କରିବ ? ପିତା ଦଶରଥ 'ହା ରାମ ହା ରାମ' କହି ଜୀବନ ଛାଡ଼ିଲେ; ଏବେ ସେହି ସମୟ ଆସି ପଡ଼ିଲା, 'ହା ରାମା, ହା ରାମା, କହି ମୋର ଜୀବନ ଯିବ ।"

୨୩ଶ ପଦ:—ତତ୍ପରେ ରାମଚନ୍ଦ୍ର ରୋଦନ କରି କହିଲେ, "ହେ ବନ୍ଧୁ ! ତୋତେ ମୁଁ କୃପାସମୁଦ୍ର ବୋଲି କହେ । ସମୁଦ୍ର ପ୍ରଥମରେ ଅମୃତ ଜାତ କରି ପରେ ବିଷ ଜାତ କଲା; ସେହିପରି ତୁ ପ୍ରଥମେ ସୁଖରୂପ ଅମୃତ ଦେଇ ମୋତେ ବଶ କଲୁ । ବର୍ତ୍ତମାନ ଶେଷରେ ତୁ ବିଷ ଜନ୍ମାଇଲୁ । ସେ ବିଷ ଶିବ ଭିନ୍ନ ଅନ୍ୟ କାହାଠାରେ ପାରି ହେବ କି ? ( ମୋର ହୃଦୟରେ ବିଷ ଭରି ଦେଲୁ, ମୁଁ ତାହା ସହ୍ୟ କରି ନ ପାରି ନିଶ୍ଚୟ ନାଶ ଯିବି ) ।"

୨୪ଶ ପଦ:—କର୍ପୂର, ହାଟକ ( ସୁବର୍ଣ୍ଣ ), ବାରି ( ଜଳ ) ଏ ସମସ୍ତ ଚନ୍ଦ୍ର ବୋଲନ୍ତି, ମାତ୍ର କେବଳ ଶଶୀ ଘୋର ଅନ୍ଧକାରକୁ ନାଶ କରେ ଓ ସଂସାରକୁ ଆଲୋକିତ କରେ । ସେହିପରି ସୀତା ଅନେକ ଥିଲେ ମଧ୍ୟ ତୁ କେବଳ ଏକା ମୋର ଆନନ୍ଦଦାୟିନୀ । ଓ ଦୁଃଖବିନାଶିନୀ ଅଟୁ । (କର୍ପୂର, ସୁବର୍ଣ୍ଣ, ଜଳ ଚନ୍ଦ୍ର ନାମ ବହନ କଲେ ମଧ୍ୟ ଯେପରି ଜଗତକୁ ଆଲୋକିତ କରିବାର ଗୁଣ ତାଙ୍କର ନାହିଁ, ସେହିପରି ଏକା ତୋ ବ୍ୟତୀତ ଅନ୍ୟ କୌଣସି

ବିଧ୍ୱଂସିଲି ତମ ଘୋର ।
ବିବେକରତ୍ନ ଧନ ମନେ ବେଳ କର ।୨୪।
ବସନ୍ତ ଋତୁ ତ ଅନ୍ତ ହୋଇ ନାହିଁ ଗୋରି ।
ବଚନ କୋକିଳ କିମ୍ପା ଛାଡ଼ିଲା ମାଧୁରୀ ।
ବେତୁ ବେତୁ ସେ ଅଧିକ ।
ବିଭ୍ରମ ଜନ୍ମ ପାଦପେ ବିନୟ ସର୍ଜକ ।୨୫।
ବଲ୍ଲୀ ଆଲିଙ୍ଗନ ତ ତୁମ୍ଭର ନାହିଁ ଭଙ୍ଗ ।
ବିଯୋଗୀ ହେଲି ବିଶେଷେ ଅନୁସରିଥିଲି ।
ବାଳୀ କାହିଁ ଗଲା ଛାଡ଼ି ।
ବିକଶିତେ ପୁଷ୍ପେ ତ ନିର୍ଦ୍ଦୟ ହୋଇ ହସ ।୨୬।
ବୋଲାଉଛ କେ ରସାଳ କେ ପୁଣି ଅଶୋକ ।
ବିଘାତକ କେହ୍ନି କରି ତୁମ୍ଭ ମଧ୍ୟେ ଏକ ।

---

୨୭ଶ ପଦ:—ରସାଳ—ରସଯୁକ୍ତ, ଆମ୍ବଗଛ । ଅଶୋକ—ଶୋକହୀନ, ଅଶୋକ ବୃକ୍ଷ । ବିଘାତକ—ନିର୍ଘାତକ, ବାହାଡ଼ା ଗଛ ।

---

ସୀତା ନାମ୍ନୀ ରମଣୀର ମୋତେ ତୋଷ କରିବାର କ୍ଷମତା ନାହିଁ ) । ହେ ବିବେକରତ୍ନ ! ହେ ଧନ ! ଏ କଥାକୁ ଥରେ ମାତ୍ର ତୋ ମନରେ ବିଚାର କର ।"

୨୫ଶ ପଦ:—"ରେ ଗୋରି ! ବସନ୍ତ ଋତୁ ତ ଶେଷ ହୋଇ ନାହିଁ । ତୋର ବଚନ କୋକିଳ କିମ୍ପା ମାଧୁର୍ଯ୍ୟ ଛାଡ଼ିଲା ? ( ବସନ୍ତ ଋତୁ ଥାଉଁ ଥାଉଁ ତୋର ବଚନ ରୂପ କୋକିଳର ଶବ୍ଦ ନୀରବ ହେଲା କାହିଁକି ? )" ଏହି ପରି କହୁ କହୁ ରାମଙ୍କର ଅଧିକ ବିଭ୍ରମ ଜାତ ହୁଅନ୍ତେ, ସେ ବୃକ୍ଷମାନଙ୍କୁ ବିନୟ କରି କହିଲେ;—

୨୬ଶ ପଦ:—"ହେ ବୃକ୍ଷଗଣ ! ତୁମ୍ଭଙ୍କୁ ତ ଲତାମାନେ ଆଲିଙ୍ଗନ କରି ଅଛନ୍ତି—ତା ଅନ୍ୟଥା ହୋଇ ନାହିଁ । ମୁଁ ବିଶେଷରେ ତୁମ୍ଭଙ୍କୁ ଅନୁସରଣ କରି ଏଠାରେ ରହିଥିଲି । ବର୍ତ୍ତମାନ ମୁଁ ବିରହୀ ହେଲି । ମୋର ସୀତା କୁଆଡ଼େ ଗଲା କହ । ପୁଷ୍ପ ବିକାଶ ଛଳରେ ତ ନିର୍ଦ୍ଦୟ ଭାବରେ ହସୁଅଛ । ( ମୁଁ ତୁମ୍ଭର ଆଶ୍ରିତ—ତଥାପି ମୋ ବିପଦବେଳେ ହସୁଛ । ଏ କଣ ଭଲ ବ୍ୟବହାର ? )"

୨୭ଶ ପଦ:—"ତୁମ୍ଭମାନଙ୍କ ମଧ୍ୟରେ କିଏ 'ରସାଳ' ରସବନ୍ତ (ଆମ୍ବ), କିଏ ପୁଣି 'ଅଶୋକ' ଶୋକବିହୀନ, କିଏ 'ବିଘାତକ' ଭୟହୀନ ( ବାହାଡ଼ା )

ଧନା ରସ ମୁଁ ହୋଇଛି ।
ବୁଡ଼ି ଶୋକରେ ଖ୍ୟାତକ ହୋଇ ଜନ ନେତ୍ର । ୨୭ ।
ବୋଲ୍ଲୁଅ ଯେ ଫଳବନ୍ତ ମୋ ପ୍ରତିଆଶାରେ ।
ସଫଳ ହୋଇଣ କଏ ହୋଇବ ସଂସାରେ ।
ବ ସୁହୃଦ ମୁଁ ନୋହେ ମିତ ।
ବହ ବୋଲି ତୁମ୍ଭେ ଜଟା ମୁଁ ବହିଛୁ ସତ । ୨୮ ।
ଆମୋଦିତ ଏକ ପଦ-ବାସ ସୁମନରେ ।
ବଳ୍କଳ ପିଧାନ ପୁଣି ଶାଖା ରଞ୍ଜନରେ ।
ବିଳସିତ କରେ ଖଗ ।
ବାଞ୍ଛା କହି ମୋ ପ୍ରିୟାର ନାଶ ହେ ଉଦ୍‌ବେଗ । ୨୯ ।

---

୨୯ଶ ପଦ:—ଆମୋଦିତ—ସୁବାସିତ ବା ପରମାନନ୍ଦିତ । ପିଧାନ—ପିନ୍ଧିବା । ଶାଖା—ଡାଳ, ସହାୟ । କରେ—କରିବା, ହସ୍ତରେ । ଖଗ—ପକ୍ଷୀ, ଶର ।

---

ବୋଲୁଅଛ । ତୁମ୍ଭମାନଙ୍କ ମଧ୍ୟରେ ମୁଁ ବାସ କରି ସାରସ ହେବି, ପୁଣି ଶୋକରେ ବୁଡ଼ି ଉପ୍ଯୁକ୍ତ ହୋଇ ଜନ ନେତ୍ର । ( ତୁମ୍ଭଙ୍କୁ ଆଶ୍ରୟ କରିବା'ରୁ କଣ ଏହି ଫଳ ମିଳିଲା ) ?"

୨୮ଶ ପଦ:—"ତୁମ୍ଭେମାନେ ପୁଣି 'ଫଳବନ୍ତ' ଫଳଯୁକ୍ତ ବୋଲୁଅ, ମୋ ପ୍ରତି ଆଶାରେ ସଫଳ ହୋଇବ କି ? ( ମୋ ଆଶାକୁ ସଫଳ କରିବ କି ? ) । ସଂସାର ମଧ୍ୟରେ ମୁଁ ତୁମ୍ଭର ଶତ୍ରୁ ନୁହେ, ମିତ୍ର ଅଟେ । ତୁମ୍ଭେ 'ଜଟା' ଚେର ଧାରଣ କରିଅଛ ବୋଲି ମୁଁ ମଧ୍ୟ ବହି ଅଛୁ । ଏହା ମଧ୍ୟ ମିଥ୍ୟା ନୁହେ ।"

୨୯ଶ ପଦ:—"ତୁମ୍ଭେ ପଦ ଓ 'ବାସ ସୁମନରେ' ସୁବାସିତ କୁସୁମରେ ଆମୋଦିତ ହୋଇଅଛ, ସେହିପରି ମୁଁ ମଧ୍ୟ ଉତ୍ତମ ମନରେ ପଦ କୁଡ଼ିଆରେ ଆମୋଦିତ ହୋଇଅଛୁ । ପୁଣି ତୁମ୍ଭେ ବକଳ ପିନ୍ଧିଛ ( ତୁମ୍ଭ ଦେହରେ ବକ ଉଦ୍‌ଗତ ହୋଇ ରହିଛୁ ) ଓ ଡାଳମାନଙ୍କରେ ରଞ୍ଜିତ ହୋଇଅଛ । ମୁଁ ସେହିପରି ବକଳ ପିନ୍ଧିଅଛୁ ଓ ଲକ୍ଷ୍ମଣର ସହାୟରେ ରହିଅଛୁ । ତୁମ୍ଭଠାରେ ପକ୍ଷିମାନେ ବିଳାସ କରନ୍ତି, ମୋ ହସ୍ତରେ ବାଣମାନେ ଶୋଭିତ ହୁଅନ୍ତି । (ସବୁ ପ୍ରକାରରେ ମୁଁ ତୁମ୍ଭର ମିତ୍ର ଅଟେ ) । ଅତଏବ ମୋ ପ୍ରିୟାର ଖବର କହି ମୋର ଉଦ୍‌ବେଗକୁ ଦୂର କର ।"

ବାତ ପଲ୍ଲବ ଚଳିଲେ ଯେଉଁ ମାର୍ଗେ ନଗେ ।
ବିବେକ ଏ ଠାରନ୍ତି ଅଛି କି ଏହି ଦିଗେ ।
ବାସ ନିକଟେ ଋଷିଙ୍କ ।
ବିଶୁଦ୍ଧ ବାକ୍ୟକୁ ଶିଖିଛନ୍ତି ସାରି ଶୁକ । ୩୦ ।
ବୋଲନ୍ତେ ରାମ ରାଘବ ଦାଶରଥି ତହିଁ ।
ବିବେଚନା ନାମ ଧରି ଡାକେ କି ବୈଦେହୀ ।
ବେଗି ହୋଇ ଦେଖି ମାର୍ଗ ।
ବୈଷ୍ଣବ ସରସୀ ପ୍ରାପ୍ତ ଚକ୍ରଚକ୍ରେ ଯୋଗ । ୩୧ ।
ବଦନ୍ତି ଭ୍ରାତେ ସୁଦନ୍ତି ସୁଦନ୍ତୀଗମନ୍ତା ।
ବଳେ ବସାଇ ସ୍ୟନ୍ଦନେ କେ ଗଲା କି ଘେନି ।
ବାରି-ରାଶି ମଧ୍ୟେ ମୋର ।
ବହିତ୍ର କଟାଇ ଧନ ହରିନେଲା ଜୂର । ୩୨ ।

---

୩୦ଶ ପଦ:—ପଲ୍ଲବ—ପତ୍ର । ନଗେ—ବୃକ୍ଷମାନେ ।

୩୨ଶ ପଦ:—ସୁଦନ୍ତି—ସୁଦଶନା । ସୁଦନ୍ତୀଗମନ୍ତା—ଗଜଗମନା । ସ୍ୟନ୍ଦନ—ରଥ । ବହିତ୍ର—ବୋଇତ ବା ଜାହାଜ । ଜୂର—ଲୁଟି ।

---

୩୦ଶ ପଦ:—ପବନ ଦ୍ୱାରା ବୃକ୍ଷମାନଙ୍କର ପତ୍ର ଯେଉଁ ଦିଗକୁ ଚାଳିତ ହେଲା, ରାମ ସେ ଦିଗକୁ ଚାହିଁ ବିଚାର କଲେ, 'ତୁମ୍ଭର ପ୍ରିୟା ଏହି ଦିଗରେ ଅଛି'—ବୃକ୍ଷମାନେ ମୋତେ ଠାରି ଏହା କହୁଅଛନ୍ତି କି ? ଏହା ଭାବି ସେ ସେହି ଦିଗକୁ ଯିବାରୁ ଋଷିଙ୍କ ମଠ ନିକଟରେ ଥିବା ଶାରୀ ଶୁକ ବିଶୁଦ୍ଧଭାବରେ କଥାବାର୍ତ୍ତା କରୁଥିବାର ଶୁଣିଲେ ।

୩୧ଶ ପଦ:—ସେହି ଶୁକ ଶାରୀ 'ରାମ ରାଘବ ଦାଶରଥି' ବୋଲି କହନ୍ତେ ରାମ ବିଚାରିଲେ, "ବୈଦେହୀ ମୋର ନାମ ଧରି ଡାକେ କି ?" ଏହା ଭାବି ଶୀଘ୍ରରେ ଯାଇ ଦେଖିଲେ, ବାଟ ବୈଷ୍ଣବ ଓ ପୁଷ୍କରିଣୀ ପରି ଚକ୍ରଚିହ୍ନ ଯୁକ୍ତ ହୋଇଅଛି । ( ବୈଷ୍ଣବମାନେ ଯେପରି ଚକ୍ର ଛାପରେ ଯୁକ୍ତ ହୋଇଥାନ୍ତି, ପୁଷ୍କରିଣୀ ଯେପରି ଚକ୍ରବାକ ପକ୍ଷୀ ଦ୍ୱାରା ଯୁକ୍ତ ହୋଇଥାଏ, ସେହିପରି ପଥ ରଥର ଚକ ଚିହ୍ନରେ ଯୁକ୍ତ ହୋଇଅଛି ) ।

୩୨ଶ ପଦ:—ରଥ ଚକ ପଡ଼ିଥିବାର ଦେଖି ରାମ ଲକ୍ଷ୍ମଣଙ୍କୁ କହିଲେ, "ଗଜରାଜଗମନା ସୁଦଶନା ସୀତାକୁ ବଳାତ୍କାରରେ ରଥରେ ବସାଇ କିଏ ଘେନି ଗଲା କି? ଏହା ଯେ କଲା, ସେ ମୋର ଭବସମୁଦ୍ର ମଧ୍ୟରେ ପ୍ରାପ୍ତ ବାଣିଜ୍ୟର ବୋଇତକୁ ଫଟାଇ ସୀତାରୂପ ଧନକୁ ଲୁଟି କରି ନେଇଗଲା ।"

ବାଣିଜ୍ୟ ବିହୀନେ କେଣ୍ହେ ଜୀବନ ପୋଷିବି ?
ବର୍ଷ୍ମ ଶିଳେ କାହା ତନୁ ସୁବର୍ଣ୍ଣ କଷିବି ?
ବାରବାନରୁ ସେ ଫାଇଁ ।
ବୃଦ୍ଧି ରତ୍ତି ଲଭ ମନ ଅନୁରୂପେ ପାଇ । ୩୩ ।
ବିହ୍ୱଳଲ୍ଲ ମାନସ ଝିଲ୍ଲିକା ସ୍ୱନ ଶୁଣି ।
ବାଳୁଛି କି ନୂପୁର ସଂଦ୍ରାବି ଯୋଷାମଣି ।
ବେଗି ପୁଣି ଏତେ ଭଣି ।
ବିଭଞ୍ଜନ ରଥକୁ ଦେଖିଲେ ଶୂରପାଣି । ୩୪ ।
ବିଲୋକ ତତ୍ତ୍ୱ ମୋ ଶୁଭ କର୍ମେ ଏ ଭଗନ ।
ବାମାଗ୍ରେର ଧରି ତାକୁ କରେ କି ଗମନ ।
ବଦେ ଭ୍ରମର କିଙ୍କିଣୀ ।
ବିରଚିବାରୁ କି ରଣ ରଣ ପୁଣି ପୁଣି । ୩୫ ।

---

୩୩ଶ ପଦ:—ବର୍ଷ୍ମ-ଶିଳ—ଦେହରୂପ କଷଟି ପଥର । ବାରବାନ—ବାରବାନ୍ନି ସ୍ୱର୍ଣ୍ଣ ଅର୍ଥାତ୍ ଖାଣ୍ଟି ସୁନା । ଫ ଇଁ—ଲଭ ।

୩୪ଶ ପଦ:—ଝିଲ୍ଲିକା—ଝିଙ୍କାରି । ସଂଦ୍ରାବ—ପଳାଇଯିବା ।

---

୩୩ଶ ପଦ:—"ଏବେ ବାଣିଜ୍ୟ ବିହୁନରେ ମୁଁ କିପରି ଜୀବନ ପୋଷିବି ? (ଧନ ଥିବାରୁ ସିନା ପ୍ରେମ ବାଣିଜ୍ୟ କରି ଜୀବନ ପୋଷୁଥିଲି, ଏବେ ତ ସୀତାରୂପ ଧନ ଗଲା, ମୁଁ କିପରି ଚଳିବି) ? କାହା ଦେହ ସୁନାକୁ ମୋ ଦେହରୂପ କଷଟି ପଥରରେ କଷିବି ? ( ମୁଁ ଆଉ କାହାକୁ ଆଲିଙ୍ଗନ କରିବି ? ) ବିଶୁଦ୍ଧ ସୁନାଠାରୁ ମୋ ପ୍ରିୟା ତନୁରୂପ ସୁନା ଅଧିକ ଅଟେ । ମନ ଅନୁରୂପେ ବାଣିଜ୍ୟରେ ସୁନା ରତିଏ ମାତ୍ରାରେ ବୃଦ୍ଧି ହେଲେ, ଯେପରି ବଣିକର ଆନନ୍ଦ ଜାତ ହୁଏ, ସେହିପରି ମୁଁ ସୁରତି ଲଭିକରି ସୁଖୀ ହେଉଥିଲି ।"

୩୪ଶ ପଦ:—ଏହି ସମୟରେ ରାମଚନ୍ଦ୍ରଙ୍କ ମନ ଝିଙ୍କାରି ନାଦ ଶୁଣି ବିହ୍ୱଳିତ ହେଲା । ସେ ଭାବିଲେ, ନେଉଥିବା ଲୋକ ପାଶରୁ ସୀତା ପଳାଇ ଯାଉଛି କି ? ତେଣୁ ନୂପୁର ଶବ୍ଦ ଶୁଣାଯାଉଛି, ( ଝିଙ୍କାରି ଶବ୍ଦ ଶୁଣି ନୂପୁର ଶବ୍ଦ ବୋଲି ମନେ କଲେ ) । ଏହା ଭାବି ରାମ ଶୀଘ୍ର ଆଗକୁ ଗଲେ ଓ ଭଙ୍ଗା ହୋଇ ପଡ଼ିଥିବା ରଥକୁ ଦେଖିଲେ ।

୩୫ଶ ପଦ:—ଭଙ୍ଗା ରଥ ଦେଖି ରାମଚନ୍ଦ୍ର ପୁଣି ଅସ୍ଥିର ମନରେ ଭାବିଲେ, 'ମୋହର ଶୁଭକର୍ମଯୋଗୁ ଏ ରଥ ଭଗ୍ନ ହେଲା । ନାରୀଚୋର ମୋ ପ୍ରିୟାକୁ ଧରି ଚାଲି ଚାଲି ଯାଉଅଛି କି ?' ସେହି ସମୟରେ ଭ୍ରମର ଗୁଞ୍ଜନ ଶବ୍ଦ ଶୁଣି ସେ ମନେ କଲେ, 'ମୋ ପ୍ରିୟା ନାରୀଚୋର ସହିତ ଯୁଦ୍ଧ କରିବାରୁ ତାର କଟି କିଙ୍କିଣୀ ଏପରି ରବ କରୁଅଛି କି ?'

ବାଣୀ ଶୁଣାଇବା ଭଳି ଉଚ୍ଚ ଉଚ୍ଚ ଡାକ ।
ବନ୍ଧୁ ରସସିନ୍ଧୁ ରସାଭୂଷା ବୋଲି ଟେକ ।
ବକ୍ତ୍ରଭୂଲେ ବିଧୂ ଭୂଲୁଁ ।
ବିଦ୍ୟମାନେ କଲ ହୃଦପାପେ ଲଘୁ କଲୁ । ୩୬ ।
ବ୍ରହ୍ମା ଯହୁଁ ଜାତ ତାକୁ ଦଳନ୍ତୁ ପାଦରେ ।
ବନ୍ଧାଉ ଶାଟୀ ଧଟୀରେ ସିଂହକୁ ମଧ୍ୟରେ ।
ବିପକ୍ଷର ଜୀବନକୁ ।
ବଳାଉନ୍ତୁ ମୋର କରେ ଦେବାର ମନକୁ । ୩୭ ।
ବୋଲି ବୋଲି ଯାଉଁ ଏହା ଜଟାୟୁ ପିକ୍ଷନ୍ତ ।
ବିଜ୍ଞାନ ହୋଇ ଅନ୍ତରେ କହିଲା ଏମନ୍ତ ।
ବଳେ କୋଦଣ୍ଡଧାରଣ !
ବୈଦେହୀଙ୍କୁ ନେଇ ଗଲାଟି ଲଙ୍କାକୁ ରାବଣ । ୩୮ ।

---

୩୮ଶ ପଦ:—ପିକ୍ଷନ୍ତ—ପକ୍ଷୀ ।

---

୩୬ଶ ପଦ:—ସୀତାଙ୍କୁ ଶୁଣାଇବା ଭଳି ଉଚ୍ଚରେ ଡାକି କହିଲେ, "ହେ ବନ୍ଧୁ ! ହେ ରସସିନ୍ଧୁ ! ହେ ପୃଥିବୀଶୋଭନ ! ଉଚ୍ଚ, ଉଚ୍ଚ । ଲୋକମାନେ ଚନ୍ଦ୍ରକୁ ତୋ ମୁଖ ସଙ୍ଗେ ତୁଳନା କରନ୍ତେ, (ତୋର ମୁଖ ଚନ୍ଦ୍ରକୁ ଲଘୁ କରିଦେଲା, ତେଣୁ ସେ ଉପରକୁ ଉଠିଗଲା (ତେର ମୁଖଶୋଭା ଚନ୍ଦ୍ରର ଗର୍ବକୁ ଦଳୁଅଛି ) ।"

୩୭ଶ ପଦ:—"ଯେଉଁ ପଦ୍ମରୁ ବ୍ରହ୍ମା ଜାତ ହେଲେ, ସେହି ପଦ୍ମକୁ ତୁ ପାଦରେ ଦଳୁଅଛୁ । (ପଦ୍ମ ଶୋଭାଠାରୁ ତୋ ପାଦର ଶୋଭା ବେଶି ) । ତୁ କଟୀରେ ପିନ୍ଧିଥିବା ଶାଢ଼ୀର ଧଡ଼ିରେ ସିଂହକୁ ବନ୍ଧାଇଥାଉ ( ତୋ କଟୀ ସିଂହ କଟୀ ଅପେକ୍ଷା ସରୁ ) । ତୁ ସିଂହକୁ ବାନ୍ଧି ଥିବାରୁ ମହାବୀର ଅଟୁ—ତେଣୁ ଶତ୍ରୁକୁ ନିଜେ ସଂହାର ନ କରି ତାହାର ପ୍ରାଣକୁ ମୋ ହାତରେ ଦେବାକୁ ମନ ବଳାଉଛୁ । ( ତୁ ନିଜେ ସଂହାର କରିବାକୁ ଇଚ୍ଛା କରିଥିଲେ ବହୁତ ବେଳୁ ସଂହାର କରି ପାରନ୍ତୁଣି, ମାତ୍ର ମୋ ହାତରେ ମରାଇବାକୁ ମନ କରିଥିବାରୁ ଏ ପର୍ଯ୍ୟନ୍ତ ରଖିଅଛୁ ) ।"

୩୮ଶ ପଦ:—ରାମ ଏହା କହି କହି ଯାଆନ୍ତେ, ଜଟାୟୁ ପକ୍ଷୀ ସେ ଶବ୍ଦ ଶୁଣି ଚେତନା ପାଇ ଉଠିଲା ଏବଂ ଉଚ୍ଚ ସ୍ୱରରେ ସମ୍ବୋଧ ଦେଇ କହିଲା, "ହେ ବଳେ ! ହେ କୋଦଣ୍ଡଧାରଣ ! ରାବଣ ସୀତାଙ୍କୁ ନେଇ ଲଙ୍କାକୁ ଚାଲିଗଲା ।"

ବିବାଦେ ମୁଁ ଭାଙ୍ଗିଲି ଶତାଙ୍ଗ ମୋତେ ହାଣି ।
ବସାଇ ପୁଷ୍ପକେ ଘେନି ଗଲା ରାମାମଣି ।
ବସା ମଧ୍ୟରୁ କପୋତି ।
ବନ୍ଦୀ କରି ଜାଲେ ଯଥା ଲୁବ୍ଧକେ ନିଅନ୍ତି । ୩୯ ।
ବିଜେ କରି ଦକ୍ଷିଣେ ଦକ୍ଷିଣ ଭୂମେ ଗୁଣେ ।
ଧ୍ୱଂଶକର ପ୍ରାଣ କ୍ଷୀଣ କରି ତୀକ୍ଷ୍ଣବାଣେ ।
ବୋଲେ ବିସର୍ଜିଲା ଜୀବ ।
ବିହାୟସେ ରହି ଦିବ୍ୟରୂପେ କଲା ସ୍ତବ । ୪୦ ।
ବିମଳ ହୋଇ ଲଭିଲା ସେ ପରମଗତି ।
ବହ୍ନି ଯୋଗ କଲେ ଶବ ସ୍ୱୟଂ ରଘୁପତି
ବାସବରେ ବନ୍ଦ୍ୟ ଯେହି ।
ବିପ୍ର ପୋଷ୍ୟପୁତ୍ର ପ୍ରାୟେ ପ୍ରେତକ୍ରିୟା ବହି । ୪୧ ।

---

୪୦ଶ ପଦ:—ଦକ୍ଷିଣ—ପ୍ରବୀଣ । ବିହାୟସେ—ଆକାଶରେ ଦିବ୍ୟରୂପେ —ଦେବତାରୂପରେ ।

---

୩୯ଶ ପଦ:—"ସେ ସୀତାଙ୍କୁ ନେବାର ଦେଖି ମୁଁ ତା ସହିତ ଯୁଦ୍ଧ କରି ତା ରଥ ଭାଙ୍ଗିଦେଲି । ସେ ରାବଣ ମୋ ଡେଣା ହାଣି ରତ୍ନ କଙ୍କଣରେ ମଣି ବସାଇଲା ପ୍ରାୟେ ପୁଷ୍ପକ ବିମାନରେ ସୀତାଙ୍କୁ ବସାଇ ଘେନିଗଲା । ଯେପରି ବ୍ୟାଧମାନେ ବସା ମଧ୍ୟରୁ କପୋତି ପକ୍ଷୀକି ଜାଲରେ ବନ୍ଦୀ କରି ନିଅନ୍ତି, ସେହିପରି ରାବଣ ପର୍ଣ୍ଣ କୁଡ଼ିଆରୁ ସୀତାଙ୍କୁ ରଥରେ ବନ୍ଧକରି ନେଇଗଲା ।"

୪୦ଶ ପଦ:—" ଆପଣ ତ କ୍ଷତ୍ରିୟ ଗୁଣରେ ପ୍ରବୀଣ ଅଟନ୍ତି । ଏବେ ଦକ୍ଷିଣ ଦିଗକୁ ବିଜେ କରି [ଲଙ୍କାକୁ ଯାଇ] ତୀକ୍ଷ୍ଣ ବାଣରେ ରାବଣର ପ୍ରାଣକୁ ବିନାଶ କରନ୍ତୁ ।" ଏହା କହି ଜଟାୟୁ ପ୍ରାଣ ଛାଡ଼ିଲା । ଦିବ୍ୟରୂପ ଧରି ଆକାଶରେ ଆକାଶରେ ରହି ସ୍ତୁତି କଲା ।

୪୧ଶ ପଦ:—ସେ ଜଟାୟୁ ଏହି ପୁଣ୍ୟକାର୍ଯ୍ୟ କରି ପରମ ଗତି ଲଭିଲା । ନିଜେ ରଘୁପତି ସେ ମୃତ ପିଣ୍ଡିକୁ ଅଗ୍ନି ସଂଯୋଗ କଲେ । ଯେଉଁ ରାମଚନ୍ଦ୍ର ଇନ୍ଦ୍ରର ପୂଜ୍ୟ ଅଟନ୍ତି, ସେ ପାଳିତ ବ୍ରାହ୍ମଣପୁତ୍ର ପରି ପ୍ରେତକର୍ମ କଲେ । [ରାଜାମାନେ ମୃତ୍ୟୁପରେ ପ୍ରେତକ୍ରିୟା କରିବା ପାଇଁ ବ୍ରାହ୍ମଣ ପୁତ୍ରମାନଙ୍କୁ ଆଣି ପୋଷି ରଖିଥାନ୍ତି] ।

ବହିଲା ସ୍ରୋତେ କଳନ୍ଦପର୍ବତରୁଁ କାଳନ୍ଦୀ ।
ବକ୍ଷସ୍ଥଳେ ପଡ଼େ ଅଶ୍ରୁ ଗଲେ କାନ୍ଦି କାନ୍ଦି ।
ବସ୍ତୁଲିଙ୍ଗ ପଦେ ଛାନ୍ଦ ।
ବିରଚନ ବୀରବର ଚିନ୍ତି ରାମଚନ୍ଦ୍ର । ୪୨ ।

—*—

## ଷଡ଼୍‌ବିଂଶ ଛାନ୍ଦ

### ରାଗ—ମଙ୍ଗଳବରାଡ଼ି

ମୁନିବର ବାଣୀ

ଘନେ ଘନେ ରଘୁମଣି । ବିପଥ ପଥ ନ ମଣି ।
ଘନପୂର୍ଣ୍ଣ ଅନୁକ୍ଷଣ । ହେଜ ଈକ୍ଷଣ ଯେ । ୧ ।
ବିଚ୍ଛିନ୍ନ ମନ ଉଚିତ । ବଚନ ଉଚେ ରଚିତ ।
ବିଚ୍ଛେଦ ହେଲୁ ଈଷିତେ । ବୈଦେହୀ ସୀତେ ଗୋ । ୨ ।

---

୪୨ଶ ପଦ:—କାଳନ୍ଦୀ—ଯମୁନା ନଦୀ ।

---

### ଷଡ଼୍‌ବିଂଶ ଛାନ୍ଦ

୧ମ ପଦ:—ଘନ—ନିବିଡ଼ । ବିପଥ—ଅବାଟ । ଘନ—ଜଳ ଅର୍ଥାତ୍ ଲୋତକ ଜଳ । ଈକ୍ଷଣ—ଚକ୍ଷୁ ।

---

୪୨ଶ ପଦ:—କଳନ୍ଦ ପର୍ବତରୁ ଯମୁନା ନଦୀ ବହିଲାପରି ରାମଙ୍କ ଛାତିରେ ଲୁହ ବହି ପଡ଼େ । ସେ ଏହିପରି କାନ୍ଦି କାନ୍ଦି ସେଠାରୁ ଗଲେ । ଏ ଛାନ୍ଦକୁ ବୀରବର ଉପେନ୍ଦ୍ର ବୀରବର ରାମଚନ୍ଦ୍ରଙ୍କୁ ଚିନ୍ତା କରି ବସ୍ତୁଲିଙ୍ଗ ପଦରେ ରଚନା କଲେ ।

---

### ଷଡ଼୍‌ବିଂଶ ଛାନ୍ଦ

୧ମ ପଦ:—ରାମଚନ୍ଦ୍ରଙ୍କର ଦୁଇ ଆଖି ସର୍ବଦା ଲୋତକ ପୂର୍ଣ୍ଣ ହୋଇ ଥିବାରୁ, ସେ ନିବିଡ଼ କାନନରେ ବାଟ ଅବାଟ ଜ୍ଞାନ ନ କରି ଚାଲୁଥାନ୍ତି ।

୨ୟ ପଦ:—ସୀତାଙ୍କ ବିଚ୍ଛେଦ ହେତୁ ତାଙ୍କ ମନ ବିଶେଷ ଭାବରେ ଛିନ୍ନ ହୋଇଅଛି । ତେଣୁ ସେ ଉଚ୍ଚ ସ୍ୱରରେ କହିଲେ, "ଗୋ ବୈଦେହୀ ! ଗୋ ସୀତେ ! ତୁ ଲେଶମାତ୍ର ଦୁଃଖିତ ନ ହୋଇ ମୋ ନିକଟରୁ ଅନ୍ତର ହୋଇଗଲୁ ।"

ଜଳଦ ତମାଳ ତମ | ଟାଳେ କୋହେ ତାରତମ |
ବିଚ୍ଛେଦାଇ ହେଲେ ତମ | ବିଶ୍ୱ ଉତ୍ତମ ଏ | ୩ |
ବାୟୁବାହନ ଚମରୀ | ଜଙ୍ଘେ ଗର୍ଭକ ସୁମରି |
ବିଦୂର ସେହୁ ସକାଶେ | ବିହି ପ୍ରକାଶେ କି | ୪ |
ବସିତ ଉଚ୍ଚ ସମାନେ | ବେଶରେ କଷ୍ଟିତ ମାନେ |
ବିଧି ସିଦ୍ଧି କି ରଖିଛୁ | ବୁଦ୍ଧି ଶିଖିଛୁ ଯେ | ୫ |
ବିହରାଇଲା ଚନ୍ଦନେ | ବ୍ୟାଳ ପାଇଲା ନିନ୍ଦନେ |
ବସାଇ ଚନ୍ଦ୍ରରେ ଶଶୀ | ହିନା ପ୍ରଶଂସା ଏ | ୬ |

---

୩ୟ ପଦ:—ଜଳଦ—ମେଘ । ତମ—ଅନ୍ଧକାର । ତାରତମ—ପ୍ରଭେଦ । ତମ—ଗ୍ଲାନି ।

୪ର୍ଥ ପଦ:—ଜଙ୍ଘା—ଜଙ୍ଘା । ଗର୍ଭକ—କେଶ ମଧ୍ୟସ୍ଥ । ବାୟୁବାହନ ଚମରୀ—ମୃଗର ପୁଚ୍ଛ ।

୬ଷ୍ଠ ପଦ:—ବ୍ୟାଳ—ସର୍ପ ।

---

୩ୟ ପଦ:—"ମେଘ, ତମାଳ ବୃକ୍ଷ, ଅନ୍ଧକାର, ଏମାନେ ତୋ କେଶ ସହିତ ଦେଦୀପ୍ୟମାନ ହୁଅନ୍ତି । ଯାହା କେଶ ସହିତ ସମାନ ବୋଲି ମନେ କଲି; ମାତ୍ର ସମାନ ନ ହେବାରୁ ଭଗବାନଙ୍କ ଦ୍ୱାରା ସୁଦର୍ଶନ ଚକ୍ରରେ ବିଖଣ୍ଡିତ ହେଲା ।"

୪ର୍ଥ ପଦ:—"ଏପରି ଯେ ସର୍ବୋତ୍କୃଷ୍ଟ କେଶ—ତାକୁ 'ବାୟୁବାହନ' ଚମରୀ ମୃଗର ପୁଚ୍ଛରେ ବାନ୍ଧି ମଧ୍ୟଭାଗରେ ରଖିବାକୁ ମନ କରିବାରୁ ସେଥିପାଇଁ ବିଧାତା ଏ ବିଚ୍ଛେଦ ଘଟାଇଲା କି ?"

୫ମ ପଦ:—"ନୀଚଲୋକମାନେ ମର୍ଯ୍ୟାଦାରେ ବଡଲୋକଙ୍କ ସମାନରେ କାଳେ ସ୍ଥାନ ପାଇବେ, ବିଧାତା ଏହି ସିଦ୍ଧାନ୍ତ କରି ଏପରି ବୁଦ୍ଧି କଲା କି ? ( ଚମରୀ ମୃଗର ପୁଚ୍ଛ ରୂପ ନୀଚ ଲୋକ କେଶ ରୂପ ବଡ଼ ଲୋକଙ୍କ ସଙ୍ଗରେ ଏକାଠି ସ୍ଥାନ ପାଇ ନ ପାରିବ—ସେଥିପାଇଁ ବିଧାତା ଏ ବିରହ କରାଇ ଦେଲା କି ) ?"

୬ଷ୍ଠ ପଦ:—"ବିଧାତା ଚନ୍ଦନ ବୃକ୍ଷରେ ସର୍ପଙ୍କୁ ବିଳସାଇ ନିନ୍ଦା ପାଇ ଅଛି, ଚନ୍ଦ୍ର କୋଳରେ ଶଶାକୁ ବସାଇ ଅପ୍ରଶଂସ୍ୟ ହୋଇଅଛି । ( ସେଥିପାଇଁ ଅଧିକ ନିନ୍ଦା ପାଇବା ଭୟରେ ତୋ କେଶ ସହିତ ଚମରୀ ପୁଚ୍ଛକୁ ସ୍ଥାନ ନ ଦେବା ପାଇଁ ଏହା କଲା କି ) ?"

ଉପଭୋଗ କାଳ ବିଚାରି | ଭିଆଇ କଲି ବନବାସ |
ବାଞ୍ଛିଲେ ଅକର୍ମବନ୍ତ | ନିଷ୍ଫଳବନ୍ତ ଏ |୭|
ବିପିନେ କରି ବିଳାସ | ବଢ଼ାଇଥିଲି ଉଲ୍ଲାସ |
ବିଧ୍ୱଂସ ଯଥା ସ୍ୱପନ | ବୃଦ୍ଧି କମ୍ପର ଯେ |୮|
ବୋଲଇ ଅତି ଗୁଣିକ | ବନିତାରତ୍ନେ ମାଣିକ୍ୟ |
ବେଳୁଁ ବେଳ ସଘନଧି | ବସୁଁ ସନ୍ନିଧି ଯେ |୯|
ବାହୁରେ କରି ବନ୍ଧନ | ବୋଲୁଥାଇ ଏକା ଧନ |
ବାଧି ନ ପାରେ ଯାତନା | ବଢ଼ ଉନ୍ନତା ମୁଁ |୧୦|
ବଣା ହେଲି ଲୋଭୁଁ ଦଣ୍ଡେ | ଛାଡ଼ିଣି ହେଲି କି ଦଣ୍ଡେ |
କାହୁଁଭି ଆଜ ପାଇବି | ବୋଧ ହୋଇବ କି |୧୧|

---

୭ମ ପଦ:—"ଯୌବନ କାଳ ଭୋଗ କରିବାର ସମୟ,—ଏହା ବିଚାରି କରି ପ୍ରିୟାକୁ ସଙ୍ଗତରେ ବନକୁ ଆଣିଲି । କିନ୍ତୁ ଅକର୍ମା ଲୋକ କାହା ବାଞ୍ଛା କରେ, ତାହା ନିଷ୍ଫଳ ହୁଏ ( ସେହିପରି ମୋର ଏ ବିଷୟ ନିଷ୍ଫଳ ହେଲା ) ।"

୮ମ ପଦ:—"ବନରେ ପ୍ରିୟା ସହିତ ବିହାର କରି ଆନନ୍ଦ ବର୍ଦ୍ଧନ କରୁଥିଲି,—ତାହା ଏବେ ସ୍ୱପ୍ନ ପ୍ରାୟ ନାଶ ହୋଇଗଲା ( ନିଦ୍ରା ଭଙ୍ଗରେ ସ୍ୱପ୍ନ କଥା ନାଶ କଲା ପ୍ରାୟ ମୋର ଏ ଆନନ୍ଦ ନାଶ ଗଲା ) ।" ଏହା କହିବା ସାଙ୍ଗେ ସାଙ୍ଗେ ତାଙ୍କର ଦେହ ଥରହରାଧାରେ ବେଶି କମ୍ପିବାକୁ ଲାଗିଲା ।

୯ମ ପଦ:—"ହେ ପ୍ରିୟେ ! ତୁ ଅତି ଗୁଣବତୀ ବୋଲାଉ, ପୁଣି ବନିତା:ରତ୍ନଙ୍କ ମଧ୍ୟରେ ମାଣିକ୍ୟ ପ୍ରାୟ ଅଟୁ । ତୁ ବେଳକୁ ବେଳ ବେଶି ସ୍ନେହ ପ୍ରକାଶ କରି ଆସି ମୋ ପାଖରେ ବସୁଥିଲୁ ।"

୧୦ମ ପଦ:—"ମୁଁ ତୋତେ ବାହୁ ଦ୍ୱାରା ଆଲିଙ୍ଗନ କରି କହେ "ହେ ଧନ ! ତୋ ଯୋଗୁ ମୋର କିଛି ଦୁଃଖ ନାହିଁ, ମୁଁ ବଡ଼ ମହତ ହୋଇଛି ।" ( ମାଣିକ୍ୟ ବାହୁରେ ବାନ୍ଧିଲେ ଲୋକକୁ ଦୁଃଖ ବାଧେ ନାହିଁ—ସେ ଉନ୍ନତ ହୋଇ ଥାଏ ) ।"

୧୧ଶ ପଦ:—"ମୁଁ ମୃଗ ଲୋଭରେ ବଣା ହୋଇ ଦଣ୍ଡେମାତ୍ର ସମସ୍ତ ଛାଡ଼ି ଯାଇ ମୋ ଧନ ହରାଇ ଏବେ ଏପରି ଦଣ୍ଡ ଭୋଗ କରୁଅଛି । ଆଜ କଣ ସତେ ମୋର ଧନକୁ ଫେରି ପାଇ ମୁଁ ସ୍ଥିର ଚିତ୍ତ ହେବି ?"

ବିଦାରି ହେଉଛି ଉର | ବସିଥିଲା କେ ତସ୍କର |
ବିଦୁର ମୋର ହେବାକୁ | ବେଗରେ ନେବାକୁ ସେ |୧୨|
ବିଚିତ୍ର ଥିଲା ସେ ବନ | ବିମ୍ବ ଚନ୍ଦ୍ରର ଚୁମ୍ବନ |
ବାଳାର୍କୁଁ ପାନ ସୁଧା | ବଡ଼ ବିଶୁଦ୍ଧା ଯେ |୧୩|
ବିଚିତ୍ର ଏବେ ଈକ୍ଷଣ | ବଞ୍ଚଇ ଦୂର ଜୀବନ |
ବିନା ପିତୁଳା ନୟନ | ବ୍ୟକ୍ତ ଅୟନ ଏ |୧୪|
ବପୁ ନ ମରୁଁ ପୋଡ଼ଇ | ବେଳ ପ୍ରଭାତୁଁ ବୁଡ଼ଇ |
ବିଶେଷେ ଅନ୍ଧାର ଦିଶେ | ବ୍ୟୋମାଦି ଦିଶେ ଯେ |୧୫|
ବର ଯେ ବୀରବୃନ୍ଦର | ବିଦେହ ହୋଏ ତା ଦର |
ବିଭେଦିବ ଫୁଲଶର | ବଜ୍ରଦେହର ଯେ |୧୬|

---

୧୨ଶ ପଦ:—"ମୋ ଗୁଣ୍ଡ ବିଦାରି ହେଉଛି । ଚୋର କଣ ଜଗି ବସିଥିଲା ? ମୁଁ ଅନ୍ତର ହେବା ମାତ୍ରକେ, ତତ୍‌କ୍ଷଣାତ୍ ମୋ ଧନକୁ ବେଗରେ ନେଇଗଲା ?"

୧୩ଶ ପଦ:—"ସେ ଦଣ୍ଡକାରଣ୍ୟ ଆଶ୍ଚର୍ଯ୍ୟ ଜନକ ଥିଲା । କାରଣ ସେ ବନରେ ମୁଁ ଏକାବେଳକେ ତୋର ମୁଖ ରୂପ ଚନ୍ଦ୍ରମଣ୍ଡଳରୁ ଏବଂ ଅଧର ରୂପ ବାଳସୂର୍ଯ୍ୟ ମଣ୍ଡଳରୁ ଅତି ବିଶୁଦ୍ଧ ଅମୃତ ପାନ କରୁଥିଲି ।"

୧୪ଶ ପଦ:—"ଏବେ ମଧ୍ୟ ମୁଁ ଭାବୁଛି, ବିଚିତ୍ର ରକମର ଘଟଣା ହେଉଅଛି । କାରଣ ମୋ ପ୍ରାଣ ଅନ୍ତର ହେଲା, ଅଥଚ ମୁଁ ବଞ୍ଚି ରହିଅଛି । ମୋର ଚକ୍ଷୁ ପିତୁଳାଶୂନ୍ୟ ହେଲା, ତଥାପି ବାଟ ମୋତେ ଦେଖା ଯାଉଅଛି ।" ( ତୁ ମୋର ପ୍ରାଣ ଓ ନେତ୍ରର ପିତୁଳା ) ।

୧୫ଶ ପଦ:—"ପୁଣି ଆଶ୍ଚର୍ଯ୍ୟ କଥା ଯେ, ମରଣ ନ ହେଉଣୁ ଏ ଦେହ ପୋଡ଼ିଯାଏ । ସନ୍ଧ୍ୟା ହେଲେ ସିନା ବେଳ ବୁଡ଼େ, ମାତ୍ର ମୋର ସକାଳେ ବେଳ ବୁଡ଼ି ଯାଉଅଛି । ଆକାଶ ଏବଂ ଦିଗମାନେ ବିଶେଷରେ ଅନ୍ଧକାର ଦେଖା ଯାଉଅଛନ୍ତି ।"

୧୬ଶ ପଦ:—ଯେଉଁ ରାମଚନ୍ଦ୍ର ବୀରମାନଙ୍କ ମଧ୍ୟରେ ଶ୍ରେଷ୍ଠ, ତାହାଙ୍କର ମଧ୍ୟ କନ୍ଦର୍ପଠାରେ ଭୟ ଜାତ ହେଉଅଛି, କାରଣ ଫୁଲଶର ତାଙ୍କର ଦେହ ଭେଦ କରିବ । ( ବଜ୍ରସମ ତାଙ୍କ କଠିନ ଦେହରେ କୋମଳ ଫୁଲଶର ମଧ୍ୟ ଭେଦ କରିବ ଏ ମଧ୍ୟ ଏକ ଆଶ୍ଚର୍ଯ୍ୟ ଘଟନା ) ।

ବଦ୍ଧ ପାକ ବରସ୍ପରସ୍ପେ | ବାଜନ୍ତ ଆସି ହସ୍ତସ୍ପର୍ଶେ |
ବୁଦ୍ଧି ଆଜ ନ ଦିଶିଲେ | ବୁଦ୍ଧି ବସିଲେ ସେ | ୧୭ |
ବୋଲନ୍ତେ ଏମନ୍ତ ଶୁଣିଲା | ବିବନ୍ଧ କୃତେ ଲୋଭିଲା |
ବାହୁ ଯୋଜନ ପ୍ରମାଣ | ବରୁଁ ନିର୍ମାଣ ତା | ୧୮ |
ବଢ଼ାଇ ଜୀବ ଭକ୍ଷିତ | ବୁକୁରେ ତୁଣ୍ଡ ରଚିତ |
ବିକଟମୂର୍ତ୍ତି କବନ୍ଧ | ବାନ୍ଧିଲା ବନ୍ଧ ସେ | ୧୯ |
ବୋଲନ୍ତି ଭ୍ରାତେ ରାଘବ | ବାହୁ ହେଲା କି ଲାଘବ ?
ବାଟରେ ଏକ କମଠ | ହସ୍ତରୁ ମଠ ଏ | ୨୦ |
ବଦନ ଗୁପ୍ତ ହୋଇଛି | ବିନାଶି ଭକ୍ଷିବା ଇଚ୍ଛି |
ବିପାକକର୍ମରେ ରୋଧ | ବ୍ୟଙ୍ଗ ନିରୋଧ ଏ | ୨୧ |

---

୧୭ଶ ପଦ:—"ଯୋଜନ ସ୍ପର୍ଶ କରିବା ମାତ୍ରକେ ତାହା ଆସି ହସ୍ତରେ ବଦ୍ଧ ପ୍ରାପ୍ତ ହେଉଅଛି । ଏ କଥା ଚିନ୍ତା କଲାବେଳକୁ ମୋତେ ଆଜ କିଛି ବୁଦ୍ଧି ଦିଶୁ ନାହିଁ ।"

୧୮ଶ ପଦ—ରାମଚନ୍ଦ୍ର ଏହା କହିବାର ଶୁଣିପାରି କବନ୍ଧ ତାଙ୍କୁ ବାହୁରେ ବନ୍ଧନ କରିବାକୁ ଲୋଭ ପ୍ରକାଶ କରି ବର ପ୍ରଭାବରୁ ତାହାର ବାହୁ-ଦ୍ୱୟକୁ ଯୋଜନେ ପର୍ଯ୍ୟନ୍ତ ବଢ଼ାଇ ଦେଲା ।

୧୯ଶ ପଦ:—ସେ ରାକ୍ଷସ ଯୋଜନପ୍ରମାଣ ବାହୁଦ୍ୱୟକୁ ବଢ଼ାଇ ଜୀବ-ମାନଙ୍କୁ ଆଣି ଭୋଜନ କରେ । ତାହାର ଛାତିରେ ମୁଖ ବିଦ୍ୟମାନ । ଏହିପରି ବିକରାଳ ମୂର୍ତ୍ତି 'କବନ୍ଧ' ଶିରବିହୀନ ରାକ୍ଷସ ରାମଲକ୍ଷ୍ମଣଙ୍କୁ ଧରି ବନ୍ଧନ କଲା ।

୨୦ଶ ପଦ:—କବନ୍ଧ ବନ୍ଧନରେ ପଡ଼ି ରାମ ଲକ୍ଷ୍ମଣଙ୍କୁ କହିଲେ, "ଆମ୍ଭର ବାହୁବଳ କ୍ଷୀଣ ହୋଇ ଗଲାଣି କି ? ଦେଖ, ବାଟରେ ଗୋଟାଏ କଇଁଛ ଆମର ପ୍ରତିବନ୍ଧକ ହେଉଅଛି ।"

୨୧ଶ ପଦ:—"ଏହାର ମୁଖ ଅଦୃଶ୍ୟ ହୋଇଅଛି; ମାତ୍ର ଆମ୍ଭଙ୍କୁ ଭକ୍ଷିବା ଇଚ୍ଛାରେ ମୁଖ ପ୍ରକାଶିତ କରୁଅଛି ( କଇଁଛ ମୁହଁ ଲୁଚାଇ ଥାଏ ଖାଇବାକୁ ଦରକାର ପଡ଼ିଲେ ମୁହଁ ବାହାର କରେ ) । ତେଣୁ ମୁଁ ବୁଝୁଛି, କର୍ମବିପାକ ବେଳେ 'ବ୍ୟଙ୍ଗ' ଅଙ୍ଗହୀନ କବନ୍ଧ ବାଟ ରୋଧ କରୁଅଛି । ( ଅଥବା କର୍ମ ପଡ଼ିଲାବେଳେ ବେଙ୍ଗ ମଧ୍ୟ ବାଟ ଘାଣ୍ଟେ ) ।"

ବିକୋଷ କୃପାଣ କରେ । ବିଘାତ କଲେ ତା କରେ ।
ବ୍ୟୋମେ ଦିବ୍ୟ ରୂପ ସ୍ଥିତ । ବାର୍ତ୍ତା କଥିତ ସେ । ୨୨ ।
ବକ୍ତ୍ରମାଳୀ ଲଙ୍କପତି । ବିହିତ୍ତ ଭିନ୍ନ ବିପତ୍ତି ।
ବସୁମତୀ ସ୍ଥିରତାକୁ । ବିନାଶ ତାକୁ ଯେ । ୨୩ ।
ବିବୁଧ ଭାବ ଯେନ ତ । ଉର୍ବୀରେ ନରେ ଜନିତ ।
ବିଷ୍ଣୁ ମା ତୁମ୍ଭେ ଦମ୍ପତି । ବ୍ରହ୍ମାଣ୍ଡପତି ହେ । ୨୪ ।
ବିଗ୍ରହାନୁଗ୍ରହେ ହରି । ବିଶିଷ୍ଟ ଗତି ପ୍ରସରି ।
ଅଦୃଶ୍ୟ କହି ବଚନେ । ବିଜେ ଗହନେ ସେ । ୨୫ ।
ବିକଳ ଚିତ୍ତେ ଶ୍ରୀରାମ । ବିଶ୍ୱଲୋଚନାଭିରାମ ।
ବିଗ୍ରହ କ୍ଷୁଧାରେ ଥରେ । ବହୁ ପଥରେ ସେ । ୨୬ ।

---

୨୪ଶ ପଦ:— ଦମ୍ପତି—ସ୍ତ୍ରୀ ଓ ପୁରୁଷ । ବିବୁଧ—ଦେବତା । ମା—ଲକ୍ଷ୍ମୀ ।

---

୨୨ଶ ପଦ:—ଏହା ଶୁଣି ଲକ୍ଷ୍ମଣ ନିଜ ହସ୍ତରେ ଖଡ୍ଗକୁ ଖାପରୁ ବାହାର କରି କବନ୍ଧର ହସ୍ତରେ ପ୍ରହାର କଲେ । ହାତ ଛିଣ୍ଡି ଯିବାରୁ ସେ କବନ୍ଧ ଦେବତା ରୂପ ଧାରଣ କରି ଆକାଶକୁ ଉଠିଯାଇ ସେଠାରେ ରହି ସୀତାଙ୍କ ବାର୍ତ୍ତା କହିଲା;—

୨୩ଶ ପଦ:—"ବିଂଶମୁଖ ରାବଣ ତୁମ୍ଭର ବିରହ ଦୁଃଖକୁ ବିଧାନ କରିଅଛି । ତୁମ୍ଭେ ତାକୁ ବିନାଶ କରି ପୃଥ୍ୱୀକୁ ସ୍ଥିର କର ।"

୨୪ଶ ପଦ:—"ହେ ବ୍ରହ୍ମାଣ୍ଡର ପାଳନକର୍ତ୍ତା ! ତୁମ୍ଭେ ସ୍ତ୍ରୀ ପୁରୁଷ ଦୁଇଜଣ ଲକ୍ଷ୍ମୀ ଓ ନାରାୟଣ ଅଟ । ଦେବତାମାନଙ୍କ ସକାଶେ ରାବଣର ବିନାଶ ପାଇଁ ନର ଦେହରେ ଜନ୍ମ ହୋଇଅଛ ।"

୨୫ଶ ପଦ:—"ତୁମ୍ଭେ ଶତ୍ରୁ ଓ ମିତ୍ରଙ୍କଠାରେ ସମାନ ବ୍ୟବହାର କର । ତୁମ୍ଭଠାରୁ ମୋକ୍ଷଗତି ପ୍ରାପ୍ତ ହୁଏ । ( ଶତ୍ରୁ ଓ ମିତ୍ର ଉଭୟଙ୍କୁ ମୋକ୍ଷଗତି ଦିଅ ) ।" ଏହା କହି କବନ୍ଧ ଶୀଘ୍ର ଅଦୃଶ୍ୟ ହୋଇଗଲା । ରାମ ଲକ୍ଷ୍ମଣ ଦୁହେଁ ବନମଧ୍ୟରେ ବିଜେ କଲେ ।

୨୬ଶ ପଦ:—ସଂସାରସ୍ଥ ପ୍ରାଣୀମାନଙ୍କ ନୟନର ଆନନ୍ଦ ପ୍ରଦାନକାରୀ ଶ୍ରୀରାମ ବିକଳ ମନରେ ପଥ ଚାଲି ଚାଲି କ୍ଷୁଧାରେ ତାଙ୍କ ଦେହ ଥରିଲା ।

ବିହେ ସ୍ତୁତି ଯାରେ ଶ୍ରୁତି । ବତ୍ସା ଧେନୁସ୍ବନ ଶ୍ରୁତି ।
ବରଜେ କ୍ଷୀର ମାଗ ତ । ବିହ୍ବ ଇଙ୍ଗି ତ ସେ । ୨୭ ।
ବୋଲନ୍ତେ ହୋଇ ବିରକ୍ତ । ବିଦୁହଁ ନ ପୟଃ ରକ୍ତ ।
ବିନମ୍ର ବ୍ରଜ ସରବ । ବିନା ଗରବ ସେ । ୨୮ ।
ବଲ୍ଲବେ କ୍ଷୀର ଦାନକୁ । ବିନ୍ଧ୍ବ ବୋଧିଲା ମନକୁ ।
ବିପୁଳ ତୋଷ ଚିତ୍ତରେ । ବରଦ ତାରେ ସେ । ୨୯ ।
ବାଞ୍ଛା ତୋ ଦେବୁଁ କୁମର । ବର ଏ କେଉଁ ଅମର ।
ବର୍ତ୍ତିବୁ ହୋଇ ତୁ ନନ୍ଦ । ବିହ୍ବ ଆନନ୍ଦ ସେ । ୩୦ ।

---

୨୭ଶ ପଦ:—ଶ୍ରୁତି—ବେଦ । ବତ୍ସା—ବାଛୁରୀ । ଧେନୁସ୍ବନ—ଗାଈମାନଙ୍କର ଧ୍ବନି । ଶ୍ରୁତି—ଶୁଣି । ବରଜେ—ଗୋପାଳମାନଙ୍କୁ । କ୍ଷୀର—ଦୁଧ ।

୨୮ଶ ପଦ:—ବିଦୁହଁ—ବିଶେଷରୂପେ ଦୋହନ କର । ପୟ—ଦୁଧ ।

୨୯ଶ ପଦ:—ବଲ୍ଲବେ—ଗୋପାଳକୁ ।

---

୨୭ ଓ ୨୮ଶ ପଦ:—ଯେଉଁ ରାମଚନ୍ଦ୍ରଙ୍କୁ ବେଦ ସ୍ତୁତି କରେ, ସେହି ସର୍ବଶ୍ରେଷ୍ଠ ପୁରୁଷ ଗାଈ ବାଛୁରୀଙ୍କ ରାବ ଶୁଣି ସେଠାକୁ ଯାଇ ଗୋପାଳଙ୍କୁ କ୍ଷୀର ମାଗିଲେ । ଗୋପାଳମାନେ କ୍ଷୀର ନ ଦେଇ ଉପହାସ କରିବାରୁ ରାମଚନ୍ଦ୍ର ବିରକ୍ତ ହୋଇ କହିଲେ "ତୁମ୍ଭେ ଦୁଧ ନ ଦୁହିଁ ରକ୍ତକୁ ଦୋହନ କର ।" ଏହା କହିବାକ୍ଷଣି ଗୋପାଳମାନଙ୍କର ଦୁହୁଁ ଥିବା କ୍ଷୀର ରକ୍ତ ହୋଇଯିବାରୁ; ସେମାନେ ଗର୍ବହୀନ ହୋଇ ବିନମ୍ର ହେଲେ । ରାମଚନ୍ଦ୍ର ଆଜ୍ଞା ଦେଲେ,—'ରକ୍ତ ନ ଦୁହଁ' ରକ୍ତ ଦୋହନ କର କ୍ଷୀର ଦୁହଁ ।

୨୯ଶ ପଦ:—ତାଙ୍କ ମଧ୍ୟରୁ ଗୋଟିଏ ଗୋପାଳ କ୍ଷୀର ଦାନ କରି ରାମଚନ୍ଦ୍ରଙ୍କ ମନକୁ ତୋଷ କଲା । ରାମଚନ୍ଦ୍ର ଚିନ୍ତାଯୁକ୍ତ ହୋଇଥିଲେ ମଧ୍ୟ କ୍ଷୀର ପାନ ଯୋଗେ ସନ୍ତୁଷ୍ଟ ହେବାରୁ ସେ ଗୋପାଳକୁ ବର ପ୍ରଦାନ କଲେ ।

୩୦ଶ ପଦ:—ଅନ୍ତର୍ଯାମୀ ହେତୁ ସେ ଗୋପାଳର ମନ କଥା ଜାଣି ପାରି କହିଲେ, "ତୁମ୍ଭର ଏହି ଇଚ୍ଛା ଯେ, ଏ କେଉଁ ଦେବତା ଆସିଛନ୍ତି, ମୋତେ ପୁତ୍ରଦାନ ରୂପ ବର ଦେବେ । ତୁମ୍ଭେ ପରଜନ୍ମରେ ନନ୍ଦ ନାମ ବହି ଆନନ୍ଦରେ ରହିବ ।"

ଯାରେ କ୍ଷୀରଦାନେ ଜୀବ । ବୋଧିଲୁ ଏ ଶୁଝାଯିବ ।
ବଢ଼ିବୁଁ ପୁତ୍ର ଭାବରେ । ବ୍ରଜ ନଗରେ ସେ ।୩୧।
ବାମା ଯଶୋଦା ବୋଲାଇ । ବାଳଖେଳ ରେ ଭୁଲାଇ ।
ବନମାଳୀ କୃଷ୍ଣ ହରି । ବୋଲି ବିହରି ସେ ।୩୨।
ବଳଭଦ୍ର ଅବରଜ । ବୋଲାଇବ ହେ ବରଜ ।
ବୁଡ଼ ନା ଆଉ ଦ୍ୱାପରେ । ବିଦ୍ୟ ଦ୍ୱାପରେ ଏ ।୩୩।
ବାସ ସେ ସ୍ଥାନେ ନିଶିକ । ବାସରେ ସୂର୍ଯ୍ୟବଂଶିକ ।
ବନେ ଦକ୍ଷିଣ ମୁଖରେ । ବିହାରି ଖରେ ସେ ।୩୪।
ବିପିନେ ଅଳି ପଂକ୍ତିକା । ବିକଚ ନବମାଳିକା ।
ବିଳସେ ଅଳିପାଳିକା । ବାଣମେଳିକା କି ? ୩୫।

---

୩୩ଶ ପଦ:—ବରଜ—ଗୋପାଳ । ଅବରଜ—ସାନଭାଇ । ଦ୍ୱାପରେ—ସନ୍ଦେହରେ, ଦ୍ୱାପର ଯୁଗରେ ।

୩୫ଶ ପଦ:—ବିପିନ—ବନ । ନବମାଳିକା—ନଆଳି ଫୁଲ । ବିକଚ—ପ୍ରସ୍ଫୁଟିତ । ଅଳିପାଳିକା—ଭ୍ରମରଶ୍ରେଣୀ ।

---

୩୧ଶ ପଦ:—"ଯେତେବେଳେ କ୍ଷୀର ଦେଇ ଆମ୍ଭ ପ୍ରାଣ ରକ୍ଷିଲ । ଏହି ସୁକୃତ ଫଳରୁ ଗୋପପୁରରେ ତୁମ୍ଭ ଘରେ ଆମ୍ଭେ ପୁତ୍ର ରୂପରେ ବଢ଼ିବୁଁ—ସେତେବେଳେ ଏ ଉପକାର ଶୁଝାଯିବ ।"

୩୨ଶ ପଦ:—"ତୁମ୍ଭ ଗୃହିଣୀ ଯଶୋଦା ବୋଲାଇ ଆମ୍ଭଙ୍କୁ ବାଲ୍ୟକ୍ରୀଡ଼ାରେ ଭୁଲାଇବ । ପୁଣି ଆମ୍ଭଙ୍କୁ ସେ ବନମାଳୀ, କୃଷ୍ଣ, ହରି ବୋଲି ଡାକି ଆନନ୍ଦରେ କାଳ ହରଣ କରିବ ।"

୩୩ଶ ପଦ:—"ହେ ଗୋପାଳ ! ଆମ୍ଭର ଏ ସାନଭାଇ ଲକ୍ଷ୍ମଣ ବଳଭଦ୍ର ବୋଲାଇବ । ତୁମ୍ଭେ ଆଉ ସଂଶୟ କର ନାହିଁ । ଏହା ଦ୍ୱାପର ଯୁଗରେ ଘଟିବ ।"

୩୪ଶ ପଦ:—ରାମ ଲକ୍ଷ୍ମଣ ସେ ସ୍ଥାନରେ ସେ ରାତିକ ବାସ କଲେ । ପର ଦିବସ ଦକ୍ଷିଣ ମୁଖରେ ବନ ମଧ୍ୟରେ ଶୀଘ୍ର ଗମନ କଲେ ।

୩୫ଶ ପଦ:—ସେ ବନରେ ବିଶେଷ ରୂପେ ଶୋଭା ପାଉଥିବା ପ୍ରସ୍ଫୁଟିତ ନଆଳୀ ଫୁଲରେ ଭ୍ରମରଶ୍ରେଣୀ ବିହାର କରୁଥାନ୍ତି । ତାହା ଦେଖି ରାମଚନ୍ଦ୍ର ଭାବିଲେ, 'ଏ କନ୍ଦର୍ପର ଶର ସମୂହ କି ?'

ବିଷମ ବିଶିଖ ଗୁଣେ । ବଳାଇ ଅଛି କି ଗୁଣେ ?
ବହ୍ନି ଅତସୀ ପ୍ରମାଣ । ବିଦ୍ୟ କମାଣ କି ? । ୩୬ ।
ବିଷାଇ ମଧୁ ପତନ୍ତୁ । ବନେ ଚମକିତ ତନୁ ।
ବଲ୍ଲଭାମଣି ହା ସୀତା । ବଦେ ଭ୍ରମିତା ସେ । ୩୭ ।
ବୃଷା ଶରଭଙ୍ଗାଳୟେ । ବସିଥିଲେ କଲେ ଲୟେ ।
ବିଷ୍ଣୁ ଆମ୍ଭ କଷ୍ଟ ଭଙ୍ଗି । ବିପଦଭାଗୀ ସେ । ୩୮ ।
ବନ୍ଦୀ ଜଗତଜନନୀ । ବିମଳ କମଳାନନୀ ।
ବୋଲି ରହିଲେ ଅନ୍ତରେ । ବିଜେ ସତ୍ୱରେ ସେ । ୩୯ ।

---

୩୬ଶ ପଦ:—ବିଷମବିଶିଖ—କନ୍ଦର୍ପ । କମାଣ—ଧନୁ ।
୩୭ଶ ପଦ:—ବିଷାଇ—ବିଷଯୁକ୍ତ କରି ।
୩୮ଶ ପଦ:—ବୃଷା—ଇନ୍ଦ୍ର ।
୩୯ଶ ପଦ:—ଶରାସନ ଧର—ଧନୁର୍ବାଣଧାରୀ ।

---

୩୬ଶ ପଦ:—'କନ୍ଦର୍ପ କେଉଁ ଗୁଣରେ ଅତସୀ ପୁଷ୍ପ ରୂପ ପ୍ରଧାନ ଧନୁରେ ଭ୍ରମର ରୂପ ଗୁଣ ଚଢ଼ାଇ ଅଛି ? ( କନ୍ଦର୍ପ ଅର୍ଦ୍ଧଚନ୍ଦ୍ରାକାର ଅତସୀ ଫୁଲ ଧନୁରେ ଭ୍ରମର ଶ୍ରେଣୀ ରୂପ ଗୁଣ ଚଢ଼ାଇ ନିଆଳୀ ଫୁଲ ଶର ବିନ୍ଧୁଛି କି?) ଅଥବା—କନ୍ଦର୍ପ କି ଅବଗୁଣ ହେତୁ ନିଆଳୀ ରୂପ ଫୁଲରେ ଭ୍ରମର ରୂପ ଗୁଣ ଯୋଗ କରିଅଛି ? ( ବିନା ଗୁଣରେ କି ସେ ଫୁଲ ବିରହୀଙ୍କ ହୃଦୟ ଭେଦ କରିବ ) । ଅତସୀ ଫୁଲକୁ ଦେଖି ମନେ କଲେ, 'ଏ କନ୍ଦର୍ପର ଧନୁ କି ?'

୩୭ଶ ପଦ:—ଏହି ସମୟରେ ଫୁଲ ଝଡ଼ି ରାମଚନ୍ଦ୍ରଙ୍କ ଦେହରେ ପଡ଼ିବାରୁ ସେ ଭାବିଲେ 'ମକରନ୍ଦ ରୂପ ବିଷରେ ବିଷ ଯୁକ୍ତ କରି କନ୍ଦର୍ପ ଏ ଫୁଲ ଶରକୁ ମୋତେ ମାରିଲା କି ?' ଏହା ଭାବି ସେହି ବନରେ ତାଙ୍କ ଦେହ ଥରି ଉଠିଲା । ସେତେବେଳେ ସେ କହି ଉଠିଲେ, "ହେ ପ୍ରିୟାମଣି ! ହେ ସୀତା ! ( ତୋ ସକାଶେ କିନା ମୋର ଏ ଦୁଃଖ ) ।"

୩୮ଶ ପଦ:—ଇନ୍ଦ୍ର ସେ ସମୟରେ ଶରଭଙ୍ଗ ଋଷିଙ୍କ ଆଶ୍ରମରେ ବସିଥିଲେ । ସେ ଚିନ୍ତା କଲେ,—ବିଷ୍ଣୁ ଆମ କଷ୍ଟ ଦୂର କରିବାପାଇଁ ରାମ ରୂପରେ ଏ ବିପଦର ଭାଗୀ ହୋଇଅଛନ୍ତି କିନା !

୩୯ଶ ପଦ:—ନିର୍ମଳ ପଦ୍ମମୁଖୀ ଜଗତ୍‌ଜନନୀ ସୀତାରୂପେ ବନ୍ଦୀ ହୋଇ ଅଛନ୍ତି । ଏହା ଭାବି ଇନ୍ଦ୍ର ଗୁପ୍ତ ହୋଇ ରହିଲେ । ରାମ ଶୀଘ୍ର ସେଠାରେ ବିଜେ କଲେ ।

ବାଣ ଶରାସନଧର । ବେନି ମୁନି ସନ୍ନିଧିର ।
ବିବୁଧାଳୟକୁ ଗମେ । ବନ୍ଦି ନିଗମେ ସେ । ୪୦ ।
ବଣ୍ଡ ସୁକୃତ ଶବରୀ । ବୁଲଣ ଦିବା ଶର୍ବରୀ ।
ବୁଣେ ରସାଳ ଅସ୍ୱାଦୁଁ । ବାଛଇ ସ୍ୱାଦୁ ସେ । ୪୧ ।
ବିଜୟେ ରାମ କରିବେ । ବିଭୁକ୍ତେ ମୋତେ ତାରିବେ ।
ବିଲୋକ ସନ୍ତାପ ଚ୍ୟୁତ । ବଢ଼ାଇ ଚୂତ ସେ । ୪୨ ।
ବିଶ୍ୱବ୍ୟାପୀ ତା ଭାବରେ । ବିଭୋଗୀ ହେଲେ ଜବରେ ।
ବିଦ୍ୟ ଭାବଗ୍ରାହୀ ପଦ । ବେଗେ ଆସ୍ପଦ ସେ । ୪୩ ।

---

୪୦ଶ ପଦ:—ବିବୁଧାଳୟ—ସ୍ୱର୍ଗ । ବନ୍ଦି ନିଗମେ—ବେଦବାକ୍ୟରେ ସ୍ତୁତି କରି ।

୪୧ଶ ପଦ:—ଦିବା ଶର୍ବରୀ—ଦିନରାତି ।

୪୨ଶ ପଦ:—ଆସ୍ୱାଦୁଁ—ଚାଖିବା ଦ୍ୱାରା । ରସାଳ—ଆମ୍ବ । ବିଭୁକ୍ତେ—ବିଶେଷ ରୂପରେ ବା ସନ୍ତୋଷରେ ଭୋଜନ କରି । ଚୂତ—ଆମ୍ବ । ଚ୍ୟୁତ—ଦୂର ।

---

୪୦ଶ ପଦ:—ଶରଭଙ୍ଗ ମୁନି ବାଣ କୋଦଣ୍ଡଧାରୀ ରାମ, ଲକ୍ଷ୍ମଣ ଦୁହିଙ୍କୁ ନିଜ ଆଶ୍ରମରେ ଦେଖି ବେଦବାକ୍ୟରେ ସ୍ତୁତି କରି ସ୍ୱର୍ଗକୁ ଗମନ କଲେ ।

୪୧ଶ ପଦ:—ଅତି ପୁଣ୍ୟବତୀ ଶବରୀ ଦିନ ରାତି ବୁଲି ବୁଲି ପାଚିଲା ଆମ୍ବ ସବୁ ଚାଖି ତନ୍ମଧ୍ୟରୁ ସ୍ୱାଦୁ ଆମ୍ବକୁ ବାଛି ରଖିଥିଲା ।

୪୨ଶ ପଦ:—'ରାମଚନ୍ଦ୍ର ଏଠାକୁ ବିଜେ କରିବେ ଏବଂ ଏ ସୁସ୍ୱାଦୁ ପାଚିଲା ଆମ୍ବକୁ ଭୋଜନ କରି ମୋତେ ଏ ଜନ୍ମରୁ ଉଦ୍ଧାର କରିବେ'—ଏହା ଭାବି ସେ ଆମ୍ବ ଚାଖି ରଖୁଥାଏ । ରାମଚନ୍ଦ୍ର ସେଠାକୁ ଯିବାରୁ ସେ ତାଙ୍କୁ ଦେଖି ଦୁଃଖ ଦୂର କଲା ଓ ଚାଖି ରଖିଥିବା ସ୍ୱାଦୁ ଆମ୍ବ ଭୋଜନ ପାଇଁ ରାମଙ୍କ ହାତକୁ ବଢ଼ାଇ ଦେଲା ।

୪୩ଶ ପଦ:—ଚରାଚରବ୍ୟାପୀ ରାମଚନ୍ଦ୍ର ଶବରୀର ଭକ୍ତି ଭାବରେ ବଶ ହୋଇ ଶୀଘ୍ର ସେ ଆମ୍ବ ଭକ୍ଷଣ କଲେ । ଭାବଗ୍ରାହୀ ଏହି ନାମ ବିଦ୍ୟମାନ ଥିବାରୁ ସେ ଅତି ଶୀଘ୍ର ଭକ୍ତର ପାଖ ହେଲେ ( ଅର୍ଥାତ୍ 'ଭାବଗ୍ରାହୀ' ଏହି ନାମକୁ ସାର୍ଥକ କଲେ ) ।

ବିଦନ୍ତମୁଦ୍ରା ରସାଳ | ବିଯୋଗ କଲେ ବିଶାଳ |
ବନଜାକ୍ଷ ରଘୁବର | ବସୁଧାପର ସେ | ୪୪ |
ବିଚିହ୍ନ ଏ ଦଶନରେ | ବିରୋଧୀ ମୋ ଅଶନରେ |
ବୋଲି ଚାହିଁ ପ୍ରସନ୍ନରେ | ବିଦ୍ୟମାନରେ ସେ | ୪୫ |
ବ୍ୟାଖ୍ୟାନ ଶବରୀ କରେ | ବସନ୍ତି ଋଷ୍ୟମୂକରେ |
ବନ୍ଧୁ ସୁଗ୍ରୀବ ଡୁଙ୍ଗରେ | ବାଳିର ଡରେ ସେ | ୪୬ |
ବିଘ୍ନକର ଏ ଦଶା ସେ | ବିବାଦ ରଚି ଦଶାସ୍ୟ |
ବିମ୍ବୋଷ୍ଠୀକି ଦେବ ଆଣି | ବିକାଶି ଆଣି ସେ | ୪୭ |
ବାରତା କହି ଭକତ | ବିମାନେ ସେ ନଭଗତ |
ବାହାର ସେହି ଆଦେଶେ | ବନପ୍ରଦେଶେ ସେ | ୪୮ |

---

୪୪ଶ ପଦ:—ବିଶାଳ ବନଜାକ୍ଷ—ବୃହତ୍ ନେତ୍ରପଦ୍ମ | ବିଦନ୍ତ-ମୁଦ୍ରା—ଦନ୍ତଚିହ୍ନ ରହିତ |

୪୫ଶ ପଦ:—ଅଶନ—ଭୋଜନ |

---

୪୪ଶ ପଦ.—ବୃହତ୍ ପଦ୍ମନେତ୍ର ରାମଚନ୍ଦ୍ର ଦନ୍ତଚିହ୍ନ ନ ଥିବା ପାଚିଲା ଆମ୍ବ ଗୋଟିକୁ ପୃଥିବୀ ଉପରେ ଥୋଇ ଦେଲେ |

୪୫ଶ ପଦ:—'ଏ ଆମ୍ବର ଦନ୍ତ ଚିହ୍ନ ନାହିଁ, ତେଣୁ ମୋର ଭକ୍ଷଣର ଉପଯୁକ୍ତ ନୁହେଁ'—ଏହା କହି ରାମଚନ୍ଦ୍ର ପ୍ରସନ୍ନ ଚିତ୍ତରେ ସେ ଶବରୀଙ୍କୁ ଚାହିଁ ରହିଲେ |

୪୬ଶ ପଦ:—ରାମଙ୍କ ଚାହିଁବା ଭଙ୍ଗୀରୁ ଜାଣି ପାରି ଶବରୀ କହିଲା, "କିଷ୍କିନ୍ଧ୍ୟାରାଜ ବାଳିର ଭୟରେ ସୁଗ୍ରୀବ ଋଷ୍ୟମୂକ ପର୍ବତ ଗୁହାରେ ବାସ କରି ଅଛି |"

୪୭ଶ ପଦ:—"ସେ ସୁଗ୍ରୀବ-ତୁମ୍ଭର ଏ ଅବସ୍ଥାର ବିଘ୍ନକର ହେବ | ସେ ତାହାର ବୀରତ୍ୱ ପ୍ରକାଶ କରି ରାବଣ ସଙ୍ଗେ ବିବାଦ ଲଗାଇ ତୁମ୍ଭ ବିମ୍ବାଧରୀଙ୍କୁ ଆଣି ଦେବ |"

୪୮ଶ ପଦ:—ସେ ଶବରୀ ଭକ୍ତର ସହିତ ଏ ବାର୍ତ୍ତା କହି ଦେବ-ବିମାନରେ ଆରୋହଣ କରି ଆକାଶମାର୍ଗରେ ଗମନ କଲା | ଶବରୀର କଥା ଅନୁସାରେ ରାମ ଲକ୍ଷ୍ମଣ ଅରଣ୍ୟ ମଧ୍ୟରେ ବିଜେ କଲେ |

ବାଟେ ପମ୍ପା ସାରସର । ବିହଙ୍ଗର ସାରସର ।
ବିରାଜିତ ସାରସର । ବୃଷାର ସର ସେ । ୪୯ ।
ବିଧିରେ ସ୍ନାନ ଭ୍ରମର । ବିଳସୁଛନ୍ତି ଭ୍ରମର ।
ବିଳାସ ଯହିଁ ଭ୍ରମର । ବାଞ୍ଛେ ଅମର ସେ । ୫୦ ।
ବାରିରେ ଆଦର ସରେ । ବିମଳ ଆଦରଶରେ ।
ବିବେକ ହଂସ ମାନସ । ବଳ ମାନସ ସେ । ୫୧ ।
ବିଧ୍ୱଂସ ତାପ ସ୍ପରଶ । ବଡ଼ ଅତଳସ୍ପରଶ ।
ବିନିଦ୍ର ନୀଳ ସାରସ । ବହଇ ରସ ସେ । ୫୨ ।

---

୪୯ଶର ପଦ:—ସାରସର—ଉତ୍ତମ ସରୋବର । ବିହଙ୍ଗ—ପକ୍ଷୀଗଣ । ସାରସ—ଜଳଚର ପକ୍ଷୀବିଶେଷ । ବିରାଜିତ—ପକ୍ଷୀଙ୍କ ଦ୍ୱାରା ମଣ୍ଡିତ, ଶୋଭିତ । ସାରସର—ପଦ୍ମମାନଙ୍କର । ବୃଷା—ଇନ୍ଦ୍ର । ସର—ପୁଷ୍କରିଣୀ ।

୫୦ଶର ପଦ:—ଭ୍ରମର—ଭଉଁରି । ଭ୍ରମର—ଭ୍ରମବଶତଃ । ଅମର—ଦେବତା ।

୫୧ଶର ପଦ:—ଆଦର୍ଶ—ଦର୍ପଣ ।

୫୨ଶର ପଦ:—ସ୍ପରଶ—ଛୁଇଁବା । ଅତଳସ୍ପରଶ—ଅତିଗଭୀର । ବିନିଦ୍ର—ପ୍ରସ୍ଫୁଟିତ । ନୀଳସାରସ—ନୀଳପଦ୍ମ ।

---

୪୯ଶର ପଦ:—ରାମ ଲକ୍ଷ୍ମଣ ଯାଉଁ ଯାଉଁ ବାଟରେ ପମ୍ପା ନାମକ ଏକ ସରୋବର ଦେଖିଲେ । ସେ ସରୋବର ପଦ୍ମମାନଙ୍କରେ ଶୋଭିତ, ପୁଣି ହଂସ ଓ ପକ୍ଷୀମାନଙ୍କଦ୍ୱାରା ମଣ୍ଡିତ ହୋଇଅଛି । ସେ ଇନ୍ଦ୍ରଙ୍କ ସରୋବର ଅଟେ ।

୫୦ଶର ପଦ:—ଦୈବଯୋଗରେ ସେ ସରୋବରରେ ଜଳ ଭଉଁରି ନାହିଁ, ଭ୍ରମରମାନେ ତହିଁରେ ଫୁଟିଥିବା ପଦ୍ମମାନଙ୍କରେ ବିହାର କରୁଅଛନ୍ତି । ସେହି ସରୋବରରେ ଦେବତାମାନେ ସ୍ୱର୍ଗଗଙ୍ଗା ଭ୍ରମରେ ଜଳକ୍ରୀଡ଼ା କରିବାକୁ ବାଞ୍ଛା କରନ୍ତି ।

୫୧ଶର ପଦ:—ସେ ସରୋବରର ଜଳ ଏପରି ସ୍ୱଚ୍ଛ ଯେ, ତାକୁ ଦେଖିଲେ ନିର୍ମଳ ଦର୍ପଣର ଗୌରବ ରହିବ ନାହିଁ, (ନିର୍ମଳ ଦର୍ପଣଠାରୁ ସେ ଜଳର ନିର୍ମଳତା ଖୁବ୍ ବେଶି ) । ହଂସମାନେ ସେ ସରୋବରରେ କ୍ରୀଡ଼ା କରି ମନେ କରନ୍ତି, ମାନସରୋବରଠାରୁ ଏହା ଉତ୍କୃଷ୍ଟତର ।

୫୨ଶର ପଦ:—ସେ ସରୋବରର ଜଳ ଏପରି ଶୀତଳ ଯେ, ତାହା ସ୍ପର୍ଶ କଲେ ଗ୍ରୀଷ୍ମ ତାପ ଦୂର ହେବ, ପୁଣି ସେ ଅତି ଗଭୀର ଅଟେ । ତହିଁରେ ବିକଶିତ ଓ ମଧୁପୂର୍ଣ୍ଣ ନୀଳପଦ୍ମ ଶୋଭା ପାଉଅଛି ।

ବାହ୍ନି ତୃଷାର୍ତ୍ତ କମଳ । ଉପନ ତୀରେ କମଳ ।
ବିରଚେ ଭୃଙ୍ଗ କୁମୁଦ । ବହୁ କୁମୁଦ ଏ । ୫୩ ।
ବୁଡ଼ି ଉଠେ ଚକ୍ରଚକ୍ର । ବଢ଼େ ଗତି ଯଥା ଚକ୍ର ।
ବିନୋଦରେ ଚକ୍ରବାକୀ । ବିଚକ୍ରବାକ ସେ ।
ବୀକ୍ଷଣେ ହୋଇ ଆରତ୍ତି । ବୋଲେ ରଘୁବୀର ରତ୍ନ ।
ବିଷ୍କିର ବଦ ମଧୁର । ବାଣୀ ବଧିର ମୋ । ୫୫ ।
ଜାୟା ମୋ ରସସରସୀ । ବିହାରେ ମୁଁ ମୀନ ରସି ।
ବିଧୁରେ କେମନ୍ତ ଜୀବ । ବୁଟ୍ଟ ନ ଯିବ ସେ । ୫୬ ।

---

୫୩ଶବ୍ଦ ପଦ:—କମଳ—ମୃଗ । ଉପନ—ପୂର୍ଣ୍ଣ । କମଳ—ଜଳ । ଭୃଙ୍ଗ—ଭ୍ରମର । କୁମୁଦ—କଇଁଫୁଲ । କୁମୁଦ—ଆନନ୍ଦ ।

୫୪ଶବ୍ଦ ପଦ:—ଚକ୍ର—ଚକ୍ରବାକପକ୍ଷୀ । ଚକ୍ର—ସମୂହ । ବିନୋଦରେ—ଆନନ୍ଦରେ । ବିଚକ୍ରବାକ—ଖଣ୍ଡି ଆଭୁତ ।

୫୫ଶବ୍ଦ ପଦ:—ବୀକ୍ଷଣେ—ଦେଖିବାରେ । ବିଷ୍କିର—ପକ୍ଷୀର ।

---

୫୩ଶବ୍ଦ ପଦ:—ତୃଷାତୁର ମୃଗଯୂଥ ଜଳପାନ କରିବା ଇଚ୍ଛାରେ ସେହି ସରୋବରର ତଟଦେଶରେ ବିଶେଷରୂପେ ପୂର୍ଣ୍ଣ ହୋଇଅଛନ୍ତି । ଜଳରେ ଫୁଟିଥିବା କଇଁଫୁଲ ଭ୍ରମରମାନଙ୍କୁ ବହୁତ ଆନନ୍ଦ ପ୍ରଦାନ କରୁଅଛି । ( କଇଁ ସବୁ ଫୁଟିଥିବାରୁ ଭ୍ରମରମାନେ ଆନନ୍ଦମନରେ ସେଠାରେ ବିହାର କରୁଅଛନ୍ତି ) ।

୫୪ଶବ୍ଦ ପଦ:—ଚକ୍ରବାକ ପକ୍ଷୀସମୂହ ସେ ସରୋବର ଜଳରେ ବୁଡ଼ି ଉଠନ୍ତି । ସେମାନେ ଚକ୍ରବାକୀ ସହିତ କ୍ରୀଡ଼ାରେ ରତହୋଇ ଜଳରେ ବିହାର କଲାବେଳେ ଏପରିଭାବରେ ଗତି କରୁଅଛନ୍ତି ଯେ, ତାଙ୍କୁ ଦେଖି ଖଣ୍ଡି ଆଭୁତ ଗତି କଲାପରି ବୋଧ ହେଉଅଛି । ( ଖରାଦିନେ ପ୍ରାନ୍ତର ସ୍ଥାନରେ ପବନ ଚକ୍ରାକାରରେ ଖୁବ୍ ଯୋରରେ ବୁଲି ବୁଲି ଉପରକୁ ଉଠିଯାଏ, ତାକୁ ଖଣ୍ଡି ଆଭୁତ କହନ୍ତି ) ।

୫୫ଶବ୍ଦ ପଦ:—ସେ ଚକ୍ରବାକ ଓ ଚକ୍ରବାକୀଙ୍କ କେଳି ଦେଖିବାରୁ ରାମଙ୍କର ବିରହଯନ୍ତ୍ରଣା ବର୍ଦ୍ଧିତ ହୁଅନ୍ତେ, ସେ କହିଲେ, "ହେ ପକ୍ଷି ! ମୋ ପ୍ରିୟାର ମନୋହର ବାଣୀକୁ କୁହ ।"

୫୬ଶବ୍ଦ ପଦ:—"ମୋ ପ୍ରିୟା ରସବତୀ ହେତୁ ଜଳପୂର୍ଣ୍ଣ ସରୋବରପରି ଅଟେ । ତେଣୁ ମୁଁ ମୀନ ପ୍ରାୟ ବିହାରରେ ରହିଥିଲି । ଜଳ ବିହୁନରେ ମୀନ ନାଶ ହେଲାପରି ତାର ବିଚ୍ଛେଦରେ ମୋ ପ୍ରାଣ ବା ନ ଯିବ କପରି ? ( ମୁଁ ନିଶ୍ଚୟ ନାଶ ଯିବ ) ।"

ବଡ଼ିଶଶରେ ମଦନ । ବିଗ୍ଧୁରୁଅଛି ଭେଦନ ।
ବସୁଛି ସେ କେଉଁ ଦେଶ । ବୁଝି ସନ୍ଦେଶ ଏ । ୫୭ ।
ବଦନା ସଦା ଅମଳ । ବିକାଶି ଥିଲା କମଳ ।
ବିଲୋଳ ନେତ୍ର ଖଞ୍ଜନ । ବସି ରଞ୍ଜନ ସେ । ୫୮ ।
ବିଲୋକ ମୋ ସୁରପତି । ବିଭୂତି ଥିଲା ସ୍ଥାପତି ।
ବିଚ୍ଛେଦୁ ଘାନ ହୋଇଛି । ବାହୁଡ଼ି ଇଚ୍ଛି ଏ । ୫୯ ।
ବକ୍ଷୋଜେ ଭବ ସ୍ତବକୁ । ବିଦନ୍ତି କବି ଯୋଗକୁ ।
ବଦ ଅଛୁ ସୋଦରତା । ବନ୍ଧୁ ବାରତା ତୁ । ୬୦ ।
ବୋଲୁଁ କୋପି ଚକ୍ରବାକ । ବୋଇଲା ଏମନ୍ତ ବାକ ।
ବେନନାବେ ଦେଇ ପଦ । ବ୍ୟର୍ଥ ସମ୍ପଦ ଏ । ୬୧ ।

---

୫୭ଶର୍ ପଦ:—ମଦନ—କନ୍ଦର୍ପ । ବଡ଼ିଶ-ଶର—କଣ୍ଟକକଣ୍ଟା ରୂପ ଶର ।

୫୮ଶର୍ ପଦ:—ବଦନ—ମୁଖ । କମଳ—ପଦ୍ମ । ବିଲୋଳ—ଚଞ୍ଚଳ ।

୫୯ତମ ପଦ:—ସୁରପତି—ଇନ୍ଦ୍ର । ବିଭୂତି—ଐଶ୍ୱର୍ଯ୍ୟ ବା ସମ୍ପତ୍ତି ।

୬୦ତମ ପଦ:—ବକ୍ଷୋଜ—ସ୍ତନ ବା କୁଚ । ସୋଦରତା—ବନ୍ଧୁତା ।

---

୫୭ଶର୍ ପଦ:—"କନ୍ଦର୍ପ ବଡ଼ିଶ କଣ୍ଟାରୂପ ଶରରେ ମୋତେ ବଦ୍ଧ କରିବାକୁ ବିଗ୍ଧୁରୁଅଛି । ମୋ ପ୍ରିୟା କେଉଁ ଦେଶରେ ରହିଛି; ଏ ବାର୍ତ୍ତା ମୋତେ ବୁଝାଇ କହ ।"

୫୮ଶର୍ ପଦ:—"ମୋର ପ୍ରିୟାର ମୁଖ ସର୍ବଦା ଫୁଟିଥିବା ପଦ୍ମପ୍ରାୟ ନିର୍ମଳ ଦିଶେ । ତହିଁରେ ଚଞ୍ଚଳ ହେଉଥିବା ନେତ୍ରଯୁଗଳ ଖଞ୍ଜନ ପକ୍ଷୀ ପ୍ରାୟ ଖେଳା କରି ଶୋଭା ପାଉଥିଲା ।"

୫୯ତମ ପଦ:—"ତା ମୁଖ ପଦ୍ମରେ ନେତ୍ର ଖଞ୍ଜନର ଖେଳା ଦେଖି ମୁଁ ଇନ୍ଦ୍ର ସମ୍ପତ୍ତି ପ୍ରାପ୍ତ ହୋଇଥିଲି । ମାତ୍ର ବର୍ତ୍ତମାନ ତାହାର ବିଚ୍ଛେଦରୁ ବଡ଼ ଦୁଃଖୀ ହୋଇଅଛି । ସେ ଫେରି ଆସୁ—ମୁଁ ଏହା ଭାବନା କରୁଅଛି ।"

୬୦ତମ ପଦ:—"ମୋ ପ୍ରିୟାର ସ୍ତନଯୁଗଳ ସହିତ ତୁମ୍ଭ ଦୁହିଙ୍କର ମିଳନକୁ କବିମାନେ ଉପମା ଦେଇଥାନ୍ତି । ସୁତରାଂ ତା ସହିତ ତୁମ୍ଭର ବନ୍ଧୁତା ଅଛି । ଅତଏବ ମୋ ପ୍ରିୟାର ବାର୍ତ୍ତା କହ ।"

୬୧ତମ ପଦ:—ରାମଚନ୍ଦ୍ର ଏହା କହନ୍ତେ ଚକ୍ରବାକ ପକ୍ଷୀ କୋପ କରି କହିଲା, "ଦୁଇ ନାବରେ ଗୋଡ଼ ଥୋଇଲେ ସମସ୍ତ ସମ୍ପତ୍ତି ବ୍ୟର୍ଥ ହୁଏ । (ଦୁଇ ନାବରେ ଗୋଡ଼ ଦେଲେ ମଣିଷ ବୁଡ଼ି ମରେ) ।"

ବନ୍ଧୁ ଜଟା ଶିରି ସନ୍ଧିତ । ବୁଡ଼ିମରିବା ବିହିତ ।
ବିହଗ ରତି ବିଲୋକ । ବିଲଜ୍ଜ ଲୋକ ତୁ । ୭୨ ।
ବୋଲନ୍ତେ ବୋଇଲେ ଲକ୍ଷଣ । ବିଚକ୍ଷଣ ସୁଲକ୍ଷଣ ।
ବିଜ୍ଞ ହେଉଛୁ ଇଚ୍ଛାରେ । ବିହଗ ଛାର ତୁ । ୭୩ ।
ବିଖ୍ୟାତୁ ତପ ହେତୁ ହି । ବୋଲାଉ କୁଟମ୍ଭୀ ତୁହି ।
ବଶିଷ୍ଠାଦି ଏ ଅଜାଣ । ବଡ଼ ସୁଜାଣ ତୁ । ୭୪ ।
ବିଯୋଗରେ ନଅ କାଳ । ଭଜ ଏ ଶାପ ତତ୍‌କାଳ ।
ବେନି ସୋଦର ବଦନେ । ବିଜେ ଗହନେ ସେ । ୭୫ ।
ବ୍ୟାକୁଳରେ ହୋଇ କ୍ଷୀଣୀ । ବଲ୍ଲଭେ ଭାଷେ ପକ୍ଷିଣୀ ।
ବିଭୋଗରେ ରତି ସାର । ବିଦ୍ୟ ସଂସାର ଏ । ୭୬ ।

---

୭୨ତମ ପଦ:—ବିହଗ—ପକ୍ଷୀ । ବିଲଜ୍ଜ—ଲଜ୍ୟାଶୂନ୍ୟ ।
୭୪ତମ ପଦ:—ବିଖ୍ୟାତୁ—ବିଖ୍ୟାତ କରୁ ।

---

୭୨ତମ ପଦ:—"ତୁମ୍ଭେ ଶିରରେ ଜଟା ବାନ୍ଧିଅଛ, ପୁଣି ସ୍ତ୍ରୀ ଲମ୍ପଟ ଅଟ; (ବୁଡ଼ି ନାକରେ ଗୋଡ଼ ଦେଉଛ) ତେଣୁ ବୁଡ଼ି ମରିବା ତୁମ୍ଭ ପକ୍ଷରେ ନିଶ୍ଚିତ ଅଟେ । ପୁଣି ଏତେଡ଼ ନିର୍ଲଜ ଯେ ପକ୍ଷୀଙ୍କ ରତି କ୍ରୀଡ଼ା ଦେଖୁଅଛ ।"

୭୩ତମ ପଦ:—ଚକ୍ରବାକଠାରୁ ଏହା ଶୁଣି ଲକ୍ଷଣବନ୍ତ ଓ ପଣ୍ଡିତ ଲକ୍ଷ୍ମଣ ଚକ୍ରବାକୀକୁ କହିଲେ, "ତୁ ଛାର ପକ୍ଷୀ ହୋଇ ମନେ ମନେ ବଡ଼ ବିଜ୍ଞ ବୋଲି ଜଣାଇ ହେଉଛୁ ।"

୭୪ତମ ପଦ:—"ତୁ ସାମାନ୍ୟ ପକ୍ଷୀ ମାତ୍ର ପୁଣି ତୁ ଗୃହସ୍ଥ, ଅଥଚ ତପସ୍ୟାର ଲକ୍ଷଣ କହୁଅଛୁ । ବଶିଷ୍ଠାଦି ଋଷିମାନେ କଣ ବଡ଼ ଅଜ୍ଞ ?—ସେ ଜଟାଜୁଟ ବାନ୍ଧି, ତପସ୍ୟା କରି ମଧ୍ୟ ଗୃହସ୍ଥ ହୋଇଅଛନ୍ତି । ତୁ ତାଙ୍କଠାରୁ ବଡ଼ ପଣ୍ଡିତ ହେବୁ !"

୭୫ତମ ପଦ:—"ଆଜିଠାରୁ ବିଚ୍ଛେଦରେ ସମୟ କଟାଅ ।" ଏହି ଶାପ ଦେଇ ରାମ ଲକ୍ଷ୍ମଣ ଦୁଇ ଭାଇ ତତ୍‌କ୍ଷଣାତ୍ ସେଠାରୁ ଗହନ ବନ ମଧ୍ୟକୁ ବିଜେ କରି ଗଲେ ।

୭୬ତମ ପଦ:—ଶାପ ପାଇବାରୁ ଚକ୍ରବାକୀ ବ୍ୟାକୁଳରେ କ୍ଷୀଣଦଶା ପ୍ରାପ୍ତ ହୋଇ ନିଜ କାନ୍ତକୁ କହିଲା, "ଏ ସଂସାର ଭିତରେ ସମସ୍ତ ଭୋଗ ମଧ୍ୟରେ ରତି ସମ୍ଭୋଗ ଶ୍ରେଷ୍ଠ ବୋଲି କଥିତ ହୋଇଅଛି ।"

ବିପଦ କି ଶିରଚ୍ଛେଦ | ବଡ଼ ବିପଦ ବିଚ୍ଛେଦ |
ବଂଶ ବଢ଼ିବା ଅର୍ଜ୍ଜନ | ବ୍ୟର୍ଥ ସର୍ଜ୍ଜନ ଏ | ୭୭ |
ବିସ୍ତର ସେ ଗୋଡ଼ାଇଲେ | ବିନସ୍ତି ରାମେ ହୋଇଲେ |
ବିଭୋ ଦକ୍ଷିଣ ଗମନ | ବାମ ସୁମନ ହେ | ୭୮ |
ବହି ମଧୁର ମୂରତି | ବିହିଲ କଟୁ ଭାରତୀ |
ବି ଜାତି କେତେ ମାତ୍ର | ବେଳେ ବିତର୍କ ଯେ | ୭୯ |
ବଦନ ଦଶ ବିଂଶତି | ବାହୁ ତା ଆଗେ ବସତି |
ବିମାନେ ଶୋକ ଜନତା | ବରବନିତା ଯେ | ୮୦ |
ବିଲୋକ ଏତେ ମାତର | ବିବେକ କର ତତ୍ପର |
ବିହ ଶାପରୁ ମୁକତି | ବହୁଁ ଭଗତି ଯେ | ୮୧ |

---

୭୭ତମ ପଦ:—"ଶିରଚ୍ଛେଦ ହେବା କି ବିପଦ ? ତା ଅପେକ୍ଷା ବିରହ ବିପଦ ବେଶୀ କଷ୍ଟଦାୟକ । ବଂଶ ବୃଦ୍ଧି ପ୍ରାପ୍ତ ନ ହେଲେ ଆମ୍ଭ ଜୀବନ ବୃଥା ଯିବା ! ( ସମ୍ଭୋଗ ନ ହେଲେ ବଂଶ ବୃଦ୍ଧି ହେବ ନାହିଁ । ତେଣୁ ଆମ କୁଳ ଏହିଠାରୁ ଲୋପ ପାଇବ ) ।"

୭୮ତମ ପଦ:—ସେ ଚକ୍ରବାକ ଓ ଚକ୍ରବାକୀ ଏମନ୍ତ ବିସ୍ତର କରି ରାମଙ୍କ ପଛରେ ଗୋଡ଼ାଇଲେ ଓ ବିନୟ ପ୍ରକାଶ କରି କହିଲେ, "ହେ ବିଭୋ ! ତୁମ୍ଭେ ଦକ୍ଷିଣ ଦିଗକୁ ଗମନ କରିବାରେ ଆଗ୍ରହୀ ହୋଇଅଛ ( ଅଥବା—ତୁମ୍ଭେ ଦେବତା ବା ବିଜ୍ଞ ପରି ସମଦର୍ଶୀ ହୋଇଅଛ ) ଅଥଚ ଆମଠାରେ ପ୍ରତିକୂଳ ଆଚରଣ କରୁଅଛ ।"

୭୯ତମ ପଦ:—"ତୁମ୍ଭେ ସୁନ୍ଦର ମୂର୍ତ୍ତି ଧାରଣ କରିଅଛ । ଅଥଚ ଏପରି କଟୁ କଥା କହିଲ ( ମଧୁରଠାରେ କଟୁ ରହିବା ଅସମ୍ଭବ ) । ଆମ୍ଭେ ଛାର ପକ୍ଷୀ ଜାତି—ଆମର ଜ୍ଞାନ ଅବା କେତେ ? ଅଭିଶାପ ହେଲାବେଳେ ଏହା ଟିକିଏ ମାତ୍ର ବିଚାର କଲ ନାହିଁ ?"

୮୦ତମ ପଦ:—"ଦଶମୁଖ ବିଂଶବାହୁ ବିଶିଷ୍ଟ କେହି ବିମାନରେ ବସି ଯାଉଥିବାବେଳେ, ତା ଆଗରେ ଏକ ଶ୍ରେଷ୍ଠ ମହିଳା ବସି ଶୋକ କରୁଥିଲା ।"

୮୧ତମ ପଦ:—"ଆମ୍ଭେ ଏତିକି ମାତ୍ର ଦେଖିଅଛୁ,—ତୁମ୍ଭେ ଦ୍ରୁତ ବିଚାର କର । ଆମ୍ଭଙ୍କୁ ଦେଇଥିବା ଶାପରୁ ମୁକ୍ତି ପାଇବାର ଉପାୟ କହ ।" ଏହା କହି ସେମାନେ ବିଶେଷ ଭାବରେ ଭକ୍ତି କଲେ ।

ବାସରେ ମାତର ବର । ବିଶ୍ୱବକ୍ଷରେ ଅନ୍ତର ।
ବେନିକୂଳେ ନଦେ ରହି । ବାଧୁ ବିରହ ଏ ।
ବିରତ ସ୍ୱପକ ହେଲେ । ବାହୁଡ଼ିଲେ ପକ୍ଷୀ ହେଲେ ।
ବୋଲେ ଉପେନ୍ଦ୍ର ଆପ୍ଲୁତ । ବାସ୍ତରୀ ପ୍ରବନ୍ଧ ଏ । ୭୨ ।

—*—

୭୨ ତମ ପଦ:—ବାସର—ଦିନ । ତର—ରକ୍ଷାପାଞ୍ଚ । ଆପ୍ଲୁତ—ସ୍ନାନ ।

୭୨ତମ ପଦ:—ତାଙ୍କର ଭକ୍ତି ଦେଖି ରାମଚନ୍ଦ୍ର ତାଙ୍କୁ ବର ପ୍ରଦାନ କଲେ, "ତୁମ୍ଭେ ଦିବସରେ କେବଳ ଏକଠ ହେବ । ରାତିରେ ନଦୀର ଦୁଇ କୂଳରେ ଅନ୍ତର ହୋଇ ରହିବ । ତେଣୁ ବିଚ୍ଛେଦ ଘଟିବ ।" ରାମଚନ୍ଦ୍ର ଏହି ବର ଦେବାରୁ ପକ୍ଷୀଦ୍ୱୟଙ୍କ ତତ୍‌କ୍ଷଣାତ୍ ଫେରିଗଲେ । ଉପେନ୍ଦ୍ର ବାସ୍ତରୀପଦର ସ୍ନାନ ଏହି ଛନ୍ଦକୁ କଲେ । ( ଶେଷ ପଦ ବାସ୍ତରୀ ପଦ ସହିତ ମିଶିଅଛି ) ।

—*—

* ସମାପ୍ତ *

ମୁଦ୍ରିତ:—ଶ୍ରୀ ମହାକାଳୀ ପ୍ରେସ୍, ଓଡ଼ିଆ ବଜାର, କଟକ—୨

କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବିରଚିତ

ସଚିତ୍ର

# ବୈଦେହୀଶବିଳାସ

## ତୃତୀୟ ଖଣ୍ଡ

( ବିଜୟ ବୈଜୟନ୍ତୀ ଟୀକା ସହ )

* ନୂତନ ମୁଦ୍ରଣ *

ସମ୍ପାଦକ ଓ ଟୀକାକାର:—

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

ପ୍ରକାଶକ:—ଶ୍ରୀ ନାରାୟଣଚନ୍ଦ୍ର ଦାସ

ପ୍ରାପ୍ତିସ୍ଥାନ

ଧର୍ମଗ୍ରନ୍ଥଷ୍ଟୋର

ପ୍ରୋ: ପ୍ରା: —ଶ୍ରୀ ବିଦ୍ୟାଧର ସାହୁ

ଅଲିଶାବଜାର, କଟକ-୨

ମୂଲ୍ୟ ଟ୩-୫୦ ତିନିଟଙ୍କା ପଚାଶ ପଇସା

## ତୃତୀୟ ଖଣ୍ଡ

# ସୂଚୀପତ୍ର


୨୭ଶ ଛାନ୍ଦ — ବିଜୟୀ ଜଗତରେ କାତର ବିମନେ ... ୩୮୯

୨୮ଶ ଛାନ୍ଦ — ବୋଲେ ସୁଗ୍ରୀବେ ରାମ କ୍ଳେଶ ଭାଷା ... ୪୦୨

୨୯ଶ ଛାନ୍ଦ — ବିରୋଧାଭାସ ପ୍ରକଟାଇ କବିରେ ... ୪୩୦

୩୦ଶ ଛାନ୍ଦ — ବରଷାକାଳ ଅନ୍ତକରେ ଶରଦ ବନ୍ଧୁ ଶିବ ଆଡ଼ମ୍ବର ୪୪୩

୩୧ଶ ଛାନ୍ଦ — ବକେ ବସିଥିଲ ଧ୍ରୁବ ଉପରେ ... ୪୫୦

୩୨ଶ ଛାନ୍ଦ — ବିହସି ଲକ୍ଷ୍ମଣ ମିଳେ କିଷ୍କିନ୍ଧ୍ୟା କାନନ ... ୪୬୫

୩୩ଶ ଛାନ୍ଦ — ବିଭୂଷା ଜଟା ମୁକୁଟ ବିଜେ ମାଲ୍ୟବନ୍ତ କୂଟ ... ୪୬୯

୩୪ଶ ଛାନ୍ଦ — ବସନ୍ତ ସମସ୍ତ ଅତି ରସମସ୍ତ ରଭସ ପ୍ରବେଶ ଆସି ଯେ ୪୪୯

୩୫ଶ ଛାନ୍ଦ — ବୁଧେ ଶୁଣିବା ହେଉ ସୁମତି ... ୫୨୨

୩୬ଶ ଛାନ୍ଦ — ବସନ୍ତ ସେ ବସନ୍ତର ବିକଳ କାଳରେ ... ୫୪୫

୩୭ଶ ଛାନ୍ଦ — ବୁଧେ ଶୁଣ ଏକ ଲୟେ ... ୫୬୦

୩୮ଶ ଛାନ୍ଦ — ବଦନ ପୂରିଅଳ୍ପ ହାସ ହରଷେ ... ୫୮୨

୩୯ଶ ଛାନ୍ଦ — ବାତସୁତ ଶୁଭ୍ର ପକ୍ଷ ଉତ୍ତର ... ୫୯୮

# ବୈଦେହୀଶବିଳାସ

## ତୃତୀୟ ଖଣ୍ଡ

### ସପ୍ତବିଂଶ ଛାନ୍ଦ

ରାଗ—ଭୈରବ

ଆଦ୍ୟାନ୍ତାନୁପ୍ରାସ

ବିଜୟୀ ଜଗତରେ ଜାତର ବିମନେ ।
ବିଜୟି ପଥେ ତୋଳିଲେ କଦମ୍ବ ସୁମନେ ।
ଭାବି ଦେଖେ କେଉଁ ଦିନ କରିବ ଦର୍ଶନ ।
ବିରହେ ଯେ ହୋଇଥିବ କପୋଳେ ଏସନ ।୧।

---

୧ମ ପଦ—ବିଜୟି—ଯାଉ ଯାଉ ।

---

### ସପ୍ତବିଂଶ ଛାନ୍ଦ

୧ମ ପଦ—ଏହି ଜଗତର ଏକମାତ୍ର ବିଜୟୀ ରାମଚନ୍ଦ୍ର, ସୀତାଙ୍କ ଯୋଗୁଁ ମନଦୁଃଖରେ ବାଟରେ ଯାଉଁ ଯାଉଁ ଗୋଟିଏ କଦମ୍ବ ଫୁଲ ତୋଳିଲେ । ତାହାକୁ ହାତରେ ଧରି ମନେ ମନେ ଭାବିବାକୁ ଲାଗିଲେ, 'ଆହା ! କେଉଁଦିନ ପ୍ରିୟାକୁ ଦେଖିବ ? ବିରହ ହେତୁ ତାଙ୍କର ଗଣ୍ଡସ୍ଥଳ ତ ଏହି କଦମ୍ବଫୁଲ ପରି ହୋଇଥିବ, ଅର୍ଥାତ୍ ଲୋମରାଶି ଟାଙ୍କୁରି ଉଠିଥିବ ।'

ବିବସନ କରି ନଖ ଗ୍ଲନନ୍ତେ କଣ୍ଟିତ ।
ବିବସରୁ ହେବ କି ଏ ରୂପେ ରୋମାଞ୍ଚିତ ?
ବିଙ୍କିଳ ହରି ଖୋଜଲେ ନ ପାଇ ବିମତି ।
ବଙ୍କିମ ନୟନା ମୋ ହୋଇଲା ଏହିମତି । ୨ ।
ବିଚକ୍ଷଣ ହୋଇଲେ କି ହେବ ପରମ୍ପରା ।
ବିଚଳିତ ଦମ୍ଭ ଠାବ ନ କରିବ ପରା ।
ବିବେକ ଜାତରେ ପୁଷ୍ପ ପକାଇ ବେଗରେ ।
ବିବେଚନା କଲେ ଅଛି କର୍ବୁର ନଗରେ । ୩ ।
ବିହିଲେ କୋପ ଛେଦିବି ପକାଇ ଦେବି ଶିର ।
ବିହିଲେ ପଥେ ଝମକ ପ୍ରକାଶି ଅସିର ।

---

୨ୟ ପଦ--ବିବସନ--ଉଲଗ୍ନ । ବିବସ – ବିହ୍ୱଳା । ବିଙ୍କିଳ—କଦମ୍ବ-ନାଡ଼ି । ବିମତି--ବିଚଳିତମନା । ବଙ୍କିମ ନୟନା--ବାମାକ୍ଷୀ, ବକ୍ରନୟନା ।

୩ୟ ପଦ—ବିଚକ୍ଷଣ-ବୁଦ୍ଧିମାନ୍ ବା ସୁଚତୁର । ପରଂପରା-ପରିପାଟୀ । କର୍ବୁରନଗର—ରାକ୍ଷସପୁରୀ ।

---

୨ୟ ପଦ—ଶ୍ରୀରାମଚନ୍ଦ୍ର ପୁଣି ଭାବିବାକୁ ଲାଗିଲେ, 'ପ୍ରିୟାକୁ ଉଲଗ୍ନ କରି ତାର ଦେହରେ ଧୀରେ ଧୀରେ ନଖଦ୍ୱାରା ଆଘାତ କଲେ ସେ ବିହ୍ୱଳିତ ହୋଇ ଏହି କଦମ୍ବଫୁଲ ପରି ରୋମାଞ୍ଚିତ ହେବ କି ?' ଏହିପରି ଭାବୁ ଭାବୁ ସେହି ଫଳରୁ ନାଡ଼ିଟିକୁ ଛଡ଼ାଇ ଦେଇ ସେହି ଛଡ଼ା ସ୍ଥାନକୁ ଖୋଜି ଖୋଜି ନ ପାଇବାରୁ ଅତଏବ ଦୁଃଖିତ ହୋଇ ଭାବିଲେ, 'ମୋର ବକ୍ରଲୋଚନା ସୀତା ଏହିପରି ହେଲା । ଅର୍ଥାତ୍ ଏହିପରି ମୁଁ ତାକୁ ହରାଇ ଖୋଜୁ ଖୋଜୁ ଆଉ ମିଳୁନାହିଁ ।'

୩ୟ ପଦ—'ମୁଁ ଖୁବ୍ ବୁଦ୍ଧିମାନ୍ ହେଲେ ସୁଦ୍ଧା କଣ ହେବ ? ବର୍ତ୍ତମାନ ମୋର ଧୈର୍ଯ୍ୟଚ୍ୟୁତ ହୋଇଥିବାରୁ ପ୍ରତ୍ୟେକ ସ୍ଥାନ ଖୋଜି ତାଙ୍କୁ ଠାବ କରି ପାରିବି ନାହିଁ ପରା !' ଏହି ସମୟରେ ତାଙ୍କର ସଦ୍‌ବୁଦ୍ଧି ଉଦୟ ହେବାରୁ ହଠାତ୍ ସେହି ଫୁଲକୁ ଫିଙ୍ଗି ଦେଇ ସ୍ଥିର କଲେ, 'ପ୍ରିୟା ତ ରାକ୍ଷସପୁରୀ ଲଙ୍କାରେ ଅଛି ।'

୪ର୍ଥ ପଦ—ସଙ୍ଗେ ସଙ୍ଗେ କୋପାନ୍ୱିତ ହୋଇ 'ତାହାର ମସ୍ତକ ଛେଦନ କରିବି'— ଏହା କହି ଖଣ୍ଡାକୁ ଖୋଳରୁ ବାହାର କରି ଅତି ଶୀଘ୍ର ବାଟ

ବିରାଧପର ଲକ୍ଷ୍ମଣ ଧୃତ ଧନୁଶର ।
ବିରାଜିଲେ ଋଷ୍ୟମୂକ ଗିରି ପାର୍ଶ୍ୱଶର । ୪ ।
ବିବରଗତ ସୁଗ୍ରୀବ ଦେଖି ସେ ଉଭୟ ।
ବି-ବର ଲୋକନେ ଯଥା ପନ୍ନଗ ସଭୟ ।
ବଳସ୍ଥ କରି ପେଷିଛି ପାଞ୍ଚ ବେଶଧର ।
ବଳୀମୁଖରାଜେ ଯେଣୁ ଗିରି ଅପ୍ରସର । ୫ ।
ବଧିବେ ମୋତେ ବିଚାରି ବେପଥୁ ରଚନ ।
ବଧିର ତ୍ରାସେ ନ ଶୁଣେ ମନ୍ତ୍ରୀଙ୍କ ବଚନ ।
ବାଲିଶ କି ତୁମ୍ଭେ ତାଙ୍କୁ କହେ ହନୁମାନ ।
ବାଳି ବିନା ପରାକ୍ରମେ କେ ଆମ୍ଭ ସମାନ ? ୬ ।
ବିଧୁରେ ଏ ପ୍ରଭା ଥିବ ଲକ୍ଷ୍ୟ ଯୋଖିବାରେ ।
ବିଧୁରେ ଏ ପ୍ରଭା ନାହିଁ ପୂର୍ଣ୍ଣେ ଦେଖିବାରେ । ୭ ।

---

୫ମ ପଦ—ବିବରଗତ—ଗାତରେ ପ୍ରବେଶ କରିବା । ବି-ବର—ପକ୍ଷୀଶ୍ରେଷ୍ଠ ଅର୍ଥାତ ଗରୁଡ଼ । ପନ୍ନଗ—ସର୍ପ । ବଳୀମୁଖରାଜେ—ବାନରପତି ବାଳିର । ଅପ୍ରସର—ଅଗମ୍ୟ ।

୬ଷ୍ଠ ପଦ—ବେପଥୁ—କମ୍ପନ । ବାଳିଶ—ମୂର୍ଖ ।

୭ମ ପଦ—ବିଧୁରେ—ବିଷ୍ଣୁଙ୍କଠାରେ ଚନ୍ଦ୍ରଠାରେ । ବାନପ୍ରସ୍ଥ ବେଶଧାରୀ—ବନବାସୀ ବେଶଧାରୀ ବା ମୁନି ବେଶଧାରୀ ।

---

ଚାଲିବାକୁ ଲାଗିଲେ । ( ସେଠାରୁ ଗମନ କଲେ )। ଏହିପରି ଯାଇଁ ଯାଇଁ ସେହି ଧନୁଶରଧାରୀ ରାମ ଲକ୍ଷ୍ମଣ ଦୁହେଁ ଋଷ୍ୟମୂକ ପର୍ବତର ନିକଟରେ ପ୍ରବେଶ ହେଲେ ।

୫ମ ଓ ୬ଷ୍ଠ ପଦ—ସାପମାନେ ଗରୁଡ଼ଙ୍କୁ ଦେଖି ଯେପରି ଭୟରେ ଅସ୍ଥିର ହୋଇ ଗାତ ଭିତରେ ପ୍ରବେଶ କରନ୍ତି, ସୁଗ୍ରୀବ ସେହିପରି ରାମ ଲକ୍ଷ୍ମଣଙ୍କୁ ଦେଖି ଭୟରେ ଅସ୍ଥିର ହୋଇ ଗାତ ଭିତରେ ( ପର୍ବତ ଗୁମ୍ଫାରେ ) ପ୍ରବେଶ କଲା । କାରଣ ସେ ମନେ କଲା, 'ବାନରରାଜ ବାଳୀ ଏହି ପର୍ବତରେ ପ୍ରବେଶ କରି ନ ପାରିବାରୁ ବନଶାଳୀ ଦୁଇଗୋଟି ଦୂତଙ୍କୁ ପଠାଇଅଛି; ଏ ଦୁହେଁ ମତେ ମାରି ପକାଇବେ ।' ଏହି କଥା ଭାବି କମ୍ପିବାକୁ ଲାଗିଲା ଏବଂ ବାଲପରି ମନ୍ତ୍ରୀମାନଙ୍କର କଥା ଶୁଣିଲା ନାହିଁ । ହନୁମାନ ତାଙ୍କୁ କହିଲା, "ତୁମେ କଣ ମୂର୍ଖ ? ବାଳୀ ଛଡ଼ା ଆଉ କିଏ ଆମ୍ଭମାନଙ୍କ ସମାନ ଅଛି ଯେ ତୁମେ ଭୟ କରୁଛ ?"

୭ମ ପଦ—"ତୁଳନା କଲେ ଜଣାଯାଏ, ଏହିପରି ତେଜ କେବଳ ବିଷ୍ଣୁଙ୍କଠାରେ ଥାଇପାରେ କିନ୍ତୁ ପୂର୍ଣ୍ଣଚନ୍ଦ୍ରଠାରେ ସୁଦ୍ଧା ଦେଖା ଯାଏ ନାହିଁ ।

ବାନପ୍ରସ୍ଥ-ବେଶଧାରୀ ମନକୁ ନ ପାଇ ।
ବାନରପତିର ଦୂତ ହେବେ ଏ କପାଇଁ ? ୭ ।
ବଶୀଭୂତ ନୋହି ନଭମାର୍ଗେ ସ୍ୟନ୍ଦନରେ ।
ବସି ଯାଉଥିଲା ରାମା ଯୁକ୍ତ କ୍ରନ୍ଦନରେ ।
ବଲ୍ଲରୀ ପଶୁ-ପକ୍ଷିଙ୍କି କରୁଥିଲା ସାକ୍ଷ୍ୟ ।
ବଲ୍ଲଭ ସେ ନାରୀର ହେବେ କି ସାରସାକ୍ଷ । ୮ ।
ବିରଞ୍ଚି ହେଲା ପରାସ୍ତ ଦିଶଇ ତନୁ ତ ।
ବିରଞ୍ଚି ରଚିବାରେ ସୁନ୍ଦରେ ଏହି ନୂତ ।
ବାଡ଼ବେୟସୁତ ଭାଷେ ସତ ଏ ତରକ ।
ବାର ଏତେ କନ୍ୟା ଯେଉଁ ନାମ ଉଚ୍ଚାରକ । ୯ ।

---

୮ମ ପଦ— ବଶୀଭୂତ—ଅନୁରକ୍ତ । ନଭୋମାର୍ଗେ—ଆକାଶମାର୍ଗରେ । ସ୍ୟନ୍ଦନରେ—ରଥରେ । ବଲ୍ଲରୀ ଲତା । ସାରସାକ୍ଷ—ରାଜୀବଲୋଚନ ।

୯ମ ପଦ—ବିରଞ୍ଚି—ବିଧାତା । ନୂତ—ପ୍ରଶଂସିତ । ବାଡ଼ବେୟସୁତ-ନଳ ନାମକ ବାନର । ବାର—ବିଚାର ପୂର୍ବକ ସ୍ଥିର କର ।

---

ଏମାନେ ମୁନିବେଶ ଧାରଣ କରି ଅଛନ୍ତି, କାହିଁକି ବାଳିର ଦୂତ ହେବେ ? ଏମାନେ ବାଳୀର ଦୂତ ଏହା ମୋର ମନକୁ ପାଉ ନାହିଁ ।"

୮ମ ପଦ—"ସ୍ୟନ୍ଦନ ନେଇ ଯାଉଥିବା ପୁରୁଷ ପ୍ରତି 'ବଶୀଭୂତ' ରାଜି ନ ହୋଇ ଆକାଶମାର୍ଗରେ ରଥରେ ବସି କାନ୍ଦି କାନ୍ଦି ଯାଉଥିବା ସୁନ୍ଦରୀ ସ୍ତ୍ରୀ ଲୋକଟି ଲତା, ପଶୁ, ପକ୍ଷୀମାନଙ୍କୁ ସାକ୍ଷୀ କରୁଥିଲା । ଏହି କମଳଲୋଚନ ସେହି ସ୍ତ୍ରୀର ବର ହେବେ କି ?"

୯ମ ପଦ—"ଏହାଙ୍କର ଦେହରୁ ଏ ବିରଞ୍ଚି ହେଲପରି ଦେଖା ଯାଉଛନ୍ତି ଏବଂ ବିଧାତା ରଚନା କରିବା ସୁନ୍ଦର ପୁରୁଷମାନଙ୍କ ମଧ୍ୟରେ ଏ ପ୍ରଶଂସିତ ( ପ୍ରଧାନ ) ଅଛନ୍ତି ।" ହନୁର ଏହିପରି ବିଚାର ଶୁଣି ନଳ କହିଲା, "ତୁମର ଏହି 'ତର୍କ' ବିଚାର ସତ୍ୟ ଅଟେ । ମାତ୍ର ଏତକ ବାର (ଭଣ୍ଡ), ସେ କନ୍ୟା ଯେଉଁ ନାମ କହୁଥିଲା, ଏମାନେ ସେହି ନାମଧାରୀ ଅଛନ୍ତି କି ନାହିଁ ।"

ବିପ୍ର କଙ୍କବେଶ ଯାଇ କେ ତୁମ୍ଭେ ପଚାର ।
ବିହିବ ସେ ତାହା ଯେବେ ହୋଇବ ପ୍ରଚାର ।
ବାହାର ହେବ ବଚନ ପ୍ରାକ୍ରମ ଭରସା ।
ବାହା ଧନୁ ଦେଖି ମଣି ଜିଣିପାରେ ରସା । ୧୦ ।
ବହନ କରି କପଟ ମୂରତି ବିଧାନ ।
ଚହଲୁ ସେ କରୁଣାନିଧାନ ସନ୍ନିଧାନ ।
ବଦତି ବିହରୁଅଛ ଘୋର କାନନର ।
ବଦରିକା ତେଜି କିପାଁ ନାରାୟଣ ନର । ୧୧ ।
ବାହୁଜମୂର୍ତ୍ତି ତ ଜଟା ମୁକୁଟ ମଣ୍ଡନ ।
ବାହୁ ବହ ଶସ୍ତ୍ର ଇଚ୍ଛି କାହାର ଖଣ୍ଡନ ?

---

୧୦ମ ପଦ—କଙ୍କବେଶ—କପଟ ବ୍ରାହ୍ମଣ ବେଶ । ରସା—ପୃଥିବୀ । ବିହିବ—ବିଧାନ କରିବ ଅର୍ଥାତ କହିବ ।

୧୧ଶ ପଦ— ବହଳୁ—ପଥିକ । ନରନାରାୟଣ—ବଦରିକାଶ୍ରମସ୍ଥ ଋଷିଦ୍ୱୟ ।

୧୨ଶ ପଦ— ବାହୁଜ ମୂର୍ତ୍ତି—କ୍ଷତ୍ରିୟ ରୂପ । ବାଚସ୍ପତି—ବୃହସ୍ପତି ।

---

୧୦ମ ପଦ—"ହେ ହନୁମାନ, ତୁମ୍ଭେ ବ୍ରାହ୍ମଣ ବେଶ ଧାରଣ କରି ତାଙ୍କ ନିକଟକୁ ଯାଇ 'ତୁମ୍ଭେ କିଏ' ବୋଲି ପଚାର । ସେ ଯଦି ସେହି କଥା କହିବେ ( ମୋର ସ୍ତ୍ରୀ ହେଜିଶ ଯାଇଛି; ମୁଁ ରାମ ଇତ୍ୟାଦି ) ତାହାହେଲେ ସମସ୍ତ କଥା ଜଣାପଡ଼ିବ ଏବଂ ତାହାଙ୍କର କଥାରୁ ତାଙ୍କର ବଳ ଓ ଧୈର୍ଯ୍ୟ ପ୍ରକାଶ ପାଇବ । ଏହାଙ୍କର ବାହୁ ଓ ଧନୁ ଦେଖି ମୁଁ ମନେ କରୁଛି, ଏ ପୃଥିବୀ ଜିଣି ପାରନ୍ତି ।"

୧୧ଶ ପଦ—ଏହା ଶୁଣି ହନୁମାନ ଶୀଘ୍ର କପଟରୂପ ଧାରଣ କରି ସେହି ପଥିକ କରୁଣାସାଗର ରାମଚନ୍ଦ୍ରଙ୍କର ନିକଟବର୍ତ୍ତୀ ହୋଇ କହିଲେ, "ହେ ନର, ହେ ନାରାୟଣ ! ତୁମ୍ଭେ ଦୁହେଁ ବଦରିକାଶ୍ରମ ଛାଡ଼ି କାହିଁକି ଏ ଘୋର ଅରଣ୍ୟରେ ଭ୍ରମଣ କରୁଅଛ ?"

୧୨ଶ ପଦ—ତୁମ୍ଭେ ଜଟା ଓ ମୁକୁଟ ଧାରଣ କରିଥିଲେ ମଧ୍ୟ କ୍ଷତ୍ରିୟ ତ, ଅର୍ଥାତ ନିଶ୍ଚୟ କ୍ଷତ୍ରିୟ । କାହାକୁ ମାରିବା ନିମିତ୍ତ ହସ୍ତରେ ଶସ୍ତ୍ର

ବାଚକ ହୋଇଣ ପୁଚ୍ଛା କରୁଁ ରଘୁରାଣ ।
ବାଚସ୍ପତିଙ୍କ ବ୍ରହ୍ମା କ ବୁଝାଇ ପୁରାଣ । ୧୨ ।
ବହୁତ ବିଧାନେ ଦଶରଥଙ୍କ ତନୟ ।
ବହୁଁ ରାମ ଲକ୍ଷ୍ମଣ ନାମକୁ ସବିନୟ ।
ବିଶ୍ୱାମିତ୍ର ଆସି ନେଲେ ଯାଗକୁ ପଚାରି ।
ବିଶ୍ୱାମିତ୍ର ସୁବାହୁର ବିନାଶ ବିଚାରି । ୧୩ ।
ବିଶ୍ୱବସୁ-କୋଟି-ପ୍ରଭା ଶିବଧନୁ ଧରି ।
ବିଭା ହେଲୁଁ ସୀତା କ ଶୋଭିତା ବିମ୍ବାଧରୀ ।
ବନ୍ଦାରୁ ପରଶୁରାମ ଦର୍ପ ବିଭଞ୍ଜନ ।
ବନ୍ଦାନ୍ତେ ପ୍ରାତେ ଜନକ କରଣ ରାଜନ । ୧୪ ।

---

୧୩ଶ ପଦ—ବିଶ୍ୱାମିତ୍ର—ଜଗତର ଶତ୍ରୁ ।
୧୪ଶ ପଦ—ବିଶ୍ୱବସୁ-କୋଟି-ପ୍ରଭା—କୋଟି ସୂର୍ଯ୍ୟକାନ୍ତି
ବନ୍ଦାରୁ—ସ୍ତୁତିପାଠକ ।

---

ଧାରଣ କରି ଅଛ, ମୁଁ ଏହି କଥା ପଚାରୁଅଛି ।” ବ୍ରହ୍ମା ବୃହସ୍ପତିଙ୍କୁ ପୁରାଣ ବୁଝାଇଲା ପରି ରାମଚନ୍ଦ୍ର କହିବାକୁ ଲାଗିଲେ,—

୧୩ଶ ପଦ—“ରାଜା ଦଶରଥ ବେଦର ନିୟମାନୁସାରେ ଯାଗ ଆଦି ବହୁତ କାର୍ଯ୍ୟ କରିବାରୁ ତାହାଙ୍କର ପୁତ୍ର ରୂପରେ ଆମ୍ଭେ ଜନ୍ମଲାଭ କରି ରାମ ଓ ଲକ୍ଷ୍ମଣ ଏହି ଦୁଇ ନାମକୁ ଧାରଣ କରିଅଛୁ । ଯାଗ ବିନାଶକାରୀ ଜଗତର ଶତ୍ରୁ ସୁବାହୁ ରାକ୍ଷସର ବିନାଶ ଆମ୍ଭଦ୍ୱାରା ସାଧିତ ହେବ ଏହି କଥା ବିଚାରି କରି ଆମ୍ଭର ପିତା ଦଶରଥଙ୍କୁ ପଚାରି ବିଶ୍ୱାମିତ୍ର ଋଷି ଆମ୍ଭଙ୍କୁ ଯାଗସ୍ଥାନକୁ ନେଇ ଯାଇଥିଲେ । [ଅର୍ଥାତ୍ ଆମ୍ଭେ ସେଠାରେ ଉପସ୍ଥିତ ହୋଇ ଅସୁରକୁ ମାରି ଯାଗରକ୍ଷା କଲୁ ]।

୧୪ଶ ଓ ୧୫ଶ ପଦ—“ତତ୍ପରେ କୋଟିସୂର୍ଯ୍ୟବିନିନ୍ଦିତ କାନ୍ତି ଶିବଧନୁ ଧାରଣ କରି ପରମାସୁନ୍ଦରୀ ବିମ୍ବୋଷ୍ଠୀ ସୀତାଙ୍କୁ ବିବାହ କଲୁଁ । ସୀତାଙ୍କୁ ଘେନି ଆସିବା ସମୟରେ ବାଟରେ ପରଶୁରାମଙ୍କର ଦର୍ପଦଳନ କରିବାରୁ ସେ ଆମ୍ଭମାନଙ୍କୁ ସ୍ତୁତି କଲେ । ଦିନେ ପ୍ରଭାତ ସମୟରେ ପିତା ଆମ୍ଭଙ୍କୁ ରାଜା କରି ବନ୍ଦାଇବାକୁ ଇଚ୍ଛା ପ୍ରକାଶ କରନ୍ତେ, କୈକେୟୀଙ୍କର ଦାସୀ ମନ୍ଥରା ସେ କଥା ଶୁଣି ଆମ୍ଭଙ୍କୁ ବନବାସ କରିବା ପାଇଁ ଆଦେଶ କରାଇ ଦେଲା । ଅର୍ଥାତ କୈକେୟୀ ଦାସୀଦ୍ୱାରା ପ୍ରେରିତ ହୋଇ ପିତାଙ୍କୁ ମନାଇ ଆମ୍ଭଙ୍କୁ

ବିଧାତୃକ ବନଗତି ମନ୍ଥରା ମନ୍ତ୍ରିଲା ।
ବିଧାତା ଭାଲ ଲେଖନ ପ୍ରିୟା ଦୂର ଥିଲା ।
ବଞ୍ଚୁଥିଲୁଁ ଦିନ ପଞ୍ଚବଟୀରେ ବିହରି ।
ବଞ୍ଚକ ହରି ବଲ୍ଲଭା ଏ ଅଦ୍ଭୁତ ହରି ।୧୫।
ବିଲୋକନ କରାଇଲା ବିଚିତ୍ର କୁରଙ୍ଗ ।
ବିଲୋଳ ହୋଇ ତା ସଙ୍ଗେ କରିବାରୁ ରଙ୍ଗ ।
ବେଦନା ଅଗୋଚରରୁ ଜାତ ଅକଥିତ ।
ବେଦବୈରି ଶଙ୍ଖ ପ୍ରାୟ ସିନ୍ଧୁ ମଧ୍ୟେ ସ୍ଥିତ ।୧୬।
ବିଚ୍ଛେଦୀ ଜାନକୀ ଅଛି ବୋଲି ଲଙ୍କାଦେଶ ।
ବିଚ୍ଛେଦୁଁ କବନ୍ଧ ବାହୁ କହିଲା ସନ୍ଦେଶ ।

---

୧୫ଶ ପଦ—ବଞ୍ଚକ ବିଲୁଆ, ପ୍ରତାରକ । ହରିବଲ୍ଲଭା—ସିଂହୀ ।

୧୬ଶ ପଦ—କୁରଙ୍ଗ—ମୃଗ । ବିଲୋଳ—ଚଞ୍ଚଳ । ବିଚ୍ଛେଦୁଁ—ଛେଦିବାରୁ ।

୧୭ଶ ପଦ—ଲପନ ମୁଖ । ବିଷମବିଶିଖ—କନ୍ଦର୍ପ । ବିଷମ ବିଶିଖ—ସୁତୀକ୍ଷ୍ଣ ଶର ।

---

ବନକୁ ପଠାଇ ଦେଲେ । ବିଧାତା ମୋର କପାଳରେ ପ୍ରିୟା ଅନ୍ତର ହେବ ବୋଲି ଲେଖିଥିଲା । ଆମ୍ଭେମାନେ ପଞ୍ଚବଟୀ ବନରେ ଆନନ୍ଦରେ ବିହାର କରି ଦିନ କଟାଉଥିଲୁ, କିନ୍ତୁ ସିଂହର ଗୃହିଣୀକୁ ଶୃଗାଳ ହରି ନେଲା ପରି, କୌଣସି ଏକ 'ବଞ୍ଚକ' ଠକ ମୋର ପ୍ରିୟତମାକୁ ହରଣ କରି ନେଲା, ଏହାହିଁ ଆଶ୍ଚର୍ଯ୍ୟ କଥା ।"

୧୬ଶ ପଦ—"ସେହି ଠକ ପ୍ରଥମେ ଆମ୍ଭମାନଙ୍କୁ ଗୋଟିଏ ନାନାବର୍ଣ୍ଣରେ ଚର୍ଚ୍ଚିତ ମୃଗ ଦେଖାଇଲା । ମୁଁ ଅତଏବ ଚଞ୍ଚଳ ହୋଇ ତାର ସଙ୍ଗେ ସଙ୍ଗେ ବିହାର କରିବାରୁ ( ତାର ପଛେ ପଛେ ଦୌଡ଼ିବାରୁ ) ଏହା ହେଲା, ଅର୍ଥାତ୍ ପ୍ରିୟା ବିଯୋଗ ଘଟିଲା । ବେଦବୈରି ଶଙ୍ଖାସୁର ବେଦକୁ ଚୋରି କରି ସମୁଦ୍ର ମଧ୍ୟରେ ରଖିଲା ପରି ଏହି ବୈରି ମୋର ପ୍ରିୟାକୁ ସମୁଦ୍ର ମଧ୍ୟରେ ଲୁଚାଇ ରଖିଛି । ମାତ୍ର ଏହି କଥା ଭଲରୂପେ ଜଣା ନ ପଡ଼ିବାରୁ ଅସହ୍ୟ ଯନ୍ତ୍ରଣା ଜାତ ହେଉଅଛି ।"

୧୭ଶ ଓ ୧୮ଶ ପଦ—"ଆମ୍ଭେ ଏହି ସ୍ଥାନକୁ ଆସିବାର ପଥରେ କବନ୍ଧ ନାମକ ରାକ୍ଷସଦ୍ୱାରା ଧୃତ ହେବାରୁ ତାହାର ବାହୁଦ୍ୱୟ ଛେଦନ

ବିଂଶ ସଂଖ୍ୟା କର ଦଶ ସଂଖ୍ୟା ତା ଲପନ ।
ବିଷମବିଶିଖେ ମୋତେ କରିଛି ତାପନ । ୧୭ ।
ବିଷମ ବିଶିଖେ ତାକୁ କରିବି ଅବଶ ।
ବିଂଶଭୁଜ ଦଶମୁଣ୍ଡ ଛେଦିବି ଅବଶ୍ୟ ।
ବିଗ୍ରହୁଁ ମୋ ଜୀବ ଭିନ୍ନ କରି ସେ ପ୍ରକଟ ।
ବିଗ୍ରହୁଁ ତା ଜୀବ ଭିନ୍ନ କରିବି ନିକଟ । ୧୮ ।
ବିଭିନ୍ନ ଶିରେ କବନ୍ଧ ନୃତ୍ୟନ୍ତି ସମରେ ।
ବିଧିତେ ପ୍ରାଣ ବିହୀନେ ଭ୍ରମେ ସେ ସମରେ ।
ବିକା ମୋର ପ୍ରାଣ ମନ ଜାନକୀ ପାଶରେ ।
ବିକାଶ ତୁମ୍ଭେ କେ ଭ୍ରମ ଏ ବନ ଦେଶରେ । ୧୯ ।

---

୧୮ଶ ପଦ—ବିଗ୍ରହୁଁ—ଦେହରୁ, ଯୁଦ୍ଧ କରି ।

୧୯ଶ ପଦ—କବନ୍ଧ—ମସ୍ତକହୀନ ଶରୀର । ବିଧିତେ—ନିର୍ଦ୍ଦୟରେ ।

---

କଲ, ତହୁଁ ସେ ଶାପମୁକ୍ତ ହୋଇ ଆକାଶ ମାର୍ଗରେ ଯିବାବେଳେ ଏହି ସମ୍ବାଦ ଦେଲା ଯେ, ବରବର୍ଣ୍ଣୀ ସୀତା ଲଙ୍କା ଦେଶରେ ଅଛନ୍ତି । ତାଙ୍କୁ ଯେଉଁ ଲୋକ ହରାଇ ନେଇଅଛି, ତାର କୋଡ଼ିଏ ଗୋଟି ହାତ ଓ ଦଶ ଗୋଟି ମୁଖ ଅଛି । ତାହାହେଲେ ସେହି ଲୋକ ମୋତେ କନ୍ଦର୍ପବାଣମାନଙ୍କ ଦ୍ୱାରା ସନ୍ତାପିତ କରାଉଅଛି । ଏଣୁ ମୁଁ ମଧ୍ୟ ତାକୁ ଅତିଶୟ ମୁନିଆଁ ଶରମାନ ମାରି ଅସ୍ଥିର କରିବି ଏବଂ ତାର ବିଂଶହାତ ଓ ଦଶମୁଣ୍ଡ ଅବଶ୍ୟ ଛେଦନ କରିବି । ସେ ମୋର ଦେହରୁ ( ଅଙ୍ଗରୁ ) ଜୀବନ ତୁଲ୍ୟ ସୀତାଙ୍କୁ ପ୍ରକାଶ୍ୟ ଭାବରେ ଭିନ୍ନ କରିଅଛି, ମୁଁ ତାହାର ଦେହରୁ 'ଜୀବ' ପ୍ରାଣକୁ ସେହିପରି ଅତି ନିକଟରେ ବିଭିନ୍ନ କରାଇ ଦେବି । ( ଅର୍ଥାତ୍ ତାର ମରଣ ବିଧାନ କରିବି ) ।"

୧୯ଶ ପଦ—"ଯୁଦ୍ଧ କ୍ଷେତ୍ରରେ ମୁଣ୍ଡହୀନ କବନ୍ଧ ଯେପରି ନୃତ୍ୟ କରୁଥାଏ—ଅର୍ଥାତ୍ ଇତସ୍ତତଃ ଧାବମାନ ହେଉଥାଏ, 'ସେ ସମରେ' ସେହିପରି ମୁଁ ଜୀବନ ତୁଲ୍ୟ ସୀତାଙ୍କୁ ହରାଇ କନ୍ଦର୍ପଠାରୁ ଅତିଶୟ ଭୟ ପ୍ରାପ୍ତ ହୋଇ ଇତସ୍ତତଃ ଭ୍ରମଣ କରୁଅଛି । କାରଣ ମୋର ମନ ଓ ପ୍ରାଣ ସୀତାଙ୍କ ନିକଟରେ ବିକା ହୋଇଅଛି । ହେ ବିପ୍ର ! ତୁମ୍ଭେ କିଏ ? କାହିଁକି ଏହି ବନ ପ୍ରଦେଶରେ ଭ୍ରମଣ କରୁଅଛ ପ୍ରକାଶ କର ।"

ବଳବୃଦ୍ଧି ହେଲା ଯେଣୁ ରାମ ଦରଶନୁ ।
ବଳରିପୁସୋଦରଜ କହେ ପରସନ୍ନୁ ।
ବଳିମୁଖଶ୍ରେଷ୍ଠ ବାଳି ସୁଗ୍ରୀବ ସୋଦର ।
ବଳି ଦାହିଁ ବଳେ ତାଙ୍କୁ ହେଲା ବିବାଦର । ୨୦ ।
ବନବାସୀ ସୁଗ୍ରୀବ ଏ ଗିରି ଅନୁସରି ।
ବନଧିରେ ମଇନାକ ଲୁଚିଲାର ପରି ।
ବହ୍ନିଣୀତନୁଜ ମୁହିଁ ନାମ ହନୁମାନ ।
ବହ୍ନିଣ ତାହାରେ ପ୍ରୀତି ରହେ ସାନୁ ମାନ । ୨୧ ।
ବିଜେ କର ଘନଶ୍ୟାମ ସେ ହେଉ ସାରଙ୍ଗ ।
ବିଜେ ତୁମ୍ଭ କୃପାଜଳ ବଳେ କରୁ ରଙ୍ଗ ।
ବିଧୁକରେ ମହୋଜ୍ଜ୍ୱଳ ଯେମନ୍ତ ରଜନୀ ।
ବିଧୁ ପ୍ରଭୁ ଅଧିକ ରଜନୀ ହେଲେ ଜନି । ୨ ।

---

୨୦ଶ ପଦ—ବଳରିପୁସୋଦରଜ—ଇନ୍ଦ୍ରଙ୍କର ଭ୍ରାତୃପୁତ୍ର ଅର୍ଥାତ୍ ପବନର ପୁଅ ହନୁମାନ । ବଳିମୁଖଶ୍ରେଷ୍ଠ— - ବାନର ଶ୍ରେଷ୍ଠ ।

୨୧ଶ ପଦ—ବନଧି—ସମୁଦ୍ର । ବହ୍ନିଣୀ ତନୁଜ—ଭଣଜା । ସାନୁସ୍ଥାନ—ପର୍ବତ ।

୨୨ଶ ପଦ—ଘନଶ୍ୟାମ – ଶ୍ୟାମମୂର୍ତ୍ତି, ନୀଳମେଘ । ସାରଙ୍ଗ—ଚାତକପକ୍ଷୀ । ବି—ପକ୍ଷୀ । ବିଧୁକର—ଚନ୍ଦ୍ରକିରଣ । ରଜନୀ—ରାତି । ଜନି—ଜାତହେବା ।

---

୨୦ଶ ଓ ୨୧ଶ ପଦ—ରାମଙ୍କୁ ଦେଖି ହନୁମାନର ବଳ ବଢ଼ିଯିବାରୁ ସେ ଆନନ୍ଦିତ ହୋଇ କହିଲା, "ବାନର ଶ୍ରେଷ୍ଠ ବାଳି ଓ ସୁଗ୍ରୀବ ଦୁହେଁ ସହୋଦର ଭାଇ ଅଟନ୍ତି, ମାତ୍ର ସେ ଦୁହିଁଙ୍କ ମଧ୍ୟରେ ବିବାଦ ହେବାରୁ ମୈନାକ ପର୍ବତ ସମୁଦ୍ରକୁ ଆଶ୍ରୟ କରି ରହିଲା ପରି, ସୁଗ୍ରୀବ ଏହି ପର୍ବତକୁ ଆଶ୍ରୟ କରି ରହିଅଛି । ଅର୍ଥାତ୍ ବାଳି ଭୟରେ ଏଠାରେ ଲୁଚିଅଛି । ମୁଁ ତାର ଭଉଣୀର ପୁଅ (ଭଣଜା) ହନୁମାନ, ତାହାଠାରେ ସ୍ନେହ ବହି ତା ସହିତ ପର୍ବତରେ ରହିଅଛି ।"

୨୨ଶ ଓ ୨୩ଶ ପଦ—"ହେ ଘନଶ୍ୟାମ ! ଆପଣ 'ଶ୍ୟାମ ଘନ' ସଦୃଶ ବର୍ଷଣକାରୀ କୃଷ୍ଣ ମେଘ ପରି ସେହି ପର୍ବତକୁ ବିଜେ କରନ୍ତୁ । (ବର୍ଷୁକ ମେଘ ହଠାତ୍ ପର୍ବତ ଶିଖରକୁ ଆବୃତ କରିଥାଏ )। ସେହି ସୁଗ୍ରୀବ ଚାତକ ହେଉ । ଚାତକପକ୍ଷୀ ବର୍ଷାଜଳ ପାଇ ଯେପରି ଆନନ୍ଦରେ କ୍ରୀଡ଼ା କରେ, ଏହି ସୁଗ୍ରୀବ-ଚାତକ ସେହିପରି ଆପଣଙ୍କର କୃପାରୂପ ଜଳକୁ ପ୍ରାପ୍ତ ହୋଇ ଆନନ୍ଦରେ କ୍ରୀଡ଼ା କରୁ । ଚନ୍ଦ୍ରକିରଣ ଯୋଗୁଁ ରାତିରେ ଯେପରି ଉଜ୍ଜ୍ୱଳତା ଓ ରାତି ଯୋଗୁ

ବ୍ୟବସ୍ଥିତେ ପଡ଼ିଅଛୁ ସେହୁ କାଳ ସାର ।
ବ୍ୟବହାରେ ହେବ ଏବେ ବିଖ୍ୟାତ ସଂସାର ।
ବିଲୋମେ ପଦ୍ମଲୋଚନ ଭାଷେ ଭାରତୀକ ।
ବିଲୋକ କରିବା ଧରି ନିଜ ମୂରତିକ । ୨୩ ।
ବିହୁ ବୀର ଶାଖା ମୃଗ ତନୁ ତତପର ।
ବହୁତ ଆନନ୍ଦ ଶୁଣି ହେଲେ ଖରପର ।
ବିଭୁ ଜଗତର ଶୁଣି ପୁଚ୍ଛିଲେ ଝଟିତ ।
ବିଭୂଷଣ କପି ହୋଇ ଦିବ୍ୟ କଉପିଟି ତ । ୨୪ ।

---

୨୩ଶ ପଦ—ବିଲୋମେ—ଲୋମଶୂନ୍ୟ, ଛଦ୍ମ ଦ୍ୱିଜବେଶଧାରୀ ହନୁମାନଙ୍କୁ । ଭାରତୀ—ବଚନ ବା କଥା ।

୨୪ଶ ପଦ—ଶାଖାମୃଗ—ବାନର । ତନୁ—ଦେହ । ତତ୍ପର—ଆସକ୍ତ । ଖରପର—ଖରରାକ୍ଷସର ଶତ୍ରୁ ରାମଚନ୍ଦ୍ର । କଉପିଟି—ମୁକୁଟ ।

---

ଚନ୍ଦ୍ରକିରଣରେ ଯେପରି ଉଜ୍ଜ୍ୱଳତା ଜାତ ହୁଏ, ବର୍ତ୍ତମାନ ସେହିପରି ଶୁଭସମୟ ଉପସ୍ଥିତ ହୋଇଅଛି । ଏହି ଉତ୍ତମ ସମୟକୁ ବ୍ୟବହାର କଲେ [ ସୁଗ୍ରୀବ ସହ ବର୍ତ୍ତମାନ ଆପଣଙ୍କର ମିଳନ ହେଲେ ] ସଂସାରରେ ଖ୍ୟାତି ଲାଭ ହେବ । [ଅର୍ଥାତ୍—ରାକି ପୂର୍ଣ୍ଣଚନ୍ଦ୍ର ସହିତ ମିଳି ପୂର୍ଣ୍ଣିମୀ ନାମରେ ଖ୍ୟାତି ଲାଭ କରିଅଛି । ଆପଣ ସୁଗ୍ରୀବ ସହିତ 'ପୂର୍ଣ୍ଣ ପ୍ରାଣରେ' ଖୋଲା ମନରେ ମିଳିତ ହେଲେ ଜଗତରେ ଆପଣ ଦୁହେଁ ହିଁ ପ୍ରକୃତ ମିତ୍ର ବୋଲି ଖ୍ୟାତି ଲାଭ କରିବେ]।" ଏହା ଶୁଣି ରାମଚନ୍ଦ୍ର କହିଲେ, "ହେ 'ଲୋମଶୂନ୍ୟ' ମନୁଷ୍ୟ ଦେହଧାରୀ ! ତୁମ୍ଭେ ନିଜର ରୂପକୁ [ମର୍କଟ ରୂପକୁ] ଧାରଣ କର, ଦେଖିବା ।" ଅଥବା ପଦ୍ମଲୋଚନ ରାମଚନ୍ଦ୍ର ବ୍ୟଙ୍ଗ ଉକ୍ତିରେ କହିଲେ, "ତୁମ୍ଭେମାନେ ନିଜ ନିଜର ସ୍ୱାଭାବିକ ରୂପକୁ ଧର ଅର୍ଥାତ୍ ତୁମ୍ଭର ଏହି କପଟ ମନୁଷ୍ୟ ରୂପକୁ ଦେଖି ମନେ ହୁଏ, ତୁମ୍ଭର କଥା ମଧ୍ୟ କପଟରେ ପୂର୍ଣ୍ଣ ହୋଇଥିବ ଏବଂ ଯାହାଙ୍କ କଥା ପ୍ରକାଶ କରୁଅଛ ସେ ମଧ୍ୟ ତୁମ୍ଭପରି କପଟୀ ହୋଇଥିବେ । ଅତଏବ ତୁମ୍ଭେମାନେ ସମସ୍ତ କପଟ ତ୍ୟାଗକରି ସ୍ୱାଭାବିକ ଆକାର ଓ ପ୍ରକୃତି ଧାରଣ କର । ଦେଖିବା [ତୁମ୍ଭମାନଙ୍କର ରୂପକୁ ଦେଖିବା ] ବା ତୁମ୍ଭମାନଙ୍କସହ ମିତ୍ର ହେବା କଥା ବିଚାର କରିବା"

୨୪ଶ ପଦ—ଏହା ଶୁଣି ସେହି ବୀର ହନୁମାନ ହଠାତ୍ ମର୍କଟ ଦେହକୁ ଧାରଣ କରନ୍ତେ, ଖର ରାକ୍ଷସର ଶତ୍ରୁ ଜଗତର ପ୍ରଭୁ ରାମ ତାକୁ ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇ ପଚାରିଲେ, "ତୁମ୍ଭେ ମର୍କଟ ହୋଇ ସ୍ୱର୍ଗୀୟ କଉପିଟିରେ କାହିଁକି ମଣ୍ଡିତ ହୋଇଅଛ । ଅର୍ଥାତ୍ ତୁମ୍ଭେ ମାଙ୍କଡ଼ ହୋଇ କିରୀଟି କାହିଁକି ପିନ୍ଧିଛ ?"

ବ୍ରହ୍ମାବରେ ପାଇଛି ମୁଁ ପବନତନୟ ।
ବ୍ରହ୍ମାଣ୍ଡନାଥ ଶୁଣ ହେ ବୋଲି ସବିନୟ ।
ବାର ବାର ପଦ୍ମପାଦେ କରି ଦଣ୍ଡବତ ।
ବାରଣବାଣଙ୍କୁ ଘେନି ଗଲା ପର୍ବତ । ୨୫ ।
ବୋଧି ମାତୁଳକୁ ରାମ ପାଶେ ଭେଟାଇଲା ।
ବୋଧିଦ୍ରୁମ ତଳେ ପ୍ରବାଳରେ ବସାଇଲା ।
ବିକଶିତ କଲେ ରାମ ବେଗେ ସ୍ୱଚରିତ ।
ବିକର୍ତ୍ତନସୁତ ପୁନଃ କଥିତ ଚରିତ । ୨୬ ।
ବିଧିବଶେ ଋକ୍ଷରାଜା ପଶି ସ୍କନ୍ଦବନେ ।
ବିଧିରେ ହୋଇଣ ସ୍ତ୍ରୀସ୍ୱରୂପ ଜବନେ ।

---

୨୫ଶ ପଦ—ପବନତନୟ-ହନୁମାନ । ବାରଣବାଣଙ୍କୁ-ଗଜୋଦ୍ଧାରୀ ରାମଚନ୍ଦ୍ରଙ୍କୁ ।

୨୬ଶ ପଦ—ମାତୁଳ—ମାମୁଁ । ବୋଧିଦ୍ରୁମ—ଅଶ୍ୱତ୍ଥ ବୃକ୍ଷ । ପ୍ରବାଳ—କଅଁଳଆପତ୍ର । ବିକର୍ତ୍ତନ ସୁତ—ସୁଗ୍ରୀବ ।

୨୭ଶ ପଦ—ବିଧିବଶେ—ଦୈବଯୋଗେ । ଜବନେ—ଶୀଘ୍ର । ବୃଷା—ଇନ୍ଦ୍ର । ଭାନୁ—ସୂର୍ଯ୍ୟ । ବୃଷାକଜନ୍ମ—ବିଶାଳ ଜଙ୍ଘ ।

---

୨୫ଶ ପଦ—ଏହି ପ୍ରଶ୍ନର ଉତ୍ତରରେ ହନୁମାନ କହିଲା, "ହେ ବ୍ରହ୍ମାଣ୍ଡର ଅଧିପତି । ଶୁଣ, ମୁଁ ପବନଙ୍କର ପୁତ୍ର, ବ୍ରହ୍ମାଙ୍କବରରେ ଏହି ମୁକୁଟ ପାଇଅଛି ।" ତପୂରେ ତାଙ୍କର ପଦ୍ମପାଦରେ ବାରମ୍ବାର ଦଣ୍ଡବତ କରି ଗଜ ଉଦ୍ଧାରକର୍ତ୍ତା ରାମଚନ୍ଦ୍ରଙ୍କୁ ଋଷ୍ୟମୂକ ପର୍ବତକୁ ଘେନିଗଲା ।

୨୬ଶ ପଦ—ହନୁମାନ ପର୍ବତ ଉପରିସ୍ଥ ଏକ ଅଶ୍ୱତ୍ଥ ବୃକ୍ଷ ତଳେ କେତେଗୁଡ଼ିଏ କଅଁଳିଆ ପତ୍ର ବିଛାଇ ରାମଚନ୍ଦ୍ରଙ୍କୁ ବସାଇ ମାମୁଁ ସୁଗ୍ରୀବଙ୍କୁ ଉପରୋକ୍ତକଥା ପ୍ରକାଶପୂର୍ବକ ବୁଝାଇ ତାଙ୍କ ନିକଟରେ ଭେଟାଇଲା । ଏହାପରେ ରାମଚନ୍ଦ୍ର ନିଜର ଚରିତ ( ନିଜର ଜନ୍ମଠାରୁ ସୀତା ହରଣ ପର୍ଯ୍ୟନ୍ତ କଥା ) ପ୍ରକାଶ କଲେ ଓ ସୁଗ୍ରୀବ ମଧ୍ୟ ନିଜର ଚରିତ କହିବାକୁ ଲାଗିଲେ ।

୨୭ଶ ପଦ—"ଋକ୍ଷ ନାମକ ଜଣେ ରାଜା ସ୍କନ୍ଦ ନାମକ ଏକ ବନ ମଧ୍ୟରେ ପ୍ରବେଶ କରିବାରୁ ନିୟମାନୁସାରେ ସେ ହଠାତ୍ ସ୍ତ୍ରୀ ରୂପ ଧାରଣ କଲେ । ପୂର୍ବ କାଳରେ ପାର୍ବତୀ ନିଜ ପୁତ୍ର କାର୍ତ୍ତିକେୟଙ୍କ ନାମରେ ଏକ ଉପବନ ପ୍ରତିଷ୍ଠା କରି ନିୟମ କରିଥିଲେ ଯେ, ବିନା ଅନୁମତିରେ ଏହି ଉପବନରେ

ବୃଷା, ଶ୍ରମ ଯାଉଁ ବଧାତାଙ୍କୁ ସଂଖୋଳିତ ।
ବୃଷାନ୍ତ ଜରୁକୁ ଦେଖି ରେତଶ୍ଚି ସ୍ଖଳିତ । ୨୭ ।
ବାଳ ଗ୍ରୀବେ ପତନେ ଜନନ ହେଲୁଁ ମନ୍ତ୍ରୀ ।
ବାଳ ବେନ ଖ୍ୟାତ ବାଳି ସୁଗ୍ରୀବ ନାମକ୍ଷି ।
ବନରୁ ଆବଶାର ସେ ଜଣେ ଆଦରେ ।
ବନରୁ ଜଭବ ସମର୍ପିଲେ ଖଡ଼ଦରେ । ୨୮ ।
ବସୁଁ ରଜା ଯୁବରାଜପଦେ କିଷ୍କିନ୍ଧ୍ୟାରେ ।
ବସୁଧାରେ ବାଳି ସମ ନାହିଁ କେ ଯୋଦ୍ଧାରେ ।
ବାରିଜବନ୍ଧୁ ଉଦେଲୁ ଏତେ ସାଉଣ ।
ବାରିଧି କୂଳରେ କରି ଆସଇ ତର୍ପଣ । ୨୯ ।

---

୨୮ଶ ପଦ—ବାଳଗ୍ରୀବେ—ବାଳରେ ଓ ଗ୍ରୀବାରେ । ବନରୁ ଜଭବ—ବ୍ରହ୍ମା ।

୨୯ଶ ପଦ—ବାରିଜବନ୍ଧୁ—ସୂର୍ଯ୍ୟ । ବାରିଧି—ସମୁଦ୍ର ।

---

ଯେ ପ୍ରବେଶ କରିବ, ସେ ସ୍ତ୍ରୀ ରୂପ ଧାରଣ କରିବ । ସେହି ସମୟରେ ଇନ୍ଦ୍ର ଓ ସୂର୍ଯ୍ୟ ବ୍ରହ୍ମାଙ୍କୁ ସନ୍ତୋଳିବା ପାଇଁ ଶୂନ୍ୟରେ ସେହି ବାଟ ଦେଇ ଯାଉ ଯାଉ ସେହି ସ୍ତ୍ରୀର ଅତି ଉନ୍ନତ ଉରୁଦ୍ୱୟକୁ ଦେଖିବାରୁ ତାହାଙ୍କର ବୀର୍ଯ୍ୟ ପତିତ ହେଲା ।”

୨୮ଶ ପଦ—ସେହି ବୀର୍ଯ୍ୟ ଯଥାକ୍ରମେ ବାଳ ଓ ଗ୍ରୀବାଦେଶରେ ପଡ଼ିବାରୁ ଅର୍ଥାତ୍ ଇନ୍ଦ୍ରଙ୍କର ବୀର୍ଯ୍ୟ ମୁଣ୍ଡବାଳରେ ଓ ସୂର୍ଯ୍ୟଙ୍କର ବେକରେ ପଡ଼ିଥିବାରୁ ଆମ୍ଭେ ଦୁଇଗୋଟି ବାଳକ ରୂପ ଧାରଣ କରି ସଙ୍ଗେ ସଙ୍ଗେ ପୃଥିବୀରେ ପତିତ ହେଲୁଁ ଏବଂ ବାଳି ଓ ସୁଗ୍ରୀବ ନାମରେ ଖ୍ୟାତ ହେଲୁଁ । ତତ୍ପରେ ବ୍ରହ୍ମା ଆବଶଙ୍କର ସେହି ସ୍ୱନ୍ଦବନରୁ ଆମ୍ଭ ଦୁହିଁଙ୍କୁ ଅତି ଆଦରରେ ଉଦ୍ଧାର କରି ଖଡ଼ଦ ନାମକ କିଷ୍କିନ୍ଧ୍ୟାର ରଜାଙ୍କୁ ସମର୍ପଣ କଲେ ।”

୨୯ଶ ପଦ—“କାଳକ୍ରମରେ ଆମ୍ଭେ ଦୁହେଁ କିଷ୍କିନ୍ଧ୍ୟାରେ ଯଥାକ୍ରମେ ରଜା ଓ ଯୁବରାଜ ପଦରେ ବସିଲୁଁ ଅର୍ଥାତ୍ ବାଳିରଜା ଓ ମୁଁ ଯୁବରାଜ ହେଲି । ଏହି ପୃଥିବୀରେ ବାଳି ସମାନ ବୀର କେହି ନାହାନ୍ତି । ସେ ଏପରି ବୀର ଯେ, ସୂର୍ଯ୍ୟ ଉଦୟ ହେବାବେଳକୁ ଚାରି ସମୁଦ୍ରର ଜଳରେ ତର୍ପଣ କରି ଫେରିଆସେ ।”

ବାତକ୍ଷୀ ପରାଏ ରିପୁ ଦର୍ଶନେ ଥିବାର ।
ବାତ ପୁଷ୍ପଗନ୍ଧ ପ୍ରାଏ ବଳାର୍ଦ୍ଧ ହରନ୍ତ ।
ବାଦନ ନ କଲେ ସ୍ୱର୍ଗେ ଦେବତା ଦୁନ୍ଦୁଭି ।
ବାଦ ଭଟକ ଉଦ୍ଧରି ଶୁଣିଲେ ଦୁନ୍ଦୁଭି । ୩୦ ।
ବାହାସ୍ଫୋଟ ମାରିବାକୁ ସୁମେରୁ ପର୍ବତେ ।
ବାହାନ୍ତି ସେ ଦୈତ୍ୟ ଭୟେ ସ୍ତୁତିରେ ପ୍ରବର୍ତ୍ତେ ।
ଉଦ୍ଭ୍ରାଟ ପାରିଲେ ଉତ କପୀଶେ ସଂଗ୍ରାମ ।
ବିଲ୍ଲବଶୀଚର ଶୁଣି ଭାଙ୍ଗିଲା ଏ ଗ୍ରାମ । ୩୧ ।
ବିଧାନେ ମଦାନ୍ଧକଣ୍ଠୀ ସେ ଏ ହରିବର ।
ବିଧୀ ପ୍ରହାର ଭଣତେ ପ୍ରକଟ ସବର ।

୩୦ ପଦ— ବାତକ୍ଷୀ—ବାତବେଗୀ ।
୩୧ଶ ପଦ—ବିଲ୍ଲବଶୀଚର—ରାକ୍ଷସ ।
୩୨ଶ ପଦ—ମଦା କାଣ୍ଡୀ—ମଦମତ୍ତ ହସ୍ତୀ । ହରିବର—ସିଂହରାଜ । ବଳାର୍ଦ୍ଧ—ବଳବ ।

୩୦ଶ ପଦ—"ତାହାଙ୍କୁ ଦେଖିଲେ ଶତ୍ରୁମାନେ ବାତବେଗୀ ଥିବାର ପରି ଥରନ୍ତି ଏବଂ ପବନ ଯେପରି ଫୁଲକୁ ସ୍ପର୍ଶ କରିବା ସଙ୍ଗେ ସଙ୍ଗେ ସେଥିରୁ ଗନ୍ଧ ହରଣ କରେ, ବାଳି ସେହିପରି ଶତ୍ରୁକୁ ଦେଖିବା ମାତ୍ରେ ତାଠାରୁ ଅର୍ଦ୍ଧେ ବଳ ହରଣ କରି ନିଏ । ପୂର୍ବକାଳରେ ଦୁନ୍ଦୁଭି ନାମରେ ଏକ ରାକ୍ଷସ ଥିଲା । ସେ ଦୁନ୍ଦୁଭି ନାମକ ବାଦ୍ୟର ଶବ୍ଦ ଶୁଣିବା ମାତ୍ରେ ଯୁଦ୍ଧକୁ ବାହାରି ଯାଉଥିଲା । ତେଣୁ ଦେବତାମାନେ ସ୍ୱର୍ଗରେ ଦୁନ୍ଦୁଭି ବଜାଉ ନ ଥିଲେ, କାରଣ ସେମାନେ ମଧ୍ୟ ଦୁନ୍ଦୁଭି ସହ ବିବାଦ କରିବାକୁ ଭୟ କରୁଥିଲେ ।"

୩୧ଶ ପଦ—"ସେହି ଦୁନ୍ଦୁଭି ଦୈତ୍ୟ ଯେବେ ସୁମେରୁ ପର୍ବତରେ ବାହାସ୍ଫୋଟ ମାରିବାକୁ ବାହାରିବାରୁ, ସେହି ସୁମେରୁ ଅତିଶୟ ଭୀତ ହୋଇ ସ୍ତୁତିପାଠପୂର୍ବକ କହିଲା;—ହେ ବୀର, ତୁମ୍ଭେ ଯଦି ସମର୍ଥ ଅଛ, ତାହାହେଲେ ବାନରରାଜ ବାଳିଙ୍କ ସଙ୍ଗରେ ତୁମୁଳ ଯୁଦ୍ଧ ଆରମ୍ଭ କର, ( ମୋ ଭଳି ଅସମର୍ଥ ସହ ଯୁଦ୍ଧ କଲେ ଯଶଃ ନ ମିଳି ନିନ୍ଦା ମିଳିବ ) । ତାହାର ଏହିପରି କଥା ଶୁଣି ସେହି ରାକ୍ଷସ ଫେରି ଆସି କିଷ୍କିନ୍ଧ୍ୟାକୁ ଭାଙ୍ଗିଲା ।"

୩୨ଶ ଓ ୩୩ଶ ପଦ—"ପ୍ରକୃତରେ ସେହି ରାକ୍ଷସ ମତ୍ତହସ୍ତୀ ତୁଲ୍ୟ ଓ ବାଳି ସିଂହ ତୁଲ୍ୟ ବିକ୍ରମଶାଳୀ ଅଟନ୍ତି, ସୁତରାଂ ବାଳି ତାହାକୁ ଏକମାତ୍ର

ବଳୀ ଗର୍ବ ଖର୍ବ ହୋଇ ଏତେକେ ଦଇତ ।
ବଳଦର୍ପ ରୂପ ଧରି ହେଉଁ ପଳାୟିତ । ୩୨ ।
ବାମ ଯାରେ ଇନ୍ଦ୍ରସୁତ କାହିଁ ତା ରକ୍ଷଣ ?
ବାମକରେ ପାଦ ଧରି ବୁଲାଉଁ ତତ୍‌କ୍ଷଣ ।
ବିସର୍ଜିଲା ପ୍ରାଣ ନାସାରନ୍ଧ୍ରେ ଜାତ ରକ୍ତ ।
ବିପଣ୍ଡରେ ମାତାଙ୍କ ଆଶ୍ରମେ ସେ ବିରକ୍ତ । ୩୩ ।
ବିହିତ ମଣି ଅମରହିତ ସେ ଦେଖିଲେ ।
ଦହି ଶାପ ତୋର ମୃତ୍ୟୁ ଏ ଶୈଳେ ଆସିଲେ ।
ବହି ଶବ ତାହା ଜାଣି ଆଣି ଏ ନିକଟେ ।
ବହିତ ଯେମନ୍ତ ସ୍ଥିତ ସମୁଦ୍ରେ ପ୍ରକଟେ । ୩୪ ।

---

୩୩ଶ ପଦ—ବାମ—ବିପକ୍ଷ । ଇନ୍ଦ୍ରସୁତ—ବାଳି ।
୩୪ଶ ପଦ—ବିହିତ ଅମଙ୍ଗଳ । ଅମରହିତ—ଦେବତାମାନଙ୍କର ମଙ୍ଗଳ । ଶୈଳ—ପର୍ବତ । ଶବ—ମୃତଦେହ । ବହିତ—ବୋଇତ ।

---

ବିଧା ପ୍ରହାର କରିବାରୁ ସେ ଧୈର୍ଯ୍ୟରହିତ ହେଲା ଏବଂ ସେହି ଗୋଟିକ ବିଧା ଦ୍ୱାରା ସେହି ବଳବାନ ରାକ୍ଷସର ଗର୍ବ ଖର୍ବ ହୋଇଯିବାରୁ ସେ ବଳଦ ରୂପ ଧରି ପଳାଇଗଲା । ଇନ୍ଦ୍ରପୁତ୍ର ବାଳି ଯାହାର ଶତ୍ରୁ ହେବ, ତାକୁ ରକ୍ଷା କରିବାକୁ ଆଉ କିଏ ଅଛି ? ରାକ୍ଷସ ଏହିପରି ପଳାଇବାର ଦେଖି ବାଳି ହଠାତ୍ ତାହାର ପାଦକୁ ବାମହସ୍ତରେ ଧରି ବୁଲାଇବାରୁ ସେ ପ୍ରାଣତ୍ୟାଗ କଲା । ଏହି ସମୟରେ ତାହାର ନାକପୁଡ଼ାରୁ ବାହାରୁ ଥିବା ରକ୍ତ ଛିଟିକି ମାତଙ୍କ ଋଷିଙ୍କ ଆଶ୍ରମରେ ପଡ଼ିବାରୁ ସେ କୁପିତ ହେଲେ ।”

୩୪ଶ ପଦ—“ସେହି ଋଷି ଦେବତାମାନଙ୍କର ହିତକର ଦୁନ୍ଦୁଭିର ମରଣକୁ ଅହିତ ମନେ କରି ବାଳିକୁ ‘ତୁ ଏହି ପର୍ବତକୁ ଆସିଲେ ତୋର ମରଣ ହେବ’ ଏହି ଶାପପ୍ରଦାନ କଲେ । ବାଳି ଏହି ଶାପ ବୃତ୍ତାନ୍ତ ଜାଣିପାରି ସେହି ଦୁନ୍ଦୁଭିର ମୃତଦେହକୁ ବହି ଆଣି ଏହି ପର୍ବତର ନିକଟରେ ପକାଇ ଦେଲା । ସମୁଦ୍ରରେ ବୋଇତ ରହିଥିଲେ ଯେପରି ଦେଖାଯାଏ, ଦୁନ୍ଦୁଭିର ମୃତ ଦେହ ଏଠାରୁ ସେହିପରି ଦେଖାଯାଉଛି ।”

ବଳାହକଙ୍କୁଁ ପୃଥୁ ତୁଙ୍ଗ ନ ଭେଦେ ଛଦୁର ।
ବଳାଙ୍କରେ ବାଳି କେତେ ବହି ଏତେ ଦୂର ।
ବଢ଼ି କ୍ରୋଧେ ତା ଭ୍ରାତ ମାୟାବୀ ଆଗତରେ ।
ବଡ଼ଭୀ ପ୍ରସାଦ ଭାଙ୍ଗି ନଗରୁ ସତ୍ୱରେ । ୩୫ ।
ବର ସେ ଯୋଦ୍ଧାରେ ମଗ୍ନମର ତଳେ ତଳେ ।
ବରଷେ ଯୁଝି କଢ଼ାଇ ନେଇ ରସାତଳେ ।
ବଳଦ୍ୱାରେ ଦୈତ୍ୟ ନାଶେ ବାହାର ରୁଧିର ।
ବଳସେ ଛଉରେ ବାଳ ବିନାଶ ଅଧୀର । ୩୬ ।
ବସୁଧାଭୃତରେ ପାତ ଆସିଲୁଁ ଖବର ।
ବସୁଁ ଅଭ୍ରଂଷେକେ ମୂର୍ଚ୍ଛି ମିଳେ କପିବର ।

---

୩୫ଶ ପଦ—ବଳାହକ—ପର୍ବତ । ପୃଥୁ—ମୋଟା । ତୁଙ୍ଗ—ଉଚ୍ଚ । ଛଦୁର—ବଜ୍ରାବଡଭୀ—ଚନ୍ଦ୍ରଶାଳା ପୁର । ପ୍ରାସାଦ—ଅଟ୍ଟାଳିକା ।
୩୬ଶ ପଦ— ବର—ଶ୍ରେଷ୍ଠ ବା ମହତ୍ । ରସାତଳ—ପାତାଳ । ରୁଧିର—ରକ୍ତ । ତଳେ ତଳେ—ଗୁପ୍ତୋଡ଼ ମଗ୍ନମର ।

---

୩୫ଶ ପଦ—"ଦୁନ୍ଦୁଭିର ଯେଉଁ ମୃତଦେହ ପର୍ବତଠାରୁ ଅଧିକ ମୋଟା ଓ ଉଚ୍ଚା, ଯାହାକୁ ବଜ୍ରସୁଦ୍ଧା ଭେଦ କରିପାରେ ନାହିଁ, ବାଳି ତାକୁ ବଳପୂର୍ବକ ଏଠାକୁ ବହି ଆଣିଅଛି, ସୁତରାଂ ସେ କେତେ ବୀର ଅନୁମାନ କରନ୍ତୁ । ପରେ ତାର ଭାଇ ମାୟାବୀ ଭ୍ରାତୃବଧ ବାର୍ତ୍ତା ଶୁଣି ଅତି କ୍ରୋଧରେ କିଷ୍କିନ୍ଧ୍ୟା ଆକ୍ରମଣ କରି ନଗରରେ ଥିବା ରାଜାଙ୍କ ଚନ୍ଦ୍ରଶାଳାପୁର ଓ ଅନ୍ୟାନ୍ୟ ପକ୍କା ଘର ସବୁ ଭାଙ୍ଗି ପକାଇଲା ।"

୩୬ଶ ପଦ—"ସେହି ବାଳି ଓ ମାୟାବୀ ଦୁହେଁ ବୀରପଣରେ ଶ୍ରେଷ୍ଠ ହୋଇଥିବାରୁ କେବଳ ଗୁପ୍ତଭାବେ ମଗ୍ନମର ହୋଇ ଏକବର୍ଷ ପର୍ଯ୍ୟନ୍ତ ଯୁଦ୍ଧ କରିଥିଲେ । ତତ୍ପରେ ମାୟାବୀ ବାଳିକୁ ପାତାଳପୁରକୁ କୌଶଳକ୍ରମେ ନେଇଗଲା ଅର୍ଥାତ୍ ସେ ମାଡ଼ଖାଇ ଧୀରେ ଧୀରେ ପାତାଳ ଆଡ଼କୁ ଯିବାରୁ ବାଳି ମଧ୍ୟ ତାକୁ ଗୋଡ଼ାଇ ଗୋଡ଼ାଇ ପାତାଳକୁ ଗଲା । ସେହି ଦୈତ୍ୟ ବାଳିଦ୍ୱାରା ପାତାଳରେ ବିନାଶ ପ୍ରାପ୍ତ ହେବାରୁ ସେ ଦୁହେଁ ପାତାଳକୁ ଯାଇଥିବା ଗର୍ତ୍ତ ମୁଖରେ ରକ୍ତ ଦେଖାଗଲା । ତାହା ଦେଖି ବାଳି ମରିଗଲା—ଏହିକଥା ମନରେ ଭାବି ଆମ୍ଭେମାନେ ଅଧୀର ହେବାକୁ ଲାଗିଲୁଁ ।"

୩୭ଶ ପଦ—"ତତ୍ପରେ ସେହି ଦୈତ୍ୟ ଠାରୁ ଭୟର ଆଶଙ୍କା କରି, ସେହି ଗର୍ତ୍ତରେ ପର୍ବତ ସ୍ରୋତ ଅର୍ଥାତ୍ ଶିଳାକୁ ବନ୍ଦ କରି ଆସିଲୁ । କିଛିଦିନ

ବାଳୀକୁ ମୋ କୋଳୁଁ ଧରି ରଣ ମଧୁବନ ।
ବାଳୀକର୍ଷିବାରେ ନେଉଥିଲା ମୋ ଜୀବନ । ୩୭ ।
ବିକଳ ହୋଇ ପଳାଇଁ ଗୋଡ଼ାଇ ଚରମେ ।
ବିକଳେ ଲୋକାଲୋକ ଡେଇଁଲି କା ଧରମେ ?
ବାହୁଡ଼ିଥିବ ସେଠାରୁ ନିଜ କଟକର ।
ବାହୁଜବର ମୁଁ ପଡ଼ି ସୁବର୍ଣ୍ଣ ପଙ୍କର । ୩୮ ।
ବିହାୟସ ବାଣୀ ଶୁଣି ନୟନ ବୁଜିଲି ।
ବିହାର ଡେଇଁ ଛାଡ଼ି ଏ ଗିରିରେ ପଶିଲି ।
ବିଲମ୍ବି ଛଳ ଗ୍ରାମର ଯାହା ଯାହା କରେ ।
ବିଲଟ କରି ରଖି ନ ଦେଲା କଟକରେ । ୩୯ ।

---

୩୭ଶ ପଦ—ବସୁଧାଭୃତରେ—ପର୍ବତରେ । ବିବର—ଗର୍ତ୍ତ ।
ମଧୁବନ—ରକ୍ତ ।

୩୮ଶ ପଦ—ଚରମ—ପୃଷ୍ଠଦେଶ । ବାହୁଜବର—କ୍ଷତ୍ରିୟଶ୍ରେଷ୍ଠ ।

୩୯ଶ ପଦ—ବିହାୟସ ବାଣୀ—ଆକାଶ ବାଣୀ । ବିଲଗ—ପୃଥକ ।

---

ପରେ ମୁଁ ରାଜପଦରେ ଅଭିଷିକ୍ତ ହେବା ସମୟରେ ବଳି ଆସି ପହଞ୍ଚିଲା । ସେ କ୍ରୋଧାନ୍ଧ ହୋଇ ମୋର ସ୍ତ୍ରୀକୁ ମୋ କୋଳରୁ ଟାଣି ନେଇ ତା ସଙ୍ଗତ ଭଳି କରିବାକୁ ଲାଗିଲା ଏବଂ ମୋର ବାଳକୁ ଏତେ ଜୋରରେ ଟାଣିଲା ଯେ, ମୁଁ ମରି ଯାଉଥିଲି ।”

୩୮ଶ ଓ ୩୯ଶ ପଦ—“ହେ କ୍ଷତ୍ରିୟ ଶ୍ରେଷ୍ଠ, ଶେଷରେ ମୁଁ ବିକଳ ହୋଇ ପଳାୟନ କରିବାରୁ ସେ ମୋ ପଛେ ପଛେ ଗୋଡ଼ାଇବାକୁ ଲାଗିଲା । ମୁଁ ତାହା ଦେଖି ବିହ୍ୱଳରେ କେଉଁ ପୁଣ୍ୟ ବଶରୁ ଲୋକାଲୋକ ପର୍ବତକୁ ଡେଇଁ ପଡ଼ିଲି । ସେ ବୋଧହୁଏ ସେଠାରୁ ନିଜ ରାଜଧାନୀକୁ ଫେରି ଯାଇଥିବା ଯେତେବେଳେ ମୁଁ ଲୋକାଲୋକର ପଶ୍ଚାଦ୍‌ଭାଗରେ ଥିବା ସୁବର୍ଣ୍ଣପଙ୍କରେ ପଡ଼ିଗଲି, ସେହି ସମୟରେ ଆକାଶବାଣୀ ହେଲା,—ତୁମ୍ଭେ ଆଖି ବୁଜିଲେ ଏହି ପର୍ବତକୁ ଡେଇଁ ଯାଇ ପାରିବ । ଏହା ଶୁଣି ମୁଁ ସଙ୍ଗେ ସଙ୍ଗେ ଆଖି ବୁଜି ତାହାକୁ ଡେଇଁ ଏହି ଋଷ୍ୟମୂକକୁ ଆସି ବାସ କରୁଅଛି । ମୁଁ ଅଭିଷେକ ହେବା ସମୟରେ ଯେଉଁମାନେ ଛତ୍ର ଚାମର ପ୍ରଭୃତି ଧରିଥିଲେ, ବାଳି ସେମାନଙ୍କୁ ମଧ୍ୟ କିଷ୍କିନ୍ଧ୍ୟା ନଗରର ବାହାର କରି ଦେଇ ଅଲଗା କରି ରଖିଅଛି ।”

ବୀର ଏକେ ଏକେ ଜିଣି ପାରନ୍ତି ଧରଣୀ ।
ଏରଙ୍ଗ ତାହା ଯୁଦ୍ଧକୁ ଏହାଙ୍କ କରଣୀ ।
ଦଂଶଜର ନେଲା ଦିନ ସ୍ୟନ୍ଦନେ ନଭରେ ।
ଉତ୍ତମ ବ୍ୟଥିତମନ୍ତ ହେଲୁ ଶୋକଭରେ । ୪୦ ।
ବାଳକ ଛଡ଼ାଇଥାନ୍ତୁ ଆମ୍ଭେ ଭୁଜ ରଣେ ।
ବାଳମିତ୍ର ଭୟ ହେଲା ଗୁହାବ୍ଧ କରଣେ ।
ଏମାନ ରୁନ୍ଧିବାକୁ କଣ୍ଟ କ୍ରିୟା ପାଶେ ଥିଲା ।
ବାମାତୃଜ ନୋହେ ବ୍ୟର୍ଥେ ମୋ ଦର୍ପ ମନ୍ଥିଲା । ୪୧ ।
ଏଭୂତ ଜଟା-ଧାରଣ ଚନ୍ଦ୍ର ସେ କାହାର ।
ଏଭୂଷା ପକାଇଛୁ କେୟୁର ମଣିହାର ।
ବୋଲି ସେ ଗୁହାରୁ ଆଣି ଦେଲା ସେ ଭୂଷଣ ।
ହୋଇଦେଲା କି ଚନ୍ଦନ ଶମ୍ବରଦୂଷଣ । ୪୨ ।

---

୪୨ଶ ପଦ— କେୟୁର—ତାଡ଼ । ଶମ୍ବରଦୂଷଣ—ବନ୍ଧାହୋଇଥିବା ।

---

୪୦ଶ ଓ ୪୧ଶ ପଦ—"ମୋ ସଙ୍ଗରେ ଥିବା ବୀରମାନଙ୍କ ମଧ୍ୟରୁ ଜଣେ ଜଣେ ବୀର ଏହି ପୃଥିବୀକୁ ଜୟ କରିପାରନ୍ତି କିନ୍ତୁ ବାଳି ସହିତ ଯୁଦ୍ଧ କରିବାକୁ ହେଲେ ସେମାନଙ୍କର ସାମର୍ଥ୍ୟ ନଷ୍ଟ ହୋଇ ଯାଉଅଛି । ଯେଉଁ ଦିନ ରାବଣ ଆପଣଙ୍କ ସ୍ତ୍ରୀ ସୀତାଙ୍କୁ ରଥରେ ବସାଇ ଆକାଶ ମାର୍ଗରେ ନେଲା, ସେହିଦିନ ତାଙ୍କୁ ଦେଖି ଆମ୍ଭେମାନେ ଅତିଶୟ ଦୁଃଖରେ କାନ୍ଦିବାକୁ ଲାଗିଲୁ । ସାମାନ୍ୟ ଯୁଦ୍ଧ କରି ଛଡ଼ାଇ ଆଣି ପାରିଥାନ୍ତୁ କିନ୍ତୁ ଆମ୍ଭମାନଙ୍କ ମନରେ ଭୟ ହେଲା, କାରଣ ସେ ତାର ମିତ୍ର ବାଳି ଆଗରେ ଗୁହାରି କରିପାରେ । ଏହିପରି ଭାବ ରୁନ୍ଧିଲାବେଳକୁ ରଥ କଣ୍ଟକ୍ରିୟା ନିକଟବର୍ତ୍ତୀ ହୋଇଯାଇଥିଲା । ବାଳି ବୈମାତ୍ରିକ ଭାଇ ନ ହୋଇ ସୁଦ୍ଧା ବୃଥାରେ ମୋର ଦର୍ପ ଚୂନା କରିଦେଲା ।"

୪୨ଶ ପଦ—ହେ ଜଟ ଭସ୍ମଧାରୀ ରାମ ! ସେହି ସ୍ତ୍ରୀ ତାଡ଼ ଓ ମୁକ୍ତାମାଳ ପ୍ରଭୃତି କେତେ ଅଳଙ୍କାର ପକାଇ ଦେଇଛି, ସେ କାହାର ଚିହ୍ନନ୍ତୁ ?" ଏହା କହି ପର୍ବତ ଗୁହାରୁ ସେହିସବୁ ଅଳଙ୍କାର ଆଣି ତାଙ୍କୁ ଦେଲା । ରାମ ସେଗୁଡ଼ିକ ପାଇ ଶ୍ରୀଷ୍ମଦଗ୍ଧ ଲୋକ ବନ୍ଧାଚନ୍ଦନ ବୋଳି ହେଲେ ଯେଉଁପରି ଆନନ୍ଦ ଅନୁଭବ କରେ ସେହିପରି ଆନନ୍ଦିତ ହେଲେ ।

ବସନେ ଅମ୍ଳାନ ହୋଇଥିଲା ସେ ବନ୍ଧନ ।
ବଣତଣ୍ଡୀ କବଚକୁଚକୁ ଦେଲା ଧନ ।
ଯଥି ଯାଥି ବାଣ ପ୍ରହାରିବାରେ ଅତନୁ ।
ବଥିର ହୋଇ ଏଥିରେ ଘୋଡ଼ାଇବ ତନୁ । ୪୩ ।
ବାସଗଣ୍ଠି ଫିଟାଇ ଦେଖିଲେ ଅଳଙ୍କାର ।
ବାସଅଙ୍ଗୀ ପ୍ରଶଂସା କହିଲେ ଏ ପ୍ରକାର ।
ବାମନେହାଟି ମଣ୍ଡନ ରତ୍ନମଣ୍ଡନକୁ ।
ବାମ ହେଲା ବିଧି ଏତେକାଳେ ଏମାନଙ୍କୁ । ୪୪ ।
ବିହୀନବେଶ ସେ ନୋହି ଏ ହୋଇ ସମ୍ମତ ।
ବିହିତ ଶୋଭା ଅଶେଷ ପ୍ରିୟା ନଭ ମତ ।

୪୩ଶ ପଦ—କବଚକୁଚକୁ— ସାଞ୍ଜୁ କରିବାକୁ । ଯାଥି ଯାଥି – ମାଳ ମାଳ । ଅତନୁ—କନ୍ଦର୍ପ । ବଥିର— ଅତିଶୟ ସ୍ଥିର ।

୪୩ଶ ପଦ—ସେହି ଅଳଙ୍କାରଗୁଡ଼ିକ ଅମ୍ଳାନ ବସ୍ତ୍ରରେ ତ । ହୋଇଥିଲା; ତେଣୁ ରାମ ସେହି ବସ୍ତ୍ରକୁ ଦୂରରୁ ଦେଖିବା ମାତ୍ରେ ତାହାଙ୍କର ଚିତ୍ତ ସ୍ଥିର ହେବାକୁ ଲାଗିଲା ( ବିରହୀ କାନ୍ତାର ବସ୍ତ୍ର ଦେଖି ଦୁଃଖ ଅପନୋଦନ କରେ, ଏହା କବି ପ୍ରସିଦ୍ଧ ) 'ତହୁଁ ସେ ଏହିପରି ଭାବିବାକୁ ଲାଗିଲେ' ଏହାକୁ ଦେଖି ମୋର ଚିତ୍ତ ସ୍ଥିର ହୋଇ ଯାଉଅଛି । ବୋଧହୁଏ ଧାତା ଏହି ବସ୍ତ୍ରକୁ ସାଞ୍ଜୁ କରି ପିନ୍ଧିବାକୁ ଦେଇ ଯାଇଅଛି । ଯେତେବେଳେ କନ୍ଦର୍ପ ଗୋଛା ଗୋଛା ବାଣ ମାରିବ, ମୁଁ ସେହି ସମୟରେ ଏହି ବସ୍ତ୍ରଦ୍ୱାରା ଦେହକୁ ଘୋଡ଼ାଇ ହୋଇ ଅତିଶୟ ସ୍ଥୈର୍ଯ୍ୟ ଅବଲମ୍ବନ କରିବ ଅର୍ଥାତ୍ ସ୍ଥିର ହେବ ।

୪୪ଶ ଓ ୪୫ଶ ପଦ—ରାମଚନ୍ଦ୍ର ବସ୍ତ୍ର ଗଣ୍ଠି ଫିଟାଇ ସେହି ଅଳଙ୍କାରଗୁଡ଼ିକୁ ଦେଖି ପଦ୍ମଗନ୍ଧା ସୀତାକୁ ପ୍ରଶଂସାକରି କହିଲେ, ସେହି ସୁନ୍ଦର ନୟନା ସୀତା ଏହି ରତ୍ନ ଅଳଙ୍କାରମାନଙ୍କର ଅଳଙ୍କାର ଅଟେ, ଅର୍ଥାତ୍ ଅଳଙ୍କାରମାନେ ସୀତାଙ୍କ ଦେହର ସୌନ୍ଦର୍ଯ୍ୟ ବୃଦ୍ଧି ନ କରି, ତାଙ୍କର ଦେହ ପ୍ରଭାଦ୍ୱାରା ନିଜେ ନିଜେ ସୁନ୍ଦର ଦେଖାଯାନ୍ତି । ବିଧାତା ଏତେକାଳରେ ଏହି ଅଳଙ୍କାରମାନଙ୍କ ପ୍ରତି ପ୍ରତିକୂଳ ହେଲା । ଏମାନେ ତାଙ୍କ ଦେହରୁ ପୃଥକ ହୋଇ ଶୋଭାହୀନ ହେଲେ । ମାତ୍ର ସେ ଶୋଭାହୀନ ହୋଇ ନାହିଁ, ଏହା ମୋର ମତ ।" ଏହିପରି ଭାବନା କରିବା ମାତ୍ରେ ରାମଙ୍କର ଦୃଷ୍ଟି ମୁକ୍ତାମାଳା ଉପରେ

ବିଭିନ୍ନ ସ୍ଥାନ ହେବାରେ ନକ୍ଷତ୍ରମାଳାରେ ।
ବିଶ୍ୱର ଶୋଭା ନୋହିବ ରଜନୀ ମେଳାରେ ।୪୫।
ବିଘାପ୍ତ ହେବାରୁ କରି ତାପ ଘନକାଳ ।
ବିହିତ କଲା କଙ୍କଣ ମୁଞ୍ଚିବା ତତ୍କାଳ ।

---

୪୬ଶ ପଦ—ବିଘାପ୍ତ—ଅତ୍ୟନ୍ତ ତାପିତ । ଘନକାଳ—ବର୍ଷା ସମୟ । କଙ୍କଣ—ଜଳବିନ୍ଦୁ, ହସ୍ତଭୂଷଣବିଶେଷ । ମାନସର—ମାନୋସରୋବର । ସ୍ମରଶର—କାମଶର । ବରେ—ଉପରେ । ହଂସକ—ହଂସପକ୍ଷୀ, ନୂପୁର ।

---

ପଡ଼ିବାରୁ ସେ ଏହିପରି ଭାବିଲେ, ଦିବସକାଳୀନ ଆକାଶରୁ ତାରାଗୁଡ଼ିକ ଅନ୍ତର୍ହିତ ହୋଇଯିବାରୁ ସେ ଆକାଶ ଯେପରି ସମସ୍ତ ଶୋଭାରୁ ରହିତ ହୋଇଥାଏ, ପ୍ରିୟା ସେହିପରି ଏହି ନକ୍ଷତ୍ରମାଳା (ସତେଇଶ ଗୋଟି ମୁକ୍ତା ଥିବା ମାଳା)କୁ ଦୁଃଖର ସହିତ ତ୍ୟାଗ କରିବାରୁ ସମସ୍ତ ଶୋଭାରୁ ବଞ୍ଚିତ ହୋଇଥିବ । ମାତ୍ର ଦିବସ, ରାତ୍ରି ସହିତ ମିଳିତ ହେଲେ, ଅର୍ଥାତ୍ ଦିନପରେ ରାତ୍ରି ଆସିଲେ; ଆକାଶର ଶୋଭାରେ ଭଙ୍ଗ ପ୍ରବେଶ କରେ ନାହିଁ, କାରଣ ସେ ପୁନର୍ବାର ତାରକା ସମୂହ ଦ୍ୱାରା ମଣ୍ଡିତ ହୋଇ ଅତିଶୟ ଶୋଭା ଧାରଣ କରେ । କିନ୍ତୁ ଆହା ! ମୋର ପ୍ରିୟାର ଶୋଭା ସବୁବେଳେ ଭଙ୍ଗଯୁକ୍ତ ହୋଇଥିବାରୁ "ରଜନୀ ମେଳା" ହରିଦ୍ରା ସହିତ ମିଳି ପାରିବ ନାହିଁ; ଅର୍ଥାତ୍ ଆଉ ହଳଦୀ ଲଗାଇବ ନାହିଁ । ଅଥବା ପ୍ରିୟା ଦୁଃଖିତା ହୋଇ ମୁକ୍ତାମାଳା କାଢ଼ି ପକାଇଲେ ସୁଦ୍ଧା ତାରକାଶୂନ୍ୟ ଦିବସର ଆକାଶ ପରି ଶୋଭା ଧାରଣ କରିଥିବ । ଆକାଶ ରାତ୍ରି ସହିତ ମିଳିତ ହେଲେ ଯେପରି ଅତିଶୟ ଶୋଭିତ ହୁଏ, ସେହିପରି ରାତ୍ରି ହେଲେ ସୀତା ଅତିଶୟ ଶୋଭିତ ହେଉଥିବ ।"

୪୬ଶ ପଦ—ତତ୍ପରେ 'କଙ୍କଣ' ତାଙ୍କୁ ଦେଖି ଏହିପରି ଭାବିବାକୁ ଲାଗିଲେ—ହଁ ଜଣାଗଲା; ବର୍ଷା ସମୟ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ଭୂପୃଷ୍ଠରେ ଜଳବିନ୍ଦୁ ନିକ୍ଷେପ କରିବାଦ୍ୱାରା ସେହି ଭୂମିର ଗ୍ରୀଷ୍ମକାଳ ଜନିତ ଅଧିକ ତାପକୁ ଶାନ୍ତ କରିଥାଏ; ସେହିପରି ପ୍ରିୟାର ଦେହରେ ବିୟୋଗ ଜନିତ ଅତ୍ୟଧିକ ତାପ ପ୍ରକାଶିତ ହେବାରୁ, ସେ 'ଘନକାଳ' ବର୍ଷାକାଳ ରୂପ ବାଳକୁ ପ୍ରକାଶ କରି ଅର୍ଥାତ୍ କାନ୍ଦିବା ଆରମ୍ଭ କରି ସଙ୍ଗେ ସଙ୍ଗେ 'କଙ୍କଣ' ହସ୍ତର ଅଳଙ୍କାରକୁ 'କଙ୍କଣ' ଜଳକଣା ଅର୍ଥାତ୍ ହସ୍ତରେ ଲାଗିଥିବା ଲୋତକ ବିନ୍ଦୁ ମନେ କରି ତ୍ୟାଗ କରି ଶାନ୍ତି ଲାଭ କଲା । (ସାଧାରଣତଃ ଲୋକମାନେ କାନ୍ଦି ସାରିଲା ପରେ ହାତରେ ଲୁହକୁ ପୋଛି ଶୋକରୁ ନିବୃତ୍ତ

ବିଦ୍ୟୁଦ୍‌ଘୋଷୀ ମାନସର ସୁରଶର ଦରେ
ବିଦୂରିତା ହଂସକର ନିଷ୍ଟପ୍ତ ଆଦରେ । ୪୬ ।
ବନ୍ଦୀ ହୋଇ ରକ୍ଷପୁରେ ଏମନ୍ତ ମତିରେ ।
ବଢ଼ଆ ରଖିଲା ପରି ତାହାର ଶ୍ରୁତିରେ ।
ବିଧବା ବେଶ ଶଙ୍କାରେ ରଖିଛି ଅତୁଳ ।
ବିଧ୍ୱଂସେ ଏ ଭାବ ଧୈର୍ଯ୍ୟ ସ୍ନେହୀ କାହିଁ ତୁଲ ? । ୪୭ ।
ବର୍ଣ୍ଣିନ୍ତେ ଏରୂପ ସ୍ୱରଭଙ୍ଗ ପରତରେ ।
ବର୍ଣ୍ଣମାନ ବ୍ୟକ୍ତ ହୋଇ ତହୁଁ ନ ଉଚ୍ଚରେ ।
ବକ୍ଷୁର ସମ ଲବକ ହୋଇଲା ନିବାରି ।
ବକ୍ଷୁସ୍ଥଳ ତିନ୍ତିଗଲା ପଡ଼ି ଅଶ୍ରୁବାରି । ୪୮ ।

---

୪୭ଶ ପଦ—ରକ୍ଷପୁରେ—ଲଙ୍କାଠାରେ । ବଢଆ—କର୍ଣ୍ଣଭୂଷଣ ବିଶେଷ । ଅତୁଳ—ଅଳଙ୍କାର ବିଶେଷ ।

୪୮ଶ ପଦ—ପରତରେ—(ପ୍ରତରେ) ପ୍ରସରିଲା । ବକ୍ଷୁସ୍ଥଳ—ବକ୍ଷସ୍ଥଳ । ବର୍ଣ୍ଣମାନ—ଅକ୍ଷରମାନ ।

---

ହୋଇଥାନ୍ତି ) ସେହିପରି ନୂପୁରକୁ ଦେଖି ମନେ କଲେ, ହଂସମାନେ ଶରତ୍‌କାଳ ଉପସ୍ଥିତ ହେଲେ ମାନସରୋବରକୁ ଛାଡ଼ି ବହୁଦୂର ଗଲାପରି, ବିଦ୍ୟୁତବରଣୀ ସୀତା ନୂପୁରକୁ ତ୍ୟାଗ କରି ବହୁଦୂରକୁ ଗଲେ । ଅର୍ଥାତ୍ ସୀତା ବିରହ ଯୋଗୁଁ ସମସ୍ତ ଅଳଙ୍କାର ତ୍ୟାଗକରି ପ୍ରୋଷିତପତିକାର ଲକ୍ଷଣ ଧାରଣ କଲେ ।

୪୭ଶ ପଦ—'ମୁଁ ବନ୍ଦୀ ହେଲି' ଏହା ଭାବ କାନରେ ବଢଆନାମକ ଅଳଙ୍କାରକୁ ଏବଂ 'ସମସ୍ତ ଅଳଙ୍କାର ତ୍ୟାଗ କଲେ ବିଧବା ପରି ଦେଖାଯିବ' ଏହା ଭାବ ହାତରେ ଅତୁଳକୁ ରଖିଲେ ପରି ! ଆହା ପ୍ରିୟାର ଏହିଭାବ ମୋର ଧୈର୍ଯ୍ୟକୁ ଧ୍ୱଂସ କରୁଛି । ଏ ଜଗତରେ ତାଙ୍କ ସହ ଆଉ କିଏ ସମାନ ହେବ ?

୪୮ଶ ପଦ—ଏହିପରି ବର୍ଣ୍ଣନା କରୁ କରୁ ରାମଙ୍କର ସ୍ୱରଭଙ୍ଗ ହେବାରୁ କଣ୍ଠରୁ ବର୍ଣ୍ଣମାନେ ସ୍ପଷ୍ଟରୂପେ ଉଚ୍ଚାରିତ ହେଲେ ନାହିଁ । ମୁହୂର୍ତ୍ତି ମାତ୍ର ସମସ୍ତ ତାଙ୍କୁ ଏକବର୍ଣ୍ଣ ପରି ବୋଧ ହେଲା । ଲୋତକ ଧାର ଚକ୍ଷୁରୁ ଅବାରିତ ହୋଇ ବକ୍ଷସ୍ଥଳ ଭିଜିଗଲା ।

ବିଷାଦେ ନିଶ୍ୱାସ ଚେଜି ହା ସୀତା ଭାଷିତ ।
ବିଷାବିଷ୍ଟ କାମକାଣ୍ଡେ ହେଲେ ଆକର୍ଷିତ ।
ବାନ୍ଧନ୍ତେ ଭୂଷା ଲକ୍ଷ୍ମଣ ଏହା ଦେଖି ହେଲେ ।
ବାନ୍ଧବ ରେ କି ଦଣ୍ଡ ହେଲାଟି କହି ହେଲେ । ୪୯ ।
ବଡ଼ଭୀ ଶୟନେ ହୃଦୁଁ ହୃଦୟ ଅନ୍ତରେ ।
ବଡ଼ ଭୟାକ୍ତ ଚମକ ଭିଡ଼ଇ କାତରେ ।
ବିଲୋପ ଜୀବନ ନୋହି ଥିବ ନିକି ସଖି ।
ବିଲୋକ ଦଶବଦନ ଭୁଜବିଁ ଶଣତ । ୫୦ ।
ବଞ୍ଚକ ଆସ୍ୱତେ ଶଶ ପଡ଼ିଲା ପଣରେ ।
ବଞ୍ଚନ ତା ଜୀବେ ଥିଲେ ଢିବା ଶବଷରେ ।
ବନ୍ଦୀ ବ୍ୟାଧଜାଲେ ହେଲା କପୋତୀ ଯେସନ ।
ବନ୍ଧତା କଦରେ ଯେ ସୁନ୍ଦରୀ ସେ ଏସନ । ୫୧ ।

---

୪୯ଶତ୍ ପଦ—ବିଷାବିଷ୍ଟ—ବିଷାକ୍ତ । କାମକାଣ୍ଡେ—କାମ ବାଣଦ୍ୱାରା । ଭୂଷା ଅଳଙ୍କାର ।

୫୦ଶତ୍ ପଦ—ବଡ଼ଭୀ—ଚନ୍ଦ୍ରଶାଳାପୁର ।

୫୧ଶତ୍ ପଦ—ବଞ୍ଚକ—ଶୃଗାଳ । ଶଶ—ଠେକୁଆ ।

---

୪୯ଶତ୍ ପଦ—ସେ ଦୀର୍ଘ ନିଃଶ୍ୱାସ ତ୍ୟାଗ କରି "ହା ସୀତା ! ହା ସୀତା !" ବୋଲି କହି କନ୍ଦର୍ପର ବିଷବୋଳା ବାଣରେ ବିଦ୍ଧ ହେବାକୁ ଲାଗିଲେ । (ଅର୍ଥାତ୍ ଉନ୍ମାଦିତ ହେଲେ ) । ଏହି ସମୟରେ ଲକ୍ଷ୍ମଣ ସେହି ଅଳଙ୍କାର ଗୁଡ଼ିକୁ ବାନ୍ଧିବାର ଦେଖି, ରାମ ଲଜ୍ଜାଶୂନ୍ୟ ହୋଇ କହିଲେ, "ରେ ବାନ୍ଧବ ! କି ଦଣ୍ଡ ଉପସ୍ଥିତ ହେଲା ।" ( ଏହାଦ୍ୱାରା ବ୍ରୀଡ଼ାତ୍ୟାଗ ଦଶା ବର୍ଣ୍ଣିତ କରାଗଲା ) ।

୫୦ଶତ୍ ପଦ—"ଚନ୍ଦ୍ରଶାଳା ପୁରରେ ଶୋଇଥିବା ବେଳେ ମୋର ହୃଦୟରୁ ତୋର ବକ୍ଷ ଅନ୍ତର ହେଲେ ଭୟରେ ଚମକି ଉଠି କାତର ହୋଇ ମୋତେ କୋଳକରୁ । ହେ ସଖି, ବର୍ତ୍ତମାନ ରାବଣରେ ଦଶଟା ମୁଣ୍ଡ ଓ କୋଡ଼ିଏ ଗୋଟା ହାତ ଦେଖି ତୁ ନ ମରି ବଞ୍ଚିଥିବୁ କିକ ?"

୫୧ଶତ୍ ପଦ—"ମୋର ପ୍ରିୟା ଯଦିବା ବଞ୍ଚିଥିବ ତା ହେଲେ' ଶୃଗାଳ ଆସ୍ୱତ୍ତ ଶଶୀ ପରି ଦିନ ରାତି ଯାପନ କରୁଥିବ । ଅଥବା ସେହି କଦବୃନ୍ଦ ବନ୍ଧନୀସ୍ଥ ସୀତା ବ୍ୟାଧ ଜାଲରେ କପୋତୀ ବନ୍ଦୀ ହୋଇ ରହିଲା ପରି ରହିଥିବ ।"

ବିନା ଦରଶନେ ତାହା କଷଣ ଗ୍ରାବନେ ।
ବିନାଶ ନୋହିଲୁ ରହିଛୁ କାହିଁକି ଗାବନେ ।
ବିରଚି ଆଦ୍ୟନ୍ତ ଅନୁପ୍ରାସ ଅପପଦେ ।
ସାରବର ଉପେନ୍ଦ୍ର ଛାନ୍ଦ ବାନପଦେ । ୫୨ ।

---

## ଅଷ୍ଟାବିଂଶ ଛାନ୍ଦ

### ରାଗ—ଦେଶାକ୍ଷ

ଚକ୍ରକେଳି ବାଣୀ

ବୋଲେ ସୁଗ୍ରୀବେ ରାମ କ୍ଲେଶଗ୍ରାଷା । କେନ ଜନେ ପଡ଼ିଛୁ ଏକଦଶା । ୧ ।
ବଲିବସୁବଂଶେ ଜାତ ଆମ୍ଭର । ବଧିରେ ତ ତୁମ୍ଭେ ତାଙ୍କ କୁମର । ୨ ।
ବସୁ ଅଯୋଧ୍ୟା କିଷ୍କିନ୍ଧ୍ୟା ରାଜନ । ବିଭୂତରେ ବନେ ହେଲୁ ସଦନ । ୩ ।

---

୩ୟ ପଦ— ବିଭୂତ—ଭସ୍ମ, ଉତ୍କର୍ଷଶୂନ୍ୟ । ବି—ଭୂତ—ଧନହୀନ ।

---

୫୨ଶର୍ ପଦ—"ମୁଁ ତାଙ୍କୁ ନ ଦେଖି କେବଳ ତାର କଷ୍ଟ କଥା ଭାବି ଭାବି କାହିଁକି ନ ମରି ବଞ୍ଚି ରହିଛୁ ? ସାରବର ଭଞ୍ଜ କବି ଆଦ୍ୟାନୁପ୍ରାସ ରଖି ଏ ଛାନ୍ଦକୁ ବାଜନ ପଦରେ ରଚନା କଲେ ।

---

## ଅଷ୍ଟାବିଂଶ ଛାନ୍ଦ

୧ମ ଓ ୨ୟ ପଦ—ରାମଚନ୍ଦ୍ର ସୁଗ୍ରୀବଙ୍କୁ ନିଜ ଦୁଃଖର କଥା କହିବାକୁ ଲାଗିଲେ । ସେ କହିଲେ, "ଆମ୍ଭେ ସୂର୍ଯ୍ୟବଂଶ ଜାତ, ତୁମ୍ଭେ ସୂର୍ଯ୍ୟଙ୍କର ପୁତ୍ର । ସୁତରାଂ ଆମ୍ଭେ ଦୁହେଁ ଏକବଂଶୀୟ ।"

୩ୟ ପଦ—"ଆମ୍ଭେ ଅଯୋଧ୍ୟାର ଏବଂ ତୁମ୍ଭେ କିଷ୍କିନ୍ଧ୍ୟାର ସିଂହାସନରେ ବସୁ ବସୁ ଏପରି ଦଶା ପଡ଼ିଲା ଯେ; ଆମ୍ଭେ 'ବିଭୂତ' ଭସ୍ମ ବୋଳି ହୋଇ ଅର୍ଥାତ୍ ଯତି ବେଶ ଧାରଣ କରି ଏବଂ ତୁମ୍ଭେ 'ବିଭୂତ' ସମ୍ମାନହୀନ ହୋଇ (ଲୁଣ୍ଠକର) ବନରେ ବାସ କରୁଥାଇଁ । ( ଅଥବା ଧନହୀନ ହୋଇ ବନରେ ବାସ କରୁଥାଇଁ ) ।"

ବାମା ବିଚ୍ଛେଦ ପର ଧରଷଣେ । ବଞ୍ଚୁ ବିପିନ ଫଳ ମୂଳ ଭକ୍ଷଣେ । ୪ ।
ବଞ୍ଚୁ ଅନୁଜ ମନ୍ତ୍ରୀ ପ୍ରବୋଧନେ । ବୋଧ ହୋଇ ରହିଥାଇଁ ଜୀବନେ । ୫ ।
ବାଧା ମାତା ଭ୍ରାତାରେ ଉପୁଜିଛି । ବଇରକୁ ସାଧିବା ଇଚ୍ଛା ଅଛି । ୬ ।
ବ୍ୟବହାରେ ମିତ୍ର ହେବା ଉଚିତ । ବୋଲେ ସୁଗ୍ରୀବ ଶୁଣ ରଘୁ ସୁତ । ୭ ।
ବୁଲ ଧରଣୀ ନିର୍ଭୟରେ ତୁମ୍ଭେ । ବାଳି ଡରେ ଗିରିରେ ଲୁଚୁ ଆମ୍ଭେ । ୮ ।
ବଳବନ୍ତ ହେଲେ ଯଥା କେଶରୀ । ବଧେ ଗଜାଦି ଶରଭକୁ ଡରି । ୯ ।
ବିକ୍ଷି ପାରିବି କେଉଁ ଉପକାର । ବୋଲେ ମିତ୍ର ହେବା ତୁମ୍ଭ ଆମ୍ଭର ।୧୦।

---

୪ର୍ଥ ପଦ—ପରଧରଷଣ – ଶତ୍ରୁର ଉପଦ୍ରବ ବା ଦୌରାତ୍ମ୍ୟ ।

୫ମ ପଦ – ଅନୁଜ—ସାନ ଭାଇ ! ପ୍ରବୋଧନ —ସାନ୍ତ୍ୱନା ।

୯ମ ପଦ—କେଶରୀ—ସିଂହ । ଶରଭ—ଅଷ୍ଟପଦ ବିଶିଷ୍ଟ ମୃଗ ।

---

୪ର୍ଥ ପଦ—"ଶତ୍ରୁର ଦୌରାତ୍ମ୍ୟ ଯୋଗୁଁ ଦୁହିଁଙ୍କର ପ୍ରିୟା ବିଚ୍ଛେଦ ଘଟିଅଛି ଏବଂ ଦୁହେଁ ମଧ୍ୟ ଫଳ ମୂଳ ଖାଇ ପ୍ରାଣ ଧାରଣ କରୁଥାଇଁ ।"

୫ମ ପଦ—"ମୁଁ ସାନ ଭାଇର ପ୍ରବୋଧ ବାକ୍ୟରେ ଜୀବନ ଧାରଣ କରିଅଛି, ସେହିପରି ତୁମ୍ଭେ ମଧ୍ୟ ମନ୍ତ୍ରୀର ପ୍ରବୋଧ ବାକ୍ୟରେ ଜୀବନ ଧାରଣ କରିଅଛ ।"

୬ଷ୍ଠ ପଦ—"ମୋର ମାତାଙ୍କ ଦ୍ୱାରା ଏବଂ ତୁମ୍ଭର ଭାଇଙ୍କ ଦ୍ୱାରା ରାଜ୍ୟ ପ୍ରାପ୍ତିରେ ବାଧା ଘଟିଛି । ଆମ୍ଭ ଦୁହିଙ୍କର ମଧ୍ୟ ଶତ୍ରୁ ସାଧିବା ଇଚ୍ଛା ଅଛି ।"

୭ମ ପଦ—"ଉପରୋକ୍ତ କାରଣଗୁଡ଼ିକ ଦୁହିଙ୍କ ପ୍ରତି ସମାନ ଭାବରେ ଘଟିଥିବାରୁ ଆମ୍ଭ ଦୁହିଁଙ୍କର ମିତ୍ର ହେବା ଉଚିତ ।" ସୁଗ୍ରୀବ କହିଲା, "ହେ ରାମଚନ୍ଦ୍ର ! ମୋ କଥା ଶୁଣନ୍ତୁ ।"

୮ ପଦ—"ଆପଣ ଭୟ ଶୂନ୍ୟ ହୋଇ ପୃଥିବୀ ପର୍ଯ୍ୟଟନ କରୁଛନ୍ତି, ମୁଁ ବାଳିକୁ ଭୟ କରି ପର୍ବତ ଗୁମ୍ଫାରେ ଲୁଚି ରହିଛି ।"

୯ମ ପଦ—"ବଳଶାଳୀ ସିଂହ ହାତୀ ପ୍ରଭୃତି ବଡ଼ ବଡ଼ ପ୍ରାଣୀମାନଙ୍କୁ ବିନାଶ କଲେ ସୁଦ୍ଧା ଅଷ୍ଟାପଦ ନାମକ ମୃଗକୁ ଯେପରି ଭୟ କରେ, ମୁଁ ସେହିପରି ବାଳିକୁ ଭୟ କରୁଛି ।"

୧୦ମ ପଦ –"ଏପରି ଅବସ୍ଥାରେ ମୁଁ ଆପଣଙ୍କର କି ଉପକାର କରି ପାରିବି ଯେ, ଆପଣ ମିତ୍ର ହେବାକୁ କହୁଛନ୍ତି ।"

ବୋଲେ ରଘୁବୀର ଶୁଣି ହସ୍ତ୍ରେ । ହନ୍ତ ପକାଇବି ବାଳି ବାଣକେ । ୧୧ ।
ବ୍ରହ୍ମଲୋକେ ଥିଲେ ସୀତା ଖୋଜାଇ । ବାଦ ରଚନେ ଆଣିବି ସେ କହି ॥
ବୀର ଏରୂପ ମୋର ସଙ୍ଗେ ଅଛି । ବାଳଭାନୁ ଜନ୍ମୁ ଡେଇଁ ଧରିଛି । ୧୩ ।
ବୋଲାବୋଲି ସେ ହୋଇ ଏତେ ମାତ୍ର । ବହ୍ନି ସାକ୍ଷୀ କରାଇ ହେଲେ ମିତ୍ର ॥
ବୋଲୁଁ ଶତ୍ରୁକୁ ଦେଖାଅ ରାଘବ । କୋଳୁଁ ଅଛୁ ସଜ୍ଜନସ୍ଥେ ସୁଗ୍ରୀବ । ୧୫ ।
ହନିବାକୁ ଇଚ୍ଛା ଯେବେ ବାଳିକ । ବଳ କର ଦୁନ୍ଦୁଭି ଅସ୍ଥି ଟେକ । ୧୬ ।
ହକେ ରାମ ଶୁଣି ସେ ସନ୍ନିଧିର । ବୃଦ୍ଧାଙ୍ଗୁଳିକ ବାମ ଚରଣର । ୧୭ ।
ବିନ୍ୟସ୍ତ ଯେ କଲେ ଅସ୍ଥି ଗିରିରେ । ବନରୁହେ ଜଗାକଲ ପଣରେ । ୧୮ ।

---

୧୩ଶ ପଦ—ବାଳଭାନୁ—ନବୋଦିତ ସୂର୍ଯ୍ୟ ।
୧୪ଶ ପଦ—ବହ୍ନି—ଅଗ୍ନି ।
୧୭ଶ ପଦ—ସନ୍ନିଧି—ନିକଟ ।
୧୮ଶ ପଦ—ବିନ୍ୟସ୍ତ—ସ୍ଥାପନ । ବନରୁହ—ପଦ୍ମ ।

---

୧୧ଶ ପଦ—ଏହା ଶୁଣି ରାମ ଆନନ୍ଦିତ ହୋଇ କହିଲେ, "ଗୋଟିଏ ମାତ୍ର ବାଣ ହାନି ବାଳିକୁ ମାରି ପକାଇବି ।"

୧୨ଶ ପଦ—ତହୁଁ ସୁଗ୍ରୀବ କହିଲା, "ସୀତା ବ୍ରହ୍ମଲୋକରେ ଥିଲେ ସୁଦ୍ଧା ମୁଁ ତାଙ୍କୁ ଦୂତମାନଙ୍କଦ୍ୱାରା ଖୋଜାଇ, ନେଇଥିବା ଲୋକସହ ଯୁଦ୍ଧ କରି ଆଣିବି ।"

୧୩ଶ ଓ ୧୪ଶ ପଦ—"ଏପରି ଜଣେ ବୀର ମୋର ନିକଟରେ ଅଛି; ଯେ କି ଜନ୍ମ ହେବା ସଙ୍ଗେ ସଙ୍ଗେ ଡେଇଁ ଉଇଁ ଆସୁଥିବା ସୂର୍ଯ୍ୟଙ୍କୁ ଧରିଅଛି । ରାମ ଓ ସୁଗ୍ରୀବ ଦୁହେଁ ଏପରି କଥାବାର୍ତ୍ତା ହୋଇ ( ଅର୍ଥାତ୍ ରାମ ବାଳିକୁ ବିନାଶ କରିବେ; ସୁଗ୍ରୀବ ସୀତାଙ୍କୁ ଖୋଜି ଦେବେ ଏହି କଥା ନିଶ୍ଚିତ୍ତ କରି ) ଅଗ୍ନିକୁ ସାକ୍ଷି ରଖି ମିତ୍ରତା ସୂତ୍ରରେ ଆବଦ୍ଧ ହେଲେ ।

୧୫ଶ ଓ ୧୬ଶ ପଦ—ତତ୍ପରେ ରାମଚନ୍ଦ୍ର ତୁମ୍ଭ ଶତ୍ରୁ ବାଳି କେଉଁଠାରେ ଅଛି ଦେଖାଅ; ଏହି କଥା କହିବାରୁ; ସୁଗ୍ରୀବ ବିନମ୍ରାନତ ହୋଇ କହିଲା, "ଆପଣ ଯଦି ବାଳିକୁ ମାରିବାକୁ ଇଚ୍ଛା କରନ୍ତି, ତେବେ ଦୁନ୍ଦୁଭି ଦୈତ୍ୟର ହାଡ଼କୁ ଟେକି ନିଜର ବଳ ପରୀକ୍ଷା କରନ୍ତୁ ।"

୧୭ଶ ଓ ୧୮ଶ ପଦ—ସୁଗ୍ରୀବଙ୍କଠାରୁ ଏହି କଥା ଶୁଣି ପର୍ବତ ତୁଲ୍ୟ ଉଚ୍ଚତର ସେହି ଦୁନ୍ଦୁଭି ଦୈତ୍ୟର ପଡ଼ିରହିଥିବା ଅସ୍ଥି ନିକଟକୁ ଯାଇ କସ୍ତୁରୀ ତାହାର ଶୁଣ୍ଢକୁ ପଦ୍ମ ଉପରେ ରଖିଲା ପରି, ରାମ ତାହା ଉପରେ ବାମ ପାଦର ବୃଦ୍ଧ ଅଙ୍ଗୁଳିକୁ ରଖିଲେ ।

ବେଗେ ତୋଳି ସେ କଳସେପେମନ୍ତେ । ବିହାୟସେ ଫିଙ୍ଗିଦେଲେ ତେମନ୍ତେ
ବରେ ଶୁଭନ୍ତେ ଶବଦ ତାହାର । ବ୍ୟୋମେ ଦୃଷ୍ଟି କିଷ୍କିନ୍ଧ୍ୟାବାସିଙ୍କର । ୨୦ ।
ବିତର୍କିଲେ ସେ ମଇନାକ ଉଡ଼ି । ବଜ୍ରଘାଏ ବହୁତ ଦୂରେ ପଡ଼ି । ୨୧ ।
ବିକଳ୍ପିତା ଉପୁଜିଲା ସୁଗ୍ରୀବେ । ବଡ଼ ଗୁରୁ ଏ ହୋଇଥିଲା ପୂର୍ବେ । ୨୨ ।
ବସା ଆଦି ମାଂସ ଚର୍ମ ସମ୍ପୂର୍ଣ୍ଣ । ବିନାଶିତ ପୂତିବଶେ ସେମାନ । ୨୩ ।
ବିବସ୍ୱାନ କିରଣେ ଶୁଷ୍କଭାବ । ବଟେହ ବାଳି ତେବେ ଏବେ ରାଘବ । ୨୪ ।
ବୋଇଲେ କଥା ଏକ ଅଛି ଆହୁରି । ବଜ୍ରୁଁ ଆଣ୍ଟ ସପ୍ତଶାଳ ମାଧୁସ୍ଥ । ୨୫ ।

---

୧୯ଶ ପଦ—ସେ କଳ—ପଦ୍ମ କଳିକା ।
୨୧ଶ ପଦ —ବରେ ଉଚ୍ଚଶବ୍ଦରେ । ବ୍ୟୋମ—ଆକାଶ ।
୨୩ଶ ପଦ—ବସା—ମେଦ ବା ଚର୍ବି । ପୂତିବସେ—ଦୁର୍ଗନ୍ଧହେତୁରୁ ।
୨୪ଶ ପଦ—ବିବସ୍ୱାନ—ସୂର୍ଯ୍ୟ ।

---

୧୯ଶ ପଦ - ହାତୀ ଯେଉଁ ପରି ପଦ୍ମ କଢ଼ିକୁ ତୋଳି ଫିଙ୍ଗିଦିଏ, ରାମଚନ୍ଦ୍ର ସେହିପରି ଦୁନ୍ଦୁଭିର ଅସ୍ଥିକୁ ଆକାଶକୁ ଫିଙ୍ଗି ଦେଲେ ।

୨୦ ଓ ୨୧ଶ ପଦ—ରାମ ସେହି ଅସ୍ଥିକୁ ଫିଙ୍ଗିଦେବା ସମୟରେ ଭୟଙ୍କର ଶବ୍ଦ ହୋଇଥିଲା । କିଷ୍କିନ୍ଧ୍ୟାବାସୀମାନେ ସେହି ଶବ୍ଦ ଶୁଣି ଆକାଶକୁ ଦୃଷ୍ଟି କିଛି ନ ଦେଖିବାରୁ ବିଚାର କଲେ, "ବୋଧହୁଏ ଇନ୍ଦ୍ରଙ୍କ ବଜ୍ରାଘାତରେ ମୈନାକ ପର୍ବତ ଉଡ଼ି ବହୁ ଦୂରରେ ପଡ଼ିଲା ।"

୨୨ଶ ଓ ୨୪ଶ ପଦ—ରାମ ସେହି ଅସ୍ଥିକୁ ଏପରି ଫିଙ୍ଗି ଦେବାର ଦେଖି ସୁଗ୍ରୀବ ମନେ ମନେ ଭାବିଲା, ପୂର୍ବେ ଏହି ଅସ୍ଥିମେଦ, ମାଂସ ଓ ଚର୍ମ ପ୍ରଭୃତି ଦ୍ୱାରା ପୂର୍ଣ୍ଣ ହୋଇଥିବାରୁ ଅତିଶୟ ଓଜନ ହୋଇଥିଲା । ଏବେ ସେ ସବୁ ପଚିଯାଇ ନଷ୍ଟ ହୋଇ ଗଲାଣି ଏବଂ ଏହି ହାଡ଼ ମଧ୍ୟ ସୂର୍ଯ୍ୟ କିରଣରେ ଶୁଖି ଗଲାଣି ସୁତରାଂ ଓଜନ କମିଗଲାଣି । ଏହା ଓଜନ ଥିବା ସମୟରେ ବାଳି ବୋହି ଆଣିଥିଲା, ଏବେ ରାମଚନ୍ଦ୍ର ଟେକି ଫିଙ୍ଗି ଦେଲେ । ଅତଏବ ବାଳିଠାରୁ ଏହାଙ୍କର ବଳ ଅଧିକ କି କମ୍ ଜଣାଗଲା ନାହିଁ ।"

୨୫ଶ ପଦ—ଏହା ଭାବି ସୁଗ୍ରୀବ ପୁନର୍ବାର କହିଲା, "ଆହୁରି ଗୋଟିଏ କଥା ଅଛି, ଶୁଣନ୍ତୁ ଏହିଠାରେ ସାତଗୋଟି ଶାଳ ବୃକ୍ଷ ବେଷ୍ଟିତ ଗୋଟିଏ କ୍ଷୁଦ୍ରବନ ଅଛି । ସେ ସପ୍ତଶାଳ ବୃକ୍ଷର ମାଧୁସ୍ଥ (ଗୁଣ) ଏହିଯେ, ତାହା ବଜ୍ରଠାରୁ ଅଧିକ କଠିନ ଅଟେ ।"

ବାଳି ଜାତେ ଭାର ମଣୁ ବସୁଧା । ବଳ ଅଧେ ରଖିଛୁ ତହିଁ ବେଧା । ୨୬ ।
ବହେ ତୁଳପାଶ ରହେ ସମାନେ । ବିଭାଗରେ ଗୁରୁଦ୍ରବ୍ୟ ଯେସନେ । ୨୭ ।
ବିନ୍ଧି ଭେଦ ନ ପାରନ୍ତି ରୁଦ୍ରାଦି । ବାଣ କରେ ପାରିବ ଯେବେ ଛେଦି ॥
ବରଧାରି ବୋଇଲେ କାହିଁ କାହିଁ । ବଳମୁଖଶ୍ରେଷ୍ଠ ନେଇ ଦେଖାଇ । ୨୯ ।

ନାଗବନ୍ଧ

ବିଶାଳତା ପବି ବୃତ୍ତ ସେ ବନ । ବୃକ୍ଷବୃତ ଶତପତ୍ର ରଞ୍ଜନ । ୩୦ ।
ବନ୍ଧେ ରହି ସଶୋଭା ଧତା ସେହି । ବହି ନାଗ ଗାଢ଼ ତରୁ ବିଶଇ । ୩୧ ।
ବପ୍ର ତାରତର ସାର ନଶାନ । ବିଷ ସପ୍ରଭାରେ ବିହଗସ୍ଥାନ । ୩୨ ।

---

୨୯ଶ ପଦ—ବରଧାରି—ରାମଚନ୍ଦ୍ର । ବଳମୁଖଶ୍ରେଷ୍ଠ—ମର୍କଟ ଶ୍ରେଷ୍ଠ, ସୁଗ୍ରୀବ ।

୩୦ଶ ପଦ—ପବି—ବଜ୍ର । ଶତପତ୍ର—ପଦ୍ମ ।

୩୨ଶ ପଦ—ବପ୍ର—ପ୍ରାଚୀର । ତାରତର—ଦେଦୀପ୍ୟମାନ । ବିହଗଶାନ—ପକ୍ଷୀଶୂନ୍ୟ ।

---

୨୬ଶ ଓ ୨୭ଶ ପଦ—"ବାଳି ଜନ୍ମହେବା ଦ୍ୱାରା ପୃଥିବୀ ଭାର ବୋଧ କରିବାରୁ ବିଧାତା ବାଳି ବଳର ଅଧେ ବଳ ଏହି ବୃକ୍ଷରେ ରଖିଅଛନ୍ତି । କାରଣ ଗୁରୁ ପଦାର୍ଥକୁ ସମାନ ରୂପେ ଦୁଇ ଭାଗ କରି ନିକିତିର ଦୁଇ ପାଖରେ ରଖିଲେ ତାହା ଯେପରି କୌଣସି ଆଡ଼କୁ ନ ଢଳି ସମାନ ଭାବରେ ରହେ, ପୃଥିବୀ ସେହିପରି ଏହି ବୃକ୍ଷଦ୍ୱାରା କୌଣସି ଦିଗକୁ ନଢଳି ସମାନ ଭାବରେ ରହିଅଛି ।"

୨୮ଶ ପଦ—"ସେହି ବୃକ୍ଷକୁ ଇନ୍ଦ୍ରାଦି ଦେବତାମାନେ ବାଣ ଭେଦ କରି ପାରି ନାହାନ୍ତି । ଯଦି ଆପଣ ବାଣ ମାରି ଛେଦନ କରି ପାରିବେ । ତାହାହେଲେ ବାଳିକୁ ମାରି ପାରିବେ ।"

୨୯ଶ ପଦ—ରାମଚନ୍ଦ୍ର ଏହି କଥା ଶୁଣି, "ସେହି ସପ୍ତଶାଳ ବୃକ୍ଷ କାହିଁ ? କେଉଁଠାରେ ଅଛି ?" ଏପରି କହିବାରୁ ବାନର ଶ୍ରେଷ୍ଠ ସୁଗ୍ରୀବ ତାଙ୍କୁ ସଙ୍ଗରେ ନେଇ ସେହି ବୃକ୍ଷ ଦେଖାଇ ଦେଲେ ।

୩୦ଶ ପଦ—ସେହି ସପ୍ତଶାଳ ବେଷ୍ଟିତ ବନ ଅର୍ଥାତ୍ ସେହି ସପ୍ତଶାଳ ବୃକ୍ଷ ଅତି ଉନ୍ନତ ବଜ୍ରତୁଲ୍ୟ କଠିନ ଓ ଅଧିକ ମୋଟା ଅଟେ । ସେହି ସାତଗୋଟି ଶାଳ ବୃକ୍ଷ ଶାଖାପ୍ରଶାଖାଯୁକ୍ତ ହୋଇ ମଣ୍ଡଳାକାରରେ ଥିବାରୁ ଶତଦଳ ପଦ୍ମ ପରି ମନୋହର ଦେଖାଯାଉ ଅଛନ୍ତି ।

୩୧ଶ ଓ ୩୨ଶ ପଦ— ସେହି ବୃକ୍ଷଗୁଡ଼ିକ ଗୋଟିଏ ନାଗସର୍ପ ଦ୍ୱାରା ବେଷ୍ଟିତ ହୋଇଥିବାରୁ ଅଳ୍ପ ବଙ୍କା ହୋଇ ପ୍ରାଚୀର ବେଷ୍ଟିତ ଦୁର୍ଗର ଶୋଭାକୁ ଧାରଣ କରିଅଛନ୍ତି ଏବଂ ଉତ୍କୃଷ୍ଟ ସାର (ଫୀଡ଼ିଆ ପ୍ରଭୃତି) ସରସ ଖାଦ୍ୟ ପାଇ ଗଜା ଗଛ ପରି ଦେଖାଯାଉ ଅଛନ୍ତି ! ସେହି ନାଗସାପର ଅତି ଉତ୍କଟ ବିଷ ବିଷ ପ୍ରଭାବରୁ ପକ୍ଷୀଶୂନ୍ୟ ହୋଇ ଅଛନ୍ତି ।

ବନରୁହପଦ ପ୍ରତନ ବଳ । ବନସୁରତ ସର୍ପ ସପ୍ତଶାଳ ।୩୩।
ବ୍ୟାଳ ସଳଖି ହେଉଁ ରଘୁବୀର । ବାଣ ପ୍ରୟୋଗ କଲେ ସେ ସତ୍ୱର ।
ବୃକ୍ଷ ସାତ ଭେଦି ଭେଦି ପର୍ବତେ । ବାହୁଡ଼ିଲା ସେ ମାର୍ଗଣ ତ୍ୱରିତେ ।୩୫।
ବିଷ୍ଣୁ ମଣି ଚକ୍ରବନ୍ଧେ ସୁଗ୍ରୀବ । ବନତ ସେ ଅଦ୍ଭୁତ ଦେଖି ଜବ ।

( ଚକ୍ରବନ୍ଧ )

ବିଭୁ ଖରଦର ମେଳ ସାଧବା । ବିଦ୍ଧଶାଳ ମେଘତନୁ ଭା-ରବି ।୩୭।

---

୩୩ଶ ପଦ—ବନରୁହପଦ ପ୍ରତନ—ପଦ୍ମପାଦର ତଳପା ।

୩୪ଶ ପଦ—ବ୍ୟାଳ—ସର୍ପ ।

୩୭ଶ ପଦ—ବିଭୁ—ପରମେଶ୍ୱର । ଖରଦର—ଖର ରାକ୍ଷସର ଶତ୍ରୁ ( ରାମଚନ୍ଦ୍ର ) । ଭା-ରବି—ସୂର୍ଯ୍ୟଙ୍କପରି ତେଜସ୍ୱର । ସାଧବା—ସାଧ୍ୱୀ ବା ପତିବ୍ରତା । ମେଘତନୁ—ମେଘପରି ଶ୍ୟାମଳ ସୁନ୍ଦର ଦେହ ।

---

୩୩ଶ ପଦ—ରାମଚନ୍ଦ୍ର ତାହାଙ୍କର ପଦ୍ମପାଦରେ ସେହି ବୃକ୍ଷରେ ଗୁଡ଼ାଇ ହୋଇଥିବା ସାପଟାକୁ ମାଡ଼ି ଚପି ଧରିବାରୁ, ସେ ବଳଶୂନ୍ୟ ହୋଇ ବିନତି କରିବାକୁ ଲାଗିଲା ।

୩୪ଶ ପଦ—ପଦାଘାତ ସହି ନ ପାରି ସେହି ସାପ ସିଧା ହୋଇଯିବାରୁ; ରାମ ସେମାନଙ୍କ ପ୍ରତି ଅତିଶୀଘ୍ର ବାଣ ପ୍ରୟୋଗ କଲେ ।

୩୫ଶ ପଦ—ସେହି ବାଣ ସାତଗୋଟିଯାକ ଶାଳ ବୃକ୍ଷକୁ କ୍ରମାନୁସାରେ ଗୋଟାକ ପରେ ଅନ୍ୟଟୋକୁ ] ଭେଦ କରି ଋଷ୍ୟମୂକ ପର୍ବତ ଉପରେ ବସିଥିବା ରାମଙ୍କ ନିକଟକୁ ଶୀଘ୍ର ଫେରି ଆସିଲା ।

୩୬ଶ ପଦ—ସୁଗ୍ରୀବ, ରାମଙ୍କଦ୍ୱାରା ଏହି ଅଦ୍ଭୁତ କାର୍ଯ୍ୟ ସାଧିତ ହେବାର ଦେଖି ତାଙ୍କୁ ବିଷ୍ଣୁ ମନେ କରି ଚକ୍ରବନ୍ଧରେ ବିନୀତ ହୋଇ, ସ୍ତୁତି କରିବାକୁ ଲାଗିଲା ।

୩୭ଶ ପଦ—"ହେ ରାମଚନ୍ଦ୍ର ! ଆପଣ ଏହି ଜଗତର ପ୍ରଭୁ ଅଟନ୍ତି । ଆପଣ ଖର ରାକ୍ଷସକୁ ନାଶ କରିଅଛନ୍ତି ସାଧ୍ୱୀ ସୀତାଙ୍କ ସହ ମିଳିତ ହୋଇଅଛନ୍ତି ଅର୍ଥାତ୍ ତାହାଙ୍କୁ ବିବାହ କରିଅଛନ୍ତି, ସପ୍ତଶାଳକୁ ଶର ଦ୍ୱାରା ଭେଦ କରିଅଛନ୍ତି, ଆପଣ ମେଘପରି ଶ୍ୟାମଳବର୍ଣ୍ଣ ଅଟନ୍ତି ଓ ସୂର୍ଯ୍ୟଙ୍କ ପରି ତେଜସ୍ୱୀ ଅଟନ୍ତି ।"

ବିରଜ୍ଞ-ନୁତ କ ସ୍ୱ ଭୂପ୍ରସବି । ଖଶପ୍ରଭୁ ସ୍ତୁତରେ କ ବିଷ୍ଣବି । ୩୮ ।
ବିଜ୍ଞବିକରେ ଖେଦ ଭେଦ ଛବି । ବିପଦ ଭେଦନ ତାର ପଦବୀ । ୩୯ ।
ବିଦଗ୍ଧର ତା ସମ ଦତ୍ତ ହବି । ବିହ ତ ଦଶରୂପ ରକ୍ଷ ଭୁବି । ୪୦ ।
ବୋଲି ଓଳଗି ହୋଇଲା ବାହାର । ବେନି ସୋଦର ମନ୍ତ୍ରୀଏ ସଙ୍ଗର । ୪୧ ।
ବାଟେ ଯାଉଁ ଦେଖିଲେ ଭବ୍ୟ ସରେ । ବାଦ୍ୟ ନାଦ ଶୁଭେ ଜଳ ଭିତରେ

---

୩୮ଶ ପଦ—ଖରଜ୍ଞ—ଖରତ । ନୁତ—ପୂଜିତ । କ—ନାରାୟଣ । ଖଶପ୍ରଭୁ—ପକ୍ଷିରାଜ ଗରୁଡ଼ର ପ୍ରଭୁ । କ—ବ୍ରହ୍ମା । ବିଷ୍ଣବି—ଧ୍ୟାନ କରି ।

୩୯ଶ ପଦ—ବିଜ୍ଞବିକରେ—ବିଶେଷ ଭାବୁକ ଅର୍ଥାତ୍ ଭକ୍ତ । ଖେଦ—ଦୁଃଖ । ଛବି—ବଳ । ତାର—ଖ୍ୟାତ । ପଦବୀ—ଉପାଧି ।

୪୦ଶ ପଦ—ବିଦଗ୍ଧର-ଜ୍ଞାନଶ୍ରେଷ୍ଠ । ହବି—ଘୃତ ।

୪୨ଶ ପଦ—ଭବ୍ୟସର—ସୁନ୍ଦର ପୁଷ୍କରିଣୀ ।

---

୩୮ଶ ପଦ—"ଆପଣ ଖରଭୂରେ ପୃଥିବୀରେ ଖ୍ୟାତିଲାଭ କରି ଅଛନ୍ତି । ଏହି ଜଗତରେ ଏକମାତ୍ର ପୂଜ୍ୟ ଅଟନ୍ତି—ଅର୍ଥାତ୍ ଆପଣଙ୍କୁ ସମସ୍ତେ ପୂଜା କରନ୍ତି ମାତ୍ର ଆପଣ ଯାହାଙ୍କୁ ପୂଜା କରିବେ ଏପରି ବ୍ୟକ୍ତି କେହି ନାହିଁ । ଆପଣ ସ୍ୱୟଂ ନାରାୟଣ ଅଟନ୍ତି । ନିଜକୁ ନିଜେ ଜନ୍ମ କରିଅଛନ୍ତି ଅର୍ଥାତ୍ ସ୍ୱୟଂଭୂ ଅଟନ୍ତି । ଗରୁଡ଼ଙ୍କର ପ୍ରଭୁ ଅଟନ୍ତି । ବ୍ରହ୍ମା ନିଜ ଇଚ୍ଛାରେ ଆପଣଙ୍କୁ ଚିନ୍ତା କରୁଅଛନ୍ତି ଅର୍ଥାତ୍ ଆପଣ ବ୍ରହ୍ମାଙ୍କର ଆରାଧ୍ୟ ଅଟନ୍ତି ।"

୩୯ଶ ପଦ—"ଭକ୍ତମାନଙ୍କ ଦୁଃଖ ଖଣ୍ଡନ କରିବା ବିଷୟରେ ଆପଣ ବହୁପରି ଶକ୍ତିଶାଳୀ ଅଟନ୍ତି ସୁତରାଂ ଆପଣ ବିପଦଭଞ୍ଜନ ଏହି ଉପାଧିକୁ ଧାରଣ କରିଅଛନ୍ତି ।"

୪୦ଶ ପଦ—"ଆପଣ ଯଜ୍ଞ କରିବା ନିମିତ୍ତ ଜ୍ଞାନଶ୍ରେଷ୍ଠ ଋଷିମାନଙ୍କୁ ଘୃତଦାନ କରୁଅଛନ୍ତି ଅର୍ଥାତ୍ ଆପଣ ଯଜ୍ଞ ଅଟନ୍ତି ଏବଂ ମୀନ କୂର୍ମ ପ୍ରଭୃତି ଦଶବିଧରୂପ ଧାରଣ କରି ଜଗତକୁ ରକ୍ଷା କରୁ ଅଛନ୍ତି ।"

୪୧ଶ ପଦ—ସୁଗ୍ରୀବ ରାମଚନ୍ଦ୍ରଙ୍କୁ ଏହିପରି ସ୍ତୁତି ଓ ପ୍ରଣାମ କରି ବାହାର ହେଲା । ରାମଚନ୍ଦ୍ର, ଲକ୍ଷ୍ମଣ ଓ ମନ୍ତ୍ରୀମାନେ ତାହାର ସଙ୍ଗେ ସଙ୍ଗେ ଯିବାକୁ ଲାଗିଲେ ।

୪୨ଶ ପଦ—ବାଟରେ ଯାଉଁ ଯାଉଁ ସେମାନେ ଗୋଟିଏ ମନୋହର ପୁଷ୍କରିଣୀ ଦେଖିଲେ ଏବଂ ସେହି ପୁଷ୍କରିଣୀର ଜଳ ମଧ୍ୟରେ ବାଦ୍ୟ ବାଜୁଥିବାର ଶୁଣିଲେ ।

ଅଦ୍ଭୁତ ତ ବୋଇଲେ ରାମଚନ୍ଦ୍ର । ବକ୍ତା ଶୁଣି ପ୍ଲବଗକୁଳଚନ୍ଦ୍ର । ୪୩ ।
ବନୌକାଏ ନାମ ତା ମନ୍ଦକର୍ଣ୍ଣି । ତରୁତଳେ ତପସ୍ୟା ବସି ବନ । ୪୪ ।
ବଳାନ୍ତରେ ଏ ଇନ୍ଦ୍ରପଦ ନେବ । ବାର ବାର ଶଙ୍କ ଉସ୍ମ ସମ୍ଭବ । ୪୫ ।
ବାର ବାରବଧୂଙ୍କୁ ପ୍ରେଷି ଦେଇ । ବାରଙ୍କାର ବୁଦ୍ଧି ସେ ତାଙ୍କୁ ସ୍ବହିଁ । ୪୬ ।
ବାର ମଧ୍ୟେ ପୁର ସୁରଶିଳ୍ପୀ ଯେ । ବାରସ୍ରଷ୍ଟା ଲକ୍ଷ୍ୟ କରି କଳ୍ପି ଯେ । ୪୭ ।
ବଶ କରି ନୃତ୍ୟ ଗୀତେ ମନ । ବାଜେ ମର୍ଦ୍ଦଳ ତାଳ ତାଳୀମାନ । ୪୮ ।
ବୁଧ କପିପ୍ରବର ବୋଲି ଯାଇ । ବନପତି ଦ୍ୱାରରେ ସ୍ଥିତ ହୋଇ । ୪୯ ।

---

୪୩ଶ ପଦ—ପ୍ଲବଗକୁଳଚନ୍ଦ୍ର—ମର୍କଟକୁଳ ଚନ୍ଦ୍ରମା ସୁଗ୍ରୀବ ।
୪୪ଶ ପଦ—ବନୌକାଏ—ଜଣେ ଋଷି ବା ତପସ୍ୱୀ ।
୪୫ଶ ପଦ—ଶଙ୍କ—ଇନ୍ଦ୍ର ।
୪୬ଶ ପଦ—ବାରବଧୂ—ବେଶ୍ୟା । ବାରଙ୍କା—ପାପୀ ।
୪୭ଶ ପଦ—ବାରିମଧ୍ୟେ—ଜଳମଧ୍ୟରେ । ସୁରଶିଳ୍ପୀ—ବିଶ୍ୱକର୍ମା । ବାରସ୍ରଷ୍ଟା—ବ୍ରହ୍ମାଙ୍କ ପୁର । କଳ୍ପି—ନିର୍ମାଣ କରି ।
୪୯ଶର ପଦ—ବନପତିଦ୍ୱାର—ସିଂହଦ୍ୱାର ।

---

୪୩ଶ—୪୬ଶ ପଦ—ରାମଚନ୍ଦ୍ର ସେହି ବାଦ୍ୟନାଦ ଶୁଣି, ଏହା ଅତି ଆଶ୍ଚର୍ଯ୍ୟ ବୋଲି କହିବାରୁ, ବନରକୁଳଚନ୍ଦ୍ରମା ସୁଗ୍ରୀବ କହିଲେ, "ମନ୍ଦକର୍ଣ୍ଣି ନାମକ ଜଣେ ଋଷି ଏହି ବନମଧ୍ୟରେ ବସି ତପସ୍ୟା କରୁଥିଲେ । ଏହି ଋଷି ତପସ୍ୟା ଦ୍ୱାରା ସିଦ୍ଧି ଲାଭ କଲେ ବଳପୂର୍ବକ ମୋର ଇନ୍ଦ୍ରପଦ ହରଣ କରିବେ—ଏହି ଆଶଙ୍କା ଇନ୍ଦ୍ରଙ୍କ ମନରେ ଜାତହେବାରୁ, ସେ ଋଷିଙ୍କର ତପସ୍ୟା ଭଙ୍ଗ କରିବା ନିମିତ୍ତ ବାରଜଣ ସ୍ୱର୍ଗବେଶ୍ୟାଙ୍କୁ ପ୍ରେରଣ କଲେ । ଋଷି ସେମାନଙ୍କୁ ଦେଖିବା ସଙ୍ଗେ ସଙ୍ଗେ ତାଙ୍କ ମନରେ ପାପବୁଦ୍ଧି ଜାତ ହେଲା । (ଅର୍ଥାତ୍ ଋଷି ସେମାନଙ୍କୁ ଦେଖି କାମଶରରେ ଜର୍ଜ୍ଜରିତ ହେବାରୁ, ତପସ୍ୟା ଛାଡ଼ି ସେମାନଙ୍କ ସଙ୍ଗ ରତ କରିବାରେ ଲାଗିଲେ)"।

୪୭ଶ ଓ ୪୮ଶ ପଦ—"ତତ୍ପରେ ଇନ୍ଦ୍ରଙ୍କ ଆଦେଶାନୁସାରେ ସ୍ୱର୍ଗଶିଳ୍ପୀ ବିଶ୍ୱକର୍ମା ଆସି ବ୍ରହ୍ମାଙ୍କ ପୁରକୁ ଲକ୍ଷ୍ୟ କରି ଏକ ପୁର ଏହି ଜଳ ମଧ୍ୟରେ ନିର୍ମାଣ କଲେ । ସେହି ପୁରରେ ନୃତ୍ୟ ଗୀତ କରି ସ୍ୱର୍ଗବେଶ୍ୟାମାନେ ଋଷିଙ୍କର ମନକୁ ବଶ କରୁଅଛନ୍ତି, ଏଣୁ ମୃଦଙ୍ଗ ଝାଞ୍ଜ ଓ ତିଣି ପ୍ରଭୃତି ବାଜୁଅଛି ।"

୪୯ଶର ପଦ—"ହେ କପିପ୍ସ ଶ୍ରେଷ୍ଠ ! ଏହାର କାରଣ ଏହି" ଏହା କହି ସୁଗ୍ରୀବ ସଙ୍ଗେ ସଙ୍ଗେ ଯାଇ ବାଳିର ସିଂହଦ୍ୱାରରେ ଉପସ୍ଥିତ ହେଲା ।

ଘାରଡ଼ାକ ସର୍ଜିଲା ଅନ୍ତ ଟାଣ । ବର୍ଷା ବିନା କି ଗର୍ଜେ ମେଘ ଦ୍ରୋଣ ॥
ବଣା ବିବେକ ହେଲେ ପୁରଜନେ । ବାଳି ଥିଲା ଯେ ମଧ୍ୟାହ୍ନ ଶୟନେ ।୫୧।
ବାରୁଣୀକି ପାନହିଁ କରି ଥିଲା । ବାରୁଣୀରେ ଟ ଶୁଣିଣ ଧାଇଁଲା ।୫୨।
ବଜ୍ରମୁଠେ ସୁଗ୍ରୀବ ଦନ୍ତଶୃଙ୍ଗ । ବିଭଞ୍ଜନେ ବାହୁଡ଼ି ଗଲା ବେଗ ।୫୩।
ବିଲୋକଲେ ଏତିକ ଧୃପଧାଙ୍ଗ । ବିଦ୍ୟୁ ଝଟକ ଲୀନ ହେଲା ପରି ।୫୪।
ବିପଥ ଯେ ଶୁଷ୍କନଦୀ ଭାନୁଜ । ବଢ଼ି ଜଳ ପଡ଼ ଶୀଘ୍ର ସହଜ ।୫୫।

---

୫୨ଶର୍ ପଦ—ବାରୁଣୀ—ମଦ୍ୟ, ପଶ୍ଚିମ ଦିଗ ।
୫୫ଶର୍ ପଦ—ବିପଥ—ଅବାଟ । ଭାନୁଜ—ସୁଗ୍ରୀବ ।

---

୫୦ଶର୍ ପଦ—ସୁଗ୍ରୀବ ବାଳିର ସିଂହଦ୍ୱାରରେ ଠିଆ ହୋଇ ଅତି ଟାଣରେ ଗୋଟାଏ ଘାରରଡ଼ି ଦେଲା । ତାହା ଶୁଣି ମନେ ହେଲା, ଦ୍ରୋଣମେଘ ବିନା ବୃଷ୍ଟିରେ ଗର୍ଜନ କଲା କି ?

୫୧ଶର୍ ପଦ—ସେହି ଘାରରଡ଼ି ଶୁଣି କିଷ୍କିନ୍ଧ୍ୟାପୁରବାସୀ ଲୋକ-ମାନଙ୍କର ବୁଦ୍ଧି ବଣା ହୋଇଗଲା—ଅର୍ଥାତ୍ ସେମାନେ ଏଇଟା କି ରଡ଼ି ବୋଲି ଜାଣି ପାରିଲେ ନାହିଁ । ବାଳି ସେହି ସମୟରେ ଦ୍ୱିପ୍ରହରିଆ ନିଦ୍ରାରେ ନିଦ୍ରିତ ଥିଲା ।

୫୨ ଓ ୫୩ଶର୍ ପଦ—ବାଳି ମଦ ପିଇ ଘରର ପଶ୍ଚିମ ଭାଗରେ ଶୋଇଥିଲା । ପଶ୍ଚିମ ଦିଗରୁ ଶବ୍ଦ ହେବାର ଶୁଣି ଉଦ୍ଧତ ଓ ବିରକ୍ତ ହୋଇ ଧାଇଁ ଆସି ବଜ୍ରତୁଲ୍ୟ ଏକ ବିଧା ମାରି ସୁଗ୍ରୀବର ଗର୍ବରୂପ ପର୍ବତର ଶୃଙ୍ଗକୁ ଚୂନା କରି ଦେଇ ଅର୍ଥାତ୍ ସୁଗ୍ରୀବକୁ ପରାସ୍ତ କରି ସେଠାରୁ ସଙ୍ଗେ ସଙ୍ଗେ ବାହୁଡ଼ି ଗଲା ।

୫୪ଶର୍ ପଦ—ଧନୁର୍ଦ୍ଧାରୀ ରାମ କେବଳ ଏତିକି ଦେଖିଲେ ଯେ, ବିଜୁଳି ଝଟକ ସଙ୍ଗେ ସଙ୍ଗେ ଲୀନ ହେଲା ପରି ବାଳି ଓ ସୁଗ୍ରୀବ ଦୁହେଁ ସେ ସ୍ଥାନକୁ ଚାଲିଗଲେ ।

୫୫ ଓ ୫୬ଶର୍ ପଦ—ଶୁଖିଲା ନଦୀରେ ହଠାତ୍ ବଢ଼ି ଜଳ ଚଢ଼ିଲେ ସେହି ଜଳ ଯେପରି ବାଟ ଅବାଟ ନମାନି ବହିଯାଏ, ସେହିପରି ସୁଗ୍ରୀବ ମାଡ଼ ଖାଇ ବିକଳରେ ବାଟ ଅବାଟ ନ ବାରି ଅତିଶୀଘ୍ର କେଉଁଆଡ଼େ ଚାଲିଗଲା । ନଦୀ ଜଳ ଯେପରି ବହି ଯାଉଁ ଯାଉଁ ବାଟରେ କୌଣସି ସ୍ଥାନରେ ନ ଅଟକ

ବିଶ୍ରାମକୁ ନ ପାଇ କେଉଁଠାରେ । ବିଲୀନ ସେ ଗିରି ଗୁହା ଦ୍ୱାରରେ । ୫୬ ।
ବାହୁଡ଼ିବାରେ ଦାଶରଥି କହି । ବଳ କିଛି ନାହିଁ ତ ମିତ୍ର ଦେହି । ୫୭ ।
ବାତାତ୍ମଜ ବାଣୀ କଲା ପ୍ରକାଶ । ବ୍ରହ୍ମପ୍ରଳୟଜଳେ ମେରୁ ନାଶ । ୫୮ ।
ବୁଲି ଋଷ୍ୟମୂକେ ଖୋଜି ନ ପାଇ । ବିବରକେ ସେ ଠାବ କଲେ ଯାଇ ।
ବୃଷଦଂଶ ଭୟେ ଯଥା ଇନ୍ଦୁର । ବାହାରଇ ନାହିଁ ନିଜ ବିବର । ୬୦ ।
ବୋଧ ନ ଘେନି ସେ ଏମନ୍ତ ବୋଲି । ବୁଲୁ ଟମକେ ଆଜ ଗଲେ ମଲି ।

୫୬ଶତ୍ ପଦ—ବିଲୀନ—ଗୁପ୍ତ ।
୫୮ଶତ୍ ପଦ—ବାତାତ୍ମଜ—ହନୁମାନ ।
୬୦ତମ ପଦ—ବୃଷଦଂଶ—ବିରାଡ଼ି । ଇନ୍ଦୁର—ମୂଷା ।
ବିବର—ଗର୍ତ୍ତ ।

ଶେଷରେ ସମୁଦ୍ରରେ ଲୀନ ହୋଇଯାଏ, ସେହିପରି ସୁଗ୍ରୀବ ଯିବା ସମୟରେ କୌଣସିଠାରେ ନ ଅଟକି ଅର୍ଥାତ୍ ବିଶ୍ରାମ ନ କରି ଏକାବେଳକେ ଯାଇ ଗୋଟିଏ ପର୍ବତ ଗୁମ୍ଫାରେ ପଶି ଲୁଚିଲା ।

୫୭ଶତ୍ ପଦ—ସୁଗ୍ରୀବ ପରାଜିତ ହୋଇ ଫେରି ଆସିବାର ଦେଖି, ରାମଚନ୍ଦ୍ର କହିଲେ "ମିତ୍ରଙ୍କ ଦେହରେ କିଛିମାତ୍ର ବଳ ନାହିଁ ।"

୫୮ଶତ୍ ପଦ—ଏହା ଶୁଣି ହନୁମାନ କହିଲା, "ଯେଉଁ ପ୍ରଳୟ କାଳୀନ ଜଳରେ ବ୍ରହ୍ମା ନାଶ ହୁଅନ୍ତି, ସେହି ବ୍ରାହ୍ମୀପ୍ରଳୟ ଜଳରେ ମେରୁ ପର୍ବତ ନାଶ ହୁଏ । (ଅର୍ଥାତ୍ ବାଳୀସହ ଯୁଦ୍ଧକଲେ ସୁଗ୍ରୀବ ନିଶ୍ଚୟ ପରାସ୍ତ ହେବ ଏବଂ ବାଳୀ ଭିନ୍ନ ଅନ୍ୟ ସହ ଯୁଦ୍ଧ କଲେ ନିଶ୍ଚୟ ଜୟ ଯୁକ୍ତ ହେବ ) ।"

୫୯ତମ ପଦ—ତାହାପରେ ରାମଚନ୍ଦ୍ର ପ୍ରଭୃତି ଋଷ୍ୟମୂକ ପର୍ବତଯାକ ବୁଲି ଖୋଜି ଖୋଜି ସୁଗ୍ରୀବକୁ ନ ପାଇ ଶେଷରେ ଅନ୍ୟ ଏକ ପର୍ବତର ଗୁହା ଭିତରେ ରହିଥିବାର ଜାଣି ପାରିଲେ ।

୬୦ତମ ପଦ—ମୂଷା ବିରାଡ଼ି ଭୟରେ ଯେପରି ଗାତ ଭିତରୁ ବାହାରକୁ ବାହାରେ ନାହିଁ, ସୁଗ୍ରୀବ ସେହିପରି ବାଳି ଭୟରେ ଲୁଚିଥିବା ଗୁମ୍ଫା ଭିତରୁ ବାହାର ହେଲା ନାହିଁ ।

୬୧ତମ ପଦ—ରାମଚନ୍ଦ୍ର ତାକୁ ବୋଧ ଦେଇ ଡାକିଲେ, "ଆସ, ଆଉ ଥରେ ଯାଇ ବାଳିକୁ ନିଶ୍ଚୟ ମାରିବ ।" କିନ୍ତୁ ସୁଗ୍ରୀବ ତାଙ୍କର ଏହି ପ୍ରବୋଧ ବାକ୍ୟକୁ ଗ୍ରହଣ ନ କରି କହିଲା, "ମୋର ଛାତି ଥରୁଛି, ଆଉ ଥରେ ଗଲେ ନିଶ୍ଚୟ ମରିବି ।"

ବ୍ୟର୍ଥେ ନ ଅରଜ ପଶୁପାତକ । ବେଳେ ଗଲ ନ ବୁଝି ସେଣୁ ବାକ । ୬୨ ।
ବିଷ ଖାଇଛି ଜାଣୁ ଜାଣୁ କେହି । ବଞ୍ଚିଥିଲେ ସମ୍ପତ୍ତି ଭୋଗ ହୋଇ । ୬୩ ।
ବିଚେଷ୍ଟାଙ୍କୁ ଦେଖି ରଘୁନନ୍ଦନ । ବଳ ଦେଲେ କରିଣ ଆଲିଙ୍ଗନ । ୬୪ ।
ବ୍ୟାଘ୍ର ବିପିନେ ଯଥା ଛପିଥାଇ । ବାହାରଇ କ୍ଷୁଧାରେଁ ରଡ଼ ଦେଇ । ୬୫ ।
ବେନି ଭ୍ରାତ ଏକ ମୂର୍ତ୍ତି ବହନ୍ତି । ବାରି ନୋହିଲେ ବୋଲି ରଘୁପତି । ୬୬ ।
ବନମଲ୍ଲୀମାଳା କରି ରଚନ । ବିଲମ୍ବାଇ କଣ୍ଠରେ କଲେ ଚିହ୍ନ । ୬୭ ।
ବିତାସର ପରାୟେ ଧ୍ୱନମନ୍ତ । ବେଗେ ଯାଇଁ ନଗର ପାଶେ ସ୍ଥିତ । ୬୮ ।

---

୬୨ତମ ପଦ—ପୁଣି କହିଲା, "ମୁଁ ଆପଣଙ୍କର କଥା ବୁଝି ନ ପାରି ଥରେ ଗଲି, ଆଉ ଥରେ ମୋତେ ପଠାଇ ବୃଥାରେ ପଶୁହତ୍ୟା ପାପ ଅର୍ଜନ କରନ୍ତୁ ନାହିଁ ।"

୬୩ତମ ପଦ—"କୌଣସି ଲୋକ ଜାଣୁ ଜାଣୁ ବିଷ ଖାଉ ଅଛି କି ? ( ନା କେହି ଏପରି ବିଷ ଖାଏ ନାହିଁ ) । ଜୀବନ ଥିଲେ ସିନା ସମ୍ପତ୍ତି ଭୋଗ ହୁଏ ।

୬୪ତମ ପଦ—ସୁଗ୍ରୀବ ଏହିପରି କହି ନିଶ୍ଚେଷ୍ଟ ହେବାର ଦେଖି, ରଘୁକୁଳର ଆନନ୍ଦ ବର୍ଦ୍ଧନକାରୀ ରାମ, ତାହାଙ୍କୁ ଆଲିଙ୍ଗନ କରି ବଳଦାନ କଲେ ( ଅର୍ଥାତ୍ ରାମ ତାଙ୍କୁ ସ୍ପର୍ଶ କରି ନିଜ ଦେହରୁ ବଳ ପ୍ରଦାନ କଲେ ) ।

୬୫ତମ ପଦ—ବାଘ ଯେପରି ଜଙ୍ଗଲ ମଧ୍ୟରେ ଲୁଚି ରହିଥାଏ, କିନ୍ତୁ ଭୋକିଲା ହେଲେ ରଡ଼ି କରି ସେ ମଧ୍ୟରୁ ବାହାରି ପଡ଼େ, ସେହିପରି ସୁଗ୍ରୀବ ରାମଙ୍କଠାରୁ ବୈଷ୍ଣବ ତେଜ (ବଳ) ପାଇବା ମାତ୍ରେ ସିଂହ ରଡ଼ି ଦେଇ ଯୁଦ୍ଧକୁ ବାହାରି ହେଲା ।

୬୬ ଓ ୬୭ତମ ପଦ—"ସୁଗ୍ରୀବ ଓ ବାଳି ଦୁଇ ଭାଇଙ୍କର ଶରୀର ଗଠନ ସମାନ ହୋଇଥିବାରୁ, ପ୍ରଥମଥର ଯୁଦ୍ଧବେଳେ କିଏ ସୁଗ୍ରୀବ ଓ କିଏ ବାଳି ବୋଲି ବାରି ପାରିଲି ନାହିଁ", ଏହି କଥା ପ୍ରକାଶ କରି ରାମଚନ୍ଦ୍ର ବଣମଲ୍ଲୀ ଫୁଲରେ ମାଳା ଗୁନ୍ଥି ଚିହ୍ନ ସ୍ୱରୂପ ସୁଗ୍ରୀବର ଗଳାରେ ଲମ୍ବାଇ ଦେଲେ ।

୬୮ ତମ ପଦ—ତାହାପରେ ସୁଗ୍ରୀବ ବିତାସ ପବନ ପରି ଘୋର ଗର୍ଜନ କରି ଅତି ଶୀଘ୍ର ଯାଇ ନଗର ନିକଟରେ ଉପସ୍ଥିତ ହେଲା । ଅର୍ଥାତ୍ ପବନ ଯେପରି ପ୍ରତିବନ୍ଧକ ପାଇଲେ ଅଟକି ଯାଏ, ସୁଗ୍ରୀବ ସେହିପରି ବାଳିକୁ ପ୍ରତିବନ୍ଧକ ପାଇ ନଗର ପାଖରେ ଅଟକିଲା ।

ବୃକ୍ଷାନ୍ତରେ ରହିଲେ ରଘୁରାଣ । ବସାଇଣ କୋଦଣ୍ଡ ଗୁଣେ ବାଣ । ୬୯ ।
ବ୍ୟାଧ ଜଗି ଯେମନ୍ତେ ଜଳଘାଟ । ବାତାସନ ଆଗମରେ ଲମ୍ପଟ । ୭୦ ।
ବିସ୍ମୟ ଯେ କିଷ୍କିନ୍ଧ୍ୟାବାସୀ ଗୁହିଁ । ବୋଇଲେ ପୀତବାସ ହେଲା କି ଚହିଁ ॥
ବୋଇଲେ କେ ଖଗବନ୍ଧ ପକ୍ଷ ଥିବ । ବିଶେଷରେ ତେଜଚକ୍ର ସମ୍ଭବ । ୭୨ ।
ବୋଇଲେ ଅପୂର୍ବ ଶିବ ହେବ କେହି । ବିଭୂଷଣେ ଫୁଲ ମାଳୀ ସେବଇ । ୭୩ ।

---

୭୦ ତମ ପଦ—ବାତାସନ—ମୃଗ ।

୭୨ ତମ ପଦ—ଖଗବନ୍ଧ—ନାରାୟଣ । ତେଜଚକ୍ର—ତେଜୋମୟ, ସୁଦର୍ଶନ ଚକ୍ର ।

---

୬୯ତମ ପଦ—ରାମଚନ୍ଦ୍ର ବୃକ୍ଷ ଉହାଡ଼ରେ ଲୁଚି ରହି ଧନୁର ଗୁଣରେ ଶରକୁ ବସାଇଲେ । କାରଣ ତାଙ୍କୁ ଜଣା ଥିଲା ଯେ ବାଳି ଶତ୍ରୁକୁ ଦେଖିଲେ ମାତ୍ରେ ତାହା ଦେହରୁ ଅଧେ ବଳ ହରଣ କରି ନିଏ ।

୭୦ତମ ପଦ—ବ୍ୟାଧ ଜଳ ଘାଟରେ ଜଗି ରହି ଯେପରି ମୃଗ ଆସିବାକୁ ଅପେକ୍ଷା କରିଥାଏ, ରାମ ସେହିପରି ସେହି ବୃକ୍ଷର ଅନ୍ତରାଳରେ ଲୁଚି ବସି ବାଳିର ଆଗମନକୁ ଅପେକ୍ଷା କରିଥିଲେ ।

୭୧ତମ ପଦ—କିଷ୍କିନ୍ଧ୍ୟାବାସୀମାନେ ସୁଗ୍ରୀବଙ୍କୁ ପୁନର୍ବାର ଆସିବାର ଦେଖି ବିସ୍ମିତ ହେଲେ । ସେମାନଙ୍କ ମଧ୍ୟରୁ କେହି କେହି ମନେ କଲେ, "ଏହାର ତେଜ ( ଦେହରକାନ୍ତି ) 'ପୀତବାସ' ବିଷ୍ଣୁଙ୍କ ତେଜ ପରି ଦେଖା ଯାଉଅଛି ।" ଏହିପରି କହୁଥିବା ଲୋକଙ୍କ କଥା ଶୁଣି; ପୁଣି କେହି କେହି କହିଲେ "ଆପଣମାନେ ଯାହା କହୁଛନ୍ତି ତାହା ନୁହେଁ; ତାହାର ପିତ୍ତାଧିକ୍ୟ ହେବାରୁ ସେ ପାଗଳ ହେଲାଣି ।"

୭୨ତମ ପଦ—ପୁଣି କେହି କେହି ସେହି ପୀତବାସ ଶବ୍ଦର ଅନ୍ୟ ପ୍ରକାର ଅର୍ଥ କରି କହିଲେ, "ତାହାର 'ଖଗବନ୍ଧ' ଶରୀର ସଞ୍ଚାରି ବାୟୁ 'ପିତ୍ତବାସ' ପିତ୍ତର ବଶ ହୋଇଥିବ, ତେଣୁ ଏହା ଦେହର ତେଜ ସମୂହ ଅତିଶୟ ଭାବରେ ବୃଦ୍ଧି ପାଇଥିବାର ସମ୍ଭବ ହେଉଅଛି ।" ଆହୁରି ମଧ କେହି କେହି କହିଲେ, "ଗରୁଡ଼ ରୋହଣକାରୀ ବିଷ୍ଣୁ ସହାୟ ହୋଇଥିବାରୁ ଏହାର ଦେହରେ ତେଜ ସମୂହ ବିଶେଷ ଭାବରେ ପ୍ରକାଶିତ ହୋଇଅଛନ୍ତି ।"

୭୩ ତମ ପଦ—ପୁଣି କେହି କେହି କହିଲେ, 'ଏହାର ଅପୂର୍ବ 'ଶିବ' ମଙ୍ଗଳ ଅର୍ଥାତ୍ ଅମଙ୍ଗଳ ହେବ । ତେଣୁ 'ଫୁଲ ବିଭୂଷଣେ' ଫୁଲମାଳା ବେକରେ ପିନ୍ଧିବା ଦ୍ୱାରା ଏହା ସୂଚିତ ହେଉଛି ଯେ, ଏହି ସୁଗ୍ରୀବ ('ମାଁ' ଚଣ୍ଡୀ

ଛ

ବୋଲେ କେ କର୍ମ ଉଦୟୁ କିଁ ଖ୍ୟାତ । ବଧିରେ ହଂସ ତୋଷଦାନେ ସ୍ୱତ ॥
ବୋଲେ କେହି ବନୌକାସାର ଏହି । ବାଞ୍ଛା ଭସ୍ମ ଚତାରେ କ କରଇ ॥
ଵିକର୍ତ୍ତନସୁତ ଏହି ସମୟେ । ବାଳ ଆସରେ ବୋଲି ଡାକ ଦଏ । ୭୬ ।

୭୪ତମ ପଦ—ହଂସ—ସୂର୍ଯ୍ୟ, ଭଗବାନ, ପ୍ରାଣ । ବଧିରେ—ନିୟମାନୁସାରେ । ସ୍ୱତ—ଆପଣା ଇଚ୍ଛାରେ ।

୭୫ତମ ପଦ—ବନୌକାସାର—ପ୍ରଧାନ ଋଷି । ଚତା—ଶ୍ମଶାନାଗ୍ନି ।

୭୬ତମ ପଦ—ବିକର୍ତ୍ତନ ସୁତ—ସୁଗ୍ରୀବ ।

—'ଆଳୀ' ସମୁହ) ଚଣ୍ଡୀମାନଙ୍କୁ ସେବା କରିବ ଅର୍ଥାତ୍ ବଳ ପଡ଼ିବ (ହାଣ ଖାଇ ମରିବ ) ଅନ୍ୟମାନେ କହିଲେ, "ଅଳ୍ପ ସମୟ ପରେ ବାଲିଠାରୁ ମାଡ଼ ଖାଇ ପ୍ରାଣ ବିକଳରେ ବାହାରି ଯାଇଥିବା ସୁଗ୍ରୀବ ଯେ ପୁନର୍ବାର ସଙ୍ଗେ ସଙ୍ଗେ ଯୁଦ୍ଧ କରିବାକୁ ଆସିଛି, ଏହା ଅପୂର୍ବ—ଅର୍ଥାତ୍ ଆଶ୍ଚର୍ଯ୍ୟ କଥା । ତେଣୁରୁ ଅନୁମିତ ହୁଏ; ଏ ନିଶ୍ଚୟ 'ଶିବ' ମହାଦେବ ହେବେ । କାରଣ ଶିବଙ୍କୁ ଯେପରି 'ମାଳୀ' ମାଳାକାର ସେବା କରେ ଏବଂ ସେ ଫୁଲମାନଙ୍କ ଦ୍ୱାରା 'ବିଭୂଷିତ' ମଣ୍ଡିତ ହୋଇଥାନ୍ତି, ଏହି ଆଗନ୍ତୁକ ସେହିପରି 'ଫୁଲ' ବଣମଲ୍ଲୀ ଫୁଲ ଦ୍ୱାରା ପ୍ରସ୍ତୁତ ହୋଇଥିବା ମାଳାରେ ବିଭୂଷିତ ହୋଇ ଅଛନ୍ତି । ଅଥବା ଏ ଆଶ୍ଚର୍ଯ୍ୟ ଶିବ ହେବେ ଇତ୍ୟାଦି ।

୭୪ତମ ପଦ—କେହି କେହି ବା କହିଲେ, "ଏ ଆପଣା ଇଚ୍ଛାରେ 'ବଧିରେ' ଉପଯୁକ୍ତ କାର୍ଯ୍ୟରେ ପ୍ରାଣଦାନ କରୁଥିବାରୁ ଜଣାପଡ଼ୁଛି ଯେ, ଏହାର କର୍ମ ନିଶ୍ଚୟ ଉଦୟ ହେବ ଅର୍ଥାତ୍ ଏ ବାଳି ହାତରେ ମଲେ, ଏକ ପ୍ରକାର ଗୌରବର ଉଦୟ ହେବ । ଯଦିବା ବାଳିକୁ ମାରିଲା; ତାହାହେଲେ ମଧ୍ୟ ରାଜା ହେବା ଦ୍ୱାରା ଭାଗ୍ୟ ଉଦୟ ହେବ । ଅଥବା—ଏ 'ବଧିରେ' ଅଧୀର ହୋଇ ସ୍ୱଇଚ୍ଛା ପୂର୍ବକ ସନ୍ତୁଷ୍ଟ ହୋଇ ପ୍ରାଣଦାନ କରୁଥିବାରୁ, ଏହାର କର୍ମ ନିଶ୍ଚୟ ଉଦୟ ହୋଇ ଖ୍ୟାତି ଲାଭ କରିବ । ଅର୍ଥାତ୍ ପ୍ରାଣଦାନରେ ସାର ହେବ ମରିବା । ଅଥବା କେହି କେହି କହିଲେ, "ଏ ସ୍ୱତଃ ପ୍ରବୃତ୍ତ ହୋଇ ନିୟମାନୁସାରେ ନିଜ ପିତା ସୂର୍ଯ୍ୟଙ୍କୁ ସନ୍ତୋଷ ପ୍ରଦାନ କରୁଅଛି, ଏଣୁ ଏହାର ଭାଗ୍ୟର ନିଶ୍ଚୟ ଉଦୟ ହେବ ।"

୭୫ତମ ପଦ—ଅନ୍ୟମାନେ କହିଲେ, "ଏ ତ ଜଣେ ବନବାସିମାନଙ୍କ ମଧ୍ୟରେ ପ୍ରଧାନ ଅର୍ଥାତ୍ ମର୍କଟ ଶ୍ରେଷ୍ଠ ନୁହେଁ ଯେ ଋଷିଶ୍ରେଷ୍ଠ । ବର୍ତ୍ତମାନ ମଶାଣି ପାଉଁଶ ବୋଳି ହେବାକୁ ଇଚ୍ଛା କରୁଛି କି ?" (ଏହାର ମରଣ ନିଶ୍ଚୟ)

୭୬ତମ ପଦ—"ଲୋକମାନେ ଏହିପରି କଥାବାର୍ତ୍ତା ହେବା ସମୟରେ ସୁଗ୍ରୀବ 'ରେ ବାଳି ଆ' ବୋଲି ଡାକଦେଲା ।"

ବୋଲନ୍ତି ତୁ ମହୀଶ ଏ ଭୁବନ । ବଧଭେଦ ଷକାର ଏବେ ଘେନ । ୭୭ ।
ବିଭେଦ ନ ରହିବ ଚରମରେ । ବୀରଶାର୍ଦ୍ଦୂଳ ମୁଖ-ପତନରେ । ୭୮ ।
ବର୍ଣ୍ଣ ଅଧିକ ମହୀଶ ପଦରେ । ହିହାରିବା ସେ ମହୀଶସ୍ୱନରେ । ୭୯ ।
ବର୍ଷାମୁଖେ ଶୁଣି ଯଥା ସ୍ତନିତ । ବନ୍ଧୁ ଗରବ ଶରଭ ପ୍ରମତ୍ତ । ୮୦ ।
ବଢ଼ାଇରେ କେ ମୋ ଆଗେ ଗର୍ଜଇ । ବିଦାରଣେ ନ ଜାଣି ମୃତ୍ୟୁ ଢେଇଁ ॥

---

୭୮ତମ ପଦ—ଶାର୍ଦ୍ଦୂଳ—ବ୍ୟାଘ୍ର । ଚରମ—ପୃଷ୍ଠଦେଶ । ବିଭେଦନ-କ୍ଷତ ବିକ୍ଷତ । ବୀରଶାର୍ଦ୍ଦୂଳ ବୀରଶ୍ରେଷ୍ଠ । ଚରମ – ଚର୍ମ । ବିଭେଦ — ପ୍ରଭେଦ ।

୮୦ତମ ପଦ—ବର୍ଷାମୁଖେ— ବର୍ଷାକାଳର ଆରମ୍ଭରେ । ସ୍ତନିତ—ମେଘ ଗର୍ଜନ । ଶରଭ—ଅଷ୍ଟାପଦ ମୃଗ ।

---

୭୭ତମ ପଦ—ସୁଗ୍ରୀବ କହିଲା, "ରେ ବାଳି ତୁ ଏହି କିଷ୍କିନ୍ଧ୍ୟା ପୁରରେ ଆଜିପର୍ଯ୍ୟନ୍ତ ମହୀଶ ( ରାଜା ) ବୋଲାଉ ଥିଲୁ, ଏବେ ସେହି ମହୀଶ ଶବ୍ଦରେ ଥିବା ଶକାରକୁ ମଧ୍ୟରେ ଗାର ପଡ଼ିଥିବା 'ଷକାର' ମନେ କର । ଅର୍ଥାତ୍ ଗୋଟିଏ ମହିଷ ପଶୁ ବୋଲି ଜାଣ ।"

୭୮ତମ ପଦ—"ମହିଷ ମହାବଳ ବ୍ୟାଘ୍ରର ମୁଖରେ, ପଡ଼ିଲେ ବ୍ୟାଘ୍ର ତାହାର ପୃଷ୍ଠଦେଶକୁ କ୍ଷତ ବିକ୍ଷତ କରି ଯେପରି ପ୍ରାଣ ନାଶ କରିଥାଏ, ବୀରଶ୍ରେଷ୍ଠ ମୁଁ ଆଜି ତୋର ଦର୍ଶନ ପାଇବାମାତ୍ରେ ତୋର ଶରୀରରୁ ଚର୍ମ ଘଷିକୁ ଛଡ଼ାଇ ପ୍ରାଣନାଶ କରିବି ।" ଅଥବା ସେ ବ୍ୟଙ୍ଗ ଉକ୍ତି କରି କହିଲା, "ତୁ ଆଜି ମୋର ସମ୍ମୁଖରେ ପଡ଼ିଲେ ବୀରଶ୍ରେଷ୍ଠ ରାମଚନ୍ଦ୍ରଙ୍କର ଶର ତୋର ଛାତିରେ ଫୁଟି ପିଠିପଟେ ବାହାରିବ ।"

୭୯ତମ ପଦ—ଆହୁରି କହିଲା, "ସେହି ମହୀଶ ପଦରେ" ସ୍ୱ ନ 'ଏହି ଦୁଇଟି ଅକ୍ଷର ଅଧିକା ଯୋଗ କରି ଅର୍ଥାତ୍ ତୋତେ ମାରି ମହୀରେ ଶୟନ କରାଇ ତୋର ସେହି 'ମହୀଶ ପଦ' ରାଜପଦକୁ ହରଣ କରିନେବି ।"

୮୦ତମ ପଦ—ଅଷ୍ଟାପଦ ମୃଗ ବର୍ଷାକାଳର ଆରମ୍ଭରେ ମେଘ ଗର୍ଜନ ଶୁଣି ଯେପରି ଗର୍ବରେ ଉନ୍ମତ୍ତ ହୋଇଥାଏ, ସେହିପରି ବାଳି ସୁଗ୍ରୀବର ଗର୍ଜନ ଶୁଣି ଗର୍ବରେ ଉନ୍ମତ୍ତ ହେବାକୁ ଲାଗିଲା ।

୮୧ ତମ ପଦ-ଅଷ୍ଟାପଦ ମୃଗ ମେଘ ଗର୍ଜନ ଶୁଣି "କିଏ ମୋ ଆଗରେ ବଢ଼ାଇ ଦେଖାଇ ଗର୍ଜୁଛି, ତାକୁ ଚିରି ପକାଇବି" ଏହିପରି ଭାବି ପର୍ବତ

ବାଳୀଶ ତ ତଥା କୋପେ ତମିତ । ବଳୀ ଶତପ୍ରକାରେ ନିଷେଧିତ ॥
ବାଳୀଶ ତ ବୁଦ୍ଧ ହେନ ସୂଚିତ । ବାଳୀବିଗଷ୍ଠ ଦ୍ୟୂତେ ସଦା ଜିତ । ୮୩ ।
ବାଦେ ସହାୟ ସେ କାର ପାଇଛି । ବାସରଦେ ବେନିଥର ଧାଇଁଛି । ୮୪ ।
ବଡ଼ଥିବ ପରୀକ୍ଷା କରି ସେହି । ବଡ଼ ଶବ୍ଦ ଶୁଭିଲା ଆଜ କାହିଁ । ୮୫ ।
ବ୍ୟୋମେ ଦୁନ୍ଦୁଭି ଅସ୍ଥି ଉଡ଼ାଇଲା । ବିନ୍ଧ ଅବା ସପ୍ତତାଳ ଥୋଇଲା । ୮୬ ।

---

୮୩ତମ ପଦ—ବାଳୀଶ – ମୂର୍ଖ । ବାଳୀ-ବଗଷ୍ଠ—କ୍ଷୁଦ୍ର କଉଡ଼ି । ଦ୍ୟୂତ—ଜୁଆଖେଳ ।

୮୪ତମ ପଦ—ବାସରକେ—ଏକଦିନରେ ।

୮୬ତମ ପଦ—ବ୍ୟୋମ—ଆକାଶ ।

---

ଉପରୁ ଡେଇଁବା ଦ୍ୱାରା ଯେପରି ତାର ମରଣ ହେବ ବୋଲି ଜାଣିପାରି ନ ଥିଲା, ବାଳି ଠିକ୍ ସେହିପରି ମନେ କରି ଡ଼ଆଁ ମାରି ଚାଲିଆସିଲା ।

୮୨ତମ ପଦ—ଏହି ସମୟରେ ତାରା ତାଙ୍କୁ ଅନେକ ପ୍ରକାର ବୁଝାଇ ନିଷେଧ କରିବାକୁ ଲାଗିଲା କିନ୍ତୁ ସେ ତାର ମନ ଘେନିଲା ନାହିଁ, ଯେହେତୁ ସେ ମୂର୍ଖ ଏବଂ କ୍ରୋଧାନ୍ଧ ହୋଇଥିଲା ।

୮୩ତମ ପଦ— ତାରା କହିଲା, "ହେ ନାଥ ! ଆପଣ ତ ମୂର୍ଖ ନୁହନ୍ତି, ସ୍ଥିର ଚିତ୍ତରେ ବିଚାର କରି ଦେଖନ୍ତୁ । ଶ୍ରେଷ୍ଠ ଶ୍ରେଷ୍ଠ କଉଡ଼ିମାନଙ୍କ ଦ୍ୱାରା ଯେଉଁ ଜୁଆଖେଳ ହୁଏ, ସେ ଖେଳରେ କଣ ସବୁବେଳେ ଜିତ୍ ହୋଇଥାଏ ? ଏହା କଦାପି ନୁହେଁ । (ଅତଏବ ଆପଣଙ୍କର ଯେ ସବୁଥର ଜୟ ହେଉଥିବ ଏହା ବିଚାରନ୍ତୁ ନାହିଁ ) ।"

୮୪ତମ ପଦ—"ସେ କାହାଠାରୁ ସାହାଯ୍ୟ ପାଇଥିବାରୁ ଯୁଦ୍ଧ କରିବାକୁ ଆସୁଛି, ନଚେତ୍ ଏକାଦିନକେ ଦୁଇଥର ଆସନ୍ତା କାହିଁକି ?"

୮୫ତମ ପଦ—ସେ ନିଶ୍ଚୟ ତାହାର ସହାୟକାରୀ ଲୋକକୁ ପରୀକ୍ଷା କରି ବଡ଼ଛି । ତାହା ନ ହୋଇଥିଲେ ଆଜ ଏତେ ବଡ଼ ଶବ୍ଦ ଶୁଣାଗଲା କାହିଁକି ?"

୮୬ତମ ପଦ—"ମୁଁ ସେହି ଶବ୍ଦ ଶୁଣି ମନେ କରୁଛି ଯେ, ସେହି ସାହାଯ୍ୟକାରୀ ଦୁନ୍ଦୁଭିର ଅସ୍ଥିକୁ ଉଡ଼ାଇଲା ଅଥବା ସପ୍ତତାଳକୁ ଶର ମାରି ଭେଦ କଲା ।"

ବଦନ ମୋ ଚନ୍ଦ୍ରପରି ଭାଟଙ୍କ । ବୃହସ୍ପତି ଶୁକ୍ର ପରି ଝଟକ ।୮୭।
ବଧୂ ଥାଉଁ ସେ ତାରା ନୋହୁ ଅସ୍ତ । ବାସ ତ୍ରସାରି ମାଗୁଅଛୁ କାନ୍ତ ।୮୮।
ବଲ୍ଲଭର ବଚନ ନ ଘେନିଲା । ବାୟୁବେଗେ ଦୁର୍ଗ ଦ୍ୱାରେ ମିଳିଲା ।୮୯।
ବରାହବର ଦ୍ୱୀପୀ ଭେଟାଭେଟି । ବରାହବ ରଚଣ ଯଥା ରଟି ।୯୦।
ବିବାଣି କି ସଉରି କୁଜ ଦୁଇ । ବିଶ୍ୱମ୍ଭରା ଘରବରେ କମ୍ପଇ ।୯୧।
ବ୍ୟାଳଯୁଗ୍ମ କି ଖେଳ ଗଡ଼ାଗଡ଼ି । ବୃକ୍ଷ ପାଷାଣ ତନୁ ଲାଗି ଛିଡ଼ି ।୯୨।

---

୯୦ ତମ ପଦ—ବରାହବର—ବଳବାନ୍ ବରାହ । ଦ୍ୱୀପୀ—ହସ୍ତୀ । ବରାହବ—ଘୋର ଯୁଦ୍ଧ ।

୯୧ତମ ପଦ—ସଉରି—ଶନି । କୁଜ—ମଙ୍ଗଳ । ବିଶ୍ୱମ୍ଭରା—ପୃଥିବୀ ।

୯୨ତମ ପଦ—ବ୍ୟାଳ—ସର୍ପ । ଯୁଗ୍ମ—ଦୁଇ ।

---

୮୭ ଓ ୮୮ତମ ପଦ—"ହେ ନାଥ ! ମୋର ମୁଖ ଚନ୍ଦ୍ରପରି ଝଟୁଛି ଅଛି ଏବଂ ତାର ନିକଟରେ ତାଟଙ୍କ (ଗଡ଼ିକା) ଦୁଇଗୋଟି ବୃହସ୍ପତି ଓ ଶୁକ୍ରଙ୍କ ପରି ଝଟୁଛି ଅଛନ୍ତି ଅତଏବ ମୋର ସେହି ମୁଖରୂପ ଚନ୍ଦ୍ର ଥାଉଁ ଥାଉଁ ତାହାର ନିକଟରେ ବୃହସ୍ପତି ଓ ଶୁକ୍ର ନାମକ ତାରା ଦୁଇଟି ପରି ରହିଥିବା 'ତାରା' ଅତି ଉଜ୍ଜ୍ୱଳ ତାଟଙ୍କ ଦୁଇଟି 'ଅସ୍ତ' ଦୂର ନ ହୁଅନ୍ତୁ ଅର୍ଥାତ୍ ମୁଁ ବିଧବା ହୋଇ କାନରୁ ତାଟଙ୍କ ନ କାଢ଼େ,— ଏହି କଥା କାନ ପତେଇ ମାଗୁଛି ।

୮୯ତମ ପଦ—ବାଳି, ତାରାର କଥା ନ ଶୁଣି, ପବନ ବେଗରେ ଯାଇ ଗଡ଼ଦ୍ୱାରରେ ଉପସ୍ଥିତ ହେଲା ।

୯୦ତମ ପଦ—ଶ୍ରେଷ୍ଠ ବଳବନ୍ତ ବରାହ ଓ ହାତୀ ଭେଟାଭେଟି ହେଲେ ଯେପରି ଘୋର ଗର୍ଜ୍ଜନ କରି ଯୁଦ୍ଧ କରନ୍ତି, ସୁଗ୍ରୀବ ଓ ବାଳି ଭେଟାଭେଟି ହୋଇ ସେହିପରି ଘୋର ରଡ଼ି କରି ଯୁଦ୍ଧ କରିବାକୁ ଲାଗିଲେ ।

୯୧ ଓ ୯୨ତମ ପଦ—ସେହି ଦୁହିଁଙ୍କର ଯୁଦ୍ଧ ଦେଖି ମନେ ହେଲା, ଶନି ଓ ମଙ୍ଗଳ ଯୁଦ୍ଧରେ ପ୍ରବୃତ୍ତ ହୋଇ ଅଛନ୍ତି କି ? ପୃଥିବୀ ସେହି ଦୁହିଁଙ୍କର ଭରରେ କମ୍ପିବାକୁ ଲାଗିଲା । ଦୁଇଗୋଟି ସାପ ଗଡ଼ା ଗଡ଼ି ହୋଇ ଖେଳିଲା ପରି ସେ ଦୁହେଁ ତଳେ ପଡ଼ି ଗଡ଼ାଗଡ଼ି ହେବାକୁ ଲାଗିଲେ, ଏଣୁ ଦୁହିଁଙ୍କର ଦେହ ଗଛ ଓ ପଥରରେ ବାଜି ଛିଡ଼ି ଗଲା ( ଅର୍ଥାତ୍ ତୁମୁଳ ବାହୁଯୁଦ୍ଧ ଲାଗିଲା ।)"

ବାଳି ସୁଗ୍ରୀବ ଉପରେ ଝାଶିଲା । ବାଜ ଶୁକକୁ କି ମାଡ଼ି ବସିଲା । ୯୩ ।
ବାଣ ପ୍ରହାରେ ଦେଖି ଦୂଷଣାରି । ବୁକୁ ଫୁଟି ପୃଷ୍ଠେ ମୁନ ବାହାରି । ୯୪ ।
ବିବୁଧାଦ୍ରିରେ ଯେସନେକ ହୋଇ । ବାରଣେନ୍ଦ୍ର ଦଶନ ଭେଦି ରହି । ୯୫ ।
ବୋଲି ଅଙ୍ଗଦ ତକ୍ଷଣେ ଡ଼ାକିଲା । ବିନା କାରଣେ ଅଙ୍ଗଦଗ୍ଧ ହେଲା । ୯୬ ।
ବିଘ୍ନରାଜ ମୂଷିକ କରି ଯମ । ବନ୍ଧନରେ ପାଶରେ ଯଥା କ୍ଷମ । ୯୭ ।
ବାହୁ ଟେକି ହସ୍ତରେ ପେଲି ଦେଇ । ବିରୋଚନନନ୍ଦନ ଉଭା ହୋଇ । ୯୮ ।

---

୯୫ତମ ପଦ—ବାରଣେନ୍ଦ୍ର—ଐରାବତ । ବିବୁଧାଦ୍ରି—ମେରୁ ପର୍ବତ ।

୯୭ତମ ପଦ—ବିଘ୍ନରାଜ—ଗଣେଶ ।

୯୮ତମ ପଦ—ବିରୋଚନନନ୍ଦନ—ସୁଗ୍ରୀବ ।

---

୯୩ ତମ ପଦ—ଏହିପରି ଗଡ଼ାଗଡ଼ି ହେଉ ହେଉ ବାଳି ସୁଗ୍ରୀବକୁ ମାଡ଼ି ବସିବାର ଦେଖାଗଲା । ତାହାଦେଖି ମନେ ହେଲା, ବାଜପକ୍ଷୀ ଶୁଆକୁ ମାଡ଼ି ବସିଲା କି ? ( ବାଜ ଶୁଆକୁ ଧରିଲେ ସୁଦ୍ଧା ତାହାର ଚଞ୍ଚୁ ଭୟରେ ଅଳ୍ପ ଦୂରକୁ ହଟି ବସିଥାଏ, ବାଳି ସେହିପରି ବିଷ୍ଣୁ ତେଜ ଭୟରେ ସୁଗ୍ରୀବଠାରୁ ଅଳ୍ପ ଦୂରରେ ବସି ହାତ ବଢ଼ାଇ ତାକୁ ମାଡ଼ି ବସିଥିଲା । )

୯୪ତମ ପଦ—ରାମଚନ୍ଦ୍ର ଏହି ଅବସ୍ଥା ଦେଖି ବାଣ ପ୍ରହାର କଲେ । ସେହି ବାଣର ମୁନ ବାଳିର ବକ୍ଷ ଭେଦ କରି ପିଠିରେ ବାହାରିଲା ।

୯୫ତମ ପଦ—ଐରାବତ ଦାନ୍ତ ଯେପରି ମେରୁ ପର୍ବତରେ ଲାଗି ରହିଥିଲା, ସେହିପରି ରାମଚନ୍ଦ୍ରଙ୍କ ଶର ବାଳି ଦେହରେ ଲାଗି ରହିଲା । ( ଗଙ୍ଗା ମର୍ତ୍ତ୍ୟଲୋକକୁ ମେରୁ ପର୍ବତ ଦେଇ ଆସୁ ଆସୁ ଏକ ଗହ୍ୱରରେ ଅଟକି ଯାଇଥିଲେ, ଐରାବତ ଦନ୍ତାଘାତ କରି ସେହି ଗହ୍ୱରକୁ ଭେଦ କଲା-ବେଳେ ତାହାର ଦନ୍ତ ଲାଗି ରହିଥିଲା )।

୯୬ତମ ପଦ—ବାଳି ଏହିପରି ଅବସ୍ଥାରେ ପଡ଼ି ନିଜ ପୁତ୍ର ଅଙ୍ଗଦକୁ ଡାକି କହିଲା, "ମୋର 'ଅଙ୍ଗ' ଦେହ ବିନା କାରଣରେ ନଷ୍ଟ ହେଲା ।" ଏହା କହି ସେ ସଙ୍ଗେ ସଙ୍ଗେ ମୂର୍ଚ୍ଛିତ ହେଲା ।

୯୭ ଓ ୯୮ତମ ପଦ—ଗଣେଶ ଯମଙ୍କୁ ମୂଷା କରି ଫାଶରେ ଯେପରି ବନ୍ଧନ କରିବାକୁ ସମର୍ଥ ହୋଇଥିଲେ, ସୁଗ୍ରୀବ ସେହିପରି ସମର୍ଥ ହୋଇ ହାତ ଟେକି ବାଳିକୁ ଠେଲି ଦେଇ ଠିଆ ହେଲା ।

ବାହାରିଲେ ଲକ୍ଷ୍ମଣ ରାମ ବେନି । ବୃକ୍ଷାନ୍ତରୁଁ ସେ ସସଙ୍ଗ ସେନାନୀ ।୯୯।
ବ୍ୟାଘ୍ର ବିନ୍ଧ ପକାଇ କିଛି ଦୂରେ । ବେଢ଼ି ଦେଖନ୍ତି ଯାଇ ଯଥା ନରେ ।୧୦୦।
ବାନରେଶ ପାଶେ ଥିଲେ ଦେଖିଲା । ବପୁବନ୍ତ ଦର୍ପକ ଏ ଯୋଖିଲା ।୧୦୧।
ବିଚାରିଲା ଦର୍ପକ ଏ ଅଗ୍ରେ । ବଳବାନ ସୁନ୍ଦର ଯେ ଜଗତେ ।୧୦୨।
ବସୁନ୍ଧରା ଚୂଡ଼ାମଣି ମର୍କତ । କି ବିରାଜିବା ଜ୍ୟୋତି ଏବେ ବ୍ୟକତ ।୧୦୩।
ବୋଲୁଁ କେ ତୁମ୍ଭେ ବୋଇଲେ ଶ୍ରୀରାମ । ବଂଶେ ରଘୁ ନୃପତିର ଜନମ ।୧୦୪।

---

୧୦୧ ପଦ—ବପୁବନ୍ତ—ମୂର୍ତ୍ତିମନ୍ତ । ଦର୍ପକ—କନ୍ଦର୍ପ ।

---

୯୯ତମ ପଦ—ଗଣେଶ ଯମକୁ ମୃଷା କରି ବାନ୍ଧି ସାରିବା ପରେ କାର୍ତ୍ତିକେୟ ଯେପରି ସଙ୍ଗିମାନଙ୍କ ସହ ସେଠାରେ ଉପସ୍ଥିତ ହୋଇଥିଲେ, ସେହିପରି ରାମ ଓ ଲକ୍ଷ୍ମଣ ବୃକ୍ଷ ଉହାଡ଼ରୁ ବାହାରି ବାନର ସେନାପତିମାନଙ୍କ ସହ ସେହି ସ୍ଥାନରେ ଉପସ୍ଥିତ ହେଲେ ।

୧୦୦ ପଦ—ମନୁଷ୍ୟମାନେ ବାଘକୁ ଶର ବିନ୍ଧି ମାରି ତାହାର ଚାରି-ପଟରେ ଅଳ୍ପ ଦୂରରେ ବେଢ଼ି ରହି ଯେପରି ଦେଖନ୍ତି, ସେହିପରି ରାମଚନ୍ଦ୍ରାଦି-ମାନେ ବାଳିକୁ ବେଢ଼ି କିଛି ଦୂରରେ ରହି ଦେଖିବାକୁ ଲାଗିଲେ ।

୧୦୧ ପଦ—ରାମଚନ୍ଦ୍ର ସେହି ସମୟରେ ବାଳିର ନିକଟରେ ଠିଆ ହୋଇଥିଲେ । ବାଳି ତାଙ୍କୁ ଦେଖି ମନେ କଲା "ଏହି କନ୍ଦର୍ପସୁନ୍ଦର ପୁରୁଷ ମତେ ଶର ଯୋଖିଲା ଅର୍ଥାତ୍ ବାଣ ମାଇଲା ।"

୧୦୨ ପଦ—ପୁଣି ମନେକଲା, "ଏହି ଜଗତରେ ଯେଉଁମାନେ 'ଦର୍ପକ' ଦାମ୍ଭିକ; ବଳବାନ୍ ଓ ସୁନ୍ଦର ଅଟନ୍ତି, ସେମାନଙ୍କ ମଧ୍ୟରେ ଏ ଅଗ୍ରଗଣ୍ୟ ଅଟେ ।"

୧୦୩ ପଦ—ସେ ରାମଚନ୍ଦ୍ରଙ୍କର ଶ୍ୟାମଳ କାନ୍ତିକୁ ଦେଖି ମନେକଲା, "ପୃଥିବୀ ଦେବୀଙ୍କର ଇନ୍ଦ୍ରନୀଳମଣିରେ ନିର୍ମିତ ହୋଇଥିବା ମଥାମଣି ଏହିଠାରେ ସ୍ପଷ୍ଟରୂପେ ଦେଖାଦେଇ ନିଜର ଜ୍ୟୋତିଦ୍ୱାରା ଶୋଭିତ ହୋଇଅଛି କି ?"

୧୦୪ ପଦ—ବାଳି ରାମଚନ୍ଦ୍ରଙ୍କୁ, ତୁମ୍ଭେ 'କିଏ' ବୋଲି ପଚାରିବାରୁ ସେ କହିଲେ, "ଆମ୍ଭେ ରଘୁବଂଶରେ ଜନ୍ମଗ୍ରହଣ କରିଅଛୁ ।"

ବସୁମଣୀରେ ଭାର ହେଲେ ଦୁଷ୍ଟେ । ବସୁଁ ମଣ୍ଡରେ ଏହି କଥା ପୁଷ୍ଟେ ।୧୦୫।
ବୁଲି ବନରେ ବିରାଧ କବନ୍ଧ । ଦଳ ସହିତେ ଖର କଲୁଁ ବଧ ।୧୦୬।
ବାତାୟୁଏ ହୋଇ ଆସୁଁ ମାରୀଚ । ବନ୍ଦୁଁ ତାହାକୁ ଗୋଡ଼ାଇ ନାରାଚ ।୧୦୭।
ବସର୍ଜୁ ସେ ପ୍ରାଣ ଛାଡ଼ି ଲକ୍ଷ୍ମଣ । ବତ କଲା ଭ୍ରାତ ଗଲା ତତ୍‌କ୍ଷଣ ।୧୦୮।
ବାମା ସେନେହେ ସଙ୍ଗେ ଆସିଥିଲା । ବୈଶ୍ରବଣ ଏକା ଦେଖି ହରିଲା ।୧୦୯।
ବନିତାକୁ ଖୋଜୁ ଋଷ୍ୟମୂକର । ବଡ଼ ଦୀନ ଦିନବନ୍ଧୁ କୁମର ।୧୧୦।
ବହି କରୁଣା ମିତ୍ର ସେ ହୋଇଲୁଁ । ବୈରୀ ମିତ୍ରର ବୋଲଣ ମାଇଲୁଁ ।୧୧୧।

---

୧୦୭ତମ ପଦ—ବାତାୟୁ—ହରିଣ । ନାରାଚ—ଶର ।

୧୦୯ତମ ପଦ—ବୈଶ୍ରବଣ—ରାବଣ ।

୧୧୦ତମ ପଦ—ବନିତା—ସ୍ତ୍ରୀ । ଦୀନ—ଦୁଃଖୀ । ଦିନବନ୍ଧୁ କୁମର—ସୂର୍ଯ୍ୟ ତନୟ, ସୁଗ୍ରୀବ ।

---

୧୦୫ ଓ ୧୦୬ ପଦ—"ଦୁଷ୍ଟମାନେ ପୃଥିବୀର 'ଭାର' ସ୍ୱରୂପ ଦୁଃଖଦାୟକ ହେଲେ । ଅର୍ଥାତ୍ ସେମାନଙ୍କଦ୍ୱାରା ପୃଥ୍ୱୀ ଦୁଃଖିତା ହେଲେ । ଏହି କଥାକୁ ମନରେ ଗୁରୁତର ବୋଲି ସ୍ଥିର କରି; ଏହି ପୃଥିବୀରେ 'ବସୁ' ବାସ କରୁଅଛୁଁ ଅର୍ଥାତ୍ ଅବତୀର୍ଣ୍ଣ ହୋଇଅଛୁଁ ଏବଂ ବନରେ ବୁଲି ବିରାଧ; କବନ୍ଧ ଓ ସୈନ୍ୟମାନଙ୍କ ସହ ଖର ନାମକ ରାକ୍ଷସକୁ ବଧ କରିଅଛୁ ।"

୧୦୭ ଓ ୧୦୮ ପଦ—'ମାରୀଚ ମୃଗରୂପ ଧାରଣ କରି ଆମ୍ଭର କୁଟୀର ନିକଟକୁ ଆସିବାକୁ ମୁଁ ତାକୁ ଗୋଡ଼ାଇ ଶର ମାରିଲି । ସେ ଆଘାତ ପ୍ରାପ୍ତ ହୋଇ ପ୍ରାଣତ୍ୟାଗ କରିବା ସମୟରେ 'ହେ ଲକ୍ଷ୍ମଣ' ! ମୋତେ ରକ୍ଷା କର; ଏହି କଥା ପ୍ରକାଶ କରିବାରୁ ଭାଇ ଲକ୍ଷ୍ମଣ ସଙ୍ଗେ ସଙ୍ଗେ ମୋ ନିକଟକୁ ଗଲେ ।"

୧୦୯ ପଦ—ମୋର ସ୍ତ୍ରୀ ସ୍ନେହବଶରୁ ମୋ ସଙ୍ଗରେ ବନକୁ ଆସିଥିଲା । ଏହି ସମୟରେ ଏକା ଦେଖି ବିଶ୍ରବାପୁତ୍ର ରାବଣ ତାକୁ ହରଣ କରି ନେଇଗଲା ।"

୧୧୦ ଓ ୧୧୧ ପଦ—"ଆମ୍ଭେ ପ୍ରିୟାକୁ ଖୋଜୁଁ ଖୋଜୁଁ ଋଷ୍ୟମୂକ ପର୍ବତରେ ପହଞ୍ଚିଲୁ । ସେଠାରେ ସୂର୍ଯ୍ୟ ପୁତ୍ର ସୁଗ୍ରୀବଙ୍କୁ ଅତି ଦୁଃଖରେ ବାସ କରୁଥିବାର ଦେଖିଲୁ । ଆମ୍ଭେ ଦୟା ପ୍ରକାଶ କରି ତାହାଙ୍କ ସହ ମିତ୍ର ହେଲୁ ଓ ତାଙ୍କର ଶତ୍ରୁ ବୋଲି ଜାଣି ବିନାଶ କଲୁଁ ।"

ବାଳି ବୋଇଲା ତୁ ଦାଶରଥି କି । ବୃଦ୍ଧ ବାନରେ ନାଶିଲୁ ଏଥିକି । ୧୧୨ ।
ବପ୍ତା ଜିଣି ଯାହାର ଗ୍ରହ ଖଞ୍ଜ । ବିସ୍ତାରିଛି ବୀରଭଟ ସହଜ । ୧୧୩ ।
ବିମର୍ଦ୍ଦନ କ୍ଷତ୍ରସ୍ତୁ ଭୃଗୁ ବର । ବାଦେ କ୍ଷମ ନୋହିଲା ତ ତାହାର । ୧୧୪ ।
ବିଂଶବାହୁ ଚୋର ଦାର ବଇରୀ । ବାଦ ତା ସଙ୍ଗରେ ଆଗ ନ କରି । ୧୧୫ ।
ବୃଷଦଂଶ ରୂପରେ ଗୁପ୍ତେ ରହି । ବାଣେ ବିନ୍ଧିଲୁ ଦେହେ ରହେ ସେହି ॥
ବଡ଼ାଇକି ରକ୍ଷଣେ ଆପଣାର । ବୋଲି ଦେଲେ ରାମଚନ୍ଦ୍ର ଏ ଗିର । ୧୧୭ ।
ବଳ କୋଟି ସିଂହର କି ବାନରେ । ବହେ ବସେ ରାଜନ ପଦସାରେ ।୧୧୮।
ବହେ ସିନ୍ଧୁରେ କି ନିତ ତର୍ପଣ । ବାମା ଅନୁଜ ଭ୍ରାତାର ହରଣ । ୧୧୯ ।

---

୧୧୩ ପଦ—ବପ୍ତା—ପିତା ବା ବାପ ।
୧୧୪ ପଦ—ବିମର୍ଦ୍ଦନ—ନାଶକର୍ତ୍ତା ।
୧୧୯ ପଦ—ବାମା – ସ୍ତ୍ରୀ ।

---

୧୧୨ ପଦ—ବାଳି ଉପହାସ କରି କହିଲା, "ତୁ ଦଶରଥ ପୁତ୍ର କି ? ଏହି ଯୋଗୁଁ ବୁଢ଼ାମାଙ୍କଡ଼ଟାଏ ମାରିଲୁ ।"

୧୧୩ ପଦ—"ତୁ ସେହି ଦାଶରଥି କି ? ଯାହାର ପିତା ଶ୍ରେଷ୍ଠ ଗ୍ରହଟାକୁ ( ଶନିକୁ ) ପରାସ୍ତ କରି, ଅତି ସହଜରେ ଜଣେ ଯୋଦ୍ଧା ବୋଲି କୀର୍ତ୍ତି ବିସ୍ତାର କରିଅଛି ।"

୧୧୪ ପଦ –"ତାହାର କ୍ଷତ୍ରିୟକୁଳ ବିନାଶକାରୀ ପରଶୁରାମଙ୍କ ସହ ଯୁଦ୍ଧ କରିବାକୁ ଶକ୍ତି ନ ଥିଲା । ତୁ ତ ସେହି ବାମା କବଚ ଦଶରଥର ପୁତ୍ର, (ବୃକ୍ଷ କବଚ କରି ବୁଢ଼ାମାଙ୍କଡ଼ ମାରନ୍ତୁ ନାହିଁ ତ ଆଉ କ'ଣ କରନ୍ତୁ ? ) ।"

୧୧୫ ଓ ୧୧୬ ପଦ—"ରାବଣ ଚୋର ସ୍ତ୍ରୀକୁ ହରଣ କରିଥିବାରୁ ( ଦାର ଯୋଗୁଁ ବଇରୀ—ଦାର ବଇରୀ ) ଶତ୍ରୁ ଅଟେ । ଆଗ ତାକୁ ନ ମାରି, 'ବୃଷଦଂଶ ରୂପରେ' ବିରାଡ଼ି ପରି ଲୁଚି ରହି, ଗୋଟାଏ ବାଣ ବିନ୍ଧିଲୁ ଯେ ସେ ଫୁଟି ବାହାରି ନ ଯାଇ ଦେହରେ ଲାଗି ରହିଅଛି ।"

୧୧୭— ୧୨୧ ପଦ —ରାମଚନ୍ଦ୍ର ନିଜର ବଡ଼ିମା ରଖିବା ପାଇଁ କହିଲେ, "ବାନରଟାଏ କୋଟିଏ ସିଂହର ବଳ ଧାରଣ କରି ସିଂହାସନରେ ବସି ରାଜକାର୍ଯ୍ୟ ନିର୍ବାହ କରିପାରେ କି ? ପ୍ରତିଦିନ ସାତ ସମୁଦ୍ରର ଜଳ ତର୍ପଣ କରିପାରେ କି ? ଏଥିରୁ ଜଣାଯାଉଛି ତୁମେ ମାଙ୍କଡ ନୁହେଁ ଜଣେ ବୀର । ରାଜନୀତିଜ୍ଞ ଓ ଧାର୍ମିକ ହୋଇ ବାନରଙ୍କର ସ୍ତ୍ରୀକୁ

ଭୁଜଙ୍ଗନଙ୍କୁ ଛେଦ ତୋ କଙ୍କପତ୍ରେ । ବଧି ଜଣଙ୍କୁ ଋଣ ଦେଲୁ ମନ୍ତ୍ରେ । ୧୨୦ ।
ଋଣି ଭଜନ୍ତିର ହୋଇ ପ୍ରବର୍ତ୍ତି । ବଧିବେ ସେ ରାବଣ ପୁତ୍ର ନାତି । ୧୨୧ ।
ହୋଇଅଛନ୍ତି ସୀତା ଆଣି ଦେବାର । ବାଳି ବୋଇଲା କ୍ଳେଶରେ ହେବାର ॥
ବିକ୍ଳେଶରେ କେ ମୋ ବିନା କରତା । ବ୍ରହ୍ମାଣ୍ଡେ ସେ ଏକା ମୋର ବିଜିତା ॥
ବିଭାକର ତେଜସ୍ୱୀ ଯଥା ହେବେ । ବିଧୁନ୍ତୁଦ କେବଳ ଗ୍ରାସେ ଭବେ ।୧୨୪।
ବିଶଲ୍ୟଙ୍କୁ କରିବା ରାମ ଭାଷି । ବଇକୁଣ୍ଠକୁ ମୋତେ ବାଟ ଦିଶି । ୧୨୫ ।

---

୧୨୦ ପଦ— ଭୁଜଙ୍ଗ—ପାପ । କଙ୍କପତ୍ର—କଙ୍କନାମକ ପକ୍ଷୀର ପକ୍ଷଯୁକ୍ତ ଶର ।

୧୨୩ ପଦ—ବିକ୍ଳେଶରେ—ଅନାୟାସରେ ।

୧୨୪ ପଦ—ବିଭାକର—ସୂର୍ଯ୍ୟ । ବିଧୁନ୍ତୁଦ—ରାହୁ ।

---

ଅପହରଣ କରି ପାପୀ ହୋଇଥିଲ । ଆମ୍ଭେ ତୁମ୍ଭର ସେହି ପାପକୁ ଶର ଦ୍ୱାରା ଛେଦନ କରି ତୁମ୍ଭର ସେହି ବଳ ଓ ରାଜପଦ ଜଣେ ମିତ୍ରଙ୍କୁ ଋଣ ଦେଲୁଁ । ସେହି ଋଣ ମୂଳ ଧନ କାଳକ୍ରମେ ସୁଧ 'ପ୍ରବର୍ତ୍ତି' ପରିବର୍ତ୍ତନ ପ୍ରାପ୍ତ ହେବ (ଅର୍ଥାତ୍ ତାହା ବୃଦ୍ଧି କ୍ରମରେ ବଢ଼ିବ) ଏବଂ ତାହାର ପରିଶୋଧ ପାଇଁ ସେ ମିତ୍ର ମୋର ଶତ୍ରୁ ରାବଣର ପୁଅ ଓ ନାତିମାନଙ୍କୁ ମାରିବେ ।"

୧୨୨—୧୨୪ ପଦ—"ସେ ଆମ୍ଭଙ୍କୁ ସୀତା ଆଣି ଦେବେ ବୋଲି କହୁଛନ୍ତି ।" "ଏହା ଶୁଣି ବାଳି କହିଲା, "ଏହା ସୁଗ୍ରୀବ ଦ୍ୱାରା ଅତି କଷ୍ଟରେ ହେବ । ମୋ ବିନା ଆଉ କେହି ଅନାୟାସରେ ଏହି କାର୍ଯ୍ୟ କରିପାରିବ ନାହିଁ । ଏହି ବ୍ରହ୍ମାଣ୍ଡରେ ସେ କେବଳ ମୋ ଦ୍ୱାରା ପରାସ୍ତ ହୋଇଅଛି । ( ଛନ୍ଦ ଭଙ୍ଗ ଭୟରେ କବି ବିଜିତ ସ୍ଥାନରେ ବିଜିତା କରିଛନ୍ତି) । ସୂର୍ଯ୍ୟତେଜସ୍ୱୀ ହେଲେ ସୁଦ୍ଧା ଏକମାତ୍ର ରାହୁ ଅନାୟାସରେ ତାହାକୁ ଯେପରି ଗ୍ରାସ କରେ ସେହିପରି ଏକମାତ୍ର ମୁଁ ତାକୁ ପରାସ୍ତ କରି ପାରେଁ ।"

୧୨୫ ପଦ—ବାଳିଠାରୁ ଏହି ସମସ୍ତ କଥା ଶୁଣି ରାମ କହିଲେ, "ତୁମ୍ଭଙ୍କୁ 'ବିଶଲ୍ୟ' ଶର ବିଯୁକ୍ତ କରି ଦେବା ( ଅର୍ଥାତ୍ ତୁମ୍ଭ ଦେହରୁ ଶର ବାହାର କରିଦେବା ) ।" ବିଶଲ୍ୟ ଶବ୍ଦରୁ ବିଶଲ୍ୟକରଣୀ ନାମକ ଔଷଧ ଦେଇ ପୀଡ଼ା ଶୂନ୍ୟ କରି ଦେବେ, ଏହି ଅର୍ଥ ସ୍ଥିର କରି ବାଳି କହିଲା, 'ମୋତେ ବୈକୁଣ୍ଠକୁ ଯିବାକୁ ବାଟ ଦେଖାଗଲାଣି ( ଅର୍ଥାତ୍ ମୁଁ ଆଉ ଏ ପାପ ସଂସାରରେ ରହିବି ନାହିଁ ) ।"

ବଇକୁଣ୍ଠ ତୁ ହେଲୁ ନାଶହେତୁ । ବର୍ଷ୍ମ ବହନ୍ତେ ଅବଧି ହୋଏ ମୃତ୍ୟୁ ।୧୨୬।
ବୋଲୁଁ କପିଇଶ ଆତ୍ମଜ ଅଙ୍ଗଦ । ବାର୍ତ୍ତା ପାଇ କହେ ଲଭି ବିଷାଦ ।୧୨୭।
ଚିତ୍ରଏକ ପୂର୍ବରେ ହୋଇଥିଲା । ବିନ୍ଧ୍ୟାକରୋଧୀ ସମୁଦ୍ର ପିଇଲା ।୧୨୮।
ଚିତ୍ରଏକ ଏବେ ତୋହ ଶରୀରେ । ଜଡ଼ଭରତ ହୋଇଲା ସାଷ୍ଟ୍ ଶଣରେ ।୧୨୯।
ବସ୍ତୁ ମଧୁକଇଟଭ ପାତାଳେ । ବଦାଶରୁ ଏ କୀର୍ତ୍ତି ବଳାଇଲେ ।୧୩୦।
ବରି ବସହ ମୂରତ୍ତି ଧରିବା । ବଡ ନୋହେ ହିରଣାକ୍ଷ ମାରିବା ।୧୩୧।
ବଳି ହିରଣ୍ୟ ଦାରଣୁ ଏ ଯଶ । ବଳି ପାତାଳେ ରଖିବା ରହସ୍ୟ ।୧୩୨।

---

୧୨୭ ପଦ—କପିଇଶ-କପିସମ୍ରାଟ, ବାଳି । ବିଷାଦ—ଦୁଃଖ ।
୧୨୮ ପଦ—ବିନ୍ଧ୍ୟକରୋଧି-ଅଗସ୍ତି ଋଷି ।
୧୩୨ ପଦ - ବଳି—ଅଧିକ ।

---

୧୨୬ ପଦ—ତୁମେ ସ୍ୱୟଂ ବୈକୁଣ୍ଠ ( ନାରାୟଣ ) ମୋର ମରଣର କାରଣ ହେଲ, ଅତଏବ ମୋର ବୈକୁଣ୍ଠପୁରକୁ ଯିବା ନିଶ୍ଚିତ । ଦେହ ଧାରଣ କଲେ ନିଶ୍ଚୟ ମରଣ ହୁଏ । ସୁତରାଂ ମୁଁ ଜୀବନ ରଖି କାହିଁକି ଏହି ସାଂସାରିକ କାର୍ଯ୍ୟରେ ଲିପ୍ତ ହେବି ବା ପାପରେ ଘାଣ୍ଟି ହେବି ?"

୧୨୭ ପଦ—ବାନରରାଜ ବାଳି ଏହିପରି କହିବା ସମୟରେ ତାର ପୁତ୍ର ଅଙ୍ଗଦ ଖବର ପାଇ ସେହି ସ୍ଥାନରେ ଉପସ୍ଥିତ ହେଲା । ପିତାଙ୍କୁ ଏପରି କଷ୍ଟରେ ପଡ଼ିଥିବାର ଦେଖି ଦୁଃଖିତ ହୋଇ କହିଲା,—

୧୨୮-୧୨୯ ପଦ—"ବିନ୍ଧ୍ୟପର୍ବତର ଗତିରୋଧ କର୍ତ୍ତା ଅଗସ୍ତିଋଷି ସମୁଦ୍ର ପାନକରିଥିଲେ,—ପୂର୍ବକାଳରେ ଏହି ଆଶ୍ଚର୍ଯ୍ୟ କଥା ଘଟିଥିଲା । ବର୍ତ୍ତମାନ ଅଭ ମୂନଅଁ ଶର ତୁମ୍ଭର ଶରୀରରେ ପ୍ରବେଶ କଲା, ଏହି ଆଶ୍ଚର୍ଯ୍ୟ କଥା ଘଟିଲା ।" (ଅଗସ୍ତିଋଷି ଯେପରି ସମୁଦ୍ର ପାନ କରି ଅସମ୍ଭବକୁ ସମ୍ଭବ କରିଥିଲେ, ତୁମ୍ଭର ମୃତ୍ୟୁ ବି ସେହିପରି ସମ୍ଭବ ହେଲା )

୧୩୦ ପଦ—ପୁନର୍ବାର କହିଲା, "ବିଷ୍ଣୁ ପାତାଳପୁରରେ ମଧୁ-କୈଟଭଙ୍କୁ ମାରି ଯେଉଁ କୀର୍ତ୍ତି ଲାଭ କରିଥିଲେ, ତାହାଠାରୁ ଏ କୀର୍ତ୍ତି ବଳି ପଡ଼ିଲା ।"

୧୩୧ ପଦ—"ବିଷ୍ଣୁ ପାର୍ଥିବାପୁ ବରାହ ମୂର୍ତ୍ତି ଧରି ହିରଣାକ୍ଷକୁ ମାରିବା ଏହାଠାରୁ ଅଧିକ ନୁହେଁ ।"

୧୩୨ ଓ ୧୩୩ ପଦ—ଆଜ ମଧ୍ୟ ହିରଣ୍ୟକଶିପୁକୁ ବିଦାରିବାଠାରୁ ଏହି ଯଶ ବଳି ପଡ଼ିଲା ଏବଂ ବଳି ଦୈତ୍ୟଙ୍କୁ ପାତାଳରେ ରୁପିବା କୌତୁକଠାରୁ

ବଳି ଭୂତ ଭବିଷ୍ୟ ବର୍ତ୍ତମାନେ । ବଳିମୁଖେଶ ସମା କେ ଭୁବନେ । ୧୩୩ ।
ବଳି ଦଶଦିଗଙ୍କୁ ଦଶଶିର । ବଳିଅଛନ୍ତି ମନ ଏବେ ହେବାର । ୧୩୪ ।
ବିଷ୍ଣୁ ଏହି ବୋଲ୍ଲଣ କପୀଶ୍ୱର । ବିଲମ୍ବାଇ ସୁଗ୍ରୀବ ସୁଗ୍ରୀବର । ୧୩୫ ।
ବାସ୍ତୋଷ୍ପତି ଦେଲା ରତ୍ନମାଳାକୁ । ବାହୁ ଧରି ସମର୍ପି ଅଙ୍ଗଦକୁ । ୧୩୬ ।
ବାହୁଳେୟ କି ଶର ନେଇ କ୍ରୌଞ୍ଚୁ । ବାହୁଜେଶ ଉତ୍ପାଟ ଶରରଞ୍ଚୁ । ୧୩୭ ।
ବିଶେଷତ ତପ ପ୍ରଭା ହୋଇଲା । ବିକର୍ତ୍ତିତ ଜୀବନରେ ରହିଲା । ୧୩୮ ।

---

୧୩୩ ପଦ—ବଳି-ବଳିରାଜା, ବଳିଷ୍ଠ । ବଳିମୁଖେଶ--ବାଳି ।
୧୩୪ ପଦ—କପୀଶ୍ୱର—ବାଳି । ସୁଗ୍ରୀବର—ମନେ ହର ଗଳାର ।
୧୩୬ ପଦ—ବାସ୍ତୋଷ୍ପତି-ଇନ୍ଦ୍ର । ବଳି-ଉପହାର ।
୧୩୭ ପଦ—ବାହୁଳେୟ—କାର୍ତ୍ତିକେୟ । କ୍ରୌଞ୍ଚୁ—କ୍ରୌଞ୍ଚନାମା ପର୍ବତରୁ । ବାହୁଳେୟ—କ୍ଷତ୍ରିୟଶ୍ରେଷ୍ଠ ।
୧୩୮ ପଦ—ତପ—ଗ୍ରୀଷ୍ମକାଳ, ତପସ୍ୟା । ଜୀବନ—ଜଳ, ପ୍ରାଣ ।

---

ଏହି କୌତୁକ ଅଧିକ ହେଲା । କାରଣ ଭୂତ, ଭବିଷ୍ୟ, ବର୍ତ୍ତମାନ ଏହି ତିନି କାଳରେ ବାଳି ସହିତ ସମାନ ହେବାକୁ ଏ ଜଗତରେ କିଏ ଅଛି ?”

୧୩୪—୧୩୬ ପଦ ଅଙ୍ଗଦଠାରୁ ଏହିସବୁ କଥା ଶୁଣି ବାଳି କହିଲା, ‘ତୁ ଯେଉଁ ବିଷ୍ଣୁଙ୍କର କଥା କହିଲୁ, ଏ ସେହି ବିଷ୍ଣୁ ରାମରୂପ ଧାରଣ କରି ବର୍ତ୍ତମାନ ଦଶଶିର ରାବଣର ଦଶମୁଣ୍ଡକୁ ଦଶଦିଗରେ ବଳିଦେବାକୁ ମନବଳାଇ ଅଛନ୍ତି ।” ଏହାକହି ଇନ୍ଦ୍ର ଦେଇଥିବା ରତ୍ନମାଳାକୁ ସୁଗ୍ରୀବର ମନୋହର କଣ୍ଠରେ ଲମ୍ବାଇ ଦେଇ ଅଙ୍ଗଦର ବାହୁକୁ ଧରି ସେହି ସୁଗ୍ରୀବର ନିକଟରେ ସମର୍ପଣ କରିଦେଲା ।

୧୩୭ ପଦ—ଏହାପରେ କ୍ଷତ୍ରିୟଶ୍ରେଷ୍ଠ ରାମଚନ୍ଦ୍ର ବାଳି ଦେହରୁ ଶରକୁ ବାହାର କରିଥିଲେ । ସେହି ସମୟରେ ତାଙ୍କୁ ଦେଖି ମନେ ହେଲା, "କାର୍ତ୍ତିକେୟ କ୍ରୌଞ୍ଚ ପର୍ବତରୁ ଶର ବାହାର କରୁଅଛନ୍ତି କି ?”

୧୩୮ ପଦ— ବାଳିର ‘ତେଜ’ ତପସ୍ୟାର ତେଜ ‘ତପପ୍ରଭା’ ଗ୍ରୀଷ୍ମ କାଳୀନ ସୂର୍ଯ୍ୟତେଜ ପ୍ରାପ୍ତ ହେଲା । ତେଣୁ ଗ୍ରୀଷ୍ମକାଳରେ ଯେପରି ଜଳାଶୟରୁ ‘ଜୀବନ’ ଜଳ ବାହାରିଯାଏ, ସେହିପରି ଏହାର ପିଣ୍ଡରୁ ‘ଜୀବନ’ ପ୍ରାଣ

ବଚଞ୍ଚଳ ନେତ୍ରମୀନ ସ୍ତବଧ । ବିକଶିଲା ନାହିଁ ହାସକୁମୁଦ । ୧୩୯ ।
ବାଳ-ବେର ଯେମନ୍ତ ଶୁଷ୍କ ହ୍ରଦ । ବାର୍ତ୍ତାବହୁଁ ତାସ ଶୁଣି ବିଷାଦ । ୧୪୦ ।
ବାଳ ଫିଟି ଲେଟେ ପୃଷ୍ଠେ ଧାବନ୍ତେ । ବାରିଦ କି ଖେଳେ ହେମ ପର୍ବତେ ॥
ବକ ଖସିଲା ପରି ପୁଷ୍ପ ପଡ଼େ । ବାଷ୍ପଜଳ ନୟନଯୁଗୁଁ ଗଡ଼େ । ୧୪୨ ।
ବିଲୋଚନୁ ଦ୍ରବି ବହେ କଳଙ୍କ । ବକ୍ତ୍ର ପାଶେ ଚଞ୍ଚଳତ ତାଟଙ୍କ । ୧୪୩ ।
ବିକାରେ କି ବାତର ଶୋଭାଜଳେ । ବେନି ନିର୍ମଳତର ଭାର ତଳେ ।୧୪୪।

---

୧୪୦ ପଦ—ବାଳ ବେର—ବାଳର ଦେହ । ବାର୍ତ୍ତାବହ—ଦୂତଠାରୁ ।

୧୪୧ ପଦ—ବାରିଦ—ମେଘ । ହେମପର୍ବତ—ମେରୁପର୍ବତ ।

୧୪୩ ପଦ—ବିଲୋଚନୁ—ନେତ୍ରରୁ । ବକ୍ତ୍ର—ମୁଖ ।

---

୧୩୯ ପଦ— ଜଳାଶ୍ରୟରୁ ଜଳ ଶୁଷ୍କ ହେଲେ ମୀନମାନେ ମରି ନିଶ୍ଚଳ ହୋଇ ପଡ଼ିଥାନ୍ତି ଓ କଇଁ ଫୁଲ ଫୁଟେ ନାହିଁ, ସେହିପରି ଏହାର ଚକ୍ଷୁରୂପ ମୀନ ଗତି ନ କରି ଅର୍ଥାତ୍ ଡୋଳା ନ ଖୋଲି ନିଶ୍ଚଳ ହୋଇ-ରହିଲା ଏବଂ ହସରୂପୀ କଇଁଫୁଲ ଆଉ ଫୁଟିଲା ନାହିଁ ଅର୍ଥାତ୍ ତାହାର ମୁଖ ହାସଶୂନ୍ୟ ହେଲା ।

୧୪୦ ଓ ୧୪୧ ପଦ—"ବାଳର ଦେହ ଶୁଷ୍କହ୍ରଦ ତୁଲ୍ୟ ହେଲା ଅର୍ଥାତ୍ ବାଳ ମଲା,—ଏହି ଖବର ଦୂତଠାରୁ ଶୁଣି ତାସ ଅତି ଦୁଃଖିତା ହୋଇ ବାଳର ସେହି ମୃତଦେହ ନିକଟକୁ ଦଉଡ଼ିଲା । ସେ ଦୌଡ଼ିବା ସମୟରେ ତାହାର ବାଳ ଫିଟି ପିଠି ଉପରେ ପଡ଼ି ଦୋହଲିଲା । ତାହା ଦେଖି ମନେ ହେଲା, ମେରୁ ପର୍ବତ ଉପରେ ମେଘ ଖେଳୁଛି କି ?

୧୪୨ ପଦ—ମେଘକୁ ଦେଖି ବଗମାନେ ନିମ୍ନ ଆକାଶରେ ଉଡ଼ିଲା ପରି, ତାହାର ଜୁଡ଼ା ଫିଟି ଫୁଲ ସବୁ ଖସି ପଡ଼ିଲା । ମେଘରୁ ଜଳଧାର ପ୍ରବାହିତ ହେଲାପରି ତାର ନେତ୍ର ଦୁଇଟିରୁ ଲୋତକଧାର ପ୍ରବାହିତ ହେଲା ।

୧୪୩ ଓ ୧୪୪ ପଦ—ତାହାର ବିସ୍ତୀର୍ଣ୍ଣ ନେତ୍ର ଦୁଇଟିରୁ ଅଶ୍ରୁଜଳ ଦ୍ୱାରା 'ଦ୍ରବି' ଧୋଇ ହୋଇ କଜ୍ଜଳ ବହିଲା ଏବଂ ମୁଖ ନିକଟରେ ତଡ଼କା ଦୋହଲିଲା । ଏହା ଦେଖି ମନେ ହେଲା, ବାୟୁ ଯୋଗେ ସଞ୍ଚାଳିତ ହୋଇଥିବା ସ୍ୱଚ୍ଛ ଜଳ ମଧ୍ୟରେ ( ଅର୍ଥାତ୍ ଲହଡ଼ି ମଧ୍ୟରେ  ଅତି ନିର୍ମଳ ତାସ ଦୁଇଗୋଟି

ବକ୍ଷୋଜରୁ ଖସେ ହାର ମୁକୁତା । ବସୁନ୍ଧରା ମରନ୍ଦେ ଶୋଭିତା ।୧୪୫।
ବୈବସ୍ୱତ ପୁରେ ଗଲ ଏ ସ୍ୱର । ବିଧବା କରି ମୋତେ ପ୍ରାଣେଶ୍ୱର ।୧୪୬।
ବେଳ ଅସ୍ତ ହୋଇଲ ପ୍ରଭାତରେ । ବୋଲି ପଡ଼ିଲା ବାଳିର ଉପରେ ।୧୪୭।
ବଳାହକୁଁ ଛୁଟିପଡ଼ି ବିଜୁଳୀ । ବଳାହକ ଉପରେ କିବା ଖେଳି ।୧୪୮।
ବିଲୋକନ କରଣ ରଘୁବୀର । ବିଚାରିଲେ ବାନରୀ ଅସୁନ୍ଦର ।୧୪୯।
ବୋଲନ୍ତି ଯେ ଜନମାନେ ସଂସାରେ । ବିଲକ୍ଷିତ କେଉଁ ରମ୍ଭା ଏହାରେ ॥
ବୋଲାଇଲା ଏଥିକି ନାମ ତାରା । ବିନ୍ଧି ବିନ୍ଦୁ ହୋଇଲା ନେତ୍ରତାରା ।୧୫୧।
ବାଳିବାଳୀ ଶ୍ରୀରାମେ ଅନାଇଲା । ବାଣୀବାଣ ବ୍ୟାକୁଳେ ଯୋଗ କଲା ।୧୫୨।

---

୧୪୫ ପଦ—ବକ୍ଷୋଜ—ସ୍ତନ । ବସୁନ୍ଧରା—ପୃଥିବୀ ।
୧୪୬ ପଦ—ବୈବସ୍ୱତପୁର—ଯମପୁର ।
୧୪୮ ପଦ—ବଳାହକୁଁ—ମେଘରୁ । ବଳାହକ—ପର୍ବତ ।
୧୫୧ ପଦ—ନେତ୍ରତାରା—ଆଖି ଡୋଳା ।
୧୫୨ ପଦ—ବାଳିବାଳୀ—ବାଳିର ସ୍ତ୍ରୀ ବା ତାରା । ବାଣୀବାଣ ବାକ୍ୟ ବାଣ ।

---

୧୪୫ ପଦ—ତାର ସ୍ତନ ଉପରେ ଥିବା ମୁକ୍ତାମାଳ ଛିଣ୍ଡି ମୁକ୍ତା ସବୁ ଗୋଟି ଗୋଟି ହୋଇ ପୃଥିବୀ ଉପରେ ପଡ଼ିଥିବାର ଦେଖି ମନେ ହେଲା; ପୃଥିବୀ ଜଳକଣାରେ ଆଚ୍ଛାଦିତ ହୋଇ ଶୋଭା ପାଉଛି କି ?

୧୪୬—୧୪୮ ପଦ—ତାରା ଉଚ୍ଚସ୍ୱରରେ କହିଲା, "ହେ ପ୍ରାଣେଶ୍ୱର ! ମୋତେ ବିଧବା କରି ଯମପୁରକୁ ଗଲ ପ୍ରଭାତ ସମୟରେ ସନ୍ଧ୍ୟା ଆସି ଉପସ୍ଥିତ ହେଲା ।" ଏହା କହି ସେ ବାଳିର ଉପରେ ପଡ଼ିଲା । ସେ ପଡ଼ିବାର ଦେଖି ଦର୍ଶକମାନଙ୍କର ମନେ ହେଲା ବିଜୁଳି ମେଘରୁ ଛିଡ଼ି ପଡ଼ି ପର୍ବତ ଉପରେ ଖେଳୁଛି କି ?

୧୪୯ ଓ ୧୫୦ ପଦ— ରାମଚନ୍ଦ୍ର ତାରାକୁ ଦେଖି ବିଚାରିଲେ, "ଏହି ସଂସାରେ ଥିବା ଲୋକମାନେ ବାନରୀଗୁଡ଼ାକ ବଡ଼ ଅସୁନ୍ଦରୀ ବୋଲି କହନ୍ତି । ଆଚ୍ଛା ଏହାର କେଉଁ ଗୁଣକୁ ରମ୍ଭା ସରି ହେବ ?"

୧୫୧ ପଦ—ବିଧାତା ଏହାକୁ ତିଆରି କରୁ କରୁ ଏ ତାଙ୍କର ଡୋଳା ପିଚୁଳା ହୋଇଗଲା ଅର୍ଥାତ୍ ତାଙ୍କ ଆଖିରେ ସବୁବେଳେ ଦେଖା ଗଲା । ତେଣୁ ଏହାର ନାମ ତାରା ହେଲା କି ?"

୧୫୨ ପଦ—ରାମଚନ୍ଦ୍ର ଏହିପରି ବିଚାରୁଥିବା ସମୟରେ ତାରା ରାମଚନ୍ଦ୍ରଙ୍କୁ ଚାହିଁ ଅତିଶୟ ଦୁଃଖିତା ହୋଇ ତାଙ୍କ ପ୍ରତି ବଚନରୂପ ଶର

ଉଚ୍ଛେଦ ଯେ କଲା ମୋ ବଲ୍ଲଭର । ଦାରାଭୋଗ ସମ୍ପୂର୍ଣ୍ଣ ନୋହୁ ତାର । ୧୫୩
ବ୍ୟଥା ଉପଜାଇ ରଘୁ ନାୟକେ । ବାଳି-ବନ୍ଧବା କାଣ୍ଡରୁ ଅଧିକେ । ୧୫୪ ।
ବିଧବା ତୁ କମ୍ପାଇ ହେବୁ ଲୋକେ । ବସ ସୁଗ୍ରୀବ କୋଳେ ଅଭିଷେକେ ॥
ବସୁଁ ପ୍ରହ୍ଲାଦ ଇନ୍ଦ୍ରପଦ ଲଭି । ବୃଷା ଥାଉଁ ଶଚୀ ତାର ବଲ୍ଲଭି । ୧୫୬ ।
ବଧୂ ଅଧିକ କି ଶାଶୁଠାବରୁ । ବୋଧି ତାକୁ ବାଣୀ ଏହି ନ୍ୟାସରୁ । ୧୫୭ ।
ବାନରେନ୍ଦ୍ର ମିତ୍ରକୁ କରି ମୋଦେ । ଦିନ୍ତ ଯୁବରାଜ ପଦ ଅଙ୍ଗଦେ । ୧୫୮ ।

---

୧୫୬ ପଦ—ବୃଷା—ଇନ୍ଦ୍ର ।
୧୫୭ ପଦ—ନ୍ୟାସ—ଅର୍ପଣ, ଏଠାରେ ବନ୍ଧକ ।

---

ଅର୍ଥାତ୍ ଶର ଯେଉଁପରି ଲୋକଙ୍କୁ କଷ୍ଟ ଦିଏ, ସେହିପରି କଷ୍ଟଦାୟକ କଥା 'ଯୋଗକଲା' ପ୍ରକାଶ କଲା (ତାଙ୍କୁ ଅଭିଶାପ ଦେଲା),-

୧୫୩ ପଦ—"ଯେଉଁ ଲୋକ ମୋଠାରୁ ମୋ ବରକୁ ଅନ୍ତର କରାଇଲା, ତାର ସ୍ତ୍ରୀଭୋଗ ସମ୍ପୂର୍ଣ୍ଣ ନ ହେଉ ଅର୍ଥାତ୍ ସେ ତାର ସ୍ତ୍ରୀଠାରୁ ଅନ୍ତର ହେଉ ।"

୧୫୪ ପଦ—ବାଳି ଶରବିଦ୍ଧ ହୋଇ ଯେପରି ଦୁଃଖ ଅନୁଭବ କରି ନଥିବ, ରାମଚନ୍ଦ୍ର ତାରାର ଏହି ବାଣୀ ଶୁଣି ତାହାଠାରୁ ଅଧିକ ଦୁଃଖ ଅନୁଭବ କରିଥିଲେ ।

୧୫୫ ପଦ—ରାମଚନ୍ଦ୍ର ତାରାକୁ କହିଲେ, "ଏହି ଜଗତରେ ତୁମ୍ଭେ ବିଧବା କାହିଁକି ହେବ ? ସୁଗ୍ରୀବଙ୍କ କୋଳରେ ଅଭିଷେକ ସମୟରେ ବସ ।"

୧୫୬ ଓ ୧୫୭ ପଦ—ତାରାକାଳେ କହିବ ମୁଁ ପତିବ୍ରତା ଅନ୍ୟ ପତି ଗ୍ରହଣ କରିବ ନାହିଁ'—ଏହି ଆଶଙ୍କା କରି ରାମ କହୁଛନ୍ତି, "ପ୍ରହ୍ଲାଦ ଇନ୍ଦ୍ର ପଦ ଲାଭକରି ବସନ୍ତେ (ଇନ୍ଦ୍ରତ୍ୱଅନ୍ତେ) ଶଚୀ ଇନ୍ଦ୍ର ଥାଉଁ ଥାଉଁ ତାର ସ୍ତ୍ରୀ ହେଲେ । ଶାଶୁଠାରୁ ବୋହୂ ଅଧିକ କି ? (ବାଳି ଇନ୍ଦ୍ରଙ୍କ ପୁତ୍ର ତେଣୁ ତାରା ଶଚୀର ବୋହୂ ଅଟେ) । ଏଣୁ ତୁ ସୁଗ୍ରୀବର ସ୍ତ୍ରୀ ହେଲେ ମଧ୍ୟ ଶଚୀପରି ସତୀ ହେବୁ ।" ଏହିପରି କଥା କହି ତାକୁ ପ୍ରବୋଧ କଲେ ।

୧୫୮ ପଦ—ତତ୍ପରେ ରାମଚନ୍ଦ୍ର, ମିତ୍ର ସୁଗ୍ରୀବଙ୍କୁ ବାନରରାଜ ପଦରେ ଅଭିଷିକ୍ତ କରି ଅଙ୍ଗଦଙ୍କୁ ଯୁବରାଜ ପଦ ପ୍ରଦାନ କଲେ ।

ବିଦ୍ୟ ପଟ୍ଟମହିଷୀ ତାର ହୋଇ । ବନ୍ଦ୍ୟା ସାଧ୍ୱୀପଦରେ ବର ପାଇ ।୧୫୯।
ବଦନକୁ ମିହିର ଚାହିଁ ଭାଷେ । ବଡ଼ ଦୁଃଖୀ ହୋଇଲୁ ବନବାସେ ।୧୬୦।
ବିଚ୍ଛେଦିତ ହୋଇ ପ୍ରିୟବନିତାରେ । ବିଚ୍ଛେଦିତ ଜନିତରେ ସୁରଶରେ ।୧୬୧।
ବଞ୍ଚ ବରଷାଯାକ ରହି ପୁରେ । ବାଧା ହେବା ଲଙ୍କେଶେ ତଦୁତ୍ତରେ ।୧୬୨।
ବର୍ଷା ବଞ୍ଚି ଆମ୍ଭେ ମାଲ୍ୟବନ୍ତରେ । ବୋଲି ବିଜେ ଲକ୍ଷ୍ମଣ ସଙ୍ଗତରେ ।୧୬୩।
ବୃତ ସେନାନୀରେ ହୋଇ ସୁଗ୍ରୀବ । ବାହୁଡ଼ାଇ ଦେଲେ ପଥୁଁ ରାଘବ ।୧୬୪।
ବଳ ସାଜି ଆସ ନ ବଳଁ କଣ୍ଠ । ବୋଲି ସୌମିତ୍ରେୟ ବାଣୀ ପ୍ରକଟ ।୧୬୫।
ବିଭାବସୁବଂଶିକ ଭ୍ରାତା ହୋଇ । ବସା ମାଲ୍ୟବନ୍ତରେ କଲେ ଯାଇ ।୧୬୬।
ବସୁଧାର୍ଣ୍ଣୀରୁ ହତ ହେଲେ କୀର୍ତ୍ତି । ବିଖ୍ୟାତବେ ଅସୁରନାଶ କୀର୍ତ୍ତି ।୧୬୭।

---

୧୬୧ ପଦ—ସୁର-ଶରେ—କାମଶରରେ ।

୧୬୫ ପଦ—ସୌମିତ୍ରେୟ—ଲକ୍ଷ୍ମଣ ।

୧୬୭ ପଦ—ବସୁଧାର୍ଣ୍ଣୀ—ପୃଥିବୀ । କୀର୍ତ୍ତି—ପଙ୍କ, ଯଶ ।

---

୧୫୯ ପଦ—ତାରା ପୂଜ୍ୟା ପାଟରାଣୀ ପଦ ପ୍ରାପ୍ତ ହୋଇ ରାମଚନ୍ଦ୍ରଙ୍କ ବରରେ ସତୀ ବୋଲି ଜଗତରେ ପୂଜା ପାଇଲେ ।

୧୬୦—୧୬୨ ପଦ —ଅଭିଷେକ ପରେ ରାମଚନ୍ଦ୍ର ସୁଗ୍ରୀବଙ୍କ ମୁଖକୁ ଚାହିଁ କହିଲେ, "ତୁମ୍ଭେ ବନରେ ବାସ କରି ଅତ୍ୟନ୍ତ ଦୁଃଖ ଅନୁଭବ କରିଅଛୁ ଏବଂ ପ୍ରିୟାଠାରୁ ଅନ୍ତର ହୋଇଥିବାରୁ ପ୍ରଚଣ୍ଡ କନ୍ଦର୍ପ ବାଣମାନଙ୍କ ଦ୍ୱାରା ଆଘାତପ୍ରାପ୍ତ ହେଉଅଛୁ । ଅତଏବ ଏହି ବର୍ଷା ସମୟ ନିଜ ଘରେ ରହିଥାଅ । ଏହାପରେ ରାବଣ ସହ ଯୁଦ୍ଧ କରିବା ।"

୧୬୩ ପଦ—"ଆମ୍ଭେ ମାଲ୍ୟବନ୍ତ ପର୍ବତରେ ରହି ଏହି ବର୍ଷାକାଳକୁ କଟାଇବୁ" ଏହା କହି ଲକ୍ଷ୍ମଣଙ୍କ ସହ ମାଲ୍ୟବନ୍ତକୁ ଗମନ କଲେ ।

୧୬୪ ପଦ—ସେନାପତିମାନଙ୍କ ସହ ମିଳିତ ହୋଇ ପାଛୋଟି ଆସୁଥିବା ସୁଗ୍ରୀବଙ୍କୁ ରାମଚନ୍ଦ୍ର ବାଟରୁ ଫେରାଇଦେଲେ ।

୧୬୫ ପଦ—ମାଲ୍ୟବନ୍ତକୁ ଯିବା ବାଟରେ ଲକ୍ଷ୍ମଣ, ସୁଗ୍ରୀବଙ୍କୁ କହିଲେ, "କଣ୍ଠ (ନିର୍ଦ୍ଧାରିତ ଦିନ) ବଳ ନ ଯାଉଣୁ ଶୀଘ୍ର ସୈନ୍ୟ ସାଜି ଆସ ।"

୧୬୬ ପଦ—ରାମଚନ୍ଦ୍ର ଅତିଶୀଘ୍ର ଯାଇ ମାଲ୍ୟବନ୍ତରେ ବାସକଲେ ।

୧୬୭ ପଦ—ପୃଥିବୀରୁ କାଦୁଅ ଶୁଖିଗଲେ (ଶରତ୍ ଋତୁ ଆସି ରାସ୍ତା ପରିଷ୍କାର ହେଲେ) ରାମଚନ୍ଦ୍ର ଅସୁରମାନଙ୍କୁ ନାଶକରି ପୃଥିବୀରେ କୀର୍ତ୍ତି ବିସ୍ତାର କରିବେ ।

ବସୁମତୀଧରେ ଶ୍ରେଷ୍ଠ ସାର । ବୋଲାଇଲା ରଚିଁ ରାମ ବିହାର ।୧୬୮।
ବିଗତ ଦୁଃଖ ସୁଗ୍ରୀବ ସୁରଙ୍ଗେ । ବିଳସିତ ଯେ ତାରା ରୁମା ସଙ୍ଗେ ।୧୬୯।
ବିମଳାନ ଛତ୍ର ଚାମର ପୁଞ୍ଜ । ବିରାଜିତ ଭ୍ରମଣରେ ସହଜ ।୧୭୦।
ବୁଧେ ବୁଝ ଏ ଗୀତ ହୋଇ ତୋଷ । ବିଂଶ ଅଷ୍ଟ ଅଧିକ ଛାନ୍ଦ ଶେଷ ॥
ବାସ୍ତରି ଅଧିକ ଶତପଦ । ବିତ୍ତୁ ସକଳ ହୃଦୟେ ପ୍ରମୋଦ ।୧୭୧।
ବନ୍ଦେ ବୀରବର ଭଞ୍ଜ ଆନନ୍ଦେ । ବଇଦେହୀଶ ଚରଣାରବିନ୍ଦେ ।୧୭୨।

---

୧୬୮ ପଦ—ବସୁମତୀଧରରେ—ପର୍ବତମାନଙ୍କ ମଧ୍ୟରେ ।

---

୧୬୮ ପଦ—ରାମଚନ୍ଦ୍ର ମାଲ୍ୟବନ୍ତ ଗିରିରେ ବିହାର କରିବାରୁ ସେହି ଗିରି ପୃଥିବୀରେ ଶ୍ରେଷ୍ଠତର ପର୍ବତ ବୋଲି ଖ୍ୟାତି ଲାଭ କଲା ।

୧୬୯ ପଦ—ସୁଗ୍ରୀବର ଦୁଃଖ ଦୂର ହୋଇଯିବାରୁ ସେ ତାରା ଓ ରୁମା ସହିତ ଆନନ୍ଦରେ ବିହାର କରିବାକୁ ଲାଗିଲା ।

୧୭୦ ପଦ—ସେ ଧଳା ଛତ୍ର ଓ ବହୁତ ଧଳା ଚାମର ସଙ୍ଗରେ ନେଇ ବୁଲି ବାହାରୁଥିଲା । ( ଧଳା ଛତ୍ର ରାଜାର ରାଜଚିହ୍ନ ଅଟେ ) ।

୧୭୧ ପଦ—ହେ ପଣ୍ଡିତମାନେ ଏହି ଗୀତକୁ ଆନନ୍ଦିତ ହୋଇ ବୁଝନ୍ତୁ । ଅଠାଇଶ ଛାନ୍ଦ ଏଠାରେ ଶେଷ ହେଲା ।

୧୭୨ ପଦ—ଏହି ଛାନ୍ଦରେ ଥିବା ଏକ ଶହ ବାସ୍ତରି ପଦ ସମସ୍ତଙ୍କ ମନରେ ଆନନ୍ଦ ବିଧାନ କରୁ ।

ବୀରବର ଉପେନ୍ଦ୍ରଭଞ୍ଜ ଆନନ୍ଦରେ ରାମଚନ୍ଦ୍ରଙ୍କର ପାଦପଦ୍ମକୁ ବନ୍ଦନ କରୁଅଛନ୍ତି । ( ଏ ପଦ ୧୭୨ ପଦ ସହିତ ମିଶିଯାଇଅଛି । )

## ଊନତ୍ରିଂଶ ଛାନ୍ଦ

### ରାଗ—କଲ୍ୟାଣ ଆହାରୀ

ବିରୋଧାଭାଷ ପ୍ରକଟାଇ କବିରେ ବରଷା ସମସ୍ତ ସଞ୍ଚରି ।
ବ୍ୟାପି ଶୋଭା କ୍ଷଣେ ଭୟଙ୍କର କ୍ଷଣେ ଗରାସେ ଘନାଘନ ହରି ।
ବିସର୍ଜିଲେ ଯେ । ବଡ଼ ଆନନ୍ଦରେ ଜୀବନ ।
ବଧିରେ କାଳିକା ମହିଷସନ୍ତାପ ନାଶି ପ୍ରମୋଦ କରେ ଦାନ । ୧ ।

---

୧ମ ପଦ—କ୍ଷଣେ—ପ୍ରତିକ୍ଷଣରେ । ଘନାଘନ—ମତ୍ତହସ୍ତୀ, ଘୋରମେଘ । ହରି—ସିଂହ, ଚନ୍ଦ୍ର, ସୂର୍ଯ୍ୟ । ଜୀବନ—ପ୍ରାଣ, ଜଳ । କାଳିକା—ଦୁର୍ଗା, ମେଘ । ମହିଷ – ମହିଷପଶୁ, ମହିଷାସୁର ।

---

## ଊନତ୍ରିଂଶ ଛାନ୍ଦ

୧ମ ପଦ—ଏହି ସମୟରେ ବର୍ଷାକାଳ ଜଗତରେ ପ୍ରକାଶିତ ହୋଇ କବିଙ୍କର କଳ୍ପନା ଜଗତରେ ବିରୋଧପରି ଜଣା ପଡ଼ୁଥିବା ବାକ୍ୟଗୁଡ଼ିକୁ ପ୍ରକାଶ କରାଇଲା । (ଯେଉଁ ବାକ୍ୟରେ ପଦମାନଙ୍କ ମଧ୍ୟରେ କୌଣସି ମାତ୍ର 'ବିରୋଧ' ଅସଙ୍ଗତ ନ ଥିଲେ ସୁଦ୍ଧା ଶୁଣିବା ସଙ୍ଗେ ସଙ୍ଗେ ବିରୋଧ ଜଣାଯାଏ, ସେହିଠାରେ ବିରୋଧାଭାଷ ନାମକ ଅଳଙ୍କାର ବୋଲି ଧରାଯାଏ । )

**ବିରୋଧାର୍ଥ**— ବର୍ଷାକାଳ ପ୍ରକାଶିତ ହେବାରୁ ଏହି ଜଗତର ସମସ୍ତ ଅଂଶରେ ଶୋଭା ବୃଦ୍ଧି ହୋଇଗଲା । ଅର୍ଥାତ୍ ଜଳ ସ୍ଥଳ ଆକାଶ ସମସ୍ତେ ସୁନ୍ଦର ଦେଖାଗଲେ ଏବଂ ଭୟଙ୍କର ମଧ୍ୟ ଦେଖାଗଲା । ମତ୍ତହସ୍ତୀ ସିଂହକୁ ଗ୍ରାସ କରିବାରୁ ସିଂହ ଆନନ୍ଦରେ ପ୍ରାଣତ୍ୟାଗ କଲା । କାଳିକା ଠାକୁରାଣୀ ମହିଷାସୁରର ଦୁଃଖ ହରଣ କରି ତାକୁ ଆନନ୍ଦ ଦାନ କଲେ । ( ଯେ ସୁନ୍ଦର ସେ ଭୟଙ୍କର ହୋଇ ନ ପାରେ । ହାତୀ, ସିଂହକୁ ଗିଳି ପାରେ ନାହିଁ କି ମରୁଥିବା ପ୍ରାଣୀ ଆନନ୍ଦିତ ହୁଏ ନାହିଁ ଏବଂ କାଳୀ ମହିଷାସୁରର ଦୁଃଖ ନାଶ କରି ତାକୁ ସୁଖ ଦେଇ ନ ଥିଲେ । ଏହି ସବୁ ବିରୋଧ କଥା କବି ପ୍ରକାଶ କଲେ ଓ ପ୍ରତ୍ୟେକ ପଦରେ ଏହିପରି କରିବେ । ଏହାକୁ ଲକ୍ଷ୍ୟ ରଖି ପ୍ରକୃତାର୍ଥ କିପରି ବିରୋଧ ଶୂନ୍ୟ ହୋଇଅଛି, ଅନୁସନ୍ଧାନ କରିବା ପାଇଁ 'ବିରୋଧାଭାଷ ପ୍ରକଟାଇ କବିରେ' ଛାନ୍ଦ ପ୍ରଥମରେ ପ୍ରକାଶ କରି ଅଛନ୍ତି ) ।

ଘନାଘନ ଜନ୍ମ ଶ୍ବା (ସ୍ବା)ନ ଅମ୍ବରରେ ଚମକ ଉଠିଲା ଶରଭେ ।
ବନ୍ଧିତ'ଦ୍ବିଜବ୍ରଜର ଜପଣକୁ କରକେ ପୁଣି ସେ ଆରମ୍ଭେ ।
ବୃଦ୍ଧଶ୍ରବାର ! ବାଣାସ(ଶ)ନ ସେ ହୋଇ ଜାତ ।
ବଦ୍ଧାଦ ବୈକ୍ଷତ ସ୍ବରୂପ ଭରିତ ନାକରେ ରଙ୍ଗେ ବିହରିତ ।୨।

---

୨ୟ ପଦ—ଘନଜନ୍ତ—ଜାତ । ଶ୍ବାନ—କୁକୁର, ଶବ୍ଦ । ଅମ୍ବରରେ—ମେଘଠାରେ ଉତ୍ପନ୍ନହୋଇ, ସର୍ବଦା । ଶରଭ—ଅଷ୍ଟପଦବିଶିଷ୍ଟ ମୃଗ । ଦ୍ବିଜବ୍ରଜର—ବ୍ରାହ୍ମଣମାନଙ୍କର, ପକ୍ଷିମାନଙ୍କର । କରକେ—କମଣ୍ଡଳୁ, କୁଆପଥରରେ । ବୃଦ୍ଧଶ୍ରବାର—ଇନ୍ଦ୍ରଙ୍କର । ବାଣାସନ—ବାଣର ଭକ୍ଷଣ, ଧନୁ । ନାକରେ—ସ୍ବର୍ଗରେ, ଆକାଶରେ ।

---

ପ୍ରକୃତାର୍ଥ—'ଘନାଘନ' ହଠାତ୍ ବର୍ଷା କରିବା ଉପଯୋଗୀ ମେଘ ଘୁରିଆସି ଘୋଟିବାରୁ କାଜ (ସେହି ଘନ ଘନ ସୁନ୍ଦର ଦେଖାଗଲା । ଅର୍ଥାତ୍ ତାର ରୂପର ମାଧୁର୍ଯ୍ୟ ଲୋକମାନଙ୍କ ମନରେ ଆନନ୍ଦ ଆଣିଦେଲା । ଦିଗମାନେ ଭୟଙ୍କର ଦେଖାଗଲା । ଅର୍ଥାତ୍ ଅନ୍ଧାର ବ୍ୟାପିଯିବାରୁ ଲୋକମାନେ କେଉଁ ଦିଗକୁ ଯିବେ ବା ଯାଉଥିବେ ଠିକ୍ କରି ନ ପାରି ଭୀତ ହେଲେ । ସେହି ସାନ୍ଦ୍ର ମେଘ ଚନ୍ଦ୍ରଙ୍କୁ ବା ସୂର୍ଯ୍ୟଙ୍କୁ ଗ୍ରାସ କଲା, ଘୋଡ଼ାଇ ପକାଇଲା ) ଏବଂ ଅତିଶୟ ଆନନ୍ଦରେ ଜଳ ବିସର୍ଜନ କଲା (ବର୍ଷିଲା) । ଦୈବବଶରୁ ଅଥବା ବଧୀଭାର ନସ୍ତ୍ରମାନୁସାରେ 'କାଳିକା' ମେଘ ବର୍ଷିବାରୁ ମହର୍ଷିମାନଙ୍କର ଦୁଃଖ ନାଶ ହେଲା ଓ ସେମାନେ ଆନନ୍ଦିତ ହେଲେ ।

୨ୟ ପଦ:—ଶ୍ଳେଷାର୍ଥ—ବର୍ଷା ହେବାରୁ କୁକୁର ମେଣ୍ଢୀ ସହ ରତି କରି ଯେଉଁ ଖଚଡ଼ା ଜୀବ ଜନ୍ମ କଲା ଅଥବା ଯେଉଁ 'ଚ' ପକ୍ଷୀ ଜନ୍ମ କଲା ସେ ଅଷ୍ଟାପଦ ମୃଗ ବା ଗଧକୁ ଚମକାଇଲା । ପୁଣି ସେହି ଜୀବ ବା ପକ୍ଷୀ କମଣ୍ଡଳୁଦ୍ୱାରା ବ୍ରାହ୍ମଣମାନଙ୍କୁ କଷ୍ଟ ଦେବାକୁ ଆରମ୍ଭ କଲା ଏବଂ ଆଉ ଥରେ ସେହି ମାଛର ରୂପ ଧାରଣ କରି ଜନ୍ମ ହୋଇ ଇନ୍ଦ୍ରଙ୍କର 'ବାଣ' ଇନ୍ଦ୍ର ତାହା ପ୍ରତି ମାରୁଥିବା ଶରକୁ ଖାଇ ସ୍ବର୍ଗରେ ନାନାରଙ୍ଗରେ ବିହାର କରିବାକୁ ଲାଗିଲା ।

ପ୍ରକୃତାର୍ଥ—ମେଘ ବର୍ଷିବା ସଙ୍ଗେ ସଙ୍ଗେ ଅନବରତ ଘଡ଼ଘଡ଼ ଶବ୍ଦ ପ୍ରକାଶିତ ହେବାରୁ 'ଶରଭ' ଅଷ୍ଟାପଦ ମୃଗ କମ୍ପିବାକୁ ଲାଗିଲା । ଅଥବା ସେହି ଶବ୍ଦ ଶୁଣି ଗଧ ଚମକିବାକୁ ଲାଗିଲା । ପୁଣି ସେହି ମେଘରୁ କୁଆପଥର

ବିଷ୍ଣୁ-ପଦ ଲୀନ ହେବାରେ ଚଞ୍ଚଳା ଜ୍ୟୋତି ପ୍ରକାଶି କଲା ଲୀଳା ।
ବିଷକଣ୍ଠ ସୁଖେ ବିଳସେ କୁଳିଶେ ଗିରିଜା ସଂଘାତ ହୋଇଲା ।
ବିଲୋକନେ ସେ । ବିରସ ଯୋଗିଏ ନୋହିଲେ ।
ବିକାଶ ପୁଷ୍ପେ ସୁଜାତି ସୁମନାଏ ମଧୁପ ମନକୁ ମୋହିଲେ । ୩ ।

---

୩ୟ ପଦ— ପଦ—ସ୍ଥାନ । ଚଞ୍ଚଳା—ଲକ୍ଷ୍ମୀ, ବିଦ୍ୟୁତ୍ । ବିଷକଣ୍ଠ—ମହାଦେବ, ବକ ଓ ଚାତକ । କୁଳିଶ—ବଜ୍ର । ଗିରିଜା—ପାର୍ବତୀ; ପର୍ବତ ଦେହସ୍ଥିତ ଶୃଙ୍ଗ ଓ ବୃକ୍ଷଲତାଦି । ସଂଘାତ—ବିନଷ୍ଟ । ସୁମନା—ପତିବ୍ରତା ସ୍ତ୍ରୀ, ଜାଈଲତା । ମଧୁପ—ମଦ୍ୟପାୟୀ ଭ୍ରମର ।

---

ବୃଷ୍ଟି ଆରମ୍ଭ ହେବାରୁ ପକ୍ଷୀମାନେ ଆଘାତ ପାଇ ବହୁ କଷ୍ଟ ପାଇଲେ । ଅଥବା ଭିକ୍ଷା ମାଗି ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ଫେରୁଥିବା ବ୍ରାହ୍ମଣମାନେ ନଷ୍ଟ ପାଇଲେ । ଇନ୍ଦ୍ରଧନୁ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ବିକୃତ ରୂପକୁ ଧାରଣ କରି ( ନାନା ବର୍ଣ୍ଣରେ ରଞ୍ଜିତ ହୋଇ ) ଆକାଶରେ ନାନା ରଙ୍ଗରେ ( କେତେବେଳେ ବକ୍ର ବା କେତେବେଳେ ଋଜୁଭାବରେ ) ବିହାର କଲା ।

୩ୟ ପଦ :- ବିରୋଧାର୍ଥ—'ବିଷ୍ଣୁ' ଏହି ପଦ ଲୋପ ହେବାରୁ ଲକ୍ଷ୍ମୀ ନିଜର ଶୋଭା ପ୍ରକାଶ କରି ଏଣେ ତେଣେ ବୁଲିବାକୁ ଲାଗିଲେ । ପାର୍ବତୀ 'କୁଳିଶ' ନାମକ ମାଛ ଦ୍ୱାରା ଆଘାତ ପ୍ରାପ୍ତ ହେବାରୁ ମହାଦେବ ମନସୁଖରେ ବୁଲିବାକୁ ଲାଗିଲେ । ଏହି କଥା ଦେଖି ଅନ୍ୟ ତପସ୍ୱୀମାନେ ଅଥବା ଯୋଗୀମାନେ ଦୁଖିତ ହେଲେ ନାହିଁ । କୁଳୀନ ଘରର ସ୍ତ୍ରୀମାନେ ରଜୋବତୀ ହୋଇ ମଦୁଆଙ୍କ ମନକୁ ମୋହିତ କଲେ ( ତାଙ୍କ ସଙ୍ଗେ ରତି କଲେ ) ।

ପ୍ରକୃତାର୍ଥ—ଆକାଶ ମେଘଦ୍ୱାରା ଆଚ୍ଛନ୍ନ ହେବାରୁ (ଦେଖା ନ ଯିବାରୁ ) ବିଜୁଳି ନିଜର ତେଜ ପ୍ରକାଶ କରି ଖେଳିଲା । ଚାତକମାନେ ଆନନ୍ଦରେ ବିହାର କଲେ । 'ଗିରିଜା' ପର୍ବତରେ ଜନ୍ମିଥିବା ଶୃଙ୍ଗ କିମ୍ବା ବୃକ୍ଷ ଲତା ପ୍ରଭୃତି ବଜ୍ରାଘାତରେ ବିନଷ୍ଟ ହେଲେ । ଅଥବା 'ଗିରିଜା' ଗିରି ନଦୀ ସବୁ ନାନାପ୍ରକାର ମାଛରେ ପୂର୍ଣ୍ଣ ହୋଇ ଯିବାରୁ ବଗମାନେ ଆନନ୍ଦରେ ନଦୀ ମଧ୍ୟରେ ବୁଲିବାକୁ ଲାଗିଲେ । ଏହି ବର୍ଷାକାଳକୁ ଦେଖି 'ଯୋଗିଏ' ସ୍ତ୍ରୀ ସହ ଏକତ୍ର ବାସ କରୁଥିବା ଲୋକମାନେ ଦୁଃଖିତ ହେଲେ ନାହିଁ, ( କିନ୍ତୁ ବିଯୋଗିମାନେ ଦୁଃଖିତ ହେଲେ ) । ଜାଈ ଓ ମାଳତୀ ଲତାଗୁଡ଼ିକ ପୁଷ୍ପିତା ହୋଇ ଭ୍ରମର ମନକୁ ମୋହିତ କଲେ ।

ବ୍ରହ୍ମପୁତ୍ରଙ୍କୁ ଭକ୍ଷିବା ଇଚ୍ଛା କଲେ ଛିନ୍ନଗ୍ରୀବ ହୋଇଥିଲେ ଜନେ ।
ବିବୁଧ ପଥିକ ପଦ ବିସ୍ମରିଲେ ଅତି ହୃଷ୍ଟ ଜାତ ମନେ ।
ବହେ ଅଗତି । ବହେ ତହିଁରେ ସଦା ଗତି ।
ବିଟପ ବିନାଶେ ସୁମନରେ ହସେ ଗଣିକାପନ୍ତି ବିକାଶିତ । ୪ ।

---

୪ର୍ଥ ପଦ—ବ୍ରହ୍ମପୁତ୍ର—ନାରଦ ବା ବଶିଷ୍ଠ, କାଳକୂଟ ବିଷ । ଛିନ୍ନଗ୍ରୀବ—ଦୁଇ ବା ତତୋଽଧିକ ଖଣ୍ଡରେ ହଣା ହୋଇଥିବା ଲୋକ, ବିୟୋଗୀ । ବିବୁଧ—ଦେବତାମାନେ । ବିସ୍ମରିଲେ—ପାସୋରିଲେ । ଅଗତି—ଅମୁକ୍ତି; ଅସ୍ତବ୍ୟସ୍ତ । ସଦାଗତି—ବାୟୁ । ବିଟପ—ବିଟପୁରୁଷ, ପତ୍ର । ସୁମନରେ—ଆନନ୍ଦରେ, ପୁଷ୍ପରେ । ଗଣିକାପନ୍ତି—ବେଶ୍ୟାମାନେ, ଯୁଇଲତାମାନେ ।

---

୪ର୍ଥ ପଦ—ବିରୋଧାର୍ଥ—ହଣା ହୋଇଥିବା ଲୋକମାନେ ନାରଦ ବା ବଶିଷ୍ଠ ମହର୍ଷିଙ୍କୁ ଖାଇବାକୁ ଇଚ୍ଛା କଲେ । ଦେବତାମାନେ ଅତି ଆନନ୍ଦିତ ମନରେ ବାଟୋଇମାନଙ୍କର 'ପଦ' ସ୍ତୁତିବାକ୍ୟ ଗୁଡ଼ିକୁ ( ବାଟୋଇମାନେ ନିଜ ନିଜର ଇଷ୍ଟଦେବତାମାନଙ୍କୁ ସର୍ବଦା ନିରାପଦରେ ଫେରିଯିବା ପାଇଁ ସ୍ତୁତି କରୁଥାନ୍ତି, କିନ୍ତୁ ବର୍ଷାକାଳ ହେବାରୁ ସେମାନେ ଶୋଇ ପଡ଼ିବାରୁ) ଆଉ ଶୁଣିଲେ ନାହିଁ । ଅଥବା 'ବିବୁଧ' ଆକାଶ ଭ୍ରମଣକାରୀ ( ବିଷ୍ଣୁ ) 'ପଥିକ' ଭଜନ ମାର୍ଗରେ ନିରତ ବୈଷ୍ଣବମାନଙ୍କର 'ପଦ' ସ୍ଥାନ (ମୁକ୍ତି)କୁ ଆନନ୍ଦିତ ମନରେ ବିସ୍ମୃତ କରନ୍ତେ—ଅର୍ଥାତ୍ ସେମାନଙ୍କୁ ଉତ୍କୃଷ୍ଟସ୍ଥାନ ନଦେବାକୁ ଇଚ୍ଛା କରନ୍ତେ, ସେମାନେ 'ବିସ୍ମରିଲେ' ମଲେ । 'ଅଗତି' ଗୁଲି ନ ପାରିବା ଲୋକମାନେ ( ଟଗ୍ରଣ୍ଟାମାନେ ) ସେହି ସମୟରେ ଭାର କମ୍ପା ବୋଝ ବହି ସବୁବେଳେ ଯିବାକୁ ଲାଗିଲେ । ଜାର ପୁରୁଷମାନେ ମରି ଯିବାରୁ ବେଶ୍ୟାମାନେ ଆନନ୍ଦ ମନରେ ଦିନ ରାତି ହସିବାକୁ ଲାଗିଲେ ।

ପ୍ରକୃତାର୍ଥ—ଏହି ସମୟରେ ଶରଣ୍ୟ ଲୋକମାନେ ବ୍ରହ୍ମସ୍ୱ ନାମକ ବିଷ ଖାଇବାକୁ ଇଚ୍ଛା କଲେ, ବାଟୋଇମାନେ କିପରି ଶୀଘ୍ର ଘରକୁ ଯିବେ—ଏହି କଥା ବିବୁଧ ମନେ ମନେ ଅତିଶୟ ଆନନ୍ଦିତ ହୋଇ 'ପଦ' ବାଟ ଭୁଲିଲେ ଅଥବା ସରିଗଲା ବୋଲି ମନେ କଲେ । ଅଥବା ନିଜ ନିଜର ସ୍ତ୍ରୀକୁ ମନେ ମନେ ବିବୁଧ ଅତିଶୟ ଆନନ୍ଦିତ ହେବାରୁ 'ପଦ' ମୁଁ ବାଟୋଇ ଏ କଥାକୁ ପାଶୋରିଲେ । ପବନ ସେହି ସମୟରେ ବହି ଲୋକମାନଙ୍କର ଯିବା ଆସିବା ବନ୍ଦ

ନିର୍ମଳ କକୁଭ କଦମ୍ବ କକୁଭ କଦମ୍ବ ମଳିନ ରଭସେ ।
ବିଦିତ ଉଡୁପ ପୁଷ୍କରେ ଉଡୁପ ଆଉ ଯେ ନ ଦିଶେ ।
ଘନେ ବନେ ଯେ । ବର୍ହିଣ ଶିଖୀ ଟେକି ନୃତ୍ୟ ।
ବନେ ହେଲେ ଯେ ବହ୍ନି ଶିଖା ତହିଁ ସମସ୍ତ ପ୍ରକାରେ ହତ । ୫ ।
ବାହାରୁ କନ୍ଦଳୀ ଭକ୍ଷିଲେ କନ୍ଦଳୀ ହୋଇ ଅତିଶୟ ଲୋଭସ ।
ବପୁଳ କାମଦର ଦୁର ନୋହିଲା କାମେ ଦରଦୁର ଦରଷ ।

---

୫ମ ପଦ—କକୁଭ—ଅର୍ଜ୍ଜୁନଗଛ ଓ କଦମ୍ବଗଛ । କଦମ୍ବ-କକୁଭ—ବଗସମୂହ । ରଭସେ—ବେଗରେ, ସଙ୍ଗେ ସଙ୍ଗେ । ଉଡୁପ—ଭେଳା । ପୁଷ୍କରେ—ଜଳରେ, ଆକାଶରେ । ଉଡୁପ—ଚନ୍ଦ୍ର । ବର୍ହିଣ—ମୟୂର । ଘନେ—ଜଳରେ । ବହ୍ନି—ବନାଗ୍ନି ।

୬ଷ୍ଠ ପଦ—କନ୍ଦଳୀ—ଏକଜାତୀୟ ଘାସ । କନ୍ଦଳୀ—ମୃଗ । କାମଦର କାମଭୟ । ଦରଦୁର ( ଦର୍ଦ୍ଦୁର )—ଭେକ । ବର କୋଳରେ—ମନୋହର

---

କରିଦେଲା । ପୁଣି ଗଛମାନଙ୍କରୁ ପତ୍ରସବୁ ଝଡ଼ି ପଡ଼ିଲେ ଏବଂ ସେମାନେ ପୁଷ୍ପ ମଣ୍ଡିତ ହୋଇଥିବାରୁ ବନଗଣ ସବୁବେଳେ ହସୁଥିଲା ପରି ଦେଖାଗଲେ ।

୫ମ ପଦ :—ବିରୋଧାର୍ଥ—'କକୁଭକଦମ୍ବ' ବଗମାନେ ନିର୍ମଳ ଦେଖାଗଲେ ଏବଂ ସଙ୍ଗେ ସଙ୍ଗେ ସେହି 'କକୁଭକଦମ୍ବ' ବଗମାନେ ମଳିନ ହେଲେ । 'ପୁଷ୍କରେ' ଆକାଶରେ 'ଉଡୁପ' ଚନ୍ଦ୍ର ପ୍ରକାଶିତ ହେଲେ ଏବଂ ସେହି ପୁଷ୍କରେ ଆକାଶରେ ଉଡୁପ' ଚନ୍ଦ୍ର ଦେଖାଗଲେ ନାହିଁ । ମୟୂରମାନେ ପୁଚ୍ଛ ଟେକି ବନରେ ନୃତ୍ୟ କଲେ । ପୁଣି ସେହି ସମୟରେ ବନରେ ମୟୂର ପୁଚ୍ଛମାନ ସମସ୍ତ ପ୍ରକାରେ ଅର୍ଥାତ୍ ଭାଙ୍ଗି, ଛିଣ୍ଡି ବା ଖସିପଡ଼ି ନଷ୍ଟହେଲେ ।

ପ୍ରକୃତାର୍ଥ—ବର୍ଷାକାଳ ଆସିବାରୁ କଦମ୍ବ ଓ ଅର୍ଜ୍ଜୁନ ବୃକ୍ଷମାନେ ପରିଷ୍କୃତ ଦେଖାଗଲେ ଅର୍ଥାତ୍ ନୂତନ ପତ୍ର ଓ ଫୁଲରେ ମଣ୍ଡିତ ହୋଇ ସୁନ୍ଦର ଦେଖାଗଲେ । ବଗମାନେ ମେଘାଚ୍ଛନ୍ନ ହୋଇ ମଳିନ ଦେଖାଗଲେ । 'ପୁଷ୍କରେ' ଜଳରେ 'ଉଡୁପ' ଭେଳାସବୁ ଭାସିଲେ । ଚନ୍ଦ୍ର ଆଉ ଆକାଶରେ ଦେଖା ଦେଲେ ନାହିଁ । ମୟୂରମାନେ ପୁଚ୍ଛ ଟେକି ବନରେ ନୃତ୍ୟ କଲେ । ଖରା ସମୟରୁ ବନରେ ବ୍ୟାପ୍ତହୋଇ ଜଳୁଥିବା ବନଅଗ୍ନିଶିଖା ବୃଷ୍ଟିଆଡ଼ୁ ବାଧା ପାଇ ସେହି ବନରେ ସମ୍ପୂର୍ଣ୍ଣରୂପେ ନଷ୍ଟ ହେଲା ।

୬ଷ୍ଠ ପଦ—ବିରୋଧାର୍ଥ—କନ୍ଦଳୀମାନେ ବାହାରୁ ବାହାରୁ ସେହି କନ୍ଦଳୀମାନେ ଲୋଭ ପରବଶ ହୋଇ ସେମାନଙ୍କୁ ଖାଇଗଲେ । ଅତି ଆପଣ

ବର ବୋଳରେ । ବସି ଗନ୍ଧବଣ୍ଡ ଶୋଭନ ।
ବର କୋଳରେ ଗନ୍ଧବଣ୍ଡ ଅଶୋଭ ସହଜେ ହୋଇଲା ଜନନ । ୭ ।
ବିଯୋଗୀ ସାରସେ ବିଯୋଗୀ ସାରସେ ହୋଇ ଯେ ରହିଲେ ସରସୀ ।
ବିଗତ ହେଲେ ଦିନଚନ୍ଦ ଆଗତ ହୋଇଲେ ପାନଚନ୍ଦ ଆସି ।
ବାଳନାଶନ । ବାଳପ୍ରୀତିମନ୍ତ ଶ୍ରବଣ ।
ବନଦନନଦ କରୁ ଉଚ୍ଚରିଲେ ଶୁଣ ସୁଲକ୍ଷଣ ଲକ୍ଷ୍ମଣ । ୮ ।

---

ଭେଳାରେ, କାନ୍ତ କୋଳରେ । ଗନ୍ଧବଣ୍ଡ—କେଉଟୁଣୀ, ଅନୁରକ୍ତା ରମଣୀ । ବରକୋଳରେ—ବରାହଶ୍ରେଷ୍ଠମାନଙ୍କରେ । ଗନ୍ଧବଣ୍ଡ—ପୃଥିବୀ ।

୭ମ ପଦ—ସାରସ—ହଂସ । ସାରସ—ପଦ୍ମ । ସାରସ—ପୁଷ୍କରଣୀ । ପାନଚନ୍ଦ—ଦିନସବୁ । ଦିନଚନ୍ଦ—ଦୁଃଖିତ—ଚକ୍ରବାକ ପକ୍ଷୀ । ବାଳନାଶନ—କାଳବିନାଶକ । ବାଳପ୍ରୀତିମନ୍ତ—ସ୍ତ୍ରୀଠାରେ ଅତ୍ୟନ୍ତ ଅନୁରକ୍ତ । ବନଦ ନନଦ—ମେଘଧ୍ୱନି ।

---

କନ୍ଦର୍ପର ଭୟ ଦୂରହେଲା ନାହିଁ, କିନ୍ତୁ କନ୍ଦର୍ପଠାରେ ଥିବା ଭୟ ଦୂର ହୋଇ ଆନନ୍ଦ ଜାତ ହେଲା । ଗନ୍ଧବଣ୍ଡ ବର କୋଳରେ ବସି ଶୋଭାପାଇଲା । ଗନ୍ଧବଣ୍ଡ ବର କୋଳରେ ବସିବାରୁ ସ୍ୱାଭାବିକ ଅସୁନ୍ଦରତା ପ୍ରକାଶ ପାଇଲା ଅର୍ଥାତ୍ କୁତ୍ସିତ ଦେଖାଗଲା ।

ପ୍ରକୃତାର୍ଥ—'କନ୍ଦଳୀ' ଏକ ପ୍ରକାର ଘାସ ବାହାରୁ ବାହାରୁ ମୃଗମାନେ ଅତ୍ୟନ୍ତ ଆଦରରେ ସେମାନଙ୍କୁ ଖାଇଲେ । କଷ୍ଟଦାୟକ କନ୍ଦର୍ପ ଭୟ ଦୂର ହେଲା ନାହିଁ । ବେଙ୍ଗମାନେ ଆନନ୍ଦିତ ହୋଇ ରଡ଼ି କରିବାରେ ଲାଗିଲେ । ରସିକା ରମଣୀମାନେ କାନ୍ତ କୋଳରେ ବସି ନିଜର ସୌଭାଗ୍ୟ ପ୍ରକାଶ କଲେ । ଅଥବା 'ଗନ୍ଧବଣ୍ଡ' ଆମିଷଗନ୍ଧିମା କେଉଟୁଣୀମାନେ 'ବରକୋଳ' ଭଲ ଭଲ ଭେଳା (ଡଙ୍ଗା) ମାନଙ୍କରେ ବସି ଅତି ସୁନ୍ଦର ଦେଖାଗଲେ । 'ବରକୋଳରେ' ବଡ଼ ବଡ଼ ବରାହମାନଙ୍କଦ୍ୱାରା 'ଗନ୍ଧବଣ୍ଡ' ପୃଥିବୀ ସ୍ୱାଭାବିକ ଅସୁନ୍ଦର ଦେଖାଗଲା । (ସେମାନେ ଓଦା ମାଟିକୁ ଅନାୟାସରେ ଦାନ୍ତଦ୍ୱାରା ଖୋଳି ପୃଥିବୀକୁ ଅସୁନ୍ଦର କରି ପକାଇଲେ ) ।

୭ମ ପଦ—ଵିରୋଧାର୍ଥ—ପୁଷ୍କରଣୀମାନେ ପଦ୍ମଶୂନ୍ୟ ହେଲେ ଏବଂ ସେହି ପୁଷ୍କରଣୀମାନେ ପଦ୍ମରେ ପୂର୍ଣ୍ଣ ହୋଇ ରହିଲେ । ଦୁଃଖୀମାନେ ମଲେ ପୁଣି ଦୁଃଖୀମାନେ ଆସିଲେ । କାଳ ନାଶକାରୀ ରାମ ପୁଣି କାଳଠାରେ ସ୍ନେହ ପ୍ରକାଶ କରି ମେଘଗର୍ଜନ ଶ୍ରବଣ କରୁ କରୁ ସୁଲକ୍ଷଣ ଲକ୍ଷ୍ମଣଙ୍କୁ ପଚାରିଲେ ।

ବୋଲେ ଘଟ ଘଟ କେଉଁ ଘଟକାର ଏହି କି ଘଟ ଘଟ ନେବ ?
ବନ୍ଧୁର ଧନ ଯାହାର ତାକୁ ଘୋଟ ଲଗାଇ କି କଳ୍ପ ଦଇବ ।
ଭୁଲେ ତା ସ୍ୱର । ବୁଝି ଏଣୁ କାକ କଣ୍ଠକେ ।
ବେଶ୍ମରେ ମୁଁ ବୋଲି ଶବ୍ଦ ନ ପାରିଟି ପୁଚ୍ଛନ୍ତି କୋବା କୋବା ଡାକେ ॥
ବଳାତ୍କାରେ ଘଟ ଘେନଲେ ଅଛି ତ ମନ୍ଦେ ଭଲ କଷ୍ଟୁ ତରଣେ ।
ବାର୍ତ୍ତା ପାଇ ପ୍ରାଣେଶ୍ୱରୀ ଅନୁସରି ସୁଗତି ଅଛି ତା ଚରଣେ ।

---

ପ୍ରକୃତାର୍ଥ:—ପୁଷ୍କରିଣୀଗୁଡ଼ିକ ପଦ୍ମଶୂନ୍ୟ ହେଲେ ଅର୍ଥାତ୍ ସେଗୁଡ଼ିକ ଜଳ ପୂର୍ଣ୍ଣ ହେବାରୁ ପଦ୍ମମାନେ ପଚି ସଡ଼ି ଯାଇ ନଷ୍ଟ ହେଲେ ଅର୍ଥାତ୍ ସାରସପକ୍ଷୀ ମାନଙ୍କଦ୍ୱାରା ପୂର୍ଣ୍ଣ ହେଲେ । 'ଘନଚର' ଘନସ୍ତୁ ନଷ୍ଟ ହେଲେ ଅର୍ଥାତ୍ ମେଘ ଘୋଡ଼ାଇବାରୁ ଅନ୍ଧାରୁଆ ଦେଖାଗଲେ । ଆଗତ ଚକ୍ରବାକ ପକ୍ଷୀମାନେ ପ୍ରଥମରୁ ଦୁଃଖୀ ହେଲେ, ଅର୍ଥାତ୍ ଚକ୍ରବାକ ପକ୍ଷୀମାନେ ସଙ୍ଗେ ସଙ୍ଗେ ଦୁଃଖ ଅନୁଭବ କରିବାକୁ ଲାଗିଲେ । ଦାନବ ବିନାଶକର୍ତ୍ତା ରାମଚନ୍ଦ୍ର ମେଘ ଘଡ଼ଘଡ଼ି ଶ୍ରବଣ କରୁ କରୁ ସୀତାଙ୍କ ପ୍ରତି ସ୍ନେହୀ ହୋଇ ଅର୍ଥାତ୍ ତାଙ୍କୁ ସ୍ମରଣ କରି ଶ୍ରୀମାନ ଲକ୍ଷ୍ମଣଙ୍କୁ 'କ'ଣ ଶୁଣୁଛୁ ?' ବୋଲି ପଚାରିଲେ ଏବଂ କହିଲେ ତୁମ୍ଭେ ଶୁଣ, ଏ ଜଣେ କୌଣସି ଘଟନା ଘଟାଇବା ବ୍ୟକ୍ତି, ଘଟ ଘଟ— ଅର୍ଥାତ୍ ହେ ଘଟନା ତୁ ଘଟ ବୋଲି କହୁଛି ଏ କଣ ମୋର "ଘଟ" ଦେହରୁ "ଘଟ" ପ୍ରାଣ ନେବ କି ? ଯାହାର, 'ଧନ' ସ୍ତ୍ରୀ ନିକଟରେ ନାହିଁ, ତାକୁ ଘୋଟ ଆକ୍ରମଣ କରି ବୋଲି କଳ୍ପ ଦଇବ ଏହାକୁ ଲଗାଇ ଦେଇ କି କଳ୍ପ ! ଏଣୁ ସେହି ଘଟନା ଘଟନକାରୀର ସ୍ୱର ଚାତକମାନେ ସ୍ୱରଆଡ଼େ କାଁପି ବୁଲୁଛନ୍ତି । ଅର୍ଥାତ୍ ବାରିଦମାନଙ୍କୁ ସ୍ୱରଆଡ଼େ ଖୋଜି ବୁଲୁଛନ୍ତି । ପ୍ରକୃତରେ ମତେ ବିରହୀ ବୋଲି ଶଙ୍କି ନ ପାରି 'କୋବା କୋବା" କଏ ପ୍ରିୟାବିଯୋଗୀ, କଏ ପ୍ରିୟା ବିଯୋଗୀ ବୋଲି ଡାକ ପକାଉ ଅଛନ୍ତି ।"

୯ମ ପଦ—ଏହି ଘଟକାର ବଳତ୍କାରରେ ପ୍ରାଣକୁ ନେଲେ ମନ୍ଦ ହେଲେ ମଧ୍ୟ ଭଲ ହେବ । କାରଣ କଷ୍ଟରୁ ତରିଯିବ, ପୁଣି ପ୍ରାଣେଶ୍ୱରୀ ସୀତା ମୁଁ ମରିଯିବା ସମ୍ବାଦ ପାଇଲେ ମଧ୍ୟ ମୋର ଭଲ ହେବ । କାରଣ ତାହାର ପାଦତଳକୁ ମୋରୁ ସୁଗତି ଅନୁସରି ଅଛି ଏବଂ ସେ ମୋର ବନ୍ଧୁ । ସେ ଯଦି ତାର ଚକ୍ଷୁରୁ ଜଳଦାନ କରି "ହା ନାଥ" ଏହି ବାକ୍ୟ ସହିତ ଯୋଗ କରିବ, ତାହେଲେ ମୋର ଉତ୍ତମଗତି ହେଲା, ଅର୍ଥାତ୍ ସେ ମୋତେ ନେତ୍ରଜଳରୂପ ତର୍ପଣଜଳ ଦାନ କରି ତୃପ୍ତ କରିବ, ଏଣୁ ମୁଁ ପିତୃ- ଲୋକରେ ସ୍ଥାନ ପାଇବି, ( ପିତୃ ତର୍ପଣ କର୍ତ୍ତାମାନେ ତର୍ପଣ ଜଳକୁ ପିତୃ

ବନ୍ଧୁ ସେ ପୁଣି । ବାରିଦାନ ନେଇ କରନ୍ତେ ।
ବାକ୍ୟ ହା ନାଥ ସୁବକ୍ତ ହେବ ସୁଗତ ଧାତା ବଦନ୍ତା ଏ କାରଣେ ।
ବାହାର ପର୍ଣ୍ଣବାସୁ ସ୍ମରି ବୋଇଲେ ବିଭ୍ରମେ ସରବୁଁ ରାବଣ ।
ବୈଦେହୀ ହରଣେ ଜଟାୟୁ ମାରଣେ ଗରୁଡ଼ ଡରେ ପକ୍ଷୀଗଣ ।
ବେଢ଼ିଛନ୍ତି ଯେ । ବିକାଶି କେ ଶିଖା କେ ଡାକେ ।
ବସିଣ ମରୁତରଥେ ଶର ବୃଷ୍ଟି କରେ ଯୁକ୍ତ ହୋଇ କାର୍ମୁକେ ।୧୦।
ବାଳାକୁ ମୋର ତରମେ ଲୁଚାଇଛି ନ ଦିଶେ ତେଣୁ ଶଶୀ ମୁଖ ।
ବିଦ୍ୟୁତକାନ୍ତି ଦିଶି ନ ଦିଶି ଯାଉଛି ଅଙ୍ଗ ପ୍ରତଳେ ତାର ଦେଖ ।

---

୧୦ମ ପଦ—ପର୍ଣ୍ଣବାସୁଁ—ପର୍ଣ୍ଣକୁଟୀରୁ । ମରୁତରଥେ—ପବନରୂପ ରଥରେ ।

୧୧ଶ ପଦ—ଶତ୍ରୁଘ୍ନ-ଜ୍ୟେଷ୍ଠ—ଲକ୍ଷ୍ମଣ । ବାରିଦାହ—ମେଘ ।

---

ମାନଙ୍କ ନାମ ଉଚ୍ଚାରଣ କରି ଦାନ କରନ୍ତି ଏବଂ ତାଙ୍କର ପିତୃମାନେ ତୃପ୍ତ ହୋଇ ପିତୃ ଲୋକରେ ବାସ କରନ୍ତି । ଅତଏବ ବିଧାତାଙ୍କୁ ସ୍ତୁତି କରିବା ଦରକାର ।”

୧୦ମ ପଦ—ପବନ ଯୋଗୁଁ ମେଘମାନେ ସଂଚାଳିତ ହେଉଛନ୍ତି, ଆକାଶରେ ଇନ୍ଦ୍ରଧନୁ ପଡ଼ିଅଛି, ମୟୂର ନୃତ୍ୟ କରୁଅଛି, ଡାହୁକ ଡାକୁଛି ଏବଂ ମେଘ ଗର୍ଜନ କରି ବର୍ଷୁଅଛି । ଏହି ସମୟରେ ରାମ ପର୍ଣ୍ଣକୁଟୀରରୁ ବାହାରି ଉପରକୁ ଚାହିଁବାମାତ୍ରେ ମେଘ ଗର୍ଜନ ଶୁଣି ଭ୍ରମବଶତଃ କହିଲେ, “ଏ ରାବ କରୁଛି, ଅତଏବ ରାବଣ କି ? ( ରାବଣ ଜନ୍ମ ହେବା ସମୟରେ ଘୋର ରାବ କରୁଥିବାରୁ ତାର ନାମ ରାବଣ ଦିଆଯାଇ ଥିଲା ) । ସୀତାଙ୍କୁ ଚୋରାଇ ନେଇ ଯିବାବେଳେ ଜଟାୟୁକୁ ମାରିବାରୁ ଗରୁଡ଼ ଭୟରେ ପକ୍ଷୀମାନେ ଯୁଦ୍ଧ କରିବାକୁ ବେଢ଼ିଛନ୍ତି ( ଜଟାୟୁ ଗରୁଡ଼ର ଭାଇ ) । ସେମାନଙ୍କ ମଧ୍ୟରୁ କେହି (ମୟୂର) ପୁଚ୍ଛ ଟେକି ରହିଅଛି, କେହି (ଡାହୁକ) ଯୁଦ୍ଧ କରିବାକୁ ଡାକ ପକାଉଛି । ରାବଣ ମଧ୍ୟ ପବନ ରୂପ ରଥରେ ବସି ଧନୁ (ଇନ୍ଦ୍ରଧନୁ)ରେ ଯୁକ୍ତ ହୋଇ (ଧରି) ଜଳଧାରାରୂପୀ ଶର ବୃଷ୍ଟି କରୁଅଛି ।”

୧୧ଶ ଓ ୧୨ଶ ପଦ—“ମୋର ବାଳା ସୀତାକୁ ପଛଆଡ଼େ ଲୁଚାଇ ଅଛି । ତେଣୁ ତାର ମୁଖଚନ୍ଦ୍ର ଦେଖା ଯାଉନାହିଁ (ଚନ୍ଦ୍ର ମେଘ ଉହାଡ଼ରେ ଲୁଚି ଯାଇ ଅଛି) । ସେହି ରାବଣ ସଞ୍ଚାଳିତ ହେଲେ କେତେବେଳେ ଅବା ଦିଶିଯାଉଛି

ବାଣୀ କୋକିଳ । ବହୁଛି ଗଦ୍‌ଗଦ ଶୋକରୁ ।
ବଢ଼ାଇ ସମର ଛଡ଼ାଇ ଦେଖିବା ସାର ନାହିଁ ଏହା ବିଗ୍ଭରୁ । ୧୧ ।
ବରଷା ହେଲାଣି ଘନ ନଭେ ଖେଳେ ଭାଷିଲେ ଶତ୍ରୁଘ୍ନ ଜ୍ୟେଷ୍ଠ ।
ବିନତ ହେଲେ ଉନ୍ନତ ଗ୍ଭଡ଼ି ଦୂତ ହୁଅ ବୋଲିଣ ହୋଇ ହୃଷ୍ଟ ।
ବାରିବାହ ହେ । ବିନାଶିଛ ଦବଦହନ ।
ବନରାମର ମୂର୍ତ୍ତି ରାମ ବିନାଶ କାମାନଳତାପ ତପନ । ୧୨ ।
ବିରହରେ କ୍ଷୀଣ ସ୍ୱାନ୍ତମଣି ଧନ ନ ନିଅ ପ୍ରଖର ପବନ ।
ବଜ୍ରପତନ ସ୍ତନିତ ନ କରିବ ପ୍ରବେଶ ହେବ ସନ୍ନିଧାନ ।
ବାରିବାହ ହେ ! ବନ୍ଧୁ ନବାନୁଭବୀ ସତ ।
ବୋଲିବ ଯେମନ୍ତେ ଶିବ ଶିବ ନିତ୍ୟେ ସେ ରୂପେ ମନାଇବ ଚିତ୍ତ ।୧୩।

---

୧୨ଶ ପଦ—ଦବଦହନ—ବନାଗ୍ନିତାପିତ । ବନରାମ—ମୃଗ । ଉନ୍ନତ—କ୍ରୋଧ ।

୧୩ଶ ପଦ—ସ୍ତନିତ—ମେଘ ଗର୍ଜନ । ସନ୍ନିଧାନ—ସମୀପ ବା ନିକଟ ।

---

ପୁଣି କାନ୍ଦୁଥିବାରୁ ତାର କୋକିଳ ସ୍ୱର ତୁଲ୍ୟ ସୁରଗଦ୍‌ଗଦ ଶୁଣାଯାଉଛି, ଅତଏବ ଏତିକବେଳେ ଯୁଦ୍ଧ କରି ସୀତାଙ୍କୁ ଦେଖିଯିବା । ଏହାଠାରୁ ଉତ୍କୃଷ୍ଟ ସମୟ ଆଉ ମିଳିବ ନାହିଁ ।” ଏହିପରି ବିଗ୍ଭର କରିବା ସମୟରେ ଶତ୍ରୁଘ୍ନଙ୍କର ବଡ଼ ଭାଇ ଲକ୍ଷ୍ମଣ କହିଲେ, “ବର୍ଷାକାଳ ଉପସ୍ଥିତ ହେବାରୁ ମେଘମାନେ ଆକାଶରେ କ୍ରୀଡ଼ା କରୁଅଛନ୍ତି ।” ଏହା ଶୁଣି ପ୍ରଥମେ ମେଘ ଉପରେ ଜାତ ହୋଇ ଥିବା କ୍ରୋଧ ସମ୍ବରଣ କରି ରାମଚନ୍ଦ୍ର ଆନନ୍ଦ ମନରେ ବିନୀତ ଭାବରେ ମେଘକୁ ଦୂତ କରିବା ଇଚ୍ଛାରେ କହିଲେ,—“ହେ ମେଘ ! ତୁମ୍ଭେ ଯେପରି ‘ବନରାମ’ ବନବାସୀ ମୃଗମାନଙ୍କର ବନାଗ୍ନିଜନିତ ବିକଳ ନାଶ କରିଅଛ, ସେହିପରି ମୁଁ ଗୋଟିଏ ବନବାସୀ ରାମ, ମୋର କାମାଗ୍ନିଜନିତ ସନ୍ତାପକୁ ବିନାଶ କର । (ଅର୍ଥାତ୍ ତୁମ୍ଭେ ଦୂତ ହୋଇ ପ୍ରିୟାକୁ ମୋର କଥା ଓ ମୋତେ ତାର କଥା ଶୁଣାଇ ଦୁଃଖ ମୋଚନ କରାଅ ) ।”

୧୩ଶ ପଦ—“ମୋର ପ୍ରିୟା ବିରହରେ କ୍ଷୀଣ ହୋଇଥିବ । ସେ ପୁଣି ଅତିଶୟ ଭୟ ଶୀଳା ଅଟେ । ତୁମ୍ଭେ ପ୍ରବଳ ପବନକୁ ସଙ୍ଗରେ ନିଅ ନାହିଁ ( ସେ ପବନରେ ଉଡ଼ିଯିବ ) ବଜ୍ରାଘାତ ଓ ଗର୍ଜନ ମଧ୍ୟ କରିବ ନାହିଁ ( ଏହି ସବୁ ଶବ୍ଦ ଶୁଣି ସେ ଭୟ କରିବ ) । ଧୀରେ ଧୀରେ ତୁମ୍ଭେ ନିକଟରେ ପ୍ରବେଶ କରିବ । ହେ ମେଘ ! ସେ ନୂଆ କରି ବିରହଦୁଃଖ ଅନୁଭବ କରୁଅଛି, ଏହାସତ୍ୟ । ସେ ପ୍ରଭିହିନ ଯେପରି ଶିବ ଶିବ ବୋଲିବ, ସେହିପରି ତାର ଚିତ୍ତକୁ ମନାଇବ । ( ଶିବ ନାମ ଧରିଲେ କାମ ବାଧା ଦୂର ହୁଏ ) ।”

ତୁଚ୍ଛାଣୁ ତୁ ପର ଚରଣ କାନ୍ତର ଟୋ ହତେ ସେ ତ ନ ଜୀଇବ ।
ବରରସିକା ସ୍ନେହାଧୀନା ଏ ଶଙ୍କା ବହିଛି ଜୀବନେ ରହିବ ।
ବାଣବାହ ହେ ! ବଚନେ ରଚିବ ଏତେକ ।
ଶରଦେ ଅନେକ ଘନ ତୁ ତ ଏକ ଏ ପୁଣି କେଉଁ କଉତୁକ ? ୧୪ ।
ବୁଜୁଁ ନୟନ ଶୟନେ ଲୀଳାମାନ ଦିଶିଯାଇ ତେଣୁ ତୋହର ।
ବେଳ ତେତେକ ସୁଖ ଦେଉଥ ଯେତେକ କଉତୁକ ଜାଗୁଁ ମାତର ।
ବାଣବାହ ହେ ! ବୋଲ ଦୁଃଖୀ ସଦା ନୋହୁଲେ ।
ତାହାରେ ତୋହର ଆହା କରିବାକୁ ସାହା ନାହିଁ ସତୁଁ ଅଖିଳେ । ୧୫ ।

---

୧୪ଶ ପଦ—ବରରସିକା—ଉତ୍ତମ ରସିକା ।

---

୧୪ଶ ପଦ—"ହେ ମେଘ ! ତୁମ୍ଭେ ତାହା ନିକଟରେ ଉପସ୍ଥିତ ହୋଇ ତାକୁ ଏହି କଥା ତୁଚ୍ଛାଣୁ—ତୁ ପର ଟୋ ବରର ଜୀବନ ଅଟୁ । ଅତଏବ ତୁ ମଲେ ସେ ଆଉ ଜୀଇବ ନାହିଁ । ଏହି କଥା ଶୁଣି ସେହି ଉତ୍ତମ ରସିକା ମୋର ସ୍ନେହର ଅଧୀନା ସୀତା ଭାବିବ, ହଁ ମତେ ତ ସେ ନିଜର ଜୀବନଠାରୁ ଅଧିକ ସ୍ନେହ କରନ୍ତି, ମୁଁ ମଲେ କାଳେ ସେ ମୋ ଚିନ୍ତାରେ ପ୍ରାଣତ୍ୟାଗ କରିବେ । ଏହି ଶଙ୍କା ତାର ମନ ବହି ରହିବ । ମାତ୍ର ତୁମ୍ଭେ ଏତିକ କଥା ନିଜେ ଯାଚି କରି କହିବ ( ମୁଁ ତୁମ୍ଭ ପଠାଇଛି ବୋଲି କହିବ ନାହିଁ ) । ତୁ ତ ଜଣେ; ମାତ୍ର ଏହି ଶରଦ ସମୟରେ ଅନେକ ଘନ ଦେଖା ଯାଉଛି; ଏ ପୁଣି କି କୌତୁକ ? ( ଏହା ମୁଁ କହୁଛି ବୋଲି କହିବ ) ।"

୧୫ଶ ପଦ—"ହେ ମେଘ ! ଶୀଘ୍ର ତା ନିକଟରେ ଉପସ୍ଥିତ ହୋଇ ଏହି କଥା କହ—ଶୟନକାଳରେ ଆଖି ବୁଜିଲାକ୍ଷଣି ତୋର ପୂର୍ବ କୌତୁକ କଥାମାନ ଯେତେବେଳେ ସ୍ୱପ୍ନରେ ଦେଖାଯାଏ ସେହି ସ୍ୱପ୍ନଜନିତ ସୁଖ ଯେତିକ ସମୟ ହୃଦୟରେ ଆନନ୍ଦ ଦାନ କରେ, ସେତିକ ସମୟ ମଧ୍ୟରେ ଯେ ସୁଖ ମିଳିବା କଥା ତା ମିଳେ । ଏଣୁ ସେ ସଦାଦୁଃଖୀ ନୁହନ୍ତି । ( ମୋ ସ୍ୱପ୍ନ ଭାବିକି ତାଙ୍କ ସୁଖ ପ୍ରଦାନ କରୁଥିବ, ଅନ୍ୟ ଆଡ଼ୁ ମଧ୍ୟ ସୁଖ ଅନୁଭବ କରି ପାରୁଥିବେ—ଏହି ଆଶଙ୍କା ସୀତାଙ୍କ ମନରେ ହୋଇପାରେ, ଏଣୁ କହୁଛନ୍ତି) ଅଖିଳ ବ୍ରହ୍ମାଣ୍ଡରେ ତୁମ୍ଭ ବ୍ୟତୀତ 'ଆହା' କରିବାକୁ ତାଙ୍କର ଆଉ କେହି ସାହା ନାହିଁ । ( ତୁ ଏକମାତ୍ର ତାଙ୍କର ପ୍ରିୟା ଆଉ ଅନ୍ୟ କେହି ନାହିଁ ଏହି ଭାବ ) ।

ବେଶ କରେ ମାନସିକେ କେଶ ବାନ୍ଧି ଅଳକା ଲେଖନ ପର୍ଯ୍ୟନ୍ତେ ॥
ବିସ୍ମର ମାନସ ମୁଁ ପ୍ରିୟାର ଦାସ ସେବା ବିଘ୍ନ ନୋହେ ଯେମନ୍ତେ ।
ବାରିବାହ ହେ ! ବିସ୍ମରିବ ନାହିଁ ଏ ବାଣୀ ।
ବର୍ତ୍ତନ ରତିରତନ ଲେଖି ଦେବ ଭେଟେ ତରୁଣୀ ନୋହି ଋଣୀ । ୧୬ ।
ଦିନବେଳେ ରଜନୀ ନିଏ ଯୋଗଧ୍ୟାନୀ ଜପେ ତୋ ନାମ ମନ୍ତ୍ର କରି ।
ବାସରେ କ୍ଷୁଧା ନାହିଁ ଅନ ରୁଚିବ ଯେ ତୋ ଓଷ୍ଠ ସୁଧା-ଆହାରୀ ।
ବାରିବାହ ହେ ! ଅନିମିଷ ନେତ୍ର କହିବ ।
ବଚନ ଦର୍ପଣ ହେଲୁ ସେ ଅନ୍ତରେ ଧରିଛି ଟିକି ପ୍ରତିବିମ୍ବ । ୧୭ ।
ବିଗ୍ରହ ରମଣୀ ମୁହିଁ ଛାଇ ପୁଣି ନ ଛାଡ଼ଇ ଅନବରତ
ବେଦବର ଭିନ୍ନ ଭିନ୍ନ କରିଥିଲେ ଅଙ୍ଗର କରିଲ ଜଗତ ।

---

୧୮ଶ ପଦ—ବିଗ୍ରହ—ଦେହ । ବେଦବର—ବ୍ରହ୍ମା ।

---

୧୬ଶ ପଦ—"ମୁଁ ପ୍ରିୟାର ସେବାକାଂକ୍ଷୀ । ଯେପରି ମୋର ସେବାରେ ବାଧା ନ ଘଟେ, ଏହି କଥା ମନରେ ବିସ୍ମର କରି ମୁଁ ମନେ ମନେ ତାର ଜୁଡ଼ା ବାନ୍ଧି ଦେବାଠାରୁ ଆରମ୍ଭ କରି ପାଦରେ ଅଳତା ଦେବା ପର୍ଯ୍ୟନ୍ତ ବେଶ କରୁଅଛି । ହେ ମେଘ ! ଏ କଥା ବିସ୍ମୃତ ହେବ ନାହିଁ ( ପାସୋରି ନ ଦେଇ ନିଶ୍ଚୟ କହିବ ) । କାରଣ ସେହି ଯୁବତୀ ଋଣୀ ନ ହୋଇ ଭେଟ ଦେବାମାନେ ମୋର ବର୍ତ୍ତନ (ମୂଲ) ରତି ରୂପ ଧନକୁ ହିସାବ କରି ଦେବ ।"

୧୭ଶ ପଦ—"ହେ ମେଘ ! କହିବ, ତୋର କାନ୍ତ ଯୋଗୀପରି ଅଥବା 'ଯୋଗ' ତୁମ୍ଭ ସହିତ ସଂଯୋଗକୁ ଧ୍ୟାନ କରି ଅନିଦ୍ରା ରହି ରାତ୍ରିକୁ ଅତିବାହିତ କରେ ଏବଂ ମନ୍ତ୍ର ପ୍ରାୟ ତୋହର ନାମ ଜପ କରେ । ଦିନରେ ତାଙ୍କୁ କ୍ଷୁଧା ହୁଏ ନାହିଁ; କାରଣ ଯେ ତୁମ୍ଭର ଅଧରାମୃତ ପାନ କରି କ୍ଷୁଧା ନିବାରଣ କରିଛି, ତାକୁ ଅନ୍ୟ ପଦାର୍ଥ ରୁଚିବ କି ? ସେ ତୋତେ ଚାହିଁ ଅପଲକନେତ୍ର ହୋଇ ଅଛନ୍ତି । କାରଣ ତୁ ଦୂରରେ ଥିଲେ ମଧ୍ୟ ତୋ କାନ୍ତ ଗୋଟିଏ ଆଶ୍ଚର୍ଯ୍ୟ ଦର୍ପଣ ହୋଇ ତୋର ପ୍ରତିବିମ୍ବକୁ ଧରିଛନ୍ତି । ଅର୍ଥାତ୍ ସେ ନିଶ୍ଚଳ ଭାବରେ ବସି ନାମ ସ୍ମରଣ ପୂର୍ବକ ତୋତେ ଚିନ୍ତିବାରୁ ତାଙ୍କ ହୃଦୟରେ ତୋର ଛବି ଦେଖା ଯାଉଛି, ତେଣୁ ସେ ଶୋକ ଶୋଷ ଭୁଲି ଯାଇ ଅପଲକ ନେତ୍ରରେ ତୋର ଚାହିଁବାରେ ଲାଗିଛନ୍ତି ।

୧୮ଶ ପଦ—"ହେ ମେଘ ! ସେହି ରମଣୀ ମୋର ଦେହ ଓ ମୁଁ ସେହି ଦେହର ଛାୟା ଅଟେ । ଯେପରି ଛାଇ ଦେହକୁ ଛାଡ଼େ ନାହିଁ, ମୁଁ ସେହିପରି

ବାରବାର ହେ ! ବକାଶ ହୋଇ ଈଷି ଦନ ।
ବଧୂମୁଖ ହାସ ଅରୁଣ ଅଧର ତାମ୍ବୁଳ କରଣ ପ୍ରସନ୍ନ । ୧୮ ।
ବଚ୍ଛେଦ ତମସ୍ତ୍ରେ ସିନା ଘଟନ ହେଉଅଛୁ ମୋର ଭରସା ।
ବଶିଷ୍ଟରେ ମୁକ୍ତି ହେବ ମହାଦର ନାହିଁ ନର୍ମଳ ହେବ ଆଶା ।
ବାରବାର ହେ ! ବପୁଯୁକ୍ତ ହେବ ପୁଣି ତ ।
ନଧାନ ଚକୋର ପଦ୍ମ ଲକ୍ଷ ନେହେ ସେ ଦେଖି ହେବେ ଉଲ୍ଲସିତ ॥
ବୈଦ୍ୟ ଯୋଷା ହେବ ଆଦ୍ରବ ଉତ୍ସବ ଅନଙ୍ଗବ୍ୟାଧି ଛୁଟିଯିବ ।
ବଦନ ଔଷଧୀଶଣ ଓଷ୍ଠ ଉଦେ ଭାସ୍କରରସ ଯତ୍ନେ ଦେବ ।

---

୧୯ଶ ପଦ—ତମ—ରାହୁ । ମହାଦର—ବଶେଷ ଭୟ । ଆଶା—ଦିଗ ।
୨୦ଶ ପଦ—ବଦନ ଔଷଧୀଶ—ମୁଖଚନ୍ଦ୍ର । ଔଷଧୀଶ—ଶ୍ରେଷ୍ଠ ଔଷଧ । ଭାସ୍କର ସୂର୍ଯ୍ୟ ।

---

ତାକୁ କେବେ ହେଲେ ଛାଡ଼େ ନାହିଁ । ବଧାତା ଜଗତକୁ ଅନ୍ଧକାର କରାଇ ଛାଇ ଓ ଦେହକୁ ଭିନ୍ନ ଭିନ୍ନ କରାଇଲା । ହେ ମେଘ ! ରାତିରେ ତାହାର ଚନ୍ଦ୍ର ତୁଲ୍ୟ ମୁଖରେ ହାସରୂପ ନର୍ମଳ କରଣ ଓ ଦନରେ ବାଳ ସୂର୍ଯ୍ୟଙ୍କ ତୁଲ୍ୟ ଓଷ୍ଠରେ ନର୍ମଳ ତାମ୍ବୁଳ ବୋଳରୂପ କରଣ ପ୍ରକାଶିତ ହୁଏ ।"

୧୯ଶ ପଦ—"ବଚ୍ଛେଦ ରୂପ ରାହୁ ଗ୍ରାସ କରିବାରୁ ସିନା ସେହି ମୁଖଚନ୍ଦ୍ର ଓ ଓଷ୍ଠସୂର୍ଯ୍ୟଙ୍କ କରଣର ଘଟନ ଘଟିଛି । ମୋର ଆଶା ହେଉଛି 'ଆଶା ନର୍ମଳ ହେବ' ମୋର ଆଶା ସଫଳ ହେବ, ନଶ୍ଚୟ ମୁକ୍ତି ମିଳିବ ଆଉ ସେ ମହାଭୟ ନାହିଁ । ଅଥବା ରାହୁର 'ମହୋଦର' ବଡ଼ ପେଟ ନାହିଁ, ପେଟ ଥିଲେ ହମସ୍ତେ ଜୀର୍ଣ୍ଣ ହୋଇଯାଆନ୍ତେ । ଦେଖିବାକୁ ମିଳେ ରାହୁଗ୍ରସ୍ତ ପରେ 'ଆଶା' ଦିଗ ନର୍ମଳ ହୁଏ ଓ ଚନ୍ଦ୍ର ବା ସୂର୍ଯ୍ୟଙ୍କୁ ମୁକ୍ତି ମିଳେ ) । ହେ ମେଘ ! ପୁନର୍ବାର ପ୍ରିୟାରୂପ ଦେହରେ ଛାଇ ରୂପୀ ମୁଁ ମିଳିତ ହେବ, ମୋର ସେହି ଚକୋର ଓ ପଦ୍ମ ତୁଲ୍ୟ ନେତ୍ରଦ୍ୱୟ ମୁଖଚନ୍ଦ୍ର ଓ ଓଷ୍ଠ ସୂର୍ଯ୍ୟଙ୍କୁ ଦେଖି ଆନନ୍ଦରେ ମତ୍ତ ହେବେ ।"

୨୦ଶ ପଦ—"ମୋର ପ୍ରିୟା ବୈଦ୍ୟ ହୋଇ ତାହାର ମୁଖଚନ୍ଦ୍ରକୁ ଔଷଧିଶ ନାମକ କ୍ୱାଥ ଓ 'ଉଦେ' ସ୍ଫୁରିତ ଓଷ୍ଠ ସୂର୍ଯ୍ୟଙ୍କୁ ଉଦୟ ଭାସ୍କର ନାମକ ବଟିକା କରି ଯେତେବେଳେ ଦେବ, ସେହି ସମୟରେ କାମଜ୍ୱର ଛାଡ଼ିଯିବ ଏବଂ ସେତେବେଳେ ମୋର ଅନଙ୍ଗୋତ୍ସବ ଅନୁଷ୍ଠିତ ହେବ । ହେ

ବାଣବାହ ହେ ! ବନ୍ଧୁ କୁ ଏତେ ଶେଜାଇବ ।
ବସି ଏ ଭାବନା କରେ ଉଦଯୋଗ ଯେମନ୍ତେ ତ୍ୱରିତେ ହୋଇବ ॥
ବଲ୍ଲଭା ବୋଲି ମୋର ତାଙ୍କୁ ଚହ୍ନିବ ଯେ ଶଯ୍ୟା କରିଥିବ ଧରା ।
ବର୍ଣୀଶ୍ରୀ ଶାଣବସା ରତ୍ନ ଗଣ୍ଠିରୁ ଫୁଟି ପତନ ହୋଇଲା ପରା ।
ବାହବାହ ହେ । ବସିଥିବ ଅବା ଦେଖିବ ।
ବେଣୀ ପୃଷ୍ଠଭାଗେ ମନ୍ତ୍ରଧୂଳିପାତ ସ୍ଥଗିତ ନାଗ ପ୍ରାପ୍ତ ଥିବ । ୨୧ ।

ବାର୍ତ୍ତା ମୋର କହ ତା ବାର୍ତ୍ତା ଆଣିଲେ ଭେଟ ହେଲା ବନ୍ଧୁ ପ୍ରିୟାର ।
ବଢ଼ାଇ ତୋ ରଖି ଘନକେଶୀ ବୋଲି ଅତ୍ୟେ ଡାକିବ ସତ୍ୟ ମୋର ।
ବୋଲୁଁ ବାରିଦ । ବାୟୁବଳେ ଚଳୁଁ ଦକ୍ଷିଣେ ।
ବଶ୍ୱର ଗଲା ତ ବୃତ୍ତ ବାଇଶିପଦରେ ଉପଇନ୍ଦ୍ର ଭଣେ । ୨୨ ।

— —

---

ମେଘ । ମୋର ପ୍ରିୟାଙ୍କୁ ବୁଝାଇ କହିବ ଯେ, ତୁମ୍ଭ ସ୍ୱାମୀ ବସି ଏହି ଭାବନା କରୁଅଛନ୍ତି ଏବଂ ଏହି ଭାବନା ଯେପରି ଶୀଘ୍ର ସଫଳ ହୁଏ, ସେଥିପାଇଁ ଉଦ୍‌ଯୋଗ କରୁଅଛନ୍ତି ।”

୨୧ଶ ପଦ—“ହେ ମେଘ ! ଶାଣଦ୍ୱାରା ପରିଷ୍କୃତ ହୀରା କୌଣସି ଲୋକର ଗଣ୍ଠିରୁ ଖସି ଭୂମି ଉପରେ ପଡ଼ିଥିଲେ ଯେପରି ଦେଖାଯାଏ, ସେହିପରି ଅତି କ୍ଷୀଣ ଓ ଉଜ୍ଜ୍ୱଳ ବର୍ଣ୍ଣ ଧାରଣ କରି ଭୂମିରେ ଶୋଇଥିବ ଅଥବା ମନ୍ତ୍ର ଧୂଳି ପଡ଼ିଥିଲେ ଯେପରି କଳା ନାଗ ସ୍ଥିର ହୋଇ ରହିଥାଏ, ସେହିପରି ପିଠି ଉପରେ ବେଣୀ ସ୍ଥିର ଭାବରେ ପଡ଼ି ଭୂମିରେ ବସିଥିବ—ଏପରି ଯେ ରମଣୀ, ତାଙ୍କୁ ମୋର ସ୍ତ୍ରୀ ବୋଲି ଚହ୍ନିବ । ( ଚିନ୍ତା ହେତୁ ବେଣୀ ହଲୁ ନ ଥିବ, ଏହି ଭାବ ) ।

୨୨ଶ ପଦ—“ହେ ମେଘ । ତୁମ୍ଭେ ମୋର ବାର୍ତ୍ତା କହି ତାଠାରୁ ବାର୍ତ୍ତା ଆଣିଲେ, ପ୍ରିୟାର ଭେଟ ହେଲାପରି ମୁଁ ତୁମ୍ଭର ସମ୍ମାନ ବଢ଼ାଇ ପ୍ରତିଦିନ ତାଙ୍କୁ ଘନକେଶୀ ବୋଲି ଡାକିବ ।” ଏହିପରି କହୁ କହୁ ମେଘ ପବନ ଯୋଗୁଁ ଦକ୍ଷିଣଦିଗକୁ ଚାଲିଗଲା । ଏହା ଦେଖି ରାମଚନ୍ଦ୍ର ଅତିଶୟ ସନ୍ତୁଷ୍ଟ ହେଲେ । ଉପେନ୍ଦ୍ର ଏ ଛାନ୍ଦକୁ ବାଇଶି ପଦରେ ଶେଷ କଲେ ।

# ତ୍ରିଂଶ ଛାନ୍ଦ

## ରାଗ—ବଙ୍ଗଳା ଶ୍ରୀ

### ଚନ୍ଦ୍ରସିଂହାବଲୋକନ

ବରଷାକାଳ ଅନ୍ତ କରେ ଶରଦ ବନ୍ଧୁ ଶିବ ଆଡ଼ମ୍ବର ।
ବରଧୂର ଘନାଘନ ଖଣ୍ଡିବାରେ କେଶରୀ ସରି ଆବର । ୧ ।
ବର ପରିରମ୍ଭେ ନବକନ୍ୟାଲିଙ୍ଗନେ ବଢ଼ାଇ ଶୋଭା ପ୍ରକର ।
ବରଣୀକୃତ ରଜକପ୍ରଭବକୁ ନିର୍ମଳକାରୀ ଅମ୍ବର । ୨ ।

---

୧ମ ପଦ—କାଳ—ମୃତ୍ୟୁ, ସମୟ । ଅନ୍ତ—ନାଶ, ଶେଷ । ଆଡ଼ମ୍ବର—ଆଟୋପ । ବରଧୂର—ଅତିଶୟ ଗର୍ବିତ ।

୨ୟ ପଦ—ପ୍ରକର—ଅତିଶୟ । ରଜକ—ଧୋବା । ଅମ୍ବର—ଲୁଗା, ଆକାଶ ।

---

୧ମ ପଦ—ଶିବ ଯେପରି ଆଟୋପ ବହନ କରି ମୃତ୍ୟୁକୁ ନାଶ କରିଥିଲେ, ଶରତ୍‌କାଳ ସେହିପରି ଆଡ଼ମ୍ବର ଦେଖାଇ ବର୍ଷାକାଳକୁ ନାଶ କଲା । ଆଉ ମଧ୍ୟ 'କେଶରୀ' ସିଂହ ଯେପରି 'ଘନାଘନ' ମତ୍ତହସ୍ତିକୁ ବିଦାରି ମାରି ପକାଇବା ପାଇଁ ଗର୍ଜି ଉଠେ, ସେହିପରି ଶରତ୍ ନିବିଡ଼ ମେଘ ସମୂହକୁ ଛିନ୍ନ ଭିନ୍ନ କରିବା ପାଇଁ ଚମକି ଉଠିଲା ଅର୍ଥାତ୍ ସଙ୍ଗେ ସଙ୍ଗେ ଜଗତରେ ବ୍ୟାପ୍ତ ହୋଇଗଲା । (ଶରତପ୍ରବେଶ କରିବାରୁ ଆକାଶ ମେଘଶୂନ୍ୟ ହେଲା ଏହି) ।

୨ୟ ପଦ—ବର ଯେପରି ନୂତନ ବିବାହିତା କନ୍ୟାକୁ ଆଲିଙ୍ଗନ କରି ନିଜର ଶୋଭାକୁ ଅତିଶୟ ଭାବରେ ବଢ଼ାଇ ଥାଏ, ଶରତକାଳ ସେହିପରି ସିଂହମାସ ପରେ ନୂଆ କରି ପ୍ରବେଶକୁ ଆସୁଥିବା କନ୍ୟା ମାସକୁ ଆଲିଙ୍ଗନ କରି ଅତିଶୟ ଶୋଭା ବଢ଼ାଇବାକୁ ଲାଗିଲା । ପୁଣି ଧୋବା ଯେଉଁ ଶକ୍ତି ଦ୍ୱାରା 'ଅମ୍ବର' ଲୁଗା ସଫା କରିବାକୁ ଉପଯୁକ୍ତ ହୁଏ, ଶରତ ଧୋବାର ସେହି ଶକ୍ତିକୁ ଧାରଣ କରି ଆକାଶର ନିର୍ମଳକର୍ତ୍ତା ହେଲା । ( ଧୋବା ବସନ ନିର୍ମଳ କଲାପରି ଶରତ ଆକାଶକୁ ନିର୍ମଳ କଲା ) ।

ବରଷଣ ଶ (ସ)ରେ କୃଷ୍ଣସାର ହତେ ଯଥା ଲୁବ୍‌ଧକ-ଶବର ।
ବରଧନ ଲୀଳା ପୁଷ୍କରେ ତରଣୀ କରାଇ ସେ କ ଧୀବର । ୩ ।
ବରଉଜ୍ଜ୍ୱଳ ଚନ୍ଦ୍ର ଶିରୀ ଜନ୍ମାଇ ଯେମନ୍ତ ସରିତବର ।
ବରଗ ବରଗ ସୁମନା ଉତ୍‌ଫୁଲ୍ଲକାରକେ କ ପିତାମ୍ବର । ୪ ।
ବରହେ ମଳିନ ଶିଖୀକି କରାଇ ହିମନ୍ତ ଅନୁଭାବର ।
ବରଣ ଭୁବନ ନିର୍ମଳ ରଚନେ ଭୂଲ ସେ ପଦ୍ମଭବର । ୫ ।

---

୩ୟ ପଦ—କୃଷ୍ଣସାର—ମୃଗବିଶେଷ । କୃଷ୍ଣ—କଳା । ସାର—ମଲ୍ଲା । ଶରେ—ଶରଦ୍ୱାରା, ଜଳଦ୍ୱାରା । ଲୁବ୍‌ଧକ—ମ୍ଳେଚ୍ଛ । ପୁଷ୍କରେ—ଜଳରେ ଆକାଶରେ । ତରଣୀ—ସୂର୍ଯ୍ୟ, ନୌକା । ଧୀବର—କେଉଟ ।

୪ର୍ଥ ପଦ—ବରଉଜ୍ଜ୍ୱଳ—ଅତି ଉଜ୍ଜ୍ୱଳ । ସରିତବର—ସମୁଦ୍ର । ଶିରୀ ବା ଶ୍ରୀ—ଲକ୍ଷ୍ମୀ, ଶୋଭା । ସୁମନା—ଗୋପସ୍ତ୍ରୀ, ଫୁଲସବୁ । ଉତ୍‌ଫୁଲ୍ଲକାରକେ—ପ୍ରଫୁଲ୍ଲକାରୀ । ବରଗ ବା ବର୍ଗ—ସମୂହ ।

୫ମ ପଦ—ବରହେ—ବର୍ହେ—ପୁଚ୍ଛରେ, ଶିଖାରେ । ଶିଖୀ—ଅଗ୍ନି, ମୟୂର । ହିମନ୍ତ—ହିମବନ୍ତ, ହେମନ୍ତ—ଋତୁ । ପଦ୍ମଭବ—ବ୍ରହ୍ମା । ଭୁବନ—ଜଗତ୍ ଅନୁଭାବ—ପ୍ରଭାବ ।

---

୩ୟ ପଦ—ମ୍ଳେଚ୍ଛ ଶବର ଶରବୃଷ୍ଟି କରି ଯେପରି କୃଷ୍ଣସାର ମୃଗକୁ ନାଶ କରେ, ଶରତ ସେହିପରି ଜଳ ଦ୍ୱାରା କୃଷ୍ଣବର୍ଣ୍ଣ ହୋଇଥିବା ମେଘକୁ ନାଶକରି ଆକାଶରେ ସୂର୍ଯ୍ୟଙ୍କର କ୍ରୀଡ଼ା ବିସ୍ତାରିତ କରାଇଲା । ଅତଏବ ସେ କଣ କେଉଟ କି ? କାରଣ କେଉଟତ ଏହିପରି ଜଳରେ ନୌକାର କ୍ରୀଡ଼ା ବିସ୍ତାରିତ କରିଥାଏ । ( ଶରତ ପ୍ରବେଶରେ ଆକାଶ ମେଘଶୂନ୍ୟ ହେବାରୁ ସୂର୍ଯ୍ୟ ପରିଷ୍କାର ଦେଖାଗଲେ ) ।

୪ର୍ଥ ପଦ—ସମୁଦ୍ର ଅତି ଉଜ୍ଜ୍ୱଳ ଚନ୍ଦ୍ର ଓ ଲକ୍ଷ୍ମୀଙ୍କୁ ଜନ୍ମ କରିଥିଲା । ଶରତ ଅତି ଉଜ୍ଜ୍ୱଳ ଚନ୍ଦ୍ରଙ୍କର ଶୋଭାକୁ ଜାତ କରିବାରୁ, ସେ ଯେ ସେହିପରି ହେଲା । "ପୀତାମ୍ବର" ଶ୍ରୀକୃଷ୍ଣ 'ବର୍ଗ' ଗୋପ ସ୍ତ୍ରୀ ବା ଦେବସ୍ତ୍ରୀମାନଙ୍କର ହୃଦୟକୁ ଆନନ୍ଦିତ କଲାପରି ଶରତ ନାନା ଜାତୀୟ ପୁଷ୍ପମାନଙ୍କୁ ବିକଶିତ କଲା । ଏଣୁ ମନେ ହେଲା ଏ କଣ ଶ୍ରୀକୃଷ୍ଣ କି ?

୫ମ ପଦ—ହେମନ୍ତକାଳ ନିଜର ପ୍ରଭାବରେ ଅଗ୍ନି ଶିଖାକୁ ମଳିନ କରାଇଲା ପରି, ଶରତ ନିଜର ପ୍ରଭାବରେ ମୟୂରକୁ ପୁଚ୍ଛହୀନ କରାଇଲା । ବ୍ରହ୍ମା ଜଗତକୁ ନିର୍ମଳଭାବରେ ସର୍ଜ୍ଜନା କରିବାପାଇଁ 'ବରଣି' ନିଜକୁ ନିଯୁକ୍ତ କଲାପରି, ଶରତ ଜଳକୁ ନିର୍ମଳ କରିବାପାଇଁ ନିଜେ ନିଯୁକ୍ତ ହୋଇ ବ୍ରହ୍ମାଙ୍କର 'ଭୂଲ' ସମତା ଲଭ କଲା ।

ବରଜବରଦ ରାମ ଏ ସମୟେ ବଳମ୍ବନ୍ତ ସୁଗ୍ରୀବର ।
ବରଗି ଦେଲ ସତ୍ୱରେ ଆଣ ଯାଇ ଗମନ୍ତେ ସୀତା-ଦେବର । ୬ ।
ବରଛାଙ୍କାଣ୍ଡକ ପରି ବ୍ୟାକୁଳରେ ବୁଲନ୍ତ ଗିରିବବର ।
ବରବରନାକୁ ଖୋଜନ୍ତ ପୁଛନ୍ତ ଅଛନ୍ତ ଯେତେ ସ୍ଥାବର । ୭ ।
ବରଦ ହୋଇବା ଦେଖିଥିଲେ କହ ଏମନ୍ତ ସୁନ୍ଦରୀବର ।
ବରଜବରଜ ଯହିଁ ଶୋଭାବନ୍ତୀ ନାହିଁ ସେ ସୁରନବର । ୮ ।
ବରମାପ୍ସ କି ବହୁମୂଲ୍ୟ ଦୁକୂଳ ବନ୍ଧୁ ଅନ୍ୟ ସ୍ତ୍ରୀଶ୍ରୀବର ।
ବରବର୍ଣ୍ଣିମା ହରିଦ୍ରା ବୋଲାଇଲା ଛୁଇଁ ଯାହା କଳେବର । ୯ ।

---

୬ଷ୍ଠ ପଦ—ବରଜବରଦ – ଗୋପାଳକୁ ବର ଦେଇଥିବା ରାମଚନ୍ଦ୍ର । ସୀତାଦେବର—ଲକ୍ଷ୍ମଣ ।

୭ମ ପଦ—ବରଛାଙ୍କାଣ୍ଡକେ—ବର୍ଚ୍ଛା ଘାତ ପାଇଥିବା ମୃଗ । ବରବର୍ଣ୍ଣ—ଗୌରାଙ୍ଗୀ ।

୮ମ ପଦ—ସୁରନବର – ଦେବଭବନ । ବରଜବରଜ—ବହୁସଂଖ୍ୟକ ।

୯ମ ପଦ—ଦୁକୂଳ ପଟ୍ଟବସ୍ତ୍ର । ସ୍ତ୍ରୀବର—ସୁନ୍ଦରୀ ଶିରୋମଣି । ହରିଦ୍ରା—ହଳଦୀ । କଳେବର—ଦେହ ।

---

୬ଷ୍ଠ ଓ ୭ମ ପଦ—ଏହି ସମୟରେ ବାଟରେ କ୍ଷୀରଦାତା ଗୋପାଳକୁ ବରଦାନ କରିଥିବା ରାମଚନ୍ଦ୍ର ସୁଗ୍ରୀବର ଆସିବାରେ ବିଳମ୍ବ ହେବାରୁ ଲକ୍ଷ୍ମଣଙ୍କୁ 'ଶୀଘ୍ର ଯାଇ ତାକୁ ଆଣ' ଏହା କହି ପଠାଇ ଦେଲେ । ରାମଚନ୍ଦ୍ର ଏକା ରହି ବର୍ଚ୍ଛା ଘାତ ପାଇଥିବା ମୃଗପରି ଅତି ଦୁଃଖରେ ପର୍ବତ ଗୁହାମାନଙ୍କରେ ବୁଲି ସୁନ୍ଦରୀ ସୀତାଙ୍କୁ ଖୋଜିଲେ ଓ ସେହି ସ୍ଥାନରେ ଯେତେ ବୃକ୍ଷ ଅଛନ୍ତି ସେମାନଙ୍କୁ ପଚାରିବାକୁ ଲାଗିଲେ ।

୮ମ ପଦ—ରାମଚନ୍ଦ୍ର ପଚାରିଲେ, "ହେ ବୃକ୍ଷମାନେ ! ଯେଉଁ ସ୍ୱର୍ଗପୁରରେ କୋଟି କୋଟି ଅର୍ଥାତ୍ ବହୁତ ସୁନ୍ଦରୀ ଅଛନ୍ତି ସେଠାରେ ମଧ୍ୟ ନ ଥିବ, ଏପରି ସୁନ୍ଦରୀଶ୍ରେଷ୍ଠା ମୋର ସୀତାକୁ ଦେଖିଥିଲେ କହ, ତୁମ୍ଭଙ୍କୁ ବରଦେବା ।"

୯ମ ପଦ—"ମୋ ପ୍ରିୟା ଅନ୍ୟ ସୁନ୍ଦରୀ ସ୍ତ୍ରୀ ମାନଙ୍କପରି ଦାମିକା ଲୁଗା ପିନ୍ଧି ସୁନ୍ଦରୀ ପଦକୁ ବରଣ କରି ନାହିଁ ବା ସୁନ୍ଦରୀ ବୋଲି ବର୍ଣ୍ଣିତ ହୋଇନାହିଁ । ହଳଦୀ ତାହାର ଦେହକୁ ଛୁଇଁ ଅର୍ଥାତ୍ ଯାହା ଦେହ କାନ୍ତିର ଆଂଶିସମାନ ଧାରଣ କରି 'ବରବର୍ଣ୍ଣିମା' ଶ୍ରେଷ୍ଠ ବର୍ଣ୍ଣ ଧାରଣୀ ବୋଲାଉଛି ।"

ବରନେ ନଉନ ହେମଭୂଷାମାନ ନୁହଇ କ୍ଷୀଣ ପୀବର ।
ବର ଚୀନ ଜନ୍ମ ଅଙ୍ଗେ ବ୍ୟକ୍ତ ଧଡ଼ ଥିବାରୁ ପୀତ ଅମ୍ବର । ୧୦ ।
ବରଟା ଗତରେ ଶରଣ ପଶିଛି ରୂପ ଲାବଣ୍ୟ ସରୋବର ।
ବରନତମ୍ବା ବଦନ ତାମରସ ବିକାଶ ଘନ ନିବର । ୧୧ ।
ବରଧମାନ ହେଉଥାଇ ନ ଭୁଟି ସର୍ବଦା ପ୍ରେମଣମ୍ବର ।
ବରତମାନରେ ତାହା ଅସ୍ୱାଦନବସ୍ତାନେ ଆନ ଚୂବର । ୧୨ ।

---

୧୦ମ ପଦ—ହେମଭୂଷାମାନ—ସ୍ୱର୍ଣ୍ଣାଳଙ୍କାରମାନ । ପୀବର—ସ୍ଥୂଳ । ବରଚୀନ—ଉତ୍କୃଷ୍ଟ ଚୀନଦେଶ ଲୁଗା । ପୀତ ଅମ୍ବର—ହଳଦିଆ ଲୁଗା ।

୧୧ଶ ପଦ—ବରଟା—ହଂସୀ । ବଦନତାମରସ - ମୁଖପଦ୍ମ ।

୧୨ଶ ପଦ—ପ୍ରେମଣମ୍ବର—ପ୍ରେମଜଳ । ଚୂବର—ଜଳାସ୍ପ ।

---

୧୦ମ ପଦ—"ତାହାର ଦେହରେ ଥିବା ସୁବର୍ଣ୍ଣ ଅଳଙ୍କାରସବୁ ଦେହର କାନ୍ତିଠାରୁ 'ନଉନ' ନିଷ୍ପ୍ରଭ ଦେଖାଯାନ୍ତି । ସେ ଅଙ୍ଗଣସ୍ଥ କୃଶ ବା ସ୍ଥୂଳ ନୁହେଁ । ଅତି ଉତ୍କୃଷ୍ଟ ଚିନ୍ ଦେଶ ତିଆରି ହଳଦିଆ ଶାଢ଼ୀ ତାର ଦେହରେ ମିଶିଯାଏ, କିନ୍ତୁ ଧଡ଼ ଥିବାରୁ ଜଣା ପଡ଼େ ।" ( ଚୀନଦେଶରେ ଭଲ ଲୁଗା ଆମଦାନି ହେଉଥିବା କଥା ପ୍ରାଚୀନ ସାହିତ୍ୟରୁ ମିଳେ ) ।

୧୧ଶ ପଦ—"ମୋର ପ୍ରିୟା ଲାବଣ୍ୟର ପୁଷ୍କରିଣୀ ଅଟେ । ଏଣୁ ହଂସୀ ତାର ଗମନରେ ଶରଣ ପଶିଛି ( ସେ ହଂସ ଗମନା ଅଟେ ) ପୁଷ୍କରିଣୀ ହଂସୀ ଗମନ କରିବାର ଏକମାତ୍ର ସ୍ଥାନ ଅଟେ । ପୁଷ୍କରିଣୀରେ କେବଳ ଦିନରେ ପଦ୍ମ ଫୁଟି ଥାଏ, ମାତ୍ର ଏହି ଲାବଣ୍ୟ ସରୋବରରେ ସ୍ଥୂଳ ନିତମ୍ବାର ମୁଖ ରୂପୀ ପଦ୍ମ ଦିନ ଓ ରାତି (ଅହୋରାତ୍ର) ବିକଶିତ ହୋଇଅଛି । ( ତାର ମୁଖ ପ୍ରସ୍ଫୁଟିତ ପଦ୍ମତୁଲ୍ୟ ମନୋରମ ଅଟେ ) ।"

୧୨ଶ ପଦ—"ସେହି ଲାବଣ୍ୟ ପୁଷ୍କରିଣୀରେ ପ୍ରେମ ରୂପ ଜଳ ସର୍ବଦା ବୃଦ୍ଧି ଲାଭ କରୁଥାଏ (ବଢ଼ୁଥାଏ) । ମୁଁ ବର୍ତ୍ତମାନ ତାହା ପାନ କରିବାକୁ ନ ପାଇବାରୁ, ମୋତେ ଅନ୍ୟ ପିଇବା ଜଳ କଷା ଲାଗୁଛି । ( ସେ ଯିବା ଦିନରୁ ଖାଇବା ଦୂରେ ଥାଉ ପିଇବାକୁ ମଧ୍ୟ ଭଲ ଲାଗୁ ନାହିଁ ) ।"

ବିରହିତ ହୋଇ ତା ବିଚ୍ଛେଦେ ମୁହିଁ ହେଉଅଛୁ ବ୍ୟାକୁଳ ।
ବିରଳ ସମାନ ଘାତ କରୁଅଛି ଫୁଲଶରେ ରତିବର । ୧୩ ।
ବିରତ ପାଳନା ମୋ ଏକ ଲଳନା ହେଲାବନ୍ଧୁ ସ୍ୱୟମ୍ବର ।
ବିରଚନ କବରୀ ରଚନ ମୁଁ ଦାସ ରଚନ ଅର୍ଥେ ଜାବର । ୧୪ ।
ବିରଞ୍ଜ ବାଳାମୁରଞ୍ଜ ନେତ୍ର ରୋଗେ ଜୀବନ ସେ ମୋ ଜୀବର ।
ବିରହିଣ-ପୁଚ୍ଛ ଭୁଜଙ୍ଗ-କୁନ୍ତଳା ଲଭେ ଥିଅଛନ୍ତି କେ ବର । ୧୫ ।
ବିର ଏତେ ଦେହ ମନେ ରହୁ ମନ ଯେମନ୍ତ ଅବୟବର ।
ବିରବର୍ତ୍ତିନୀ ପାଶରେ ପରବେଶ ହୁଅନ୍ତି ଏକ ଲବର । ୧୬ ।

---

୧୩ଶ ପଦ—ରତିବର—କନ୍ଦର୍ପ । ଫୁଲଶର—ଫୁଲବାଣ, କନ୍ଦର୍ପର ବାଣ ।

୧୪ଶ ପଦ—କବରୀ ରଚନ—କେଶ ବିନ୍ୟାସ ।

୧୫ଶ ପଦ—ବିରହିଣ-ପୁଚ୍ଛ-ଭୁଜଙ୍ଗ-କୁନ୍ତଳା—ମୟୂରପୁଚ୍ଛବିନନ୍ଦିତ-କେଶୀ । ବିରଞ୍ଜ—ଅଞ୍ଜନ ।

---

୧୩ଶ ପଦ—"ତାର ବିଚ୍ଛେଦରେ ମୁଁ ବ୍ୟାକୁଳିତ ହେଉଅଛୁ । ହେ ବନ୍ଧୁମାନେ ! ମୁଁ କିପରି ରକ୍ଷା ପାଇବି କହ, କନ୍ଦର୍ପ ଫୁଲଶରରେ ବିରୁଦ୍ଧ ପରି ମୋତେ ଆଘାତ କରୁଛି ।"

୧୪ଶ ପଦ—"ପ୍ରିୟା ମୋତେ ବରିଲାବନ୍ଧୁ ମୁଁ ଏକ ପତ୍ନୀବ୍ରତ ପାଳନ କରିଅଛି । ତାହାର ଜଡ଼ା ବାନ୍ଧି ଦେବା ନିମିତ୍ତ ମୁଁ ଦାସ ହୋଇ ବେତନ ସ୍ୱରୂପ ତାଠାରୁ ଜୀବରୂପ ଭିକ୍ଷା ପାଏଁ ।"

୧୫ଶ ପଦ - "ସେହି ବାଳାର ମୂର୍ତ୍ତି ମୋ ଚକ୍ଷୁ ରୋଗର ଅଞ୍ଜନ ଅଟେ । ପୁଣି ସେ ମୋ ଜୀବନର ଜୀବନ ଅଟେ । ଆହା ! ସେହି ମୟୂରପୁଚ୍ଛ-ବିନନ୍ଦିତକେଶୀକୁ ପାଇବାପାଇଁ କେଉଁ ଦେବତା ହେବେ ବର ଦିଅନ୍ତେ ?

୧୬ଶ ପଦ—"ଯେପରି ହସ୍ତ, ପଦ ପ୍ରଭୃତି ଅବୟବରେ ମନ ରହେ, ସେହିପରି ମନରେ ଦେହ ରହୁ, ଏହି ବର କିଏ ଦେବେ ଦିଅନ୍ତା । ତାହାହେଲେ ମୁଁ କ୍ଷଣକ ମଧ୍ୟରେ ସେହି ପରମାସୁନ୍ଦରୀର ନିକଟରେ ପ୍ରବେଶ ହୁଅନ୍ତି । ( ଦେହ ଯଦି ମନ ପରି ସର୍ବତ୍ରଗାମୀ ହୋଇ ପାରନ୍ତା, ତେବେ ମୁଁ ସୀତା ନିକଟରେ ପହଞ୍ଚି ପାରନ୍ତି ) । ମନ ସମସ୍ତ ଅବୟବରେ ବ୍ୟାପ୍ତ ହୋଇ ରହେ, ଏହା ତାର୍କିକଙ୍କର ମତ ।

ବରହ୍ନିରୂପ ବିରହ ହୃଦସ୍ଥବନେ ଜାଳିବା କାମଦେବର ।
ବରଷି ଆହା ବାଣୀ ଭାବଜଳକୁ ଲିଭନ୍ତା କାନ୍ତା ଜବର । ୧୭ ।
ବରବିକ ଆନ୍ଦ ପକ୍ଷୀ ଅଛ ପକ୍ଷ ଦେଲେ ଉଡ଼ନ୍ତି ଅବର ।
ବରଷ ମଧ୍ୟେ ଲୁଚିଇଥିବ କେଣେ ମିଳନ୍ତି ବନ୍ଧୁ ଠାବର । ୧୮ ।
ବରଆରୋହା ତନୁ ଭିନ୍ନ କରେଟି ହର ହେଲେ ଦିଗମ୍ବର ।
ବରସକ କ୍ଷଣ ହେବା ତାହା ଭିନ୍ନେ ବଡ଼ କଳ ମାନବର । ୧୯ ।
ବରତି ପ୍ରଆଦ୍ୟେ ମୋ ଦୁର୍ଦ୍ଦଶା ରତି ବିଚ୍ଛେଦେ ହୋଇ ସମ୍ବର ।
ବରଜନ କପା ଅତନୁ ହେବାର କଲ୍ପ ଜଡ଼ ବେଦବର । ୨୦ ।

---

୧୭ଶ ପଦ ବରହ୍ନି ( ବହ୍ନି )– ଅଗ୍ନି ।

୧୮ଶ ପଦ – ବରବିକଆନ୍ଦ– ବଣି ଆନ୍ଦ । ଅବର –ଆକାଶ । ବରଷ (ବର୍ଷ)—ଭାରତବର୍ଷ ।

୧୯ଶ ପଦ—ବରାରୋହା— ପରମାସୁନ୍ଦରୀ । ଦିଗମ୍ବର—ଉଲଗ୍ନ ।

୨୦ଶ ପଦ – ସମ୍ବର– ସମ୍ବରାସୁର । ଅତନ—ଦେହହୀନ ।

---

୧୭ଶ ପଦ—"ପ୍ରିୟା ନିକଟରେ ମୁଁ ଉପସ୍ଥିତ ହୁଅନ୍ତେ, ସେ ମୋର ହୃଦସ୍ଥ ବନରେ କନ୍ଦର୍ପ ଲଗାଇ ଦେଇଥିବା ବିରହାଗ୍ନି ଜଳୁଥିବାର ଦେଖି, 'ଆହା' ଏହି କଥାରୂପ ପ୍ରେମଜଳକୁ ବରଷି ସଙ୍ଗେ ସଙ୍ଗେ ତାହା ଲିଭାଇ ଦିଅନ୍ତା ।"

୧୮ଶ ପଦ—"ବଣି ଆନ୍ଦ ପକ୍ଷୀମାନେ ଏଠାରେ ଅଛ ଯଦି ତୁମ୍ଭମାନଙ୍କମଧ୍ୟରୁ କେହି ମତେ ପକ୍ଷ ଦିଅନ୍ତ, ତାହାହେଲେ ମୁଁ ଆକାଶରେ ଉଡ଼ନ୍ତି ଏବଂ ମୋର ପ୍ରିୟା ଥିବା ସ୍ଥାନରେ ପହଞ୍ଚନ୍ତି । ତାକୁ ଏହି ଭାରତବର୍ଷ ମଧ୍ୟରେ ତ କଏ ଲୁଚାଇଛି ? ( କେଣୀ ଦୂରରେ ନୁହେଁ, ଏଣୁ ଶୀଘ୍ର ତୁମ୍ଭଙ୍କୁ ତୁମ୍ଭର ପକ୍ଷ ଫେରାଇ ଦିଅନ୍ତି )।"

୧୯ଶ ପଦ— "ସୁନ୍ଦରୀ ପାର୍ବତୀଙ୍କ ଦେହ ମୋ ଦେହରୁ ଅଲଗା ହୋଇଯିବ,—ଶିବ ଏହା ଭାବ ଲଙ୍ଗଳା ହେଲେ । ଏଣୁ ସେହିପରି ନରର ସୁନ୍ଦରୀ ସ୍ତ୍ରୀଠାରୁ ଅଲଗା ହୋଇ ରହିଥିବା ମନୁଷ୍ୟ ପକ୍ଷରେ ଏକକ୍ଷଣ ଏକବର୍ଷପରି ବୋଧ ହେବା ବଡ଼ କଥା କି ?"

୨୦ଶ ପଦ—"ରତିଦେବୀଙ୍କର କନ୍ଦର୍ପ ସହ ବିଯୋଗ ଘଟନ୍ତେ ସମ୍ବରାସୁର ଯେପରି ତାଙ୍କର ଦୁର୍ଦ୍ଦଶା ହୋଇ ପ୍ରବର୍ତ୍ତି ଥିଲା, ସେହିପରି ମୋର

ବରଅଙ୍ଗୀ-ଅଙ୍ଗେ ମିଶନ୍ତି ପୁଣି ତା କରି ଭବେ ସ୍ମରବର ।
ବରତ କି କରି କାହିଁ ଝାସିଥିଲ ଅଜଣା ସେ ପୁରବର । ୨୧ ।
ବର ଶବ୍ଦ ପାଦ ଆଦ୍ୟ ପ୍ରାନ୍ତ ଛାନ୍ଦ ବୁଧରଞ୍ଜନକାବର ।
ବରଚେ ଚନ୍ଦସିଂହାବଲୋକେ କହେ ଉପଇନ୍ଦ୍ର ସାରବର । ୨୨ ।

---

ସୀତାସହ ପ୍ରୀତିର ଅଭାବ ଘଟିବାରୁ ଦୁର୍ଦ୍ଦଶା ସମ୍ବରାସୁର ହୋଇ ପ୍ରବର୍ତ୍ତିଲା । ( ରତି କନ୍ଦର୍ପଠାରୁ ବିଯୁକ୍ତ ହେବାରୁ ସମ୍ବର ତାଙ୍କୁ ହରଣ କରି ନେଇଥିଲା । ମୁଁ ସୀତାଙ୍କଠାରୁ ବିଯୁକ୍ତ ହେବାରୁ ଦୁର୍ଦ୍ଦଶା ସୀତାଙ୍କୁ ହରଣ କରି ନେଲା ) । କିନ୍ତୁ ରତିଠାରୁ ଅନ୍ତର ହୋଇ କନ୍ଦର୍ପ ଶରୀରଶୂନ୍ୟ ହୋଇଥିଲା । ମୂର୍ଖ ବିଧାତା ମୋ ପାଇଁ ସେହି ଶରୀର ଶୂନ୍ୟ ହେବା ପ୍ରଥା କାହିଁକି ପରିତ୍ୟାଗ କଲା ? ( ମୁଁ କାହିଁକି ନ ମଲି ) ।"

୨୧ଶ ପଦ – "ମୁଁ ପୂର୍ବଜନ୍ମରେ କେଉଁ ବ୍ରତ କରି ଥିଲି ବା କେଉଁ ତୀର୍ଥରେ ଝାସ ଦେଇଥିଲି, ସେ କଥା ଜାଣିପାରୁ ନାହିଁ ( ଏପରି କରି ନ ଥିଲେ ସୀତା ସହିତ ବିବାହ ହୋଇ ନ ଥାନ୍ତା । ) ବର୍ତ୍ତମାନ ଭାବୁଛି, ପୁଣି ଏହି ଜନ୍ମରେ ସେହି କଥା କରି ସେହି ସୁନ୍ଦରୀର ଦେହରେ ହେଲେ ମିଶନ୍ତି ।"

୨୨ଶ ପଦ—ଏହି ଛାନ୍ଦର ପ୍ରତ୍ୟେକ ପାଦର ଆଦ୍ୟ ଓ ପ୍ରାନ୍ତରେ ବର ଶବ୍ଦ ରହିଅଛି, ଅ.ଉ ମଧ୍ୟ ଏହି ଛାନ୍ଦର ଭାବ ପଣ୍ଡିତମାନଙ୍କୁ ଆନନ୍ଦିତ କରୁଅଛି । ଚନ୍ଦ୍ର ସିଂହାବଲୋକନ ନ୍ୟାୟରେ ଏହି ଛାନ୍ଦ ପ୍ରବର୍ତ୍ତିତ ହୋଇଅଛି । ସାରବର ଉପେନ୍ଦ୍ର ଏହା ରଚନା କରି ଅଛନ୍ତି ।

---

## ଏକବିଂଶ ଛାନ୍ଦ

### ରାଗ—ବରାଡ଼ୀ

ଆଷାଢ଼ ଶୁକ୍ଳବାଣୀ

ବକେ ବସିଥିଲ ଧ୍ରୁବ ଉପରେ । ବିଷ୍ଣୁ ପଦକୁ ଉଡ଼ିଲା ଉଡ୍ଡରେ ।
ବଳକ୍ଷପକ୍ଷକୁ ଅଙ୍ଗରେ ବହି । ବହନ ସେ ତମନାଶନ କହି ।
ବକତା ଏ ଗିର ।
ବିଶ୍ରାମ ବାଞ୍ଛା କହିବା ସୁନ୍ଦର । ୧ ।
ବଧି କାମ ଧର୍ମେ ଅଛି ଜୀବନେ । ବଧୂକାମବଶେ ଭ୍ରମ ଏ ବନେ ।
ବାଢନ୍ତୁ ଅଛ ଯେଉଁ ରମଣୀୟେ । ବିଶେଷ ଶୋଭା ତହୁଁ ରମଣୀଏ ।
ବିଂଶବାହୁ ରଥେ ।
ବିଲୋକଛି ଗଲା ଦକ୍ଷିଣ ପଥେ । ୨ ।

---

୧ମ ପଦ ଧ୍ରୁବ—ଲଣ୍ଡାଗଛ । ବିଷ୍ଣୁପଦ—ଆକାଶ । ଉଡ଼ିଲ ଉଡ୍ଡାରେ—ଉଡ଼ିଗଲାପରେ । ବଳକ୍ଷପକ୍ଷ—ଧଳାପକ୍ଷ । ଗିର—କଥା । ତମ—ଶୋକ ।

---

## ଏକବିଂଶ ଛାନ୍ଦ

୧ମ—ପଦ—ରାମଚନ୍ଦ୍ର ପୂର୍ବୋକ୍ତ ପ୍ରକାରେ ପକ୍ଷୀମାନଙ୍କୁ କହିବା ସମୟରେ ଆକାଶରେ ଉଡ଼ିସାରିଲା ପରେ ଶୁକ୍ଳବର୍ଣ୍ଣ ପକ୍ଷକୁ ପିଠିରେ ବୋହି ଲଣ୍ଡା ଗଛ ଉପରେ ବସିଥିବା ବଗ ହଠାତ୍ ରାମଚନ୍ଦ୍ରଙ୍କୁ ଶୋକରୁ ନିବର୍ତ୍ତାଇ ଏହି କଥା କହିଲା, "ହେ ସୁନ୍ଦର ! ସ୍ଥିର, ହୁଅ, ପଚାରୁଥିବା ବୃତ୍ତାନ୍ତ କହୁଛି କହିବା ।"

୨ୟ ପଦ—"ହେ ସୁନ୍ଦର ! ତୁମ୍ଭ ସ୍ତ୍ରୀ ପ୍ରାପ୍ତି କାମନାରେ ଏହି ବନରେ ଭ୍ରମଣ କରୁଅଛ ଏବଂ ତୁମ୍ଭେ ତୁମ୍ଭ ସ୍ତ୍ରୀର ଯେପରି ସୌନ୍ଦର୍ଯ୍ୟ ବାଢ଼ି ବାଢ଼ି ପ୍ରକାଶ କରୁଅଛ, ତାହାଠାରୁ ଅଧିକ ସୁନ୍ଦରୀ ଗୋଟିଏ ସ୍ତ୍ରୀକୁ ରାବଣ ରଥରେ ବସାଇ ଦକ୍ଷିଣଦିଗକୁ ନେଇଗଲା, ତାହା ମୁଁ ଦେଖିଅଛି । ତାହାଙ୍କୁ କନ୍ଦର୍ପ ବଧ କରୁଥିଲେ ସୁଦ୍ଧା ସେ ଧର୍ମବଳରୁ ଜୀବନରେ ଅଛି । ଅଥବା "କାମବଧି" ଇଚ୍ଛାପୂର୍ବକ ମରଣରୁ ଧର୍ମ ଦ୍ୱାରା ନିବୃତ୍ତ ହୋଇ ( ଆତ୍ମହତ୍ୟା ମହାପାପ ଭାବି ) ଜୀବନରେ ଅଛି ।"

ବିଷପ୍ରସୂନ ଇନ୍ଦୁ ନିତି ଦେଖେଁ । ବିଲକ୍ଷ୍ୟ ପ୍ରସନ୍ନ ନ ଥିଲା ମୁଖେ ।
ବାସ୍ପ ହେଉଛି ନୟନୁ ଜନିତା । ବୋଲନ୍ତି ମୀନ ଉଦକାରେ ମୁକ୍ତା ।
ବଡ଼ ଗୁଣୀ ସେହି ।
ବାରିରେ ଲୁଚେ ଧରି ଭକ୍ଷେ ମୁହିଁ । ୩ ।
ବାସ ଚହଟି ଅଙ୍ଗ ଯାଉଥିଲା । ବେଢ଼ିଥିଲେ ରଥ ଭ୍ରମରମାଳା ।
ବର୍ଣ୍ଣି ଝଟକ ବିଜୁଳିରେ ନାହିଁ । ବାରିଦ ନିକଟେ ଦେଖିଛି ମୁହିଁ ।
ବାଣୀ କି ମଧୁର ?
ବାହାରୁଥିଲା ଯେଉଁ ସାମସ୍ୱର । ୪ ।
ବୋଲଇ ତୁ ବାଣୀ ଶୁଣିଲୁ କାହୁଁ । ବାଜଇ ସପତସ୍ୱରରେ ସେହୁ ।
ବର୍ଷାଭୂ ଧୈବତ ମୟୂର ଷଡ଼୍‌ଜ । ବନପ୍ରିୟରେ ପଞ୍ଚମ ସହଜ ।
ବାଜୁଛି ମୋ କର୍ଣ୍ଣେ ।
ବଧିରେ ଏହିପରି ଆଉମାନେ । ୫ ।

---

୩ୟ ପଦ—ବିଷପ୍ରସୂନ—ପଦ୍ମ । ଇନ୍ଦୁ—ଚନ୍ଦ୍ର ।
୫ମ ପଦ—ବର୍ଷାଭୂ—ଭେକ । ବନପ୍ରିୟ—କୋକିଳ ।

---

୩ୟ ପଦ—"ପଦ୍ମ ଓ ଚନ୍ଦ୍ରକୁ ମୁଁ ପ୍ରତିଦିନ ଦେଖୁଅଛି । ସେ ସ୍ତ୍ରୀର ମୁଖ ପ୍ରସନ୍ନ ନ ଥିଲା, ତଥାପି ସେ ପଦ୍ମ ଓ ଚନ୍ଦ୍ର ଦୁହେଁ ତାହା ସଦୃଶ ଲକ୍ଷ୍ୟ ହେବେ ନାହିଁ । ତାହାର ଆଖିରୁ ଲୁହ ବିଗଳିତ ହେଉଥିଲା । ତାହା ଦେଖି ମାତ୍ର ମୁକ୍ତା ବାନ୍ତି କରୁଛି ବୋଲି ବା ମୁଁ କହନ୍ତି; କିନ୍ତୁ ସେ ମୀନ ତାଠାରୁ ସୌନ୍ଦର୍ଯ୍ୟରେ ଗୁଣୀ, ସେହି ହେତୁରୁ ସେ ଡରି ପାଣିରେ ଲୁଚେ ଏବଂ ମୁଁ ତାକୁ ଧରି ଖାଏଁ ।"

୪ର୍ଥ ପଦ—"ତାର ଦେହରୁ ମନୋହର ଗନ୍ଧ ବାହାରୁଥିବାରୁ ସେ ବସିଥିବା ରଥର ଚାରିଆଡ଼େ ଭ୍ରମରମାନେ ବେଢ଼ିଥିଲେ । ତା ଦେହର ଝଟକ ବିଜୁଳିଠାରେ ନାହିଁ । ମୁଁ ମେଘର ନିକଟରେ ଉକ୍ତ ବିଜୁଳିକୁ ଦେଖିଛି । ତାର କଣ୍ଠରୁ 'ସାମ' 'ସାମ' ଯେଉଁ ସ୍ୱର ବାହାରୁଥିଲା, ତା ଆଗରେ ବୀଣା ସ୍ୱର ବା କି ମଧୁର ? ( ମଧୁର ନୁହେଁ ) ।"

୫ମ ପଦ—"ତୁମ୍ଭେ କହିବ, ତୁ ବଧିରଟାଏ ହୋଇ ବାଣୀ କପରି ଶୁଣିଲୁ ? ମାତ୍ର ମୁଁ ଶୁଣିଛି,—ସେ ସାତଗୋଟି ସ୍ୱରରେ ବାଜେ । ଭେକଠାରେ ଧୈବତ-ସ୍ୱର, ମୟୂରଠାରେ ଷଡ଼୍‌ଜସ୍ୱର ଓ କୋକିଳଠାରେ ପଞ୍ଚମସ୍ୱର ସ୍ୱଭାବତଃ ଅଛି । ଏହିପରି ସମରେ ଆଉମାନେ ମଧ୍ୟ ମୋ କାନରେ ବାଜୁଛନ୍ତି ।" (ସପ୍ତସ୍ୱର ଯଥା—ନିଷାଦ, ଋଷଭ, ଗାନ୍ଧାର, ଷଡ଼୍‌ଜ; ମଧ୍ୟମ ଧୈବତ ଓ ପଞ୍ଚମ ) ।

ବାଣୀ ଶୁଣି କର ଯାଚୁଁ କୃପାଳୁ । ବସାରେ ବର୍ଷାରେ ଆହାର ମିତ୍ର ।
ବଳାକା ଖଗ୍ଗୁ ଆଜ୍ଞାଦେଲେ ଦେଉ । ବର୍ଷା ଚତୁରମାସ ଆଣି ଦେଉ ।
ବଲ୍ଲଭା ଉଚ୍ଛିଷ୍ଟ ।
ବୋଲୁଁ ବୋଇଲେ ପାନ କର ଓଷ୍ଠ । ୭ ।
ବୁଲି ପୁଣି ବନେ ବାରତା । ବକାଶ କାଶ ହା ସିତା ହା ସୀତା ।
ବକ୍ଷପଲ୍ୟଙ୍କ ମୋ ତୋ ଶୟନକୁ । ବ୍ୟଥା ହେଲା କ କୋମଳ ଅଙ୍ଗକୁ ।
ବଦୂର ଏ ଦୋଷୁଁ ।
ବସୁ ନାହୁଁ କୋଳେ ବଶେ ତ ବଶୁ । ୮ ।
ବୋଳ ହୋଇ ଏବେ ବତ୍ସ ଚନ୍ଦନ । ବିଞ୍ଚୁଥିବ ତହିଁ କର୍ପୂର ଚୂର୍ଣ୍ଣ ।
ବଗୁଣ ନ ଦେଖିବ ଦେବୁ ଲେଖି । ବକେ ଶ୍ରୀହସ୍ତରୁ ଆଜନ୍ମସୁଖୀ ।

---

୭ମ ପଦ—କାଶହାସିତା —କାଶହାସିନୀ । ବଶେ—ବଗମାନଙ୍କରେ ।

୮ମ ପଦ— ବକ୍ଷୋଜ—ସ୍ତନ । ବଲଗ—ଅଲଗା ।

---

୬ଷ୍ଠ ପଦ—ତାହାଠାରୁ ଏହିପରି ସମ୍ବାଦ ଶୁଣି ଦୟାଳୁ ରାମଚନ୍ଦ୍ର ବର ଯାଚିବାରୁ ବଗ କହିଲା, "ମୋତେ ବର୍ଷା ସମୟରେ ବସାରେ ଆହାର ମିଳୁ ।" ତହୁଁ ରାମଚନ୍ଦ୍ର ଆଜ୍ଞାଦେଲେ, 'ବାକି ବର୍ଷା ଋତୁମାସଯାକ ତୋତେ ଆହାର ଆଣି ଦେଉ ।' ବଗ କହିଲା, 'ତା ହେଲେ ତ ସ୍ତ୍ରୀ ଅଇଁଠା ହେବ ।' ରାମଚନ୍ଦ୍ର କହିଲେ, 'ସ୍ତ୍ରୀର ଓଷ୍ଠ ଆସ୍ୱାଦନ କରଯାଏ ଯେ ।' ( ସ୍ତ୍ରୀ ଅଇଁଠାରେ ଦୋଷ ନାହିଁ ) ।

୭ମ ପଦ —ରାମଚନ୍ଦ୍ର ସୀତାଙ୍କ ସମ୍ବାଦ ସଂଗ୍ରହ କରିବା ପାଇଁ ପୁନର୍ବାର ବନରେ ବୁଲି ବୁଲି କହିଲେ, "ହେ ପ୍ରସ୍ଫୁଟିତ କାଶକୁସୁମହାସିନୀ ସୀତେ ! ମୋର ବକ୍ଷରୂପ ପଲଙ୍କରେ ତୁ ଶୟନ କରିବାରୁ ତୋର ସୁକୁମାର ଦେହରେ ପୀଡ଼ା ଜାତ ହେଲା କି ? ଏହି ଦୋଷରୁ ମୋ ନିକଟରୁ ଅନ୍ତର ହୋଇ ବଗମାନଙ୍କରେ ଦେଖା ଦେଉଛୁ, ମାତ୍ର ମୋର କୋଳରେ ବସୁ ନାହୁଁ ।"

୮ମ ପଦ—"ହେ ଆଜନ୍ମସୁଖିନି ! ଇଚ୍ଛାପୂର୍ବକ ଯଦି ତୋର ଶ୍ରୀହସ୍ତରେ 'ବିମନା ହେବ ନାହିଁ' ଏତିକି ଲେଖିଦେବୁ; ତେବେ ମୁଁ ମୋର କଠୋର ବକ୍ଷରେ ବତ୍ସତ ଚନ୍ଦନ ବୋଳ ହୋଇ ସେହି ଚନ୍ଦନ ଉପରେ କର୍ପୂରଗୁଣ୍ଡା ସିଞ୍ଚିଦେବ । ରେ ବନ୍ଧୁ ! ଆଲିଙ୍ଗନ ସମୟରେ ତୋ ଦେହ ମୋ ଦେହରୁ ଅଲଗା ହେବାରୁ, ତୁ ତୋର ସ୍ତନକୁ ନିନ୍ଦାକରୁ ( ତୁ ତ ତୋର

ବଶୋକ ସେ ନନ୍ଦୁ ।
ବନ୍ଧୁ ଆଲିଙ୍ଗନେ ବଳତ ହୃଦୁ । ୮ ।
ବୋଇଲା କୁଳୁଟ ଶୁଣି ସେକ୍ଷଣି । ବତ୍ତିଶଲକ୍ଷଣୀ ସ୍ୱରୂପଈକ୍ଷଣୀ ।
ବିହାୟସ ପଥେ ଗଲାଣି ରଥେ । ବସାଇ ନେଉଥିଲା ରକ୍ଷନାଥେ ।
ଭଳନେସ୍ତ ଭେ ଆଗ ।
ବିବେକ ହୋଇ ତା କଥାପ୍ରସଙ୍ଗ । ୯ ।
ବସ୍ୱର କର ଜା ବନ ପର୍ବତେ । ବୁଲି ସୁକୁମାରୀ ଶ୍ରବ ପ୍ରବର୍ତ୍ତେ ।
ତମାନେ ତା ସଙ୍ଗେ ସୁଖାର୍ଥେ ଯାଇ । ବୁଝିବାରେ ମୋ ଅନୁରାଗ ନାହିଁ ।
ବାରିଧାର ଆଖି ।
କକ୍ଷଦେଶକୁ ପଙ୍କିଳ କରନ୍ତି । ୧୦ ।
ବଧିରେ ପ୍ରଜାପତି-ନପ୍ତା ଅର୍ଥୀ । ବ୍ୟାକୁଳ ବଳିବର୍ଦ୍ଦ ଯୋଚି ତଥି ।
ବକେ ହରଷ ପ୍ରଜାଙ୍କୁ ସଣ୍ଡ । ବୁଣିବାକୁ ପ୍ରେମରାଶିକ ଲୋଡ଼ ।

---

୯ମ ପଦ—ବିହାୟସ ପଥେ—ଆକାଶ ମାର୍ଗରେ । କଥା ପ୍ରସଙ୍ଗ—ବାତୁଳ ।

୧୦ମ ପଦ - ପଙ୍କିଳ—କର୍ଦ୍ଦମଯୁକ୍ତ, ଏଠାରେ କଳୁଷିତ ।

୧୧ଶ ପଦ—ଅର୍ଥୀ—ଧନାଲୋଭ ବା ଧନଲିପ୍ସୁ । ବଳିବର୍ଦ୍ଦ—ବଳଦ । ସୀର—ଲଙ୍ଗଳ । ପ୍ରଜାପତିନପ୍ତା—ରାବଣ ।

---

ସ୍ତନକୁ କଠିନ ବୋଲି ନିନ୍ଦା କରୁ; ଚନ୍ଦନଲିପ୍ତ ମୋର ବକ୍ଷକୁ ଯେ ନିନ୍ଦା ନ କରିବୁ ଏହା ବିନା ଲେଖାରେ ମୁଁ ସ୍ୱୀକାର କରି ନ ପାରେ ।

୯ମ ପଦ—ରାମଚନ୍ଦ୍ର ଏହିପରି କହୁଥିବାର ଶୁଣି, ସଙ୍ଗେ ସଙ୍ଗେ କୁକୁଟ କହିଲା, 'ବତିଶଲକ୍ଷଣଯୁକ୍ତା ସୁନ୍ଦରନେତ୍ରା ତୁମ୍ଭ ସ୍ତ୍ରୀ ଆକାଶମାର୍ଗରେ ଗଲାଣି । ତାଙ୍କୁ ରାକ୍ଷସରାଜ ରାବଣ ରଥରେ ବସାଇ ନେଉଥିଲା । ବର୍ତ୍ତମାନ ତୁମ୍ଭ ଆଗରେ କିଏ ଦେଖା ଦେଉଛି ? ତୁମ୍ଭେ ବିବେକୀ ହୋଇ ଏପରି ବାତୁଳ ପ୍ରାୟ ହେଉଅଛ ?"

୧୦ମ ପଦ—"ସୁକୁମାରୀ ପ୍ରିୟା ତୁମ୍ଭସହ ବନ ଓ ପର୍ବତରେ ବୁଲି ଦୁଃଖ ପାଇବାରୁ ସୁଖ ପାଇବାପାଇଁ ଯେ ରାବଣ ସଙ୍ଗରେ ରଥରେ ଗଲା;—ତୁମ୍ଭେ ଏ କଥା ଜାଣ ନାହିଁ । ମୁଁ ବୁଝିଛି, ତାଙ୍କର ତାଠାରେ ସ୍ନେହ ନାହିଁ; ସେ ହେତୁ ତାଙ୍କ ଆଖିରୁ ଅଶ୍ରୁଧାରା ବହି ବକ୍ଷଦେଶ ରୂପ ଭୂମିକୁ କଳୁଷିତ କରିଥିଲା ।"

୧୧ଶ ପଦ—"ସ୍ୱାମୀଧିକାରୀ ଲୋଭ ପରବଶ ହୋଇ ଅଥବା ବହୁ ଧନ ପାଇବାର ଇଚ୍ଛା କରି 'ବଧିରେ' ଦୁର୍ବୁଦ୍ଧି ବଶତଃ ପ୍ରଜାର ଭୂମିରେ ତରତର

ବଳ ଥିଲେ ତୁମ୍ଭେ ।
ବଚ୍ଛେଦ (ଶି) ସୀରକୁ ହସ୍ତ ଆରମ୍ଭେ । ୧୧ ।
ବୀରଭଦ୍ର ଭଣି ଚରଣାୟୁଧ । ବିହାୟସେ ସେ କ୍ଷତ୍ରିୟ ପ୍ରସିଦ୍ଧ ।
ବହ ମୁକୁଟ କହିଲୁ ସନ୍ଦେଶ । ବୋଲୁ ହେମଚର୍ମେ ହେଲା ଲାଳସ ।
ବୃକ୍ଷରେ କୋପନ ।
ବଟରେ ଯୁକ୍ତ ନ କହ ବଚନ । ୧୨ ।

---

୧୨ଶ ପଦ—ବୀରଭଦ୍ର—ବୀରଶ୍ରେଷ୍ଠ । ଚରଣାୟୁଧ—କୁକ୍କୁଟ । ବିହାୟସେ—ପକ୍ଷୀମାନଙ୍କ ମଧ୍ୟରେ । ହେମମୁକୁଟ—ସ୍ୱର୍ଣ୍ଣମୁକୁଟ । ବଟରେ—ଶୁକପକ୍ଷୀ ଦ୍ୱାରା ।

---

ଭୂମିରେ ତତ୍ପର ହୋଇ ବଳଦ ଯୋଚି ହଳ କରି ବଳ ପ୍ରୟୋଗ ପୂର୍ବକ ପ୍ରଜାଙ୍କୁ ଘଉଡ଼ି ଯେପରି ଆନନ୍ଦରେ ଧାନ, ମୁଗ ବା ତିଳ ପ୍ରଭୃତି ବୁଣିବାକୁ ଇଚ୍ଛାକରେ; ସେହିପରି ବ୍ରହ୍ମାଙ୍କ ନାତି ରାବଣ 'ବିଧିରେ' ନିଜର ଦୁର୍ବୁଦ୍ଧିରୁ ଅଥବା ବିଧାତାର ନିୟମାନୁସାରେ, ତାହାଙ୍କ ନିକଟରେ ଭିକ୍ଷାର୍ଥୀ ହୋଇ ତାହାଙ୍କର ହୃଦୟ ରୂପ ଭୂମିରେ 'ବ୍ୟାକୁଳ ବଳୀବର୍ଦ୍ଦ' ଅର୍ଥାତ୍ ଦୁଃଖ ରୂପୀ ବଳଦକୁ ଯୋଚି ଅର୍ଥାତ୍ ତାଙ୍କୁ ଭୟ ଦେଖାଇ ତାଙ୍କ ହୃଦୟରେ ଥିବା ଆନନ୍ଦ ରୂପ ପ୍ରଜାମାନଙ୍କୁ ବଳପୂର୍ବକ ଘଉଡ଼ି ଅନୁରାଗ ରୂପ ତିଳକୁ ବୁଣିବାକୁ ଇଚ୍ଛା କରୁଛି । ତୁମ୍ଭର ଯଦି ବଳ ଅଛି, ତା ହେଲେ ବଳଶାଳୀ ପ୍ରଜା ଯେପରି ମାଡ଼ପିଟ୍ କରି ଗ୍ରାମାଧିକାରୀର 'ସୀର' ହଳକୁ ଭାଙ୍ଗି ଗୁଣ୍ଡା କରିଦିଏ, ସେହିପରି ତୁମ୍ଭେ ଯୁଦ୍ଧ କରି ରାବଣର 'ଶିର' ମୁଣ୍ଡକୁ 'ବଚ୍ଛେଦ କରି' ହାଣି ପକାଅ ।"

୧୨ଶ ପଦ—ବୀରଶ୍ରେଷ୍ଠ ରାମଚନ୍ଦ୍ର କହିଲେ, "ହେ କୁକ୍କୁଟ ! ତୁ ପକ୍ଷୀମାନଙ୍କ ମଧ୍ୟରେ ରାଜା ଅଟୁ । ତୁ ମୋତେ ପ୍ରିୟାର ସମ୍ବାଦ କହିଲୁ; ଏଣୁ ଆମ୍ଭ ବରରେ ତୁ ସୁନାର ମୁକୁଟ ଧାରଣ କର ।" ରାମଚନ୍ଦ୍ର ଏହା କହନ୍ତେ କୁକ୍କୁଟ ଚର୍ମ ମୁକୁଟରେ ଆଗ୍ରହ ପ୍ରକାଶ କରିଥିଲା । (ସେହିଦିନଠାରୁ ରାମଙ୍କ ବରରେ କୁକ୍କୁଟ ଚର୍ମ ମୁକୁଟ ଧାରଣ କରିଅଛି) । ତତ୍ପରେ ରାମଚନ୍ଦ୍ର ବୃକ୍ଷମାନଙ୍କ ଉପରେ କ୍ରୋଧ ବହି କହିଲେ, "ତୁମ୍ଭେମାନେ 'ବଟ' ଶୁକପକ୍ଷୀ ରୂପ ବଚନରେ ଯୁକ୍ତ ହୋଇ (ଶୁକର କଥା କହିବା ଶକ୍ତି ଥାଉଁ ଥାଉଁ) ମୋତେ ବଚନ କାହିଁକି କହୁ ନାହିଁ ?"

ବାଣୀ ନ ଶୁଣ ପ୍ରସ୍ରବଣ ଆଉ । ବୋଲନ୍ତି ଶାଖାବନ୍ତ ଶାଖୀ କାହିଁ ।
ବିକାଶ କୁସୁମ ହାସ ରଚନ । ବସନ୍ତ ଉଚରେ ହୁଅ ପତନ ।
ବୋଲନ୍ତେ ଖସିଲେ ।
ବିବର୍ଣ୍ଣତା ମସ୍ତାଚଳ ବିଶିଲେ । ୧୩ ।
ବେଦଶ୍ରୁ ପତ ଅଇଲେ ଶଙ୍ଖୋଳ । ବିଦରୁଁ ମାର୍କଣ୍ଡେୟ ଋଷି ମିଳ ।
କାସାଞ୍ଚଳେ ଅଶ୍ରୁ ପୋଛି ଶ୍ରୀରାମ । କେନ ମୁନିଙ୍କି କଲେ ପ୍ରଣାମ ।
ବୋଲନ୍ତି କୁମ୍ଭଜ ।
ବିବେକଶେଖର ହୋଇ ଅଧୈର୍ଯ୍ୟ । ୧୪ ।

---

୧୩ଶ ପଦ—ପ୍ରସ୍ରବଣ—ବଡ଼ କାନ । ବିବର୍ଣ୍ଣ—ଅସୁନ୍ଦର । ମସ୍ତାଚଳ—ପର୍ବତ ।

୧୪ଶ ପଦ—ବେଦଶ୍ରୁପତ—ଅଗସ୍ତିଋଷି । କାସାଞ୍ଚଳେ—ଲୁଗା-କାନରେ । କୁମ୍ଭଜ—ଅଗସ୍ତି ଋଷି ।

---

୧୩ଶ ପଦ—"ବୃକ୍ଷମାନଙ୍କର କୋରଣ୍ଡ ରୂପ ବଡ଼ ବଡ଼ କାନ ଥାଇଁ ଥାଇଁ ମୋର କଥା ଶୁଣୁ ନାହିଁ । ମୋର କେଉଁ ସହାୟ ନାହିଁ କିନ୍ତୁ ବୃକ୍ଷେମାନେ 'ଶାଖାବନ୍ତ' ବନ୍ଧୁଗାନ୍ଧବଯୁକ୍ତ ଅର୍ଥାତ୍ ସହାୟଯୁକ୍ତ ହୋଇଅଛ । (ସହାୟଶାଳୀ ହୋଇ ନିଃସହାୟକୁ ସାହାଯ୍ୟ ଦାନ କରୁ ନାହିଁ) । ବୃକ୍ଷେମାନେ ଫୁଟିଥିବା ଫୁଲମାନଙ୍କଦ୍ୱାରା ମଣ୍ଡିତ ହୋଇ ନାହିଁ ସେ, ବୋଧହୁଏ ମତେ ଦେଖି ହସୁଛ । ଅତଏବ ବୃକ୍ଷେମାନେ ପର୍ବତ ଉପରେ ନ ରହି ତାର ତଳକୁ ଖସି ପଡ଼ ।" ଶ୍ରୀରାମଚନ୍ଦ୍ର ଏହା କହିବାରୁ ବୃକ୍ଷମାନେ ତଳକୁ ଖସି ପଡ଼ିଲେ ଏବଂ ପର୍ବତମାନେ ଅସୁନ୍ଦର ଦେଖାଗଲେ ।

୧୪ଶ ପଦ—ଏହି ସମୟରେ ଅଗସ୍ତ୍ୟମୁନି ଶ୍ରୀରାମଚନ୍ଦ୍ରଙ୍କୁ ଶଙ୍ଖୋଳିବା ପାଇଁ ଆସିଲେ । ମାର୍କଣ୍ଡେୟ ଋଷି ମଧ୍ୟ ମନ ଇଚ୍ଛାରେ ବୁଲି ବୁଲି ସେହି ସ୍ଥାନରେ ଆସି ମିଳିଲେ । ଶ୍ରୀରାମ ଲୁଗା କାନରେ ଲୁହ ପୋଛି ସେହି ମୁନି ଦୁହିଁଙ୍କୁ ପ୍ରଣାମ କଲେ । ଅଗସ୍ତ୍ୟ ମୁନି କହିଲେ, "ହେ ଶ୍ରୀରାମ ! ଆପଣ ବିବେକୀ ହୋଇ ଏପରି ଅଧୈର୍ଯ୍ୟ ହେଉଅଛନ୍ତି କାହିଁକି ?"

ବୋଇଲେ ରାମ କାମ ଭସ୍ମ ଚଳ । କଳିଶ୍ୱାନ ତାର ସମ୍ବର ନେଲ ।
ବସିଛୁ ଜୀବେ ଆନ ନେଲ ଖୀରୁ । ବଳ ଯତ ବଡ଼ ଅଛି ଏଥିରୁ ।
କୋଧେ ମୁନିବର ।
କସନ୍ତା ନାହିଁ ଦ୍ୱାଃସ୍ଥ ନିରୋଧର । ୧୫ ।
ବିଦେହ ଯେ ଦେହ ପାଇବ ପୁଣି । ବଧି ସମ୍ବର ତା ରଖିବ ଆଣି ।
ବଳବନ୍ତ ସ୍ୱୟଂ ଅଛ ପରାଣେ । ବାଳି ବଧ ହେଲା ଯା ଏକାବାଣେ ।
ବଇରୀ ତୁମ୍ଭର ।
ବନ୍ଦୀ ହୋଇଥିଲା ତାହା କକ୍ଷର । ୧୬ ।

---

୧୫ଶ ପଦ—ଖୀରୁ—ସ୍ତ୍ରୀ, ଭସ୍ମାନ୍ତ । ଦ୍ୱାଃସ୍ଥ—ଦ୍ୱାରୀ । ନିରୋଧର—ମନାକରିବା ଲୋକ, ଅନ୍ତଃପୁର ।

୧୬ଶ ପଦ—ବିଦେହ—କନ୍ଦର୍ପ । ଆଣି—ନେଇ ବା ବଢ଼ାଇ । ବଇରୀ—ଶତ୍ରୁ (ରାବଣ) । କକ୍ଷରେ—କାଖରେ ।

---

୧୫ଶ ପଦ— ରାମଚନ୍ଦ୍ର କହିଲେ, "କନ୍ଦର୍ପ ହର କୋପାନଳରେ ଭସ୍ମ ହେବାରୁ ଶମ୍ବରସୁର ତାର ସ୍ତ୍ରୀକୁ ନେଲା, ମାତ୍ର ମୁଁ ବଞ୍ଚି ରହିଛି, ଅନ୍ୟ ଜଣେ ଲୋକ ମୋର ସ୍ତ୍ରୀକୁ ନେଇଗଲା । ଏଥିରୁ ବଡ଼ ଆଘାତ ଆଉ କଣ ଅଛି ?" ରାମ ଏହିପରି କହିବାରୁ ମୁନିଶ୍ରେଷ୍ଠ ଅଗସ୍ତ୍ୟ ବୋଧ ଦେଇ କହିଲେ, "ତୁମ୍ଭ ପର୍ଣ୍ଣକୁଟୀର ଦ୍ୱାରରେ ମନା କରିବା ପାଇଁ ଦ୍ୱାରୀ ନ ଥିଲା ଅର୍ଥାତ୍ ମନା କରିବା ଲୋକ କେହି ନ ଥିବାରୁ ସେ ସୀତାଙ୍କୁ ନେଇଗଲେ । ଅଥବା 'ନିରୋଧର' ଅନ୍ତଃପୁରର ଦ୍ୱାରୀ ରାବଣ ଆଉ ଦ୍ୱାରରେ ବସନ୍ତା କାହିଁକି ? ( ତୁମ୍ଭ ବୈକୁଣ୍ଠପୁର ଦ୍ୱାରୀ ଜୟ ଶାପଗ୍ରସ୍ତ ହୋଇ ରାବଣ ରୂପରେ ଜନ୍ମଗ୍ରହଣ କରିଛି, ସେ କଣ ଆଉ ତୁମ୍ଭର ବୈକୁଣ୍ଠପୁରଈଶ୍ୱରୀ ସୀତାଙ୍କୁ ଜଗି ବସନ୍ତା ନାହିଁକି ? ନିଶ୍ଚୟ ଜଗିବସିବ ) ।"

୧୬ଶ ପଦ—ଅଗସ୍ତ୍ୟ କହିଲେ, "କନ୍ଦର୍ପ ପୁନର୍ବାର ଦେହ ଧାରଣ କରିବ ଓ ସମ୍ବରକୁ ମାରି ନିଜର ମହତ୍ତ୍ୱ ରଖିବ । ଅଥବା ତାକୁ ତା'ର ସ୍ତ୍ରୀ ରତିକୁ ଆଣି ରଖିବ ( ସମ୍ବରବଧ ରତିହରଣ ମୂଳ କାରଣ ) ଯାହାଙ୍କର ଏକମାତ୍ର ବାଣରେ ବାଳି ବିନାଶ ହେଲା, ସେହି ବଳଶାଳୀ ତୁମ୍ଭେ ନିଜେ ଜୀବିତ ଅଛ । ତୁମ୍ଭର ଶତ୍ରୁ ଯେଉଁ ବାଳିର କାଖରେ ବନ୍ଦୀ ହୋଇଥିଲା ପରା ? ( ତୁମ୍ଭେ ବାଳିକୁ ଯେତେବେଳେ ମାରିଛ, ରାବଣକୁ ଅନାୟାସରେ ମାରି ପାରିବ ) ।"

ବେଦନାସହ ତୋହେ ରାମ କହେ । ବନ୍ଦୀ ସେ ବଡ଼ ଉସ୍ରାକ୍ତ ରାକ୍ଷସେ ।
ବପି(ସୀ)ନେ ବିଚ୍ଛେଦ ଉତ୍ସ୍ବରୁ ଜନ । ବିରହାନଳ ଦେଉଥିବ ଜାଳ ।
ବସି ଏକା ଶୋଷି ।
ବଞ୍ଚିଥିବ କେ ପ୍ରୀତିଲାଳସୀ ? ୧୭ ।
ବୋଧ ଦେଲେ ତତକାଳ ଅଗସ୍ତି । ବିଶ୍ୱମ୍ଭରୀ ପୁତ୍ରୀ କନକଗାତ୍ରୀ ।
ବାରଣ ନାମ ଆଦ୍ୟ ପ୍ରାନ୍ତାକ୍ଷରେ । ବ୍ୟକ୍ତ ମହାସୁର ନାମ ମଧ୍ୟରେ ।

---

୧୭ଶ ପଦ—ରାମଚନ୍ଦ୍ର କହିଲେ, "ସେ ସୀତା 'ବେଦନାସହ, ଦୁଃଖ ସହିବା ଭଳି ନୁହେ ଅର୍ଥାତ୍ ଅତି ସୁକୁମାରୀ ଏବଂ ଉସ୍ରାକ୍ତ; ପୁଣି ରାକ୍ଷସମାନଙ୍କ ଦ୍ୱାରା ବନ୍ଦୀ ହୋଇଅଛି । (ଯେଉଁ ରାକ୍ଷସମାନଙ୍କୁ ଦେବତାମାନେ ଭୟ କରନ୍ତି; ଏହି ଭୟଶୀଳା ରମଣୀ ତାଙ୍କୁ ଦେଖି ବଞ୍ଚିବା ଅସମ୍ଭବ) । ମୋଠାରୁ ବିଚ୍ଛିନ୍ନ ହୋଇ ରହିବ,— ଏହି ଭୟ ହେତୁରୁ ବନକୁ ଆସିଥିଲା । ତେଣୁ ମୁଁ କଳ୍ପନା କରୁଛି, ବିରହାଗ୍ନି ତାକୁ ଜାଳି ଦେଉଥିବ, ଅଥବା ଦୀର୍ଘ ବିଚ୍ଛେଦ ( ଯେଉଁ ବିଚ୍ଛେଦଦ୍ୱାରା ଆଉ ମିଳିବାର ଆଶା ନାହିଁ, କାରଣ ମୁଁ ବନବାସୀ ଓ ଲଙ୍କା ସମୁଦ୍ର ବେଷ୍ଟିତ ଅଟେ ), ଭୟଜାତ ବିରହାନଳ, ସ୍ୱଜନ ବିରହ, ପତି ବିଚ୍ଛେଦ,—ଏହା ତାକୁ ପୋଡ଼ି ଦେଉଥିବ । ଏହି ସବୁ କାରଣରୁ 'ପ୍ରୀତିଲାଳସୀ କଣ ଆଉ ବଞ୍ଚିଥିବ ?' ଏହି କଥା ଏକାକୀ ବସି ଭାବୁଛି ।"

୧୮ଶ ପଦ—ଅଗସ୍ତି ସଙ୍ଗେ ସଙ୍ଗେ ବୋଧ ଦେଇ କହିଲେ; 'ସୀତା ସର୍ବଂସହା ( ଯେ ସମସ୍ତ ସହିପାରେ ଅର୍ଥାତ୍ ପୃଥିବୀ ) ର କନ୍ୟା ( ଯାହାର ମାତା ସମସ୍ତ ସହିପାରେ ସେ ପୁଣି 'ବେଦନାସହ ନୁହେ' ଏହା ଭାବିବା ଭୁଲ ) ଏବଂ କନକଗାତ୍ରୀ ମଧ୍ୟ ଅଟନ୍ତି । ସୁନାକୁ ଅଗ୍ନି ପୋଡ଼ିପାରେ ନାହିଁ କି ମ୍ଳାନ କରିପାରେ ନାହିଁ; ମାତ୍ର ଅଗ୍ନିରେ ପଡ଼ିଲେ ସୁନା ଉଜ୍ଜ୍ୱଳ ଦିଶେ; ଅତଏବ 'ବିରହାନଳ ଦେଉଥିବ ଜାଳ' ଏପରି ଭାବିବା ଠିକ୍ ନୁହେଁ; ବରଂ ଏହି ବିରହ ତାଙ୍କର ଉଜ୍ଜ୍ୱଳ ଯଶ ବିସ୍ତାର କରିବ । ଆଦ୍ୟରେ ଗୋଟିଏ ଓ ପ୍ରାନ୍ତରେ ଗୋଟିଏ, ଏହିପରି ଦୁଇଗୋଟି ଅକ୍ଷରରେ 'ବାରଣ' ହସ୍ତୀର ନାମ ପ୍ରକାଶିତ ହୋଇଥିବ; ଯଥା ଦନ୍ତୀ ଅଥବା 'ଆଦ୍ୟ ଓ ପ୍ରାନ୍ତ' ଏ ଦୁଇପଦର ଯୋଗ ଦ୍ୱନ୍ଦ୍ୱାକ୍ଷର ଅର୍ଥାତ୍ ଦନ୍ତୀ; ଏହି ଶବ୍ଦରେ ବାରଣ ନାମ ଖ୍ୟାତିଲାଭ କରିଥିବ ଅର୍ଥାତ୍ ହସ୍ତୀର ବଡ଼ ବଡ଼ ଦନ୍ତ ଥିବାରୁ ତା'ର ନାମ ଦନ୍ତୀ ଅଟେ । ସେହିପରି ଆଦ୍ୟ ଓ ପ୍ରାନ୍ତ ଦୁଇ ଅକ୍ଷରରେ ମହାସୁର ନାମ ପ୍ରକାଶିତ ହୋଇଥିବ; ଯଥା ମୟ ଏହି ନାମ ସେହି ଦନ୍ତୀ ଶବ୍ଦ ମଧ୍ୟରେ ବ୍ୟକ୍ତ ହେବ; ଯଥା ଦମୟନ୍ତୀ । ଏହି ଦମୟନ୍ତୀ

ବଞ୍ଚିଛି ଏ ନାମ ।
ବାମା ବିଚ୍ଛେଦେ ଅତି ପ୍ରାନ୍ତଧାମା । ୧୮ ।
ବାହୁଡ଼ୁଁ ବୋଧି ମାର୍କଣ୍ଡେୟ ପୁଚ୍ଛି । ବିଷ୍ଣୁ ପରା ପରାକ୍ରମ କାହିଁ ଛି ।
କହି ନାହାନ୍ତି ତ ଦରଅରିକ । ବହିଛନ୍ତି ଏକା ଦର ଅରିକ ।
ବିପତ୍ତି ବିହୀନ ।
ବିପତ୍ତିଭଞ୍ଜନେ ହୋଇ ମଉନ । ୧୯ ।
ବିଶ୍ୱକେତୁ ଏ ପରତେ ହୁଅଇ । ବାଳୀ ବିଚ୍ଛେଦ ଜନ୍ମାନ୍ତେ ନ ଯାଇ ।
ବହିଛି ଶଙ୍କାଙ୍ଗୀ ଶିଶ୍ରି ଶିଶ୍ରି । ବ୍ୟର୍ଥ ପ୍ରଶସ୍ତି ସୁଗଲତା ପରି ।
ବନ୍ଦୀ ସେ ଦୈତ୍ୟରେ ।
ବିଧାନ ହୋଇଲା ଜନମାନ୍ତରେ । ୨୦ ।

---

୧୯ଶ ପଦ—ଦର—ଭସ୍ମ, ଶଙ୍ଖ । ଅରି— ଶତ୍ରୁ, ଚକ୍ର ।
୨୦ଶ ପଦ — ବିଶ୍ୱକେତୁ—କନ୍ଦର୍ପ । ସୁଗଲତା—ରତି ।

---

ନାମ୍ନୀ ସୁନ୍ଦରୀ ପ୍ରାଣପ୍ରିୟା ନଳଙ୍କ ବିରହରେ ବଞ୍ଚିଥିଲା । ଅତଏବ 'ବଞ୍ଚିଥିବ ନଳ ପ୍ରୀତିଲକ୍ଷ୍ମୀ, ଏହା କହିବା ଠିକ୍ ନୁହେଁ । ( ସୀତା ନିଶ୍ଚୟ ବଞ୍ଚିଥିବେ )"

୧୯ଶ ପଦ — ଅଗସ୍ତ୍ୟ ରାମଙ୍କୁ ଏହିପରି ବୋଧ ଦେଇ ଫେରିବା ବେଳେ ତାଙ୍କ ସଙ୍ଗେ ଆସୁଥିବା ମାର୍କଣ୍ଡେୟ ପଚାରିଲେ, "ହେ ମୁନେ ! ଏ ବିଷ୍ଣୁ ପରା ? ଏହାଙ୍କର ବିଷ୍ଣୁଙ୍କପରି ପରାକ୍ରମ କାହିଁ ? ଶଙ୍ଖ ଚକ୍ର ତ ଧରି ନାହାନ୍ତି କିନ୍ତୁ ଦର ଅରି' ଶତ୍ରୁ ଭସ୍ମକୁ ଧରି ଅଛନ୍ତି । 'ବିପତ୍ତି' ଗରୁଡ଼ ଏହାଙ୍କ ନିକଟରେ ତ ନାହିଁ ବରଂ ନିଜର ବିପତ୍ତି ଖଣ୍ଡନ କରି ନ ପାରି ମୂକହୋଇ ରହିଛନ୍ତି ( ଲୋକମାନେ ବିଷ୍ଣୁଙ୍କୁ ବିପତ୍ତି ଭଞ୍ଜନ ବୋଲି କହନ୍ତି, ଯଦି ଏ ବିଷ୍ଣୁ ହୋଇଥାନ୍ତେ, ଅନ୍ୟମାନଙ୍କ ବିପତ୍ତି ଦୂରେ ଥାଉ ନିଜର ବିପତ୍ତି ଖଣ୍ଡନ କରିପାରନ୍ତେ ନାହିଁ କି ?"

୨୦ଶ ପଦ—"ଯେହେତୁ ଅତି ସୁନ୍ଦର ଦେଖା ଯାଉ ଅଛନ୍ତି ତେଣୁ ଏ କନ୍ଦର୍ପ ବୋଲି ମୋର ପ୍ରତୀତ ହୁଏ । ଅତଏବ ଜନ୍ମାନ୍ତରରେ ସୁଦ୍ଧା ଏହାଙ୍କର ପ୍ରିୟା ବିଚ୍ଛେଦ ଯାଉ ନାହିଁ । (ପୂର୍ବ ଜନ୍ମରେ ମହାଦେବଙ୍କ କୋପାନଳରେ ଦଗ୍ଧ ହୋଇ ଥିବାରୁ ପ୍ରିୟା ବିଚ୍ଛେଦ ଘଟିଥିଲା, ଏବେ ମଧ୍ୟ ଘଟିଛି ) କୋମଳାଙ୍ଗୀ ସୀତା ଲକ୍ଷ୍ମୀଙ୍କର ଶୋଭା ଧାରଣ କରି ଅଛନ୍ତି ଅର୍ଥାତ୍ ଲକ୍ଷ୍ମୀ ଅଟନ୍ତି, ଏହା କହିବା ବୃଥା । ସେ ରତି ହେଲା ପରି ମୋତେ ବୋଧହୁଏ, କାରଣ ରତି ସମ୍ବରାସୁର ଦ୍ୱାରା ବନ୍ଦୀ ହୋଇଥିଲେ । ଏହି ଜନ୍ମାନ୍ତରେ ମଧ୍ୟ ସେହିପରି

ବୋଲେ ଅଗସ୍ତି ହୋଇଣ ଚତୁର । ଜଣା ତୁମ୍ଭ ଥିଲ ଭୁଜ ଚତୁର ।
ବଟେ ପ୍ରଳୟକାଳେ ଦେଖିଅଛ । ବାଳମୂରତି ହୋଇଥିଲେ ସୁର ।
ବିଭୂତି ଦେଖିବ ।
ବ୍ରହ୍ମା ଥିବେ ଅଭିଷେକ ହେବ । ୨୧ ।
ବାମନ ହୋଇ ଯଥା ତ୍ରିବିକ୍ରମ । ବୃଦ୍ଧି ଐଶ୍ୱର୍ଯ୍ୟ ହେବ ସେହି କ୍ରମ ।
ବେଗେ ମୁନି ଚଳି ଆଶ୍ରମେ ସ୍ଥିତ । ବିଖ୍ୟାତ ହେମନ୍ତ କି ଐରାବତ ।
ବର୍ଣ୍ଣ କୁଜ୍ଝଟିତ ।
ବ୍ୟାପିଗଲା ଜଗତରେ ଝଟିତ । ୨୨ ।

---

୨୧ଶ ପଦ—ମାର୍କଣ୍ଡେୟଙ୍କଠାରୁ ଏହିପରି ଶୁଣି ଅଗସ୍ତ୍ୟ କହିଲେ, "ତୁମ୍ଭେ ଚତୁର ହୋଇ ଜଣା ହେଉଛ । ପ୍ରଳୟ କାଳରେ କଳ୍ପବଟରେ ପତ୍ରପୁଟରେ ଚାରିଗୋଟି ହାତ ଥିଲା କି ? ( ଅର୍ଥାତ୍ ତୁମ୍ଭେ ସାତକଳ୍ପ ବଞ୍ଚିବାକୁ ଶିବଙ୍କଠାରୁ ବର ପାଇ ଥିବାରୁ ଅବଶ୍ୟ ଜୀବନରେ କେତୋଟି କଳ୍ପର ଶେଷକାଳୀନ ପ୍ରଳୟ ଦେଖିଲଣି । ସେହିସବୁ ପ୍ରଳୟ କାଳରେ ବଟପତ୍ରଶାୟୀ ଚତୁର୍ଭୁଜ ବିଷ୍ଣୁଙ୍କୁ ଦେଖିଛ କି ? ) ସେ କେବଳ ଅତି କୋମଳ, ବାଳମୁକୁନ୍ଦ ମୂର୍ତ୍ତି ଧାରଣ କରିଥିଲେ ପରା ! ( ଅତଏବ ଏବେ ରାମରୂପରେ ଦ୍ୱିଭୁଜ ହୋଇଅଛନ୍ତି ) । ଯେତେବେଳେ ବ୍ରହ୍ମାଦି ଦେବତାମାନେ ଥାଇ ଅଭିଷେକ ହେବେ, ସେତେବେଳେ ତାଙ୍କର ବୈଷ୍ଣବୈଶ୍ୱର୍ଯ୍ୟ ଦେଖିବ ।"

୨୨ଶ ପଦ—"ଯେପରି ବାମନ ହେବା ତ୍ରିବିକ୍ରମ ହେଲେ ଅର୍ଥାତ୍ କ୍ରମେ କ୍ରମେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳକୁ ଅଧିକାର କରିଥିଲେ, ସେହିପରି ଏହାଙ୍କର ଐଶ୍ୱର୍ଯ୍ୟ କ୍ରମେ ବୃଦ୍ଧି ହେବ । ( ଅର୍ଥାତ୍ କ୍ରମେ ବାନର, ରାକ୍ଷସ ଓ ଦେବତାମାନେ ଏହାଙ୍କ ସେବାରେ ନିଯୁକ୍ତ ହେବେ ବା ବିଷ୍ଣୁ ବୋଲି ଜାଣି ପାରିବେ ) ।" ମୁନି ଦୁହେଁ ଏହିପରି କଥାବାର୍ତ୍ତା ହୋଇ ଯାଉଁ ଯାଉଁ ଅଳ୍ପସମୟ ମଧ୍ୟରେ ନିଜ ନିଜ ଆଶ୍ରମରେ ପହଞ୍ଚିଲେ । ପ୍ରସିଦ୍ଧ ହେମନ୍ତଋତୁ ନିଜର ବର୍ଣ୍ଣ ରୂପ କୁହୁଡ଼ି ଦ୍ୱାରା ସଂସାରକୁ ହଠାତ୍ ବ୍ୟାପିଗଲା । ଏହା ଦେଖି ମନେ ହେଲା, ଏ ଐରାବତ ହସ୍ତୀ କି ? କାରଣ ସେ ମଧ୍ୟ 'ବର୍ଣ୍ଣକୁଜ୍ଝଟୀ' ଧୂସର ବର୍ଣ୍ଣ ଧାରଣ କରି ଜନ୍ମଗ୍ରହଣ କରିବା ସଙ୍ଗେ ସଙ୍ଗେ ଅତିବେଗରେ 'ଜଗତି' ଜଳକୁ ଆକ୍ରମଣ କରିଥିଲା ଅର୍ଥାତ୍ ସମୁଦ୍ରରୁ ସ୍ୱର୍ଗଆଡ଼େ ପହଁଚିବାକୁ ଲାଗିଥିଲା ।

ବିଭ୍ରାଜିତ ହୋଇ କୁନ୍ଦଦନ୍ତରେ । ବିଳାସ ରତ ବନ ପର୍ବତରେ ।
ବୃଷ୍ଟି ତୁଷାର ମଦକଣ କରେ । ବଢାଇଲା ଅତି ଆଦର ସୁ (ସୂ)ରେ ।
ବାସବର ସ୍ନେହୀ ।
ବଳ ମାନସକମ୍ପନ କରାଇ । ୨୩ ।
ବିରସ ବି(ଖୀ)ନ ଲଭଲେ ନ-ମୁଚି । ବିସ୍ତାରି ଐନ୍ଦ୍ରର ଚିତ୍ତ ସୁରୁଚି ।
ବନ୍ଧୁ ହରିଣୋଷିନ୍ତ ଶରଦ । ବରାହଦାଢ଼ ଭେଦରେ ଘନଦ ।

୨୩ଶ ପଦ—ବିଭ୍ରାଜିତ—ବିରାଜିତ । ସୁରେ—ଦେବତାଙ୍କଠାରେ, ସୂର୍ଯ୍ୟଙ୍କଠାରେ । ବାସବ—ଇନ୍ଦ୍ର, ଉତ୍ତମବସ୍ତ୍ର, ଉତ୍ତମ ବସ୍ତୁ । ବଳମାନସ—ବଳିଷ୍ଠ ଲୋକମାନଙ୍କ ହୃଦୟ । ମଦକଣ—ମତ୍ତହସ୍ତୀଠାରୁ ନିର୍ଗତ ଜଳ ।

୨୪ଶ ପଦ— ନମୁଚି—ରାକ୍ଷସ ବିଶେଷ, ଛଡ଼ାଇ ନ ଦେଇ । ଐନ୍ଦ୍ର—ଇନ୍ଦ୍ରପୁତ୍ର ଜୟନ୍ତ,କାକସମୂହ,କାମୁକ । ଦରଦ—ଘୋର ଗର୍ଜନ । ଘନ—ମେଘ ।

୨୩ଶ ପଦ—ଐରାବତ ହସ୍ତୀର କୁନ୍ଦଫୁଲ ପରି ଶୁଭ୍ରଦାନ୍ତ ଥିବାରୁ ସେ ଅତିଶୟ ସୁନ୍ଦର ଦେଖାଯାଏ ଏବଂ ସୁନ୍ଦର ପର୍ବତ ସୁମେରୁରେ କ୍ରୀଡ଼ା କରେ । ତାହା ଦେହରୁ ବିନ୍ଦୁ ବିନ୍ଦୁ ହୋଇ ଦାନଜଳ (ମଦଜଳ) ବୃଷ୍ଟି ହେଉଥାଏ ଅର୍ଥାତ୍ ଖସି ପଡ଼ୁଥାଏ । ସେ ଦେବତାମାନଙ୍କପ୍ରତି ଆଦର ପ୍ରକାଶ କରିଥିଲା । ଇନ୍ଦ୍ର ତାହାକୁ ଅତିଶୟ ସ୍ନେହ କରନ୍ତି ଓ ସେ ବଳ ନାମକ ଅସୁରର ହୃଦୟରେ ଭୟ ଜାତ କରାଇଥିଲା । ସେହିପରି ହେମନ୍ତକାଳ କୁନ୍ଦପୁଷ୍ପରୂପ ଦନ୍ତ ଧାରଣ କରି ସୁନ୍ଦର ଦେଖାଗଲା । ( ଅର୍ଥାତ୍ ହେମନ୍ତ ଆସିବାରୁ କୁନ୍ଦ ଫୁଲମାନେ ଫୁଟିଲେ ) ଏବଂ ଜଙ୍ଗଲ, ଗ୍ରାମ, ପର୍ବତମାନଙ୍କରେ ବିହାର କଲା ଅର୍ଥାତ୍ ସବୁଆଡ଼େ ବ୍ୟାପିଗଲା । କାକର ବିନ୍ଦୁ ବିନ୍ଦୁ ହୋଇ ପଡ଼ିଲା, ସୂର୍ଯ୍ୟଙ୍କ ପ୍ରତି ଲୋକମାନଙ୍କର ଆଦର ବଢ଼ାଇଲା, ଭଲଲୁଗା ବା ଭଲଘର ପ୍ରତି ଲୋକମାନଙ୍କୁ ଆକୃଷ୍ଟ କରାଇଲା ଓ ବଳବାନ ଲୋକମାନଙ୍କୁ ମଧ୍ୟ କମ୍ପାଇଲା । ( ଦୁର୍ବଳମାନଙ୍କ କଥା ଭଣ ବା କହିବା ? )

୨୪ଶ ପଦ—ଯେପରି ଐରାବତ ଯୋଗୁଁ ନମୁଚିନାମକ ଅସୁର ଦୁଃଖିତ ହୋଇ ବିରସତା ପ୍ରାପ୍ତ ହୋଇଥିଲା ଓ ଇନ୍ଦ୍ରପୁତ୍ର ଜୟନ୍ତଙ୍କ ଚିତ୍ତ ପ୍ରଫୁଲ୍ଲିତ ହୋଇଥିଲା, ସେହିପରି ହେମନ୍ତ ଯୋଗୁଁ ଦରିଦ୍ରମାନେ ଅଥବା 'ଦିନ' ଦିବସ-ଗୁଡ଼ିକ ଅନବରତ ଶୁଷ୍କତା ବା କ୍ଷୀଣତାକୁ ତ୍ୟାଗ କଲେ ନାହିଁ । ( ଅର୍ଥାତ୍ ଶୀତ ପବନ ବହିବା ଯୋଗୁଁ ମନୁଷ୍ୟମାନେ ଓ ସୂର୍ଯ୍ୟଙ୍କର ଦକ୍ଷିଣାୟନ ଯୋଗୁଁ ଦିନ ସବୁ କ୍ଷୀଣ ହେବାକୁ ଲାଗିଲେ ) । କାକମାନଙ୍କର ଚିତ୍ତ ପ୍ରଫୁଲ୍ଲିତ ହେଲା ଅର୍ଥାତ୍ ସେମାନେ ସୁନ୍ଦର ଦେଖାଗଲେ । (ପ୍ରାୟ ଅମାବାସ୍ୟା ପର୍ବଦିନଠାରୁ

ବିଶୋଧିତ ଘନ ।
ଭରବ ରହିଲା ମହୀ କମ୍ପନ । ୨୪ ।
ଖଦେଶରେ ହେଲା ମଙ୍ଗଳ ଜାତ । ବରୁଣ ସୁମନେ ହେଲା ରଞ୍ଜିତ ।
ବ୍ୟାଧ ସମ କରି ପୁଣି ସେ କାଳ । ବନରୁ ନାଶିଲା ଖୋଜ କମଳ ।
ବାହୁବନ୍ଧେ ରଖେ ।
ବେଳେ ବେଳେ ଜନ ସେ ପାଶେ ଯୋଖେ ।

---

୨୫ଶ ପଦ—ଖଦେଶ—ଆକାଶ ଦେଶ, ନାନାଦେଶ । ବନ—ଜଙ୍ଗଲ, ଜଳ । କମଳ—ପଦ୍ମ, ମୃଗ । ପାଶ—ଫାଶ, ନିକଟ ।

---

ଲୋକମାନେ ସୁନ୍ଦର ଦେଖାଯାନ୍ତି ବୋଲି ପ୍ରବାଦ ଅଛି, ଏଣୁ ସେହି ଦିନକୁ କାଜ ସୁନ୍ଦର ବୋଲି କହନ୍ତି ) ଅଥବା ଐନ୍ଦ୍ରିୟ ( ଇନ୍ଦ୍ରିୟ ବଶ ) କାମୁକମାନଙ୍କ ମନରେ ଆନନ୍ଦ ପ୍ରକାଶିତ ହେଲା । ଏହି ସମୟରେ ଶରତ୍‌ଋତୁ ହିରଣ୍ୟାକ୍ଷ ଅସୁରର ଶୋଭାକୁ ଧାରଣ କଲା । ହିରଣାକ୍ଷ ଯେପରି ଜଗତକୁ ଆକ୍ରମଣ କରିଥିଲା, ଶରତ୍ ସେହିପରି ଆକ୍ରମଣ କଲା । ହିରଣାକ୍ଷ ବରାହ ରୂପ ଧାରଣ କରିଥିବା ବିଷ୍ଣୁଙ୍କର ଅତି ମୁନିଆଁ ଦାନ୍ତରେ ଫୋଡ଼ିହେବା ଦ୍ୱାରା ଯେଉଁପରି ଶୋଭା ଧାରଣ କରିଥିଲା, ଏହି ସମୟରେ ବାରହାଦାଢ଼ ନାମକ ଫୁଲ ଫୁଟିବାରୁ ପୃଥିବୀ ସେହିପରି ଶୋଭା ଧାରଣ କଲା । ହିରଣ୍ୟାକ୍ଷ ମରି ଯିବାରୁ ପୃଥିବୀ ଯେପରି କମ୍ପ ଶୂନ୍ୟ ଓ ଗର୍ଜନ ଶୂନ୍ୟ ହୋଇଥିଲା, ଏହି ସମୟରେ ପୃଥିବୀ ସେହିପରି 'ଘନବିରବ' ଘଡ଼ଘଡ଼ ଶୂନ୍ୟ ଓ ଘଡ଼ଘଡ଼ ଜନିତ କମ୍ପନ ଶୂନ୍ୟ ହେଲା ।

୨୫ଶ ପଦ—ହିରଣ୍ୟାକ୍ଷ ନାଶ ହେବାରୁ ଆକାଶ ଦେଶରେ ଅର୍ଥାତ୍ ସ୍ୱର୍ଗରେ ଯେପରି ନୃତ୍ୟ, ଗୀତ ପ୍ରଭୃତି ମଙ୍ଗଳ କାର୍ଯ୍ୟସବୁ ଅନୁଷ୍ଠିତ ହୋଇଥିଲା, ଶରତ ପରେ ଆସିଥିବା ହେମନ୍ତ ଋତୁରେ ସେହିପରି 'ବିଦେଶ' ନାନା ଦେଶରେ ଅର୍ଥାତ୍ ପ୍ରତ୍ୟେକ ଗ୍ରାମରେ ବିବାହ ପ୍ରଭୃତି ମଙ୍ଗଳ କାର୍ଯ୍ୟସବୁ ଅନୁଷ୍ଠିତ ହେଲା । ହିରଣ୍ୟାକ୍ଷ ମରିବାରୁ ବରୁଣ ପ୍ରଭୃତି ଦେବତାମାନେ ଯେପରି ଆନନ୍ଦିତ ହୋଇଥିଲେ, ଏହି ଋତୁରେ ବରୁଣ ବୃକ୍ଷ ସେହିପରି ପୁଷ୍ପମଣ୍ଡିତ ହେଲା । ଆଉ ମଧ୍ୟ ବ୍ୟାଧ ଯେପରି ଖୋଜ ଖୋଜି ବନରୁ ମୃଗମାନଙ୍କୁ ନାଶ କରେ ହେମନ୍ତକାଳ ସେହିପରି ଜଳରୁ ପଦ୍ମମାନଙ୍କୁ ନାଶ କଲା । ସେହି ବ୍ୟାଧ ସମସ୍ତ ସମୟରେ ଫାଶ ଯୋଖି ଯେପରି ମୃଗକୁ ବାନ୍ଧି ରଖେ, ଏହି ହେମନ୍ତରେ ସେହିପରି ସ୍ତ୍ରୀମାନେ ସମସ୍ତ ସମୟରେ ପୁରୁଷମାନଙ୍କୁ ବାହୁରେ ବାନ୍ଧି ନିକଟରେ ରଖିଲେ ।

ବିଗତରୁ ରାମ କହେ ଆତୁରେ । ବୋଲଇ ତୁ ଋତୁ ବାଧୂ ଋତୁରେ ।
ବିଧାତା ତୁହି(ହୀ)ନ ବୋଲିଛି ଜାଣି । ବିଦଗ୍ଧ କରୁ (ତୁ) ପଦ୍ମିନୀ ଶ୍ରେଣୀ ।
ବନ୍ଧୁ ମୋ ପଦ୍ମିନୀ ।
ବିନାଶ ନା ତାକୁ ଭ୍ରମକୁ ଘେନ । ୨୬ ।
ବୃକ୍ଷେ ବସି ହୁଁ ହୁଁ କରୁ କପୋତ । ବର୍ଣ୍ଣିଲେ ଶୁଣି କଲା ସମ୍ମତ ।
ବୋଇଲେ ଉଚେ ତୁଷାର ତୁଷାର । ବ୍ରହ୍ମାଣ୍ଡେ ତ ହୋଇଥିଲୁ ତୁ ସାର ।
ବିପକ୍ଷର ତହିଁ ।
ବାଦ ଅନୁକୂଳ ସମୟ ତୁହି । ୨୭ ।
ବର୍ତ୍ତିଥିବ ଏକା ନାଗସ୍ୱବର । ବର୍ତ୍ତିଥିବ ସେ ତ ଜୀବନ ମୋର ।
ବର୍ତ୍ତିଥିବାରେ ମୋ ନାହିଁ ସଂଶୟ । ବଞ୍ଚାଇ ନିକାଳେ ମୋତେ ତା ଦେହ ।

---

୨୬ଶ ପଦ—ବିଗତରୁ—ବିସ୍ମୃତ ଲାଭ କରିବାରୁ । ଋତୁରେ—ସ୍ତ୍ରୀ ସ୍ତ୍ରୀମାନଙ୍କର ରଜୋରୂପରେ । ବାଧୂ—ପୀଡ଼ାଦେଉ । ତୁହିନ—ଶିଶିର ।

୨୮ଶ ପଦ—ବର୍ଷ୍ମ—ଦେହ ।

---

୨୬ଶ ପଦ—ଏହିପରି ହେମନ୍ତ ଋତୁ କ୍ରମେ ବିସ୍ମୃତ ଲାଭ କରିବାରୁ ରାମଚନ୍ଦ୍ର ଆତୁର ହୋଇ କହିଲେ, "ହେ ହେମନ୍ତ ! ତୁ ଋତୁ ନାମରେ ଅଭିହିତ ଅଟୁ, ଏଣୁ ସ୍ତ୍ରୀମାନେ ରଜସ୍ୱଳା ହେବା ସମୟରେ ସ୍ତ୍ରୀ ଓ ପୁରୁଷମାନଙ୍କୁ ବାଧା ଦେଉ । ଏହା ଜାଣି ବିଧାତା ଷଡ଼୍ ଋତୁମାନଙ୍କ ମଧ୍ୟରେ ତୁ ହୀନ ବୋଲି କହିଛି, ( ହେମନ୍ତର ଅନ୍ୟନାମ ତୁହିନ ଅଟେ ) । ତୁ ପଦ୍ମିନୀମାନଙ୍କୁ ନାଶକରୁ; ମୋ ପ୍ରିୟା ପଦ୍ମିନୀ ଜାତୀୟା ଅଟେ, ସୁତରାଂ ତାକୁ ଭ୍ରମବଶତଃ ଆଉ ନାଶ କର ନାହିଁ ।"

୨୭ଶ ପଦ—ଏହି ସମୟରେ ଗଛ ଉପରେ ବସି କପୋତ ପକ୍ଷୀ ହୁଁ ହୁଁ ଶବ୍ଦ କରିବାରୁ ରାମଚନ୍ଦ୍ର ମନେ କଲେ ହେମନ୍ତ ମୋ କଥା ଶୁଣି ସମ୍ମତି ପ୍ରକାଶ କଲା । ମୋ ସ୍ତ୍ରୀକୁ ମାରିବ ନାହିଁ ବୋଲି କହିଲା । ଏଣୁ ଆନନ୍ଦିତ ହୋଇ ଉଚ୍ଚସ୍ୱରରେ କହିଲେ "ହେ ତୁଷାର ! ତୁଷାର ! ଏହି ବ୍ରହ୍ମାଣ୍ଡରେ ତୋର ନାମ ଉତ୍କୃଷ୍ଟ ଅଟେ । କାରଣ ତୁ ଶତ୍ରୁ ସଙ୍ଗ ବିବାଦ ରଚନା କରିବାର ଅନୁକୂଳ ସମୟ ଅଟୁ ।"

୨୮ଶ ପଦ—"ମୋର ନାଗସ୍ୱାମିଣି ଏକା ହୋଇ ବଞ୍ଚି ରହିଥିବ କି ? ( ନିଶ୍ଚୟ ବଞ୍ଚିଥିବ ) କାରଣ ସେ ତ ମୋର ଜୀବନ ଅଟେ । ମୁଁ ବଞ୍ଚିଥିବାରୁ ଏ ବିଷୟରେ ସନ୍ଦେହ କରିବା ଦରକାର ନାହିଁ । ତାର ଦେହ ମୋତେ ଜୀଇଁ,

ବଞ୍ଚୁଥିବ ସେହି ।

ବର୍ଷ ଉଷ୍ଣ ଶୀତ ହିମର ବନ୍ଧି । ୨୮ ।

ବାଛବା ଯଦି ମୋ ନାହିଁ ସୁନ୍ଦରୀ । ତାହେ ଦେହ ସଜ ସରୋଜ ଘରି ।
ବାମଦେବାରି ହୃଦେ ଯୋଖି ଶର । ବନ୍ଧୁଁ ମୋହ ହୋଇ ଥିବ କର ।

ବାଜିବ କି ଲକ୍ଷ ।

ବିଶୀର୍ଣ୍ଣ ହେବ ଗୁଣ ଶିଳୀମୁଖ । ୨୯ ।

ବଡ଼ବାନଳ ଜାଳୁଁ ତା ଶରୀର । ବୁଡ଼ିଥିବ ଭାବ ଭାବନା ନୀର ।
ବହୁତ ଜନ୍ମର ସୁକୃତରାଶି । ବିନୋଦ କଲେ ମୋ ଏଠାରେ ଆସି ।

---

୨୯ଶ ପଦ—ସଜ ସରୋଜ—ସଦ୍ୟ ପ୍ରସ୍ଫୁଟିତ ପଦ୍ମ । ବାମଦେବାରି—କନ୍ଦର୍ପ । ଗୁଣ ଶିଳୀମୁଖ – ଗୁଣମୟ ଭ୍ରମରମାନେ ।

୩୦ଶ ପଦ—ବିନୋଦ—କ୍ରୀଡ଼ା । ବାରୁଣୀ—ବରୁଣ ସମ୍ବନ୍ଧୀୟ ।

---

ବର୍ଷା ଓ ଶୀତ ଏହି ତିନି କାଳରେ ବଞ୍ଚାଇ ଥିଲି । ( ଅର୍ଥାତ୍ ତା ଯୋଗୁଁ ମୁଁ ଏହି ତିନି ଋତୁରେ ଦୁଃଖ ଅନୁଭବ କରି ନ ଥିଲି ), ସେହି ପ୍ରିୟା ମଧ୍ୟ ନିଜ ଦେହରେ ଶୀତ କାଳରେ ଉଷ୍ଣ, ଗ୍ରୀଷ୍ମରେ ଶୀତଳ ଓ ବର୍ଷାରେ ଶୀତୋଷ୍ଣଭାବ ବହନ କରି ବଞ୍ଚିଥିବ ।"

୨୯ଶ ପଦ—"ମୋର ବାଛବା ଯଦି ଆଜ ସୁନ୍ଦରୀ କେହି ନାହାନ୍ତି । ତାର ଦେହ ସଜ ପଦ୍ମଫୁଲ ପରି ବାସେ । କନ୍ଦର୍ପ ଧନୁରେ ଶର ଯୋଖି ପ୍ରିୟାର ହୃଦୟକୁ ଲକ୍ଷ୍ୟ କଲା ବେଳେ ସେ ତାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଯିବ ଓ ତାର ହାତ ନିଶ୍ଚଳ ଥିବ, ଏଣୁ ତାର ଲକ୍ଷ ବାଜିବ କି ? ( ବାଜିବ ନାହିଁ ) ମାତ୍ର ତାର ଧନୁର ଗୁଣ ଓ ଶର ଅଥବା ଗୁଣରୂପୀ ଭ୍ରମରମାନେ ଖସିଯାଇ ଇତସ୍ତତଃ ହୋଇ ପଡ଼ିବେ ବା ଉଡ଼ିବେ ।"

୩୦ଶ ପଦ—"ବଡ଼ବାନଳ ତାର ଦେହକୁ ଅବା ପୋଡ଼ି ପକାନ୍ତା, କିନ୍ତୁ ତାହା ହୋଇ ନ ପାରେ; କାରଣ ସେ ମୋ ଭାବନାରୂପ ଜଳରେ ବୁଡ଼ି ରହିଥିବ । ଏଠାରେ ମୋର ବହୁତ ଜନ୍ମର ପୁଣ୍ୟସମୂହ ଆସି ଏକତ୍ରିତ ହୋଇ କ୍ରୀଡ଼ା କଲେ କି ? ବିଧାତାର ବିଧାନ ବିଚିତ୍ର ଅଟେ, ଯେ ହେତୁ ପ୍ରିୟାକୁ ବରୁଣଙ୍କ ସମ୍ବନ୍ଧୀ ଶୋକର ସ୍ରୋତକୁ ଦେଲା ଅର୍ଥାତ୍ ଜଳଦେବତା ବରୁଣ ଯେପରି ଜଳ ମଧ୍ୟରେ ବୁଡ଼ି ରହନ୍ତି; ପ୍ରିୟାକୁ ସେହିପରି ମୋ ଭାବଜଳରେ ବୁଡ଼ାଇ ରଖିଲା । ଅଥବା ବାରୁଣୀ ଯୋଗରେ ସମୁଦ୍ରରେ ବା ସ୍ନାନରେ ବୁଡ଼ି

ବଧି ବଧି ଭଙ୍ଗ ।
ବାରୁଣୀ ଶୋଭାସ୍ପଦ ତାକୁ ଦେଲ । ୩୦ ।
ବିବାଦରେ ହୋଇ ଗ୍ରୀଷ୍ମାକାର । ବଂଶ ବହୁତ କାଳୁଁ ବୃଦ୍ଧିତାର ।
ବହ୍ନି ଶରେ ତା କରି ଭସ୍ମିଭୂତ । ବିଶ୍ରାମନଗରେ ଦେଇ ଜ୍ୱଳିତ ।
ବଳ ପତଙ୍ଗାଦ୍ଧ ।
ବଳେ ପକାଇବି ରକ୍ଷି ସମ୍ପାଦ୍ଧ । ୩୧ ।
ବିଧାତା ରଖିବାକୁ ପକ୍ଷ ହେଲେ । ବ୍ରହ୍ମପଦବୀ ନ ରଖିବ ଭଲେ ।
ବୋଲଣ ମଣ୍ଡନ ରଘୁନନ୍ଦନ । ବାନରପତି ଆଗମନେ ମନ ।
ବୋଲେ ଉପଇନ୍ଦ୍ର ।
ବତିଶ ପଦେ ମନୋରମ ଛନ୍ଦ । ୩୨ ।

---

୩୧ଶ ପଦ—ବହ୍ନି ଶର—ଅଗ୍ନି ଶର । ବଂଶ—ବାଉଁଶ ଗଛ । ବିଶ୍ରାମ-ନଗର—ବାସସ୍ଥାନ । ବିଶ୍ରାମ ନଗ—ବିଶ୍ରାମ ପର୍ବତ ।
୩୨ଶ ପଦ—ବ୍ରହ୍ମପଦବୀ—ବ୍ରହ୍ମାପଦ । ବାନରପତି—ସୁଗ୍ରୀବ ।

---

ପକାଇ ଲୋକମାନେ ପୁଣ୍ୟ ଲାଭ କଲାପରି ପ୍ରିୟା ମୋ ଶବରୂପ ଜଳାଧାରରେ ବୁଡ଼ି ପୁଣ୍ୟ ବଳରୁ ବିରହାନଳକୁ ଶାନ୍ତ କଲା ।”

୩୧ଶ ପଦ—ମୁଁ ମୋର ବିବାଦ ରାବଣ ପକ୍ଷରେ ଗ୍ରୀଷ୍ମକାଳ ପରି ହୋଇ ତାର ବହୁକାଳରୁ ବାଉଁଶ ଗଛପରି ବଢ଼ିଥିବା ବଂଶକୁ ଦାବାନଳ ତୁଲ୍ୟ ଅଗ୍ନି ଶର ମାରି ପାଉଁଶ କରିଦେବି ଏବଂ ତାର ରହିବା ସ୍ଥାନ ଲଙ୍କା ନଗରୀକୁ ବାଉଁଶ ଗଛର ଆଶ୍ରୟସ୍ଥଳ ପର୍ବତ ପରି ପୋଡ଼ି ଦେଇ ସୈନ୍ୟରୂପ ପତଙ୍ଗମାନଙ୍କୁ ବଳପୂର୍ବକ ନେଇ ସେଥିରେ ପକାଇବି ।”

୩୨ଶ ପଦ—“ରାବଣକୁ ରକ୍ଷା କରିବାପାଇଁ ବ୍ରହ୍ମା ଯଦି ତାର ପକ୍ଷ ଗ୍ରହଣ କରନ୍ତି, ତାହାହେଲେ ତାଙ୍କର ବ୍ରହ୍ମା ଉପାଧିକୁ ରଖିବି ନାହିଁ ଅର୍ଥାତ୍ ଜଗତରୁ ବ୍ରହ୍ମା ପଦ ଲୋପ କରିଦେବି ।” ଏହା କହି ରାମଚନ୍ଦ୍ର ତୁନି ହେଲେ ଏବଂ ସୁଗ୍ରୀବ କେବେ ଆସିବେ ମନେ ମନେ ଏହା ଭାବିବାକୁ ଲାଗିଲେ । ଏହି ମନୋହର ଛନ୍ଦକୁ ଉପେନ୍ଦ୍ର ବତିଶ ପଦରେ ରଚନା କଲେ ।

## ଦ୍ୱାତ୍ରିଂଶ ଛାନ୍ଦ

### ରାଗ—ମଙ୍ଗଳଗୁଜ୍ଜରୀ

ବନ୍ଦମି ଲକ୍ଷ୍ମଣ ମିଳେ କିଷ୍କିନ୍ଧ୍ୟାକାନନ ।
ବସନ୍ତ ମଳୟାଦ୍ରିରୁ କି ସେ ଆଗମନ ? ୧ ।
ବଚନ କୋକିଳ ସଦାଗତି ଗମନ ହୋଇ ।
ବହୁତ ସୁମନାଙ୍କୁ ସେ ଉତ୍ଫୁଲ୍ଲ କରାଇ । ୨ ।
ବନ୍ଧିବେ ଦକ୍ଷିଣଦ୍ୱାରେ ଯାତ୍ରା ଆରମ୍ଭିଣ ।
ବନୌକା ଖେଳସବ ରକ୍ଷେ ଅବୀ (ର) ର କରିଣ । ୩ ।

---

୨ୟ ପଦ—ସଦାଗତି—ଅବିଶ୍ରାନ୍ତ ଗମନ, ପବନ । ବହୁତ ସୁମନା—ଅନେକ ପୁଷ୍ପ ଦେବତାମାନେ । ଉତ୍ଫୁଲ—ପ୍ରସ୍ଫୁଟିତ ।

୩ୟ ପଦ—ଯାତ୍ରା—ବସନ୍ତୋତ୍ସବ ( ଦୋଳଯାତ୍ରା ) । ବନୌକା—ବାନରମାନେ । ରକ୍ଷେ—ରାକ୍ଷସମାନଙ୍କୁ । ଅବୀର ବୀର୍ଯ୍ୟହୀନା, ଅବିର—ଫଗୁ ।

---

## ଦ୍ୱାତ୍ରିଂଶ ଛାନ୍ଦ

୧ମ ପଦ — ରାମଚନ୍ଦ୍ରଙ୍କ ଆଦେଶ ପାଇ ଲକ୍ଷ୍ମଣ ମଲ୍ୟବନ୍ତରୁ ଅତି ଶୀଘ୍ର ଯାଇ କିଷ୍କିନ୍ଧ୍ୟା ପୁର ନାମକ ଜଙ୍ଗଲରେ ମିଳିଲେ । ସେହି ସମୟରେ ତାଙ୍କୁ ଦେଖି ମନେ ହେଲା, ବସନ୍ତ ମଳୟ ପର୍ବତରୁ ଆସୁଛି କି ? ( ଏହା ଦ୍ୱାରା ଲକ୍ଷ୍ମଣଙ୍କର ରମଣୀୟତା ପ୍ରକାଶିତ ହେଲା ) ।

୨ୟ ପଦ —ବସନ୍ତ ସମୟ ଯେପରି କୋକିଳର କୁହୁରବ ଓ ଦକ୍ଷିଣା ପବନରେ ମିଳିତ ହୋଇଥାଏ ଏବଂ ବହୁତ ଫୁଲ ସେହି ସମୟରେ ଫୁଟିଥାନ୍ତି, ସେହିପରି ଲକ୍ଷ୍ମଣ କୋକିଳ ତୁଲ୍ୟ ମଧୁର ବଚନ ଓ ଅବିଶ୍ରାନ୍ତ ଗମନରେ ସଂଯୁକ୍ତ ହୋଇ ଦେବତାମାନଙ୍କୁ ଆନନ୍ଦିତ କରାଇଲେ । ( ଅର୍ଥାତ୍ ତାଙ୍କର କଥା ଶୁଣି, ଅବିଶ୍ରାନ୍ତ ଗତି ଦେଖି ଦେବତାମାନେ ଆନନ୍ଦିତ ହେଲେ ) ।

୩ୟ ପଦ — ବସନ୍ତକାଳରେ ଯେପରି ଦୋଳଯାତ୍ରା ଆରମ୍ଭ କରି ଫଗୁ ଖେଳନ୍ତି, ସେହିପରି ଲକ୍ଷ୍ମଣ ଦକ୍ଷିଣ ଦ୍ୱାରରେ ଥିବା ଲଙ୍କାକୁ ଯୁଦ୍ଧ ଯାତ୍ରା ଆରମ୍ଭ କରିବେ ଏବଂ ବାନରମାନେ ରାକ୍ଷସଙ୍କୁ ଯୁଦ୍ଧରେ ଅବୀର ଦୁର୍ବଳ କରି ସେମାନଙ୍କ ସହିତ ଖେଳିବେ ଅର୍ଥାତ୍ ଅନାୟାସରେ ସେମାନଙ୍କୁ ଜୟ କରିବେ ।

ଉଜେ ରାଜା ସିଂହଦ୍ୱାରେ ରାମାନୁଜ ଯାଇ ।
ବନ୍ଧ ଲଭ ପ୍ରବୃଦ୍ଧ ସରିତ ସରି ରହି । ୪ ।
ବଧୂରେ ତ ଶରାଳୀରେ ଯୁକ୍ତ ହୋଇଛନ୍ତି ।
ବାରି ପୂର୍ଣ୍ଣ ଅପଘନେ ରୁଚିର ଦିଶନ୍ତି । ୫ ।
ବସିଥିଲା ଦ୍ୱିବ ନାମରେ କପି ଦ୍ୱାରେ ।
ବୋଇଲେ କହ ଲକ୍ଷ୍ମଣ ଆଗତ ରାଜାରେ । ୬ ।
ବୃଷଣ ବଦାରି ଚକ୍ଷୁ ଗ୍ଳାଳ ସେ ରଦନ ।
ବିକୃତମୁଖ ଦେଖାଇ ଭାଷେ କେ ତୁ ପୁନ । ୭ ।

---

୪ର୍ଥ ପଦ—ପ୍ରବୃଦ୍ଧ ସରିତ—ବଢ଼ିଲା ନଈ । ରାମାନୁଜ—ଲକ୍ଷ୍ମଣ ।

୫ମ ପଦ —ଶରାଳୀ— ପକ୍ଷୀବିଶେଷ, ଶରସମୂହ । ଅପଘନ—ଦେହ ।

୭ମ ପଦ— ବୃଷଣ—ଅଣ୍ଡକୋଷ । ରଦନ—ଦନ୍ତ । ବିକୃତମୁଖ—ବିକଟ ମୁଖ ।

---

୪ର୍ଥ ପଦ— ନଦୀ ବୃଦ୍ଧି ହେଉଥିବା ସମସ୍ତ ଉଭୟ ପାର୍ଶ୍ୱରେ ଥିବା ବନରେ ଅଟକ ରହିଲା ପରି, ଲକ୍ଷ୍ମଣ ରାଜସିଂହଦ୍ୱାର ପର୍ଯ୍ୟନ୍ତ ଯାଇ ସେହିଠାରେ ବିଜେକଲେ, ଅର୍ଥାତ୍ ଅଟକି ରହିଲେ ।

୫ମ ପଦ—ବିଧାତାର ନିୟମାନୁସାରେ ବଢ଼ିଥିବା ନଦୀର ଗର୍ଭଦେଶ ନାନାପ୍ରକାର ପକ୍ଷୀମାନଙ୍କଦ୍ୱାରା ଯୁକ୍ତ ହୋଇ ଜଳପୂର୍ଣ୍ଣ ହୋଇଥିବାରୁ ଯେପରି ମନୋହର ଦେଖାଯାଏ, ସେହିପରି ଋଷିଙ୍କ ନିୟମାନୁସାରେ ଲକ୍ଷ୍ମଣଙ୍କର ଦେହ ବ୍ରହ୍ମାସ୍ତ୍ର ପ୍ରଭୃତି ବହୁବିଧ ଶରରେ ଯୁକ୍ତ ହୋଇ ଝାଳ ଜର୍ଜରିତ ହୋଇଥିବାରୁ ସୁନ୍ଦର ଦେଖା ଯାଉଥିଲା ।

୬ଷ୍ଠ ପଦ—ଏହି ସମୟରେ ଦ୍ୱିବିଦ ନାମରେ ପରିଚିତ ଏକ ବାନର ସିଂହଦ୍ୱାରରେ ବସିଥିଲା । ଲକ୍ଷ୍ମଣ ତାକୁ କହିଲେ, "ତୋ ରାଜା ଆଗରେ କହ, ଲକ୍ଷ୍ମଣ ଆସି ଅଛନ୍ତି ।"

୭ମ ପଦ—ଏହା ଶୁଣି ସେହି ଦ୍ୱିବିଦ ବାନର ଅଣ୍ଡ କୋଷକୁ ଲୁଣ୍ଠାଇ ଆଖି ବୁଲାଇ, ଦାନ୍ତ ରଗଡ଼ି ଭୟଙ୍କର ମୁଖକୁ ଦେଖାଇ କହିଲା, "ତୁ ପୁଣି କିଏ ?" ( ଏହାଦ୍ୱାରା ବାନର ସ୍ୱଭାବୋକ୍ତି ବର୍ଣ୍ଣନା କରାଗଲା ) ।

ବୋଇଲେ କେତ୍ତୁ ହୁଅନ୍ତୁ ଏ ଦେହରେ ନାହିଁ ।
ବିଳମ୍ବ ନ କରି ତୁ ଲକ୍ଷ୍ମଣ ହୁଅ କହି ।୮।
ବଳୀ ବଳି ଦେଖେ ସେ ପ୍ଲବଗଚନ୍ଦ୍ର ଶୋଭା ।
ବ୍ୟୋମଦୋଳରେ ଉଦୟ ଲୋକେ ତାର ପ୍ରଭା ।୯।
ବେନି କର ଯୋଡ଼ି ଜଣାଇଲା ତତକ୍ଷଣ ।
ବିଜୟ ପୁରୁଷେ ଦ୍ୱାରେ ବୋଲନ୍ତି ଲକ୍ଷ୍ମଣ ।୧୦।
ବିଚାର ମଣି ଭଣିଲା ଶଶିରୁ ଖସିଲା ।
ବହି ନରତନୁ କମ୍ପା ଏଠାକୁ ଆସିଲା ? ୧୧ ।

---

୯ମ ପଦ—ବଳି—ଅତିକ୍ରମ କରି । ପ୍ଲବଗଚନ୍ଦ୍ର—ବାନରପତି, ସୁଗ୍ରୀବ ।
ବ୍ୟୋମ—ଆକାଶ । ବ୍ୟୋମଦୋଳାରେ—ଆକାଶରେ ଝୁଲୁଥିବା ଦୋଳରେ ।

---

୮ମ ପଦ—ଦ୍ୱିବିଦ 'କେତ୍ତୁ' ବୋଲି ଲକ୍ଷ୍ମଣଙ୍କୁ କହିବାରୁ ଲକ୍ଷ୍ମଣ ତାକୁ କହିଲେ, ତୁ ଏହିକ୍ଷଣି କେତ୍ତୁ ରାକ୍ଷସ ପରି ଦୁଇଖଣ୍ଡ ହୁଅନ୍ତ; କିନ୍ତୁ ଏ ଦେହରେ ନାହିଁ, ଅର୍ଥାତ୍ ଏହା ଲକ୍ଷ୍ମଣ ଦେହ ଧାରଣ କରି ତେତେ ତାହା କରି ହେବ ନାହିଁ । ଦ୍ୱାପର ଯୁଗରେ ବଳରାମ ଦ୍ୱିବିଦଙ୍କୁ ରୈବତକ ପର୍ବତରେ ବଧ କରିବେ ) । ଏଣୁ ବିଳମ୍ବ ନ କରି ଲକ୍ଷ୍ମଣ ଆସିଛନ୍ତି ବୋଲି କହି ହୁଅ ଅର୍ଥାତ୍ ସମସ୍ତଙ୍କୁ କହ । ଅଥବା ରାଜାଙ୍କୁ କହି ମୋ ନିକଟରେ ଆସି ଉପସ୍ଥିତ ହୁଅ ।"

୯ମ ପଦ—ସେହି ବଳଶାଳୀ ଦ୍ୱିବିଦ ସିଂହଦ୍ୱାରକୁ ଅତିକ୍ରମ କରି ଦେଖିଲା, ଚନ୍ଦ୍ର ଯେପରି ଆକାଶରେ ଉଦୟ ହୋଇ ନିକଟରେ ଥିବା ନକ୍ଷତ୍ର-ମାନଙ୍କ କାନ୍ତିଦ୍ୱାରା ଶୋଭା ପାଉଥାନ୍ତି, ବାନରଚନ୍ଦ୍ର ସୁଗ୍ରୀବ ଆକାଶରେ ଝୁଲୁଥିବା ଦୋଳରେ ପ୍ରକାଶିତ ହୋଇ ଅର୍ଥାତ୍ ବସି କୋଳରେ ବସିଥିବା ତାରାର ( ବାଳି ସ୍ତ୍ରୀର ) କାନ୍ତିଦ୍ୱାରା ସେହିପରି ଶୋଭା ପାଉଛନ୍ତି ।

୧୦ ପଦ –ସେହି ସମୟରେ ଦ୍ୱିବିଦ ଦୁଇହାତକୁ ଯୋଡ଼ି ଜଣାଇଲା, "ହେ ଦେବ ! ସିଂହଦ୍ୱାରରେ ଲକ୍ଷ୍ମଣ ନାମକ ଜଣେ ପୁରୁଷ ବିଜେ କରିଛନ୍ତି ।"

୧୧ଶ ଓ ୧୨ଶ ପଦ—ସୁଗ୍ରୀବ ଏହି କଥା ଶୁଣି ଆଶ୍ଚର୍ଯ୍ୟ ହୋଇ କହିଲା, "ଲକ୍ଷ୍ମଣ ଚନ୍ଦ୍ରଠାରେ ଥାଏ, ସେ କଣ ଚନ୍ଦ୍ରଠାରୁ ଖସି ପଡ଼ିଲା ? ଯଦି ବା ଖସିପଡ଼ିଲା, ତାହାହେଲେ ମନୁଷ୍ୟ ଦେହ ଧରି ଏଠାକୁ ଆସିଲା କାହିଁକି ?" ପୁନର୍ବାର କହିଲା, "ବତିଶଗୋଟି ଲକ୍ଷଣ ଦେହରେ ଦେଖାଯାଏ । ସେ ତ ସ୍ୱଭାବତଃ ବଡ଼ଲୋକଙ୍କଠାରେ ଥାଏ ଯାଅ—ପଚାର ଏ କେଉଁ ଲକ୍ଷଣ କି ନିମିତ୍ତ ଏଠାକୁ ଆସିଅଛ ?"

କତଣ ସଂଖ୍ୟା ସେ ଦେହେଁ ସହଜେ ମହତ ।
ବୋଲ ଯା କେଉଁ ଲକ୍ଷଣ ଆସି କ ନମିଲୁ ? ୧୨ ।
ବାହୁତ ହାସ୍ଯ ପୁଚ୍ଛନ୍ତେ ବୋଲଇ ସେ ବୀର ।
ବୋଲ ସେ ରାମଅନୁଜ ଯେ ଶିଶ୍ରୀଦ ତୋର । ୧୩ ।
ବାନର ଯାଇଁ ଯାଞ୍ଚିଲେ ନ କହୁ ଏ ଭାଷ ।
ବାତାୟୁ ଭ୍ରମ ତା ଅନୁଯାୟୀ ଯିନା ଶଶ । ୧୪ ।
ବକୋଣ ହସ୍ତରୁ ପୋଷା ମର୍କଟ ଫିଟଇ ।
ବକ୍ରିତମୁଖ ଦେଖାଇ ଗୁଣ ନ ମାନଇ । ୧୫ ।
ବଳିମୁଖ ଯିନା ଏହି ସେ ବୁଦ୍ଧି ଉଚିତ । ୫
ବାଳନାଶାସ୍ତ୍ର ଧନୁରେ ଯୋଚି ଛଆଁରତ । ୧୬ ।

---

୧୩ଶ ପଦ— ରାମଅନୁଜ—ରାମଚନ୍ଦ୍ରଙ୍କର ସାନଭାଇ (ଲକ୍ଷ୍ମଣ) । ଶିଶ୍ରୀଦ—ସମ୍ପଦଦାତା । ହାସ୍ଯ— ହାସ୍ଯ ।

୧୪ଶ ପଦ— ବାତାୟୁ—ମୃଗ । ଅନୁଯାୟୀ—ସାନଭାଇ ।

୧୫ଶ ପଦ—ବଳିମୁଖ—ମର୍କଟ ।

---

୧୩ଶ ପଦ— ହାସ୍ଯ ଦ୍ୱିବିଦ ବାହୁତ ଆସି ପଚାରନ୍ତେ, ଲକ୍ଷ୍ମଣ କହିଲେ,, "ଯା କହିବୁ, ଯେ ତୋତେ ଏହି ରାଜସମ୍ପଦ ଦେଇଅଛନ୍ତି, ସେହି ରାମଙ୍କ ସାନଭାଇ ଲକ୍ଷ୍ମଣ ଆସୁଅଛନ୍ତି ।"

୧୪ଶ ପଦ— ଦ୍ୱିବିଦ ବାନର ଯିବାପରେ ଲକ୍ଷ୍ମଣ ଭାବିଲେ ମୃଗର ସାନ ଭାଇ ଶଶା ଆସିଛି' ଏହି କଥା ଯାଇ ନ କହୁ । ଅର୍ଥାତ୍ ଯାହାର 'ଲକ୍ଷ୍ମଣ' ଶବ୍ଦରେ ଭ୍ରମ ଦେଖାଯାଉଅଛି, ତାର ରାମ ଶବ୍ଦରେ ମୃଗ ଭ୍ରମ ବା ନ ହେବ କାହିଁକି ?'

୧୫ଶ ଓ ୧୬ଶ ପଦ —'ଖେଳାଳି ହାତରୁ ତାର ପୋଷା ମାଙ୍କଡ଼ଟି ଫିଟି ଚାଲିଗଲେ, ସେହି ଖେଳାଳିର ପୋଷିଥିବା ଗୁଣକୁ ନ ମାନି ତାକୁ ବକ୍ରିତ ମୁଖ ଦେଖାଏ । ଏହି ସୁଗ୍ରୀବ ସେହିପରି ବୁଦ୍ଧି ଓ ଚରିତ ଦେଖାଉଛି । ଯେହେତୁ ଏ ମଧ୍ୟ ସେହିପରି ଗୋଟାଏ ମାଙ୍କଡ଼ ।' ଏହିପରି ବିଚାରି ଲକ୍ଷ୍ମଣ ବାଳିନାଶ ଶରକୁ ଧନୁରେ ଯୋଚି କହିଲେ;—

ବସିବା ଦୋଳସ୍ତମ୍ଭକୁ ଭେଦ ବଞ୍ଚ ବାସ ।
ବୋଲୁ ଛୁ ସୁଗ୍ରୀବେ ଏ ସମୟେ ତାର ଭାଷ । ୧୭ ।
ବିଭ୍ରମ ହେଲ କପାଇଁ ରଘୂତ୍ତମଭ୍ରାତେ ।
ବଦାନ୍ୟ ସେ ଏ ସମ୍ପଦେ ସେହି ମଦମତ୍ତେ । ୧୮ ।
ବାଜେ ଆସି ସ୍ତମ୍ଭେ ଶର ପଡ଼େ କି ନିର୍ଘାତ ।
ବାଣ ତେଜଘାତେ ରବିସୁତ ମୁରୁଚ୍ଛିତ । ୧୯ ।
ବାସାନ୍ତରେ ଥିଲେ ଶାଖାମୃଗ ମନ୍ତ୍ରୀ ପାଞ୍ଚ ।
ବଜ୍ର ଇନ୍ଦ୍ର ବାଳିଛଳେ ମାରିଲା ଏ ପାଞ୍ଚ । ୨୦ ।
ବଧ ପ୍ରାଣ ଯେବେ କରିଥିବ ସୁଗ୍ରୀବଙ୍କୁ ।
ବୁଡ଼ାଇବା ତା ସମ୍ପଦ କହି ରାଘବଙ୍କୁ । ୨୧ ।

---

୧୯ଶ ପଦ—ରବିସୁତ—ସୁଗ୍ରୀବ ।

୨୦ଶ ପଦ—ବାସାନ୍ତରେ—ଅନ୍ୟଗୃହରେ । ଶାଖାମୃଗମନ୍ତ୍ରୀ—ମର୍କଟ ମନ୍ତ୍ରୀ । ପାଞ୍ଚ—ବିଚାର ।

---

୧୭ଶ ଓ ୧୮ଶ ପଦ—"ହେ ଶର, ତୁ ସୁଗ୍ରୀବ ବସିଥିବା ଦୋଳର ସ୍ତମ୍ଭକୁ ଭାଙ୍ଗି ତାକୁ ଭସ୍ମ କର।" ଏହି ସମୟରେ ତାରା ସୁଗ୍ରୀବଙ୍କୁ କହିଲା, "ହେ ନାଥ ! ତୁମ୍ଭେ ରଘୁକୁଳ ଶ୍ରେଷ୍ଠ ରାମଙ୍କର ଭାଇ ଲକ୍ଷ୍ମଣଙ୍କୁ କାହିଁକି ଭୁଲି ଯାଉଛ ? ସେହି ରାମ ତୁମ୍ଭଙ୍କୁ ଏ ସମ୍ପତ୍ତି ଦାନ କରି ଅତ୍ୟନ୍ତ ଉଦାର ! ତୁମ୍ଭେ ସେହି ସମ୍ପତ୍ତିରେ ଏବେ ମତ୍ତ ହୋଇଅଛ ।"

୧୯ଶ ପଦ—ତାରା ଏହିପରି କହୁଥିବା ସମୟରେ ଶର ଆସି ବଜ୍ର ପଡ଼ିଲା ପରି ଦୋଳ ସ୍ତମ୍ଭରେ ପଡ଼ିଲା । ସେହି ଶରର ତେଜ ସୁଗ୍ରୀବ ଦେହରେ ପଡ଼ିବାରୁ ସେ ମୂର୍ଚ୍ଛିତ ହେଲା ।

୨୦ଶ ପଦ—ଏହି ସମୟରେ ଅନ୍ୟ ଘରେ ଥିବା ପାଞ୍ଚଜଣ ବାନର ମନ୍ତ୍ରୀ ମନେ କଲେ, ସୁଗ୍ରୀବ ବାଳିକୁ ମରାଇଥିବାରୁ ଇନ୍ଦ୍ର ସେହି ରାଗରେ ବଜ୍ର ମାରିଲା କି ?

୨୧ଶ ପଦ—ଯେବେ ଇନ୍ଦ୍ର ସୁଗ୍ରୀବଙ୍କ ପ୍ରାଣ ନାଶ କରିଥିବ, ତେବେ ରାମଚନ୍ଦ୍ରଙ୍କୁ କହି ତା ସମ୍ପତ୍ତିକୁ ବୁଡ଼ାଇବା ।

ବୋଲେ କେ କହିବା ଯାଏ ରାଘବଙ୍କୁ ନାହିଁ ।
ବାର ସିଞ୍ଚି କଣ୍ଠ ଫୁଙ୍କେ ତାରା ମହାଦେଈ । ୨୨ ।
ବସେ ଝାମ ଯାଇ ପିଉଶେଣୀ ପ୍ରାୟ ଛନ୍ତ ।
ବୁଝିଲେ ସମସ୍ତ କଥା ଉପାୟ ବିହୀନ । ୨୩ ।
ବନ୍ଧାପନାସ୍ଥଳୀ ଘେନ ବାହାରିଲେ ରାଣୀ ।
ବାଡ଼ାନ୍ତରେ ମନ୍ତ୍ରୀ ଘେନ କପି ଚୂଡ଼ାମଣି । ୨୪ ।
ବାଳିକା ଜାଙ୍ଗଳୀ ସ୍ତନ ପେଟୀ ବିଶାରଦ ।
ବନ୍ଧାଣ ତଣ୍ଡୁଳ ଧୂଳି ତନୁଗନ୍ଧ ଗଦ । ୨୫ ।
ବିନୟ ପଦର୍ନ୍ତି ରାଗଯୋଗରେ ଉକତ ।
ବଶୀକୃତ ପୁନ୍ନାଗକୁ ବିହିତ ସୁକୃତ । ୨୬ ।

---

୨୫ଶ ପଦ—ବିଶାରଦ—ଚତୁର । ଜାଙ୍ଗଳୀ—ବିଷବୈଦ୍ୟ, (ସାପୁଆକେଳା) ।

୨୬ଶ ପଦ—ପୁନ୍ନାଗ—ପୁରୁଷଶ୍ରେଷ୍ଠ, ପୁରୁଷ ନାଗସର୍ପ

---

୨୨ଶ ଓ ୨୩ଶ ପଦ—ସେମାନଙ୍କ ମଧ୍ୟରୁ ଜଣେ କହିଲା, "ରାମଚନ୍ଦ୍ରଙ୍କୁ କହିବାକୁ ଆଉ ସମୟ ନାହିଁ । ମହାଦେଈ ତାରା ପାଣି ସିଞ୍ଚି କାନ ଫୁଙ୍କିବାରୁ ସେ ବସି ପୁନର୍ବାର ପିଉଶେଣୀ ପରି ଶୀଘ୍ର ମୂର୍ଚ୍ଛା ଯାଇଅଛନ୍ତି ।" ମନ୍ତ୍ରୀମାନେ ଏହି ସମସ୍ତ କଥା ବୁଝି ଅର୍ଥାତ୍ ଲକ୍ଷ୍ମଣଙ୍କ ଦ୍ୱାରା ଏହା ହୋଇଛି ଜାଣି ନିରୁପାୟ ହେଲେ ।

୨୪ଶ ପଦ—ତତ୍ପରେ ରାଣୀ ତାରା ବନ୍ଧାପନା ଥାଳୀ ଘେନି ଲକ୍ଷ୍ମଣଙ୍କୁ ବୋଧିବା ପାଇଁ ବାହାରିଲେ । ସୁଗ୍ରୀବ ମନ୍ତ୍ରୀମାନଙ୍କୁ ଘେନି ବାଡ଼ର ଅନ୍ତରାଳରେ ଲୁଚିଲେ ।

୨୫ଶ ୨୬ଶ ପଦ—ଚତୁର ବିଷବୈଦ୍ୟ ବା ସାପୁଆ କେଳା ଯେପରି ପେଡ଼ା ଦେଖାଇ ମନ୍ତ୍ରଧୂଳି ପକାଇ ଗଦ ସୁଙ୍ଘାଇ ଅତି ମଧୁର ସ୍ୱରରେ ପଦ୍ମତୋଳା ଗାନ କରି ଅଥବା ଆନନ୍ଦରେ 'ପଦ' ମନ୍ତ୍ରପଢ଼ି ପୁରୁଷ ନାଗସର୍ପଙ୍କୁ ବଶୀଭୂତ କରି ବନ୍ଦ କରେ, ସେହିପରି ଚତୁରା ଯୁବତୀ ତାରା ବିଷବୈଦ୍ୟା ସାଜି ସ୍ତନଙ୍କୁ ପେଡ଼ି, ବନ୍ଧାଣ ତଣ୍ଡୁଳକୁ ମନ୍ତ୍ରଧୂଳି, ଦେହରେ ସୁଗନ୍ଧକୁ ଗଦ ଓ ମଧୁର କଣ୍ଠରେ କହୁଥିବା ବିନୟ କଥାଗୁଡ଼ିକୁ ପଦ୍ମତୋଳା ବା ମନ୍ତ୍ର ପଦ ପରି ପ୍ରକାଶ କରି ପୁରୁଷଶ୍ରେଷ୍ଠ ବା କ୍ରୋଧାନ୍ୱିତ ଲକ୍ଷ୍ମଣଙ୍କୁ ବଶୀଭୂତ କରି ସେହି ସ୍ଥାନରେ ବସାଇଲା ।

ବାନରଗଣ ସମନ୍ତ୍ରୀ କରି ଭେଟାଇଲ୍ଲ ।
ବଚନ ରଚନ ତାଙ୍କ ଏମନ୍ତେ ହୋଇଲ୍ଲ । ୨୭ ।
ବସ୍ତ୍ରେ ଭକ୍ତ ପାଦଘାତ ସହିଲେ ମାଧବ ।
ବତ୍ସଳେ ସହିଲେ ଏତେ ବୋଇଲେ ସୁଗ୍ରୀବ । ୨୮ ।
ବୋଇଲେ ମନ୍ତ୍ରୀଏ ପ୍ରହ୍ଲାଦଙ୍କୁ ଇନ୍ଦ୍ର କଲେ ।
ବଭୂତିମଦେ ସେ ନ ଚହ୍ନିଲ କି କୋପିଲେ । ୨୯ ।
ବାହ୍ନିକେ ଘୃତ ଢ଼ାଳିଲେ ଯଥା ତେଜରାଜ ।
ବହ୍ନିଲେ ଦୁଗ୍ଧ ଆହୁତ ତଥା ଶାନ୍ତ ଭଜ । ୩୦ ।
ବଜେ କର ପୂରେ ବୋଲୁଁ ବସି ତରୁତଳ ।
ବଧାନ ଲଙ୍କାକୁ ସୁଗ୍ରୀବାଦ୍ଧ ଅନୁକୂଳ । ୩୧ ।

---

୨୮ ଶ ପଦ—ମାଧବ— ବିଷ୍ଣୁ । ବତ୍ସଳେ—ସ୍ନେହରେ ।
୩୦ଶ ପଦ—ବହ୍ନିକ ଅଗ୍ନି ।

---

୨୭ଶ ପଦ— ତତ୍ପରେ ତାର ମନ୍ତ୍ରୀ ମାନଙ୍କ ସହ ବାନର ରାଜା ସୁଗ୍ରୀବଙ୍କୁ ଲକ୍ଷ୍ମଣ ସମ୍ମୁଖରେ ଭେଟ କରାଇଲେ । ସେମାନେ ଏହିପରି ଲକ୍ଷ୍ମଣଙ୍କୁ ସ୍ତୁତି କଲେ ।

୨୮ଶ ପଦ—ସୁଗ୍ରୀବ କହିଲେ, "ଭକ୍ତ ଭୃଗୁଋଷି ବା ସ୍ୱୟଂ ବ୍ରାହ୍ମଣ ବିଷ୍ଣୁଙ୍କ ବକ୍ଷସ୍ଥଳରେ ପଦାଘାତ କରିଥିଲେ । ତାଙ୍କର ଏତେ ଅପରାଧ ସେହି ବିଷ୍ଣୁ ସ୍ନେହ ଭାବରେ ସହ୍ୟ କରିଥିଲେ । ( ପ୍ରଭୁମାନେ ଭକ୍ତବତ୍ସଳ ହେବା ଉଚିତ ଏଣୁ ମୋ ପ୍ରତି ଆପଣ ସଦୟ ହୁଅନ୍ତୁ ) ।"

୨୯ଶ ପଦ – ମନ୍ତ୍ରୀମାନେ କହିଲେ, "ଭଗବାନ ପ୍ରହ୍ଲାଦଙ୍କୁ ସ୍ୱର୍ଗରେ ଇନ୍ଦ୍ର କରିଥିଲେ, ସେ ମଧ୍ୟ ସମ୍ପତ୍ତି ଗର୍ବରେ ଉନ୍ମତ୍ତ ହୋଇ ଭଗବାନଙ୍କୁ ଚିହ୍ନି ପାରି ନ ଥିଲେ । ଏଥିପାଇଁ ସେ କଣ ତା ପ୍ରତି କ୍ରୁଦ୍ଧ ହୋଇଥିଲେ କି ? (ଅତଏବ ସୁଗ୍ରୀବ ପ୍ରତି ଆପଣଙ୍କର କ୍ରୋଧ କରିବା ଉଚିତ ନୁହେଁ ) ।"

୩୦ଶ ପଦ—ଅଗ୍ନିରେ ଘିଅ ଢ଼ାଳିଲେ ସେ ତେଜ ସମୂହକୁ ପ୍ରକାଶ କରନ୍ତି ଏବଂ ଦୁଧ ଢ଼ାଳିଲେ ଶାନ୍ତ ହୁଅନ୍ତି । ସେହିପରି ତାରା ଦ୍ୱିବିଦର କଥାରେ କ୍ରୁଦ୍ଧ ହୋଇଥିବା ଲକ୍ଷ୍ମଣ ସୁଗ୍ରୀବ ଓ ମନ୍ତ୍ରୀମାନଙ୍କର ବିନମ୍ର ବାକ୍ୟରେ ଶାନ୍ତ ହୋଇଥିଲେ ।

୩୧ଶ ପଦ—'ନଗରକୁ ବିଜେ କରନ୍ତୁ, ବୋଲି ସୁଗ୍ରୀବ ଲକ୍ଷ୍ମଣଙ୍କୁ କହିବାରୁ ସେ ନ ଯାଇ ଗୋଟିଏ ଗଛ ମୂଳରେ ବସିଲେ । ସୁଗ୍ରୀବ ପ୍ରଭୃତି ବାନରମାନେ ଯଥାବିଧାନରେ ଲଙ୍କାକୁ ଯିବାପାଇଁ ଅନୁକୂଳ କଲେ ।

ବ୍ୟଥିତ ରାମର ସୈନ୍ୟ ଆଣି ଗଲା ତ୍ବରେ ।
ବର୍ଣ୍ଣନ୍ତି ସେ ବଶିଥିଲା କଥା ପରସ୍ପରେ । ୩୨ ।
ବୋଲାଇତ କ୍ଷଣଦା ସେ କ୍ଷଣ ପ୍ରାପ୍ତେ ଚଳି ।
ବାସର ପ୍ରସରୁଁ ଦ୍ବିଜ ଆନନ୍ଦ ବଢ଼ିଲି । ୩୩ ।
ବିଶୁଦ୍ଧକର୍ମ ଉଦୟେ ସ(ଲି)ଲ୍ଲୀଳେ ଗମନ ।
ବିନାଶିଲି ତମ (ଘ୍ରା)ଦିନବନ୍ଧୁ ଦରଶନ । ୩୪ ।

---

୩୩ଶ ପଦ—କ୍ଷଣଦା—ରାତ୍ରି । ବାସର—ଦିନ । ଦ୍ବିଜ—ପକ୍ଷୀ, ବ୍ରାହ୍ମଣ ।

୩୪ଶ ପଦ—ସଲ୍ଲୀଳେ— ଲୀଳା ପ୍ରକାଶପୂର୍ବକ । ଦିନବନ୍ଧୁ—ସୂର୍ଯ୍ୟ । ତମ—ଅନ୍ଧକାର । ସଲିଳେ—ଜଳରେ । ଘ୍ରାନବନ୍ଧୁ—ଭଗବାନ୍ । ତମ—ଅଜ୍ଞାନତା ।

---

୩୨ଶ ପଦ—'ରାମଚନ୍ଦ୍ର ଦୁଃଖିତ ହେଉଛନ୍ତି' ଏହି କଥା ଲକ୍ଷ୍ମଣ କହିବାରୁ ସୁଗ୍ରୀବ କହିଲେ, ସୈନ୍ୟ ଦୂତ ଆଣିବାକୁ ଗଲା ।" ସେ ଦୁହେଁ ନିଜ ନିଜ ମଧ୍ୟରେ ଏହି ପରି କଥାବାର୍ତ୍ତା କରି ରାତ୍ରି ଅତିବାହିତ କଲେ ।

୩୩ଶ ପଦ —ଏହିପରି କଥାବାର୍ତ୍ତା କରୁ କରୁ ରାତ୍ରି ଏକ ମୁହୂର୍ତ୍ତ ପରି ବିତିଗଲା । ତେଣୁ ସେହିଦିନଠାରୁ ରାତ୍ରି କ୍ଷଣଦା ନାମକୁ ଧାରଣ କଲା । ଦିନ ହେବାରୁ ବ୍ରାହ୍ମଣ ବା ପକ୍ଷୀମାନଙ୍କର ଆନନ୍ଦ ବଢ଼ିଲା ।

୩୪ ପଦ ସୂର୍ଯ୍ୟ ଉଦୟ ହେବା ସମୟରେ 'ବିଶୁଦ୍ଧ କର୍ମ' ସନ୍ଧ୍ୟା ବନ୍ଦନାଦି କରିବା ନିମିତ୍ତ ବ୍ରାହ୍ମଣମାନେ ଜଳ ମଧ୍ୟକୁ ପ୍ରବେଶ କଲେ ଅର୍ଥାତ୍ ସ୍ନାନ କରିବାକୁ ଲାଗିଲେ ( ସୂର୍ଯ୍ୟଙ୍କର ଅର୍ଦ୍ଧୋଦୟ ସମୟରେ ସନ୍ଧ୍ୟା କରାଯାଏ ) ପକ୍ଷୀମାନେ 'ବିଶୁଦ୍ଧ କର୍ମ' ଭକ୍ଷଣାଦି କାର୍ଯ୍ୟ କରିବା ନିମିତ୍ତ ଲୀଳା ପ୍ରକାଶପୂର୍ବକ ଗମନ କଲେ, ଅର୍ଥାତ୍ ଖାଦ୍ୟ ଖୋଜିବାପାଇଁ ଚାରିଆଡ଼େ ଆନନ୍ଦରେ ଡେଇଁ ଡେଇଁ ବୁଲିଲେ । ସୂର୍ଯ୍ୟ ଦେଖା ଦେଇ ଅର୍ଥାତ୍ ଉଦୟ ହୋଇ ଅନ୍ଧାରକୁ ନାଶ କଲେ । ଅଥବା ବ୍ରାହ୍ମଣମାନେ ସ୍ନାନ ପରେ ସୂର୍ଯ୍ୟଙ୍କୁ ବା 'ଘ୍ରାନବନ୍ଧୁ' ବିଷ୍ଣୁଙ୍କୁ ଦେଖିବାରୁ ସେମାନଙ୍କର ଅଜ୍ଞାନ ବା ଦୁଃଖ ବିନାଶ ହେଲା । ( ଅସାବାଦିତ୍ୟୋ ବ୍ରହ୍ମ ଅର୍ଥାତ୍ ଏହି ସୂର୍ଯ୍ୟ 'ବ୍ରହ୍ମ' ପରମାତ୍ମା, ଏଣୁ ସୂର୍ଯ୍ୟ ଦର୍ଶନ ଅଜ୍ଞାନକୁ ଓ ବିଷ୍ଣୁ ଦୁଃଖର ବନ୍ଧୁ ଯୋଗୁଁ ଦୁଃଖକୁ ନାଶ କଲେ ) ।

ବଳ ଘେନି ଏ ସମୟେ ଅଙ୍ଗଦ ପ୍ରବେଶ ।
ବ୍ରହ୍ମାଣ୍ଡ ପୂରିତ ହେଲା କଳକଳା ଘୋଷ । ୩୫ ।
ବୋଲି ଶ୍ରୀଜଗନ୍ନାଙ୍ଗନା ସୁଗ୍ରୀବ ଲକ୍ଷ୍ମଣ ।
ବାହାରିଲେ ସଙ୍ଗ କରି ସେନାପତିଗଣ । ୩୬ ।
ବସୁଧାଭୃତରେ ଥାଇ ଭାଳେ ଦାଶରଥି ।
ବାହୁଡ଼ି ତ ନ ଆସିଲା ସୌମିତ୍ରେୟ ଏଥି । ୩୭ ।
ବୈଦ୍ୟ ସେହୁ ରୋଗୀ ମୁହିଁ ତାହା ଉପସ୍ଥରେ ।
ବ୍ୟବହାର କରି ରହିଥିଲି ଜୀବନରେ । ୩୮ ।
ବ୍ୟାଧି ଅସାଧ ଜାଣି କି ନ ଆସେ ସନ୍ନିଧି ?
ବିନାଶ ହୋଇବା କଥା ମୋର ହେଲା ସିଦ୍ଧି । ୩୯ ।
ବାଣୀ ଶୁଭିଲା ଏ କାଳେ ଧାମ ରହ ରାମ ।
ବିସ୍ମୟେ କି ଭାଳି ଅନାଇ ରଘୂତ୍ତମ । ୪୦ ।

---

୩୭ଶ ପଦ —ବସୁଧାଭୃତ—ପର୍ବତ ( ମାଲ୍ୟବାନ ) । ସୌମିତ୍ରେୟ—ଲକ୍ଷ୍ମଣ ।

୩୮ଶ ପଦ—ଉପସ୍ଥର —ଶିକ୍ଷା । ବ୍ୟବହାର—କାର୍ଯ୍ୟ ।

୩୯ଶ ପଦ—ସନ୍ନିଧି—ନିକଟ । ସିଦ୍ଧି —ନିଶ୍ଚିତରୂପେ, ସ୍ଥିର ।

---

୩୫ଶ ପଦ—ଏହି ସମୟରେ ଅଙ୍ଗଦ ସୈନ୍ୟମାନଙ୍କୁ ଘେନି ସେଠାରେ ପ୍ରବେଶ ହେଲା । ସେହି ସୈନ୍ୟମାନଙ୍କର କଳକଳା ଶବ୍ଦରେ ବ୍ରହ୍ମାଣ୍ଡ ପୂରିଗଲା ।

୩୬ଶ ପଦ—ତତ୍ପରେ ସୁଗ୍ରୀବ ଓ ଲକ୍ଷ୍ମଣ ଶ୍ରୀଜଗନ୍ନାଙ୍ଗନା ( ଶ୍ରୀ ସୀତା, ଜଗନ୍ନାଙ୍ଗନା ଜଗତର ମଙ୍ଗଳକର୍ତ୍ତ୍ରୀ ) ରାମ ସୀତାରାମ, ସୀତାରାମ ବୋଲି ସେନାପତିମାନଙ୍କ ସହ ରାମଙ୍କ ନିକଟକୁ ବାହାରିଲେ ।

୩୭ଶ ପଦ—ତେଣେ ରାମଚନ୍ଦ୍ର ମାଲ୍ୟବାନ୍ ପର୍ବତରେ ଥାଇ ଭାବୁଛନ୍ତି, "ଲକ୍ଷ୍ମଣ କାହିଁକି ଏଠାକୁ ଏପର୍ଯ୍ୟନ୍ତ ଫେରିଲା ନାହିଁ ?"

୩୮ଶ ଓ ୩୯ଶ ପଦ—"ସେ ବୈଦ୍ୟ, ମୁଁ ରୋଗୀ । ତାହାର ଶିକ୍ଷାନୁସାରେ କାର୍ଯ୍ୟ କରି ମୁଁ ପ୍ରାଣରେ ବଞ୍ଚି ରହିଥିଲି । ବର୍ତ୍ତମାନ ମୋର ରୋଗ ଅସାଧ ଜାଣିପାରି ସେ ମୋ ନିକଟକୁ ଆସୁ ନାହିଁ କି ? ତାହା ହେଲେ ମୋର ମରିବା କଥା ନିଶ୍ଚିନ୍ତ ଅର୍ଥାତ୍ ଲକ୍ଷ୍ମଣ ନ ଆସିଲେ ମୁଁ ନିଶ୍ଚୟ ମରିବି ।"

୪୦ଶ ପଦ—ଏହି ସମୟରେ 'ଦୌଡ଼ନାହିଁ' ଧୀରସ୍ଥିର ହୋଇ ରହ' ଏହି କଥା ଶୁଣାଯିବାରୁ 'ଏହା କି ଶବ୍ଦ' ବୋଲି ଭାବି ରାମଚନ୍ଦ୍ର ଚାରିଆଡ଼େ ଚାହିଁବାକୁ ଲାଗିଲେ ।

ବନ ଗିରି ବ୍ୟାପି ଆସେ ଅଲେଖ ପ୍ଳବଗ ।
ବାରୁଣୀ ସନ୍ଧ୍ୟା ଅରୁଣୀ ପ୍ରାପ୍ତ କେଉଁ ମାର୍ଗ । ୪୧ ।
ବ୍ୟାପିଲା ପରି କେ ଦିଗେ ଧୂମ ପାଣ୍ଡୁରତା ।
ବିଧୂକର ନବୋଦୟେ ଆସିବା ଶୋଭିତା । ୪୨ ।
ବଳିତ କେଉଁ ଦିଗରେ କୁଜ୍‌ଝଟିକା ଭବ ।
ବହେ କେଉଁ ପଥର କି ହରିତାଳଧାର ? ୪୩ ।
ବିଷବୈଦ୍ୟ ଭବ ଶୋଭା ଅଛନ୍ତି ସେ ପାଇ ।
ବିଳେଶୟ ଲାଙ୍ଗୁଳକୁ ଆଣନ୍ତି ଖେଳାଇ । ୪୪ ।

---

୪୧ଶ ପଦ—ଅଲେଖ—ଅଗଣିତ । ପ୍ଳବଗ—ବାନର । ଅରୁଣୀ—ଲୋହିତବର୍ଣ୍ଣ । ବାରୁଣୀସନ୍ଧ୍ୟା—ସନ୍ଧ୍ୟାକାଳୀନ ପଶ୍ଚିମାକାଶ ।
୪୨ଶ ପଦ—ବିଧୂକର—ଚନ୍ଦ୍ର କିରଣ ।
୪୩ଶ ପଦ—କୁଜ୍‌ଝଟିକା—କୁହୁଡ଼ି ।
୪୪ଶ ପଦ—ବିଷବୈଦ୍ୟ—ସାପୁଆକେଳା । ବିଳେଶୟ—ସର୍ପ ।

---

୪୧ଶ ପଦ—ରାମଚନ୍ଦ୍ର ଦେଖିଲେ, ଅସଂଖ୍ୟ ବାନର ବନ ଗିରି ପୂର୍ଣ୍ଣ କରି ଆସୁଅଛନ୍ତି । ସେମାନଙ୍କର ଆସିବା ବାଟମାନଙ୍କ ମଧ୍ୟରୁ କେଉଁ ବାଟ ସନ୍ଧ୍ୟା-କାଳୀନ ପଶ୍ଚିମାକାଶପରି ଲୋହିତ ବର୍ଣ୍ଣ ଦେଖାଯାଉଛି ।

୪୨ଶ ପଦ—କେଉଁ ଦିଗ ଧୂମ୍ର ବର୍ଣ୍ଣ ଓ ପାଣ୍ଡୁର ବର୍ଣ୍ଣ ଦ୍ୱାରା ଆଚ୍ଛାଦିତ ହେଲା ପରି ଦେଖାଗଲା । ଚନ୍ଦ୍ର ନୂତନ ହୋଇ ଉଦୟ ହେଉଥିବା ସମୟରେ ଦିଗମାନେ ଯେଉଁପରି ଶୋଭାକୁ ଧାରଣ କରନ୍ତି, ବାନରମାନେ ଆସୁଥିବା ଯୋଗୁଁ କେଉଁ ଦିଗମଧ୍ୟ ସେହିପରି ଶୋଭାକୁ ଧାରଣ କଲା ।

୪୩ଶ ପଦ—କେଉଁ ଦିଗ କୁହୁଡ଼ିରେ ବ୍ୟାପ୍ତ ହେଲାପରି ଜଣାଗଲା । କେଉଁ ସ୍ଥାନରେ ହରିତାଳ ସ୍ରୋତ ବହିଯାଉ ଥିବା ପରି ମନେହେଲା । (ଅତଏବ ଏଥିରୁ ଜଣାଗଲା ଯେ, ସୁଗ୍ରୀବ ରକ୍ତବର୍ଣ୍ଣ, ଧୂମ୍ରବର୍ଣ୍ଣ, ପାଣ୍ଡୁବର୍ଣ୍ଣ, ଶୁକ୍ଳବର୍ଣ୍ଣ କୁହୁଡ଼ିବର୍ଣ୍ଣ ଓ ହଳଦିଆ ବର୍ଣ୍ଣର ବାନରମାନଙ୍କସହ ଆଗମନ କରିଥିଲେ ।

୪୪ଶ ପଦ—ସେହି ବାନରମାନେ ଲାଙ୍ଗୁଳରୂପ ସାପକୁ ଖେଳାଇବ । ପାଇଁ ସାପୁଆକେଳାପରି ଆସୁଥିବାର ଦେଖା ଯାଉଥିଲେ ।

ଘାଟଏ ଘାଟଏ କି ନଗର ଆଳୀ ଆଳୀ ।
ବକ୍ତ୍ର ନୀଳାବ୍ଜ କୈରବ କୋକନଦ ଝୁଲ ।୪୫।
ବୃଦ୍ଧଶ୍ରବାଦିଗୁଁ ସନ୍ଧ୍ୟା ତମ ଯଥା ଘୋଟି ।
ବହରନ୍ତି କେଉଁ ପଥେ ଋକ୍ଷ କୋଟି କୋଟି ।୪୬।
ବସୁଧାଭୃତ ତଳରେ ରଖି କପିସୈନ୍ୟ ।
ବ୍ରଧ୍ନସୁତ ଲକ୍ଷ୍ମଣ ସୁଷେଣ ହନୁମାନ ।୪୭।
ବାଳିପୁତ୍ର ଜାମ୍ବବ ତାରକ୍ଷ ସାତେ ଯାଇ ।
ବନ୍ଦନ୍ତି ରାଘବେ ଉଚ୍ଚ ଆସନେ ବସାଇ ।୪୮।

---

୪୫ଶ ପଦ – ଘାଟଏ ଘାଟଏ—ଲହରୀ ପରେ ଲହରୀ । ଆଳୀ ଆଳୀ—ଧାଡ଼ି ଧାଡ଼ି । ବକ୍ତ୍ରଂ—ମୁଖ । ନୀଳାବ୍ଜ –ନୀଳପଦ୍ମ । କୈରବ—କୁମୁଦ ବା ଶ୍ୱେତକଇଁ । କୋକନଦ—ରକ୍ତ ପଦ୍ମ ।

୪୬ଶ ପଦ—ବୃଦ୍ଧଶ୍ରବା ଦିଗୁଁ—ପୂର୍ବଦିଗରୁ । ତମ—ଅନ୍ଧକାର । ଋକ୍ଷ—ଭଲ୍ଲୁକ ।

୪୭ଶ ପଦ—ବସୁଧାଭୃତ ତଳେ—ମାଲ୍ୟବାନ ପର୍ବତ ତଳରେ ବ୍ରଧ୍ନସୁତ—ସୁଗ୍ରୀବ ।

୪୮ଶ ପଦ—ବାଳିପୁତ୍ର—ଅଙ୍ଗଦ । ତାରକ୍ଷ—ଏହି—ନାମଧାରୀ ବାନର ବିଶେଷ ।

---

୪୫ଶ ପଦ—ନୀଳକଇଁ, ଧଳାକଇଁ ଓ ରକ୍ତକଇଁଫୁଲ ପରି ମୁଖ ସବୁ ଦେଖାଇ ଦଳ ଦଳ ହୋଇ ମାଡ଼ି ଆସୁଥିବା ବାନରମାନଙ୍କୁ ଦେଖି ମନେ ହେଲା ଏ କଣ ନାନାବିଧ କୁମୁଦ ମଣ୍ଡିତା ଲହରୀ ମାଳିନୀ ନଦୀ କି ?

୪୬ଶ ପଦ—ସନ୍ଧ୍ୟାସମୟରେ ପୂର୍ବଦିଗରୁ ଅନ୍ଧକାର ଯେପରି ମାଡ଼ିଆସେ, ସେହିପରି କେଉଁ ରାସ୍ତା ଦେଇ ଅସଂଖ୍ୟ ଭାଲୁ ଡେଇଁ ଡେଇଁ ଆସୁଥିବାର ଦେଖାଗଲା ।

୪୭ଶ ଓ ୪୮ଶ ପଦ—ମାଲ୍ୟବାନ ପର୍ବତତଳେ ବାନରସେନାମାନଙ୍କୁ ରଖି ସୁଗ୍ରୀବ, ଲକ୍ଷ୍ମଣ, ସୁଷେଣ, ହନୁମାନ, ଅଙ୍ଗଦ, ଜାମ୍ବବ, ତାରକ୍ଷ, ଏହି ସାତଜଣ ଯାଇ ରାମଚନ୍ଦ୍ରଙ୍କୁ ଉଚ୍ଚ ଆସନରେ ବସାଇ ବନ୍ଦନା କଲେ । ( ଶାଳଗ୍ରାମ, ରାଜା ଓ ଅତିଥି ଏମାନଙ୍କୁ ଆସନ ପ୍ରଦାନ କରି ଅଭିବାଦନ କରିବା ନିୟମ ) ।

ବିଶ୍ରାମିଲା ରାମଚନ୍ଦ୍ରେ ରାମଚନ୍ଦ୍ର ବିଧି ।
ବିଦିତ ଉଦିତ ସପ୍ତଋଷି କି ସନ୍ନିଧି ? ୪୯ ।
ବେଢ଼ିବେ ଝମଝମରେ ଋକ୍ଷପନ୍ତି ପୁଣି ।
ବାତାତ୍ମଜ ଯୁବରାଜ ଦୁହେଁ ଗଲେ ଆଣି । ୫୦ ।
ବିଭ୍ରାଜନ୍ତ ଚକ୍ରବର୍ତ୍ତୀ ପରା ରୂପଧାଶ୍ୱ ।
ବାହ୍ନଶା ପୁଚ୍ଛନ୍ତି ନାମ ବଳକୁ ଉଚ୍ଚାରି । ୫୧ ।
ବସନ୍ତ ତୋଷବର୍ଦ୍ଧନ ସେ ନବ ମଦନ ।
ବନ୍ଦ୍ୟ ହେଲେ ଚନ୍ଦନେ ଜଗତପ୍ରାଣ ପୁନଃ । ୫୨ ।

---

୫୦ ଶବ୍ ପଦ—ଋକ୍ଷପନ୍ତି—ତାରକା ସମୂହ, ଭଲ୍ଲୁକଶ୍ରେଣୀ । ବାତାତ୍ମଜ—ହନୁମାନ । ଯୁବରାଜ—ଅଙ୍ଗଦ ।

୫୧ ଶବ୍ ପଦ—ରୂପଧାଶ୍ୱ—ଧନୁର୍ଦ୍ଧାଶ୍ୱ । ଚକ୍ରବର୍ତ୍ତୀ—ସମ୍ରାଟ । ବାହ୍ନଶା—ସୈନ୍ୟଦଳ । ବଳ—ସୈନିକ । ଉଚ୍ଚାରି—ଡାକି ।

୫୨ ଶବ୍ ପଦ—ନବ ମଦନ—ନୂତନ କନ୍ଦର୍ପ । ଜଗତପ୍ରାଣ—ବାୟୁ । ସୃଷ୍ଟିରକ୍ଷକ—ରାମଚନ୍ଦ୍ର ।

---

୪୯ ଶବ୍ ପଦ—ଏହି ସମୟରେ ରାମଚନ୍ଦ୍ରଙ୍କଠାରେ 'ରାମଚନ୍ଦ୍ର' ରମଣୀୟ ଚନ୍ଦ୍ର ( ପୂର୍ଣ୍ଣଚନ୍ଦ୍ର ) ଙ୍କର ବିଧି ବିଶ୍ରାମ କଲା ଅର୍ଥାତ୍ ତାଙ୍କୁ ଦେଖି ଏ ପୂର୍ଣ୍ଣଚନ୍ଦ୍ର ବୋଲି ମନେ ହେଉଥିଲା । କାରଣ, ତାଙ୍କ ନିକଟରେ ଥିବା ଏହି ବିଖ୍ୟାତ ନାମା ସାତ ଜଣଙ୍କୁ ଦେଖି ବୋଧ ହେଉଥିଲା, ସେମାନେ ସେହି ଚନ୍ଦ୍ରଙ୍କ ନିକଟରେ ଥିବା ମରୀଚ ଆଦି ସପ୍ତର୍ଷି ନକ୍ଷତ୍ର ଉଦୟ ହୋଇଅଛନ୍ତି କି ?

୫୦ ଶବ୍ ପଦ—ପୁଣି ମଣ୍ଡଳାକାରରେ ଭାଲୁମାନେ ନକ୍ଷତ୍ର ସମୂହପରି ଏହାଙ୍କୁ ବେଢ଼ିବେ, ଏଣୁ ହନୁମାନ ଓ ଅଙ୍ଗଦ ଦୁହେଁ ସେମାନଙ୍କୁ ଆଣିବାପାଇଁ ଗଲେ ।

୫୧ ଶବ୍ ପଦ—ଧନୁର୍ଦ୍ଧାଶ୍ୱ ରାମଚନ୍ଦ୍ର ଏହି ସମୟରେ ସମ୍ରାଟ ପରି ଶୋଭା ପାଇଲେ ଏବଂ ସେନାପତିଙ୍କୁ ଡାକି ସେମାନଙ୍କର ନାମ ଓ ବଳ ( ତାଙ୍କ ଅଧୀନରେ ଥିବା ସୈନିକଙ୍କ ସଂଖ୍ୟା ) ପଚାରିଲେ ।

୫୨ ଶବ୍ ପଦ—ବସନ୍ତଋତୁ କନ୍ଦର୍ପର ଆନନ୍ଦ ବୃଦ୍ଧି କଲାପରି ବସନ୍ତ ନାମକ ସେନାପତି ସେହି ନୂତନ କନ୍ଦର୍ପ ରାମଚନ୍ଦ୍ରଙ୍କର ଆନନ୍ଦ ବୃଦ୍ଧିକଲା । ଆଉ ମଧ୍ୟ ଚନ୍ଦନ ବାସିତ ବାୟୁ ସମସ୍ତଙ୍କଦ୍ୱାରା 'ବନ୍ଦ୍ୟ' ଆଦରଣୀୟ ହେଲାପରି ରାମଚନ୍ଦ୍ର ଚନ୍ଦନନାମକ ସେନାପତିଦ୍ୱାରା ବନ୍ଦନୀୟ ହୋଇଥିଲେ ।

ବେଳେ ବେଳେ ଅନାଇଲେ ଗବାକ୍ଷ ବୋଲନ୍ତେ ।
ବିକ୍ରମି ସେପରି ଆସ୍ତେ ଗବୟ ଆସନ୍ତେ । ୫୩ ।
ବର୍ଣ୍ଣ ମଧୁରେ କାଞ୍ଚନ ଡାଳିମ୍ବ ଉତ୍ଫୁଲ୍ଲ ।
ବ୍ୟବସ୍ଥିତେ ପନସକୁ କରାଇ ସଫଳ । ୫୪ ।
ବର୍ଦ୍ଧନକାରକ ପନଶୀଳରେ ସୁଶୀଳ ।
ବିକାଶି ମହେନ୍ଦ୍ରଶିରୀ ମହେନ୍ଦ୍ର ଚପଳ । ୫୫ ।

---

୫୩ଶର ପଦ—ଗବାକ୍ଷ—ଝରକା, କପି ସେନାପତି ବିଶେଷ । ଗବୟ—ଗୟଲ, କପି ସେନାପତି ବିଶେଷ ।

୫୪ଶର ପଦ—ମଧୁ—ବସନ୍ତକାଳ । ବର୍ଣ୍ଣମଧୁରେ—ମନୋହର ରୂପରେ ।

୫୫ଶର ପଦ—ସୁଶୀଳ—ସଦ୍‌ବ୍ୟବହାର । ଚପଳେ—ଶୀଘ୍ର । ମହେନ୍ଦ୍ରଶ୍ରୀ—ରାଜଲକ୍ଷ୍ମୀ ।

---

୫୩ଶର ପଦ—ଗବାକ୍ଷ ସେନାପତି ରାମଙ୍କ ନିକଟକୁ ଆସୁଥିବାର ଦେଖି କେହି ଏ 'ଗବାକ୍ଷ' ବୋଲି କହିଲା, ତେଣୁ ରାମଚନ୍ଦ୍ର ଝରକାରେ ବାରମ୍ବାର ଅନାଇଲା ପରି ତାକୁ ଅନାଇଲେ । ସେହିପରି ଗବୟ ଆସୁଛି ବୋଲି କେହି କହିବାରୁ, ଏ ପ୍ରକୃତରେ ଗୟଲ ପରି ବିକ୍ରମରେ ଆସୁଛି ବୋଲି ରାମଚନ୍ଦ୍ର ଭାବିଲେ ।

୫୪ଶର ପଦ—ଯେପରି ବସନ୍ତ ସମୟ କାଞ୍ଚନ ଓ ଡାଳିମ୍ବ ବୃକ୍ଷକୁ ପ୍ରସ୍ଫୁଟିତ କରାଏ, ସେହିପରି କାଞ୍ଚନ ଓ ଡାଳିମ୍ବ ନାମକ ସେନାପତି ଦୁହିଁଙ୍କୁ ରାମଚନ୍ଦ୍ରଙ୍କର ମନୋହର ଶରୀର ଆନନ୍ଦିତ କରାଇଲା ଅର୍ଥାତ୍ ରାମଚନ୍ଦ୍ରଙ୍କର ସୁନ୍ଦର ରୂପ ଦେଖି ଏ ଦୁହେଁ ଆନନ୍ଦିତ ହେଲେ । ଆଉ ମଧୁ ବସନ୍ତକାଳ ପଣସ ଗଛକୁ ଫଳମାନଙ୍କ ଦ୍ୱାରା ମଣ୍ଡିତ କରାଇଲା ପରି, ରାମଚନ୍ଦ୍ରଙ୍କର ମନୋହର ଶରୀର ପନସ ନାମକ ସେନାପତିଙ୍କୁ ସଫଳ କରାଇଲା ଅର୍ଥାତ୍ ରାମଙ୍କୁ ଦେଖି ତାର ଜୀବନ ସଫଳ ହେଲା ।

୫୫ଶର ପଦ—ରାମଚନ୍ଦ୍ର ପନଶୀଳ ସେନାପତିଠାରେ ସଦ୍‌ବ୍ୟବହାର ବଢ଼ାଇଲେ, ଅର୍ଥାତ୍ ତାକୁ ଅତିଶୟ ଆଦର କଲେ ଏବଂ ସେହିପରି ମହେନ୍ଦ୍ର ନାମକ ସେନାପତିଠାରେ ଇନ୍ଦ୍ର ସମ୍ପଦକୁ ପ୍ରକାଶ କଲେ ଅର୍ଥାତ୍ ସେ ଇନ୍ଦ୍ର ସମ୍ପତ୍ତି ପାଇଲା ପରି ଆନନ୍ଦିତ ହେଲା ।

ବହୁବଧସୁଖଦ ସେ ଦ୍ୱିବିଦ ନାମ ଯେଣୁ ।
ବଳ କଷି ଦାଶରଥି ଶରଭର ଏଣୁ ।୫୬।
ବର୍ଣ୍ଣି ପୃଚ୍ଛନ୍ତି ନୀଳ ଦେଖି ସେ ନାମ ଉଦିତ ।
ବୋଲନ୍ତି ନଳ ବୋଇଲେ ଅବଧି ସଂଖ୍ୟାକୃତ ।୫୭।
ବଳେକି ଗନ୍ଧମାଦନ ସେହି ବୋଲି ସ୍ମରେ ।
ବିକାଶେ କୁମୁଦ ରାମଚନ୍ଦ୍ର ସହଜରେ ।୫୮।
ବଳ ଗର୍ବେ କେଶରୀ ଏହାକୁ କେ ସମାନ ।
ବର୍ଣ୍ଣି ବେନ କାଳଞ୍ଜନ ଶୁଣି ମହାସ୍ୱନ ।୫୯।

---

୫୬ଶରୁ ପଦ—ଶୌରି—ଶନିଶ୍ଚର, କପି ସେନା ପତି ବିଶେଷ ।

---

୫୬ଶର ପଦ—ତତ୍ପରେ ଦ୍ୱିବିଦ ନାମକ ସେନାପତିଙ୍କୁ ବହୁବିଧ ସୁଖ ପ୍ରଦାନ କଲେ; ଯେ ହେତୁ ତାଙ୍କ ନାମ ଦ୍ୱିବିଦ । ଏହି ଦ୍ୱିବିଦ ଶବ୍ଦରୁ ସେ ସୁଖ ଓ ଦୁଃଖ ଦୁଇଙ୍କୁ ଜାଣନ୍ତି ବୋଲି ଜାଣି ଯାହା ଶ୍ରଦ୍ଧେୟଙ୍କୁ ଦୁଃଖ ଦେବା ଉଚିତ ନୁହେଁ ଭାବି ସେ କେବଳ ସୁଖ ଜାଣି ଥିବାରୁ ବହୁବିଧ ସୁଖ ପ୍ରଦାନ କଲେ । ସେ ଦାଶରଥି ଦଶରଥଙ୍କର ପୁତ୍ର, ତେଣୁ ଶରଭ ନାମକ ସେନାପତିର ବଳକୁ କଷିଲେ, କାରଣ ତାଙ୍କ ପିତା ଦଶରଥ 'ଶରଭ' ଶବ୍ଦଙ୍କର ବଳ କଷିଥିଲେ ।

୫୭ଶରୁ ପଦ—ନୀଳ ନାମକ ସେନାପତିର କର୍ଣ୍ଣିକୁ ଦେଖି ରାମ କହିଲେ, "ଏହାର ନାମ ନୀଳ କି ?" ସେ ମଧ୍ୟ 'ତାହିଁ ମୋର ନାମ' ବୋଲି ପ୍ରକାଶ କଲା । ତତ୍ପରେ ନଳ ସେନାପତି ଉପସ୍ଥିତ ହୁଅନ୍ତେ କେହି ଜଣେ ଏ ନଳ ବୋଲି କହିବାରୁ ରାମଚନ୍ଦ୍ର କହିଲେ, "ଏ ନଳ ଅର୍ଥାତ୍ ପରିକା, ଏଣୁ ଏହା ଦ୍ୱାରା 'ଅବଧି' ଲଙ୍କା ଏଠାରୁ କେତେ କ୍ରୋଶ ଦୂର ଅଥବା 'ଅବଧି' ସମୁଦ୍ର କେତେ ଯୋଜନ ବିସ୍ତୀର୍ଣ୍ଣ ଏହା ମାପି ଠିକ୍ କରି ହେବ ।"

୫୮ଶରୁ ପଦ—ରାମଚନ୍ଦ୍ର ଗନ୍ଧମାଦନ ନାମକ ସେନାପତିଙ୍କୁ ଦେଖି 'ଏ ସେହି ଗନ୍ଧମାଦନ ପର୍ବତ କି ?' ବୋଲି ଭାବିଲେ; ଯେ ହେତୁ ତାର ଦେହ ପର୍ବତ ପରି ଉନ୍ନତ ଓ ବିଶାଳ ଦେଖା ଯାଉଥିଲା । ଚନ୍ଦ୍ରଙ୍କୁ ଦେଖି କଇଁଫୁଲ ଯେପରି ବିକଶିତ ହୁଏ, ସେହିପରି କୁମୁଦ ନାମକ ସେନାପତି ରାମଙ୍କୁ ଦେଖି ହଠାତ୍ ଆନନ୍ଦିତ ହୋଇଥିଲେ ।

୫୯ତମ ପଦ—ତତ୍ପରେ କେଶରୀ ସେନାପତିଙ୍କୁ ଦେଖି କହିଲେ, "ଏ ତ କେଶରୀ ଅର୍ଥାତ୍ ସିଂହ, ଏଣୁ ଏହାକୁ ଆଉ କିଏ ସମାନ ହେବ ? (ଏହାକୁ କେହି ସରିହେବେ ନାହିଁ) ଏବଂ କାଳିଞ୍ଜନ ସେନାପତିର ଭୁଙ୍କାର ଶବ୍ଦକୁ ଶୁଣି ମନେ କଲେ, "ଏହା ନାମର ଆଦ୍ୟ ଦୁଇ ଅକ୍ଷରକୁ 'ସମାନ' ସାର୍ଥକ କରୁଛି ।" ( ଅର୍ଥାତ୍ ଏ କାଳୀ ଦେଖା ବା କଳା ମେଘ ଅଟେ ) ।

ବିଲ୍ୱ ବନେ ପୃଥୀ କପିଯାକ ନେଲେ ସ୍ଥାନ ।
ବିଷ୍ଣୁ ମାୟାରୁ କରି ସେ ହୋଇଲା ବର୍ଦ୍ଧନ । ୭୦ ।
ବ୍ରହ୍ମାଣ୍ଡ ଯାହା ଉଦରେ ପ୍ରଳୟେ ସମ୍ଭାଇ ।
ବୁଲି ମାର୍କଣ୍ଡେୟ ଋଷି ଅନ୍ତ ପାଇ ନାହିଁ । ୭୧ ।
ବାଷଠି ପଦରେ ସୈନ୍ୟଭେଟ ଛାନ୍ଦ ଶେଷ ।
ଶାରବର ଉପଇନ୍ଦ୍ର ଭଞ୍ଜ କହେ ରସ । ୭୨ ।

---

## ତ୍ରୟସ୍ତ୍ରିଂଶ ଛାନ୍ଦ

### ରାଗ— ଘଣ୍ଟାରବ

ବିଭୂଷା ଜଟା ମୁକୁଟ । ବିଜେ ମାଲ୍ୟବନ୍ତ କୂଟ ।
ବେଢ଼ିଛନ୍ତି ଚଉକଣ୍ଡ ଯୂଥପତି କି ଆଜ୍ଞା ଦେବେ ସମ୍ରାଟ । ୧ ।

---

୧ମ ପଦ — କୂଟ — ଶିଖର ।

---

୭୦ତମ ପଦ—ପୃଥିବୀ ଦେଖି ବେଲବଣରେ ବାନରମାନଙ୍କୁ ରହିବାକୁ ସ୍ଥାନ ଦେଲେ ଅର୍ଥାତ୍ ସେମାନେ ସେହି ବେଲ ବୃକ୍ଷ ସଙ୍କୁଳ ଭୂମିରେ ରହିଲେ । ବିଷ୍ଣୁ ମାୟାରୁ ସେ ସ୍ଥାନ ବୃଦ୍ଧି ପାଇଲା ।

୭୧ତମ ପଦ —କେଉଁ ବିଷ୍ଣୁଙ୍କର ଗର୍ଭରେ ପ୍ରଳୟ ସମୟରେ ବ୍ରହ୍ମାଣ୍ଡ ରହିଥିଲା, ଯେଉଁ ଗର୍ଭରେ ବୁଲି ବୁଲି ମାର୍କଣ୍ଡ କେଉଁଠାରେ ଶେଷ ବୋଲି ଠିକ୍ କରି ପାରି ନ ଥିଲେ, ତାଙ୍କର ମାୟାରେ ବହୁ ସଂଖ୍ୟକ କପି ସେନା ସାମାନ୍ୟ ବେଲ ବଣରେ ରହିଗଲେ,— ଏଥିରେ ଆଶ୍ଚର୍ଯ୍ୟ ବା କଣ ଅଛି ?

୭୨ତମ ପଦ—ସୈନ୍ୟ ଭେଟ ଛାନ୍ଦ ବାଷଠି ପଦରେ ଶେଷ ହେଲା; ଶାରବର ଉପେନ୍ଦ୍ର ଭଞ୍ଜ ଏ ରସକୁ କହିଲେ ।

---

## ତ୍ରୟସ୍ତ୍ରିଂଶ ଛାନ୍ଦ

୧ମ ପଦ—ଜଟାରୂପ ମୁକୁଟରେ ଅଳଙ୍କୃତ ହୋଇ ରାମଚନ୍ଦ୍ର ମାଲ୍ୟବନ୍ତଗିରିର ଶିଖର ଦେଶରେ ବିଜେ କରି ଅଛନ୍ତି ଏବଂ ତାଙ୍କର ଚାରିପଟେ ଯୂଥପତିମାନେ 'ମହାରାଜ କି ଆଦେଶ ପ୍ରଦାନ କରିବେ' ବୋଲି ବେଢ଼ି ରହିଛନ୍ତି ।

ବୀର ବେନ ଲୋକେ ସାର । ଶୌରଧୂ ଖ୍ୟାତ ଯାହାର ।
ବୋଲନ୍ତି ସୁଗ୍ରୀବେ ପ୍ରିୟା ଖୋଜ ଏବେ ବଗେ ବଗେ ଯାନ୍ତୁ ସ୍ବର । ୨ ।

ବନ ବନ ଗିରି ପୁରେ । ବନସନ୍ତୁ ଲୋଡ଼ିବାରେ ।
ବିଳମ୍ବ ନ କରି ସନ୍ଦେଶ ସମସ୍ତ ଦେଶରୁ ଆଣନ୍ତୁ ଖରେ । ୩ ।

ବଡ଼ ଯେ ରାବଣୁ ବନ୍ଧି । ବୋଲାଇ ରାବଣ ସେହି ।
ବନ୍ଦୀ କରିଛି କେ ରମଣୀ ମଣି କି ସମୂଳ କରିବା ତହିଁ । ୪ ।

ବସିବା ସ୍ଥାନ ଆଦ୍ଯର । ବଣା ହେବ ସେହିପର ।
ବାସ କୁଳଟାର ସ୍ଥିତ ଡାକିମାର ରକ୍ଷଗ୍ରାମ ଲଙ୍କାପୁର । ୫ ।

---

୨ୟ ପଦ—ବୀରବେନ—ଚଉଦ । ଲୋକ—ଭୁବନ । ଶୌରଧୂ—ଶୌରଭ୍ଯ ।

୩ୟ ପଦ—ବନ—ଗୁହା । ଗିରି—ପୁରେ—ପର୍ବତ ଓ ଗ୍ରାମରେ ବା ପର୍ବତ କନ୍ଦରରେ । ସନ୍ଦେଶ—ଖବର ।

---

୨ୟ ପଦ—ଚଉଦ ଭୁବନରେ ଯାହାଙ୍କର ଶୌରଭ୍ଯ ଉତ୍କୃଷ୍ଟ ବୋଲି କଥିତ ହୋଇଅଛି, ଅର୍ଥାତ୍ ଜଗତରେ ଏକମାତ୍ର ବୀର ବୋଲି ଯେ ଘୋଷିତ ହୋଇଅଛନ୍ତି, ସେହି ରାମଚନ୍ଦ୍ର ସୁଗ୍ରୀବଙ୍କୁ କହିଲେ, "ଦୂତମାନେ ପ୍ରିୟାଙ୍କୁ ଖୋଜିବାପାଇଁ ପ୍ରତ୍ୟେକ ବଗକୁ ଯାଆନ୍ତୁ ।"

୩ୟ ପଦ—"ଦୂତମାନେ ବନ, ଗିରି ଗୁହା ଓ ଘରମାନଙ୍କରେ ପ୍ରିୟାଙ୍କୁ ଖୋଜିବା ପାଇଁ ପ୍ରବେଶ କରନ୍ତୁ ଏବଂ କୌଣସି ସ୍ଥାନରେ ବିଳମ୍ବ ନ କରି ସମସ୍ତ ଦେଶରୁ ଅତିଶୀଘ୍ର ସମ୍ବାଦ ଆଣନ୍ତୁ ।"

୪ର୍ଥ ପଦ—"ଯେ ବଡ଼ ଯାଚି କରେ ତାକୁ ରାବଣ କହନ୍ତି । ସେହି ବଡ଼ ଯାଚିଆ ରାବଣ—ଯେ କି ସ୍ତ୍ରୀଶ୍ରେଷ୍ଠ ସୀତାଙ୍କୁ ବନ୍ଦୀକରି ରଖିଛି, ତାକୁ ଉତ୍ତମରୂପେ ଜାଣିବା ଦରକାର ।"

୫ମ ପଦ—"ସେହିପରି ମଧ୍ଯ ରାବଣର ରହିବା ସ୍ଥାନ ବିଷୟରେ ବଣା ହେବାକୁ ପଡ଼ୁଛି । କାରଣ ଅସତୀ ସ୍ତ୍ରୀ, ଡାହାଣୀ ଓ ରାକ୍ଷସମାନଙ୍କର ରହିବା ସ୍ଥାନକୁ ଲଙ୍କା କହନ୍ତି । ଅତଏବ କେଉଁ ଲଙ୍କାରେ ସୀତା ଚୋର ରାବଣର ଘର—ଏହା ଜାଣିବା ନିତାନ୍ତ ଦରକାର ।"

ବାଦ କନକ ନଗରେ । ବହନ୍ତାଇବା ବେଗରେ ।
ବବୁଧାଚଳେ କ ସମୁଦ୍ର ସେ କୂଳେ ଯିବାକୁ ସଂଶୟ କରେ । ୬ ।
ବୈଦେହୀ ସୀତା ମୋ ରାମା । ବୈଦେହୀ ବଣିକ ବାମା ।
ବିଷ୍ଣୁପଦୀ ସୀତା ଗୁଡ଼କାର ଗୃହ ସିତାରେ ନୋହି ବିଭ୍ରମା । ୭ ।
ବୁଝିବ ପୁଣି ସନ୍ଦେହେ । ବଦେ ଷଡ଼ନାମ ସେ ଯେ ।
ବୈଦେହୀ ଜାନକୀ ମୈଥିଳୀ ପାର୍ଥିବୀ ଯୋଜନଗନ୍ଧା ସୀତା ଯେ । ୮ ।
ବ୍ରହ୍ମାଣ୍ଡେ ନ ଥିଲା ସର । ବପାକ କର୍ମ ମୋହର ।
ବଜନ୍ଦ୍ୟରେ ନିନ୍ଦ୍ୟ ଉପମା ଦେବାକୁ ହୋଇଲା ସମାନ କର । ୯ ।

---

୬ଷ୍ଠ ପଦ—କନକ ନଗର—ସୁବର୍ଣ୍ଣପୁରୀ ( ଲଙ୍କା ) । ବବୁଧାଚଳ —ମେରୁ ପର୍ବତ ।

୭ମ ପଦ—ବିଷ୍ଣୁପଦୀ—ଗଙ୍ଗା । ଗୁଡ଼କାର—ଗୁଡ଼ିଆ ।

୯ମ ପଦ—ବପାକ କର୍ମ—ଦୁର୍ଭାଗ୍ୟ ହେତୁରୁ । ବଜନ୍ଦ୍ୟ—ପ୍ରଶଂସନୀୟ ।

---

୬ଷ୍ଠ ପଦ—"ଆମ୍ଭେମାନେ ଶୀଘ୍ର ଯାଇ ସ୍ୱର୍ଣ୍ଣପୁରୀ ( ରାକ୍ଷସମାନଙ୍କ ରହିବା ସ୍ଥାନ ) ଲଙ୍କାରେ ଯୁଦ୍ଧ କରନ୍ତେ, ମାତ୍ର ସେହି ସ୍ୱର୍ଣ୍ଣପୁରୀ ମେରୁ ପର୍ବତରେ କି ସମୁଦ୍ରର ଆରପଟ କୂଳରେ ଅଛି, ତାହା ଜଣା ନ ପଡ଼ିବାରୁ ସେଠାକୁ ଯିବାକୁ ସନ୍ଦେହ ଜାତ ହେଉଅଛି ।"

୭ମ ପଦ—"ମୋର ସ୍ତ୍ରୀର ନାମ ବୈଦେହୀ ଏବଂ ସୀତା; କିନ୍ତୁ ବେପାରୀର ସ୍ତ୍ରୀକୁ ମଧ୍ୟ ବୈଦେହୀ କୁହାଯାଏ । ଆଉ ମଧ୍ୟ ଗଙ୍ଗାଙ୍କର ନାମ ସୀତା ଏବଂ ଗୁଡ଼ିଆ ଘରେ ଥିବା ଶାକରର ନାମ ସିତା । ସୁତରାଂ ନାମରେ ସମାନତା ଯୋଗୁଁ ତୁମ୍ଭମାନଙ୍କର ଏମାନଙ୍କଠାରେ ଯେପରି ଭ୍ରମ ନ ହୁଏ ।"

୮ମ ପଦ—"ତୁମ୍ଭେମାନେ ନିଃସନ୍ଦେହ ରୂପେ ଜାଣିବା ଦରକାର, ଯେ ବୈଦେହୀ, ଜାନକୀ, ମୈଥିଳୀ, ପାର୍ଥିବୀ, ଯୋଜନଗନ୍ଧା ଓ ସୀତା ଏହି ଛ ନାମ ଧାରଣ କରିଥିବ ସେ ମୋର ସ୍ତ୍ରୀ ଅଟେ ।"

୯ମ ପଦ—"ଏହି ବ୍ରହ୍ମାଣ୍ଡରେ ମୋର ପ୍ରିୟା ସହିତ ସମାନ ହେବାକୁ କେହି ନ ଥିଲା, କିନ୍ତୁ ମୋର ଦୁର୍ଭାଗ୍ୟ ହେତୁ ସେହି ଅନିନ୍ଦ୍ୟା ସୀତାଙ୍କଠାରେ ସମାନ କରିବା ପାଇଁ ନିନ୍ଦନୀୟ ଉପମାମାନଙ୍କୁ ଦେବାକୁ ହେଲା ।"

ବିଧାତା ବିଧାନୀ ନୋହୁ । ବୁଧ କବି ଥିଲେ କହୁ ।
କହୁ ଉତ୍‌କ୍ଷେପ ତା ସର୍ଜନା ଉପମା ଦିଅଇ ବିଚ୍ଛେଦ ବିହୁ । ୧୦ ।
ବଢ଼ିଣ ଚୂର୍ଣ୍ଣ କୁନ୍ତଳ । ବଳିଥିବ ଅର୍ଦ୍ଧଭାଳ ।
ବକ୍ଷୋ ତୁଙ୍ଗେ ମୁଖ ମେଳ କରିଥିବ ଏ ଦୃଷ୍ଟି କୃତେ ସଫଳ । ୧୧ ।
ବିଭାବସ୍ୱ ଅବଶେଷେ । ବିଧୁ ଲୁଦ ଅଳ୍ପ ଗ୍ରାସେ ।
ବାରୁଣୀ ଅଚଳ ଚୂଳେ ପୂର୍ଣ୍ଣଶଶୀ ପ୍ରକାଶିଲ ଯଥା ଦିଶେ । ୧୨ ।
ବଳି ଶୋଭା ରୋମାବଳି । ବର୍ଣ୍ଣ କୂଚ ପାଣ୍ଡୁ ଝଳି ।
ବଲ୍ଲକୀ ଉରେ ଆଉଯାଇ ଶାରଦା ତନ୍ତ୍ରୀ ଗଣ ଭଳି । ୧୩ ।

---

୧୦ମ ପଦ—ବୁଧ—ପଣ୍ଡିତ ।
୧୧ଶ ପଦ—ଚୂର୍ଣ୍ଣକୁନ୍ତଳ—କୁଞ୍ଚିତ କେଶ । ବକ୍ଷୋତୁଙ୍ଗେ—ସ୍ତନରେ ।
୧୨ଶ ପଦ—ବିଭାବସ୍ୱ—ରାତ୍ରି । ବିଧୁ ଲୁଦ—ରାହୁ । ବାରୁଣୀ ଅଚଳ-ଚୂଳେ—ପଶ୍ଚିମ ଦିଗସ୍ଥ ପର୍ବତ ଶିଖରରେ ।
୧୩ଶ ପଦ—ଶାରଦା—ସରସ୍ୱତୀ । ବଲ୍ଲକୀ—ବୀଣା ।

---

୧୦ମ ପଦ "କବି ଓ ପଣ୍ଡିତମାନେ କହିଲେ କି, ସୀତା ବିଧାତାଦ୍ୱାରା ନିର୍ମିତ ନୁହନ୍ତି, ତେଣୁ ବିଧାତା ବୋଧ ହୁଏ ତାର ( ବିଧାତାର ) ଅନ୍ୟ ଉପମାନଙ୍କ ସହ ତୁଳନା କରାଇବା ପାଇଁ ପ୍ରିୟାଙ୍କୁ ମୋଠାରୁ ଅନ୍ତର କରାଇଲା କି ?"

୧୧ଶ ଓ ୧୨ଶ ପଦ—"ଯେଉଁ ସ୍ତ୍ରୀର ଅଳକା କପାଳର ଅଧକୁ ବଳି ପଡ଼ିଥିବ, କେଶ ବାନ୍ଧି ନ ଥିବାରୁ ଗୋଟି ଗୋଟି ବାଳସବୁ ଖସି କପାଳ ସ୍ପର୍ଶ କରୁଥିବ, ଯେଉଁ ସ୍ତ୍ରୀ ସ୍ତନଦ୍ୱୟରେ ମୁଖ ରଖିଥିବ, ଲଜ୍ଜାଯୋଗୁଁ ମୁଖ ଗୋଡ଼ି ବସିଥିବ, ଏହିପରି ସ୍ତ୍ରୀକୁ ଦେଖିଲେ ତୁମ୍ଭ ପରିଶ୍ରମ ସଫଳ ହେବ ( ଅର୍ଥାତ୍ ତାକୁ ମୋର ସ୍ତ୍ରୀ ବୋଲି ଜାଣିବ ) । ଶେଷରେ ରାହୁ ଅଳ୍ପ ଗ୍ରାସ କରିଥିଲେ ଅସ୍ତଗିରିର ଶିଖର ଦେଶରେ ପୂର୍ଣ୍ଣଚନ୍ଦ୍ର ଯେପରି ଦେଖାଯାଏ; ଚୂର୍ଣ୍ଣ କୁନ୍ତଳାଚ୍ଛନ୍ନ ପ୍ରିୟାର ମୁଖ ସେହିପରି ଦେଖାଯାଉଥିବ ।"

୧୩ଶ ପଦ—"ଅଙ୍ଗ ମଧ୍ୟ ପ୍ରିୟାର 'ବର୍ଣ୍ଣ' ରୂପ ତ୍ରିବଳୀଠାରୁ ଶୋଭା ବିସ୍ତାର କରି ପାଣ୍ଡୁ ବର୍ଣ୍ଣ କୁଚ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିବା ରୋମରାଜିରେ ଯୁକ୍ତ ହୋଇଥିବ ଅଥବା ପ୍ରିୟାର 'ବର୍ଣ୍ଣ' ରୂପ ତ୍ରିବଳୀଠାରୁ ଶୋଭା ବିସ୍ତାର କରି ( ଅତ୍ୟନ୍ତ ହୋଇ ବା ଦେଖାଦେଇ ) ପାଣ୍ଡୁର-ବର୍ଣ୍ଣ କୁଚ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିବା ରୋମରାଜି ଦ୍ୱାରା ଯୁକ୍ତ ହୋଇଥିବ ଏବଂ ସେ

ବିମଳନୟନୁ ଜଳ । ବହୁ ପଡ଼ୁଥିବ ତଳ ।
ଉଜ୍ଜ୍ୱଳିତ ଶଙ୍ଖ ନୀଳ ହିଙ୍ଗୁଳରେ ଶାୟକୁଁ ଖସେ କି ଫଳ ? ୧୪ ।
ବନ୍ଦସ୍ତ୍ରଦ୍ଧାଣି ସନ୍ଧାନ । ବିଫଳ ନ ଥିବ ସେନ ।
ବାଣାସନଭ୍ରୂରୁ ଚାରୁର ଅଞ୍ଜନ ସିଞ୍ଜିନୀ ହେବାରୁ ଶୀର୍ଣ୍ଣ । ୧୫ ।
ବାଜ ଖରଶ୍ୱାସ ତାର । ବିଭଙ୍ଗ ଭଳି ଅଧର ।
ବିମ୍ବଫଳ ପାଶ ଶୁଖିଗଲା ରୁଚି କରିଥିବ ଅଙ୍ଗୀକାର । ୧୬ ।

---

୧୪ଶ ପଦ—ଉଜ୍ଜ୍ୱଳିତ—ଦୀପ୍ତିମନ୍ତ । ଶାୟକୁଁ—ଶରରୁ ।

୧୫ଶ ପଦ—ବାଣାସନ—ଧନୁ । ଚାରୁ—ସ୍ତ୍ରୀ । ଅଞ୍ଜନ—କଜ୍ଜଳ । ସିଞ୍ଜିନୀ—ଧନୁର ଗୁଣ । ଶୀର୍ଣ୍ଣ ଛିଣ୍ଡି ଯିବାରୁ ।

୧୬ଶ ପଦ—ବିଭଙ୍ଗ—ରକ୍ତମାଣିକ । ବିମ୍ବଫଳ—କରଞ୍ଜିକାକୁଢ଼ ।

---

ଅନୁସାର ବଶତଃ ଗୁଣରୁଚି ମୋର ଗୁଣମାନଙ୍କୁ ଖାଳ ଚିନ୍ତା କରୁଥିବ । ଏଣୁ ବାଣୀକୁ ଗ୍ରନ୍ଥରେ ଆଉପାଇ ସେହି ବାଣୀର 'ଗୁଣ' ତାହାମାନଙ୍କୁ ଖାଳ ବିବେଚନା ପୂର୍ବକ ସଙ୍କଳନ କରି ସ୍ୱଗିଣୀମାନଙ୍କ ବିଷୟ ଚିନ୍ତା କରୁଥିବା ସରସ୍ୱତୀଙ୍କ ପରି ମଧ୍ୟ ଦେଖାଯାଉଥିବ ।" ଏଠାରେ କବି ବାଣୀ ସାର, ବେମାବଳ ଦଣ୍ଡି, ରୂପ ଲୁମ୍ବୀ ଗୁଣ ବାଣୀତାର, ବର୍ଣ୍ଣ ଶୁକ୍ଳ ହୋଇ ବର୍ଣ୍ଣିତ ହେବାରୁ ସରସ୍ୱତୀଙ୍କ ସହ ତୁଳନା କରିଗଲେ । )

୧୪ଶ ପଦ—"ପ୍ରିୟାର ଚକ୍ଷୁ ଦୁଇଟିରୁ ଜଳ (ଲୁହ) ବହୁ ତଳେ ପଡ଼ୁଥିବ । ତାହା ଦେଖିଲେ ମନେହେବ, ଶଙ୍ଖ, ନୀଳ ଓ ହିଙ୍ଗୁଳରେ ରଞ୍ଜିତ ଲୁହା କମିତ ଶରର ଅଗ୍ରଭାଗ ଶରରୁ ଖସିପଡ଼ୁଛି କି ?"

୧୫ଶ ପଦ—"ସେହି ଭୟଶୀଳା ପ୍ରିୟା ତାହାର ଭ୍ରୂଲତା ରୂପ ଧନୁରୁ କଜ୍ଜ୍ୱଳ ରୂପ ଗୁଣ ଛିଣ୍ଡି ଯାଇଥିବାରୁ, ( ଅର୍ଥାତ୍ ଅନବରତ କାନ୍ଦିବା ଦ୍ୱାରା କଜ୍ଜଳ ଧୋଇ ହୋଇଯାଇଥିବାରୁ ) ସେ ବିଫଳ ହେବାର ଜାଣି ବନ୍ଦ ସ୍ତନ୍ଧାଣି ରୂପ ଶରକୁ ଯୋଗ କରୁ ନ ଥିବ,—ଏହା ମନେରଖ ।" ଅତଏବ ବନ୍ଦନାରୂପ କାମୋଦ୍ଦୀପନକାରିଣୀ ହେବା ଅସମ୍ଭବ । )

୧୬ଶ ପଦ—"ତାର ଉଚ୍ଚସ୍ୱ ନିଶ୍ୱାସ କାଳ ଓଷ୍ଠ ଅସୁନ୍ଦର ଦେଖାଯାଉଥିବ । ମନେ ହୁଏ, ବିମ୍ବଫଳ ଶାଖା ଶୁଖିଗଲେ ଯେଉଁପରି ଶୋଭା ଧାରଣ କରେ, ଓଷ୍ଠ ସେହି ଶୋଭାକୁ ଧରିଥିବ ।"

ବିଶୀର୍ଣ୍ଣରେ ସୁକୁମାଶ୍ରୀ । କରିଥିବ ମଧ୍ୟ ଶିଶ୍ରୀ ।
ବିସ୍ମରୁଛି ଗୁରୁମଧ ଅତି ସରୁ ହୋଇଥିବ କାହା ପରି । ୧୭ ।
ବୋଲିବ ଯେତେ ଯୁବତୀ । ଭରିବ୍ରଣୀ ଏହିମତି ।
ଭଗତ ଚନ୍ଦନେ ପଙ୍କିଳ ଶୟନେ ନ ଥିବ ସେ ସେନ ମତି । ୧୮ ।
ବାମଦେବବାମା କେତେ । ଭଙ୍ଗୀ ସମ ଜଗତେ ।
ବନ୍ଧୁ ସଙ୍ଗତେ ମୋ ସେ ତ ଅର୍ଦ୍ଧଅଙ୍ଗୀ ଭରିହୀ ହେବେ କେମନ୍ତେ ? ୧୯।
ବାକ୍ୟ ମନ୍ଦ ହୋଇଥିବ । ବରଷା ପିକ ସ୍ୱଭାବ ।
ତୃଷ ହେବ ତୁମ୍ଭେ ମୋ କଥା ଶ୍ରବଣ ଜମ୍ବୁ ପାନ କରାଇବ । ୨୦ ।

---

୧୯ଶ ପଦ—ବାମଦେବବାମା—ମହାଦେବଙ୍କ ସ୍ତ୍ରୀ । ଭଙ୍ଗୀ—ସୌନ୍ଦର୍ଯ୍ୟ ।

---

୧୭ଶ ପଦ—"ସୁକୁମାଶ୍ରୀ ଅତିଶୟ କ୍ଷୀଣ ହୋଇ ତାର କଟୀର ଶୋଭାକୁ ଧାରଣ କରିଥିବ । (ଅର୍ଥାତ୍ ତାର ଅଣ୍ଟା ଯେତେ ସରୁଥିଲା, ସେ ଏବେ ଚିନ୍ତା କରି କରି ସେତିକି ସରୁ ହୋଇଯିବଣି ) । ମୁଁ ଭାବୁଛି, ତାର ଅତିସୁନ୍ଦର ସେହି ଅଣ୍ଟାଟି ଏବେ କାହାପରି ସରୁ ହୋଇଥିବ ?"

୧୮ଶ ପଦ—"ତୁମ୍ଭେମାନେ ଅବା କହିବ, ଯେତେ ସ୍ତ୍ରୀ ବିରହିଣୀ ହୁଅନ୍ତି, ସମସ୍ତେ ଏହିପରି କ୍ଷୀଣ ହୋଇଯାନ୍ତି, କିନ୍ତୁ ସେ ଚନ୍ଦନ ବୋଳି ହୋଇ ନ ଥିବ କି କୋମଳ ପତ୍ରଶଯ୍ୟାରେ ଶୋଇ ନ ଥିବ, ତାକୁ ମୋର ସ୍ତ୍ରୀ ବୋଲି ଜାଣିବ ।"

୧୯ଶ ପଦ—"ଏହି ଜଗତରେ ମୋର ସ୍ତ୍ରୀ ସହିତ ମହାଦେବଙ୍କ ସ୍ତ୍ରୀ ପାର୍ବତୀ କେତେକ ଅଂଶରେ ସମାନ ଅଟନ୍ତି ମହାଦେବ ତ ଅର୍ଦ୍ଧାଙ୍ଗ ଅଟନ୍ତି ତେବେ ପାର୍ବତୀ କିପରି ବିରହିଣୀ ହେବେ ? କିନ୍ତୁ ମୋର ପ୍ରିୟା ସୀତା ସଙ୍ଗତରେ ଥିବାରୁ ( ମହାଦେବଙ୍କ ପରି ମୁଁ ଅର୍ଦ୍ଧାଙ୍ଗ ହୋଇ ନ ଥିବାରୁ ) ରାବଣ ନେଇ ଯିବା ହାରୁ ସେ ବିରହିଣୀ ହେଲା ।"

୨୦ଶ ପଦ—"ବର୍ଷାକାଳରେ ସ୍ୱଭାବତଃ କୋକିଳର ସ୍ୱର ବନ୍ଦ ହେଲା ପରି ପ୍ରିୟାର ସ୍ୱର ବନ୍ଦ ହୋଇଥିବ, କିନ୍ତୁ ଜାମୁକୋଳିର ରସ ଆସ୍ୱାଦନ କଲେ କୋକିଳର ସ୍ୱର ମନୋହର ହୁଏ । ସେହିପରି ତୁମ୍ଭେମାନେ ଜାମୁଗଛପରି ହୋଇ ମୋର କଥା ରୂପ ଜାମୁଫଳ ତାଙ୍କୁ ଆସ୍ୱାଦନ କରାଇବ । ( ଅର୍ଥାତ୍ ସେ ବିରହରେ ମୂକ ହୋଇ ବସିଥିଲେ ସୁଦ୍ଧା ମୋ କଥା ଶୁଣିଲେ ନିଶ୍ଚୟ କଥା କହିବ )।

ବରତା ଶୁଣିଲେ ମୋର । ବଦନେ ପ୍ରସନ୍ନ ତାର ।
ବହ୍ନି ଆଣୁ ମନ୍ଦେ ଦୃଢ଼ କରି ଶିଳେ କଷୁଣ୍ଡ ଦେବ ମୁକୁର । ୨୧ ।
ବହିବାକୁ ଶାତ ରଙ୍ଗେ । ଦାର ସାତ ସାତ ସଙ୍ଗେ ।
ବସନ୍ତେ ପୂର୍ବରେ ପଦ୍ମିନୀ କ୍ଷୀଣକୁ ନାଶ ଅର୍ଥେ ପେଷି ବେଗେ । ୨୨ ।
ବଦେହଦନେ ଦୁଃଖଖଣ୍ଡି । ବାରୁଣୀକି ଶୌରି ପେଷି ।
ବର୍ଗେ ଉତ୍ତରେ ଶତବଳୀ ଅବଳା ବଳଦ ହେବା ମନାସି । ୨୩ ।
ବାଳୀ ଆନନ୍ଦ କରଣେ । ବାଳିନନ୍ଦନ ଦକ୍ଷିଣେ ।
ଲକ୍ଷ୍ମୀ ନାଶ୍ଚି ହନୁମାନ ଅନୁମାନ ମାନସ୍ତ ହେବ ସାକ୍ଷଣେ । ୨୪ ।

---

୨୧ଶ ପଦ—ମୁକୁର—ଦର୍ପଣ । ମନ୍ଦେ—ଧୀରେ । ଶିଳେ—ପଥରରେ ।

୨୨ଶ ପଦ—ରଙ୍ଗେ—ହର୍ଷରେ । ଶାତ—ସୁଖ ।

୨୩ଶ ପଦ—ବାରୁଣୀକି—ପଶ୍ଚିମ ଦିଗକୁ । ଶୌରି—ଭଗବାନ୍, ରାମଚନ୍ଦ୍ର । ଅବଳା—ସ୍ତ୍ରୀ ।

୨୪ଶ ପଦ—ବାଳିନନ୍ଦନ—ଅଙ୍ଗଦ । ବାଳୀ—ସୀତା । ସାକ୍ଷଣେ—ଦେଖାଦେବା ମାତ୍ରେ ।

---

୨୧ଶ ପଦ—"ମୋର କଥା ଶୁଣିବାକ୍ଷଣି ତାର ମୁଖ ଧୀରେ ଧୀରେ ପ୍ରସନ୍ନତାକୁ ବହ୍ନି ଆଣିବ ଅର୍ଥାତ୍ ନିର୍ମଳ ଦେଖାଯିବ । ସେହି ନିର୍ମଳ ମୁଖ ଦର୍ପଣକୁ ଭୁଲ ମନେ କରି ଜୋର ସହିତ ପଥରରେ କଷୁଣ୍ଡ ଦେବ ।"

୨୨ଶ ପଦ—ରାମଚନ୍ଦ୍ର ପ୍ରତ୍ୟେକ ସେନାପତିମାନଙ୍କ ସଙ୍ଗରେ ସାତ ସାତ ଜଣ ଦାର ଦେଇ ବିଦାୟ କଲେ, କାରଣ ସେ ମନେ କଲେ,—ଏହିପରି ଗଲେ ଏମାନେ ସୁଖ ଓ ଆନନ୍ଦ ଉପଭୋଗ କରିବେ । ବସନ୍ତ ଋତୁ ପଦ୍ମିନୀର କ୍ଷୀଣତାକୁ ନାଶ କରେ, ଏହି ଅଭିପ୍ରାୟକୁ ପୋଷଣ କରି, ବସନ୍ତ ନାମକ ସେନାପତିକୁ ପଦ୍ମିନୀ ସୀତାଙ୍କର ବିରହ 'କ୍ଷୀଣତାକୁ' ଦୁଃଖକୁ ଶୀଘ୍ର ନାଶ କରିବା ନିମିତ୍ତ ପୂର୍ବଦିଗକୁ ପଠାଇଲେ ।

୨୩ଶ ପଦ—'ଏ ମୋ ପ୍ରିୟାର ଦୁଃଖମାନଙ୍କୁ ଖଣ୍ଡନ କରିବ' ଏହା ଭାବି ଶୌରି ସେନାପତିକୁ ପଶ୍ଚିମ ଦିଗକୁ ପ୍ରେରଣ କଲେ । କାରଣ ପଶ୍ଚିମ ଦିକ୍‌ପତି ଶନି ଦୁଃଖ ବିନାଶ କରନ୍ତି । ଅଥବା 'ଶୌରି' ବସ୍ତୁ ଦୁଃଖନାଶକ ଅଟନ୍ତି । 'ମୋର ଦୁର୍ବଳା ସ୍ତ୍ରୀକୁ ବଳଦାନ କରିବ' ଅର୍ଥାତ୍ ସହାୟ ହେବ ଏହି କଥା ଚିନ୍ତି ଶତବଳୀ ନାମକ ସେନାପତିକୁ ଉତ୍ତର ଦିଗକୁ ପଠାଇଲେ ।

୨୪ଶ ପଦ—'ଏ ବାଳକୁ ଆନନ୍ଦ ପ୍ରଦାନ କରିଥିଲ ( ପୁତ୍ର ଜନ୍ମ ହେଲେ ପିତା ଆନନ୍ଦିତ ହୁଏ ) ଏଣୁବେ ମୋର ବାଳୀ ( ସୀତା ଙ୍କୁ ଆନନ୍ଦ

ଡାକି କହେ ରାମ ନେଇ । ବଧୂ ଦେଖ ସିନ୍ଧୁ ତେଡ଼ିଁ ।
ବିଶ୍ୱାସ ନ କଲେ ଆଶ୍ୱାସ କର ତୁ ଏହି ମୁଦ୍ରିକାକୁ ଦେଇ । ୨୫ ।
ବିଶ୍ୱାସ ଏଣେ ନ କଲେ । ବୋଲ ତିଳକୂଟ ଶୈଳେ ।
ରୁଚିର ତିଳକ ଗଇରିକେ ପରା ଲେଖିଥିଲେ ତବ ଭାଳେ । ୨୬ ।
ବିଳମ୍ବ ଯେ ଶାଖାଶିଶୁ । ବଡ଼ ଭୟେ କୋଳେ ପଶୁଁ ।
ବିସ୍ତରେ ତୋ ଛଟା କାନ୍ତ ହୃଦେ କାନ୍ତ ତୋ ଭାଳେ ସେ ହୃଦପାଂଶୁ ॥
ବାରୁଣୀ ପ୍ରାଚୀ ମାଧୁରୀ । ବେଳ ସ୍ନାନ ସନ୍ଧ୍ୟା ପରି ।
ବିମ୍ବ ସବିତାର ଚନ୍ଦ୍ର କର ତାର କଥା ହେଲେ ସ୍ମେର ଭରି । ୨୮ ।

---

୨୭ଶ ପଦ — ଶାଖାଶିଶୁ — ବାନର ଶିଶୁ ବା ମାଙ୍କଡ଼ ଛୁଆ । ପାଂଶୁ — ଭସ୍ମ ବା ପାଉଁଶ ।

୨୮ଶ ପଦ — ସବିତାବିମ୍ବ — ସୂର୍ଯ୍ୟମଣ୍ଡଳ । ବାରୁଣୀ — ପଶ୍ଚିମଦିଗ । ପ୍ରାଚୀ — ପୂର୍ବଦିଗ ।

---

ପ୍ରଦାନ କରିବ' । ଏହା ବିଚାରି ଅଙ୍ଗଦଙ୍କୁ ଦକ୍ଷିଣ ଦିଗକୁ ପ୍ରେରଣ କଲେ ଏବଂ 'ଏହାଙ୍କୁ ଦେଖିଲେ ବିଘ୍ନ ହେବନାହିଁ ଓ ଅଭିମାନୀର ଅଭିମାନ ନାଶ ହେବ' (ସୀତାଙ୍କର ମୋ ପ୍ରତି ଥିବା ମାନ ଛୁଟି ଯିବ)—ଏହା ଭାବି ହନୁମାନଙ୍କୁ ଅଙ୍ଗଦ ସହିତ ପ୍ରେରଣ କଲେ ।

୨୫ଶ ପଦ—ରାମଚନ୍ଦ୍ର ହନୁମାନଙ୍କୁ ଡାକି ନେଇ ଏହି କଥା କହିଲେ, "ସମୁଦ୍ର ତେଡ଼ିଁ ପ୍ରିୟାକୁ ଦେଖ, ଯଦି ସେ ତୋତେ ବିଶ୍ୱାସ କରିବ ନାହିଁ, ତାହାହେଲେ ଏହି ମୁଦ୍ରିକାକୁ ଦେଇ ଆଶ୍ୱାସ କରାଅ ଅର୍ଥାତ୍ ବିଶ୍ୱାସ ଉତ୍ପାଦନ କର ।"

୨୬ଶ ପଦ—"ସେ ଏହି ମୁଦ୍ରିକାକୁ ଦେଖି ବିଶ୍ୱାସ ନ କଲେ କହିବ; —ତିଳକୂଟ ପର୍ବତରେ ତୁମ୍ଭ କପାଳରେ ରାମ ଗୈରିକ ଦ୍ୱାରା ମନୋହର ତିଳକ ଲେଖିଥିଲେ ପରା ।"

୨୭ଶ ପଦ—"ସେହି ସମୟରେ ମାଙ୍କଡ଼ ଛୁଆସବୁ ନିକଟରେ ଆସି ଖେଳିବାକୁ ଲାଗିଲେ । ତୁମ୍ଭେ ଅତିଶୟ ଭୟ କରି କୋଳରେ ପଶିବାରୁ, ତୁମ୍ଭର ସେହି ଛଟା ରାମଚନ୍ଦ୍ରଙ୍କ ବକ୍ଷରେ ଓ ତାଙ୍କ ବକ୍ଷରେ ଶୋଭା ହୋଇଥିବା ପାଉଁଶ ତୁମ୍ଭର କପାଳରେ ଲାଗି ଶୋଭା ପ୍ରକାଶ କରିଥିଲା ।"

୨୮ଶ ପଦ—"ରାମଚନ୍ଦ୍ରଙ୍କୁ ସେହି ସମୟରେ ତୁମ୍ଭେ କହିଲ, ସନ୍ଧ୍ୟା ସମୟରେ ସୂର୍ଯ୍ୟମଣ୍ଡଳ ପଶ୍ଚିମଦିଗକୁ ପ୍ରାପ୍ତ ହେଲେ ସେ ପଶ୍ଚିମାକାଶ

ବଢାଇ ଦେବୁ ପାବନ । ବହ୍ନି ମଧୁଶଯ୍ୟା ବେଳ ।
ବହ୍ନି ସାକ୍ଷୀ କରି କଲ ନିୟମକୁ ଚିତ୍ତେ ଥିବ ଏକା ବେଳ । ୨୯ ।
ବଡ଼ ଚତୁର ସେ ସତ । ବୋଲନ୍ତେ କପି କହ ତ ।
ବୋଲିଲୁ ବୋଲିଛ ଆନ ଆନନକୁ ନ ଚୁମ୍ବିବ ଶ୍ରଦ୍ଧାଯୁକ୍ତ । ୩୦ ।
ବର୍ଣ୍ଣି ସ୍ୱରୂପ କନ୍ଦର୍ପ । ବଶୀକରଣକୁ ଆପ ।
ବସାଇ ଚାପରେ ଉନ୍ମାଦ ମୋହନ ରୋପି ମିଳିଲେ ସମୀପ । ୩୧ ।

---

୨୯ଶ ପଦ—ପାବନ—ପବନପୁତ୍ର ( ହନୁମାନ ) । ବହ୍ନି—ଅଗ୍ନି (ନିଆଁ) ।

୩୧ଶ ପଦ—ଚାପ—ଧନୁ । ରୋପି—ସନ୍ଧାନ କରି ।

---

ଯେଉଁପରି ଶୋଭାକୁ ଧାରଣ କରେ, ହେ ନାଥ ! ତୁମ୍ଭର ବକ୍ଷସ୍ଥଳ ସେହି ଶୋଭାକୁ ଧାରଣ କରିଅଛି । ସେ କହିଲେ, ହେ ପ୍ରିୟେ ! ସନ୍ଧ୍ୟା ସମୟରେ ଉଜ୍ଜ୍ୱଳ ଚନ୍ଦ୍ର କିରଣ ପୂର୍ବ ଦିଗରେ ପଡ଼ିଲେ ପୂର୍ବାକାଶ ଯେପରି ଶୋଭାକୁ ପ୍ରାପ୍ତ ହୁଏ, ତୁମ୍ଭର ମୁଖ ସେହି ଶୋଭାକୁ ଧାରଣ କରିଅଛି । ଏହିପରି ଦୁହେଁ ସ୍ନେହପୂର୍ଣ୍ଣ କଥାବାର୍ତ୍ତା ହୋଇଥିଲ ।"

୨୯ଶ ପଦ—ହେ ପବନପୁତ୍ର ! ସେ ଏହି ସବୁ କଥା ଦ୍ୱାରା ଯଦି ବିଶ୍ୱାସ ନ କରେ ତେବେ କହିବୁ ଯେ, ମଧୁଶଯ୍ୟା ବିଧାନ ହେବା ସମୟରେ ଅର୍ଥାତ୍ ପ୍ରଥମ ମିଳନ ସମୟରେ ଦୁହେଁ ଅଗ୍ନିକୁ ସାକ୍ଷୀକରି ନିୟମ କରିଥିଲ ଯେ । ତୁମ୍ଭେ କେବେ ଏହି କଥା ମନେ ରଖିଥିବ ଯେ, କାରଣ ସେ ସମୟରେ ତୁମ୍ଭ ଛଡ଼ା ଆଉ କେହି ନ ଥିଲେ ।"

୩୦ଶ ପଦ—"ସେ ବଡ଼ ଚତୁର । ତୋର ଏହିପରି କଥା ଶୁଣି ସେ କହିବ, ତୁମ୍ଭେ ଯାହା କହୁଛ; ଏହା କଣ ସତ ? ଆଜ୍ଞା ମୁଁ ଆଉ ନିୟମ କରି-ଥିଲି ? ଏଥର କହିଲେ,—କହିବୁ ମୁଁ ଆଦର ସହିତ ଆଉ କାହାରି ମୁଖ ଚୁମ୍ବିବ ନାହିଁ; ତୁମ୍ଭେ ଏହି କଥା କହିଥିଲେ ।"

୩୧ଶ ପଦ—"ପୁଣି କହିବୁ,—ତୁମ୍ଭେ ଆହୁରି କହିଥିଲ ଯେ, କନ୍ଦର୍ପ ବଶୀକରଣମନ୍ତ୍ରକୁ ଜପି, ନିଜର ରୂପକୁ ଧାରଣ କରି, ତାହାର ଧନୁରେ ଉନ୍ମାଦନ ଓ ସମ୍ମୋହନ ନାମକ ଶରଦ୍ୱୟକୁ ସନ୍ଧାନ କରି ମୋର ନିକଟକୁ ଆସିଲେ ସୁଦ୍ଧା ମୁଁ ଅନ୍ୟ ପୁରୁଷର ମୁଖ ଚୁମ୍ବିବ ନାହିଁ ।"

ବୋଲବ ଏଥିକୁ ଯାହା । ବାନ୍ଧ ଗଣ୍ଠି କର ତାହା ।
ବାଣିଜ୍ୟ କରିବା ସେହି ସୁବର୍ଣ୍ଣରେ ନାଶ ନୋହିବ ଉତ୍ସାହା ।୩୨।
ବରଷା ଯାଏ ନୋହିବ । ବିଯୋଗ ଭରସା ଦେବ ।
ବଲ୍ଲଭ ଜାନୁସିଂହାସନାଭିଷେକ ଏଥି ଭିତରେ ହୋଇବ ।୩୩।
ବୋଲବ ନ କର ଚିନ୍ତା । ବଧେ ରାବଣର ସୀତା ।
ବିରାଧ-ବଧ ପରଶୁରାମ ଗର୍ବ ଖର୍ବ ତବ ବିଲୋକିତା । ୩୪ ।
ବେଳ ହେଉ ଶୁଭ ସର୍ବ । ବରଦ ଦୁର୍ଗା ମାଧବ ।
ବାରିଧିସୁତା ନରସିଂହ ତୁମ୍ଭଙ୍କୁ ଠାବ କରି ବାନ୍ଧବ । ୩୫ ।

---

୩୨ଶ ପଦ—ସୁବର୍ଣ୍ଣ—ଉତ୍ତମ ବର୍ଣ୍ଣ, ଉତ୍ତମ, ଅକ୍ଷର ସୁନା ।

୩୫ଶ ପଦ— ବାରିଧିସୁତା—ଲକ୍ଷ୍ମୀ ।

---

୩୨ଶ ପଦ—"ତୋହର ଏହି ସବୁ କଥା ଶୁଣି ସେ ଯାହା କହିବ, ତାହାକୁ ଗଣ୍ଠି ପକାଇ ବାନ୍ଧ ଆଣିବୁ । ସେହି ସୁବର୍ଣ୍ଣ ଅର୍ଥାତ୍ ଉତ୍ତମ ବର୍ଣ୍ଣ ( ଅକ୍ଷର )ରୂପ ସୁନା ଦ୍ୱାରା ବାଣିଜ୍ୟ କରିବା ( ବାରମ୍ବାର ସେହି ଅକ୍ଷରଗୁଡିକୁ ଘୋଷି ମନକୁ ଉଦ୍ଦୀପ୍ତ କରିବା ) ଏଣୁ ଯୁଦ୍ଧ ପ୍ରତି ହତୋତ୍ସାହ ହେବା ନାହିଁ ।"

୩୩ଶ ପଦ—" ହେ ହନୁମାନ ! ତୁ ତାକୁ ଭରସା ଦେଇ କହିବୁ ଯେ, ବର୍ଷାକାଳ ପର୍ଯ୍ୟନ୍ତ ତୁମ୍ଭର ଏ ବିରହ ଦଶା ରହିବ ନାହିଁ । ( ଅର୍ଥାତ୍ ବର୍ଷାକାଳ ଆସିବା ପୂର୍ବରୁ ତୁମ୍ଭର ସହିତ ନିଶ୍ଚୟ ମିଳନ ହୋଇ ସାରିଥିବ ) । ଏହି ଶିଶିର କାଳଠାରୁ ଗ୍ରୀଷ୍ମକାଳ ମଧ୍ୟରେ ତୁମ୍ଭେ ତାଙ୍କ ଜାନୁ ସିଂହାସନରେ ବସି ଅଭିଷେକ ହେବ ।"

୩୪ଶ ପଦ—"ଆଉ ମଧ କହିବୁ, ହେ ସୀତା ! ତୁମ୍ଭେ ରାବଣର ବଧ ବିଷୟରେ କିଛି ଚିନ୍ତା କର ନାହିଁ । ଯେ ହେତୁ ତୁମ୍ଭେ ବିରାଧର ବଧ ଓ ପରଶୁରାମଙ୍କର ଗର୍ବ ଖର୍ବ ହେବାର ନୟନରେ ଦେଖିଅଛ ।"

୩୫ଶ ପଦ—ତତ୍ପରେ ରାମ ହନୁମାନ ପ୍ରଭୃତିଙ୍କର ମଙ୍ଗଳ କାମନା କରି କହିଲେ, "ସର୍ବଦା ତୁମ୍ଭମାନଙ୍କର ମଙ୍ଗଳ ହେଉ ଏବଂ ସୀତାଙ୍କୁ ଠାବ କରି କୁଶଳରେ ଫେରି ଆସିବା ନିମିତ୍ତ ଦୁର୍ଗାମାଧବ ଓ ଲକ୍ଷ୍ମୀ ନୃସିଂହ ବର ପ୍ରଦାନ କରନ୍ତୁ ।"

ବାହାର ତାରାନନ୍ଦନ । ବାତଜ ଗନ୍ଧମାଦନ ।
ଦ୍ୱିବିଦ୍ୟ କପିଙ୍କ ତାରକ୍ଷ ଜାମ୍ବୁବାନ ନଳନୀଳ ବର୍ଦ୍ଧମାନ । ୩୬ ।
ବାହାରିଲେ ଦେଶେ ଦେଶେ । ବାନର ଦୂତ ରଭସେ ।
ବିଶେଷ କଟକ ଗ୍ରାମ ଘୋଷ ପକ୍ୱଣାଦି ଚର୍ଚ୍ଚି ବାସେ ବାସେ । ୩୭ ।
ବସୁଧାଭୃତେ ନ ଛାଡ଼ି । ବଡ ସାନ ଆଦି କରି ।
ବବରେ ବବରେ ଶୃଙ୍ଗେ ଶୃଙ୍ଗେ ରଙ୍ଗେ ଖୋଜିଗଲେ ଦୁଃଖେ ପଡ଼ି ।୩୮।
ବନେ ବନେ ପଶି ଲୋଡ଼େ । ବୃକ୍ଷେ ବୃକ୍ଷେ କୋଟରେ କୋଟରେ ।
ବଲ୍ଲିକର ଉଦେ ହୋଇବା ସ୍ଥାନରୁ ସେହି ସ୍ଥାନେ ଯାଇଁ ବୁଲେ । ୩୯ ।

---

୩୬ଶ ପଦ—ବାତଜ—ହନୁମାନ । କପିଙ୍କ ଦ୍ୱିବିଦ—ସୁଷେଣ । ତାରାନନ୍ଦନ—ଅଙ୍ଗଦ ।

୩୭ଶ ପଦ—ରଭସେ—ଶୀଘ୍ର ବା ବେଗରେ । କଟକ—ନଗର । ଘୋଷ—ଗଉଡ଼ପଲ୍ଲୀ । ପକ୍ୱଣାଦି—ଶବରଗୃହାଦି ।

୩୮ଶ ପଦ—ବସୁଧାଭୃତେ—ପର୍ବତମାନଙ୍କୁ । ବବରେ—ପର୍ବତ ଗହ୍ୱରରେ । ରଙ୍ଗେ—କୌତୁକରେ ।

୩୯ଶ ପଦ—ବଲ୍ଲିକର—ସୂର୍ଯ୍ୟ ।

---

୩୬ଶ ପଦ—ଏହି ସମୟରେ ଅଙ୍ଗଦ, ହନୁମାନ ଗନ୍ଧମାଦନ, ସୁଷେଣ ତାରକ୍ଷ, ଜାମ୍ବୁବାନ, ନଳ ଓ ନୀଳ ଏହି ସାତଜଣ ପ୍ରଧାନ ସେନାପତି ସୀତାଙ୍କୁ ଅନ୍ୱେଷଣ କରିବା ନିମିତ୍ତ ଅନୁକୂଳ କରି ବାହାରିଲେ ।

୩୭ଶ ପଦ—ବାନର ଦୂତମାନେ ଅତି ବେଗରେ ପ୍ରତ୍ୟେକ ଦେଶରେ ବୁଲିବାକୁ ଲାଗିଲେ ଓ ସେହି ସେହି ଦେଶମାନଙ୍କରେ ଥିବା ସହର, ଗ୍ରାମ, ଗଉଡ଼ପଲ୍ଲୀ ଓ ଶବର ପଲ୍ଲୀମାନଙ୍କରେ ଥିବା ପ୍ରତ୍ୟେକ ଗୃହରେ ବିଶେଷ ଭାବରେ ଦୃଷ୍ଟି ନିକ୍ଷେପ କଲେ ।

୩୮ଶ ପଦ—ସେମାନେ ଗୋଟିଏ ସୁଦ୍ଧା ସ୍ଥାନ ଛାଡ଼ି ନ ଦେଇ ବଡ଼ ଆଦି ସମସ୍ତ ପର୍ବତର ପ୍ରତ୍ୟେକ ଗୁମ୍ଫା ଓ ପ୍ରତ୍ୟେକ ଶୃଙ୍ଗ ଦୁଃଖ ସହ୍ୟ କରି ଆନନ୍ଦରେ ଖୋଜିଲେ ।

୩୯ଶ ପଦ—ଆଉ ମଧ୍ୟ ପ୍ରତ୍ୟେକ ବନ, ପ୍ରତ୍ୟେକ ଗଛ ଓ ଗଛମାନଙ୍କରେ ଥିବା ପ୍ରତ୍ୟେକ କୋରଡ଼ ଖୋଜିଲେ । ପୂର୍ବଦେଶକୁ ଯାଇଥିବା ଦୂତମାନେ ମାଲ୍ୟବନ୍ତ ପର୍ବତଠାରୁ ସୂର୍ଯ୍ୟ ଉଦୟ ହେବା ସ୍ଥାନ ପର୍ଯ୍ୟନ୍ତ ଅର୍ଥାତ୍ ଉଦୟାଚଳ ପର୍ଯ୍ୟନ୍ତ ଓ ପଶ୍ଚିମଦେଶକୁ ଯାଇଥିବା ଦୂତମାନେ ସୂର୍ଯ୍ୟ ଯେଉଁ ସ୍ଥାନକୁ ଯାଇ ଅସ୍ତ ହୁଅନ୍ତି ଅର୍ଥାତ୍ ଅସ୍ତାଚଳ ପର୍ଯ୍ୟନ୍ତ ଯାଇ ଖୋଜିଲେ ।

ଶାରଦ ଶୀତ ବସନ୍ତ । ଭରତବା ଯାଏ ଗତ ।
ବାହୁଡ଼େ ଯି ଦିଗ ଦୂତ ମାସ ପୂର୍ଣ୍ଣ ବାଞ୍ଛି ନ ଦେଖିଣ ସତୀ । ୪୦ ।
ବିଧିପୂର୍ବ କରି ପୂର୍ବ । ବାରତା କଥିତ ସର୍ବ ।
ରହିଲେ ଉତ୍ତର, ଉତ୍ତର କହିଲେ ପ୍ରତୀଚୀର ସ୍ଥଳଠାବ । ୪୧ ।
ବୃକ୍ଷକ ନାମରେ ରମ୍ୟା । ବେଳ ପୁଲ ଜଳଧାମା ।
ବାମା-ନେତ୍ରସ୍ଥିତ, ଲତା ମୁଖ ଜାତ, ଠିକ ମସ୍ତ୍ରଗତ ଧାମା । ୪୨ ।

---

୪୦ଶ ପଦ—ଶାରଦ—ମେଘ ।
୪୧ଶ ପଦ—ବିଧିପୂର୍ବକ—ଯଥାବିଧି । ପ୍ରତୀଚୀ—ପଶ୍ଚିମ ଦିଗ ।
୪୨ଶ ପଦ—ବୃକ୍ଷକ ନାମ—ନାରଙ୍ଗ, ଐରାବତ ।

---

୪୦ଶ ପଦ—ସେହିପରି ଉତ୍ତରଦିଗ ଦୂତମାନେ ବର୍ଷା ଓ ଶୀତ ଋତୁ ଦୁହେଁ ଏକତ୍ର ଯେଉଁଠାରେ ବାସ କରନ୍ତି ସେ ପର୍ଯ୍ୟନ୍ତ ଅର୍ଥାତ୍ ଉତ୍ତର ଦିଗର ଚକ୍ରବାଳ ପର୍ଯ୍ୟନ୍ତ ଯାଇ ଖୋଜିଲେ । ମାତ୍ର ଏହି ତିନିଦିଗର ଦୂତମାନେ କୌଣସିଠାରେ ସତୀ ସୀତାଙ୍କୁ ନ ଦେଖି ନିର୍ଦ୍ଧାରିତ ମାସ ପୂରିଯିବାରୁ ଫେରିଲେ ।

୪୧ଶ ପଦ—ପୂର୍ବଦିଗକୁ ଯାଇଥିବା ଦୂତମାନେ ବିଧିପୂର୍ବ କରି ଅର୍ଥାତ୍ କିପରି ଭାବରେ ଗଲେ, କେଉଁ କେଉଁ ସ୍ଥାନରେ ରହିଲେ ଓ କ ସ୍ଥଳରେ ଖୋଜିଲେ—ଏହି ସମସ୍ତ କଥା କହିଲେ । ଉତ୍ତର ଦିଗ ଦୂତମାନେ ମଧ୍ୟ ସେହିପରି ( ପୂର୍ବଦିଗ ଦୂତମାନେ ଯେଉଁପରି କହିଥିଲେ, ସେହିପରି ) ଉତ୍ତର ଦେଲେ । ପଶ୍ଚିମ ଦିଗର ଦୂତମାନେ କହିଲେ, "ଆମ୍ଭେମାନେ ପ୍ରତ୍ୟେକ ସ୍ଥାନ ସେମାନଙ୍କ ପରି ଖୋଜିଲୁଁ ।"

୪୨ଶ ଓ ୪୩ଶ ପଦ—ଶେଷରେ ସମସ୍ତେ ଏକତ୍ରିତ ହୋଇ କହିଲେ, "ଆମ୍ଭେମାନେ ରମଣୀୟ ପୂର୍ବଦିଗରେ କୌଣସି ଏକ ବୃକ୍ଷ ( ନାରଙ୍ଗ ବୃକ୍ଷ ) ର ନାମମାନଙ୍କ ମଧ୍ୟରୁ ଏକମାତ୍ର ନାମରେ ଅଭିହିତ ହସ୍ତୀ ଐରାବତକୁ, ଆଗ୍ନେୟ ଓ ନୈଋତ ଦିଗରେ ଜଳଜାତ ଦୁଇଗୋଟି ପୁଷ୍ପର ( ପଦ୍ମ ଓ କଇଁ ) ପ୍ରଧାନ ନାମରେ ଅଭିହିତ ହୋଇଥିବା ହସ୍ତୀ ( ପୁଣ୍ଡରୀକ ଓ କୁମୁଦ ) ଦୁହିଁଙ୍କୁ, ପଶ୍ଚିମଦିଗରେ ସ୍ତ୍ରୀମାନେ ଆଖିରେ ଯାହା ଲଗାଇଥାନ୍ତି ଅର୍ଥାତ୍ ଅଞ୍ଜନ ଏହି ନାମରେ ଅଭିହିତ ହସ୍ତୀକୁ, ବାୟବ୍ୟରେ ଲତାରୁ ଜାତ ଅର୍ଥାତ୍ ପୁଷ୍ପ ଓ ମୁଖରେ ଜାତ ଅର୍ଥାତ୍ ଦନ୍ତ ଏହି ଦୁଇଶବ୍ଦର ମିଳନରେ ନିଷ୍ପନ୍ନ ହେଲା ଯେଉଁ ଶବ୍ଦ ଅର୍ଥାତ୍ ପୁଷ୍ପଦନ୍ତ ଏହି ନାମରେ ଅଭିହିତ ହସ୍ତୀକୁ, ଉତ୍ତର ଦିଗରେ ରାଜାମାନଙ୍କ ମଧ୍ୟରେ ପ୍ରଧାନ ରାଜା ଯେଉଁ ନାମରେ ଅଭିହିତ ହୁଅନ୍ତି ଅର୍ଥାତ୍ ସାର୍ବଭୌମ ନାମରେ ବିଖ୍ୟାତ ହସ୍ତୀକୁ ଓ ଐଶାନ୍ୟରେ ସାର ( ଉତ୍କୃଷ୍ଟ )

ବସୁସାର ଆଦରର । ବସ୍ତ୍ରେକ ବାଣ୍ଡା ପ୍ରସ୍ତର ।
ବଳଦାନ ସେନା ଏକା ଦେଖି ନାହୁଁ କାହିଁ ଅଛି ସୁକୁମାରୀ । ୫୩ ।
ବସୁରସ୍ତୁ ରାମ ନବାକ । ବୋଲେ ପ୍ଲବଗନାୟକ ।
ବଳାହକ ହୋଇ ଦକ୍ଷିଣ ଦୂତେ ସେ ତୋଷିବେ ଚିତ୍ତଚାତକ । ୫୪ ।
ବଜ୍ର ଅଙ୍ଗଦ ସମ୍ଭବ । ବିଦ୍ୟୁଜ୍ଜରତ ଜାମ୍ବବ ।
ବର୍ଷି ନଳ ପବମାନ ଜାତ ମେଳ ଘନ ରସ ଉଦ୍ଭବ । ୫୫ ।

---

୫୪ଶ ପଦ—ପ୍ଲବଗନାୟକ—ସୁଗ୍ରୀବ । ବଳାହକ ମେଘ ।

୫୫ଶ ପଦ—ଜରତ—ବୃଦ୍ଧ । ପବମାନ—ପବନ, ହନୁମାନ । ଘନରସ-ପ୍ରଗାଢ଼ ଆନନ୍ଦ, ମେଘ ଜଳ । ବଜ୍ର—ହୀରକ, ବଜ୍ର । ବିଦ୍ୟୁତ୍ ଜିଷ୍ଣୁଭ; ବିଜୁଳୀ ।

---

ଏହି ଅର୍ଥକୁ ପ୍ରକାଶ କରୁଥିବା ସୁଶବ୍ଦକୁ ଆଦ୍ୟରେ ରଖି ବସୁ ଏହି ଅର୍ଥକୁ ପ୍ରକାଶ କରୁଥିବା ପ୍ରତୀକ ଶବ୍ଦକୁ ଶେଷରେ ରଖିଲେ ଯେଉଁ ଶବ୍ଦ ହେବ ଅର୍ଥାତ୍ ସୁପ୍ରତୀକ ଏହି ନାମରେ ପ୍ରସିଦ୍ଧ ହସ୍ତୀକୁ ଦେଖି; ସୀତା ହରଣ ଦିନରୁ ପ୍ରସ୍ତର ଲକ୍ଷ ଅର୍ଥାତ୍ ଦିଗନ୍ତବ୍ୟାପୀ ଅନ୍ୱେଷଣ ଓ ପ୍ରସ୍ତର ଚଳାଇ ଆସିଲୁ; କିନ୍ତୁ ଏକମାତ୍ର ସେହି 'ବଳ ଦାନସେନା' ବାମନ ନାମକ ହସ୍ତୀର ଦିଗକୁ ଓ ଏକମାତ୍ର ସେହି ସୁକୁମାରୀ ସୀତା ଥିବା ସ୍ଥାନକୁ କେଉଁ ଦିଗରେ ଦେଖିଲୁ ନାହିଁ" (ପୂର୍ବଦିଗରେ ହସ୍ତୀ ଐରାବତ, ଆଗ୍ନେୟର ପୁଣ୍ଡରୀକ, ନୈଋତର କୁମୁଦ ପଶ୍ଚିମ ଦିଗର ଅଞ୍ଜନ, ବାୟବ୍ୟର ପୁଷ୍ପଦନ୍ତ, ଉତ୍ତର ଦିଗର ସାର୍ବଭୌମ, ଐଶାନର ସୁପ୍ରତୀକ, ଦକ୍ଷିଣ ଦିଗର ବାମନ) ।

୫୪ଶ ପଦ—ରାମ ଦୂତମାନଙ୍କଠାରୁ ଏହି କଥା ଶୁଣି ସ୍ୱଭାବତଃ ନୀରବ ହେଲେ । ତାଙ୍କର ଏପରି ଅବସ୍ଥା ଦେଖି ସୁଗ୍ରୀବ କହିଲେ, ଆପଣଙ୍କ ଚିତ୍ତରୂପ ଚାତକକୁ ଦକ୍ଷିଣ ଦିଗର ଦୂତମାନେ ମେଘପରି ହୋଇ ତୋଷିବେ । (ଅର୍ଥାତ୍ ମେଘ ଯେଉଁପରି ଚାତକକୁ ସନ୍ତୁଷ୍ଟ କରେ, ଦକ୍ଷିଣ ଦିଗର ଦୂତମାନେ ସେହିପରି ଆପଣଙ୍କ ଚିତ୍ତକୁ ସନ୍ତୁଷ୍ଟ କରିବେ ) ।

୫୫ଶ ପଦ—ବଜ୍ର, ବିଜୁଳି; ନଳବର୍ଷି ଓ ପବନ ଏକତ୍ର ମିଳିତ ହେଲେ ଯେପରି 'ଘନରସ' ବର୍ଷା ଜଳର ଉତ୍ପତ୍ତି ହୁଏ ଅର୍ଥାତ୍ ବୃଷ୍ଟି ହୁଏ, ସେହିପରି ବଜ୍ର ତୁଲ୍ୟ ଅପ୍ରତିହତ ଗତି ଅଙ୍ଗଦ, ବୃଦ୍ଧ ହୋଇଥିଲେ ସୁଦ୍ଧା ବିଜୁଳିପରି ଅତି ଅଳ୍ପ ସମୟ ମଧ୍ୟରେ ବହୁଦୂରଗାମୀ ଜାମ୍ବବ, (ବିଜୁଳି ଯେପରି ହଠାତ୍ ବହୁଦୂର ଯାଇ କଳ୍ପ ଅଦୃଶ୍ୟ ହୋଇଯାଏ, ଜାମ୍ବବ ବୃଦ୍ଧ ହୋଇଥିଲେ ମଧ୍ୟ ସେହିପରି ଅଳ୍ପ ସମୟରେ ବହୁଦେଶ ଗମନ କରିପାରନ୍ତି)

ବୋଧନ୍ତେ ଶ୍ରୀରାମ ହସି । ଉକାଶେ ଶିଶିର ଆସି ।
ବ୍ୟାଘ୍ର ପ୍ରିସ୍ଥ ଜାଡ଼ ମାଡ଼ବସୁଁ ଲୋକେ ମୋଡ଼ ହୋଇ ଇଷି ଉଷ । ୪୬ ।
ବାସର ଶିଶୁ ସମରେ । ବଢ଼ି ଆସଇ ହମରେ ।
ବାଣୀ ଶୁକପୋତ ରୁତ ପ୍ରକାଶିତ କଉତୁକ ସୁରମ୍ୟରେ । ୪୭ ।
ଉଗତ ଶଯ୍ୟା ପ୍ରାତରେ । ବୁଡ଼ି କରେ ସାଧୁମାରେ ।
ବୃଜନ ଦୋଷ ନାହିଁ ବୋଲି ଆମ୍ଭର ମାଧବ ନାମ ଉଚ୍ଚାରେ । ୪୮ ।

---

୪୭ଶ ପଦ— ବସର—ଦିବସ । ଶୁକପୋତ—ଶୁକଶାବକ । ରୁତ—ଧ୍ୱନି ।

୪୮ଶ ପଦ —ଉଗତଶଯ୍ୟା—ଶଯ୍ୟା ତ୍ୟାଗ କରି । ବୃଜନ—ପାପ । ମାଧବ—ବିଷ୍ଣୁ ।

---

ମେଘ ଯେପରି ସ୍ୱୀୟ ନୀଳିମା ଦ୍ୱାରା ଜଗତକୁ ଆଚ୍ଛନ୍ନ କରି ବୃଷ୍ଟି କରିବାରେ ଦକ୍ଷ, ସେହିପରି ନୀଳବର୍ଣ୍ଣ ନୀଳ ସମସ୍ତଙ୍କ ଦୃଷ୍ଟିକୁ ଅନ୍ଧକାରାଚ୍ଛନ୍ନ କରି ନିଜ କାର୍ଯ୍ୟ କରିବାରେ ପାରଙ୍ଗମ ( ଅର୍ଥାତ୍ ପ୍ରଧାନ ଗୁପ୍ତଚର ) ଏବଂ ପବନ ପରି ସର୍ବତ୍ର ସଞ୍ଚରଣଶୀଳ ତାହାଙ୍କର ପୁତ୍ର ହନୁମାନ ମେଳ ହୋଇଥିବାରୁ 'ଘନରସ' ପ୍ରଗାଢ଼ ଆନନ୍ଦ ଅର୍ଥାତ୍ ସୀତାଙ୍କ ସମ୍ବାଦଜନିତ ହର୍ଷ ଉତ୍ପାଦକ ବୋଲି ସମ୍ଭବ ହେଉଅଛି ।

୪୬ଶ ପଦ—ସୁଗ୍ରୀବ ଏହିପରି ବୋଧ ଦେବାରୁ ରାମଚନ୍ଦ୍ର ହସିଲେ । ଏହି ସମୟରେ ଶିଶିର ଋତୁ ପ୍ରାୟଶୂନ୍ୟ ହୋଇଯିବାରୁ ଜାଡ଼ ବାଘପରି ଆସି ମାଡ଼ି ବସନ୍ତେ, ଲୋକମାନେ ମୋଡ଼ ହୋଇ ଇଷି ଇଷି ରହିଲେ ।

୪୭ଶ ପଦ—ଶୀତକାଳ ଉପସ୍ଥିତ ହେବାରୁ ଦିନମାନେ ଛୋଟ ଛୋଟ ପିଲାମାନଙ୍କ ପରି ବଢ଼ିବାକୁ ଲାଗିଲେ । ପିଲାମାନେ ଦରୋଟି କଥା କହିଲା ପରି ଶୁକ ଶାବକସବୁ କୌତୁକଜନକ ମନୋହର ଧ୍ୱନି ପ୍ରକାଶ କଲେ ।

୪୮ଶ ପଦ—ସାଧୁ ଲୋକମାନେ ପ୍ରଭାତରୁ ଶଯ୍ୟା ପରିତ୍ୟାଗ କରି ସ୍ନାନ କରି ସାରିବା ପରେ 'ଆମ୍ଭଠାରେ ପାପ ବା ଅନ୍ୟ କୌଣସି ଦୋଷ ନରହୁ' ବୋଲି ବିଷ୍ଣୁଙ୍କ ନାମ ଉଚ୍ଚାରଣ କରିବାକୁ ଲାଗିଲେ । (ଲୋକମାନେ ମାଘ ସ୍ନାନ କରି ବିଷ୍ଣୁଙ୍କ ଭଜନରେ ରତହେଲେ) ।

ବର୍ଣ୍ଣିଳ ନାଙ୍ଗଳୀଫଳ । ବିଚିତ୍ର ଚଟକ ଉଜ୍ଜ୍ୱଳ ।
ବଚନ ଏରୂପେ ଧରିବା ବସ୍ତୁ ପୁଞ୍ଜିଲେ କିଶୋରକୁଳ । ୪୯ ।
ବାଲ୍ୟ ଅବସ୍ଥା ସେବନ୍ତୀ । ହସଜ କି ପୁଷ୍ପବନ୍ତୀ ?
ବହେ ରାଗ ଅତି ତରୁଣ ଧାତ୍ରୁକୀ ଅନୁସରଣ ହୁଁଟନ୍ତି । ୫୦ ।
ବିରହି ସୁମନାହତେ । ବିଟ ମଧୁଲିଟବ୍ରାତେ ।
ବ୍ୟଥିତ ତ୍ୟଜି ସମସ୍ତେ ରସେ ମଜ୍ଜି ଅନବରତରେ ମାତେ । ୫୧ ।

---

୪୯ ଶର୍ ପଦ— ନାଙ୍ଗଳୀଫଳ—ନଡ଼ିଆ । ବିଚିତ୍ର—ବିଶେଷରେ ଚର୍ଚ୍ଚିତ । ବକ୍ଷୋଜ—ସ୍ତନ । କିଶୋରକୁଳ —ଦଶଠାରୁ ପନ୍ଦର ବର୍ଷ ବୟସ୍କ ବାଳକଗଣ ।

୫୦ଶର୍ ପଦ—ତରୁଣ - ଯୁବା । ରାଗ—ସ୍ନେହ, ରକ୍ତିମା । ଧାତ୍ରୁକୀ— ବୃକ୍ଷ ବିଶେଷ ।

୫୧ଶର୍ ପଦ —ସୁମନା—ପ୍ରିୟା, ମାଳତୀଫୁଲ । ବିଟ—ଲମ୍ପଟ ପୁରୁଷ । ମଧୁଲିଟବ୍ରାତ— ଭ୍ରମର ସମୂହ ।

---

୪୯ ଶର୍ ପଦ—ଦଶବର୍ଷଠାରୁ ପନ୍ଦରବର୍ଷ ବୟସ୍କ ବାଳକମାନେ ଗୋଲାକାର ନଡ଼ିଆ ସବୁ ନାନାରଙ୍ଗରେ ଅତି ସୁନ୍ଦର ଭାବରେ ଚିତ୍ର କରି "ଗୁରୁଙ୍କ କଥାନୁସାରେ ଆମ୍ଭେ ଏହାକୁ ଧରିବା" ଏହି କଥା କହି ବସ୍ତୁରେ ପୁଞ୍ଜିବାକୁ ଲାଗିଲେ ( ଏମନ୍ତେ ବସନ୍ତ ପଞ୍ଚମୀ ଉପସ୍ଥିତ ହେଲା ) ।

୫୦ ଶର୍ ପଦ—ସେବନ୍ତୀ ଲତା ବାଲ୍ୟାବସ୍ଥା ତ୍ୟାଗ କରି 'ପୁଷ୍ପବନ୍ତୀ' ପୁଷ୍ପବିମଣ୍ଡିତା ହେଲା କି ? ନା ତାହା ନୁହେଁ, ସେ ପୁଷ୍ପବତୀ ଅର୍ଥାତ୍ ରଜସ୍ୱଳା ହେଲା । ଯେପରି ଯୁବକ ହଠାତ୍ ପୁଷ୍ପବତୀ ହୋଇସାରିଥିବା ସ୍ତ୍ରୀକୁ ଅନୁସରଣ କରି ତା ପ୍ରତି ଅନୁରକ୍ତ ହୁଏ; ଯୁବକ ଧାତ୍ରୁକୀ ବୃକ୍ଷ ଶୀଘ୍ର ତାହାଙ୍କୁ ଅନୁସରଣ କରି ( ସେ ଫୁଟିବାର ପରେ ପରେ ) ଅନ୍ତଃସ୍ଥ 'ରାଗ' ରକ୍ତିମା ଧାରଣ କଲା ଅର୍ଥାତ୍ ରକ୍ତବର୍ଣ୍ଣ କୁସୁମରେ ମଣ୍ଡିତ ହେଲା ।

୫୧ ଶର୍ ପଦ—ପ୍ରିୟାର ବିନାଶ ଘଟିଲେ ଲମ୍ପଟ ପୁରୁଷମାନେ ଯେପରି ବିରହୀ ହୁଅନ୍ତି, ଶିଶିର ଋତୁରେ ମାଳତୀ ଫୁଲ ନାଶ ହେବାରୁ ଭ୍ରମରମାନେ ସେହିପରି ବିରହୀ ହେଲେ ଏବଂ ବିରହୀମାନେ ଅନ୍ୟ ସ୍ତ୍ରୀ ସହ ଶୃଙ୍ଗାରରେ ମଜ୍ଜିଲେ ଯେପରି ସେହି ପୂର୍ବ ଦୁଃଖକୁ ଛାଡ଼ି ଅନବରତ ନବପ୍ରାପ୍ତା ରମଣୀ ସହ ମାତନ୍ତି, ସେହିପରି ଭ୍ରମରମାନେ ମାଳତୀବିଯୋଗ ଦୁଃଖକୁ ପାସୋରି ଅନ୍ୟ ଫୁଲମାନଙ୍କରୁ ରସ ଉପଭୋଗ କରିବାରେ ଲାଗିଲେ ।

ତହୁଁ ଦକ୍ଷିଣସ୍ଥରେ । ବାଟେ ଏକ ମହାସୁରେ ।
ବରୋଧୀ କେଶ ଭୁଜ ପାଦ ଧରିଣ ମାରେ କଫୋଣି ପ୍ରହାରେ ।୫୨।
ବୁଲି ବୁଲି ଶ୍ରମ ପାଇ । ଅନେକ ଭେଟିଲେ ଯାଇ ।
ବ୍ୟାଳ ସାହସ ଗୁହ୍ନାମାଳୀ ସଦୃଶ ପ୍ରବେଶ ତହିଁ ଝସାଇ । ୫୩ ।
ବୈକୁଣ୍ଠ ଖର୍ବଟ ପରି । ଅଲେକତ ଏକ ପୁରୀ ।
ବସିଛି ବାମାଏ ଲାବଣ୍ୟଧାମାଏ ନାନାରତ୍ନକୂଟ ସରି । ୫୪ ।
ବାଳ ଅଳକ ରୋମାଳୀ । ବକ୍ରଡୋଳା ଭ୍ରୂବଲ୍ଲୀ ।
ବାରି ବାରି ନୀଳମଣି ମରକତ ଶ୍ରେଣୀରୁ ଦିଶଇ ଝଳି । ୫୫ ।

---

୫୨ଶରୁ ପଦ—କଫୋଣୀ—କହୁଣି ।
୫୩ଶରୁ ପଦ—ବିଳ—ଗାଡ଼ି । ବ୍ୟାଳ—ସର୍ପ ।
୫୪ଶରୁ ପଦ—ଖର୍ବଟ—ପଡ଼ାଗ୍ରାମ । ନାନାରତ୍ନକୂଟ—ବିବିଧ—ରତ୍ନପୁଞ୍ଜ । ବାମା—ସ୍ତ୍ରୀ ।
୫୫ଶରୁ ପଦ—ଅଳକ—ଚୂର୍ଣ୍ଣକୁନ୍ତଳ । ରୋମାବଳି—ନାଭିର ଅଧୋଦେଶରୁ ବକ୍ଷ ପର୍ଯ୍ୟନ୍ତ ଲାଗିରହିଥିବା ଲୋମରାଜି ।

---

୫୨ଶରୁ ପଦ—ଦକ୍ଷିଣ ଦିଗର ଦୂତମାନେ ବାଟରେ ଯାଉଥିବା ସମୟରେ ଗୋଟାଏ ବଡ଼ ଅସୁର ସେମାନଙ୍କର ବିରୋଧ ହେଲା । ସେମାନେ ତାହାର କେଶ, ଭୁଜ ଓ ପାଦ ଧରି କହୁଣୀ ମାଡ଼ରେ ତାକୁ ମାରି ପକାଇଲେ ।

୫୩ଶରୁ ପଦ—ସେମାନେ ବୁଲି ବୁଲି ପଥଶ୍ରାନ୍ତ ହୋଇ ଯାଉଥିବା ସମୟରେ ଗୋଟିଏ ଗାତ ଦେଖି ସାପ ପରି ସାହସ ଅବଲମ୍ବନ କରି ଗୁହ୍ନା ହୋଇଥିବା ମାଳୀ ସଦୃଶ ଜଣକ ପରେ ଜଣେ ସେହି ଗାତରେ ବଳାତ୍କାର ପୂର୍ବକ ପ୍ରବେଶ କଲେ ।

୫୪ଶରୁ ପଦ—ସେମାନେ ସେହି ଗାତ ମଧ୍ୟରେ ପ୍ରବେଶ କରି ବୈକୁଣ୍ଠପୁରର ପଡ଼ା ଗ୍ରାମ ପରି ଗୋଟିଏ ସୁନ୍ଦର ନଗରୀ ଦେଖିଲେ । ସେହି ପୁରୀ ମଧ୍ୟରେ ନାନାବିଧ ରତ୍ନପୁଞ୍ଜ ତୁଲ୍ୟ ଗୋଟିଏ ଲାବଣ୍ୟମୟୀ ରମଣୀ ବସିଅଛି ।

୫୫ଶରୁ ପଦ—ସେହି ରମଣୀର କେଶ, ଚୂର୍ଣ୍ଣ କୁନ୍ତଳ, ରୋମାଳୀ, ବକ୍ର ଡୋଳା ( ଅପାଙ୍ଗ ଦୃଷ୍ଟି ), ଭ୍ରୂ ଲତା, ଏମାନଙ୍କୁ ଯେତେ ଦେଖୁଥିଲେ ସୁଦ୍ଧା ନୀଳମଣି ଓ ମରକତମଣି ସମୂହଠାରୁ ଅଧିକ ଉଜ୍ଜ୍ୱଳ ଦେଖାଯାଉଥିଲା ।

ବିଡ଼ମ୍ବ ଓଷ୍ଠ ନେତ୍ରାନ୍ତ । କନକ ଚରଣ ହସ୍ତ ।
ବନ୍ଧୁମ ମାଣିକ୍ୟ ଅମୂଲ୍ୟଛବିରେ ଚିତ୍ତ ହୁଏ ଅନୁରକ୍ତ । ୫୬ ।
ବିକାଶ ହାସ ଦଶନେ । ବିଘଟେ ନଖ ପ୍ରସନ୍ନେ ।
ବଜ୍ରମଣି ମୋତିପନ୍ତି ଅପଘନ କାଞ୍ଚନେ ଜଡ଼ି ଯତନେ । ୫୭ ।
ବୋଲେ କେ ନୋହେ ଏ ରମା । ବିଧାତା ପୂଜା ପ୍ରତିମା ।
ବାଞ୍ଛି ତ୍ରିପୁର ମୋହେ ତିନି ପୁଷ୍ପ ଦେଇ କରିଛି ସୁଷମା । ୫୮ ।
ବାସୁଅଛି ମନ୍ଦମନ୍ଦ । ବଦନ ସରସୀରୁହ ।
ବିରଳ ଅଙ୍ଗୁଳି ନିଶ୍ଚେ ଚମ୍ପାକଳୀ ଶିରୀଷକୋମଳ ଦେହ । ୫୯ ।

---

୫୬ ଶବ୍ଦ ପଦ—ବିଡ଼ମ୍ବ—ଉପହସିତ । ଛବି—କାନ୍ତି । କନକ—ପଦ୍ମ । ବନ୍ଧୁମ—ପୋହଳା ।

୫୭—ଶବ୍ଦ ପଦ—ଦଶନ—ଦାନ୍ତ । ବିଘଟେ—ପ୍ରକାଶିତ ହେବାରେ । ପ୍ରସନ୍ନ—ନିର୍ମଳ । ବଜ୍ରମଣି—ହୀରା । ଅପଘନ-କାଞ୍ଚନ—ଦେହସୁବର୍ଣ୍ଣ । ଯତ୍ନେ—ମନୋହର ଭାବରେ ।

୫୮ଶବ୍ଦ ପଦ—ସୁଷମା—ଶୋଭା ।

୫୯ତମ ପଦ—ସରସୀରୁହ—ପଦ୍ମ । ବିରଳ—ପୃଥକ ପୃଥକ୍

---

୫୬ଶବ୍ଦ ପଦ—ତାର ପଦ୍ମକାନ୍ତି ଜଣା ଓଷ୍ଠ, ନେତ୍ରପ୍ରାନ୍ତ, ହାତ ଓ ପାଦ ପୋହଳା ଏବଂ ମାଣିକ୍ୟ ଏହି ଦୁଇ ଅମୂଲ୍ୟ ବସ୍ତୁର କାନ୍ତିକୁ ଧାରଣ କରିଥିବାରୁ ଦର୍ଶକର ଚିତ୍ତ ତାହା ପ୍ରତି ଆକୃଷ୍ଟ ହେଉଥିଲା ।

୫୭ଶବ୍ଦ ପଦ—ସେ ହସିଲେ ତାଙ୍କ ଦାନ୍ତରେ ହୀରାର ଶୋଭା ଦୃଶ୍ୟ ହେଉଥିଲା ଓ ନିର୍ମଳ ନଖପଂକ୍ତିରେ ମୋତିସମୂହର ଶୋଭା ପ୍ରକାଶିତ ହେଉଥିଲା । ଏହି ରତ୍ନତୁଲ୍ୟ ଅଙ୍ଗଗୁଡ଼ିକ ସୁବର୍ଣ୍ଣ ସମ ଦେହରେ ଯତ୍ନ ପୂର୍ବକ ଜଡ଼ିତ ହୋଇ ଅଛନ୍ତି ।

୫୮ ଓ ୫୯ ତମ ପଦ—ସେହି ସ୍ତ୍ରୀକୁ ଦେଖି ଦୂତମାନଙ୍କ ମଧ୍ୟରୁ କେହି କହିଲେ, "ଏହି ସ୍ତ୍ରୀ 'ରମା' ରାମଙ୍କ ସ୍ତ୍ରୀ ସୀତା ନୁହେ । ଅଥବା ଏ ସ୍ତ୍ରୀ ନୁହେ, ବିଧାତା ପୂଜା କରୁଥିବା ପ୍ରତିମା । ସୁତରାଂ ବିଧାତା ତ୍ରିପୁରକୁ ମୋହିବା ଇଚ୍ଛାରେ ତିନିକୋଟି ଫୁଲ ଦେଇ ଏହାକୁ ଶୋଭବନ୍ତ କରିଅଛି । ଅର୍ଥାତ୍ ଏହାର ମୁଖ ସ୍ଥାନରେ ପଦ୍ମ, ଅଙ୍ଗୁଳି ସ୍ଥାନରେ ଚମ୍ପାକଢ଼ି ଓ ଦେହରେ ଶିରୀଷ ଫୁଲ ଖଞ୍ଜି ଶୋଭାକୁ ବଢ଼ାଇଛି । ସେହି ହେତୁରୁ ଏହାର ମୁଖ ପଦ୍ମଫୁଲପରି ମନ୍ଦ ମନ୍ଦ ବାସୁଛି । ଅଙ୍ଗୁଳିଗୁଡ଼ିକ ନ ବାନ୍ଧି ପୃଥକ୍ ପୃଥକ୍ ହୋଇ ରହିଥିବାରୁ ନିଶ୍ଚୟ ଚମ୍ପାକଢ଼ୀ ଓ ଦେହ ବାସୁ ନ ଥିଲେ ସୁଦ୍ଧା କୋମଳତାର ଅନୁମାନରୁ ନିଶ୍ଚୟ "ଏହା ଶିରୀଷ ପୁଷ୍ପରେ ତିଆରି ବୋଲି ଜଣା ଯାଉଛି ।" (ପୁଷ୍ପ କାଢ଼ି ଅବସ୍ଥାରେ ବାସେ ନାହିଁ )

ବୋଲେ କେ ମନ୍ଦେ ସ୍ୱଜୀବ । ବ୍ୟର୍ଥ ନୁହଇ ଏ ଧ୍ରୁବ ।
ବସେ ସ୍ଥାନେ ସ୍ଥାନେ ଖଞ୍ଜନ ମକ୍ଷିକା ଚକ୍ରବାକ ଅସମ୍ଭବ । ୬୦ ।
ବସ୍ତୁରୁ ବୋଇଲେ ବାଳୀ । ବାନରେ କାହିଁର ମିଳି ।
ବୋଇଲେ ଶ୍ରୀରାମଦୂତ ଆମ୍ଭେ ଖୋଜୁଅଛୁଁ ବନେ ମଇଥିଳୀ । ୬୧ ।
ବଡ଼ ତୃଷାର୍ତ୍ତ ହୋଇଲୁଁ । ବିବରକୁ ସ୍ପୃହି ଦେଲୁଁ ।
ବର୍ହିରେ ନୀରେ ଜରଜର ଚଞ୍ଚିରୁ ବାହାରେ ଆମ୍ଭେ ପଶିଲୁଁ । ୬୨ ।
ବିନାଶ ହେ ତୃଷା କ୍ଷୁଧା । ବାନରେ ବୋଇଲା ମୁଗ୍‌ଧା ।
ବୁଜ ନେତ୍ର ଯାଅ ବହୁଶୋପୁରରୁ ସ୍ୱୟଂପ୍ରଭା ମୁହିଁ ସିଦ୍ଧା । ୬୩ ।

---

୬୧ତମ ପଦ—କାହିଁର—କେଉଁସ୍ଥାନର ବା କେଉଁଠାରେ । ମଇଥିଳୀ ବା ମୈଥିଳୀ – ସୀତା ।

୬୨ତମ ପଦ—ବର୍ହିରେ—ପକ୍ଷୀମାନେ । ନୀରେ—ପାଣିରେ । ବାହାରେ —ଅର୍ଥାତ୍ ବାହାରିବାର ଦେଖି ।

୬୩ତମ ପଦ—ମୁଗ୍‌ଧା—ସୁନ୍ଦରୀ । ସିଦ୍ଧା—ତପସ୍ୱିନୀ ।

---

୬୦ତମ ପଦ—ପୁଣି କେହି କହିଲା, "ଏହି ପୁଳା ପ୍ରତିମା 'ମନ୍ଦହାସ' ବିଧାତା ନ୍ୟାସ କରିଥିବା ଜୀବନ୍ୟାସ ମନ୍ଦହାସ ସଜୀବ ହୋଇଅଛି । ଏ କଥା ମିଥ୍ୟା ନୁହେଁ, ସତ୍ୟ । ଯେହେତୁ ଏହାର ଏକ ଏକ ଅଙ୍ଗରେ ଖଞ୍ଜନ ପକ୍ଷୀ, ମାଛି, ଚକୋର ପକ୍ଷୀ ସବୁ ବସିଥିବାରୁ ଅର୍ଥାତ୍ ଏହାର ମୁଖସ୍ଥ ନେତ୍ରରୂପୀ ଖଞ୍ଜନ, ଉଦରସ୍ଥ ରୋମାବଳୀ ରୂପୀ ମକ୍ଷିକ ଶ୍ରେଣୀ ଓ ବକ୍ଷସ୍ଥ ସ୍ତନରୂପୀ ଚକୋରଯୁଗଳକୁ ଦେଖିଲେ କିଏ କଳ୍ପନା ନ କରିବ ଯେ, ଏ ପ୍ରତିମା 'ସଜୀବ' ଜୀବମାନଙ୍କ ସହିତ ଯୁକ୍ତ ନୁହେଁ ।

୬୧ତମ ପଦ—ଦୂତମାନେ ଏହିପରି ବିଚାର କରୁଥିବା ସମୟରେ ସେହି ସ୍ତ୍ରୀ କହିଲା, "ରେ ବାନରମାନେ ! କେଉଁଠାରୁ ଆସି ଏଠାରେ ପହଞ୍ଚିଛ ? ବାନରମାନେ କହିଲେ, "ଆମ୍ଭେମାନେ ଶ୍ରୀରାମଙ୍କର ଦୂତ; ମିଥିଳା ରାଜକୁମାରୀ ସୀତାଙ୍କୁ ବନରେ ବୁଲି ଖୋଜୁଛୁ ।"

୬୨ ତମ ପଦ—"ଆମ୍ଭେମାନେ ଅତ୍ୟନ୍ତ ତୃଷାର୍ତ୍ତ ହୋଇ ଏହି ଗାତକୁ ଦୃଷ୍ଟି ଦେଖିଲୁ ଯେ, ଏହା ମଧ୍ୟରୁ ପାଣି ସର ସର ହୋଇ ପକ୍ଷୀମାନେ ବାହାରୁ ଅଛନ୍ତି । ତେଣୁ ପାଣି ପାଇବା ଆଶାରେ ଭିତରକୁ ପ୍ରବେଶ କଲୁଁ ।"

୬୩ ଓ ୬୪ତମ ପଦ—ଏହା ଶୁଣି ସେହି ପରମା ସୁନ୍ଦରୀ କହିଲା, "ହେ ବାନରମାନେ ! ମୁଁ ସିଦ୍ଧା ଅର୍ଥାତ୍ ତପସ୍ୟାକରି ସିଦ୍ଧିଲାଭ କରିଅଛି । ମୋର ନାମ ସ୍ୱୟଂପ୍ରଭା ଅର୍ଥାତ୍ ମୁଁ ଏହି ଗାତ ମଧ୍ୟରେ ଥାଇ ସୁଦ୍ଧା ସମସ୍ତ ବସ୍ତୁ ଦେଖିପାରେ ।

ବିଂଶଭୁଜ ପୁରେ ନେଇ । ବନ୍ଦୀ କରିଛି ବୈଦେହୀ ।
ବୋଲନ୍ତୁ ତାହାର ଆଚରଣ କରି ବିନ୍ଧ୍ୟଗିରିପରେ ଶୋଭି । ୭୪ ।
ବିଦୁଶ୍ୟନ୍ତେ ତହିଁ କ୍ଷଣ । ଛାଡ଼ିଲେ ଖର ନିଃଶ୍ୱାସ ।
ବିହୁଁ କୁଶଶଯ୍ୟା ଅଙ୍ଗଦ ସମ୍ପାତି ପାଞ୍ଚିଲା କରିବ ଗ୍ରାସ । ୭୫ ।
ବହୁଁ ସେ ଆଉମାନଙ୍କୁ । ବାଣୀ କହ ଶ୍ରୀରାମଙ୍କୁ ।
ବିନାଶ ତାହାଙ୍କ କାର୍ଯ୍ୟରେ ଜଟାୟୁ ଲଭେ ପରମଧାମକୁ । ୭୬ ।
ବିହଗ ପର୍ବତରେ ତାଙ୍କୁ । ବଧିଲା କେ ଜଟାୟୁ କୁ ?
ବ୍ୟବସ୍ଥିତେ ସବୁ କହୁଁ ବୋଲେ ଟେକି ନିଅ ହେ ମୋତେ ସ୍ନାନକୁ ।

---

୭୪ତମ ପଦ—ବିଂଶଭୁଜ—ରାବଣ ।
୭୭ ତମ ପଦ—ବିହଗ—ପକ୍ଷୀ ( ସମ୍ପାତି ) । ବ୍ୟବସ୍ଥିତେ—ଆମୂଳ ଚୂଳ

---

ତୁମ୍ଭେମାନେ ମୋ କଥାନୁସାରେ କ୍ଷୁଧାତୃଷ୍ଣାଶୂନ୍ୟ ହୋଇ ଆଖି ବୁଜି ଏହି ଅଦୃଶ୍ୟ ପୁରରୁ ଫେରିଯାଅ । ରାବଣ ସୀତାଙ୍କୁ ନେଇ ତାର ପୁରରେ (ଲଙ୍କାରେ) ବନ୍ଦୀକରି ରଖିଛି ।" ଏହା ଶୁଣି ଦୂତମାନେ ତାର କଥା ଅନୁସାରେ ଆଖି ବୁଜିବାରୁ ବିନ୍ଧ୍ୟ ପର୍ବତ ଉପରେ ଉପସ୍ଥିତ ହେଲେ ।

୭୫ ତମ ପଦ—ଦୂତମାନେ ସେହି ପର୍ବତ ଉପରେ ରହି ସମୁଦ୍ରର ଉତ୍ତାଳ ତରଙ୍ଗମାଳା ଆନ୍ଦୋଳିତ ଦକ୍ଷିଣଦିଗକୁ ଦେଖି ଅତି ଦୀର୍ଘ ନିଶ୍ୱାସ ତ୍ୟାଗ କଲେ । ଅର୍ଥାତ୍ 'କିପରି ଏହି ଦୁର୍ଲଙ୍ଘ୍ୟ ସମୁଦ୍ରକୁ ପାରି ହେବା'—ଏହିକଥା ଭାବି ଦୁଃଖିତ ହେବାକୁ ଲାଗିଲେ । ସମସ୍ତଙ୍କୁ ଖିନ୍ନ ହେବାର ଦେଖି, ଅଙ୍ଗଦ ପ୍ରାଣତ୍ୟାଗ କରିବା ନିମିତ୍ତ କୁଶଶଯ୍ୟା ବିଧାନ କଲା ( କୁଶ ବିଛାଇ ଶୋଇଲା ) । ଏହି ସମୟରେ ସମ୍ପାତି ତାଙ୍କୁ ଖାଇବ ବୋଲି ଭାବିଲା ।

୭୬ ଓ ୭୭ ତମ ପଦ—"ହେ ସୈନିକମାନେ ! ତୁମ୍ଭେମାନେ ଏଠାରୁ ଯାଇ ଶ୍ରୀରାମଙ୍କୁ କହ ଯେ, ଜଟାୟୁ ତାଙ୍କ କାର୍ଯ୍ୟରେ ଯେପରି ପ୍ରାଣତ୍ୟାଗ କରି ବୈକୁଣ୍ଠଧାମକୁ ଗମନ କଲା, ମୁଁ ସେହିପରି ତାହାଙ୍କ କାର୍ଯ୍ୟରେ ଅକୃତକାର୍ଯ୍ୟ ହୋଇ ପ୍ରାଣତ୍ୟାଗ କରୁଅଛି । ମାତ୍ର ଯେପରି ବୈକୁଣ୍ଠଧାମ ଲାଭ କରିବି ।" ଏହି କଥା ଅଙ୍ଗଦ ଅନ୍ୟମାନଙ୍କୁ କହିବାରୁ ନିକଟସ୍ଥ ସମ୍ପାତି ତାହା ଶୁଣିପାରି ପଚାରିଲା, "ଜଟାୟୁକୁ କିଏ ବଧ କଲା ?" ଅଙ୍ଗଦ ଆମୂଳଚୂଳ ସମସ୍ତ କଥା ବର୍ଣ୍ଣନା କରିବାରୁ, ସେ କହିଲା, "ହେ ବୀର ! ମୋତେ ସ୍ନାନ କରିବାପାଇଁ ଟେକିନିଅ ।"

ବାଜ ପଲ୍ଲବଳ ତାର । ବକ୍ଳେଶେ ଛୁଇଁ ସେ ପାର ।
ବସାଇ ପୃଷ୍ଠରେ ଲଙ୍କା ଦେଖାଗଲା ସୁମନ୍ତ୍ରୁ ଆସି କୁମର । ୬୮ ।
ବେନି ଗଲେ ହିମାଳୟେ । ବଞ୍ଚେ ଅତି କଷ୍ଟମୟେ ।
ବନଜେ ଉତ୍ତମା ନଏ ରଘୁପତି ଶୀତାର୍ତ୍ତେ ସୀତାର୍ଥେ ଲୟେ । ୬୯ ।
ବପୁ ଏଣେ ଥର ଥର । ବାଜେ ପଞ୍ଚଶର ଶର ।
ବଳବନ୍ତକୁ ଏତେ ଦୁର କରଇ କି ନୋହିବ ଅବଳାର ? ୭୦ ।
ବେନି ବେନି ମେଳ ହୋଇ । ବାନ୍ଧେ କେ ପାଶ ନ ଥାଇ ।
ବିନ୍ଧେ କେ ଦେହ ବହିନେ କ୍ଷତ ବିନା ହୃଦୟ ମଧ୍ୟେ ଭେଦଇ । ୭୧ ।

---

୬୮ତମ ପଦ—ବାଜ—ତେଜଣା । ବକ୍ଳେଶେ—ଅନାୟାସରେ ଏଠାରେ ହଠାତ୍ ।

୬୯ତମ ପଦ—ଶୀତାର୍ତ୍ତେ—ଶୀତରେ କାତର ହୋଇ । ସୀତାର୍ଥେ—ସୀତା ନିମିତ୍ତ ।

୭୦ତମ ପଦ—ବପୁ—ଦେହ । ପଞ୍ଚଶର—କନ୍ଦର୍ପ । ଶର—ବାଣ । ଅବଳାର—ସ୍ତ୍ରୀର (ସୀତାର) ।

---

୬୮ତମ ପଦ—ସାର ଅଙ୍ଗଦ ସମ୍ପାତିକୁ ଛୁଇଁବାରୁ ହଠାତ୍ ତାର ପକ୍ଷ କଅଁଳ ଗଲା । ତତ୍ପରେ ସମ୍ପାତି ତାର ପୁତ୍ରକୁ ସ୍ମରଣ କରିବାରୁ ସେ ଆସି ଦୂତମାନଙ୍କୁ ପିଠିରେ ବସାଇ ଲଙ୍କା ଦେଖାଇ ଦେଲା ।

୬୯ତମ ପଦ ସମ୍ପାତି ଓ ତାର ପୁତ୍ର ହିମାଳୟକୁ ଗଲେ ଏବଂ ଏହି ଅସ୍ଥିସାର ଅତି ଦୁଃଖରେ ଦିନ ଯାପନ କରିବାକୁ ଲାଗିଲେ । ରାମଚନ୍ଦ୍ର ଶୀତରେ ଅତ୍ୟନ୍ତ ପୀଡ଼ିତ ହେବାରୁ ସୀତାଙ୍କ ବିଷୟ ଭାବନା ପୂର୍ବକ ଅନିଦ୍ରା ହୋଇ ରାତି ଯାପନ କଲେ ।

୭୦ତମ ପଦ—ରାମଚନ୍ଦ୍ର ଭାବିଲେ, "ଦେହ ତ ଶୀତ ଯୋଗୁଁ ଥରଥର ହେଉଅଛି, ସେଥିରେ ପୁଣି କନ୍ଦର୍ପର ଶର ବାଜିବାରୁ ମୋ ଭଳି ବଳବାନ୍ ଲୋକକୁ ମଧ୍ୟ ଏତେ ଦୂର କଷ୍ଟ ଅନୁଭବ କରିବାକୁ ହେଉଛି । 'ଅବଳା' ଦୁର୍ବଳା ସୀତାର କି ଦୁଃଖ ହେଉ ନ ଥିବ ?"

୭୧ତମ ପଦ—"ଏହି ଶୀତ ଋତୁରେ ସ୍ତ୍ରୀ ପୁରୁଷଙ୍କର ମିଳନ ହେବା ସମୟରେ ମନେ ହୁଏ, କିଏ ବିନା ପାଶରେ ବାନ୍ଧୁଛି କି ? ପୁଣି ବିରହ ହେବା ସମୟରେ ମନେ ହୁଏ, କେହି ଜଣେ ଦେହ ଶୂନ୍ୟ ଲୋକ କ୍ଷତ ନ କରି ହୃଦୟକୁ ଶରଦ୍ୱାରା ଭେଦ କରୁଛି କି ?"

ବର୍ଣ୍ଣିଲେ ରାମଚନ୍ଦ୍ର । ବାସ୍ତୁଶ୍ରୀ ପଦେ ଏ ଛନ୍ଦ ।
ବୋଲେ ଉପେନ୍ଦ୍ର ଲେଖି କୃଶ ବୈଦେହୀ ଶୋକରେ ସାନ୍ଦ୍ର । ୭୬ ।

---

## ଚତୁସ୍ତ୍ରିଂଶ ଛାନ୍ଦ

### ରାଗ—ବସନ୍ତ

ବସନ୍ତ ସମୟ ଅତି ରସମୟ ରଭସ ପ୍ରବେଶ ଆସି ଯେ ।
ଷଦ୍ରୁମ ଛବି ସୁଦ୍ରୁମ ଲତା ଛବି ପଲ୍ଲବେ ସରାଗ ବଶି ଯେ ।
ଝକଣି । ଝକଣି କୁସୁମମାନ ଯେ ।
ବୋଳାଇଲେ ଜବ ନବ ପୁଷ୍ପବଣି ସ୍ମରରସ କଲେ ଦାନ ଯେ । ୧ ।

---

୧ମ ପଦ—ରଭସ—ଶୀଘ୍ର । ଷଦ୍ରୁମ—ପୋହଳା । ସୁଦ୍ରୁମ—ଉତ୍ତମ ବୃକ୍ଷ । ସରାଗ—ରକ୍ତବର୍ଣ୍ଣ । ଝକଣି—ଝାଙ୍ଗାସାଙ୍ଗ ହୋଇ । ଜବ—ଶୀଘ୍ର ।

---

୭୬ତମ ପଦ—ରାମଚନ୍ଦ୍ର ଏହିପରି ବର୍ଣ୍ଣିଲେ ବର୍ଣ୍ଣିଲେ କ୍ରମେ କ୍ଷୀଣ ଓ ଶୋକାକୁଳିତ ହୋଇ ସୀତା ଯେତେ ମାସ ହେଲା ଅନ୍ତର ହେଲେଣି ତାହା ସବୁ ଗଣନା କଲେ । ଉପେନ୍ଦ୍ର ଭଞ୍ଜ ଏ ଛାନ୍ଦକୁ ବାସ୍ତୁଶ୍ରୀ ପଦରେ ରଚନା କଲେ ।

---

## ଚତୁସ୍ତ୍ରିଂଶ ଛାନ୍ଦ

୧ମ ପଦ—ଅତି ମନୋହର ବସନ୍ତ ସମୟ ହଠାତ୍ ଆସି ପୃଥିବୀରେ ଉପସ୍ଥିତ ହେବାରୁ ଉତ୍ତମ ବୃକ୍ଷ ଓ ଲତାମାନେ ବର୍ଣ୍ଣରେ ପୋହଳା ସଦୃଶ ସମାନ ହେବାକୁ ଲାଗି ନୂତନ ପତ୍ରମାନଙ୍କଦ୍ୱାରା ରକ୍ତବର୍ଣ୍ଣ ଧାରଣ କଲେ । ପୁଷ୍ପସବୁ ଝାଙ୍ଗାସାଙ୍ଗ ହୋଇ ଫୁଟିଲେ । 'ପୁଷ୍ପବତୀ' ଯୁବତୀମାନେ ଯେଉଁପରି ଯୁବକମାନଙ୍କୁ ଶୃଙ୍ଗାରରସ ଦାନ କରନ୍ତି, ସେହିପରି ଲତାମାନେ ଶୀଘ୍ର ନୂତନ ପୁଷ୍ପବଣି ଧାରଣ କରି ଭ୍ରମରମାନଙ୍କୁ ପୁଷ୍ପରସ ପ୍ରଦାନ କଲେ । ( ବସନ୍ତ ଆଗମରେ ବୃକ୍ଷମାନେ ପଲ୍ଲବିତ, ଲତାମାନେ ପୁଷ୍ପିତ ଓ ଭ୍ରମରମାନେ ମଧୁପାନରେ ମତ୍ତ ହେଲେ ) ।

ବାସନ୍ତୀ ମଲ୍ଲୀ ନଆଳୀ କୁଣ୍ଡଅନା ଯହିଁ ହେଲେ ଇଚ୍ଛାବଶ ଯେ ।
ବାସକୁ ଆସି ଭ୍ରମରଜାଳରେ ରସି ମଧୁମାଦକରେ ମାତି ଯେ ।
ବହନ୍ତ । ବାତ ବାସ ହରେ ଏକା ଯେ ।
ବସାଇ ନ ଦଅ ପାଶେ ମଧୁପକୁ କେତକୀ ସଖୀନାୟିକା ଯେ । ୨ ।
ବର୍ଣ୍ଣ୍ୟାନାରୀ ପରି ଫୁଲମାଳ ଧରି କେବଳ କିଂଶୁକ ଥାଇ ଯେ ।
ବେଶ୍ୟା ପରି ଚୂତ କୋଳେ ପରଭୃତ ବସାଇ ଗୀତ ଗୁଆଇ ଯେ ।
ବହୁତ । ବକ୍ତ୍ର ପୁନ୍ନାଗ ସୁନାରୀ ଯେ ।
ଵଦେଶ ବାହୁଡ଼ା ସମୟେ ବସନ୍ତେ ପୁଲକ ଯାଇ ସଞ୍ଚରି ଯେ । ୩ ।

---

୩ୟ ପଦ—ବର୍ଣ୍ଣ୍ୟାନାରୀ – ସ୍ୱୟଂବର ସ୍ତ୍ରୀ । । କିଂଶୁକ - ପଳାଶବୃକ୍ଷ । ଚ୍ୟୂତ—ଆମ୍ବଗଛ । ପରଭୃତ କୋକିଳ, ପରପୁରୁଷ । ପୁନ୍ନାଗ - ପୁରୁଷଶ୍ରେଷ୍ଠ, ପୋଲାଙ୍ଗଗଛ । ସୁନାରୀ— ଉତ୍ତମ ସ୍ତ୍ରୀ ବା ସୁନାରୀ ଗଛ ।

---

୨ୟ ପଦ – 'ବାସନ୍ତୀ' ମାଧବୀ, ମଲ୍ଲୀ, ନଆଳୀ ଓ କୁଣ୍ଡଅନା ଏମାନେ 'ଇଚ୍ଛାବଶ ହେଲେ' ଯଥେଷ୍ଟ ଫୁଲ ଧାରଣ କଲେ ଅଥବା କାମୁକା ସ୍ତ୍ରୀ ପରି ଆଚରଣ କଲେ । କାମୁକା ସ୍ତ୍ରୀର ଗୃହକୁ ଆସି ବହୁପୁରୁଷମାନେ ମଦ୍ୟର ମାଦକତା ବଶତଃ ରତିରସରେ ମାତିଲା ପରି ଭ୍ରମରମାନେ ସୁଗନ୍ଧ ହେତୁ ସେହି ବୃକ୍ଷମାନଙ୍କ ନିକଟକୁ ଆସି ପୁଷ୍ପରସର ମାଦକତାରେ ମାତିଲେ । ସଖୀ ସ୍ତ୍ରୀ ମଦ୍ୟପାୟୀ ପୁରୁଷକୁ ପାଖରେ ବସାଇ ନ ଦେଲା ପରି କେତକୀ 'ମଧୁପ' ଭ୍ରମରକୁ ପାଖରେ ବସାଇ ଦେଲା ନାହିଁ । ( କେତକୀ ଫୁଲର ଧୂଳିରେ ଭ୍ରମର ଆଖି ଖରାପ ହୁଏ ଓ କଣ୍ଟା ହାରା ପକ୍ଷ ଛିଡ଼ିଯାଏ ) ସଖୀର ବସ୍ତ୍ର ହରଣ କରିବାକୁ ତାର ସ୍ୱାମୀ ସମର୍ଥ ହେଲା ପରି, କେବଳ ବସନ୍ତ ପବନ କେତକୀର ବାସ, ଗନ୍ଧକୁ ହରଣ କଲା ।

୩ୟ ପଦ ସ୍ୱୟଂବର ସ୍ତ୍ରୀ ଫୁଲମାଳ ଧରିଲା ପରି ପଳାଶ ଫୁଲମାନଙ୍କୁ ଧରିଲା । ( ବସନ୍ତ ସମୟରେ ପଳାଶ ଫୁଟେ କିନ୍ତୁ ସେଥିରେ ସେପରି ମଧୁ ନ ଥିବାରୁ ଭ୍ରମର ଯାଏ ନାହିଁ ) । ବେଶ୍ୟା ପରପୁରୁଷକୁ କୋଳରେ ବସାଇ ଗୀତ ଗାନ କରାଇଲା ପରି ଆମ୍ବଗଛ 'ପରଭୃତ' ପରପାଳିତ ଅର୍ଥାତ୍ କୋକିଳକୁ ନିଜର ପତ୍ରାଚ୍ଛାଦିତ ମଞ୍ଜି ଡାଳରେ ବସାଇ ଗୀତ ଗାନ କରାଇଲା । ବିଦେଶ ପ୍ରତ୍ୟାଗତ ପୁରୁଷ ସହିତ ସାକ୍ଷାତ ହେବା ସମୟରେ ସ୍ତ୍ରୀ ପୁରୁଷ ଦୁହିଁଙ୍କର ଦେହ ପୁଲକିତ ହେଲା ପରି, ବସନ୍ତାଗମରେ ପୁନ୍ନାଗ ଓ ସୁନାରୀ ବୃକ୍ଷର ଦେହରେ ପୁଲକ ସଞ୍ଚରିଲା ଅର୍ଥାତ୍ ପୁଷ୍ପ ବିକଶିତ ହେଲା ।

ବଞ୍ଜୁଳବନେ ମଞ୍ଜୁଳବକ୍ଷୀ ସୀତା ଏକାଳ ଅବସ୍ଥା ଧରି ଯେ ।
ବିକାଶିଲେ ମଲ୍ଲୀ ଫୁଟେ ଚନ୍ଦ୍ରଚମ୍ପା ମଦନରସରେ ପୂରି ଯେ ।
ବିଧୁତ । ବିଧୁମୁଖ ଧୂଳି ମ୍ଳାନ ଯେ ।
ବୃଦ୍ଧି ହୋଇ ପାନସିକ ଅତିଶୟ ସଂଯୋଗ ପାଣି-ନଳିନ ଯେ ।୮।
ବୋଇଲେ ମଧୁ ତୁ ମୋତେ ଭରିଛୁ ରମ୍ୟାପଦୁ ରମା ବେନି ଯେ
ବସୁଧାଭୃତ ନୁହଇ ହୃଦସ୍ତୁଜ ସ୍ଥାପୁ ତୁ ବିରହଅଗ୍ନି ଯେ ।
ବୁଧେ ଯେ । ବଦନ୍ତି ଶମ୍ଭୁ ଉପମା ଯେ ।
ବିନାଶ ଚନ୍ଦ୍ରାର୍ଦ୍ଧ ବିପାକ କର୍ମରୁ ନୋହିବୁ କପାଇଁ ଭ୍ରମା ଯେ ।୯।

---

୮ମ ପଦ ବଞ୍ଜୁଳବନେ—ଅଶୋକବନରେ । ମଞ୍ଜୁଳବକ୍ଷୀ—ମନୋହାରିଣୀ । ବିଧୃତ— ଧରିବା । ପାଣି—ଜଳ, ହସ୍ତ । ନଳିନ—ପଦ୍ମ । ଚନ୍ଦ୍ର—ବିସ୍ତୃତରୂପରେ । ମଦନ—ଦୁଦୁରା ଗଛ ।

୯ମ ପଦ— ମଧୁ—ବସନ୍ତକାଳ, ମଧୁରାକ୍ଷସ । ରମା—ଲକ୍ଷ୍ମୀ । ବସୁଧାଭୃତ—ପର୍ବତ । ହୃଦସ୍ତୁଜ—ସ୍ତନ । ବୁଧେ—ପଣ୍ଡିତମାନେ । ଶମ୍ଭୁ—ମହାଦେବ ।

---

୮ମ ପଦ – ସୁନ୍ଦରୀ ସୀତା ଅଶୋକ ବନରେ 'ଏକାଳ ଅବସ୍ଥାକୁ ଧରି' ଅର୍ଥାତ୍ ଏହି କାଳରେ ବିରହିଣୀ ଯେଉଁ ଅବସ୍ଥାକୁ ଧାରଣ କରେ ସେହି ଅବସ୍ଥାକୁ ଧରି ମଲି ବୋଲି ପ୍ରକାଶ କଲେ । ତାହାଙ୍କର ଶରୀର ରୂପ ଚମ୍ପାଫୁଲ ଶୃଙ୍ଗାର ରସରେ ପୂରି ବିକଶିତ ହେଲା ଅର୍ଥାତ୍ ଲଜ୍ଜାତ୍ୟାଗ, ଉନ୍ମାଦ ପ୍ରଭୃତି କାମ ଦଶା ତାଙ୍କ ଦେହରେ ପ୍ରକାଶିତ ହେଲା । ତାର ମୁଖଚନ୍ଦ୍ର ଧୂଳି ଧୂସରିତ ହେଲା ପରି ମଳିନ ଦେଖାଗଲା, କାତରତା ଅଧିକ ବଢ଼ିଲା, ତେଣୁ ସେ ଗାଲରେ ହାତ ଦେଇ ବସିଲେ । ବସନ୍ତ ସମୟରେ ଅଶୋକ, ମଲ୍ଲୀ, ଚମ୍ପା ଓ ପଦ୍ମମାନେ ଫୁଟିଲେ । 'ମଦନ' ଦୁଦୁରା ଫୁଲ ମନ୍ତ୍ରରେ ପୂର୍ଣ୍ଣ ହେଲା, ଚନ୍ଦ୍ର ଧୂଳି ପଟଳଦ୍ୱାରା ମଳିନ ଦେଖାଗଲେ; ଦିନ କ୍ରମେ ଅଧିକ ବଢ଼ିଲା ।

୯ମ ପଦ—ସୀତା ବସନ୍ତକାଳକୁ ଦେଖି କହିଲେ, "ରେ 'ମଧୁ' ବସନ୍ତ ! ତୁ ମଧୁ ଦୈତ୍ୟ ପରି ମତେ ସୁନ୍ଦରୀ ଦେଖି ରମା' ଲକ୍ଷ୍ମୀ ବୋଲି ଭାବି ଡରାଉଛୁ । ( ଅର୍ଥାତ୍ ମଧୁ ଦୈତ୍ୟ ଲକ୍ଷ୍ମୀଙ୍କୁ ଡରାଇଲା ପରି ତୁ ମତେ ଡରାଉଛୁ । ) ମୋର ସ୍ତନ ତ ପର୍ବତ ନୁହେ, ତୁ ତହିଁରେ ବିରହାଗ୍ନି କାହିଁକି ସ୍ଥାପନ କରୁଛୁ ? ( ପର୍ବତ ଅଗ୍ନିର ଅଧିକରଣ ବୋଲି ଦାର୍ଶନିକମାନେ ସ୍ଥିର କରି ଅଛନ୍ତି ) । ପଣ୍ଡିତମାନେ ମୋର ସ୍ତନ ସହିତ ଶିବଙ୍କୁ ଉପମା ଦେଇ ଥାନ୍ତି, ମାତ୍ର କର୍ମଦୋଷରୁ ପତିଙ୍କଠାରୁ ଦୂରରେ ରହିବା ଯୋଗୁଁ ସେହି ସ୍ତନ ନଖ କ୍ଷତ ରୂପ ଅର୍ଦ୍ଧଚନ୍ଦ୍ର ଶୂନ୍ୟ ହୋଇଅଛି । ତେଣୁ ତୋର କାହିଁକି ବା ଭ୍ରମ ନ ହେବ ?"

ବସିଣ ରସାଳେ ସଯୋଗୀ ରସ ଲେ ପଞ୍ଚମ ସ୍ୱରକୁ ଟେକି ଯେ ।
ବଦନ୍ତେ କୋକିଳ ଅଶ୍ରୁରେ ପଙ୍କିଳ ଗଣ୍ଡ କରି ବଇଦେହୀ ଯେ ।
ବୋଲନ୍ତି । ବୋଲଇ ମନ୍ଦତନୟ ଯେ ।
ବିଶେଷରେ ମନ୍ଦ ତନୟ ନ କର ପରଭୃତ ନାମେ ଜୟୀ ଯେ । ୬ ।
ବନେ ଅଇଲୁ ତିନ ଜଣ ରହିଲୁ ଏକ ଗଲୁ ଏକା ହୋଇ ଯେ ।
ବୋଲିବାକୁ ଆହା, କେହି ନାହିଁ ସାହା ସେ ଜନ ବଞ୍ଚିବ କେହ୍ନେ ଯେ ।
ବଲ୍ଲଭେ । ବନପ୍ରିୟ କହ ଏତେ ଯେ ।
ବ୍ରହ୍ମାଣ୍ଡନାଥ-ହାତ ଧରି ଅନାଥ କି ଶୁଭୁଅଛି ଜଗତେ ଯେ ! ୭ ।
ବୋଲିବେ ଅବା ସେ ଗୁଡ଼ିଗଲୁ ସିନା ଆସୁଁଛେ ମୁଁ ଆସିନାହିଁ ଯେ ।
ବେଳ ପିଣ୍ଡ ଏକ ଜୀବନ ବିଚ୍ଛେଦ ପାଇଁ ଜନ୍ମ ଥିଲା ବିଧି ଯେ ।

---

୬ଷ୍ଠ ପଦ—ରସାଳ—ଆନନ୍ଦଦାୟକ । ରସାଳେ—ଆମ୍ବବୃକ୍ଷରେ ।
ମନ୍ଦତନୟ—କାକଦ୍ୱାରା ପ୍ରତିପାଳିତ ପୁତ୍ର ( କୋକିଳ ) ।
୭ମ ପଦ—ବଲ୍ଲଭେ—ସ୍ୱାମୀଙ୍କୁ । ବନପ୍ରିୟ—କୋକିଳ ।

---

୬ଷ୍ଠ ପଦ—ସପତ୍ନୀକ ଲୋକମାନଙ୍କର ଆନନ୍ଦଦାୟକ ପଞ୍ଚମ ସ୍ୱରକୁ କୋକିଳ ଆମ୍ବଗଛ ଉପରେ ବସି ପ୍ରକାଶ କରନ୍ତେ, ସୀତା ତାହା ଶୁଣି ଗଣ୍ଡସ୍ଥଳକୁ ଅଶ୍ରୁସିକ୍ତ କଲେ ଏବଂ କହିଲେ, "ରେ କୋକିଳ ! ତୁ 'ମନ୍ଦତନୟ' କାକର ପାଳିତ ପୁତ୍ର ନୋହୁ ଯେ ପ୍ରକୃତରେ ଅତିଶୟ 'ମନ୍ଦ' ଖଗପ ପ୍ରାଣୀ ଅଟୁ । ଆଜିଠାରୁ ଆଉ ସେହି ମନ୍ଦ 'ନୟ' ମାତି କର ନାହିଁ ଏବଂ ତୋର ସେହି 'ପରଭୃତ' ସ୍ୱକର ନାମକୁ ପ୍ରକାଶିତ କର ଅର୍ଥାତ୍ ମୋର ଦୂତ ହୁଅ ।"

୭ମ ପଦ— "ବନକୁ ତିନି ଜଣ ଆସିଲୁ, ଦୁଇଜଣ ରହିଲୁ, ଜଣେ କେବଳ ଏକୁଟିଆ ହୋଇ ଗଲୁ । ତାକୁ ଆହା ବୋଲି କହି ସାହାଯ୍ୟ କରିବାକୁ କେହି ନାହିଁ; ଏଣୁ ସେ କିପରି ବଞ୍ଚିବ ?' ରେ କୋକିଳ ମୋର ପ୍ରିୟଙ୍କ ନିକଟରେ ଏତିକି ମାତ୍ର କହ । ସେ ବ୍ରହ୍ମାଣ୍ଡର ନାଥ, ମୁଁ ତାଙ୍କ ହାତ ଧରି ଅନାଥିନୀ ହେଲି, ଏଣୁ ବ୍ରହ୍ମାଣ୍ଡରେ ନିନ୍ଦା ଶୁଣାଯାଉଛି ।"

୮ମ ପଦ—' ଏହା ଶୁଣି ସେ ଅବା କହିବେ, ' ସେ ସିନା ମତେ ଛାଡ଼ି ଚାଲିଗଲା ।" ମୁଁ ତାକୁ ମୋର ଆତ୍ମଭିତରେ ଥାଉଁ ଥାଉଁ ଛାଡ଼ି ଆସି ନାହିଁ ।' ମୁଁ ମନେ କରେ ବିଯୋଗ ଦୁଃଖ ଦେବା ପାଇଁ ବିଧାତା ମୋତେ ମାତ୍ର ଜୀବନକୁ

ବଲ୍ଲଭେ । ବନପ୍ରିୟ କହ ଏତେ ଯେ ।
ବିଗୁଣ ସେବକଙ୍କରେ ଭ୍ରାନ୍ତ ହେଲେ ସେ ଭଲ ହେବ କେମନ୍ତେ ଯେ ? । ୮ ।
ବଂଶ ତପି କୋପାନଳେ ଦଗ୍ଧ ଜାଣି ଯେ କୁଳଜାତ ନୃପତି ଯେ ।
ବୁହାଇ ଗଙ୍ଗା ବିଷ୍ଟପରୁଁ ବହୁତ କ୍ଳେଶ କରାଇଲେ ଶାନ୍ତି ଯେ ।
ବଲ୍ଲଭେ । ବନପ୍ରିୟ କହ ଏତେ ଯେ ।
ବିରହ ତାପାନଳେ ପ୍ରିୟା ଦଗ୍ଧ ଶାନ୍ତି ନ ବିଚାର ଚିତ୍ତେ ଯେ । ୯ ।
ବନେ ଆସିଲାଦିନୁ ମନେ ବିଚାରି ପଲ୍ୟଙ୍କଶୟନା ଏହି ଯେ ।
ବିଷ୍ଟରସ୍ଥାନରେ ନବପଲ୍ଲବର ଶେଯେ ନ ଦିଅ ଶୁଆଇ ଯେ ।
ବଲ୍ଲଭେ । ବନପ୍ରିୟ କହ ଏତେ ଯେ ।
ବସୁମତୀ ଧୂଳି ଏବେ କରି ତୁଳୀ ନିଦ୍ରା ସେ ଯିବ କେମନ୍ତେ ଯେ । ୧୦ ।
ବସନ୍ତଦୂତ ଏମନ୍ତ କହୁଁ ଗତ ଭାଳିଲେ ସେ କହିବାକୁ ଯେ ।
ବିଦେହ୍ୟ ଥିଲି ସେନା ବିମନା ଅଙ୍ଗଦ ପ୍ରାଣ ବିସର୍ଜିବା କଲି ଯେ ।

---

୯ମ ପଦ – ବିଷ୍ଟପରୁଁ — ସ୍ୱର୍ଗରୁ । ବିରହତାପାନଳେ— ବିରହତାପ-ରୂପଅଗ୍ନିରେ ।

୧୦ମ ପଦ —ବସୁମତୀ—ପୃଥିବୀ । ତୁଳୀ—ତୁଳା ଶେଯ ।

---

ତୁଳି ଗୋଟି ଦେହରେ ରଖି ଆମ୍ଭ ଦୁହିଁଙ୍କୁ ନିର୍ମାଣ କରିଥିଲା । ରେ କୋକିଳ ! ମୋର କାନ୍ତଙ୍କୁ କହିବୁ, ସେବକଠାରେ ଏପରି ବିରକ୍ତ ହେଲେ ତାର ମଙ୍ଗଳ କିପରି ହେବ ?”

୯ମ ପଦ—“ତୁମ୍ଭ ବଂଶରେ ଜନ୍ମ ଗ୍ରହଣ କରିଥିବା ଭଗୀରଥ ରାଜା ତପସ୍ୱୀ କପିଳଙ୍କର କୋପାନଳରେ ନିଜ ବଂଶୀୟ ରାଜାମାନେ ଦଗ୍ଧ ହେବାର ଜାଣି, ବହୁତ ଦୁଃଖ ସହି ଆକାଶରୁ ଗଙ୍ଗାଙ୍କୁ ବୁହାଇ ଆଣି ପୂର୍ବପୁରୁଷମାନଙ୍କ ଚିତାନଳର ଶାନ୍ତି ବିଧାନ କରିଥିଲେ । ବିରହାଅଗ୍ନିରେ ଦଗ୍ଧ ହେଉଥିବା ପ୍ରିୟାର ସେହି ତାପ ଶାନ୍ତି ନିମିତ୍ତ ତୁମ୍ଭେ ହୃଦୟରେ ବିଚାର କର ।’ ହେ କୋକିଳ ! ତୁ ଏହି କଥା ପ୍ରିୟଙ୍କୁ ଯାଇ କହ ।”

୧୦ ପଦ— “ପ୍ରିୟା ପଲଙ୍କରେ ଶୟନ କରୁଥିଲା; ଏହି କଥା ଭାବି, ବନକୁ ଆସିଲାଦିନୁ ସେ ମୋତେ ନିଜର ଗ୍ରୀବା ଉପର ଛଡ଼ା ନୂତନ ପତ୍ରଶଯ୍ୟାରେ ସୁଦ୍ଧା ଶୁଆଇ ନ ଥିଲେ । ଏବେ ସେହି ସୀତା ପୃଥିବୀସ୍ଥ ଧୂଳିମାନଙ୍କୁ ଶଯ୍ୟାକରି କିପରି ନିଦ୍ରା ଯିବ ? ହେ କୋକିଳ ! ଏହି କଥା କାନ୍ତଙ୍କୁ କହିବୁ ।”

୧୧ଶ ପଦ—ଏହିପରି ଉକ୍ତ କହୁ କୋକିଳ ଉଡ଼ି ଯିବାକୁ ସୀତା ଭାବିଲେ, ତାଙ୍କର ଏହି କଥାସବୁ ରାମଙ୍କୁ କହିବା ପାଇଁ ସେ ଉଡ଼ିଗଲା ।’

ବୋଇଲେ । ବାରିଜୀବ ନୋହୁ ସର୍ବେ ଯେ ।
ବାହୁପ୍ଲବନରେ କେତେଦୂର ଯିବା ଅନ୍ତ ତ ନାହିଁ ଅର୍ଣ୍ଣବେ ଯେ । ୧୧ ।
ବାହୁଡ଼ିଲେ ପରାକ୍ରମହୀନ ନଭ ଘନ ଗର୍ଜନ ସହି ଯେ ।
ବରଂମି ଜଳେ ଡେଇଁ ପଡ଼ି ବୁଡ଼ିବା ଶରଭ ପରାୟେ ହୋଇ ଯେ ।
ବୁଦ୍ଧିକ । ବୋଲେ ଶୁଣି ହନୁମନ୍ତ ଯେ ।
ବିସ୍ତରିଇ ମୁହିଁ ଯିବି ଚନ୍ଦ୍ରମୁହିଁଠାରୁ ଆଣିମି ଉଦନ୍ତ ଯେ । ୧୨ ।
ବୋଲେ ଜାମ୍ବବ ତୋହରେ କାର୍ଯ୍ୟ ହେବ ଈଶ୍ୱର ରଘୁନନ୍ଦନ ଯେ ।
ବେଦନା ନିବେଦନ କରି ସଙ୍କେତ ସମର୍ପି ଅଛନ୍ତି ପୁନଃ ଯେ ।
ବେଗରେ । ବିଲଙ୍ଘନ କରି ସିନ୍ଧୁ ଯେ ।
ବିସ୍ତୃତମାର୍ଗେ ଯାବତ ପ୍ରକାରେ ମଙ୍ଗଳ କରନ୍ତୁ ବିଧି ଯେ । ୧୩ ।

---

୧୨ଶ ପଦ—ଶରଭ—ଅଷ୍ଟପାଦବିଶିଷ୍ଟ ମୃଗ ।

୧୩ଶ ପଦ - ବେଦନା—ଦୁଃଖ । ସଙ୍କେତ—ଚିହ୍ନ । ବିସ୍ତୃତ—ମାର୍ଗରେ—ଆକାଶ ମାର୍ଗରେ । ବିଧି—ନାରାୟଣ ।

---

ଏଣେ ବିନ୍ଧ୍ୟ ପର୍ବତରେ ସୈନ୍ୟମାନଙ୍କ ସହିତ ରହିଥିବା ଅଙ୍ଗଦ କାର୍ଯ୍ୟ ସାଧନ କରି ନ ପାରିବାରୁ ବିମନା ହୋଇ ପ୍ରାଣତ୍ୟାଗ କରିବାକୁ ସ୍ଥିର କରନ୍ତେ ଅନ୍ୟମାନେ କଥାବାର୍ତ୍ତା ହେଲେ, "ସମୁଦ୍ରର ଅନ୍ତ ନାହିଁ । ଆମ୍ଭେମାନେ ତ ଜଳଜୀବ ହୋଇ ନ ଥାଉଁ । ବାହୁଦ୍ୱାରା ପହଁରି କେତେ ଦୂର ଯିବା ?"

୧୨ଶ ପଦ—"ଯଦି ଆମ୍ଭେମାନେ ଏଠାରୁ ଫେରିଯିବା, ତାହା ହେଲେ ଦୁର୍ବଳତାର ପରିଚୟ ଦେଇ ଲଜ୍ଜିତ ହେବା । ଅତଏବ ଏପରି ବଞ୍ଚି ରହିବା ଅପେକ୍ଷା ମେଘ ଗର୍ଜନ ଶୁଣି ଅଷ୍ଟାପଦ ମୃଗ ଜଳରେ ବୁଡ଼ି ମଲାପରି ଆମର ମରିବା ଶ୍ରେୟସ୍କର ।" ସେମାନଙ୍କର ଏହି ବିସ୍ତରକୁ ଶୁଣି ହନୁମାନ କହିଲା, "ମୁଁ ବିସ୍ତର କରୁଛି, ନିଜେ ଯାଇ ସୀତାଙ୍କଠାରୁ ସମ୍ବାଦ ଆଣିବି ।"

୧୩ଶ ପଦ—ହନୁମାନଠାରୁ ଏହି କଥା ଶୁଣି ଜାମ୍ବବ କହିଲେ "ତୁମ୍ଭଦ୍ୱାରା ଏହି କାର୍ଯ୍ୟ ହେବ,—ଏହା ଈଶ୍ୱର ରାମଚନ୍ଦ୍ର ତୁମ୍ଭଙ୍କୁ ତାଙ୍କର ଦୁଃଖ କହି ସଙ୍କେତ ଦେଇଅଛନ୍ତି । ଏଣୁ ଶୀଘ୍ର ସମୁଦ୍ର ଲଙ୍ଘନ କରି ଯାଅ । ଆକାଶମାର୍ଗରେ ବିଷ୍ଣୁ ତୁମ୍ଭର ସମସ୍ତ ପ୍ରକାର ମଙ୍ଗଳ କରନ୍ତୁ ।"

ବୃକ୍ଷ ଉଭେ ସ୍ଥିତ ଗିରି ଅଧୋଗତ ଭକ୍ଷଣେ ଉଦର ଫାଟି ଯେ ।
ବୀର ହନୁମାନ କରନ୍ତେ ଗମନ ବିଷମସମସ୍ୟା ଘଟି ଯେ ।
ବାତୁର । ବାୟୁରେ ତନୁ ସଞ୍ଚାର ଯେ ।
ବିଶ୍ରାମୁଁ ମୈନାକ ବୁଡ଼ୁଁ ଭକ୍ଷୁଁ ଦାରି ଉଦରକୁ ସିଂହିକାର ଯେ । ୧୪ ।
ବଚନେ ଦେବଙ୍କ ରଚନେ ବିଘ୍ନକୁ କଦ୍ରୁ ଗଲେ ବାଟ ଛାଡ଼ି ସେ ।
ବିଳୁଁ ବାହାର ନା ସର୍ପଙ୍କୁ କହିଆର ପଡ଼ିଛୁ ବିଷମ ଧାଡ଼ି ଯେ ।
ବିଷ୍ଣୁ ଯେ । ବହିଛନ୍ତି ରାମମୂର୍ତ୍ତି ଯେ ।
ବିଶିଖ ଧନ କରି ଚକ୍ର ଗଦାକୁ ହରି ଏ କୃତ ବିପତ୍ତି ଯେ । ୧୫ ।

---

୧୪ଶ ପଦ—ଉଭ—ଆକାଶ । ଅଧୋ—ପାତାଳ । ସିଂହିକା—ରାହୁ ମାତା । ଉଦର ଦାରି—ଉଦରକୁ ବିଦାରଣ କରି ।

୧୫ଶ ପଦ—କଦ୍ରୁ—ନାଗମାତା । ବିଶିଖଧନୁ—ଧନୁଶର । ବିପତ୍ତି—ଗରୁଡ଼ । ହରି—ମାର୍କଣ୍ଡ ।

---

୧୪ଶ ପଦ—ବୀର ହନୁମାନ ଯିବା ସମୟରେ ବିଷମ ସମସ୍ୟା ବା ଅତ୍ୟାଶ୍ଚର୍ଯ୍ୟ ଘଟଣା ଘଟିଲା ।

ବାଚ୍ୟାର୍ଥ—ବୃକ୍ଷମାନେ 'ସ୍ୱର୍ଗ' ଆକାଶରେ ରହିଲେ ଓ ପର୍ବତମାନେ ପାତାଳକୁ ଗଲେ । ଖାଇବା ଲୋକମାନଙ୍କର ପେଟ ଫାଟିଗଲା ।

ପ୍ରକୃତାର୍ଥ—ଯିବା ସମୟରେ ହନୁମାନର ବାହୁ ପବନରେ ବୃକ୍ଷମାନେ ଆକାଶରେ ଉଡ଼ିଲେ । ସେ ଯାଉଁ ଯାଉଁ ମୈନାକ ପର୍ବତରେ ବିଶ୍ରାମ ନେଇ ସାରିଲା ପରେ ପର୍ବତ ପାତାଳରେ ପଶିଗଲା । ରାହୁମାତା ସିଂହିକା ହନୁକୁ ଗିଳି ଦେବାରୁ ହନୁ ତାର ପେଟ ଫଟାଇ ବାହାର ହେଲା ।

୧୫ଶ ପଦ—'କଦ୍ରୁ' ନାଗ ମାତା ବାଟମଝିରେ ବିଘ୍ନ ଘଟାଇବାକୁ ଆସି ଦେବତାମାନଙ୍କ କଥାରେ ବାଟ ଛାଡ଼ି ଗଲେ ଓ ନିଜର ପୁତ୍ରମାନଙ୍କୁ ସତର୍କ କରାଇ କହିଲେ, "ଗାତରୁ ବାହାର ନାହିଁ, ବିଷମ ସମୟ ଉପସ୍ଥିତ ହୋଇଅଛି । କାରଣ ବିଷ୍ଣୁ ରାମରୂପ ଧାରଣ କରି ତାହାଙ୍କର ଚକ୍ର ଓ ଗଦାକୁ ଧନୁ ଶର କରି ଗରୁଡ଼କୁ ମର୍କଟ କରିଅଛନ୍ତି । ସେ ବର୍ତ୍ତମାନ ବାହାରରେ ସୀତାଙ୍କୁ ଖୋଜି ବୁଲୁଛି ।"

ବିଶ୍ୱବସୁ ପରି ଗଗନେ ସଞ୍ଚରି ତାହିଁ ଖସିଲା ଫେରି ଯେ ।
ବିପତିତ ଯେ ପତିତଜାତିହିତ ସୁବେଳେ ସୁବଳଗିରି ଯେ ।
ବିଲୋକ । ବାରଣ ଶୋଭା ଲଙ୍କାର ଯେ ।
ବରଣ କଲା ମନେ ମର୍ତ୍ତ୍ୟଭୁବନେ ସବପୁର ଅଳଙ୍କାର ଯେ । ୧୬ ।
ବଳୟ ଏକ ପୃଥ୍ୱୀଦେବୀ କପାଇଁ କେଉଁ କୁଣ୍ଡଳୀ ନିର୍ମାଣି ଯେ ।
ବୋଲାଇ ଏଥିକି କନକକଣ୍ଟକ ଏଠାରୁ ହୋଇଲା ଜାଣି ଯେ ।
ବିଜାଣି । ବିସ୍ତାରି ମୁଖକବାଟୀ ଯେ ।
ବାଦ୍ୟନାଦ ଛଳେ ବୋଲେ ଲଗା ଲଗା ଆଜ ପଟେ ନାହିଁ ହଟି ଯେ । ୧୭ ।
ବିରୋଧାନ୍ତ ଉଦୟେ ଏ ସମୟେ ଦିନ ଅବସାନ ହୋଇ ଯେ ।
ବଳାରାତି ନାକ ବିହାରକୁ ମତ୍ତ ସୁର ଭିତରେ ପଳାଇ ଯେ ।

---

୧୬ଶ ପଦ—ପତିତଜାତିହିତ—ଦୂତ—ପତିତପାବନ ରାମଚନ୍ଦ୍ରଙ୍କ ଦୂତ ( ହନୁମାନ ) । ବିଶ୍ୱବସୁ—ସୂର୍ଯ୍ୟ । ବାରଣ—ପ୍ରାଚୀର । ବରଣ କଲା—ସ୍ଥିରକଲା ।

୧୭ଶ ପଦ—କୁଣ୍ଡଳୀ— ସ୍ୱର୍ଣ୍ଣକାର । ବଳୟ—କଙ୍କଣ ।

୧୮ଶ ପଦ—ବଳାରାତି—ଇନ୍ଦ୍ର, ପେଚା । ନାକ—ସ୍ୱର୍ଗ, ଆକାଶ । ସୁର—ଦେବତାମାନେ, ସୂର୍ଯ୍ୟ । ଜୈନ୍ତ—ଇନ୍ଦ୍ରପୁତ୍ର ଜୟନ୍ତ, କାକ । ମତ୍ତ—

---

୧୬ଶ ପଦ—ହନୁମାନ ସୂର୍ଯ୍ୟଙ୍କ ପରି ଆକାଶରେ ଗତି କରି ତାପରେ ଖସିଲା ପରି ସେହି ଆକାଶରୁ ଖସି ଉତ୍ତମବେଳାରେ ସୁବଳସ୍ଥ ପର୍ବତରେ ଉପସ୍ଥିତ ହେଲା । ତତ୍ପରେ ଲଙ୍କାଗଡ଼ର ପ୍ରାଚୀରକୁ ଦେଖି, 'ଏହି ପୃଥ୍ୱୀ ଭୁଲୋକରେ ଥିବା ସମସ୍ତ ପୁରମାନଙ୍କର ଅଳଙ୍କାର' ବୋଲି ମନରେ ସ୍ଥିର କଲା ।

୧୭ଶ ପଦ—ହନୁମାନ ସେହି ସ୍ୱର୍ଣ୍ଣ ପ୍ରାଚୀରକୁ ଦେଖି ମନେକଲା, 'ଜଣେ କେଉଁ ବଣିଆଁ ପୃଥିବୀ ଦେବୀଙ୍କ ପାଇଁ ଏହି କଙ୍କଣକୁ ତିଆରି କରିଛି କି ? ଏହି ହେତୁରୁ ଏହାର ନାମ 'କନକ କଣ୍ଟକ' ସୁବର୍ଣ୍ଣ ପୁରୀ ବା ସୁନା କଙ୍କଣ ହୋଇଅଛି । ମୁଁ ଏହା ଜାଣି ପାରୁଛି, ସେହି କାରିଗର କଙ୍କଣର ମୁଖ ରୂପ କବାଟକୁ ବିସ୍ତାର କରି ଏବଂ ଶୁଣା ଯାଉଥିବା ବାଦ୍ୟ ଧ୍ୱନି ଛଳରେ କହୁଅଛି, "ହେ ପୃଥ୍ୱୀ ! ଏହାକୁ ଲଗାଅ ଲଗାଅ ।" ଏବଂ ସେହି ପୃଥ୍ୱୀଦେବୀ ଆଜି ପଟେ ନ ଥିବାରୁ ଦୂର ହୋଇ ରହିଛନ୍ତି ? ( ପଟେ ଲଗାଇଲେ ଲୋକେ ହସିବେ ) ।

ଜଳସେ । ବିହନ ଶୀଘ୍ର ମାଡ଼ିରେ ସେ ।
ବରୁଣଦିଶି ରକ୍ତମସ୍ତ ଆଉଁସି ଶୁକ ବି ତୁଣ୍ଡ ସଭରେ ସେ । ୧୮ ।
ବିସର୍ଜେ ଚକ୍ର ଅନନ୍ତ ପାଣି ରଙ୍ଗ ତମ ବାହୁଡ଼ାକୁ ଜାଣି ସେ ।
ବିଧାସ୍ଥଳ ଦରଧ୍ୱନିକି ପଞ୍ଚାସ୍ୟ ସଦ୍ମେ ସ୍ଥାପକ କରି ସେ ।

---

ପକ୍ଷୀବସା, ଜାର୍ଭସ୍ଥଳେ । ବରୁଣଦିଶି—ପଶ୍ଚିମଦିଗରେ । ଶୁକ-ବି—ଶୁଆ ନାମକ ପକ୍ଷୀ ।

୧୯ଶ ପଦ— ରଙ୍ଗ—ପୀଡ଼ା । ତମ—ରାହୁ, ଅନ୍ଧକାର । ଦର ଧ୍ୱନି—ଶଙ୍ଖଧ୍ୱନି, କାତର ସ୍ୱର । ପଞ୍ଚାସ୍ୟ—ସିଂହ, ମହାଦେବ । ସଦ୍ମ—ଗୃହ । ମାରୁତ—ହନୁମାନ । ପୁଣ୍ୟଜନମନ୍ତ—ଦିଗୁଁ—କୁବେରଙ୍କ ଦିଗରୁ ଅର୍ଥାତ୍ ଉତ୍ତର

---

୧୮ଶ ପଦ—ଏହି ସମୟରେ ଦିନ ଶେଷ ହେବାରୁ ବିରୋଧାଭାସ ପ୍ରକାଶ ପାଉଛି ।

ବିରୋଧାର୍ଥ—ଇନ୍ଦ୍ର ସ୍ୱର୍ଗରେ ବିହାର କରିବାକୁ ଇଚ୍ଛା କରିବାରୁ ସୂର୍ଯ୍ୟ ଶୀଘ୍ର ସେହି ସ୍ଥାନ ଛାଡ଼ି ଗଲେ । ଅତଏବ ଇନ୍ଦ୍ରଙ୍କ ପୁତ୍ର ଜୟନ୍ତ କାର୍ତ୍ତିକ ସହିତରେ ସେଠାରେ କ୍ରୀଡ଼ା କରୁଅଛନ୍ତି । ଆଉ ମଧ୍ୟ ବରୁଣ ବୃକ୍ଷ ରକ୍ତମସ୍ତ ଦେଖା ଦେବାରୁ ଶୁକପକ୍ଷୀମାନେ ଶୀଘ୍ର ମୁହଁକୁ ଆଉଁସିଲେ ।

ପ୍ରକୃତାର୍ଥ—ସୂର୍ଯ୍ୟ ଆକାଶରୁ ଅସ୍ତ ହୋଇ ଯାନ୍ତେ ପେଚକମାନେ ଆକାଶରେ ବିହାର କରିବାକୁ ଇଚ୍ଛା କଲେ । କାକମାନେ ଶୀଘ୍ର ଯାଇ ବସାମାନଙ୍କରେ ରହିଲେ । ପଶ୍ଚିମ ଦିଗ ରକ୍ତବର୍ଣ୍ଣ ଦେଖାଯିବାରୁ 'ସୁକବି' ଉତ୍ତମ କବିମାନେ ତୁଣ୍ଡକୁ ଆଉଁସିଲେ ଅର୍ଥାତ୍ ସନ୍ଧ୍ୟା ହେବାରୁ ଶାସ୍ତ୍ର ଚର୍ଚ୍ଚା ବନ୍ଦ କଲେ । ଅଥବା—ଶୁକ ପକ୍ଷୀମାନେ ପକ୍ଷପୃଷ୍ଠରେ ମୁଖ ରଖି ଶୋଇବା ପାଇଁ ମୁଖକୁ ଆଉଁସିଲେ ।

୧୯ଶ ପଦ—ବିରୋଧାର୍ଥ—ସୁଦର୍ଶନ ଚକ୍ର 'ରାହୁ କାଳେ ଫେରି ଆସିବ' ଏହି କଥା ଭାବି ଭୀତ ହୋଇ 'ଅନନ୍ତ ରଙ୍ଗପାଣି' ବିଷ୍ଣୁଙ୍କ ହାତରେ ରହି ଯେଉଁ କ୍ରୀଡ଼ା କରୁଥିଲା ତାକୁ ତ୍ୟାଗ କଲା । ସିଂହ ତାର ରହିବା ସ୍ଥାନ (ଗୁମ୍ଫା)ରେ ଯାଇ ଜାଣି ଭୟଙ୍କର ଶବ୍ଦ କଲା ।

ପ୍ରକୃତାର୍ଥ—ଅନ୍ଧକାର ପ୍ରତ୍ୟାବୃତ୍ତ ହେବାର ଦେଖି ଚକ୍ରବାକ ପକ୍ଷୀ ବିହ୍ୱଳ ସମୟରୁ ଆରମ୍ଭ କରିଥିବା ଜଳକ୍ରୀଡ଼ାକୁ ପରିତ୍ୟାଗ କଲା । ସେବକମାନେ 'ପଞ୍ଚାସ୍ୟ' ମହାଦେବଙ୍କ ଦେଉଳରେ ଶଙ୍ଖ ଲଗାଇଲେ । ଏହି ସମୟରେ ହନୁମାନ ରୂପବେଶ ଧାରଣ କରି ଉତ୍ତରଦିଗରୁ ଆସୁଥିବା ପାଳି ଓ

ବନ୍ଦମେ । ବନ୍ଦିତ ନୋହୁ ମାରୁତ ଯେ ।
ବସ୍ତ୍ର-ଧେନୁ-ସଙ୍ଗେ ପୁଣ୍ୟଜନପତ୍ତ —ହସ୍ତୁ ପୁଣ୍ୟଜନପତି ଯେ । ୧୯ ।
ବଞ୍ଚକ ବଣ୍ଡାଳ ଶ୍ୱାନ ଏହୁ ସ୍ୱନ କେ ଗଲା କେ ଗଲା ବୋଲ୍ଲୁ ଯେ
ବଳମୁଖ ପ୍ରାୟ ମୁଖ ତ ଦିଶିଲା କପାଟ କଲଲେ କହି ଯେ ।
ବାୟୁଜ । ଚଉରଇ ଚାର ମତି ଯେ ।
ବାସୁକବଷ ପାନଦଜନ ଭ୍ରମେ ପିଇ ବାଞ୍ଛା କରେ ଶାନ୍ତ ଯେ । ୨୦ ।
ବିଶ୍ୱ ପ୍ରଳୟ କଜ୍ଜ୍ୱଳଜଳେ ହେଲା ପ୍ରାପ୍ତ ଧ୍ୱାନ୍ତ ଦଶା ଜୋଟି ଯେ ।
ବାଜଇ କଙ୍କଣୀ ଭ୍ରମଇ ଲଙ୍କିମା ବାଟେ ହନୁମାନ ଭେଟି ଯେ ।
ବୋଇଲା । ବାନର ତୁ ଯାଉ କେଣେ ରେ ।
ବିଧା ବିଧାନେ ଅରକ୍ଷିତ ପରାପ୍ତେ ମୂର୍ଚ୍ଛିତ ହୋଇଲା କ୍ଷଣେ ଯେ । ୨୧ ।

---

ବିଗତ । ପୁଣ୍ୟଜନପତି--ଧାର୍ମିକଶ୍ରେଷ୍ଠ । ଅନନ୍ତ—ଭଗବାନ । ଚକ୍ର—ସୁଦର୍ଶନ ଚକ୍ର । ପାଣି—ହସ୍ତ । ପୁଣ୍ୟଜନପତି—ଦ୍ୱାରପାଳ, ରାକ୍ଷସ ।

୨୦ଶ ପଦ—ବଞ୍ଚକ—ବିଲୁଆ । ଶ୍ୱାନ—କୁକୁର । ବଳମୁଖ—ମାଙ୍କଡ଼ ବାୟୁଜ—ହନୁମାନ ।

୨୧ଶ ପଦ—କଜ୍ଜ୍ୱଳ ଜଳ—କଳାପାଣି । ଧ୍ୱାନ୍ତ—ଅନ୍ଧକାର । ଲଙ୍କିମା – ଲଙ୍କାଦେବୀ ।

---

ବାଜୁରୀମାନଙ୍କ ସଙ୍ଗେ ମିଶି ପୁର ମଧ୍ୟକୁ ପ୍ରବେଶ କଲା । ସେହି ସମୟରେ ଦ୍ୱାରୀମାନେ ତାକୁ ଦେଖିଲେ ।

୨୦ଶ ପଦ—'ଗାଈମାନଙ୍କ ସାଙ୍ଗରେ ବିଲୁଆ କିମ୍ବା ବା କୁକୁର କେଉଁ ଜୀବ ଗଲା, ଦେଖ ଦେଖ' ଦ୍ୱାରୀମାନେ ଏହିପରି ଗୋଳ କଲେ । କିଏ କହିଲା, 'ତା ମୁହଁ ତ ମାଙ୍କଡ଼ମୁହଁ ପରି ଦେଖାଗଲା ।' ସେମାନେ ଏହିପରି କଥାବାର୍ତ୍ତା ହୋଇ ଉତ୍ତରଦ୍ୱାର ବନ୍ଦ କରି ଦେଲେ । ଏହା ଦେଖି ହନୁମାନ ଭାବିଲା, 'ଏମାନେ ଯମୁନା ବୋଲି ମନେ କରି ସର୍ପରାଜ ବାସୁକିର ବିଷ ପାନ କରି ସୁସ୍ଥ ହେବାକୁ ଇଚ୍ଛା କରୁଅଛନ୍ତି । ( ମୁଁ ବିପରି ଏମାନଙ୍କ ପ୍ରାଣ ନାଶ କରିବି ) ।

୨୧ଶ ପଦ—ନୈଶ ଅନ୍ଧକାର ଘୋଟି ଯିବାରୁ ସଂସାର କୃଷ୍ଣବର୍ଣ୍ଣ ଜଳରେ ବ୍ୟାପ୍ତ ହୋଇ ପ୍ରଳୟର ଜଳଦୃଶ୍ୟବର୍ତ୍ତୀ ହେଲାପରି ଦେଖାଗଲା । ହନୁମାନ ଯାଉ ଯାଉ ବାଟରେ ଅଣ୍ଟାବନ୍ଧା ଘଣ୍ଟି ବଜାଇ ଲଙ୍କାଦେବୀ ବୁଲୁଥିବାର ଦେଖିଲା । ସେ ମଧ୍ୟ ହନୁମାନକୁ ଦେଖି କହିଲେ, ''ରେ ମାଙ୍କଡ଼ । ତୁ କେଉଁଆଡ଼େ ଯାଉଛୁ ?'' ଉତ୍ତରରେ ହନୁମାନ ଲଙ୍କାଦେବୀଙ୍କୁ ବିଧାଏ ମାରିବାରୁ ସେ ମୂର୍ଚ୍ଛିତ ହୋଇ ଅସହାୟ ଲୋକ ପରି ତଳେ ପଡ଼ିଗଲେ ।

ବନ୍ଦ୍ର ଚେତା କନ୍ଦ୍ର ଗ୍ରାମଦେବୀ ମୂର୍ତ୍ତି ଚୋରେ ହେଲ ପରାଭବୀ ଯେ ।
ବେଧା କହୁଛୁ ଦଶମୁଣ୍ଡ ଅଶୁଭସୂଚକ ଲୋତ୍ତ ପାରିବା ଯେ ।
ବାୟୁଜ । ବଣିକମାନଙ୍କୁ ଗୁହ୍ରିଁ ଯେ ।
ବସ୍ତୁରେ କୁବେର ନବନିଧି ଯେନ ଠାବେ ଠାବେ ଅଛି ରହ୍ନ ଯେ । ୨୨ ।
ବପଣି ଗୁହ୍ରିଁ ପୁଣି ପୁଣି ଭାଳଇ କପି ସିନ୍ଧୁ ରତ୍ନାକର ଯେ ।
ବେଦାଧନ ଶୁଣି ମନେ ମନେ ଗୁଣି ଏହ୍ଵ ମୁଖ ବଧାତାର ଯେ ।
ବଡ଼ଶୀ । ବଲୋକ ଭ୍ରମ ଉପୁଜେ ଯେ ।
ବବୁଧପର୍ବତ ଶତ ଶତ ନାନା ରତ୍ନଶୃଙ୍ଗେ ସାଜେ ଯେ । ୨୩ ।
ବୃଷା ଅଶ୍ଵଙ୍କୁ ହୟଚୟ ହ୍ରେଷାରେ ପ୍ରଶଂସା ନ କରନ୍ତି ଯେ ।
ବାରଣଗଣ ଅନୁକ୍ଷଣେ ଦନ୍ତରେ ବଗନନ୍ତଙ୍କି ହସନ୍ତି ଯେ ।

---

୨୩ଶ ପଦ—ବପଣୀ—ବଜାର । ବଡ଼ଶୀ—ଅଟ୍ଟାଳିକା । ବବୁଧ ପର୍ବତ—ମେରୁ ପର୍ବତ ।

୨୪ଶ ପଦ—ହୟଚୟ—ଘୋଟକସମୂହ । ବୃଷାଅଶ୍ଵ—ଉଚ୍ଚୈଃଶ୍ରବା । ବାରଣଗଣ—ହସ୍ତିମାନେ । ରଥନିକାୟ ରଥସମୂହ । ବଇଜୟନ୍ତ ( ବୈଜୟନ୍ତ) —ଇନ୍ଦ୍ରଙ୍କ ପ୍ରାସାଦ ।

---

୨୨ଶ ପଦ—ଲଙ୍କାଦେବୀ ଚେତନା ପାଇ ହନୁଙ୍କୁ କହିଲେ, "ମୁଁ ଏହି ପୁରୀର ଅଧିଷ୍ଠାତ୍ରୀ ଦେବତା ହୋଇ ତୋହଠାରୁ ଅପମାନ ପାଇଲି । ମୋର ଅପମାନ ରାବଣର ଅମଙ୍ଗଳସୂଚକ ବୋଲି ମୋତେ ବଧାତା କହିଅଛି । ବର୍ତ୍ତମାନ ଯାଇ ସୀତାଙ୍କୁ ଖୋଜ ।" ତାହାପରେ ହନୁମାନ୍ ବଣିକମାନଙ୍କୁ ଦେଖି ଭାବିଲେ, 'ଏହିଠାରେ କୁବେର ଶଙ୍ଖ, ପଦ୍ମାଦି ଅଷ୍ଟନିଧିମାନଙ୍କୁ ଯେପରି ସ୍ଥାନେ ସ୍ଥାନେ ରଖିଛି କି ?'

୨୩ଶ ପଦ—ସେହିପରି ସେହି ନଗରରେ ଥିବା ଦୋକାନମାନଙ୍କୁ ବାରମ୍ବାର ଦେଖି ଭାବିଲେ, 'ଲୋକେ ସମୁଦ୍ରକୁ କାହିଁକି ରତ୍ନାକର ବୋଲି କହନ୍ତି ? ସେ ରତ୍ନାକର ନୁହେଁ, ଏହି ପୁରୀ ନିଶ୍ଚୟ ରତ୍ନାକର ।' ବେଦ ଧ୍ଵନି ଶୁଣି ଭାବିଲେ; 'ଏହି ନଗର ବଧାତାର ମୁଖ କି ?' ବଡ଼ ବଡ଼ ପକ୍କା ଘରମାନଙ୍କୁ ଦେଖି ଭ୍ରାନ୍ତ ହୋଇ ଭାବିଲେ, 'ଏସବୁ ନିଶ୍ଚୟ ନାନା ରତ୍ନବିମଣ୍ଡିତ ମେରୁ ପର୍ବତର ଶୃଙ୍ଗ—ସମୂହ ।'

୨୪ଶ ପଦ—ପୁନର୍ବାର ଲଙ୍କାସ୍ଥ ଘୋଟକମାନଙ୍କୁ ଦେଖି ମନେକଲେ, 'ଏମାନେ କଣ ହ୍ରେଷା ପ୍ରକାଶ କରି ଇନ୍ଦ୍ରଙ୍କ ଘୋଡ଼ା ଉଚ୍ଚୈଃଶ୍ରବାଙ୍କୁ ଉପହାସ କରୁଅଛନ୍ତି କି ?' ହାତୀମାନଙ୍କୁ ଦେଖି ଭାବିଲେ; 'ଏମାନେ ଦାନ୍ତର

ବିମାନ । ବାଣ୍ଟି କି ସ୍ୱର୍ଗ ମଣ୍ଡପ ଯେ ।
ବଇଜୟନ୍ତ ଅସମ କହେ ତନଚଳନେ ରଥକଳାପ ଯେ । ୨୪ ।
ବିୟଦ୍‌ଗଙ୍ଗା ବୀଚି ତୁଳିକ ଧରିବା ପାଞ୍ଚ ଚପଳ ଚଳସି ଯେ ।
ବିଶାଳ କଳୁଦ ଇନ୍ଦ୍ରଙ୍କର ସ୍ୱର୍ଣ୍ଣ ଶୈଳକୁଁ ଗଣ୍ଡଶୈଳ ଖସି ଯେ ।
ବାୟୁଜ । ବାସେ ବାସେ ପଶି ଖୋଜ ଯେ ।
ବୁଲି ଆସେ ପାତ୍ର ସାମନ୍ତ ଉଆସ ସୀତା ଆଶେ ଚିତ୍ତ ମଜ୍ଜି ଯେ । ୨୫ ।
ବଲ୍ଲିକା ପାଦପ ଜଡିତ ସ୍ୱରୂପ ଭିଡ଼ାଭିଡ଼ି ଜାୟାପତି ଯେ ।
ବିଭୂଷିତ ପୁଷ୍ପଗୁଚ୍ଛେ ହୋଇଛନ୍ତି ମଧୁ ସୌରଭରେ ମାତି ଯେ ।

---

୨୫ଶ ପଦ—ବିୟଦ୍‌ଗଙ୍ଗା—ସ୍ୱର୍ଗଙ୍ଗା । ବୀଚି—ଲହରୀ । ଚପଳ—ପତାକା ।

୨୬ଶ—ପଦ—ବଲ୍ଲିକା—ଲତା । ପାଦପ—ବୃକ୍ଷ । ଜାୟାପତି—ସ୍ତ୍ରୀ ଓ ପୁରୁଷ । ମଧୁ—ପୁଷ୍ପରସ, ମଦ୍ୟ । ସୁରଭି—ସୁଗନ୍ଧ ।

---

ଶୋଭା ଦ୍ୱାରା ଐରାବତକୁ ହସୁଛନ୍ତି କି ?’ ସେଠାରେ ଥିବା ବିମାନମାନଙ୍କୁ ଦେଖି ଭାବିଲେ, ‘ସ୍ୱର୍ଗ ମଣ୍ଡପକୁ ଏହା ସହ ତୁଳନା କରିବା ଦ୍ୱାରା କି ଲାଭ ? ଅର୍ଥାତ୍ ସ୍ୱର୍ଗ ଏହା ସହ କୌଣସି ଗୁଣରେ ସମାନ ନୁହେଁ ।’ ଅନବରତ ଗମ୍ଭୀରଧ୍ୱନି ପ୍ରକାଶ କରି ଗମନାଗମନ କରୁଥିବା ରଥମାନଙ୍କୁ ଦେଖି ମନେ କଲେ; ‘ଏମାନେ କଣ ଏହି ଶବ୍ଦ ଛଳରେ—ଇନ୍ଦ୍ରପୁରୀ ଅମ୍ଭର ଏହି ପୁରୀର ସମାନ ନୁହେଁ,—ଏହି କଥା କହୁଅଛନ୍ତି କି ?’

୨୫ଶ ପଦ—ହନୁମାନ ସେହି ପୁରୀର ଗୃହମାନଙ୍କ ଉପରେ ଉଡ଼ୁଥିବା ପତାକାମାନଙ୍କୁ ଦେଖି ମନେ କଲେ, ‘ଆକାଶ ଗଙ୍ଗାରେ ଲହରୀ ଯେଉଁପରି ଶୋଭା ଧାରଣ କରେ , ଏମାନେ କଣ ସେହି ଶୋଭା ଧାରଣ କରିବାକୁ ଶିକ୍ଷା କରୁଛନ୍ତି କି ? ଅର୍ଥାତ୍ ନିଜର ଶୋଭାରେ ସ୍ୱର୍ଗଗଙ୍ଗା ଲହରୀକୁ ଧିକ୍କାର କରୁଛନ୍ତି ।’ ସେହି ପୁଷ୍ଟସ୍ତ ଓଟମାନଙ୍କର କୁଜକୁ ଦେଖି ମନେ କଲେ, ‘ପର୍ବତରୁ ବଡ଼ ବଡ଼ ପଥର ଖଣ୍ଡସବୁ ଖସି ପଡ଼ୁଛି କି ?’ ଏହିପରି ଭାବ ଭାବି ସୀତାଙ୍କୁ ଦେଖିବା ଆଶାରେ ହନୁମାନ ଲଙ୍କାବାସୀମାନଙ୍କର ଗୃହ ଖୋଜି ଖୋଜି ଯାଇ ପାତ୍ର, ମନ୍ତ୍ରୀ ଓ ସାମନ୍ତମାନଙ୍କ ଉଆସ ସବୁ ମନ ଲଗାଇ ଖୋଜିଲେ ।

୨୬ଶ ପଦ—ବୃକ୍ଷରେ ଲତା ଗୁଡ଼ାଇ ହୋଇ ରହିଲେ ପରି ସ୍ତ୍ରୀ ପୁଂସମାନେ ଭିଡ଼ାଭିଡ଼ି ହୋଇ ଶୟନ କରିଅଛନ୍ତି ଏବଂ ଲତା ଓ ବୃକ୍ଷ ଦୁହେଁ ଯେପରି ମଧୁଯୁକ୍ତ ପୁଷ୍ପରାଶିରେ ମଣ୍ଡିତ ହୋଇଥାନ୍ତି, ଏମାନେ ସେହିପରି

ବାଘୁଜ । ବିଳମ୍ବ ନ କରି ଯାଇ ଯେ ।
ବାତ ଯେମନ୍ତ ସୁରଭି ଘେନ ମନ୍ଦଗତିକ ପ୍ରସ୍ଥିର ଥାଇ ଯେ । ୨୬ ।
ବାସବଜିତ କୁମ୍ଭକର୍ଣ୍ଣ ଇତ୍ୟାଦି ବାସବରେ ଭ୍ରମି ଗଲା ଯେ ।
ବାସରମୁଖ ଯୋଗ ଶୋଭା ରତନପ୍ରଭାରେ ସେ ହୋଇଥିଲା ଯେ ।
ବାଘୁଜ । ବିଳାସିନୀଙ୍କୁ ଲୋକନେ ଯେ ।
ବିବେକ ଏ ସ୍ୱର୍ଗେ ନଥିବେ ନୋହିବେ ରାମବଲ୍ଲଭା ସମାନେ ଯେ ।
ବାସେ ପୂର୍ଣ୍ଣ ଜାତି ମାଳତୀ ସେବତୀ କେତକୀ ତୁଲେ କି ସରି ଯେ ।
ବାସନକରେ ଅତ୍ୟନ୍ତ ମନୋହରେ ଯେମନ୍ତ ପ୍ରକାରେ ଜରି ଯେ ।
ବାଘୁଜ । ବନ୍ତ୍ରମାଳୀ ପୁରେ ମିଳି ଯେ ।
ବିରଚନ ଶଯ୍ୟାମାନ ସ୍ଥାନେ ସ୍ଥାନେ ଶୋଇଛନ୍ତି ଦିବ୍ୟବାଳୀ ଯେ ।୨୮ ।

---

୨୭ଶ ପଦ—ବାସବଜିତ—ଇନ୍ଦ୍ରଜିତ । ବାସବରେ—ରମଣୀୟ ଗୃହ-ମାନଙ୍କରେ । ବାସର ମୁଖ—ପ୍ରଭାତ । ବିଳାସିନୀଙ୍କୁ—ସ୍ତ୍ରୀମାନଙ୍କୁ । ରାମବଲ୍ଲଭା—ସୀତା ।

---

ମଦ୍ୟପାନ କରି ବହୁ ସଂଖ୍ୟକ ଫୁଲମାଳରେ ମଣ୍ଡିତ ହୋଇଅଛନ୍ତି । ହନୁମାନ ଏହା ଦେଖି ପବନ ଯେପରି ପୁଷ୍ପମାନଙ୍କଠାରୁ ସୁଗନ୍ଧ ହରଣ କରିବା ନିମିତ୍ତ ଧୀରେ ଧୀରେ ବହେ, ସେହିପରି ଧୀରେ ଧୀରେ ବୁଲି ଦେଖିବାକୁ ଲାଗିଲା ।

୨୭ଶ ପଦ—ହନୁମାନ କ୍ରମେ ଇନ୍ଦ୍ରଜିତ, କୁମ୍ଭକର୍ଣ୍ଣ ପ୍ରଭୃତି ରାକ୍ଷସମାନଙ୍କର ଗୃହରେ ବୁଲି ଦେଖିଲା ଯେ, ସେ ସବୁ ଗୃହ ନାନାରତ୍ନମାନଙ୍କ ତେଜରେ ପ୍ରଭାତ କାଳ ପରି ମନୋହର ହୋଇଅଛି । ଆଉ ମଧ ସେହି ସବୁ ଗୃହମଧରେ ଶୋଇଥିବା ରସିକା ରମଣୀମାନଙ୍କୁ ଦେଖି ମନେକଲା, 'ସ୍ୱର୍ଗରେ ଏପରି ରମଣୀ ନ ଥିବେ; ମାତ୍ର ସୀତାଙ୍କ ସହ ଏମାନେ ସମାନ ହେବେ ନାହିଁ ।'

୨୮ ଶ ପଦ—'ଯେପରି ଜାଈ, ଯୁଈ, ମାଳତୀ, ସେବତୀ ପ୍ରଭୃତି ଫୁଲ ଗନ୍ଧ ପୂର୍ଣ୍ଣ ହେଲେ ସୁଦ୍ଧା କେତକୀର ସହିତ ସମାନ ନୁହନ୍ତି, ସେହିପରି ଏମାନେ ଯେତେ ସୁନ୍ଦରୀ ହେଲେ ସୁଦ୍ଧା ସୀତାଙ୍କ ସଙ୍ଗେ ସମାନ ନୁହନ୍ତି । ଆଉମଧ ଲୁଗାମାନଙ୍କ ମଧରେ ଜରୀଦିଆ ଲୁଗା ଯେପରି ସୁନ୍ଦର, ସେହିପରି ଏମାନଙ୍କ ମଧରେ ସୀତା ଅତ୍ୟନ୍ତ ସୁନ୍ଦର ଅଟନ୍ତି ।' ଏହିପରି ବିଚାରି ହନୁ ରାବଣ ଗୃହରେ ପହଞ୍ଚି ଦେଖିଲା ଯେ, ସ୍ଥାନେ ସ୍ଥାନେ ସୁସଜ୍ଜିତ ଶଯ୍ୟାମାନଙ୍କରେ ଦିବ୍ୟ ସୁନ୍ଦରୀ ସ୍ତ୍ରୀମାନେ ଶୋଇ ଅଛନ୍ତି ।

ବାରଣ ପଦ୍ମାବନ ମନ୍ଥିଛୁ କି ଶେଯସରୋବରରେ ଆସି ଯେ ।
ବାଳ ଶୈବାଳ ଅସ୍ତବ୍ୟସ୍ତ ଜଘନ ପୁଳିନ ଅଳପ ଦିଶି ଯେ ।
ବିଧାତ୍ର । ବାଟାମ୍ବୁ ମଦକର୍ଦ୍ଦମ ଯେ ।
ବିଚ୍ଛିନ୍ନ ହାରମୁକ୍ତା ହସୁଅଛି କଳୀ କହ୍ଲାର କୁସୁମ ଯେ । ୨୯ ।
ବାହୁ ଟେକି ହସ୍ତ ଛନ୍ଦି କେ ଅଳସେ ଅବଶେ ସେଜ୍ରବେ ମୋହି ଯେ ।
ବାତେ ଉପୁଡ଼ି ସନାଳ ପଦ୍ମ ଦିଶେ କୁଚ ପୃଥୁ କନ୍ଦ ଦୁଇ ଯେ ।
ବାମା କେ । ବିଜୃମ୍ଭିତ ହୋଇ ବସେ ଯେ ।
ବିକଶି ଆସିଲା କୋକନଦ ଛବି ଅଙ୍ଗୀକାର କରି ଆସେ ଯେ । ୩୦ ।

---

୨୯ଶ ପଦ—ବାରଣ—ହସ୍ତୀ । ପୁଳିନ—ତଟ ବା କୂଳ । ଜଘନ—ଜାନୁ । କର୍ଦ୍ଦମ—କାଦୁଅ । କହ୍ଲାର—କଇଁ । କଳୀ—କଢ଼ି ।

୩୦ଶ ପଦ—କୋକନଦ--ରକ୍ତପଦ୍ମ । ପୃଥୁ--ପୃଥୁଳ । କନ୍ଦ--ପଦ୍ମମୂଳ ବିଜୃମ୍ଭିତ—ହାଇ ମାରିବା ।

---

୨୯ଶ ପଦ—ହନୁମାନ ସେହି ସୁନ୍ଦରୀ ସ୍ତ୍ରୀମାନଙ୍କୁ ଶୋଇଥିବା ସମୟରେ ଦେଖି ମନେକଲେ ‘ହାତୀ ପୁଷ୍କରିଣୀରେ ପ୍ରବେଶ କରି ପଦ୍ମବନକୁ ଦଳି ପକାଇଲା ପରି ରାବଣ ଏହି ସ୍ତ୍ରୀମାନଙ୍କର ଶଯ୍ୟାରୂପ ପୁଷ୍କରିଣୀରେ ପ୍ରବେଶ କରି ରତି ଛଳରେ ଏହି ପଦ୍ମିନୀମାନଙ୍କୁ ଦଳି ପକାଇଛି କି ?’ କାରଣ, ହାତୀ ପ୍ରବେଶ କରିଥିଲେ ପୁଷ୍କରିଣୀର ଯେପରି ଦଶା ହୁଏ, ସେହିପରି ଏହି ଶଯ୍ୟା ପୁଷ୍କରିଣୀରେ ବାଳରୂପ ଶିଉଳି ସବୁ ଛିଣ୍ଡି ଅସ୍ତବ୍ୟସ୍ତ ହୋଇ ପଡ଼ିଛନ୍ତି ଓ ଜଘନ ( ଅଣ୍ଟା ଆରପଟ ) ରୂପ ବାଲୁକାମୟ ପ୍ରଦେଶ ଅଳ୍ପ ଦେଖାଯାଉଛି, କସ୍ତୁରୀରୂପ ପଙ୍କ ପ୍ରକାଶିତହୋଇ ଅଛି ଏବଂ ମୁକ୍ତାମାଳା ଛିଣ୍ଡିଯାଇ ଗୋଟି ଗୋଟି ହୋଇ ପଡ଼ିଥିବା ମୁକ୍ତା ସବୁ କଇଁଫୁଲର କଢ଼ପରି ଦେଖା ଯାଉଅଛନ୍ତି ।

୩୦ଶ ପଦ—ସେହି ସ୍ତ୍ରୀ ମାନଙ୍କମଧ୍ୟରୁ କୌଣସି ସ୍ତ୍ରୀ ଆଳସ୍ୟ ବଶରୁ ବାହୁହସ୍ତକୁ ଟେକି ଛନ୍ଦିଥିବାର ଦେଖି ମନେକଲେ, ‘ପବନଯୋଗୁଁ ପଦ୍ମ ନାଡ଼ ସହିତ ଉପୁଡ଼ି ପଡ଼ିଛି କି ? ଏଣୁ ତାହାର ପୃଥୁଳ ମୂଳରୂପ କୁଚ ଦୁଇଟି ଦେଖାଯାଉଛି ।’ ପୁଣି କୌଣସି ସ୍ତ୍ରୀ ହାଇମାରି ବସିବାର ଦେଖି ମନେକଲେ, ‘ଏହାର ମୁଖ ଶୋଭାକୁ ଫୁଟି ଆସୁଥିବା ଲାଲ କଇଁର ଶୋଭା ସହିତ ସମାନ ବୋଲି ସ୍ୱୀକାର କରିବା ଉଚିତ ।’

ବନତା କେ ଉତ୍ତଶ୍ରମେ ଖରଶ୍ୱାସ ମୁଞ୍ଚିବାରେ ନାସା ଫୁଲି ଯେ ।
ବଲ୍ଲଖି ଯନ୍ତ ଚାଉନ୍ତି କ କାମର ଲୌହଶର ଗଢ଼ା ବୋଲି ଯେ ।
ବକ୍ଷୋଜେ । ବସି ନଖଚନ୍ଦ୍ର ସ୍ୱଚ୍ଛେ ଯେ ।
ବଡଭିରେ ରଙ୍ଗ ସୂତରକେତୁ କ ରୁଚି ଗୃଞ୍ଚାଲି ନ ବହେ ଯେ । ୩୧ ।
ବଷଭେଦ ଶିଳ କଲା ପ୍ରାପ୍ତ କେଉଁ କେଉଁ ଶେଯ ସୁରଞ୍ଜନ ଯେ ।
ବରବର୍ଣ୍ଣିନୀ ସଞ୍ଚା ଲାକ୍ଷା ଅଙ୍କିତ ଘନସାର ସୁଅଂଜନ ଯେ ।
ବ୍ୟକ୍ତ କେ । ବ୍ୟକ୍ତ କେ ରାମା ଏ ରଚ୍ଛି ଯେ ।
ବଶ୍ୱସୂକ ଶଦକାର ହୋଇଛି କ ରାବଣ ବନକେ ଲିପ୍ତ ଯେ । ୩୨ ।

---

୩୧ଶ ପଦ—ବଲ୍ଲଖି—ସ୍ତ୍ରୀ । ବକ୍ଷୋଜ—ସ୍ତନ । ବଡ଼ଭି—ଅଟ୍ଟାଳିକା ସୂତରକେତୁ—ପାଟପତାକା । ରୁଚି—ସୁନ୍ଦର ।

୩୨ଶ ପଦ—ବରବର୍ଣ୍ଣିନୀ—ହଳଦୀ । ଘନସାର—କର୍ପୂର । ଲାକ୍ଷା—ଅଳତା ।

---

୩୧ଶ ପଦ—କୌଣସି ଏକ ରମଣୀ ରତିଜନିତ ପରିଶ୍ରମବଶରୁ ସୁଦୀର୍ଘ ନିଃଶ୍ୱାସ ପରିତ୍ୟାଗ କରନ୍ତେ ତାହାର ନାକପୁଡ଼ା ଫୁଲି ଉଠିଲା । ତାହା ଦେଖି ହନୁମାନ ମନେ କଲେ, ' ଏହି ରମଣୀ "ରେ କାମ ! ଫୁଲଶର ଦ୍ୱାରା ମୋର କିଛି କରିପାରିବୁ ନାହିଁ; ବର୍ତ୍ତମାନ ଲୁହା ଶର ତିଆରି କର" ଏହା କହି, ସେହି ଲୁହା ଶର ତିଆରି କରିବା ପାଇଁ ଖୋଜି ଚାଉନ୍ତି କି ?' କୌଣସି ସ୍ତ୍ରୀ ତାହାର ସ୍ତନ ଉପରେ ଥିବା ନଖକ୍ଷତକୁ ଦେଖୁଛି; ଏହା ଦେଖି ହନୁମାନ ମନେ କଲେ, ଅଟ୍ଟାଳିକ ମାନଙ୍କରେ ଲାଲ ପାଟପତାକାପରି ଉଡ଼ୁଛି କି ? ବୋଧ ହୁଏ କାଳର ଦୋଷରୁ ଅଶୋଭା ଓ ଚଞ୍ଚଳତାକୁ ଧାରଣ କରି ନାହିଁ । ( ପତାକାର ସୌନ୍ଦର୍ଯ୍ୟ ସର୍ବଦା ରହେ ନାହିଁ ଓ ଚଞ୍ଚଳତା ମଧ୍ୟ ବର୍ଷାଦିନରେ ରହେ ନାହିଁ । ନଖ ଚନ୍ଦ୍ରରୂପ ପତାକା ସର୍ବଦା ସୌନ୍ଦର୍ଯ୍ୟପୂର୍ଣ୍ଣ ଓ ନିଶ୍ଚଳ ) ।

୩୨ଶ ପଦ—ହନୁମାନ ଦେଖିଲେ, କୌଣସି ଗୋଟିଏ ଶଯ୍ୟା ରତି ଶାସ୍ତ୍ରୋକ୍ତ ବନ୍ଧମାନଙ୍କଦ୍ୱାରା ଚିହ୍ନିତ ହୋଇଥିଲା ପରି ଦେଖାଯାଉଛି ଏବଂ ସେହି ଶଯ୍ୟାରେ ହଳଦି, ଅଳତା ସେନ୍ଦ ମୁଣ୍ଡରେ କର୍ପୂର ଗୁଣ୍ଡ ପକାଇ ଓ ଆଖିରେ ମେଘ ପରି ଗାଢ଼ କଳା କଜ୍ଜଳ ଲଗାଇ ସ୍ତ୍ରୀମାନେ ଶୋଇ ଅଛନ୍ତି । ତାହା ଦେଖି ମନେ କଲେ, 'ବିଧାତା ଚିତ୍ରକର ହୋଇ ରାବଣ ରୂପ ରଙ୍ଗରେ ଏମାନଙ୍କୁ ଚିତ୍ର କରିଛି କି ?' ରମଣୀମାନେ ରାବଣ ସହ କେଳି କରିବାରୁ ସେମାନଙ୍କ ଶରୀରସ୍ଥ ହଳଦୀ ପ୍ରଭୃତି ଶେଯରେ ଲାଗି ତାହା ଚର୍ଚ୍ଚିତ ହୋଇଅଛି ।

ବର୍ଣ୍ଣେ ଶ୍ୟାମା ହୋଇ ସମସ୍ତେ ଗୋଟିଏ ନାହିଁ ତ ଅଂଶିଛୁ ବାଛୁ ଯେ ।
ବସୁଧା ସ୍ୱର୍ଗରେ ସ୍ୱର୍ଗଯୋଗ ମାନଙ୍କୁ କରିଛି ଛି ଛି ଯେ ।
ବାୟୁଜ । ବିସ୍ମୟରେ କି ଭାଗ୍ୟବନ୍ତ ଯେ ।
ବୃନ୍ଦକ ଧେନୁରେ ଏକ ଷଣ୍ଢ ପରି ବିଭୋଗେ ହୋଇଛି ମତ୍ତ ଯେ ।୩୩।
ବାଙ୍ଗଣୀ ଭ୍ରମର ପାଣିରେ ଚରଣେ କରିଣ କରକୁ ନ୍ୟାସ ଯେ ।
ବୋଳେ ଚନ୍ଦନ ଦଳେ ଘନସାରକୁ ଘାପିତ କରେ ସ୍ନେହାଶ ଯେ ।
ବାମାଏ । ଅଚେତନ ନିଦ୍ରାବଶେ ଯେ ।
ବାରି ପରିଷ୍କୃଷ୍ଟ ବାରିଜଗନ୍ଧାଙ୍କୁ ହସ୍ତିନୀ କରି ମାନସେ ଯେ ।୩୪।

---

୩୪ଶ ପଦ—ପାଣିରେ—ହସ୍ତରେ । ଘନସାର—କର୍ପୂର । ସ୍ନେହାଶ—ଦୀପ ।

---

୩୩ଶ ପଦ:—ବିରୋଧାର୍ଥ—ସମସ୍ତେ 'ବର୍ଣ୍ଣରେ' ଶରୀର କାନ୍ତିରେ 'ଶ୍ୟାମା' କଳା ହୋଇଛନ୍ତି ଅର୍ଥାତ୍ ସମସ୍ତେ କାଳିଆ ଦେଖାଯାଉ ଅଛନ୍ତି, ମାତ୍ର ସେମାନଙ୍କ ମଧ୍ୟରେ ଗୋଟିଏ ସୁଦ୍ଧା କାଳିଆ ହୋଇ ନାହିଁ ।

ପ୍ରକୃତାର୍ଥ—ସେମାନେ ସମସ୍ତେ 'ବର୍ଣ୍ଣରେ' ରୂପରେ ଗୌରାଙ୍ଗୀ ଅଟନ୍ତି, କିନ୍ତୁ ସେମାନଙ୍କ ମଧ୍ୟରେ କେହି ହେଲେ ବର୍ଣ୍ଣରେ ଜଣେ 'ଶ୍ୟାମା' ଯୌବନ ମଧ୍ୟବର୍ତ୍ତିନୀ—ଅର୍ଥାତ୍ ଷୋଡ଼ଶବର୍ଷୀୟା ନାହିଁ । ଅଥବା କୃଷ୍ଣାଙ୍ଗୀ ( କାଳୀ ) ନାହିଁ । ରାବଣ ସେମାନଙ୍କୁ ଭୂଲୋକର ସ୍ୱର୍ଗ ତୁଲ୍ୟ ଲଙ୍କାରେ ରଖି ସ୍ୱର୍ଗ ରମଣୀମାନଙ୍କୁ ଛି ଛି କରୁଛି କି ? ଏହା ଦେଖି ହନୁମାନ ବିସ୍ମିତ ହେଲେ, 'ଆହା ! ରାବଣ କେଡ଼େ ଭାଗ୍ୟବାନ ! ଗାଈପଲ ମଧ୍ୟରେ ଏକମାତ୍ର ଷଣ୍ଢ ପରି ସମ୍ଭୋଗରେ ମତ୍ତ ହୋଇଅଛି ।'

୩୪ ପଦ—ଯେଉଁମାନେ ନିଦ୍ରାରେ ଅଚେତ୍ନ ହୋଇ ଅଛନ୍ତି, ସେମାନଙ୍କୁ ଆଉ କେତେଗୁଡ଼ିଏ ସ୍ତ୍ରୀ ବୀଣା ଓ ଭ୍ରମର ଧରି ବସିଛନ୍ତି । କେହି କେହି ବା ଗୋଡ଼ରେ ହାତକୁ ଦେଇଛନ୍ତି ଅର୍ଥାତ୍ ଗୋଡ଼ ଘଷୁଛନ୍ତି ଏବଂ କେହି ଚନ୍ଦନ ବୋଳି ଦେଉଛି, କେହି ବା କର୍ପୂର ଗୁଣ୍ଡ କରୁଅଛନ୍ତି ଓ କେହି କେହି ଦୀପ ଜାଳୁ ଅଛନ୍ତି । ସେମାନଙ୍କୁ ଦେଖି ହନୁମାନ 'ଏହି ହସ୍ତିନୀ ସ୍ତ୍ରୀ ମାନେ ସେହି ସୁନ୍ଦରୀ ପଦ୍ମିନୀମାନଙ୍କର ଦାସୀ ବୋଲି ମନରେ ଜାଣିଲେ ।

ବାଡ଼େ ବାଡ଼େ ଲେଖା ମଧୁସୂଦନ ସେ ଦାଶରଥି ନାମ ଯେହ୍ନ ଯେ ।
ବିଦେହରାଜନ ପାଳକନ୍ୟା ଯେ ସୁତା ସୀତା ଶ୍ୱେର ବିନା କେହ୍ନ ଯେ ।
ବଧେ ମୋ । ବ୍ରହ୍ମାଣ୍ଡେ ନୋହ୍ନିବ କ୍ଷମ ଯେ ।
ବଢ଼ିଲା ବିବେକ ପଢ଼ି ପାବନିର ଏ ଜାଣି ପଶୁ ଜନମ ଯେ । ୩୫ ।
ବୁଦ୍ଧି ପରସନ୍ନ ହେବ ଦରଶନ ଲୋକଜନନୀର ଭ୍ରାଳ ଯେ ।
ବିହରୁ ବିହରୁ ରାବଣ ଶୟନ ସଦନରେ ଯାଇଁ ମିଳ ଯେ ।
ବିଲୋକ । ବରାଙ୍ଗନାଏ ତା କୋଳ ଯେ ।
ବାହୁକୁ ବାହୁ ସର୍ପେ ସର୍ପ ମୁଖକୁ ମୁଖରାହୁ-ଚନ୍ଦ୍ର ମେଳ ଯେ । ୩୬ ।
ବିରାଜୁଛି ବିଦ୍ୟୁବଦନେ କି ମାଂସଳ ମୀନ ସ୍ଥକତ ମାଧୁରୀ ଯେ ।
ବୁଝିବା ନୟନ ଯୁଗଳ ଉରଜ ମଙ୍ଗଳକୁମ୍ଭ ଚୂଚୁକ ଯେ ।

---

୩୭ଶ ପଦ—ମାଂସଳ—ସ୍ଥୂଳ ଅର୍ଥାତ୍ ବିସ୍ତୃତ । ମାଧୁରୀ—ଶୋଭା । ଉରଜ—ସ୍ତନ । ଚୂଚୁକ—ସ୍ତନାଗ୍ର । ବସନ୍ତଦ୍ରୁମ—ଆମ୍ବଗଛ । ଛଦନ—ପତ୍ର । କୁରଙ୍ଗମଦଶିଳକ—କସ୍ତୁରୀରେ ଲେଖାହୋଇଥିବା ମୀନ ମକରାଦିଙ୍କର ଚିତ୍ର ।

---

୩୫ଶ ପଦ—'ଜନକଙ୍କ ପାଳିତାକନ୍ୟା ସୀତାଙ୍କୁ ହରଣ କଲେ ମଧୁ ଦୈତ୍ୟ ହନ୍ତା ଦାଶରଥି ନାମରେ ପରିଚିତ ଅର୍ଥାତ୍ ଦଶରଥପୁତ୍ର ରାମରୂପରେ ଅବତୀର୍ଣ୍ଣ ବିଷ୍ଣୁ ମୋତେ ବଧ କରିବେ, ତାଙ୍କ ଛଡ଼ା ଏ ବ୍ରହ୍ମାଣ୍ଡରେ ମୋତେ ମାରିବାକୁ କେହ୍ନ ସମର୍ଥ ହେବେ ନାହିଁ'—ଏହିପରି ପ୍ରତ୍ୟେକ କାନ୍ଥରେ ଲେଖା ହୋଇଥିବାର ଦେଖି ଓ ତାକୁ ପଢ଼ି ହନୁର ବିଚାରଶକ୍ତି ବୃଦ୍ଧି ହେବାରୁ ସେ ନିଷ୍ପତ୍ତି କଲା, 'ରାବଣ ପଶୁଜନ୍ମ ଲାଭ କରିଅଛି । ତେଣୁ ଜାଣି ଜାଣି ମରଣକୁ ଆହ୍ୱାନ କରୁଛି ।'

୩୬ଶ ପଦ—'ଏଥର ଜଗତ୍‌ଜନନୀ ସୀତାଙ୍କ ଦର୍ଶନ ମିଳିବ,' ଏହା ଭାବି ହନୁମାନ ଅତିଶୟ ଆନନ୍ଦିତ ହୋଇ ବୁଲୁ ବୁଲୁ ରାବଣର ଶୋଇବା ଘର ମଧ୍ୟକୁ ପ୍ରବେଶ କଲା । ସେଠାରେ ସେ ଦେଖିଲା, ଗୋଟିଏ ପରମାସୁନ୍ଦରୀ ରମଣୀ ସର୍ପରେ ସର୍ପ ଛନ୍ଦି ହେଲାପରି ରାବଣର ବାହୁରେ ନିଜର ବାହୁକୁ ଛନ୍ଦି, ତାର ମୁଖରେ ନିଜର ମୁଖକୁ ଲଗ୍ନ କରିବା ଦ୍ୱାରା ରାହୁଗ୍ରସ୍ତ ଚନ୍ଦ୍ରର ଶୋଭାକୁ ଧାରଣ କରି କୋଳରେ ଶୋଇଅଛି । ( ରାବଣମୁଖ ରାହୁ ଓ ସ୍ତ୍ରୀ ମୁଖ ଚନ୍ଦ୍ର ସହ ଉପମିତ ) ।

୩୭ଶ ପଦ—ପୁନଶ୍ଚ ସେହି ସୁନ୍ଦରୀଙ୍କୁ ଦେଖି ହନୁମାନ୍ ମନେ କଲା, 'ମେଘରେ ବିଜୁଳି ସ୍ଥିର ହୋଇ ରହିଛି କି ? ଏବଂ ତାହାର ନିଦ୍ରା ମୁଦ୍ରିତ ନୟନଯୁଗଳ ନିରୀକ୍ଷଣ କରି ମନେ କଲା, 'ଏ ଦୁଇଟି ସ୍ଥିର ହୋଇ ରହିଥିବା ପୁଷ୍ଟୁଳ

ବିସ୍ମିତ । ବିଦ୍ୟ ଗୁବାକ ଚୂଚୂକ ଯେ ।
ବସନ୍ତଦ୍ରୁମ ଛଦନ ଆଚ୍ଛାଦନ କୁରଙ୍ଗମଦଶଙ୍କ ଯେ । ୩୭ ।
ବିଛନ୍ଦ ଊରୁ ଊରୁକୁ ବିଗଦନ୍ତୀ କରେ କି କଦଳୀତରୁ ଯେ ।
ବିଶ୍ୱକର୍ମା ବୋଲାଇ ଥିବ ବିଧି ନିର୍ମାଣ କରି ଏ ଷାରୁ ଯେ ।
ବିଲୋକି । ବାତସୁତ ବିଚାରିଲା ଯେ ।
ବତିଶଲକ୍ଷଣେ ଯୁକତ ଏ ସୀତା ନିଶ୍ଚେ ମାତବୁଦ୍ଧି କଲା ଯେ । ୩୮ ।
ବିଧିପଦକୁ ଅବିଧି ସିଦ୍ଧି କଲା ଧାତା ଏ ବିଧାନ ରଚି ଯେ ।
ବିଶୁଦ୍ଧ ରାମସୁଧାପାନୀ ସୀତାକୁ କୋଶଳାଶନ ରୁଚି ଯେ ।
ବାସ୍ନୁକ । ବହୁ ସ୍ଥାନ ହୋଇ ଧାଇଁ ଯେ ।
ବଦନମଧୂଗନ୍ଧରୁ ଜାଣି ଅର୍ଥେ ଭୃଙ୍ଗ ହୋଇ ପାଶେ ଯାଇ ଯେ । ୩୯ ।

---

ରୋହୂମାଛର ଶୋଭାକୁ ଧାରଣ କରିଅଛନ୍ତି ।' ଆଉ ମଧ୍ୟ ସେହି ସ୍ତ୍ରୀର ସ୍ତନଯୁଗଳରେ ଲେଖା ହୋଇଥିବା କସ୍ତୁରୀ ଚିତ୍ରକମାନେ ଆମ୍ରପତ୍ର ଓ ସ୍ତନର ଅଗ୍ରଭାଗ ( ଚୂଚୂକ ) ଗୁଆଫଳ ଦେଖା ଯାଉଥିବାରୁ ତାହା ପୂର୍ଣ୍ଣକୁମ୍ଭ ଶୋଭାକୁ ପ୍ରକାଶ କରୁଥିଲା ।

୩୮ଶ ପଦ—ସେହି ରମଣୀ ରାବଣର ଜଙ୍ଘକୁ ଜଙ୍ଘ ଲଦି ଶୋଇଥିବାର ଦେଖି ମନେ ହୁଏ, 'ଐରାବତ ତା'ର ଶୁଣ୍ଢରେ କଦଳୀଗଛକୁ ଧରିଛି କି ? ବିଧାତା ବିଶ୍ୱକର୍ମା ବୋଲାଇବା ପାଇଁ ଏହି ରମଣୀକୁ ନିର୍ମାଣ କରିଛି କି ?' ସେ ସ୍ତ୍ରୀକୁ ଦେଖି ହନୁମାନ୍ ଏହିପରି ବିଚାରି ଠିକ୍ କଲା, 'ଏ ସ୍ତ୍ରୀ ବତିଶ ଲକ୍ଷଣରେ ଯୁକ୍ତ ହୋଇଅଛି, ଏଣୁ ଏ ନିଶ୍ଚୟ ସୀତା; ମନ୍ଦବୁଦ୍ଧି କରି ରାବଣର କୋଳରେ ଶୋଇଅଛି ।"

୩୯ଶ ପଦ—'ବିଧାତା ଏହି କାର୍ଯ୍ୟକୁ ରଚନା କରି ନିଜର ବିଧି ନାମକୁ ଅବିଧି ବୋଲି ସିଦ୍ଧ କଲା । ( ଅର୍ଥାତ୍ ବିଧାତା ନିୟମାନୁସାରେ କାର୍ଯ୍ୟ କରୁ-ଥିବାରୁ ବିଧି ନାମରେ ପ୍ରସିଦ୍ଧି ଲାଭ କରିଥିଲା, ବର୍ତ୍ତମାନ ରାବଣ ଓ ସୀତାଙ୍କର ମିଳନ ଭଳି ଅକାର୍ଯ୍ୟ କରିବାରୁ 'ଅବିଧି' ଅନ୍ୟାୟକାରୀ ବୋଲି ଜଗତରେ ଖ୍ୟାତି ଲାଭ କରିବ । ) ଆହା ! ରାମଚନ୍ଦ୍ରଙ୍କର ପବିତ୍ର ପ୍ରେମାମୃତ ପାୟିନୀ ସୀତାଙ୍କୁ ଏହି କୋଶଳାଫଳ ତୁଲ୍ୟ ରାବଣର ପ୍ରୀତି ବା କିପରି ରୁଚିଲା । ହନୁମାନ୍ ଏହିପରି ଭାବି ଅତ୍ୟନ୍ତ ଦୁଃଖିତ ହେଲା । ମୁଖର ଗନ୍ଧରୁ ଏ ସୀତା କି ରାକ୍ଷସୀ ଏହା ଜାଣିବାପାଇଁ ଭ୍ରମର ରୂପଧରି ସେହି ସ୍ତ୍ରୀର ନିକଟକୁ ଗଲା । ମାତ୍ର ତାର ମୁଖରୁ ମଦ୍ୟଗନ୍ଧ ବାହାରୁଥିବାରୁ ଏ ନିଶ୍ଚୟ ରାକ୍ଷସୀ ବୋଲି ସ୍ଥିରକଲା ।

ବଣା ହେଲି ଆଖି ଥାଇଁ ନ ଚିହ୍ନିଲି ହୀରକ ସ୍ଫଟିକ ଭେଦ ଯେ ।
ବଣିକ ପରସ୍ତେ ହୋଇଲି ସୁବର୍ଣ୍ଣ ତୁଳନରେ ତୁଳିଲି ଗୁଞ୍ଜ ଯେ ।
ବତୁଳ ! ବାତୁଳ ହୋଇଲି ମୁହିଁ ଯେ ।
ଚନ୍ଦ ମୃଣାଳଖଣ୍ଡକୁ ଏ ଦ୍ୱିତୀୟାଚନ୍ଦ୍ର ବୋଲି ଦେଲି କହି ଯେ । ୪୦ ।
ବହ୍ନି ସେନେହୀ ପତଙ୍ଗ ସିନା ହୋଇ ତହିଁ ବହ୍ନି ଭାବ ଯେ ।
ବିବେଚନା କରି ଏତେକ ନ କଲି ପୋଡ଼ି ଯାନ୍ତା ଅବୟବ ଯେ ।
ହୋଇଲି ! ବ୍ରହ୍ମକନ୍ୟାକୁ ମାତଙ୍ଗୀ ଯେ ।
ବୁଡ଼ି ମରିବି ସିନ୍ଧୁଜଳେ ଗଳେ ମୁଁ ଶିଳେ ବାନ୍ଧି ଏ ଆତଙ୍କୀ ଯେ । ୪୧ ।
ବସ୍ତୁରେ ଯେବେ ଶ୍ରୀରାମଙ୍କ କାର୍ଯ୍ୟ ତେବେ କରି ନ ପାରିଲି କିଛି ଯେ ।
ବୋଳିବା ଏମନ୍ତ ଦୋଷ ହେବ ସତ ଶତ ସୁକୃତ ତ ଅଛି ଯେ ।

---

୪୦ଶ ପଦ—ଗୁଞ୍ଜ—କାଇଁଚ । ବତୁଳ—ଅତୁଳନୀୟ । ମୃଣାଳଖଣ୍ଡକୁ—ପଦ୍ମନାଡ଼ ଖଣ୍ଡକୁ ।

---

୪୦ଶ ପଦ—ସେହି ସ୍ତ୍ରୀକୁ ରାକ୍ଷସୀ ବୋଲି ଜାଣିବା ପରେ ହନୁ ମନରେ ଭାବିଲି 'ମୁଁ କଣ ଭୁଲିଗଲି, ଆଖି ଥାଉଁ ଥାଉଁ ହୀରା ଓ ସ୍ଫଟିକମଣି ମଧ୍ୟରେ ପ୍ରଭେଦ କଣ ଜାଣି ପାରିଲି ନାହିଁ । ପୁଣି ବଣିଆ ସୁନା ସହ କାଇଁଚକୁ ସମାନ କରି ତୁଳିଲା ପରି ମୁଁ ତୁଳନାର ଅଯୋଗ୍ୟ ରାକ୍ଷସୀକୁ ସୀତାଙ୍କ ସହ ତୁଳନା କଲି । ଅଥବା ମୁଁ କଣ ପାଗଳ ହେଲି, ଯେହେତୁ ବଙ୍କା ପଦ୍ମନାଡ଼ ଖଣ୍ଡକୁ ଦ୍ୱିତୀୟାଚନ୍ଦ୍ର ବୋଲି କହିଲି ।'

୪୧ଶ ପଦ—ପତଙ୍ଗ ଅଗ୍ନିଠାରେ ସ୍ନେହ କରେ କିନ୍ତୁ ଅଗ୍ନି ପତଙ୍ଗଠାରେ ସ୍ନେହ କରେ ନାହିଁ । ମୁଁ ପୂର୍ବରୁ ଏହିକଥା କାହିଁକି ନ ବିଚାରିଲି ? ଅର୍ଥାତ୍ ସୀତା କେବେ ହେଲେ ରାବଣ ନିକଟକୁ ଯାଇ ନ ଥିବେ ) । ଯଦି ରାବଣ ବଳାତ୍କାରେ ତାଙ୍କୁ ଧରିଥାନ୍ତା, ତା ହେଲେ ତାହାର ହସ୍ତ ପଦାଦି ଅବୟବମାନେ ପୋଡ଼ି ଯାଇଥାନ୍ତେ । ମୁଁ ଋଷିକନ୍ୟାକୁ ଚଣ୍ଡାଳୀ ବୋଲି କହିଲି, 'ଏହି ଦୋଷରୁ ମୁକ୍ତ ହେବା ନିମିତ୍ତ ବେକରେ ପଥର ବାନ୍ଧି ସମୁଦ୍ର ଜଳରେ ବୁଡ଼ି ମରିବି ।'

୪୨ଶ ପଦ—ପୁଣି ଭାବିଲା, 'ଯଦି ଏହିପରି ଆତ୍ମହତ୍ୟା କରି ମରିବି ତାହା ହେଲେ ରାମଚନ୍ଦ୍ରଙ୍କର କୌଣସି ମାତ୍ର କାର୍ଯ୍ୟ କରି ପାରିବି ନାହିଁ, କିନ୍ତୁ ସୀତାଙ୍କୁ ଚଣ୍ଡାଳୀ ବୋଲି କହିବା ଦୋଷ ନିଶ୍ଚୟ ମୋ ଉପରେ ପ୍ରବର୍ତ୍ତିବ ( ଅର୍ଥାତ୍ ସେ ଦୋଷରେ ମୁଁ ନିଶ୍ଚୟ ଦୋଷୀ ହେବି ) । ଏଠାରୁ ବାହୁଡ଼ି ଯାଇ

ବାତୁଲ । ବୈଦେହୀ କହିଲୁ ବାଣୀ ଯେ ।
ବୁଦ୍ଧପଦବୀକ ଗ୍ରାବଲେ ଯାଇବ ଶବଦ ଗ୍ରମୁରେ ଭଣି ଯେ । ୪୨ ।
ବନୀଏ ଦେଖିଲା କେତେ ଦୂରେ ଯାଇ ସେହି ପୁର ସନ୍ନିକଟେ ଯେ ।
ବିଶୋକମନା ହୋଇ ତହିଁ ଗମନ ଜଗତୀ ତଥି ପ୍ରକଟେ ଯେ ।
ବେଷ୍ଟିତ । ବିଶେଷ ହୋଇ ରାକ୍ଷସୀ ଯେ ।
ବାମ ହସ୍ତ ନ୍ୟସ୍ତ କପୋଳେ ଅବନୀ ଦୃଷ୍ଟିରେ ରମାଏ ବସି ଯେ । ୪୩ ।
ବିଦ୍ରୁମ ମାଣିକ୍ୟ ମୁକୁତା ମର୍କତ ନୀଳମଣିରେ ରଚନା ଯେ ।
ବନିତାରତନ ପଦ ତାକୁ ସାନ ହୋଇଛି ସ୍ମିରହିତା ଯେ ।
ବପୁଳ । ବିରହଶାଣରେ ବସି ଯେ ।
ବିଶୀର୍ଣ୍ଣ ସମସ୍ତ ଶେଷ ନହୋଇ ଏକ ଗଲା କ ତହୁଁ ଆଶ୍ୱାସି ଯେ । ୪୪ ।

---

୪୩ଶ ପଦ—ବନୀ—ବନ ବା ବଗିଚା । ବିଶୋକମନା—ଶୋକାକୁଳ-ଚିତ୍ତ । ଜଗତୀ—ଅଟ୍ଟାଳିକା । ଅବନୀଦୃଷ୍ଟି—ତଳକୁ ମୁହଁ ପୋତି ।

---

ସୀତାଙ୍କର କଥା ରାମଙ୍କ ନିକଟରେ ପ୍ରକାଶ କଲେ, ବ୍ରହ୍ମପଦବୀକୁ ମଧ୍ୟ ଯାଇ ପାରିବା ଭଳି ପୁଣ୍ୟ ମିଳିପାରେ । ଏଣୁ ସମୁଦ୍ରରେ ବୁଡ଼ି ମରିବା ଅନୁଚିତ ।'

୪୩ଶ ପଦ—ଏହିପରି ଭାବି ଯାଉଁ ଯାଉଁ ହନୁମାନ୍ ସେହି ରାବଣ ପୁରୀର ନିକଟରେ ଗୋଟିଏ ଉପବନ ଦେଖିଲେ । ସୀତାଙ୍କୁ ନ ଦେଖି ଶୋକାଭିଭୂତ ହୋଇ ସେହି ଉପବନ ମଧ୍ୟରେ ପ୍ରବେଶ କରି ଦେଖିଲେ ଯେ, ସେହି ବନ ମଧ୍ୟବର୍ତ୍ତୀ ଏକ ଅଟ୍ଟାଳିକାରେ ଜଣେ ରମଣୀ ବାମ ହସ୍ତକୁ ଗଣ୍ଡରେ ଦେଇ ବିଷର୍ଣ୍ଣ ମନରେ ମୁଖକୁ ପୋତି ବସିଛି ଏବଂ ଅନେକ ଗୁଡ଼ିଏ ରାକ୍ଷସୀ ତାର ଚାରିପଟେ ଘେରି ବସିଛନ୍ତି ।

୪୦ଶ ପଦ—ସେହି ସ୍ତ୍ରୀ ପୋହଳା, ମାଣିକ୍ୟ ପ୍ରଭୃତି ରତ୍ନମାନଙ୍କଦ୍ୱାରା ନିର୍ମିତ ହୋଇଥିବା ଗୋଟିଏ ପ୍ରତିମା ପରି ଦେଖାଯାଉଛି । କାରଣ ତାର କରତଳ ପୋହଳା, ଦାନ୍ତ ମୁକ୍ତା, ଅଧର ମାଣିକ୍ୟ, କେଶ ମରକତ ଓ ତୋଳା ନୀଳମଣିର ଶୋଭା ଧାରଣ କରିଅଛି । ସେହି ସ୍ତ୍ରୀ ସ୍ୱାଭାବିକ ଅତି ସ୍ୱଚ୍ଛ ହାସ ପ୍ରକାଶ କରୁ ନ ଥିଲେ ମଧ୍ୟ ତାକୁ ସ୍ତ୍ରୀରତ୍ନ ବୋଲି କହିଲେ ସୌନ୍ଦର୍ଯ୍ୟର ନ୍ୟୂନତା ସୂଚିତ ହେବ ନାହିଁ । ବିରହକ୍ଷୀଣା ହାସ୍ୟଶୂନ୍ୟା ସେହି ସ୍ତ୍ରୀଙ୍କୁ ଦେଖି ମନେ ହୁଏ, ସମସ୍ତ ରତ୍ନଶାଣରେ ବସି କ୍ଷୀଣ ହୋଇ ରହିଲେ ମାତ୍ର ସ୍ୱାର ନିଃଶେଷିତ ହୋଇଗଲା । ( ବିରହରେ ମଧ୍ୟ ତାଙ୍କର ସୌନ୍ଦର୍ଯ୍ୟ ଲୋପ ପାଇ ନ ଥିଲା, କିନ୍ତୁ ମୁଖ ହାସ୍ୟଶୂନ୍ୟ ହୋଇଥିଲା ) ।

ବନଜ ନହିଁଗ୍ଲାନି କରି ଖଞ୍ଜନ ନହିଁଗ୍ଲାନିବାରେ ନେତ୍ରେ ଯେ ।
ବିତର୍କ ପଦେ ପତନ କେ ଚଞ୍ଚଳ ସଦା କେ ବହିଛି ଗାତ୍ରେ ଯେ ।
ବହିଲି । ବାରି ଯା ଜନମି ତହୁଁ ଯେ ।
ବିଧାନରେ ଧନ୍ୟ ଭାବି କୃପାଭୂତ ନୟନ ହୋଇଛି ସହୁଁ ଯେ । ୪୫ ।
ବକ୍ଷୋଜେ ପୁଣି ଅଶ୍ରୁ ଜଳ ପଡ଼ି ସେ କେବା ଉପମା ସମ୍ଭବେ ଯେ ।
ବ୍ୟୋମ ହୃଦୟେ ରାମଚନ୍ଦ୍ର ଉଦୟେ ଚନ୍ଦ୍ରଶିଳ ଶୈଳ ଦ୍ରବେ ଯେ ।
ବହିତ । କେବା ଶାତକୁମ୍ଭ କୁମ୍ଭ ଯେ ।
ବିଭର୍ତ୍ତି ରାମ-ପ୍ରେମ ନୀର ବହୁତ ଉଚ୍ଛୁଳିବାର ଆରମ୍ଭ ଯେ । ୪୬ ।
ବଢ଼ି ଅଳକା ଭାଲ ଅର୍ଦ୍ଧ ଗ୍ରାସିକା ଏ ଲକ୍ଷରେ ଶଭ୍ର ଭାସ ଯେ ।
ବିରୂପାକ୍ଷ-ଅରି ଜାତରୂପ ପରି କଳଙ୍କି ଆସିଲା ପରା ଯେ ।

---

୪୬ଶ ପଦ – ବକ୍ଷୋଜ—ସ୍ତନ । ବ୍ୟୋମ—ଆକାଶ । ରାମଚନ୍ଦ୍ର—ରମଣୀୟ ଚନ୍ଦ୍ର । ଚନ୍ଦ୍ରଶିଳଶୈଳ—ଚନ୍ଦ୍ରକାନ୍ତ ପର୍ବତ । ଶାତକୁମ୍ଭ କୁମ୍ଭ-ସୁବର୍ଣ୍ଣ କଳଶ ।

---

୪୫ଶ ପଦ—ସେହି ସ୍ତ୍ରୀର ପଦ୍ମ ତୁଲ୍ୟ ରମଣୀୟ ପାଦ ଓ ଖଞ୍ଜନ ପକ୍ଷୀ ତୁଲ୍ୟ ଚଞ୍ଚଳ ନେତ୍ରକୁ ଦେଖି ହନୁମାନ ମନେ କଲେ, 'ବିଧାତା ଏ ଦୁହିଁଙ୍କୁ ସୀତାଙ୍କ ସଙ୍ଗେ ସମାନ କରିବା ପାଇଁ ଇଚ୍ଛା କରି ତାଙ୍କର ନେତ୍ରକୁ ପଦ୍ମ ଦ୍ୱାରା ଓ ଖଞ୍ଜନ ଦ୍ୱାରା ବନାଇଲେ; କିନ୍ତୁ ଏ ଦୁହେଁ ନେତ୍ରଠାରୁ ପରାସ୍ତ ହେବାରୁ ପଦ୍ମ ବିନୀତ ହୋଇ ପାଦତଳେ ପଡ଼ିଛି ଓ ଖଞ୍ଜନ ଚକ୍ଷୁଠାରୁ ଚଞ୍ଚଳତାକୁ ଆଣି ଦେହରେ ରଖିଛି ।' ତାଙ୍କର ଚକ୍ଷୁରୁ ଲୁହ ବହୁଥିବାର ଦେଖି ମନେ କଲେ, ପଦ୍ମ ଓ ଖଞ୍ଜନର ଦୁଃଖ ଦେଖି ନେତ୍ରର ହୃଦୟ ବିଗଳିତ ହେଉ ଅଛି କି ? ଏଣୁ ମୁଁ ବିଧାତାଙ୍କୁ ଧନ୍ୟବାଦ ଅର୍ପଣ କରୁଛି । କାରଣ ସେ ପଦ୍ମ ଓ ଖଞ୍ଜନ ସହ ନେତ୍ର ବନାଇବାରୁ ନେତ୍ରର ସେ ଦୁହିଙ୍କ ପାଇଁ ସିନା ହୃଦୟରେ ଦୟା ଜାତ ହେଲା ?'

୪୬ଶ ପଦ – ସେହି ସ୍ତ୍ରୀର ସ୍ତନ ଉପରେ ଅଶ୍ରୁ ବିନ୍ଦୁ ପଡ଼ି ଲାଗି ରହିଥିବାରୁ ପୁଣି ହନୁମାନ ଏହି ଉପମା ସମ୍ଭବ ହେବ ବୋଲି ମନେ କଲେ,'ହୃଦୟ ରୂପ ଆକାଶରେ ରାମଚନ୍ଦ୍ର ରୂପ ରମଣୀୟ ଚନ୍ଦ୍ର ଉଦୟ ହେବାରୁ ଚନ୍ଦ୍ରକାନ୍ତ ପର୍ବତ ରୂପ ସ୍ତନଦ୍ୱୟ ଦ୍ରବୀଭୂତ ହେଉଅଛି କି ? କିମ୍ବା ଏହାଙ୍କର ସ୍ତନ ରୂପ ସୁବର୍ଣ୍ଣ କଳଶଦ୍ୱୟ ରାମଙ୍କର ପ୍ରେମନୀରରେ ପୂର୍ଣ୍ଣ ହୋଇଯିବାରୁ ସେହି ନୀର ଉଚ୍ଛୁଳି ପଡ଼ିବାକୁ ଆରମ୍ଭ କରୁଛି କି ?'

୪୭ଶ ପଦ—ଆଉ ମଧ୍ୟ ସୀତାଙ୍କର ଚୂର୍ଣ୍ଣକୁନ୍ତଳ ବଢ଼ି ଭାଲ ଦେଶକୁ ଘୋଡ଼ାଇ ପକାଇ ଥିବାର ଦେଖି ମନେ କଲେ,'କନ୍ଦର୍ପର ସୁବର୍ଣ୍ଣ ପରିରେ କଳଙ୍କ

ବେଣୀର । ବନ୍ଧା ଫିଟିବାର ନାହିଁ ଯେ ।
ବ୍ୟାକୋଷ ପୁଷ୍ପ ମଣ୍ଡନ କୋଷହୀନ ପଟ୍ଟିଶକି ଉଜ୍ଜଳ ହୋଇ ଯେ । ୫୭ ।
ବୀର ହନୁମାନ ମାନସେ ଭାବନ ଏହି କଥାମାନ କଲା ଯେ ।
ବାମ ହେଲେ ରାମ କାମରେ ପୁରୁଷ ପ୍ରଶଂସା ସଂସାରେ ଥିଲା ଯେ ।
ବନିତା । ବର ହୋଇଥିଲା ରମ୍ଭା ଯେ ।
ବିଶେଷ ଶୋଭା ନଳିନୀ ନଳିନୀରେ ନଳିନୀ ଗଣ ଅରମ୍ଭା ଯେ । ୫୮ ।
ବାନ୍ଧବୀ ଏହି ସେ ରାମର ରାମର-ନିକେତନ କି ସଂଶୟ ଯେ ।
ବିରହୀ ବିରହିଣୀ ପରସ୍ପରରେ ହୋଇଛନ୍ତି ଅତିଶୟ ଯେ ।

---

୫୭ଶ ପଦ—ବିରୂପାକ୍ଷ-ଅରି—କନ୍ଦର୍ପ । ଜାତରୂପ—ସୁବର୍ଣ୍ଣ । ପଟ୍ଟିଶ—ଅସ୍ତ୍ରବିଶେଷ (ଖଣ୍ଡା) । ବ୍ୟାକୋଷପୁଷ୍ପ—ପ୍ରସ୍ଫୁଟିତ ପୁଷ୍ପ ।

୫୮ଶ ପଦ—ବନିତାର—ନାରୀଶ୍ରେଷ୍ଠ । ନଳିନୀ—ପଦ୍ମିନୀ, ପୁଷ୍କରିଣୀ, ପଦ୍ମ ।

୫୯ଶର ପଦ—ରାମର ନିକେତନ—ସୌନ୍ଦର୍ଯ୍ୟର ଗୃହସଦୃଶ । ଶ୍ରୋଣ—ବର୍ଣ୍ଣ ।

---

ଲାଗି ଆସୁଛି କି ?' ତାଙ୍କର ବନ୍ଧନମୁକ୍ତ ହୋଇ ନ ଥିବା ବେଣୀକୁ ଦେଖି ମନେ କଲା, 'କନ୍ଦର୍ପର ଖଣ୍ଡା ପ୍ରସ୍ଫୁଟିତ ପୁଷ୍ପ ରୂପ ଖୋଳରୁ ନିଷ୍କାସିତ ହୋଇ ଏଠାରେ ଉଜ୍ଜଳ ହୋଇଛି କି ?'

୫୮ଶ ପଦ—'ଏ ସଂସାରରେ ସୌନ୍ଦର୍ଯ୍ୟରେ କାମ ପୁରୁଷମାନଙ୍କ ମଧ୍ୟରେ ପ୍ରଶଂସା ଲାଭ କରିଥିଲା । ଅର୍ଥାତ୍ କନ୍ଦର୍ପ ସୁନ୍ଦର ପୁରୁଷ ବୋଲି ଖ୍ୟାତି ଲାଭ କରିଥିଲା । ବର୍ତ୍ତମାନ ରାମଚନ୍ଦ୍ର ତାହାର ଶତ୍ରୁ ହେଲେ ( ସୁନ୍ଦର ବୋଲି ଖ୍ୟାତ ହେଲେ ) । ସ୍ତ୍ରୀମାନଙ୍କ ମଧ୍ୟରେ ରମ୍ଭା ପରମା ସୁନ୍ଦରୀ ବୋଲି ଖ୍ୟାତି ଲାଭ କରିଥିଲା, କିନ୍ତୁ ବର୍ତ୍ତମାନ ପଦ୍ମିନୀ ସୀତା ପୁଷ୍କରିଣୀରେ ପଦ୍ମଲତା ନଳିନୀର ଶୋଭା ବିସ୍ତାର କଲା ପରି ସଂସାରରେ ସ୍ୱୀୟ ଶୋଭା ବିସ୍ତାର କରିବାରୁ ସେହି ରମ୍ଭା 'ଅରମ୍ଭା' ଅପ୍ରଶଂସ୍ୟା ହୋଇ ରହିଲାଣି ।' ହନୁମାନ ଏହିପରି ଭାବିବାକୁ ଲାଗିଲା ।

୫୯ ଶର ପଦ—ହନୁମାନ ମନେ କଲା, 'ଏହି ପରମାସୁନ୍ଦରୀ ନିଶ୍ଚୟ ରାମଚନ୍ଦ୍ରଙ୍କର ପ୍ରିୟା, ଏଥିରେ କିଛି ମାତ୍ର ସନ୍ଦେହ ନାହିଁ । ସେ ଦୁହେଁ

ବଳ୍କେକ । ବେଷ୍ଟନ୍ତି ଧନ୍ୟ ମୋ ନେତ୍ର ଯେ ।
ବାଣୀ ଶୁଣିଛୁ ତାଙ୍କର ଏହାଙ୍କର ବାଣୀ କ ଶୁଣିବ ଶ୍ରୋତ୍ର ଯେ ।୪୯।
ବସୁଧା ଶିରୀ ଏ ଶିରୀ ଏ ଶିରୀଷ ଅଙ୍ଗିନୀ ସନ୍ଦେହ ନାହିଁ ଯେ ।
ବିଶାଳ ନିତମ୍ବ ରୋମାବଳୀ ବ୍ୟାଜ ଚକ୍ର ଗଦା ଅଛି ଥୋଇ ଯେ ।
ବିଚ୍ଛେଦ । ବିଧାନେ ଭୁରାଇ ଦୈତ୍ୟ ଯେ ।
ବିଶ୍ୱମ୍ଭରପତି ଜାଣି ଦେଇଛନ୍ତି ଏ ମୂର୍ତ୍ତିରେ ନାହିଁ ହସ୍ତ ଯେ । ୫୦ ।
ବିରାଜମାନ ହିଭୁଜ ଏହି ହେତୁ ଶାରଙ୍ଗ ଶର ବିଧୃତ ଯେ ।
ବ୍ୟାଜ ନାସିକା ଦେଖାଇ ଚଞ୍ଚୁ ଅଙ୍ଗେ ଖଗେଶ୍ୱରହିଁ ରୂପତ ଯେ ।
ବାହାନ । ବାରଣ ଗତିରେ ଥିବ ଯେ ।
ବାରିଜାସନୀ ସରୋଜପାଦ ବେନି ବାଞ୍ଛା ସିଦ୍ଧ ମୋ କରିବ ଯେ ।୫୧।

---

୫୦ଶର ପଦ—ବସୁଧାଶ୍ରୀ—ଧରଣୀମଣ୍ଡନା । ଶ୍ରୀ—ଲକ୍ଷ୍ମୀ । ବିଧାନେ—ଚେଷ୍ଟାକରି । ବିଶ୍ୱମ୍ଭରପତି—ନାରାୟଣ ।

୫୧ଶର ପଦ—ଶାରଙ୍ଗ—ଧନୁ । ଖଗେଶ୍ୱର—ଗରୁଡ଼ । ଚଞ୍ଚୁ—ଥଣ୍ଟ । ବାରିଜାସନୀ—ପଦ୍ମାସନା (ଲକ୍ଷ୍ମୀ) । ସରୋଜ—ପଦ୍ମ ।

---

ପରସ୍ପରଠାରୁ ଅନ୍ତର ହୋଇ ବିରହୀ ଓ ବିରହିଣୀ ହୋଇଛନ୍ତି । ଦୁହିଁଙ୍କୁ ଦେଖି ମୋର ଚକ୍ଷୁ ଧନ୍ୟ ହେଲା । ମୁଁ ରାମଚନ୍ଦ୍ରଙ୍କ କଥା ଶୁଣିଛି, ଆଜ ଏହାଙ୍କର କଥା ମୋ କାନ ଶୁଣିବ କି ?"

୫୦ଶର ପଦ—ଶେଷରେ ହନୁମାନ ମନେ ମନେ ଭାବିଲା, 'ଏହି ମହୀମଣ୍ଡନା ଶିରୀଷକୋମଳାଙ୍ଗୀ ଲଳନା ନିଶ୍ଚୟ ଲକ୍ଷ୍ମୀ—ଏଥିରେ ସନ୍ଦେହ ନାହିଁ । ବୋଧହୁଏ ଏ ରମଣୀ ତାହାଙ୍କ ଦେହରେ ଭଳିଭ ନିତମ୍ବ ଓ ରୋମରାଜିର ବ୍ୟାଜରେ ଗଦା ଓ ଚକ୍ରକୁ ଥୋଇ ଅଛନ୍ତି । ବିଯୋଗ ସମୟରେ ଅସୁରମାନେ ଚେଷ୍ଟାକରି ଏହାଙ୍କୁ ଭୁରାଇବେ, ଏହି କଥା ଜାଣି ଜଗତ୍‌ପାଳକ ନାରାୟଣ ସେହି ଗଦା ଓ ଚକ୍ରକୁ ଦେଇଛନ୍ତି; ଏଣୁ ଏହି ଅବତାରରେ ନିଜର ହାତରେ ସେ ଦୁହେଁ ନାହାନ୍ତି ।'

୫୧ଶର ପଦ—ସେହି ହେତୁରୁ ଅର୍ଥାତ୍ ଗଦା ଓ ଚକ୍ର ଏହି ଲକ୍ଷ୍ମୀଙ୍କୁ ଦେଇ ପକାଇଥିବାରୁ ବର୍ତ୍ତମାନ ରାମାବତାରରେ ଦୁଇହାତରେ ଧନୁ ଓ ଶର ଧରି ବିରାଜିତ ହୋଇ ଅଛନ୍ତି । ଗରୁଡ଼ ଏହାଙ୍କ ଦେହରେ ଲୁଚିରହି, ନିଜର ଥଣ୍ଟକୁ ନାସିକା ଛଳରେ ପ୍ରକାଶ କରୁଛି । ଲକ୍ଷ୍ମୀଙ୍କର ବାହାନ ହସ୍ତୀ ମଧ୍ୟ ଏହାଙ୍କୁ ଗତିକୁ ଆଶ୍ରୟ କରିଥିବ । ଲକ୍ଷ୍ମୀ ପଦ୍ମାସନୀ, ସେଥିପାଇଁ ଏହାଙ୍କର ପଦଯୁଗଳ ପଦ୍ମପରି ଦେଖାଯାଉଛି । ଏହି ପାଦଦ୍ୱୟ ନିଶ୍ଚୟ ମୋର ମନବାଞ୍ଛା ପୂର୍ଣ୍ଣ କରିବ।'

ବର୍ଷ୍ମ ପୁଲକିତ ବସ୍ତୁରୁ ଏମନ୍ତ ପ୍ରିୟକ ପ୍ରିୟକ ସେବ ଯେ ।
ବେଷ୍ଟାରେ ହୋଇଲା ପଶ୍ଚାଏ ସନ୍ନିଧି ସନ୍ନିଧି ଗମେ ପାବମୀ ଯେ ।
ବୁଝ ହେ । ବୁଦ୍ଧି ଉତ୍ତମ କେ ବନ୍ଦ ହେ ।
ବାନପଦେ ଉପଇନ୍ଦ୍ର ଭଞ୍ଜ ସାରବର ଶେଷ କରେ ଛାନ୍ଦ ଯେ ।୫୨।

— —

## ପଞ୍ଚବିଂଶ ଛାନ୍ଦ

## ରାଗ—ଚିନ୍ତା ଭୈରବ

ବୁଧେ ଶୁଣିବା ହେଉ ସୁମତି କଇଶ୍ରବଣେ ଲଙ୍କ ଦେବଶ୍ରୀ
ବଶ୍ୱିଲ ସନ୍ଦେଶ ହେଲଟି ଗାଢେଶ ବାଣୀ ପ୍ରବେଶ ଜାନକୀ କଣ୍ଠରେ ।
ଦଂଶାସ୍ୟ । ୧ ।

---

୫୨ଶର ପଦ—ପ୍ରିୟକ—ପ୍ରୀତିପ୍ରଦ, କଦମ୍ବଫୁଲ । ବର୍ଷ୍ମ—ଦେହ । ପାବମୀ—ହନୁମାନ ।

### ପଞ୍ଚବିଂଶ ଛାନ୍ଦ

୧ମ ପଦ— ବୁଧେ—ପଣ୍ଡିତମାନେ । ସୁମତି—ସୁବିବେଚକ । କଇଶ୍ରବଣ—ରାବଣ । ସନ୍ଦେଶ—ଖବର । ଗାଢେଶ—ପ୍ରାଣପତି (ରାମଚନ୍ଦ୍ର) । ଦଂଶାସ୍ୟ—ରାବଣ ।

---

୫୨ଶର ପଦ—ଏହିପରି ପ୍ରୀତିପ୍ରଦ ବଚସ୍ୟମାନଙ୍କୁ ଶୁଣିକରି ହନୁମାନର ଦେହ ପୁଲକିତ ହୋଇ କଦମ୍ବଫୁଲର ଶୋଭାକୁ ଧାରଣ କଲା । ଚେଷ୍ଟାରଦ୍ୱାରା ଉତ୍କଣ୍ଠ ଉତ୍ପନ୍ନ ହେଲାପରେ ସେ ସୀତାଙ୍କର ସାମୀପ୍ୟକୁ ଲାଭ କଲା ( ନିକଟବର୍ତ୍ତୀ ହେଲା ) । ସାରବର ଉପେନ୍ଦ୍ର ଭଞ୍ଜ ଏ ଛାନ୍ଦକୁ ବାଉନପଦରେ ଶେଷ କଲେ । ହେ ଉତ୍ତମ ବୁଦ୍ଧିମାନ୍ ପଣ୍ଡିତବୃନ୍ଦ ! ଏହାକୁ ଭଲକରି ବୁଝ ।

— —

### ପଞ୍ଚବିଂଶ ଛାନ୍ଦ

୧ମ ପଦ—ହେ ବୁଦ୍ଧିମାନ ପଣ୍ଡିତବର୍ଗ ! ଶୁଣିବା ହୁଅନ୍ତୁ । ଲଙ୍କାଦେବୀ ସ୍ୱପ୍ନରେ ରାବଣକୁ ଏହି ସମ୍ବାଦ ଦେଲେ, "ରେ ରାବଣ ! ସୀତାଙ୍କ ନିକଟରେ ତାଙ୍କ ପତିଙ୍କର ବାଣୀ ପହଞ୍ଚିଲାଣି ।"

ବସି ସ୍ୱପନ ଚେତ କମ୍ପନ ବାହାରିଲା ସେ ଅଶୋକ ବନ
ବହୁତ ଦହୁଡ଼ ଅନ୍ଧାର ଖଉଡ଼ ଶୁଭେ ମଣିମା ମଣିମା ସ୍ୱନ ସେ ।
ସାଥିରେ । ୨ ।

ବୁଲାଉଛୁ ଚନ୍ଦ ପ୍ରାୟେ ନେତ୍ର କରେ ଶୂଳଗଦା ଅସିପତ୍ର
ଦଂଶାର୍ଦ୍ଧ ଆନନ ଶୋକ ଆନ-ଆନ ଆନନ ଲଙ୍ଘେ ଯା ଦେବଗୋତ୍ର ସେ ।
ଦଂଶାସ୍ତ । ୩ ।

ବଡ଼ଶୀକ ଉଠି ଯାଇଁ ଦୁଷ୍ଟ ବଡ଼ଶୀରେ ସୀତା କଲେ ପୃଷ୍ଠ
ବିଶସ୍ୟମାନ ଅନ୍ତଶସ୍ୟ ସଂଶୟ ନଷ୍ଟ ହେବ ଭାବ ହେଲା ତୁଷ୍ଟ ସେ ।
ବାତଜ । ୪ ।

---

୨ୟ ପଦ—ସାଥିରେ—ବାଟରେ ।

୩ୟ ପଦ—ଅସିପତ୍ର—ଖଣ୍ଡା । ଆନ-ଆନ—ଆଉ ଆଉ ପ୍ରକାର । ଆନ—ଗଣ । ଦେବଗୋତ୍ର—ଦେବତାମାନେ ।

୪ର୍ଥ ପଦ—ବଡ଼ଶୀ—ଅଟ୍ଟାଳିକା, ଅତି ଉଚ୍ଚ । ବାତଜ—ହନୁମାନ ।

---

୨ୟ ପଦ—ରାବଣ ଶଯ୍ୟାରୁ ଉଠି ଅଳ୍ପକ୍ଷଣ ବସି ସ୍ୱପ୍ନ ବିଷୟ ଚିନ୍ତା କରି କ୍ରୋଧକମ୍ପିତ କଳେବରରେ ଅଶୋକ ବନକୁ ଗମନ କଲା । ସେ ଯିବା ସମୟରେ ଅସଂଖ୍ୟ ଦହୁଡ଼ି ଲାଗି ଅନ୍ଧକାରକୁ ଦୂରକରିବାକୁ ଲାଗିଲେ ଓ ବାଟରେ ମଣିମା ମଣିମା ଡାକ ଶୁଣାଗଲା ।

୩ୟ ପଦ—ଯାହାର ଗଣକୁ ଦେବତାମାନେ ସୁଦ୍ଧା ଲଙ୍ଘନ କରନ୍ତି ନାହିଁ ଅର୍ଥାତ୍ ଦେବତାମାନେ ଯାହାର ଆଜ୍ଞାବହ, ସେହି ରାବଣ ଯିବା ସମୟରେ ଚକ୍ଷୁମାନଙ୍କୁ ଚନ୍ଦ ପରି ବୁଲାଉଥିଲା ଓ ହସ୍ତମାନଙ୍କରେ ଶୂଳ, ଗଦା ଓ ଖଣ୍ଡା ଧାରଣ କରିଥିଲା ଏବଂ ତାହାର ଦଶଗୋଟିଯାକ ମୁଖ ଭିନ୍ନ ଭିନ୍ନ ଶୋକ ଧାରଣ କରିଥିଲେ ।

୪ର୍ଥ ପଦ—ଏହିପରି ଭାବରେ ଯାଇ ରାବଣ ଅଟ୍ଟାଳିକା ଉପରକୁ ଉଠିଯାନ୍ତେ ସୀତା ଅନ୍ତଶସ୍ୟ ଭୟପାଇ ତା ଆଡ଼କୁ ପିଠି କରି ବସିଲେ । 'ଅନ୍ତଶସ୍ୟ ସନ୍ଦେହପୂର୍ଣ୍ଣ ବିଷୟମାନଙ୍କରୁ ସନ୍ଦେହ ସବୁ ନଷ୍ଟ ହେବ କି ? ଅର୍ଥାତ୍ ମୋର ସୀତାଙ୍କଠାରେ ଥିବା ସନ୍ଦେହ ତୁଟିଯିବ କି ? ଏହା ଭାବି ହନୁମାନ ଆନନ୍ଦିତ ହେବାକୁ ଲାଗିଲା ।

ବସେ ଘାଶେ ହୋଇ ମଧୁ ବ୍ରତେ ବାଣୀ ସରସ ଶର କ ଶ୍ରୁତେ
ବସଇ ଘାସଇ ବୈଚିତ୍ର୍ୟ ନ ବଧଇ କପି କୃପା ମୋହଠାରେ ଛଡ଼େ ରେ ।
ବସଙ୍ଗି । ୫ ।

ବଦାନ୍ୟ ଯେ ଲୋକେ ହୋଇଥାଇ ବୁଝ ତନୁ ଦାନ କ ନ ଦେଇ ।
ବଧିରେ ତୁ ନଧିରୂପା ରସନଧି ମୁଁ ଯେ ତୋହର ସନ୍ନିଧିସ୍ଥାୟୀ ରେ ।
ବସଙ୍ଗି । ୬ ।

ବଣିକର ବଲ୍ଲଭୀ ପଦ୍ମିନୀ ବଳସଇ ସେ ମଧୁପ ଯେସନ ।
ବଣିକରବଂଶୀ ପ୍ରିୟା ତୁ ପଦ୍ମିନୀ ମୁଁ ମଧୁପ ହୁଅ ରସଦାନୀ ରେ ।
ବସଙ୍ଗି । ୭ ।

---

୬ଷ୍ଠ ପଦ—ବଦାନ୍ୟ—ଦାତାଶ୍ରେଷ୍ଠ । ତନୁ—ଦେହ, ଅଳ୍ପ । ନଧିରୂପା—ରହସ୍ୟରୂପା । ରସନଧି—ରସସମୁଦ୍ର ।

୭ମ ପଦ—ମଧୁପ—ମଦ୍ୟପାୟୀ, ଭ୍ରମର । ବଣିକର-ବଲ୍ଲଭୀ—ସୂର୍ଯ୍ୟପ୍ରିୟା (ପଦ୍ମିନୀ) ।

---

୫ମ ପଦ—ରାବଣର କଥା ସୀତାଙ୍କୁ ଆନନ୍ଦ ପ୍ରଦାନ କରିବ ବା ଶରତୁଲ୍ୟ ଯନ୍ତ୍ରଣା ଦେବ, ଏହା ଜାଣିବାପାଇଁ ହନୁମାନ ମଧୁମାଛି ରୂପ ଧାରଣ କରି ସୀତାଙ୍କ ନିକଟରେ ବସିଲେ । ଏହି ସମୟରେ ରାବଣ କହିଲା, "ରେ ବସଙ୍ଗି ! ମୋ ପ୍ରତି ତୋ ହୃଦୟରେ କାହିଁକି ଟିକିଏ ହେଲେ ଦୟା ବସୁ ନାହିଁ ?"

୬ଷ୍ଠ ପଦ—ପୁନର୍ବାର କହିଲା, "ଅରେ ମାନ ବସ୍ତୁର କର, ଯେଉଁ ଲୋକ ବଡ଼ ଦାନ ହୋଇଥାଏ, ସେ କଣ 'ତନୁ' ଅଳ୍ପ ଦାନ (ଗୋଟିଏ ସାମାନ୍ୟ ଜନସ ଦାନ ) ଦିଏ ନାହିଁ ? ( ନିଶ୍ଚୟ ଦିଏ ) । ଅଥବା ଯେ ମହାଦାନ ସେ କଣ 'ତନୁ' ଦେହ ଦାନ ଦିଏ ନାହିଁ ? 'ମୋ ନିକଟରେ କଣ ଅଛି ଯେ, ମୁଁ ଦେବି,—ଏହା କହି ପାର, କିନ୍ତୁ ତୁମର ମୁଖ ପ୍ରଭୃତି ପଦ୍ମାଦି ନଧିମାନଙ୍କ ସହ ସମାନ ହୋଇ ଥିବାରୁ ତୁ ନଧିରୂପିଣୀ ଅଟୁ ଓ ଶୃଙ୍ଗାରରସର ମଧ 'ନଧି' ସ୍ଥାନ ବା ସମୁଦ୍ର ଅଟୁ । ରେ ସୁନ୍ଦରୀ ! ମୁଁ ତୋ ନିକଟରେ ଭିକ୍ଷାର୍ଥୀ ହୋଇଅଛି ।"

୭ମ ପଦ—"ତୁ ସୂର୍ଯ୍ୟବଂଶୀୟ ରାମଙ୍କର ପ୍ରିୟା ପଦ୍ମିନୀ ( ସତୀ ) ଅଟୁ । ମୁଁ ମଧ 'ମଧୁପ' ମଦୁଆ ଅଟେ । 'ମଧୁପ' ଭ୍ରମର ସୂର୍ଯ୍ୟଙ୍କର ପ୍ରିୟା ପଦ୍ମିନୀକୁ ଯେସନ କ୍ରୀଡ଼ା କରେ । ରେ ସୁନ୍ଦରୀ ! ଏଣୁ ତୁ ମଧ ଭ୍ରମ ବଶରେ ପଦ୍ମିନୀପରି ରସଦାନ କର ( ପ୍ରୀତିଭିକ୍ଷା ଦେ ) ।"

ବାରି ପାଶକୁ ତୃଷାର୍ତ୍ତୀ ଯାଇ　　　ବିସ୍ମର ତ କରେ ସେ କି ନାହିଁ ।
ବାରିଦବାରିରେ ଆଶାଯୁ କ୍ତ ଚାତକ ତୃଷା ନିବାରେ ତୁଷାର ପିଇ ରେ ।
ବସଙ୍ଗି । ୮ ।

ବହୁ ନାୟିକା ବଲ୍ଲଭ ଶଙ୍କା　　　ବହୁ ବିମୁଖ ପାଞ୍ଚ ରସିକା ।
ବିପ୍ରଲବ୍‌ଧା ସମ ସୁଷମ ସମସ୍ତେ ହେବେ ହେବୁ ସ୍ୱାଧୀନଭର୍ତ୍ତୃକା ରେ ।
ବସଙ୍ଗି । ୯ ।

ବିଂଶ ସପ୍ତାଧିକ ତାରାପତି　　　ବିଧୁ ରୋହିଣୀ ତା ପ୍ରିୟବତୀ ।
ବହୁତ ନୂହ ମୁଁ ସ୍ୱୀକୃତ କରୁଛୁ ତୋହ କୃତ ରସେ ମୋର ପ୍ରୀତି ରେ ।
ବସଙ୍ଗି । ୧୦ ।

---

୮ମ ପଦ—ବାରି—ଜଳ । ତୃଷାର୍ତ୍ତୀ—ଶୋଷୀ । ବାରିଦ ବାରିରେ—ମେଘ ଜଳରେ । ତୁଷାର—କାକର ।

୯ମ ପଦ—ବହୁ—ନାୟିକାବଲ୍ଲଭ—ବହୁ ସ୍ତ୍ରୀଙ୍କର ପତି । ସୁଷମ—ସୁନ୍ଦରୀ । ବିପ୍ରଲବ୍‌ଧା ନାୟିକା—ବଞ୍ଚିତା ନାୟିକା ।

---

୮ମ ପଦ—"ରେ ସୁନ୍ଦରୀ ! ତୁ ମନରେ ବିସ୍ମର କର, ଜଳନିକଟକୁ ତୃଷାର୍ତ୍ତୀ ଲୋକ ଯଦି ଯାଏ ସେ କଣ ତାକୁ ନାହିଁକରେ ? ( ଅର୍ଥାତ୍ ନାହିଁ କରେ ନାହିଁ ) । ତା ହେଲେ ତୁ କାହିଁକି ନାହିଁ କରୁଛୁ । ତୁ କହିପାରୁ 'ଯଦି ଆତୁର ହେଉଛ ତାହାହେଲେ ଅନ୍ୟ ସ୍ତ୍ରୀ ନିକଟକୁ ଯାଅ' ମାତ୍ର ତା ହେବ ନାହିଁ । କାରଣ ମେଘଜଳପ୍ରତି ଆଶା କରିଥିବା ଚାତକ ତୁଷାର ପିଇ ତୃଷା ଶାନ୍ତ କରି ପାରେ କି ?"

୯ମ ପଦ—"ରେ ରସିକା ! ମୁଁ ବହୁ ରମଣୀର ପ୍ରିୟ ହୋଇଥିବାରୁ ତୁ ମୋଠାରେ ଶଙ୍କା କରି ବିମୁଖ ହେଉଛୁ କି ? ( ଯାହାର ଏତେ ସ୍ତ୍ରୀ ସେ କଣ ଜଣକୁ ଭଲ ପାଇବ ? ) ହେ ସୁନ୍ଦରୀ ! ତୋର ଏପରି ଶଙ୍କା କରିବା ଉଚିତ ନୁହେଁ । ମୋର ସମସ୍ତ ସ୍ତ୍ରୀ ବିପ୍ରଲବ୍‌ଧା ସ୍ତ୍ରୀର ଶୋଭାକୁ ଧାରଣ କରିବେ ( ଅର୍ଥାତ୍ ସେମାନେ ବଞ୍ଚିତ ) ହୋଇ ରହିବେ । ତୁ ସ୍ୱାଧୀନଭର୍ତ୍ତୃକା ହେବୁ ମୁଁ ସର୍ବଦା ତୋର କଥା ମାନି ରହିବି ।"

୧୦ମ ପଦ—"ଚନ୍ଦ୍ର ସତାଇଶଗୋଟି ନକ୍ଷତ୍ରର ପତି ହେଲେ ସୁଦ୍ଧା ରୋହିଣୀ ତାଙ୍କର ପ୍ରିୟବତୀ ନାୟିକା ଅଟନ୍ତି । ସେହିପରି ମୋର ଅନେକ ସ୍ତ୍ରୀ ଥିଲେ ସୁଦ୍ଧା ତୁ ପ୍ରିୟବତୀ ରମଣୀ ହେବୁ । ରେ ସୁନ୍ଦରୀ ! ତୁ ବିମନା ହୁଅନାହିଁ । ମୁଁ ନିୟମ କରି କହୁଛି, ତୁ ଯାହା କରିବୁ ସେଥିରୁ ମୋର ଆନନ୍ଦ ହେବ ।"

ବାଣୀ ବାଣ ମୋହର ହୋଇଲା ବ୍ୟଥା ସୀତାଙ୍କୁ ଦେଲା ଜାଣିଲା ।
ବେଦମଣ୍ଡିମନ୍ତ ନ ପୁଣ ଯୁବତୀ ଶାପ ଦେବ ଏ ଭୟେ ଉଠିଲା ସେ ।
ଦଂଶାନ୍ତ । ୧୧ ।

ବୋଇଲା ସେ ଏମାସେ ରମଣି ବଲ୍ଲଭଙ୍କୁ ନ ପାଇଲେ ଆଣି ।
ବଧିବ ଅବଧି ଚନ୍ଦ୍ରହାସ ସେନ ଚନ୍ଦ୍ରହାସଶୋଭି ଥାଅ ଜାଣି ରେ ।
ବରାଙ୍ଗି । ୧୨ ।

ବହୁ ମୂଲ୍ୟ ରତ୍ନ ଯୋଗୀଠାବେ ବନ୍ଧା ହୋଇଥାଇ କରେ ତେବେ ।
ବଳ କରିବା କରିଣି ତାର କାହିଁ ପଡ଼େ ତସ୍କର କରସ୍ଥିର ଯେବେ ରେ ।
ବରାଙ୍ଗି । ୧୩ ।

ବାହୁଡ଼ିଲା ସେ ସକ୍ରୋଧ ହୋଇ କାଣ୍ଟେ ରାକ୍ଷସୀମାନଙ୍କୁ କହି ।
ବଶ ତ ନୋହିଲା ସ୍ନେହରେ କହନ୍ତେ ଏବେ ରହରେ ଭୟ ଦେଖାଇ ସେ
ବାମାକୁ । ୧୪ ।

---

୧୨ଶ ପଦ—ଚନ୍ଦ୍ରହାସ—ଖଡ୍ଗ । ଚନ୍ଦ୍ରହାସଶୋଭି—ଶୁକ୍ଲ ହାସିନୀ ସୀତେ ।

୧୪ଶ ପଦ—ରହରେ—ଏକାନ୍ତରେ । ବାମକୁ—ସ୍ତ୍ରୀକୁ ( ସୀତାଙ୍କୁ )

---

୧୧ଶ ପଦ—'ମୋର କଥା ଶର ପରି ସୀତାଙ୍କୁ କଷ୍ଟ ଦେଲା' ରାବଣ ଏହା ଜାଣି ପାରି କାଳେ ଏହି ଯୁବତୀ ବେଦମଣ୍ଡି ପରି ପୁଣି ଶାପ ଦେବ ଏହା ଭାବି ଭୟରେ ଶୀଘ୍ର ଉଠି ଗଲା ।

୧୨ଶ ପଦ—ସେ ଯିବା ସମୟରେ ଏହି ସବୁ କଥା କହିଗଲା । "ରେ ରମଣୀ ! ଏହି ମାସ ମଧ୍ୟରେ ଯଦି ତୋର ପତିକୁ ଆଣି ନ ପାରିବୁ, ତାହା ହେଲେ ତୋତେ ନିଶ୍ଚୟ ଖଣ୍ଡା ଧରି ହାଣିବି । ରେ ଶୁଭ୍ରହାସିନୀ ସୁନ୍ଦରୀ ଏହା ଜାଣିଥା ।"

୧୩ଶ ପଦ—"ରେ ସୁନ୍ଦରୀ ! ଭିକ୍ଷୁକ ବହୁମୂଲ୍ୟ ମଣି ମାଣିକ୍ୟ ପ୍ରଭୃତି ଯଦି ହାତରେ ବାନ୍ଧି ନିଜ ନିକଟରେ ରଖିଥାଏ ଏବଂ ସେହି ରତ୍ନ ଯଦି ଚୋର ହାତରେ ପଡ଼େ, ତାହା ହେଲେ ସେହି ମଣି ମାଣିକ୍ୟକୁ ଭିକ୍ଷୁକର ତାଠାରୁ ବଳପୂର୍ବକ ଆଣିବାର ଶକ୍ତି ଥାଏ କି ? ସେହିପରି ରାମ ମୋଠାରୁ ତୋତେ ନେଇପାରିବ ନାହିଁ ।"

୧୪ଶ ପଦ—ରାବଣ ଏପରି କହି କ୍ରୋଧରେ ଫେରି ଗଲାବେଳେ କାଣ୍ଟରେ ରାକ୍ଷସୀମାନଙ୍କୁ କହିଲା, "ମୁଁ ସ୍ନେହରେ ଯେତେ କହିଲେ ସୁଦ୍ଧା ସେ

ବୋଲୁଁ ବାହୁଡ଼ିଣ ନିଶାଚରୀ    ବେଢ଼ି ଭୟଙ୍କର ରୂପ ଧରି
ବାଣ୍ଟି ପଳ ପଳ କରି ଏହା ପଳ ଶିରେ ଉପଳ ଚାଡ଼ୁ ପ୍ରହାରି ସେ ।
କାମାଏ । ୧୫ ।

ବଶ ନୋହେ ଏ ରାଜାଧିରାଜେ    ବଡ଼ପଣ ଦେଖାଉଛି ଧୈର୍ଯ୍ୟେ
ବାୟସୀ ହଂସ ପ୍ରେୟସୀ ଯୋଗ କାହିଁ ବର୍ଣ୍ଣ ଅସିତ ସିତ କି ଭଜେ ଗୋ ।
କାମାଏ । ୧୬ ।

ବ୍ୟବହାର ଏହା ଶୁକ ପରି    ବିଳସନ୍ତା ସୁବର୍ଣ୍ଣ ପଞ୍ଜରୀ
ବନ ଭବନ ଭାବନା ଏକା କରେ ଭଲ ପଢ଼ାଉଛି କଣ୍ଠାଧାରୀ ଗୋ ।
କାମାଏ । ୧୭ ।

---

୧୫ଶ ପଦ—ନିଶାଚରୀ—ରାକ୍ଷସୀମାନେ । ପଳ—ମାଂସ । ଉପଳ—ପଥର ।

୧୬ଶ ପଦ—ରାଜାଧିରାଜ—ସମ୍ରାଟ । ବାୟସୀ—କାକସ୍ତ୍ରୀ । ଅସିତ—କଳା । ସିତ—ଧଳା ।

---

ମୋ କଥା ମାନିଲା ନାହିଁ । ଏବେ ତୁମ୍ଭେମାନେ ଏକାନ୍ତରେ ଭୟ ଦେଖାଇ ସେହି ସୁନ୍ଦରୀକୁ ମୋର ବଶ କରାଅ । ଅଥବା ରେ ରାକ୍ଷସୀମାନେ ! ଏବେ ତାକୁ ଭୟ ଦେଖାଇ ସେଠାରେ ରହ ।"

୧୫ଶ ପଦ—ରାବଣ ଏପରି କହି ଚାଲିଯିବାରୁ ରାକ୍ଷସୀମାନେ ଭୟଙ୍କର ରୂପ ଧରି ସୀତାଙ୍କୁ ବେଢ଼ିଗଲେ । ସେମାନଙ୍କ ମଧ୍ୟରୁ କେହି କେହି କହିଲେ, "ହେ ସ୍ତ୍ରୀମାନେ ! ମୁଣ୍ଡରେ ପଥର ଛେଚି ଏହାକୁ ମାରି ପକାଅ ଏବଂ ଏହା ମାଂସକୁ ପଳ ପଳ କରି ବାଣ୍ଟ ।"

୧୬ଶ ପଦ—ଅନ୍ୟ ଜଣେ କହିଲା, "ଏ ରାଜାଧିରାଜ ରାବଣେଶ୍ବରଙ୍କର ବଶ ନ ହୋଇ ଧୈର୍ଯ୍ୟ ଧରି ବଡ଼ପଣ ( ସତୀତ୍ୱର ଗର୍ବ ) ଦେଖାଉଛି କିନ୍ତୁ କାଆ କେବେହେଲେ ହଂସର ପ୍ରିୟା ହୋଇପାରେ କି ? ଅଥବା କଳାରଙ୍ଗ କେବେ ହେଲେ ଧଳା ହୋଇପାରେ କି ? ହେ ସୁନ୍ଦରୀମାନେ ! ଏ ସେହିପରି ରାବଣର ଭାର୍ଯ୍ୟା ହେବାର ଅଯୋଗ୍ୟ ।"

୧୭ଶ ପଦ—ଆଉ କେହି କହିଲା, "ଏହାର ବ୍ୟବହାର ଠିକ୍ ଶୁଆପରି ଅଟେ । ଶୁଆ ସୁବର୍ଣ୍ଣ ପିଞ୍ଜରାରେ ବିଳାସ କଲେ ମଧ୍ୟ ଯେପରି କେବଳ ମନ କଥା ଭାବ ହେଉଥାଏ, ସେପରି ଏ ସୀତା । ହେ ସୁନ୍ଦରୀମାନେ ! ଶୁଆ ପୋଷିବା

ବୋଲୁଅଛୁ ଏକା ରାମ ରାମ ବନ୍ଧମୋକ୍ଷମେ ହେବ କି କ୍ଷମ
ବିବେକ ପ୍ରଚଣ୍ଡ ପକ୍ଷୀ ବନଚାରୀ ବାଇ ପଶୁ ସ୍ୱର ଏ ସୁଷମ ଗୋ ।
ବାନ୍ଧଣି । ୧୮ ।

ବୋଧି ନିଜଟା ତାହାଙ୍କ ରଖି ବୋଲେ ସୀତା ସୀତାଂଶୁସୁମୁଖୀ
ବରୁଣଦିଗେ କି ତରୁଣ ଅରୁଣ ଉଦେ ହୋଇଛି କେ ଅଛ ଦେଖି ଗୋ ।
ବାମାଏ । ୧୯ ।

ବିକଶିଛି କି ଶିଖରିଶିଖେ ବିନା ଜଳରେ ପଦ୍ମ ତା ସୁଖେ
ବନ୍ଧନ ଆଶାବନ୍ଧରେ କି କୁଞ୍ଜର ଶୁଣା ପ୍ରବନ୍ଧ କି ମୂର୍ଖମୁଖେ ଗୋ ।
ବାମାଏ । ୨୦ ।

---

୨୦ଶ ଛନ୍ଦ—ଶିଖରୀ ଶିଖେ ପର୍ବତ ଶୃଙ୍ଗରେ । ଆଶାବନ୍ଧରେ—ବୁଢ଼ିଆଣୀ ସୂତାରେ । କୁଞ୍ଜର—ହସ୍ତୀ ।

---

ଲୋକେ ଦେଉଥିବା ଶିକ୍ଷାକୁ ଯେପରି ଶୁଆ ଘୋଷି ହୋଇଥାଏ, ସେହିପରି ସେ ନିଜଟା ତାର ଏହାଙ୍କୁ ଭଲ ଶିକ୍ଷା ଦେଇଛି ଯେ, ଏ ସବୁବେଳେ ତାହା ଘୋଷୁଅଛି ।"

୧୮ଶ ଛନ୍ଦ—ପୁଣି କହିଲା, "ଏ ତ ସବୁବେଳେ ଶୁଆ ପରି ରାମ, ରାମ, ବୋଲୁଅଛି, ସେହି ରାମ କଣ ସତେ ଏହାଙ୍କୁ ବନ୍ଦୀରୁ ମୁକ୍ତ କରିବାକୁ ସକ୍ଷମ ହେବ ? ( ପିଞ୍ଜରା ବଦ୍ଧ ଶୁକ ରାମ ନାମ ଧରି କେବେ ହେଲେ ପିଞ୍ଜରାରୁ ମୁକ୍ତ ହେବାର ଦେଖା ନାହିଁ ) । ମୋ ବିଚାରରେ ପକ୍ଷୀ, ବନବାସୀ, ପାଗଳ ଓ ପଶୁ ଏମାନେ ସମାନ ( ଅର୍ଥାତ୍ ଏମାନଙ୍କର ଭଲ ମନ୍ଦ ବାରିବା ଶକ୍ତି ନାହିଁ ) । ଏଣୁ ଏ ସ୍ୱରଟିକୁ ଗୁଡ଼ ରାମ ରାମ ଭଜୁଛି ।"

୧୯ଶ ଛନ୍ଦ—ରାକ୍ଷସୀମାନେ ଏହିପରି କହୁଥିବାର ଶୁଣି ନିଜଟା ସେମାନଙ୍କୁ ବୁଝାଇ ତୁନି କରାଇଲା । ସୁନ୍ଦର ଚନ୍ଦ୍ରମୁଖୀ ସୀତା କହିଲେ, "ଆଗୋ ସୁନ୍ଦରୀମାନେ ! କେବେହେଲେ ପଶ୍ଚିମ ଦିଗରେ ସୂର୍ଯ୍ୟ ଉଦୟ ହେବାର ଦେଖିଛ କି ?"

୨୦ଶ ପଦ—"ହେ ସୁନ୍ଦରୀମାନେ ! ଜଳବିନା ପର୍ବତ ଉପରେ ପଦ୍ମ କେବେ ହେଲେ ସ୍ୱଇଚ୍ଛାରେ ଫୁଟିଛି କି ? ବୁଢ଼ୀଆଣି ସୂତାରେ କେବେ ହସ୍ତୀ ବନ୍ଧା ଯାଇ ପାରେ କି ? ମୂର୍ଖ ଲୋକର ମୁଖରୁ କେବେ ହେଲେ ଶାସ୍ତ୍ର ଶୁଣାଯାଏ କି ?

କଳାପଢ଼ ବା ଏମାନ ହେବ ବଇଦେହୀ ଶରୀ ନ ଟଳିବ
ଧନା ସ୍ମରଣରେ କୋଟିଏ କାମରେ ଏ ତ ଚାମରେ କି ହେବ ଗୋ ।
ବାମାଏ । ୨୧ ।

ବୋଲି ମଉନ ଜାନକୀ ହେଲେ ବର୍ଗୀବନ୍ଧ ଶେଷ ଏହିକାଳେ
ବିରଞ୍ଚି ନାରଦ ତୁମ୍ବୁରୁ ଲଙ୍କାରେ ସେବା କରିବାକୁ ଆସିଲେ ସେ ।
କେତରେ । ୨୨ ।

ବେଦ ବୀଣା ସ୍ତୁତି ଆରମ୍ଭଣେ ବୋଲେ ଦ୍ୱାସ୍ଥ କେଉଁ ବଢ଼ପଣେ
ଭବ୍ୟେ ନ ଜାଣି ହୁଅ କଳକଳ ରହ ସକଳେ ମଉନେ କ୍ଷଣେ ହେ ।
ସୁବୁଧେ । ୨୩ ।

ଦ୍ୱସେ କି ବୋଲୁଁ ବୋଲେ ଉତ୍ତର ବ୍ୟାଧି ଗ୍ରାହା ଅନ୍ତର୍ଗତେ ଜାତ
ବୈଦେହୀ ପାତକ ଭୟ ଉହାଙ୍କର ଭରତନଙ୍କୁ ଅର୍ଜିତ ଚିତ୍ତ ହେ ।
ସୁବୁଧେ । ୨୪ ।

---

୨୧ଶ ପଦ— ବଇଦେହୀ— ସୀତା । ଚାମର— କୁତ୍ସିତ ।
୨୪ଶ ପଦ —ବୈଦେହୀ— ସୀତା, ପିତ୍କଣୀ ।

---

୨୧ଶ ପଦ—"ଆଗୋ ସୁନ୍ଦରୀଏ ! ଏହି ମୋର କହିଥିବା କଥାସବୁ ଥିବା ସମ୍ଭବ ହୋଇପାରେ ( ଅର୍ଥାତ୍ ମଣି, ମନ୍ତ୍ର ଓ ଔଷଧ ବଳରେ କଏ କରି ଦେଇ ପାରେ ) କିନ୍ତୁ ସୀତାର ଚିତ୍ତ ରାମଙ୍କ ବାଂଛିତ କୋଟିଏ ସଂଖ୍ୟକ କନ୍ଦର୍ପମାନଙ୍କଠାରେ ଅର୍ଥାତ୍ କୋଟି କନ୍ଦର୍ପଜିତ ସୁନ୍ଦର ପୁରୁଷଠାରେ ମଧ୍ୟ ଭୁଲିବ ନାହିଁ । ତେବେ ଏହି ମୋଠାରେ ଭୁଲିଯିବାର ସମ୍ଭବ ହୋଇପାରେ କି ?"

୨୨ଶ ପଦ—ସୀତା ଏତିକି କହି ମଉନ ହେଲେ । ଏହି ସମୟରେ ଗୀତ ଶେଷ ହେବାରୁ ବ୍ରହ୍ମା, ନାରଦ ଓ ତୁମ୍ବୁରୁ ( ଗନ୍ଧର୍ବ ବାଦକ ) ଏମାନେ ନିଜ ନିଜର ସେବାରେ ଯୋଗ ଦେବା ପାଇଁ ଲଙ୍କାକୁ ଆସିଲେ ।

୨୩ଶ ପଦ—ଏମାନେ ରାଜଦ୍ୱାରରେ ଉପସ୍ଥିତ ହୋଇ ବେଦ ପାଠ, ବୀଣା ବାଦନ ଓ ସ୍ତୁତିଗାନ କରିବାକୁ ଆରମ୍ଭ କରନ୍ତେ ଦୌବାରିକ କହିଲା, "ହେ ଦେବତାମାନେ ! ତୁମ୍ଭେମାନେ ବର୍ତ୍ତମାନ ରାଜନବରର ହାଲ ଚାଲ ନ ଜାଣି କେଉଁ ବଡ଼ପଣ ବଳରେ କୋଳାହଳ କରୁଅଛ ? ସମସ୍ତେ କ୍ଷଣେ ତୁନି ହୋଇ ରହ ।"

୨୪ଶ ପଦ—ସେହି ଦେବତାମାନେ ଦ୍ୱାରୀ ଠାରୁ ଏହି କଥା ଶୁଣି କଥା କଣ ବୋଲି ତଠାରୁ ପଚାରିବାକୁ ସେ କହିଲା, "ହେ ଦେବତାମାନେ !

ବ୍ରହ୍ମା ବୋଲେ ତେବେ ସନ୍ନିପାତ ବିନାଶନେ ତେଜ ହୁଏ ସତ
ବହିଲ ଭଙ୍ଗୀ ତ ନ ବୁଝି ଇଙ୍ଗୀତ ଜାଣ ପର ସଙ୍ଗୀତ ସାହିତ୍ୟ ହେ ।
ବିଧାତା । ୨୫ ।

ବିଧ୍ୱଂସନ ତମସ କ୍ରମଶେ ବିକର୍ତ୍ତନ ଉଦେ ହୋଇ ଆସେ
ବଶ୍ୟତକ୍ଷୁସ ଉକୁଟାଇ କସ୍ତୁରୀ ଯେନେ କୁଙ୍କୁମ ଶ୍ରବୁସବଶେ ସେ ।
ବିଗ୍ରହେ । ୨୬ ।

---

୨୬ଶ ପଦ—ବିକର୍ତ୍ତନ—ସୂର୍ଯ୍ୟ । ତମସ—ଅନ୍ଧକାର । ବଶ୍ୟ—ତକ୍ଷୁସ-ସ୍ତ୍ରୀରୂପା ସ୍ତ୍ରୀ । ବିଗ୍ରହେ—ଦେହରେ ।

---

ରାଜାଙ୍କର 'ଅନ୍ତର୍ବ୍ୟାଧି' ଯେଉଁଭଳିରେ ରୋଗ ହେବାରୁ ସେ 'ବୈଦେହୀ ପାଚନ' ପିପ୍‌ଳୀ କ୍ୱାଥ ଏ ରସ ରତ୍ନାକର ନାମକ ଔଷଧ ପ୍ରସ୍ତୁତ କରି ଖାଇବା ପାଇଁ ମନରେ ଅନୁରାଗ ପ୍ରକାଶ କରୁଅଛନ୍ତି ।"

ଇଙ୍ଗ ତାର୍ଥ—ରାଜା କାମବ୍ୟାଧି ପ୍ରପୀଡ଼ିତ ହୋଇ ସୀତାଙ୍କଠାରୁ କିପରି ଅଧିକ ରତିସୁଖ ପାଇବେ ଏହା ଚିନ୍ତା କରୁଛନ୍ତି ।

୧୫ଶ ପଦ— ଏହା ଶୁଣି ବ୍ରହ୍ମା କହିଲେ, "ତେବେ ତାଙ୍କର ସନ୍ନିପାତ ରୋଗ ହେଲା । ଉପଯୁକ୍ତ ଔଷଧ ନ ଖାଇଲେ, ରୋଗର ତେଜ ବୃଦ୍ଧି ହୁଏ, ଏହା ସତ୍ୟ ।"

ଇଙ୍ଗିତାର୍ଥ—"ତେବେ ତାଙ୍କର 'ତେଜ' ପ୍ରତାପ ଧ୍ୱଂସ ହେବାର ସମୟ ହେଲା । ପ୍ରତାପ କମିଲେ, 'ସନ୍ନିପାତ' ବଂଶ ନାଶ ହୁଏ, ଏହା ସତ୍ୟ ।"

ବ୍ରହ୍ମାଙ୍କ କଥା ଶୁଣି ହାସ କହିଲା, "ହେ ବିଧାତା ! ଆପଣ ପର ସଙ୍ଗୀତ ଓ ସାହିତ୍ୟ ଜାଣନ୍ତି, ତାହା ହେଲେ ମୋର ଅଭିପ୍ରାୟ ନ ବୁଝି କାହିଁକି ଉପହାସ କଲେ ?" ( ଏହି ଉକ୍ତିରୁ ଜଣାଗଲା ଯେ, ବ୍ରହ୍ମା ହାସର ଅଭିପ୍ରାୟ ବୁଝିଲେ ମାତ୍ର ହାସ ବ୍ରହ୍ମାଙ୍କର ଅଭିପ୍ରାୟ ବୁଝି ନ ପାରି ଏପରି କହିଲା ) ।

୨୬ଶ ପଦ—ଏହି ସମୟରେ ସୂର୍ଯ୍ୟ ଉଦୟ ହେବାରୁ ଅନ୍ଧାର ଆସ୍ତେ ଆସ୍ତେ ଲୋପ ହୋଇଗଲା । ସେହି କାଳରେ ଦୃଶ୍ୟ ଦେଖି ମନେ ହେଲା, ସଂସାରରୂପା ତକ୍ଷୁସ ରମଣୀ ଦେହରେ କସ୍ତୁରୀ ବୋଳା ହୋଇ ତାକୁ ଛଡ଼ାଇ ସାରି ଦେହରେ କାନ୍ତି ବର୍ଦ୍ଧନ କରିବା ନିମିତ୍ତ ତକ୍ଷୁରତା ଦେଖାଇ କୁଙ୍କୁମ ବୋଳୁଛି କି ?

ବୃଷା ବାହାର ଚଢ଼ି କୁଞ୍ଜର　ବ୍ୟକତ କି ତା ଶିର-ସିନ୍ଦୁର ।
କହେ ଉଦୟାମ୍ବରେ ଛତ୍ର ଆଡ଼ମ୍ବରେ ଅମ୍ବରେ କି ବିଗପଟଶୁଭ ସେ ।
ବିସ୍ତରେ । ୨୭ ।

ବାହାରିଲେ ଖୀନ୍ଦ୍ରେ ଆନନ୍ଦ　ବାଜେ ଦେବାଳୟେ ଶଙ୍ଖବୃନ୍ଦ ।
ବଞ୍ଚିଲେ ଯୋଡ଼େ ଲୁଚିଲେ ବାର୍ଦ୍ଧିଚରେ ନ ମୁଞ୍ଚିରେ କଦା ଭୟ ହୃଦ ସେ ।
ବାସରେ । ୨୮ ।

ସାକ୍ଷଣ ଏ ସମୟକୁ କଲେ　ବିଭକ୍ଷଣେ ମନ ବଳାଇଲେ ।
ବଟକ କର୍ବୁରିପୂଗ ତ ଜଗତରଞ୍ଜନାଭ ପାରୁଶନ୍ତ ହେଲେ ସେ ।
ବେଗରେ । ୨୯ ।

---

୨୭ଶ ପଦ—ବୃଷା—ଇନ୍ଦ୍ର । କୁଞ୍ଜର—ହସ୍ତୀ (ଐରାବତ) ।
୨୮ଶ ପଦ—ଖୀନ୍ଦ୍ରଏ—କୁଆମାନେ । ଶଙ୍ଖବୃନ୍ଦ—ଶଙ୍ଖସମୂହ ।
ବାର୍ଦ୍ଧିଚରେ—ଚେଚକାଦି ପକ୍ଷୀମାନେ । ବାସରେ—ଦିବସରେ, ଦଶାରେ ।
୨୯ଶ ପଦ—କର୍ବୂରୀପୂଗ—ରାକ୍ଷସୀମାନେ । ସାକ୍ଷଣ—ଦେଖି । ବିଭକ୍ଷଣେ—ଖାଇବା ବିଷୟରେ । ଜଗତରଞ୍ଜନା—ଜଗନ୍ମୋହିନୀ ।

---

୨୭ଶ ପଦ—ତହୁଁରେ ସମ୍ପୂର୍ଣ୍ଣ ପ୍ରକାଶିତ ସୂର୍ଯ୍ୟମଣ୍ଡଳକୁ ଦେଖି ମନେ ହେଲା; ଇନ୍ଦ୍ର ହାତୀ ଉପରେ ଚଢ଼ି ବାହାରୁ ଥିବାରୁ ସେହି ହାତୀର ମୁଣ୍ଡରେ ଥିବା ସିନ୍ଦୁର ଦେଖାଯାଉଛି କି ? କିମ୍ବା ଇନ୍ଦ୍ର ବିଜେ କରୁଥିବାରୁ ତାଙ୍କର ବିଜୟବାର୍ତ୍ତା ପ୍ରସ୍ତୁତକ ହିତ ରୂପ ଭୂରଂ ରଙ୍ଗ ଲୁଗାନିର୍ମିତ ଛତ୍ରକୁ ଆଡ଼ମ୍ବର ପୂର୍ବକ ଆକାଶରେ ଧରିଛନ୍ତି କି ? ସେହିପରି ଦେଖା ଯାଉଛି ।

୨୮ଶ ପଦ—ସୂର୍ଯ୍ୟୋଦୟ ହେବାରୁ କୁଆମାନେ ଆନନ୍ଦରେ ବାହାରିଲେ, ଦେବାଳୟମାନଙ୍କରେ ଶଙ୍ଖସବୁ ବାଜିଲା, ବୃକ୍ଷ କୋରଡ଼ରେ ଯେଉଁମାନେ ଲୁଚିଲେ ଏବଂ ଲୁଚି ରହିଲେ ସୁଦ୍ଧା ସେମାନଙ୍କଠାରୁ କେବେହେଲେ ଭୟ ଛୁଟିଲା ନାହିଁ ।

୨୯ଶ ପଦ—ଏହି ପ୍ରଭାତ ସମୟକୁ ଦେଖି ପକ୍ଷୀମାନେ ଖାଇବା ପାଇଁ ମନ ବଳାଇଲେ ଓ ଅସୁରୀମାନେ ଜଗନ୍ମୋହିନୀ ସୀତାଙ୍କ ନିକଟରୁ ଶୀଘ୍ର ଅନ୍ତର ହେଲେ ।

ବୃଦ୍ଧଗଣ୍ଡକୀ ନଦୀ ସ୍ନାନରେ ବଜାଇଲେ ଶଙ୍ଖ ତଟପରେ ।
ବିଳମ୍ବ ଗମନ ପ୍ରଳମ୍ବକୁନ୍ତଳା ଅବଲମ୍ବ ଏହି ମନୋହରେ ସେ ।
ବୈଦେହୀ । ୩୦ ।

ବଣେଷିତ ଗର୍ଭାକସୀ ହଂସୀ ବନଜମାଡଳେ କ ବଳସି ।
ବାହୁ ଲମ୍ବିତ କୁଚ ଚକ୍ର ଚୁମ୍ବିତ ମୃଣାଳକୁ ଏହି ଲକ୍ଷ ଆସି ସେ ।
ବୈଦେହୀ । ୩୧ ।

ବେଣୀ ଅଳଘ ଚରମେ ଚଳେ ବସ ମୟୂରପୁଚ୍ଛ କ ଖ୍ଳେ ।
ବେଳ ତ୍ରୋଳାଣ୍ଟିଁ ନଗୁଣ୍ଟିଁଲ ଗୁଣ୍ଟିଁଲ କ ଶୋଇଲ ହୋଇ ଭୃଙ୍ଗ ଖେଳେ ସେ ।
ବାରିଜେ । ୩୨ ।

---

୩୦ଶ ପଦ—ପ୍ରଳମ୍ବକୁନ୍ତଳା—ସୁଦୀର୍ଘକେଶୀ । ଅବଲମ୍ବ—ଧାରଣ ।

୩୧ଶ ପଦ—ବନଜମାଡଳେ—ପଦ୍ମ ଥବରେ । ମୃଣାଳ—ପଦ୍ମନାଡ଼ ।

୩୨ଶ ପଦ—ଚରମେ—ପିଠିରେ । ଭୃଙ୍ଗ—ଭ୍ରମର । ବାରିଜେ—ପଦ୍ମଉପରେ ।

---

୩୦ଶ ପଦ—ଦୀର୍ଘ କେଶୀ ସୀତା ସ୍ନାନ କରିବା ଇଚ୍ଛାରେ ବୃଦ୍ଧଗଣ୍ଡକୀ ନଦୀରେ ଧୀରେ ଧୀରେ ଗମନ କଲେ । ତାଙ୍କର ସେହି ଧୀର ଗତି ଏହି ଶୋଭାକୁ ଧାରଣ କଲା;—

୩୧ଶ ପଦ—ଗର୍ଭ ଭାରରେ ଅତ୍ୟନ୍ତ ଉଦ୍‌ବିଗ୍ନ ହୋଇଥିବା ହଂସୀ ପଦ୍ମଥବରେ କ୍ରୀଡ଼ା କରୁଅଛି କି ? ଏବଂ ତାଙ୍କର ବିଳମ୍ବିତ ବାହୁଦ୍ୱୟ ଓ ଉନ୍ନତ ସ୍ତନଦ୍ୱୟ ଦେଖି ମନେ ହେଲା, ଚକ୍ରବାକ ଓ ଚକ୍ରବାକୀ ମୁଖରେ ପଦ୍ମନାଡ଼ ଧରି ଅଛନ୍ତି କି ? ( ଏଠାରେ ଚକ୍ରବାକ ଦମ୍ପତି ସହ ସ୍ତନ ଓ ମୃଣାଳ ସହ ବାହୁ ଉପମିତ ହେଲା ) ।

୩୨ଶ ପଦ—ସୀତା ଚାଲୁଥିବା ବେଳେ ପୃଷ୍ଠଦେଶରେ ମନ୍ଦ ମନ୍ଦ ଦୋହଲୁଥିବା ବେଣୀକୁ ଦେଖି ମନେ ହେଲା, ମୟୂର ଏଠାରେ ବସି ତାର ଲମ୍ବ ପୁଚ୍ଛକୁ ଖେଳାଉଛି କି ? କେତେବେଳେ ଗୁଣ୍ଟିଁଲପରି ଓ କେତେବେଳେ ନ ଗୁଣ୍ଟିଁଲ ପରି ଦେଖା ଯାଉଥିବା ଚକ୍ଷୁଦ୍ୱୟ ଦେଖି ମନେ ହେଲା, ଶୋଇଲାପରି ହୋଇଥିବା ଅର୍ଥାତ୍ ଅଳ୍ପ ଲଇଁ ପଡ଼ିଥିବା ପଦ୍ମ ଉପରେ ବସି ଭ୍ରମର କ୍ରୀଡ଼ା କରୁଛି କି ?

କାର୍ତ୍ତିକାରେ ଇନ୍ଦୁ ନିଷ୍କଳଙ୍କା        ବଦନରେ ଗ୍ଲାନି କି ସେ ଶଙ୍କା
ବେଢ଼ିଲେ ଜଡ଼ିଲେ ଯୋଡ଼ିଲେ ଖଣ୍ଡାର୍ଦ୍ଧ ବେଢ଼ି ଚକୋରପନ୍ତି ଅଳକ ସେ ।
ବୈଦେହୀ । ୩୩ ।

ହରଳିତ ନାସା ଶ୍ୱାସ ବଳେ        ବସି ଉର୍ଦ୍ଧ୍ୱେ କି ଶୁକ ଚଞ୍ଚଳେ
ବିମ୍ବାଧର ଶୁଷ୍କ ଧରିଣୁ ଧରିବେ ନାହିଁ ଏହି ଉପଲକ୍ଷ ମିଳେ ସେ ।
ବୈଦେହୀ । ୩୪ ।

ବକ୍ଷୋଜ ତଳେ ରୋମାଳୀ ସାଧୁ        ହଜନସ୍ଥାନ ହୁଦ ହଣ୍ଟୁ
କାହ୍ନଡ଼େ ଶରଘା ଶରଧାରେ ଭରେ ସଞ୍ଚି ଅବା ରାମ-ପ୍ରେମ ମଧୁରସେ ।
ବୈଦେହୀ । ୩୫ ।

---

୩୩ଶ ପଦ—ଇନ୍ଦୁ—ଚନ୍ଦ୍ର । ବାର୍ଦ୍ଧି—ସମୁଦ୍ର ।

୩୫ଶ ପଦ—ବକ୍ଷୋଜ—ସ୍ତନ । ସାଧୁ—ମନୋହର । ଶରଘା—ମଧୁମକ୍ଷିକାସମୂହ ।

---

୩୩ଶ ପଦ—ଚୂର୍ଣ୍ଣକୁନ୍ତଳଦ୍ୱାରା ଘୋଡ଼ାଇ ହୋଇଥିବା ସୀତାଙ୍କର ଅର୍ଦ୍ଧାଂଶ ମୁଖମଣ୍ଡଳକୁ ଦେଖି ମନେ ହୁଏ, ଚନ୍ଦ୍ର ବର୍ତ୍ତମାନ କଳଙ୍କିତ ହୋଇଥିଲେ ସୁଦ୍ଧା ସମୁଦ୍ରରୁ ଜନ୍ମ ହେବା ସମୟରେ ନିଷ୍କଳଙ୍କ ଥିଲେ । ଏହି କଥା ଚକୋରମାନେ ମନେ କରି, ସୀତାଙ୍କ ମୁଖକୁ ଦେଖି ଏହା ସେହି କଳଙ୍କଶୂନ୍ୟ ଚନ୍ଦ୍ର ବୋଲି ସ୍ଥିର କଲେ, ଏଣୁ ସେହି ଚକୋରମାନେ ଅଳକା ରୂପକୁ ଆଶ୍ରୟ କରି ଏହାଙ୍କ କପାଳର ଅର୍ଦ୍ଧଭାଗକୁ ଏକତ୍ରିତ ହୋଇ ଆଚ୍ଛାଦନ କରି ରହିଅଛନ୍ତି କି ?

୩୪ଶ ପଦ—ସୀତା ଯାଉଥିବା ବେଳେ ପ୍ରଖର ନିଃଶ୍ୱାସ ବଶରୁ ତାଙ୍କର ନାକପୁଡ଼ା ଫୁଲି ଉଠୁଥିଲା ଏବଂ ଅଧର ଶୁଷ୍କ ହୋଇ ଯାଉଥିଲା; ଏଣୁ ତାହା ଦେଖି ଏହିପରି ଭାବନା ହେଲା; ଉପରେ ବସି ଶୁଆ ଆହାର ଇଚ୍ଛାରେ ଚଞ୍ଚଳ ହେଉଛି କି ? ଏବଂ ଅଧର ରୂପ ବିମ୍ବଫଳକୁ ଶୁଖିଲା ମନେ କରି ଥଣ୍ଟରେ ଧରିବାକୁ ଇଚ୍ଛା କରି ପୁଣି ପଶ୍ଚାତ୍‌ପଦ ହେଉଛି କି ?

୩୫ଶ ପଦ—ସୀତାଙ୍କର ସ୍ତନର ନିମ୍ନଦେଶରେ ଥିବା ମନୋହର ରୋମାବଳୀକୁ ଦେଖି ମନେ ହୁଏ, ଏହାଙ୍କର ହୃଦୟକୁ ପରିଷ୍କୃତ ଓ ନିର୍ଜନ ଦେଖି ମହୁମାଛିମାନେ ରାମଚନ୍ଦ୍ରଙ୍କର ପ୍ରେମରୂପ ମହୁ ସଞ୍ଚିତ କରିବା ପାଇଁ ଆସି ଏଠାରେ ସ୍ତନରୂପ ମହୁଫେଣାକୁ ଶ୍ରଦ୍ଧାରେ ତିଆରି କରି ଫେରି ଯାଉଅଛନ୍ତି କି ?

ବଳକ୍ଷି ଏମାନ ହନୁମାନ ବର୍ଣ୍ଣିଲ ଏ ଅନୁମାନମାନ
ବିଶ୍ରମି ଏକ ତରୁତଳେ ତରୁଣୀ ଏଥି ଉତ୍ତାରୁ ଅମୃତ ପାନ ସେ ।
ବନ୍ଧିଲେ । ୩୬ ।

ବୋଲେ ଦାଶରଥି ସ୍ୱପଧାରୀ ବନ ଦଣ୍ଡକେ ପୁଣି ବିହରି
ବହେ ନାମ ରାମ ଶ୍ରୀରାମ ରାଘବ ରାମଚନ୍ଦ୍ର ରାମଭଦ୍ର କରି ସେ ।
ବିଧାତା । ୩୭ ।

ବନ୍ଧୁ ପ୍ରାଣର ପୃଥ୍ୱୀକୁମାରୀ ବିସର୍ଜନ୍ତି ନ ଏକା ଶର୍ବରୀ
ବିଚକ୍ଷଣ ସେ ଲକ୍ଷଣରେ ରକ୍ଷଣ ଭ୍ରାତ ଲକ୍ଷ୍ମଣଙ୍କୁ ଅନୁସରି ହେ ।
ବିଧାତା । ୩୮ ।

ବାଳା ଗଳାମାଳା ହୋଇଥିଲା ବିଚ୍ଛେଦନ କେ ତା ରେଷ କଲା
ବାରତା ଶ୍ରବଣ ରାବଣ ଦ୍ରବଣ କ୍ରମେ ସୁଗ୍ରୀବ ସଂଯୋଗ ହେଲା ହେ ।
ବିଧାତା । ୩୯ ।

---

୩୯ଶ ପଦ—ଦ୍ରବଣ—ପରାକ୍ରମ, ସ୍ପର୍ଦ୍ଧା ବଳ ।

---

୩୬ଶ ପଦ—ହନୁମାନ ସୀତାଙ୍କର ଏହି ସବୁ ଅବସ୍ଥାଭେଦମାନଙ୍କୁ ଦେଖି ଅନୁମାନ ଦ୍ୱାରା ପୂର୍ବୋକ୍ତ ପ୍ରକାରେ ବର୍ଣ୍ଣିଲେ । ଯୁବତୀ ସୀତା ସ୍ନାନ ପରେ ଏକ ବୃକ୍ଷମୂଳରେ ବସି ହନୁ କହୁଥିବା ରାମକଥାମୃତ ପାନ କଲେ ) ।

୩୭ଶ ପଦ—ହନୁମାନ କହିଲେ, "ହେ ବିଧାତା ! ଯେ ଦଶରଥ ମହାରାଜାଙ୍କ ପୁତ୍ର, ଯେ ରାମ, ରାଘବ, ରାମଚନ୍ଦ୍ର, ରାମଭଦ୍ର ଏହି ନାମମାନଙ୍କ ଧାରଣ କରି ଅଛନ୍ତି, ସେହି ରାମ ପୁଣି ଦଣ୍ଡକାରଣ୍ୟରେ ଧନୁଶର ଧରି ବୁଲୁଛନ୍ତି ।"

୩୮ଶ ପଦ—"ହେ ବିଧାତା ! ସୀତା ତାଙ୍କର ପ୍ରାଣେଶ୍ୱରୀ ଅଟନ୍ତି । ରାମ ତାଙ୍କୁ ଦିନ ରାତି କେବେବେଳେ ସୁଦ୍ଧା ନିକଟରୁ ଅନ୍ତର କରନ୍ତି ନାହିଁ । ଏକଦା ସେହି ରାମ ସର୍ବଲକ୍ଷଣରେ ମଣ୍ଡିତ ଭାଇ ଲକ୍ଷ୍ମଣଙ୍କର ଉପରେ ସୀତାଙ୍କର ରକ୍ଷାଭାର ଅର୍ପଣ କରି ମୃଗାନ୍ୱେଷଣରେ ବାହାରିଗଲେ ଏବଂ କିଛିକ୍ଷଣ ପରେ ଲକ୍ଷ୍ମଣ ମଧ୍ୟ ତାଙ୍କୁ ଅନୁସରଣ କଲେ ।"

୩୯ଶ ପଦ—"ହେ ବିଧାତା ! ସେହି ସୀତା ତାଙ୍କର ଗଳାମାଳା ହୋଇଥିଲେ । ସେହିର ଗଳାରୁ କାଟି ମାଳା ନେଲା ପରି କୌଣସି ଲୋକ

ଜୀବନ ଚେତନକୁ ପ୍ରାଣ ଜାତ ଦମ୍ପତିନେ ହୋଇଛୁ ମିଳିତ
ବୋଲନ୍ତି ତ ଜାଣୁ ରମଣୀମଣିକ ହୃଦେ ମଣି ଆଣିଲେ ଏ ସତ ହେ ।
ବିଧାତା । ୪୦ ।

ବାଳୀ ମୃତପିଣ୍ଡ ହୋଇଥିଲା ବଚ ସଞ୍ଜୀବନୀମନ୍ତ୍ର ହେଲା
ବାହିଲା ଜାଡ଼୍ୟୀ ଶୁକକଣ୍ଠେ ରହିଲା ନାହିଁ କହିବାର ଆରମ୍ଭିଲା ସେ ।
ବୈଦେହୀ । ୪୧ ।

ବାବୁ କେ ତୁମ୍ଭେ ପାଶକୁ ଆସ ବେଗେ ପୂର୍ଣ୍ଣକର ମୋର ଆଶ
ବଚନ ସକଳ ସେଚନ ରଚନ ତାପ ମୋଚନକୁ ହେଲା ଲେଶ ସେ ।
ଜନେଶ । ୪୨ ।

---

ଏହି ସମୟରେ ବିଯୋଗ ଘଟାଇ ସୀତାଙ୍କୁ ହେରି କରି ନେଲା । ତାହା ପରେ ରାବଣ ହେରାଇ ନେଲା ଏହି ବାର୍ତ୍ତା ଶୁଣାଇଲା । ତୁମେ ସୁଗ୍ରୀବ ରାମଙ୍କୁ 'ଦୂଷଣ' ସୀତା ପକାଇ ଦେଇଥିବା ଅଳଙ୍କାର ଦେଲ ଓ ସେ 'ଦୂଷଣ' ରାଜ ସମ୍ପତ୍ତି ପାଇଲ ।"

୪୦ଶ ପଦ—"ହେ ବିଧାତା ! ବର୍ତ୍ତମାନ ଏହି ଦୁହିଙ୍କୁ ନିର୍ମଳ ଭାବରେ ମିଳିତ କରାଇବା ନିମିତ୍ତ 'ପ୍ରାଣଜାତ' ବାୟୁପୁତ୍ର ଅର୍ଥାତ୍ ମୁଁ 'ପ୍ରାଣଜାତ' ପଞ୍ଚପ୍ରାଣ ପରି ଏଠାରେ ମିଳିତ ହୋଇଅଛି । (ଅର୍ଥାତ୍ ବିଚ୍ଛେଦ ଯୋଗୁଁ ଏ ଦୁହେଁ କେହି କାହାର କଥା ଜାଣି ନ ଥିବାରୁ ମୃତ ପରି କର୍ତ୍ତବ୍ୟଶୂନ୍ୟ ହୋଇ ରହିଛନ୍ତି, ମୁଁ ଏହାଙ୍କର ବାର୍ତ୍ତା ତାଙ୍କୁ ଓ ତାଙ୍କର ବାର୍ତ୍ତା ଏହାଙ୍କୁ ଦେଇ ପ୍ରାଣଯୁକ୍ତ କରାଇବି ) ।" ଏ ସଂସାରରେ ରମଣୀମାନଙ୍କ ଯାହା ମଣି ବୋଲି କହନ୍ତି ତା ଠିକ୍ । କାରଣ ସୀତା ସ୍ତ୍ରୀଶ୍ରେଷ୍ଠା ହୋଇ ଥିବାରୁ ଏ କଥାକୁ ସତ ବୋଲି ମଣିଲେ ( ଅର୍ଥାତ୍ ହନୁମାନର ଏହି ସବୁ କଥା ଶୁଣି ରାମଙ୍କ ନିକଟରୁ ଦୂତ ଆସିଲା ବୋଲି ଭାବିଲେ )।

୪୧ଶ ପଦ—ସୀତା ବିରହ ଯୋଗୁଁ ମୃତପିଣ୍ଡପରି ହୋଇଥିଲେ, ହନୁମାନ ପୂର୍ବୋକ୍ତ କଥା ସବୁ ଜୀବନ୍ୟାସ ମନ୍ତ୍ର ପରି ତାହାଙ୍କର ସେହି ପିଣ୍ଡରେ ଜୀବନସଞ୍ଚାର କଲା ( ଅର୍ଥାତ୍ ହନୁର କଥା ଶୁଣି ସେ ସଚେତ ହେଲେ ) । ବିରହ ଯୋଗୁଁ ତାଙ୍କର କଣ୍ଠ ଶୁଷ୍କ ହୋଇ ଯେଉଁ ଜଡ଼ତାକୁ ଧରିଥିଲା, ତାହା ଦୂର ହେବାରୁ ସେ କଥା କହିବାକୁ ଆରମ୍ଭ କଲେ ( ଅର୍ଥାତ୍ ହନୁମାନର କଥା ଶୁଣି ସେ ବିରହ ଦୁଃଖରୁ କିଛି ସମୟ ମୁକ୍ତି ଲାଭ କରିବାରୁ, ସେହି ବିରହଜନିତ ଜଡ଼ତା ଦୂରୀଭୂତ ହେଲା; ଏଣୁ ସେ କଥା କହିବାକୁ ସମର୍ଥ ହେଲେ ) ।

୪୨ଶ ପଦ—ସୀତା ହନୁମାନଙ୍କୁ କହିଲେ, "ବାବୁ ! ତୁମ୍ଭେ ଦୂତ ? ମୋ ନିକଟକୁ ଆସ ଏବଂ ଶୀଘ୍ର ମୋର ଆଶା ପୂର୍ଣ୍ଣ କର । ତୁମର ଭାଷାସବୁ

ବପୁବନ୍ତ ଦୁର୍ଲ୍ଲଭ ମର୍କଟ ବିଲୋକଣ ହୁଅନ୍ତେ ପ୍ରକଟ
ବିସ୍ମୟେ ଲମ୍ପଟ ଏ ନିଶ୍ଚେ କପଟ ବହେ ଅମୂଲ୍ୟ ପଟ୍ଟମୁକୁଟ ଏ ।
ବାନର । ୫୩ ।

ରହି ସ୍ଥକିତ ନ କହୁଁ ଗୀର ଉଚ୍ଚରିଲ ସେ ପାବନି ଧୀର ।
ବୋଲେ ସ୍ମରଶମାଧିକ ସୁକୁମାରଅଙ୍ଗି ବାତକୁମର ମୁଁ ସ୍ମର ଗୋ ।
ବୈଦେହୀ । ୫୪ ।

ବସନରେ ରଖିଥିଲା ମୁଦ୍ର ବସ୍ତ୍ର ଫାଞ୍ଚି ଫେଡ଼ି ଦେଲା ମୁଦି
ବେଗରେ ଅଦରେ ଶିରେ ଥୋଇ ଦରେ ଶ୍ଳେଷ କଲା ହୃଦୟରେ ସମ୍ବାଦ ସେ
ବୈଦେହୀ । ୫୫ ।

---

୫୪ଶ ପଦ—ଗିର—କଥା । ଧୀର—ପଣ୍ଡିତ । ପାବନି—ହନୁମାନ । ବାତକୁମର—ହନୁମାନ୍ ।

---

ଜଳ ସିଞ୍ଚିଲା ପରି ମୋ ହୃଦୟସ୍ଥ ଘୋର ତାପକୁ ଅପୂର୍ବ ପରିମାଣରେ ଦୂର କରିଅଛୁ ।”

୫୩ଶ ପଦ -ବୃକ୍ଷରେ ହନୁମାନ ଗୋଟିଏ ପରମସୁନ୍ଦର ବାନରରୂପ ଧାରଣ କରିବାର ଦେଖି ସୀତା ଚିନ୍ତିଲେ, “ଏ ନିଶ୍ଚୟ କପଟବେଶଧାରୀ ଲମ୍ପଟି ରାବଣ, ନ ହେଲେ ବାନର କେବେ ବହୁ ମୂଲ୍ୟବାନ ପାଟ ନିର୍ମିତ ମୁକୁଟ ଧାରଣ କରିଥାଏ କି ?”

୫୪ଶ ପଦ—ଏହାପରେ ଭୟରେ ସୀତା କିଛିମାତ୍ର ନ କହି ସ୍ଥିର ହୋଇ ରହିଲେ । ହନୁମାନ କହିଲା, ‘ହେ କନ୍ଦର୍ପ ପ୍ରିୟାଠାରୁ ଅଧିକ ସୁକୁମାରୀ ସୀତେ ! ମୁଁ ପବନପୁତ୍ର ହନୁମାନ, ଜାଣ ।’

୫୫ଶ ପଦ—ସୀତା ମୋତେ କିପରି ବିଶ୍ୱାସ କରିବେ ଏହି କଥାକୁ ଚିନ୍ତି ହନୁମାନ ଲୁଗାରେ ବାନ୍ଧି ରଖିଥିବା ମୁଦ୍ରିକାକୁ ଫିଟାଇ ତାଙ୍କୁ ଦେଲା । ସୀତା ସେହି ମୁଦ୍ରିକାକୁ ଆଦରର ସହିତ ଅତି ଶୀଘ୍ର ନେଇ ମୁଣ୍ଡରେ ଲଗାଇଲେ ଏବଂ ଉତ୍ସାହିତ ହୋଇ ମନେ ମନେ ଭାବିଲେ, ‘‘ଏ କପଟୀ ବାନର ରୂପଧାରୀ ରାବଣ ମୁଦ୍ରିକାଟି ନେଇ ଆଣିଲା କି ?”

ବୋଲ ବୋଲ ତହିଁ ହନୁମନ୍ତ ଅଖ୍ୟାଣବା କହିବା ଗୁପତ
ବରସ ହରଷ ବିଷାଦ ସାରସ ଆନନରେ କରିଇଲା ଜାତ ସେ ।
ବାତଜ । ୪୬ ।

ଥରେ କ୍ରୀଡ଼ି ଶୈଳକୂଟରେ ବନ୍ଧୁଁ ଗୈରିକେ ଟିକା ଭାଲେ
ଅଜନ୍ୟ ଭୟରେ କାଶ୍ମୀରଜରେ ଲଗାଇଛ ପ୍ରିୟ ବକ୍ଷସ୍ଥଳେ ଗୋ ।
ବୈଦେହୀ । ୪୭ ।

ଖାସକରେ ଅବମାଶୋଭି ଶୁଖି ଜଗିଥିଲ ମୃଗନାଭି
ବଳରେ ମିଥ୍ୟା କି କବଳ ଅର୍ଥରେ ବିମ୍ବାଧରେ କ୍ଷତ କଲା ଲୋଭୀ ସେ ।
ବାୟସ । ୪୮ ।

କହିଅଛନ୍ତି କାନ୍ତ ତାହିଁ ଦ୍ୱିଜାତିକ ପଦ ଦେଲା ଯହିଁ
ବୋଲ ମିଥ୍ୟା ଏ ସେ ଶବଦ ବଦନେ କହିବାକୁ ମୁଁ ସ୍ତବଦ ହୋଇ ଗୋ ।
ବୈଦେହୀ । ୪୯ ।

---

୪୭ଶ ପଦ—କାଶ୍ମୀରଜ—ମର୍କଟସମୂହ । ଅଜନ୍ୟ— ଜାତ ।

---

୪୬ଶର ପଦ—ମୁଖ ଦେଖି ସୁଦ୍ଧା ସୀତାଙ୍କର ତା ଠାରେ ବିଶ୍ୱାସ ନ ଜନ୍ମିବାରୁ ଜାଣି ପାରି ହନୁମାନ କହିଲେ, "ଆଚ୍ଛା ତୁମ୍ଭ ପତି ମୋ ଆଗରେ କହିଥିବା ସମସ୍ତ ଗୁପ୍ତକଥା ପ୍ରକାଶ କରିବି ।" ସେ ଏହା କହି ସୀତାଙ୍କ ପଦ୍ମ ମୁଖରେ ହର୍ଷ ଓ ବିଷାଦର କାଳିମା ଜାତ କରାଇଲେ । ( ଗୁପ୍ତକଥା ଶୁଣିବା ପାଇଁ ସୀତା ଆନନ୍ଦିତା ହେଲେ ଓ ରାବଣ ବାଳେ କପଟ କରିଥିବ ଭାବି ଦୁଃଖିତା ହେଲେ ) ।

୪୭ଶ ପଦ—ତତ୍ପରେ ହନୁମାନ କହିଲେ, "ହେ ସୀତେ ! ଏକଦା ଶୈଳକୂଟରେ କ୍ରୀଡ଼ା କରୁଥିବା ସମୟରେ ରାମଚନ୍ଦ୍ର କୌତୁକ ବଶତଃ ତୁମ୍ଭର ଲଲାଟରେ ଗେରୁର ତିଳକ ଲେଖିଥିଲେ । ଏହି ସମୟରେ ତୁମ୍ଭେ ମାଙ୍କଡ଼ମାନଙ୍କ ଦ୍ୱାରା ଭୀତ ହୋଇ ତାଙ୍କ ବକ୍ଷସ୍ଥଳରେ ସେହି ତିଳକ ଲଗାଇ ଦେଇଥିଲ ।" ଅର୍ଥାତ୍ ତୁମ୍ଭେ ତାଙ୍କୁ ଆଲିଙ୍ଗନ କରିବାରୁ ତିଳକ ତାଙ୍କ ବକ୍ଷରେ ଲାଗିଗଲା ।

୪୮ଶ ପଦ—"ଗୋ ଧର୍ମମଣ୍ଡନା ସୀତେ ! ଏକଦା ତୁମ୍ଭେ ଖାସରେ କସ୍ତୁରୀ ଶୁଖାଇ ତାକୁ ଜଗିଥିଲ । ଏହି ସମୟରେ ଗୋଟାଏ ଲୋଭି କୁଆ ବଳପୂର୍ବକ ଖାଇବା ଇଚ୍ଛାରେ ତୁମ୍ଭର ବିମ୍ବାଧରରେ ଆଘାତ କଲା; ଏକଥା ମିଥ୍ୟା କି ?"

୪୯ଶର ପଦ—"ହେ ବୈଦେହି ! ସେହି କୁଆ ତୁମ୍ଭର ଯେଉଁ ସ୍ଥାନରେ ପଦାଘାତ କଲା, ତାହା ମଧ୍ୟ ତୁମ୍ଭର ପ୍ରିୟ ମୋତେ କହିଅଛନ୍ତି । ମୁଁ

ବିଶ୍ୱ ବିନାନ୍ତେ ମଧୁଶଯ୍ୟନେ ବିଧୁନନ ନ ରଚୁଁ ସ୍ୱମନେ
ବିଧି କରୁଛ ନିଶାନା ରାମ ବିନା ବିନ୍ୟାସିବ ନାହିଁ ଶତ୍ରୁ ଆନେ ଗୋ ।
ବୈଦେହୀ । ୫୦ ।

ବୋଲେ ନିଃସଂଶୟ ସୀତା ଗିର ବିଶ୍ୱାସୀ ତୁ ବଡ଼ ପ୍ରଭୁଙ୍କର
ବୋଇଲୁ ନାହିଁ ତ ସେ କଥା ବିହିତ ସାକ୍ଷୀ ରହିତ କେ ସେ ସ୍ଥାନରୁ ହେ
ବାତଜ । ୫୧ ।

ବଦେ ଉତ୍ତର ସେ ସତ୍ୟସନ୍ଧ କୋଇଲେ ସେ ନ ବୋଇଲେ ସିଦ୍ଧ
ବିଭ୍ରମ ଏଥି ତ ହେଉଛ ବ୍ୟଥିତ ଖାପ ସିନା ସ୍ଥିତ ପୁର ମଧ୍ୟ ଗୋ ।
ବୈଦେହୀ । ୫୨ ।

ବିଚ୍ଛେଦକୁ ଭୁଜ ପାଶ କରି ବେନି ଦ୍ରବ୍ୟକୁ ତୁଳିଲେ ସରି
ବସ୍ତୁର ପ୍ରସ୍ଥରେ ପର୍ବରେ ଯାହାକୁ ଯେତୁ ଛାଡ଼ିଲା ସେ ଜଣା ପରି ଗୋ
ବୈଦେହୀ । ୫୩ ।

---

୫୦ଶର ପଦ—ବିଧୂନନ— ରତିକ୍ରୀଡ଼ା ।
୫୨ଶର ପଦ—ସତ୍ୟସନ୍ଧ— ସତ୍ୟବାଦୀ ବା ସତ୍ୟଶୀଳ ।
୫୩ଶର ପଦ— ଭୁଜପାଶ— ନିକଟ । ବସ୍ତୁରପ୍ରସ୍ଥରେ— ବିବେକପୂର୍ବକ ।

---

ସେହି ସେହି ସ୍ଥାନରେ ନାମ ମୁଖରେ କହିବାକୁ ଲଜ୍ଜିତ ହେଉଅଛ, ଏହା କଣ ମିଥ୍ୟା ?"

୫୦ଶର ପଦ—"ହେ ବୈଦେହି ! ଆହୁରି ମଧ୍ୟ ତୁମ୍ଭେ ବିବାହ ଦିନ ରାତିରେ ମଧୁଶଯ୍ୟାରେ ରତି ନ କରିବା ପୂର୍ବରୁ ନିର୍ମଳ ମନରେ ନିୟମ କରିଥିଲ ଯେ; ରାମଙ୍କ ବ୍ୟତୀତ ଅନ୍ୟଠାରେ ମନ ବଳାଇବ ନାହିଁ, ଏହା କଣ ମିଥ୍ୟା ?"

୫୧ଶର ପଦ—ହନୁମାନ୍ ଏହିପରି ସମସ୍ତ ଗୁପ୍ତକଥା କହିବାରୁ ସୀତା ମନରୁ ଶଙ୍କା ତେଜି କହିଲେ, "ହେ ବାୟୁପୁତ୍ର ! ତୁ ନିଶ୍ଚୟ ପ୍ରଭୁଙ୍କର ବଡ଼ ବିଶ୍ୱାସୀ ଅଟୁ । ମାତ୍ର ମୁଁ ନିୟମ କଲାବେଳେ ସେ ସ୍ଥାନରେ କିଏ ଥିଲା, ଏହା ତ କହିଲୁ ନାହିଁ ।"

୫୨ଶର ପଦ—ସତ୍ୟବାଦୀ ହନୁମାନ କହିଲେ, "ମୁଁ କଥା କହେ ବା ନ କହେ ସେ କଥା ଜଣାପଡ଼ୁଛି । ତୁମ୍ଭେ ବୃଥାରେ ଏ ବିଷୟରେ ମନେ ବାଉଳା କରାଇ କଷ୍ଟ ହେଉଛ କାହିଁକି ? ସେହି ଘର ମଧ୍ୟରେ ଖାପସିନା ଥିଲା, ଆଉ କିଏ ଥାନ୍ତା ?"

୫୩ଶର ପଦ—ପୁଣି କହିଲେ, "ହେ ସୀତେ ! ବିଯୋଗକୁ ନିକଟ କରି ସେଥିରେ ତୁମ୍ଭ ଦୁହିଁଙ୍କୁ ଦ୍ରବ୍ୟ କରି ତୁଳିଲେ ତୁମ୍ଭେ ଦୁହେଁ ସମାନ ହେବ । ( ଅରହ ତୁମ୍ଭ ଦୁହିଁଙ୍କୁ ସମାନ ଭାବରେ ବାଧା ହେଉଛି ଏବଂ ଏଥିରୁ ଜଣା

ବିନଶ୍ୟନ୍ତି ହେବ ଏତେ କହି    ବିବେକୀରେ କି କହିବି ମୁହିଁ
ବିଜେକର ମୋର ସ୍କନ୍ଧରେ ହରିବ ତାପ ବିହରିବ ଭେଟ ହୋଇ ଗୋ ।
ବଲ୍ଲଭେ । ୫୪ ।
ବୋଲେ ଜାନକୀ ତୁମ୍ଭେ କି କହ    ବୃକ୍ଷେ ଡେଇଁଲା କପି ତ ନୁହ
ବଳକାରେ ବଳପ୍ରବଳ ଅବଳା ଆଣିଲାକୁ ଊଣା ସତ୍ୟ ସ୍ନେହ ହେ ।
ବାତଜ । ୫୫ ।
ବାଧ ପ୍ରଭୁପାରଧିରୁ ହେବ    ବେନି ବିଷୟ ତତ୍‌ପର୍ଯ୍ୟ ଯିବ
ବହି ରାମଚନ୍ଦ୍ର ଦୁର୍ବନ୍ଧ ସାଗର ତରି ବନ୍ଧନ କାରଣ ଥିବ ହେ ।
ବାତଜ । ୫୬ ।

---

୫୬ଶର ପଦ—ପ୍ରଭୁପାରଧିରୁ—ପ୍ରଭୁଙ୍କର ବିରହ ବିଷୟରେ । ବେନି ବିଷୟ—ଦୁଇକଥା । ଦୁର୍ବନ୍ଧ ସାଗର—ଦୁସ୍ତର ସାଗର ।

---

ଯାଉଛି ଯେ, ତୁମ୍ଭ ଦୁହିଁଙ୍କର ପରସ୍ପର ପ୍ରତି ସମାନ ସ୍ନେହ ଅଛି ) କିନ୍ତୁ ତୁମ୍ଭ ଦୁହିଁଙ୍କ ମଧ୍ୟରେ କାହାର ସ୍ନେହ ଅଧିକ ଏହି କଥା ମୁଁ ଅନେକ ସମୟରେ ବିଜ୍ଞ ଅନ୍ୟମାନଙ୍କୁ ପଚାରିବାରେ ସେମାନେ କହିଲେ, 'ଯେ ଯାହାକୁ ଛାଡ଼ିଲା, ତାର ସ୍ନେହ ଊଣା ପରି ଜଣାଯାଏ ।'

୫୪ଶର ପଦ—"ତୁମ୍ଭେ ତ ବିଶ୍ବରଣପୂର୍ଣା, ମୁଁ ଅବା ଆଉ କଣ କହିବି ? ତଥାପି ଏତିକି କହି ମୋର କର୍ତ୍ତବ୍ୟ ଶେଷ କରୁଛି । ତୁମ୍ଭେ ମୋର କାନ୍ଧରେ ବିଜେ କର, ତାହା ହେଲେ ତୁମ୍ଭର ପ୍ରିୟଙ୍କ ସହ ଭେଟ ହୋଇ ବିରହ ଦୁଃଖ ଦୂର ହେବ ।"

୫୫ଶର ପଦ—ସୀତା କହିଲେ, "ହେ ହନୁମାନ୍ ! ତୁମ୍ଭେ କଣ କହୁଛ ? ତୁମ୍ଭେ ତ ବୃକ୍ଷମାନଙ୍କରେ ଡେଇଁ ବୁଲୁଥିବା ସାଧାରଣ ମାଙ୍କଡ଼ ନୁହେଁ ( ଅର୍ଥାତ୍ ତୁମ୍ଭେ ଜ୍ଞାନହୀନ ପଶୁ ନୁହଁ ) । ପ୍ରବଳ ପରାକ୍ରମୀ ରାବଣ ବଳାତ୍କାରରେ ଆଣିବାରୁ ମୋତେ 'ଅବଳା' ଦୁର୍ବଳା ବା ସହାୟ-ଶୂନ୍ୟ ବୋଲି ମନେ କରୁଛ କି ? ତା ନୁହେଁ, ରାମଙ୍କର ସ୍ନେହ ମୋଠାରୁ ଊଣା ହୋଇ ନାହିଁ ( ତୁମ୍ଭେ ଜ୍ଞାନୀ ହୋଇ ମୋତେ ସାମାନ୍ୟ ସ୍ତ୍ରୀ ବୋଲି ଭାବି ଏପରି କହିବା ଉଚିତ ନୁହେଁ ) ।"

୫୬ଶର ପଦ—"ହେ ବାୟୁପୁତ୍ର ! ତୁମ୍ଭ କହିବା ଅନୁସାରେ କାର୍ଯ୍ୟ କଲେ ରାମଚନ୍ଦ୍ରଙ୍କର ବୀରତ୍ୱର ନିନ୍ଦା ହେବ; କାରଣ ରାବଣ ଆଣିବା ଓ ତୁମ୍ଭେ ନେବା ଦୁଇଗୋଟି ଯାକ କାର୍ଯ୍ୟ ସ୍ତେୟରେ ଗଣ୍ୟ ହେବ । ଏଣୁ ତୁମ୍ଭେ ଏପରି

ବିକାଶଇ ନାହିଁ ପ୍ରତିଆଶା          ବେଢ଼ି ଦୁର୍ଦ୍ଦଶା ଅନ୍ଧାର ନିଶା ।
ବଚନପାଇଣ ପ୍ରତିପଦ ଆସ୍ପଦ ହେବ ଦ୍ୱିତୀୟା ଭାବ ସଦ୍ଗୁଣା ହେ ।
ବାତଜ । ୫୭ ।

ବଶ ମଧୁପ କାହୁଁ ଲଭିବ          ବୁଝ ଶିବସରି ସମ୍ଭବ
ବଶ୍ୟତକା ହୋଇ ପାତକୀ କେତକୀ ସୁକାନ୍ତିରେ ଈଶ ଭୋଗ ହେବ ହେ ।
ବାତଜ । ୫୮ ।

---

୫୭ଶତ୍ ପଦ—ପ୍ରତି ଆଶା—ପ୍ରତି ଦିଗ ।

୫୮ଶତ୍ ପଦ—ମଧୁପ—ମଦ୍ୟପାୟୀ । ସୁକାନ୍ତ—ସୁମନୋହର । ଈଶ—ମହାଦେବ । ବଶ୍ୟତକା—ନିର୍ଭୟରେ । ଶିବସରି—ମଙ୍ଗଳମୟୀ ସରି ।

---

ନ କହି ଦୁର୍ବହ ରାମଚନ୍ଦ୍ରଙ୍କୁ ସ୍କନ୍ଧରେ ବହି ସମୁଦ୍ର ଲଙ୍ଘନ ପୂର୍ବକ ଏଠାକୁ ଶୀଘ୍ର ଆସ, ତାହା ହେଲେ ତୁମ୍ଭ କୀର୍ତ୍ତି ଯୁଗେ ଯୁଗେ ଥିବ ।

୫୭ ଶତ୍ ପଦ — "ହେ ହନୁମାନ ! ମୋର ଦୁର୍ଦ୍ଦଶାରୂପ ଅନ୍ଧାର ରାତି ଘୋଟି ରହିଥିବାରୁ ପ୍ରିୟପ୍ରାପ୍ତି ରୂପ ପ୍ରତିଆଶା ପ୍ରତିଦିଗ ପରି ପ୍ରକାଶିତ ହେଉ ନାହିଁ । ବର୍ତ୍ତମାନ ତୁମ୍ଭ କଥାରେ ପ୍ରତ୍ୟେକ ପଦ ଅର୍ଥାତ୍ ତୁମ୍ଭେ ଯେଉଁ ସବୁ ଗୁପ୍ତକଥା କହିଲ ସେ ସବୁ କଥା ପ୍ରକାଶକ ବାକ୍ୟମାନଙ୍କରେ ଥିବା ପ୍ରତ୍ୟେକ ପଦ ମୋ ହୃଦୟରେ ସ୍ଥାନ ପାଇ ପ୍ରତିପଦା ତିଥିରେ ଚନ୍ଦ୍ର ପ୍ରକାଶିତ ହେଲା ପରି ମୋ ହୃଦୟରେ ରାମଙ୍କ ସହ ପୁନର୍ମିଳନ ଆଶା ପ୍ରକାଶିତ ହୋଇ ଦ୍ୱିତୀୟା ତିଥିରେ ଚନ୍ଦ୍ର କ୍ରମେ ବୃଦ୍ଧି ପାଇଲା ପରି ବୃଦ୍ଧି ହେବ । ( ଅର୍ଥାତ୍ ତୁମ୍ଭ କଥା ଶୁଣି ମନେ କରୁଛି, ତାଙ୍କ ସହ ଅଳ୍ପଦିନ ପରେ ମିଳନ ଘଟିବ ) ।"

୫୮ ଶତ୍ ପଦ—ପୁଣି କହିଲେ, ହେ "ବାୟୁପୁତ୍ର ! ତୁମ୍ଭେ ମନେ କରପାର ମୁଁ ଏଠାରେ ବହୁଦିନ ରହିଲେ ମଦ୍ୟପ ରାବଣ ମତେ ବଶ କରିନେବ । ମାତ୍ର ଏହା ହୋଇ ନପାରେ । ତୁମ୍ଭେ ବୁଝ, ପାତକୀ କେତକୀ ଭ୍ରମରର ବଶତା କେବେହେଲେ ସ୍ୱୀକାର କରି ପାରେ କି ? ମାତ୍ର ସେହି କେତକୀ ଶିବସରି ଦିନ ନିଜର ମନୋହର ଶୋଭା ପ୍ରତି ଦୟା ନ ଦେଖାଇ ଅର୍ଥାତ୍ ଗଛରୁ ତୋଳାହୋଇ ଆସିବାରୁ ଗଛକୁ ଅସୁନ୍ଦର କରି, ଅଥବା ତୋଳା ହୋଇଯିବାରୁ ଝାଉଁଳିଯାଇ ମହାଦେବଙ୍କ ଭୋଗରେ ଲାଗେ । ମୁଁ ସେହିପରି ମଦୁଆ ରାବଣର ବଶତା ସ୍ୱୀକାର ପୂର୍ବକ କଳଙ୍କିନୀ ନ ହୋଇ 'ଈଶ' ସ୍ୱାମୀ ରାମଚନ୍ଦ୍ରଙ୍କ ସହ ସନ୍ତୋଷରେ ଲାଗିବ ।"

ବହୁଁ ଭୃଶରେ ପାବନ କନ୍ତ ବେଦ ଶଙ୍ଖାସୁର ଯେ ଚୋରାଇ
ବଞ୍ଚାଇ ପାରିଲା ଲୁଚାଇ ସିନ୍ଧୁରେ ସୁଖ ରଖାଇ ଧାତାରେ ସେହି ଗୋ ।
ବୈଦେହୀ । ୫୯ ।

ବିଧୁରତା ଯେତେ ଦିନ ଥିଲା ବିଧିଠାରେ ପୂର୍ଣ୍ଣ ସମ୍ଭବିଲା ।
ବେନି ବେନି ଭାବ ପ୍ରଭାବ ସ୍ୱଭାବ ମୋତେ କାହୁଁ ଆସେ ନ ପାରିଲା ଗୋ ।
ବୈଦେହୀ । ୬୦ ।

ବେନିଜନଙ୍କ ଚେଷ୍ଟା ତୁମ୍ଭର ବୁଝି କରୁଛି ଏହି ବିଚାର
ବିଧାତା ସଂସାରସାର ପ୍ରଶଂସାର ସାନ୍ଧି ବସିଲା ଏକ ଶରୀର ଗୋ ।
ବୈଦେହୀ । ୬୧ ।

---

୬୦ତମ ପଦ—ବିଧୁରତା—ବିଚ୍ଛେଦ । ପ୍ରଭାବ—ଶକ୍ତି ।

୬୧ତମ ପଦ—ସାନ୍ଧି—ନିର୍ମାଣ କରି ।

---

୫୯ତମ ପଦ—ସୀତା ଏହିପରି କହିବାରୁ ଶୁଣି ହନୁମାନ ଉତ୍ତର କହିଲେ, "ଗୋ ବୈଦେହୀ ! ଶଙ୍ଖାସୁର ବେଦକୁ ଚୋରାଇ ନେଇ ସମୁଦ୍ର ମଧ୍ୟରେ ଲୁଚାଇ ରଖି ପାରିଲା କି ? ମୀନାବତାରରେ ରାମଚନ୍ଦ୍ର ତାକୁ ମାରି ବ୍ରହ୍ମାଙ୍କୁ ସୁଖୀ କଲେ । ରାମ ସେହିପରି ତୁମ୍ଭଙ୍କୁ ସୁଖୀ କରାଇବେ ।"

୬୦ତମ ପଦ—ପୁଣି କହିଲେ, "ଗୋ ବୈଦେହୀ ! ବିଧାତା ଓ ବେଦର ଯେତେଦିନ ବିଚ୍ଛେଦ ହେବାକୁ ଥିଲା ତାହା ହେଲା, କିନ୍ତୁ ସେହି ବେଦ ପୁଣି ବିଧାତାର ହସ୍ତଗତ ହେଲା । ସେହିପରି ତୁମ୍ଭ ଦୁହିଙ୍କର ଯେତେଦିନ ବିଚ୍ଛେଦ ଘଟିବାକୁ ଅଛି ଘଟିବ, ପୁଣି ତୁମ୍ଭେ ତାଙ୍କର ନିକଟକୁ ଯିବ । ବ୍ରହ୍ମା ଓ ବେଦର ଏବଂ ରାମଚନ୍ଦ୍ର ଓ ତୁମ୍ଭର ଚେଷ୍ଟା ଶକ୍ତି ଓ ପ୍ରକୃତି ସମାନ ଅଟେ । ଅତଏବ ସେ ଦୁହିଁଙ୍କର ବିଚ୍ଛେଦ ଲୁପ୍ତ ହେଲା ପରି ତୁମ୍ଭ ବିଚ୍ଛେଦ ନିଶ୍ଚୟ ଲୋପ ହେବ ।"

୬୧ତମ ପଦ—"ଗୋ ବୈଦେହୀ ! ତୁମ୍ଭ ଦୁହିଙ୍କର ଗଠନ ଦେଖି ମୁଁ ଏହି ବିଚାର କରୁଛି, ବିଧାତା ପ୍ରଶଂସାଯୋଗ୍ୟ ସଂସାରସାର ବସ୍ତୁମାନଙ୍କଦ୍ୱାରା ଏକ ଶରୀର ନିର୍ମାଣ କରିବାକୁ ଇଚ୍ଛା କଲା ।"

ବିଧିରଲା ପୁରୁଷେ କରିବ — ବାମା ଏପରି କାହୁଁ ଆଣିବ
ବେଶରେ ଶୋଭାରେ ହାବରେ ସ୍ନେହରେ ଗୁଣେ ଦ୍ୱିମୂର୍ତ୍ତି କଲା କ ଭାବ ଗୋ
ବୈଦେହୀ । ୭୨ ।

ବପୁଁ ନିରେଖରେ ବୁଝିଁ ତୁମ୍ଭର — ବିରହ ଯେ ଠକ ବଣିକାର
ବେଗେ ରୂପ୍ୟ ଦେଇ ଜାତରୂପ ନେଇ ଯୋଚୁଁ ସ୍ୱରୂପ କାମ ଅନ୍ଧାର ଗୋ ।
ବୈଦେହୀ । ୭୩ ।

ବିକରିଛୁଁ ତବ ଧବ ଚିତ୍ତ — ବର୍ଣ୍ଣ ପାଲଟି ଅତି ଦୁଃଖିତ
ବ୍ୟକତ କରି ସ୍ଫଟିକ ମରକତ ନେଲା ଅଶକତ ଅତିଅନ୍ତ ଗୋ ।
ବୈଦେହୀ । ୭୪ ।

---

୭୩ତମ ଛନ୍ଦ—ରୂପ୍ୟ—ରୁପା । ଜାତରୂପ—ସୁବର୍ଣ୍ଣ ।
୭୪ତମ ଛନ୍ଦ—ଧବ—ସ୍ୱାମୀ ।

---

୭୨ତମ ଛନ୍ଦ "ଗୋ ବୈଦେହୀ ! ସମସ୍ତ ଉତ୍କୃଷ୍ଟ ବସ୍ତୁର ସାର ସଂଗ୍ରହ କରି ବିଧାତା ଭାବିଲା; ଯଦି ଗୋଟିଏ ପୁରୁଷ ନିର୍ମାଣ କରିବି, ତାହାହେଲେ ଏହାପରି ଗୋଟିଏ ସ୍ତ୍ରୀ କାହୁଁ ଆଣିବ ? ସୁତରାଂ ସେ ବ୍ୟବହାର, ଶୋଭା, ହାବଭାବ, ସ୍ନେହ, ଗୁଣରେ ସମାନ କରି ଭାବି ଭାବି ଦୁଇଗୋଟି ମୂର୍ତ୍ତି ( ତୁମ୍ଭ ଦୁହିଙ୍କୁ ) ନିର୍ମାଣ କଲା ।"

୭୩ତମ ଛନ୍ଦ—"ଗୋ ବୈଦେହୀ ! ତୁମ୍ଭ ଦୁହିଙ୍କର ଦେହକୁ ଦେଖି ମୁଁ ଏପରି ବିଚାର କରୁଛି, ତୁମ୍ଭର ଯେ ବିରହ ସେ ଠକ ବେପାରୀ ଅଟେ । କାରଣ ଅନ୍ଧାର ଝୋଟିଲେ ଯେପରି ଠକ ବେପାରୀମାନେ ହଠାତ୍ ରୁପା ଦେଇ ସୁନା ନେଇ ଯାନ୍ତି ସେହିପରି କାମରୂପୀ ଅନ୍ଧକାର ଘୋଟିବାରୁ ଠକ ବିରହ ତୁମ୍ଭଙ୍କୁ ରୁପାର ବର୍ଣ୍ଣ ତୁଲ୍ୟ ପାଣ୍ଡୁର ବର୍ଣ୍ଣ ଦେଇ ତୁମ୍ଭଠାରୁ ସୁବର୍ଣ୍ଣ ତୁଲ୍ୟ କାନ୍ତିକୁ ଠକି ନେଇ ଯାଇଅଛି ଅର୍ଥାତ୍ ବିରହ ଯୋଗୁଁ ତୁମ୍ଭର ସୁବର୍ଣ୍ଣ ତୁଲ୍ୟ କାନ୍ତି ପାଣ୍ଡୁରତା ଧାରଣ କରିଅଛି ।"

୭୪ତମ ଛନ୍ଦ—"ଗୋ ବୈଦେହୀ ! ସେହି ବିରହ ଠକ ତୁମ୍ଭ ପ୍ରିୟଙ୍କ ମନରେ ବିରକ୍ତି ଜାତ କରାଇ, ତାହାଙ୍କୁ ଅତିଶୟ ଦୁଃଖିତ ଓ ବିବର୍ଣ୍ଣ କରିଅଛି । ଏବଂ ତାହାଙ୍କୁ ଅତ୍ୟନ୍ତ ଦୁର୍ବଳ କରି ଇନ୍ଦ୍ରନୀଳମଣିର କାନ୍ତି ସଦୃଶ ଦେହର କାନ୍ତିକୁ ଅପହରଣ କରି, ସ୍ଫଟିକ ତୁଲ୍ୟ ଶୁକ୍ଳକାନ୍ତିକୁ ତାଙ୍କ ଦେହରେ ପ୍ରକାଶିତ କରିଅଛି ।"

ଯେବେ ବର୍ଣ୍ଣ ଅମୂଲ୍ୟ ପଦାର୍ଥ ବ୍ୟାପି ସରସ୍ତରେ ହୃଦପଥ
ବହି ରଚନ ସ୍ୱର୍ଣ୍ଣମାଳା ଯତନ ତନମନ ଯେଉଣେ ମନୋରଥ ଗୋ ।
ବୈଦେହି । ୭୫ ।

ବୋଲେ ଜାନକୀ ତା ବାଣୀ ଶୁଣି ବିଖ୍ୟାତ ହେବା ଆଣି ରାମ ଆଣି
ବଳିଲେ କଣ୍ଠ କଳସ୍ୱ ରକ୍ଷନାଥ ବଳିବତ କରିବଟି ପୁଣି ହେ ।
ବାତଜ । ୭୬ ।

ବେଦନାକୁ କ କହିବ ଦେଖ ବନ୍ଧୁ ଯାନବନ୍ଧୁ ମୁଁ ନୀରକ୍ଷ
ବୋଲି ରମଣୀଶିରୋମଣି ତା ଶିରୋମଣି ଦେଇ ଭାଷେ ରଖ ରଖ ହେ ।
ବାତଜ । ୭୭ ।

---

୭୬ତମ ପଦ—ଆଣି—ନେଇ । ରକ୍ଷାନାଥ – ରାବଣ । ବଳିବତ ପଶୁପରି ।

---

୭୫ତମ ପଦ—"ତୁମ୍ଭ ଦୁହିଁଙ୍କର ଦେହରେ କାନ୍ତି ଅମୂଲ୍ୟ ପଦାର୍ଥ ଅଟେ ( ସୁନା ଓ ଇନ୍ଦ୍ରନୀଳମଣି ପରି ହୋଇଥିବାରୁ ) । ତାହା ମଧ୍ୟ ଦୁହିଁଙ୍କର ହୃଦସ୍ଥ ପଥରେ ବ୍ୟାପ୍ତ ହୋଇଅଛି । ଅର୍ଥାତ୍ ସେ ତୁମ୍ଭଙ୍କୁ ସୁବର୍ଣ୍ଣବର୍ଣ୍ଣୀ ଓ ତୁମ୍ଭେ ତାଙ୍କୁ ନୀଳମଣି ବର୍ଣ୍ଣ ବୋଲି ମନେ କରୁଛ, ଏଣୁ ତୁମ୍ଭେ ତାଙ୍କୁ ରତ୍ନମାଳାପରି ଓ ସେ ତୁମ୍ଭଙ୍କୁ ସୁବର୍ଣ୍ଣମାଳା ପରି ଯତ୍ନପୂର୍ବକ ଆଦର କରୁଛ । ହେ ବୈଦେହି ! ମୁଁ ତୁମ୍ଭ ମନକଥା ଜାଣେ ।"

୭୬ତମ ପଦ—ହନୁମାନଠାରୁ ଏପରି କଥା ଶୁଣି ଜାନକୀ କହିଲେ, "ହେ ବାୟୁପୁତ୍ର ! ତୁମ୍ଭେ ରାମଚନ୍ଦ୍ରଙ୍କୁ ଏଠାକୁ ଆଣି ନିଜର ସମ୍ମାନ ସହିତ ଖ୍ୟାତି ଲାଭ କର । କାରଣ କଣ୍ଠ ବଳିଗଲେ କଳସ୍ୱ ରାବଣ ମୋତେ ଦେବାମାନଙ୍କ ନିକଟରେ ଛାଗ ବଳି ଦେଲାପରି ବଳି ଦେବ ।"

୭୭ତମ ପଦ—"ହେ ବାୟୁପୁତ୍ର ! ମୋର ଦୁଃଖର କଥା ମୁଁ କଣ କହିବି, ତୁମ୍ଭେ ନିଜେ ଦେଖ । ମୋର ବନ୍ଧୁ ( ସ୍ୱାମୀ ) ଯାନବନ୍ଧୁ ବୋଲି ଜଗତରେ ଖ୍ୟାତି ଲାଭ କରି ଅଛନ୍ତି; ମାତ୍ର ମୁଁ 'ଅକ୍ଷର' ବନ୍ଧୁହୀନହୋଇ ଏଠାରେ ପଡ଼ିଛି ।" ରମଣୀମଣି ସୀତା ଏହାକହି ନିଜର ମଥାମଣିଟିକୁ କାଢ଼ି ହନୁମାନଙ୍କୁ ଦେଇ କହିଲେ, "ତୁମ୍ଭେ ଏହାକୁ ରଖ ।"

ବନ୍ଦାଇଲେ ଏ ରତ୍ନ ଶ୍ୱଶୁରେ ବର୍ତ୍ତମାନ ପଦାର୍ଥ ଏ ସୁରେ
ବସନଗ୍ରନ୍ଥିତ ଶ୍ୱସନସୁତ କଲା ସୁପ୍ରସନ୍ନବଦନା ଦେବାରେ ସେ ।
ବନ୍ଦନେ । ୬୮ ।

ବୋଲେ ମେଲାଣି ହୋଇଲା ମୁହିଁ ବ୍ୟଥା ତେଜ ସୁଧାକର ମୁହିଁ
ବହିତ କଥା କାଳକାଳ ହୋଇବ କାଳକାଳ ଏକା ଥାଅ ଧ୍ୟାୟି ଗୋ ।
ବୈଦେହୀ । ୬୯ ।

ବୋଇଲେ ସେ ଜନକକୁମାରୀ ବୃଷାଂକଜ ଯାରେ ଅନୁସରି
ବନ୍ଦୀ ମୁଁ ତାରେ ବନ୍ଦୀ ଯେଉଁକାରେ କଢ଼ିଲେ ସେ ପାରିଲେ ନିସ୍ତାରି ହେ ।
ବାତଜ । ୭୦ ।

ବିଧାତାର ହିଁ ନାହିଁ ଆୟତ୍ତ ବେଦ ପଢ଼େ ଅନୁସରି ନିତ୍ୟ
ବସ୍ତୁ ମାତର କାତର ନୋହିଛନ୍ତି କଷ୍ଟ ଅନନ୍ତରକୁ ଧ୍ୟାୟି ଚିତ୍ତ ହେ ।
ବାତଜ । ୭୧ ।

---

୬୮ତମ ପଦ—ବର୍ତ୍ତମାନ—ଥାଏ । ସୁରେ—ଦେବତାମାନଙ୍କଠାରେ ଶ୍ୱାନସୁତ—ହନୁମାନ ।

---

୬୮ତମ ପଦ—ପୁଣି ସୀତା କହିଲେ, "ଏହି ମଥାମଣିଟିକୁ ମତେ ଶ୍ୱଶୁର ବନ୍ଦାଇ ଥିଲେ । ଏହି ପଦାର୍ଥ ( ମଥାମଣି )କୁ ଦେବତାମାନେ ଜାଣନ୍ତି । (ଏହା ଦେବଯୋଗ୍ୟ ପ୍ରସିଦ୍ଧ ରତ୍ନ ଅଟେ) ।" ସୀତା ଏପରି କହି ସେହି ମଥାମଣିକୁ ଦେବାରୁ ହନୁମାନ ତାହାକୁ ଲୁଗାରେ ବାନ୍ଧି ରଖିଲା ।

୬୯ ପଦ—ତତ୍ପରେ ହନୁମାନ କହିଲା, "ମୁଁ ମେଲାଣି ହେଉଛି । ହେ ଚନ୍ଦ୍ରମୁଖି ସୀତେ ! ମନରୁ ଚିନ୍ତା ଦୂର କର । ଏ କଥା ବହୁକାଳ ପର୍ଯ୍ୟନ୍ତ ଲୋକରେ ପ୍ରସିଦ୍ଧ ଲାଭ କରିବ । ତୁମ୍ଭେ ଏହି ଦୁଃଖରୁ ପରିତ୍ରାଣ ହେବା ପାଇଁ 'କାଳକାଳ' ମହାଦେବଙ୍କୁ ଧ୍ୟାନ କରୁଥାଅ ।"

୭୦ତମ ପଦ—ଏହା ଶୁଣି ସୀତା କହିଲେ, ହେ ବାୟୁପୁତ୍ର ! ମହାଦେବ ଯେଉଁ ରାବଣକୁ ଅନୁସରଣ କରି ଅଛନ୍ତି, ମୁଁ ସେହି ରାବଣ ଦ୍ୱାରା ବନ୍ଦୀ ହୋଇଅଛି । ସୁତରାଂ ମୁଁ ତାଙ୍କୁ କଷ୍ଟପରି ସ୍ତୁତି କଲେ, ସେ କଣ ମୋତେ ଉଦ୍ଧାର କରିବେ ?"

୭୧ତମ ପଦ—"ହେ ବାୟୁ ପୁତ୍ର । ମୋତେ ଏହି ଦୁଃଖରୁ ପରିତ୍ରାଣ କରିବା ପାଇଁ ବିଧାତାର ମଧ୍ୟ ଶକ୍ତି ନାହିଁ । ଯେ ହେତୁ ସେ ମଧ୍ୟ ରାବଣକୁ ଅନୁସରଣ କରି ପ୍ରତିଦିନ ବେଦ ପାଠ କରୁଅଛନ୍ତି । ମାତ୍ର ବସ୍ତୁ ତାଙ୍କୁ ଭୟ କରନ୍ତି ନାହିଁ । ଏଣୁ ମୋର ଦୁଃଖକୁ ଦୂର କରିବାପାଇଁ କେବଳ ତାଙ୍କୁ ଧ୍ୟାନ କରୁଛି ।"

ବାତାତ୍ମଜ ସତ୍ୟ ବୋଲି ଯାଇ ସାରବର ଉପଇନ୍ଦ୍ର କହି
ବାସ୍ତରିପଦ ଛାନ୍ଦ ବୁଧସମ୍ମଦ ମୂର୍ଖ ବିପଦକାରକ ଏହି ହେ ।
ବାସ୍ତ୍ରୀଶେ ।୭୨।

---

## ଷଟ୍‌ତ୍ରିଂଶ ଛାନ୍ଦ

### ରାଗ—ବସନ୍ତ

ବସନ୍ତ ସେ ବସନ୍ତର ସକଳ କାଳରେ ।
ବିଖନ ନାମେ ଲେଖନ ମଧୁବନ କରେ ଯେ ।
ବିବିଧ ତରୁଣ ତରୁ ଲତା ରୁଚ୍ଚ ଅଛି ।
ବନ୍ଧ୍ୟା ନାହିଁ ସର୍ବେ ଫଳବନ୍ତ ପୁଷ୍ପବନ୍ତ ଯେ ।
ବିଶ୍ୱବସୁଅଂଶୁ ପଶୁ ନାହିଁ ପତ୍ରଘଣେ ।
ବିହରି ବିହଗେ ପଞ୍ଜରୀସ୍ଥ ଶୋଭା ରଚେ ଯେ ।୧।

---

୧ମ ପଦ—ବିଖନ—ବିଧାତା । ରୁଚ୍ଚ—ମନୋହର । ପତ୍ରଘଣେ — ପତ୍ର ଗହଳରେ । ବିଶ୍ୱବସୁଅଂଶୁ – ସୂର୍ଯ୍ୟକିରଣ । ବିହଗେ—ପକ୍ଷିମାନେ ।

---

୭୨ତମ ପଦ—ସୀତା ଏହିପରି କହିବାରୁ ହନୁମାନ ଏହା ସତ୍ୟ ବୋଲି କହି ଚାଲିଗଲା । ପଣ୍ଡିତମାନଙ୍କର ଆନନ୍ଦଦାୟକ ଓ ମୂର୍ଖମାନଙ୍କର ବିପତ୍ତିଦାୟକ ଏହି ଛାନ୍ଦକୁ ସାରବର ଉପେନ୍ଦ୍ର ବାସ୍ତରୀ ପଦରେ କହିଲେ ।

---

## ଷଟ୍‌ତ୍ରିଂଶ ଛାନ୍ଦ

୧ମ ପଦ—ବସନ୍ତକାଳ ସର୍ବଦା ସେହି ଅଶୋକବନରେ ବାସ କରି ରହିଥିବାରୁ, ବିଧାତା ତାହାର ନାମ ମଧୁବନ ଦେଇ ଅଛନ୍ତି । ସେହି ବନ ନାନାବିଧ ତରୁଣ ବୃକ୍ଷ ଓ ଅତି ସୁନ୍ଦର ଲତାମାନଙ୍କଦ୍ୱାରା ପୂର୍ଣ୍ଣ ହୋଇଅଛି । ଗୋଟିଏ ସୁଦ୍ଧା ଅଫଳନ୍ତ ବୃକ୍ଷ ବା ଲତା ସେଠାରେ ନାହାନ୍ତି । ସମସ୍ତେ ଫଳ ପୁଷ୍ପରେ ବିମଣ୍ଡିତ ହୋଇ ଅଛନ୍ତି । ବୃକ୍ଷ ଲତାମାନଙ୍କର ସାନ୍ଦ୍ର ପତ୍ରରାଶି ଯୋଗୁଁ ସୂର୍ଯ୍ୟକିରଣ ସେଠାରେ ପ୍ରବେଶ କରିପାରୁ ନାହିଁ । ପକ୍ଷୀମାନେ ସେଠାରେ ରହି କ୍ରୀଡ଼ା କରୁଥିବାରୁ ସେହି ବନ ଗୋଟିଏ ମନୋହର ପିଞ୍ଜରା ପରି ଦେଖାଯାଉଛି ।

ବିଜ୍ୱଳିତ ଯହିଁ ନାନାରତ୍ନ ଆଳବାଳ ।
ବାସର ରଜନୀ ମେଳ ପ୍ରକାଶ ମହୋଜ୍ଜ୍ୱଳ ଯେ ।
ବାଞ୍ଛୋତ୍ସୃଷ୍ଟ ଧନପତି ସେବେ ଲଙ୍କନାଥ ।
ବିନତି ସେ ବନରେ ନନ୍ଦନ ଚୈତ୍ରରଥ ଯେ ।
ବିହନ୍ତି ଅମୃତତୁଲ୍ୟ ଶୀତଳ ଅମୃତ ।
ବିଭ୍ରାନ୍ତି ଘୁରି ଜୀମୂତେ ବାଦ କରି ନିତ୍ୟ ଯେ ।୨।
ବିଦ୍ଧତ ଚନ୍ଦନଗନ୍ଧ ଗନ୍ଧ ବହ ବନ୍ଧୁ ।
ବାଲୁକା ବ୍ୟାଜରେ ହିମବାଲୁକା ସଞ୍ଚଇ ଯେ ।
ବିହନ୍ତି ବାଡ ଆରମ୍ଭ ଗନ୍ଧର୍ବ ପଦକୁ ।
ବଞ୍ଚନ୍ତି କୁରଙ୍ଗ ଖେଦ କରି ତା ମଦକୁ ଯେ ।

---

୨ୟ ପଦ—ବିଜ୍ୱଳିତ—ସମୁଜ୍ଜ୍ୱଳ । ଆଳବାଳ—ବୃକ୍ଷମାନଙ୍କ ମୂଳରେ ଥିବା ମନ୍ଦା । ଧନପତି—କୁବେର । ନନ୍ଦନ—ଇନ୍ଦ୍ରଙ୍କର ଉଦ୍ୟାନ । ଚୈତ୍ରରଥ—କୁବେରଙ୍କର ଉଦ୍ୟାନ । ଅମୃତ – ଜଳ । ଜୀମୂତ—ମେଘ ।

୩ୟ ପଦ ବିବୃତ – ବେଷ୍ଟିତ, କୁଞ୍ଜୀକାର । ଗନ୍ଧବହ—ପବନ । ହିମବାଲୁକା—କର୍ପୂରରଜ । ବନପ୍ରିୟ—କୋକିଳ । ମଦ—କସ୍ତୁରୀ ।

---

୨ୟ ପଦ – ସେହି ବନରେ ଥିବା ବୃକ୍ଷ, ଲତାମାନଙ୍କର ମୂଳରେ ନାନାରତ୍ନମାନଙ୍କ ଦ୍ୱାରା ମନ୍ଦା ନିର୍ମିତ ହୋଇଅଛି । ସେହି ମନ୍ଦାମାନଙ୍କରେ ଥିବା ରତ୍ନମାନ କିରଣଦ୍ୱାରା ବନଦେଶ ଆଲୋକିତ ହେଉଅଛି । ଏଣୁ ତାହା ଦେଖିଲେ ମନେ ହେଉଛି, ଦିନ ଓ ରାତ୍ର ଦୁହେଁ ଏଠାରେ ଏକତ୍ରିତ ହୋଇ ନିଜନିଜର ଅତି ଉଜ୍ଜ୍ୱଳ ତେଜପୁଞ୍ଜକୁ ବିସ୍ତାର କରୁ ଅଛନ୍ତି କି ? (ବନ ଘନଗହଳ ଯୋଗୁଁ ଅନ୍ଧକାରଚ୍ଛନ୍ନ ଓ ରତ୍ନ ତେଜରେ ଆଲୋକିତ ହୋଇଥିବାରୁ ଏପରି ଶଙ୍କା ହେଲା ) ଏବଂ ଇନ୍ଦ୍ର ଓ କୁବେର ଦୁହେଁ ରାବଣଙ୍କୁ ସେବା କରୁଥିବାରୁ ଇନ୍ଦ୍ରଙ୍କର ଉପବନ ନନ୍ଦନ ଓ କୁବେରଙ୍କର ଉପବନ ଚୈତ୍ରରଥ ଏ ଦୁହେଁ ଏଠାକୁ ଆସି ରାବଣର ଏହି ମଧୁବନକୁ ପ୍ରାର୍ଥନା କରୁଅଛନ୍ତି କି ? ଆଉ ମଧ୍ୟ ସମ୍ବର୍ତ୍ତିକାଦି ବୃନ୍ଦମେଘ ପରସ୍ପର ମଧ୍ୟରେ ବିବାଦ କରି ଅମୃତତୁଲ୍ୟ ହିତକର ଶୀତଳ ଜଳ ବୃଷ୍ଟି କରୁଥିବାରୁ ବୃକ୍ଷ ଲତାମାନେ ବଢ଼ୁଛନ୍ତି ।

୩ୟ ପଦ—ସେହି ବନରେ ଅତି ଉତ୍କଟ ଚନ୍ଦନସୁଗନ୍ଧ ଧାରଣ କରି ବାୟୁ ବାଲି ବିଞ୍ଚିବା ଛଳରେ କର୍ପୂର ଗୁଣ୍ଡା ବିଞ୍ଚୁଛି କି ? ମୃଗମାନଙ୍କର ନାମ ଗନ୍ଧର୍ବ ହୋଇଥିବାରୁ ସେମାନେ ନନ୍ଦନବନ ଓ

ବନପ୍ରିୟ ପଞ୍ଚମସ୍ୱରକୁ ଗୀତାଉମ୍ଭେ ।
ବଳିଛୁଁ ଗନ୍ଧର୍ବ ପଦ ଛଡ଼ାଇଣ ଆମ୍ଭେ ଯେ । ୩ ।
ବସୁମତୀ ଦେବ ଧର୍ମେ ନ ଛୁଉଁ ଚରଣେ ।
ବୋଲାଉଛ ଗନ୍ଧର୍ବ କେବଣ ସୁଲକ୍ଷଣେ ଯେ ।
ବୀଣା ବଡ଼ପଣ ଛଡ଼ାଇଣ ନାରଦର ।
ବିନା ବାଦନେ ଝିଲ୍ଲିକା ଝର୍ଝର ଦୁସ୍ୱର ଯେ ।
ବିଅର୍ଥ ଏ ଅନୁମାନମାନଙ୍କି ନୁହଇ ।
ବଳେ ଯକ୍ଷୁଁ ରକ୍ଷେ ପୁଣ୍ୟଜନପଦ ନେଇ ଯେ । ୪ ।

---

୪ର୍ଥ ପଦ—ବସୁମତୀ—ପୃଥିବୀ । ଝିଲ୍ଲିକ—ଝିଙ୍କାରି । ପୁଣ୍ୟଜନ ପଦ—ରାକ୍ଷସପଦବୀ ।

---

ଚୈତ୍ରୋଦ୍ୟାନରେ କାର୍ଯ୍ୟ କରୁଥିବା ଗନ୍ଧର୍ବମାନଙ୍କ ସହ ବିବାଦ କରି ସେହି ମଧୁ ବନରେ କସ୍ତୁରୀକୁ ଖତ କରି ବାଣ୍ଟୁଛନ୍ତି । ନନ୍ଦନ ଓ ଚୈତ୍ରୋଦ୍ୟାନରେ ଗନ୍ଧର୍ବମାନେ କାର୍ଯ୍ୟ କଲାବେଳେ ଗାନ କରୁଥାନ୍ତି । ଏହି ବନରେ କୋକିଳମାନେ ପଞ୍ଚମତାନରେ ଗାନ କରି 'ଆମ୍ଭେମାନେ ଗନ୍ଧର୍ବମାନଠାରୁ ଗନ୍ଧର୍ବ ପଦ ଛଡ଼ାଇ ଆଣିଛୁ' ବୋଲି ପ୍ରକାଶ କରୁଛନ୍ତି ।

୪ର୍ଥ ପଦ—କୋକିଳମାନେ ଗନ୍ଧର୍ବମାନଙ୍କୁ ଗାନ ଛଳରେ ପ୍ରଶ୍ନ କରୁଛନ୍ତି, "ହେ ଗନ୍ଧର୍ବମାନେ ! ତୁମ୍ଭେମାନେ ଯେପରି 'ଦେବଧର୍ମେ' ଦେବତାମାନଙ୍କପରି ଆଚରଣ କରୁଥିବାରୁ ଅର୍ଥାତ୍ ସ୍ୱର୍ଗରେ ରହୁଥିବା ହେତୁରୁ ପାଦରେ ପୃଥିବୀକୁ ସ୍ପର୍ଶ କରୁନାହିଁ, ଆମ୍ଭେମାନେ ମଧ୍ୟ ସେହିପରି 'ଦେବ ଧର୍ମରେ' ଆକାଶରେ ବିହାର କରୁଥିବାରୁ ପୃଥିବୀକୁ ପାଦରେ ସ୍ପର୍ଶ କରୁନାହୁଁ । ଆଉ କେଉଁ ଉତ୍ତମ ଲକ୍ଷଣ ଥିବାରୁ ତୁମ୍ଭେମାନେ ଗନ୍ଧର୍ବ ବୋଲାଉଛ ? ନାରଦଙ୍କର ବୀଣା ବଜାଇବାରେ ବଡ଼ପଣ (ଉଚ୍ଚଆସନ) ଥିଲା, କିନ୍ତୁ ଏହି ବନରେ ବିନା ବୀଣା ସାହାଯ୍ୟରେ ଝିଙ୍କାରିମାନେ ଝିଁଝିଁସ୍ୱର ପ୍ରକାଶ କରୁଛନ୍ତି । ଏଣୁ ତୁମ୍ଭେମାନେ 'ଆମ୍ଭେ ବୀଣା ବଜାଇ ଭଲ ଗାନ କରୁ ବୋଲି ଗନ୍ଧର୍ବ ପଦରେ ଅଭିହିତ ହେବାର ଉପଯୁକ୍ତ' ବୋଲି ଯାହା କହ, ତା ବୃଥା, କାରଣ ଆମ୍ଭେମାନେ ତୁମ୍ଭମାନଙ୍କଠାରୁ ସେ ପଦ ଛଡ଼ାଇ ନେଲୁଣି । ଆମ୍ଭେ ଯେଉଁ ସବୁ ଆଲୋଚନାମାନଙ୍କ କଥା କହିଗଲୁ, ସେହି କଥାମାନଙ୍କରେ ଥିବା ଅନୁମାନ ଗୁଡ଼ିକ ବୃଥା ନୁହନ୍ତି । ଦେଖ, ରାକ୍ଷସମାନେ ବଳପୂର୍ବକ ଯକ୍ଷମାନଙ୍କଠାରୁ ପୁଣ୍ୟଜନପଦକୁ କାଢ଼ି ନେଇଛନ୍ତି ।" (ପୂର୍ବୋକ୍ତ; କୋକିଳ ମୃଗ ଏମାନଙ୍କୁ ଏବଂ ଗନ୍ଧର୍ବ, ଯକ୍ଷ ଓ ରାକ୍ଷସମାନଙ୍କୁ ପୁଣ୍ୟଜନ ବୋଲାଯାଏ ) ।

ବଳେ ଯେବେ ନ ନେଲେ ପାତକୀ ପୁଣ୍ୟଜନ ।
ବୋଲାଇଲେ କେଉଁ ଅର୍ଥେ ସର୍ବେ ମନେ ଘେନ ଯେ ।
ବନ ଦେଖି ମହାତୋଷ ହନୁମାନ ପାଞ୍ଚି ।
ବାଦକାଳେ ବୈରୀର ପ୍ରାସ୍ତେ ଯିବା କପାଁ ଲୁଚି ଯେ ।
ବଳହୀନ ନୋହେ ଯିବି ହୋଇ କ୍ଷୁଧାତୁର ।
ବୃକ୍ଷ ଉପାଡ଼ି ସେ ଫଳ ଝାଡ଼ିଲା ମୁଖର ଯେ । ୫ ।
ବାହାସ୍ଫୋଟ ବହିଲା ଉଦରଶାନ୍ତି ଅନ୍ତେ ।
ବିମର୍ଦ୍ଦିଲା ପାଦେ ପୁଷ୍ପ ଛଦନ ସହିତେ ଯେ ।
ବିସ୍ମରନ୍ତି ରକ୍ଷୀରାକ୍ଷସୀ ଏ କି ଉତ୍ପାତ ?
ବତାସ ବହ୍ନିନେ ତ କାନନ ହେଲା ହତ ଯେ ।
ବ୍ରହ୍ମ ର ଅର୍ଦ୍ଧ ବୟସ ପ୍ରଳୟ ତ ଦୂରେ ।
ବିଂଶଭୁଜେ ନ ଡରି କେ ଅଛି ଏ ସଂସାରେ ଯେ । ୬ ।

---

୬ଷ୍ଠ ପଦ—ଛଦନ—ପତ୍ର । ରକ୍ଷୀ-ରାକ୍ଷସୀ ବନ ରକ୍ଷାକାରିଣୀ—ରାକ୍ଷସୀମାନେ ।

---

୫ମ ପଦ—"ଯେବେ ରାକ୍ଷସମାନେ ବଳପୂର୍ବକ ପୁଣ୍ୟଜନପଦ ନ ନେଲେ, ତାହାହେଲେ ସେମାନେ ପାପୀ ହୋଇ କେଉଁ ହେତୁରୁ ପୁଣ୍ୟଜନ ବୋଲାଇଲେ, ସମସ୍ତେ ମନରେ ଏହା ବିଚାର କର ।" ହନୁମାନ ସେହି ବନକୁ ଦେଖି ଅତିଶୟ ସନ୍ତୁଷ୍ଟ ହୋ'ଇ ମନେ ମନେ ଭାବିଲା, 'ମୁଁ ବିବାଦ ସମୟରେ ବୈରୀ ଘର ଲୁଚି ଲୁଚି ଏଠାରୁ କାହିଁକି ଯିବି ? ମୁଁ ତ ଦୁର୍ବଳ ନୁହେଁ, କ୍ଷୁଧାର୍ତ୍ତ ହୋଇ କାହିଁକି ବା ଯିବି ?' ଏହିପରି ଭାବି ସେ ବୃକ୍ଷମାନଙ୍କୁ ଉପାଡ଼ି ପାଟିରେ ଫଳମାନଙ୍କ ଝାଡ଼ିଲା ।

୬ଷ୍ଠ ପଦ—ତାହାର ଉଦର ବାଧା ଶାନ୍ତି ଲାଭ କରିବା ଉତ୍ତାରୁ ଅର୍ଥାତ୍ ପେଟ ପୂରିଯିବା ଉତ୍ତାରୁ ସେ ବାହୁରେ ହାତ ମାରି ବୃକ୍ଷ, ଲତାମାନଙ୍କ ପତ୍ର ଓ ଫୁଲ ସହିତ ପାଦରେ ଦଳି ପକାଇଲା । ସେ ବନରେ ଥିବା ବନରକ୍ଷିକା ରାକ୍ଷସୀମାନେ ଏହା ଦେଖି ବିସ୍ମରିଲେ, 'ଏ କି ଉତ୍ପାତ ? ବିନା ବାତା ସଙ୍ଗରେ ଏହି ଉଦ୍ୟାନଟି ନଷ୍ଟ ହେଲା କପରି ? ବ୍ରହ୍ମାଙ୍କର ବୟସ ତ ବର୍ତ୍ତମାନ ଅଧେ ( ୫୦ ବର୍ଷ ମାତ୍ର ) ହୋଇଅଛି । ଏଣୁ ପ୍ରଳୟ ବହୁତ ଦୂରରେ ଅଛି । (ବର୍ତ୍ତମାନ ଏପରି ହେଲା କାହିଁକି ? ) ଏହି ସଂସାରରେ ରାବଣକୁ ନ ଡରି କିଏ ବା ଅଛି ?'

ବାଳୀ ଭାଳିଲେ ବାନର ଦେଖି ବାଳି ଏହି ।
ବାର୍ତ୍ତା କହିବାର ଭୂପେ ନଦୀସ୍ରୋତେ ବହି ଯେ ।
ଅଭରଣ ରୋଦନ ଉପୁଜ ଧ୍ୱନି ମେଳ ।
ବର୍ଷ୍ମରୁ ଗଳଇ ଘର୍ମ ଉଲ୍ଲୋଳ କଲ୍ଲୋଳ ଯେ ।
ବାଳ ଫିଟି ଲୋଟି ଶୈବାଳଚୟ କି ସେ ।
ବାହୁ ଉରୁ ଚରୁ କି ଉପୁଜି ଭାସି ଆସେ ଯେ । ୭ ।
ବରଷାସୂଚକ ଏ କାଳକୁ ସଭାସ୍ଥାନ ।
ବିସ୍ତାରି ଘନ ରାବଣ ପ୍ରତିଭା ନିଃସ୍ୱନ ଯେ ।
ବିଧି ବାତ ମେଳ ଯନ୍ତ୍ର ବାଜିବାର ତହିଁ ।
ବରୁଣ ଶଙ୍ଖାଦ୍ଧ ସୁମନସ ସ୍ଫୁଟ ଯହିଁ ଯେ ।

---

୭ମ ପଦ—ବାଳୀ—ରକ୍ଷାକାରିଣୀ ରାକ୍ଷସୀଗଣ । ଅଭରଣ—ଚୂର୍ଣ୍ଣି । ବର୍ଷ୍ମରୁ—ଦେହରୁ । ଉଲ୍ଲୋଳ—ଚଞ୍ଚଳ । କଲ୍ଲୋଳ—ଲହରୀ । ଶୈବାଳଚୟ—ଶୀଉଳସମୂହ ।

୮ମ ପଦ—ଘନ—ମେଘ । ପ୍ରତିଭା—ଦୀପ୍ତି । ନିଃସ୍ୱନ—ଶବ୍ଦ । ବିଧି—ନିୟମ, ବିଧାତା । ବାତ—ବାୟୁ । ବରୁଣ—ସ୍ୱନାମପ୍ରସିଦ୍ଧ ବୃକ୍ଷ ବିଶେଷ, ବରୁଣଦେବ ବା ସମୁଦ୍ର । ଶଙ୍ଖାଦ୍ଧ—ପିତାକୋରୁଆଁ, ବଣମଲ୍ଲୀ, ଅର୍ଜ୍ଜୁନବୃକ୍ଷ

---

୭ମ ପଦ - ସେହି ବନରକ୍ଷିକା ରମଣୀମାନେ ଗୋଟିଏ ବାନର ଦେଖି ଭାବିଲେ, 'ଏ ନିଶ୍ଚୟ ବାଳି ( କପିରାଜ' । ଏଣୁ ରାଜାଙ୍କୁ ସେମାନେ ଏହି ବାର୍ତ୍ତା କହିବାପାଇଁ ନଦୀ ପରି ବୋହିଗଲେ, ଅର୍ଥାତ୍ ଜଣକ ପଛେ ଜଣେ ଦୌଡ଼ିବାକୁ ଲାଗିଲେ ।

୮ମ ପଦ—ଏହି ରାକ୍ଷସୀମାନେ ରାବଣର ନିକଟରେ ଉପସ୍ଥିତ ହେବା ବେଳକୁ ସଭାସ୍ଥଳ ବର୍ଷାକାଳର ସୂଚନା ଦେଉଥିଲେ । କାରଣ ବର୍ଷାକାଳୀନ ମେଘ ଆକାଶକୁ ଆବୃତ କଲା ପରି ରାବଣ ତାର 'ଘନ' କୃଷ୍ଣବର୍ଣ୍ଣ ( କାଳିଆ ) 'ପ୍ରତିଭା' ଶାରୀରିକ ତେଜକୁ ବିସ୍ତାରି କରି ସଭାସ୍ଥଳକୁ ଆବୃତ କରିଥିଲା ଏବଂ ତାର ଶବ୍ଦ ( ଉଚ୍ଚଭାଷଣ ) ମେଘର ଶବ୍ଦ ପରି ଶୁଣା ଯାଉଥିଲା । ବର୍ଷା କାଳରେ ବିଧାତାର ନିୟମାନୁସାରେ ମେଘ ସହିତ ପବନର ମିଳନ, ପକ୍ଷୀମାନଙ୍କର ନିସ୍ୱନ ଓ ବରୁଣ, ଗନ୍ଧମଲ୍ଲିକା ପ୍ରଭୃତି ବୃକ୍ଷମାନେ ପୁଷ୍ପିତ ହେଲା ପରି, ସେହି ସଭାରେ ବ୍ରହ୍ମା ଓ ପବନ ମିଳିତ ହୋଇଥିଲେ, ଯନ୍ତ୍ର ବାଦ୍ୟ ବାଜୁଥିଲା ଓ

ବିରଳରେ ନୀଳକଣ୍ଠ ନୃତ୍ୟେ ଶ୍ରଦ୍ଧାପର ।
ବିହୁଁ ହରି ସ୍ୱାନ୍ତ ଯୋଷ୍ଟି ମୋହିତ ଅଙ୍ଗାର ଯେ । ୮ ।
ବିକାଶ ଚଞ୍ଚଳା ଅତି ସେ ଅନ୍ତେ ଶରଦ ।
ବଚ ଚନ୍ଦ୍ରୋଦୟ କଲା ପୁଷ୍କର ସୁହୃଦ ଯେ ।
ବିବେକ ପ୍ରସର ହେଭୁସ୍ଥନ ହେଲା ଆସି ।
ବିଶ୍ୱାସଣ ଅରିଷ୍ଟ ମସୃଣ ଶୁକେ ଭାଷି ଯେ ।

---

ପ୍ରଭୃତି, ଇତ୍ୟାଦି । ସୁମନସ—ଦେବତା, ଫୁଲ । ସ୍ଫୁଟ—ଫୁଟିବା, ପ୍ରକାଶିତ ହେବା । ବିରଳରେ—ନିର୍ଜନସ୍ଥାନରେ । ନୀଳକଣ୍ଠ—ମୟୂର, ମହାଦେବ । ବାଜବାର—ପକ୍ଷିସମୂହ, ବାଜିବା । ହରି—ରଜନୀ, ବସ୍ତ୍ର ।

୯ମ ପଦ—ଚଞ୍ଚଳା—ବିଦ୍ୟୁତ୍ । ବଚ—କଥା । ପୁଷ୍କର—ଆକାଶ, ଜଳ । ଅରିଷ୍ଟ—କାକ, ଅଶୁଭ କଥା । ମସୃଣ—ଚିକ୍କଣ, ଚୂନ ଚୂନ କହିବା ।

---

ଇନ୍ଦ୍ର, ବରୁଣ ପ୍ରଭୃତି ଦେବତାମାନେ ଏକତ୍ରିତ ହୋଇଥିଲେ । ବର୍ଷାକାଳରେ ମୟୂରମାନେ ଶ୍ରଦ୍ଧାଯୁକ୍ତ ହୋଇ ନିର୍ଜନ ସ୍ଥାନରେ ନୃତ୍ୟ କରୁଥାନ୍ତି ଏବଂ 'ହରିଗଣ୍ଡ' ରାତ୍ରିର ଆଚରଣ ବିଧାନ କରୁଥିବାରୁ ( ଅର୍ଥାତ୍ ରାତ୍ରିରେ ସୂର୍ଯ୍ୟ ଦେଖା ନ ଦେଲା ପରି ବର୍ଷା ସମୟରେ ଦିନବେଳେ ସୂର୍ଯ୍ୟ ମେଘଦ୍ୱାରା ଆବୃତ ହୋଇ ରହିବାରୁ ଦିନ ମଧ୍ୟ ରାତିପରି ଆଚରଣ କରିଥାଏ ) ଅନ୍ଧକାର ବ୍ୟାପ୍ତ ହୋଇ ଲୋକମାନଙ୍କୁ ମୋହିତ କରେ, ସେହିପରି ଏ ସଭାରେ ମହାଦେବ 'ବିରଳେ' କେତେବେଳେ କେତେବେଳେ ଅଥବା ପରିଷ୍କାର ଭାବରେ ନୃତ୍ୟ କରୁଥିଲେ ଓ 'ହରିଗଣ୍ଡ' ବାନରର ଆଚରଣ ସେହି ସ୍ଥାନରେ ଯୋଷ୍ଟି ( ପ୍ରବୃତ୍ତ ହୋଇ ) ରାବଣକୁ କର୍ତ୍ତବ୍ୟଶୂନ୍ୟ ଓ ମୋହିତ କରିଥିଲା । ( ଲଙ୍କାଦେବୀ ସ୍ୱପ୍ନରେ କହିଥିବା କଥା ରାବଣ ସଭାରେ ବସି ବିଚାର କରୁ କରୁ ଏପରି ହେଲା )।

୯ମ ପଦ—ବର୍ଷା କାଳରେ ବିଜୁଳି ଯେପରି ଅତିଶୀଘ୍ର ପ୍ରକାଶିତ ହୁଏ, ସେହିପରି ରାବଣ ମୋହ ହୋଇ ଯିବାରୁ ସଭାସଦମାନେ ଅତିଶୟ ଚଞ୍ଚଳ ହେଲେ । ବର୍ଷାକାଳ ପରେ ଶରତ୍ ପ୍ରବେଶ ହେଲେ ଯେପରି ଆକାଶରେ ନିର୍ମଳଚନ୍ଦ୍ର ଉଦୟ ହୁଏ, ସେହିପରି ଚଞ୍ଚଳମନା ପ୍ରିୟ ସଭାସଦସମୂହ ଜଳ ଓ କର୍ପୂର ସେଠାରେ ଯୋଗାଇଲେ ଅର୍ଥାତ୍ ରାବଣ ଦେହରେ ଜଳ ସିଞ୍ଚ କର୍ପୂର ଘଷିଲେ । ଏହିପରି କରିବାରୁ ରାବଣର ଜ୍ଞାନ ହେଲା । ଶରତ୍ପରେ ହେମନ୍ତ କାଳ ଉପସ୍ଥିତ ହେଲା । ତେଣୁ ଅତି ଭୟଙ୍କର ଭୂଆମାନେ ଚିକ୍କଣ ଦେଖାଗଲେ ।

ବନରକ୍ଷ ବାଣୀ ନ୍ୟାସେ ପୁନଃ ଜଡକୃତ ।
ଶିଶିରେତେ ତନ୍ତ୍ରେ ତଲ ପ୍ରବର୍ତ୍ତି ଶୀ (ସୀ)ତାର୍ତ୍ତି ସେ । ୯ ।
ବସନ୍ତେ ଭାଳିତା କିଂଶୁ ( ଶୁ )କର ପ୍ରକାଶିତ ।
ବିନାଶ ହୋଇବ ଗିରିସମକାଳ ପ୍ରାନ୍ତ ସେ ।
ବ୍ରହ୍ମାଙ୍କ ପୃଚ୍ଛିଲା ଶାଖାମୃଗେ କାହୁଁ ଆସ ।
ବିଶ୍ୱାତରେ ମୃଗରାଜ କାନନେ ବିଳସ ସେ ।

---

ଚନ୍ଦ୍ର—ଚନ୍ଦ୍ର, କର୍ପୂର । ଶୁକ—ଶୁଆପକ୍ଷୀ, ଶୁକ ନାମକ ମନ୍ତ୍ରୀ । ବାଣୀନ୍ୟାସ — କହିବା ।

---

ଶୁକପକ୍ଷୀମାନେ ପଡ଼ିଲେ । ଏହି ସମୟରେ ବିଭୀଷଣ ଆସି 'କଣ ରାଜା ହେତୁହୀନ ହେଲେ ? ଏହା ଅଶୁଭ ହେଲା' ବୋଲି ଗୁପ୍ତକରି ଶୁକ ନାମକ ମନ୍ତ୍ରୀକୁ କହିଲେ । ଏହି ସମୟରେ ବନରକ୍ଷିକ ମାନେ ବନଭଗ୍ନ କଥା କହିବାରୁ ହେମନ୍ତ ପରେ ଶିଶିର ଆସିଲେ କାକର ଲାଗି ଦେହ ଯେପରି ଜଡ ହୋଇଯାଏ, ରାବଣ ସେହିପରି ଜଡ ହୋଇଗଲା । ଶିଶିର ପରେ ଶୀତ ଋତୁରେ ଯେପରି 'ଶୀତାର୍ତ୍ତି' ଶୀତ ଯୋଗୁଁ ଦୁଃଖ ଅନୁଭବ କରିବାକୁ ହୁଏ, ସେହିପରି ରାବଣର ଚିତ୍ତରେ ପ୍ରବଳ ଭାବରେ 'ସୀତାର୍ତ୍ତି' ସୀତାଙ୍କ ହେତୁରୁ ଭୟ ଜାତ ହେଲା ।

୧୦ମ ପଦ—ରାବଣ ମୋହ ତ୍ୟାଗ କରି ବସନ୍ତେ 'ଏ କଣ ହେଲା' ଏତିକି ମାତ୍ର କହି ଭାଳିବାକୁ ଲାଗିଲା । ଯାହା ଭାବିବାକୁ ଲାଗିଲା ତାହାତ ଅନାୟାସରେ ପ୍ରକାଶିତ ହେଉଛି, ଆଉ କଣ କହିବା ? ବର୍ତ୍ତମାନ ବସନ୍ତକାଳର ବିଷୟ ଭାବନା କରିବା କି ? କାରଣ ଏହି ସମୟରେ 'କିଂସୁକର' ପଳାଶ ଫୁଲର ପ୍ରକାଶ ହେଲାପରି 'କିଂ' କୁତ୍ସିତ ଶୁକ ନାମକ ମନ୍ତ୍ରୀଙ୍କର ମନରେ ଆନନ୍ଦ ପ୍ରକାଶିକ ହେଲା । ତେଣୁ ସେ କହିଲେ, "ଏହି ସମୟର ଶେଷକୁ ଅର୍ଥାତ୍ ମହାରାଜାଙ୍କର ଏହି ଚିନ୍ତିତ ଅବସ୍ଥା ପରେ ଅଥବା ଏହିପରି ବନ ଭଙ୍ଗ ପ୍ରଭୃତି କାର୍ଯ୍ୟ କରି ସାରିବା ପରେ ସେହି ରାମଦୂତ 'କାଳପ୍ରାନ୍ତ' ବସନ୍ତର ଶେଷ ସମୟ ଉପସ୍ଥିତ ହେଲେ ଅର୍ଥାତ୍ ଗ୍ରୀଷ୍ମ ଆସିଲେ ( ଗିରି ସମ ) ପର୍ବତପରି ବିନାଶ ହେବ ( ପୋଡ଼ି ହୋଇ ମରିବ ) । ଆଉ ମଧ୍ୟ ଗ୍ରୀଷ୍ମକାଳ ଓ ତତ୍ପରବର୍ତ୍ତୀ କାଳମାନେ ଏହିପରି ଆସି ବିନାଶ ହେବେ ଅର୍ଥାତ୍ ଏମାନଙ୍କୁ କେତେ ବର୍ଣ୍ଣନା କରିବା ?" ଏହା ପରେ ରାବଣ ବ୍ରହ୍ମାଙ୍କୁ ପଚାରିଲା, "ହେ ବ୍ରହ୍ମା ! ମାଙ୍କଡ଼ଟାଏ କେଉଁଠାରୁ ଆସି ସିଂହର ବଗିଚାରେ

ବୋଲେ ସେ ହେବ ସୁଗ୍ରୀବ ଅବା ଅନୁମାନ ।
ବାଳି ବୋଲନ୍ତାଇଁ ରାମବାଣେ ସେ ନିଧନ ଯେ । ୧୦ ।
ବିସ୍ମୟ ହରଷ ଶୁଣି ବହୁ ସୈନ୍ୟ ପେଷି ।
ବାନ୍ଧି ଆଣିବଟି ନ ବିନାଶି ଏହା ଭାଷି ଯେ ।
ବିଭୁ ହୋଇ ସେ କିଙ୍କରଗଣ-ଦଣ୍ଡଦାତା ।
ବାହୁ ମୋଡ଼ି କେଶ ଧରି ପ୍ରାଣ-କର ଘେନ ଯେ ।
ବିଭଞ୍ଜନ ଶାଳକାରେ ପବନଜନିତ ।
ବଧି ଶାର୍ଦ୍ଦୂଳାବ୍ଦ ପାଞ୍ଚ ସେ କେଶରୀସୁତ ଯେ । ୧୧ ।
ବହି ମୃତ୍ୟୁମୂର୍ତ୍ତି ଜମ୍ବୁମାଳୀ ଅନ୍ତ୍ରମାଳୀ ।
ବିଲମ୍ବାଇ ଗଳେ ପ୍ରଶସ୍ତର ଗର୍ବ ଦଳି ଯେ ।

---

୧୨ଶ ପଦ—ମୃତ୍ୟୁମୂର୍ତ୍ତି—ଯମ । ବାଳଭାନୁ—ପ୍ରାତଃକାଳର ସୂର୍ଯ୍ୟ । ଉଦୟାଦ୍ରି—ଉଦୟାଚଳ ।

---

( ମୋର ଅଶୋକ ବନରେ ) ନିର୍ଭୟ ଚିତ୍ତରେ କ୍ରୀଡ଼ା କରୁଅଛୁ ?" ବ୍ରହ୍ମା କହିଲେ, "ସୁଗ୍ରୀବ କିମ୍ବା ହନୁମାନ ହେବ । ବାଳି ବୋଲି ଅବା କହନ୍ତି, ମାତ୍ର ସେ ରାମଚନ୍ଦ୍ରଙ୍କ ଶରାଘାତରେ ପ୍ରାଣତ୍ୟାଗ କରିଅଛି ।"

୧୧ଶ ପଦ—ବାଳିର ମରଣ ବୃତ୍ତାନ୍ତ ବ୍ରହ୍ମାଙ୍କଠାରୁ ଶୁଣି ରାବଣ ଯୁଗପତ୍ ହର୍ଷ ଓ ବିସ୍ମୟରେ ନିମଗ୍ନ ହେଲା । ( ଶତ୍ରୁ ମରିବାରୁ ଆନନ୍ଦିତ ଓ ରାମଦ୍ୱାରା ନିଜଠାରୁ ପରାକ୍ରମଶାଳୀ ବାଳିର ମରଣ ଏହା ଭାବି ବିସ୍ମିତ ହେଲା ) ବାଳି ମରି ଯାଇଥିବାରୁ ଭୟଶୂନ୍ୟ ହୋଇ 'ଏହି ବାନରକୁ ନ ମାରି ବାନ୍ଧିଆଣ' ବୋଲି କେତେ ବହୁତ ସୈନ୍ୟ ପଠାଇଲା । ହନୁମାନ ସେହି ବନରେ ରାଜତ୍ୱ ବିସ୍ତାର କରି, ରାଜାମାନେ କିଙ୍କରମାନଙ୍କୁ ଦଣ୍ଡ ଦେଲାପରି, ସେହି ସୈନ୍ୟ-ମାନଙ୍କର ବାହୁ ମୋଡ଼ି ଚୁଟି ଭିଡ଼ି, ପ୍ରାଣ ରୂପ ରାଜସ୍ୱ ଗ୍ରହଣ କଲା ( ମାରି ପକାଇଲା ) । ପବନ ଯୋଗୁଁ ଶାଳବୃକ୍ଷମାନେ ଯେପରି ଭାଙ୍ଗି ପଡ଼ନ୍ତି ସେହିପରି ପବନପୁତ୍ର ହନୁମାନ ରାବଣର ଶଳାମାନଙ୍କୁ ବିନାଶ କଲା ଏବଂ ସିଂହ ଶିଶୁ ଯେପରି ବ୍ୟାଘ୍ରମାନଙ୍କୁ ନାଶ କରେ, ସେହିପରି କେଶରୀ ନାମକ ବାନରର ସୁତ ହନୁମାନ ଶାର୍ଦ୍ଦୂଳାବ୍ଦ ପାଞ୍ଚ ବୀରଙ୍କୁ ନାଶ କଲା ।

୧୨ଶ ପଦ—ତତ୍ପରେ ହନୁମାନ ଭୀଷଣମୂର୍ତ୍ତି ଧାରଣ କରି ଜମ୍ବୁମାଳି ଅସୁରର ଅନ୍ତ୍ରକୁ ବାହାର କରି ମାଳାପରି ବେକରେ ଲମ୍ବାଇଲା ଏବଂ ପ୍ରଶସ୍ତର

ବଳପୁଚ୍ଛୁଁ ବୋଲେ ତବ ପ୍ରାଣପର ଯୋଖ ।
ବିଗ୍ରହ ତ ଉଦୟାଦ୍ରି, ବାଳଭାନୁ ମୁଖ ଯେ ।
ବିଭୂଷା ମୁକୁଟ ଊର୍ଦ୍ଧ୍ୱମୁଖ କରଣ କି ?
ବିଳସେ ତହିଁ ଲାଙ୍ଗୁଳ ଆସି କି ବାସୁକି ଯେ ? ୧୨ ।

ବିଧ୍ୱଂସ ତମସ ଦମ୍ଭ ସେ ପ୍ରଭା ଅନାଇଁ ।
ବିଢ଼ଧର୍ମେ ଦୂର ମୁଁ ଦର୍ଦ୍ଦୁର ପରା ହୋଇ ଯେ ।
ବଇଶ୍ରବଣ ଶ୍ରବଣେ ପେଷିଲା ଅକ୍ଷୟ ।
ବିଗୁଣିଲା ନାହିଁ ବଧ ବୋଲି ନିଃସଂଶୟ ଯେ ।
ବ୍ୟାଧ ଅହଙ୍କାର ଶାଖାମୃଗ ବୁଦ୍ଧି କରି ।
ବେଢ଼ାଇ ସେ ସୈନ୍ୟଜାଳ କଳମ୍ବ ପ୍ରହାରି ଯେ । ୧୩ ।

---

୧୩ଶ ପଦ—ତମସ—ଅନ୍ଧକାର । ଦର୍ଦ୍ଦୁର—ଭେକ । ବୈଶ୍ରବଣ—ରାବଣ । ଶାଖାମୃଗ—ମର୍କଟ । ବ୍ୟାଧ—ବାଣୁଆ । କଳମ୍ବ—ଶର ।

---

ଖବଙ୍କୁ ଚୂନା କରି ଦେଲି । ପ୍ରହସ୍ତ ପରାସ୍ତ ହୋଇ ଯାଇ ରାବଣ ନିକଟରେ ସମସ୍ତ ବୃତ୍ତାନ୍ତ କହି ସାରିବା ପରେ ରାବଣ ତାକୁ ପଚାରିଲେ, "ତାର ବଳ କେତେ ?" ସେ କହିଲା, ତାର ବଳ ଆପଣଙ୍କ 'ପ୍ରାଣସରି' ବଳର ସହିତ ସମାନ ହେବ । ତାର ଦେହ ଉଦୟ ପର୍ବତପରି ଓ ମୁଖ ବାଳସୂର୍ଯ୍ୟ ପରି ଦେଖା ଯାଉଛି ଏବଂ ତାର ଶିରୋଭୂଷଣ ମୁକୁଟକୁ ଦେଖିଲେ ମନେ ହେଉଛି, ଏହା ଊର୍ଦ୍ଧ୍ୱଗାମୀ ସୂର୍ଯ୍ୟକିରଣ କି ? ସେହିପରି ଲାଙ୍ଗୁଳକୁ ଦେଖି ମନେ ହେଉଛି, ବାସୁକି ଆସି ତା ଦେହରେ ଲାଙ୍ଗୁଳ ରୂପରେ ଲାଗି ରହି ଶୋଭା ପ୍ରକାଶ କରୁଛି କି ?"

୧୩ଶ ପଦ—ସୂର୍ଯ୍ୟୋଦୟରେ ଅନ୍ଧକାର ନଷ୍ଟ ହେଲାପରି ତା ମୁଖର ତେଜକୁ ଦେଖି ମୋର ଧୈର୍ଯ୍ୟରୂପ ଅନ୍ଧକାର ଧ୍ୱଂସ ହୋଇଗଲା । ମୋର ଅନ୍ତରସ୍ଥ ଧର୍ମବଳ ଥିବାରୁ ମୁଁ ତାର ବାସୁକି ପ୍ରାୟ ଲାଙ୍ଗୁଳକୁ ଦେଖି ଭେକ ପରି କୁଦାମାରି ପଳାଇ ଆସିଲି ।" ରାବଣ ଏହା ଶୁଣି ଅକ୍ଷୟକୁ ପଠାଇଲେ । କାରଣ ସେ ମନେ କରିଥିଲେ ଯେ, ଏହାର କେବେ ହେଲେ 'କ୍ଷୟ' ମୃତ୍ୟୁ ହେବ ନାହିଁ, ଏହା ସତ୍ୟ । ଅକ୍ଷୟ ଅହଂକାର ବଶତଃ ନିଜକୁ ବ୍ୟାଧ ଓ ହନୁମାନଙ୍କୁ 'ଶାଖାମୃଗ' ଜାଲଖିଆ ହରିଣ ମନେ କରି ତାର ଚାରିଆଡ଼େ ସୈନ୍ୟମାନଙ୍କୁ ଜାଲପରି ଘେରାଇ ଶର ସନ୍ଧିଲା ।

କଳମୁଖବଳୀ ଶଲ୍ୟ ଝଳକ ବହିଲା ?
ବିମାନ ଭଗନେ ଚକ୍ରଧର ସେ ହୋଇଲା ଯେ ।
ବାନର ମଧ୍ୟରେ ସ୍ୱତଃ ମୁହିଁ ହନୁମାନ ।
ବିଜୟରେ ବିଭୂତିରେ କହିବେ କଥନ ଯେ ।
ବହି ଖଡ଼୍ଗଫଳକ ଅସୁର ଭୈରବ ।
ବହୁତ ପ୍ରକାରେ ହେଲା ସଂଗ୍ରାମ ସମ୍ଭବ ଯେ । ୧୮ ।
ବାଜ ବେନି ଶିରେ ବେନି ଆୟୁଧହିଁ ହତ ।
ବିଗ୍ରହକୁ ବିଗ୍ରହରେ ବିଗ୍ରହେ ଜଡିତ ଯେ ।
ବିନତାନନ୍ଦନ ଦ୍ୱନ୍ଦ୍ୱ ଦ୍ୱନ୍ଦ୍ୱ କଲ ପ୍ରସ୍ତେ ।
ବେପଥୁ ବହି ବହନ ବିଶ୍ୱମ୍ଭରୀ ହୋଏ ଯେ ।

---

୧୮ଶ ପଦ—କଳମୁଖବଳୀ—ମର୍କଟଶ୍ୱର ହନୁମାନ । ଶଲ୍ୟ—ଝିଙ୍କପକ୍ଷୀ । ବିମାନ-ଭଗନେ—ଗର୍ବ ଚୂର୍ଣ୍ଣ କରିବାପାଇଁ । ବିମାନ—ରଥ । ବିଜୟରେ—ଅର୍ଜୁନଙ୍କୁ ।

୧୯ଶ ପଦ—ବିଗ୍ରହ—ଦେହ । ଦ୍ୱନ୍ଦ୍ୱ—ଯୁଦ୍ଧ । ବିଗ୍ରହ—ମଲ୍ଲଯୁଦ୍ଧ । ବିଶ୍ୱମ୍ଭରୀ—ପୃଥିବୀ । ଖରନଖ—ତୀକ୍ଷ୍ଣ ନଖ । ଖର—ପ୍ରବଳବେଗରେ । କୋକନଦ—ରକ୍ତପଦ୍ମ । ବେପଥୁ—କମ୍ପନ ।

---

୧୮ଶ ପଦ—ବାନରବୀର ହନୁମାନ ଝିଙ୍କ ପକ୍ଷୀର ଶୋଭାକୁ ଧାରଣ କଲା । ( ଅକ୍ଷୟର ଶରସବୁ ତା ଦେହରେ ଫୋଡ଼ିହୋଇ ଲାଗି ରହିବାରୁ ସେ ଏପରି ଦେଖାଗଲା ) । ତତ୍ପରେ ସେ ଅକ୍ଷୟର ରଥକୁ ଭାଙ୍ଗି ତାର ଚକକୁ ଧରିବାରୁ 'ଚକ୍ରଧର' ବିଷ୍ଣୁଙ୍କପରି ଦେଖାଗଲା । ଏହି ସମୟରେ ସେ କହିଲା, "ବାନରମାନଙ୍କ ମଧ୍ୟରେ ମୁଁ ଶ୍ରେଷ୍ଠ, ମୋର ନାମ ହନୁମାନ । ଏହି ବିଷୟ ଗୀତାର ବିଭୂତି ଅଧ୍ୟାୟରେ ଭଗବାନ ନିଜେ ଅର୍ଜୁନଙ୍କୁ କହିବେ ।" ଏହା ଶୁଣି ଅକ୍ଷୟ ଖଣ୍ଡା ଧରି ଭୟଙ୍କର ମୂର୍ତ୍ତି ପ୍ରକାଶ କଲା । ତତ୍ପରେ ସେ ଦୁହିଁଙ୍କ ମଧ୍ୟରେ ଅନେକ-ପ୍ରକାର ଯୁଦ୍ଧ ଲାଗିଲା ।

୧୯ଶ ପଦ—ଦୁହିଁଙ୍କର ଅସ୍ତ୍ର ଶସ୍ତ୍ର ଦୁହିଁଙ୍କ ମୁଣ୍ଡରେ ବାଜି ଚୂର୍ଣ୍ଣ ହୋଇଗଲା । ଏଣୁ ଦୁହେଁ ବିନତାଙ୍କ ପୁତ୍ର ( ଗରୁଡ଼ ଓ ଅରୁଣ ) ଉଭୟରେ ଦେହକୁ ଜଡ଼ାଇ ଯୁଦ୍ଧ କଲାପରି ମାଲଯୁଦ୍ଧ କଲେ । ଏହି ଯୁଦ୍ଧ ଯୋଗୁଁ ପୃଥିବୀ ଥରାଇ କମ୍ପିବାକୁ ଲାଗିଲା ଏବଂ ଦୁହିଁଙ୍କର ତୀକ୍ଷ୍ଣ ନଖ ଦୁହିଁଙ୍କର

ବିଘାତ ଶରନଖର ଖର ରକ୍ତ ସ୍ରବ ।
ବିକଷି ନଦରେ କୋକନଦ କ୍ଷ୍ମାତ ଲବ ଯେ । ୧୫ ।
ବରଷା ଗ୍ରୀଷ୍ମମ ନଦୀ ମାରୁତି ଅକ୍ଷୟ ।
ବୃଦ୍ଧି ହେଲା ସଲ୍ଲିଳ ଜୀବନ ହେଲା କ୍ଷୟଯେ ।
ବ୍ୟୂହବ୍ୟୂହ ସୈନ୍ୟ ମୀନ ସଙ୍ଗୀ ନାଶ ପୁଣ ।
ବିଦେହ ଆର୍ତ୍ତିସ୍ୱର ସ୍ୱରଗଣ ପଳାଇଣ ଯେ ।
ବିଶଦ କର୍ମ ଶ୍ରବଣେ ଇନ୍ଦ୍ରଜିତ କୋପି ।
ବିମାନ ଆରୋହି ମାନମାନସେ ହେ ଆସି ଯେ । ୧୭ ।
ବିପିନରେ ଗୁପ୍ତ ହୋଇ ଛପି ଦ୍ୱୀପୀପରି ।
ବୁଲି କ୍ରବ୍ୟାଦେ ଖୋଜନ୍ତି ରାଜାଙ୍କୁ ଡରି ଯେ ।

---

୧୮ଶ ପଦ—ଦ୍ୱୀପୀ—ବ୍ୟାଘ୍ର । କ୍ରବ୍ୟାଦେ—ରାକ୍ଷସମାନେ । ବାଜୀ—ଅଶ୍ୱ । ଲବ—ଖଣ୍ଡ । କ୍ଷ୍ମା—ପୃଥିବୀ ।

---

ଦେହରେ ବାଜି କ୍ଷତ ହେବାରୁ ରକ୍ତ ପ୍ରବଳବେଗରେ ଝରିଲା । ସେହି ରକ୍ତ ପଡ଼ିବାରୁ 'କ୍ଷ୍ମା' ପୃଥିବୀ ପ୍ରସ୍ଫୁଟିତ ରକ୍ତକୁମୁଦମଣ୍ଡିତା ନଦୀ ପରି ଦେଖାଗଲା ।

୧୬ଶ ପଦ—ଛନ୍ଦରେ ହନୁମାନ ଓ ଅକ୍ଷୟ ଦୁହେଁ ଯଥାକ୍ରମେ ବର୍ଷା ଓ ଗ୍ରୀଷ୍ମକାଳୀନ ନଦୀ ପରି ଦେଖାଗଲେ କାରଣ ବର୍ଷାକାଳରେ ନଦୀ ଜଳ ବୃଦ୍ଧିଲାଭ କଲାପରି, ହନୁମାନ ସେହିଯୁଦ୍ଧରେ 'ସଲ୍ଲିଳ' କୌତୁକର ସହିତ ନିଜର ଦେହ ବଢ଼ାଇବାକୁ ଲାଗିଲା ଏବଂ ଗ୍ରୀଷ୍ମକାଳରେ ନଦୀର 'ଜୀବନ' ଜଳ ଶୁଷ୍କ ହେଲା ପରି ଯୁଦ୍ଧରେ ଅକ୍ଷୟର 'ଜୀବନ' ପ୍ରାଣ କ୍ଷୟ ହେଲା ( ସେ ମଲା )। ଯେପରି ନଦୀରୁ ଜଳ ଶୁଷ୍କ ହୋଇଗଲେ ଦଳ ଦଳ ହୋଇ ମାଛମାନେ ମରି ପଡ଼ନ୍ତି, ସେହିପରି ଅକ୍ଷୟର ସୈନ୍ୟମାନେ ଦଳ ଦଳ ହୋଇ ମରି ପଡ଼ିଲେ । ଏହା ଦେଖିଦୂତମାନେପଳାଇଯାଇଭୀତହୃଦରେ ରାବଣ ନିକଟରେ ସମସ୍ତ କଥା ଜଣାଇଲେ । ରାବଣ ସେମାନଙ୍କଠାରୁ ହନୁମାନର ଏହି ସବୁ ଆଶ୍ଚର୍ଯ୍ୟ କାର୍ଯ୍ୟଶୁଣି ଇନ୍ଦ୍ରଜିତକୁ ପଠାଇଲା । ଇନ୍ଦ୍ରଜିତ ରଥରେ ବସି ଗର୍ବର ସହିତ ହନୁମାନର ନିକଟକୁ ଗମନ କଲା ।

୧୭ଶ ପଦ—ହନୁମାନ ଇନ୍ଦ୍ରଜିତକୁ ଦେଖା ନ ଦେଇ ବ୍ୟାଘ୍ର ପ୍ରାୟ ସେହି ବନରେ ଛପି ରହିଲା । ରାକ୍ଷସମାନେ ରାଜାର ଆଜ୍ଞାକୁ ଡରି ବୁଲି ବୁଲି

ବାଣ୍ଡି ଚଢ଼ି ଇନ୍ଦ୍ରଜିତ ଭ୍ରମେ ଉଚ୍ଚେ ଡାକି ।
ବନ୍ଧ କହେ ବନ୍ଦୀ କପିଇନ୍ଦ୍ର ଗଲା ଶଙ୍କି ଯେ ।
ବୃକ୍ଷେ ଗୁପ୍ତେ ଥିଲା ରେ ରେ କାରେ କରି ରଡ଼ି ।
ବଳଭବେ କାକପ୍ରାୟେ ସୈନ୍ୟଗଣ ଗୁଡ଼ି ଯେ । ୧୭ ।
ବସି ସୁରଭିବରେ ସେ ଶିବ ଅଛି ହୋଇ ।
ବିଶାଖା ଶଙ୍କାରି କରୁଁ ବାଣକୁ ବଞ୍ଚାଇ ଯେ ।
ବିଭୂଷି ସ୍ଥାଣୁ ଶିରକୁ ଇନ୍ଦ୍ରପ୍ରଭା ଖ୍ୟାତେ ।
ବିନ୍ଧ ବୋଲେ ଗୁରୁଶିକ୍ଷା ଶର ଅଛି ଯେତେ ରେ ।

---

୧୮ଶ ପଦ—ସୁରଭିବର—ବୃଷଭ, ଜାଇଫଳ ବୃକ୍ଷ । ବିଶାଖା—ଶାଖାଶୂନ୍ୟ ବା ଅସହାୟ । ଶଙ୍କ—ବିଷ୍ଣୁ । ଅରି—ଚକ୍ର । ସ୍ଥାଣୁ—ମହାଦେବ; ଲଣ୍ଡା ବୃକ୍ଷ । ଶଙ୍କାରି—ଇନ୍ଦ୍ରଜିତ ।

---

ତାଙ୍କୁ ଖୋଜିବାକୁ ଲାଗିଲେ । ଇନ୍ଦ୍ରଜିତ ମଧ୍ୟ ଅଶ୍ୱାରୋହଣ ପୂର୍ବକ ବୃକ୍ଷଆଡ଼େ ବୁଲି ବଡ ପାଟିରେ ଡାକିବାକୁ ଲାଗିଲା । ଏହି ସମୟରେ ଇନ୍ଦ୍ରଜିତ ସ୍ତୁତି କରୁଥିବା ଲୋକମାନେ ବା ଭାଟମାନେ ସ୍ତୁତି କରି କହିଲେ "କପିନ୍ଦ୍ର ଆପଣଙ୍କୁ ଦେଖି ଡରିଗଲା ।" ଏହିକଥା ଶୁଣି ବୃକ୍ଷରେ ଲୁଚି ରହିଥିବା ହନୁମାନ୍ ରେ ରେ କାରି ରଡି କରିବାରୁ କାକପକ୍ଷୀର ଶବ୍ଦ ଶୁଣି କୁଆମାନେ ଉଡ଼ି ପଳାଇଲାପରି ସୈନ୍ୟମାନେ ଚମ୍ପ ଗୁଡ଼ି ପଳାଇଲେ ।

୧୮ଶ ପଦ—ଏହି ସମୟରେ ହନୁମାନ୍ ମହାଦେବଙ୍କ ପରି ଦେଖା ଯାଉଥିଲା । କାରଣ ଶିବ 'ସୁରଭିବରେ' ବୃଷଭ ଉପରେ ବସିଲା ପରି ଏ 'ସୁନ୍ଦଭିବରେ' ଯାଇଫଳ ଗଛ ଉପରେ ବସିଅଛି । 'ଶଙ୍କାରି' ଯାମଳାର୍ଜ୍ଜୁନ ଭଞ୍ଜନକାରୀ କୃଷ୍ଣ ବାଣାସୁରର ସମୁଦାୟ ହସ୍ତ ଛେଦନ କରିବାକୁ ଉଦ୍ୟତ ହୁଅନ୍ତେ ଶିବ ଯେପରି ତାଙ୍କୁ ରକ୍ଷା କରିଥିଲେ, ସେହିପରି ଇନ୍ଦ୍ରଜିତ ଜାଇଫଳ ବୃକ୍ଷକୁ ଡାଳଶୂନ୍ୟ କରିବାକୁ ଉଦ୍ୟତ ହୁଅନ୍ତେ, ହନୁମାନ୍ ଯେହି ଇନ୍ଦ୍ରଜିତ ମାରୁଥିବା ଶରମାନଙ୍କୁ ପ୍ରତାରିତ କଲା ଅର୍ଥାତ୍ ସେ ଆଡ଼ ହୋଇ ଯିବାରୁ ଶରସବୁ ତା ଦେହରେ ବାଜି ନ ଥିଲା । ତତ୍ପରେ ଇନ୍ଦ୍ରଜିତ ଶର ମାରି ସେହି ବୃକ୍ଷର ଡାଳମାନଙ୍କୁ କାଟି ପକାଇବାରୁ ହନୁମାନ୍ ଚନ୍ଦ୍ରଙ୍କ ପରି ଦେଖାଗଲା । କାରଣ ଚନ୍ଦ୍ର ଯେପରି ଶିବଙ୍କର ମୁଣ୍ଡକୁ ନିଜର କିରଣ ଦ୍ୱାରା ମଣ୍ଡିତ କରିଥାଏ, ଏ ସେହିପରି ନିଜର ଶାରିତେଜ ଦ୍ୱାରା ସେହି ଲଣ୍ଡା ବୃକ୍ଷକୁ ମଣ୍ଡିତ କରିଥିଲା । ସେହି ବୃକ୍ଷ ଉପରେ ଥାଇ ହନୁମାନ ଇନ୍ଦ୍ରଜିତକୁ କହିଲା, "ରେ ଇନ୍ଦ୍ରଜିତ ! ତୁ ତୋର ଗୁରୁଙ୍କଠାରୁ ଯେତେ ଶର ପ୍ରୟୋଗ କରିବାର ଶିଖିଅଛୁ ସେ ସବୁ ମାର ।" ହନୁମାନ ଗର୍ବକରି ଏପରି କହିବାରୁ,

କଢ଼ାଇ କୃତେ ଭୁଜଙ୍ଗ ପ୍ରୟୋଗ ସେ କଲା ।
ବନ୍ଧା କି ସେ ସୁରମଣି ସେ ପାଶେ ହୋଇଲା ଯେ । ୧୮ ।
ବଳୀବର୍ଦ୍ଦେ କାଷ୍ଠ ପରି ନେବା ମଲ୍ଲେ ବୋଲେ ।
ବାହୁ ରଜ୍ଜୁ ଲଗାଇଲେ ସ୍ୱଇଚ୍ଛାରେ ଚାଲେ ଯେ ।
ବିଷବୈଦ୍ୟ ଯଥା ସର୍ପଭୂଷଣରେ ଆସେ ।
ବଳବନ୍ତ ବଡ଼ ଦେଖିଲାରେ ଜନ ଭାଷେ ଯେ ।
ବେଢ଼ିଛନ୍ତି ଯାତୁଧାନ ମଧ୍ୟେ ହନୁମାନ ।
ବନ୍ଧନ କରି ତସ୍କର ଆଣିଲା ବିଧାନ ଯେ । ୧୯ ।
ବିଚିତ୍ର କପି ଦେଖିବା ବୋଲି ଲଙ୍କବାସୀ ।
ବାଳ ବୃଦ୍ଧ ଯୁବା ସ୍ତ୍ରୀଏ ପୁଂସ ମିଶାମିଶି ଯେ ।

---

୧୯ଶ ପଦ—ବିଷବୈଦ୍ୟ—ସାପୁଆ କେଳା । ତସ୍କର—ଚୋର । ଯାତୁଧାନ—ରାକ୍ଷସ ।

୨୦ଶ ପଦ—ଜନକ—ପିତା । ଧବ—ପତି । ଖଗ—ବାନର । ନଗରେ—ନଗର ମଧ୍ୟରେ, ପର୍ବତରେ ।

---

ଇନ୍ଦ୍ରଜିତ ନାଗଫାଶ ନାମକ ଶର ପ୍ରୟୋଗ କଲା । ବୀରଶ୍ରେଷ୍ଠ ହନୁମାନ ସେହି ନାଗଫାଶରେ ବନ୍ଧା ହେଲା । ତାହା ଦେଖି ମନେହେଲା 'ସୁରମଣି' ସୂର୍ଯ୍ୟ ନାଗଫାଶରେ ବନ୍ଧା ହେଲେ କି ?

୧୯ଶ ପଦ—ହନୁମାନ ଫାଶରେ ବନ୍ଧା ହେବାରୁ ମଲ୍ଲମାନେ କହିଲେ, "ବଳଦମାନେ କାଠ ନେଲାପରି ଏହାକୁ ନେବା ( ଅର୍ଥାତ୍ ଏହାକୁ ଘୋଷାରି ଘୋଷାରି ନେବା । ବଳଦମାନେ ଜଙ୍ଗଲମଧ୍ୟରୁ କାଠ ଘୋଷାରି ଘୋଷାରି ଆଣନ୍ତି କାରଣ ସେ ସ୍ଥାନକୁ ଶଗଡ଼ ଯାଇପାରେ ନାହିଁ )" କିନ୍ତୁ ତାର ବାହୁରେ ଦଉଡ଼ି ବାନ୍ଧିବାରୁ ସେ ନିଜ ଇଚ୍ଛାରେ ଚାଲିବାକୁ ଲାଗିଲା । ଅର୍ଥାତ୍ ମଲ୍ଲମାନଙ୍କ ବିଚାର ବୃଥା ହେଲା । କାରଣ ବଳଦ ହଳୁଆ ବା ଶଗଡ଼ିଆର ଇଚ୍ଛା ଅନୁସାରେ ଚାଲେ ) । ସାପୁଆକେଳା ବା ଗୁଣିଆ ଯେପରି ଦେହରେ ସାପଗୁଡ଼ାଇ ହୋଇ ଆସୁଥାଏ ହନୁମାନ ସେହିପରି ଆସୁଥିଲା । ଦର୍ଶକମାନେ ତାକୁ ଦେଖି, 'ଏ ବଡ଼ ବଳବାନ୍' ବୋଲି କହିଲେ । ରକ୍ଷିମାନେ ଚୋରକୁ ବାନ୍ଧି ଚାରି ଚାରିପଟେ ଘେରି ଆସିଲା ପରି ରାକ୍ଷସମାନେ ହନୁମାନଙ୍କୁ ବାନ୍ଧି ମଧ୍ୟରେ ରଖି ଆଣିଲେ ।

୨୦ଶ ପଦ—ଏଥି ଅଦ୍ଭୁତ ମାଙ୍କଡ଼କୁ ଦେଖିବା ପାଇଁ ଲଙ୍କା ପୁରବାସୀ ବାଳ, ବୃଦ୍ଧ, ଯୁବକ, ଯୁବତୀମାନେ ଏକତ୍ରିତ ହେଲେ । ସେମାନଙ୍କ ମଧ୍ୟରୁ

ବୋଲଇ କେ ବିନାଶିଲା ମୋ ଭ୍ରାତ ଜନକ ।
ବଧ କଲା ମୋ ଧବ ବୋଲି କେ କରେ ଶୋକ ଯେ ।
ବୋଲେ କେ ରଖିଛ ଖଣ୍ଡ ସଖାଟେ ନଗରେ ।
ବେଗରେ ଗର୍ତ୍ତେ ପକାଇ ପୋତିବା ନଗରେ ଯେ । ୨୦ ।
ବିଜେ ଯେ ସଭାରେ ରକ୍ଷସେନ୍ଦ୍ର ସେ ଚତ୍ୱରେ ।
ବନ୍ଦୀ ପ୍ରବେଶ କରୁଁ ଅନାଇ ସତ୍ୱରେ ଯେ ।
ବୋଲେ ରେ କପି ଆସିଲୁଁ ଏଥିଁ ମରିବାକୁ ।
ବୋଲିବା ଆଦ୍ୟରେ ଦିଅ ବୋଲେ ଆକାରକୁ ଯେ ।
ବଦନ ହଲାଇ କହେ କି ବଳସ୍ତୁ ତୁମ୍ଭ ।
ବାଳୁତ ବାନ୍ଧି ଆଣିଲା କହୁଛୁ ବଢ଼ାଇ ଯେ । ୨୧ ।
ବାଣୀ ନ୍ୟାସ କରେ ଜନ୍ମି କ୍ଷୁଧାତୁର ହୋଇ ।
ଭକ୍ଷ୍ୟ ବୋଲି ବାଳ ର୍କକୁ ଜନନୀ ଦେଖାଇ ଯେ ।

---

୨୧ଶ ପଦ—ରକ୍ଷସେନ୍ଦ୍ର—ରକ୍ଷସାଧିପତି । ଚତ୍ୱର—ଅଗଣା ।

---

କେହି କହିଲେ "ଏ ମୋର ଭାଇଙ୍କି ବିନାଶ କଲା ।" କିଏ କହିଲା "ମୋର ପିତାଙ୍କୁ ବଧକଲା ।" ସେହିପରି କୌଣସି ସ୍ତ୍ରୀଲୋକ ମଧ୍ୟ "ମୋର ବରକୁ ନାଶ କଲା" ବୋଲି କହି କାନ୍ଦିବାକୁ ଲାଗିଲା । ଅନ୍ୟ କେହି ବା କହିଲା, 'ଏହି ମାଙ୍କଡ଼ଟାକୁ ଜୀବନ୍ତ ରଖି ନଗରକୁ ଆଣୁଛ ! ଚାଲ; ଶୀଘ୍ର ଏହାକୁ ଗାତରେ ପକାଇ ପଥର ମଡ଼ାଇ ପୋତି ଦେବା ।'

୨୧ଶ ପଦ—ରାବଣ ଯେଉଁ ଗୃହରେ ସଭାକରି ବସିଥିଲା, ସେହି ସଭାଗୃହର ଅଗଣାରେ ବନ୍ଦୀ ହନୁମାନ ପ୍ରବେଶ କରିବାରୁ ରାବଣ ତା ଆଡ଼କୁ ଶୀଘ୍ର ଅନାଇଁ କହିଲା, "ରେ ବାନର ! ତୁ ମରିବାକୁ ଏଠାକୁ ଆସିଲୁ ?" ସେ ଏହିପରି କହିବାରୁ, ହନୁମାନ୍ କହିଲା, "ତୁମ୍ଭ କହିବାର କଥା ଆଦ୍ୟ ଅକ୍ଷରରେ ଆକାରକୁ ଦିଅ ।" (ଅର୍ଥାତ୍ ମୁଁ ମରିବାକୁ ଆସି ନାହିଁ ଯେ ତୁମ୍ଭଙ୍କୁ ମାରିବାକୁ ଆସିଛି ବୋଲି ଜାଣ) ଏହା ଶୁଣି ରାବଣ ମୁହଁ ହଲାଇ କହିଲା, "ତୋର ବଳ କେତେ ? ପିଲାଟିଏ ତୋତେ ବାନ୍ଧି ଆଣିଲା, ତୁ ପୁଣି ଗର୍ବ କରୁଛୁ ?"

୨୨ଶ ପଦ—ହନୁମାନ କହିଲା, "ମୁଁ ଜନ୍ମହେବା ସଙ୍ଗେ ସଙ୍ଗେ କ୍ଷୁଧାପୀଡ଼ିତ ହେବାରୁ, ମୋର ମା ( ଅଞ୍ଜନା ) ବାଳ ସୂର୍ଯ୍ୟଙ୍କ ଭକ୍ଷ୍ୟଫଳ ବୋଲି

ବାନ୍ଧଲ ଲାଙ୍ଗୂଳେ ସ୍ତନୁ ସେ ଦୋଷରୁ ବନ୍ଧା ।
ବଧ୍ୱଂସିବ ଲଙ୍କା ଏବ୍ରକ୍ଷଣି ଦଶମୂର୍ଦ୍ଧାଧର ।
ବସ୍ତ୍ରବାନନ୍ଦନ ବୋଲେ ଅମର କିନ୍ନର ।
ବିନସ୍ତୁ ସେ ହାର କସ କରବୁ ବାନର ରେ । ୨୨ ।
ବାନରପ୍ରାଭବ ମନୁ ଗଲା କ ପାଶୋର ?
ବାଳୀଶରେ ବାଳ ଯାହା କରଛି ବରୁର ଯେ ।
ବାଣକେ ସେ ବାଳକ ନାଶିଲେ ରଘୁବୀର ।
ବଲ୍ଲଭା ଅଣିଛୁ ତାଙ୍କ କାହିଁ ରକ୍ଷା ତୋର ରେ ।
ବନ୍ଧାଇ ହୋଇ ସୁଗ୍ରୀବେ ମିତ୍ର ବଳ ସାଜ ।
ବାରଧି ପଲ୍ୱଳ ଡେଇଁ ଆସିଛି ମୁଁ ଖୋଜ ଯେ । ୨୩ ।
ବୋଲୁଁ ମାରୁତ ବୋଇଲା ଦଶଗ୍ରୀବ ହସି ।
ବ୍ୟାଧ ଜଳଘାଟ ଜଗି ଶାର୍ଦ୍ଦୂଳ ବନାଶି ଯେ ।

୨୩ଶ ପଦ—ବାନରପ୍ରାଭବ— ମର୍କଟକୃତ ତିରସ୍କାର । ବାଳୀଶ—ମୂର୍ଖ । ରଘୁବୀର—ରାମଚନ୍ଦ୍ର । ବଲ୍ଲଭା—ପ୍ରିୟା ବା ପତ୍ନୀ । ବାରଧି—ସମୁଦ୍ର । ପଲ୍ୱଳ—କ୍ଷୁଦ୍ରପୁଷ୍କରଣୀ ।

କହି ମୋତେ ଦେଖାଇ ଦେଲେ । ତହୁଁ ମୁଁ ଡେଇଁଯାଇ ସୂର୍ଯ୍ୟଙ୍କୁ ଲାଙ୍ଗୁଳରେ ବାନ୍ଧଥିଲି । ବର୍ତ୍ତମାନ ସେହି ଦୋଷରୁ ମୁଁ ବନ୍ଧା ହୋଇଅଛି । ରେ ଦଶମୁଖ ! ଦେଖ୍, ଏହିକ୍ଷଣି ଲଙ୍କା ବଧ୍ୱଂସ କରିବି ।” ରାବଣ କହିଲା, ରେ “ବାନର ! ଦେବତା ଓ କିନ୍ନରମାନେ ମୋ ନିକଟରେ ପରାସ୍ତ ହୋଇ ବିନତ କରୁଛନ୍ତି, ତୁ ବା କଣ କରିବୁ ?”

୨୩ଶ ପଦ—ହନୁମାନ କହିଲା, “ବାନରଠାରୁ ପାଇଥିବା ଅପମାନ ତୋ ମନରୁ ପାଶୋର ହୋଇଗଲାଣି କି ? ରେ ମୂର୍ଖ ! ତୋତେ ବାଳ ଯାହା କରିଛି, ସେ କଥା ସ୍ମରଣ କର । ରାମଚନ୍ଦ୍ର ସେହି ବାଳିକୁ ଏକାଶରକେ ବିନାଶ କଲେ । ( ସେ ସୁଗ୍ରୀବର ସ୍ତ୍ରୀକୁ ହରଣ କରିଥିଲା ବୋଲି ) । ତୁ ତାଙ୍କର ସ୍ତ୍ରୀକୁ ଆଣିଛୁ, ତୋର ରକ୍ଷା କାହିଁ ? ଅର୍ଥାତ୍ ତୁ ଯେଉଁ ସ୍ଥାନରେ ଲୁଚିଲେ କିମ୍ବା ଯେ କୌଣସି ଦେବତାର ଶରଣ ନେଲେ ସୁଦ୍ଧା ବଞ୍ଚି ପାରିବୁ ନାହିଁ । ରାମଚନ୍ଦ୍ର ସୁଗ୍ରୀବର ସହିତ ମିତ୍ରତା ସୂତ୍ରରେ ବନ୍ଧନ ହେବାରୁ ମିତ୍ର ସୁଗ୍ରୀବ ସୈନ୍ୟ ସଜ୍ଜିତ କରୁଅଛନ୍ତି । ମୁଁ ସମୁଦ୍ରକୁ କ୍ଷୁଦ୍ର ପୁଷ୍କରଣୀ ପରି ଡେଇଁ ସୀତାଙ୍କୁ ଖୋଜିବାକୁ ଆସିଅଛି ।”

୨୪ଶ ପଦ—ହନୁମାନ ଏହିପରି କହିବାରୁ ରାବଣ ହାସ୍ୟ ପ୍ରକାଶ କରି କହିଲା, “ବ୍ୟାଧ ପାଣିଘାଟ ଜଗି ବ୍ୟାଘ୍ରକୁ ମାରିଲାପରି ରାମ ବାଳିକୁ ଲୁଚି କରି

ବନୌକା ସଙ୍ଗେ ବନୌକା କୁହନ୍ତୁ କ ମିତ ?
ବୁଡ଼ିଥିଲା ପଙ୍କେ ମୁଁ ମାଣିକ୍ୟ ଉଦ୍ଧରିତ ଯେ ।
ବରହ୍ନି ମୃଗ ପଚ୍ଛରେ ପୁଚ୍ଛକୁ ଲୁଚାଇ ।
ବସୁଧାପତି ନେଇ ତା ମସ୍ତକେ ଟେକାଇ ଯେ । ୨୪ ।
ବାରିଧି ଡେଇଁ ଆସିବା ବଡ଼ାଇ କ ଭାବୁ ।
ବତାସ ଯୋଗରେ ଯୋଗେ ଉଡ଼ି ପଡ଼ିଥିବୁ ରେ ।
ବଇଶ୍ରବଣ ଜତନେ ବୋଇଲା ସେ ପୁଣ ।
ବୀରପଣ ମୋହର ଜାଣନ୍ତୁ ଏହିକ୍ଷଣ ରେ ।
ବାହୁଯାକ ଉପାଡ଼ି ମୋଡ଼ନ୍ତି ଶିର ଦଶ ।
ବୃଜିନୀ ତୁ ପତିତପାବନ ତୋରେ ବଶ ଯେ । ୨୫ ।

---

୨୫ଶ ପଦ—ବାରିଧି—ସମୁଦ୍ର । ବୃଜିନୀ—ପାପୀ । ପତିତପାବନ—ପାପୀମାନଙ୍କର ତ୍ରାଣକର୍ତ୍ତା ।

---

ମାଇଲ । ( ଏହାଦ୍ୱାରା କଣ ତାର ବୀରତ୍ୱ ପ୍ରକାଶ ପାଇଲା ) ? ବନବାସୀମାନେ ବନବାସୀମାନଙ୍କ ସହିତ ମିତ୍ର ହୁଅନ୍ତି ନାହିଁକି ? ଅତଏବ ଏହା କିଛି ଗୋଟାଏ ଆଶ୍ଚର୍ଯ୍ୟ କଥା ନୁହେଁ । ମାଣିକ୍ୟ ପଙ୍କରେ ପଡ଼ି ବୁଡ଼ି ଯାଇଥିଲେ, ଲୋକମାନେ ଯେପରି ତାକୁ ସେହି ପଙ୍କରୁ ଉଦ୍ଧାର କରନ୍ତି, ମୁଁ ସେହିପରି ପଙ୍କ ତୁଲ୍ୟ କଦର୍ଯ୍ୟ ବନ ମଧ୍ୟରେ ଲୁଚି ରହିଥିବା ସ୍ତ୍ରୀରତ୍ନ ସୀତାଙ୍କୁ ଉଦ୍ଧାର କରିଅଛି ଏବଂ ମୃଗ ଓ ମୟୂର ନିଜ ନିଜର ପୁଚ୍ଛକୁ ପଛରେ ଲୁଚାଇଥିଲେ ସୁଦ୍ଧା ରାଜାମାନେ ତାକୁ ଆଣି ଯେପରି ମୁଣ୍ଡ ଉପରେ ସଜ୍ଜିତ କରୁଥାନ୍ତି ( ଚାମର ଓ ଟଙ୍ଗା ଭାବରେ ), ସେହିପରି ରାମଚନ୍ଦ୍ର ବନରେ ଲୁଚାଇ ରଖିଥିବା ସୀତାଙ୍କୁ ମୁଁ ଆଣି ରାଜ ଗୃହରେ ଟେକାଇଛି ।"

୨୫ଶ ପଦ—"ତୁ କଣ ସମୁଦ୍ରକୁ ଡେଇଁ ଆସିବା କଥାଟାକୁ ଗୋଟାଏ ଗର୍ବର ବିଷୟ ବୋଲି ଭାବୁଛୁ ? ଏଥିରେ ଗର୍ବ କରିବାର କିଛି ନାହିଁ, ବୋଧହୁଏ ପ୍ରଚଣ୍ଡ ପବନଯୋଗେ ଉଡ଼ିଆସି ତୁ ଏଠାରେ ପଡ଼ିଥିବୁ ।" ରାବଣ ଏହିପରି କହିବାରୁ ପୁଣି ହନୁମାନ କହିଲା, "ରେ ରାବଣ ! ତୁ ମୋର ବୀରପଣ ଜାଣିନୁ ଯଦି ମୁଁ ତୋର ଏହିକ୍ଷଣି କୋଡ଼ିଏଟିଯାକ ବାହୁ ଉପାଡ଼ି ଦଶୋଟିଯାକ ମୁଣ୍ଡ ମୋଡ଼ିପକାନ୍ତି । କିନ୍ତୁ ତୁ ପାତକୀ ଥିବାରୁ ପତିତପାବନ ରାମ ତୋଠାରେ ବଶୀଭୂତ ହୋଇଅଛନ୍ତି । (ଅର୍ଥାତ୍ ତୋତେ ସ୍ୱହସ୍ତରେ ମାରି ଉଦ୍ଧାର କରିବାକୁ ଇଚ୍ଛା କରିଅଛନ୍ତି ) ।"

ବୋଲିଛନ୍ତି ମୁଁ ମାରିବି ଧନୁଶର ଛୁଇଁ ।
ବିଭୁ ଆଜ୍ଞା ଲଙ୍ଘିବି କି କରି ଭୃତ୍ୟ ହୋଇ ଯେ ।
ବିଂଶଲୋଚନ ଏ ବଚନରେ କୋପୀ ଜବ ।
ବଢ଼ାଇ ନ ଗୁଣ୍ଡେ କପି ବଧ କେ ରଖିବ ଯେ ?
ବୋଲେ ଖଡ଼ଗ ପ୍ରହାରୁଁ ଖଡ଼ଗ ପରସ୍ପେ ।
ବିନ୍ଦୁଏ ନ ଭେଦ ଦେହେଁ ବିକମ୍ପିତ ହୋଏ ଯେ । ୨୬ ।
ଗଦାରି ମୁଦ୍‌ଗର ଅନ୍ୟ ଶସ୍ତ୍ରମାନଙ୍କର ।
ବର୍ଷୋପଳ ବୃଷ୍ଟି ପରି ମହୀଧର ଶିର ଯେ ।
ବିକୋପିକ ଛୁରିକ ଭଲ୍ଲିକ ଯେବେ ମାରି ।
ବିକାଶିଲ ଆଚ୍ଛୁରିତକୁ ଭଲ କରି ଯେ ।

---

୨୬ଶ ପଦ—ଖଡ଼୍‌ଗ—ଶସ୍ତ୍ରବିଶେଷ, ଖଣ୍ଡାପରି । ବିକମ୍ପିତ—କମ୍ପିତ ନ ହୋଇ ଅର୍ଥାତ୍ ସ୍ଥିର ଭାବରେ ।

୨୭ଶ ପଦ—ବର୍ଷୋପଳ—ଭୁଆପଥର । ମହୀଧର ଶିର—ପର୍ବତଶୃଙ୍ଗ । ଆଚ୍ଛୁରିତକ—ଅଟ୍ଟହାସ୍ୟ ।

---

୨୬ଶ ପଦ—"ରାମଚନ୍ଦ୍ର ଧନୁଶର ଛୁଇଁ ନିୟମ କରି କହିଛନ୍ତି ଯେ, ମୁଁ ରାବଣକୁ ମାରିବି । ଏଣୁ ଚାକର ହୋଇ ମୁଁ କିପରି ପ୍ରଭୁଙ୍କର ଆଦେଶ ଭଙ୍ଗ କରିବି ? ଏହିକଥା ଶୁଣି ରାବଣ ହଠାତ୍ କୁପିତ ହୋଇ କହିଲା, "ଏହି ମାଙ୍କଡ଼ ଗର୍ବ ତ୍ୟାଗ କରୁ ନାହିଁ; ସୁତରାଂ ଏହାକୁ ବଧକର, କିଏ ରକ୍ଷା କରିବ ଦେଖିବା ।" ରାବଣର ଏହି ଆଦେଶ ଶୁଣି, ଅସୁରମାନେ ଖଣ୍ଡାଦ୍ୱାରା ହାଣିବାରୁ ଖଣ୍ଡା ଦେହରେ ଅସ୍ତ୍ର ନ ଭେଦିଲାପରି ହନୁମାନ ଦେହରେ ବିନ୍ଦୁଏ ମାତ୍ର ଖଣ୍ଡା ଭେଦ କଲା ନାହିଁ କି ସେ ଟିକିଏ ସୁଦ୍ଧା ବିଚଳିତ ହେଲା ନାହିଁ ।

୨୭ଶ ପଦ—ତତ୍ପରେ ଗଦା, ମୁଦ୍‌ଗର ପ୍ରଭୃତି ଅନ୍ୟାନ୍ୟ ଶସ୍ତ୍ରମାନଙ୍କ ଦ୍ୱାରା ତାର ମୁଣ୍ଡକୁ ପିଟିବାକୁ ଲାଗିଲେ । ପର୍ବତର ଶିଖରଦେଶରେ ଭୁଆପଥର ବୃଷ୍ଟି ହେଲେ ଯେପରି ପର୍ବତ ଶିଖରର କିଛିମାତ୍ର କ୍ଷତି ହୁଏ ନାହିଁ, ସେହିପରି ଏହି ସବୁ ଶସ୍ତ୍ର ହନୁମାନର ମୁଣ୍ଡରେ ବାଜି କିଛିମାତ୍ର କ୍ଷତି କରି ପାରି ନଥିଲା । ଏହିପରି କରିବାଦ୍ୱାରା ହନୁମାନ ନ ମରିବାରୁ, ଅସୁରମାନେ ଛୁରୀ ଓ ଭଲ୍ଲ ପ୍ରଭୃତି ଅସ୍ତ୍ର ଖାପରୁ ବାହାର କରି ତାକୁ ମାରିବାକୁ ଲାଗିଲେ । ଏହି ସମୟରେ ହନୁମାନ ଅଟ୍ଟହାସ୍ୟ ପ୍ରକାଶ କଲା । ତତ୍ପରେ ହାସ୍ୟ ସମ୍ବରଣ କରି ସେ ମନେ ମନେ ଭାବିଲା, ମୁଁ ଏହିପରି ଟାଣ କରୁଥିଲେ ଅର୍ଥାତ୍ ଶତ୍ରୁ

ବସ୍ତ୍ରିଲେ ଝାଣ କହୁଥିଲେ ନାଗପାଶ ।
ବବନ୍ଧୁ ମୁକ୍ତ ନୋହିବ ପୂର୍ବକର୍ମ ଦୋଷ ଯେ । ୨୭ ।
ବୋଇଲା ବଧରେ ମୋର ଇଚ୍ଛା କଲୁ ଯେବେ ।
ବଚନକୁ ମୋର ସତ୍ୟକରି ପାଳ ତେବେ ରେ ।
ବସ୍ତ୍ର ବେଢ଼ାଇ ଲାଙ୍ଗୁଳେ ଜଡ଼ାଇ ତଇଳେ ।
ବହ୍ନି ଜାଳିଦେଲେ ନାଶ ଅଛି ଶାପବଳେ ଯେ ।
ବୋଲୁଁ ବୋଲେ ରାମଦୂତ ସତ୍ୟ ଏ କହିଲା ।
ବପ୍ତା ବୋଲେ ଇନ୍ଦ୍ରଜିତ ଶସ୍ତ୍ର ସଂହାରିଲା ଯେ । ୨୮ ।
ବାର୍ତ୍ତା ପାଇ ଅଶୋକକଳିକା ସୀତା ରାସି ।
ବନ୍ଧା ଫିଟୁ ହନୁମାନ ମାନସେ ମନାସି ଯେ ।
ବଞ୍ଜୁଳେ ଅଶୋକ ନାମ ପ୍ରସିଦ୍ଧେ ରହିଲା ।
ବିଭୀଷଣ ଏହି କାଳେ ଲଙ୍କେଶେ କହିଲା ଯେ ।
ବଧ ନୁହଇଟି ଦୂତ କରିବା ବିବେକ ।
ବଂଶବାନ୍ଧ ଭାଷେ ବୈର ଦୂତରେ କି ପାତକ ଯେ ? ୨୯ ।

---

୨୮ଶ ପଦ—ବପ୍ତା—ପିତା । ସଂହରିଲା—ନିବାରଣ କଲା ।

୨୯ଶ ପଦ—ବଞ୍ଜୁଳ—ଅଶୋକବନ ।

---

କରୁଥିଲେ, ନାଗପାଶ ବନ୍ଧନରୁ ମୁକ୍ତ ହୋଇ ପାରିବ ନାହିଁ । ଯେହେତୁ ମୁଁ ମୋର ପୂର୍ବକର୍ମ ଦୋଷରୁ ଏଥିରେ ବନ୍ଧା ହୋଇଅଛି ।’

୨୮ଶ ପଦ—ଏହାପରେ କପୀଶ୍ବର ସେ ରାବଣକୁ କହିଲା, “ରେ ରାବଣ ! ଯଦି ମୋତେ ମାରିବାକୁ ଇଚ୍ଛା କରୁଅଛ, ତାହା ହେଲେ ମୁଁ ଯାହା କହୁଛି ତାହାକୁ ସତ୍ୟ ମନେକରି ପାଳନ କର । ମୋର ଲାଙ୍ଗୁଳରେ ଲୁଗା ଗୁଡ଼ାଇ ସେହି ଲୁଗାମାନଙ୍କୁ ତେଲରେ ଭିଜାଇ ନିଆଁ ଲଗାଇ ଜାଳି ଦେଲେ, ମୋର ବିନାଶ ହେବ । ମତେ ଏହିପରି ମାରିବାକୁ ପୂର୍ବରୁ ଶାପ ଅଛି । ଏହା ଶୁଣି ରାବଣ କହିଲା, “ଏ ରାମର ଦୂତ, ତେଣୁ ଯାହା କହିଲା ତାହା ସତ୍ୟ ଅଟେ ।” ତତ୍ପରେ ପିତାଙ୍କର ଆଦେଶରେ ଇନ୍ଦ୍ରଜିତ ଶସ୍ତ୍ର ପ୍ରହାରରୁ ନିବୃତ୍ତ ହେଲା ।

୨୯ଶ ପଦ—ହନୁମାନ ବନ୍ଧନରେ ପଡ଼ିଅଛି,—ସୀତା ଏହି ବାର୍ତ୍ତା ପାଇ ହନୁମାନ ବନ୍ଧନରୁ ଫିଟୁ ଏହି କଥା ମନରେ ମନାସି ଅଶୋକକଳି ଭକ୍ଷଣ କଲେ । ସେହିଦିନଠାରୁ ବଞ୍ଜୁଳ ବୃକ୍ଷ ଅଶୋକ ନାମରେ ପରିଚିତ ହେଲା । ଏହି ସମୟରେ ବିଭୀଷଣ ରାବଣକୁ କହିଲା, “ଦୂତ କୌଣସି ସମୟରେ (ଯେତେ ଅନ୍ୟାୟ କଲେ ସୁଦ୍ଧା) ବଧ ଯୋଗ୍ୟ ନୁହେଁ,--ଏ କଥା ମନରେ ବିଚାର କରନ୍ତୁ ।” ରାବଣ କହିଲା, “ଏପରି ବୈର ଦୂତକୁ ମାରିଲେ ପାପ ନାହିଁ ।”

ବଧି ଧନଦ ଦୂତକୁ ପୁଷ୍ପକେ ବିଜେସି ।
ବୈଦେହୀ ଭୋଗ କରିବ ଏହାକୁ ବିନାଶି ଯେ ।
କାହିଁକି ସରିତସର ଲଙ୍ଘନ ହୋଇ ?
ବିଭୀଷଣ ମଉନ ହୋଇଲା ଏତେ କହି ଯେ ।
ବିତର୍କି ଶୁକ ବୋଇଲା ଶଙ୍କା ଏଥେ ଅଛି ।
ବିନାଶ ହେଉ ତ କେ କାହାକୁ ନ କହୁଛି ଯେ । ୩୦ ।
ବିଳମ୍ବ ନ କର ଉଚ୍ଚେ ହନୁମାନ ଭଣି ।
ବ୍ୟାଧିରୂପେ ସଲାଙ୍ଗୁଳ ପରିକଟ ଆସି ଯେ ।
ବାସପିଧାନରେ ପ୍ରଚ୍ଛ ଦିବ୍ୟ କନ୍ୟାପଣ ।
ବିଶେଷତ ଦସ୍ୟୁତ ତର୍ଜିରେ ସ୍ନେହଭରି ଯେ ।
ବିଭାବସୁ ଯୋଗକୁଟେ ପାଦକୁ ବଢ଼ାଇ ।
ବସିଲା ମଣ୍ଡପରେ ଜ୍ୟୋତିମନ୍ତ ହୋଇ ଯେ । ୩୧ ।

---

୩୦ ପଦ—ଧନଦ—କୁବେର । ସରିତ—ନଦୀ । ବିତର୍କି—ବିଶେଷ-ଭାବେ ଅନୁମାନକରି ।

୩୧ ପଦ—ପିଧାନ—ବସ୍ତ୍ର । ଦସ୍ୟୁତ—ନାୟକ, ଅସୁର । ସ୍ନେହ—ତୈଳ । ବିଭାବସୁଁ—ଉତ୍ତାପ ହେବା ନିମିତ୍ତ । ବିଭାବସୁ—ଅଗ୍ନି ।

---

୩୦ ପଦ—"ମୁଁ ଯେପରି କୁବେରର ଦୂତକୁ ମାରି ପୁଷ୍ପକଯାନରେ ବିହାର କରୁଅଛି, ସେହିପରି ଏହାକୁ ମାରି ସୀତାକୁ ଭୋଗ କରିବ ।" "ସମୁଦ୍ରକୁ କିଏ କଣ ନଦୀ ପରି ଲଙ୍ଘନ କରିଥାଏ କି ।" ଏତିକି ମାତ୍ର କହି ବିଭୀଷଣ ତୁନିରେ ମଉନ ହେଲା । ବିଭୀଷଣର କଥା ଶୁଣି ଶୁକମନ୍ତ୍ରୀ ଯୁକ୍ତି କରି କହିଲା, "ଏହାଙ୍କର କଥାରେ ସନ୍ଦେହ ହେଉଅଛି । କେହି ତ କାହାକୁ ମୃତ୍ୟୁ ଭେଦ କହେଁ ନାହିଁ ।"

୩୧ଶ ପଦ—ଏହି ସମୟରେ ହନୁମାନ ବଡ଼ପାଟି କରି କହିଲା, "ଆଉ ଡେରି କରନାହିଁ । ମୋର ଦେହରେ ଲାଗିଥିବା ଲାଙ୍ଗୁଳ ମୋତେ କଷ୍ଟଦାୟକ ବ୍ୟାଧି ପରି ବୋଧ ହେଲାଣି ।" ସେ ସମୟରେ ତାର ଲାଙ୍ଗୁଳ ଲୁଗା ପିନ୍ଧିବାରୁ ସୁନ୍ଦରୀ କନ୍ୟାପରି ଦେଖା ଯାଉଥିଲା । ସୁନ୍ଦରୀ କନ୍ୟା ପ୍ରତି ବର ଅତିଶୟ ସ୍ନେହୀ ହେଲାପରି ସେହି ଲାଙ୍ଗୁଳକୁ ଅସୁରମାନେ ତେଲରେ ପୂର୍ଣ୍ଣ କଲେ । କନ୍ୟା ବିଭା ହେଉଥିବାରୁ ଶୁଭଯୋଗ ନିର୍ଦ୍ଧାରିତ ହୋଇଥିବା ସମୟରେ ପାଦକୁ ବଢ଼ାଇ ମଣ୍ଡପ ଉପରେ ସୁସଜ୍ଜିତ ହୋଇ ବସିଲାପରି ଲାଙ୍ଗୁଳରେ ରାକ୍ଷସମାନେ ନିଆଁ ଲଗାଇ ଦେବାରୁ ହନୁମାନ ପାଦକୁ ବଢ଼ାଇ ତେଜୋମୟ-ମୂର୍ତ୍ତି ଧାରଣ ପୂର୍ବକ ମଣ୍ଡପ ଉପରେ ବସିଲା ।

ବୋଇଲା ସେ ଧାର୍ଷ୍ଟକରି ଆରେ ଦଶଗ୍ରୀବ ।
ବୁଦ୍ଧି ବଳ ତୋହର କଳନା କଲି ସର୍ବ ଯେ ।
ବଢ଼ି କରି ଲଙ୍କେଶ୍ୱର କଲା ପ୍ରତ୍ୟୁତ୍ତର ।
ବୈଶ୍ୱାନର ଯେହ୍ନ ନ ଉଡ଼ନ୍ତି କି ଚକୋର ଯେ ।
ବର୍ଦ୍ଧବାନପଦବୀ ତର୍ଜ୍ଜନରେ ଲଭି ।
ବ୍ରହ୍ମାଗ୍ନି କପୋଳୁଁ ଜାତ କଲା ବର ଛବି ଯେ । ୩୨ ।
ବିଚିତ୍ରକର୍ମୀ ତ କପି ବୋଇଲା ପ୍ରଶସ୍ତ ।
ବଞ୍ଚକ ଅଗ୍ନି ଦେଖାଇ ମୂର୍ଖୁଁ କି ବିଚିତ୍ର ଯେ ।
ବୋଲୁଁ ରାବଣ ଜ୍ୱଳିତ ହୋଇଲା ନଗର ।
ବାହାରିଲେ ସୁକର କଣ୍ଠାଭି ପରକାର ଯେ ।
ବକ୍ଷ କକ୍ଷେ କରେ ଧରି ଶିଶୁ ବାମାବର ।
ବୋଲନ୍ତି ଅଘରବଶୁଁ ହୋଇଲୁ ଅଘର ଯେ । ୩୩ ।

୩୨ଶ ପଦ—ବୈଶ୍ୱାନର – ଅଗ୍ନି । ବର୍ଦ୍ଧବାନ—ଶିଖାବାନ୍ ।

୩୩ଶ ପଦ—ବିଚିତ୍ରକର୍ମ୍ମ – ଅଦ୍ଭୁତ କାର୍ଯ୍ୟକାରୀ । ବଞ୍ଚକ— ବିଲୁଆ । ସୁକର—ମନୋହର । ବାମାବାର – ସ୍ତ୍ରୀସମୂହ ( ରାକ୍ଷସୀମାନେ ) । ଅଘର—ପାପ ଯୋଗୁଁ । ଅଘର – ଗୃହଶୂନ୍ୟ ।

୩୨ଶ ପଦ – ହନୁମାନ ମନ୍ତ୍ରୀପଣପରେ ବସି ବଡ଼ପାଟି କରି କହିଲା, "ଆରେ ରାବଣ ମୁଁ ଏବେ ତୋର ବୁଦ୍ଧି, ବଳ ପ୍ରଭୃତି କଳନା କଲି ।" ରାବଣ ମଧ୍ୟ ସେହିପରି କହିଲା, "ଚକୋରପକ୍ଷୀ ନିଆଁକୁ ଧରି ଉଡ଼େ ନାହିଁକି ? ( ଲୁଆଇ ଅଧିକ କଣ କଲୁ ) ।" ଏହି ସମୟରେ ହନୁମାନର ଲାଙ୍ଗୁଳରେ ଶିଖା ଟେକି ଜଳୁଥିବା ଅଗ୍ନି ରାବଣର ଭସ୍ମରେ ଲାଭିଗଲା । ଏହା ଦେଖି ସେ ପୂର୍ବେ ପାଇଥିବା ବରକୁ ସ୍ମରଣ କରି ନିଜର କପାଳରୁ ବ୍ରହ୍ମଅଗ୍ନି ବାହାରକଲା ।

୩୩ଶ ପଦ—ତହୁଁ ପ୍ରଶଂସା କହିଲା, "ଏହି ବାନର ତ ଆଶ୍ଚର୍ଯ୍ୟ କାର୍ଯ୍ୟ କରିପାରେ !" ରାବଣ କହିଲା, "ବିଲୁଆ ତ ମୁହଁରୁ ନିଆଁ ବାହାର କରିବାର ଦେଖିଛ ବର୍ତ୍ତମାନ ଏ ମୁହଁରୁ ବାହାର କରିବାର ଦେଖି ଆଶ୍ଚର୍ଯ୍ୟ ହେଉଛ କାହିଁକି ?" ରାବଣ ଏହି କଥା କହୁ କହୁ ନଗର ଜଳିଉଠିଲା । ଲୋକମାନେ ଅନାୟାସରେ କଣ୍ଠେଇସବୁ ହାତରେ ଧରି ନେଇଗଲାପରି ସ୍ତ୍ରୀମାନେ ପିଲାମାନଙ୍କୁ କାଙ୍ଖେଇ କାହାକୁ ବା ହାତରେ ଧରି ଘରୁ ବାହାର ହେଲେ ଏହି ସମୟରେ ସେମାନେ ଉଚ୍ଚ ହୋଇ କହିଲେ, "ରାଜାଙ୍କର ପରସ୍ତ୍ରୀ ହରଣ ପାପରୁ ଆମ୍ଭେମାନେ ଗୃହଶୂନ୍ୟ ହେଲୁଁ ।"

ବଳଗଲା ଶିଖିଶିଖା ଧ୍ରୁବମଣ୍ଡଳକୁ ।
ବଳେ ପଶି ଧୂମ ପୂର୍ଣ୍ଣ କଲା ପାତାଳକୁ ଯେ ।
ବାସୁକି ନୟନ ସେହିକାଳେ ଜଳସ୍ଥାନ ।
ବୈନତେୟ ଭାଳେ ଭଲା ଫୁଟ ଜବା ମନ ଯେ ।
ବହିଲା ଉତ୍ତରେ ରଥ ଭାସ୍ୱର ଉଦ୍‌ବେଗେ ।
ବଡ଼ବାନଳ ନିଭନ ଭଜେ ପାରାବାରେ ଯେ । ୩୪ ।
ବଞ୍ଚିବା ଭରସା ଅପସରସାମାଏ ତେଜି ।
ବେହରଣେ ଯେଣୁ ତା ନୃତ୍ୟରେ ଥିଲେ ମଜ୍ଜି ଯେ ।
ବିଷମୃତ୍ୟୁ ବଂଶ ସଖି ଯିବା ପ୍ରାୟେ ଭୁଲି ।
ବିଚଳିତ ଅର୍ଚ୍ଚି ରୁଚି ଖେଳେ କି ଜଗୁଳୀ ଯେ ।

---

୩୫ଶ ପଦ—ବେହରଣ—ସଭାମଣ୍ଡପ । ବିଚଳିତ-ଅର୍ଚି-ରୁଚି — ଚଞ୍ଚଳ ଅଗ୍ନି ଶିଖାର କାନ୍ତି । ସାରଙ୍ଗେ— ଚାତକସମୂହ । ଆଳୀ— ସଖୀ । ସୁରବର— ସୁରଶ୍ରେଷ୍ଠ ।

---

୩୪ଶ ପଦ—ଏହି ସମୟ ମଧ୍ୟରେ ଅଗ୍ନି ଶିଖା ଧ୍ରୁବ ମଣ୍ଡଳକୁ ଅତିକ୍ରମ କରି ଉପରକୁ ଉଠିଲା । ଧୂଆଁ ସବୁ ଗାର ଭିତର ଦେଇ ପାତାଳ ପୁରରେ ପ୍ରବେଶ କରିବାରୁ, ପାତାଳପୁର ଧୂଆଁରେ ପୂର୍ଣ୍ଣ ହେଲା । ଏଣୁ ବାସୁକିଙ୍କ ଆଖି ଲୋତକ ପୂର୍ଣ୍ଣ ହେଲା । ଏହି ସମୟରେ ଅରୁଣ ଲଙ୍କାକୁ ଦେଖି ମନେ କଲେ, ଲଙ୍କାରେ କଣ ବହୁତ ଗୁଡ଼ିଏ ମନ୍ଦାର ଫୁଲ ଫୁଟିଛି କି ? ନଚେତ୍ ଏପରି ଦେଖା ଯାଉଛି କାହିଁକି ? ତତ୍ପରେ ଅରୁଣ ସୂର୍ଯ୍ୟଙ୍କ ଆଦେଶାନୁସାରେ ରଥକୁ ଉତ୍ତର ଦିଗକୁ ନେବାକୁ ଲାଗିଲେ । ସେହି ଅଗ୍ନି ଶିଖାର ତେଜରେ ସମୁଦ୍ର ମଧ୍ୟରେ ଥିବା ବଡ଼ବାଗ୍ନି ନିସ୍ତେଜ ହୋଇ ଗଲେ ।

୩୫ଶ ପଦ—ସଭା ମଣ୍ଡପରେ ରାବଣର ଆଗରେ ନୃତ୍ୟ କରୁଥିବା ସ୍ୱର୍ଗବେଶ୍ୟାମାନେ ସେହି ଦିଗନ୍ତ ବ୍ୟାପି ଅଗ୍ନିକୁ ଦେଖି, ବଞ୍ଚିବା ଆଶା ପରି ତ୍ୟାଗ କଲେ । ସତୀ ସ୍ତ୍ରୀ ଶ୍ମଶାନଅଗ୍ନିରେ ପ୍ରବେଶ କରିବାକୁ ଯିବା ସମୟରେ ତାହାର ସ୍ୱର ଆଡ଼ରେ ଭୁଲିଲାପରି ଚକୋରମାନେ ସେହି ଅଗ୍ନିର ବୃତଆଡ଼େ ଭୁଲିବାକୁ ଲାଗିଲେ ( ଅର୍ଥାତ୍ ଚକୋରମାନେ ରଡ଼ନିଆଁ ଖାଇବା ପାଇଁ ସେଠାରେ ଭୁଲିଲେ ) । ସତୀ ସ୍ୱାମୀର ଶବାନଳରେ ପ୍ରବେଶ କରି ସାରିବା ପରେ ତାହାର ଅନୁଗାମିନୀ ସଖୀମାନେ ଏକତ୍ରିତ ହୋଇ ଫେରି ଆସିଲାପରି, ଚକୋର-ମାନଙ୍କ ପରେ ଅତି ଚଞ୍ଚଳ ଅଗ୍ନି ଶିଖାକୁ ଜହ୍ନ ମନେ କରି, ତାର

ବାହୁଡ଼ନ୍ତି ଅଳୀ ପ୍ରାୟେ ମିଳଣ ସାରନ୍ତେ ।
ବଦଗ୍ଧ କାନନଖଣ୍ଡରେ ସୁରବର ରଙ୍ଗେ ଯେ । ୩୫ ।
ବିଧି ବାକ୍ୟେ ପୁଷ୍ପକରେ ସକୁଟୁମ୍ବେ ବସି ।
ବୋଧ ମାରୁତି ବୋଲି ରାବଣ ଧାତା ପେଷି ଯେ ।
ବିବୁଧାଳୟେ ଚଳନ୍ତେ ଯଥା ପାବନରେ ।
ବୋଲେ ସେ ସୁଦୟା କର ରାମଭାବିନୀରେ ଯେ ।
ବାଧ ନ କରୁ ରାକ୍ଷସ ପ୍ରଚଣ୍ଡ ତପନ ।
ବଇଦେହୀ ନାମ ରମ୍ୟ ସରରୁ ଜୀବନ ଯେ । ୩୬ ।
ବିଧାତା କହିତ ଚନ୍ଦ୍ର ସ୍ୱରୂପ ରମ୍ଭୋରୁ ।
ବେଳେ ଅସୁର ରାହୁର ସ୍ପର୍ଶ ପୂର୍ବରୁ ଯେ ।
ବର୍ତ୍ତମାନ ସେ ଯୋଗ ଏ ସମ୍ବତ୍ସରେ ନାହିଁ ।
ବହନ ତୁ ରାମ ଆଣି ସନ୍ଦେଶକୁ କହି ଯେ ।

---

ନିକଟରୁ ଉଡ଼ି ଯାଇଥିବା ଭୃଙ୍ଗକମାନେ ଏକତ୍ରିତ ହୋଇ ଫେରି ଆସିଲେ । କାନନଖଣ୍ଡରେ ସୁରଶ୍ରେଷ୍ଠ ଲଙ୍କା ଆଶ୍ଚର୍ଯ୍ୟ ଭାବରେ ଦଗ୍ଧ ହେବାକୁ ଲାଗିଲା ।

୩୬ଶ ପଦ — ଏହି ସମୟରେ ବ୍ରହ୍ମାଙ୍କ କଥା ଅନୁସାରେ ରାବଣ ନିଜର ବଂଶୀୟମାନଙ୍କ ସହ ପୁଷ୍ପକ ଯାନରେ ବସି ରକ୍ଷା ପାଇଲା ଏବଂ ହନୁମାନକୁ ବୁଝାଇବା ପାଇଁ ବ୍ରହ୍ମାଙ୍କୁ ତା ନିକଟକୁ ପଠାଇଲା । ବ୍ରହ୍ମା ସ୍ୱର୍ଗକୁ ଯାଉଥିବା-ବାଟରେ ହନୁମାନକୁ ଦେଖି, ଯାହା କହିବା ଦରକାର ତାହା କହିଲେ । ହନୁମାନ ବ୍ରହ୍ମାଙ୍କୁ କହିଲା, "ଗ୍ରୀଷ୍ମକାଳୀନ ସୂର୍ଯ୍ୟ ମନୋହର ପୁଷ୍କରିଣୀମାନଙ୍କରୁ ଜଳ ନଷ୍ଟ କଲାପରି, ପ୍ରଚଣ୍ଡ ରାକ୍ଷସରୂପ ସୂର୍ଯ୍ୟ ବୈଦେହୀ ନାମ୍ନୀ ମନୋହର ପୁଷ୍କରିଣୀର 'ଜୀବନ' ପ୍ରାଣ ନାଶ ନ କରୁ । ଆପଣ ରାମଙ୍କ ସ୍ତ୍ରୀ ସୀତାଙ୍କଠାରେ କୃପା ପ୍ରକାଶ କରନ୍ତୁ ।"

୩୭ଶ ପଦ—ବ୍ରହ୍ମା କହିଲେ, "ସୀତା ଏହି ଜଗତରେ ଥିବା ସ୍ତ୍ରୀମାନଙ୍କ ମଧ୍ୟରେ ଚନ୍ଦ୍ର ପରି ଅଟନ୍ତି । କାଳର ଗତି ଅନୁସାରେ ପୂର୍ବରୁ ଅସୁର ରାହୁ ଚନ୍ଦ୍ରକୁ ସ୍ପର୍ଶ କରି ଆସୁଅଛି । କୌଣସି କୌଣସି ପାଠକ 'ପୂର୍ବରୁ' ଏହି ପଦ ସ୍ଥାନରେ ପର୍ବରୁ ଏହି ପଦ ରଖି ଅର୍ଥ କରନ୍ତି, ଯଥା—'ପର୍ବରୁ' ପ୍ରତିପଦ ଓ ପୂର୍ଣ୍ଣିମାର ସନ୍ଧିରୁ ଅଥବା ପ୍ରସ୍ତାବ ବଶରୁ ଅସୁର ରାହୁ ଥରେ ମାତ୍ର ଚନ୍ଦ୍ରକୁ ସ୍ପର୍ଶ କରୁଅଛି । ସେହିପରି କାଳର ଗତି ଅନୁସାରେ ଅଥବା ପୂର୍ବରୁ ହୋଇଥିବା ଶାପରୂପ ପ୍ରସ୍ତାବ ଅନୁସାରେ ଅସୁର ରାବଣ ସୀତାଙ୍କୁ ଥରେ ମାତ୍ର ସ୍ପର୍ଶ କରିଅଛି । ବର୍ତ୍ତମାନ ସେ ଯୋଗ ଏ ବର୍ଷ ନାହିଁ । ତୁ ଶୀଘ୍ର ଏ ଖବର ରାମଙ୍କୁ କହି

ବିଭୀଷଣ କୁମ୍ଭକର୍ଣ୍ଣ ମନ୍ଦିର ନ ନାଶି ।
ବଟ ମାର୍କଣ୍ଡେୟ କରି ପ୍ରଳୟ ସଦୃଶି ଯେ । ୩୭ ।
ବାୟୁଜ ଶାନ୍ତକ ହଜ ଅଗ୍ନିକ ସଂହରି ।
ବଦେହଭୂପଜା ଭେଟି ବିଜଟା ତଆରି ଯେ ।
ବସୁମତୀ ଦୁହିତା ହିତରେ ଥିବୁ ଭୁହି ।
ବୀରେନ୍ଦ୍ର ଶ୍ରୀରାମଚନ୍ଦ୍ର ଶ୍ରୀମୁଖେ ଜଣାଇଁ ଯେ ।
ବିଭୀଷଣେ କରାଇବି ଲଙ୍କାରେ ଅଧିପ ।
ବୈବସ୍ୱତପୁରେ ଯିବେ ଦୁଷ୍ଟ କଉଣପ ଯେ । ୩୮ ।
ବକ୍ତ୍ରବିକୃତରେ ପୁଣ ରାକ୍ଷସୀଙ୍କି କହେ ।
ବନ୍ଦୁଥିବ ଭଲଯୋଗ ଥିଲେ ସୀତା ପାଦେ ଯେ ।
ବଦନ୍ତେ ମଣି ବିପ୍ରେ ଫେଡ଼ି ଦେଖାଇଲା ।
ବସନାଞ୍ଚଳରେ ପୁଣି ଗଣ୍ଠିରେ ଭଷିଲା ଯେ ।

---

୩୮ଶ ପଦ — ବାୟୁଜ—ହନୁମାନ । ସଂହରି— ନିର୍ବାପିତ କରି । ବିଦେହଭୂପଜା—ସୀତା । ବସୁମତୀ ଦୁହିତା—ସୀତା । ଅଧିପ—ରାଜା । ବୈବସ୍ୱତପୁର—ଯମପୁର । କଉଣପ—ରାକ୍ଷସ ।

୩୯ଶ ପଦ—ବକ୍ତ୍ର ବିକୃତରେ—ମୁଖ ବିକୃତିରେ । ବସ୍ତ୍ରାଞ୍ଚଳେ—କାନିରେ ।

---

ଏଠାକୁ ଆଣ ।" ପ୍ରଳୟକାଳ ବଟ ଓ ମାର୍କଣ୍ଡେୟଙ୍କୁ ଛାଡ଼ି ସମଗ୍ର ଜଗତ ଧ୍ୱଂସ କଲା ପରି ଲଙ୍କାପୁରର ପ୍ରଳୟ କାଳ ତୁଲ୍ୟ ହନୁମାନ ବିଭୀଷଣ ଓ କୁମ୍ଭକର୍ଣ୍ଣର ଗୃହକୁ ଛାଡ଼ି ସମସ୍ତ ଧ୍ୱଂସ କଲା ।

୩୮ଶ ପଦ—ତପରେ ହନୁମାନ ଶାନ୍ତ ହୋଇ ନିଜ ନଜ କପାଳରୁ ବାହାରୁଥିବା ବ୍ରହ୍ମାଗ୍ନିକୁ ବନ୍ଦ କରି ଦେଲା ଓ ସୀତାଙ୍କ ସହିତ ଭେଟ ହୋଇ ବିଜଟାକୁ ବୁଝାଇବାକୁ ଲାଗିଲା । ସେ କହିଲା, "ହେ ବିଜଟା ! ତୁ ବସୁଧାସୁତା । ସୀତାଙ୍କର ହିତରେ ସର୍ବଦା ନିଯୁକ୍ତ ଥିବୁ । ମୁଁ ବୀରବର ରାମଚନ୍ଦ୍ରଙ୍କ ନିକଟରେ ତୋ କଥା ଜଣାଇଁ ବିଭୀଷଣକୁ ଲଙ୍କାରେ ରାଜା କରାଇବି । ଏହି ଦୁଷ୍ଟ ରାକ୍ଷସ ଗୁଡ଼ାକ ଯମପୁରକୁ ଯିବେ ( ମରିବେ ) ।"

୩୯ଶ ପଦ—ପୁଣି ହନୁମାନ ମୁହଁକୁ ବିକୃତ କରି ରାକ୍ଷସୀମାନଙ୍କୁ କହିଲା, 'ତୁମ୍ଭମାନଙ୍କୁ ଭଲ ଯୋଗ ଥିଲେ ସୀତାଙ୍କର ପାଦ ପୂଜା କରୁଥିବ ।' ଏହି

ବାହୁ ବିସ୍ତାରି ଗଗନେ ଗଲା ସେ ସୁବଳେ ।
ବିଂଶପାଣି ଦଗ୍‌ଧଶେଷ ଦ୍ରବ୍ୟ ଆସ୍ୱ କଲେ ସେ । ୭୯ ।
ବିର ହରି ଲଙ୍କା ପୋଡ଼ି ଧୂମସ୍ତୋମ କି ସେ ।
ବିହରି ସେ ହରି ସନ୍ଧ୍ୟା ହୋଇ କି ଆକାଶେ ସେ ।
ବୁଝି ରକ୍ତବର୍ଣ୍ଣ ବହ୍ନି ଜ୍ୟୋତ୍ସ୍ନା ଘେନିଅଛି ।
ବିହରିବା ନିଶାଚରଙ୍କର ପ୍ରବୃତ୍ତି ସେ ।
ବିଦିତ ହୋଇବେ ରାମ ଲକ୍ଷ୍ମଣ ସେ ଅନ୍ତେ ।
ବିଶ୍ୱକର୍ମା ଶେଷେ ଧାତା ଲଙ୍କାକୁ ଭରତେ ସେ । ୮୦ ।

---

୮୦ଶ ପଦ—ବିହରି—ନାଶ କରି । ଧୂମସ୍ତୋମ ଧୂମରାଶି । ହରି—ସୂର୍ଯ୍ୟ । ନିଶାଚର—ପେଚକ, ରାକ୍ଷସ ।

---

ସମୟରେ ସୀତା ମଥାମଣିର କଥା ପଚାରିବାରୁ ହନୁମାନ୍ ତାହା କାନରୁ ଫିଟାଇ ଦେଖାଇଲା ଏବଂ ପୁଚ୍ଛର କାନରେ ଗଣ୍ଠି ଦେଇ ବାନ୍ଧି ରଖିଲା । ତତ୍ପରେ ସେ ବାହୁ ବିସ୍ତାର କରି ଆକାଶ ମାର୍ଗରେ ସୁବଳ ପର୍ବତକୁ ଗଲା । ଏଣେ ରାବଣ ପୋଡ଼ି ନ ଯାଇଥିବା ଦ୍ରବ୍ୟମାନଙ୍କୁ ଆଦାୟ କରିବାକୁ ଲାଗିଲେ ।

୮୦ଶ ପଦ—ବୀର ହନୁମାନ ଲଙ୍କା ପୋଡ଼ି ଦେବାରୁ ଉଠିଥିବା ଧୂଆଁ ସବୁ ଆକାଶରେ ବ୍ୟାପ୍ତ ହୋଇ ସୂର୍ଯ୍ୟଙ୍କର ଶୋଭାକୁ ହରଣ କଲା କି ? ଏହାଁ ଭ୍ରମ ଜନ୍ମାଇଁ ସନ୍ଧ୍ୟା ପ୍ରକାଶିତ ହେଲା । ହେ ପାଠକମାନେ ! କାହିଁକି ଏପରି ଭ୍ରମ ହେଲା ତାହା ବୁଝ । କାରଣ ଲଙ୍କା ପୋଡ଼ିବାବେଳେ ଆକାଶ ଯେପରି ଅଗ୍ନିର ତେଜରେ ରକ୍ତବର୍ଣ୍ଣ ଦେଖା ଯାଉଥିଲା, ଏହି ସମୟରେ ମଧ୍ୟ ସେହିପରି ଦେଖା-ଯାଉଥିଲା । ସେ ସମୟରେ ପୋଡ଼ିଯିବା ଭୟରେ ରାତିଚର ପକ୍ଷୀମାନେ ବସାରୁ ଓ ରାକ୍ଷସମାନେ ଘରୁ ବାହାରି ବୁଲୁଥିଲେ, ଏହି ସମୟରେ ମଧ୍ୟ ସେହିପରି ବୁଲୁଥିଲେ । ଏଣୁ କାହାରି ମନରେ ସନ୍ଧ୍ୟା ହେଲାଣି ବୋଲି ଧାରଣା ହେଉ ନ ଥିଲା । ( ରାବଣ ରାଜତ୍ୱର ସନ୍ଧ୍ୟାକାଳ ଉପସ୍ଥିତ ହେଲାଣି ଏହି କଥା କେହି ଜାଣି ପାରୁ ନଥିଲେ ) । କିନ୍ତୁ ସନ୍ଧ୍ୟା ପରେ ଚନ୍ଦ୍ର ଆକାଶରେ ପ୍ରକାଶିତ ହେଲା ପରି ଏହି ସନ୍ଧ୍ୟାର ଶେଷରେ ଅର୍ଥାତ୍ ରାବଣ ରାଜତ୍ୱର ଶେଷରେ ରାମ ଓ ଲକ୍ଷ୍ମଣ ଏଠାରେ ପ୍ରକାଶିତ ହେବେ । ବ୍ରହ୍ମା ଏହି ରାବଣ ରାଜତ୍ୱର ସନ୍ଧ୍ୟା ସମୟରେ ବିଶ୍ୱକର୍ମାଙ୍କୁ ଅତିଶୀଘ୍ର ଲଙ୍କାକୁ ପଠାଇଲେ ।

ବିଶ୍ରବାନନ୍ଦନ ଘାଣେ ହୋଇଲା ପ୍ରବେଶ ।
ବିସ୍ତରାଇ ଅମୋଦମଣିରେ କରି ତୋଷ ଯେ ।
ବିଜନରେ ପୁର ସର୍ଜନରେ ହେଲା କ୍ଷମ ।
ବର୍ଣ୍ଣିମାସୁ ନୋହିଲା ଛବିରେ ମନୋରମ ଯେ ।
ବଣା ହେଲେ ସତ କି ସ୍ୱପନ ବୋଲି ଜନେ ।
ବୋଲେ କେ କ୍ଷମ ହୋଇବ ଏ ପୁର ଦହନେ ଯେ । ୪୧ ।
ବୋଲେ କେ ପୋଡ଼ିଛି ଧନ୍ୟ ରାବଣ ବଡ଼ାଇ ।
ବିଶ୍ୱକର୍ମା କରେ ଦେଲେ ବିବୁଧେ ଗଢ଼ାଇ ଯେ ।
ବୋଲେ କେ ଯାହା ଶ୍ୱଶୁର ମୟ ମହାସୁର ।
ବିଚିତ୍ର ନୁହଇ ଏମାନଙ୍କ ହୋଇବାର ଯେ ।
ବିଯାଳିଶ ପଦ ଛାନ୍ଦ ମୋହୁ ସାଧୁମତି ।
ବକାରେ ବିଧାନ ଉପଇନ୍ଦ୍ର ଭଞ୍ଜ କୃତି ଯେ । ୪୨ ।

——*——

୪୧ଶ ପଦ—ବିଶ୍ରବାନନ୍ଦନ—ରାବଣ । ବିସ୍ତରାଇ—ତରଳାଇଁ ।
ମନୋରମ—ସୌନ୍ଦର୍ଯ୍ୟ ।

୪୨ଶ ପଦ—ବିବୁଧେ—ଦେବତାମାନେ । ସାଧୁମତି—ପଣ୍ଡିତ ।

୪୧ଶ ପଦ—ବିଶ୍ୱକର୍ମା ରାବଣର ନିକଟରେ ପ୍ରବେଶ ହୋଇ ଅମୋହ ମଣି ଦେବାଦ୍ୱାରା ତାହାର ଚିତ୍ତକୁ ତରଳାଇ ଆନନ୍ଦିତ କରାଇଲା । ସେ ନିର୍ଜ୍ଜନରେ ବସି ଲଙ୍କାପୁରକୁ ନିର୍ମାଣ କଲା । ସେହି ନବନିର୍ମିତ ପୁର ଏପରି ମନୋହର ହୋଇଥିଲା ଯେ, ତାହା ବର୍ଣ୍ଣନା କରି ହେଉ ନ ଥିଲା । ଏହି ପୁର ପୋଡ଼ି ଯାଇଥିଲା, ଏ କଥା ଶୁଣି ଲୋକେ କହୁଥିଲେ, "ଏହା ସତ୍ୟ ନା ସ୍ୱପ୍ନ । କେହି କେହି କହୁଥିଲେ, ଆଉ କେହି ଏ ପୁରକୁ ପୋଡ଼ିବାପାଇଁ ସମର୍ଥ ହେବେନାହିଁ ।"

୪୨ଶ ପଦ—କେହି କେହି କହିଲେ, "ରାବଣର 'ବଡ଼ାଇ' ଗାରିତ ଧନ୍ୟ ଅଟେ । ଯେ ହେତୁ ଲଙ୍କାପୁର ପୋଡ଼ି ଯାଇଛି, ଏହା ଜାଣି ଦେବତାମାନେ ବିଶ୍ୱକର୍ମା ଦ୍ୱାରା ତାହାକୁ ଗଢ଼ାଇଦେଲେ ।" କେହି କହିଲା, "ମୟ ମାହାସୁର ଯାହାର ଶ୍ୱଶୁର ତାର ଏପରି ମନୋରମ ପୁର ତିଆରି ହେବାରେ ଆଶ୍ଚର୍ଯ୍ୟ କଣ ଅଛି । ଆଦ୍ୟରେ ବକାର ରଖି ବିୟାଳିଶ ପଦରେ ଉପେନ୍ଦ୍ରଭଞ୍ଜଙ୍କ ଦ୍ୱାରା ରଚିତ ହୋଇଥିବା ଏହି ଛାନ୍ଦ ସାଧୁଲୋକମାନଙ୍କର ମନକୁ ମୋହୁ ।

——*——

## ସପ୍ତବିଂଶ ଛାନ୍ଦ

### ରାଗ—ନଳିନୀଗୌଡ଼ା

ବୁଧେ ଶୁଣ ଏକ ରହସ୍ୟେ । ବାତସୁତ ସୁବଳୟେ ।
ବଞ୍ଚିଲା ସୁଖେ ତାମସୀ । ବାସର ପ୍ରବେଶ ଆସି । ୧ ।
ବିବସ୍ୱାନ ଉଦେ ଚାହିଁ । ବାହାର ଉଳଗ ବହି ।
ବିୟଦ୍‌ଗତ ହନୁମାନ । ବୋଲ୍‌ବୋଲି ବେଣି ଜନ । ୨ ।
ବିନିଦ୍ର ହେଉ ଧୂର୍ଜଟୀ । ବେନି ନେତ୍ର ଅଛି ଫୁଟି ।
ବୁଜିଛି ନୟନ ସିତ । ବିଶେଷିତ ଅଳସିତ । ୩ ।
ବିଚିତ୍ର ପ୍ରଭାତ ଆଜ । ଉଦିତ ତ ବେନି ସୂର୍ଯ୍ୟ ।
ବିମାନୁ ଭାନୁର କେଉଁ । ବିନତ ସୁତ କ ଯାଇ । ୪ ।

---

୧ମ ପଦ—ବୁଧ— ପଣ୍ଡିତ । ବାତସୁତ—ହନୁମାନ । ତାମସୀ—ରାତ୍ରି । ବାସର—ଦିବସ ।

୨ୟ ପଦ—ବିବସ୍ୱାନ—ସୂର୍ଯ୍ୟ । ବିୟଦ୍‌ଗତ—ଆକାଶ ସଂସ୍ଥ ।

୪ର୍ଥ ପଦ—ବିନତାସୁତ—ଅରୁଣ (ସୂର୍ଯ୍ୟସାରଥି) । ଭାନୁ-ବିମାନୁ—ସୂର୍ଯ୍ୟଙ୍କ ରଥରୁ ।

---

## ସପ୍ତବିଂଶ ଛାନ୍ଦ

୧ମ ପଦ—ହେ ପଣ୍ଡିତମାନେ ! ଏକଚିତ୍ତରେ ଶୁଣିବା ହୁଅନ୍ତୁ । ହନୁମାନ ସୁବଳ ପର୍ବତରେ ରହି ସୁଖରେ ରାତ୍ରି ଯାପନ କଲେ । ରାତ୍ରି ଶେଷ ହେବାରୁ ଦିନ ଆସି ପ୍ରବେଶ ହେଲା ।

୨ୟ ପଦ—ସୂର୍ଯ୍ୟ ଉଦୟ ହେଉଥିବାର ଦେଖି, ସେ ତାଙ୍କୁ ପ୍ରଣାମ କରି ସେଠାରୁ ବାହାରିଲେ । ଆକାଶମାର୍ଗରେ ଯାଉଥିବା ହନୁମାନଙ୍କୁ ଦେଖି ଲୋକମାନେ କଥାବାର୍ତ୍ତା ହେଲେ ।

୩ୟ ପଦ—"ମହାଦେବଙ୍କର ନିଦ ଭାଙ୍ଗିବାରୁ ତାଙ୍କର ସୂର୍ଯ୍ୟ ଓ ଅଗ୍ନିରୂପ ଦୁଇଗୋଟି ଚକ୍ଷୁ ଫିଟିଛି କି ? ବୋଧହୁଏ ଅତିଶୟ ଆଳସ୍ୟବଶରୁ ସେ ଚନ୍ଦ୍ରରୂପ ଚକ୍ଷୁକୁ ମୁଦି ଅଛନ୍ତି, ଏହା ସତ୍ୟ ଅଟେ ।"

୪ର୍ଥ ପଦ—"ଆଜିକାର ସକାଳ ଆଶ୍ଚର୍ଯ୍ୟ ଦାୟକ ଅଟେ । ଯେହେତୁ ଏକ ସମୟରେ ଦୁଇଗୋଟି ସୂର୍ଯ୍ୟ ପ୍ରକାଶିତ ହୋଇ ଅଛନ୍ତି । ଯଦି ଏହା ନୁହେଁ, ତାହା ହେଲେ ଅରୁଣ ସୂର୍ଯ୍ୟଙ୍କର ରଥରୁ କେଉଁ ପଳାଇଛନ୍ତି କି ?"

ବୋଧ କେ ଭର୍ତ୍ତିରେ ସ୍ଥାପି । ଧ୍ୱଂସିଲା ଲଙ୍କା କପି ।
ବ୍ୟୋମମାର୍ଗେ ଯିବା ସ୍ମର୍ତ୍ତି । ବ୍ୟୋମ-ଭର୍ତ୍ତ୍ରୀପ୍ରତି କହି । ୫ ।
ବାହିନୀ ବୋଲଇ ପ୍ଲବଗ । ବଧି ଦଅନ୍ତା ମୋ ଆଗ ।
ବଳସନ୍ତା ସେହି ଯୋଦ୍ଧା । ବଧାଇ ପାଇ ଅଯୋଧ୍ୟା । ୬ ।
ବିଭୀଷଣ ଭାଷେ ଗିର । ବାମନ ବଢ଼ାଇ କର ।
ବିଧୁ ଧରିବାକୁ ମନ । ବିନ୍ୟାସ କରେ ଯେସନ । ୭ ।
ବଲଙ୍ଘି ପଲ୍ୱଳ ଯେହୁ । ବାଧିରେ ନ ପାରେ ସେହୁ ।
ବାରିଧି ତରିବା ଚିତ୍ତ । ବିସ୍ତରିବା ସେହି ମତ । ୮ ।
ବସାପ୍ର ଦୀପ ଯେମନ୍ତ । ବିନା ତୈଳେ ହୋଇ ହତ ।
ବଂଶାର୍ଦ୍ଧମୁଖ ତେମନ୍ତ । ବହାପୁସେ ହନୁମନ୍ତ । ୯ ।

---

୬ଷ୍ଠ ପଦ—ବାହିନୀ—ସେନା । ପ୍ଲବଗ—ବାନର । ବଧାଇ—ପୁରସ୍କାର ।

୭ମ ପଦ—ବାମନ—ଖର୍ବାକୃତି ବା ଗେଡ଼ା ମନୁଷ୍ୟ ।

୮ମ ପଦ—ପଲ୍ୱଳ—କ୍ଷୁଦ୍ର ପୁଷ୍କରିଣୀ । ବାରିଧି—ସମୁଦ୍ର ।

---

୫ମ ପଦ—ସେମାନଙ୍କ ମଧ୍ୟରୁ କେହି ଜଣେ ଲୋକ ବୁଝାଇ କହିଲା "ଏ ସେହି ଲଙ୍କାପୋଡ଼ା ବାନର ।" ଏହି ସମୟରେ 'ବ୍ୟୋମ ଭର୍ତ୍ତ୍ରୀପ୍ରତି' ବ୍ୟୋମା, ସୁରର ଭଣୋଇ (ରାବଣ) ଆକାଶମାର୍ଗରେ ହନୁମାନ ଯାଉଥିବାର ଦେଖି କହିଲା ।

୬ଷ୍ଠ ପଦ – "ଯଦି କେହି ଯୋଦ୍ଧା ଏହି ମାକଡ଼କୁ ମାରି ମୋ ଆଗରେ ଦଅନ୍ତା, ତାହା ହେଲେ ସେ ଅଯୋଧ୍ୟା ପୁରକୁ ପୁରସ୍କାର ରୂପେ ପାଇ ସେଠାରେ କ୍ରୀଡ଼ା କରନ୍ତା ।"

୭ମ ଓ ୮ମ ପଦ—ଏହା ଶୁଣି ବିଭୀଷଣ କହିଲା, "ବାମନ ହାତ ବଢ଼ାଇ ଚନ୍ଦ୍ରକୁ ଧରିବା ପାଇଁ ଯେପରି ଇଚ୍ଛା ପ୍ରକାଶ କରେ ଏବଂ ଯେଉଁ ଲୋକ ଗୋଟିଏ ପୋଖରୀକୁ ଡେଇଁ ନ ପାରେ, ସେ ଯେପରି ସମୁଦ୍ରକୁ ଡେଇଁବା ପାଇଁ ମନରେ ବିସ୍ତର କରେ, ଏହି ବିସ୍ତର ସେହିପରି ଅଟେ ।"

୯ମ ଓ ୧୦ମ ପଦ—ଜଳୁଥିବା ଦୀପ ତେଲ ଶେଷ ହେଲେ ଯେପରି ଲିଭିଯାଏ, ବିଭୀଷଣର କଥା ଶୁଣି ରାବଣର ମୁଖ ସେହିପରି ମଳିନ

ବନ୍ଧ୍ୟ ପର୍ବତେ ପ୍ରବେଶ । ବହିଲା ପର ବଳାସ ।
ବହି ଜାମ୍ବବେ ଓଳଗ । ବସି ବାଳିସୁତ ଆଗ । ୧୦ ।
ବନାଶ ସନ୍ଧ୍ୟାସମସ୍ତ । ବସ୍ତୁର ଶୋଭା ଉଦସ୍ତ ।
ବାନରସଙ୍ଗ ହୋଇଲା । ବିଧାନ ଶ୍ଳେଷ ବହିଲା । ୧୧ ।
ବକାଶି ନୀଳ ପ୍ରଭାତ । ବଶେଷ ତାରାଜନତ ।
ବହେଡ଼ ଯେ ଋକ୍ଷବର । ବଦ୍ୟ ମଙ୍ଗଳ ସଞ୍ଚାର । ୧୨ ।
ବାର୍ତ୍ତା ହନୁମନ୍ତ କହି । ବାରାଂନିଧି ଯାଉ ତେଣି ।
ବଘ୍ନ କରି ଗିଳିଦେଲା । ବଧୂ ଲୁବ୍ଧମାତା ମଲା । ୧୩ ।

---

୧୨ଶ ପଦ—ପ୍ରଭା—କାନ୍ତି । ତାରାଜନତ—ଅଙ୍ଗଦ । ଋକ୍ଷବର—ଚନ୍ଦ୍ର ।

୧୩ଶ ପଦ—ବାରାଂନିଧି—ସମୁଦ୍ର । ବଧୂ ଲୁବ୍ଧମାତା—ରାହୁମାତା ( ସିଂହିକା ) ।

---

ହୋଇଗଲା । ହନୁମାନ ପବନ ବେଗରେ ଗତି କରି ବନ୍ଧ୍ୟ ପର୍ବତରେ ଉପସ୍ଥିତ ହେଲେ ଏବଂ ଜାମ୍ବବଙ୍କୁ ନମସ୍କାର କରି, ଅଙ୍ଗଦର ଆଗରେ ବସିଲେ ।

୧୧ଶ ପଦ— ଏହି ସମୟରୁ ସନ୍ଧ୍ୟା ଶେଷ ହୋଇ ଯିବାରୁ ଆକାଶ ଯେପରି ଶୋଭା ଧାରଣ କଲା, ହନୁମାନ ପ୍ରବେଶ ହେବାରୁ ବାନରମାନଙ୍କର ଯେଉଁ ସଙ୍ଗ ହେଲା, ସେ ମଧ୍ୟ ସେହିପରି ଶୋଭାକୁ ଧାରଣ କଲା, ଏଣୁ ଏଠାରେ ରାତ୍ରି ବର୍ଣ୍ଣନା ଓ ସଙ୍ଗ ବର୍ଣ୍ଣନା ଶ୍ଳେଷାଳଙ୍କାରରେ କରାଗଲା ।

୧୨ଶ ପଦ—ରାତ୍ରି ହେବାରୁ ନୀଳବର୍ଣ୍ଣ ପ୍ରଭା ପ୍ରକାଶିତ ହେଲା ( ଅର୍ଥାତ୍ ସୂର୍ଯ୍ୟାସ୍ତରେ ଅନ୍ଧକାର ଘୋଟିଗଲା ) । ଆକାଶରେ ଅନେକ ତାରା ଦେଖା ଦେଲେ, ଚନ୍ଦ୍ର ଉଦୟ ହେଲେ ଓ ମଙ୍ଗଳ ଗ୍ରହର ଗତି ଦେଖାଗଲା । ସେହିପରି ସଙ୍ଗରେ ନୀଳ ସେନାପତିଙ୍କର ତେଜ ପ୍ରକାଶିତ ହେଲା, 'ତାରାଜନତ' ତାରା ପୁତ୍ର ଅଙ୍ଗଦ ସମ୍ମାନର ସହିତ ଆସି ଉପସ୍ଥିତ ହେଲେ ଓ 'ଋକ୍ଷବର' ବିଖ୍ୟାତ ବୀର ଭାଲୁ ଶ୍ରେଷ୍ଠ ଜାମ୍ବବାନ ମଧ୍ୟ ଆଗମନ କଲେ ଏବଂ ସେହି ସମୟରେ ସମସ୍ତ ଶୁଭ ଖବର ପ୍ରକାଶିତ ହେଲା ।

୧୨ଶ ପଦ—ହନୁମାନ କହିଲେ, "ସମୁଦ୍ରକୁ ଡେଇଁ ଯାଉଥିବା ସମୟରେ ମୋର ଅନିଷ୍ଟ ଇଚ୍ଛା କରି ରାହୁର ମାତା ( ସିଂହିକା ) ମୋତେ ଗିଳି ଦେଲା । ମାତ୍ର ସେ ମୋ ଦ୍ୱାରା ମଲା ।"

ବିରୋଧି ହୋଇ ସୁରସା । ବଳିଲା ନାହିଁ ଭରସା ।
ବୋଧି ଆସି ମଇନାକ । ବୁଡ଼ିଲା ସିନ୍ଧୁ ଉଦକ । ୧୪ ।
ବେଳାସ୍ତେ ସୁବେଳ ହୋଇ । ବିଜେମି ଲଙ୍କାକୁ ଯାଇ ।
ବିଧା ଲଙ୍କିଣୀ ପାଇଲା । ବୈଦେହୀ ଥିଲା କହିଲା । ୧୫ ।
ବିରସ ହୋଇ ସେ ପୁର । ବେଷ୍ଟରେ ସରସ ସାର ।
ବିଶାଳ ମୋ ଭୂଷଣାଳ । ବିଲୋକ ଲୋକରେ ମେଳ । ୧୬ ।

---

୧୪ଶ ପଦ —ସୁରସା—ନାଗମାତା ।

୧୫ଶ ପଦ—ବେଳାସ୍ତେ—ବେଳ ଅସ୍ତହେବା ସମୟରେ ଅର୍ଥାତ୍ ସନ୍ଧ୍ୟାବେଳେ । ସୁବେଳ ସୁବଳପର୍ବତ । ଲଙ୍କିଣୀ— ଲଙ୍କାର ଅଧିଷ୍ଠାତ୍ରୀ ଦେବୀ ।

---

୧୪ଶ ପଦ—"ତତ୍ପରେ ସରସା ମୋର ଅନିଷ୍ଟ କରିବା ପାଇଁ ଉପସ୍ଥିତ ହେଲା କିନ୍ତୁ ତାହାର ସାହାସ ପାଇଲା ନାହିଁ । ମୈନାକ ପର୍ବତ ମଧ୍ୟ ମୋତେ ପ୍ରବୋଧ ଦେବା ନିମିତ୍ତ ଆସିଲା ଓ କିଛିକ୍ଷଣ ପରେ ସମୁଦ୍ର ଜଳରେ ବୁଡ଼ି ଗଲା ।"

୧୫ଶ ପଦ—"ସୂର୍ଯ୍ୟାସ୍ତ ହେବା ସମୟରେ ମୁଁ ସୁବେଳ ପର୍ବତରେ ଯାଇ ପହଞ୍ଚିଲି । ସେଠାରୁ ଡେଇଁ ଲଙ୍କାକୁ ଗଲି । ଲଙ୍କାଦେବୀ ମୋଠାରୁ ବିଧାଏ ପାଇବାରୁ ସୀତା ଏଠାରେ ଅଛି ବୋଲି ମୋତେ କହିଲା ।"

୧୬ଶ ପଦ—ବିରୋଧାର୍ଥ –ସେହି ଲଙ୍କାପୁର 'ବିରସ' ରସଶୂନ୍ୟ ହୋଇଥିଲେ ସୁଦ୍ଧା ପ୍ରକୃତରେ ଉତ୍ତମ ରସମାନଙ୍କ ଦ୍ୱାରା ରଚିତ ହୋଇଅଛି । 'ବିଶାଳ' ଗୋଟିଏ ସୁଦ୍ଧା ଶାଳବୃକ୍ଷ ସେଠାରେ ନ ଥିଲେ ମଧ୍ୟ ଅନେକ ଶାଳ ବୃକ୍ଷରେ ପୂର୍ଣ୍ଣ ହୋଇ ଅଛି ଏବଂ ଜଣେ ସୁଦ୍ଧା ଲୋକ ସେଠାରେ ନ ଥିଲେ ମଧ୍ୟ ବହୁତ ଲୋକ ସେଠାରେ ମିଳିତ ହୋଇ ଅଛନ୍ତି ।

ପ୍ରକୃତାର୍ଥ—"ସେହି ପୁର ଉତ୍କୃଷ୍ଟ ରସମାନଙ୍କ ଦ୍ୱାରା ରଚିତ ହୋଇ ଥିବାରୁ ଦର୍ଶକର ମନରେ ଆଶ୍ଚର୍ଯ୍ୟ ଉତ୍ପାଦନ କରୁଅଛି । ବହୁ ସଂଖ୍ୟକ ବୃକ୍ଷରେ ପୂର୍ଣ୍ଣ ହୋଇ ବହୁ ଦୂର ପର୍ଯ୍ୟନ୍ତ ବିସ୍ତୃତ ହୋଇଅଛି ଏବଂ ଗାଢ଼ ଦୃଷ୍ଟି ନିକ୍ଷେପ କରି ଦେଖିଲେ ସେହି ପୁରରେ ବହୁତ ଲୋକ ଥିବାର ଜଣା ଯାଉଛି । ଅଥବା ବହୁତ 'ବିଲୋକ' ଦର୍ଶକ ଲୋକ ସେଠାରେ ଏକତ୍ରିତ ହୋଇଥିବା ପରି ଜଣା ଯାଉଛି ।"

ବସ୍ତୁ ଜଗତରେ ନାହିଁ । ବସ୍ତୁ ଜଗଣରେ ଶୋହି ।
ବଖାନ ପୁଣ୍ୟଜନରେ । ବ୍ୟାପିତ ପୁଣ୍ୟ ଜନରେ । ୧୭ ।
ବଜ୍ର ପ୍ରଭାରେ ଜ୍ୱଳିତ । ବଜ୍ର ପ୍ରଭା ଅଦ୍ଧତ ।
ବୁଲି ଏମନ୍ତ କଷ୍ଟକେ । ବାସ ନ ଗ୍ଳାଣ ଗୁଷ୍ଟକେ । ୧୮ ।
ବଂଶକର ଅନ୍ତଃପୁରେ । ବୁଲି ଖୋଜନ୍ତି ଉଣ୍ଡାରେ ।
ବଣାଏ ଅଶୋକ ନାମା । ବଡ଼ ରମ୍ୟ ନ ଉପମା । ୧୯ ।

---

୧୭ଶ ପଦ—ପୁଣ୍ୟଜନ—ରାକ୍ଷସ, ଧାମିକ—ଲୋକ ।
୧୮ଶ ପଦ—ବଜ୍ର—ହୀରକ, ଅସ୍ତ୍ର ବିଶେଷ ।
୧୯ଶ ପଦ—ବଣାଏ—ବନ ବା ଉପବନ । ରମ୍ୟ—ସୁନ୍ଦର ।

---

୧୭ଶ ପଦ—ବିଶେଷାର୍ଥ—ସେଠାରେ ମୋଟେ ପକ୍କା ଘର ନାହିଁ ବସ୍ତୁତ ପକ୍କା ଘରରେ ସେହି ପୁର ମନୋହର ଦେଖା ଯାଉଛି । ଜଣେ ସୁଦ୍ଧା ଧାର୍ମିକ ଲୋକ ସେଠାରେ ନାହାନ୍ତି କିନ୍ତୁ ଧାମିକମାନେ ସେହି ପୁରରେ ଭର୍ତ୍ତି ହୋଇ ରହିଛନ୍ତି ।"

ପ୍ରକୃତାର୍ଥ—"ଚତୁର୍ଦ୍ଦଶ ଭୁବନରେ ଏପରି ପୁର ନାହିଁ ସେହି ପୁର ପକ୍କାଘରମାନଙ୍କଦ୍ୱାରା ପୂର୍ଣ୍ଣ ହୋଇ ଅଛି । ସେଠାରେ ଜଣେ ହେଲେ ଧାର୍ମିକ ଲୋକ ନାହାନ୍ତି କିନ୍ତୁ ରାକ୍ଷସମାନେ ପୂର୍ଣ୍ଣ ହୋଇ ରହି ଅଛନ୍ତି ।"

୧୮ଶ ପଦ—ବିଶେଷାର୍ଥ—ତାହା ବଜ୍ରର ତେଜରେ ପ୍ରକାଶିତ ଓ ବଜ୍ରର ତେଜରେ ଅପ୍ରକାଶିତ ହୋଇ ରହିଅଛି ।"

ପ୍ରକୃତାର୍ଥ—"ସେହି ପୁର ହୀରାମାନଙ୍କର ତେଜରେ ଆଲୋକିତ ହୋଇ ଅଛି । ସେଠାରେ ବଜ୍ରଘାତ ମୋଟେ ହେଉ ନାହିଁ । ଏହିପରି ସୌନ୍ଦର୍ଯ୍ୟ-ଶାଳୀ ପୁରରେ ଥିବା ପ୍ରତ୍ୟେକ ଘର ଅଳ୍ପ ସମସ୍ତ ମଧ୍ୟରେ ବୁଲି ଶେଷ କଲି ।"

୧୯ଶ ପଦ—ତତ୍ପରେ ରାବଣର ଅନ୍ତଃପୁର ମଧ୍ୟରେ ପଶି ଖୋଜି ସାରିବା ପରେ ଅଶୋକ ନାମକ ଏକ ବନ ଦେଖିଲି । ସେହି ବନ ଏତେ ସୁନ୍ଦର ଯେ, ତାହାର ଉପମା କଣ ମୁଁ ଦେଇ ପାରିବି ।"

ବିପିନେ ମଧ୍ୟେ ଜଗତୀ । ବିଜେ ଜନକ ଦୁହିତୀ ।
ବିଜୁଳିଝଟକ ମାତ୍ର । ବୁଜି ହୋଇ ଯଥା ନେତ୍ର । ୨୦ ।
ବିଲୋକ ଉତ୍ତମ କରି । ବିଧିରେ ମୁଁ ଯେ ନ ପାରି ।
ବଇକୁଣ୍ଠ ଶିଷ୍ଟ ଶିଷ୍ଟ । ବିସ୍ତାରିଥିଲାର ପରି । ୨୧ ।
ବିଶ୍ୱର ଶୋଭାସାଗର । ବିଧାତା ମନ୍ଥୁ ବାହାର ।
ବାରିଧିରୁ ଯେତେ ଦ୍ରବ୍ୟ । ବିଜନ୍ୟ ସେ ଏକଠାବ । ୨୨ ।
ବିସ୍ତରେ ଅଧିକ ଏହି । ବୁଧେ ତାଙ୍କୁ ଧିକ କହି ।
ବଦନ ସର୍ବଦା ପୂର୍ଣ୍ଣ । ବିଧୁ କଳଙ୍କବିହୀନ । ୨୩ ।
ବୋଲିବ ଏମନ୍ତ ବିଧୁ । ବିଷ୍ଣୁବରୀରେ ସେ ସାଧୁ ।
ବିଷବନ୍ଧୁ ନିଶାକର । ବୋଲିଅଛୁ ବେଦବର । ୨୪ ।

---

୨୦ଶ ପଦ—ଜଗତୀ—ଅଟ୍ଟାଳିକା । ଜନକଦୁହିତା—ସୀତା ।
୨୨ଶ ପଦ—ବିଜନ୍ୟ—ଜାତ ।
୨୩ଶ ପଦ—ବୁଧେ—ପଣ୍ଡିତମାନେ ।

---

୨୦ଶ ପଦ—"ସେହି ବନ ମଧ୍ୟରେ ଗୋଟିଏ ଅତି ସୁନ୍ଦର କୋଠାଘର ଅଛି । ସେହି କୋଠାରେ ସୀତା ବିଜେ କରି ଅଛନ୍ତି । ବିଜୁଳି ଝଟକିବା ମାତ୍ରେ ଯେପରି ଆଖି ମୁଦି ହୋଇ ଯାଏ, ତାଙ୍କୁ ଦେଖିବା ମାତ୍ରେ ସେହିପରି ମୋର ଆଖି ମୁଦି ହୋଇ ଗଲା ।"

୨୧ଶ ପଦ—"ଏଣୁ ମୁଁ ତାଙ୍କୁ ଭଲକରି ଦେଖି ପାରିଲି ନାହିଁ । ଲକ୍ଷ୍ମୀଦେବୀ ବୈକୁଣ୍ଠ ପୁରରେ ଶୋଭା ବିସ୍ତାର କଲାପରି ସୀତା ସେଠାରେ ଶୋଭା ବିସ୍ତାର କରିଅଛନ୍ତି ( ସୀତା ଲକ୍ଷ୍ମୀଙ୍କପରି ଦେଖା ଯାଉ ଅଛନ୍ତି ) ।"

୨୨ଶ—୨୪ଶ ପଦ—ମୁଁ ତାଙ୍କୁ ଦେଖି ବିଚାରିଲି, ବିଧାତା ଶୋଭା ସମୁଦ୍ରକୁ ମନ୍ଥନ କରିବାରୁ ଏହି ସୀତା ବାହାର ହେଲେ କି ? ଯେତେ ଦ୍ରବ୍ୟ ସମୁଦ୍ରରୁ ବାହାରି ଥିଲା ସେ ସବୁକୁ ଏକଠି କରି ବିଚାର କଲେ, ସେହି ବିଚାରରେ ପଣ୍ଡିତମାନେ ଏହାକୁ ଅଧିକ ଓ ଅନ୍ୟମାନଙ୍କୁ ଧିକ୍ ବୋଲି କହିବେ । କାରଣ ସୀତାଙ୍କର ମୁଖଚନ୍ଦ୍ର ସବୁବେଳେ ନିଷ୍କଳଙ୍କ ଓ ପୂର୍ଣ୍ଣ ଅଟେ । ତୁମ୍ଭେମାନେ କହିପାର, ସ୍ୱର୍ଗରେ ଚନ୍ଦ୍ର ଠିକ୍ ଏହିପରି ମନୋହର ଦେଖାଯାନ୍ତି । ବିବସରେ ତାଙ୍କ କଉଣର ଗରଳ ସଙ୍ଗ ଥିବାରୁ ବ୍ରହ୍ମା ତାଙ୍କ ନିଶାକର ନାମ ଦେଇଅଛି ।

ବାସର ନିଶାରେ ସରି । ବାଳା ଆନନ ମାଧୁରୀ ।
ବିମଳ ହାସ କିରଣ । ବିଧାନ ସେ ଅନୁକ୍ଷଣ । ୨୫ ।
ବିଭୂଷା ତ୍ରିନେତ୍ର ଯେହୁ । ବହୁ ନେତ୍ରଭୂଷା ଏହୁ ।
ବିଦ୍ରବାଇ ସେ ଶିଳାଏ । ବହୁ ଶୀଳା ଏ ଦ୍ରବାଏ । ୨୬ ।
ବିଦ୍ୟୁତ ସେ କ୍ଷଣପ୍ରଭା । ବାମାକାନ୍ତି ଚିରଶୋଭା ।
ବାନ୍ଧି ଲତା ସ୍ୱର୍ଗେ ଧିକ । ବାସକୁ ପାରିଜାତକ । ୨୭ ।
ବଡ଼ ସୁନ୍ଦରୀ ରମ୍ଭା ଯେ । ବପୁରେ ଶରଣ ଭଜେ ।
ବାରଣେନ୍ଦ୍ର ମନ୍ଥର ଗତି । ବାସବେ ସେହୁ ବିନତି । ୨୮ ।

---

୨୫ଶ ପଦ—ଆନନମାଧୁରୀ—ମୁଖଶୋଭା । ବାସର ନିଶାରେ ଦିନ ଓ ରାତ୍ରିରେ । ଅନୁକ୍ଷଣ—ସର୍ବଦା ।

୨୬ଶ ପଦ—ତ୍ରିନେତ୍ର—ମହାଦେବ । ଚନ୍ଦ୍ରଶିଳାଏ—ଚନ୍ଦ୍ରକାନ୍ତମଣି । ଶୀଳ—ସ୍ୱଭାବ ।

୨୮ଶ ପଦ—ବପୁ—ଶରୀର ବା ଦେହ । ବାରଣେନ୍ଦ୍ର—ଗଜରାଜ (ଐରାବତ) । ବାସବ—ଇନ୍ଦ୍ର ।

---

୨୫ଶ ପଦ—"ସୀତାଙ୍କର ମୁଖ ଶୋଭା ଦିନ ଓ ରାତ୍ରିରେ ସମାନ ଅଟେ । ତାହାଙ୍କ ନିର୍ମଳ ହାସରୂପ କିରଣ ସବୁବେଳେ ପ୍ରକାଶିତ ହେଉଅଛି ।"

୨୬ଶ ପଦ—"ଚନ୍ଦ୍ର କେବଳ ମହାଦେବଙ୍କର ଶିରୋଭୂଷଣ ଅଟେ । ମାତ୍ର ସୀତାଙ୍କ ମୁଖଚନ୍ଦ୍ର ବହୁତ ଲୋକମାନଙ୍କର ନୟନର ଭୂଷଣ ଅଟେ । ଚନ୍ଦ୍ର ଏକମାତ୍ର ଚନ୍ଦ୍ରକାନ୍ତ ମଣିକୁ ତରଳାଇ ଦିଏ । କିନ୍ତୁ ସୀତାଙ୍କର ମୁଖଚନ୍ଦ୍ର ଅନେକ ସଚ୍ଚରିତ୍ର ଲୋକଙ୍କର ଚିତ୍ତକୁ ତରଳାଇ ଦିଏ ।"

୨୭ଶ ପଦ—"ବିଜୁଳୀ ଅଳ୍ପ ସମୟରେ ଲୀନ ହୋଇ ଯାଏ, କିନ୍ତୁ ଏହି ସୁନ୍ଦରୀ ସୀତାଙ୍କର ଶୋଭା ବହୁକାଳ ସ୍ଥାୟୀ । ପାରିଜାତ ପୁଷ୍ପ ସୀତାଙ୍କର ଅଙ୍ଗଗନ୍ଧଠାରୁ ହାରି ଯାଇ ସ୍ୱର୍ଗରେ ଲୁଚି ବସି ରହିଛି, ଏଣୁ ତାକୁ ଧିକ୍ ।"

୨୮ଶ ପଦ—"ଯେଉଁ ରମ୍ଭା (ଅପ୍ସରା) ବଡ଼ ସୁନ୍ଦରୀ ବୋଲି ବିଖ୍ୟାତ, ସେ ସୀତାଙ୍କ ଦେହରେ ଶରଣ ପଶିଛି ( ଅର୍ଥାତ୍ ସୀତା ରମ୍ଭାଠାରୁ ଅଧିକ ସୁନ୍ଦରୀ ) ଏବଂ ତାଙ୍କର ଗମନ ଐରାବତର ଗମନକୁ ଦଳି ଦେବାରୁ ( ଅର୍ଥାତ୍ ଐରାବତ ଗମନରେ ପରାସ୍ତ ହେବାରୁ ) ସେ ଇନ୍ଦ୍ରଙ୍କୁ ପ୍ରାର୍ଥନା କରୁଅଛି (ସୀତା ଗଜଗାମିନୀ ଅଟନ୍ତି) ।"

ବିଷ୍ଣୁ ମୋହିନୀ ହୋଇବା । ବୁଝି କେତେ ଲକ୍ଷ ଦେବା ।
ବିପୁଳ ପୀୟୂଷକୁମ୍ଭ । ବକ୍ଷୋରୁହେ ସେ ଆରମ୍ଭ । ୨୯ ।
ବଇଶ୍ରବଣ ଆସିଲା । ବସି ବିନୟ ଭାଷିଲା ।
ବିଅର୍ଥ ଅଜ୍ଞ ବଚନ । ବିଜ୍ଞଜନରେ ଯେସନ । ୩୦ ।
ବିନାୟକ ଜନ୍ମଦିନ— । ବିଧୂକୃତ ତା ବଦନ ।
ବୋଧକର ବିନା ଦାନେ । କାହ୍ନଡ଼ମ୍ବର ସମାନେ । ୩୧ ।
ବଦନ ତେଜି ନିନ୍ଦନ । ବହି ଗଲା ଦଶାନନ ।
ବିଯୋଗ ହେଉଁ ତାମସୀ । ବିଗତ ପାଶୁଁ ରାକ୍ଷସୀ । ୩୨ ।

---

୩୦ଶ ପଦ—ବଇଶ୍ରବଣ—ରାବଣ । ବିଅର୍ଥ—ବୃଥା । ଅଜ୍ଞ—ମୂର୍ଖ ବିଜ୍ଞଜନରେ—ପଣ୍ଡିତଲୋକଠାରେ ।

୩୧ଶ ପଦ—ବିନାୟକ ଜନ୍ମଦିନ ବିଧୂକୃତ—ହରିତାଳିକା ଦିନର ଚନ୍ଦ୍ରପରି । ବୋଧକର—ଭାଟ ।

---

୨୯ଶ ପଦ—"ଆପଣମାନେ ଏହି କଥାରୁ ସବୁ ବୁଝି ନିଅନ୍ତୁ ଅଧିକ ଉପମା ଦେଇ କହିବା ନିଷ୍ପ୍ରୟୋଜନ । ବିଷ୍ଣୁ ମୋହିନୀରୂପ ଧାରଣ କରିଥିବା ସମୟରେ ଅତି ଉନ୍ନତ ଅମୃତ ମାଠିଆକୁ ସ୍ତନତଳ ନିକଟରେ ରଖିଥିଲାପରି ସେହି ସୀତା 'ମୁଁ ବିଷ୍ଣୁଙ୍କୁ ମୋହିତ କରିବି' ଏହି ଇଚ୍ଛାରେ ଅମୃତକୁମ୍ଭ ତୁଲ୍ୟ ଅତି ଉନ୍ନତ ଦୁଇଗୋଟି ସ୍ତନ ପ୍ରକାଶିତ କରି ଅଛନ୍ତି । ଅଥବା ସେ ବିଷ୍ଣୁ ମୋହିନୀ ହେବା ଆଶାରେ ସ୍ତନଦ୍ୱୟରେ ବିପୁଳ ଅମୃତ କୁମ୍ଭର ଶୋଭାକୁ ଧାରଣ କରିଅଛନ୍ତି ।"

୩୦ଶ ପଦ—"ଏହି ସମୟରେ ରାବଣ ସେଠାକୁ ଆସି ସୀତାଙ୍କ ନିକଟରେ ବସି ବିନୟ ବାକ୍ୟମାନ କହିଲା । ମାତ୍ର ମୂର୍ଖମାନଙ୍କର କଥା ପଣ୍ଡିତମାନଙ୍କ ଦ୍ୱାରା ଯେପରି ଅନାଦୃତ ହୋଇଥାଏ, ତାହା ସେହିପରି ହୋଇଥିଲା ( ସୀତା ତାହାର ବିନୟ ବାକ୍ୟ ପ୍ରତି ଅନାଦର ପ୍ରକାଶ କରିଥିଲେ ) ।"

୩୧ଶ ଓ ୩୨ଶ ପଦ—ସୀତା ସେହି ସମୟରେ ରାବଣର ମୁଖକୁ ଗଣେଶଚତୁର୍ଥୀ ଦିନ ଚନ୍ଦ୍ରପରି କରିଥିଲେ ( ଅର୍ଥାତ୍ ତାର ମୁଖକୁ ଚାହିଁ ନ ଥିଲେ ) । ଭାଟମାନଙ୍କୁ କିଛି ନ ଦେଲେ ଯେପରି ସେମାନେ ସ୍ତୁତି ତ୍ୟାଗ ପୂର୍ବକ ନିନ୍ଦା କରି ଫେରିଯାନ୍ତି ସେହିପରି ରାବଣ ସ୍ତୁତି ପରିତ୍ୟାଗ ପୂର୍ବକ ନିନ୍ଦା କରି ତାଙ୍କ ନିକଟରୁ ଫେରିଗଲା । ତତ୍ପରେ ରାତ୍ରି ପାହି ଯିବାରୁ ରାକ୍ଷସୀମାନେ ତାଙ୍କ ନିକଟରୁ ବାହାରିଗଲେ ।"

ବାର୍ତ୍ତା କହି ଦେଲି ମୁଦ୍ର । ବାଳକାମଣି ପ୍ରମୋଦ୍ର ।
ବନସ୍ଥ ପୁଣି ତ ଭଣି । କହିଲ ପ୍ରିୟମୁଖୁ ମଣି । ୩୩ ।
ବୈଦେହୀ କେଉଁ ଆସିଲି । ବର୍ଣ୍ଣସାର ଭଗ୍ନ କଲି ।
ବାଦାରମ୍ଭେ ନିଶାଚର । ବଧ ମୁଁ କଲି ଅପାର । ୩୪ ।
ବୈଶ୍ରବଣ ଏକ ସୁତ । ବିଦାରଣେ ସେ କୋପିତ ।
ବାସବାରି ବରଗିଲା । ବଳେଣସ୍ତ୍ରେ ବାନ୍ଧିଦେଲା । ୩୫ ।
ବହୁଧ ଦଣ୍ଡ ବହିତ । ବାଣୀ ପରୁଷ ଭଣିତ ।
ବଡ଼ାଇ ମୁଁ ନ ଛାଡ଼ିଲି । ବାହୁ ମୋଡ଼ିବ ବୋଇଲି । ୩୬ ।
ବାସ ଲାଙ୍ଗୁଡ଼େ ବେଢ଼ାଇ । ବହ୍ନିରେ ଦେଲା ପୋଡ଼ାଇ ।
ବିଧ୍ୱଂସି ତହିଁ ନଗର । ବୋଧ ଘେନ ଦେବକର । ୩୭ ।

---

୩୩ଶ ପଦ— ବାଳକାମଣି—ସୀତା । ପ୍ରମୋଦ—ଆନନ୍ଦିତ ହୋଇ । ମଣି—ମଥାମଣି ।

୩୪ଶ ପଦ— ବର୍ଣ୍ଣସାର—ଶ୍ରେଷ୍ଠବନ ( ମଧୁବନ ) । ବାଦାରମ୍ଭେ—ଯୁଦ୍ଧରେ । ନିଶାଚର— ରାକ୍ଷସ । ଅପାର—ଅପରିମିତ ବା ବହୁତ ।

୩୫ଶ ପଦ—ବାସବାରି— ଇନ୍ଦ୍ରଜିତ । ବଳେଣସ୍ତ୍ରେ— ନାଗପାଶରେ ।

୩୬ଶ ପଦ— ପରୁଷବାଣୀ—କଟୁକଥା ।

୩୭ଶ ପଦ— ବହ୍ନିରେ—ନିଆଁରେ । ବିଧ୍ୱଂସି ପୋଡ଼ି ।

---

୩୩ଶ ଓ ୩୪ଶ ପଦ—"ଏହି ସମୟରେ ମୁଁ ସମସ୍ତ କଥା କହି ମୁଦଟି ଦେଲି ତାକୁ ପାଇ ସେହି ଯୁବତୀ (ସୀତା) ଅତ୍ୟନ୍ତ ଆନନ୍ଦିତ ହେଲେ, ପୁଣି ବନୀତା ହୋଇ କେତେ କଥା କହିଲେ । ସେହି ବୈଦେହୀ ପ୍ରିୟ ରାମଙ୍କ ନିକଟକୁ ନେବା ପାଇଁ ମଣିଟି ମୋତେ ଦଅନ୍ତେ, ମୁଁ ଆସି ମଧୁବନକୁ ଭାଙ୍ଗିଲି । ରାକ୍ଷସମାନେ ଆସି ଯୁଦ୍ଧ ଆରମ୍ଭ କରିବାରୁ ମୁଁ ଅନେକ ଅସୁର ମାରିଲି ।"

୩୫ଶ ପଦ—ମୁଁ ରାବଣର ଗୋଟିଏ ପୁଅକୁ ବିଦାରି ମାରି ପକାଇବାରୁ ସେ କ୍ରୁଦ୍ଧ ହୋଇ ଇନ୍ଦ୍ରଜିତକୁ ପଠାଇଲା । ସେ ଆସି ମୋତେ ନାଗଫାଶରେ ବାନ୍ଧି ନେଲା ।"

୩୬ଶ ପଦ—"ତତ୍ପରେ ମୋତେ ନାନାପ୍ରକାର ଦଣ୍ଡ ଦେଇ ଭର୍ତ୍ସନା ଦେବାକୁ ଲାଗିଲେ । ତଥାପି ମୁଁ ମୋର ବଡ଼ାଇ ନ ଛାଡ଼ି, ତୋର ବାହୁମାନଙ୍କୁ ମୋଡ଼ି ଛିଣ୍ଡାଇ ଦେବି ବୋଲି ରାବଣକୁ କହିଲି ।"

୩୭ଶ ପଦ—"ସର୍ବଶେଷରେ ରାବଣ ମୋର ଲାଙ୍ଗୁଳରେ ଲୁଗା ଗୁଡ଼ାଇ ନିଆଁ ଲଗାଇ ପୋଡ଼ିଦେଲା । ମୁଁ ସେ ନିଆଁରେ ତାର ନଗରକୁ ପୋଡ଼ିଦେଲି ।

ବସ୍ତୁର ପାଇଇଁ ଯେତେ । ବଳବଶେ କଲ ତୋତେ ।
ବୋଲନ୍ତି ବୋଲେ ବାଳିସୁତ । ବଧାଇ ମାଗ ଭ୍ରିତ । ୩୮ ।
ବତାମ୍ବଜ ଚନ୍ଦ୍ରି ଖଷି । ବହୁଦିନୁ ଉପବାସୀ ।
ବାଟିକା କର୍ଷି ଜ୍ୟା ଅଛୁ । ବିବିଧ ଫଳେ ଶୋଭୁଛୁ । ୩୯ ।
ବୋଧ କରିବା ଉଦର । ବଢ଼ିବା ରାମଗ୍ରାମୁର ।
ବସ୍ତୁର ସର୍ବେ ଯୋଗାଇ । ବାୟୁରୁ ଅଭ୍ରରେ ଯାଇ । ୪୦ ।
ବଧିରେ ବୋଲନ୍ତି ହରି । ବଳେ ମଧୁ ନାଶ କରି ।
ବୃକ୍ଷମାନ ମନୋରମ । ବନ୍ଧ କଳ୍ପଦ୍ରୁମ ସମ । ୪୧ ।
ବାଞ୍ଛିତ ଫଳ ପ୍ରଦାନ । ବିରଚନେ ସୁରଞ୍ଜନ ।
ବାରିଧିଜା ପତି କେତେ । ବିରଚେ ଅପୂର୍ବ ଚ୍ୟୁତେ । ୪୨ ।

---

ତତ୍ପରେ ଦେବତାମାନେ ମୋତେ ବୁଝାଇବାରୁ ଆଉ ଅଧିକ ଯୋଡ଼ାଯୋଡ଼ି ନ କରି ଚାଲି ଆସିଲେ ।”

୩୮ଶ ପଦ—“ତୁମ୍ଭେମାନେ ଯାହା ବସ୍ତୁରେ ବସ୍ତୁର ମାତ୍ର ମୁଁ ମୋର ବଳକୁ ଦେଖି ସେତେ କରିବାର କଥା ଚେତେ କଲି ।” ହନୁମାନ ଏହା କହିବାରୁ ଅଙ୍ଗଦ କହିଲା, ତୁମ୍ଭେ ମୋଠାରୁ କି ପୁରସ୍କାର ପାଇବାକୁ ଇଚ୍ଛା କର ତାହା ଶୀଘ୍ର ମାଗ ।”

୩୯ଶ ପଦ—ଏହା ଶୁଣି ହନୁମାନ କହିଲା, ଆମ୍ଭେମାନେ ବହୁତ ଦିନରୁ ଉପବାସରେ ରହିଥାଇଁ, କର୍ଷିଜ୍ୟାରେ ନାନାବିଧ ଫଳପୂର୍ଣ୍ଣ ମଧୁବନନାମକ ବଗିଚା ଅଛି, ସେହି ବଗିଚାକୁ ପାଇ ଫଳମାନଙ୍କ ଦ୍ୱାରା ପେଟ ପୂର୍ଣ୍ଣ କରି ସାରିବା ପରେ ରାମଚନ୍ଦ୍ରଙ୍କ ନିକଟକୁ ଯାଇ ସମସ୍ତ ବାର୍ତ୍ତା ଜଣାଇବା ।” ଏହିକଥା ସମସ୍ତଙ୍କ ବସ୍ତୁରକୁ ଆସିବାରୁ ଅଧିକ ବେଗରେ ଯାଇ ସମସ୍ତ ସେ ସ୍ଥାନରେ ଉପସ୍ଥିତ ହେଲେ ।

୪୧ଶ ପଦ—‘ବଧିରେ’ ଶବ୍ଦଶାସ୍ତ୍ରର ନିୟମାନୁସାରେ ବାନରମାନଙ୍କୁ ଓ ଭଗବାନଙ୍କୁ ହରି ବୋଲାଯାଏ, ସୁତରାଂ ଭଗବାନ ଯେପରି ମଧୁଦୈତ୍ୟଙ୍କୁ ବଳ-ପୂର୍ବକ ବିନାଶ କରିଥିଲେ, ଏମାନେ ମଧ୍ୟ ସେହିପରି ମଧୁବନକୁ ନାଶକଲେ । ସେହି ମଧୁବନରେ ଥିବା ବୃକ୍ଷମାନେ କଳ୍ପବୃକ୍ଷପରି ମନୋହର ଦେଖା ଯାଉଥିଲେ ।

୪୨ଶ ପଦ—କଳ୍ପବୃକ୍ଷ ଯେପରି ଇପ୍ସିତ ଫଳ ପ୍ରାର୍ଥନାକାରୀ ଲୋକମାନଙ୍କୁ ଦେବା ନିମିତ୍ତ ଆଦରଯୁକ୍ତ ହୋଇଥାଏ (ଅର୍ଥାତ୍ ଯେ ଯାହା ମାଗେ ତାଙ୍କୁ ତାହା ଆଦର ପୂର୍ବକ ), ସେହିପରି ଏହି ବନର ବୃକ୍ଷମାନେ

ବଣି ରମ୍ଭାରେ ତରଳ । ଭାବ୍ୟ ନଳକୁବର କି ?
ବାହାସ୍ଫୋଟମାନ କରେ । କହାଣ ମଲ୍ଲପ୍ରକାରେ । ୫୩ ।
ବିହରିଲେ ପୁଷ୍ପକରେ । ବଇଶ୍ରବଣ ସମରେ ।
ବନ୍ଧୁଣ ରାଜନ ଯୋଖ । ବଶ ଦଣ୍ଡେ ଦଧିମୁଖ । ୫୪ ।
ବନରଇନ୍ଦ୍ରେ ଗୁହାରି । ଚନ୍ଦ୍ର ଓଜଗ ସେ କରି ।
ବନ କଲେ ଶୀର୍ଣ୍ଣ ଶୋଭା । ବହି ଗ୍ରୀଷ୍ମସୂର୍ଯ୍ୟ ପ୍ରଭା । ୫୫ ।
ବାହୁଡ଼ି ଦକ୍ଷିଣ ଦୂତେ । ବ୍ୟବହାର ଅଦଭୁତେ ।
ବିନାଶି ଗାବେ କରୁଣା । ବହୁତ ପ୍ରକାରେ ଭଣା । ୫୬ ।

---

୫୩ଶ ପଦ – ରମ୍ଭା—କଦଳୀ, ସ୍ୱର୍ବେଶ୍ୟା । ନଳକୁବର—କୁବେରଙ୍କ ପୁତ୍ର ।

---

ବାନରମାନଙ୍କୁ ମନୋମତ ଫଳ ଦେବାପାଇଁ ନିଜ ନିଜର ଶୋଭାକୁ ବିସ୍ତାର କରିଥିଲେ । ଅପୂର୍ବ ଚ୍ୟୁତେ ଅର୍ଥାତ୍ 'ଅଚ୍ୟୁତେ' ବିଷ୍ଣୁଙ୍କ କୋଳରେ ଲକ୍ଷ୍ମୀ ବିରାଜିତ ହୋଇଥିଲାପରି ଅମ୍ବ ବୃକ୍ଷମାନଙ୍କରେ ମନୋହର ଆମ୍ବସବୁ ବିରାଜୁଥିଲେ । ( ଅର୍ଥାତ୍ ବାନରମାନେ ପ୍ରଥମେ ଅମ୍ବ ଖାଇଲେ ) ।

୫୩ଶ ପଦ—ସେମାନେ କଦଳୀ ଖାଇବାର ଦେଖି ମନେ ହେଲା, ଏମାନେ କୁବେର ପୁତ୍ର ନଳକୁବରକି ? (ନଳକୁବର ରମ୍ଭାବେଶ୍ୟା ସକ୍ତ ଅଟନ୍ତି) । କଦଳୀ ଖାଇସାରି ସେମାନେ ବାହାସ୍ଫୋଟ ମାରି ମାଲ୍ଲମାନଙ୍କପରି ଯୁଦ୍ଧ କ୍ରୀଡ଼ା ଆରମ୍ଭ କଲେ ।

୫୪ଶ ପଦ କୁବେର ଯେପରି ପୁଷ୍ପକବିମାନରେ ବସି କ୍ରୀଡ଼ା କରନ୍ତି, ଯୁଦ୍ଧ କ୍ରୀଡ଼ା ପରେ ସେମାନେ ସେହିପରି ଫୁଲପେଣ୍ଡା ସବୁ ହାତରେ ଧରି କ୍ରୀଡ଼ା କରିବାକୁ ଲାଗିଲେ । ତତ୍ପରେ ରାଜାମାନେ ଦଣ୍ଡଧାରଣ କରି ସେହି ଦଣ୍ଡଯୋଗେ ପ୍ରଜାମାନଙ୍କୁ ବଶ କଲାପରି ସେମାନେ 'ଦଣ୍ଡେ' ସେହି ବନରେ ପଡ଼ିଥିବା କାଠଖଣ୍ଡ ମାନଙ୍କଦ୍ୱାରା ପ୍ରହାର କରି ଦଧିମୁଖ ନାମକ ବାନର ରକ୍ଷକଙ୍କୁ ବଶକଲେ ।

୫୫ ଓ ୫୬ଶ ପଦ - ଦଧିମୁଖ ସେଠାରୁ ଯାଇ ସୁଗ୍ରୀବଙ୍କୁ ପ୍ରଣାମ ପୂର୍ବକ ଜଣାଇଲା, "ପ୍ରଭୋ ! ଦକ୍ଷିଣଦେଶରୁ ବାହୁଡ଼ିଥିବା ସୈନ୍ୟମାନେ ଗ୍ରୀଷ୍ମକାଳୀନ ସୂର୍ଯ୍ୟକରଣପରି ଉଗ୍ର ପ୍ରଭାବ ଧାରଣକରି ବନର ଶୋଭା ନଷ୍ଟକଲେ । ତାଙ୍କର ଗାବ ପ୍ରତି ଲେଶମାତ୍ର ଦୟାନାହିଁ ଏହା ଅତି ଆଶ୍ଚର୍ଯ୍ୟ ଅଟେ ।"

ବିବସ୍ୱାନ ସୁତ ଶୁଣି । ବଢ଼େ ହରଷ ସେକ୍ଷଣି ।
ବିବେକ ତା ହୃଦସ୍ଥରେ । ବିପିନ ଭଗ୍ନ ପ୍ରସ୍ତରେ । ୪୭ ।
ବ୍ୟବହାରୁ ମନେ ହେଜ । ବୈଦେହୀ ପାଇଲେ ଖୋଜ ।
ବେଶ ହେଲା ଏହା କାଳ । ବପୁରେ ଚନ୍ଦନ ବୋଳ । ୪୮ ।
ବନ୍ଧାଇ ଫୁଲେ ଉଷ୍ଣୀଷ । ବିଭାଜ କଲା ସେ ଶୀର୍ଷ ।
ବିଶଦ ପଟ୍ଟ ଅମ୍ବର । ବେଢ଼ାଣ ପିନ୍ଧା ଧଭୁର । ୪୯ ।
ବଦନ କର୍ପୂରେ ପୂରି । ବନୌକାପତି ବାହାରି ।
ବିମଳ ଶ୍ୱେତ ଚାମର । ବିନୋଦେ ସେ ପରିକର । ୫୦ ।
ବିଧୁସମ ଛତ୍ର ଶୋଭି । ବିବିଧ ବାଦ୍ୟ ବାଜଇ ।
ବେଢ଼ି ଦଧିମୁଖ ସୈନ୍ୟ । କାକୁତ୍ସ୍ଥ ପାଶେ ଗମନ । ୫୧ ।

---

୪୭ଶ ପଦ—ବିବସ୍ୱାନ ସୁତ– ସୂର୍ଯ୍ୟପୁତ୍ର ( ସୁଗ୍ରୀବ )। ବିପିନ—ବନ ( ମଧୁବନ )।

୪୮ଶ ପଦ – ବପୁରେ—ଦେହରେ ।

୪୯ଶର ପଦ – ଉଷ୍ଣୀଷ – ପଗଡ଼ି । ବିଭ୍ରାଜ—ଅତି ସୁନ୍ଦର ବା ଚକଚକିଆ । ଶୀର୍ଷ—ମସ୍ତକ । ବିଶଦ—ଶୁକ୍ଳ । ପଟ୍ଟ ଅମ୍ବର— ପଟ୍ଟବସ୍ତ୍ର ।

୫୦ଶର ପଦ—ବନୌକାପତି – ସୁଗ୍ରୀବ । ପରିକର—ସେବକ ।

୫୧ଶର ପଦ—ବିଧୁ—ଚନ୍ଦ୍ର । କାକୁତ୍ସ୍ଥ—ଦୂତ ( ଦକ୍ଷିଣଦ୍ୱାରର ) ।

---

୪୭ଶଠାରୁ ୫୧ ଶର ପଦ—ଏହି କଥା ଶୁଣିବା ସଙ୍ଗେ ସଙ୍ଗେ ସୁଗ୍ରୀବ ଆନନ୍ଦିତ ହେଲା । କାରଣ ତାର 'ବିବେକ' ସଦସତ୍ ବିବେଚନ କାରିଣୀ ବୁଦ୍ଧି ମଧୁବନ ଭାଙ୍ଗିବା କଥା ହୃଦୟରେ ପ୍ରସ୍ତର କରିବାରୁ ( ଅର୍ଥାତ୍ ଯେଉଁ ବନରେ ପ୍ରବେଶ କରିବାକୁ ମନା, ତାକୁ ଏମାନେ ଜାଣି ଶୁଣି ଭାଙ୍ଗିଲେ କାହିଁକି ? ଏହି କଥା ବାରମ୍ବାର ମନରେ ବିସ୍ତାର) ସ୍ଥିର କଲା ଯେ, ଏମାନେ ସୀତାଙ୍କୁ ଖୋଜ ପାଇଲେ । ଏଣୁ ଆନନ୍ଦ ସମୟରେ ରାଜଭଣ୍ଡାର ତୁଲ୍ୟ ମଧୁବନକୁ ଲୁଟି କଲେ) । ଏଣୁ ଆନନ୍ଦିତ ହୋଇ ଦେହରେ ଚନ୍ଦନ ବୋଳି ମୁଣ୍ଡରେ ମନୋହର ଫୁଲମାନଙ୍କ ଦ୍ୱାରା ନିର୍ମିତ ପଗଡ଼ି ବନ୍ଧାଇ, ଅତି ଶୁକ୍ଳ ପାଟ ପିନ୍ଧି ଓ ଚଦର ଶୀଘ୍ର ପିନ୍ଧି, ମୁହଁରେ କର୍ପୂରକୁ ପୂରାଇ ( ଅର୍ଥାତ୍ କର୍ପୂରକୁ କାଟରେ ଯାକି ) ବାନର ରାଜ ସୁଗ୍ରୀବ ବାହାରି ହେଲା । ଏହି ସମୟରେ ତାର ଆନନ୍ଦ ବର୍ଦ୍ଧନକାରୀ କିଙ୍କରମାନେ ଅତି ଶୁକ୍ଳ ଚାମର ଓ ଚନ୍ଦ୍ର ତୁଲ୍ୟ ଶୁଭ୍ର ଛତ୍ରକୁ ତାର ନିକଟରେ ଧାରଣ କରିବା ଦ୍ୱାରା

ବାନ୍ଧ ଦଧିମୁଖେ ଶାଢ଼ୀ । ବିମନକୁ ଦେଇ ଗୁଣ୍ଡି ।
ବୀରବର ଉପେନ୍ଦ୍ର, । ବିରଚେ ଏ ବାର୍ନ ପଦ । ୫୨ ।

---

## ଅଷ୍ଟତ୍ରିଂଶ ଛାନ୍ଦ

### ରାଗ—କଳହଂସ କେଦାର

ବଦନ ପୂର୍ଣଅଛି ହା ସହରସେ ।
ବିକର୍ତ୍ତନଜ ଯାଇ ଶ୍ରୀରାମ ପାଶେ ଯେ ।
ବିକର୍ତ୍ତନ ସନ୍ତାପ ହେଲା ପ୍ରଭୁର ।
ବାହୁଡ଼େ କାର୍ଯ୍ୟ କରି ଦକ୍ଷିଣଚର ଯେ । ୧ ।

---

୫୨ ଶବ୍ଦ ପଦ—ବିମନ—ଦୁଃଖ ବା ମନୋବେଦନା ।

---

## ଅଷ୍ଟତ୍ରିଂଶ ଛାନ୍ଦ

୧ମ ପଦ—ବିକର୍ତ୍ତନଜ—ସୁଗ୍ରୀବ । ବିକର୍ତ୍ତନ—ଛିନ୍ନ ।

---

ସୌନ୍ଦର୍ଯ୍ୟକୁ ବଢ଼ାଇ ନାନାପ୍ରକାର ବାଜା ବଜାଇଲେ । ସୁଗ୍ରୀବ ଦଧିମୁଖ ପ୍ରଭୃତି ସୈନ୍ୟମାନଙ୍କ ଦ୍ୱାରା ବେଷ୍ଟିତ ହୋଇ ରାଜସମାରୋହରେ ସେହି ଦକ୍ଷିଣ ଦିଗର ଚରମାନଙ୍କ ନିକଟକୁ ଗମନ କଲା ।

୫୨ଶବ୍ଦ ପଦ—ସେହିଠାରେ ଦଧିମୁଖ ମୁଣ୍ଡରେ ଶାଢ଼ୀ ବାନ୍ଧି ଦେବାରୁ ସେ ମନଦୁଃଖ ଗୁଣ୍ଡି ଆନନ୍ଦିତ ହେଲା । ବୀରବର ଉପେନ୍ଦ୍ର ଭଞ୍ଜ ଏ ଛାନ୍ଦକୁ ବାଉନ ପଦରେ ରଚନା କଲେ ।

---

## ଅଷ୍ଟତ୍ରିଂଶ ଛାନ୍ଦ

୧ମ ପଦ—ଏହା ପରେ ସୁଗ୍ରୀବ ଯାହାଙ୍କର ମୁଖ 'ହା' ଏହି ବର୍ଣ୍ଣସୂଚକ ଶବ୍ଦରେ ପୂର୍ଣ୍ଣ ହୋଇ ଅଛି, ସେହି ଶ୍ରୀରାମଙ୍କ ନିକଟକୁ ଯାଇ ଆନନ୍ଦର ସହିତ କହିଲା, "ପ୍ରଭୁଙ୍କର ଦୁଃଖ ଦୂର ହେଲା, କାରଣ ଦକ୍ଷିଣ ଦିଗର ଦୂତମାନେ କାର୍ଯ୍ୟ କରି ଫେରିଲେ ।"

ବୋଲୁଁ ବୋଇଲେ ରାମ ହେ ମିତ୍ର ବସ ।
କହ ମଙ୍ଗଳଯୁକ୍ତ ଭାଷ ତ ଭାଷ ଯେ ।
ବଧିର ବ୍ୟାଧି ସତେ ଶ୍ରୁତିରୁ ଯିବ ।
ବୈଦ୍ୟଦୂତ ଉଦନ୍ତ ଔଷଧ ଦେବ ଯେ । ୨ ।
ବିଳମ୍ବକୁ କି ମହାପିପାସୀ ସହୁ ।
ବାରିପୂର୍ଣ୍ଣ କାସାର ଦେଖାଅ କାହିଁ ଯେ ।
ବୃହସ୍ପତି ତନୟେ ବରଷେ ଘନ ।
ବିସ୍ମରେ ତଥା ଧ୍ୱସ୍ତ କଲେ ମୋ ବନ ଯେ । ୩ ।
ବୋଲୁଁ ସୁଗ୍ରୀବ ସତ କରୁ ରାଘବ ।
ଆର ଅଷ୍ଟ ଅଗ୍ରେ ପ୍ରବେଶ ହେବ ଯେ ।

---

୨ୟ ପଦ—ଉଦନ୍ତ—ସମ୍ବାଦ ବା ଖବର ଶ୍ରୁତି—କର୍ଣ୍ଣ ।
୩ୟ ପଦ—କାସାର—ପୁଷ୍କରିଣୀ ।

---

୨ୟ ପଦ—ସୁଗ୍ରୀବ ଏହିପରି କହିବାରୁ ରାମଚନ୍ଦ୍ର କହିଲେ, "ହେ ମିତ୍ର ! ବସ, ଅତି ମଙ୍ଗଳଯୁକ୍ତ କଥା ତ କହୁଛ । ଦକ୍ଷିଣ ଦିଗର ଦୂତରୂପୀ ବୈଦ୍ୟ ସୀତାଙ୍କ ସମ୍ବାଦ ରୂପ ଔଷଧ ମୋତେ ଦେବେ ? ଯାହାଦ୍ୱାରା କି ମୋର କାନରୁ କାଲ ଦୋଷ ଯିବ । ଏହା କଣ ସତ୍ୟ ?"

୩ୟ ପଦ—"ହେ ମିତ୍ର ! ଅତି ତୃଷାର୍ତ୍ତ ଲୋକ ବିଳମ୍ବ ସହିପାରେ କି ? ସହି ପାରେ ନାହିଁ । (ସେହିପରି ମୁଁ ସୀତାବାର୍ତ୍ତା ଶ୍ରବଣରୂପ ଜଳପାନ କରିବାରେ ଯେଉଁ ବିଳମ୍ବ ଘଟୁଛି ତାହା ସହିବାକୁ ଅକ୍ଷମ) ଏଣୁ ତୃଷାର୍ତ୍ତଙ୍କୁ କୌଣସି ସ୍ଥାନରେ ଥିବା ଜଳ ପୂର୍ଣ୍ଣ ପୁଷ୍କରିଣୀ ଦେଖାଇଲା ପରି ସୀତାଙ୍କଠାରୁ ଯେଉଁ ଲୋକ ସମ୍ବାଦ ଆଣିଅଛି, ସେ କେଉଁଠାରେ ଅଛି, ତାକୁ ଡାକ ଶୀଘ୍ର ମତେ ଦେଖାଅ ।" ଏହା ଶୁଣି ସୁଗ୍ରୀବ କହିଲେ, "ଯେପରି ଲୋକମାନେ ବୃହସ୍ପତି ତନୟ ହେଲେ ମେଘ ବର୍ଷିବ ବୋଲି ବିସ୍ମରନ୍ତି, ସେହିପରି ଦକ୍ଷିଣ ଦିଗ ଦୂତମାନେ ମୋର ବନକୁ ବିନାଶ କରିବାରୁ ମୁଁ ବିସ୍ମରୁଛି, ସେମାନେ ଏଠାକୁ ଆସି ସୀତାଙ୍କ ସମ୍ବାଦରୂପ ଜଳ ଆପଣଙ୍କୁ ଦେଇ ସନ୍ତୋଷ କରିବେ ।"

୪ର୍ଥ ପଦ—ସୁଗ୍ରୀବ ଏହି କଥା କହିବାରୁ ରାମଚନ୍ଦ୍ର ସତ୍ୟ ମନେ କଲେ । ଏହି ସମୟରେ ଜାମ୍ବବ ପ୍ରଭୃତି ଆଠଜଣ ଯାକ ବୀର ହଠାତ୍ ରାମଚନ୍ଦ୍ରଙ୍କ ନିକଟରେ ଉପସ୍ଥିତ ହୋଇ ନମସ୍କାର କଲେ କିନ୍ତୁ ରାମଚନ୍ଦ୍ର ତାଙ୍କର ଏହି

ତନୟରେ ତାଙ୍କର ଲକ୍ଷ୍ୟ ନ ରହି ।
ବକ୍ତ୍ର ହରଷେ ମାତ୍ର ନୟନ ରଖି ଯେ । ୪ ।
ବାଳନନ୍ଦନ ରାମ-ହୃଦୟ ମଣି ।
ବୋଲେ ଖୋଜନ୍ତି ତବ ହୃଦୟମଣି ଯେ ।
ସମ୍ବର୍ଦ୍ଧନ କେଶରୀପାଳନେ ଯେହ୍ନ ।
ସ୍ୱଭେଦତ ସିନ୍ଧୁର ହୋଇଲ ସେହ୍ନ ଯେ । ୫ ।
ବ୍ୟକ୍ତ କରି ଅଞ୍ଜନା-ରଞ୍ଜିତ ସିଦ୍ଧି ।
ଖପଥ ଦୃଶ୍ୟତମ ଜନନୀ ବଧି ଯେ ।
ଖଚରିତ ଲଙ୍କାରେ ସ୍ୱଭାବବଶେ ।
ବନ୍ଧନ ପାଏ ରକ୍ଷ-ତଜରବାସେ ଯେ । ୬ ।

୫ମ ପଦ—ସିନ୍ଧୁର—ହସ୍ତୀ, ସମୁଦ୍ରର । ସ୍ୱଭେଦତ—ବିଦାରଣ ।

୬ଷ୍ଠ ପଦ—ଅଞ୍ଜନ ଆରଞ୍ଜିତ—ଅଞ୍ଜନ ( ନେତ୍ରୌଷଧ ) ଲଗାଇଲେ । ତମଜନନୀ—ଅନ୍ଧାରଜଣା, ସିଂହମାତା । ଖ-ପଥ—ଅପଥ, ଆକାଶ ମାର୍ଗ । ଅଞ୍ଜନାରଞ୍ଜିତ—ଅଞ୍ଜନା ପାଳିତା । ଲଙ୍କା—ଗଢ଼ଡାଳ, ଲଙ୍କାପୁର, ଭ୍ରଷ୍ଟପୀ ସ୍ତ୍ରୀ । ତଜରବାସ—ବନ୍ଦୀଘର ।

ତନୟ ସୁତର ବ୍ୟବହାର ପ୍ରତି ଦୃଷ୍ଟି ନ ଦେଇ କେବଳ ତାଙ୍କର ହର୍ଷୋତ୍ଫୁଲ୍ଲ ମୁଖକୁ ଦେଖିବାକୁ ଲାଗିଲେ ।

୫ମ ପଦ—ଅଙ୍ଗଦ ରାମଙ୍କ ହୃଦୟର ଭାବ ଜାଣିପାରି କହିଲା, "ସିଂହଦ୍ୱାରା ପାଳିତ ହୋଇ ବଢିଥିବା ସିଂହ ଶିଶୁ ଯେପରି ହସ୍ତୀକୁ ବିଦାରଣ କରି ଗଜମୁକ୍ତା ବାହାର କରି ଥାଏ, ସେହିପରି କେଶରୀ ନାମକ ବାନର ଦ୍ୱାରା ପାଳିତ ଓ ବର୍ଦ୍ଧିତ ହନୁମାନ ସମୁଦ୍ରକୁ ଡେଇଁ ଆପଣଙ୍କର ହୃଦୟମଣି ସୀତାଙ୍କୁ ଖୋଜି ବାହାର କରିଅଛି ।"

୬ଷ୍ଠ ପଦ—"ଚକ୍ଷୁରେ ପରଣାମାତ୍ର ସିଦ୍ଧ ଅଥବା ସିଦ୍ଧମନ୍ତ୍ରରେ ଅଭିମନ୍ତ୍ରିତ ଅଞ୍ଜନ ଲଗାଇଲେ, ସେହି ଅଞ୍ଜନ ଯେପରି ଅନ୍ଧକାରୋତ୍ପନ୍ନ ଅଦୃଶ୍ୟତା ଦୋଷକୁ (ଅନ୍ଧାରଜଣା ରୋଗକୁ) ନାଶ କରେ, ସେହିପରି ଅଞ୍ଜନା ନନ୍ଦନ 'ସିଦ୍ଧି' ସୁନାମ ଧନ୍ୟ ହନୁମାନ ଆକାଶ ମାର୍ଗରେ ଲଙ୍କାକୁ ଯିବା ସମୟରେ ସିଂହର ମାତାକୁ ଦେଖି ବଧ କଲା । ଯେଉଁ ବ୍ୟକ୍ତି ନିଜର ସ୍ୱଭାବବଶରୁ ବ୍ୟଭିଚାରିଣୀ ସ୍ତ୍ରୀ ସହିତ କ୍ରୀଡ଼ା କରେ, ସେ ଯେପରି ଗୋଡ଼କଡ଼ି ପିନ୍ଧି ବନ୍ଦୀଘରେ ରହେ, ସେହିପରି ହନୁମାନ ନିଜର ସ୍ୱଭାବବଶରୁ ଲଙ୍କାରେ ମଧୁବନରୁ ତାଳ ଲାଗି ରକ୍ଷସମାନଙ୍କର ବନ୍ଦୀଘରେ ଗୋଡ଼କଡ଼ି ପିନ୍ଧି ରହିଲା ।"

ବୋଲେ ମୁଁ ଦାଶରଥି ସେବୀ (ଶୀ) ତା ସୁଣି ।
ବାର୍ତ୍ତା କହ ପଡ଼ିବା ଯୋଗ ବାରୁଣୀ ଯେ ।
ବୋଲଇ ତୁ ପାବନ ପାବନ କର ।
ବଧିରେ ତୋ ମଜ୍ଜନେ ମୁଁ ତତପର ଯେ । ୭ ।
ବେଗରେ ହନୁମାନ କଥନ ରୁଚ୍ଛ ।
ବରତରୁଣୀ ବାସେ ଚନ୍ଦନତରୁ ଯେ ।
ବେଷ୍ଟିତ ନିଶାଚରୀ ନାଗାବଳୀରେ ।
ବିଲୋକିଲି ଅତ୍ୟନ୍ତ ରମ୍ୟ ବନରେ ଯେ । ୮ ।
ବିଶ୍ୱଜନଚିତ୍ତହରଣୀ ତହିଁ ।
ବିଭ୍ରମ ହେଲା ନିଶ୍ଚେ ହରଣୀ ଏହି ଯେ ।

---

୮ମ ପଦ – ରୁଚ୍ଛ—ମନୋହର । ନାଗାବଳୀ— ସର୍ପସମୂହ । ନିଶାଚରୀ —ରାକ୍ଷସୀ ।

୯ମ ପଦ— ବିଶ୍ୱ ଜନ ଚିତ୍ତ ହରଣୀ—ଜଗଜ୍ଜନ ମନ ମୋହିନୀ । ହରିଣୀ —ସୁବର୍ଣ୍ଣ ପ୍ରତିମା । ସୁତ—ପାରଦ । ତନ୍ୱୀ—ମାନିନୀ ସ୍ତ୍ରୀ । ସ୍ୱରୂପା—ଉତ୍ତମା ରୂପା ।

---

୭ମ ପଦ—ଅଙ୍ଗଦଠାରୁ ସମସ୍ତ କଥା ଶୁଣି ସାରିବା ପରେ ରାମଚନ୍ଦ୍ର ହନୁମାନଙ୍କୁ କହିଲେ, ହେ ହନୁମାନ ! "ମୁଁ ଦାଶରଥି ଅର୍ଥାତ୍ ସୀତାଙ୍କର ଶ୍ରେଷ୍ଠ ସେବକ ବା ଭକ୍ତ । ସେହି ସୀତା ତ 'ଶୀତା' ଗଙ୍ଗା । ଗଙ୍ଗାରେ ବାରୁଣୀଯୋଗ ପଡ଼ିଲାପରି ତୋର ଓ ତାଙ୍କର ହୋଇଥିବା କଥାବାର୍ତ୍ତା ମୋତେ କହ । କାରଣ ସେହି କଥା ମୋ ପକ୍ଷରେ ବାରୁଣୀ ଯୋଗ ଅଟେ । ବାରୁଣୀଯୋଗ ଲୋକମାନଙ୍କୁ ପବିତ୍ର କଲାପରି ତୁ ମୋତେ ପବିତ୍ର କର । ଯେହେତୁ ତୁ 'ପାବନି' ପବନ ପୁତ୍ର ବା ପବିତ୍ରକାରୀ ଏହି ନାମ ଧାରଣ କରିଅଛୁ । ମୁଁ ମଧ୍ୟ 'ବଧିରେ' ଧୀର ସ୍ଥିର ଭାବରେ ତୋର କଥାରୂପ ଗଙ୍ଗାବାରୁଣୀଯୋଗରେ ମଜ୍ଜିବା ପାଇଁ ( ଅର୍ଥାତ୍ ତୋର ଓ ସୀତାଙ୍କର ହୋଇଥିବା ସମୁଦାୟ କଥା ମନ ଦେଇ ଶୁଣିବାପାଇଁ ) ଉତ୍କଣ୍ଠିତ ହୋଇଅଛି ।"

୮ମ ପଦ - ଏହା ଶୁଣି, ହନୁମାନ କଥାକୁ ସଜାଇ ଅତିଶୀଘ୍ର କହିଲା, 'ମଳୟ ପର୍ବତ ନିକଟବର୍ତ୍ତୀ ଅତ୍ୟନ୍ତ ରମଣୀୟ ବନରେ ସର୍ପ ବେଷ୍ଟିତ ହୋଇ ଚନ୍ଦନ ବୃକ୍ଷରହିଲାପରି ସେହି ରମଣୀମଣି ସୀତା ଲଙ୍କାସ୍ଥ ମନୋହର ବନମଧ୍ୟରେ ରାକ୍ଷସୀ ପରିବେଷ୍ଟିତ ହୋଇ ବାସ କରୁଅଛନ୍ତି ।"

୯ମ ପଦ—"ଜଗଜ୍ଜନମୋହିନୀ ସୀତାଙ୍କୁ ସେହି ବନମଧ୍ୟରେ ଦେଖି, 'ଏହା ନିଶ୍ଚୟ ଗୋଟିଏ ସୁବର୍ଣ୍ଣ ପ୍ରତିମା' ଏହି ଭ୍ରମ ଧାରଣା ମୋର ମନରେ

ବିରହ ସହ ଯୋଗ ସହ ସୁରୂପା ।
ବାମକର କପୋଳେ ଚଣ୍ଡୀସ୍ୱରୂପା ସେ । ୯ ।
ବିଷମଶର ବ୍ୟାଧ ହରିଣୀ କରି ।
ବିଚ୍ଛେଦ ଘାଟ ଜଗି ବାଣ ପ୍ରହାରି ସେ ।
ବିଶେଷେ ପୁଙ୍ଖବ୍ୟକ୍ତ ଛବକ ଜନ୍ତ ।
ବିନ୍ଧିବାରୁ କ୍ଷତଜଟି ଗାରି ହୋଇ ସେ । ୧୦ ।
ବିସ୍ମରିଲି ଏ ଶବ୍ଦପ୍ରତିମା ପୁନଃ ।
ବିଧାତା କେତେ କଳ୍ପି କଲା ଲେଖନ ସେ ।
ବାୟୁସଂଯୋଗେ ସାର୍ଥ ରୁଦନ୍ତୀଭବ ।
ବିତରଣ କୁସୁମ ସ୍ୱେଦ ମରନ୍ଦ ସେ । ୧୧ ।

---

୧୦ମ ପଦ—ବିଷମଶର—କନ୍ଦର୍ପ । ବ୍ୟାଧ—ବାଣୁଆ । ପୁଙ୍ଖ—ଶରର ପଶ୍ଚାଦ୍ଭାଗସ୍ଥ ପକ୍ଷଯୁକ୍ତ ଅଂଶ । କ୍ଷତଜ—ରକ୍ତ ।

୧୧ଶ ପଦ—ମରନ୍ଦ ପୁଷ୍ପରସ ବା ମକରନ୍ଦ । ସ୍ୱେଦ—ଝାଳ ।

---

ଜାତ ହେଲା, କିନ୍ତୁ ବିରହ ପାରଦର ସଂଯୋଗରୁ ସେ ଉତ୍ତମ ରୂପା ପରି ଦେଖାଯାଉ ଥିଲେ । ବାମ ହସ୍ତକୁ ଗଣ୍ଡଦେଶରେ ସ୍ଥାପନ କରି ବସିଥିବାରୁ କୋପନା ସ୍ତ୍ରୀ ପରି ମଧ୍ୟ ଦେଖାଯାଉଥିଲା ।”

୧୦ମ ପଦ—“ବାଣୁଆଁ ଜଳଘାଟରେ ଜଗି ହରିଣୀକୁ ଶର ମାରିଲାପରି ବାଣୁଆଁ କନ୍ଦର୍ପ ତାହାଙ୍କର ବିଯୋଗରୂପ କ୍ଷୁଦ୍ରକୁଇଣ୍ଡି ଶର ପ୍ରହାର କରୁଥିଲା । ବାଣୁଆର ଶର ମୃଗ ଦେହରେ ଗଳିଗଲେ ଯେପରି ସେହି ଶରର ପଶ୍ଚାଦ୍ଭାଗସ୍ଥ ପକ୍ଷଯୁକ୍ତ ଅଂଶ ଦେଖାଯାଉଥାଏ ଏବଂ ସେହି ସ୍ଥାନରୁ ରକ୍ତ ବହୁଥାଏ, ତାଙ୍କର ଲୋତକ ଜର୍ଜ୍ଜରିତ ଉପ୍ରାନ୍ତ ଲୋଚନ ଦୁଇଟି ସେହିପରି ଦେଖାଯାଉଥିଲା ।”

୧୧ଶ ପଦ—“ମୁଁ ତାଙ୍କୁ ଦେଖି ପୁଣି ବିସ୍ମରିଲି, ‘ଏ ଗୋଟିଏ ଶବ୍ଦପ୍ରତିମା,’ ଏହାକୁ ବିଧାତା କେତେ ଯୁଗ କଳ୍ପନା କରି ଲେଖିଅଛି । ଅଥବା କେତେଜଣ ବିଧାତା ଏକତ୍ରିତ ହୋଇ କଳ୍ପନା କରି ଏହାକୁ ଲେଖିଅଛନ୍ତି । ପଦ୍ମଲତାକୁ ବାୟୁ ସ୍ପର୍ଶ କରି ଯେପରି ତାର ଫୁଲମାନଙ୍କୁ ସଞ୍ଚାଳିତ ଓ [illegible] ହେଲେ ପୁଷ୍ପସ୍ଥିତ ମକରନ୍ଦମାନଙ୍କୁ ଚତୁର୍ଦ୍ଦିଗରେ ବିକ୍ଷିପ୍ତ କରେ, ସେହିପରି ତାଙ୍କ ଅସ୍ଥିର ଓ ଅଶ୍ରୁ ବିସର୍ଜନ କରୁଥିବାର ଦେଖି ଏ ଗୋଟିଏ ରୁଦନ୍ତୀ ( ନାୟିକା ) ବୋଲି ସ୍ଥିର କଲି ।”

ବଚନେ ଆଣେ ଅବା ଈଶ ସେ ଈଶୀ ।
ବାଷ୍ପ ନୂହଇ ଯେଣୁ ବଗତ ଶଶୀ ଯେ ।
ବହୁଅଛି ଭିନ୍ନରୂପେ ପ୍ରଳସ୍ତ ।
ବାଧିବାରୁ ସାତ୍ତ୍ୱିକ ସେ କ୍ଷୀଣକାୟ ଯେ । ୧୨ ।
ବରବର୍ଣ୍ଣୀ ଏ ପୁରେ ଆଉ ସେ ଜନା ।
ବାମା କପାଇଁ ଥିବ କଲି କଳ୍ପନା ଯେ ।
ବରବର୍ଣ୍ଣୀ ବା ଥିବ ଏ ଶୋଭା ପରି ।
ବାଉ ବେନ ଭୁବନେ କାହିଁ ସୁନ୍ଦରୀ ଯେ । ୧୩ ।
ବଂଶତ ପାଣି ମିଳି ଏହି ସମୟ !
ବଚ୍ଛେଦନ କଲି ମୋ ଚିତ୍ତୁ ସଂଶୟ ଯେ ।
ବନତ ବରତନ ଉନ୍ମତ୍ତ ତେଜ ।
ବଧିଙ୍ଗ ଚଗ ଧୀଗ୍ର କଦା ନ ମଜ୍ଜି ଯେ । ୧୪ ।

---

୧୩ଶ ପଦ—ବାଉବେନଭୁବନ—ଚତୁର୍ଦ୍ଦଶ ଭୁବନ ।
୧୪ଶ ପଦ—ବଲ୍ଲଭ—ସ୍ୱାମୀ । ଉନ୍ମତ୍ତ—ଗର୍ବ ।

---

୧୨ଶ ପଦ—"ସୀତା ସେହି ସମୟରେ 'ଈଶ' ସ୍ୱାମୀଙ୍କ ନାମ ଉଚ୍ଚାରଣ କରୁଥିଲେ କି ଦୁଃଖହେତୁ ବଶୀ ଈଶୀ ବୋଲି କହୁଥିଲେ, ତାହା ବୁଝି ପାରୁ ନ ଥିଲି । କାରଣ ତାଙ୍କ ଉଚ୍ଚାରିତ ଶବ୍ଦର ଶେଷ ବର୍ଣ୍ଣ ପରିଷ୍କାର ରୂପେ ବ୍ୟକ୍ତ ହେଉ ନ ଥିଲା । ପ୍ରଳୟ କାଳରେ ଚନ୍ଦ୍ର ଯେପରି ବିନାଶ ହୁଅନ୍ତି, ସେହିପରି ସେ କହୁଥିବା ଶବ୍ଦର ଶେଷ ଅକ୍ଷର ବିନାଶ ପ୍ରାପ୍ତ ହେବା ଦ୍ୱାରା ତାଙ୍କର କାମବିକାର ଜନିତ ପ୍ରଳୟାବସ୍ଥା ପ୍ରକାଶିତ ହେଉଥିଲା । ଅନବରତ କାମପୀଡ଼ାରେ ଜର୍ଜ୍ଜରିତ ହେଉଥିବାରୁ ତାଙ୍କ ଦେହ ଅତିଶୟ କ୍ଷୀଣ ହୋଇଥିଲା ।"

୧୩ଶ ପଦ—"ମୁଁ ତାଙ୍କୁ ଦେଖି ଭାବିଲି, ଏହି ଲଙ୍କା ପୁରରେ ସୀତାଙ୍କ ଭିନ୍ନ ଅନ୍ୟ ସ୍ତ୍ରୀ କାହିଁକି ବରବର୍ଣ୍ଣୀ ହୋଇଥିବ ? ବରବର୍ଣ୍ଣୀ ଅବା ଥାଇ ପାରନ୍ତି କିନ୍ତୁ ଏପରି ସୁନ୍ଦରୀ ତ ଚଉଦଭୁବନରେ ନ ଥିବେ, ଏଣୁ ଏହି ଶ୍ରେଷ୍ଠା ରମଣୀ ନିଶ୍ଚୟ ସୀତା ।"

୧୪ଶ ପଦ—"ଏହି ସମୟରେ ରାବଣ ତାଙ୍କ ନିକଟରେ ଉପସ୍ଥିତ ହେବାରୁ ମୋର ସନ୍ଦେହ ତୁଟିଲା । କାରଣ ସେ ସ୍ତ୍ରୀସୁଲଭ ଗର୍ବ ପରି ତ୍ୟାଗ ପୂର୍ବକ ତାଙ୍କୁ ବିନୀତ ଭାବରେ ପ୍ରାର୍ଥନା କରିବାକୁ ଲାଗିଲା । ମାତ୍ର ସୀତା ତାହାର କଥା ଶୁଣି କାଳପରି ରହିଲେ ।"

ବହିଗଲା ସେ କଣ୍ଠ ମାସକେ ତୋର ।
ବଲ୍ଲଭଙ୍କୁ ଦେଖାଅ ନୋହିଲେ ମୋର ଯେ ।
ବଲ୍ଲଭା ହେବୁ ଏଥି ସଂଶୟ ନାହିଁ ।
ବ୍ରହ୍ମାଣ୍ଡେ ଅଧିକାରୀ ଅଟଇ ମୁହିଁ ଯେ । ୧୫ ।
ବ୍ରହ୍ମାଦି କେ ରକ୍ଷିବ ଦେଖିବା ଦେଖି ।
ବୋଇଲେ ଏତେ ନ ସହି ତା ସୁମୁଖୀ ଯେ ।
ବଜ୍ରପାତକୁ ଡର କରି ଶାରଙ୍ଗ ।
ବାରିଧର ଆଶାକୁ ଛାଡ଼ିଛି ଅଜ୍ଞରେ ? ୧୬ ।
ବିହଗ କେତେ ନାହିଁ କେ ପାରେ ଭକ୍ଷି ।
ବହ୍ନିକଣକୁ ଯଥା ଚକୋର ପକ୍ଷୀ ଯେ ।
ବଧିବ ନଷ୍ଟ ଆଉ ଅଳ୍ପ ଦିବସ ।
ବାରକେଶ ଆଉଁଷି ଗଲା ରାକ୍ଷସ ଯେ । ୧୭ ।

---

୧୫ଶ ପଦ—ବଲ୍ଲଭ—ସ୍ୱାମୀ । ବଲ୍ଲଭା—ସ୍ତ୍ରୀ ।
୧୬ଶ ପଦ—ଶାରଙ୍ଗ—ଚାତକ । ବାରିଧର—ମେଘ । ଅଜ୍ଞ—ମୂର୍ଖ ।
୧୭ଶ ପଦ—ବିହଗ—ପକ୍ଷୀ । ବହ୍ନିକଣ—ଅଗ୍ନିକଣା । ବାରକେଶ—ନଖ ।

---

୧୫ଶ ପଦ—ସୀତା ରାବଣର କଥାରେ ଆଦର ପ୍ରକାଶ ନ କରିବାରୁ ସେ କଣ୍ଠ ଦେଇ କହିଲା, ଯଦି ଆଜଠାରୁ ମାସକ ମଧ୍ୟରେ ତୋର ସ୍ୱାମୀଙ୍କୁ ନ ଦେଖାଇବୁ ତାହା ହେଲେ ମୋର ସ୍ତ୍ରୀ ହେବୁ, ଏଥିରେ କିଛିମାତ୍ର ସନ୍ଦେହ ନାହିଁ । କାରଣ ମୁଁ ଜଗତର ପତିଅଟେ ତୋର ବା ପତି ନ ହେବ କାହିଁକି ?"

୧୬ଶ ପଦ—"ଦେଖିବା, ବ୍ରହ୍ମା ପ୍ରଭୃତି ଦେବତାମାନଙ୍କ ମଧ୍ୟରୁ କେଉଁ ଦେବତା ତୋତେ ରକ୍ଷା କରିବ । ରାବଣର ଏହିସବୁ କଥା ସହି ନ ପାରି ସୁବଦନୀ ସୀତା କହିଲେ, 'ରେ ଦୁର୍ବୁଦ୍ଧି ! ଚାତକପକ୍ଷୀ ବଜ୍ରପାତକୁ ଡରି କେବେ ହେଲେ ମେଘଠାରୁ ଆଶା ତ୍ୟାଗ କରିଛି କି' ? ( ସେହିପରି ମୁଁ ତୋତେ ଡରି ରାମଙ୍କଠାରୁ ଆଶା ତ୍ୟାଗ କରି ନ ପାରେ ) ।"

୧୭ଶ ପଦ—"ଏହି ଜଗତରେ କେତେ ବା ପକ୍ଷୀ ନାହାନ୍ତି; କିନ୍ତୁ ଚକୋର ଯେପରି ଅଗ୍ନିକଣାକୁ ଭକ୍ଷଣ କରେ ସେହିପରି ଅନ୍ୟ କୌଣସି ପକ୍ଷୀ କରିପାରେ କି ? ରାମଙ୍କ ବ୍ୟତୀତ ସୀତା ଅନ୍ୟର ଭୋଗ୍ୟ ହୋଇ ନପାରେ ।" ସୀତାଙ୍କଠାରୁ ଏହି କଥାଶୁଣି, ଆଉ ଅଳ୍ପଦିନ ରହି ମୁଁ ନିଶ୍ଚୟ ତୋତେ ବଧ କରିବ । ଏହିକଥା ରାବଣ କହି ନଖ ଆଉଁଷି ବାହାରିଗଲା ।"

ବଚସ୍ତୁ ଶୁଣି ରାମ ଶ୍ୱାସ ପକାଇ ।
ବୋଇଲେ ମୁଁ ସୁଧାଂଶୁ ହୃଦୟସ୍ଥାୟୀ ଯେ ।
ବୋଧକର ଆସର ରାମାବର ହେଲ୍ନି ।
ବିଭୁ ଜୀବନେ ଥାଇଁ କି ଶୁଣାଇଲ୍ନି ଯେ ? । ୧୮ ।
ବାଞ୍ଛା ନଟାନତ ସରଣୀ ଧୀବର ।
ବେଗେ ହେବାକୁ ଘର୍ମ କର ମୟୂର ଯେ ।
ବସି ମଧ୍ୟେ ଗ୍ରୀଷମ ଉଚନାବକେ ।
ବରଦ ଗାତ୍ରପାତ ସ୍ୱନାମେ କଲେ ଯେ । ୧୯ ।
ବଳସେ ହାସ ମାନସରେ ଯେସନ ।
ଭରତ କରିଥିଲ ସୀତା ପ୍ରସନ୍ନ ଯେ ।

୧୮ଶ ପଦ—ସୁଧାଂଶୁ—ଚନ୍ଦ୍ର । ବୋଧକର—ଗୃହଚ୍ଛିଦ୍ର । ଆସର-ରାକ୍ଷସ
୧୯ଶ ପଦ—ନଟାନତ—ବନ୍ଧୁର, ଅର୍ଥାତ୍ ବିପଦସଂକୁଳ । ସରଣୀ—
ମାର୍ଗ । ଧୀବର—ବୁଦ୍ଧିମାନ୍ । ଗାତ୍ର—ଦେହ । ମୟୂର—ସୂର୍ଯ୍ୟ କିରଣର ।

୧୮ଶ ପଦ—ରାମଚନ୍ଦ୍ର ହନୁମାନଠାରୁ ଏହି ସବୁ କଥା ଶୁଣି ଚିନ୍ତିତ ହୋଇ ଘନଘନଶ୍ୱାସ ପରିତ୍ୟାଗ ପୂର୍ବକ କହିଲେ, "ମୁଁ ଚନ୍ଦ୍ରଙ୍କର ହୃଦୟ ସ୍ଥିତ କଳଙ୍କ ପରି ସୂର୍ଯ୍ୟବଂଶର ଏକମାତ୍ର କୁଳ କଳଙ୍କ ଅଟେ । କାରଣ ମୁଁ ଜୀବନରେ ଥାଇଁ ଥାଇଁ ନରଣ୍ୟ ରାକ୍ଷସ ମୋର ସ୍ତ୍ରୀ ନିକଟରେ ପ୍ରଣୟ ପ୍ରାର୍ଥନା କରୁଅଛି । ଆହା ! ବିଧାତା ମୋତେ କିଣ ନ ଶୁଣାଇଲ୍ନି ।"

୧୯ଶ ପଦ—ବୁଦ୍ଧିମାନ ଲୋକ ବିପଦସଂକୁଳ ସଂସାର ପଥକୁ ଅତିକ୍ରମ କରିବା ଆଶାରେ ଇଚ୍ଛାନୁସାରେ ଅତିଶୀଘ୍ର ଚତୁର୍ଦ୍ଦିଗରେ ପ୍ରଜ୍ୱଳିତ ଅଗ୍ନି ସ୍ଥାପନ ପୂର୍ବକ ମଧ୍ୟରେ ବସି ତପସ୍ୟା କଲାପରି, ବୁଦ୍ଧିମାନ୍ ରାମଚନ୍ଦ୍ର, ପ୍ରିୟା ରହିଥିବା ସ୍ଥାନ ପ୍ରତି ପଡ଼ିଥିବା ବିପଦସଂକୁଳ ମାର୍ଗକୁ ଅତିଶୀଘ୍ର ଅତିକ୍ରମ କରିବା ଇଚ୍ଛାପୋଷଣ ପୂର୍ବକ ଗ୍ରୀଷ୍ମକାଳୀନ ସୂର୍ଯ୍ୟ କିରଣ ତୁଲ୍ୟ ତେଜସ୍ୱୀ ସେନାପତି ମାନଙ୍କ ମଧ୍ୟରେ ବସି ମନେ ମନେ ପ୍ରତିଜ୍ଞା କଲେ, ମୁଁ ନିଜର ସ୍ୱବାହୁ ବଳରେ ସୀତାଙ୍କୁ ଉଦ୍ଧାର କରିବି ନଚେତ୍ ତାଙ୍କ ନାମ ଗୁଣି ଗୁଣି ମରିବି ।'

୨୦ଶ ପଦ—ମନେ ମନେ ଏହିପରି ପ୍ରତିଜ୍ଞା କରିସାରି ରାମଚନ୍ଦ୍ର କହିଲେ, "ହେ ହନୁମାନ ! ହଂସ ଯେପରି ମାନସସରୋବରରେ କ୍ରୀଡ଼ା କରି ଆନନ୍ଦିତ ହେଉଥାଏ, ମୁଁ ସେହିପରି ମନେ ମନେ ସୀତାଙ୍କର ସେବା କରି ଆନନ୍ଦିତ ହେଉଥିଲି । ବର୍ତ୍ତମାନ ତୁମେ ତାଙ୍କ ନିକଟକୁ ଯାଇ ସେବା କରିବାକୁ

ବାଟତ ଦେଖାଇଲୁ ଏଥି ଉତ୍ତରୁ ।
ବିଧାନ କହ କି କହିଛନ୍ତି ରମ୍ଭୋରୁ ଯେ । ୨୦ ।
ବୋଲେ କର କୋରକ କରି ମାରୁତି ।
ବିନାଶ ହେଲା ଏହି ସମୟେ ରାତି ଯେ ।
ବୃଦ୍ଧଗଙ୍ଗ କୂଳ ସ୍ନାନେ ଏକା ସଞ୍ଚରି ।
ବେଶ ମଣ୍ଡିଲା ମଣି ମହୀକି କରି ଯେ । ୨୧ ।
ବକ୍ଷକୁ ଅଶ୍ରୁଧାର ହାରକୁ ଦେଇ ।
ବାନ୍ଧି ଜବାଚରଣେ ଗଣ୍ଡକୁ ନେଇ ଯେ ।
ବଳସେ ଗୀଣ ଭୃଙ୍ଗ ଭୃଙ୍ଗୀନିକର ।
ବାଜେଣୀବଳା ପରିହାନ ପ୍ରକାର ଯେ । ୨୨ ।
ବିଶ୍ରାମୁଁ କୃଷ୍ଣସାର ତଳରେ ଲେକ୍ଷେ ।
ବାଳକ କୃଷ୍ଣସାର ତଳରନେହା ଅବଶେ ଯେ ।

---

୨୧ଶ ପଦ—କର କୋରକ କରି—ହାତ ଯୋଡ଼ି ବା କୃତାଞ୍ଜଳି ପୂର୍ବରେ । ମାରୁତି—ହନୁମାନ । ସଞ୍ଚରି—ଯାଇ । ମହୀଳାମଣି—ନାରୀରତ୍ନ ସୀତା । ମହୀକି—ପୃଥିବୀକୁ ।

୨୩ଶ ପଦ—ବାଳକକୃଷ୍ଣସାରନେହା—ଶିଶୁ କୁରଙ୍ଗୀନୟନା । ଅବଶେ—ଦୁର୍ବଳତା ହେତୁ । କୃଷ୍ଣସାର—ଶିଂଶୁପାବୃକ୍ଷ । ନଗ—ବୃକ୍ଷ । କୃଷ୍ଣ—କନ୍ଦର୍ପ । ସାରସଶର—ପଦ୍ମପୁଷ୍ପଶର ।

---

ବାଟ ଦେଖାଇଲୁଣି । ଆଉ ସେହି ମାନସିକ ସେବା କାହିଁକି କରିବ ? ତାଙ୍କ ନିକଟକୁ ଯିବାକୁ ହେଲେ ମୋତେ କଣ କଣ କରିବାକୁ ହେବ ବୋଲି ସେହି ସୀତା କହିଛନ୍ତି, ତାହା ପ୍ରକାଶ କର ।"

୨୧ ଓ ୨୨ଶ ପଦ—ହନୁମାନ ହାତ ଯୋଡ଼ି କହିଲା, "ଏହି ସମୟରେ ରାତ୍ର ପାହି ଯିବାରୁ ସୀତା ସ୍ନାନ କରିବା ପାଇଁ ବୃଦ୍ଧଗଙ୍ଗା ନଦୀକୁ ଏକାକିନୀ ଗମନ କଲେ । ତାଙ୍କ ଗମନରେ ପୃଥିବୀ ସୁବେଶ ହେଲା ପରି ଦେଖାଗଲେ । କାରଣ ସୀତା ତାହାଙ୍କର ଅନବରତ ପ୍ରବାହିତ ଅଶ୍ରୁଧାର ରୂପ ମୁକ୍ତାମାଳାକୁ ପୃଥିବୀ ଦେବୀଙ୍କର ବକ୍ଷରେ ଲମ୍ବାଇ ଦେଲେ ଓ ସ୍ୱୀୟ ଚରଣ ରୂପ ଜବାକୁସୁମରେ ବିମଣ୍ଡିତ କରି ତାଙ୍କର ଜଙ୍ଘା ବାନ୍ଧିଦେଲେ । ଆଉ ମଧ୍ୟ ସୀତାଙ୍କର ଅଙ୍ଗ ଗନ୍ଧ ଲୋଭରେ ନିକଟକୁ ଆସି ଗୁଣୁ ଗୁଣୁ ଶବ୍ଦ ପ୍ରକାଶ କରି ଘୂରୁଥିବା ଭ୍ରମରମାନଙ୍କୁ ବାଜେଣୀ ବଳା କରି ପୃଥିବୀ ଦେବୀଙ୍କୁ ଅର୍ପଣ କଲେ । (ଅର୍ଥାତ୍ ସ୍ନାନ କରିବାକୁ ଗଲାବେଳେ ମଧ୍ୟ ସେ କାନ୍ଦୁଥିଲେ ) ।"

୨୩ଶ ପଦ—"ସେହି ବାଳମୃଗାକ୍ଷୀ ସୀତା ଶିଂଶୁପାବୃକ୍ଷ ମୂଳରେ କିଛିକ୍ଷଣ ଦୁର୍ବଳତା ହେତୁ ବିଶ୍ରାମ କରନ୍ତେ ମୁଁ ସେହି ବୃକ୍ଷ ଉପରେ

ବସ୍ତ୍ରାରୁ ଛଡ ନାମ ଥାଇ ନଗର
ବନ୍ଧଲ ପ୍ରାପ୍ତ କୃଷ୍ଣ ସାରସଶର ଯେ । ୨୩ ।
ବସୋଇଁ ଯେ ସାରଙ୍ଗ ଯଥା କମଳେ ।
ବଳସାଇଲେ ଦୃଷ୍ଟି ନଭେ ତଞ୍ଚଳେ ଯେ ।
ବଚନ ରଚନ କେ ସୁଧା ସିଞ୍ଚିଲା ।
ବନପ୍ରିୟ ତା ଶୁଣି ଧ୍ୱନି ମୁଞ୍ଚିଲା ଯେ । ୨୪ ।
ବ୍ୟକ୍ତ ପରତେ ଦୃଶ୍ୟ ମୁକୁଟ କୂଟ
ବସ୍ୱର ନ ଗସ୍ୱର ବାଣି ପ୍ରକଟ ଯେ ।
ବ୍ୟବହାର ନ କରୁଁ ଦେଲି ମୁଁ ମୁଦ ।
ବଧୂ ହୋଇ ଫୁଟାଇ କୁମୁଦହୃଦ ଯେ । ୨୫ ।
ବନ୍ଧ୍ୟଶୃଙ୍ଗ ଉଦସ୍ତ ତରୁଣି ପର ।
ବକ୍ଷୋଜ ଗରେ ଆଗ କର ତା ଧର ଯେ ।

---

୨୪ଶ ପଦ—ସାରଙ୍ଗ—ଭ୍ରମରମାନେ । କମଳେ—ପଦ୍ମରେ । ନଭେ ଆକାଶରେ । ସୁଧା—ଅମୃତ । ବନପ୍ରିୟ—କୋକିଳ

---

ଥାଇ କୃଷ୍ଣର ନାମ ଉଚାରଣ କଲି । ସେ ତାହା ଶୁଣି କନ୍ଦର୍ପର ପଦ୍ମଶର ଦ୍ୱାରା ବିଦ୍ଧ ହେଲାପରି ଛନ୍ନ ଛନ୍ନ ହୋଇ ଉଠିଲେ ।”

୨୪ଶ ପଦ—“ଭ୍ରମର ପଦ୍ମ ମଧ୍ୟରେ ବିଶ୍ରାମ କଲେ ପଦ୍ମ ଯେଉଁ ଶୋଭାକୁ ଧାରଣ କରେ, ସୀତା ସେହିପରି ନିଜର ନେତ୍ର ଦୁଇଟିକୁ ଆକାଶରେ ଖେଳାଇଲେ ଏବଂ କହିଲେ, ‘କିଏ ମୋ କାନରେ ଅମୃତ ଢାଳିଲା ?’ ତାଙ୍କର ସେହି କଥା ଶୁଣି କୋକିଳ ତାର ରବ ବନ୍ଦ କରି ଦେଲା ।”

୨୫ଶ ପଦ—“ମୁଁ ତାଙ୍କୁ ଦେଖା ଦିଅନ୍ତେ ସେ ମୋର ମୁକୁଟକୁ ଦେଖି ‘ଏ ସେହି ପ୍ରତାରକ ରାବଣ’ ବୋଲି ବିଚାରି ମୋତେ କୌଣସି କଥା ପ୍ରକାଶ୍ୟ ସ୍ୱରରେ ପଚାରି ନଥିଲେ । ମୁଁ ତାଙ୍କ ମନରୁ ସେହି ସନ୍ଦେହକୁ ଦୂର ନ କରି ହଠାତ୍ ଆପଣ ଦେଇଥିବା ସେହି ମୁଦ୍ରିକାଟି ପ୍ରଦାନ କରିଥିଲି । ଚନ୍ଦ୍ର କୁମୁଦକୁ ପ୍ରସ୍ଫୁଟିତ କଲାପରି ସେହି ମୁଦ ତାଙ୍କର ହୃଦୟ କୁମୁଦକୁ ପ୍ରସ୍ଫୁଟିତ କଲା ଅର୍ଥାତ୍ ମୁଦଟି ପାଇ ସେ ଅତିଶୟ ଆନନ୍ଦିତା ହେଲେ ।”

୨୬ଶ ପଦ—“ସୀତା ସଙ୍ଗେ ସଙ୍ଗେ ସେହି ମୁଦକୁ ଧରି ପୁନର ଉଭୟ-ସ୍ତନକୁ ଉଠାଇ ନେଲେ । ସୂର୍ଯ୍ୟ ଉଦୟ ହୋଇ ବନ୍ଧ୍ୟ ପର୍ବତର ସଙ୍ଗକୁ ଆଶ୍ରୟ

ବୋଲି ଦେଲେ ସୁମୁଖୀ ଅନ୍ତର ମୁହିଁ ।
ବିଭୁ ଶ୍ରୀକର କପାଁ ଛାଡ଼ିଲୁ ମୁଦ୍ରି ରେ । ୨୬ ।
ବାରିପୂର୍ଣ୍ଣିତା କୁମ୍ଭେ ଇଚ୍ଛି ଭରିତ ।
ବୋଇଲେ କହ କି କଥନ ଗୁପତ ଯେ ।
ବ୍ୟାଖ୍ୟାନ କଲି ମୁହିଁ ଦ୍ରୋଣ ଚରିତ ।
ବନାଲକ୍ତକ ଶବ୍ଦ ଭାବ ଯେମନ୍ତ ଯେ । ୨୭ ।
ବରତନୁଶ୍ରୀ ଭାଷେ ଯେ ପ୍ରଭୁ ରୂପ ।
ବିଶେଷରେ ଧ୍ୱଂସିଲା ମୁନିଙ୍କ ତପ ଯେ ।
ବରଦ ହେଲେ ଜନ୍ମାନ୍ତରେ ସଙ୍ଗତି ।
ବିଜନ୍ୟ ଭାବ ମୋର କେଡ଼େ ପୀରତି ଯେ । ୨୮ ।
ବିସର୍ଜି ନାହିଁ ପ୍ରାଣ ଏହି ମୋ କାମ ।
ବ୍ୟର୍ଥ ନୋହିବ ମଧୁଶଯ୍ୟା ନିୟମ ଯେ ।

---

୨୭ଶ ପଦ—ଦ୍ରୋଣଚରିତ—କାକ ଚରିତ । ବନା ଲକ୍ତକ ଶବ୍ଦ—ଗେରୁଶବ୍ଦ ।

---

କଲେ, ଯେପରି ଶୋଭା ପ୍ରକାଶିତ ହୁଏ, ସେହି ମୁଦ୍ରି ତାଙ୍କର ସ୍ତନ ଉପରେ ରହି ସେହିପରି ଶୋଭା ପ୍ରକାଶିତ କରାଇଲା । ସୁବଦନା ସୀତା ସେହି ମୁଦ୍ରିକୁ ଚାହିଁ କହିଲେ, 'ମୁଁ ସିନା ମୋର ନିଜ ଦୋଷରୁ ପ୍ରଭୁଙ୍କଠାରୁ ଅନ୍ତର ହେଲି, ତୁ କାହିଁକି ତାଙ୍କର ଶ୍ରୀକର ଛାଡ଼ି ଆସିଲୁ ?'

୨୭ଶ ପଦ—"ଲୋକମାନେ ଶୁଭ ପ୍ରଶ୍ନ କରିବା ସମୟରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରିଥାନ୍ତି । ସୀତା ସେହି ପୂର୍ଣ୍ଣକୁମ୍ଭ ସ୍ଥାପନ କରିବା ଇଚ୍ଛାରେ ତାଙ୍କର ସ୍ତନରୂପ କୁମ୍ଭଦ୍ୱୟକୁ ହଠାତ୍ ଅଶ୍ରୁ ଜର୍ଜରିତ କରି ମୋତେ କହିଲେ, 'ପ୍ରଭୁ କି ଗୁପ୍ତ କଥା କହିଛନ୍ତି କହ ।' ତହୁଁ ମୁଁ ସେହି କୁଆର ବିଷୟ ବର୍ଣ୍ଣନା କଲି ଏବଂ ସେହି ଗୈରିକ ଶବ୍ଦକୁ ଦେଖି ଯେଉଁ ଭାବ ତୁମ୍ଭ ଦୁହିଁଙ୍କର ଜନ୍ମିଥିଲା ତାକୁ ମଧ୍ୟ ବର୍ଣ୍ଣନା କଲି ।"

୨୮ଶ ପଦ—"ତନୁଶ୍ରୀ ସୀତା କହିଲେ, ପ୍ରଭୁ ରାମଚନ୍ଦ୍ରଙ୍କର ରୂପକୁ ଦେଖି ମୁନିମାନଙ୍କର ତପସ୍ୟା ଭଗ୍ନ ହେବାରୁ, ରାମଚନ୍ଦ୍ର ସେମାନଙ୍କୁ ବରପ୍ରଦାନ କରି କହିଥିଲେ କି, ଅନ୍ୟ ଜନ୍ମରେ ତୁମ୍ଭମାନଙ୍କର ମୋ ସହିତ ମିଳନ ହେବ । କିନ୍ତୁ ମୋ ସହିତ ଏହି ଜନ୍ମରେ ପୁନର୍ବାର ମିଳନ ହେବ ବୋଲି ଯାହା ଇଚ୍ଛା ପ୍ରକାଶ କରିଅଛନ୍ତି, ତାହାହିଁ ମୋର ଅତିଶୟ ଭାଗ୍ୟର ବିଷୟ ।"

୨୯ଶ ପଦ—"ପୁନର୍ବାର କହିଲେ, ସେ ମଧୁଶଯ୍ୟା ଗୃହରେ କରିଥିବା ନିୟମ କଦାପି ବ୍ୟର୍ଥ ହେବ ନାହିଁ, ଏହି କଥା ମୋର ମନରେ ନିଶ୍ଚୟ କରି ମୁଁ

ବୋଲିବ ମନ ମୋର ସେହି ମୋହନେ ।
ବଶ ହୋଇଛି ଏକା ରଞ୍ଜନୀ ଜନେ ସେ । ୨୯ ।
ବିବୁଧ ନୋହେ ପାନ କରି ପୀୟୂଷ ।
ବିଚେଷ୍ଟେ ଇକ୍ଷୁରସେ ହେବାକୁ ବଶ ସେ ।
ବନଜନୀ ବୋଲାଇ ସେ ସ୍ୱତ ନାହିଁ ।
ବିଭାବସୁରେ ପ୍ରୀତି ମଧୁପେ ସ୍ନେହ ସେ । ୩୦ ।
ବୁଝାଇ ଏଥା ଘେନଆସ ତ୍ୱରିତ ।
ବୀର ବିରୋଧି ବଧି ରଖନ୍ତୁ କୀର୍ତ୍ତି ସେ ।
ବିକଳ୍ପ ଥିଲେ ଦେବି ଅନଳେ ଝାସ ।
ବିହନ୍ତି ଜନେ ଝାମ ଲାଗନ୍ତେ ଦୋଷ ସେ । ୩୧ ।

---

୩୦ଶ ପଦ—ବିବୁଧ—ଦେବତା । ପୀୟୂଷ—ଅମୃତ । ବନଜନୀ—ପଦ୍ମିନୀ । ବିଭାବସୁ—ସୂର୍ଯ୍ୟ । ମଧୁପ—ଭ୍ରମର, ମଦ୍ୟପାୟୀ ।

---

ଏ ପର୍ଯ୍ୟନ୍ତ ପ୍ରାଣତ୍ୟାଗ କରି ନାହିଁ । (ସେ ନିୟମ କରିଥିଲେ ଯେ, ମୋ ବ୍ୟତୀତ ଅନ୍ୟ ସ୍ତ୍ରୀ ମୁଖ ଚାହିଁବେ ନାହିଁ । ମୁଁ ମଲେ ସେ ଏହି ନିୟମ ପାଳିବା ଦ୍ୱାରା ବଡ଼ କଷ୍ଟ ପାଇବେ ) । ହେ ହନୁମାନ ! ତୁମ୍ଭେ ମୋହନ ରାମଚନ୍ଦ୍ରଙ୍କୁ କହିବ, ମୋର ମନ ବଚନ ଚିତ୍ତ (ସବୁବେଳେ) ତାଙ୍କର ଅଧୀନ ହୋଇ ରହିଛି ।"

୩୦ଶ ପଦ—"ଦେବତାମାନେ ଅମୃତ ପାନ କଲା ପରେ ଆଖୁରସ ପାନ କରିବାରେ ଆସକ୍ତ ହୋଇଥାନ୍ତି, ମାତ୍ର ମୁଁ ସେ ଦେବତାମାନଙ୍କପରି ନୁହେଁ ଯେ, ରାମଚନ୍ଦ୍ରଙ୍କୁ ପରିତ୍ୟାଗ କରି ଅନ୍ୟ ଲୋକପ୍ରତି ଆସକ୍ତ ହେବାକୁ ଇଚ୍ଛୁକ ହେବି । ପଦ୍ମିନୀ ସୂର୍ଯ୍ୟଙ୍କ ସହିତ ରତି କରି ସୁଦ୍ଧା ଭ୍ରମର ପ୍ରତି ଆକୃଷ୍ଟ ହୋଇଥାଏ, ମାତ୍ର ମୁଁ ପଦ୍ମିନୀ ଜାତୀୟା ସ୍ତ୍ରୀ ହେଲେ ସୁଦ୍ଧା ସେପରି ଆଚରଣକୁ ପସନ୍ଦ କରେ ନାହିଁ । ଏଣୁ ସୂର୍ଯ୍ୟବଂଶୀୟ ରାମଙ୍କସହ ପ୍ରୀତି କରି 'ମଧୁପ' ମଦୁଆ ରାବଣପ୍ରତି କଦାପି ଆକୃଷ୍ଟ ହେବି ନାହିଁ ।"

୩୧ଶ ପଦ—"ହେ ହନୁମାନ । ତୁମ୍ଭେ ରାମଚନ୍ଦ୍ରଙ୍କୁ ଏହିସବୁ କଥା ବୁଝାଇ ଏଠାକୁ ଶୀଘ୍ର ଘେନିଆସ । ବୀର ରାମଚନ୍ଦ୍ର ତାଙ୍କର ଶତ୍ରୁ ରାବଣକୁ ମାରି କୀର୍ତ୍ତି ରଖନ୍ତୁ । ମୋର ସତୀତ୍ୱରେ ତାଙ୍କର ସନ୍ଦେହ ଥିଲେ, ମୁଁ ଅଗ୍ନିରେ ପ୍ରବେଶ କରି ସେ ସନ୍ଦେହ ମୋଚନ କରିବି । କାରଣ ଦୋଷୀ ଲୋକମାନେ ଅଗ୍ନିରେ ପ୍ରବେଶ କରି ପ୍ରାଣ ବିସର୍ଜନ କରନ୍ତି ।"

ବେଦନା ନିବେଦନା କଲେ ଯେତେକ ।
ବେଦପରାୟେ ହେବ କହୁଁ ପୁସ୍ତକ ଯେ ।
ବୋଲି ସେ ଶିରୋମଣି ଦେଲେ ମୋ କରେ ।
ବାସାଞ୍ଚଳୁ ଫିଟାଇ ଦେଲା ସତ୍ୱରେ ଯେ । ୩୨ ।
ବକ୍ଷେ ଥୋଇଲେ ସେହି ମଣିଯନ୍ତ୍ରକୁ ।
ଅଧିରେ ଜପୁଥିଲେ ନାମ ମନ୍ତ୍ରକୁ ଯେ ।
ବାଞ୍ଛା-ଔଷଧ ଶ୍ରୁତି-ମୁଖରେ ପିଇ ।
ବେଗେ ଚିନ୍ତାଜ୍ୱରକୁ ଶାନ୍ତ କରାଇ ଯେ । ୩୩ ।
ବାଳୀ ନାମବାଳୀକି ସରାଗ ରଞ୍ଜୁ ।
ବଶେ ଗୁନ୍ଥି ବଚନେ ସେକାଳେ ମଞ୍ଜୁ ଯେ ।
ବାରିଜମୁଖୀ ମଳୋପୂଜ ଭକ୍ଷଣା ।
ବନ୍ଧୁକ ଅଧରା ପାଟଳୀଶ୍ରବଣା ଯେ । ୩୪ ।
ଦମନକତିଳଫୁଲନାସା ଶୋଭନା ।
ବର୍ଣ୍ଣ ଚମ୍ପା ଶିରୀଷ ମୃଦୁଅଙ୍ଗିନୀ ଯେ ।

---

୩୨ଶ ପଦ—ବାସାଞ୍ଚଳୁ—ଲୁଗାକାନିରୁ ।

---

୩୨ଶ ପଦ—"ସୀତା ଏହିପରି ତାଙ୍କର ଯେତେ ମନୋବେଦନା ପ୍ରକାଶ କଲେ, ସେ ସମସ୍ତ ଲେଖିଲେ ବେଦପରି ଖଣ୍ଡିଏ ପୁସ୍ତକ ହେବ । ସେ ସମସ୍ତ କଥା କହିସାରିବା ପରେ ଏହି ମଥାମଣିଟି ମୋ ହସ୍ତରେ ଦେଲେ ।" ଏହା କହି ହନୁମାନ ମଥାମଣିଟି ଲୁଗା କାନିରୁ ଫିଟାଇ ସଙ୍ଗେ ସଙ୍ଗେ ରାମଚନ୍ଦ୍ରଙ୍କ ହସ୍ତରେ ଦେଲା ।

୩୩ଶ ପଦ—ବ୍ୟାଧିଗ୍ରସ୍ତ ଲୋକ ଯେପରି ମନ୍ତ୍ର, ଯନ୍ତ୍ର, ଔଷଧ, ଏହି ତିନିପ୍ରକାର ଉପାୟରେ ରୋଗ ଶାନ୍ତକରାଏ, ରାମଚନ୍ଦ୍ର ସେହିପରି ଆଗରୁ ତ ସୀତାଙ୍କର ନାମକୁ ଜପୁଥିଲେ, ବର୍ତ୍ତମାନ ସେହି ମଥାମଣିକୁ ଯନ୍ତ୍ର ମନେକରି ବକ୍ଷସ୍ଥଳରେ ସ୍ଥାପନ ପୂର୍ବକ ଏବଂ ହନୁମାନଠାରୁ ତାଙ୍କର ବାର୍ତ୍ତାରୂପ ଔଷଧକୁ କାନରୂପ ମୁଖରେ ପାନ କରି କଷ୍ଟଦାୟକ ଚିନ୍ତା ଜ୍ୱରକୁ ଶାନ୍ତ କଲେ ।

୩୪ଶ ଓ ୩୫ଶ ପଦ—ଯେପରି ମାଳୀ, ଆଦର ସହିତ ପଦ୍ମ, ମାଳତୀ, ବଧୁଲି, ପାଟଳୀ, ରାଶିଫୁଲ, ଚମ୍ପା, ଶିରୀଷ, ଅଶୋକ, ଜାଈ, କଇଁ ବା ପଦ୍ମ ମନ୍ଦାର ପ୍ରଭୃତି ଫୁଲମାନଙ୍କୁ ଅତି ସୁନ୍ଦର ଭାବରେ ସୂତାରେ ଗୁନ୍ଥେ, ସୀତାଙ୍କର ସମସ୍ତ ବାର୍ତ୍ତା ଶୁଣି ଶାନ୍ତ ହେଲାପରେ ରାମଚନ୍ଦ୍ର ସେହିପରି ବନ୍ଧୁକ ଅଧରା ପ୍ରଭୃତି

ବଜ୍ରଲାଙ୍ଗୁଳ ଜାତ ନଖଶୋଷଣା ।
ବଚ ହୃଦୂକବାଣୀ ଜବାଚରଣା ଯେ । ୩୫ ।
ବିଷାଦେ ହର ହର ଶୁଣି ଉଚ୍ଚାର ।
ବପୁରେ ଗଲା ରୋମ ଅଙ୍କୁର ପୂରି ଯେ ।
ବିଶେଷ ସ୍ନେହ ପୁନଃ ହୋଇଲେ କହି ।
ବରସୁନ୍ଦରୀ ଥିଲ କି ଯୋଗେ ପାଇ ଯେ । ୩୬ ।
ବାଳାକ୍ଷି ସୁରକ୍ତସ୍ନେହୀ କ୍ଷୀଣବସନେ ।
ବିହୁର କରୁଥାଇ ମୋ ଆଲିଙ୍ଗନେ ଯେ ।
ବାରିରେ ବାରି ପରି ମୋ ଅଙ୍ଗେ ମିଶି ।
ବୋଳି ହେଲି କୁଙ୍କୁମ ପ୍ରାୟ ମୁଁ ବସି ଯେ । ୩୭ ।
ବର୍ଣ୍ଣିକେ ସିନା ମାତ୍ର ରହଇ ଭେଦ ।
ରସିବା କାଳେ କୋଳେ ଶିବସମ୍ପଦ ଯେ ।

---

୩୬ଶ ପଦ — ବିଷାଦ — ଦୁଃଖ । ବପୁ — ଦେହ ।

୩୭ଶ ପଦ — ସୁରକ୍ତସ୍ନେହୀ — ଅତି ସ୍ନେହୀ ବା ଅତି ଅନୁରାଗବତୀ । କ୍ଷୀଣ ବସନେ — ସୂକ୍ଷ୍ମ ବସ୍ତ୍ରରେ ବା ପତଳା ଲୁଗାରେ ।

---

ନାମମାନଙ୍କୁ ଉଚ୍ଚାରଣ କରି ନିଜର ସ୍ନେହରୂପ ସୂତାରେ ଗୁନ୍ଥିଲେ, ଏଣୁ ମନେହୁଏ ସେ କଣ ଜଣେ ମାଳୀ କି ?

୩୬ଶ ପଦ — ଛନ୍ଦରେ 'ହେ ଶିବ ମୋର ଦୁଃଖ ହରଣ କର' ଏହି ବାକ୍ୟ ଉଚ୍ଚାରଣ କରୁ କରୁ ତାଙ୍କର ଦେହର ଲୋମ ଟାଙ୍କୁରି ଉଠିଲା । ଏହି ସାତ୍ତ୍ୱିକ ବିକାର ଜାତ ହେବାରୁ ରାମଚନ୍ଦ୍ର ଅତଏବ ସ୍ନେହବଶତଃ ପୁନର୍ବାର କହିଲେ, "ମୁଁ କେଉଁ ପୁଣ୍ୟବଶରୁ ସେହି ସୁନ୍ଦରୀଶ୍ରେଷ୍ଠାଙ୍କୁ ପାଇଥିଲି ?"

୩୭ଶ ପଦ — "ପ୍ରିୟା ପାତଳ ଲୁଗାକୁ ଅତଏବ ଆଦର କଲେ, କିନ୍ତୁ ମୁଁ ତାଙ୍କୁ ଆଲିଙ୍ଗନ କଲେ, ସେହି ଆଦରଣୀୟ ଲୁଗାକୁ ମଧ୍ୟ ଦେହରୁ ଅନ୍ତର କରେ । ଜଳରେ ଜଳ ମିଶିଗଲା ପରି ମୋର ଦେହରେ ତାର ଦେହ ମିଶିଯାଏ । ଏଣୁ ସେହି ସମୟରେ ମୁଁ କୁଙ୍କୁମ ବୋଳି ହେଲି ପରି ଲାଗେ ।"

୩୮ଶ ପଦ — "ପ୍ରିୟା ମୋ କୋଳରେ ବସିବା ସମୟରେ ଆମ୍ଭ ଦୁହିଁଙ୍କର ଶୋଭା ଶିବ ପାର୍ବତୀଙ୍କର ଶୋଭାର ସହିତ ସମାନ ଦେଖାଯାଏ ।

ଅଭେଦ ନ ଥାଇ ତ ବିଷ୍ଣୁ ଶିବରେ ।
ଅଭୋଗୀ ହୋଇଥିଲି ବେନି ପରିରେ ଯେ । ୩୮ ।
ବାଳା ଅନୁସରଣେ ସ୍ୱତଃ ମୁଁ ଯାଇ ।
ବକ୍ତ୍ର ପଦ୍ମ ଚୁମ୍ବନେ ଭ୍ରମର ହୋଇ ଯେ ।
ବ୍ରହ୍ମାଣ୍ଡଶା ଅଭାଗ୍ୟ କାହୁଁ ଘୋଟିଲା ।
ବେନି କଥା ଏ ଯେଣେ ଅନ୍ତର ହେଲା ଯେ । ୩୯ ।
ବ୍ରହ୍ମା ହେଲୁ ତୁ ଭାଗ୍ୟ ଭାନୁ ଉଦିତେ ।
ବିଧାନ ହେବ ପ୍ରେମ ସୃଷ୍ଟି ଯେମନ୍ତେ ଯେ ।

---

୪୦ଶ ପଦ—ଭାନୁ—ସୂର୍ଯ୍ୟ । ହନୁଉଦିତ-ସୁଗ୍ରୀବ । ଅଶ୍ରୁ-ଲୋତକ ।

---

କେବଳ ଏକମାତ୍ର ମୋର ବର୍ଣ୍ଣରେ ପ୍ରଭେଦ ରହିଯାଏ । ( କାରଣ ମୁଁ ଦୁର୍ବାଦଳ ଶ୍ୟାମଳ, ଶିବ ରଜତ ଗୌର ଅଟନ୍ତି ) । କିନ୍ତୁ ବିଷ୍ଣୁ ଓ ଲକ୍ଷ୍ମୀଙ୍କର ଯୁଗଳ ଶୋଭା ସହିତ ଆମ୍ଭ ଶୋଭାର କୌଣସି ମାତ୍ର ପ୍ରଭେଦ ଦେଖାଯାଏ ନାହିଁ । ( କାରଣ ବିଷ୍ଣୁ ଓ ମୁଁ ଦୁହେଁ ଶ୍ୟାମଳ ବର୍ଣ୍ଣ ଅଟୁଁ ) । ଅତଏବ ପାର୍ବତୀ ଓ ଲକ୍ଷ୍ମୀଙ୍କର ସମାନବର୍ଣ୍ଣା ସୀତାଙ୍କୁ ପାଇ ମୁଁ ଶିବ ଓ ବିଷ୍ଣୁଙ୍କ ପରି ଭୋଗୀ ହୋଇଥିଲି ।"

୩୯ଶ ପଦ—"ମୁଁ ମୋର ପ୍ରିୟାକୁ ଯାଇ ତାର ଅନୁସରଣ କରୁଥିଲି ଓ ତାର ମୁଖପଦ୍ମକୁ ଭ୍ରମର ପରି ଚୁମ୍ବନ କରୁଥିଲି, କିନ୍ତୁ ମୋର ଅଭାଗ୍ୟ ରୂପ ବ୍ରହ୍ମରାତ୍ରି କାହୁଁ ଘୋଟି ଆସି ସେହି ଦୁଇଗୋଟି କଥା ମୋଠାରୁ ଛଡ଼ାଇ ନେଲା ।"

୪୦ଶ ପଦ—ଏହି ସବୁ ଭାବନା ଶେଷ କରି ରାମଚନ୍ଦ୍ର କହିଲେ "ହେ ହନୁମାନ୍ ! ବ୍ରହ୍ମରାତ୍ର ଶେଷ ହେଲେ ବ୍ରହ୍ମା ନିଦ୍ରା ତ୍ୟାଗକରି ସ୍ୱୀୟ କାର୍ଯ୍ୟ କ୍ଷେତ୍ରରେ ଉପସ୍ଥିତ ହୁଅନ୍ତି, ସେହିପରି ମୋର ଦୁର୍ଭାଗ୍ୟ ରାତ୍ରି ଶେଷ ହେବାରୁ ତୁ ବ୍ରହ୍ମାଙ୍କ ପରି ଏଠାରେ ଉପସ୍ଥିତ ହୋଇଅଛୁ ଏବଂ ବ୍ରହ୍ମଦିବସର ପ୍ରଭାତରେ ସୂର୍ଯ୍ୟ ଉଦୟ ହେଲାପରି, ମୋର ସୌଭାଗ୍ୟ ସୂଚକ ସୂର୍ଯ୍ୟ ତୁଲ୍ୟ 'ଭାନୁ' ସୂର୍ଯ୍ୟଙ୍କ ପୁତ୍ର ସୁଗ୍ରୀବ ପ୍ରକାଶିତ ହୋଇଅଛନ୍ତି । କାର୍ଯ୍ୟକ୍ଷେତ୍ରରେ ପ୍ରବିଷ୍ଟ ବ୍ରହ୍ମା ପୁନର୍ବାର ସ୍ୱୀୟ କାର୍ଯ୍ୟ ସୃଷ୍ଟିକୁ ଆରମ୍ଭ କଲା ପରି ତୁମ୍ଭେ ଦୁହେଁ ଆମ୍ଭ ଦୁହିଁଙ୍କର ପୁନର୍ବାର ପ୍ରେମ ସୃଷ୍ଟିହେବା ନିମିତ୍ତ କାର୍ଯ୍ୟାରମ୍ଭ କର ।" ଏହା ଶୁଣି ହନୁମାନ କହିଲା, ଆଜଠାରୁ ଆପଣଙ୍କର "ଅଶ୍ରୁ ପ୍ରଳୟ" ପ୍ରଳୟକାଳୀନ ଜଳ ପରି ସନ୍ତତ

ବୋଇଲା ହନୁମାନ ଅଶ୍ରୁ ପୁଳକସ୍ତ ।
ଭଣୀଶ୍ରୀ ହେଲା ଏବେ ତେଜ ହଣସ୍ତୁ ସେ । ୫୦ ।
ବରାହବର ଯୋଗେ ଧରାସୁନ୍ଦରୀ ।
ବଳେ ବାରୁଣସ୍ଥଙ୍କୁଁ ଆଣି ଉଦ୍ଧରି ସେ ।
ବରଣ ଥିଲା ପୁରେ କେଳ ରଚିବ ।
ଭଜସ୍ତୁ ଦୈତ୍ୟ ସୁତଃ କାହୁଁ ବଞ୍ଚିବ ସେ । ୫୧ ।
ବୟାଳିଶ ପଦରେ ଏ ଚମତ୍କାର ।
ବୁଧେ ହେଳା ନ କରି ମନେ ଆଦର ସେ ।
ବୋଲଇ ଉପେନ୍ଦ୍ର ଭଞ୍ଜ ଏ ଗୀତ ।
ବୈଦେହୀଶବିଳାସ ନାମ ଉଦିତ ସେ ।

---

୫୧ଶ ପଦ—ବରାହବର ଶ୍ରେଷ୍ଠ ବରାହ । ଧରାସୁନ୍ଦରୀ—ମନୋହାରିଣୀ ପୃଥ୍ୱୀଦେବୀ । ବାରୁଣସ୍ଥଙ୍କୁ—ବରୁଣ ପୁରରୁ ଅର୍ଥାତ୍ ସମୁଦ୍ର ଜଳରୁ, ଲଙ୍କା ପୁରରୁ । ବରାହବ—ବଡ଼ଯୁଦ୍ଧ । ବରଣ—ପ୍ରାଚୀର ।

୫୨ଶ ପଦ—ବୁଧେ—ପଣ୍ଡିତମାନେ ।

---

ପରିବର୍ଣ୍ଣିତ ଶ୍ଳୋକକଥାରୁ ସ୍ପଷ୍ଟ ପ୍ରାପ୍ତ ହେଲା । ସୁତରାଂ ମନରୁ ସନ୍ଦେହ ଦୂର କରନ୍ତୁ ।"

୫୧ଶ ପଦ—"ଆପଣ ଶ୍ରେଷ୍ଠ ବରାହ ଅବତାରରେ ଯେପରି ପୃଥିବୀ ଦେବୀଙ୍କୁ ଜଳମଧ୍ୟରୁ ବଳପୂର୍ବକ ଉଦ୍ଧାର କରିଥିଲେ, ସେହିପରି ଏହି ଅବତାରରେ ପୃଥିବୀ ପୁତ୍ରୀ ସୀତାଙ୍କୁ ଯୁଦ୍ଧଦ୍ୱାରା ସମୁଦ୍ର ଜଳ ପରିବେଷ୍ଟିତ ଲଙ୍କାପୁରରୁ ବଳପୂର୍ବକ ଉଦ୍ଧାର କରି ପ୍ରାଚୀର ବେଷ୍ଟିତ ସେହି ଲଙ୍କାପୁରରେ କ୍ରୀଡ଼ା କରିବେ । ଆପଣ ସେଠାରେ କ୍ରୀଡ଼ା କଲେ ଦୁର୍ଦ୍ଧର୍ଷ ରାବଣ ବଞ୍ଚି ରହିବ କି ? ଅର୍ଥାତ୍ ସେ ବଞ୍ଚି ପାରିବ ନାହିଁ ।"

୫୨ଶ ପଦ—ହେ ପଣ୍ଡିତମାନେ ଏହି ଛାନ୍ଦ ବୟାଳିଶ ଗୋଟି ପଦରେ ଅତି ଚମତ୍କାର ହୋଇଅଛି । ଏଣୁ ଏହିସବୁ ପଦଗୁଡ଼ିକୁ ହେୟ ମନେ ନ କରି ଆଦର କର । ବୈଦେହୀଶବିଳାସ ନାମରେ ପ୍ରକାଶିତ ଏହି ଗୀତକୁ ଉପେନ୍ଦ୍ର ଭଞ୍ଜ ରଚନା କରି ଅଛନ୍ତି ।

## ଊନଚତ୍ୱାରିଂଶ ଛାନ୍ଦ

### ରାଗ—ମଙ୍ଗଳ

ବାତସୂତ ଶୁଭ୍ରପକ୍ଷ ଉତ୍ତର । ବିବୃଦ୍ଧି କଲା ରାମଚନ୍ଦ୍ରର ।୧।
ବିରାଜ ଧନୁରେ ମଣ୍ଡଳ ରଚି । ବିସ୍ତରି କର ଶରରେ ରୁଚି ।୨।
ବିସ୍ତାରି କରେ କୁମୁଦ ପ୍ରସିଦ୍ଧ । ବିସ୍ତରି ପଦ୍ମପରରେ କ୍ରୋଧ ।୩।

---

୧ମ ପଦ—ବାତସୂତ—ହନୁମାନ । ଶୁଭ୍ରପକ୍ଷ—ଶୁକ୍ଳପକ୍ଷ । ରାମଚନ୍ଦ୍ର—ରମଣୀୟ ଚନ୍ଦ୍ର ।

୨ୟ ପଦ—ଧନୁରେ—ଧନୁରାଶିରେ । ମଣ୍ଡଳ—ଗୋଲାକାର । କର—ହସ୍ତ, କିରଣ । ରୁଚିର—ମନୋହର ।

୩ୟ ପଦ—କୁମୁଦ—କଇଁ ଫୁଲ, ପୃଥିବୀର ଆନନ୍ଦ । ପର—ଶତ୍ରୁ, ଉତ୍କୃଷ୍ଟ ।

---

## ଊନଚତ୍ୱାରିଂଶ ଛାନ୍ଦ

୧ମ ପଦ—ଶୁକ୍ଳପକ୍ଷରେ ଚନ୍ଦ୍ର ବୃଦ୍ଧି ପ୍ରାପ୍ତ ହେଲାପରି ହନୁମାନର ନିଷ୍କପଟ ଉତ୍ତରରେ ରାମଚନ୍ଦ୍ରଙ୍କର ଆନନ୍ଦ ବୃଦ୍ଧି ପ୍ରାପ୍ତ ହେଲା ।

୨ୟ ପଦ—ଚନ୍ଦ୍ର ଯେପରି ଧନୁରାଶିରେ ଅବସ୍ଥାନ କରି ଗୋଲାକାର ଧାରଣ ପୂର୍ବକ ମନୋହର କିରଣପୁଞ୍ଜଦ୍ୱାରା ସ୍ୱୀୟ ସୌନ୍ଦର୍ଯ୍ୟକୁ ପ୍ରକାଶିତ କରନ୍ତି, ରାମଚନ୍ଦ୍ର ସେହିପରି ବାମ ହସ୍ତରେ ଧନୁ ଧରି ତାର ଗୁଣକୁ ଶରଧାରୀ ଦକ୍ଷିଣ ହସ୍ତରେ କାନ ପର୍ଯ୍ୟନ୍ତ ଟାଣି ମଣ୍ଡଳାକାର କରିଦେବାଦ୍ୱାରା ନିଜର ଶୋଭାକୁ ବିସ୍ତାରିତ କଲେ ।

୩ୟ ପଦ ଚନ୍ଦ୍ର ଯେପରି କଇଁଫୁଲକୁ ପ୍ରସ୍ଫୁଟିତ କରି ପଦ୍ମକୁ ମୁଦ୍ରିତ କରନ୍ତି, ସେହିପରି ରାମଚନ୍ଦ୍ର ପୃଥିବୀକୁ ଆନନ୍ଦିତ କରି ଶତ୍ରୁମାନଙ୍କ ଉପରେ କ୍ରୋଧ ପ୍ରକାଶ କଲେ ।

ଶିଖରେ ଉଦୟ ଗିରି ଉପର । ବିହାରକାରୀ କଉଶିକର ।୪।
ବୋଇଲେ ଯିବା ଏହି ଅନୁକୂଳେ । ବନିତା ଅଙ୍ଗେ ଶୁଭ ଦିଶିଲେ ।୫।
ବିଶେଷ ଲାବଣ୍ୟ ଲକ୍ଷ୍ମୀର ପୁର । ବିହିତ ମଧ୍ୟେ ସିଂହାବତାର ।୬।
ବଦ୍ୟ ଷାସ୍ତ୍ରବତ ହୁଁ ହୁଁ ଆରମ୍ଭି । ବେଶ୍ମରେ ଦ୍ୱିଜ ସମ୍ମତି ଲଭି ।୭।
ବାର ଲଗ୍ନ ଯୋଗ ଜାମ୍ବବ ହେଜ । ବହନ ବନ୍ଧାପନା ସରଜ ।୮।

---

୪ର୍ଥ ପଦ—କୌଶିକ—ପେଚକ, ଇନ୍ଦ୍ର ।
୭ମ ପଦ—ଦ୍ୱିଜ— ବ୍ରାହ୍ମଣ, ପକ୍ଷୀ ।

---

୪ର୍ଥ ପଦ—ଚନ୍ଦ୍ର ଯେପରି ନିୟମାନୁସାରେ ଉଦୟ ପର୍ବତର ଶିଖର ଦେଶରେ ଉଦୟ ହୋଇ ପେଚକମାନଙ୍କୁ ନିର୍ବାଧରେ କ୍ରୀଡ଼ା କରିବା ପାଇଁ ସୁଯୋଗ ପ୍ରଦାନ କରନ୍ତି, ରାମଚନ୍ଦ୍ର ସେହିପରି ନିୟମାନୁସାରେ ଯୁଦ୍ଧଯାତ୍ରା କରିବା ନିମିତ୍ତ ମାଲ୍ୟବନ୍ତ ଗିରିର ଉପରିଭାଗରେ ପ୍ରକାଶିତ ହୋଇ ଇନ୍ଦ୍ରଙ୍କୁ କ୍ରୀଡ଼ା କରିବାକୁ ସୁଯୋଗ ପ୍ରଦାନ କଲେ ।

୫ମ ପଦ—ଯୁଦ୍ଧଯାତ୍ରା କରିବାର ମନେ ମନେ ନିଶ୍ଚୟ କରି ରାମଚନ୍ଦ୍ର କହିଲେ, "ବର୍ତ୍ତମାନ ଅନୁକୂଳ କରି ଲଙ୍କାକୁ ଯିବା; କାରଣ ପ୍ରିୟା ଅଙ୍ଗରେ ଥିବା ଶୁଭଲକ୍ଷଣମାନ ମୋତେ ଦେଖା ଦେଉଅଛନ୍ତି । ଅର୍ଥାତ୍ ଭାବନା କରିବା ଦ୍ୱାରା ସୀତାଙ୍କର ରୂପ ମୋତେ ଦେଖାଯାଉଛି ।"

୬ଷ୍ଠ ପଦ—"ପ୍ରିୟା ଲାବଣ୍ୟରୂପା ଲକ୍ଷ୍ମୀଙ୍କର ବାସସ୍ଥାନ ଅଟେ ଏବଂ ତାହାର କଟୀ ପ୍ରଦେଶ ନୃସିଂହାବତାର ପରି ଦେଖାଯାଏ । ଅର୍ଥାତ୍ ମୁଁ ଭାବନାରେ ପ୍ରିୟାକୁ ଦେଖି ତାର ସୌନ୍ଦର୍ଯ୍ୟକୁ ଲକ୍ଷ୍ମୀ ଓ ତାର ସିଂହକଟୀ ତୁଲ୍ୟ କଟୀଦେଶକୁ ନୃସିଂହ ବୋଲି ମନେ କରୁଛି । ( ଲୋକମାନେ ଲକ୍ଷ୍ମୀ ନୃସିଂହଙ୍କୁ ସ୍ମରଣ କରି ଅନୁକୂଳ କରନ୍ତି କିନ୍ତୁ ସେହି ଲକ୍ଷ୍ମୀ ନୃସିଂହ ସ୍ୱତଃ ମୋ ମନରେ ପ୍ରକାଶିତ ହେଉ ଅଛନ୍ତି ଏଣୁ ଅନୁକୂଳ କରିବାର ଏ ଯଥାର୍ଥ ସମୟ ) ।"

୭ମ ପଦ—"ଅନୁକୂଳ କରିବାକୁ ହେଲେ ବ୍ରାହ୍ମଣଙ୍କ ଠାରୁ ଆଦେଶ ଗ୍ରହଣ କରିବା ଦରକାର । ବର୍ତ୍ତମାନ ଲୋକମାନଙ୍କର ବା ବେଦ ଶାସ୍ତ୍ରର ବ୍ୟବହାର ଅନୁସାରେ ଦ୍ୱିଜ ନାମରେ ପରିଚିତ ମନୋହର କପୋତ ପକ୍ଷୀମାନେ ହୁଁ ହୁଁ ଶବ୍ଦ ଆରମ୍ଭ କରି ଅନୁକୂଳ କରିବାପାଇଁ ଏହା ଉପଯୁକ୍ତ ସମୟ ବୋଲି ଆମ୍ଭମାନଙ୍କୁ ସମ୍ମତି ପ୍ରଦାନ କରୁଅଛନ୍ତି ।"

୮ମ ପଦ—ରାମଚନ୍ଦ୍ର ଏହିପରି କହିବାରୁ ଜାମ୍ବବାନ ବାର, ଲଗ୍ନ ଓ ଯୋଗ ପ୍ରଭୃତି ସ୍ଥିର କରି ଅନ୍ତର୍ଶସ୍ତ୍ର ବନ୍ଧାପନାର ଆୟୋଜନ କଲେ ।

ବନପ୍ରିୟ ଗାନ ଗୀତ ମଙ୍ଗଳେ । ବିୟରେ ରାଜହଂସ ମିଳଲେ ।୯।
ବାମେ ଶିବା ଗତ ଶବ ଘେନିଣ । ବାହାର ହେଲେ ରାମ ଲକ୍ଷ୍ମଣ ।୧୦।
ଭଜନ୍ତୁ ମାରୁତି ଅଙ୍ଗଦ ସ୍କନ୍ଧେ । ବିନୟେ ସଙ୍ଗେ ସୁଗ୍ରୀବ ବୋଧେ ।
ବେନିଭ୍ରାତ ବେନିଭ୍ରାତେ ରୁଚିର । ବିପତି ବୃଷ କି ହରି ହର । ୧୨ ।
ବୁଜାଇ ନୟନ ରଜନିକରେ । ବଳରେ ସୃଷ୍ଟି କବଳ କରେ ।୧୩।

---

୯ମ ପଦ—ବନପ୍ରିୟଗାନ—କୋକିଳ ସ୍ୱର । ବିୟତେ—ଆକାଶରେ ।

୧୦ମ ପଦ - ଶିବା—ଶୃଗାଳ ।

୧୩ଶ ପଦ—ରଜନିକରେ—ଧୂଳିପଟଳ ଦ୍ୱାରା । କବଳ—ଗ୍ରାସ ।

---

୯ମ ପଦ—ଅନୁକୂଳ କରିବା ସମୟରେ ମଙ୍ଗଳାଷ୍ଟକ ପାଠ ହୁଏ । ମାତ୍ର ଏହି ଅନୁକୂଳ ସମୟରେ ସ୍ୱନ ଶୁଣା ଯିବାରୁ ତାହା ମଙ୍ଗଳାଷ୍ଟକ ଗାନର ସ୍ଥାନ ଅଧିକାର କଲା ଏବଂ ଏହି ସମୟରେ ଆକାଶରେ ଉଡ଼ୁଥିବା ହଂସମାନେ ମଙ୍ଗଳସୂଚକ ହୋଇ ଦେଖା ଦେଲେ ।

୧୦ମ ପଦ—ଏହି ସମୟରେ ବାମ ଭାଗରେ ବିଲୁଆ ମୃତଶବକୁ ନେଇ ଯାଉଥିବାର ଦେଖି ରାମ ଲକ୍ଷ୍ମଣ ଦୁହେଁ ଯାତ୍ରା କରି ବାହାରିଲେ ।

୧୧ଶ ପଦ - ତତ୍ପରେ ସୁଗ୍ରୀବ ବିନୟ ପୂର୍ବକ ଅନୁରୋଧ କରି କହିଲେ, "ହେ ଦେବ ! ଆପଣ ଦୁହେଁ ହନୁମାନ ଓ ଅଙ୍ଗଦ ଏହି ଦୁହିଙ୍କର ସ୍କନ୍ଧରେ ବିଜେ କରନ୍ତୁ ।"

୧୨ଶ ପଦ—ତହୁଁ ରାମ, ଲକ୍ଷ୍ମଣ ଦୁଇଭାଇ ହନୁମାନ ଓ ଲକ୍ଷ୍ମଣ ଏହି ଦୁଇଭାଇଙ୍କ ସ୍କନ୍ଧରେ ବସି ଗରୁଡ଼ ଓ ବୃଷଭ ଉପରେ ବିଜେ କରିଥିବା ବିଷ୍ଣୁ ଓ ଶିବଙ୍କ ପରି ଦେଖା ଗଲେ ।

୧୩ଶ ପଦ—ଏହି ଯାତ୍ରା ସମୟରେ ସୈନ୍ୟମାନଙ୍କ ପଦାଘାତଦ୍ୱାରା ଉଡ଼ୁଥିବା ଧୂଳିସମୂହରେ ଲୋକମାନଙ୍କ ଚକ୍ଷୁ ବୁଜି ହୋଇଗଲା । ସୈନ୍ୟମାନେ ସ୍ୱୀୟ ବଳରେ ସୃଷ୍ଟିକୁ ଆକ୍ରମଣ କରିବାକୁ ଲାଗିଲେ । ଏହା ଦେଖି ଦର୍ଶକମାନେ ମନେ କଲେ, ସେହି ହରିହର ଦୁହିଁଙ୍କ ମଧ୍ୟରୁ ହରି ଚକ୍ଷୁ ବୁଜି ରାତ୍ରିକୁ ପ୍ରକାଶିତ କଲେ କି ? ଏବଂ ହର ନିଜର ବଳରେ ସୃଷ୍ଟିକୁ ନାଶ କରିବାକୁ ଇଚ୍ଛା ପ୍ରକାଶ କଲେ କି ? ( ଅର୍ଥାତ୍ ପ୍ରଳୟକାଳ ଉପସ୍ଥିତ ହେଲା କି ) ?"

ବ୍ୟୋମଗଙ୍ଗାରେ ସ୍ୱେଦ-ନଦୀ ବାଢ଼ି । ବପୁରେ ସନ୍ଧି ଯେ ନ ସମ୍ପାଢି । ୧୪ ।
ବାସୁକି ସମାନ ସୋଦର ଡାକି । ବସୁଧା ଥିବା ସଙ୍ଗତେ ଟେକି । ୧୫ ।
ବଲ୍ଲଭ ସଙ୍ଗ ମାନବ ଯୁବତୀ । ବହିଲା ସେହି ଉପମା କ୍ଷିତି । ୧୬ ।
ବ୍ୟଥା ପାଇଲେ ତାହା ନ ଗଣିଲା । ବିବେକ ତରସଂତାପ ଗଲା । ୧୭ ।
ବିକଳ କେତକୀରେ ଭୃଙ୍ଗ ପ୍ରାୟେ । ବହିବା ମାର୍ଗ ବାୟୁ ନ ପାଏ । ୧୮ ।

---

୧୪ଶ ପଦ—ସ୍ୱେଦ—ଝାଳ । ବ୍ୟୋମଗଙ୍ଗା—ଆକାଶ ଗଙ୍ଗା । ବପୁ—ଦେହ ।

୧୬ଶ ପଦ—କ୍ଷିତି—ପୃଥିବୀ ।

---

୧୪ଶ ପଦ—ଏହି ସମୟରେ ସୈନ୍ୟମାନଙ୍କ ଦେହରୁ ବହୁଥିବା ଝାଳ ନଦୀ ରୂପରେ ପରିଣତ ହୋଇ ସ୍ୱର୍ଗଙ୍ଗା ସହିତ ସମାନ ହେବାକୁ ଇଚ୍ଛା କଲା, ତେଣୁ ଗଙ୍ଗା ଯେପରି ନିଜ ଦେହରେ ଜଳଶୂନ୍ୟ ସ୍ଥାନ ନ ରଖି ଅର୍ଥାତ୍ ଉଭୟ ତଟକୁ ପୂର୍ଣ୍ଣକରି ପ୍ରବାହିତ ହୁଅନ୍ତି, ଏହି ଝାଳ ନଦୀ ସେହିପରି ହେବାକୁ ଲାଗିଲା । ( ସୈନ୍ୟମାନେ ଲଗା ଲଗି ହୋଇ ଯାଉଥିବାରୁ ତାଙ୍କର ଦେହରୁ ନିର୍ଗତ ସ୍ୱେଦରାଶି ଏକର ଦେହରୁ ଅନ୍ୟର ଦେହରେ ଲାଗି ଆକାଶବାହିନୀ ଗଙ୍ଗାର ଶୋଭାକୁ ପ୍ରକାଶ କରୁଥିଲା ) ।

୧୫ଶ ପଦ—ଏହି ସମୟରେ ପୃଥିବୀ ଭାରବତୀ ବୋଧ ହେବାରୁ ବାସୁକି ଆପଣା ସମାନ ବଳବାନ ଭାଇମାନଙ୍କୁ ଡାକି କହିଲା, "ହେ ଭାଇମାନେ ଆସ, ଆମ୍ଭେମାନେ ଏକତ୍ରିତ ହୋଇ ପୃଥିବୀକୁ ଟେକି ରଖିବା ।"

୧୬ଶ ପଦ—ନୂତନ ଯୁବତୀମାନେ ଯେପରି ନିଜ ସ୍ୱାମୀଙ୍କ ସଙ୍ଗ ପାଇଲେ ଆନନ୍ଦିତା ହୁଅନ୍ତି, ପୃଥିବୀ ସେହିପରି ଆନନ୍ଦିତା ହେଲେ ।

୧୭ଶ ପଦ—ରାମଚନ୍ଦ୍ରଙ୍କ ସୈନ୍ୟମାନେ ଯିବା ଦ୍ୱାରା ଯେଉଁ କଷ୍ଟ ଅନୁଭବ କରିବାକୁ ହେଉଥିଲା, ପୃଥିବୀ ତାହାକୁ ଗଣନା କରି ନ ଥିଲେ । କାରଣ ସେ ସ୍ଥିର କଲେ ଯେ, ବହୁକାଳ ହେଲା ରାବଣଠାରୁ ଯେଉଁ ଦୁଃଖ ଭୋଗ କରିବାକୁ ହେଉଥିଲା, ତାହା ଆଜଠାରୁ ଗଲା ।

୧୮ଶ ପଦ—ଭ୍ରମର କେତକୀ ଫୁଲରେ ବସିଲେ ଯେପରି ବିକଳ ହୁଏ ସେହିପରି ପବନ ଜଗତକୁ ସୈନ୍ୟସଙ୍କୁଳ ଦେଖି କେଉଁ ବାଟରେ ପ୍ରବାହିତ ହେବ ସ୍ଥିର କରି ନ ପାରି ବିକଳ ହେବାକୁ ଲାଗିଲା ।

ବନପ୍ରିୟ ଗାନ ଗୀତ ମଙ୍ଗଳେ । ବିୟତରେ ରାଜହଂସ ମିଳିଲେ ।୯।
ବାମେ ଶିବା ଗତ ଶବ ଘେନିଣ । ବାହାର ହେଲେ ରାମ ଲକ୍ଷ୍ମଣ ।୧୦।
ବିଜୟ ମାରୁତି ଅଙ୍ଗଦ ସ୍କନ୍ଧେ । ବିନୟେ ସଙ୍ଗ ସୁଗ୍ରୀବ ବୋଧେ ।
ବେନଭ୍ରାତ ବେନଭ୍ରାତେ ରୁଚିର । ବିପତ୍ତି ବୃଷ କି ହରି ହର । ୧୨ ।
ବୁଜାଇ ନୟନ ରଜନିକରେ । ବଳରେ ସୃଷ୍ଟି କବଳ କରେ ।୧୩।

---

୯ମ ପଦ — ବନପ୍ରିୟଗାନ— କୋକିଳ ସ୍ୱର । ବିୟତେ— ଆକାଶରେ ।

୧୦ମ ପଦ - ଶିବା— ଶୃଗାଳ ।

୧୩ଶ ପଦ – ରଜନିକରେ— ଧୂଳିପଟଳ ଦ୍ୱାରା । କବଳ— ଗ୍ରାସ ।

---

୯ମ ପଦ— ଅନୁକୂଳ କରିବା ସମୟରେ ମଙ୍ଗଳାଷ୍ଟକ ପାଠ ହୁଏ । ମାତ୍ର ଏହି ଅନୁକୂଳ ସମୟରେ ସ୍ୱନ ଶୁଣା ଯିବାରୁ ତାହା ମଙ୍ଗଳାଷ୍ଟକ ଗାନର ସ୍ଥାନ ଅଧିକାର କଲା ଏବଂ ଏହି ସମୟରେ ଆକାଶରେ ଉଡ଼ୁଥିବା ହଂସମାନେ ମଙ୍ଗଳସୂଚକ ହୋଇ ଦେଖା ଦେଲେ ।

୧୦ମ ପଦ— ଏହି ସମୟରେ ବାମ ଭାଗରେ ବିଲୁଆ ମୃତଶାବକୁ ନେଇ ଯାଉଥିବାର ଦେଖି ରାମ ଲକ୍ଷ୍ମଣ ଦୁହେଁ ଯାତ୍ରା କରି ବାହାରିଲେ ।

୧୧ଶ ପଦ - ତତ୍ପରେ ସୁଗ୍ରୀବ ବିନୟ ପୂର୍ବକ ଅନୁରୋଧ କରି କହିଲେ, "ହେ ଦେବ ! ଆପଣ ଦୁହେଁ ହନୁମାନ ଓ ଅଙ୍ଗଦ ଏହି ଦୁହିଙ୍କର ସ୍କନ୍ଧରେ ବିଜେ କରନ୍ତୁ ।"

୧୨ଶ ପଦ— ତହୁଁ ରାମ, ଲକ୍ଷ୍ମଣ ଦୁଇଭାଇ ହନୁମାନ ଓ ଲକ୍ଷ୍ମଣ ଏହି ଦୁଇ ଭାଇଙ୍କ ସ୍କନ୍ଧରେ ବସି ଗରୁଡ଼ ଓ ବୃଷଭ ଉପରେ ବିଜେ କରିଥିବା ବିଷ୍ଣୁ ଓ ଶିବଙ୍କ ପରି ଦେଖା ଗଲେ ।

୧୩ଶ ପଦ— ଏହି ଯାତ୍ରା ସମୟରେ ସୈନ୍ୟମାନଙ୍କ ପଦାଘାତଦ୍ୱାରା ଉଡ଼ୁଥିବା ଧୂଳିସମୂହଦ୍ୱାରା ଲୋକମାନଙ୍କ ଚକ୍ଷୁ ବୁଜି ହୋଇଗଲା । ସୈନ୍ୟମାନେ ସ୍ୱୀୟ ବଳରେ ସୃଷ୍ଟିକୁ ଆକ୍ରମଣ କରିବାକୁ ଲାଗିଲେ । ଏହା ଦେଖି ଦର୍ଶକମାନେ ମନେ କଲେ, ସେହି ହରିହର ଦୁହିଁଙ୍କ ମଧ୍ୟରୁ ହରି ଚକ୍ଷୁ ବୁଜି ସର୍ଗିକୁ ପ୍ରକାଶିତ କଲେ କି ? ଏବଂ ହର ନିଜର ବଳରେ ସୃଷ୍ଟିକୁ ନାଶ କରିବାକୁ ଇଚ୍ଛା ପ୍ରକାଶ କଲେ କି ? ( ଅର୍ଥାତ୍ ପ୍ରଳୟକାଳ ଉପସ୍ଥିତ ହେଲା କି ) ?'

ବ୍ୟୋମଗଙ୍ଗାରେ ସ୍ୱେଦ-ନଦୀ ବାଧି । ବିଗ୍ରହେ ସନ୍ଧି ଯେ ନ ସମ୍ଭାଳି । ୧୪ ।
ବାସୁକି ସମାନ ସୋଦର ଡାକି । ବସୁଧା ଥିବା ସଙ୍ଗତେ ଟେକି । ୧୫ ।
ବଲ୍ଲଭ ସଙ୍ଗ ମାନବ ଯୁବତୀ । ବହିଲ ସେହି ଉପମା କ୍ଷିତି । ୧୫ ।
ବ୍ୟଥା ପାଇଲେ ତାହା ନ ଗଣିଲ । ବିବେକ ଶିରସ୍ତାପ ଗଲା । ୧୭ ।
ବିକଳ କେତକୀରେ ଭୃଙ୍ଗ ପ୍ରାୟେ । ବହିବା ମାର୍ଗ ବାୟୁ ନ ପାଏ । ୧୮ ।

୧୪ଶ ପଦ—ସ୍ୱେଦ—ଝାଳ । ବ୍ୟୋମଗଙ୍ଗା—ଆକାଶ ଗଙ୍ଗା । ବିଗ୍ରହ—ଦେହ ।

୧୬ଶ ପଦ—କ୍ଷିତି—ପୃଥିବୀ ।

୧୪ଶ ପଦ—ଏହି ସମୟରେ ସୈନ୍ୟମାନଙ୍କ ଦେହରୁ ବହୁଥିବା ଝାଳ ନଦୀ ରୂପରେ ପରିଣତ ହୋଇ ସ୍ୱର୍ଗଙ୍ଗା ସହିତ ସମାନ ହେବାକୁ ଇଚ୍ଛା କଲା, ତେଣୁ ଗଙ୍ଗା ଯେପରି ନିଜ ଦେହରେ ଜଳଶୂନ୍ୟ ସ୍ଥାନ ନ ରଖି ଅର୍ଥାତ୍ ଉଭୟ ତଟକୁ ପୂର୍ଣ୍ଣକରି ପ୍ରବାହିତ ହୁଅନ୍ତି, ଏହି ଝାଳ ନଦୀ ସେହିପରି ହେବାକୁ ଲାଗିଲା । ( ସୈନ୍ୟମାନେ ଲଗା ଲଗି ହୋଇ ଯାଉଥିବାରୁ ତାଙ୍କର ଦେହରୁ ନିର୍ଗତ ସ୍ୱେଦରାଶି ଏକର ଦେହରୁ ଅନ୍ୟର ଦେହରେ ଲାଗି ଆକାଶବାହିନୀ ଗଙ୍ଗାର ଶୋଭାକୁ ପ୍ରକାଶ କରୁଥିଲା ) ।

୧୫ଶ ପଦ—ଏହି ସମୟରେ ପୃଥିବୀ ଭାରବତୀ ବୋଧ ହେବାରୁ ବାସୁକି ଆପଣା ସମାନ ବଳବାନ ଭାଇମାନଙ୍କୁ ଡାକି କହିଲା, "ହେ ଭାଇମାନେ ଆସ, ଆମ୍ଭେମାନେ ଏକତ୍ରିତ ହୋଇ ପୃଥିବୀକୁ ଟେକି ରଖିବା ।"

୧୬ଶ ପଦ—ନୂତନ ଯୁବତୀମାନେ ଯେପରି ନିଜ ସ୍ୱାମୀଙ୍କ ସଙ୍ଗ ପାଇଲେ ଆନନ୍ଦିତା ହୁଅନ୍ତି, ପୃଥିବୀ ସେହିପରି ଆନନ୍ଦିତା ହେଲେ ।

୧୭ଶ ପଦ—ରାମଚନ୍ଦ୍ରଙ୍କ ସୈନ୍ୟମାନେ ଯିବା ଦ୍ୱାରା ଯେଉଁ କଷ୍ଟ ଅନୁଭବ କରିବାକୁ ହେଉଥିଲା, ପୃଥିବୀ ତାହାକୁ ଗଣନା କରି ନ ଥିଲେ । କାରଣ ସେ ସ୍ଥିର କଲେ ଯେ, ବହୁକାଳ ହେଲା ରାବଣଠାରୁ ଯେଉଁ ଦୁଃଖ ଭୋଗ କରିବାକୁ ହେଉଥିଲା, ତାହା ଆଜିଠାରୁ ଗଲା ।

୧୮ଶ ପଦ—ଭ୍ରମର କେତକୀ ଫୁଲରେ ବସିଲେ ଯେପରି ବିକଳ ହୁଏ ସେହିପରି ପବନ ଜଗତକୁ ସୈନ୍ୟସଙ୍କୁଳ ଦେଖି କେଉଁ ବାଟରେ ପ୍ରବାହିତ ହେବ ସ୍ଥିର କରି ନ ପାରି ବିକଳ ହେବାକୁ ଲାଗିଲା ।

ବଜ୍ରପାତ ଘୋଷ ନିପାତ ଭବେ । ବିଷାଦ ବଳ ଜାତ ସ୍ୱଭାବେ ।୧୯।
ବାରିନିଧିକି କେତେ ଦିନେ ଭେଟି । ସାତ ତା ଅଧିକରେ ପ୍ରକଟି ।୨୦।
ବାଣାପୁଞ୍ଜ ପ୍ରାୟେ ବହୁ ପ୍ରବାଳେ । ଉରାଜ ଖ୍ୟାତ ଇକ୍ଷ୍ୱାକୁକୂଳେ ।୨୧।
ବୃନ୍ଦ ବୃନ୍ଦ ଯହିଁ କଚ୍ଛପଯୁକ୍ତ । ବିଶିଷ୍ଟ ସାରଗୁଣାଢ଼୍ୟ ବ୍ୟକ୍ତ ।୨୨।
ବିପିନ ପ୍ରାୟେ ପଳଶୀରେ ମେଳ । ବଦାଗ୍ର ଜନେ ଲଭ୍ୟ ସୁଫଳ ।୨୩।

୨୦ଶ ପଦ—ବାରିନିଧି—ସମୁଦ୍ର । ସାତ—ଲହରୀ ।

୨୧ଶ ପଦ—ପ୍ରବାଳ—ବାଣାଦଣ୍ଡ, ପୋହଳା । ଇକ୍ଷ୍ୱାକୁକୂଳେ—ଲଉକୁମ୍ଭମାନଙ୍କରେ, ସୂର୍ଯ୍ୟ ବଂଶରେ ।

୨୨ଶ ପଦ—କଚ୍ଛପ—ବାଣାପୀଠ, କଇଁଛ । ସାରଗୁଣ—ଉତ୍କୃଷ୍ଟ ତାରମାନ; ଉତ୍କୃଷ୍ଟଗୁଣ ବିଶିଷ୍ଟ ।

୨୩ଶ ପଦ—ବିପିନ—ବନ । ପଳଶୀ—ବୃକ୍ଷ, ମାଂସାଶୀ ।

୧୯ ପଦ—ସେହି ସୈନ୍ୟମାନଙ୍କର ବଜ୍ରନାଦ ତୁଲ୍ୟ ଅତି ଭୀଷଣ ଶବ୍ଦ ଶୁଣି ବଳି ରାଜାଙ୍କ ମନରେ ଦୁଃଖ ଜାତ ହେଲା ।

୨୦ଶ ପଦ—ଏହିପରି ଯାଇ ଯାଇ ସେହି ସୈନ୍ୟମାନେ କେତେ ଦିନ ପରେ ସମୁଦ୍ର କୂଳରେ ପହଞ୍ଚିଲେ । ଏହି ସୈନ୍ୟମାନଙ୍କୁ ଦେଖି ସମୁଦ୍ରର ଲହରୀ ଭୀଷଣ ଆକାର ଧାରଣ କଲା ।

୨୧ଶ ପଦ—ସେହି ସମୟରେ ସମୁଦ୍ର ବାଣାସମୂହ ପ୍ରାୟ ପରିଲକ୍ଷିତ ହେଲା । କାରଣ ବାଣାସମୂହ ଯେପରି ବହୁତ ଦଣ୍ଡ ଓ ଲଉକୁମ୍ଭାରେ ସୁଶୋଭିତ ହୋଇଥାଏ, ସେହିପରି ସମୁଦ୍ରକୂଳ ବହୁସଂଖ୍ୟକ ପୋହଳା ଓ ଇକ୍ଷ୍ୱାକୁବଂଶୀୟ ଖ୍ୟାତନାମା ରାମଚନ୍ଦ୍ରଙ୍କ ଦ୍ୱାରା ସୁଶୋଭିତ ହୋଇଥିଲା ।

୨୨ଶ ପଦ—ଯେପରି ବାଣାସମୂହରେ ଅସଂଖ୍ୟ ଅଂଶ ସଂଯୋଗ କରାଯାଇ ଥାଏ ଏବଂ ସେହି ଅଂଶମାନଙ୍କ ମଧ୍ୟରେ ପ୍ରଧାନ ଗୁଣ ( ବାଣାତାର ) ସବୁ ପରିଷ୍କାରଭାବରେ ଦେଖା ଯାଉଥାନ୍ତି ସେହିପରି ସମୁଦ୍ର ଅସଂଖ୍ୟ କଇଁଛ, ଅପରିମିତ ଜଳ ଓ ସ୍ୱୀୟ ଲୁଣିଆଁ ଗୁଣରେ ବା ନାନାବିଧ ରତ୍ନରେ ପ୍ରକାଶିତ ହୋଇଅଛି ।

୨୩ଶ ପଦ—ଆଉ ମଧ୍ୟ ସେହି ସମୁଦ୍ର ଗୋଟିଏ ଅରଣ୍ୟପରି ଦେଖା ଯାଉଥିଲା । କାରଣ ଅରଣ୍ୟ ଯେପରି ନାନାବିଧ ବୃକ୍ଷରେ ପୂର୍ଣ୍ଣ ହୋଇ ଭ୍ରମଣକାରୀମାନଙ୍କୁ ଉତ୍ତମ ଫଳ ପ୍ରଦାନ କରେ, ସେହିପରି ସମୁଦ୍ର କୁମ୍ଭୀର ପ୍ରଭୃତି ନାନାବିଧ ମାଂସାଶୀ ପ୍ରାଣୀରେ ପୂର୍ଣ୍ଣ ହୋଇ ମଧ୍ୟ ସମୁଦ୍ରସ୍ନାନକାରୀ ଲୋକମାନଙ୍କୁ ଉତ୍ତମ ଫଳ ( ତୀର୍ଥରାଜ ହେତୁ ପୁଣ୍ୟ ) ପ୍ରଦାନ କରୁଅଛି । ଅଥବା ତାହାର ଜଳରେ ସନ୍ତରଣ କରୁଥିବା ମୁକ୍ତା ସଂଗ୍ରହକାରୀ ବା ପୋତ ବଣିକମାନଙ୍କୁ ପ୍ରଚୁର ରତ୍ନ ପ୍ରଦାନ କରୁଅଛି ।

ବନସନ୍ତ ପରଭୃତ ଭ୍ରମରେ । ବରହୀ ସ୍ଥିତ ଯହିଁ ମଧ୍ୟରେ । ୨୪ ।
ବଳୁଷିବଂଶୀ ସିନ୍ଧୁକୂଳେ ସ୍ଥିତ । ବ୍ୟୂହକୁ କପିସୈନ୍ୟ ରଚିତ । ୨୫ ।
ବାର୍ତ୍ତାବହ ଲଙ୍କେଶ୍ୱରେ କହିଲା । ବାହୁଡ଼ ପୂର୍ବପଦ ଅଇଲା । ୨୬ ।
ବାନର ଋକ୍ଷ କେତେ ରାଜା ପୁଚ୍ଛେ । ବାରିଧି ଲଙ୍ଘନରେ କି ଇଚ୍ଛେ । ୨୭ ।
ବୋଲେ ସ୍ଥିରକି ପରୁର ସେ ସୈନ୍ୟ । ବାରିଧି ବେଣ ଭେଟ ରଞ୍ଜନ । ୨୮ ।

---

୨୪ଶ ପଦ—ପରଭୃତ—କୋକିଳ, ଉତ୍କୃଷ୍ଟ ଜଳଭଉଁରମାନ । ବର୍ହୀ—ମୟୂର, ବଡ଼ବାଗ୍ନି ।

୨୬ଶ ପଦ—ବାର୍ତ୍ତାବହ—ଦୂତ ।

୨୭ଶ ପଦ—ଋକ୍ଷ—ଭଲ୍ଲୁକ । ବାରିଧି—ସମୁଦ୍ର ।

---

୨୪ଶ ପଦ—ବନରେ ଯେପରି କୋକିଳମାନେ ଏବଂ ଭ୍ରମରମାନେ ବିହାର କରୁଥାନ୍ତି ସମୁଦ୍ରରେ ସେହିପରି ବଡ ବଡ଼ ଭଅଁର ( ଭଉଁରୀ ) ମାନେ ଦେଖାଯାଉ ଅଛନ୍ତି । ବନରେ ମୟୂରମାନେ ରହିଥାଆନ୍ତି, ସମୁଦ୍ରରେ ମଧ୍ୟ ବଡ଼ବାଗ୍ନି ରହିଅଛି ।

୨୫ଶ ପଦ—ରାମଚନ୍ଦ୍ର ସମୁଦ୍ର କୂଳରେ ରହି ବାନର ସୈନ୍ୟମାନଙ୍କ ଦ୍ୱାରା ବ୍ୟୂହ ରଚନା କଲେ ଅର୍ଥାତ୍ ଯୁଦ୍ଧ ନିମିତ୍ତ ସୈନ୍ୟମାନଙ୍କୁ ଶ୍ରେଣୀବଦ୍ଧ କରି ରଖିଲେ ।

୨୬ଶ ପଦ—ଏହି ସମୟରେ ଜଣେ ଦୂତ ରାବଣକୁ କହିଲା । ଦୂତ ରାବଣକୁ ଯାହା କହିଲା, ତାହା ଜାଣିବା ପାଇଁ ପଚିଶ ପଦର ଅର୍ଥକୁ ଏହି ଛବିଶ ପଦର ଅର୍ଥ ସ୍ଥାନରେ ଯୋଗ କରିବାକୁ ହେଲା । ଅର୍ଥାତ୍ ଦୂତ କହିଲା, "ରାମଚନ୍ଦ୍ର ସମୁଦ୍ର କୂଳରେ ରହି ବାନର ସୈନ୍ୟମାନଙ୍କ ଦ୍ୱାରା ବ୍ୟୂହ ରଚନା କଲେ ।"

୨୭ଶ ପଦ—ଦୂତଠାରୁ ଏହା ଶୁଣି ରାବଣ ତାକୁ ପଚାରିଲା, "ମର୍କଟ ଓ ଭାଲୁ ସୈନ୍ୟଙ୍କ ସଂଖ୍ୟା କେତେ ହେବ ? ଏବଂ ସେମାନେ ସମୁଦ୍ର ପାର ହେବାପାଇଁ କି ଉପାୟ ଅବଲମ୍ବନ କରୁଅଛନ୍ତି ?"

୨୮ଶ ପଦ—ଦୂତ କହିଲା, "ସେହି ସୈନ୍ୟମାନଙ୍କ ସଂଖ୍ୟା କଣ ପଚାରୁଛନ୍ତି ? ଅର୍ଥାତ୍ ସେମାନଙ୍କୁ ଗଣନା କରିହେବ ନାହିଁ । ସମୁଦ୍ରତୀରରେ ସ୍ଥିତ ସେହି ସୈନ୍ୟମାନଙ୍କୁ ଦେଖିଲେ ମନେ ହେଉଛି, ଏଠାରେ ଦୁଇଗୋଟି ସମୁଦ୍ର ମିଳିତ ହୋଇ ଶୋଭା ପ୍ରକାଶ କରୁଅଛନ୍ତି କି ?"

ବୋଲନ୍ତି ପିଇଲା ଅଗସ୍ତି ଏକ । କହୁତ ଗ୍ରାସେ କେତେ ଉଦକ ? ୨୯ ।
ବିନାଶରେ ପୂର୍ବପୁରୁଷ କୀର୍ତ୍ତି । ବୁଡ଼ିବା ବୋଲି ରାମ ବୋଲନ୍ତି । ୩୦ ।
ବକ୍ତ୍ରବିକାରେ କହେ ଲଙ୍କେଶ୍ୱର । କାରତାଯାକ ମିଥ୍ୟା ତୋହର । ୩୧ ।
ବ୍ରହ୍ମାଣ୍ଡରେ ଏତେ ବାନର କାହିଁ । ବଶ ସେ ପୁଣ ମନୁଷ୍ୟେ ହୋଇ ॥
ବିଭୀଷଣ ଶୁଣି ଯୋଡ଼ିଲା କର । ବୋଇଲା ସତ କହୁଛି ସ୍ୱର । ୩୩ ।
ବଣା ଦେଖି ହନୁମାନ ଆସିବା । ବାଳକ ବିନାଶିବା ଶୁଣିବା । ୩୪ ।
ବୋଲେ ରାବଣ ବଧ ବିସ୍ମରିଲେ । ବୃନ୍ଦାରି ତ୍ରିପୁରାରି କି କଲେ । ୩୫ ।
ବସାଇ ହାସ୍ୟ ପାଶରେ ନର୍ତ୍ତନ । ଭରତ ବୋଲୁଁ ଲଙ୍ଘିଲେ କୋଳ । ୩୬ ।

---

୩୧ଶ ପଦ—ବକ୍ତ୍ରବିକାରେ—ବିକୃତ ମୁଖରେ ।
୩୫ଶ ପଦ—ବୃନ୍ଦାରି—ଇନ୍ଦ୍ର । ତ୍ରିପୁରାରି—ମହାଦେବ ।

---

୨୯ଶ ଓ ୩୦ଶ ପଦ—"ସେହି ସୈନ୍ୟମାନେ କହୁଛନ୍ତି, ଅଗସ୍ତ୍ୟ ଋଷି ଏକାକୀ ସମୁଦ୍ର ଜଳକୁ ପାନ କରିଥିଲେ । ଆମ୍ଭେମାନେ ବହୁସଂଖ୍ୟକ, ସୁତରାଂ ସମସ୍ତେ ପାନ କଲେ ସମୁଦ୍ର ଜଳ କେତେ କି ? କିନ୍ତୁ ପୂର୍ବପୁରୁଷମାନଙ୍କର କୀର୍ତ୍ତି ନଷ୍ଟ ହୋଇଯିବ—ଏହା ଭାବି ରାମଚନ୍ଦ୍ର ସୈନିକମାନଙ୍କୁ କହୁଛନ୍ତି, ଅପେକ୍ଷା କର ଆମ୍ଭେ ସେ ବିଷୟ ବୁଝିବୁ ।"

୩୧ଶ ଓ ୩୨ଶ ପଦ—ଏହା ଶୁଣି ରାବଣ ମୁଖକୁ ବିକୃତ କରି କହିଲା, "ହେ ଦୂତ ! ତୁ ଯାହା କହୁଛୁ ସେହି ସମସ୍ତ କଥା ମିଥ୍ୟା ଅଟେ । ଏହି ପୃଥିବୀରେ ଏତେ ମାଙ୍କଡ଼ କେଉଁଠାରେ ଅଛନ୍ତି ? ପୁଣି ସେମାନେ ମନୁଷ୍ୟର ଅଧୀନତା ସ୍ୱୀକାର କଲେ କିପରି ?"

୩୩ଶ ଓ ୩୪ଶ ପଦ—ରାବଣର କଥା ଶୁଣି ବିଭୀଷଣ ହାତଯୋଡ଼ି କହିଲା, "ଦୂତ ଯାହା କହୁଅଛି ତାହା ସତ୍ୟ ଅଟେ । ହନୁମାନ ସମୁଦ୍ର ଲଂଘି ଏଠାକୁ ଆସିଲା ଏବଂ ରାମଚନ୍ଦ୍ର ବାଳିକୁ ବଧ କରିବା କଥା କହିଗଲା । ଏହା ଦେଖି ଓ ଶୁଣି ତଥାପି ତୁମ୍ଭେ ଭ୍ରମରେ ପଡ଼ିଅଛ କାହିଁକି ?"

୩୫ଶ ପଦ—ରାବଣ କହିଲା, "ଇନ୍ଦ୍ର ଓ ମହାଦେବ ମୋତେ ମାରିବାକୁ ଇଚ୍ଛା କରିଥିଲେ, କିନ୍ତୁ ମୋର କିଛି କରିପାରିଲେ ନାହିଁ, (ସେହିପରି ରାମ ମୋର କଣ କରିବ ?"

୩୬ଶ ପଦ—"ମୁଁ ଇନ୍ଦ୍ରକୁ ହାସ୍ୟ ପାଖରେ ବସାଇ ଶିବଙ୍କୁ ନାଚିବାପାଇଁ ଆଦେଶ ଦେଇଥିଲି । ସେ ଦୁହେଁ ମୋର ଆଦେଶ ଲଙ୍ଘନ କରିଥିଲେ କି ?"

ବଜ୍ର ଶୂଳ ଲୋମ ବଙ୍କ ନ କଲେ । ବାନର ନର କି କରି ପାରେ ।୩୭।
ବିଭୀଷଣ କଲା ପ୍ରତିଉତ୍ତର । ବିବେକ କରି ଶତ୍ରେ ଚୋହର ॥
କମ୍ପ ନ ପାରିଲୁ ପଣାକାଠିକି । ବୃଷାଙ୍କ ଗିରି ଥିଲୁ ଯେ ଟେକ ॥
ବଜ୍ରରେ ନମୁଚି ଦୈତ୍ୟ ନ ମଲା । ବାରିର ଫେନେ ବଧ ହୋଇଲା ॥
ବୋଇଲା ଲଙ୍କେଶ ସକ୍ରୋଧ ହୋଇ । କରଜୁ ପର ଦର୍ପ ଦେଖାଇ ।୪୧।
ବସୁଧାଯୁକ୍ତ ସୁନାମକୁ କହି । ବାହାର କରି ଲଙ୍କାରୁ ଦେଇ ।୪୨।
ବିବୁଧ ଆଦି ଚାରି ମନ୍ତ୍ରୀ ସଙ୍ଗେ । ବିହଙ୍ଗମଗତି ନଭରେ ରଙ୍ଗେ ।୪୩।
ବଳାହକ ପ୍ରାଏ ଦକ୍ଷେ ଦିଶନ୍ତି । ବେଢ଼ାଣ ବାସ ସେ ବକପନ୍ତି ।୪୪।

---

୪୩ଶ ପଦ—ବିହଗ—ପକ୍ଷୀ । ନଭରେ—ଆକାଶରେ ।
୪୪ଶ ପଦ—ବଳାହକ—ମେଘ । ଦକ୍ଷେ—(ଦକ୍ଷିଣ) ଦିଗରେ ।

---

୩୭ଶ ପଦ—ରାବଣ କହିଲା, "ଇନ୍ଦ୍ର ଓ ଶିବ ଯଥାକ୍ରମେ ବଜ୍ର ଓ ଶୂଳ ମାରି ମୋର ଲୋମ ସୁଦ୍ଧା ବଙ୍କା କରି ପାରି ନ ଥିଲେ । ଏଣୁ ମନୁଷ୍ୟ ଓ ମାଙ୍କଡ଼ ବା ମୋର କଣ କରିବେ ?"

୩୮ଶ—୪୦ଶ ପଦ—ରାବଣର ଏହିପରି ଦେମ୍ଭତା ପ୍ରକାଶକ କଥାର ଉତ୍ତମ ସ୍ୱରୂପ ବିଭୀଷଣ କହିଲା, "ତୁ ତ ମହାଦେବଙ୍କର କୈଳାସ ପର୍ବତକୁ ଟେକିଥିଲୁ, ମାତ୍ର ପାତାଳ ବୈକୁଣ୍ଠରେ ପଣାକାଠି ଟେକି ପାରିଲୁ ନାହିଁ । ଇନ୍ଦ୍ରଙ୍କ ବଜ୍ରରେ ନମୁଚି ଦୈତ୍ୟ ନ ମରି ସାମାନ୍ୟ ଜଳ ଫେଣରେ ମଧ୍ୟ ମରିଥିଲା । ଏହି ସବୁ ବିଷୟ କିପରି ଆଶ୍ଚର୍ଯ୍ୟକର । ହେ ରାବଣ ! ଟିକିଏ ମନରେ ବିଚାର କର । (ଏଣୁ ଇନ୍ଦ୍ର ଓ ଶିବଙ୍କ ଦ୍ୱାରା ତୁ ମଲୁ ନାହିଁ ବୋଲି ଯେ, ରାମ ତୋର କିଛି କରି ପାରିବେ ନାହିଁ, ଏ କଥା ଭାବିବା ଠିକ୍ ନୁହେଁ ) ।"

୪୧ଶ ଓ ୪୨ଶ ପଦ—ଏହା ଶୁଣି ରାବଣ କ୍ରୋଧାନ୍ୱିତ ହୋଇ କହିଲା, "ତୁ ମୋତେ ଶତ୍ରୁର ଗର୍ବ ଦେଖାଇ ନିବର୍ତ୍ତାଉଅଛୁ ।" ଏହା କହି 'ବସୁଧାଯୁକ୍ତ ସୁନାମକୁ' ମହାରାବଣକୁ ଆଦେଶ ଦେଇ ବିଭୀଷଣକୁ' ଲଙ୍କାରୁ ବାହାର କରି ଦେଲା ।

୪୩ଶ ପଦ—ତତ୍ପରେ ବିଭୀଷଣ ବିବୁଧ ପ୍ରଭୃତି ଚାରି ମନ୍ତ୍ରୀଙ୍କୁ ସଙ୍ଗରେ ନେଇ ଆନନ୍ଦ ମନରେ ପକ୍ଷୀମାନଙ୍କ ପରି ଆକାଶରେ ଗମନ କଲା ।

୪୪ଶ ପଦ—ରାକ୍ଷସମାନେ ସ୍ୱଭାବତଃ କୃଷ୍ଣକାୟ, ଏଣୁ ସେମାନେ ଉଡ଼ିଗଲାବେଳେ ଦକ୍ଷିଣ ଦିଗରୁ ମାଡ଼ି ଆସୁଥିବା ମେଘ ପରି ଦେଖା ଯାଉ ଥିଲେ ଓ ସେମାନେ ପିନ୍ଧିଥିବା ଲୁଗା ମେଘାଗମ ଦେଖି ଆନନ୍ଦରେ ଉଡ଼ୁଥିବା ବକପଂକ୍ତି ପରି ଦେଖାଯାଉଥିଲା ।

ବଦନେ ସ୍ୱେଦଜଳ ବିନ୍ଦୁ ପ୍ରକଟ । ବାସବ ଧନୁ ପରି ମୁକୁଟ । ୪୫ ।
ବହଇ ଶ୍ୱାସ ଝଞ୍ଜାନିଳ ବତ । ବଚନ ଘୋଷ କରି ଜନିତ ।୪୬ ।
ବନୌକାପତି ମହୀଧର ଭୂଜା । ବିଳାସ ଆସି ତା ପାଶେ କଲା ।୪୭।
ବଟ ସୁବେଳେ ରାମ ବିଷ୍ଣୁ ସ୍ଥିତେ । ବିଶ୍ୱକ ରକ୍ଷପ୍ରଳୟ ସତେ ।୪୮।
ବାର୍ତ୍ତା ପାଇ ରାମ ରାଜା ପ୍ରେରଣ । ବହନେ ଜ୍ୟୋତିର୍ବିଦ ଲକ୍ଷ୍ମଣ ।୪୯।
ବୁଡ଼ାଇ ମାନପାଣି କରି ଜଳେ । ବୁଝିଲେ ଶୁଭ ଅଶୁଭ ବେଳେ ।୫୦।

---

୪୫ଶ ପଦ—ସ୍ୱେଦ—ଝାଳ । ବାସବଧନୁ—ଇନ୍ଦ୍ରଧନୁ ।
୪୭ଶ ପଦ—ମହୀଧର—ପର୍ବତ । ବନୌକାପତି—ସୁଗ୍ରୀବ ।

---

୪୫ଶ ପଦ—ସେମାନେ ଆସୁଥିବାବେଳେ ସେମାନଙ୍କ ଦେହରୁ ବିନ୍ଦୁ ବିନ୍ଦୁ ହୋଇ ପଡ଼ୁଥିବା ଝାଳ ଟୋପା ଟୋପା ହୋଇ ପଡ଼ୁଥିବା ବର୍ଷା ଜଳର ଭ୍ରମକୁ ଜନ୍ମାଉଥିଲା ଏବଂ ସେମାନଙ୍କର ମୁକୁଟ ଇନ୍ଦ୍ରଧନୁପରି ଦେଖାଯାଉଥିଲା ।

୪୬ଶ ପଦ—ସେମାନଙ୍କର ନିଶ୍ୱାସ ପବନ ବର୍ଷାକାଳୀନ ପ୍ରବଳ ପବନ ପରି ପ୍ରବାହିତ ହେଉଥିଲା ଏବଂ ବିଭୀଷଣର କଥା ବଜ୍ରନାଦ ପରି ପ୍ରତୀୟମାନ ହେଉଥିଲା ।

୪୭ଶ ପଦ—ମେଘମାନେ ପର୍ବତରେ ବିହାର କଲାପରି ମେଘତୁଲ୍ୟ ରୂପଧାରୀ ବିଭୀଷଣ ପର୍ବତୋପମ ସୁଗ୍ରୀବଙ୍କ ନିକଟରେ ବିହାର କଲା ଅର୍ଥାତ୍ ବିଭୀଷଣ ସୁଗ୍ରୀବଙ୍କ ନିକଟରେ ଉପସ୍ଥିତ ହେଲା ) ।

୪୮ଶ ପଦ—ବିଷ୍ଣୁ ବଟପତ୍ରରେ ରହି ଜଗତକୁ ନାଶ କଲାପରି ରାମଚନ୍ଦ୍ର ସୁବେଳ ପର୍ବତ ଉପରେ ରହି ରାକ୍ଷସ—ଜଗତକୁ ନାଶ କରିବେ,—ଏହା ସତ୍ୟ ଅଟେ ।

୪୯ଶତ୍ ପଦ—ରାମଚନ୍ଦ୍ର ରାଜା ସୁଗ୍ରୀବଙ୍କଠାରୁ ବିଭୀଷଣଙ୍କ ଆସିବା ସମ୍ବାଦ ପାଇ ଜ୍ୟୋତିଷ ବିଦ୍ୟାରେ ନିପୁଣ ଲକ୍ଷ୍ମଣଙ୍କୁ ତାର ନିକଟକୁ ପଠାଇଲେ ।

୫୦ଶତ୍ ପଦ—ଜ୍ୟୋତିଷମାନେ ଘାଟୀଯନ୍ତ୍ରକୁ ପାଣିରେ ବୁଡ଼ାଇ ଶୁଭାଶୁଭ ଜାଣିପାରିଲାପରି, ଲକ୍ଷ୍ମଣ ବିଭୀଷଣଙ୍କୁ ପାଣିରେ ବୁଡ଼ାଇ ଅର୍ଥାତ୍ ଜଳଦିବ୍ୟ କରାଇ ଶୁଭାଶୁଭ ବୁଝି ନେଲେ, ( ଏ ଅବିଶ୍ୱାସୀ ନୁହେ ବୋଲି ବୁଝି ନେଲେ ) ।

ହରି ହରି ସଙ୍ଗେ ହରି ହେଲା । ହରିଲୋକ ରାମ ରାମ ପଠିଲା ।୫୧।
ହସ୍ତାର ଖର ତେଜ ଆହ୍ଲାଦ । ହରିରେ ହରି କରି ତା ହୃଦ ।୫୨।
ହର୍ଯ୍ୟ-ଆତ୍ମା-ରୂପ ସୁମନା ମୁଦେ । ହରିରେ ହରି କରି ତା ହୃଦେ ॥
ଅଲକ୍ଷ ଏତେ ହରି ବନ୍ଦେ ପାଦେ । ହରିରେ ହରି କରି ତା ହୃଦେ ॥
ବାରେ ସଂଶୟ ଦଣ୍ଡକ ଉଦ୍ଭବେ । ବୈକୁଣ୍ଠମୂର୍ତ୍ତି ଦଣ୍ଡକ ଧ୍ୱଂସେ ।୫୫।

---

୫୧ଶର ପଦ— ହରି—ସୁଗ୍ରୀବ, ଶୁକପକ୍ଷୀ । ହରିସଙ୍ଗେ—ମର୍କଟମାନଙ୍କ ସଙ୍ଗେ ।

୫୨ଶର ପଦ— ଖର—ପ୍ରଚଣ୍ଡ । ହରି—ସୂର୍ଯ୍ୟ, ଚନ୍ଦ୍ର ।

୫୩ଶର ପଦ— ହର୍ଯ୍ୟାତ୍ମା—ବିଷ୍ଣୁ । ସୁମନା—ଦେବତାମାନଙ୍କୁ । ହରି —ଭଗବାନ ।

୫୪ଶର ପଦ—ହରି—ମର୍କଟ । ଅଲକ୍ଷ—ଅନୁପମ ।

୫୫ଶର ପଦ— ଉଦ୍ଭବେ— ତତ୍କ୍ଷଣାତ୍ । ବୈକୁଣ୍ଠମୂର୍ତ୍ତି— ନାରାୟଣରୂପ । ଦଣ୍ଡକ—ଯମ, ମୁହୂର୍ତ୍ତକ ।

---

୫୧ଶର ପଦ—ବିଭୀଷଣ ସେହିଦିନଠାରୁ ସୁଗ୍ରୀବାଦିମାନଙ୍କ ସହ ଏକତ୍ର ବାସ କରି ସର୍ବଦା ରାମଙ୍କର ଦର୍ଶନ ଓ ସ୍ତୁତିପଠନରେ ନିଯୁକ୍ତ ହେଲେ ।

୫୨ଶର ପଦ—ରାମଚନ୍ଦ୍ରଙ୍କ ଦେହରୁ ପ୍ରଚଣ୍ଡ କିରଣ ବାହାରି ଚତୁର୍ଦ୍ଦିଗରେ ବିସ୍ତୃତ ହେଉଅଛି । ଏହା ଦେଖି ବିଭୀଷଣ ତାଙ୍କୁ ସୂର୍ଯ୍ୟ ବୋଲି ମନେ କଲେ ଏବଂ ରାମଙ୍କୁ ଦେଖି ହୃଦୟ ଆନନ୍ଦପୂର୍ଣ୍ଣ ହୋଇଥିବାରୁ ତାଙ୍କୁ ଚନ୍ଦ୍ର ବୋଲି ମନେ କଲେ ।

୫୩ଶର ପଦ—ପୁନଶ୍ଚ ବିଭୀଷଣ ମନେ ମନେ ଭାବିଲେ, ‘ଏ ସଂସାରର ଆତ୍ମାରୂପୀ ବିଷ୍ଣୁ ଦେବତାମାନଙ୍କୁ ଆନନ୍ଦିତ କରିବାପାଇଁ ଦେହଧାରଣ କରି ଅଛନ୍ତି ।’

୫୪ଶର ପଦ—ବିଭୀଷଣ ଏହିପରି ମନରେ ଭାବି ଭାବି ଶେଷରେ ସ୍ଥିର କଲେ ଯେ, ‘ଏ ନିଶ୍ଚୟ ବିଷ୍ଣୁ । ଯେହେତୁ ଏତେ ଅସଂଖ୍ୟ ବାନର ଏହାଙ୍କର ପାଦ ବନ୍ଦନା କରୁ ଅଛନ୍ତି ।’

୫୫ଶର ପଦ ପ୍ରଥମରେ ସେ ରାମଙ୍କୁ ଦେଖିବା ସଙ୍ଗେ ସଙ୍ଗେ ଏ ଯମ ବୋଲି ସନ୍ଦେହ କଲେ, କିନ୍ତୁ ରାମଙ୍କର ବିଷ୍ଣୁ ମୂର୍ତ୍ତି ଦେଖି ତାର ସେହି ସନ୍ଦେହ ଅଳ୍ପକ୍ଷଣ ମଧ୍ୟରେ ନାଶ ହୋଇଗଲା ।

ବସୁଧାପାତ ଦଣ୍ଡକ ସଦୃଶୀ । ବୋଇଲେ ଉଠ ଦଣ୍ଡକ ବାସୀ । ୫୬ ।
ବିନ୍ୟସ୍ତ କର କକ୍ଷେ ଉଭା ହୋଇ । ବସାଇ ତାର ଚିତ୍ତ ଉସାଇ । ୫୭ ।
ବିଶ୍ୱରେ ରାମ ନାମ ଥିବା ଯାକ । ବିଗ୍ରହେ ଥିବୁ ବରଦାୟକ । ୫୮ ।
ବାହାର କରି ସମଦାଢ଼ି ବାସ । ବାନ୍ଧିଲେ ଶାଢ଼ୀ ହେଲୁ ଲଙ୍କେଶ ॥
ବ୍ୟବସ୍ଥିତେ ରାମ ପଚାରନ୍ତି ତହିଁ । ବ୍ୟବସ୍ଥା ସବୁ ଲଙ୍କାର କହି । ୬୦ ।
ବିରଜାମଣ୍ଡଳେ ତପସ୍ୟା କୃତ । ବ୍ରହ୍ମାର ବରେ ଜଗତଜିତ । ୬୧ ।
ବାଷଠି ପଦେ ଉପଇନ୍ଦ୍ର ଭଞ୍ଜ । ବଚନେ ଗ୍ରନ୍ଥ ସୁଜନେ ହେଜ । ୬୨ ।

---

୫୮ଶତ୍ର ପଦ – ବିଗ୍ରହ—ଦେହ ।
୫୯ତମ ପଦ—ସମଦାଢ଼ୁ – କଷ୍ଟାସ୍ତ୍ର ଶସ୍ତ୍ରନ୍ତୁ ।

---

୫୬ଶତ୍ର ପଦ—ବିଭୀଷଣ ବିଷ୍ଣୁ ମୂର୍ତ୍ତି ଦେଖିପିବାରୁ ସେ ଦଣ୍ଡ ପ୍ରଣାମ କରି ଭୂମିରେ ପଡ଼ି ରହିଲା । ଏହା ଦେଖି ଦଣ୍ଡକାରଣ୍ୟବାସୀ ରାମଚନ୍ଦ୍ର ତାକୁ ଉଠ ବୋଲି କହିଲେ ।

୫୭ଶତ୍ ପଦ—ତହୁଁ ବିଭୀଷଣ ଉଠି ଦୁଇ ହାତକୁ କାଖ ସନ୍ଧିରେ ଭିଡ଼ି ଠିଆ ହେଲା । ତତ୍ପରେ ରାମଚନ୍ଦ୍ର ତାକୁ ନିକଟରେ ବସାଇ ତାର ଚିତ୍ତରେ ଆନନ୍ଦ ଜନ୍ମାଇ କହିଲେ,—

୫୮ଶତ୍ ପଦ—"ଏ ଜଗତରେ ଯେତେ କାଳ ପର୍ଯ୍ୟନ୍ତ ରାମ ନାମ ଥିବ, ତୁମ୍ଭେ ତେତେକାଳ ପର୍ଯ୍ୟନ୍ତ ଏହି ଦେହ ଧାରଣ କରି ଥିବ ଅର୍ଥାତ୍ ଅମର ହୋଇ ରହିଥିବ । ମୁଁ ତୁମ୍ଭଙ୍କୁ ଏହି ବର ପ୍ରଦାନ କଲି ।"

୫୯ତମ ପଦ—ରାମଚନ୍ଦ୍ର ଏହି ବର ଦେବା ପରେ କଷ୍ଟାସ୍ତ୍ର ଶସ୍ତ୍ର ଓ ଶାଢ଼ୀ ବାହାର କରି ତାହା ବିଭୀଷଣର ମୁଣ୍ଡରେ ବାନ୍ଧି କହିଲେ, "ତୁମ୍ଭେ ଆଜିଠାରୁ ଲଙ୍କାର ରାଜା ହେଲ ।"

୬୦ ଓ ୬୧ ତମ ପଦ – ତତ୍ପରେ ରାମଚନ୍ଦ୍ର ତାକୁ ଲଙ୍କାର ସମସ୍ତ ବିବରଣ ପଚାରିବାରୁ ବିଭୀଷଣ କହିଲା, "ରାବଣ ବିରଜା ମଣ୍ଡଳରେ ତପସ୍ୟା କରି ବ୍ରହ୍ମାଙ୍କ ବର ପ୍ରଭାବରେ ଜଗତକୁ ଜୟ କରିଅଛି ।"

୬୨ତମ ପଦ—ଏହି ଗ୍ରନ୍ଥକୁ ଉପେନ୍ଦ୍ର ଭଞ୍ଜ ବାଷଠି ପଦରେ ରଚନା କରିଅଛନ୍ତି । ହେ ସାଧୁବୃନ୍ଦ—ଏହାକୁ ଭଲ ଭାବରେ ବିଚାର କର ।

---

ସମାପ୍ତ

---

କଟକ—ବିମଳା ପ୍ରେସ୍‌ରେ ଶ୍ରୀ ଆନନ୍ଦ ଚନ୍ଦ୍ର ସାହୁଙ୍କ ଦ୍ୱାରା ମୁଦ୍ରିତ । ୧୯୬୯

ମହାକବି ଉପେନ୍ଦ୍ର ଭଞ୍ଜ ବିରଚିତ

ସଚିତ୍ର

# ବୈଦେହୀଶ ବିଳାସ

## ଚତୁର୍ଥ ଖଣ୍ଡ

[ ବିଜୟବୈଜୟନ୍ତୀ ଟୀକା ସହ ]

---

ସମ୍ପାଦକ ଓ ଟୀକାକାର:—

ଶ୍ରୀ ଉଦୟ ନାଥ ଷଡ଼ଙ୍ଗୀ

ପ୍ରକାଶକ:—
ନାରାୟଣ ପୁସ୍ତକାଳୟ

ଗୁଡମା ଷ୍ଟ୍ରିକ,

କଟକ

୩ୟ ସଂସ୍କରଣ

ମୂଲ୍ୟ—ଚାରି ଟଙ୍କା ମାତ୍ର

# ଚତୁର୍ଥ ଖଣ୍ଡ

# ସୂଚିପତ୍ର

—*—


୪୦ଶ ଛାନ୍ଦ—ବଳଇ ରାଘବ ଆଶା ସୀତା ପ୍ରାପତରେ ... ୬୦୯

୪୧ଶ ଛାନ୍ଦ—ବୋଧ ହବ୍ୟାଦେଶ ଶ୍ରୀରାମ ସନ୍ଦେଶ ... ୬୧୫

୪୨ଶ ଛାନ୍ଦ—ବୁଧ ବୁଧ ସୁଜ ନ ପାଇଲ ଜନ ... ୬୪୦

୪୩ଶ ଛାନ୍ଦ—ବଳାଗ୍ରତ ଅଗ୍ରତି ଜାଗରେ ସାରି ସ୍ୱତ ... ୬୫୯

୪୪ଶ ଛାନ୍ଦ—ବଗ୍ରବଗ୍ର ବନାଶ ହଗ୍ରବସ୍ ପ୍ରକାଶ ... ୬୮୦

୪୫ଶ ଛାନ୍ଦ—ବାନ୍ତ୍ରଳ ସାନୁମାନଶୃଙ୍ଗ ଥୋଇ ହନୁମାନ ... ୭୦୨

୪୬ଶ ଛାନ୍ଦ—ବୁଝ ଆହେ ସୁମନେ ନିଦ୍ରାକରେ ସ୍ୱମନେ ... ୭୩୦

୪୭ଶ ଛାନ୍ଦ—ବଳାସ ଅନ୍ତରେ ଦେଖି ଚତୁର ପାଳିଲେ ଶୋଭ ... ୭୪୯

୪୮ଶ ଛାନ୍ଦ—ବୋଇଲା, ବସି ପୁରେକଣ ଭୂତ ବାମରେ ଲଙ୍କେଶ .. ୭୭୦

୪୯ଶତ୍ ଛାନ୍ଦ - ବର ବଗ୍ରବଗ୍ର ଥାଇଁ ସେ ବେଗ୍ରର ... ୭୮୮

୫୦ଶତ୍ ଛାନ୍ଦ—ବିଶ୍ରବା ନନ୍ଦନ ତପ ଉଦ୍ଧତ ପବତ ରୂପ ... ୮୧୭

୫୧ଶତ୍ ଛାନ୍ଦ—ବନ୍ଧିବ ଦୁର୍ଲ୍ଲଭ ସନ୍ଦେଶ ଲଭନ୍ତେ ... ୮୩୮

୫୨ଶତ୍ ଛାନ୍ଦ—ବର୍ଣ୍ଣନ କଷ ଅଶେଷ ଯୋଗ ମହୋତ୍ସବ ... ୮୫୪

# ବୈଦେହୀଶ ବିଳାସ

## ଚତୁର୍ଥ ଖଣ୍ଡ

—*০*—

### ଚତ୍ୱାରିଂଶ ଛାନ୍ଦ

ରାଗ—ଆଶାବରୀ

ବାନ୍ଧିଲା ରାଘବ ଆଶା ସୀତା ପ୍ରାପତରେ
ବିଚାରିଲେ ସିନ୍ଧୁ ପୋତି ଯିବା ପର୍ବତରେ ଯେ । ୧ ।
ବୁଡ଼ିଗଲା ପକାଇଲେ କପି ଯେତେ ଗିରି ।
ବୁଦ୍‌ବୁଦ ନ ଦିଶେ ଜଳ ଫିଫିକୃତ କରି ଯେ । ୨ ।

---

୨ୟ ପଦ:—ଗିରି—ପର୍ବତ । ବୁଦ୍‌ବୁଦ—ପାଣି ଫୋଟକା । ଫିଫିକୃ—ଫିଫିକାର ଶବ୍ଦ କରି ।

---

### ଚତ୍ୱାରିଂଶ ଛାନ୍ଦ

୧ମ ପଦ:—ବିଭୀଷଣ ଆସି ଶରଣ ପଶିବାରୁ ରାମଚନ୍ଦ୍ରଙ୍କର ସୀତା ପାଇବା ଆଶା ବଳବତୀ ହେଲା । ସୁତରାଂ ସେ ପର୍ବତମାନଙ୍କ ଦ୍ୱାରା ସମୁଦ୍ରକୁ ପୋତି ଲଙ୍କାଗଡ଼କୁ ଯିବାକୁ ବିଚାର କଲେ ।

୨ୟ ପଦ:—ଋକ୍ଷ କପିମାନେ ଯେତେ ପର୍ବତ ଆଣି ସମୁଦ୍ରରେ ପକାଇଲେ, ସେ ସବୁ ବୁଡ଼ିଗଲା; ପାଣିଫୋଟକା ମଧ୍ୟ ଦିଶିଲା ନାହିଁ । କେବଳ ପାଣିର ଫିଫି ଶବ୍ଦ ଶୁଣାଗଲା (ଏହାଦ୍ୱାରା ଜଳର ଗଭୀରତା ସୂଚିତ ହେଲା ) ।

ବିସ୍ତୃତ ନିଃଶ୍ୱାସ ତେଜି ବରୁଣ ପ୍ରସନ୍ନେ ।
ବିନାଶନରେ ଶୟନ ସେ ଦର୍ଭଶୟନେ ଯେ । ୩ ।
ବୁଧେ ଶୁଣ ଅନ୍ୟ ପ୍ରସଙ୍ଗକୁ ଦଶଶିର ।
ବରଗିଲା ସେ ଶୁକ ସାରଣ କରି ଚର ଯେ । ୪ ।
ବିଭୀଷଣେ କହ ଜ୍ୟେଷ୍ଠଭ୍ରାତା ପିତା ସରି ।
ବୁଝି ନ ବୁଝି କୋପି ତା ବାଣୀ ପିତା କରି ଯେ । ୫ ।
ବିଭୂତିକି ଭୁଞ୍ଜୁଥିଲୁ ବିଭୂତିଭୂଷଣେ ।
ବଡ଼ କୁଳେ ଜନମି ଶରଣ କା କାରଣେ ଯେ ? ୬ ।
ବୋଲ ଅଙ୍ଗଦକୁ ପିତା ଶତ୍ରୁ ଭକ୍ତି ପୁଣ୍ୟ ।
ବାଦ ରଚୁଇ ପିତୃବ୍ୟେ ବାହୁଡ଼ାଅ ସୈନ୍ୟ ଯେ । ୭ ।

---

୩ୟ ପଦ:—ବିନାଶନରେ—ଅନାହାରରେ । ଦର୍ଭଶୟନେ—କୁଶଶଯ୍ୟାରେ ।

୬ଷ୍ଠ ପଦ:—ବିଭୂତି—ଐଶ୍ୱର୍ଯ୍ୟ । ବିଭୂତିଭୂଷଣ—ଭସ୍ମବିଲିପ୍ତ ।

୭ମ ପଦ:—ବାଦ—କଳହ । ରଚୁଇ—ରଚନା କରି, ଆରମ୍ଭ କରି । ପିତୃବ୍ୟ—ଖୁଡ଼ୁତା ।

---

୩ୟ ପଦ:—ପର୍ବତ ସବୁ ବୁଡ଼ିଯିବାରୁ ରାମଚନ୍ଦ୍ର ବିସ୍ମିତ ହୋଇ ଦୀର୍ଘନିଶ୍ୱାସ ଛାଡ଼ିଲେ । ( ସମୁଦ୍ରରେ ବନ୍ଧ ପଡ଼ିବା ଅସମ୍ଭବ—ଏହା ଜାଣି ପାରିଲେ ) । ତତ୍ପରେ ବରୁଣ ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ଉପବାସରେ ରହି ସମୁଦ୍ର କୂଳରେ କୁଶଶଯ୍ୟାରେ ଶୟନ କଲେ ।

୪ର୍ଥ ପଦ:—ହେ ପଣ୍ଡିତମାନେ ! ଏହାପରେ ଅନ୍ୟ ପ୍ରସଙ୍ଗକୁ ଶୁଣ । ରାବଣ ଶୁକ ସାରଣ ନାମକ ଦୁଇ ମନ୍ତ୍ରୀଙ୍କୁ ଦୂତ କରି ପଠାଇଲା ।

୫ମ ପଦ:—ତାଙ୍କୁ କହିଲା, "ବିଭୀଷଣକୁ କହିବ, ବଡ଼ ଭାଇ ପିତା ସମାନ । ସେ ବୁଝିକରି ବା ନ ବୁଝିକରି କ୍ରୁଦ୍ଧ ହୋଇ କଟୁକଥା କହିଥିଲେ । ତାଙ୍କ କଥାକୁ ପିତା ମୋର ମନେ କରିବା କଣ ଉଚିତ ? ଗୁରୁଜନଙ୍କ କଥାରେ ମନ କଷ୍ଟ କରିବା ଠିକ୍ ନୁହେଁ ) ।"

୬ଷ୍ଠ ପଦ:—ଉଚ୍ଚ ବଂଶରେ ଜନ୍ମ ହୋଇ ଐଶ୍ୱର୍ଯ୍ୟ ଭୁଞ୍ଜୁଥିଲୁ । ଏବେ କେଉଁ କାରଣରୁ ବନବାସୀ ତପସ୍ୱୀଜନ ପାଖରେ ଶରଣ ପଶିଲୁ ?"

୭ମ ପଦ:—"ଅଙ୍ଗଦକୁ କହିବ, ପିତୃ ଶତ୍ରୁଠାରେ ଭକ୍ତି କଲେ କଣ ପୁଣ୍ୟ ହୁଏ ? ତେଣୁ ଖୁଡ଼ୁତା ସୁଗ୍ରୀବ ସହିତ ବିବାଦ କରାଇ ସୈନ୍ୟ ବାହୁଡ଼ାଇ ନିଅ ।"

ବିହାୟସେ ବିହରି ସାଗର ଜିଣି ଯାଇ ।
ବର୍ତ୍ତିକ ସ୍ୱରୂପ ଧୃତ କେଁ କେଁ ଟିହୋ କହି ଯେ । ୮ ।
ବିଖ୍ୟାତ କରୁଁ ବିଂଶତି-କର କହିବାର ।
ବୋଧ ଉଭୟ ଭୟରେ ପଳାଇ ସତ୍ୱର ଯେ । ୯ ।
ବାହୁଡ଼ି ରାବଣେ କହି ଶୁଣ ଦେବ-ରିପୁ ।
ବୋଇଲା ଅନୁଜ ଯିବି ସୀତାଙ୍କୁ ସମର୍ପୁ ଯେ । ୧୦ ।
ବଞ୍ଚିଲୁଁ ଅଙ୍ଗଦେ ଅଙ୍ଗ ଦେବାରୁ କ ଧର୍ମେ ।
ବଜ୍ରାଘାତ ସମ ତଳ ପ୍ରହାରିଲା ବ୍ୟୋମେ ଯେ । ୧୧ ।

---

୮ମ ପଦ:—ବିହାୟସେ—ଆକାଶରେ । ବିହରି—ଭ୍ରମଣକରି । ବର୍ତ୍ତିକ—ଚେଙ୍ଗୋଇ ପକ୍ଷୀ । ଧୃତ—ଧାରଣ କରି ।

୯ମ ପଦ:—ବିଖ୍ୟାତ କରୁଁ—ପ୍ରକାଶ କରିବାରୁ । ବିଂଶତିକର—ରାବଣ । ବୋଧ—ଜାଣି । ଉଭୟ—ଦୁହେଁ । ସତ୍ୱର—ଶୀଘ୍ର ।

୧୦ମ ପଦ:—ଦେବରିପୁ—ଦେବତାମାନଙ୍କର ଶତ୍ରୁ । ଅନୁଜ—ସାନଭାଇ—ସମର୍ପୁ—ଫେରାଇ ଦେଉ ।

୧୧ଶ ପଦ:—ତଳ—ଚାପୁଡ଼ା । ବ୍ୟୋମେ—ଆକାଶରେ । ଅଙ୍ଗ ଦେବାରେ—ଶରୀର ହାତ ନ କରି ।

---

୮ମ ପଦ:—ରାବଣର ଆଦେଶ ପାଇ ମନ୍ତ୍ରୀଦ୍ୱୟ ଆକାଶରେ ଉଡ଼ି ସମୁଦ୍ର ଜିଣିଯାଇ ଚେଙ୍ଗୋଇପକ୍ଷୀରୂପ ଧରି 'କେଁ କେଁ ଟି ହୋ' ତୁମ୍ଭେ କଏ କଏ ଅଛ ବୋଲି ପଚାରିଲେ ।

୯ମ ପଦ:—ରାବଣ କହିଥିବା କଥା ପ୍ରକାଶକରି ବିଭୀଷଣ ଓ ଅଙ୍ଗଦଙ୍କୁ କହିବାରୁ ଅଙ୍ଗଦ ତାଙ୍କୁ ବିନାଶ କରିବାକୁ ଉଦ୍ୟତ ହେଲା । ତେଣୁ ସେ ଦୁହେଁ ଶୀଘ୍ର ପଳାଇ ଗଲେ ।

୧୦ମ ପଦ:—ଫେରି ଆସି ମନ୍ତ୍ରୀଦ୍ୱୟ ରାବଣଙ୍କୁ କହିଲେ, "ହେ ଦେବରିପୁ ! ଶୁଣ, ତୁମ୍ଭ ସାନଭାଇ କହିଲେ, ସେ ସୀତାଙ୍କୁ ସମର୍ପି ଦେଉ ମୁଁ ଯିବି ।"

୧୧ଶ ପଦ:—"ଅଙ୍ଗଦଙ୍କୁ ତୁମ୍ଭ କହିବାକଥା ବୁଝାଇ କହିବାରୁ, ସେ ଆକାଶରେ ବଜ୍ରାଘାତ ପ୍ରାୟ ଏକ ଚାପୁଡ଼ା ପ୍ରହାର କଲା, ମାତ୍ର କେଉଁ ଧର୍ମେ ବଳରୁ ଆମ୍ଭେ ବଞ୍ଚିଗଲୁଁ ।"

ବାଜିଥିଲେ ଚୂର୍ଣ୍ଣ ବା ପାତାଳେ ଭଜିଥିବ ।
ବିନ୍ଧ୍ୟ ଭାନୁ ତୋଷି ହେଲେ ବଞ୍ଚାଇ ଦଇବ ଯେ । ୧୨
ବଳ କେତେ ବୋଲନ୍ତେ ବୋଲେ ଯେତେ ଶଙ୍ଖ ସେନ୍ଧୁ ।
ବାରିରାଶିରେ ଜନିତ ତେତେ ଶଙ୍ଖ ନାହିଁ ଯେ । ୧୩ ।
ବିତରଣେ ସାଗର କି ପାଞ୍ଚ ପଚାରିଲା ।
ବିଧେ ରାମ କୁଶଶଯ୍ୟା ପ୍ରତ୍ୟୁତ୍ତର ଦେଲା ଯେ । ୧୪ ।
ବିରସକୁ ମନ୍ଦ କରି ମନ୍ଦହାସ ଜନ୍ମେ ।
ବୋଲେ କି କରିବ ଏତେ ହୀନପରାକ୍ରମେ ଯେ । ୧୫ ।

---

୧୨ଶ ପଦ:—ବିନ୍ଧ୍ୟ—ବିନ୍ଧ୍ୟପର୍ବତ । ଭାନୁ—ସୂର୍ଯ୍ୟ । ତୋଷି—ଆନନ୍ଦିତ ।

୧୩ଶ ପଦ:—ବଳ—ସୈନ୍ୟ । ଶଙ୍ଖ—ସାମୁଦ୍ରିକ ଜୀବବିଶେଷ । ବାରିରାଶିରେ—ସମୁଦ୍ରରେ । ଜନିତ—ଜାତ । ଶଙ୍ଖ—ସଂଖ୍ୟାବିଶେଷ ।

୧୪ଶତ ପଦ:—ବିତରଣେ—ପାରହେବାନିମିତ୍ତ । ସାଗର—ସମୁଦ୍ର । ପାଞ୍ଚ—ଉପାୟ, ଯତ୍ନ । ବିଧେ—ବିଧାନ କରେ ।

୧୫ଶ ପଦ:—ବିରସ—ଦୁଃଖ, ବିମର୍ଷ । ମନ୍ଦ—ତୁଚ୍ଛ । ମନ୍ଦହାସ—ଅଳ୍ପହାସ । ହୀନପରାକ୍ରମ— ଦୁର୍ବଳତା ।

---

୧୨ଶ ପଦ:—"ସେହି ବୃପୁଡ଼ା ବାଜିଥିଲେ ବିନ୍ଧ୍ୟଗିରି ଚୂର୍ଣ୍ଣ ହୋଇ ଯାଇଥାନ୍ତା ବା ପାତାଳରେ ପଶି ଯାଇଥାନ୍ତା । ଗମନାଗମନର ପ୍ରତିବନ୍ଧକ ଦୂର ହୋଇଥାନ୍ତା ଭାବି ସୂର୍ଯ୍ୟ ସନ୍ତୁଷ୍ଟ ହୋଇଥାନ୍ତା । ଆମ୍ଭଙ୍କୁ ବିଧାତା ସେହି ଆଘାତରୁ ବଞ୍ଚାଇ ଦେଲା । (ଦୈବକ୍ରମେ ଆମ ଦେହରେ ସେ ବୃପୁଡ଼ା ବାଜିଲାନାହିଁ) ।

୧୩ଶ ପଦ:—ଏହା ଶୁଣି 'ସୈନ୍ୟସଂଖ୍ୟା କେତେ' ବୋଲି ରାବଣ ପଚାରନ୍ତେ ସେ ଦୁହେଁ କହିଲେ, "ତାଙ୍କସୈନ୍ୟସଂଖ୍ୟା ଏତେ ଶଙ୍ଖଯେ, ସେତେ ଶଙ୍ଖ ସମୁଦ୍ରରେ ଜାତ ହୋଇ ନ ଥିବ । ( ବହୁ ଶଙ୍ଖ ପରିମିତ ସୈନ୍ୟ ) ।"

୧୪ଶ ପଦ:—ରାବଣ ପୁଣି ପଚାରିଲା, "ସମୁଦ୍ର ତରିବାପାଇଁ ସେ କି କି ବିଚାର କରୁଅଛନ୍ତି ?" ମନ୍ତ୍ରୀଦ୍ୱୟ ପ୍ରତ୍ୟୁତ୍ତରଦେଲେ "ରାମ କୁଶ ଶଯ୍ୟାରେ ଶୋଇ ସମୁଦ୍ରକୁ ପ୍ରାର୍ଥନା କରୁଅଛନ୍ତି ।"

୧୫ଶ ପଦ:—ଏହା ଶୁଣି ରାବଣ ବିମର୍ଷ ଭାବ ତ୍ୟାଗ କରି (ରାମ ଆସି ସମୁଦ୍ର କୂଳରେ ସୈନ୍ୟସହ ଅଛନ୍ତି ଏହା ଶୁଣି ବିମର୍ଷ ହୋଇଥିଲା, ତାହାତୁଚ୍ଛ ) ଈଷତ୍ ହସି କହିଲା, "ଯେ ପରାକ୍ରମରେ ଏତେ ହୀନ, ସେ ମୋର କଣ କରିବ?"

ବୁଧେ ଶୁଣ ଅନ୍ୟ ରସ ରଘୁନାଥ ଉଠି ।
ବିରକ୍ତ ହୋଇଣ କରନ୍ତି ରକ୍ତଦୃଷ୍ଟି ଯେ । ୧୬ ।
ବିକଶିତ କାଳିନ୍ଦୀରେ କୋକନଦ ମତ ।
ବିଚଳିତ ଭ୍ରୂବଲ୍ଲିକା ଶୈବାଳ ଯେମନ୍ତ ଯେ । ୧୭ ।
ବିଦୁଳ ରୂପରେ କର ହେବାରୁ ସଂଯୁକ୍ତ ।
ବୀଚି ହସ୍ତ ଉଚ୍ଛଳିତ କାଣ୍ଡ ପୂର୍ଣ୍ଣ ସତ ଯେ । ୧୮ ।
ବୋଲନ୍ତି ପୃଥ୍ୱୀନାଶନ ଦୈତ୍ୟଙ୍କୁ ଲୁଚ୍ଛନ୍ତି ।
ବିରଚି କବନ୍ଧ ନାଟ ଜନଙ୍କୁ ଡରାଉ ଯେ । ୧୯ ।

---

୧୬ଶ ପଦ—ବୁଧେ—ପଣ୍ଡିତମାନେ । ରଘୁନାଥ—ରାମଚନ୍ଦ୍ର । ବିରକ୍ତ—କୋପାନ୍ୱିତ । ରକ୍ତଦୃଷ୍ଟି—ଆରକ୍ତ ନୟନ ।

୧୭ଶ ପଦ:—ବିକଶିତ-ପ୍ରସ୍ଫୁଟିତ । କାଳିନ୍ଦୀରେ—କାଳିନ୍ଦୀନାମ୍ନୀ ନଦୀରେ । କୋକନଦ—ରକ୍ତପଦ୍ମ । ଭ୍ରୂବଲ୍ଲିକା—ଭ୍ରୂଲତା । ଶୈବାଳ—ଶିଉଳୀ ବା ଜଳଜ ଉଦ୍ଭିଦ ବିଶେଷ ।

୧୮ଶ ପଦ:—ବିଦୁଳ—ପାଣିବେତ । ରୂପରେ—ଧନୁରେ । ବୀଚି—ଲହରୀ ।

୧୯ଶ ପଦ:—ଦୈତ୍ୟଙ୍କୁ—ରାକ୍ଷସମାନଙ୍କୁ । ବିରଚି—ରଚନା କରି । କବନ୍ଧନାଟ—ମସ୍ତକହୀନ ଶରୀର ନୃତ୍ୟ, ଲଣ୍ଡଶୁଣ୍ଡ ନୃତ୍ୟ ।

---

୧୬ଶ ପଦ:—ହେ ପଣ୍ଡିତମାନେ ! ଏବେ ଅନ୍ୟ କଥା ଶୁଣ । ବରୁଣ ଦେବତା ପ୍ରସନ୍ନ ନ ହେବାରୁ ରାମ କୁଶଶଯ୍ୟା ଛାଡ଼ି ଉଠି ବିରକ୍ତିର ସହିତ ସମୁଦ୍ର ପ୍ରତି ରକ୍ତଦୃଷ୍ଟି କଲେ ।

୧୭ଶ ପଦ:—ସେ ରକ୍ତଦୃଷ୍ଟି ଯମୁନା ନଦୀରେ ଫୁଟିଥିବା ରକ୍ତପଦ୍ମ ସଦୃଶ ଦେଖାଗଲା । ଭ୍ରୂଲତା ବିଚଳିତ ହେବାରୁ ଶିଉଳପ୍ରାୟ ପ୍ରତୀୟମାନ ହେଲା । ରାମଚନ୍ଦ୍ର ନୀଳବର୍ଣ୍ଣ ହେତୁ ଯମୁନା ନଦୀ ଓ ଚକ୍ଷୁ ରକ୍ତବର୍ଣ୍ଣ ହେତୁ ରକ୍ତପଦ୍ମ ସହିତ ଉପମିତ । )

୧୮ଶ ପଦ:—ରାମଚନ୍ଦ୍ର ହସ୍ତରେ ଧନୁ ଧାରଣ କରିବାରୁ ସେ ଧନୁ ନଦୀକୂଳରେ ଥିବା ପାଣିବେତ ସଦୃଶ ଓ ହସ୍ତଦ୍ୱୟ ଲହରୀ ସଦୃଶ ଦୃଶ୍ୟହେଲା ନଦୀ ଜଳପୂର୍ଣ୍ଣ ହେଲା ପ୍ରାୟ ତାଙ୍କ ଧନୁଶରପୂର୍ଣ୍ଣ ହୋଇଅଛି । ( ବରୁଣଙ୍କୁ ବାନ୍ଧିବାପାଇଁ ରାମଚନ୍ଦ୍ର ଧନୁରେ ଶର ସନ୍ଧାନ କଲେ ।

୧୯ ପଦ:—ସେ ସମୁଦ୍ରକୁ କହିଲେ, "ତୁ ପୃଥ୍ୱୀବିନାଶକାରୀ ଅଟୁ କାରଣ, ପୃଥ୍ୱୀର ଅନିଷ୍ଟକାରୀ ରାକ୍ଷସମାନଙ୍କୁ ଲୁଚାଇ ରଖି, ତୁଣି ହୃଦରେ

ବିଦିତ ଜ୍ୟା ଜାମାତା ମୁଁ ଦୈତ୍ୟାରି ବୋଲାଇ ।
ବଧ କବନ୍ଧ କରିଛି ଯିବୁ ଆଜ କାହିଁ ଯେ । ୨୦ ।
ବାଟ ଦେଖା ଆଗେ ତୁ ନୋହିଲେ ହେବୁ ଲୋପ ।
ବ୍ୟାକରଣ ସାଧନରେ ବର୍ଣ୍ଣର ସ୍ୱରୂପ ଯେ । ୨୧ ।
ବେନ୍ତୁ ବେଳ କୋପବୃଦ୍ଧି ରୂପ ଚକ୍ରୀକୃତ ।
ବିଧବା ଅବସ୍ଥା ଜହ୍ନୁ-ତନୟା ସଭୀତ ଯେ । ୨୨ ।
ବ୍ୟକ୍ତ ପାରାବାର ବାର ବାର ଶରମୁନେ ।
ବିନ୍ଦୁ କୁଶର ଅଗ୍ରରେ କୁଶର ଯେସନେ ଯେ । ୨୩ ।

---

୨୦ଶ ପଦ:—ବିଦିତ—ପ୍ରକାଶିତ । ଜ୍ୟା—ପୃଥିବୀ । ଜାମାତା—ଜ୍ୱାଇଁ । ଦୈତ୍ୟାରି—ରାକ୍ଷସମାନଙ୍କର ଶତ୍ରୁ ।

୨୧ଶ ପଦ:—ଲୋପ—ଲୀନ । ବର୍ଣ୍ଣର—ଅକ୍ଷରର ।

୨୨ଶ ପଦ:—ରୂପ—ଧନୁ ଚକ୍ରୀକୃତ—ଚକ୍ରାକାର । ଜହ୍ନୁ ତନୟା—ଗଙ୍ଗା । ସଭୀତ—ଭୟଯୁକ୍ତ ।

୨୩ଶ ପଦ:—ବ୍ୟକ୍ତ ପ୍ରକାଶିତ । ପାରାବାର—ସମୁଦ୍ର । ବାର—ଜଳ । ବାର—ସମୂହ । କୁଶର ବିନ୍ଦୁ—ଜଳ କଣିକା ବା ଜଳବିନ୍ଦୁ ।

---

'କବନ୍ଧ' ମସ୍ତକହୀନ ବ୍ୟକ୍ତ ନୃତ୍ୟ କଲାପ୍ରାୟ 'କବନ୍ଧ' ଲଢ଼ାଇରେ ନୃତ୍ୟ-କରି ଲୋକମାନଙ୍କୁ ଡ଼ରାଉ । ( ତୋର ଭଉଁଙ୍ଗ ଲଢ଼ାଇ ଦେଖି ଲୋକେ ଭୀତ ହୁଅନ୍ତି ) ।"

୨୦ଶ ପଦ:—"ମୁଁ ପୃଥିବୀର ଜାମାତା ବୋଲି ଲୋକ ମଧ୍ୟରେ ଖ୍ୟାତ, ପୁଣି ମୋର ନାମ ଦୈତ୍ୟାରି ଅଟେ । ମୁଁ କବନ୍ଧ ରାକ୍ଷସ ବଧ କରିଛି । ତୁ ସବୁପ୍ରକାରେ ମୋର ଶତ୍ରୁ ହେଲୁ, ଆଜ ତୋତେ ବିନାଶ କରିବି ତୁ କୁଆଡ଼େ ଯିବୁ ?

୨୧ଶ ପଦ-"ତୁ ଅଗ୍ରସର ହୋଇ ପଥ ଦେଖା, ନ ହେଲେ ବ୍ୟାକରଣ ସାଧନରେ ଅକ୍ଷର ଲୋପ ହେଲାପରି ତୁ ଲୋପ ଅର୍ଥାତ ବିନାଶ ହେବୁ !

୨୨ଶ ପଦ:—ବେଳକୁ ବେଳ କୋପ ବୃଦ୍ଧି ହେବାରୁ ଧନୁ ମଣ୍ଡଳାକାର ଧାରଣ କଲା । ( ଜ୍ୟା ଟାଣିବାରୁ ଧନୁ ବେଶି ବଙ୍କା ହେବାକୁ ଲାଗିଲା ) ତାହା ଦେଖି ଗଙ୍ଗା ନଦୀ ବିଧବା ହେବେ ବୋଲି ବିଶେଷରେ ଭୟ କଲେ ( ସମୁଦ୍ର ନଦୀମାନଙ୍କର ପତି ) ।

୨୩ଶ ପଦ:—ରାମଚନ୍ଦ୍ର ଧନୁରେ ସନ୍ଧାନ କରିଥିବା ଶରମୁନରେ ସମୁଦ୍ର ର ଜଳସମୂହ କୁଶ ଅଗ୍ରରେ ଲାଗିଥିବା ଜଳ ବିନ୍ଦୁ ପ୍ରାୟ ଦେଖାଗଲା ।

ବଡ଼ବାନଳ ଖ-ଦ୍ୟୋତକାଗ୍ନି ଯେ ଖଦ୍ୟୋତ ।
ବତ ହେଲେ ସେ ନାରାଚରାଜତ ରାଜତ ଯେ ।୨୪।
ବ୍ୟାକୁଳ ସଲିଳ—ଚର ସଲୀଳ ତେଜିଲେ ।
ବାର୍ତ୍ତ-ଲେଖା ଲେଖା ଶବ ଭାବକୁ ଭଜିଲେ ଯେ ।୨୫।
ବେଳାରେ ସ୍ୱର୍ଣ୍ଣସରର ସୁଦର୍ଶନ ସ୍ଥାପ୍ୟେ ।
ବିକାଶ ପ୍ରଚେତା ନାମ୍ନ ସୁ-ଦର୍ଶନ ପାଏ ଯେ ।୨୬।
ବିଲୋକ ଶରର ସୁଦର୍ଶନ ପରି ପ୍ରଭା ।
ବିଦୂରେ ସେ ପାଶୀ ହେଲା ପାଶୀ କୋଟି ଉଭା ଯେ ।୨୭।

---

୨୪ଶ ପଦ:—ବଡ଼ବାନଳ—ସମୁଦ୍ରଜାତ ଅଗ୍ନି । ଖ-ଦ୍ୟୋତକାଗ୍ନି-ଆକାଶ ଉଜ୍ଜ୍ୱଳକାରୀ ।ଖଦ୍ୟୋତ-ଜୁଳୁଜୁଳା ପୋକ ବତ-ସମ । ନାରାଚ-ରାଜତ—ଉତ୍କୃଷ୍ଟ ଶର ।

୨୫ଶ ପଦ:—ସଲିଳଚର-ଜଳଚର ପ୍ରାଣୀ । ସଲୀଳ—କ୍ରୀଡ଼ା । ବାର୍ତ୍ତଲେଖା—କାନ୍ଥଲିଖିତ ଶବ ।

୨୬ଶ ପଦ:—ବେଳାରେ ତଟରେ । ସ୍ୱର୍ଣ୍ଣସର-ଜମ୍ବୁନଦ ( ଜମ୍ବୁଦ୍ୱୀପସ୍ଥ ଗୋଟିଏ ନଦୀ ) । ସୁଦର୍ଶନ ଜାମୁଗଛ ବିଶେଷ । ବିକାଶି-ପ୍ରକାଶିତ କରି । ସୁ-ଦର୍ଶନ— ଉତ୍ତମ ଦର୍ଶନ ।

୨୭ଶ ପଦ:—ବିଲୋକ-ଦେଖି । ସୁଦର୍ଶନ-ବିଷ୍ଣୁଙ୍କର ଚକ୍ରାୟୁଧ । ପ୍ରଭା ଦୀପ୍ତି । ବିଦୂର—ବହୁଦୂରରେ । ପାଶୀ-ବରୁଣ ନିକଟସ୍ଥ ।

---

୨୪ଶ ପଦ:—ସେହି ଶରସବୁ ଶରମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅଟେ । ତାହାର ତେଜରେ ସମୁଦ୍ରସ୍ଥ ବଡ଼ବାନଳ ଓ ସୂର୍ଯ୍ୟଉଭୟେ ଜୁଳୁଜୁଳା ପୋକ ପ୍ରାୟ ଦେଖାଗଲେ ।

୨୫ଶ ପଦ:—ସେ ଶର ତେଜରେ ଜଳଜନ୍ତୁମାନେ ବ୍ୟାକୁଳ ହୋଇ କ୍ରୀଡ଼ାଯୁକ୍ତ ଆନନ୍ଦକୁ ତ୍ୟାଗ କଲେ ଏବଂ କାନ୍ଥରେ ଲେଖା ହୋଇଥିବା ଛବିଭଳି ଭାବକୁ ଭଜିଲେ ଅର୍ଥାତ୍ ଶବ ପ୍ରାୟ ସ୍ତମ୍ଭୀଭୂତ ହୋଇ ରହିଲେ ।

୨୬ଶ ପଦ:—ପୂର୍ବକାଳରେ ପ୍ରଚେତା ନାମକ ଋଷି ଜମ୍ବୁନଦୀ ତଟରେ ଥିବା ସୁଦର୍ଶନ ନାମକ ଜାମୁ ଗଛର ଶୋଭା ପ୍ରଥମେ ଦର୍ଶନ କଲା ପରି, ବରୁଣ ଆସି ସମୁଦ୍ର ତଟରେ ଶୋଭା ପାଉଥିବା ଶ୍ରୀ ରାମଚନ୍ଦ୍ରଙ୍କୁ ପ୍ରଥମେ ଦର୍ଶନ କରିଥିଲେ ।

୨୭ଶ ପଦ:—ବାଣର ପ୍ରଭା ସୁଦର୍ଶନ ଚକ୍ର ପ୍ରାୟ ଭୟଙ୍କର ଦେଖିକରି ବରୁଣ ଭୟରେ ପାଖକୁ ନ ଆସି ବହୁତ ଦୂରରେ ଉଭା ହେଲେ ।

ବସୁଧାଭୃତରେ ପ୍ରଜାବର୍ଗ ଶାନ୍ତ ପାଇ ।
ବୋଧିଲା ସେ କର ରତ୍ନ ଅଳଙ୍କାର ଦେଇ ଯେ । ୨୮ ।
ବୋଇଲା ସ୍ୱବଂଶକୀର୍ତ୍ତିକି ନାଶିବ କି ଏବେ ।
ବଧାଇଲ ସେ ବାଣେ ଅସାଧ୍ୟ ଥିଲେ ଯେତେ ଯେ ।୨୯ ।
ବୋଲେ ବିଚାର ତମିରେ ଜଗତ ଗ୍ରାସିତ ।
ବିଚିତ୍ର ନିଜ ତମିରେ ଗ୍ରାସିତ ପର୍ବତ ଯେ ।୩୦ ।
ବାର୍ଦ୍ଧି ଗର୍ଭସ୍ଥିତ ଲକ୍ଷ୍ମୀମନ୍ଦରତାଡ଼ନେ ।
ବିକଟମୂର୍ତ୍ତିମାନେ ସେ ଚରାଚର ଯେସନେ ଯେ ।୩୧ ।

---

୨୮ଶ ପଦ:—ବସୁଧାଭୃତ—ରାଜା । କର—ରାଜସ୍ୱ ।

୩୦ଶ ପଦ:—ତମିରେ—ଅନ୍ଧକାରରେ । ବିଚିତ୍ର—ଆଶ୍ଚର୍ଯ୍ୟ । ତମି —ତମିନାମକ ମତ୍ସ୍ୟ ।

୩୧ଶ ପଦ:—ବାର୍ଦ୍ଧି—ସମୁଦ୍ର । ମନ୍ଦର—ପର୍ବତବିଶେଷ । ( କୁଳାଚଳ ମଧ୍ୟରୁ ଗୋଟିଏ ) । ତାଡ଼ନେ—ମନ୍ଥନଦ୍ୱାରା । ବିକଟମୂର୍ତ୍ତି—ଭୟଙ୍କର ରୂପ ।

---

୨୮ଶ ପଦ:—ପ୍ରଜାମାନେ ରାଜାଙ୍କୁ ଖଜଣା ଦେଇ ସନ୍ତୁଷ୍ଟ କରାଇଲା ପରି, ବରୁଣ ବହୁତ ରତ୍ନ ଅଳଙ୍କାର ରାମଚନ୍ଦ୍ରଙ୍କୁ ଭେଟି ଦେଇ ବୋଧ କରାଇଲେ ।

୨୯ଶ ପଦ:—"ଆପଣା ବଂଶରେ କୀର୍ତ୍ତିକି ବିନାଶ କରିବେ କି ?" ( ସମୁଦ୍ର ରାମଚନ୍ଦ୍ରଙ୍କ ପୂର୍ବପୁରୁଷ ସଗର ରାଜାଙ୍କ ପୁତ୍ରମାନଙ୍କଦ୍ୱାରା ଖୋଳିତ ଏତିକି ମାତ୍ର କହି ସେ ରାମଚନ୍ଦ୍ରଙ୍କୁ ତୋଷ କରାଇ ରାମଚନ୍ଦ୍ର ସନ୍ଧାନ କରିଥିବା ଅମୋଘ ଅସ୍ତ୍ରଦ୍ୱାରା ନିଜର ଯେତେ ଅସାଧ୍ୟ ଶତ୍ରୁ ଥିଲେ, ସେମାନଙ୍କୁ ବିନାଶ କରାଇଲେ ।

୩୦ଶ ପଦ:— ବରୁଣ କହିଲେ, "ହେ ରାମଚନ୍ଦ୍ର ! ବିଚାର କରନ୍ତୁ, ଅନ୍ଧକାର ଦ୍ୱାରା ଯେବେ ସଂସାର ଗ୍ରସ୍ତ ହେଉଅଛି, ତେବେ ତମି ମାଛ ଦ୍ୱାରା ପର୍ବତ ଗ୍ରାସ ହେବା ବିଚିତ୍ର କଣ ? ( ଆପଣ ଯେଉଁ ପର୍ବତସବୁ ପକାଇଲେ ତାକୁ ତେମିମାଛ ଗିଳିଦେଲେ ) ।"

୩୧ଶ ପଦ:—"ସମୁଦ୍ର ମନ୍ଦର ପର୍ବତ ଦ୍ୱାରା ମନ୍ଥିତ ହେଲା ବେଳରେ ଆପଣ ବିକଟ ମୂର୍ତ୍ତି ଧାରଣ କରିଥିଲେ ଓ ସମୁଦ୍ରଗର୍ଭସ୍ଥିତ ଲକ୍ଷ୍ମୀଙ୍କୁ ପ୍ରାପ୍ତ ହୋଇଥିଲେ । ଏ କଥା ମୁଁ ଜାଣେ ।"

ବାର୍ଦ୍ଧି-ଗର୍ଭସ୍ଥିତ ଏବେ କମଳା ଅବଧି ।
ଦର୍ଶନ୍ମୂର୍ତ୍ତିମାନେ ତୁମ୍ଭର ବଡ଼ ସିଦ୍ଧି ହେ ।୩୨।
ବାନ୍ଧ ସେତୁ ହେତୁ ଅଛି ବିଶ୍ୱକର୍ମାସୁତ ।
ବସ୍ତ୍ର ମାଳା ଜଳେ ଖେଳେ ଶିଶୁକାଳେ ନିତ୍ୟ ଯେ ।୩୩।
ବାଳ ବୋଲି କୋପୀ ନୋହି କହି ମୁନିସର୍ବ ।
ବୁଡ଼ୁ ନା ନୀରରେ ତୁ ଛୁଇଁବୁ ଯେତେ ଦ୍ରବ୍ୟ ଯେ ।୩୪।
ବୁହାଇଣ ଗୋଷ୍ଠ-ଗୋଷ୍ଠ ପକାଅ ଛୁଆଇଁ ।
ବାର୍ଦ୍ଧି କଳନାରେ ନଳ ନାମ ଅଛି ପାଇ ଯେ ।୩୫।
ବୋଲି ପ୍ରଦକ୍ଷିଣ କରି ହୋଇଲା ଅନ୍ତର ।
ବିଶ୍ୱକର୍ମା ସୁତେ କରି ଶ୍ରୀରାମ ଆଦର ଯେ ।୩୬।

---

୩୨ ପଦ:—ବାର୍ଦ୍ଧି-ଗର୍ଭସ୍ଥିତ—ସମୁଦ୍ରମଧ୍ୟରେ ଥିବା । କମଳା ଲକ୍ଷ୍ମୀ (ସୀତା) । ଦର୍ଶନ୍ମୂର୍ତ୍ତି—ଭସ୍ମଙ୍କର ରୂପ ଝର୍ଷିସ୍ମୂର୍ତ୍ତି ।

୩୩ଶ ପଦ:—ହେତୁ —କାରଣ । ବିଶ୍ୱକର୍ମାସୁତ—ନଳ ।

୩୫ଶ ପଦ:—ଗୋଷ୍ଠ ଗୋଷ୍ଠ—ପର୍ବତସମୂହ । ବାର୍ଦ୍ଧି—ସମୁଦ୍ର ନଳ—ପନ୍ଦକା ।

୩୬ଶ ପଦ—ପ୍ରଦକ୍ଷିଣ—ଭ୍ରମଣ କରି । ବିଶ୍ୱକର୍ମାପୁତ୍ର—ନଳ ।

---

୩୨ଶ ପଦ:—„ଏବେ ଲଙ୍କା ପୁରରେ ଲକ୍ଷ୍ମୀରୂପିଣୀ ସୀତାଅବସ୍ଥାନ କରିଅଛନ୍ତି । ମନ୍ଦସ୍ୱଭାବବିଶିଷ୍ଟ ରାବଣର ବିନାଶରେ ଆପଣ ତାଙ୍କୁ ପ୍ରାପ୍ତ ହେବେ; ସେଥିପାଇଁ ଧାରଣ କରିଥିବା ଆପଣଙ୍କର ଏ ଝର୍ଷିସ୍ମୂର୍ତ୍ତି ସିଦ୍ଧି ଲାଭ କରିଅଛି ।"

୩୩ଶ ପଦ:—"ଆପଣ ସମୁଦ୍ରରେ ସେତୁବନ୍ଧ ବାନ୍ଧନ୍ତୁ,ତାର କାରଣ ଅଛି ବିଶ୍ୱକର୍ମାପୁତ୍ର ନଳ ବାଳକ ସମୟରେ ମୁନିମାନଙ୍କର ବସ୍ତ୍ର ଓ ମାଳାମାନ ପାଣିରେ ପକାଇ ଦେଉଥିଲେ ।"

୩୪ଶ ପଦ:—„ସେ ମୁନିମାନେ ଶିଶୁସୁଲଭ ଖେଳ ହେତୁ କ୍ରୋଧିତ ହୋଇ ତାଙ୍କୁ କହିଲେ, ତୁ ଆଜଠାରୁ ଯେତେ ଦ୍ରବ୍ୟନେଇ ଜଳରେ ପକାଇବୁ ସେ ସବୁ ବୁଡ଼ିବନାହିଁ ।"

୩୫ଶ ପଦ:—ବର୍ତ୍ତମାନ ପର୍ବତସମୂହ ବୁହାଇ ଆଣି ନଳ ହାତରେ ଛୁଆଁଇ ସମୁଦ୍ରରେ ପକାନ୍ତୁ । ନଳ (ପନ୍ଦକା) ଦ୍ୱାରା ଜମିର ପରିମାଣ କଳନା କଲାପରି, ସମୁଦ୍ରର କଳନା କରିବାକୁ ଏ ନଳ ନାମ ବହି ଅଛନ୍ତି ।"

୩୬ଶ ପଦ:—ବରୁଣ ଏହା କହି ରାମଙ୍କୁ ପ୍ରଦକ୍ଷିଣ କରି ଚାଲିଗଲେ ରାମଚନ୍ଦ୍ର ଏହା ଶୁଣି ବିଶ୍ୱକର୍ମା ପୁତ୍ର ନଳକୁ ଆଦରକଲେ ।

ବ୍ୟାପି କପି ଶିଖରୀ ଉତ୍ପାଟିଲେ ଅଦ୍ଭୁତେ ।
ବିଚ୍ଛନ୍ଦସୁତ ପ୍ରବେଶେ ଉଦକେ ପକାନ୍ତେ ଯେ । ୩୭ ।
ବଳ୍କଳ ତିଳର ଯଥା ଉଚ୍ଛ୍ୱାସେ ରହିଲା ।
ବିଶେଷିତ ଅଦ୍ଭୁତ ଏ ସେ ସମାନେ ହେଲା ଯେ । ୩୮ ।
ବିସ୍ମିନଧିତେ ରହିଲେ ଏତେ ଗିରିବର ।
ବିନେ ରାମ ଭାବେ ମେରୁ ମୁଁ ଦେବନଗର ଯେ । ୩୯ ।
ବହନ୍ତି ସେ ଚଣ୍ଡୀ ଶମ୍ଭୁଭାବ ହିମାଳୟ ।
ବାସବ- ନପ୍ତା ବାତଜ ଥିବାରୁ ମଳୟ ଯେ । ୪୦ ।

---

୩୭ଶ ପଦ:—ବ୍ୟାପି—ବ୍ୟାପ୍ତହୋଇ । ଶିଖରୀ—ପର୍ବତ । ଉତ୍ପାଟିଲେ—ଉପାଡ଼ିଲେ ।ବିଚ୍ଛନ୍ଦସୁତ—ନଳ । ଉଦକେ ପାଣିରେ ।

୩୮ଶ ପଦ:—କଳକଳ—ବୈପା । ତିଳ—ରାଶି ।

୩୯ଶ ପଦ:—ବିସ୍ମିନଧିତେ—ନିର୍ଭୟରେ ।ଗିରିବର—ପର୍ବତଶ୍ରେଷ୍ଠ । ମେରୁ —ପର୍ବତବିଶେଷ ।ଦେବନଗର—ଦେବତାମାନଙ୍କର ଆବାସଭୂମି ।

୪୦ଶ ପଦ:—ଚଣ୍ଡୀ—ପାର୍ବତୀ,ଦୁର୍ଗା । ଶମ୍ଭୁ—ମହାଦେବ । ବାସବ-ନପ୍ତା—ଇନ୍ଦ୍ରଙ୍କର ନାତି ( ଅଙ୍ଗଦ ) ।ବାତଜ—ପବନପୁତ୍ର ( ହନୁମାନ ) ।

---

୩୭ଶ ଓ ୩୮ଶ ପଦ:—ବାନରମାନେ ସ୍ୱଇଆଡ଼େ ବ୍ୟାପିଯାଇ ଅଶ୍ଚର୍ଯ୍ୟ ରୂପେ ପର୍ବତମାନଙ୍କୁ ଉପାଡ଼ିଲେ । ସେ ପର୍ବତକୁ 'ବିଚ୍ଛନ୍ଦ ସୁତ' ନଳକୁ ଛୁଆଁ ଇ ସମୁଦ୍ର ଜଳରେ ପକାନ୍ତେ,ତାହା ତିଳବୈପା ପ୍ରାୟ ଉଚ୍ଛ୍ୱାସ ହୋଇ ଭାସିଲା । ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟ ଜନକ ଅଟେ ।

୩୯ଶ ପଦ:—ଏଇ ପର୍ବତମାନେ ନିର୍ଭୟରେ ରହିଲେ । ମେରୁଗିରି ଭାବିଲା, "ମୁଁ ଦେବତାମାନଙ୍କର ରହିବା ସ୍ଥାନ । ଦେବତାଙ୍କ ହିତ ପାଇଁ ଅବତୀର୍ଣ୍ଣ ହୋଇଥିବା ରାମଚନ୍ଦ୍ର ସେଠାରେ ଅଛନ୍ତି । (ସୁତରାଂ ସେ ମୋତେ ନେବାକୁ ଆଦେଶ ଦେବେ ନାହିଁ ) ।"

୪୦ଶ ପଦ:—ହିମାଳୟ ଭାବିଲା, 'ରାମଚନ୍ଦ୍ରମହାଦେବ ଓ ପାର୍ବତୀଙ୍କୁ ପୂଜା କରନ୍ତି, ମୁଁ ତ ଈଶ୍ୱର ପାର୍ବତୀଙ୍କ ବାସସ୍ଥାନ, ତେଣୁ ମୋତେ ନେବେ ନାହିଁ ।'ବାସବ ନାତି ଅଙ୍ଗଦ ଓ ପବନପୁତ୍ର ହନୁମାନ ଥିବା'ରୁ ମଳୟପର୍ବତ ବିଚାର କଲା,ମୁଁ ଇନ୍ଦ୍ର ଓ ପବନର କ୍ରୀଡ଼ାସ୍ଥାନ, ତେଣୁ ମୋତେ ନେବେ ନାହିଁ ।

ବ୍ରହ୍ମପୁତ୍ର ଅଗ୍ନିକୁମାରସୁତ ସ୍ଥିତ ।
ଅଧୀରକୁ ତେଜେ ଗନ୍ଧମାଦନ ଏ ସତ ଯେ ।୪୧।
ବିଭୀଷଣ ଭେଟିଅଛି କଇଳାସ ସ୍ଥିର ।
ଅଦୃଶ୍ୟତା ଭାବ ଲୋକାଲୋକ ମହୀଧର ଯେ ।୪୨।
ବିବେକ ଏ ଚିତ୍ରକୂଟ ମାଲ୍ୟବନ୍ତ କରେ ।
ବିଳସି ରାଘବ ଯାଇଛନ୍ତି ଆମ୍ଭପରେ ଯେ ।୪୩।
ବିନ୍ଧ୍ୟ ମନ୍ଦର ସଭୟ ଅଛି ରବିସୁତ ।
ବିସ୍ମରିଲେ ଏହି ବିଧି ପର୍ବତ ବହୁତ ଯେ ।୪୪।

---

୪୧ଶ ପଦ:—ବ୍ରହ୍ମାପୁତ୍ର—ଜାମ୍ବବାନ୍ । ଅଗ୍ନିକୁମାରସୁତ—ସୁଷେଣ । ଅଧୀରକୁ—ଚଞ୍ଚଳତାକୁ ।

୪୨ଶ ପଦ:—ଅଦୃଶ୍ୟଣୀ—ଯାହାକୁ କେହି ଦେଖି ପାରନ୍ତି ନାହିଁ । ମହୀଧର—ପର୍ବତ ।

୪୩ଶ ପଦ:—ବିବେକ—ଜ୍ଞାନ । ବିଳସି—କ୍ରୀଡ଼ା କରି ।

୪୪ଶ ପଦ:—ରବିସୁତ—ସୁଗ୍ରୀବ । ବିଧି—ନିୟମ ।

---

୪୧ଶ ପଦ:—ବ୍ରହ୍ମାପୁତ୍ର ଜାମ୍ବବାନ ଓ ଅଗ୍ନିକୁମାରସୁତ ସୁଷେଣ ଥିବାରୁ ଗନ୍ଧମାଦନ ଚଞ୍ଚଳତାକୁ ତ୍ୟାଗ କଲା । ( ଗନ୍ଧମାଦନ ବ୍ରହ୍ମାଙ୍କର କ୍ରୀଡ଼ାସ୍ଥାନ ଓ ଅଗ୍ନିକୁମାରଙ୍କ ଔଷଧି ବନ, ତେଣୁ ସେ ଭୟ ତ୍ୟାଗ କଲା ।

୪୨ଶ ପଦ:—କୁବେର ଭାଇ ବିଭୀଷଣ ରାମଙ୍କୁ ଭେଟି ଥିବାରୁ କୈଳାସ ପର୍ବତ ( କୁବେରଙ୍କର ଆବାସସ୍ଥାନ ) ନିଶ୍ଚିନ୍ତ ରହିଲା । ଲୋକାଲୋକ ପର୍ବତ ଅଦୃଶ୍ୟ ହୋଇ ରହିଥିବାରୁ ସ୍ଥିର ହେଲା ( ସେ ଭାବିଲା, ମୋତେ କେହି ଦେଖି ପାରିବେନାହିଁ । )

୪୩ଶ ପଦ:—ଚିତ୍ରକୂଟ ଓ ମାଲ୍ୟବନ୍ତ ପର୍ବତ ବିଚାରିଲେ, 'ରାମଚନ୍ଦ୍ର ଆମ୍ଭ ଉପରେ ବିହାର କରି ଯାଇ ଅଛନ୍ତି । ତେଣୁ ଆମ୍ଭଙ୍କୁ ଉପାଡ଼ିବେ ନାହିଁ ।'

୪୪ଶ ପଦ:—ସୂର୍ଯ୍ୟପୁତ୍ର ସୁଗ୍ରୀବ ଥିବାରୁ ବିନ୍ଧ୍ୟ ଓ ମନ୍ଦରପର୍ବତ ଦୁହେଁ ଭୟଯୁକ୍ତ ହେଲେ । ( ବିନ୍ଧ୍ୟ ଓ ମନ୍ଦର ପର୍ବତ ଦୁହେଁ ପରସ୍ପରରେ ବିବାଦୀ ହୋଇ ସୂର୍ଯ୍ୟଙ୍କ ଗତି ପଥ ବନ୍ଦ କରିବା ଇଚ୍ଛାରେ ଶୂନ୍ୟକୁ ବଢ଼ିଥିଲେ । ମାତ୍ର ଅଗସ୍ତ୍ୟଙ୍କ କୌଶଳରୁ ତହିଁରୁ କ୍ଷାନ୍ତ ହୋଇଥିଲେ । ସୂର୍ଯ୍ୟପୁତ୍ର ସୁଗ୍ରୀବ ଥିବାରୁ ସେ ଭୟ କଲେ, ଏ କାଳେ ପିତାଶତ୍ରୁ ଭାବି ଆମ୍ଭଙ୍କୁ ଉପାଡ଼ି ନେବ) ଏହିପରି ଅନ୍ୟାନ୍ୟ ପର୍ବତମାନେ ମଧ୍ୟ ବିସ୍ମର କଲେ ।

ବାମେ ଛୁଇଁ ବାମ ହେଉଁ ମାରୁତକେ ବୋଧି ।
ବନ୍ଧ ପଡ଼ିବାରେ ଶୋଭା ହୋଇଲା ବାରିଧି ଯେ । ୪୫ ।
ବାଲୁକା ପକାଅ ବନ୍ଧେ ରାମ ଆଜ୍ଞା ହେଲା ।
ବହୁତ ନଗର ରୁଚି ଏକ ହୋଇଗଲା ଯେ । ୪୬
ବିଖ୍ୟାତ ହୋଇଲା ସେ ଆଶ୍ଚର୍ଯ୍ୟ ଜଗତରେ ।
ବିଭ୍ରାଜେ କୁମ୍ଭୀର ଗଣ ସେ ଜଳ ଉପରେ ଯେ । ୪୭
ବାଜି ଗତାଗତ ରାଜ ହେଲା ଅତିଶୟ ।
ବିଦୂର ହୋଇଲା ଯହିଁ କୁଳଟାର ଭୟ ଯେ । ୪୮ ।

---

୪୫ଶ ପଦ:—ବାମେ—ବାମହସ୍ତରେ । ବାମ—ବିପକ୍ଷ । ମାରୁତି—ହନୁମାନ । ବୋଧି—ଶାନ୍ତ କରାଇ । ବାରିଧି—ସମୁଦ୍ର ।

୪୬ଶ ପଦ:—ନଗ—ପର୍ବତ । ରୁଚି-ଶୋଭା ।

୪୭ଶ ପଦ:—ବିଖ୍ୟାତ-ପ୍ରସିଦ୍ଧ । ଜଗତ୍ତ-ସଂସାର । ବିଭ୍ରାଜେ—ଶୋଭାପାଏ । କୁମ୍ଭୀର ହିଂସ୍ର ଜଳଜନ୍ତୁ ବିଶେଷ, ହସ୍ତୀ ।

୪୮ଶ ପଦ:—ବାଜି-ଘୋଡ଼ା । ଗତାଗତ—ଗମନାଗମନ । ରାଜ-ମନୋହର । କୁଳଟା-ବିଟପୀ ସ୍ତ୍ରୀ ।

---

୪୫ଶ ପଦ:—ହନୁମାନ ଆଣିବା ପର୍ବତକୁ ନଳ ବାମ ହସ୍ତରେ ଛୁଇଁ ଦେବାରୁ ହନୁମାନ ତାଙ୍କର ଶତ୍ରୁ ଆଚରଣ କଲେ । ମାତ୍ର ରାମଚନ୍ଦ୍ର ହନୁମାନଙ୍କୁ ବୋଧ କରାଇଲେ । । ଏହିପରି ବନ୍ଧ ପଡ଼ିବାରୁ ସମୁଦ୍ର ସୁନ୍ଦର ଦିଶିଲା ।

୪୬ଶ ପଦ:—ବନ୍ଧ ଉପର ଅସମାନ ହୋଇଥିବାରୁ ରାମଚନ୍ଦ୍ର ଆଦେଶ ଦେଲେ, "ବନ୍ଧ ଉପରେ ବାଲି ପକାଅ" ବାଲି ପଡ଼ିବାରୁ ସବୁ ପର୍ବତର ଶୋଭା ଏକ ହୋଇଗଲା ( ସବୁ ସମାନ ଦେଖାଗଲା ) ।

୪୭ଶ ପଦ:—ପର୍ବତ ଜଳରେ ଭାସିବାରୂପ ଆଶ୍ଚର୍ଯ୍ୟ ଘଟଣା ସଂସାରରେ ବିଖ୍ୟାତ ହେଲା । ସେ ବନ୍ଧର ତଳ ବାଟରେ କୁମ୍ଭୀରମାନଙ୍କର ଗତାଗତ ହେଲା ଓ ଉପରେ ହସ୍ତୀମାନଙ୍କର ଗମନାଗମନ ଶୋଭା ପାଇଲା ।

୪୮ଶ ପଦ:—ଅସତୀ ସ୍ତ୍ରୀମାନଙ୍କର ଯେପରି କୁଳ ବୁଡ଼ିଯିବାର ଭୟ ନ ଥାଏ, ସେହିପରି ରାମଚନ୍ଦ୍ର ବନ୍ଧଉପରେ ହାତୀ ଘୋଡ଼ାମାନଙ୍କୁ ନେବା ଆଣିବା କରିବାଦ୍ୱାରା ବନ୍ଧ ବୁଡ଼ିଯିବା ଭୟ ମନରୁ ଦୂର କଲେ ।

ବିଳସିତ ହୋଇଲା ସୁଜାତ ଆଖୁ କରେ ।
ବିଭୁ କରେ ଆଶ୍ୱାସିଲେ ପ୍ରଷାତ ଶୁଭ୍ରରେ ଯେ ।୪୯ ।
ବିଜେ ରାମ ପ୍ରାପ୍ତି ଇଚ୍ଛା ସୁବଳୟ ଶୋ'ଭା ।
ବଳ ତେଜି କୁ—ବଳୟ ସୁବେଳକୁ ଲଭି ଯେ । ୫୦ ।
ଯସ୍ତାରେ ସ୍ୱର୍ଗ ସୁସଞ୍ଜ ଅଧିକରେ ସତ ।
ବୃନ୍ଦ ବୃନ୍ଦ ରମ୍ଭା ଶତାବର୍ତ୍ତ ଐରାବତ ଯେ ।୫୧ ।

---

୪୯ଶ ପଦ:—ବିଳସିତ—ଖେଳିବା । ଆଖୁ—ଗୁଣ୍ଡୁଚିମୂଷା । କରେ-ଜଳରେ । ବିଭୁ—ପ୍ରଭୁ ( ରାମଚନ୍ଦ୍ର ) । କରେ—ହସ୍ତରେ । ଆଶ୍ୱାସିଲେ—ଆଉଁଷିଲେ । ପ୍ରଷତ—ସ୍ଥୂଳ ଶିତ । ଶୁଭ୍ରରେ—ଶାକ ବର୍ଣ୍ଣରେ ।

୫୦ଶର ପଦ:—ସୁବଳୟଶୋଭା—ସ୍ୱର୍ଣ୍ଣକଙ୍କଣ ଶୋଭା, ସୀତା । ବଳ—ସୈନ୍ୟ । କୁ-ବଳୟ —ସମୁଦ୍ର । ସୁବେଳ—ପର୍ବତବିଶେଷ ।

୫୧ଶର ପଦ:—ସୁସଞ୍ଜ—ମନୋହର । ରମ୍ଭା—କଦଳୀଗଛ, ସ୍ୱର୍ବେଶ୍ୟା । ଶତାବର୍ତ୍ତ—ଛତୁଆରିଗଛ, ଶଚୀ । ଐରାବତ-ସ୍ୱର୍ଗହସ୍ତୀ, ନାରଙ୍ଗଗଛ ।

---

୪୯ଶର ପଦ.—ଉତ୍ତମ ଜାତୀୟ ଗୁଣ୍ଡୁଚିମୂଷ ଜଳରେ ବୁଡ଼ି ବାଲିରେ ଗଡ଼ିଆସି ବନ୍ଧରେ ଝାଡ଼ିହେବାରୁ ( ଜଳରେ ବୁଡ଼ି ଦେହକୁ ଓଦା କରେ । ଓଦାଦେହରେ ବାଲିରେ ଗଡ଼ିଲେ ଦେହରେ ବାଲି ଲାଗିଯାଏ । ସେ ବାଲି ଆଣି ବନ୍ଧରେ ପକାଏ )ରାମ ସନ୍ତୁଷ୍ଟ ହୋଇ ତା ଦେହ ହାତରେ ଆଉଁଷି ଦେବାରୁ, ଆଜିମଧ୍ୟ ଉତ୍ତମ ବର ଦେଇ 'ସୁବରଦ ଏହି ନାମରେ ପ୍ରସିଦ୍ଧି ଲଭିଲେ ।

୫୦ଶର ପଦ:-ବନ୍ଧକାମ ଶେଷ ହେବା ପରେ ସ୍ୱର୍ଣ୍ଣକଙ୍କଣଶୋଭିନୀ ସୀତାଙ୍କୁ ଲଭିବା ଇଚ୍ଛାରେ ରାମ ବନ୍ଧଉପରେ ବିଜେ କଲେ । ସୈନ୍ୟସବୁ କୁବଳୟ ସମୁଦ୍ର ପାର ହୋଇ ଯାଇ ସୁବେଳ ପର୍ବତରେ ରୁଣ୍ଡ ହେଲେ । ( ସୁବଳୟ ପ୍ରାପ୍ତ ହେବା ଲୋକ କୁବଳୟକୁ ତ୍ୟାଗ କରିଥାଏ ) ।

୫୧ଶର ପଦ:--ସେହି ସୁବେଳ ପର୍ବତ ସ୍ୱର୍ଗଶୋଭାଠାରୁ ଅଧିକ ସୁନ୍ଦର ଅଟେ । ସ୍ୱର୍ଗରେ ଗୋଟିଏ ରମ୍ଭା, ଗୋଟିଏ 'ଶତାବର୍ତ୍ତ' ଶଚୀଦେବୀଙ୍କ ଗୋଟିଏ ଐରାବତ ଗଜ ଅଛି, ମାତ୍ର ଏ ପର୍ବତରେ ଅସଂଖ୍ୟ 'ରମ୍ଭା କଦଳୀ ଗଛ, ବହୁତ 'ଶତାବର୍ତ୍ତ' ଛତୁଆରିଗଛ ଓ ଅନେକ 'ଐରାବତ' ନାରଙ୍ଗଗଛ ବିଦ୍ୟମାନ ।

ବୋଲିବାରେ ହନୁମାନ ତହିଁ ଦୁର୍ଗ କରି ।
ଭାଳିଲେ ଲଙ୍କାଗଡ଼ ପ୍ରାକାରର ପରି ଯେ । ୫୨ ।
ବଳୀ ରହିଅଛନ୍ତି ଯହିଁରେ କରି ସ୍ଥାନ ।
ବିହରିତ ହୋଇଛନ୍ତି ନାଗସାରମାନ ଯେ । ୫୩ ।
ଉଜ୍ଜ୍ୱଳିତ ହୋଇଅଛି ମଣି କିରଣରେ ।
ବେଶରେ ସେ ରଜିତ ରକ୍ଷସ ଶରଣରେ ଯେ । ୫୪ ।
ବାଣ୍ଡିକ ଆସର-ସ୍ୱର ଖର ଲଙ୍କାରଜେ ।
ଭଜେ ଖରତର ଯୁକ୍ତ ଲକ୍ଷ୍ମଣ ଋଭଜେ ଯେ । ୫୫ ।

---

୫୨ଶବ୍ଦ ପଦ:-ଦୁର୍ଗ-ଗଡ଼ । ଭାଳିଲେ-ଦେଖିଲେ ।

୫୩ଶବ୍ଦ ପଦ:- ବଳୀ-ଯୋଦ୍ଧା, ବଳବନ୍ତ । ନାଗସାରମାନ-ସର୍ପବିଶେଷ, ହସ୍ତୀଶ୍ରେଷ୍ଠ ।

୫୪ଶବ୍ଦ ପଦ:-ଉଜ୍ଜ୍ୱଳିତ-ଦୀପ୍ତିମନ୍ତ । ମଣି-ରତ୍ନବିଶେଷ । କିରଣରେ-ତେଜରେ, ବେଶରେ-ପ୍ରକୃତରେ । ରଜିତ-ଶୋଭିତ ।

୫୫ଶବ୍ଦ ପଦ:-ବାଣ୍ଡିକ-ବାଞ୍ଛାବନ୍ଧ । ଆସ-ସ୍ୱେର-ରାକ୍ଷସହତ । ଖର-ଶୀଘ୍ର । ଖରପର-ରାମଚନ୍ଦ୍ର । ଋଭଜ—ସୁଗ୍ରୀବ, ପ୍ଲବଙ୍ଗ ।

---

୫୨ଶବ୍ଦ ପଦ:-ହନୁମାନ କହିବାମୁତାବକ ରାମଚନ୍ଦ୍ର ସେ ପର୍ବତରେ ଗଡ଼ କରି ତା ଉପରେ ଠିଆ ହୋଇ ଦେଖିଲେ ଯେ, ଲଙ୍କାଗଡ଼ ପ୍ରାକାର-ପୁର ପ୍ରାପ୍ତ ହସ୍ତୁଛି

୫୩ତ ପଦ: ପ୍ରାକାରରେ ବଳବନ୍ତ ବୃନ୍ଦ କରିରହିଛନ୍ତି ଓ ଶ୍ରେଷ୍ଠ ନାଗସର୍ପମାନେ ବିହାର କରୁଅଛନ୍ତି । ସେହିପରି ଲଙ୍କାଗଡ଼ରେ ବଳିଷ୍ଠ ଲୋକମାନେ ବାସ କରି ଅଛନ୍ତି ଏବଂ ଶ୍ରେଷ୍ଠ ହସ୍ତୀସବୁ କ୍ରୀଡ଼ା କରୁଅଛନ୍ତି ।

୫୪ଶବ୍ଦ ପଦ:--ପ୍ରାକାରପୁର ସର୍ପଙ୍କମଣି କିରଣରେ ପ୍ରଦୀପ୍ତ ହୋଇଅଛି ପୁଣି ସେ ପୁର ରାକ୍ଷସମାନଙ୍କ ଶରଣ ରକ୍ଷା କରି ଶୋଭା ପାଇଥାଏ । ସେହିପରି ଏ ଲଙ୍କା ରତ୍ନମାନଙ୍କ କିରଣ ଛଟାରେ ଉଜ୍ଜ୍ୱଳ ଏବଂ ରାକ୍ଷସମାନଙ୍କ ଗୃହରେ ଶୋଭିତ ହୋଇଅଛି ।

୫୫ଶବ୍ଦ ପଦ:--ରାମଚନ୍ଦ୍ର ସୁବେଳ ପର୍ବତରେ ଦୁର୍ଗ କରି ରହିବାର ଦେଖି ରାକ୍ଷସଦୂତ ଶୀଘ୍ର ଯାଇ ରାବଣ ଅଗ୍ରତରେ ବାର୍ତ୍ତା କହିଲା, ଲକ୍ଷ୍ମଣ ଓ ସୁଗ୍ରୀବ ସହିତ ରାମଚନ୍ଦ୍ର ଲଙ୍କାକୁ ଭଜେ କଲେ ।

ବିଧିପୂର୍ବରେ ଦକ୍ଷିଣ ପ୍ରତୀଚୀରେ ଶକ୍ତ ।
ବିଦିତ ତବ ଭ୍ରାତାର ଉତ୍ତର ସଦନ ଯେ । ୫୬ ।
ବାରତା ଶୁଣୁ ରାବଣ ତ୍ରିଜଟା ଶୁଣିଲା ।
ବୈଦେହୀଙ୍କ ପାଶେ ବଲ୍ଲଭ ପ୍ରବେଶ କହିଲା ଯେ । ୫୭ ।
ବ୍ୟର୍ଥଲକ୍ଷ ଦରିଦ୍ର ପ୍ରାପତ ଲକ୍ଷ ଧନ ।
ବୋଲିବ ମୃତପିଣ୍ଡରେ ପ୍ରବେଶ ଜୀବନ ଯେ । ୫୮ ।
ବିମଳ କମଳନେତ୍ରୁଁ କମଳ ଜନିତ ।
ବିଗତ ସେ ହେଲା ଯେଣୁ ରକ୍ଷା ଉତପାତ ଯେ । ୫୯ ।

---

୫୬ଶର ପଦ:—ବିଧିପୂର୍ବରେ-ଯଥା ବିଧି । ଦକ୍ଷିଣ-ପ୍ରବୀଣ । ପ୍ରତୀଚୀ-ଚିରକାଳ, ପଶ୍ଚିମଦିଗ । ଶକ୍ତ-ସକ୍ଷମ ।

୫୭ଶର ପଦ:—ବୈଦେହୀ ସୀତା । ବଲ୍ଲଭ-ସ୍ୱାମୀ ।

୫୯ତମ ପଦ:—ବିମଳ—ନିର୍ମଳ । କମଳନେତ୍ରୁଁ-ପଦ୍ମନୟନରୁ । କମଳ—ଜଳ । ବିଗତ-ଦୂରୀଭୂତ ।

---

୫୬ଶର ପଦ:—"ସେ ରାମଚନ୍ଦ୍ର ନୟମାନୁଯାୟୀ କାର୍ଯ୍ୟସବୁ ସମ୍ପାଦନ କରିବାର ବଡ଼ ଚତୁର ଏବଂ ପ୍ରତ୍ୟେକ ବିଷୟରେ ଚିରକାଳ ଉପଯୁକ୍ତ ଉତ୍ତର ସହିତ ଅଗ୍ରସର ହେବାରେ ସକ୍ଷମ ଅଟନ୍ତି । ତୁମ୍ଭ ଭାଇ ବିଭୀଷଣର କଥାନୁସାରେ ସେ ଅନାୟାସରେ ଏଠାକୁ କ୍ଷମ ହୋଇ ଅଛନ୍ତି ।"

( ୫୫ଶର ଓ ୫୬ଶର ପଦ ଦ୍ୱୟରେ ବର୍ଣ୍ଣିମା ବ୍ୟାଜରେ ସ୍ତୁତିଦଗର ବ୍ୟବହାର କରାଯାଇଅଛି । )

୫୭ଶର ପଦ:—ରାବଣ ଦୂତ ମୁଖରୁ ଏପରି ବାର୍ତ୍ତା ଶୁଣିବା ସମୟରେ ତ୍ରିଜଟା ତାହା ଶୁଣିପାରିଲା । ସେ ଯାଇ ସୀତାଙ୍କ ଆଗରେ କହିଲା, "ତୁମ୍ଭପତି ପ୍ରବେଶ ହେଲେ ।"

୫୮ଶର ପଦ:—ତାହା ଶୁଣି ସୀତା ଯେପରି ଆନନ୍ଦିତା ହେଲେ, ତାକୁ 'ଦରିଦ୍ର ଲୋକ ଧନ ପ୍ରାପ୍ତି ହେଲା' ଏ ଲକ୍ଷ ବ୍ୟର୍ଥ ହୋଇଯିବ । ମୃତପିଣ୍ଡରେ ଜୀବନ ପ୍ରବେଶ ହେଲା—ଏହା ବରଂ କହିବା ଠିକ୍ ।

୫୯ତମ ପଦ:—ସୀତାଙ୍କର ନିର୍ମଳ ପଦ୍ମନେତ୍ରରୁ ଜାତ ହେଉଥିବା ଲୋତକ ଜଳ ଦୂର ହେଲା, ପୁଣି ରାକ୍ଷସୀମାନଙ୍କର ଉପଦ୍ରବ ଶାନ୍ତ ହେଲା । ( ଭୟରେ ରାକ୍ଷସୀମାନେ ଆଉ ବେଶି ଉତ୍ପାତ କଲେ ନାହିଁ । ) ।

ଭଜନ୍ୟ ଗତି ତଞ୍ଚଳେ କମଳ ହୋଇଲା ।
ବୋଲିବାରୁ କାହିଁ ସୁବେଳେ ବୋଇଲା ଯେ । ୬୦ ।
ବଚନ ସୁଧା ସେଚନ ପରାପ୍ତେ ମଣିଲେ ।
ବିମୋଚନ ଶୋଚନ ସୀତାର ମନୁ କଲେ ଯେ । ୬୧ ।
ବାଞ୍ଛିଲେ ପାବନି ହେଉ ଚିରାୟୁଷ ହୃଦେ
ବାରବର ବାଷଠି ପଦରେ ଗ୍ରନ୍ଥ ଛନ୍ଦେ ଯେ । ୬୨ ।

---

୬୦ତମ ପଦ:—ଭଜନ୍ୟ-ଜାତ । କମଳ-ମୃଗ ।

୬୧ତମ ପଦ:—ସାଧାସେଚନ — ଅମୃତସେଚନ । ବିମୋଚନ — ତ୍ୟାଗ ।

୬୨ତମ ପଦ: — ପାବନି—ହନୁମାନ । ଚିରାୟୁଷ-ଦୀର୍ଘାୟୁ ।

---

୬୨ତମ ପଦ:—ରାମଚନ୍ଦ୍ରଙ୍କ ସମ୍ବାଦ ପାଇ ସୀତାଙ୍କ ନେତ୍ର ତାଙ୍କୁ ଦର୍ଶନ କରିବା ପାଇଁ ଅସ୍ଥିର ହୋଇ ମୃଗପରି ଚଞ୍ଚଳ ଗତିକୁ ବହିଲା (ସେ ଏଣେ ତେଣେ ଘନ ଘନ ଘୂରିବାକୁ ଲାଗିଲେ) । ଉତ୍କଣ୍ଠାରେ ସେ ପଚାରିଲେ, "ରାମ କାହାନ୍ତି ?" ତ୍ରିଜଟା ଉତ୍ତର ଦେଲା, "ସୁବେଳ ପର୍ବତରେ ବିଜେ କରି ଅଛନ୍ତି ।"

୬୧ତମ ପଦ:—ତ୍ରିଜଟାର ବାକ୍ୟ ସୀତାଙ୍କୁ ଅମୃତ ସେଚନ ପ୍ରାୟ ବୋଧ ହେଲା ଏବଂ ତାଙ୍କ ମନରୁ ଶୋକ ଦୂର ହେଲା ।

୬୨ତମ ପଦ:—'ହନୁମାନ ଚିରଜୀବୀ ହେଉ' ସୀତା ହୃଦୟରେ ଏହି କଲ୍ୟାଣ ମନାସିଲେ । ବାରବର ଏ ଗ୍ରନ୍ଥକୁ ବାଷଠି ପଦରେ ଛନ୍ଦିଲେ ।

## ଏକଚତ୍ୱାରିଂଶ ଛାନ୍ଦ

ରାଗ — କଟସ ଦେଶାକ୍ଷ

**ବୋ**ଧ ନିର୍ବ୍ୟାଦେଶ ଶ୍ରୀରାମ ସନ୍ଦେଶ ପାଇଣ ସ୍ୱଦେଶ ଜନ ।
ବାହାର ବିହାର ନ କରାଇ ସାଜ ଯୁଦ୍ଧ ଉପସ୍କର ମାନ ସେ ।
ବିଭାବସ୍ୱ ପ୍ରବେଶରେ । ବଳ କଳନା ଆଦେଶରେ ହେ । ୧ ।
ବେନି ମନ୍ତ୍ରୀ ପେଷେ ସେ ମର୍କଟ ବେଶେ ପ୍ରକଟ ସେ ସୈନ୍ୟ ଯାଇ ।
ବିଚେତନ ବୀର ମୁକୁଟ-ରତନ ଏଣାଜିନ ଶେଯେ ଶୋଇ ସେ ।
ବସି ଲକ୍ଷ୍ମଣ ସମୀପେ । ବିବରାଜ ମାର୍ଗଣ ରୂପେ ହେ । ୨ ।
ବିସୁରେ ସୁଗ୍ରୀବ ଜାମ୍ବବ ସୁଷେଣ ଲଙ୍କା ଜୟ କରିବାରେ ।
ବାଜଣା ବଜାଇ ବୁଲେ ବିଭୀଷଣ ଜଣାଗଲେ ସେହିଠାରେ ସେ ।
ବନ୍ଧାଇ ରଖିଲା ସେହି । ବାସର ପ୍ରବେଶ ତହିଁ ହେ । ୩ ।

---

୧ମ ପଦ :— ନିର୍ବ୍ୟାଦେଶ — ରାକ୍ଷସରାଜ । ସନ୍ଦେଶ — ବାର୍ତ୍ତା । ବିଭାବସ୍ୱ — ରବି । ବଳ — ସୈନ୍ୟ ।

୨ୟ ପଦ :— ବିଚେତନ — ସଂଜ୍ଞାହୀନ, ଚେତାଶୂନ୍ୟ । ବୀରମୁକୁଟ-ରତନ — ରାମଚନ୍ଦ୍ର । ଏଣାଜିନ — ମୃଗଚର୍ମ । ମାର୍ଗଣ — ଶର ।

୩ୟ ପଦ :— ବାସର — ଦିବସ ।

---

## ଏକଚତ୍ୱାରିଂଶ ଛାନ୍ଦ

୧ମ ଓ ୨ୟ ପଦ :— ରାକ୍ଷସେନ୍ଦ୍ର ରାବଣ ଶ୍ରୀରାମ ଆସିବା ବାର୍ତ୍ତା ପାଇ ଆପଣା ରାଜ୍ୟ ଲୋକଙ୍କୁ ବାହାରେ ବୁଲା ବୁଲି କରିବା ବନ୍ଦ କରାଇଦେଲା ଓ ଯୁଦ୍ଧର ଉପକରଣମାନ ସଜ କଲା । ରାତ୍ରି ପ୍ରବେଶ ହେବାରୁ ରାମଙ୍କ ସୈନ୍ୟ କଳନା କରିବା ପାଇଁ ଶୁକ ସାରଣ ନାମକ ମନ୍ତ୍ରୀଦ୍ୱୟଙ୍କୁ ପଠାଇଲା । ସେ ମନ୍ତ୍ରୀଦ୍ୱୟ ବାନରରୂପରେ ରାମଙ୍କ କପିସୈନ୍ୟ ମଧ୍ୟରେ ଯାଇ ମିଳିଲେ । ଦେଖିଲେ ବୀରଶ୍ରେଷ୍ଠ ରାମ ଅଚେତନ ହୋଇ ମୃଗ ଚର୍ମରେ ଶୋଇ ଅଛନ୍ତି । ତାଙ୍କ ପାଖରେ ଧନୁଶର ଧରି ଲକ୍ଷ୍ମଣ ବସି ଅଛନ୍ତି ।

୩ୟ ପଦ :— ସୁଗ୍ରୀବ ଦୁଇ ମନ୍ତ୍ରୀ ଜାମ୍ବବ ଓ ସୁଷେଣଙ୍କୁ ନେଇ ଲଙ୍କା ଜୟ କରିବା କଥା ବିଚାରୁଛନ୍ତି । ବିଭୀଷଣ ବାଦ୍ୟକାରଙ୍କ ହସ୍ତରେ ବାଦ୍ୟ ବଜାଇ ସୈନ୍ୟ ମଧ୍ୟରେ ବୁଲୁ ଅଛନ୍ତି । ସେହିଠାରେ ଶୁକ ସାରଣ ମନ୍ତ୍ରୀଦ୍ୱୟ ଧରା ପଡ଼ିଲେ । ବିଭୀଷଣ ତାଙ୍କୁ ଚିହ୍ନି ବନ୍ଧାଇ ରଖିଲେ । କ୍ରମେ ରାତ୍ରି ଶେଷ ହେବାରୁ ଦିବସ ଉପସ୍ଥିତ ହେଲା ।

ବିଜେ ସଭା କରି ଅରି କରୀ ହରି ହରୀଶେ ଦେଇଣ ଶିର ।
ବାଳିସୁତ ପରି କରି ହନୁମାନ ମର୍ଦ୍ଦନ କରେ ପୟର ସେ ।
ବେନି ଭଲ୍ଲ ଭଲ୍ଲମନ୍ତ୍ରୀ । ବ୍ୟବସ୍ଥିତରେ କହନ୍ତି ଯେ । ୪ ।
ବିଶିଖ ସଳଖେ ଲକ୍ଷ୍ମଣ ଚରମେ ବନ୍ଧରେ ଦତ୍ତ ଈକ୍ଷଣ ।
ବାଣେ ଦେଖାନ୍ତି ରାବଣ ବଧ ଏଣେ କର୍ଣ୍ଣେ କହେ ବିଭୀଷଣ ସେ ।
ବୈଦେହୀ ସମୀପେ ମନ । ବିଧାନ ଅଷ୍ଟବଧାନ ହେ । ୫ ।
ବଧ ନ କରି ବରଦ ହେଲେ ବେଗ ରଚନ ରାମ ବଚନ ।
ବିଭୀଷଣ ସଙ୍ଗେ ରଙ୍ଗେ ମନ୍ତ୍ରୀପଣେ ବେନି ଜନେ ହରି ଦିନ ସେ ।
ବନ୍ଧନମୁକ୍ତ ଉଲଟେ । ବାହୁଟେ ଲଙ୍କାକୁ ବେଗେ ହେ । ୬ ।

---

୪ର୍ଥ ପଦ :—ଅରି—ଶତ୍ରୁ । କରୀ—ହସ୍ତୀ । ହରି—ସିଂହ । ହରୀଶ ସୁଗ୍ରୀବ । ବାଳିସୁତ—ଅଙ୍ଗଦ । ପୟର—ପାଦ । ଭଲ୍ଲମନ୍ତ୍ରୀ=ଜାମ୍ବବାନ୍ । ବ୍ୟବସ୍ଥିତ— ନର୍ଦ୍ଧାରିତ ।

୫ମ ପଦ :—ବିଶିଖ—ଶର । ଚରମେ—ପୃଷ୍ଠ ଦେଶରେ । ବନ୍ଧରେ—ବନ୍ଧନ ହୋଇଥିବା । ଈକ୍ଷଣ—ଚକ୍ଷୁ ।

୬ଷ୍ଠ ପଦ :—ବରଦ—ବରଦାତା । ରଙ୍ଗେ—କୌତୁକରେ । ନମସ୍କାର କରେ ।

---

୪ର୍ଥ ପଦ :—ଶତ୍ରୁରୂପ ହସ୍ତୀ ପାଲରେ ସିଂହ ସମ ରାମଚନ୍ଦ୍ର, ସୁଗ୍ରୀବଙ୍କ ଉପରେ ମସ୍ତକ ରଖି ଅଙ୍ଗଦ ଉପରେ ହାତ ଭରା ଦେଇ ଆଉଜି ବସି ଅଛନ୍ତି । ହନୁମାନ ନିଜ କରରେ ଚରଣଦ୍ୱୟ ମର୍ଦ୍ଦନ କରୁଅଛି । ଭଲ୍ଲୁକ ମନ୍ତ୍ରୀ ଜାମ୍ବବାନ ଉତ୍ତମ ସମୟ ସ୍ତୁତି କରୁ ଅଛନ୍ତି ।

୫ମ ପଦ:—ଲକ୍ଷ୍ମଣ ପିଠି ପାଖରେ ବସି ବାଣ ସଳଖୁ ଅଛନ୍ତି । ରାମଚନ୍ଦ୍ର କଟାକ୍ଷରେ ତାହା ଦେଖି ଓ ବନ୍ଧନରେ ଥିବା ଶୁକ ସାରଣ ମନ୍ତ୍ରୀଦ୍ୱୟଙ୍କୁ ସୂକ୍ଷ୍ମ ଭ୍ରୂହାସ୍ୟ ଦେଖାଇ କହୁ ଅଛନ୍ତି, 'ଏହି ବାଣରେ ରାବଣ ବିନାଶ ହେବ । ବିଭୀଷଣ କର୍ଣ୍ଣରେ କହୁଥିବା ଗୁପ୍ତ କଥାମାନଙ୍କ ପ୍ରତି କର୍ଣ୍ଣ ଡେରି ଅଛନ୍ତି । ସୀତାଙ୍କ ନିକଟରେ ମନ ସର୍ବଦା ଟାଣି ହୋଇ ରହିଅଛି । ବିଧାତା ରାମଚନ୍ଦ୍ରଙ୍କୁ ଏହିପରି ଅଷ୍ଟାବଧାନ (ଯେ ଏକ ସମୟରେ ଆଠ ପ୍ରକାର କାର୍ଯ୍ୟ କରି ପାରନ୍ତି) ଲକ୍ଷଣ ପ୍ରଦାନ କରିଅଛି ।

୬ଷ୍ଠ ପଦ :—ରାମଚନ୍ଦ୍ର ବନ୍ଦୀ ହୋଇଥିବା ଶୁକ ସାରଣ ଦ୍ୱୟଙ୍କୁ ବର ଦେଇ କହିଲେ, ଆନନ୍ଦରେ ଦୁଇଜଣଯାକ ବିଭୀଷଣଙ୍କର ମନ୍ତ୍ରୀ ରୂପେ ଦିନ କାଟ ।' ସେ ଦୁଇ ମନ୍ତ୍ରୀ ବନ୍ଧନରୁ ମୁକ୍ତ ହୁଅନ୍ତେ ରାମଙ୍କୁ ପ୍ରଣାମ କରି ଶୀଘ୍ର ଲଙ୍କାକୁ ଫେରିଗଲେ । (ରାମଚନ୍ଦ୍ର ମନ୍ତ୍ରୀଦୁହିଁଙ୍କୁ ବନ୍ଧନରୁ ଫିଟାଇ ବର ଦେଲେ 'ରାବଣ ମଲେ ଲଙ୍କାରେ ବିଭୀଷଣ ରାଜା ହେବେ, ସେତେବେଳେ ତୁମ୍ଭେ ତାଙ୍କର ମନ୍ତ୍ରୀ ହେବ) ।

ବୃଥା କଲା ଦଶମଥା ତାଙ୍କ କଥା ଭଲ ସେହି ଭଲ୍ଲ ହେଲା ।
ବ୍ୟଥା ହୃଦୟରେ ଉଦୟ ତକ୍ଷଣେ ଶାର୍ଦ୍ଦୂଳକୁ ବରଗିଲା ବସି ।
ବ୍ରହ୍ମ ଅଞ୍ଜନ ଦେନିଲା । ବରଣେ ଉଠି ଚାହିଁଲା ହେ । ୭ ।
ବିଲୋକନ କରି ବାହୁଡ଼ି କହିଲା ଭୂଲୋକ ବ୍ୟାପିତ କପି ।
ବୋଇଲା ରାବଣ ଇନ୍ଦ୍ରଜାଲ ମାୟା ଶିକ୍ଷା କରିଥିବ ତପୀ ସେ ।
ବଚନରେ ଭଙ୍ଗି ଦୂତ । ବିଭୋ ! ମିଥ୍ୟା ନୁହେ ସତ ହେ । ୮ ।
ଷୀରତରୁ ସମ ସାମାନ୍ୟ ବାନର ଗିରୀଷମ ଗିରିସମ ।
ବଡ଼ ବଡ଼ ଯେହୁ ଯୂଥପତି ସେହୁ କୋପ-ଅନଳ ଜନମ ସେ ।
ବୋଲେ ଦଶାସ୍ୟ ତୁ କବି । ବକ୍ଷୋରୁହେ ମେରୁ ଛବି ହେ । ୯

---

୭ମ ପଦ:—ଦଶମଥା—ରାବଣ । ଭଲ୍ଲ—ଅସ୍ତ୍ରବିଶେଷ । ଶାର୍ଦ୍ଦୂଳ—ରାବଣର ମନ୍ତ୍ରୀ ବିଶେଷ । ବରଗିଲା—ପଠାଇଲା । ବରଣେ—ପ୍ରାଚୀରରେ ।

୯ମ ପଦ :—ଷୀରତରୁ—ଅର୍ଜ୍ଜୁନ ବୃକ୍ଷ । ଗିରୀଷମ—ଗ୍ରୀଷ୍ମକାଳ । ଗିରିସମ—ପର୍ବତ ସମାନ । ଦଶାସ୍ୟ—ରାବଣ । ବକ୍ଷୋରୁହ—ସ୍ତନ ।

---

୭ମ ପଦ :—ମନ୍ତ୍ରୀଦ୍ୱୟ ରାବଣ ଆଗରେ ଯାଇ ରାମଙ୍କ କଥା କହିବାରୁ ରାବଣ ତାଙ୍କ କଥା ମିଥ୍ୟା ବୋଲି ମନେ କଲା । ସେହି ସତ୍ୟ କଥା ରାବଣ ହୃଦୟକୁ ଭେଲ ଅସ୍ତ୍ରପରି ବିଦ୍ଧ କଲା । ତେଣୁ ସେ ଶାର୍ଦ୍ଦୂଳ ନାମକ ରକ୍ଷସକୁ ପଠାଇଲା । ସେ ଶାର୍ଦ୍ଦୂଳ ବ୍ରହ୍ମଦତ୍ତ ଅଞ୍ଜନକୁ ନେତ୍ରରେ ଲଗାଇ ପାଚେରୀ ଉପରେ ଉଠି ଚାହିଁଲା । (ସେ ଅଞ୍ଜନ ନେତ୍ରରେ ଦେନିଲେ ଚଉଦଭୁବନ ସ୍ପଷ୍ଟରୂପେ ଦେଖାଯାଏ ।)

୮ମ ପଦ :—ସେ ଶାର୍ଦ୍ଦୂଳ ରକ୍ଷସ ରାମଙ୍କ ସୈନ୍ୟ ଦେଖି ଫେରିଯାଇ କହିଲା, 'କପି ସୈନ୍ୟ ମର୍ତ୍ତ୍ୟଲୋକ ବ୍ୟାପି ରହି ଅଛନ୍ତି ।" ଏହା ଶୁଣି ରାବଣ କହିଲା, "ରାମଚନ୍ଦ୍ର ସନ୍ନ୍ୟାସୀ, ସେ ଇନ୍ଦ୍ରଜାଲ ମାୟା ଶିକ୍ଷା କରିଥିବ ।" ତେଣୁ ତୋତେ ଏତେ କପି ଦେଖା ଗଲେ) । ଉତ୍ତରରେ ଶାର୍ଦ୍ଦୂଳ ସେ କଥା ଭଙ୍ଗି ଦେଇ କହିଲା, "ନା ପ୍ରଭୁ ! ମୋ କଥା ମିଥ୍ୟା ନୁହେ, ସମ୍ପୂର୍ଣ୍ଣ ସତ୍ୟ ।" ରାମଚନ୍ଦ୍ର ଇନ୍ଦ୍ରଜାଲ ବିସ୍ତାର କରି ନାହାନ୍ତି । ପ୍ରକୃତରେ କପିସୈନ୍ୟ ପୃଥିବୀ ବ୍ୟାପି ରହି ଅଛନ୍ତି )

୯ମ ପଦ :—"ସାମାନ୍ୟ କପିମାନେ ଅର୍ଜ୍ଜୁନ ବୃକ୍ଷ ସମାନ ଦେଖା ଯାଉଅଛନ୍ତି । ତାଙ୍କ ମଧ୍ୟରେ ଯେଉଁ ବଡ଼ ବଡ଼ କପିମାନେ ଯୂଥପତି ହୋଇଛନ୍ତି, ସେମାନେ ପର୍ବତ ପ୍ରାୟ ଅଟନ୍ତି । ଗ୍ରୀଷ୍ମ ସମୟରେ ପର୍ବତରୁ ଅନଳ ଜାତ ହେଲାପରି, ସେମାନଙ୍କଠାରୁ କ୍ରୋଧାନଳ ଜନ୍ମୁଅଛି ।" ଏହା ଶୁଣି ରାବଣ

ବଢ଼-ଭୀ ହୃଦେ ଜନିତ ବ୍ୟାଜଦମ୍ଭ ବଢ଼ଭୀ ଯାଇ ଆରୋହି ।
ବିମ୍ବ ଚନ୍ଦ୍ର ବିମ୍ବ କରଣ ଯହିଁରେ ହେଠବଦନରେ ଗ୍ରହି ସେ ।
ବାରିଯନ୍ତ୍ର ପରି ଯହିଁ । ବିୟୁତଗଙ୍ଗାହିଁ ବହି ହେ । ୧୦ ।
ବିତାନର ମୌକ୍ତିପଙ୍କ୍ତି ଭାର ତାର ଉଦୟ ଯା ମଧ୍ୟପୁରେ ।
ବିଭାବସୁ ଫେରି ଗତି କରି ମେରୁ ପ୍ରଦକ୍ଷିଣ ପରକାରେ ସେ ।
ବସି ତହିଁ ଅନାଇଲା । ବେଗେ ଦୃଷ୍ଟି ମନାଇଲା ହେ । ୧୧ ।
ବିଶ୍ୱସୃକ ବିଶ୍ୱଯାକ ଏକ ପଟ୍ଟ କରି କି କଲା ଚିତ୍ରିତ ।
ବଦନ କଳା ଧଳା ରଙ୍ଗେ ରଞ୍ଜିତ ବାନରେ ଯେଣୁ ପୂରିତ ସେ ।
ବିସ୍ମୟେ ନିଶ୍ୱାସ ସାନ୍ଦ୍ର । ଛାଡ଼ିରେ ରକ୍ଷସ ଇନ୍ଦ୍ର ହେ । ୧୨ ।

---

୧୦ମ ପଦ :—ବଢ଼-ଭୀ—ଅତିଭୟ । ବ୍ୟାଜଦମ୍ଭ—କପଟଦମ୍ଭ । ବଢ଼ଭୀ ଚନ୍ଦ୍ରଶାଳାପୁର । ଆରୋହି—ଚଢ଼ି । ବିମ୍ବ-ଦର୍ପଣ । ହେଠ ବଦନରେ-ଅବନତ ମୁଖରେ । ବିୟୁତଗଙ୍ଗା—ସ୍ୱର୍ଗଙ୍ଗା ।

୧୧ଶ ପଦ :—ବିତାନ-ଚାନ୍ଦୁଆ । ଭାର-ଉଜ୍ଜ୍ୱଳ । ତାର-ନକ୍ଷତ୍ର । ବିଭାବସୁ—ସୂର୍ଯ୍ୟ । ପ୍ରଦକ୍ଷିଣ—ବୁଲିବା ।

୧୨ଶ ପଦ :—ବିଶ୍ୱସୃକ—ବିଧାତା । ବିଶ୍ୱଯାକ—ସଂସାରଯାକ । ପଟ୍ଟ—ଚିତ୍ରପଟ । ରଞ୍ଜିତ—ଚିତ୍ରିତ । ସାନ୍ଦ୍ର—ଘନ । ରକ୍ଷସଇନ୍ଦ୍ର-ରାବଣ ।

---

କହିଲା “ତୁ ତ ଗୋଟିଏ କବି । କବିମାନେ ସ୍ତନକୁ ମେରୁପର୍ବତ ବୋଲି ବର୍ଣ୍ଣନା କଲାପରି ତୁ ବର୍ଣ୍ଣନା କରୁଅଛୁ ।”

୧୦ମ ପଦ :—ରାବଣର ମନରେ ବଡ଼ ଭୟ ଜାତ ହେଲା, ମାତ୍ର ପ୍ରକାଶ୍ୟରେ କପଟଧୈର୍ଯ୍ୟ ଦେଖାଇ ଚନ୍ଦ୍ରଶାଳା ଗୃହ ଉପରେ ଯାଇ ଆରୋହଣ କଲା । ସେହି ଚନ୍ଦ୍ରଶାଳାପୁର ଏତେ ଉଚ୍ଚ ଯେ, ସେଠାରେ ରହିଲେ ଚନ୍ଦ୍ରମଣ୍ଡଳକୁ ଦର୍ପଣ ପ୍ରାୟ କରି ଅଧୋମୁଖରେ ଗ୍ରହିବାକୁ ହୁଏ ଓ ସ୍ୱର୍ଗଙ୍ଗାର ପ୍ରବାହ ସେଠାରେ ଜଳଯନ୍ତ୍ର ପ୍ରାୟ ପ୍ରବାହିତ ହୁଏ । ( ଚନ୍ଦ୍ରଶାଳାପୁର ଚନ୍ଦ୍ରମଣ୍ଡଳର ଉପରେ ଓ ସ୍ୱର୍ଗଙ୍ଗାର ପାର୍ଶ୍ୱରେ ଅବସ୍ଥିତ) ।

୧୧ଶ ପଦ :—ଆକାଶର ଉଜ୍ଜ୍ୱଳ ନକ୍ଷତ୍ରମାଳା ଯେଉଁ ଚନ୍ଦ୍ରଶାଳା ପୁରର ମଧ୍ୟଭାଗରେ ଟଙ୍ଗା ହୋଇଥିବା ଚାନ୍ଦୁଆର ମୋତିମାଳା ପ୍ରାୟ ଦେଖାଯାଏ । ମେରୁ ପ୍ରଦକ୍ଷିଣ କଲାବେଳେ ସୂର୍ଯ୍ୟ ଯେଉଁ ପୁରକୁ ବୁଲି ବକ୍ରଭାବରେ ଗତି କରନ୍ତି, ସେହି ପୁରରେ ବସି ରାବଣ ଶୀଘ୍ର କପିସୈନ୍ୟଙ୍କ ପରେ ଦୃଷ୍ଟି ରଖି ମନକୁ ବୋଧ ଦେଲା ।

୧୨ଶ ପଦ :—କଳା, ଧଳା, ଲାଲ ବର୍ଣ୍ଣରେ ରଞ୍ଜିତ ମୁଖବିଶିଷ୍ଟ ବାନରଙ୍କ ଦ୍ୱାରା ପୃଥିବୀ ପୂର୍ଣ୍ଣ ହୋଇଥିବାର ଦେଖି ରାବଣ ବିସ୍ମୟରେ କଲା,

ବୋଲି ଉତ୍ତର ଦ୍ୱାର ମୋର ପଶ୍ଚିମେ ରଖିଲା ଇନ୍ଦ୍ରଜିତକୁ ।
ବଜ୍ରଦଂଷ୍ଟ୍ରକୁ ନବେଶିଲା ପୂର୍ବରେ ଦକ୍ଷିଣରେ ପ୍ରହସ୍ତକୁ ସେ ।
ବାଛି ଯେ ଯାହାର ପ୍ରୀତି । ବାଣ୍ଟି ନେଲେ ସୈନ୍ୟପନ୍ତି ହେ । ୧୩
ବାଜୀ ରଥ ଗଜ ସାଜ ଆବେଦନରେ ମନକୁ ହୃଷ୍ଟ କୁମାରେ ।
ବାଣ ଶରାସନ ଖଡ୍‌ଗ ଚକ୍ର ଗଦା ତ୍ରିଶୂଳ ପଟ୍ଟିଶ କରେ ସେ ।
ବଳିଦଗକୁ ଉପର । କରିବା କହି ବିଚ୍ଛୁର ନହ । ୧୪ ।
ବାହାରି ଧୂନ୍ୟ ହୋଇଣ ଋକ୍ଷ ସୈନ୍ୟ ଯାଇ ପୁଣ୍ୟଜନ ପୁର ।
ବେଢ଼ିଏ ସମୟେ ଯଥା ହିମାଳୟେ ଅଧୋଭାଗେ ଜଳଧର ସେ ।
କିରବ ପ୍ଲବଗ କରେ ବିଦିତ ଘନୋପଳରେ ହେ । ୧୫ ।

୧୪ଶ ପଦ :— ବାଜୀ — ଅଶ୍ୱ । କୁମାରେ — ପୁତ୍ରମାନେ । ଶରାସନ-ଧନୁ । ବଳିଦଗକୁ — ପାତାଳପୁରକୁ ।

୧୫ଶ ପଦ :— ଧୂନ୍ୟ — କମ୍ପମାନ । ଋକ୍ଷସୈନ୍ୟ — ବାନରସୈନ୍ୟ । ପୁଣ୍ୟଜନପୁର-ଲଙ୍କାପୁର । ଜଳଧର-ମେଘ । କିରବ-ଉଚ୍ଚଶବ୍ଦ । ପ୍ଲବଗ-ମର୍କଟ, ବେଙ୍ଗ । ଘନୋପଳ-କୁଆପଥର ।

"ବିଧାତା ସଂସାରଯାକ ଗୋଟିଏ ପ୍ରକାର ଚନ୍ଦପଟ କରି ଗଢ଼ିତ କଲା କି ? (ସଂସାରଯାକ କେବଳ କଳା, ଧଳା, ଲାଲମୁଖ ବାନର ବ୍ୟତୀତ ଆଉ କିଛି ଦିଶୁ ନାହିଁ) ।" ଏହା ଭାବିଲାକ୍ଷଣି ବକ୍ଷସ୍ଥଳରେ ତାହାର ନିଃଶ୍ୱାସ ଘନ ଘନ ବହିବାକୁ ଲାଗିଲା ।

୧୩ଶ ପଦ :— ସେଠାରୁ ଫେରିଆସି ରାବଣ "ଉତ୍ତର ଦ୍ୱାର ମୋର ହେଲା" କହି ପଶ୍ଚିମ ଦ୍ୱାରରେ ଇନ୍ଦ୍ରଜିତକୁ ରଖିଲା । ପୂର୍ବ ଦ୍ୱାରରେ ବଜ୍ର-ଦଂଷ୍ଟ୍ରକୁ ସ୍ଥାପି ଦକ୍ଷିଣ ଦ୍ୱାରରେ ପ୍ରହସ୍ତକୁ ଜଗାଇଲା । ଯେ ଯାହାର ପ୍ରିୟ ଲୋକମାନଙ୍କୁ ବାଛି ନେଲେ ଓ ସୈନ୍ୟସମୂହ ଭାଗ କରିନେଲେ ।

୧୪ଶ ପଦ :— ରାବଣର ପୁତ୍ରମାନେ ହୃଷ୍ଟହୋଇ ନିଜ ଇଚ୍ଛାନୁସାରେ ଘୋଡ଼ା, ରଥ, ହସ୍ତୀ ସଜ କରି ଆବେଦନ କଲେ । ପୁଣି ସେମାନେ ଧନୁଶର, ଖଡ୍‌ଗ, ଚକ୍ର, ଗଦା, ତ୍ରିଶୂଳ, ପଟ୍ଟିଶ ହସ୍ତରେ ଧରି 'ପାତାଳାକୁ ଉପରକୁ କରିଦେବା ଅର୍ଥାତ୍ ପୃଥିବୀକୁ ଲେଉଟାଇ ଦକାଇବା', ଏହା ଭାବ ବାହାରିଲେ

୧୫ଶ ପଦ:— ଏ ସମୟରେ ପ୍ରଶଂସ୍ୟ ଭଲ୍ଲୁକ ସୈନ୍ୟ ବାହାର ହୋଇ ହିମାଳୟର କଟି ପ୍ରଦେଶରେ ମେଘମାଳା ବେଢ଼ିରହିଲା ପ୍ରାୟ ଲଙ୍କାପୁରର

ବାତଜ ପ୍ରଖର ଅତ୍ୟନ୍ତ ରାଜେନ୍ଦ୍ର, କୋଦଣ୍ଡ ଉଦିତ ଯହିଁ ।
ବିଭୀଷଣ ଡାକ ଚଞ୍ଚଳା ଗତରେ ସୁମନା ପ୍ରଫୁଲ୍ଲ ତହିଁ ସେ ।
ବିବେକ କର ବିବୁଧ । ବିଜନ୍ୟ ରୂପକ ଶ୍ଳେଷ ହେ । ୧୬ ।
ବରଗି ସୁଗ୍ରୀବ ଦକ୍ଷିଣେ, ଅଙ୍ଗଦ ପୂର୍ବେ, ମାରୁତି ପଶ୍ଚିମେ ।
ବିଜେ ଉତ୍ତରେ ଆପଣେ, ଯୂଥପତି ବାନ୍ଧି ହେଲେ ଏହି କ୍ରମେ ସେ ।
ବିମାନ ଚଢ଼ି ରାବଣ । ବିହାୟସରେ ଭ୍ରମଣ ହେ । ୧୭ ।

---

୧୬ଶ ପଦ:—ବାତଜ—ବତାସ, ହନୁମାନ । ପ୍ରଖର—ଚଞ୍ଚଳ । ରାଜେନ୍ଦ୍ର, କୋଦଣ୍ଡ—ଇନ୍ଦ୍ରଧନୁ, ରାମଚନ୍ଦ୍ରଙ୍କ ଧନୁ । ଉଦିତ-ପ୍ରକାଶିତ ଚଞ୍ଚଳା—ବିଜୁଳି । ସୁମନା—ଦେବତାମାନେ, ମାଳତୀ ଫୁଲ । ବିବେକ-ଜ୍ଞାନ । ବିବୁଧ—ପଣ୍ଡିତ । ବିଜନ୍ୟ—ଜାତ ।

---

ଚତୁର୍ଦ୍ଦିଗରେ ବେଢ଼ିଗଲେ । ମେଘହେଲେ 'ପ୍ଲବଗ' ବେଙ୍ଗମାନେ ବିଶେଷ ଭାବରେ ଧ୍ୱନି କରନ୍ତି ପୁଣି 'ଘନ ଉପଳ' କୁଆପଥର ବୃଷ୍ଟି ହୋଇଥାଏ ସେହିପରି ଏଠାରେ 'ପ୍ଲବଗ' କପିଥାଟ ଭୟଙ୍କର ଶବ୍ଦ କଲେ ଓ ବଡ଼ ବଡ଼ ପଥରମାନ ବୃଷ୍ଟି ହେଲା ।

୧୬ଶ ପଦ:—ବର୍ଷାକାଳରେ ଯେପରି ପ୍ରଖର ପବନ ବା ବତାସ ଜାତ ହୁଏ, ଇନ୍ଦ୍ରଧନୁ ଉଦିତ ହୁଏ ଭୟଙ୍କର ମେଘଗର୍ଜ୍ଜନ ହୁଏ, ବିଜୁଳି ସଞ୍ଚାର କରେ ଓ ମାଳତୀଫୁଲ ଫୁଟେ, ସେହିପରି ସୈନ୍ୟଙ୍କ ମଧ୍ୟରେ ହନୁମାନ ଅତ୍ୟନ୍ତ ପ୍ରଖର ହୋଇଅଛନ୍ତି, ରାମଚନ୍ଦ୍ରଙ୍କର ଧନୁ ଉଦିତ ହୋଇଅଛି, ବିଭୀଷଣ ରଡ଼ାକ ଓ ଚଞ୍ଚଳ ଚାଲ ପ୍ରକଟିତ ହେଉଅଛି ଓ ଦେବତାମାନେ ଆନନ୍ଦିତ ହେଉ ଅଛନ୍ତି । ହେ ପଣ୍ଡିତମାନେ । ଏଠାରେ ଜାତ ହୋଇଥିବାରୁ ରୂପକ ଓ ଶ୍ଳେଷ ଦୁଇ ଅର୍ଥକୁ ବିଚାର କରନ୍ତୁ ।

୧୭ଶ ପଦ:—ଶ୍ରୀରାମ ସୁଗ୍ରୀବଙ୍କୁ ଦକ୍ଷିଣଦ୍ୱାରକୁ ପଠାଇଲେ । ପୂର୍ବ-ଦ୍ୱାରକୁ ଅଙ୍ଗଦଙ୍କୁ ଓ ପଶ୍ଚିମ ଦ୍ୱାରକୁ ହନୁମାନଙ୍କୁ ପଠାଇଲେ । ଆପେ ଉତ୍ତର ଦ୍ୱାରରେ ବିଜେ କଲେ । ଏହି ପ୍ରକାରେ ଯୂଥପତିମାନେ ଚାରି ଦ୍ୱାରକୁ ବାନ୍ଧି ହୋଇଗଲେ । ରାବଣ ଏହି ସମୟରେ ବିମାନରେ ବସି ଆକାଶରେ ଭ୍ରମଣ କଲା ।

ବିଶେଷରେ ମଲ୍ଲି ସ୍ଫୁଟି ହୋଇଗଲା ମହାସନ୍ତାପ ସଞ୍ଚରି ।
ବିମ୍ଳାନ ଜୀବନ କରି ପରି ଏ ତପ-ଆଚରଣ-ଧାରୀ ସେ ।
ବକ୍ଷରେ ଯେ ମଣି ସ୍ଥିତ । ବିହ୍ୱଳେ ଏ ପାଞ୍ଚକୃତ୍ୟ ଭ୍ରେ । ୧୮ ।
ବିଶ୍ୱରେ ଅଶେଷ ସୈନ୍ୟ ସଞ୍ଚୟକୁ ଏହିଠାରେ ବିଧି ରଖି ।
ବୋଲନ୍ତି ଶାଖାମୃଗ ମୂର୍ଖ ସ୍ୱଭାବେ ଦେବଭ୍ରାନ୍ତ ହୋଇ ମୋହି ସେ ।
ବାରି ମରୀଚିକା ତୃଷ୍ଣା । ବିଅର୍ଥ ମନୁଷ୍ୟ ବଶ ହେ । ୧୯ ।
ବେଭାର ବୁଢ଼ା ଅନୁଜ ମୋ ମନୁଜ ଶରଣ ମାରିବି ଆଗ ।
ବିହନ ବନ୍ଧିବା ଗନ୍ଧବହ ଗଦା ହସ୍ତରୁ କଲା ପ୍ରୟୋଗ ସେ ।
ବିପତିତ ଉଲ୍‌କାପରି । ବାୟୁପୁତ୍ର ନେଲା ଧରି ହେ । ୨୦ ।

---

୧୮ ଶ ପଦ:—ସ୍ଫୁଟି—ପ୍ରସ୍ଫୁଟିତ । ସନ୍ତାପ—ଗ୍ରୀଷ୍ମ ଦୁଃଖ, ବ୍ୟାକୁଳ । ସଞ୍ଚରି—ଭ୍ରମଣ କରି । ବିମ୍ଳାନ—ବିନାଶ, ଶୁଷ୍କ । ଜୀବନ—ପ୍ରାଣ, ଜଳ । ତପଆଚରଣ-ଧାରୀ—ରାମଚନ୍ଦ୍ର । ପାଞ୍ଚକୃତ—ଇଚ୍ଛାକଲା ।

୧୯ଶ ପଦ:—ବିଧି ବିଧାତା, ବିଧାନ । ଶାଖାମୃଗ—ମୃଗ, ବାନର । ବାରି—ଜଳ । ମରୀଚିକା—ମୃଗତୃଷ୍ଣା ।

୨୦ଶ ପଦ:—ଅନୁଜ—ସାନଭାଇ । ମନୁଜ—ମନୁଷ୍ୟ । ଉଲ୍‌କା ଜ୍ୟୋତିଷ୍କ ପଦାର୍ଥ ବିଶେଷ ( ସମୟେ ସମୟେ ଆକାଶରୁ ପତିତ ହୁଏ ) ।

---

୧୮ଶ ପଦ:—ରାବଣ ଶୂନ୍ୟରେ ରହି ରାମଚନ୍ଦ୍ରଙ୍କ ସୈନ୍ୟଦେଖି ବିହ୍ୱଳଚିତ୍ତରେ ବିଚାର କଲା, 'ଏ ତପ' ଆଚରଣକାରୀ ରାମ ଗ୍ରୀଷ୍ମ କାଳଜଳକୁ ଶୁଷ୍କ କଲା ପ୍ରାୟ ମୋ ପ୍ରାଣକୁ ବିନାଶ କରିବ । ବିଶେଷରେ ଗ୍ରୀଷ୍ମ କାଳରେ ମଲ୍ଲୀଫୁଲ ଫୁଟିଲା ସଦୃଶ "ମଲ୍ଲ" ଏହିକଥା ତାହା ମୁହଁରୁ ପ୍ରକାଶ ପାଇଲା । ବକ୍ଷସ୍ଥଳରେ ଥିବା ଅମୋଘ ମଣିକୁ ଦୃଷ୍ଟି ପଡ଼ିବାରୁ ରାବଣ ମୋହିତ ହୋଇ ବିଚାରିଲା ।

୧୯ଶ ପଦ:—ସେ ବିଚାର କଲା—'ଅସଂଖ୍ୟ ସୈନ୍ୟ ସଂଗ୍ରହ କରି ବିଧାତା ଏଠାରେ ରଖିଅଛି । କପିମାନେ ତ ଶାଖାମୃଗ ବୋଲନ୍ତି, ତେଣୁ ମୂର୍ଖସ୍ୱଭାବ ଯୋଗୁ ମୃଗପ୍ରାୟ ମୋହିତ ହୋଇଅଛନ୍ତି । ମୃଗ ଯେପରି ମୃଗତୃଷ୍ଣାକୁ ଦେଖି ପାଣି ମନେ କରି ଗୋଡ଼ାଇ ଯାଏ, ସେହିପରି ଏମାନେ ମନୁଷ୍ୟଙ୍କୁ ଭ୍ରମବଶତଃ ଦେବତା ଜ୍ଞାନ କରି ତାଙ୍କର ବଶ ହୋଇ ପଛରେ ଗୋଡ଼ାଇ ଅଛନ୍ତି ।

୨୦ଶ ପଦ:—'ମୋର କୁଳବୁଢ଼ା ସାନଭାଇ ସେହି ମନୁଷ୍ୟପଦରେ ଶରଣ ପଶିଛି, ତେଣୁ ତାକୁ ଆଗ ମାରିବି' । ଏହା ବିଚାରି ଧରିଥିବା ଗଦାକୁ

ବୋଲନ୍ତି ଜନାଭିରାମ ରାମଚନ୍ଦ୍ର ଚନ୍ଦ୍ରହାସକୁ ଜଣାଇ ।
ବଳାହକ ବିନା ବିନାଶନପ୍ରାପ୍ତ ଭାନୁ ଭାନୁ କାହିଁପାଇଁ ସେ ।
ବଚସ୍ତୁତ ବିଚକ୍ଷଣ । ବିଳସେ ନଭେ ରାବଣ ହେ ।୨୧।
ବିମଳ ଲକ୍ଷ ଶ୍ୱେତଛତ୍ର ଚାମର ଏହି ପ୍ରମାଣରେ ଜାଣ ।
ବିରୋଧୀ ହୋଇଛି ଆଦିତ୍ୟ ପ୍ରଭାରେ ଲକ୍ଷ ଶଙ୍ଖଶବ୍ଦ ଶୁଣ ସେ ।
ବୀରେନ୍ଦ୍ର ପ୍ରହାରି କାଣ୍ଡ । ବିଚ୍ଛେଦିଲେ ଛତ୍ରଦଣ୍ଡ ସେ ।୨୨।
ବିହରି ବିହରି ରଥାଙ୍ଗଙ୍କ କରି ଶୂନ୍ୟଁ ଖସି ।
ବନ୍ଧ ହେବା ଶଙ୍କା ଲଙ୍କାପତି ଲଭି ବାହୁଡ଼ି ସଭାରେ ବସି ସେ ।
ବେଢ଼ି କଉଣପେ ତହିଁ । ବିବିଧ ପ୍ରତିଜ୍ଞା କହି ହେ ।୨୩।

୨୧ଶ ପଦ: — ଜନାଭିରାମ — ଜନମନୋହର । ଚନ୍ଦ୍ରହାସ — ଚନ୍ଦ୍ର କିରଣ ତୁଲ୍ୟ ହାସ । ବଳାହକ — ମେଘ । ଭାନୁଭାନୁ — ସୂର୍ଯ୍ୟକିରଣ ।

୨୨ଶ ପଦ: — ବିମଳ — ନିର୍ମଳ । ଶ୍ୱେତ ଛତ୍ର — ଧଳାଛତି । ବିରୋଧୀ — ବିପକ୍ଷ । ଆଦିତ୍ୟ — ସୂର୍ଯ୍ୟ । ବୀରେନ୍ଦ୍ର — ବୀରଶ୍ରେଷ୍ଠ ।

୨୩ଶ ପଦ: — ବିହରି ବିହରି — ଖେଳି ଖେଳି । ରଥାଙ୍ଗ-ହଂସ । ଶୂନ୍ୟ —ଆକାଶରୁ । କୌଣପେ — ରାକ୍ଷସମାନେ ।

---

ପ୍ରଦତ୍ତ ଗଦା ବେଗରେ ହସ୍ତରୁ ଫୋପାଡ଼ିଲା । ସେ ଗଦା ଉଲ୍କା ଖସିଲା ପ୍ରାୟ ତଳକୁ ଖସନ୍ତେ ବାୟୁପୁତ୍ର ହନୁମାନ ନ୍ୟରୁ ତାହା ଧରି ନେଲେ ।

୨୧ଶ ପଦ: — ଜନମନୋହର ରାମଚନ୍ଦ୍ର ଚନ୍ଦ୍ର ତୁଲ୍ୟ ସୁନ୍ଦର ହାସ୍ୟ ପ୍ରକାଶ କରି କହିଲେ, "ବିନାମେଘରେ ସୂର୍ଯ୍ୟ କିରଣ ବିଶେଷଭାବରେ ନଷ୍ଟ ହେଲା କାହିଁକି" ? ତାହା ଶୁଣି ବିଭୀଷଣ କହିଲେ, "ଦେଖ, ରାବଣ ଆକାଶରେ ବିହାର କରୁଅଛି" ।

୨୨ଶ ପଦ: — ରାବଣର ଲକ୍ଷସଂଖ୍ୟକ ଶ୍ୱେତଛତ୍ର ଓ ସେହି ପରିମାଣରେ ଶ୍ୱେତ ଚାମର ଅଛି । ସେ ଛତ୍ର ଓ ଚାମର ରାବଣ ଶିରରେ ଟେକାହେବାଦ୍ୱାରା ସୂର୍ଯ୍ୟକିରଣ ପଡ଼ିବାରେ ବାଧା ଦେଉଅଛି । ଲକ୍ଷସଂଖ୍ୟକ ଶଙ୍ଖର ଧ୍ୱନି ହେଉଅଛି, ଶୁଣନ୍ତୁ ।' ତାହା ଶୁଣି ବୀରଶ୍ରେଷ୍ଠ ରାମ ଶର ପ୍ରହାର କରି ଛତ୍ରଦଣ୍ଡକୁ କାଟି ଦେଲେ ।

୨୩ଶ ପଦ: — ସେ ଛିନ୍ନ ହୋଇଥିବା ଛତ୍ର ଓ ଚାମର ସବୁ ଶୂନ୍ୟରୁ ଖସି ତଳେ ପଡ଼ିଲାବେଳେ ହଂସମାନେ ବଙ୍କ ଗତି କରି ଶୂନ୍ୟରୁ ଖସିଲା ପ୍ରାୟ ଦେଖାଗଲା । ରାବଣ ବିନାଶ ହେବାର ଭୟ କରି ସେଠାରୁ ବାହୁଡ଼ି ଯାଇ ସଭାରେ ବସିଲା । ସେ ସଭାରେ ରାକ୍ଷସମାନେ ଚଉପାଶରେ ବେଢ଼ି ନାନାପ୍ରକାର ପ୍ରତିଜ୍ଞାମାନ କରିବାକୁ ଲାଗିଲେ ।

ବିବସ୍ୱାନ ବଂଶୀ ଆଦେଶେ-ଏକାଳେ ଆସି ମୁଁ ଅଙ୍ଗଦ ଭଣି ।
ବୈଦେହୀ ସମର୍ପି ଜୀବେ ଥିଲେ ଆଶ ମୁଠା-ଆଜ୍ଞା ଅଛି ଆଣି ମୁଁ ।
ବୋଲେ ଲଙ୍କେଶ ଏ ପଦ । ବିଳମ୍ବେ ହେବୁ ଅଙ୍ଗଦରେ । ୨୪ ।

ବ୍ୟାଖ୍ୟାନ କଲା ଯୁବରଜ ନ ଚିହ୍ନୁ ମୋତେ ବଂଶଚକ୍ଷୁ ଥାଇ ।
ବଣା ମୁଁ ଯେଣୁ ତୁ କେଉଁ ରାବଣ ରାବଣ କରନ୍ତି ମୁହିଁ ସେ ।
ବିଧା ପ୍ରହାର ଏକ୍ଷଣି । ବନ୍ଧୁ ଆଜ୍ଞା ନାହିଁ ଶୁଣି ରେ । ୨୫ ।

ବଇଶ୍ରବଣ ବୋଲେ କେତେ ରାବଣ ଜାଣୁ ଶୁଣିବା ସେ କହି ।
ବାଳ ଅର୍ଜୁନ ଭବଗିରି ପୀଡ଼ାରେ ରବିକୁ ଥିଲେ ଯେ ବହି ସେ ।
ବାମାଗୃହରେ ଅଛି ମୃତ୍ୟୁ । ବିବେକ କର ତ କେ ତୁ ରେ । ୨୬ ।

---

୨୪ଶ ପଦ: — ବିବସ୍ୱାନବଂଶୀ — ସୂର୍ଯ୍ୟବଂଶୀଙ୍କ । ଆଦେଶେ-ଆଜ୍ଞାରେ ଅଙ୍ଗଦ — ବିନାଶ ।

୨୫ଶ ପଦ: — ବ୍ୟାଖ୍ୟାନ — ବୁଝାଇ କହିବା । ରାବଣ — ଶବ୍ଦଯୁକ୍ତ ।

୨୬ଶ ପଦ: — ବଇଶ୍ରବଣ-ରାବଣ । ଅର୍ଜୁନ-ସହସ୍ରାର୍ଜୁନ । ଭବଗିରି — କୈଳାସ ପର୍ବତ । ବାମାଗୃହ — ସ୍ତ୍ରୀ ଗୃହ ।

---

୨୪ଶ ପଦ: — ଏହି ସମୟରେ ଅଙ୍ଗଦ ଆସି କହିଲା, "ସୂର୍ଯ୍ୟବଂଶୀଙ୍କ ରାମଚନ୍ଦ୍ରଙ୍କ ଆଜ୍ଞାରେ ମୁଁ ଆସିଅଛି । ତୋର ଜୀବନରେ ଆଶା ଥିଲେ ସୀତାଙ୍କୁ ସମର୍ପଣ କର-ମୁଁ ଏହି ଆଜ୍ଞା ପତ୍ରିକା ଆଣି ଅଛି ।" ଏହା ଶୁଣି ରାବଣ ଏହି କଥା ପଦକ କହିଲା, "ତୁ ଶୀଘ୍ର ପଳା । ବିଳମ୍ବ କଲେ ତୋର ଦେହ ଦେଇ ଯିବୁ (ବିନାଶ ହେବୁ) ।"

୨୫ଶ ପଦ: — ତତ୍ପରେ ଅଙ୍ଗଦ ବୁଝାଇ କହିଲା, "ମୁଁ କିଷ୍କିନ୍ଧ୍ୟା ପୁର ଯୁବରଜ, ମୋତେ ଚିହ୍ନି ପାରୁ ନାହୁଁ ? କୋଡ଼ିଏଟା ନେତ୍ରଥାଇ ମଧ୍ୟ ଅନ୍ଧ ପ୍ରାୟ ହୋଇଅଛୁ, ସେଥିପାଇଁ ମୁଁ ବଣା ହେଉଅଛି । ତୁ କେଉଁ ରାବଣ ତାହା ଜାଣିଲେ ମୁଁ ଏକ୍ଷଣି (ବିଧା ପ୍ରହାର କରି ତୋତେ ରବଯୁକ୍ତ ଅର୍ଥାତ୍ କ୍ରନ୍ଦନ-ରତ କରି ଦିଅନ୍ତି । ବିଧା ପ୍ରହାରରେ ତୁ ସର୍ବଦା କାନ୍ଦୁଥାନ୍ତୁ); କିନ୍ତୁ ମୁଁ ରାମଚନ୍ଦ୍ରଙ୍କ ଆଜ୍ଞା ପାଇ ନାହିଁ ।"

୨୬ଶ ପଦ: — ଅଙ୍ଗଦ କଥା ଶୁଣି ରାବଣ କହିଲା, "ତୁ କେତେ ରାବଣ ଜାଣୁ କି ? ତାହା କହିଲୁ, ଶୁଣିମା ।" ଅଙ୍ଗଦ ଉତ୍ତର ଦେଲା 'ବାଳି ସହସ୍ରାର୍ଜୁନ ଓ କୈଳାସପର୍ବତର ଆଘାତରେ ଯେଉଁ ରାବଣମାନେ ଜଗତରେ

ବେଢ଼ାଉଁ ସେ ମଲ୍ଲଜାଳଙ୍କୁ ଗୁଳକୁ ବଧି ଜଗତୀରୁହକୁ ।
ବହି ଗଗନେ ରାମେ ଯାଇ କହିଲା ସେ ସନ୍ଦେଶ ସକଳକୁ ଯେ ।
ବକ୍ତ୍ରମାଳୀ ଏ ସମୟେ । ବଞ୍ଜୁଳବନକୁ ଯାଏ ସେ । ୨୭ ।
ଝୁନ୍ଦାଇ ମାୟାଶିର ବେନି ଅସୁର ଛେଦନ ପରି ସେକ୍ଷଣି ।
ବହଇ ରୁଧିର ଧାର ବସୁଧାର ସୁତାକୁ ଦେଖାଇ ଭଣି ସେ ।
ବଧିଲି ଦେବର ବର । ବରାରୋହା ମୋତେ ବର ହେ । ୨୮ ।
ବୋଲୁଁ ଦେଲେ ଗୃହିଁ ଫୁଲ୍ଲ ପଦ୍ମ ଦୁଇ ଜାତ ସରସ୍ୱତୀ ନୀର ।
ବକ୍ଷେ ଜର ଜର ହୋଇଲା ପରାୟେ ମୁଖ ଗଳ ମନୋହର ସେ ।
ବଇଦେହଜା ଶୋଭା-ବନ । କହିଲେ ସେହୁ ବିଧାନ ହେ । ୨୯ ।

---

୨୭ଶ ପଦ: — ମଲ୍ଲଜାଳଙ୍କୁ — ବୀରମାନଙ୍କୁ । ଗୁଳକୁ-ଚଳାଇବାରୁ । ଜଗତୀରୁହ — ଅଟ୍ଟାଳିକାର ସ୍ତମ୍ଭ । ଗଗନେ — ଆକାଶରେ । ସନ୍ଦେଶ — ବାର୍ତ୍ତା । ବକ୍ତ୍ରମାଳୀ — ରାବଣ । ବଞ୍ଜୁଳବନ — ଅଶୋକବନ ।

୨୮ଶ ପଦ: — ମାୟାଶିର — କପଟ ମସ୍ତକ । ବସୁଧାସୁତା — ସୀତା । ବରାରୋହା — ବରାଙ୍ଗନା ।

୨୯ଶ ପଦ: — ଫୁଲ୍ଲ — ପ୍ରସ୍ଫୁଟିତ । ନୀର-ଜଳ । ବଇଦେହଜା — ସୀତା । ବିଧାନ — ନିୟମ । ବନ — ପଦ୍ମନାଡ଼ ।

---

କଢ଼ ଥିଲେ; ପୁଣି ନାସା ଶେଷର ରାବଣ ଗୋଟିଏ ଅଛୁ — ଏ ସମସ୍ତଙ୍କୁ ମୁଁ ଜାଣେ । ନାସାବ୍ରଣର ରାବଣର ମୃତ୍ୟୁ ନିକଟରେ ହେବ । ତୁ କେଉଁ ରାବଣ — ତା ବିଚାର କର ।”

୨୭ଶ ପଦ: — ଅଙ୍ଗଦ ଏହିପରି ଛଳାଇ କହିବାରୁ ରାବଣ ମଲ୍ଲମାନଙ୍କୁ ଜାଲ ପ୍ରାପ୍ତ କରି ତା ଗୁର ପାଶରେ ଘେରାଇ ଦେଲା । ସେ ଅଙ୍ଗଦ ମଲ୍ଲମାନଙ୍କୁ ବଧ କରି ଜଗତୀ ରୁହକୁ ଘେନି ଗଗନ ମାର୍ଗରେ ଗଲା ଓ ରାମଙ୍କ ଅଗ୍ରତରେ ସକଳ ସନ୍ଦେଶ କହିଲା । ରାବଣ ସେହି ସମୟରେ ଅଶୋକ ବନକୁ ଗଲା ।

୨୮ଶ ପଦ: — ଧାର ଧାର ହୋଇ ରକ୍ତ ବହି ପଡ଼ୁଥିବା, ଖଡ୍ଗରେ ସଦ୍ୟ ଛେଦନ ହେଲା ପ୍ରାୟ ଦୁଇଗୋଟି ମାୟା ମୁଣ୍ଡ ନିଜଙ୍କ ହାତରେ ନେଇ ରାବଣ ସୀତାଙ୍କୁ ତାହା ଦେଖାଇ କହିଲା, “ତୋର ବର ଓ ଦିଅରକୁ ବଧ କଲି । ହେ ବରାଙ୍ଗନା । ଏବେ ମୋତେ ତୁ ବରଣ କର ।”

୨୯ଶ ପଦ: — ରାବଣର ବଚନ ଶୁଣି ସୀତା ଗୁହିଁ ଦେଖିଲେ, ସରସ୍ୱତୀ ନଦୀର ରକ୍ତବର୍ଣ୍ଣ ଜଳରେ ଦୁଇଟି ଫୁଟିଲା ପଦ୍ମଫୁଲ ପରି ଦୁଇଗୋଟି

ବିହଙ୍ଗିତ ହୋଇଥିଲା କୁନ୍ଦଦନ୍ତୀ ବହିଲା ହିମନ୍ତ ଆଣି ।
ବୁହାଇଲା ଜଳ ମାତୁଳୁଙ୍ଗ ସ୍ଥଳ ଶୋକ ପରିବାର ଆଣି ସେ ।
ବୀର ଡାକ କପି ଡାକି । ବିତର୍କି ଜାନକୀ ଏ କି ହେ । ୩୦ ।
ବାହୁଜବର ଆଦେଶେ ହନୁମାନ ସୁଗ୍ରୀବ ଅଙ୍ଗଦ ଭ୍ରଷେ ।
ବାଟ ନ ପାଇ କପାଟ ଆଣ୍ଠି ସେନା ପ୍ରାକାରେ ଉଠିଲେ କୀଶେ ସେ ।
ବଂଶବାହୁ ପାଶେ ଗୂର । ବାରତା କହୁଁ ସତ୍ୱର ହେ । ୩୧ ।

---

୩୦ଶ ପଦ :— ବିହଙ୍ଗିତ — ପକ୍ଷି ମଣ୍ଡିତ । କୁନ୍ଦଦନ୍ତୀ — ସୀତା, କୁନ୍ଦ ଓ ଦନ୍ତୀବୃକ୍ଷ । ଆଣି — ଟେକି । ମାତୁଳୁଙ୍ଗ — ଡିମ୍ବଫଳ ।

୩୧ଶ ପଦ :— ବାହୁଜବର — କ୍ଷତ୍ରିୟଶ୍ରେଷ୍ଠ (ରାମଚନ୍ଦ୍ର) । ପ୍ରାକାରେ — ପ୍ରାଚୀରରେ । କୀଶେ — ବାନରମାନେ ।

ଛିନ୍ନ ମୁଣ୍ଡ ରକ୍ତରେ ଜର ଜର ହୋଇଅଛି । ପଦ୍ମ ମୃଣାଳରେ ଯୁକ୍ତ ହୋଇଥାଏ, ସେହିପରି ଏ ମୁଣ୍ଡ ଗଳଦେଶ ଦ୍ୱାରା ଯୁକ୍ତ ହୋଇ ସୁନ୍ଦର ଦିଶୁଅଛି । ତାହା ଦେଖି ସୀତାଙ୍କ ବଦନ ସେହିପରି ରକ୍ତବର୍ଣ୍ଣ ଦେଖାଗଲା ।

---

୩୦ଶ ପଦ :— ହେମନ୍ତ କାଳରେ ଯେପରି କୁନ୍ଦ ଓ ଦନ୍ତୀ ବୃକ୍ଷ ଦ୍ୱାରା ଏବଂ ନାନା ଜାତୀୟ ପକ୍ଷୀମାନଙ୍କ ଦ୍ୱାରା ଅରଣ୍ୟମଣ୍ଡିତ ହୋଇଥାଏ ସେହିପରି ରାମଚନ୍ଦ୍ରଙ୍କ ଆଗମନ ବାର୍ତ୍ତା ଶ୍ରବଣରେ କୁନ୍ଦଦନ୍ତୀ ସୀତା କାନ୍ତିଯୁକ୍ତା ଓ ବିଭୂଷିତା ହୋଇଥିଲେ; ମାତ୍ର ରାବଣର ବାଣୀ ଶୁଣି ହେମନ୍ତ କାଳରେ ଲୋକ ଟିଭ ଗଛକୁ ପାଣି ବୁହାଇଲାପରି ସେ ବକ୍ଷସ୍ଥିତ ଟିଭ ସଦୃଶ ସ୍ତନମଣ୍ଡଳକୁ ଲୋତକ ଜଳ ବୁହାଇଲେ (ସେ କାନ୍ଦିବାରୁ ତାଙ୍କ ଅଶ୍ରୁ ଜଳରେ ବକ୍ଷ ତିନ୍ତିଗଲା) । ଏହି ସମୟରେ କପିମାନେ ବୀରତ୍ୱବ୍ୟଞ୍ଜକ ଶବ୍ଦ କଲେ । ତାହା ଶୁଣି ସୀତା ମନରେ ଯୁକ୍ତି କଲେ "ଏ କି ଶବ୍ଦ ? (ରାମ ଲକ୍ଷ୍ମଣଙ୍କର ମୁଣ୍ଡ କଟା ହୋଇଥିଲେ କପିମାନେ ଏପରି ରଣନାଦ କରନ୍ତେ କାହିଁକି ? ଅତଏବ ଏହା ମିଥ୍ୟା) ।

୩୧ ଶ ଓ ୩୨ଶ ପଦ :— ହନୁମାନ, ସୁଗ୍ରୀବ ଓ ଅଙ୍ଗଦ କହିବାରୁ ରାମଚନ୍ଦ୍ର ଆଦେଶ ଦେଲେ ଯେ ଗଡ଼ ଭିତରେ ସୈନ୍ୟସେନା ପ୍ରବେଶ କର । ମାତ୍ର ବଡ଼ ଦ୍ୱାରର କବାଟ ଖୁବ୍ ଗାଢ଼ ଭାବରେ କିଳା ହୋଇଥିବାରୁ ବାଟ ନ ପାଇ କପି ସୈନ୍ୟମାନେ ପାଚେରୀ ଉପରେ ଉଠିଲେ । ଦୂତ ଶୀଘ୍ର ଯାଇ ଏ ବାର୍ତ୍ତା ରାବଣକୁ ଦେଅନ୍ତେ, ରାବଣ ମାୟା ମୁଣ୍ଡ ବାଟରେ ପକାଇ ଦେଇ ଲଜ୍ଜିତ ହୋଇ ବାହୁଡ଼ି ଗଲା । ସୂର୍ଯ୍ୟର କିରଣକୁ କୁହୁଡ଼ି କେତେ ସମୟ ବା ଘୋଡ଼ାଇ ପାରେ ? (ସେହିପରି ସୂର୍ଯ୍ୟବଂଶୀୟ ରାମଚନ୍ଦ୍ରଙ୍କ ଶୌର୍ଯ୍ୟକୁ ରାବଣର

ବର୍ମ୍ମେ ପକାଇ ବିଆଇ ମାପୁ ମୁଣ୍ଡ ଲକ୍ଷିତେ ଗଲ୍ପ ବାହୁଡ଼ି ।
ବିଭାବସୁର ପ୍ରକାଶ କେତେବେଳେ ଆଚ୍ଛାଦି ପାରେ କୁହୁଡ଼ି ସେ ।
ବସନ୍ତେ ବଦନପଦ୍ମ । ବିକାଶେ ହରଷସଦ୍ମ ହେ । ୩୨ ।
ବିନାଶ ଅଶ୍ରୁ ତୁଷାର ବୃଷ୍ଟି ହେଲା ପ୍ରକଟ କୋକିଳବାଣୀ ।
ବୋଇଲେ ନିଜଟାକୁ ଏଡ଼େ କପଟ ରାତ୍ରିମଟେଦେଲେ ଜାଣି ସେ ।
ବିଶ୍ୱଜୟ କେତେ ମାନ । ବିହ୍ୱଳାଇ ମୋର ଚିତ୍ତ ହେ । ୩୩ ।
ବୀର ମହାବୀର ଏହି ସମୟରେ ସେନା ସେନାପତି ସଙ୍ଗେ ।
ବିହରିଲେ ରଣରଙ୍ଗରେ ରାକ୍ଷସ ଋକ୍ଷ କପି ମିଶି ରଙ୍ଗେ ସେ ।
ବ୍ୟବସ୍ଥାତେ ଦଶଶିର । ବନ ଜଗାଇ ସୀତାର ହେ । ୩୪ ।

---

୩୨ଶ ପଦ :—ବର୍ମ୍ମେ—ବାଟରେ । ବିଭାବସୁ—ସୂର୍ଯ୍ୟ । ହରଷସଦ୍ମ—ଆନନ୍ଦର ଗୃହ ।

୩୩ ପଦ :—ତୁଷାର—କାକର, ବରଫ । ରାତ୍ରିମଟ—ରାକ୍ଷସ । ବିଶ୍ୱଜୟ—ସଂସାର ଜୟ ।

୩୪ଶ ପଦ :—ରଣରଙ୍ଗରେ—ଯୁଦ୍ଧାଡ଼ମ୍ବରେ । ଋକ୍ଷ—ଭଲ୍ଲୁକ । ବ୍ୟବସ୍ଥାତେ—ନିୟମିତରୂପେ ।

---

କପଟବେଶି ବେଳ ଘୋଡ଼ାଇ ରଖି ପାରିଲା ନାହିଁ) । ବସନ୍ତ ଋତୁରେ ପଦ୍ମ ଫୁଟି ସୁନ୍ଦର ଦେଖାଗଲା ପରି ସୀତା ସ୍ଥିର ଚିତ୍ତରେ ବସିବାରୁ ତାଙ୍କ ମୁଖପଦ୍ମ ଆନନ୍ଦର ଗୃହ ହେଲା (ମୁଖରେ ଆନନ୍ଦର ଚିହ୍ନ ପ୍ରକାଶିତ ହେଲା) ।

୩୩ଶ ପଦ :—ବସନ୍ତ ଋତୁରେ ଶିଶିରପାତ ବିନାଶ ହୁଏ ଓ କୋକିଳର ରବ ଶୁଣାଯାଏ, ସେହିପରି ସୀତାଙ୍କର ନେତ୍ରରୁ ପଡ଼ୁଥିବା ଲୋତକ ବନ୍ଦ ହେଲା ଏବଂ ତାଙ୍କ ମୁଖରୁ କୋକିଳ ଶବ୍ଦପରି ଶବ୍ଦ ଉଚ୍ଚାରିତ ହେଲା । ସେ ନିଜଟାକୁ କହିଲେ, "ରାକ୍ଷସମାନେ ଏତେ କପଟ ଜାଣନ୍ତି ? ଯେ ମୋର ଅଟଳ ଚିତ୍ତକୁ ସୁଦ୍ଧା ବିଚଳିତ କରିଦେଲେ, ତାଙ୍କ ପକ୍ଷରେ ବିଶ୍ୱଜୟ କରିବା କେତେ ଅବା ?" (ଖୁବ୍ ସାମାନ୍ୟ କଥା) ।

୩୪ଶ ପଦ :—ଏହି କାଳରେ ରାକ୍ଷସ ସୈନ୍ୟ ସେନାପତିମାନଙ୍କ ସଙ୍ଗରେ ଋକ୍ଷକପି ବୀର ମହାବୀରମାନେ ଏବଂ ଅନ୍ୟାନ୍ୟ ରାକ୍ଷସଙ୍କ ସଙ୍ଗରେ ଭଲ୍ଲୁକ କପି ସୈନ୍ୟମାନେ ମିଶି ରଣ କେଳିରେ ବିହାରକଲେ । ସୀତା ରହିଥିବା ଅଶୋକବନକୁ ରାବଣ ନିୟମିତରୂପେ ପ୍ରହରୀ ଜଗାଇଦେଲା । (କାଳେ କପି ସୈନ୍ୟମାନେ ସୀତାଙ୍କୁ ଘେନିଯିବେ, ଏହି ଭୟ ତାର ହେଲା) ।

ବିପତନ ଗୁଳି ମୁଦ୍‌ଗର ପଥର ପଥରି ସଙ୍ଗରେ ବଳେ ।
ବିଭୀଷଣ ଶର କରକା ପତନ ନୀରଦ ପରାଏ ହେଲେ ସେ ।
ବଣ୍ଠାଏ ଭୟ ଉଭୟ । ବଳେ ନାହିଁ ବଳେ ଲକ୍ଷ୍ୟ ହିଁ । ୩୫ ।
ବିଚ୍ଛେଦିଲେ କେ କରବାଳ ଯୋଗରେ କେହି କାଟିଲେ କରବାଳ ।
ବିଦାରି ଯୂଥପତିଙ୍କୁ ସେନାପତି ଦୈତ୍ୟେ ଭଲ୍ଲେ ଭୁଷି ଭଲ୍ଲ ସେ ।
ବିନ୍ଧାଣ ମଲ୍ଲ ମଲ୍ଲରେ । ବୋଲ୍‌ବୋଲି ସେ ମଲରେ ହେ । ୩୬ ।
ବାଣୀ ବାଜି ତହିଁ କେତେକ କେତକ ଛବି ସମ୍ଭବ ଯେ ଭଳି ।
ବଧି ବାଣୀ-ରାଜି ରାଜିଲା କେ ବହି ସତ୍ତ୍ୱରେ ମହିଷ ଝଳ ହେ ।
ବର୍ଷାର କୀଲାଲ ପରି । ବହେ କୀଲାଲ ସଞ୍ଚରି ହେ । ୩୭ ।

---

୩୫ଶ ପଦ:—ବିପତନ—ବିଶେଷରେ ପଡ଼ିବା । ପଥରି—ବାଟରେ । ସଙ୍ଗର—ଯୁଦ୍ଧ । କରକା—କୁଆପଥର । ନୀରଦ—ମେଘ । ବଣ୍ଠାଏ—କଣିକାଏ ବଳେ—ସୈନ୍ୟମଧ୍ୟରେ । ବଳେ—ପରାକ୍ରମରେ । ଲକ୍ଷ୍ୟ—ମନଯୋଗ ସହିତ ଦେଖିବା ।

୩୬ଶ ପଦ:—ବିଚ୍ଛେଦିଲେ—ଛେଦନ କଲେ । କରବାଳ—ଖଣ୍ଡା । କରବାଳ—କେଶ ହସ୍ତରେ । ଯୂଥପତି—ସୈନ୍ୟାଧ୍ୟକ୍ଷ ବା ସେନାପତି । ଭଲ୍ଲେ—ଭଲ୍ଲୁକମାନେ ।

୩୭ଶ ପଦ:—ବାଣୀ—ଶର । ବାଜି—ଶବ୍ଦହୋଇ । କେତକ ଛବି—କେତକୀପୁଷ୍ପର ଶୋଭା । ବାଜିରାଜି—ଅଶ୍ୱସମୂହ । ରାଜିଲା—ପ୍ରକାଶିତ ହେଲା ବା ଶୋଭା ପାଇଲା । କୀଲାଲ—ଜଳ, ରକ୍ତ । ସଞ୍ଚରି—ଝରି ।

---

୩୫ଶ ପଦ:—ଯୁଦ୍ଧ ଯୋଗେ ଗୁଳି ମୁଦ୍‌ଗର ପଥର ସବୁ ବିଶେଷଭାବରେ ପଡ଼ି ପଥସବୁ ରୋଧ କରିଦେଲା । ଅତି ଭୟଙ୍କର ମେଘପ୍ରାୟ ବିଭୀଷଣ କୁଆ ପଥର ପରି ଶର ବୃଷ୍ଟି କଲେ । ଦୁଇ ଦଳଙ୍କ ମଧ୍ୟରେ ଲବାଏ ସୁଦ୍ଧା ଭୟ ନାହିଁ, କେବଳ ନିଜର ସାମର୍ଥ୍ୟ ଉପରେ ଲକ୍ଷ୍ୟ ରହିଅଛି ।

୩୬ଶ ପଦ:—କେହି ଶତ୍ରୁକୁ ଖଡ୍‌ଗ ଧରି ହାଣିଲେ, କିଏ ବା ହସ୍ତରେ ଶତ୍ରୁର ବାଳ ଧରି ମାଡ଼ି ଦେଲେ । ସେନାପତିମାନେ ଯୂଥପତିମାନଙ୍କୁ ବିଦାରି ପକାଇଲେ, ଦୈତ୍ୟମାନେ ଭଲ୍ଲଅସ୍ତ୍ରଧରି ଭଲ୍ଲୁକମାନଙ୍କୁ ଭୁଷି ଦେଲେ ମାଲଙ୍କ ସହିତ ମାଲମାନଙ୍କର ବିନ୍ଧାଣ ହେଲା (ମାଲମାନେ ଧରାଧରି ହୋଇ ମୁଣ୍ଡରେ ମୁଣ୍ଡ, ବାହୁରେ ବାହୁ, ଛାତିରେ ଛାତି ମରାମରି ହେଲେ) ସେତେବେଳେ ସେମାନେ ପରସ୍ପର କୁହା କୁହା ହେଲେ, "ଏଥରକ ମଲ ।"

୩୭ଶ ପଦ:—କେତକୀ ଫୁଲ ଅଧୋମୁଖରେ ଢଳିପଡ଼ିଲା ପରି ଶର ବାଜିବାରୁ କେତେକ ସୈନ୍ୟ ନମ ରଣଭୂମିରେ ଢଳି ପଡ଼ିଲେ । କେହି ଶୀଘ୍ର

ବିଖ୍ୟାତକ ମାର ସମସ୍ତେ ଦର୍ପକ ଅନଙ୍ଗ ହୋଇଲେ କେତେ ।
ବିଘ୍ନିତ ନୋହିଲେ ମକରକେତନ ଲକ୍ଷିତ ସକଳମତେ ସେ ।
ବ୍ୟକ୍ତ କାମଭବଜୟେ । ବିବୋଧ ସ୍ମରପର୍ଯ୍ୟାୟେ ହେ । ୩୮ ।
ବ୍ୟାଘ୍ରପରି ରଚିଣ ବଜ୍ରଦଂଷ୍ଟ୍ର ଧନୁ ପ୍ରଶସ୍ତ ପ୍ରଶସ୍ତ ଦିଶି ।
ବୃକ ପରି ବେଢ଼ି ସେନାପତିମାନେ ବୃକୋଦରପୁରେ ପେଷି ସେ ।
ବିଲୋକେ କୁରଙ୍ଗ ହେଲେ । ବଳୀ ଯେତେ ରକ୍ଷ ଥିଲେ ହେ । ୩୯ ।

---

୩୮ଶ ପଦ:—ବିଖ୍ୟାତକ ମାର—ମାର ମାର ଶବ୍ଦ । ଦର୍ପକ—ବୀର । ଅନଙ୍ଗ—ଅଙ୍ଗହୀନ । ବିଘ୍ନ—ଅନ୍ତରାୟ । ମକର କେତନ—ସମୁଦ୍ର । କାମଭବ ଜୟେ—ଜୟ ବିଷୟରେ ମନୋରଥ ଜାତ । ସ୍ମର ପର୍ଯ୍ୟାୟେ—କନ୍ଦର୍ପ ନାମ କ୍ରମରେ । ସକଳମତେ—ହସ୍ତୀ ପ୍ରଭୃତିଙ୍କୁ ।

୩୯ଶ ପଦ:—ବଜ୍ରଦଂଷ୍ଟ୍ର—ରାକ୍ଷସବିଶେଷ । ଧନୁପ୍ରଶସ୍ତ—ଧନୁର୍ବିଦ୍ୟାରେ ପାରଗ । ପ୍ରଶସ୍ତ—ରାକ୍ଷସବିଶେଷ । ବୃକ—ଶ୍ୱାନ ଜାତୀୟ ପଶୁବିଶେଷ (ବଳିଆ କୁକୁର) । ବୃକୋଦର—ଯମ । ପେଷି—ପଠାଇ । କୁରଙ୍ଗ—ମୃଗ, କୁତ୍ସିତ ସ୍ୱଭାବ । ବଳୀ—ବଳାଢ୍ୟ ।

---

ଅଶ୍ୱସମୂହ ବଧ କରି ମଇଁଷିର ତେଜ ବହୁ ଅପୂର୍ବ ଶୋଭା ଦେଖାଗଲେ । (ମଇଁଷି ଘୋଡ଼ାଙ୍କର ପରମ ଶତ୍ରୁ) । ରକ୍ତ ସ୍ରୋତ ବର୍ଷା କାଳର ଜଳ ଧାର ପ୍ରାୟ ବୋହିବାକୁ ଲାଗିଲା ।

୩୮ ଶ ପଦ:—ରଣକ୍ଷେତ୍ରରେ ସମସ୍ତେ ଗର୍ବବନ୍ତ ହୋଇ ମାର ମାର ବୋଲି ଶବ୍ଦ କଲେ । କେତେକ ବୀର ଦେହଶୂନ୍ୟ ହେଲେ ଅର୍ଥାତ୍ ମଲେ । ହସ୍ତୀ ପ୍ରଭୃତିଙ୍କୁ ସମୁଦ୍ରର ନିଦର୍ଶନ ଅନ୍ତରାୟ ହେଲା ନାହିଁ (ହସ୍ତୀ ପ୍ରଭୃତି ମରିବାରୁ ସମୁଦ୍ର ପ୍ରାୟ ସେ ସ୍ଥାନ ଦେଖାଗଲା ) । ଜୟକରିବା ଆଶା ସମସ୍ତଙ୍କ ମନରେ ଜାତ ହେଉଅଛି । ଏହି ପଦ ସ୍ମର ପର୍ଯ୍ୟାୟର ବିବୋଧରେ ଉତ୍ପନ୍ନ ହେଲା । କ, ମାର, ଦର୍ପକ, ଅନଙ୍ଗ, ମକର କେତନ, କାମ ଏବଂ ଭବଜୟ ଏହି ନାମଗୁଡ଼ିକ ସ୍ମର ପର୍ଯ୍ୟାୟ ଅନ୍ତର୍ଗତ)

୩୯ଶ ପଦ:—ରଣକ୍ଷେତ୍ରରେ ବଜ୍ରଦଂଷ୍ଟ୍ର ଓ ଧନୁର୍ବିଦ୍ୟା ବିଶାରଦ ପ୍ରଶସ୍ତ ସେନାପତି ଦ୍ୱୟ ବ୍ୟାଘ୍ର ସଦୃଶ ଦେଖାଗଲେ । କପି ସେନାପତିମାନେ ବଳିଆ କୁକୁର ପରି ବେଢ଼ି ତାଙ୍କୁ ଯମପୁରକୁ ପଠାଇ ଦେଲେ । ଆଉ ଯେତେ ବଳାଢ୍ୟ ରାକ୍ଷସମାନେ ଥିଲେ, ସେମାନେ ଏହାଦେଖି ମୃଗପ୍ରାୟ ଜଙ୍ଗଲ ପଳାୟନ କଲେ ଅଥବା କୁତ୍ସିତ ସ୍ୱଭାବକୁ ବହିଲେ (ପୃଷ୍ଠଭଙ୍ଗ ଦେଇ ପଳାୟନ କଲେ)

ୱୀରଚନ୍ଦ୍ର ଇନ୍ଦ୍ର ଅରାତିକ ଧନୁ ଭଗନେ ଏ କଣ୍ଡିଅଇଁ ।
ବଢେଁ ନୋହେ କ କୁମ୍ଭସ୍ଥାନେ ରଖିଥାନ୍ତେ ହେତୁଭୁକ୍ତ ଦେଇ ତହିଁ ।
ବିନାଶନ ସୈନ୍ୟ ଯେତେ । ବୁଝିବେ ତା ଶିବଗୁପ୍ତେ ହେ । ୪୦ ।

ବାତପୋତ ତରୁ ସ୍ଫୁଟପ୍ରାପ୍ତ ସର୍ବେ ଏକାଳେ ରଘୁନନ୍ଦନ ।
ବେଳାସ୍ତ ଅନାଇ ଦ୍ୱିବିଦଙ୍କୁ ପେଷି ବାହୁଡ଼ାଇ ନେଲେ ସୈନ୍ୟ ସେ ।
ବାଜୁଅଛି ଗ୍ରାମତାଳ । ବେଗେ ସୁବେଳରେ ମିଳ ହେ । ୪୧ ।

---

୪୦ଶ ପଦ :—ୱୀରଚନ୍ଦ୍ର—ରାମଚନ୍ଦ୍ର । ଇନ୍ଦ୍ର ଅରାତି—ଇନ୍ଦ୍ର ଜିତ । କୁମ୍ଭସ୍ଥାନେ—ହସ୍ତି ମସ୍ତକରେ । ହେତୁଭୁକ୍ତ—ହେତୁସମ୍ପତ୍ତି । ବିନାଶନ—ବିନାଶପ୍ରାପ୍ତ ।

୪୧ଶ ପଦ:—ବାତପୋତ ତରୁ—ପ୍ରକାଶ ବୃକ୍ଷ । ସ୍ଫୁଟପ୍ରାପ୍ତ—ଫୁଟିଲା ପରି । ବେଳାସ୍ତ—ସନ୍ଧ୍ୟା ।

---

୪୦ ଶ ପଦ :—ୱୀର ଚୂଡ଼ାମଣି ରାମଚନ୍ଦ୍ର ଇନ୍ଦ୍ରଜିତର ଧନୁଭଗ୍ନ କରିବାରୁ ସେ ତତ୍‌କ୍ଷଣାତ୍ ଡେଇଁ ହସ୍ତୀର ମସ୍ତକ ଉପରେ ବସିଲା । ଏହା ଦେଖି ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେଲେ ଏବଂ କହିଲେ, "ସେ ଯଦି କୁମ୍ଭ ବୃକ୍ଷର ପାଖରେ ବସିଥାନ୍ତା, ସେ ତେବେ ରାମଚନ୍ଦ୍ର ତାକୁ ହେତୁ ସମ୍ପତ୍ତି ଦେଇଥାନ୍ତେ (ହେତୁ ପ୍ରାପ୍ତ ଦୁଇଖଣ୍ଡ କରି ଦେଇଥାନ୍ତେ) । **ଅନ୍ୟାର୍ଥ** (ଇନ୍ଦ୍ରଜିତ ବ୍ୟଗ୍ରଗାମୀ ଚନ୍ଦ୍ର ସଦୃଶ ଅଟେ । ତାକୁ ଧନୁ ରାଶିରୁ ତାଡ଼ିତ କରି ମକର ରାଶିକୁ ଡ଼ିଆଇଁ କୁମ୍ଭରାଶିରେ ରଖିଲେ—ତେଣୁ ବଢେଁ ହେଲା । କାରଣ ଧନୁକୁ ମକର ଦ୍ୱିତୀୟ, ମକରକୁ ଧନୁ ଦ୍ୱାଦଶ ହୋଇଥାନ୍ତା । ତେଣୁ ଯେଉଁ ହେତୁ ଭୁକ୍ତ ଦେଇଥାନ୍ତେ ତା ହେଲା ନାହିଁ) । ସେଦିନ ରଣକ୍ଷେତ୍ରରେ ଯେତେ ସୈନ୍ୟବିନାଶ ହେଲେ, ତାହା କେବଳ ଶିବଗୁପ୍ତମାନେ ବୁଝି ପାରିବେ ଅନ୍ୟ କେହି କଳନା କରିବା ଅସମ୍ଭବ) ।

୪୧ଶ ପଦ:—ରକ୍ତାକ୍ତକଳେବର ସୈନ୍ୟମାନେ ପ୍ରସ୍ଫୁଟିତ ପଲାଶ ବୃକ୍ଷ ପ୍ରାୟ ଦେଖାଗଲେ । ଏହି ସମୟରେ ସୂର୍ଯ୍ୟ ଅସ୍ତ ହେବାର ଦେଖି ରାମଚନ୍ଦ୍ର ଦ୍ୱିବିଦ କପିକୁ ପଠାଇ ସୈନ୍ୟ ବାହୁଡ଼ାଇ ନେଲେ । ସୈନ୍ୟମାନେ ହର୍ଷରେ ଗ୍ରାମତାଳ ବାଦ୍ୟ ବଜାଇ ଆସି ସୁବେଳ ପର୍ବତରେ ପହଞ୍ଚିଲେ । (ସେଦିନ ଯୁଦ୍ଧରେ ଜୟଲାଭ କଲେ ବୋଲି ହର୍ଷ ହେଲେ ।

ବଢ଼ାଇଲେ ଦେବନଦୀରେ ସମସ୍ତେ ସ୍ନାନ କଲେ ଫଳାଶନ ।
ବରନ୍ତି ରାବଣ ଶ୍ରବଣ କରି ସେନାପତିଙ୍କ ନାଶ ବିମନ ସେ ।
ବୋଲେ ଭଞ୍ଜ ଉପେନ୍ଦ୍ର । ବହ୍ନିଂଶ ପଦେ ଛାନ୍ଦ ହେ । ୫୨ ।

---

## ଦ୍ୱିଚତ୍ୱାରିଂଶ ଛାନ୍ଦ

ରାଗ—କୌଶିକ

ବୁଧ ବୁଧ ଯୁଦ୍ଧ ନ ପାଇଲା ଜନ ପ୍ରତିଜ୍ଞାରେ ଉଠେ ଜଲ୍ପ ।
ବଞ୍ଚନ୍ତେ ଆଜ କି କପିଗଣ ରଣମଧେ ଆମ୍ଭେ ଥିଲେ ମିଳି ସେ ।
ବୋଲେ । ବୀରମାନେ ରଜା ନାଶ କଲେ ।
ବେଢ଼ ଗଡ଼େ ଯାନାଟି ରଖିଲେ । ୧ ।

---

୫୨ଶ ପଦ:—ଦେବନଦୀ—ଲଙ୍କାର ନଦୀ ବିଶେଷ । ଫଳାଶନ—ଫଳାହାର । ବିମନ—ଦୁଃଖମନ ।

ଦ୍ୱିଚତ୍ୱାରିଂଶ ଛାନ୍ଦ

୧ମ ପଦ:—ବୁଧ—ପଣ୍ଡିତ । ବଞ୍ଚନ୍ତେ—ବଞ୍ଚନ୍ତେ ।

---

୫୨ଶ ପଦ:—ସମସ୍ତେ ଦେବନଦୀରେ ସ୍ନାନ କରି ବଢ଼ାଇ ଫଳାହାର କଲେ । ରାବଣ ସେନାପତିଙ୍କ ମୃତ୍ୟୁ ଶ୍ରବଣ କରି ବିରସ ହେଲା । ଉପେନ୍ଦ୍ର ଭଞ୍ଜ ଏ ଛାନ୍ଦକୁ ବହ୍ନିଂଶ ପଦରେ ରଚିଲେ ।

---

## ଦ୍ୱିଚତ୍ୱାରିଂଶ ଛାନ୍ଦ

୧ମ ପଦ:—ହେ ପଣ୍ଡିତମାନେ ! ଏ ଛାନ୍ଦକୁ ବିଚାର କର । ଯୁଦ୍ଧକୁ ଯାଇ ନ ଥିବା ରାବଣର ସୈନ୍ୟମାନେ ଖୁବ୍ ଦୃଢ଼ ଭାବରେ ପ୍ରତିଜ୍ଞା କରି କହିଲେ, "ଆମେ ରଣମଧ୍ୟକୁ ଆଜ ଯାଇଥିଲେ କପିଗଣ ଆଉ ଜୀବନରେ ରହିଥାନ୍ତେ କି ? ଆମେ ସମସ୍ତଙ୍କୁ ବିନାଶ କରିଥାନ୍ତୁ ।" ଯୁଦ୍ଧକୁ ଯାଇ ନଥିବା ଲୋକଙ୍କର ଏହି କଥା ଶୁଣି ଯୁଦ୍ଧକୁ ଯାଇଥିବା ସୈନ୍ୟମାନେ କହିଲେ, ରଜା ଆପେ ଆପେ ବୀରମାନଙ୍କୁ ନାଶ କଲେ ସିନା, କାରଣ ସେ ଗଡ଼ ମଧରେ ବେଢ଼ ପକାଇ ସୈନ୍ୟମାନଙ୍କୁ ଏକାଠି ରଖିଲେ । ( ଗଡ଼ ମଧରେ ରଖି ନ ଥିଲେ ଆମେ କପି ସୈନ୍ୟଙ୍କୁ ମାରି ପକାଇଥାନ୍ତୁ । ତାହା ନ ହେବାରୁ ଆମର ସୈନ୍ୟ ମଲେ ଓ ଆମେ ପରାଜିତ ହେଲୁ ) ।

ବାଜି ଝପଟକୁ ଗଜ ରହଟକୁ ସ୍ଥାନ ନୋହିବ ଯନ୍ତାଯନ୍ତ ।
ବୁଲିଲା ନାହିଁ ତ ଅସ୍ତ୍ର ଶସ୍ତ୍ରମାନ ଏ ସେନ ଯେତେକ ହେତି ଯେ ।
ବୋଲେ । ବଂଶଲୋଚନ ରାଜ ପାଞ୍ଚିଲେ ।
ଭଜେ କରିବେ ଚତ୍ୱାର ସ୍ଥଳେ । ୨ ।

ଅନିଦ୍ରେ ମୋଦେ ବିଷାଦେ ଝଶି ନେଲେ ଜନ୍ତୁ ସମରେ ସାଜେ ।
ବଚନଚଟଳେ ମଦନ ସୁନ୍ଦର ପ୍ରସନ୍ନ ଶ୍ୱସନ ମୂଳେ ସେ ।
ବୋଲେ । ଝଟମ ତୁ ଲଙ୍କା ଆଜି ଚଳେ ।
ଦୁଷ୍ଟଶିର ନିଅ କରତଳେ । ୩ ।

---

୨ୟ ପଦ—ଝପଟ—ଦୌଡ଼ । ରହଟ—ଗମନ । ହେତି—ଏକାଣ । ବଂଶଲୋଚନ—ରାବଣ । ଚତ୍ୱାରସ୍ଥଳେ—ଚତ୍ୱର ସ୍ଥାନରେ ।

୩ୟ ପଦ:—ଅନିଦ୍ରେ—ଅନିଦ୍ରାରେ । ମୋଦେ—ଆନନ୍ଦରେ । ବିଷାଦେ—ଦୁଃଖରେ । ଝଶି—ଗର୍ବି । ଜନ୍ତୁ—ପ୍ରାଣୀବନ୍ତ । ସମରେ—ଯୁଦ୍ଧରେ । ବଚନଚଟଳେ—ମୁଖରବରେ । ମଦନସୁନ୍ଦର—ରାମଚନ୍ଦ୍ର । ଶ୍ୱସନାତ୍ମଜ—ହନୁମାନ । ଝଟମ—ଯାଅ ।

---

୨ୟ ପଦ:—"ଘୋଡ଼ାମାନେ କଦମ ଚଳାଇବାକୁ, ହସ୍ତୀମାନେ ପେଲିବାକୁ ସ୍ଥାନ ନ ହେବାରୁ ସମସ୍ତେ ଜନ୍ତାଜନ୍ତ ହୋଇଗଲେ । ପୁଣି ସୈନ୍ୟମାନଙ୍କ ହସ୍ତରେ ଥିବା ଖଡ଼୍ଗ ଗାଣ୍ଡ ଅସ୍ତ୍ର ଶସ୍ତ୍ର ସବୁ ବୁଲାଇ ହେଲା ନାହିଁ । ସେହି କାରଣରୁ ଯାହା ମରିବାର ମଲେ ।" ଏହା ଶୁଣି ଯୁଦ୍ଧକୁ ଯାଇ ନ ଥିବା ସୈନ୍ୟମାନେ କହିଲେ, "ରାଜ ପାଞ୍ଚିଲେ ରାବଣ ଯୁଦ୍ଧସ୍ଥଳ ଭୂମି କ୍ଷେତ୍ରରେ ଭଜେ କରିବେ । ( ସେତେବେଳେ ତୁମ୍ଭ ବାଉଳ ଦେଖିବା । )"

୩ୟ ପଦ:—ଏହିପରି କଥାବାର୍ତ୍ତା ହୋଇ ରଣକ୍ଷେତ୍ରକୁ ଯାଇ ନ ଥିବା ଲୋକଙ୍କର ଆନନ୍ଦ ହେଲୁ ଓ ରଣକୁ ଯାଇଥିବା ଲୋକଙ୍କର ଦୁଃଖ ହେଲୁ ନିଦ ନ ହେବାରୁ ଅନିଦ୍ରାରେ ରାତି କଟାଇଲେ । ପ୍ରାତଃକାଳରୁ ରାବଣ ସମର ନିମିତ୍ତ ସୈନ୍ୟ ସଜ କଲା । ସୈନ୍ୟ ସଜବାଜ ହେବା ସମୟରେ ମୁଖବୋଲ ଶୁଣି ରାମ ହନୁମାନକୁ ପ୍ରସନ୍ନ ହୋଇ କହିଲେ, "ତୁ ଆଜି ଅବେଳେ ଲଙ୍କାକୁ ଯା, ଦୁଷ୍ଟଶିରକୁ ହାତରେ ଧରି ନେଇଆ ।"

ବିଧାନ କଳ୍ପଇ କରୁଣାନିଧାନ ସୁଷେଣେ ଚିଠାଉ ଦେଲେ ।
ବସିଚ୍ଛି ଜଗତି ଉପରେ ରାବଣ ହନୁମାନ ଯାଇ ଡିକେ ସେ ।
ବୀର । ବୋଲେ ଉଠ ଉଠ ବିଂଶକର ।
ପ୍ରଭୁ ଆଜ୍ଞା ଘେନ ଲଗା ଶିର । ୪ ।

ବୈଦେହୀ ନ ସମର୍ପିଲେ ମୃତ୍ୟୁ ଏଥି ଚିହ୍ନିଥା ମାର୍ଗଣ ଏହୁ ।
ବୋଲେ ରାବଣ ମାର୍ଗଣ ବୋଲି ତାକୁ ଆଗୁଁ ଚିହ୍ନି ଅଛୁ ଭଲ ରେ ।
ବାଇ । ବୋଲି ହେଜ ପାରୁନାହୁଁ ତୁହି ।
ବେଳେ ବେଳେ ମାଗି ପଠାଅଇ । ୫ ।

ବର୍ଣ୍ଣି ଯା ଲେଖିଛି ଆଜ୍ଞାପତ୍ର ନୋହେ ଜଣାଣ ସେ ଦେଇଥିବ ।
ବ୍ରହ୍ମାନପ୍ତା ସୁତ କୁବେର ମୋ ଭ୍ରାତ ସୁତ ଜିଣିଛି ବାସବ ରେ ।

---

୪ର୍ଥ ପଦ:—ବିଧାନ କଳ୍ପଇ—ଲେଖାଇ । କରୁଣାନିଧାନ—ଦୟାଳୁ (ରାମଚନ୍ଦ୍ର) । ଜଗତୀ—ଅଟ୍ଟାଳିକା ।
୫ମ ପଦ:—ବୈଦେହୀ—ସୀତା । ମାର୍ଗଣ—ଶର, ମାଗିଣିଆ ।
୬ଷ୍ଠ ପଦ:—ବ୍ରହ୍ମ ନପ୍ତା—ବ୍ରହ୍ମଙ୍କର ନାତି ।

---

୪ର୍ଥ ପଦ:—ରାମଚନ୍ଦ୍ର ସୁଷେଣ କପିଦ୍ୱାରା ଚିଠାଉ ଲେଖାଇ ହନୁମାନକୁ ଦେଲେ । ହନୁମାନ ବ୍ରହ୍ମଶର ଓ ଚିଠାଉ ଘେନି ଯାଇ ରାବଣ ଜଗତୀ ଉପରେ ବସିଥିବା ସମୟରେ ସେଠାରେ ପହଞ୍ଚିଲେ ଏବଂ କହିଲେ, "ହେ ବିଂଶବାହୁ ରାବଣ ! ଉଠ, ପ୍ରଭୁ ଆଜ୍ଞା ହସ୍ତରେ ନେଇ ମସ୍ତକରେ ଲଗା ।"

୫ମ ପଦ:—"ଏ 'ମାର୍ଗଣ' ଶରକୁ ଚିହ୍ନିଥା; ବୈଦେହୀ ଫେରାଇ ନ ଦେଲେ ଏ ଶରରେ ତୋହର ମୃତ୍ୟୁ ସୁନିଶ୍ଚିତ ।" ଏହା ଶୁଣି ରାବଣ କହିଲେ, "ମୁଁ ଆଗରୁ ତାକୁ 'ମାର୍ଗଣ' ମାଗନ୍ତାଲୋକ ବୋଲି ଭଲ କରି ଚିହ୍ନିଛି । ତୁ ବାତୁଳ ହେଲି ସେ କଥାକୁ ହେଜ ପାରୁ ନାହୁଁ । ସେ ଥରକୁ ଥର ମାଗି ପଠାଇ ମାଗନ୍ତାର ପରିଚୟ ଦେଉଅଛି ।"

୬ଷ୍ଠ ପଦ:—"ସେ ଯାହା ବର୍ଣ୍ଣି ଲେଖିଛି, ତୁ ତାକୁ ଆଜ୍ଞା ପତ୍ରିକା ବୋଲି କହୁଛୁ, ମାତ୍ର ସେ ଆଜ୍ଞା ପତ୍ରିକା ନୁହେଁ ଜଣାଣ ପତ୍ରିକା ଦେଇଥିବ । ମୁଁ ବ୍ରହ୍ମାଙ୍କ ନାତି, କୁବେର ମୋହର ବଡ଼ ଭାଇ, ମୋହର ପୁଅ ଇନ୍ଦ୍ରକୁ ଜିଣି ।

ବାଲି । ବନବାସୀ ସେ ତା ଦୂତ ତୁହି ।
ବାଂରେ ଶୁଣିବା ପଡ଼ି ଶୁଭଇ । ୭ ।
ବସେ ସମାନେ ଲାଙ୍ଗୁଳ ରଚି କୁଣ୍ଡଳ ଟେକେ ଶ୍ଳେଷ ବଚନ ।
ବପୁବନ୍ତ ନାମେ ରାମ ବୋଲାଉଛୁଁ ରାଜରାଜପ୍ରଭା ଦେହ ସେ ।
ବଳି । ବିମର୍ଦ୍ଦନେ ଆମ୍ଭେ ଗୁଣଶାଳୀ ।
ବିଧିପୂର୍ବେ ଦର ନାଶେ ଝଳି । ୭ ।
ବନ୍ଦନ୍ତି ତ୍ରିପୁରବିଜୟୀ ଆମ୍ଭଙ୍କୁ ନରସିଂହ ତେବେ ଏବେ ।
ବସୁନ୍ଧରା ଶିଶୁ ସୀତା ରମ୍ୟ ପ୍ରେମରସରେ ବଶ ସୁଭାବେ ସେ ।

---

୭ମ ପଦ:—ଶ୍ଳେଷ—ଦ୍ୱିବିଧ ଅର୍ଥବୋଧକ । ବପୁବନ୍ତ—ଦେହବନ୍ତ ଅର୍ଥାତ୍ ମନୋହର ଦେହବିଶିଷ୍ଟ । ରାଜରାଜପ୍ରଭା—କ୍ଷତ୍ରିୟତେଜ । ବଳି—ବଳିରାଜା । ଗୁଣଶାଳୀ-ଗୁଣବାନ୍ । ଦରନାଶେ—ଭୟନାଶପୂର୍ବକ, ଶଙ୍ଖାସୁର ବିନାଶରେ । ଝଳି—ପ୍ରକାଶିତ ।

୮ମ ପଦ:—ବନ୍ଦନ୍ତି—ବନ୍ଦନ୍ତି । ତ୍ରିପୁରବିଜୟୀ-ତ୍ରିଭୁବନଜେତା, ମହାଦେବ । ନରସିଂହ ନରଶ୍ରେଷ୍ଠ ନୃସିଂହ ମୂର୍ତ୍ତି । ବସୁନ୍ଧରାଶିଶୁ ପୃଥ୍ୱୀସୁତା

---

ଅଛି । ସେ ତ ତୁମର ବନବାସୀ ମାତ୍ର, (ସେ ଆଜ୍ଞା ଦେବି କା କଣ ଦେବ ?) ତୁ ପୁଣି ତାର ଦୂତ ହୋଇ ଆସିଅଛୁ । ଥରେ ବଡ଼ ପାଟିରେ କହୁ, ଶୁଣିବା ।"

୭ମ ପଦ:—ଏହା ଶୁଣି ହନୁମାନ ଆପଣା ଲାଙ୍ଗୁଳକୁ ଚକ୍ରାକୃତି କରି ତା ଉପରେ ରାବଣର ସିଂହାସନ ସମାନରେ ବସି ଶ୍ଳେଷାର୍ଥରେ ଲିଖିତ ସେ ପଦକୁ ପାଠକଲା—'ରେ ରାବଣ ! ଆମ୍ଭେ ସ୍ୱୟଂ ପରମବ୍ରହ୍ମ ନାରାୟଣ ଅଟୁ, ଏବେ ରମଣୀୟ ଦେହ ଧାରଣ କରିଥିବାରୁ ରାମ ବୋଲାଉଛୁ । ଆମ୍ଭଠାରେ ରାଜଚକ୍ରବର୍ତ୍ତୀ ଚିହ୍ନମାନ ଅଛି । ଏବେ ମଧ୍ୟ ରାଜପ୍ରଭା ଧାରଣ କରି ରାମଚନ୍ଦ୍ର ହୋଇଅଛୁ । ବଳି ଦୈତ୍ୟକୁ ବିମର୍ଦ୍ଦନ କରିବାରେ ଗୁଣବନ୍ତ ହୋଇଥିଲୁ, ଏବେ ବଳିଷ୍ଠମାନଙ୍କୁ ବିନାଶ କରିବାକୁ ଶୌର୍ଯ୍ୟାଦି ଗୁଣରେ ଭୂଷିତ ହୋଇଅଛୁ । ବିଧାନବଶତଃ ପୂର୍ବେ ଶଙ୍ଖାସୁର ବିନାଶ କରି ତେଜସ୍ୱୀ ହୋଇଥିଲୁଁ, ଏବେ ଭୟ ନାଶ କରିବା ପାଇଁ ତେଜ ବହନ କରିଅଛୁଁ । (ଏହା ଦ୍ୱାରା ବାମନାବତାର ଓ ମତ୍ସ୍ୟାବତାରର ସୂଚନା ଦିଆଗଲା ।)"

୮ମ ପଦ:—"ତ୍ରିପୁର ବିଜୟୀ ମହାଦେବ ଆମ୍ଭଙ୍କୁ ସ୍ତୁତି କରନ୍ତି । ପୂର୍ବେ ହିରଣ୍ୟ କଶିପୁ ବିଦାରଣ ସମୟରେ ନୃସିଂହ ରୂପ ଧରିଥିଲୁଁ, ଏବେ ତ୍ରିପୁର ବିଜୟୀ ଓ ନରଶ୍ରେଷ୍ଠ ବୋଲି ଆମ୍ଭଙ୍କୁ ସମସ୍ତେ ବନ୍ଦନା କରୁ ଅଛନ୍ତି । ପୂର୍ବେ ଶର୍କରା ଭୂମି ମନୋହର ପ୍ରେମ ରସରେ

ବଦେ । ବଡ଼ ଲାଜ ରାବଣାରି ପଦେ ।
ହେଲ ଅର୍ଥ ଯେଣୁ ନ ସମ୍ବାଦେ । ୮ ।
ବୋଇଲା ରାବଣ ଜାଣିଲି କଠିନ ହୋଇଛୁ ପ୍ରକାଶେ ତହିଁ ।
ବିଜୟୀ ଭଣେ ମୁଁ ବିଜୟ କରୁଛି ଆଜ ଥାଅ ସଜ ହୋଇ ତା
ବୋଲେ । ବେଗେ ଉଦ୍ଗମ ନଭୋମଣ୍ଡଳେ ।
ବାୟୁପୁତ୍ର ରାମପାଶେ ମିଳେ । ୯ ।
ଉଦ୍ଧତ ବଚନମାନଙ୍କୁ ଜାଣନ୍ତେ ସୁଗ୍ରୀବ ସୈନ୍ୟ ସଜାଇ ।
ବାଜଣିଆ ବଳ ଲଙ୍କାରୁ ବାହାର ଏକାଳେ ବାଦ୍ୟ ସଜାଇ ସେ

---

ଲକ୍ଷ୍ମୀସ୍ୱରୂପା—ସୀତା। ରମ୍ୟପ୍ରେମରସରେ-ସୀତାଙ୍କର ପ୍ରଗାଢ଼ ପ୍ରେମରେ । ବଦେ —କହେ । ରାବଣାରି-ରାବଣର ଶତ୍ରୁ । ସମ୍ବାଦେ—ପ୍ରକାଶିତ ।

୯ମ ପଦ:—କଠିନ—କଷ୍ଟାଧାୟୀ, ଦୁରଧିଗମ୍ୟ । ବିଜୟ-ଜୟଯୁକ୍ତ । ବିଜୟ କରୁଛି—ବାହାରୁଛି । ନଭୋମଣ୍ଡଳେ—ଆକାଶରେ ।

---

ସ୍ୱାଭାବିକ ଭାବରେ ବଶ ହୋଇ ବସୁମତୀର ଶୋଭାକୁ ବଢ଼ାଇଥିଲେ (ବରାହାବତାରରେ ପୃଥ୍ୱୀକୁ ଦନ୍ତାଗ୍ରରେ ଧରି ତାର ଶୋଭା ସମ୍ପଦ ବୃଦ୍ଧି କରିଥିଲେ); ଏବେ ବସୁମତୀର ଲକ୍ଷ୍ମୀ ସୀତାଙ୍କ ମନୋହର ପ୍ରେମରେ ବଶ ହୋଇଅଛନ୍ତି । ମାତ୍ର ବର୍ତ୍ତମାନ କହୁଅଛନ୍ତି ଯେ ରାବଣାରି ପଦ ପାଇଲେ ବଡ଼ ଲଜ୍ଜା ହେବ । କାରଣ ତାହା ଭୁଲ ଅର୍ଥକୁ ବୁଝାଉ ନାହିଁ ପୂର୍ବେ ଦୈତ୍ୟମାନଙ୍କୁ ବିନାଶ କରି ଯେଉଁ ନାମ ପାଇଥିଲେ ତାହା ଦୁଇ ଅର୍ଥବୋଧକ, ମାତ୍ର ବର୍ତ୍ତମାନ ତୋତେ ମାରିଲେ ଯେ ରାବଣାରି ନାମ ପାଇବି, ତାହା ଏକ ଅର୍ଥବୋଧକ, ତେଣୁ ଏ ନାମ ବହିବାକୁ ଲାଜ ମାଡ଼ୁଛି ) ।"

୯ମ ପଦ:—ହନୁମାନର ସବୁ ପାଠ ଶେଷ ହୁଅନ୍ତେ ରାବଣ କହିଲା, "ଜାଣିଲି' ସେ ତ କଷ୍ଟଯୁକ୍ତ ହୋଇଅଛି, ତେଣୁ ସେହି କଠିନ କଥା ପ୍ରକାଶ କରିଅଛୁ । ମୁଁ ଯୁଦ୍ଧରେ ବିଜୟବନ୍ତ ଅଟେ ; ଆଜ ତାକୁ ଉତ୍ତମ ରୂପେ ଜୟ କରିବି ( ତାହାର ଅସ୍ତିତ୍ୱ ଆଉ ରହିବ ନାହିଁ ) । ତୁ ସଜ ହୋଇ ଥାଅ ।" ରାବଣର କଥା ଶୁଣି ବାୟୁପୁତ୍ର ହନୁମାନ ଆକାଶ ମଣ୍ଡଳରେ ଶୀଘ୍ର ଉଡ଼ି ଯାଇ ରାମଚନ୍ଦ୍ରଙ୍କ ନିକଟରେ ମିଳିଲେ ।

୧୦ମ ପଦ:—ରାବଣ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଅଛି,—ଏହି କଥା ହନୁମାନ କହିବାରୁ ବାନରରାଜ ସୁଗ୍ରୀବ ସୈନ୍ୟସବୁ ସଜାଇଲେ । ଏଣୁ

ବ୍ୟାପେ । ବଳ ସାଜ କି ମେଘ କଳପେ ।
ବ୍ୟକ୍ତ ଥିଲେ ଦୁର୍ଗ ନଗାଧିପେ । ୧୦ ।

ବୈଜୟନ୍ତୀ ପୀତ ସ୍ଫୁରିତଃ ବିଦ୍ୟୁତ ପରି ପ୍ରକଟ ହେ ସଙ୍ଗେ ।
ବର୍ହିଣଗଣ ନୃତ୍ୟକଳ୍ପ ପ୍ରାପ୍ତ ଆସନ୍ତ ପଦାତ ରଙ୍ଗେ ସେ ।
ବାଜେ । ବାଦ୍ୟ ସନ୍ଧି ଶାମ୍ବୁକ ସମାଜେ ସେ ।
ବଡାଗ୍ନି କି ପକ୍ଷକମ୍ପ ସାଜେ । ୧୧ ।

ବାର୍ଦ୍ଧିଏ ଏମନ୍ତ ବୁଦ୍ଧି ପ୍ରକଟିତ ସ୍ୟନ୍ଦନ କୁମ୍ଭୀଭୂରଙ୍ଗେ ।
ବହ୍ନିସ କୁମ୍ଭୀର ମହାମୀନମାନେ ଗତ କରନ୍ତି କି ରଙ୍ଗେ ସେ ।

---

୧୦ମ ପଦ:—ବଳାହ—ପୁଷ୍ଟ । ବାଜଣିଆଦଳ-ବାଦ୍ୟକାଷ୍ଠ ସୈନ୍ୟ । କଳପେ—ସମୂହ । ଦୁର୍ଗ—ଗଡ । ନଗାଧିପ—ମେରୁ ପର୍ବତ ।

୧୧ଶ ପଦ:—ବୈଜୟନ୍ତୀ—ପତାକା । ପୀତ—ହଳଦିଆ । ବିଦ୍ୟୁତ୍—ବିଜୁଳି । ବର୍ହିଣଗଣ—ମୟୂରମାନେ । ରଙ୍ଗେ-କୌତୁକରେ । ବ୍ୟକ୍ତ—ପ୍ରକାଶିତ । ବଡାଗ୍ନି—ଅଗ୍ନିବିଶେଷ ।

---

ସମୟରେ ଲଙ୍କାରୁ ବାଦ୍ୟକାର ସୈନ୍ୟ ବାଦ୍ୟ ବଜାଇ ବାହାରି ହେଲେ । ଯେପରି ମେଘସମୂହ ମେରୁ ପର୍ବତରୁ ବାହାରି ହୋଇ ଚତୁର୍ଦ୍ଦିଗରେ ବ୍ୟାପି ଯାନ୍ତି, ସେହିପରି ରାକ୍ଷସ ସୈନ୍ୟ ଲଙ୍କାଗଡରୁ ବାହାରି ଚାରିଆଡେ ବ୍ୟସ୍ତ ହୋଇଗଲେ ।

୧୧ଶ ପଦ:—ମେଘ ପରି ବ୍ୟାପ୍ତ ହୋଇଥିବା ସୈନ୍ୟମାନଙ୍କ ସଙ୍ଗରେ ଉଡୁଥିବା ହଳଦିଆ ଧଳା ବର୍ଣ୍ଣର ପତାକା ସବୁ ବିଜୁଳି ଓ ବକ ସମୂହ ପରି ପ୍ରକାଶିତ ହେଲା । ମେଘ ଉଦିତ ହେବା ସମୟରେ ମୟୂରଗଣ ନୃତ୍ୟ କଲା ପ୍ରାୟ ପାଇକମାନେ ନୃତ୍ୟ କରି ଆସିଲେ । ଉଚ୍ଚ ଶବ୍ଦରେ ବାଜୁଥିବା ସୈନ୍ୟମାନଙ୍କ କଠୀର ବାଦ୍ୟସବୁ ମେଘଗର୍ଜନର ଶାମୁକା ଶବ୍ଦ ପରି ଶୁଣାଗଲା । ତାଳର କମ୍ପନ ପକ୍ଷୀମାନଙ୍କର ପକ୍ଷ ହଲିବା ପ୍ରାୟ ପ୍ରକଟ ହେଲା ।

୧୨ଶ ପଦ:—ରାବଣର ଚତୁରଙ୍ଗ ବଳ ଦେଖି ମନେ ହୁଏ,—ସମୁଦ୍ରରେ ବୋଇତ, କୁମ୍ଭୀର, ଘଡିଆଳ ବଡ ବଡ ମତ୍ସ୍ୟ ସବୁ ଗତି କଲା ପ୍ରାୟ ସୈନ୍ୟବଳ ମଧ୍ୟରେ ରଥ, ହସ୍ତୀ, ଅଶ୍ୱ ଏବଂ ଅବଶିଷ୍ଟମାନେ

ବାଜୀ । ବାରସାଦୀହଂଶ ବିରଜ ।
ବାର୍ଦ୍ଧି ଉର୍ମ୍ମୀଶ ଡିଣ୍ଡୀର ଧାଳ । ୧୨ ।
ବାରିବ୍ୟାଳଜାଳ ଜଳଚ ମଞ୍ଜୁଳ ସାବେଳୀ ଆଡ଼ଣୀ ବିଚ୍ଛୁ ।
ବ୍ୟୂହପତି ହୁଏ ଭ୍ରମେ ଚହଳକୃତ ପୃଚ୍ଛନ୍ତି ଶ୍ରୀରାମ ସ୍ପୃହେଁ ଏ ।
ବ୍ୟୂହ । ପ୍ରଧାନରେ ଶ୍ରେଷ୍ଠ କେ କେ କହ ।
ବିରାଜନ୍ତି ଯଥା ମହାଗ୍ରହ । ୧୩ ।
ଲକ୍ଷ୍ମଣ ଭଣି ଶୁଣ ରଘୁମଣି କାହାକୁ ବରିବି ତୁଚ୍ଛ ।
ବ୍ରହ୍ମାଣ୍ଡ ଏକେ ଏକେ ଜିଣି ପାରନ୍ତି ଅଷ୍ଟାଦଶ ଗଣ୍ଡା କଥ୍ର ହେ ।

---

୧୨ଶ ପଦ:—ବାର୍ଦ୍ଧି—ସମୁଦ୍ର । ସ୍ୟନ୍ଦନ—ରଥ । କୁମ୍ଭୀ—ହସ୍ତୀ । ତୁରଙ୍ଗ ଘୋଡ଼ା । ବହିତ୍ର-ବୋଇତ । ମହାମୀନମାନେ-ବଡ଼ ବଡ଼ ମାଛସବୁ ବାଜୀ—ଘୋଡ଼ା । ସାଦୀ—ଅଶ୍ୱାରୋହୀ, ଉର୍ମ୍ମୀ—ଲହଡ଼ି । ଡିଣ୍ଡୀର—ଫେଣ ବାଜୀବାର—ପକ୍ଷିସମୂହ ।

୧୩ଶ ପଦ:—ବାରିବ୍ୟାଳଜାଳ—ପାଣିଧଣ୍ଡସାପସମୂହ । ମଞ୍ଜୁଳ—ମନୋହର । ସାବେଳୀ—ଅସ୍ତ୍ରବିଶେଷ । ଆଡ଼ଣୀ ଢାଲ । ବ୍ୟୂହପତି—ଜାତ । ମହାଗ୍ରହ—ସୂର୍ଯ୍ୟ ।

---

ଗତି କରୁ ଅଛନ୍ତି । ପକ୍ଷୀସମୂହ ସଦୃଶ ଅଶ୍ୱାରୋହୀମାନେ ଶୋଭା ପାଉଅଛନ୍ତି (ସମୁଦ୍ରର ଜଳ ଉପରେ ପକ୍ଷୀ ସବୁ ଉଡ଼ୁଥିଲା ପରି ଅଶ୍ୱାରୋହୀମାନେ ଅଶ୍ୱ ଉପରେ ବସିଥିବା ହେତୁ ସୈନ୍ୟବଳଙ୍କର ଜଳ ଉପରେ ଗତି କଲାପରି ଦେଖାଯାଉ ଅଛନ୍ତି ।) ସୈନ୍ୟମାନଙ୍କର ମୁଣ୍ଡରେ ପଡ଼େ ସମୁଦ୍ରର ଫେଣ ସାଜିଅଛି (ଫେଣ ତୁଳ୍ୟ ପ୍ରକାଶମାନ ହୁଏ) ।

୧୩ଶ ପଦ:—ପାଣିଧଣ୍ଡ ସାପ ଓ କଇଁଛ ସମୁଦ୍ର ମଧ୍ୟରେ ଚଳଗତିରେ ବିହାର କଲା ପରି ସୈନ୍ୟମାନଙ୍କ ହସ୍ତରେ ଥିବା ସାବେଳୀ ଅସ୍ତ୍ର ଓ ଢାଲ ଚହଳାକାରରେ ଅତି ସୁନ୍ଦର ଦିଶୁଅଛି । ଏହି ସୈନ୍ୟ-ସମୁଦ୍ରକୁ ସ୍ପୃହେଁ ଶ୍ରୀରାମ ଲକ୍ଷ୍ମଣଙ୍କୁ ପଚାରିଲେ, "ଏ ସୈନ୍ୟବ୍ୟୂହ ମଧ୍ୟରେ କେଉଁମାନେ ଶ୍ରେଷ୍ଠ ତାହା ମୋତେ କହ । ଏମାନେ ତ ସୂର୍ଯ୍ୟସମ ତେଜଶାଳୀ ଦେଖାଯାଉ ଅଛନ୍ତି ।"

୧୪ଶ ପଦ:—ଶ୍ରୀରାମଙ୍କ ପ୍ରଶ୍ନ ଶୁଣି ଲକ୍ଷ୍ମଣ କହିଲେ, "ହେ ରଘୁମଣି ଶୁଣ । ଏମାନଙ୍କ ମଧ୍ୟରୁ ମୁଁ କାହାକୁ ତୁଚ୍ଛ ବୋଲି କହିବି ? ଏ ସମସ୍ତେ ପ୍ରଧାନ ।

ବୀର । ବଜ୍ରଜିତ ପ୍ରଥମ କୁମର ।
ବାରିଦରୁ ଜନ୍ମି ରଡ଼ି ଘୋର । ୧୪ ।

ବୋଲାଇ ଯେଉଁ ଅତିକାୟୁ ସେ ସୁରେ ସମରେ ନାଗଲୋକରେ ।
ବିବୁଧେ ମହାପାର୍ଶ୍ଵଙ୍କ ପାର୍ଶ୍ଵରେ ନ ବସନ୍ତି ଭୟେ ବହୁ ହେ
ବୀର । ବଡ଼ଦାର ଦାତା ମହୋଦର ।
ବାମେ ଟେକି ପାରଇ ମନ୍ଦର । ୧୫ ।

ବିଷରୁ ବିଷମ ସୁଲକ୍ଷଣ ଶର ପାରିବେ ହର ହୋଇଲେ ।
ବିଶ୍ଵ ଧୂମ୍ରାକ୍ଷ ଧୂମ୍ରମୟ କରିବ ଶାୟକ ଏକ ବିନ୍ଧିଲେ ହେ ।

---

୧୪ଶ ପଦ:—ଉଣି—କହିଲା । ବତ୍ସ—ପୁତ୍ର । ବଜ୍ରଜିତ—ଇନ୍ଦ୍ର ବିଜୟୀ । ବାରିଦରୁ—ମେଘରୁ ।

୧୫ଶ ପଦ—ସୁରେ—ଦେବଲୋକରେ ( ସ୍ଵର୍ଗ ) । ନାଗରେ— ନାଗଲୋକରେ ( ପାତାଳରେ ) । ବିବୁଧେ ଦେବତାମାନେ । ପାର୍ଶ୍ଵରେ— ସମୀପରେ । ମନ୍ଦର—ପର୍ବତବିଶେଷ ।

୧୬ଶ ପଦ:—ବିଷମ—ଉତ୍କଟ । ପାରିବେ—ସଙ୍କାଗ୍ରସ୍ତ ହେବେ । ହର—ଶିବ । ବିଶ୍ଵ—ସଂସାର । ସାୟକ—ଶର । ସାର—ଶ୍ରେଷ୍ଠ ମିହିର—ସୂର୍ଯ୍ୟ । ତାରତର—ଅତିଶୟ ଦୀପ୍ତିମନ୍ତ ।

---

ହେ ବୀର । ଏ ଅଠରଗଣ୍ଡା ପୁଅଙ୍କ ମଧ୍ୟରୁ ଜଣେ ଜଣେ ବ୍ରହ୍ମାଣ୍ଡକୁ ଜୟ କରି ପାରନ୍ତି । ପ୍ରଥମ ପୁତ୍ର ଇନ୍ଦ୍ରଜିତ ଜନ୍ମସମୟରେ ଏପରି ଶବ୍ଦ କଲା ଯେ, ତାହା ମେଘ ଶବ୍ଦଠାରୁ ଭୟଙ୍କର ଶୁଣାଗଲା ।"

୧୫ଶ ପଦ:—"ଯେଉଁ କୁମରର ନାମ ଅତିକାୟ, 'ଦେବଲୋକରେ' ନାଗଲୋକରେ ତା ସମାନ ଯୁଦ୍ଧ କରିବାକୁ କେହି ନାହିଁ । ମହାପାର୍ଶ୍ଵ ନାମକ କୁମର ପାଖରେ ଦେବତାମାନେ ଭୟ କରି ବସନ୍ତି ନାହିଁ । ହେ ବୀର ମହୋଦର ନାମକ ଯେ ପୁତ୍ର, ସେ ବଡ଼ ଦାତା ଅଟେ । ସେ ବାମ ହସ୍ତରେ ମନ୍ଦର ପର୍ବତକୁ ଟେକି ଦେଇ ପାରେ ।"

୧୬ଶ ପଦ:—ସୁଲକ୍ଷଣ ପୁତ୍ରରର ଶର ବିଷଠାରୁ ମଧ୍ୟ ଭୟଙ୍କର ଅଟେ । ମହାଦେବ ମଧ୍ୟ ସେ ଶରଘାତରେ ଅଚେତ ହୋଇଯିବ । ( ବିଷଭକ୍ଷ ମହାଦେବ ମଧ୍ୟ ଶରଘାତରେ ଅଚେତ ହେବ । ତେଣୁ ତାହା ବିଷରୁ ବିଷମ ଅଟେ ) । ଧୂମ୍ରାକ୍ଷ ନାମକ ପୁତ୍ର ଗୋଟିଏ ମାତ୍ର ବାଣ ବିନ୍ଧି ସଂସାରକୁ ଧୂମ୍ରମୟ

ବୀର । ବଚନ୍ତି ମିତ୍ରଘ୍ନ ନାମ ଯେ ସାର ।
ଭଗ୍ନ କରେ ମିତ୍ର ତାର ତର । ୧୬ ।

ତାଙ୍କୁ କାଳଘଣ୍ଟ ଯମଘଣ୍ଟ ଘଣ୍ଟି ଯମ ଉପଯମ ଭଣେ ।
ବଜ୍ରଦଂଷ୍ଟ୍ର ଦନ୍ତ ଭଗଡ଼କୁ ଏକା ଲକ୍ଷ ହୋଇଅଛୁ ପବି ହେ ।
ବୀର । ବ୍ୟକ୍ତ ମହାସ୍ୱବଣ ନାମ ।
ବାଞ୍ଛେ ମହିମା ବନ୍ଧୁ ଉପର । ୧୭ ।

ବୋଲି ଦୈତ୍ୟବଳ ଅନଳ ଗଡରେ ମାଳଠଣା ବେଢ଼ ଦେଲେ ।
ବାଣାସନେ ଗୁଣ ଧନ୍ୱୀ ତିନିଜଣ ଦେଇ ରଣକୁ ଧାଇଁଲେ ଯେ ।
ବୃକ୍ଷେ । ବସିଥିଲେ ଯହିଁ କପିମୁଖ୍ୟେ ।
ବେଗେ ଉପାଡ଼ି ଧାଇଁ ତ ଦକ୍ଷେ । ୧୮ ।

---

୧୭ଶ ପଦ:—ପବି—ବଜ୍ର । ବ୍ୟକ୍ତ—ପ୍ରକାଶିତ । ମହିମା—ଆଧିପତ୍ୟ ।

୧୮ଶ ପଦ:—ଅନଳ—ପବନ । ମାଳଠଣା—ମାଳ ସେନାପତି ଥିବା ସ୍ଥାନ । ବେଢ଼ଦେଲେ—ବେଢ଼ିଗଲେ । ବାଣାସନେ—ଧନୁରେ । ଧନ୍ୱୀ—ଧନୁର୍ଦ୍ଧାରୀ । କପିମୁଖ୍ୟେ—ଶ୍ରେଷ୍ଠ ମର୍କଟମାନେ । ଦକ୍ଷେ—ଦକ୍ଷିଣ ହସ୍ତରେ ।

---

କରିଦେବ । ହେ ବୀର । ଯେଉଁ ପୁତ୍ରର ନାମ ମିତ୍ରଘ୍ନ, ତ ହାର ସେ ନାମ ସାର୍ଥକ ଅଟେ । କାରଣ, ତାହାର ତେଜୋଦେଖି ସୂର୍ଯ୍ୟ ସୁଦ୍ଧା ତେଜହୀନ ହୋଇଯାନ୍ତି ।"

୧୭ଶ ପଦ:—"କାଳଘଣ୍ଟ ଓ ଯମଘଣ୍ଟ ନାମକ ପୁତ୍ର ଦୁହିଙ୍କର ଘଣ୍ଟି ବାଜନ୍ତେ ଯମ ତାହା ଶୁଣି ଭାବେ, 'ଏ ଦୁହେଁ ମୋର ବିନାଶକର୍ତ୍ତା ଅଟନ୍ତି ।' ବଜ୍ରଦଂଷ୍ଟ୍ର ନାମକ ପୁତ୍ରର ଦନ୍ତ କଡ଼ମଡ଼ ଶବ୍ଦ ସହିତ ବଜ୍ରଠାରୁ ଏକା ତୁଳନୀୟ; ( ଆଉ କିଛି ତୁଳନୀୟ ହୋଇ ନପାରେ ) ହେ ବୀର । ମହାସ୍ୱବଣ ନାମା ପୁତ୍ର; ବନ୍ଧୁଙ୍କ ଉପରେ ମଧ୍ୟ ଆଧିପତ୍ୟ ବିସ୍ତାର କରିବାକୁ ଇଚ୍ଛାକରେ ।"

୧୮ଶ ପଦ:—ବିଭୀଷଣ ଏହି କଥାକହିବା ସମୟରେ ଦୈତ୍ୟବଳ ପବନଗଡରେ ଆସି ମାଳ ସେନାପତିର ବ୍ୟୂହକୁ ବେଢ଼ିଗଲେ । ତାହା ଦେଖି ଧନୁର୍ଦ୍ଧାରୀ ତିନିଜଣ—ରାମ, ଲକ୍ଷ୍ମଣ ଓ ବିଭୀଷଣ ଧନୁରେ ଗୁଣ ବସାଇ ରଣକ୍ଷେତ୍ରକୁ ଧାଇଁଲେ । ଅପର କପିଶ୍ରେଷ୍ଠମାନେ ଯେଉଁ ବୃକ୍ଷରେ ବସିଥିଲେ, ସେ ବୃକ୍ଷକୁ ଉପାଡ଼ି ଦକ୍ଷିଣହସ୍ତରେ ଧରି ଅତିଶୀଘ୍ର ଧାଇଁଲେ ।

ବେନି ସୈନ୍ୟ ଭେଟି ଅଟବୀପ୍ରମାନ କଣ୍ଟକଜାତବେ ଅଗମ୍ୟ ।
ବିହରେ କେଶରୀ ସିଂହ ବେନି ବନେ ବହନ୍ତି ଏ ତର୍କେ ସମ କେ ।
ବନେ । ବିଭ୍ରାଜିତ ଗବୟ ଗମନେ ।
ବନେ ଶାର୍ଦ୍ଦୂଳ କ୍ରୀଡ଼ାକୁ ଘେନେ । ୧୯ ।
ବନକେ ଡାଳିମ୍ବ ଜାମ୍ବବ ପନସ ଚନ୍ଦନହିଁ ମନୋରମ ।
ବନକରେ ମେଘନାଦ ଶୁକ କଙ୍କ ମଣ୍ଡଳୀ ଯେ ହୁଏ ରମ୍ୟ କେ ।

୧୯ଶ ପଦ:—ଅଟବୀ—ଅରଣ୍ୟ । କଣ୍ଟକଜାତବେ—ଶସ୍ତ୍ର ଜାତରେ ।

---

ଅଗମ୍ୟ—ଯେଉଁଠାରେ ପ୍ରବେଶ କରାଯାଇ ନ ପାରେ । ବିହରେ—ଭ୍ରମଣ କରେ । କେଶରୀ—ସିଂହ । ବିଭ୍ରାଜିତ—ପ୍ରକାଶିତ । ଶାର୍ଦ୍ଦୂଳ—ବ୍ୟାଘ୍ର, ରାକ୍ଷସବିଶେଷ ।

୨୦ଶ ପଦ:—ରମ୍ୟ—ମନୋହର । ଉପଚନ—ପଡ଼ିବା । ଅବିଚ୍ଛିନ୍ନେ—ନିରନ୍ତର । ଘନେ—ନିବିଡ଼ ବା ସାନ୍ଦ୍ରଭାବରେ । ଖଡ୍ଗ—ଗଣ୍ଡା, ଖଣ୍ଡା । ମେଘନାଦ—ମୟୂର ଇନ୍ଦ୍ରଜିତ ।

---

୧୯ଶ ପଦ:—ରାମ ଓ ରାବଣର ସୈନ୍ୟ ଭେଟାଭେଟି ହେବାରୁ ତାହା ଅରଣ୍ୟ ତୁଲ୍ୟ ପ୍ରତୀୟମାନ ହେଲା । ଯେପରି କଣ୍ଟକ ବୃକ୍ଷ ଥିବା ହେତୁ ଅରଣ୍ୟ ଅଗମ୍ୟ ହୋଇଥାଏ, ସେହିପରି ଦୁଇ ସୈନ୍ୟମଧ୍ୟରେ ଶସ୍ତ୍ରଭାବ ଥିବାରୁ ତାହା ଦୁର୍ଗମ ହୋଇଅଛି ( ଗୋଟିଏ ପାଖର ସୈନ୍ୟ ଅନ୍ୟ ପାଖର ସୈନ୍ୟମଧ୍ୟରେ ହଠାତ୍ ପଶିପାରୁ ନାହିଁ ) । ବନରେ ସିଂହ ବିହାର କଲାପରି ରାମଙ୍କ ସୈନ୍ୟରେ କେଶରୀ ନାମକ ମର୍କଟ ଓ ରାବଣ ସୈନ୍ୟରେ ସିଂହ ନାମକ ରାକ୍ଷସ ଭ୍ରମଣ କରୁଅଛନ୍ତି । ଏ ଦୁହେଁ ଉତ୍ପ୍ରେକ୍ଷାରେ ସମାନ ଭାବକୁ ବହନ୍ତି । ବନମଧ୍ୟରେ ଗବୟ ଓ ବ୍ୟାଘ୍ର କ୍ରୀଡ଼ା କଲାପରି ରାମଙ୍କ ସୈନ୍ୟମଧ୍ୟରେ ଗବୟ ନାମକ ମର୍କଟ ଓ ରାବଣ ସୈନ୍ୟମଧ୍ୟରେ ଶାର୍ଦ୍ଦୂଳ ନାମକ ରାକ୍ଷସ କ୍ରୀଡ଼ା କରୁଅଛନ୍ତି ।

୨୦ଶ ପଦ:—ରାମଙ୍କ ସୈନ୍ୟ ବନରେ ଜାମ୍ବବ ନାମକ ଋକ୍ଷରାଜା । ଜାମୁଗଛ ତୁଲ୍ୟ, ଡାଳିମ୍ବ ନାମକ କପି ଡାଳିମ୍ବ ଗଛ ତୁଲ୍ୟ, ପନସ ନାମକ କପି ପଣସ ଗଛ, ଚନ୍ଦନ ନାମା କପି ଚନ୍ଦନଗଛ ପ୍ରାୟ ମନୋହର ଦେଖାଯାଉଅଛନ୍ତି । ରାବଣ ସୈନ୍ୟ-ବନରେ ମେଘନାଦ ମୟୂର ତୁଲ୍ୟ, ଶୁକ ମନ୍ତ୍ରୀ ଶୁକପକ୍ଷୀ ତୁଲ୍ୟ, କଙ୍କନାମକ ଦୈତ୍ୟ କଙ୍କପକ୍ଷୀ ପ୍ରାୟ ମନୋହର ହୋଇଅଛନ୍ତି । ରାମଙ୍କ ସୈନ୍ୟ ବନରେ ବୃକ୍ଷ ଡାଳ ସବୁ ଅନବରତ ପଡ଼ୁଅଛି । ( କପି ସୈନ୍ୟମାନେ ବୃକ୍ଷ

ବନେ । ଶରାସନ ଶାଖା ଅବଚ୍ଛିନ୍ନେ ।
ବନେ ଖଡ୍ଗ ଆଘାତ ଘନେ । ୨୦ ।
ବାରିଦେ ବାରିଦ ମେଳ ହେଲା ପ୍ରାପ୍ତ ଋକ୍ଷ ରକ୍ଷଙ୍କ ଦ୍ୱନ୍ଦ୍ୱ ।
ବରଷେ ଟାଙ୍କ ତହିଁ ଉପଳକେ କରେ ଆୟୁଧ କୁଳିଶେ ଭେଦ ସେ
ବେନ । ବିକାଶନ୍ତି ତହିଁ ଘୋରଧ୍ୱନ ।
ବିଗ୍ରହରୁ ଜଳଧାର ଦାମ୍ଭ । ୨୧ ।
ବିଶେଷେ ଚଞ୍ଚଳା ଗତି ଯେ ଯେବନ୍ତ ଅଚଳାଲିଙ୍ଗନ ଯେତେ ।
ବଢ଼ିବାରୁ ତହିଁ କୀଲାଲ ସରିତ ପ୍ରକଟ କବନ୍ଧ ନୃତ୍ୟେ ସେ ।

---

୨୧ଶ ପଦ:—ବାରିଦ—ମେଘମାଳା । ଋକ୍ଷ—ଭଲ୍ଲୁକ । ଦ୍ୱନ୍ଦ୍ୱ—କଳହ । ଉପଳ—ପ୍ରସ୍ତର, କୁଆପଥର । ଆୟୁଧ—ଅସ୍ତ୍ର ଶସ୍ତ୍ର ପ୍ରଭୃତି । କୁଳିଶେ—ବଜ୍ରରେ । ବିକାଶନ୍ତି—ପ୍ରକାଶ କରନ୍ତି । ବିଗ୍ରହରୁ—ଯୁଦ୍ଧରୁ ।

୨୨ଶ ପଦ:—ଚଞ୍ଚଳା—ବିଦ୍ୟୁତ୍, ଚଞ୍ଚଳ । ଅଚଳାଲିଙ୍ଗନ—ପର୍ବତକୁ ଆଲିଙ୍ଗନ । କୀଲାଲ ଜଳ, ରକ୍ତ । ସରିତ ନଦୀ । କବନ୍ଧ—ମସ୍ତକଶୂନ୍ୟଦେହ

---

ହାଳ ଭାଙ୍ଗି ପ୍ରହାର କରୁଅଛନ୍ତି ) । ରାବଣ ସୈନ୍ୟ-ବନରେ ଖଣ୍ଡା-ରୂପ ଗଣ୍ଡା ପଶୁସବୁ ନିବିଡ଼ ଭାବରେ ଆଘାତ ହେଉଅଛନ୍ତି ।

୨୧ଶ ପଦ:—ମେଘମଣ୍ଡଳ ସହିତ ମେଘମଣ୍ଡଳର ( ବାନର ସହିତ ବାନରର ) ମେଳ ହେଲା ପ୍ରାପ୍ତ ଋକ୍ଷ ରକ୍ଷସଙ୍କର ଯୁଦ୍ଧ ହେଲା । ସେ ଯୁଦ୍ଧରେ କେହି କୁଆପଥର ପ୍ରାୟ ପଥରମାନ ବୃଷ୍ଟିକଲା । କେହି ବଜ୍ରରୂପ ଶସ୍ତ୍ରମାନ ନିକ୍ଷେପ କରି ଶତ୍ରୁକୁ ଭେଦ କଲା । ଦୁଇ ଥାଟ ସେ ଯୁଦ୍ଧଭୂମିରେ ଭୟଙ୍କର ଶବ୍ଦ କରିବାକୁ ଲାଗିଲେ । ତାଙ୍କ ଦେହରୁ ଜଳଧାରା ପ୍ରାୟ ଶ୍ରମଜଳ ବହିବାକୁ ଲାଗିଲା ।

୨୨ଶ ପଦ:—ଯେପରି ବର୍ଷାକାଳରେ ମେଘରେ ବିଜୁଳି ଗତି କରେ, କେଉଁ କେଉଁ ମେଘମାଳ ସବୁ ପର୍ବତକୁ ଆଲିଙ୍ଗନ କରିଥାନ୍ତି ( ପର୍ବତ ଉପରେ ଓଡ଼ି ବୁଲୁଥାନ୍ତି ), ଜଳ ବଢ଼ିବାରୁ ନଦୀରେ ତରଙ୍ଗସବୁ ନୃତ୍ୟ କରୁଥାଏ, ପୁଣି ସେ ବଢ଼ି ଜଳରେ 'ମକରେ' (ମକର) କୁମ୍ଭୀରମାନେ ଦେଖାଯାନ୍ତି ନାହିଁ, ନୌକାସବୁ ବୃହତ୍ତର ସଜ୍ଜିତ ହୋଇ ନଦୀରେ ବିଦ୍ୟମାନ ଥାଏ; ସେହିପରି ଯୁଦ୍ଧ ସମୟରେ ବୀରମାନେ ଖୁବ୍ ଶୀଘ୍ରଗତିକରି ଧାଉଁ ଅଛନ୍ତି, କେତେକ ବୀର ପର୍ବତଖଣ୍ଡମାନ ଧରି ଅଛନ୍ତି, ରକ୍ତନଦୀ ବଢ଼ିଅଛି, ଛିନ୍ନମସ୍ତକ

ବାରେ । ତ୍ରୈଲୋକଜନଙ୍କୁ ଆନନ୍ଦକରେ ।
ତଦ୍ୟତରଣୀ ଯୁକ୍ତ ବାସରେ । ୨୨ ।

ରାଘ ଅଷ୍ଟସେନା ଯୂଥପତି ସଙ୍ଗେ ରଜପୁତ୍ର ଏକ ଏକ ।
ବାହ୍ମଣମାନେ ଜଗଜ୍ଜେଠିମାନଙ୍କେ ଏ ବିଧି ରଣେରତକ ସେ ।
ବଳୀ । ବ୍ୟାଘ୍ର ବ୍ୟାଘ୍ର କି କରନ୍ତି କଳି ।
ବୃଷ ବୃଷ କି ବିରୋଧୀ ମିଳି । ୨୩ ।

ବିଭୀଷଣ ମିହ୍ନଘନ ରକ୍ଷସୁତ ମହୋଦର କଲେ ଦ୍ୱନ୍ଦ ।
ବାଳିତନୟ ଅତିକାୟ ମାରୁତି ମହାପାର୍ଶ୍ୱର ବାଦ ସେ ।
କୁମ୍ଭ । ବହ୍ନିସୁତ ସ୍ଥୂଳଜଙ୍ଘ ଯୁଝ ।
ବଜ୍ର ଦଂଷ୍ଟ୍ର ନଳ ରଣମାଝ । ୨୪ ।

---

କଳି—ଲଢ଼େଇ । ବାରେ—ଥରେ । ଆନ—ଅନ୍ୟଥା । ତରଣୀ—ନୌକା, ସୂର୍ଯ୍ୟ । ବାସରେ—ଦିବସରେ ।

୨୩ଶ ପଦ:—ବାହ୍ମଣମାନେ—ବଳିଷ୍ଠ ସେନାମାନେ ।

୨୪ଶ ପଦ:—ରକ୍ଷସୁତ—ସୁଗ୍ରୀବ । ବହ୍ନିସୁତ—ମାଳ ।

---

ସୈନ୍ୟକୃତ୍ୟ କରୁ ଅଛନ୍ତି, ସୂର୍ଯ୍ୟ ଥାଇ ସୁଦ୍ଧା ଦିନରେ ଯୁଦ୍ଧକ୍ଷେତ୍ର ଶରଜାଳ ଦ୍ୱାରା ଚତୁର୍ଦ୍ଦିଗ ଏପରି ଆଚ୍ଛନ୍ନ ହୋଇଛି ଯେ, କେହି କାହାକୁ ଥରେ ଦେଖି ପାରୁ ନାହାନ୍ତି ।

୨୩ଶ ପଦ:—ଅଷ୍ଟସେନା ଓ ପଚଶ ଯୂଥପତି ପ୍ରତ୍ୟେକଙ୍କ ସଙ୍ଗରେ ରାବଣର ପୁତ୍ର ନାତିମାନେ ଜଣେ ଜଣେ ହୋଇ ବିବାଦ ହେଲେ । ବଳିଷ୍ଠ ସେନାମାନେ ଜଗଜ୍ଜେଠିମାନଙ୍କ ସହିତ ଯଥାବିଧାନରେ ଯୁଦ୍ଧରେ ରତ ହେଲେ । ତାହା ଦେଖି ବୋଧ ହେଲା, ବ୍ୟାଘ୍ର ସହିତ ବ୍ୟାଘ୍ର କଳି କରୁଛି କି ? କମ୍ବା ଷଣ୍ଢ ଷଣ୍ଢ ମିଶି ଲଢ଼େଇ କରୁଅଛନ୍ତି କି ?

୨୪ଶ ପଦ:—ବିଭୀଷଣ ମିହଘ୍ନ ସହିତ, ସୁଗ୍ରୀବ ମହୋଦର ସହିତ ଯୁଦ୍ଧ କଲେ । ଅଙ୍ଗଦ ଅତିକାୟ ସଙ୍ଗରେ, ହନୁମାନ ମହାପାର୍ଶ୍ୱ ସଙ୍ଗରେ ବିବାଦରେ ରତ ହେଲେ । ହେ ସାଧୁଜନେ ! କୁମ୍ଭ, ମାଳ ଓ ସ୍ଥୂଳଜଙ୍ଘ ଏ ଦୁହିଁଙ୍କର ଏବଂ ନଳ ଓ ବଜ୍ରଦଂଷ୍ଟ୍ର ଏ ଦୁହିଁଙ୍କର ଯୁଦ୍ଧ ହେଲା ।

ବେଢ଼ି ଶକ୍ରପରିପନ୍ଥୀ ଆଦି ଅସ୍ତ୍ରରଥୀ ଦିଗଦନ୍ତୀ ସମ ।
ବିରାଜେ ତନ୍ମଧ୍ୟରେ ଦାଶରଥି ଶୋଭି ରତ୍ନସାନୁ ରମ୍ୟ ସେ ।
ବେଳେ । ବିବସ୍ୱାନ ପ୍ରଭା ନ ଛାଡ଼ିଲେ ।

ବିବୁଧଙ୍କ ହିତ ସବୁକାଳେ । ୨୫ ।
ବିପତ୍ତି ଇଚ୍ଛିତ ଲକ୍ଷ୍ମଣ ରାବଣେ ଝାମ୍ପି କାଳୀ ପ୍ରଭା ଲଭି ।
ବହୁମାଳୀ ଭୋଗିବର ଜ୍ୟେଷ୍ଠ ପୁଣ କଞ୍ଚୁକରେ ଯେସ୍ତୁ ଶୋଭି ସେ ।
ବନ୍ଧି । ବେଗେ ମନ୍ତ୍ର କଙ୍କପତ୍ର ସନ୍ଧି ।
ବଧପ୍ରତିଜ୍ଞା ଝାଡ଼ିଲେ ଶୋଧି । ୨୬ ।

---

୨୫ଶ ପଦ:—ଶକ୍ରପରିପନ୍ଥୀ—ଇନ୍ଦ୍ରଙ୍କର ଶତ୍ରୁ ଅର୍ଥାତ୍ ଇନ୍ଦ୍ରଜିତ । ଦିଗଦନ୍ତୀ—ଦିଗ୍‌ଗଜ । ଦାଶରଥି—ରାମଚନ୍ଦ୍ର । ରତ୍ନସାନୁ—ସୁମେରୁ ପର୍ବତ ରମ୍ୟ—ସୁନ୍ଦର, ବିବସ୍ୱାନ— ସୂର୍ଯ୍ୟ । ପ୍ରଭା—ତେଜ ବା ଦୀପ୍ତି ।

୨୬ଶ ପଦ:—ବିପତ୍ତି(ତ୍ରି)—ଗରୁଡ଼, ଖଗପ । ଇଚ୍ଛିତ—ଇପ୍ସିତ, ଇଚ୍ଛାକର କାଳୀ—ପ୍ରଭା—କାଳୀୟ ସର୍ପର ଶୋଭା । କଞ୍ଚୁକ—ସାଞ୍ଜୁ, କାତି । କଙ୍କପତ୍ର—ଶର । ଶୋଧି—ଶୋଧନ କରି । ଜ୍ୟେଷ୍ଠ—ପ୍ରଥମ, ଶ୍ରେଷ୍ଠ ।

---

୨୫ଶ ପଦ—ଇନ୍ଦ୍ରଜିତ ପ୍ରଭୃତି ଅସ୍ତ୍ରରଥୀ ଦିଗ୍‌ଗଜ ପ୍ରାୟ ରାମଚନ୍ଦ୍ରଙ୍କୁ ବେଢ଼ି ଥଲନ୍ତି ରାମଚନ୍ଦ୍ର ସେମାନଙ୍କ ମଧ୍ୟରେ ରତ୍ନ ମେରୁ ପର୍ବତ ଶୋଭା ଧାରଣ କଲେ । ମେରୁ ପର୍ବତ ଦେବତାମାନଙ୍କର ଆବାସସ୍ଥଳ ଏବଂ ସୂର୍ଯ୍ୟ ପ୍ରଭା ସର୍ବଦା ମେରୁ ପର୍ବତରେ ବିଦ୍ୟମାନ ଥାଏ, ସେହିପରି ସୂର୍ଯ୍ୟବଂଶୀୟ ବା ସୂର୍ଯ୍ୟସମ ତେଜସ୍ୱୀ ରାମଚନ୍ଦ୍ର ଦେବତାମାନଙ୍କ ହିତ ଇଚ୍ଛାରେ ଏଠାରେ ବିଦ୍ୟମାନ ରହିଲେ ।

୨୬ଶ ପଦ:—କାଳୀସର୍ପ ଯେପରି ବହୁ ଫଣା ବିଶିଷ୍ଟ ସର୍ପଙ୍କ ମଧ୍ୟରେ ପ୍ରଧାନ ଏବଂ ତାହାର ଶରୀର କାତିଦ୍ୱାରା ଆବୃତ ଅଟେ, ସେହିପରି ରାବଣ ବହୁ ମୁଖ ବିଶିଷ୍ଟ, ଶ୍ରେଷ୍ଠ ଭୋଗୀଙ୍କ ମଧ୍ୟରେ ପ୍ରଥମ ଓ ତାହାର ଶରୀର ବର୍ମ ଦ୍ୱାରା ଆବୃତ ଅଟେ । ତେଣୁ ସେ କାଳୀ ସର୍ପର ଶୋଭାକୁ ଧାରଣ କରି ଅଛି । ପକ୍ଷୀରାଜ ଗରୁଡ଼ ପରି ଲକ୍ଷ୍ମଣ ତାହାର ବିପଦକୁ ଇଚ୍ଛା କରି ତା ଉପରକୁ ଝାମ୍ପିଲେ, ପୁଣି ଧନୁରେ ଯେଉଁ ଶର ଯୋଚିଲେ, ତା ମନ୍ତ୍ର ପ୍ରାପ୍ତ ହୋଇ ରାବଣର ପ୍ରତିଜ୍ଞା ବିଧିକୁ ଝାଡ଼ି ଦେଲା ।

ବାରର ବାରରେ କଲା ଯେତେକ ପ୍ରୟୋଗ ନ ବାଜୁଁ ଛେଦିଲେ ଗାତ୍ରେ ।
ବାରୁଣୀ ଜାଣଇ ଯତି ବୋଲି ଗୁଣି ହୋଇଲା ତାହାର ଚିତ୍ତେ ସେ ।
ଶର । ବ୍ୟାକୁଳରେ ଛାଡ଼ି ରଡ଼ି ଘୋର ।
ବ୍ରଣ ପୂରିଲା ଯତି ଶରୀର । ୨୭ ।
ବପ୍ତାର ପଞ୍ଚତ୍ୱ ଏକ୍ଷଣି ହେବ ପଞ୍ଚମନେ ଏହା ଚିନ୍ତି ।
ବାମେ ଥାଇ ବାମ ହୋଇ ଇନ୍ଦ୍ରଜିତ ପ୍ରହାରେ ଅମୋଘ ଶକ୍ତି ସେ ।
ନଗେନ୍ଦ୍ର । ଦଂଶାଇଲା ଯେ ଲକ୍ଷ୍ମଣ ଅଙ୍ଗେ ।
ଅଜ୍ଞାନ ସେ ଯଥା ଭୁଜଙ୍ଗ ନାଗେ । ୨୮ ।
ଦଶାସ୍ୟ ଦେଖି ସୁଖୀ ରଥୁ ଓହ୍ଲାଇ ତୋଳନ୍ତି ନ ଚଳି ଲଭାଏ ।
ବାସୁକି ବିନା ଧରଣୀ ଧରକୁ କ୍ଷମ କି ମଣ୍ଡଳିତାଏ ସେ ।

---

୨୭ଶ ପଦ:—ଗାତ୍ରେ—ଦେହରେ । ବାରୁଣୀ—ନିବାରଣ ଉପାୟ । ଯତି—ତପସ୍ୱୀ । ଗୁଣି—ଭାବି । ବ୍ରଣ—କ୍ଷତ ।

୨୮ଶ ପଦ:—ବପ୍ତା—ପିତା । ପଞ୍ଚତ୍ୱ—ମରଣ । ପଞ୍ଚମନେ—ପଞ୍ଚଭୂତାତ୍ମାରେ । ବାମେ-ବାମପାର୍ଶ୍ୱରେ । ବାମ ବିପକ୍ଷ । ଅଜ୍ଞାନ-ଅଚେତନ । ନଗେ—ନାଗସର୍ପ ।

---

୨୭ଶ ପଦ:—ରାବଣ ଥରକୁଥର ଯେତେ ଶର ପ୍ରୟୋଗ କଲା, ତାହା ଦେହରେ ନ ବାଜୁଣୁ ଲକ୍ଷ୍ମଣ ତାହା ସବୁ ଛେଦି ପକାଇଲେ । ତାହା ଦେଖି ରାବଣ ଚିତ୍ତରେ ଭାବିଲା, ‘‘ଏ ଯତି ବାଣ ବାରୁଣୀ’ ବାଣ ଦେହରେ ନ ବାଜିବା ମନ୍ତ୍ର ଜାଣେ (ନ ହେଲେ ବାଣ ଏହା ଦେହରେ ନ ବାଜନ୍ତା କାହିଁକି ?) । ରାବଣର ଦେହ ଲକ୍ଷ୍ମଣର ଶରାଘାତରେ କ୍ଷତ ହୋଇ ଯିବାରୁ ସେ ଆତଙ୍କରେ ଘୋର ରଡ଼ି ଛାଡ଼ିଲା ।

୨୮ଶ ପଦ:—ରାବଣ ବ୍ୟାକୁଳ ରଡ଼ି ଶୁଣି ଇନ୍ଦ୍ରଜିତ ପଞ୍ଚମନରେ ଭାବିଲା, “ଏକ୍ଷଣି ପିତାର ମୃତ୍ୟୁ ହେବ ।” ଏହା ଭାବି ସେ ଆସି ରାବଣର ବାମ ଭାଗରେ ରହି ଲକ୍ଷ୍ମଣଙ୍କର ପ୍ରତିକୂଳ ହୋଇ ଅମୋଘ ଶକ୍ତି ପ୍ରହାର କଲା । ସେ ଶକ୍ତି ଶୀଘ୍ର ଯାଇ ଲକ୍ଷ୍ମଣଙ୍କ ଦେହରେ ବାଜିଲା, ସର୍ପମାନେ ଦଂଶନ କଲାପରି ଲକ୍ଷ୍ମଣ ହତଜ୍ଞାନ ହୋଇ ପଡ଼ିଗଲେ ।

୨୯ଶ ପଦ:—ଲକ୍ଷ୍ମଣ ଅଚେତ ହୋଇ ପଡ଼ିବାର ଦେଖି ରାବଣ ସୁଖୀ ହୋଇ ରଥରୁ ଓହ୍ଲାଇ ଆସି ନେବା ଇଚ୍ଛାରେ ଲକ୍ଷ୍ମଣଙ୍କୁ ତୋଳିବାରୁ ସେ ତିଳେ ମାତ୍ର ଚଳିଲେ ନାହିଁ । ପୃଥ୍ୱୀର ଭାର ବହିବାକୁ ନାଗରାଜ ବାସୁକି

ଭର୍ତ୍ସା । ଉଠି ମାରୁତି କ୍ରୋଧ ପଯୋଧା ।
ବଡ଼ପଣ ଛାଡ଼ ଦଶମୂର୍ଦ୍ଧା । ୨୯ ।

ଭୟରେ ଲଘୁ ପବନ ତନୟ ଟେକ ଯେମନ୍ତେ ବନ୍ଧୁ ।
ବାତ ଉଡ଼ାଇ କି ତ୍ରିକୂଟରେ ଏକ କୂଟକୁ ଏ ଲକ୍ଷ ବନ୍ଧୁ ସେ ।
ବାନ୍ଧି । ବାମ ଦେବାଦ୍ରିରୁ ଖସୁ ଅଛି ସେ ।

ବଳ ଏତେ ତା କପି ନେଉଛି ଯେ । ୩୦ ।
ବାଳି ଅନୁଜ ବିଭୀଷଣ ସୁଷେଣ ଜାମ୍ବବ ଲକ୍ଷ୍ମଣ ଗଲେ ।
ବାଟେ ଯାଉଁ ହେ ସୁବେଳକୁ ଚେତନା ପାଇ ଯୁଦ୍ଧ କାମ କଲେ ସେ ।
ସର । ବୋଧି କପିରାଜ ନେଲେ ଧୀର ସେ ।
ବ୍ୟାକେ କୋପେ ରଘୁନାଥଙ୍କର ସେ । ୩୧ ।

---

୨୯ଶ ପଦ:—ଭୋକ୍ତ୍ର—ଟେକିବାକୁ । କ୍ଷମ—ସମର୍ଥ । ମଙ୍ଗଳଭାଏ—ଭାଆସବୁ । ମାରୁତି ହନୁମାନ । କ୍ରୋଧ—ରାଗ । ଦଶମୂର୍ଦ୍ଧା—ରାବଣ ।

୩୦ଶ ପଦ:—ଲଘୁ—ଧୀର । ବାତ—ପବନ । ତ୍ରିକୂଟ—ପର୍ବତ ବିଶେଷ । କୂଟ—ଶୃଙ୍ଗ । ବାମଦେବାଦ୍ରିରୁ—କୈଳାସ ପର୍ବତରୁ ।

---

୩୧ଶ ପଦ: -ବାଳି—ଅନୁଜ—ବାଳିର ସାନଭାଇ ସୁଗ୍ରୀବ ।

ଏମା କଣ୍ଠସବୁ ସକ୍ଷମ ହେବେ କି ? ଏହା ଦେଖି ହନୁମାନ କ୍ରୋଧଯୁକ୍ତ ହୋଇ ଭର୍ତ୍ସା ପ୍ରହାର କରିବାରୁ ରାବଣ ଲକ୍ଷ୍ମଣଙ୍କୁ ଛାଡ଼ି ଫେରିଗଲା ।

୩୦ଶ ପଦ:—ପବନପୁତ୍ର ହନୁମାନ ଲକ୍ଷ୍ମଣଙ୍କୁ ଭୟରେ ତୁଚ୍ଛ କରି ଟେକି ନେଇ ଗଲାବେଳେ ଏଥି ତୁଳନା ଧାରଣ କଲା, ତ୍ରିକୂଟ ପର୍ବତର ଗୋଟିଏ ଶୃଙ୍ଗକୁ ପବନ ଉଡ଼ାଇ ନେଉଅଛି କି ? ତାହା ଦେଖି ରାବଣ କହୁଥିଲା, 'ମାଙ୍କଡ଼ଟାର ଏତେ ବଳ ଯେ, କୈଳାସ ପର୍ବତରୁ ଖଣ୍ଡିଏ ଲକ୍ଷ୍ମଣଙ୍କୁ ଟେକି ନେଉଅଛି ।'

୩୧ଶ ପଦ:—ସୁଗ୍ରୀବ, ବିଭୀଷଣ, ସୁଷେଣ, ଜାମ୍ବବ ଏ ରଘୁନନ୍ଦନ ଲକ୍ଷ୍ମଣଙ୍କ ସହିତ ଗଲେ । ସୁବେଳ ପର୍ବତକୁ ଯିବା ସମୟରେ ବାଟରେ ଲକ୍ଷ୍ମଣ ଚେତନା ପାଇ ପୁଣି ଯୁଦ୍ଧ କରିବାକୁ ଇଚ୍ଛା କଲେ । ତାଙ୍କୁ କପିରାଜ ସୁଗ୍ରୀବ ବୋଧ ଦେଇ ସ୍ଥିର କଲେ । ଏଣେ ଇନ୍ଦ୍ରଜିତ ଲକ୍ଷ୍ମଣଙ୍କୁ ଶକ୍ତି ପ୍ରହାର କରିବା ଶୁଣି ରାମଙ୍କର କ୍ରୋଧ ବୃଦ୍ଧି ପ୍ରାପ୍ତ ହେଲା ।

ବର୍ଷିବ ନାହିଁ ଯେତେ ନୀର ଘନ ଶର ପ୍ରହାରିଲେ ଯେତେ ।
ବିଦିଶ ଦିଶକୁ କୁଜ୍‌ଝଟୀ ଝଟିତ ଯୋଡ଼ାଇ ନାହିଁ ଯେମନ୍ତେ ସେ ।
ବୈରୀ । ବଳଠାର କାଣ୍ଡପୂର୍ଣ୍ଣ କରି ସେ ।
ଦିଶିଲେ ନବ ଶ୍ୱାବତ ପକ୍ଷୀ ସେ । ୩୨ ।
ବିରକ୍ତେ ରକ୍ତେ ଜରଜର କବଚ ଭିନ୍ନ ବଟକ ଫୁ ଝଟ ।
ବିଦ୍ରାବଣ କଜ୍ଜଣପଗଣ ହେଲେ ଚରମେ କନ୍ଦର ଘାତ ସେ ।
ବାମ । ବିଚ୍ଛେଦନ କଲେ ଧ୍ୱଜସ୍ତୋମ ସେ ।
ବେପଥୁ ଭ ଗାବରେ କମ୍ପନ ସେ । ୩୩ ।
କଢ଼ିଲ ନଦୀ ଭେଳକରେ ଫେଳକ ଫେଲଣ ଜସ୍ତେଳ ପଥା ।
ବୃଷ୍ଟି କରେଁ ଭୂମି ପାଉଥାନ୍ତି ଉଦଥ ଲଙ୍କପତ ତଥା ସେ ।

---

୩୨ ପଦ:—ନୀର—ଜଳ । ଘନ—ମେଘ । ବିଦିଶଦିଶ—ଦିଗ ଓ ବିଦିଗ । କୁଜ୍‌ଝଟୀ—କୁହୁଡ଼ି । ବୈରୀ—ଶତ୍ରୁ । ଶ୍ୱାବତ—ଝିଙ୍କ ପକ୍ଷୀ ।

୩୩ଶ ପଦ:—କବଚ—ସାଞ୍ଜୁ । ବିଦ୍ରାବଣ—ପଳାଇଯିବା । କଜ୍ଜଣପ—ରାକ୍ଷସ । ଚରମେ—ପୃଷ୍ଠଦେଶରେ । ଧ୍ୱଜସ୍ତୋମ—ପତାକାସମୂହ । ବେପଥୁ—କମ୍ପନ ।

---

୩୨ଶ ପଦ:—ରାମ ଯୋଧାଙ୍କ ଦ୍ୱାରା ଯେତେ ଶର ପ୍ରହାର କଲେ, ମେଘ ଯେତେ ଜଳ ମଧ୍ୟ ବର୍ଷିବ ନାହିଁ । ( ରାମଙ୍କର ଶରକ୍ଷେପଣ ବୃଷ୍ଟି ଧାରା ସଂଖ୍ୟାଠାରୁ ବେଶୀ ହେଲା )। ସେ ଶର ଦ୍ୱାରା ଚତୁର୍ଦ୍ଦିଗ ଏପରି ଅନ୍ଧକାର ହୋଇଗଲା ଯେ, କୁହୁଡ଼ି ମଧ୍ୟ ଦିଗବିଦିଗ ଏପରି ଆଚ୍ଛନ୍ନ କରିପାରିବ ନାହିଁ । ରାକ୍ଷସ ସୈନ୍ୟମାନଙ୍କ ଦେହ ରାମଙ୍କ ଶରରେ ଏପରି ପୂର୍ଣ୍ଣ ହୋଇଗଲା ଯେ, ସେମାନେ ଝିଙ୍କପକ୍ଷୀ ପ୍ରାୟ ଦେଖାଗଲେ ।

୩୩ଶ ପଦ:—ରାକ୍ଷସ ସୈନ୍ୟଙ୍କ ଦେହରେ ଥିବା ସାଞ୍ଜୁ ବାଣାଘାତରେ ଛିନ୍ନ ହୋଇଯିବା ସେମାନେ ରକ୍ତରେ ଜରଜର ହୋଇଗଲେ । ( ସାଞ୍ଜୁ ଛିନ୍ନ ହୋଇଯିବାରୁ ଶର ତାଙ୍କ ହୃଦୟ ଭେଦ କରି ରକ୍ତ ବୁହାଇ ଦେଲା ) ତାଙ୍କ ପାଟିରୁ କଥା ବାହାରିଲା ନାହିଁ । ରାକ୍ଷସମାନେ ଭୟଭୀତ ହୋଇ ପଳାଇଯିବାରୁ ତାଙ୍କ ପୃଷ୍ଠଦେଶରେ ବାଣ ବିଦ୍ଧ ହୋଇ ଆଘାତ ଦେଲା । ତାଙ୍କର ଶତ୍ରୁ ରାମଚନ୍ଦ୍ର ବାଣ ଦ୍ୱାରା ତାଙ୍କ ପତାକାସବୁ ଛିନ୍ନ କରି ପକାଇଲେ । ଭୟରେ ପୃଷ୍ଠଭଙ୍ଗ ଦେଇ ପଳାଉଥିବା ରାକ୍ଷସମାନେ ଥରିବାକୁ ଲାଗିଲେ ।

୩୪ଶ ପଦ:—ବଢ଼ିଥିବା ନଦୀଜଳରେ ଭେଳୋତ୍ପନ୍ନ ହୋଇଥିବା ବନ୍ଧ ଓ କବଡ଼ା ମେଳ ହୋଇ ଯେପରି ଭେଳା ପାହାଡ଼ରେ ଲାଗିଗଲା ଯେବେ

ବକ । ବ୍ୟୂହ ବସିଥିଲା ଲକ୍ଷ ତର୍କ ସେ ।
ବାସବାରି ଆଦି ରଥିପାଳ ସେ । ୩୪ ।

ବାନରେ ଉସ୍ବଦ ଭୂତପ୍ରାପ୍ତ ହୋଇ ଶାଖା ପ୍ରସ୍ତର ପତନେ ।
ବଳାଇ ବୀର ବାହୁଡ଼େ ରାମଚନ୍ଦ୍ର ଭଜେ ସୁବେଳରେ ଘନେ ସେ ।
ବୀର । ବର ଲକ୍ଷ୍ମଣେ ନମେ ପଯ୍ସୁର ସେ ।
ବଢ଼ି ଆଶଙ୍କା ମାନସୁଁ ଦୂର ସେ । ୩୫ ।

ବୋଲନ୍ତି ଶ୍ରୀରାମ ଅଟନ୍ତି ଉତ୍ତମଭୁଙ୍ଗ ତୁମ୍ଭେ ସେ ଦୁଇ ।
ବିଭୀଷଣ ତୋତେ ଯେ ଶକ୍ତି ମାରିଲା, ଲକ୍ଷ୍ମଣେ ଯେ ଶକ୍ତି ବିନ୍ଧି ହେ ।
ବୀର । ବଞ୍ଚାଇଲୁ ତୁ ଖଗପ୍ରକାର ହେ ।
ବାଜି ଅନୁଜ ମୋହ ମୋହର ହେ । ୩୬ ।

---

୩୪ଶ ପଦ:—ଭେଳକରେ—ଭେଳାରେ । ମେଳକ—ଏକତ୍ରିତ । ନାସ୍ତ୍ରଜ—ତେଜସ୍ୱୀ । ବୃଷ୍ଟିକ—ବୃଷ୍ଟି । କର୍କଟ—କଙ୍କଡ଼ା । ବ୍ୟୂହ—ସମୂହ । ବାସବାରି—ଇନ୍ଦ୍ରଜିତ ।

୩୫ଶ ପଦ:—ଉସ୍ବଦ—ଉତ୍ସୁପ୍ରଦ । ଘନେ—ସତ୍ୱରେ । ମନାସୁଁ—ମନରୁ ।

୩୬ଶ ପଦ:—ଭୁଙ୍ଗ—ଉଚ୍ଚ । ଭୁମ୍ଭୂଳ—ପ୍ରଗାଢ଼ । ଖଗପ୍ରକାର—ପକ୍ଷିସଦୃଶ । ଅନୁଜ—ସାନଭାଇ । ମୋହ—ଅଚେତନ ।

---

ଦେଖାଯାନ୍ତି; ସେହିପରି ରଥ ଉପରେ ବସିଥିବା ରାବଣ ଦେଖାଯାଉଅଛି । ଇନ୍ଦ୍ରଜିତ ଆଦି ବୀରମାନେ ରଥରେ ଥାଇ ବଗସମୂହ ଏକ ଦୃଷ୍ଟିରେ ଗୃହୀଁ ରହିଲା ପ୍ରାପ୍ତ ଯୁଦ୍ଧକୁ ଗୃହିଁ ଅଛନ୍ତି ।

୩୫ଶ ପଦ: —ସେହି ସମୟରେ କପିସେନାମାନେ ଗଛ ପଥର ପକାଇବାରୁ ଭୂତ ପ୍ରାପ୍ତ ଉତ୍ସୁପ୍ରଦ ହେଲେ । ଅସୁର ସୈନ୍ୟଙ୍କୁ ଲଙ୍କାଗଡ଼ ଦ୍ୱାର ବଳାଇ ଦେଇ ରାମଚନ୍ଦ୍ର ଫେରି ଶୀଘ୍ର ସୁବେଳ ପର୍ବତରେ ଭଜେ କଲେ । ବୀରବର ଲକ୍ଷ୍ମଣ ରାମଚନ୍ଦ୍ରଙ୍କ ପାଦରେ ନମସ୍କାର କଲେ । ତାଙ୍କୁ ଦେଖି ରାମଙ୍କ ମନରେ ଥିବା ଉସ୍ବର ଆଶଙ୍କା ଦୂର ହେଲା ।

୩୬ଶ ପଦ:—ଶ୍ରୀରାମ କହିଲେ, "ହେ ବିଭୀଷଣ । ତୁମ୍ଭଙ୍କୁ ଯେ ଶକ୍ତି ମାରିଲା, ଯେ ପୁଣି ଲକ୍ଷ୍ମଣଙ୍କୁ ଶକ୍ତି ପ୍ରହାର କଲା, ସେ ଦୁଇଜଣ ଭୀଷଣ ରଣ କ୍ଷେତ୍ରରେ ପ୍ରଧାନ ଯୋଦ୍ଧା ଅଟନ୍ତି । ହେ ବୀର । ତୁମ୍ଭେ ପକ୍ଷୀ ପ୍ରାପ୍ତ ଶୂନ୍ୟକୁ ଉଡ଼ିଯାଇ ନିଜକୁ ରକ୍ଷାକଲ । ମାତ୍ର ମୋହର ସାନଭାଇ ଲକ୍ଷ୍ମଣ ଶକ୍ତିଘାତରେ ମୋହ ଗଲା ।"

ବୋଇଲେ ଲକ୍ଷ୍ମଣ ଶୁଣି ତା ତତକ୍ଷଣ ପାଶୁଁ ପ୍ରହାର ଅଜାଗେ ।
ବାଣାସନ ଛୁଇଁ ନିୟମ କରୁଛି ତା-ସମର ମୋ ଭରେ ସେ ।
ସାର । ବୋଲୁଁ କୋପେ କମ୍ପେ କଳେବର ସେ ।
ବିଜେ ଯାଇ ଶିଖରିଶିଖର ସେ । ୩୭ ।
ବିରସେ ରଥୁଁ ଓହ୍ଲାଇ ସଭା କରି ବସି ରାବଣ ଭଷିଲା ।
ବହୁତ କାଳ ବୃଦ୍ଧେ ଅଛ ଅଛ କି ଏ ଘୋରଯୁଦ୍ଧ ଦେଖିଲ ଏ ।
ବିଧି । ବେନି ଭ୍ରାତ ସମ ଧନ୍ୱୀ ଯୋଧୀ ଏ ।
ବଳବନ୍ତେ ଏକେ ଏକେ ସିଦ୍ଧି ଏ । ୩୮ ।
ବୋଲେ କି ଥିଲି ତ୍ରିପୁର ହର ରଣେ ବୋଲେ କେ ତାରକ ହବେ ।
ବୋଲେ କେ ଥିଲି ଚଣ୍ଡୀଯୁଦ୍ଧେ ନୋହିଛି ଏ ଦ୍ୱନ୍ଦ୍ୱ ନୋହିବ କେବେହେଁ ।

---

୩୭ଶ ପଦ:—ପାଶୁଁ—ପାର୍ଶ୍ୱଦେଶରୁ । ଅଜାଗେ—ଅସାବଧାନତାରେ । ବାଣାସନ—ଧନୁ । କଳେବର—ଦେହ । ଶିଖରିଶିଖର—ପର୍ବତଶୃଙ୍ଗ ।

୩୮ଶ ପଦ:—ଭଷିଲା—କହିଲା । ଘୋରଯୁଦ୍ଧ—ଭୟଙ୍କର ଯୁଦ୍ଧ । ବିଧି—ବିଧାନକାରୀ । ଧନ୍ୱୀ—ଧନୁର୍ଦ୍ଧର ।

୩୯ଶ ପଦ:—ତ୍ରିପୁର ହର ରଣେ-ତ୍ରିପୁରାସୁର ଓ ଶିବଙ୍କର ଯୁଦ୍ଧରେ । ତାରକାହବେ—ତାରକାସୁର ଯୁଦ୍ଧରେ । ଦ୍ୱନ୍ଦ୍ୱ-କଳହ, ଯୁଦ୍ଧ । ବୃଷଧ୍ୱଜ-ଶିବ ।

---

୩୭ଶ ପଦ:—ତାହା ଶୁଣି ଲକ୍ଷ୍ମଣ ତତ୍କ୍ଷଣାତ୍ କହିଲେ, "ପାର୍ଶ୍ୱଦେଶରୁ ଶକ୍ତି ପ୍ରହାର କରିବାରୁ ଅସାବଧାନତା ହେତୁ ତାହା ନିବାରଣ କରି ହେଲା ନାହିଁ । ଏବେ ଧନୁ ଛୁଇଁ ନିୟମ କରୁଛି, ତା ଯୁଦ୍ଧ ମୋ ଭାଗରେ ରହିଲା ।" ସାର ଲକ୍ଷ୍ମଣ ଏହା କହିବା ବେଳେ କ୍ରୋଧହେତୁ ତାଙ୍କ ଶରୀର ଥରିବାକୁ ଲାଗିଲା । ସେଠାରୁ ସମସ୍ତେ ସୁବେଳ ପର୍ବତର ଶିଖରରେ ଥିବା ଛାଉଣୀକୁ ବିଜେ କଲେ ।

୩୮ଶ ପଦ:—ରାବଣ ବିରସ ମନରେ ରଥରୁ ଓହ୍ଲାଇ ସଭା କରି ବସି କହିଲା, "ଏଠାରେ ବହୁତ କାଳର ବୃଦ୍ଧଲୋକମାନେ ଅଛ, ତୁମ୍ଭମାନଙ୍କ ମଧ୍ୟରୁ କେହି ଏପରି ଭୟଙ୍କର ଯୁଦ୍ଧ କେବେ ଦେଖିଅଛ କି ? ରାମ ଲକ୍ଷ୍ମଣ ଦୁଇଭାଇ ସମାନ ଧନୁର୍ଦ୍ଧର ଓ ଯୋଦ୍ଧା ଅଟନ୍ତି । ଜଣେ ଜଣେ ବଳବନ୍ତ ପଣରେ ସିଦ୍ଧି ଲାଭ କରି ଅଛନ୍ତି ।"

୩୯ଶ ପଦ:—ରାବଣର ପ୍ରଶ୍ନ ଶୁଣି କେହି ବୃଦ୍ଧ କହିଲା, "ମୁଁ ଶିବ ଓ ତ୍ରିପୁରାସୁରଙ୍କ ଯୁଦ୍ଧ କାଳରେ ଥିଲି, କେହି କହିଲା; "ମୁଁ କାର୍ତ୍ତିକେୟ ଓ

ବୀର । ବୃଷଧ୍ୱଜ ବିଷ୍ଣୁ ଦୁର୍ଗାଙ୍କର ହେ ।
ଝନ୍ଧବାକୁ କାହିଁଛି ସଉର ହେ । ୩୯ ।
ବୃଷଭ ଖଗେନ୍ଦ୍ର ସିଂହ ଐରାବତେ କପିଙ୍କ-ପ୍ରାକର୍ମ ନାହିଁ ।
ବୋଲନ୍ତେ ଇନ୍ଦ୍ରଜିତ ବୋଇଲା ଦଣ୍ଡେକ ନ ସହିଲ କାହିଁ ପାଇଁ ମୁଁ ।
ବଧି । ବୀର ସାନୁଜଙ୍କୁ ଶକ୍ତି ସନ୍ଧି ମୁଁ ।
ବଢ଼ ଯତିଙ୍କ ଆଣନ୍ତି ବାନ୍ଧି ମୁଁ । ୪୦ ।
ବାର୍ତ୍ତାବହେ ଆସି ଏ ସମୟେ ଭଣି ଶକ୍ତି ଚର୍ମେ ନ ଫୁଟିଲା ।
ବାଜିବା ବେଗରେ ତେଜରେ ମାତ୍ରକ କ୍ଷଣେ ମୋହ ହୋଇଥିଲା ସେ ।
ବୀର । ବାଟେ ଚେତନା ହୋଇଲା ତାର ସେ ।
ବନ୍ଦି ପ୍ରତିଜ୍ଞା କଲା ଅପାର ସେ । ୪୧ ।

---

୪୦ଶ ପଦ—ବୃଷଭ—ଷଣ୍ଢ । ଖଗେନ୍ଦ୍ର—ଗରୁଡ଼ । ପ୍ରାକର୍ମ—ପରାକ୍ରମ ବା ବଳ । ସାନୁଜଙ୍କୁ—ସାନଭାଇଙ୍କୁ । ଯତି—ତପସ୍ୱୀ ।

୪୧ଶ ପଦ—ବାର୍ତ୍ତାବହେ—ଦୂତମାନେ । ଭଣି—କହି । ବନ୍ଦି—ବୋଲି । ଅପାର—ଅସୀମ ।

---

ତାରକାସୁର ଯୁଦ୍ଧ ସମୟରେ ଥିଲି' କେହି କହିଲା, "ମୁଁ ଚଣ୍ଡୀ ଓ ମହିଷାସୁର ଯୁଦ୍ଧ କାଳରେ ଥିଲି । ଏପରି ଯୁଦ୍ଧ କେବେ ହୋଇ ନାହିଁ କି ଭବିଷ୍ୟତରେ କେବେ ହେବ ନାହିଁ । ହେ ବୀର । ଏ ଦୁଇ ଭାଇ (ରାମ ଓ ଲକ୍ଷ୍ମଣ) ଯେପରି ଭବରେ ଶର ବର୍ଷୁ ଅଛନ୍ତି, ଯେପରି ଶୀଘ୍ର ଶର ନିକ୍ଷେପ କରିବା କ୍ଷମତା, ମହାଦେବ, ବିଷ୍ଣୁ, ଦୁର୍ଗାଙ୍କର ମଧ୍ୟ ନାହିଁ ।'

୪୦ଶ ପଦ—"ମହାଦେବ ବାହନ ବୃଷଭ; ବିଷ୍ଣୁ ବାହାନ ଗରୁଡ଼, ଦୁର୍ଗାଙ୍କ ବାହାନ ସିଂହ, ଇନ୍ଦ୍ର ବାହାନ ଐରାବତ ଗଜ ଏମାନଙ୍କଠାରେ ମଧ୍ୟ ସେ କପିସୈନ୍ୟମାନଙ୍କର ପରାକ୍ରମ ନାହିଁ ।' ବୃଦ୍ଧମାନେ ଏପରି କହନ୍ତେ ଇନ୍ଦ୍ରଜିତ କହିଲା, "ଦଣ୍ଡେ ମାତ୍ରେ କାହିଁ ପାଇଁ ସହ୍ୟ କରି ନ ରହିଲ ? ମୁଁ ବୀର ଲକ୍ଷ୍ମଣଙ୍କୁ ତ ଶକ୍ତି ମାରିଥିଲି, ଆଉ କ୍ଷଣେ ମାତ୍ର ରହିଥିଲେ ସମସ୍ତଙ୍କୁ ମାରି ବଢ଼ ଯତି ରାମଙ୍କୁ ବାନ୍ଧି ଆଣି ଥାଆନ୍ତି ।'

୪୧ଶ ପଦ—ଏହି ସମୟରେ ଗୋଟିଏ ଦୂତ ଆସି କହିଲା, 'ଇନ୍ଦ୍ରଜିତଙ୍କୁ ମାରିଥିବା ଶକ୍ତି ଲକ୍ଷ୍ମଣଙ୍କ ଚର୍ମରେ ସୁଦ୍ଧା ଫୁଟି ନ ଥିଲା । ଶକ୍ତିବାଜିବାରବେଗ ଓ ତାର ତେଜ ପ୍ରଭାବରେ ସେ କ୍ଷଣେ ମାତ୍ରକ ଯାହା ମୋହ ଯାଇଥିଲା । ସେ ବୀର ଲକ୍ଷ୍ମଣର ଫେରିଯିବା ବାଟରେ ଚେତନା ଆସିଲା । ସେ ବନ୍ଧିତ ଯତିଙ୍କମାନ କହି ଘୁଞ୍ଚିଲିକୁ ଚାଲିଗଲା ।'

ବଇଶ୍ରବଣ ପୁତ୍ରମୁଖ ଗୃହଁନ୍ତେ ବୋଇଲା କୃପାଣ କଷି ।
ବର୍ତ୍ତିବେ ନାହିଁ ଏଥର ରଣେ ଏକ ସତ ଶେଷ ଟ-ଉ ନଶି ହେ ।
ଘନହେ । ସାରବର ଏ ରସସମୂହେ ।
ବୟାଳିଶ ପଦ ଏତ୍ତି ମୋହେ ହେ । ୪୨ ।

---

## ଏକବିଂଶ ଛାନ୍ଦ

ରାଗ—ଖଣ୍ଡକାମୋଦୀ

(ଯଦୁ ସିଂହ ଚଉତିଶା ବାଣୀରେ)

ବଳାରାତିଅରାତି ଜାଗରେ ସାରି ବ୍ରତ ବଳାଇଁ ହୋମେ ମତି ସେ ।
ବିପର୍ତ୍ତି ଉତ୍ପତ୍ତି ସେ ବିମାନ ମାନବଶେ ଦେବଦଳନ ଖ୍ୟାତ ସେ ।

---

୪୨ଶ ପଦ:—ବଇଶ୍ରବଣ—ରାବଣ । କୃପାଣ—ଖଡ୍‌ଗ । ବର୍ତ୍ତିବେ—ବଞ୍ଚିବେ । ରଣେ—ଯୁଦ୍ଧରେ । ନଶି—ନାଶ । କଷି—ଝମକାଇ ।

ଏକବିଂଶ ଛାନ୍ଦ

୧ମ ପଦ:—ବଳାରାତି ଅରାତି—ଇନ୍ଦ୍ରଙ୍କର ଶତ୍ରୁ ଅର୍ଥାତ୍ ଇନ୍ଦ୍ରଜିତ । ଜାଗରେ—ଉଜାଗରେ । ଉତ୍ପତ୍ତି—ବହିର୍ଗତ । ମାନବଶେ—ମାନ ରକ୍ଷା ନିମିତ୍ତ ଦେବଦଳନଖ୍ୟାତ—ବିଖ୍ୟାତ ଯାନବିଶେଷ ସୂତ—ସାରଥି । ବଇଜୟନ୍ତୀ—ପତାକା ।

---

୪୨ଶ ପଦ:—ରାବଣ ଏହା ଶୁଣି ଇନ୍ଦ୍ରଜିତର ମୁଖକୁ ଚାହାନ୍ତେ, ସେ ଖଡ୍‌ଗ ଝମକାଇ କହିଲା, "ଏ ଥରର ଯୁଦ୍ଧରେ ଜଣେମାତ୍ର ବର୍ତ୍ତିବେ ନାହିଁ । ଆଜ ଗ୍ରନ୍ଥ ଶେଷ ହେବା ପର୍ଯ୍ୟନ୍ତ ସମ୍ଭାଳହୋଇ ରୁହ ।" ମନମୁଗ୍‌ଧକର ରସ ସମୂହଯୁକ୍ତ ଏ ଛାନ୍ଦ ବୟାଳିଶ ପଦରେ ସାରବର ରଚନା କଲେ ।

---

## ଏକବିଂଶ ଛାନ୍ଦ

୧ମ: ପଦ—ବିପଦ ପଡ଼ିବାରୁ ଇନ୍ଦ୍ରଜିତ ଅଭିମାନ ବଶରେ ଉଜାଗର ହୋଇ ବ୍ରତ ପୂଜାଇ, ପ୍ରତ୍ୟୁଷରୁ ହୋମ କରିବାକୁ ମନ ବଳାଇଲା । ସେ ହୋମକୁଣ୍ଡରୁ ଗରୁଡ଼ ପ୍ରାୟ ଶୂନ୍ୟଗାମୀ ଦେବଦଳନ ନାମକ ବିଖ୍ୟାତ ରଥ ଉତ୍ପନ୍ନ ହେଲା । ଇନ୍ଦ୍ରଜିତ ସେ ରଥରେ ବସିବାରୁ ସାରଥି ତାହା ଚଞ୍ଚଳ

ବସି ତହିଁ । ବାହ୍ୱ ସୂତ ଚଞ୍ଚଳେ ଯେ ।
ବଇଜୟନ୍ତୀ ରମ୍ୟ ଦର୍ପଦଳନ ନାମ ନଭେ ଲଡଭ ପ୍ରଚଳେ ଯେ । ୧ ।
ବାହାର ପଦ୍ମ ପଦ୍ମ ପଦ୍ମୀ ନୋହେ ଏ ଛଦ୍ମ ସ୍ୟନ୍ଦନ କୋଟି କୋଟି ଯେ ।
ବିଭ୍ରମେ ଖର୍ବ ଖର୍ବ ଅର୍ବ ବଇରି ଗର୍ବ ଖର୍ବରେ ପରକଟି ସେ ।
ବାଦ୍ୟକ । ବଳହିଁ ପନ୍ତ ପନ୍ତ ଯେ ।
ବସୁଦ୍ଧା ମେରୁ ସୁଦ୍ଧା କମ୍ପମାନ ବିଶୁଦ୍ଧ ଲେଖ ଅଲେଖ ପତ୍ତି ଯେ । ୨ ।
ବାହିନୀଏ ସୁସମ ସମସ୍ତେ ନାହିଁ ସମ ସମରେ ଏକୁ ଏକ ସେ ।
ବାଞ୍ଛି ବାଞ୍ଛି ନେଇଛନ୍ତି ରଣଜୟକୁ ଇଚ୍ଛି କଳ୍ପିହିଁ ନାହିଁ ଶଙ୍କ ଯେ ।

---

୨ୟ ପଦ: — ପଦ୍ମୀ-ହସ୍ତୀ । ଛଦ୍ମ — କପଟ । ସ୍ୟନ୍ଦନ — ରଥ । ବିଭ୍ରମେ — ଭ୍ରମଣ । ଅର୍ବ-ଘୋଟକ । ବାଦ୍ୟକ-ବାଦ୍ୟକାରୀ । ବଳ-ସୈନ୍ୟମାନେ ବସୁଧା-ପୃଥିବୀ । ଅଲେଖ-ଅସଂଖ୍ୟ । ପତ୍ତି — ପାଇକ । ଶୁଦ୍ଧା-ପାଷାଣ ।

୩ୟ ପଦ: — ବାହିନୀଏ-ସୈନ୍ୟମାନେ । ସୁସମ-ଉତ୍ତମରୂପେ, ସମାନ ସମରେ-ଯୁଦ୍ଧରେ । ଶଙ୍କ-ଭୟ । ବହ୍ନିନନ୍ଦନ-ନୀଳସେନାପତି । ଅଗଣୀ -ଅସଂଖ୍ୟ । ଠଣା-ରହିବା ସ୍ଥାନ ।

---

ଯୁଦ୍ଧକ୍ଷେତ୍ରକୁ ଚଳାଇ ନେଲା । ସେ ରଥରେ ଥିବାସୁନ୍ଦର ଦର୍ପଦଳନ ନାମକ ପତାକା ଆକାଶରେ ଉଡ଼ୁଥିଲା ।

୨ୟ ପଦ — ଯୁଦ୍ଧକୁ ପଦ୍ମସଂଖ୍ୟକ ହସ୍ତୀ ବାହାର ହେଲେ — ଏହା କପଟ କଥା ନୁହେଁ (ପ୍ରକୃତରେ ପଦ୍ମ ସଂଖ୍ୟକ ହସ୍ତୀ ବାହାରିଥିଲେ, ରଥ କୋଟି କୋଟି ସଂଖ୍ୟାରେ ବାହାରିଲେ, ଶତ୍ରୁମାନଙ୍କ ଗର୍ବକୁ ଖର୍ବ କରିବା ପାଇଁ ଖର୍ବ ସଂଖ୍ୟକ ଘୋଟକ ବାହାର ଛଳରେ ପ୍ରକଟିତ ହେଲେ, ଚତୁର୍ଦ୍ଧି ବାଦ୍ୟକାର ମଧ୍ୟ ଧାଡ଼ି ଧାଡ଼ି ହୋଇ ଅଗ୍ରସର ହେଲେ । ଅଗଣନା ପଦାତିକ ସୈନ୍ୟ ଯାତ୍ରା କଲେ । ଏହାଙ୍କ ଅଭିଯାନ ଯୋଗୁ ପୃଥିବୀ ଓ ମେରୁ ପର୍ବତ ସହିତ ପାଷାଣ ସବୁ କମ୍ପମାନ ହେଲେ । (ଚତୁରଙ୍ଗ ବଳର ଭାର ସହି ନ ପାରି ପୃଥ୍ୱୀ କମ୍ପିଲା, ହସ୍ତୀବଳ ବାହାରିବାରୁ ମେରୁ ଭୟ କଲା, କାଳେ ଏମାନେ ମୋତେ ଦନ୍ତାଘାତରେ ଚୂର୍ଣ୍ଣ କରିବେ । ଅଶ୍ୱଙ୍କର ଖୁରାଘାତ ଚୂର୍ଣ୍ଣ ପାଷାଣମାନେ ପ୍ରକମ୍ପିତ ହେଲେ) ।

୩ୟ ପଦ: — ସେହି ସୈନ୍ୟମାନେ ସମସ୍ତେ ନିଜକୁ ନିଜେ ସମାନ ଅଟନ୍ତି । (ଆଉ ତାଙ୍କୁ ସମାନ ହେବାକୁ କେହି ନାହାନ୍ତି) ଯୁଦ୍ଧରେ ଜଣକୁ ଜଣେ ବଳ ଅଦ୍ୱିତୀୟ ବୀର ଅଟନ୍ତି । ରଣ ଜୟ କରିବାକୁ ଇଚ୍ଛା କରି ବାଞ୍ଛି,

ବେଗେ ଯାଇ । ବହ୍ନିନନ୍ଦନଠାଣ ସେ ।
ବାଜୁ ବାଜଣା ଜାଣି ସୁଗ୍ରୀବେ ରଣାଙ୍ଗଣସ୍ଥିତ ହୋଇ ଅଗଣା ସେ ।
ବିଜେ ଦୂଷଣଅରି ଖଳଡ଼ାଗଣ ମାରି ଲକ୍ଷ୍ମଣ ସହିତରେ ସେ ।
ବାଣାସନ ଟଙ୍କାରେ ସେନାନୀ ରେ ରେ କାରେ ଧ୍ରୁବମଣ୍ଡଳ ପୂରେ ସେ ।
ବଜ୍ର କୋପୀ । ବୃଷାରି ଭ୍ରାନ୍ତ ମେଳ ସେ ।
ବାଣତୁଷାର ବୃଷ୍ଟି କପିସାରସ ତୁଟି ସଞ୍ଚରଣ ଭୂସ୍ଥଳ ସେ । ୪ ।
ବୃଷ୍ଟି ଗଦାମୁଦ୍‌ଗର ଭଲ୍ଲ ଶୂଳ ସଙ୍ଗର ନଗ ନଗରପାତ ସେ ।
ବ୍ୟୋମପଥରେ ରଥ ଅଚଳ ମନୋରଥ ଥରେ ମିହିର ଗାତ୍ର ସେ ।

---

୪ର୍ଥ ପଦ:—ଦୂଷଣଅରି—ରାମଚନ୍ଦ୍ର । ଖଳଡ଼ାଗଣମାରି—ରାକ୍ଷସମାନଙ୍କ ବିନାଶକାରୀ । ବାଣାସନ ଟଙ୍କାରେ-ଧନୁଷ୍ଟଙ୍କାର କରି । ସେନାନୀରେ ସେନାପତି ବିଶେଷ । ପୂରେ—ପୂର୍ଣ୍ଣକରେ । ବାଣତୁଷାର—ତୁଷାର ତୁଲ୍ୟ ଶର । ବୃଷାରି-ଇନ୍ଦ୍ରଜିତ । ସାରସ-ପଦ୍ମବନ ।

୫ମ ପଦ:—ନଗ—ପର୍ବତ । ବ୍ୟୋମପଥରେ—ଆକାଶମାର୍ଗରେ । ମିହିରେ—ସୂର୍ଯ୍ୟର । ଗାତ୍ର—ଦେହ । ଚର୍ଚ୍ଚିତା-ଲୁଚେଇ (ବିମ୍ବକ୍ରୋଡ଼ସ୍ଥ)

---

ବାଛି ଇନ୍ଦ୍ରଜିତ ସେ ବୀରମାନଙ୍କୁ ସଙ୍ଗରେ ନେଇଛି । ତେଣୁ ସେ ନିର୍ଭୟରେ ଅତିଶୀଘ୍ର ଯାଇ ନୀଳ ସେନାପତିର ସୈନ୍ୟବୃନ୍ଦ ପାଖରେ ପହଞ୍ଚିଲା । ଅସଂଖ୍ୟ ବାଜା ବାଜିବାରୁ ସୁଗ୍ରୀବ ଜାଣି ପାରିଲେ ଯେ, ଅଗଣିତ ସୈନ୍ୟ ଆସି ରଣ କ୍ଷେତ୍ରରେ ଠୁଳ ହେଲେ ।

୪ର୍ଥ ପଦ:—ରାକ୍ଷସସମୂହର ବିନାଶକାରୀ ଦୂଷଣ ରାକ୍ଷସ ଶତ୍ରୁ ରାମ ଲକ୍ଷ୍ମଣଙ୍କ ସହିତରେ ଯୁଦ୍ଧକୁ ବିଜେ କରି ଧନୁ ଟଙ୍କାର କରିବାରୁ ଏବଂ ସେନାପତିମାନେ ରେରେକାର ଶବ୍ଦ କରିବାରୁ, ସେ ଶବ୍ଦ ଧ୍ରୁବଲୋକରେ ପୂର୍ଣ୍ଣ ହେଲା । ବଜ୍ର କୋପୀ ଇନ୍ଦ୍ରଜିତ ନିଜର ବୀରମାନଙ୍କ ସହିତ ମିଳିତ ହୋଇ ଶରରୂପ କାକର ବୃଷ୍ଟି କରିବାରୁ କପିରୂପ ପଦ୍ମବନ ବିନଷ୍ଟ ହୋଇ ରଣକ୍ଷେତ୍ରରେ ଶୋଇଲେ ।

୫ମ ପଦ:—ଯୁଦ୍ଧରେ ରାକ୍ଷସମାନଙ୍କ ପକ୍ଷରୁ ଗଦା, ମୁଦ୍‌ଗର, ଭଲ୍ଲ, ଶୂଳ ପ୍ରଭୃତି ଅସ୍ତ୍ର ବୃଷ୍ଟି ହେଲା ଏବଂ ବାନରମାନଙ୍କ ପକ୍ଷରୁ ପର୍ବତ ଓ ବୃକ୍ଷ-ମାନଙ୍କର ପତନ ହେଲା । ଅଟଳ ଓ ମନବାଞ୍ଛା ପୂର୍ଣ୍ଣକାରୀ ଦେବଦଳନ ରଥ ଆକାଶମାର୍ଗରେ ଅବସ୍ଥାନ କରନ୍ତେ ସୂର୍ଯ୍ୟଙ୍କ ଦେହ ଥରିଲା । (ଦେବଦଳନ

ବସନ୍ତ କି ବିରଚିତ ଚର୍ଚ୍ଚରୀ ଯେ ।
ବିରରଙ୍ଗ ଅଵି(ବୀ)ରେ ଚିତିକା କରି ମାଦରେ ବିଳାସ ଲସ୍ୟ ଧରି ସେ । ୫ ।
ବ୍ୟକତ କେତେ ଗାତ୍ର ରକତ ଅର୍ଦ୍ଧ ଗାତ୍ର ଜର୍ଜ୍ଜର ଅଶକତେ ଯେ ।
ବାଳାସ କୁକଳାସ ସଦୃଶ ବହି ଲସ୍ୟ କୁତଶିର ଏମନ୍ତେ ଯେ ।
ବିଚ୍ଛେଦିତ । ବପୁ ମସ୍ତକ କେତେ ଯେ ।
ବିଧୁ ନୁଦ କେତୁ କି ବିଧୁଗ୍ରାସରେ ତର୍କି ଭ୍ରମେ ପ୍ରବର୍ତ୍ତି ନୃତ୍ୟେ ଯେ । ୬ ।

---

ବିରରଙ୍ଗ-ଉତ୍କୃଷ୍ଟ ବର୍ଣ୍ଣ, ଶ୍ରେଷ୍ଠଯୁଦ୍ଧ । ଅଵି(ବୀ)ରେ—ଫଗୁରେ, ରାମରୂପୀ ବିଷ୍ଣୁଙ୍କ ବୀରମାନେ । ବିଳାସ—କ୍ରୀଡ଼ାଗୃହରେ । ଲସ୍ୟ-ନୃତ୍ୟ, କ୍ରୀଡ଼ା । ସଙ୍ଗର ଯୁଦ୍ଧ । କରବୀରେ-କରବୀ ଫୁଲପରି, ବୃକ୍ଷସମାନେ ।

୬ଷ୍ଠ ପଦ:—ବ୍ୟକତ-ପ୍ରକାଶିତ । ଗାତ୍ର-ଦେହ । କୁକଳାସ-ଏଣ୍ଡୁଅ । ଲସ୍ୟ-ମନୋହର କ୍ରୀଡ଼ା । କୁତଶିର-କବନ୍ଧ । ବପୁ-ଦେହ । ବିଧୁ ନୁଦ-ରାହୁ ବିଧୁଗ୍ରାସରେ-ଚନ୍ଦ୍ରଙ୍କୁ ଗ୍ରାସ କରିବାରେ ।

---

ରଥ ସୂର୍ଯ୍ୟଙ୍କ ଅପେକ୍ଷା ବେଶୀ ତେଜସ୍କର) । ଯୁଦ୍ଧ ଲାଗିଯିବାରୁ ବସନ୍ତ-କାଳରେ ଗୁହେରୀ ଖେଳର ଉତ୍ସବ ହେଲା ପ୍ରାୟ ବୋଧ ହେଲା । ବସନ୍ତ-ଉତ୍ସବରେ ଯେପରି ଲୋକମାନେ କରବୀରପୁଷ୍ପ ପ୍ରାୟ ମେଳ ମେଳ ହୋଇ ନୃତ୍ୟ ରସରେ ମତ୍ତ ଥାନ୍ତି ଓ ଫଗୁଦ୍ୱାରା ଶ୍ରେଷ୍ଠ ରଙ୍ଗରେ ରଞ୍ଜିତ ହୁଅନ୍ତି, ସେହି-ପରି ଯୁଦ୍ଧ କ୍ଷେତ୍ରରେ ଦୈତ୍ୟ ଓ ରାମଚନ୍ଦ୍ରଙ୍କ ସୈନ୍ୟମାନେ (ଅ = ବିଷ୍ଣୁ; ଅବୀରେ = ବିଷ୍ଣୁଙ୍କ ବୀର ଅର୍ଥାତ୍ ରାମଚନ୍ଦ୍ରଙ୍କ ସୈନ୍ୟ) ମେଳ ହୋଇ କ୍ରୀଡ଼ାଗୃହ ଛଳରେ ମହାଯୁଦ୍ଧରେ ମତ୍ତ ହେଲେ ।

୬ଷ୍ଠ ପଦ:—କେଉଁ ସୈନ୍ୟର ଦେହ ଫୁଟି ରକ୍ତ ପ୍ରକାଶିତ ହୋଇଅଛି । କାହାର ଅର୍ଦ୍ଧେକ ଶରୀର ରକ୍ତରେ ଜର୍ଜ୍ଜର ହେବାରୁ ସେ ଅକ୍ଷମ ହୋଇପଡ଼ିଛି । କବନ୍ଧଏଣ୍ଡୁଅ ସମାନକ୍ରୀଡ଼ା ଗୃହଶୀଳୁ ବହନ କରିଅଛି । (ଏଣ୍ଡୁଅ ପରି କବନ୍ଧ ନୃତ୍ୟ କରୁଅଛି) । କେତେକ ସୈନ୍ୟଙ୍କର ଗଣ୍ଡି ଓ ମୁଣ୍ଡ ବିଚ୍ଛେଦିତ ହେବାରୁ ସେମାନେ ରାହୁ ଓ କେତୁ ପ୍ରାୟ ପ୍ରତୀୟମାନ ହେଉ ଅଛନ୍ତି । ରାମଚନ୍ଦ୍ରଙ୍କୁ ଚନ୍ଦ୍ର ମନେ କରି ଏହି କବନ୍ଧରୂପ ରାହୁ କେତୁ ତାଙ୍କୁ ଗ୍ରାସ କରିବାକୁ ନୃତ୍ୟରେ ମତ୍ତ ହୋଇ ଭ୍ରମୁଅଛନ୍ତି କି ? ଏହି ଯୁକ୍ତି ମନରେ ଆସେ ।

ଛିନ୍ନ ଭୁଜଙ୍ଗସ୍ଥିତି ଭୁଜ ପଡ଼ୁଅଛନ୍ତି କ୍ଷତଜ ସରିତରେ ସେ ।
ବିଶାଖୀ ତନୁପରି ଶବ ଶବଦ କରି ଭଜନ୍ତି ନିରନ୍ତରେ ସେ ।
ବ୍ୟାକୁଳେ କେ । ବିଖଣ୍ଡ ପଦ ପଡ଼ି ଯେ ।
ବିଲକ୍ଷ ଅଜଗରେ ପଡ଼ିଲେ ଭୂମିଭାଗରେ ଜନେ ମେଳନ୍ତି ମାଡ଼ି ଯେ । ୭ ।
ବେଳୁଁ ବେଳୁ ସେ ରଣ ଅଧିକ ପ୍ରସରଣ ପ୍ରଭାକରଣି ହତ ଯେ ।
ବୀରଚନ୍ଦ୍ର ସେ ଇନ୍ଦ୍ରଜିତ ପ୍ରଭାତ ସାନ୍ଦ୍ର ଲକ୍ଷ୍ମଣ ଶରମାନ ସେ ।
ବିଭାବରୀ । ବିଭବଜ୍ୟୋତି ବଶ ଯେ ।
ବିବାଳିଇ ସେହି ନିଶାଚର ମାୟାମନୀଷା ଯେଣେ ମହାତାମସ ଯେ ।
ବନେଭ ଯୋଧର ଖର ଶର ନଖର ପଥପତିଙ୍କି ଦଳି ସେ ।
ବିସ୍ମର କଲା ଆଗ ବେଗେ ପ୍ଲବଗବର୍ଗ ଶିରଦଣ୍ଡବ ଝୁଲ ଯେ ।

---

୭ମ ପଦ:—ଭୁଜଙ୍ଗ ସ୍ଥିତି—ସର୍ପର ପ୍ରକୃତି । କ୍ଷତଜ—ରକ୍ତ । ସରିତରେ—ନଦୀରେ । ବିଶାଖା—ଶାଖାବିହୀନ । ନିରନ୍ତର—ସର୍ବଦା । ବିଖଣ୍ଡ—ଖଣ୍ଡ ଖଣ୍ଡ । ବିଲକ୍ଷ—ବିଶେଷ ଲକ୍ଷ୍ୟ ।

୮ମ ପଦ:—ରଣ—ଯୁଦ୍ଧ । ପ୍ରସାରଣ—ପ୍ରସାର, ବୃଦ୍ଧି । ପ୍ରଭାକରଣ—ତେଜ କରଣ । ହତ—ବିନାଶ । ବିଭାବରୀ—ରାତ୍ରି । ନିଶାଚର—ରାକ୍ଷସ । ମାୟାମନୀଷା—ମାୟାବୁଦ୍ଧି । ତାମସା—ଅନ୍ଧକାର ।

---

୭ମ ପଦ:—ହସ୍ତସବୁ ଛିଡ଼ିଯାଇ ସର୍ପପ୍ରାୟ ହୋଇ ରକ୍ତନଦୀରେ ପଡ଼ିଅଛନ୍ତି । ଲଣ୍ଡାଗଛ ପରି ଶବସବୁ ଭୟଙ୍କର ଶବ୍ଦ କରି ସର୍ବଦା ଭଳି ପଡ଼ିଅଛନ୍ତି । କେଉଁ ଲୋକର ପାଦ ବିଚ୍ଛିନ୍ନ ହେବାରୁ ସେ ଭୂମିରେ ଅଜଗର ପ୍ରାୟ ପଡ଼ି ବ୍ୟାକୁଳ ହେଉଅଛି, ତାକୁ ଦଳି ଦେଇ ସୈନ୍ୟମାନେ ଚାଲି ଯାଉଅଛନ୍ତି

୮ମ ପଦ:—ବେଳକୁ ବେଳ ସେ ଯୁଦ୍ଧ ଭୟଙ୍କର ଭାବରେ ବୃଦ୍ଧି ପାଇବାକୁ ଲାଗିଲା । ଲକ୍ଷ୍ମଣଙ୍କ ଦ୍ୱାରା ନିକ୍ଷିପ୍ତ ନବୋଢ଼ ଶରସମୂହ ପ୍ରଭାତ କାଳ ସଦୃଶ ହୋଇ ବୀରଚନ୍ଦ୍ର ଇନ୍ଦ୍ରଜିତର ତେଜକୁ ମ୍ଳାନପ୍ରଭ କରିଦେଲା । ତେଣୁ ଇନ୍ଦ୍ରଜିତ ଅନ୍ଧକାର ଜ୍ୟୋତିରେ ବଶ ହେଲା । ସେ ତ ପୁଣି 'ନିଶାଚର' ରାକ୍ଷସ କ୍ରୋଧରେ ମାୟା ବୁଦ୍ଧି ପ୍ରକାଶ କରି ମହାନ୍ଧକାର କରିଦେଲା । ( ଲକ୍ଷ୍ମଣଙ୍କ ଶରାଘାତରେ ଇନ୍ଦ୍ରଜିତ ବ୍ୟତିବ୍ୟସ୍ତ ହୋଇ ଉପାୟ ନ ଦେଖି ମାୟାଯୁଦ୍ଧ ଆରମ୍ଭ କଲା ଓ ମାୟାରେ ଯୁଦ୍ଧକ୍ଷେତ୍ର ଅନ୍ଧକାରାଚ୍ଛନ୍ନ କରି ପକାଇଲା ) ।

୯ମ ପଦ:—ସିଂହରୂପ ଇନ୍ଦ୍ରଜିତ ନଖ ସମ ତାର ତୀକ୍ଷ୍ଣଶର ଦ୍ୱାରା ହସ୍ତୀରୂପ କପିସେନାମାନଙ୍କୁ ବିଦାରି ପକାଇଲା । ପୁଣି ସେ ଇନ୍ଦ୍ରଜିତ ଶରରେ

ବନ୍ଧୁ ଅଷ୍ଟ । ବିନୋଦ ବଦୁଣ୍ଡରେ ସେ ।
ବିଫଳିତ କାଟିକି ଧଇଁ ଦୃଢ଼ ମୁଷ୍ଟିକି ପ୍ରହାରେ ସାର ସାରେ ସେ । ୯ ।
ବିଧିବଶେ ଅସୁରସୁ(ଶୁ)ରାସଙ୍ଗରେ ତାର ନାଗବରେ ଭରିତ ସେ ।
ବେଢ଼ାଇ ରଣଅବ୍ଧି ମନ୍ଥନାଚଳେ ସିନ୍ଧି ଯଶ-ପୀୟୂଷ ଜାତ ସେ ।

---

୯ମ ପଦ:—ବନପ୍ରିୟ—ପିକ । ଦୋଷ—ସମାନ । ଖର—ଶୀଘ୍ର । ବିସ୍ୱର—ନୀରବ ବା ନିଃଶବ୍ଦ । ମୁଖରାବର୍ଗ—ବେଙ୍ଗସମୂହ, ମର୍କଟସମୂହ । ଅକ୍ଷବିନୋଦ—ପଶାଖେଳ । ସାର—ପଶାଗୋଟି । ନଖର—ନଖ । ଯୂଥପତି—ହସ୍ତୀ ।

୧୦ମ ପଦ:—ନାଗବରେ—ନାଗଶ୍ରେଷ୍ଠରେ ବାସୁକି । ରଣଅବ୍ଧି—ଯୁଦ୍ଧକ୍ଷେତ୍ରରୂପ ସମୁଦ୍ର । ମନ୍ଥନାଚଳ—ମନ୍ଥନଦଣ୍ଡରୂପ ପର୍ବତ । ପୀୟୂଷ—ଅମୃତ । ବିଧୁ—ବିଷ୍ଣୁ । ସିନ୍ଧୁଦ୍ୱୈପ୍ସୀ—ଲକ୍ଷ୍ମୀଙ୍କର ଶଙ୍ଖ । ମଦମତ୍ତରେ—ଦୈତ୍ୟବିଶେଷ, ମଦ୍ୟପାନଦ୍ୱାରା ମତ୍ତ ହୋଇ । ଅସୁରଶୁରସଙ୍ଗ—ଅସୁର ଶୂରସମୂହ । ଅସୁରସୁରସଙ୍ଗ—ଅସୁର ଦେବସମୂହ ।

---

କାଳର ଶୋଭା ପ୍ରାପ୍ତ ଦେଖାଗଲା । ଶରତ୍କାଳ ପ୍ରଥମେ ଭେକମାନଙ୍କର ସ୍ୱରକୁ ଭଙ୍ଗକଲେ । ( ବର୍ଷାଦିନେ ଭେକସ୍ୱର କରୁଥାନ୍ତି । ଶରତ୍ ଆସିଲେ ସେମାନଙ୍କର ସ୍ୱର ବନ୍ଦ ହୁଏ ) ସେହିପରି ଇନ୍ଦ୍ରଜିତ ମର୍କଟଯୂଥଙ୍କୁ ପ୍ରଥମେ ମୂକ କରିଦେଲା । ଇନ୍ଦ୍ରଜିତର ଅଳ୍ପ ରଣ ଦେଖି ଭୟରେ ମର୍କଟମାନେ ମୂକ ହୋଇଗଲେ ) । ତତ୍ପରେ ପଶାଖେଳର ବିଧାନକୁ ଧାରଣ କଲା, ଅର୍ଥାତ୍ ପଶାଖେଳରେ ଦୃଢ଼ମୁଷ୍ଟିରେ ଧରିଥିବା ପଶାକାଠିକି ପକାଇ ସାରକୁ ସାରରେ ପ୍ରହାର କରି ସାରକୁ ମାରନ୍ତି ସେହିପରି ଇନ୍ଦ୍ରଜିତ ଧନୁକୁ ଦୃଢ଼ ମୁଷ୍ଟିରେ ଧରି କାଟି ସଙ୍ଖ୍ୟକ ସୈନ୍ୟଙ୍କୁ ଭୂତଳଶାୟୀ କରିଦେଲା ଏବଂ ଶ୍ରେଷ୍ଠ ଶ୍ରେଷ୍ଠ କପିମାନଙ୍କୁ ବାଛି ବିନାଶ କଲା ( ଅଥବା—'ସାରେସାର' ଅତି ଶ୍ରେଷ୍ଠ ଶରସବୁ ବାଛି କପିଙ୍କ ଉପରକୁ ପ୍ରହାର କଲା ) ।

୧୦ମ ପଦ :—ଦୈବବଶରେ 'ଅସୁରଶୁରସଙ୍ଗ' ଅସୁରବୀରସମୂହ 'ଅସୁରସୁରସଙ୍ଗ' ଅସୁର ଦେବତାମାନଙ୍କପରି ହେଲେ । ଇନ୍ଦ୍ରଜିତ ତାର ନାଗପାଶ ଶରରୂପ ବାସୁକିକୁ ଲକ୍ଷ୍ମଣରୂପ ମନ୍ଦର ପର୍ବତର ଚୌପାଶରେ ଗୁଡ଼ାଇ ଅକ୍ଷୌହିଣୀ ରଣଭୂମିରୂପ ସମୁଦ୍ରକୁ ମନ୍ଥନକରି ଯଶରୂପ ଅମୃତଜାତ କରିଲା । ସେ ନାଗପାଶ (ଲକ୍ଷ୍ମଣଙ୍କୁ ବିଷ୍ଣୁ ବୋଲି ଚିହ୍ନି ନ ପାରି ବିଷ

ବିଷଜନ୍ମ । ବଧୂ କି ନ ଚିହ୍ନିଲା ସେ ।
ବେଶରେ ଶିଖିଗ୍ରୀବା ମଧୁ ମତ୍ତରେ ସ୍ୱେଚ୍ଛା ଢଳବାର ଘୂର୍ଣ୍ଣିଲା ସେ ।୧୦
ବଜାଇ କମ୍ବୁବର ବାହୁଦଣ୍ଡେ ତରତର ତରଳ ଚକ୍ଷୁଁ ନାଚି ସେ ।
ସାବଧାନ ସଭାପର କହିବାରେ କୁମର ଚାମର ଶୁଣି ହସି ସେ ।
ବିଂଶପାଣି । ବଚନକୁ ରଚିଲା ସେ ।
ବରେ ଅମରମରଣରେ କେହ୍ନେ ସତ୍ୱର ପିତୃବ୍ୟ ତୋରହେଲା ସେ । ୧୧ ।
ବୋଧ ହୋଏ ଏ ସିଦ୍ଧ ଧରି ବଧିଲେ ସିଦ୍ଧ ବୋଧ ଦେଇଣ ଗତ ସେ ।
ବୋଲେ ଡାକ ଦ୍ୱିଜଟା ବିନାଶ ହେଲା ଜଟାଧାରୀ ଜଟାସୁମତ ସେ ।

---

୧୨ଶ ପଦ:—କମ୍ବୁବର—ଉତ୍କୃଷ୍ଟ ଶଙ୍ଖ । ଚାମର—ମୂଢ଼ ।

୧୨ଶ ପଦ:—ସିଦ୍ଧ—ଯୋଗୀ, ପ୍ରସିଦ୍ଧ । ଶଶୀଖଣ୍ଡମୂର୍ଦ୍ଧ୍ନୀ—ଚନ୍ଦ୍ର-ମୁଖୀ । ଶିଖା—କଣ୍ଠ । ଶିଖା—ଅଗ୍ନି, ଶିଖାଦେବ ।

---

ଉଦ୍‌ଗାରିଲା । ଇନ୍ଦ୍ରଜିତ ମଦ୍ୟପାନ ହେତୁ ମତ୍ତହୋଇ ମଧୁଦୈତ୍ୟ ଗର୍ବକୁ ବହି ଲକ୍ଷ୍ମୀରୂପା ସୀତାଙ୍କଠାରେ ଦ୍ରୋହ ଆଚରଣ ପୂର୍ବକ ଢଳି ପଡ଼ୁଥିବା ରାମ ଲକ୍ଷ୍ମଣଙ୍କୁ ଘୂର୍ଣ୍ଣି ରହିଲା । ( ଇନ୍ଦ୍ରଜିତ ନାଗପାଶ ଶର ନିକ୍ଷେପ କରିବାରୁ ରାମ ଲକ୍ଷ୍ମଣ ବନ୍ଧନରେ ପଡ଼ି ଢଳିଲେ । ରଣକ୍ଷେତ୍ର ଶୋକ ଓ ଆନନ୍ଦରେ ଉଦ୍‌ବେଳିତ ହେବାକୁ ଲାଗିଲା । କପିମାନେ ଶୋକରେ ବିହ୍ୱଳ ହେଲେ ଓ ଅସୁରମାନେ ଯଶ ଲାଭ ହେତୁ ଉନ୍ମତ୍ତ ହେଲେ ) ।

୧୨ଶ ପଦ:—ରାମ ଲକ୍ଷ୍ମଣ ବନ୍ଧନରେ ପଡ଼ିବାର ଦେଖି ଆଜି ସମସ୍ତେ ମଲେଣି, ଏହାଭାବି ଇନ୍ଦ୍ରଜିତ ଜୟଶଙ୍ଖ ବଜାଇ ମନ ଚଞ୍ଚଳତା ତ୍ୟାଗକରି ଅତିଶୀଘ୍ର ରଣକ୍ଷେତ୍ରରୁ ଫେରିଗଲା । ସେ ଯାଇ ରାଜସଭାରେ ସୁନ୍ଦର ବାର୍ତ୍ତାମାନ କହିବାରୁ ଦୁଷ୍ଟ ରାବଣ ସମସ୍ତେ ବିନାଶ ହେବାର ଶୁଣି ହସିଲା । ପୁଣି ଇନ୍ଦ୍ରଜିତକୁ କହିଲା, “ତୋର ପିତୃବ୍ୟ ବିଭୀଷଣ ବ୍ରହ୍ମାଙ୍କ ବରଯୋଗୁ ତ ଅମର ହୋଇଥିଲା ସେ କିପରି ମୃତ୍ୟୁ ମୁଖରେ ପଡ଼ିଲା” ?

୧୨ଶ ପଦ:—ରାବଣର ପ୍ରଶ୍ନ ଶୁଣି ଇନ୍ଦ୍ରଜିତ ଉତ୍ତର ଦେଲା, “ସିଦ୍ଧପୁରୁଷଙ୍କୁ ବଳ ପୂର୍ବକ ଧରି ବିନାଶ କଲେ ସେମାନେ ମୃତ୍ୟୁଲଭିବେ ଏ କଥା ସମସ୍ତେ ଜାଣନ୍ତି ।” ଏହିପରି ବୋଧଦେଇ ଇନ୍ଦ୍ରଜିତ ସେଠାରୁ ଅନ୍ତଃପୁରକୁ ଗଲା । ରାବଣ ଦ୍ୱିଜଟା ଅସୁରକୁ ଡାକକହିଲା, “ଜଟାଧାରୀ ରାମ

ବିମାନରେ । ବୈଦେହୀ ନେଇ ଦେଖା ଯେ ।
ବିଶାଖାପତିମୁହିଁ ନ ଭକ୍ତି କହ ମୁହିଁ ଶିଖା ଜନେ ମୋ ଶିକ୍ଷା ଯେ । ୧୨ ।
ବାରତ ରଣ ମୁଖ ନିରତା ମ୍ଳାନ ମୁଖ ନିର ତା ନେଣି ବହେ ଯେ ।
ବିଜେ ପୁଷ୍ପକଯାନ ଜାନକୀ ଛିନ୍ନମନ ଗମନ ନଭେ ଶୋଚନ୍ତେ ଯେ ।
ବିମାନର । ବିବେକ ତ ଏମାନ ଯେ ।
ବନ୍ଧୁଥିଲି ଦୁଷ୍କୃତ ଆଜଠାରୁ ନିଷ୍କୃତି ସୁକୃତ ଉତପନ୍ନ ଯେ ।
ବିଶେଷ କପି ଦୃଶ୍ୟ ଶେଷରେ ନୋହନ୍ତି ଶେଷ ନ ଦିଶେ ମହୀପର ଯେ ।
ବୈଦେହୀ ଗୃହିଁ ଭଲି କାହିଁ ଥିଲେ ସମ୍ଭାଳି ଅମ୍ଭାଳି ପ୍ରଳୟର ଯେ ।

---

୧୩ଶ । ପଦ: — ବାରତାରୁଣ- (ବାରତା+ଅରୁଣ) ବାର୍ତ୍ତା, ଖବର, ରକ୍ତବର୍ଣ୍ଣ । ମୁଖ — ପ୍ରଥମ । ନିରତା-ଅନୁରକ୍ତା । ମୁଖନୀର-ଲୋତକ । ନଭେ — ଆକାଶରେ । ଶୋଚନ୍ତେ — ଶୋଭପାଏ । ବିବେକ-ବିଗୁର । ଦୁଷ୍କୃତ-ପାପୀ । ନିଷ୍କୃତି-ଉଦ୍ଧାର, ମୁକ୍ତ । ସୁକୃତ — ସୌଭାଗ୍ୟ ।

୧୪ଶ ପଦ: — ଶେଷନର-ଶେଷଦେବଙ୍କ ଦ୍ୱାରା । ମହୀପର-ପୃଥିବୀପୃଷ୍ଠରେ । ଅମ୍ଭାଳି-ଜଳସମୂହ । ରହସ୍କୃତି-ରାକ୍ଷସ ବଂଶ । ରକ୍ଷ-ରକ୍ଷା ବା ଉଦ୍ଧାର ।

---

ଲକ୍ଷ୍ମଣ ଜଠାପୁ ପର୍ଯୀପର ବିନାଶ ହେଲେ, ସୀତାକୁ ବିମାନରେ ନେଇ ତାହାଙ୍କୁ ଦେଖାଇ ଆଣ ଆଉ ମଧ୍ୟ ସେ ଚନ୍ଦ୍ରମୁଖୀ ସୀତାକୁ ଶିକ୍ଷା ଦେବୁ ଯେ, ମୁଁ ତ ତାହାର ପତିଅଟ୍ଟି, ମୋର ତେଜ ସମସ୍ତଙ୍କ ଉପରେ ଶ୍ରେଷ୍ଠ, ତେଣୁ ସେ ରାମ ଲକ୍ଷ୍ମଣଙ୍କ ମୃତ୍ୟୁରେ ଭାବନା କରିବ କାହିଁକି ?”

୧୩ଶ ପଦ: —(ତ୍ରିଜଟା ଯାଇ ରାବଣର କଥାଯାକ ସୀତାଙ୍କୁ କହିବାରୁ ସୀତାଙ୍କ ସର୍ବଦା ଅମ୍ଳାନ ମୁଖ ରକ୍ତବର୍ଣ୍ଣ ଦେଖାଗଲା, ପୁଣି ନୟନରୁ ଲୋତକ ବହିବାକୁ ଲାଗିଲା । ସେ ବିକଳ ମନରେ ପୁଷ୍ପକ ଯାନରେ ଯାଇ ବସିବାରୁ ପୁଷ୍ପକ ଯାନ ଆକାଶମାର୍ଗରେ ଉଡ଼ି ଶୋଭା ପାଇଲା । ସେ କେତେବେଳେ ସେ ବିମାନ ବିଗୁର କଲା, ‘ମୁଁ ଆଜିଯାଏ ରାକ୍ଷସଙ୍କୁ ବହି ପାପ ଅର୍ଜିଥିଲି, ଆଜ ସୀତାଙ୍କୁ ବହନ କରିବାରୁ ନିର୍ମଳ ( ପାପଶୂନ୍ୟ ) ହେଲି, ମୋହର ପୁଣ୍ୟ ଆଜଠାରୁ ଜାତ ହେଲା ।’

୧୪ଶ ପଦ: — ପୁଷ୍ପକ ଯାନରେ ରହି ସୀତା ରଣକ୍ଷେତ୍ରକୁ ଯାଇ ପ୍ରଥମେ ଦେଖିଲେ ଯେ, ଅନନ୍ତଙ୍କ ଦ୍ୱାରା କହି ଶେଷ କରି ନ ହେବାଭଳି ଅସଂଖ୍ୟ କପି ମହୀରେ ପଡ଼ିଥିବାରୁ ଭୂମିତଳ ଦେଖାଯାଉ ନାହିଁ । ବୈଦେହୀ ତାଙ୍କୁ ଗୃହିଁ

ବୁଦ୍ଧି ହୀନ । ବିଲୋକନେ ହସନ୍ତି ସେ ।
ବିନାଶିବେ ଏ ରକ୍ଷସୃଷ୍ଟିକି ନାହିଁ ରକ୍ଷ ଉଠୁ ଅଛନ୍ତି ଚେତି ସେ । ୧୪ ।
ବର ଦେବର ପର ପରମସାଧବୀର ଲୋଚନପାତ ହୋଇ ସେ ।
ବିଜ୍ଞ ବିଜ୍ଞାନୀ ହେଲେ ଉଚ୍ଚଧ୍ୱନିକି କଲେ ଅଶ୍ରୁଧାର ବୁହାଇ ସେ ।
ବିଭୁ ବିଭୁ । ବିଭୂତି ବିବର୍ଦ୍ଧନ ହେ ।
ବିଳେଶୟଶୟନ ହେ ରାଜୀବନୟନ ଦର୍ଶନରେ ପ୍ରସନ୍ନ ହେ । ୧୫ ।
ବିଭୂଷଣ ସେ ସର୍ପ ଯେହ୍ନୁ କନ୍ଦର୍ପ ଦର୍ପ ଦଳନ କି ଆଶ୍ଚର୍ଯ୍ୟ ହେ ।
ବାଧା ଦେବରିପୁରେ ସ୍ଥିତି ନର୍ତ୍ତନପୁରେ ପ୍ରାପ୍ତେ ତ ନିଦ୍ରା ଭଜ ହେ ।

---

୧୫ଶ ପଦ:—ବିଜ୍ଞା—ପଣ୍ଡିତା ବା ବିବେକବତୀ । ବିଜ୍ଞା—ମୂର୍ଖ, ବିବେକହୀନା । ବିଭୂତି—ସମ୍ପତ୍ତି । ବିଳେଶୟଶୟନ—ସର୍ପଶୟନ । ରାଜୀବନୟନ—ପଦ୍ମନେତ୍ର ।

୧୬ଶ ପଦ:—ବିଭୂଷଣ—ବିଶେଷଭାବରେ ଭୂଷିତ । କନ୍ଦର୍ପଦର୍ପ ଦଳନ—କନ୍ଦର୍ପର ଗର୍ବଖର୍ବକାରୀ । ବାଧା—ବିଦ୍ରୋହୀ । ଦେବରିପୁ—ଦେବତାମାନଙ୍କର ଶତ୍ରୁ (ରାବଣ) ।

---

ଭାବିଲେ, 'ସମୁଦ୍ର ଜଳପ୍ରାୟ ଏହି କପିସୈନ୍ୟ କେଉଁଠାରେ ସମ୍ମୂଳ ହୋଇ ରହିଥିଲେ ? ଏହାଙ୍କୁ ଦେଖିଲେ ବୁଦ୍ଧି ପାଉ ନାହିଁ । ଯେପରି ଦେଖାଯାଉଛି, ରାକ୍ଷସ ବଂଶକୁ ବିନାଶ କରିବାକୁ ଏହାଙ୍କ ବ୍ୟତୀତ ଆଉ କେହି ନାହାନ୍ତି ।' ସେହି ସମୟରେ ଭଲ୍ଲୁକ ସେନାମାନେ କ୍ରମେ କ୍ରମେ ଚେତନା ପାଇ ଉଠୁଥିବାର ସେ ଦେଖିଲେ ।

୧୫ଶ ପଦ:—ତତ୍ପରେ ମହାସତୀ ସୀତାଙ୍କର ରାମଲକ୍ଷ୍ମଣଙ୍କ ଉପରେ ଦୃଷ୍ଟି ପଡ଼ିଲା । ରାମଲକ୍ଷ୍ମଣ ବନ୍ଧନରେ ପଡ଼ିଥିବାର ଦେଖି ବୁଦ୍ଧିମତୀ ସୀତା ଜ୍ଞାନଶୂନ୍ୟ ହେଲେ । ନେତ୍ରରୁ ଲୋତକଧାରା ବୁହାଇ କାନ୍ଦି କାନ୍ଦି କହିଲେ, "ହେ ପ୍ରଭୋ ! ତୁମ୍ଭେ ମହାପ୍ରଭୁଙ୍କର ଅଷ୍ଟୈଶ୍ୱର୍ଯ୍ୟକୁ ବିଶେଷ ଭାବରେ ବଢ଼ାଇ ପାର । ହେ ପଦ୍ମଲୋଚନ ! କ୍ଷୀରସିନ୍ଧୁର ସର୍ପଶୟନରେ ପ୍ରସନ୍ନ ହୋଇ ଏ ସ୍ଥିତ ବନ୍ଧନ କରିଅଛ ?"

୧୬ଶ ପଦ:—"ତୁମ୍ଭେ କାମଗର୍ବ ହରଣକାରୀ ( କନ୍ଦର୍ପ ଅପେକ୍ଷା ଅଧିକ ସୁନ୍ଦର ) ତେଣୁ ସର୍ପଦ୍ୱାରା ଭୂଷିତ ହେବାରେ ଆଶ୍ଚର୍ଯ୍ୟ କଣ ଅଛି ? ( କାମଗର୍ବହରଣକାରୀ ମହାଦେବ ସର୍ପଭୂଷିତ ଅଟନ୍ତି ) । ମହାଦେବ ଯେପରି

ବାଣୀ ଶୁଣି । ବିସ୍ମିତରେ ରଘୁମଣି ସେ ।
ବୀଣା କି ନାରଦର କୈଳପ୍ରାଣୀ ସ୍ୱର ଶୁଭୁଛି ପୁଣି ପୁଣି ଯେ । ୧୭ ।
ବୋଧେ ରମ୍ୟସମୟ ବଚନେ ଏ ସମୟ ସରମା ମଇଥିଳୀ ଯେ ।
ବିରହ ଚୋନ୍ଦ କଣେ ଜଳ୍ପି କାର ବିରସେ ସାରସନାଳେ ଲୀନ ସେ ।
ଭୁଲି ଏହି । ବ୍ୟଥିକ ବ୍ୟାଳ ଧରି ଯେ ।
ବିଚେତନ ପତନ ଯୋଧା ଚେତୁଁ ପତନ ବାହୁଡ଼ାକୁ ଆଦରେ ସେ । ୧୮ ।
ବିଶ୍ୱରଞ୍ଜନ ପାଶେ ଯାଇଁ ଦେଖିଲେ ନାଗେଶ ବନ୍ଧନ ହୋଇଛନ୍ତି ଯେ ।
ବ୍ୟଥିତ ଅବ୍ଧିରେ ଅକଥିତ ଯଥା ସ୍ଥିତ ନୀରଜ ପନ୍ତି ପନ୍ତି ଯେ ।

---

୧୭ଶ ପଦ:—ବୋଧେ—ପ୍ରବୋଧନା କରି । ମଇଥିଳୀ—ସୀତା । ସାରସ—ପଦ୍ମ । ନାଳେ—ନାଡ଼ରେ । ବ୍ୟାଳ—ସର୍ପ । ସରମା—ରାକ୍ଷସୀ ବିଶେଷ । ପତନ—ଆଶ୍ରମ ।

୧୮ଶ ପଦ:—ବିଶ୍ୱରଞ୍ଜନ—ରାମଚନ୍ଦ୍ର । ଅବ୍ଧିରେ—ସମୁଦ୍ରରେ । ନୀରଜ—ପଦ୍ମ । ବି-ନାସୁକପୂଜନ—ଗରୁଡ଼ ପୂଜା । ପନ୍ତିପନ୍ତି—ଧାଡ଼ି ଧାଡ଼ି ।

---

କାମଦର୍ପହାରୀ, ସର୍ପ ବିଭୂଷଣ, ଅସୁରଙ୍କର ଶତ୍ରୁ ଓ ନିର୍ଜନ ପୁର ଅବସ୍ଥାନକାରୀ ଅଟନ୍ତି, ସେହିପରି ତୁମ୍ଭେ ଶରୀରର ଲାବଣ୍ୟଦ୍ୱାରା କାମଗର୍ବ-ଦଳନକାରୀ, ଲକ୍ଷ୍ମଣ ସ୍ୱୟଂ ଶେଷାବତାର, ତେଣୁ ବର୍ତ୍ତମାନ ସର୍ପଭୂଷିତ ପୁଣି ଉଭୟେ ରାବଣଠାରେ ବାଧା ହୋଇ ଏହି ନିର୍ଜନ ପୁରରେ ( ସମସ୍ତେ ମୂର୍ଚ୍ଛିତ ଥିବାରୁ ରଣକ୍ଷେତ୍ର ନିର୍ଜନ ହୋଇଅଛି ) ନିଦ୍ରାଗତ ହୋଇଅଛ । ସୀତାଙ୍କର ଏହିପରି ବେଦନ ବାଣୀ ଶୁଣି ରଘୁମଣି ବିସ୍ମିତ କଲେ, ମୋର କୋଳପ୍ରାଣୀର ବେଦନ ସ୍ୱରପରି ପୁନଃ ପୁନଃ ଏ ଯେଉଁ ସ୍ୱର ଶୁଭୁଅଛି, ଏ ନାରଦଙ୍କର ବୀଣା ସ୍ୱର କି ?"

୧୭ଶ ପଦ:—ସେହି ସମୟରେ ସରମା ନାମ୍ନୀ ରାକ୍ଷସୀ ସୀତାଙ୍କୁ ବୋଧ ଦେଇ ବଚନ କହିଲେ, "ଅସ୍ଥିର ନ ହୋଇ ଧୈର୍ଯ୍ୟ ଧର; ତୁମ୍ଭ ବିଚ୍ଛେଦରେ ବିରହ ଜର୍ଜ୍ଜରିବାରୁ ରାମଚନ୍ଦ୍ର ବିରସ ମନରେ ପଦ୍ମନାଡ଼ରେ ଲୀନ ପଡ଼ିଛନ୍ତି ଅଛନ୍ତି । ମୋତେ ଏହି ଭୁଲି ଦେଖା ଯାଉଅଛି, ସେ ସର୍ପଙ୍କୁ ପଦ୍ମନାଡ଼ ମନେ କରି ବାନ୍ଧି ହୋଇ ଅଛନ୍ତି କି ?" ଅନନ୍ତର ଅଚେତନ ହୋଇ ପଡ଼ିଥିବା ଯୋଦ୍ଧାମାନେ ଚେତା ପାଇ ଉଠିବାର ଦେଖି ସେ ନିଜେ ରହିଥିବା ସ୍ଥାନକୁ (ଅଶୋକ ବନକୁ) ଫେରିଗଲେ ।

୧୮ଶ ପଦ:—ଚେତା ପାଇ ଉଠି ଯୋଦ୍ଧାମାନେ ବିଶ୍ୱରଞ୍ଜନକାରୀ ରାମଚନ୍ଦ୍ରଙ୍କ ପାଖକୁ ଯାଇ ଦେଖିଲେ ଯେ, ସେ ନାଗପାଶରେ ବନ୍ଧନ ହୋଇ ଅଛନ୍ତି ।

ବିସ୍ମୟରେ । ବିଭୀଷଣ ପଚାରେ ସେ ।
ବିନାୟକପୂଜନ ହେଲେ ଏ କେଉଁଜନ ସ୍ମରୁ ଆସିବ ଖରେ ଯେ । ୧୮ ।
ବିସ୍ତାର କରି କହି ତାରକ ଆନ ନାହିଁ ତାରକ୍ଷର ବିଧାନ ଯେ ।
ବିନୟ ଲୟ ତହିଁ ନୟନ ବୁଜି ଦେଇ ରାମ ଜାଣି ବିଇନ ଯେ ।
ବାହାରିଲା । ବିଭୁଦର୍ଶନ ମୋଦେ ଯେ ।
ବିସ୍ତାରି ପକ୍ଷ ପକ୍ଷପାତେ ଧବଳପକ୍ଷ ପୂର୍ଣ୍ଣଚନ୍ଦ୍ର କି ଉଦେ ଯେ । ୧୯ ।
ବାହାରେ ଗନ୍ଧବାହା ବାହାରେ ସର୍ବସହାଧରମାନେ କମ୍ପିଲେ ଯେ ।
ବଜ୍ର ତର୍ଜ୍ଜରେ ତୂରେ ନ ପୁଣ ଅଗ୍ରତୂରେ ଶଙ୍କା ଜନମି ଗଲେ ଯେ ।

---

୧୯ଶ ପଦଃ—ତାରକ—ପରିତ୍ରାଣକାରୀ । ତାରକ୍ଷର ( ତାର୍କ୍ଷ୍ୟର )-ଗରୁଡ଼ର । ଲୟ—ଏକାଗ୍ରଚିତ୍ତରେ । ବି-ଇନ—ଗରୁଡ଼ । ପକ୍ଷ—ଡେଣା । ଧବଳପକ୍ଷ—ଶୁକ୍ଳପକ୍ଷ ।

୨୦ଶ ପଦଃ—ବାହାରେ—ଭୁଜରେ ଗନ୍ଧବାହା—ପବନ । ସର୍ବସହାଧର—ପର୍ବତ । ତୂରେ—ତୂର୍ଣ୍ଣରେ । ବ୍ୟାଳପାଶ—ନାଗପାଶ । ତ୍ରାସେ

---

—ଭୟରେ । ବଳେ—ଗର୍ବରେ । ତର୍ଜ୍ଜନା—ଭର୍ତ୍ସନା ।

ବିଭୀଷଣ ଆସି ଏହା ଦେଖିବାରୁ ତାଙ୍କ ମନରେ ଅକଥନୀୟ ବ୍ୟଥା ଜାତ ହେଲା । ଆଉ ସେ ମଧ୍ୟ ଦେଖିଲେ ଯେ, ପଦ୍ମ ସବୁ ସମୁଦ୍ରରେ ଧାଡ଼ି ଧାଡ଼ି ହୋଇ ରହିଥିଲା ପରି ଅସଂଖ୍ୟ ସୈନ୍ୟ ରଣକ୍ଷେତ୍ରରେ ପଡ଼ି ଅଛନ୍ତି । ଏହା ଦେଖି ସେ ବିସ୍ମିତ ହୋଇ ବିଚାରିଲେ, "ଏ ରାମ ଲକ୍ଷ୍ମଣ ଦୁହେଁ ଗରୁଡ଼ର ପୂଜ୍ୟ ବିଷ୍ଣୁ ହୋଇଥିଲେ, ତାକୁ ସ୍ମରଣ କଲା ମାତ୍ରକେ ସେ ଶୀଘ୍ର ଆସିବ ।" ( ବିଷ୍ଣୁ ହୋଇ ନ ଥିଲେ ସେ କଦାପି ଆସିବ ନାହିଁ ) ।

୧୯ଶ ପଦଃ—ଏହା ଚିନ୍ତା କରି ବିଭୀଷଣ ବଡ଼ ପାଟିକରି କହିଲେ, "ଏ ବିପଦବେଳେ ଗରୁଡ଼ ବିନା ଉଦ୍ଧାରକର୍ତ୍ତା ଆଉ କେହି ନାହିଁ ।" ରାମଚନ୍ଦ୍ର ଏହି କଥା ଶୁଣିପାରି ନୟନ ବୁଜି ସେହି ଗରୁଡ଼କୁ ବିନୟରେ ଧ୍ୟାନ କଲେ । 'ରାମରୂପୀ ବିଷ୍ଣୁ' ଚିନ୍ତାକଲେ,—ଏହା ଜାଣିପାରି ଗରୁଡ଼ ନିଜ ପ୍ରଭୁଙ୍କ ଦର୍ଶନ ପାଇବା ଆଶାରେ ଆନନ୍ଦିତ ହୋଇ ବାହାରିଲା । ରାମଙ୍କର ପକ୍ଷପାତୀ ହୋଇ ଧବଳ ବର୍ଣ୍ଣ ଡେଣା ବିସ୍ତାର କରି ବାହାରନ୍ତେ ଜଣାଗଲା, ଶୁକ୍ଳପକ୍ଷରେ ପୂର୍ଣ୍ଣଚନ୍ଦ୍ର ଉଦେ ହେଲେ କି ?

୨୦ଶ ପଦଃ—ଗରୁଡ଼ ପକ୍ଷ ବିସ୍ତାରି ଉଡ଼ନ୍ତେ ସେ ପକ୍ଷରୁ ଯେଉଁ ପବନ ବାହାରିଲା, ତଦ୍ଦ୍ୱାରା ପର୍ବତମାନେ ସର୍ବତୋଭାବରେ କମ୍ପିଲେ । ଆଉ

ବ୍ୟାଳପାଶ । ବେଗେ ଯାଏ ପଳାଇ ଯେ ।
ବିଳେ ପଶି ପାତାଳେ ମିଳେ ନାଗଙ୍କ ମେଳେ ରାଜେ ତର୍ଜନା ପାଇ ଯେ ॥
ବିଷମବିଷଧର ସୁ ରୁଚିର ଅନ୍ତର ଗରୁଡ଼ର ପ୍ରବେଶେ ଯେ ।
ବିରାଧବିରୋଧିର ଧୀର ଗିର ବିଧିର କରକୋରକେ ଭାଷେ ଯେ ।
ବିଘ୍ନେ ମୋର । ବିଘ୍ନ ସେବା ଦର୍ଶନ ଯେ ।
ବିଶ୍ୱମ୍ଭର ଏ ଅବତାରେ ଅବସ୍ଥା ଅବଶିଷ୍ଟେ ମୋ ମନ ଛିନ୍ନ ଯେ । ୨୧ ।
ବଡ଼ ଭୃତ୍ୟବତ୍ସଳ ଅଯଶେ ନାହିଁ ଛଳ ଅନ୍ତର୍ଗତ ଜାଣିଲ ହେ ।
ବନ୍ଧା ସର୍ପସୂତ୍ରରେ ହୋଇ ଏ ସ୍ୱରୂପରେ ଆଣି ଦର୍ଶନ ଦେଲ ହେ ।

---

୨୧ଶ ପଦ:—ବିଷମ ବିଷଧର — ଭୟଙ୍କର ସର୍ପ । ବିରାଧବିରୋଧୀ-ବିରାଧ ରାକ୍ଷସର ଶତ୍ରୁ ରାମଚନ୍ଦ୍ର । ଧୀର-ଗିର-କୋମଳ ବାକ୍ୟ । କରକୋରକେ — କରମୁଦ୍ରିତ ପୂର୍ବକ । ଅବସ୍ଥା — ସ୍ଥିତି ।

୨୨ଶ ପଦ: — ଅନ୍ତର୍ଗତ — ହୃଦୟର କଥା । ସର୍ପସୂତ୍ରରେ — ନାଗପାଶରେ । ବାସୁଦେବ ବର୍ଷରେ — ଶ୍ରୀକୃଷ୍ଣ ଅବତାରରେ । ଅରି — ଶତ୍ରୁ । ପକ୍ଷିରାଟ — ପକ୍ଷିମାନଙ୍କର ରାଜା ଅର୍ଥାତ୍ ଗରୁଡ଼ । ଅରିରେ — ଚକ୍ରରେ ।

---

ମନରେ ଶଙ୍କା କଲେ, 'ଗରୁଡ଼ ତାର ବଜ୍ରତୁଲ୍ୟ ଥଣ୍ଟରେ ଆମକୁ ବିଦାରଣ କରି ପକାଇବ ନାହିଁ ତ ? ଗରୁଡ଼ର ଆଗମନ ହେତୁ ପ୍ରବଳ ପବନ ବହି-ବାରୁ ନାଗପାଶ ଭୟରେ ଶୀଘ୍ର ପଳାଇଯାଇ ଗାତରେ ପଶି ପାତାଳରେ ସର୍ପମାନଙ୍କ ସଙ୍ଗରେ ମିଳିତ ହୋଇଗଲା । ( ସର୍ପଙ୍କ ସହିତ ମିଶିଗଲେ ଗରୁଡ଼ ଚିହ୍ନି ନ ପାରି ଖାଇ ପାରିବ ନାହିଁ ) । ମାତ୍ର ସର୍ପରାଜ ବାସୁକିଙ୍କଠାରୁ ରାମଚନ୍ଦ୍ରଙ୍କୁ ବନ୍ଧନ କରିଥିବା ହେତୁ ଭର୍ତ୍ସନା ପାଇଲା ।

୨୧ଶ ପଦ: — ଗରୁଡ଼ ପ୍ରବେଶ କରିବା ମାତ୍ରକେ ଅତି କଷ୍ଟଦାୟକ ବିଷପୂର୍ଣ୍ଣ ନାଗପାଶ ଦୂର ହୋଇଗଲା । ଗରୁଡ଼ ବିରାଧ ଶତ୍ରୁ ରାମଚନ୍ଦ୍ରଙ୍କୁ ଦେଖି କରଯୋଡ଼ି ମୃଦୁ ବାକ୍ୟରେ କହିଲା, "ହେ ବିଶ୍ୱମ୍ଭର ! ଆପଣଙ୍କ ଏ ଅବତାରରେ ମୋର ସେବା ଓ ଦର୍ଶନରେ ବିଘ୍ନ ଘଟିବାରୁ ମୋ ମନ ଛିନ୍ନ ହେଉଥିଲା ।"

୨୨ଶ ପଦ: — "ଆପଣ ବଡ଼ ଭୃତ୍ୟସ୍ନେହୀ ଅଟନ୍ତି; ତେଣୁ ମୋପରି ଶୌର୍ଯ୍ୟ ବୀର୍ଯ୍ୟବାନଠାରୁ ସେବା ଗ୍ରହଣ ନ କରିବା ଛଳ ଆପଣଙ୍କର କଦାପି

ବାସୁଦେବ । କର୍ଣ୍ଣରେ ପୁଣି ଭେଟ ଯେ ।
ବିଧିବ ବନ୍ଧୁ ଅରି ଅଟରେ ବୋଲି କରି ଗମିଲା ପକ୍ଷୀରାଟ ଯେ । ୨୨ ।
ବୁଧେ ଏ ପଦ ଦେନି ବିଖ୍ୟାତ ହେବ ତିନିଠାବରେ ସୁଖ ଦୁଃଖଦ ଯେ ।
ବଳ ଯେ ଦେଖି ଶୁଣି ରାବଣଦୂତେ ଜାଣି ସୀତାସଖୀ ସମ୍ବାଦ ଯେ ।
ବୀରବନ୍ତେ । ବାର ସେନାପତିଏ ଯେ ।
ବାହାର ହେଲେ ମାନ କରି ଗୁମାନମାନ ଦେଖି ଦେବଙ୍କ ଭୟ ଯେ ॥
ବିକଟେ ଦେବାନ୍ତକ ବାଜିରେ ନରାନ୍ତକ ସ୍ୟନ୍ଦନେ ଭୟଙ୍କର ଯେ ।
ବରାହେ ଲୋହପୃଷ୍ଠେ ଶତାଙ୍ଗ ସାଜି ହୃଷ୍ଟେ ନିକୁମ୍ଭ ମହୋଦର ଯେ ।

---

୨୩ଶ ପଦ:—ବୁଧେ—ପଣ୍ଡିତମାନେ । ବିଖ୍ୟାତ—ପ୍ରସିଦ୍ଧ ।

୨୪ଶ ପଦ:—ବାଜିରେ—ଅଶ୍ୱପୃଷ୍ଠରେ । ସ୍ୟନ୍ଦନ—ରଥ । ବରାହ—ବାରହା, ବନ୍ୟଶୂକର । ଲୋହପୃଷ୍ଠ—ବଡ଼ିଆଳାଙ୍କ । ଶତାଙ୍ଗ—ରଥ । ବାଣାସାନ—ଧନୁ । ମୋଡ—ନଶ ।

---

ନାହିଁ । ସେହି ହେତୁରୁ ମୋ ମନକଥା ଜାଣି ଏ ରାମ ଅବତାରରେ ମଧ୍ୟ ନାଗପାଶରେ ବନ୍ଧା ହୋଇ ମୋତେ ଦର୍ଶନ ଦେବାର କାରଣ ଘଟାଇଲେ । ପୁଣି ଶ୍ରୀକୃଷ୍ଣ ରୂପରେ ଥରେ ଭେଟ ହେବ । ( କାଳିନ୍ଦୀରେ କାଳୀ ଦଂଶନ କଲାବେଳେ ମୋତେ ସ୍ମରଣ କଲେ ମୁଁ ଯାଇ ଦର୍ଶନ ଲାଭ କରିବି )। ସେ ଅବତାରରେ ଆପଣ ଚକ୍ରଦ୍ୱାରା ବହୁତ ଶତ୍ରୁ ବିନାଶ କରିବେ ।” ଏହା କହି ଗରୁଡ଼ ସେଠାରୁ ଚାଲିଗଲା ।

୨୩ଶ ପଦ:—ହେ ବିଜ୍ଞଜନମାନେ ! ପୂର୍ବର ଏ ଦୁଇପଦ ତିନି-ଠାରେ ସୁଖ ଓ ଦୁଃଖ ପ୍ରଦାନ କରି ପ୍ରସିଦ୍ଧି ଲାଭ କଲା । ରାମଚନ୍ଦ୍ରଙ୍କ ସୈନ୍ୟମାନେ ଗରୁଡ଼ ଆସିବା ଓ ରାମଲକ୍ଷ୍ମଣ ମୁକ୍ତ ହେବା, ଏହା ଦେଖି ସୁଖୀ ହେଲେ । ରାବଣ ଦୂତଙ୍କ ମୁଖରୁ ଏ ସମ୍ବାଦ ଶୁଣି ଦୁଃଖୀ ହେଲା ଓ ସୀତା ସଖୀଙ୍କ ସହିତ କଥାବାର୍ତ୍ତା କାଳରେ ଏହା ଜାଣିପାରି ସୁଖୀ ହେଲେ । ଏହି ଖବର ପାଇ ରାବଣର ବାରଗୋଟି ସେନାପତି ଅଭିମାନ ବଶରେ ନାନାପ୍ରକାର ପ୍ରତିଜ୍ଞା ଦେଖାଇ ଅତିଶୀଘ୍ର ବାହାର ହେଲେ । ତାଙ୍କର ଗର୍ବଭାବ ଦେଖି ଦେବତାମାନଙ୍କର ମଧ୍ୟ ଭୟ ଜାତ ହେଲା ।

୨୪ଶ ପଦ:—ଦେବାନ୍ତକ ରାକ୍ଷସ ଷଣ୍ଢ ଯୋଚି ନରାନ୍ତକ ରାକ୍ଷସ ଘୋଡ଼ା ଯୋଚି ରଥ ସଜ କରିବାରୁ ଭୟଙ୍କର ଦେଖାଗଲେ । ନିକୁମ୍ଭ ଅସୁର ବରାହ ଓ ମହୋଦର ବଡ଼ିଆଳାଙ୍କ ରଥରେ ଯୋଚି ଆନନ୍ଦରେ

ରଥଚକ୍ରକୁ ବୁଲାଇଣ । ବରଛି ଅସି ଶକ୍ତି ଯେ ।
ବାଣାସନେ ତସ୍ପର ପୂରାଇ ଥୋଇ ଶର ମୋର ଆକ୍ରମୁଚନ୍ତି ଯେ । ୨୪ ।
ବିଶିଷ୍ଟ କ ମ୍ରାକ୍ଷ ନାହିଁ ଲକ୍ଷ ଯା ଲକ ଲୁଲାପ ରଥେ ଯୋଚ ଯେ ।
ବ୍ୟାଘ୍ର ଓ ଘରେ ଶ୍ଳାଘ୍ୟ କ୍ରୋଧନ ରଥ ଶୀଘ୍ର ପତ୍ରିଦ କଶ୍ୱ ରୁଚ ଯେ ।
ବଜ୍ରଦଂଷ୍ଟ୍ର । ବମାନେ କ୍ରୋଷ୍ଟୁ କୋଟି ଯେ ।
ବିମାନେ ଗୃଧ୍ର ଯୋଚ ରଙ୍ଗିଣିରେ ଗଜନ୍ତି ଅକମ୍ପନାହିଁ ଘୋଟି ଯେ । ୨୫ ।
ବନ୍ଧନ ସ୍ୟନ୍ଦନରେ ନାନାବର୍ଗ ନାଗରେ ପ୍ରବର ବାହୁ ବସେ ଯେ ।
ବୁହାଇ ପିଶାଚକୁ ପିଶାଚ ତା ରଥକୁ ଭସ୍ମୂଦ ନାଦେ ଘୋଷେ ଯେ ।
ବଜ୍ରଅଙ୍ଗ । ବଡ଼ାଳେ ରଥ ସାଜ ଯେ ।
ବାନ୍ଧଅଛି ପ୍ରମତ୍ତ ପଙ୍କାସ୍ୟ ରଥେ ମତ୍ତ ଉନ୍ମତ୍ତ ଉଷ୍ଟ୍ରେ ରାଜ ଯେ । ୨୬ ।

---

୨୫ଶ ପଦ: — ଲୁଲାପ — ମହିଷ । ବ୍ୟାଘ୍ରଓଘରେ — ବାଘମାନଙ୍କରେ । ଗୃଧ୍ର — ଶାଗୁଣାପକ୍ଷୀ । ରଙ୍ଗିଣିରେ ରଥ । ଶ୍ଳାଘ୍ୟ — ପ୍ରଶଂସ୍ୟ । ପତ୍ରିଦ — ଅସ୍ତ୍ର ବିଶେଷ । କ୍ରୋଷ୍ଟୁ — ବିଲୁଆ ।

୨୬ଶ ପଦ: — ନାନାଗବର୍ଗ — ହସ୍ତୀସମୂହ । ପିଶାଚକୁ — ରାକ୍ଷସମାନଙ୍କୁ ପଞ୍ଚାସ୍ୟ — ସିଂହ ।

---

ସଜାଇ ବର୍ଚ୍ଛା, ଖଡ଼୍ଗ ଶକ୍ତି ଆଦି ଅସ୍ତ୍ର ବୁଲାଇ ଧନୁରେ ଶର ସନ୍ଧାନ କରି ପାଶରେ ରଖି ତତ୍ପରେ ଦାଢ଼ି ଆକ୍ରମିବାକୁ ଲାଗିଲା ।

୨୫ଶ ପଦ: — ପ୍ରଧାନ ସେନାପତିଙ୍କ ମଧ୍ୟରେ ଅତୁଳନୀୟ ଧୂମ୍ରାକ୍ଷ ଏକ ଲକ୍ଷ ମଇଁଷି ରଥରେ ଯୋଚିଲା । କ୍ରୋଧନ ରାକ୍ଷସ ପ୍ରଶଂସାର ସହିତ ବ୍ୟାଘ୍ରସମୂହ ନିଜ ରଥରେ ଯୋଖି ପତ୍ରିଦ ଅସ୍ତ୍ରକୁ ଧରି ତେଜୋବନ୍ତ ଦେଖାଗଲା । ବଜ୍ରଦଂଷ୍ଟ୍ର ନିଜ ରଥରେ କୋଟିଏ ଶୃଗାଳ ଯୋଚିଲା । ଅକମ୍ପନ ସେନାପତି ମଧ୍ୟ ଗର୍ବଭରେ ନିଜ ଚକ୍ରଯୁକ୍ତ ରଥରେ ଶାଗୁଣା ଯୋଚ ଯୁଦ୍ଧଭୂମିକି ଆଚ୍ଛାଦନ କଲା ।

୨୬ଶ ପଦ: — ପ୍ରବରବାହୁ ସେନାପତି କ୍ରୋଧବଶ ହୋଇ ହସ୍ତି-ସମୂହ ବାନ୍ଧି ରଥରେ ବସିଲା । ପିଶାଚ ସେନାପତି ଭୟଙ୍କର ନାଦ କରୁଥିବା ପିଶାଚମାନଙ୍କଦ୍ୱାରା ନିଜ ରଥକୁ ବୁହାଇଲା । ବଜ୍ରଅଙ୍ଗ ବିରାଡ଼ି ଯୋଚ ରଥ ସାଜିଲା । ପ୍ରମତ୍ତରାକ୍ଷସ ମତ୍ତ ସିଂହ ରଥରେ ବାନ୍ଧିଲା । ଏବଂ ଉନ୍ମତ୍ତ ଦୈତ୍ୟ ଓଟ ଯୋଚ ରଥକୁ ଶୋଭିତ କଲା ।

ବାୟସ ଶତ ଶତ ଖରଳାକ୍ଷ ଯୋଚନ୍ତି ଉଲ୍ଲୁକ ରଥେ ଭଲୁକ ଯେ ।
ବହେ ଅସୁରପନ୍ତ ଶିଶିରରଥେ ତହିଁ କୁମ୍ଭୀ ଯେ ତ କୁମ୍ଭକ ଯେ ।
ବେଗେ ଯାଇ । ବେଢ଼ି କବାଟ ପେଲି ଯେ ।
ବଡ଼ ଅନ୍ଧାର ରାତି ନିଶାଚର ଅରାତି ମାୟାଯୁଦ୍ଧ ଭିଆଇଲେ ଯେ । ୨୭ ।
ବାହାର ଚଣ୍ଡୀ ଯେତେ ଡାକିନୀ ଅପ୍ରମିତେ ପଶୁଏ ନାନାରୂପୀ ଯେ ।
ବୁଲାଇ ଜିହ୍ୱା ଉଲ୍‌କା ଦେଖାଇ ରଡ଼ ଶଙ୍କା ଜନ୍ମାଇ ଗଲେ ବ୍ୟାପି ସେ ।
ବିସ୍ମୟରେ । ବେଢ଼ିଲେ ଅଷ୍ଟରଥୀ ଯେ ।
ବିଚ୍ଛନ୍ଦ ମାରଣରେ ଜଣା ହେଲେ ରଣରେ ରାମ ଲକ୍ଷ୍ମଣ ତହିଁ ଯେ । ୨୮ ।
ବାନରଯୂଥପତି ଭିନ୍ନ ଭିନ୍ନ ହୁଅନ୍ତି ପାଶ ଜନ ନ ଦିଶି ଯେ ।
ବୃନ୍ଦ ବୃନ୍ଦ ହୋଇଣ ରାକ୍ଷସରେ ବେଷ୍ଟିନ ଭଲ୍ଲୁକ କପିବଳି ଯେ ।

---

୨୭ଶ ପଦ:—ବାୟସ—କୁଆ । ଉଲ୍ଲୁକ—ପେଚା । କୁମ୍ଭୀ—ହସ୍ତୀ । ପେଲି—ଫିଟାଇ । ନିଶାଚର—ରାକ୍ଷସ । ଅରାତି—ଶତ୍ରୁ ।

୨୮ଶ ପଦ:—ଜିହ୍ୱାଉଲକା—ଅଗ୍ନିତୁଲ୍ୟ ଜିହ୍ୱା । ବିଚ୍ଛନ୍ଦ—ଅତିଶୟ କଷ୍ଟ ।

---

୨୭ଶ ପଦ:—ଖରଳାକ୍ଷ ସେନାପତି ଶତଶତ କାକ ଓ ଉଲ୍ଲୁକୁ ସେନାପତି ପେଚା ରଥରେ ଯୋଚିଲେ । ଶିଶିର ସେନାପତି ରଥକୁ ଅସୁର-ବୃନ୍ଦ ବହିଲେ । କୁମ୍ଭକ ସେନାପତି ତା ରଥରେ ହସ୍ତୀ ଯୋଚିଲେ । ଏହିପରି ସଜ ହୋଇ ଯାଇ ଅତି ଶୀଘ୍ର ଗଡ଼ଦ୍ୱାର କବାଟକୁ ଫିଟାଇ ଦେଲେ ଏବଂ ସମସ୍ତ ଅସୁରେ ମିଳି ଅନ୍ଧକାରରାତିରେ ଶତ୍ରୁ ସଙ୍ଗେ ମାୟାଯୁଦ୍ଧ ଭିଆଇଲେ ।

୨୮ଶ ପଦ:—ଯୁଦ୍ଧ କ୍ଷେତ୍ରରେ ବହୁତ ଚଣ୍ଡୀ ଓ ଅପ୍ରମିତ ଡାଆଣୀ ବାହାରି ବୁଲିଲେ । ଶ୍ୱାନ ଶୃଗାଳାଦି ନାନାପ୍ରକାର ପଶୁ ଜିହ୍ୱା ଲହ ଲହ କରି ଓ ଡାଆଣୀ ନିଆଁ ଦେଖାଇବାଦ୍ୱାରା ଭୟ ଜାତ କରାଇ ବ୍ୟାପି ଗଲେ (ଏକ ପ୍ରକାର ଝିଲୁଆ ପୋକ ଦେଖାଇଲେ ଅନ୍ଧକାର ରାତିରେ ଆଲୋକ ଦେଖାଯାଏ, ତାକୁ ଚିରଗୁଣୀ ନିଆଁ କହନ୍ତି) । ଶ୍ରୀରାମଙ୍କୁ ଆଠଜଣ ରଥୀ ବେଢ଼ି ସମର କଲେ । ସେହି ରଣକ୍ଷେତ୍ରରେ ରାମ ଲକ୍ଷ୍ମଣ ରାକ୍ଷସଙ୍କ ମାୟାଯୁଦ୍ଧ ହେତୁରୁ ଜଣା ହେଲେ ।

୨୯ଶ ପଦ:—ରାକ୍ଷସମାନେ ମାୟାଯୁଦ୍ଧ କରିବାରୁ କପିଯୂଥପତିମାନେ ଅଲଗା ଅଲଗା ହୋଇଗଲେ । ଅନ୍ଧକାର ହେତୁ ପାଖରେ ଥିବା ଲୋକମାନେ କେହି କାହାକୁ ଚିହ୍ନି ପାରିଲେ ନାହିଁ । ଭଲ୍ଲୁକ ଓ କପିସୈନ୍ୟମାନଙ୍କ ଦଳ ୨ ହୋଇ ରାକ୍ଷସଙ୍କ ବେଢ଼ରେ ପଡ଼ିଲେ । ହନୁମାନ ଦ୍ୱାରର ଏକ ପାଖରେ ଥିଲେ ।

ବାତାତ୍ମଜ । ବିସ୍ତାରି ହାରପାଶେ ଯେ ।
ବିଜେ ଅଙ୍ଗଦସ୍କନ୍ଧେ ଲକ୍ଷ୍ମଣ ତାଙ୍କ ବୋଧେ ସୁଗ୍ରୀବ ମାର ଘୋଷେ ଯେ ।
ବାରଣରେ ବାରଣ ସ୍ୟନ୍ଦନରେ ସ୍ୟନ୍ଦନ ହୟେ ହୟ କଚ୍ଛି ସେ ।
ବନୌକାପତି ଗତି ତତ୍ପର ସେନାପତି ପଦଗ ପଟେ ତାଡ଼ି ଯେ ।
ବିନ୍ଧ ଦଶ । ବାଣ ଶ୍ରୀରାମ ନାଶି ଯେ ।
ବାଜିକୋଟି କୁଞ୍ଜର ଦିକୋଟି ରଥୀସାର ତୁରଙ୍ଗ ଖର୍ବ ଅଶୀ ଯେ । ୩୦ ।
ବିଂଶତବର୍ଷ ଭଳିଁ ପଦାତି ଖଣ୍ଡି ହୋଇ ବହୁବାର ସ୍ରୋତେ ସେ ।
ବିନାଶ କଲେ କେତେ ଲକ୍ଷ୍ମଣ ଏହିମତେ ପ୍ରବର୍ତ୍ତି ରଣରଙ୍ଗେ ଯେ ।
ଦିଗ୍ବନ୍ଧୁ । ଉଦିତେ ସବେ ଦିଶି ଯେ ।
ବାରଣ ପାଶେ ଥିଲା ଛେଦା ଶିର ଗୁହିଁଲା ଏ ବଶେ ପ୍ରଭୁ ସେବି ସେ । ୩୧ ।

---

୩୦ଶ ପଦ:—ବାରଣ—ହସ୍ତୀ । ସ୍ୟନ୍ଦନ—ରଥ । ହୟେ—ଘୋଡାରେ । ବନୌକାପତି—ବାନର ସେନାପତି ସୁଗ୍ରୀବ । ପଦଗ—ପାଇକ । କୁଞ୍ଜର—ହସ୍ତୀ । ତୁରଙ୍ଗ—ଅଶ୍ୱ ।

୩୧ଶ ପଦ:—ଖଣ୍ଡି ହୋଇ—ହାଣି ହୋଇଗଲେ । ଦିଗ୍ବନ୍ଧୁ ସୂର୍ଯ୍ୟ । ଉଦିତ—ପ୍ରକାଶିତ । ବରଣ—ପ୍ରାଚୀର । ଛେଦା—ଛେଦନ । ଏବଶେ ଏଗଲୁ ।

---

ଥିଲା । ଅଙ୍ଗଦ କାନ୍ଧରେ ଲକ୍ଷ୍ମଣ ବିଜେ କରିଥିବାର ଦେଖିଲା ଏବଂ ସୁଗ୍ରୀବ ମାର ମାର ଶବ୍ଦ କପିଙ୍କ ବୋଧ ଦେଉଥିବାର ଶୁଣି ପାରିଲା ।

୩୦ଶ ପଦ:—ଯୁଦ୍ଧରେ ହନୁମାନ ହସ୍ତୀ ଉପରେ ହସ୍ତୀକୁ ରଥ ଉପରେ ରଥକୁ ଓ ଅଶ୍ୱ ଉପରେ ଅଶ୍ୱକୁ କଚାଡ଼ି ତାଙ୍କ ପ୍ରାଣ ନେଲା । ସେହି-ପରି ସୁଗ୍ରୀବ ଓ ଅନ୍ୟ ସେନାପତିମାନେ ପାଇକ ସୈନ୍ୟମାନଙ୍କୁ ଗୋଇଠା ମାରି ମାରି ବିନାଶ କଲେ । ଶ୍ରୀରାମ ଦଶବାଣ ବିନ୍ଧି ବାଜିକୋଟି ହସ୍ତୀ, ଦିକୋଟି ଲକ୍ଷେରଥୀ ଓ ଅଶୀଖର୍ବ ଘୋଡା ବିନାଶ କଲେ ।

୩୧ଶ ପଦ:—ସେହି ଯୁଦ୍ଧରେ ରାମଚନ୍ଦ୍ର ବହୁତ ତୀକ୍ଷ୍ଣ ବାଣମାରି ବିଂଶ ପର୍ବ ପଦାତିକ ସୈନ୍ୟଙ୍କୁ କାଟି ପକାଇଲେ । ଏହିପରି ଲକ୍ଷ୍ମଣ ରଣରଥରେ ମାତି ଅସଂଖ୍ୟ ସୈନ୍ୟ ବିନାଶ କଲେ । ଏହି ସମୟରେ ସୂର୍ଯ୍ୟ ଉଦିତ ହୁଅନ୍ତେ ସମସ୍ତେ ସମସ୍ତଙ୍କୁ ଦେଖା ଗଲେ । ଲଙ୍କା ପାଚେରୀର ପାଖେ ପାଖେ ଥିବା ହନୁମାନ, ହଣା ହୋଇ ତଳେ ପଡ଼ିଥିବା ସୈନ୍ୟମାନଙ୍କର ମୁଣ୍ଡସବୁକୁ ଗୁହିଁ ଭାବିଲା, "ଜଣାଯାଏ, ରାମଚନ୍ଦ୍ର ଏହି ବଶରେ ଅଛନ୍ତି ।

ବିବାଦ ବିବର୍ଦ୍ଧନ ଶ୍ରୀରାମେ ଅକମ୍ପନ ଦେଖି ପାବନି ଧାମେ ଯେ ।
ବାଜ ଯାଣେ କପୋତ ମାଡ଼ିବସିଲା ମତ ବଳୀ ବାହୁସଂଗ୍ରାମେ ଯେ
ବଧି ତାକୁ । ବହ୍ନି ଉଳଗ ବହ୍ନି ଯେ ।
ବଜ୍ର ପିଶାଚ ଶିଳେ ସରଥେ ଚୂର୍ଣ୍ଣ ଶେଳେ ଧୂମ୍ରାକ୍ଷ ରୁଷ୍ଟେ ଧାଇଁ ଯେ । ୩୨ ।

ବ୍ରହ୍ମାଣ୍ଡ ଯା ଉଦରେ ତାଙ୍କ ଧରି ସ୍କନ୍ଧରେ ପବନୁ ଜବ କରି ଯେ ।
ବାଳ ଧରିଣ ନେଇ ବସୁଧାରେ ପକାଇ ପାଦ ପ୍ରହାରେ ମାରି ସେ ।
ବିବୁଧାଦି । ବୋଇଲେ ଧନ୍ୟ ଧନ୍ୟ ଯେ ।
ବଜ୍ରଦଂଷ୍ଟ୍ରର ଗ୍ରୀବ ଛିଣ୍ଡାଇଲା ସୁଗ୍ରୀବ ଫିଙ୍ଗିଲା କେଶମାନ ଯେ । ୩୩ ।

---

୩୨ଶ ପଦ:—ବାଜ—ଛଞ୍ଚାଣ ପକ୍ଷୀ । ପିଶାଚ—ରାକ୍ଷସ । ସରଥେ—ରଥ ସହିତ ।

୩୩ଶ ପଦ:—ଉଦରେ—ଗର୍ଭରେ । ଜବ—ଶୀଘ୍ର । ବସୁଧାରେ—ପୃଥିବୀରେ । ବିବୁଧାଦି—ଦେବତାମାନେ । ଗ୍ରୀବା—ଗଳଦେଶ ବା ବେକ । କେଶମାନ—କେଶଗୁଚ୍ଛ । ଶୈଳ—ପଥର ।

---

୩୨ଶ ପଦ:—ଅନନ୍ତର ହନୁମାନ ଅଗ୍ରସର ହୋଇ ଦେଖିଲେ ଯେ, ଅକମ୍ପନ ରାକ୍ଷସ ଶ୍ରୀରାମଙ୍କ ସହିତ ରଣରେ ରତ ହୋଇଅଛି । ଏହା ଦେଖି ସେ ଧାଇଁ ଯାଇ ଛଞ୍ଚାଣପକ୍ଷୀ କପୋତପକ୍ଷୀକୁ ମାଡ଼ିବସିଲା ପରି ଅକମ୍ପନକୁ ମାଡ଼ିବସିଲେ ଏବଂ ବାହୁଯୁଦ୍ଧରେ ତାକୁ ବିନାଶ କରି ରାମଚନ୍ଦ୍ରଙ୍କୁ ନମସ୍କାର ପୂର୍ବକ ନିଜ ସ୍କନ୍ଧରେ ବହନ କଲେ । ପିଶାଚ ରାକ୍ଷସ ନଳ ସେନାପତିଙ୍କୁ ବାଣ ଛାଡ଼ିବା’ରୁ, ନଳ ପଥର ନିକ୍ଷେପ କରି ରଥ ସହିତ ତାକୁ ଚୂର୍ଣ୍ଣ କରିଦେଲେ । ଏହା ଦେଖି ଧୂମ୍ରାକ୍ଷ ରାକ୍ଷସ ଧାଇଁ ଆସିଲା ।

୩୩ଶ ପଦ:—ଯାହାଙ୍କ ଉଦର ମଧ୍ୟରେ ବ୍ରହ୍ମାଣ୍ଡ ରହିଅଛି, ସେହି ଶ୍ରୀରାମଙ୍କୁ ହନୁମାନ ସ୍କନ୍ଧରେ ବହନ କରି ପବନଠାରୁ ଶୀଘ୍ର ଗତିରେ ଯାଇ ଧୂମ୍ରାକ୍ଷର ବାଳ ଧରିଲେ ଏବଂ ତାକୁ ଭୂମିରେ ପକାଇ ପାଦ ପ୍ରହାର ଦ୍ୱାରା ମାରି ପକାଇଲେ । ତାହା ଦେଖି ଦେବତାମାନେ ଧନ୍ୟ ଧନ୍ୟ କହିଲେ । ସୁଗ୍ରୀବ ବଜ୍ରଦଂଷ୍ଟ୍ରା ରାକ୍ଷସର କଣ୍ଠକୁ ଛିନ୍ନ କରି ତାକୁ ଦୂରକୁ ଫିଙ୍ଗିଦେଲେ, ଯୁଦ୍ଧରେ ତା ସହିତ ବା କିଏ ସମାନ ହେବ ? ( କେହି ସମାନ ହେବେ ନାହିଁ । )

ବଧୀ ଚମୂଚତୁର ଅଉମାନେ ଆତୁର ସଂଦ୍ରାବ ପୃଷ୍ଠ ଦେଇ ଯେ ।
ବଳେ ଗରୁଡ଼ ଭରେ ସର୍ପର ପରକାରେ ଗଡ଼ ପଶିଲେ ଯାଇ ଯେ ।
ବଳଯାକ । ଖଣ୍ଡିତ ଚରମ ଯେ ।
ବ୍ୟାଧସଂଗ ଭୂପତି ଯଉଡ଼ ମୃଗଚୟ ଗିରି ପ୍ରବେଶେ ରମ୍ୟ ଯେ । ୩୪ ।
ବନ୍ଧୁ ଏହୁ ଉପମ କପିସୈନ୍ୟ ଶ୍ରୀରାମ ବାହନ ଯା ମାରୁତି ଯେ ।
ଭ୍ରମି ରାଜଦାଣ୍ଡେ ଗୃହୀଁ କାମିନୀବୃନ୍ଦେ ଚକ୍ଷୁ ନ ପିଛୁଳନ୍ତି ଯେ ।
ଭବାନ୍ତି ବୋଲି । ବନ୍ଧୁ ଏ କି ସୁନ୍ଦର ଗୋ ।
ବିଦେହ ଦେହବନ୍ତ ଫଗୁରେ ରଞ୍ଜିତ ଏଥୁ ଆନ ନ କର ଗୋ । ୩୫ ।

---

୩୪ଶ ପଦ:—ବଧ—ବିନାଶ । ଚମୂଚତୁର—ଚତୁରଙ୍ଗବଳ । ସଂଦ୍ରାବ—ପଳାୟନ । ଭରେ ଭୟରେ । ବଳଯାକ-ସୈନ୍ୟମାନେ, ଖଣ୍ଡିତ—କ୍ଷତବିକ୍ଷତ । ବ୍ୟାଧସଂଗ-ଶବର ସହିତ । ଭୂପତି—ରାଜା । ମୃଗଚୟ—ମୃଗ-ସମୂହ । ରମ୍ୟ—ମନୋହର ।

୩୫ଶ ପଦ: ଉପମ—ଉପମା, ମାରୁତି—ହନୁମାନ । କାମିନୀବୃନ୍ଦେ—ସମବେତ ନାରୀମଣ୍ଡଳୀ । ବିଦେହ—କନ୍ଦର୍ପ ।

---

୩୪ ପଦ:—ଚତୁରଙ୍ଗବଳ ବିନାଶ ହୁଅନ୍ତେ ଅନ୍ୟ ରାକ୍ଷସମାନେ ବ୍ୟାକୁଳ ଭାବରେ ପୃଷ୍ଠଭଙ୍ଗ ଦେଇ ପଳାୟନ କଲେ । ଗରୁଡ଼ ଭୟରେ ପଳାଇ ଯାଇ ଗର୍ତ୍ତରେ ଲୁଚିଲା ପ୍ରାୟ ସେମାନେ ଗଡ଼ ମଧ୍ୟରେ ପ୍ରବେଶ କଲେ । ସବୁ ରାକ୍ଷସସୈନ୍ୟଙ୍କର ପୃଷ୍ଠ କ୍ଷତ ବିକ୍ଷତ ହୋଇଗଲା ( ପଳାଇ ଗଲାବେଳେ ରାମଚନ୍ଦ୍ର ଓ କପି ସୈନ୍ୟ ପଛଆଡ଼ୁ ଆଘାତ କରିବା ଦ୍ୱାରା ପୃଷ୍ଠ କ୍ଷତବିକ୍ଷତ ହୋଇଗଲା ) । ବ୍ୟାଧମାନଙ୍କ ସହିତ । ଜମୃଗପଲ ଅଡ଼େଇ ନେଇ ପର୍ବତରେ ଛାଡ଼ିଲା ପ୍ରାୟ ରାମ କପିସୈନ୍ୟ ସହ ରାକ୍ଷସବଳ ଅଡ଼େଇ ନେଇ ଲଙ୍କାଗଡ଼ରେ ଛାଡ଼ିଲେ ।

୩୫ଶ ପଦ:—ଏହି ଉପମାକୁ ବର୍ଣ୍ଣନ କରି ( ଅର୍ଥାତ୍ ମୃଗପଲ ପ୍ରାୟ ରାକ୍ଷସସୈନ୍ୟଙ୍କୁ ଗଡ଼ରେ ଛାଡ଼ି ) ରାମଚନ୍ଦ୍ର ହନୁମାନର ସ୍କନ୍ଧରେ ବସି କପିସୈନ୍ୟସହ ଲଙ୍କା ରାଜଦାଣ୍ଡରେ ବିକ୍ରମ ପ୍ରକାଶ ପୂର୍ବକ ଫେରିଲାବେଳେ ଲଙ୍କାର ସ୍ତ୍ରୀମାନେ ତୃଷ୍ଣ ହୋଇ ପଲକ ନ ପକାଇ ରାମଙ୍କୁ ଚାହିଁ ରହିଲେ ଏବଂ କୁହାକୁହି ହେଲେ, ଗୋ ସଖି ! ଏ ପୁରୁଷ କେଡ଼େ ସୁନ୍ଦର ? ଜଣାଯାଏ କନ୍ଦର୍ପ ମୂର୍ତ୍ତିମନ୍ତ ହୋଇ ଫଗୁଖେଳ ରଚିଅଛନ୍ତି କି ? ଏହା କଦାପି ଅନ୍ୟଥା ନୁହେଁ ।" ( ବସ୍ତୁତଃ ଏ କଥା ସତ । ରାମଚନ୍ଦ୍ର ରକ୍ତ ଜର୍ଜ୍ଜରିତ ହୋଇଥିବାରୁ ଫଗୁ ଖେଳର ଉପମା ଦିଆଯାଇଛି ) ।

ବୋଲେ କେ ଏହି ପରି କଷାବନ୍ତଙ୍କ ସମ୍ବରସୁଖ ହେଜ ଗୋ ।
ଭୁଲି ଆସିଅଛନ୍ତି ହୋଇଥାଇଟି ରତି ଜ ନକୀ ଶୋଭାକର ଗୋ ।
ବୋଲେ କେହୁ । ବଂଶୀଷ ଅଣ୍ଟଧାରୀ ଗୋ ।
ବାମରତ୍ନ ଦେଖିଛୁ ମୋ ରମଣେ ଭଣିତ୍ରି ରତି ରତଏ ସବ ଗୋ ।
ବୋଲେ କେ ଅଦର୍ଶଙ୍କୁ ସୁନ୍ଦରେ ଫୁଲଧନୁ ଲକ୍ଷକୁ ଦେଉଥାଉ ଗୋ ।
ବହଇ ସେହି ନାମ ସଂସାରେ ଏହି ରାମ ଚିତ୍ତକୁ ହରି ନେଇ ଗୋ ।
ବୋଲେ କେହୁ । ବିଧୁ ଲକ୍ଷ୍ୟ ନେ ହୁ ଗୋ ।
ଭଦ୍ରକ ନାମ ସେହୁ ଏ ନାମ ପଛେ ଥାଇ ନିସ୍ତୁଷ ବିଧୁ ଏହୁ ଗୋ । ୩୭ ।
ବୋଲେ କେ କହୁବାର ଲକ୍ଷଣ ସଖି ତୋର ସୁରଙ୍ଗ ପାଦ ପାଣି ଏନି
ପ୍ରକାଶେ ସୁଦର୍ଶନ ସୁଖ ଆନ ବିଧାନ ଅଛି ହୃଦୟମଣି ଗୋ ।

୩୬ଶ ପଦ:—କଷାବନ୍ତ—ଚନ୍ଦ୍ରହାରଯୁକ୍ତ । ସମ୍ବରସୁଖ—ଶମ୍ବରାସୁରର ଶତ୍ରୁ କନ୍ଦର୍ପ ।

୩୭ଶ ପଦ:—ଅଦର୍ଶଙ୍କୁ—ନ ଦେଖିବାରୁ । ଫୁଲଧନୁ—କନ୍ଦର୍ପ । ରାମ—ରମଣୀୟ ବା ମନୋହର । ବିଧୁ—ଚନ୍ଦ୍ର । ବିଧୁ—ବସ୍ତୁ ।

୩୮ଶ ପଦ:—କୌଣସି ସ୍ତ୍ରୀ କହିଲା, "ସତ କଥା; ଏ କନ୍ଦର୍ପ ରତିକୁ ଧାରଣପୂର୍ବକ ରାତିରେ କାମନା କରି ଏହି 'ସମ୍ବରସୁଖ' ଉପଭୋଗକ୍ଷମ ଲଙ୍କାକୁ ସମ୍ବରସ୍ତରୂପ ସୁଖ ବୋଲି ଭାବ ଏଠାକୁ ଭୁଲି ଆସି ଅଛନ୍ତି । ଶୋଭାର ଭଣ୍ଡାର ଜାନକୀ ନିଶ୍ଚୟ ରତି ଅଟନ୍ତି ।" ଅନ୍ୟ କେହୁ ସ୍ତ୍ରୀ କହିଲା "ରାବଣ ସେ ନାରୀରତ୍ନକୁ ଧରି ଆସିଲାବେଳେ ମୁଁ ଦେଖିଛି । ମୋର ମନେ ହୁଏ, ରତି ତାଙ୍କ ରତଏ ସୁଧା ସମାନ ହୋଇ ନ ପାରେ ।"

୩୯ଶ ପଦ:—ଅନ୍ୟ କେହି କହିଲା "କନ୍ଦର୍ପଙ୍କୁ କେବେ ନ ଥିବାରୁ ଏ ସୁନ୍ଦର ପୁରୁଷଙ୍କୁ ଦେଖି କନ୍ଦର୍ପ ସହିତ ଉପମା ଦେଉଛ; ମାତ୍ର ସଂସାରରେ ମଧ୍ୟରେ ଏହି ରାମହିଁ କନ୍ଦର୍ପ ନାମ ବହିଛି, ତେଣୁ ସମସ୍ତଙ୍କ ଚିତ୍ତକୁ ହରଣ କରି ନେଉଛି । (ଏ ସାକ୍ଷାତରେ ମନ୍ମଥ) । ଅନ୍ୟ ସ୍ତ୍ରୀ କହିଲା, "ଏହାଙ୍କୁ ଚନ୍ଦ୍ର ସଙ୍ଗେ ଲକ୍ଷ୍ୟ କରନ୍ତେ, ମଧ୍ୟ ତା ହୋଇ ନ ପାରେ । କାରଣ, ଚନ୍ଦ୍ର ନାମ ଅପୂର୍ଣ୍ଣ ହେବାରୁ ପଛରେ ରହିଲା ଓ ରାମ ନାମ ଅଗ୍ରରେ ହେବାରୁ ଆଦ୍ୟରେ ରହି ରାମଚନ୍ଦ୍ର ବୋଲାଇଲେ । ଏ ନିଶ୍ଚୟ ବସ୍ତୁ ଅଟନ୍ତି ।

୪୦ଶ ପଦ—ଆଉ ଏକ ସ୍ତ୍ରୀ କହିଲା, ଗୋ ସଖି ! ତୋର କହିବା କଥା ସତ ଅଟେ । ଏହାଙ୍କ ହସ୍ତପଦ ରଙ୍ଗଯୁକ୍ତ ଓ ପଦ୍ମପରି ହୋଇଥିବାରୁ ଏ

ବୋଲେ କେହି । ବସନ୍ତବାସଧର ଯେ ।
ଭଜେ ଛଦ୍ମ ବିହଗ ଖଗପର ବନ୍ଧଶମୂର୍ତ୍ତିରେ ଏ ମଧୁର ଯେ । ୩୮ ।
ଭରତ ହୁଳହୁଳି ଶଙ୍କାକୁ ତେଜି ଜାଳ ଲଙ୍କା କାମିନୀପୁଞ୍ଜ ଯେ ।
ବଇଷ୍ଟି ଶତ ଶତ ଉଦ୍ଧତ ଗୁହ୍ନିଁ ସତ ରାମ ବାହୁଡ଼ା ଭଜେ ଯେ ।
ଭଳସିତ । ବେଗରେ ସୁବଳଦ୍ୱେ ଯେ ।
ବାରଣଅରିଦ୍ୱାର ସମୀପେ ଦଶଶିର ନବଲକ୍ଷ ସେନାମ୍ନ ଭଯ୍ୟେ ଯେ । ୩୯ ।

୩୮ଶ ପଦ:—ସୁରଙ୍ଗ—ଉତ୍ତମବର୍ଣ୍ଣବିଶିଷ୍ଟ । ପାଦପାଣି—ପାଦ ଓ ହସ୍ତାବକାଶେ—ପ୍ରକାଶିତ ହୁଏ । ସୁଦର୍ଶନ—ବିଷ୍ଣୁଙ୍କର ଚକ୍ରାୟୁଧ ହୃଦୟମଣି—କୌସ୍ତୁଭମଣି । ବସନ୍ତବାସଧର—ପୀତାମ୍ବର । ଛଦ୍ମ—କପଟ । ଖଗପର—ହନୁମାନ ଉପରେ ମଧୁର—ମନୋହର । ବିହଗ—ଗରୁଡ଼ ।

୩୯ଶ ପଦ:—ଶଙ୍କା ଭୟ । ଜାଳ ବିନାଶ କରି, ଦୂର କରି । ଲଙ୍କାକାମିନୀପୁଞ୍ଜେ—ଲଙ୍କାର ରମଣୀଗଣ । ବଇଷ୍ଟି—ଶତ୍ରୁ । ଉଦ୍ଧତ—ଉଲ୍ଲସିତ । ଭଳସିତ—ପ୍ରକାଶିତ । ବାରଣଅରିଦ୍ୱାର—ସିଂହଦ୍ୱାର । ଦଶଶିର—ରାବଣ । ସେନାମ୍ନ—ସୈନ୍ୟମାନେ ।

ସୁରଙ୍ଗ ପଦ୍‌ପାଣି ଏବଂ ସୁଦର୍ଶନ ଚକ୍ରର ପ୍ରତିଆନ ପ୍ରକାରରେ ଅର୍ଥାତ୍ ଧନୁଶର ରୂପରେ ଏହାଙ୍କ ହସ୍ତରେ ବିରାଜୁଅଛି । ହୃଦୟରେ ମଣି (ସୀତାଙ୍କ ମଥାମଣି) କୌସ୍ତୁଭମଣି ପରି ଜଳୁଅଛି ।" ଆଉ କେହି କହିଲା, "ଏହି ପୀତାମ୍ବରଧାରୀ ବିଷ୍ଣୁ ହନୁମାନ ପୃଷ୍ଠରେ ଭଜେ କରିବା ଛଳରେ ଗରୁଡ଼ ପୃଷ୍ଠରେ ବିରାଜମାନ କରି ଅଛନ୍ତି । ବାଇଶି ଲୀଳାବତାରମାନଙ୍କ ମଧ୍ୟରେ ଏ ଅବତାର ମନୋରମ ଅଟେ ।" ( ବାଇଶି ଲୀଳାବତାର, ଯଥା:—ଚତୁଃସନକ, ନାରଦ, ବରାହ, ମତ୍ସ୍ୟ, ଯଜ୍ଞ, ନର, ନାରାୟଣ କପିଳ, ଦତ୍ତ, ହୟଗ୍ରୀବ, ହଂସ, ପୃଶ୍ନିଗର୍ଭ ଋଷଭ, ପୃଥୁ, ନୃସିଂହ, କୂର୍ମ, ଧନ୍ୱନ୍ତରି, ଧର୍ମ, ଧ୍ରୁବ, ହରି, ମୋହିନୀ, ବାମନ, ପରଶୁରାମ, ରାମ, ବ୍ୟାସ, ବଳଭଦ୍ର, କଳଙ୍କ, କୃଷ୍ଣ, ବୁଦ୍ଧ ) ।

୩୯ଶ ପଦ:—'ଆମ୍ଭେମାନେ ହୁଳହୁଳି ଦେଲେ ରାବଣ ଆମ ଉପରେ କୋପ କରିବ, ଏହି ଭୟକୁ ତ୍ୟାଗ କରି ଲଙ୍କାର ସ୍ତ୍ରୀମାନେ ହୁଳହୁଳି ପକାଇଲେ । ରାମଙ୍କ ବାହୁଡ଼ାଭଜେ ଦେଖି ଶତ ଶତ ରାକ୍ଷସଶତ୍ରୁ ଉଲ୍ଲସିତ ହେଲେ; ଏହା ମିଥ୍ୟା ନୁହେଁ । ରାମଚନ୍ଦ୍ର ଶୀଘ୍ର ଯାଇ ସୁବେଳ ପର୍ବତରେ ବିହାର କଲେ । ସିଂହଦ୍ୱାର ନିକଟରେ ରାବଣ ଭୟଗ୍ରସ୍ତ ହୋଇଥିବା ନିଜର ସୈନ୍ୟମାନଙ୍କୁ ଦେଖିଲେ ।

ବାତେ କଦଳୀପତ୍ର ପ୍ରାୟ କଦଳ ନେତ୍ର ମୋଟମର୍ଦ୍ଦ ପାଶୋର ସେ ।
ଜପନ୍ତ୍ୱ ଏ କଂକୃତ ବଂଶଙ୍କର ପୃଚ୍ଛିତ ସ୍ୱରଭଙ୍ଗନ୍ତି ଗିର ଯେ ।
ବୋଲନ୍ତି ସେ । ରବାବ-ଭୟବନ୍ତେ ଯେ ।
ବଡ଼ାଇଛନ୍ତି କୋପ ସୁଗ୍ରୀ ହନୁ ଅମାପ ଲକ୍ଷ ଦେଇ କି ଶାସେ ଯେ । ୪୦
ବଜ୍ରଦଂଷ୍ଟ୍ର ଧୂମ୍ରାକ୍ଷ ଅକମ୍ପନ ପିଶାଚ ସେନାପତିଏ କାହିଁ ଯେ ।
ବୋଲନ୍ତେ ଦଶଶିର ସ୍ତୁର ଯୋଡ଼ିଣ କର ବୋଇଲେ ନାଶ ସେହି ଯେ ।
ଭୟସ୍ୱରେ । ବେଗେ ତେଜି ନିଶ୍ୱାସ ଯେ ।
ବୃକ୍ଷାଦ୍ୱେଷୀ ପ୍ରବେଶ ସଙ୍ଗେ ଭ୍ରାତୃଗଣେ ବୋଲେ ତାଙ୍କୁ ଏ ଭାଷ ସେ ।
ବ୍ୟାଘ୍ର କୋଡ଼ରେ ଅଜ ପ୍ରବେଶ ହେଲା ଆଜ ନ ପାରିଲେ ବିନାଶି ଯେ ।
ବୀର ବୋଲାଅ ସର୍ବେ ପ୍ରତିଜ୍ଞା କର ଗର୍ବେ ବ୍ୟର୍ଥେ ଅସିକି କଷି ଯେ ।

---

୪୦ଶ ପଦ:—କଦଳ—ମୃଗ । ମୋଟମର୍ଦ୍ଦି—ନଶମୋଡ଼ା । ସ୍ୱରଭଙ୍ଗ—କ୍ଷୀଣକଣ୍ଠରେ । ଗିର—ବଚନ । ରବବ—ଜନଧ୍ୱନି । ଅମାପ—ଅସୀମ ଶାସେ-ଭୟରେ ।

୪୧ଶ ପଦ:—ବୃକ୍ଷାଦ୍ୱେଷୀ—ଇନ୍ଦ୍ରଜିତ ।

---

୪୦ଶ ପଦ:—ଏହା ଦେଖି ରାବଣର ଦେହ ପବନରେ କଦଳୀପତ୍ର ଥରିଲା ପ୍ରାୟ ଥରିଲା । ମୃଗନେତ୍ର ପ୍ରାୟ ତାର ନେତ୍ର ଚଞ୍ଚଳ ହେଲା । ସେ ନାଇଶବ୍ୟଞ୍ଜନ ନଶମୋଡ଼ା ଭୁଲିଯାଇ ଦୂତଙ୍କୁ ପଚାରିଲା—"ଏକି କଥା ?" ଦୂତମାନେ ଭୟହେତୁ କ୍ଷୀଣକଣ୍ଠରେ ଖଣ୍ଡବାକ୍ୟମାନ କହିଲେ ( ସ୍ୱାମୀଙ୍କ ଭୟରେ କଥା ବାହାରୁ ନାହିଁ; ମାତ୍ର ନ କହିଲେ ରାବଣ କ୍ରୁଦ୍ଧହେବ ) "ସୁଗ୍ରୀ ଓ ହନୁ ଯେପରି କ୍ରୁଦ୍ଧ ହୋଇ ଗୋଡ଼ାଇଲେ, ତାଙ୍କୁ ଆଉ ଉପମା ନାହିଁ । ଭୟ ପାଇ ଆମେ ପଳାଇ ଆସିଲୁ ।'

୪୧ଶ ପଦ:—ତତ୍ପରେ ରାବଣ ପଚାରିଲା, "ବଜ୍ରଦଂଷ୍ଟ୍ର, ଧୂମ୍ରାକ୍ଷ, ଅକମ୍ପନ ଓ ପିଶାଚ ସେନାପତିମାନେ କାହାନ୍ତି ?" ତାହା ଶୁଣି ଦୂତ ହାତଯୋଡ଼ି ଜଣାଇଲା, "ସେମାନେ ବିନାଶ ହେଲେ ।" ତାହା ଶୁଣି ରାବଣ ଭୟସ୍ୱରେ ଅତିଶୀଘ୍ର ନିଶ୍ୱାସ ଛାଡ଼ିଲା । ସେହି ସମୟରେ ଇନ୍ଦ୍ରଜିତ ସେଠାରେ ପହଞ୍ଚିଗଲା । ତା ସହିତ ଅନ୍ୟ ଭାଇମାନେ ମଧ୍ୟ ଥିଲେ । ରାବଣ ତାଙ୍କୁ ଦେଖି କହିଲା ।

୪୨ଶ ପଦ:—"ବାଘ କୋଳରେ ଆଜି ଛେଳି ପ୍ରବେଶ କରିଥିଲା । ତୁମ୍ଭେ ସମସ୍ତେ ବୀର ବୋଲାଅ, ଅଥଚ ତାକୁ ବିନାଶ କରି ପାରିଲ ନାହିଁ ।

ବସୁଧାକୁ । ବଦନମାନ କଲେ ସେ ।
ବୟାଳିଶ ପଦରେ ଏ ଛାନ୍ଦ ମନୋହରେ ସାରବର ଭଣିଲେ । ସେ । ୪୬ ।

---

## ଚତୁଶ୍ଚତ୍ୱାରିଂଶ ଛାନ୍ଦ

ରାଗ—କାମୋଦୀ

( ହଂସଦୂତ ବାଣୀରେ )

ବିଶ୍ୱବନ୍ଧ ବିନାଶ ବିଶ୍ୱବନ୍ଧୁ ପ୍ରକାଶ ବିହଗ ପ୍ରକଟ ଅଶେଷ ।
ବିଷମବାଣେ ହାସ ବଂଶଜେଷ୍ଠ ନିଶ୍ୱାସ ତେଜି ବୋଇଲା ଉଚ୍ଚ ଘୋଷ ସେ !
ବଂଶଧ୍ୱଂସ ।
ବ୍ୟର୍ଥ ଆନନ୍ଦରେ କର ଆଶ    ବୋଧ ମୋ ଭ୍ରାତ ହେନ ଆଶ ।
ବିନ୍ଦୁରେ ରଭସ ଭଜଶତ୍ରୁ ଅବଶ୍ୟ କରିବ ବଂଶହାନି ସେ । ୧ ।

---

୪୬ଶ ପଦ:—ଅଜା-ଛେଳି । ବ୍ୟର୍ଥେ—ବୃଥାରେ । ଅସି—ଖଣ୍ଡା । କଷି—ଝମକାଇ । ବସୁଧାକୁ—ପୃଥିବୀକୁ ଅର୍ଥାତ୍ ତଳକୁ । ବଦନମାନ—ମୁଖସବୁ ।

## ଚତୁଶ୍ଚତ୍ୱାରିଂଶ ଛାନ୍ଦ

୧ମ ପଦ:—ବିଶ୍ୱବନ୍ଧ—ରାତ୍ରି । ବିଶ୍ୱବନ୍ଧୁ—ସୂର୍ଯ୍ୟ । ବିହଗ—ଶବ୍ଦ ଅଶେଷ—ଅସଂଖ୍ୟ । ବିଷମବାଣେ—ଭୟଙ୍କର ଶବ୍ଦଠାରେ । ହାସ—ଭୟ । ବଂଶଧ୍ୱଂସ—ବଂଶବିନାଶ । ରଭସ—ଶୀଘ୍ର ।

---

ବୃଥାରେ ସିନା ଖଣ୍ଡା ଝମକାଇ ଏତେ ଗର୍ବ ଦେଖାଉଥାଅ ।" ରାବଣରେ ଏବାଣୀ ଶୁଣି ସମସ୍ତେ ଲଜ୍ଜାରେ ତଳକୁ ମୁଖ ପୋତିଲେ । ଏହି ମନୋହର ଛାନ୍ଦ ବୟାଳିଶ ପଦରେ ସାରବର ରଚନା କଲେ ।

---

## ଚତୁଶ୍ଚତ୍ୱାରିଂଶ ଛାନ୍ଦ

୧ମ ପଦ:—ରାତ୍ରି ଶେଷ ହୋଇ ପ୍ରଭାତ ହୁଅନ୍ତେ ସୂର୍ଯ୍ୟ ଉଦିତ ହେଲେ ଓ ଅଶେଷ ଭାବରେ ପକ୍ଷୀଙ୍କର ରବ ଶୁଣାଗଲା । ରାବଣ ଶବ୍ଦଠାରୁ ଅତ୍ୟନ୍ତ ଭୟପ୍ରାପ୍ତ ହୋଇଥିବାରୁ ଦୀର୍ଘନିଶ୍ୱାସ ପକାଇ ଉଚ୍ଚ ସ୍ୱରରେ କହିଲା

ବାରିଧି କୁମ୍ଭନୀର ଗ୍ରାସେ କୁମ୍ଭସୁତର ସମ୍ଭବ ନୁହଇ ଆନର ।
ବାନର ନରବର ଦେହଜାତ ରୁଧିରୁ ପାନ ହେବ କୁମ୍ଭକର୍ଣ୍ଣର ଦେ ।
ବାରବାର ।
ବାହୁଗାଢଙ୍କ ପରକାର ବାରିଜବ ମୃତ ଶରୀର ।
ବଞ୍ଚକ ଗୃଧ୍ର ଚିରଛୁଧା ଦେ ଉବ ଦୂର ଭଜବ ଲଙ୍କାପୁର ଶୂନ୍ୟ ଦେ । ୨ ।
ବୋଲନ୍ତେ ମନ୍ଦୋଦରେ ଶୁଣି ଜୁଜୁପାଷରେ ଯାଇ ସେ ସତ୍ୱରେ ଚଉରେ
ବେଶ୍ମବର ଭିତରେ ପଶିଣ ଚହୁଗ୍ନିରେ ଦେଖିଲେ ପଲଙ୍କ ଉର୍ଦ୍ଧ୍ୱରେ ବପୁ
ବିନ୍ଧ୍ୟଧରେ ।

---

୨ୟ ପଦ:—ବାରିଧି ସମୁଦ୍ର । କୁମ୍ଭନୀର—ମାଠିଆଏ ପାଣି । କୁମ୍ଭସୁତର—ଅଗସ୍ତିଙ୍କର । ରୁଧିର ରକ୍ତ । ବାରବାର—ଅସଂଖ୍ୟ, ବାରମ୍ବାର ବା ଥରକୁଥର । ବାରିଜବ ଜଳଚର ପ୍ରାଣୀ । ବଞ୍ଚକ-ବିଲୁଆ । ଗୃଧ—ଶାଗୁଣା ।

୩ୟ ପଦ:—ସତ୍ୱର-ଚଞ୍ଚଳ । ଚଉରେ ଅଗଣରେ । ବେଶ୍ମବର—ମନୋହର ଗୃହ । ବିନ୍ଧ୍ୟଧର—ବିନ୍ଧ୍ୟପର୍ବତ । ବପୁ-ଶରୀର । ଊର୍ଦ୍ଧ୍ୱରେ—ଉପରେ । ମନ୍ଦର ତୁଲ—ପର୍ବତ ତୁଲ । ନିରନ୍ତର—ସର୍ବଦା ।

---

“ଅନ୍ୟଙ୍କଠାରେ ଆଶା ରଖି ବ୍ୟର୍ଥରେ ମୋ ବଂଶ ଧ୍ୱଂସହେଲା; ଏବେ ମୋ ଭାଇ କୁମ୍ଭକର୍ଣ୍ଣକୁ ନିଦ୍ରାରୁ ଉଠାଇ ବୋଧ ଦେଇ ନେଇଆସ । ସେ ନିଦ୍ରାରୁ ଉଠିଲେ ଅବଶ୍ୟ ଶୀଘ୍ର ଯାଇ ଶତ୍ରୁମାନଙ୍କର ବଢ଼ିଯାଇଥିବା ସାହସକୁ ବିନାଶ କରିବ । ଅଥବା ଶତ୍ରୁଙ୍କୁ ସାହସ ପୂର୍ବକ ବିନାଶ କରିବ ।”

୨ୟ ପଦ:-“କେବଳ କୁମ୍ଭସୁତ ଅଗସ୍ତ୍ୟ ମୁନିଙ୍କଠାରେ ସମୁଦ୍ରକୁ କୁମ୍ଭଜଳ ପ୍ରାୟ ପାନ କରିବାର ସାମର୍ଥ୍ୟ ସମ୍ଭବ, ଅନ୍ୟଠାରେ ନୁହେ । ସେହିପରି ନର ବାନରଙ୍କ ଦେହରୁ ଜାତହେବା ରକ୍ତ ପାନ କରିବା ଶକ୍ତି କେବଳ କୁମ୍ଭକର୍ଣ୍ଣଠାରେହିଁ ସମ୍ଭବ । ସେ ଯୁଦ୍ଧ କଲେ ଯୁଦ୍ଧକ୍ଷେତ୍ରରେ ଜଳଜନ୍ତୁ ପ୍ରାୟ ଶବ ଥରକୁ ଥର ଭାସିବେ (ଶତ୍ରୁଙ୍କ ରକ୍ତ ଜଳପ୍ରାୟ ଯୁଦ୍ଧକ୍ଷେତ୍ରକୁ ପ୍ଲାବିତ କରିବ) । ଶୃଗାଳ ଶାଗୁଣାମାନଙ୍କର କ୍ଷୁଧା ଚିରକାଳ ପାଇଁ ଦୂର ହୋଇଯିବ । ଶତ୍ରୁଶୂନ୍ୟ ହେବାରୁ ଲଙ୍କାପୁର ସୁସ୍ଥ ହେବ ।”

୩ୟ ପଦ ରାବଣ ମନ୍ଦୋଦରୀ ଓ ଜୁଜୁପାଷକୁ ଶୁଣି ଏହା କହନ୍ତେ ସେ ଦୁହେଁ ଶୀଘ୍ରଯାଇ କୁମ୍ଭକର୍ଣ୍ଣର ଅଗଣାରେ ମିଳିଲେ । ତଦନନ୍ତର ସେହି ଶ୍ରେଷ୍ଠ ଗୃହ ଭିତରେ ପଶି ଦେଖିଲେ ଯେ, କୁମ୍ଭକର୍ଣ୍ଣ ପଲଙ୍କ ଉପରେ ଶୋଇଅଛି ।

ବପୁ ତା'ର ଉପମା ଧରେ        ବିଭାସ ଲକ୍ଷ ନିଃଶ୍ୱାସରେ ।
ବସେ ନିଜସ୍ଥାନରେ ଗଣ୍ଡ କରି ଉର୍ଦ୍ଧ୍ୱରେ ମନ୍ଦରଶୃଙ୍ଗ ନିରନ୍ତରେ ସେ ।୩।
ବୋଳି ଚନ୍ଦନ ପାଇଁ ଉଚ୍ଚରେ ଡାକ ଦେଇ ବହୁତ ଲୋକ ଜୁଣ୍ଡ ହୋଇ ।
ଅଚେଷ୍ଟା ନ ଭାଙ୍ଗଇ ଶ୍ରୁତିପାର୍ଶ୍ୱେ ଜୁହାଇ ବିବିଧ ବାଦ୍ୟଙ୍କୁ ବଜାଇ ସେ ।
ବାଜୀ ନେଇ ।
ବିସ୍ତାର ଅଙ୍ଗରେ ଧୂଆଇଁ        ବାରଣଦନ୍ତରେ ମସାଇ ।
ବସିଲା ଚେତା ପାଇ ବହୁ ଆହାର ଖାଇ ଦୁଧ ମଦ ରକତ ପିଇ ସେ ।୪।
ବାହାରି ଶତ ଶତ ଆହାରୀ ହୋଇ ଦୈତ୍ୟ ବାହାରେ କରେ ଶୂଳଧୃତ ।
ବିବୁଧ ଅଚଳେ ସ୍ଥିତ କଳ୍ପପାଦପବନ୍ତ ପ୍ରାୟରେ ଜଣି ଦିଶେ ମତ ସେ ।
ଭଳଭଳ ।

---

୪ର୍ଥ ପଦ:—ଅଚେଷ୍ଟା—ଅଜ୍ଞାନ । ଶ୍ରୁତିପାର୍ଶ୍ୱରେ —କର୍ଣ୍ଣପାର୍ଶ୍ୱରେ । ବାଜୀ ଘୋଟକ । ଧୂଆଇଁ-ଦୌଡ଼ାଇ । ବାରଣଦନ୍ତରେ—ହାତୀଦାନ୍ତରେ । ପାଇଁ—ପ୍ରଚୁର ।

୫ମ ପଦ:—ବାହାରି—( ବାହ—ମନୁଷ୍ୟ, ଅରି—ଶତ୍ରୁ ), ମନୁଷ୍ୟଆହାରୀ—କୁମ୍ଭକର୍ଣ୍ଣ । ଆହାରୀ—ଭୋଜନପାତ୍ର । ଦୈତ୍ୟ—ରାକ୍ଷସ (କୁମ୍ଭକର୍ଣ୍ଣ) । ବିବୁଧାଚଳ— ମେରୁପର୍ବତ । କଳ୍ପପାଦପବନ୍ତ—କଳ୍ପବୃକ୍ଷପରି ତାର ଦେହ ଭୟଙ୍କର ଦୃଶ୍ୟ ଦେଖା ଯାଉଅଛି । ବିଭାସ ବହ୍ନିଳ ପ୍ରାପ୍ତ ତା

---

ନିଶ୍ୱାସ ବହୁଅଛି । ସର୍ବଦା ନିଶ୍ୱାସ ଛାଡ଼ିବା ହେତୁ ମନ୍ଦରଶୃଙ୍ଗର ଶୃଙ୍ଗ ଉର୍ଦ୍ଧ୍ୱକୁ ଉଠି ପୁଣି ନିଜ ସ୍ଥାନରେ ରହୁଅଛି । (ସେ ଏଡ଼େ ଜୋରରେ ନିଶ୍ୱାସ ଛାଡ଼ୁଅଛି ଯେ, ଶୃଙ୍ଗର ଶୃଙ୍ଗ ଉଠୁଛି ଓ ପଡ଼ୁଛି) ।

୪ର୍ଥ ପଦ:—ସେମାନେ କୁମ୍ଭକର୍ଣ୍ଣର ନିଦ୍ରା ଭଗ୍ନ ନିମନ୍ତେ ବହୁତ ଚନ୍ଦନ ତାହାର ଦେହରେ ବୋଳିଲେ । ଅନେକ ଲୋକ ଏକାଠି ଜୁଣ୍ଡହୋଇ ଉଚ୍ଚରେ ଡାକ ଦେଲେ । ତଥାପି ତାର ନିଦ୍ରା ଭଗ୍ନ ନ ହେବାରୁ କାନପାଖରେ ନାନାପ୍ରକାର ବାଦ୍ୟ ଘନ ଘନ ବଜାଇଲେ, ଘୋଡ଼ାମାନଙ୍କୁ ନେଇ ତାହାର ବିସ୍ତୃତ ବକ୍ଷ ଦେଶରେ, ଦଉଡ଼ାଇଲେ, ହାତୀଙ୍କୁ ନେଇ ଦନ୍ତଦ୍ୱାରା ତାହାକୁ ଉଠାଇଲେ । ଏହିପରି ହେବାରୁ ସେ ଚେତା ପାଇ ବସିଲା ଏବଂ ବହୁତ ଖାଦ୍ୟ ଖାଇ ଦୁଧ, ରକତ ଓ ମଦ୍ୟ ପାନକଲା ।

୫ମ ପଦ:—ସେହି କୁମ୍ଭକର୍ଣ୍ଣ ଦୈତ୍ୟ ଶତ ଶତ ମଇଁଷି ଆହାର କରି ହସ୍ତରେ ଶୂଳଧରି ବାହାରି ପଡ଼ିଲା । ଏହା ସତ ଯେ, ମେରୁଗିରି ପରେ କଳ୍ପବୃକ୍ଷ

ବଢ଼େ ଅଭ୍ରମୁପତି ସ୍ଥିର                ବାରବାର ଆଉଁସେ ଦନ୍ତ ।
ବିମଳଜ୍ୟୋତି ହତ ଆଦିତ୍ୟ ସନ୍ତପନ୍ତ ତୁରଙ୍ଗରଙ୍ଗ ବିଳମ୍ବିତ ସେ ।୯।
ବାସୁକି ଅସକତ ଅଶୁ ପୃଥ୍ୱୀ ଲସିତ ଉମାଗୁରୁ କମ୍ପିତ ।
ବଣୀରୁ ଦନ୍ତବ୍ରାତ ଠଣାରୁ ପଳାୟିତ ଅସୁର କପି ଇତସ୍ତତ ଯେ ।

ବିଲୋକିତ

ବୋଇଲେ ଏ କି ଅଦଭୁତ                ବିଭୀଷଣକୁ ରଘୁସୁତ
ବିଗ୍ରହସ୍ଥଳେ ଜାତ ଗୈରିକ ପର୍ବତ ଉନ୍ନତ ଛୁଇଁଛି ଅନନ୍ତ ଯେ ୬ ।

---

ଅଭ୍ରମୁପତି—ଐରାବତ ହସ୍ତୀ । ବାରବାର—ପୁନଃପୁନ । ବିମଳଜ୍ୟୋତି—ନିର୍ମଳତ୍ୱ । ଆଦିତ୍ୟ—ସୂର୍ଯ୍ୟ । ତୁରଙ୍ଗରଙ୍ଗ—ଘୋଡ଼ାମାନଙ୍କର କ୍ରୀଡ଼ା । ବିଳମ୍ବିତ—ବିଳମ୍ବ । ସ୍ତ୍ରଜାରେ—ସ୍ତ୍ରଚୀର ।

ଅନ୍ୟ ପଦ:—ଆଶୁ ଶୀଘ୍ର । ଉମାଗୁରୁ—ହିମାଳୟ । ଗୁରୁ—ବିଶେଷ ଭାବରେ । ଠଣାରୁ—ସ୍ଥାନରୁ । ଅସୁର—ବହୁତ । ଇତସ୍ତତଃ—ଏଣେ ତେଣେ । ବିଲୋକିତ—ଦେଖି । ବିଗ୍ରହସ୍ଥ—ଯୁଦ୍ଧ । ଗୈରିକପର୍ବତ—ଗେରୁ ପର୍ବତ । ଉନ୍ନତ-ଉଚ୍ଚ । ଅନନ୍ତ—ଆକାଶ । ଲସିତା ଦବିଯିବା । ଦନ୍ତବ୍ରାତ—ଦନ୍ତସବୁ ।

---

ସ୍ଥିତ ହେଲା ପ୍ରାୟ ଲଙ୍କା ପାଚେରିରୁ ବାହାର ଦେଖା ଯାଉଥିବା ମେରୁଗିରିସମ କୁମ୍ଭକର୍ଣ୍ଣ ହସ୍ତରେ କଳ୍ପବୃକ୍ଷସମ ଶୂଳ ଦେଖାଗଲା । ସେହି କାଳସ୍ଥ ସାର ଉଠିବାରୁ ଐରାବତ ହସ୍ତୀ ଭୟ ପାଇ ବାରମ୍ବାର ତା ଦାନ୍ତକୁ ଆଉଁସିଲା । (ପୂର୍ବେ କୁମ୍ଭକର୍ଣ୍ଣ ତା ଦାନ୍ତ ଉପାଡ଼ି ପକାଇଥିଲା।) କୁମ୍ଭକର୍ଣ୍ଣକୁ ଦେଖି ସୂର୍ଯ୍ୟ ସନ୍ତ୍ରସ୍ତ ହେଲେ, ତାଙ୍କର ରଥରେ ଲାଗିଥିବା ଅଶ୍ୱଙ୍କର ଗମନ କ୍ରୀଡ଼ା ବିଳମ୍ବ ହେବା ଯୋଗୁଁ ତାଙ୍କର ନିର୍ମଳ ପ୍ରଭା ବିନାଶ ହେଲା । ସୂର୍ଯ୍ୟ ଭୟ କଲେ ଯେ କାଳେ କୁମ୍ଭକର୍ଣ୍ଣ ଆସି ତାଙ୍କ ଅଶ୍ୱମାନଙ୍କୁ ଭକ୍ଷଣ କରି ପକାଇବ ।

ଅନ୍ୟ ପଦ:—କୁମ୍ଭକର୍ଣ୍ଣ ଚାଲିବାବେଳେ ବାସୁକି ତାର ଭାର ସହିବାକୁ ଅସମର୍ଥ ହେଲା, ତେଣୁ ପୃଥ୍ୱୀ ଦବିଗଲା । ହିମାଦ୍ରି ଶିଖର ବିଶେଷ ଭାବରେ କମ୍ପିତ ହେବାକୁ ଲାଗିଲା । କୁମ୍ଭକର୍ଣ୍ଣଙ୍କୁ ଦେଖି କପିସୈନ୍ୟମାନଙ୍କର ଧୈର୍ଯ୍ୟ ନାଶ ହେବାରୁ, ସେମାନଙ୍କ ମଧ୍ୟରୁ ଅନେକ ବ୍ୟୂହ ଛାଡ଼ି ପଳାୟନ କଲେ ଏହା ଦେଖି ରାମଚନ୍ଦ୍ର ବିଭୀଷଣଙ୍କୁ କହିଲେ, "ଏ କି ଅଦ୍ଭୁତ କଥା ! ଯୁଦ୍ଧକ ମଧ୍ୟରେ ଗୋଟିଏ ଗୈରିକପର୍ବତ ଜାତ ହୋଇ ଉଚ୍ଚତାରେ ଆକାଶକୁ ସ୍ପର୍ଶ କଲା କିପରି ?"

ବିଭୀଷଣ ଭାଷଣ ନୁହଇ ଗୋଜ ପୁଣ ଭଣିଲେ ସେ ଘଟଶ୍ରବଣ ।
ବିଗ୍ରତକ ନୋହୁଣ ବ୍ରହ୍ମାଣ୍ଡେ ଏକ ଜଣ ନାହାନ୍ତି ଏହାକୁ ପ୍ରମାଣ ସେ ।

ସାରପଣ

ବହେ ଦର୍ପକ କର ଝାଣ ବେଶ୍ଚରେ ଯୋଗୀନ୍ଦ୍ର ଆପଣ
ବିଦ୍ୱ ନାଶ ତମ୍ଭୁଣ୍ଡି ପଡ଼ିଲଣି ଈକ୍ଷଣ ତ୍ରୁଅ ସୁକୃତ ବିଚକ୍ଷଣ ସେ । ୭ ।
ବହୁପଥେ ରାକ୍ଷସ ନଷ୍ଟ ଦେଖିଲା ଦେଶ ଜନ୍ତୁପାଶେ ଚାଲ ସନ୍ଦେଶ ।
ବିନୟଭାବେ ବଶ ବସି ଲଙ୍କେଶ ପାଶ ପୁଚ୍ଛନ୍ତେ କଲା ସେ ପ୍ରକାଶ ସେ ।

ସାରଙ୍ଗ

ବିପଦ ବ୍ୟାଧିରେ ମୁଁ କୃଶ ବୈଦ୍ୟ ହୋଇ ଆଗୁର ନାଶ
ବିଦିତ ଏଥି ଦଶରଥଜ ସେନ କ୍ଲୀଶ ଜବ୍ୟାଦେ ଭଟେ ଦଶାଦଶ ସେ । ୮ ।

---

୭ମ ପଦ:—ଗୋଜ—ପବନ । ଘଟଶ୍ରବଣ—କୁମ୍ଭକର୍ଣ୍ଣ । ବିଗ୍ରତକ-ନିର୍ଭୟରେ । ଦର୍ପକପରି—କନ୍ଦର୍ପପରି । ଈକ୍ଷଣ—ଚକ୍ଷୁ । ସୁକୃତ-କୃତଭି ।

୮ମ ପଦ:—ପଥେ—ବାଟରେ । ସନ୍ଦେଶ—ବାର୍ତ୍ତା । ଲଙ୍କେଶପାଶ-ରାବଣ ସମୀପରେ । ସାରଙ୍ଗଇଷ—ସାରଶ୍ରେଷ୍ଠ । କୃଶ—କ୍ଷୀଣ । ବିଦିତ-ପ୍ରକାଶିତ ଦଶରଥଜ—ଦଶରଥପୁତ୍ର । କ୍ଲୀଶ ବାନର । ଜବ୍ୟାଦେ— ରାକ୍ଷସଙ୍କଠାରେ । ଦ।ଦଟ—ଦଶମ ଦଶା ଅର୍ଥାତ୍ ମରଣଦଶା ।

---

୭ମ ପଦ.—ଏହା ଶୁଣି ବିଭୀଷଣ ଉତ୍ତର ଦେଲେ "ଏ ପବନ ନୁହେ, କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠନ୍ତି ! ବ୍ରହ୍ମାଣ୍ଡ ମଧ୍ୟରେ ଜଣେ ହେଲେ ଏପରି କେହି ନାହିଁ—ଯେ କି ଏହାକୁ ଭସ୍ମ କରେ,-ଏହା ସତ୍ୟ ଅଟେ । ଏ ସାର-ପଣରେ କନ୍ଦର୍ପ ପ୍ରାପ୍ତ ଝାଣ ବହେ । ବିଧିରେ ତ ଆପଣ ଯୋଗୀଶ୍ରେଷ୍ଠ ଯୋଗୀ ଶ୍ରେଷ୍ଠ ମହାଦେବଙ୍କ ନେତ୍ର ଚହିଲେଣି କନ୍ଦର୍ପ ଭସ୍ମ ହେଲା ପ୍ରାପ୍ତ ଆପଣ ନେତ୍ରପାତ ମାତ୍ରକେ ଏହାକୁ ବିନାଶ କରନ୍ତୁ, ଆପଣଙ୍କର କୀର୍ତ୍ତି ସଂସାରରେ ବିଖ୍ୟାତ ହେବ ।"

୮ମ ପଦ:—କୁମ୍ଭକର୍ଣ୍ଣ ଗଲାବେଳେ ବାଟରେ ଦେଶର ଅଦ୍ଭୁତ କ୍ଷତ ହୋଇଥିବାର ଦେଖିଲା ଏବଂ ଜନ୍ତୁମାନଙ୍କଠାରୁ ସମସ୍ତ ଖବର ବୁଝିଯାଇ ରାବଣ ପାଖରେ ବସି ବିନୟ ପୂର୍ବକ କାରଣ ପୁଚ୍ଛା କଲା । ରାବଣ କହିଲା, ହେ ସାର ଶ୍ରେଷ୍ଠ ! ବିପତ୍ତିରୂପ ରୋଗଗ୍ରସ୍ତ ହୋଇ ମୁଁ କ୍ଷୀଣ ହୋଇଅଛି, ତୁ ବୈଦ୍ୟ ହୋଇ ମୋର ସେହି ରୋଗକୁ ବିନାଶ କର । ଦଶରଥ ରାଜାର ପୁତ୍ର ରାମଚନ୍ଦ୍ର ଏ ଦେଶରେ ପ୍ରବେଶ କରି କପିଙ୍କ ସଙ୍ଗତରେ ସେନ ରକ୍ଷସଙ୍କୁ ଦଶମଦଶା (ମରଣ ଦଶା) ପ୍ରଦାନ କରୁଅଛି ।

ବୋଲନ୍ତେ କୁମ୍ଭଶ୍ରୁତ କାହିଁକି ସେ ଅରାତି କେମନ୍ତେ ବାନର ସଙ୍ଗତ ।
ବୋଇଲା ଲଙ୍କପତି ଯାଇ ମାରୀଚକୁ ତ କରାଇ ତାକୁ ମାୟାମୂର୍ତ୍ତି ସେ ।
ଭେଳ ଯତ୍ନ
ବନ୍ଧ ଯାଉଁ ତାକୁ ଝଟିତ ଚନେ ଆଣିଲ ତା ଯୁବତୀ
ବନେ ସୁଗ୍ରୀବେ ପ୍ରୀତି ବାଳିକି ହରି ହତ ଶୈଳେ ସାଗର ସେତୁବନ୍ଧ ସେ ॥
ବୋଲେ କଲୁ କି ବୁଦ୍ଧି ନାରୀଚୋର ସିଦ୍ଧି ମାତର ହୋଇଲା ପ୍ରସିଦ୍ଧି ।
ବାଳିକି ଯେହୁ ବଧି ତାରେ ପୁଣି ବିରୋଧୀ ନ ହେଳ ବନ୍ଧେ ତରେ ବାର୍ଦ୍ଧିରେ ବଡ଼ ଯୋଧୀ
ଭୁଶ୍ରରେ ପାରିବ କେ ସାଧି ବଂଶାଖ କହେ କହୁଁ ବୋଧି
ବିଭୀଷଣ ସମ୍ମତି ଆଚରି କଲା ଅବଧି ପଳାଇ ହେଲୁଣି ଭ୍ରାନ୍ତଧୀ ସେ ॥୧୦॥

୯ମ ପଦ:—କୁମ୍ଭଶ୍ରୁତ—କୁମ୍ଭକର୍ଣ୍ଣ । ଅରାତି—ଶତ୍ରୁ । ସଙ୍ଗତ—ସଙ୍ଗରେ । ଲଙ୍କପତି—ରାବଣ । ମାୟାମୂର୍ତ୍ତି-କପଟରୂପ । ଯୁବତୀ-ସ୍ତ୍ରୀ ( ଷୋଡ଼ଶ ବର୍ଷଠାରୁ ତିରିଶବର୍ଷ ପର୍ଯ୍ୟନ୍ତ ସ୍ତ୍ରୀକୁ ଯୁବତୀ ବୋଲାଯାଏ ) । ହତ—ବିନାଶ ଶୈଳେ—ପର୍ବତରେ । ସାଗରେ—ସମୁଦ୍ର । ସେତୁବନ୍ଧ—ବନ୍ଧ ପକାଇ ।

୧୦ମ ପଦ:—ନାରୀଚୋର-ସ୍ତ୍ରୀଚୋର । ପ୍ରସିଦ୍ଧି—ଖ୍ୟାତି । ବାର୍ଦ୍ଧି—ସମୁଦ୍ର । ଭୁଶ୍ରରେ—ପୃଥିବୀରେ । ସମ୍ମତି—ସମ୍ମତି । ଆଚରି—ଆଚରଣ । ଭ୍ରାନ୍ତଧୀ—ଭ୍ରମବୁଦ୍ଧି ।

୯ମ ପଦ:—ରାବଣର କଥା ଶୁଣି କୁମ୍ଭକର୍ଣ୍ଣ କହିଲା, ସେ ଦଶରଥସୁତ କାହିଁକି ତୁମ୍ଭର ଶତ୍ରୁ ହେଲା ? ପୁଣି କରହୋଇ ବାନରଙ୍କର କାହିଁକି ମିତ ହେଲା ? ଏହା ଶୁଣି ରାବଣ କହିଲା, ମୁଁ ମାରୀଚ ପାଖକୁ ଯାଇ ତାକୁ ମାୟାମୃଗ କରାଇଲି । ସେହି ରାମ ଲକ୍ଷ୍ମଣ ଯେତେ ହୁହେଁ ସେ ମାୟାମୃଗକୁ ବଧିବା ନିମିତ୍ତ ଶୀଘ୍ର ତା ପଛରେ ଗୋଡ଼ାଇ ଯାଆନ୍ତେ, 'ମୁଁ କପଟ ବେଶ କରି ତା ଯୁବତୀ ସ୍ତ୍ରୀକୁ ଘେନିଆସିଲି । ସେ ଦୁହେଁ ବନମଧ୍ୟରେ ସୁଗ୍ରୀବ ସଙ୍ଗେ ପ୍ରୀତି କରି ବାଳିକୁ ବଧ କଲେ ଏବଂ ସମୁଦ୍ରରେ ପର୍ବତ ପକାଇ ବନ୍ଧ ବାନ୍ଧିଲେ ।"

୧୦ମ ପଦ:—କୁମ୍ଭକର୍ଣ୍ଣ କହିଲା, କି ମନ୍ଦ ବୁଦ୍ଧି କଲ ? କେବଳ 'ନାରୀଚୋର' ଏହି ପ୍ରସିଦ୍ଧି ରହିଲା । ଯେ ବାଳିକୁ ମାରିଲା ତୁମ୍ଭେ ପୁଣି ତାହାର ଶତ୍ରୁ ହେଲ ? ଯେ ବନ୍ଧ ବାନ୍ଧି ସମୁଦ୍ରକୁ ପାରି ହେଲା, ତାକୁ କଣ ତୁମ୍ଭେ ବଡ଼ ଯୋଦ୍ଧା ବୋଲି ଜାଣିପାରିଲ ନାହିଁ । ତାକୁ ଏ ସଂସାରରେ କେହି ସାଧି କରିପାରିବେ ନାହିଁ । କୁମ୍ଭକର୍ଣ୍ଣ ଏହିପରି ବୋଧ ଦେଇ କହନ୍ତେ, ରାବଣ କ୍ରୁଦ୍ଧ ହୋଇ କହିଲା, 'ବିଭୀଷଣ ସମ୍ମତି ଆଚରଣ କରି ଶତ୍ରୁ ପାଦରେ ଶରଣ ପଶିଲା, ତୁ ଭ୍ରାନ୍ତବୁଦ୍ଧି ଧରିଲୁଣି, ଏବେ ପଳାଇ ଯାଇ ଶତ୍ରୁ ପାଦରେ ଶରଣ ପଶ ।"

ବାଳକ ମେଘନାଦ ରଣେଁ ପ୍ରଥମେ ବାଦ ଲକ୍ଷ୍ମଣେ କଲା ଶକ୍ତିଭେଦ
ବାରେକ ପୁଣି ଦ୍ୱନ୍ଦ୍ୱ ବନ୍ଧିଲା ଭ୍ରାତୃଦ୍ୱନ୍ଦ୍ୱ ଦନ୍ଦଶୂକପାଶରେ ଛନ୍ଦ ସେ ।

ଚଳେ ମନ୍ଦ

ତାହାର କି ବଡ଼ାଇ ସମ୍ବାଦ    ବ୍ୟାଘ୍ର ଆଗରେ ବଳୀବର୍ଦ୍ଦ
ବୋଲି କରି ନିନାଦ ବାହାରି ହେଲା ମଦ୍ୟ ଶବ୍ଦନେ ଘୂର୍ଣ୍ଣି କରି ମଦ ସେ ।
ବିଧାନ ଗରଜନ ଗର୍ଭସ୍ରାବ ସର୍ଜନ ବଧିର ପ୍ରାପ୍ତ ହେଲେ ଜନ ।
ବଜ୍ରେ ବଜ୍ର ଯେସନ ଘର୍ଷଣେ ତେସନ ଶୁଭେ ରଟମଟ ଦର୍ଶନ ସେ ।

ଉବର୍ଦ୍ଧ

ବେଳୁଁ ବେଳୁଁ ତା ଅପଘନ    ବଢ଼ଇ ନଘାରୁ ଜବନ ।
ବନଚର ସଇନ ସ୍ୱାବନ୍ତି ସମାନ ଧରାରେ କଲା ସେ ମର୍ଦ୍ଦନ ଯେ । ୧୨ ।

---

୧୧ଶ ପଦ:—ବାଦ—ଶତ୍ରୁତା । ଭ୍ରାତୃଦ୍ୱନ୍ଦ୍ୱ—ଭାଇବୁହେଁ । ଦନ୍ଦଶୂକପାଶରେ—ନାଗପାଶରେ । ଛନ୍ଦ—ଛନ୍ଦି । ବଳୀବର୍ଦ୍ଦ—ବଳଦ । ନିନାଦ—ଶବ୍ଦ ।

୧୨ଶ ପଦ:—ଗର୍ଭସ୍ରାବ—ଅତି ଭୟରେ ପେଟରୁ ପିଲା ଖସିପଡ଼ିବା । ବଧିର—କାଲ । ଦଶନ—ଦନ୍ତ । ଅପଘନ—ଶରୀର । ଜବନ—ଶୀଘ୍ର । ସ୍ୱାବନ୍ତି—ପିମ୍ପୁଡ଼ିସମୂହ । ଧରାରେ-ପୃଥିବୀରେ ।

---

୧୧ଶ ପଦ:—"ବାଳକ ମେଘନାଦ ପ୍ରଥମେ ଯାଇ ଯୁଦ୍ଧ କରିବା ମାତ୍ରକେ ଲକ୍ଷ୍ମଣଙ୍କୁ ଶକ୍ତିରେ ବିଦ୍ଧ କଲା । ପୁଣି ଥରେ ଯୁଦ୍ଧ କରି ରାମ ଲକ୍ଷ୍ମଣ ଦୁହିଁଙ୍କୁ ନାଗପାଶରେ ବାନ୍ଧି ପକାଇଥିଲା । ସେ ଦୁହେଁ ବଳରେ ଆମ୍ଭଠାରୁ ହୀନ ତାଙ୍କ ସାରିବା କଥା କହିବାରେ ବା କଣ ଅଛି ? ବ୍ୟାଘ୍ର ସମ୍ମୁଖରେ ବଳଦର ବଡ଼ାଇ ରହିପାରେ କି ?" ରାବଣ ଏହିପରି କହନ୍ତେ କୁମ୍ଭକର୍ଣ୍ଣ ଉଚ୍ଚ ଧ୍ୱନି ମଦ ନିଶାରେ ମତ୍ତ ହୋଇ ଗର୍ବର ସହିତ ଯୁଦ୍ଧକୁ ବାହାରି ହେଲା ।

୧୨ଶ ପଦ:—ଯୁଦ୍ଧକୁ ବାହାରିବା ବେଳେ କୁମ୍ଭକର୍ଣ୍ଣ ଯେଉଁ ଗର୍ଜନ କଲା, ତହିଁରେ ସ୍ତ୍ରୀମାନଙ୍କର ଗର୍ଭସ୍ରାବ ହୋଇ ପଡ଼ିଲା । ଲୋକେ ସେ ଶବ୍ଦ ଶୁଣି କାଲ ପ୍ରାପ୍ତ ହୋଇଗଲେ । ବଜ୍ରରେ ବଜ୍ର ଘଷିଲେ ଯେପରି ଶବ୍ଦ ଶୁଭେ ତାହାର ଦାନ୍ତ ରଗଡ଼ି ହେବାର ଶୁଭିଲା । ତାହାର ଶରୀର ବେଳକୁ ବେଳ ବଢ଼ିବାକୁ ଲାଗିଲା । ସେ ନିଷ୍ଠା ଅପେକ୍ଷା ବେଗରେ ଚାଲିଗଲା ପ୍ରାପ୍ତ ଯାଇ କପିସୈନ୍ୟଙ୍କୁ ପିମ୍ପୁଡ଼ି ଧରି ସପ ମାଟିରେ ମର୍ଦ୍ଦନ କରି ପକାଇଲା ।

ଛାଡୁ ଶ୍ୱାସ ଲସୁନଶୁଷ୍କତ୍ୱଚପାରୁ ହୀନ ଉଡ଼ିଲେ ଜଗଜ୍ଜେଠିମାନ ।
ବର୍ମ୍ମରେ ହନୁମାନ ଅଙ୍ଗଦ ଅଭିମାନ ଲଭି ନିରୋଧିଲେ ବାହକ ସେ ।
ବଳବାନ
ଉଗାଳି ବେନି ସାନୁମାନ      ବାଜି ତନୁରେ ଭଗ୍ନ ଭଗ୍ନ ।
ବାମପାଦ ସ୍ଖଳନ ଶୂଳପ୍ରହାରେ ଘନ ସେ ବେନି ହେଲେ ଅଚେତନ ସେ ।୧୩।
ଉନମନ୍ତେ କପଟୀ ପଞ୍ଚସେନା ଲମ୍ପଟୀ ତାଙ୍କୁ ବିଧ୍ୱଂସି ଏକାକ ହିଁ ।
ବାଟେ ସୁଗ୍ରୀବ ଭେଟି ପରଶ ହୃଦେ ପିଟି ଧଡ଼ି ପଡ଼ିଲେ ମହୀ ଲେଟି ସେ ।
ଖାଇ ଚୋଟି
ବଧିରେ ଧଇଲା ସାଉଁଟି      କକ୍ଷରେ ଲଗାଇ ଲେଉଟି ।
ଉଦ୍ୟପବନ ସୃଷ୍ଟି ସେ ମେଳରେ ପ୍ରକଟି ଗୋଟକ ସେନାଙ୍କ ମୂର୍ଚ୍ଛା ଛୁଟି ସେ ॥

---

୧୩ଶ ପଦ:—ଲସୁନ ଶୁଷ୍କତ୍ୱଚପାରୁ-ଶୁଖିଲା ରସୁଣ ଚୋପାରୁ । ହୀନ—ନ୍ୟୂନ । ଜଗଜ୍ଜେଠିମାନ—ବୀରମାନେ । ବର୍ମ୍ମରେ ବାଟରେ । ଉଗାଳି ଉନାଶ କରି । ସାନୁମାନ—ପର୍ବତ ।

୧୪ଶ ପଦ:—କପଟୀ ମାୟାବୀ, ଏଠାରେ ରଣକୌଶଳୀ । ଲମ୍ପଟୀ -ଆସକ୍ତ, ଏଠାରେ ଯୁଦ୍ଧଲୋଭୀ । ବିଧ୍ୱଂସି-ବିନାଶ କରି । ଉଦ୍ୟ-ପ୍ରକାଶିତ ମୂର୍ଚ୍ଛା—ମୋହ ।

---

୧୩ଶ ପଦ:—କୁମ୍ଭକର୍ଣ୍ଣର ନିଶ୍ୱାସ ବହିବାବେଳେ ବଳିଷ୍ଠ ବୀରମାନେ ରସୁଣର ଶୁଷ୍କ ଚୋପାଠାରୁ ହୀନପ୍ରାୟ ହୋଇ ଉଡ଼ିବାକୁ ଲାଗିଲେ । ହନୁମାନ ଓ ଅଙ୍ଗଦ ଦୁହେଁ ମନରେ ଅଭିମାନ ବହି ଶୀଘ୍ର ତାର ପଥ ନିରୋଧ କଲେ । ସେହି ଦୁଇ ବଳବାନ ବୀର ଦୁଇଗୋଟା ପର୍ବତ ନେଇ ତା ଉପରେ ମାରନ୍ତେ, ପର୍ବତ ତାର ଦେହରେ ବାଜି ଖଣ୍ଡଖଣ୍ଡ ହୋଇଗଲା । ସେ ବାମ ପାଦ ଆଗକୁ ପକାଇ ନଠାଇ ଶୂଳ ପ୍ରହାର କରିବାରୁ ହନୁମାନ ଓ ଅଙ୍ଗଦ ଦୁଇ ବୀର ମୂର୍ଚ୍ଛାଗତ ହେଲେ ।

୧୪ଶ ପଦ:—ହନୁମାନ ଓ ଅଙ୍ଗଦଙ୍କର ମୂର୍ଚ୍ଛା ଦେଖି ଯୁଦ୍ଧ କୌଶଳୀ ସେନାପତି ପାଞ୍ଚଜଣ କୌଶଳ ସହ ଉନ୍ନମି ଯିବାରୁ ତାଙ୍କୁ କୁମ୍ଭକର୍ଣ୍ଣ ବିନାଶ କଲା । ବାଟରେ ସୁଗ୍ରୀବ କୁମ୍ଭକର୍ଣ୍ଣଙ୍କୁ ଭେଟିଲେ । ସେ ସୁଗ୍ରୀବ ଛାତିରେ ରେ ପରଶ ପିଟିବାରୁ ସୁଗ୍ରୀବ ଧରଣୀତଳରେ ପଡ଼ିଗଲେ । ବାନରଙ୍କୁ ଭୋଳି ନେଲା ପ୍ରାୟ କୁମ୍ଭକର୍ଣ୍ଣ ସୁଗ୍ରୀବଙ୍କୁ ଗୋଟାଇ ନେଇ ଛାତିରେ ଲଗାଇ ଧରି ଲଙ୍କାକୁ ଫେରିଗଲା । ସେ ଗଲାବେଳେ ଏତେ ଜୋରରେ ଗଲା ଯେ, ତା ଗମନ ଯୋଗୁ ଜାତ ହେଉଥିବା ପବନ ବାଜି ମୂର୍ଚ୍ଛା ଯାଇଥିବା ସୈନ୍ୟଙ୍କର ମୂର୍ଚ୍ଛା ଛୁଟିଗଲା ।

ଗୋଡାଇଲେ ତ ପଟେ ତିମି କି କ୍ଷୁଦ୍ର ମତ୍ସ୍ୟେ ବେଷ୍ଟିତ ହୋଇଗଲା ପ୍ରାୟେ ।
ଧୃତ ଗଛେ ଗଛେ କେହୁ ଚରବା ବାଞ୍ଛେ ବାର୍ତ୍ତା ପ୍ରକଟେ ରଘୁବଂଶେ ସେ

ଶାର ଛନ୍ଦେ

ଅଜ୍ଞାନହତେ ଥାଇଁ ବସ୍ତ୍ରେ      କଳଙ୍କେ ଗଣିବେ ନକୁସେ ।
ବିଦୋଷ୍ଠ ନାସାଭୁଟେ ସ୍ତୁଭ୍ରି ଛିଡାଇ ପଟେ ଅନ୍ତରୀକ୍ଷରେ ଉତ୍ପିଞ୍ଜେ ସେ ।୧୫।
ଖଚରେ ଇଭକରୀ ଚଞ୍ଚୁ ପଦରେ ଧରି ଗଣ୍ଡଭେରୁଣ୍ଡ ସେ ମାଧୁରୀ ।
ରକ୍ତଝରନ୍ତି ହରି ଦାତଙ୍କ ହେଲା ପରି ଦେଖି କି ଆସିଲେ ଉଲୁରି ସେ ।

---

୧୪ଶ ପଦ:—ଧୃତ—ଧାରଣ କରି । ଚରବା—ହୁଙ୍କାର ଦେବା । ରଘୁବଂଶ—ରାମଚନ୍ଦ୍ର । ନକୁସେ ନକୁଷ୍ଟ । ବିଦୋଷ୍ଠ-କାମୁଡ଼ି । ଅନ୍ତରୀକ୍ଷରେ ଆକାଶରେ । ଉତ୍ପିଞ୍ଜେ—ଉପରକୁ ଡେଇଁବା ।

୧୫ଶ ପଦ:—ଖଚରେ ଭ୍ରମଣ କରେ । ଇଭକରୀ-ନେଟାହସ୍ତୀ । ଚଞ୍ଚୁ—ଥଣ୍ଟ । ହରି—ମର୍କଟ । ରକ୍ତଧାର—ରକ୍ତରୂପ ଜଳ । ବହୁ—ବହୁଳ । କୋଦଣ୍ଡଧାରୀ—ରାମଚନ୍ଦ୍ର । ବିଶୋଭ—ପାଦତଳେ ଚଢ଼ ଶୋଭବା ।

---

୧୪ଶ ପଦ:—କପିସୈନ୍ୟମାନେ ଚେତନା ପାଇ ଉଠି କୁମ୍ଭକର୍ଣ୍ଣ ପଛରେ ଗୋଡ଼ାଇବାରୁ ବୃହଦାକାର ତିମି ମତ୍ସ୍ୟକୁ କ୍ଷୁଦ୍ର ମତ୍ସ୍ୟ ସବୁ ଘେରିଗଲା ସଦୃଶ ଦେଖାଗଲା । ସେମାନେ କପିସୈନ୍ୟମାନେ ଗୋଟାଏ ଗୋଟାଏ ବୃକ୍ଷ ହସ୍ତରେ ଧରିଥାନ୍ତି ଓ ମନରେ ଭାବୁଥାନ୍ତି, 'କପରି ସୁଗ୍ରୀବଙ୍କୁ ଉଦ୍ଧାର କରିବା ।' ସମେ ରାମଙ୍କ ନିକଟରେ କୁମ୍ଭକର୍ଣ୍ଣ ସୁଗ୍ରୀବଙ୍କୁ ନେଇଯିବା ବାର୍ତ୍ତା ପ୍ରକଟ ହେଲା । ଏହି ସମୟମଧ୍ୟରେ ବୀର ସୁଗ୍ରୀବ ଚେତନାପ୍ରାପ୍ତ ହୁଅନ୍ତେ ଅସୁର ସ୍କନ୍ଧରେ ଥାଇ ଭାବିଲା, 'ବୀରମାନେ ମୋତେ ହୀନବୀରଙ୍କ ମଧ୍ୟରେ ଗଣନା କରିବେ ।' ଏହା ଭାବି ସେ କୁମ୍ଭକର୍ଣ୍ଣର ନାସାକୁ ଦନ୍ତରେ କାମୁଡ଼ି ଛିଣ୍ଡାଇ ଓ ଦୁଇ ହାତରେ ଦୁଇ କାନକୁ ଛିଣ୍ଡାଇପକାଇ ଉର୍ଦ୍ଧ୍ୱକୁ ଡେଇଁ ପଡ଼ ଉଡ଼ି ଚାଲିଗଲା ।

୧୫ଶ ପଦ:—ସୁଗ୍ରୀବ କୁମ୍ଭକର୍ଣ୍ଣର ନାସିକା ଓ ଦୁଇ କର୍ଣ୍ଣକୁ ତୁଣ୍ଡରେ ଓ ଦୁଇ ହସ୍ତରେ ଧରି ଶୂନ୍ୟରେ ଉଡ଼ି ଆସିଲାବେଳେ, ଗଣ୍ଡଭେରୁଣ୍ଡ ପକ୍ଷୀ ଥଣ୍ଟରେ ଓ ଦୁଇ ପାଦରେ ଭଳଟୋଠା ହସ୍ତୀକୁ ଶୂନ୍ୟରେ ଉଠାଇନେବା ଶୋଭାକୁ ଧାରଣ କଲେ । ତାଙ୍କୁ ଦେଖି ମର୍କଟସୈନ୍ୟମାନେ ଉଲ୍ଲାସ କଲେ

ରାଗ–ବଙ୍ଗଳାଶ୍ରୀ

କଟକୁଦ୍ରଙ୍କ ରକ୍ତ ଝର ବର୍ଷେ କ ଘନ ରକ୍ତବାରି ।
ବଣେଇଁ ଅନୁସର ଯହିଁ କୋଦଣ୍ଡଧାରୀ ପ୍ରଶଂସି କୋଳକୁ ଆଦରି ସେ ।୧୬।
ବାହୁବଳ ଦନୁଜ ଲଭି ପ୍ରବଳ ଲାଜ ବହୁପଡ଼ୁଅଛି କ୍ଷତଜ ।
ବଢ଼ାଇ ଦେଇ ଭୁଜ ଭୁଞ୍ଜେ କପିସମାଜ ନାସାକର୍ଣ୍ଣ ରନ୍ଧ୍ରେ ତ୍ୟାଜ ସେ ।

ବୁଧେ ହେଜ

ବନଜନ୍ୟ ଇନ୍ଦ୍ରଗୋପପୁଞ୍ଜ ବସୁଧା ତନ୍ତୁଁ କି ବିରାଜ ।
ବକୁକ୍ଷିବଂଶ ରାଜ ଭେଟିଁ ଭ୍ରମନାରାଜ ଛେଦିଲେ ବାହୁପାଦ ତେଜ ସେ ।୧୭।

୧୭ଶ ପଦ:—କ୍ଷତଜ—ରକ୍ତ । ଭୁଜ—ବାହୁ । ରନ୍ଧ୍ରେ—ଛିଦ୍ର । ବୁଧେ—ପଣ୍ଡିତମାନେ । ଦନୁଜ—ରାକ୍ଷସ କୁମ୍ଭକର୍ଣ୍ଣ । ଇନ୍ଦ୍ରଗୋପପୁଞ୍ଜ—ସାଧବବୋହୂ ପୋକସମୂହ । ବସୁଧା—ପୃଥିବୀ । ଇକ୍ଷ୍ୱାକୁବଂଶିରାଜ—ରାମଚନ୍ଦ୍ର । ନାରାଜ (ନାରାଚ)—ଶର ।

ସୁଗ୍ରୀବ ରାକ୍ଷସ ଦ୍ୱାରା ଘାଉଆ ହୋଇ କୌଣସି ପ୍ରକାରରେ ଉତ୍ତର ବସ୍ତ୍ରପର ପଳାଇ ଆସୁଅଛନ୍ତି । ତେଣୁ ମେଘ ରକ୍ତମିଶା ଜଳ ବୃଷ୍ଟି କଲା ପ୍ରାୟ ରକ୍ତ ଧାର ଧାର ହୋଇ ବହି ପଡ଼ୁଛି ।" ଯେଉଁଠାରେ ରାମଚନ୍ଦ୍ର ଥିଲେ, ସୁଗ୍ରୀବ ସେହି ସ୍ଥାନରେ ଶୂନ୍ୟରୁ ଓହ୍ଲାଇ ତାଙ୍କ ପାଦତଳେ ପଡ଼ି ଶୁଅନ୍ତେ, ରାମଚନ୍ଦ୍ର ତାଙ୍କୁ ପ୍ରଶଂସା କରି ଆଦରରେ ସହିତ କୋଳକୁ ନେଲେ ।

୧୭ଶ ପଦ:—ନାସା କର୍ଣ୍ଣ ଛିନ୍ନ ହୁଅନ୍ତେ କୁମ୍ଭକର୍ଣ୍ଣ ବିଶେଷ ଲଜ୍ଜା-ପାଇ ପୁଣି ଯୁଦ୍ଧଭୂମିକୁ ଫେରିଲା । ତାହାର କ୍ଷତସ୍ଥାନରୁ ରୁଧିର ବହି ପଡ଼ୁଥାଏ । ସେ ତାହାର ହସ୍ତଦ୍ୱୟ ବଢ଼ାଇ ଦେଇ କପିସେନାମାନଙ୍କୁ ଗିଳି ପକାଇବାରୁ, ସେମାନେ ଛିନ୍ନ ହୋଇଥିବା ନାସିକା ଓ କର୍ଣ୍ଣର ଗହ୍ୱର ବାଟେ ବାହାରି ଆସୁଥାନ୍ତି । ହେ ପଣ୍ଡିତମାନେ ! ବିଚାର କର, ପୃଥିବୀରୁ ବହୁତ ସାଧବଘର ବୋହୂ ପୋକ ଜାତ ହୋଇ ବିରାଜ କରୁଅଛନ୍ତି କି ? (କପିମାନେ ନାସିକା ଓ କର୍ଣ୍ଣଗହ୍ୱରରୁ ବାହାରିଲାବେଳେ ରକ୍ତ ଜର୍ଜରିତ ହୋଇଥିବାରୁ ସାଧବଘର ବୋହୂ ପୋକପ୍ରାୟ ଦେଖାଯାଉଅଛନ୍ତି) । କୁମ୍ଭକର୍ଣ୍ଣ ରାମଚନ୍ଦ୍ରଙ୍କୁ ଆସି ଭେଟନ୍ତେ, ରାମଚନ୍ଦ୍ର ନାରାଚ ବାଣ ପ୍ରଥମେ କୁମ୍ଭକର୍ଣ୍ଣର ବାହୁ ଓ ପଦଦ୍ୱୟ ଛେଦିବା ଦ୍ୱାରା ତାହାର ଅହଂକାରକୁ ଛେଦି ପକାଇଲେ ।

ବିଭୂତି ଶୋଭା ହେବ ସ୍ଥାଣୁବିଭବ ସ୍ବରବିଭବ ଭଇରବ ।
ବିଭୂଷାଗତ ଜବ ମାହୁଳାହି ଗ୍ରହିବ ଗରସି ଦେଉଅଛି ପ୍ଲବ ସେ ।
ବହ୍ନିଭବ
ବହନ ମ୍ଳାନ ତେଜ ଭାବ     ବୋଲଇ ମୁଁ ଆନ ଦାନବ ।
ବିନ୍ଧିବନ୍ତ ରାଘବ ଯେତେ ତୋ [illegible] ଥିବ ସେମାନେ ଭଜିବେ ଲାଘବ ସେ । ୧୮ ।
ବିରାଧ ବାଳି ଥିଲେ ସେ ବନପଶୁ ଭଲେ ଖର ଖର ମୋତେ ରୁନ୍ଧିଲେ ।
ବୋଲୁଁ ବାହୁ ସନ୍ଧିଲେ ରାମଶର ବିନ୍ଧିଲେ ଯେତେ ତା ଶିର ନ ଛେଦିଲେ ସେ ।

---

୧୮ଶ ପଦ:—ବିଭୂତି—ପାଉଁଶ ବା ଭସ୍ମ । ସ୍ଥାଣୁ—ଲଣ୍ଡାଗଛ, ମହାଦେବ । ସ୍ଥାଣୁବିଭବ—ମହାଦେବଙ୍କର ଐଶ୍ୱର୍ଯ୍ୟ । ସ୍ବରବିଭବ—ଘର୍ଘସ୍ବର । ଭଇରବ—ଭୟଙ୍କର । ବିଭୂଷାଗତ—ମନୋହର । ଜବ—ଶୀଘ୍ର । ମାହୁଳାହି—ବୋଡ଼ା ସାପ । ପ୍ଲବ—ବାନର, ବେଙ୍ଗ । ବହ୍ନିଭବ—ଅଗ୍ନିପରି । ଦାନବ—ରାକ୍ଷସ । ରାଘବ—ରାମଚନ୍ଦ୍ର । ଲାଘବ—ଲଘୁତା ।

୧୯ଶ ପଦ:—ଖର—ରାକ୍ଷସବିଶେଷ । ଖର—ଗଧ । ଅର—ଚକ୍ର । ବିଷ୍ଣୁ ଅର—ବିଷ୍ଣୁଙ୍କର ଚକ୍ର । ଶିଳେ—ପଥରରେ ।

---

୧୮ଶ ପଦ:—ବାହୁ ଓ ପାଦ ଛିଡ଼ିଯିବାରୁ କୁମ୍ଭକର୍ଣ୍ଣ ଲଣ୍ଡାବୃକ୍ଷର ଶୋଭାକୁ ଧାରଣ କଲା । ଆଉମଧ 'ସ୍ଥାଣୁବିଭବ' ଈଶ୍ୱରଙ୍କ ବିଭବକୁ ବହିଲା, କେଣୁ ଭସ୍ମଭୂଷିତ ହେବ । ( ଲଣ୍ଡା ବୃକ୍ଷକୁମଧ ପୋଡ଼ ଭସ୍ମରେ ପରିଣତ କରିହଅନ୍ତି ) । ସେତେବେଳେ ସେ ଯେଉଁ ଗର୍ଜନ କଲା, ତାହା ମହାଦେବଙ୍କ ଭୈରବ ଶବ୍ଦ ପ୍ରାୟ ଶୁଣାଗଲା । ତତ୍ପରେ ସେ ବୋଡ଼ା ସାପପ୍ରାୟ ଗଡ଼ି କରି ( ଗୋଡ଼ ହାତ ଛିଡ଼ ଯାଇଥିବାରୁ ପେଟରେ ଘୁଷୁରି ) ବେଙ୍ଗରୂପୀ କପିମାନଙ୍କୁ ଗ୍ରାସ କରିବାକୁ ଲାଗିଲା । ଅଗ୍ନିପ୍ରାୟ ତାର ଯେଉଁ ତେଜ ପ୍ରକାଶିତ ହୋଇଥିଲା, ତାହା ଶୀଘ୍ର ମ୍ଳାନ ପଡ଼ିବାକୁ ଲାଗିଲା । ତାହା ସତ୍ତ୍ୱେ ସେ ରାମଙ୍କୁ କହିଲା, "ହେ ରାଘବ ! ମୁଁ ଅନ୍ୟ ଦାନବ ପ୍ରାୟ ନୁହେଁ । ତୋହର ଯେତେ ବାଣ ଅଛି, ସେ ସମୁଦାୟ ବିନ୍ଧିଲେ ସୁଦ୍ଧା ମୋର କିଛି କ୍ଷତି ହେବ ନାହିଁ, ବରଂ ତୋର ସେ ବାଣ ସବୁ ଲଘୁତାକୁ ପ୍ରାପ୍ତ ହେବ ।"

୧୯ଶ ପଦ: – "ବିରାଧ ରାକ୍ଷସ ଓ ବାଳି ଏ ଦୁହେଁ ବଣପଶୁ ପ୍ରାୟ ଥିଲେ, ଆଉ ମଧ ଖର ରାକ୍ଷସ ମୋ ତୁଳନାରେ ଗର୍ଦ୍ଦଭ ପରି ଥିଲା । ( ତୁ ତାଙ୍କୁ ମାରିଛୁ ବୋଲି ମୋତେ ମାରିବାକୁ ଯେଉଁ ଗର୍ବ କରୁଅଛୁ,

ବଉଳକଲେ

ବିଧାତା ଶିରେ ଯଥା ଫୁଲେ ବିସ୍ମୟ ମାନସ ହୋଇଲେ
ବିଷ୍ଣୁ ଅବ ପ୍ରଭୁ ଚଳେ ଅର୍ଦ୍ଧଚନ୍ଦ୍ର ର ଛଳେ ଗୁପ୍ତ ହେତି ପ୍ରୟୋଗ କଲେ ସେ ।୧୯।
ବସିଲା ଗଳେ ତୂର୍ଣ୍ଣ ଗଳିଗଲା ପ୍ରଚଣ୍ଡ ରବେ ବୁଲିଲା ଜାଣି ମୁଣ୍ଡ ।
ବାଜି ପୁଣି ସେ କାଣ୍ଡ କଲା ତାକୁ ଦ୍ୱିଖଣ୍ଡ ଫାଳେକେ ପଡ଼ି ଭର୍ତ୍ତଖଣ୍ଡ ଯେ ।

ବାରି କୁଣ୍ଡ

ବିପରୀତରେ ଆର ଖଣ୍ଡ ବରଣ ନାମେ ମେଘଦଣ୍ଡ ।
ବିହ୍ୱଳ ତାର ଦଣ୍ଡ କହିଲେ ଚର-ତୁଣ୍ଡ ଶୁଣି ରୋଦନ୍ତେ ଦଶମୁଣ୍ଡ ସେ ।୨୦।
ବାଚକ ଉଠି ମହାପାର୍ଶ୍ୱ ଦେଖି ତାହା କପାଇଁ ହେଉଛ ଉତ୍ସାହ ।
ବିଖନ ହେବଲ ସାହା ଲଖନ ଥିବ ଯାହା ପୋଛୁ ମାନବ ରଘୁନାହା ସେ ।

---

୨୦ଶ ପଦ:—ତୂର୍ଣ୍ଣ—ଶୀଘ୍ର । ପ୍ରଚଣ୍ଡ—ଭୟଙ୍କର । ବରଣ—ପ୍ରାଚୀର । ରୋଦନ୍ତେ—କାନ୍ଦିବାରୁ । ଦଶମୁଣ୍ଡ—ରାବଣ । ବାରିକୁଣ୍ଡ—ନଳେନ୍ଦୀସରୋବର । ଭର୍ତ୍ତଖଣ୍ଡ—ଭାରତଖଣ୍ଡ ।

---

ପରିହାର କର) ।" କୁମ୍ଭକର୍ଣ୍ଣ ଏପରି କହନ୍ତେ, ରାମଚନ୍ଦ୍ର ବାଛି ବାଛି ଶରସବୁ ଧନୁରେ ସନ୍ଧି ବନ୍ଧିଲେ, ମାତ୍ର ଯେତେ ଶର ବନ୍ଧିଲେ, ସେ କୌଣସିଥିରେ କୁମ୍ଭକର୍ଣ୍ଣର ଶିର କାଟି ପାରିଲେ ନାହିଁ ପଥର ଦେହରେ ଫୁଲ ବାଜି ଯେପରି ଖସି ପଡ଼େ, ସେହିପରି ଶରସବୁ ତା ଦେହରେ ବାଜି ଖସି ପଡ଼ିଲେ । ଏହା ଦେଖି ରାମଚନ୍ଦ୍ର ବିସ୍ମିତ ହେଲେ ଏବଂ ସୁଦର୍ଶନ ଚକ୍ରପରି ତେଜୋବନ୍ତ ଅର୍ଦ୍ଧଚନ୍ଦ୍ର ଶରକୁ ତାହାର ମର୍ମ ସ୍ଥାନକୁ ଲକ୍ଷ୍ୟକରି ପ୍ରୟୋଗ କଲେ ।

୨୦ଶ ପଦ:—ସେ ଅର୍ଦ୍ଧଚନ୍ଦ୍ର ଶର ଶୀଘ୍ର ଯାଇ କୁମ୍ଭକର୍ଣ୍ଣର ଗଳାରେ ବାଜି ତାକୁ ଭେଦ କରିବାରୁ, ସେ ମୁଣ୍ଡ ଘୋର ଶବ୍ଦ କରି ଦୂରେ ଗଲା । ଏହାଜାଣି ରାମଚନ୍ଦ୍ର ପୁଣି ଥରେ ଶର ପ୍ରୟୋଗ କରନ୍ତେ, ତାହା ଅସୁରର ମୁଣ୍ଡକୁ ଦୁଇଫାଳ କରି ଦେଲା । ସେଥିରୁ ଫାଳେ ଭାରତ ଖଣ୍ଡରେ ପଡ଼ି ବାରିକୁଣ୍ଡ (ନଳେନ୍ଦୀ ସରୋବର) ହେଲା ଓ ଅନ୍ୟଫାଳକ ମେଘଦଣ୍ଡ ପାଚେରି ଉପରେ ପଡ଼ି ତାକୁ ଚୂନା କରି ପକାଇଲା । ଚରମାନେ ତୁଣ୍ଡ ହୋଇ ରାବଣକୁ ଏହି କଥା ସବୁ କହିବାରୁ ସେ ରୋଦନ କରିବାକୁ ଲାଗିଲା ।

୨୧ଶ ପଦ:—ରାବଣ ରୋଦନ କରିବା ଦେଖି ମହାପାର୍ଶ୍ୱ ନାମକ ରାକ୍ଷସ ଉଠି କହିଲା "ଏପରି ଉତ୍ସାହଶୂନ୍ୟ ହେଉଛନ୍ତି କାହିଁକି ? ବ୍ରହ୍ମା

### ବିଂଶବାହୁ

ବୋଲେ ବୋଲିବ ମୁହିଁ କାହା     ବିପକ୍ଷେ ବେଗେ କର ତାହା ।
ବିମାନବୋଲୁଁ ବାହାପଞ୍ଚସୋଦର ସେହାକୋହେତାଙ୍କ ପ୍ରତିଜ୍ଞାରୂଢ଼ହାସେ ।୨୧।
ବିଗତି ଦେବାନ୍ତକ ତ୍ରିଶିରେ ନରାନ୍ତକ ମହୋଦର ଅତିକାୟକ ।
ବଜ୍ର କବଚ ଧୃକ ଭଲ୍ଲ ଗଦା ଶାୟକ କାର୍ମୁକ ଶକ୍ତି ଶାୟକ ସେ ।

### ବୀର ଡାକ

ବଳହିଁ ଚଳେ ଅସଂଖ୍ୟକ     ବାହ ଗଜ ରଥ ପଦକ ।
ବାଜେ ବାଦ୍ୟ ଅନେକ ଉତ୍ସନ୍ନ ନାଗ ନାକଲୋକରେ ସ୍ଥିତ ଯେତେ ଲୋକ
ଲୋକ ସେ । ୨୨ ।

---

୨୧ଶ ପଦ:—ବାଚକ — ବକ୍ତା । ବିଖନ — ବ୍ରହ୍ମା । ରଘୁନାହା — ରାମଚନ୍ଦ୍ର । ବିଂଶବାହୁ — ରାବଣ । ବିପକ୍ଷେ — ଶତ୍ରୁମାନଙ୍କୁ ।

୨୨ଶ ପଦ: — ବିଗତି — ବିଶେଷ ଗତି । ଧୃକ — ଧାରଣ କରି । ଶାୟକ — ଶର । କାର୍ମୁକ — ଧନୁ । ଗଜ — ହସ୍ତୀ । ପଦକ — ପଦାତି । ନାଗ ନାକ ଲୋକରେ — ପାତାଳ, ସ୍ୱର୍ଗ ଏବଂ ମର୍ତ୍ତ୍ୟ ପୁରରେ । ବାହ — ଅଶ୍ୱ ।

---

ତାହାପ୍ରତି ସହାୟ ହୋଇ ତାହା କପାଳରେ ଯାହା ଲେଖିଥିବ, ମୁଁ ତାହା ସବୁ ଲିଭାଇ ଦେଇ ସେ ରାମଚନ୍ଦ୍ରଙ୍କୁ ବିନାଶ କରିବି ।" ଏହା ଶୁଣି ରାବଣ କହିଲା, "ମୁଁ ଆଉ ଅବା କଣ କହିବି ? ଏବେ ତୁମ୍ଭେ ଶତ୍ରୁଠାରେ ସେହି କଥା କର (ଶତ୍ରୁକୁ ବିନାଶ କର) ।" ରାବଣର ବାକ୍ୟ ଶୁଣିବା ମାତ୍ରକେ ମହାପାର୍ଶ୍ୱ ବିମାନ ଚଳାଇବାକୁ ଆଦେଶ ଦେଲା । ତାହା ଶୁଣି ତାହାର ପାଞ୍ଚଭାଇ ସ୍ନେହଯୁକ୍ତ ହୋଇ ବହୁ ପ୍ରତିଜ୍ଞା କରି ସଜ ହେଲେ ।

୨୨ଶ ପଦ: — ଦେବାନ୍ତକ, ତ୍ରିଶିର, ନରାନ୍ତକ, ମହୋଦର, ଅତି-କାୟ ଏହି ପାଞ୍ଚ ଭାଇ ଗଦା, ଖଡ୍ଗ, ଶକ୍ତି, ଧନୁ, ଶର, ବଜ୍ରକବଚ ଇତ୍ୟାଦି ଅସ୍ତ୍ର ଶସ୍ତ୍ରମାନ ଧରି ମହାପାର୍ଶ୍ୱ ସହିତ ବାହାରିଲେ । ଅପ୍ରମିତ ସୈନ୍ୟମଧ ବୀର ଡାକ ଦେଇ ଗର୍ଜିଲେ । ଅଶ୍ୱ, ଗଜ, ରଥ, ପଦାତି ଏହିପରି ଚତୁରଙ୍ଗ ବଳ ଚାଲିବାରୁ ଓ ଅନେକ ବାଦ୍ୟ ବାଜିବାରୁ ପାତାଳ, ସ୍ୱର୍ଗ ଏବଂ ମର୍ତ୍ତ୍ୟ ଭୁବନରେ ଥିବା ଲୋକମାନେ ଭୀତ ହେଲେ ।

ବମ୍ୱେଁ ଓଗାଳ ଘଳ କରନ୍ତେ ରଣରୋଳ ଅଙ୍ଗଦ ହନୁମନ୍ତ ମେଳ ।
ବୃକ୍ଷସାର ଅଚଳ ଋଷଭ ମହାବଳ ଧେନ ହେଲା ସମରଶୀଳ ସେ ।
ବୃଷ୍ଟି ଶିଳ

ବାଣ ପରିଘ ଭଲ୍ଲ ଶୂଳ ବାଳସୁତ ପ୍ରହାରୁ ଶାଳ ।
ବାଜିଲା ହୃଦସ୍ଥଳ ନରାନ୍ତକ ଆକୁଳ ଗଜୁଁ ପଡ଼ିଲା ମହୀସ୍ଥଳ ସେ । ୨୩ ।
ବାମେ ସେହି ବାରଣ ଧରଣ ପ୍ରହାରଣ ଲଭିଲେ ସେ ବେନି ମରଣ ।
ବନ୍ଧିଲା ମୋହବାଣ ଦେବାନ୍ତକ ଦେଖିଣ ବାଳନନ୍ଦନ ଜ୍ଞାନକ୍ଷୀଣ ସେ ।
ବଜ୍ର ଗଣ

ଶ୍ୱଶିଖେ କଲେ ସମୀରଣ ବପ୍ତା ଯା ତାର ଶରୀରେଣ ।
ବଡ଼ଗ୍ରାବେ ମାରିଣ ଗୁଣ୍ଡ ହେଲା ତକ୍ଷଣ ଅସ୍ଥି ସହ ରକ୍ଷନପୁଣ ସେ । ୨୪ ।

---

୨୩ଶ ପଦ:—ବମ୍ୱେ-ବାଟରେ । ବୃକ୍ଷସାର-ବଡ଼ଗଛ । ସମରଶୀଳ-ରଣକୁଶଳ । ଶିଳ—ପଥର । ବାଳସୁତ—ଅଙ୍ଗଦ । ଗଜୁଁ-ହାତୀ ଉପରୁ ।

୨୪ଶ ପଦ:—ବାରଣ-ହସ୍ତୀ । ଶ୍ୱଶିଖେ—ଶରଦ୍ୱାରା । ସମୀରଣ-ପବନ । ବପ୍ତା—ପିତା । ବଡ଼ଗାବେ-ପ୍ରକାଣ୍ଡ ପ୍ରସ୍ତରରେ । ଅସ୍ଥି ସହ—ହାଡ଼ ସହିତ । ରକ୍ଷନପୁଣ—ରାକ୍ଷସଶ୍ରେଷ୍ଠ । ବପ୍ତା ସମୀର—ଯାହାର ପିତା ପବନ ଅର୍ଥାତ୍ ହନୁମାନ ।

---

୨୩ଶ ପଦ:—ରାକ୍ଷସସୈନ୍ୟମାନେ ଯୁଦ୍ଧକ୍ଷେତ୍ରକୁ ଆସିବା ସମୟରେ ମିଳ ସେନାପତି ବାଟରେ ଓଗାଳି ରଣରୋଳ କଲେ । ଏହି ସମୟରେ ଅଙ୍ଗଦ ଓ ହନୁମାନ ଯାଇ ତାଙ୍କ ସହିତ ମିଶିଲେ । ଅତି ବଳବାନ ଋଷଭ କପି ବଡ଼ ବୃକ୍ଷ ଓ ପର୍ବତଧରି ଆସିଯୁଦ୍ଧରେ ରତ ହେଲା । ସେ ଯୁଦ୍ଧକ୍ଷେତ୍ରରେ ପଥର, ବାଣ, ପରିଘ, ଭାଲ, ଶୂଳ ପ୍ରଭୃତି ବୃଷ୍ଟି ହେବାକୁ ଲାଗିଲା । ଅଙ୍ଗଦ ଶାଳ ବୃକ୍ଷ ପ୍ରହାର କରିବାରୁ ତାହା ନରାନ୍ତକ ବକ୍ଷରେ ବାଜିଲା । ତେଣୁ ସେ ବ୍ୟାକୁଳ ହୋଇ ହସ୍ତୀ ଉପରୁ ଖସି ଭୂମିତଳେ ପଡ଼ିଗଲା ।

୨୪ଶ ପଦ:—ଅଙ୍ଗଦ ନରାନ୍ତକର ହସ୍ତୀକୁ ବାମ ହସ୍ତରେ ଧରି ନରାନ୍ତକ ଉପରେ ପ୍ରହାର କରନ୍ତେ, ସେ ଦୁହେଁ ବିନାଶ ହେଲେ । ତାହା ଦେଖି ଦେବାନ୍ତକ ମୋହବାଣ ବନ୍ଧିବାରୁ ଅଙ୍ଗଦ ଅଚେତନ ହୋଇଗଲା । ଯାହାର ବାପ ପବନ ଅର୍ଥାତ୍ ହନୁମାନର ଶରୀରକୁ ସେ ବାଣଦ୍ୱାରା କ୍ଷତବିକ୍ଷତ କରି ଦେଲା । ହନୁମାନ କ୍ରୁଦ୍ଧ ହୋଇ ବଡ଼ ପଥରଖଣ୍ଡେ ଫୋପାଡ଼ନ୍ତେ ତଦ୍ୱାରା ଦେବାନ୍ତକ ତତ୍‌କ୍ଷଣାତ୍ ହାଡ଼ ସହିତ ଗୁଣ୍ଡା ହୋଇଗଲା ।

ବିକୋଷରେ ଅସିଭ ହାଣନ୍ତେ ସେ ନିଶିର ଛଡ଼ାଇ ତା କରୁଁ ତହିଁର ।
ବାସରେ ଅନ୍ତକର ପେଶିଲ୍ ଘାତକର ହେଲ ରୁଧିରେ ଜରଜର ସେ ।
ବୈଶ୍ୱାନର
ବିଜନ୍ୟ-ବାଧା ମହୋଦର ବିଶେଷେ ଏହାର ଶରୀର
ବିଦ୍ଧେ ସେ ଯୁକ୍ତ ଘୋରଜ୍ୱାଳାକୃତ ଶରୀର ଧର ଯୋଗରେ ପ୍ରାଣହର ସେ ॥
ବୃଷଭପରି ତହିଁ ଋଷଭ ବେଷ ବହି ମହାପାରୁଷେ ଯୁଦ୍ଧ ବହି ।
ବିଷାଣ ନଖେ ଦେହି ଚିରି ଲୋଟାଇ ମହୀ ଗଦାଦଣ୍ଡ ପ୍ରହାର ସହି ସେ ।
ବାଣେ ଦହି
ବଳସ୍ଥ ଅତିକାୟ ଦୃହିଁ ବାତଜାଦି ନ ପାରେ ରହି ।
ବାନର ସୈନ୍ୟ ତହିଁ ସିନ୍ଧୁ ମନ୍ଦର ସେହି ବିରାଜେ ରନ୍ଧୁବର ଅହି ସେ ।୨୬।

୨୫ଶ ପଦ:—ବିକୋଷରେ—ଖାପରୁ ବାହାର କରି । ଅସି—ଖଣ୍ଡା । ବାସରେ—ଗୃହରେ । ରୁଧିରେ—ରକ୍ତରେ । ବୈଶ୍ୱାନର ବିଜନ୍ୟ-ଅଗ୍ନି ପୁତ୍ର ( ନୀଳ । )

୨୬ଶ ପଦ:—ବିଷାଣ—ଶିଙ୍ଘ । ବାତଜାଦି—ହନୁମାନ ପ୍ରଭୃତି । ମନ୍ଦର—ପର୍ବତ । ଅହି—ସର୍ପ ।

୨୫ଶ ପଦ: — ତତ୍ପରେ ନିଶିର ରାକ୍ଷସ ଖଡ୍‌ଗକୁ ଖୋପରୁ ବାହାର କରି ହନୁମାନଙ୍କୁ ହାଣିବାକୁ ବସନ୍ତେ ହନୁମାନ ତତ୍‌କ୍ଷଣାତ୍ ସେ ଖଡ୍‌ଗକୁ ତା ହସ୍ତରୁ ଛଡ଼ାଇ ସେଥିରେ ନିଶିରର ମୁଣ୍ଡ ହାଣି ତାକୁ ଯମାଳୟକୁ ପଠାଇ ଦେଲ ଓ ନିଜେ ରକ୍ତରେ ଜର୍ଜରିତ ହୋଇ ପଡ଼ିଲ । ଅଗ୍ନି ପୁତ୍ର ନୀଳ ମହୋଦର ସଙ୍ଗେ ବିବାଦୀ ହୋଇ ଯୁଦ୍ଧ କରିବାରୁ ତାହାର ଶରୀର ମହୋଦରର ବର୍ଷିତ ବାଣରେ ଆଚ୍ଛାଦିତ ହୋଇ ଭୟଙ୍କର ଜଳାପୋଡ଼ା କଲ । ତେଣୁ ନୀଳ କ୍ରୁଦ୍ଧ ହୋଇ ଶୈଳପର୍ବତ ପକାଇ ମହୋଦରର ପ୍ରାଣ ବିନାଶ କଲ ।

୨୬ଶ ପଦ: — ସେ ଯୁଦ୍ଧରେ ଋଷଭ କପି ଷଣ୍ଢ ପ୍ରାୟ କୋପଯୁକ୍ତ ହୋଇ ମହାପାରୁଷ ସହିତ ଯୁଦ୍ଧ କଲ । ସେ ଗଦାର ଭୀଷଣ ପ୍ରହାର ସହି ମଧ୍ୟ ଶୃଙ୍ଗତୁଲ୍ୟ ତାହାର ତୀକ୍ଷ୍ଣ ନଖମାନଙ୍କଦ୍ୱାରା ରାକ୍ଷସର ଦେହକୁ ଚିରି ତାକୁ ଭୂମିରେ ଲୋଟାଇ ଦେଲ । ବଳବାନ୍ ଅତିକାୟ ଏହିପରି ଭ୍ରାତାମାନଙ୍କର ମରଣ ଦେଖି ବାଣ ମାରି କପି ସୈନ୍ୟମାନଙ୍କ ଦହି ପକାଇଲ । ସେ ବାଣ ତେଜରେ ହନୁମାନାଦି ବୀରମାନେ ରହି ପାରିଲେ ନାହିଁ । ସେ ଯୁଦ୍ଧ ଭୂମିରେ କପିସୈନ୍ୟ ସମୁଦ୍ରକୁ ଅତିକାୟ ରୂପୀ ମନ୍ଦର ପର୍ବତ ତାହାର ଶ୍ରେଷ୍ଠ ଧନୁ ରୂପ ବାସୁକି ସାହାଯ୍ୟରେ ମନ୍ଥି ପକାଇଲ କି ?

ବିଷପ୍ରାୟ ଯେ ବିଷମ ବିଷ ହେଲା ଜନମ ପ୍ରଜ୍ୱଳନ୍ତରେ ଅନୁପମ ।
ବିଲୀନକରିବାକୁ କ୍ଷମ ରାମଅନୁଜ ଭୀମ ଆସିଲା ଆଗେ ତା ବିଶ୍ରାମ ଯେ ।

ବୀରୋତ୍ତମ

ବାତାଦି ଦେବ-ଗିରେ ପ୍ରେମ ବ୍ରହ୍ମାସ୍ତ୍ର ଅଞ୍ଜଳି ସୁଷମ
ବିଶୀର୍ଣ୍ଣ କଲେ କାମ ସର୍ଜନା ଗଙ୍ଗା ହିମକର କୀର୍ତ୍ତି ଭୂଷଣେ ରମ୍ୟ ଯେ । ୨୭ ।
ବାହୁନି କାନ୍ଦେ ଗୁଣ ଶ୍ରବଣରେ ରାବଣ କୁରରୀ ପରାୟେ ପ୍ରମାଣ ।
ବିଷାଦ ଅସହଣ ନତେ ହସ୍ତ ଭରିଣ ଶନାରେ ଝମକ କୃପାଣ ଯେ ।

ବୋଲେ ଶୁଣ

୨୭ଶ ପଦ:—ଅନୁପମ-ଅକଥନୀୟ । ବିଲୀନକରିବେ-ବିନାଶ କରିବା ନିମିତ୍ତ । କ୍ଷମ-ସମର୍ଥ । ରାମଅନୁଜ-ରାମଙ୍କର ସାନଭାଇ ( ଲକ୍ଷ୍ମଣ ) । ବାତାଦି—ପବନ ପ୍ରଭୃତି । ଦେବଗିରେ—ଦେବତାମାନଙ୍କ ବାକ୍ୟରେ । ବିଶୀର୍ଣ୍ଣ-କ୍ଷୀଣ । ହିମକର—ଚନ୍ଦ୍ର । ରମ୍ୟ—ମନୋହର । ଭୀମ—ଶିବ ।

୨୭ଶ ପଦ:—( ସମୁଦ୍ର ମନ୍ଥନରୁ ବିଷ ଜନ୍ମ ହେଲା ପରି ) ଅତିକାୟର କପିସୈନ୍ୟ ମନ୍ଥନ ହେତୁ ବିଷମ ଯୁଦ୍ଧ ବିଷପ୍ରାୟ ଜାତ ହୋଇ ଭୀଷଣ ଭାବେ ଜଳି ଉଠିଲା । ସିନ୍ଧୁଜାତ ବିଷ ଶିବ ଗ୍ରାସ କରିଥିଲେ; ସେହିପରି ଏହି କପି ସୈନ୍ୟ ମନ୍ଥନ ହେତୁ ଜାତ ବିଷରୂପ ବିଷମ ଯୁଦ୍ଧକୁ ଲୀନ କରିବା ପାଇଁ ଏକା ସମର୍ଥ ଯେ ରାମଚନ୍ଦ୍ରଙ୍କ ଭାଇ ଲକ୍ଷ୍ମଣ, ସେ ମହାଦେବ ରୂପେ ଆସି ଯୁଦ୍ଧ ମଧ୍ୟରେ ଉଭା ହେଲେ । ସେ ବୀରଶ୍ରେଷ୍ଠ ଲକ୍ଷ୍ମଣ ପବନ ପ୍ରଭୃତି ଦେବତାମାନଙ୍କ କଥାରେ ପ୍ରୀତ ହୋଇ ବ୍ରହ୍ମଶରକୁ ହସ୍ତରେ ଧାରଣ କଲେ ଏବଂ ଅତିକାୟକୁ ବ୍ରହ୍ମ ଶରରେ ବିନାଶ କରି ଯୁଦ୍ଧ ସନ୍ତାପକୁ ସଂହରଣ କଲେ । ଯେହେତୁ ମହାଦେବ ଗଙ୍ଗା ଓ ଚନ୍ଦ୍ରଙ୍କ ଦ୍ୱାରା ଭୂଷିତ ହେଲାପରି ବୀର ଲକ୍ଷ୍ମଣ ଗଙ୍ଗା ପରି ପବିତ୍ର ଓ ଚନ୍ଦ୍ର ପରି ନିର୍ମଳ ଯଶୋରାଶିରେ ଭୂଷିତ ହେଲେ । ( ଶିବ ଦେବତାଙ୍କ କଥାରେ ପ୍ରୀତି ହୋଇ ସମୁଦ୍ରଜାତ ବିଷକୁ କରଅଞ୍ଜଳିରେ ଧରି ଗ୍ରାସ କରି ବିଷସନ୍ତାପ ହରିଥିଲେ, କାମଦେବଙ୍କୁ ଭସ୍ମ କରିଥିଲେ ଏବଂ ଗଙ୍ଗା ଓ ଚନ୍ଦ୍ରଙ୍କୁ ମସ୍ତକରେ ଧାରଣ କରି ଶୋଭାଯୁକ୍ତ ହୋଇଥିଲେ; ସେହିପରି ଲକ୍ଷ୍ମଣ ପବନ ଦେବତାଙ୍କ କଥାରେ ବ୍ରହ୍ମାସ୍ତ୍ର ହସ୍ତରେ ଧରି ଅତିକାୟକୁ ବିନାଶ ପୂର୍ବକ ଯୁଦ୍ଧର ସନ୍ତାପ ହରଣ କରିଥିଲେ ଓ ନିର୍ମଳ କୀର୍ତ୍ତିରେ ଭୂଷିତ ହୋଇଥିଲେ ।

୨୮ଶ ପଦ: ରାବଣ ଦୂତ ମୁଖରୁ ସେନାପତିମାନଙ୍କର ମୃତ୍ୟୁବାର୍ତ୍ତା ଶୁଣି ତାଙ୍କ ଗୁଣବାହୁନି କୁରରୀପ୍ରାୟ କାନ୍ଦିବାକୁ ଲାଗିଲା । ଇନ୍ଦ୍ରଜିତ ପିତାଙ୍କର ଏ ଶୋକ

ବିନ୍ଧୁ ମୁଁ ଘୋରତମ ବାଣ ବିଧିରେ ସେ ରାମ ଲକ୍ଷ୍ମଣ ।
ବିନ୍ଦେ ଗ୍ରାସନ୍ତେ ହାଣି ଏବେ ଦେବ ଚର୍ବଣ ମ୍ଳାନଭଜିବେ ଋକ୍ଷଗଣ ସେ ।୨୮।
ବଟତଳରେ ହୋମେ ରଥ ଜନ୍ମାଇ ରମ୍ୟେ ଖ୍ୟାତ ଦେବଦଳନ ନାମେ ।
ବଇଜୟନ୍ତୀ ବ୍ୟୋମେ ଦ୍ୱିଗଦହନେ ଭ୍ରମେ ଦେଖି ପଡ଼ିବେ ପର ଝାମେ ସେ ।
ଶର ଗମେ
ବିଜୟ ତୂଣ ଅଭିରାମେ ବାଣ ଦକ୍ଷିଣେ ଧନୁ ବାମେ ।
ବହୁବଳ ସଙ୍ଗମେ ଲକ୍ଷିତ ଲକ୍ଷ ଯମେ ପ୍ରବେଶ ହୋଇଲା ସଂଗ୍ରାମେ ସେ ।୨୯।
ବଳ ଉଭୟ ବାଦେ କେ ପ୍ରାବୃଟ ସମ୍ପଦେ କେତକ୍ଷି ଲକ୍ଷିତ ଶରଦେ ।
ବିପୁଳ ମେଘନାଦେ ଘନାଘନ ଆସ୍ପଦେ ବଢ଼େ ନିଶାଚର ସମ୍ପଦ ସେ ।

---

୨୮ଶ ପଦ:—କୁରଙ୍ଗ—ପକ୍ଷୀ ବିଶେଷ । ବିଷାଦ-ଦୁଃଖ । ଶକ୍ରାରି-ଇନ୍ଦ୍ରଜିତ ।

୨୯ଶ ପଦ:-ରମ୍ୟେ – ମନୋହର ଭାବରେ । ବଇଜୟନ୍ତୀ-ପତାକା । ବ୍ୟୋମେ—ଆକାଶରେ । ଝମେ-ଝାଉଁଳିପିବା । ବହୁବଳ-ଅସଂଖ୍ୟ ସୈନ୍ୟ ସଂଗ୍ରାମେ—ଯୁଦ୍ଧ କ୍ଷେତ୍ରରେ ।

୩୦ଶ ପଦ:—ବଳ—ସୈନ୍ୟ । ବାଦେ—ବିପକ୍ଷମାନେ । ପ୍ରାବୃଟ-ବର୍ଷାଋତୁ । ଶରଦେ-ଶରତ୍‌କାଳରେ । ମେଘନାଦ-ମେଘଗର୍ଜନ, ଇନ୍ଦ୍ରଜିତ ।

---

ସହ୍ୟ କରି ନପାରି ନିଶରେ ହାତମାରି ଖଣ୍ଡା ଝମକାଇ କ୍ରୋଧଭରେ ଗର୍ଜନ କରି କହିଲା, "ମୁଁ ଭୟଙ୍କର ବହୁ ସଦୃଶ ବାଣ ବିନ୍ଧିବା ଦ୍ୱାରା ସେ ରାମ ଲକ୍ଷ୍ମଣ ରୂପୀ ଚନ୍ଦ୍ର ଗ୍ରାସିତ ହୋଇ ପୁଣି ରକ୍ଷା ପାଇ ଯାଉଅଛନ୍ତି । ଏବେ ସେ ମୋ ବାଣ ଦ୍ୱାରା ଚର୍ବିତ ହେବେ ଓ ନକ୍ଷତ୍ରଗଣ ରୂପ ଭଲ୍ଲୁକ ସୈନ୍ୟ ମଳିନ ଦିଶିବେ ।"

୨୯ଶ ପଦ:—ଇନ୍ଦ୍ରଜିତ ଏହାପରେ ହୃଷ୍ଟଚିତ୍ତପୂର୍ବକ ନିକୁମ୍ଭିଳା ବଟ ମୂଳରେ ହୋମ କରି ଦେବଦଳନ ନାମକ ସୁନ୍ଦର ରଥ ଜାତ କରାଇଲା । ସେ ରଥରେ ଥିବା ଦିଗଦହନ ନାମକ ପତାକା ଆକାଶରେ ଫରଫର ଉଡ଼ିବାର ଦେଖିବେ ଶତ୍ରୁମାନେ ଝାମ ଯାଇ ପଡ଼ିବେ । ବାଣମାନଙ୍କଦ୍ୱାରା ପୂର୍ଣ୍ଣ ସୁନ୍ଦର ବିଜୟ ନାମକ ତୂଣୀର ଦକ୍ଷିଣ ସ୍କନ୍ଧରେ ବାନ୍ଧି ବାମ ହସ୍ତରେ ଧନୁ ଧରି ଇନ୍ଦ୍ରଜିତ୍ ଯୁଦ୍ଧକୁ ବାହାରି ହେଲା ଏବଂ ବହୁତ ସୈନ୍ୟ ସଙ୍ଗରେ ଧରି ଯମ ପ୍ରାୟ ରଣ କ୍ଷେତ୍ରରେ ଉପସ୍ଥିତ ହେଲା ।

୩୦ଶ ପଦ:—ସେ ଯୁଦ୍ଧଭୂମିରେ ଦୁଇ ଋତୁଙ୍କ ବିବାଦରେ କୌଣସି ଋତୁବର୍ଷାକାଳ ଓ ଅପର ଋତୁ ଶରତ୍‌କାଳ ସଦୃଶ ଲକ୍ଷିତ ହେଲେ । ( ଇନ୍ଦ୍ରଜିତ

ବିଶାରଦେ

ବିଶଦେ ରାମଚନ୍ଦ୍ର ଉଦେ      ବିରାଜିତ ହରି ବିନୋଦେ ।
ବିକଶିତ କୁମୁଦେ ନଳିନୀ ପ୍ରଭାମୋଦେ ଦୁହେଁ ରୁଚିର ଶରଭେଦେ ସେ ।୩୦ ।

---

ନିଶାଚର—ରାକ୍ଷସ, ପେଚା । ରାମଚନ୍ଦ୍ର—ରଘୁନାଥ, ରମଣୀୟ ଚନ୍ଦ୍ର । ହରି—ମର୍କଟ, ଶୁଆ । ସମ୍ମଦ—ଗର୍ବ । କୁମୁଦ—କଇଁ, ବାନର ସେନାପତି ବିଶେଷ । ନଳିନୀପ୍ରଭା—ଜଳର ସ୍ୱଚ୍ଛତା, ପଦ୍ମର ମନୋହରତା । ସରଭେଦେ—ବାଣବିନ୍ଧୁ ଜଳ ଭେଦରେ । ଘନାଘନ—ମତ୍ତହସ୍ତୀ, ବର୍ଷୁକ ମେଘ । ବିଶଦ—ନିର୍ମଳ, ଶୁଭ୍ର । ବିଶାରଦ—ଗର୍ବ, ଧୈର୍ଯ୍ୟ । ନିଶାଚର—ରାକ୍ଷସ, ସମ୍ଭୂକପେଚକ ସର୍ପାଦି ରାତ୍ରି-ଚର ପ୍ରାଣୀ ।

---

ଥାଟ ବର୍ଷାକାଳ ପ୍ରାପ୍ତ ହେଲା କାରଣ ଯେପରି 'ମେଘନାଦ' ଘୋର ଗର୍ଜନକାରୀ 'ଘନାଘନ' ବର୍ଷୁକ ମେଘ ବର୍ଷାକାଳରେ ପ୍ରକାଶିତ ହୋଇଥାଏ, ସେହିପରି 'ମେଘନାଦ' ଇନ୍ଦ୍ରଜିତ 'ଘନାଘନ' ମତ୍ତହସ୍ତୀସମ ହୋଇ ସୈନ୍ୟଙ୍କ ମଧ୍ୟରେ ପ୍ରକାଶ ପାଇଲା । ପୁଣି ବର୍ଷାକାଳ ଯେପରି 'ନିଶାଚର' ସମ୍ଭୂକ, ପେଚକ, ସର୍ପାଦି ରାତ୍ରିଚର ପ୍ରାଣୀମାନଙ୍କର ଗର୍ବ ବଢ଼ାଏ । ସେହିପରି ଏ 'ନିଶାଚର' ରାକ୍ଷସ-ମାନଙ୍କର ଗର୍ବ ବଢାଇଲା । (ବାନର ସୈନ୍ୟ ଶରତ୍‌ଋତୁ ପ୍ରାପ୍ତ ହେଲେ) କାରଣ ଶରତ୍ କାଳରେ ଯେପରି ରମଣୀୟ ଚନ୍ଦ୍ର ଗର୍ବର ସହିତ ଉଦିତ ହୁଅନ୍ତି, ସେହିପରି ବାନର ଥାଟ ରୂପୀ ଶରତ୍‌କାଳରେ ନିର୍ମଳହୃଦୟ ରାମଚନ୍ଦ୍ର ଉଦିତ ହୋଇଅଛନ୍ତି । ଶରତ୍‌କାଳରେ ଶୁକପକ୍ଷୀମାନେ ଆନନ୍ଦରେ ବିହାର କରନ୍ତି, ନିର୍ମଳ ଜଳରେ ପଦ୍ମ ଓ କଇଁଫୁଲ ଫୁଟି ଶୋଭିତ ହୁଅନ୍ତି, ସେହିପରି କପି ଥାଟ ମଧ୍ୟରେ ସୈନ୍ୟମାନେ ରାମଚନ୍ଦ୍ରଙ୍କ ଯୋଗୁଁ ଆନନ୍ଦିତ ହେଉଅଛନ୍ତି । କୁମୁଦ ନାମା କପି ଶୁକ୍ଳବର୍ଣ୍ଣରେ ନିଜର ପ୍ରଭା ବୃଦ୍ଧି କରି ଶୋଭିତ ହେଉଅଛି । ଦୁଇଋତୁ ଜଳଭେଦରେ ସମାନ ଅର୍ଥାତ୍ ବର୍ଷାକାଳରେ ଜଳ ଆବିଳ ଓ ଶରତ୍‌କାଳରେ ଜଳ ନିର୍ମଳ ହେଲା ପ୍ରାପ୍ତ ଉଭୟ ପକ୍ଷର ସୈନ୍ୟମାନେ ଶର ଯୁଦ୍ଧରେ ପରସ୍ପରର ସମାନ ଅଟନ୍ତି । (ଅଥବା ଜୟଲାଭ ଯୋଗେ ଶରତ୍- କାଳ ସମ କପିଥାଟଙ୍କ ମନ ନିର୍ମଳ ଓ ପରାଜୟ ଯୋଗେ ବର୍ଷାକାଳ ସମ ରାକ୍ଷସ ଥାଟଙ୍କ ମନ ଆବିଳ ହୋଇଅଛି)।

ବାଛି ନାଶିଲି କରୀ ବୋଇଲି ଯେ କେଶରୀ ଗବୟ ହୟଙ୍କୁ ବିଦାରି ।
ବିଧାରେ ହନୁଚୂର୍ଣ୍ଣି ହନୁମାନ ପ୍ରସରି ରଥୀମାନଙ୍କେ କ୍ରୋଧଭରି ସେ ।

ବାଳ ଧରି

ବେଗରେ ଅଙ୍ଗଦ ଅଙ୍ଗ ଚିରି ବିଜାନ ସାଦିଗଣ କରି ।
ବଢ଼ୋଇଲେ ଶରଭ ସେ ଜନ ନ ଜିଭୁରି ସୁଗ୍ରୀବ ଗ୍ରୀବ ମୋଡ଼ି ମାଡ଼ି ସେ ।୩୧।
ବଧିଲେ କେତେ ସୈନ୍ୟ ଜାମ୍ବବ ଯେ କଞ୍ଚନ ଡାଳିମ୍ବ ପନସ ଚନ୍ଦନ ।
ବୃକ୍ଷ କରି ପତନ ଜାମ୍ବବ ଯେ କଞ୍ଚନ ଡାଳିମ୍ବ ପନସ ଚନ୍ଦନ ସେ ।

ବିଶୋଧନ

ବିବିଧ ବିବିଧ ବିଧାନ ବାହାର କଲେ ଅନ୍ତ୍ରମାନ ।
ବଳୀ ମହୀନ୍ଦ୍ର ଧନ୍ୟ ମହୀ କରି କର୍ଦ୍ଦମ ଦ୍ୱିବିଦ ଦ୍ୱିବିଧ ରଚନ ସେ । ୩୨ ।

---

୩୧ଶ ପଦ:—କରୀ ହସ୍ତୀ । କେଶରୀ—ସିଂହ । ଗବୟ—ବାନର ସେନାପତି ବିଶେଷ, ପଶୁ ବିଶେଷ । ହୟଙ୍କୁ-ଘୋଡ଼ାମାନଙ୍କୁ । ହନୁ—ଗାଲି । ବିଜାନ-(ଯାବନିକଶବ୍ଦ) ବିଗତ ଜାନ୍ ଅର୍ଥାତ୍ ମୃତ୍ୟୁ । ସାଦିଗଣ-ଅଶ୍ୱାରୋହୀ ସମୂହ । ଶରଭ—ଯୋଦ୍ଧା ବିଶେଷ, ଜନ୍ତୁ ମହାଗ୍ରହ । ଗ୍ରୀବ—ବେକ ।

୩୨ଶ ପଦ:—ବିଶୋଧନ—ନିର୍ମୂଳ । ବିଧାନ-ନିୟମ । ଦ୍ୱିବିଦ-ସେନାପତି ବିଶେଷ । ଦ୍ୱିବିଧ—ଦୁଇଖଣ୍ଡ ।

---

୩୧ଶ ପଦ:—କେଶରୀ ନାମକ ବାନର ସିଂହ ପ୍ରାୟ ହୋଇ ବାଛି ବାଛି ହସ୍ତୀମାନଙ୍କୁ ବିନାଶ କଲା । ଗବୟ ବାନର ଗଣ୍ଡକ ପ୍ରାୟ ହୋଇ ବାଛିବାଛି ଅଶ୍ୱମାନଙ୍କୁ ବିଦାରଣ କଲା । ହନୁମାନ ଧାଇଁ ଯାଇ ରଥୀମାନଙ୍କଠାରେ କୋପଯୁକ୍ତ ହୋଇ ବିଧାଦ୍ୱାରା ସେମାନଙ୍କ ଗାଲପାଟି ଭାଙ୍ଗି ଦେଲା । ଅଙ୍ଗଦ ଅତିଶୀଘ୍ର ସିପାହୀ (ପଦାତିକ) ମାନଙ୍କର ବାଳ ଧରି ସେମାନଙ୍କର ଦେହକୁ ଚିରି ସେମାନଙ୍କ ପ୍ରାଣ ବିନାଶ କଲା । ଶରଭନାମକ ବାନର ଜନ୍ତୁଗ୍ରହ ପ୍ରାୟ ଯେଉଁ ସୈନ୍ୟଙ୍କୁ ଅନାଇଲା, ସେ ବଞ୍ଚି ନ ପାରି ମଲା । ସୁଗ୍ରୀବ ରାକ୍ଷସମାନଙ୍କ ବେକ ମୋଡ଼ି ମାରିବାକୁ ଲଗିଲା ।

୩୨ଶ ପଦ:—ଋକ୍ଷରାଜ ଜାମ୍ବବ, କଞ୍ଚନ ଡାଳିମ୍ବ, ପନସ, ଚନ୍ଦନ, ଇତ୍ୟାଦି ସୈନ୍ୟମାନେ ଯଥାକ୍ରମେ ଜାମ୍ବୁ, କଞ୍ଚନ, ଡାଳିମ୍ବ, ପଣସ, ଚନ୍ଦନ ବୃକ୍ଷମାନ ଆଣି ପିଟି ବହୁତ ସୈନ୍ୟମାନଙ୍କୁ ବିନାଶ କଲେ । ନାନା ଭାବରେ ରାକ୍ଷସ ସୈନ୍ୟଙ୍କୁ ମାରି ତାଙ୍କ ଅନ୍ତ ବୁଜୁଳା ବାହାର କଲେ । ବଳବାନ ମହୀନ୍ଦ୍ର କପିବୀରମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅଟେ ଓ ଦ୍ୱିବିଦ କପି ଅସୁରଙ୍କୁ ଦୁଇଖଣ୍ଡ ଲେଖାଏ କରି ପକାଇ ରଣଭୂମିକୁ ରକ୍ତରେ କର୍ଦ୍ଦମ କରି ଦେଲା ।

ବଳିମୁଖ ପ୍ରକଟରେ ଦଧିମୁଖ ସଙ୍ଗରେ କାଳୀମୁଖ ଯେନ ରଙ୍ଗରେ ।
ବିରବକୁଁ ମୁଖରେ ମୁଷ୍ଟି ତାଡ଼ି ମୁଖରେ ଅରିବଳ ଜୀବନ ହରେ ଯେ ।
ବନ୍ଧି କରେ
ବିପୁଳ ଶିଳ ନିରନ୍ତରେ ବିହରି ପନଶିଳ ମାରେ ।
ବସନ୍ତ ପବନରେ ପରଭୃତଙ୍କୁଁ ସ୍ୱରେ ପଞ୍ଚମ ପଞ୍ଚତ୍ୱ ଆଦରେ ସେ । ୩୩ ।
ବହ୍ନିସ ନାମ ଭଲେ ଅପୂର୍ବ ନଳ ନୀଳେ ଭସ୍ମ କରି ଉଡ଼ାଇ ଦେଲେ ।
ବ୍ୟାଳସ୍ୱିତ ଲଭିଲେ ଅସୁରେ ଲୁଚିଗଲେ ତାରକ୍ଷ ତାର୍କ୍ଷ୍ୟ ମହୋତ୍କଳ ସେ

---

୩୩ଶ ପଦ: — ବିରବ — ଭୟଙ୍କର ଶବ୍ଦ । ମୁଷ୍ଟି — ମୁଥ । ଅରିବଳ — ଶତ୍ରୁ ସୈନ୍ୟ । ଶିଳ — ପ୍ରସ୍ତର । ବିହରି — ଭ୍ରମଣକରି । ପଞ୍ଚତ୍ୱ — ବିନାଶ । ପରଭୃତ — କୋକିଳ, ଶତ୍ରୁମାନଙ୍କୁ ଧରନ୍ତେ । ପଞ୍ଚମସ୍ୱରେ — ପାଞ୍ଚସ୍ୱର ମଧ୍ୟରୁ ପଞ୍ଚମ ସ୍ୱର ଅର୍ଥାତ୍ ମୃତ୍ୟୁ ସ୍ୱର ।

୩୪ଶ ପଦ: — ଅପୂର୍ବ — ଅଦ୍ଭୁତ । ଭସ୍ମ — ପାଉଁଶ । ବ୍ୟାଳସ୍ୱିତ — ସର୍ପସ୍ୱଭାବ । ତାରକ୍ଷ — ରାକ୍ଷସବିଶେଷ । ତାର୍କ୍ଷ୍ୟ — ଗରୁଡ଼ । କ୍ଷିତିରେ — ପୃଥିବୀରେ

---

୩୩ଶ ପଦ: — ବଳୀମୁଖ କପିମାନେ ଦଧିମୁଖ ଓ କାଳୀମୁଖ କପିମାନଙ୍କ ସଙ୍ଗତରେ ଯେନ ଯୁଦ୍ଧଭୂମିକୁ ଯୋଟିଗଲେ । କପିମାନେ ମୁଖରେ ଭୟଙ୍କର ଶବ୍ଦ କରି ଅସୁରଙ୍କ ମୁଣ୍ଡରେ ମୁଥ ପ୍ରହାର ପୂର୍ବକ ଶତ୍ରୁ ସୈନ୍ୟଙ୍କ ଜୀବନ ହରଣ କଲେ । ପନଶିଳ କପି ବଡ଼ ବଡ଼ ପଥର ହସ୍ତରେ ଧରି ସର୍ବଦା ଶତ୍ରୁ ସୈନ୍ୟଙ୍କୁ କ୍ରୀଡ଼ା ଛଳରେ ବିନାଶ କଲା । ବସନ୍ତ ଓ ପବନ ଏ ଦୁଇ କପି ଶତ୍ରୁମାନଙ୍କୁ ଧରନ୍ତେ, ସେମାନେ କରୁଣ ସ୍ୱରରେ ପଞ୍ଚତ୍ୱ ପ୍ରାପ୍ତ ହେଲେ । ( ବସନ୍ତ ପବନରେ ମଳୟ ପବନ ବହିବା ଯୋଗୁ 'ପରଭୃତ' କୋକିଳ ପଞ୍ଚମସ୍ୱର ବିସ୍ତାର କରେ — ଧ୍ୱନ୍ୟର୍ଥ ) ।

୩୪ଶ ପଦ: — ନଳ ଓ ନୀଳ ସେନାପତି 'ଅପୂର୍ବ ହୋଇ ଅର୍ଥାତ୍ ଅନଳ ( ଅଗ୍ନି ) ଓ ଅନିଳ ( ପବନ) ପ୍ରାପ୍ତ ହୋଇ ବହ୍ନିସ ନାମକ ଅସୁରକୁ ଉତ୍ତମରୂପେ ଭସ୍ମ କରି ଉଡ଼ାଇଦେଲେ । ଗରୁଡ଼ରୂପୀ ତାରକ୍ଷ କପିର ଭୀଷଣ ତେଜରେ ରାକ୍ଷସମାନେ ସର୍ପ ସ୍ୱଭାବକୁ ଲଭିଲେ ( ଗରୁଡ଼କୁ ଦେଖି ସର୍ପମାନେ ବିଳରେ ଲୁଚିଲାପ୍ରାୟ ତାରକ୍ଷକୁ ଦେଖି ରାକ୍ଷସମାନେ ଗୁପ୍ତସ୍ଥାନରେ ଲୁଚିଲେ ) ସୁଷେଣ ବୈଦ୍ୟ କୌତୁକରେ ବ୍ୟାଧିରୂପ ଅସୁର ବଂଶର ବିନାଶ ପାଇଁ ପାରିଆଣ୍ଡି ରସରୂପ ସଂହାର ରସକୁ ବଳପୂର୍ବକ ସୁନ୍ଦର ଭାବରେ ଶୋଧନ କରି ଶୀଘ୍ର

ବଳସିଲେ

ବୈଦ୍ୟ ସୁଷେଣ କୁତୁହଳେ ବ୍ୟାଧିକ୍ଷିତିରେ ଦୈତ୍ୟକୁଳେ ।
ବିରଚିଲେ ଚପଳେ ମାରଣ ରସବଳେ ସୂତଶୋଧନରେ କି ମଞ୍ଜୁଳେ ଯେ ।୩୪
ବପୁ ଗନ୍ଧମାର୍ଦ୍ଦନ ପରି ଗନ୍ଧମାଦନ ମାଡ଼ିପଡ଼ିଲା ଅବିଚ୍ଛିନ୍ନ ।
ବ୍ୟବସ୍ଥିତେ ଦୁର୍ବର୍ଣ୍ଣ କରିଦେଲା ସୁବର୍ଣ୍ଣ ପାରଦ ମିଶି ଘନ ଘନ ଯେ ।

ବଳବାନ

ବୃନ୍ଦ ବୃନ୍ଦ ଯୂଥପେ ପୂର୍ଣ୍ଣ ବିନାଶ କୋପେ ପୁନଃ ପୁନଃ ।
ବାନ୍ଧିଲେ ସରସ୍ୱାନ ସେତୁ କି ଶବମାନ ଶିରସେତୁ କରି ପ୍ରଧାନ ସେ ।୩୫ ।
ବିଶ୍ରବାର ତନୟ ବରଷ (ଶ)ର ଆଳୟ ସ ଭେଦେ ଅର୍ଦ୍ଧ କରି କ୍ଷୟ ।
ବଟଜ ଜ୍ୟେଷ୍ଠ ତନୟ ଆଷାଢ଼ ପାଇ କାୟ ଶ୍ରମ ଶ୍ରାବଣ ପରିଚୟ ସେ ।

---

ଦୈତ୍ୟକୁଳ—ରାକ୍ଷସବଂଶ । ଚପଳେ—ସତ୍ୱର । ମଞ୍ଜୁଳେ—ମନୋହର ଭାବରେ । କ୍ଷିତିରେ—ବିନାଶାର୍ଥେ ।

୩୫ଶ ପଦ:—ବପୁ—ଦେହ । ଗନ୍ଧମାର୍ଦ୍ଦନର—ପର୍ବତବିଶେଷ । ଗନ୍ଧମାଦନ—ସେନାପତିବିଶେଷ । ଅବିଚ୍ଛିନ୍ନ—ସର୍ବଦା । ଦୁର୍ବର୍ଣ୍ଣ—ତେଜସ୍ୱାନ, ରୂପା । ପାରଦ—ପାରା । ଯୂଥପତିମାନେ । ସରସ୍ୱାନ—ସମୁଦ୍ର । ସେତୁ—ବନ୍ଧ । ସୁବର୍ଣ୍ଣ—ଉତ୍କୃଷ୍ଟ ବର୍ଣ୍ଣ, ସୁନା ।

---

ପ୍ରୟୋଗ କଲେ । ( ବୈଦ୍ୟ ବ୍ୟାଧିର ବିନାଶ ପାଇଁ ପାରଆଦି ରସକୁ ଶୋଧନ କରି ପ୍ରୟୋଗ କଲା ପ୍ରାୟ ସୁଷେଣ ରାକ୍ଷସବଂଶ ବିନାଶ ପାଇଁ ବୀରତ୍ୱ ପ୍ରକାଶ କରିଥିଲେ ଅର୍ଥାତ୍ ରାକ୍ଷସମାନଙ୍କୁ ବୀରତ୍ୱସହକାରେ ବିନାଶ କରିଥିଲେ ) ।

୩୫ଶ ପଦ:—ଗନ୍ଧମାର୍ଦ୍ଦନ ପର୍ବତତୁଲ୍ୟ ବପୁବନ୍ତ ଗନ୍ଧମାଦନ କପି ରାକ୍ଷସମାନଙ୍କ ଉପରେ ଅନବରତ ମାଡ଼ିପଡ଼ି ସେମାନଙ୍କୁ ପ୍ରାଣ ବିନାଶ କଲା । ପାରାକୁ ସୁନା ସହିତ ବାରମ୍ବାର ମିଶାଇଲେ, ସେ ଯେପରି ଉତ୍ତମ ବର୍ଣ୍ଣ ସୁନାକୁ ଧଳା କରି ବିବର୍ଣ୍ଣ କରିଦିଏ, ସେହିପରି ପାରଦ କପି ରାକ୍ଷସ ମାନଙ୍କ ସହିତ ଘନ ଘନ ମିଳିତ ହୋଇ ସେମାନଙ୍କୁ ତେଜୋହୀନ କରିଦେଲା । ଯୂଥପତିମାନେ କ୍ରୋଧଯୁକ୍ତ ହୋଇ ବାରମ୍ବାର ବୃନ୍ଦ ବୃନ୍ଦ ରାକ୍ଷସଙ୍କୁ ବିନାଶ କରିବାରୁ ସମୁଦ୍ରରେ ସେତୁ ବନ୍ଧନ ହେଲାପରି ଯୁଦ୍ଧ-କ୍ଷେତ୍ରରେ ରକ୍ତ ସମୁଦ୍ରରେ ଶବମାନଙ୍କଦ୍ୱାରା ସେତୁ ବନ୍ଧା ହେଲା ।

୩୬ଶ ପଦ:—(କ)—ବିଶ୍ରବଣ ବର୍ଷଙ୍କର ସ୍ଥାନ ହେଲା । ବର୍ଷକୁ ସମାନ ଭାଗକରି ଅଧେ କାଟି ଦେଲେ ପୁଷଠାରୁ ଜ୍ୟେଷ୍ଠ ପର୍ଯ୍ୟନ୍ତ ଗଲା ଏବଂ

ବିସ୍ମୟ

ବିଶେ ଭାଦ୍ରପଦ ଆଶ୍ରୟ        ବିଭାତ ଆଶ୍ୱିନ ସ୍ଥାପୟ
ବାହୁଳେୟ ଉଦୟ ପ୍ରଭାରେ ମହୋଦୟ କରାଇ ମାର୍ଗଶିରମୟସେ ।୩୬।(କ)
ବଇଶ୍ରବ ତନୟ ବରଶର ଆଳୟ 'ଷ' ଭେଦେ ଅର୍ଦ୍ଧ କରି କ୍ଷିତ ।
ବଳେ ଜ୍ୟେଷ୍ଠ ତନୟ ଆଷାଢ଼ ପାଇ କାୟ ଶ୍ରମ ଶ୍ରାବଣ ପଟ୍ଟେ ତ ସେ ।

---

୩୬ଶ ପଦ:—(କ) ବିଶ୍ରବାର ତନୟ-ବିଶ୍ରବାର ପୁତ୍ର, ବିଭୀଷଣ । ବରଶର—ଉତ୍କୃଷ୍ଟ ନାରାଚ ବା ବାଣ । ଆଳୟ-ସ୍ଥାନ ବା ଗୃହ । ସଭେଦେ-ବିନ୍ଧନକରି । କ୍ଷୟ-ବିନାଶ । ବିସ୍ମୟ-ଅତିଶୟ ଆଶ୍ଚର୍ଯ୍ୟ । ବିଭାତ-ପ୍ରକାଶିତ ହୋଇ । ବାହୁଳେୟ—କାର୍ତ୍ତିକେୟ । ମାର୍ଗଶିର—ମାସ ବିଶେଷ ।

୩୬ଶ ପଦ:—( ଖ ) ବଇଶ୍ରବତନୟ—ରାବଣର ପୁତ୍ର ଇନ୍ଦ୍ରଜିତ । ବରଶର—ଶ୍ରେଷ୍ଠଶର । 'ଷ' ଭେଦେ—'ଷ'କାର ଭେଦରେ । କ୍ଷିତକରି—କ୍ଷୟକରି । ଭଦ୍ରପଦ—ଭଦ୍ରବ ମାସର, ଭା—ପ୍ରଭା,ଦ୍ୱପ—ଗର୍ବ ଅର୍ଥାତ୍

---

ଆଷାଢ଼ଠାରୁ ମାର୍ଗଶିର ପର୍ଯ୍ୟନ୍ତ ରହିଲା । ଜ୍ୟେଷ୍ଠମାସ ଗତ ହୋଇ ଯିବାରୁ ଆଷାଢ଼ମାସ ଦେହ ଧାରଣକଲା । ବର୍ଷାଦ୍ୱାରା ଶ୍ରାବଣମାସର ପଟ୍ଟୋଦୟ ହେଲା, ଅତି ବିସ୍ମୟକର ତାପଯୁକ୍ତ ଭାଦ୍ରମାସ ସଂସାରକୁ ଆଶ୍ରୟ କଲା, ଆଶ୍ୱିନ ମାସ ଅତି ତେଜର ସହିତ ସ୍ଥାପିତ ହେଲା, ଅତି ପ୍ରଭାବନ୍ତ ହୋଇ କାର୍ତ୍ତିକ ମାସ ଉଦୟ ହେଲା, ତତ୍ପରେ ମାର୍ଗଶିର ମାସ ଆସିଲା ।

**ଯୁଦ୍ଧପକ୍ଷରେ**—ବିଭୀଷଣ ଉତ୍ତମ ଶରମାନଙ୍କର ସ୍ଥାନ ହୋଇଥିଲା । ତାହାର ଶର ଭେଦ ହେବା ପୂର୍ବରୁ ଇନ୍ଦ୍ରଜିତ ଅଧେ କାଟି ପକାଏ, ପୁଣି ବିଧାତା ବଶରେ ବଢ଼ି ଭାଇ ରାବଣର ପୁଅ ଇନ୍ଦ୍ରଜିତ, ତାହାଙ୍କୁ ଶରୀର ବିନାଶ କରିବା ପାଇଁ ଆଶା ବଳାଇଛି, ଯୁଦ୍ଧକ୍ଷେତ୍ର ଅନବରତ ବାଣ ବର୍ଷଣ ଦ୍ୱାରା ଶ୍ରାବଣ ମାସର ଧାରା ବର୍ଷାର ପଟ୍ଟୋଦୟ ହେଉଅଛି । ଅତି ବିସ୍ମୟ ଭାବରେ ସଂସାର ମଧ୍ୟରେ ଶୁଭ ଆଶା ଘୋଷଣ କରି ସେ ତେଜସ୍ୱୀନ ଅଶ୍ୱାରୋହୀ ମାନଙ୍କୁ ଖୋଜି ମାରିଲେ ଏବଂ ଅତିଶୟ ପ୍ରଭାବନ୍ତ କାର୍ତ୍ତିକଙ୍କ ପ୍ରାୟ ଉଦିତ ହୋଇ ବାଟଯାକ ମୁଣ୍ଡମାନ ଗଡ଼ାଇ ଦେଲେ ।

୩୬ଶ ପଦ: —( ଖ ) ରାବଣର ପୁତ୍ର ଇନ୍ଦ୍ରଜିତ ଲକ୍ଷ୍ମଣଙ୍କ ଦ୍ୱାରା ବଧ ହୋଇଥିବା ପ୍ରଧାନ ପ୍ରଧାନ ନାରାଚମାନଙ୍କର ସ୍ଥାନ ହେଲା । ( ଇନ୍ଦ୍ରଜିତର ଦେହ ଲକ୍ଷ୍ମଣପ୍ରଯୁକ୍ତ ଶରଦ୍ୱାରା ପୂର୍ଣ୍ଣ ହୋଇଗଲା ) । ପୁଣି ଷଭେଦରେ ବର୍ଦ୍ଧର ଆଳୟ ହେଲା । ତହିଁରୁ ଅଧେକ୍ଷୟ କଲେବାକୀ ଛମାସ ରହିଲା, ବଳେ ତ

ବିସ୍ମିତ

ବିଶେଷ ଭାଦ୍ରପର ଆଶ୍ରିତ          ବିଗତ ଅସୀନ ଛେଦିତ
ବାହୁଳେୟ ଉଦୟ ପ୍ରଭାରେ ଅତିଶୟ କରାଇ ମାର୍ଗଶୀର୍ଷାନ୍ୱିତ ସେ । ୩୭(ଖ)
ବିଜ୍ଞେ ବୋଲନ୍ତି ନର ନାରାୟଣ ଏ ଗିର ସିଦ୍ଧ ହୋଇଛି ଯେଉଁଠାରେ ।
ବିଚାରପଣ ତାଙ୍କର କେ ହେବ ଶେଷକର ଅଲେଖ ଯେ ଲେଖ ଲେଖରେ ସେ ।

ବିଜେ ଶର

---

ନିଜ ପ୍ରଭାବରେ । ଅସୀନ-ଅଶିଣ ମାସ, ପ୍ରଧାନ ଖଡ୍‌ଗରେ । ବାହୁଳେୟ-କାର୍ତ୍ତିକମାସ, ବାହୁଲ୍ୟରୂପେ । ମାର୍ଗଶୀର୍ଷାନ୍ୱିତ-ମାର୍ଗଶିର ମାସଯୁକ୍ତ, 'ମାର୍ଗ' ବାଟକୁ ଶୀର୍ଷ ମସ୍ତକରେ 'ଅନ୍ୱିତ' ଯୁକ୍ତ ।

୩୭ଶ ପଦ:—ବିଜ୍ଞେ-ପଣ୍ଡିତମାନେ । ଗିର-ବଚନ । ଅଲେଖ—ଅସୀମ, ବିଶ୍ୱଭରଣ—ପୃଥିବୀପୂର୍ଣ୍ଣ । ବିଅର୍ଥ—ବୃଥା । ଅନନ୍ତ—

---

ଜ୍ୟେଷ୍ଠ, ତେଣୁ ଜ୍ୟେଷ୍ଠ ମାସ ନିଷ୍ପନ୍ନ ହେଲା । ( ଅର୍ଥାତ୍ ସେ ଛମାସ ଜ୍ୟେଷ୍ଠ ପରେ ବା ଆଷାଢ଼ରୁ ଆରମ୍ଭ ହେଲା ) ।

**ଇନ୍ଦ୍ରଜିତ ପକ୍ଷରେ**—ବଳବନ୍ତପଣରେ 'ଜ୍ୟେଷ୍ଠ ଶ୍ରେଷ୍ଠ ବୋଲି ନିର୍ଣ୍ଣିତ ହୋଇଅଛି ଯେଉଁ ଇନ୍ଦ୍ରଜିତ, ତାହାର ଶରର ଆଷାଢ଼ମାସର ସନ୍ତାପକୁ ପାଇଲା ( ଲକ୍ଷ୍ମଣଙ୍କ ପ୍ରେରିତ ଶରମାନଙ୍କରେ ସନ୍ତପ୍ତ ହେଲା ) । ଯୁଦ୍ଧଶ୍ରମ ଯୋଗୁ ଶ୍ରାବଣ ମାସରେ ଜଳଧାରା ବହିଲା ପ୍ରାୟ ଦେହରୁ ସ୍ୱେଦ ଜଳ ବହିବାକୁ ଲାଗିଲା । ଇନ୍ଦ୍ରଜିତ ଏହା ଦେଖି ବିଶେଷ ଭାବରେ ବିସ୍ମିତ ହେଲା । ସେ ପୁଣି ସଂସାରରେ 'ଭ' ପ୍ରଭା ଆଉ 'ଦ୍ରପ' ଗର୍ବ ଏ ଦୁହିଙ୍କର ଆଶ୍ରିତ ଅଟେ; ତେଣୁ ଭଦ୍ରପର ବା ଭାଦ୍ରବମାସ ହେଲା । ତତ୍‌ପରେ ପ୍ରଦୀପ୍ତ 'ଅସୀନ ପ୍ରଧାନ ଖଡ୍‌ଗ ଦ୍ୱାରା ଶତ୍ରୁମାନଙ୍କୁ ବିନାଶ କରିବା ଯୋଗେ ଆଶ୍ୱିନ ମାସର ଅଖ୍ୟା ପ୍ରାପ୍ତ ହେଲା । ତଦନନ୍ତର କାର୍ତ୍ତିକଙ୍କ ପରି ପ୍ରଭାଯୁକ୍ତ ହୋଇ ମାର୍ଗଶୀର୍ଷ ପଥମାନଙ୍କ ଶତ୍ରୁମାନଙ୍କ ଶିର ଦ୍ୱାରା ପୂର୍ଣ୍ଣକରି ଦେଲା ।

୩୭ଶ ପଦ: —ପଣ୍ଡିତମାନେ ଯେଉଁ ରାମ ଲକ୍ଷ୍ମଣଙ୍କୁ ନରନାରାୟଣ ବୋଲି ନିଷ୍ପନ୍ନ କରି ଅଛନ୍ତି, ତାଙ୍କର ବିଚାର କିଏ ବା ବାକ୍ୟରେ କହି ଶେଷ କରି ପାରିବ ? ଦେବତାମାନଙ୍କ ଗଣନାରେ ମଧ୍ୟ ସେ ବରଂ ଅପରିମିତ ଅଟେ । ଇନ୍ଦ୍ରଜିତ ବିଶ୍ୱର ଲୋକଙ୍କୁ ପୂର୍ଣ୍ଣକରି ଶର ବିନ୍ଧିଲା, ତେଣୁ ତାକୁ 'ବିଶ୍ୱଭରଣ' ସଂସାରର ଭାବ ବୋଲିଥିବା ବୃଥା ନୁହେଁ । ଶେଷଦେବ ଲକ୍ଷ୍ମଣ ଯାହାର ସହାୟ ଏପରି ଯେ ରାମରୂପୀ ବିଷ୍ଣୁ, ତାଙ୍କ ସଙ୍ଗରେ ଯୁଦ୍ଧ କରୁଥିବା ଇନ୍ଦ୍ରଜିତକୁ

ବିଶ୍ୱଭରଣ ବୋଲିବାର ବିଅର୍ଥ ନୋହେ ବିଶ୍ୱମ୍ଭର ।
ବିନ୍ଧୁ ସଙ୍ଗେ ସଙ୍ଗର ଅନନ୍ତ ସାହା ଯାର ଜମ୍ଭଜିତ ନୋହେ ଇତର ସେ ।୩୭।
ବିଭିନ୍ନରେ କବଚ ଶୋଣିତରେ ପ୍ରପଞ୍ଚ ଅସ୍ଥିକି ଭେଦିଣ ନାରଚ ।
ବଚନେ ନାହିଁ ପାଞ୍ଚ ଚତୁର୍ଥସ୍ୱରେ ବଚ ପ୍ରକାଶ କଲା ଯଥା ନତ ସେ ।

ବୋଲେ ଉଚ୍ଚ

ବଚନ ଚପଳେ ମାରିବ ବଧିକି ଭ୍ରାନ୍ତ ଏବେ ଚର
ବିହାରକୁ ମୃଷଞ୍ଚ ଶମନପୁର ମଞ୍ଚ ତେଜିଣ ପୂର୍ବ ଗର୍ବ ମୁଞ୍ଚ ସେ ।୩୮।

---

ଶେଷବନ୍ଧୁ, ଏଠାରେ ଲକ୍ଷ୍ମଣ । ଜମ୍ଭଜିତ—ଇନ୍ଦ୍ରଜିତ । ଇତର-ଅନ୍ୟ । ଲେଖ—ଦେବତା ।

୩୮ଶ ପଦ:—ବିଭିନ୍ନରେ—ଭେଦ କରିବାରେ । କବଚ—ସାଞ୍ଜୁ । ଶୋଣିତରେ—ରକ୍ତରେ । ଅସ୍ଥି-ହାଡ଼ । ନାରଚ—ଶର । ପାଞ୍ଚ-ବିସ୍ତାରକର ନତ—ନିକୃଷ୍ଟ, ହୀନ । ଚପଳେ—ସତ୍ୱରେ । ଶମନପୁର—ଯମପୁର । ମଞ୍ଚ-ମର୍ତ୍ତ୍ୟ । ପୂର୍ବ ଗର୍ବ—ପୂର୍ବବୈରତା । ମୁଞ୍ଚ-ତ୍ୟାଗକର । ପ୍ରପଞ୍ଚ—ବିସ୍ତାର । ଚତୁର୍ଥସ୍ୱର—ବୃଦ୍ଧସ୍ୱର ।

---

ସାମାନ୍ୟ କୁହାଯାଇ ନ ପାରେ । (:—**ଅନ୍ୟାର୍ଥ** ଦେବତାଙ୍କ ଗଣନାରେ ବିଶ୍ୱଭରଣ ରାମଚନ୍ଦ୍ର ମଧ୍ୟ ଅପ୍ରମିତ ଶର ବିନ୍ଧିଲେ । ତେଣୁ ତାଙ୍କର ବିଶ୍ୱମ୍ଭର ନାମହିଁ ସାର୍ଥକ ଅଟେ । ପୁଣି ଲକ୍ଷ୍ମଣ ଯାହାର ସହାୟ ସେହି ରାମରୂପୀ ବିଷ୍ଣୁଙ୍କ ସଙ୍ଗେ ଇନ୍ଦ୍ରଜିତ ସଂଗ୍ରାମ କରୁଅଛି ତେଣୁ ସେ ଇନ୍ଦ୍ରଜିତ ମଧ୍ୟ ସାମାନ୍ୟ ନୁହେଁ

୩୮ଶ ପଦ:—ରାମ ଲକ୍ଷ୍ମଣଙ୍କ ଶର ଇନ୍ଦ୍ରଜିତର ସାଞ୍ଜୁ ବିଦୀର୍ଣ୍ଣ କରି ଅସ୍ଥିକୁ ଭେଦ କଲା; ତେଣୁ ରୁଧିରରେ ଜର୍ଜରିତ ହୋଇ ସେ କୁତ୍ସିତ ଦେଖାଗଲା । ତାହାର ବିସ୍ତାର କରିବା ଶକ୍ତି ମଧ୍ୟ ରହିଲା ନାହିଁ । ସେ ନୀଚଲୋକ ପ୍ରାପ୍ତ ବୃଦ୍ଧ ସ୍ୱରରେ ( ଥର ଥର ) ବାକ୍ୟ କହିବାକୁ ଲାଗିଲା ଅନନ୍ତର ମାୟାଚବଧକ ରାମଚନ୍ଦ୍ରଙ୍କ ଭ୍ରାତା ଲକ୍ଷ୍ମଣ ଅତିଶୀଘ୍ର କହିଲେ, ରେ ଅସୁର ! ଆମକୁ ମାରିବୁ ବୋଲି ପୂର୍ବରୁ ଯେ ଗର୍ବ ହୃଦୟରେ ବହିଅଛୁ, ତାକୁ ତ୍ୟାଗ କର । ଏବେ ମର୍ତ୍ତ୍ୟପୁରକୁ ତେଜି ଯମପୁରକୁ କ୍ରୀଡ଼ା କରିବାକୁ ଯିବାପାଇଁ ପ୍ରସ୍ତୁତ ହୁଅ ।”

ବାସବଜିତ ଭଲି ପ୍ରଳୟକାଳ ହୋଇ ଚତୁରଘନ ଧନୁ କଲା ।
ବରଷି ଶରଧାର ଗଗନ ଘୋଡାଇଲା ବାନରସୃଷ୍ଟି ନାଶକଲା ସେ ।
ବୁଡ଼ାଇଲା
ବିକର୍ତ୍ତନଜ ଯେ ଉର୍ଜିଲା ବଟ ବ୍ରହ୍ମାସ୍ତ୍ରେ ଶୁଆଇଲା ।
ବାଳମୁକୁନ୍ଦ ଲୀଳା ସୀତାବଲ୍ଲଭେ ଦେଲା ଲକ୍ଷ୍ମଣ ଶିବଙ୍କି ଢ଼ଳିଲା ସେ । ୩୯ ।
ବାସ୍ତୋଷ୍ପତି ପ୍ରଭୃତି ଦିଗପତି ସମ୍ମତ ସୁଗ୍ରୀବ ଆଦି ହୋଇଲେ ହତ ।
ବର୍ଣିବୁ ଯେତେ ସ୍ତୁତି ସେ ହେଲେ ଦିଗଦନ୍ତୀ ତମମୟରେ ଲୁଚିଜ୍ୟୋତି ସେ
ଦ୍ୟୁତପତ୍ରୀ

---

୩୯ଶ ପଦ:—ବାସବଜିତ—ଇନ୍ଦ୍ରଜିତ । ଚତୁର ଘନ-ଚାରି ମେଘ, ( ଆବର୍ତ୍ତକ, ସଂବର୍ତ୍ତକ, ଦ୍ରୋଣ ଓ ପୁଷ୍କର-ଏହି ଚାରିମେଘ ) ଗଗନ-ଆକାଶ ବିକର୍ତ୍ତନଜ-ସୂର୍ଯ୍ୟଜନିତ, ସୁଗ୍ରୀବ । ବାଳମୁକୁନ୍ଦଲୀଳା-ବାଳଗୋପାଳଖେଳ ସୀତାବଲ୍ଲଭ—ରାମଚନ୍ଦ୍ର ।

୪୦ଶ ପଦ:—ବାସ୍ତୋଷ୍ପତି—ଇନ୍ଦ୍ର । ହତ—ବିନାଶ । ତମମୟରେ—ଘୋର ଅନ୍ଧକାରରେ । ଜ୍ୟୋତି—ତେଜ ।ଦ୍ୟୁତପତ୍ରି—ବିଶେଷଜ୍ଞାନ ବର୍ତ୍ତି—ବସ୍ତ୍ର ।

---

୩୯ଶ ପଦ:—ତତ୍ପରେ ଇନ୍ଦ୍ରଜିତ ପ୍ରଳୟକାଳ ସଦୃଶ ହେଲା । ପ୍ରଳୟକାଳରେ ଆବର୍ତ୍ତକାଦି ଚାରି ମେଘ ଏକତ୍ର ହୋଇ ବହୁ ଜଳ ବର୍ଷଣ କରି ଆକାଶକୁ ଆଚ୍ଛନ୍ନ ଓ ସୃଷ୍ଟି ବିନାଶ କଲା ପ୍ରାୟ, ଏଠାରେ ଇନ୍ଦ୍ରଜିତର ଲକ୍ଷଣ ଯୁକ୍ତ ଦେଖି ମେଘରୂପ ତାହାର ଧନୁଦ୍ୱାରା ବହୁତ ଶରବର୍ଷଣ କରି ପୃଥିବୀକୁ ଆଚ୍ଛନ୍ନ ଓ ବାନର ସୃଷ୍ଟିର ବିନାଶ ସାଧନ କରିବାକୁ ଲାଗିଲା । ପ୍ରଳୟକାଳ ସୂର୍ଯ୍ୟ ଜାତି କରଣକୁ ବିନାଶ କଲା ପ୍ରାୟ ଇନ୍ଦ୍ରଜିତ ସୂର୍ଯ୍ୟ ପୁତ୍ର ସୁଗ୍ରୀବଙ୍କ ଲୀଳାକୁ ଶରାଘାତରେ ବୁଡ଼ାଇ ଦେଲା । ପୁଣି ବିଷ୍ଣୁ ପ୍ରଳୟକାଳରେ ବଟପତ୍ରରେ ଶୟନ କଲା ପରି ଇନ୍ଦ୍ରଜିତ ରାମଚନ୍ଦ୍ରଙ୍କୁ ବ୍ରହ୍ମାସ୍ତ୍ର ରୂପ ବଟପତ୍ରରେ ଶୁଆଇ ପକାଇଲା । (ଇନ୍ଦ୍ରଜିତର ବ୍ରହ୍ମାସ୍ତ୍ରପ୍ରୟୋଗ ଦ୍ୱାରା ରାମଚନ୍ଦ୍ର ଅଚେତନ ହୋଇ ଭୂମିରେ ଶୋଇଲେ ) । ଶିବ ରୂପୀ ଲକ୍ଷ୍ମଣ ମଧ୍ୟ ସେହି ଶରାଘାତରେ ତାଙ୍କ ସହ ଧରାଶାୟୀ ହେଲେ ।

୪୦ଶ ପଦ:—ପ୍ରଳୟକାଳରେ ଇନ୍ଦ୍ରାଦିଦେବତାମାନେ ବିନାଶ ହେଲା ପରି ସେମାନଙ୍କ ସମାନ ସୁଗ୍ରୀବାଦି ବୀରମାନେ ବିନାଶ ହେଲେ । ଅନ୍ଧକାରରେ ସମସ୍ତ ତେଜୋହୀନ ହେଲା ପ୍ରାୟ ଦିଗ୍ଗଜ ତୁଲ୍ୟ ପ୍ରଧାନ କପିମାନେ

ବନ୍ଧୁ ମାର୍କଣ୍ଡେୟ ମରନ୍ତ      ଲକ୍ଷ୍ମଣ କେବଳ ବର୍ତ୍ତି ।
କଂଶବାହୁସନ୍ତ କଇଟଭ ଅଦ୍ଭୁତ ସ୍ଥାନେ ପ୍ରକାଶେ ଉଦ୍ଭୁତ ସେ ।୮୦।
ବ୍ରହ୍ମା ହୋଇଲେ ଜାତ ସଚେତ ଜାମ୍ବବନ୍ତ ପୁନଃ ସେ ସୃଷ୍ଟି ଶରଚିଲେ
ବରାହମୂର୍ତ୍ତି ସତ ସଞ୍ଚର ହନୁମନ୍ତ ସ୍ଥାପି ଧରଣୀ ଦ୍ରୁମବନ୍ତ ସେ ।

ବଜନ୍ତ

ଔଷଧ ରସ ଉପଧିର      ବନୋଦେ ସୁମନେ ଉଠିଲେ ।
ବେନଭ୍ରାତ ଅଚ୍ୟୁତ ଈଶ୍ୱର ପୃଥ୍ୱୀଶ୍ୱର ଦୈତ୍ୟହତକୁ ସେ ବାଞ୍ଛିତ [illegible]।
ବାଦସରିତ ଲଙ୍ଘନକୁ ତରିତ ମଦବାର ଆଜକୁ ଯଥା ବାଘ ।
ବଟପ୍ରିତା ବାରୌଦ ବାଜ ଯଥା ପବନ ପାତକ ହଟେ ଯଥା ମାଘ ସେ ।

---

କଂଶବାହୁସନ୍ତ—ଇନ୍ଦ୍ରଜିତ । କଇଟଭ—ରାକ୍ଷସବିଶେଷ । ଉଦ୍ଭୁତ—ସମର୍ଥ ଅର୍ଥାତ୍ ଗର୍ବ ।

୮୧ଶ ପଦ:—ସଞ୍ଚର-ଯାଇ । ଧରଣୀ—ପୃଥିବୀ । ବଜନ୍ତ—ଜାତ-କଲେ । ବନୋଦେ—ଆନନ୍ଦରେ । ସୁମନେ—ଉତ୍ତମ ମନରେ । ଅଚ୍ୟୁତ—ଅବିନାଶ ।

୮୨ଶ ପଦ:—ବାଦସରିତ—ଶବ୍ଦ ରୂପୀ ନଦୀ   ଲଙ୍ଘନକୁ—ପାର ହେବାକୁ । ତରିତ—ନୌକା । ମଦବାର-ଇନ୍ଦ୍ରଜିତ । ଆଜକୁ-ଛେଳିକୁ ।

---

ଇନ୍ଦ୍ରଜିତର ଯୁଦ୍ଧରେ ଜୀବନହୀନ ହୋଇ ପଡ଼ିଲେ, କେବଳ ଲକ୍ଷ୍ମଣ ମାର୍କଣ୍ଡେୟ ମୂର୍ତ୍ତିକ ଧରି ବଞ୍ଚି ରହିଲେ ( ପ୍ରଳୟ କାଳରେ ସମସ୍ତେ ବିନାଶ ହୁଅନ୍ତି, କେବଳ ମାର୍କଣ୍ଡେୟ ବଞ୍ଚି ଥାନ୍ତି ) ଇନ୍ଦ୍ରଜିତ କୈଟଭ ଅସୁର ପ୍ରାୟ ପ୍ରଳୟ ରୂପ ଯୁଦ୍ଧ ଜୟ କରି ଯାଇ ଲଙ୍କାରେ ଗର୍ବ ପ୍ରକାଶ ପୂର୍ବକ ବୀରତ୍ୱ ଜଣାଇଲେ ।

୮୧ଶ ପଦ: —ପ୍ରଳୟାନ୍ତରେ ବ୍ରହ୍ମା ଜାତ ହୋଇ ସୃଷ୍ଟି ଆରମ୍ଭ [illegible] ପ୍ରାୟ ପ୍ରଥମେ ଜାମ୍ବବାନ ଚେତନା ପାଇ ଉଠି ଏ ସୃଷ୍ଟିକୁ ବିରଚନ କଲେ । ହନୁମନ୍ତ ବରାହ ମୂର୍ତ୍ତି ପ୍ରାପ୍ତ ଯାଇ ପୃଥ୍ୱୀରୂପ ଦ୍ରୁମବନ୍ତ ପର୍ବତରୁ ଆଣି ସେଠାରେ ସ୍ଥାପନା କଲେ । ସେହି ପର୍ବତରୁ ଜାତ ନାନାପ୍ରକାର ଔଷଧି ରସମାନଙ୍କ ଯୋଗେ ବାନରମାନେ ଚେତନା ପାଇ ଉତ୍ତମ ମନରେ ଉଠି ପୁଣି କ୍ରୀଡ଼ାରେ ରସିଲେ । ପୃଥ୍ୱୀର ହିତକାରୀ ବିଷ୍ଣୁ ଓ ଶିବ ରୂପୀ ବେନି ଭାଇ ରାମ ଓ ଲକ୍ଷ୍ମଣ ଉଠି ଅସୁରମାନଙ୍କ ମୃତ୍ୟୁ ବାଞ୍ଛା କଲେ ।

୮୨ଶ ପଦ:—ଶବ୍ଦ ନଦୀକୁ ତରିବାକୁ ନୌକା ପ୍ରାପ୍ତ ଶତ୍ରୁ ସୈନ୍ୟ ଛାଗକୁ ଭକ୍ଷଣ କରିବାକୁ ବ୍ୟାଘ୍ର ପ୍ରାପ୍ତ ଯେ ଇନ୍ଦ୍ରଜିତ, ସେ ଯୁଦ୍ଧକ୍ଷେତ୍ରରୁ

ବୋଲନ୍ତି ଶ୍ଳାଘ

ବାଳୀଏ ମିଳି ଦେଲେ ଅର୍ଘ୍ୟ  ବୋଲେ ରାବଣ ଗଲା ଅଘ ।
ଭରତ ପଦଓଘ ବସୁ ଲଗ ସଲଘ ଉପେନ୍ଦ୍ର ଚିତ୍ତ ଅନଘ ସେ ।୧୪।

## ପଞ୍ଚଚତ୍ୱାରିଂଶ ଛାନ୍ଦ

ରାଗ—ଚଞ୍ଚଳ କହ୍ନଡ଼ୀ

( ଭଗ୍ନର୍ଷି ବାଣୀରେ )

ବାହୁଡ଼ିଲା ସାନୁମାନ—  ଶୃଙ୍ଗ ଥୋଇ ହନୁମାନ
ମାନ ମାନସେ ଗୁମାନ ଆଣି ।
ଭଗ୍ନରେ ପ୍ରସ୍ଥରେ ରମେ  ଭଲ୍ଲ ଅଭିରାମେ ଗ୍ରାମେ

---

କୀଟୌଘ—କୀଟସମୂହ । ପାତକନଦରେ—ପତନାଶ ପାଇଁ । ଶ୍ଳାଘ—ଆତ୍ମପ୍ରଶଂସା । ବାଳୀଏ—ସ୍ତ୍ରୀମାନେ । ଅଘ—ପାପ । ପଦଓଘ—ପାଦସମୂହ । ଅନଘ—ନିଷ୍ପାପ, ବିଶୁଦ୍ଧ । ସଲଘ ପୂର୍ଣ୍ଣ ହେଲା ।

## ପଞ୍ଚଚତ୍ୱାରିଂଶ ଛାନ୍ଦ

୧ମ ପଦ:—ସାନୁମାନଶୃଙ୍ଗ—ପର୍ବତଶୃଙ୍ଗ । ଅଭିରାମ—ମନୋହର ସଂଗ୍ରାମ—ଯୁଦ୍ଧ । ବୈରି—ଶତ୍ରୁ ।

---

ଫେରି ଯାଇ ରାବଣ ଅନ୍ତରରେ କହିବାକୁ ଲାଗିଲା, "ହେ ରାଜନ ! ପବନ ଘାତରେ ଯେପରି କୀଟସମୂହ ଚୂର୍ଣ୍ଣ ହୋଇଯାଏ, ମାଘ ବ୍ରତ ସେବେ ଯେପରି ପାତକ ରାଶି ଧ୍ୱଂସ ହୋଇଯାଏ, ସେହିପରି ମୁଁ ଶତ୍ରୁସୈନ୍ୟ ସମୂହକୁ ବିନାଶ କରି ଆସିଲି" ଇନ୍ଦ୍ରଜିତର ଏହିପରି ଆତ୍ମପ୍ରଶଂସା କଥାମାନ ଶୁଣିବା ମାତ୍ରକେ କନ୍ୟାମାନେ ଆସି ତାକୁ ଅର୍ଘ୍ୟ ଦେଇ ବନ୍ଦାପନା କଲେ ରାବଣ ଆନନ୍ଦିତ ହୋଇ କହିଲା, ଆଜଠାରୁ ପାପ ଗଲା (ମୁଁ ନିଷ୍କଣ୍ଟକ ହେଲି" ଏହି ଛାନ୍ଦକୁ ବସୁ ଲଗ ପଦସମୂହ ଦ୍ୱାରା ରଚନା କରି ଉପେନ୍ଦ୍ରଙ୍କ ଚିତ୍ତ ନିଷ୍ପାପ ହେଲା ।

## ପଞ୍ଚଚତ୍ୱାରିଂଶ ଛାନ୍ଦ

୧ମ ପଦ:—ହନୁମାନ ଦମବନ୍ତ ପର୍ବତ ଶୃଙ୍ଗକୁ ଯଥାସ୍ଥାନରେ ଥୋଇ ବାହୁଡ଼ିଲା ତତ୍ପରେ 'ରାକ୍ଷସମାନେ ସଂଗ୍ରାମରେ ଜୟକରି ଗଲେ

ଗଡର ବନ୍ଧଦେଶ ଯନ୍ତ୍ର ମେଳଣି ସେ ।
ଭକ୍ତ ଶୁଣ । ଭକ୍ତ ଥିବେ ସୁଖେ ନିଦ୍ରା ସେହି ।
ବୈରି ସର୍ବନାଶ ଏହି ଗର୍ବ ବହି ସେ । ୧ ।

ବରଣ ଭେଦିଣ ରଣ ଆରମ୍ଭି ପତ୍ତିମାରଣ
ବାରଣ ଦାରଣ ହୟ କରି ।
ବୈଦେହୀ ଶୋକ ବାରଣ ହେବାର ମୂଳ କାରଣ
ଏହି କଥା ଆସୁଅଛି ସ୍ମରି ସେ ।
ବଚନକୁ । ବାହାରିଲେ ଯୁଦ୍ଧ ରଚନକୁ ।
ବୃକ୍ଷ ଶିଳା ଧରି ଅରି ଶୋଚନକୁ ସେ । ୨ ।

ବସୁନ୍ଧରା ଦୁହିତରେ ଯେତେ ତ୍ରିଜଟା ସହିତରେ
ଅଛି, କେବେ ସର୍ବ ଶୁଦ୍ଧି କହି ।

---

୨ୟ ପଦ:—ବରଣ--ପ୍ରାଚୀର । ରଣ—ଯୁଦ୍ଧ । ପତ୍ତି--ପାଇକମାନଙ୍କୁ । ବାରଣ--ହସ୍ତୀ । ଦାରଣ—ବିଦାରଣ କରି । ହୟ—ଘୋଡ଼ା । ବାରଣ—ନିବାରଣ । ଶିଳା—ପଥର । ଅରି—ଶତ୍ରୁ । ଶୋଚନକୁ—ଚିନ୍ତାକୁ ।

---

ଏହି ଅଭିମାନ୍ତ ହୃଦୟରେ ବହି ମନୋରମ ରାମଙ୍କ ସମ୍ମୁଖକୁ ଯାଇ ବିନୟର କରି କହିଲା, 'ହେ ପ୍ରଭୋ ! ବୈରିସବୁ ବିନାଶ ହେଲେ, ରାକ୍ଷସମାନେ ଏହା ଭଗ୍ନର ଗଡ଼ର ସହିତ ନିଜ ନିଜର ଗୃହକୁ ଯାଇ ଅଛନ୍ତି । ସେମାନଙ୍କ ନିଶ୍ଚୟ ବର୍ତ୍ତମାନ ସୁଖରେ ନିଦ୍ରା ଯାଇଥିବେ ।"

୨ୟ ପଦ:—'ଆମ୍ଭେ ବର୍ତ୍ତମାନ ପାଚେରି ଭେଦି ଯୁଦ୍ଧ ଆରମ୍ଭ କରିଦେବା ଏବଂ ପଦାତିମାନଙ୍କୁ ମାରି, ହସ୍ତୀ ଅଶ୍ୱମାନଙ୍କୁ ବିଦୀର୍ଣ୍ଣ କରି ଦେବା । ଆମେ ବୁଝୁଅଛୁ ଯେ ସୀତାଙ୍କ ଶୋକ ନିବାରଣ ହେବାର ମୂଳ କଥାହିଁ ଏହି । ( ଆମ୍ଭେ ମରିଛୁ ଶୁଣି ସୀତା ଶୋକ କରୁଥିବେ, ମାତ୍ର ଲଙ୍କା ମଧ୍ୟରେ ଆମ୍ଭର ଯୁଦ୍ଧ ଦେଖିଲେ ସେ ଆଶ୍ୱସ୍ତ ହେବେ) ।" ହନୁମାନଙ୍କ ଏହି କଥା ଶୁଣି ରାମ ଲକ୍ଷ୍ମଣ ଯୁଦ୍ଧ କରିବାକୁ ବାହାରିଲେ । କପିମାନେ ଶତ୍ରୁଙ୍କୁ ଶୋକ ଦେବା ନିମିତ୍ତ ବୃକ୍ଷ ଓ ପଥରମାନ ଧରି ଚାଲିଲେ ।

୩ୟ ପଦ:—'ଇନ୍ଦ୍ରଜିତ ଯୁଦ୍ଧରେ ଜୟ କରି ଆସିଛି'—ଏ ଖବର ପାଇ ବସୁନ୍ଧରାପୁତ୍ରୀ ସୀତା ପ୍ରିୟସଖୀ ତ୍ରିଜଟା ସହିତ ଥିବା ରାକ୍ଷସୀମାନଙ୍କୁ

ବରବରନା ଦେବର ମୋର ବିନାଶ ଦେ ବର
ଦେବରିପୁକୁ ଏ ବର ଲଭିବି ସେ ।
ବୋଲେ ଶୁଣି । ବାମାଏ ବାମାକ୍ଷି ଏକ ସତ
ବଧିଲଣି ରଣେ ତାକୁ ଇନ୍ଦ୍ରଜିତ ସେ ।୩

ବୋଇଲା ଶ୍ରବଣେ ସତ୍ତା ନିଜ କେଇ ସେ ବିଂଶତି-
କରଜ ହେବ ଲକ୍ଷ୍ମଣ କରେ ।
ବର୍ତ୍ତିବ ତୃଷ୍ଣା ନିବର୍ତ୍ତି ନିଦ୍ରା ଅଶନବର୍ଜି ରତି
ଏହି ଅର୍ଥେ ବିପିନବାସରେ ସେ ।
ଜେଲଣି । ବାରବେଳନମାସ ମୋର ତପ ।
ବିଳମ୍ବକୁ ଏବେ ନାହିଁତ ବିକଳ୍ପ ସେ ।୪
ବିରିବ ଖାର ବାନରେ ବିରଚ ଖାର ସନ୍ତରେ
ବିବରରେ ପ୍ରାକାର ଡେଇଁ ପୁରେ ।

୩ୟ ପଦ:—ଅଶ୍ରୁ—ଲୋତକ । ବରବରନା—ସୁନ୍ଦରୀ ସ୍ତ୍ରୀ । ଦେବର —ଦିଅର । ଦେ ବର—ବର ଦିଅ । ଦେବରିପୁ—ଇନ୍ଦ୍ରଜିତ । ବାମାଏ—କୌଣସି ରାକ୍ଷସୀ ସଖୀ ।

୪ର୍ଥ ପଦ:—ବିଂଶତିକରଜ—ଇନ୍ଦ୍ରଜିତ । ସତ୍ତା—ନିଷ୍ଠାପରାୟଣ ବା ତପସ୍ୱୀ । ନିବର୍ତ୍ତି—ନିବୃତ୍ତ ହୋଇ, ତ୍ୟାଗକରି । ଅଶନବର୍ଜି—ଭୋଜନ ଶୁଦ୍ଧା । ବିପିନ—ବନ । ବାରବେଳ—ଚଉଦ । ବିକଳ୍ପ ସନ୍ଦେହ ।

ଅଶ୍ରୁ ନୟନରେ ସୀତା କହିଲେ, "ମୋର ଦେବର ଲକ୍ଷ୍ମଣ ଇନ୍ଦ୍ରଜିତକୁ ବଧ-କରନ୍ତୁ; ଏହି ବର ଯେପରି ମୁଁ ପ୍ରାପ୍ତ ହୁଏ ।" ଏହା ଶୁଣି କୌଣସି ରାକ୍ଷସୀ କହିଲା, "ହେ ସୁନ୍ଦରୀ । ଏହା କିପରି ସତ ହେବ ? ତୁମ୍ଭ ଦିଅରକୁ ପରା ଇନ୍ଦ୍ରଜିତ ଯୁଦ୍ଧରେ ବଧ କରି ସାରିଲଣି ।"

୪ର୍ଥ ପଦ:—ରାକ୍ଷସୀମାନଙ୍କଠାରୁ ଏହି କଥା ଶୁଣି ସୀତା କହିଲେ, "ଇନ୍ଦ୍ରଜିତ ଲକ୍ଷ୍ମଣଙ୍କ ହାତରେ ନିଶ୍ଚୟ ମରିବ । ଏଥି ନିମିତ୍ତ ଲକ୍ଷ୍ମଣ ନିଦ୍ରା, ଭୋଜନ ଓ ସ୍ତ୍ରୀ ସହବାସ ପରିତ୍ୟାଗ ପୂର୍ବକ ତପସ୍ୱୀମାନଙ୍କପରି ଜଙ୍ଗଲରେ ବାସ କରୁଅଛନ୍ତି । ମୋର ତପସ୍ୟାକାଳ ଚଉଦମାସରୁ ବେଶୀ ହେଲଣି । ବର୍ତ୍ତମାନ ଆଉ ବିଳମ୍ବ ଘଟିବ ବୋଲି ଶଙ୍କା କରିବା ଠିକ୍ ନୁହେଁ ।

୫ମ ପଦ:—ଏହି ସମୟରେ ବାନରମାନେ ଖାଇରଡ଼ି ଦେଇ ପ୍ରାଚୀର ଲଙ୍ଘନ ପୂର୍ବକ ଲଙ୍କାଗଡ଼ ମଧ୍ୟରେ ପଶି ଡ଼ଆଁ ଡେଇଁ କରିବାକୁ ଲାଗିଲେ । ଏହା

ବନ୍ଦୀ ବୁଦ୍ଧି ତେଜି ଦୂରେ          ବାନ୍ଧିଲେ ବନ୍ଦ ପ୍ରକାରେ
ସୀତାକାନ୍ତି ଅସୁଖ ନକରେ ସେ ।
ବହ୍ନି ଜ୍ୟୋତ । ବନୌକାଏ ସ୍ଥାନେ ସ୍ଥାନେ କଲେ ।
ଝଖାତରେ ଦୈତ୍ୟମାନେ ଝୁରିଲେ ସେ । ୫ ।

ବୈଶ୍ୱାନର କର୍ପା ଜାତ          ବାନର ନର ତ ହତ
କିନ୍ନର ସୁର କିଙ୍କର ଯହିଁ ।
ବିସ୍ତାରିଣ ବାତାୟନ          ଦେଖି ନୟନ ଶୟନ
ଚେତକଣ ଅୟନ ପୂର୍ଣ୍ଣ ସେହି ସେ ।
ବେନିକରେ । ବିଟପ ଦଣ୍ଡ କ ବହତ ।
ବିରାଜନ୍ତି ଯଥା ଭ୍ରମେ ଯମଦୂତ ସେ । ୬ ।

---

୫ମ ପଦ —ବିରବ ଉଚ୍ଚଶବ୍ଦ । ସତ୍ୱରେ—ଚଞ୍ଚଳ । ବିଦ୍ରବରେ—ବିଦ୍ରାବ କରେ । ପ୍ରାକାର—ପ୍ରାଚୀର । ବନ୍ଦୀ—ଭଟ୍ଟ । ବାନ୍ଧିଲେ—ବନ୍ଦନ କଲେ, ସ୍ତୁତି କଲେ । ବନ୍ଦୀ ପ୍ରକାରେ—କଏଦୀମାନଙ୍କ ପରି । ବହ୍ନି ଜ୍ୟୋତ—ଅଗ୍ନି ତେଜ । ବନୌକାଏ—ବାନରମାନେ ।

୬ଷ୍ଠ ପଦ:—ବୈଶ୍ୱାନର—ଅଗ୍ନି । କିନ୍ନର—ଗନ୍ଧର୍ବ । ସୁର—ଦେବତା । କିଙ୍କର—ଚାକର । ବାତାୟନ—ଝରକା । ଅୟନ—ମାର୍ଗ । ବିଟପ—ବୃକ୍ଷ ।

---

ଶୁଣି ସେହି ଅସୁରମାନେ ସୀତାଙ୍କୁ କଏଦୀ ହୋଇଥିବା ସ୍ତ୍ରୀ ବୋଲି ନ ଭାବି ପୂଜ୍ୟା ବୋଲି ଭାବି ସ୍ତୁତି କରିବାକୁ ଲାଗିଲେ । ଋକ୍ଷ ଓ ମର୍କଟମାନେ ଲଙ୍କାଗଡ଼ର କୌଣସି କୌଣସି ସ୍ଥାନରେ ନିଆଁ ଲଗାଇଦେବାରୁ ରାକ୍ଷସମାନେ ଅତିଶୟ ଖେଦ ହୋଇ ଝୁରିଲେ :—

୬ଷ୍ଠ ପଦ:—"ଯେଉଁ ଲଙ୍କାରେ ଦେବତା ଓ କିନ୍ନରମାନେ ଚାକିରି କରୁଅଛନ୍ତି ଏବଂ ଯାହାର ଶତ୍ରୁ ନର ଓ ବାନରମାନେ ନିହତ ହୋଇଅଛନ୍ତି, ସେହି ଲଙ୍କାରେ ନିଆଁ ଲାଗିଲା କିପରି ?" ଏହିପରି ଝୁରି ସେମାନେ ବିଛଣାରୁ ଉଠି ଝରକା ଫିଟାଇ ଦେଖିଲେ ଯେ, ରାଜମାର୍ଗ ( ଗଡ଼ର ପ୍ରଧାନ ରାସ୍ତା ) ମାଙ୍କଡ଼ମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଅଛି ଏବଂ ସେହି ମାଙ୍କଡ଼ମାନେ ଗଛ ଦଣ୍ଡ ପରି ବଡ଼ ବଡ଼ ଠେଙ୍ଗା ହାତରେ ଧରି ଯମଦୂତମାନଙ୍କ ପରି ବୁଲୁଅଛନ୍ତି ।

ବଣିକଭାବ ଲମ୍ପଟ                    ପ୍ରକଟ କରି ମର୍କଟ
କନକକଟକ ଭଗ୍ନଜାଳେ ।
ବଳବାନ ଖ୍ୟାତଅର୍ଥୀ                    ବିବେକ ସଂଜାତ ତଥି
ପାନ୍ତି ପାନ୍ତି ବିଭ୍ରାଜିତ ଶିଳେ ଯେ ।
ବର୍ଦ୍ଧମାନ । ବାତ ନାସାନଳୀ ଯୋଗେ ତହିଁ ।
ବିରେଚନ ଅତି ଜ୍ୟୋତି ଏଣୁ ବହ୍ନି ସେ । ୭ ।
ଦିଅନ୍ତି ସେ ହୁଳହୁଳି                    କି ଅବା ସେ ଆଳୀଆଳି
ପତ୍ନୀସଙ୍ଗେ ପତି ଯହିଁ ଜଳି ।

---

୭ମ ପଦ:— ବଣିକଭାବ — ସୁନାରିବଣିଆ ଭାବରେ । ପ୍ରକଟ — ପ୍ରକାଶ । କନକକଟକ — ସ୍ୱର୍ଣ୍ଣକଙ୍କଣ, ଲଙ୍କାପୁର । ଭଗ୍ନଜାଳେ — ଭାଙ୍ଗିଲେ ଏବଂ ପୋଡ଼ିଲେ । ପାନ୍ତି — ପଂକ୍ତି । ବିରେଚନ — ଉତ୍ତେଜନାରେ । ନାସା-ନଳୀ — ନାକପୁଡ଼ା, ବାଉଁଶ ନଳୀ ।

୮ମ ପଦ: — ଆଳୀଆଳି — ସଖୀସମୂହ । ବାସରେ-ଗୃହରେ, ଅନୁରାଗ ଯୋଗୁଁ । ବାସରେ ଲଗୁଁ — ଲୁଗାରେ ଲାଗିବାରୁ । ବହ୍ନି — ଅଗ୍ନି ।

---

୭ମ ପଦ: — ଏହି ସମୟରେ ସେହି ଅଗ୍ନି ହସ୍ତ ବାନରମାନଙ୍କୁ ଦେଖି ମନେହେଲା, ଏମାନେ କଣ ସୁନାରି ବଣିଆଁମାନଙ୍କର କାର୍ଯ୍ୟ ଶିକ୍ଷା କରିବାକୁ ଆଦର ପ୍ରକାଶ କରୁଅଛନ୍ତି କି ? କାରଣ ବଣିଆମାନେ ଯେପରି ସୁବର୍ଣ୍ଣ-କଙ୍କଣକୁ ଭାଙ୍ଗି ପୋଡ଼ନ୍ତି, ମାଙ୍କଡ଼ମାନେ ସେହିପରି ସୁବର୍ଣ୍ଣପୁରୀ ଲଙ୍କାକୁ ଭାଙ୍ଗି ପୋଡ଼ି ପକାଉଛନ୍ତି । 'ଏହି ସୁନା ଉତ୍କୃଷ୍ଟ ବା ନିକୃଷ୍ଟ' — ଏହା ଜାଣିବା ନିମିତ୍ତ ଇଚ୍ଛା ପ୍ରକାଶ କରି ବଣିଆଁମାନେ ନିଜର ମନମୁତାବକ କଷଟି ପଥରମାନଙ୍କୁ ହାତରେ ଧରିଲା ପରି, ଏହି ବାନରମାନେ ନିଜ ନିଜର ବୀରତ୍ୱ ଦେଖାଇବା ପାଇଁ ଇଚ୍ଛା କରି ଯେଉଁମାନେ ଯେତେ ବଡ଼ ପଥର ଉଠାଇ ପାରିବେ ସେମାନେ ନିଜର ଇଚ୍ଛାଅନୁସାରେ ସେହିପରି ପଥର ସବୁ ଉଠାଇ ହାତରେ ଧରିଲେ । ବଣିଆଁମାନେ ଯେପରି ବାଉଁଶ ନଳୀରେ ଫୁଙ୍କି ଉତ୍ତେଜିତ ଅଗ୍ନିକୁ ଉଦ୍ଦୀପ୍ତ କରନ୍ତି; ମାଙ୍କଡ଼ମାନେ ସେହିପରି ତାଙ୍କର ନଳୀ ତୁଲ୍ୟ ଗୋଜାନାକରୁ ବାହାରୁଥିବା ନିଶ୍ୱାସଦ୍ୱାରା ଲଙ୍କା ପୋଡ଼ି ଅଗ୍ନିକୁ ପ୍ରଜ୍ୱଳିତ କଲେ । ଏଣୁ ଅଗ୍ନି ପ୍ରଚଣ୍ଡ ଶିଖା ଧାରଣ କଲା ।

୮ମ ପଦ: — ବାନରମାନେ ଉନ୍ମତ୍ତ ହୋଇ ହୁଂକାର ଧ୍ୱନି କରିବାକୁ ଲାଗିଲେ । ତାହା ଶୁଣି ମନେହେଲା, କୌଣସି ଗୃହମଧ୍ୟରେ ପତିସହ ସ୍ତ୍ରୀ ଏକତ୍ର ହୋଇ ଜଳିଯିବାରୁ ସେହି ସ୍ତ୍ରୀର ସଖୀମାନେ ହୁଳହୁଳି ଦେଉଛନ୍ତି କି ?

ବାସରେ ଯେତେକ ରହି ବାସରେ ଲାଗୁ ବହ୍ନି
ବହ୍ନି ଶାଢ଼ୀ ପକାଇ ତା ଝାଡ଼ି ସେ ।
ଶବ୍ଦିତ କେ । ବାଳରେ ହୋଏ କାହା ପତନ ।
ବହନ୍ତି କ ଅଗ୍ନିକୁମାରୀ ନର୍ତ୍ତନ ସେ । ୮ ।
ବନିତା ବହ୍ନି ସଂକୁଳେ ଇକାରକୁ ବେଳେ ବେଳେ
ତହିଁ ପଛେ ମୂର୍ଦ୍ଧନ୍ୟଷ ଦେଇ ।
ବାନରେ ଭସ୍ମ ଇଚ୍ଛାର ବଲ୍ଲୋକ ଆପଣା ସ୍ଥାଇ
ବୋଲନ୍ତି ଅତି ବିନମ୍ର ହୋଇ ସେ ।
ବାତୁଳ କ । ବିଦ୍ରୁମ-ମାଣିକ୍ୟ-ମାଳାରାଜି ।
ବେଗେ ତସ୍ମାଗାର ମଣି ହୁଦୁଁ ତେଜ ସେ । ୯ ।
ବକ୍ଷୋଜେ ଯା ନଖକ୍ଷତ ଜାତ ବେଦକଣ ଜାତ
ଜ୍ୱାଳା ମଣି ଝାଡ଼େ ଅଞ୍ଚଳରେ ।

---

୯ମ ପଦ:—ବିଦ୍ରୁମ—ପୋହଳା । ମାଳାରାଜି—ହାରସବୁ ।
୧୦ମ ପଦ:—ବକ୍ଷୋଜେ—ସ୍ତନରେ । ଜାତବେଦକଣ—ଅଗ୍ନିକଣା । ଅଞ୍ଚଳରେ—ଲୁଗାକାନିରେ । ବାସରେ—ପାଣିରେ । ବୃଷୀଟଯୋନ-ଅଗ୍ନି ।

---

ଅନ୍ୟାନ୍ୟ ଗୃହରେ ଥିବା ଆଉ କେତେ ସ୍ତ୍ରୀ ମଧ୍ୟ ସେମାନଙ୍କ ଲୁଗାରେ ନିଆଁ ଲାଗିଯିବାରୁ ସେହି ଲୁଗାକୁ ଝାଡ଼ି ପକାଇ ଯାଇ ଯାଇ ଶ୍ମଶାନାଗ୍ନିରେ ଶବ ଦଗ୍ଧ ହେଲାପରି ବସନାଗ୍ନିରେ ନିଜେ ଦଗ୍ଧ ହେଲେ । କାହାର କାହାର ବାଳରେ ନିଆଁ ଲାଗି ଜଳିବାରୁ ସେମାନେ ତେଣେ ତେଣେ ପଳାଇବା ସମୟରେ ଅଗ୍ନିକୁମାରୀ ନାଚି କରୁଥିଲେ ପରି ଦେଖାଗଲେ ।

୯ମ ପଦ:—ଲଙ୍କାପୁରୀର ଚତୁର୍ଦ୍ଦିଗରେ ଅଗ୍ନି ବ୍ୟାପ୍ତ ହୋଇଥିବାର ଦେଖି ସ୍ତ୍ରୀ ଲୋକମାନେ 'ଇ' ଇତ୍ୟାଦି ଏହି ଶବ୍ଦ ପ୍ରକାଶ କଲେ । ସମୟ ସମୟରେ ( ଅର୍ଥାତ୍ ଦେହରେ ନିଆଁ ଲାଗିଯିବା ସମୟରେ ) ସେହି ଇକାର ପଛରେ ମୂର୍ଦ୍ଧନ୍ୟ ଷକାରକୁ ଉଚ୍ଚାରଣ କଲେ ଅର୍ଥାତ୍ ଇଷ୍ ବୋଲି କହିଲେ । ସେହି ଅଗ୍ନିର ତେଜରେ ଦେଖା ଯାଉଥିବା ନିଜର ଛାୟାକୁ ମାଙ୍କଡ଼ ବୋଲି ଭାବି ନେନ୍ତ୍ରଣ କରିବାକୁ ଲାଗିଲେ ଏବଂ ପାଗଳୀପରି ହୋଇ ନିଜ ଗଳାରେ ପିନ୍ଧିଥିବା ପୋହଳା ଓ ମାଣିକ୍ୟ ମାଳାମାନଙ୍କୁ ରକ୍ତ ନିଆଁ ବୋଲି ମନେକରି ଦେହରୁ ତାହାଙ୍କର ଫିଙ୍ଗି ଦେଲେ ।

୧୦ମ ପଦ:—ଯେଉଁ ସ୍ତ୍ରୀମାନଙ୍କର ସ୍ତନରେ ନଖ କ୍ଷତ ଥିଲା ଝାଳ ବହି ତାହା ପୋଡ଼ିବାରୁ ସେମାନେ ଅଗ୍ନିକଣା ପଡ଼ିଲା ବୋଲି ମନେ କରି ସ୍ତନକୁ କାନି ପଣନ୍ତରେ ଝାଡ଼ିବାକୁ

ବାରିରେ ନ ପଶି ଡ଼ରି    ବାହ୍ନି ବମ୍ବକୁ ନ ପାରି
କ୍ରୂପୀଟଯୋନ ଏ ଚଞ୍ଚଳରେ ସେ ।
ବତ୍ରଗର୍ଣ୍ଣି । ବାଟେ ଗଡ଼ାଗଡ଼ି ଯାଉଅଛୁ ।
ବଡ଼ଭୟେ ଚୈର୍ଯ୍ୟ ଖଣ୍ଡି ଯାଏ ମୂର୍ଚ୍ଛି ସେ । ୧୦ ।

ବାଡ଼ବର ଜ୍ୟୋତି ବଢ଼ି    ବାଡ଼ବର ଭାଜେ ଡହିଁ
ଶୁଭଇ ବଜ୍ରନିର୍ଘୋଷ ପରି ।
ବଡ଼ବାର ସଙ୍ଗେ ସଙ୍ଗେ    ଭୁରଙ୍ଗେ ସମସ୍ତରଙ୍ଗେ
ନ ରସି ଭ୍ରମନ୍ତି ହୋଇ ଭୟ ସେ ।
ଧ୍ୱଜମଣି । ବସନ୍ତି ତାଙ୍କ ପୃଷ୍ଠରେ କପି ।
ବୃକ୍ଷ ଶାଖା ଧୃତ ସାଦରୂପୀ ସେ । ୧୧ ।

ବାଣୀ ରମଣୀଙ୍କ ଶୁଭେ    ବଢ଼ାଇ ଆମ୍ଭ ବଲ୍ଲଭେ
କହୁଥାନ୍ତି ମାଇଲୁଁ ବାନର ।

---

୧୧ଶ ପଦ:—ବାଡ଼ବର—ଅଗ୍ନିର । ବାଡ଼ବର—ଉତ୍କୃଷ୍ଟ ବାଡ଼ । ବଡ଼ବାର—ଘୋଟକୀର । ଭୁରଙ୍ଗେ—ଘୋଡ଼ାମାନେ । ସାଦ—ଅଶ୍ୱାରୋହୀ ।

---

ଲାଗିଲେ । ପ୍ରାଣ ବିକଳରେ ପାଣିରେ ପଶିବାକୁ ଯାଉଥିବା ସ୍ତ୍ରୀମାନେ ଜଳ ମଧ୍ୟରେ ଅଗ୍ନିର ପ୍ରତିବିମ୍ବକୁ ଦେଖି ତାକୁ ନିଆଁ ବୋଲି ଭାବି ଶୀଘ୍ର ଜଳ ନିକଟରୁ ଫେରି ଆସିଲେ । କୌଣସି କୌଣସି ସ୍ତ୍ରୀଲୋକମାନେ ଯାଉ ଯାଉ ସେମାନଙ୍କର ଲୁଗାରୁ ଗଣ୍ଠିଫିଟି ଟଙ୍କା, ସୁନା ସବୁ ବାଟରେ ଖସି ପଡ଼ିଲା; କିନ୍ତୁ ଚୋର ବା ଡକାଏତମାନେ ଅଗ୍ନି ଭୟରେ ଅତିଶୟ ଭୀତ ହୋଇଥିବାରୁ ତାହାକୁ ଛାଡ଼ି ଚାଲି ଯାଉଥିଲେ ।

୧୧ଶ ପଦ।—ଅଗ୍ନିର ତେଜରେ ବଡ଼ ବଡ଼ ପ୍ରାଚୀରସବୁ ଭାଙ୍ଗି ପଡ଼ୁଥିବାରୁ ବଜ୍ର ଶବ୍ଦପରି ଭୟଙ୍କର ଶବ୍ଦ ଶୁଣାଗଲା । ସେହି ଶବ୍ଦ ଯୋଗୁଁ ଘୋଡ଼ାମାନେ ଘୋଟକୀମାନଙ୍କ ସହିତ କ୍ରୀଡ଼ା ନ କରି ଇତସ୍ତତଃ ଦୌଡ଼ିବାକୁ ଲାଗିଲେ । ଏହି ସମୟରେ ବାନରମାନେ ଗୋଟାଏ ଗୋଟାଏ ଡାଳ ଧରି ସେମାନଙ୍କ ପିଠି ଉପରେ ବସି ଅଶ୍ୱାରୋହୀ ସୈନିକମାନଙ୍କ ପରି ଦେଖାଗଲେ ।

୧୨ଶ ପଦ:—ଏହି ସମୟରେ ଲଙ୍କାର ସ୍ତ୍ରୀମାନେ କଥାବାର୍ତ୍ତା ହେଲେ, “ଆମ୍ଭର ସ୍ୱାମୀମାନେ ବଢ଼ାଇ ଦେଖାଇ କହୁଥିଲେକି, ଆମ୍ଭେମାନେ ବାନର

ଚଣ୍ଡବସୁର ଚଣ୍ଡତ   ଖ୍ୟାତ ତାପଇ ଜଗତୀ
ସେ ଯେମନ୍ତେ ସ୍ୱର୍ଭାନୁ ଆହାର ଯେ ।
ବାଧେ ତୁହଁ । ଚଣ୍ଡବସୁକଣ ସମସ୍ତଙ୍କୁ ।
ବିହଗ ଚକୋର ଭକ୍ଷଇ ତାହାକୁ ଯେ । ୧୨ ।
ବଜ୍ରଅଙ୍ଗ ଶରଭୁଷ୍ଟ   ବନଭଗ୍ନ ସରପୃଷ୍ଟ
ସ (ଶ)ରଥ ସଚନ୍ଦ ହୋଇ ଧାଇଁ ।
ଚହରେ ଉର୍ଦ୍ଧ୍ୱ ସ (ଶ)ରାଳ   ବହୁ ଗିରିସମ ଝଳ
ବାଦ ରଚେ । ବେଗେ ଶୋଣିତାକ୍ଷ ଯୂପାକ୍ଷ ।
ବାଳିଜ ଜୀବନ ହରି ନେଇ ଯେ ।
ଚରେଧିତ ଭାବରେ ବେଗବନ୍ତ ଦକ୍ଷ ଯେ । ୧୩ ।

---

୧୨ଶ ପଦ:—ବଲ୍ଲଭେ—ସ୍ୱାମିମାନେ । ଚଣ୍ଡବସୁ—ସୂର୍ଯ୍ୟ । ଚଣ୍ଡତ-କିରଣ, ତେଜ । ଜଗତୀ—ପୃଥିବୀ । ସ୍ୱର୍ଭାନୁ—ରାହୁ । ଚଣ୍ଡବସୁକଣ—ଅଗ୍ନିକଣା । ବିହଗ—ପକ୍ଷୀ ।

୧୩ଶ ପଦ:—ସରପୃଷ୍ଟ—ଜଳପୂର୍ଣ୍ଣ ପୁଷ୍କରିଣୀ । ସରଥ-ରଥ ସହିତ । ଶରଥ—ପୃଥୁଳ । ସଚନ୍ଦ—ସୈନ୍ୟ ସହିତ, ଉହିଁସା ସହିତ । ସରାଳ—ହଂସମାନେ, ଶରସମ୍ବନ୍ଧ । ଶରାଳ—ଗିରିସମ, ଶୀଘ୍ର । ବାଳିଜ—ଅଙ୍ଗଦ । ଜୀବନ—ଜଳ, ପ୍ରାଣ ।

---

ମାନଙ୍କୁ ମାରି ପକାଇଲୁ, କିନ୍ତୁ ନିଜର ପ୍ରଚଣ୍ଡ କିରଣ ଦ୍ୱାରା ଜଗତକୁ ଉତ୍ତପ୍ତ କରୁଥିବା ସୂର୍ଯ୍ୟଙ୍କୁ ରାହୁ ଗ୍ରାସ କଲା ପରି ନିଜର ବୀରତ୍ୱ ଦ୍ୱାରା ଜଗତକୁ ଜସ୍ତ କରିଥିବା ଏହି ଅସୁରମାନଙ୍କୁ ବାନରମାନେ ଭକ୍ଷଣ କରିବେ । ଅଥବା ଅଗ୍ନିକଣା ଦେହରେ ଲାଗିବା ସଙ୍ଗେ ସଙ୍ଗେ ସମସ୍ତ ପ୍ରାଣୀମାନଙ୍କୁ କଷ୍ଟ ଦେଲେ ସୁଦ୍ଧା ଯେପରି ଚକୋର ପକ୍ଷୀ ଦ୍ୱାରା ଭକ୍ଷିତ ହୁଏ, ସେହିପରି ଏମାନେ ଜଗତ ଦଗ୍ଧ କରୁଥିଲେ ସୁଦ୍ଧା ବାନରମାନଙ୍କ ଦ୍ୱାରା ଭକ୍ଷିତ ହେବେ ।"

୧୩ଶ ପଦ:—ବନ ଭାଙ୍ଗିଗଲେ ଉହିଁସାଶୂନ୍ୟ ଓ ହଂସ ଚକ୍ରବାକ ପ୍ରଭୃତି ଜଳଚର ପକ୍ଷୀଯୁକ୍ତ ପୁଷ୍କରିଣୀର ଜଳରାଶି ଯେପରି ସ୍ୱରସ୍ତ୍ରୋତେ ଅତିଶୀଘ୍ର ବହିଯାଏ, ଏହି ସମୟରେ ସେହିପରି ବଜ୍ରଅଙ୍ଗ ଓ ଶରଭୁଷ୍ଟ ନାମକ ରାକ୍ଷସ ଦୁର୍ଦ୍ଧର୍ଷ ରଥ ଓ ସୈନ୍ୟମାନଙ୍କ ସହିତ ନଗରରୁ ବାହାରି ଅତିଶୀଘ୍ର ଯୁଦ୍ଧ କରିବାକୁ ଲାଗିଲେ । ଏହି ସମୟରେ ଅଙ୍ଗଦ ଗିରିଶୃଙ୍ଗର ତେଜକୁ ଧାରଣ କରି ଉଭୟ ଦୁହିଁଙ୍କୁ ବିନାଶ କଲେ । ଏହା ଦେଖି ଶୋଣିତାକ୍ଷ ଓ ଯୂପାକ୍ଷ ନାମକ ରାକ୍ଷସଦ୍ୱୟ ଅତି ଶୀଘ୍ର ଧାଇଁ ଆସି ଅଙ୍ଗଦ ସହିତ ଯୁଦ୍ଧ କରିବାରୁ ଯୁଦ୍ଧନିପୁଣ ରାମ ଓ ଲକ୍ଷ୍ମଣ ଦୁହେଁ ସେ ଦୁହିଁଙ୍କ ସଙ୍ଗେ ଯୁଝିବାକୁ ଲାଗିଲେ ।

ବ୍ରାହ୍ମଣ ହୋଇ ଦ୍ୱିବିଦ    ନଖପ୍ରେତେ ପଳ ଶ୍ରାଦ୍ଧ
ଦେଇ କୀଲାଲେ କଲା ତର୍ପଣ ।
ବିଶୀର୍ଣ୍ଣ କରଇ ଦ୍ୟୋତ    ଜନ୍ତୁପାଷକୁ ଖଦ୍ୟୋତ
ପର ଦିବସ ଛବି ଆପଣ ସେ ।
କେନ ସୁତ ! ବଳୀ କୁମ୍ଭକର୍ଣ୍ଣର ପ୍ରକଟ ।
ବାନରେଶ ହନୂମନ୍ତ ପାଇଁ ଭେଟ ସେ । ୧୪ ।
ବିନ୍ଧାଣ ସମରେ ସାନ୍ଦ୍ର    ଶାଖାମୃଗେନ୍ଦ୍ର ମୃଗେନ୍ଦ୍ର
କୁମ୍ଭ ସିନ୍ଧୁରେ ସିନ୍ଧୁରେ ପିଙ୍ଗ ।
ବୁଡ଼ିଲା ନାହିଁ ଇକ୍ଷ୍ୱାକୁ-    ପାଦ ପଦ୍ମେ ଭଜାକୁ
ବାୟୁ ବେଗେ ଆସି ହେଲା ରଙ୍ଗୀ ସେ ।

---

୧୪ଶ ପଦः—ପଳଶ୍ରାଦ୍ଧ—ମାଂସଶ୍ରାଦ୍ଧ । କୀଲାଲ—ରକ୍ତ । ବିଶୀର୍ଣ୍ଣ-କ୍ଷୀଣ, ଏଠାରେ ବିନାଶ । ଦ୍ୟୋତ—କାନ୍ତି, ଦୀପ୍ତି । ଖଦ୍ୟୋତ—ଜୁଳୁଜୁଳା ପୋକ । ବାନରେଶ—ସୁଗ୍ରୀବ ।

୧୫ଶ ପଦः—ସମରେ—ଯୁଦ୍ଧରେ । ଶାଖାମୃଗେନ୍ଦ୍ର—ବାନରରାଜ (ସୁଗ୍ରୀବ) । ମୃଗେନ୍ଦ୍ର—ସିଂହ । ସିନ୍ଧୁ—ହସ୍ତୀ । ସିନ୍ଧୁରେ—ସମୁଦ୍ରରେ । ଇକ୍ଷ୍ୱାକୁଦାସ—ଲଉଭୁମ୍ବା । ବହନ-ଶୀଘ୍ର । କୁମ୍ଭ-ହସ୍ତୀ, ଦୈତ୍ୟବିଶେଷ ।

---

୧୪ଶ ପଦः—ବ୍ରାହ୍ମଣମାନେ ପ୍ରେତମାନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ତର୍ପଣ କଲା ପରି, ଏହି ଅବସରରେ ଦ୍ୱିବିଦ ସେନାପତି ତାର ନଖରୂପ ପ୍ରେତମାନଙ୍କ ଉଦ୍ଦେଶ୍ୟରେ ସେହି ଶୋଣିତାକର ମାଂସଦ୍ୱାରା ଶ୍ରାଦ୍ଧ ଓ ରକ୍ତ ଦ୍ୱାରା ତର୍ପଣ କାର୍ଯ୍ୟ ସମ୍ପାଦନ କଲା । (ଅର୍ଥାତ୍ ତାକୁ ନଖରେ ବିଦାରି ମାରି ପକାଇଲା । ଦିବସର ତେଜ ଦ୍ୱାରା ଜୁଳୁଜୁଳିଆ ପୋକର ତେଜ ବିନଷ୍ଟ ହେଲା ପରି ଦ୍ୱିବିଦ ନିଜର ତେଜ ଦ୍ୱାରା ଜନ୍ତୁପାଷର ସାରଭୂତ ରକ୍ତକୁ ନାଶ କରିଦେଲା । ତତ୍ପରେ କୁମ୍ଭକର୍ଣ୍ଣର କୁମ୍ଭ ଓ ନିକୁମ୍ଭ ନାମକ ଦୁଇ ପୁତ୍ର ଯୁଦ୍ଧ କ୍ଷେତ୍ରରେ ଦେଖାଦିଅନ୍ତେ ସୁଗ୍ରୀବ ଓ ହନୂମାନ ଦୁହେଁ ତାହାଙ୍କ ନିକଟରେ ଉପସ୍ଥିତ ହେଲେ ।

୧୫ଶ ପଦः—ମଲ୍ଲଯୁଦ୍ଧରେ ଦକ୍ଷ ସୁଗ୍ରୀବ ସିଂହ ହସ୍ତିକୁ ଟେକି ନେଇ ଦୂରରେ ଫିଙ୍ଗିଲା ପରି କୁମ୍ଭ ରାକ୍ଷସକୁ ନେଇ ସମୁଦ୍ରରେ ଫିଙ୍ଗିଦିଅନ୍ତେ ସେ ବୁଡ଼ି ନ ଯାଇ ଲାଉଭୁମ୍ବା ପରି ଭାସିବାକୁ ଲାଗିଲା ଏବଂ ଲାଉଭୁମ୍ବା ଯେପରି ପ୍ରବଳ

ଘଷାଡନ୍ତି । କହୁଁ ବାହୁ ଧରି ମୁଣ୍ଡେ ମୁଣ୍ଡ ।
ବହନରେ ଋକ୍ଷମୁଣ୍ଡ ଶତେ ଖଣ୍ଡେ ସେ । ୧୫ ।
କମ୍ପିଯାନ୍ତି ଋକ୍ଷଲୋକେ      ନାଶଯାନ୍ତି ଋକ୍ଷଲୋକେ
ଝାଡ଼ ଗଦା ନିକୁମ୍ଭ ପ୍ରହାରି ।
କମ୍ପ୍ରେ ବକ୍ଷ ମାରୁତି      ଇନ୍ଦ୍ରଲୋକେ ନେଇ ପାଣ
ସେ ଖୁଣ୍ଟକ ସଭରେ ନଚାରି ସେ ।
ଗଧା ଏକ । ଗଧାନରେ ମୂର୍ଚ୍ଛିତ ପାବନି ।
ଲମ୍ପାନେ ପକାଇ ବାହୁଡ଼ିଲା ସେନ ସେ । ୧୬ ।
ନିଶାକର ସୁନୁ ସ୍ୱଚ୍ଛେ      ପ୍ରଭାକର ହୋଇ ପଚ୍ଛେ
ଗୋଡ଼ାଇଁ ଚେତଣେ ହନୁମନ୍ତ ।
ବୃତ୍ରେ ହରି ପବିପରି      ତଳ ହନୁରେ ପ୍ରହାରି
ତଳରେ ପଡ଼ୁ ଚରଣ ଘାତ ସେ ।

---

୧୬ଶ ପଦ:—କମ୍ପ୍ରେ—ସ୍ପନ୍ଦନରେ । ପାବନି—ହନୁମାନ ।
୧୭ଶ ପଦ:—ନିଶାକରସୁନୁ—ସୁଗ୍ରୀବ । ପ୍ରଭାକର—ପାତ୍ରିମନ୍ତ ।
ବୃତ୍ରେ—ବୃତ୍ରାସୁରଠାରେ । ପବିପରି—ବଜ୍ରପରି । ତଳ—ଗାଣ୍ଡି ।

---

ବେଗରେ ଭାସିଆସେ, ସେ ସେହିପରି କୂଳକୁ ଭାସି ଆସି ପୁନର୍ବାର ସୁଗ୍ରୀବ ସହ ଯୁଦ୍ଧ କରିବାକୁ ଲାଗିଲା । ସୁଗ୍ରୀବ ତାର ବାହୁକୁ ଧରି ମୁଣ୍ଡରେ ଆଘାତ କରିବାରୁ ତାହାର ମୁଣ୍ଡ ହଠାତ୍ ଶତଖଣ୍ଡ ହୋଇଗଲା ।

୧୬ଶ ପଦ:—ରାକ୍ଷସମାନେ କମ୍ପିଯାନ୍ତି ଓ ଭଲ୍ଲୁକମାନେ ଶୀଘ୍ର ମରିଯାନ୍ତି ଏହି କଥା ମନରେ ବିଚାରି ନିକୁମ୍ଭ ହନୁମାନର ବକ୍ଷସ୍ଥଳରେ ଗଦା ପ୍ରହାର କଲା । ଏହା ଦେଖି ହନୁମାନ ଆଦର ସହିତ ସ୍ୱୀୟ ବକ୍ଷସ୍ଥଳକୁ ଚନ୍ଦ୍ରଲୋକ ପର୍ଯ୍ୟନ୍ତ ବିସ୍ତାରିତ କରି ଅନ୍ୟମାନଙ୍କର ସେହି ଗଦାଘାତ ଜନିତ ଭୟକୁ ଦୂରୀଭୂତ କଲା । ମାତ୍ର ନିକୁମ୍ଭ ଏକମାତ୍ର ଗଧା ପ୍ରହାର କରି ତାଙ୍କୁ ମୂର୍ଚ୍ଛିତ ହନୁମାନକୁ ରଥରେ ପକାଇ ଲଙ୍କାକୁ ନେଇଗଲା ।

୧୭ଶ ପଦ:—ଏହା ଦେଖି ସୁଗ୍ରୀବ ସୂର୍ଯ୍ୟ ତୁଲ୍ୟ ତେଜ ପ୍ରକାଶ କରି ନିଜର ଇଚ୍ଛାନୁସାରେ ସେହି ରାକ୍ଷସର ପଛେ ପଛେ ଗୋଡ଼ାଇବାକୁ ଲାଗିଲେ । କିଛିକ୍ଷଣ ପରେ ହନୁମାନ ଚେତନା ପାଇ ଇନ୍ଦ୍ର ବୃତ୍ରାସୁରକୁ ବଜ୍ରଦ୍ୱାରା ପ୍ରହାରକଲାପରି ନିକୁମ୍ଭର ଗାଲକୁ ଗୋଟାଏ ଚୁସୁଡ଼ା ମାରିବାରୁ ସେ ତଳେ

ତହୁଁ ତକ୍ଷି । ଯୁଦ୍ଧରେ ବଳ ସୁଗ୍ରୀବ ଯୋଗେ ।
ବୋଲେ ମକରାକ୍ଷ ମିଳି ରାମଆଗେ ସେ । ୧୭ ।
ବପ୍ତା ମୋର ଖର ଖର— କର ଜ୍ୟୋତିଷ୍କର ଖର—
ତର ଶରେ ଋଣ ତା ଶୁଝିବି ।
ବୋଇଲେ ରାମ ରେ ଖର ତନୟ ନ ଲୟ ତୋର
କରିଅଛୁ ପାଶବନ୍ଦେ ଯୁଝିବି ରେ ।
ବ୍ରତ ଅନ୍ତେ । ବିବିଧ ସେବାମାନଙ୍କୁ ବହି ।
ବୈବସ୍ୱତ ପୁରେ ଦେବା ପଠାଇ ସେ । ୧୮ ।
ବନ୍ଧି ସୁରପ୍ରଭ ଶର ସେ ଶୂରବନ୍ତ ଅସୁରଙ୍କି
ଯହୁଁ ନସ୍ରୀଲା କବନ୍ଧଙ୍କୁ ।

---

୧୮ଶ ପଦ:— ବପ୍ତା—ପିତା । ଖର—ଦୈତ୍ୟବିଶେଷ । ଖର—ଗାଧ । ଖରକର—ସୂର୍ଯ୍ୟକିରଣ । ଖର—ତୀକ୍ଷ୍ଣ । ଖରତନୟ—ମକରାକ୍ଷ । ଲୟ—ବିନାଶ । ପାଶବନ୍ଦେ—ସହିତସଙ୍ଗେ । ବ୍ରତଅନ୍ତେ—ବ୍ରତଶେଷରେ । ବୈବସ୍ୱତପୁରେ—ଯମପୁରକୁ ।

୧୯ଶ ପଦ:—ସୁରପ୍ରଭ—ସୂର୍ଯ୍ୟସମ ତେଜସ୍ୱାନ୍ । ଶୂରବନ୍ତ—ବୀର୍ଯ୍ୟବନ୍ତ, ବଳଶ୍ଚ । ବିଶିଖେ—ଶରଦ୍ୱାରା । ବଳ—ସୈନ୍ୟ । ଦଶବାହୁ—ରାବଣ ।

---

ପଡ଼ିଗଲା । ଏହି ସମୟରେ ସୁଗ୍ରୀବ ତାହାର ବକ୍ଷରେ ଗୋଇଠା ମାରନ୍ତେ ସେଠାରେ ଗୋଟାଏ ଗୀତ ହୋଇଗଲା ( ଅର୍ଥାତ୍ ସେ ମଲା ) । ଏହି ସମୟରେ ମକରାକ୍ଷ ରାମଚନ୍ଦ୍ରଙ୍କ ସମ୍ମୁଖରେ ଉପସ୍ଥିତ ହୋଇ କହିଲା ।

୧୮ଶ ପଦ—'ଖର ରାକ୍ଷସ ମୋର ପିତା ଅଟନ୍ତି; ମୁଁ ସୂର୍ଯ୍ୟଙ୍କପରି ଅତି ତେଜସ୍ୱୀ ତୀକ୍ଷ୍ଣ ଶରମାନଙ୍କୁ ମାରି ଆଜି ସେହି ପିତୃଋଣ ପରିଶୋଧ କରିବି ।" ରାମଚନ୍ଦ୍ର କହିଲେ, "ରେ ଖରତନୟ ! ଗାଧର ପୁଅ ହୋଇ ସିଂହ ସହିତ ଯୁଦ୍ଧ କରିବୁ ବୋଲି ବିଚାର କରିଅଛୁ, ତୋର ଏହି ବିଚାର ଠିକ୍ ନୁହେଁ । ତୁ ଦେବତାମାନଙ୍କୁ ନାନାବିଧ ସେବା କରି ଯେଉଁସବୁ ବର ପାଇଛୁ, ତାହା ଶେଷ ନ ହେଉଣୁ ତୋତେ ଯମପୁରକୁ ପଠାଇଦେବା । ( ଅର୍ଥାତ୍ ତୁ ସେହିଠାରେ ବ୍ରତ ଅନ୍ତେ ପିତା ନିକଟରେ ଯାଇ ଋଣ ପରିଶୋଧ କର )

୧୯ଶ ପଦ:—ମହାବୀର ହେଲେ ମକରାକ୍ଷ ସୂର୍ଯ୍ୟଙ୍କପରି ଅତି ତେଜସ୍ୱୀ ଶରମାନଙ୍କୁ ମାରି ସୈନ୍ୟମାନଙ୍କର ଶିର ଛେଦନ କଲା । ଏହା ଦେଖି ନିଖିଳ ବ୍ରହ୍ମାଣ୍ଡପତି ରାମଚନ୍ଦ୍ର ବାଣମାରି ତାର ମୁଣ୍ଡ ଛେଦନ କଲେ । ସେହିମୁଣ୍ଡ

ଉଷ୍ଣିଷେ ତର ଅଟର    ପ୍ରଭୁ ଭୂଚର ଖେଚର
କରି ଛନ୍ଦ ତା ଶିର ଛେଦନ୍ତ ସେ ।
ବାହୁଡ଼ିଲେ । ବଳ ଜୟବାଦ୍ୟମାନ ଦେଇ ।
ଅଂଶବାହୁ ଆଗେ ଦୂତ ଯାଇ କହେ ସେ । ୧୯ ।
ବଳଦ୍ୱୟ ସୌରମତେ    ପ୍ରକଟ ବତ୍ସରଯୁକ୍ତେ
ମେଷ ବୃଷଭ ମିଥୁନ କ୍ରମେ
ବହେ କର୍କପ୍ରଭ ସିଂହ    ଗତି କନ୍ୟା-ଗତି ରହ
ତୁଳ ଅଳି ସରସରେ ଭ୍ରମେ ସେ ।
ବକେ ଧନୁ । ମକରଅକ୍ଷ ଭଳସେ ।
ଉଦ୍ୟମାନ କୁମ୍ଭ ମତ୍ସ୍ୟରେ ଏ ଶେଷେ ସେ । ୨୦ ।

---

୨୦ଶ ପଦ:—ସୌରମତେ-ସଂକ୍ରାନ୍ତିଗଣନାନୁସାରେ । ଶୌରମତେ—ବୀରତ୍ୱବରେ । ପ୍ରକଟ—ପ୍ରକାଶ । ମେଷ-ମେଣ୍ଢା, ମାସବିଶେଷ । ବୃଷଭ-ମାସବିଶେଷ, ଷଣ୍ଢ । ମିଥୁନ-ମାସବିଶେଷ, ଦୁଇଜଣ । କର୍କପ୍ରଭ ଅଗ୍ନିପ୍ରଭା, ମାସବିଶେଷ । ଅଳି—ଭୃଙ୍ଗ । ସରସରେ— ଉତ୍ତମ ମନରେ ।

---

ଆକାଶରେ ଉଠିବାକୁ ଲାଗିଲା ଓ ତାର ଗଣ୍ଡି ଭୂମି ଉପରେ ପତିତ ହେଲା । ଏହା ଦେଖି କପିବଳ ଜୟବାଦ୍ୟ ବଜାଇ ରଣକ୍ଷେତ୍ରରୁ ପ୍ରତ୍ୟାବୃତ୍ତ ହେଲେ ଏବଂ ଦୂତ ଯାଇ ରାବଣ ନିକଟରେ ଏ ସବୁ କଥା କହିଲା :—

୨୦ଶ ପଦ:—ସଂକ୍ରାନ୍ତି ଗଣନାନୁସାରେ ମେଷ, ବୃଷ ଓ ମିଥୁନାଦି କ୍ରମରେ ମାସମାନେ ଆରମ୍ଭ ହୋଇ ବର୍ଷ ଶେଷ ହେଲାପରି, ଯୁଦ୍ଧ କ୍ଷେତ୍ରରେ ତାଙ୍କର ଓ ଆମ୍ଭର ସୈନ୍ୟମାନଙ୍କ ମଧ୍ୟରୁ ଦୁଇ ଦୁଇ ଜଣ ସେହି ସେହି ରାଶିମାନଙ୍କ ତୁଲ୍ୟ ପରାକ୍ରମ ଓ ବୀରତ୍ୱ ପ୍ରକାଶ କରି ଯୁଦ୍ଧ ଶେଷକଲେ । ଏହି ଦୁଇ ବଳ ମଧ୍ୟରୁ ଆମ୍ଭ ବଳ ପ୍ରଥମରେ ମେଣ୍ଢା ଓ ଷଣ୍ଢପରି ହୀନବଳ ହେଲେ । ତାଙ୍କବଳ ଅଗ୍ନି ତୁଲ୍ୟତେଜ ଧାରଣ କରି ସିଂହ ଗତିରେ ଯୁଦ୍ଧ କ୍ଷେତ୍ରରେ ବିହାରକଲେ । ଆମ୍ଭ ବଳ ସ୍ତ୍ରୀମାନଙ୍କ ପରିଶ୍ରାନ୍ତ ହୋଇ ଲୁଚିଲେ ତହୁଁ ତାଙ୍କ ବଳ ତୁଳାପରି ଏମାନଙ୍କୁ ଉଣି ଦେଲେ । ତତ୍ପରେ ତାଙ୍କ ବଳ ବିଚ୍ଛୁପରି ସାତ୍ତ୍ୱିକତା ପ୍ରକାଶ ପୂର୍ବକଗର୍ବ ରସନ୍ଧିତ ବିଚରଣ କରିବାକୁ ଲାଗିଲେ । ଆମ୍ଭ ବଳ ମଧ୍ୟରୁ କେବଳ ମକରାକ୍ଷ ଧନୁ ଧରି ଯୁଦ୍ଧ କରିଥିଲା, କିନ୍ତୁ ମଲା । ତତ୍ପରେ କୁମ୍ଭ ରାକ୍ଷସ କ୍ରୋଧରେ ଅଗ୍ରସର ହୋଇ ଯୁଦ୍ଧ କଲା ମାତ୍ର ସେ ମଧ୍ୟ ମଲା ।' ଏହିପରି ଏହିପଦରୁ ଦ୍ୱାଦଶ ରାଶିଯୁକ୍ତରୂପ ଶ୍ଳେଷାର୍ଥ ପ୍ରକାଶିତ ହେଲା ।

ବୃତ୍ତାନ୍ତ ଶୁଣି ଦଶାସ୍ୟ        ବାସବଦ୍ୱେଷୀ ପ୍ରବେଶ
ଭଷ ପ୍ରକାଶ ତାହେ କରଇ
ବୁଡ଼ଣା ହୋଇଲା ସ୍ଥଳେ        ଅନଳ ଲାଗିଲା ଜଳେ
ଅନିଳ ପାଶେ ବନ୍ଧନ ହୋଇ ଯେ ।
ବ୍ରହ୍ମାୟୁଷ । ହରିଲା ନର ନିଃଶ୍ୱାସକେ ।
ବୋଧ ଦେଲା ମେଘନାଦ ମୃଦୁବାକ୍ୟେ ସେ । ୨୧ ।
ବଦନେ ମାଡ଼ନ୍ତି ଲୋକ        ଇନ୍ଦ୍ରଗୋପ କଞ୍ଚୁକ
ଆଷାଢ଼େ ଘନ ଗର୍ଜନେ ଜୀଇ ।
ବସ୍ତୁରେ ସେହି ପ୍ରକାର        ହେଲେ ଏ ନର ବାନର
ହନୁମନ୍ତ ଜୀବନଦ ହୋଇ ସେ ।
ବିନାଶିଲେ । ବାତବଳା ଜଣନ୍ତାଇଁ ଯୁଦ୍ଧ ।
ବୁଦ୍ଧି ଏକ କରିବା କି ଏବେ ସିଦ୍ଧ ସେ । ୨୨ ।

---

୨୧ଶ ପଦ:—ଦଶାସ୍ୟ-ରାବଣ । ବାସବଦ୍ୱେଷୀ-ଇନ୍ଦ୍ରଜିତ । ବୁଡ଼ଣା-ବୁଡ଼ିବା । ଅନଳ—ଅଗ୍ନି । ଅନିଳ ପବନ । ବ୍ରହ୍ମାୟୁଷ-ବ୍ରହ୍ମାଙ୍କର ପରମାୟୁ ।

୨୨ଶ ପଦ:—ବଦନେ—ବିଶେଷଭାବରେ ଦଳିଦେଇ । ଇନ୍ଦ୍ରଗୋପ ସାଧବଘର ବୋହୂ । କଞ୍ଚୁକ—ଜିଆନାଡ଼ି । ଘନଗର୍ଜନ—ମେଘଧ୍ୱନି । ଜୀବନଦ—ପ୍ରାଣଦାନକାରୀ । ବାତବଳା—ହନୁମାନ ।

---

୨୧ଶ ପଦ:—ଏହା ଶୁଣି ରାବଣ ଅତିଶୟ ଚିନ୍ତିତ ହେଲା । ଏହି ସମୟରେ ଇନ୍ଦ୍ରଜିତ ସେଠାରେ ଉପସ୍ଥିତ ହେବାରୁ ରାବଣ ତାକୁ କହିଲା, ରେ ବାସବଜୟି ! ଏବେ ସ୍ଥଳଭାଗରେ ରହି ବୁଡ଼ି ମରିବାକୁ ହେଲା, ଜଳରେ ଅଗ୍ନି ଲାଗିଲା, ପବନ ପାଶରେ ବନ୍ଧ ହେଲା ଏବଂ ବ୍ରହ୍ମାଙ୍କର ପରମାୟୁ ମନୁଷ୍ୟର ଏକ ନିଃଶ୍ୱାସରେ ଶେଷ ହେଲା (ଅର୍ଥାତ ଯାହା ନ ହେବାର କଥା ତାହା ସବୁ ଘଟିଲା । କାରଣ ଖାଦ୍ୟ ନର ବାନର ଆମ୍ଭର ବଂଶନାଶ କଲେ)" ଏହା ଶୁଣି ମେଘନାଦ କୋମଳ ବାକ୍ୟରେ ବୁଝାଇ କହିଲା;—

୨୨ଶ ପଦ:—"ପାଷ୍ଟୋକ ଓ ଜିଆନାଡ଼ିକୁ ଲୋକମାନେ ମୋଡ଼ି ଦଳି-ପକାଇଥିଲେ ସୁଦ୍ଧା ସେମାନେ ଯେପରି ଆଷାଢ଼ ମାସରେ ମେଘ ଗର୍ଜିଲେ ପୁନର୍ବାର ଜୀବନ ଧାରଣ କରନ୍ତି, ମୁଁ ମନେ କରୁଛି, ସେହିପରି ଅମ୍ଭମାନଙ୍କ ଦ୍ୱାରା ମୃତ ନର ଓ ବାନରମାନଙ୍କୁ ହନୁମାନ ପୁନର୍ଜୀବନ ପ୍ରଦାନ କରୁଛି । ଏଣୁ ସେହି ହନୁମାନକୁ ଆମ୍ଭେମାନେ ମାରିପକାଇଲେ ନିଶ୍ଚୟ ଯୁଦ୍ଧରେ ଜୟଲାଭ କରିପାରନ୍ତେ । ବର୍ତ୍ତମାନ ଏଥି ନିମିତ୍ତ ଏକ ଉପାୟ ଚିନ୍ତା କରିବା କି ?"

ଚନ୍ଦ୍ରକାନ୍ତ ସ୍ନା ତ୍ରିବେଣୀ କ ଯାଇ ଏକ ସୁବେଣୀଙ୍କ
ଭୁଞ୍ଜାଇ ମାୟାଜାନକୀ କନ୍ତୁ
ବୋଇଲା ରାବଣ ଶୁଣି ଭଣ୍ଡୀଦେବ ପିନାଂଆଣି
ବାହୁଡ଼ାଇଲେ କଳବ ଖାନ୍ତୁ ସେ ।
ଚନ୍ଦ୍ରେଦବୀ ! ବୋଇଲ ଶୁଣି ତା ଇନ୍ଦ୍ରଜିତ ।
ଭଣ୍ଡବାସୁତର ଶୁଣି ବୋଧ ତଡ଼ି ସେ । ୨୩ ।
ବାଞ୍ଛାବଟତଳେ ଗତ ସୁକାନ୍ତକ ଘେନ ଭ୍ରାତ
ମନାସି କାମ୍ୟକତୀର୍ଥେ ସ୍ନାନ୍ତ ।
ବସୁମଣ୍ଡଳା-ସୁମୂର୍ତ୍ତି କହିଲା ଯନ୍ତ୍ର ଘଟିଣ
ଝଟ ଝଟ ଚନ୍ଦ୍ର ପ୍ରାୟ ଦେଖା ସେ ।
ବଳସ୍ତ୍ରୀକେ ! ବାହୁଡ଼ିଲା ବୃଷାର ଜାଣିଲା ।
ବଞ୍ଜୁଳ ବନରୁ ନେଲା ପ୍ରାପ୍ତେ ନେଲା ସେ । ୨୪ ।

---

୨୩ଶ ପଦ:—ତ୍ରିବେଣୀକ—ତ୍ରିବେଣୀ ଘାଟକୁ । ସୁବେଣୀକ-ନାୟିକାକୁ କଳବଖାରୁ—ମାୟାସୀତା ।

୨୪ଶ ପଦ:—ବସୁମଣ୍ଡଳାସମୂର୍ତ୍ତି—ସୀତାଙ୍କର ମନୋହର ରୂପ । ବଳସ୍ତ୍ରୀକେ--ଅର୍ଦ୍ଧଲତାରେ । ବୃଷାର-ଇନ୍ଦ୍ରଜିତ । ବଞ୍ଜୁଳ ବନରୁ ଅଶୋକ ବନରୁ ।

---

୨୩ଶ ପଦ:—"ଯଦି ମୋ କଥାକୁ ଉଚିତ ମନେ କରୁଛନ୍ତି, ତାହାହେଲେ ଚନ୍ଦ୍ରକାନ୍ତ ଶୀଘ୍ର ଗୋଟିଏ ସୁନ୍ଦରୀଙ୍କୁ ନେଇ ତ୍ରିବେଣୀ ଘାଟରେ ସ୍ନାନ କରାଇ ମାୟା ସୀତା କରି ଆଣୁ ।" ଏହା ଶୁଣି ରାବଣ କହିଲା, "ସେହି ମାୟା ରମଣୀକୁ ଫେରାଇଦେଲେ ମୋର ନଷ୍ଟସ୍ୱ ନାହିଁ ହେବ ।" ଇନ୍ଦ୍ରଜିତ କହିଲା, "ତାହାକୁ ଆଣି ଦେବା ।" ଏହା ଶୁଣି ରାବଣ ଅତିଶୟ ଆନନ୍ଦିତ ହେଲା ।

୨୪ଶ ପଦ:—ତତ୍ପରେ ଚନ୍ଦ୍ରକାନ୍ତ ତାର ସାନ ଭଉଣୀ ସୁକାନ୍ତିକୁ ସଙ୍ଗରେ ନେଇ ବାଞ୍ଛାବଟ ତଳକୁ ଗଲା । ସୁକାନ୍ତି ଭାଇର କଥାଅନୁସାରେ ସୀତାଙ୍କ ରୂପକୁ କାମନା କରି ସେହି କାମନା ପୂର୍ଣ୍ଣକାରୀ ତୀର୍ଥରେ ସ୍ନାନ କରିବାରୁ ଅବିକଳ ସୀତାଙ୍କ ରୂପକୁ ଧାରଣ କଲା ଏବଂ ତାହାର କାନ୍ତି ବିଜୁଳୀ ପରି ଝଟ ଝଟ ଦେଖାଗଲା । ଚନ୍ଦ୍ରକାନ୍ତ ଅଳ୍ପସମୟ ମଧ୍ୟରେ ସେଠାରୁ ଫେରି ଆସନ୍ତେ ଇନ୍ଦ୍ରଜିତ ସୁକାନ୍ତିକୁ ଅଶୋକବନରୁ ନେଲାପରି ନେଇଯାଇ ଯୁଦ୍ଧକ୍ଷେତ୍ରକୁ ଗମନ କଲା ।

ଉମାନରେ ମାନବତୀ- ଛଳାରେ ଛଦ୍ମ ସୁବତୀ
ବସୁ ମୁଖ ପୋଛି ଅଶ୍ରୁ ଗଳ ।
ବାତେ କି ନଳିନ ଡଳ ମରନ୍ଦ ଉଦ୍‌ଗାରେ ଅଳି
ବସୁଡୋଳା ସେହି ଶୋଭାଶାଳୀ ସେ ।
ଭକମ୍ପିତ । ବେନି ବେନି ପକ୍ଷ ପକ୍ଷସ୍ୱତ ।
ବଢ଼ିବା ଅଳକ ବେଢ଼ି ସେହି ମତ ସେ । ୨୫ ।
ବନ୍ୟସ୍ତ ଉରଜପରେ ଦେଉଛନ୍ତି କି ଶମ୍ଭୁ ଶିରେ
କଣ୍ଠଗର୍ଭେ ଉଗଳିତ ମାଳୀ ।
ବଧିରେ ସଲିଳଶାୟୀ ସଲୀଳେ ଆବନ୍ଧ ହୋଇ
ପ୍ରଣାଳୀ ରଞ୍ଜନ ରୋମାବଳୀ ସେ ।

---

୨୫ଶ ପଦ:—ଛଦ୍ମସୁବତୀ—ମାୟାକାମିନୀ ଅର୍ଥାତ୍ ମାୟାସୀତା । ନଳିନ-ପଦ୍ମ । ମରନ୍ଦ-ମକରନ୍ଦ । ଉଦ୍‌ଗାରେ-ବାନ୍ତି କରେ । ଅଳି-ଭ୍ରମର ଅଳକା—ଚୂର୍ଣ୍ଣକୁନ୍ତଳ ।

୨୬ଶ ପଦ:—ବନ୍ୟସ୍ତ-ସ୍ଥାପିତ । ଉରଜପରେ—କୁଚ ଉପରେ । ଶମ୍ଭୁ ଶିରେ-ଶିବଙ୍କ ମସ୍ତକ ଉପରେ । ସଲିଲଶାୟୀ—ଜଳଶାୟୀ । ସଲୀଳେ କୌତୁକରେ, । ରଞ୍ଜନ-ଶୋଭନ । ରୋମାବଳୀ-ରୋମରାଜି ।

---

୨୫ଶ ପଦ:—ସେହି ମାୟା ସୀତା ମାନବତୀ ପରି ଉମାନରେ ବସି କାନ୍ଦିବାକୁ ଲାଗିଲା । ଏହି ସମୟରେ ତାର ମୁଖ ଓ ଚକ୍ଷୁର ଡୋଳାଦ୍ୱୟକୁ ଦେଖି ବୋଧ ହେଉଥିଲା, ପବନକମ୍ପିତ ପଦ୍ମ ପୁଷ୍ପ ଉପରେ ଭ୍ରମର ବସିବାରୁ ମକରନ୍ଦ ସବୁ ଖସି ପଡ଼ୁଛି କି ?

୨୬ଶ ପଦ:—ସେହି ମାୟା ସୀତା ସ୍ୱକୀୟ ସ୍ତନ ଉପରେ କଣ୍ଠଦେଶକୁ ସ୍ଥାପନ କରି ଇନ୍ଦ୍ରଜିତର ରଥ ଉପରେ ବସିଥିବା ସମୟରେ ଲଙ୍କା ରମଣୀମାନେ ତାକୁ ଦେଖି ପଚାରିଲେ, 'ଏହାଙ୍କର କଣ୍ଠରେ ଥିବା ସୁବର୍ଣ୍ଣ ବା ମୁକ୍ତା ମାଳାରୂପ ମାଳୀ କଣ୍ଠରୂପୀ ଶଙ୍ଖଦ୍ୱାରା କୁଚରୂପୀ ଶିବଙ୍କ ଉପରେ ଜଳ ଢାଳୁଛି କି ? ( ମରଣ ଭୟରେ ତାର ଆଖିରୁ ଅଶ୍ରୁଧାରା କଣ୍ଠଉପର ଦେଇ ପ୍ରବାହିତ ହେଉଅଛି ) । ଶିବ ସ୍ୱଭାବତଃ ଜଳଶାୟୀ ଅଟନ୍ତି, ଏଣୁ ଏହି କୁଚଶମ୍ଭୁଙ୍କର ଶଙ୍ଖ ସ୍ଥାନୀୟ ଜଳଧାରା କୌତୁକରେ ପ୍ରବାହିତ ହୋଇ ଏହି ରମଣୀର ରୋମାବଳୀ ଆକାର ଧାରଣ କରି ଅଛି କି ? ଏବଂ ଶିବଙ୍କୁ ସର୍ପ ଅନୁସରଣ

ବେଣୀପରେ । ଉର୍ଦ୍ଧ୍ୱମିଛ ଅନୁସରି ଫଣୀ ।
ବସ୍ତୁରନ୍ତି ଦେଖି ଲଙ୍କାର ରମଣୀ ସେ । ୨୭ ।

ବେଶହୀନ କ୍ଷୀଣ ଥିଲେ          ବହିଲେ ବରଷେ ବସେ
ପ୍ରସନ୍ନ ଦିଶେ ଏମନ ଏବେ ।
ବ୍ରହ୍ମାଣ୍ଡସାର ସୁନ୍ଦରୀ          ଭୂଷଣ ତିଳକପରି
ତିଳକୁ ଶୋଭେ ଯା ନ ପାଟବେ ସେ ।
ବ୍ରହ୍ମାକେତେ । ବସି କଳ୍ପିଛନ୍ତି କେତେ କ[illegible] ।
ବଲ୍ଲଭ ଏ ହେବ ପୁଣି କେତେ ତପେ ସେ । ୨୮ ।

ବିଧି ତା ଜଟାଧାରୀଙ୍କ          ଦେଇ ବର୍ଯ୍ୟ ସୁନ୍ଦରୀଙ୍କ
ଶିବେ ଉମା ରାମେ ସୀତା ଦେଖି ।

---

୨୮ଶ ପଦ:—ବେଶହୀନ—ଭୂଷଣହୀନ । କ୍ଷୀଣ—କୃଶ । ବ୍ରହ୍ମାଣ୍ଡସାର ସୁନ୍ଦରୀ-ଭୂଷଣ ତିଳକପରି—ବ୍ରହ୍ମାଣ୍ଡ ମଧ୍ୟରେ ଶ୍ରେଷ୍ଠ ସୁନ୍ଦରୀ-ସମୂହର ଭୂଷଣ ସ୍ୱରୂପ ଯେଉଁ ସ୍ତ୍ରୀ, ସେ । ବଲ୍ଲଭ—ସ୍ୱାମୀ । ତପ—ତପସ୍ୟା । ତିଳକ—ତିଳ ପ୍ରମାଣରେ ।

୨୯ଶ ପଦ:—ଉମା—ପାର୍ବତୀ । ବିସର୍ଜନ୍ତା—ତ୍ୟାଗ କରନ୍ତା । ଜୀବ—ପ୍ରାଣ । ଦଶମୁଖ—ରାବଣ ।

---

ରହିଥାଏ, ସେହିପରି ଏହାଙ୍କୁ ଅନୁସରଣ କରି ଉର୍ଦ୍ଧ୍ୱ ଦେଶରେ ରହିଥିବା ବେଣୀ ସର୍ପ କି ?"

୨୮ଶ ପଦ:—ସେହି ଲଙ୍କାର ସ୍ତ୍ରୀମାନେ ପୁନର୍ବାର କହିଲେ "ଏତେକାଳ ଏଠାରେ ବେଶହୀନ ଓ କ୍ଷୀଣ ହୋଇ ବରଷରେ ରହିଥିଲେ ସୁଦ୍ଧା ଏହାର ମୁଖମଣ୍ଡଳ ବର୍ତ୍ତମାନ ପ୍ରଫୁଲ୍ଲ ଦେଖା ଯାଉଅଛି । ଏହି ବ୍ରହ୍ମାଣ୍ଡ ମଧ୍ୟରେ ଥିବା ସୁନ୍ଦରୀ ସ୍ତ୍ରୀମାନଙ୍କ ମଧ୍ୟରେ ଯେ ଶ୍ରେଷ୍ଠା ସୁନ୍ଦରୀ ସେ ଏହାର ଶୋଭାକୁ 'ତିଳକ' ମାତ୍ର ସମାନ ସୁଦ୍ଧା ସମାନ ହେବ ନାହିଁ । କେତେ ବ୍ରହ୍ମା ବସି କେତେ ଯୁଗ କଳ୍ପନା କରି ଏହାକୁ ଗଢ଼ିଅଛନ୍ତି । ଓହୋ ! ପୁଣି କେତେ ତପସ୍ୟା କରି ଥିବାରୁ ସେହି ଯତିର ଏ ବଲ୍ଲଭ ହୋଇଅଛୁ ।"

୨୯ଶ ପଦ:—ସେମାନଙ୍କ ମଧ୍ୟରୁ କେହି ଜଣେ କହିଲେ, "ବୋଧହୁଏ ବିଧାତା ଅବଶ୍ୟ ହୋଇ ତପସ୍ୱୀମାନଙ୍କୁ ପରମାସୁନ୍ଦରୀ ରମଣୀମାନଙ୍କୁ ଦେଇଅଛି । ତାହା ନ ହେଲେ ପରମା ସୁନ୍ଦରୀ ପାର୍ବତୀ ଓ ସୀତା ଜଟାଧାରୀ ଶିବ ଓ ରାମଙ୍କୁ

ଉପର୍ଜନ୍ତା ପଛେ ଜୀବ ଲେଉଟାଇ ଏଡ଼େ ଦ୍ରବ୍ୟ
ଆଣି ଧିକ ପୁଂସ ଦଶମୁଖ ସେ ।
ବୋଲେ କେହି । ବାରେ ଆଉ ନ ବୋଲେ ଏ ଖତ ।
ବଶ ତ ନୋହିଲା ରଖି ହେବ କିସ ସେ । ୨୮ ।
ବାହି ରଥ ପଥେ ନେଇ ମାଳଠଣା ପାଶେ ଯାଇ
ସୈନ୍ୟଦ୍ୱନ୍ଦ୍ୱ ଦ୍ୱନ୍ଦ୍ୱ ଘୋରତର
ବାହୁଟିଲା ପରବତେ ହନୂମନ୍ତ ପରବତେ
ମାରିବାକୁ ଚନ୍ଦିଣୀ ଉପର ସେ ।
ବଳେ ନାହିଁ । ବାହା ପାର୍ଥିବୀ ସ୍ୱରୂପ ଗୁହିଁ ।
ବାସବାରି ତାକୁ ଉଚେ ଏହା କହି ସେ । ୨୯ ।
ବିବାଦ ଆରମ୍ଭ ତୁମ୍ଭ ଆମ୍ଭର ଏ ସାତକୁମ୍ଭ-
କୁମ୍ଭସ୍ତନୀ ଘେନ ଯାଉ ସଳ ।

---

୨୯ଶ ପଦ:—ସୈନ୍ୟଦ୍ୱନ୍ଦ୍ୱ—ଉଭୟ ସୈନ୍ୟ । ଦ୍ୱନ୍ଦ୍ୱ—ଯୁଦ୍ଧ । ଚନ୍ଦଣୀ—ରଥ । ପାର୍ଥିବୀସ୍ୱରୂପ—ସୀତାଙ୍କ ସ୍ୱରୂପ । ବାସବାରି—ଇନ୍ଦ୍ରଜିତ ।

୩୦ଶ ପଦ:—ବିବାଦ—ଯୁଦ୍ଧ । ସାତକୁମ୍ଭକୁମ୍ଭସ୍ତନୀ—ସ୍ୱର୍ଣ୍ଣଘଟସ୍ତନା । ସଳ—ଅଚିରେ । କରବାଳ—ଖଡ୍ଗ । ପ୍ରବାଳଅଧରୀ—ନବପଲ୍ଲବାଧରୀ । ବିଗ୍ରହ—ଶରୀର । ଦ୍ରୋହୀ—ପାପୀ ।

---

ପ୍ରାପ୍ତ ହେଲେ କପଟି ? ରାବଣ ମଲେ ପଛେ ମରନ୍ତା । କିନ୍ତୁ ପୁରୁଷ ହୋଇ ଯାହା ଜୀବନ ଥାଉଁ ଥାଉଁ ଏତେ ବଡ଼ ସୁନ୍ଦରୀକୁ ଆଣି ଲେଉଟାଇ ଦେଉଛି ।, ଏଣୁ ତାକୁ ଧିକ୍ ।” ଏହା ଶୁଣି ଅନ୍ୟ କେହି କହିଲା, “ଆଉଥରେ ଏପରି କଥା କହନା, ସେ ତ ବଶ ହେଲା ନାହିଁ, ତାକୁ ରଖି କି ଲାଭ ହେବ ?”

୨୯ଶ ପଦ:—ଇନ୍ଦ୍ରଜିତ ଥରକୁ ନିର୍ଦ୍ଦିଷ୍ଟ ପଥରେ ନେଇ ମାଳ ସେନାପତି ଥିବା ସ୍ଥାନ ନିକଟରେ ଉପସ୍ଥିତ ହେବାରୁ ସଙ୍ଗେ ସଙ୍ଗେ ଉଭୟ ସୈନ୍ୟଙ୍କ ମଧ୍ୟରେ ଘୋରତର ଯୁଦ୍ଧ ଆରମ୍ଭ ହେଲା । ଏହି ସମୟରେ ହନୁମାନ ଏକ ପର୍ବତ ଧାରଣ କରି ତାହାକୁ ଇନ୍ଦ୍ରଜିତର ପର୍ବତସମ ରଥ ଉପରେ କଚାଡ଼ିବାକୁ ଉଦ୍ୟତ ହେବା ସମୟରେ ସେହି ରଥରେ ସୀତାଙ୍କୁ ଦେଖି ପର୍ବତ ନିକ୍ଷେପ କରିବାକୁ ତାର ଇଚ୍ଛା ବଳିଲା ନାହିଁ । ଏହି ସମୟରେ ଇନ୍ଦ୍ରଜିତ ତାକୁ ଉଚ୍ଚସ୍ୱରରେ କହିଲା—

୩୦ଶ ପଦ:—“ରେ ବାନର ! ଏହି ସୁବର୍ଣ୍ଣକୁମ୍ଭସ୍ତନା ସୀତାକୁ ନେଇ ତୁମ୍ଭ ଆମ୍ଭ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଆଜଠାରୁ ଶେଷ ହୋଇଯାଉ ।”

ବାଳ ଧରି କରବାଳ    ଯେନ ମାରନ୍ତେ ପ୍ରବାଳ-
ଅଧର୍ମୀ ଗଳାରେ ଗଲା ଖଳ ସେ ।
ବିଚ୍ଛେଦନ । ବିଗ୍ରହ ମସ୍ତକ ମଣ୍ଡୁଁ ମହୀ ।
ବୋଲେ ହନୁମାନ କ କଲୁରେ ଦ୍ରୋହୀ ସେ ।୩୦।
ବସୁଧାଭୃତ ପ୍ରହାରି    ଶତାଙ୍ଗଙ୍କୁ ଚୂର୍ଣ୍ଣ କରି
ଉତ୍ସେ ହୟେ ଆରୋହି କର୍ବୁର ।
ବେଗେ ପଶିଲା ନଗରେ    ପାବନ ଗତି ନରରେ
ଗରେ ଯାଇଲା ପ୍ରାପ୍ତେ ଶଙ୍କର ସେ ।
ବାଟେ ଯାଉଁ । ବୃଦ୍ଧ ଜାମ୍ବବନ୍ତଙ୍କୁ ଦେଖିଲେ ।
ବ୍ୟାକୁଳିତ ହୋଇ ସକଳ କହିଲେ ସେ ।୩୧।
ବଦନ ମ୍ଳାନ ଅନାଇଁ    ଦୁଇଜଣଙ୍କର ତହିଁ
ପଚ୍ଛନ୍ତି କହିଲେ ଶ୍ରୀରାମରେ ।

---

୩୧ଶ ପଦ:—ବସୁଧାଭୃତ—ପର୍ବତ । ହୟେ—ଅଶ୍ୱରେ । କର୍ବୁର—ରାକ୍ଷସ । ଗରେ—ଦ୍ୱାରଦ୍ୱାରେ ।

୩୨ଶ ପଦ—ମ୍ଳାନ—ମଳିନ ବା ବିମର୍ଷ । ରାବଣି—ଇନ୍ଦ୍ରଜିତ । ଅସି-ଖଡ୍ଗ । ଧରଜାତା—ପୃଥ୍ୱୀସୁତାଜନ୍ମା । ନୀର—ପାଣି । ବାସ—ଲୁଗା । କେଶ—ବାଳ ।

---

ଏହା କହି ସେ ହେନୁ ସ୍ତ୍ରୀର ଚୁଟି ଧରି ଖଡ୍ଗ ପ୍ରହାର କରିବାରୁ ଖଡ୍ଗ ସେହି ରକ୍ତୋଷ୍ଠୀର କଣ୍ଠରେ ଚାଲିଗଲା ଏବଂ ତାହାର ଦେହରୁ ମୁଣ୍ଡ ଛିଣ୍ଡି ଭୂମିରେ ନିପତିତ ହେଲା । ଏହା ଦେଖି ହନୁମାନ କହିଲା, 'ରେ ଦ୍ରୋହୀ ତୁ କ'ଣକଲୁ ?'

୩୧ଶ ପଦ:—ତତ୍ପରେ ହନୁମାନ ପର୍ବତ ପ୍ରହାର କରି ଇନ୍ଦ୍ରଜିତର ସାରଥିକୁ ଚୂର୍ଣ୍ଣକରି ଦେଲା । ତେଣୁ ସେ ଟୋଗାଟାଏ ଘୋଡ଼ାରେ ଚଢ଼ି, ଉତ୍ସବରେ ଚଳାଇଯାଇ ଲଙ୍କାଗଡ଼ ମଧ୍ୟରେ ପ୍ରବେଶ କଲା । ବିଷଜ୍ୱାଳାରେ ଶରୀର ଘାରି ହେଲେ ଲୋକ ଯେପରି ଗମନ କରେ, ହନୁମାନ ସେହିପରି ହୋଇ ସୁବେଳ ପର୍ବତ ଯିବାକୁ ଲାଗିଲା । ହନୁମାନ ବାଟରେ ଯିବା ସମୟରେ ବୃଦ୍ଧ ଜାମ୍ବବାନଙ୍କୁ ଦେଖି ଦୁଃଖିତ ହୋଇ ସେହି ସମସ୍ତ କଥା କହିଲା ।

୩୨ଶ ପଦ:—ଜାମ୍ବବ ଓ ହନୁମାନ ବିରସବଦନରେ ରାମଚନ୍ଦ୍ରଙ୍କ ନିକଟରେ ଉପସ୍ଥିତ ହେବାରୁ ରାମ ସେ ଦୁହିଁଙ୍କୁ କହିଲେ, 'ତୁମ୍ଭଦୁହିଁଙ୍କ ଉମ୍ମୁଖ

ବିଖଣ୍ଡନ କଲା ଶିର ବବଣ ଖଣ୍ଡ୍ଣ ଅସିର
ଯେଉଁ ସୀତା ଧବଳୋତା ତାରେ ସେ ।
ବିଜ୍ଞାନ ସେ । ବିଞ୍ଚି ଦିଞ୍ଚି ଘାର ଶାନ୍ତ କଲେ ।
ବାଯ଼ ବେଣ ଅସମ୍ଭାଳେ ବାହାରିଲେ ସେ ।୩୨

ବୈଦେହୀ ଜାନକୀ ସୀତା ମୈଥିଳୀ ମହୀଦୁହିତା
ଯୋଜନଗନ୍ଧା ନାମାଦି ପୂର୍ବେ ।
ବିନ୍ୟାସ କରିଣ ହା ହା ଦେଖେ ତାଲୁ ରଘୁନାହା
ଶୋଭିତ ଆତପ ନମ୍ର ଭାବେ ସେ ।
ବକ୍ଷ ଅଛି । ବିଘାତନ ସ୍ଥାନରେ କୀଲାଲ ।
ବସେ ସ୍ତମ୍ଭେ ତଟ ଉରଜ ଯୁଗଳ ସେ ।୩୩

---

୩୩ଶ ପଦ:—ବିନ୍ୟାସ କରି—ପ୍ରୟୋଗ କରି ବା ବସାଇ । ରଘୁନାହା—ରାମଚନ୍ଦ୍ର । ଆତପ—ଗ୍ରୀଷ୍ମ । ବିଘାତନ—ଆଘାତ । କୀଲାଲ—ରକ୍ତ । ଉରଜ—ସ୍ତନ ।

---

ମଳିନ ହୋଇଛନ୍ତି କାହିଁକି ?" ସେ ଦୁହେଁ କହିଲେ, "ହେ ଦେବ ! ଇନ୍ଦ୍ରଜିତ ଶୋଣିତ ଖଡ୍ଗରେ ପୃଥିବୀ ପୁତ୍ରୀ ସୀତାଙ୍କର ମୁଣ୍ଡ ଛେଦନ କଲା ।" ଏହା ଶୁଣିବା କ୍ଷଣି ରାମଚନ୍ଦ୍ର ଅଚେତନ ହୋଇଗଲେ । ଏହି ସମୟରେ ହନୁମାନ ଓ ଜାମ୍ବବ ତାଙ୍କୁ ବିଞ୍ଚି ଓ ତାଙ୍କ ମୁଖରେ ଜଳସିଞ୍ଚି ସଚେତ କରାଇଲେ । ଚେତନାପ୍ରାପ୍ତ ରାମଚନ୍ଦ୍ର ଉଦ୍‌ବେଗ ପୂର୍ଣ୍ଣଚିତ୍ତରେ ସୀତାଙ୍କୁ ଦେଖିବା ନିମିତ୍ତ ଦୌଡ଼ିଲେ ।

୩୩ଶ ପଦ:—ବୈଦେହୀ, ଜାନକୀ, ସୀତା, ମୈଥିଳୀ, ମହୀସୁତା ଓ ଯୋଜନଗନ୍ଧା ପ୍ରଭୃତିମାନଙ୍କର ପୂର୍ବରେ ରାମଚନ୍ଦ୍ର ହା ଶବ୍ଦ ଯୋଗକରି ( ହା ବୈଦେହୀ, ହା ଜାନକୀ ଇତ୍ୟାଦି ଉଚ୍ଚାରଣ କରି ) ଯୁଦ୍ଧଭୂମି ପତିତା ଛିନ୍ନମସ୍ତକା ମାୟାସୀତାଙ୍କୁ ଦେଖିବାକୁ ଲାଗିଲେ । ସେହି ମାୟାସୀତା ଗ୍ରୀଷ୍ମକାଳୀନ ନଦୀପରି ଦେଖାଯାଉ ଥିଲା । କାରଣ ଗ୍ରୀଷ୍ମକାଳରେ ନଦୀରୁ ଜଳ ଶୁଷ୍କହୋଇ ଯାଇଥାଏ, ଏଣୁ ଲୋକମାନେ ନଦୀ ଗର୍ଭକୁ ଖୋଳି ଜଳ ବାହାର କରିଥାନ୍ତି ସେହିପରି ଏହାଙ୍କର ଛେଦନସ୍ଥାନରୁ ରକ୍ତ ବାହାର ହେଉଥିଲା ଏବଂ ଗ୍ରୀଷ୍ମକାଳୀନ ନଦୀ ମଧ୍ୟରେ ଏକତ୍ର ସ୍ତମ୍ଭୀଭୂତ ହୋଇ ଚକ୍ରବାକ ଓ ଚକ୍ରବାକୀ ବସିଥିଲା ପରି, ସେହି ମାୟାସୀତାର ଦେହସ୍ଥ ସ୍ତନ ଦୁଇଟି ଦେଖା ଯାଉଥିଲା ।

ବସ୍ତ୍ର ଶୁଷ୍କ ଫେନମରେ    ହଂସାବଳୀ ବେନି-ପ୍ରାନ୍ତେ
ଅସ୍ତ ବ୍ୟସ୍ତ ସୁଭୁଜ ମୃଣାଳ ।
ବିପୁଳ ଉରୁ ପୁଳିନ    ମଣ୍ଡନକର ନଳିନ
ରୋମାବଳୀ ଶୈବାଳଜାଳ ସେ ।
ଅବଲୋକରେ । ବୋଇଲେ ମୋ ଘନରସଦାୟି ।
ବସି କୋଳେ ପକାଇଲେ ତାକୁ ନେଇ ସେ ।୩୪।
ଦିବାକର ବଂଶେ ଜାତ    ଯେଣୁ ସେ ହେଲେ ଏମନ୍ତ
ତାଙ୍କ ସଂଜ୍ଞା ଭ୍ରମ ପ୍ରସ୍ତାଠାରେ ।
ବୋଇଲନ୍ତି ରାଘବ ମୁହିଁ    ବିହାର କରିବି କାହିଁ

---

୩୪ଶ ପଦ:—ହଂସାବଳୀ—ହଂସସମୂହ । ମୃଣାଳ—ପଦ୍ମନାଡ଼ ।
ପୁଳିନ – ନଦୀତଟ । ନଳିନ—ପଦ୍ମ । ଶୈବାଳଜାଳ – ପାଣିଶିଉଳିସମୂହ ।
୩୫ଶ ପଦ:—ଦିବାକରବଂଶେ—ସୂର୍ଯ୍ୟବଂଶରେ ।

---

୩୪ଶ ପଦ:—ସେହି ସୀତା ଯେଉଁ ଲୁଗା ପିନ୍ଧିଥିଲା ତାହା ଗ୍ରୀଷ୍ମକାଳୀନ ନଦୀର ଶୁଷ୍କ ଫେନପରି, ସେହି ଲୁଗାର ଦୁଇ ପ୍ରାନ୍ତରେ ଲେଖା ହୋଇଥିବା ହଂସାବଳୀ ହଂସ ସମୂହପରି, ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ଭୁଜ ଦୁଇଟି ପଦ୍ମନାଡ଼ପରି, ମନୋହର ଜଙ୍ଘ ଦୁଇଟି ନଦୀର ଦୁଇକୂଳ ପ୍ରଦେଶପରି ଓ ରୋମାବଳି ନଦୀରେ ଥିବା ପାଣିଶିଉଳିପରି ଦେଖା ଯାଉଥିଲା । ରାମଚନ୍ଦ୍ର ତାକୁ ଦେଖି କହିଲେ, "ଆହା ମୋ ଘନରସଦାୟିନି !" ତତ୍ପରେ ସେହି ସ୍ଥାନରେ ବସି ତାକୁ ନେଇ କୋଳରେ ଧଇଲେ । ନଦୀ ମଧ୍ୟ 'ଘନରସ ଦାୟିନୀ' ଜଳ ଦାନକାରିଣୀ ଓ ସ୍ନାନାର୍ଥୀର ହୋଡ଼ତୃପ୍ତିଦାୟିନୀ ଅଟେ, ଯେ ହେତୁ ନାଭି ପର୍ଯ୍ୟନ୍ତ ଜଳରେ ସ୍ନାନ କରିବାକୁ ଧର୍ମ ଶାସ୍ତ୍ରକାରମାନେ ଉପଦେଶ ପ୍ରଦାନ କରି ଅଛନ୍ତି ) ।

୩୫ଶ ପଦ:—ରାମଚନ୍ଦ୍ର ସୂର୍ଯ୍ୟବଂଶରେ ଜନ୍ମ ହୋଇଥିବାରୁ ସୂର୍ଯ୍ୟଙ୍କର ନିଜସ୍ୱ ସଂଜ୍ଞାର ଦାସୀ ପ୍ରସ୍ତାଠାରେ ସଂଜ୍ଞାଭ୍ରମ ହେଲାପରି, ତାଙ୍କର ମାୟାସୀତାରେ ପ୍ରକୃତ ସୀତା ବୋଲି ଭ୍ରମଜ୍ଞାନ ହେଲା, ଏଣୁ ସେ କହିଲେ, "ହେ ସୀତେ ! ମୁଁ ରାଘବ (ରାଘବ ମାଛ) ଏବଂ ତୁ ମୋର ପ୍ରେମସିନ୍ଧୁ ( ଆନନ୍ଦଦାୟକ ସମୁଦ୍ର ।) ତୋର ଜୀବନ ଜଳ ଅଟେ । ସେହି 'ଜୀବନ' ଜଳ ତ ଶୂନ୍ୟ ହୋଇଗଲା, ଆଉ ମୁଁ କେଉଁଠାରେ ( କାହାଠାରେ ) କ୍ରୀଡ଼ା କରିବି ? ହେ ସୁନ୍ଦରି ! ମୁଁ

ପ୍ରେମସିନ୍ଧୁ ଜୀବନସ୍ଥାନରେ ଯେ ।
ବରବେଣ୍ହା ! ବୋଲାଇ ମୁଁ ରାମ, ରମା ତୁହି ।
ତାନ୍ବୀ ଗଉରୀ ହୋଇ ଶିବ ମୁହିଁ ଯେ ।୫୫।

ବୋଲାଉ ସୀତା ସଂସାରେ       ତାପ ତାରଣୀ ଯୋଗରେ
ମଗ୍ନ ହୋଇଥିଲି ସୁଲଗରେ ।
ବଧାତା କରାଇ ମ୍ଲାନ       ହରପଦେ ତା ଖଣ୍ଡନ
କରି ଭାଗୀ ହେବି ସନ୍ତାପରେ ଯେ ।
ବରବେଣ୍ହା ! ବୋଲାଇବା ପଦ୍ମା ସକାଶେ ।
ବିନାଶିତା ହେଲୁ କିବା ଚନ୍ଦ୍ରହାସେ । ୫୬ ।

---

୫୬ଶ ପଦ:—ସୀତା—ବୈଦେହୀ, ଗଙ୍ଗା । ସୁଲଗରେ—ଶୁଭଲଗ୍ନରେ ଅର୍ଥାତ୍ ଉତ୍ତମବେଳାରେ । ତାରଣୀଯୋଗ- ବାରୁଣୀଯୋଗ, ନିବାରଣଯୋଗ । ମ୍ଲାନ-ବିନାଶ । ହରପଦେ- ବିଷ୍ଣୁ ପାଦରେ, ଯମଘରେ । ଚନ୍ଦ୍ରହାସରେ-ଚନ୍ଦ୍ର କିରଣରେ, ଖଡ୍ଗରେ ।

---

ରାମ ଏହି ମନୋହର ନାମକୁ ପାଇଥିବାରୁ, ତୁ ମୋର 'ରମା' ମନୋହାରିଣୀ ହୋଇଥିଲୁ । ହେ ତାନ୍ବୀ । ତୁ 'ଗୌରୀ' ପାର୍ବତୀଙ୍କର ମନୋହର ରୂପଧାରିଣୀ ବା ମଙ୍ଗଳକାରିଣୀ ହୋଇ ଥିବାରୁ ମୁଁ ତୋହ ଲାଗି 'ଶିବ' ମଙ୍ଗଳସ୍ୱରୂପ ହୋଇଥିଲି ( ଅର୍ଥାତ୍ ତୁମ୍ଭେ ଥିଲି ବୋଲି ମୋର ସମସ୍ତ ବିଷୟରେ ମଙ୍ଗଳ ଘଟୁଥିଲା ) ।'

୫୬ଶ ପଦ:—ରାମଚନ୍ଦ୍ର ପୁଣି କହିଲେ, "ଗଙ୍ଗା 'ତାପ' ଆଧ୍ୟାତ୍ମିକ ଆଧିଦୈବିକ, ଆଧିଭୌତିକ ତ୍ରିବିଧ କଷ୍ଟର ବିନାଶକାରିଣୀ ହୋଇଥିବାରୁ, ଲୋକମାନେ ଉତ୍ତମ ଲଗ୍ନ ଓ ଯୋଗରେ ଅର୍ଥାତ ମହାବାରୁଣୀ ସମୟରେ ତାଙ୍କର ସ୍ରୋତରେ 'ମଗ୍ନ' ସ୍ନାନ କଲାପରି, ତୁମ୍ଭେ ସଂସାର ମଧ୍ୟରେ ସେହି ଗଙ୍ଗା ନାମରେ ଅଭିହିତ ହେଉଥିବାର ଜାଣି ଏବଂ ମୋ କନ୍ଦର୍ପ ଦୁଃଖହାରିଣୀ ହେବ ବୋଲି ସ୍ଥିରକରି, ମୁଁ ଉତ୍ତମ ଲଗ୍ନରେ ତୁମ୍ଭ ସହିତ 'ଯୋଗରେ' ବିବାହ ରୂପ ମିଳନରେ ମଜ୍ଜିଲି, କିନ୍ତୁ ବିଧାତା ଗଙ୍ଗାକୁ ବିଷ୍ଣୁଙ୍କ ପାଦରେ ମ୍ଲାନ କରାଇଲାପରି ତୋତେ ଯମର ଗୃହରେ ବା ନରକରେ ଲୁଚାଇ ରଖିଲା । ଏବେ ମୁଁ ସେହିକଥା ଭାବି ସନ୍ତାପିତ ହେବି । ହେ ଉନ୍ନତମନା । ତୁ ପଦ୍ମା ସ୍ତ୍ରୀ ବୋଲାଇବା ସକାଶେ ପଦ୍ମ ଚନ୍ଦ୍ର କିରଣରେ, 'ବିନାଶ' ମୁଦ୍ରିତ ହେଲାପରି ତୁ 'ଚନ୍ଦ୍ରହାସରେ' ଖଣ୍ଡାରେ ବିନାଶ ହେଲୁ କି ?"

ବଲ୍ଲଭ ସଙ୍ଗେ ବଲ୍ଲଭୀ          ଅଗ୍ନି ପ୍ରବେଶକୁ ଲଭି
ସେହି କଥା ଉପଗୀତ ହେବ ।
ଉପଗୀତରେ ହୋଇଛନ୍ତି          ପୁରୁଷ ବାଳମୃଗାକ୍ଷୀ
ଏତେ କଥା ବିଫଳରେ ଯିବ ସେ ।
ବଦନରେ । ବହ୍ନିରଶ୍ମି ବଦନରେ ଆଣି ।
ବହ୍ନି ଭର କ୍ଷେପେ ଏହା ରଘୁମଣି ସେ । ୩୭ ।
ବାରତା ଅଶୋକ ବନେ          ହେଲା ସୀତା ସନ୍ନିଧାନେ
ତ୍ରିଜଟା ସରମା ଆଦି ହସି ।
ବାନର ସ୍ୱରୂପେ ଆସି          ପେଷିଲେ ଏକ ରାକ୍ଷସୀ
ବିଭୀଷଣ କର୍ଣ୍ଣେ ଗଲା ଭାଷି ସେ ।
ବଚସ୍ତ ତ । ବ୍ୟର୍ଥ ଏ ଶବକୁ ତ୍ୟଜ ।
ବର୍ଣ୍ଣେ ନ ଚିହ୍ନିଲେ ଚିହ୍ନ ଏବେ ହେଜ ସେ । ୩୮ ।

---

୩୭ଶ ପଦ:—ବଲ୍ଲଭସଙ୍ଗେ ପତିସହ । ବଲ୍ଲଭୀ ସ୍ତ୍ରୀ । ବାଳମୃଗାକ୍ଷୀ-ଶିଶୁ ମୃଗର ଆଖିପରି ଯାହାର ଆଖି ।

୩୮ଶ ପଦ:—ସନ୍ନିଧାନେ-ସମୀପରେ ବା ନିକଟରେ । ଚିହ୍ନ—ସଙ୍କେତ

---

୩୭ଶ ପଦ—"ପତ୍ନୀ ପତିସହ ଚିତାଅଗ୍ନିରେ ପ୍ରବେଶ କରେ, ମାତ୍ର ସେହି କଥା ଏଠାରେ ଉପଗୀତ ହେବ । ( ବର୍ତ୍ତମାନ ମୁଁ ତୋ ସହିତ ଅଗ୍ନିରେ ପ୍ରବେଶ କରିବି )। କିନ୍ତୁ ଏହା ଅନୁଚିତ ହୋଇଯାଇ ନ ପାରେ କାରଣ ଉପଗୀତ ରୀତି କରିବା ସମୟରେ ସ୍ତ୍ରୀ ଯାହା କି ପୁରୁଷର ଅଧିକାର ବା ସ୍ଥାନ ଲାଭ କରିଥାଏ, ତାହା କଣ ବିଫଳ ହୋଇଯିବ କି ? ( ନିଶ୍ଚୟ ସଫଳ ହେବ )। ଶୀଘ୍ର ଅଗ୍ନି ଆଣି ଗାତ ଖୋଳ ।" ରାମଚନ୍ଦ୍ର ଏହିପରି ଉଚ୍ଚ ସ୍ୱରରେ କହିବାକୁ ଲାଗିଲେ ।

୩୮ଶ ପଦ:—'ରାମ ମୃତା ମାୟାସୀତାସହ ଚିତାରେ ପ୍ରବେଶ କରୁଛନ୍ତି, ଏହି କଥା ଅଶୋକ ବନରେ ପ୍ରଚାରିତ ହୁଅନ୍ତେ, ତ୍ରିଜଟା, ସରମା ପ୍ରଭୃତି ସୀତାଙ୍କର ସଖୀମାନେ ତାଙ୍କ ନିକଟକୁ ଆସି, ଏହି କଥା କହି ହସିବାକୁ ଲାଗିଲେ ଏବଂ ଜଣେ ରାକ୍ଷସୀଙ୍କୁ ବିଭୀଷଣଙ୍କ ନିକଟକୁ ପଠାଇଲେ । ସେହି ରାକ୍ଷସୀ ବାନର ରୂପ ଧାରଣ ପୂର୍ବକ ଆଗମନ କରି ବିଭୀଷଣଙ୍କ କାନରେ ସମସ୍ତ କଥା କହି ଫେରିଗଲା । ତହୁଁ ବିଭୀଷଣ ରାମଚନ୍ଦ୍ରଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ, "ପ୍ରଭୋ ! ଏ ଶବକୁ ତ୍ୟାଗ କରନ୍ତୁ । ଯଦି ବର୍ଣ୍ଣ ଦେଖି ଆପଣ ଏହାକୁ ଚିହ୍ନିପାରୁ ନାହାନ୍ତି ତାହା ହେଲେ ଏବେ ଚିହ୍ନ ଦେଖି ହେଜନ୍ତୁ-ଏ ପ୍ରକୃତ ସୀତା କି ?"

ବାୟୁଜେ ପୁଚ୍ଛେ ଆସ୍ୟ ସେ     ଆନ ନୋହେ ସୀତା ଏ ଯେ
ସର୍ବ ବାଣୀ ସ୍ପର୍ଶିଲେ ଆନନ ।
ବିଧୁନ୍ତୁଦେ ହୋଇ ଯାଇ     ଉତ୍ସଙ୍ଗେ ହୀନକ୍ଷୋଭ
ନିଶାପତି ପତନ ବିଧାନ ସେ ।
ବେଗେ ଆଣି । ବନଜକରେ ଅଧର ସ୍ପର୍ଶି ।
ବଳିପୁଷ୍ଟକ୍ଷତ ଦେଖେ ରହି ନାହିଁ ସେ ।୩୯।

ବନ୍ଦିଲେ ସେହି କାକରେ     ରଖିଲେ ନାହିଁ କୋଳରେ
ଶବକୁ ସର୍ବେ ସେ କଥା କହି ।
ବଚନ ଭଣେ ମାରୁତି     ରହିଲ ଏହି ସୁମୂର୍ତ୍ତି
ଶ୍ରୁତିରେ ଏ କଥା ଶୁଣା ନାହିଁ ଯେ ।
ବିଭୀଷଣ । ଭଣ୍ୟାର ପ୍ରୟାଗ ତୀର୍ଥେ ଶ୍ୱାସ ।
ବୋଧ ହେଲା ଶୁଣି ସମସ୍ତ ମାନସ ସେ । ୪୦ ।

---

୩୯ଶ ପଦ:—ବାୟୁଜ—ହନୁମାନ୍ । ଆସ୍ୟ—ମୁଖ । ବିଧୁନ୍ତୁଦ—ରାହୁ । ନିଶାପତି—ଚନ୍ଦ୍ର । ବନଜକର—ପଦ୍ମହସ୍ତ । ବଳିପୁଷ୍ଟକ୍ଷତ—କାକଘାତଚିହ୍ନ ।

୪୦ଶ ପଦ:—ବନ୍ଦିଲେ—ପ୍ରଶଂସା କଲେ । ମାରୁତି—ହନୁମାନ । ଶ୍ରୁତିରେ—କର୍ଣ୍ଣରେ, ବେଦରେ । ସୁମୂର୍ତ୍ତି—ଉତ୍ତମ ମୂର୍ତ୍ତି, ସ୍ମୃତି ଶାସ୍ତ୍ର ।

---

୩୯ଶ ପଦ:—ବିଭୀଷଣଠାରୁ ଏହିପରି କଥା ଶୁଣି, ରାମଚନ୍ଦ୍ର ହନୁମାନଙ୍କୁ ପଚାରିଲେ, 'ଏହି ରମଣୀ ସୀତା କି ଅନ୍ୟ ଜଣେ କି ?' ଏହିକଥା କହିବା ପରେ ସେହି ସ୍ତ୍ରୀରମୁଖକୁ ଦେଖିଲେ । ସେହି ମୁଖ ରାହୁଗ୍ରସ୍ତ ଚନ୍ଦ୍ର ପରି ଜ୍ୟୋତିହୀନ ହୋଇ ଭୂତଳରେ ପତିତ ହୋଇଥିଲା । ରାମଚନ୍ଦ୍ର ସ୍ୱୀୟ ପଦ୍ମ-ହସ୍ତରେ ଶୀଘ୍ର ସେହି ମୁଖକୁ ଉଠାଇ ଆଣି ତାହାର ଓଷ୍ଠକୁ ସ୍ପର୍ଶିଲେ କିନ୍ତୁ ସେଥିରେ କାକର ଚଞ୍ଚୁକ୍ଷତ ଚିହ୍ନ ଥିବାର ଦେଖିଲେ ନାହିଁ ।

୪୦ଶ ପଦ:—ଏହି ସମୟରେ ସେ କାକକୁ ବହୁତ ପ୍ରଶଂସା କରିବାକୁ ଲାଗିଲେ ଓ ଶବକୁ କୋଳରୁ ଦୂରକୁ ପକାଇ ଦେଇ ସମସ୍ତଙ୍କୁ ସେହି କାକ ଚଞ୍ଚୁକ୍ଷତ କଥା କହିଲେ । ତହିଁରେ ହନୁମାନ୍ ଆଶ୍ଚର୍ଯ୍ୟ ହୋଇ କହିଲା, "ଇନ୍ଦ୍ରଜିତ ଏପରି ସୁନ୍ଦରମୂର୍ତ୍ତି କିପରି ନିର୍ମାଣ କଲା ? ଏପରି କଥାଟି ତ ବେଦରେ କିମ୍ବା ମନ୍ୱାଦି ଧର୍ମଶାସ୍ତ୍ର ମାନଙ୍କରେ ମଧ୍ୟ ଶୁଣା ନାହିଁ ।" ବିଭୀଷଣ କହିଲେ, "ସେହି ସ୍ତ୍ରୀ ପ୍ରୟାଗ ତୀର୍ଥରେ ଶ୍ୱାସତେଜି ଏପରି ମୂର୍ତ୍ତି ଧାରଣ କରିଥିଲା ।" ଏହି କଥାଶୁଣି ସମସ୍ତଙ୍କ ମନ ବୋଧ ହେଲା

ପ୍ରଥମ ସମସ୍ୟା ପୂର୍ଣ୍ଣ ପତ୍ନୀକ ପତି ଲୋକନ
କରି ନ ଚିହ୍ନିବା ଏଣୁଠାରେ ।
ବାରାନିଧିରେ ପକାଇ ସେ ଶବ ସର୍ବରେ ନେଇ
ସ୍ନାନ ସାରି ଗଲେ ସୁବେଳରେ ସେ ।
ବିଭାବରୀ । ପ୍ରକାଶିତ ହୋଇଲା ଏମନ୍ତେ ।
ବଢ଼ାଇ ଅଶନ ଶୟନ ସମସ୍ତେ ସେ । ୪୧ ।

ଭଦର୍ଧ ଦୂତେ ରାବଣ ଏମନ୍ତ କରି ଶ୍ରବଣ
ଭଦର୍ଧ ତାପେ ଝୁରି କଲା ।
ବଳ ବୁଦ୍ଧି ଏ ସଗର— ବଂଶୀକାରନ୍ତରେ ସ୍ଥଳ
ନ ପାଇ ନିଷ୍ଟସ୍ତ ବୁଡ଼ିଗଲା ସେ ।
ବଡ଼ ରମ୍ୟ । ବୟାଳିଶ ପଦେ ଏହି ଛାନ୍ଦ
ବୋଲେ ଉପଇନ୍ଦ୍ର ବନ୍ଦି ରାମଚନ୍ଦ୍ର ସେ । ୪୨ ।

---

୪୧ଶ ପଦ:—ବାରନିଧି-ସମୁଦ୍ର । ଲବଣ୍ୟନିଧି-ସୁନ୍ଦରୀ । ଅଶନ—ଭୋଜନ ।

୪୨ଶ ପଦ:— ଭଦର୍ଧତାପେ-ସନ୍ତପ୍ତହୋଇ । ସଗରବଂଶିକାରନ୍ତ—ସଗରଙ୍କ ପୁତ୍ରମାନଙ୍କ କୀର୍ତ୍ତି । ଭଦର୍ଧ—ଚତୁର ।

---

୪୧ଶ ପଦ:—ପତି ରାମଚନ୍ଦ୍ର ଏହି ମାୟା ରମଣୀକୁ ଦେଖି ପତ୍ନୀ ସୀତାଙ୍କୁ ଚିହ୍ନି ନ ପାରିବାରୁ ଏଠାରେ ଆଶ୍ଚର୍ଯ୍ୟ ଘଟଣା ଉପସ୍ଥିତ ହେଲା । ଏହି ଘଟଣାର ପରେ ସମସ୍ତେ ଶବକୁ ଯତ୍ନପୂର୍ବକ ନେଇ ସମୁଦ୍ରରେ ପକାଇଲେ ଏବଂ ସ୍ନାନ ସାରି ସୁବେଳ ପର୍ବତକୁ ଗମନ କଲେ । ଏହି ସମୟରେ ରାତ୍ରି ଉପସ୍ଥିତ ହେବାରୁ ସମସ୍ତେ ଭୋଜନ ଶେଷକରି ଶୋଇଲେ ।

୪୨ଶ ପଦ:—ରାବଣ ଚତୁର ଦୂତମାନଙ୍କଠାରୁ ଏହି ସବୁ କଥା ଶୁଣି ଅତ୍ୟନ୍ତ ମନୋଦୁଃଖରେ ସନ୍ତପ୍ତ ଝୁରିକଲା, ମୋର ବଳ ଓ ବୁଦ୍ଧି ଏହି ସଗର-ବଂଶୀୟ ରାମଚନ୍ଦ୍ରଙ୍କ କୀର୍ତ୍ତି ସମୁଦ୍ରରେ ସ୍ଥଳକୂଳ ନ ପାଇ ବୁଡ଼ିଲା (ଅର୍ଥାତ୍ ମୋର ମରଣ ସୁନିଶ୍ଚିତ) ରାମଚନ୍ଦ୍ରଙ୍କୁ ସ୍ତୁତି କରି ବୟାଳିଶ ପଦରେ ମନୋହର ଏହି ଛାନ୍ଦକୁ ଉପେନ୍ଦ୍ର ଭଞ୍ଜ ରଚନା କଲେ ।

—୦—

## ଷଟ୍‌ ଚତ୍ୱାରିଂଶ ଛାନ୍ଦ

ରାଗ—କାମୋଦୀ

ରୁକ୍ମଣୀ ଚଉତିଶା ବାଣୀରେ
ବୁଝ ଆହେ ସୁମନେ ନିଦ୍ରାବଶେ ସୁମନେ ସଂବେଶ ଆବେଶ ଶ୍ରୀରାମ ।
ବସୁଧା ସୁଧାମୟୀ ବିଶୁଦ୍ଧା ସୁଧା ପିଇ ସୁଧାଂଶୁନିଭ ଛବେ ରମ୍ୟ ସେ ।
ବଶି ଶୁଭ୍ର । ବଜ୍ର ସିଂହାସନରେ ତନ୍ଥ ।
ବଶି ଶୁଭ୍ର । ବସନେ ବିରାଜିତ ହୋଇ ।
ବରବର୍ଣ୍ଣିନୀ ସୀତା ବରବର୍ଣ୍ଣିନା ଯୁକ୍ତା କୋଳରେ ଅଛନ୍ତି ବସାଇ ସେ ।୧।

---

୧ମ ପଦ:-ସୁମନେ-ପଣ୍ଡିତମାନେ । ସୁମନେ—ଉତ୍ତମ ମନରେ । ସଂବେଶ-ସ୍ୱପ୍ନ । ଆବେଶ-ଆବିର୍ଭୂତ । ବସୁଧା-ପୃଥିବୀ । ସୁଧାମୟୀ—ଚୂର୍ଣ୍ଣଲିପ୍ତା ବିଶୁଦ୍ଧା-ପବିତ୍ରା । ସୁଧା-ଅମୃତ । ସୁଧାଂଶୁନିଭଛବେ—ଚନ୍ଦ୍ରକିରଣ ତୁଲ୍ୟ ଛବିରେ । ରମ୍ୟ—ମନୋହର । ବଜ୍ର ସିଂହାସନ-ହୀରକଖଚିତ ସିଂହାସନ । ବରବର୍ଣ୍ଣିନୀ-ବରାଙ୍ଗନା । ବରବର୍ଣ୍ଣିନାଯୁକ୍ତା-ହଳଦୀ ବୋଳା ହୋଇ । ଶୁଭ୍ର-ଉଜ୍ଜ୍ୱଳ । ଶୁଭ୍ର—ଶୁକ୍ଳ । ବସି—କାନ୍ତିଯୁକ୍ତ ।

---

## ଷଟ୍‌ ଚତ୍ୱାରିଂଶ ଛାନ୍ଦ

୧ମ ପଦ:—ହେ ପଣ୍ଡିତମାନେ ! ଧୀରଚିତ୍ତରେ ବୁଝିବା ହୁଅନ୍ତୁ ! ନିଦ୍ରାଭିଭୂତ ରାମଚନ୍ଦ୍ର ସ୍ୱପ୍ନ ଦେଖିଲେ ଯେ, ଭୂମି ଚୂର୍ଣ୍ଣରେ ଲିପାହୋଇ ଅଛି, ସେ ନିଜେ ବିଶୁଦ୍ଧ ଅମୃତ ପାନ କରୁଅଛନ୍ତି, ମନୋହର ଚନ୍ଦ୍ରକିରଣ ତୁଲ୍ୟ ଅତି ଶୁଭ୍ର ଛବି ତାଙ୍କର ମସ୍ତକ ଉପରେ ଟେକା ହେଉଅଛି; ସେ ଅତି ଉଜ୍ଜ୍ୱଳ ଶୁକ୍ଳହୀରକକଳମଣ୍ଡିତ ମନୋରମ ସିଂହାସନରେ ଉପବେଶନ କରି ଅଛନ୍ତି ଏବଂ ଶୁକ୍ଳ ବସ୍ତ୍ର ପରିଧାନ କରି ହରିଦ୍ରାରଞ୍ଜିତ କଳେବର ପରମାସୁନ୍ଦରୀ ସୀତାଙ୍କୁ କୋଳରେ ଧାରଣ କରିଅଛନ୍ତି ( ଅର୍ଥାତ୍ ସେ ରାଜପଦରେ ଅଭିଷିକ୍ତ ହେଉଅଛନ୍ତି )

ଉଡାଉ ଉଡ୍ଡାୟୁତେ ଅର୍ଜ୍ଜୁନପାରାବଂଶେ ବଂଶେ ଗଳିତ ସେ ତଗ୍ଳ ।
ବଶିଷ୍ଠ କୁମ୍ଭଜଙ୍କ ବଶିଷ୍ଠ କୁମ୍ଭ ଯଙ୍କ ସାତକୁମ୍ଭରେ ଢାଳେ ଜଳ ସେ ।
ବାର ବାର । ବାରସ୍ତ୍ରୀମାନେ ଗୀତ ସ୍ୱର ।
ବାରବାର । ବନ୍ଦନ୍ତି ନୃତ୍ୟ ଅପସରା ।
ବରଷନ୍ତି ଶୁକଳ ସୁମନା ଯେ ସକଳ-ସୁମନା ଶୂନ୍ୟରେ ସଞ୍ଚର ସେ । ୨ ।
ବାଜି ଶଙ୍ଖାଦ ବାଦ୍ୟବ୍ରଜ ଦ୍ୱିରଦ ବାଜୀ ସ୍ୱରୂପୀ ରୂପାଗିରି ।
ଭଜନ୍ତି ପୂର୍ବମୁଖେ ରଜସ୍ୱୀ ବୀର ସୁଖେ ଜୟ ଜୟ ଶବଦ ସ୍ଫୁରି ସେ ।
ଉଧୂର ଯେ । ଉରସ ଜନ ସବୁଙ୍କର ।

---

୨ୟ ପଦ:—ଉଡ୍ଡାୟୁତେ—ଆକାଶରେ । ଅର୍ଜ୍ଜୁନପାରାବଂଶେ-ଶୁକ୍ଳ-ପାରାମାନଙ୍କୁ । ବଂଶେ—ବାଉଁଶରେ । ତଗ୍ଳ-ପତକା । କୁମ୍ଭଜ—ଅଗସ୍ତି । ବଶିଷ୍ଠ—ବଶିକର ବା ସ୍ଥିର ହୋଇ । କୁମ୍ଭ—ହସ୍ତୀ । କୁମ୍ଭସାତକୁମ୍ଭ—ସ୍ୱର୍ଣ୍ଣକଳଶ । ବାରସ୍ତ୍ରୀମାନେ—ବେଶ୍ୟାମାନେ । ସୁମନା-ଶୁକ୍ଳପୁଷ୍ପ । ସୁମନା ଦେବତାମାନେ । ଅପସରା—ଅପ୍‌ସରାମାନେ ।

୩ୟ ପଦ:—ବାଦ୍ୟବ୍ରଜ—ବାଦ୍ୟସମୂହ । ଦ୍ୱିରଦ-ହସ୍ତୀ । ବାଜୀ-ଅଶ୍ୱ । ରୂପାଗିରି—କୈଳାସ ପର୍ବତ । ସ୍ଫୁରି—ଉଚାରଣ କରି । ଉଧୁର-ତ୍ୟାଗ । ଉଧୁରଜ—କର୍ପୂରରେଣୁ । ତର୍ଚ୍ଚରି-ସ୍ୱଚେଷ୍ଟା, ହୋଲପୂର୍ଣ୍ଣିମା ଯାହା ସାନ୍ତ୍ୱଜ—ସାନଭାଇ, ଲକ୍ଷ୍ମଣ ।

---

୨ୟ ପଦ.—ଏହି ସମୟରେ ଶୁକ୍ଳପାରାବତମାନେ ଆକାଶରେ ଉଡ଼ୁଅଛନ୍ତି ଏବଂ ବାଉଁଶରେ ଶୁକ୍ଳ ପତାକା ସବୁ ବନ୍ଧା ହୋଇଛି । ବଶିଷ୍ଠ ଓ ଅଗସ୍ତ୍ୟ ଋଷି ଦୁହେଁ ବଡ଼ ବଡ଼ ସୁବର୍ଣ୍ଣ କଳଶରେ ଜଳଆଣି ତାଙ୍କ ମସ୍ତକ ଉପରେ ଢାଳୁ ଅଚନ୍ତି ( ଅର୍ଥାତ୍ ଅଭିଷେକକରୁଅଛନ୍ତି ) । ଦଳଦଳ ବେଶ୍ୟା ଆସି ତାଙ୍କ ନିକଟରେ ଗାନ କରୁଅଛନ୍ତି, ଅପ୍‌ସରାମାନେ ବାରମ୍ବାର ନୃତ୍ୟ କରୁଅଛନ୍ତି ଓ ଦେବତାମାନେ ଆକାଶରୁ ଶୁକ୍ଳପୁଷ୍ପ ବୃଷ୍ଟି କରୁଅଛନ୍ତି ।

୩ୟ ପଦ:—ଶଙ୍ଖ ପ୍ରଭୃତି ବାଦ୍ୟମାନ ବାଜୁଅଛି, କୈଳାସ ପର୍ବତ ତୁଲ୍ୟ ଶୁକ୍ଳବର୍ଣ୍ଣ ହସ୍ତୀ ଓ ଘୋଟକମାନେ ସୁସଜ୍ଜିତ ହୋଇ ଅଛନ୍ତି । ରଜସ୍ୱୀ ବୀର ରାମଚନ୍ଦ୍ର ପୂର୍ବାଭିମୁଖ ହୋଇ ଭଜେ କରିଅଛନ୍ତି । ସେହିସ୍ଥାନରେ ସର୍ବଦା ଜୟନାଦ ପ୍ରକାଶିତ ହେଉଅଛି । କର୍ପୂର ଗୁଣ୍ଡରେ ଅବିରଖେଳ ( ଫଗୁଖେଳ ) ହେଉଅଛି । ଏବଂ ସମସ୍ତେ ଆନନ୍ଦରେ ମଗ୍ନ ହୋଇ ଅଛନ୍ତି ।

ବିଧୁରଙ୍କେ । ବିଧାନ ହୋଇଛି ତାଙ୍ଗ୍ୟ ।
ବସନ୍ତେ ଯେ ବସନ୍ତ ବସନ ଚେତନ୍ତକୃତ କଥନ ସାନୁଜେ ବିସ୍ମର ସେ ।୩।
ବିଚକ୍ଷଣ ଲକ୍ଷ୍ମଣ ବୋଲେ ସେ କ୍ଷଣ କ୍ଷଣଦାରେ ଆଜ ସ୍ୱପ୍ନ ବୀକ୍ଷଣ ।
ବ୍ୟସ୍ତକେଶ ଲଙ୍କେଶସୁତ ଚଢ଼ି ମହିଷ ମହିମ ଇଚ୍ଛିଣ ଦକ୍ଷିଣ ସେ ।
ବଳୀ ସ୍ନେହ । ବିଲେପନରେ ଜର ଜର ।
ବଳ ସ୍ନେହ । ବିଷ ଭକ୍ଷେ ଲୌହପାତ୍ରର ।
ବିଭୂଷା ରଙ୍ଗବାଣେ ଭୂଷାପିବ ମୋ ବାଣେ ଏରଣେଶରଣକେ ତାର ସେ ।୪।
ବିଭୀଷଣଙ୍କୁ ଚାହିଁ ଦୂଷଣଜିତ କହି ଭୀଷଣ ଯୁଦ୍ଧ ଶକ୍ରାରିର ।
ବଳ ପ୍ରବଳ ମୋର ଧବଳକର ଗ୍ରାସେ ତମ ଗ୍ରାସୁ କବଳକର ସେ ।

---

୪ର୍ଥ ପଦ:—ବିଚକ୍ଷଣ-ବୁଦ୍ଧିମାନ । କ୍ଷଣଦା—ରାତ୍ରି । ବୀକ୍ଷଣ- ଦେଖିବା । ବ୍ୟସ୍ତକେଶ – ମୁକୁଳିତକେଶ । ଲଙ୍କେଶସୁତ-ଇନ୍ଦ୍ରଜିତ । ମହିମା-ମାହାତ୍ମ୍ୟ ଅର୍ଥାତ୍ ଗର୍ବ । ବିଭୂଷା-ସୁଶୋଭିତ । ରଙ୍ଗବାଣୀ-ପୁଷ୍ପବିଶେଷ । ଭୂଷାପିବ-ବିନ୍ଧାପିବ ।

୫ମ ପଦ:—ଦୂଷଣଜିତ—ରାମଚନ୍ଦ୍ର । ଶକ୍ରାରିର-ଇନ୍ଦ୍ରଜିତର । ବଳ —ସୈନ୍ୟ । ଧବଳକର—ଚନ୍ଦ୍ର । ତମ—ରାହୁ । କବଳକର—ଗ୍ରାସକର । ଭକ୍ଷେ—ଭକ୍ଷଦ୍ୱାରା । ବିଷାଇ—ବିଷଯୁକ୍ତ କରି ।

---

ପୀତବସନପରିଧାନକାରୀ ରାମଚନ୍ଦ୍ର ନିଦ୍ରା ତେଜି ବସନ୍ତେ, ଲକ୍ଷ୍ମଣଙ୍କୁ ଏହି ସ୍ୱପ୍ନ ବୃତ୍ତାନ୍ତ କହିଲେ ।

୪ର୍ଥ ପଦ:—ଚତୁର ଲକ୍ଷ୍ମଣ ସଙ୍ଗେ ସଙ୍ଗେ କହିଲେ, "ମୁଁ ମଧ୍ୟ ଆଜି ରାତିରେ ଗୋଟିଏ ସ୍ୱପ୍ନ ଦେଖିଅଛି । ତାହା ଏହି ଯେ ଇନ୍ଦ୍ରଜିତ ସ୍ୱୀୟ ପରାକ୍ରମ ଦେଖାଇବା ନିମିତ୍ତ କେଶ ମୁକୁଳାକରି ମହିଷାରୋହଣ ପୂର୍ବକ ଦକ୍ଷିଣ ଦିଗକୁ ଗମନ କରୁଅଛି ଏବଂ ତୈଳକର୍ଦ୍ଦରିତକାୟସେହି ଇନ୍ଦ୍ରଜିତ ରଙ୍ଗବାଣ ପୁଷ୍ପରେ ବିମଣ୍ଡିତ ହୋଇ ଲୌହପାତ୍ରରେ ବିଷଭକ୍ଷଣ କରୁଅଛି । ଏଣୁ ମୁଁ ଅନୁମାନକରୁଛି, ସେ ଯୁଦ୍ଧରେନିଃସହାୟହୋଇ ମୋ ବାଣରେମରିବ ।

୫ମ ପଦ:—ରାମଚନ୍ଦ୍ର ବିଭୀଷଣଙ୍କୁ ଚାହିଁ କହିଲେ, 'ହେ ଲଙ୍କାରାଜ ! ଇନ୍ଦ୍ରଜିତର ଯୁଦ୍ଧ ଅତିଶୟ ଭୟଙ୍କର ଅଟେ । ରାହୁ ଚନ୍ଦ୍ରଙ୍କୁ ଗ୍ରାସ କଲାପରି ସେ ମୋର ମହାବଳଶାଳୀ ସୈନ୍ୟମାନଙ୍କୁ ଗ୍ରାସ କରୁଅଛି, ଏଣୁ ମୁଁ ମଧ୍ୟ ଅତିଶୟ ଭୟକରି ପଶ୍ଚାତ୍ପଦ ହେଉଅଛି । ସେ ତାର ଶରମାନଙ୍କୁ ବିଷଲିପ୍ତ

ବଶେଷରେ । ବାତ୍ତୁଢ଼ିବ ମୁଁ ଭସ୍ମ କରି ।
ବଶେଷରେ । ବଖାଇ ଆଇ ଯେ ତାହାର ।
ବସ୍ତାରେ କେତେ ଶକ୍ତି ଗଦା ମୁଦ୍‌ଗର ଶକ୍ତି ଶୂଳ ଚକ୍ର ଚକ୍ର ପ୍ରହାର ସେ ।୬।
ବୈଶ୍ରବଣ ଶ୍ରବଣ କରାଇ ଯାହା ଆନ ଆନ ନ କରେ ଶତମନ୍ୟୁ ।
ବନାଶ ଏହା କରେ କୀନାଶ ନୋ କରେ କି ଭାଗ୍ୟେ ପାଶୋରିଛୁ ମନ୍ୟୁ ସେ
ବରଟତ । ବଢ଼ ପ୍ରତିଜ୍ଞା ତାହା ହତେ ।
ବାରଟନ୍ତି । ବଳସି ହରଷେ ମନହନ୍ତେ ।
ବ୍ରହ୍ମାର ଗର୍ବହର ସ୍ମର ତ ସ୍ମରହର ତାକୁ ଜାଳଲେ ନେତ୍ରପାତେ ସେ ।୭।
ବାଟେ ଲଙ୍କାଭୂସ୍ଥଳେ ଅବଟେ ଲଙ୍କା ତଳେ ଜାତ ଜାତବେଦରେ ହୋମ ।
ବହ୍ନି ଅଜରୁଧିରେ ଧୀରେ ମନୋରଥରେ ରଥ ଦେବ ଦଳନ ନାମ ସେ ।

---

୬ଷ୍ଠ ପଦ:—ବୈଶ୍ରବଣ—ବିଭୀଷଣ । ଶତମନ୍ୟୁ—ଇନ୍ଦ୍ର । କୀନାଶ—ଯମ । ଗର୍ବହର—ଗର୍ବଚୂର୍ଣ୍ଣକାରୀ । ସ୍ମର—କନ୍ଦର୍ପ । ସ୍ମରହର—ଶିବ । ଜାଳଲେ—ଭସ୍ମକଲେ ।

---

କରିଥାଏ । ସେ ଏକ ସମୟରେ ଗଦା, ମୁଦ୍‌ଗର, ଶକ୍ତି, ଶୂଳ ଓ ଚକ୍ର ପ୍ରଭୃତି ଅସ୍ତ୍ର ପ୍ରହାର କରି କି ଅଲୌକିକ ଶକ୍ତି ପ୍ରକାଶ ନ କରେ ?"

୬ଷ୍ଠ ପଦ:—ଏହା ଶୁଣି ବିଭୀଷଣ କହିଲେ, "ଯେଉଁ ଇନ୍ଦ୍ରଜିତର ବାଣକୁ ଇନ୍ଦ୍ର ନିବାରିତ କରିପାରନ୍ତି ନାହିଁ ଓ ଯମ ଯାହାକୁ ଭସ୍ମ କରି କହେ ଯେ, ମୋର ଭାଗ୍ୟବଶରୁ ଇନ୍ଦ୍ରଜିତ ମୋତେ ପାଶୋରି ଦେଇଛି ନଚେତ୍ ମାରିଦେଇ ପାରନ୍ତାଣି, ସେହି ଇନ୍ଦ୍ରଜିତକୁ ମାରିବା ନିମିତ୍ତ ଲକ୍ଷ୍ମଣ ଗୁରୁତର ପ୍ରତିଜ୍ଞା କରି-ଅଛନ୍ତି ।" (ଏହା ବିଭୀଷଣର ବୀରପ୍ରୋତ୍ସାହକ ବାଣୀ) ଏହା ଶୁଣି ଲକ୍ଷ୍ମଣ ପୁନର୍ବାର ଇନ୍ଦ୍ରଜିତର ବଧନିମିତ୍ତ ଦୃଢ଼ତ ପ୍ରତିଜ୍ଞା କଲେ ଏବଂ ସେହି ବୀର ଲକ୍ଷ୍ମଣଙ୍କର ମନ ମହାନନ୍ଦରେ ପ୍ରଫୁଲ୍ଲିତ ହେଲା । ସେ ଦେଖାଇ କହିଲେ, "ଯେପରି କନ୍ଦର୍ପ ବ୍ରହ୍ମାଙ୍କର ଗର୍ବ ହରଣ କରିଥିଲା ମଧ୍ୟ ମହାଦେବଙ୍କ ନେତ୍ରପାତ-ଦ୍ୱାରା ଭସ୍ମୀଭୂତ ହୋଇଥିଲା, ସେହିପରି ଇନ୍ଦ୍ରଜିତ ଦେବତାମାନଙ୍କୁ ପରାସ୍ତ କରିଥିଲେ ହେଁ ମୁଁ ତାକୁ ପଲକପାତ ମାତ୍ରକେ ବିନାଶ କରିବି । (ଆଖି ପିଞ୍ଚୁଳାକେ ମାରିବି) ।"

୭ମ ପଦ:—ବିଭୀଷଣ କହିଲେ, ଲଙ୍କାପୁରରେ ଏକ ବରଗଛ ଅଛି । ସେହି ଗଛର ତଳ ପ୍ରଦେଶରେ ଗୋଟିଏ ଗାତଅଛି, ସେହି ଗାତରେ ଥିବା ଅଗ୍ନିକୁ ମନଃକାମନା ପୂର୍ବକ ଛେଳିରକ୍ତରେ ହୋମ କଲେ ସେହି ଅଗ୍ନି ମଧ୍ୟରୁ

ବାଜୀବାର । ବାଣାସନ ତୂଣ ବହନ୍ତ ।
ବାଜବାର । ବଜ୍ରରୁ ବଳ କରେ ଘାତ ।
ବଜ୍ରୀ-ଅରାତ ଗତ ଥାଇ ଯାଉଁ ନପାତ ଯାକୁ ସୁପାତ ତେଜୁଁ ସତ ସେ ।୭।
ବେଳଦ୍ୱୟ ସେ ପାଶେ ବନ୍ଧନ ନାଗପାଶେ ବ୍ରହ୍ମାସ୍ତ୍ରେ ନାଶ କରି ଗଲା ।
ବିପତ୍ତି ଋକ୍ଷପତି ପତିତ ସେ ବିପତ୍ତି ହରିଲେ ମାରୁତିହିଁ ଥିଲା ସେ ।
ବାହାରେ ସେ । ବହୁ ବିବିଧ ଅୟୁଧକୁ ।
ବାହାରେ ସେ । ବିଗ୍ରହ ବଇରି ବଧକୁ ।
ବଟସ୍ୱର ନୋହିଣ ତସ୍କର ଆଚରଣ ଲଭେ ବରଣ ସନ୍ନିଧିକୁ ସେ ।୮।

---

୭ମ ପଦ:—ଜାତବେଦରେ—ଅଗ୍ନିରେ । ଅଜରୁଧିରେ —ଛେଳିରକ୍ତରେ ବାଜୀବାର—ଅଶ୍ୱସମୂହ, ଶରସମୂହ । ବାଣାସନ—ଧନୁ । ବଜ୍ରୀଅରାତ—ଇନ୍ଦ୍ରଜିତ । ନପାତ—ବିନାଶ କରି । ସୁପାତ—ଶଯ୍ୟା । ଅବଟ—ଗର୍ତ୍ତ ।

୮ମ ପଦ:—ବେଳଦ୍ୱୟ—ଦୁଇଥର । ପାଶେ—ପାଶଦ୍ୱାରା । ବିପତ୍ତି—ଗରୁଡ଼ । ଋକ୍ଷପତି—ଜାମ୍ବବାନ୍ । ମାରୁତି—ହନୁମାନ । ବଇରିବଧ—ଶତ୍ରୁନାଶ ବଟସ୍ୱର ନୋହିଣ—ଶବ୍ଦନହୋଇ । ତସ୍କର—ଚୋର । ବରଣ—ପ୍ରାଚୀର ।

---

ଦେବଦଳନ ନାମକ ଏକ ରଥ, ବହୁସଂଖ୍ୟକ ଘୋଡ଼ା, ଧନୁ , ତୂଣୀର ଏବଂ ବଜ୍ରଠାରୁ ଅଧିକ ଟାଣ ଶରପୁଞ୍ଜ ଉତ୍ପନ୍ନ ହୁଏ । ଯଦି ଏହାସବୁ ଇନ୍ଦ୍ରଜିତ ଲାଭ କରେ ତାହାହେଲେ କଦାପି ତୁମ୍ଭେ ତାକୁ ମାରିପାରିବ ନାହିଁ, ଏଣୁ ଯଦି ଗର୍ତ୍ତ ଥାଉଁ ଯାଇ ଶଯ୍ୟାରୁ ଉଠିବା ସମୟରେ ତାକୁ ମାରିବା ତାହେଲେ ସେ ନିଶ୍ଚୟ ମରିବ, ଏ କଥା ସତ୍ୟ ଅଟେ ।”

୮ମ ପଦ:—“ହେ ବୀର । ଇନ୍ଦ୍ରଜିତ ଯୁଦ୍ଧକ୍ଷେତ୍ରରେ ‘ଉଦୟ’ ପ୍ରକାଶିତ ହୋଇ ଆମ୍ଭମାନଙ୍କୁ ନାଗପାଶ ଓ ବ୍ରହ୍ମାସ୍ତ୍ରଦ୍ୱାରା ଦୁଇଥର ନାଶ କରିଗଲା କିନ୍ତୁ ପ୍ରଥମଥର ଆମ୍ଭମାନଙ୍କ ଉପରେ ପଡ଼ିଥିବା ବିପତ୍ତିକୁ ଗରୁଡ଼ ଓ ଦ୍ୱିତୀୟଥର ବିପତ୍ତିକୁ ହନୁମାନ ଥିବାରୁ ଜାମ୍ବବାନ ନାଶ କଲେ ( ଅର୍ଥାତ୍ ହନୁମାନ ଗନ୍ଧମାର୍ଦ୍ଦନ ପର୍ବତକୁ ଆଣିବାରୁ ବ୍ରହ୍ମାସ୍ତ୍ର ହତ ଆମ୍ଭମାନଙ୍କୁ ଜାମ୍ବବାନ୍ ଔଷଧଦେଇ ବଞ୍ଚାଇଲେ ) ଏହା ଶୁଣି ଲକ୍ଷ୍ମଣ ଶତ୍ରୁ ବଧ କରିବା ନିମିତ୍ତ ନାନାବିଧ ଆୟୁଧମାନଙ୍କୁ ବହନ କରି ନିଃଶବ୍ଦଭାବରେ ଚୋର ପରି ଯାଇ ଲଙ୍କାଗଡ଼ର ନିକଟରେ ଉପସ୍ଥିତ ହେଲେ ।

ବାଟ ପାଇ କବାଟ ଫଟୁଁ ଭଲ୍ଲୁ ମର୍କଟ ପ୍ରକଟ ପ୍ରଭୁ କଟକେ ।
ବରଟୁଁ ବରଯାତ କଙ୍କାଦ ସାର ସାନ୍ତ ରାମଙ୍କୁ ଅଟକେ ଛଟକେ ସେ ।
ବାସବାର । କେଷ୍ଟିତ ଲକ୍ଷ୍ମଣ ସବଳ ।
ବାସ ବାର । ବେଗେ ଆସି ଆରମ୍ଭି ଗେଳ
ବୋଲେ ଉଚ୍ଚେ ଏପଦ ମୃତ୍ୟୁସ୍ଥାନକୁ ପଦ ଜାଣେ ଦୁର୍ଗମ ଦୁର୍ଗମେଳ ସେ ।୯
ବଞ୍ଚିଲ ଥର ଦୁଇ ଘୁଞ୍ଚିଲ ଥର ବନ୍ଧୁ ପ୍ରାଣ ସଞ୍ଚିଲ କି ଉପାୟେ ।
ବଚ୍ଛେଦ ପିଣ୍ଡ ମୁଣ୍ଡ ଚ୍ଛେଦନ ହେବ ତୂର୍ଣ୍ଣ ବିଷାଦ ସଦରେ ନିଶ୍ଚୟ ସେ
ବଇଗ୍ରାକ । ବାଦେ କପୋତ ନକ ସର ।
ବଇଗ୍ରାକ । ବିପାକ କର୍ମ ଅଛୁ କର ।
ବିଧିରେ ଶଣପଣା ପଞ୍ଚାସ୍ୟଙ୍କୁ ଅବଞ୍ଚା ଘଟେ ଘଟକର୍ଣ୍ଣର ପର ସେ ।୧୦।

---

୯ମ ପଦ:—କଟକେ—ଗଡ଼ରେ । ଅଟକେ—ଆଟୋକି ବା ଅଟକାଇ । ଛଟକେ—କୌଶଳରେ । ବାସ ବାର—ଇନ୍ଦ୍ରଜିତ ଘର ଖୋଜ । ସବଳ-ସୈନ୍ୟ ସହିତ । ଗେଳ—ଶବ୍ଦ ।

୧୦ମ ପଦ:—ତୂର୍ଣ୍ଣ—ଶୀଘ୍ର । ବଇଗ୍ରା—ସଞ୍ଚାଣ ପକ୍ଷୀ । ବିପାକ କର୍ମ—ଦୁର୍ଭାଗ୍ୟ ବା ମନ୍ଦଭାଗ୍ୟ । ଶଣପଣା—ଠେକୁଆର କପଟ । ପଞ୍ଚାସ୍ୟ—ସିଂହ । ଘଟକର୍ଣ୍ଣ—କୁମ୍ଭକର୍ଣ୍ଣ । ଅବଞ୍ଚା—ବଞ୍ଚାଇଲ ନାହିଁ ।

---

୯ମ ପଦ: —ସକାଳ ହେବାରୁ ଲଙ୍କା ଗଡ଼ର କବାଟ ଖୋଲିଲା । ତହୁଁ ରାମଚନ୍ଦ୍ର, ଭାଲୁ ଓ ମାଙ୍କଡ଼ମାନଙ୍କ ସହ ଗଡ଼ ଭିତରେ ପ୍ରବେଶ କଲେ । ଏହି ସମୟରେ କଙ୍କ ପ୍ରଭୃତି ବିଖ୍ୟାତ ସପ୍ତବୀର ଏକତ୍ରିତ ହୋଇ ହଠାତ୍ ଆସି ରାମଚନ୍ଦ୍ରଙ୍କୁ ଅଟକାଇବାକୁ ଲାଗିଲେ । ଲକ୍ଷ୍ମଣ ଇନ୍ଦ୍ରଜିତର ଗୃହକୁ ଚାଲି ସୈନ୍ୟ-ମାନଙ୍କସହ ତାହାକୁ ଘେରାଉ କଲେ । ଏହା ଦେଖି ଇନ୍ଦ୍ରଜିତ ଅତିଶୀଘ୍ର ଆସି ଯୁଦ୍ଧଆରମ୍ଭ କଲା ଏବଂ ଏହି କଥାପଦକ ଉଚ୍ଚ ସ୍ୱରରେ କହିଲା,—"ଏହି ଦୁର୍ଗମ ଦୁର୍ଗରେ ପ୍ରବେଶ କରିବା ଦ୍ୱାରା ତୁମ୍ଭେମାନେ ଯମପୁରରେ ଉପସ୍ଥିତ ହେଲ ।" ( ଅର୍ଥାତ୍ ତୁମ୍ଭେମାନେ ଏଠାରେ ନିଶ୍ଚୟ ମରିବ ) ।

୧୦ମ ପଦ:—ପୁନର୍ବାର କହିଲା, "ତୁମ୍ଭେମାନେ ଥର ଥର ହୋଇ ଦୁଇ ଥର ଯୁଦ୍ଧଭୂମିରୁ ପଳେଇଯାଇ ଯେ କୌଣସି ଉପାୟରେ ପ୍ରାଣରକ୍ଷା କଲ; କିନ୍ତୁ ଏଥି ଥର ତୁମ୍ଭର ସେହି ଛେଦିତ ନ ହୋଇଥିବା ପିଣ୍ଡରୁ ଶୀଘ୍ର ମୁଣ୍ଡ ଛିନ୍ନ ହେବ । ନିଶ୍ଚୟ ଦୁଃଖ ତୁମ୍ଭମାନଙ୍କୁ ଆକ୍ରମଣ କରିବ । ସଞ୍ଚାଣ ସହିତ କାକ ବିବାଦ କରିବାକୁ ସକ୍ଷମ କି ? ତୁମ୍ଭମାନଙ୍କର କର୍ମର ଦୁର୍ବଳତା ହେତୁରୁ ଆମ୍ଭମାନଙ୍କୁ ଶତ୍ରୁ କରିଅଛ । ଠେକୁଆକପଟରେ ସିଂହକୁ ନାଶ କଲାପରି ତୁମ୍ଭେମାନେ କୁମ୍ଭକର୍ଣ୍ଣକୁ ବିନାଶ କରିଅଛ ମାତ୍ର ମତେ ମାରି ପାରିବ ନାହିଁ ) ।"

ବୋଲେ ରାମସୋଦର ବଢ଼ାଇ ନ ଆଦର ନିଦର ମୂଢ ତୁ କ୍ରବ୍ୟାଦ
ବିଶ୍ୱବିଧ୍ୱଂସୀ କାଳପୁରେ ତତ୍କାଳ କାଳ କାଳକଣ୍ଠରେ ରଚି ବାଦ ଯେ ।
ବିନାଶନ । ବ୍ରତଫଳ ତୋ ହେଲା ଶେଷ ।
ବିନାଶନ । ବିବାଦେ ଆଜ ମୁଁ ଅବଶ୍ୟ ।
ବିନ୍ଧାବିନ୍ଧି ମାର୍ଗଣ ଗଣନା ନାହିଁ ପୁଣି ବୋଲେ ଏ ଭାଷପ୍ରତିଭାଷସେ ।୧୧।

ବେନି ବଳ ସମରେ ବନ୍ଦୀ ହେଲେ ସମରେ ରୂଷ ରଷ ମାତ୍ରକେ ଭେଦ ।
ବବଜନ୍ତି ସେଶି (ଶୀ)ଳେ ଜନ୍ୟାଜନ୍ୟ ସକଳେ ଯୁଝେ ଶୂରେ ଶୂରେ ସମ୍ବାଦ ଦେ ।

---

୧୧ଶ ପଦ :—ରାମସୋଦର — ଲକ୍ଷ୍ମଣ । ନିଦର — ନିର୍ଭୟ । କ୍ରବ୍ୟାଦ୍ —ରାକ୍ଷସ । ବିଶ୍ୱବିଧ୍ୱଂସୀ — ସଂସାରବିନାଶୀ । କାଳ — ଯମ । ପରେ — ଶୀଘ୍ରଏ । କାଳକଣ୍ଠରେ — ଶିବଙ୍କ ସହିତ । ବିନାଶନ — ନିରାହାରରେ ।

୧୨ଶ ପଦ: — ଶିଳ — ପଥର । ଶୀଳ — ନିଜ ନିଜର ଅସ୍ତ୍ର । ଶୂରେ — ଯୋଦ୍ଧାମାନେ । ସମ୍ବାଦ — ଆରମ୍ଭ କଲେ । ହରି — ବାନର । ଅଭିରଣ[illegible]— ରତ୍ତି — ଅତିଶୟ ସମରନିପୁଣ; ବିଶିଷ୍ଟ ଯୋଦ୍ଧା ।

---

୧୧ଶ ପଦ:—ଲକ୍ଷ୍ମଣ କହିଲେ, "ରେ ରାକ୍ଷସ । ଭୟଶୂନ୍ୟହୋଇ ଆଦର ପୂର୍ବକ ବଢ଼ାଇ କରନା । ବିଶ୍ୱବିଧ୍ୱଂସକାରୀ ଯମ ମଧ୍ୟ ମହାଦେବଙ୍କ ସହିତ ବିବାଦ କଲେ ମୃତ୍ୟୁ ମୁଖରେ ପତିତ ହୁଅନ୍ତି । ତୁ କରିଥିବା ଅନଶନ ବ୍ରତର ଫଳ ଶେଷ, ହେଲା ତୋର ନିଶ୍ଚୟ ମରଣ ହେବ'ଯେ ହେତୁ ଆଜ ମୁଁ ତୋର ବିବାଦୀ ହୋଇ ଉପସ୍ଥିତ ହୋଇଅଛି ।" ଏହି କଥାର ଶେଷରେ ସେ ଦୁହେଁ ପୁନର୍ବାର ଗାଳିଗୁଲଜ ନ କରି ଅନବରତ ଅସଂଖ୍ୟ ବାଣ ବିନ୍ଧାବିନ୍ଧି କରିବାକୁ ଲାଗିଲେ ।

୧୨ଶ ପଦ:—ଏହି ଯୁଦ୍ଧରେ ଉଭୟପକ୍ଷରୁ ସମାନ ସଂଖ୍ୟକ ସେନା ବନ୍ଦୀହେଲେ କିନ୍ତୁ ସେହି ସେନାମାନଙ୍କ ମଧ୍ୟରେ ରୁଷ ଓ ରକ୍ଷ ଏତିକ ମାତ୍ର ଭେଦ ଥିଲା ( ଅର୍ଥାତ୍ ବନ୍ଦୀ ହୋଇଥିବା ଲୋକମାନେ ସେନା ଏହିନାମରେ ଏକ ଥିଲେ ମଧ୍ୟ ପ୍ରକୃତ ଜାତିନାମରେ ଲକ୍ଷ୍ମଣଙ୍କ ସେନାମାନଙ୍କଠାରେ ଉକାର୍‌ରେ ସ୍ୱଭେଦ ଦେଖାଯାଉଥିଲା ) ଉଭୟସେନା 'ଶିଳ' ଅର୍ଥାତ୍ ବାନର ସେନା ପଥର ଓ ଅସୁର ସେନା'ଶୀଳ'ନିଜ ନିଜର ଅସ୍ତ୍ର ଧରି ପ୍ରଗାଢ଼ ଯୁଦ୍ଧ କରୁଥିଲେ ଓ ସମୟରେ ଯୋଦ୍ଧାମାନଙ୍କ ମଧ୍ୟରେ ବାଗଯୁଦ୍ଧ ମଧ୍ୟ ହେଉଥିଲା । ମର୍କଟମାନେ ଯୁଦ୍ଧ କ୍ଷେତ୍ରରେ ଇତସ୍ତତ ଧାବମାନ ହୋଇ ପ୍ରବଳ ବେଗରେ

ବିହରିତ । ବିଶେଷ ହରି ହୋଇଛନ୍ତି ।
ବିହରିତ । ବିବାଦେ ପ୍ରାଣ ସେ କରନ୍ତି ।
ବୀରେନ୍ଦ୍ର ଶର ଭଳ ବଳୀ ବଳ ପ୍ରଜ୍ୱଳ ଅନ୍ତରଣୋତ୍ତରନ୍ତ ସେ । ।୧୨ ।
ବିଚିତ୍ର ଚିତ୍ରଭାନୁ ଭାନୁପର୍ଣ୍ଣୀ ସନ୍ଧାନୁ ଦନୁଜ ରାମାନୁଜ ଧୀର ।
ବିନ୍ଧି ବାଣାପବନେ ଭୁବନଜ ଜବନେ ଦେଲେ ସେ ପକାଇ ଅବ୍ଧିରେ ସେ ।
ବିତପନ । ବିଧାନ ହେଲା କେତେ ଶର ।
ବିତପନ । ବିଭବ ଦେଖି ସୌମିତ୍ରିର ।
ବଢ଼ି କ୍ରୋଧରେ ଧରେ ଧରଣର ପ୍ରହାରେ ହରେ ତା ପବି ଆୟୁଧର
ବିଧିତ ଲକ୍ଷ ଲକ୍ଷ ସେ ଶିଳୀମୁଖ ମୁଖ ତୀକ୍ଷ୍ଣ ଲକ୍ଷ୍ୟ ଦୁହିଁଙ୍କ
ବିରକ୍ତହୀନ ରକ୍ତ ଜରଜର ଜରତ ବମ୍ଭ ଆକୃତି ବହେ ଦେହେ ସେ ।

---

୧୩ଶ ପଦ:—ଚିତ୍ରଭାନୁ-ଭାନୁପର୍ଣ୍ଣୀ—ଅଗ୍ନି ରଶ୍ମି ଶର । ଦନୁଜ—ରାକ୍ଷସ । ରାମାନୁଜ—ଲକ୍ଷ୍ମଣ । ଧୀର—ଧୈର୍ଯ୍ୟଶୀଳ ବା ଶାନ୍ତ । ଭୁବନଜ—ଅଗ୍ନି ଶର । ଜବନେ—ବେଗରେ । ଅବଧିରେ—ସମୁଦ୍ରରେ । ବିତପନ—ପ୍ରଚଣ୍ଡ ତେଜ ପ୍ରକାଶକାରୀ ବା ମର୍ମବିଦାରୀ । ବିତପନ ବିଭବ-ପଟୁତା । ସୌମିତ୍ରିର—ଲକ୍ଷ୍ମଣଙ୍କର । ଧରଣର—ପର୍ବତାସ୍ତ୍ର । ପବି—ବଜ୍ର ।

୧୪ଶ ପଦ:—ଶିଳୀମୁଖ—ଶର । ଜରତବମ୍ଭ—ପାଚିଲା କଇଁଚ କାକୁଡ଼ି । ଈଷଦ୍ଧାସ୍ୟ—ମନ୍ଦହାସ୍ୟ । ଶଲ୍ୟ—କାଣ୍ଡ । ଶଲ୍ୟ—କାଣ୍ଡ । ଶଲ୍ୟ—ଝିଙ୍କପକ୍ଷୀ । ଈଶ—ଈଶ୍ୱର । ନିବାରଣ—ଯୁଦ୍ଧ, ଦ୍ୱନ୍ଦ୍ୱ ।

---

ଅସୁରମାନଙ୍କ ବିନାଶ କରୁଥିଲେ । ଏହା ଦେଖି ବଳବାନ୍ ଇନ୍ଦ୍ରଜିତ କ୍ରୋଧରେ ପ୍ରଜ୍ୱଳିତ ହୋଇ ଲକ୍ଷ୍ମଣଙ୍କଠାରୁ ବଳି ଅତ୍ୟଧିକ ରଣକୌଶଳ ପ୍ରକାଶ କରିଥିଲା ।

୧୩ଶ ପଦ:—ଇନ୍ଦ୍ରଜିତ ଚିତ୍ତବିଭ୍ରମ ପ୍ରଦାୟକ ଆଗ୍ନେୟାସ୍ତ୍ର ଧନୁରେ ସନ୍ଧାନ କରିବାରୁ ଚତୁର ଲକ୍ଷ୍ମଣ ପବନାସ୍ତ୍ର ପ୍ରୟୋଗ କରି ଅତିଶୀଘ୍ର ବଳପୂର୍ବକ ସେହି ଆଗ୍ନେୟାସ୍ତ୍ରକୁ ନେଇ ସମୁଦ୍ରରେ ପକାଇ ଦେଲେ । ତତ୍ପରେ ପ୍ରଚଣ୍ଡ ତେଜ ପ୍ରକାଶକାରୀ କେତେକ ଶର ତାହା ପ୍ରତି ନିକ୍ଷେପ କଲେ । ଇନ୍ଦ୍ରଜିତ ଲକ୍ଷ୍ମଣଙ୍କର ଏହି ଶର ପ୍ରୟୋଗପଟୁତା ପରିଦର୍ଶନ କରି କ୍ରୋଧଜର୍ଜରିତ ହୃଦୟରେ ତାଙ୍କପ୍ରତି ପର୍ବତାସ୍ତ୍ର ପ୍ରହାର କଲା । ଲକ୍ଷ୍ମଣ ସେହି ଅସ୍ତ୍ରକୁ ବଜ୍ରାସ୍ତ୍ରରେ ନିବାରଣ କଲେ ।

୧୪ଶ ପଦ:—ଦୁହିଙ୍କୁ ଦୁହେଁ ଲକ୍ଷ ଲକ୍ଷ ତୀକ୍ଷ୍ଣଶର ଧରିମାରିବାରେ ସମାନ ଅଟନ୍ତି; ଏଣୁ ଉଭୟଙ୍କର ଦେହ ରକ୍ତରେ ଜର୍ଜରିତ ହୋଇ ପାଚିଲା

ବିଦାରଣ । ବେନି ସମାନଭାବ ତହିଁ ।
ବିଦାରଣ । ବୁଦ୍ଧି କେବଳ ଅଛି ରହି ।
ବାଣ ସେବନେ ଈଶ ଈଷଦ୍ଧାସ ପ୍ରକାଶ ଶଲ୍ଲ କି ଶଲ୍ଲଭାବ ବନ୍ଧି ଯେ । ୧୪ ।
ବାତସୁତ ଶଇଳେ ପକାଇଲେ ତଇଳେ ସୂତ ମକ୍ଷିକା ପ୍ରାୟେ ତନ୍ଧି ।
ବିଭଞ୍ଜନ ସେ ଜନରଞ୍ଜନ ରଥ ପୂନ ରାଜନ ସୁତ ଉଭା ମନ୍ଥି ସେ ।
ବଧା ତାରେ । ବାଳିସୁତ ପହାରୁଁ ପିଠି ।
ବିଧାତା ରେ । ବିଜୟି-ଗର୍ବ ଗଲ୍ଲା ଛୁଟି ।
ବିଶିଖେ ତୁଳା ତୁଳା ତନୁଭଣା ବାତୁଳା ସେ କପଟୀ ବୋଧ ଲମ୍ପଟୀ ସେ । ୧୫ ।

---

୧୫ ପଦ:—ବାତସୁତ—ହନୁମାନ । ଶଇଳ—ପର୍ବତ । ବିଭଞ୍ଜନ—ଭଗ୍ନ । ଜନରଞ୍ଜନ—ଲୋକାଭିରାମ । ରାଜନସୁତ—ଇନ୍ଦ୍ରଜିତ । ବାଳିସୁତ—ଅଙ୍ଗଦ । ବିଶିଖେ—ଶରଦ୍ୱାରା । ତନୁଭଣା—ଦେହ ବିଦାର୍ଣ୍ଣ । ତୁଳା—ସମାନ । ସୂତ—ସାରଥି ।

---

କଇଞ୍ଚକାକୁଡ଼ର ଶୋଭାକୁ ଧାରଣ କଲେ ସୁଦ୍ଧା ଦୁହେଁ ଯୁଦ୍ଧ ପ୍ରତି ବିରକ୍ତ ହେଉ ନ ଥିଲେ ଓ ଦୁହେଁ ସମାନ ଭାବରେ ଯୁଦ୍ଧରେ ଅଗ୍ରସର ହେଉଥିଲେ । କାର୍ଯ୍ୟରେ ଦୁହେଁ ସମାନ ଥିଲେ ସୁଦ୍ଧା ପରସ୍ପର ମଧ୍ୟରେ ଏକମାତ୍ର ଭେଦ ବୁଦ୍ଧି ରହିଥିଲା, ତାହା ଏହି—ମହାଦେବ ବାଣାସୁରର ସେବାରେ ସନ୍ତୁଷ୍ଟ ହୋଇ ମନ୍ଦହାସ ପ୍ରକାଶ କଲାପରି ଲକ୍ଷ୍ମଣ ଇନ୍ଦ୍ରଜିତର ଶର ଦ୍ୱାରା ଆଘାତପ୍ରାପ୍ତ ହୋଇ ମନ୍ଦହାସ୍ୟ ପ୍ରକାଶ କରୁଥିଲେ ଓ ଇନ୍ଦ୍ରଜିତ ଲକ୍ଷ୍ମଣଙ୍କ ଶରଦ୍ୱାରା ବିଦ୍ଧ ହୋଇ ଝିଙ୍କପକ୍ଷୀ ତୁଲ୍ୟ ଶୋଭା ଓ ବ୍ୟବହାର ପ୍ରକାଶ କରୁଥିଲା ।

୧୫ଶ ପଦ:—ଏହି ସମୟରେ ହନୁମାନ ଗୋଟାଏ ପର୍ବତ ଫିଙ୍ଗିବାର ତେଲରେ ମାଛି ପଡ଼ି ଛଟପଟ ହୋଇ ମଲା ପରି ସେହି ପର୍ବତାଘାତରେ ଇନ୍ଦ୍ରଜିତର ସାରଥି ଛଟପଟ ହୋଇ ମଲା ଏବଂ ଇନ୍ଦ୍ରଜିତର ମନୋହର ରଥଟି ଭାଙ୍ଗି ଯିବାରୁ ସେ ପ୍ରକାର ପୂନ ହୋଇ ସୁଦ୍ଧା ତଳରେ ଠିଆ ହେବାକୁ ବାଧ୍ୟ ହୋଇଥିଲା । ଏହି ସମୟରେ ଅଙ୍ଗଦ ତାର ପିଠିରେ ଗୋଟାଏ ବିଧା ମାରିବାରୁ ତାହାର ବିଧାତାଦତ୍ତ ବିଜୟ, ଗର୍ବ ଚୂର୍ଣ୍ଣ ହୋଇଗଲା । ଲକ୍ଷ୍ମଣଙ୍କ ଶରରେ ଇନ୍ଦ୍ରଜିତର ଶରୀର ତୁଳା ପରି ଭଣି ହୋଇ ଯିବାରୁ ( କ୍ଷତ ବିକ୍ଷତ ହେବାରୁ ) ସେ ପାଗଳ ପରି ହୋଇ ଶେଷରେ କପଟ ଯୁଦ୍ଧ ପ୍ରତି ଆଦର ପ୍ରକାଶ କରି ସେହି ଯୁଦ୍ଧରେ ଜୟୀ ହେବ ବୋଲି ମନେ ମନେ ଭାବି ନିଶ୍ଚୟ କଲା ।

ବିରଥୀ ମୁଁ ଯେ ବୀର ପଦଗେ ଗପଦବୀର ରଙ୍ଗେ ବିରଙ୍ଗେ ଯଶ ହାନି ।
ବହୁବଳ ସଙ୍ଗରେ ରହିଥାଅ ସଙ୍ଗରେ ଆସଇ ଅସ୍ତ୍ର ଶସ୍ତ୍ର ଘେନି ସେ ।
ବଟେ ଯିବ ! ବ୍ୟର୍ଥ ହେବ ବିବାଦେ ମନ୍ତ୍ରି ।
ବଟେ ଯିବ ! ବିମାନ ଆଣିବ ସେ ପୂଜି ।
ବିଭୀଷଣ ଭଣନ୍ତେ ଜାଣନ୍ତେ ପରିଣତେ ଧିକ୍କାର କରି କେତେ ଗଞ୍ଜି ସେ ॥
ବସି ହିରଣ୍ମୟ ହୀରକରଥେ ମୟନପ୍ତା ହିରଣ୍ୟ ପ୍ରାପ୍ତେ ହସି ।
ବହେ ସାୟକ ଶର ପ୍ରସରି ବହ୍ନିକର ନରସିଂହ ଉପରେ ମିଶି ସେ ।

---

୧୬ଶ ପଦ:—ବିରଥୀ ରଥଶୂନ୍ୟ । ପଦଗେ—ପଦଗାମୀ । ପଦବୀରେ—ଉପାଧିରେ । ରଙ୍ଗେ—ଯୁଦ୍ଧରେ । ବିରଙ୍ଗେ—ପରାସ୍ତ ହେଲେ । ବଟେ-ଠକିଦେଇ ବ୍ୟର୍ଥ—ନିରର୍ଥକ ବା ବୃଥା । ବଟେ—ବଟମୂଳରେ । ପରିଣତେ—ଶେଷରେ ।

୧୭ଶ ପଦ:—ମୟନପ୍ତା—ମୟରାକ୍ଷସର ନାତି ଇନ୍ଦ୍ରଜିତ । ହିରଣ୍ୟ ରାକ୍ଷସବିଶେଷ ( ହିରଣ୍ୟକଶିପୁ ) । ସାୟକ—ଧନୁ । ନରସିଂହ—ନରଶ୍ରେଷ୍ଠ

---

୧୬ଶ ପଦ:—ତହୁଁ ସେ ଲକ୍ଷ୍ମଣ କହିଲା, "ହେ ବୀର ! ବର୍ତ୍ତମାନ ମୁଁ ରଥହୀନ ହୋଇ ପାଦଗତରେ ପଥ ଅତିକ୍ରମ କରୁ କରୁ, ଯଦି ଯୁଦ୍ଧରେ ପରାସ୍ତ ହୁଏଁ, ତାହା ହେଲେ ନିଶ୍ଚୟ ତୁମ୍ଭର ନିନ୍ଦା ହେବ । ଏଣୁ ତୁମ୍ଭେ ମୋର ଅସଂଖ୍ୟ ସେନାମାନଙ୍କରସହ ଯୁଦ୍ଧରେ ବ୍ୟାପୃତ ହୋଇଥାଅ । ମୁଁ ଅସ୍ତ୍ର, ଶସ୍ତ୍ର ନେଇ ଆସୁଛି ।" ଇନ୍ଦ୍ରଜିତର ଏହିପରି କଥା ଶୁଣି ବିଭୀଷଣ ଲକ୍ଷ୍ମଣଙ୍କୁ କହିଲେ, 'ଏହି ଇନ୍ଦ୍ରଜିତ ତୁମ୍ଭଙ୍କୁ ଏପରି କହି ଠକିଦେଇଯିବ । ସେ ଏଠାରୁ ଯାଇ ନିକୁମ୍ଭିଳା ବଟକୁ ପୂଜା କରି ବିମାନ ଆଣିଲେ ଆମ୍ଭମାନଙ୍କର ଯୁଦ୍ଧ ବିଫଳ ହେବ । ବିଭୀଷଣ ଏହା କହିବାରୁ ଜାଣିପାରି ଇନ୍ଦ୍ରଜିତ ଶେଷରେ ତାହାଙ୍କୁ ନାନାପ୍ରକାର ଗାଳି ଦେଲା ।

୧୭ଶ ପଦ:—ତତ୍ପରେ ଇନ୍ଦ୍ରଜିତ ହୀରକ ଖଚିତ ସ୍ୱର୍ଣ୍ଣନିର୍ମିତ ରଥରେ ଆରୋହଣ କରି ହିରଣ୍ୟକଶିପୁ ରାକ୍ଷସ ପରି ଦେଖାଗଲା ଏବଂ ହିରଣ୍ୟକଶିପୁ ଯେପରି ଖଡ୍ଗ ଧାରଣ କରି ନରସିଂହ ମୂର୍ତ୍ତିଙ୍କୁ ଆକ୍ରମଣ କରିଥିଲା, ଇନ୍ଦ୍ରଜିତ ସେହିପରି ଶୀଘ୍ରଶର ନିକ୍ଷେପ କରି ଲକ୍ଷ୍ମଣଙ୍କୁ ଆକ୍ରମଣ କଲା । ଗଣେଶ ଯୁଦ୍ଧ କ୍ଷେତ୍ରରେ ବଳ-ମୁଖ ପ୍ରଭୃତି ସ୍ୱୀୟ ଅନୁଚରବର୍ଗଙ୍କୁ ଉତ୍ସାହିତ କରି ଶତ୍ରୁ ପ୍ରତି ଶର ନିକ୍ଷେପ କଲା ପରି ବଳଶାଳୀ ଲକ୍ଷ୍ମଣ ମଧ୍ୟ ମର୍କଟମାନଙ୍କୁ ଉତ୍ସାହିତ କରି ଇନ୍ଦ୍ରଜିତ ଉପରକୁ ଶର ନିକ୍ଷେପ କରିବାକୁ ଲାଗିଲେ । ଏହି ଲକ୍ଷ୍ମଣ ନିକ୍ଷିପ୍ତ

ବିଘ୍ନରାଜ । ବଳି ମୁଖଙ୍କୁ ଚେତା କରି ।
ବିଘ୍ନରାଜ ! ବିଜୃମ୍ଭି କରିକୁ ବିସ୍ତାରି ।
ବିସେ ଚେତନା ପାଇ ଥିଲେ ପତନ ହୋଇ ବିପର୍ଣୀ ମନ୍ତ୍ର ପୁନଃମାରି ସେ ॥
ବଳେ ସେ ଐରାବତ ବତ ମେରୁ ପର୍ବତ ଦନ୍ତବର ପ୍ରହାରି କି ଦନ୍ତ ।
ବିଘାତରେ ତାତରେ ରକ୍ତଧାର ସନ୍ତରେ ଗୈରୁଯୁକ୍ତ ଜାହ୍ନବୀ ମତ ସେ ।
ବୀର ଶରେ । ବ୍ୟଥିତ ପ୍ରସୂ ସେ ଲପନ ।
ବିରସରେ । ବିଦ୍ୱେ ଫୁତ୍କୃତ ପୁନଃ ପୁନଃ ।

---

ବୋଲନ୍ତି ଯେ ଜଗତେ କ୍ଷତ୍ରିୟ ଏ ସଇତେ ଗତେ ନଥିଲି ହୋଇ ଧନ୍ୟସେ ॥
ଲକ୍ଷ୍ମଣ । ବିଘ୍ନରାଜ—ଗଣେଶ । ବଳିମୁଖଙ୍କୁ—ବାନରମାନଙ୍କୁ । ବିପର୍ଣୀ—ତିନିଗୋଟି କାଣ୍ଡ ।

୧୮ଶ ପଦ:—ଐରାବତ—ଇନ୍ଦ୍ରଙ୍କର ହସ୍ତୀ । ବିଘାତ-ଆଘାତ । ଜାହ୍ନବୀ—ଗଙ୍ଗା । ବ୍ୟଥିତପ୍ରସୂ—ବ୍ୟଥା ଜାତ କରିବା । ଲପନ—ମୁଖ ।

---

ଶରମାନଙ୍କ ଦ୍ୱାରା ଇନ୍ଦ୍ରଜିତର ବୀରତ୍ୱ ନଷ୍ଟ ହେବାରୁ ସେ କ୍ଷତ୍ରିୟ ସୁଲଭଧୈର୍ଯ୍ୟ ବୀର୍ଯ୍ୟ, ପରାକ୍ରମ ହରାଇ ହସ୍ତ ବିସ୍ତାର ପୂର୍ବକ ଭୂତଳରେ ପତିତ ହୋଇ ମୂର୍ଚ୍ଛିତ ହେଲା । ପୁଣି କିଛିକ୍ଷଣ ପରେ ଚେତନା ପାଇ ଅଭିମନ୍ତ୍ରିତ କରି ତିନିଗୋଟି ଶର ଲକ୍ଷ୍ମଣଙ୍କ ପ୍ରତି ନିକ୍ଷେପ କଲା ।

୧୮ଶ ପଦ:—ସେହି ତିନିଗୋଟି ଶର ଲକ୍ଷ୍ମଣଙ୍କ କପୋଳ ଦେଶରେ ବିଦ୍ଧ ହେବାରୁ ରକ୍ତଧାର ପ୍ରବାହିତ ହେଲା । ତାହା ଦେଖି ମନେ ହେଲା ଇନ୍ଦ୍ରଜିତ ରୂପୀ ଐରାବତ ନିଜର ସମୁଦାୟ ବଳ ପ୍ରୟୋଗ କରି ଲକ୍ଷ୍ମଣଙ୍କର କପୋଳ ରୂପ ମେରୁ ପର୍ବତକୁ ଶର ରୂପୀ ଦନ୍ତଦ୍ୱାରା ଆଘାତ କଲାକି ? ଯେହେତୁ ସେହି ଘାତ ଜନିତ ଚଞ୍ଚଳ ରକ୍ତଧାର ପ୍ରବାହିତ ହୋଇ ଗୈରିକ ରଞ୍ଜିତ ଗଙ୍ଗା ପ୍ରବାହ ପରି ଦେଖା ଯାଉଥିଲା । ଏହି ସମୟରେ ତାଙ୍କର ମୁଖରେ ତୀବ୍ର ଯନ୍ତ୍ରଣା ଉତ୍ପନ୍ନ ହେବାରୁ ସେ ଦୁଃଖିତ ବା ବିଷଣ୍ଣ ହୋଇ ଫୁତ୍କାର କରିବାକୁ ଲାଗିଲେ ଅର୍ଥାତ୍ ଶରଦ୍ୱାରା ଛିନ୍ନ ହୋଇଥିବା କପୋଳରେ ଜ୍ୱାଳା ଯନ୍ତ୍ରଣା ଆରମ୍ଭ ହେବାରୁ ଲକ୍ଷ୍ମଣ ନିଜେ ନିଜର ମୁଖକୁ ଫୁଙ୍କିବାକୁ ଲାଗିଲେ । ତତ୍ପରେ କହିଲେ, "ବୋଧହୁଏ ପୂର୍ବକାଳରେ ଏପରି ପ୍ରଶଂସନୀୟ ଯୋଦ୍ଧା ଆଉ ଜଗତରେ ନ ଥିଲେ ।

ବତାଇ ବିଭୀଷଣ ଚେତାଇ ସେହିକ୍ଷଣ ତାଇଲା ପ୍ରାୟେ ଲୋହାନଳେ ।
ବଦନ ବ୍ୟଥିତଙ୍କୁ ପ୍ରତିଜ୍ଞା କଥିତଙ୍କୁ ସ୍ମିତ ନ କରି ଚିତ୍ତେ ବୋଲେ ସେ ।
ବିଭାବସୁ । ବଂଶଭୂଷଣଙ୍କୁ ନିପୁଣ ।
ବିଭାବସୁ । ବିଭାତି ଦେବରିପୁ ତୃଣ ।
ବିଧ୍ୱଂସ ସତ୍ୟବାଦୀ ବୋଲାଇ ସତ୍ୟବାଦ ହକାର ହାର କ କାରଣ ସେ ।୧୯।
ବାଣୀ କୁଟିଳ ପାଇ ଭ୍ରୂକୁଟିକି କମ୍ପାଇ କୁଣ୍ଠୀ ହେଲେ ମାରଣେ ତାର ।
ବାହଲି ବାଣୋତ୍ତମ ପ୍ରୟୋଗେ କେତୁ ତମ ତାରତମ କଲେ ତତ୍ପର ସେ ।
ବିଗ୍ରହ ଯେ । ବିଶୁଦ୍ଧ ଯେଉଁକାଳେ ହେଲା ।
ବିଗ୍ରହ ଯେ । ବସୁଧା ଉପରେ ପଡ଼ିଲା ।
ବିହରୁତ ମରୁତସୁତ ନୃତ୍ୟ କରନ୍ତ ଶବେ ନୈର୍‌ଋତ ଛବି ହେଲା ସେ ।୨୦।

---

୧୯ଶ ପଦ:—ବିଭାବସୁବଂଶ—ସୂର୍ଯ୍ୟବଂଶ । ଦେବରିପୁ—ଇନ୍ଦ୍ରଜିତ
ବିଭାବସୁ—ଅଗ୍ନି ।

୨୦ଶ ପଦ:—କୁଟିଳ—ଛଳ । ବିଗ୍ରହ—ଯୁଦ୍ଧ । ମରୁତସୁତ—ହନୁମାନ । କୁଣ୍ଠୀ—ମାୟାବୀ ।

---

୧୯ଶ ପଦ:—ବିଭୀଷଣ ଲୁହାକୁ ଅଗ୍ନିରେ ତାଇ ଉତ୍ତପ୍ତ କଲା ପରି ସେହିକ୍ଷଣି ଲକ୍ଷ୍ମଣଙ୍କୁ ପୂର୍ବକଥା ସ୍ମରଣ ପୂର୍ବକ ଉତ୍ତେଜିତ କରି କହିଲେ, "ତୁମ୍ଭେ ଯନ୍ତ୍ରଣା ଭୋଗ କରୁଅଛ କିନ୍ତୁ ଯେଉଁ ପ୍ରତିଜ୍ଞା ପ୍ରକାଶ କରିଥିଲ ତାକୁ ଅରେ ମାତ୍ର ଚିତ୍ତରେ ସ୍ଥାନ ଦେଉ ନାହିଁ । ହେ ସୂର୍ଯ୍ୟବଂଶ-ମଣ୍ଡନ ! ହେ ଚତୁର ! ତୁମ୍ଭେ ଅଗ୍ନି ତୁଲ୍ୟ ତେଜ ପ୍ରକାଶ କରି ତୃଣ ସଦୃଶ ଇନ୍ଦ୍ରଜିତକୁ ଭସ୍ମ କର । ତୁମ୍ଭେ ସତ୍ୟବାଦୀ ହୋଇ ବର୍ତ୍ତମାନ ଯେ ସତ୍ୟର ଅପଳାପ କରୁଅଛ, ଏହାର କାରଣ କଣ ମୁଁ ଜାଣିପାରୁ ନାହିଁ ।"

୨୦ଶ ପଦ:—ଲକ୍ଷ୍ମଣ ବିଭୀଷଣଠାରୁ ଏହି ଛଳପୂର୍ଣ୍ଣ କଥା ଶ୍ରବଣ କରି ଇନ୍ଦ୍ରଜିତକୁ ବିନାଶ କରିବା ନିମିତ୍ତ ଭ୍ରୂଲତା କୁଞ୍ଚିତ ପୂର୍ବକ କପଟ ରଚନା କରିବାକୁ ଲାଗିଲେ ଏବଂ ସଙ୍ଗେ ସଙ୍ଗେ ଅତି ଉତ୍ତମ ବାହଲଶରକୁ ପ୍ରୟୋଗ କରି ଇନ୍ଦ୍ରଜିତକୁ ସହଜ ଓ କେତୁତୁଲ୍ୟ ଦୁଇଖଣ୍ଡ କରି ପକାଇଲେ । ଇନ୍ଦ୍ରଜିତ ଦ୍ୱିଖଣ୍ଡିତ ହେବାରୁ ଯୁଦ୍ଧଭୂମି ପରିଷ୍କାର ଦେଖାଗଲା । ଇନ୍ଦ୍ରଜିତର ଶବ ପୃଥିବୀ ଉପରେ ପଡ଼ିବାର ଦେଖି ହନୁମାନ ଆନନ୍ଦ ଧ୍ୱନି ପ୍ରକାଶ କରି ଯେଉଁ ଶବ ଉପରେ ନୃତ୍ୟ କରିବାକୁ ଲାଗିଲା । ସେତେବେଳେ ହନୁମାନ ଶବାରୂଢ଼ ନୈର୍‌ଋତ ଦେବତାଙ୍କପରି ଦେଖାଯାଉଥିଲା ।

ବିଘାଣ୍ଟି ରମ ରାମ ବିଣ୍ଟାଏ ଅବିଶ୍ରାମ କଙ୍କ କୁତୁକ ପକ୍ଷି ବଶେ ।
ବଧିକ ସେ ଧଙ୍କରେ କି ଶିବ ଅନ୍ଧକରେ ସିଂହକୁ ଶରଭରେ ନାଶେ ସେ ।
ବିଧିରେ ସେ । କର୍ଣ୍ଣିକଭେଦରେ ସେ ମହୀଶ ।
ବିଧିରେ ସେ । ବିଳାସ ତୁରଙ୍ଗର ଶେଷ ।
ବେଶ୍ୱରେ ସେ ଅଲୋପୀ ସେ ବର୍ଣ୍ଣ ଗୁପ୍ତରୂପୀ ଅଲୋପୀ ସଲୋପୀ ଯତ୍ନେଶ ସେ ॥
ବିକର୍ତ୍ତନ କର୍ତ୍ତନଶରେ ନାକମାର୍ଗଣ ନାକରେ ଦେବଦଣ୍ଡ ଥୋଇ ।
ବିଛିନ୍ନତା ହୁଦର ତରଶରେ ସୋଦର ସୁନ୍ଦଶ୍ରୀର କଥା ହୋଇ ସେ ।

---

୨୧ଶ ପଦ:—ବିଘାଣ୍ଟି—ମାରିଲେ । ରମ—ମନୋହର । ରାମ—ରାମଚନ୍ଦ୍ର । ପକ୍ଷିବଶେ—ସଞ୍ଚାଣପକ୍ଷୀ ପରି, ଶରଯୋଗେଁ । ଅନ୍ଧକ—ରାକ୍ଷସବିଶେଷ ( ଶିବ ଯାହାକୁ ବିନାଶ କରିଥିଲେ ) । ଶରଭ—ମୃଗବିଶେଷ । ତୁରଙ୍ଗ—ଅଶ୍ୱ । କଙ୍କ—କଙ୍କପକ୍ଷୀ, କଙ୍କନାମକ ରାବଣର ପୁତ୍ର ।

୨୨ଶ ପଦ:—ବିକର୍ତ୍ତନ—କାଟିପକାଇବା । କର୍ତ୍ତନରେ—କର୍ତ୍ତରୀ ରୂପ ଶରଦ୍ୱାରା । ନାକମାର୍ଗଣ—ସ୍ୱର୍ଗପ୍ରାର୍ଥୀ । ନାକରେ—ସ୍ୱର୍ଗରେ । ରକ୍ତବାନ—ରକ୍ତାକ୍ତ । ରମ୍ଭା—ସ୍ୱର୍ଗର ଅପ୍ସରା ବିଶେଷ । ଶଲ୍ୟ—ଶର ।

---

୨୧ଶ ପଦ:—ନୟନାଭିରାମ ( ସୁନ୍ଦର ) ରାମଚନ୍ଦ୍ର କ୍ଷଣେମାତ୍ର ବିଶ୍ରାମ ନ କରି ଶରନିକ୍ଷେପ କରିବାଦ୍ୱାରା ସଞ୍ଚାଣ କଙ୍କନାମକ ପକ୍ଷୀକୁ ବିନାଶ କଲା ପରି କଙ୍କନାମକ ରାକ୍ଷସକୁ ବିନାଶ କଲେ । ଶିବ ଅନ୍ଧକାସୁରକୁ ବିନାଶ କଲାପରି ପୁଣି ରାମ ଧଙ୍କାସୁରକୁ ବଧ କଲେ । ତତ୍ପରେ ଅସଂଖ୍ୟ ଶର ନିକ୍ଷେପକରି ସିଂହ ନାମକ ଅସୁରକୁ ବଧ କଲେ । ରାମଚନ୍ଦ୍ର ପ୍ରକୃତରେ ମହୀଶ ( ରାଜା ) ଅଟନ୍ତି; କିନ୍ତୁ ମହୀଶ ଶବ୍ଦର ତାଲବ୍ୟଶକାର ସ୍ଥାନରେ ମୂର୍ଦ୍ଧନ୍ୟ ଷକାର ହେଲେ ଯେଉଁ ଅର୍ଥ ପ୍ରକାଶିତ ହେବ ସେହିପରି ଅର୍ଥାତ୍ ମଇଁଷି ପରି ପରାକ୍ରମ ପ୍ରକାଶକରି ଅଶ୍ୱନାମକ ଅସୁରକୁ ବଧ କଲେ ( ମଇଁଷି ଘୋଡ଼ାର ଶତ୍ରୁ ଅଟେ ) । ତତ୍ପରେ ରାମଚନ୍ଦ୍ର ଅଲୋପୀ ଓ ସଲୋପୀ ଦୁଇ ରାକ୍ଷସଙ୍କ ନାମରୁ ଅକାରକୁ ଗୁପ୍ତ ଓ ସକାରକୁ ଲୋପକରି ଦେଲେ ଅର୍ଥାତ୍ ଦୁହିଁଙ୍କୁ ମଧ୍ୟ ବିନାଶ କଲେ ।

୨୨ଶ ପଦ:—ତତ୍ପରେ ରାମଚନ୍ଦ୍ର ସ୍ୱର୍ଗପ୍ରାର୍ଥୀ ( ଇନ୍ଦ୍ର ପଦାଭିଳାଷୀ ) ଦେବଦଣ୍ଡ ନାମକ ଅସୁରକୁ କର୍ତ୍ତରୀବାଣରେ କାଟି ସ୍ୱର୍ଗରେ ରଖିଦେଲେ ଅର୍ଥାତ୍ ତାକୁ ନାଶ କଲେ । ଏହିପରି ସମରରେ ସପ୍ତକୁଳକୁ ମାରି ରାମଚନ୍ଦ୍ର

ଝଡ଼ରିଲେ । କ୍ଷତ ଶସ୍ତ୍ରର ମଣ୍ଡେ ଶଲ୍ୟ ।
ଝଡ଼ରିଲେ । କଟିରେ ରକ୍ତବାନ ଫଳ ।
ବସିଲେ ସ୍ୱର୍ଗେ ସଭାସମ୍ଭାରେ ଦେବେ ରମ୍ଭା ଆରମ୍ଭ ନୃତ୍ୟବର୍ଗ ଫଳସେ ।୨୨।
ବାର୍ତ୍ତାବହରେ ବାର୍ତ୍ତାପାଇ ରାବଣ ଚିନ୍ତା ବ୍ୟଥିତ ସ୍ଥିତ ରଣସ୍ଥାନେ ।
ବିଳାପ କରି ବରି ରାବଣ ଚଢ଼ି କରୀ ବ୍ୟୂହରୁ କହେ ଆନ ଜନେ ସେ ।
ବୀରସାତ । ବଳେ ଦେଖି ଇନ୍ଦ୍ରାରି ହତ ।
ବୀର ସାତ । ବଧି ଦକ୍ଷାଦ ବଢ଼ ଯତ ।
ବକ୍ଷସ୍ଥମଣି ଆଣି ଆଣି କଷ୍ଟ ନ ମଣି ଗଲା ରାମର ମଣୀ କତି ସେ । ୨୩ ।
ବୋଲେ ଏହା ଦେବର ଦେବରାଜଜୟର ପରମ ଶତ୍ରୁ ନିବାରି ।
ବିକୋଷି ଖଡ୍ଗ କୃପାଣ ସତ କୃପା ବିହୀନ ମାରିବି ଜନକକୁମାରୀ ସେ ।

---

୨୩ଶ ପଦ:—ବାର୍ତ୍ତାବହରେ—ଦୂତଠାରୁ । ବାର୍ତ୍ତା—ସମ୍ବାଦ ରଣସ୍ଥାନେ—ଯୁଦ୍ଧଭୂମିରେ । କରୀ-ହସ୍ତୀ । ଇନ୍ଦ୍ରାରି—ଇନ୍ଦ୍ରଜିତ । ରାମରମଣୀ—ସୀତା ।

୨୪ଶ ପଦ:—ଦେବର—ଦିଅର । ଦେବରାଜଜୟର—ଇନ୍ଦ୍ରଙ୍କର ଶତ୍ରୁ (ଇନ୍ଦ୍ରଜିତ) । ନିବାରି-ବିନାଶକରି । ବିକୋଷିଲ-ଖାପମୁକ୍ତ କଲା ।

---

ଅତଏବ ପ୍ରସନ୍ନ ହୃଦୟରେ ଲକ୍ଷ୍ମଣଙ୍କୁ ଦେଖି ଯୁଦ୍ଧବିଷୟ କଥାବାର୍ତ୍ତା ହେଲେ ଏବଂ ନିଜ ନିଜର ଦେହରେ ଲାଗି ରହିଥିବା ଶରମାନଙ୍କୁ ବାହାରକରି କ୍ଷତଗୁଡ଼ିକ ମନ୍ତ୍ରଦ୍ୱାରା ଆରୋଗ୍ୟ କଲେ ଓ ଜଳଦ୍ୱାରା ଦେହରେ ଓ ଶର ଅଗ୍ରରେ ଲାଗି ଥିବା ରକ୍ତ ଧୋଇଦେଲେ । ଦେବତାମାନେ ଇନ୍ଦ୍ରଜିତ ପ୍ରଭୃତିଙ୍କର ମରଣ ସମ୍ବାଦପାଇ ସ୍ୱର୍ଗରେ ସଭାର ଆୟୋଜନ ପୂର୍ବକ ରମ୍ଭା-ପ୍ରଭୃତି ଅପ୍ସରାମାନଙ୍କୁ ନୃତ୍ୟ କରାଇ ଆନନ୍ଦ ପ୍ରକାଶ କଲେ ।

୨୩ଶ ପଦ:—ଦୂରଠାରୁ ଲକ୍ଷ୍ମଣ ଇନ୍ଦ୍ରଜିତଙ୍କୁ ବଧ କରିବାର ବାର୍ତ୍ତା ପାଇ ରାବଣ ଚିନ୍ତାକୁଳିତ ହୃଦୟରେ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ହେଲା ଏବଂ ସେଠାରେ କିଛିକ୍ଷଣ କ୍ରନ୍ଦନକରି ହସ୍ତୀଉପରେ ବସି ଫେରିଯିବା ସମୟରେ ଜଣେ ଲୋକକୁ କହିଲା, "ହେ ବୀରବର ମହାରାଜା ! ଇନ୍ଦ୍ରଜିତ ବଧ ହେବାରୁ ବଡ଼ ଯତି ଦକ୍ଷାଦ ସପ୍ତବୀରଙ୍କୁ ଦୁର୍ବଳ ଦେଖି ମାରି ପକାଇଲା ।" ଏହା ଶୁଣି ରାବଣ ବକ୍ଷସ୍ଥଳରେ ଥିବା ଅମୋଘ ମଣିକୁ ଆଣି ରୁହିଁ ଦେବାରୁ ମୋହଗ୍ରସ୍ତ ହୋଇ କଷ୍ଟମାତ୍ର ଶଙ୍କା ନ କରି ସୀତାଙ୍କ ନିକଟକୁ ଗମନ କଲା ।

୨୪ଶ ପଦ:—ରାବଣ ସୀତାଙ୍କ ନିକଟରେ ଉପସ୍ଥିତ ହୋଇ କହିଲା, 'ରେ ଜନକକୁମାରୀ ! ତୋର ଦିଅର ମୋର ବଡ଼ପୁଅ ମହାବୀର ଇନ୍ଦ୍ରଜିତକୁ ବଧ

ବୋଧକ ନୁହଁ । ବାକ୍ୟ ନିକଷା କହେ ତେଜ ।
ବୋଧ କିଏ । ବେଭରେ ଚତୁର୍ଦ୍ଦଶୀ ଆଜ ।
ବିନା ଦୋଷୀ ସଂହାର ଅଯଶ ହେବୁ ଦାର ସର୍ପ ପ୍ରାପ୍ତ ଅସ୍ରପରାଜ ସେ । ୨୪ ।

ବିବେକ ତା ପ୍ରସର ତାମସଭାବ ସାର ତାମସୀ-ପ୍ରାନ୍ତ ଯାଏ ସ୍ମର ।
ବଧିରେ ମନାସିବା ରାମଚନ୍ଦ୍ର ନାଶିବା ଶିବାଳୟରେ ପୂଜା ସାରି ସେ ।
ବାହ୍ନ କରେ । ବୋଲାଇ ରଥ ନେଇକର ।
ବାହ୍ନକରେ । ବନା ଉଡ଼ିଲା ଶସ୍ତ୍ରଧର ।
ବନ୍ଧଣ ପ୍ରସାଦକୁ ଗ୍ରହିଲା ପ୍ରସାଦକୁ ସାଦରେ ଲକ୍ଷ ଶଙ୍ଖ ପୂରି ସେ । ୨୫ ।

---

କୃପାଣ—ଖଡ୍ଗ । କୃପାବର୍ଜ୍ଜିତ ନିର୍ଦ୍ଦୟ । ଜନକକୁମାରୀ-ସୀତା । ସଂହାର-ବିନାଶକର । ଅସ୍ରପରାଜ—ରକ୍ଷସାଧିପତି ( ରାବଣ ) ।

୨୫ଶ ପଦ:—ବିବେକ—ଜ୍ଞାନ । ପ୍ରସର—ଉଦିତ ହୋଇ । ତାମସ-ଭାବ । ତାମସୀପ୍ରାନ୍ତ-ରାତ୍ରିଶେଷ । ପ୍ରସାଦ-ନିର୍ମାଲ୍ୟ, ପ୍ରାସାଦ-ଅଟ୍ଟାଳିକା ।

---

କଲ, ତେଣୁ ସ୍ତ୍ରୀର ପ୍ରତିଶୋଧ ନେବା ନିମିତ୍ତ ମୁଁ ତୋତେ ବିନାଶ କରିବି ।" ଏହା କହି ସେ ନିଭୟ ହୃଦୟ ହୋଇ ଖାପରୁ ଖଣ୍ଡା ବାହାରକଲା । ଏହି ସମୟରେ ନିକଷା ତାକୁ ଆଶ୍ୱାସନା ଦେଇ କହିଲା, "ହେ ମହାରାଜ ! ହୃଦୟରୁ କ୍ରୋଧ ଦୂର କରନ୍ତୁ । ଆଜ ଚତୁର୍ଦ୍ଦଶୀ ତିଥି ଅଟେ, ଶିବଙ୍କୁ ସନ୍ତୁଷ୍ଟ କରନ୍ତୁ । ହେ ରାକ୍ଷସରାଜ ! ଏହି ନିର୍ଦ୍ଦୋଷ ରମଣୀକୁ ବଧ କରିବା ଦ୍ୱାରା ପାପପର ଦୁର୍ଯଶ ଅର୍ଜନକରି ପଶ୍ଚାତ୍ତାପ ଭୋଗ କରନ୍ତୁ ନାହିଁ ।

୨୫ଶ ପଦ:—ନିକଷାର କଥାଶୁଣି ରାବଣର ସଦଜ୍ଞାନଜାତ ହେବାରୁ ସେ ତତ୍‌କ୍ଷଣାତ୍ କ୍ରୋଧପରିହାର କରି ରାତ୍ରିଶେଷହେବା ପର୍ଯ୍ୟନ୍ତ ମହାଦେବଙ୍କୁ ବା (ନିକଷା କହିଥିବା କଥା ସବୁ) ସ୍ମରଣ କରିବାକୁ ଲାଗିଲା । ମୁଁ ରାମଚନ୍ଦ୍ରଙ୍କୁ ବିନାଶ କରିବି ଉଦ୍ଦେଶ୍ୟରେ ଏହି କାମନାକରି ଶିବାଳୟକୁ ଯାଇ ଯଥା ବିଧିରେ ଶିବଙ୍କର ପୂଜା ଶେଷକଲା । ପୂଜା ଶେଷକରି ସାରଥିକୁ ଆଦେଶ ଦେଇ ରଥ ଆଣାଇଲା ଏବଂ ଧ୍ୱଜରେ ପତାକା ବାନ୍ଧି, ହସ୍ତମାନଙ୍କରେ ନାନା ଅସ୍ତ୍ରଶସ୍ତ୍ର ଧାରଣ କରି, ସଦାଶିବ ପ୍ରସାଦ ଗ୍ରହଣ ପୂର୍ବକ ରାଜପୁରରୁ ବାହାର ହୋଇ ସେହି ରଥରେ ବସି ଯୁଦ୍ଧଯାତ୍ରା କଲା । ସେ ଏହି ଯାତ୍ରା କରିବା ସମୟରେ ଲକ୍ଷେ ଶଙ୍ଖ ବାଜୁଥିଲା ।

ବିମଳ ଆତପତ୍ରେ ଚାମର ଧ୍ୱାନ୍ତଜାତେ ଆଚ୍ଛାଦିତ ଆଦିତ୍ୟକର ।
ବିଦିତ କରେ ଧିକ ଧିକ ଯେ କ୍ଷୀରଧିକ ଲହରୀ ବିହରିବା ତାର ସେ ।
ଉ ମାନେ ଯେ । ବିଲକ୍ଷିତ ହୋଇବେ ତାଙ୍କୁ ।
ଉମାନେ ଯେ । ବାନ୍ଧନ୍ତି ଏମନ୍ତ ହୟଙ୍କୁ ।
ବଳକ୍ଷ ସର୍ବେ ସିନା ଲକ୍ଷ ଲକ୍ଷ ଗଣନା ଅଲକ୍ଷ କରି ବର୍ଣ୍ଣିବାକୁ ସେ ।୨୬।
ବାହିନୀ ଆଗେ ଗୁଣବନ୍ତ ପଞ୍ଚଦ୍ୱିଗୁଣ ଗୁଣବନ୍ତ ଧରି କମାଣ ।
ବର୍ଷେ ମହାରଥୀଗଣ ଆଦି ଯଥା ଶ୍ରାବଣ ଘନ କି ଘନଘନ ବାଣ ସେ ।
ବଳୀୟର । ପଡ଼ନ୍ତେ କପିସୈନ୍ୟ ନାଶି ।
କଳାଧର । ବଣିକ ଜଗଜ୍ଜେଠରାଶି ।
ବିଜୟୀ ଦାଶରଥି ବିଜୟୀ ଦଶରଥୀ ଚ୍ଛେଦିଲେ ସୁପକ୍ଷେ ପେଷି ସେ ।୨୭।

---

୨୬ଶ ପଦ:—ବିମଳ—ନିର୍ମଳ । ଆତପତ୍ର—ଛତ୍ର । ଚାମର—ଚମ୍ପର ଧ୍ୱାନ୍ତଜାତେ—ଅନ୍ଧକାର ହୁଅନ୍ତେ । ଧିକ ଧିକ ଧିକାର । କ୍ଷୀରଧି କ୍ଷୀର ସମୁଦ୍ର । ହୟଙ୍କୁ-ଅଶ୍ୱମାନଙ୍କୁ । ବଳକ୍ଷ—ଶୁକ୍ଳ ।

୨୭ଶ ପଦ—ଗୁଣବନ୍ତ-ଶୌର୍ଯ୍ୟଗୁଣଯୁକ୍ତ । ପଞ୍ଚଦ୍ୱିଗୁଣ-ଦଶ ସଂଖ୍ୟକ । ସୁପକ୍ଷିଣ-ଉତ୍ତମ ଶର ।

---

୨୬ଶ ପଦ:—ରାବଣ ଯୁଦ୍ଧଯାତ୍ରା କରିବା ସମୟରେ ତାର ମସ୍ତକ ଉପରେ ଶୁକ୍ଳ ଛତ୍ର ଓ ଶୁକ୍ଳ ଚାମରସବୁ ଟେକା ଯାଇଥିବାରୁ ସେମାନଙ୍କ ଆଢ଼ୁଆଳରେ ସୂର୍ଯ୍ୟ ଆଦୌ ଦେଖାଗଲେ ନାହିଁ, ସୁତରାଂ ଜଗତ ଅନ୍ଧକାରାଚ୍ଛନ୍ନ ହୋଇଗଲା । ସେହି ଶୁକ୍ଳ ଛତ୍ର ଓ ଚାମରମାନେ ତେଜରେ କ୍ଷୀରସମୁଦ୍ର ଓ ତାର ଲହରୀର ସଞ୍ଚଳନକୁ ଧିକାର କରୁଥିଲେ । ( ଏଠାରେ କ୍ଷୀରସମୁଦ୍ରସହ ଶୁକ୍ଳଛତ୍ର ଓ ଲହରୀସହ ଚାମର ମାନଙ୍କ ତୁଳନା କରାଯାଇ ନ୍ୟୂନତା ପ୍ରକାଶ କରାଗଲା ) ରାବଣର ରଥରେ ଯୋସ୍ତ ହୋଇଥିବା ଘୋଡ଼ାମାନଙ୍କଅପେକ୍ଷା ଗତିରେ ପକ୍ଷୀମାନେ ସମାନ ହେବେ ନାହିଁ । ସେହି ସବୁ ଘୋଟକ ଶୁକ୍ଳବର୍ଣ୍ଣ ଓ ବହୁସଂଖ୍ୟକ ହୋଇଥିବାରୁ ସେମାନଙ୍କୁ ବର୍ଣ୍ଣନା କରିବାକୁ ଉପମା ଦେଖାଯାଉ ନାହିଁ ।

୨୭ ପଦ:—ଗୁଣଶାଳୀ ଦଶଜଣ ସୈନିକ ଓ ମହାରଥୀଗଣ ପ୍ରଭୃତି ଯୋଦ୍ଧାମାନେ ଧନୁରେ ଗୁଣଦେଇ ଶ୍ରାବଣମାସର ମେଘ ଘନ ଘନ ବୃଷ୍ଟି କଲାପରି ଘନ ଘନ ଶର ନିକ୍ଷେପ କରିବାକୁ ଲାଗିଲେ । ସେହି ବୀରମାନଙ୍କ ଶରରେ କ୍ଷତ ବିକ୍ଷତ ହୋଇ ବାନର ସୈନ୍ୟମାନେ ମଲେ ଏବଂ ପ୍ରଧାନ ପ୍ରଧାନ ବାନର ସେନାପତିମାନେ ଗୁରୁତର ଆଘାତ ପ୍ରାପ୍ତ ହେଲେ । ଏହା ଦେଖି ବିଜୟୀ ରାମଚନ୍ଦ୍ର ସେହି ଦଶଜଣ ରଥୀଙ୍କୁ ଉତ୍ତମ ଶର ପ୍ରୟୋଗକରି ଛେଦନ କଲେ ।

ବଣା ଯେ ସୁମନସେ ସୁମର ସୁମନସେ ଛିଡ଼ିଲା ନ ଛିଡ଼ିଲା ମୁଣ୍ଡ ।
ବାହ ସେହି ପ୍ରଣତି ବାହକେ ନ ଜାଣନ୍ତି ଭୂମଣ୍ଡଳେ ମସ୍ତକ ରୁଣ୍ଡ ଯେ ।
ବାତକୀ ସେ । ବେଧଥୁ ତନୁକୁ କୁହାଇ ।
ବାତକଟେ । ବିପତିତ ତାଳ କରାଇ ।
ବୋଇଲେ ସୁରେ ସୂଚେ ଖଣ୍ଡ କୁଳାଳସୂଚେ ଘାପର୍ଣ୍ଣସୂଚେହନନ ହୋଇ ଯେ ॥
ବିଂଶାକ୍ଷ ସାକ୍ଷ ପରା ସାକ୍ଷାତରେ ଦେଖିଲା ଶାଖାମୃଗପତି ସଙ୍ଗତେ ।
ବିରୂପାକ୍ଷ ଘାର ତ ବହୁତ କଣ ରୁତ ଯୁଦ୍ଧରେ ଅଟସ୍କଳ କରନ୍ତେ ଯେ ।

୨୮ଶ ପଦ:—ସୁମନସେ—ଦେବତାମାନେ । ସୁମନସେ—ଉତ୍ତମମାନସରେ । ବାହକେ—ସାରଥିମାନେ । ବେପଥୁ—କମ୍ପନ । ସୂଚେ—କୌଶଳରେ । ଖଣ୍ଡକୁଳାଳସଚେ—ଯେଉଁ ସୂତାରେ କୁମ୍ଭାର ହାଣ୍ଡି କାଟେ ।

୨୯ଶ ପଦ:—ଶାଖାମୃଗପତି—ବାନରମାନଙ୍କର ରାଜା ସୁଗ୍ରୀବ । ବହୁତ—ବିଶେଷରେ ଉଚ୍ଚ । ରୁତ—ଶବ୍ଦ; ସତ୍ୟ । ବାରଣେ—ହସ୍ତିରେ । ଚରିପାଟୀ—ଶୃଙ୍ଖଳା ।

---

୨୮ଶ ପଦ:—'ଉକ୍ତ ଦଶ ରଥୀଙ୍କର ମୁଣ୍ଡ ରାମଙ୍କ ଶରଘାତରେ ଛିନ୍ନ ହେଲା କି ନାହିଁ' ଦେବତାମାନେ ଏହିପରି ମନରେ ବିପୁଳ ସନ୍ଦେହରେ ପଡ଼ିଲେ । ସେହିପରି ସାରଥିମାନେ ମଧ୍ୟ ଯୋଦ୍ଧାମାନଙ୍କର ମୁଣ୍ଡ ଛିଣ୍ଡିଛି କି ନାହିଁ ଜାଣିପାରି ନ ଥିଲେ, କିନ୍ତୁ ଭୂତଳକୁ ଦୃଷ୍ଟି ନିକ୍ଷେପ କରିବାରେ ଦେଖାଗଲା ଯେ, ସମସ୍ତଙ୍କ ମୁଣ୍ଡ ପଡ଼ିଅଛି ଏବଂ ଶରୀରଗୁଡ଼ିକ କମ୍ପିତ ହେଉଅଛି । ଏହା ଦେଖି ଦେବତାମାନେ ମନେ କଲେ, ବାତବେଗ ରାମଚନ୍ଦ୍ରଙ୍କର ଶର ରୂପକୁ ଧାରଣ କରିଅଛି କି ? ( ନଚେତ୍ ଏସବୁ ଥରନ୍ତେ କହିଁକି ? ) କିମ୍ବା ପବନ ରାମଙ୍କର ଶର ହୋଇ ପାରିଥାନ୍ତି; ଯେହେତୁ ମୁଣ୍ଡରୂପୀ ତାଳ ସବୁ ତାହାର ଆଘାତରେ ନିପତିତ ହେଉ ଅଛନ୍ତି । ଶେଷରେ ଦେବତାମାନେ କଥାବାର୍ତ୍ତା ହେଲେ—'ରାମ କୌଶଳ କରି ଯେତେ ଶୀଘ୍ର ରାକ୍ଷସମାନଙ୍କର ମୁଣ୍ଡ କାଟିଲେ, କୁମ୍ଭାରମାନେ ଯତ୍ନ କରି ସୁଦ୍ଧା ଏତେ ଶୀଘ୍ର ଚକ ଉପରୁ ସୂତାଦ୍ୱାରା ଗଢ଼ାଥିବା ହାଣ୍ଡି, ମାଠିଆ କାଟି ପାରିବେ ନାହିଁ !'

୨୯ଶ ପଦ:—ରାବଣ ଯୁଦ୍ଧ ଭୂମିରେ ସାକ୍ଷୀ ପ୍ରାୟ ଦଣ୍ଡାୟମାନ ହୋଇ ଆଖିରେ ଦେଖିଲା ଯେ, ବିରୂପାକ୍ଷବୀର ଘୋର ରଡ଼ି ଦେଇ ସୁଗ୍ରୀବ ସହିତ ଯୁଦ୍ଧ କରୁକରୁ ତାର ଉପରକୁ ଏକ ଶସ୍ତ୍ର ନିକ୍ଷେପ କଲା । ଆଉ ମଧ୍ୟ

ବାରଣେ ସେ । ଭର୍ଜି ଗର୍ଜନ ଆସିଲା ।
ବାରଣେ ସେ । ଭ୍ରମି କର ଆକର୍ଷିଲା ।
ଭିଧାନେ କଳପାଟି ଦଶନକୁ ଉପାଟି ଦୈତ୍ୟ ପରିପାଟି ନାଶିଲା ସେ ।୨୯।
ବୃଷରାଜ ବୃକ୍ଷକୁ ପ୍ରହାରି ସେ ରକ୍ଷକୁ ନିରକ୍ଷ ପ୍ରାପ୍ତ କଲା ହତ ।
ବଲ୍ଗାଇଣ ଉନ୍ମତ୍ତ ଗୁହ୍ନି ଧାମେ ଉନ୍ମତ୍ତ ଭାନୁଦ୍ୟୋତ ଖଦ୍ୟୋତମତ ସେ ।
ବାମପଦେ । ଭଳ ତା ହୃଦରେ ଥୋଇଲା ।
ବାମପଦେ । ବଜ୍ର ଏ ତୋ ଭ୍ରାତା ମାଇଲା ।
ବଳା ମମତା ମନ୍ତ୍ର ବୋଲୁଁ ରାବଣ ମତ୍ତଗଜ ରଥେ ତା ଯୋଚିଥିଲା ସେ ।୩୦।
ବ୍ୟଗ୍ରବନ୍ତ ରୈବତ ପର୍ବତ ବତସେତ ସୁଗ୍ରୀବ ଧରୁଁ ଉଲଟାଇ ।
ବେତାଳ ଭୈରବ ଚରସ୍ପେ ଭୈରବ ଭରବ ଖଡ୍ଗ ଫଗା ବନ୍ଧ ସେ ।

---

୩୦ଶ ପଦ:—ବୃଷରାଜବୃକ୍ଷ-ଅଶ୍ୱତ୍ଥ ବୃକ୍ଷ । ନିରକ୍ଷ—ଅସହାୟ । ଦ୍ୟୋତଖଦ୍ୟୋତ—ଜୁଳୁଜୁଳିଆ ପୋକର ତେଜ । ଭଳ—ଗଣ୍ଡି ।

୩୧ଶ ପଦ:—ଭୈରବ- ଭୟଙ୍କର । ଭରବ—ଘୋଷଣାରେ । ବାଦ୍ଧବକ—ଉଡଧ୍ୱଜ ।

---

ଭଲୁପାଷର ହସ୍ତୀ ସୁଗ୍ରୀବ ଆଡ଼କୁ ଗର୍ଜନକରି ପଳାସି ଆସିଲା । ଏହି ସମୟରେ ସୁଗ୍ରୀବ ତାକୁ ବାରଣ କରିବାକୁ ଉପାୟାନ୍ତର ନ ଦେଖି ସେହି ହସ୍ତୀର ଶୁଣ୍ଢକୁ ଟାଣି ପକାଇଲା ଏବଂ ଗୋଟିଏ ଭିଧାମାରି ତାର କପାଳଟି ଫଟାଇ ଦେଲା ପରିଶେଷରେ ଦନ୍ତ ଦୁଇଟିକୁ ଉପାଡ଼ି ମାରି ପକାଇଲା । ସୁଗ୍ରୀବ ଏହିପରି ଭଲୁପାଷର ଯୁଦ୍ଧ କୌଶଳକୁ ପଣ୍ଡକରି ଦେଲା ।

୩୦ଶ ପଦ:—ତତ୍ପରେ ଏକ ସୁଗ୍ରୀବ ଅଶ୍ୱତ୍ଥବୃକ୍ଷ ପ୍ରହାରକରି ଭଲୁପାଷକୁ ନିଃସହାୟ କେଲକରି ନାଶକଲା । ଏହା ଦେଖି ଉନ୍ମତ୍ତ ନାମକ ରାକ୍ଷସ ପାଗଳପରି ଦୌଡ଼ିଯାଇ ସୁଗ୍ରୀବ ନିକଟରେ ଉପସ୍ଥିତ ହେଲା, କିନ୍ତୁ ସୂର୍ଯ୍ୟ କିରଣରେ ଜୁଳୁଜୁଳିଆ ପୋକ ଦେଖାଗଲା ପରି ସୁଗ୍ରୀବ ଆଗରେ ଦେଖାଗଲା । ସୁଗ୍ରୀବ ତାକୁ ତଳେ ପକାଇ ବାମ ପାଦରେ ପ୍ରହାର କରିବା ଦ୍ୱାରା ତାର ଗଣ୍ଡରେ ଗୋଟିଏ ଗାତ ହୋଇଗଲା । ଏହା ଦେଖି ରାବଣ ମତ୍ତହସ୍ତୀଯୁକ୍ତ ରଥରେ ଥାଇ ନିଜ ପୁତ୍ର ମତ୍ତବୀରକୁ ଆଦେଶ ଦେଲା, "ରେ ପୁତ୍ର ସୁଗ୍ରୀବ ତୋର ବଡ଼ ଭାଇକୁ ମାଇଲା, ସୁତରାଂ ତୁ ତାକୁ ମାରିବାପାଇଁ ଯତ୍ନବାନ୍ ହୁଅ ।

୩୧ଶ ପଦ:—ରୈବତକ ପର୍ବତ ତୁଲ୍ୟ ବିଶାଳକାୟ ମତ୍ତବୀର, ସୁଗ୍ରୀବ ନିକଟକୁ ଧାଇଁ ଯିବାରୁ ସୁଗ୍ରୀବ ତାକୁ ଧରି ପକାଇଲା । ତହୁଁ ସେ ସୁଗ୍ରୀବକୁ

ବାଦ୍ୟକ । ବରୁଛ ହାଣିବାର ଛାଇଁ ।
ବାଦ୍ୟକ । ଦେବପାଶେ ବାଦ୍ୟ ବଜାଇ ।
ବୋଲାବୋଲ ସମ୍ଭାଳ ସମ୍ଭାଳରେ ନଖାଳ ଆଜ ଆୟୁଷ ତୋର ନାହିଁ ଯେ ।୩୧।

ବସୁଧାରେ ଚରଣ କପିରାଜ ମାରଣ ଘଣ୍ଟି ରଣରଣରେ ଭଲେ ।
ବଳ ଆଡ଼ଣୀ ଆଡ଼ ଆଡ଼ମ୍ବରେ ନବାଡ଼ ଘାତ ରାକ୍ଷସ ଗଳେ ଗଳେ ସେ ।
ବିକର୍ତ୍ତନ । ବିଭବ ବାଳଯମ ରୁତ ।
ବିକର୍ତ୍ତନ । ବିପକ୍ଷରେ ରାବଣ ଯାଞ୍ଚି ।
ବତିଶ ପଦେ ଛାନ୍ଦ କୋବିଦଙ୍କ ସମ୍ମଦ ଉପେନ୍ଦ୍ର ଭଞ୍ଜ ଭରତ ଯେ ।୩୨।

———

୩୨ ପଦ:—ବସୁଧାରେ ଭୂମି ଉପରେ । ବିକର୍ତ୍ତନ-ସୂର୍ଯ୍ୟ । ବିଭବ—ଜାତ । କୋବିଦଙ୍କ—ପଣ୍ଡିତଙ୍କ ।

ଓଲଟାଇ ମାଡ଼ି ବସିଲା । ସେହି ସମୟରେ ଦୁହେଁ ବେତାଳ ଓ ଭୈରବଙ୍କର ଭୟଙ୍କର ରଡ଼ି କରିବାକୁ ଲାଗିଲେ । ଉଭୟେ ଖଣ୍ଡାଧର ଅଲକ୍ଷଣ ମଧ୍ୟରେ ଉଭୟଙ୍କୁ ହାଣିବାକୁ ଚେଷ୍ଟା କଲେ । ବାଦ୍ୟ ବାଦକମାନେ ଏହି ଦୁଇଙ୍କର ନିକଟରେ ବାଦ୍ୟ ବଜାଇବାକୁ ଲାଗିଲେ । 'ଆଜି ତୋର ପରମାୟୁ ନାହିଁ ହିବନ୍ତୁ କଣ,—ଏହି ମୋର ଅସ୍ତ୍ରକୁ ସମ୍ଭାଳ,—ଏହିପରି ସେ ଦୁହେଁ ବୋଲାବୋଲି ହେଲେ ।

୩୨ଶ ପଦ:—ସୁଗ୍ରୀବ ଭୂମି ଉପରେ ପାଦ ପ୍ରହାର କରିବାରୁ ତାହାର ଅଣ୍ଟାରେ ଥିବା ଘଣ୍ଟିସବୁ ରଣ ଝଣ ଶବ୍ଦ ପ୍ରକାଶ କଲା । ତାହା ଶୁଣି ରାକ୍ଷସ ଶଙ୍କିତ ହେଲ । ତତ୍ପରେ ସୁଗ୍ରୀବ ଉତ୍ତମବୃକ୍ଷର ଆଡ଼ମ୍ବରକୁ ବଳ ଆଡ଼ମ୍ବର ପ୍ରକାଶ କରି ଉତ୍କୃଷ୍ଟ ଶର ପ୍ରହାର କରିବାରୁ ତାହା ରାକ୍ଷସର ଗଳଦେଶରେ ଲାଗିଗଲା । ଏହା ଦେଖି ରାବଣ ବିଚାରିଲା' 'ଶତ୍ରୁମାନଙ୍କୁ ନାଶ କରିବାପାଇଁ ସୁଗ୍ରୀବ ବାଳିତୁଲ୍ୟ ପରାକ୍ରମୀ ଅଟେ ।' ତତ୍ପରେ ସେ ସୁଗ୍ରୀବ ସହିତ ଯୁଦ୍ଧ କରିବାକୁ ଉଦ୍ୟତ ହେଲା । ପଣ୍ଡିତମାନଙ୍କର ଆନନ୍ଦଦାୟକ ଏହି ଛାନ୍ଦକୁ ଉପେନ୍ଦ୍ର ଭଞ୍ଜ ବତିଶ ପଦରେ ରଚନା କଲେ ।

———

## ସପ୍ତଚତ୍ୱାରିଂଶ ଛାନ୍ଦ

### ରାଗ—ପଞ୍ଚମ ବରାଡ଼ୀ

( ରଗୋପୀଜୀବନ ଚଉତିଶା ବାଣୀରେ )

ବିଳାସ ଅଙ୍କରେ ସେହି ଚତୁର ପାଳିରେ ଶୋହି କଟସାର ସାରରେ ମାରଣ ବତିପାତ ଯୋଗ ପୁନ ଦଶଗ୍ରମୁଖରେ ଦାନକାଠି ପଡନ୍ତି ଅନୁକ୍ଷଣ ଯେ
ବିଶାରଦ। ବେଢ଼ି ଲୋକେ ମାର ମାର ସ୍ୱନେ

---

୧ମ ପଦ:—ଅଙ୍କରେ—ଭାଲୁମାନଙ୍କଦ୍ୱାରା । ଏହାର ମଧ୍ୟବର୍ଣ୍ଣ ଙ୍କ ଚ୍ୟୁତ ହୋଇ କ୍ଷ ଦତ୍ତହେଲେ ଅକ୍ଷରେ ହେଲା । ଅକ୍ଷରେ—ପଶାଖେଳରେ ବିଳାସ-କ୍ରୀଡ଼ା କରିବା । ଏହାର ମଧ୍ୟବର୍ଣ୍ଣ ଳା ଚ୍ୟୁତ ହୋଇ କା ଦତ୍ତହେଲେ ବିକାଶ ହେଲା । ବିକାଶ—ପ୍ରକାଶ । କଟ-ହସ୍ତୀର ଗଣ୍ଡସ୍ଥଳ । ଏହାର ପ୍ରଥମ ବର୍ଣ୍ଣ କ ଚ୍ୟୁତହୋଇ ପ ଦତ୍ତହେଲେ ପଟହେଲା ପଟ-ଦାନ। ପୁନଶ୍ଚ ସେହି ପ୍ରଥମବର୍ଣ୍ଣ କ ଚ୍ୟୁତ ହୋଇ ଅ ଦତ୍ତ ହେଲେ ଅଟ ହେଲା। ଅଟ-ଅତି । ବିନ୍ତି ପାତ-ଵିନ୍ତି ନାମକ ଦାନ ପଡ଼ିଲେ । ଏହାର ଦ୍ୱିତୀୟବର୍ଣ୍ଣ ତ୍ତ ଚ୍ୟୁତ ହୋଇନ

---

## ସପ୍ତଚତ୍ୱାରିଂଶ ଛାନ୍ଦ

୧ମ ପଦ:—ହେ ଚତୁର ପାଠକମାନେ। ଏହି ଛାନ୍ଦର, ଏହି ପଦଟିରେ ରାମ ଓ ରାବଣର ଯୁଦ୍ଧ ସହିତ ଦୃଷ୍ଟାନ୍ତ ଭାବରେ ପଶାଖେଳ ବର୍ଣ୍ଣିତ ହୋଇ ଅଛି; ଏଣୁ ଏହି ପଦ ମଧ୍ୟରେ ଥିବା ବିଳାସ, ଅଙ୍କ ପ୍ରଭୃତି କେତେ ବ୍ୟାକରଣ ପଦରେ ଦତ୍ତାକ୍ଷର ଓ ଚ୍ୟୁତାକ୍ଷର ନାମକ ଶବ୍ଦ ବୈଚିତ୍ର୍ୟତା ପ୍ରଦର୍ଶନ କରି ବ୍ୟାପାର ଶବ୍ଦାଳଙ୍କାର ଗୂଢ଼ଭାବରେ ରହିଅଛି; ତାହା କୌତୁକର ସହିତ ଆଲୋଚନା କରନ୍ତୁ, ସେହି ପଶାଖେଳସୂତ୍ରଗୋଟିପାଳରେ ଶୋଭିତ ହୋଇଥାଏ ଏହି ଯୁଦ୍ଧକ୍ଷେତ୍ର ମଧ୍ୟ ଯେହିପରି ଉଭୟ ପକ୍ଷୀୟ ଚତୁରଙ୍ଗ ସୈନ୍ୟମାନଙ୍କର ରହିବା ପାଇଁ ଦୁଇଗୋଟି ପାଳି ଭାଗରେ ବିଭକ୍ତ ହୋଇ ମନୋହର ଦେଖାଯାଉ ଅଛି। ଖେଳିବା ସମୟରେ ପଶାକାଠିଗୁଡ଼ିକ କ୍ରୀଡ଼ା କରୁଥାନ୍ତି ( ଅର୍ଥାତ୍ ଗଡ଼ି ଯାଉଥାନ୍ତି ) ମାତ୍ର ଏହି ରଣଭୂମିରେ ଭାଲୁମାନେ ପ୍ରଚଳିତ ହେଉ ଅଛନ୍ତି ( ସମସ୍ତଙ୍କଠାରୁ ପୃଥକ୍ ହୋଇ ଦେଖାଯାଉ ଥାନ୍ତି )। ଖେଳରେ କାଠି ଗଡ଼ାଇ ଦାନ ପଡ଼ିଲେ ଗୋଟିଦ୍ୱାରା ଗୋଟିକୁ ମରାଯାଏ, ଯୁଦ୍ଧଭୂମିରେ ମଧ୍ୟ 'ସାର' ଉତ୍କୃଷ୍ଟ ଯୋଦ୍ଧାମାନେ ଅନ୍ୟ ପକ୍ଷୀୟ ଉତ୍କୃଷ୍ଟ ଯୋଦ୍ଧାମାନଙ୍କୁ ଓ ହସ୍ତୀମାନଙ୍କର

ବଳ ନାହିଁ ବଢ଼ି ରଙ୍ଗେ                ଖେଳ ସଭଙ୍ଗ ଅଭଙ୍ଗେ
ଦନ୍ତ ଚ୍ୟୁତାଘରେ ଅତିଘନେ ଯେ । ୧ ।
ବାଦ୍ୟ ସିନ୍ଧୁପରମ୍ପରା ଲବଣ ଯେ ଇକ୍ଷୁ ସୁରା ଘୃତ ଦଧି ଦୁଗ୍ଧ ପୟ ସାତ ।
ବଳସ୍ତୁ ନଧିରେ ଉଦେ ଅଧିକ ରକ୍ତସମୁଦ୍ର ରହି ଏଥିମଧ୍ୟେ ଦ୍ୱୀପସ୍ଥିତ ଯେ ।

---

ଦନ୍ତହେଲେ ବନପାତ ହେଲା । ବନପାତ-ନିର୍ମୂଳ । ଦଶପ୍ରମୁଖରେ ଦାନ-ପଗାର ଦଶଦାନକୁ ଆଦି କରି । ଏହାର ତୃଷ୍ଣାସୁବର୍ଣ୍ଣ ସ୍ତ୍ର ଚ୍ୟୁତହେଲେ ଦଶମୁଖରେ ଦାନ ହେଲା । ଦଶମୁଖରେ ଦାନ-ରାବଣଦ୍ୱାରା ଛେଦନ । ଅତିଘନେ-ଅତି ସୁନ୍ଦର । ଚତୁରପାଲରେ-ଚାରିଗୋଟି ପାଲରେ । ଏଥିରେ ତୃଷ୍ଣାସୁବର୍ଣ୍ଣ ପରେ ଗଂଦନ୍ତ ହେଲେ ଚତୁରଙ୍ଗ ପାଲରେ ହେଲା । ଚତୁରଙ୍ଗ ପାଲରେ—ଚତୁରଙ୍ଗ ବଳରେ ।

୨ୟ ପଦ:—ସିନ୍ଧୁ-ସମୁଦ୍ର । ବଳସ୍ତୁ—ବଳବାନ୍ ( ରାବଣ ) । ଦ୍ୱୀପ—ଜଳମଧ୍ୟସ୍ଥ ସ୍ଥଳଭାଗ, ହସ୍ତୀ । ବିଶାରଦ-ଚତୁର । ଘାର-ତଟପ୍ରଦେଶ, ଶର ତିମିର-ଅନ୍ଧକାର, ମତ୍ସ୍ୟବିଶେଷ । ତରଣି-ନୌକା, ସୂର୍ଯ୍ୟ ।

---

ଗଣ୍ଡସ୍ଥଳକୁ ଅସ୍ତ୍ର ନିକ୍ଷେପ କରି ଛେଦନ କରୁଅଛନ୍ତି । ଖେଳରେ 'ବନପାତ' ରହିନଥି ଅର୍ଥାତ୍ ଅନ୍ୟ ପକ୍ଷୀୟ ଖେଳାର ସାରିଗୁଡ଼ିକ ସମସ୍ତ ଗୃହ ଅତିକ୍ରମ କରି ନିଜପଦରେ ଚାଲିବାର ଦେଖାଗଲେ ସୁଗ ବାନ୍ଧିବାକୁ ହୁଏ । ପଶାକାଠି ଅନବରତ ସଞ୍ଚାଳିତ ହେଉଥାଏ ଓ ଦଶ ପ୍ରଭୃତି ଦାନମାନେ ପଡ଼ନ୍ତି । ଏହି ଯୁଦ୍ଧରେ ସେହିପରି ବନପାତ ଯୋଗ ପଡ଼ିଲା ଅର୍ଥାତ୍ ବହୁ ସୈନ୍ୟମରିବାର ସମୟ ଉପସ୍ଥିତ ହେଲା । କାରଣ ରାବଣ ଅନବରତ ଶର ବୃଷ୍ଟି କରି ଶ୍ରୀରାମଙ୍କର ବହୁତ ସୈନ୍ୟ ଛେଦନ କରିବାକୁ ଲାଗିଲା । ଖେଳ ସମୟରେ ବେଢ଼ି ରହିଥିବା ବଡ଼ ଖେଳାଳମାନେ ଯେପରି ମାର ମାର ଶବ୍ଦ କରନ୍ତି, ଏହି ସମୟରେ ମଧ ସେହିପରି ମହାବୀରମାନେ ବେଢ଼ି ରହି ମାର ମାର, ଶବ୍ଦ ପ୍ରକାଶ କରୁଥିଲେ । ପଶାଖେଳଠାରୁ ଅଧିକ କୌତୁକଦାୟକ ଖେଳ ଯେପରି ଦେଖାଯାଏ ନାହିଁ, ଏହି ଦିନର ରାମ ରାବଣଙ୍କ ଯୁଦ୍ଧ ପରଠାରୁ ଆଉ ବଳସ୍ତୁ ଯୋଦ୍ଧା ଦେଖା ଗଲେ ନାହିଁ ।

୨ୟ ପଦ:—ପୂର୍ବକାଳରୁ ଲବଣ, ଇକ୍ଷୁ, ସୁରା, ଘୃତ, ଦଧି ଦୁଗ୍ଧ ଓ ଜଳ ଏହି ସାତଗୋଟି ସମୁଦ୍ର ପରମ୍ପରାକ୍ରମେ ରହିଥିଲା । ବର୍ତ୍ତମାନ ସାରଙ୍ଗେଶ୍ୱର ରାବଣ ଦ୍ୱାରା ଆଉ ଗୋଟିଏ ଅଧିକା ରକ୍ତ ସମୁଦ୍ର ପ୍ରକାଶିତ ହେଲା ଅର୍ଥାତ୍ ଏହି ରକ୍ତ ସମୁଦ୍ରକୁ ମିଶାଇ ସମୁଦ୍ର ସଂଖ୍ୟା ଆଠ ହେଲା । ସେହି ପ୍ରାଚୀନ ସମୁଦ୍ରମାନଙ୍କ ମଧ୍ୟରେ

ବିଶାରଦ । ବିଦିତ ରାମ ଲକ୍ଷ୍ମଣ ତଥା ।
ବିଲକ୍ଷିତ ମାର୍ଗଣରେ    ନିବିଡ଼ ହୋଇ ତମିରେ
ତରଣି ବୁଡ଼ିବା ନୋହେ ବୃଥା ସେ । ୧ ।
ବେଷ୍ଟନେ ଘୋଟିଲେ ଯୂଥପତି ସେନା ଦଶରଥସୁତଘନାଘନଶୋଭାଧରେ ।
ବରଷି ଘନ-ପ୍ରସ୍ତର ଧରଣୀ କଲେ ପ୍ରସ୍ତାର ବଜ୍ର ଶରପାତନିରନ୍ତରେ ସେ ।

ଶବ୍ଦ ପଦ:—ଯୂଥପତି-ସେନାପତି । ଦଶରଥ ପୁତ୍ର-ରାମଚନ୍ଦ୍ର ଓ ଲକ୍ଷ୍ମଣ । ଘନାଘନ ଶୋଭା-ମେଘର ଶୋଭା । ଘନପ୍ରସ୍ତର—ବୃହତ୍ ପଥର, କରକା । ବିହୀନପକ୍ଷ—ପକ୍ଷଶୂନ୍ୟ । ଅଚଳପଦବୀ—ପର୍ବତ ଉପାଧି ।

ଜମ୍ବୁ, ପ୍ଲକ୍ଷ ପ୍ରଭୃତି ଦ୍ୱୀପମାନେ ଥିଲାପରି ଏହି ରକ୍ତ ସମୁଦ୍ର ମଧ୍ୟରେ ବହୁସଂଖ୍ୟକ 'ଦ୍ୱୀପ' ହସ୍ତୀ ରହିଅଛନ୍ତି ସେହି ସମୁଦ୍ରମାନେ ଯେପରି 'ରାମ ଲକ୍ଷ୍ମଣ' ଚନ୍ଦ୍ରଙ୍କ ଦ୍ୱାରା ବୃଦ୍ଧି ପ୍ରାପ୍ତ ହୁଅନ୍ତି ଏହି ରକ୍ତ ସମୁଦ୍ର ମଧ୍ୟ ସେହିପରି ରାମଲକ୍ଷ୍ମଣଙ୍କ ଦ୍ୱାରା ବୃଦ୍ଧି ପ୍ରାପ୍ତ ହେଉଅଛି । ସେହି ସମୁଦ୍ରମାନଙ୍କ ତଟପ୍ରଦେଶରେ ବାଟ ଦେଖା ନ ଗଲାପରି ଏହାର ନିକଟରେ ମଧ୍ୟ ଶର-ମାନଙ୍କର ନିବିଡ଼ତା ହେତୁ ବାଟ ଦେଖାଯାଉ ନାହିଁ । ସେହି ସବୁ ସମୁଦ୍ର ଯେପରି ତମିମାନଙ୍କ ଦ୍ୱାରା ବ୍ୟାପ୍ତ ହୋଇଥାନ୍ତି, ସେହିପରି ଏଠାରେ ମଧ୍ୟ ଶରମାନଙ୍କର ଗତି ଯୋଗୁଁ ଗାଢ଼ାନ୍ଧକାର ବ୍ୟାପ୍ତ ହୋଇଅଛି ସମୁଦ୍ରମାନ-ଙ୍କରେ ନୌକା ବୁଡ଼ିଗଲା ପରି ଏହି ରକ୍ତସମୁଦ୍ରରେ ସୂର୍ଯ୍ୟ ଅସ୍ତ ହେବା କଥା ବୃଥା ହେଉ ନାହିଁ ଅର୍ଥାତ୍ ଶରମାନଙ୍କର ନିବିଡ଼ତା ହେତୁ ସୂର୍ଯ୍ୟ ଦେଖାଯାଉ ନାହାନ୍ତି ।

ଶବ୍ଦ ପଦ :—ଯୁଦ୍ଧକ୍ଷେତ୍ରକୁ ରକ୍ତସମୁଦ୍ରରେ ପରିଣତ କରିଥିବା ସମୟରେ ରାମ ଲକ୍ଷ୍ମଣ କପି ସେନା ଓ ସେନାପତିମାନଙ୍କ ଦ୍ୱାରା ବେଷ୍ଟିତ ହୋଇ ସେହି ଯୁଦ୍ଧକ୍ଷେତ୍ରରେ ବର୍ଷୁକ ମେଘର ଶୋଭା ଧାରଣପୂର୍ବକ ସେହି ରାବଣକୁ ଚତୁର୍ଦ୍ଦିଗରୁ ଘେରାଉ କଲେ । ବର୍ଷୁକ ମେଘରୁ କୁଆପଥର ବୃଷ୍ଟି ହେଲା ପରି ରାମଚନ୍ଦ୍ରଙ୍କର କପି ସୈନ୍ୟମାନେ ପଥର ବୃଷ୍ଟି କଲେ ଏବଂ ରାମ ଓ ଲକ୍ଷ୍ମଣ ବର୍ଷୁକ ମେଘରୁ ବଜ୍ରପାତ ହେଲାପରି ବଜ୍ରତୁଲ୍ୟ ଅମୋଘ ଶରମାନଙ୍କୁ ନିକ୍ଷେପ କରି ପୃଥିବୀକୁ ଆଚ୍ଛାଦିତ କରିଦେଲେ । ଏହା ଦେଖି ରାବଣ ଶରୀର କାଠ ଖଣ୍ଡପରି ହୋଇଗଲା ଅର୍ଥାତ୍ ସେ କର୍ତ୍ତବ୍ୟବିମୂଢ଼ ହୋଇ ରହିଲା । ପୂର୍ବକାଳରେ ଇନ୍ଦ୍ରଙ୍କ ଦ୍ୱାରା ପର୍ବତମାନେ ପକ୍ଷହୀନ ହୋଇ ଯେପରି ଗମନଶକ୍ତି ଶୂନ୍ୟହେବାରୁ ଅଚଳ ନାମକୁ ପାଇଥିଲେ, ଏହି ସମୟରେ ରାବଣ ସେହିପରି 'ବିହୀନପକ୍ଷ' ସାହାଯ୍ୟଶୂନ୍ୟ ହେବାରୁ 'ଅଚଳପଦବୀ' ନେଲା ଅର୍ଥାତ୍ ପର୍ବତ ମାନଙ୍କପରି

ବଂଶବାଦ୍ୟା । ବନ୍ଧ ସ୍ତମ୍ଭୀଭୂତକୁ ଶଙ୍କରେ ।
ବନ୍ଧ୍ୟାନପକ୍ଷ ହୋଇଲା        ଅଚଳପଦସ୍ଥା ନେଲା
ଶଙ୍କା ଜାତ ତା ଚୂଳ ତ୍ରୁଟିରେ ସେ । ୩ ।
ବିଧ୍ୱଂସୀ ଯେ ପ୍ରବେଶ କର୍ମ କରିବାରେ ଶେଷ ଇଷ୍ଟିକାମେ ସେ ମାନ୍ତ୍ରିକ ଦ୍ୱିଜ
ବନୌକାବର ଲକ୍ଷ୍ମଣଶାଖାକୃତ ଘୋଷେ ଗୁଣ ସ୍ରୁଚରସେ ଦୀପ୍ତ ଅଗ୍ନିତେଜ ଯେ
ବିରାଜିତ । ବାଣ ଶରାସନ ସ୍ରୁବ ସ୍ରୁଚ ।
ବିଗ୍ରହମଣ୍ଡଳ କୁଣ୍ଡ        ସ୍ୟନ୍ଦନ ସମିଧ ତୁଣ୍ଡ
ଦଶାନନ ପଶୁ ପାଞ୍ଚ ଯେ । ୪ ।

---

୪ର୍ଥ ପଦ :—ଇଷ୍ଟିକାମେ—ଇଚ୍ଛାନୁରୂପକାର୍ଯ୍ୟ, ଯଜ୍ଞକାର୍ଯ୍ୟ । ଦ୍ୱିଜ—ବ୍ରାହ୍ମଣ । ବନୌକାବର—ବାନରଶ୍ରେଷ୍ଠ । ବିଗ୍ରହମଣ୍ଡଳ—ରଣକ୍ଷେତ୍ର । ସ୍ୟନ୍ଦନ—ରଥ ।

---

ଏକସ୍ଥାନରେ ରହିବାକୁ ବାଧ ହେଲା । ଏହି ସମୟରେ ସେ ମନରେ ଭାବିଲା, 'ବର୍ତ୍ତମାନ ମୋର ମୁଣ୍ଡ ତ୍ରୁଟି ହୋଇଯିବ କି ?'

୪ର୍ଥ ପଦ :—ଏହି ସମୟରେ ବିଭୀଷଣ ରାମଚନ୍ଦ୍ରଙ୍କର 'ଇଷ୍ଟି-କାମେ' ଅଭିଳଷିତ ରାବଣ ବଧ ରୂପ ଯଜ୍ଞ କାର୍ଯ୍ୟରେ ନିଜର 'କର୍ମ କର୍ତ୍ତବ୍ୟ ଶେଷ କରିବା ପାଇଁ ଉପସ୍ଥିତ ହେଲେ । କାରଣ ଯଜ୍ଞ ବେଦମନ୍ତ୍ରାଭିଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ଶେଷ ହୁଏ, ବିଭୀଷଣ ଏହି ଯଜ୍ଞରେ ସେହିପରି 'ମାନ୍ତ୍ରିକ' ଗୁପ୍ତ ପରାମର୍ଶଦାତା ବ୍ରାହ୍ମଣ (ବିଶ୍ରବାନନ୍ଦନ ହେତୁ) ଅଟନ୍ତି । ବେଦର ନାନାବିଧ ଶାଖାମାନଙ୍କୁ ଅଧ୍ୟୟନ କରିଥିବା ଋଷିଶ୍ରେଷ୍ଠମାନେ ଯଜ୍ଞ ସ୍ଥଳରେ ଉପସ୍ଥିତ ହୋଇ ଉପଯୁକ୍ତ ସ୍ୱରରେ ସେହି ଶାଖୋକ୍ତ ମନ୍ତ୍ରମାନଙ୍କୁ ଉଚ୍ଚା-ରଣ କରି ବୈଦିକ ମନ୍ତ୍ରର ସୁଶ୍ରାବ୍ୟତ୍ୱ ଗୁଣରେ ଅଗ୍ନିଙ୍କର ତେଜକୁ ଉଦ୍ଦୀପ୍ତ କଲା ପରି ଏହି ଯଜ୍ଞରେ ପ୍ରଧାନ ବନବାସୀ ଲକ୍ଷ୍ମଣ ବିଭୀଷଣଙ୍କର ସହାୟ ହୋଇ ସାରନାଦ ପ୍ରକାଶପୂର୍ବକ ଧନୁର ଗୁଣକୁ କର୍ଣ୍ଣ ପର୍ଯ୍ୟନ୍ତ ଆକର୍ଷଣ କରି ଯୁଦ୍ଧାଗ୍ନିର ତେଜକୁ ଉଦ୍ଦୀପ୍ତ କଲେ । ଯଜ୍ଞରେ ସ୍ରୁବ ଓ ସ୍ରୁଚ ବ୍ୟବହୃତ ହେଲାପରି ଏହି ବଧଯଜ୍ଞରେ ମଧ୍ୟ ବାଣ ଓ ଧନୁ ବ୍ୟବହୃତ ହେଉଥିଲା ଏବଂ ଯଜ୍ଞସ୍ଥଳରେ ଦେବ ବିଗ୍ରହ, ମଣ୍ଡଳ, କୁଣ୍ଡ, ରଥ, କାଷ୍ଠ ଏକତ୍ର ହେଲାପରି ଏଠାରେ ମଧ୍ୟ ଶବ ଦେହ, ଚକବୃନ୍ଦ, କୁଣ୍ଡ, ରଥ, କାଷ୍ଠ ପ୍ରଭୃତି ଏକତ୍ରିତ କରି ରଖାଯାଇଥିଲା । ଏହି ସମୟରେ ଅର୍ଥାତ୍ ବିଭୀଷଣ ଆସିବାର ଦେଖି, ରାବଣ ମନେକଲା ଯଜ୍ଞରେ ପଶୁର ମୁଣ୍ଡ ଛେଦ ହେଲାପରି 'ଏଠାରେ ମୋର ନିଶ୍ଚୟ ମୁଣ୍ଡଛେଦ ହେବ' ।

ବିଭୀଷଣ ଦୂରଦର୍ଶୀ ଅଦ୍ଭୁତ ଖଗ ଗରାସି ସଜୀବେ ପଳ ଖଣ୍ଡନ ଅନ୍ତୁଁ
ବିଭେଦିତ କଉଶିକ ମନ୍ତ୍ରିତ ପତ୍ରୀ ଅନେକ ମନ୍ଦା ଆକୁଳିତ ବଂଶବାହୁ ସେ ।
ବିସ୍ମରିଲେ । ବଂଶଖଣ୍ଡନ ଘନ ସମୂହେ ।
ବଲ୍ଲୀବେନ ପୂର୍ଣ୍ଣ ତାଡ଼ି ଏବେ ମନ୍ଦାତରୁ ନୋଡ଼ି
ଦାଢ଼ ଭଙ୍ଗିବି ମୁଁ ଶଙ୍କୁଶିଳେ ଯେ ।୫
ବିଲୁଦଶ କଥା କିସ ଦିଗପାଳେ କି ପ୍ରକାଶ ଏକାସେ ଆଶ୍ରିତ ସୁନାସୀର ।
ବ୍ରହ୍ମାସ୍ତ୍ର କୃଶାନୁଭାବ କାଳବିଭୂତ ପ୍ରଭବ ଶବଦେ ଶର ଅତ୍ୟନ୍ତ ଘୋର ଯେ

---

୫ମ ପଦ:—ଦୂରଦର୍ଶୀ—ଶାଗୁଣା । ଖଗ—ପକ୍ଷୀ । ପଳ—ମାଂସ କଉଶିକ—ବିଶ୍ୱାମିତ୍ର । ପତ୍ରୀ—ଶର । ବଂଶଖଣ୍ଡନ—ବଂଶଖଣେତା । ବଲ୍ଲୀ—ଲତା । ଶଙ୍କୁଶିଳେ—ଶଙ୍କୁରୂପ ପ୍ରସ୍ତରଦ୍ୱାରା ।

୬ଷ୍ଠ ପଦ:—ପିତାମହ ପୁତ୍ରସୁତ—ବ୍ରହ୍ମାଙ୍କର ଅଣନାତି । [illegible]—ରାବଣ । ଦିଗପାଳେ—ଇନ୍ଦ୍ରାଦି ଦଶଦିକପାଳମାନେ । ସୁନାସୀର—ଇନ୍ଦ୍ର । କୃଶାନୁ—ଅଗ୍ନି । କାଳବିଭୂତ—ଯମ । ବାରୁଣୀ—ମଦ୍ୟ, ବରୁଣ—ଦେବତା । କାଳବିଭୂତ ପ୍ରଭବ-ସଂହାର ମୂର୍ତ୍ତି ।

---

୫ମ ପଦ:—ଶାଗୁଣା ମୃତ ପ୍ରାଣୀ ଦେହରୁ ମାଂସ ଛିଣ୍ଡାଇ ଖାଏ; କିନ୍ତୁ ବିଭୀଷଣ ରୂପୀ ଅଦ୍ଭୁତ ଶାଗୁଣା ପକ୍ଷୀ ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ ହୋଇ ସଜୀବ ବ୍ୟକ୍ତିମାନଙ୍କ ଦେହରୁ ମାଂସ ଛିଣ୍ଡାଇ ଗ୍ରାସ କରିବାକୁ ଲାଗିଲା । ଏହି ସମୟରେ ଲକ୍ଷ୍ମଣ ବିଶ୍ୱାମିତ୍ର ପ୍ରଦତ୍ତ ମନ୍ତ୍ରରେ ଅଭିମନ୍ତ୍ରିତ କରି ଅନେକ ଶର ରାବଣ ଦେହରେ ବିଦ୍ଧ କଲେ । ଏହି ଶରଘାତରେ ରାବଣ ଅନ୍ତଃଶପୂ ଦୁଃଖିତ ହୋଇ ବିଚାରିଲା, 'ବିଭୀଷଣ ମୋର ଦୃଢ଼ ମୂଳ ବଂଶରୂପ ବାଉଁଶ ବୁଦାକୁ ତାଡ଼ିବାପାଇଁ ଖଣେତା ପରି କାର୍ଯ୍ୟ କରୁଅଛି ( ଅର୍ଥାତ୍ ଏ ମୋର ଗୋତ୍ରଖଣେତା ) । ସେ ପ୍ରଥମରୁ ସୁକୁମାରଲତା ତୁଲ୍ୟ କୁମ୍ଭକର୍ଣ୍ଣଙ୍କୁ ( କୁମ୍ଭକର୍ଣ୍ଣ ଇନ୍ଦ୍ରଜିତଙ୍କୁ ) 'ତାଡ଼ି' ବିନାଶ କରାଇ ଏବେ ମନ୍ଦାତରୁ ରୂପୀ ମୋତେ ବିନାଶ କରିବା ନିମିତ୍ତ ଇଚ୍ଛା କରୁଅଛି । ଏଣୁ ଖଣେତା ପଥରରେ ବାଜିଲେ ତାର ଦାଢ଼ ବା ଧାର ଭାଙ୍ଗିଲା ପରି ମୁଁ ମୋର ଶଙ୍କୁ ରୂପ ପଥର ଦ୍ୱାରା ତାର ଗର୍ବ ଭାଙ୍ଗି ଦେବି ।

୬ଷ୍ଠ ପଦ:—ଏହି ସମୟରେ ରାବଣ ଯେପରି ଦେଖାଯାଉଥିଲା [illegible] କଣ କହିବା ? ତାଙ୍କୁ ଦେଖିଲେ ମନେ ହେଉଥିଲା, ଦଶଦିଗପାଳ ଏକତ୍ରିତ ହୋଇ ରାବଣ ରୂପରେ ପ୍ରକାଶିତ ହୋଇ ଅଛନ୍ତି କି? କାରଣ ରାବଣ 'ସୁନାସୀର' ଉତ୍ତମ ସୈନିକ ମାନଙ୍କଦ୍ୱାରା ବେଷ୍ଟିତ ହୋଇ ଥିବାରୁ ତାଙ୍କୁ ଦେଖିଲାକ୍ଷଣି 'ସୁନାସୀର' ଇନ୍ଦ୍ର ବୋଲି ଜ୍ଞାନ ହେଉଥିଲା ଏବଂ ସେ ବ୍ରହ୍ମାସ୍ତ୍ର ନିକ୍ଷେପ କଲା—ବେଳେ ଅଗ୍ନି, ତାଙ୍କ କୃଷ୍ଣବର୍ଣ୍ଣ

ବାରୁଣୀରେ । ବଶ ସ୍ପର୍ଶନତ ପୁଣ୍ୟଜନ ।
ବୀରଈଶ ପିତାମହ ସୁବୁଦ୍ଧତ ନାଗବ୍ୟୂହ
ମଧ୍ୟରେ ପ୍ରଧାନ ହୋଇ ଧନ୍ୟ ସେ ।୬।

ବୁଲାଇ ଏହି ସମୟୁ ଏକଘନ ଯେନ କାୟୁ ବଢ଼ାଇ ବିନ୍ଧ୍ୟଶିଖରିଶିଖେ ।
ବହ୍ନି ଜଳିଲା ପରିରେ ବୋଲେ ବିଭୀଷଣେ ମାରେ ଶୁଣି ଲକ୍ଷ୍ମଣ ନରହ ମୁଖେରେ
ବଗ୍ରଳ ସେ । ବେଗରେ ଦାସର ହେଲେ ଆଗ ।
ଖଳେ କର୍ଣ୍ଣ ନାସିକାର କାକୋଦର ପରକାର
ଶର ପୂର୍ଣ୍ଣ କଲେ ବେଗ ବେଗ ଯେ । ୭ ।

---

ସ୍ପର୍ଶନ-ବାୟୁ । ପୁଣ୍ୟଜନ-ରାକ୍ଷସ । ପୁଣ୍ୟଜନବର-ରାକ୍ଷସଶ୍ରେଷ୍ଠ, କୁବେର ।

୭ମ ପଦ:—ବିନ୍ଧ୍ୟଶିଖରିଶିଖେ – ବିନ୍ଧ୍ୟପର୍ବତର ଶୃଙ୍ଗରେ । ବହ୍ନି – ଅଗ୍ନି । ଏକଘନ-ଏକଘ୍ନୀନାମକ ଶକ୍ତି । ବଗ୍ରଳ-ସ୍ନେହ । ଦାସର-ଭୃତ୍ୟର । ଖଳ – ଗର୍ତ୍ତ । କାକୋଦର – ସର୍ପ ।

---

କାନ୍ତିକୁ ଦେଖି ଯମ, ସେ ଶର ନିକ୍ଷେପ କରୁଥିବା ସମୟରେ ପ୍ରକାଶ ପାଉଥିବା ଶବ୍ଦକୁ ଶୁଣି ଶବାଧିରୂଢ଼ ନୈଋତ ଦେବତା, ଅନବରତ ,ବାରୁଣୀରେ ବଶ . ମଦ୍ୟ ପାନ କରୁ ଥିବାରୁ ବରୁଣ ଓ ରାକ୍ଷସମାନଙ୍କ 'ସ୍ପର୍ଶନ, ସଙ୍ଗରେ ଥିବାରୁ କୁବେର, ବୀରମାନଙ୍କର ପ୍ରଭୁ ହୋଇ ଥିବା ରୁ ମହାଦେବ, ବ୍ରହ୍ମାଙ୍କ ବଂଶରେଜନ୍ମ ହୋଇବାରୁ ବ୍ରହ୍ମା ରାକ୍ଷସମାନଙ୍କ ମଧ୍ୟରେ ରହି ଧନ୍ୟବାଦ ଓ ପ୍ରାଧାନ୍ୟ ଲାଭ କରିଥିବାରୁ ନାଗବ୍ୟୂହ ମଧ୍ୟରେ ସର୍ପ ଶୟନରେ ରହି ଧନ୍ୟବାଦ ଓ ପ୍ରାଧାନ୍ୟ ଲାଭ କରିଥିବା ଶେଷଶାୟୀ ବିଷ୍ଣୁ ମଧ୍ୟ ତାହାର ଦେହରେ ଆଶ୍ରୟ ଗ୍ରହଣ କରିଥିବାର ଅନୁମିତ ହେଉଥିଲା ।

୭ମ ପଦ:—ଏହି ସମୟରେ ରାବଣ ତାର ଶରୀରକୁ ବିନ୍ଧ୍ୟପର୍ବତର ଶୃଙ୍ଗର ଶିଖର ଦେଶ ପର୍ଯ୍ୟନ୍ତ ବଢ଼ାଇ ( ଅର୍ଥାତ୍ ଉନ୍ନତ କଳେବର ଧାରଣ କରି ) ହସ୍ତରେ ପ୍ରଜ୍ୱଳିତ ଶିଖା ତୁଲ୍ୟ ଅତି ତେଜସ୍କର ଏକଘ୍ନି ନାମକ ଶକ୍ତିକୁ ଧରି ବୁଲାଇ କହିଲା, "ରେ ଲକ୍ଷ୍ମଣ ! ମୁଁ ଏହି ଅସ୍ତ୍ରକୁ ବିଭୀଷଣ ପ୍ରତି ନିକ୍ଷେପ କରୁଛି । ତୁ ତାର ସମ୍ମୁଖରୁ ଆଡ଼ ହୋଇ ଯା !" କିନ୍ତୁ ସେହି ଦାସବତ୍ସଳ ଲକ୍ଷ୍ମଣ ଏହା ଶୁଣି ମଧ୍ୟ ବିଭୀଷଣର ଆଗରେ ଠିଆ ହେଲେ ଏବଂ ରାବଣର ନାସା ରୂପୀ ଗର୍ତ୍ତରେ ଗର୍ତ୍ତରେ ସର୍ପ ରୂପୀ ସ୍ୱର୍ଣ୍ଣୀ ଶରମାନଙ୍କୁ ଅତି ଶୀଘ୍ର ପୂର୍ଣ୍ଣ କରି ଦେଲେ ।

ବୈରାଗ୍ୟ ହୋଇଲା ଘାତ ଆଗପଛେ ଗତାଗତ ଶକ୍ତି ଜ୍ୟୋତିଷ୍ମନ୍ତେ ଆସେ ଘୋଟି
ବନ ପୋଡ଼ ହୁତାଶନେ ବନାଶନେ ଯଥା ଜନେ କୃଷ ତଥା ସୁଗ୍ରୀବାଦ ପିଟି ସେ
ବାରିବାହ । ବାଣେ ରାମ ଜଳ ବରଷନ୍ତି ।।
ବାନ୍ଧିଲେ ଲକ୍ଷ୍ମଣ ସେତେ ଭାନୁ ଉଦିତେ ଖଦ୍ୟୋତେ
ଝିଲକଞ୍ଚନ ଯେ ସେହ୍ନମତ ସେ । ୮ ।
ବେଢ଼ି ବେଢ଼ି ପ୍ରଭାକର ଶକ୍ତିକି ପକ୍ଷିନିକର ନିର୍ଦ୍ଧିତ ପ୍ରାୟ ମୁଦ୍ରିତ ଆଖି ।
ବଳମୁଖସାରେ ଉଠି ଚରମେ ବଦନ ଥୋଇ ଦବାନ୍ଧ ଖଗରେ ହେଲେ ଲକ୍ଷସେ
ବଚେତନ । ବଳୀ ଲକ୍ଷ୍ମଣ ହେଲେ ପତନ ।
ବଜ୍ରେ ଗିରି ଭେଦମତେ ବାସବ ପୃଥ୍ୱୀ ସହିତେ
ଫୁଟି ପାତାଳକୁ ଦେଲା ପୁନ ସେ । ୯ ।

---

୮ମ ପଦ:—ବୈରାଗ୍ୟ—ବିରାଗଭାବ, ବିରକ୍ତି । ଘାତ—ଆଘାତ ପ୍ରାପ୍ତ । ଜ୍ୟୋତିଷ୍ମନ୍ତେ—ତେଜୋବନ୍ତଙ୍କୁ । ହୁତାଶନ—ଅଗ୍ନି । ବାରିବାହ—ମେଘ । ଭାନୁଉଦିତ—ସୂର୍ଯ୍ୟୋଦୟ ହେଲେ । ଖଦ୍ୟୋତେ—ଜୁଳୁଜୁଳି [illegible] ସମୂହ । ଝିଲକଞ୍ଚନ ନିସ୍ତେଜ ।

୯ମ ପଦ:—ପ୍ରଭାକର—ତେଜୋବନ୍ତ । ବଳମୁଖସାର—ସୁଗ୍ରୀବ । ଚରମେ—ପୃଷ୍ଠଭାଗରେ । ଦବାନ୍ଧଖଗ—ପେଚା ।

---

୮ମ ପଦ:—ତହୁଁ ରାବଣ ଅତ୍ୟନ୍ତ ବିରକ୍ତ ହୋଇ ଆଗକୁ ପଛକୁ ବୁଲି କ୍ରୋଧରେ ଏକ ଶକ୍ତି ନିକ୍ଷେପ କରିବାରୁ ତାହା ଅଗ୍ନିତୁଲ୍ୟ ତେଜ ପ୍ରକାଶ କରି ଲକ୍ଷ୍ମଣଙ୍କୁ ଘୋଟି ଗଲା । ଲୋକମାନେ ଦାବାନଳକୁ ଡାଳରେ ପିଟି ପାଣି ସିଞ୍ଚି ନିଭାଇଲାପରି ସୁଗ୍ରୀବ ପ୍ରଭୃତି ବୀରମାନେ ସେହି ଶକ୍ତିର ପ୍ରଚଣ୍ଡତେଜକୁ ବୃକ୍ଷରେ ପିଟିବାକୁ ଲାଗିଲେ ଓ ରାମଚନ୍ଦ୍ର ମେଘାସ୍ତ୍ର ପ୍ରୟୋଗ କରି ତା ଉପରେ ଜଳ ସେଚନ କରିବାକୁ ଲାଗିଲେ । ମାତ୍ର ସମସ୍ତ ବ୍ୟର୍ଥ ହେଲା । ପୁଣି ଲକ୍ଷ୍ମଣ ଉପରେ ଅସ୍ତ୍ର ନିକ୍ଷେପ କଲେ, ତାହାସବୁ ସୂର୍ଯ୍ୟ କିରଣରେ ଜୁଳୁଜୁଳିଆ ପୋକ-ପରି ମ୍ଳାନପ୍ରଭ ହୋଇଗଲା ।

୯ମ ପଦ:—ସେହି ଶକ୍ତି ବେଢ଼ି ବେଢ଼ି ତେଜ ବୃଦ୍ଧି କରି ଆସିବାରୁ ରାମଙ୍କ ସୈନିକମାନେ ନିଦ୍ରିତ ପକ୍ଷୀମାନଙ୍କ ପରି ଚକ୍ଷୁ ମୁଦ୍ରିତ କଲେ କପିରାଜ ସୁଗ୍ରୀବ ସେହି ତେଜକୁ ଅନାଇ ନ ପାରି ପଛ ଆଡ଼କୁ ମୁଖ କରିବାରୁ ପେଚାପରି ଦେଖାଗଲେ । ବଳବନ୍ତ ଲକ୍ଷ୍ମଣ ସେହି ଶକ୍ତିର ଆଘା-ତରେ ଅଚେତନ ହୋଇ ପଡ଼ିଲେ । ଇନ୍ଦ୍ର ବଜ୍ରଦ୍ୱାରା ପର୍ବତମାନଙ୍କୁ ଭେଦ କଲାପରି ସେହି ଶକ୍ତି ଲକ୍ଷ୍ମଣଙ୍କର ହୃଦୟକୁ ଫୁଟାଇ ପାତାଳରେ ପ୍ରବେଶକଲା ।

ବେନିବଳଲୋକାଲୋକ ତୁଳ ଯାଶେ ନିର୍ମଳକ ପାଶେ ହୋଇ ଅନ୍ଧକାର ଯୁକ୍ତ
ବିବେକ ଦଶକନ୍ଧର ଅନନ୍ତଙ୍କୁ ଅନ୍ତକର କାଲି ଅଚ୍ୟୁତ କରିବି ଚ୍ୟୁତ ଯେ ।
ବାହୁଡ଼ିଲେ । ବିମାନଙ୍କୁ ରାଘବ ସଲୀଳେ ।
ବିହରିଲେ ଅବଧିରେ ଗ୍ରାବଗ୍ରାସେ ତତପରେ
ରହେ ଦେଖି ଗଡ଼ଦ୍ୱାର ସ୍ଥଳେ ଯେ । ୧୦ ।
ବିକଳ ସକଳରୂପେ ମିଳିଲେ ଭ୍ରାତୃ ସମୀପେ ଛନ୍ନ ଉତ୍ଥାନେ ଯେମନ୍ତ ଦଣ୍ଡ
ବିଲୋକି ଶକ୍ତି ଉତ୍ପାଟି ବୋଲୁଁ ରହିଲେ କପିଭଟ୍ଟ ସମସ୍ତ ତଳେ ଅବନୀଖଣ୍ଡ ସେ

---

୧୦ମ ପଦ:—ଅନନ୍ତଙ୍କୁ—ଲକ୍ଷ୍ମଣଙ୍କୁ । ଅନ୍ତକର—ନାଶ କଲି । ଅଚ୍ୟୁତ—ଚ୍ୟୁତ ଅର୍ଥାତ୍ ବିନାଶ ନ ହୋଇଥିବା ବ୍ୟକ୍ତି, ରାମଚନ୍ଦ୍ର । ଚ୍ୟୁତ—ବିନାଶ । ରାଘବ—ମତ୍ସ୍ୟବିଶେଷ । ସଲୀଳେ—କୌତୁକରେ । ଅବଧିରେ—ସମୁଦ୍ରରେ ।

୧୧ଶ ପଦ:—ଉତ୍ଥାନ—ବିପର୍ଯ୍ୟସ୍ତ । ଦଣ୍ଡ—ବେଣ୍ଟ । ଉତ୍ପାଟି—ଉପାଡ଼ିବା । ଅବନୀଖଣ୍ଡ—ଭୂଖଣ୍ଡ । ବାରଣ—ହସ୍ତୀ । ସନାଳକଞ୍ଜ—ନାଡ଼ିସହିତ ପଦ୍ମ । ବିଭଞ୍ଜି—ବିଭଗ୍ନ । ମାରୁତି—ହନୁମାନ୍ । କପିଭଟ୍ଟ—କପିସମୂହ ।

---

୧୦ମ ପଦ:—ଏହି ସମୟରେ ରାମଚନ୍ଦ୍ର ଓ ରାବଣ ଏ ଦୁହିଁଙ୍କର ସୈନ୍ୟବଳ ଲୋକାଲୋକ ପର୍ବତପରି ଦେଖା ଗଲେ । ଲୋକାଲୋକ ପର୍ବତର ଏକ ପାଖରେ ଆଲୋକ ଓ ଅପର ପାଖରେ ଅନ୍ଧକାର ଆଚ୍ଛାଦିତ ହୋଇଥାଏ; ସେହିପରି ଲକ୍ଷ୍ମଣଙ୍କ ବକ୍ଷରେ ଶକ୍ତିଭେଦ ହେବାରୁ ରାବଣର ସୈନ୍ୟମାନଙ୍କ ମଧ୍ୟରେ ଶତ୍ରୁ ବିଜୟ ରୂପ ଆଲୋକ ଓ ରାମଚନ୍ଦ୍ରଙ୍କ ସୈନ୍ୟ ମଧ୍ୟରେ ଶୋକାନ୍ଧକାର ଆଚ୍ଛାଦିତ ହେଲା । ଏହା ଦେଖି ରାବଣ ଭାବିଲା, 'ଆଜି ଲକ୍ଷ୍ମଣରୂପୀ ଶେଷଦେବଙ୍କୁ ନାଶ କଲି; କାଲି ରାମରୂପୀ ବିଷ୍ଣୁଙ୍କୁ ବିନାଶ କରିବି ।' ଏହା ଭିତରେ ରଥ ଫେରାଇ ନେଇ ଯିବାରୁ ରାଘବମତ୍ସ୍ୟ ଜଳରେ ବିହାର କଲାପରି ରାମ ଯୁଦ୍ଧକ୍ଷେତ୍ରରେ କୌତୁକର ସହିତ ବିହାର କରିବାକୁ ଲାଗିଲେ ଏବଂ ରାଘବ ମାଛ ସମୁଦ୍ରସ୍ଥ ଜଳଜନ୍ତୁମାନଙ୍କୁ ଭକ୍ଷଣ କଲାପରି ରାମଚନ୍ଦ୍ର 'ଗ୍ରାବ' ରାବଣକୁ ଗ୍ରାସ କରିବାକୁ ଅର୍ଥାତ୍ ମାରିବାକୁ ଯୋଗାଡ଼ କଲେ; କିନ୍ତୁ 'ଅବଧିରେ' ଏହି ଶବ୍ଦର 'ର' ସ୍ଥାନରେ 'ଲ' କଲେ ଅର୍ଥାତ୍ ଅବଧିଲେ ମାରି ପାରିଲେ ନାହିଁ । ଏଣୁ ରାଘବମତ୍ସ୍ୟ ସ୍ଥଳଭାଗକୁ ଦେଖି ରହିଲାପରି ରାମଚନ୍ଦ୍ର ଲଙ୍କାଗଡ଼ର ଦ୍ୱାରଦେଶକୁ ଦେଖି ରହିଲେ ଅର୍ଥାତ୍ ଯୁଦ୍ଧ ବନ୍ଦ କରି ଫେରିଲେ ।

୧୧ଶ ପଦ:—ରାମଚନ୍ଦ୍ର ଅତିଶୟ ଦୁଃଖିତ ହୋଇ ଲକ୍ଷ୍ମଣଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ଦେଖିଲେ ଯେ ବେଣ୍ଟ ଉପରକୁ ହୋଇ ଛତା ପଡ଼ିଥିଲେ

ବିସ୍ମିତରେ । ବାମକରେ ଧରି ଉତ୍ପାଟିଲେ ।
ବାରଣ ସନାଳକଞ୍ଜ    ପରି ସେ କରି ବିଭଞ୍ଜ
ମାରୁତି ଅଙ୍ଗଦ ମାଡ଼ିଥିଲେ ଯେ । ୧୦ ।
ବୁଦ୍‌ବୁଦ୍ ଜମ୍ବାଳେ ଜାତ କ୍ଷତଜଜାତ ହେମନ୍ତ ପଦ୍ମାକରଛବି ସେ ସୁନ୍ଦର ।
ବନଜବଦନେ ମ୍ଳାନଉତ୍ପଳ ନେତ୍ର ଶୈବାଳ ବାଳକୋକନଦ ପଦ-କର ଯେ ।
ଗାତ ବାହୁ । ବିନା ଚଳିତ କୁମୁଦହାସ ।
ବିକାଶ ହେଲେହେଁ ନାହିଁ    ମ୍ଳା (ଖ) ନଭାବ ଭଜ ତହିଁ
ପ୍ରକଟ ଯହିଁ ସୁହୃଦବର୍ଗ ଯେ । ୧୧ ।

---

୧୧ଶ ପଦ:—ଜମ୍ବାଳ—ପଙ୍କ । ପଦ୍ମାକର—ପୁଷ୍କରିଣୀ । କୋକନଦ—ରକ୍ତକଇଁ । ସୁହୃଦବର୍ଗ—ସୁଗ୍ରୀବାଦି ମିତ୍ରମାନଙ୍କର ବର୍ଣ୍ଣିତ, ଉତ୍ତମ ହୃଦୟବାନ୍ ଜନ ବର୍ଗରୂପେ । ବନଜ—ପଦ୍ମ । ପଦ-କର—ପାଦ ଓ ହସ୍ତ । ଗାତ—ଲହଡ଼ି । କୁମୁଦ-ହାସ—ପ୍ରସ୍ଫୁଟିତ କଇଁ, ଆନନ୍ଦହାସ୍ୟ । କ୍ଷତଜ—ରକ୍ତ । ବିନାଚଳିତ—ଅଚଳ । ମ୍ଳାନୋତ୍ପଳ—ମ୍ଳାନକଇଁ । ବାଳଶୈବାଳ—ଶିଉଳୀ । ମ୍ଳାନଭାବ—ଦୁଃଖଭାବ । ବିନଭାବ—ବିକଶଭାବ ।

---

ଯେପରି ଦେଖାଯାଏ, ଶକ୍ତିବିଦ୍ଧ ଲକ୍ଷ୍ମଣ ତଦ୍ରୂପ ହୋଇ ପଡ଼ିଥିବାରୁ ସେହିପରି ଦେଖାଯାଉ ଅଛନ୍ତି ( ଏଠାରେ ଶକ୍ତିର ବେଣ୍ଟସହ ଛତାର ବେଣ୍ଟ ଓ ଛତା ସହିତ ଲକ୍ଷ୍ମଣଙ୍କର ବକ୍ଷସ୍ଥଳ ତୁଳନା କରାଗଲା ) । ତତ୍ପରେ ରାମ ସେ ଶକ୍ତିକୁ ଉପାଡ଼ି ବାହାର କରି ଦେବାପାଇଁ ଆଦେଶ ଦେବାରୁ ସମସ୍ତ ବାନର ଯୋଦ୍ଧାମାନେ ତାହାକୁ ଉପାଡ଼ିବାକୁ ଲାଗିଲେ, କିନ୍ତୁ ଶକ୍ତି ହଲଚଲ ନ ହୋଇ ପୃଥିବୀ ହଲିବାକୁ ଲାଗିଲା । ରାମ ଏଥିରେ ଅତିଶୟ ବିସ୍ମିତ ହୋଇ ତାହାକୁ ବାମ ହାତରେ ଧରି ହାତୀ ପଦ୍ମଫୁଲକୁ ନାଡ଼ି ସହିତ ଉପାଡ଼ି ଆଣିଲାପରି ଉପାଡ଼ି ଆଣି ଦୁଇଖଣ୍ଡ କରି ଦେଲେ । ଏହି ସମୟରେ ହନୁମାନ ଓ ଅଙ୍ଗଦ ଲକ୍ଷ୍ମଣଙ୍କୁ ମାଡ଼ି ବସିଥିଲେ ।

୧୨ଶ ପଦ:—ପଙ୍କରୁ ବୁଦ୍‌ବୁଦ୍ ବାହାରିଲା ପରି ଏହି ସମୟରେ ଲକ୍ଷ୍ମଣଙ୍କ କ୍ଷତସ୍ଥାନରୁ ରକ୍ତ ବାହାରିବାରୁ ସେ ଗୋଟିଏ ମନୋହର ପଦ୍ମ-ପୁଷ୍କରିଣୀର ଶୋଭାକୁ ଧାରଣ କଲେ । କାରଣ ପୁଷ୍କରିଣୀରେ ଯେପରି ପଦ୍ମ, ମାଳକଇଁ, ଶିଉଳି, ନାଲକଇଁ ଓ ଲହଡ଼ି ପ୍ରଭୃତି ଦେଖା ଯାଉଥାନ୍ତି ସେହିପରି ତାଙ୍କର ମୁଖ, ଚକ୍ଷୁ, କେଶ, ହସ୍ତ, ପାଦ ଓ ନିଶ୍ଚଳ ବାହୁହିଁ ଦେଖା ଯାଉଥିଲା କିନ୍ତୁ ହିମସମୟରେ କଇଁଫୁଲର ବିକାଶ ନ ହେଲାପରି, ତାହାଙ୍କ ନିକଟରେ ଥିବା ମିତ୍ରମାନଙ୍କ ମନରେ ଦୁଃଖ ଜାତ ହୋଇଥିବାରୁ ହସଫୁଲତା ଦେଖାଯାଉ ନ ଥିଲା ।

ବକ୍ଷସ୍ଥଳେ ଦେଖି ଗର୍ତ୍ତ ରଥାଙ୍ଗ ଲକ୍ଷ ଲକ୍ଷିତ ରଥାଙ୍ଗ ରଜନୀ ହୋଇଥିଲା ।
ବ୍ୟାଧକ୍ରବ୍ୟାଦଜୀବନ ହରଣେକେହ୍ନେ ଚେତନ ରହିଛି ଏହି ବିଚିତ୍ର ହେଲା ଖେ ।
ବିନିବାର । ବିକଳ ଅଧିକ ହୋଇ ଶୋକ ।
ବିଦୁଷଆଦ୍ୟ ରାଘବ ନାମାଦ୍ୟରେ କଲେ ରବ
ବଡ଼ ମୁଁ ନାଶ ନୋହିଲି ଆଗ ସେ । ୧୩ ।
ବସାଉଁ ଜାନୁ ଶଯ୍ୟନ ମର୍କତ ଶଙ୍କୁ ସ୍ୱର୍ଣ୍ଣ ଗଣ୍ଡଶୈଳ କି ଖସିପଡ଼ି ।
ବହିତ ନେତ୍ରଯୁଗ୍ମରୁ ନିର୍ଝର ଝର କି ଗୁରୁ ହ୍ରଦସ୍ଥ ପ୍ରପାତେ ଗଲା ଜଡ଼ି ସେ ।
ବାଣୀ ନ୍ୟାସୁଁ । ବୈଦ୍ୟଚନ୍ଦ୍ର ସୁଷେଣ ଭଣିତ ।

---

୧୩ଶ ପଦ:—ରଥାଙ୍ଗ—ରଥଚକ୍ର, ଚକ୍ରବାକପକ୍ଷୀ । ରଜନୀ—ରାତ୍ରି । କ୍ରବ୍ୟାଦ-ରାକ୍ଷସ । ବିନିବାର—ବିଶେଷରେ ନିବୃତ୍ତି । ବିଦୁଷଆଦ୍ୟ—ପଣ୍ଡିତଶ୍ରେଷ୍ଠ । ରବ—ଧ୍ୱନି ।

୧୪ଶ ପଦ:—ମର୍କତଶଙ୍କୁ—ମରକତପର୍ବତରୁ । ଗଣ୍ଡଶୈଳ—ଶିଳାଖଣ୍ଡ । ନିର୍ଝରଝର—ଝରଣାଜଳ । ବୈଦ୍ୟଚନ୍ଦ୍ର—କବିରାଜ ଶ୍ରେଷ୍ଠ । ହ୍ରଦକୁମୁଦ । ହ୍ରଦପୂରଣ କରି । ପ୍ରପା—ଝରଣା ।

---

୧୩ଶ ପଦ—ଲକ୍ଷ୍ମଣଙ୍କ ବକ୍ଷସ୍ଥଳରେ ରଥ ଚକ୍ର ଆକୃତିରେ ହୋଇଥିବା କ୍ଷତକୁ ଦେଖି ରାମଚନ୍ଦ୍ର କହିଲେ, 'ଆଜି ଆମ୍ଭ ଦୁଇଭାଇଙ୍କ ପକ୍ଷରେ ଚକ୍ରବାକ ରଜନୀ ହୋଇଥିଲା । ( ଅର୍ଥାତ୍ ରାତିରେ ଚକ୍ରବାକ ପକ୍ଷୀ ଓ ତାର ସ୍ତ୍ରୀ ଅଲଗା ଅଲଗା ହୋଇ ରହିଲାପରି ଆମ୍ଭେ ଦୁହେଁ ଯୁଦ୍ଧ କ୍ଷେତ୍ରରେ ପୃଥକ୍ ପୃଥକ୍ ସ୍ଥାନରେ ରହିଥିଲୁଁ ) । ବ୍ୟାଧ ଚକ୍ରବାକର ପ୍ରାଣ ହରଣ କଲାପରି ଏହି ଅସୁରରୂପୀ ବ୍ୟାଧ ( ରାବଣ ) ମୋର ପ୍ରାଣ ଲକ୍ଷ୍ମଣଙ୍କର ପ୍ରାଣ ହରଣ କଲା । ମାତ୍ର ମୁଁ ଚକ୍ରବାକୀ ପରି ଜୀବିତ ରହିଅଛି, ଏହାହିଁ ଆଶ୍ଚର୍ଯ୍ୟ ! ଏହି କଥା କହୁ କହୁ ତାଙ୍କ ମନରେ ଅତ୍ୟନ୍ତ ଦୁଃଖ ହୋଇଥିଲା । ତହୁଁ ସେ ନିଜର ପର୍ଯ୍ୟାପ୍ତର ଆଦି ନାମ ଅର୍ଥାତ୍ 'ହା, ହା, ପଣ୍ଡିତ ଲକ୍ଷ୍ମଣ ! ମୁଁ ବଡ଼ ହୋଇ ଆଗ ନମରି ତୁ ଆଗ ମଲୁ' ଏହି କଥା କହି ଉଚ୍ଚସ୍ୱରରେ କାନ୍ଦିବାକୁ ଲାଗିଲେ ।

୧୪ଶ ପଦ:—ରାମଚନ୍ଦ୍ର ଲକ୍ଷ୍ମଣଙ୍କୁ ତଳରୁ ଉଠାଇ ଜଙ୍ଘ ଉପରେ ବସାଇବାକୁ ଲାଗିଲେ, କିନ୍ତୁ ଲକ୍ଷ୍ମଣ ବସି ନପାରି ତାଙ୍କ ଜଙ୍ଘ ଉପରେ ଢଳି ପଡ଼ିବାରୁ ମରକତ ପର୍ବତରୁ ସୁବର୍ଣ୍ଣ ଶିଳା ଖସିପଡ଼ିଥିଲାପରି ଦେଖାଗଲା ଏବଂ ଝରଣା ଯେପରି ପର୍ବତ ଗୁମ୍ଫାରୁ ବହି ନିମ୍ନପ୍ରଦେଶକୁ ପ୍ଲାବିତ କରେ

ନାଶ ନୋହିବା ପଦ          ବିକାଶ ହୃଦକୁମୁଦ
ଚକ୍ଷୁ ଚକୋର ମୁଦିବା ସ୍ଥିତ ଯେ । ୧୪ ।
ବୋଲନ୍ତି ଆଣ ଔଷଧି ଗନ୍ଧମାଦନେ ପ୍ରସିଦ୍ଧି ଉତ୍ତରଦିଗେ ଯେ ସେନାଡାକ
ବ୍ରହ୍ମାକେଳିନଗେ ଅଛି ନଶା ଥାଉଁ ଜଣେ ବାଛି ଆଣୁ ଭଣୁ ଦୂର ଲେଖିଣଙ୍କି ଯେ
ବୋଲନ୍ତି ଯେ । ବକୁଷିବଂଶୀ ଜଇଁବାଷ୍ପ ।
ବୋଇଲେ ସେ ସଦାଗତି-          ତନୟ ତ ସଦା ଗତି
ଶୁଣି ଓଳଗି ଗମି ମାରୁତି ଯେ । ୧୫ ।
ବାର୍ତ୍ତାପାଇ ଲଙ୍କାକାନ୍ତ କାଳନେମିକି ତତ୍କାଳ ମଣାଇଣ ସକଳ ପ୍ରେଷଣ ।
ବେଗେ ଗନ୍ଧନଗ କଳେ ନିର୍ମାଣି ଶମ୍ଭୁ ଦେଉଳେ ତପୀରୂପେ ବସିଛି ଆପଣ ଯେ

---

୧୫ଶ ପଦ:—ବ୍ରହ୍ମାକେଳିନଗେ—ଗନ୍ଧମାଦନପର୍ବତରେ । ନଶା—ରାତ୍ର । ସଦାଗତି—ତନୟ—ବାୟୁପୁତ୍ର ( ହନୁମାନ ) ।

---

ସେହିପରି ରାମଙ୍କ ନୟନ କୋଣରୁ ଲୋତକଧାର ପ୍ରବାହିତ ହୋଇ ଲକ୍ଷ୍ମଣଙ୍କର ମନୋହର ବକ୍ଷସ୍ଥଳକୁ ପ୍ଲାବିତ କଲା । ଏହି ସମୟରେ ବୈଦ୍ୟଶ୍ରେଷ୍ଠ ସୁଷେଣ 'ଲକ୍ଷ୍ମଣ ମରିବେ ନାହିଁ' ଏହି କଥା କହିବାରୁ ରାମଙ୍କର ହୃଦୟରୂପ କୁମୁଦ ବିକଶିତ ହେଲା ଏବଂ ତାଙ୍କ ଚକ୍ଷୁ ରୂପ ଚକୋରର ଲୋତକଧାର ବନ୍ଦ ହୋଇଗଲା । ( ବୈଦ୍ୟ ସୁଷେଣ ଭଲକରି ଦେବାକୁ କହିବାରୁ ରାମ ଆନନ୍ଦିତ ହେଲେ ) ।

୧୫ଶ ପଦ:—ସୁଷେଣ ଏହା କହିବାରୁ ରାମ କହିଲେ, "ଔଷଧ ଆଣ ।" ଏହା ଶୁଣି ବୈଦ୍ୟ ସୁଷେଣ ସୈନ୍ୟମାନଙ୍କୁ ଡାକି କହିଲେ "ଉତ୍ତରଦିଗସ୍ଥ ଗନ୍ଧମାଦନ ନାମକ ବ୍ରହ୍ମାଙ୍କ କ୍ରୀଡ଼ାପର୍ବତରେ ଔଷଧ ଅଛି । ରାତି ଥାଉଁ ଥାଉଁ ଯାଇ ସେହି ଔଷଧକୁ ବାଛିକରି ଆଣ ।" ସୁଷେଣ ଏହିପରି କହିବାରୁ ରାମଚନ୍ଦ୍ର, ସେହି ପର୍ବତ ଏଠାରୁ କୟୁଲକ୍ଷ ଯୋଜନ ଦୂରରେ ଅଛି ବୋଲି ହିସାବକରି ଶଙ୍କା କରିବାକୁ ଲାଗିଲେ । ( ଅର୍ଥାତ୍ କେହି ଏତେ ଦୂରଯାଇ ଏହି ରାତ୍ରି ମଧ୍ୟରେ ଆଣି ପାରିବେ ନାହିଁ ବୋଲି ଭାବିଲେ ) । ତହୁଁ ସୁଷେଣ କହିଲେ, "ଆମ୍ଭମାନଙ୍କର ସର୍ବଦା ସହାୟକାରୀ ହନୁମାନ ଯାଇ ଆଣି ପାରିବ ।" ଏହା ଶୁଣି ହନୁମାନ ରାମଚନ୍ଦ୍ରଙ୍କୁ ପ୍ରଣାମ କରି ସେହି ପର୍ବତକୁ ଆଣିବାପାଇଁ ବାହାରିଲା ।

୧୬ଶ ପଦ:—'ହନୁମାନ ଔଷଧ ଆଣିବାପାଇଁ ଗନ୍ଧମାଦନକୁ ଯାଉଅଛି'—ଏହି ବାର୍ତ୍ତାପାଇ ରାବଣ ହଠାତ୍ କାଳନେମି ଅସୁରକୁ ଡକାଇଲା

ବତାସ ନ । ବଢ଼ଇ ପାଇଁ ପବନସୁତ ।
ଅବିଘ୍ନ ଯିବା କାର୍ଯ୍ୟ ହେବ    ଏ ସରେ ନମଜ୍ଜି ଶିବ
ନ ଦେଖି ଚଳେ ଏ ଗିରିକୂଟ ସେ । ୧୬ ।
ବିଶୋଉଁ ଏ କଥା ଶ୍ରୋତ ହେଉଁ ସରସୀ ପଶିଲା ନକ୍ରରୂପୀ ଧରନ୍ତେ ପସ୍ୱର ।
ବୁଡ଼ି ପସ୍ୱରେ ଚପଳେ ଟାଣନ୍ତେ ପକାଇ କୂଳେ ରୁଚିରବର୍ଣ୍ଣା ଯୁବତୀ ବର ସେ
ବୋଇଲା ସେ । ବ୍ରହ୍ମାଙ୍କ ଏ ମୋ ଦେହ ଡରଇଁ ।
ବିଷ୍ଣୁର ପରିଚାରକ    ତୁମ୍ଭେ ହେଲ ମୋ ତାରକ
ମାର ରାବଣ ସେବକ ଏହି ସେ । ୧୭ ।

---

୧୬ଶ ପଦ:—ଲଙ୍କାପତି—ରାବଣ । ମଣାଇ—ବୁଝାଇ । ପ୍ରେଷଣ—ପଠାଇ । ଶମ୍ଭୁ ଦେଉଳେ—ଶିବ ମନ୍ଦିରରେ । ପବନସୁତ—ହନୁମାନ । ସରେ—ପୁଷ୍କରିଣୀରେ । ନମଜ୍ଜି ସ୍ନାନକରି ।

୧୭ ପଦ:—ବିଶୋଉ—ବିଶ୍ରାମ କରିବାରୁ । ସରସୀ—ପୁଷ୍କରିଣୀ । ନକ୍ରରୂପୀ—କୁମ୍ଭୀରରୂପୀ । ପସ୍ୱର—ପାଦ । ପସ୍ୱରେ ଜଳରେ । ରୁଚିର-ବର୍ଣ୍ଣା—ପରମାସୁନ୍ଦରୀ । ପରିଚାରକ—ଭୃତ୍ୟ । ତାରକ—ତ୍ରାଣକର୍ତ୍ତା ।

---

ଓ ତାଙ୍କୁ ସମସ୍ତ ଅବସ୍ଥା କହି ହନୁମାନର ଏହି କାର୍ଯ୍ୟରେ ବାଧା ଘଟାଇବା ପାଇଁ ପଠାଇଲା । କାଳନେମି ଶୀଘ୍ର ଯାଇ ହନୁମାନ ଯିବା ବାଟରେ ଥିବା ଗନ୍ଧନଦୀ କୂଳରେ ଶିବମନ୍ଦିର ନିର୍ମାଣକରି, ସେହି ଶିବ ମନ୍ଦିର ନିକଟରେ ନିଜେ ତପସ୍ୱୀ ବେଶଧରି ବସିଲା । ହନୁମାନ ସେହି ବାଟ ଦେଇ ଯିବା-ବେଳେ ହଠାତ୍ ବତାସ ହେଲାପରି ପ୍ରବଳ ପବନ ବହିବାରୁ ସେହି ମାୟା ତପସ୍ୱୀ ହନୁମାନ ଯାଉଥିବାର ଜାଣିପାରି ତାଙ୍କୁ ଡାକି କହିଲା, "ହେ ବୀର ! ଯଦି ତୁମ୍ଭେ ଏହି ପୁଷ୍କରିଣୀରେ ସ୍ନାନକରି ଶିବଙ୍କ ଦର୍ଶନ କରି ନ ଯିବ, ତାହା ହେଲେ ଯେଉଁ କାର୍ଯ୍ୟ କରିବାକୁ ଯାଉଅଛ, ସେଥିରେ ନିଶ୍ଚୟ ବିଘ୍ନ ଘଟିବ ।"

୧୭ଶ ପଦ:—ଏହା ଶୁଣି ହନୁମାନ ସେହି ପୁଷ୍କରିଣୀର ଜଳରେ ପ୍ରବେଶ କରନ୍ତେ, ସେହି ଜଳ ମଧ୍ୟରେ ବାସ କରୁଥିବା କୁମ୍ଭୀରରୂପିଣୀ ଅପ୍ସରା ତାହାର ପାଦକୁ ଧରିଲା । ତହୁଁ ହନୁ ସଙ୍ଗେ ସଙ୍ଗେ ପାଣିରେ ବୁଡ଼ି ତାହାକୁ ଧରି ଦୁଇଫାଳ କରି ଟାଣି କୂଳରେ ଆଣି ପକାଇ ଦେଲେ । ମାତ୍ର ସେହି ମୃତ କୁମ୍ଭୀରର ଦେହରୁ ଗୋଟିଏ ପରମାସୁନ୍ଦରୀ ଯୁବତୀ ବାହାରି ହନୁମାନଙ୍କୁ କହିଲା, "ହେ ବୀର ! ତୁମ୍ଭେ ମୋର ଏହି ଯେଉଁ ଦେହକୁ ଚିରି ଦେଲ, ମୁଁ ସେହି ଦେହରେ ବ୍ରହ୍ମାଙ୍କ ଡରାଇବାରୁ ତାଙ୍କର ଶାପରେ କୁମ୍ଭୀରୀ ହୋଇଥିଲି । ତୁମ୍ଭେ ବିଷ୍ଣୁଙ୍କର ଦୂତ ହୋଇଥିବାରୁ ମୋତେ ଉଦ୍ଧାର କଲ । ଏହି ତପସ୍ୱୀ ରାବଣର ଚର ଅଟେ, ଏହାକୁ ନାଶ କର ।"

ସୁଧୀରେ ତା ବନ୍ଧଶାଳୀ ବିଧି-କେଳିଗୋପେ ମିଳି ଜାତବୃନ୍ଦଗନ୍ଧ ବିପିନରେ ।
ବିଶଲ୍ୟ ଖୋଜୁଁ ସେ ଶଲ୍ୟପଣ୍ଡ ସ୍ୱଭାବରେ ଶଲ୍ୟଶରମାରି ରଜ ସାବର୍ଣ୍ଣରେ ସେ ।
ବିଦ୍ୟାଧରେ । ବୁଧେ ଏ ଲକ୍ଷଣ ଏଣୁ କରି ।
ବିଧାରେ ସେ ସାନୁମାନ ଶତଯୋଜନ ଭଗନ
ମୁଷ୍ଟି ପ୍ରହାରେ ତାହାଙ୍କୁ ମାରି ସେ । ୧୮ ।

ବାସୁକି ଶିର ପେ ଯଥା ଧରନ୍ତି ଧରଣୀ ତଥା ଗିରି ସେ ବହି ଆକାଶେ ଆସେ ।
ବିନ୍ତୁରଥ ସୁଧୀ ହରି ସ୍ୱର୍ଗରୁ ଆସିଲାପରି ଦୁରେ ତ ଶ୍ରବଣ ରାବଣ ଶେଷେ ଯେ ।

---

୧୮ଶ ପଦ:—ବିଧିକେଳି ଗୋପେ—ବ୍ରହ୍ମାଙ୍କ କେଳି ବେଢ଼ରେ । ବିପିନରେ-ବନରେ । ବିଶଲ୍ୟ-ଔଷଧ । ଶଲ୍ୟପଣ୍ଡ ସ୍ୱଭାବରେ-ଝିଙ୍କପଣ୍ଡ ସଦୃଶ ଶଲ୍ୟ—ଝିଙ୍କାଠି । ବିଦ୍ୟାଧରେ-ଗନ୍ଧର୍ବମାନେ । ବୁଧେ—ପଣ୍ଡିତମାନେ । ସାନୁମାନ—ପର୍ବତ ।

୧୯ଶ ପଦ:—ଶିରପେ–ମସ୍ତକରେ । ଧରଣୀ—ପୃଥିବୀ । ବିନ୍ତୁରଥ ଗରୁଡ଼ । ହରି ହରଣକରି । ବିହାୟସରେ-ଆକାଶରେ । କାଳକେତୁ-ରାକ୍ଷସ ।

---

୧୮ଶ ପଦ:—ତହୁଁ ହନୁମାନ ହଠାତ୍ ସେହି ତପସ୍ୱୀରୂପଧାରୀ ଅସୁରକୁ ବଧକରି ବିଧାତାର କ୍ରୀଡ଼ା ପର୍ବତ ଗନ୍ଧମାଦନରେ ଉପସ୍ଥିତ ହେଲା । ହନୁମାନ ସେହି ପର୍ବତସ୍ଥ ଅରଣ୍ୟରେ ପ୍ରବେଶକରି ବ୍ରହ୍ମାଙ୍କର ନାମ ସ୍ମରଣ ପୂର୍ବକ ଔଷଧ ଖୋଜିବା ସମୟରେ ବନରକ୍ଷକ ବିଦ୍ୟାଧରମାନେ ତାକୁ ଦେଖିଲେ । ସେହି ବନରକ୍ଷକ ବିଦ୍ୟାଧରମାନେ ତାକୁ ଝିଙ୍କପଣ୍ଡ ବୋଲି ଭାବି ଝିଙ୍କକାଠି ତୁଲ୍ୟ ଶରମାରି ଅର୍ଥାତ୍ ଅତି ମୁନିଆଁ ଶର ବିନ୍ଧ ତାର ଦେହକୁ 'ଶରି' ଏହି ଶବ୍ଦର 'ରୁ' ସ୍ଥାନରେ ସୁବର୍ଣ୍ଣତା ଯୋଗୁଁ ଜ ଲେଖିଲେ ଯାହା ହେବ 'ଶଜ' ଅର୍ଥାତ୍ ବାଣରୂପ ଝିଙ୍କଠାରେ ପୂର୍ଣ୍ଣ କରିଦେଲେ । ହେ ପଣ୍ଡିତମାନେ ! ସେହି ହେଉଛନ୍ତି ଏଠାରେ ଝିଙ୍କର ଲକ୍ଷଣ କରାଗଲା । ତତ୍ପରେ ହନୁମାନ ବିଧାମାରି ଗନ୍ଧମାଦନ ପର୍ବତର ଶତଯୋଜନ ବିସ୍ତୀର୍ଣ୍ଣ ଶୃଙ୍ଗକୁ ଭାଙ୍ଗି ପକାଇଲା ଓ ସେହି ବାନରକ୍ଷକମାନଙ୍କୁ ବିଧାହାରା ମାରି ପକାଇଲା ।

୧୯ଶ ପଦ:—ବାସୁକି ମୁଣ୍ଡରେ ପୃଥିବୀ ଧାରଣ କଲାପରି ହନୁମାନ ପର୍ବତକୁ ମୁଣ୍ଡରେ ବହି ଆକାଶ ମାର୍ଗରେ ଆସିଲା । ଗରୁଡ଼ ସ୍ୱର୍ଗରୁ ଅମୃତ ହରଣ କରି ଆଣିଲାପରି ହନୁମାନ ପର୍ବତ ହରଣକରି ଆଣୁଥିବାର ଜାଣି

ବଳବନ୍ତ । ବଳ ଦଶସହସ୍ର ସଂଖ୍ୟାରେ ।
ଭାନୁସ୍ୱରେ ଭେଟିଲେ    ରଣ କି ପ୍ରାତେ ଘୋଟିଲେ
କାଳକେୟଗଣ ଯରକାରେ ସେ । ୧୯ ।

ବିପ୍ର ତର୍ପଣ ମାରଣ କରଦ୍ର ପାଣି ଧାରଣ ପଦ ପ୍ରସ୍ୱରଣ ପ୍ରକାଶିଲା ।
ବିଶେଷତୋଷ ଦେବତାପିତାମହର ମମତା ମୋ ସୃଷ୍ଟିରେ ଏଦେଖା ନଥିଲା ଯେ
ବିମର୍ଦ୍ଦନ ! ବସୁ ଉପରୁ ତଳକୁ ଆସି ।
ବ୍ୟୋମକେଶ ଆକାଶରୁ    ମଳନ ପୁଷ୍ପନଚର
ବର୍ଜ୍ଜିନ ଭାନୁ ହୋଇଣ ପ୍ରଭାରେ ଦକ୍ଷିଣାୟନ ତେଜ ଉତ୍ତରାୟଣ ବିସ୍ତରେ ।
ବଡ଼ଯୋଦ୍ଧା ଅଯେ ଦ୍ଧାର ଉପରେ ଗମନକାଳ ଭ୍ରମେ ଭରତ ଭ୍ରମେ ନଶାରେ ସେ

---

୨୦ଶ ପଦ:—କରଦ୍ର ପର୍ବତ ରୂପହସ୍ତ ବ୍ୟୋମକେଶ—ଶିବ । ପିତାମହ—ବ୍ରହ୍ମା ।

୨୧ଶ ପଦ:—ବସୁଧ ଭୃତେ—ପର୍ବତକୁ । ମୂର୍ଦ୍ଧାରେ—ମସ୍ତକରେ । କୁ—ପୃଥିବୀ ।

---

ଦୂତଠାରୁ ଶୁଣି ରାବଣ ଦଶହଜାର ବଳିଷ୍ଠ ସୈନ୍ୟ ପଠାଇଲା । ସେହି ସୈନ୍ୟମାନେ ଆକାଶମାର୍ଗରେ ଯାଇ ପ୍ରଭାତ କାଳରେ କାଳକେୟରାକ୍ଷସମାନେ ସୂର୍ଯ୍ୟଙ୍କୁ ଘେରିଲାପରି ହନୁମାନଙ୍କୁ ଘେରିଗଲେ ।

୨୦ଶ ପଦ:—ପ୍ରାତଃକାଳରେ ସୂର୍ଯ୍ୟଙ୍କୁ କାଳକେୟ ରାକ୍ଷସମାନେ ଆକ୍ରମଣ କରିବା ସମୟରେ ବ୍ରାହ୍ମଣମାନେ ପାଣିରେ ଜଳଧରି ମନ୍ତ୍ରୋଚ୍ଚାରଣ ପୂର୍ବକ ତର୍ପଣ କଲେ ଯେପରି ସେହି ରାକ୍ଷସମାନେ ନିବୃତ୍ତ ହୁଅନ୍ତି, ସେହିପରି ହନୁମାନ ପର୍ବତତୁଲ୍ୟ ପାର୍ଶ୍ୱ ହସ୍ତରେ ଧାରଣକରି ପଦପ୍ରକ୍ଷେପ ଜନିତଶବ୍ଦରୂପ ମନ୍ତ୍ର ଉଚ୍ଚାରଣ ପୂର୍ବକ ରାକ୍ଷସମାନଙ୍କୁ ବିନାଶକଲା । ଏହା ଦେଖି ଦେବତାମାନେ ବ୍ରାହ୍ମଣମାନଙ୍କ ତର୍ପଣରେ ସନ୍ତୁଷ୍ଟ ହେଲାପରି ଅତିଶୟ ସନ୍ତୁଷ୍ଟ ହେଲେ ଏବଂ ମହାଦେବଙ୍କ ମୁଣ୍ଡରୁ ବାସି ଫୁଲ ସବୁ ଖସି ପଡ଼ିଲାପରି ରାକ୍ଷସମାନଙ୍କର ଶବ ଆକାଶରୁ ଭୂତଳକୁ ଖସି ପଡ଼ିବାର ଦେଖି, ବ୍ରହ୍ମା ବିସ୍ମିରଲେ, 'ଏପର୍ଯ୍ୟନ୍ତ ମୋର ସୃଷ୍ଟିରେ କେହି ଏପରି ବୀରତ୍ୱ ଦେଖାଇ ନ ଥିଲେ ।"

୨୧ଶ ପଦ:—ସେହି ଉପମିତ ସୂର୍ଯ୍ୟ ହନୁମାନ ପ୍ରକୃତ ସୂର୍ଯ୍ୟଙ୍କ ପରି ତେଜପୁଞ୍ଜକୁ ବିସ୍ତାରକଲା ଓ ସୂର୍ଯ୍ୟ ଦକ୍ଷିଣାୟନ ତ୍ୟାଗପୂର୍ବକ ଉତ୍ତରାୟଣ

ବାଟୁଳିଏ । ତଦାଘାତକୁ ଖସି ଅଳ୍ପ ମୂର୍ଚ୍ଛା
ବସୁଧାଭୃତେ ମୂର୍ଦ୍ଧାରେ          ଧାରଣ ଉଠି ସତ୍ୱରେ
ରାତ୍ରି କେତେ ଅଛି କଲା ପୃଚ୍ଛା ସେ । ୨୧ ।

କିଏସ୍ତୁ କି ଥରଥର ନିଶିଥିନୀ ତ ପଚାରି ଭରତ ଭାଷୁଁ ମାରୁତି ଉକ୍ତି ।
ବିଷମ ଲଙ୍କା ପୁରରେ ବାଦକୃତ ରାବଣରେ ରାମ ଲକ୍ଷ୍ମଣେ ଭେଦିତ ଶକ୍ତି ସେ ।
ବୀର ଦୃଷ୍ଟି । କୈକେୟୀ ସୁତ ଭାଷେ ରଭସେ ।
ସଙ୍ଗର ଡାକିନୀ ସ୍ଥାନେ          କିମର୍ଥେ ଭ୍ରଷ୍ଟ ଏମାନେ
ଶୋଭା ଅର୍ଜ୍ଜୁନାର ମୃଗ କେ ସେ ଯେ । ୨୨ ।

---

୨୨ଶ ପଦ:—ନିଶିଥିନୀ—ରାତ୍ରି । ବିଧୁ—ଚନ୍ଦ୍ର । ରଭସେ—ଶୀଘ୍ର । ସଙ୍ଗର—ଯୁଦ୍ଧ । ଡାକିନୀସ୍ଥାନେ—ଶ୍ମଶାନ ।

---

ଗତ କଲ୍ପର ଦକ୍ଷିଣ ଦିଗକୁ ପରିତ୍ୟାଗ କରି ଉତ୍ତର ଦିଗକୁ ଯିବାକୁ ବିସ୍ତର କଲା । ବୀରଶ୍ରେଷ୍ଠ ହନୁମାନ ଭ୍ରମବଶତଃ ଅଯୋଧ୍ୟା ନଗରୀର ଉପରି ଭାଗରେ ଗମନ କରୁଥିବା ସମୟରେ ବୀର ଭରତ ପୁର ମଧ୍ୟରେ ନୈଶ ଭ୍ରମଣ କରୁଥିଲେ । ସେ ହନୁମାନର ଗମନ ଶବ୍ଦ ଶୁଣି ଗୋଟାଏ ବାଟୁଳି ମାରିବାରୁ ସେହି ବାଟୁଳିର ଆଘାତରେ ହନୁମାନ ଭୂତଳରେ ପତିତ ହୋଇ ଅଳ୍ପ ମୂର୍ଚ୍ଛିତ ହେଲେ ଏବଂ ସଙ୍ଗେ ସଙ୍ଗେ ଚେତା ପାଇ ଉଠି ପର୍ବତକୁ ମୁଣ୍ଡରେ ଧରି ଦଣ୍ଡାୟମାନ ହୋଇ ଭରତଙ୍କୁ ପଚାରିଲେ, "ଆଉ ରାତ୍ରି କେତେ ଅଛି ?"

୨୨ଶ ପଦ:—ଭରତ କହିଲେ, "କିଏସ୍ତୁ କଣ ? ତୁମ୍ଭେ କାହିଁକି ଥର ଥର ହେଉଅଛ ଏବଂ ରାତ୍ରି କେତେ ଅଛି ବୋଲି କାହିଁକି ପଚାରୁଅଛ ? ହନୁମାନ କହିଲା, "ରାମ ଲକ୍ଷ୍ମଣ ଦୁଇଭାଇ ଦୁର୍ଭେଦ୍ୟ ଲଙ୍କା ପୁରକୁ ଯାଇ ରାବଣ ସହିତ ଯୁଦ୍ଧ କରୁଥିଲେ । ସେହି ଯୁଦ୍ଧରେ ଲକ୍ଷ୍ମଣ ରାବଣର ଶକ୍ତି ଦ୍ୱାରା ବିଦୀର୍ଣ୍ଣ ହୋଇ ଅଛନ୍ତି ।" ଏହା ଶୁଣି କୈକେୟୀ ପୁତ୍ର ଭରତ ହଠାତ୍ ଚନ୍ଦ୍ରକୁ ଦୃଷ୍ଟି ହନୁମାନକୁ କହିଲେ, 'ରାମ ଲକ୍ଷ୍ମଣ' ଚନ୍ଦ୍ରଙ୍କର ତ କିଛି କ୍ଷତ ହୋଇ ନାହିଁ ? ଡାକିନୀମାନଙ୍କର ବାସଭୂମିକୁ ଲଙ୍କା କୁହାଯାଏ; ସେଠାରେ କା ଯୁଦ୍ଧ କାହିଁକି ଲାଗିଲା ଏବଂ ମନୋରମ, ମୃଗ ଏମାନେ ରାମ ନାମରେ ପରିଚିତ; ତୁମ୍ଭ କଥିତ ସେହି ରାମ ଏମାନଙ୍କ ମଧ୍ୟରୁ କିଏ ?"

ବାୟୁଜ କହେ ଉତ୍ତର ରକ୍ଷଃସ୍ଥାନ ଲଙ୍କାପୁର ରାମ ଯାହା ଶରୀରେ ଆଶ୍ରିତା ।
ବିଭାନ୍ତେ ଯେ ଜିଣି ରାମ ବନେ ବଧିଯାଇଁ ରାମ ରାବଣନେଲା ଚୋରାଇ ସୀତା ଯେ
ବ୍ରହ୍ମାଣ୍ଡରେ । ବିଦିତ ସେ ଦାଶରଥି ରାମ ।
ବାଳି ବଧି ସୁଗ୍ରୀବର ମିତ୍ରତାବ୍ରତ ବାନର
ସିନ୍ଧୁ ତରି ଶୈଳ ପରେ ବାମ ଯେ । ୨୩ ।
ବାଚକ ତାଙ୍କ ଅନୁଜ ଭରତ ମୁଁ କି ଆଶ୍ଚର୍ଯ୍ୟ ଶୁଣିଲି ହରିକଳତ୍ର ନେଇ ।
ବଞ୍ଚକ ଅଛି ଲୁଚାଇ ତୃଣାଙ୍କୁରେ ଭେଦ ହୋଇ ଗଣ୍ଡକର ଦେହ ତଥା ଏଣୁ ସେ
ବାତସୁତ । ବୋଲେ ଏମନ୍ତ ନୋହେ ଏମନ୍ତ ।

---

୨୩ଶ ପଦ:—ରାମ—ମନୋହର । ବିଭାନ୍ତେ—ବିବାହ ଶେଷରେ ରାମ—ମାୟା ମୃଗ । ବାମ—ପ୍ରତିକୂଳ ।

୨୪ଶ ପଦ:—ବାଚକ—କହିଲେ । ଅନୁଜ—ସାନଭାଇ । ହରି-କଳତ୍ର—ସିଂହୀ । ବଞ୍ଚକ—ବିଲୁଆ । ତୃଣାଙ୍କୁରେ—ବାଳୁଙ୍ଗା ଧାନର ଶୃଙ୍ଗ-ଦ୍ୱାରା । ଗଣ୍ଡକ—ଗଣ୍ଡା ।

---

୨୩ଶ ପଦ:—ହନୁମାନ ଉତ୍ତର ଦେଲେ, "ଲଙ୍କାପୁର ଅସୁରଙ୍କ ବାସସ୍ଥାନ ଅଟେ । ଶୋଭା ଯାହାର ଦେହକୁ ଆଶ୍ରୟ କରିଅଛି, ଯେ ବିଭା ଶେଷରେ ପରଶୁରାମଙ୍କୁ ଜୟ କରିଥିଲେ, ସେହି ରାମ ବନବାସ ସମୟରେ ମାୟା ମୃଗକୁ ବଧିବା ନିମିତ୍ତ ଦୂରକୁ ଯିବାରୁ (ଲଙ୍କାର ରାଜା ରାବଣ ସୀତା ଦେବୀଙ୍କି ଚୋରାଇ ନେଇଗଲା । ସେ ରାମ ଦଶରଥଙ୍କର ପୁତ୍ର ହୋଇ ବ୍ରହ୍ମାଣ୍ଡରେ ଖ୍ୟାତ ଅଟନ୍ତି । ପୁଣି ସେହି ରାମ କିଷ୍କିନ୍ଧ୍ୟାରାଜ ବାଳୀକୁ ମାରି ତାର ଭାଇ ସୁଗ୍ରୀବ ସହିତ ମିତ୍ର ହୋଇ ବାନର ବଳ ସଙ୍ଗରେ ଧରି ପଥରରେ ସମୁଦ୍ର ବାନ୍ଧି ଅଛନ୍ତି ଏବଂ ସାଗର ପାରି ହୋଇ ଯାଇ ରାବଣର ଶତ୍ରୁତା ଚରଣ କରିଛନ୍ତି ।"

୨୪ଶ ପଦ:—ହନୁମାନର ବାକ୍ୟ ଶୁଣି ଭରତ କହିଲେ, 'ମୁଁ ସେହି ରାମଙ୍କର ସାନଭାଇ ଅଟେ । ମୋ ନାମ ଭରତ । କି ଆଶ୍ଚର୍ଯ୍ୟ କଥା ଶୁଣିବାକୁ ହେଲା ! ସିଂହ ଭାର୍ଯ୍ୟାକୁ ଶୃଗାଳ ନେଇଯାଇ ଲୁଚାଇ ଅଛି । ବାଳୁଙ୍ଗା ଧାନ ଶିଙ୍ଗରେ ଗଣ୍ଡା ଜୀବର ଦେହ ଭେଦ ହେଲା ପ୍ରାୟ ରାବଣର ଶକ୍ତିରେ ଲକ୍ଷ୍ମଣଙ୍କ ଦେହ ଭେଦ ହେଲା !" ଏହା ଶୁଣି ହନୁମାନ କହିଲା, "ସେ କଥା ନୁହେ । ପୂର୍ବେ ଯେପରି ସମୁଦ୍ରରେ ଲକ୍ଷ୍ମୀ ଗୁପ୍ତ ହୋଇ ରହିଥିଲେ, ମନ୍ଦର ପର୍ବତ ଦ୍ୱାରା ମନ୍ଥିତ ହେବାରୁ ସେହି ଲକ୍ଷ୍ମୀ ପୁଣି ସଂସାରରେ ପ୍ରକାଶିତ ହେଲେ, ସେହିପରି ଲକ୍ଷ୍ମୀ ରୂପିଣୀ ସୀତା ସମୁଦ୍ରରେ ଗୁପ୍ତ ହୋଇ ଅଛନ୍ତି । ମନ୍ଦ ରାବଣର ବିନାଶରେ ସେ

ବାରିଧିରେ ଲକ୍ଷ୍ମୀଗୁପ୍ତ ମନ୍ଦର ମନ୍ଥନେ ଖ୍ୟାତ
ମେରୁ ଭେଦେ ଐରାବତ ଦନ୍ତ ଯେ । ୨୪ ।

ବିଷାଦ ସାଦରେ ବେନି ପରାକ୍ରମ ହାନି ଦେନି ବଢ଼ାଇ ରଖି ନିୟମ କଲେ ।
ବିକ୍ରମି ନଭେ ପାବନି ପ୍ରବେଶ ଯୁଦ୍ଧ ଅବନୀ ବେନି ମନ୍ତ୍ରୀ ଗିରି ଉତ୍ତରିଲେ ଯେ ।
ବୃଷ ଶିର୍ଷି । ବିମର୍ଦ୍ଦି ତୋଳି ତହିଁର ପତ୍ର ।
ବିହିତେ ନାସା ଅଞ୍ଜନ ନାଶ ଗ୍ଲାନ ଶତଶଲ୍ୟ
ଉଠିଲେ ଶୀଘ୍ର ସୁମିତ୍ରାସୁତ ସେ । ୨୫ ।
ବସନ୍ତେ ସେ ଜଡ଼ ଶକ୍ତିପାତ ଛୁଟି ବିକାଶନ୍ତି ରାମ ନଳିନ ମଳିନ ଆସ୍ୟ ।
ବିରସ ତେଜ କୁମୁଦ ପ୍ରଭୃତି ଲଭିଲେ ମାଦ ଲକ୍ଷଣାୟୁକ୍ତ ଜ୍ୟୋତି ପ୍ରକାଶ ସେ

---

୫ଶ ପଦ:—ସାଦରେ—ଆଦର ବା ଗୌରବର ସହିତ । ନିୟମ—ସପଥ । ପାବନି — ହନୁମାନ୍ । ଅବନୀ—ପୃଥିବୀ । ସୁମିତ୍ରାସୁତ—ଲକ୍ଷ୍ମଣ ।

---

ପୁଣି ପ୍ରକଟ ହେବ । ଐରାବତ ହସ୍ତୀର ଦନ୍ତ ମେରୁ ପର୍ବତରେ ଭେଦିଲା ପ୍ରାୟ ରାବଣର ଶକ୍ତି ଲକ୍ଷ୍ମଣଙ୍କ ଦେହରେ ଭେଦ କରିଅଛି ।”

୨୫ଶ ପଦ:—ଭରତ ଓ ହନୁମାନ ଦୁହେଁ ନିଜ ନିଜ ପରାକ୍ରମ ନାଶଯିବା ହେତୁ ଦୁଃଖିତ ମନରେ ଆଦରର ସହିତ ପରସ୍ପରର ବଡ଼ିମା ରଖିବାକୁ ଶପଥ କଲେ । ( ଯେଉଁ ଭରତଙ୍କ ବାଟୁଳିରେ ସମଗ୍ର ବ୍ରହ୍ମାଣ୍ଡରେ ଅସାଧ୍ୟ କିଛି ନାହିଁ, ସେହି ବାଟୁଳି ବାଜି ସୁଦ୍ଧା ହନୁମନ୍ତର କ୍ଷତ ହେଲା ନାହିଁ—ଏହାଦ୍ୱାରା ଭରତଙ୍କ ବଡ଼ିମା ହାନି ହେଲା । ପୁଣି ଯେଉଁ ହନୁମାନ ଜନ୍ମବେଳେ ସୂର୍ଯ୍ୟଙ୍କୁ ଗିଳିବାକୁ ଅଗ୍ରସର ହୋଇଥିଲା, ସାମାନ୍ୟ ବାଟୁଳିରେ ସେ ମୂର୍ଚ୍ଛାଗତ ହେଲା—ଏହାଦ୍ୱାରା ହନୁମନ୍ତର ବଡ଼ିମା ହାନି ହେଲା । ଏ କଥା କେହି ପ୍ରକାଶ କରିବେ ନାହିଁ—ଏହିପରି ଶପଥ କଲେ ) ଅନନ୍ତର ହନୁମାନ ଆକାଶରେ ବି ଗମିଯାଇ ଯୁଦ୍ଧ ଭୂମିରେ ପ୍ରବେଶ ହେଲା । ଜାମ୍ବବ ଓ ସୁଷେଣ ମନ୍ତ୍ରୀଦ୍ୱୟ ହନୁମାନର ମସ୍ତକରୁ ଗିରି ଓହ୍ଲାଇ ରଖିଲେ । ଔଷଧ ବୃଷ ଶିର୍ଷି ତହିଁରୁ ପତ୍ର ନେଇ ମର୍ଦ୍ଦନ କରି ନାସା ଦେବାରୁ ଲକ୍ଷ୍ମଣଙ୍କର ମୂର୍ଚ୍ଛା ନାଶ ଗଲା ଏବଂ ଘାଆର ଶଲ୍ୟ ସୁଦ୍ଧା ଲୁଚିଗଲା । ବୀର ଲକ୍ଷ୍ମଣ ଚେତା ପାଇ ଶୀଘ୍ର ଉଠିଲେ ।

୨୬ଶ ପଦ:—ଲକ୍ଷ୍ମଣ ଉଠି ବସନ୍ତେ ବସନ୍ତକାଳର ଉପମା ହେଲା । ବସନ୍ତରେ ଶିଶିର ବିନାଶ ହେତୁ ପଦ୍ମ ବିକଶିତ ହେଲା ପ୍ରାୟ ଲକ୍ଷ୍ମଣଙ୍କର ଅଜ୍ଞାନତା ନାଶ ହେବାରୁ ରାମଚନ୍ଦ୍ରଙ୍କର ଶୁଷ୍କ ମୁଖକୁ ପ୍ରଫୁଲ୍ଲିତ ହେଲା ।

ବାର୍ତ୍ତା ଶୁଣି । ବିଶ୍ରବାସୁତ ଖର ନିଃଶ୍ୱାସୀ ।
ବିଧାତାଦ୍ରି ଶୃଙ୍ଗ ସ୍ଥାନେ ଥୋଇ ଯାଇଁ ହନୁମାନେ
ସୈନ୍ୟ ପେଷୁ ଲାଙ୍ଗୁଳେ ସେ ଧ୍ୱଂସି ଯେ ।୧୬।

ବିଭାବରୀ ଶେଷକାଳେ ସ୍ଫୁରିତ ଶଙ୍ଖ ମଙ୍ଗଳେ ସ୍ଥୂଳଜଙ୍ଘକୁ ତାମ୍ବୁଳେ ତୋଷି ।
ବରଗିଲା ଗଲା ସଘଣେ ଚମୂସଙ୍ଗେ ତୀକ୍ଷ୍ଣବାଣେ ମର୍କଟ ପ୍ରକଟ ହେବା ଗ୍ରାସି ସେ ।
ବିଷ ଗ୍ରାବ । କର ଉଗାଳିଲା ଆସି ନାଳ ।
ବିଶ୍ୱକର୍ମାସୁତ ହନୁ- ମନ୍ତ୍ର କପିପତିସୁନୁ
ସମ୍ଭରବେ ଆରମ୍ଭେ ଭୁମୁଳ ଯେ । ୧୭ ।

---

୧୬ଶ ପଦ:—ବସନ୍ତ—ଋତୁବିଶେଷ । ଜଡ଼—ଅଚେତନ, ଶୀତଋତୁ । ନଳିନ—ପଦ୍ମ । ଆସ୍ୟ—ମୁଖ । ବିଶ୍ରବାସୁତ—ରାବଣ । ବିଧାତାଦ୍ରି—ଶୃଙ୍ଗ—ଗନ୍ଧମାର୍ଦ୍ଦନ ପର୍ବତର ଶୃଙ୍ଗ ।

୧୭ଶ ପଦ:—ବିଭାବରୀ—ରାତି । ସ୍ଫୁରିତ—ଉଚ୍ଚାରିତ । ତାମ୍ବୁଳ—ପାନ । ଚମୂସଙ୍ଗେ—ସୈନ୍ୟମାନଙ୍କ ସହିତ । ଗ୍ରାବ—ପଥର । ବିଶ୍ୱକର୍ମାସୁତ — ନଳ । କପିପତିସୁନୁ—ଅଙ୍ଗଦ । ସମ୍ଭରବେ—ସମାରୋହରେ, ଆଡ଼ମ୍ବର ସହକାରେ । ଭୁମୁଳ—ଘୋରଯୁଦ୍ଧ ।

---

ବସନ୍ତରେ କୁମୁଦଆଦି ଫୁଲସବୁ ପ୍ରସ୍ଫୁଟିତ ହେଲାପରି, ଲକ୍ଷ୍ମଣ ଉଠିବାରୁ କୁମୁଦ-ଆଦି ବାନର ସେନାଗଣ ଆନନ୍ଦିତ ହେଲେ । ବସନ୍ତରେ ଚନ୍ଦ୍ରଜ୍ୟୋତି ଉଜ୍ଜ୍ୱଳ ହେଲା ପ୍ରାୟ ଲକ୍ଷ୍ମଣଙ୍କୁ ଦେଖି ରାମଙ୍କର ଜ୍ୟୋତି ପ୍ରକାଶିତ ହେଲା । ଚରର ମୁଖରୁ ଏହିସବୁ ବାର୍ତ୍ତା ଶୁଣି ରାବଣ ଦୀର୍ଘ ନିଶ୍ୱାସ ପକାଇଲା । ହନୁମାନ ଗନ୍ଧମାର୍ଦ୍ଦନ ପର୍ବତ ଶୃଙ୍ଗକୁ ଯଥାସ୍ଥାନରେ ରଖିବା ପାଇଁ ଯାଆନ୍ତେ, ରାବଣ ତାକୁ ମାରି ପର୍ବତ ଛଡ଼ାଇ ଆଣିବା ପାଇଁ ସୈନ୍ୟ ପଠାଇଲା । ହନୁମାନ ସେ ସୈନ୍ୟମାନଙ୍କୁ ଲାଙ୍ଗୁଳରେ ଗୁଡ଼ାଇ ମାରି ପକାଇଲା ।

୧୭ଶ ପଦ:—ରାତ୍ରି ଶେଷ ହେବାରୁ ପ୍ରଭାତ କାଳର ମଙ୍ଗଳ ଶଙ୍ଖ ବାଜିଲା । ରାବଣ ସ୍ଥୂଳଜଙ୍ଘ ନାମକ ରାକ୍ଷସକୁ ପାନ ଗୁଆ ଦେଇ ବରଣ କରିବା ଦ୍ୱାରା ତାର ତୋଷ ବିଧାନ କରି ଯୁଦ୍ଧକୁ ପଠାଇଲା । ସେ ସୈନ୍ୟମାନଙ୍କୁ ସଙ୍ଗରେ ଧରି ଯିବାମାତ୍ରକେ ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ କରୁଥିବା କପିସେନାମାନଙ୍କୁ ସୁତୀକ୍ଷ୍ଣ ବାଣ ମାରି ଚଞ୍ଚଳିତ କରି ପକାଇଲା ।

ବଧୂନ୍ତୁଦ ବାଳପୁଣ ଜ୍ୟୋତିହୀନ ଚନ୍ଦ୍ରନେତ୍ରମୋଚକର୍ଣ୍ଣେ ପାବନି ଶାର୍ଦ୍ଦୂଳ
ବଳପୁଷ୍ଟ ନଳ ତହିଁ ଭଲ୍ଲୁକ ବିଘାତ ବିହି ଧରି ଏହି ବୈନତ୍ରେୟ ଶିଳ ଯେ ।
ବିଲୋକରେ । ବୀର ସ୍ଥୂଳଜଙ୍ଘ ଘୋରତର ।
ବର୍ଷାଘନ ଘନ ଶର ଦରେ ଖର ମାଳ ଦୂର
କୁନ୍ଦ ଫୁଟିଲା ଭୁ ହ୍ୱାନ ଗିର ଯେ । ୨୮ ।
ବ୍ୟାଖ୍ୟାନ ଶିଶିରେ ଶୀର୍ଣ୍ଣ ସାରସ ପ୍ରଭୃତି ସ୍ୱନ ମଧୁମତ୍ତ ସେହି ତପବନେ ।
ବିଭାବସୁବଂଶ ଯୋଗେ ପ୍ରକାଶମାନରୁ ନଗେ କାଳଶାନ୍ତିଶେଷ ତତକାଳେ ସେ ।

---

୨୮ଶ ପଦ:—ବିଧୁନ୍ତୁଦ-ରାହୁ । ଜ୍ୟୋତିହୀନ-ନିସ୍ତେଜ । ଇନ୍ଦ୍ରନେତ୍ର ରାକ୍ଷସ ବିଶେଷ । ମୋଚକର୍ଣ୍ଣ-ରାକ୍ଷସବିଶେଷ, ଛେଳି । ପାବନି—ହନୁମାନ । ଶାର୍ଦ୍ଦୂଳ—ବ୍ୟାଘ୍ର । ବଳପୁଷ୍ଟ-କୁଆ । ଭଲ୍ଲୁକ-ପେଚା । ବର୍ଷାଘନ-ବର୍ଷୁକ-ମେଘ । ଖର—ଶୀଘ୍ର, ଗଧ । କୁନ୍ଦ—ପୁଷ୍ପବିଶେଷ । ଭୁହ୍ୱାନ-ଶୀତଋତୁ; ଭୁ ହ୍ୱାନ ଘନଶରଦରେ—ନିବିଡ଼ଜଳ ଦେଲା ପ୍ରାୟ, ନିବିଡ଼ ଶରଦ୍ୱାରା ଖଣ୍ଡ ଖଣ୍ଡ କରିବାରୁ, ବିସ୍ତାର ଶରତ ଋତୁରେ ।

---

୨୮ଶ ପଦ:—ଅଙ୍ଗଦ ରାହୁପ୍ରାୟ ଯାଇ ଚନ୍ଦ୍ର ସଦୃଶ ଚନ୍ଦ୍ରନେତ୍ର ରାକ୍ଷସକୁ ଗ୍ରାସ କରିବାରୁ ସେ ନିସ୍ତେଜ ହୋଇଗଲା । ହନୁମାନ ବ୍ୟାଘ୍ର ପ୍ରାୟ ଯାଇ ଛାଗସମ ମୋଚକର୍ଣ୍ଣ ରାକ୍ଷସକୁ ବିନାଶକଲା । ସେହି କାଳରେ ନଳ କାକପ୍ରାୟ ଉଡ଼ିଯାଇ ପେଚାତୁଲ୍ୟ ଭଲ୍ଲୁକ ରାକ୍ଷସକୁ ଧରି ବଧ କଲା । ଏହି ଦୁଇ ରାକ୍ଷସ ଗର୍ଜନ କରି ପ୍ରାଣ ଛାଡ଼ିଲେ । ଏହା ଦେଖି ମହାଭୟଙ୍କର ବର୍ଷୁକ ମେଘ ନିବିଡ଼ ଜଳ ବର୍ଷା କଲାପ୍ରାୟ ବୀର ସ୍ଥୂଳଜଙ୍ଘ ନିବିଡ଼ ଶରଦ୍ୱାରା ରଣକ୍ଷେତ୍ର ଆଚ୍ଛନ୍ନ କରି ପକାଇଲା । ନିବିଡ଼ ଶରତ୍ ଋତୁରେ ମେଘର ମାଳମାଦୂର ହେଲା ପ୍ରାୟ ମାଳ ସେନାପତି ଶୀଘ୍ରଗଧପ୍ରାୟ ହୋଇ ପଳାୟନକଲା । ସୈନ୍ୟମାନେ ପରସ୍ପରକୁ କୁହା କୋହି ହେଲେ 'ଭୁହ୍ୱାନ' । ଏହି 'ଭୁ ହ୍ୱାନ' ଶବ୍ଦଭୁହ୍ୱାନ ହିମଋତୁ ପ୍ରାୟ ପ୍ରତୀତ ହେଲା । ହିମ ଋତୁରେ କୁନ୍ଦପୁଷ୍ପ ଫୁଟିଲାପ୍ରାୟ କୁନ୍ଦ ସେନାପତି ରଣ କରି କରି କ୍ଳାନ୍ତ ହୋଇ ପଡ଼ିଲା । ଅଙ୍ଗଦ ଚନ୍ଦ୍ରନେତ୍ରକୁ ହନୁମାନ ମୋଚକର୍ଣ୍ଣକୁ ଓ ନଳ ଭଲ୍ଲୁକକୁ ବଧ କରିବାରୁ ସ୍ଥୂଳଜଙ୍ଘ ଅନବରତ ଶର ନିକ୍ଷେପ କଲା । ଫଳରେ ମାଳ ଭୟ ପାଇ ପଳାଇଲା, କୁନ୍ଦ ସେନାପତି କ୍ଳାନ୍ତ ହୋଇ ପଡ଼ିଲା । ଏହିପଦରେ ବର୍ଷାଶରତ୍ ହେମନ୍ତର ବର୍ଣ୍ଣନା କରାଯାଇଅଛି )

୨୯ଶ ପଦ:—'ସାରସ' ପଦ୍ମଶିଶିର ଋତୁରେ ଶୀର୍ଣ୍ଣ ହେଲାପ୍ରାୟ ସାରସ ନାମକ କପି ସ୍ଥୂଳଜଙ୍ଘର ଶିଶିର ନାମକ ଶରରେ ଶୀର୍ଣ୍ଣ ହୋଇ ପଡ଼ିଲା ।

ବୈଦେହୀଶ । ବିଭୀଷଣେ ପୃଚ୍ଛା କଲେ ଏବେ ?
ବଳାଢ୍ୟ କୁମ୍ଭକର୍ଣ୍ଣରୁ ଏ ତ ଇନ୍ଦ୍ରଜିତଠାରୁ
ରଥ ଆଣି ପର୍ବତରେ ଟେକେ ଯେ । ୨୯ ।
ବଳ କ୍ଷୟତିଥି ଯୋଗୁ ଧୁଞ୍ଜାଇ ସେନାପତିବର୍ଗ ଉପୁଜାଇଲେ ଇତର ଗାରି ।
ବିଖ୍ୟାତ ଉତ୍ତର ଇନ୍ଦୁମନ୍ତ୍ରୀନନ୍ଦନ ଏ ଇନ୍ଦୁମନ୍ତ ତପ ପରି ରଣ ମାତ ଯେ ।
ବିଧ୍ୱଂସନ । ବିଭୁ ଦରଶନ ଦରଶରେ ।

---

୨୯ଶ ପଦ:—କାଳରାତ-ମୃତ୍ୟୁ ରାତ, ବର୍ଷାଦି ଛଅ ଋତୁର ରାତପରି । ଶିଶିରେ—ଶିଶିରନାମକ ବାଣଦ୍ୱାରା । ସାରସ-ପଦ୍ମ,ଅସୁର ବିଶେଷ । ପ୍ରଭୃତ-କୋକିଳ, ପରାକ୍ରମୀ । ମଧୁମତ୍ତ-ମଦ୍ୟପାନରେମତ୍ତ । ମଧୁମତ —ବସନ୍ତଋତୁପରି ବଂଶ—ବାଉଁଶ । ନଗ-ପର୍ବତ । ବୈଦେହୀଶ—ରାମଚନ୍ଦ୍ର । ଆଶୁଶୁକ୍ଷଣି-ଅଗ୍ନି, ଅଗ୍ନିଶର । ତପଦଳେ—ଗ୍ରୀଷ୍ମଋତୁର ଗ୍ରୀଷ୍ମ ପ୍ରାଚୁର୍ଯ୍ୟ ହେତୁ, ତପସ୍ୟାବଳରେ ପ୍ରତାପବଳରେ ।

୩୦ଶ ପଦ:—ଇନ୍ଦୁମନ୍ତ—ଚନ୍ଦ୍ରସଦୃଶ କାନ୍ତିମନ୍ତ । ପ୍ଲବଗ-ବାନର ।

---

ମଦ୍ୟପାନରେ ମତ୍ତ ହୋଇଥିବା ସ୍ଥୂଳଜଂଘ ବସନ୍ତ ଋତୁ ସଦୃଶ ହେଲା । ବସନ୍ତ ଋତୁରେ ପିକ ସ୍ୱନ କଲାପ୍ରାୟ ଶତ୍ରୁମାନେ ତାହା ଦ୍ୱାରା ଧର୍ଷିତ ହୋଇ ଭୟରେ ଶବ୍ଦ କରିବାକୁ ଲାଗିଲେ । ତତ୍ପରେ ଗ୍ରୀଷ୍ମ ଋତୁର ପ୍ରବଳ ଗ୍ରୀଷ୍ମ ଯୋଗେ ପର୍ବତରେ ଅଗ୍ନିଲାଗି ବାଉଁଶଆଦି ବୃକ୍ଷସବୁ ଜଳିଲା ପ୍ରାୟ ସୂର୍ଯ୍ୟବଂଶୀ ରାମ ତପସ୍ୟା ପ୍ରଭାବରେ ବାଉଁଶଧନୁରେ ଅଗ୍ନିଶର ପ୍ରୟୋଗ କରି ସୁବେଳ ପର୍ବତ ଉପରେ ବିରାଜିତ ହେଲେ । ତାଙ୍କ ଶର ପ୍ରୟୋଗ ଦ୍ୱାରା ବର୍ଷା ଆଦି ଛଅ ଋତୁର ରାତ ପରି ସ୍ଥୂଳଜଂଘର ମୃତ୍ୟୁ ରାତ ସମାପ୍ତ ହେଲା । ( ଏ ଦୁଇ ପଦରେ ଯେପରି ଛଅ ଋତୁର ବର୍ଣ୍ଣନା ଶେଷ କରାଗଲା, ସେହିପରି ରାମଚନ୍ଦ୍ରଙ୍କ ଅଗ୍ନିଶରରେ ସ୍ଥୂଳଜଂଘର ପ୍ରାଣ ଶେଷ ହେଲା । ତତ୍ପରେ ରାମଚନ୍ଦ୍ର ବିଭୀଷଣଙ୍କୁ ପୃଚ୍ଛା କଲେ, "ଏ ରାକ୍ଷସ କିଏ ? ଏ ତ କୁମ୍ଭକର୍ଣ୍ଣଠାରୁ ଓ ଇନ୍ଦ୍ରଜିତଠାରୁ ବୀରପଣରେ ବଳିଗଲା । କାରଣ ସେମାନେ ସୁବେଳ ପର୍ବତ ପର୍ଯ୍ୟନ୍ତ ଆସିପାରି ନ ଥିଲେ, ଏ ଆମ ସୈନ୍ୟଙ୍କୁ ହଟାଇ ଏ ପର୍ଯ୍ୟନ୍ତ ତା ରଥ ଚଳାଇଆଣିଲା ।"

୩୦ଶ ପଦ:—"ପୁଣି ଏହିବାର କ୍ଷୟତିଥିପ୍ରାପ୍ତ ମୋର ସୈନ୍ୟମାନଙ୍କୁ କ୍ଷୟ କରିବାରୁ ସେନାପତିମାନେ ପୃଷ୍ଠ ପଳାଇଗଲେ । ତାହା କଣ ସାମାନ୍ୟ ଲୋକପକ୍ଷରେ ସମ୍ଭବ ?" ରାମଚନ୍ଦ୍ରଙ୍କର ଏ ପ୍ରଶ୍ନ ଶୁଣି ବିଭୀଷଣ ଉତ୍ତରଦେଲେ "ଏ ରାବଣ ଭାର୍ଯ୍ୟା ଇନ୍ଦୁମତୀର ପୁତ୍ର । ଏ ଚନ୍ଦ୍ରପ୍ରାୟ କାନ୍ତିମନ୍ତ ଓ ସୂର୍ଯ୍ୟପ୍ରାୟ

ବୋଲାଇ ଏ ସ୍ଥୂଳଜଙ୍ଘ          ଠୁଳ ସକଳ ପ୍ଳବଙ୍ଗ
ବଳେ ଆଣି କଲା ଏକଠାରେ ସେ । ୩୦ ।
ବିଦାରି ହୋଇବା ଗାତ୍ର କରାଇ କଣ୍ଟକୀ ରାଘବଜ ପାତ ତଥା ରାବଣିଏ ।
ବୋଲନ୍ତି ରାମ ପ୍ରତ୍ୟୁତ୍ତର ରହିଲା ବୃକ୍ଷ ମାତର ହୋଇଲା ପଲାଶ ହତ ସମସ୍ତେ ସେ ।
ବାର୍ତ୍ତା ପାଇ । ଅସ୍ଥିର ହେଲା ନିକଷାତନୟେ ।
ବିଷ୍ଣୁପଦକୁ ବିସ୍ମୟେ          ଚାହିଁ ଶଙ୍କି ଦେବତାଏ
ନ ପୁଣ ସ୍ୱର୍ଗ କରେ ବିଜୟେ ସେ । ୩୧ ।
ବଦନ କରୁଁ ନମ୍ରାଳ ସେ ଭାଳେ ତର୍କେ ଅହିକ ଏଥିଣି ମୋତେ କେ ଆଉ ଧରୁ !
ବିବେକ ଉଦୟ ଚିତ୍ତେ ଦଇବେ ହୋଇଲା ଚିତ୍ତେ ଆଗ ରଘୁନାଥଶରଙ୍କ ଭୟ ।
ବିପକ୍ଷରେ । ବିଜେ ସୁବେଳଗିରି ଉପରେ ।

---

୩୧ଶ ପଦ:—କଣ୍ଟକୀ ରାଘବରଜ-ବାଇଡ଼ଙ୍କ ପଦର ଅଂଶୁ । ରାବଣିଏ-ରାବଣର ପୁତ୍ରମାନେ । ନିକଷାତନୟ—ରାବଣ । ବିଷ୍ଣୁପଦ—ଆକାଶ ।

---

ଗତିଶୀଳ ଅଟେ । ହେ ବିଭୁ ! ଚନ୍ଦ୍ର ଅମାବାସ୍ୟା ଦିନ ବିନାଶ ହେଲାପରି ଯଶ ଆପଣଙ୍କ ଦର୍ଶନରେ ବିନାଶ ହେଲା । ତାହାର ନାମ ସ୍ଥୂଳଜଙ୍ଘ ଅଟେ । ତାର ଏତେ ବଳ ଯେ, ସେ ଅକ୍ଲେଶରେ ମର୍କଟ ସୈନ୍ୟସମୂହକୁ ବଳରେ ହଟାଇ ଆଣି ଏକତ୍ରିତ କରି ଦେଲା ।"

୩୧ଶ ପଦ:—"ହେ ବୀର ! ବାଇଡ଼ଙ୍କ ପଦର ଅଂଶୁ ଲାଗିଲେ ଯେପରି ଦେହ କୁଣ୍ଡାଇ ହୁଏ, ସେହିପରି ରାବଣର ପୁତ୍ରମାନେ ଯାହା ସହିତ ଲାଗନ୍ତି, ତାହାକୁ ଯନ୍ତ୍ରଣା ପ୍ରଦାନ କରନ୍ତି ।" ବିଭୀଷଣ ଏହା କହିବାରୁ ରାମ ପ୍ରତ୍ୟୁତ୍ତର ଦେଲେ, 'ଗ୍ରୀଷ୍ମ କାଳରେ ପଲାଶ ପତ୍ରସବୁ ନଷ୍ଟ ହୋଇ କେବଳ ବୃକ୍ଷ ରହିବା ପ୍ରାୟ ରାବଣର ପୁତ୍ରମାନେ ସମସ୍ତେ ତ ମଲେ । କେବଳ ରାବଣ ବୃକ୍ଷ ପ୍ରାୟ ରହି ଅଛି ।" ଯୁଦ୍ଧର ବାର୍ତ୍ତା ପାଇ ରାବଣ ଅସ୍ଥିର ହୋଇ ପଡ଼ିଲା । ବିସ୍ମୟରେ ଆକାଶକୁ ଚାହିଁବାରୁ ଦେବତାମାନେ ଭୟପ୍ରାପ୍ତ ହୋଇ ଭାବିଲେ, ପୁତ୍ର ଶୋକରେ ଅଧୀର ହୋଇ ରାବଣ ସ୍ୱର୍ଗପୁରକୁ ବିଜେ କରି ଆସି ଆମଙ୍କୁ ଆକ୍ରମଣ କରିବ କି ?"

୩୨ଶ ପଦ:—ଶୋକ ହେତୁ ପୁଣି ରାବଣ ତଳକୁ ମୁହଁ କରି ଚାହିଁବାରୁ ପୃଥିବୀ ବିଚାର କଲା, "ନାଗରାଜ ବାସୁକି ରାବଣର ଏ ଦୁର୍ଦ୍ଦଶାକୁ ଦେଖି ଭୟ କରି ମୋତେ ଛାଡ଼ି ଦେଲେ ଆଉ କିଏ ମୋତେ ଧରିବ ?' ଦୈବ ଯୋଗରେ ତା ମନରେ ପୁଣି ଏହି ବିଚାର ସ୍ଥାନ ପାଇଲା, 'ରାବଣ ଆଗ ରାମଚନ୍ଦ୍ରଙ୍କ ବାଣରୁ

ବିରସ ପଦେ ରଞ୍ଜନ ଛାନ୍ଦ ବୁଝିବ ସୁଜନ

କୃତ ଉପେନ୍ଦ୍ର ସାରବରେ ଯେ ।୩୨।

—*—

## ଅଷ୍ଟଚତ୍ୱାରିଂଶ ଛାନ୍ଦ

ରାଗ—ଚକ୍ରକେଳି କେଦାର

ବୋଇଲା । ବସି ପୁରେ ବଶୀଭୂତ ବାମାରେ ଲଙ୍କେଶ ଯେ ।

ବିପତ୍ତି ଉତ୍ପତ୍ତି ଏ ସମ୍ପତ୍ତି ଗଲା ନାଶ ଯେ । ୧ ।

ବୋଇଲା । ବଂଶତରୁ ପରି ବଂଶ ପଲ୍ଲବେ ତରୁଣ ଯେ ।

ବସନ୍ତ ରାମବଶରେ ହତ ପୁଣ ପୁଣ ଯେ । ୨ ।

ବୋଇଲା । ବ୍ୟାଧିରବ ସୀତାଭାବ ହୃଦୟେ ଉଦୟେ ଯେ ।

ବିଶେଷେ ଶେଷ ହେବାର ଉପାୟ ନ ପାଇଁ ଯେ । ୩ ।

---

ଅଷ୍ଟଚତ୍ୱାରିଂଶ ଛାନ୍ଦ

୨ୟ ପଦ:—ବଂଶତରୁ—ବାଉଁଶ ଗଛ । ପଲ୍ଲବ—ପତ୍ର ।

---

ଉଦ୍ଧାର ପାଉ ।' ଅନନ୍ତର ରାମଚନ୍ଦ୍ର ନିଜର ସହାୟକ ସୁଗ୍ରୀବାଦିମାନଙ୍କୁ ନେଇ ସୁବେଳ ଗିରିକୁ ବିଜେ କଲେ । ହେ ସାଧୁଜନେ ! ସାରବର ଉପେନ୍ଦ୍ରଭଞ୍ଜ କୃତ ଏଛାନ୍ଦ ବିରସ ପଦରେ ମନୋହର ହୋଇଅଛି ।

—o—

## ଅଷ୍ଟଚତ୍ୱାରିଂଶ ଛାନ୍ଦ

୧ମ ପଦ:—ସ୍ୱୀକଜଙ୍ଗର ବିନାଶ ପରେ ରାବଣ ମନ୍ଦୋଦରୀ ପ୍ରଭୃତି ସ୍ତ୍ରୀମାନଙ୍କଠାରେ ବଶୀଭୂତ ହୋଇ ଅନ୍ତଃପୁର ମଧ୍ୟରେ ବସି କହିଲା, 'ସୀତା ହରଣ ହେତୁ ବିପଦ ଜାତ ହୋଇ ମୋର ଏ ସମ୍ପତ୍ତିସବୁ ବିନାଶ କଲା ।"

୨ୟ ପଦ:—ମୋହର ବଂଶ ବାଉଁଶ ଗଛ ପ୍ରାୟ ପତ୍ରଦ୍ୱାରା ମଣ୍ଡିତ ହୋଇ ଥିଲା । ମାତ୍ର ବସନ୍ତଋତୁରେ ବାଉଁଶ ଗଛ ପତ୍ରହୀନହେଲା ପ୍ରାୟ, ରାମ ଯୋଗୁ ମୋର ବିସ୍ତାର ପାଇଥିବା ତରୁଣ ପୁତ୍ରମାନେ ବିନାଶ ପାଇଲେ ( ମୁଁ ଖୁଣ୍ଟା ଗଛ ପ୍ରାୟ ଏକା ରହିଅଛି )

୩ୟ ପଦ:—ସୀତା ମୋତେ ନ ଭଜି ମୋର ବ୍ୟାଧି ରୂପରେ ଅନ୍ତଃକରଣରେ ଉଦିତ ହୋଇ [illegible] ସୀତା କ ଉପାୟରେ ମୋତେ [illegible] ମୋର [illegible] ମୁଁ ଜାଣି ପାରୁନାହିଁ [illegible] ତାର ଉପାୟ ମୁଁ ପାଉନାହିଁ ) ।"

ବୋଇଲା । ବଲ୍ଲଭାଶ୍ରେଷ୍ଠ ତା ଲଭି ଭରସା ରସଇ ଯେ ।
ବନ୍ଧ ଚନ୍ଦ୍ର ତ ଭେଷଜ ସଜ୍ଜନତ ଏକ୍ଷ ଯେ । ୪ ।

ବୋଇଲା । ବ୍ୟାଧିବୃଦ୍ଧି ସୀତା ମଧୁରତା ରତା ମୁଞ୍ଚ ଯେ ।
ବଦ୍ଧେ ବଦ୍ଧୂତଭୂଷା କନ୍ୟାଦାନ ରଚ ଯେ । ୫ ।

ବୋଇଲା । ବନବାସୀ-ରସିକା ରସିକା ନୋହିଥିବ ଯେ ।
'ବନ୍ଧୁ ଜୀବ, ବୋଲିବାକୁ ବନ୍ଧୁଜୀବ ଖାବ ଯେ । ୬ ।

ବୋଇଲା । ବାସ ବାସକରଙ୍ଗରୁ ରଙ୍ଗ ଇଚ୍ଛେ ଅଳି ଯେ ।
ବଧିରେ ବଧିରେ ଶୋଭା ରୂପେଅଛି ଭୁଲି ଯେ । ୭ ।

---

୪ର୍ଥ ପଦ—ବଲ୍ଲଭା ଶ୍ରେଷ୍ଠ—ବଡ଼ ପାଟବାଣୀ । ବନ୍ଧ—ଉପଯୁକ୍ତ ଭେଷଜ—ଔଷଧ ।

୫ମ ପଦ:—ମୁଞ୍ଚ – ତ୍ୟାଗକର । ବଦ୍ଧୂତ-ବଦ୍ଧୂଷା – ରାମଚନ୍ଦ୍ର । ଚଠ

୭ମ ପଦ:—ରଙ୍ଗ—କୌତୁକ । ଅଳି—ଭ୍ରମର । ବଧୀରେ—ଅନୁଶ୍ରି ପଣରେ, ଅଜ୍ଞତାରେ ।

---

୪ର୍ଥ ପଦ:—ରାବଣ ଏହି କଥା ଶୁଣି ତାର ପାଟରାଣୀ ମନ୍ଦୋଦରୀ ଭରସା ପାଇ ମନ ରଞ୍ଜାଇ କହିଲା, "ଯେପରି ଉତ୍ତମ ଔଷଧ ରୋଗୀର ହିତ କରେ, ସେହିପରି ସାଧୁ ବ୍ୟବହାର ତୁମ୍ଭର ଅନ୍ତର୍ଗତ କାମବ୍ୟାଧିକୁ ବିନାଶ କରି ତୁମ୍ଭପ୍ରତି ହିତକର ହେବ ।"

୫ମ ପଦ:—"ରୋଗୀ 'ସୀତା, ଶର୍କରାର ମଧୁରତାରେ ଅନୁରକ୍ତ ହେଲେ ଯେପରି ତାର ବ୍ୟାଧି ବୃଦ୍ଧି ପ୍ରାପ୍ତ ହୁଏ ଏବଂ ତାହା ତ୍ୟାଗ କଲେ ରୋଗ ଛାଡ଼ି ଯାଏ, ସେହିପରି ସୀତାଙ୍କର ମାଧୁର୍ଯ୍ୟରେ ଅନୁରକ୍ତ ହେଲେ ତୁମ୍ଭର କାମବ୍ୟାଧି ବୃଦ୍ଧି ପାଇବ, ଅତଏବ ତାଙ୍କୁ ତ୍ୟାଗ କରିବା ବିଧେୟ । ହେ ନାଥ! ଭୂଷଣ ବିଲେପିତ ଜଟାଧାରୀଙ୍କୁ ତାର ନାରୀ ପ୍ରଦାନ କର ।"

୬ଷ୍ଠ ପଦ:—"ହେ ନାଥ ! ତୁମ୍ଭେ ଭାବୁଛ ଯେ, ସେ ସୀତା ରସିକା ହୋଇଥିବ । ମାତ୍ର ତାହା ନୁହେ, ରସିକା ହୋଇଥିଲେ ତୁମ୍ଭପରି ରାଜାଙ୍କ ଅନୁରାଗିଣୀ ନ ହୋଇ ବନରେ ବାସ କରୁଥିବା ଲୋକଠାରେ ଅନୁରାଗବତୀ ହୋଇ ଥାନ୍ତା କି ? ( ଅଥବା ବନବାସୀ ସ୍ତ୍ରୀମାନେ କଦାପି ରସିକା ନୁହନ୍ତି ) । ଯେପରି ଅରସିକା ସ୍ତ୍ରୀକୁ 'ହେ ବନ୍ଧୁ ହେ ଜୀବ, ଏପରି ସମ୍ବୋଧନ କରି 'ବନ୍ଧୁଜୀବ' ବଧୂଲୀ ପୁଷ୍ପ ପ୍ରାପ୍ତ ତ୍ୟାଗ କରିବା ଉଚିତ ।

୭ମ ପଦ:—ମନ୍ଦୋଦରୀ ପୁଣି କହିଲା, "ସେହି ବଧୂଲୀ ଫୁଲରେ ସୁଗନ୍ଧିର ସ୍ଥାନ କି ? କେବଳ ରଙ୍ଗ ଦେଖି ଭ୍ରମର ତାହା ସହିତ କେଳି କରେ । ଦୈବଯୋଗରେ ବୁଦ୍ଧିହୀନ ହୋଇଥିବାରୁ ସେ ବଧୂଲୀ ଫୁଲରେ ଶୋଭାରେ ଭୁଲିଥାଏ, ସେହିପରି ତୁମ୍ଭେ ଅରସିକା ସୀତାପ୍ରତି ଭ୍ରମ ହେତୁ ମଜ୍ଜି ଅଛ ।"

ବୋଇଲ୍‌ । ବହିଛ ଶୋଭା ଆରମ୍ଭା ରମ୍ଭା ତୁଲେ କେଳି ଯେ ।
ବଢ଼େ ଯେବେ ସୁନ୍ଦରୀ ସେ ପୁରନ୍ଦରୀ ଭଳି ଯେ । ୮ ।
ବୋଇଲ୍‌ । ବାଳକ ବୁଦ୍ଧ ଜମ୍ବାଳ ମଧ୍ୟରେ ନ ମଜ୍ଜ ଯେ ।
ବିମଳ ଉଜ୍ଜ୍ୱଳ ଜଳ ଛାଡ଼ି ମହାରାଜ ଯେ । ୯ ।
ବୋଇଲ୍‌ । ବାଣୀ ବାଣୀ କେ ଭଙ୍ଗିରେ ପ୍ରମାଣ ପ୍ରମାଣ ଯେ ।
ବନିତାଗଣ ଜନିତା କରେ ପୁଣ ପୁଣ ଯେ । ୧୦ ।
ବୋଇଲ୍‌ । ବଚନେ ବଂଶବାହୁ ଯେ ବାହୁଜେ ହସିବେ ଯେ ।
ବୀରପଣେ ସମର୍ପଣେ ଊଣା ସବୁ ଭାବେ ଯେ । ୧୧ ।
ବୋଇଲ୍‌ । ବଇରୀ ଦେହେ ଈର୍ଷା ବହି ନ ମାନିବେ ଯେ ।
ବିନାଶନ ବନ୍ଧୁଜନ କ ଜୀବେ ରଞ୍ଜିବେ ଯେ । ୧୨ ।

---

୯ମ ପଦ:—ଜମ୍ବାଳ ମଧ୍ୟରେ—ପଙ୍କରେ । ନ ମଜ୍ଜ—ମଗ୍ନ ହୁଅ ନାହିଁ ।
୧୧ଶ ପଦ:—ବାହୁଜେ—କ୍ଷତ୍ରିୟମାନେ ।

---

୮ମ ପଦ:—"ହେ ନାଥ ! ତୁମ୍ଭେ ଅତି ସୁନ୍ଦରୀ ରମ୍ଭା ଅପ୍‌ସରା ସହିତ କେଳି କରିଅଛ । ସେ ରମ୍ଭା ସଂସାରର ସବୁ ସୁନ୍ଦରୀଙ୍କ ମଧ୍ୟରେ ଶ୍ରେଷ୍ଠ ଅଟେ । (ମାତ୍ର ସୀତା ତ ତାହାଠାରୁ ବଳି ସୁନ୍ଦରୀ ନୁହେ, ତେବେ ତା ପ୍ରତି ଅନୁରକ୍ତ ହେଉଛ କାହିଁକି ?)"

୯ମ ପଦ:—ପୁଣି ମନ୍ଦୋଦରୀ କହିଲା, "ହେ ମହାରାଜ ! ତୁମ୍ଭେ ତ ପିଲା ନୁହଁ, ନିର୍ମଳ ଉଜ୍ଜ୍ୱଳ ଜଳ ଛାଡ଼ି ପଙ୍କ ମଧ୍ୟରେ ବୁଡ଼ ନାହିଁ । ( ତୁମ୍ଭେ ବାଳକ ପ୍ରାୟ ଅଜ୍ଞାନ ନ ହୋଇ ମୋର ନିର୍ମଳ ଜଳ ରୂପ କଥାରେ ମଜ୍ଜି ପଙ୍କ ସଦୃଶ ସୀତା ଲୋଭରେ ବୁଡ଼ନାହିଁ ) ।"

୧୦ମ ପଦ:—ସେଠାରେ ଥିବା ଅନ୍ୟ ସ୍ତ୍ରୀମାନେ ମନ୍ଦୋଦରୀର କଥାମାନ ଶୁଣି ବାରମ୍ବାର କହିବାକୁ ଲାଗିଲେ, 'ଏହା ସତ୍ୟ ଅଟେ ।' ( ମନ୍ଦୋଦରୀ ଯାହା କହିଲେ, ତୁମ୍ଭେ ତାହା କର ) ।

୧୧ଶ ପଦ:—ରାଣୀମାନଙ୍କ କଥା ଶୁଣି ରାବଣ ସେମାନଙ୍କୁ କହିଲା, "ମୁଁ ସୀତାକୁ ଫେରାଇ ଦେଲେ, କ୍ଷତ୍ରିୟମାନେ ମୋତେ ହସିବେ । ( କ୍ଷତ୍ରିୟମାନେ ମୋତେ ଭୀରୁ ମନେ କରି ଉପହାସ କରିବେ ) । ମୋର ବୀରତ୍ୱ ସବୁ ରୂପରେ ଊଣା ପଡ଼ିଯିବ ( ମୋତେ ଆଉ କେହି ମାନିବେ ନାହିଁ )"

୧୨ଶ ପଦ:—ପୁନର୍ବାର କହିଲା, "ଶତ୍ରୁମାନେ ମୋ ପ୍ରତି ଈର୍ଷାଯୁକ୍ତ ହୋଇ ମୋତେ ଆଉ ଖାତିର କରିବେ ନାହିଁ ସେ ଯାହା ହେଉ, ସୀତା

ବୋଇଲା । ବିଦେହ ରାଜନସୁତା ବିଦେହ ଯୋଷାରେ !
କପୃଶୋଭା ଅଧିକାରେ ଧିକ୍‌କାରେ ସଂସାରେ ଯେ ।୧୩।
ବୋଇଲା । ବାହ୍ୟରେ ସେ ରସ'ଳସା ରସାଳ ସଦୃଶ ଯେ ।
ବରନାସ୍ତି ନାରିକେଳ ଅନ୍ତରେ ସରସ ଯେ । ୧୪ ।

---

୧୨ଶ ପଦ:—ବଇରି—ଶତ୍ରୁ । ଈର୍ଷା (ଈର୍ଷା)—ଅହଂକାର । ଲାଭେ—ବଞ୍ଚିବେ ।

୧୩ଶ ପଦ:—ବିଦେହ ରାଜନ-ସୁତା—ସୀତା । ବିଦେହ—କନ୍ଦର୍ପ ଯୋଷା—ସ୍ତ୍ରୀ ।

୧୪ଶ ପଦ:—ରସାଳ—ପାଚିଲା ଆମ୍ବ । ନାରିକେଳ—ନଡ଼ିଆ । ଅନ୍ତର—ଭିତର । ସରସ—ରସଯୁକ୍ତ ।

---

ଫେରାଇ ଦେଲେ, ମୋର ଯେଉଁ ପୁଅ ନାତି, ଭାଇ ବନ୍ଧୁ, ସୈନ୍ୟ ସେନା-ପତିଆଦି ମଲେ, ସେମାନେ କଣ ପ୍ରାଣପାଇ ପୁଣି ଉଠିବେ କି ? (ସୀତା ସକାଶେ ତାଙ୍କୁ ମରାଇ ପରେ ସୀତା ଅର୍ପଣକରି ଏକାକୀ ବଞ୍ଚି ରହିବା ମୋ ପକ୍ଷରେ ଉଚିତ କି ) ?"

୧୩ଶ ପଦ:—'ରମ୍ଭାଠାରୁ ସୀତା ସୁନ୍ଦରୀ ନୁହେଁ' ମନ୍ଦୋଦରୀର ଏହି କଥାକୁ ଲକ୍ଷ୍ୟକରି ରାବଣ ପୁଣି କହିଲା; 'ସୀତାର ଦେହର ଶୋଭା ଅଧିକ ହେବାରୁ 'ବିଦେହଯୋଷା' କାମଦେବର ପତ୍ନୀ ରତିଦେବୀଙ୍କୁ ସଂସାରର ଲୋକମାନେ ଧିକ୍‌କାର କରୁଅଛନ୍ତି । (ସୀତାଙ୍କ ସୌନ୍ଦର୍ଯ୍ୟକୁ ରତି ମଧ୍ୟ ସମାନ ନୁହନ୍ତି, ରମ୍ଭା କଥା ତ ଛାଡ଼ )।"

୧୪ଶ ପଦ:—"ହେ ରସାଳସା ସୀତା ବାହାରେ ଦେଖିବାକୁ ଆମ୍ବପ୍ରାୟ । (ଆମ୍ବ ସୁନ୍ଦର ଓ ସୁଗନ୍ଧଯୁକ୍ତ, ମାତ୍ର ତାହାର ହୃଦୟରେ କଠିନ ଟାକୁଆ ରହିଥାଏ, ସେହିପରି ସୀତା ଲୋଚନ ଲୋଭନୀୟା ସୁନ୍ଦରୀ ଓ ପଦ୍ମଗନ୍ଧ ମନୋହର ଗନ୍ଧରେ ସୁବାସିତା ହେତୁ ଯୋଜନଗନ୍ଧା ନାମ ପାଇଅଛି; ମାତ୍ର ତାହାର ହୃଦୟ ଅତ୍ୟନ୍ତ କଠିନ । ମୋର ଏତେ ଅନୁନୟ ବିନୟ ଓ ଏଣିକର ଦଶା ଦେଖି ମଧ୍ୟ ସେ ଅନୁକମ୍ପା କରୁନାହିଁ ) । ପୁଣି ସେ ନାରି-କେଳ ପ୍ରାୟ ରସଯୁକ୍ତ ଅନ୍ତର ହୋଇ ହୃଦୟରେ ରାମଙ୍କ ପ୍ରତି ଅନୁରାଗ-ବତୀ ହୋଇଅଛି । (ନାରିକେଳର ଉପର କଠିନ ହେଲା ପ୍ରାୟ ସେ ଅନ୍ୟ ପୁରୁଷ ପ୍ରତି ବଡ଼ କଠିନ ଅଟେ )।"

ବୋଇଲା ! ତମଠାରେ ମୁଁ କଠିନତା ପ୍ରକାଶ ମୋହରେ ଯେ ।
ବଡ଼େ କୋମଳତା ପ୍ରେମଲତା ରାମଠାରେ ଯେ ।୧୫।
ବୋଇଲା ! ବଡ଼କି କେତକୀ ପରି ଘାତକୀ ଭ୍ରମରେ ଯେ ।
ବସିବ ଶିବଶିରସି ରସି ନଶାକରେ ଯେ । ୧୬ ।
ବୋଇଲା ! ବାଣୀ ଏ ଅନୂ ରକ୍ତରେ ରକ୍ତବାର୍ଯ୍ୟ ଜେମା ଯେ ।
ବୃହସ୍ପତି ରମାପରି ମନାଇଁ ଚନ୍ଦ୍ରମା ଯେ ।୧୭।
ବୋଇଲା ! ବିପକ୍ଷରେ ସୁରରେ ଅସୁରପକ୍ଷ ଘେନ ଯେ ।
ବଳକ୍ଷକର ବିପକ୍ଷ କର୍ମବଳ ମାନ ଯେ । ୧୮ ।

---

୧୭ଶ ପଦ:—ଜେମା—କନ୍ୟା । ବୃହସ୍ପତିରମା—ବୃହସ୍ପତିଙ୍କର ପତ୍ନୀ ତାରା ।

୧୮ଶ ପଦ:—ବଳକ୍ଷକର—ଧବଳ କରଣଯୁକ୍ତ ଅର୍ଥାତ୍ ଚନ୍ଦ୍ର ।

---

୧୫ଶ ପଦ:—"ସେହି ସୀତା ପାଖରେ ଏ ଯେଉଁ କଠିନତା ଓ କୋମଳତା ଦୁଇଗୁଣ ପ୍ରକାଶ ପାଇଲା, ତନ୍ମଧ୍ୟରୁ ମୁଁ ଯେତେ ବନସ୍ପୀ ହେଲେ ସୁଦ୍ଧା ମୋ ପ୍ରତି କଠିନତା ଗୁଣ ପ୍ରୟୋଗ କରୁଅଛି ଏବଂ ତାର ପ୍ରେମାସ୍ପଦ ରାମଚନ୍ଦ୍ରଠାରେ କୋମଳତା ପ୍ରକାଶ କରୁଅଛି ।"

୧୬ଶ ପଦ:—"ପୁଣି ସେହି ସୀତା କେତକୀ ଫୁଲ ପ୍ରାୟ ହୋଇଅଛି । କେତକୀ ଯେପରି ଗନ୍ଧବତୀ, ସ୍ୱର୍ଣ୍ଣବର୍ଣ୍ଣା ହୋଇ ସୁଦ୍ଧା ଭୃଙ୍ଗର ଘାତକୀ ହୁଏ, ମାତ୍ର ଶିବଗନ୍ଧି ବନ ରସି ଶିବଙ୍କ ମସ୍ତକରେ ବସେ, ସେହି ପରି ଏ ସୀତା ଗନ୍ଧବତୀ, ସ୍ୱର୍ଣ୍ଣବର୍ଣ୍ଣା ହୋଇ ମଧ୍ୟ ମୋପରି କାମୁକର ବିନାଶକାରୀ ହୋଇଅଛି, ମାତ୍ର ସମସ୍ତରେ ରାମଚନ୍ଦ୍ରଠାରେ ରସି ତା ପାଖରେ ବସିବ ।"

୧୭ଶ ପଦ:—ରାବଣର ବଚନ ଶୁଣି ରକ୍ତବାର୍ଯ୍ୟ ଅସୁରର କନ୍ୟା ଇନ୍ଦୁମତୀ କହିଲା, "ଚନ୍ଦ୍ରମା ବୃହସ୍ପତିଙ୍କ ସ୍ତ୍ରୀ ତାରାକୁ ଅନୁରାଗର ସହିତ ମନାଇ ଆଣିଲାପରି, ତୁମ୍ଭେ ସୀତାକୁ ମନାଇ ଆଣିଲ ନାହିଁ ? ( ବଳାତ୍କାରରେ ଆଣିଲ କାହିଁକି ? )"

୧୮ଶ ପଦ:—"ବୃହସ୍ପତିଙ୍କ ସ୍ତ୍ରୀ ତାରାକୁ ଚନ୍ଦ୍ର ନେଲାବେଳେ ଦେବତାମାନେ ବୃହସ୍ପତିଙ୍କ ପକ୍ଷରେ ରହିଲେ । ତାହା ଦେଖି ଚନ୍ଦ୍ର ଅସୁରଙ୍କ ପକ୍ଷ ନେଇ ଯୁଦ୍ଧ କଲେ । ଯୁଦ୍ଧରେ ଅସୁରମାନେ ହାରିଯିବାରୁ ଚନ୍ଦ୍ର ଆପଣାର କର୍ମବଳ ମାନ ଚୂର୍ଣ୍ଣ ହୋଇ ରହିଲେ ।"

ବୋଇଲା । ବାହୁଡ଼ାଇ ନ ଜଡ଼ାଇ ତ୍ରପାରେ ମାନସ ଯେ ।
ବହୁତ ଅଙ୍କରେ ଅଙ୍କ ପ୍ରକାଶରେ ଦୃଶ୍ୟ ଯେ । ୧୯ ।
ବୋଇଲା । ବିନାଶ ବହୁତ କଳା ରହି ସେ କଳାକେ ଯେ ।
ବୃଦ୍ଧି ବନ୍ଦନୀୟ ବନ୍ଦାଧନ୍ୟ କାଳେ ଲୋକେ ଯେ । ୨୦ ।
ବୋଇଲା । ବୋଲିବ ଅବା ସେ ଥାନ ଈଶାନମଣ୍ଡନ ଯେ ।
ବର୍ଷ୍ମସୁଧା ସୁଉଜ୍ଜ୍ୱଳ ଜଳଧିନନ୍ଦନ ଯେ । ୨୧ ।
ବୋଇଲା । ବିରସିତା ଯୋଷିତା ସିନା ସେ ସୀତାହିଅ ଯେ ।
ବିଳସିତେ ଉଲ୍ଲସିତେ ଏ ଦମ୍ପତି ଥାଅ ଯେ । ୨୨ ।

---

୧୯ଶ ପଦ:—ତ୍ରପାରେ—ଲଜ୍ଜାରେ । ଅଙ୍କ—ଚିହ୍ନ ।

୨୧ଶ ପଦ:—ଈଶାନମଣ୍ଡନ—ଶିବଙ୍କର ଶିରଭୂଷଣ । ବର୍ଷ୍ମସୁଧା—ଅମୃତମୟ ଶରୀର । ଜଳଧିନନ୍ଦନ—ସମୁଦ୍ରପୁତ୍ର ।

୨୨ଶ ପଦ:—ବିରସିତା—ବିମର୍ଷ । ଯୋଷିତା—ସ୍ତ୍ରୀ । ବିଳସିତା—କ୍ରୀଡ଼ାଯୁକ୍ତ । ଉଲ୍ଲସିତ—ଆନନ୍ଦିତ ।

---

୧୯ଶ ପଦ:— 'ଚନ୍ଦ୍ର ଏହାହାର ମନରେ ଲଜ୍ଜ ନ ପାଇ ତାଙ୍କୁ ବୃହସ୍ପତିଙ୍କି ଫେରାଇ ଦେଲେ । ତଥାପି ପରନାରୀ ହରଣ ରୂପ କଳଙ୍କକୁ ଦେହରେ ବହି ଅଛନ୍ତି—ତା ତ ପ୍ରତକ୍ଷରେ ଦେଖା ଯାଉଛି ।"

୨୦ଶ ପଦ:—ସୀତା ଫେରାଇ ଦେଲେ ବନ୍ଦି ବର୍ଗ ପୁଣି ବଞ୍ଚିବେ କି ?' ରାବଣର ଏହି ବାକ୍ୟକୁ ଲକ୍ଷ୍ୟ କରି ପୁଣି ସେ କହିଲା, 'ଚନ୍ଦ୍ରର ବହୁତ କଳା ବିନାଶ ହୁଏ । ସେ କଳାଏ ମାତ୍ର ରହିପୁଣି ବୃଦ୍ଧି ପାଇ ପୂର୍ଣ୍ଣକଳା ଲାଭ କରେ । ସେ ଦିନ ଲୋକମାନେ ତାକୁ ପୂଜା କରନ୍ତି ।" ( ସେହିପରି ତୁମ୍ଭର ବଂଶ କ୍ଷୟ ଯାଇଥିଲେ ସୁଦ୍ଧା, ତୁମ୍ଭେ ଯେତେବେଳେ ଅଛ, ପୁଣି ପୁଅ ନାତି ସୈନ୍ୟ ସେନାପତି ବୃଦ୍ଧିପ୍ରାପ୍ତ ହେବେ ଓ ତୁମ୍ଭେ ପୁଣି ପ୍ରଶଂସନୀୟ ହେବ ) ।"

୨୧ଶ ପଦ:—ପୁଣି କହିଲା, "ତୁମ୍ଭେ ଅବା କହିବ, ସେ ବଡ଼ଲୋକ ନୁହେ,(ଶ୍ରେଷ୍ଠ ଲୋକ ହୋଇଥିବାରୁ ତୁମ୍ଭ ତାଙ୍କୁ ଫେରାଇ ଦେଲା, ମାତ୍ର ମନେ କର, ତାଠାରୁ ବଡ଼ଲୋକ ଆଉ କେହି ନାହିଁ ) ସେ ମହାଦେବଙ୍କ ମସ୍ତକଭୂଷଣ ହୋଇଅଛି, ତାହାର ଶରୀର ଅମୃତମୟ ଅଟେ, ସେ ଉତ୍ତମ ଉଜ୍ଜ୍ୱଳକାନ୍ତି ବିଶିଷ୍ଟ ଓ ସମୁଦ୍ରର ପୁତ୍ର (ସମୁଦ୍ରର ପୁତ୍ର ହେତୁ ଉଚ୍ଚବଂଶୀୟ ଅଟେ) ।"

୨୨ଶ ପଦ:—'ତୁମ୍ଭଠାରେ ରସୁ ନ ଥିବା ସ୍ତ୍ରୀ ସୀତାକୁ ଫେରାଇ ଦିଅ । ପୁଣି ସମ୍ପତ୍ତି ଭୋଗ କରି ଉଲ୍ଲାସ ଭାବରେ ବିଳାସ କରି ନିଶ୍ଚିନ୍ତରେ ରହ । ତାର ଚନ୍ଦ୍ରକୁ ରସିଥିଲେ ସୁଦ୍ଧା ଚନ୍ଦ୍ର ତାରାକୁ ଫେରାଇ ଦେଇଥିଲା, ଏତ ରସୁ ନାହିଁ; ଏହାକୁ ଫେରାଇ ଦେବାରେ ଆପତ୍ତି କାହିଁକି ? )"

ବୋଇଲ । ବର୍ଦ୍ଧନ ମୂଳଧନରୁ କଳନ୍ତରଭଳି ଯେ ।
ତନୟ ଯେଣେବ ହେବ ତନୟ ବହୁଳ ଯେ । ୨୩ ।

ବୋଇଲ । ବୈଶ୍ରବଣ ଶ୍ରବଣରେ କ କହୁ ରମଣୀ ଯେ ।
ତପଣୀ ଏ ସଂସାର ତହିଁର ସାରମଣି ଯେ । ୨୪ ।

ବୋଇଲ । ବଡ଼ କୃପଣ ତଇରଣ କରୁ ଆଣି ଯେ ।
ବିସର୍ଜିବ ଜୀବ ସଙ୍ଗେ ଯିବ କେବେ ପୁଣି ଯେ । ୨୫ ।

ବୋଇଲ । ବୁଧ ବବୁଧଗଣରେ ଅମୂଲ୍ୟ ସତ ଯେ ।
ବୋଲିବା ରମଣୀମଣି ଏବେ ସମ୍ଭାବିତ ଯେ । ୨୬ ।

---

୨୪ଶ ପଦ:—ବୈଶ୍ରବଣ—ସ୍ବବଣ । ତପଣୀ—ହାଟ, ବଜାର । ସାରମଣି—ମୂଲ୍ୟବାନ୍ ରତ୍ନ ।

୨୬ଶ ପଦ: —ବୁଧ—ପଣ୍ଡିତ । ବବୁଧଗଣରେ—ଦେବତାମାନଙ୍କ-ମଧ୍ୟରେ ।

---

୨୩ଶ ପଦ:—"ମୂଳଧନରୁ କଳନ୍ତର ବର୍ଦ୍ଧିତ ହେଲା ପ୍ରାୟ ତୁମ୍ଭେ ଥିଲେ ବହୁତ ପୁତ୍ର ନାତି ବର୍ଦ୍ଧିତ ହେବେ । ହେ ନାଥ ! ଏବେ ମୋର ତନୟ ବାଣୀ ସେନାକର ସୀତାକୁ ଫେରାଇ ଦିଅ ।"

୨୪ଶ ପଦ:—ରାବଣ ହନୁମନ୍ତର ବଚନ ଶୁଣି କହିଲା, "ହେ ପ୍ରିୟେ ! ତୁ କପଣ ଏ କୁତ୍ସିତ କଥା କହୁଅଛୁ ? ଏ ସଂସାର ରୂପ ବଜାରରେ ସେ ସୀତା ଶ୍ରେଷ୍ଠରତ୍ନ ପ୍ରାୟ ଅଟେ ।"

୨୫ଶ ପଦ:—"ଅତି ଦରିଦ୍ର କୃପଣ ଲୋକ ଶ୍ରେଷ୍ଠରତ୍ନକୁ ସ୍ୱେଚ୍ଛାରେ ଆଣିଥିଲେ ସେ ତାକୁ ଫେରାଇ ଦିଏ କି ? ସେହିପରି ମୁଁ ସ୍ୱେଚ୍ଛାରେ ଆଣିଥିବା ଶ୍ରେଷ୍ଠ ସ୍ତ୍ରୀକୁ ଜୀବନ ଥାଉଁ ଥାଉଁ ତ୍ୟାଗ କରିବି କିପରି ? ଜୀବନ ଯିବ ପଛକେ, ମୁଁ ସେ ସ୍ତ୍ରୀ ରତ୍ନକୁ ଛାଡ଼ିବି ନାହିଁ ) ।"

୨୬ଶ ପଦ:—"ସେହି ରମଣୀମଣି ସୀତା ପଣ୍ଡିତ ଓ ଦେବତାମାନଙ୍କ ମତରେ ଅମୂଲ୍ୟ ରତ୍ନ—ଏ କଥା ମିଛ ନୁହେଁ । ତା ପରି ସ୍ତ୍ରୀରତ୍ନ ବର୍ତ୍ତମାନ ମିଳା ସମ୍ଭବ ହୋଇଅଛି । (ଅତୀତରେ ନଥିଲା କି ଭବିଷ୍ୟତରେ ହେବ

ବଧୂନ୍ମୁଦ ବାଳପୁନ୍ନ ଜ୍ୟୋତିହୀନ ଚନ୍ଦ୍ରନେତ୍ରମୋଚକଣ୍ଠୀ ପାବନ ଶାର୍ଦ୍ଦୂଳ
ବଳପୁଷ୍ଟ ନଳ ତହିଁ ଭଲ୍ଲୂକ ବିଘାତ ବିହି ଧରି ଏହି ବେନିସ୍ୱନ ଶିଳ ଯେ ।
ବିଲୋକରେ । ବୀର ସ୍ଥୂଳଜଙ୍ଘ ଘୋରତର ।
ବର୍ଷାଘନ ଘନ ଶର ଦରେ ଖର ନୀଳ ଦୂର
କୁନ୍ଦ ଫୁଟିଲା ଭୁ ହୀନ ଗିର ଯେ । ୨୮ ।
ବ୍ୟାଖ୍ୟାନ ଶିଶିରେ ଶୀର୍ଣ୍ଣ ସାରସ ପ୍ରଭୃତି ସ୍ୱନ ମଧୁମନ୍ତ୍ରି ସେହି ତପବନେ ।
ବିଭିବସବଂଶ ଯୋଗେ ପ୍ରକାଶମାନରୁନରେ କାଳସ୍ମିତଶେଷ ତତକାଳେ ସେ ।

---

୨୮ଶ ପଦ:—ବଧୂ ନ୍ମୁଦ-ରକ୍ତ । ଜ୍ୟୋତିହୀନ-ନିସ୍ତେଜ । ଇନ୍ଦ୍ରନେତ୍ର ରାକ୍ଷସ ବିଶେଷ । ମୋଚକଣ୍ଠୀ-ରାକ୍ଷସବିଶେଷ, କଦଳୀ । ପାବନ—ହନୁମାନ । ଶାର୍ଦ୍ଦୂଳ—ବ୍ୟାଘ୍ର । ବଳପୁଷ୍ଟ-କୁଆ । ଭଲ୍ଲୂକ-ପେଚ୍ଚା । ବର୍ଷାଘନ-ବର୍ଷୁକ-ମେଘ । ଖର—ଶୀଘ୍ର, ଗଧ । କୁନ୍ଦ—ପୁଷ୍ପବିଶେଷ । ଭୁହୀନ-ଶୀତଋତୁ; ଭୁ ହୀନ ଘନଶରଦରେ—ନିବିଡ଼ଜଳ ଦେଲା ପ୍ରାୟ, ନିବିଡ଼ ଶରଦ୍ୱାରା ଖଣ୍ଡ ଖଣ୍ଡ କରିବାରୁ, ବିସ୍ତାର ଶରତ ଋତୁରେ ।

---

୨୮ଶ ପଦ:—ଅଙ୍ଗଦ ରକ୍ତପ୍ରାୟ ଯାଇ ଚନ୍ଦ୍ର ସଦୃଶ ଚନ୍ଦ୍ରନେତ୍ର ରାକ୍ଷସକୁ ଗ୍ରାସ କରିବାରୁ ସେ ନିସ୍ତେଜ ହୋଇଗଲା । ହନୁମାନ ବ୍ୟାଘ୍ର ପ୍ରାୟ ଗାଇ ଗୁରଗମ ମୋଚକଣ୍ଠୀ ରାକ୍ଷସକୁ ବିନାଶକଲା । ସେହି କାଳରେନଳ କାକପ୍ରାୟ ଉଡ଼ିଯାଇ ପେଚ୍ଚାତୁଲ୍ୟ ଭଲୁକ ରାକ୍ଷସକୁ ଧରି ବଧ କଲା । ଏହି ଦୁଇ ରାକ୍ଷସ ଗର୍ଜ୍ଜନ କରି ପ୍ରାଣ ଛାଡ଼ିଲେ । ଏହା ଦେଖି ମହାଭୟଙ୍କର ବର୍ଷୁକ ମେଘ ନିବିଡ଼ ଜଳ ବର୍ଷା କଲାପ୍ରାୟ ବୀର ସ୍ଥୂଳଜଙ୍ଘ ନିବିଡ଼ ଶରଦ୍ୱାରା ରଣକ୍ଷେତ୍ର ଆଚ୍ଛନ୍ନ କରି ପକାଇଲା । ନିବିଡ଼ ଶରତ୍ ଋତୁରେ ମେଘର ନୀଳିମାଦୂର ହେଲା ପ୍ରାୟ ନୀଳ ସେନାପତି ଶୀଘ୍ରଗଧପ୍ରାୟ ହୋଇ ପଳାୟନକଲା । ସୈନ୍ୟମାନେ ପରସ୍ପରକୁ କୁହା କୋହି ହେଲେ 'ଭୁହୀନ' । ଏହି 'ଭୁ ହୀନ' ଶବ୍ଦଭୁହୀନ ହିମଋତୁ ପ୍ରାପ୍ତ ପ୍ରଶଂସା ହେଲା । ହିମ ଋତୁରେ କୁନ୍ଦପୁଷ୍ପ ଫୁଟିଲାପ୍ରାୟ କୁନ୍ଦ ସେନାପତି ରଣ କରି କରି କ୍ଳାନ୍ତ ହୋଇ ପଡ଼ିଲା । ଅଙ୍ଗଦ ଚନ୍ଦ୍ରନେତ୍ରକୁ ହନୁମାନ ମୋଚକଣ୍ଠୀକୁ ଓ ନଳ ଭଲୁକକୁ ବଧ କରିବାରୁ ସ୍ଥୂଳଜଙ୍ଘ ଅନବରତ ଶର ନିକ୍ଷେପ କଲା । ଫଳରେ ନୀଳ ଭୟ ପାଇ ପଳାଇଲା, କୁନ୍ଦ ସେନାପତି କ୍ଳାନ୍ତ ହୋଇ ପଡ଼ିଲା । ଏହିପଦରେ ବର୍ଷାଶରତ୍ ହେମନ୍ତର ବର୍ଣ୍ଣନା କରା ଯାଇଅଛି )

୨୯ଶ ପଦ:—'ସାରସ' ପଦ୍ମଶିଶିର ଋତୁରେଶୀର୍ଣ୍ଣ ହେଲାପ୍ରାୟ ସାରସ ନାମକ କପି ସ୍ଥୂଳଜଙ୍ଘର ଶିଶିର ନାମକ ଶରରେ ଶୀର୍ଣ୍ଣ ହୋଇ ପଡ଼ିଲା ।

ବୋଇଲା । ବିଦ୍ୟୁଜ୍ଜିହ୍ୱ ନ ବିଦୁଷ ବିଦ୍ୟୁତ୍କାନ୍ତ ସୁଖ ଯେ ।
ବିଧାନ ଶୋଭନଧାମ ସାବଧାନ ହେବା ଯେ । ୩୧ ।
ବୋଇଲା । ବାହୁଡ଼ାଅ ମହୀଜାମନ୍ଦିରା ନେଇ ସନ୍ତ ଯେ ।
ବୋଲିବା ତାଙ୍କୁ ଭିଆଇ ଆଉ ଏକ ମୂର୍ତ୍ତି ଯେ । ୩୨ ।
ବୋଇଲା । ବଂଶଲୋଚନ ବଚନ ଦେହୁଁ ଛାଇ ସ୍ଥୂଳ ଯେ ।
ବର୍ଣ୍ଣ ସୁବର୍ଣ୍ଣ ହୋଇଲେ କଳା କାନ୍ତି ହୋଇ ଯେ ।୩୩।
ବୋଇଲା । ବାରି ସେ ନିବାରି ତୃଷାର୍ତ୍ତିର ତୃଷ୍ଣା ଭାଙ୍ଗେ ଯେ ।
କଣ ହେବ କି ମୁଁ ମୃଗ ମୃଗତୃଷ୍ଣାଠାରେ ଯେ ।୩୪।

---

୩୨ ପଦ:—ମହୀଜାମନ୍ଦିରା—ପୃଥିବୀରୁ ଜାତ ହୋଇଥିବା ରମଣୀ ଅର୍ଥାତ୍ ସୀତା । ସନ୍ତ—ତପସ୍ୱୀ, ଏଠାରେ ରାମଚନ୍ଦ୍ର ।

୩୪ଶ ପଦ:—ବାରି—ଜଳ । ନିବାରି—ନିବାରଣ କରି ବା ବିନାଶ କରି । ମୃଗତୃଷ୍ଣା—ମରୀଚିକା ।

---

୩୧ଶ ପଦ—"ତୁମ୍ଭେ ବିଦ୍ୟୁଜ୍ଜିହ୍ୱ ରାକ୍ଷସକୁ କହିଲେ, ସେ ତାର ପାଣ୍ଡିତ୍ୟ ଓ ମାୟା ପ୍ରଭାବରେ ସୀତାଙ୍କଠାରୁ ଅଧିକା ସୁନ୍ଦରୀ ସ୍ୱର୍ଣ୍ଣ ସ୍ତ୍ରୀ ନିର୍ମାଣ କରିବାକୁ ସମର୍ଥ ହେବ । ( କାରଣ ସେ ମାୟା ସୀତା ନିର୍ମାଣ କରି ଦେଇଥିଲା ) । ତୁମ୍ଭେ ଏହି ବିଷୟରେ ମନଯୋଗୀ ହୁଅ । ( ସୀତାଙ୍କୁ ଫେରାଇ ଦେଇ ମାୟାସୀତା ନିର୍ମାଣ କରାଇ ଉପଭୋଗ କର ) ।"

୩୨ଶ ପଦ:—ପୁଣି କହିବାକୁ ଲାଗିଲା, ପୃଥିବୀରୁ ଜନ୍ମିଥିବା ସ୍ତ୍ରୀ ସୀତାଙ୍କୁ ଆଗ ଫେରାଇ ଦିଅ; ତାଙ୍କୁ ଜଟାଧାରୀ ନେଉ । ବିଦ୍ୟୁଜ୍ଜିହ୍ୱକୁ କହିବ, ସେ ଆଉ ଗୋଟିଏ ମାୟା ସୀତା ନିର୍ମାଣ କରୁ ।"

୩୩ଶ ପଦ:—ମାରୀଚାସୁର କନ୍ୟାର କଥା ଶୁଣି ରାବଣ ଉତ୍ତର ଦେଲା, "ଦେହରୁ ଛାୟା ଜାତ ହୋଇଥାଏ । ମାତ୍ର ଦେହର ବର୍ଣ୍ଣ ସୁବର୍ଣ୍ଣ ପରି ହୋଇଥିଲେ ସୁଦ୍ଧା ତାର ଛାୟା ଦେହର ବର୍ଣ୍ଣ ସଙ୍ଗେ ସମାନ ନ ହୋଇ କଳା ଦେଖାଯାଏ । ( ମାୟାମୂର୍ତ୍ତି ଯେତେ ସୁନ୍ଦର ହେଲେ ମଧ୍ୟ ପ୍ରକୃତ ମୂର୍ତ୍ତି ସହିତ ସମାନ ହୋଇ ପାରିବ ନାହିଁ ) ।"

୩୪ଶ ପଦ:—ରାବଣ ପୁଣି କହିଲା, "ଜଳ ହିଁ ତୃଷାତୁରଙ୍କର ତୃଷା ନିବାରଣ କରିପାରେ । ମୁଁ ତ ମୃଗ ନୁହେଁ ଯେ ମରୀଚିକାଠାରେ ଜଳଜ୍ଞାନ କରି ଯିବି । ହେବ ମୁଁ କଣ ପଶୁ ଯେ ସୀତାଙ୍କୁ ଛାଡ଼ି ମାୟା-ସୀତାଠାରେ ଅନୁରାଗ କରିବି ? ।"

ବୋଇଲ୍ଲ ! ଅଜ୍ଞାନ ନାଶେ ସୁଜ୍ଞାନ ଉଦୟ ଏମନ୍ତ ଯେ ।
ବନିତାଏ ଶୁଣ ଏବେ ପୁରାତନ ଚରିତ ଯେ । ୩୫ ।
ବୋଇଲ୍ଲ ! ବୈକୁଣ୍ଠ ନ ମାନୁ ଆମ୍ଭେ ବୈକୁଣ୍ଠପାଳକ ଯେ ।
ବୈକୁଣ୍ଠଦ୍ୱାଃସ୍ଥ ବିଜୟ ଜୟ ବେନି ଭ୍ରାତ ଯେ । ୩୬ ।
ବୋଇଲ୍ଲ ! ବିଷ୍ଣୁ ମନୋରମା ରମା ଏକାନ୍ତରେ ସ୍ଥିତ ଯେ ।
ବେଦବାଗ୍ମୀ ସନକାଦି ଦରଶନଅର୍ଥୀ ଯେ । ୩୭ ।
ବୋଇଲ୍ଲ ! ଅବରୋଧୁ ଅବରୋଧୁ ଦ୍ୱାର ନ ମାନି ସେ ମାନୀ ଯେ ।
ବଳେ ପ୍ରବେଶ ଉଦ୍ଭବ କଲୁଁ ଆମ୍ଭେ ବେନି ଯେ । ୩୮ ।
ବୋଇଲ୍ଲ ! କୋପିଲେ ବିପ୍ର ଶୂର ଅସୁରରୂପ ସତ ଯେ ।
ବୋଲାଇବ ବିଷ୍ଣୁଦ୍ୱେଷୀ ଏ ଦଇବ-କୃତ୍ୟ ଯେ । ୩୯ ।

---

୩୬ଶ ପଦ—ବୈକୁଣ୍ଠ-ଇନ୍ଦ୍ର । ବୈକୁଣ୍ଠପାଳକ-ବିଷ୍ଣୁଙ୍କ ଦ୍ୱାର ପାଳକ । ବୈକୁଣ୍ଠଦ୍ୱାଃସ୍ଥ—ବୈକୁଣ୍ଠପୁରର ଦ୍ୱାରୀ ।

୩୭ଶ ପଦ—ମନୋରମାରମା ମନୋହାରିଣୀ ଲକ୍ଷ୍ମୀ । ବେଦବାଗ୍ମୀ—ବେଦବିଶାରଦ ।

---

୩୫ଶ ପଦ—ସ୍ୱାମୀର ଅଜ୍ଞାନତା ନାଶ ହୋଇ ଚୈତନ୍ୟ ଉଦୟ ହୁଅନ୍ତେ, ସେ ପୁଣି କହିବାକୁ ଲାଗିଲା, "ବନିତାମାନେ ! ଏବେ ପୂର୍ବର ବୃତ୍ତାନ୍ତମାନ ଶୁଣ ।"

୩୬ଶ ପଦ—"ଆମ୍ଭେ ଜୟ ବିଜୟ ଦୁଇ ଭାଇ ନାରାୟଣଙ୍କ ଦ୍ୱାର ପ୍ରତିପାଳକ ହୋଇ ବୈକୁଣ୍ଠ ପୁରର ଦ୍ୱାରୀରୂପେ ରହିଥିଲୁଁ, ତେଣୁ ଇନ୍ଦ୍ରଙ୍କୁ ସୁଦ୍ଧା ମାନୁ ନଥିଲୁଁ ।"

୩୭ଶ ପଦ—ବିଷ୍ଣୁ ଓ ତାଙ୍କ ମନୋରମା ଲକ୍ଷ୍ମୀ ଏକାନ୍ତରେ ଅବସ୍ଥାନ କରିଥିଲେ । ସେହି ସମୟରେ ବେଦବିଶାରଦ ସନକାଦି ମୁନିମାନେ ବିଷ୍ଣୁଙ୍କ ଦର୍ଶନପ୍ରାର୍ଥୀ ହୋଇ ଆସିଲେ ।"

୩୮ଶ ପଦ"ଆମ୍ଭେ ଦୁଇଭାଇ ତାଙ୍କୁ ଦ୍ୱାର ନିରୋଧ କରୁଁ କିନ୍ତୁ ସେ ଆମ୍ଭ କଥା ନ ମାନି ଅଭିମାନଭରେ ବଳପୂର୍ବକ ପୁରମଧ୍ୟକୁ ପ୍ରବେଶ କରନ୍ତେ ଆମ୍ଭେ ଦୁଇଭାଇ ତାଙ୍କୁ ଥାଇବ ଦେଲୁଁ ( ତାଙ୍କୁ ଅପମାନିତ କଲୁଁ ) ।

୩୯ଶ ପଦ—'ଅପମାନ ପାଇ ସନକାଦି ମୁନିମାନେ କ୍ରୋଧଭରେ ହୋଇ କହିଲେ, ହେ ଦ୍ୱାରୀ ! ତୁମ୍ଭେ ଅସୁର ରୂପ ଧାରଣକରି ବିଷ୍ଣୁଦ୍ରୋହୀ ବୋଲାଇବ ! ଏ ବିଧାତା ବିଧାନ ଅନ୍ୟଥା ହେବ ନାହିଁ ।"

ବୋଇଲା । ବାସରେ ବାସରେ ଋଷିସଙ୍ଗ ମଧୂହାସ ଯେ ।
 ବାସରେ ଅଙ୍କବାସରେ ବେଶରେ ମାଧୁସ୍ୱ ଯେ । ୪୦ ।
ବୋଇଲା । ଚଳେ କମଳା କମଳା କମଳାକ୍ଷୀ କରନ୍ତି ଯେ ।
 ବଧୂରପାଶ ବଧୂର ଉଦଯ୍ୟ ଆଚରନ୍ତି ଯେ । ୪୧ ।
ବୋଇଲା । ବୋଇଲେ କର୍ବୁରକାନ୍ତୀ କର୍ବୁରଧ୍ୱଜା ଯେ ।
 ବଦନ ବନ୍ଧ କର୍ବୁର ରୂପ ଏଥୁ ଯା ଯା ଯେ । ୪୨ ।
ବୋଇଲା । ବନଜମୁଖରେ କହନ୍ତି ମୁଁ ଖରେ ଗୁହାରି ଯେ ।
 ବୋଇଲେ ସେ ଲେଶେ ଦୋଷ ନାହିଁତ ତୁମ୍ଭର ଯେ । ୪୩ ।
ବୋଇଲା । ବନ୍ଦବ ତ ନାହିଁ ବନ୍ଦୀବତ ରଖ କଷି ଯେ ।
 ବହୁ ମର୍ତ୍ତ୍ୟରୂପ ବହୁମୂଲ୍ୟ ରତ୍ନବେଶୀ ଯେ । ୪୪ ।

---

୪୦ଶ ପଦ:-ବାସରେ—ସମୟରେ । ବାସରେ—ଗୃହରେ ଅର୍ଥାତ୍ ବୈକୁଣ୍ଠ ପୁରରେ । ମଧୂହାସ—ବିଷ୍ଣୁ । ବାସରେ—ସୁବାସରେ ।

୪୧ଶ ପଦ: —କମଳା-ପଦ୍ମା କାଳାପ୍ସା-ଶ୍ରେଷ୍ଠା ନାରୀ । କମଳା—ଲକ୍ଷ୍ମୀ । ବଧୂରପାଶ—ବିଷ୍ଣୁ ନିକଟ । ବଧୂର—ବହୁଇତ ।

୪୨ଶ ପଦ:—କର୍ବୁରକାନ୍ତୀ—ସ୍ୱର୍ଣ୍ଣକାନ୍ତ । କର୍ବୁରଧ୍ୱଜ-ସମୁଦ୍ର ଦୁହିତା, ଲକ୍ଷ୍ମୀ । କର୍ବୁର-ରାକ୍ଷସ । କମଳାକ୍ଷୀ-ପଦ୍ମନେତ୍ରୀ ।

୪୩ଶ ପଦ:—ବନଜମୁଖରେ-ପଦ୍ମମୁଖ ଅର୍ଥାତ୍ ବିଷ୍ଣୁଙ୍କ ସମୀପରେ

୪୪ ପଦ:—ବନ୍ଦବ—ସ୍ତୁତିକରିବ । ବନ୍ଦୀବତ—ବନ୍ଦପ୍ରାୟ ।

---

୪୦ଶ ଓ ୪୧ଶ ପଦ:-'ପୁଣି ଦିନେ ବିଷ୍ଣୁ ପୁର ମଧ୍ୟରେ ଋଷିମାନଙ୍କ ସଙ୍ଗରେ ଥିଲେ । ସେ ସମୟରେ ପଦ୍ମାଳ ଶ୍ରେଷ୍ଠା ପଦ୍ମନେତ୍ରୀ ଶ୍ରେଷ୍ଠ ନାରୀ ଲକ୍ଷ୍ମୀଦେବୀ ଉତ୍ତମ ବସନ ଓ ସୁଗନ୍ଧ ଦ୍ରବ୍ୟରେ ବିଭୂଷିତା ହୋଇ ବିଷ୍ଣୁଙ୍କ ସମୀପକୁ ବିଜେ କରନ୍ତେ ଆମ୍ଭେମାନେ ବାଧା ଦେଲୁଁ ।"

୪୨ଶ ପଦ:—'ଆମ ଦ୍ୱାରା ବାଧା ପ୍ରାପ୍ତ ହୋଇ ସ୍ୱର୍ଣ୍ଣକାନ୍ତ ଜଳଧି-ତନୟା ଲକ୍ଷ୍ମୀ କହିଲେ, "ଏଠାରୁ ଶୀଘ୍ର ଯାଇ ରାକ୍ଷସରୂପ ଧାରଣ କର ।"

୪୩ଶ ପଦ:—'ମୁଁ ତତ୍କ୍ଷଣାତ୍ ଯାଇ ଏହି କଥା ବିଷ୍ଣୁଙ୍କ ସମ୍ମୁଖରେ ଗୁହାରି କଲି । ବିଷ୍ଣୁ କହିଲେ, ଏଥିରେ ତୁମ୍ଭ ଦୁହିଙ୍କର ତ ତିଳେ ମାତ୍ର ଦୋଷ ନାହିଁ ।"

୪୪ଶ ପଦ:—"ପୁଣି ବିଷ୍ଣୁ କହିଲେ, ବିନା ଦୋଷରେ ଲକ୍ଷ୍ମୀ ତୁମ୍ଭଙ୍କୁ ଶାପ ଦେଲେ, ତେଣୁ ତାଙ୍କୁ ତୁମ୍ଭେ ବନ୍ଦନା କରିବ ନାହିଁ, ବରଂ ବନ୍ଦୀ ଲୋକ ପ୍ରାୟ ବନ୍ଦୀକରି ରଖ । ସେହି ବହୁମୂଲ୍ୟ ରତ୍ନଭୂଷିତା କମଳା ମର୍ତ୍ତ୍ୟପୁରରେ ମାନବୀରୂପ ଧାରଣ କରନ୍ତୁ ।"

ବୋଇଲା । ବଇଦେହୀ ସେହି ରମା କ୍ଷମା ଜାତ କଲା ଯେ ।
ବେଦମନ୍ତ୍ର ବମନ୍ତ ଧର୍ଷଣେ ମୋର ଥିଲା ଯେ । ୪୫ ।

ବୋଇଲା । ବୋଲିଥିଲା ମୋ ହେତୁ ଅମରଗଣଙ୍କୁ ମାର ଯେ ।
ଖଳେ ଖଳେଶପ୍ରାୟ ପରା ଗୁପ୍ତ ଶ୍ରୀ ଶରୀର ଯେ । ୪୬ ।

ବୋଇଲା । ବିଷ୍ଣୁ ମୋ ମାରଣେ ଅଭିରାମ ରାମମୂର୍ତ୍ତି ଯେ ।
ବୈକୁଣ୍ଠ ସମ୍ପତ୍ତିକି ଏ ସମ୍ପତ୍ତି ବଢ଼ିଛି ଯେ । ୪୭ ।

ବୋଇଲା । ବିଷୟରେ ଚତୁର ଚତୁରଭୁଜେ ରୁଚିର ଯେ ।
ବନ୍ଧି କରେ ଶାର୍ଙ୍ଗୀର ଶାର୍ଙ୍ଗୀରୂପ ଧରନ୍ତି ଯେ । ୪୮

---

୪୫ଶ ପଦ:—ବଇଦେହୀ—ସୀତା । ରମା—ଲକ୍ଷ୍ମୀ । କ୍ଷମା-ପୃଥିବୀ ।

୪୬ଶ ପଦ:—ଅମରଗଣଙ୍କୁ-ଦେବତାମାନଙ୍କର ବୈରୀ । ଖଳେ-ଗର୍ତ୍ତରେ । ଖଳେଶପ୍ରାୟ ପରା—ସର୍ପ ସଦୃଶ ।

୪୭ଶ ପଦ:—ଅଭିରାମ ମନୋହର ।

୪୮ଶ ପଦ:—ରୁଚିର—ମନୋହର । ଶାର୍ଙ୍ଗୀର-ଶାର୍ଙ୍ଗଚକ୍ର । ଶାର୍ଙ୍ଗୀରୂପ—ବିଷ୍ଣୁଙ୍କ ରୂପ ।

---

୪୫ଶ ୪୬ଶ ପଦ:—"ପୃଥ୍ୱୀ ସେହି ଲକ୍ଷ୍ମୀଙ୍କୁ ସୀତାରୂପେ ଜାତ କରିଅଛି । ପୂର୍ବେ ସେହି ଲକ୍ଷ୍ମୀ ରୁକ୍ମିଣୀ ବେଦବତୀ କନ୍ୟାଙ୍କୁ ମୁଁ ବଳପୂର୍ବକ ଧର୍ଷଣ କଲା ସମୟରେ ସେ କହିଥିଲେ, ରେ ଦେବଶତ୍ରୁ । ମୋ ଯୋଗୁ ତୁ ବିନାଶ ହେବୁ । ଏହା କହି ଗର୍ତ୍ତମଧ୍ୟରେସର୍ପ ଲୁଚିଲା ପ୍ରାୟ ସେ ଅଗ୍ନି ମଧ୍ୟରେ ନିଜ ଲକ୍ଷ୍ମୀ ମୂର୍ତ୍ତିକୁ ଗୁପ୍ତ କରିଥିଲେ । ( ପରେ ସେହି ଲକ୍ଷ୍ମୀ ସୀତା ରୂପରେ ପୃଥିବୀରୁ ଜାତ ହୋଇ ଅଛନ୍ତି ।"

୪୭ଶ ପଦ:—"ବିଷ୍ଣୁ ମୋତେ ମାରିବା ପାଇଁ ମନୋରମ ରାମ ମୂର୍ତ୍ତି ଧାରଣ କରି ଅଛନ୍ତି । ମୁଁ ମୋର ଏ ସକଳ ସମ୍ପତ୍ତିକୁ ବଢ଼ିଥିବାପ୍ରାୟ ମନେକରି ପୁଣି ସେହି ବୈକୁଣ୍ଠ ସୁଖକୁ ମନ ବଳାଇଅଛି ।"

୪୮ଶ ପଦ:—"ଆମ୍ଭେ ଦୁହେ ଦ୍ୱାର ରକ୍ଷା କରିବା ବିଷୟରେ ବଡ଼ ଚତୁର ଅଟୁଁ । ପୁଣି ଚତୁର୍ଭୁଜରେ ଶୋଭିତ ହୋଇ ବିଷ୍ଣୁଙ୍କ ପ୍ରାୟ ଶଙ୍ଖ ଚକ୍ର ଧାରଣ କରିଥାଉ ।"

ବୋଇଲା । ବର୍ଷ୍ମରେ କନ୍ଦର୍ପଦର୍ପ କରୁଥିଲୁଁ ଲୋପ ଯେ ।
ବହିଲୁଁ ସେହି ଉଭୟ ଉଭୟଙ୍କର ରୂପ ଯେ । ୪୯ ।
ବୋଇଲା । ହୋଇଲୁଁ ହିରଣ୍ୟାସୁର ହିରଣ୍ୟାକ୍ଷ ପୂର୍ବେ ଯେ ।
ବରାହ ନୃହରି ହରି ହରି ପ୍ରାଣ ତେବେ ଯେ । ୫୦ ।
ବୋଇଲା । ବହ୍ନିରେ ପକାଇ ନବ ଶିର ନବନବ ଯେ ।
ବିଖନ ଲେଖନ-ଭାବ ପଠନ ସ୍ୱଭାବ ଯେ । ୫୧ ।
ବୋଇଲା । ବର-ମରକତ ଜାତରୂପ ରୂପ ଦୁଇ ଯେ ।
ବିରଞ୍ଚି ଶିରପଟ୍ଟକୁ ଲେଖାଇ ଦେଖାଇ ଯେ । ୫୨ ।

---

୪୯ଶର ପଦ:—ବର୍ଷ୍ମ—ଶରୀର, ଦେହ ।

୫୦ଶର ପଦ:—ନୃହରି-ନରସିଂହ । ହରି-ନାରାୟଣ, ବିଷ୍ଣୁ । ହରି-ହରଣ କରି ।

୫୧ଶର ପଦ:—ବହ୍ନିରେ—ଅଗ୍ନିରେ । ବିଖନ—ବିଧାତା ।

୫୨ଶର ପଦ:—ମରକତ-ଶାଗୁଆବର୍ଣ୍ଣର ମଣି ବିଶେଷ । ଜାତରୂପ-ସୁବର୍ଣ୍ଣ ।

---

୪୯ଶର ପଦ:—"ଆମ୍ଭେ ବୈକୁଣ୍ଠର ଦ୍ୱାରୀ ଥିଲାବେଳେ ସୌନ୍ଦର୍ଯ୍ୟରେ କାମଦେବର ଗର୍ବକୁ ଖର୍ବ କରିଥିଲୁଁ । ଏବେ ସେହି ଦୁଇ ଭାଇ ରାକ୍ଷସ ରୂପ ଧରି ଏପରି କୁତ୍ସିତ ହୋଇଅଛୁଁ ।"

୫୦ଶର ପଦ:—"ପୂର୍ବ ଜନ୍ମରେ ଆମେ ହିରଣ୍ୟ ଓ ହିରଣ୍ୟାକ୍ଷ ହୋଇଥିଲୁଁ । ସମୟରେ ବିଷ୍ଣୁ ବରାହ ଓ ନୃସିଂହ ରୂପ ଧରି, ଆମର ପ୍ରାଣ ବିନାଶ କରିଥିଲେ ।"

୫୧ଶର ପଦ:—"ମୁଁ ଏହି ଜନ୍ମରେ ତପସ୍ୟା କଲାବେଳେ ମୋହର ନୂଆ ନୂଆ ଉଠୁଥିବା ନଅଗୋଟି ଶିରକୁ ବାରମ୍ବାର ଅଗ୍ନି ମଧ୍ୟରେ ପକାଇ ବିଧାତା ଲେଖିଥିବା କଥାକୁ ପଢ଼ିବାକୁ ସକ୍ଷମ ହୋଇଥିଲି ।" ( ମୁଁ ଯେତେ ଥର ମୁଣ୍ଡ ଛିଡ଼ାଇ ଅଗ୍ନିରେ ପକାଉଥାଏ, ସେତେ ଥର ପୁଣି ନୂଆମୁଣ୍ଡ ଜାତ ହେଉ ଥାଏ । ତେଣୁ ନୂଆ ନୂଆ ଓ ବାରମ୍ବାର ପ୍ରୟୋଗ କରାଯାଇଛି ) ।

୫୨ଶର ପଦ:—ପୁନର୍ବାର ରାବଣ କହିଲା, "ସେତେବେଳେ ଶ୍ରେଷ୍ଠ ମରକତ ମଣି ଓ ସୁବର୍ଣ୍ଣ ପ୍ରାୟ ଦୁଇଟି ଆଶ୍ଚର୍ଯ୍ୟ ଶିରପଟ୍ଟ ମୋର ଭାଲପଟ୍ଟରେ ବିଧାତା ଲେଖିଥିବାର ମୁଁ ଦେଖିଲି ।"

ବୋଇଲ୍ଲା । ବିଧାନ ନାୟକ ଏକ ପ୍ରଧାନ ପଦକ ଯେ ।
ବିଚ୍ଛେଦକ ମୁଁ ସୁନାରି ଲୋଭୀ ଦହ ଦହ ଯେ । ୫୩ ।
ବୋଇଲ୍ଲା । ବୋଲାଥିଲା ବିହି ବିହି ଏ ସ୍ୱର୍ଣ୍ଣରେଖିକ ଯେ ।
ବଂଶଯାକ ଦଣ୍ଡଧର ଦଣ୍ଡ ପାଅ ତର୍କ ଯେ । ୫୪ ।
ବୋଇଲ୍ଲା । ବିଶ୍ୱାସଣି ପଳାଇଛନ୍ତି ଇଚ୍ଛା ଗତ କଥା ଯେ ।
ବଲ୍ଲଭ ବୋଲି ନ ଲଭ ମୋତେ ମନୋବ୍ୟଥା ଯେ । ୫୫ ।
ବୋଇଲ୍ଲା । ବିଳାସବତୀ ସୁବତୀ ବିଷ୍ଣୁପୁରେ ମୋର ଯେ ।
ବାଞ୍ଛା ଉପପତି ପରି ଉପପତି କର ଯେ । ୫୬ ।

---

୫୩ରେ ପଦ:—ନାୟକ—ପୁରୁଷ । ସୁନାରି—ସୁନାରିବଣିଆ, ଉତ୍ତମା ନାରୀ ।

୫୪ରେ ପଦ:—ବିହି—ବିଧାତା । ବିହି—ବିଧାନ କରି । ଦଣ୍ଡଧର—ଯମ ।

---

୫୩ରେ ପଦ:—"ସେ ଦୁଇ ଚିହ୍ନପଠ ମଧ୍ୟରେ ଯେ ନାୟକ ରାମ ସେ ମରକତମଣି ସଦୃଶ ଓ ଯେ ନାୟିକା ସୀତା ସେ ନାୟକର ଶ୍ରେଷ୍ଠ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ରତ୍ନ ଶୋଭା ପାଉ ଥିଲେ । ସୁନାରି ବଣିଆ ଯେପରି ଲୋଭ କରି ସୁନା ଚୋରି କରେ ଓ ସେଥିପାଇଁ ସର୍ବଦା ଭୟରେ ଦହ ଦହ ହେଉଥାଏ, ମୁଁ ସେହିପରି ଲୋଭ ପରବଶ ହୋଇ ରାମଙ୍କର ଶ୍ରେଷ୍ଠ ସ୍ୱର୍ଣ୍ଣପଦକ ପ୍ରାପ୍ତ ସ୍ୱର୍ଣ୍ଣବର୍ଣ୍ଣା ସୀତାଙ୍କୁ ରାମଙ୍କଠାରୁ ବିଚ୍ଛେଦ ପୂର୍ବକ ଚୋରାଇ ଆଣି ବର୍ତ୍ତମାନ ଦହ ଦହ ହେଉଅଛି ।"

୫୪ରେ ପଦ:—"ସେତେବେଳେ ବିଧାତା କହିଥିଲା, ଏ ସୁବର୍ଣ୍ଣ ପଦକ ପ୍ରାପ୍ତ ସୀତାଙ୍କୁ ଚୋରି କଲେ, ସୁବର୍ଣ୍ଣ ଚୋରର ବଂଶଯାକଙ୍କୁ ରାଜା ଦଣ୍ଡ ଦେଲା ପ୍ରାୟ ବଂଶଯାକ ସହିତ ତୁ ଯମଦ୍ୱାରା ଦଣ୍ଡିତ ହେବୁ । ମୁଁ ସେହି କଥା ବର୍ତ୍ତମାନ ବିଚାର କରୁଅଛି ।"

୫୫ରେ ପଦ:—"ମୋ ପ୍ରାଣ ଭାଇ ବିଭୀଷଣ ଗତ କଥା ସମସ୍ତ ବୁଝି ପାରି ମୋ ପାଖରୁ ପଳାଇ ଯାଇଅଛି । ( ମୋ ପାଖରେ ଥିଲେ ନିଶ୍ଚୟ ମରିଥାନ୍ତା, ତା ଜାଣିପାରି ପଳାଇ ଯାଇଛି ) । ମୁଁ ତୁମ୍ଭମାନଙ୍କର ସ୍ୱାମୀ ବୋଲି ତୁମ୍ଭେ ମୋର ଏହି ସବୁ କଥା ଶୁଣି ମନ କଷ୍ଟ କର ନାହିଁ ।"

୫୬ରେ ପଦ:—"ମୋର ବିଳାସବତୀ ସୁବତୀ ସ୍ତ୍ରୀମାନେ ବୈକୁଣ୍ଠରେ ଅଛନ୍ତି । ହେ ପଣ୍ଡିତମାନେ ! ମୁଁ ଏଠାରେ ତୁମ୍ଭର ଉପପତିପରି ହୋଇରହିଛି । ତୁମ୍ଭେ ମୋର ମରଣରେ ଚିନ୍ତା ନ କରି ତୁମ୍ଭର ମନଇଚ୍ଛା ଉପପତି କର ।"

ବୋଇଲ୍ଲ । ବନାଶନେ ହୁତାଶନେ ଯେବେ ଦେବ ଝାସ ଯେ ।
ବ୍ୟର୍ଥପ୍ରସଙ୍ଗ ମୋ ସଙ୍ଗ ପାଇବାର ଆଶ ଯେ । ୫୭ ।

ବୋଇଲ୍ଲ । ବାରିଦ ବାରି ଦାନରେ ପ୍ରମତ୍ତ ଚାତକ ଯେ ।
ବହ୍ୱରଇ ସୁରନଦୀ ସୁରସେ ଆଉ କି ଯେ । ୫୮ ।

ବୋଇଲ୍ଲ ବିପ୍ରରାଜ ପୂଜନ ନାରଜ ମୋକ୍ଷଦାତା ଯେ ।
ବିଭ୍ରମୁ ଜଗତେ ଗତେ ପାତାଳେ ମୁଁ ଶ୍ଳିତା ଯେ । ୫୯ ।

---

୫୭ଶ ପଦ:—ହୁତାଶନେ—ଅଗ୍ନିରେ । ବ୍ୟର୍ଥ ପ୍ରସଙ୍ଗ—ବୃଥା ଆଲୋଚନା

୫୮ଶ ପଦ:—ବାରିଦ—ମେଘ । ବାରି—ଜଳ । ସୁରନଦୀ—ଆକାଶ ଗଙ୍ଗା । ସୁରସେ—ସୁନିର୍ମଳ ଜଳରେ ।

୫୯ ତମ ପଦ:—ବିପ୍ର—ଦ୍ୱିଜ ଅର୍ଥାତ୍ ପକ୍ଷୀ, ସେମାନଙ୍କର ରାଜା ଗରୁଡ଼ । ସେହି ଗରୁଡ଼ ଦ୍ୱାରା ପୂଜିତ ଯେ ନାରାୟଣ, ତାଙ୍କୁ ବିପ୍ରରାଜପୂଜନ କହନ୍ତି । ବିପ୍ରରାଜ ପୂଜନ—ନାରଜ-ବିଷ୍ଣୁଙ୍କର ( ରାମଚନ୍ଦ୍ରଙ୍କର ) ଶରବାଣ ।

---

୫୭ଶ ପଦ:—"ମୁଁ ମଲେ ତୁମ୍ଭେମାନେ ଯେବେ ଅଗ୍ନି ମଧ୍ୟରେ ଝାସ ଦେବ, ତେବେ ତୁମ୍ଭର ମୋ ସଙ୍ଗ ପାଇବା ଆଶା ବିଫଳ ହେବ । । ( ଶାସ୍ତ୍ରରେ କଥିତ ଅଛି, ସ୍ତ୍ରୀ ସ୍ୱାମୀର ସହମୃତା ହେଲେ ସ୍ୱାମୀ ସଙ୍ଗେ ସଙ୍ଗେ ରହେ, ମାତ୍ର ତୁମ୍ଭେ ମୋ ସଙ୍ଗରେ ରହିପାରିବ ନାହିଁ । କାରଣ ମୁଁ ମଲେ ବୈକୁଣ୍ଠକୁ ଯିବି, ତୁମେ ତୁମ ସତୀତ୍ୱ ପ୍ରଭାବରେ ସ୍ୱର୍ଗପୁରକୁ ଯାଇପାର, ମାତ୍ର ବୈକୁଣ୍ଠକୁ କଦାପି ଯାଇ ପାରିବ ନାହିଁ ।"

୫୮ଶତ୍ତ ପଦ:—ପୁଣି କହିଲ୍ଲ, "ଚାତକପକ୍ଷୀ ମେଘର ଜଳ ପାଇ ପ୍ରମତ୍ତ ହୋଇଥାଏ, କିନ୍ତୁ ଗଙ୍ଗାର ଉତ୍ତମ ଜଳରେ ସେ ଆଉ ମନବଳାଏ କି ? ( ସେହିପରି ମୁଁ ବୈକୁଣ୍ଠ ପୁରସ୍ଥ କୋରଭଳାସନାମାନଙ୍କୁ ଛାଡ଼ି ତୁମ୍ଭପ୍ରତି ଆଉ ଆକୃଷ୍ଟ ହେବି ନାହିଁ ) ।"

୫୯ତମ ପଦ:—ବ୍ରାହ୍ମଣମାନଙ୍କ ପୂଜିତ ନାରାୟଣ ( ଅଥବା ଗରୁଡ଼ ପୂଜିତ ନାରାୟଣ ) ରାମଚନ୍ଦ୍ରଙ୍କ ନାରଚ ମୋହର ମୋକ୍ଷପ୍ରଦ ଅଟେ । ( ରାମଙ୍କ ଶରରେ ମଲେ ମୁଁ ବୈକୁଣ୍ଠକୁ ଯିବି ) । ପୂର୍ବକାଳରେ ଜଗତ ମଧ୍ୟରେ ଭ୍ରମଣ କଲ୍ଲ ସମୟରେ ମୁଁ ପାତାଳପୁରକୁ ଯାଇଥିଲି ।"

ବୋଇଲ୍ଲି । ବିଲୋକିତ ଆଲୋକିତ ପୁର ମୁହିଁ ତୋଟକେଯେ ।
ବାମା ପୁଂସ ମଣ୍ଡପେ ମଣ୍ଡନ ପଶାଖେଳେ ଯେ ।୭୦।
ବୋଇଲ୍ଲି । ବିଭାତି କି ଚନ୍ଦ୍ରମାରି ରତି ମାର ମୂର୍ତ୍ତି ଯେ ।
ବାଣୀ ନ୍ୟାସେ କେ ଅନ୍ୟାସେ ଭାରତି ରତି [illegible]
ବୋଇଲ୍ଲି । ବିଷ୍ଣୁ ମହିମା ଏ ମହାବନାଶରି ବଶ ଯେ ।
ବେନି ଖଣ୍ଡ ମହୀଲତା ମହିଳା ପୁରୁଷ ଯେ ।୭୨।
ବୋଇଲ୍ଲି । ବିଦୃଷ୍ଟି ଅଶ୍ରୁତକଥା ଶ୍ରୁତକଥା ପର ଯେ ।
ବିନୋଧି ସାରଙ୍ଗରେ ଶାରଙ୍ଗଶରିଧାରୀ ଯେ । ୭୩ ।

---

୭୦ତମ ପଦ:—ବିଲୋକିତ ଦେଖିଲି । ଆଲୋକିତ-ଆଲୋକମୟ ।

୭୧ତମ ପଦ:—ବିଭାତି—ଜ୍ୟୋତି । ମାର—କନ୍ଦର୍ପ । ନ୍ୟାସେ—ଉଚ୍ଚାରଣ କରେ । ଭାରତି—ବଚନ ।

୭୨ତମ ପଦ:—ମହୀଲତା—କଖାନାଡ଼ି ।

୭୩ତମ ପଦ:—ବିଦୃଷ୍ଟି—ଅଦୃଷ୍ଟ । ଅଶ୍ରୁତକଥା—ଯେଉଁକଥା କେବେ ଶୁଣା ଯାଇନାହିଁ । ଶ୍ରୁତକଥା—ବେଦବାଣୀ । ବିନୋଧି—ବିପକ୍ଷ । ସାରଙ୍ଗରେ—ମୃଗଠାରେ । ଶାରଙ୍ଗଶରି-ଧାରୀ—ନାରାୟଣ ।

---

୭୦ତମ ପଦ—"ସେହି ପାତାଳ ପୁରରେ ମୁଁ ଗୋଟିଏ ଅପରୂପପୁର ଦେଖିଲି । ଆଉ ମଧ୍ୟ ଦେଖିଲି ସେହି ପୁର ମଧ୍ୟରେ ଗୋଟିଏ ମଣ୍ଡପରେ ବସି ସ୍ତ୍ରୀ ପୁରୁଷ ଦୁଇଜଣ ପଶା ଖେଳୁଅଛନ୍ତି ।"

୭୧ତମ ପଦ—"ସେ ପୁର ଚନ୍ଦ୍ର[illegible] ପ୍ରାପ୍ତ ହେଉଥିଲା ଓ ସେ ସ୍ତ୍ରୀ ପୁରୁଷ ଦ୍ୱୟ ରତି କାମଦେବର ଶୋଭାକୁ ଧାରଣ କରିଥିଲେ । 'ତୁମ୍ଭେ କିଏ ?' ମୁଁ ଏହି କଥାପଚାରନ୍ତେ, ସେ ଦୁହେଁ ତତ୍‌କ୍ଷଣାତ୍ ଉତ୍ତର ଦେଲେ; "

୭୨ତମ ପଦ—"ସେଦୁହେଁ-[illegible]—ବିଷ୍ଣୁଙ୍କ ମହିମା ବଳରେ ଆମ୍ଭେ ଜାତ ହୋଇଛୁ । ବିଷ୍ଣୁ ଗୋଟିଏ ଗଞ୍ଜାକୁ ଶର ପ୍ରୟୋଗ କରି ଦୁଇ[illegible] କରି ଦେବାରୁ ସେଥିରୁ ଖଣ୍ଡେ ପୁରୁଷ ଓ ଅନ୍ୟଖଣ୍ଡକ ସ୍ତ୍ରୀ ହେଲୁଁ ।"

୭୩ତମ ପଦ—ରାଜଣ ପୁଣି କହିଲା, "ସେହି ସ୍ତ୍ରୀ ଓ ପୁରୁଷ [illegible] କହିଲେ ତାହା ଅଦୃଷ୍ଟପୂର୍ବ ଓ ଅଶ୍ରୁତପୂର୍ବ ବେଦବ[illegible] କେବଳଶ୍ରବଣ[illegible] ( ବେଦର କଥା ସବୁ ଉପରେ ସ୍ୱତଃସିଦ୍ଧ, ତାଙ୍କ କଥା ସେହିପରି ସ୍ୱତଃସିଦ୍ଧ ) ସେହି ଶାରଙ୍ଗଶରିଧାରୀ ବିଷ୍ଣୁ ଧରଣୀରେ ଦେହ ଧାରଣକରି କେଳି କରିବେ—ଏ କଥା ସେ କହିଲେ ।"

ବୋଇଲା । ବିଭେଦନେ ମାର୍ଗଣ ସେ ଗଣେ ଦିବ୍ୟ ଦେହୀ ଯେ ।
ବିହାୟସେ ବିହାରି ସେ ବିମାନ ଆରୋହି ଯେ । ୭୪ ।
ବୋଇଲା । ବନେ ଲକ୍ଷଣପତିନେ ତତ୍‌କ୍ଷଣି ବାଞ୍ଛୁ ଯେ ।
ବଡ଼ ପାତକୀ ଆତଙ୍କୀ ମୁଁ ସୀତା ଆଣିଛୁ ହେ । ୭୫ ।
ବୋଇଲା । ବିଶ୍ୱ ଚତୁରଲପନ କଳପନା ଜାଣ ଯେ ।
ବ୍ରହ୍ମପ୍ରଳୟରେ ତାର କ୍ଷୟ ହୁଏ ପୁଣି ଯେ । ୭୬ ।
ବୋଇଲା । ବ୍ୟୁତପନ ଆୟୁଷ ଛପନଗଣ୍ଡା ଯୁଗ ଯେ ।
ବାହୁଡ଼ାଇ ଛାଡ଼ିବି କି ଏଡ଼େ ଉପଯୋଗ । ୭୭ ।

---

୭୪ତମ ପଦ—ବିଭେଦନ — ଭେଦ କରି ପାରେ । ମାର୍ଗଣ — ଶର । ବିହାୟସେ — ଆକାଶରେ । ବିହାରି — ଭ୍ରମଣକରି । ଆରୋହି — ଆରୋହଣ କରି ବା ଚଢ଼ି ।

୭୬ତମ ପଦ—ବିଶ୍ୱ — ସଂସାର । ଚତୁରଲପନ — ବ୍ରହ୍ମା ।

୭୭ତମ ପଦ — ବ୍ୟୁତପନ୍ନ — ବିଧାତା ।

---

୭୪ତମ ପଦ—"ପୁଣି ସେ କହିଥିଲେ, ତୁ ବିଷ୍ଣୁଙ୍କ ଶରରେ ବିଦ୍ଧ ହେଲେ ବିଷ୍ଣୁଗଣଙ୍କ ସହିତ ଦିବ୍ୟ ଦେହ ଧାରଣ କରି ପୁଷ୍ପକଯାନ ଆରୋହି ଆକାଶରେ ବିହାର ପୂର୍ବକ ବୈକୁଣ୍ଠପୁରକୁ ଯିବୁ ।"

୭୫ତମ ପଦ—ରାବଣ ପୁଣି କହିବାକୁ ଲାଗିଲା, "ଦଣ୍ଡକାରଣ୍ୟରେ ରାମଙ୍କ ଶରରେ ମରି ମାୟାମୃଗ ବୈକୁଣ୍ଠକୁ ଯିବାର ମୁଁ ଯେତେବେଳେ ସ୍ୱଚକ୍ଷୁରେ ଦେଖିଲି, ସେତେବେଳେ ମୁଁ ପାତାଳପୁରର ସେ ଦେବ ଦେହୀଙ୍କ କଥା ବିଶ୍ୱାସ କଲି ଏବଂ ମୁଁ ବଡ଼ ପାତକୀ ଥିବାରୁ ସନ୍ତ୍ରସ୍ତ ହୋଇ ସୀତାଙ୍କୁ ଭୁଲାଇ ଆଣିଲି ।"

୭୬ତମ ପଦ—ରାବଣ ପୁନର୍ବାର କହିଲା, 'ହେ ସଖି ! ଏ ସଂସାର ବ୍ରହ୍ମାଙ୍କର କଳ୍ପନାପ୍ରସୂତ ଅଟେ । ବ୍ରହ୍ମପ୍ରଳୟ ସମୟରେ ସେହି ବ୍ରହ୍ମାଙ୍କର ମଧ୍ୟ ବିନାଶ ହୁଏ—ଏହା ଜାଣ । ( ବିଶ୍ୱସ୍ରଷ୍ଟା ବ୍ରହ୍ମା ମଧ୍ୟ ଚିରାୟୁ ନୁହନ୍ତି, ମୁଁ ସାମାନ୍ୟ ଜଣେ ହୋଇ ଚିରାୟୁ ହେବାକୁ କାହିଁକି ବା ଆଶା କରିବି ? )"

୭୭ତମ ପଦ—"ବ୍ରହ୍ମା ବରରେ ମୋର ଛପନଗଣ୍ଡା ଯୁଗକୁ ଆୟୁଷ ନିର୍ଣ୍ଣିତ ହୋଇଅଛି ( ତାହା ଅପେକ୍ଷା ଆଉ ବେଶୀ ହୋଇ ନ ପାରେ । ମୁଁ ସେହି ସମୟ ପରେ ନିଶ୍ଚୟ ମରିବି ଓ ମଲେ ନର୍କକୁ ଯିବି ) । ବର୍ତ୍ତମାନ ସୀତା ଫେରାଇ ଦେଇ ଏତେ ବଡ଼ ଶୁଭଯୋଗକୁ ଛାଡ଼ିବି କିଆଁ ? (ସୀତା ଫେରାଇ ନ ଦେଲେ ରାମ ନିଜ ହସ୍ତରେ ମାରି ମୋତେ ବୈକୁଣ୍ଠରେ ସ୍ଥାନ ଦେବେ । ତେଣୁ ସୀତା ଫେରାଇ ନ ଦେବାହିଁ ମୋ ପକ୍ଷରେ ଶୁଭଯୋଗ ) ।"

ବୋଇଲା । ବଲ୍ଲଭିବ୍ରାତଙ୍କ ଅଶ୍ରୁଜାତକୁ ଅନାଇଁ ସେ ।
ବହନ ଆଡଙ୍କ ପରନିପାତକ ମୁହିଁ ସେ । ୬୮ ।
ବୋଇଲା । ବହି ଚନ୍ଦ୍ର ହାସ ଚନ୍ଦ୍ର ହାସ ଝମକାଇ ସେ ।
ବଚ୍ଛେଦବ ଶତ୍ରୁ ରଣେ ଶରଣ କେ ନାହିଁ ସେ । ୬୯ ।
ବୋଇଲା । ବାର୍ଦ୍ଧିଦତ୍ତା ବାଳୀ ବାଳକ ସେ ଅଛି ବଧି ସେ ।
ବାଳଶା ପ୍ରିୟା ତୁ କୂଟ କରି କୁଟୀ ବାନ୍ଧ ସେ । ୭୦ ।
ବୋଇଲା । ବ୍ୟାଘ୍ର ବର ଶବର ମାରନ୍ତି ଗୁଳଯୋଗେ ସେ ।
ବହନ୍ତି କ ଦନ୍ତୀକ ବବାଦ ରଚି । ଆଗେ ସେ ୭୧ ।

---

୬୮ ତମ ପଦ:—ବଲ୍ଲଭିବ୍ରାତଙ୍କ—ସ୍ତ୍ରୀମାନଙ୍କ । ପର ନିପାତକ-ଶତ୍ରୁ-ବନାଶକ ।

୬୯ତମ ପଦ—ଚନ୍ଦ୍ରହାସ—ଖଡ୍ଗ ।

୭୦ତମ ପଦ—ବାର୍ଦ୍ଧିଦତ୍ତ ବାଳୀ-ସମୁଦ୍ରଦତ୍ତ କନ୍ୟା । ବାଳ-ମର୍କଟ ରାଜ । ବାଳଶା—ବାତୁଳ, ବାଳକା ବୁଦ୍ଧି । କୁଟ—କପଟ । କୁଟି-ଲୁଚି ।

୭୦ତମ ପଦ—ବ୍ୟାଘ୍ରବର ମହାବଳ ବାଘ । ବହନ୍ତି-ବନାଶ କରନ୍ତି । ଦନ୍ତୀକ—ହସ୍ତୀକୁ । ବବାଦ-ଯୁଦ୍ଧ ।

---

୬୮ତମ ପଦ—ରାବଣର ଏହି କଥାମାନ ଶୁଣି ରାଣୀମାନଙ୍କ ଚକ୍ଷୁରୁ ଲୋତକ ବହିବାକୁ ଲାଗିଲା । ତାହାଦେଖି ରାବଣ ପୁଣି ବୁଝାଇଲା; 'ତୁମ୍ଭେମାନେ ମନ ଦୁଃଖ କର ନାହିଁ—କାରଣ ମୁଁ ଶତ୍ରୁ ସଂହାରକ ଅଟେ ।'

୬୯ତମ ପଦ—ରାଣୀମାନଙ୍କୁ ଏହିପରି ବୋଧ ଦେଇ ରାବଣ-ଚନ୍ଦ୍ରତୁଲ୍ୟ ହାସ ପ୍ରକାଶ କରି 'ଚନ୍ଦ୍ରହାସ' ଖଡ୍ଗଝମକାଇ କହିଲା,' ଯୁଦ୍ଧରେ ମୋର ଶତ୍ରୁ ନର ବାନରଙ୍କୁ ବିନାଶ କରିବ, ତାଙ୍କୁ ରକ୍ଷା କରିବାକୁ ଆଉ କେହି ନାହିଁ ।"

୭୦ତମ ପଦ—ରାବଣର ପ୍ରତିଜ୍ଞା ଶୁଣି ସମୁଦ୍ର ପ୍ରଦତ୍ତା, ରାବଣ-କାନ୍ତମଣି କହିଲା,"ରାମ ମହାବଳୀ ବାଳୀକୁ ବଧ କରିଅଛନ୍ତି ।" ରାବଣ ଉତ୍ତର ଦେଲା, "ରେ ପ୍ରିୟା ! ତୁ ପିଲା ବୁଦ୍ଧି ଛଡ଼ ନାହିଁ (ବାଳୀଶ ମୂର୍ଖ ବୁଦ୍ଧି ମଧ୍ୟ) । ସେ ରାମ କୂଟ କରି କପଟରେ ଗଛଲୁଚି ଲୁଚିଆସି ବାଳୀକୁ ମାରିଛି । ( ସେ ତ ସମ୍ମୁଖ ଯୁଦ୍ଧରେ ତାକୁ ମାରି ପାରି ନାହିଁ ) ।"

୭୧ତମ-ପଦ—ପୁଣି ରାବଣ କହିଲା, "ଶବର ଲୁଚିରହି ଗୁଳିମାରି ମହାବଳ ବାଘକୁ ବଧ କରେ; ମାତ୍ର ହାତୀର ସମ୍ମୁଖରେ ରହି ତା ସହିତ ଯୁଦ୍ଧ କରି ତାକୁ ମାରି ପାରେ କି ? ( ସେହିପରି ରାମ ଲୁଚିକରି ବାଳୀକୁ ମାରିଲା, ମାତ୍ର ସମ୍ମୁଖରେ ଯୁଦ୍ଧ କରି ମୋତେ ମାରି ପାରିବ ନାହିଁ, ।"

ବୋଇଲୁ । ବାସ୍ତବପଦରେ ଛନ୍ଦ ଭଞ୍ଜ ଉପଇନ୍ଦ୍ର ଯେ ।
ବର୍ଣ୍ଣର ଅନୁସରଣ ଅନୁପ୍ରାସେ ସାନ୍ଦ ଯେ । ୭୨ ।

—*—

## ଊନପଞ୍ଚାଶତ୍ ଛାନ୍ଦ

ରାଗ—ବଙ୍ଗଳାଶ୍ରୀ

ବର ବର୍ଗବର୍ଗ ଥାଇଁ ଯେ ବେଭରେ ସମ୍ଭାରେ ସୈନ୍ୟ ଅଣାଇ ।
ବଲ୍ଲ, ମାଳୀ । ବଳଏମାଳୀ ଅସ୍ତ୍ର ଅଳଙ୍କାର ଦେଇ । ୧ ।
ବେଗେ ବନ୍ଦବଗେ ଭଲ୍ଲ ଭଲ୍ଲ କର କଶ୍ଚ ହର ରଥ ପେଷି ।
ବନ୍ଧୁର ମାହୁନ୍ତ ଭେଡ ସାରଥି ରଥୀ ବସି ଅସି କଷି । ୨ ।

---

ଊନପଞ୍ଚାଶତ୍ ଛନ୍ଦ

୧ମ ପଦ:—ବର—ବରଣ କର । ବର୍ଗବର୍ଗ—ସର୍ବ । ସମ୍ଭାରେ—ସମାରୋହରେ, ଆଡ଼ମ୍ବରରେ । ବଳ୍ଏମାଳୀ—ସବଣ । ବଳ୍ଏ-ସାଞ୍ଜ । ମାଳୀ-ରତ୍ନମାଳ ।

୨ୟ ପଦ:—କଶ୍ଚ—ହସ୍ତୀ । ହର—ଘୋଡ଼ା । ଅସି—ଖଡ୍ଗ ।

---

୭୨ତମ ପଦ:—ଅନୁଗତ ଅନୁପ୍ରାସ ଅଳଙ୍କାରରେ ସୁନ୍ଦର ହୋଇଥିବା ଏହି ଛାନ୍ଦକୁ ଉପେନ୍ଦ୍ର ଭଞ୍ଜ ବାସ୍ତବ ପଦରେ କହିଲେ ।

—*—

## ଊନପଞ୍ଚାଶତ୍ ଛାନ୍ଦ

୧ମ ପଦ:—ରାବ ଥାଇଁ ଥାଇଁ ଉଠି ରାବଣ ସୈନ୍ୟମାନଙ୍କୁ ଯୁଦ୍ଧ ପାଇଁ ସମ୍ଭବରେ ବରଣ କରି ଆଣିଲ ଏବଂ ସାଞ୍ଜ, ରତ୍ନମାଳା; ଅସ୍ତ୍ର; ଶସ୍ତ୍ର ଓ ବସ୍ତ୍ରାଦି ଅଳଙ୍କାର ସେମାନଙ୍କୁ ଉପହାର ଦେଲା ।

୨ୟ ପଦ—ତତ୍ପରରେ ସୈନ୍ୟମାନଙ୍କୁ ଭଲ ଭଲ କରି ବନ୍ଦବଗକୁ ବାଣ୍ଟି ହାତୀ ଘୋଡ଼ା ଓ ରଥ ଦେଇ ପଠାଇଦେଲା । ହସ୍ତୀଙ୍କ ଉପରେ ମାହୁନ୍ତ, ଅଶ୍ୱଙ୍କ ଉପରେ ରାଉତ ଓ ରଥରେ ରଥୀ ସାରଥୀ ବସି ଖଣ୍ଡା ଝମକାଇ ଯୁଦ୍ଧ ଲକ୍ଷକୁ ଗଲେ ।

ବାହିନୀ ହୋଇ ବାହିତ ଯାନମାନ ମାନବପତି ପୁତ୍ରମାନେ ।
ବୁଦ୍ଧି ଶାଖାମୃଗ ମୃଗଙ୍କରି ଜଗି ମାରିବା ବ୍ୟାଧ ସମାନେ । ୩ ।
ବଳ ପ୍ରବଳ ପ୍ରତି ପରବଳ ମାର ମାର ଆଜ ଭଣେ ।
ବାନର ନର ଯିବା କେତେ ମାତର ମର୍ଦ୍ଦିବ ଥିବ ମୁଁ ରଣେ ।୪।
ବାଦ୍ୟବାଜଣା ଅର୍ଥେ ନ କରି ପରସ୍ପରର କଥା ନୋହି ।
ବିପିନ ପୀନଶିଳାପଟ୍ଟେ ସେ ଦ୍ୱିପୀପ୍ରାପ୍ତ ଅବିଦିତ ହୋଇ । ୫ ।
ବାହାରେ ବାହାରେ ବଂଶବାହା ବାନ୍ଧି ବଇରିବିଭ୍ରାଟବାନା ।
ବସି ପୁଷ୍ପକରେ କରବାଳ କରେ କରଇ ସୁରେ ତର୍ଜନା । ୬ ।

---

୩ୟ ପଦ:—ବାହିନୀ—ସେନା । ଶାଖାମୃଗ—ବାନର । ବ୍ୟାଧ—ଶବର ।

୪ର୍ଥ ପଦ:—ବଳ—ସୈନ୍ୟ । ପ୍ରତିବଳ—ପ୍ରବଳ । ପରବଳ—ଶତ୍ରୁ ସୈନ୍ୟ ।

୫ମ ପଦ:—ବିପିନ—ବନ । ପୀନଶିଳା ପଟ୍ଟେ—କଠିନ ପ୍ରସ୍ତର ପଟ୍ଟରେ । ଦ୍ୱୀପୀପ୍ରାପ୍ତ-ବାଘପରି । ଅବିଦିତ-ଅଜଣା ।

୬ଷ୍ଠ ପଦ:—ବାହାରେ—ବାହୁରେ । ବଂଶବାହା—ରାବଣ । ବଇରି ବିଭ୍ରାଟବାନା-ଶତ୍ରୁ ବିଜୟ ପତାକା । କରବାଳ କରେ-ଖଡ୍ଗହସ୍ତରେ । ସୁରେ-ଦେବତାମାନଙ୍କୁ ।

---

୩ୟ ପଦ—ରାବଣର ପୁତ୍ରମାନେ ଅଭିମାନ ଯୋଗେ ନିଜେ ନିଜେ ବାହକ ହୋଇ ରଥସବୁ ବାହିଲେ ଏବଂ ଚାହିଁଲେ, "ଯେପରି ବ୍ୟାଧମାନେ ଲୁଚିରହି ମୃଗମାନଙ୍କୁ ବଧ କରନ୍ତି, ଆମେ ସେହିପରି ଗୁପ୍ତ ଭାବରେ ରହି 'ଶାଖାମୃଗ' କପିମାନଙ୍କୁ ଜଗି ମାରିବା ।"

୪ର୍ଥ ପଦ:—ରାବଣ ଆପଣାର ପ୍ରବଳ ସୈନଙ୍କୁ ଚାହିଁ କହିଲା, ଆଜି ଶତ୍ରୁ ସୈନ୍ୟମାନଙ୍କୁ ମନଇଚ୍ଛା ବଧ କର । ସେମାନେ ତ ଛାର ନରବାନର । ମୁଁ ଯୁଦ୍ଧକ୍ଷେତ୍ରରେ ରହି ସେମାନଙ୍କୁ ମର୍ଦ୍ଦି ପକାଇବି । ( ତୁମ୍ଭର ଭୟ କରିବାର କିଛି କାରଣ ନାହିଁ ।'

୫ମ ପଦ:—ରାମଙ୍କ ସୈନ୍ୟମାନେ କାଳେ ଜାଣିପାରିବେ, ସେଥିପାଇଁ ସେମାନେ ବାଦ୍ୟ ନ ବଜାଇ ପରସ୍ପରରେ କଥାବାର୍ତ୍ତା ନ ହୋଇ ଅରଣ୍ୟର ବଡ଼ ବଡ଼ ପ୍ରସ୍ତରଖଣ୍ଡ ପଛରେ ବ୍ୟାଘ୍ର ପ୍ରାୟ ଗୁପ୍ତ ଭାବରେ ରହିଲେ ।

୬ଷ୍ଠ ପଦ:—ରାବଣ ଶତ୍ରୁଜୟ ପତାକା ବାହୁରେ ବାନ୍ଧି ବାହାରିଲା । ପୁଷ୍ପକ ବିମାନରେ ବସି ହସ୍ତରେ ଖଡ୍ଗ ଝମକାଇ ଦେବତାଙ୍କୁ ଚାହିଁ ତର୍ଜନା କରିବାକୁ ଲାଗିଲା । ( ତୁମ୍ଭପାଇଁ ମୋର ଆଜି ଏଦଶା,—ରାମ ଲକ୍ଷ୍ମଣଙ୍କୁ ଜିଣି ଆସିଲେ ତୁମ୍ଭକଥା ବୁଝିବି )।

ବିଗ୍ରହ ରଙ୍ଗ ଚତୁର ଚତୁରଙ୍ଗ ସଙ୍ଗର ବନ୍ଧୁ ସଙ୍ଗରୁ ।
ବଳିଲ ଅନଳଗଣ୍ଡ କରି ନୀଳ ଦୁର୍ଗମ ଦୁର୍ଗ ସଭର ।୭।
ବିରାଧାରି ଧନୁର୍ଦ୍ଧାରି ଜାମ୍ବବାନ ମଙ୍ଗଳାରୋପଣ ବିହି ।
ବଇରୀ ମାରି ଗଉରୀ ଲଭ ବୋଲି ଗଉରୀଚନ୍ଦକ ଦେଇ ।୮।
ବିଜେ କରୁ କରୁ କରୁଣାସିନ୍ଧୁର ବେନିପାଶେ ଦୃଷ୍ଟିପାତ ।
ବର୍ଣ୍ଣ ନୀଳ ଶ୍ୱେତ କଳିତ ସିନ୍ଧୁର ଘୋଟକ ଶୋଭିତ ଏ ତ ।୯।
ବିରୋଧେ ସାଗରରୋଧେ ବିଶେ ପଛେ ରଥମଧ୍ୟ ଏ ସମୟେ ।
ବିଭୀଷଣ କହି ଶ୍ରୀପତି ରାବଣ ଲୁଚିଛି ଆଜି ଭୟାଏ ।୧୦।

---

୭ମ ପଦ:—ବିଗ୍ରହ-ଯୁଦ୍ଧ । ରଙ୍ଗ—ବିଷୟ । ସଙ୍ଗର—ସହିତରି । ସଙ୍ଗର—ଯୁଦ୍ଧର । ଅନଳଗଣ୍ଡ—ପବନଗଣ୍ଡ । ଦୁର୍ଗମ—ଅଜେୟ, ଦୁର୍ଭେଦ୍ୟ

୮ମ ପଦ:—ବିରାଧାରି—ବିରାଧ ରାକ୍ଷସର ବିନାଶକାରୀ ( ରାମଚନ୍ଦ୍ର ) । ଧନୁର୍ଦ୍ଧାରୀ—ଧନୁଧାରଣ କରିଥିବା । ବିହି—ବିଧାନ କରି । ବଇରି—ଶତ୍ରୁ । ଗଉରୀ—ସୀତା । ଗଉରୀଚନ୍ଦକ—ଗୋରଚନା ଟୀକା ।

୯ମ ପଦ:—କରୁଣାସିନ୍ଧୁ—ଦୟାସାଗର । ଶ୍ୱେତ—ଶୁକ୍ଳ । କଳିତ-କୃଷ୍ଣ, କାଳିଆ । ସିନ୍ଧୁର-ହସ୍ତୀ । ଘୋଟକ—ଘୋଡ଼ା । ଶୋଭିତ ଆଚ୍ଛନ୍ନ ।

---

୧୦ମ ପଦ:—ବିରୋଧେ—ବିପକ୍ଷରେ । ସାଗର ରୋଧେ-ସମୁଦ୍ରକୂଳରେ ।

୭ମ ପଦ:—ରାବଣ ଯୁଦ୍ଧକୌଶଳୀ ଚତୁରଙ୍ଗ ବଳକୁ ସଙ୍ଗରେନେଇ ଯୁଦ୍ଧଭୂମିରେ ପ୍ରବେଶ କଲା ଓ ପବନଗଣ୍ଡରେ ନୀଳ ସେନାପତିର ଗଡ଼କୁ ଜିଣି ଶୀଘ୍ର ଅଗ୍ରସର ହେଲା ।

୮ମ ପଦ:-ରାବଣ ସସୈନ୍ୟେ ଆସିବାର ଦେଖି ଧନୁର୍ଦ୍ଧାରୀ ରାମ ଯୁଦ୍ଧକୁ ବାହାରନ୍ତେ ମନ୍ତ୍ରୀ ଜାମ୍ବବାନ ମଙ୍ଗଳାରୋପଣ ବିଧାନକଲେ । ଶତ୍ରୁ ସଂହାରକରି ଗୌରବର୍ଣ୍ଣା ସୀତାଲଭକର ବୋଲି କହି ଗୋରଚନା ଟୀକା ରାମଙ୍କ ମସ୍ତକରେ ଦେଲେ ।

୯ମ ପଦ:—ଯୁଦ୍ଧପାଇଁ ଯାଉ ଯାଉ ଦୟାସାଗର ରାମ ତାଙ୍କ ଉଭୟ ପାର୍ଶ୍ୱକୁ ଦୃଷ୍ଟି ପକାଇ ଦେଖିଲେ ଯେ, ନୀଳବର୍ଣ୍ଣ ଓ ଶ୍ୱେତବର୍ଣ୍ଣରେ ଶୋଭିତ ଅଶ୍ୱ ହସ୍ତୀମାନଙ୍କ ଦ୍ୱାରା ଯୁଦ୍ଧକ୍ଷେତ୍ର ପୂର୍ଣ୍ଣ ହୋଇଅଛି ।

୧୦ମ ପଦ:—ହସ୍ତୀ ଓ ଅଶ୍ୱସବୁ ଦେଖିଲାବେଳେ ପୁନର୍ବାର ଦେଖିଲେ ଯେ, ପୃଷ୍ଠଭାଗରେ ସମୁଦ୍ରତୀରରେ ଯୁଦ୍ଧ କରିବାପାଇଁ ସଜ୍ଜିତ ହୋଇଥିବାବସ୍ଥ

ବିଳାସରେ ନେଇ ମାୟିକମାରର ଜାଣି ଉଲ୍ଲାସରେ ଧାଇଁ ।
ବନ୍ଦନ ବାଳିନନ୍ଦନ ହନୁମାନ ନଳ ଅଭିଧାନ ଧାସ୍ତି । ୧୧ ।
ବରୁଣି ବୃନ୍ଦ ଯୂଥପତି ସେ ଯୂଥ ଯଥା କରି ସୈନ୍ୟ ନେଲେ ।
ବେଗେ ମିଶି ଗୋମୂତ୍ର ସର୍ବସମକ ଶୃଙ୍ଖଳାଛନ୍ଦ ମଞ୍ଜୁଳେ । ୧୨

ଗୋମୂତ୍ର ଛନ୍ଦ:—
ବାଜି ବାଣ ହୃଦଘାତ କୁନ୍ତପାତ ଗଳି ଶବ ବାଘ ରହି ।
ବାଜିଗଣ ପାଦଧୃତ ହତଚେତ ଆର୍ତ୍ତରବ ସାଙ୍ଗ ଭଳି । ୧୩ ।

---

୧୧ଶ ପଦ :-ମାୟିକମାରି- ମାୟିକ ହନ୍ତା (ରାମଚନ୍ଦ୍ର) ଉଲ୍ଲାସରେ— ଆନନ୍ଦରେ । ବନ୍ଦନ-ସୂର୍ଯ୍ୟ । ବାଳିନନ୍ଦନ-ଅଙ୍ଗଦ । ଧାସ୍ତି —ଚନ୍ତାକର । ନେଇବିଳାସରେ—ଆଙ୍ଗିଠାରେ । ଭାନୁନନ୍ଦନ-ବନ୍ଦନ—ସୁଗ୍ରୀବ ।

୧୨ଶ ପଦ : ଯୂଥପତି—ସେନାପତି । ଯୂଥ—ସମଷ୍ଟି । ମଞ୍ଜୁଳେ— ମନୋହର ଭାବରେ ।

---

୧୩ଶ ପଦ : ବାଘ-ବଳବନ୍ତ । ବାଜିଗଣ-ଘୋଡ଼ାସବୁ । ହତଚେତନ ଚେତନାଶୂନ୍ୟ । ସାଙ୍ଗ—ସିପାହି ।
ରଥ ଚୂର୍ଣ୍ଣ ହୋଇଅଛି । ତାହା ଦେଖି ବିଭୀଷଣ କହିଲା, "ରାବଣ ଆଜ ଭୟଙ୍କର କପଟ ଉପାୟ କରିଅଛି ।"

୧୧ଶ ପଦ:—ବିଭୀଷଣଠାରୁ ଏହିପରି ଶୁଣି ରାମଚନ୍ଦ୍ର ଆଙ୍ଗିଠାରେ ବିଶ୍ରାନ୍ତ ଯୁଦ୍ଧକୁ ଅଗ୍ରସର ହେବା କଥା ଜାଣି ତାଙ୍କ ସୁଗ୍ରୀବ, ଅଙ୍ଗଦ ହନୁମାନ ଓ ନଳ ଏ ଚାରିଜଣ ବୀରଙ୍କୁ ପ୍ରକାଶ ପୂର୍ବକ ଉଲ୍ଲାସରେ ଧାଇଁଲେ ।

୧୨ଶ ପଦ:—ଏହି ଚାରି ସେନାପତି ବିଭାଗ କରି ବୃନ୍ଦ ବୃନ୍ଦ କପି ସୈନ୍ୟଙ୍କୁ ବାଣ୍ଟି ନେଲେ । ଅତି ଶୀଘ୍ର ମନୋହର ଗୋମୂତ୍ରଛନ୍ଦ, ସର୍ବସମକ ଛନ୍ଦ ଶୃଙ୍ଖଳାଛନ୍ଦରେ ମିଶି ଯୁଦ୍ଧ କରିବାକୁ ଲାଗିଲେ ।

୧୩ଶ ପଦ:-ଶତ୍ରୁ ରାକ୍ଷସମାନଙ୍କ ବାଣ ବାନରମାନଙ୍କ ହୃଦୟରେ ବାଜି ଆଘାତ କଲା ଏବଂ କୁନ୍ତମାନ ବାନରମାନଙ୍କ ଦେହରେ ଗଳି ହୋଇ ଯାଉନ୍ତେ ସେମାନେ ଶବପ୍ରାୟ ନିଶ୍ଚେଷ୍ଟ ହୋଇ ରହିଲେ । ତାହା ଦେଖି ପ୍ରଧାନ ବୀର କପିମାନେ ଅଶ୍ୱାରୋହୀ ରାକ୍ଷସ ସୈନ୍ୟ ଓ ଅଶ୍ୱଙ୍କର ପାଦ ଧରି ଉଠାଇବାରୁ ସେମାନେ ଆର୍ତ୍ତଧ୍ୱନି କରି ଅଜ୍ଞାନ ହୋଇ ପଡ଼ିଲେ ।

ସବ୍ୟଯମକ :—

ବିଦାରଣ ହେଲେ ସେ ବଳୀ କୁଞ୍ଜରେ ପ୍ରହାରଣେ କରଦନ୍ତୀ ।
ବିଦାରଣ ହେଲେ ସେ ବଳିକୁଞ୍ଜରେ ପ୍ରହାରଣେ କର-ଦନ୍ତୀ । ୧୪ ।

ଶୃଙ୍ଖଳା :—

ବିରଥୀ ରଥିର ମନ ମନ କପି କପୀଶ ଶ-ବଶ-ବର ।
ବରଷକ ବର ଶକତି କତିର ତିରସ୍କାର କର ବୀର । ୧୫ ।

ବିଲୋମ ଲୋମ :—

ବିଲୋ ଲୋମ ମେଷଯୁଦ୍ଧ ପ୍ରକାରେ ସଂଗ୍ରାମ ପ୍ରଧାନ କର ।
ବୃକ୍ଷ ଗଦା ଶର ସଦା ଋକ୍ଷ ରକ୍ଷ ଅବିଶ୍ରାମରେ ପ୍ରହାର । ୧୬ ।

---

୧୪ଶ ପଦ:—ବଳୀକୁଞ୍ଜର-ବଳିଷ୍ଠ ହସ୍ତୀ, ବଳିଷ୍ଠ ସୈନ୍ୟମାନେ । କର ଦନ୍ତୀ-ଶୁଣ୍ଢ ଓ ଦନ୍ତ । କର-ହସ୍ତ । ଦନ୍ତୀ-ପର୍ବତମାନଙ୍କୁ । ବିଦାରଣ—ବିଦାରିବା, ବିନାଶ କରିବା ।

୧୫ଶ ପଦ:—କପୀଶ-ସୁଗ୍ରୀବ । ଶ-ବଶ—ମଙ୍ଗଳର ବଶବର୍ତ୍ତୀ । ବର—ଶ୍ରେଷ୍ଠ । ବରଷକ—ବର୍ଷଣକାରୀ ।

୧୬ଶ ପଦ:—ବିଲୋମ-ବିପରୀତ । ମେଷଯୁଦ୍ଧ-ମେଣ୍ଢା ଲଢ଼େଇ ।

---

୧୪ଶ ପଦ:—ହସ୍ତୀମାନେ ସେମାନଙ୍କ ଶୁଣ୍ଢ ଓ ଦନ୍ତ ପ୍ରହାର କରିବାରୁ ବଳିଷ୍ଠ କପିମାନେ ବିଦୀର୍ଣ୍ଣ ହେଲେ । ତାହା ଦେଖି ରାମଙ୍କ ସୈନ୍ୟ ମଧ୍ୟରେ ଥିବା ବଳିଷ୍ଠ ଯୂଥପତିମାନେ ହସ୍ତରେ ପର୍ବତ ଶୃଙ୍ଗମାନ ଧରି ପ୍ରହାର କରି ରାକ୍ଷସ ବୀରମାନଙ୍କୁ ବିନାଶ କଲେ ।

୧୫ଶ ପଦ:—କପିମାନଙ୍କର ପ୍ରଭୁ ସୁଗ୍ରୀବଙ୍କ ମଙ୍ଗଳାକାଂକ୍ଷୀ ପ୍ରଧାନ କପି ହନୁମାନ ମନେ ମନେ ବିଚାର କରି ରଥୀମାନଙ୍କୁ ବିରଥୀ କରି ପକାଇଲା [ ରଥୀମାନଙ୍କ ରଥ ଭାଙ୍ଗି ପକାଇଲା ] ଏବଂ ନିକଟରେ ପ୍ରଧାନ ପ୍ରଧାନ ଶକ୍ତି ବର୍ଷଣ କରୁଥିବା ରାକ୍ଷସ ବୀରଙ୍କୁ ନାନା ପ୍ରକାର ତିରସ୍କାର କରିବାକୁ ଲାଗିଲା ।

୧୬ଶ ପଦ:—ବିଲୋମ ଅନୁଲୋମରେ ମେଷ ଯୁଦ୍ଧ କଲାପରି ( ଦୁଇ ମେଣ୍ଢା ଯୁଦ୍ଧ କଲାବେଳେ ସେମାନେ ଆଗକୁ ଯାଇ ପୁଣି ପଛକୁ ବାରମ୍ବାର ଫେରି ଆସୁଥାନ୍ତି ) ଦୁଇ ସୈନ୍ୟ ଯୁଦ୍ଧ କରିବାକୁ ଲାଗିଲେ । ଭଲ୍ଲୁକ ଓ ରାକ୍ଷସ ସୈନ୍ୟମାନେ ବୃକ୍ଷ, ଗଦା ଓ ଶର ଅବିଶ୍ରାନ୍ତ ପ୍ରହାର କରିବାକୁ ଲାଗିଲେ ।

ବିଲୋମ ଅନୁଲୋମ :—

ବୀର ଯେତେ ସେନା ବୀର ଇଳା ସାର ଇବା ନାଶେ ତେଜେ ଇନ ।
ଭଟେ ଭଜ ପୂରିତର ତମ ନତ ରତ ରିପୁଜିତ ହେଲେ । ୧୭ ।

ବୃକ୍ଷବନ୍ଧ :—

ବିଶାଳ ଶାଳ ତାଳଜାଳ ଟେକି ଯେ କଣ୍ଟକ ଜୀବଧବ ସେ ।
ବଳ୍ପ କରେ କପି କଷାବନ୍ତ ବଳ୍ପ ବରଷେ ରୋଷେ ଶେଷେ ସେ ।୧୮।

ଗଦାବନ୍ଧ :—

ଭିଦା ସଦା ମୋଦା ଗଦା ଟରଧର ବର ଭାର ତାଣ୍ଡ ବିଶ୍ୱ ।
ବିଶ୍ୱ ମହୀ ମନ୍ଦ ଦ୍ୱନ୍ଦଛନ୍ଦ କଦ କଣ୍ଡ ନୋହେ ତାଣ୍ଡ ବିଶ୍ୱ ।୧୯।

---

୧୭ଶ ପଦ:—ବୀର—ସମୁଦ୍ର । ଇଳା—ପୃଥିବୀ । ସାର—ପ୍ରଧାନ । ଇବା—ଧ୍ୱନି । ଇନ—ସୂର୍ଯ୍ୟ । ତମ—ଅହଂକାର, ଅନ୍ଧକାର । ରିପୁ—ଶତ୍ରୁ । ଜିତ—ଜୟ ।

୧୮ଶ ପଦ:—ବିଶାଳ—ପ୍ରକାଣ୍ଡ । ଶାଳ—ବୃକ୍ଷ ବିଶେଷ । ତାଳଜାଳ—ତାଳବୃକ୍ଷ ସମୂହ । ଟେକି—ଉତ୍କ୍ଷିପ୍ତ । କଣ୍ଟକ—ଶତ୍ରୁ । ଜୀବଧନ—ଯମ । କଷାବନ୍ତ—ପ୍ରଭଞ୍ଜାବନ୍ତ ।


୧୯ଶ ପଦ:—ଭିଦା—ଭିଦାସ୍ତ୍ର, ପ୍ରହାର । ମୋଦା—ଆମୋଦ, ଆନନ୍ଦ । ଗରଧର—ବିଷଧର ସର୍ପ । ବର—ପ୍ରଧାନ । ବିଶ୍ୱ—ବିଧାନ କର । ମହୀ—ପୃଥିବୀ । ଦ୍ୱନ୍ଦ ଛନ୍ଦ—କପଟ ଯୁଦ୍ଧ । କଦ—ରୋଗ; ଦୁଃଖ ।

---

୧୭ଶ ପଦ:—ପୃଥିବୀରେ ଥିବା ପ୍ରଧାନ ପ୍ରଧାନ ବୀରମାନେ ସେ ଯୁଦ୍ଧରେ ସୂର୍ଯ୍ୟସମ ତେଜ ଦେଖାଇ ଓ ଭଟରେ ବୀରଡାକ ଦେଇ କ୍ରୋଧ-ଭରେ ଗର୍ଜନ କରିବାକୁ ଲାଗିଲେ ଏବଂ ଶତ୍ରୁକୁ ଜିଣି ଯଶସ୍ୱୀ ହେଲେ,—ଏହା ଭାବି ପରସ୍ପରରେ ଯୁଦ୍ଧ କଲେ । ( ବିଲୋମ ଅନୁଲୋମ ମେଷ ଯୁଦ୍ଧ—ଏ ପଦର ଏ ପାଖରୁ ପଢ଼ିଲେ ଯାହା ଶେଷରୁ ପଢ଼ି ଆସିଲେ ମଧ୍ୟ ତାହା, ଯଥା—ବୀର ଯେତେ ସେନା ବୀର······ଇବା ନାଶେ ତେଜେ ଇନ ) ।

୧୮ଶ ପଦ:—ଶ୍ରେଷ୍ଠ ବଳଶାଳୀ, ଶତ୍ରୁମାନଙ୍କର ଯମତୁଲ୍ୟ ପ୍ରାଣହନ୍ତା ବଳ ସମର୍ଥ କପି ସେନାମାନେ ରାକ୍ଷସମାନଙ୍କୁ ନିଃଶେଷ କରିବା ପାଇଁ ବୃହତ୍ ଶାଳ ଗଛ ଓ ତାଳଗଛ ହସ୍ତରେ ଧରି କ୍ରୋଧରେ ପ୍ରହାର କଲେ ।


୧୯ଶ ପଦ:—ପୃଥିବୀର ସୁଖ ଖଣ୍ଡନକାରୀ ଦୁଷ୍ଟ ରାକ୍ଷସମାନେ କପଟ ଯୁଦ୍ଧ ବିଧାନ କରି ଅଜଗର ସର୍ପ ପ୍ରାପ୍ତ ଶକ୍ତିମନ୍ତ ହୋଇ ଆନନ୍ଦରେ ଗଦା ପ୍ରହାର କରିବାକୁ ଲାଗିଲେ । ତେଣୁ ବାନର ସେନାମାନେ ଖାଣ୍ଡ ଖାଣ୍ଡି ଡାକ ଦେଇ ଉତ୍ସରେ ଆର୍ତ୍ତନାଦ କଲେ ।




ବୃକ୍ଷବନ୍ଧ :—

ବଣାଳ ଶାଳ ଭାଳଜାଳ ଟେକ ଯେ ଲଂଶକ ମାଢଧବ ସେ ।

ବଣ୍ଢ ଳଭେ ଳଟି ଳଯାବନ୍ତ ବଢ଼ୁ ବଲ୍ଲଭେ ସେଭେ ଶୋଭେ ସେ ॥





ଗଦାବନ୍ଧ:—

ଝଦା ସଦା ମୋଦା ଗଦା ଗରଧର ବର ଭାର ଭାନ୍ତ ବନ୍ଧ ।
ଭର୍ଜ୍ଞ ମଣ୍ଡ ମଦ ଦ୍ରବଚ୍ଛନ୍ଦ ଦାଦ ଦନ୍ତ ନୋଦେ ଭାନ୍ତ ବନ୍ଧ ॥

ଶରବନ୍ଧ :—

ଯାର ଶରଭର ଖରଖଣ୍ଡି ଖର ଖରବର ଭାର ଭାର ।
ଦାର ଦାର ଦୀନଦାର ଭର ଭର ହଟି ହଟି ହର ହର ॥

ଶରବନ୍ଧ :—

ଖର ଶରଭର ଖରଖଣ୍ଡି ଖର ଖରକର ତାର ତାର ।
ବାର ବାର ବାଜବାର ତର ତର ହଟି ହଟି ହର ହର । ୨୦ ।
ଉଦ୍ଧାର୍ତ୍ତି ଦୈତ୍ୟଗୋଷ୍ଠିରେ ହୋଇଥିଲେ ଶଉସ୍ୱ ପ୍ରମୁଖ ଗ୍ରହେ ।
ବହୁ ଦାନବଳେ ପ୍ରଧାନଙ୍କ ମେଳେ ଭୁଞ୍ଜିବା ଗଳକ ଉହେ । ୨୧ ।
ଉହମି ନୋହିଲ ପ୍ରମଥମଥନେ ମହାପାର୍ଶ୍ୱଣ ପାର୍ଶ୍ୱଶେ ।
ବସୁଧା ସୁଧା ପୂରିତ ହୋଇଗଲା ଯମଦଣ୍ଡ ଖାର ଘୋଷେ । ୨୨ ।
ଇକ୍ଷ୍ୱିବଂଶୀ ଦେଖି ଭାଷି ଅଦ୍ଭୁତ ସମ୍ଭୂତ ହେଲା ତ ଏହି ।
କୁଣ୍ଡଣୀ କୁଶଅସ୍ତ୍ର କୁଶବନ୍ଦୁରେ ସିନ୍ଧୁରେ ଯାହାକୁ ନୋହି । ୨୩ ।

---

୨୦ଶ ପଦ:—ଶରଭର—ବାଣାତିଶଯ୍ୟ । ଖରଖଣ୍ଡି—ଖରହନ୍ତା । ଖର—ତୀକ୍ଷଣ । ଖରକର ସୂର୍ଯ୍ୟ । ତାର—ତେଜସ୍ୱାନ । ତାର-ଉଦ୍ଧାରକର, ଶୀଘ୍ର । ହର—ଶିବ । ହର—ହରଣକର ।

୨୧ଶ ପଦ:—ଉଦ୍ଧାର୍ତ୍ତ—ଉନ୍ମତ୍ତକାସ୍ତ । ଦୈତ୍ୟଗୋଷ୍ଠିରେ—ରାକ୍ଷସ ସମୂହରେ । ଶଉସ୍ୱ—ଖର ଉତ୍କଶସ୍ତ, ଶନି ମହାଗ୍ରହ ।

୨୨ଶ ପଦ:—ବସୁଧା—ପୃଥିବୀ । ଖାର ଘୋଷେ-ଖାର ନାଦରେ ।

୨୩ଶ ପଦ:—ଇକ୍ଷ୍ୱାକୁବଂଶୀ—ରାମଚନ୍ଦ୍ର । ସିନ୍ଧୁରେ—ସମୁଦ୍ରରେ ।

---

୨୦ଶ ପଦ:—ଉତ୍କଟରେ କପି ସୈନ୍ୟମାନେ କହିବାକୁ ଲାଗିଲେ, 'ହେ ଖରହନ୍ତା ରାମଚନ୍ଦ୍ର ! ସୂର୍ଯ୍ୟପ୍ରାପ୍ତ ଦୀପ୍ତିମନ୍ତ ରାକ୍ଷସମାନଙ୍କ ଶର ଧାଉଁଛନ୍ତି ଆମ୍ଭଙ୍କୁ ଉଦ୍ଧାର କର । ସେ ଶରସବୁ ସଂହାର ମୂର୍ତ୍ତିଧର ପୁନଃପୁନଃ ବାଜୁଅଛନ୍ତି ଆମ୍ଭେମାନେ ଶୀଘ୍ର ପଛକୁ ହଟି ଆସୁଅଛୁଁ । ସେହି ଶରତେଜକୁ ତୁମ୍ଭେ ହରଣକର' ।

୨୧ଶ ପଦ:—ଶଉର ପ୍ରମୁଖ ସେନାପତିମାନେ ଶନିଗ୍ରହ ଆଦି ନବଗ୍ରହ ପ୍ରାପ୍ତ ହେଲେ । ଗ୍ରହମାନେ ବଡ଼ ବଡ଼ ଦାନ ବଳରେ ଭୁଞ୍ଜିଗଲା ପ୍ରାପ୍ତ ( ଦାନ ଦେଲେ ଗ୍ରହଦୋଷ କଟିଯାଏ ) ଦାନବ ସେନାପତିମାନେ ଦୈତ୍ୟମାନଙ୍କ ଦ୍ୱାରା ବିଶେଷ ଭାବରେ ଧାଡିବନ୍ତ ହୋଇ ଭୁଞ୍ଜିଗଲେ ( ପୃଷ୍ଠଭଙ୍ଗ ଦେଲେ )

୨୨ଶ ପଦ:—ମହାପାର୍ଶ୍ୱରେ ପାଖରେ ଥିବା ପ୍ରଥମ ଦୈତ୍ୟ ସୈନ୍ୟମାନଙ୍କୁ ଏପରି ମନ୍ଥି ପକାଇଲା ଯେ, ତା ଆଗରେ କୌଣସି କପି ସୈନ୍ୟ ରହି ନ ପାରି ପଛଭୁଞ୍ଜା ହେଲେ । ଯମଦଣ୍ଡ ଦୈତ୍ୟର ଗାରଡ଼ାକରେ ପୃଥିବୀ ପୂର୍ଣ୍ଣ ହୋଇଗଲା ।

୨୩ଶ ପଦ:—କପିସୈନ୍ୟ ପୃଷ୍ଠଭଙ୍ଗ ଦେବାର ଦେଖି ରାମଚନ୍ଦ୍ର କହିଲେ, "ଏହା ତ ଅତି ଆଶ୍ଚର୍ଯ୍ୟଜନକ କଥା । ଯାହାକୁ ସମୁଦ୍ରରେ ବୁଡ଼ାଇ

ବିଭୀଷଣ ଶୁଣି ଭାଷଣ ମର୍କଟ ଜାଲରେ ମର୍କଟଜାଳ ।
ବନ୍ଧନ କରି ନିଧନ କରିବା ରହିବ ଏ କେତେକାଳ ? ୨୪ ।
ବିପକ୍ଷ ମାରନ୍ତୁ ମାରୁତି ସେନା କପି ବାମେ ସେ ଥାହା ମୋହରି ।
ବିଜୟୀ ଲକ୍ଷ୍ମଣ ଅଙ୍ଗଦ ସ୍କନ୍ଧେଣ ଆଗେ ଆଗେ ବିଜେ କରି । ୨୫ ।
ଈଛନ୍ଦ ଛନ୍ଦେ ଏହି ବଚନବରେ ସ୍ୱନାମେ ଆପଣା ଦେହି ।
ବଜ୍ରପଞ୍ଜର କବଚ ସ୍ତୋତ୍ରରେ ପ୍ରଥମେ ଓଁକାର ଦେଇ । ୨୬ ।
ବିଶ୍ୱାମିତ୍ର ଋଷି ଅନୁଷ୍ଟୁପ୍ ଛନ୍ଦ ଶ୍ରୀରାମଚନ୍ଦ୍ର ଦେବତା ।
ବୀଜ ରାମ ଶକ୍ତି ସୀତା ତଦନ୍ତରେ ସତ୍ୱରେ କରି ବନ୍ଦନ । ୨୭ ।

---

୨୪ଶ ପଦ:—ମର୍କଟଜାଲରେ—ବୁଢ଼ୀଆଣୀ ଜାଲରେ । ମର୍କଟଜାଳ—ବାନରସମୂହ ।

୨୫ଶ ପଦ:—ମାରନ୍ତୁ—ବିନାଶ କରିବାରୁ । ମାରୁତି—ହନୁମାନ । ବାମେ—ଶତ୍ରୁ ଆକ୍ରମଣ ସମୟରେ ।

୨୬ଶ ପଦ:—ଈଛନ୍ଦ—ଈକ୍ଷମ । କବଚବରେ—କବଚ ପାଠ କରି । ବଜ୍ରପଞ୍ଜର—ସ୍ତୋତ୍ରବିଶେଷ ।

---

ହିଆଯାଇ ନ ପାରେ, ସେ ଜଳବିନ୍ଦୁରେ ବୁଡ଼ିଚାଲି କପରି ? (କିପରି ବିଜୟୀ ମୋର ସୈନ୍ୟଙ୍କୁ ଏ ସାମାନ୍ୟ ଅସୁରେ ଋଣଭଣ କରି ଦେଲେ କିପରି ? )"

୨୪ଶ ପଦ:—ରାମଙ୍କର ଏପରି ହତାଶ ବଚନ ଶୁଣି ବିଭୀଷଣ କହିଲେ, "ବାନରମାନଙ୍କ ବୁଢ଼ୀଆଣି ସୂତା ଜାଲରେ ବାନ୍ଧି ନିଧନ କରିବା ଉଦ୍ଭିଦ କେତେବେଳେ ଅବା ରହିବ ? ( ଅର୍ଥାତ୍ ଅସୁରଙ୍କ ମାୟାବଳରେ କପିମାନେ ପୃଷ୍ଠଭଙ୍ଗ ଦେଇ ଅଛନ୍ତି, ମାତ୍ର ସେ ମାୟା ଅତିଶୀଘ୍ର ଲୋପ ପାଇବ ଓ କପିମାନେ ଜୟୀ ହେବେ )।"

୨୫ଶ ପଦ:—ତାହା ଶୁଣି ରାମଚନ୍ଦ୍ର କହିଲେ, "ହନୁମାନ ବାନର ସୈନ୍ୟଙ୍କୁ ସଙ୍ଗରେ ନେଇ ଶତ୍ରୁ ସୈନ୍ୟଙ୍କୁ ମାରନ୍ତୁ । ଏ ସମୟରେ ରଣ ହେବରେ ସେ ଏକା ମୋତେ ସାହାଯ୍ୟ କରିବାରେ ଦକ୍ଷ ଅଟେ ।" ଏହା ଶୁଣି ବିଜୟୀ ଲକ୍ଷ୍ମଣ ଅଙ୍ଗଦ କନ୍ଧରେ ବିଜେକରି ଆଗେ ଆଗେ ଯୁଦ୍ଧ ସ୍ଥଳକୁ ଗଲେ ।

୨୬ଶ ପଦ:—ରାମଚନ୍ଦ୍ର ଦେହ ଧାରଣ କରିଥିବା ସ୍ୱୟଂ ବିଷ୍ଣୁ ନିଜର ବଜ୍ରପଞ୍ଜର କବଚର ଆଦ୍ୟରେ ଓଁକାର ଦେଇ ଋଷି ଛନ୍ଦରେ ଆପଣା ନାମରେ ନିଜ ଦେହକୁ ଏହି ବାକ୍ୟମାନଙ୍କରେ କିଲିଲେ ।

୨୭ଶ ପଦ:—ସେହି କବଚରେ ରାମ ପାଠ କଲେ, ବିଶ୍ୱାମିତ୍ରଋଷି, ଅନୁଷ୍ଟୁପ୍ଛନ୍ଦ, ଶ୍ରୀ ରାମଚନ୍ଦ୍ର ଦେବତା, ରାମ ବୀଜ, ସୀତା ଶକ୍ତି । ତତ୍ପରେ ଯାହା ପଢ଼ିଲେ ତାହା ଶୀଘ୍ର ପ୍ରକାଶ କରିବା ।

ଏହି ଧ୍ୟାନ ଧ୍ୟାୟେ ନୀଳୋତ୍ପଳଶ୍ୟାମ ରାମ ରାଜୀବଲୋଚନ ।
ବୈଦେହୀ ଲକ୍ଷ୍ମଣ ସଙ୍ଗରଙ୍ଗକାରୀ ଜଟାମୁକୁଟମଣ୍ଡନ । ୨୮ ।
ବାଣକମାଣତୂଣୀଅସି ପାଣିକ ପାପଘ୍ନୀ ସର୍ବକାମଦା ।
ଧନ୍ୟସ୍ତ ହସ୍ତ ରଖ ଶିର ରାଘବ ଖଳ ଦାଶରଥି ସଦା । ୨୯ ।
ଅମଳନୟନ କୌଶଲେୟସ୍ତ ବିଶ୍ୱାମିତ୍ରପ୍ରିୟ ରଖ ଶ୍ରୁତି
ବହୁଳ-ମଖରକ୍ଷଣ ଘ୍ରାଣ ତାଣ ମୁଖ ସୌମିତ୍ରି ସୁମନ୍ତ । ୩୦ ।
ବିଦ୍ୟାନିଧି ଜିହ୍ୱା ଭରତବନ୍ଦିତ କଣ୍ଠ ଦିବ୍ୟାୟୁଧ ସ୍କନ୍ଧ ।
ବାହୁ ଈଶଧନୁଭଞ୍ଜ ସୀତାଈଶ କର ରକ୍ଷା କରନ୍ତୁ ସିନ୍ଧ । ୩୧ ।

---

୨୯ଶ ପଦ:—ଅସିପାଣିକ—ଖଡ୍‌ଗଧାରୀ । ପାପଘ୍ନୀ—ପାପହାରୀ ।

୩୦ଶ ପଦ:—କୌଶଲେୟସ୍ତ—କୌଶଲ୍ୟାସୁତ ରାମଚନ୍ଦ୍ର । ଶ୍ରୁତି—କର୍ଣ୍ଣ । ମଖରକ୍ଷଣ—ଯଜ୍ଞ ରକ୍ଷାକାରୀ । ଘ୍ରାଣ—ନାସିକା ।

୩୧ଶ ପଦ:—ବିଦ୍ୟାନିଧି—ସମସ୍ତ ବିଦ୍ୟାର ଆଧାର । ଈଶଧନୁଭଞ୍ଜ—ଶିବଧନୁ ଭଗ୍ନକାରୀ ।

---

୨୮ଶ ପଦ:—ଚିତ୍ତରେ ଧ୍ୟାନ କଲେ,—ନୀଳୋତ୍ପଳ ପ୍ରାୟ ଶ୍ୟାମ ବର୍ଣ୍ଣ, ପଦ୍ମ ନେତ୍ର, ବୈଦେହୀ ଓ ଲକ୍ଷ୍ମଣ ସହିତ କ୍ରୀଡ଼ାପ୍ରିୟ, ଜଟା ମୁକୁଟ ଭୂଷଣ ରାମଙ୍କୁ ଧ୍ୟାନ କରୁଅଛି ।

୨୯ଶ ପଦ:—ଯାହାର ହସ୍ତରେ ଶର, ଧନୁ, ତୂଣୀର ଓ ଖଡ୍‌ଗ ସର୍ବଦା ବିଦ୍ୟମାନ, ଯେ ପାପ ନାଶକ, ଯେ ସକଳ କାମନାଦାୟକ—ଏପରି ଯେ ଦାଶରଥି, ସେ ମୋର ମସ୍ତକ ରଖନ୍ତୁ । ଏହା କହି ମସ୍ତକରେ ହସ୍ତ ବିନ୍ୟାସ କଲେ ।

୩୦ଶ ପଦ:—କୌଶଲ୍ୟା ପୁତ୍ର ମୋହର ନିର୍ମଳ ଚକ୍ଷୁଦ୍ୱୟ ରଖନ୍ତୁ, ବିଶ୍ୱାମିତ୍ର ଋଷିଙ୍କ ପ୍ରିୟ ଶିଷ୍ୟ ମୋର ଦୁଇ ଶ୍ରବଣକୁ ରଖନ୍ତୁ, ମହାଯଜ୍ଞ ରକ୍ଷାକାରୀ ରାମ ମୋର ନାସିକାକୁ ରକ୍ଷା କରନ୍ତୁ, ଲକ୍ଷ୍ମଣଙ୍କଠାରେ ଉତ୍ତମରୂପେ ଅନୁରାଗୀ ହୋଇଥିବା ରାମ ମୋହର ମୁଖକୁ ରକ୍ଷା କରନ୍ତୁ ।

୩୦ଶ ପଦ:—ସକଳ ବିଦ୍ୟାର ସ୍ଥାନ ରାମଚନ୍ଦ୍ର ମୋହର ଜିହ୍ୱାକୁ ରଖନ୍ତୁ, ଭରତ ପୂଜିତ ରାମ ମୋର କଣ୍ଠତଟକୁ ରକ୍ଷା କରନ୍ତୁ, ଦିବ୍ୟ ଆୟୁଧଧାରୀ ରାମ ମୋର ଦୁଇ କାନ୍ଧକୁ ରକ୍ଷା କରନ୍ତୁ, ହର ଧନୁ ଭଙ୍ଗକାରୀ ରାମ ମୋର ଦୁଇ ବାହାକୁ ରକ୍ଷା କରନ୍ତୁ, ସୀତାପତି ରାମ ମୋର ଦୁଇ ହସ୍ତକୁ ରଖନ୍ତୁ ।

ବକ୍ଷ କବନ୍ଧାନ୍ତ ହୃଦ ଜାମଦଗ୍ନ୍ୟଜିତ ଗୀର୍ବାଣପୂଜିତ ।
ଦେବ ସ୍ତନ ରଘୁପତି ପାର୍ଶ୍ୱ କୁକ୍ଷି ଇକ୍ଷ୍ୱାକୁବଂଶରକ୍ଷିତ । ୩୨ ।
ବିରାଧ ଖରଧ୍ୱଂସୀ ମଧ୍ୟ ଜାମ୍ବବାଦାଶ୍ରୟ ଯେ ନାଭି ଉଦ୍ଧରନ୍ତୁ ।
କଟୀ ମିତ୍ର-ପୁତ୍ର-ମିତ୍ର କଟି ହନୁମନ୍ତ ପ୍ରଭୁ ସକ୍ଥି ପାନ୍ତୁ । ୩୩ ।
ଉଭୋ ଜାନୁ ସେତୁକୃତ ଦଶାସ୍ୟଜଘାନ ଜଂଘା ପ୍ରତାନ୍ତୁ ।
ବିଭୀଷଣଶ୍ରୀଦ ପଦ ରଖୁ ରାମ ସର୍ବବପୁ ରକ୍ଷା କରୁ । ୩୪ ।
କରନ୍ତି ଏମନ୍ତ କବଚବ ଯେଉଁ ଯତ୍ନେ ଭୂର୍ଜପତ୍ରେ ଲିଖି ।
ଭକ୍ତିରେ ଶତ୍ରୁ ଅସ୍ତ୍ରଘାତ ବିନାଶ ଯଶ ପରକାଶ ତହିଁ । ୩୫ ।

---

୩୨ଶ ପଦ:—ଜାମଦଗ୍ନ୍ୟଜିତ—ପରଶୁରାମ ବିଜୟୀ । ଗୀର୍ବାଣପୂଜିତ—ଦେବତା ମାନଙ୍କର ପୂଜ୍ୟ ।

୩୩ଶ ପଦ:—ମିତ୍ର ପୁତ୍ର-ମିତ୍ର-ସୁଗ୍ରୀବର ବନ୍ଧୁ ( ରାମଚନ୍ଦ୍ର ) । ସକ୍ଥି-ଉରୁସନ୍ଧି ।

୩୪ଶ ପଦ:—ଦଶାସ୍ୟଜଘାନ—ରାବଣହନ୍ତା । ବିଭୀଷଣଶ୍ରୀଦ—ବିଭୀଷଣର ସମ୍ପଦଦାତା ।

୩୫ଶ ପଦ:—ଭୂର୍ଜପତ୍ର-ପତ୍ରବିଶେଷ । ଲିଖି—ଲେଖି । ଶତ୍ରୁ ଅସ୍ତ୍ର-ଘାତ—ଶତ୍ରୁର ଅସ୍ତ୍ରାଘାତ ଭୟ ।

---

୩୨ଶ ପଦ:—କବନ୍ଧ ଦୈତ୍ୟହନ୍ତା ରାମ ମୋର ବକ୍ଷ ରକ୍ଷା କରନ୍ତୁ, ପର୍ଶୁରାମ ବିଜେତା ରାମ ମୋର ହୃଦୟକୁ ରକ୍ଷା କରନ୍ତୁ, ଦେବପୂଜ୍ୟ ରାମ ମୋର ସ୍ତନଦ୍ୱୟକୁ ରଖନ୍ତୁ, ରଘୁବଂଶ ଶ୍ରେଷ୍ଠ ରାମ ମୋର ପାର୍ଶ୍ୱଦ୍ୱୟକୁ ରକ୍ଷା କରନ୍ତୁ, ଇକ୍ଷ୍ୱାକୁ ବଂଶୋଦ୍ଭବ ରାମ ମୋହର ଉଦର ରକ୍ଷା କରନ୍ତୁ ।

୩୩ଶ ପଦ:—ବିରାଧ ଖର ରାକ୍ଷସର ବିନାଶକ ରାମ ମୋର କଟିଭାଗକୁ ରଖନ୍ତୁ, ଜାମ୍ବବର ଆଶ୍ରୟ ରାମଚନ୍ଦ୍ର ମୋର ନାଭିକୁ ରକ୍ଷା କରନ୍ତୁ, ସୂର୍ଯ୍ୟ-ପୁତ୍ର ନାମରେ ପ୍ରସିଦ୍ଧ ଲଭିଥିବା ସୁଗ୍ରୀବର ମିତ୍ର ରାମ ମୋର ଅଣ୍ଟାକୁ ରକ୍ଷା କରନ୍ତୁ, ହନୁମାନର ପ୍ରଭୁ ରାମଚନ୍ଦ୍ର ମୋର ଉରୁସନ୍ଧିକ ରଖନ୍ତୁ ।

୩୪ଶ ପଦ:—ସେତୁବନ୍ଧ ବନ୍ଧାଇଥିବା ରାମଚନ୍ଦ୍ର ମୋହର ବୃହତ୍ ଜାନୁଦ୍ୱୟକୁ ରକ୍ଷା କରନ୍ତୁ, ରାବଣ ହନ୍ତା ରାମ ମୋହର ଜଙ୍ଘଦ୍ୱୟକୁ ରକ୍ଷା କରନ୍ତୁ, ବିଭୀଷଣର ସମ୍ପଦଦାତା ରାମଚନ୍ଦ୍ର ମୋହର ପାଦଦ୍ୱୟ ରଖନ୍ତୁ, ରାମ ମୋହର ସମସ୍ତ ଶରୀର ରକ୍ଷା କରନ୍ତୁ ।

୩୫ଶ ପଦ:—ଯେଉଁଲୋକ ଯତ୍ନ କରି ଭୂର୍ଜପତ୍ରରେ ଲେଖି ନିଜ ଦେହକୁ ଏହାପରି କରନ୍ତି, ଶତ୍ରୁ ଯେବେ ଅସ୍ତ୍ର ପ୍ରହାର କଲେ ମଧ୍ୟ ସେ ବିନାଶ ହେବ ନାହିଁ, ଏବଂ ତାହାର ଯଶ ଉତ୍ତରୋତ୍ତର ବୃଦ୍ଧି ହେବ ।

ବଜାଇଲେ ଜୟକମ୍ବୁ ଏ ସମୟେ ତେଜୋମୟ ନିଜ ସୈନ୍ୟ ।
ବଳବାନର ବାନରେ ପାଲଟିଲେ ଶଙ୍ଖ ଶଙ୍ଖ ଶଙ୍ଖଯୁତେ । ୫୭ ।

---

୫୭ ଶ ପଦ:—ଜୟକମ୍ବୁ—ବିଜୟ ଶଙ୍ଖ । ପାଲଟିଲେ—ଲେଉଟିଲେ ।

---

ଶ୍ରୀରାମ କବଚ:—ଓଁ ଶ୍ରୀରାମ କବଚସ୍ୟ, ବୃଦ୍ଧ ବିଶ୍ୱାମିତ୍ର ଋଷିଃ ଅନୁଷ୍ଟୁପ୍ ଛନ୍ଦଃ, ଶ୍ରୀରାମଚନ୍ଦ୍ରୋ ଦେବତା, ଶ୍ରୀରାମଚନ୍ଦ୍ର ବୀଜଂ,-ସୀତା ଶକ୍ତିଃ ଶତ୍ରୁ ପରଜୟାର୍ଥେ ବିନିଯୋଗଃ ।

ଧ୍ୟାନଂ—ଧ୍ୟାୟେ ନୀଳୋତ୍ପଳଂ ଶ୍ୟାମଂ ରାମଂ-ରାଜୀବଲୋଚନଂ ।
ଜାନକୀ ଲକ୍ଷ୍ମଣୋପେତଂ ଜଟାମୁକୁଟମଣ୍ଡନଂ ॥
ସାସିତୂଣ ଧନୁର୍ବାଣ ପାଣିଂ ନକ୍ତଂ ଚରାନ୍ତକଂ ॥
ସ୍ୱଲୀଳୟା ଜଗଦ୍ଭ୍ରାତୁମାବିର୍ଭୂତ ମଜଂ ବିଭୁଂ ॥
ରାମରକ୍ଷା ପଠେତ୍ ପ୍ରାଜ୍ଞଃ ପାପଘ୍ନୀ ସର୍ବ କାମଦା ।
ଶିରୋମେ ରାଘବଃ ପାତୁ ଭାଲଂ ଦଶରଥାତ୍ମଜଃ ॥
କୌଶଲ୍ୟେୟୋ ଦୃଶୌ ପାତୁ ବିଶ୍ୱାମିତ୍ରପ୍ରିୟଃ ଶ୍ରୁତୀ ।
ଘ୍ରାଣଂ ପାତୁ ମଖତ୍ରାଣୋ ମୁଖଂ ସୌମିତ୍ରିବତ୍ସଳଃ ।
ଜିହ୍ୱାଂ ବିଦ୍ୟାନିଧିଃ ପାତୁ କଣ୍ଠଂ ଭରତବନ୍ଦିତଃ ।
ସ୍କନ୍ଧୌ ଦିବ୍ୟାୟୁଧଃ ପାତୁ ଭୁଜୌ ଭଗ୍ନେଶ କାର୍ମୁକଃ ।
କରୌ ସୀତାପତିଃ ପାତୁ ହୃଦୟଂ ଜାମଦଗ୍ନ୍ୟଜିତ୍ ।
ସ୍ତନଦ୍ୱୟଂ ସର୍ବଦା ମେ ପାତୁ ଗୀର୍ବାଣବନ୍ଦିତଃ ।
ପାର୍ଶ୍ୱେ ରଘୁପତିଃ ପାତୁ କୁକ୍ଷିମିକ୍ଷ୍ୱାକୁ ରକ୍ଷକ ।
ପୃଷ୍ଠାତ୍ପାତୁ ଚ କାକୁତ୍ସ୍ଥୋଽବଲ୍ୟା ଦୁଃଖ ବିନାଶକୃତ୍ ।
ମଧ୍ୟଂ ପାତୁ ଖରଧ୍ୱଂସୀ ନାଭିଂ ଜାମ୍ବବଦାଶ୍ରୟଃ ।
ସୁଗ୍ରୀବେଶଃ କଟିଂ ପାତୁ ସକ୍ଥିନୀ ହନୁମତ୍ପ୍ରଭୁଃ ।
ଊରୂ ରଘୂତ୍ତମଃ ପାତୁ ଗୁହ୍ୟଂ ପାତୁ ଗୁହାନ୍ତକଃ ।
ଜାନୁନୀ ସେତୁକୃତ୍ ପାତୁ ଜଙ୍ଘେ ଦଶମୁଖାନ୍ତକଃ ।
ପାଦୌ ବିଭୀଷଣ ଶ୍ରୀଦଃ ପାତୁ ରାମୋଽଖିଳଂ ବପୁଃ ।
ଭୂର୍ଜପତ୍ରେ ଲିଖିମାଂ ବିଦ୍ୟା ଗନ୍ଧ ଚନ୍ଦନ ଚର୍ଚ୍ଚିତାଂ ।
କୃତ୍ୱା ବୈଧାରଣଂ ଯସ୍ତୁ ସୋଽଭୀଷ୍ଟଫଳମାପ୍ନୁୟାତ୍ ।

୫୭ଶ ପଦ—ଏହି ସମୟରେ ନିଜ ସୈନ୍ୟ ମଧ୍ୟରେ ତେଜୋମୟ ରାମ ଜୟଶଙ୍ଖ ବଜାଇଲେ । ଶଙ୍ଖ ଶବ୍ଦ ଶୁଣି ବଳବନ୍ତ କପିମାନେ ଶଙ୍ଖ-ସଂଖ୍ୟକ ପରିମାଣରେ ଆସି ରୁଣ୍ଡ ହେଲେ ।

ବାସରାନ୍ତ ନଭ ଦୁର୍ଲ୍ଲଭ ସମାନ ଲବ୍ଧୀକ ସେ ରଣସ୍ଥଳ ।
ଅଲକ୍ଷ ଲକ୍ଷ ଋକ୍ଷଜ୍ୟୋତି ସ୍ଫୁରଇ ନିଶାଚର ଖଗକୁଳ । ୩୭ ।
ବଳକର ରାମଲକ୍ଷ୍ମଣକରଜ ପ୍ରଭା ଆସିଲା ପ୍ରକଟି ।
ବହୁପାକ୍ଷସ୍ଥାନେ ଦରଶବଦ ଯେ ଦ୍ୱିତୀୟ ଅର୍ଥରେ ଯୋଟି । ୩୮ ।
ବିବେକ ଶତ୍ରୁର ଅଚଳ ଅଚଳ ପ୍ରଚଳ କରି ବଞ୍ଚିତ ।
ବିମାନ ଦଶକନ୍ଧରର ମନ୍ଦର ସ୍ଖଳନେ ମନ୍ଦମରୁତ । ୩୯ ।

---

୩୭ଶ ପଦ:—ବାସରାନ୍ତନଭ—ସନ୍ଧ୍ୟାକାଳୀନ ଆକାଶ । ଲବ୍ଧୀକ-ପ୍ରାପ୍ତ । ଅଲକ୍ଷ—ଅଲକ୍ଷ, ଅସଂଖ୍ୟ । ଋକ୍ଷଜ୍ୟୋତି—ଭଲ୍ଲୁକପ୍ରଭା, ନକ୍ଷତ୍ର ଜ୍ୟୋତି । ନିଶାଚର—ରାକ୍ଷସ, ପେଚକପ୍ରଭୃତି ରାତ୍ରିଚର ପକ୍ଷୀ । ଖଗକୁଳ-ଶରସମୂହ, ପକ୍ଷିସମୂହ ।

୩୮ଶ ପଦ:—ବଳକର-ପରାକ୍ରମଶାଳୀ, ତେଜୋମୟ ରାମଲକ୍ଷ୍ମଣ-ଚନ୍ଦ୍ର । କରଜ—ହସ୍ତଜାତ, କିରଣଜାତ । ବହୁପାକ୍ଷସ୍ଥାନେ-ରାକ୍ଷସବିଶେଷ ଠାରେ, ଶିବାଳୟରେ । ଦରଶବଦ—ଶଙ୍ଖଶବ୍ଦ, ଭୟଙ୍କର ଧ୍ୱନି ।

୩୯ଶ ପଦ:—ଅଚଳ—ପର୍ବତ । ଅଚଳ—ନିଶ୍ଚଳ ବା ଅଟଳ । ମନ୍ଦମରୁତ—ଧୀର ପବନ । ପ୍ରଚଳ—ଚଞ୍ଚଳ ।

---

୩୭ଶ ପଦ:—ସେ ରଣସ୍ଥଳ ଉତ୍ତମ ସନ୍ଧ୍ୟା ସମୟରେ ଆକାଶର ଶୋଭାକୁ ଲାଭ କଲା । ଯେପରି ସାୟଂ କାଳରେ ଆକାଶରେ ଲକ୍ଷ ଲକ୍ଷ ନକ୍ଷତ୍ରଙ୍କ ଜ୍ୟୋତି ପ୍ରକାଶିତ ହୁଏ ଓ ରାତ୍ରିଚର ପକ୍ଷୀସମୂହ ସଞ୍ଚରଣ କରନ୍ତି, ସେହିପରି ରଣଭୂମିରେ ଲକ୍ଷ ଲକ୍ଷ ଭଲ୍ଲୁକଙ୍କର ତେଜ ପ୍ରକାଶିତ ହେଲା ଓ ରାକ୍ଷସଙ୍କର ବାଣସମୂହ ସଞ୍ଚରଣ କଲା ।

୩୮ଶ ପଦ:—ସାୟଂକାଳର ଆକାଶରେ ତେଜସ୍ୱୀ ଚନ୍ଦ୍ରଙ୍କର କିରଣ ପ୍ରକଟିତ ହୋଇ ଆସିଲା ପ୍ରାୟ ରଣଭୂମିରେ ବଳବାନ ରାମ ଲକ୍ଷ୍ମଣ ଦୁଇ ଭାଇଙ୍କ ହସ୍ତ ଜାତ ଶରପ୍ରଭା ପ୍ରକଟିତ ହେଲା । ରାମଙ୍କ ତେଜ ଦେଖି ବହୁପାକ୍ଷ ରାକ୍ଷସ ଭୟ କଲା, ଲକ୍ଷ୍ମଣଙ୍କ ରୌଦ୍ରତେଜରେ ମହାଦେବ ମଧ୍ୟ ଭୀତ ହେଲେ ( ରାକ୍ଷସ ବା କି ଛାର ) ।

୩୯ଶ ପଦ:—'ରାବଣର ପର୍ବତ ପ୍ରାୟ ନିଶ୍ଚଳ ବିମାନକୁ ଚଞ୍ଚଳକରି ଭଙ୍ଗିବି'—ଏହା ବିଚାରି କରି ଶତ୍ରୁର ସେନାଗ୍ରତ ମନ୍ଦର ପର୍ବତ ଧରିଗଲା । ଧୀର ମାରୁତ ପବନ ମନ୍ଦର ପର୍ବତକୁ ଟାଳି ନ ପାରିଲା ପ୍ରାୟ ସେ ରାବଣର ରଥ ହଲାଇ ପାରିଲା ନାହିଁ ।

ବିଲୋମଲୋମଗଣ୍ଡରେ ମେଷଯୁଦ୍ଧବଶେ ଅଙ୍ଗଦ ପ୍ରଭବ ।
ବର ରଥ କର ଦୂରେ ରଚି ଚର ବେଢ଼ରଜ ଅରରବ । ୪୦ ।

ବୋଲେ ବୋଲାଇ ଏ ପୁଷ୍ପକ ପୁଷ୍ପକ ତୋଳି ଫିଙ୍ଗିବି ସାଗରେ ।
ବୁଝାଇଁ ଶିଖରି ତିଳକ ତିଳକ ସମ କରି ଟେକିପାରେ । ୪୧ ।

ବୋଲେ ଦଶଶିର ଧରି ବ୍ରହ୍ମଶର ବ୍ରହ୍ମସ୍ୱୀ ପ୍ରାଣଧନ ଦେ ।
ଛନ୍ଦି ରଭସରେ ଶରେ ସଦ୍ଗୁଣରେ ଦୃଶରେ ଲକ୍ଷ୍ମଣ ଛେଦେ । ୪୨ ।

---

୪୧ଶ ପଦ:—ପୁଷ୍ପକ—ପୁଷ୍ପକବିମାନ । ପୁଷ୍ପକ—ଫୁଲ । ତୋଳି—ଟେକି । ଶିଖରିତିଳକ—ପର୍ବତଶ୍ରେଷ୍ଠ, କୈଳାସ । ତିଳକ—ରାଶି ।

୪୨ଶ ପଦ:—ଦଶଶିର—ରାବଣ । ବ୍ରହ୍ମସ୍ୱୀ—ବ୍ରାହ୍ମଣଋଣଧାରୀ । ରଭସରେ—ଅତିଶୀଘ୍ର, ଅତିବେଗରେ । ଦୃଶରେ—ସମକ୍ଷରେ ।

---

୪୦ଶ ପଦ:—ତଦନନ୍ତର ଅଙ୍ଗଦ ଲୋମବିଲୋମ ଗଣ୍ଡରେ ମେଷ ଯୁଦ୍ଧର ବଶୀଭୂତ ହୋଇ ପରାକ୍ରମ ପ୍ରକାଶପୂର୍ବକ ରାବଣର ପୁଷ୍ପକ ବିମାନକୁ ବହୁ ଦୂରକୁ ଠେଲି ଦେଇ ବହୁତ ସମୟ ପର୍ଯ୍ୟନ୍ତ ଶବ୍ଦଯୁକ୍ତ କରି ଦେଲା । ( ଅଙ୍ଗଦ ଖୁବ୍ ଜୋରରେ ଠେଲି ଦେବାରୁ ରଥ ବହୁତଦୂର ପଛକୁ ଘୁଞ୍ଚି ଗଲା ଓ ବହୁତ ସମୟ ପର୍ଯ୍ୟନ୍ତ ଘର ଘର ଧ୍ୱନି ଶୁଣାଗଲା ) ।

୪୧ଶ ପଦ:—ବିମାନକୁ ଠେଲିଦେଇ ଅଙ୍ଗଦ କହିଲା, ଏ ରଥ ପୁଷ୍ପକ ରଥ ବୋଲାଏ, ମୁଁ ଫୁଲପ୍ରାୟ ତୋଳି ଏହାକୁ ସମୁଦ୍ରରେ ଫିଙ୍ଗିଦେବି-ଏହା ଭାବୁଅଛି । କାରଣ ମୁଁ କୈଳାସ ପର୍ବତକୁ ତିଳସମାନ ଟେକି ଦେଇ ପାରେ ( ଏ ବା କି ଛାର ! ) ।”

୪୨ଶ ପଦ:—ଏହା ଶୁଣି ରାବଣ ବ୍ରହ୍ମଶର ହସ୍ତରେ ଧରି କହିଲା, “ତୁ ପିତା ଶତ୍ରୁକୁ ନ ମାରି ତାହାର ସାହାଯ୍ୟକାରୀ ହୋଇଅଛୁ । ତେଣୁ ତୁ ପିତୃଋଣ ପରିଶୋଧ କରିନାହୁଁ, ଋଣୀ ଲୋକ ଧନଦେଇ ଋଣରୁ ମୁକ୍ତ ହେଲା ପ୍ରାୟ, ତୁ ତୋର ପ୍ରାଣ ରୂପ ଧନକୁ ଦେ, ତେବେ ଋଣରୁ ମୁକ୍ତ ହେବୁ ।’ ଏହା କହି ରାବଣ ବ୍ରହ୍ମଶର ଦହୁଣ ଏକ ଶର ବେଗରେ ଛନ୍ଦିଲା । ସେ ଶର ଦୃଶ୍ୟ ହେବା ମାତ୍ରକେ ଲକ୍ଷ୍ମଣ ତାହା କାଟି ପକାଇଲେ ।

ଏଥିରେ ଯୂଥପତିଗଣେ ଉତ୍ସବେ ରଣାଙ୍ଗଣେ ସୁରଙ୍ଗରେ ।
ଭୂସୁରବଧୂରେ ଅଧିରେ ଦେଖିଲେ ରଥ ପ୍ରାସାଦ ସାଦରେ ।୪୩।
ବିଭୀଷଣ ସଙ୍ଗେ ଧାଇଁ ରାମ ରଙ୍ଗେ ସାରଙ୍ଗେ ବ୍ୟାଧଶାନ୍ତ ।
ବିସ୍ମୟ ମଧୁବନସ୍ଥ ସେ ସମସ୍ତ ଗଲା ଧରା ଧରାପତି । ୪୪ ।
ଦ୍ୱନ୍ଦ ଦ୍ୱନ୍ଦ ହୋଇ ଦ୍ୱିଦଳ ପ୍ରଧାନ ବୀର କରନ୍ତେ ଯୁଦ୍ଧ ।
ବଜ୍ରରୁ ବଜ୍ର ବୃକ୍ଷ ଶିଳା ବର୍ଷଣ ମାର୍ଗଣଗଣ ଆୟୁଧ । ୪୫ ।
ବ୍ୟକତ ରକତନଦ କୋକନଦ ମଣ୍ଡି ହେଲା ପ୍ରାୟ ପୃଥ୍ୱୀ ।
ବଳ ପ୍ରବଳ ତଳପଙ୍କ କଲେ ସେ ପଣ୍ଡ ପଣ୍ଡ ପିଣ୍ଡ ଯୁକ୍ତି ।୪୬।

---

୪୩ଶ ପଦ—ରଣାଙ୍ଗଣେ—ଯୁଦ୍ଧକ୍ଷେତ୍ରରେ । ସୁରଙ୍ଗରେ—କୌତୁକରେ । ପ୍ରାସାଦ—ମନ୍ଦିର ।

୪୪ଶ ପଦ—ରଙ୍ଗେ—ଯୁଦ୍ଧକ୍ଷେତ୍ରରେ । ସାରଙ୍ଗେ—ମୃଗ ସହିତ । ବ୍ୟାଧଶାନ୍ତ—ଶବରସଦୃଶ । ମଧୁବନସ୍ଥ—ମଧୁ ରାକ୍ଷସର ପୁତ୍ର, ରାବଣର ଶଳା । ଧରାପତି—ରାଜା, ଏଠାରେ ରାବଣ ।

୪୫ଶ ପଦ—ଦ୍ୱିଦଳ—ଉଭୟ ପକ୍ଷ । ବଜ୍ର—କଠିନ । ଶିଳା—ପଥର । ମାର୍ଗଣଗଣ—ଶରସମୂହ ।

୪୬ଶ ପଦ—ବ୍ୟକତ—ପ୍ରକାଶିତ । ରକତନଦ—ରକ୍ତନଦୀ । କୋକନଦ—ରକ୍ତକଇଁ । ମଣ୍ଡି ହେଲାପ୍ରାୟ—ଭୂଷିତ ହେଲାପରି ।

---

୪୩ଶ ପଦ—ସେ ସମୟରେ ଯୂଥପତିମାନେ ରଣଭୂମିରେ ଉତ୍ସବ କ୍ରୀଡ଼ା ଛଳରେ ବିହରିଲେ । ବ୍ରାହ୍ମଣଙ୍କ ପ୍ରାୟ-ଚଞ୍ଚଳ ହୋଇ ଦେଉଳ ପ୍ରାୟ ରଥକୁ ଆଦରର ସହିତ ଦେଖିଲେ ।

୪୪ଶ ପଦ—ଏହି ସମୟରେ ରାମଚନ୍ଦ୍ର ବିଭୀଷଣଙ୍କୁ ସଙ୍ଗରେ ନେଇ ବ୍ୟାଧ ମୃଗ ଧାଇଁଲା ପ୍ରାୟ ଯୁଦ୍ଧ ପାଇଁ ରାବଣ ନିକଟକୁ ଧାଇଁଲେ । ସେହି କାଳରେ ମଧୁଦାନବ ପୁତ୍ର ( ରାବଣର ଶଳା ) ଆଶ୍ଚର୍ଯ୍ୟ ହୋଇ କହିଲା, "ରାବଣ ଶତ୍ରୁ ହସ୍ତରେ ବନ୍ଦୀ ହେଲା କି ?"

୪୫ଶ ପଦ—ଦୁଇପକ୍ଷରେ ପ୍ରଧାନ ପ୍ରଧାନ ବୀରମାନେ ଦୁଇ ଦୁଇ ଜଣ ହୋଇ ଯୁଦ୍ଧ କଲେ । ରାମଙ୍କ ସେନାମାନେ ବଜ୍ରଠାରୁ ଆଣି ବୃକ୍ଷ ଶିଳାମାନ ଧରି ପ୍ରହାର କଲେ । ଏବଂ ରାବଣର ସେନାମାନେ ଶରସମୂହ ବର୍ଷଣ କରିବାକୁ ଲାଗିଲେ ।

୪୬ଶ ପଦ—ସେ ସମୟରେ ରଣକ୍ଷେତ୍ରରେ ରକ୍ତନଦୀ ପ୍ରବାହିତ ହେବାରୁ ପୃଥ୍ୱୀ ରକ୍ତୋତ୍ପଳ ମଣ୍ଡି ହେଲା ପ୍ରାୟ ଦେଖାଗଲା । ସେହି ବଳବନ୍ତ

ବ୍ରହ୍ମାଣ୍ଡ ଦର ଦରଷ୍ଟୂଟ ନାଦର ଉଦର ଫାଟିବ ସବ ।
ବାସୁକି ଶଙ୍କି ଟେକ ଧରି ଧରଣୀ ନୋହିବ ହୋଇ କି ସବ ? । ୪୭ ।
ବିଚକ୍ଷଣ ରଣେ ଲକ୍ଷ୍ମଣ ଖର୍ଷଣ ବାଣ କଠୋର କୁଠାର ।
ବିଚ୍ଛେଦ କଲା ଛେଦି ମହାପାର୍ଶ୍ୱ ମହାଦ୍ରୁମ ପିଣ୍ଡ ଶିର । ୪୮ ।
ବିକଟ ସୁଗ୍ରୀବ ସୁଗ୍ରୀବ ମୋଡ଼ିଲା ଯାଗଟଣ୍ଠୁ ପରି ଧରି ।
ବାତସୁତ ମୁଷ୍ଟି ମହାଶନି ମହାଶନି ହନୁ ସାନୁ ଚୂରି ।୪୯।
ବଳିଷ୍ଠ ପ୍ରହସ୍ତ ପ୍ରଶସ୍ତ ଅଙ୍ଗଦ ଅଙ୍ଗଦ ଭଳରେ ହେଲା ।
ବିଶ୍ୱକର୍ମା ଅପତ୍ୟ ନଳ ନଳ ଜରବୁର ଭସ୍ମ କଲା । ୫୦ ।

---

୪୭ଶ ପଦ:—ଦର—ଭୟ । ଦରଷ୍ଟୂଟ—ଅର୍ଦ୍ଧୋଚ୍ଚାରିତ ବଚନ । ଉଦର—ପେଟ । ଧରଣୀ—ପୃଥିବୀ ।

୪୮ଶ ପଦ:—ବିଚକ୍ଷଣ—ବୁଦ୍ଧିମାନ୍, ପଣ୍ଡିତ । କୁଠାର—କୁରାଢ଼ୀ ।

୪୯ଶରୁ ପଦ:—ବିକଟ—ରାକ୍ଷସ ବିଶେଷ । ସୁଗ୍ରୀବ—ଉତ୍ତମଗ୍ରୀବ । ବାତସୁତ—ହନୁମାନ । ମହାଶନି—ଦୈତ୍ୟ ବିଶେଷ । ମହାଶନି—ବଜ୍ର । ହନୁ—ଗାଲ । ସାନୁ—ପର୍ବତଶୃଙ୍ଗ ।

୫୦ଶରୁ ପଦ:—ପ୍ରଶସ୍ତ—ପ୍ରଧାନ ପ୍ରହସ୍ତ—ରାକ୍ଷସ ବିଶେଷ । ଅଙ୍ଗଦ-ଦେହ ନାଶ କଲା ।

---

ବୀରମାନେ ସୈନ୍ୟମାନଙ୍କ ରୁଣ୍ଡି ଭୂତ ମୃତପିଣ୍ଡକୁ ନହି ଟେକାଇ ରଣ୍ଡୁପିଙ୍କୁ କାନ୍ଦୁଅ କରି ପକାଇଲେ ।

୪୭ଶ ପଦ:—ସେହି ବୀରମାନଙ୍କର ଅର୍ଦ୍ଧୋଚ୍ଚାରିତ ସ୍ୱରରୁ ବ୍ୟଞ୍ଜକ ଡାକରେ ପୃଥିବୀ ଭୀତ ହୋଇ ବିଚାର କଲା, 'ମୋର ଉଦର ଫାଟି ଯିବ କି ?' ବୀରଙ୍କ ପାଦଭାର ଅସହନୀୟ ହେବାରୁ ନାଗରାଜ ବାସୁକି ଶଙ୍କା କଲା, 'ଧରଣୀକୁ ଆଉ ଟେକ ଧରି ପାରିବି ନାହିଁ କି ?'

୪୮ଶ ପଦ:—ରଣକ୍ଷେତ୍ରରେ ରଣପଣ୍ଡିତ ଲକ୍ଷ୍ମଣ ତୀକ୍ଷ୍ଣ ଶର ରୂପ କଠୋର କୁଠାର ଦ୍ୱାରା ମହାପାର୍ଶ୍ୱ ରୂପ ଅତି ମାତ୍ର ମହାଦ୍ରୁମକୁ ଦୁଇଖଣ୍ଡ କରି ଗଣ୍ଡି ଓ ମୁଣ୍ଡ ଅଲଗା କରି ଦେଲେ ।

୪୯ଶରୁ ପଦ:—କପିରାଜ ସୁଗ୍ରୀବ ବିକଟ ନାମକ ଦୈତ୍ୟର ଶୋଭମାନ ଗଳାକୁ ଧରି ଯାଗଟଣ୍ଠୁର ମୁଣ୍ଡ ମୋଡ଼ିଲା ପ୍ରାୟ ମୋଡ଼ି ଦେଲା । ହନୁମାନ ବଜ୍ରସମ ବିଧା ପ୍ରହାରକରି ମହାଶନି ଦୈତ୍ୟର ପର୍ବତ ଶୃଙ୍ଗ ରୂପ ଗାଲକୁ ଚୂର୍ଣ୍ଣକରି ଦେଲା ।

୫୦ଶରୁ ପଦ:—ବଳିଷ୍ଠ ପ୍ରଶସ୍ତ ସେନାପତି ଅଙ୍ଗଦର ଗୁମ୍ପଡ଼ାରେ ଦେହପାତ କଲା । ବିଶ୍ୱକର୍ମା ନଳ ଅନଳ ସଦୃଶ ହୋଇ ଜର ଅସୁରକୁ ଭସ୍ମକରି ଦେଲା ।

ବିରୂପା ବିରୂପାକ୍ଷକୁ କଲା ନୀଳ ପ୍ରକଟି କଟିଛିଣ୍ଡି ।
ବୈଶାଖ ବୃଷପତି ଦଧି ପ୍ରଥମ ପ୍ରମଥନ କଲେ ରଙ୍ଗୀ । ୫୧ ।
ବିଧା ବିଧାନେ ସୁଷେଣ କାଳକାଳ କାଳଘଣ୍ଟ ଧ୍ୱାନ୍ତ ଗ୍ଳାନ ।
ବିଦାରେ କରି କରିକୁମ୍ଭ କୁମ୍ଭକ କେଶରୀ କେଶରୀ ଯେମନ । ୫୨ ।
ବାଟିର ସମର୍ଦ୍ଦି ମସ୍ତରେ ଗଡ଼ାଇ ମହେନ୍ଦ୍ର ମହାସୁରକୁ ।
ବିଶିଷ୍ଟ ଗବୟ ଗବୟ ପରିତେ ଚିର କାଳକେତୁ ବୁକୁ । ୫୩ ।
ବଇଶ ବଇଶଭାବରେ ଶରଭ ହେଲା ବକାସୁର ବକେ ।
ବର୍ତ୍ତିକା ଗବାକ୍ଷ ଗବାକ୍ଷ କଲେ ସେ ବୃକାସୁରକୁ ଉସ୍ର୍ କେ । ୫୪ ।

---

୫୧ଶର ପଦ:—ବିରୂପା ବିକୃତ ବା ବିକଳାଙ୍ଗ । ରଙ୍ଗୀ—[illegible] । ବୈଶାଖ ମନ୍ଥନଦଣ୍ଡ । ବୃଷପତି-ଜାମ୍ବବାନ୍ । ପ୍ରଥମ-ଦୈତ୍ୟବିଶେଷ, ମନ୍ଥନ କରିବା ।

୫୨ଶର ପଦ:—କାଳ ଯମ, ମୃତ୍ୟୁ । ଗ୍ଳାନ-ବିନାଶ । କରିକୁମ୍ଭ—ହସ୍ତି ଶୁଣ୍ଢ । କୁମ୍ଭକ—ରାକ୍ଷସ ବିଶେଷ । କେଶରୀ—ସିଂହ ।

୫୩ଶର ପଦ:—ମହାସୁର ମହାରାବଣ । ଗବୟ—ବାନର ବିଶେଷ ଗବୟପରି—ଗୟଳ ପଶୁତୁଲ୍ୟ ।

୫୪ଶର ପଦ:—ବଇଶ—ଶ୍ୟେନପକ୍ଷୀ । ବଇଶଭାବରେ—ଶ୍ୟେନ ଭାବରେ । ବର୍ତ୍ତିକା—ବଟେର । ଗବାକ୍ଷ—ଝରକା ।

---

୫୧ଶର ପଦ:—ନୀଳ କପି ପ୍ରବେଶ କରି ବିରୂପାକ୍ଷ ଅସୁରକୁ କଟିଠାରୁ ଛିଣ୍ଡିଦେଇ ତାକୁ ବିରୂପ କରି ପକାଇଲା । ବୃଷପତି ଜାମ୍ବବ ଖୁଆଦଣ୍ଡ ସଦୃଶ ହୋଇ ପ୍ରମଥ ଦୈତ୍ୟରୂପ ଦଧିକୁ ମନ୍ଥନ କରି ପକାଇ ହର୍ଷଯୁକ୍ତ ହେଲା ।

୫୨ଶର ପଦ:—ଯମ ତୁଲ୍ୟ ସୁଷେଣ ବିଧା ମାରି ମାରି କାଳଘଣ୍ଟ ଅସୁରର ମୃତ୍ୟୁ ବିଧାନ କରିବାରୁ ରଣକ୍ଷେତ୍ର ନିଃଶଙ୍କ ହେଲା । କେଶରୀ କପି ସିଂହ ପ୍ରାପ୍ତ ହୋଇ କୁମ୍ଭକ ରାକ୍ଷସ ରୂପ ଗଜର କୁମ୍ଭକୁ ବିଦାରି ପକାଇଲା ।

୫୩ଶର ପଦ:—ମହେନ୍ଦ୍ର କପି ମହାସୁର ଦୈତ୍ୟକୁ ପିଲାର ଖେଳନା ବଟୁ ତୁଲ୍ୟ ମସ୍ତକରେ ଗଡ଼ାଇ ମାରି ଦେଲା । ପ୍ରଧାନ ବୀର ଗବୟ ଗୟଳ ପ୍ରାପ୍ତ ଯାଇ କଳାକେତୁ ଅସୁରର ଛାତିକୁ ଚିରି ପକାଇଲା ।

୫୪ଶର ପଦ:—ଶରଭ କପି ଛଞ୍ଚାଣ ପକ୍ଷୀ ପ୍ରାପ୍ତ ହୋଇ ବକରୂପୀ ବକାସୁରଠାରେ ଶତ୍ରୁତା କଲା ଛଞ୍ଚାଣ ବକକୁ ମାରି ପକାଇଲା ପ୍ରାୟ ଶରଭ ବକାସୁରକୁ ମାରି ପକାଇଲା ) । ଗବାକ୍ଷ ପକ୍ଷୀ ବଟେର ପ୍ରାପ୍ତ ଉସ୍ରକ ହୋଇ ବୃକାସୁରକୁ ଝରକା ସଦୃଶ କରିଦେଲେ ( ତା ଦେହଯାକ କଣା କରିଦେଲା )।

ବଜ୍ର କପଟ ରାକ୍ଷସକୁ ତାଡ଼ନ କରି କରତରେ ଚିରି ।
ବିଦ୍ୟା ପନସ ପନସଫଳପରି ବ୍ୟାଘ୍ରାକ୍ଷ ଅନ୍ତ୍ର ଓଟାରି । ୫୫ ।
ବିରୂପାକ୍ଷ ବକ୍ଷ ଡାଳିମ୍ବ ଡାଳିମ୍ବଫଳ ପରି ଫଟାଇଲି ।
ବନ୍ଦ୍ୟ ଚନ୍ଦନ ଚନ୍ଦନତରୁ ମାରି ଯମଦଣ୍ଡେ ଲୋଟାଇଲି । ୫୬ ।
ବସନ୍ତ ବସନ୍ତବତ ବ୍ରଣ ଜାତ କଲା ପଞ୍ଚଶିର ଦେହେ ।
ବିକଶି କଞ୍ଚନ କଞ୍ଚନ ପାଟଳୀ ପାଟଳୀ ପୁଟାଇ ଦିଏ । ୫୭ ।
ବିଦ୍ୟୁଜ୍ଜିହ୍ୱ ଜିହ୍ୱା ଉପାଡ଼ି କୁମୁଦ କୁମୁଦ ଦେଲା ବିସ୍ତାରି ।
ବନ୍ଧାଇ ରକ୍ତନଦେ ଶବ ପ୍ରବାହ ସରସେତୁ ସେତୁ କରି । ୫୮ ।
ବିଭଞ୍ଜି ଇକ୍ଷୁଦଣ୍ଡ ପରି ପ୍ରଜଙ୍ଘଜଙ୍ଘକୁ ଗନ୍ଧମାଦନ ।
ବିବଧି ବିବଧି ମାଡ଼ି ମାରି ମାରିପକାଇ ଧୂମିକ୍ଷଣ । ୫୯ ।

---

୫୫ତମ ପଦ:—ପନସଫଳ ପରି—ପଣସ ଭଣ୍ଡି ପରି ।

୫୭ତମ ପଦ:—ବସନ୍ତ ବାନର ସେନାପତି ବିଶେଷ । ବସନ୍ତବତ-ବସନ୍ତନାମକ ସଂକ୍ରାମକ ରୋଗରେ । ବ୍ରଣ-ଘା, କ୍ଷତ । ବିକଶି—ପ୍ରସ୍ଫୁଟିତ ହୋଇ । କଞ୍ଚନ—ପୁଷ୍ପବିଶେଷ । ପାଟଳ ପୁଷ୍ପବିଶେଷ ।

---

୫୫ତମ ପଦ—ଋଷଭ କପି ବଜ୍ରକପଟ ରାକ୍ଷସକୁ ହସ୍ତ ରୂପ କରତରେ ଚିରି ପକାଇଲେ । ବିଦ୍ୟାମାନ ପନସ କପି ବ୍ୟାଘ୍ରାକ୍ଷ ଦୈତ୍ୟର ଅନ୍ତବୁଜୁଳାକୁ ପଣସର ଭଣ୍ଡି ଓଟାରିଲା ପ୍ରାୟ ଓଟାରି ଆଣିଲା ।

୫୬ତମ ପଦ:—ଡାଳିମ୍ବ କପି ବିରୂପାକ୍ଷ ଦୈତ୍ୟର ଛାତିକୁ ଡାଳିମ୍ବ ଫଳ ପ୍ରାୟ ଫଟାଇ ଦେଲା । ବୀରଙ୍କ ମଧ୍ୟରେ ବନ୍ଦନୀୟ ଚନ୍ଦନ କପି ଚନ୍ଦନ ବୃକ୍ଷରେ ଯମଦଣ୍ଡ ରାକ୍ଷସକୁ ମାରି ଭୂମିରେ ଲୋଟାଇ ଦେଲା ।

୫୭ତମ ପଦ:—ବସନ୍ତରୋଗରେ ବ୍ରଣ ଜାତ ହେଲା ପ୍ରାୟ ବସନ୍ତ କପି ପଞ୍ଚଶିର ଦାନବର ଦେହଯାକ ବ୍ରଣମୟ କରି ଦେଲା । କଞ୍ଚନ କପି କଞ୍ଚନ ପୁଷ୍ପ ପ୍ରାୟ ବିକଶିତ ହୋଇ ପାଟଳୀ ଦୈତ୍ୟକୁ ପୁଟାଇ ପାଟଳୀ ପୁଷ୍ପ ପରି ରକ୍ତବର୍ଣ୍ଣ କରି ଦେଲା ।

୫୮ତମ ପଦ:—କୁମୁଦ କପି ବିଦ୍ୟୁଜ୍ଜିହ୍ୱ ଦୈତ୍ୟର ଜିଭ ଉପାଡ଼ି ପୃଥିବୀରେ ଆନନ୍ଦ ବିସ୍ତାର କରିଦେଲା, ସରସେତୁ କପି ପ୍ରବାହ ଦାନବର ଶବକୁ ରକ୍ତ ନଦୀରେ ସେତୁବନ୍ଧ କରି ବନ୍ଧାଇ ଦେଲା ।

୫୯ତମ ପଦ:—ଗନ୍ଧମାଦନ କପି ପ୍ରଜଙ୍ଘ ଦୈତ୍ୟର ଜଙ୍ଘକୁ ଇକ୍ଷୁଦଣ୍ଡ ଭାଙ୍ଗିଲାପରି ଭାଙ୍ଗିଦେଲା । ବିବଧି କପି ଧୂମିକ୍ଷଣ ଦୈତ୍ୟକୁ ନାନାପ୍ରକାର ମାଡ଼ ମାରି ତଳେ ପକାଇ ଦେଲା ।

ବଂଶ ପ୍ରାପ୍ତ କଲା ଦ୍ୱିବିଦ ଦ୍ୱିବିଧ ସିଂହନାଦ ମୃତ୍ୟୁ ପାଞ୍ଚ ।
ବୃଷ୍ଟି କରନ୍ତି ପନଶୀଳ ଶିଳ ଲୁଚି ଉଲ୍ଲୁକ ନ ପାରି ବଞ୍ଚ । ୬୦ ।
ବନଧବ ଶତବଳ ଗୋବକ ହସ୍ତି କର୍ଣ୍ଣକୁ ମାରିଲା ।
ବମନ ଦୁର୍ମୁଖ ମୁଖରୁ ରୁଧିର ବୃଷଭ ଚଳରେ ହେଲା । ୬୧ ।
ଉଗ୍ରାଷଣ ଉଗ୍ରାଷଣ କରନ୍ତେ କରବାଳେ ଯୁକ୍ତ କରି ।
ଛେଦିଲା ଅମିତ୍ର ମିତ୍ରଘ୍ନଙ୍କର ସଙ୍କୋଚବାଂତ ଛନ୍ଦର । ୬୨ ।
ବର୍ଣ୍ଣନାପ୍ତ ନୟନରେ କ କହିବା ସୂର୍ଯ୍ୟ ନାଶ ସବ ହତ ।
ଉଂଶବାହାର ବାହାର ଦେଖି ଗର୍ବ ଲୋକତ ଏ ଅଲୋକତ । ୬୩ ।

---

୬୦ ତମ ପଦ:—ବଂଶ—ବାଉଁଶ ।

୬୧ ତମ ପଦ:—ବନଧବ—ସିଂହ । ଶତବଳ—ଅସଂଖ୍ୟ ସୈନ୍ୟ । ବୃଷଭ ଚଳରେ—ବୃଷଭର ସୃଙ୍ଗାରେ ।

୬୨ତମ ପଦ:—ଉଗ୍ରାଷଣ—ଭୟଙ୍କର । କରବାଳେ—କେଶ ହସ୍ତରେ କରବାଳେ—ଖଡ୍ଗରେ । ଅମିତ୍ର—ଶତ୍ରୁ । ସଙ୍କୋଚବାଂତ—ଜଉତା । ଛନ୍ଦ—ଫାନ୍ଦ, ଗଣ୍ଠି ।

---

୬୦ତମ ପଦ:—ଦ୍ୱିବିଦ କପି ସିଂହନାଦ ରାକ୍ଷସର ମୃତ୍ୟୁର ଉପାୟ ପାଞ୍ଚ ବାଉଁଶକୁ ଦୁଇଫାଳ କଲା ପ୍ରାପ୍ତ ତାକୁ ଚିରି ଦୁଇଫାଳ କରି ଦେଲା । ପନଶୀଳ କପି ବୃକ୍ଷ ଉପରେ ରହି ପଥରସବୁ ବୃଷ୍ଟି କରିବାରୁ ଉଲ୍ଲୁକ ଦୈତ୍ୟ ବଞ୍ଚି ନ ପାରି ପ୍ରାଣତ୍ୟାଗ କଲା ।

୬୧ତମ ପଦ:—ସିଂହ ହସ୍ତୀକୁ ବିନାଶ କଲା ପ୍ରାୟ ଶତସିଂହ ପରାକ୍ରମୀ ଶତବଳ ହସ୍ତୀ କର୍ଣ୍ଣ ରାକ୍ଷସକୁ ବିନାଶ କଲା । ବୃଷଭ କପିର ସୃଙ୍ଗାରେ ଦୁର୍ମୁଖ ଦୈତ୍ୟର ମୁଖରୁ ରକ୍ତ ବାନ୍ତି ହୋଇଗଲା ।

୬୨ତମ ପଦ:—ଉଗ୍ରାଷଣ ଅତି ଭୟଙ୍କର ଖଡ୍ଗକୁ ଏକ ହସ୍ତରେ ଓ ମିତ୍ରଘ୍ନ ଅସୁରର କେଶକୁ ଅନ୍ୟ ହସ୍ତରେ ଧରି ତାକୁ ଶତ୍ରୁ ମନେକରି କାଠରେ ଜଉତା ପଡ଼ିଥିବା ନ୍ୟାୟ କାଟି ପକାଇଲା ।

୬୩ତମ ପଦ:—ସବଣର ସୂର୍ଯ୍ୟ ନାଶ ହେଉଥିଲେ ସମସ୍ତେ ମଲେ;—ତାହା ଭଲଭାବେ ବୁଝାଇ ବର୍ଣ୍ଣନା କରି ହେବ ନାହିଁ । ରାବଣ ଏହି ଅଲୋକିତ ଘଟଣା ଦେଖିବାରୁ ତାହାର ମନରେ ଥିବା ଗର୍ବ ଦୂର ହେଲା ।

ବିଧାତା ଛୁଡ଼ିଲା ଏଥର ଏ ଥର ଉପୁଜିଲା ତା ଅଙ୍ଗେ ।
ବସ୍ୟରେ ତ୍ରିଜଗତପୁର ପୁରସ୍କାର ଉଦବେଶୁ କେ ଥିଲା ସଙ୍ଗେ ? ୭୪ ।
ବୃତ୍ର ନମୁଚି ସମର ଭୁଜ କରି ତ୍ରିପୁରେ କାହିଁ ସହଜ ।
ବଜ୍ର ଅନ୍ଧକରେ ସମସ୍ତ ଲୋକରେ ବନ୍ଧା ଯା କଲା ନାରାଚ । ୭୫ ।
ଭୁଅର୍ଥ ନୋହେ ଏ ଦ୍ୱି ଅର୍ଥ ଭାବନା ଶକ୍ର ହର ଅନୁସାରେ ।
ତତ୍‌କ୍ଷଣେ ରାମ ଲକ୍ଷ୍ମଣ ସୁଗ୍ରୀବ ସେନାଙ୍କ ଯୁଦ୍ଧେ ଏକାରେ । ୭୬ ।

---

୭୫ତମ ପଦ:—ବୃତ୍ର—ରାକ୍ଷସବିଶେଷ । ନମୁଚି—ରାକ୍ଷସବିଶେଷ । ଅନ୍ଧକରେ—ଅନ୍ଧାରରେ । ନାରାଚ—ଶର । ତ୍ରିପୁର—ତିନିପୁର ( ସ୍ୱର୍ଗ, ମର୍ତ୍ତ୍ୟ ପାତାଳ, ରାକ୍ଷସବିଶେଷ ।

୭୬ତମ ପଦ:—ଭୁଅର୍ଥ—ନିରର୍ଥକ । ଶକ୍ର—ଇନ୍ଦ୍ର । ହର—ମହାଦେବ ।

---

୭୪ତମ ପଦ:—ସେତେବେଳେ ରାବଣ ମନ ମଧ୍ୟରେ ବିଚାରକଲା, "ଏଥର ମୋତେ ବିଧାତା ଛାଡ଼ିଲା ।" ଏହା ଭାବିଲାକ୍ଷଣି ତାହାର ଦେହ ଥରି ଉଠିଲା । ଦେହରେ ତାହା ମନରେ ପରିବର୍ତ୍ତନ ଆସି ଯିବାରୁ ପୁଣି ଭାବିଲା, "ତ୍ରିଜଗତ ପୁରରେ ମୋର ଯଶ ବିଖ୍ୟାତ ହେବାବେଳେ ମୁଁ ଚତୁର୍ଦ୍ଦଶପୁର ଜୟ କଲାବେଳେ ପୂର୍ବ ନାଶ କିଏ ମୋ ସଙ୍ଗତରେ ଥିଲା କି ? ମୁଁ ସେତେବେଳେ ଏକାକୀ ଏତେ ପୁର ଜୟ କରିଥିଲି, ବର୍ତ୍ତମାନ ନରବାନରଙ୍କୁ କଣ ପାରିବି ନାହିଁ ? )"

୭୫ତମ ପଦ:—ରାବଣ ଏହା ଭାବି ଏକାବେଳକେ ସମସ୍ତଙ୍କୁ ଲୌହ ମଯୁଖର ବାନ୍ଧିଲା; ତହିଁରେ ଚତୁର୍ଦ୍ଦିଗ ଅନ୍ଧକାରମୟ ହୋଇଗଲା । ବୃତ୍ରାସୁର; ନମୁଚି, ତ୍ରିପୁର ଓ ଅନ୍ଧକ ଅସୁର ଯୁଦ୍ଧ କଲାବେଳେ ଯେ ତେଜ ଦେଖାଇଥିଲେ, ରାବଣର ଏ ଯୁଦ୍ଧ ସମୟର ତେଜ ତାକୁ ତୁଚ୍ଛ କରି ଦେଲା । ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ତା ସମାନ ଆଉ କିଏ ଅଛି ? ( ବୃତ୍ର ଓ ନମୁଚି ଇନ୍ଦ୍ର ସହିତ ଏବଂ ତ୍ରିପୁରାସୁର ଓ ଅନ୍ଧକ ମହାଦେବଙ୍କ ସହିତ ଯୁଦ୍ଧ କରିଥିଲେ ) ।

୭୦ତମ ପଦ:—ଏ ଯେଉଁ ଦୁଇ ଅର୍ଥର ଭାବନା କରାଗଲା; ଅର୍ଥାତ୍ ଇନ୍ଦ୍ର ଓ ଶିବଙ୍କର ଅସୁରମାନଙ୍କ ସହିତ ଯୁଦ୍ଧର ତୁଳନା କରାଗଲା, ତାହା ବ୍ୟର୍ଥ ନୁହେ । କାରଣ ଏକାକୀ ରାବଣ ବିଭୀଷଣ, ରାମ, ଲକ୍ଷ୍ମଣ, ସୁଗ୍ରୀବ ପ୍ରଭୃତି ବୀରମାନଙ୍କ ସହିତ ଯୁଦ୍ଧ ଅଛି । ( ବୃତ୍ର ଓ ନମୁଚିଙ୍କ ସଙ୍ଗେ ଇନ୍ଦ୍ର ଏକାକୀ ଏବଂ ତ୍ରିପୁର ଓ ଅନ୍ଧକ ସଙ୍ଗେ ମହାଦେବ ଏକାକୀ ଯୁଦ୍ଧ କଲା ପରି ରାବଣ ଏକାକୀ ରାମଙ୍କ ସୈନ୍ୟସହ ଯୁଦ୍ଧକଲା ) ।

ବର୍ଣ୍ଣି ଶାରଙ୍ଗ ମନୋହୋଜ୍ଜ୍ୱଳ ଛବିରେ ସ୍ଥିର ବିମାନ ଧରରେ ।
ବିଟପୀ ସ୍ପର୍ଶନ ଶରାବଲମ୍ବନ ସଦା ବିଳସେ ନଭରେ ।୭୭।
ବଦନ ଦଶ ଭିନ୍ନ ଭିନ୍ନ ଏକାଙ୍ଗ ଦଣ୍ଡଧରପାଳ କି ସେ ।
ବଜ୍ର ମୁଦ୍‌ଗର ଦଣ୍ଡ ଖଡ୍‌ଗ ପାଶ ସେ ଗଦା ଚକ୍ର ଶୂଳ ପେଷେ ।୭୮।
ବର ଦାନରେ କୁଶଳ ଫୁଫୁକାର ସ୍ୱନ କରଇ ନିରନ୍ତ ।
ବହୁନେତ୍ର ତେଜ ସ୍ୱୟଂ କାଳମୟ ପୁଣ୍ୟଜନ ସାରସ୍ୱତ । ୭୯ ।

---

୭୭ ତମ ପଦ:—ଶାରଙ୍ଗ-ମେଘ, ଚାତକପକ୍ଷୀ । ଧରରେ-ପର୍ବତରେ । ବିଟପୀ—ବୃକ୍ଷ, ବେଶ୍ୟା । ଶରାବଲମ୍ବନ—ଜଳାଶ୍ରୟ, ଶରାଶ୍ରୟ । ନଭରେ—ଆକାଶରେ ।

୭୯ତମ ପଦ:—ଦାନ-ଛେଦନ । ନିରନ୍ତ — ସର୍ବଦା । ବହୁନେତ୍ର-ଇନ୍ଦ୍ର, କାଳମୟ — ଯମସଦୃଶ । ପୁଣ୍ୟଜନ — ରାକ୍ଷସ, ନୈର୍‌ଋତ ।

---

୭୭ତମ ପଦ—ଯେପରି ମେଘ ଉଜ୍ଜ୍ୱଳ ଛବି ଧରି ପର୍ବତ ଉପରେ ସ୍ଥିର ଭାବରେ ରହିଥାଏ ( ବର୍ଷାଦିନେ ପର୍ବତ ଉପରେ ମେଘମାନେ ବିଚରଣ କରୁଥାନ୍ତି ); ବୃକ୍ଷମାନଙ୍କୁ ସ୍ପର୍ଶ କରି ଜଳର ଆଶ୍ରୟରେ ରହି ସର୍ବଦା ଗଗନରେ କ୍ରୀଡ଼ା କରୁଥାଏ' ରାବଣ ସେହିପରି ନିଜର ପ୍ରଚଣ୍ଡ ତେଜ ପ୍ରକାଶ କରି ପୁଷ୍ପକ ବିମାନରେ ସ୍ଥିର ଭାବରେ ରହି ସ୍ୱର୍ଗର ରମ୍ଭାଆଦି ଅପ୍‌ସରାଙ୍କୁ ସ୍ପର୍ଶ କରି ହସ୍ତରେ ଧନୁଶର ଧାରଣ ପୂର୍ବକ ସର୍ବତୋଭାବରେ ଆକାଶରେ ବିହାର କରୁଅଛି । ( ବ୍ୟଙ୍ଗ୍ୟାର୍ଥ—'ଶାରଙ୍ଗ' ଚାତକ ପକ୍ଷୀ 'କନ୍ଦର୍ପ ରସର ଛବିରେ ପ୍ରବୃତ୍ତ' କାମାତୁର ହୋଇ — ଘନ ଜଳ ବିନା ଅନ୍ୟ ଜଳକୁ ପାନ କରିବ ନାହିଁ; ଏହି ଅଭିମାନକୁ ବହି ବୃକ୍ଷମାନଙ୍କ ଆଶ୍ରୟରେ ରହିଥାଏ । )

୭୮ତମ ପଦ—ରାବଣର ଦଶଟା ମୁଖ ଏକ ଅଙ୍ଗରେ ଥିବାରୁ ସେ ଦଣ୍ଡଧରପାଳ ସଦୃଶ ହୋଇଅଛି, ପୁଣି ବିଂଶ ହସ୍ତ ଥିବାରୁ ବଜ୍ର, ମୁଦ୍‌ଗର, ଦଣ୍ଡ, ଖଡ୍‌ଗ, ପାଶ ଗଦା ଶୂଳ ଇତ୍ୟାଦି ଅସ୍ତ୍ର ସେମାନଙ୍କୁ ଏକାବେଳକେ ମାରୁଅଛି । ( ଦଣ୍ଡଧରପାଳ ଏକତ୍ରିତ ହୋଇ ରାବଣ ରୂପ ଧରି ଅଛନ୍ତି କି ? )

୭୯ତମ ପଦ—ରାବଣ 'ବରଦାନରେ' ସମ୍ମୁଖ ସଂଗ୍ରାମରେ ଛେଦନ କରିବା ପାଇଁ ସମର୍ଥ ଥିବାରୁ 'ବର ଦାନରେ' ଇପ୍‌ସିତ ବସ୍ତୁ ପ୍ରଦାନ କରିବାରେ କୁଶଳ ବ୍ରହ୍ମାଙ୍କ ସଦୃଶ, ସର୍ବଦା ଫୁଫୁକାର ଧ୍ୱନି କରୁ ଥିବାରୁ ଫୁଫୁକାର ଶବ୍ଦ କରୁଥିବା ଅନନ୍ତଙ୍କ ତୁଲ୍ୟ, ବହୁନେତ୍ର ବହି ଥିବାରୁ ବହୁନେତ୍ର ଯୁକ୍ତ ଇନ୍ଦ୍ର ସମ, ପ୍ରଖର ଭାବରେ ତେଜସ୍ୱୀନ୍ ହୋଇଥିବାରୁ ତେଜୋବନ୍ତ ଅଗ୍ନି ତୁଲ୍ୟ, କୃଷ୍ଣକାୟ ହୋଇଥିବାରୁ ଯମ ସମାନ ଏବଂ ରାକ୍ଷସଶ୍ରେଷ୍ଠ ଥିବାରୁ ନୈର୍‌ଋତ ତୁଲ୍ୟ ହୋଇଅଛି ।

ବାର୍ଦ୍ଧିମଧ୍ୟସ୍ଥ ସଦାଗତି ପୁଷ୍ପକଆରୋହୀ ଭ୍ରମଣକାନ୍ତ ।
ବିଭାତି ଯାର ବ୍ରହ୍ମଲୋକେ ପ୍ରଜ୍ୱଳ ଅଧୋଭୁବନେ ଉଦିତ ।୭୦।
ବାଳି ଅନୁଜ ତନୁଜରେ ଦନୁଜ ବାଜିବୁଦ୍ଧି ଉପୁଯାଇ ।
ବିଗୁରେ ଘୋଟକ ସେ ବେନି ମାନସ ଷ ଭେଦେ ମସ୍ତାଣ ମୁହିଁ ।୭୧।
ବଦିତ କରାଇ ଶରଭର ପ୍ରଭା କେଶରୀ ତନୟ ତହିଁ ।
ବିରାବ କରେ ଆଷାଢ଼ ମେଘୁଁ ଠାଣେ ଘୋଟି ନିରନ୍ତରେ ସେହି ।୭୨।

---

୭୦ତମ ପଦ — ସଦାଗତି — ବାୟୁ । ପୁଷ୍ପକଆରୋହୀ — କୁବେର । ଭ୍ରମଣକାନ୍ତ — ଅତିଶୟ ପରିକ୍ରମଶାଳୀ । ବିଭାତି — ତେଜ । ଅଧୋଭୁବନ — ପାତାଳ ।

୭୧ତମ ପଦ — ବାଳି ତନୁଜ — ସୁଗ୍ରୀବ । ବାଳି-ତନୁଜ — ଅଙ୍ଗଦ । ଦନୁଜ — ରାକ୍ଷସ ( ରାବଣ ) । ବାଜିବୁଦ୍ଧି-ଘୋଡ଼ାଛୁଆ ଭାବ । ମସ୍ତାଣ-ରାଜା ।

୭୨ତମ ପଦ — ଶରଭର — ଶରଭଶୋଷ, ଅଷ୍ଟପାଦବିଶିଷ୍ଟ ମୃଗର — କେଶରୀତନୟ ହନୁମାନ, ସିଂହଛୁଆ । ବିରାବ ଭୟଙ୍କର ଧ୍ୱନି ।

---

୭୦ତମ ପଦ—ପୁଣି ସମୁଦ୍ର ମଧ୍ୟରେ ଥିବାରୁ ବରୁଣ ସମ, ସତତ ଗତି କରୁଥିବାରୁ ବାୟୁତୁଲ୍ୟ, ପୁଷ୍ପକ ବିମାନ ଆରୋହଣ କରିଥିବାରୁ କୁବେର ତୁଲ୍ୟ, ଭୟଙ୍କର ପରିକ୍ରମୀ ଥିବାରୁ ଈଶାନ ତୁଲ୍ୟ ପ୍ରଧାୟୁମା ହୋଇଅଛି । ବ୍ରହ୍ମଲୋକରେ ଉଜ୍ଜ୍ୱଳ ତେଜ ପ୍ରକାଶିତ ହୋଇଥିବା ଯୋଗୁଁ ବ୍ରହ୍ମା ସଦୃଶ, ପାତାଳ ବିଜୟ କରିଥିବା ହେତୁ ଅନନ୍ତ ସଦୃଶ ଅଟେ । ( ଏହିପରି ଦଶଦିଗପାଳ ଏକ ଅଙ୍ଗରେ ବିରାଜମାନ କରିଅଛନ୍ତି ) ।

୭୧ତମ ପଦ—ରାବଣ ବାଳିଅନୁଜ ସୁଗ୍ରୀବ ଓ ବାଳିତନୁଜ ଅଙ୍ଗଦଠାରେ ଘୋଡ଼ାଛୁଆ ଭାବ ଉପୁଜାଇ ମନରେ ବିଚାର କଲା "ଏ ଦୁହେଁ ଘୋଡ଼ାଛୁଆ ପ୍ରାୟ ଅଟନ୍ତି । ମୁଁ 'ମସ୍ତାଣ, ରକାର ଷକାର ଭେଦରେ-ମଇଁଷି ହେଲି ( ମଇଁଷି ଘୋଡ଼ାକୁ ବିନାଶ କଲା ପରି ମୁଁ ଏମାନଙ୍କୁ ବିନାଶ କରିବି ।"

୭୨ତମ ପଦ—ସେ ରାବଣ ଚତୁର୍ଦ୍ଦିଗରେ ବର୍ଷା ରତୁ ଆଷାଢ଼ ମାସର ମେଘ ଗର୍ଜନଠାରୁ ବଳି ଅନବରତ ଗର୍ଜନ କରି ସିଂହ ଶାବକକୁ ଅଷ୍ଟପଦ ମୃଗ ଯେପରି ଭୟ ପ୍ରଦାନ କରିଥାଏ; ସେହିପରି ହନୁମାନକୁ ଶବ୍ଦାଘାତରେ ଭୀତ କରାଇ ଦେଲା ।

ସଂଖୋନ୍ତ କରେ ସବୁ ସେନାପତିରେ ସ୍ଥାବବୁଦ୍ଧି ଧରଷଣେ ।
ବଜ୍ରଦୁର୍ଗ ପ୍ରାୟ ସେନାମାନେ ବେଷ୍ଟିତ ହୋଇଛନ୍ତି ଅନୁକ୍ଷଣେ । ୭୩ ।
ବାରି ନୋହିଲା ପ୍ରଚୁର ନିଶାମୟ ମମାଶୀ ସେ ନିଶାଚର ।
ବିଶୀର୍ଣ୍ଣ ସରଧି ଶରଧି ଅଭୁଠ କାଣ୍ଡ କାଣ୍ଡ ଉଲ୍ଲୋଳର । ୭୪ ।
ବିଶେଷ ଜ୍ୟାଘୋଷେ ଜ୍ୟା ପୂର୍ଣ୍ଣସଙ୍କେତ ନିକେତନ କରି ରହି ।
ବିମାନତଳେ ବିଭୀଷଣ ଭୀଷଣ ଦସ୍ୟୁସ୍ୱଭାବକୁ କହି । ୭୫ ।
ବିଚେତ ହେଲା ଲଙ୍କାରାଜେ ନ ରାଜେ ବାହୁ ଛେଦିବାକୁ ତାର ।
ବାହୁ ବାହୁଙ୍କାଇଁ ବନ୍ଦନ ସ୍ପନ୍ଦନ କାରନାମା ମନ୍ତ୍ରିବର । ୭୬ ।

---

୭୩ତମ ପଦ:—ସ୍ଥାବବୁଦ୍ଧି—ପିମ୍ପୁଡ଼ି ପରି ଭାବ । ଧରଷଣେ—ଦଳପକାଏ । ବଜ୍ରଦୁର୍ଗ—ଦୁର୍ଜୟଗଡ଼ । ଅନୁକ୍ଷଣେ—ସର୍ବଦା ।

୭୪ତମ ପଦ:—ବାରି—ଜଳ । ମମାଶୀ—ଈଶ୍ୱର । ସରଧି—ସମୁଦ୍ର ଶରଧି—ତୂଣୀର । ଅଭୁଠ—ପୂର୍ଣ୍ଣ । କାଣ୍ଡ—ଜଳ । କାଣ୍ଡ—ଶର । ଉଲ୍ଲୋଳ—ତରଙ୍ଗ ।

୭୫ତମ ପଦ:—ଜ୍ୟା—ଧନୁର୍ଗୁଣ । ଜ୍ୟା—ପୃଥିବୀ । ନିକେତନ—ଗୃହ । ଦସ୍ୟୁସ୍ୱଭାବ—ଚୋରପ୍ରକୃତି ।

---

୭୩ତମ ପଦ:—'ମୁଁ ଦୁର୍ଜୟ ବଜ୍ରଦୁର୍ଗ ପ୍ରାୟ ଅଜେୟ ଅଟେ'—ଏହା ଭାବି ରାବଣ ତାର ଚତୁଃପାର୍ଶ୍ୱରେ ବେଢ଼ି ରହିଥିବା ଶତ୍ରୁ ସେନାପତିମାନେ ପିମ୍ପୁଡ଼ି ଧାଡ଼ି ବୋଲି ମନେ କରି ଦଳି ପକାଇଲା । ( ପିମ୍ପୁଡ଼ିଧାଡ଼ି ଦଳିବାକୁ ଯେପରି ଆୟାସ ଲାଗେ ନାହିଁ, ସେହିପରି ଶତ୍ରୁସୈନ୍ୟଙ୍କୁ ଅନାୟାସରେ ମାରି ପକାଇଲା ) ।

୭୪ତମ ପଦ:—ସେହି ନିଶାଚର ରାବଣମାୟା ବଳରେ ଯୁଦ୍ଧକ୍ଷେତ୍ରକୁ ରାତ୍ରି ପ୍ରାପ୍ତ କରିପକାଇଲା । ତେଣୁ ରାମଲକ୍ଷ୍ମଣଙ୍କୁ ଶାନ୍ତି ହେଲା ନାହିଁ । ଅସରନ୍ତି ଜଳ ପୂର୍ଣ୍ଣ ସମୁଦ୍ରରେ ଲହଡ଼ି ଉଠିଲା ପରି ରାବଣର ପ୍ରଚୁର କାଣ୍ଡପୂର୍ଣ୍ଣ ତୂଣୀରରୁ ଅନବରତ ଶର ନିକ୍ଷିପ୍ତହେବାରୁ ତାହା ଶୂନ୍ୟ ହୋଇଗଲା । ( ରାବଣ ଅନବରତ ଶର ମାରି ମାରି ତୂଣୀର ଖାଲି କରି ଦେଲା ) ।

୭୫,୭୬ତମ ପଦ:—ରାବଣ ବାରମ୍ବାର ଧନୁ ଟଙ୍କାର କରି ପୃଥିବୀକୁ ଧନୁ ଶବ୍ଦରେ ପୂର୍ଣ୍ଣକରି ଦେଲା । ବିଭୀଷଣ ସେହି କାଳରେ ରାବଣକୁ ରାତ୍ରି ପ୍ରାପ୍ତ ଦେଖି ତାର 'ସଙ୍କେତ' ଧନୁଟଙ୍କାର ଶବ୍ଦକୁ ଲକ୍ଷ୍ୟ କରିସେହି ଦିଗକୁ ଗଲା ଏବଂ ସ୍ୱବଳରେ ରଥ ତଳକୁ ଗୃହ ମନେ କରି ଭୟଙ୍କର ଦସ୍ୟୁପ୍ରାୟ ହୋଇ ସେଠାରେ ଗୁପ୍ତ ଭାବରେ ରହିଲା । ସୁଯୋଗ ଦେଖି ଗୋଟିଏ ଲୌହମୟ ଶରରେ ରାବଣକୁ

ବସେ ଜ୍ଞାନବଶେ ଭଷେ ସଚିବରେ ଶଚୀବରେ ମୁଁ ଅଜେୟ ।
ବେଗେ ଦାଶରଥି ସନ୍ନିଧିକି ନିଧିପତି-ବିମାନକୁ ନିଅ । ୭୭ ।
ବୋଲେ ମୂର୍ଚ୍ଛିତ କୁଣ୍ଠିତଶରେ, କ୍ଷିତିକ୍ଷିତତେ ବିଭୀଷଣେ ।
ବିଶ୍ୱ ତମମୟ ହେବା ଅରାତିରେ ଏ ଦର କରଇ ଦୂର । ୭୮ ।
ବିହ ଯୁଦ୍ଧ ଯେତେ ମନୋରଥ ରଥ ଟେକିଲା ଏମନ୍ତ କହି ।
ବିନ୍ଧେ କୋଟି କୋଟି ଶାୟକ ଶାୟକ ମସ୍ତକପରେ ବୁଲାଇ । ୭୯ ।
ବିଶିଷ୍ଟ ସୈନ୍ୟଗଣର ଗଣନା କି ଏକ ମାର୍ଗଣରେ ଛେଦ ।
ବିରାବ ରାବଣ କରଇ ନିଷ୍କପି କରିବ ଆଜ ସମ୍ପାଦ । ୮୦ ।

---

୭୭ତମ ପଦ:—ନିଧିପତିବିମାନକୁ—କୁବେରଙ୍କ ଯାନକୁ ।

୭୮ତମ ପଦ:—କ୍ଷିତିକ୍ଷିତ—ରାଜା । ତମମୟ-ଅନ୍ଧକାରମୟ । ଅରାତି—ଶତ୍ରୁ । ଦର—ଭୟ

୮୦ତମ ପଦ:—ମାର୍ଗଣ—ଶର । ବିରାବ—ଉଚ୍ଚଧ୍ୱନି । ନିଷ୍କପି—ମର୍କଟଶୂନ୍ୟ ।

---

ନିକ୍ଷେପକରି ପକାଇଲା । ତତ୍ପରେ ତାହାର ବାହୁମାନଙ୍କୁ ଛେଦନ କରିବାକୁ ଅଗ୍ରସର ହୁଅନ୍ତେ ଶୁକ୍ର ନାମକ ଶ୍ରେଷ୍ଠ ମନ୍ତ୍ରୀ ପୁଷ୍ପକରଥକୁ ଫେରାଇ ନେଇ ଗଲା । ପଥରେ ରାବଣ ଚେତା ପାଇ ଉଠି ମନ୍ତ୍ରୀକୁ କହିଲା, "ମୁଁ ଇନ୍ଦ୍ରଠାରେ ଅଜେୟ ( ଇନ୍ଦ୍ର ମୋତେ ଯୁଦ୍ଧରେ ହାରେ ନାହିଁ, ତୁମେ ରାମଚନ୍ଦ୍ରଙ୍କୁ ଡରି ତୁ ରଥ ଫେରାଇ ଆଣିଲୁ ? ) ଏବେ ରାମ ନିକଟକୁ ଶୀଘ୍ର ଏହି କୁବେର ବିମାନ ( ପୁଷ୍ପକ ଯାନ)କୁ ନିଅ ।"

୭୮ତମ ପଦ:—ରାବଣର ଏହି କ୍ରୋଧଯୁକ୍ତ ବଚନଶୁଣି ମନ୍ତ୍ରୀ କହିଲା "ହେ ପୃଥ୍ୱୀପତେ ! ତୁମ୍ଭେ ବିଭୀଷଣର କୁଣ୍ଠିତ ଶରରେ ମୂର୍ଚ୍ଛିତ ହୋଇଥିଲ ଏବଂ ବିଶ୍ୱ ବଡ଼ ଅନ୍ଧକାରମୟ ହୋଇ ଥିବାରୁ ଶତ୍ରୁଠାରେ ମୋର ଭୟ ଜାତ ହେଲା, ତେଣୁ ତୁମ୍ଭଙ୍କୁ ଦୂରକୁ ନେଇ ଆସିଲି ।

୭୯ତମ ପଦ:— 'ହେ ପ୍ରଭୋ ! ଏବେ ଯେତେ ମନ ଇଚ୍ଛା ସେତେ ଯୁଦ୍ଧ କର ।" ଏହା କହି ମନ୍ତ୍ରୀ ରାମଙ୍କ ନିକଟକୁ ରଥ ବାହି ନେଲା । ଯୁଦ୍ଧକ୍ଷେତ୍ରରେ ରାବଣ ମସ୍ତକ ଉପରେ ଖଡ଼୍ଗ ଘୁରାଇ କୋଟି କୋଟି ଶର ବିନ୍ଧିବାକୁ ଲାଗିଲା ।

୮୦ତମ ପଦ:—ରାବଣ ଅଗଣିତ ପ୍ରଧାନ କପି ସେନାମାନଙ୍କୁ ଗୋଟିଏ ଶରରେ ଛେଦ ପକାଇଲା ଏବଂ ଭୟଙ୍କର ଗର୍ଜନ କରି କହିଲା, "ଆଜି ସମସ୍ତ କପିଙ୍କୁ ଖୋଜି ଖୋଜି ବିନାଶ କରିବି, ଗୋଟିଏ ସୁଦ୍ଧା ରଖିବି ନାହିଁ ।"

ବୋଇଲେ କୋଦଣ୍ଡଧର ଦଣ୍ଡଧରପୁରକୁ ଯିବା ନିକଟ ।
କାନନରେ ସାଦରେ ପାଦରେ ମର୍ଦ୍ଦିବେ ତୋ ଶିର ରତ୍ନମୁକୁଟ ।୮୧।
ବଧୂ ବନ୍ଧୁଧପତି ବୁଧ ବୁଦ୍ଧିରେ ବିଧିରେ ବିଧୀରେ କଥା ।
ବନ୍ଧ ମତ୍ସ୍ୟ ଯଥା ଧୀବର ନାବରେ ରଥେ ଲଙ୍କପତି ତଥା ।୮୨।
ବାତୂଳ ପ୍ରସ୍ତର ବ୍ୟୋମବୃଷ୍ଟି ଖଗେ ପତ୍ରି ଗତକର ଯଥା ।
ଭବରେ ମାଶ୍ୱରମାଶ୍ୱ ଚରଣରେ ଆମ୍ଭପାଇଁ ପାଇ ବ୍ୟଥା ।୮୩।
ଭନସ୍ତେ ଅନାଇଁ ସେ ଲସ୍ତେ ମଣାଇ କହି ନନ୍ଦୀ ସନ୍ନିଧିକୁ ।
ବସାଇ ଚକ୍ରରେ ରସ ଇ ବନ୍ଦିଲେ ସେ ସର୍ଜ୍ଜନ ଗର୍ଜ୍ଜନକୁ ।୮୪।

---

୮୧ତମ ପଦ:—ଦଣ୍ଡଧର ପୁରକୁ—ଯମଭୁବନକୁ ।

୮୨ତମ ପଦ:—ବଧୂ-ବନ୍ଧୁ । ବନ୍ଧୁଧପତି—ଇନ୍ଦ୍ର । ବୁଧ—ପଣ୍ଡିତ ବିଧି-ବ୍ରହ୍ମା । ବିଧୀରେ-ଅତି ଧୀର ଭାବରେ । ଧୀବର କେଉଟ ।

୮୩ତମ ପଦ:—ବ୍ୟୋମବୃଷ୍ଟି-ଆକାଶଦ୍ୱାରା । ଖଗେ—ପକ୍ଷିମାନେ । ପତ୍ରି—ଶର । ମାଶ୍ୱରମାଶ୍ୱ—ମାଶ୍ୱରପନ୍ତି ରାମଚନ୍ଦ୍ର ।

୮୪ତମ ପଦ:—ଲସ୍ତେ-ଧ୍ୟାନରେ । ମଣାଇ-ବୁଝାଇ ।

---

୮୧ତମ ପଦ:—ରାବଣ ପ୍ରଶ୍ନ ଶୁଣି ଧନୁର୍ଦ୍ଧାରୀ ରାମଚନ୍ଦ୍ର କହିଲେ, "ରେ ରାବଣ ! ତୋହର ଯମପୁରକୁ ଯିବା ନିକଟ ହେଲା କପିମାନେ ଆଦରର ସହିତ ତୋର ଶିର ଓ ଶିରରେ ଥିବା ରତ୍ନମୁକୁଟକୁ ଏବେ ପାଦରେ ମର୍ଦ୍ଦିବେ ।"

୮୨ତମ ପଦ:—ଇନ୍ଦ୍ର ନିଜର ପାଣ୍ଡିତ୍ୟ ବଳରେ ବିଧାତାଙ୍କ ସଙ୍ଗେ ଅତି ଧୀର ସ୍ଥିର ଭାବରେ ଏହିପରି କଥାବାର୍ତ୍ତା ହେଲେ, "କେଉଟମାନେ ଯେପରି ନୌକା ଉପରେ ବସି ତେଣ୍ଟା ପ୍ରୟୋଗକରି ମାଛମାନଙ୍କୁ ବିନାଶ କରନ୍ତି, ରାବଣ ସେହିପରି ପୁଷ୍ପକ ରଥରେ ବସି ରାମଙ୍କ ସୈନ୍ୟମାନଙ୍କୁ ଶର ଦ୍ୱାରା ବିନାଶ କରୁଅଛି ।"

୮୩ତମ ପଦ:—"ଯେପରି ଆକାଶଦ୍ୱାରା ପକ୍ଷୀମାନଙ୍କ ଭୂମିରେ ରହି ବାତୂଳ ପ୍ରୟୋଗ କଲେ ଲକ୍ଷ୍ୟ ଠିକ୍ ରହେ ନାହିଁ । ସେହିପରି ରାମଚନ୍ଦ୍ର ରାବଣ ପ୍ରତି ବହୁଶର ନିକ୍ଷେପ କଲେ ମଧ୍ୟ ତାହା ବ୍ୟର୍ଥ ହେଉଅଛି ( ରାବଣ ଥିବାରୁ ଭୂମିରେ ରହି ଯୁଦ୍ଧ କରୁଥିବା ରାମଚନ୍ଦ୍ରଙ୍କ ଲକ୍ଷ୍ୟ ବ୍ୟର୍ଥ ହେଉଅଛି ) ମାଶ୍ୱରମାଶ୍ୱ ରାମଚନ୍ଦ୍ର ଆମ୍ଭମାନଙ୍କ ପାଇଁ ଏତେ ବ୍ୟଥା ପାଇ ଚରଣରେ ଭୂମି ଯୁଦ୍ଧ କରୁଅଛନ୍ତି ( ତେଣୁ ତାଙ୍କୁ ସାହାଯ୍ୟ ଦେବା ଆମ୍ଭର ଉଚିତ ) ।"

୮୪ତମ ପଦ:—ତତପରେ ଇନ୍ଦ୍ର ନନ୍ଦିଙ୍କୁ ନିକଟକୁ ଡାକି ବିନୟ ପ୍ରକାଶ ପୂର୍ବକ ତାଙ୍କ ମନ ମନାଇଲେ ଏବଂ ଭୟଙ୍କର ଶବ୍ଦ ପ୍ରକାଶ କରିବା ନିମିତ୍ତ ତାଙ୍କୁ ରଥର ଚକ୍ରରେ ବସାଇ ନାନା ପ୍ରକାର ସ୍ତୁତି କଲେ ( ରଥ ଚାଳନ ସମୟରେ ନନ୍ଦୀ ଗର୍ଜ୍ଜନ କରିବା ଦ୍ୱାରା ରଥର ନାମ ନନ୍ଦିଘୋଷ ହୋଇଅଛି ।

—○—

ବାହ-ତୂଣୀର-ବାସ ବୋଲି ବାସବ ସୁସୂତେ କହେ ଭାରତୀ ।
ବସି ବଶୀଭୂତ ଅମର୍ତ୍ତ୍ୟପାଣଙ୍କୁ ନବଇଲା ମର୍ତ୍ତ୍ୟଗତ ।୮୫।
ବନ୍ଧୁର ପାଣଜନ ଭମ ରଞ୍ଜନ ରଜଘର କାଢ ଜ୍ୟୋତି ।
ବର୍ଣ୍ଣନ ପଞ୍ଚଭାଷାରେ ଭୂଷି କବେ ସୂକ୍ତ ରଥବନ୍ଧ ରୀତି ।୮୬।
ରଥବନ୍ଧ:—ଭର୍ଯ୍ୟ ରମ୍ୟ ଓକ ଚୀର ଚଳଇତ ଭୂଷାଗବତ ଉନ୍ନତ ।
ବସ୍ତୁ ଲଭ୍ୟ ଶୁଭ ଅନଦ୍ଧତ ଶଶୀ ପ୍ରଭା ସାବସ୍ତର ନତ୍ୟ ।୮୭।
ବଯୋଷକାଶ୍ରୟା ପ୍ରଲଘୁତନତ ହେବ ଖସି ପ୍ରଭାନଙ୍କ ।
ବିନାସ୍ୱକମାନ୍ୟ ତାପସଂହରକ ଉଦୟକ ସମରଙ୍କୁ ।୮୮।

୮୫ତମ ପଦ:—ବାହ-ଶୋଷକ । ତୂଣୀର ଶରପ୍ରକ୍ଷେପ । ବାସ—ସ୍ଥାନ । ସୁସୂତେ-ଆପଣାର ସାରଥିକୁ । ଭାରତୀ-ବଚନ । ଅମର୍ତ୍ତ୍ୟପାଣଙ୍କ—ଦେବତାମାନଙ୍କ ନିକଟରୁ ।

୮୬ତମ ପଦ:—ବନ୍ଧୁର—ଅନ୍ଧକାର । ରଞ୍ଜନ—ଶୋଭାଯୁକ୍ତ ।


୮୭ତମ ପଦ:—ଭର୍ଯ୍ୟରମ୍ୟ—ମନୋହର ଭାବରେ ପ୍ରକାଶିତ । ଓକ—ସ୍ଥାନ । ଚୀର—ବସ୍ତ୍ର । ଉନ୍ନତ—ଉଚ୍ଚ । ଅନଦ୍ଧତ-କଳଙ୍କହୀନ—ଶଶୀ—ଚନ୍ଦ୍ର । ନତ୍ୟ—ସ୍ଥାୟୀ ।

୮୮ତମ ପଦ:—ବଯୋଷକାଶ୍ରୟା—ଅଦ୍ଭୁତ ନାଦକାରୀ । ପ୍ରଲଘୁ-ଅଳ୍ପ ଲଘୁ । ତନତ—ମେଘଗର୍ଜନ । ନଭ-ଆକାଶରୁ । ବିନାସ୍ୱକମାନ୍ୟ-ଗରୁଡ଼-ପୂଜ୍ୟ । ତାପସଂହାରକ—ଦୁଃଖନିବାରକ । ସମରଙ୍କୁ-ରଣକ୍ଷେତ୍ର ।

୮୫ତମ ପଦ:—ଅନନ୍ତର ସେହି ରଥକୁ ବସ୍ତ୍ରରେ ମଣ୍ଡିତ ଅସ୍ତ୍ରରେ ସଜ୍ଜିତ ଓ ନାନାବିଧ ଶରରେ ପୂର୍ଣ୍ଣକରି ଇନ୍ଦ୍ର ନିଜରସାରଥି ମାତଳିକୁ ଯୁଦ୍ଧ-କ୍ଷେତ୍ରକୁ ରଥ ନେବାକୁ ଆଦେଶ ଦେଲେ । ଇନ୍ଦ୍ରଙ୍କ ଆଜ୍ଞାନୁବର୍ତ୍ତୀ ମାତଳୀ ରଥରେ ବସି ରଥକୁ ସ୍ୱର୍ଗରୁ ମର୍ତ୍ତ୍ୟପୁରକୁ ଗତି କରାଇଲା ।

୮୬ତମ ପଦ:—ସେହି କାଳରେ ରବି ହୋଇଥିବା ଯୋଗେ ସେ ରଥ ରାମଚନ୍ଦ୍ରଙ୍କ ନିକଟରେ ପହଞ୍ଚିମଧ୍ୟ ତାଙ୍କ ଆଖିରେ ଥିବା ସୈନ୍ୟମାନଙ୍କୁ ଦେଖାଗଲା ନାହିଁ । ଏହି ପଦ ପାଞ୍ଚ ପ୍ରକାର ଅର୍ଥସୂଚକ ରଥବନ୍ଧ ରୀତିରେ ରଚିତ ହୋଇଅଛି । ହେ ରସଜ୍ଞଜନ ! ଏହାକୁ ବିଚାରକରନ୍ତୁ ।

୮୭ ଓ ୮ ତମ ପଦ:—ସକଳ ସୌନ୍ଦର୍ଯ୍ୟର ବାସସ୍ଥାନ, ପ୍ରଚଳିତ ପତାକାଶ୍ରେଣୀ ମଣ୍ଡିତ, କୈଳାସ ପର୍ବତତୁଲ୍ୟ ଉନ୍ନତ, ଶତ୍ରୁଙ୍କର ଆରୋହଣ ଉପଯୋଗୀ, ମଙ୍ଗଳଦାୟକ, ପ୍ରଶଂସ୍ୟ ଚନ୍ଦ୍ରଙ୍କ ତୁଲ୍ୟ ଶୁଭ୍ରବର୍ଣ୍ଣ ଅତି ଉଜ୍ଜ୍ୱଳ ସ୍ୱୟଂ ନମ୍ରତ, ଚିରକାଳସ୍ଥାୟୀ ନାନାବିଧ ଧ୍ୱନିକାରୀ, ଗରୁଡ଼ଠାରୁ କ୍ଷିପ୍ରଗାମୀ ସନ୍ତାପ ହରଣକାରୀ ନାଦଘୋଷ ରଥ ମେଘ ଅନାହତ ଧ୍ୱନି ପ୍ରକାଶପୂର୍ବକ କିରଣପୁଞ୍ଜ ଖସି ପଡ଼ିଲପରି ଆକାଶରୁ ଖସି ଆସି ଯୁଦ୍ଧଭୂମିରେ ପ୍ରକାଶିତ ହେଲା


ରଥବନ୍ଧ

ବ୍ୟାକୁଳେ ରାବଣ ମନ ଛନ୍ଦକାରୀ ପୁଷ୍ପକ ପୁଟର ଭ୍ରମନ୍ତେ ।
ବାମେ ଦେବସୂତ ତ୍ରିପ୍ସବାହ ଗ୍ରବ ଗ୍ରକନ ଲୀଳାରଭସ୍ସ ।୮୯।
ଭବରବର୍ଣ୍ଣେକ ଭୃଙ୍ଗସାର ଧ୍ୱଜ ଭୂରତ ବନ୍ଧୁରଚ୍ଛବ ।
ଭବଧରେ ଭୂଲ ତରୁଧର ବୃନ୍ଦ ପ୍ରକାଶେ ବନ୍ଧୁର ରବ ।୯୦।
ଭଜମି ସାରଥିବାକ୍ୟେ ଦାଶରଥି ରଥାରୋହି ବିଭୀଷଣ ।
ଭଟଲକଲ ନେତେ ନର୍ବାଣେ ଜଡ଼ିଲ ଜୟ ଭଣିଲେ ଗୀର୍ବାଣ ।୯୧।
ବୁଝ ଚିତ୍ତ ଦେଇ ଜଡ଼ିତ ଏ ଗୀତ ରଚିତ ସର୍ବ କୋବିଦେ ।
ବୋଲେ ଉପେନ୍ଦ୍ରଭଞ୍ଜ ଶେଷ ହେଲା ଛାନ୍ଦ ବୟାଳିଶ ପଦେ ।୯୨।

---

୮୯ତମ ପଦ:—ଭ୍ରମନ୍ତେ—ଭ୍ରମଣ କରନ୍ତେ । ବାମ—ଅପକ୍ଷ । ଦେବସୂତ—ମାତଳି । ବାହ—ଅଶ୍ୱ । ଲୀଳାରଭସ୍ସ—କୌତୁକ ବେଗରେ ।

୯୦ତମ ପଦ:—ଭବରବର୍ଣ୍ଣକ—ଗରୁଡ଼ ଯାହାର ବର୍ଣ୍ଣିକ୍ଷତ । ଏକ—ମୁଖ୍ୟ । ଭୃଙ୍ଗସାର—ଅଦ୍ଭୁତ । ଧ୍ୱଜ—ପତାକା । ବନ୍ଧୁରଚ୍ଛବ—ମନୋହର ଛବି । ତରୁଧର—ବାନର । ବୃନ୍ଦ—ସମୂହ । ବନ୍ଧୁର—ଅତି ମନୋହର ।

୯୧ତମ ପଦ:—ନର୍ବାଣ—ମୁକ୍ତ । ଗୀର୍ବାଣ—ଦେବତା

---

୮୯ତମ ପଦ:—ଦେବସାରଥି ମାତଳି ରାବଣୋପରେ ଶରବୃଷ୍ଟି ଆଚରଣ କରି ରଥରେ ଯୋଚ୍ଚ ଯାଇଥିବା ଶୈବ୍ୟ, ସୁଗ୍ରୀବ, ମେଘପୁଷ୍ପ ଓ ବଳାହକ ନାମକ ଘୋର ଘୋଟକଙ୍କୁ କୌତୁକରେ ସହିତ ଅତି ବେଗରେ ଚଳାଇବାରୁ ନନ୍ଦିଘୋଷ ରଥ ରାବଣର ପୁଷ୍ପକ ରଥର ଅଗ୍ରଭାଗରେ ଭ୍ରମଣ କଲା । ଏହା ଦେଖି ରାବଣ ମନରେ ଶଙ୍କା ଜାତ ହେଲା ।

୯୦ତମ ପଦ:—ଗରୁଡ଼ ଚିହ୍ନିତ ଅତି ଉଚ୍ଚ ପତାକା ମଣ୍ଡିତ ସୂର୍ଯ୍ୟଙ୍କ ତୁଲ୍ୟ କାନ୍ତିମାନ୍ ଅତି ସୁନ୍ଦର ସେହି ରଥକୁ ଦେଖି ବୃକ୍ଷହସ୍ତ ବାନରମାନେ ନାନାବିଧ ଶଙ୍କା କରିବାକୁ ଲାଗିଲେ ( ଅଥବା ସମସ୍ତ ପ୍ରକାର ଚିନ୍ତା ପରିତ୍ୟାଗ କଲେ ।

୯୧ତମ ପଦ:—ମାତଳୀର କଥାନୁସାରେ ରାମ ଅତିଶୀଘ୍ର ଯାଇ ସେହି ରଥ ଆରୋହଣ କଲେ । ବିଭୀଷଣ ସ୍ୱଚକ୍ଷୁରେ ଏହା ଦେଖି ମୁକ୍ତିରେ ଜଡ଼ିଲା । ଏହି ସମୟରେ ଦେବତାମାନେ ଜୟ ଶବ୍ଦ ପ୍ରକାଶ କଲେ । ନନ୍ଦିଘୋଷ ରଥରେ ଶ୍ରୀରାମଚନ୍ଦ୍ରଙ୍କୁ ଦେଖି ଦେବତାମାନଙ୍କ ଜୟ 'ଧ୍ୱନି, ଶୁଣି ବିଭୀଷଣ ଭାବିଲା, 'ମୁଁ ଶ୍ରୀ ବିଷ୍ଣୁଙ୍କୁ ଦେଖିଲି, ନିଶ୍ଚୟ ମୋକ୍ଷ ହେବ !'

୯୨ତମ ପଦ:—ହେ ପଣ୍ଡିତଗଣ ! ଉପେନ୍ଦ୍ର ଭଞ୍ଜ କହନ୍ତି, ଏହି ଛାନ୍ଦ ବୟାଳିଶ ପଦରେ ଶେଷ ହେଲା; କିନ୍ତୁ ଏହି ଗୀତର ରଚନା ପ୍ରଣାଳୀ ଠିକ୍ ହୋଇଛି କି ନାହିଁ ମନ ଦେଇ ବୁଝନ୍ତୁ ।

## ପଞ୍ଚାଶତ୍ ଛାନ୍ଦ

### ରାଗ—ଭୈରବ

ବିଶ୍ରବାନନ୍ଦନ ରଥ ଉଦିତ ପର୍ବତ ଚୂଳ
ସ୍ଫୁଟ ପଦାବାଗ୍ନି ଲୋପ ସ୍ୟନ୍ଦନ ଦୃଶେ
ବରଷାକାଳ ତା କଳ୍ପ ବଳାହକ ମେଘପୁଷ୍ପ
ଶୋଭା ଘୋଷତକେ ବ୍ୟାପେ ପ୍ରବଳ ଘୋଷେ ।
ଶବ୍ଦ ଘନେ । ଛପିଲେ ରାମ ଲକ୍ଷ୍ମଣ ଗର୍ଭେ ।

---

୧ମ ପଦ:—ବିଶ୍ରବାନନ୍ଦନ—ରାବଣ । ଦାବାଗ୍ନି—ବଣଜାତ ନିଆଁ । ସ୍ୟନ୍ଦନ—ରଥ । ବଳାହକ—ମେଘ, ଅଶ୍ୱ ବିଶେଷ । ମେଘପୁଷ୍ପ—ପାଣି ।

---

## ପଞ୍ଚାଶତ୍ ଛାନ୍ଦ

୧ମ ପଦ:—ସେହି ସମୟରେ ଦର୍ଶକମାନେ ନନ୍ଦଘୋଷ ରଥକୁ ଦେଖି ତାକୁ ବର୍ଷାକାଳ ବୋଲି ମନେ କଲେ । କାରଣ ଗ୍ରୀଷ୍ମକାଳରୁ ପର୍ବତମାନଙ୍କରେ ପ୍ରକାଶିତ ହୋଇଥିବା ଦବାଗ୍ନିକୁ ବର୍ଷାକାଳ ଲୋପକଲାପରି, ଏହି ରଥ ରାବଣର ତପସ୍ୟା ରୂପ ଗ୍ରୀଷ୍ମକାଳରୁ ପ୍ରକାଶିତ ହୋଇଥିବା ପ୍ରତାପ [illegible] ବନାଗ୍ନିକୁ ଲୋପ କଲା ( ରଥକୁ ଦେଖି ରାବଣ ନିସ୍ତେଜ ହେଲା ) । ଆଉ ମଧ୍ୟ ବର୍ଷାକାଳ ମେଘମାଳା ଓ ଜଳଧାରା ଦ୍ୱାରା ମନୋହର ଦେଖାଯାଉଥାଏ, ମେଘ ଗର୍ଜନରେ ପୂର୍ଣ୍ଣ ହୋଇଥାଏ, ବେଙ୍ଗମାନଙ୍କୁ ଆନନ୍ଦଦାନ କରେ ଓ ଅନ୍ଧକାର ଗାଢ଼ ଆବରଣପରି ବିଦ୍ୟମାନ ହୋଇଥାଏ; ଏହି ସମୟରେ [illegible] ମେଘ ଗର୍ଭରେ ବିରାଜୁଥାଏ ଓ ଇନ୍ଦ୍ରଧନୁ ଶୋଭା ପାଉଥାଏ ଏବଂ ଏହି ବର୍ଷାକାଳ ପୃଥିବୀକୁ ଜଳପୂର୍ଣ୍ଣ କରିବାପାଇଁ ଆଦର ପ୍ରକାଶ କରୁଥାଏ, ଆକାଶରେ ବିଦ୍ୟୁତର ସନ୍ଧି ସ୍ତ୍ର ଗତିଅନବରତମାନ ଶୋଭାପ୍ରକାଶ କରୁଥାଏ । ସେହିପରି [illegible] ରଥରେ ମେଘପୁଷ୍ପ ନାମକ ଅଶ୍ୱ ଶୋଭା ପାଉଅଛି, ଏହାର ଚକମାନଙ୍କର ଶବ୍ଦ ଦିଗଦିଗରେ ବ୍ୟାପ୍ତ ହୋଇଅଛି, ଏହା ମର୍କଟମାନଙ୍କୁ ଆନନ୍ଦ ଦାନ କରୁଅଛି । ଆକାଶରେ ବ୍ୟାପ୍ତ ହୋଇଥିବା ବା ଦେଖା ଦେଉଥିବା ଗାଢ଼ ବର୍ଣ୍ଣ [illegible] [illegible] ଲକ୍ଷ୍ମଣରେ ଯୁକ୍ତ ଅର୍ଥାତ୍ ନବଘନଶ୍ୟାମ ରାମଚନ୍ଦ୍ରଙ୍କୁ ଗର୍ଭରେ ଧାରଣ

ଅଭ୍ରାଜର ବୃଷାସ୍ତ୍ରପ ଶରପୂର୍ଣ୍ଣରେ ଶୋଭୁଛ
ଚପଳା ଗତ ସଂକ୍ଷେପ ନଭେ ନ ଶୋଭେ । ୧ ।
ଅଙ୍କ ଶରଦଲକ୍ଷଣ ଉଦିତ ରାମଲକ୍ଷ୍ମଣ
ଅଗ୍ରଜାତ ବୃକ୍ଷଗଣ କୁମୁଦ ତୋଷେ ।
ବଳ ହିମନ୍ତ ପର୍ବତ ପ୍ରବଳ ବାତଜନତ
ହେବାରୁ ସାଞ୍ଜ୍ ଉଡ଼ିଲ ରକ୍ଷସର୍ବଶେ ।
ଅଟଣରେ । ବଶିଷ୍ଠରେ ଭସି ଭସି ଭଷି ।

---

ତୋଷତନ୍ତେ—ରକ୍ତଶରରେ, ଧୂଳସମୂହରେ । ପ୍ଲବଗ—ବାନର, ଭେକ ବା ବେଙ୍ଗ । ଲକ୍ଷ୍ମଣ—ଚନ୍ଦ୍ରମା । ବୃଷାସ୍ତ୍ରପ—ଇନ୍ଦ୍ରଧନୁ । ଚପଳା—ବିଦ୍ୟୁତ୍ ।

୨ୟ ପଦ:—ବୃକ୍ଷଗଣ—ଭଲ୍ଲୁକସମୂହ, ନକ୍ଷତ୍ରଗଣ । କୁମୁଦ—କଇଁ, ସେନାପତିବିଶେଷ । ବାତଜନତ—ପବନଜାତ ( ହନୁମାନ ) । ସାଞ୍ଜ—ପକ୍ଷ, ଜବତ ରକ୍ଷସର୍ବଶେ—ପକ୍ଷିମାନେ, ଅସୁରମାନେ । ଉଡ଼—ଉଡ଼ାଇ, ଖୋଳେଇ ହୋଇ ।

---

କରିଅଛୁ । ଇନ୍ଦ୍ର ରାମଚନ୍ଦ୍ରଙ୍କ ପାଇଁ ପଠାଇଥିବା ଧନୁରେ ଶୋଭିତ ହୋଇଅଛୁ । ବହୁସଂଖ୍ୟକ ଶରରେ ପୂର୍ଣ୍ଣ ହୋଇଅଛୁ ଓ ଅତିଶୀଘ୍ର ଆକାଶର ବହୁ ଦୂରକୁ ଗତି କରିବା ଦ୍ୱାରା ଅନିର୍ବଚନୀୟ ଶୋଭା ଧାରଣ କରୁଅଛୁ ।

୨ୟ ପଦ:—ତତ୍ପରେ ସେହି ନନ୍ଦିଘୋଷ ରଥ ଶରତ୍‌ଋତୁର ଲକ୍ଷଣକୁ ଧାରଣକଲା । କାରଣ ଶରତ୍ ଋତୁରେ ଯେପରି ନିର୍ମଳଚନ୍ଦ୍ର ନଭୋମଣ୍ଡଳରେ ଉଦିତ ହୋଇ କୁମୁଦ ଓ ନକ୍ଷତ୍ରମାନଙ୍କୁ ଆନନ୍ଦ ପ୍ରଦାନ କରନ୍ତି, ସେହିପରି ଏହି ରଥରେ ରାମ ଓ ଲକ୍ଷ୍ମଣ ଉଦିତ ହୋଇ କୁମୁଦ ନାମକ ବାନର ଓ ଭଲ୍ଲୁକମାନଙ୍କୁ ଆନନ୍ଦ ପ୍ରଦାନ କଲେ । ପୁନର୍ବାର ସେହି ରଥ ହେମନ୍ତକାଳର ଲକ୍ଷଣକୁ ଧାରଣ କଲା । କାରଣ ହେମନ୍ତ ଋତୁରେ 'ବଳ ବଳଶାଳୀ ଅର୍ଥାତ୍ ଅତି ଉନ୍ନତ ହିମାଳୟ ପର୍ବତରୁ ଅତି ଶୀତଳ ପବନ ପ୍ରବାହିତ ହେବାରୁ ପକ୍ଷୀସମୂହ ପକ୍ଷ ଖୋଲ୍ହାଇ ହୋଇ ବସିଲାପରି ଏବଂ ବଳଶାଳୀ ଲୋକମାନେ ମଧ୍ୟ ସେହି ପବନ ଯୋଗୁଁ ବଡ଼ ପାଟିକରି ହସ୍ ହସ୍ ଏହି ଶବ୍ଦ କରିଲାପରି ଏହି ରଥ ନିକଟରେ ହିମାଳୟ ତୁଲ୍ୟ ବଳଶାଳୀ ହନୂମାନ ଉପସ୍ଥିତ ହେବାରୁ ରାକ୍ଷସମାନେ ସାଞ୍ଜୁ ପିନ୍ଧିବାକୁ ଲାଗିଲେ ଓ ପ୍ରଧାନ ରାକ୍ଷସମାନେ

ଭଣୁଥିଲ ଏହି ଶୂର— ଠାରୁ ତ ଅସୁରପର
ନୋହିଲେ କି ରଥବର ମିଳନ୍ତା ଆସି । ୨ ।

ବକ୍ଷ ସ୍ଥଳମଣି ମଣି ବର୍ଣ୍ଣ ଚୂର୍ଣ୍ଣି ଆଣି ଆଣି
ଶଙ୍କା ହର ସେହିକ୍ଷଣି ଲଙ୍କା ରାଜନ ।
କପୁଳେ କରି ଗର୍ଜନ ସେ ଧନୁର୍ଗୁଣ ମାର୍ଜନ
ରହରେ ଦେବେ ସର୍ଜନ ତର୍ଜନ ।
ବହୁବାହୁ । ବହୁ ତହିଁ ଶର ଶରାସନ ।
ବହାଇଲୁ ବେଗେ ଚଣ୍ଡୀ— ପର୍ବଶାଖାପଶୁ ଖଣ୍ଡି
ରକ୍ତପାନ ପାଇଲେ ଉତ୍ସ ରଞ୍ଜନ । ୩ ।

---

୩ୟ ପଦ: ବକ୍ଷ—ବକ୍ଷଦେଶ । ମଣି—ଶ୍ରେଷ୍ଠ । ଆଣି—ଗର୍ବ । ମାର୍ଜନା—ଟଙ୍କାର । ତର୍ଜନ—ଭୟ । ବହୁବାହୁ—ରାବଣ । ଶରାସନ—ଧନୁ । ଚଣ୍ଡୀପର୍ବ—ଦୁର୍ଗୋତ୍ସବ । ଶାଖାପଶୁ—ବାନରରୂପ ପଶୁ । ରଞ୍ଜନ—ମନୋହର ।

---

ଇଷ୍ ଇଷ୍ ଶବ୍ଦ ପ୍ରକାଶ କଲେ ( ଆଉ ହନୁମାନଠାରୁ କଠିନ ଆଘାତ ମିଳିବାର ଆଶଙ୍କା କରି ସେହି ଆଘାତରୁ ଦେହକୁ ରକ୍ଷା କରିବା ପାଇଁ ସାଧାରଣ ସୈନିକମାନେ ସାଞ୍ଜୁ ପିନ୍ଧିବାକୁ ଲାଗିଲେ; ସେନାପତିମାନେ ଏହା ଦେଖି ଦୁଃଖିତ ହେଲେ ) । ଏହି ସମୟରେ ରଥାରୂଢ଼ ରାମଙ୍କୁ ଦେଖି ରାବଣ ଭାବିଲା, "ଏହି ପୁରୁଷ ଦେବତା ଓ ଅସୁରମାନଙ୍କଠାରୁ ଶ୍ରେଷ୍ଠ ହୋଇ ନ ଥିଲେ, ଏହି ଶ୍ରେଷ୍ଠ ରଥ ଆସି ଏହାଙ୍କୁ ମିଳନ୍ତା କାହିଁକି ?"

୩ୟ ପଦ:—ତତ୍ପରେ ରାବଣ ନିଜର ବକ୍ଷଦେଶରେ ଥିବା ମଣିଶ୍ରେଷ୍ଠ ସେହି ଅମୋଘ ମଣିକୁ ଆଣି ଗୁଣ୍ଡିବାରୁ ତାହାର ପୂର୍ବର ହୃଦୟରେ ଗର୍ବ ସଂଗ୍ରହିତ ହେଲା ଓ ମନରୁ ଶଙ୍କା ଦୂରୀଭୂତ ହେଲା । ତହୁଁ ସେ ଘୋର ଗର୍ଜନକରି ଧନୁର ଗୁଣକୁ ଟଙ୍କାର କରିଲା, "ଆରେ ଦେବତାମାନେ ! ରହ !" ଏହିପରି ଭୟ ଦେଖାଇ ତାହାର ସମସ୍ତ ବାହୁରେ ଧନୁଶର ଧରି, ଚଣ୍ଡୀ 'ପର୍ବରେ' ଆଶ୍ୱିନ ମାସରେ ଦୁର୍ଗାପୂଜା ସମୟରେ 'ଚଣ୍ଡୀମାନେ' ଠାକୁରାଣୀମାନେ ରକ୍ତପାନ କଲାପରି ରାବଣ ବାହୁର ମାଙ୍କଡ଼ମାନଙ୍କୁ ମାରି ସେମାନଙ୍କର ରକ୍ତପାନ କରି ଉତ୍ସକୁ ପାନଭିଆ ଉତ୍ସପରି ରକ୍ତବର୍ଣ୍ଣ କଲା

ବିଜୟୀ ନନ୍ଦଘୋଷରେ        ବିଜୟି ଧନୁଘୋଷରେ
କଇଳାସ ବିଳାସ ଛଡ଼ାଇ ଆଣୋଇ ।
ବାହୁ ଯାଇ ଯୋଦ୍ଧାବ୍ରାତ        ମୂର୍ଦ୍ଧା ପାଳ ପାଳକୃତ
ବକ୍ଷ ଟେକି ବପାପିତ ମାଂସ ଭକ୍ଷାଇଁ ।
ବାଜନାମୁଁ । ବସ୍ତିରେ ଜାଣି ମିଶିଲା କରି ।
ବାହୁନ୍ତି ଶବ ବାୟୁରେ        ଯେଣୁ ସେ ତୋଷେ ଭ୍ରମନ୍ତେ
ଭରମୁଥିଲେ ରକତେ ପଶି ନ ପାରି । ୪ ।
ବାଣେ ବାଣ ପରିତାଳ        ଜ୍ୱାଳିତ ଜାତ କି ଅନଳ
କାନୁ ତପନାନୁ ମିଳିଥିବେ ସେ ଖେଳ ।

---

୪ର୍ଥ ପଦ:—ବିଜୟୀ—ବିଖ୍ୟାତ । ବିଜୟି—ବିଜେକରି । କଇଳାସ-ବିଳାସ—କୈଳାସ ପର୍ବତର ଛବି । ଯୋଦ୍ଧ ବ୍ରାତ—ବୀରସମୂହ । ବପା-ପୀତ—ବସା, ପିତ୍ତ । ବସ୍ତିରେ—ଶାଗୁଣା ।

---

୪ର୍ଥ ପଦ:—ଏହା ଦେଖି ବିଜୟୀ ରାମଚନ୍ଦ୍ର ନନ୍ଦଘୋଷ ରଥରେ ବିଜେକରି ଧନୁଷ୍ଟଙ୍କାର ପୂର୍ବକ ଶରନିକ୍ଷେପ କରିବାଦ୍ୱାରା ଡାକିନୀମାନଙ୍କୁ କୈଳାସପୁର ବିହାରରୁ ନିବୃତ୍ତ କରାଇ ଯୁଦ୍ଧକ୍ଷେତ୍ରକୁ ଘେନି ଆସିଲେ (ଅର୍ଥାତ୍ ରାମଙ୍କ ଶରଦ୍ୱାରା ଅଗଣିତ ଅସୁର ବଧ ହେବାରୁ ସେମାନଙ୍କର ରକ୍ତପାନ କରିବାପାଇଁ ଯୋଗିନୀମାନେ କୈଳାସପୁରରୁ ଛାଡ଼ି ଯୁଦ୍ଧ କ୍ଷେତ୍ରକୁ ଆସିଲେ) । ରାମଚନ୍ଦ୍ର ଶ୍ରେଷ୍ଠ ଯୋଦ୍ଧାମାନଙ୍କର ମୁଣ୍ଡମାନଙ୍କୁ ପାଳ ପାଳକରି ଓ ସେମାନଙ୍କର ବକ୍ଷସ୍ଥଳକୁ ବିଦାରଣକରି ସେମାନଙ୍କ ବସା ଓ ପିତ୍ତ ସେହି ଡାକିନୀମାନଙ୍କୁ ଖୁଆଇଲେ । ଡାକିନୀ-ମାନଙ୍କର ବାଜ ବୋଲି ଗୋଟିଏ ନାମ ଥିବାରୁ ଶାଗୁଣାମାନେ ଜାଣିପାରି ସେହି ବାଜ ନାମରେ ପରିଚିତ ଶରମାନଙ୍କ ସହ ମିଶି ହୋଇ ତାଙ୍କଠାରୁ ଶବମାନଙ୍କୁ ନେଇ ଆକାଶରେ ବିହାର କରିବାକୁ ଲାଗିଲେ । କାରଣ ସେମାନେ ରୁଧିରରେ ପଶି ନ ପାରି ଶୂନ୍ୟରେ ଉଡୁଥିଲେ, ବର୍ତ୍ତମାନ ମିତ୍ରମାନଙ୍କଠାରୁ ମଡ଼ା ପାଇ-ବାରୁ ତାହା ଖାଇ ସନ୍ତୁଷ୍ଟ ହେଲେ ।

୫ମ ପଦ:—ଏହି ଯୁଦ୍ଧ ସମୟରେ ରାମଙ୍କ ବାଣରେ ରାବଣର ବାଣବାଜି ଘୋର ଶବ୍ଦର ସହିତ ଅଗ୍ନି ଉତ୍ପନ୍ନ ହେଉଥିଲା; ଏହା ଦେଖି ମନେ ହେଉଥିଲା ଅଗ୍ନିଙ୍କର ତେଜ ଓ ସୂର୍ଯ୍ୟଙ୍କର ତେଜ ଦୁହେଁ ମିଶିବା ସ୍ଥାପନକରି ଏହିଠାରେ

ବିଘାତ ହେବା ସମୟେ          କି ଉତ୍ପାତ ଉଲ୍‌କାମୟେ
    ଜଗତଯାକର ହୋଏ ସେହି ମଞ୍ଜୁଳ ।
    ବିନାଶନ । ବିଶିଷ୍ଟ ଜ୍ୟୋତି ଲବକୁ ଲବ
ବର୍ଷା ନିଶାରେ ଖଦ୍ୟୋତ          ଦିଶି ନ ଦିଶିଲାବତ
    ମନକୁ ଆସେ ତେମନ୍ତ ଲୀନ ଉଭବ ।୫।

ବିକାରେ ହୁଁ କାରେ କରି          ରାବଣ ଭଲ୍ଲେକ ମାରି
    ଭଲେ ରାମ ବେନିଜଙ୍ଘ ଫୁଟାଇ ଦେଲା ।
ବିଭେଦନ ରମ୍ଭା ପୂର୍ବେ          ଭେଦନ ରମ୍ଭାକୁ ଏବେ
    ଅର୍ଗଳୀ ଉପମା ଥିଲା ସୁଷମା ହେଲା ।

---

୫ମ ପଦ:—ଅନଳ—ଅଗ୍ନି । ଭାନୁ—ସୂର୍ଯ୍ୟ । ଚିତ୍ରଭାନୁ-ଅଗ୍ନି । ମଞ୍ଜୁଳ-ମନୋହର । ଲବକୁଲବ-କ୍ଷଣକୁକ୍ଷଣ । ଖଦ୍ୟୋତ-ଜୁଳୁଜୁଳିପୋକ ।

୬ଷ୍ଠ ପଦ:—ବିକାରେ—ବିକୃତ ବା ଭୟଙ୍କର ଭାବରେ । ଭଲ୍ଲ—ଅସ୍ତ୍ରବିଶେଷ । ଲଭେ—ଉତ୍ତମରେ । ରମ୍ଭା-ସ୍ୱବେଶ୍ୟା । ରମ୍ଭା—କଦଳୀଗଛ ।

---

ଅର୍ଗଳୀ—କଳଣୀ, ଦ୍ୱାର । ବିହଗଧ୍ୱଜରେ—ଗରୁଡଧ୍ୱଜ ରଥରେ ।

ଏକତ୍ରିତ ହେଉଅଛନ୍ତି କି ? କିମ୍ବା ରାବଣର ବିନାଶ ସମୟ ଉପସ୍ଥିତ ହେବାରୁ ଉତ୍ପାତ ସମୟ ଜାଣି ଉଲ୍‌କାପାତ ହେଉଅଛି କି ? ସେହି ଉତ୍ପାତକାଳୀନ ଉଲ୍‌କାପାତ ଜଗତକୁ ଏହିପରି ସୁନ୍ଦର ( ଆଲୋକିତ ) କରେ ଏବଂ ସେହି ମହୋଲ୍‌କାର ଜ୍ୟୋତି ଅଳ୍ପକ୍ଷଣ ମଧ୍ୟରେ ବିନଷ୍ଟ ହୁଏ । କିନ୍ତୁ ବର୍ଷାକାଳରେ ଜୁଳୁଜୁଳିଆ ପୋକ ଅଳ୍ପକ୍ଷଣ ଦେଖା ଦେଇ ଲୀନ ହୋଇଯାଏ, ଏଣୁ ଏହି ତେଜ ସେହି ଜୁଳୁଜୁଳିଆ ପୋକର ତେଜ ବୋଲି ମନେ ହୁଏ ନାହିଁ । ବୋଧହୁଏ, ଏହା ନିଶ୍ଚୟ ସେହି ଉତ୍ପାତକାଳୀନ ଉଲ୍‌କାର ତେଜ ହଠାତ୍ ଦେଖା ଦେଇ ଲିଭିଗଲା ।

୬ଷ୍ଠ ପଦ:—ରାବଣ ମୁଖକୁ ବିକୃତ କରି ହୁଙ୍କାର ପ୍ରକାଶ ପୂର୍ବକ ଭଲ୍ଲାସ୍ତ୍ର ମାରି ରାମଚନ୍ଦ୍ରଙ୍କର ଦୁଇଜଙ୍ଘକୁ ଫୁଟାଇ ଦେଲା । ସେହି ରାବଣ ପୂର୍ବେ ରମ୍ଭା ଅପ୍ସରାକୁ ଏହିପରି ଭେଦ କରିଥିଲା; ଏବେ ରାମଚନ୍ଦ୍ରଙ୍କର ଉରୁରୂପ ରମ୍ଭାକୁ ( ଅର୍ଥାତ କଦଳୀବୃକ୍ଷ ତୁଲ୍ୟ ଜଙ୍ଘକୁ ) ଭେଦକଲା

ବର୍ଦ୍ଧମାନ । ବିବେକ ବିସ୍ମର ବିଷ୍ଣୁ ମୂର୍ତ୍ତି ।
ବିରାଟ ମୁକୁଟ ସେହି ବିରାଟ ଧ୍ୱଜରେ ରହି
ବିରାଟ ମୂର୍ତ୍ତିରେ ସ୍ପୃହା ହୋଇଲେ ତହିଁ । ୬ ।

ବ୍ୟୋମ କୁନ୍ତଳ କରାଇ ଶିରଷ ସେଥାରେ ଯାଇ
ରସାତଳ ତଳସ୍ଥାୟୀ ଚରଣ ଦୁଇ ।
ବକ୍ଷସ୍ଥ ମଣିକ ମଣି ପଦକ ଦ୍ୟୁମଣି ମଣି
ବିଲୋକ ରାକ୍ଷସମଣି ହେଲି ବଢ଼ିଇ ।
ବାଞ୍ଛେ ଯଥା । ବାମନ ମନ ଲଙ୍ଗଳୀତୁଙ୍ଗେ ।
ବିବୁଧାଳୟର ପରି ହେବା ଇଚ୍ଛା କଲେ ସ୍ୱାରି
ହୋଏ କି ଏ ପରମ୍ପରା ହୋଇ ତା ସଙ୍ଗେ । ୭ ।

---

୭ମ ପଦ:—ବ୍ୟୋମ — ଆକାଶ । କୁନ୍ତଳ — କେଶ । ଶିରଷ — ମସ୍ତକ । ରସାତଳ — ପାତାଳ । ଦ୍ୟୁମଣି — ସୂର୍ଯ୍ୟ । ମଣି — ଶ୍ରେଷ୍ଠ । ଲଙ୍ଗଳୀତୁଙ୍ଗ — ନଡ଼ିଆଗଛ । ବିବୁଧାଳୟ — ମେରୁପର୍ବତ । ସ୍ୱାରି — ପିମ୍ପୁଡ଼ି ।

---

ଏହି ଦୁଇଗୋଟି ବିଷୟକୁ ତୁଳନା କଲେ କୌଣସି ଗୁରୁତ୍ୱ ପ୍ରକାଶ ପାଉ ନ ଥିଲା; ଏଣୁ ବର୍ତ୍ତମାନ ସେହି ରାମଚନ୍ଦ୍ରଙ୍କ ଉକ୍ତିରେ ଲାଗିବାରୁ ଅର୍ଗଳର ଉପମାକୁ ପ୍ରାପ୍ତ ହେଲା । ସେହି ଅସ୍ତ୍ରାଘାତରେ ରାମଙ୍କର ବିବେକ ବୃଦ୍ଧି ପାଇବାରୁ ସେ ବିଚାରିଲେ, 'ମୁଁ ବିଷ୍ଣୁ ।' ତେଣୁ ସେ ଗରୁଡ଼ଧ୍ୱଜ ରଥରେ ରହି ରଥ ମଧ୍ୟରେ ବିରାଟମୂର୍ତ୍ତି ଧାରଣ କରିବାକୁ ଆଦର ପ୍ରକାଶ କଲେ [ଅର୍ଥାତ୍ ବିରାଟମୂର୍ତ୍ତି ଧାରଣ କଲେ] ।

୭ମ ପଦ—ସେହି ବିରାଟମୂର୍ତ୍ତି ଧରିବା ସମୟରେ ତାଙ୍କର ମସ୍ତକ ଆକାଶକୁ ସ୍ପର୍ଶ କରିବାରୁ ଆକାଶ ତାଙ୍କର କେଶ ପରି ଜଣାଗଲା ଏବଂ ଚରଣଦ୍ୱୟ ପାତାଳକୁ ପ୍ରବେଶ କଲା । ବକ୍ଷସ୍ଥଳରେ ପଦକ ପରି ଧାରଣ କରିଥିବା ସୀତାଙ୍କ ମଥାମଣିକୁ ରାବଣ ସୂର୍ଯ୍ୟମନେ କରି ଗୃହିଁବାକୁ ଲାଗିଲା ଏବଂ ସୂର୍ଯ୍ୟଙ୍କର କିରଣ କ୍ରମେ କ୍ରମେ ବଢ଼ିଲା ପରି ସେହି ମଣିର ତେଜ ବଢ଼ିବାକୁ ଲାଗିଲା । ବାଙ୍ଗର ଲୋକ ନଡ଼ିଆ ଗଛ ପରି ଉଚ୍ଚ ହେବାକୁ ମନରେ ଭାବିଲେ ଓ ପିମ୍ପୁଡ଼ି ମେରୁ ପର୍ବତ ତୁଲ୍ୟ ହେବାକୁ ଇଚ୍ଛା କଲେ ସୁଦ୍ଧା କେବେ ହେଲେ ଏମାନଙ୍କ ସହିତ ସମାନ ହୋଇ ପାରନ୍ତି କି ? ( ହୋଇ ପାରନ୍ତି ନାହିଁ ) ରାବଣ ସେହିପରି ବଡ଼ ହେବାକୁ ଇଚ୍ଛାକରି ନିରାଶ ହୋଇଥିଲା

ବିଶାରଦ ମହାଦ୍ରୁମ    ଅଗ୍ରତେ ଯେମନ୍ତ ଦ୍ରୁମ
ତଥା ଅପୂର୍ବ ସଂଗ୍ରାମ ଶ୍ରୀରାମ ରଚେ ।
ବାଜୀ ନିୟୁତେ ଅୟୁତେ    ଗଜ ରଥ ଲକ୍ଷ ଶତେ
ଦଶକୋଟି ପତ୍ତିହତେ କବନ୍ଧେ ନାଚେ ।
ବିଳସିଲେ । ଏ ବ୍ୟବସ୍ଥିତରେ କବନ୍ଧକୋଟି ।
ବନ୍ଧ ରେ ରେ କାର ଗିରେ    ଖେଚର କୋଟି ସଂଖ୍ୟାରେ
ଏକଘଣ୍ଟି କୋଦଣ୍ଡରେ ତଥାପି ରଟି । ୮ ।
ବାଜିଲେ ସପତଘଣ୍ଟି    ଛୁଟିଏ ତହିଁ ନ ଛୁଟି
ସପତଦିନ ପ୍ରକଟି ରଣେ ଏସନ ।
ବିଘନ ଲେଖୁଁ ଗହନ    ବିଂଶାକ୍ଷଙ୍କୁ କଲେ ଅର୍ପଣ
ରହିଥିଲା ଏତେ ସୈନ୍ୟ ଏବେହେଁ ଯେନ ।

---

୮ମ ପଦ—ବିଶାରଦ—ପ୍ରକାଣ୍ଡ । ମହାଦ୍ରୁମ—ବଡ଼ ବୃକ୍ଷ । ଦ୍ରୁମ—ଶ୍ରେଷ୍ଠ ବୃକ୍ଷ । ସଂଗ୍ରାମ-ଯୁଦ୍ଧ । ବାଜୀ-ଘୋଡ଼ା । ଗଜ-ହାତୀ । ପତ୍ତିହତେ—ପାଇକ ବିନାଶରେ ।

୯ମ ପଦ—ଛୁଟିଏ-ଲଟାଏ, ମୁହୂର୍ତ୍ତ ସମୟରେ । ବିଘନ-ବିଧାତା । ବିଂଶାକ୍ଷ—ରାବଣ । ତମଗୁଣକ୍ରାନ୍ତ—ବିଗାନ୍ଦିତ । ପୌଲସ୍ତ୍ୟ—ରାବଣ ।

---

୮ମ ପଦ—ଝଙ୍କାଳିଆ ବଡ଼ ବଡ଼ ଗଛମାନଙ୍କ ନିକଟରେ ଶ୍ରେଷ୍ଠ ଶ୍ରେଷ୍ଠ ଗଛମାନେ ଯେପରି ଦେଖାଯାନ୍ତି, ବିରାଟମୂର୍ତ୍ତି ରାମଚନ୍ଦ୍ରଙ୍କ ନିକଟରେ ରାବଣ ସେହିପରି ଦେଖାଗଲା । ରାମଚନ୍ଦ୍ର ଚମତ୍କାର ରଣ କୌଶଳ ରଚନା କଲେ । ନିୟୁତେ ଘୋଡ଼ା, ଅୟୁତେ ହାତୀ, କୋଟିଏ ରଥ ସହିତ ରଥୀ, ଦଶ[illegible] ପଦାତି ବଧ ହେଲେ ରଣକ୍ଷେତ୍ରରେ ଗୋଟିଏ କବନ୍ଧ ନାଚେ ଏହି ହିସାବ ଅନୁସାରେ ସେହି ରଣକ୍ଷେତ୍ରରେ କୋଟିଏ କବନ୍ଧ ନାଚିଲେ ଗୋଟିଏ ଖେଚର ରେ ରେ ଶବ୍ଦ କରି ନାଚେ ଏବଂ ଏହିପରି କୋଟିଏ ଖେଚର ନାଚିଲେ ରାମଙ୍କ ଧନୁରେ ଥିବା ଘଣ୍ଟି ଥରେ ମାତ୍ର ବାଜି ଉଠେ ।

୯ମ ପଦ—ସେହି ଯୁଦ୍ଧରେ ରହି ନିୟମାନୁସାରେ ରାମଙ୍କ ଧନୁରେ ଥିବା ସାତଗୋଟିଯାକ ଘଣ୍ଟି କ୍ଷଣେ ମାତ୍ର ବନ୍ଦନ ହୋଇ ସାତଦିନ ପର୍ଯ୍ୟନ୍ତ ବାଜିବାକୁ ଲାଗିଲେ । ରାମ ଯେତେ ସୈନ୍ୟ ବଧ କଲେ, ତାହା ବ୍ରହ୍ମା ହିସାବ କରିବାକୁ ଚେଷ୍ଟାକରି ମଧ୍ୟ ପାରିଲେ ନାହିଁ । ଏଣୁ ବହୁସଂଖ୍ୟକ ସୈନ୍ୟ [illegible]

ବିଧ୍ୱଂସିଲା । ବାନର ଯୋଦ୍ଧାନୁନ୍ମୂଳ କୃତ ।
ବୃଷ୍ଟି ହୋଇଣ ଆପଣ ବରଶୂଳ ଶୂଳଗଣ
ଲକ୍ଷଣାରେ ତମଗୁଣଗ୍ରସ୍ତ ପୌଲସ୍ତ୍ୟ । ୯ ।
ବାଲ୍ମୀକି ଉକ୍ତିସାର ଗଗନ ଗଗନାକାର
ସାଗର ତୁଳ୍ୟ ସାଗର ଯେଉଁ ପ୍ରକାରେ ।
ବିସ୍ତୃତ ଲୋଚନ କର ରାମ ରାବଣ ସମର
ରାମ ରାବଣ ସମର ଖ୍ୟାତ ସଂସାରେ ।
ବିସ୍ମରିଲେ । ବିଲୋକି ରମେରଣ ଜାମ୍ବବ ।
ବୟସ ଗଲାଣି ସରି ଯୁଝି ଯୁଝିଲାର ପରି
ଏ ସଙ୍ଗେ ବିବେଧ କରିବାର ଉତ୍ସବ । ୧୦ ।
ବେଦରେ ତର୍କୀତ ଯେହୁ ତର୍କୀବିଧାନକୁ ବହୁ
ଶର ସୂତ୍ର ସୂତ୍ରେ କଞ୍ଚାଭାଣ୍ଡର ତୁଟାଲ ।

---

ଥିବାରୁ ରାବଣଙ୍କୁ ଧନ୍ୟବାଦ ଅର୍ପଣ କଲେ । ବୃଷ୍ଟି ଓ ବର୍‌ଶୂଳ ସମୟରେ ଯାହା କଲେ ଯେପରି ଅଭିକ୍ଷିତ କାର୍ଯ୍ୟସମୂହ ବିନଷ୍ଟ ହୁଏ, ସେହିପରି ରାବଣ କ୍ରୋଧାନ୍ଧ ହୋଇ ସ୍ୱୟଂ ବୃଷ୍ଟି ରୂପରେ ଦଣ୍ଡାସ୍ତ୍ରମାନ ଆଉ ଶୂଳ ନିକ୍ଷେପ କରି ପଛପଟରୁ ଆକ୍ରମଣ କରୁଥିବା ବାନର ସୈନ୍ୟମାନଙ୍କୁ ବିନାଶ କଲା ।

୧୦ମ ପଦ:—ଆଦିକବି ବାଲ୍ମୀକି ସାରଗର୍ଭିତ ବାକ୍ୟରେ ପ୍ରକାଶ କରି-ଅଛନ୍ତି, "ଯେପରି ଆକାଶ ଆକାଶ ସହିତ ଓ ସମୁଦ୍ର ସମୁଦ୍ରର ସହିତ ତୁଳନା; ସଂସାରରେ ପ୍ରସିଦ୍ଧ ରାମ ରାବଣ ଯୁଦ୍ଧ ସେହିପରି କେବଳ ସେହି ରାବଣ ଯୁଦ୍ଧ ସହ ତୁଳନୀୟ ଅଟେ ।" ( ଅର୍ଥାତ୍ ଏହି ସଂସାରରେ ଆକାଶ, ସମୁଦ୍ର ଓ ରାମ ରାବଣ ଯୁଦ୍ଧ ଏମାନଙ୍କ ସହିତ ତୁଳନା କରିବାକୁ ଅନ୍ୟ କିଛି ବିଷୟ ବା ବସ୍ତୁ ନାହିଁ, ଏଣୁ ଏମାନଙ୍କୁ ଏହିମାନଙ୍କ ସହ ତୁଳନା କରିବା ଉଚିତ୍ । ଆମ୍ଭଠାରୁ ଅନ୍ୟ କିଛି ଆଶା ରଖନ୍ତୁ ନାହିଁ, କାରଣ ବାଲ୍ମୀକି ମଧ୍ୟ ଅନ୍ୟ ଉପମା ଦେବାରେ ନିରତ ) ହେ ପଣ୍ଡିତମାନେ ! ଏହି ବାଲ୍ମୀକିଙ୍କର ସାର ଉକ୍ତି ରୂପ ରାମ ରାବଣ ଯୁଦ୍ଧ ବର୍ଣ୍ଣନାକୁ ଦେଖ । ଜାମ୍ବବ ଏହି ସମୟରେ ରାମଙ୍କର ଯୁଦ୍ଧ ଦେଖି ମନେ କଲେ, 'ବୟସ ସରିଗଲାଣି, ଅର୍ଥାତ୍ ମୁଁ ବୁଢ଼ା ହୋଇ ଗଲାଣି, ମାତ୍ର ବୟସ ଥିଲେ ଏହି ରାମଚନ୍ଦ୍ରଙ୍କ ସହିତ ଯୁଦ୍ଧ କରନ୍ତି । ସେ ଯୁଦ୍ଧ ଯୁଦ୍ଧପରି ଜଣା ପଡ଼ନ୍ତା, ସେହି ଯୁଦ୍ଧରେ ଆନନ୍ଦ ଅନୁଭବ ହୁଅନ୍ତା ।'

୧୧ଶ ପଦ—:ରାମଚନ୍ଦ୍ର ପ୍ରକୃତରେ 'ତର୍କୀ' ବସ୍ତୁ ହୋଇଥିବାରୁ 'ତର୍କୀ' କୁମ୍ଭକାରର ଖଣ୍ଡକୁ ଧରି କୁମ୍ଭକାର କଞ୍ଚା ହାଣ୍ଡିକୁ ସୂତାରେ କାଟିଲାପରି

ବଚ୍ଛେଦ କୋପେ ରାବଣ ଦଶଗ୍ରୀବ ଦଶଗ୍ରୀବ
ବିଚ୍ଛେଦ ନୋହିଲା ଲବ ଲୂଗେ ତକ୍ଷାନେ ।
ବିଘଟିତ । ବୁଦ୍ଧି ହୋଏ ଏହି ଉପମାରେ ।
ବାରି ନୋହେ ଭିନ୍ନ କରି ଯଥା ବୀଚୀତରବାରି
ପୁନଃ ପୁନଃ ତରବାରିମାନ ପ୍ରହାରେ । ୧୧ ।
ବିରବର ବଣେ ତହିଁ ବୀରବର ବୋଲେ ମୁହିଁ
ଶିରଚ୍ଛେଦେ ନ ମରଇ ସାହସ ତେଜ ।
ବିଜୟୀ ହୋଇଛୁ ସୁର ଗଣରେ ଆନ ଅସୁର
ନୋହେ ବୁଝାଇବୁ ଶୂରପଣ ତୋ ଆଜ ।
ବିଷ୍ଣୁ ଚକ୍ର । ବାଜି ହୃଦେ ଚର୍ମରେ ନ ଗଳି ।
ବକ୍ର ଦାନ୍ତ ମୁନ ନାଶ ଚୂର୍ଣ୍ଣ ଭଜେ ଦୁର୍ଗାଈଶ
ଇନ୍ଦ୍ର ଖଡ୍ଗ ଶୂଳ ବଜ୍ର ନ ମାରେ ତୋଳି । ୧୨ ।

---

୧୧ଶ ପଦ:—ଚକ୍ରୀ—ବିଷ୍ଣୁ । ଚକ୍ରୀବିଧାନକୁ—କୁମ୍ଭକାର ନିୟମକୁ । ବୀଚୀତର—ଲହରୀ ଯୁକ୍ତ ।

୧୨ଶ ପଦ:—ବିରବ—ଉଚ୍ଚଧ୍ୱନି । ସୁରଗଣରେ—ଦେବତା ମାନଙ୍କ ମଧ୍ୟରେ ।

---

ଶର ରୂପ ସୂତାରେ ରାବଣେ ଦଶଗୋଟିଯାକ ମୁଣ୍ଡକୁ କାଟିଦେଲେ; କିନ୍ତୁ ରାବଣର ସ୍କନ୍ଧରୁ ସେହି ମୁଣ୍ଡମାନ ଅଲଗା ହେଲି ନାହିଁ । କୁମ୍ଭାରର କଞ୍ଚା ହାଣ୍ଡି ନ ପଡ଼ି ଚକରେ ଲଗି ରହିଲପରି ମୁଣ୍ଡସବୁ କନ୍ଧଦେଶରେ ଲଗି ରହିବାରୁ ବୁଦ୍ଧିବଳରେ ଏହି ଉପମା ମନେ ହେଲା, 'ଯେପରି ଲହରୀ ସଙ୍କୁଳ ଜଳରାଶିରେ ବାରମ୍ବାର ଖଣ୍ଡା ପ୍ରହାର କଲେ ସୁଦ୍ଧା ବାରିରାଶିକୁ ଭିନ୍ନ କରି ହୁଏ ନାହିଁ, ଏହା ସେହିପରି ହେଲା ।'

୧୨ଶ ପଦ:—ଏହା ଦେଖି ରାବଣ ଘୋର ରଡ଼ି କରି କହିଲା, "ମୁଣ୍ଡ ଛିଣ୍ଡି ଗଲେ ସୁଦ୍ଧା ମୁଁ ମରିବି ନାହିଁ । ରେ ବୀର ! ତୁ ଯେଉଁ ସାହସ କରିଛୁ, ତାହାକୁ ପରିତ୍ୟାଗ କର । ମୁଁ ଇନ୍ଦ୍ରାଦିଦେବତାମାନଙ୍କୁ ଜୟ କରିଅଛି, ମୁଁ ସାମାନ୍ୟ ଅସୁର ନୁହେଁ, ଆଜି ତୋର ବୀରତ୍ୱ ଶେଷ କରିବି ବିଷ୍ଣୁଙ୍କର ଚକ୍ର ମୋର ହୃଦୟରେ ବାଜି ଚର୍ମକୁ ସୁଦ୍ଧା ଭେଦ କରି ନାହିଁ; ଦୁର୍ଗାଙ୍କର ଖଡ୍ଗ ମୋ ଦେହରେ ବାଜି ତାର ଦାନ୍ତ ଭାଙ୍ଗି ଯାଇଅଛି, ଶିବଙ୍କର ତ୍ରିଶୂଳର ମୁନ ମଧ୍ୟ ଭାଙ୍ଗି ଯାଇଅଛି ଓ ଇନ୍ଦ୍ର ବଜ୍ର ଥରେ ମୋତେ ମାରିବାରୁ ତାହା ମୋ ହୃଦୟରେ ବାଜି ଚୂର୍ଣ୍ଣହୋଇ ଲୋମରେ ମିଶିଯାଇ ଅଛି ।"

ବୋଲୁଁ ରାମ କୋପେ ଥରେ                ଅଷ୍ଟୋତ୍ତରଶତ ଥରେ
ଛେଦନେ ପାତ ପୃଥ୍ୱୀରେ ତା ମୁଣ୍ଡ ନୋହି ।
ବ୍ୟଥିତ ଭକ୍ତ କହିତ                ଅଗ୍ରେ ସେ ମାତଳି ସ୍ଥିତ
ଏ ଦୈତ୍ୟ ଅଦ୍ଭୁତ ଭୂତ ଭବିଷ୍ୟେ ନାହିଁ ।
ବର୍ତ୍ତମାନ । ବିଖ୍ୟାତ ଏ ତ ମରିବ କେହି ।
ବ୍ରହ୍ମାଣ୍ଡସାର ଋଷିସୂ                ବ୍ରହ୍ମାସ୍ତ୍ରେ ଭେଦ ହୃଦୟ
ଦେଇଛନ୍ତି କୁମ୍ଭତନୟ ମାତଳି କହି । ୧୩ ।
ବନ୍ଧିବାକୁ ନାଗେ ନାକେ                ମଧ୍ୟେ କେ ଲଭିବ ଲକ୍ଷେ
ତେଜେ ବସାଉଁ ପିନାକେ ଜଳୁ ସେ ଥିଲା ।
ବାଧି ତ୍ରିପୁର ତ୍ରିପୁର                ଜିତର ତୁଅନ୍ତେ ହର-
ପ୍ରୟୋଗେ ତୁମ୍ଭେ ପାତର ମୋତେ ଦିଶିଲ ।
ରଘୁଧାରି । ବାଣୀ ତାର ଶୁଣି ତତ୍ପର ।
ବଡ଼ବାନଳ ସାଗରୁ                ଉଦ୍ଧରି ଧରିବା ରୂପୁ
ବାହାର କଲେ ତୂଣୀରୁ ସେ ବ୍ରହ୍ମଶର । ୧୪ ।

---

୧୩ଶ ପଦ:—କୁମ୍ଭତନୟ—ଅଗସ୍ତି ମୁନି ।

୧୪ଶ ପଦ:—ନାଗେ—ପାତାଳରେ । ନାକେ—ସ୍ୱର୍ଗରେ । ପିନାକ—ଶିବଙ୍କ ଧନୁ । ହର—ଶିବ ।

---

୧୩ଶ ପଦ:—ରାବଣ ଏହିପରି କହିବାରୁ ରାମ କ୍ରୋଧରେ କମ୍ପିତ ହୋଇ ଶହେ ଆଠଥର ତାର ମୁଣ୍ଡମାନଙ୍କୁ ଛେଦନ କଲେ, ତଥାପି ସେସବୁ ତଳେ ପଡ଼ିଲା ନାହିଁ । ତେଣୁ ସେ ଅତ୍ୟନ୍ତ ଦୁଃଖିତ ହୋଇ ସମ୍ମୁଖସ୍ଥ ମାତଳିଙ୍କୁ କହିଲେ, "ହେ ମାତଳି ! ଏ ଏକ ଅଦ୍ଭୁତ ରାକ୍ଷସ, ଏପରି ରାକ୍ଷସ ପୂର୍ବେ ନ ଥିଲେ କି ଭବିଷ୍ୟତରେ ଆଉ ଜନ୍ମିବେ ନାହିଁ । ବର୍ତ୍ତମାନ ଏହି ପ୍ରସିଦ୍ଧ ରାକ୍ଷସ କିପରି ମରିବ ?" ମାତଳି କହିଲା, "ହେ ବ୍ରହ୍ମାଣ୍ଡର ଶ୍ରେଷ୍ଠ ଋଷିପୂ ରାମଚନ୍ଦ୍ର ! ଅଗସ୍ତ୍ୟ ଋଷି ଦେଇଥିବା ବ୍ରହ୍ମାସ୍ତ୍ରରେ ଏହାର ହୃଦୟକୁ ବିଦ୍ଧ କରନ୍ତୁ ।"

୧୪ଶ ପଦ:—"ସେହି ବ୍ରହ୍ମାସ୍ତ୍ର ପ୍ରୟୋଗ କରି ଲକ୍ଷସ୍ଥଳରେ ବଜାଇବାକୁ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏହି ତିନିପୁର ମଧ୍ୟରେ କେହି ନାହିଁ । କାରଣ ହର ତ୍ରିପୁର ବିଜୟୀ ତ୍ରିପୁରାସୁର ସହିତ ବିବାଦ ହୋଇ ସେହି ଅସ୍ତ୍ରକୁ ଧନୁରେ ବସାଇବା ସଙ୍ଗେ ସଙ୍ଗେ ପିନାକ ଧନୁ ତାହାର ତେଜରେ ଜଳିଗଲା । ମୁଁ ମନେ କରୁଛି, କେବଳ ତୁମ୍ଭେ ଏହାକୁ ପ୍ରୟୋଗ କରିବାକୁ ସମର୍ଥ ହେବ ।" ରଘୁଧଣତ୍ ରାମଚନ୍ଦ୍ର ମାତଳିଙ୍କଠାରୁ ଏହିପରି କଥା ଶୁଣି ସମୁଦ୍ରରୁ ବଡ଼ବାନଳକୁ ବାହାର କଲାପରି ତୂଣୀର ମଧ୍ୟରୁ ସେହି ଅସ୍ତ୍ରକୁ ଅତିଶୀଘ୍ର ବାହାର କରେ ।

ବାର ଆଦିତ୍ୟ ଉଦିତ ଏକତ୍ର ହୋଇ ବ୍ୟକତ
ଏକମନ୍ତ୍ରେ ଜେ ତଦ୍‌ବତ କୋଦଣ୍ଡ ମଧେ ।
ବସାଇଣ ଆମଞ୍ଚନେ ଭାବେ ପୁଷ୍ପକ ରାମାନେ
ପୁଷ୍ପକ ହେବାର ମନେ ଆଜ ରଣେ ଯୁଦ୍ଧେ ।
ରାବଣ । ବାଣ କଲା ତୂଣୀ କରି ତୂଣ ।
ବାଞ୍ଛି ଏଥୁଁ ଭଲ ଜଣେ ମାରି ପାରିବି କି ରଣେ
ଚିରକୀର୍ତ୍ତି ବାରମଣେ ରହିବ ପୁଣ । ୧୫ ।
ବ୍ରହ୍ମାସ୍ତ୍ର ବ୍ରହ୍ମାସ୍ତ୍ର ପରେ ଚକ୍ର ଚକ୍ର କୋଦଣ୍ଡରେ
କଙ୍କୁଷାଙ୍କ ଭରିତରେ ଗୁଣ ଖଣ୍ଡନେ ।
ବିଭୀଷଣ ହନୁମନ୍ତେ କପିବର ବାଳିସୁତେ
ଶଲ୍ଲପଦ୍ମେ ଶୂଳ କେତେ ସେନା ଖଣ୍ଡନେ ।

---

୧୫ଶ ପଦ(—ଆଦିତ୍ୟ—ସୂର୍ଯ୍ୟ । ପୁଷ୍ପକ—ମୃତ ନେତ୍ର ରୋଗ ।
୧୬ଶ ପଦ:—ଶଲ୍ୟକା—ଝିଙ୍କପକ୍ଷୀ । ସ୍ୱଗଲବଂଶ—ଆପଣାର
ଜାତିମାନଙ୍କୁ । ରଭସଗତି—ଶୀଘ୍ରଗତି । ପ୍ରଚଣ୍ଡେ—କ୍ରୋଧରେ ।

---

୧୫ଶ ପଦ:—ବାରଟିଯାକ ସୂର୍ଯ୍ୟ ଏକତ୍ରିତ ହୋଇ ଗୋଟିଏ ସୂର୍ଯ୍ୟ-ମଣ୍ଡଳରେ ପରିଣତ ହେଲେ ସେଥିରୁ ଯେଉଁପରି ତେଜପ୍ରକାଶିତ ହେବ; ରାମଚନ୍ଦ୍ର ସେହି ବ୍ରହ୍ମାସ୍ତ୍ରକୁ ଧନୁରେ ବସାଇ ଆକର୍ଷଣ କରିବାରୁ ସେହିପରି ତେଜ ପ୍ରକାଶିତ ହେଲା । ଏହା ଦେଖି ରାବଣ ପୁଷ୍ପକପାନରେ ଥାଇ ଭାବିଲା, 'ଆଜ ଯୁଦ୍ଧରେ ମୋର ଚକ୍ଷୁ ରୋଗ ଜାତ ହେବ । ( ଅର୍ଥାତ୍ ଆଜ ଯୁଦ୍ଧରେ ମୁଁ କର୍ତ୍ତବ୍ୟଶୂନ୍ୟ ହୋଇ ଅନ୍ଧମାନଙ୍କ ପରି ଅପଥରେ ଗମନ କରି ମରିବି ) ।' ତତ୍ପରେ ସେ ବାଣ ମାରି ତୂଣୀରକୁ ଶୂନ୍ୟ କରି ଦେଲା ( ଅର୍ଥାତ୍ ଯେତେ ଶର ଥିଲା ସବୁ ମାରିଲା ) । କାରଣ ସେ ସ୍ଥିର କରିଥିଲା, ଏହି ପ୍ରଧାନ ଯୋଦ୍ଧାମାନଙ୍କ ମଧ୍ୟରୁ ଯଦି ମୁଁ ଜଣକୁ ଯୁଦ୍ଧରେ ମାରି ପାରିବି, ତାହା ହେଲେ ଜଗତରେ ଚିରକାଳ ପର୍ଯ୍ୟନ୍ତ ମୋର ବୀରତ୍ୱ କୀର୍ତ୍ତି ସ୍ଥାପିତ ହେବ ।

୧୬ଶ ପଦ:—ଏହି କଥା ସ୍ଥିର କରିଥିବାରୁ ସେ ରାମଙ୍କର ବ୍ରହ୍ମାସ୍ତ୍ର ଉପରକୁ ବ୍ରହ୍ମାସ୍ତ୍ର, ରଥର ଚକକୁ ଚକ୍ରାସ୍ତ୍ର, ଧନୁର ଗୁଣଚ୍ଛେଦନ କରିବା ପାଇଁ କଙ୍କୁଷଶର, ବିଭୀଷଣ, ହନୁମାନ, ସୁଗ୍ରୀବ ଓ ଅଙ୍ଗଦକୁ ଶୀଘ୍ରନାଶ କରିବା ପାଇଁ ପଦ୍ମେ ଶଲ୍ଲ ଓ ସେନାମାନଙ୍କ ପ୍ରତି ଅସଂଖ୍ୟ ଶୂଳ ନିକ୍ଷେପ କଲା ଏବଂ ଆଉ

ବିଧାନକି । ବଳ ଯେତେ ତାଙ୍କୁ କାଣ୍ଡେ କାଣ୍ଡେ ।
ବିବିଧ ବିଶ ଅଦ୍ଭୁତ । ଶଲ୍ୟକୀ ସୁଶୋଭିତ
ଖାଣ୍ଡି ଖାଣ୍ଡି କି ରଭସଗତି ପ୍ରଚଣ୍ଡେ । ୧୬ ।
ବ୍ୟାଘ୍ର କି ମକ୍ଷିକା ଗ୍ରାସେ । ଲକ୍ଷ୍ମଣ ବାଣ ସନ୍ତୋଷେ
ଖରଜିତ ବାମ ହସ୍ତ ଦକ୍ଷିଣେ ବୋଲେ ।
ବିଦେହ କନ୍ୟା ଯୋଗରେ । ଆଗ କର୍ବୁର ଦାନରେ
ଯୋଗ ହେଉ ପଛେ ଯାଉ ସମରକାଳେ ।
ବାମେ ସେହି । ବାକ୍ୟରେ ଦକ୍ଷିଣ ଚାଣି ଛଳେ ।
ବିଦେହକନ୍ୟା ଯୋଗରେ । ଯୋଟେ କର୍ବୁର ଦାନରେ
ବଦେ କୃପାନ୍ତ ସମ୍ମତେ ଶ୍ରୁତିକି ଚଳେ । ୧୭ ।
ବ୍ରହ୍ମପ୍ରକୃତି ସୁନ୍ଦର । ପରଂବ୍ରହ୍ମ ବ୍ରହ୍ମଣର
ପ୍ରୟୋଗି ଏ ସମୟର ଉର ଉପରେ ।

୧୭ଶ ପଦ:—ଖରଜିତ—ରାମଚନ୍ଦ୍ର । ବିଦେହକନ୍ୟା—ସୀତା ।
କର୍ବୁର—ସୁବର୍ଣ୍ଣ । କର୍ବୁର—ରାକ୍ଷସ ।

ଯେଉଁ ସାଧାରଣ ସୈନିକମାନେ ଥିଲେ, ସେମାନଙ୍କୁ ଲକ୍ଷ୍ୟକରି ପ୍ରତ୍ୟେକଙ୍କ ପ୍ରତି ଗୋଟିଏ ଗୋଟିଏ ଶର ନିକ୍ଷେପ କରି ସମସ୍ତ ବିରମାନଙ୍କୁ ଅନ୍ଧକାରାଚ୍ଛନ୍ନ କରିଦେଲ । ସେହି ସମୟରେ ତାଙ୍କୁ ଦେଖି ମନେ ହେଲା, ଝିଙ୍କପକ୍ଷୀ କ୍ରୋଧରେ ତାହାର କାଠିମାନଙ୍କୁ ଫିଙ୍ଗି ତର ତର ହୋଇ ପଳାଉଅଛି କି ?

୧୭ଶ ପଦ:—ବାଘ ମାଛିମାନଙ୍କୁ ଖାଇଲ ପରି ଲକ୍ଷ୍ମଣଙ୍କବାଣ ରାବଣର ଶରମାନଙ୍କୁ ଭକ୍ଷଣ କଲା । ଏହି ସମୟରେ ଖର ରାକ୍ଷସର ବିନାଶ କର୍ତ୍ତା ରାମଙ୍କର ବାମହସ୍ତ ଦକ୍ଷିଣହସ୍ତକୁ କହିଲା, "ରେ ଦକ୍ଷିଣହସ୍ତ ! ତୁ ସୀତାଙ୍କୁ ବିବାହ ବନ୍ଧନରେ ଆବଦ୍ଧ ହେବା ପାଇଁ ଆଗ ହୋଇଥିଲୁ , ସୁନା ଦାନ କରିବା ସମୟରେ ମଧ୍ୟ ଆଗ ନିଯୁକ୍ତ ହେଉଥାଉ, ଏହି ଯୁଦ୍ଧ ସମୟରେ କାହିଁକି ପଛକୁ ଯାଉଛୁ ?" ତହୁଁ ଦକ୍ଷିଣହସ୍ତ ବାମହସ୍ତକୁ ଶ୍ଳେଷ କଥାରେ କହିଲା, "ରେ ବାମହସ୍ତ । ମୁଁ ବିଦେହ ରାଜକନ୍ୟା ସୀତାଙ୍କୁ ଉଦ୍ଧାର କରିବା ନିମିତ୍ତ ରାବଣକୁ 'ଦାନ' ଛେଦନ କରିବି କି ନାହିଁ (କାରଣ ରାବଣ ବ୍ରାହ୍ମଣ ଅଟେ ) ଏହି ବିଷୟରେ ସମ୍ମତି ଗ୍ରହଣ କରିବା ପାଇଁ ଦୟାଳୁ ଶ୍ରୀରାମଙ୍କର 'ଶ୍ରୁତି' କର୍ଣ୍ଣ ନିକଟକୁ ଯାଉଅଛି ।"

୧୮ଶ ପଦ:—ଏହି ସମୟରେ କନ୍ଦର୍ପଠାରୁ ଅଧିକ ସୁନ୍ଦର ପରଂବ୍ରହ୍ମ ଶ୍ରୀରାମ ବ୍ରହ୍ମଣର ରାବଣର ବକ୍ଷସ୍ଥଳ ପ୍ରତି ନିକ୍ଷେପ କଲେ । ହଂସ ସମ୍ମୁଖରେ

ବୁଡ଼ି ହଂସ ପାରାବାରେ          ଯେମନ୍ତ ବାହାରେ ଶରେ
ଫୁଟି ତଥା ଚରମରେ ସ୍ଥିତ ତୂଣୀରେ ।
ଅଦ୍ଭୁତତା । ତମକାନ୍ତ ଅନାଇଁ ତମରେ ।
ବିଧ୍ୱଂସି ହେଲା ତସ୍କର          ମାତଳି ଆଦିତ୍ୟଗିର
ସ୍ମରଣ ତାରକସାର ଉଦିତ କରେ । ୧୮ ।
ବିତାସେ ଉତ୍ପାଡ଼ି ଗିର—          ପଡ଼ୁ ମହାଦ୍ରୁମ ପରି
ମସ୍ତୀପତନ ସୁରାରି ଭୂମାକୁ ଭଜେ ।
ବଲ୍କଳ କବର ଫଳ          ଶାଖା ଶିର ଭୁଜଜାଳ
ତେଜି ପ୍ରାଣ ପକ୍ଷମେଳ ଗଣ୍ଡ ସହଜେ ।
ବାଜି ହତ । ବାଜି ଗଜ ରଥ ଯେ ଅସୁରେ ।

---

୧୮ଶ ପଦ: -ବ୍ରହ୍ମପୁଙ୍ଖର—କନ୍ଦର୍ପ ତେଜସ୍ୱୀ । ପାରାବାରେ—ସମୁଦ୍ରରେ ଚରମରେ—ପୃଷ୍ଠ ଦେଶରେ । ଆଦିତ୍ୟଗିର—ସୂର୍ଯ୍ୟରୂପ ବଚନ ।

୧୯ଶ ପଦ:—ସ୍ୱବଶ—ରାକ୍ଷସ । ସୁରେ—ଦେବତାମାନେ ।

---

ବୁଡ଼ି କୂଳରେ ଫୁଟି ବାହାରିଲା ପରି ସେହି ଶର ରାବଣର ପିଠିରେ ଫୁଟି ବାହାରିଲା । ତତ୍ପରେ ରାମଙ୍କ ତୂଣୀରେ ଯାଇ ରହିଲା । 'ତମରେ' ଅନ୍ଧକାରାଚ୍ଛନ୍ନ ରାତିରେ ଅନାଇଲେ ଯେପରି କିଛି ଦେଖାଯାଏ ନାହିଁ, ରାବଣକୁ ବଧ କରିବାରୁ, ରାମଙ୍କର ନିର୍ମଳ ଚକ୍ଷୁକୁ ସେହିପରି କିଛି ଦେଖାଗଲା ନାହିଁ । ସେହି ସମୟରେ ମାତଳି ରାମତାରକ ମନ୍ତ୍ରକୁ ସ୍ମରଣ କରାଇଦେବାରୁ ସୂର୍ଯ୍ୟ ଉଦୟ ହୋଇ ଅନ୍ଧକାର ବିନାଶ ପୂର୍ବକ ଜଗତକୁ ଆଲୋକିତ କଲାପରି, ସେହି ମନ୍ତ୍ର ପ୍ରକାଶିତ ହୋଇ ରାମଚନ୍ଦ୍ରଙ୍କ ଚକ୍ଷୁରୁ ଅଦୃଶ୍ୟତା ଦୋଷକୁ ଦୂରକଲା । ( ରାମତାରକ ମନ୍ତ୍ର ସ୍ମରଣ କରିବାରୁ ପାପାନ୍ଧକାର ନାଶ ହେଲା । )

୧୯ଶ ପଦ:—ବିତାସରେ ବଡ଼ ବୃକ୍ଷ ପର୍ବତ ଉପରୁ ଉପୁଡ଼ି ତଳକୁ ପଡ଼ିଲାପରି ମୃତ ରାବଣ ରଥଉପରୁ ଭୂତଳରେ ପତିତ ହେଲା । ବୃକ୍ଷ ପର୍ବତ ଉପରୁ ପଡ଼ିଲେ ଯେପରି ତାହାର ବକଳ, ଫଳ ଓ ଡାଳ ସବୁ ତଳେ ପଡ଼ିଯାନ୍ତି ଏବଂ ସେହି ବୃକ୍ଷରେ ଥିବା ପକ୍ଷୀମାନେ ଉଡ଼ିଯାନ୍ତି, ସେହିପରି ରାବଣ ରୂପ ବୃକ୍ଷ ତଳେ ପଡ଼ିବାରୁ ତାହାର ବକଳ ରୂପ ସାଞ୍ଜ, ଫଳରୂପ ମୁଣ୍ଡସମୂହ, ଡାଳ ସମାନ ହସ୍ତସମୂହ ଯୁଦ୍ଧକ୍ଷେତ୍ରରେ ପତିତ ହେଲେ ଏବଂ ପକ୍ଷୀ ସମୂହରୂପ ପଞ୍ଚପ୍ରାଣ ହଠାତ୍ ବାହାରିଗଲେ । ପର୍ବତ ଉପରୁ ସେହି ବୃକ୍ଷ ପଡ଼ିଲା ବେଳେ ତାହାର ଆଘାତରେ ନିମ୍ନସ୍ଥ କ୍ଷୁଦ୍ରକ୍ଷୁଦ୍ର ଗୁଳ୍ମଲତା ସବୁ ଭାଙ୍ଗି ଚୂର୍ଣ୍ଣ ହୋଇଯାନ୍ତି; ସେହିପରି ସେହି ମୃତ ରାବଣର ଆଘାତରେ ନିମ୍ନସ୍ଥ ଅସଂଖ୍ୟ ଘୋଡ଼ା, ହାତୀ, ରଥ ଓ ରାକ୍ଷସମାନେ ଚୂର୍ଣ୍ଣ ହୋଇଗଲେ । ରାବଣର ମୃତ୍ୟୁ ଦେଖି ବାନରମାନେ 'ଏଥର

ବଜ୍ରିଲାଇଁ ତୋଷ ଭଜ        ବାଜନରେ ସଧୀରେ ନାଚ
ରଣସ୍ଥାନେ ପୁଷ୍ପସିଞ୍ଚ ବିଲୋକ ସୁରେ । ୧୯ ।
ବାହୁଡ଼ି ମାତଳି ଯାଇ        ରଥ ସେନ ଆଜ୍ଞା ପାଇ
ବିଭୀଷଣ ଶୋକ ବହ୍ନି ଲୋକ ଆଗ୍ରେରେ ।
ବାତେ ଉଡ଼ି ପୁଷ୍ପଲତା        ପରି ରାବଣ ବନିତା
ଆସି ରଣାଙ୍ଗଣେ ସ୍ଥିତା କହନ୍ତେ ଦୂତେ ।
ବିଳାସିନୀ । ବୃନ୍ଦ ବୃନ୍ଦ ପଦ୍ମିନୀ ତହିଁ ।
ବହେ ମକରନ୍ଦ ଜଳ        ନୟନ ଫୁଲ୍ଲ କମଳ
ଲାଗି ବହୁଛି ଭ୍ରମର ତୋକାଣ୍ଡି ସହିଁ । ୨୦ ।
ବାଳକା ହସ୍ତିନୀଗଣ        ଆକୁଳ ହରି ଦାରଣ
ହାର ମୋତି ଉତରଣ ସ୍ତନକୁମ୍ଭରୁ ।

---

୨୧ଶ ପଦ:—ହରି—ସିଂହ, ବିଷ୍ଣୁ ( ରାମଚନ୍ଦ୍ର । ଦାରଣହାର ମୋତି—ଗଜମୁକ୍ତା । ବସୁଧାମଣ୍ଡିନୀ—ପୃଥିବୀମଣ୍ଡିତ । ରଜନୀକରରେ ଧୂଳିସମୂହରେ ।

---

ବଜ୍ରାଂଗଳୁ, ବୋଲି କର୍ଣ୍ଣ ଆନନ୍ଦିତ ହୋଇ ଧୀରେ ଧୀରେ ନାଚିବାକୁ ଲାଗିଲେ ଏବଂ ଦେବତାମାନେ ତାହା ଦେଖି ପୁଷ୍ପବୃଷ୍ଟି କରିବାକୁ ଲାଗିଲେ ।

୨୦ଶ ପଦ:—ମାତଳି ରାମଙ୍କଠାରୁ ଆଦେଶ ପାଇ ରଥ ନେଇ ସ୍ୱର୍ଗକୁ ଗଲେ । ବିଭୀଷଣ ଲୋକମାନଙ୍କୁ ଦେଖାଇବା ପାଇଁ କାନ୍ଦିବାକୁ ଲାଗିଲେ । ଦୂତମାନେ ଲଙ୍କାକୁ ଯାଇ ରାବଣ ମରିବା କଥା କହିବାରୁ ଛିନ୍ନ ଟିତ ଲତାମାନେ ପବନରେ ଉଡ଼ି ଆସିଲାପରି ( ଅର୍ଥାତ୍ ଅତିଶୀଘ୍ର ) ରାବଣର ରାଣୀମାନେ ଆସି ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ ହେଲେ । ସେହି ସ୍ତ୍ରୀମାନଙ୍କ ମଧ୍ୟରେ ଅସଂଖ୍ୟ ପଦ୍ମିନୀ ସ୍ତ୍ରୀ ଥିଲେ, ସୁତରାଂ ମକରନ୍ଦ ଧାରା ପ୍ରବାହିତ ହେଲାପରି ସେମାନଙ୍କ ଛିନ୍ନ ଟିତ ନୟନକମଳରୁ ଅଶ୍ରୁଧାରା ଅନବରତ ପ୍ରବାହିତ ହେଲା । ସେହି ସମୟରେ ସେମାନଙ୍କ ଆଖିର କଳାତୋଳା ସବୁ ଭ୍ରମର ପରି ଦେଖାଗଲେ ।

୨୧ଶ ପଦ:—ସେମାନଙ୍କ ମଧ୍ୟରେ କେତେକ ହସ୍ତିନୀ ସ୍ତ୍ରୀ ଥିଲେ । ସିଂହ ଯେପରି ହସ୍ତୀର କୁମ୍ଭସ୍ଥଳକୁ ବିଦାରଣ ପୂର୍ବକ ତାହା ମଧ୍ୟରେ ଥିବା ମୁକ୍ତାମାନଙ୍କୁ ବାହାରକରି ଫିଙ୍ଗିଦିଏ, ସେମାନେ ସେହିପରି ସେମାନଙ୍କର ସ୍ତନ ରୂପ କୁମ୍ଭସ୍ଥଳକୁ ଆକୁଳରେ ବିଦାରି ମୁକ୍ତାହାରମାନଙ୍କୁ ଛିଣ୍ଡାଇ ଫିଙ୍ଗି ଦେଲେ । ସେହିପରି ଅନେକ ଶଙ୍ଖିନୀ ସ୍ତ୍ରୀ ଥିଲେ । ମାନମାନେ ଦେବାଳୟରେ 'କଣ୍ଠ' ଶଙ୍ଖଧ୍ୱନି କଲାପରି ସେମାନେ ସ୍ୱାମୀଙ୍କର ମୃତ୍ୟୁଜନିତ ଦୁଃଖରେ ଅଧୀରା ହୋଇ

ବିଶେଷ ଥିଲେ ଶଙ୍ଖମା        କଣ୍ଠମାଳୀ ଶୋଭା ସେନ
ପ୍ରକାଶିତ ଉଚ୍ଚଧ୍ୱନ ସେଁତା ତନ୍ତ୍ରୁ ।
ବିନୋଦମା । ବର୍ଗ ବର୍ଗ ଶଙ୍ଖିଣୀଏ ଥିଲେ ।
ବସୁଧା ମଣ୍ଡି ମାଁ ଶଙ୍ଖ        ଉଜ୍ଜଳକରରେ ଗାଢ
ଚିତ୍ରକାର ନାରୀ ସାର୍ଙ୍ଗ ଲକ୍ଷଣ ହେଲେ । ୨୧ ।
ବକୁଳକୁତ ଚୂଚରା        ଏ ସେନ ଅଙ୍ଗ ଅଧୀରା
ହରିଣୀ ଲକ୍ଷ ଚାମର ବାଳ ଚଳାଇ ।
ବାଣିଜ୍ୟ ହା ହା ପଦକ        କୁତନ୍ତୁ ସୁନାସାଟେକ
ବାଳା କ୍ଷିତରେ କନ୍ଦକ କୁଚ ଖେଳାଇ ।

---

୨୨ଶ ପଦ:—ହରିଣୀ—ସ୍ୱର୍ଣ୍ଣପ୍ରତିମା, ମୃଗଣୀ । ସୁନାସା—ଉତ୍ତମ ନାସା, ସୁନା'ର ବଣିଆ । କନ୍ଦୁକ—ପେଣ୍ଡୁ, ମହିଷୀ—ରାଣୀ । ହେଉଦାରେ—ଙ୍ଖାଳରେ । ପଦରସ—ଶୃଙ୍ଗାର ରସ ।

---

'ନିଜର କଣ୍ଠମାଳା' ରତ୍ନମାଳା ମଣ୍ଡିତ କଣ୍ଠକୁ ସେହି ସମୟରେ ପ୍ରକାଶିତ ହେଉଥିବା ଉଚ୍ଚ ଧ୍ୱନରେ ଶୋଭିତ କଲେ । ଅର୍ଥାତ୍ ବଡ଼ ପାଟିକରି କାନ୍ଦିବାକୁ ଲାଗିଲେ ) । ଏବଂ ସେହି ରାବଣର ବିନୋଦଦାୟିନୀ ଶଙ୍ଖିଣୀ ନାରୀ ମଧ୍ୟ ଥିଲେ । ସେମାନେ ଧୂଳିରାଶିରେ ନିଜର ଦେହକୁ ଗଡ଼ାଇ ପୃଥିବୀକୁ ନିଜ ନିଜର ଶରୀର ଚିହ୍ନରେ ଶଙ୍ଖିତ କରି ଦେଲେ । ଏହିପରି ଚିତ୍ରକାର ନାରୀଙ୍କ ଲକ୍ଷଣ ପ୍ରକାଶିତ ହେଲା ।

୨୨ଶ ପଦ:—ବକୁଳପରି ଚଞ୍ଚଳତା ଓ ମନୋହାରିଣୀ ସେହି ରମଣୀମାନେ ଶୋକରେ ଅଧୀରା ହେଲେ । 'ହରିଣୀ' ସୁବର୍ଣ୍ଣ ପ୍ରତିମା ତୁଲ୍ୟ କାନ୍ତିମତୀ ସେହି ସ୍ତ୍ରୀମାନେ 'ହରିଣୀ' ଚମରୀମୃଗୀ ନିଜର ଚାମର ନାମରେ ଅଭିହିତ ଲାଙ୍ଗୁଳ ଲମ୍ବିତ କେଶ ଗୁଚ୍ଛକୁ ସଂଚାଳିତ କଲାପରି ଚାମର ତୁଲ୍ୟ କେଶଗୁଚ୍ଛକୁ ପରିଚାଳିତ କଲେ ( ଅର୍ଥାତ୍ ଶୋକାତୁରା ସେହି ସ୍ତ୍ରୀମାନଙ୍କ କେଶ ମୁକୁଳିତ ହେଲା ) । 'ସୁନାରି ବଣିଆ 'ପଦକ' ଅଳଙ୍କାର ବିକଶିତ ତିଆରି କଲାପରି 'ସୁନାସା' ମନ୍ଦୋଦରୀ ସର୍ବଦା 'ହା ହା ପଦକ' ହା ନାଥ ଏହି ଏକମାତ୍ର ପଦ ଉଚ୍ଚାରଣ କରି ନିଜର 'ଟେକ' ପାଟରାଣୀର ମର୍ଯ୍ୟାଦା ପ୍ରକାଶ କଲେ ଏବଂ ବାଳକମାନେ ଭୂମିରେ କନ୍ଦୁକ ( ପେଣ୍ଡୁ ) ଧରି ଖେଳିଲାପରି ସେହି ମନ୍ଦୋଦରୀ ଭୂମିରେ କୁଚ ରୂପ କନ୍ଦୁକକୁ ଖେଳାଇଲା ( ଅର୍ଥାତ୍ ହା ନାଥ ହା ନାଥ କହି ତଳରେ ପଡ଼ିଲା ) । କନ୍ତୁ ସେ ପ୍ରକୃତରେ ମହିଷୀ ( ପାଟରାଣୀ

ବୋଲୁଛ ସେ । ବେଳରେ ମଙ୍କଶୀ ସ୍ୱେଦମାରେ ।
ବୁଡ଼ିତ ମଜ୍ଜାଇ ଦେଇ ଘନରସବେ ଆଶଂସୀ
ମହାସନ୍ତାପିତ ହୋଇ ସେ କରନ୍ତରେ । ୨୨ ।
ବର ରତନ ଅପ୍ତନ ଛତନ ବେଣି ଦପ୍ତନ
ମନ୍ଦୋଦରୀ କ ବନ୍ଧୁ ଧରିଲ୍ଲ ଭୋଳ ।
ବୋଇଲା ଶୋଭାଙ୍ଗୀ ଭଙ୍ଗି ବାଣୀ ଏ ଏ ଦଶାରଙ୍ଗୀ
ଘନ ହେଲୁଁ ସୂର୍ଯ୍ୟବଂଶୀ ଉଦରେ ଝଁଳ ।
ବୋଧ ଅର୍ଥେ । ବିଭୀଷଣ ପ୍ରଧାରେ ଭରଣୀ ।
ବୋଲ ଯା ସତ କାମିନ ଛୁଟିଲା ପାପ ରଜନୀ
ଉଦସ ଉଦଲ୍ଲୁ ସେନ ଚର ପୁଗତ । ୨୩ ।
ବନତାପଣେ ପଣ୍ଡିତା ଦେବର ବାଣୀ ଶବଦା
ସ୍ତୁତି ପଶ୍ଚରେ ସେଭିତା ଗଲେ ଭବନେ ।

---

୨୩ଶ ପଦ:—ବର—ଶ୍ରେଷ୍ଠ, ଉତ୍କୃଷ୍ଟ । ଅପ୍ତନ—ଛଚ୍ଛ କାଷ୍ଠ ।

---

ବୋଲୁଥିବାରୁ ମର୍କଟି ପାଣିରେ ବୁଡ଼ିଲାପରି ସ୍ୱେଦମାନରେ ଦେହକୁ ବୁଡ଼ାଇଲା ଏବଂ ମର୍କଟି ସର୍ବଦା ସୂର୍ଯ୍ୟ କିରଣରେ ଦୁଃଖ ଅନୁଭବ କରି ମେଘ ଜଳକୁ ଆଶା କଲାପରି ମନ୍ଦୋଦରୀ ଅତ୍ୟନ୍ତ ଦୁଃଖିତ ହୋଇ ପ୍ରଗାଢ଼ ରତିରସ ଲାଭପାଇଁ ମୃତ ସ୍ୱାମୀ ପ୍ରତି ଆଶା ପ୍ରକାଶ କଲା । ( ଅର୍ଥାତ୍ ମୋ କୋଳ ଛାଡ଼ି ପୃଥିବୀର କୋଳରେ ଶୋଇଲ,—ଏହା କହିଲା ।

୨୩ଶ ପଦ:—ବରକୁ ଯୋଜ କାଷ୍ଠରେ ଚଢ଼ିଥିବା ଉତ୍କୃଷ୍ଟ ରତ୍ନକୁ ସ୍ୱପ୍ନରେ ଦେଖି ଚୋର ଧରିଲାପରି ମନ୍ଦୋଦରୀ ମାଳମଣି ଭୂଷିତ ରାବଣର ଦେହକୁ ଦେଖି କୋଳ ଧରିଲା । ପୁଣି ସେହି ସର୍ବାଙ୍ଗସୁନ୍ଦରୀ କହିଲା, "ହେ ନାଥ ! ମୋର କଥାକୁ ନମାନି ଏହି ଦଶାକୁ ପ୍ରାପ୍ତ ହେଲ, ମନ୍ଦୋଦରୀ ଏହିପରି କହିବା ସମୟରେ ବିଭୀଷଣ ମନ୍ଦୋଦରୀଙ୍କ ପ୍ରବୋଧ କରିବା ନିମିତ୍ତ କହିଲା, "ଗୋ କାମିନି ! ଯାହା କହିଲ ତାହା ସତ୍ୟ । ବର୍ତ୍ତମାନ ପାପୀୟସୀ ରଜନୀ ଶେଷ ହେଲା ଓ ପୁଣ୍ୟମୟ ଦିବସ ଉପସ୍ଥିତ ହେଲା ( ଅର୍ଥାତ୍ ଅନ୍ଧକାର ସଦୃଶ ଦୁଷ୍ଟ ପାପୀ ରାବଣ ନାଶ ହେଲା ଓ ପୁଣ୍ୟମୟ ଦିବସ ତୁଲ୍ୟ ରାମଚନ୍ଦ୍ର ଉଦିତ ହେଲେ ) ।" ତୁମ୍ଭେ ଏବେ ଅନ୍ତଃପୁରକୁ ଗମନ କର ।

୨୪ଶ ପଦ:—ସ୍ତ୍ରୀମାନଙ୍କ ମଧ୍ୟରେ ପଣ୍ଡିତା ମନ୍ଦୋଦରୀ ଦେବର ବିଭୀଷଣ କହିବା କଥା ଶୁଣି ଆନନ୍ଦିତା ହୋଇ ଅନ୍ତଃପୁରକୁ ଗଲା । ତାହାପରେ ବନ୍ଧୁମାନେ ଯୁକ୍ତ ହୋଇ ରାବଣକୁ ଶୀଘ୍ର ଅଗ୍ନିରେ ଦଗ୍ଧ କରି ସ୍ନାନ କଲେ । ବୈକୁଣ୍ଠରେ ଥିବା ବିଜୟ [ କୁମ୍ଭକର୍ଣ୍ଣର ]

ଶ୍ରୁତି ବର୍ଣ୍ଣ ଶୁଣିବଶେ ଦଶାନନଙ୍କୁ ରଭସେ
ଦହନ ସଂଯୋଗ ଶେଷେ ମଜ୍ଜିଲେ ସ୍ନାନେ।
ବଇକୁଣ୍ଠେ। ବିଜୟ ପାଶେ ପ୍ରବେଶ ଜୟ।
ବିଜୟେ ପୃଚ୍ଛି ଶ୍ରୀରାମ ଶୋକ ଦେଇ ନେଲେ କି ଅଶୋକ
ବନେ କହନ୍ତି ପରସ୍ପରେ କଥା ଉଦୟ ୨୪।
ବଇଷ୍ଣବେ ସିଦ୍ଧି ମୋକ୍ଷଦାତା କୃପାନିଧି
ସ୍ୱବଳ୍ପାରେ ସଂପଦ ଯେତେ ଜନଣ।
ବସି ବେଳ ପ୍ରଶଂସିତ ସୁଜ୍ଞଜନମାନେ ଶତ
ନସ୍ତୁକ କରିଣ ଶନ୍ତ କି ପ୍ରଭୁପଣ।
କରଗିଲେ। ଶତ୍ରୁବାସ୍ତୁ କରି ସିଂହାଶ।
ବୀର ଶ୍ରୀରାମ ଅନୁଜ ସଙ୍ଗତେ ବାନରରାଜ
ବାଳିସୁତ ବାତାତ୍ମଜ ଲଙ୍କା ପ୍ରବେଶ। ୨୫।

---

୨୪ଶ ପଦ:—ଶ୍ରୁତି-ବେଦ। ଦଶାନନଙ୍କୁ—ରାବଣଙ୍କୁ। ରଭସେ—ବେଗରେ। ଦହନ ସଂଯୋଗ—ଅଗ୍ନି ସଂଯୋଗ।

୨୫ଶ ପଦ:— ଷଟଣ—ରଜା।

---

ନିକଟରେ ଜୟ ( ରାବଣ ) ପ୍ରବେଶ ହେଲା। ତହୁଁ ବିଜୟ ଜୟଙ୍କୁ ଦେଖି ପଚାରିଲା, "ଶ୍ରୀରାମ ଶୋକ ଦେଇ ସୀତାଙ୍କୁ ନେଲେ କି ?" ଜୟ କହିଲା, "ସୀତା ଅଶୋକ ବନରେ ଅଛନ୍ତି।" ସେହି ଦୁହିଙ୍କ ମଧ୍ୟରେ ଏହିପରି କଥାବାର୍ତ୍ତା ପ୍ରକାଶିତ ହେଲା।

୨୫ଶ ପଦ:—ପୁଣି ସେମାନେ କଥାବାର୍ତ୍ତା ହେଲେ, ରାମଚନ୍ଦ୍ର ଦୟାର ଆଧାର ହୋଇଥିବାରୁ ତିନ ପ୍ରକାରରେ ( ଅର୍ଥାତ୍ ଶତ୍ରୁ, ମିତ୍ର ଓ ସେବକ ଭାବରେ ) ମୁକ୍ତି ପ୍ରଦାନ କରନ୍ତି। ଅତଏବ ଆମ୍ଭେ ତାଙ୍କର ସ୍ତ୍ରୀ ସୀତାଙ୍କୁ ହରଣକରି ନାନାପ୍ରକାର ଦୁଃଖ ଦେଲେ ସୁଦ୍ଧା ସେ ଆମ୍ଭମାନଙ୍କର ସେହି ଦୋଷ ନ ଧରି ମୁକ୍ତି ପ୍ରଦାନ କରିଅଛନ୍ତି।" ସେ ଦୁହେଁ ବସି ଏହିପରି ରାମଚନ୍ଦ୍ରଙ୍କୁ ପ୍ରଶଂସା କରିବାକୁ ଲାଗିଲେ। ହେ ପଣ୍ଡିତମାନେ ତମ୍ଭେ ସ୍ଥିର କରି ସେହି ପ୍ରଭୁଙ୍କର ମହିମାକୁ ଭାବନା କର। ତହୁଁରେ ବୀର ରାମଚନ୍ଦ୍ର ବିଭୀଷଣଙ୍କୁ ରାଜା କରିବାପାଇଁ ଲକ୍ଷ୍ମଣଙ୍କ ସହିତ ସୁଗ୍ରୀବ ଅଙ୍ଗଦ ଓ ହନୁମାନଙ୍କୁ ଲଙ୍କାକୁ ପଠାଇବାରୁ ସେମାନେ ଯାଇ ଲଙ୍କାପୁର ମଧ୍ୟରେ ପ୍ରବେଶ କରିଲେ।

ବାରତା ମନ୍ଦୋଦରୀରେ ସଲକ୍ଷ୍ମଣ ଅଙ୍ଗଦରେ
ଯୁକ୍ତ ହୋଇଣ ସୁଗ୍ରୀବେ ଗନ୍ଧବହଜେ ।
ବିଭୀଷଣ ପୂର୍ବଦେବ ଇନ୍ଦ୍ରପଦରେ ବସିବ
ବାମା ଋତୁଧାରା ପରା ତୁମ୍ଭେ ହେବ ଯେ ।
ବୋଲୁଛନ୍ତି । ବୋଲି ଅଛନ୍ତି ଅଯୋଧ୍ୟାରାଜେ ।
ବୋଲି ସପତ୍ନୀ ସହରେ ସଲକ୍ଷଣ ଅଙ୍ଗଦରେ
ଯୁକ୍ତ ହୋଇଣ ସୁଗ୍ରୀବେ ଗନ୍ଧବହ ଯେ । ୨୭ ।
ଶୁଣି କୋହଳେ-ନାହିଁ ଆନେ ରାଘବ ପ୍ରଭୁ ସମାନେ
ନାହିଁ ବସି ସିଂହାସନେ ଅଭିଷେକରେ ।
ବଢ଼ିବ ସଖି ସମ୍ପଦ ଅପୂର୍ବ ନ ଯେମନ୍ତ ହୃଦ
ରହିଲା ଯାଉଁ ଅହଲ୍ୟା ତାରୁଁ ସଂସାରେ ।

---

୨୬ଶ ପଦ:—ସଲକ୍ଷ୍ମଣ-ଲକ୍ଷ୍ମଣଙ୍କ ସହିତ । ଗନ୍ଧବହଜ-ହନୁମାନ । ପୂର୍ବଦେବ—ରାକ୍ଷସ । ଋତୁଧାରାପରା ଶଚୀଙ୍କ ତୁଲ୍ୟ । ସପତ୍ନୀ ସହରେ-ସଉତୁଣୀ ସହିତରେ । ସଲକ୍ଷଣ-ମନୋହର ଭାବରେ, ଉତ୍ତମ ଲକ୍ଷଣରେ । ଅଙ୍ଗଦ—ଅଙ୍ଗଭୂଷଣରେ । ଗନ୍ଧ—ଚନ୍ଦନ ।

---

୨୭ଶ ପଦ:—ଅଙ୍ଗଦ, ସୁଗ୍ରୀବ ଓ ହନୁମାନ ଏହି ତିନିଜଣଙ୍କ ସହିତ ଲକ୍ଷ୍ମଣ ଲଙ୍କାଗଡ଼ରେ ପ୍ରବେଶ କରନ୍ତେ ମୁଦୁସୁଲି ଯାଇ ମନ୍ଦୋଦରୀଙ୍କୁ କହିଲା "ଆମ୍ଭର ପୂର୍ବରାଜା ରାବଣଙ୍କପରି ବିଭୀଷଣ ଇନ୍ଦ୍ରପଦରେ ବସିବେ ଅର୍ଥାତ୍ ବିଭୀଷଣ ରାକ୍ଷସେନ୍ଦ୍ର (ରାକ୍ଷସମାନଙ୍କର ରାଜା) ହେବେ । ତୁମ୍ଭେ ଶଚୀଙ୍କପରି ତାଙ୍କର 'ବାମ' ରାଣୀ ହେବ । ଅଯୋଧ୍ୟାର ରାଜା [ ରାମ ] ଏହା କହିଛନ୍ତି ବୋଲି ଲକ୍ଷ୍ମଣ ପ୍ରଭୃତି କହୁଛନ୍ତି ଏବଂ ମୋତେ କହିଅଛନ୍ତି, ତୁ ଯାଇ ମନ୍ଦୋଦରୀଙ୍କୁ କହ, ସେ ସଉତୁଣୀମାନଙ୍କ ସହ ସଧବାର ଶଙ୍ଖ ଚାଉଳ କଙ୍କଣ ପ୍ରଭୃତିରେ ମଣ୍ଡିତ ହୋଇ ବେଳରେ ଚନ୍ଦନ ବୋଳି ହେଉନ୍ତୁ ।"

୨୭ଶ ପଦ:—ଏହା ଶୁଣି ସଉତୁଣୀମାନେ ମନ୍ଦୋଦରୀଙ୍କୁ କହିଲେ "ରାମଚନ୍ଦ୍ରଙ୍କପରି ଦୟାରବାନ୍ ପୁରୁଷ ଆଉ କେହି ନାହିଁ, ଯେହେତୁ ସେ ତୁମ୍ଭଙ୍କୁ ଅନ୍ୟ କାହାକୁ ନ ଦେଇ ଅଭିଷେକ ସମୟରେ ଆମ୍ଭ ସ୍ୱାମୀଙ୍କର ସମାନ ଅର୍ଥାତ୍ ଦେବର ସହିତ ସିଂହାସନରେ ବସିବାକୁ ଆଦେଶ ଦେଲେ । ଏଣୁ ତୁମ୍ଭର ସଖୀର ମର୍ଯ୍ୟାଦା ବଢ଼ିବ, ମାତ୍ର ଅସଖି ହେବ ବୋଲି ମନରେ ଭାବ ନାହିଁ ।

ବାଳଜାଙ୍ଘା ବଇସିଲା ସୁଗ୍ରୀବର ଜାନୁ ।
ବଳାଇ ମନ ଏ ଘାଟରେ    ନନାନ୍ଦା କଥା ବିସ୍ମରେ
ସେ ସ୍ଥାନେ ପ୍ରବେଶ କର ସୁବେଶ ତନୁ । ୨୭ ।
ବନ୍ଦାଇ ସୁମିତ୍ରାସୁତ    ତାରାଭବ ରାମମିତ୍ର
ଆଞ୍ଜନେୟ କପିଘୋଷ ଯୁତ ସମେତ ।
ବୁହାଇଣ ରତ୍ନକୋଷ    ରଥ ଆଦି ଗଜ ଅଶ୍ୱ
ସୁଦାସୀସହ ସୁବେଳେ ଗଲେ ସୁବେଳେ ।
ପ୍ରଭୁ ତହିଁ । ବିଲୋକି ମୟଜା ସୁଶୋଭିତ ।
ଭାବିବ ଏତେକେ ଆରମ୍ଭା    ଥାଇଁ ରସିଲା ଏ ରମ୍ଭା
ଭୋଗକୁ ରାବଣ ଯାହା ମଧୁପ ସତ । ୨୮ ।

---

୨୭ଶ ପଦ:—ନନାନ୍ଦା—ନଣନ୍ଦ ।

୨୮ଶ ପଦ:—ସୁମିତ୍ରାସୁତ—ଲକ୍ଷ୍ମଣ । ତାରାଭବ-ଅଙ୍ଗଦ । ରାମମିତ୍ର-ସୁଗ୍ରୀବ । ଆଞ୍ଜନେୟ-ହନୁମାନ । କପିଘୋଷ-ମର୍କଟସମୂହ । ସୁବେଳେ ଉତ୍ତମ ସମୟରେ, ସୁବେଳ ପର୍ବତରେ । ମୟଜା ମନ୍ଦୋଦରୀ । ମଧୁପ-ଭ୍ରମର

---

କାରଣ ସେ ଅହଲ୍ୟାଙ୍କୁ ବ୍ୟଭିଚାରିଣୀ ଦୋଷରୁ ଉଦ୍ଧାରକରି ଏହି ସଂସାରରେ କୀର୍ତ୍ତି ରଖି ଅଛନ୍ତି । ପୁଣି ତାଙ୍କ ଆଦେଶରେ ତାରା ସୁଗ୍ରୀବଙ୍କ କୋଳରେ ବସିଅଛି । ରାମଙ୍କର ଏହି କଥାରେ ମନ ବଳାଅ; ଯଦି ଏହା ନ କର, ତା ହେଲେ ନଣନ୍ଦ ସୂର୍ପଣଖାର କଥାକୁ ବିସ୍ମର କର । ବର୍ତ୍ତମାନ ଦେହକୁ ସୁବେଶ କରି ସେହି ଅଭିଷେକ ସ୍ଥାନକୁ ଯାଅ ।”

୨୮ଶ ପଦ:—ସଉତୁଣୀମାନଙ୍କ କଥାନୁସାରେ ମନ୍ଦୋଦରୀ ସୁବେଶ ହୋଇ ବିଭୀଷଣ କୋଳରେ ବସିବାରୁ ଲକ୍ଷ୍ମଣ, ଅଙ୍ଗଦ, ସୁଗ୍ରୀବ, ହନୁମାନ ଆନନ୍ଦର ସହିତ ମିଳିତ ହୋଇ ବିଭୀଷଣ ଓ ମନ୍ଦୋଦରୀଙ୍କୁ ବନ୍ଦାଇଲେ । ତତ୍ପରେ ବିଭୀଷଣ ଭଣ୍ଡାରରେ ଥିବା ସମସ୍ତରତ୍ନ ଲୋକମାନଙ୍କ ଦ୍ୱାରା ବୁହାଇ ରଥ, ହାତୀ, ଘୋଡ଼ା ପ୍ରଭୃତି ସଙ୍ଗରେ ଘେନି ମନ୍ଦୋଦରୀ ସହିତ ଶୁଭଲଗ୍ନରେ ସୁବେଳପର୍ବତକୁ ରାମଚନ୍ଦ୍ରଙ୍କୁ ଦର୍ଶନ କରିବା ପାଇଁ ଗଲେ । ସୁବେଳପର୍ବତସ୍ଥ ପ୍ରଭୁ ରାମଚନ୍ଦ୍ର ମନ୍ଦୋଦରୀର ଶୋଭା ଅବଲୋକନ କରି ଭାବୁଥିଲେ, “ଏହିପରି ସୁନ୍ଦରୀ ଥାଇଁ ଥାଇଁ ରାବଣ ରମ୍ଭା ଅପସରାକୁ ଭୋଗକରିବାକୁ । ଯାହା ମନ ବଳାଇଲା । ଏଥିରୁ ଜଣାଯାଏ, ସେ ପ୍ରକୃତରେ ଭ୍ରମର ବା ମଦୁଆ ଅଟେ ।

ଜଗତେ ଏ ସୁରଭି ଅଙ୍ଗ    କାନ୍ତି ଅଙ୍ଗୁଳି ଛାଇଙ୍କ
ଗମନ ଅଳକା କଣ୍ଠ ନେତ୍ର ଭ୍ରୂଲତା ।
ବିଶେଷ ହରି ମନକୁ    ମୁଖ ସମ ସେ ପୂର୍ଣ୍ଣିକୁ
ନାସା ଓଷ୍ଠ ମଧ୍ୟ ବେଣୀ ତଥା ବଳିତା ।
ଜଡ଼ମ୍ମନ । ନିନ୍ଦିଲ ମୋତେ ସୁନ୍ଦରୀ କହେ ।
ବୋଧିଲେ ପୁଣ୍ଡରୀକାକ୍ଷ    ତାର କର ଧରି ମୁଖ୍ୟ
ସାଧ୍ୱୀରେ ଲେଖା ପ୍ରତ୍ୟକ୍ଷ ହୋଇବୁ ତୁହି । ୨୯ ।
ଜଗ୍ୱଗଣ ସଙ୍ଗେ ରାଜ    ଥିବାଯାକ ଚନ୍ଦ୍ର ସୂର୍ଯ୍ୟ
ତୋ ବୟସ ସଉନ୍ଦର୍ଯ୍ୟ ନ ତୁଟିଲବେ ।
ବାହୁଡ଼ାଇ ନଅ ଧନ    ଏଥିରେ କି ପ୍ରୟୋଜନ
ଆଣ ମୋର ପ୍ରାଣଧନ ଜାନକୀ ଏବେ ।

---

୨୯ଶ ପଦ:—ଜଗତେ—ସଂସାରରେ । ସୁରଭି—ମନୋହର, ଚମ୍ପାଫୁଲ । ହରି—ଚନ୍ଦ୍ର, ସୂର୍ଯ୍ୟ, ସିଂହ, ଶୁକପକ୍ଷୀ, କାଳୀୟ ସର୍ପ । ପୁଣ୍ଡରୀକାକ୍ଷ ରାମଚନ୍ଦ୍ର ।

---

୨୯ଶ ପଦ:—ତହୁଁରେ ରାମଚନ୍ଦ୍ର କହିଲେ, "ଏହି ସଂସାରରେ ଯେତେ ସ୍ତ୍ରୀ ଅଛନ୍ତି, ତାହାଙ୍କ ମଧ୍ୟରେ ଏହି ସ୍ତ୍ରୀ ଶ୍ରେଷ୍ଠ ଅଟେ । ଯେହେତୁ ଏହାର ଦେହକାନ୍ତି ଚମ୍ପାଫୁଲ ପରି, ଅଙ୍ଗୁଳିଗୁଡ଼ିକ ଚମ୍ପାକଢ଼ ପରି, ଗମନ ମତ୍ତ ହସ୍ତୀର ଗମନ ପରି, ଅଳକା ଭ୍ରମରମାନଙ୍କ ପରି, କଣ୍ଠର ସ୍ୱର କୋକିଳର ସ୍ୱର ପରି, ନେତ୍ର ମୃଗର ନେତ୍ର ପରି, ଭ୍ରୂଲତା କନ୍ଦର୍ପର ଧନୁ ପରି, ମୁଖ ପୂର୍ଣ୍ଣଚନ୍ଦ୍ର ପରି ମନୋହର ହୋଇ ମନକୁ ଅତିଶୟ ଭାବରେ ହରଣ କରୁଅଛି ଏବଂ ସେହିପରି ନାସା, 'ହରି' ଶୁଆର ନାସାପରି, ଓଷ୍ଠ ବାନ୍ଧୁଳି ପରି 'ମଧ୍ୟ' କଟୀଦେଶ ସିଂହକଟି ଓ ବେଣୀ ସର୍ପ ପରି ମନୋହର ହୋଇ ମନକୁ ମୋହିତ କରୁଅଛି ।" ଏହା ଶୁଣି ସୁନ୍ଦରୀ ମନ୍ଦୋଦରୀ କହିଲେ, "ହେ ପ୍ରଭୋ ! ଆପଣ ମୋତେ ନିନ୍ଦିତା କରାଇଲେ ।" ତହୁଁ ପଦ୍ମଲୋଚନ ରାମ ତାହାଙ୍କ ହାତକୁ ଧରି ପ୍ରବୋଧ ଦେଇ କହିଲେ, "ତୁମ୍ଭେ ନିଶ୍ଚୟ ପତିବ୍ରତାମାନଙ୍କ ମଧ୍ୟରେ ଲେଖା ହେବ ଅର୍ଥାତ୍ ପତିବ୍ରତାମାନଙ୍କ ନାମ ଗଣନା କଲାବେଳେ ତୁମ୍ଭ ନାମ ମଧ୍ୟ ସେମାନଙ୍କ ନାମ ସଙ୍ଗେ ଗଣାଯିବ ।

୩୦ଶ ପଦ—ପୁଣି ରାମ ମନ୍ଦୋଦରୀଙ୍କୁ କହିଲେ, "ତୁମ୍ଭେ ଚନ୍ଦ୍ର ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ଭଗ୍ନଗଣଙ୍କ ସହିତ ଶୋଭା ପାଉଥାଅ । ତୁମ୍ଭର ବୟସ ଓ ସୌନ୍ଦର୍ଯ୍ୟର କିଛିମାତ୍ର କ୍ଷତି ନହେଉ । ତୁମ୍ଭ ଦୁହେଁ ତୁମ୍ଭର ଧନ ଫେରାଇ ନିଅ, ମୁଁ ରାଜସମ୍ପଦ ତ୍ୟାଗ କରି ବନବାସୀ ହୋଇଅଛି; ଏଣୁ ଧନରେ ମୋର

ବନବାସୀ । ବଧୂରତା କର ବଜଭୂକ୍ତ ।
ବଢ଼ୁର ମୁକତଦାୟୀ ମୁଁ କଣ୍ଠ ଗ୍ରାହ୍ୟବଲ ନାହିଁ
ଯାହାରେ ବାହାର ସେହି କରେ ମୋ ଗତି । ୩୦ ।
ବୈଦେହୀ ଅମୃତାଧାରୀ ଚାତକ ଚକୋର ପରି
ବରହି ଜ୍ୱରରେ ଯାଇ ସେହି ବଧାନ ।
ବୋଲୁଁ ସେ ଯାଇ ସସୈନ୍ୟେ ପ୍ରବେଶ ଅଶୋକ ବନେ
ହୋଇଲେ ଅଶୋକ ମନେ ଯାଇ ବନ୍ଦନ ।
ବାର୍ତ୍ତା ଦେଲେ ବରହ ନବମ ଦଶା ଭୋଗ
ବଶ୍ୟାତ୍ତ ମଇଥିଳୀରେ ଲୋଟିଲୁ ମହୀସ୍ଥଳୀରେ
କରି ଦଶ, ଦଶାନନ ଦଶମ ଭୋଗ । ୩୧ ।
ବକେ କର କାନ୍ତ ପାଶେ ହେମ ରତ୍ନ କାନ୍ତିବେଶେ
ମଣ୍ଡନ୍ତୁ ରାଣୀଏ ତୋତେ ମୋ ନାମେ କହ ।
ବୋଇଲୁ ସମର୍ପି ଯାଇ ବଭୀଷଣ ଯାହା କହି
ବସ୍ତାର କରିବା ପାଇଁ ହରଷବୃନ୍ଦ ।

୩୦ଶ ପଦ:—ବଧୂରତା—ତ୍ୟାଗକର । କାଳଭୁକ୍ତ—ରାଜସମ୍ପଦ ।

କାହିଁମାତ୍ର ପ୍ରୟୋଜନ ନାହିଁ । ମୁଁ ଯାହାକୁ ମୋର ଦୁଃଖହାରିଣୀ ବୋଲି ପାଶରୁ ଅନ୍ତର କରୁ ନ ଥିଲି, ବର୍ତ୍ତମାନ ସେ ମୋର ମନରେ ବାହାର କରୁଅଛି; ଏଣୁ ସେ ମୋର ଅଭିପ୍ସିତ ଧନ ( ଅର୍ଥାତ୍ ସେହି ସୀତାଙ୍କୁ ମୋତେ ଆଣିଦଅ )'

୩୧ଶ ପଦ:—ପୁନର୍ବାର ରାମଚନ୍ଦ୍ର କହିଲେ, "ସୀତା 'ଅମୃତାଧାରୀ, ଜଳାଧାରରୂପୀ ଅର୍ଥାତ୍ ମେଘସ୍ୱରୂପିଣୀ କିମ୍ବା 'ଅମୃତାଧାରୀ ଚନ୍ଦ୍ର ସ୍ୱରୂପା ଅଟନ୍ତି ତେଣୁ ମେଘକୁ ଚାତକ ଆଶା କରି ଓ ଚନ୍ଦ୍ରକୁ ଚକୋର ଆଶା କରି ସତୃଷ୍ଣ ନୟନରେ ଯୁହିଁ ରହିଥିଲି ପରି, ମୁଁ ବିରହ ଜ୍ୱରରେ ଯାଇ ହୋଇ ତାଙ୍କୁ ଅନୁ-ରହୁଛି । ଏହାଶୁଣି ବିଭୀଷଣ ଅନ୍ୟ ମନରେ ସୈନ୍ୟମାନଙ୍କ ସହିତ ଅଶୋକ ବନରେ ହଠାତ୍ ଉପସ୍ଥିତହୋଇ ସୀତାଙ୍କ ନିକଟକୁ ସମ୍ବାଦ ପଠାଇଲେ, "ରାଜଣ ତୁମ୍ଭଠାରୁ ବିରହ ଜନିତ ମୋହ ଦଶାକୁ ଭୋଗ କରୁବାଥିଁ ( ଅର୍ଥାତ୍ ତୁମ୍ଭ ରୂପ ଦେଖି ବିମୋହିତ ହେବାରୁ ) ବର୍ତ୍ତମାନ ଦଶମ ଦଶାକୁ ଭୋଗ କରି ଅର୍ଥାତ ମରୁ ଭୂମିରେ ଲୋଟୁଛନ୍ତି ।"

୩୨ଶ ପଦ:—"ତୁମ୍ଭେ ବର୍ତ୍ତମାନ ସୁବର୍ଣ୍ଣ ଓ ମଣି ମୁକ୍ତା ପ୍ରଭୃତିରେ ବିଭୂଷିତ ହୋଇ ପ୍ରିୟ ରାମଚନ୍ଦ୍ରଙ୍କ ନିକଟକୁ ଗମନ କର ଏବଂ ଏହି ଲଙ୍କାର ରାଣୀମାନେ ଆନନ୍ଦରେ ତୁମ୍ଭଙ୍କୁ ବେଶ କରନ୍ତୁ; ଏହି କଥା ବିଭୀଷଣ କହୁଛି ବୋଲି କହ ।' ସୀତାଙ୍କର ଆନନ୍ଦବୃଦ୍ଧି କରିବାପାଇଁ ବିଭୀଷଣ ଯାହା ସବୁ

ବେଢ଼ିଗଲେ । ବେରେ ଓଳଗି ମହାଦେବୀଏ ।
ବତିଶ ପଦେ ଏ ଛାନ୍ଦ          ବୁଝିବ ସର୍ବ କୋବିଦ
ଚିତ୍ତେ ଭଞ୍ଜ ଉପେନ୍ଦ୍ର ଶ୍ରୀରାମେ ଧ୍ୟାୟୀ ।୩୨ ।

## ଏକପଞ୍ଚାଶତ୍ ଛାନ୍ଦ

—*—

ରାଗ—କନଡ଼ା

ବଲ୍ଲଭ ଦୁର୍ଲ୍ଲଭ ସନ୍ଦେଶ ଲଭନ୍ତେ ସୀତା ଇଷିତ ହାସବଶ ।
ବେଶ ହେବାର ନୋହିଲ ଆବେଶ ।
ବିଚ୍ଛେଦ ବିଚ୍ଛିତ୍ତି          ଦରଶନେ ପତି
ମତିକି କରି ପ୍ରବେଶ ସେ । ବରାଙ୍ଗୀ ।
ବସି ସୁଖାସନେ କରୁଁ ଗମନ । ବେଢ଼ି ରାବଣ ମହାଦେଈମାନ ।
ବରହିବରହ ଚାମର ଆଲଟ ଖଞ୍ଜି କରନ୍ତି ଚାଳନ ସେ । ବନିତା । ୧ ।

## ଏକପଞ୍ଚାଶତ୍ ଛାନ୍ଦ

---

୧ମ ପଦ:—ସୁଖାସନେ—ଯାନବିଶେଷରେ ଅର୍ଥାତ୍ ହାଣ୍ଡୋଳାରେ । ବରହିବରହ—ମୟୂରପୁଚ୍ଛ ।

---

କହୁଥିଲେ, ସମର୍ପ୍ପି ସୀତାଙ୍କ ନିକଟକୁ ଯାଇ ସେ ସମସ୍ତ କହିବାକୁ ଲାଗିଲା । ଏହି ସମୟରେ ମନ୍ଦୋଦରୀ ପ୍ରଭୃତି ମହାରାଣୀମାନେ ଯାଇ ସୀତାଙ୍କୁ ବେଢ଼ି ଓଳଗି ହେଲେ । ଉପେନ୍ଦ୍ର ଭଞ୍ଜ ହୃଦୟରେ ଶ୍ରୀରାମଙ୍କୁ ଧ୍ୟାନ କରି ବତିଶ ପଦରେ ଏ ଛାନ୍ଦକୁ ରଚନା କଲେ । ହେ ପଣ୍ଡିତମାନେ ! ଏହାକୁ ମନ ଦେଇ ବୁଝିବ ।

—*—

## ଏକପଞ୍ଚାଶତ୍ ଛାନ୍ଦ

୧ମ ପଦ:—'ରାମଚନ୍ଦ୍ର ରାବଣକୁ ବଧ କଲେ'—ଏହି ଦୁର୍ଲ୍ଲଭ ବାର୍ତ୍ତା ପ୍ରାପ୍ତ ହେବାରୁ ସୀତା ମନ୍ଦହାସ ପ୍ରକାଶ ପୂର୍ବକ ବେଶ ଭୂଷଣରେ ମନ ନ ଦେଇ ପତିଙ୍କ ବିରହଜନିତ ଦୁଃଖ ଦେଖିବା ପାଇଁ ଇଚ୍ଛା ପ୍ରକାଶ କଲେ । ଏଣୁ ସେ ହଠାତ୍ ଦୋଳାରେ ବସି ବାହାରିଲେ । ତହୁଁ ରାବଣର ରାଣୀମାନେ ତାଙ୍କୁ ବେଢ଼ି ମୟୂରପୁଚ୍ଛ ନିର୍ମିତ ଆଲଟ ଚାମର ଓ କନାରେ ବନ୍ଧାଇ ହୋଇଥିବା ପଙ୍ଖା ପ୍ରଭୃତି ଧରି ହଙ୍କିବାକୁ ଲାଗିଲେ ।

ବାହାର ବାରିଧିଲହରୀ ଯେମନ୍ତେ ତହିଁ ବହନ୍ତି ଶିରୀ ଆସେ ।
ବନଜଜନ୍ମା ଲତା କି ପାଶେ ଭାସେ ।
ଭଜେଣ ତରଣୀ     ମଞ୍ଜୁଳଧାରଣୀ
ହାନ୍ଦୋଳା ଦୋଳାୟିତ ସେ ଯେ । ବନ୍ଦୁଷେ ।
ବୋଇଲେ ରାମ ଚଳାଇଆଣ ଦେଖିପାସୋରନ୍ତୁ ସର୍ବେକଷ୍ଟଯେ । ବେଗଷ୍ଟ
ବେଣ କର ଗତ ମସ୍ତ୍ୟ ଚହଟ । ବୋଲିବାର ମଣିମା ଭେକରଟ
ବାଟେ ଦ୍ୱିବିତ କହିଲ ଏ ଉଦନ୍ତ ସୁଦନ୍ତଶୋଭା ଶୁଣି ଭାବେ ।
ଭକ୍ତ ବରଗୀ ମୋହଠାରେ ହେଲେ ।

---

୨ୟ ପଦ:—ବାରଧିଲହରୀ—ସମୁଦ୍ରର ତରଙ୍ଗ । ଶିରୀ—ଲକ୍ଷ୍ମୀ । ବନଜନଲତା—ପଦ୍ମଲତା । ତରଣୀ—ନୌକା । ଦୋଳାୟିତ—ଆନ୍ଦୋଳିତ ଭେକରଟ—ବେଙ୍ଗ ଶବ୍ଦ ।

୩ୟ ପଦ:—ଉଦନ୍ତ—ବଚନ । ସୁଦନ୍ତଶୋଭା—ସୀତା ।

---

୨ୟ ପଦ:—ହେ ପଣ୍ଡିତମାନେ ! ଲକ୍ଷ୍ମୀ ଲହରୀସଂକୁଳ ସମୁଦ୍ର ମଧ୍ୟରୁ ଯେପରି ବାହାରି ଥିଲେ, ସୀତାଅଶୋକବନ ରୂପ ସମୁଦ୍ର ମଧ୍ୟରୁ ସେପରି ବାହାରି ରାମଙ୍କ ନିକଟକୁ ଆସିବାକୁ ଲାଗିଲେ । ଲକ୍ଷ୍ମୀ ସମୁଦ୍ର ମଧ୍ୟରୁ ଆସିବାବେଳେ ଯେପରି ତାଙ୍କ ସମୀପରେ ପଦ୍ମଲତା ସବୁ ଭାସି ଆସୁଥିଲେ, ନୌକାମାନେ ଦୋଳୁଥିଲେ ମାଛ ସବୁ ଅତି ବେଗରେ ପହଁରୁଥିଲେ ଓ ବେଙ୍ଗମାନେ ରଡ଼ି କରୁଥିଲେ ସେହି-ପରି ଏହାଙ୍କର ଆସିବା ସମୟରେ ମନ୍ଦୋଦରୀ ପ୍ରଭୃତି ପଦ୍ମିନୀ ସ୍ତ୍ରୀମାନେ ସଙ୍ଗେ ସଙ୍ଗେ ରହି ଆସୁଥିଲେ, ମନୋହର ଦୋଳା ଟଗାଟିକ ବାହକମାନଙ୍କ ସ୍କନ୍ଧରେ ରହି ଝୁଲୁଥିଲା; ମାଛମାନଙ୍କ ପରି ବେତହସ୍ତ ପ୍ରତିହାରୀମାନେ ଅତି ବେଗରେ ଗତି କରୁଥିଲେ ଓ ବେଙ୍ଗ ରଡ଼ି ପରି ଭାଟମାନଙ୍କର ମଣିମା ମଣିମା ଡାକ ପଡ଼ୁଥିଲା । ଏହାଦେଖି ରାମଚନ୍ଦ୍ର କହିଲେ, "ସୀତାଙ୍କୁ ଚଲାଇ ଆଣ ସମସ୍ତେ ତାଙ୍କୁ ଦେଖି ଅନ୍ତଃଶୀଘ୍ର ଦୁଃଖ ପାଶୋରନ୍ତୁ ।"

୩ୟ ପଦ:—"ରାମଚନ୍ଦ୍ର ଆଦେଶ ଦେଇଛନ୍ତି, ସୀତା ଦୋଳରୁ ଓହ୍ଲାଇ ଚାଲି କରି ଆସନ୍ତୁ"—ଏହି ବାର୍ତ୍ତା ଦ୍ୱିବିଦନାମକ ବାନର ବାଟରେ ଚିଆଁହୋଇ ପ୍ରଚାର କରିବାରୁ ସୁଦନ୍ତୀ ସୀତା ଏହା ଶୁଣି ଭାବିଲେ, 'ପ୍ରଭୁ ମୋ ପ୍ରତି ବିରକ୍ତ ହେଲେ କାହିଁକି ? ତତ୍ପରେ ଗର୍ଭାଳସୀ ହଂସୀ ପଦ୍ମପତ୍ର ଉପରେ ଯେପରି ଚାଲେ, ସେହି ଚାଲିକି ନିଜର ଚାଲିହାରି ଦଳି ଦେଇ

ବନଗମନରେ                                        ଗଣ୍ଡାଳସୀ ହଂସୀ

ଚାଲିବା ଚାଲିକ ଦଳେ ସେ । ବରଙ୍ଗୀ ।

ବାସେ ଲୋଭ ହୋଇ ଭୃଙ୍ଗମଣ୍ଡଳୀ । ବୁଲେ ଚଉଦିଗରେ ଘୋଷଣାଳୀ ।

କଣେଷଣେଷାଭାରେ କୀରତିକ ରତିକ ରଚିଲେ ଛେଦଦେଭଲା ସେ । ବିଦୁଷେ ।୩

ବିଚାରିଲେ ସଇନେ ନେତ୍ରପାତ ମାତ୍ରେ ବିଧାନ କଲା କେ ଏହାକୁ ।

ବିଲୋକନ କଲୁଁ ତାହାକୁ ।

ବୋଲନ୍ତି ଯାହାକୁ                                        ଭୂଷଣଭୂଷଣା

ଆନ ଉପମା ଏହାକୁ ହେ । ବିଧାତା ।

ବୁଦ୍ଧି କେତେ ତୋ ନିର୍ମାଣ ଏହାର । ବଣା ଧୈର୍ଯ୍ୟ ଉର୍ବଶୀରେ ଯାହାର

ବାସ୍ତୋଷ୍ପତି ଯେବେ ଦରଶନେ କଲୁନବଲୁ ସେହି ପ୍ରକାର ହେ । ବିଧାତା ।୪

---

୪ର୍ଥ ପଦ:—ବାସ୍ତୋଷ୍ପତି—ଇନ୍ଦ୍ର ।

---

ଅର୍ଥାତ ଅତି ଧୀରେ ଧୀରେ ଚାଲି ଅଗ୍ରସର ହେଲେ । ଭ୍ରମରମାନେ ତାହାଙ୍କର ଶରୀର ଗନ୍ଧରେ ଆକୃଷ୍ଟ ହୋଇ ଗୁଣ୍ ଗୁଣ୍ ଶବ୍ଦ ପ୍ରକାଶ ପୂର୍ବକ ଚାରିଆଡ଼େ ବୁଲିବାକୁ ଲାଗିଲେ । ହେ ପଣ୍ଡିତମାନେ ! ତାଙ୍କ ସୌନ୍ଦର୍ଯ୍ୟ ମୁଁ କଣ ବର୍ଣ୍ଣନା କରିବି ? ମୋର ଏହି କଥାରୁ ତାଙ୍କର ସୌନ୍ଦର୍ଯ୍ୟକୁ ବିଚାର କର । ରତିଦେବୀ ସୁନ୍ଦରୀ ବୋଲି ଯେଉଁ ପ୍ରଧାନ କୀର୍ତ୍ତି ଲାଭ କରିଥିଲେ, ତାହାକୁ ସୀତାର ଏ ପ୍ରମାଣରେ କାଟି ପକାଇଲେ । ଏଣୁ ସେ ରତି ନାମରେ ଅଭିହିତ ହୋଇଅଛନ୍ତି କି ?

୪ର୍ଥ ପଦ:—ସୀତାଙ୍କ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ସୈନ୍ୟମାନେ ବିଚାରିଲେ, "ଏହାଙ୍କୁ ଯେ ନିର୍ମାଣ କରିଅଛି, ଆମ୍ଭେମାନେ ତାକୁ ପାରିଲୁ ନାହିଁ । ଯେଉଁ ସ୍ତ୍ରୀକୁ ଅଳଙ୍କାରର ଅଳଙ୍କାର ବୋଲି କହନ୍ତି, ସେ ଏହାଙ୍କର ଉପମାନରୁ ହେ ) ଅର୍ଥାତ୍ ତାଠାରୁ ମଧ୍ୟ ଏ ଅଧିକ ସୁନ୍ଦରୀ ) ହେ ବିଧାତା ! ତୋର କେତେ ବୁଦ୍ଧି ଅଛି ଯେ; ତୁ ଏହାଙ୍କୁ ନିର୍ମାଣ କଲୁ ? ଉର୍ବଶୀକୁ ଦେଖି ଯାହାର ବୁଦ୍ଧି ବଣା ହୋଇଯାଇଥିଲା, ତୁ ପରା ସେହି ବ୍ରହ୍ମା ! ହେ ବିଧାତା ! ଯଦି ସୀତାଙ୍କୁ ଦର୍ଶନ କରିବା ଦ୍ୱାରା ଆମ୍ଭମାନଙ୍କୁ ଇନ୍ଦ୍ର ତୁଲ୍ୟ ସୁଖ ପ୍ରଦାନ କଲୁ, ତାହାହେଲେ ଆମ୍ଭମାନଙ୍କୁ ସେହି ଇନ୍ଦ୍ରଙ୍କ ପରି ନ କଲୁ କାହିଁକି ? ଅର୍ଥାତ୍ ଆମ୍ଭଙ୍କୁ ଇନ୍ଦ୍ରଙ୍କପରି ସହସ୍ର ଆଖି ଦେଇଥିଲେ, ଆମ୍ଭେମାନେ ସୀତାଙ୍କୁ ଭଲରୂପେ ଦେଖି ପାରନ୍ତୁ ) ।"

ବାମଦେବ କିପାଁ ଗଉରୀଙ୍କି କାଳୀ ବୋଲନ୍ତି ଥିଲୁ ଏ ସଂଶୟ ।
ବଳେ ସୁବର୍ଣ୍ଣ ଶତେଗୁଣ କାୟ ।
ବାଳୀ ରତନ    ଛାଇ କି ଅନୁଯାୟୀ
ଯେଣୁ ହେବେ ଉପମେୟ ହେ । ବିଧାତା ।
ବିଶ୍ବେ ଏମନ୍ତ ପରିରେ ତାହାକୁ । ବାମା ନାହିଁ ତ ଉପମା ଦେବାକୁ ।
ବିସର୍ଜିଲୁ ପ୍ରାଣ କି ମୁଣ୍ଡ ରାବଣ କିସୁରେ ଭ୍ରମି ଥିବାକୁ ହେ ବିଧାତା ।୭।

ବଦନଶୋଭକୁ ଚାହିଁ ମହୀଜାର କଳାକର ନାମ ବହିଲୁ ।
ବିଧିର ତ ବିବେକ ନ ରହିଲୁ ।
ବେଦଜଡ଼ ସିନା    ଅନନ୍ତେ ପୁଚ୍ଛିବ
ଅନନ୍ତ ତାକୁ ହୋଇଲା ହେ । ବିଧାତା ।

---

୬ମ ପଦ—ବାମଦେବ—ମହାଦେବ । ଗଉରୀ---ପାର୍ବତୀ
୭ମ ପଦ—ମହୀଜା—ପୃଥିବୀକନ୍ୟା, ସୀତା । କଳାକର-ଚନ୍ଦ୍ର ।

---

୬ମ ପଦ—"ମହାଦେବ କାହିଁକି ନିଜ ସ୍ତ୍ରୀ ଗୌରୀଙ୍କୁ କାଳୀ ବୋଲି କହନ୍ତି, ଏ ବିଷୟରେ ଆମ୍ଭମାନଙ୍କର ସନ୍ଦେହ ଥିଲା । କିନ୍ତୁ ସୀତାଙ୍କର ଦେହ ସୁବର୍ଣ୍ଣଠାରୁ ଶତ ଗୁଣରେ ଅଧିକ, ଏହି ସ୍ତ୍ରୀ ରତ୍ନ ସୀତାଙ୍କର ଛାଇର ଉପଯୁକ୍ତ ଉପମେୟ ହେବାରୁ ମହାଦେବ ଗୌରୀ (ପାର୍ବତୀ)ଙ୍କୁ କାଳୀ ବୋଲିକହିଛନ୍ତି । (ଛାଇ କଳା ହୋଇଥିବାରୁ ଓ ଛାଇ ସହିତ ପାର୍ବତୀ ସମାନହେବାରୁ ତାଙ୍କ ନାମ କାଳୀ ହେଲା ) ଏବେ ଜାଣିଲୁ, ଏପରି ସ୍ତ୍ରୀ ଆଉ ଏହି ସଂସାରରେ ନାହିଁ, ଯାହାକୁ କି ଏହାଙ୍କ ସହିତ ତୁଳନା କରିବାକୁ ହେବ । ରାବଣ ସ୍ବର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁର ବୁଲି ସମସ୍ତ ସ୍ତ୍ରୀଙ୍କୁ ଦେଖି ଥିବାରୁ ଏହା ନିଶ୍ଚୟ କରି ସୀତାଙ୍କୁ ରାମଙ୍କ ହସ୍ତରେ ଫେରାଇ ନ ଦେଇ ମଲା ।"

୭ମ ପଦ—"ବିଧାତା ସୀତାଙ୍କର ମୁଖଶୋଭକୁ ନିରୀକ୍ଷଣ କରିସୁଦ୍ଧା ଚନ୍ଦ୍ରକୁ 'କଳାକର' ଶୋଭାର ଆକାର ବୋଲି ନାମ ଦେଲା ଅଥବା ସୀତାଙ୍କ ମୁଖଶୋଭାର ଷୋଡ଼ଶାଂଶରୁ ଏକ ଭାଗ ସହିତ ସମାନ ବୋଲି ନିଶ୍ଚୟ କଲା । ଏଣୁ ମନେ ହୁଏ, ବିଧାତାର ବେଦ ପଢି ପଢି ବୁଦ୍ଧି ହୀନ ହୋଇ ଯାଇଥିବାରୁ ସେ ଚନ୍ଦ୍ରକୁ ଏହିପରି ସୀତାଙ୍କ ମୁଖ ସହିତ ତୁଳନା କରି କଳାକର ନାମଦେଲା କିନ୍ତୁ ଶେଷଦେବଙ୍କୁ ପଚ୍ଛରିବୁଝିଲେ ଜଣାଯିବ, ସେ ତାଙ୍କର ଅସଂଖ୍ୟମୁଖମାନଙ୍କ ଦ୍ୱାରା ସୀତାଙ୍କର ମୁଖଶୋଭାର ବର୍ଣ୍ଣନା ଶେଷକରି ପାରି ନଥିଲେ । ତେଣୁଚନ୍ଦ୍ରକୁ

ବୋଲିବାକୁ ସ୍ତ୍ରୀପଦରେ ସମ୍ଭବେ । ବିନା ସୁକର୍ମଭଳୁ ସୀତାଠାବେ ।
ବରବର୍ଣ୍ଣିନୀ ବରାରୋହା ଉତ୍ତମା ରମା ହୋଇଛି ତା ଭାବେ ତୁହି । ବିଧାତା ॥
ବାଛି ବାଛି ଲଙ୍କାପତି ଆଣିଥିଲା ସଂସାରର ସୁନ୍ଦରୀଙ୍କି ।
ବୈଦେହିକା ତହିଁ ରାଜାଭିଷେକା ।
ବିଶ୍ୱରୁ ଏସନ ତା ସ୍ୱରୁ ଦର୍ଶନ
ଲଭେ ରାମସନ୍ନିଧିକ ହେ । ବିଧାତା ।
ବୋଲେ ସତ୍ୟବାଦୀ ହୋଇ ଏ ଗିର । ଶରଧିକୁ ବିନାଶ କଲି ପର ।
ବିଭାବସୁପତି ପଦ୍ମିନୀ ମଧୁପେ ରସିତା ଏ ଶ୍ଳେଷକର ତୋ । ବଳାଙ୍ଗି ।୭।

---

୭ମ ପଦ—ବୈଦେହିକା —ସୀତା । ରାଜାଭିଷେକା—ପଟ୍ଟମାସୁନ୍ଦରୀ ସତ୍ୟବାଦୀ —ରାମଚନ୍ଦ୍ର । ଶରଧି—ଶରଭ । ବିଭାବସୁ—ସୂର୍ଯ୍ୟ । ମଧୁପେ—ଭ୍ରମରଠାରେ ।

---

ଶୋଭାରେ ଆକର କମ୍ବା ସୀତାଙ୍କ ମୁଖଶୋଭାର ଏକାଂଶମାତ୍ର ବୋଲି କଳାକର ନ କହି, ସମସ୍ତ ଦୋଷ ବା ପାପର ସ୍ଥାନ ହେତୁ କଳାକର କହିବା ଉଚିତ୍ । ହେ ବିଧାତା ! ଅମରକୋଷକାରଙ୍କ ମତରେ ସ୍ତ୍ରୀ ପର୍ଯ୍ୟାୟରେ ଯେଉଁ ସବୁ ବରବର୍ଣ୍ଣିନୀ, ବରାରୋହା, ଉତ୍ତମା, ରମା ପ୍ରଭୃତି ସ୍ତ୍ରୀମାନଙ୍କର ଉତ୍କର୍ଷତା ବ୍ୟଞ୍ଜକଶବ୍ଦ ପ୍ରୟୋଗ କରାଯାଇଅଛି, ସେ ସବୁ ପଦ ସୀତାଙ୍କଠାରେ ସାର୍ଥକ ହେଉଅଛି । ତେଣୁ ଏହି ସଂସାରରେ ସୀତା ଏକମାତ୍ର ସୁଲକ୍ଷଣୀ ସ୍ତ୍ରୀ, ଏହି ଭାବନା ସ୍ୱତଃ ମନରେ ଜାଗରୁକ ହେଉଅଛି ।”

୭ମ ପଦ—ଏହି ସଂସାରରେ ଥିବା ଶ୍ରେଷ୍ଠ ସୁନ୍ଦରୀମାନଙ୍କୁ ରାବଣ ବାଛି ବାଛି ଆଣିଥିଲା । ବୈଦେହୀ ସେହିସବୁ ସୁନ୍ଦରୀମାନଙ୍କ ମଧ୍ୟରେ ରାଜପଦରେ ଅଭିଷିକ୍ତ ହେବାର ଯୋଗ୍ୟା ଅଟନ୍ତି ଅର୍ଥାତ ସମସ୍ତଙ୍କ ଠାରୁ ଶ୍ରେଷ୍ଠା ଅଟନ୍ତି । ଦର୍ଶକମାନେ ତାଙ୍କର ସୌନ୍ଦର୍ଯ୍ୟ ଦେଖି ଏହା ସ୍ଥିର କଲାବେଳେ ସେହିସୀତା ରାମଙ୍କ ନିକଟକୁ ଗମନ କଲେ । ତାଙ୍କୁ ଦେଖି ସତ୍ୟବାଦୀ ରାମ ଶ୍ଳେଷ ବଚନରେ କହିଲେ, ‘ହେ ସୁନ୍ଦରୀ ! ମୋର ଶରଭ କାଢି ରକ୍ଷା କରିବା ନିମିତ୍ତ ମୁଁ ଶତ୍ରୁକୁ ବିନାଶ କଲି । ସ୍ୱାମୀ ସୂର୍ଯ୍ୟ ଥାଉଁ ୨ ପଦ୍ମିନୀ ଭ୍ରମର ପ୍ରତି ଅନୁରକ୍ତ ହେଲାପରି ସୂର୍ଯ୍ୟବଂଶୀୟ ରାଜା ମୁଁ ସ୍ୱାମୀ ହୋଇ ଥାଉଁ ୨ ପଦ୍ମିନୀଜାତୀୟା ସ୍ତ୍ରୀ ତୁମେ ‘ମଧୁପ’ ମଦୁଆ ରାବଣ ପ୍ରତି ଅନୁରକ୍ତା ହୋଇଥିଲ । ଏବେ ସେହିପରି ଅନ୍ୟକାଳେ ପୁରୁଷକୁ ଆଲିଙ୍ଗନ ( କର ବୁଝଣ ମନ୍ତ୍ରପାଇଛି ଏହି ଭାବ ।

ବୈଦେହୀ ଗୁଣଗର୍ବିତା ହୋଇ ଭଣେ ସୁବର୍ଣ୍ଣବର୍ଣ୍ଣିନା ଯାହାରେ ।
ବୋଲୁଁ ଶୁଣି ହୁଡ଼ ଅଛି ତହିଁରେ ।
ବୋଧିଲେ ଲେଖକ          ସିନା ହୋଇ ମୁହିଁ
କହୁଛି ଆନ ପ୍ରକାରେ । ହେ ଈଶ୍ୱର ।
ବୀତହୋତେ ପରୀକ୍ଷା ଜଣା ତାର । ବୋଲୁଁ ସାଧ୍ୱୀ କଲେ ସ୍ୱୀକାର ।
ବଣିକଭାବେ ଇନ୍ଧନକୂଟେ ଅଗ୍ନିଯୋଗେ ଝାସିଲେ ସତ୍ୱର ସେ । ବରାଙ୍ଗୀ ।
ବଳକେ ସକଳେ ଭଣେ କି କରୁଣା ନ ଜାଣେ ଏ ବଡ଼ ଦାରୁଣ ।
ବେଧା ବିଧାନ ହୁଅଇ ପ୍ରମାଣ ।
ବନ୍ଧୁ ବନ୍ଧୁ ବୋଲି          ନୟନ ଜଳାଇ
ସେକାଳେ କଲେ କରୁଣ ସେ । ବୀରେନ୍ଦ୍ର ।

---

୮ମ ପଦ:—ସୁବର୍ଣ୍ଣ—ସୁନା ଉତ୍ତମ ବର୍ଣ୍ଣ ବା ଅକ୍ଷରସମୂହ ।
ବୀତହୋତେ—ଅଗ୍ନିରେ । ଇନ୍ଧନେକୂଟେ—କାଷ୍ଠସମୂହରେ ।

---

୮ମ ପଦ:—ଏହା ଶୁଣି ସୀତା ପତିବ୍ରତାଗୁଣରେ ଗର୍ବିତା ହୋଇ କହିଲେ, "ଯାହାକୁ ସୁବର୍ଣ୍ଣ ବୋଲି କହନ୍ତି, ସେ କଣ କେବେ ହେଲେ ଦୋଷଯୁକ୍ତ (ଭେଲ) ହୋଇ ପାରେ କି ? ଅର୍ଥାତ୍ ଖାଣ୍ଟି ସୁନା ଭେଲ ସୁନା ହୋଇ ନ ପାରେ ।" ଏହା ଶୁଣି ଶ୍ରୀରାମ କହିଲେ, "ସୁବର୍ଣ୍ଣ ପରିଷ୍କାର ଭାବରେ ଲେଖା ଯାଇଥିବା ଅକ୍ଷରମାନଙ୍କ ମଧ୍ୟରେ ମଧ୍ୟ ଭୁଲ ଥିବାର ଦେଖାଯାଏ ।" ଏହା ଶୁଣି ସୀତା ପ୍ରବୋଧ ଦେଇ ରାମଙ୍କୁ କହିଲେ, "ଉତ୍ତମ ଅକ୍ଷର ଲେଖିବା ଲୋକମାନଙ୍କର ସିନା ଭୁଲ ହୁଏ, ମାତ୍ର ଅକ୍ଷର ତ ଭୁଲ ନୁହେ । କିନ୍ତୁ ମୁଁ ତ ଏହା କହୁନାହିଁ । ମୁଁ ପ୍ରକୃତ 'ସୁବର୍ଣ୍ଣ' ଏହି ଶବ୍ଦକୁ ସୁନା ଏହି ଅର୍ଥରେ ବ୍ୟବହାର କରି କହୁଛି ।" ରାମ କହିଲେ, "ଯଦି ତୁମ୍ଭେ ସୁନା ବୋଲି କହୁଛ, ଜାଣ ହେଲେ ସୁନାକୁ ତ ଅଗ୍ନିରେ ପୋଡ଼ିଲେ ତାର ଭଲ ମନ୍ଦ ଜଣାଯାଏ ।" ରାମ ଏହିପରି କହିବାରୁ ସତ୍ୱ ସୀତା ସ୍ୱୀକାର କଲେ । 'ସୀତା ଅଗ୍ନିପରୀକ୍ଷା ଦେବେ' ଏହା ଜାଣି ରାମ ବଣିଆଁମାନଙ୍କ ଘର କାଠ ଗଦାରେ ଅଗ୍ନି ଲଗାଇବାରୁ ସେହି ସୁନ୍ଦରୀ ସୀତା ଅତି ଶୀଘ୍ର ଅଗ୍ନିରେ ଝାସ ଦେଲେ ।

୯ମ ପଦ:—ସୀତା ଅଗ୍ନିରେ ପ୍ରବେଶ କରିବାରୁ ସମସ୍ତେ ଦୁଃଖିତ ହୋଇ ଭଣିଲେ, 'ଏହି ରାମ ବଡ଼ ନିର୍ଦ୍ଦୟ; ଦୟା କାହାକୁ କହନ୍ତି ତାହା ଏହାଙ୍କୁ ଜଣା ନାହିଁ ।' ପୁଣି ଭଣିଲେ, 'ବିଧାତା ଯାହା କର୍ମରେ ଲେଖିଛି, ତାହା ନିଶ୍ଚୟ ଭୋଗିବାକୁ ହେବ ।' ସେହି ସମୟରେ ସେହି ବୀରଶ୍ରେଷ୍ଠ ରାମଚନ୍ଦ୍ର ସ୍ତ୍ରୀଙ୍କୁ

ଭସ୍ମକରମଣି ସେ ହୋଇଥିଲେ । ବଧୂମଣିଭାବ ପୁଣି ବହିଲେ ।
ଭସ୍ମବସ୍ତ୍ରରେ ଶ୍ରୀତରେ ଦୁଇକଥା ଜଳଲେ ପୁଣି ଭୂଷିଲେ ସେ । ଏକଳେ ।୯।
ବାଳୀ (ଳ) ଶ ବଚନେ ଜୀବନ ତେଜିବା ଉଚିତ ହୋଇଲା ତୋହର ।
ବୁଡ଼ିଗଲା ସୃଷ୍ଟି ଏବେ ମୋହର ।
ବୋଇଲା କି ନାହିଁ ଚନ୍ଦ୍ରମା ହୋଇଲେ
ଆନଅର୍ଥେ ଦୋଷାକର ରେ । ଜବଙ୍ଗ ।

୧୦ମ ପଦ:— ବାଳଶବଚନେ—ବାତୁଳ ବଚନରେ । ବାଳୀଶ ବଚନେ—ହେ ବାଳ ! ଈଶ ( ସ୍ୱାମୀ ) ବଚନରେ । ଦୋଷାକର —ଚନ୍ଦ୍ର । କୃଶାନୁସାସନ—ଅଗ୍ନିରେ ଝାସ ଦେବା ।

ତତ୍ତ୍ୱ ଜାଗ୍ରତ ଥିବାରୁ ହତାଶ ହୋଇ କନ୍ଦି କନ୍ଦି ବୋଲି ବନ୍ଦନକରିବାକୁ ଲାଗିଲେ । ରାମଚନ୍ଦ୍ର ପ୍ରଥମେ ସୂର୍ଯ୍ୟକାନ୍ତ ମଣିର ଭାବକୁ ଧାରଣ କରିଥିଲେ, ପରେ ଚନ୍ଦ୍ରକାନ୍ତ ମଣିର ଭାବକୁ ଧାରଣ କଲେ । ଅର୍ଥାତ୍ ସୂର୍ଯ୍ୟକାନ୍ତ ମଣି ସୂର୍ଯ୍ୟ କିରଣ ପାଇବା ସଙ୍ଗେ ସଙ୍ଗେ ଜଳି ଉଠିଲାପରି ରାମ ସୀତାଙ୍କୁ ଦେଖିବା ସଙ୍ଗେ ସଙ୍ଗେ କ୍ରୋଧରେ ଜଳି ଉଠିଲେ ଓ ପରେ ସୀତା ଅଗ୍ନିରେ ପ୍ରବେଶ କରିବାରୁ ଚନ୍ଦ୍ର କିରଣପାଇ ଚନ୍ଦ୍ରକାନ୍ତ ମଣିରୁ ଜଳ ନିର୍ଗତ ହେଲାପରି ସ୍ୱୀୟ ଚକ୍ଷୁରୁ ଅଶ୍ରୁ ବିସର୍ଜନ କଲେ । ଏହା ଦେଖି ପଣ୍ଡିତମାନେ ମନେକଲେ କି, ରାମଚନ୍ଦ୍ର ନିଜର କୁଳକୀର୍ତ୍ତି ଆଦର ରଖିଥିବାରୁ ଲୋକାପବାଦରୁ ରକ୍ଷା ପାଇବା ନିମନ୍ତେ ଦରଭୀର ମନେ କରି ସୀତାଙ୍କୁ ଦେଖି କ୍ରୋଧରେ ଜଳି ଉଠିଲେ ଏବଂ ସୀତାଙ୍କ ପ୍ରତି ସ୍ନେହ ରଖିଥିବାରୁ ବିକଳ ହୋଇ କାନ୍ଦିଲେ ।

୧୦ମ ପଦ:—ରାମଚନ୍ଦ୍ର ଶୋକାକୁଳ ହୋଇ କହିଲେ, "ହେ ସୀତା ! ଏହି ମୂର୍ଖର କଥାରେ ତୁମ୍ଭର ଜୀବନ ତ୍ୟାଗ କରିବା ଉଚିତ ହେଲା କି ? ଅର୍ଥାତ୍ ତୁମ୍ଭେ ପଣ୍ଡିତା ହୋଇ ମୁଦ୍ଧା କ୍ରୋଧାନ୍ଧର କଥାରେ ପ୍ରାଣତ୍ୟାଗ କଲ, ମାତ୍ର ଏହା ଠିକ୍ ହେଲା ନାହିଁ । ଅଥବା ହେ ବାଳୀ ! ତୁମ୍ଭେ ସ୍ୱାମୀଙ୍କର କଥାନୁସାରେ ଯାହା ପ୍ରାଣତ୍ୟାଗ କଲ, ତାହା ତୁମ୍ଭ ପକ୍ଷରେ ଉଚିତ ହୋଇଅଛି ମାତ୍ର ବର୍ତ୍ତମାନ ମୋର ସଂସାର ବୁଡ଼ିଗଲା ( ଅର୍ଥାତ୍ ଗୃହିଣୀ ଅଭାବରେ ଗୃହଧର୍ମ ନଷ୍ଟ ହେଲା ) । ଚନ୍ଦ୍ର କର୍ପୂରପରି ନିର୍ମଳ ଓ ଶୀତଳ ହୋଇଥିବାରୁ ଚନ୍ଦ୍ରମା ଏହି ନାମକୁ ଧାରଣ କଲେ ମୁଦ୍ଧା ଅନ୍ୟ ଅର୍ଥରେ ଦୋଷାକର ( ସମସ୍ତ ଦୋଷର ସ୍ଥାନ ବା ନିଶାପତି ) ଏହି ନାମରେ ପରିଚିତ ହୁଏ ନାହିଁ କି ? ମୁଁ ମହାମୂର୍ଖ ହୋଇ ମୁଦ୍ଧା ଅପଯଶ ଏହି ଦୋଷକୁ ପ୍ରାପ୍ତ ହୁଅନ୍ତି । ରେ ବହ୍ନି ! ରାବଣ ତୋତେ ଛୁଇଁବାକୁ ଯୋଗ୍ୟ କି ? ( ଯୋଗ୍ୟ ନୁହେ ) ।

ହଂଶାସ୍ୟ ନ ହେଲାରେ ଭୁଇଁ ଭଜନ । ହବେଚନା କରଣ ମନେ ସନେ ।
ବଳମ୍ ଅବଲମ୍ବକୁ ତ୍ୟଜ ତ୍ୟଜ ନ କର କୃଶାନୁସ୍ଥାନରେ । ବସନ୍ତି ।୧୦।
ବାରିଦ ଅଙ୍କରେ ଲୀନ ହୋଇଥାଇ ପ୍ରକାଶଇ ଯଥା ଚଞ୍ଚଳା ।
ପ୍ରକାଶିବୁ ମୋ ଭାଗ୍ୟେ ସେହି ଲୀଳା ।
ବୋଲିବାକୁ ଜଳ- ମଗ୍ନ ଜନପ୍ରାପ୍ତ
ବାହାର ହେଲେ ନର୍ମଳା ସେ । ବସନ୍ତି ।
ବେଢ଼ି ଥିଲ ଜନେ ଜୟ ଘୋଷିଲେ । ବିଧୁ ରାହୁମୁଖଁୁ ମୁକ୍ତ ଭାଷିଲେ ।
ବିହାୟସରୁ ବିହାୟସ ପ୍ରବଏ ସେକାଳେ ଖସିଆସିଲେ ସେ । ବିବୁଧେ ।୧୧।
ଏତେ ଶିଶୁ ପଞ୍ଚାସ୍ୟ ଆଦି କରି ପରେତରାଟ ବରୁଣଙ୍କି ।
ବାସବର ତ ପରିମଳ ଶୋଭା ।

---

୧୧ଶ ପଦ:—ବାରିଦ ଅଙ୍କରେ—ମେଘ କୋଡ଼ରେ । ଚଞ୍ଚଳା—ବିଜୁଳି । ବିଧୁ—ଚନ୍ଦ୍ର । ବିହାୟସରୁ ଆକାଶରୁ । ବିହାୟସ ପକ୍ଷୀ । ବିବୁଧେ—ଦେବତାମାନେ ।

---

ତଥାପି ମୁଁ ତୋତେ ବାହ୍ଣିକ ଅଗ୍ନି ପରୀକ୍ଷା କରାଇଲି, ତାହା ଉତ୍ତମରୂପେ ମନରେ ବିଚାର କର । ଆଉ ଅଧିକ ସମସ୍ତ ଅଗ୍ନିକୁ ଆଶ୍ରୟକରି ରହିବାଙ୍କ କନ୍ୟା ତୋତେ ଅଗ୍ନିରେ ଦଗ୍ଧ ହୁଅ ନାହିଁ ।"

୧୧ଶ ପଦ:—"ବିଜୁଳି ମେଘ ଦେହରେ ଲୀନ ହୋଇ ରହି ଯେପରି ପୁଣି ପ୍ରକାଶିତ ହୁଏ, ସେତେ କଣ ତୁ ମୋର ଭାଗ୍ୟବଶରୁ ଅଗ୍ନି ମଧ୍ୟରୁ ପ୍ରକାଶିତ ହୋଇ; ବିଜୁଳୀ ମେଘର ଦେହରେ କ୍ରୀଡ଼ା କଲାପରି ମୋର ବକ୍ଷ ଉପର କ୍ରୀଡ଼ା କରିବୁ ?" ରାମଚନ୍ଦ୍ର ଏହିପରି କହିବା ସମୟରେ ଜଳ ମଧ୍ୟରେ ପଡ଼ିଥିବା ଲୋକ ଜଳରୁ ବାହାର ହେଲାପରି ସେହି ନିର୍ମଳ ( ଦୋଷ ଶୂନ୍ୟା ) ସତୀ ଅଗ୍ନି ମଧ୍ୟରୁ ବାହାର ହେଲେ । ତତ୍ପରେ ସେହି ସୁନ୍ଦରୀ ସୀତାଙ୍କର ଚାରିଆଡ଼େ ବେଢ଼ି ରହିଥିବା ଲୋକମାନେ ଜୟଧ୍ୱନି ପୂର୍ବକ କହିଲେ 'ଚନ୍ଦ୍ର ରାହୁ ମୁଖରୁ ମୁକ୍ତ ହେଲା ।" ସେହି ସମୟରେ ଆକାଶରୁ ପକ୍ଷୀମାନେ ଖସିଲା ପରି ଶୂନ୍ୟରୁ ଦେବତାମାନେ ଖସି ଆସିଲେ ।

୧୨ଶ ପଦ:—ସୀତା ଅଗ୍ନିରୁ ବାହାରି ଆସନ୍ତେ, ଏହା ଜାଣି ମହାଦେବଙ୍କ ଠାରୁ ଆରମ୍ଭକରି ଯମ, ବରୁଣ ଇନ୍ଦ୍ର ପ୍ରଭୃତି ଦେବତାମାନେ ଅନୁରକ୍ତି ପ୍ରକାଶ କରିବା ନିମିତ୍ତ ନିର୍ମଳ ହୃଦୟରେ ସେହି ସ୍ଥାନରେ ଉପସ୍ଥିତ ହୋଇଥିଲେ ।

ବଳଯନ୍ତା ହେଲେ          ମଧୁରେ କହିଲେ
ମଧୁରତେ ଅପୂର୍ବ କୋଣ୍ଠ ସେ । ବନ୍ଧୁସେ ।
ଭରତ ଏ ଅଜାନ ତେ ରୁଚିର । ବୋଲେ ଶ୍ରୀ ତ୍ୟକ୍ତ କରିବା ବେଭାର ।
ବତ୍ସ ତୁମ୍ଭେ ରାଜକୁମାର ସୁଭଗବର ଯୁବା ବୟସରେସ ତ ହେ । ବିଚାର ।୧୨।

ବୃଷାଞ୍ଜନ ଭଜୁ ବାସୁକି ଶ୍ରୀ ଯେହ୍ନେ ତୁମ୍ଭେ ମୋହପରି ଭୋଗରେ ।
ବସୁନ୍ଧରା ପୁଣି ଜାତ ଯୋଗରେ ।
ବହ୍ନି ଯାହାକୁ          ସ୍ପର୍ଶ କରି ନ ପାରେ
ଆନ କେ ଧର୍ଷିବ ତାହାରେ ହେ । ବିଚାର ।

---

୧୨ଶ ପଦ:—ଶ୍ରୀ—ଲକ୍ଷ୍ମୀ, ସୀତା । ପଞ୍ଚାସ୍ୟ—ମହାଦେବ ଅବେହିତବଂଶ—ରାମ । ଅଜଜାତ—ଦଶରଥ ।

୧୩ଶ ପଦ:—ବୃଷାଞ୍ଜନ—ମହାଦେବ । ଶ୍ରୀ-ବିଷ, କାନ୍ତି । ବହ୍ନି-ଅଗ୍ନି । ଭୂଦେବବୃନ୍ଦ—ବ୍ରାହ୍ମଣସମୂହ ।

---

( ଅର୍ଥାତ୍ ନିଜ ନିଜର ପ୍ରକୃତ ରୂପଧାରଣକରି ଆସିଥିଲେ ) ଏବଂ ସେହିପରି କିନ୍ନର, ଗନ୍ଧର୍ବ ଓ ଅଣଗ୍ରହଷଷ୍ଟିଯାକ ପବନ ମଧ୍ୟ ଅପୂର୍ବ ଆଶ୍ଚର୍ଯ୍ୟଦାୟକ ମୂର୍ତ୍ତି ଧାରଣ ନ କରି ଆସି ସେହି ସ୍ଥାନରେ ଉପସ୍ଥିତ ହେଲେ, ( ଅର୍ଥାତ୍ ଏମାନେ ମଧ୍ୟ ସେହିପରି ନିଜ ନିଜରରୂପ ଧାରଣକରି ଆସିଥିଲେ ) । ହେ ପଣ୍ଡିତମାନେ ଦେବତାମାନେ ବ୍ରାହ୍ମଣାଦିରୂପ ଧାରଣକରି ସମସ୍ତ ସମୟରେ ଆସିଥିଲେ ସୁଦ୍ଧା ବର୍ତ୍ତମାନ ଯାହା ନିଜ ନିଜର ପ୍ରକୃତ ରୂପ ଧାରଣକରି ଭୂଲୋକକୁ ଆସିଲେ ଏଥିରେ କିଛିମାତ୍ର ଆଶ୍ଚର୍ଯ୍ୟ ନାହିଁ କିନ୍ତୁ ଦଶରଥ ଯାହା ଆସି ସେହି ସ୍ଥାନରେ ଉପସ୍ଥିତ ହେଲେ ଏହାହିଁ ଆଶ୍ଚର୍ଯ୍ୟ । ସେହି ଦଶରଥ ନିଜର ମନୋରମ କଣ୍ଠରେ ମନୋରମ କଥା ରାମଙ୍କୁ କହିଲେ, "ତୁମ୍ଭେ ବତ୍ସ, ସୁନ୍ଦରବର୍ଣ୍ଣ ରାଜକୁମାର, ପୁଣି ଶ୍ରେଷ୍ଠ ଯୁବକ, ଏ ସମୟରେ 'ଶ୍ରୀ' ଲକ୍ଷ୍ମୀଙ୍କୁ ଅଥବା ଗୃହଲକ୍ଷ୍ମୀ ସୀତାଙ୍କୁ ତ୍ୟାଗ କରିବା ଉଚିତ ନୁହେଁ; ଏହା ମନରେ ବିଚାର କର ।"

୧୩ଶ ପଦ:—ତତ୍ପରେ ମହାଦେବ କହିଲେ "ହେ ରାମଚନ୍ଦ୍ର ! ଭୋଗରେ ତୁମ୍ଭେ ମୋ ସମାନ ଅଛ ( ଅର୍ଥାତ ମୁଁ ଯେଉଁ ଯେଉଁ ପଦାର୍ଥ ଉପଭୋଗ କରେ, ତୁମ୍ଭେ ସେହି ସେହି ପଦାର୍ଥ ଉପଭୋଗ କର । ) ମୁଁ ବାସୁକି ନାଗରାଜ ଶେଷଦେବ ଓ 'ଶ୍ରୀ'ଗରଳକୁ ଉପଭୋଗ କରେ ତୁମ୍ଭେ ମଧ୍ୟ ସେହି 'ଶେଷଦେବ' ଲକ୍ଷ୍ମଣ ଓ 'ଶ୍ରୀ' ସୀତାଙ୍କୁ ଉପଭୋଗ କର ( ଅର୍ଥାତ ମୁଁ ସେ ଦୁହିଙ୍କୁ ଛାଡ଼ି ନ ପାରିଲାପରି ତୁମ୍ଭେ ଏ ଦୁହିଙ୍କୁ ଛାଡ଼ି ନ ପାର ) ( ଯେଉଁ ସୀତା ଉତ୍ତମ

ବୋଲେ ସୁଜନ ଜନ ଅପବାଦ     ବିଧ୍ୱଂସିଲାଇ ଭଲ ଏ କି ମନ୍ଦ ।
ବିଶ୍ୱମ୍ଭର ଯେବେ ମୁହିଁ ମୋତେ ତେବେ ସେବିବେ ଭୂଦେବବୃନ୍ଦ ହେ ।
ବିନୟେ । ୧୩ ।
ବ୍ରହ୍ମା କୋଇଲେ ମୋ ପୁତ୍ର ଶିବ ବୋଲେ ମୋ ମିତ୍ର ଜାଣି ଅନୁସାରେ ।
ବିହରିବେ ତାଙ୍କ ପୁତ୍ର ସେବାରେ ।
କହିଁବେ ସୈନ୍ୟ     ଋକ୍ଷ ଦୁଷ୍ଟବିଧ୍ୱଂସନ
ତେବେ ଆଜ୍ଞା ପାଳନରେ ହେ । ବିବୁଧ ।
ବୃଷ୍ଟି ସୁଧା ଯେ ବସନ୍ତ ମରୁତ । ବଣେ ସମସ୍ତ କଲା ପଲ୍ଲବିତ ।
ବଂଶ ଦୁଷ୍ଟର ମୃତ୍ୟୁଭାବେ ରହିଲେ ଥିଲା ଜନେ ଆଚମ୍ଭିତ ହେ ।
ବିଦୁଷେ । ୧୪ ।

---

ଯୋଗରେ ( ବେଳାରେ ) ଭୂମିକୁ ଭେଦକରି ଜନ୍ମ ହୋଇଅଛନ୍ତି ( ଅର୍ଥାତ୍ ଅଯୋନିଜା ଅଟନ୍ତି), ଯାହାଙ୍କୁ ଅଗ୍ନି ମଧ୍ୟ ଖାଇ ସ୍ପର୍ଶକରି ପାରିଲା ନାହିଁ, ତାହାଙ୍କୁ ଅନ୍ୟ କେଉଁ ପୁରୁଷ 'ଧର୍ଷଣ' ବଳାତ୍କାରପୂର୍ବକ ଆକ୍ରମଣ କରି ପାରିବ କି ? ତୁମ୍ଭେ ଏହା ବିଚାର କର ।" ମହାଦେବଙ୍କଠାରୁ ଏପରି କଥା ଶୁଣି ରାମ କହିଲେ, "ମୁଁ ସୀତାଙ୍କୁ ଅଗ୍ନି ପରୀକ୍ଷା କରିବାଦ୍ୱାରା ଲୋକନିନ୍ଦାକୁ ଧ୍ୱଂସ କଲି; କିନ୍ତୁ ଏହା କରିବା ମୋର ଉଚିତ କି ଅନୁଚିତ ଆପଣ ବୁଝନ୍ତୁ । ଯଦି ମୁଁ ପ୍ରକୃତରେ ନାରାୟଣ ଅଟେ, ତାହାହେଲେ ତ ମୋତେ ବିପ୍ରମାନେ ବିନୟ ପୂର୍ବକ ସେବା କରିବେ ।"

-୧୪ଶ ପଦ:—ରାମଙ୍କର ଏହି କଥା ଶୁଣି ବ୍ରହ୍ମା କହିଲେ, "ମୋ ପୁତ୍ର ବଶିଷ୍ଠ ଏବଂ ଶିବଙ୍କ ବାକ୍ୟ ସତ୍ୟ ଅଟେ । ମୋର ମିତ୍ର ବାମଦେବ ଋଷି ଆପଣଙ୍କୁ ବିଷ୍ଣୁ ବୋଲି ଜାଣିପାରି ଅନୁସରଣ କରିଅଛନ୍ତି, ଏମାନଙ୍କର ପୁତ୍ରମାନେ ମଧ୍ୟ ଆପଣଙ୍କୁ ସେବାକରି କାଳ କଟାଇବେ ।" ଏହା ଶୁଣି ରାମଚନ୍ଦ୍ର କହିଲେ, "ହେ ଦେବତାମାନେ ! ଦୁଷ୍ଟ ରାକ୍ଷସମାନଙ୍କ ବଂଶାତ ମରି ପଡ଼ିଥିବା ଋକ୍ଷ ଓ କପିମାନେ ଆମ୍ଭର ଆଦେଶ ପାଳନ କରି ବଞ୍ଚନ୍ତୁ ।" ଏହା ଶୁଣି ଦେବତାମାନେ ଅମୃତ ବୃଷ୍ଟି କରିବାରୁ, ବସନ୍ତ ପବନ ବହିଲେ ଯେପରି ସମସ୍ତ ବୃକ୍ଷମାନେ ପଲ୍ଲବିତ ହୁଅନ୍ତି ସେହିପରି ସମସ୍ତ ଋକ୍ଷ ଓ କପି ସୈନ୍ୟମାନେ ଜୀଇଁ ଉଠିଲେ; କିନ୍ତୁ ସେହି ବସନ୍ତ ପବନଦ୍ୱାରା କାଉଁଶ ବୃକ୍ଷ ପଲ୍ଲବିତ ନ ହେଲାପରି; ଦୁଷ୍ଟ ରାବଣବଂଶୀୟ ଅସୁରମାନେ କିନ୍ତୁ ନ ଉଠି ପଡ଼ି ରହିଲେ । ହେ ପଣ୍ଡିତମାନେ ! ଏହା ଦେଖି ଦର୍ଶକମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲେ ।

ବ୍ୟାପାରେ ବଳ ବନଭୁଜଙ୍ଗ ଯଥା ସ୍ୱାର୍ଥେ ରଥେ ସର୍ବେ ଧାଇଁ ।

ବେନ ବଟ ମର୍କି ଏ ନିବର୍ତ୍ତାଇ ।

ବାହୁଡ଼ିଲେ ଶୁରେ ସର୍ବେ ଅଯୋଧ୍ୟାକୁ

ଜବେ ଯିବା କେହୁ କହୁ ହେ । ରାମେନ୍ଦ୍ର ।

ବିଭୀଷଣ ପୁଷ୍ପକ ସମର୍ପଇ । ବଇଦେହୀଙ୍କି ମନୋହର କରି ।

ବିଳୋକ ରଙ୍ଗିଲେ ଶ୍ରୀରାମ ସକଳେ ବସନ୍ତେ ଗଗନେ ଯାଇ ସେ ବିମାନେ ।୧୫।

କାନ୍ତି ବର୍ଣ୍ଣନେ ଅମରବରମଣି ମରକତ କର ସାହାରେ ।

କାତର ସେ ପ୍ରିୟାରେ ସ୍ନେହଭରେ ।

ବସିବା ବିପତ୍ତି ସମ୍ପତ୍ତିରେ ରଥେ

ଥିଲେ ନ ଥିଲା ମନରେ ରେ । [illegible] ।

ବାକ୍ୟମଣି ଶୁଣି କଲେ ଉତ୍ତର । ବିପତ୍ତି ର ସାକ୍ଷୀ [illegible] ।

ବେଶ ବରଷ ସୁରଙ୍କୁ ବରଣନ କଲ ଉଭର ଦେ ବାନ୍ଧବ । ୧୬ ।

---

୧୦ ପଦ:—ଅମରବରମଣି—ଇନ୍ଦ୍ରନୀଳମଣି । ବମନ୍ତ ସମ୍ଭୋଗ —ସ୍ତ୍ରୀ ଓ ପୁରୁଷ ଏକତ୍ର ହୋଇ ।

---

୧୫ଶ ପଦ:—ଯେପରି ଲୋକମାନେ କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ପରିଶ୍ରମକରି କ୍ଲାନ୍ତ ହୋଇ ଶୋଇ ପଡ଼ନ୍ତି ଏବଂ ପରେ ନିଦ୍ରାରୁ ଉଠି ସ୍ୱସ୍ଥ କାର୍ଯ୍ୟରେ ଲାଗନ୍ତି, ସେହିପରି ଅମୃତ ବୃଷ୍ଟି ଦ୍ୱାରା ଭଲ୍ଲୁକ ଓ କପି ସୈନ୍ୟମାନେ ନିଦ୍ରାରୁ ଉଠି ପୁନର୍ବାର ଯୁଦ୍ଧ କରିବା ନିମିତ୍ତ ଧାଇଁଲେ । ଏଣେ ଶ୍ରୀରାମଚନ୍ଦ୍ର ଓ ବିଭୀଷଣ—ଏହି ଦୁହିଙ୍କ ଠାରୁ ମନ୍ତ୍ରୀମାନେ ଦୌଡ଼ିଯାଇ ସେମାନଙ୍କୁ ନିବର୍ତ୍ତାଇଲେ । ତତ୍ପରେ ସମସ୍ତ ଦେବତାମାନେ ସ୍ୱର୍ଗକୁ ଫେରିଗଲେ ଓ ରାମଚନ୍ଦ୍ର 'ଶୀଘ୍ର ଅଯୋଧ୍ୟାକୁ ଫେରିବା' ଏହି କଥା କହିଲେ । ଏହା ଶୁଣି ବିଭୀଷଣ ପୁଷ୍ପକଯାନ ରାମଙ୍କୁ ଅର୍ପଣ କଲେ ଓ ମନୋହର ସୀତାଙ୍କ ନିକଟରେ ଉନ୍ନତ କରିବାକୁ ଲାଗିଲେ । ରାମଚନ୍ଦ୍ର ସୈନ୍ୟମାନଙ୍କ ସହିତ ସେହି ଯାନରେ ଆରୋହଣ କରନ୍ତେ ତାହା ଆକାଶ ମାର୍ଗରେ ଗମନ କଲା ।

୧୬ଶ ପଦ:—ଯାହାଙ୍କର ଶରୀର କାନ୍ତିକୁ ବର୍ଣ୍ଣନା କରିବାକୁ ହେଲେ ମହାନୀଳମଣି କିମ୍ବା ମରକତ ମଣିର ତେଜ ସହିତ ସମାନକରି ବର୍ଣ୍ଣନା କରିବାକୁ ହୁଏ, ସେହି ରାମଚନ୍ଦ୍ର ଅତି ସ୍ନେହରେ ପ୍ରିୟା ସୀତାଙ୍କୁ କହିଲେ, 'ହେ ବାନ୍ଧବି ! ଏହି ରଥରେ ଆମ୍ଭେ ଦୁହେଁ ଗୃହସ୍ଥ ଓ ଗୃହିଣୀ ହୋଇ ବସିବା ବୋଲି ମୋ ମନରେ ବିଶ୍ୱାସ ହେଉ ନ ଥିଲା ।" ଏହା ଶୁଣି ସୀତା ଉତ୍ତର କଲେ, "ଏହି ଯାନ ମୋର ବିପତ୍ତି ଓ ସମ୍ପତ୍ତି ସମସ୍ତରେ ସାକ୍ଷୀ ଅଟେ । ହେ ବାନ୍ଧବ ! ମୋତେ ବିପତ୍ତି ଆକ୍ରମଣ କରିବା ଓ ମୋତେ ସମ୍ପତ୍ତି ସ୍ପର୍ଶ କରିବା ଅର୍ଥାତ୍ ମୋର ମନ୍ଦଦଶା ଓ ଭଲଦଶା ଉଭୟକୁ ଏହି ଯାନ ଦୈବ ଯୋଗରେ ଦେଖିଛି ।"

କନ୍ଦର୍ପକର ଦର୍ପକର ସ୍ଫୁରି ଯେ ଭରଣୀ ଭରି ସେ ଭରତେ ।
କହେ କୃଶାଙ୍ଗୀର ମେରୁ ତୋ ଘାତେ ।
କଲ୍ପ କନ୍ଦନ ନନନ୍ଦେଲୁ କଳନେ
ତଥା ରତ୍ନରତ୍ନ ରୋପଣେ ବେ । ବାନ୍ଧବ । ୧୬ ।
କରୁଣର ପ୍ରସନ୍ନ ମନେ ଧାସ୍ତି । ଇନ୍ଦ୍ର ଏସ୍ଥାନେ କୁଶଶଯ୍ୟା ମୁହିଁ ।
ବାମାକ୍ଷୀ ଭ୍ରତେଷ ଅଶୋକବନ ଦଶେ ଏତେଥିଁ ମୁଁ ମଗ୍ନରେ ଶୋଇ ଦେ ।
[illegible] । ୧୭ ।
କ୍ୟବସ୍ଥିତେ ଦେଖ ମାଲ୍ୟବନ୍ତ କେଶି । ମଲ୍ଲି ବନ୍ତବ୍ରମ କଥିର ।
କନ୍ଧବାରେ କରଷା କ କ୍ୟାପିର ।
କରଗିଲ୍ଟି ଦୂତ
ଜେନ ସେ ବାହୁଡ଼ି ସ୍ଥିତ ରେ [illegible]

୧୬ଶ ପଦ:—ଦର୍ପକ—କନ୍ଦର୍ପ । ଭରଣୀ—[illegible] ପଙ୍କତମାଳକ ।

୧୬ଶ ପଦ:—କନ୍ଦର୍ପ ଠାରୁ ଅଧିକ[illegible] ସାତାଙ୍କଠାରୁ ଏହା ଶୁଣି ଭରତ ଭାବରେ କହିଲେ 'ହେ ବାନ୍ଧବ ! ଯେପରି ତୁମ୍ଭ ଦେହଲର 'କୃଶାଙ୍ଗୀ, ଘାସ ଲକାପରି ଅତ୍ୟନ୍ତ କ୍ଷୀଣ କଟୀ ପ୍ରଦେଶ 'ମେରୁ-[illegible] ଅତ୍ୟନ୍ତ ଉନ୍ନତ ସ୍ତନକୁ ବହନ କରଅଛି' ସେହିପରି ନଳ ନର୍ମଦ [illegible] ଯୋଗୁଁ "ବନ୍ଦ କନ୍ଦନ' ବନ୍ଧ ରୂପରେ ବନ୍ଧା ଯାଇଥିବା [illegible] କରିବା ନିମନ୍ତେ କ୍ୟବନ୍ଧର [illegible]ଥିବା ପର୍ବତମାନେ [illegible]ରେ ରହି ଅଛନ୍ତି । ( ଏଠାରେ କ୍ଷୀଣକଟୀସହ ପରମାନନ୍ଦ [illegible] ଉପମିତ ) । କରୁଣ ମୋତେ ପ୍ରସନ୍ନ ହେବେ—[illegible] ମନ୍ଦ୍ରରେ [illegible] ମୁଁ ଏହି ସ୍ଥାନରେ କୁଶଶଯ୍ୟା କରିଥିଲି ।" ସୀତା [illegible] "ହେ ନାଥ ! ଏହି ଦେଖା ଯାଉଥିବା ଅଶୋକବନରେ ମୁଁ ଭୁଇଁରେ [illegible] । ( ଅର୍ଥାତ୍ ଆମ୍ଭ ଦୁହିଁଙ୍କର ସମାନ ହୋଇଥିଲା ) ।"

୧୮ ଶ ପଦ:—ଉତ୍ତରରେ ରାମ କହିଲେ, "ହେ ମାଳାଳମ୍ବିତ କେଶି ! ସ୍ଥିର ହୋଇ ଦେଖ, ଏଠାରୁ ମାଲ୍ୟବନ୍ତ ପର୍ବତ ଦେଖା ଯାଉଅଛି, [illegible] ଉପରେ ରହି ମୁଁ ଦୁଃଖର ସହିତ ଅତି ଶୋକରେ ବର୍ଷାକାଳ ଅତି[illegible] ଥିଲି ଏବଂ ସେହିଠାରୁ ତୁମ୍ଭ ନିକଟକୁ ଦୂତ ପଠାଇଥିଲି । ସେହି ଦୂତ ତୁମ୍ଭଠାରୁ ବାର୍ତ୍ତା ଆଣି ଏହିଠାରେ ଉପସ୍ଥିତ ହୋଇଥିଲା ।" ସୀତା କହିଲେ, ହେ ନାଥ ! ଏହି ବୃକ୍ଷର ନାମ ଶିଂଶପା । ମୁଁ ଦୁଃଖିତା ହୋଇ ଏହି ବୃକ୍ଷର

ବୃକ୍ଷ ଶିଂଶପାଏ ସେ ସୀତା ବୋଲି । ବ୍ୟାଧବଶେ ମୁଁ ସଖୀ ଆଶା ଭଳି ।
ବାରତା ପାଇଁ ତାତଲେ ଆଶାବୃନ୍ଦି ଆଶ୍ରାମାନ ଦୃଷ୍ଟି ଥିଲି ହେ । ବାନ୍ଧବ ।୧୮।

ଦକ୍ଷିଣବଂଶୀ ବୋଲନ୍ତି କ୍ଷୀଣକୁକ୍ଷି ଅନା ଏ ଋଷ୍ୟମୂକ ଧରଣୀ ।
ବ୍ୟାପିଥିଲି ସନ୍ତାପ ତମକଣି ।
ବାପୁଜ ଅରୁଣ ସହ ମିତ୍ର ସ୍ୱନ୍ଧା
ଦରେ ହୃଦବ୍ଜେ ତୋଷିଲେ । ବାନ୍ଧବ ।
ଦଗ୍ଧ କଉଶିକଭବ ସୂତ୍ରରେ । ବଇଦେହୀ ପ୍ରମାଣ ରାଶି ଜଳେ ।
ବଧାନ । ମୁଁ ଚନ୍ଦ୍ରଭାର ଭୂଷଣରେଖାନ ହୋଇ ଏଥିଠାରେହେ । ବାନ୍ଧବ ।୧୯।
ଭଙ୍ଗେଳ ଥିଲି ଦମ୍ଭ ତରୁଣୀ-ଭଙ୍ଗେଳ-ପରଶୁ ତୋହର ।
ଧାତୁବନ୍ଧେ ପଡ଼ିଲୁଁ କବନ୍ଧର ।

---

୧। ପଦ:—ଆଶ୍ରାମାନ—ବଗସବୁ ।
୧୯ଶ ପଦ:—କଉଶିକଭବ—ଇନ୍ଦ୍ରପୁତ୍ର ( ବାଳି ) ।

---

ମୂଳକୁ ଆଶ୍ରୟ କରିଥିଲି ଏବଂ ତୁମ୍ଭର ବାର୍ତ୍ତା ପାଇବା ସକାଶେ ଆଶା ପୋଷଣ କରି ବଗମାନଙ୍କୁ ନିରୀକ୍ଷଣ କରୁଥିଲି ।"

୧୯ଶ ପଦ:—ରାମଚନ୍ଦ୍ର କହିଲେ, "ହେ କ୍ଷୀଣୋଦରି । ଦେଖ, ଏହି ଦେଖା ଯାଉଥିବା ପର୍ବତର ନାମ ଋଷ୍ୟମୂକ । ଜଗତକୁ ଅନ୍ଧକାରଦ୍ୱାରା ଆବୃତ କରିଥିବା ରାତ୍ରିର ଶେଷରେ ଅରୁଣ (ସୂର୍ଯ୍ୟ ସାରଥୀ) ଉଦୟ ହେବା ସଙ୍ଗେ ସଙ୍ଗେ ସୂର୍ଯ୍ୟ ଉଦୟ ହେବାର 'ସମ୍ବାଦ' ସୂଚନାପାଇ, ପଦ୍ମମାନ ଆନନ୍ଦିତ ହୋଇଥାନ୍ତି; ସେହିପରି ଆବୃତ କରିଥିବା ତୁମ୍ଭର ବିୟୋଗଜନିତ ଦୁଃଖରୂପ ଅନ୍ଧକାରର ରାତ୍ରିର ଶେଷରେ ହନୁମାନ ରୂପୀ ଅରୁଣଙ୍କ ସହିତ ସୂର୍ଯ୍ୟପୁତ୍ର ସୁଗ୍ରୀବ ପ୍ରକାଶିତ ହୋଇ (ମୋତେ ଦେଖା ଦେଇ) ତୁମ୍ଭର ସମ୍ବାଦଦ୍ୱାରା ମୋର ହୃଦୟ ପଦ୍ମକୁ ଆନନ୍ଦିତ କରାଇଲେ । ( ଅର୍ଥାତ୍ ମୁଁ ଏହି ଋଷ୍ୟମୂକ ନିକଟରେ ଉପସ୍ଥିତ ହୁଅନ୍ତେ ହନୁମାନ ଓ ସୁଗ୍ରୀବ ଆସି ତୁମ୍ଭଙ୍କୁ ରାବଣ ନେଇଥିବାର ସମ୍ବାଦ ଦେଲେ ) । ହେ ବାନ୍ଧବି । ମୁଁ ଏହିଠାରେ ଲୁଚିରହି ଇନ୍ଦ୍ରପୁତ୍ର ବାଳିକୁ ଶରବିଦ୍ଧ କଲି । ସୀତା ଏହି ସବୁକଥା ସତ୍ୟ ମନେ କଲେ ଏବଂ କହିଲେ, "ହେ ନାଥ । ମୁଁ ଦୁଃଖିତା ହୋଇ ଏହିଠାରେ ଅତି ଉଜ୍ଜଳ ସ୍ୱର୍ଣ୍ଣ ଅଳଙ୍କାରମାନଙ୍କୁ ତ୍ୟାଗ କରିଥିଲି ।"

୨୦ଶ ପଦ:—ରାମ କହିଲେ, "ହେ ତରୁଣୀ ! ତୋ ବିୟୋଗ ରୂପ କୁଠାର ମୋର ଧୈର୍ଯ୍ୟରୂପ ବୃକ୍ଷକୁ ଛେଦନ କରିଥିଲା । ସେହି ସମୟରେ ଆମ୍ଭେ ଦୁହେଁ କବନ୍ଧ ରାକ୍ଷସର ବାହୁ ବନ୍ଧନରେ ପଡ଼ିଥିଲୁଁ, କିନ୍ତୁ ଲକ୍ଷ୍ମଣ ଏହି ସ୍ଥାନରେ

ବନାନ୍ତର ଭଲ      ମୋଦର ଏ ସ୍ଥାନେ
ଗିରି ଆଦରି ରମ୍ୟରେ ଯେ । ବରାଙ୍ଗୀ ।
ବୋଲେ ତୁମ୍ଭେ ବଳବନ୍ତ କେଶରୀ । ଅସ୍ଥିର ମୁଁ ଅବଳା ସୁକୁମାରୀ ।
ଅବଲୋକନ କର ଏ ପଞ୍ଚବଟୀକି ଏହି ସିନା କଷ୍ଟକାରୀ ହେ । ବାନ୍ଧବ ।୨୦।
ବାହୁଜବର ବୋଇଲେ ବନଦୋଷ ବାନ୍ଧବ ମନରେ ନ ଘେନ ।
ବଣିଜର ଭାବ କରି ବର୍ଦ୍ଧନ ।
ବସାଇ ବିଚ୍ଛେଦ      ଭୁଜଗାହେ ଭୁଜ
ଦେଲା ସିନା ପ୍ରେମଧନ ରେ ବାନ୍ଧବ ।
ବାରେ ନିରେଖ ଚିତ୍ରକୂଟ ଗିରି । ବିନୋଦକୁ ଥିଲୁ ଏଥେଁ ଆଦରି ।
ବୋଲୁଁ ଭରଦ୍ୱାଜ ବନେ ମିଳେ ରଥ ରହ ବୋଲି ଯେଣୁ ସ୍ମରି ସେ ।
ବୀରେନ୍ଦ୍ର । ୨୧ ।
ବ୍ୟୋମରେ ଅମରେ ଗମନ୍ତି କି ଋଷିକୁମରେ ମନନ କରିଥିଲେ ।
ବଳ ବିରୋଧରେ ଯନ୍ତ୍ର ଦେଖିଲେ ।

---

୨୦ଶ ପଦ:—ବନାଦର—ଭୟଶୂନ୍ୟ ।
୨୧ଶ ପଦ:—ବାହୁଜବର—କ୍ଷତ୍ରିୟଶ୍ରେଷ୍ଠ । ବିନୋଦ—କ୍ରୀଡ଼ା ।

---

ସେହି କବନ୍ଧ ଅସୁରକୁ ମାରି ଭୟ ଦୂର କଲ ।” ସୁନ୍ଦରୀ ସୀତା ରାମଚନ୍ଦ୍ରଙ୍କର ଏହି କଥାକୁ ଆଦରର ସହିତ ଶୁଣି କହିଲେ, “ହେ ନାଥ ! ତୁମ୍ଭେ ସିଂହତୁଲ୍ୟ ବଳଶାଳୀ ଅଟ; ମାତ୍ର ମୁଁ ବଳହୀନା ହୋଇ ଥିବାରୁ ‘ସୁକୁମାରୀ କଷ୍ଟ ସହି ପାରେ ନାହିଁ । ଏହି ପଞ୍ଚବଟୀ ବନକୁ ଦେଖନ୍ତୁ । ଏହି ବନ ସିନା ଆମ୍ଭଙ୍କୁ ଏତେ ଦୁଃଖ ପ୍ରଦାନ କରିଥିଲା ।”

୨୧ଶ ପଦ:—ତାହା ଶୁଣି କ୍ଷତ୍ରିୟଶ୍ରେଷ୍ଠ ରାମଚନ୍ଦ୍ର କହିଲେ, “ହେ ବାନ୍ଧବି ! ବନର ଦୋଷ ହେଲେ ସୁଦ୍ଧା ତାହା ମନରେ ଘେନ ନାହିଁ । କାରଣ ବେପାରୀ ଉତ୍ତମ ପଦାର୍ଥମାନଙ୍କୁ ବହୁ ପରିମାଣରେ ସଂଗ୍ରହ କରି ନିକଟରେ ରଖିଲାପରି ପଞ୍ଚବଟୀ ଆମ୍ଭ ଦୁହିଁଙ୍କର ପ୍ରେମ ରୂପ ଧନକୁ ବଢ଼ାଇ ଭୁଜରୂପ ନିକିତିରେ ତୁଳି ଦେଲା । (ଅର୍ଥାତ୍ ବିଚ୍ଛେଦ ହେତୁ ଆମ୍ଭ ଦୁହିଁଙ୍କର ପରସ୍ପର ମଧ୍ୟରେ ଥିବା ପ୍ରଗାଢ଼ ସ୍ନେହ ଜଣା ପଡ଼ିଗଲା ) । ହେ ବାନ୍ଧବି । ଅତଏବ ଚିତ୍ରକୂଟ ପର୍ବତକୁ ଦେଖ । ଯେ ହେତୁ ଆମ୍ଭେ ଦିନେ ଏଠାରେ ଆଦର ପୂର୍ବକ ବିହାର କରିଥିଲେ ।” ଏହିପରି କହୁ କହୁ ରଥ ଭରଦ୍ୱାଜ ଋଷିଙ୍କ ଆଶ୍ରମ ନିକଟରେ ପହଞ୍ଚିଲା, ତେଣୁ ରାମଚନ୍ଦ୍ର ‘ରହ’ ବୋଲି ସ୍ମରଣ କରନ୍ତେ ରଥ ସେହିଠାରେ ରହିଲା ।

୨୨ଶ ପଦ:—ରାମଚନ୍ଦ୍ର ପୁଷ୍ପକ ଯାନରେ ବସି ଯାଉଥିବା ସମୟରେ ଋଷିବାଳକମାନେ ଦେଖି ମନେକଲେ, ‘ଦେବତାମାନେ ବ୍ୟୋମଯାନରେ

ବନି ଭରଦ୍ୱାଜ ଦ୍ୱିଜସତ୍ତମ ଭର୍ଣ୍ଣ

ଦେଖି ଗୁରୁଙ୍କୁ କହିଲେ ସେ । ବଦୁଚେଷ୍ଟ ।

ବ୍ୟଗ୍ର ହୋଇ ପୂଜନ କଲେ ଆସି । ବେଳୁଁ ବେଳ ହୋଇଥିଲେ ଅତି ତୋଷୀ

ବିଭିନ୍ନକର ସ୍ୱରଣୀପ୍ରଭ ରଙ୍ଗେ ବସ ନରକେଶରୀ ଭଞ୍ଜି ସେ । ବଦୁଚେଷ୍ଟ । ୨୨ ।

ବସାଇ ଆଶ୍ରମେ ଆସନେ ଶୁଣିଲେ କାନ୍ତାବିଚ୍ଛେଦ କଷ୍ଟ ଖେଦ ।

ବଧ କରିବା କବନ୍ଧ ଜବ୍ୟାଦ ।

ବିଦ୍ଧ ସପ୍ତଶାଳ ସୁଗ୍ରୀବ ସଖ୍ୟ

କପୀନ୍ଦ୍ର କରିବା ଭେଦ ହେ । ବଦୁଚେଷ୍ଟ ।

ବାରିପରେ ମହୀଧର ଭାସିବା । ବଂଶ ସହିତେ ରାବଣ ନାଶିବା ।

ବହିଲ ଗର୍ବ ସର୍ବ ମୋର ହୋଇଛି ଶୁଣି ମୁନି ପ୍ରଶଂସିବା ସେ ବାତଜ । ୨୩ ।

ବନ୍ଦ୍ୟ ବନ୍ଦନୀୟ ଜାଣି ତାର ମନ ବାରୁଣୀବନେ ପଠିଆଇଁ ।

ସ୍ୱଚ୍ଛନ୍ଦରେ ମହାଭୁଜ ଦେଖାଇ ।

ବିଧାଣ ମଲ୍ଲସ୍ତମ୍ଭରେ କଳାପ୍ରାପ୍ତ

ଯୁଦ୍ଧାରମ୍ଭେ ପୂରିଟି ରହି ସେ । ବାତଜ ।

---

୨୩ଶ ପଦ :—ଜବ୍ୟାଦ—ଅସୁର । ମହୀଧର—ପର୍ବତ ।

---

ବସି ଆକାଶରେ ଯାଉଅଛନ୍ତି କି ?' ତହୁଁରେ ଉସନ୍ଧ ରଥରେ ଭଲ୍ଲୁକ, ବାନର, ରାକ୍ଷସ ଏହି ତିନି ଜାତୀୟ ସୈନ୍ୟମାନଙ୍କୁ ଓ ବନକୁ ଲଙ୍ଘନା କରିବ ନିମିତ୍ତ ବାମନରୂପ ଧାରଣ କରିଥିବା ବିଷ୍ଣୁ ( ରାମଚନ୍ଦ୍ର ) ଙ୍କୁ ଦେଖି ଯାଇ ଗୁରୁଙ୍କୁ କହିଲେ, ହେ ପଣ୍ଡିତମାନେ ! ଭରଦ୍ୱାଜ ଋଷି ଅତ୍ୟନ୍ତ ବ୍ୟଗ୍ର ହୋଇ ଆସି ରାମଙ୍କୁ ପୂଜା କଲେ(ଆଦର ସହିତ ଅଭ୍ୟର୍ଥନା କଲେ ) ଏବଂ ଅତିଶୟ ଆନନ୍ଦିତ ହୋଇ କହିଲେ, "ହେ ରାମଚନ୍ଦ୍ର ! ଆପଣ ସ୍ୱରଣୀ କଣୀସୁତର ଅତ୍ୟନ୍ତ ପରାକ୍ରମଶାଳୀ ରାବଣକୁ ଯୁଦ୍ଧରେ ନରସିଂହଙ୍କପରି ସ୍ୱୀୟ ହସ୍ତରେ ବିଦାରିତ କଲେ ।"

୨୩ଶ ପଦ :—ହେ ପଣ୍ଡିତମାନେ ! ଭରଦ୍ୱାଜ ଋଷି ଆଶ୍ରମ ମଧ୍ୟରେ ରାମଙ୍କୁ ଆସନରେ ବସାଇ ତାଙ୍କଠାରୁ ସୀତା ହରଣ ଜନିତ ଦୁଃଖ, କବନ୍ଧର ବିନାଶ, ସପ୍ତଶାଳ ଭେଦ ସୁଗ୍ରୀବର ମିତ୍ରତା ସମ୍ପାଦନ, ବାଳି ବଧ, ସେତୁବନ୍ଧ ନିର୍ମାଣ, ସବଂଶେ ରାବଣର ବଧ,—ଏହି ସମସ୍ତ ବିଷୟ ଶୁଣି ତାଙ୍କୁ ବହୁତ ପ୍ରଶଂସା କଲେ । ରାମଚନ୍ଦ୍ରଙ୍କୁ ପ୍ରଶଂସା କରିବାର ଶୁଣି ହନୁମାନ ଗର୍ବର ସହିତ ମନରେ ଭାବିଲେ, ଏ ସମସ୍ତ ମୋଦ୍ୱାରା ହୋଇଅଛି ।'

୨୪ଶ ପଦ :—ପୂଜ୍ୟମାନଙ୍କର ମଧ୍ୟ ପୂଜନୀୟ ରାମଚନ୍ଦ୍ର ହନୁମାନର ମନ କଥା ଜାଣିପାରି ତାହାଙ୍କୁ ବାରୁଣୀ ନାମକ ବନକୁ ପ୍ରେରଣ କଲେ । ହନୁମାନ ସେହି ବନରେ ଉପସ୍ଥିତ ହୁଅନ୍ତେ ରାମଚନ୍ଦ୍ରଙ୍କ

ବିଭାବରୀ ସମ୍ମୁଖରେ ଯେମନ୍ତ । ବନରୁହରେ ବନ୍ଦୀ ମଧୁବ୍ରତ ।
ବିମୁକ୍ତ କଲା ତହିଁରୁ ରାମନାମ ସ୍ମରଣ ହୋଇ ପ୍ରଭାତ ସେ । ବିଦୁଷେ । ୨୪ ।
ବୋଧ କଲେ ପ୍ରଭୁ ଭେଟୁ ଆସି ତେଜସ୍ୱୀନେ ଦେଇ ଏହି ଲକ୍ଷତ ।
ବ୍ୟାଘ୍ର ନାସାଚ୍ଛିଦ୍ର ଘାତେ ବ୍ୟଥିତ ।
ଶମର୍ଥ ନେ କ୍ଷମ                    କଦା ନେ ହେ, ହୋଏ
କି ତା ପ୍ରାକର୍ମ ନିନ୍ଦିତ ହେ । ବାତଜ ।
ବିଦ୍ଧସ୍ଥାନେ ଯା ରଭସ ବାସିତ । ବିଜୟୀ ତୁ ହୁଅ ଆଜୁଁ ଜଗତ ।
ବୋଲଣ କୈକେୟୀ ପାଶକୁ ପ୍ରେଷିତ ଜାଣିବାପାଇଁ ଉଦନ୍ତ ସେ । ବୀରେନ୍ଦ୍ର । ୨୫ ।
ବଦାଇଥିଲେ ଶୃଙ୍ଗବେରପାଳକ ମେଳ ହୋଇ ଘାଟ ଜାଣିଲା ।
ବରାଟକ ବିନା ଗିରେ କଣିଲା ।

---

୨୫ଶ ପଦ:—ରଭସ—ଶୀଘ୍ର । କୈକେୟୀ—ଭରତ । ଉଦନ୍ତ—ବାର୍ତ୍ତା । ବିଦ୍ଧସ୍ଥାନ—ଜନଶୂନ୍ୟ ।

---

ମାୟାରେ ମହାଭୃଙ୍ଗ ନାମକ ଅସୁର ତାହାର ସମ୍ମୁଖରେ ପ୍ରବେଶ କଲା । ମାଲଖମ୍ବରେ ମାଲମାନେ ବାହାଣ କଲା ପରି ହନୁମାନ ତାହା ସହିତ ମଲ୍ଲଯୁଦ୍ଧ ଆରମ୍ଭ କଲା, ମାତ୍ର ତାହାକୁ ଜିଣି ନ ପାରି ହତୋତ୍ସାହ ହୋଇ ପଡ଼ିଲା । ସନ୍ଧ୍ୟା ସମୟରେ ପଦ୍ମଫୁଲ ମଧ୍ୟରେ ଭ୍ରମରବନ୍ଦୀ ହେଲାପରି ହନୁମାନ ମହାଭୃଙ୍ଗ ଦ୍ୱାରା ବନ୍ଦୀ ହେଲା । ହେ ପଣ୍ଡିତ ! ହନୁମାନ ତତ୍ପରେ ରାମନାମ ସ୍ମରଣ କରିବାରୁ ପ୍ରଭାତ କାଳରେ ଭ୍ରମରପଦ୍ମ ମଧ୍ୟରୁ ମୁକ୍ତ ହେଲା ପ୍ରାୟ ସେ ମହାଭୃଙ୍ଗ ବନ୍ଧନରୁ ମୁକ୍ତ ହେଲା ।

୨୫ଶ ପଦ:—ହନୁମାନ ନିସ୍ତେଜ ହୋଇ ଆସି ରାମଙ୍କୁ ସାକ୍ଷାତ କଲା । ଏହି ସମ୍ବନ୍ଧରେ, ରାମଚନ୍ଦ୍ର ତାଙ୍କୁ ସାନ୍ତ୍ୱନା ଦେବାନିମିତ୍ତ ଦୃଷ୍ଟାନ୍ତ ଦେଇ କହିଲେ "ବାଘକୁ ଯନ୍ତ୍ରାରେ ଧରି ତାହାର ନାକଫୋଡ଼ି ପକାଇଲେ, ସେ ଉକ୍ତପୀଡ଼ାରେ ବ୍ୟଥିତ ହୋଇଥିବା ସମୟରେ ଅନ୍ୟକୁ ବଧ କରିବାକୁ ସମର୍ଥ ହୁଏ କି ? ଏହା ବୋଲି କଣ ତାହାର ପରାକ୍ରମକୁ ନିନ୍ଦା କରିବା ଉଚିତ ? ହେ ହନୁମାନ ! ତୁମ୍ଭେ ମହାଭୃଙ୍ଗଠାରୁ ହଠାତ୍ ଯେଉଁ ଭୟପ୍ରାପ୍ତ ହୋଇଅଛ, ସେହି ଭୟ ଅପସାରିତ ହୋଇଅଛି । ସେଥିପାଇଁ ତୁମ୍ଭର ଶୌର୍ଯ୍ୟରେ ଆଶଙ୍କା କରିବାର କଥା କିଛି ନାହିଁ । ତୁମ୍ଭେ ଆଜିଠାରୁ ଜଗତରେ ଏକମାତ୍ର ବିଜୟୀ ହୁଅ ।" ବୀରଶ୍ରେଷ୍ଠ ରାମଚନ୍ଦ୍ର ହନୁମାନଙ୍କୁ ଏହି ବର ଦେଇ 'ରାମ ଅଯୋଧ୍ୟାକୁ ଆସୁଅଛନ୍ତି' ଏହିବାର୍ତ୍ତା ଜଣାଇବା ନିମିତ୍ତ ତାଙ୍କୁ ଭରତଙ୍କ ନିକଟକୁ ପଠାଇଲେ ।

୨୬ଶ ପଦ:—ରାମଚନ୍ଦ୍ର ହନୁମାନଙ୍କୁ କହିଥିଲେ ଯେ, "ତୁମ୍ଭେ ଅଯୋଧ୍ୟାକୁ ଯିବା ବାଟରେ ଶୃଙ୍ଗବେର ପୁରବାସୀ ସନକର୍ତ୍ତା ଗୁହକ ନାମକ ଶବରକୁ ଆମ୍ଭର ଆଗମନବାର୍ତ୍ତା କହିଦେଇ ଯିବ । ତେଣୁ ହନୁମାନ ବାଟରେ

ବ୍ୟୋମନାସିକା ପରି ହୋଇ ଆକାଶ
ବିଳାସ ପ୍ରକାଶ କଲା ସେ । ବାତଜ ।
ବଲ୍ମୀକରୁ ଯେମନ୍ତ ଇନ୍ଦ୍ରଗୋପ । ବ୍ୟାପି ନଭରେ ଧରେ ପ୍ରଭାରୂପ ।
ବିଚିତ୍ରତା ଦେଖି ଅଯୋଧ୍ୟାଗମନେ ଗୁହକ ଶବରାଧିପ ସେ । ବିଦୁଷେ । ୨୭ ।
ବଭର୍ତ୍ତି କରିଛି ଭରତ ଭରତଖଣ୍ଡ ଲକ୍ଷନୃପ ସସୈନ୍ୟେ ।
ବଢ଼େ ନନ୍ଦୀଗ୍ରାମ ଲକ୍ଷ ଏସନେ ।
ବନ୍ଧୁତ ତାରକା ନଭ ପ୍ରତିବିମ୍ବେ
ଜଳଧାନରେ ଯେସନେ ହେ । ବିଦୁଷେ ।
ବିତର୍କଇ ତା ଦେଖି ହନୁମନ୍ତ । ବୈମାତ୍ରକରେ ଲକ୍ଷ୍ମଣ ଭରତ ।
ବାସିତ ପୁଷ୍ପ ସେ ଏ କଣ୍ଟକଧାନ ଏକା କେତକୀରୁ ଜାତ ହେ । ବିଧାତ । ୨୭ ।

୨୭ଶ ପଦ:—ବିଦାଇଥିଲେ—କହୁଥିଲେ । ଶୃଙ୍ଗବେରପାଳକ—ଗୁହକ ଶବର । ରାଗ-ସ୍ନେହ, ଅନୁରାଗ । ବରାଟକ-କଉଡ଼ି । ବ୍ୟୋମନାସିକା—ଭରତଆ ପକ୍ଷୀ । ବଲ୍ମୀକରୁ—ଉଇହୁଙ୍କାରୁ । ଇନ୍ଦ୍ରଗୋପ—ଇନ୍ଦ୍ରଧନୁ ।

ଗୁହକ ସହିତ ସାକ୍ଷାତ କରି ଉକ୍ତ ବିଷୟ କହିବାବେଳେ ରାମଙ୍କଠାରେ ତାହାର ଯେ ପ୍ରଗାଢ଼ଅନୁରାଗ ଅଛି, ତାହା ସେ ଭଲରୂପେ ଜାଣିପାରିଲା, କାରଣ ସେ ଶବରରାଜ କଉଡ଼ି ବ୍ୟତୀତ କେବଳ କଥାବାର୍ତ୍ତାରେ ହନୁମାନଙ୍କୁ କିଣିପକାଇଲା । ସେଠାରୁ ବିଦାୟହୋଇ ହନୁମାନ ଭରତଆ ପକ୍ଷୀପରି ଆକାଶମାର୍ଗରେ ଗମନ କରି ଗଲା । ହେ ପଣ୍ଡିତମାନେ । ସାନ୍ଦ୍ରମେଘରୁ ଇନ୍ଦ୍ରଧନୁ ଉତ୍ପନ୍ନ ହୋଇ ଆକାଶରେ ବ୍ୟାପ୍ତ ହେଲେ ଆକାଶ ଯେଉଁ ଶୋଭା ଧାରଣ କରେ, ହନୁ ଅଯୋଧ୍ୟାକୁ ଯିବା ସମୟରେ ଠିକ୍ ସେହିପରି ନାନାରଙ୍ଗରେ ରଞ୍ଜିତ ହେବାର ଦେଖି, ଗୁହକଶବର ଆନନ୍ଦିତ ହେଲା ।

୨୭ଶ ପଦ:—ହନୁମାନ ନନ୍ଦିଗ୍ରାମକୁ ଆସି ଦେଖିଲା ଯେ, ଭରତ ଭରତଖଣ୍ଡରୁ ଲକ୍ଷ ଲକ୍ଷ ରାଜାମାନଙ୍କୁ ଅଣାଇ ସୈନ୍ୟମାନଙ୍କ ସହିତ ରଖିଥିବାରୁ ନନ୍ଦିଗ୍ରାମ୍ ଜଳଧାନରେ ପ୍ରତିବିମ୍ବିତ ହୋଇଥିବା ତାରକାବିମଣ୍ଡିତ ଆକାଶରେ ଦେଖାଯାଉଅଛି । ହେ ପଣ୍ଡିତମାନେ ! ଏହା ଦେଖି ହନୁମାନ ମନେ କଲା, 'ରାମଚନ୍ଦ୍ରଙ୍କର ସାବତ ଭାଇ ଓ ଲକ୍ଷ୍ମଣ ଦୁହେଁ କେତକୀ ବୃକ୍ଷର ପତ୍ର ଓ ପୁଷ୍ପର ଗୁଣକୁ ଧାରଣ କରି ଅଛନ୍ତି । କାରଣ କେତକୀର ବଡ଼ ପୁଅ ପତ୍ର ଯେପରି କଣ୍ଟକଯୁକ୍ତ ଓ ସାନପୁଅ ପୁଷ୍ପ ଯେପରି ସୁବାସିତ ହୋଇଥାଏ; ସେହିପରି ବଡ଼ ଭରତ ରାମଙ୍କଠାରେ 'କଣ୍ଟକଭାବ' ଭଳି ଭାବ ବହିଅଛନ୍ତି ଓ କନିଷ୍ଠ ଲକ୍ଷ୍ମଣ 'ବାସିତ' ସ୍ନେହଭାବକୁ ବହି ଅଛନ୍ତି ହେ ବିଧାତା ! ତୁ ସମସ୍ତ ଘଟନ ଘଟାଇ ପାରୁ ।

ବୋଲୁବୋଲୁ ହେଉଁ ଲଙ୍କା କଟକାଇ ଲଗ୍ନ କେଉଁଦିନ ଶ୍ରବଣେ ।
ବିବେକ ତା ଲାଙ୍ଗଳୀ ସୁଲକ୍ଷଣେ ।
ବାହ୍ୟ କର୍କଶ    ଦେଖାଇ ରସଗର୍ଭ
ବ୍ୟୋମୁଁ ଖସି ଭରତେ ପ୍ରଣିପତ୍ୟ । ବିଗ୍ରହରେ ଦେଖି ସେହୁ ଜଡ଼ିତ ।
ବାର୍ତ୍ତାକ ବାର୍ତ୍ତାକ ପୁଚ୍ଛୁଁ ଜୟ କରି ପ୍ରଭୁ ବିଜୟ ଭଷିତ ସେ । ବାତଜ ।୨୮।
ବାରବାମା ମୁଖୁଁ ଧାନ୍ଦୀ ଶୁଣି ଭମୁ ଜନୟିତ୍ରୀଗଣ ଆସିଲେ
ବାଣୀ ସଲକ୍ଷଣେଟିକି ଭଷିଲେ
ବୋଇଲେ ରାମଚନ୍ଦ୍ର,    ଉଦେ ପୂର୍ଣ୍ଣରେ
କ୍ଷୀଣେ ସିନା ମୁଞ୍ଚୁଥିଲେ । ବାତଜ

---

୨୮ଶ ପଦ:—ଲାଙ୍ଗଳୀ—ନାରିକେଳ । ବିଗ୍ରହରେ—ଦେହରେ ।

୨୯ଶ ପଦ:—ବାରବାମ ମୁଖୁଁ—ବେଶ୍ୟାମାନଙ୍କ ମୁଖରୁ । ଧାନ୍ଦି—ଧାଈ । ଜନୟିତ୍ରୀଗଣ—ମାତାମାନେ ।

---

୨୮ଶ ପଦ:—ଏହି ସମୟରେ-ସେହି ନନ୍ଦୀଗ୍ରାମସ୍ଥ ସୈନିକମାନେ 'ଲଙ୍କାକୁ କେଉଁଦିନ ଯୁଦ୍ଧଯାତ୍ରା କରିବାକୁ ଲଗ୍ନ ସୁଝୁଛି ?'-ଏହି କଥା କଥାବାର୍ତ୍ତା ହେଉଥିବାର ଶୁଣି ହନୁମାନ ବିଚାରିଲା, 'ଭରତ ନାରିକେଳ ଫଳର ଲକ୍ଷଣରେ ବିଭୂଷିତ ଅଟନ୍ତି, ତେଣୁ ଏମାନଙ୍କର ବାହାର କର୍କଶ ଦେଖା ଯାଉଥିଲେ ମଧ୍ୟ ଭିତର ରାମଙ୍କ ପ୍ରତି ଅନୁରାଗରେ ପୂର୍ଣ୍ଣ ହୋଇଅଛି ।' ଏହିପରି ବିଚାର କରି ହନୁମାନ ସଙ୍ଗେ ସଙ୍ଗେ ଆକାଶରୁ ଅବତରଣ କରି ଭରତଙ୍କୁ ଅଭିନନ୍ଦନ କଲା ଭରତ ହନୁମାନଙ୍କୁ ଦେଖି ଆଲିଙ୍ଗନ ପୂର୍ବକ 'ଖବର କଣ, ଖବର କଣ'ବୋଲି ପଚାରିବାରୁ ହନୁମାନ କହିଲା, "ପ୍ରଭୁ ରାବଣକୁ ଜୟକରି ଅଯୋଧ୍ୟାକୁ ଫେରୁଅଛନ୍ତି ।"

୨୯ଶ ପଦ:—'ରାମ ଆସିଲେଣି' ଏହି କଥା ବେଶ୍ୟାମାନଙ୍କ ମୁଖରୁ ଧାଈମାନେ ଶୁଣି ରାମଙ୍କର ମା ମାନଙ୍କ ନିକଟରେ କହିବାରୁ, ସେମାନେ ଆସି ହନୁମାନ ନିକଟରେ ଉପସ୍ଥିତ ହୋଇ ପଚାରିଲେ, "ରାମଚନ୍ଦ୍ର ସର୍ବଶୁଭରେ ଲକ୍ଷ୍ମଣଙ୍କ ସହିତ ଆସୁଛନ୍ତିଟି କି ?" ହନୁମାନ କହିଲା, "ଚନ୍ଦ୍ର ଯେପରି କ୍ଷୀଣ ହେଲେ 'ସଲକ୍ଷଣ' ଚିହ୍ନଯୁକ୍ତ ହୁଅନ୍ତି ନାହିଁ ଏବଂ ପୂର୍ଣ୍ଣ ହେଲେ ଚିହ୍ନଯୁକ୍ତ ହୁଅନ୍ତି; ସେହିପରି ରାମଚନ୍ଦ୍ର ସୀତାଙ୍କୁ ହରାଇଥିବା ସମୟରେ ସିନା କ୍ଷୀଣହୋଇଥିଲେ ବର୍ତ୍ତମାନ ପୂର୍ଣ୍ଣଭାବରେ ପ୍ରକାଶିତ ହୋଇ ଅଛନ୍ତି; ସଲକ୍ଷ୍ମଣ ନ ହେବେକାହିଁ କି ?

ବଧାଇକି ବସ୍ତ୍ର ଭୂଷେ ଦେଇ । ବିସ୍ତରନ୍ତେ ପାଦୁକାଟି ଯିବା କାର୍ଯ୍ୟେ ।
ବିମାନେ ଗଗନେ ଆସନ୍ତି ସିନା ସେ ସ୍ଵନାମ ଲଗ୍ନରେ ବଧୂ ସେ । ବାଳକ । ୨୯।
ବନୌକା ଆଶ୍ରମେ ପୁଷ୍ପକାଳ ଶେଷ କରି ଅଶେଷ ତୋଷଭରେ ।
ବଇଦେହୀ ଭୋଗରେ ତତପର ।
ବିଗତ ଅନଙ୍ଗ— ଜ୍ଵର ସାନ୍ନିପାତ
ଉଷେ ସ୍ୟନ୍ଦନ ବିହାର ସେ । ବୀରେନ୍ଦ୍ର ।
ବାଦ୍ୟ ଶୁଭନ୍ତେ ଧରଣୀଉଛୁଳ । ବାହୁ ଉର୍ଦ୍ଧ୍ୱେ ନୃପତିବୃନ୍ଦ ତୋଳ
ବହୁତ କାକତରଙ୍କା ରଜ୍ଜୁ ଧୃତ କୁତୁକୀ କି ଦୃଷ୍ଟି ଶାଳୀ ସେ ବିଦୁରେ । ୩୦ ।
ବାଲ୍ୟଅବସ୍ଥା ସୁମରଣୀ ନିଜରେ ସାରଣୀ ପିଙ୍ଗିଲ୍ଲ ପରିରେ ।
ବିମାନ ସେ ଖସି ଆସି ସଭିରେ ।

---

୩୦ଶ ପଦ:—ବନୌକାଆଶ୍ରମେ—ଭରଦ୍ଵାଜ ଆଶ୍ରମରେ । ପୁଷ୍ପକାଳ—ରଜନୀକାଳ ( ରାତିରେ ପୁଷ୍ପମାନେ ବିକଶିତ ହେବାରୁ ତାକୁ ପୁଷ୍ପକାଳ କହନ୍ତି ) ଅନଙ୍ଗଜ୍ଵର—କାମଜ୍ଵର । ସ୍ୟନ୍ଦନ—ରଥ ।

---

( ଅର୍ଥାତ୍ ରାମ ରାବଣକୁ ମାରି ସୀତାଙ୍କୁ ଉଦ୍ଧାରକରି ଶକ୍ତିବିଦ୍ଧ ଲକ୍ଷ୍ମଣଙ୍କୁ ମୁଁ ନେଇଯାଇଥିବା ଗନ୍ଧମାଦନସ୍ଥ ଔଷଧ ଦ୍ଵାରା ଆରୋଗ୍ୟ କରି ଆନନ୍ଦରେ ଆସୁଅଛନ୍ତି )।" ଏହା ଶୁଣିବା ସଙ୍ଗେ ସଙ୍ଗେ ଭରତ ଜନଗଣମାନଙ୍କ ସହିତ ବହୁତ ବଧାଇ ( ପୁରସ୍କାର ) ହନୁମାନଙ୍କୁ ଦେଲେ ଏବଂ ରାମଙ୍କ ପାଦୁକାଟି ଆଣିବାକୁ ଯିବାପାଇଁ ବିସ୍ତର କରନ୍ତେ, ହନୁମାନ କହିଲେ "ରାମଚନ୍ଦ୍ର 'ସ୍ଵନାମ ଲଗ୍ନରେ ରମଣୀଯୁକ୍ତ ଚନ୍ଦ୍ରଙ୍କ ପରି ବିମାନରେ ବସି ଆକାଶମାର୍ଗରେ ଆଗମନ କରୁଅଛନ୍ତି । ତେଣୁ ପଦବ୍ରଜରେ ତାଙ୍କୁ ପାଦୁକାଟି ଆଣିବାକୁ ଯିବା ଅସମ୍ଭବ )।"

୩୦ଶ ପଦ:—ରାମଚନ୍ଦ୍ର, ବନବାସୀ ଭରଦ୍ଵାଜ ଋଷିଙ୍କ ଆଶ୍ରମରେ ସେ ଦିନକ ରହି ଉତ୍ଫୁଲ୍ଲ ମନରେ ସୀତାଙ୍କ ସହିତ ସମ୍ଭୋଗରେ ରତ ହେବା ଦ୍ଵାରା କାମଜ୍ଵରରୂପ ସନ୍ନିପାତରୁ ଆରୋଗ୍ୟ ଲାଭ କରିବା ପରେ ରାତିର ଶେଷରେ ( ପ୍ରାତଃକାଳରେ ) ରଥରେ ଉପବେଶନ କଲେ । ହେ ପଣ୍ଡିତମାନେ ! ଏହି ସମୟରେ ବାଦ୍ୟନାଦରେ ପୃଥିବୀ ଉଚ୍ଛୁଳି ଉଠିବାରୁ କୌତୁକୀ ଲୋକ ବାହୁ ଟେକାଟେକିକରି ଦଉଡ଼ିକୁ କୌତୁକରେ ଧରି ଶୂନ୍ୟକୁ ଚାହିଁଲେ ଏବଂ ନନ୍ଦୀଗ୍ରାମରେ ରୁଣ୍ଡ ହୋଇଥିବା ରାଜାମାନେ ଆନନ୍ଦରେ ଶୂନ୍ୟଗାମୀ ରଥକୁ ଚାହିଁଲେ ।

୩୧ଶ ପଦ:—ଯୁବକମାନେ ପିଲାଦିନର କଥାକୁ ଭାବି ସେପରି ସାରଣୀ ପିଙ୍ଗନ୍ତି, ସେହିପରି ପୁଷ୍ପକ ବିମାନ ଅନ୍ତରୀକ୍ଷ ଆକାଶରୁ ଖସି ପରମାନ ଉଡ଼ିଆସି ବୃକ୍ଷଉପରେ ବସିଲାପରି ପୃଥିବୀଉପରେ ଅବସ୍ଥାନ କଲା ।

ଭଳସି ପାସ୍ତରତ ବୃକ୍ଷେ ବସିବା
ଉଦ୍ୟାନେ ସ୍ଥିତ ମଣ୍ଡପରେ ସେ । ସମାନ ।
ବ୍ୟୋମକେଶ ବୋଲନ୍ତି ବିଲୋଚନ । ଭୂଷିବାରେ ଉପମା ଅଦ୍ୟମାନ ।
ବିଭୂଷିଥିଲେ ପାରିଜାତମାନଙ୍କୁ ଖସି ସେ ହେଲ ପତନ କି । ବନ୍ଦୁଛେ ।*୧।
ବନ୍ଧାଇ କି ଚୂଡ଼ା ରସା ରସାଳସା ଆକାଶ କେଶକାନ୍ତି ବଶେ ।
ଭୂଷଇ ଋକ୍ଷପ୍ରଭାଜାଳେ ସେ ।
ବନ୍ୟସ୍ତ କର୍ବୂର କାଠିକି ସୁଖରେ
ରାମଗଣ ଅର୍ଘ୍ୟଦାନେ । ବନ୍ଦୁଛେ ।
ବାହାରନ୍ତେ ସେ ରଥୁ ରଘୁମଣି । ପ୍ରକାଶେ କି ପୂର୍ବାଦ୍ରିରୁ ତରଣି ।
ବିପ୍ର ନୃପତି କଳାପ କରାଞ୍ଜଳି ଅର୍ଘ୍ୟୁଜ୍ଜ୍ୱଳ ସ୍ତୁତି ଭଣି ହେ । ବନ୍ଦୁଛେ । *୨ ।

---

*୧ମ ପଦ:—ନିର୍ଜରେ—ସୁରକମାନେ । ସାରଣୀ—ଖେଳନା-ଉଦ୍ୟାନ । ବିଲୋଚନ—ମହାଦେବ ।

*୨ୟ ପଦ:—ଚୂଡ଼ା—ଖୋସା, ଚୂଡ଼ା । ରସା—ପୃଥିବୀ । ରସାଳସା—ସ୍ତ୍ରୀ । ଋକ୍ଷପ୍ରଭାଜାଳେ—ନକ୍ଷତ୍ରମାନଙ୍କ କିରଣସମୂହରେ, ଉଲ୍କା-ମାନଙ୍କ ତେଜରେ । କର୍ବୂରସ୍ତୁବର୍ଗ ରାକ୍ଷସ । ସୁଖରେ-ଉତ୍ତମ ହସ୍ତରେ, ଆନନ୍ଦରେ । ତରଣି—ସୂର୍ଯ୍ୟ । କଳାପ—ସମୂହ ।

---

ହେ ପଣ୍ଡିତମାନେ ! ମହାଦେବ ବ୍ୟୋମକେଶ ନାମରେ ପରିଚିତ ଅଟନ୍ତି । ପୁଷ୍ପକ ବିମାନର ପତନ ହେବା ଦେଖି କବି ଏହି ଉପମାକୁ ମନରେ ଆଣିଲେ;—'ବ୍ୟୋମକେଶ' ମହାଦେବଙ୍କ କେଶରେ ଥିବା ପାରିଜାତ ମାଳା ଖସି ପଡ଼ିଲା କି ?

*୨ୟ ପଦ:—ପୁଷ୍ପକଯାନ ଭୂମିରେ ଉପସ୍ଥିତ ହୁଅନ୍ତେ ତାହାକୁ ଦେଖି ମନେହେଲା ପୃଥ୍ୱୀନାରୀ ଆକାଶରୂପୀ କେଶକାନ୍ତିଦ୍ୱାରା ନିଜର ଚୂଡ଼ା (ଖୋସା) କୁ ବନ୍ଧାଇଅଛି କି ? କାରଣ ଚୂଡ଼ା ଚନ୍ଦ୍ରମା ପ୍ରଭୃତି କେଶାଳଙ୍କାରମାନଙ୍କ ଦ୍ୱାରା ବିଭୂଷିତା ହେଲାପରି ଏହି ଯାନ ଉଲ୍କାମାନଙ୍କର ଶାସ୍ତ୍ରିକ ତେଜରେ ବିଭୂଷିତ ହୋଇଅଛି ଏବଂ ଅନାୟାସରେ ଚୂଡ଼ାର ମଧ୍ୟରେ ସୁନାର ଝଙ୍କାଠି ଖଞ୍ଜି ତାକୁ ମନୋହର ପୁଷ୍ପମାଳଦ୍ୱାରା ସୁବା-ସିତ କଲାପରି, ଏହି ଯାନରେ ରାମଚନ୍ଦ୍ର ଓ ରାକ୍ଷସମାନେ କଣ୍ଟକାଦି କଷ୍ଟ ଅନୁଭବ ନ କରି ବସିଥିବାରୁ ତାହା ମନୋହର ଦେଖା ଯାଉଅଛି । ହେ ପଣ୍ଡିତମାନେ ! ସେହି ରଥରୁ ରାମଚନ୍ଦ୍ର ବାହାରି ହୁଅନ୍ତେ ତାହାଙ୍କୁ ଦେଖି ମନେ ହେଲା, ଉଦୟ ପର୍ବତରୁ ସୂର୍ଯ୍ୟ ପ୍ରକାଶିତ ହେଲେ କି ? ସୂର୍ଯ୍ୟୋଦୟ ସମୟରେ ବ୍ରାହ୍ମଣମାନେ ହାତଯୋଡ଼ି ସୂର୍ଯ୍ୟଙ୍କୁ ସ୍ତୁତି କଲାପରି, ଏହି ସମୟରେ ରାଜାମାନେ ହାତଯୋଡ଼ି ରାମଙ୍କୁ ସ୍ତୁତି କଲେ ।

ବଡ଼ଦେଉଳ ଅଗ୍ରତରେ ଗୁଣ୍ଡିଚ ରଥ ଯେ ଦେଖିଛୁ ଭଙ୍ଗ ।
ତଲ୍ଲୋକନେ ଏକସୀ ସର୍ବଲୋକ ।
ବହନ୍ତ ନରେଶେ ଉତ୍ସବ ସେଠାରେ
ଏ ନବଦିନ ସଂଖ୍ୟାକ ହେ । ବହୁରସେ ।
ବେନି ସୋଦର ନମସ୍କାର ଅନ୍ତେ । ବଧୂ ନେଇ ଆନନ୍ଦେ ମାତୃସ୍ଥାନେ
ବିଶେଷତ ଶ୍ରୀଭରତ ସୁନ୍ଦରର ଶ୍ରୀରାମ କଟାକ୍ଷପାତେ ହେ । ବହୁରସ । ୬୩ ।
ବାନରପତିବେ ଦେଶସ୍ଥ ସଭରେ ନରପତି ମଧ୍ୟେ ଆଦରେ ।
ବିପ୍ରମଧ୍ୟ ସୁଷେଣ ଜାମ୍ବବରେ ।

---

୬୩ଶ ପଦ:—ମାତୃ ସ୍ଥାନେ—ମା ସ୍ଥାନରେ ।

---

୬୨ଶ ପଦ:—ପୁରୁଷୋତ୍ତମ କ୍ଷେତ୍ରସ୍ଥ ଜଗନ୍ନାଥ ଦେବଙ୍କ ଦେଉଳ ଆଗରେ ଯେଉଁମାନେ ଗୁଣ୍ଡିଚ ଏବଂ ବାହୁଡ଼ା ରଥ ଦେଖିଛନ୍ତି, ସେମାନେ ଅନୁମାନ କରନ୍ତୁ । ଯେହ୍ନେ ବାହୁଡ଼ାବିଜେ ସମୟରେ ଯେପରି ଲୋକମାନେ ଜଗନ୍ନାଥଙ୍କ ଦେଖିବାକୁ ଅଭିଳାଷ ପ୍ରକାଶ କରିଥାନ୍ତି, ରାମଙ୍କର ବାହୁଡ଼ାଯାତ୍ରା ସମୟରେ ସେହିପରି ଲୋକମାନେ ତାଙ୍କୁ ଦେଖିବାକୁ ଉତ୍ସୁକ ହୋଇଥିଲେ । ପୁରୁଷୋତ୍ତମ କ୍ଷେତ୍ରରେ ପ୍ରାଚୀନ ରାଜାଙ୍କଦ୍ୱାରା ବାହୁଡ଼ାବିଜେ ପାଇଁ ନଅଦିନ ପର୍ଯ୍ୟନ୍ତ ଉତ୍ସବ ଅନୁଷ୍ଠିତ ହୋଇଥାଏ । ସେହିପରି ନନ୍ଦୀଗ୍ରାମରେ ଏହି ଉତ୍ସବ ରାଜାମାନଙ୍କ ଦ୍ୱାରା ଗୋଟିଏ ନୂତନ ଉତ୍ସବ ବୋଲି ନିର୍ଦ୍ଧାରିତ ହୋଇ ଅନୁଷ୍ଠିତ ହୋଇଥିଲା । ହେ ପଣ୍ଡିତମାନେ । ରଥରୁ ରାମ ଓ ଲକ୍ଷ୍ମଣ ଅବତରଣ କରିବା ସଙ୍ଗେ ସଙ୍ଗେ ଭରତ ଓ ଶତ୍ରୁଘ୍ନ ରାମଙ୍କୁ ନମସ୍କାର କରିସାରିବା ପରେ, ମାଆମାନେ ବୋହୂଙ୍କୁ ନେଇ ଆନନ୍ଦରେ ଅନ୍ତଃପୁରକୁ ଗମନ କଲେ । ତତ୍ପରେ ରାମଚନ୍ଦ୍ରଙ୍କ ଦୃଷ୍ଟିପାତରୁ ତାଙ୍କର ମନ କଥା ବୁଝିପାରି ସୁଶାସକ ଭରତ ସମସ୍ତଙ୍କୁ ଚର୍ଚ୍ଚା କରିବାକୁ ଲାଗିଲେ ।

୬୪ଶ ପଦ:—ଭରତ ସିଂହତୁଲ୍ୟ ପରାକ୍ରମୀ ସୁଗ୍ରୀବଙ୍କୁ ରାଜମଧ୍ୟରେ ସମ୍ମାନିତ କଲେ, ସୁଷେଣ ଓ ଜାମ୍ବବଙ୍କୁ ବ୍ରାହ୍ମଣ ସନ୍ତାନ ହୋଇଥିବାରୁ ବ୍ରାହ୍ମଣ ମଧ୍ୟରେ ଅଭିନନ୍ଦନ କଲେ । ତତ୍ପରେ ବଶିଷ୍ଠଙ୍କଠାରେ ରାମଚନ୍ଦ୍ର ଯେପରି ଆଚରଣ କରିଥିଲେ, ସେହିପରି ବ୍ୟବହାର କଲେ । ଭରତଙ୍କର ବ୍ୟବହାରରେ ରାମ ଚିତ୍ତ ସନ୍ତୁଷ୍ଟ ହୋଇ ତାହାଙ୍କୁ ପ୍ରଶଂସା କରିବାକୁ ଲାଗିଲେ ଏବଂ କହିଲେ,

ଭାଷନ୍ତେ ରାମ ଆଦ୍ୱର ପ୍ରସ୍ତର
ପ୍ରଶଂସିତ ସମସ୍ତରେ ହେ । ବିଦୁଷେ ।
ତାତଙ୍କ ସେ କୃତାର୍ଥ ହେଲୁଁ ସବ । ଭଜେ ସଭାରେ ସମ୍ଭାରେ ରାଘବ ।
ଭରତ ସ୍ଥାନ ଚରଚ ସେ ଅନ୍ତରେ ସୁମନ୍ତ-ସୁମନ୍ତ୍ର ଭାବ ହେ । ବିଦୁଷେ ॥
ବର୍ଦ୍ଧକି ବର୍ଦ୍ଧନ ଶୋଭା ଅଯୋଧ୍ୟାରେ ସେ ଦିନୁଁ ଅତି ଯତ୍ନେ କରନ୍ତି ।
ବିଶ୍ୱକର୍ମା ବାଞ୍ଛିତ କୃତେ ସ୍ତୁତ୍ତ ।
ବିକୁଳିତ ସେତ ଅନନ୍ତ ମଣିରେ
ଅନନ୍ତ ମଣିରେ ସ୍ତୁତ୍ତ ଏ । ବିଦୁଷେ ।
ଭଗ୍ୱରଣୀ ଏ ଅଳକାଶୋଭିତା । ବଇଧବ୍ୟ ଅବସ୍ଥା ଆଲିଙ୍ଗିତା ।
ବିଶେଷ ଅଙ୍କାର ମୁଞ୍ଚି ଗଲା କି କେବଳ କଇଣ୍ଠ ଚିନ୍ତା ଏ ବିଦୁଷେ ।୩୬।
ହୋଇଲା ଯେ ଲଙ୍କା ରଞ୍ଜିକରୁ ଶଙ୍କା ତା ପୃଷ୍ଠ ଲଙ୍କାକେଶୁଁ ଖସି ।
ଭୂମଣ୍ଡଳ ପତନ ହୋଇ ବସି ।

---

୩୪ଶ ପଦ:—ସମ୍ଭାରେ—ଆଡ଼ମ୍ବର ସହିତ ।

---

"ହେ ଭରତ ! ଆମ୍ଭେ ତୁମ୍ଭର ସତ୍କାରରେ କୃତାର୍ଥ ହେଲୁ ।" ଏହି ସମୟରେ ରାମଚନ୍ଦ୍ର ମହାସମାରୋହରେ ସଭାରେ ବିଜେ କଲେ ଏବଂ ସୁବିବେଚକ ସୁମନ୍ତ୍ର ମନ୍ତ୍ରୀ ରାମଙ୍କ ସହିତ ଆସିଥିବା ସୈନିକମାନଙ୍କୁ ରହିବା ପାଇଁ ଘରଦେଇ ଚର୍ଚ୍ଚା କରିବାକୁ ଲାଗିଲେ ।

୩୫ଶ ପଦ:—ରାମଚନ୍ଦ୍ର ଅଯୋଧ୍ୟାରେ ଉପସ୍ଥିତ ହେବା ଦିନଠାରୁ ବଢ଼ାଇମାନେ ଆସି ଅଯୋଧ୍ୟାପୁରର ଶୋଭାକୁ ବଢ଼ାଇବାକୁ ଲାଗିଲେ । ତାହା ଦେଖି ବିଶ୍ୱକର୍ମା ସେହି ବଢ଼ାଇମାନଙ୍କୁ ସ୍ତୁତି କରିବାକୁ ଇଚ୍ଛାକଲେ ( ଅର୍ଥାତ୍ ବାଢ଼ାଇମାନଙ୍କର ଶିଳ୍ପକୁଶଳତା ବିଶ୍ୱକର୍ମା ଶିଳ୍ପ କୁଶଳତାଠାରୁ ବଳି ପଡ଼ିଲା) । ପୂର୍ବେ ଯେଉଁ ଅଯୋଧ୍ୟା ଅନନ୍ତ ଶେଷାବତାର ଲକ୍ଷ୍ମଣଙ୍କ ତେଜରେ ଅତିଶୟ ଉଜ୍ଜ୍ୱଳା ହୋଇଥିଲା, ବର୍ତ୍ତମାନ ସେହି ଅଯୋଧ୍ୟା ବହୁସଂଖ୍ୟକ ମଣିମାନଙ୍କର ତେଜରେ ଭୂଷିତ ହୋଇ ଅତି ମନୋହର ଦେଖାଗଲା । ହେ ପଣ୍ଡିତମାନେ ! ଏହି ସମୟରେ ଅଯୋଧ୍ୟାର ଶୋଭା ଦେଖି ମନେ ହେଲା, ନାନାବିଧ ଶୋଭାର ଆଶ୍ରୟସ୍ଥଳୀ ଅଳକାପୁରୀ (କୁବେରନଗରୀ) ବୈଧବ୍ୟ ଦଶା ପ୍ରାପ୍ତ ହୋଇ ସମସ୍ତ ଅଳଙ୍କାର ତ୍ୟାଗ ପୂର୍ବକ ଚିନ୍ତାରେ କେଉଁଆଡ଼େ ଚାଲିଗଲା କି ? (ନଚେତ୍ ପୃଥିବୀ ଏ ସ୍ୱର୍ଗୀୟ ଶୋଭାରେ ଭୂଷିତ ହୁଅନ୍ତା କିପରି ? )

୩୬ଶ ପଦ—ସେହି ନବନିର୍ମିତ ଅଯୋଧ୍ୟାପୁରୀର ଶୋଭା ଆବିର୍ଭାବ ହେବା ଦିନଠାରୁ ଲଙ୍କା ଲୁକଚି ହୋଇଗଲା । କାରଣ ଲଙ୍କା ରାବଣର ରାଜଧାନୀ ହେବା ପୂର୍ବରୁ କୁବେରଙ୍କ ରାଜଧାନୀ ହୋଇଥିଲା । ବର୍ତ୍ତମାନ ଅଯୋଧ୍ୟାପୁରୀର ଶୋଭାକୁ

କମ୍ବୋଧି ଫର୍ଦ୍ଦି                                   ଅମୃତକଳା ବୃତ୍ତ

ବାର୍ଦ୍ଧକ୍ୟ ସୁଖଦ ବସି ହେ । ଜନ୍ମୁଦେ ।
ବସେ ଶ୍ୱେତବସ୍ତ୍ର ପଦତଳରେ । ଭସ୍ମ ପିନ୍ଧା ଦାସୀଗଣ କରରେ ।
ବଇକୁଣ୍ଠ ଯେଣୁ ନାମେ ମର୍ତ୍ତ୍ୟେ ନାହିଁ ତା ତୁଳେ ତୁଳେ ତୁଳରେ ହେ ।
ଜନ୍ମୁଦେ । ୩୬ ।
ଭରତ କୈକେୟୀ ପାଦୁକାକୁ ଥୋଇ ରଘୁବଂଶଭୂଷଣ ସମ୍ମୁଖରେ ।
କହ ନୃପ ପଦକୁ ଭରତବରେ ।
ବାସୁକୀ ବନା                                   ଧରା ଭାର ଧାରଣ
ଆଜ ଯୋଗରେ କ ଶରେ ହେ । ସାରଚନ୍ଦ୍ର ।
ବୋଲୁ ଶତ୍ରୁଘ୍ନ ଯଥାର୍ଥ ଉଚ୍ଚାରି । ବୋଲେ ସୁମନ୍ତ୍ର ହେଉ ଏ ସେପରି ।
ଜନ୍ତୁଙ୍କୁ ଅନୁସରି ବ୍ରହ୍ମା ଯେମନ୍ତ ସୃଷ୍ଟିପାଳନାକୁ କରି ହେ । ସାରେଶ । ୩୭ ।

---

୩୬ଶ ପଦ:—ଲଙ୍କା -ରାକ୍ଷସପୁର, ଭଟ୍ଟାରୀ-ସ୍ତ୍ରୀ । ବାର୍ଦ୍ଧକ୍ୟ-ବୃଦ୍ଧାବସ୍ଥା । ଶ୍ୱେତବସ୍ତ୍ର—ପାତାଳପୁର ।

---

ଦେଖି (ମୁଁ ଏହା ସହିତ ସମାନ ହେବ ନାହିଁ' ବୋଲି ଲଜ୍ଜା ତାହାର କେଶରୁ 'ପୁଷ୍ପଲଙ୍କା' ଫୁଲ ଚେଣ୍ଡା ଖସାଇ ପକାଇଲା ଓ ଫଳରେ ମଳିନ ଦେଖାଗଲା । ସ୍ୱର୍ଗ ( ସୌନ୍ଦର୍ଯ୍ୟଶାଳିନୀ ) ଇନ୍ଦ୍ରପୁରୀ ଅଯୋଧ୍ୟାର ଶୋଭା ଦେଖି ବୃଦ୍ଧାବସ୍ଥା ପ୍ରାପ୍ତ ହେଲା ପରି ଦେଖାଗଲା । ହେ ପଣ୍ଡିତମାନେ ! ପାତାଳପୁରୀ ଶ୍ୱେତ ବସ୍ତ୍ରା ଦାସୀ ପରି ପାଦତଳରେ ବସି ରହିଲା । ( ପାତାଳପୁରୀ ନିମ୍ନଦେଶରେ ଥିବାରୁ ଦାସୀ ବୋଲି ବର୍ଣ୍ଣନା କରାଗଲା ) । କେବଳ ବୈକୁଣ୍ଠପୁରର ନାମ ମର୍ତ୍ତ୍ୟରେ ନ ଥିବାରୁ ତାହା ସହିତ ଏହି ଅଯୋଧ୍ୟାକୁ ତୁଳନା କରିବାକୁ ହେବ । ( ଅର୍ଥାତ୍ ଏକମାତ୍ର ବୈକୁଣ୍ଠ ସହିତ ତୁଳନୀୟ ଅଟେ ) ।

୩୭ଶ ପଦ:—ଜଳ୍ପନାପରେ ଏବେ ଭରତ ରଘୁବଂଶଶ୍ରେଷ୍ଠ ରାମଙ୍କ ନିକଟରେ ରାମଙ୍କର ପୂର୍ବ ଦତ୍ତ କାଠଉ ଦୁଇଟି ରଖି ଜନସ୍ୟାର୍ଦ୍ଧିତ ହୋଇ କହିଲେ, "ବର୍ତ୍ତମାନ ରାଜପଦ ବହନ କରନ୍ତୁ । ଯେପରି ବାସୁକିଙ୍କ ବ୍ୟତୀତ ତାଙ୍କର ଅନ୍ୟ ଭାଇମାନେ ପୃଥିବୀର ଭାର ବହନ କରିବାକୁ ସମର୍ଥ ନୁହନ୍ତି, ସେହିପରି ବହୁକାଳ ପର୍ଯ୍ୟନ୍ତ ଏହି ରାଜ୍ୟ ଭାର ଧାରଣ କରିବାକୁ ଆପଣଙ୍କ ଭିନ୍ନ ଆପଣଙ୍କର ଅନ୍ୟ କୌଣସି ଭାଇ ସକ୍ଷମ ହେବେ ନାହିଁ । ଭ୍ରାତୃ ଭକ୍ତ ଭରତ ଏହା କହିଲା ବେଳେ ଶତ୍ରୁଘ୍ନ ତାହା ଶୁଣି ଯଥାର୍ଥ ବୋଲି କହିଲେ । ସୁମନ୍ତ୍ର କହିଲେ, "ହେ ସାରଶ୍ରେଷ୍ଠ ରାମଚନ୍ଦ୍ର । ବ୍ରହ୍ମା ଯେପରି ଜନ୍ତୁଙ୍କୁ ଅନୁସରି ସୃଷ୍ଟି ପାଳନ କରନ୍ତି, ସେହିପରି ଏମାନେ ଆପଣଙ୍କୁ ଅନୁସରି ରାଜ୍ୟପାଳକ କରିଅଛନ୍ତି ।

ବଶିଷ୍ଠ ବଶିଷ୍ଟ ଗୁରୁପୁଷ୍ୟାଯୋଗରେ ଅଭିଷେକ ହେବ । ଭଷିତ ।
ବାମଦେବ କହି ହେଲେ ଏମନ୍ତ ।
ବନେ ଦୂଷଣ ନାଶିଅଛ ଅନୁଜ-
ପ୍ରସୂ ଦୂଷଣ ହର ତ ହେ । ବୀରେନ୍ଦ୍ର ।
ବଶ୍ଚ ଅଙ୍ଗୀକୃତେ ଏହା ଶୁଣିଲେ । ବାୟୁପୁତ୍ରଙ୍କୁ ଜାମ୍ବବ ଭଣିଲେ ।
ବାଳଖିଲ୍ୟାସହ ସନକାଦମୁନ ଗଙ୍ଗାଦି ଜଳ ଆଣିଲେ ହେ । ବଦୁଚେ । ୩୮ ।
ବଭଜ୍ଞ କଲେ ସଟାମନ୍ତୁ ହରର ଅରଣ୍ୟବିହାର ଅନ୍ତର ।
ବସିବାକୁ ସମ୍ରାଟ-ପଦବୀର
ବଭୂଷି କୁନ୍ତଳ- ଦେଶ ପୁଷ୍ପପର
ଅଙ୍ଗଦେଶ ମନୋହର ହେ । ବଦୁଚେ ।

---

୩୮ ଶ ପଦ:—ଅନୁଜପ୍ରସ୍—ଭରତର ମାତା ( କୈକେୟୀ ) ।

୩୯ଶ ପଦ:—ସଟା—ସିଂହର କେଶର, କେଶ । ହରି—ସିଂହ । ଅନନ୍ତ—ଶେଷଦେବ, ଅସୀମ, ଆକାଶ ।

---

୩୮ଶ ପଦ:—ଏହି ସମୟରେ ଋଷିଶ୍ରେଷ୍ଠ ବଶିଷ୍ଠ କହିଲେ, "ଗୁରୁବାର ଦିନ ପୁଷ୍ୟା ନକ୍ଷତ୍ର ଅଛି, ଏହାକୁ ଗୁରୁପୁଷ୍ୟା ଯୋଗ କହନ୍ତି । ଏହି ଯୋଗରେ ଆପଣ ଅଭିଷିକ୍ତ ହୁଅନ୍ତୁ ।" ତତ୍ପରେ ବାମଦେବ ଋଷି କହିଲେ, "ହେ ବୀର ଶ୍ରେଷ୍ଠ ! ଆପଣ ଦଣ୍ଡକାରଣ୍ୟରେ ଦୂଷଣ ନାମକ ରାକ୍ଷସକୁ ବିନାଶ କରି ଅଛନ୍ତି; ବର୍ତ୍ତମାନ ବିମାତା କୈକେୟୀଙ୍କର ଦୋଷହରଣ କରନ୍ତୁ ଅର୍ଥାତ୍ ରାଜ୍ୟରେ ଅଭିଷିକ୍ତ ହେବା ଦ୍ୱାରା ତାଙ୍କ ଦୋଷ କ୍ଷମା କରନ୍ତୁ ।" ଏହା ରାମଚନ୍ଦ୍ର ବାମ ଦେବଙ୍କଠାରୁ ଏହି କଥା ଶୁଣିବା ପରେ ରାଜା ହେବାକୁ ସ୍ୱୀକାର କଲେ । ହେ ସଖୀମାନେ ! ରାମଚନ୍ଦ୍ରଙ୍କ ସ୍ୱୀକୃତ ପାଇ ଜାମ୍ବବ ମନ୍ତ୍ରୀ ହନୁମାନଙ୍କୁ କହିବାରୁ ସେ ଯାଇ ବାଳଖିଲ୍ୟାଦିଋଷିମାନଙ୍କ ସହିତ ସନକାଦିଋଷିମାନଙ୍କୁ ନିମନ୍ତ୍ରଣ ଦେଲେ ଓ ଗଙ୍ଗାଦି ତୀର୍ଥମାନଙ୍କର ଜଳ ଆଣିଲେ ।

୩୯ଶ ପଦ:—ସିଂହ ଅରଣ୍ୟରେ ବିହାର କରି ବାହାର ହେଲେ ଯେପରି ତାହାର କେଶରସବୁ ଇତସ୍ତତ ହୋଇଥାଏ; ସେହିପରି ରାମଚନ୍ଦ୍ର ବନବିହାର ଶେଷ କରି ଅଯୋଧ୍ୟାକୁ ଆସି ରାଜପଦରେ ଅଭିଷିକ୍ତ ହେବା ନିମିତ୍ତ ମୁଣ୍ଡରେ ଥିବା ଜଟାମାନଙ୍କୁ ବିଭକ୍ତ କଲେ । ତତ୍ପରେ ସେ କେଶଗୁଚ୍ଛକୁ ପୁଷ୍ପମାନଙ୍କ ଦ୍ୱାରା ଓ ଶରୀରକୁ ଅତି ସୁନ୍ଦର ଭୂଷଣମାନଙ୍କ ଦ୍ୱାରା ବିଭୂଷିତ କଲେ । ହେ ସଖୀମାନେ ! ରାମଚନ୍ଦ୍ର ଭୁବିରବିହନ କରିବା ନିମିତ୍ତ ଅନୁପମ ଶୋଭାଧାରଣ କରି ନକ୍ଷତ୍ରମାନଙ୍କ ମଧ୍ୟରେ ଚନ୍ଦ୍ର ଶୋଭା ପାଇଲା ପ୍ରାୟ ଶୋଭା ପାଇଲେ । ଏହି

ବହ୍ନି ଅନନ୍ତ ଶୋଭା ମଣ୍ଡୟାଽୟାଁ । ବଧୂ ନକ୍ଷତ୍ରମାଳାରେ ଶଶାଙ୍କେ ।
ବୋଇଲେ କନ୍ଦର୍ପ କୋଟିଏ ଗୋଟିଏ ଦଶନେ ଜନସମାଜେ ହେ ବନ୍ଧୁହେ । ୩୯ ।
ବନ୍ଧୁହେ । ୩୯ ।

ବାଦ୍ୟଶବ୍ଦର ଗମକ ଚମକ ଦାନବେନ୍ଦ୍ର, ଦାନ କାରଣ ।
ବିସ୍ମରିଲେ ମାଇଲେଣି ରାବଣ ।
ବାଜଣା ଥାଜଣା କାହିଁକି ଏଣିକି
ମାରିବା ଇଚ୍ଛେ ଲବଣ ସେ । ସୁରେନ୍ଦ୍ର ।
ବ୍ୟାଳଶ୍ରେଷ୍ଠ ଦେଖିବା ଅଭିଷେକ । ବୋଲିବୋଲି ହୋଇ ଯିବା ଉତ୍ସୁକ ।
ବଚନେ ଭାବନ୍ତ ଲୋଚନେ ଦେଖିବେ ମହାଭାଗ୍ୟବନ୍ତ ଲୋକ ହେ ।
ବଧିରେ ।

ବାଜି ଗଜ ରଥ ପତ୍ତି ଚତୁରଙ୍ଗ ପରମ୍ପରା ହୋଇ ଏ ଥିଲୁ ।
ବଧି ଏକ ନୂତନ ଭଙ୍ଗି ହେଲୁ ।
ବାନର ଋକ୍ଷ ରକ୍ଷସଙ୍କର ମେଳ ।
ହିଂସାହୀନ ରାମଲୀଳା ହେ । ବନ୍ଧୁହେ ।

---

୪୦ଶ ପଦ:—ଗମକ —ଗହଳ । ଦାନ—ଛେଦନ । ବ୍ୟାଳଶ୍ରେଷ୍ଠ—ବାସୁକୀ

---

ସମୟରେ ଲୋକମାନେ ତାହାଙ୍କୁ ଦେଖି କହୁଥିଲେ, 'କୋଟିଏ କନ୍ଦର୍ପ ଏକତ୍ରିତ ହୋଇ ଗୋଟିଏ ମୂର୍ତ୍ତି ଧାରଣ କରି ଅଛନ୍ତି କି ?"

୪୦ଶ ପଦ:—ଏହି ସମୟରେ ବାଜୁଥିବା ବାଦ୍ୟମାନଙ୍କର ଗହଳଶବ୍ଦ ଶୁଣି ଲୋକମାନେ ବିଚାର କଲେ, 'ରାମଚନ୍ଦ୍ର ପ୍ରଧାନ ପ୍ରଧାନ ରାକ୍ଷସମାନଙ୍କୁ ମାରିବା ନିମିତ୍ତ ଏହି ବାଦ୍ୟ ବଜାଇ ବାହାରୁ ଅଛନ୍ତି କି ?' ପୁଣି ଭାବିଲେ 'ରାବଣକୁ ତ ମାରି ସାରିଲେଣି, ଆଉ କାହିଁକି ଏପରି ବାଦ୍ୟ ବାଜୁଅଛି ? ଆଉ କଣ ଲବଣାସୁରକୁ ମାରିବାପାଇଁ ଇଚ୍ଛା କରୁଛନ୍ତି କି ? କିଛିକ୍ଷଣ ପରେ ଲୋକମାନେ 'ରାମଅଭିଷେକ ହେଉଥିବାରୁ ବାଜା ବାଜୁଛି'-ଏହା ଜାଣିପାରି ଅଭିଷେକ ଦେଖି ଯିବା ପାଇଁ ପରସ୍ପର ମଧ୍ୟରେ ଆନନ୍ଦର ସହିତ କଥାବାର୍ତ୍ତା ହେଲେ । ସେତେବେଳେ ବାସୁକି ଏହି କଥା ଭାବିଲେ, ଏହି ଲୋକମାନେ ଅତ୍ୟନ୍ତ ଭାଗ୍ୟବାନ୍; ତେଣୁ ସ୍ୱୀୟଚକ୍ଷୁରେ ରାମାଭିଷେକ ଦେଖିବେ । ମୋର ତ ଭାଗ୍ୟ ନଷ୍ଟ, ରାମାଭିଷେକ ଦେଖିବି କୁଆଡ଼ୁ ? ( ମୁଁ ତ ପୃଥିବୀର ଭାର ଛାଡ଼ି ଯାଇ ପାରିବି ନାହିଁ ) ।'

୪୧ଶ ପଦ:—ଅଶ୍ୱ, ହସ୍ତୀ, ରଥ ଓ ପଦାତିକମାନଙ୍କ ଦ୍ୱାରା ଚତୁରଙ୍ଗବଳ ଗଠିତହେବାର ବହୁକାଳରୁ ନିୟମଥିଲା; କିନ୍ତୁ ଅଯୋଧ୍ୟାରେ

ବଇଜୟନ୍ତୀ ଉଡ଼େ ବ୍ରାତ ବ୍ରାତ । ବନ୍ଦିବୃନ୍ଦ ବନ୍ଦନରେ ଉନ୍ମତ୍ତ ।
ବିଭୀଷଣ ସୁଗ୍ରୀବାଦି ମହୀପତି ଯାନମାନ ଅଳଙ୍କୃତ ହେ । ବିବୁଧେ ।୪୧।
ବିଭ୍ରାଜ ହେବର ତ୍ରିଭୁବନକିରୀଟ ମର୍କତମଣି ସତ ରାମ ।
ବିଧିରେ ତ ଅଯୋଧ୍ୟା ନିଜଧାମ ।
ବପୁଷ୍ମନ୍ତେ ମୁକ୍ତ ବୋଇବେ କିଞ୍ଚିତେ
ଭାବିଲେ ଜନମି ପ୍ରେମ ହେ । ବିବୁଧେ ।
ବସ୍ତ୍ରାଳଙ୍କପଦେ ଛାନ୍ଦ ମଧୁର । ବୋଲେ ଉପେନ୍ଦ୍ର ଭଞ୍ଜ ବୀରବର ।
ବୈହାସିକ ହେବେ ନ ବୁଝିଲେ ଜନେତଙ୍କୁ କରେକି ବିସ୍ମର ହେ । ବିବୁଧେ ୪୨

୪୦ଶ ପଦ:—ବିଭ୍ରାଜ-ଶୋଭିତ । ବପୁଷ୍ମନ୍ତ-ଶରୀରଧାରୀମାନେ ।
ବୈହାସିକ—ଉପହାସିତ ।

ରାମାଭିଷେକ ଦିନଠାରୁ ଏକ ନୂତନ ନିୟମ ପ୍ରବର୍ତ୍ତନ କରାଗଲା ଯେ, ବାନର ଓ ରାକ୍ଷସମାନେ ସ୍ୱଂସାଶୂନ୍ୟ ହୋଇ ଏହି ଦେବତାଙ୍କ ବଳ ମଧ୍ୟରେ ସ୍ଥାନ ପାଇଲେ । ହେ ପଣ୍ଡିତମାନେ ! ଏହି ସମୟରେ ଅସଂଖ୍ୟ ପତାକା ଉଡ଼ିଲା ଭାଟମାନେ ରାମଚନ୍ଦ୍ରଙ୍କ ସ୍ତୁତି ପଠନ କରିବାରେ ଉନ୍ମତ୍ତ ହେଲେ ପାଗଳ ଯେପରି ସର୍ବଦା ପ୍ରଳାପ କରୁଥାଏ, ଭାଟମାନେ ସେହିପରି ଅନବରତ ସ୍ତୁତି ପାଠକରିବାରେ ଲାଗିଲେ) ଏବଂ ବିଭୀଷଣ ଓ ସୁଗ୍ରୀବ ପ୍ରଭୃତି ରାଜାମାନେ ନାନାବିଧ ଯାନରେ ବସି ଅଭିଷେକ ସ୍ଥଳକୁ ଅଳଙ୍କୃତ କଲେ ।

୪୨ଶ ପଦ:—ସ୍ୱର୍ଗ, ମର୍ତ୍ତ୍ୟ ପାତାଳ ଏହି ତିନି ଭୁବନର ମୁକୁଟରେ ଖଚିତ ହୋଇଥିବା ଇନ୍ଦ୍ରନୀଳମଣି ତୁଲ୍ୟ କାନ୍ତିବିଶିଷ୍ଟ ରାମଚନ୍ଦ୍ର ସେହି ଅଭିଷେକ ସମୟରେ ପ୍ରକୃତ ତ୍ରିଭୁବନମୁକୁଟମରକତମଣି, ବିଶ୍ୱବିଜୟୀ ମହାରାଜାଧିରାଜ ପରି ଦେଖାଗଲେ ଅର୍ଥାତ୍ ବୈଷ୍ଣବ ତେଜ ଧାରଣ କଲେ) ଏହା ସତ୍ୟ; ଯେହେତୁ ଅଯୋଧ୍ୟା ଅନ୍ୟ ଯୋଦ୍ଧାମାନଙ୍କର ପ୍ରବେଶ ଶୂନ୍ୟ ସ୍ୱକୀୟ ବାସସ୍ଥାନ ଅର୍ଥାତ୍ ବୈକୁଣ୍ଠପୁରୀ ପ୍ରକୃତରେ ଏହି ଅଯୋଧ୍ୟା ନଗରୀ ଅଟେ । (ଏଣୁ କିଞ୍ଚିନ୍ମାତ୍ର ସନ୍ଦେହ କରିବା ଉଚିତ ନୁହେଁ ହେ ପଣ୍ଡିତମାନେ ! ସେହି ଅଭିଷେକକାଳୀନ ରାମଚନ୍ଦ୍ରଙ୍କୁ ଭାବି ହୃଦୟରେ ଅଳ୍ପ ମାତ୍ର ବୈଷ୍ଣବ ପ୍ରେମ ଜନ୍ମିଲେ ଶରୀରମାନେ ନିଶ୍ଚୟ ମୋକ୍ଷ ଲାଭ କରିବେ । ଏହି ମନୋହର ଛାନ୍ଦକୁ ଉପେନ୍ଦ୍ର ଭଞ୍ଜ ବସ୍ତ୍ରାଳଙ୍କ ପଦରେ ରଚନା କଲେ । ହେ ପଣ୍ଡିତମାନେ । ଏହାକୁ ବୁଝି ନ ପାରିବା ଲୋକମାନେ ଅର୍ଥାତ୍ ମୂର୍ଖମାନେ ଯଦି ମୋତେ ଉପହାସ କରନ୍ତି, ତାହାହେଲେ ମୋର ସେମାନଙ୍କ ପ୍ରତି ଆଉ କିଛି ମାତ୍ର କହିବାକୁ ନାହିଁ ।

## ଦ୍ୱିପଞ୍ଚାଶତ୍ ଛାନ୍ଦ

ରାଗ—ମଙ୍ଗଳ

ବର୍ଣ୍ଣିବେ କବି ଅଶେଷ ଯେଉଁ ମହୋତ୍ସବ ।
ବଂଶବିତ ଚରିତରେ ଶରଣେ ଅର୍ଥି ହେବ ହେ । ୧ ।
ବ୍ରହ୍ମପୁତ୍ର କହିବାର ଗୁରୁପୁଷ୍ୟାଯୋଗେଣ
କାରୁଣ୍ୟାକର କୃପାରେ ସେ ସେ ସୀତାସଙ୍ଗେ ସେ ।୨।
ବିଶାରଦ ଗମ୍ଭୀର ଗୁଣରେ ଅତ୍ୟନ୍ତ ।
ଝଳସିତ ରଙ୍ଗେ ବହୁଭୁବନେ ଖ୍ୟାତ ହେ । ୩ ।
ବକ ବାଘ ଶାମଳ କୁମ୍ଭୀରେ ସ୍ଥାନ ପୂର୍ଣ୍ଣ ।
ଶବଦ ଶଙ୍ଖ ମଧୁର ଆନକ ନିସ୍ୱନ ସେ । ୪ ।

---

୧ମ ପଦ:—ଅର୍ଥୀହେବ—ବାଞ୍ଛିତ ଫଳ ପ୍ରାପ୍ତ ହେବ ।
୨ୟ ପଦ:—ବ୍ରହ୍ମପୁତ୍ର-ବଶିଷ୍ଠ । କାରୁଣ୍ୟାକର କୃପାରେ-କୃପା ସମୁଦ୍ରର ।

## ଦ୍ୱିପଞ୍ଚାଶତ୍ ଛାନ୍ଦ

୧ମ ପଦ:—ଯେଉଁ ରାମଙ୍କର ଅଭିଷେକ ମହୋତ୍ସବ କବିମାନଙ୍କର ବର୍ଣ୍ଣନା ଦ୍ୱାରା ଶେଷହୁଏ ନାହିଁ ସେହି ରାମଚନ୍ଦ୍ରଙ୍କର ଚରିତ୍ରରେ ଚିତ୍ତନିବେଶ କର, ସେ ତୁମ୍ଭମାନଙ୍କୁ ନିଶ୍ଚୟ ଅଭିଳଷିତ ଫଳ ପ୍ରଦାନ କରିବେ ।

୨ୟ ପଦ:—କୃପାସିନ୍ଧୁ ରାମଚନ୍ଦ୍ର ବଶିଷ୍ଠଙ୍କ କହିବାନୁସାରେ ଗୁରୁ-ପୁଷ୍ୟାଯୋଗ ଉପସ୍ଥିତ ହୁଅନ୍ତେ ସୀତାଙ୍କୁ ସଙ୍ଗରେ ନେଇ ଅଭିଷେକ ହେବା ନିମିତ୍ତ ରତ୍ନସିଂହାସନରେ ବିଜେ କଲେ ।

୩ୟ ପଦ:—ସମୁଦ୍ର ଯେପରି ଅତ୍ୟନ୍ତ ଗମ୍ଭୀର ଗୁଣରେ ବିଶାରଦ ଅର୍ଥାତ ଅତି ଗମ୍ଭୀର, ତରଙ୍ଗାକୁଳିତ ଓ ଅପରିମିତ ଜଳପୂର୍ଣ୍ଣ ଅଟେ; ଏହି କରୁଣାସିନ୍ଧୁ ରାମଚନ୍ଦ୍ର ମଧ୍ୟ ସେହିପରି ସଦ୍‌ଗୁଣରେ ଅତ୍ୟନ୍ତଗମ୍ଭୀର ଅର୍ଥାତ ଦୟାଦାକ୍ଷିଣ୍ୟାଦି ବହୁଗୁଣସମ୍ପନ୍ନ ସୁଚତୁର-ବା କାର୍ଯ୍ୟଦକ୍ଷ ଓ ଚତୁର୍ଦ୍ଦଶଭୁବନରେ ବିଖ୍ୟାତ ଅଟନ୍ତି ।

୪ର୍ଥ ପଦ:—ସମୁଦ୍ରରେ ଯେପରି କୌଣସି କୌଣସି ସ୍ଥଳ ବକପକ୍ଷୀ, ଶ୍ୟାମପକ୍ଷୀ, ସିନ୍ଧୁଘୋଟକ ଓ କୁମ୍ଭୀରମାନଙ୍କ ଦ୍ୱାରା ପୂର୍ଣ୍ଣ, ଶଙ୍ଖ ନାମକ ଜଳ ଜନ୍ତୁର ବାସସ୍ଥାନ ଓ ଅନ୍ୟାନ୍ୟ ଜଳଜନ୍ତୁମାନଙ୍କର ମନୋହର ଶବ୍ଦରେ ଝଙ୍କାରିତ ଅଟେ, ସେହିପରି ଏହି କରୁଣାସିନ୍ଧୁ ରାମଙ୍କର ଅଭିଷେକ ସ୍ଥାନ ଶିରୋଦେଶରେ ବକଶ୍ୟାମଳମଣ୍ଡିତ ଚାମରମାନଙ୍କଦ୍ୱାରା ପରିବେଷ୍ଟିତ ଘୋଡ଼ା ଓ ହାତୀମାନଙ୍କ ଦ୍ୱାରା ପୂର୍ଣ୍ଣ ଓ ଶଙ୍ଖ, ମହୁରୀ,ଢୋଲ ପ୍ରଭୃତି ବାଦ୍ୟମାନଙ୍କ ଦ୍ୱାରା ଶବ୍ଦିତ ଅଟେ ।

ବିତାନ ଅନନ୍ତ ସର୍ବ ଆନ ଲକ୍ଷ ନାହିଁ ।
ବିସ୍ମିତ ଭାରତର ନେତ୍ରରେ ଶୁଦ୍ଧ ମୋହିତ ହେ । ୫ ।
ବିସ୍ତାରିକ ସୁମନସପଙ୍କଜ ଅମ୍ବର ।
ବିଧୂତ ଚନ୍ଦ୍ର ଝଲକାବଳୀ କି ମାଧୁରୀ ଯେ । ୬ ।
ବିକାସବର୍ଣରେ ଘନସାର ପ୍ରକରତ ।
ବିହୁ କି ସ୍ଥାପ୍ୟମଣ୍ଡିତ କନ୍ୟାପ୍ରମ କୃତ ଯେ । ୭ ।
ବାଳ୍ପମୋହିନୀ ସ୍ତ୍ରୀଗଣେ ବିବୁଧରଞ୍ଜିତ ।
ବିଭ୍ରତରେ ତମଚୟ ହୋଇଛି ଖଣ୍ଡିତ ଯେ । ୮ ।

---

୫ମ ପଦ:—ବିତାନ—ଚାନ୍ଦୁଆ । ଅନନ୍ତ—ଆକାଶ ।

୬ଷ୍ଠ ପଦ:—ସୁମନସପଙ୍କଜ—ନକ୍ଷତ୍ରଦାଣ୍ଡି, ପୁଷ୍ପମାଳ । ଚନ୍ଦ୍ର ଝଲକାବଳୀ—ଚନ୍ଦ୍ର କିରଣ ସମୂହ, ଅଳଙ୍କାର ବିଶେଷ ।

୭ମ ପଦ:—ଘନସାର—କର୍ପୂର । ବିହ୍ନ—ଅତିଶୟ ଦୀପ୍ତିମନ୍ତ

୮ମ ପଦ:—ବାଳ୍ପ—କାନ୍ତ । ଭା—କାନ୍ତି ବା ଦୀପ୍ତି । ତ[illegible] ଅନ୍ଧକାରସମୂହ ।

---

୫ମ ପଦ:—ସେହି ଅଭିଷେକ ସ୍ଥାନ 'ଅନନ୍ତ' ବହୁସଂଖ୍ୟକ ଚାନ୍ଦୁଆମାନଙ୍କଦ୍ୱାରା ଆଚ୍ଛାଦିତ, ତେଣୁ ତାହାକୁ ଅନ୍ୟ କୌଣସି ବସ୍ତୁର ସହିତ ତୁଳନା ନ କରି ସେହି 'ଅନନ୍ତ' ଆକାଶ ସହିତ ତୁଳନା କରିବା ଉଚିତ । କାରଣ ଆକାଶ ଯେପରି ଅତିବିସ୍ତୃତ, ଉଜ୍ଜ୍ୱଳ ଓ ମନୋରମ ହୋଇ ଥିବାରୁ ଦର୍ଶକର ନୟନକୁ ମୋହିତ କରେ; ସେହିପରି ଏହି ଚାନ୍ଦୁଆସବୁ ମନୋହର ବସ୍ତୁମାନଙ୍କଦ୍ୱାରା ନିର୍ମିତ ହୋଇ ଅତି ବିସ୍ତୃତ ହୋଇଥିବାରୁ ଲୋକମାନଙ୍କୁ ମୋହିତ କରୁଅଛି ।

୬ଷ୍ଠ ପଦ:—ଆକାଶ ମଧ୍ୟ ଆକାଶ ଚତୁର୍ଦ୍ଦିଗ ବ୍ୟାପ୍ତ ଏବଂ ବହୁସଂଖ୍ୟକ ତାରା ଓ ଚନ୍ଦ୍ରଙ୍କ କିରଣ ଦ୍ୱାରା ମଣ୍ଡିତ ହୋଇ ମନୋହର ଦେଖାଯାଉଥାଏ, ଅଭିଷେକ ସ୍ଥାନ ମଧ୍ୟ ଚତୁର୍ଦ୍ଦିଗ ବିସ୍ତୃତ ବହୁସଂଖ୍ୟକ ପୁଷ୍ପମାଳ ଓ ସ୍ୱର୍ଣ୍ଣନିର୍ମିତ ଝରମାନଙ୍କ ଦ୍ୱାରା ବିମଣ୍ଡିତ ହୋଇ ଅପୂର୍ବ ଶୋଭା ଧାରଣ କରିଅଛି ।

୭ମ ପଦ:—ସେହି ଅଭିଷେକ ସ୍ଥାନରେ ଲୋକମାନେ କର୍ପୂର ଗୁଣ୍ଡା ଦ୍ୱାରା ଫଗୁଖେଳ ଖେଳୁ ଥିବାରୁ ଚତୁର୍ଦ୍ଦିଗ କର୍ପୂର ଗୁଣ୍ଡରେ ପୂର୍ଣ୍ଣ ହୋଇଅଛି ଏବଂ ସେହି ସ୍ଥାନରେ ନିର୍ମିତ ହୋଇଥିବା ଅତି ମନୋହର ସ୍ଥମ୍ଭଶ୍ରେଣୀ ଆଉ ସ୍ତମ୍ଭମାନଙ୍କରେ କୃତ୍ରିମ କନ୍ୟା ମାନଙ୍କର ମୂର୍ତ୍ତି ଖଞ୍ଜା ଯାଇଅଛି ।

୮ମ ପଦ:—କାନ୍ଥମାନଙ୍କରେ ମଢ଼ା ଯାଇଥିବା ଅତି ସୁନ୍ଦରୀ ସ୍ତ୍ରୀ ଛବିଗୁଡ଼ିକ ଦେବତାମାନଙ୍କୁ ମଧ୍ୟ ମୋହିତ କରୁଅଛି ଏବଂ ସେହି ଛବି ଗୁଡ଼ିକର ତେଜରେ ଅନ୍ଧକାର ବିଦୂରିତ ହେଉଅଛି ।

ଦମ୍ଭ ନର୍ମିକ ଦେଖାଇ ଯେ ବେଦକାସାର ।
ବଦନର ଭ୍ରମ ଏତ ଅବ୍ଜାତସୁର ଯେ । ୯
ବରଷାର ପରି ଭୂଭୃତଶିର ମଣ୍ଡନ ।
ବଜେ ଚଞ୍ଚଳା ସଜଳରଞ୍ଜିତ ଭଦ୍ରାସ(ଶ)ନ ଯେ । ୧୦ ।
ବିରାଜିତ ଶାରଙ୍ଗପାଣିରେ ହୋଇଛନ୍ତି ।
ବେଗେ ଅମ୍ବର ପ୍ରକାଶ ଭରତ କରନ୍ତି ଯେ । ୧୧ ।
ବିଶଦ ଲକ୍ଷ୍ମଣେ ଛତ୍ର ବୋଲଇ ଉଦୟ ।
ବାତଜାତ ପଦ୍ମରେ ଘଟିତ ସେହି ସମୟ ଯେ । ୧୨ ।

୯ମ ପଦ:—ଅବ୍ଜାତସୁର—ବ୍ରହ୍ମାଙ୍କର ସ୍ଥାନ ।

---

୧୦ମ ପଦ:—ଭୂଭୃତ—ପର୍ବତ, ରାଜା । ଭଦ୍ର—ଭଦଭଦଲଆ ପକ୍ଷୀ । ଅଶନ—ଗ୍ରାସ । ଭଦ୍ରାସନ—ସିଂହାସନ । ଚଞ୍ଚଳା—ବିଦ୍ୟୁତ, ସୀତା ।

୧୧ଶ ପଦ:—ଶାରଙ୍ଗ ପାଣିରେ—ଧନୁଶର ହାତ । ଅମ୍ବର—ବସ୍ତ୍ର ।

୧୨ଶ ପଦ:—ବିଶଦ ଛତ୍ର—ଶୁକ୍ଳ ଛତ୍ର । ବାତଜାତ—ହନୁମାନ ।

---

୯ମ ପଦ:—ଆଜି ମଧ୍ୟ ସେହି ବେଶର ନିଧଳତା ଏପରି ନିର୍ମଳ ହୋଇଅଛି ଯେ, ସେଥିରେ ନିକଟସ୍ଥ ସମସ୍ତ ଲୋକ, ଜୀବ, ଅନ୍ୟାନ୍ୟ ବସ୍ତୁ ମାନଙ୍କର ପ୍ରତିବିମ୍ବ (ଛାଇ) ଦେଖା ଯାଉଅଛି, ତେଣୁ ତାହାକୁ ଦେଖିଲେ 'ଏହା ବ୍ରହ୍ମାଙ୍କ ପୁର କି ?' ଏହି ଭ୍ରମଜ୍ଞାନ ଦର୍ଶକମାନଙ୍କ ମନରେ ଉତ୍ପନ୍ନ ହେଉଅଛି ।

୧୦ମ ପଦ:—ସେହି ଅଭିଷେକ ସମୟ ବର୍ଷାକାଳର ଶୋଭାକୁ ଧାରଣ କଲା, କାରଣ ବର୍ଷାକାଳରେ ଯେପରି ମେଘସବୁ ପର୍ବତ ଶିଖରଦେଶକୁ ମଣ୍ଡିତ କରନ୍ତି ଅର୍ଥାତ୍ ପର୍ବତ ଉପରେ ଆଶ୍ରୟ ନିଅନ୍ତି, ବିଦ୍ୟୁତ ମେଘ ଦେହରେ ରଞ୍ଜିତ ହୋଇଥାଏ ଏବଂ 'ଭଦ୍ରାଶନ' ଭଦଭଦଲଆ ପକ୍ଷୀମାନଙ୍କୁ ପ୍ରଚୁର ଖାଦ୍ୟ ମିଳେ ସେହିପରି ରାଜାମାନଙ୍କର ଶିରୋମଣ୍ଡନ ରାମଚନ୍ଦ୍ର ନିଜର ମେଘ ତୁଲ୍ୟ ଶରୀର କାନ୍ତି ଦ୍ୱାରା ଅଭିଷେକ ମଣ୍ଡପର ଉପର ଦେଶକୁ ମଣ୍ଡିତ କରି, ବିଦ୍ୟୁତଗୌରୀ ସୀତାଙ୍କୁ କୋଳରେ ଧରି ବ୍ରାହ୍ମଣମାନଙ୍କୁ ଉପଯୁକ୍ତ ଭୋଜନ ବା ଭଦ୍ରବ୍ୟକ୍ତିମାନଙ୍କୁ ଉପଯୁକ୍ତ ଆସନ ପ୍ରଦାନ ପୂର୍ବକ ସିଂହାସନରେ ବିଜେ କଲେ ।

୧୧ଶ ପଦ:—ସେହି ସମୟରେ-ରାମଚନ୍ଦ୍ର, ଧନୁ ଓ ଶରଦ୍ୱାରା ସୁଶୋଭିତ ହୋଇଥିଲେ ଓ ଭରତ ତାହାଙ୍କ ନିକଟରେ ବସ୍ତ୍ର ବ୍ୟଜନ କରୁଥିଲେ ।

୧୨ଶ. ପଦ:—ଆଉ ଲକ୍ଷ୍ମଣ ଶ୍ୱେତଛତ୍ର ଧାରଣ କରିଥିଲେ ଏବଂ ହନୁମାନ ପାଦ ସେବା କରୁଥିଲେ ।

ବର୍ହିପ୍ରଭ ଶତ୍ରୁଘ୍ନ ବ୍ୟଜନ ଚଳାଉଛି ।
ବୀକ୍ଷଣ ଯୁକ୍ତ ଚନ୍ଦ୍ରହାସେ ହୋଇଅଛି ଯେ । ୧୪ ।
ବନ୍ଦ୍ୟ ପ୍ଲବଗ ବରବର୍ହିପୁଞ୍ଜ ପ୍ରଗୁଞ୍ଜନ ।
ବଧୂଲେ ସ୍ଥାନ ହସେ ସକଳ ଭୁବନ ଯେ ।
ବିଭ୍ରାଜିତ ବାହିନୀଶ ତାରାଭବ ସଙ୍ଗେ ।
ବିବେଷ୍ଟିତ ତେଜ୍ୟଷ୍ଟବର୍ଦ୍ଧ ଚନ୍ଦ୍ରପାତ ଧରି ଶୋଭେ ।
ବିକଶିତ କୁମୁଦାଦି ସୁମନ ଉଭସେ ।
ବିମଳ ଅଗସ୍ତି ଭରଦ୍ୱାଜ ବାକ୍ୟ ଶୋଭେ ଯେ । ୧୬ ।

---

୧୩ଶ ପଦ:—ବର୍ହିପ୍ରଭ ବ୍ୟଜନ—ମୟୂରପୁଚ୍ଛ ପଙ୍ଖା । ଚନ୍ଦ୍ରହାସ—ଖଡ୍ଗ ।

୧୪ଶ ପଦ—ପ୍ଲବଗ—ବେଙ୍ଗ । ପ୍ଲବଗବର—ସୁଗ୍ରୀବ । ବରବର୍ହି—ମୟୂର ।

---

୧୩ଶ ପଦ—ଶତ୍ରୁଘ୍ନ ମୟୂରପୁଚ୍ଛ ନିର୍ମିତ ପଙ୍ଖା ବ୍ୟଜନ କରୁଥିଲେ, ବିଭୀଷଣ ଖଣ୍ଡା ଧରି ସେହି ସ୍ଥାନରେ ଦଣ୍ଡାୟମାନ ହୋଇଥିଲେ ।

୧୪ଶ ପଦ—ଆଉ ମଧ୍ୟ ସେହି ଅଭିଷେକ ସମୟ ଶରତ୍ କାଳର ଶୋଭା ଧାରଣ କଲା । କାରଣ ଶରତ୍ କାଳରେ ଯେପରି ବେଙ୍ଗମାନେ ପ୍ରକାଶିତ ହୁଅନ୍ତି ଓ ମୟୂରମାନେ ପୁଚ୍ଛ ଉତ୍ତୋଳନ କରି ଜନମାନଙ୍କର ମନକୁ ହରଣ କରନ୍ତି ସେହିପରି ଏହି ସମୟରେ ରାଜାମାନଙ୍କର ପୂର୍ବ ପ୍ରଚଳିତ ପ୍ରଥାନୁସାରେ ସୁଗ୍ରୀବ-ମନୋହର ମୟୂର ପୁଚ୍ଛଗୁଚ୍ଛ ସଂଚାଳିତ କରିବାରୁ ସେହି ସ୍ଥାନ ସମଗ୍ର ଭୁବନଠାରୁ ଅଧିକ ସୁନ୍ଦର ଦେଖାଗଲା । ( ଅର୍ଥାତ୍ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ପ୍ରଭୃତି ଚତୁର୍ଦ୍ଦଶ ଭୁବନରେ ଶୋଭା ଅପେକ୍ଷା ଅଭିଷେକ ମଣ୍ଡପର ଶୋଭା ଅଧିକ ଦେଖାଗଲା । )

୧୫ଶ ପଦ—ପୁଣି ଶରତକାଳରେ ଯେପରି ସର୍ବସନିର୍ଝରରୁ ଜଳଧାର ପ୍ରବାହିତ ହେଉଥାଏ ଏବଂ 'ତାରାଭବ' ବୁଧ ଗ୍ରହ ନାମରେ ପରିଚିତ ତାରା ଓ ଅନ୍ୟାନ୍ୟ ତାରମାନଙ୍କ ସହିତ ଚନ୍ଦ୍ର ଅତିଶୟ ତେଜ ଧାରଣ କରିଥାନ୍ତି ଅର୍ଥାତ ଆକାଶ ନିର୍ମଳ ହୋଇଥିବାରୁ ପରିଷ୍କୃତ ଦେଖା ଯାଉଥାନ୍ତି; ସେହିପରି ଅଭିଷେକ ସ୍ଥଳରେ ଅତ୍ୟନ୍ତ ତେଜସ୍ୱୀ ମହାବୀର ଜାମ୍ବବ ଓ ଅଙ୍ଗଦ ଜଳପୂର୍ଣ୍ଣ ଝାରି ଧରି ମନୋହର ଦେଖା ଯାଉଥିଲେ ।

୧୬ଶ ପଦ—ଶରତ କାଳରେ କୁମୁଦଆଦି ପୁଷ୍ପମାନେ ଶୀଘ୍ର ବିକଶିତ ହୁଅନ୍ତି, ନିର୍ମଳଅଗସ୍ତି ନକ୍ଷତ୍ର ଦୃଶ୍ୟ ହୁଅନ୍ତି ଏବଂ ଭରଦ୍ୱାଜଆଦି ପକ୍ଷୀସୁମଧୁର

ବନ୍ଦିତ ଏ ସ୍ୱରୂପକ ଶ୍ଳେଷଣେ ସୁମନ ।
ବେଢ଼ି ସପ୍ତଋଷି ମିଳି କର୍ମର କାରଣ ଯେ । ୧୭ ।
ବରବିଭୂତି ତପସ୍ୱି ଗଣେ କଲେ ଦାନ ।
ବିଟପୀ ରମ୍ଭା ସୁଷମା ଘଟ ବାରିପୂର୍ଣ୍ଣ ଯେ । ୧୮ ।
ବନମାସୁ ଦ୍ୱୀପିନାଥେ ପାଶେ ଅନୁସରି ।
ବଶୁଭି ଲକ୍ଷଣ ଯାନ ହୋଇଛନ୍ତି ମାଧୁରି ଯେ । ୧୯ ।
ବାଦ୍ୟନାଦ ବଳ ସ୍ୱରେ ରସନାର ସ୍ୱନ ।
ବାରାଙ୍ଗନାମାନ ନୃତ୍ୟଗୀତର ବିଧାନ ଯେ । ୨୦ ।

---

୧୭ଶ ପଦ—ସୁମନ—ପୁଷ୍ପ । ଭରଦ୍ୱାଜ—ଭଦଭଦଳିଆ ପକ୍ଷୀ ।

୧୮ଶ ପଦ—ବରବିଭୂତି—ଅନେକ ସମ୍ପତ୍ତି । ବିଟପି ରମ୍ଭା—କଦଳୀଗଛ ।

୧୯ଶ ପଦ—ବନମାସୁ—ପ୍ରଜାମାସୁ । ଦ୍ୱୀପିନାଥେ—ରାଜାମାନେ ।

---

ସ୍ୱରରେ ବୋବାନ୍ତି, ସେହିପରି ଏଠାରେ କୁମୁଦାଦି ବୀରମାନେ ଅନ୍ତରରେ ସନ୍ତୁଷ୍ଟ ହରଷିତ ହେଲେ; ଅଗସ୍ତି, ଭରଦ୍ୱାଜ ଆଦି ମୁନିମାନେ ନିର୍ମଳ ଚିତ୍ତରେ ବେଦବାକ୍ୟକୁ ପାଠ କଲେ ।

୧୭ଶ ପଦ—ଏହି ଗୀତ ସ୍ୱରୂପ ରୂପକ ଆଶ୍ଳେଷରେ ରଚିତ ହେଲା । ସପ୍ତଋଷିମାନେ ମିଳି ଅଭିଷେକ କର୍ମ ଆରମ୍ଭ କଲେ ।

୧୮ଶ ପଦ—ଅଭିଷେକ ଶେଷରେ ରାମଚନ୍ଦ୍ର ତପସ୍ୱୀମାନଙ୍କୁ ବହୁତ ସମ୍ପତ୍ତି ଦାନ କଲେ । ନଗରେ କଦଳୀଗଛ ଏବଂ ଜଳପୂର୍ଣ୍ଣ ଘଟର ଶୋଭାରେ ପୂରି ରହିଥିଲା ।

୧୯ଶ ପଦ—ପ୍ରଜାମାସୁ ରାଜାମାନେ ସେହି ସମୟରେ ରାମଚନ୍ଦ୍ରଙ୍କୁ ଅନୁସରଣ କରି ପାଶରେ ଉଭାଥିଲେ । ତତ୍ପରେ ମଦଜଳବାହି ମତ୍ତହସ୍ତୀମାନଙ୍କ ଉପରେ ବସି ରାମଚନ୍ଦ୍ରଙ୍କର ଅନୁଗାମି ହେଲେ, ( ରାମଚନ୍ଦ୍ର ଶୋଭା ଯାତ୍ରା କରି ନଗର ଭ୍ରମଣ କରିବାରୁ ରାଜାମାନେ ହସ୍ତୀ ଉପରେ ବସି ପଛେ ପଛେ ଗଲେ ) ।

୨୦ଶ ପଦ—ସେତେବେଳେ ସ୍ତ୍ରୀମାନଙ୍କର ହୁଳହୁଳି ଶବ୍ଦ ନାନାବିଧ ବାଦ୍ୟମାନଙ୍କର ନାଦକୁ ବୁଡ଼ାଇ ଦେଇ ଶୁଣାଗଲା । ( ହୁଳହୁଳି ଶବ୍ଦରେ ବାଦ୍ୟନାଦ ଆଉ ଶୁଣା ଗଲା ନାହିଁ ) । ଶ୍ରେଷ୍ଠ ବେଶ୍ୟାମାନେ ନୃତ୍ୟ ଗୀତ କରିବାକୁ ଲାଗିଲେ ।

ବ୍ୟୋମ ଆଚ୍ଛାଦିତ ଶୂରସ୍ତବ ସାଧୁ ସୃଷ୍ଟି ।
ଦୃଷ୍ଟି ସକଳ ଲୋକ ପ୍ରମୋଦ ଯହିଁ ହୋଇ ଯେ । ୨୧ ।
ବ୍ୟକ୍ତ ଗନ୍ଧର୍ବଗାୟକ ରସାଳେ ମାଧୁର୍ଯ୍ୟ ।
ବସନ୍ତ ମଙ୍ଗଳ ରାଗେ ଏକସ୍ୱରେ ଭଜ ଯେ । ୨୨ ।
ବ୍ରହ୍ମା ହର ସ୍ତୁତ ଶ୍ରୁତିରଞ୍ଜନ ସ୍ୱଭାବେ ।
ବନ୍ଦବଚନ ହୋଇଛି ସେକାଳ ଉତ୍ସବ ଯେ । ୨୩ ।
ବହୁର ନେତ୍ର ଆନନ୍ଦ ବହୁଣି ଦର୍ଶନ ।
ବହୁର ମୁଖରେ କାର୍ତ୍ତି ଶେଷ ଅଭାଜନ ଯେ । ୨୪ ।
ବାଡ଼ବଜାତ ପ୍ରଭାତସ୍ଥାନରେ ଝଲତ ।
ବସ୍ତ୍ରେ ସାର ରାମ କାମ ତାନକାରି ସ୍ଥିତ ଯେ । ୨୫ ।

---

୨୧ଶ ପଦ:—ଶୂର—ସାର । ବ୍ୟୋମ—ଆକାଶ ।

୨୧ଶ ପଦ:—ସେହି ସ୍ଥାନରେ ଥିବା ସାରମାନେ ନେତ୍ରମାନଙ୍କ ସାରଳ୍ଯ

---

ବଳରେ ଆକାଶକୁ ଆଚ୍ଛାଦିତ କରି ପକାଇଲେ । ତାହା ଦେଖି ଦର୍ଶକମାନେ ଆନନ୍ଦିତ ହେଲେ ।

୨୨ଶ ପଦ:—ସଙ୍ଗୀତ ଗାୟକମାନେ ରସଯୁକ୍ତ ମନୋହର 'ବସନ୍ତ ମଙ୍ଗଳ' ରାଗରେ ଏକ ସ୍ୱରରେ ଗାନ କରିବାକୁ ଲାଗିଲେ ।

୨୩ଶ ପଦ:—ସେହି ଅଭିଷେକ ସମୟରେ ବ୍ରହ୍ମା, ମହାଦେବ ଦୁହେଁ ବେଦକଥିତ ମାର୍ଗରେ [କର୍ଣ୍ଣ ରସାୟନ ସ୍ୱରରେ] ସ୍ତୁତି କରିବାକୁ ଲାଗିଲେ । ଉତ୍ସବ କାଳରେ ଭାଟମାନେ ସ୍ତୁତିକଲେ ପ୍ରାୟ ତାହା ସେହି ଅଭିଷେକ ଉତ୍ସବ ସମୟରେ ପ୍ରଜାତ ହେଲା ।

୨୪ଶ ପଦ:—ସେହି ଅଭିଷେକ ଉତ୍ସବ ଦର୍ଶନ କରି ଚତୁର୍ବ୍ୟକ୍ତଙ୍କ ନେତ୍ର ଆନନ୍ଦିତ ହେଲା । ଆଉ ମଧ୍ୟ ବହୁତ ଲୋକ ମୁଖରେ ସେ ସମୟରେ କାର୍ତ୍ତି ବର୍ଣ୍ଣନାହାର ଶେଷକରି ପାରିଲେ ନାହିଁ ।

ଅନ୍ୟାର୍ଥ :—ସେହି ଅଭିଷେକ ଉତ୍ସବ ଦେଖି 'ବହୁନେତ୍ର' ମହାଦେବ ଆନନ୍ଦିତ ହେଲେ, ଆଉ 'ବହୁମୁଖ' ବ୍ରହ୍ମା ତାହା ବର୍ଣ୍ଣନ କରିବାକୁ ଅକ୍ଷମ ହେଲେ ।

୨୫ଶ ପଦ:—ଅଣିମାକୁମାର ରାମଚନ୍ଦ୍ରଙ୍କ ଶୋଭା ଦେଖି ପ୍ରଜାସ୍ଥିତ ହୋଇ ଭାବନା କଲେ, 'ତାନକାରି ରାମଚନ୍ଦ୍ର ଏ ସଂସାରରେ ନୂତନ କନ୍ଦର୍ପ ଅବତାର ହୋଇଅଛନ୍ତି । ( ତେଣୁ ଏହାଙ୍କ ସମାନ ଆଉ କେହି ହୋଇ ନ ପାରେ ) ।"

ବିସ୍ତାରି ଏ ଭାବେ ମତ ବିଧାତାକୁମର ।
ବ୍ରହ୍ମାଣ୍ଡମଣ୍ଡଳେ ଚକ୍ରବର୍ତ୍ତୀ ରଘୁବର ଯେ । ୨୬ ।
ବିଚାରନ୍ତି ପୁଣ୍ୟଜନ ବରଷ୍ଟି ଆଶ୍ରିତ ।
ବିକ୍ଷେପକ ମେଘପୃଷ୍ଟ ସୁଧୀର ମରୁତ ଯେ । ୨୭ ।
ବିବେକ ଜନିତ ଯେ ଯୋଗିରେ ଧର୍ମରାଜେ ।
ବସୁଧାରେ ସତ୍ୟ ଅବତାର ଏ ରଘୁଜେ ଯେ । ୨୮ ।
ବୈକୁଣ୍ଠ ଶ୍ରୀ କି ଏ ନିଶ୍ଚେ ମାର୍କଣ୍ଡେୟ ଭାଳେ ।
ବିହ୍ୱଳ ମୁଁ ପୂର୍ବେ ଅବଧିରେ ଦେଖି ଭୋଳେ ଯେ । ୨୯ ।
ବର୍ତ୍ତମାନ ଧନ୍ୟ ଦେଖି ଅପୂର୍ବ ଉତ୍ସବ ।
ବଢ଼ାଇ ଏ ତୋଷସିନ୍ଧି ଭବିଷ୍ୟୋ ନୋହିବ ଯେ । ୩୦ ।

---

୨୭ଶ ପଦ:—ପୁଣ୍ୟଜନ—ସୁକୃତି ଲୋକମାନେ । ଷ୍ଟି—ଶୋଭା । ମରୁତ—ପବନ । ମେଘପୃଷ୍ଟ—ଜଳ ।

---

୨୬ଶ ପଦ:—ବିଧାତାକୁମର ବଶିଷ୍ଠ ଏହି ଭାବକୁ ବିସ୍ତାର ପୂର୍ବକ ସ୍ତୁତିକରି କହିଲେ, "ଏହି ବ୍ରହ୍ମାଣ୍ଡ ମଧ୍ୟରେ ରାମଚନ୍ଦ୍ର ଏକମାତ୍ର ଚକ୍ରବର୍ତ୍ତୀ ଅଟନ୍ତି ।"

୨୭ଶ ପଦ:—ପୁଣ୍ୟବନ୍ତ ଲୋକମାନେ ତାହା ଦେଖି ବିଚାର କଲେ, "ଏହି ସ୍ଥାନ ଆଜି ଉତ୍କୃଷ୍ଟ ଶୋଭାରେ ମଣ୍ଡିତ ହୋଇଅଛି ।" ପବନ ଧୀର ଧୀର ବହି ଜଳକଣା ନିକ୍ଷେପ କରୁଅଛି । (ମଙ୍ଗଳ ସୂଚକ ନିକ୍ଷିପ୍ତ କ୍ଷୁଦ୍ରବିନ୍ଦୁ ଜଳ ବୃଷ୍ଟି ପ୍ରାପ୍ତ ପ୍ରତୀତ ହେଉଅଛି ) ।

୨୮ଶ ପଦ:—ଯୋଗୀଜନମାନେ ବିଚାର କଲେ, "ସ୍ୱୟଂ ଧର୍ମ ରାମ ରୂପରେ ଅବତୀର୍ଣ୍ଣ ହୋଇ ଅଛନ୍ତି । ସତ୍ୟ ନର ଦେହରେ ପୃଥିବୀରେ ଜନ୍ମି ଅଛନ୍ତି ।"

୨୯ଶ ପଦ:—ମାର୍କଣ୍ଡେୟ ମୁନି ତାହା ଦେଖି ଚିନ୍ତାକଲେ, 'ଏ ନିଶ୍ଚୟ ବିଷ୍ଣୁ ଓ ଲକ୍ଷ୍ମୀ ଅଟନ୍ତି । ମୁଁ ପୂର୍ବେ ( ମାଲ୍ୟବନ୍ତ ପର୍ବତରେ ) ବୁଲୁଥିବା ଅବସ୍ଥାରେ ଏହାଙ୍କୁ ନେତ୍ରରେ ଦେଖି ମଧ୍ୟ ଭୋଳହୋଇ ଚିହ୍ନି ପାରି ନଥିଲି ।'

୩୦ଶ ପଦ:—'ବର୍ତ୍ତମାନ ଏହି ଅପୂର୍ବ ଅଭିଷେକୋତ୍ସବ ଦେଖି ଧନ୍ୟ ହେଲି । ଏହା ଦର୍ଶନକରି ମୁଁ ଯେପରି ସନ୍ତୁଷ୍ଟ ହେଲି, ଏପରି ଆଉ ଭବିଷ୍ୟତରେ ହୋଇ ପାରିବ ନାହିଁ ।'

ବନ୍ଦାପନାବଧି ଶେଷ ଅଟୋଗତକୁ ଦ୍ରବ୍ୟେ ।
ବାସବର ପୁରସ୍କାରୁ ଲଭି ତହିଁ ସର୍ବେ ଯେ । ୩୧ ।
ବସନ୍ତ ଯେ ସୁମନା ନାଗର-ଗଣ ହେଲେ ।
ବଶେଷ ପ୍ରତିମା ହୋଇ ଈକ୍ଷଣେ ରହିଲେ ଯେ । ୩୨ ।
ବଲ୍ମୀକରୁ ଜ୍ୟୋତି ଜାତ ସତ ଏ ପୁରାଣେ ।
ବଳାସକ ହୃଦୟ-ପୃଷ୍ଠରେ କ୍ଷଣେ କ୍ଷଣେ ଯେ । ୩୩ ।
ବାଞ୍ଛାପୂର୍ଣ୍ଣ ଚତୁରବର୍ଗରେ ପ୍ରଭୁ କଲେ ।
ବିଧାନ କମଳା ସାରପାକେ ଭୋଜ୍ୟ ଦେଲେ ଯେ । ୩୪ ।
ବିଧୁ ସିନ୍ଧୁ ସ୍ୱର୍ଗପ୍ରାପ୍ତ ସେ ଅମୃତାକାର ।
ବାମା ଗଜରାଜ ଗ ସଂଯୋଗ କଟକର ଯେ । ୩୫ ।

---

୩୨ଶ ପଦ:—ସୁମନା - ସ୍ତ୍ରୀ । ବଶେଷ ପ୍ରତିମା—ମନୋହର ରୂପ । ଈକ୍ଷଣ—ଚକ୍ଷୁ ।

୩୩ଶ ପଦ:—ବଲ୍ମୀକରୁ-ବାଲ୍ମୀକୀଙ୍କଠାରୁ । ହୃଦୟପୃଷ୍ଠରେ ହୃଦୟରୂପ ଆକାଶରେ ।

୩୫ଶ ପଦ:—ବିଧୁ—ଚନ୍ଦ୍ର । ସିନ୍ଧୁ—ସମୁଦ୍ର । କଟକ—କଳସୀ । ଗଜରାଜ—ହସ୍ତି ଶ୍ରେଷ୍ଠ ।

---

୩୧ଶ ପଦ:—ବହୁମୂଲ୍ୟ ଓ ଅଦ୍ଭୁତପୂର୍ବ ଦ୍ରବ୍ୟସମ୍ଭାରରେ ବନ୍ଦାପନା ବିଧି ଶେଷ ହେଲା । ତତ୍ପରେ ସମସ୍ତେ ଉତ୍ତମ ବସ୍ତ୍ରସବୁ ପୁରସ୍କାର ସ୍ୱରୂପ ଲାଭ କଲେ ।

୩୨ଶ ପଦ:—ଅଯୋଧ୍ୟା ନଗରୀ ସୁରସିକ ପୁରୁଷ ତୁଲ୍ୟ ହୋଇ ସ୍ତ୍ରୀମାନଙ୍କ ଚିତ୍ତକୁ ମୋହିଲା ଏବଂ ସର୍ବଦା ମନୋହର ବେଶ ଧାରଣ ପୂର୍ବକ ସ୍ତ୍ରୀମାନଙ୍କ ନେତ୍ରରେ ଲାଗି ରହିଲା ।

୩୩ଶ ପଦ:—ଯେପରି ବାଲ୍ମୀକୀଙ୍କଠାରୁ ଇନ୍ଦ୍ରଧନୁ ଜାତ ହେବା କଥା ସତ ବୋଲି ପୁରାଣରେ କଥିତ ଅଛି, ସେହିପରି ରାମଚନ୍ଦ୍ରଙ୍କ ଅଙ୍ଗରୁ ଶୋଭା ଜନ୍ମି ସେହି ସ୍ତ୍ରୀମାନଙ୍କ ହୃଦୟ ରୂପ ଆକାଶରେ ପ୍ରତିକ୍ଷଣ ପ୍ରକାଶିତ ହେଲା ।

୩୪ଶ ପଦ:—ରାମଚନ୍ଦ୍ର ସମସ୍ତଙ୍କର ମନକାମନା ପୂର୍ଣ୍ଣକଲେ । ଲକ୍ଷ୍ମୀ ରୂପିଣୀ ସୀତା ଉତ୍ତମପାକ ପ୍ରସ୍ତୁତକରି ସମସ୍ତଙ୍କୁ ଭୋଜନ ଦେଲେ ।

୩୫ଶ ପଦ:—ସେସବୁ ଖାଦ୍ୟ ପଦାର୍ଥସବୁ ଅମୃତର ଆକାର ହୋଇ ଥିବାରୁ ଚନ୍ଦ୍ର, ସମୁଦ୍ର ଓ ସ୍ୱର୍ଗପ୍ରାପ୍ତ ହୋଇଥିଲା । (ଚନ୍ଦ୍ର, ସମୁଦ୍ର ଓ ସ୍ୱର୍ଗ ଅମୃତର

ବାଳସୂର୍ଯ୍ୟ ଯୁବା ଗାୟକ ବ ସ୍ୱରଯୁକ୍ତ ।
ବୈଶାଖ ପୁଷ୍ପ କନ୍ଦର୍ପ ବ ମଧୁରେ ଯୁକ୍ତ ଯେ । ୩୬ ।
ଚାତକ ହୋଇଲ ସୁଧା ଅନେ ଭଣ୍ଡର ।
ବଶ୍ୱ ଘନ ଜମଳ ସାରଙ୍ଗ ପ୍ରାପ୍ତ ଚଞ୍ଚ ଯେ । ୩୭ ।
ବହୁରୂପା ନଳନ୍ଦ ତାର ଧାରେରେ ସୀତା ।
ବକାଶିତ ରୂଚରେ ସେ ସମସ୍ତ ତୋଷିତା ଯେ । ୩୮ ।
ବରସ ରାମ ଆଜ୍ଞାରେ ସେ ଭାବ ସମ୍ପରେ ।
ବାହୁଡ଼ ଯୋଗୀ ହୋଇଲେ ସ୍ୱପୁରେ ସମସ୍ତେ ଯେ । ୩୯ ।
ବାସର ନିଶାରେ ମଧୁସୂଦନ ସହିତେ ।
ବଶ୍ୱଧାର୍ତ୍ତିକାର ଚିତ୍ରବାସୀ ରସେ ମତ୍ତେ ଯେ । ୪୦ ।

---

ଆକର ଅଟନ୍ତି ) । ପୁଣି 'କଣ୍ଟକ' ଲବଣରେ ଯୁକ୍ତ ହୋଇଥିବାରୁ ବୋଧ ହେଲା, ସ୍ତ୍ରୀ ଗଜବାଜରେ ଯୁକ୍ତ ହେଲା କି ? (ସ୍ତ୍ରୀ 'କଣ୍ଟକ' ବଳୟରେ ଯୁକ୍ତ ହୋଇଥାନ୍ତି ଏବଂ ଶ୍ରେଷ୍ଠ 'କଣ୍ଟକ' କଣ୍ଠଭୂଷିତ ବଳୟରେ ଯୁକ୍ତ ହୋଇଥାଏ)

୩୬ଶ ପଦ:—ସେହି ଖାଦ୍ୟ 'ସ୍ୱର' କଟୁରସରେ ଯୁକ୍ତ ହୋଇଥିବାରୁ ବାଳସୂର୍ଯ୍ୟ, ଯୁବକ ଓ ଗାୟକମାନଙ୍କ ସହିତ ସମାନ ହୋଇଅଛି (ବାଳସୂର୍ଯ୍ୟ, ଯୁବକ ଓ ଗାୟକମାନେ 'ସ୍ୱର' ଯଥାକ୍ରମେ ରକ୍ତିମା, ଶ୍ରୀ ଓ ସ୍ୱରଲହରୀରେ ଯୁକ୍ତ ହୋଇଥାନ୍ତି । ପୁଣି ସେହି ଖାଦ୍ୟ ମଧୁର ଗୁଣରେ ଯୁକ୍ତ ହୋଇଥିବାରୁ ବୈଶାଖ, ପୁଷ୍ପ ଓ କନ୍ଦର୍ପର ସମାନ ହୋଇଅଛି । ବୈଶାଖ 'ମଧୁ' ଚୈତ୍ର, 'ମଧୁ' ମକରନ୍ଦ ଓ କନ୍ଦର୍ପ 'ମଧୁ' ବସନ୍ତରେ ଯୁକ୍ତ ହୋଇଅଛି ।

୩୭ ଶ ପଦ:—ମନୁଷ୍ୟମାନେ ଅମୃତ ଭୋଜନ କରି, ଘୃତକପର୍ଦ୍ଦୀ ମେଘ ଜଳପାନ କରି ଆନନ୍ଦ ହେଲାପରି ସଭାରସ୍ଥ ସମସ୍ତଙ୍କ ମନ ଆନନ୍ଦରେ ପୂର୍ଣ୍ଣ ହେଲା ।

୩୮ଶ ପଦ:—ନାନାଳଙ୍କାର ଭୂଷିତା ଲକ୍ଷ୍ମୀସ୍ୱରୂପା ସୀତାଙ୍କ ପାକରେ ସମସ୍ତେ ସନ୍ତୁଷ୍ଟ ହେଲେ ।

୩୯ଶ ପଦ:—ରାମଚନ୍ଦ୍ର ଆଦେଶ ପାଇ ଉତ୍ସବକୁ ଆସିଥିବା ସମସ୍ତ ଲୋକମାନେ ଏବଂ ଯୋଗୀମାନେ ସରସ ଚିତ୍ତରେ ନିଜ ଇଚ୍ଛାନୁସାରେ ସ୍ୱ ସ୍ୱ ସ୍ଥାନକୁ ବାହୁଡ଼ିଗଲେ ।

୪୦ଶ ପଦ:—ମଧୁସୂଦନ ରାମ ବିନଗତ ଲକ୍ଷ୍ମୀରୂପୀ ସୀତାଙ୍କ ସଙ୍ଗରେ ପରମାନନ୍ଦରେ ମଜ୍ଜି ରହିଲେ ।

ବୈଦେହୀଶ ବିଳାସ ଏ ଗୀତ ମନୋରମ ।
ବାଣଚ୍ଛନ୍ଦେ ଶେଷ ଆଦ୍ୟ ବକାର ନିୟମ ଯେ । ୫୧ ।
ବାଲ୍ମୀକିସଦନେ ଯାଇ ଜାନକୀ ରହିବା ।
ବଧ ଲବଣର କୁଶ ଲବ ଜନ୍ମ ହେବା ଯେ ।୫୨।
ବିରଚିବ ଯାଗ ରାମସୁତ ଗୀତ ଗାନ ।
ବୈଦେହୀ ଆଣିବା ପୁଣି ପାତାଳେ ଗମନ ଯେ ।୫୩।
ବିଧୁର ହେବା ଲକ୍ଷ୍ମଣ ରାମ ମାତୃଭ୍ରାତ ।
ବହ୍ନିରେ ପଶିବା ଯେନ ସ୍ୱାମୀର ସଙ୍କେତ ଯେ ।୫୪।
ବସୁଧାଭୃତ କରିଣ ଲବକୁଶ ବେନ ।
ବୈକୁଣ୍ଠ ଗମିବା ରାମ ସ୍ୱଜନଙ୍କୁ ଘେନି ଯେ ।୫୫।
ବିଭଙ୍ଗ ରସ ବୋଲିଣ ନ ବର୍ଣ୍ଣିଲି ଏଥେ ।
ବୁଧେ ବୋଲିଛନ୍ତି ଏହା ଦୋଷ ଛାନ୍ଦଗୀତେ ଯେ । ୫୬ ।
ବର୍ହିବଂଶେ ଉଦ୍ଭବ ନୃପ-ଧନଞ୍ଜୟ ।
ବିଶିଷ୍ଟ ଘୁମୁସରଅଧିପ ଗୁଣାଳୟ ଯେ ।୫୭।
ବେନ ଅର୍ଥେ ସେ କବି ଗଣେଶ ବୋଲି ଜାଣ ।
ବଦନ ତହିଁର ତାଙ୍କ ନନ୍ଦନ ପ୍ରମାଣ ଯେ ।୫୮।

---

୫୧ଶ ପଦ:—ଏହି ବୈଦେହୀଶବିଳାସ ମନୋହର ଗୀତ ଅଟେ । ବ ଆଦ୍ୟରେ ରହିବା ନିୟମରେ ରଚିତ ହୋଇ ବାଣ ଛାନ୍ଦରେ ଏହା ଶେଷ ହେଲା ।

୫୨ ଠାରୁ ୫୬ଶ ପଦ:—ବାଲ୍ମୀକି ଆଶ୍ରମରେ ସୀତାଙ୍କର ଅବସ୍ଥାନ, ଲବଣ ଦୈତ୍ୟର ବଧ, କୁଶ ଲବଙ୍କର ଜନ୍ମ ରାମଙ୍କର ଅଶ୍ୱମେଧ ଯାଗ କରଣ, ଲବ କୁଶଙ୍କର ରାମାୟଣ ଗାନ ସୀତାଙ୍କୁ ପୁନର୍ବାର ଆନୟନ, ପୁଣି ତାଙ୍କର ପାତାଳ ପୁରକୁ ଗମନ, ରାମଙ୍କ ସଙ୍ଗେ ଲକ୍ଷ୍ମଣଙ୍କର ବିଚ୍ଛେଦ ଘଟନ, କୌଶଲ୍ୟାଦି ମାତାଙ୍କର ଅଗ୍ନି ପ୍ରବେଶନ ଏବଂ ଲବ କୁଶଙ୍କୁ ଅଭିଷେକ-କାରଣ ଓ ସ୍ୱଜନସହ ରାମଙ୍କର ବୈକୁଣ୍ଠ ଗମନ ଇତ୍ୟାଦି ବିଷୟମାନ ବିଭଙ୍ଗ ରସ ବୋଲି ଏଥିରେ ବର୍ଣ୍ଣନା କଲୁ ନାହିଁ । ଏ ସବୁ ବିଷୟ ଛାନ୍ଦ ଗୀତରେ ବର୍ଣ୍ଣନା କରିବା ଦୋଷାବହ ବୋଲି ପଣ୍ଡିତମାନେ କହି ଅଛନ୍ତି ।

---

୫୭ଶ ପଦ—୫୮ଶର ପଦ:—ମୟୂରବଂଶଉଦ୍ଭବ (ଭଞ୍ଜବଂଶ ଜାତ) ବିଶିଷ୍ଟ ଗୁଣଶାଳୀ ରାଜା ଧନଞ୍ଜୟ ଘୁମୁସର ରାଜ୍ୟରେ ରାଜା ହୋଇଥିଲେ ।

ବସୁଧାପତି ସେ ମାଳକଣ୍ଠ ନାମେ ଖ୍ୟାତ ।
ଏଥାନରେ ମୁହିଁ ତାହାଙ୍କର ଜ୍ୟେଷ୍ଠସୁତ ଯେ ।୫୯।
ସାରବର ପଦ ଉପେନ୍ଦ୍ର, ମୋର ନାମ ।
ବାରେ ବାରେ ସେବାରେ ମନାଇଁ ସୀତାରାମ ଯେ ।୬୦।
ଏତେକ ଭକତିମାର୍ଗେ ପ୍ରସରିଲା ବୁଦ୍ଧି ।
ରଚିଲି ରାମାୟଣ ଏ ମୋ ବର୍ଣ୍ଣସିଦ୍ଧି ଯେ ।୬୧।
ବାନପଦରେ ଆଦର କଲି ଗ୍ରନ୍ଥ ପ୍ରାନ୍ତ ।
ବୁଝେ ସରସ କର୍କଶେ ରସାଳ ଏ ସତ ଯେ ।୬୨।

---

ସେ ରାଜା ଗଣେଶଙ୍କପରି କବି ଥିଲେ । ତାଙ୍କ ସୁନ୍ଦ ମଧ ସେହିପରି ବନ୍ଦନୀୟ ହୋଇଥିଲେ । ତାଙ୍କର ନାମ ମାଳକଣ୍ଠ; ମୁଁ ତାଙ୍କର ଜ୍ୟେଷ୍ଠପୁତ୍ର ଅଟେ ।

୬୦ ଓ ୬୧ଶର ପଦ:—ମୋର ନାମ ସାରବର ଉପେନ୍ଦ୍ର ବୋଲି ଖ୍ୟାତ । ସୀତା ରାମଙ୍କୁ ସେବା କରିବା ହେତୁ ଆଶ୍ଚର୍ଯ୍ୟ ଭକ୍ତିମାର୍ଗରେ ମୋହର ବୁଦ୍ଧି ପ୍ରସରିଲା, ତେଣୁ ଏ ରାମାୟଣ ରଚନା କଲି ।

୬୨ଶର ପଦ:—ଆଦରର ସହିତ ବାଆନ ପଦରେ ଏ ଗ୍ରନ୍ଥକୁ ଶେଷକଲି । ପଣ୍ଡିତମାନେ ଏହାକୁ 'ରସାଳ' ଆମ୍ବ ଫଳପରି କଠିନ ଓ ରସପୂର୍ଣ୍ଣ ମନେ କରିବେ । (ଯେପରି କଠିନ, ସେହିପରି ସରସ ଏହା ବୁଝି ପାରିବେ ) ।

ସ ମା ପ୍ତ

—*—

ବଜ୍‌ରଙ୍ଗ୍‌ବଳୀ ପ୍ରିଣ୍ଟିଂ ୱାର୍କସ, ନନ୍ଦୀ ସାହି, ଚୌଧୁରୀ ବଜାର,
କଟକ-୧ରେ ମୁଦ୍ରିତ, ୧୯୬୯ ।